

ପଂଡିତ ନୀଳକଂଠ:

# ଦୁଷ୍ପ୍ରାପ୍ୟ ରଚନାବଳୀ

ନୀଳକଣ୍ଠ ଦାସ

ଗ୍ରନ୍ଥମନ୍ଦିର

Digitized by PPRACHIN, SOA




Digitized by PPRACHIN, SOA

## ପଂଡିତ ନୀଳକଂଠ :

# ଦୁଷ୍ପ୍ରାପ୍ୟ ରଚନାବଳୀ

ସଂପାଦନା : ଡକ୍ଟର ବିକ୍ରମ ଦାସ

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

Digitized by PPRACHIN, SOA

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ଡି.ଟି.ପି ଓ ମୁଦ୍ରଣ : ତପନ କୁମାର ମହାପାତ୍ର
ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟସ୍
ସୂତାହାଟ, କଟକ-୧

ପ୍ରଥମ ସଂସ୍କରଣ : ୨୩.୦୧.୨୦୧୪
(୭୦୦ବହି)
(ନେତାଜୀ ସୁଭାଷଚନ୍ଦ୍ରଙ୍କ ଜୟନ୍ତୀ)

ମୂଲ୍ୟ : ଟ. ୫୦୦.୦୦
[ ସାଦାବନ୍ଧେଇ ଟ. ୪୫୦.୦୦ ]

Digitized by PPRACHIN, SOA

# ବିନୀତ ବକ୍ତବ୍ୟ

ଡାକ୍ତର ବିକ୍ରମ ଦାସ ତାଙ୍କର ତିନିକୋଣିଆ ବଗିଚା ବାସଭବନରେ ରୋଗରେ ଶଯ୍ୟାଶାୟୀ ଥାନ୍ତି । ତାଙ୍କୁ ଦେଖିବାକୁ ଯିବାକୁ ମନରେ ବିଚାରୁଥାଏ । ଏପରି ସମୟରେ ଦିନେ ବିକ୍ରମବାବୁ ଟେଲିଫୋନ୍‌କରି ମତେ ଅନୁରୋଧ କଲେ ତାଙ୍କୁ ଦେଖାକରିବାକୁ । ଏ ଖବର ପାଇବାର ପରଦିନ ତାଙ୍କ ଘରକୁ ଗଲି (ତା. ୧୮.୩.୦୭) । ଏକ ଶୁଭ୍ର ଶଯ୍ୟାରେ ସେ ଶାୟିତ ଥାନ୍ତି । ପାଖରେ ବସି କଥାବାର୍ତ୍ତା କରୁଥାନ୍ତି ଲେଖକ ରବିନାରାୟଣ ମହାପାତ୍ର । ମତେ ଦେଖି ବିକ୍ରମବାବୁ ଆନନ୍ଦିତ ହେଲେ । ସୁସ୍ଥ ଥିବାବେଳେ ସେ ବିନୋଦବିହାରୀ, ବାଲୁବଜାରର କେତୋଟି ବହିଦୋକାନକୁ ପ୍ରାୟ ଆସନ୍ତି—ମୋର ଗ୍ରନ୍ଥମନ୍ଦିରକୁ ନିଶ୍ଚୟ ଆସନ୍ତି । କିଛି ସମୟ ବସି ଖୁସିଗପ କରନ୍ତି । ଅତୀତର ଅନେକ ଘଟଣା କହନ୍ତି । ବେଶ୍ ମେଳାପି ଓ ଖୁସି ମିଜାଜର ମଣିଷ ।

ତାଙ୍କର ଓ ମୋର ସ୍ୱାସ୍ଥ୍ୟ ସଂପର୍କରେ କିଛି କଥାବାର୍ତ୍ତା କରିବା ପରେ ସେ ମତେ ଏକ ଅନୁରୋଧ କଲେ— ତାହା ହେଉଛି ତାଙ୍କଦ୍ୱାରା ସଂକଳିତ ପିତା ପଣ୍ଡିତ ନୀଳକଣ୍ଠ ଦାସଙ୍କ କେତେକ ଦୁଷ୍ପ୍ରାପ୍ୟ ରଚନାବଳୀର ପ୍ରକାଶନ ସହିତ ଦୁଷ୍ପ୍ରାପ୍ୟ ହୋଇଯାଇଥିବା 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ବହିଟିର ପୁନର୍ମୁଦ୍ରଣ କରିବାକୁ । ମତେ ଦେଖାଇବାକୁ 'ଦୁଷ୍ପ୍ରାପ୍ୟ ରଚନାବଳୀ' ପାଣ୍ଡୁଲିପିର ବସ୍ତାନିଟି ମଗାଇଲେ । ପାଣ୍ଡୁଲିପିର ବିପୁଳତା ଦେଖିଲି । ପଣ୍ଡିତ ମହାଶୟଙ୍କ ସଂପାଦିତ ବିଖ୍ୟାତ ସାହିତ୍ୟ ପତ୍ରିକା 'ନବଭାରତ'ରୁ ତାହାଙ୍କ ଲିଖିତ ଅଂଶମାନ ବାହାରକରି, ସ୍ଥଳବିଶେଷରେ କାଟି, ଜେରକ୍ସ କରି ଓ ସେଗୁଡ଼ିକୁ ବିଭାଗକ୍ରମରେ ସଜାଇ ପ୍ରାୟ ପ୍ରସ୍ତୁତକରି ରଖିଥାନ୍ତି— ଦେଖିଲି ତାହା ଆହୁରି ପରିମାର୍ଜନ ଓ ପରିବର୍ତ୍ତନ ଦରକାର କରୁଥାଏ । ତାହାଛଡ଼ା ମୁଦ୍ରଣ କାଳରେ ପ୍ରୁଫ୍ ସଂଶୋଧନ ଦାୟିତ୍ୱ ତ ରହିଛି ।

ମୁଁ ସେତେବେଳକୁ ଦୁଇଟି ବ୍ୟାଧିରେ ପୀଡ଼ିତ ହୋଇ ମୋର ସାମର୍ଥ୍ୟ ବହୁଳାଂଶରେ ହରାଇଥାଏ । ତେଣୁ ଏତେ ବଡ଼ ଓ ଶ୍ରମସାପେକ୍ଷ ପୁସ୍ତକର ପ୍ରକାଶନ ଦାୟିତ୍ୱ ନେବାକୁ ଦ୍ୱିଧାଗ୍ରସ୍ତ ହେଲି । ଏ ଗୁରୁଦାୟିତ୍ୱ ବହନର ଅସାମର୍ଥ୍ୟ ବିଚାରରୁ ମୁଁ ମୋର ଦ୍ୱିଧାର ସୂଚନା ଦେଲି ଓ କାର୍ଯ୍ୟଟି କିପରି କରାଯାଇପାରିବ ତାଙ୍କର ବିଚାର ଜଣାଇବାକୁ କହିଲି । ବିକ୍ରମବାବୁ ହସି କହିଲେ— ‘‘ସେ କାର୍ଯ୍ୟ ଆପଣହିଁ ନିର୍ବାହ କରିପାରିବେ । ପ୍ରକାଶନ କ୍ଷେତ୍ରରେ ଆପଣଙ୍କର ଦୀର୍ଘବର୍ଷର ଅନୁଭୂତି । ଆପଣଙ୍କ ସଂପାଦନା ଓ ନିର୍ଭୁଲ ମୁଦ୍ରଣ ସଂପର୍କରେ ମୋର ପୂର୍ଣ୍ଣ ଆତ୍ମପ୍ରତ୍ୟୟ ଅଛି । ଏ ସଂପାଦନା କାର୍ଯ୍ୟରେ ଆପଣ ସହାୟକର ଦାୟିତ୍ୱ ବହନ କରିବାକୁ ମୋର ଅନୁରୋଧ । ଆପଣ ଚାହିଁଲେ ସଂପାଦକ ଭାବରେ ମୋର ନାମ

Digitized by PPRACHIN, SOA

ସହିତ ଆପଣଙ୍କ ନାମ ମଧ୍ୟ ସଂଯୋଗ କରନ୍ତୁ ।'' ବିକ୍ରମବାବୁଂକର ଏଇ ଏକାନ୍ତ ଅନୁରୋଧ ଶୁଣିବା ପରେ କିଛି ସମୟ ନୀରବରେ ବିଚାର କରି ଏକ ପ୍ରକାର ଟାଣିହୋଇ ମୋର ସମ୍ମତି ଦେଲି । ମୋର ସମ୍ମତି ବିକ୍ରମବାବୁଂକୁ ଆନନ୍ଦିତ କଲା ।

ପାଣ୍ଡୁଲିପି ଖୋଳାଇ ଦେଖିଲି ବିଭିନ୍ନ ସ୍ଥଳରେ ପଣ୍ଡିତ ନୀଳକଣ୍ଠଙ୍କ ଲିଖନ ଶୈଳୀର ବୈଶିଷ୍ଟ୍ୟର (ଅନୁସ୍ୱାରର ପ୍ରୟୋଗ) ବ୍ୟତିକ୍ରମ ବହୁ ମାତ୍ରାରେ ରହିଛି । ଏ ପରିସ୍ଥିତିର ସମାଧାନ କଣ ? – ବିକ୍ରମବାବୁଂକୁ ପଚାରିଲି । ବିକ୍ରମବାବୁ ପରିସ୍ଥିତି ବୁଝି କହିଲେ– "ଉଭୟ ପ୍ରଣାଳୀ ଯେତେବେଳେ ଅନୁସୃତ ହୋଇଛି ଓ ହେଉଛି, ପାଣ୍ଡୁଲିପି ଅନୁକ୍ରମେ ଆମେ ତାହାକୁ ଗ୍ରହଣ କରିବା । ଆମର ମୁଖ୍ୟ ଲକ୍ଷ୍ୟ ଲେଖକଙ୍କ ରଚନା ପାଠକଙ୍କୁ ଲବ୍‌ଧ ହେଉ ଓ ତାଙ୍କର ବିଚାରଧାରା ପାଠକ ଜାଣନ୍ତୁ ।'' ସେଇ ବିଚାର ଅନୁସାରେ ବହି ମୁଦ୍ରିତ ହୋଇଛି ।

ଦୁଃଖର କଥା, ମତେ ପାଣ୍ଡୁଲିପି ଦେବାର ସ୍ୱଳ୍ପକାଳ ପରେ ତା.୨୪.୬.୦୭ରେ ବିକ୍ରମବାବୁଙ୍କର ଦେହାନ୍ତ ଘଟି ଗଲା । ଏ ପରିସ୍ଥିତିରେ ବହିଟିର ମୁଦ୍ରଣ ନେଇ ମୁଁ ଚିନ୍ତିତ ହେଲି, ତଥାପି ସମସ୍ତ ଆୟାସ ବହନକରି ଅବଶେଷରେ ଗ୍ରନ୍ଥଟି ପ୍ରକାଶ କରିପାରିଥିବାରୁ ମୁଁ ଆନନ୍ଦିତ । ଏହା ପୂର୍ବରୁ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ବହିଟି ପ୍ରକାଶ ପାଇସାରିଥାଏ ।

ମୁଁ ବର୍ତ୍ତମାନ ମୋ ଜୀବନର ନବମ ଦଶକର ପ୍ରାରମ୍ଭରେ । ଏକାଧିକ ବ୍ୟାଧିଗ୍ରସ୍ତ ହୋଇ ମୋର ଜୀବନର ପ୍ରିୟ କର୍ମକ୍ଷେତ୍ର 'ଗ୍ରନ୍ଥମନ୍ଦିର'ଠାରୁ ଦୀର୍ଘକାଳ ହେଲା ଦୂରରେ – ଘରେ ରହି ଯାହା ଯେତିକି ସମ୍ଭବ କରୁଚି । ଏଭଳି ପରିସ୍ଥିତିରେ ପୁସ୍ତକର ମୁଦ୍ରଣରେ ଯାହା କିଛି ଦୋଷ ତ୍ରୁଟି ଥିବ ମାର୍ଜନା କରିବାକୁ ପାଠକ ଓ ଗବେଷକ ମାନଂକୁ ବିନୀତ ନିବେଦନ ।

ଏ ବହିର ଲେଖକ ମହାନ୍ ବିଦ୍ୱାନ୍ ପଣ୍ଡିତ ନୀଳକଣ୍ଠ ଦାସ ଓ ତାହାଙ୍କ ପୁତ୍ର ସୁସାହିତ୍ୟିକ ସ୍ୱର୍ଗତ ଡାକ୍ତର ବିକ୍ରମଦାସଙ୍କୁ ଏହି ଅବସରରେ ମୋର ପ୍ରଣତି ନିବେଦନ କରୁଛି ।

ବହିର କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ବିକ୍ରମବାବୁଙ୍କ ସୁପୁତ୍ର ପ୍ରଫେସର୍ ଡାକ୍ତର ସିଦ୍ଧାର୍ଥ ଦାସଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି ।

ବିନୀତ ପ୍ରକାଶକ

ଶ୍ରୀନିବାସ, ସୂତାହାଟ, କଟକ-୧
୨୩.୦୧.୨୦୧୪
(ନେତାଜୀ ସୁଭାଷଙ୍କ ଜୟନ୍ତୀ)

Digitized by PPRACHIN, SOA

# ସୂଚୀପତ୍ର

## ଶିକ୍ଷା ଓ ସାହିତ୍ୟ


| ବିଷୟ | | ପୃଷ୍ଠା |
|---|---|---|
| ୧ । | ଶିକ୍ଷା କଅଣ | ୧ |
| ୨ । | ଚରିତ୍ରଂ ହି ପରଂ ବଳଂ | ୧୩ |
| ୩ । | ଉତ୍କଳରେ ବିଶ୍ୱବିଦ୍ୟାଳୟ | ୩୨ |
| ୪ । | ଓଡ଼ିଆ ସାହିତ୍ୟର ଅପମାନ | ୩୫ |
| ୫ । | ଓଡ଼ିଶା ବିଶ୍ୱବିଦ୍ୟାଳୟ | ୩୫ |
| ୬ । | ସାହିତ୍ୟରେ ଜାତିର ଇତିହାସ | ୪୦ |
| ୭ । | ସାଧୁଭାଷା ଓ ସାହିତ୍ୟ | ୪୧ |
| ୮ । | ସାହିତ୍ୟସମ୍ମିଳନୀରେ ସଭାପତିଙ୍କ ଅଭିଭାଷଣ | ୪୬ |
| ୯ । | ବାରିପଦା ସାହିତ୍ୟ ସମାଜରେ ସଭାପତି ଅଭିଭାଷଣ | ୮୨ |
| ୧୦ । | ଆଲୋଚନା | ୧୦୨ |
| ୧୧ । | ଭାଷାସଂସ୍କାରର ବିଚାର | ୧୦୫ |
| ୧୨ । | ଭାରତ ସାହିତ୍ୟ ଓ ସାହିତ୍ୟରେ ଜୀବୀଧର୍ମ | ୧୦୯ |
| ୧୩ । | ଆଲୋଚନା : (ସାହିତ୍ୟ ସମୀକ୍ଷା) | ୧୧୫ |
| ୧୪ । | ବିକ୍ରମାଦିତ୍ୟ ଓ କାଳିଦାସ | ୧୨୦ |
| ୧୫ । | ସାରଳା ଦାସ | ୧୩୬ |
| ୧୬ । | ସାରଳା ଦାସ | ୧୪୩ |
| ୧୭ । | ଆଲୋଚନା- ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ | ୧୪୭ |


Digitized by PPRACHIN, SOA

## ଭାଷା ଓ ସଂସ୍କୃତି

| | | |
|---|---|---|
| ୧୮ । | ଓଡ଼ିଆ ସାହିତ୍ୟର ଗଠନକଳା | ୧୫୭ |
| ୧୯ । | ଭାଷାରେ ବ୍ୟାକରଣ | ୧୫୮ |
| ୨୦ । | ଓଡ଼ିଆ ବ୍ୟାକରଣର କେତୋଟି ସମସ୍ୟା | ୧୬୦ |
| ୨୧ । | ଓଡ଼ଆ ଭାଷା ଓ ବ୍ୟାକରଣ | ୧୬୪ |
| ୨୨ । | କବିତାରେ ରୂପ ରସ | ୧୬୭ |
| ୨୩ । | କବିତା ଓ ଛନ୍ଦ | ୧୭୩ |
| ୨୪ । | ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି | ୧୭୭ |
| ୨୫ । | ଓଡ଼ିଆ ଛନ୍ଦ ଓ ଉପାନ୍ତ ମିଳନ | ୧୮୨ |
| ୨୬ । | ଓଡ଼ିଆ ଛନ୍ଦରେ ଯୁକ୍ତାକ୍ଷର ଓ ଉପଧା ମିଳନ | ୧୮୬ |
| ୨୭ । | ଓଡ଼ିଆ ଛନ୍ଦର ଇତିହାସ (୧) | ୧୮୮ |
| ୨୮ । | ଓଡ଼ିଆ ଛନ୍ଦର ଇତିହାସ (୨) | ୧୯୭ |
| ୨୯ । | ଗଦ୍ୟ - କବିତା | ୨୦୪ |
| ୩୦ । | ଓଡ଼ିଆ ବର୍ଣ୍ଣ ଓ ଲିପି | ୨୧୧ |
| ୩୧ । | ଲିପିରେ ଅନୁସ୍ୱାର | ୨୧୪ |
| ୩୨ । | ବିଶ୍ୱ ସଂସ୍କୃତିକୁ ଓଡ଼ିଆର ଦାନ | ୧୧୭ |
| ୩୩ । | ମାନବ ପ୍ରଗତିର ଧାରା (୧) | ୨୨୭ |
| | ମାନବ ପ୍ରଗତିର ଧାରା (୨) | ୨୩୫ |
| | ମାନବ ପ୍ରଗତିର ଧାରା (୩) | ୨୪୩ |
| | ମାନବ ପ୍ରଗତିର ଧାରା (୪) | ୨୫୩ |
| | ମାନବ ପ୍ରଗତିର ଧାରା (୫) | ୨୬୧ |
| ୩୪ । | ଭାରତର ପ୍ରଗତି ଧାରା | ୨୬୯ |
| ୩୫ । | ସତ୍ୟଂ ଶିବଂ ସୁନ୍ଦରମ୍ | ୨୭୨ |
| ୩୬ । | ବିଶ୍ୱଦର୍ଶନରେ ମା ବାପ | ୨୭୭ |

Digitized by PPRACHIN, SOA

## ରାଜନୀତି ଓ ଶାସନ


୩୭ । ବୃହତ୍ତର ଉତ୍କଳ ୨୮୨

୩୮ । ଓଡ଼ିଶା ପ୍ରଦେଶ ଗଠନରେ ଆନ୍ଧ୍ର ବିରୋଧ ୨୮୩

୩୯ । ଶାସନ ଖସଡ଼ା ପ୍ରତ୍ୟାକ୍ଷାନ : କଂଗ୍ରେସ ଓ ଓଡ଼ିଶା ୨୯୦

୪୦ । ଓଡ଼ିଶା ପ୍ରଦେଶର ମାନଚିତ୍ର ୨୯୩

୪୧ । ଉପାନ୍ତ ଓଡ଼ିଶା ସମସ୍ୟା ୨୯୪

୪୨ । ଉପାନ୍ତ ଓଡ଼ିଆ ଭୂମି ୩୦୫

୪୩ । ଷଢ଼େଇକଳା ଖରସୁଆଁ କଥା ୩୦୯

୪୪ । ଆସାମରେ ଓଡ଼ିଆ କୁଲି ୩୧୪

୪୫ । ଭିଟଲ ଭାଇ ପଟେଲଙ୍କ ଦାନ ୩୧୫

୪୬ । ଓଡ଼ିଶାରେ ରାଜନୈତିକ ଦଳ ୩୧୭

୪୭ । କଂଗ୍ରେସ ସୁବର୍ଣ୍ଣ ଜୟନ୍ତୀ ୩୧୮

୪୮ । ପରାଧୀନ କିଏ ୩୨୧

୪୯ । ପ୍ରଜାସ୍ୱତ୍ୱ ଆଇନର ସଂଶୋଧନ ୩୨୬

୫୦ । ଏବର୍ଷ ଦୁର୍ଭିକ୍ଷ ୩୩୧

୫୧ । ଓଡ଼ିଆ ପ୍ରଜାସ୍ୱତ୍ୱ ୩୩୨

୫୨ । କୃଷକ କିଏ ? ୩୩୪

୫୩ । ସ୍ଥାନୀୟ ସ୍ୱାୟତ୍ତ ଶାସନ ଓ ଶିକ୍ଷା ୩୩୫

୫୪ । ସ୍ୱରାଜ କାହିଁ ? ୩୩୭

୫୫ । ଭାରତ ଶାସନ ବିଧାନ ୩୩୮

୫୬ । ବଂଦେ ନବଭାରତ ୩୪୩

୫୭ । ଆମେ ସ୍ୱାଧୀନ, ଆମେ ମୁକ୍ତ ୩୪୪

୫୮ । ଆଲୋଚନା (ଶରତବାବୁଙ୍କ ଶାସ୍ତି, ମାନବେନ୍ଦ୍ରରାୟ ଓ ଶାସ୍ତି) ୩୫୩

୫୯ । ସ୍ୱର୍ଗତ ଶରତଚନ୍ଦ୍ର ଓ ରାଜନୀତି ୩୫୫

୬୦ । ସୁଭାଷ ବୋଷ ୩୫୮


Digitized by PPRACHIN, SOA

୬୧ । ଆଲୋଚନା (ବିପ୍ଳବ କ'ଣ, ଶାସ୍ତ୍ରର ଶାସନ, ଶାସ୍ତ୍ର କ'ଣ) ୩୬୬
୬୨ । ସାମ୍ୟବାଦ– ଭୌତିକ ଓ ଆତ୍ମିକ ୩୭୦
୬୩ । କାକଟପୁର ଲୁଣ ୩୭୬
୬୪ । ଓଡ଼ିଶାର ଲୁଣ ତିଆରି ୩୭୭
୬୫ । ଫସଲ ଉନ୍ନତି ସମ୍ମିଳନୀ ୩୭୭
୬୬ । ଅର୍ଥନୀତିକ ସମ୍ମିଳନୀ ୩୭୯

## ସ୍ମୃତି ଚାରଣ

୬୭ । ମହାତ୍ମା ଚନ୍ଦ୍ରଶେଖର ସିଂହ ସାମନ୍ତ ୩୮୬
୬୮ । ସ୍ୱର୍ଗତ କବି ରବୀନ୍ଦ୍ରନାଥ ୩୯୫
୬୯ । ଆଲୋଚନା : ସ୍ୱର୍ଗତ ମଧୁସୂଦନ ଦାସ ୪୦୦
୭୦ । ଆଜି ମଧୁସୂଦନ ଶ୍ରାଦ୍ଧବାସରେ ୪୦୨
୭୧ । ଗୋପବଂଧୁ ଶ୍ରାଦ୍ଧ ୪୦୩
୭୨ । ସାଧୁବାଦ-ଶ୍ରୀ ବିକ୍ରମ ବର୍ମାଙ୍କୁ ୪୦୩
୭୩ । ଗୋପବଂଧୁ ସେବକ ସମାଜ ୪୦୫
୭୪ । ଆଲୋଚନା ୪୦୮
୭୫ । ସ୍ୱର୍ଗତ ପ୍ରଚାରକ ଅନନ୍ତ ମିଶ୍ର ୪୧୧
୭୬ । ସ୍ୱର୍ଗତ ପଣ୍ଡିତ ଭୁବନେଶ୍ୱର ରଥ କବିଚନ୍ଦ୍ର ୪୧୬
୭୭ । ଆଲୋଚନା : ବିଶ୍ୱନାଥ ବିୟୋଗ ୪୧୮
୭୮ । ସ୍ୱର୍ଗତ ପଣ୍ଡିତ ଆର୍ତ୍ତତ୍ରାଣ ୪୨୦
୭୯ । ସ୍ୱର୍ଗତ ନୀଳମଣି ମିଶ୍ର ୪୨୦
୮୦ । ଶୋକ ସଂବାଦ ୪୨୧
[ ସ୍ୱର୍ଗତ ଚନ୍ଦ୍ରଶେଖର ବେହେରା, ପରଲୋକଗତ ସାମଂତ ଭାଗବତ ପ୍ରସାଦ ମହାପାତ୍ର (୪୨୨), ସ୍ୱର୍ଗତା କୋକିଳ ଦେବୀ, ଗୋପାଳଚନ୍ଦ୍ର ପ୍ରହରାଜ (୪୩୨), ସ୍ୱର୍ଗୀୟ ଶଶିଭୂଷଣ ରଥ (୪୨୪), ସ୍ୱର୍ଗୀୟ ନିରଂଜନ ପଟ୍ଟନାୟକ (୪୨୫), ସ୍ୱର୍ଗୀୟ ଭଗବତୀ ଚରଣ ପାଣିଗ୍ରାହୀ, (୪୨୬), ଅଭିବାଦନ,

Digitized by PPRACHIN, SOA

ସ୍ମୃତିତର୍ପଣ ! ସ୍ୱର୍ଗତ ସନାତନ ପୂଜାରୀ (୪୨୬), ସ୍ୱର୍ଗତ ମଦନ ମୋହନ ମାଲବ୍ୟ (୪୨୭), ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସ (୪୨୮), ସ୍ୱର୍ଗତ ଗୋପୀନାଥ ଦାସ (୪୨୯), ଶ୍ରୀ ଜଗବଂଧୁ ସିଂହ (୪୨୯) ]

ଅଭିବାଦନ-

ଓଡ଼ିଶାରେ ଦ୍ୱିତୀୟଥର ପାଇଁ କଂଗ୍ରେସ ସରକାର ୪୩୦

ଓଡ଼ିଶାର ନୂଆ ହାଇକୋର୍ଟ ୪୩୨

ଶିକ୍ଷାବିଭାଗର କେତେକ ଖବର ୪୩୨

ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ ଓ ଏସ.ରାୟଙ୍କୁ ଅଭିବାଦନ ୪୩୨

ଅଧ୍ୟାପକ ଲକ୍ଷ୍ମୀକାନ୍ତଙ୍କ ଦେହାନ୍ତ ୪୩୩

୮୧ । ସ୍ୱର୍ଗତ ରାଜା ଗୌରଚନ୍ଦ୍ର ୪୩୪

୮୨ । ପୁଣ୍ୟଶ୍ଲୋକ ବିକ୍ରମ ଦେବ ବର୍ମା ୪୩୪

୮୩ । ଶ୍ରୀ ରାମକୃଷ୍ଣ ଶତବାର୍ଷିକୀ ଉତ୍ସବ ୪୩୬

୮୪ । ମହାତ୍ମା ଗାନ୍ଧିଙ୍କ ତିରୋଧାନ ୪୩୭

୮୫ । ଗାନ୍ଧିଜୀ ମରି ନାହାନ୍ତି – ଏକ ଶ୍ରଦ୍ଧାଞ୍ଜଳି ୪୩୭

୮୬ । ମହାତ୍ମାଗାନ୍ଧିଙ୍କ ଶେଷ ପ୍ରାର୍ଥନାସଭା ବାଣୀ ୪୪୩

୮୭ । ଆଲୋଚନା : ଆଜି ଦୀର୍ଘ ୫ ବର୍ଷ ପରେ (୧୯୪୭) ୪୪୪

## ଧର୍ମ, ଦର୍ଶନ ଓ ସମାଜ

୮୮ । ବିଧାତାଙ୍କ ସୃଷ୍ଟି ୪୪୮

୮୯ । ଭାରତର ଧର୍ମ ବିକାଶ (୧) (ଧର୍ମଧାରଣା ଓ ତତ୍ତ୍ୱ) ୪୫୬

୯୦ । ଭାରତର ଧର୍ମ ବିକାଶ (୨) (ଧର୍ମସାଧନା ବା ଯୋଗ) ୪୬୪

୯୧ । ଭାରତରେ ସ୍ୱଧର୍ମ ଓ କର୍ତ୍ତବ୍ୟ ୪୭୦

୯୨ । ଭାରତ ସଭ୍ୟତାରେ କର୍ତ୍ତବ୍ୟରେ ଦାବିର ସମାଧାନ ୪୭୭

୯୩ । ଅଦ୍ୱୈତବାଦ ୪୮୬

୯୪ । ସାଲଭେସନ୍ ଆର୍ମି ଓ ଖ୍ରୀଷ୍ଟଧର୍ମର ବାର୍ତ୍ତା ୫୦୦

୯୫ । ଭୋଗ ଓ ତ୍ୟାଗ ୫୦୨

୯୬ । ଭାଗବତସାର ସତ୍ୟଧର୍ମ ୫୦୪

Digitized by PPRACHIN, SOA

୯୭ । ଭାଗବତ ଧର୍ମ (୧) ୫୦୭
୯୮ । ଭାଗବତ ଧର୍ମ (୨) ୫୧୬
୯୯ । ନାମେ ଭକ୍ତି ୫୨୧
୧୦୦ । ଆଲୋଚନା (ଦୁର୍ଗାପୂଜା, ପୁରୀ ମନ୍ଦିରରେ ଅସ୍ପୃଶ୍ୟ ପ୍ରବେଶ) ୫୩୦

## ସମାଜ ଓ ସାମାଜିକତା

୧୦୧ । ସାମାଜିକ କୁସଂସ୍କାର ୫୩୪
୧୦୨ । ଆସ୍ଥର ଥିଲା ଓ କାରଣ ଥାଇପାରେ ୫୪୭
୧୦୩ । ନୀତି ଓ ପ୍ରକୃତି ୫୫୫
୧୦୪ । ପ୍ରତିଭାପୂଜା ଓ ପ୍ରତିମା ପୂଜା ୫୬୯
୧୦୫ । ସଂଗ୍ରାମ ଓ ଜୀବନ ୫୮୭
୧୦୬ । ଅଛୁ ଓ ହେବୁ ୫୯୪
୧୦୭ । ଭଲପାଇବାର ଶେଷକଥା (୧) ୬୧୭
୧୦୮ । ଭଲପାଇବାର ଶେଷକଥା (୨) ୬୨୨
୧୦୯ । ଯୌବନର ପ୍ରଭାବ ଓ ପ୍ରତିଷ୍ଠା ୬୨୪
୧୧୦ । (କ) ଗୃହସ୍ଥତା (୧) ୬୩୩
୧୧୧ । (ଖ) ଗହସ୍ଥତା (୨) ୬୪୧
୧୧୨ । ପଲ୍ଲୀର ଯାତ୍ରା ୬୫୬
୧୧୩ । ଆଲୋଚନା : (ଚକୁଳିଆପଣ୍ଡା) ୬୬୦

## ଇତିହାସ

୧୧୪ । ସିନ୍ଧୁ ସଭ୍ୟତା ଓ ଜୈନଧର୍ମ ପ୍ରବନ୍ଧ ଉପରେ ଆଲୋଚନା ୬୬୩
୧୧୫ । ଭୌମବଂଶର କାଳ ନିରୂପଣରେ ସଂକେତ ୬୬୬
୧୧୬ । ନନ୍ଦପୁରର ଇତିହାସ ୬୬୭
୧୧୭ । ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ୬୬୯
୧୧୮ । ଶିଶୁପାଳଗଡ଼ ଖୋଳା — ଓଡ଼ିଶାର ପ୍ରାଚୀନତା ୬୭୫

Digitized by PPRACHIN, SOA

## ବିଜ୍ଞାନ


| | | |
|---|---|---|
| ୧୧୯ । | ଉଦ୍ଭିଦ ରହସ୍ୟ | ୬୭୮ |
| ୧୨୦ । | ମେଷ ବୃଷାଦିର ଜନ୍ମ ଜାତକ | ୭୧୫ |
| ୧୨୧ । | ଆମ ବର୍ଷଗଣନା ଓ ମାସନାମ | ୭୨୧ |
| ୧୨୨ । | ଆମ ଋତୁ ଗଣନା | ୭୨୬ |
| ୧୨୩ । | ଆଲୋଚନା | ୭୩୫ |
| | (ଓଡ଼ିଶାର ଶିଳ୍ପ , ଆୟୁର୍ବେଦ) | ୭୩୯ |


Digitized by PPRACHIN, SOA

# ଶିକ୍ଷା ଓ ସାହିତ୍ୟ

## ଶିକ୍ଷା କଅଣ ?

ମୁଁ ଅନେକ ସମୟରେ କଥା ପ୍ରସଂଗରେ କହିଥାଏ, ପିଲାଦିନେ ଛାତ୍ରମାନେ ଗୁରୁଂକଠାରେ ଆତ୍ମସମର୍ପଣ କଲେ ପ୍ରକୃତ ଶିକ୍ଷା ପାଆଂତି । ଏ କଥା ଆଜି ତୁଂଭମାନଂକୁ ଅଡୁଆ ଲାଗୁଥିବ । ମୁଁ ତୁଂଭମାନଂକର ଜଣେ ଶିକ୍ଷକ, ଜଣେ ଗୁରୁ । ତୁଂଭେ ବେଳେ ବେଳେ ଭୟରେ ଦୂରରେ ରହିବାର ମୁଁ ଜାଣେ । ଏପରି ସ୍ଥଳରେ ମୋଠାରେ ବା ମୋପରି ଗୁରୁମାନଂକଠାରେ ଆତ୍ମ ସମର୍ପଣ କିପରି କରିବ, ବୋଧହୁଏ ତୁଂଭେ ତାହା ବୁଝିପାରୁନାହଁ । ପୁଣି କେବେ କେବେ ଶୁଣିଥିବ କେବଳ ବହି ମୁଖସ୍ଥ କରିବାରେ ପ୍ରକୃତ ଶିକ୍ଷା ନାହିଁ । କିଂତୁ ସେକଥା ମଧ୍ୟ ବୋଧହୁଏ ତୁଂଭେ ସହଜରେ ବୁଝି ଧାରଣା କରିପାରୁନାହଁ । ଆଜି ଯଦି ସ୍ଥିରକର କେବଳ ବହି ମୁଖସ୍ଥ କଲେ ଶିକ୍ଷା ହେବନାହିଁ, କାଲି ଯେତେବେଳେ ତ୍ରୈମାସିକ, ଷଡ୍ମାସିକ, ବାର୍ଷିକ ପରୀକ୍ଷା, ବା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଆସିବ ସେତେବେଳେ କି ଗତି ?

ତୁଂଭେମାନେ ନାନା ସ୍ଥାନରୁ ଆସି ଏହି ସତ୍ୟବାଦୀ ସ୍କୁଲରେ ଏକତ୍ରିତ ହୋଇଅଛ । ଆଜିକାଲି ସବୁଆଡ଼େ ସ୍କୁଲ କଲେଜରେ ଶିକ୍ଷା ଦିଆ ଲାଗିଅଛି । ଶିକ୍ଷକମାନେ ଅଛନ୍ତି, ଛାତ୍ରମାନେ ବି ପଢ଼ା ମୁଖସ୍ଥ କରି ପରୀକ୍ଷା ଦେଉଅଛନ୍ତି । କିନ୍ତୁ ସେ ସବୁଠାରେ ଛାତ୍ର ଶିକ୍ଷକଙ୍କର କି ସମ୍ବନ୍ଧ ? ତୁମ୍ଭମାନଙ୍କ କଥା ମୁଁ ଭଲ କରି ଜାଣେ ନାହିଁ । ମାତ୍ର ମୁଁ ନିଜେ ଦିନେ ତୁମ୍ଭରି ପରି ସ୍କୁଲରେ ପଢୁଥିଲି । ସେଦିନ ମୋର ସ୍ପଷ୍ଟ ମନେ ଅଛି । ମୁଁ ସ୍କୁଲରେ ପଢୁଥିବାଯାକ ହେଡ଼ମାଷ୍ଟର ବୋଇଲେ ଗୋଟିଏ ଭୟର ବସ୍ତୁ ଛଡ଼ା ଆଉ କିଛି ଭାବି ନଥିଲି । ମାଷ୍ଟରମାନଙ୍କୁ ପ୍ରାୟ ଡରୁଥିଲି, ଡରି ଦୂରରେ ରହୁଥିଲି । ପରୀକ୍ଷା ପାଇଁ ପଢ଼ା ଘୋଷୁଥିଲି । ଏପରିକି, ପରୀକ୍ଷା ସମୟ ନିକଟ ହେଲେ ରାତିଦିନ ଲାଗି ବର୍ଷର ପଢ଼ାତକ ଗିଳି ପକାଉଥିଲି । ପରୀକ୍ଷାହି ପଢ଼ାର ଉଦ୍ଦେଶ୍ୟ ଥିଲା । ଯାହା ଅଙ୍ଗେ ନିଭାଇଥିଲି । ତାହା ତୁମ୍ଭ ଆଗେ ଫେଡ଼ି କହିଅଛି । ଏବଂ ମୋର ବିଶ୍ୱାସ ଆଜି ମଧ୍ୟ ପ୍ରାୟ ସବୁ ଛାତ୍ର ଏହାହି ଅଙ୍ଗେ ନିଭାଉ ଥିବେ । ଏଥିରେ ତୁମ୍ଭେମାନେ କିପରି ବା ଗୁରୁଙ୍କଠାରେ ଆତ୍ମ ସମର୍ପଣ କରିବ ? କିପରି ବା ବିଚାରିବ, ଖାଲି ବହି ମୁଖସ୍ଥ କଲେ ଶିକ୍ଷା ହେଲା ନାହିଁ ।

ପୁଣି ଆହୁରି ଗୋଟିଏ କଥା । ତୁମ୍ଭ ଶିକ୍ଷାର ବି ଗୋଟିଏ ଗୋଟିଏ ଉଦ୍ଦେଶ୍ୟ ଅଛି । ତୁମ୍ଭର ପିତା ମାତା ଆତ୍ମୀୟ ସ୍ୱଜନ ତୁମ୍ଭକୁ ପଢ଼ାଉ ଅଛନ୍ତି କାହିଁକି ? ତୁମ୍ଭେ ବା କି ନିମନ୍ତେ ଏତେ କଷ୍ଟ ପଡ଼ି ବହି ଘୋଷୁଅଛ ? ସ୍ୱର ଲୟ ଧରି ଇଂରେଜୀର ଉଚ୍ଚାରଣ

---

ସତ୍ୟବାଦୀ ସ୍କୁଲରେ ଦିଆଯାଇଥିବା ଗୋଟିଏ ବକ୍ତୃତାରୁ ଯଥାସଂଭବ ସଂଗୃହୀତ ।

Digitized by PPRACHIN, SOA

ଶିଖୁଅଛ ? ପରୀକ୍ଷାରେ ପାସ କରିବା ପାଇଁ ଚାହିଁ ବସିଅଛ ? ଅବଶ୍ୟ, ତୁମ୍ଭେ ଅନେକେ ଜାଣ, ତୁମ୍ଭର ପିତା ଓ ଅଭିଭାବକ ଜାଣନ୍ତି, ତୁମ୍ଭେ ଖାଲି ପରୀକ୍ଷାରେ ପାସ କରିବା ପାଇଁ ପଢୁନାହଁ । ପାସ କଲେ କିଏ ଡିପୋଟି ହେବ, କିଏ ଓକିଲ ହେବ, କିଏ ଦାରୋଗା ହେବ, କିଏ କିରାଣି ହେବ, କିଏ ମୋହରିର ଗୁମାସ୍ତା ହେବ । ତାହାହେଲେ ତୁମ୍ଭର ଉଦ୍ଦେଶ୍ୟ ଆଗ ପାସ, ତା ଉତ୍ତାରୁ ଚାକିରି ଓ ଟଙ୍କା ରୋଜଗାର । ଆମ୍ଭର ବାପମା କହନ୍ତି, ଦି'ଅକ୍ଷର ପଢ଼ିଲେ ଚାରି ପଇସା ଅରଜି ତା କୁଟୁମ୍ବ ସେ ପୋଷି ପାରିବ । ସେଥିପାଇଁ ଜାଣିଥିବ, ଏ ଦେଶରେ ଗରିବ ଯେତେ ପଢ଼ନ୍ତି, ଧନୀ ଓ ମଧ୍ୟବିତ୍ତମାନେ ସେତେ ପଢ଼ଂତି ନାହିଁ । ବାପମା କହଂତି, ''ଆମର କଣ ନାହିଁ ଯେ ପୁଅ ପାଠ ପଢ଼ିବ ।''

ତେବେ ଦେଶରେ ଯେଉଁ ରୀତିରେ ଶିକ୍ଷା ଦିଆଯାଉଅଛି, ସେଥିରେ ଉଦ୍ଦେଶ୍ୟ ଅଛି । ସେ ଶିକ୍ଷା ପାଇ ଲୋକେ ମନୁଷ୍ୟ ହୋଇ ସଂସାର ଚଳାଉ ଅଛଂତି, ବହି ମୁଖସ୍ଥ କରୁଅଛଂତି, ଜ୍ଞାନ ଅର୍ଜନ କରୁଅଛଂତି, ପରୀକ୍ଷା ପାସ ବି କରୁଅଛଂତି । ଚାରିଆଡ଼େ ଦେଶର ସବୁଠାରେ ଏହି ଆଦର୍ଶରେ ଶିକ୍ଷା ଦିଆ ହେଉଅଛି । ସବୁ ସ୍କୁଲ କଲେଜରେ ଏହିଂ ନିୟମରେ ପାଠ ପଢ଼ା ଚାଲିଅଛି । ତୁଂଭେମାନେ ସମସ୍ତେ ଏଠାକୁ ଆସିବା ପୂର୍ବରୁ ସେହିଭଳି କୌଣସି ନା କୌଣସି ସ୍କୁଲରେ ପଢୁଥିଲ । ବେଂଚ ଚଉକିରେ ବସି କୋଠାଘରେ କେହି ପଢୁଥିଲେ । ଖରାଦିନେ ମୁଂଡ଼ ଉପରେ ଆଲଟ ପଢୁଥିଲା, କୋଟ କାମିଜ ଜୋତା ପୋଷାକ, ସଜଡ଼ା ମୁଂଡ଼ବାଳ ଓ ପରିଛଦର ଶୋଭାରେ କି ସୁଂଦର 'ଛାତ୍ର' ପରି ଦିଶୁଥିଲ । ସେଠାରୁ ଏ ସତ୍ୟବାଦୀ ସ୍କୁଲକୁ ଆସିଲ । ବିଚାରିଥିଲ, ତୁଂଭ ବାପମା ଅଭିଭାବକମାନେ ହୁଏତ ବିଚାରିଥିଲେ, ସତ୍ୟବାଦୀରେ ଶିକ୍ଷକମାନେ ଛାତ୍ରମାନଂକ ସଂଗେ ଛାତ୍ରାବାସରେ ରହି ସବୁବେଳେ ପିଲାଂକୁ ପଢ଼ାଉ ଅଛଂତି । ପିଲାମାନେ ସେଠାରେ ରହିଲେ ଶୀଘ୍ର ଶୀଘ୍ର ମାଟ୍ରିକୁଲେଶନ ପାସ କରିଯିବେ ।

କିଂତୁ ଏଠାକୁ ଆସି କଅଣ ଦେଖିଲ ? ଦେଖିଲ, କୋଠା ନାହିଁ କି ଘର ପର୍ଯ୍ୟଂତ ନାହିଁ । ବଗିଚାରେ ଗଛତଳେ ପଢ଼ାହେଉଅଛି । ସ୍କୁଲରେ କି ବୋର୍ଡ଼ିଂରେ କୌଣସିଠାରେ ପୋଷାକ ପରିଛଦରେ କିଛି କଟକଣା ନାହିଁ । ପୁଣି ରହିଲ ବୋର୍ଡ଼ିଂରେ, ସେ ଖାଲି ଚାଳର ମାଟିର ଘର, ମଫସଲରେ ଯେଉଁପରି ଘରେ ରହଂତି ସେହିପରି ଘର । କୋଠାନାହିଁ କି ଆଲଟ ନାହିଁ । ପୁଣି ସୌଖୀନ ବାଡ଼ମିଂଟନ୍ କି ହକି ନାହିଁ । ଏପରିକି କ୍ରିକେଟ୍ ଫୁଟବଲର ବିଶେଷ ଆଦର ନାହିଁ । ବ୍ୟାୟାମବେଳେ କୁସ୍ତିକର, ତିନିମାଇଲ ଶିକ୍ଷକଂକ ସଂଗେ ଦୌଡ଼, ନହେଲେ ହରିବାବୁ, ବାସୁବାବୁଂକ ସଂଗେ ମାଟିବୁହ, କୋଡ଼ି ହାଣ । ପୁଣି ବଗିଚା ତିଆରି କରିବାକୁ ହେବ । ହାତରେ କିଆରି କାଟ । ହାତରେ ପାଣି ଦେ । ହାତରେ ଖତ ଚଳା । ଆହୁରି ଅଛି, ରୋଗୀ ସେବା କରିବା, ରଥଯାତ୍ରାରେ ଯାତ୍ରିଙ୍କି ପାଣିଦେବା, ଘର ପୋଡ଼ିଗଲେ ନିଆଁ ଛଡ଼ାଇବା– ଏସବୁ କଅଣ ? ତୁଂଭେ ଅବା ନ କରଂତ, ସବୁ କଥାରେ ମାଷ୍ଟ୍ରମାନେ ଆଗେ ଆଗେ କରିବାକୁ ହେବ । ନ କରୁଛ

Digitized by PPRACHIN, SOA

କିପରି ? କିଂତୁ ହୁଏତ ବିଚାରୁଥିବ 'ଏ କି ଶିକ୍ଷା' ? ମାଷ୍ଟରମାନେ ପାଖେ ପାଖେ ଥିଲେ, ସବୁବେଳେ ବହି ପଢ଼ାଉଥିଲେ, କେତେ ଉପକାର ହୁଅଂତା ! ତା' ନକରି ଏସବୁ କି ରୀତି ? ଏଇ କଅଣ ସତ୍ୟବାଦୀ ସ୍କୁଲର ଭଲଶିକ୍ଷା ବୋଲି ଡାକ ପଡ଼ିଛି । କି ଦୁର୍ଗତି ?

ସ୍କୁଲ କଲେଜରେ ପାଠ ପଢ଼ାହେବା ଆଜି କିଛି ନୂଆ ନୁହେଁ । ଆଜକୁ ପ୍ରାୟ ୮୦ ବରଷ ହେବ ଏକଥା ଏ ଦେଶରେ ଆରଂଭ ହେଲାଣି । ଲର୍ଡ଼ ଉଇଲିଅମ୍ ବେଣ୍ଟିଂକ ଯେବେ ଏ ଦେଶର ଗଭର୍ଣର ଜେନେରେଲ ଥିଲେ, ସେଇକାଳୁ ଏ କଥା ଚଳିଲାଣି । ହୁଏତ ତୁଂଭଭିତରୁ କେହି କେହି ବିଚାରୁଥିବ, ଶିକ୍ଷାର ଫଳରେ ତ ମନୁଷ୍ୟ ମନୁଷ୍ୟ ହେବ; ଜ୍ଞାନ ଅର୍ଜିବ, ପଇସା ରୋଜଗାର କରି ସଂସାର ଚଳାଇବ, ଏଇତ ଶିକ୍ଷା । ଏହା କଅଣ ହେଉନଥିଲା । ଆଜକୁ ତିନିପୁରୁଷ ହେଲା ଆମ ବାପ ଅଜା ଏଇ ସ୍କୁଲରେ ପଢ଼ି ଟଂକା ରୋଜଗାର କରୁଥିଲେ । ସେ କଥା ଦେଖି ଲୋକେ ଏବେ ବେଶୀ ବେଶୀ ସ୍କୁଲକୁ ପିଲାଂକୁ ପଢ଼ିବାକୁ ପଠାଇଲେଣି । ସ୍କୁଲସବୁ କ୍ରମେ ପୂରିଯାଉଚି । ନୂଆ ସ୍କୁଲ ବସୁଚି । ପଢା ଲାଗିଚି । ଦେଶର ଶିକ୍ଷା କ୍ରମେ କ୍ରମେ ଉନ୍ନତ ହଉଚି । ତେବେ ସବୁଠାରେ ତ ସ୍କୁଲ ଅଛି ପଢ଼ା ହେଉଚି; ଏଠାରେ ଏତେ ମାଟି ବୁହାରୋଗୀ ସେବା କିଆଁ ? ଏକଥା କେହି କେହି ବିଚାରୁଥିବ; ପୁଣି ବିଚାରୁ ବିଚାରୁ କେହି କେହି ମଧ୍ୟ ଏ ବିଧାନକୁ ଖରାପ ମନେକରି ବିରକ୍ତ ହେଉଥିବ । ମାତ୍ର ମୁଁ ଜାଣେ ତୁଂଭେମାନେ ଏକଥା ଦେଖି ଠିକ ଯେ ବିରକ୍ତ ତା'ନୁହ । ପୁଣି ବିଚାରୁଚ ଏସବୁ ବ୍ୟବସ୍ଥାରେ ଶିକ୍ଷକମାନଂକର ବା କି ଲାଭ ? ଆଂଭେ ମାଟି ବୋହିଲେ ଶିକ୍ଷକଂକର ପିଂଡା କିଛି ଉଚ୍ଚ ହେଉନାହିଁ । ଆମ୍ଭେ ବଗିଚା କଲେ ଶିକ୍ଷକ କିଛି ଫଳ ଖାଉନାହାଂତି । ଆଂଭ ରୋଗୀସେବା ଶିକ୍ଷକଂକ ଘରପାଇଁ କିଛି ନୁହେ । ପୁଣି ଏସବୁ ବ୍ୟବସ୍ଥାପାଇଁ ଶିକ୍ଷକମାନେ ସର୍ବଦା ଚିଂତାକୁଳ । ନିତି ନୂଆ ନୂଆ କଥା ବିଚାରି କରାଉ ଅଛଂତି । କୌଣସି କୌଣସି କଥାରେ ଆଜି ଯାହା ଭଲ ବୋଲି ବିବେଚିତ ହେଉଥିଲା, କାଲି ପୁଣି ହୁଏତ ତାହାରି ରୀତି ବଦଳି ଯାଉଅଛି । ନିତି ପିଲାଂକୁ କାମରେ ଲଗାଇବାପାଇଁ ଶିକ୍ଷକମାନେ ବ୍ୟାକୁଳ । ନିଜେ ବି ପ୍ରାଣପଣେ ଲାଗିଅଛଂତି । ଏସବୁ କଅଣ ? ଏହାକି ତେବେ ପ୍ରକୃତ ଶିକ୍ଷା ? ଏ ତୁଂଭ ଭିତରୁ ଅନେକଂକ ପକ୍ଷରେ ଗୋଟିଏ ସମସ୍ୟା ହୋଇଅଛି । ତୁଂଭେ ସର୍ବଦା ହୁଏତ ସଂଦେହରେ ପଡ଼ି କିଛି ଠିକ୍ କରିପାରୁନାହଁ । ତେବେ ଆଜି ବକ୍ତୃତାରେ ଆଉ କିଛି ହେଉ ନହେଉ, ତୁଂଭ ମନରୁ ଏ ସଂଦେହ ତୁଟାଇବାପାଇଁ ଚେଷ୍ଟା କରାଯାଉ ।

ତୁଂଭେମାନେ ଛାତ୍ର, ଆଂଭେମାନେ ଶିକ୍ଷକ । ତୁଂଭେ ଶିଷ୍ୟ, ଆଂଭେ ଗୁରୁ । କହିଅଛି ତୁଂଭେ ବୃଥା ଭୟଛାଡ଼ି, ଶ୍ରଦ୍ଧା ଓ ଭକ୍ତିରେ ଆଂଭଠାରେ ଆତ୍ମ ସମର୍ପଣ ନକଲେ ତୁଂଭର ଶିକ୍ଷା ହେବନାହିଁ । କାହିଁକି ଆତ୍ମ ସମର୍ପଣ କରିବ ସେ କଥା ପରେ ବୁଝିବ । ଏବେ ତୁଂଭ

Digitized by PPRACHIN, SOA

ମନରୁ ସଂଦେହ ଛଡ଼ାଇବା ପ୍ରୟୋଜନ ପଡ଼ିଅଛି । ଏସବୁ ବିଷୟରେ ସଂଦେହ ତୁଟି ନଗଲେ ତୁଂଭର ଆଂଭଠାରେ ବିଶ୍ୱାସ ଆସିବନାହିଁ, ସ୍କୁଲର କାର୍ଯରେ ଆସ୍ଥା ହେବନାହିଁ । ସ୍କୁଲ କଲେଜ ପ୍ରଭୃତିରେ ସର୍ବତ୍ର ପଢ଼ା ଲାଗିଅଛି । ତୁଂଭେ ମଧ୍ୟ ପଢୁଅଛ, କଅଣ ପାଇଁ ? ପରୀକ୍ଷା ପାଇଁ । ତୁଂଭେ ଭଲା ନିଜେ ମନେ ବିଚାର, ସେ ପଢା କିପରି ପଢା । ତୁଂଭର ଉଦ୍ଦେଶ୍ୟ ପାଠ ଜାଣିବା ନୁହେ, ପରୀକ୍ଷାରେ ପାସ କରିବା । କେତେ ଜ୍ଞାନ ତୁଂଭର ହେଲା, ସେ ପ୍ରତି ଦୃଷ୍ଟି ନାହିଁ, ପିତାମାତା ଅଭିଭାବକଂକର ଦୃଷ୍ଟି ନାହିଁ, ଶିକ୍ଷକଂକର ଦୃଷ୍ଟି ନାହିଁ, ବିଭାଗୀୟ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଂକର ଦୃଷ୍ଟି ନାହିଁ, କିଂବା ଚାକିରି ଦେଲାବେଳେ ବି ମୁନିବମାନଂକର ଦୃଷ୍ଟିନାହିଁ । ସମସ୍ତଂକର ଦୃଷ୍ଟି ପରୀକ୍ଷା ପାସ ଉପରେ । ତୁଂଭେ ମଧ୍ୟ ସେଥିପାଇଁ ପରୀକ୍ଷା ପୂର୍ବରୁ ଯେପରି ଶୀଘ୍ର ଶୀଘ୍ର ପାଠ ମୁଖସ୍ଥ କର, ରାତି ଉଜାଗର ହୋଇ ମାନେ– ବହି ପଢ, ବର୍ଷର ଅନ୍ୟ କୌଣସି ସମୟରେ ସେପରି କର ନାହିଁ । ତୁଂଭେ ଯେ ଏକା କର ନାହିଁ ତାହା ନୁହେ, ପଢାର ପଦ୍ଧତି ଯେପରି ହୋଇଅଛି ସେଥିରେ କେହି କରଂତି ନାହିଁ । ବର୍ଷଯାକର ପଢା ବାର୍ଷିକ ପରୀକ୍ଷାରେ ଦେଖାଇବାକୁ ହେବ । ୭/୮ ବରଷର ପଢା ମାଟ୍ରିକୁଲେଶନ୍‌ରେ ଦେଖାଇବାକୁ ହେବ । ସେଥିରେ ହିଁ ତୁଂଭର ଜୀବନର ଉପାୟ ହେବ । ତୁଂଭର କି ଚାରା ? ପାଠ ଜାଣ ବା ନଜାଣ ପାଠ ଦେଖାଇବାକୁ ତୁଂଭେ ବାଧ୍ୟ । ମୁଁ ଜାଣେ, ଜଣେ ଛାତ୍ର ମାଟ୍ରିକୁଲେଶନ ପରୀକ୍ଷା ପାଇଁ ପଚାଶଟିରୁ ବେଶି ଇଂରେଜୀ ପ୍ରବଂଧ ମୁଖସ୍ଥ କରିଥିଲେ । ଭାଗ୍ୟକୁ ସେଥିମଧ୍ୟରୁ ଦୁଇଟି ପ୍ରବଂଧ ପଡ଼ିଗଲା । ସେ ବାଳକ ଇଂରେଜୀ ଭାଷାରେ ନିତାଂତ ଅପଟୁ ହୋଇ ମଧ୍ୟ ପ୍ରଥମ ଶ୍ରେଣୀରେ ପାସ କରିଗଲେ । ସେ ଭଲ କରି ପାଠ ଦେଖାଇପାରିଲେ । ତୁଂଭମାନଂକ ମଧ୍ୟରେ ସେହିପରି ଅନେକ ଥିବେ । ଅନେକ କାହିଁକି, ସମସ୍ତେ ଊଣା ଅଧିକରେ ସେହି ଛାଂଚରେ ଗଢା ହେଉ ଅଛଂତି । ପରୀକ୍ଷା ପୂର୍ବରୁ ତୁଂଭେମାନେ ନାନା ସ୍ଥାନରୁ ପ୍ରଶ୍ନ ସଂଗ୍ରହ କରି ତାହାର ସମାଧାନରେ ଯେତେ ସମୟ ବ୍ୟୟ କର, ସେହି ପ୍ରଶ୍ନ ସମାଧାନରେ ଯେତେ ପରିଶ୍ରମ ଓ ମନୋଯୋଗ ଦିଅ, କୌଣସି ବହିର ବିଷୟ ଜାଣିବା ପାଇଁ ସେପରି କେବେହେଁ କରିଛ କି ? ବରଂ ଏକଥା କୁହାଯାଇପାରେ, ଯେତେ ବହି ତୁଂଭେ ପରୀକ୍ଷାର ପାଠ୍ୟ ବୋଲି ପଢ, ସେଥିମଧ୍ୟରୁ କେତୋଟି ବହିର ବିଷୟ ଜାଣିବାରେ ତୁଂଭର ମନଥାଏ ? ମୁଁ ପିଲାଦିନେ ସ୍କୁଲ କଲେଜରେ ପଢିଲାବେଳେ ସୁଂଦର ପ୍ରବଂଧ, ସୁଂଦର ଉପଦେଶ, ସୁଂଦର କବିତା, ସୁଂଦର ମୌଳିକ ଆଲୋଚନା କେତେ ପଢିଥିଲି, କିଂତୁ ସେତେବେଳେ ସେ କେବଳ ପାଠ୍ୟ ଥିଲା ବୋଲି, ତାକୁ ପରୀକ୍ଷା ପାଇଁ ପଢିବାକୁ ହେଉଥିଲା ବୋଲି, ତହିଁରୁ କୌଣସି ରସ ବା ସାର ଗ୍ରହଣ କରିପାରିନଥିଲି । ଏଠାରୁ ପ୍ରଶ୍ନ ପଡ଼ିପାରେ, ସେଉଟା ସେ ବର୍ଷ ପଡ଼ିଥିଲା, ମାଷ୍ଟରେ କହିଚଂତି ସେ ଧାଡ଼ିଟା ବଡ଼ important (ପ୍ରଧାନ ବା ଦରକାର)– ଏହିସବୁ ଚିହ୍ନ ଦେଇ ଦେଇ

Digitized by PPRACHIN, SOA

ପଢିବାକୁ ହେଉଥିଲା । ସେହି ସବୁର ବ୍ୟାଖ୍ୟା ତାତ୍ପର୍ଯ୍ୟ ତିଆରି କରି କିଂବା କରାଇ ମନେ ରଖିବାକୁ ହେଉଥିଲା । ସବୁ କରିସାରି ପରୀକ୍ଷାଘରୁ ବାହାରି ପଡ଼ିଲେ ସରି । ପରୀକ୍ଷାରୁ ଫେରି ପଡ଼ିଲେ ଆଉ ସେ ବହିରୁ କିଛି ମନେ ଥାଏ କି ନାହିଁ ସଂଦେହ ।

ଆଉ ଗୋଟିଏ କଥା ତୁଂଭେ ଭଲ ବୁଝି ପାରିବ । ତୁଂଭେ ଅନେକ ସମୟରେ ସଂଗୀମାନଂକୁ ପଚାରିଥାଅ, ''ହଇହେ ବାଜେ ବହି ପଢୁଚ, କି କ୍ଳାସ ପଢା ବହି ପଢୁଛ ?'' ବାଜେ ବହି ପଢିବାରେ ଯେପରିକି ମନୋଯୋଗ ଦରକାର ନାହିଁ । ପ୍ରକୃତରେ କୌଣସି ବାଜେ ବହି ତୁଂଭେ ପଢା ବହିପରି ପଢନାହିଁ । କାରଣ, ସେଥିରୁ ପରୀକ୍ଷାରେ ପ୍ରଶ୍ନ ପଡ଼ିବ ନାହିଁ । ବିଚାର କର ଭଲା, ବହି ପଢିବ ତ ଜ୍ଞାନ ପାଇବା ପାଇଁ, ସେଥିରେ ପଢାବହି କଅଣ ? ପୁଣି ବାଜେ ବହି କଅଣ ? ଯେକୌଣସି ବହି ପଢିଲାବେଳେ ତାହାର ବିଷୟ ସଂପୂର୍ଣ୍ଣ ଆଲୋଚନା କରି ପଢିବା ଉଚିତ । ଯେପରିକି ଯେକୌଣସି ବହି ପଢିସାରିଲା ପରେ ସେଥିରେ ପରୀକ୍ଷା ଦେଇପାରିବ । କିଂତୁ ତାହା ତୁଂଭେ କେଭେ କରି ଶିଖିନାହଁ । କାମ ଦେଖାଇଲାବେଳେ, ପ୍ରଶ୍ନ ଉତ୍ତର କଲାବେଳେ ବାଜେ ବହି ତୁଂଭର ଦରକାର ହେବନାହିଁ । ତେଣୁ ଯେତେ ଭଲ ବହି ହେଉ ପଛକେ ବାଜେ ବହି ହେଲେ ସେଥିରେ ଆଦର ନାହିଁ ।

ମୋଟକଥା, ଯେପରି ପଢିଲେ ତୁଂଭର ମନର ବା ଆତ୍ମାର ଉନ୍ନତି ହେବ, ତୁଂଭେ ପ୍ରକୃତ ଜ୍ଞାନ ଅର୍ଜନ କରିବ, ସେପରି ପଢା ବର୍ତ୍ତମାନ କୌଣସି ସ୍କୁଲ କଲେଜରେ ହେଉନାହିଁ । ପାଠ ଜାଣ ବା ନଜାଣ ନିଜକୁ ପାଠ ଜାଣିବା ଭଳି ଦେଖାଇପାରିଲେ ହେଲା । ଜ୍ଞାନ ଅର୍ଜନ କରିବା ଦରକାର ନାହିଁ । ଜ୍ଞାନୀ ବୋଲି ଆପଣାକୁ ପରିଚୟ ଦେଇ ପାରିଲେ, ପରୀକ୍ଷକକୁ ଠକି ଦେଇପାରିଲେ, ପାସ ହେଲା । ସମସ୍ତେ ଜାଣିଲେ ତୁଂଭର ପଢା ହୋଇଅଛି । ତୁଂଭେ ଦେଖିଥିବ ଗୋଟିଏ ଗୋଟିଏ ଅଳସୁଆ ଚାକର ଥାଆଂତି । ସେମାନେ କେବେ ବିଶେଷ କାମ କରିବାକୁ ଇଚ୍ଛା କରଂତିନାହିଁ । କେବଳ ଖାଉଂଦ ଦେଖିଲାବେଳେ ଧାଆଁ ଦଉଡ଼ କରୁଥାଆଂତି, ଯେପରିକି ସବୁ କାମରେ ଭାରି ତତ୍ପର । ସେମାନେ ପ୍ରକୃତରେ କିଛି କାମ କରଂତି ନାହିଁ । କିଂତୁ ସାଆଂତ ଜାଣିବାକୁ ଭାରି କାମିକା । କାମ ଦେଖାଇବା ପାଇଁ ସାଆଂତଂକ ଆଗେ ସ୍ଫୂର୍ତ୍ତି ଦେଖାଇ ଧାଆଁ ଦଉଡ଼ କରୁଥାଂତି । ତୁଂଭେ ସେହି ଚାକରମାନଂକ ପରି ପରୀକ୍ଷା ବେଳେ କାମ ଦେଖାଇବାକୁ ପାଠ ପଢୁଅଛ । ତୁଂଭର ଛାତ୍ର ଜୀବନଟା ଯାକ ସେହିପରି ଧାଆଁ ଦଉଡ଼ରେ ଯାଉଅଛି । ଭିତରେ ଜ୍ଞାନ ପାଇବାକୁ ଇଚ୍ଛାନାହିଁ । ଜ୍ଞାନପାଇଁ ତୁଂଭର ପଢାନୁହେଁ । ତୁଂଭର ପଢା ପରୀକ୍ଷା ପାଇଁ । ଏ ବହିରୁ ସେ ବହିରୁ ବାଛି ବାଛି ପଢି ମୁଖସ୍ଥ କରି ପରୀକ୍ଷାରେ କାମ ଦେଖାଇ ପାରିଲେ ତୁଂଭେ ନିଶ୍ଚିଂତ । ପିଲାଏ କପି (copy) କରଂତି କାହିଁକି ? ସେହି କାମ ଦେଖାଇବା ପାଇଁ । କ୍ଳାସ ଉଠାଦିନ କେତେ ପିଲା କାଂଦଂତି, କେତେ ଅଭିଭାବକ

Digitized by PPRACHIN, SOA

ପିଲାଂକୁ ଶ୍ରେଣୀ ଉଠାଇବା ପାଇଁ ସ୍କୁଲ ଶିକ୍ଷକମାନଂକୁ ଅନୁରୋଧ କରଂତି । ଏପରିକି ସ୍ଥଳ ବିଶେଷରେ ପରୀକ୍ଷାରେ ବେଶି ନଂବର ପାଇବା ପାଇଁ, ବା କ୍ଲାସ ଉଠିବା ପାଇଁ ଛାତ୍ରମାନେ ଶିକ୍ଷକମାନଂକୁ ଲାଂଚ ଦେବାର ବି ଶୁଣାଅଛି, ଅଭିଭାବକମାନେ ବି ପିଲାଂକ ପାଇଁ ଦେବାର ଶୁଣା ଅଛି । ଏସବୁ କାହିଁକି ? ତୁଂଭେ ଯାହା ହୁଅ ପଛକେ ସବୁବେଳେ ତୁଂଭର ଇଚ୍ଛା । ସଂସାର ତୁଂଭକୁ ଭଲ ବୋଲି ଜାଣୁ । ଭିତରେ ଗୁଣ ଥାଉ ବା ନଥାଉ ଗୁଣୀ ବୋଲି ପରିଚିତ ହୋଉ ତୁଂଭେ ନିଶ୍ଚିଂତ । ସେଥିରେହି ତୁଂଭର ଅଭିଭାବକ ଖୁସି । ଏପରିକି ଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ଯାହା ବିଧାନ କରି ଅଛଂତି, ସେଥିରେ ସେମାନେ ସେଇୟା ଚାହାଂତି । କେବଳ ଛାତ୍ର ଜୀବନରେ ନୁହେ, ବଡ଼ ହେଲେ ଜାଣିବ ଆଜିକାଲି ଯୁଗଟା ମନୁଷ୍ୟ ବୋଲି ଦେଖାଇ ହେବାର ଯୁଗ । ମନୁଷ୍ୟ ହେବାର ଯୁଗ ନୁହେ । ଯେଉଁ ଗୁଣ ଭଲ, ସେ ଗୁଣ ତୁଂଭର ଅଛି ବୋଲ ଦେଖାଇ ପାରିଲେ ତୁଂଭେ କୃତାର୍ଥ । ସତରେ ସେ ଗୁଣ ତୁଂଭର ଅଛି କି ନା ଭିତରକୁ ଚାହିଁ ସେ କଥା ଦେଖିବାକୁ କାହାରି ଇଚ୍ଛା ନାହିଁ । ଲାଟ ସାହେବ ଆସିବେ, ନା ମ୍ୟୁନିସିପାଲିଟି ସେହି ଦିନ ରାସ୍ତା ସଫା କରୁଅଛଂତି । ମାଜିଷ୍ଟ୍ରେଟ ପାଖକୁ ଡ଼ିପୋଟିଗିରି ପାଇଁ ଦେଖା କରିବାକୁ ଯିବାକୁ ହେବ, ନା ସେହିଦିନ ପୋଷାକ ମଗା ହୋଇ ଆସୁଅଛି । ଚାକିରି ପାଇଁ ଦରଖାସ୍ତ ଦେବାକୁ ହେଲେ ନିତାଂତ ପାଷଂଡ଼ ମଧ ସଚ୍ଚରିତ୍ର ବୋଲି ଦୁଇଖଂଡ ପ୍ରଶଂସାପତ୍ର (certificate) ଯୋଗାଡ଼ କରୁଅଛି । ଦେଖିଥିବ ସୁଂଦର ବୋଲି ଦେଖାଇ ହେବା ପାଇଁ ତୁଂଭଭଳି କେହି କେହି ଯୁବକ ମୁଂଡ଼ରେ କିପରି ତେଲ ଲଗାଇ ସଂଥା କାଟଂତି । କେତେ ଢାକଢମକରେ ଲୁଗା କୁରୁତା ପିଂଧଂତି । ସଚ୍ଚରିତ୍ର ବୋଲି ଦେଖାଇ ହେବାପାଇଁ ପିଲାମାନେ କେତେ ମନୋଭାବ ଲୁଚାଉ ଥାଆଂତି । ମୁଁ ପିଲାଦିନେ ଦେଖିଛି ଯେଉଁ ଛାତ୍ର ଶିକ୍ଷକ ଭୁଲ୍ କହିଲେ ମଧ କଥା କହଂତି ନାହିଁ, ଅନ୍ୟାୟ କାର୍ଯରେ ପ୍ରବର୍ତାଇଲେ ମଧ ନୀରବରେ ପ୍ରବର୍ତିଯାଆଂତି, ଭଲରେ ମଂଦରେ କାହିଁରେ ‘‘ମଲା ମାଛିକି ମର’ ବୋଲଂତି ନାହିଁ, ସେହିମାନଂକ ଭିତରୁ ଅନେକ ସଚ୍ଚରିତ୍ର ବୋଲି ପୁରସ୍କାର ପାଆଂତି । ମୁଁ ଜାଣେ ସେମାନଂକ ମଧରେ ପ୍ରାୟ କେହି ପ୍ରକୃତରେ ସଚ୍ଚରିତ୍ର ନୁହଂତି; କିଂତୁ ସଚ୍ଚରିତ୍ର ବୋଲି ସେ ଦେଖାଇ ପାରଂତି; ଯାହା କଲେ ଶିକ୍ଷକ ସଚ୍ଚରିତ୍ର ବୋଲି ମନେ କରିବେ, ସେମାନେ ସେଇୟା କରିପାରଂତି ।

ଏପରି ଦେଖାଇ ହେବା ଆଂଭ ସମାଜରେ କାହାରି କାହାରି ଜୀବନରେ ଦିନେ ହୁଏ । ସେଦିନ ବିଭାଘର ଦିନ । ସୁନାର ହାର, ହୀରାର ମୁଦି, ବ୍ରହ୍ମପୁରୀ ପାଟ ଯୋଡ଼, ଚାକର, ବାଣ, ସୁଆରି ସବୁ କେତେ ଲୋକଂକର କେବଳ ବିବାହ ଦିନ ଦରକାର ହୁଏ । କାରଣ ଶଶୁର ଘରେ ଦେଖାଇବାକୁ ହେବ, ବିଭବ ଅଛି । ଜାଣିଥିବ ସାଧୁଭାବ ଚରିତ୍ରବାନ୍ ଲୋକେ, ଜାଣିବା ଶୁଣିବା ଲୋକେ ଆଂଭରି ସମାଜରେ କିପରି ଏ ଶ୍ରେଣୀର ବରସଜ୍ଜାକୁ

Digitized by PPRACHIN, SOA

ଘୃଣା କରଂତି । ବିଚାର କର ଭଲା, ସେ କଅଣ ଗୋଟିଏ ଘୃଣା କରିବାର କଥା ନୁହେଁ । ମୋର ଯାହା ନାହିଁ, ତାହା ଦେଖାଇହେବି କିପରି ? ମୁଁ ତ ଗରିବ, ବଡ଼ଲୋକ ବୋଲି ଦେଖାଇ ହେବି ? କି ନୀଚତା ? କି ଅସହ୍ୟ, ହୀନ ଚରିତ୍ର ? ଏତ ଗଲା ବିଭାଘର ଦିନକର କଥା । ତୁଂଭେ ଛାତ୍ର ହୋଇ ପାଠ ପଢୁଛ । ଭାବି ଦେଖ ଜୀବନର ଏହିଦିନୁ, ଏହି ଜୀବନ ତିଆରି କରିବାବେଳୁ, ତୁଂଭର ନିତି ସେଇୟା ଲାଗିଛି । ନିତି ତୁଂଭେ ଯାହା ନୁହ, ତାହା ବୋଲି ଦେଖାଇ ହେବା ପାଇଁ ଲାଗିଛ । ଏହି ଦେଖାଇ ହେବାହିଁ ତୁଂଭେ ସ୍କୁଲ କଲେଜରେ ପରିଶ୍ରମ କରି ଶିକ୍ଷା କରୁଚ । ଏଥିରେ ତୁଂଭର ପ୍ରକୃତ ଜ୍ଞାନ ତ ହେଉ ନାହିଁ । ସେଥି ସଂଗେ ସଂଗେ ଚରିତ୍ରହୀନ ହୋଇଯାଉଅଛ । ଏହିପରି ଶିକ୍ଷାରେ ଆଂଭର ଜାତୀୟ ସଭ୍ୟତା ବଦଳିଯାଉଅଛି । ଜାତିର, ଚରିତ୍ର ଅପବିତ୍ର ହୋଇଯାଉଅଛି । ଗୁଣୀ ହୁଅ, ଜ୍ଞାନୀ ହୁଅ, ଗୁଣ ବା ଜ୍ଞାନ ଅଛି ବୋଲି ଖାଲି ଜଣାଇ ହେବାକୁ ଚେଷ୍ଟା କର ନାହିଁ । ମର୍ଯାଦାବାନ୍ ହୁଅ, ଖାଲି ମର୍ଯାଦା ପାଇବାକୁ ଇଚ୍ଛା କର ନାହିଁ । ଏହିପରି ହେବାକୁ ଚେଷ୍ଟା କରିବା ହିଁ ପ୍ରକୃତ ଶିକ୍ଷା, ଦେଖାଇ ହେବାକୁ ଆଂଭମାନଂକ ପୂର୍ବପୁରୁଷ ଆର୍ଯ ଋଷିମାନେ 'ମିଥ୍ୟାଚାର' ବୋଲି କହି ଅଛଂତି; ବଡ଼ ଘୃଣା କରିଅଛଂତି ।

ଦେଖିଥିବ କେହି କେହି ଭିତରେ ଭିତରେ ଲୋଭରଖି, ଖାଲି ଲୋକଂକ ଆଗରେ ଜ୍ଞାନୀ ସଂଯମୀ ବୋଲି ଦେଖାଇହେବା ପାଇଁ ଭୋଗ କରିବା ଦ୍ରବ୍ୟକୁ ଛୁଅଂତି ନାହିଁ । ଯେପରିକି ମାଛ ଖାଇବାକୁ ଇଚ୍ଛାଟି ପୂରା ଅଛି । ମାତ୍ର ପରମ ବୈଷ୍ଣବ ନିରାମିଷାଶୀ ବୋଲି ପରିଚୟ ଦେବାକୁ ହେବ । ଏହିପରି ବିଚାରି କେହି କେହି ଇଚ୍ଛା କଲେ ମଧ ମାଛ ଖାଆନ୍ତି ନାହିଁ । ଏପରି ଲୋକଙ୍କୁ ମିଥ୍ୟାଚାରୀ ବୋଲି କୁହାଯାଏ । ସେମାନଙ୍କ ଆଚାର ଅର୍ଥାତ୍ ଆଚରଣ ମିଥ୍ୟା । ଅର୍ଥାତ୍ ସେମାନେ ଯାହା ବୋଲି ଦେଖାଇ ହୁଅଂତି, ତାହା ନୁହଂତି । ଆଂଭମାନଂକ ପୂର୍ବପୁରୁଷମାନେ ଏପରି କଥାକୁ ବଡ଼ ଘୃଣା କରୁଥିଲେ । ଆଂଭେ ଏବେ ପିଲାଦିନୁ ଏହି ଚରିତ୍ର ଶିକ୍ଷା କରୁଥାଇଁ । ଏ ଶିକ୍ଷା ଛାଡ଼ି ପ୍ରକୃତ ଶିକ୍ଷା ନ ପାଇଲେ ଆଂଭର ଗତି ନାହିଁ ।

ଶିକ୍ଷା ଏପରି ହେବାର ନୁହେ, ତାହା ବୋଧହୁଏ ବୁଝିଲ । ତେବେ ଶିକ୍ଷା କିପରି ? ଅବଶ୍ୟ ବୁଝିପାରୁଅଛ, ଜାଣିଛୁ ବୋଲି ଦେଖାଇ ହେବା ଶିକ୍ଷାର ଉଦ୍ଦେଶ୍ୟ ନୁହେ । ଶିକ୍ଷାର ଉଦ୍ଦେଶ୍ୟ ପ୍ରକୃତ ଜାଣିବା । ପ୍ରଥମ କଥା ତୁଂଭେ ଯାହା ନୁହ ତାହା ଦେଖାଇ ହେବାର ପ୍ରବୃତ୍ତି ପ୍ରକୃତ ଶିକ୍ଷାର ଫଳ ନୁହେଁ । ପ୍ରକୃତ ଶିକ୍ଷାରେ ଆଂଭେ ଠିକ୍ ଯାହା ତାହା ଜାଣିପାରୁଁ, ଏବଂ ଦରକାର ହେଲେ ଲୋକଂକୁ ସେଇୟା ବୋଲି ଜଣାଉଁ । ଆଂଭର ଅଭାବ ବା ଦୋଷ ଥିଲେ ତାହା ପୂର୍ଣ୍ଣ କରିବାକୁ ଚେଷ୍ଟା କରୁ । ଲୋକେ ଜାଣିଲେ କି ନାହିଁ ସେଥିପାଇଁ ଅପେକ୍ଷା ରଖୁ ନାହିଁ । କ୍ରମେ କ୍ରମେ ନିଜକୁ ଭଲ ହେବାକୁ ଚେଷ୍ଟା କରୁଁ । ଜ୍ଞାନରେ, ନୀତିରେ, ସ୍ୱାସ୍ଥ୍ୟରେ ବଡ଼ ଓ ଭଲ ହେବା ଶିକ୍ଷାର ଉଦ୍ଦେଶ୍ୟ ଓ ଫଳ । ଏହାକୁ ହିଁ କହଂତି ଆତ୍ମବିକାଶ । ଏହି ଆତ୍ମବିକାଶ ନ ହେଲେ ଶିକ୍ଷା ହେଲା ନାହିଁ ।

Digitized by PPRACHIN, SOA

ଏହି ଆତ୍ମବିକାଶ ତେବେ କିପରି ତାହା ବୋଧହୁଏ ଭଲ କରି ବୁଝିଲ ନାହିଁ। ଗୋଟିଏ ଗଛର କଥା ଭାବ। ଗଛ ଚେର ଦ୍ୱାରା ମାଟି ଭିତରୁ ତା'ର ଯେଉଁ ରସ ଦରକାର ତାହା ଟାଣି ନିଏ। ଆଲୁଅରୁ ପବନରୁ ନିଜର ଖାଦ୍ୟ ସଂଗ୍ରହ କରେ। ଯାହା ଯେଉଁଠାରୁ ଆଣେ ତାହା ନିଜର ଖାଦ୍ୟରେ ପରିଣତ କରେ। ତୁଂଭେମାନେ ନିଜେ ଏଠାରେ କେତେ ଗଛ ପୋତୁଅଛ, ବଢ଼ାଉଅଛ। ଦେଖିଥିବ, ଗଛ ମୂଳରେ ତୁଂଭେ ଖତ ଦିଅ, ପିଡ଼ିଆ ଦିଅ, ତାହା ଖାଇ ଗଛ ବଢ଼ିଯାଏ। କିପରି ବଢ଼େ ? ତୁଂଭେ ପାଠ ମୁଖସ୍ଥ କରି ପରୀକ୍ଷାରେ ଅବିକଳ କାଢ଼ି ପକାଇଲା ପରି ଗଛ ପିଡ଼ିଆ ଖାଇ ପିଡ଼ିଆ କାଢ଼େ ନାହିଁ। ଖାଏ ପିଡ଼ିଆ, କାଢ଼େ ସୁଂଦର ପତ୍ରଟିଏ, ଫୁଲଟିଏ, ଫଳଟିଏ। ତୁଂଭେ ମଧ ପ୍ରତିଦିନ ଭାତ, ଡାଲି, ପରିବା ଖାଉଅଛ। ତୁଂଭ ଦେହ ବଢୁଅଛି। ଖାଇବାରୁ ଦେହ ଉପରେ ଭାତ ଡାଲି ଲାଗି ଦେହ ବଢୁ ନାହିଁ। ଭାତ ଡାଲି ସବୁ ଶରୀରରେ ରକ୍ତ, ମାଂସ, ହାଡ଼ରେ ପରିଣତ ହେଉଅଛି। ପଢ଼ାରେ ମଧ ସେହିପରି। ଯାହା ଶିକ୍ଷା କରିବ ସେ ତୁଂଭର ଜିନିଷ ହୋଇଯିବା ଦରକାର। ତୁଂଭେ ଯାହା ପଢ଼ିବ ବା ଶିଖିବ ତାହା କେଉଁଠାରୁ କେତେବେଳେ ଶିଖିଛ ଜାଣିହେଲେ, ଶିକ୍ଷା ହେଲା ନାହିଁ। ଜ୍ଞାନ ବଢ଼ିଲେ ତୁଂଭେ ନିଜେ ନିଜେ ଲେଖା ପଢ଼ା ଆଲୋଚନା କରିପାରିବ। ପ୍ରବଂଧ ଲେଖିଲାବେଳେ ଅମୁକ ବହିରେ ଏପରି ଲେଖା ଅଛି ସେହିପରି ଲେଖିବି; ଅଂକ କଷିଲାବେଳେ ବହିରେ ଏହିପରି ଧାରାରେ କଷା ହୋଇଅଛି ସେହିପରି କଷିଯିବି; ଏହା ଜାଣୁଥିବାତକ ପ୍ରକୃତ ଶିକ୍ଷା ହୋଇ ନାଇଁ; ତୁଂଭେ ପ୍ରକୃତ ଜ୍ଞାନ ଲାଭ କରି ନାହଁ। ଅନେକ ଶିଖି, ପଢ଼ି ଯେତେବେଳେ ନିଜେ ଲେଖି ପଢ଼ି ଆଲୋଚନା କରିପାରିବ ସେତିକିବେଳେ ଜାଣିବ ତୁଂଭର ପ୍ରକୃତ ଶିକ୍ଷା ହୋଇଅଛି। ତୁଂଭର ଭିତର ବାହାର ସମାନ ହୋଇଅଛି। ତୁଂଭେ ଭିତରେ ଯାହା ହୋଇଅଛ ବାହାରେ ତାହାହିଁ ଦେଖାଉଅଛ। ଅନ୍ୟ ପ୍ରକାର ଦେଖାଇ ହେବାର ତୁଂଭର କ୍ଷମତା ବା ଅଧିକାର ନାହିଁ। ଏପରି ଶିକ୍ଷା ପାଇବାକୁ ଥରେ ବିଚାରିଲେ ଦେଖିବ ତୁଂଭର ବାଜେ ବହି ପଢାବହିର ପ୍ରଭେଦ ରହିବ ନାହିଁ। ପରୀକ୍ଷା ଚିନ୍ତାରେ ଆଉ ତୁଂଭେ ବ୍ୟାକୁଳ ହେବ ନାହିଁ। ଶିକ୍ଷାରେ ତୁଂଭର ପ୍ରକୃତ ଆତ୍ମବିକାଶ ହେବ। ଯେଉଁ ବହି ପଢ଼ିବ ତାହା ତୁଂଭଂକୁ ସୁଖଲାଗିବ। ତୁଂଭେ ଜ୍ଞାନ ପାଇବାପାଇଁ ପାଠ ପଢ଼ିବ। ପରୀକ୍ଷା ପାଇଁ ନୁହେ, ଟଂକା ରୋଜଗାର କରିବାପାଇଁ ନୁହେ। ସେଥିରେ ପ୍ରକୃତ ଶିକ୍ଷା ହେବନାହିଁ। ସେଥିରେ ଖାଲି ମିଥ୍ୟାଚାର ବଢିବ। ଜୀବନଟାଯାକ ଦେଖାଇ ହେବାରେ ଯିବ। ଆଜି ବୋଲି ଆଜି ନୁହେ, ସମସ୍ତ ଜୀବନ ମିଥ୍ୟାଚାରମୟ ହୋଇଯିବ। ମୁଁ ଜାଣେ ଏପରି ଡିପୋଟି ଅଛଂତି, ଯେଉଁମାନେ ରିପୋର୍ଟ ଲେଖାପଡ଼ିଲେ କାହା ପାଖରୁ ଲେଖାଇ ନିଅଂନ୍ତି। ତାହା ନହେଲେ ସେ ଧରା ପଡ଼ିଯିବେ। ଚାକିରି ରହିବ ନାହିଁ। ଚାକିରି ଯେ କେହି କରିବେ ନାହିଁ ତାହା ମୁଁ କହୁନାହିଁ। ଚାକିରି ନକଲେ ଚଳିବ

Digitized by PPRACHIN, SOA

କିପରି ? ତାହା କରିବାକୁ ହେବ । କିଂତୁ ପ୍ରକୃତ ଶିକ୍ଷିତ ଲୋକ ନିଜେ ଯାହା ତାହାହି ଦେଖାଇବ । ସେଥିରେ ଚାକିରି ମିଳିଲା ତ ଉତ୍ତମ, ନମିଳିଲେ ଚିଂତା ନାହିଁ । ନିଜେ ଯାହା ନୁହେ, ତାହା ବୋଲି ଦେଖାଇ ଠକିଦେଇ ଟଂକା ରୋଜଗାର କରିବାକୁ ସେ ଯିବନାହିଁ । ଏ ଅସତ୍ ପଂଥା ତାକୁ ସୁଖ ଲାଗିବ ନାହିଁ ।

ପୁଣି ଖାଲି ବହି ପଢ଼ିଲେ ଶିକ୍ଷା ହୁଏନାହିଁ । ବହିରେ ଯାହା ପଢିବ ତାହା ଅନୁଭବ ନକଲେ, ପଢ଼ାର କିଛି ଫଳ ନାହିଁ । ସତ୍ୟ କହିବା ଉଚିତ, ଏକଥା ବହିରେ ସବୁବେଳେ ପଢୁଅଛ । କିଂତୁ ଯେତେବେଳେ ପଦେ ମିଛ କହି ତୁଂଭର କେହି ଅନିଷ୍ଟ କରୁଅଛି, ତୁଂଭେ ଯେତେବେଳେ ସେହିପରି କରିବାକୁ ଇଚ୍ଛାକରି ଲଜ୍ଜିତ ହେଉଅଛ, ସେତେବେଳେ ମିଛ ପ୍ରତି ଯେତେ ଘୃଣା ହେଉଅଛି, ଖାଲି ବହି ପଢ଼ି ସେତେ ହୁଏନାହିଁ । ତୁଂଭେ କାଗଜରେ ପଢିଲ ବରିଶାଲରେ ଦୁର୍ଭିକ୍ଷ ହୋଇଅଛି । ଅନେକ ଲୋକ ଖାଇବାକୁ ନପାଇ ମରୁଅଛଂତି । କି ଧାରଣା ହେଲା ? ଯେ ଦୁର୍ଭିକ୍ଷରେ ଲୋକ ମରିବାର ଅନୁଭବ କରି ନାହିଁ, ନିଜେ ଅନାହାରରେ ରହି ସେ କଷ୍ଟ ସହିନାହିଁ, ସେ ସେଥିରୁ ବେଶୀ କିଛି ବୁଝିବ ନାହିଁ । ସେଥିରେ ତାର ମନ ବିକଳ ହେବନାହିଁ । ଗଳ୍ପ ଶୁଣିଥିବ, ଦିନେ ଦିଲ୍ଲୀର ବାଦସାହଂକ ପୁଅକୁ ଜଣେ ଭିକାରି କିଛି ମାଗୁଥିଲା । ସେ କହିଲା, ସେ ଗରିବ, କିଛି ଖାଇବାକୁ ପାଏନାହିଁ । ଏ କଥା ବାଦସାହଂକ ପୁଅ କିଛି ବୁଝି ପାରିଲେ ନାହିଁ । ବହୁତ ପଚାରିବାରେ ଜଣେ ଉଜିର ବହୁକଷ୍ଟରେ ଶେଷରେ ବୁଝାଇଲେ 'ସେ ଗରିବ ଅର୍ଥାତ୍ ଦୁଇଓଳି ପଲାଉ ଖାଇବାକୁ ତାକୁ ମିଳେ ନାହିଁ' । ସେଥିପାଇଁ କେବଳ ବହି ପଢା ପଢାନୁହେ ।

ପଢାର ଉଦ୍ଦେଶ୍ୟ ସଂସାରରେ ମନୁଷ୍ୟ ହେବା । ତୁଂଭେମାନେ ବାଳକ, ସଂସାରର କିଛି ଜାଣି ନାହଁ । ସଂସାରରେ କେତେ ପ୍ରକାର ଲୋକ ଅଛଂତି । ପଂଡ଼ିତ ମୂର୍ଖ, ଶାଂତ ଦୁରଂତ, ବିବେକୀ ଅବୁଝାମଣା, ଧନୀ ଦରିଦ୍ର, ସୁସ୍ଥ ରୋଗୀ, ଦାଂଭିକ ଆର୍ତ ସମସ୍ତଂକ ସଂଗେ ଚଳିବାକୁ ହେବ । ଖାଲି ବହି ପଢ଼ି ତାହା ସବୁ ତୁଂଭେ ପାରିବ କି ? ଗୋଟିଏ କଥା ଉଦାହରଣରେ ଦେଖ, ଯେଉଁମାନେ ବୋର୍ଡିଂରେ ନଥାଂତି ସେମାନେ ବେଶୀ ଲୋକଂକ ସଂଗେ ଚଳି ନାହାଂତି । ସାମାନ୍ୟ ବିରକ୍ତ ହେଲେ ସେମାନେ ଯେତେ ରାଗିଯାଆଂତି, ଯେତେ ମାନ କରିବସଂତି, ତୁଂଭେମାନେ ଯେଉଁମାନେ ବୋର୍ଡ଼ିଂରେ ଅଛି, ସେତେ କରନାହିଁ । କାରଣ ତୁଂଭେ କେତେ ଲୋକଂକ ସଂଗେ ଚଳୁଚ । କିଏ କେତେ ଗାଳି ଦେଉଚି, କିଏ ବା ସ୍ନେହ କରୁଚି । ଦେଖି ଦେଖି ତୁଂଭେ କେତେପ୍ରକାର ଲୋକଂକ ସଂଗେ ଚଳି ଶିଖିଗଲଣି । ତୁଂଭେମାନେ ଯେଉଁ ରୋଗୀ ସେବା କର, ମନୁଷ୍ୟର ରୋଗବେଳର ଦୁଃଖ ଜାଣ, ରୋଗୀର ମଳମୂତ୍ର ପର୍ଯଂତ ପରିଷ୍କାର କରିବାରେ ତୁଂଭର ଯେଉଁ ଆଦର ଥାଏ, ତୁଂଭେ ଯେତେବେଳେ ତାହା ହାତରେ କରି ଶିଖି ନଥିଲ, ସେତେବେଳେ ତାହା ତୁଂଭର ଥିଲା କି ? ତୁଂଭରି ସାଂଗର ସବୁ ସ୍ଥାନର ପିଲାମାନେ, ଯେଉଁମାନେ ଏପରି ଅଭ୍ୟାସ କରଂତି ନାହିଁ, ତାଙ୍କର ଅଛି କି ? ବହିରେ ତ ଏ ବିଷୟରେ

Digitized by PPRACHIN, SOA

କେତେ ଉପଦେଶ ଅଛି । ଉପଦେଶ ପଢ଼ି କାର୍ଯ୍ୟ ନକଲେ ତହିଁରୁ କି ଫଳ ? ଜୀବନ ତିଆରି କରିବାକୁ ହେଲେ କେବଳ ଉପଦେଶରେ କିଛି ହୁଏନାହିଁ । କାର୍ଯ୍ୟ କରି ଅନୁଭବ କରି ଶିଖିବାକୁ ହୁଏ ।

ଶିକ୍ଷା ବାଳକକୁ ମନୁଷ୍ୟ କରେ । ବାଳକ କିଛି ହୋଇନଥାଏ । ତାହାର ଶରୀର, ତାହାର ମନ, ତାହାର ଆତ୍ମା ସବୁ ତିଆରି କରିବାକୁ ହେବ । ଶରୀରର ଚାଳନା କରି ଶରୀରକୁ ସୁସ୍ଥ ସବଳ ଓ କାର୍ଯ୍ୟର ଉପଯୋଗୀ କରିବାକୁ ହେବ । ମନୁଷ୍ୟର ସଂସାରରେ ଯେତେ କାର୍ଯ୍ୟ କରିବାକୁ ପଡ଼ିପାରେ, ଏହିଦିନୁ ଅଭ୍ୟାସ ଦ୍ୱାରା ସବୁ କାର୍ଯ୍ୟ ଶିଖିବାକୁ ହେବ । ଅଭ୍ୟାସ କରି ରୋଗୀ ଦୁଃଖୀ, ରାଗୀ, ଶାଂତ ପ୍ରଭୃତି ସର୍ବଳ ଶ୍ରେଣୀର ଲୋକଂକୁ ଭଲକରି ଚିହ୍ନିବାକୁ ହେବ । ସମସ୍ତଂକ ସଂଗେ ଚଳିବା ଭଳି ନିଜକୁ କରିନେବାକୁ ହେବ । ଦେଶର ଅବସ୍ଥା ଜାଣିବାକୁ ହେବ । ଗରିବ ଲୋକଂକ କଷ୍ଟ ବୁଝିବାକୁ ହେବ । ସମାଜରେ ରହିବାକୁ ହେଲେ ପରୋପକାର ଓ ଲୋକସେବା ପ୍ରଧାନ କାର୍ଯ୍ୟ। ଈଶ୍ୱରଂକ ରାଜ୍ୟରେ କୌଣସି କର୍ମ ବା ବ୍ୟବସାୟ ନୀଚ ନୁହେ । ସମସ୍ତେ ପରିଶ୍ରମ କରିବେ । କେହି ବାବୁ ହୋଇ ବସି ରହି ପାରିବେ ନାହିଁ । ଜ୍ଞାନ ଲାଭ କରି ସମସ୍ତ ଜ୍ଞାନକୁ ଆପଣାର କରି ନେବାକୁ ହେବ । ଯେଉଁମାନଂକ ବହିରୁ କାର୍ଯ୍ୟରୁ ଆଂଭେ ନୂଆ ଜ୍ଞାନ ପାଉଅଛୁଁ, ଆମ୍ଭେ ଜ୍ଞାନ ପାଇ ସେହିମାନଂକ ପରି କିପରି ପୃଥିବୀକୁ ନୂଆ ନୂଆ କଥା ଦେଇଯିବୁଁ, ଏକଥା ଏହିଦିନୁ ବିଚାରି ପାଠ ପଢ଼ିବାକୁ ହେବ । ଚରିତ୍ର ମଧ୍ୟ ସଂଗେ ସଂଗେ ଉନ୍ନତ କରିବା ଦରକାର । ସତ୍ୟ କହିବା, ପରର ଉପକାର କରିବା, ଦୁଃଖୀର ଦୁଃଖ ଦେଖି ଅନୁଭବ କରି ଶିଖିବା, ଦେଶକୁ, ଦେଶର ଲୋକଂକୁ ଓ ପୂର୍ବପୁରୁଷଂକ କାର୍ଯ୍ୟକୁ ପ୍ରାଣର ଭାବର ସହିତ ସୁଖପାଇବା, ସର୍ବୋପରି ମିଥ୍ୟାଚାର ନହୋଇ ସତ୍ୟାଚାର ହେବା, ନିଜେ ଯାହା ସେଇୟା ବୋଲି ଦେଖାଇବାକୁ ଏହିଦିନୁ ଅଭ୍ୟାସ କରିବା, ଏଥିରେ ଯେଉଁ ପବିତ୍ର ଓ ସାଧୁ ଆତ୍ମାମର୍ଯ୍ୟାଦା ଅଛି, ତାହା ଭଲ କରି ବୁଝିବା ଓ ସେହି ଅନୁସାରେ କାର୍ଯ୍ୟକରି, ବିଶ୍ୱପିତାଂକ ରାଜ୍ୟରେ ପ୍ରକୃତ ମନୁଷ୍ୟ ହୋଇ ତାଂକର ଇଚ୍ଛା ପୂର୍ଣ୍ଣ କରିବା ଶିକ୍ଷାର ଉଦ୍ଦେଶ୍ୟ । ସେଥିପାଇଁ କହିଥିଲି, କେବଳ ବହି ପଢାରେ ଶିକ୍ଷାନାହିଁ । କେବଳ ପରୀକ୍ଷା ପାସ ମନୁଷ୍ୟକୁ ମନୁଷ୍ୟ କରେ ନାହିଁ । ଶିଖିବା ପାଇଁ ସମସ୍ତ ଜଗତ୍ ଓ ଅନଂତ କର୍ତବ୍ୟ ପଡ଼ି ରହିଅଛି । ସେଥିରୁ ଶିକ୍ଷା କରିବାକୁ ହେବ । ନାନା କାରଣରୁ ଆଜି ପରୀକ୍ଷା ପାଇଁ ପଢ଼ିବାକୁ ତୁଂଭେ ବାଧ୍ୟ ହେଉଅଛି ସତ୍ୟ, କିଂତୁ ତା' ସଂଗେ ସଂଗେ ଏଭଳି ପ୍ରକୃତ ଶିକ୍ଷା ଆଡ଼କୁ ତୁଂଭର ଯେତେ ଦୃଷ୍ଟି ପଡ଼େ, ତୁଂଭର ଶିକ୍ଷକ ଅଭିଭାବକମାନେ ଯେତେ ଏକଥା ବୁଝଂତି, ସେତେ ତୁଂଭର ମଂଗଳ ହେବ, ଦେଶର କଲ୍ୟାଣ ହେବ ।

ତୁଂଭେମାନେ ବାଳକ, ଅନଂତ ସଂସାର ପଡ଼ି ରହିଅଛି; ଅଶେଷ କର୍ତବ୍ୟ ଆଗରେ ଅଛି; ସେଥିରୁ ଶିଖ, ତୁଂଭର ମଂଗଳହେବ; ଦେଶର କଲ୍ୟାଣ ହେବ । ଏସବୁ କଥାରୁ

Digitized by PPRACHIN, SOA

ତୁମ୍ଭେମାନେ ହୁଏତ କିଛି ବୁଝିପାରୁନାହଁ । ସେଥିପାଇଁ କହୁଥିଲି, ତୁମ୍ଭେମାନେ ଶିକ୍ଷକଙ୍କଠାରେ ଆତ୍ମ ସମର୍ପଣ କର । ତୁମ୍ଭେମାନେ ତୁମ୍ଭର ମଙ୍ଗଳ ବୁଝିପାରିବ ନାହିଁ ବୋଲି, ଆମ୍ଭେମାନେ ଅଛୁଁ । ବହୁତ ଚିନ୍ତାକରି ଆମ୍ଭେମାନେ ତୁମ୍ଭର ମଙ୍ଗଳ ନିମନ୍ତେ ବ୍ୟବସ୍ଥା କରୁଅଛୁଁ; ତୁମ୍ଭର କର୍ତ୍ତବ୍ୟ ନିର୍ଦ୍ଦେଶ କରୁଅଛୁଁ । ତୁମ୍ଭେମାନେ ଏ ଛାତ୍ର ଅବସ୍ଥାରେ ସର୍ବଦା ସେଥିରେ ବାଧ ହୁଅ । ଆତ୍ମ ସମର୍ପଣ କର । କେବଳ ଶିକ୍ଷକ କହୁଅଛନ୍ତି, ଯେତେ ଦିନ ଏଠାରେ ଥାଇଁ, କୌଣସିମତେ ଶିକ୍ଷକଙ୍କ କଥା ଅନୁସାରେ କାମକରି ଗଲେ ଯାଏ । ଏଠାରେ ରହିଲେ ଏହିପରି କରିବାକୁ ହେବ । ଏପରି ଭାବି କାର୍ଯ୍ୟ କଲେ, ତୁମ୍ଭର ଭିତରେ ଯାହା ଇଚ୍ଛା ନୁହେ, ତୁମ୍ଭେ ତାହା କଲ । ମିଥ୍ୟାଚାର ହେଲ । ଆତ୍ମ ସମର୍ପଣ କଲ ନାହିଁ । ଶିକ୍ଷକ ତାହା ତୁମ୍ଭର କର୍ତବ୍ୟ ବୋଲି କହୁ ଅଛନ୍ତି, ତାକୁ ଆଗ୍ରହର ସହିତ ନିଜର କର୍ତବ୍ୟ ବୋଲି ବିଚାର କର । ନିଜେ ନିଜର କଲ୍ୟାଣ ପାଇଁ କରୁଥିଲେ ଯେପରି ଆଗ୍ରହରେ କରନ୍ତ, ଠିକ ସେଇପରି କର । ତୁମ୍ଭର ଆତ୍ମାକୁ ଶିକ୍ଷକଙ୍କଠାରେ, ଗୁରୁଙ୍କଠାରେ ସମର୍ପଣ କର । ଗୁରୁ ଯାହା କହୁଅଛନ୍ତି, ତାହା ନିଜେ ନିଜକୁ କହୁଅଛ ବୋଲି ବିଚାର କର । କଷ୍ଟ ବେଳେ ବେଳେ ହେଉଥିବ । ଅନିଚ୍ଛା ହେଉଥିବ । ତାହା ଯେପରି ନହୁଏ । ରୋଗୀ ବିରକ୍ତ ହୋଇ ଔଷଧ ଖାଇଲା ପରି, ତୁମ୍ଭେ ଯେପରି ଏଠାରେ କର୍ତବ୍ୟ ନକର । ସେ ପ୍ରତି ସାବଧାନ ହୁଅ । ତାହାହେଲେ ବୁଝାଯିବ, ତୁମ୍ଭର ଆତ୍ମ ସମର୍ପଣ ହେଲା ।

ଶିକ୍ଷକଙ୍କ ଆଦେଶକୁ ଏବେ ସମାଲୋଚନା କରନାହିଁ । ତୁମ୍ଭର ସେ କାଳ ଆସି ନାହିଁ । ହୋଇପାରେ ଆମ୍ଭେମାନେ ଯାହା କରୁଛୁ, ତାହା ସବୁବେଳେ ଠିକ ହେଉନାହିଁ । ତୁମ୍ଭେମାନେ ଏ ଦେଶର ଭବିଷ୍ୟତ, ଦିନେ ତୁମ୍ଭେ ଶିକ୍ଷକ ହେବ । ଗୁରୁ ହେବ । ସେ ଆଉ ବେଶୀ ଦିନ ନୁହେ । ସେ ଦିନ ତୁମ୍ଭେ ଆମ୍ଭ କାର୍ଯ୍ୟରେ ହୁଏତ ଭୁଲ ଦେଖାଇବ । ଆମ୍ଭଠାରୁ ଆହୁରି ଅଧିକ ଯୋଗ୍ୟତାର ସହିତ କାର୍ଯ୍ୟ କରିବ । କର, ସେ ଦିନ ଆସୁ, ସେ ଦିନକୁ, ସେ ସାଧୁ ସମାଲୋଚନାକୁ, ଶିଷ୍ୟଠାରୁ ସେ ପରାଜୟକୁ ଆମ୍ଭେମାନେ ପ୍ରାଣର ସହିତ ଗ୍ରହଣ କରିବାକୁ ଚାହିଁ ବସିଅଛୁ । ଆମ୍ଭେମାନେ ସେତେବେଳେ ଇହ ଜଗତରେ ଥାଉଁ, ଅନ୍ୟ ଜଗତରେ ଥାଉଁ, ଆମ୍ଭର ବିଶ୍ୱାସ ତୁମ୍ଭର ସେଦିନ ଆମ୍ଭେ ଜାଣିବୁଁ, ଦେଖିବୁଁ । ସେଦିନ ଆମ୍ଭର ଆତ୍ମା ବିମଳ ମୁକ୍ତି ଲାଭ କରିବ । ସେଦିନ ଆସିବ, ତୁମ୍ଭେ ଆମ୍ଭଠାରୁ ବେଶୀ ଉପଯୁକ୍ତ ବୋଲି ଭବିଷ୍ୟତରେ ପରିଚିତ ହେବ । ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେଥିପାଇଁ ଆଜି ତୁମ୍ଭର ଗୁରୁଙ୍କଠାରେ ଆତ୍ମ ସମର୍ପଣ କରିବା ଉଚିତ ।

ଆମ୍ଭେମାନେ ଭାରତ ସନ୍ତାନ । ଭାରତ ଚିରକାଳ ଜ୍ଞାନର ଦେଶ, ମନୁଷ୍ୟତାର ଦେଶ । ଭାରତ କେବେ ଧନପାଇଁ ବିଦେଶ ଲୁଣ୍ଠନ କରିନାହିଁ । ସେକଥା ଆମ୍ଭ ଜାତିର ପ୍ରକୃତି ନୁହେଁ । କିନ୍ତୁ ସମସ୍ତ ପୃଥିବୀ ଯେତେବେଳେ ଅଜ୍ଞାନ ଅନ୍ଧାରରେ ଥିଲା, ସେହି

Digitized by PPRACHIN, SOA

ଆଦିଯୁଗରେ ଭାରତର ଋଷିକୁଳ ପୃଥିବୀରେ ଜ୍ଞାନ ଦୀପ ଜାଳିଥିଲେ । ଭାରତର ଜ୍ଞାନ ଦାନରେ ପୃଥିବୀ ଦିନେ ପରିପୁଷ୍ଟ ହୋଇଥିଲା ଏବଂ କେବେ ଯଦି ଭାରତ ପୃଥିବୀରେ ପ୍ରତିଷ୍ଠା ପାଇବ, ତେବେ ପାଇବ ସେହି ଜ୍ଞାନରେ । ସେହି ଜ୍ଞାନର ଆଦିଭୂମି ଆଂଭମାନଂକର ମାତୃଭୂମି ଭାରତର ଶିକ୍ଷାପ୍ରଣାଳୀ ଓ ପଦ୍ଧତି ଯାହାଥିଲା, ମନେରଖ, ଆଜି ସୁସଭ୍ୟ ଦେଶ ସବୁ ମଧ ସେ ସୁଂଦର ପ୍ରଣାଳୀ ପାଇଛି କି ନା ସଂଦେହ । ଜ୍ଞାନ ପାଇଁ, ମନୁଷ୍ୟତା ପାଇଁ ଏ ଦେଶରେ ଶିକ୍ଷା ଦିଆ ହେଉଥିଲା । ସେଇଥିପାଇଁ କେବଳ ଲୋକେ ଶିକ୍ଷା କରୁଥିଲେ । ଟଂକା ପଇସା ପାଇଁ ନୁହେ । ବ୍ୟାସ ବାଲ୍ମୀକି ପରି ମନୀଷୀମାନେ, ଆର୍ଯଭଟ୍ଟ, ଶଂକର, ମଲ୍ଲୀନାଥ ପରି ପଂଡ଼ିତମାନେ ଏ ଦେଶରେ ଟଂକାପାଇଁ ବିଦ୍ୟାଲୋଚନା କରିନଥିଲେ । ପଲ୍ଲୀର ଚତୁଷ୍ପାଠୀରେ ବନର ଗୁରୁକୁଳରେ ଶିଷ୍ୟମାନେ ଶିକ୍ଷକଂକ ସାହଚର୍ଯରେ ସର୍ବଦା ବାସ କରି ସର୍ବପ୍ରକାର ଶିକ୍ଷାଲାଭ କରୁଥିଲେ । ଭିକ୍ଷାଟନ, ଜନସେବାଠାରୁ, ବିଲରେ କାମ କରିବା, ଗାଈ ଜଗିବା ପର୍ଯଂତ ଗୁରୁଂକ ତତ୍ତ୍ୱାବଧାନରେ କରୁଥିଲେ । ଗ୍ରଂଥପାଠ ସଂଗେ ସଂଗେ ଏସବୁ କାର୍ଯ ଶିକ୍ଷାର ଅଂଗୀଭୂତ ଥିଲା । ଏହିପରି ସୁଶିକ୍ଷାରେ ବଢ଼ି ଯେତେବେଳେ ଶିଷ୍ୟ ଉପଯୁକ୍ତ ହେଲେଣି ବୋଲି ଗୁରୁ ବିଚାର କରୁଥିଲେ, ସେତେବେଳେ ଶିଷ୍ୟକୁ ବିଦାୟ ଦେଉଥିଲେ । ସେଥିରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନଥିଲା । ପ୍ରତ୍ୟେକ ଦିନର କାର୍ଯ, ପ୍ରତ୍ୟେକ ଦିନର ପାଠରେ ଶିଷ୍ୟର ଗୁରୁଂକଠାରେ ପରୀକ୍ଷା ହୋଇଯାଉଥିଲା । ଆଜିକାଲି ପାଶ୍ଚାତ୍ୟ ସଭ୍ୟ ଦେଶମାନଂକରେ କୌଣସି କୌଣସିଠାରେ ସେହିପରି ହେବାର ଶୁଣାଯାଏ । ଶିଷ୍ୟମାନେ ଗୁରୁଂକ ପାଖେ ରହି ବିଶ୍ୱବିଦ୍ୟାଳୟରେ ପଢ଼ଂତି । ଗୁରୁଂକର ପ୍ରଶଂସା ପତ୍ର ଅନୁସାରେ ଶିଷ୍ୟର ଯୋଗ୍ୟତା ବିଚାର କରାଯାଏ । କାହାର କୌଣସି କାର୍ଯରେ ଲୋକ ଦରକାର ହେଲେ, ସେହି ଗୁରୁ ଅଧାପକଂକଠାରୁ ମନୁଷ୍ୟ ଚାହାଂତି । ଗୁରୁ ଶିଷ୍ୟମାନଂକ ଭିତରୁ ବାଛି ମନୁଷ୍ୟ ପଠାଇ ଦିଅଂତି । ବିଦେଶରେ କୌଣସି କୌଣସିଠାରେ ଏପରି ହେଉଅଛି, ବା ହେବାର ଉଦ୍ୟମ ହେଉଅଛି । କିଂତୁ ଭାରତରେ ଏ ଚିରକାଳ ପ୍ରଥାଥିଲା । ଏବେ ମାତ୍ର ଉଠିଯାଉଅଛି । ପରୀକ୍ଷାର ମିଥ୍ୟାଚାର ଦେଶରେ ପଶିଯାଉଅଛି । ତେବେ ପରୀକ୍ଷା ତ ଦେବାକୁ ହେବ । ନ ଦେବାକୁ ଆଂଭର ଚାରା ନାହିଁ । ସେଥି ସଂଗେ ସଂଗେ ଯେତେଦୂର ପ୍ରକୃତ ଶିକ୍ଷା ମିଳିପାରେ ସେଥିପାଇଁ ପ୍ରସ୍ତୁତ ହୁଅ । ପ୍ରାଚୀନ ଭାରତର ଶିଷ୍ୟପରି ଗୁରୁଂକଠାରେ ଆତ୍ମ ସମର୍ପଣ କରି ଜ୍ଞାନାର୍ଥୀ ହୁଅ । ପରୀକ୍ଷାକୁ ଜୀବନର ସର୍ବସ୍ୱ କର ନାହିଁ । ଜ୍ଞାନ ହେଲେ ପରୀକ୍ଷାରେ ପାସ ହେବା ଦୂରର କଥାନୁହେ ।

ଏଠାରେ ଆଉ ଗୋଟିଏ କଥା କହେଁ । ସେଉଟି ନିଜ କଥା । ଏପରି ଶିକ୍ଷା ଦେବାକୁ ହେଲେ ଗୁରୁଂକର ମଧ ନିଜ ଦାୟିତ୍ୱ ବୁଝିବା ଉଚିତ । ଦରମା ଗଂଡ଼ାକପାଇଁ କେବଳ ସ୍କୁଲରେ ୫ ଘଂଟା କାମ ବଜାଇଦେଲେ ଗୁରୁ ପ୍ରକୃତ ଶିକ୍ଷା କାହୁଁ ଦେବେ ? ପ୍ରାଣରେ ଶିଷ୍ୟମାନଂଙ୍କ ପ୍ରତି ଅନୁରାଗ ନଥିଲେ, ଜ୍ଞାନ ଦେବାପାଇଁ, ମନୁଷ୍ୟ ଗଢ଼ିବାପାଇଁ ସବୁ

Digitized by PPRACHIN, SOA

କାର୍ଯ୍ୟକୁ ପ୍ରସ୍ତୁତ ନଥିଲେ, ଜୀବନକୁ ସବୁବେଳେ କଠୋର ସଂଯମରେ ତିଆରି ନକଲେ ଗୁରୁ ପ୍ରକୃତ ଗୁରୁ ହୋଇପାରିବେ କି ? ସେଥିପାଇଁ ଶାସ୍ତ୍ରରେ କୁହାଅଛି ସଦ୍‌ଗୁରୁଠାରୁ ଶିକ୍ଷା କରିବ, ସଦ୍‌ଗୁରୁ ଉପଦେଶ ଗ୍ରହଣ କରିବ । ସେ ଭାର ଅବଶ୍ୟ ତୁଂଭର ନୁହେ । ତୁଂଭ ଅଭିଭାବକମାନଂକର । କିଂତୁ ତୁଂଭେ କାଲି ଅଭିଭାବକ ହେବ । ଗୁରୁ ହେବ । ଦେଶର ଶିକ୍ଷାର ଭାର, ବାଳକମାନଂକୁ ମନୁଷ୍ୟ କରିବାର ଭାର କାଲି ତୁଂଭମାନଂକ ଉପରେ ପଡ଼ିବ । ସେଥିପାଇଁ ପ୍ରସ୍ତୁତ ହୁଅ । ଜୀବନକୁ ଏହିଦିନୁ ତିଆରି କର । ସଂକଳ୍ପ କର ଦେଶରେ ଯେପରି ସଦ୍‌ଗୁରୁ, ସତ୍ ଅଭିଭାବକର ଅଭାବ ନହୁଏ । ତୁଂଭ ଜୀବନରେ ଯେପରି ତୁଂଭେ ଏ ଅଭାବ ପୂର୍ଣ କର । ତୁଂଭେ ଭାରତର ଋଷିକୁଳର ଅବତଂସ । ତୁଂଭର ପୂର୍ବପୁରୁଷେ ପୃଥିବୀକୁ ଜ୍ଞାନାଲୋକ ଦେଇଥିଲେ । ସତ୍ ଶକ୍ଷା, ସାଧୁ ମନୁଷ୍ୟତା, ସରଳ ସଭ୍ୟତା କଅଣ ତାହା ଜଗତକୁ ଦେଖାଇଥିଲେ । ମନେରଖ ସେହି ସତ୍‌ଶିକ୍ଷା, ସରଳ ସଭ୍ୟତା ଓ ସାଧୁ ମନୁଷ୍ୟତା ପୃଥିବୀରେ ପ୍ରତିଷ୍ଠିତ କରିବା ତୁଂଭ ପକ୍ଷରେ ବଡ଼ ଗହନ କଥାନୁହେ । ଏହା ତୁଂଭର ପୈତୃକ ସଂପତ୍ତି । ଏଥିପାଇଁ ତୁଂଭଂକୁ ଅନ୍ୟଦେଶକୁ ଖୋଜିବାକୁ ଯିବାକୁ ହେବନାହିଁ । ପର ଦ୍ୱାରରେ ଭିକ୍ଷା କରିବାକୁ ହେବନାହିଁ । ଏହା ତୁଂଭ ରକ୍ତ ମାଂସରେ ରହିଅଛି । ସେ କଥା ମନେରଖି ଜୀବନରେ ପ୍ରସ୍ତୁତ ହୁଅ । ଜ୍ଞାନ ପାଇଁ ବିଦ୍ୟାର୍ଥୀ ହୁଅ । ମନୁଷ୍ୟତା ପାଇଁ ଗୁରୁଂକଠାରେ ଆତ୍ମ ସମର୍ପଣ କର । ବାବୁ, ଦିନ ଆସିବ ଯେଉଁଦିନ ତୁଂଭେ ପ୍ରକୃତରେ ଜ୍ଞାନମାତା ଭାରତ ଦେଶର ଋଷିକୁଳ ସଂତତି ବୋଲି ଗର୍ବର ସହିତ ଅନୁଭବ କରିବାକୁ ସମର୍ଥ ହେବ ।

[ସତ୍ୟବାଦୀ ୧୩୨୩, ୮ମ ଓ ୯ମ ସଂଖ୍ୟାରୁ ଗୃହୀତ]

# ଚରିତ୍ରଂହି ପରଂ ବଳଂ

ଆଜି ଏ ସଭାରେ ଉପସ୍ଥାନ ଅପେକ୍ଷାକୃତ ଅଳ୍ପ । ଗତ ବର୍ଷ ଏ ସଭାକୁ ଆସିବାପାଇଁ ଛାତ୍ରମାନଂକୁ ବାଧ କରାହେଉଥିଲା । ଏ ବର୍ଷ ତାହା ହୋଇନାହିଁ । ପରୀକ୍ଷା ସ୍ୱରୂପ ତୁଂଭମାନଂକର କାର୍ଯରେ ଆଗ୍ରହ ଓ ଆଦର ବଢାଇବା ନିମଂତେ ସଭାକୁ ଆସିବା ତୁଂଭମାନଂକର ଇଚ୍ଛାଧୀନ କରା ହୋଇଅଛି । ଯେଉଁମାନଂକର ଇଚ୍ଛା ସେମାନେ ସଭାକୁ ଆସୁଛଂତି । ଯେଉଁମାନେ ସଭାକୁ ଆସୁନାହାଂତି ସେମାନଂକର ହିସାବ ସୁଦ୍ଧା କେହି ରଖୁ ନାହିଁ । ଏହିପରି ସଭାକୁ ଆସିବା ନ ଆସିବା ଇଚ୍ଛାଧୀନ ହେବାରୁ ଉପସ୍ଥାନ ଫଳରେ ଟିକିଏ ଊଣା ହୋଇଅଛି । କିଂତୁ ପ୍ରିୟ ବାଳକମାନେ, ଆଜି ଯେ ଚରିତ୍ରର କଥା ତୁଂଭମାନଂକୁ

[ ସତ୍ୟବାଦୀ ବିଦ୍ୟାଳୟର କେତେକ ଉଚ୍ଚ ଶ୍ରେଣୀର ଛାତ୍ରଂକୁ କୁହାଯାଇଥିବା ଉପଦେଶରୁ ସଂଗୃହୀତ । ]

Digitized by PPRACHIN, SOA

କୁହାଯିବ, ତାହା ସ୍ଥୂଳତଃ ଏହି ଇଚ୍ଛାର କଥା । କରିବା ନ କରିବା ଇଚ୍ଛାଧୀନ ବୋଲି ଯେବେ ତୁଂଭେମାନେ ଭଲକଥାରେ ନ ପ୍ରବର୍ତିବ, ତାହାହେଲେ ଜାଣ ଚରିତ୍ର ଗଠନର ମୂଳ ମଂତ୍ରରେ ତୁଂଭର ଭୁଲ ହେଉଅଛି । ଏହି ଯେ ଭଲ କଥାଟିଏ କରିବା ଆଜି ତୁଂଭର ଇଚ୍ଛାଧୀନ ହୋଇଅଛି, ଚରିତ୍ର ଗଠନ କରିବାର କାମନା ଥିଲେ, ଏହିଠାରେ ତୁଂଭର ପ୍ରଥମ ଅବକାଶ । ଜାଣିବ ଏହିଠାରେ ବା ଏହିଭଳି କଥାରେ ତୁଂଭର ଚରିତ୍ର ଗଠନର ଆରଂଭ ହେବ । ଇଚ୍ଛାକୁ ଭଲକାର୍ଯରେ ଚଳାଇବାର ସୁବିଧା ଜୀବନରେ ଯେତେବେଳେ ମିଳୁଅଛି, ଯେଡ଼େ କ୍ଷୁଦ୍ର କାର୍ଯରେ ହେଉ ପଛକେ, ତାହା ତୁଂଭେମାନେ ଛାଡ଼ନାହିଁ । ଛାଡ଼ିଲେ ଚରିତ୍ର ଗଢିପାରିବ ନାହିଁ ।

ଇଚ୍ଛା ମନୁଷ୍ୟର ଅନଂତ ମୁଖରେ ବାହାରୁ ଅଛି । ଅନେକ କଥା କରିବାକୁ ତାର ଇଚ୍ଛା ହୁଏ । କିନ୍ତୁ ସବୁ ଇଚ୍ଛା ସେ କାର୍ଯରେ ପରିଣତ କରେ କି ? ନିଜ ଜୀବନକୁ ଥରେ ପରୀକ୍ଷାକରି ଦେଖ । ପ୍ରତି ମୁହୂର୍ତ୍ତରେ ତୁଂଭର କେତେ ଇଚ୍ଛାହୁଏ, ସବୁଇଚ୍ଛା ତୁଂଭେ କଦାପି କାର୍ଯରେ ପରିଣତ କରନାହିଁ । କେତେକଥା ଭାବି, ଭଲମଂଦ ବିଚାରକରି, ଫଳାଫଳ କଳ୍ପନାରେ ତୁଳନାକରି ତୁଂଭେ କେତେ ଇଚ୍ଛା ଜବତ୍ କରିଅଛ । କେତେବେଳେ ହୁଏତ କର୍ମଶୂନ୍ୟ ହୋଇ ପଡ଼ିରହିବାକୁ ଇଚ୍ଛା ହୋଇଅଛି, ପଢା ତିଆରି କରିବାକୁ ହେବ ବୋଲି ଭାବି ତୁଂଭେ ସେ ଇଚ୍ଛାକୁ ସଂଯତ କରିଅଛ । ସଭାକୁ ଯିବାକୁ ତୁଂଭର ଇଚ୍ଛା ହେଉନାହିଁ, କଅଣ ଭାବି ହୁଏତ ତୁଂଭେ ସଭାକୁ ଆସିବାକୁ ଇଚ୍ଛା ପ୍ରବର୍ତାଇ ଅଛ । ତାସ୍ ଖେଳିବାକୁ ହୁଏତ ପ୍ରବୃତ୍ତି କେତେବେଳେ ବଳିଅଛି, କିଂତୁ ଶିକ୍ଷକ ମନାକରିଛଂତି ବୋଲି ହୁଏତ ତୁଂଭେ ତାହା କରିନାହିଁ । କୌଣସି କୌଣସି କଫ ରୋଗରେ ତୁଂଭର ଜଳପାନର ତୀବ୍ର ଇଚ୍ଛା ଜନ୍ମିଅଛି, ମାତ୍ର ଶରୀରର ଆରୋଗ୍ୟ ପ୍ରତି ଲକ୍ଷ୍ୟ ରଖି, ତୁଂଭେ ପ୍ରାଣପଣେ ସେ ଇଚ୍ଛା ଅନ୍ୟ ଦିଗକୁ ଫେରାଇ ଅଛ । ଚାଲିବାକୁ ଇଚ୍ଛା ହେଉନାହିଁ, କାର୍ଯ ଅନୁରୋଧରେ ଚାଲିଅଛ । କହିବାକୁ ଇଚ୍ଛାନାହିଁ, କର୍ତବ୍ୟ ବୋଲି କହିଅଛ । ଏହିପରି ତୁଂଭର ଜ୍ଞାନ ହେଲାଦିନୁ ପଦେ ପଦେ ଇଚ୍ଛାକୁ ସଂଯତ କରିବାହି ତୁଂଭ ଜୀବନର ସମସ୍ତ କ୍ରିୟାରେ ଦେଖାଯିବ । ବରଂ ତୁଂଭ ଜୀବନରେ ଏହାହି ତୁଂଭର ଏକମାତ୍ର କ୍ରିୟା ହୋଇଅଛି କହିଲେ ଚଳେ । ପ୍ରାୟଶଃ ଇଚ୍ଛାର କୌଣସି ବା କୌଣସି ପ୍ରକାର ସଂଯମ ମୂଳରେ ନଥାଇ କର୍ମନାହି । ଏହାହି ତୁଂଭର ଜୀବନ ହୋଇଅଛି ।

ଜୀବନ କେତେଗୁଡ଼ିଏ କର୍ମର ସମଷ୍ଟି ମାତ୍ର । କର୍ମ ପରଂପରା ଛଡ଼ା ଜୀବନରେ ଆଉ କିଛି ନାହି, ବୋଲାଯାଇପାରେ । ବସିବା, ଶୋଇବା, ଚାଲିବା, ପଢ଼ିବା, ଖାଇବା, ହସିବା, କହିବା, ଶୁଣିବା, ଏପରିକି ଚିଂତା କରିବା ମଧ୍ୟ ଗୋଟିଏ ଗୋଟିଏ କ୍ରିୟା । ଏହି ସମସ୍ତ କ୍ରିୟା ପ୍ରବାହ ମଧ୍ୟରେ ଜୀବନ ଚାଲିଅଛି । କିଂତୁ କ୍ରିୟା ତ ବାହାରରେ ଦେଖାଯାଏ । ଏହାର ମୂଳ କେଉଁଠାରେ ? ଟିକିଏ ଆଲୋଚନା କର; ବୁଝିବ, ପ୍ରତ୍ୟେକ କ୍ରିୟାର ମୂଳରେ ଗୋଟିଏ ଇଚ୍ଛାଅଛି । ଆଗମନରେ ଗୋଟିଏ ଇଚ୍ଛା ହୁଏ । ପରେ କ୍ରିୟା ସେହି

Digitized by PPRACHIN, SOA

ଅନୁସାରେ ଦେଖାଦିଏ । ବରଂ ଏପରି କୁହାଯାଇପାରେ ଯେ, ଇଚ୍ଛାଟି ଦୃଢ଼ ଓ ବଳଶାଳୀ ହେଲେ, ତୁଂଭେ ବାଧ୍ୟ ହୋଇ କାର୍ଯ୍ୟକର । ଆହୁରି ଟିକିଏ ଭଲକରି କହିଲେ କୁହାଯିବ, ଇଚ୍ଛାଟି ଦୃଢ଼ ହେଲେ ସେ ନିଜେ ନିଜେ କାର୍ଯ୍ୟରେ ପରିଣତ ହୋଇଯାଏ; ସେହି ଇଚ୍ଛାଟି କାର୍ଯ୍ୟ ରୂପେ ଦେଖାଦିଏ । ଇଚ୍ଛାକୁ କାର୍ଯ୍ୟର ମାନସ ବୀଜ ବୋଲି କୁହାଯାଇପାରେ । ଚାଲିବାର ଆବଶ୍ୟକ— ତୁଂଭେ ପ୍ରଥମେ ମନରେ ଏକଥା ଭାବି ଗୋଡ଼ ଉଠାଇ ପକାଇବାର ଇଚ୍ଛାକଲ । ଗୋଡ଼ କେତେବେଳେ ଅପରିଜ୍ଞାତ ଭାବରେ, ଯେପରିକି ନିଜେ ନିଜେ ଉଠି ପଡ଼ିଗଲା । ଇଚ୍ଛାହିଁ, ଜାଣ, ସମସ୍ତ କ୍ରିୟାର ମୂଳ । ଇଚ୍ଛା ବିନା କ୍ରିୟା ଅସଂଭବ ।

ବାଳକମାନେ, ତୁଂଭମାନଂକ ପକ୍ଷରେ ଏକଥା ବୁଝିବା ଟିକିଏ କଷ୍ଟସାଧ୍ୟ ହୋଇପାରେ । କିଂତୁ ଭାବ ଦେଖି, ତୁଂଭର କୌଣସି କାରଣରୁ କୌଣସି ଗୋଟିଏ କାର୍ଯ୍ୟରେ ଇଚ୍ଛାନାହିଁ । ଭୟରେ ହେଉ, ଭ୍ରାଂତିରେ ହେଉ, ଲାଭରେ ହେଉ ବା ଲୋଭରେ ହେଉ, କିଂବା ଅନ୍ୟର ପ୍ରବର୍ତ୍ତନାରେ ହେଉ, ତୁଂଭେ ସେ କାର୍ଯ୍ୟ କରିବାକୁ ଗଲ । ହୁଏତ କହିଲ ବା ମନେକଲ ''ମୁଁ ଅନିଚ୍ଛାରେ ଏ କାର୍ଯ୍ୟକଲି ।'' କିଂତୁ ଭାବ ଦେଖି, ''ଅନିଚ୍ଛାରେ କଲି'', ଏକଥାର ଅର୍ଥ କଅଣ ? ତୁଂଭର ତ କାର୍ଯ୍ୟଟି କରିବାକୁ ଇଚ୍ଛା ନଥିଲା, ତୁଂଭେ କରିବାରେ ପ୍ରବର୍ତ୍ତିଲ କିପରି ? ଇଚ୍ଛା ନଥିଲା, ନୁହେ । ତୁଂଭେ ବରଂ କହିପାର ''ଅନିଚ୍ଛାସତ୍ତ୍ୱେ'' ତୁଂଭେ କାର୍ଯ୍ୟଟିରେ ପ୍ରବର୍ତ୍ତିଲ । ତାହାର ଅର୍ଥ, ପ୍ରଥମେ ତୁଂଭର ଇଚ୍ଛା ନଥିଲା, ପରେ କୌଣସି କାରଣରୁ କାର୍ଯ୍ୟଟି କରିବାକୁ ତୁଂଭେ ଇଚ୍ଛା କରିଅଛ । ଭାବିଦେଖ, ବାସ୍ତବିକ ଠିକ କାର୍ଯ୍ୟଟି କରିବା ବେଳକୁ ତୁଂଭର କୌଣସି ପ୍ରକାରେ ଇଚ୍ଛା ସେଆଡ଼କୁ ହୋଇନଥିଲା କି ? ଇଚ୍ଛା ନଥାଇ କାର୍ଯ୍ୟଟି କରିଛ କି ? କାର୍ଯ୍ୟଟି କରିବାକୁ ଇଚ୍ଛାର ଉଦ୍ରେକ ଆଦୌ ହୋଇ ନଥିଲେ, ତୁଂଭେ କାର୍ଯ୍ୟ କରିବାକୁ କେବେ ପ୍ରବର୍ତ୍ତି ଥାଆଂତ କି ? ଠିକ୍ ଆଲୋଚନା କରି ଦେଖ, ବୁଝିବ, ଭୟରେ ହେଉ, ଶ୍ରଦ୍ଧାରେ ହେଉ, ଲୋଭରେ ହେଉ ବା ପ୍ରବର୍ତ୍ତନାରେ ହେଉ, ତୁଂଭେ ପ୍ରଥମେ ମନ ମଧ୍ୟରେ ଇଚ୍ଛାକୁ ସେହି କାର୍ଯ୍ୟ ଆଡ଼କୁ ଫେରାଇ ଅଛ ଏବଂ ତତ୍ପରେ କାର୍ଯ୍ୟ ହୋଇଅଛି । ଇଚ୍ଛାଟି ସେହି ଆଡ଼କୁ କରି ନଥିଲେ କାର୍ଯ୍ୟଟି କରିପାରି ନଥାଂତ ।

ଏଠାରେ ଗୋଟିଏ କଥା ତୁଂଭମାନଂକ ମନରେ ହୋଇପାରେ । କାର୍ଯ୍ୟ ତ କେବଳ ମନୁଷ୍ୟ ଏକା କରେନାହି ? ପଶୁପକ୍ଷୀ ପ୍ରଭୃତି ସମସ୍ତ ପ୍ରାଣୀ ସର୍ବଦା କାର୍ଯ୍ୟ କରୁଅଛଂତି । ଟିକିଏ ବୈଜ୍ଞାନିକ ଦୃଷ୍ଟିରେ ଦେଖିଲେ, ଜଣାଯିବ, ବୃକ୍ଷଲତାଦି ସ୍ଥାବର ଜୀବମାନଂକର ଜୀବନ ମଧ୍ୟ ଆଂଭମାନଂକ ଜୀବନ ପରି ଗୋଟିଏ ଗୋଟିଏ କର୍ମ ପରଂପରା । ତେବେ ସେମାନେ କଅଣ ସମସ୍ତେ ଆଂଭରି ପରି ଇଚ୍ଛାର ଅଧୀନ ହୋଇ କାର୍ଯ୍ୟ କରଂତି ? ଏ ପ୍ରଶ୍ନର ଅବଶ୍ୟ ସଂତୋଷଜନକ ଉତ୍ତର ନାହିଁ । ପଶୁପକ୍ଷୀ ପ୍ରଭୃତି ଇତର ଜଂତୁମାନଂକର ମନର ଗତି, କ୍ରିୟାର ମୂଳ, ଜାଣିବାର ଅଧିକାର ମନୁଷ୍ୟର ଅଛି ବୋଲି

Digitized by PPRACHIN, SOA

କୁହାଯାଇନପାରେ । ଆଂଭେମାନେ ନିଜ ଅନୁସାରେ ଅପର ମନୁଷ୍ୟର କ୍ରିୟାମାନ, ମନର ଗତି ଓ ହୃଦୟର ଭାବ ପ୍ରଭୃତି ଆଲୋଚନା କରିଯାଉଁ ଏବଂ ସେହି ମାନଦଂଡ଼ ଘେନି ଇତର ଜଂତୁମାନଂକ ମନ ବିଷୟରେ କେତେକ କଥା ଅନୁମାନ କରୁ । ମାତ୍ର ସେହି ଅନୁମାନରେ ଯେତିକି ଜଣାପଡ଼ିବ ସେତିକିରୁ ମୁଁ ଏଠାରେ କିଂଚିତ୍ ଆଭାସ ଦେବି ।

ଇତର ଜଂତୁମାନେ କାର୍ଯ କରଂତି । ଇଚ୍ଛା ବିନା କ୍ରିୟା ନାହିଁ । କାର୍ଯ କରିବା ପୂର୍ବରୁ ତାଂକ ଭିତରେ ଇଚ୍ଛାର ଉଦ୍ରେକ ହେଉଥିବ । ଇଚ୍ଛାହୁଏ, ତପ୍ରେ ସେମାନେ କାର୍ଯ କରଂତି, କିନ୍ତୁ ସେ ଇଚ୍ଛାକୁ ନିଜେ ନିଜେ ଚଳାଇବାର ଅଧିକାର ସେମାନଂକର ନଥାଏ । ଯାହା ଯେତେବେଳେ ଇଚ୍ଛା ହେବାର ତାହା ସଂଭବତଃ ସେମାନଂକ ପାଇଁ ଭଗବାନ ନିର୍ଦ୍ଦେଶକରି ରଖିଅଛଂତି । ସର୍ଗତଂତ୍ରର ବିଚିତ୍ର ବିଧାନରେ ବାଧ ହୋଇ ଯେପରିକି ସବୁ ସେମାନେ କରୁଅଛଂତି । ବିଧାତା ସବୁ କାର୍ଯରେ ଯେପରିକି ତାଂକ ପଂଥା ନିର୍ଦ୍ଦେଶ କରି ରଖିଅଛଂତି । କାହିଁକି ସେମାନେ ଜାଣଂତି ନାହି, ଇଚ୍ଛା ଜନ୍ମେ । ଇଚ୍ଛା ଜନ୍ମିଲେ ତାହା ନିଜେ ନିଜେ କାର୍ଯରେ ପରିଣତ ହୁଏ । ସେମାନେ ବିଧାତାଂକର କଳ ପରି, ଆଂଭେ କଳରେ ଚକ ଚଳାଇ ଦେଉ, କଳ ଚାଲେ, ବିଧାତା ସେମାନଂକର ଇଚ୍ଛା ଚଳାଇ ଦିଅଂତି, ସେମାନେ କାର୍ଯ କରଂତି । କ୍ଷୁଧା ହୁଏ, ଖାଇବା ଇଚ୍ଛା ହୁଏ, ଖାଦ୍ୟ ଅନ୍ୱେଷଣ କରିବାର ପ୍ରବୃତ୍ତି ହୁଏ । ସେମାନେ ତାହା କାର୍ଯରେ କରଂତି । ପେଟ ପୂରିଗଲେ, ବିଶ୍ରାମ କରଂତି । ଡିଂବ ଦେବାର ସମୟ ହେଲେ, ସେମାନେ ପ୍ରକୃତି ନିୟମରେ ଯେପରିକି ବସା ତିଆରି କରିବା ପାଇଁ, କୁଟା କାଠି ଖୋଜି ବୁଲଂତି । କୋକିଳର ଡିଂବ ଦେବା ସମୟ ହେଲେ, ସେ ସେହି ସର୍ଗତଂତ୍ରର ନିତ୍ୟନିୟମରେ ଚାଳିତ ହୋଇ ଲୁଚିକରି କୁଆ ବସାରେ ଡିଂବ ରଖି ଦେଇ ଆସେ । ଇତ୍ୟାଦି ।

ମାତ୍ର ଯେ କାରଣରୁ ହେଉ ସେମାନଂକର ପ୍ରଥମେ ଇଚ୍ଛାର ଉଦ୍ରେକ ହୁଏ । ପରେ କାର୍ଯ ହୁଏ । ଗାଈ ଆଂଭର ଫସଲ ଖାଇବାକୁ ଆସୁଅଛି । ଭୟ ଦେଖାଇ ଦେଲେ ସେ ପଳାଇଯାଏ । ତାହାର ଇଚ୍ଛା ହୋଇଥିଲା । ଭୟରେ ତାହା ବଦଳିଗଲା । ଏହିପରି ବାହାରରୁ କୌଣସି ସାକ୍ଷାତ୍ ବାଧା ନପାଇଲେ ସେମାନଂକର ଇଚ୍ଛା ବଦଳେ ନାଇ । ନିଜେ ଭୂତ ଭବିଷ୍ୟତ୍ ଓ ଫଳାଫଳ ଆଲୋଚନା କରି ସେମାନେ ଇଚ୍ଛା ବଦଳାଇ ପାରଂତି ନାହିଁ । ସେ ବଳ ବା ଅଧିକାର ସେମାନଂକର ନାହି । ସେଥିପାଇଁ, ସୃଷ୍ଟିର ଆଦ୍ୟକାଳରୁ ଏପର୍ଯଂତ ସେମାନଂକର ଜୀବନ କ୍ରିୟା ପରଂପରାରେ କୌଣସି ବିଶେଷ ପରିବର୍ତନ ଦେଖାଯାଇନାହିଁ । ଜୀବନର କୌଣସି କାର୍ଯରେ ସେମାନଙ୍କର ପୁରୋଦୃଷ୍ଟି ମଧ୍ୟ ନାହିଁ । ଘାସ ଦେଖିଲେ, ଛେଳିର ଖାଇବାକୁ ଇଚ୍ଛା ହୁଏ । ଲୋକେ ସେହି ଘାସ ଦେଖାଇ ଛେଳିକୁ ହାଣିବାକୁ ନେଇ ଯାଆଂତି । ଘାସ ଦେଖି ଲୋଭରେ ଲୋକଟିର ଅନୁସରଣ କଲାବେଳେ ଛେଳି ବିଚାରିପାରେ ନାହି ଯେ ହଣା ହେବାହିଁ ଫଳ ହେବ ।

Digitized by PPRACHIN, SOA

ତେବେ ବୁଝିଲ, ଇତର ଜଂତୁମାନଂକର ହୁଏତ ଇଚ୍ଛା ଶକ୍ତି ଅଛି କିଂତୁ ପୂର୍ବାପର ବିଚାରରେ ବା ପୁରୋଦୃଷ୍ଟି ବଳରେ ସେହି ଇଚ୍ଛାକୁ ସଂଯତ କରିବାର ଅଧିକାର ନାହିଁ। ମନୁଷ୍ୟର ସେହି ଅଧିକାର ହି ବିଶେଷ। ଜାଣିଥିବ, ପୂର୍ବ ବିଚାର ବା ପୁରୋଦୃଷ୍ଟି ବଳରେ ନିଜର ଇଚ୍ଛା ତଥା କ୍ରିୟାକୁ ଯେ ଯେତିକି ସଂଯତ କରିପାରେ, ସେ ସେତିକି ପ୍ରକୃତରେ ମନୁଷ୍ୟ ପଦବାଚ୍ୟ; ତାହାର ଚରିତ୍ର ସେତିକି ଦୃଢ଼ ଓ ଉନ୍ନତ। ଚରିତ୍ର କଥାଟି ଅନେକ ଦିନୁ ଶୁଣିଥିଲ। "ଚରିତ୍ର ଭଲ କରିବାକୁ ହେବ", "ଚରିତ୍ର ମାନବର ସର୍ବସ୍ୱ", "ଚରିତ୍ର ନଥିଲେ ଜୀବନର ମୂଲ୍ୟ ନାହିଁ," ପ୍ରଭୃତି ଉପଦେଶ ସମସ୍ତେ ଶୁଣିଛ। ମାତ୍ର ସେ ଚରିତ୍ର କି ବସ୍ତୁ। ମାନବ ଜୀବନରେ ତାହାର ପ୍ରକୃତି ପ୍ରକ୍ରିୟା କିପରି ଲକ୍ଷ୍ୟ କରାଯିବ ? ଅନେକ ଏ ସବୁ ସ୍ପଷ୍ଟତଃ ଜାଣି ନଥିବେ। ମୋଟାମୋଟି ଅଳ୍ପ କଥାରେ ମନେରଖ, ସୁସଂଯତ ଇଚ୍ଛା ଶକ୍ତିହିଁ ଚରିତ୍ର।

ଯାହାର ଆଭ୍ୟଂତରୀଣ ଇଚ୍ଛାଶକ୍ତି ବା କର୍ମ ପ୍ରୟାସ ଯେ ପରିମାଣରେ ସୁସଂଯତ ସେ ସେହି ପରିମାଣରେ ଚରିତ୍ରବାନ୍। ମଂଦ କାର୍ଯ୍ୟରୁ ନିବର୍ତ୍ତାଇ ଇଚ୍ଛାକୁ ଭଲ କାର୍ଯ୍ୟରେ ପ୍ରବର୍ତ୍ତାଇବାର ଚେଷ୍ଟା ଚରିତ୍ର ଗଠନର ମୂଳ ମଂତ୍ର। ସେଥିପାଇଁ କହୁଥିଲି, ଆଜି ଯେ ସଭାକୁ ଆସିବା ନ ଆସିବା ତୁଂଭର ଇଚ୍ଛାଧୀନ ହୋଇଅଛି, ଏହି ସ୍ୱାଧୀନ ଇଚ୍ଛାର ସୁସଂଯମ ଓ ସୁପରିଚାଳନାରେ ତୁଂଭେ ଚରିତ୍ର ଗଠନର ଶ୍ରେଷ୍ଠ ଦୀକ୍ଷା ପାଇବ। ଯେବେ ସଭାକୁ ଆସିବା ତୁଂଭ ଜୀବନ ପକ୍ଷରେ ଭଲ ନୁହେ ବୋଲି ଭାବ, ଯେବେ ଏଠାକୁ ଆସିଲେ ତୁଂଭର କିଛି ଲାଭ ହେବ ନାହି, ଜୀବନ ଉନ୍ନତିରେ କିଛି ସାହାଯ୍ୟ ମିଳିବ ନାହି ବୋଲି ସ୍ଥିରକର, ତେବେ ସଭାକୁ ନ ଆସ। ପକ୍ଷାଂତରେ ଯେବେ ସଭାକୁ ଆସିବା ସର୍ବତୋଭାବରେ ତୁଂଭର ଉଚିତ ବୋଲି ତୁଂଭେ ମନେ କରୁଅଛ, ଅଥଚ ଆଳସ୍ୟ ଅମନୋଯୋଗିତା ବା ଦୁରାଗ୍ରହ ବଶରୁ ସଭାକୁ ଆସିବାକୁ ତୁଂଭର ଇଚ୍ଛା ହେଉନାହି, ତେବେ ବଦ୍ଧପରିକର ହୋଇ ଆଳସ୍ୟ ଜନିତ ସେ ଅସଦିଚ୍ଛାକୁ ସଂଯତ କର, ସଭାକୁ ଆସିବା ଦିଗକୁ ତୁଂଭର ଇଚ୍ଛା ବଳାଅ। ଇଚ୍ଛାର ଏହି ସଂଯମ ଅଭ୍ୟାସ କରିବାରେ ତୁଂଭର ଚରିତ୍ର ଦୃଢ ସବଳ ଓ ଉନ୍ନତ ହୋଇଉଠିବ। ଥରେ ଇଚ୍ଛାକୁ ସୁସଂଯତ କରିବାକୁ ବଦ୍ଧପରିକର ହେଲେ, ଦୃଢତାର ସହିତ ତାକୁ ସୁମାର୍ଗରେ ଚଳାଇବାକୁ ଶିଖିଲେ, ଅଭ୍ୟାସରେ କ୍ରମେ ଏ ସଂଯମ ତୁଂଭ ପକ୍ଷରେ ସୁଗମ ଓ ସୁକର ହେବ। ତୁଂଭର ଆଳସ୍ୟ ଓ ଦୁରାଗ୍ରହ ଅପସାରିତ ହେବ। କାଳରେ ତୁଂଭେ କୌଣସି ଅତି ଦୁଷ୍କର କର୍ତ୍ତବ୍ୟ ସାଧନରେ ମଧ ପରାଙ୍ମୁଖ ହେବ ନାହି। କର୍ତ୍ତବ୍ୟ ସାଧନାରେ ଏହି ନିଷ୍ଠା ଓ ଐକାଂତିକତାହି ଚରିତ୍ରର ଏକମାତ୍ର ଲକ୍ଷଣ। ଏଥିରେ ହି ମାନବର ପ୍ରକୃତ ମାନବତ୍ୱ। ଇଚ୍ଛାର ବିହିତ ସଂଯମ ନିମଂତେ ଏହି ଯେ ଉଦ୍ୟମ ଓ ପ୍ରାଣପଣ ଯତ୍ନ ତାହାହି ଚରିତ୍ର ଗଠନର ସାଧନା। ଏ ସାଧନାରେ ଥରେ ସିଦ୍ଧି ଲଭି ପାରିଲେ, ଏ ଅଭ୍ୟାସ ସ୍ୱଭାବରେ

Digitized by PPRACHIN, SOA

ପରିଣତ ହେଲେ, କର୍ତ୍ତବ୍ୟହି ମାନବର ସହଜ ଧର୍ମ ପରି ହୋଇଯାଏ । ସଂଯମରେ ଆଗ୍ରହ, ଆତ୍ମପ୍ରସାଦ ଆସେ; ଚରିତ୍ର ପୂର୍ଣ୍ଣ ବିକାଶ ପାଏ ।

ଇଚ୍ଛାର ସଂଯମ ମାନବର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟର ସାଧନାରେ ଚରିତ୍ର ଗଠିତ ହୁଏ । ଏକଥା ତ ଶୁଣିଲ । କିଂତୁ ଇଚ୍ଛାର କିପରି ସଂଯମ କରିବ ? କାହିଁକି ବା ତାହା କରିବ ? ଏକଥା ହୁଏତ ଅନେକେ ବୁଝିନାହିଁ । ଟିକିଏ ବୁଝାଇ କହିଦେବା ପ୍ରୟୋଜନ । ସଂଯମର ଗୋଟିଏ ମାନ ରହିବା ଉଚିତ । କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ହେବା ବିଧେୟ । ତାହା ନହେଲେ ସ୍ୱାଧୀନ ମାନବର ଇଚ୍ଛା ତଥା କ୍ରିୟାରାଶି ଉଦ୍ଦାମ ଓ ବିଶୃଙ୍ଖଳ ହେବ । ସଂଯମର ସେ ମାନ, କର୍ତ୍ତବ୍ୟର ସେ ନିର୍ଦ୍ଦିଷ୍ଟତା ତେବେ କାହିଁରେ ? ଇତର ପ୍ରାଣୀମାନଂକ ମଧ୍ୟରେ କିଂଚିତ୍ ଇଚ୍ଛାର ଆପାତସଂଯମ ଦେଖାଯାଏ । ଏହା ଶୁଣିଅଛ, ଏବଂ ବୋଧହୁଏ ବୁଝିଅଛ, କୌଣସି ଭୟର କାରଣ ସ୍ପଷ୍ଟ ଉପସ୍ଥିତ ହେଲେ, ସେମାନେ ସେହି ମୁହୂର୍ତ୍ତପାଇଁ ଇଚ୍ଛାର ଗତି ଫେରାଇ ଥାଆଂତି । ବାଡ଼ି ଦେଖାଇ ଦେଲେ ବିରାଡ଼ି ଦୁଧ ପିଏନାହିଁ । ଟେକା ପକାଇଦେଲେ ମାଂକଡ଼ ଫଳ ଖାଇବା ଛାଡ଼ି ପଳାଇ ଯାଏ । ଏମଂତକି ବୃକ୍ଷରାଜ୍ୟରେ ମଧ୍ୟ, ଗଛକୁ ଅଂଧାରରେ ରଖିଦେଲେ, ତାହା ଆଲୁଅ ଆଡ଼କୁ ଡାଳ ମେଲାଇ ଦିଏ । ଖତ ଯେଉଁଠାରେ ଥାଏ ଚେର ସେହି ଆଡ଼କୁ ସ୍ୱତଃ ଲଂବିଯାଏ । ଆଂଭେମାନେ ଯେତେଦୂର କହିପାରୁ, ଏସବୁ ବିଧାତାଂକର ନିତ୍ୟ ନିୟମର ହୁଏ । ତଥାପି ଏଠାରେ ମଧ୍ୟ ଇଚ୍ଛା ସଂଯମର ଗୋଟିଏ ନୀତି ଅନୁସଂଧାନ କରାଯାଇ ପାରିବ । କ୍ଳେଶ ବା ମରଣର ଭୟ ଏଡ଼ିବା ପାଇଁ ସେମାନେ ଇଚ୍ଛା ଫେରାଇ ଦିଅଂତି । ଜୀବନର ଶ୍ରୀବୃଦ୍ଧି ଅର୍ଥାତ୍ ବଂଚି ରହିବାର ବାସନା ସେମାନଂକର ଯେପରିକି ଜୀବ ଲୀଳାର ଉପେୟ; ବଂଚିରହିବାର ଉଦ୍ଦେଶ୍ୟ । ସେହି ଉପେୟ ଲାଭ ପଂଥାରେ ବାଧା ଘଟିଲେ ସେମାନେ କର୍ମର ଗତି ଫେରାଇ ଦିଅଂତି । ମୁହୂର୍ତ୍ତକ ପାଇଁ ସେମାନେ ଗତି ଫେରାଇ ଦିଅଂତି ସତ, କିଂତୁ ତାହାଂକର ସ୍ଥାୟୀ ହୁଏନାହିଁ । ସେମାନଂକର ଜ୍ଞାନ ମାତ୍ର ଥାଇପାରେ, ଚିଂତା କରି, ବିଚାର କରି କାର୍ଯ୍ୟ କରିବାକୁ ଶକ୍ତି ନାହିଁ । ଯେଉଁ ଭୟରେ ସେମାନେ କ୍ରିୟାରେ ଗତି ଫେରାଂତି, ତାହା କେବଳ ଭୌତିକ ଭୟ । ମାଡ଼ ଖାଇବାର ଭୟ, ବା ମରିଯିବାର ଭୟ ।

ମନୁଷ୍ୟ ପଦେ ପଦେ କ୍ରିୟାର ଗତି ଫେରାଉଅଛି । କିଂତୁ ସେ ଫେରାଇବାରେ ଟିକିଏ ବିଶେଷତ୍ୱ ଅଛି । ଇଚ୍ଛାର ସଂଯମରେ ଅଛି । ଇଚ୍ଛାର ସଂଯମରେ ସେ ନିଜକୁ ଗଢୁଅଛି । ସେ ସବୁଥିରେ ତାହାର ମଧ୍ୟ ଗୋଟିଏ ଉପେୟ ବା ଆଦର୍ଶ ଅଛି । ସେହି ଆଦର୍ଶ କଷଟିରେ ମାପି ସେ ତାହାର କ୍ରିୟା ପଂଥା ସ୍ଥିର କରୁଅଛି । ଏଠାରେ ମଧ୍ୟ ସୂକ୍ଷ୍ମ ପରୀକ୍ଷା କଲେ ଦେଖାଯିବ ସେହି ଭୟହି ଇଚ୍ଛା ସଂଯମର ହେତୁ । ଗୋଟିଏ କାର୍ଯ୍ୟ କରିବାକୁ ହଠାତ୍ ଇଚ୍ଛାହେଲା । ସଂଗେ ସଂଗେ ଅଜ୍ଞାତ ଭାବରେ ଆଂଭେମାନେ ଜୀବନର

Digitized by PPRACHIN, SOA

ଆଦର୍ଶପ୍ରତି ଦୃଷ୍ଟି ଦେଉଁ । ଯେଉଁ ଉପସ୍ଥିତ ଈପ୍ସିତ କାର୍ଯ୍ୟଟିରେ ଆଂଭେମାନେ ଜୀବନ ଆଦର୍ଶରୁ ବ୍ୟତିକ୍ରାଂତ ହେବାର ଆଶଂକା ଦେଖୁ, ତେବେ ସେ କାର୍ଯ୍ୟରୁ ଇଚ୍ଛାକୁ ଫେରାଇ ଆଣୁ । ସେତେବେଳେ ଆଂଭର ସେହି ଭୟ ହୁଏ ସତ, ଏ ଭୟ ସର୍ବଦା ଠିକ୍ ମରଣର ଭୟ ନୁହେ । ଏହାକୁ ବରଂ ନୈତିକ ମରଣର ଭୟ ବୋଲି କୁହାଯାଇପାରେ । କାର୍ଯ୍ୟଟି କରି ଉଦ୍ଦେଶ୍ୟରୁ ଭ୍ରଷ୍ଟ ହେଲେ ଆଂଭେ ବିଚାରୁ, ଜୀବନ ଲକ୍ଷ୍ୟପଥ ଛୁଡ଼ି ବିପଥକୁ ଯିବ ଏବଂ ନଷ୍ଟ ହୋଇଯିବ । ଅର୍ଥାତ୍ ଆଂଭେ ଯେଉଁ ଜୀବନ ଲାଭ କରିବୁ ବୋଲି ବିଚାରିଛୁ, ସେ ଜୀବନ ପାଇବୁ ନାହି । ଏହି ଈପ୍ସିତ ଜୀବନ ନାଶ ଭୟ ସବୁବେଳେ ଆଂଭର ଇଚ୍ଛା ସଂଯମର ମାପକାଠି । ଏହି ମାନଦଂଡ଼ରେ ମାପି ସବୁବେଳେ ଆଂଭେମାନେ ଜୀବନର କ୍ରିୟା ବିଧାନ କରୁଅଛୁ । ସ୍ଥୂଳତଃ ଈପ୍ସିତ ଜୀବନର ଶ୍ରୀବୃଦ୍ଧି ସାଧନ କରିବାହି ଆଂଭମାନଙ୍କର ଉଦ୍ଦେଶ୍ୟ । ସେହି ଉଦ୍ଦେଶ୍ୟ ଘେନି ଆଂଭେମାନେ ନିରବଚ୍ଛିନ୍ନ କର୍ମ ପରଂପରାରେ ଜୀବନ ଚଳାଉଅଛୁ । ଆଗରେ ଯେପରିକି ଗୋଟିଏ ଆଦର୍ଶ ଅଛି । ଆଂଭେମାନେ ବିଚାରୁଛୁ, ଆଂଭେ ଜୀବନରେ ଏହା ହେବୁଁ ବା ପାଇବୁଁ । ଏବଂ ସେହି ଆଦର୍ଶ ଲଭିବାକୁ ହି ଜୀବନର ସମସ୍ତ କାର୍ଯ୍ୟ ଲକ୍ଷ୍ୟ କରୁଅଛି । ଜୀବନର ସମସ୍ତ କ୍ରିୟା ଓ ଇଚ୍ଛା ସଂଯମର ଲକ୍ଷ୍ୟ ସ୍ୱରୂପ ସେହି ଆଦର୍ଶ ତେବେ କଅଣ ?

ବିଧାତାଂକ ନିର୍ଦ୍ଦିଷ୍ଟ ବିଧାନରେ ଜୀବନହି ଜୀବନର ଆଦର୍ଶ । ବଂଚି ରହିବାଟି ପ୍ରାଣିମାତ୍ରର ଚରମ ଲକ୍ଷ୍ୟ । ପକ୍ଷାଂତରେ ମରଣ ଜୀବନର ହେୟ ଓ ପରିତ୍ୟାଜ୍ୟ । ପ୍ରାଣ ମରଣ ଇଚ୍ଛା କରେନାହି । ମରଣହି ତାହାର ମୁଖ୍ୟତଃ ଓ ସ୍ଥୂଳତଃ ସମସ୍ତ ଭୟର ହେତୁ । ସେହି ମରଣ ଏଡ଼ିବା ପାଇଁ, ତଥା ବଂଚି ରହିବାର ସୁବିଧା ପାଇଁ, ପ୍ରାଣୀ ସବୁବେଳେ ନିଜର ନିତ୍ୟ ନିୟତ କ୍ରିୟା ବିଧାନ କରୁଅଛି । ଜୀବନ ଓ ମରଣ ସଂଗେ ସୁଖ ଓ ଦୁଃଖର ନିତ୍ୟ ସଂବଂଧ । ପ୍ରାଣୀର ଜୀବନ ସୁଖ ଓ ମରଣ ଦୁଃଖ । ସୁଖ ପାଇଲେ ମନେହୁଏ ଜୀବନର ଅଭିବୃଦ୍ଧି ହେଉଅଛି । ଦୁଃଖ ପାଇଲେ ମନେହୁଏ ଜୀବନ ନାଶ ପାଉଅଛି । ସେଥିପାଇଁ ସୁଖହି ଜୀବନର ନିକଟତମ ଉପେୟ । ସମସ୍ତେ ସୁଖ ପାଇବାକୁ ଇଚ୍ଛା କରଂତି । ତେଣୁ ସୁଖ ପାଇବା ପଂଥାରେ ବ୍ୟାଘାତ ହେଲେ କାର୍ଯ୍ୟରୁ ଇଚ୍ଛା ଫେରାଇବାର ଆପାତ ପ୍ରବୃତ୍ତି ମାନବ ମନରେ ହଠାତ୍ ଜାଗିଉଠେ । କର୍ମହୀନ ହୋଇ ବସି ରହିବାକୁ ସୁଖଲାଗେ, ତେଣୁ ଅଳସୁଆ ହେବା ସହଜ ଇଚ୍ଛା । ସେଥିରୁ ଇଚ୍ଛା ଫେରାଇବାକୁ ସାଧନ ଆବଶ୍ୟକ ହୁଏ ।

ଏହି ଆପାତସୁଖ ଦୁଃଖରୂପ ମାପକାଠିରେ ବିଧାତାଂକ ଜୀବରାଜ୍ୟ ଚଳୁଅଛି । ଜୀବମାତ୍ରେ ସୁଖ ଖୋଜୁଅଛଂତି । ସୁଖପାଇଁ କର୍ମ କରଂତି । ଦୁଃଖ ହେଲେ ତାହାର ନିବୃତ୍ତି ପାଇଁ ବ୍ୟାକୁଳ ହୁଅଂତି । ଏବଂ ସେହି ବ୍ୟାକୁଳତାରେ କ୍ରିୟା ବିଧାନ କରଂତି । କ୍ଷୁଧା ଗୋଟିଏ ଦୁଃଖ । ତାହାର ନିବାରଣ ପାଇଁ ଜୀବମାତ୍ର ଆହାର ଅନ୍ୱେଷଣ କରି

Digitized by PPRACHIN, SOA

ବୁଲଂତି । ଅତି ଶ୍ରମରେ ଶ୍ରାଂତି ହୁଏ । ସେହି ଶ୍ରାଂତି ଏକ ଦୁଃଖ । ତାହାର ନିବାରଣ ପାଇଁ ଜୀବ ବିଶ୍ରାମ ଲୋଡ଼େ ଓ ଶୁଏ । ଏହିପରି ଦୈନଂଦିନ କ୍ରିୟାରେ ଏହି ସାଧାରଣ ବା ସହଜ ଚରିତ୍ର ଦେଖାଯାଏ । ଏହି ସହଜ ଚରିତ୍ର ହିସାବରେ ଦେଖିଲେ ମାନବ ଇତର ଜଂତୁ ସଂଗେ ସମାନ । ମାନବ ଯେତେ କାର୍ଯ କରେ ସବୁଥିରେ ତାହାର ଏହି ଉଦ୍ଦେଶ୍ୟ ଦେଖାଯାଏ ।

ଉଦ୍ଦେଶ୍ୟହୀନ ହୋଇ କେହି କର୍ମକରି ପାରଂତି ନାହି । ଭଗବାନ୍ ତାହା କରିନାହାଂତି । ମାନବ ମଧ ତାହା କୌଣସି ପ୍ରକାରେ ପାରେନାହି । ଭଲ ହେଉ ମଂଦ ହେଉ, ନୀଚ ହେଉ ଉଚ୍ଚ ହେଉ, ଗର୍ହିତ ହେଉ ବା ଗୌରବମୟ ହେଉ, ସବୁ କାର୍ଯରେ ତାହାର ଉଦ୍ଦେଶ୍ୟ ଅଛି । ଯେତେବେଳେ ସେ ଚୋରି କରେ, ଯେତେବେଳେ ମଦ୍ୟପାନ କରେ, କିଂବା ଅନ୍ୟ କୌଣସି ସେହିପରି କୁତ୍ସିତ କ୍ରିୟାର ଅନୁଷ୍ଠାନ କରିବାକୁ ଯାଏ, ସର୍ବଦା ସେ ତାହାର ଗୋଟିଏ ଲକ୍ଷ୍ୟ ସାଧନ କରେ । ଗୋଟିଏ ଉଦ୍ଦେଶ୍ୟର ଅନୁସରଣ କରେ । ଚୋରିକରିବାକୁ ଯିବା ପୂର୍ବରୁ ସେ ଯୁକ୍ତିକରେ– 'ଏହିପରି କଲେ ମୁଁ ବଂଚିବି, ସୁଖରେ ରହିବି, ଲାଭବାନ ହେବି, କୁଟୁଂବ ପୋଷିବି, ବା ଧନୀ ହେବି'– ଇତ୍ୟାଦି ଏହିଭଳି ଯୁକ୍ତିକରି ବିବେଚନାରେ କ୍ରିୟାଟିକୁ ଉଦ୍ଦେଶ୍ୟର ଅନୁକୂଳ ବୋଲି ସ୍ଥିରକରେ । ତତ୍‌ପରେ କାର୍ଯରେ ପ୍ରବୃତ୍ତି ହୁଏ । ଉଚିତ ବୋଲି ଅଂତତଃ ଆପାତତଃ ବିଚାର ନକଲେ ମାନବ କୌଣସି କାର୍ଯ କରିପାରିବ ନାହି । ତୁଂଭେ ଭଲା ମନେକର, ନିଜ ନିଜ ଜୀବନରେ କେତେ କାର୍ଯ କରିସାରି ପରେ ପରିତପ୍ତ ହୋଇଅଛ । ପରେ ପରିତପ୍ତ ହୋଇଅଛ ସତ, କିଂତୁ କାର୍ଯଟି କଲାବେଳେ ଅନୁଚିତ ବୋଲି ବିଚାରିଥିଲ କି ? ବିଚାରି ଥିଲେ କରିପାରିଥାଂତ କି ? ଭଲକରି ଭାବି ଦେଖ, ହୁଏତ ପ୍ରଥମେ କର୍ମଟି ପାଇଁ ଇଚ୍ଛା ହେଲାବେଳେ, କାର୍ଯଟି ଅନୁଚିତ ବୋଲି ମନେ ପଡ଼ିଛି । ନିବୃତ୍ତ ହେବାପାଇଁ ମନ ବଳିଛି, କିଂତୁ ପ୍ରଲୋଭନ ବା ପ୍ରବର୍ତ୍ତନାଦିରେ ସେଥିପ୍ରତି ତୁଂଭର ସ୍ପୃହାହେଲା ବେଳକୁ, ଅଂତତଃ ସେହି ମୁହୂର୍ତ୍ତ ପାଇଁ ତୁଂଭେ ତାକୁ ଉଚିତ ବୋଲି ସ୍ଥିରକରି ସାରିଅଛ । କାଲିକି ପାଠ ତିଆରି କରିବାକୁ ହେବ । କରିବା ଉଚିତ, ତୁଂଭର ହୁଏତ ପ୍ରବୃତ୍ତି ହେଉନାହି । ଅଲକ୍ଷିତ ଭାବରେ ମନରେ ହୁଏ– "ଆଚ୍ଛା ବର୍ତ୍ତମାନ ଶୋଇବାକୁ ଇଚ୍ଛା ହେଉଛି; ଶରୀର ଶ୍ରମ ପରେ ବିଶ୍ରାମ ଚାହୁଁଚି; ଏତେବେଳେ ବିଶ୍ରାମ ନକଲେ ହୁଏତ ଶରୀର ଅସୁସ୍ଥ ହେବ; ସାମାନ୍ୟ ପଢାପାଇଁ ସ୍ୱାସ୍ଥ୍ୟ ନଷ୍ଟ କରିବି ? ଟିକିଏ ଶୋଇ ପଡ଼ିଲେ ହୁଏତ ପୁଣି ଉଠିଲା ବେଳକୁ ମନ ସ୍ୱଚ୍ଛ ଓ ଥଂଡ଼ା ହୋଇଯିବ; ଅଳ୍ପ ସମୟରେ ବେଶୀ ପଢା ହେବ" ଇତ୍ୟାଦି ଯୁକ୍ତିକରି ଶୋଇବା ଉଚିତ ବୋଲି ସ୍ଥିର କର ଏବଂ ଶୋଇପଡ଼ । ବେଳେବେଳେ ଶୋଇକରି ପଢିବ ବୋଲି ବିଚାରି ଅଯଥା ଅସମୟରେ ବିଶ୍ରାମ ନାମରେ ଆଳସ୍ୟର ପ୍ରଶ୍ରୟ ଦିଅ । ଫଳରେ ଶୋଇପଡ଼– ପଢା ହୁଏ ନାହି । ଭାଂଗ ଖାଇବା ଉଚିତ ନୁହେ । ଆଜି ଗୋଟିଏ

Digitized by PPRACHIN, SOA

ପର୍ବଦିନ, କେହି ଟିକିଏ ଖାଇବାକୁ ପ୍ରବର୍ତ୍ତାଇଲା । ପ୍ରଥମରୁ ମନ ହେଲାନାହି । ହଠାତ୍ କାହୁଁ କାହୁଁ ମନକୁ ଯୁକ୍ତି ଆସିଲା, "ପ୍ରତ୍ୟେକ ଜାତିରେ ଏପରି ବିଧି ଅଛି । ଲୋକ ପର୍ବଦିନମାନଙ୍କରେ ଆମୋଦ ନିମଂତେ ଟିକେ ଲଘୁମାଦକ ସେବନ କରିଥାଂତି । ଏ ବଡ଼ ନିରୀହ ଆମୋଦ । ବୈଦିକ ଋଷିମାନେ ତ ସୋମରସ ପିଉଥିଲେ । ଇଂଲଂଡ଼ରେ ମଧ୍ୟ ପର୍ବଦିନରେ ସମସ୍ତେ ଟିକିଏ ଟିକିଏ ମଦ ପିଇ ରାଜାଂକର ସ୍ୱାସ୍ଥ୍ୟ କାମନା କରଂତି । ଟିକିଏ ଭାଂଗ ଖାଇଦେଲେ କଅଣ ଚରିତ୍ର ନଷ୍ଟ ହୋଇଯାଏ ? ବରଂ ଟିକିଏ ଖାଇ ଜାଣିବା ଉଚିତ ଭାଂଗଟି କି ଜିନିଷ ?" ଇତ୍ୟାଦି ପ୍ରକାରର ଯୁକ୍ତିରେ ଅଲକ୍ଷିତ ଭାବରେ ମନ ମଧ୍ୟରେ କେତେବେଳେ ଭାଂଗ ଖାଇବାର ଔଚିତ୍ୟ ସ୍ଥିର ହୋଇଯାଏ । ତୁଂଭେ ଭାଂଗ ଖାଅ । ହୁଏତ ପରେ ପରିତାପର ସୀମା ରହେନାହି । କିଂତୁ ଖାଇଲାବେଳେ ଯେ ଆଦର୍ଶ ଥିଲା ତାହା ପରିତାପ ବେଳର ଆଦର୍ଶ ନୁହେ । ଭଲକରି ଭାବିଦେଖ, ପରିତାପ ବେଳର ଆଦର୍ଶ ଜୀବନର ସ୍ଥିର ଆଦର୍ଶ ହୋଇଥିଲେ, ତୁମ୍ଭେ ଭାଂଗ ଖାଇପାରିଥାନ୍ତ କି ? ଅବଶ୍ୟ, ସମସ୍ତେ ଯେ ଭାଙ୍ଗ ଖାଇଥିବ, ତାହା ମୁଁ କହୁନାହ । କିନ୍ତୁ ପ୍ରତ୍ୟେକ ଜୀବନରେ ଏହିପରି କୌଣସି ନା କୌଣସି ଦୁର୍ବଳତାରେ ପଡ଼ିଥିବ । ମୁହୂର୍ତ୍ତ ବିଶେଷରେ ଅନୀତିକୁ ଉଚିତ ଭାବି ପରେ ପରିତାପ କରିଥିବ । ସମସ୍ତେ ଭାବି ଦେଖ ଅନୀତିରେ ପଶି କାର୍ଯ୍ୟ କଲାବେଳେ, କାର୍ଯ୍ୟକୁ ଉଚିତ ଭାବି ଥିଲ କି ନା ? ଭାବି ନଥିଲେ କାର୍ଯ୍ୟ କରିବାକୁ ହୋଇ ନଥାଂତା । କାର୍ଯ୍ୟ କରିବା ପାଇଁ ହାତ ଉଠି ନଥାଂତା ।

ମନୁଷ୍ୟର ଏସବୁ ଆପାତସୁଖ ଉଦ୍ଦେଶ୍ୟରେ କାର୍ଯ୍ୟ ବୁଝିପାରୁଥିବ, ଏ ସବୁ କ୍ରିୟା ବିଧାନରେ ମନୁଷ୍ୟ ପ୍ରାୟ ଇତର ଜଂତୁ ସଂଗେ ସମାନ । ଏ ଜୀବ ମାତ୍ରର ସହଜ ଚରିତ୍ର । ଭୌତିକ ପିଂଡ଼ର ସୁଖହି ଜୀବ ମାତ୍ରର ଇଚ୍ଛା । ଏ ଚରିତ୍ରରେ ମନୁଷ୍ୟର ତାହାହି ଉଦ୍ଦେଶ୍ୟ କହିଲେ ଚଳେ । କିଂତୁ ଏହିଠାରେ ଗୋଟିଏ କଥା ମନେ ରଖିବାକୁ ହେବ । ମନୁଷ୍ୟ କେବଳ ବଂଚିବା ପାଇଁ ବଂଚେନାହି । କେବଳ ଶରୀର ଧାରଣରୂପ ଭୌତିକ ଜୀବନ କ୍ରିୟାରେ ତାହାର ଜୀବନ ପରିସମାପ୍ତ ନୁହେ । କେବଳ ଆହାର ବିହାର ନିଦ୍ରା ଆମୋଦ ପ୍ରଭୃତି ଶାରୀରିକ କ୍ରିୟାରେ ସୁଖ ଲୋଡ଼ି ଜୀବନ କଟାଇବା ଏ ଜଗତରେ ତୁଂଭର ଉଦ୍ଦେଶ୍ୟ ନୁହେ । ଏକଥା ସମସ୍ତେ ଜାଣ; ଅନୁଭବରେ; ତେଣୁ ବୁଝାଇବାର ବିଶେଷ ପ୍ରୟୋଜନ ନାହି ।

ମନହି ମାନବର ବିଶେଷତ୍ୱ । ଶାରୀରିକ ଜୀବନ କ୍ରିୟାରେ ମନୁଷ୍ୟ ଗୋଟିଏ ଇତର ଜଂତୁ ପରି । ମାନସ ପ୍ରକ୍ରିୟା ଓ ବିଚାର ଶକ୍ତି ତାହାର ଅଧିକା । ତାହାର ଅତୀତର ସ୍ମୃତି ଥାଏ; ଏବଂ ସେ ଭବିଷ୍ୟତ କଳ୍ପନା କରି ଦେଖେ । ଇତର ଜଂତୁମାନଂକର ଜୀବନ କ୍ରିୟା ଜୀବମାତ୍ରର ସହଜ ଚରିତ୍ର, ବର୍ତ୍ତମାନ ମାତ୍ରରେ ସୀମାବଦ୍ଧ । ଅର୍ଥାତ୍ ଯେତେବେଳେ ଯାହା ଆଗରେ ପଡ଼େ ତାହାହିଁ ସେମାନେ କରିଯାନ୍ତି । ଭୂତ ଭବିଷ୍ୟତ ସେ ବୁଝଂତି

Digitized by PPRACHIN, SOA

ନାହିଁ । କିଂତୁ ମନୁଷ୍ୟର କ୍ରିୟା ବିସ୍ତୀର୍ଣ୍ଣ । ମନୁଷ୍ୟର ଜୀବନ ଏକ ବିରାଟ ବସ୍ତୁ । ତୁଂଭେ ପୂର୍ବପୁରୁଷର ଦାୟାଦ ଓ ପରବର୍ତ୍ତୀ ପୁରୁଷମାନଙ୍କର ପ୍ରବର୍ତ୍ତକ । ତୁଂଭର ଜୀବନ ଆଜି ବୈଦିକ ଋଷିମାନଂକଠାରୁ ଅନଂତ ପରବର୍ତ୍ତୀ ବଂଶଧର ପର୍ଯ୍ୟଂତ ସର୍ବତ୍ର ବ୍ୟାପି ରହିଅଛି । ପୂର୍ବର ଗୌରବ ରକ୍ଷାକରିବା ତୁଂଭର ଯେପରି ଉଦ୍ଦେଶ୍ୟ ଉତ୍ତର ବଂଶରେ ଗୌରବମୟ ବୋଲି କୀର୍ତ୍ତିତ ହେବା, ଏବଂ ମହନୀୟ ଉତ୍ତର ବଂଶାବଳୀର ମୂଳଭିତ୍ତି ସ୍ଥାପନ କରିବା ତୁଂଭର ସେହିପରି ଉପେୟର ଅଂଗୀଭୂତ ରହିଅଛି । ବିଶେଷରେ ତୁଂଭେମାନେ ଆର୍ଯ୍ୟ ଭୂମିର ସଂତାନ । ଏହି ଋଷିପୂତ ଭୂମିରେ ତୁଂଭର ଜନ୍ମ, ଋଷିରକ୍ତ ତୁଂଭ ଧମନୀରେ ବହୁଅଛି । ଏ ତୁଂଭ ଅତୀତର ମହୀୟସୀ ସ୍ମୃତି । ଏ ପୁରାଣ ମହନୀୟ ଅତୀତର ଉପଯୁକ୍ତ ହେବା ତୁଂଭର ଲକ୍ଷ୍ୟ । ପୁଣି ଏହି ଅତୀତ ବଳରେ, ଏହି ମହତ୍ ଜୀବନର ପୁଣ୍ୟ ପ୍ରସାରଣରେ ତୁଂଭେ ଜାତିର ଭବିଷ୍ୟତ ଦେଖୁଅଛ । ତୁଂଭେ ପୂର୍ବପୁରୁଷର ଉପଯୁକ୍ତ ହେବ; ଏବଂ ପୁତ୍ର ପୌତ୍ରାଦି ତୁଂଭଂକୁ ଉପଯୁକ୍ତ ପୂର୍ବପୁରୁଷ ବୋଲି କହିବେ ଏବଂ ନିଜେ ଉନ୍ନତ ଓ ମହୀୟାନ ହେବେ; ଏହା ତୁଂଭର ଉଦ୍ଦେଶ୍ୟ ।

ଏତିକି ନୁହେଁ । ମାନବର ଜୀବନ ଏତିକି ମାତ୍ର ଅତୀତ ଓ ଭବିଷ୍ୟତରେ ସୀମାବଦ୍ଧ ନୁହେ । ଏହି ଅତୀତ ଫଳରେ ଓ ଭବିଷ୍ୟତ କଳ୍ପନା ସଂଗେ, ତୁଂଭର ପରିବାର ଅଛି, ସମାଜ ଅଛି, ଜାତି ଅଛି, ଧର୍ମ ଅଛି । ତୁଂଭେ ନିଜେ ନିଜ କଥା ଭାବିଲାବେଳେ କେବଳ ନିଜକଥା ଭାବ ନାହି । ଏ ସମସ୍ତଂକ କଥା ମଧ୍ୟ ଭାବ । ସମସ୍ତଙ୍କ ପ୍ରତି ତୁମ୍ଭର କର୍ତ୍ତବ୍ୟ ଅଛି ବୋଲି ମନେ କର । ମୋ ଦ୍ଵାରା ପରିବାରର ଗୌରବ ହେବ, ଜାତିର ମହତ୍ଵ ବଢ଼ିବ, ସମାଜର ମଂଗଳ ହେବ ପ୍ରଭୃତି କଳ୍ପନା ପଦେ ପଦେ ତୁଂଭ ଜୀବନକୁ ପ୍ରାଣିତ କରି ରଖିଅଛି । ତୁଂଭର ଆତ୍ମା ଏ ସବୁଥିରେ ବ୍ୟାପ୍ତ । ପ୍ରାଣ ସର୍ବଦା ଆତ୍ମପ୍ରସାରରେ ଉନ୍ମୁକ୍ତ । ଏହି ବିସ୍ତୀର୍ଣ୍ଣ ଆତ୍ମାହି ତୁମ୍ଭର ବ୍ୟକ୍ତିତ୍ୱ । ଏଥିରେହି ତୁଂଭର ଚରିତ୍ର ପ୍ରତିଭାତ ହୁଏ । ତୁଂଭର ପ୍ରତ୍ୟେକ କାର୍ଯ୍ୟ ନିମଂତେ ତୁଂଭେ ଏ ସମସ୍ତଂକ ପାଖରେ ଦାୟୀ । ପବିତ୍ର ଭାରତ ସଂତାନ, ତୁଂଭର ଏ ମଧ୍ୟ ଗୋଟିଏ ବିଶେଷ ସୁଯୋଗ । ପରିବାର, ସମାଜ, ଜାତି, ଧର୍ମ ପ୍ରଭୃତି ଏ ଦେଶରେ ଆଜିର ନୁହେ । ବହୁକାଳର ଅଭ୍ୟାସ ଓ ଭୂୟୋଦର୍ଶନ ଫଳରେ ଏସବୁ ଏକ ପ୍ରକାର ସ୍ଥିର ହୋଇଅଛି । ଏ ସବୁରେ କିପରି ଚଳିବାକୁ ହେବ, କି ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ହେବ ସେ ସବୁ ତୁଂଭଂକୁ ଶିଖିବାକୁ ହେବନାହି— ଏ ସବୁରେ ତୁଂଭର ଜୀବନର ଉଦ୍ଦେଶ୍ୟ ଗଢ଼ା ହୋଇଅଛି, କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ହୋଇଅଛି । ତୁଂଭର ଅତୀତସ୍ମୃତି ଦୃଢ଼ ଅଛି, ଏବଂ ସେହି ସ୍ମୃତି ବଳରେ ଦୂରୋଦୃଷ୍ଟି ଫିଟିଅଛି । ସେ ଅତୀତ ଓ ଭବିଷ୍ୟତ କଳ୍ପନାରେ ନିଜର ସାଧୁ ଆଲୋଚନା ମିଶାଇ ତୁଂଭେ ଜୀବନର ଉଦ୍ଦେଶ୍ୟ ସ୍ଥିର କରିବ ଏବଂ ସେହି ଉଦ୍ଦେଶ୍ୟ ନିକଷରେ ତୁଂଭର ଇଚ୍ଛାଶକ୍ତିର ସଂଯମ ବିଧାନ କରିବ । ଚରିତ୍ର ଗଠନ କରିବ ।

Digitized by PPRACHIN, SOA

କିଂତୁ ସ୍ଥୂଳ ଭାବରେ ଦେଖିଲେ, ଦେଖାଯାଏ, ଜଗତରେ କୌଣସି ଦୁଇ ବ୍ୟକ୍ତିର ଉଦ୍ଦେଶ୍ୟ ସମାନ ନୁହେ । ତୁଂଭ ମଧ୍ୟରେ ମଧ୍ୟ ପ୍ରତ୍ୟେକର ସ୍ୱତନ୍ତ୍ର ଉଦ୍ଦେଶ୍ୟ ଥିବ । ସେଥିରେ କାର୍ଯ୍ୟ ମଧ୍ୟ ସ୍ୱତନ୍ତ୍ର ହେବ । କିଏ ଇଂଜିନିୟର ହେବ ବୋଲି ଅଂକ ପ୍ରତି ଏହି ଦିନୁ ବିଶେଷ ଶ୍ରଦ୍ଧାବାନ୍ । କିଏ ଡାକ୍ତର ହେବ ବୋଲି ସ୍ୱାସ୍ଥ୍ୟରକ୍ଷା ଭଲକରି ଆଲୋଚନା କରେ । କିଏ ବା ବଣିକ କିଂବା ବ୍ୟବସ୍ଥାଦାତା ହେବାପାଇଁ ଭୂଗୋଳ ଓ ଇତିହାସରେ ବେଶି ଶ୍ରଦ୍ଧା ଦେଖାଂତି । ଏଥିରେ ଯେ ଚରିତ୍ର ସ୍ୱାତଂତ୍ର୍ୟ ଫୁଟି ନଉଠେ, ନୁହେ । ମାତ୍ର ଏ ସ୍ୱାତଂତ୍ର୍ୟ ମାନବ ଚରିତ୍ରରେ ଗୌଣ ସ୍ୱାତଂତ୍ର୍ୟ । ସାଧାରଣ ସାମାଜିକ ମାନବର କେତେକ ନିତ୍ୟ ଓ ସ୍ଥିର ଉଦ୍ଦେଶ୍ୟ ଅଛି । ଏବଂ ସେ ମଧ୍ୟରୁ କେତେକ ପୁଣି ସମସ୍ତ ମାନବ ଜାତି ପକ୍ଷରେ ଏକାଂତ ଉପାଦେୟ । ସେଥିରେ ହିଁ ପ୍ରକୃତ ମାନବ ଚରିତ୍ରର ବିକାଶ । 'ସତ୍ୟ କହିବା', 'ବ୍ୟବହାରରେ ସତ୍ ହେବା', 'ମାନବ ପ୍ରତି ଅନୁକଂପା ପ୍ରକାଶ କରିବା', ପ୍ରଭୃତି କେତେଗୁଡ଼ିଏ କର୍ତ୍ତବ୍ୟ ମାନବର ସ୍ଥିର ଚରିତ୍ରର ବିକାଶ । ଭାବ, ଦେଖିବ, ସେ ସବୁ ନ ହେଲେ ଦିନେ ମାନବର ସ୍ଥିତି ଅସମ୍ଭବ ହୋଇ ପଡ଼ିବ । କେହି କାହାରିକୁ ବିଶ୍ୱାସ କରିବେ ନାହିଁ । ଫଳରେ ମାନବ ସମାଜ ବିଶୃଂଖଳ ହେବ । ତେଣୁ ଏ ସବୁ ବିଧାତାଂକର ବିଧାନ । ସେହି ମଂଗଳମୟଂକ ନିଦେଶରେ ମାନବ ଏ ସବୁ କର୍ତ୍ତବ୍ୟର ଅଧିକାରୀ । ସେହି ନିଦେଶରେ ଜୀବ ଯଂତ୍ରପରି ଚଳେ, ମାତ୍ର ମାନବ ବୁଝିବିଚାରି ଉଦ୍ଦେଶ୍ୟରେ କ୍ରିୟା ଚଳାଏ ।

ଏ ସମସ୍ତ ମଧ୍ୟରେ ବିଧାତାହି ଆଂଭର ଚରମ ଆଦର୍ଶ । ତାଂକର ଅନଂତ ଦୟା ଓ ଅନଂତ ସ୍ନେହ, କରୁଣା ଓ ପ୍ରେମରେ ସୃଷ୍ଟି ଚଳୁଅଛି । ସେ ଜଗତ ଚଳାଉ ଅଛଂତି । ଜୀବ ଜଡ଼ ସବୁ ସୃଷ୍ଟିକରି, ସେ ସବୁକୁ ଚଳାଉ ଅଛଂତି । ତାଂକରି କରୁଣା ଓ ପ୍ରେମରେ ସୃଷ୍ଟି ମଧୁମୟ । ସେହି ପ୍ରେମ ନିଦେଶରେ ଯେପରିକି ସୂର୍ଯ୍ୟ ଜଗତକୁ କିରଣ ଦିଏ । ତାରାମାନେ ଜଳଂତି । ଚଂଦ୍ରିକା ପାଇଲେ କୁମୁଦିନୀ ହୃଦୟ ଫିଟାଇ ଦିଏ । ସେହି ପ୍ରେମବଳରେ, ଡିଂବ ଦେବାର ସମୟ ହେଲେ ପକ୍ଷୀ କାଠିକୁଟା ଲୋଡ଼େ । ଜୀବମାନଂକ ପ୍ରତି ବିଧାତାଂକର ଅନଂତ ଦୟା । ସେଥିରେ ସେ ସବୁ କରାଉଛଂତି, ଚଳାଉଛଂତି । ତାହା ନ ହେଲେ, କେହି କହିବେ ନାହି । ସର୍ଗ ଚଳିବ ନାହିଁ । ଭାବି ଦେଖ, ବିଧାତାଂକର ଯେ ମହିମାମୟ ଅନଂତ କରୁଣା ଓ ପ୍ରେମ ଜଗତକୁ ନିତ୍ୟ ବିଭାସିତ ରଖି କି ଅନଂତ ନିଗୂଢ଼ ନିଦେଶରେ ଚଳାଉ ଅଛି, ସେହି ପ୍ରେମ ବଳରେ ମନୁଷ୍ୟ ମନରେ ବୁଦ୍ଧି ଓ ବିଚାର ଶକ୍ତି ବିକଶି ଉଠେ । ଅର୍ଥାତ୍ ଯେଉଁ ବୁଦ୍ଧି ଓ ବିଚାର ମନୁଷ୍ୟର ସ୍ୱାତଂତ୍ର୍ୟ, ତାହା ସେ ବିଧାତାଂକର କରୁଣାରେ ପାଇ ଅଛି । ବିଧାତା-ସ୍ନେହରେ ଦୟାରେ ସ୍ୱାଧୀନ ଇଚ୍ଛାକୁ ସଂଯତ କରିବାର ଅଧିକାର ତାକୁ ଦେଇ ଅଛଂତି । ଇତର ପ୍ରାଣିଂକି ତାହା ଦେଇ ନାହାଂତି । ସେଥିପାଇଁ ମନୁଷ୍ୟ ଯେବେ ସେ ବୁଦ୍ଧି ଓ ବିଚାରରେ ଇଚ୍ଛାର ବିହିତ ସଂଯମ ନ କରେ ତେବେ ସେ ଇତର ଜଂତୁଠାରୁ ହୀନ । ସେ ବିଧାତୃ ସର୍ଜନାରେ ପତିତ, ହୀନ ଓ ପଥଭ୍ରଷ୍ଟ ।

Digitized by PPRACHIN, SOA

ଚରିତ୍ର ଗଠନ କଲାବେଳେ, ଉଦ୍ଦେଶ୍ୟରେ ଇଚ୍ଛାକୁ ସଂଯତ କଲାବେଳେ, ଆଂଭେମାନେ ବଡ଼ ବଡ଼ ଉନ୍ନତ ଚରିତ୍ର ଲୋକଂକ କଥା ମନେ ପକାଉ । ସେହିମାନଂକୁ ମନେ ମନେ ଆଦର୍ଶ କରୁ । ସେଥିପାଇଁ ଇତିହାସ ଓ ଜୀବନ ଚରିତ୍ର ଆଲୋଚନା କଲେ ଚରିତ୍ର ଉନ୍ନତ ହୁଏ ବୋଲି ତୁଂଭମାନକୁ କେତେ ଉପଦେଶ ଦିଆଯାଏ । ବୁଦ୍ଧ, ଚୈତନ୍ୟ, ଈଷା, ଜନକ, କୃଷ୍ଣ, ରାମଚଂଦ୍ର, ପ୍ରତାପ, ବିକ୍ରମାଦିତ୍ୟ ପ୍ରଭୃତିଂକ ଚରିତ୍ରରୁ ଶିକ୍ଷା କରିବାକୁ ହୁଏ । ସେହିମାନଂକ ଜୀବନକୁ ଉଦ୍ଦେଶ୍ୟ କରି ଇଚ୍ଛା ଗଢ଼ିବାକୁ ହୁଏ । ଆଂଭେମାନେ କହୁଁ ସେମାନେ ଈଶ୍ୱରାଂଶର ଲୋକ । ବାସ୍ତବିକ ସେସବୁ ଜୀବନରୁ ପଦେ ପଦେ ଆଂଭର ଶିଖିବାର ଅଛି । ସେମାନଂକ ଜୀବନ ଆଲୋଚନା କରି ଚରିତ୍ର ଗଢ଼ିବାର ଅଛି । ସେକଥା ତୁଂଭେମାନେ ଯଥାସାଧ କରୁଥିବ । କିଂତୁ ଜୀବନର ଏ ସମସ୍ତ ଆଦର୍ଶର ଆଦର୍ଶ କିଏ ?

ବିଧାତାଂକ କରୁଣାରେ ଆଂଭେମାନେ ବୁଦ୍ଧି ଓ ବିଚାର ପାଇଅଛୁ । ତାଂକରି ଅନଂତ ଦୟାରେ ବଂଚିଅଛୁ । ସେହି ଦୟାରେ ଜଗତ ଅଛି, ଚଳୁଅଛି । ବିଧାତା ସମସ୍ତଂକୁ ଦୟା କରଂତି, ସ୍ନେହ କରଂତି । ଯେଉଁଠାରେ ଦୟା, ସ୍ନେହ, ସତ୍ୟ, ପ୍ରୀତି ଆଂଭେ ଦେଖୁ ତାହା ସେହି ବିଧାତାଂକଠାରୁ ଆସିଅଛି । ପିତା ପୁତ୍ରକୁ ସ୍ନେହ କଲାବେଳେ ମଧ ଆମ୍ଭେମାନେ ସେହି ବିଧାତାଂକର ସ୍ନେହର କଣିକାଏ ସେଠାରେ ପାଉଁ । ସେଥିପାଇଁ ଆଂଭେ ବିଧାତାଂକୁ କହୁଁ, ବିଶ୍ୱପିତା, ବିଶ୍ୱନିୟଂତା, ବିଶ୍ୱବଂଧୁ ଓ ବିଶ୍ୱରାଟ୍ । ସେହି ଅନଂତ କରୁଣାମୟ ପ୍ରୀତିମୟ ବିଧାତାହିଁ ତେଣୁ ଆଂଭର ଆଦର୍ଶ । ବିଧାତାଂକର ପ୍ରେମ ଦେଖି ମୁଗ୍ଧ ହୁଅ । ଏବଂ ଜୀବନରେ ସେହି ପ୍ରେମର ଯଥାସାଧ ଅନୁସରଣ କର । ମହାପୁରୁଷମାନେ ତାହାହିଁ କରଂତି । ତୁଂଭେମାନେ ମହାପୁରୁଷମାନଂକର ଜୀବନୀରୁ ଏହାହିଁ ଶିଖିବ । ସେମାନେ ଅନଂତ ପ୍ରେମରେ ଜୀବନ ଫିଟାଇ ରଖିଥିଲେ । ତୁଂଭମାନଂକୁ ମଧ ଶିକ୍ଷା ଦିଆଯାଏ "ତୁଂଭେ ଅନ୍ୟଠାରୁ ଯେ ବ୍ୟବହାର ପାଇବାକୁ ଇଚ୍ଛାକର, ଅନ୍ୟ ପ୍ରତି ସେହିପରି ବ୍ୟବହାର କର ।" ବରଂ ଆହୁରି ଟିକିଏ ଭଲକରି କହିଲେ କୁହାଯିବ, "ବିଧାତାଂକଠାରୁ ଯାହା ତୁଂଭେ ପାଉଅଛ, ଜଗତ ପାଉଅଛି, ତୁଂଭ ଜୀବନରେ ସେହି ଭାବ ବ୍ୟକ୍ତ କର ।" ପର ପାଇଁ ଜୀବନ ଧାରଣକର, ପରର ଦୁଃଖ ଅନୁଭବକର । ତୁଂଭର ଆତ୍ମା ପ୍ରସାରିତ ହେଉ । ଜଗତରେ ବିସ୍ତୀର୍ଣ୍ଣ ହେଉ ।

ହଠାତ୍ ହୁଏତ ଏକଥା ବୁଝି ପାରୁ ନଥିବ । ଏହା ତୁଂଭଂକୁ ବଡ଼ କଥା ପରି ଲାଗୁ ଥିବ । କିନ୍ତୁ ତୁଂଭେ ଯେ ବୁଦ୍ଧଦେବଂକ ଚରିତ୍ର ପଢ଼ି ମୁଗ୍ଧହୁଅ । କାହିଁକି ? ଜଗତ ପାଇଁ ସେ ପ୍ରାଣ ଢାଳି ଦେଇଥିଲେ । ରାମଚଂଦ୍ର ପିତାଂକ ପାଇଁ, ପତ୍ନୀପାଇଁ, ପରେ ପ୍ରଜାଂକ ପାଇଁ ଆତ୍ମସୁଖ ତ୍ୟାଗ କରିଥିଲେ । ଇତ୍ୟାଦି ମହାତ୍ମାମାନଙ୍କ ଅନୁକରଣୀୟ ଚରିତ୍ରରେ ସେହିକଥା । ତୁଂଭେ ମଧ ସମାଜର କଲ୍ୟାଣ, ଜାତିର ଉନ୍ନତି, ଦେଶର ମଂଗଳ ପ୍ରଭୃତି ନାନାବିଧ ପ୍ରକାରରେ ସେହି ଆତ୍ମ ପ୍ରସାର କରିବାକୁ ଲକ୍ଷ୍ୟ କରୁଛ । ଏ ସବୁ ଉଦ୍ଦେଶ୍ୟରେ

Digitized by PPRACHIN, SOA

ସେହି ଏକ ବିଶ୍ୱ ପ୍ରେମର ବିକାଶ । ସବୁଥିରେ ସେହି ଏକ ସାର୍ବଜନୀନ ମାନବ ଚରିତ୍ର ଫୁଟି ଉଠିବ । ସବୁଠାରେ ଏହି ଏକ ଉଦ୍ଦେଶ୍ୟ, ଏହି ଏକ ଆଦର୍ଶ । ଏହି ଆଦର୍ଶରେ ଇଚ୍ଛା ସଂଯତ କରି ଚରିତ୍ର ଗଢ଼ିବାକୁ ହେବ । ତାହା ନ କଲେ ଚରିତ୍ର ଦୂଷିତ ହେବ । କର୍ତ୍ତବ୍ୟର ସମାଧାନ ସୁସଂଗତ ବା ସତ୍ ହେବ ନାହିଁ ।

ମାତ୍ର ଏପରି ମହାପୁରୁଷମାନଙ୍କ ଜୀବନରୁ ଶିଖି, ବିଧାତାଂକ ଅନଂତଦୟା ଓ ପ୍ରେମକୁ ଆଦର୍ଶ କରି ଚରିତ୍ର ଗଢ଼ିବା ଉଚିତ ସତ, ମାତ୍ର ବାଳକମାନେ, ଏ ବଡ଼ ସୁସାଧ କର୍ମ ନୁହେଁ । ଭୌତିକ ଶରୀରର ସୁଖ ବିଳାସ କାମନାଲୋଭ ବଡ଼ ପ୍ରବଳ । ସେହି ଆଶୁ ପ୍ରୀତିକର ଇଚ୍ଛାର କବଳରେ ପଡ଼ି ମାନବ ସର୍ବଦା ପଥଭ୍ରଷ୍ଟ ହୁଏ । ସେଥିପାଇଁ ସାବଧାନ । ଆଶୁ ପ୍ରୀତି ବା ଆପାତ ସୁଖ ଉଦ୍ଦେଶ୍ୟ ହେଲେ, ତାହା ହୁଏତ କାର୍ଯ ସଂଗେ ସଂଗେ ମିଳିଯାଏ । ତାହାର ପରିଣାମ ଭଲ ନ ହେଉ ପଛକେ, ମନୁଷ୍ୟ ମୁହୂର୍ତ୍ତକ ପାଇଁ ସେଥିରେ ପ୍ରୀତି ପାଏ । ମାତ୍ର ଜୀବନର ମହତ୍ ଉଦ୍ଦେଶ୍ୟ ସ୍ଥିର ଓ ଦୃଢ଼ ନ ହେଲେ, ସେଥିରେ ପ୍ରୀତି ସହଜରେ ମିଳେ ନାହି । ଉଦ୍ଦେଶ୍ୟରେ ଆଗ୍ରହ ନ ଆସିଲେ କର୍ତ୍ତବ୍ୟରେ ରୁଚି ଆସେ ନାହି ।

ସେଥିପାଇଁ ଏହି ନବୀନ ବୟସରେ ତୁଂଭଂକୁ ଭଲ କଥା କହିଲେ, ବେଳେ ବେଳେ ତୁଂଭର ଅରୁଚି ଓ ଦୁରାଗ୍ରହ ହୁଏ । ନୂଆକରି ଶିଖିଲା ବେଳେ ଆଶୁପ୍ରୀତି ଦମନ କରିବାକୁ ହୁଏ, ସହଜ ଇଚ୍ଛା ଟିକିଏ କ୍ଲେଶରେ ସଂଯତ କରିବାକୁ ହୁଏ ସତ୍ୟ, ମାତ୍ର ଆଦର୍ଶ ଥରେ ସ୍ଥିର ହେଲେ, ଥରେ ଉଦ୍ଦେଶ୍ୟର ମହତ୍ତ୍ୱ ବୁଝିଲେ କର୍ତ୍ତବ୍ୟରେ ପରମାନଂଦ ଆସେ, ଜୀବନର ମୂଲ୍ୟ ବଢ଼ିଯାଏ । ଆଗ୍ରହର ସୀମା ରହେନାହିଁ, ଚରିତ୍ର ନିଜେ ନିଜେ ତିଆରି ହୁଏ । ଥରେ ବଦ୍ଧପରିକର ହୋଇ ଏହି ଚରିତ୍ର ବଳ ସଂଚୟ କରିବାକୁ ସଂକଳ୍ପ କର; ଦେଖିବ, ଆଜି ଯାହାକୁ କଠୋର କର୍ତ୍ତବ୍ୟ ବୋଲି କହୁଅଛ, ସେଥିରେ ଅନଂତ ଆଦର ଆସିବ ଓ ତୁଂଭର ପ୍ରାଣ ଅପାର ପ୍ରୀତିର ସ୍ଥାୟୀ ଆନଂଦରେ ବିହ୍ୱଳ ହୋଇଯିବ । ଅନଂତ ଶକ୍ତିରେ ପ୍ରାଣ ପୁଲକିତ ହେବ । ଏବଂ ବିଶ୍ୱପ୍ରେମରେ ହୃଦୟ ଭାସିଯିବ । ତୁଂଭେ ନିଜ ଜୀବନରେ ରାମଚଂଦ୍ର ହେବ । ବୁଦ୍ଧ ହେବ । ପ୍ରତାପ ହେବ । ସେ ସବୁ ଅଧିକାର ତୁଂଭର ଅଛି । ବିଧାତାଂକ କରୁଣାରେ ତୁଂଭେ ତାହା ପାଇଅଛ ।

ବାଳକମାନେ, ତୁଂଭର ଏ ନବୀନ ବୟସରେ ତୁଂଭେ ଯେ ଏତେ ଭାବି ଉଦ୍ଦେଶ୍ୟ ଓ ଆଦର୍ଶ କରିବ, ତାହା ନୁହେଁ । ତାହା ସମସ୍ତେ ପାରିବ ନାହି । ତୁଂଭ ପକ୍ଷରେ ଚରିତ୍ରର ସାଧନାହି ଲୋଡ଼ା । ଯାହା ଭଲ ବୋଲି ବୁଝୁଅଛ, ତାହା ପ୍ରାଣପଣେ ଅଭ୍ୟାସରେ କରିବାକୁ ଯତ୍ନ କର । ଅଭ୍ୟାସରେ ଆଦର୍ଶ ସ୍ଥିର ହୋଇଯିବ ଓ କର୍ତ୍ତବ୍ୟରେ ପ୍ରୀତି ଆସିବ । ସେଥିପାଇଁ କହୁଥିଲି, ତୁଂଭର ପିତୃ ପିତାମହମାନେ ଯୁଗ ଯୁଗାଂତ ବ୍ୟାପୀ ଅଭ୍ୟାସରେ ତୁଂଭ ପାଇଁ ଆଦର୍ଶ ଗଢ଼ି ରଖିଅଛଂତି । ତୁଂଭଂକୁ ତାହା ଖୋଜିବାକୁ ହେବ ନାହି । ଯାହା

Digitized by PPRACHIN, SOA

ସ୍ଥୂଳ ଭାବରେ ଭଲ ମଂଦ ବୋଲି ତୁଂଭଂକୁ ଜଣା ଅଛି, ତାହାହିଁ ଦୃଢ଼ତାର ସହିତ ଚରିତ୍ରରେ ପରିଣତ କର । ଥରେ ପୁରୋଦୃଷ୍ଟିରେ ଇଚ୍ଛା ସଂଯତ କରିବା ତୁଂଭର ଅଭ୍ୟାସ ହେଲେ, ଆଉ ଚିଂତା ନାହି । ଇଚ୍ଛା ଉପରେ ତୁଂଭର ଅଧିକାର ଆସିଯିବ । ଚରିତ୍ର ବଳରେ ତୁଂଭେ ମହତ୍ ହେବ । ଜୀବନରେ କେତେବେଳେ ହୁଏତ ଭିନ୍ନ ଉଦ୍ଦେଶ୍ୟ ବିକାଶ ପାଇପାରେ, କିଂତୁ ତାହା ଚରିତ୍ରର ଅଂଗୀଭୂତ କରିବା ପାଇଁ ଆଉ ଆୟାସ ଲୋଡ଼ା ହେବ ନାହିଁ । ଇଚ୍ଛାଶକ୍ତି ନିଜେ ନିଜେ ଏହି ଆଦର୍ଶରେ ସଂଯତ ହେବ ?

ଯେକୌଣସି ଆଦର୍ଶରେ ଇଚ୍ଛା ସଂଯମ ବିଧାନ ହିଁ ଚରିତ୍ରର ସାଧନ । ଭଲ ମଂଦର ଯେକୌଣସି ସାଧାରଣ ଧାରଣାରେ ଏହିଦିନୁ ଦୃଢ଼ ହୋଇ ଚରିତ୍ର ଗଠନ କର । ତୁଂଭକୁ ଏଠାରେ ଜୀବନର ଆଦର୍ଶ ସଂବଂଧରେ ବେଶୀ କିଛି ଭାବିବାକୁ କହୁନାହି । କେବଳ ମହାପୁରୁଷମାନଂକର ଜୀବନ ଆଲୋଚନା କର । ପୁଣି ବିଶେଷରେ ତୁଂଭର ଏ ବୟସରେ ତୁଂଭ ପାଇଁ ଆଦର୍ଶ ଖୋଜିଦେବାକୁ ଆଂଭେମାନେ ଅଛୁ । ବିଧାତା ଆଂଭମାନଂକୁ ତୁଂଭ ଚରିତ୍ର ଗଢ଼ିବା କାମରେ ଲଗାଇ ଅଛଂତି । ଆଂଭେମାନେ ବିଧାତାଂକର ସେ ବର ଗ୍ରହଣ କରିଅଛୁଁ । ଯଥାଶକ୍ତି ଭାବି ତୁଂଭକୁ ଉପଦେଶ ଦେଉଅଛୁ, ଶାସନ କରୁଅଛୁ, ଭଲ ମଂଦ ବୁଝାଇ ଦେଉଅଛୁ । ସେହିକଥା ମାନି, ସେହି ଉପଦେଶ ପାଳି, ସେହି ଶାସନରୁ ଶିଖି ଚରିତ୍ର ଗଢ଼ । ବର୍ତ୍ତମାନ ସେତିକିରେ ତୁଂଭର ସଂପୂର୍ଣ୍ଣ ଅଧିକାର । ବିଧାନରେ ଭ୍ରମ ଥିଲେ ସେଥିପାଇଁ ବିଧାତାଂକ ପାଖେ ଦାୟୀ ତୁଂଭେ ନୁହ, ଦାୟୀ ଆଂଭେ ।

ଏ ସମସ୍ତ ମଧ୍ୟରେ ଗୋଟିଏ କଥା ମନେ ରଖ । ଆଶୁ ପ୍ରୀତି ଛାଡ଼ି ଯେକୌଣସି ଆଦର୍ଶରେ ଇଚ୍ଛାର ସଂଯମ ଅଭ୍ୟାସ କର ଚରିତ୍ର ଆସିବ । ତୁଂଭଂକୁ କହିଛି, ବିଚାରହିଁ ମନୁଷ୍ୟର ବିଶେଷ । ତାହାର ପ୍ରକୃତ ଆଦର୍ଶ ଯାହା ହେଉ, ତାହା ନିକଟରେ ନୁହେ—ଦୂରରେ । ସେ ସବୁବେଳେ ଭବିଷ୍ୟତକୁ ଚାହେ । ଯାହା କରିବାକୁ ଇଚ୍ଛାକର, ତାହା ଆଦର୍ଶର ଅନୁକୂଳ ହେବ କି ନାହି, ପୁରୋଦୃଷ୍ଟିବଳରେ ସ୍ଥିର କର, ଇଚ୍ଛାର ସଂଯମ ବିଧାନ କର । ତୁଂଭେ ହୁଏତ ବର୍ତ୍ତମାନ ଆଦର୍ଶର କଥା ନ ଭାବିବ । ଆଂଭର ଉପଦେଶହିଁ ତୁଂଭର ବର୍ତ୍ତମାନ ଆଦର୍ଶ । ଧର ଉପଦେଶ ଓ ଶାସନ ଇଂଗିତରୁ ତୁଂଭେ ତାହା ଗ୍ରହଣ କଲ । କିଂତୁ ସେତିକିରେ ଚରିତ୍ର ଗଠନ ହେଲା ନାହିଁ । ସର୍ବଦା ଗୋଟିଏ ଇଚ୍ଛା ମନରେ ଉଦିତ ହେଲେ, ତାହା କାର୍ଯ୍ୟରେ କରିବା ପୂର୍ବରୁ ଭବିଷ୍ୟତକୁ ଦେଖ । କାର୍ଯ୍ୟର ଫଳ ଉପଦେଶ ବା ଶାସନ ଇଂଗିତର ଅନୁକୂଳ ହେଲେ ସେ ଇଚ୍ଛା କାର୍ଯ୍ୟରେ ପରିଣତ କରିବ । ନୋଚେତ୍ ସେ ଇଚ୍ଛା ତୁଂଭଂକୁ ସଂଯତ କରି ଭିନ୍ନ ଦିଗରେ ଫେରାଇବାକୁ ହେବ । ତାହାହେଲେ ଚରିତ୍ର ଗଠନର ସାଧନା ସୁପଂଥାରେ ପଡ଼ିଯିବ । ଏ ସାଧନାରେ ସିଦ୍ଧି ଆସିଲେ କର୍ତ୍ତବ୍ୟହି ତୁଂଭର ଜୀବନ ହେବ । ତାହାର ସାଧନାରେ ଅମିତ ବଳ ଆସିବ । ଜୀବନରେ କିଛି ଅସାଧ୍ୟ ହେବ ନାହି । କୌଣସି କର୍ତ୍ତବ୍ୟ କଠୋର ବା ଅରୁଚିକର

Digitized by PPRACHIN, SOA

ଲାଗିବ ନାହି । ଜୀବନରେ ଆନଂଦ ଓ ଶାଂତି ପାଇବ । ଜଗତରେ ତୁଂଭର ଜୀବନ ସାର୍ଥକ ହେବ ।

ଚରିତ୍ର କଥା କହିଲାବେଳେ ଦେଖୁଥିବ, ମୁଁ ସର୍ବଦା ଇଚ୍ଛା ଶକ୍ତିର କଥା କହୁଅଛି । କାର୍ଯ୍ୟ କ୍ରିୟାକର୍ମ ପ୍ରଭୃତି ଶବ୍ଦ ବ୍ୟବହାର କରାଯାଇଅଛି, କିଂତୁ ସେ ସର୍ବତ୍ର କର୍ମର ମୂଳ, କ୍ରିୟାର କେଂଦ୍ର, ସେହି ଇଚ୍ଛାକୁ ବୁଝିବାକୁ ହେବ । ଇଚ୍ଛାରୁ କର୍ମବାହାରେ । ବରଂ କୁହାଯାଇପାରେ, ଇଚ୍ଛା ମନ ମଧ୍ୟରେ ଅତି ଦୃଢ଼ ହେଲେ, ସେ ସ୍ୱତଃ କାର୍ଯ୍ୟରେ ପରିଣତ ହୁଏ । ତେବେ ଯାହାର ଇଚ୍ଛା ସୁସଂଯତ ତାହାର କାର୍ଯ୍ୟରେ ମଧ୍ୟ ସେଇୟା ହେବ । ସତ୍ ଚରିତ୍ର ଲୋକର କର୍ମ ପରଂପରା ସତ୍ ଓ ସାଧୁ ହେବ ସଂଦେହ ନାହି । କିଂତୁ ମନେରଖ, ଯାହାର କର୍ମସବୁ ସର୍ବଦା ସତ୍ ଓ ସାଧୁ ବୋଲି ବୋଧହୁଏ, ସେ ଯେ ନିଶ୍ଚେ ସତ୍ ଚରିତ୍ର ହୋଇଥିବ, ଏହା ବୋଲାଯାଇ ନପାରେ । ଅନେକ ଲୋକ, "ଏହା କଲେ ଲୋକେ ଭଲ କହିବେ" ଏହାକୁହି ଜୀବନର ଆଦର୍ଶ କରି, ଲୋକେ ଦେଖିବା ଭଳି କାର୍ଯ୍ୟ କଲାବେଳେ, ଇଚ୍ଛାକୁ ସଂଯତ କରଂତି । ଏ ଜୀବନରେ ବଡ଼ ହୀନ ଆଦର୍ଶ । ଏଥିରେ ଇଚ୍ଛା ପ୍ରତ୍ୟେକ କ୍ରିୟାରେ ସଂଯତ ହୋଇ ରହିପାରେ । କିଂତୁ ଇଚ୍ଛା ଶକ୍ତିର ସୁସଂଯମ ଆସେ ନାହି । ଚରିତ୍ର ତିଆରି ହୁଏ ନାହିଁ । ଏପରି ଲୋକେ ଲୋକଚକ୍ଷୁର ଅଂତରାଳରେ ଅପକର୍ମ କରିବାକୁ କୁଂଠିତ ହେବେ ନାହି । କୁଂଠିତ ହେବାପାଇଁ ତାଂକ ଜୀବନରେ ଆଦର୍ଶ କିଛି ନାହି । ସେଥିପାଇଁ ଇଂରେଜୀରେ Character ଓ Conduct ବୋଲି ଦୁଇଟି କଥା ଅଛି । ଓଡ଼ିଆରେ ତାକୁ ଯଥାକ୍ରମେ ଚରିତ୍ର ଓ ସ୍ୱଭାବ ବୋଲି କହଂତି । କିଂତୁ ପ୍ରକୃତରେ ଚରିତ୍ର ଓ ଆଚରଣ ବୋଲି ସେ ଦୁଇଟିର ନାମ ଦେବା ଉଚିତ । ସଦାଚରଣ ବା Good Conduct ନିମଂତେ ସ୍କୁଲରେ ପିଲାମାନଂକୁ ପୁରସ୍କାର ଦିଆହୁଏ । ସଚ୍ଚରିତ୍ର ପାଇଁ କେହି ମନୁଷ୍ୟ କାହାକୁ ପୁରସ୍କାର ଦେଇ ନପାରେ । ସେ ପୁରସ୍କାର ଭଗବାନ୍ ଦିଅଂତି । ଯାହାର ସଦାଚରଣ ଦେଖାଯାଏ ତାହାର ଚରିତ୍ର ଉତ୍ତମ ହୋଇପାରେ । କିଂତୁ ନିଶ୍ଚୟ ଯେ ହୋଇଥିବ ତାହା କେହି କହି ପାରିବେ ନାହି । ମାତ୍ର ସଚ୍ଚରିତ୍ର ହେଲେ ସଦାଚାର ତାହାର ଅବଶ୍ୟଂଭାବୀ ଫଳ । ଆଚରଣ ଜୀବନର କାର୍ଯ୍ୟମାନଂକରେ ଦେଖାଯାଏ । ଲୋକେ ତାହା ଦେଖଂତି । କିଂତୁ ଚରିତ୍ର ଭିତରେ । ତାହା ମନୁଷ୍ୟର ଇଚ୍ଛା ବା ସ୍ପୃହାରେ । ଅସଦିଚ୍ଛା ତୁଂଭର ହୋଇପାରେ । ତୁଂଭେ ଲୋକ ଭୟରେ, ସମାଜ ଭୟରେ, ତାଡ଼ନା ଭୟରେ, ତାହା ଚିପି ରଖ । କାର୍ଯ୍ୟରେ କରନାହି । ସେଠାରେ ତୁଂଭର ଚରିତ୍ର ଭଲ ହୋଇନାହି । ଇଚ୍ଛା ଜୀବନର ଆଦର୍ଶ, ଉଦ୍ଦେଶ୍ୟ ଓ ସାର୍ଥକତା ଦୃଷ୍ଟିରେ ସଂଯତ ହୋଇନାହି । ସେଥିପାଇଁ କହେ, ତୁଂଭ ଚରିତ୍ରର ସାକ୍ଷୀ ତୁଂଭେ, ଆଉ ସାକ୍ଷୀ ଭଗବାନ୍ । ଅନ୍ୟ କାହାରି ତୁଂଭ ଚରିତ୍ର ଜାଣିବାର ଅଧିକାର ନାହି । ଚରିତ୍ର ତୁଂଭର ନିଗୂଢ଼ ସଂପଦ, ପ୍ରାଣର ପ୍ରାଣ, ଜୀବନର ସର୍ବସ୍ୱ । ଏଥିରେ ତୁଂଭ ଜୀବନ ଜୀବଂତ । ଏହି ବଳରେ ତୁଂଭେ ପ୍ରକୃତ ମାନବତ୍ୱ ଲଭିବ ।

Digitized by PPRACHIN, SOA

ଚରିତ୍ରର ବଳ ଅନଂତ । ସେ ବଳ ପାଖେ ଅନ୍ୟବଳ ବଳ ନୁହେ । ମନୁଷ୍ୟ ଯାହା ହେବ ବା ଯାହା କରିବ, ସବୁ ତାହାର ଚରିତ୍ରର ଅଂତର୍ଗତ । ଚରିତ୍ରରେ ସ୍ଥିତି, ଚରିତ୍ରରେ ମୁକ୍ତି ଅର୍ଥାତ୍ ମାନବ ଜୀବନର ସ୍ୱାର୍ଥକତା । ମନୁଷ୍ୟର ଆଉ କି ବଳ ଲୋଡ଼ା ? ଶରୀର ମନର ଅଧୀନ । କ୍ରିୟା ଇଚ୍ଛାର ଦାସ । ଶରୀରର ବଳ ବଳନୁହେ । ଶାରୀରିକ କର୍ମ କର୍ମନୁହେ । ସବୁବଳର ଆଧାର ମନରେ । କାର୍ଯ ହି ବଳର ଅଭିବ୍ୟକ୍ତି । କାର୍ଯର କେନ୍ଦ୍ର ଇଚ୍ଛାରେ । ଇଚ୍ଛା ମନର ଏକ ବିକାଶ । ସେହି ମନର ବଳରେ, ସେହି ଇଚ୍ଛାର ପ୍ରଭାବରେ ସାଂଘାତିକ ଆଘାତ ପାଇ ମଧ୍ୟ ସୈନିକ ଜାଣି ନପାରି ଅନଂତ ଉତ୍ସାହରେ ଯୁଦ୍ଧରେ ମାତି ରହିଥାଏ । ଯୋଗିମାନେ ସେହି ମନକୁ ଅଧୀନ କରିଥାଂତି ବୋଲି, ଶରୀରରେ ଉପଦ୍ରବ ହେଲେ ଜାଣିପାରଂତି ନାହି । ତୁଂଭେ ଜାଣିଥିବ, ବେଳେ ବେଳେ ଗଭୀର ଭାବରେ ଚିଂତା କଲାବେଳେ, ଅମିତ ମନୋନିବେଶ ସହିତ ଅଂକ କଷିଲାବେଳେ, ଚିମୁଟି ଦେଲେ ତୁଂଭଂକୁ ଜଣା ପଡ଼େନାହିଁ । ଶରୀର ମନର ସଂପୂର୍ଣ ଅଧୀନ ଓ ଦାସ । ଅଭ୍ୟାସରେ, ଚରିତ୍ର ବଳରେ, ତାହା ସମ୍ୟକ୍ ରୂପେ ସିଦ୍ଧକରି ନେବାକୁ ହୁଏ । ଚରିତ୍ର ଗଠିତ ହେଲେ ଏଥିରେ ଆଉ ଆୟାସ ବା ଅସୁବିଧା ରହେ ନାହିଁ ।

ଅତଏବ ଏହି ଚରିତ୍ର କଥାଟିରେ ଜୀବନର ସମସ୍ତ ନୀତି, ସମସ୍ତ ଆଦର୍ଶ ନିହିତ ଅଛି । ତୁଂଭେମାନେ ବାଳକ, ହୁଏତ ଜୀବନର ନୀତି ଓ ଆଦର୍ଶ ସଂବଂଧରେ ସ୍ପଷ୍ଟକିଛି ତୁଂଭଂକୁ ବୁଝାପଡୁନଥିବ । ସେଥିପାଇଁ କହେ, ଯାହା ତୁଂଭର ନୀତି, ତୁଂଭର ଆଦର୍ଶ ବୋଲି ତୁଂଭଂକୁ କୁହାଯାଉଅଛି, ସେ ସବୁ ଆଗ୍ରହରେ ସମସ୍ତ ପ୍ରାଣର ସହିତ ଗ୍ରହଣ କର । ସେ ସବୁକୁ ଏହି ବୟସରୁ ଜୀବନର ଅଂଗୀଭୂତ କର । ଉପଦେଶ ଗ୍ରହଣ କରିବାକୁ ପ୍ରାଣ ସର୍ବଦା ପିପାସିତ ଓ ଉନ୍ମୁକ୍ତ ରଖ । ଯାହା କାର୍ଯରେ କରୁଅଛ, ଇଚ୍ଛାକୁ ସର୍ବଦା ସର୍ବତୋଭାବରେ ତାହାର ଅନୁଗାମୀ କରି ରଖ । ଥରେ ଇଚ୍ଛାର ସଂଯମରେ ସିଦ୍ଧ ହେଲେ, ଜ୍ଞାନବଳରେ ତୁଂଭର ଯେ ଉଦ୍ଦେଶ୍ୟ ଫିଟୁ, ଇଚ୍ଛା ଅତି ସହଜରେ ସେ ଆଡ଼କୁ ଯିବ । ପ୍ରତିଷ୍ଠିତ ଚରିତ୍ର ପକ୍ଷରେ ସେକଥା କଷ୍ଟକର ନୁହେ । ଇଚ୍ଛାକୁ ଅଧୀନ କରିବାହି କଷ୍ଟ । ଥରେ ଅଧୀନ କରିବାକୁ ପ୍ରକୃତି କରିନେଲେ, ଚରିତ୍ର ଆସିଲା । ଆଉ ଚିଂତା ନାହି । ନିଜେ ନିଜେ ପ୍ରାଣରେ ପ୍ରେମ ଓ ବିସ୍ତୀର୍ଣତା ଆସିବ । ଜୀବନ ପୂର୍ଣ ଓ ମହନୀୟ ହେବ । ମାନବତ୍ୱ ତୁଭଂ ଭିତରେ ଫୁଟି ଉଠିବ । ବିଧାତା ତୁଂଭପ୍ରତି ବରଦ ହେବେ, ତୁଂଭର ପଶୁତ୍ୱ ଛିନ୍ନ ହେବ । ଜୀବନ ଦେବତ୍ୱରେ ଉଦ୍ଭାସିତ ହେବ ।

ଏହି ଚରିତ୍ରହି ମାନବର ମାନବତ୍ୱ ଓ ମହତ୍ୱ । ନିଜର ନିଜତ୍ୱ ଓ ବ୍ୟକ୍ତିତ୍ୱ । ମାନବ ମଧ୍ୟରେ ଏହା ମହାଶକ୍ତି । ସେ ଚରିତ୍ର ମାନବର ନିଜର । ସେଥିରେ ଅନ୍ୟର ଦାବି ବା ଅଧିକାର ନାହିଁ । ତୁଂଭର ଆଚରଣ ଲୋକେ ସମାଲୋଚନା କରଂତି । କିଂତୁ ଚରିତ୍ର ତୁଂଭଛଡ଼ା ଆଉ କେହି ଜାଣଂତି ନାହିଁ । ଚରିତ୍ରର ଆଧାର ହେଲା ଇଚ୍ଛା । ତୁଂଭ ଇଚ୍ଛା

Digitized by PPRACHIN, SOA

ତୁଂଭର । ତାହା କେବଳ ତୁଂଭେ ଜାଣ, ଆଉ ବିଧାତା ଜାଣଂତି । ସେଥିପାଇଁ ତୁଂଭେ କେବଳ ତୁଂଭପାଖେ ଓ ଈଶ୍ୱରଂକ ପାଖେ ଦାୟୀ । ସେ ଇଚ୍ଛାର ସଂଯମ ପାଇଁ ଭଗବାନ୍ ତୁଂଭଂକୁ ବୁଦ୍ଧି ଓ ବଳ ଦେଇଛଂତି । ତୁଂଭେ ଅତଂଦ୍ରିତ ଆଗ୍ରହ ଓ ପରିଶ୍ରମରେ ସେ ଇଚ୍ଛା ସଂଯତ କରି ଶିଖିବ । ତୁଂଭେ ଏହା କରି ପାରିବ । ମାତ୍ର ନକଲେ ଆଉ କେହି କରି ଦେବେ ନାହିଁ । ମନେଥିବ ତୁଂଭଂକୁ କେତେଥର କହିଅଛି, ପଢ଼ାରେ ମନ ନ ଲାଗିବା ଚରିତ୍ର ଦୋଷ । କେହି କେହି କହଂତି "ମୋତେ ଇତିହାସ ପଢ଼ିବାକୁ ସୁଖ ଲାଗୁ ନାହିଁ", "ଅଂକ କଷିବାକୁ ମୋର ପ୍ରବୃତ୍ତି ହେଉନାହିଁ ।" ମୁଁ କହେ, ସେ ସବୁ ତୁଂଭମାନଂକର ଚରିତ୍ର ଦୋଷ । ଜୀବନର ଉଦ୍ଦେଶ୍ୟ ତଥା କର୍ତ୍ତବ୍ୟ ଦୃଷ୍ଟିରେ ଇଚ୍ଛାକୁ ଚଳାଇବା ତୁଂଭ ହାତରେ ଅଛି । ଆଂଭେ ଉପଦେଶ ଦେବୁ ମାତ୍ର, କିଂତୁ ତୁଂଭ ଇଚ୍ଛା ଚଳାଇ ପାରିବୁ ନାହି । ସେ ଇଚ୍ଛା ତୁଂଭେ ଚଳାଇବ । ନ ଚଳାଇଲେ ତୁଂଭର ପାପ ହେବ । ବିଧାତାଂକ ରାଜ୍ୟରେ ତୁଂଭେ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟଭ୍ରଷ୍ଟ ହୋଇ ନଷ୍ଟ ହେବ । ତୁଂଭର ମାନବ ଚରିତ୍ର ଫୁଟିବ ନାହିଁ । ତୁଂଭେ କାର୍ଯରେ ଇତର ଜଂତୁଠାରୁ ହୀନ ହେବ । ଅତଏବ ତୁଂଭେ ମାନବ ସଂତାନ । ଚରିତ୍ରର ଅନଂତ ବଳରେ ତୁଂଭର ଅଧିକାର । ସେ ଅଧିକାର ନିଜର କର । ସଂଯତ ଇଚ୍ଛା ଶକ୍ତିରେ ଜୀବନକୁ ମିଶାଇ ଦିଅ । କର୍ତ୍ତବ୍ୟ ବେଳେ ବେଳେ କଷ୍ଟକର ହେଉଥିବ । ଜୀବନର ଉଦ୍ଦେଶ୍ୟ ବୁଝି ସେ କଷ୍ଟକୁ ସୁଖ ବିଚାର । ଚରିତ୍ର ଫୁଟିବ । ଆନଂଦ ମିଳିବ । ଜୀବନ ମାନବ ଜୀବନରେ ପରିଣତ ହେବ ।

ଏତିକିରେ ତୁଂଭ ସଂଗେ ଆଜିର କଥା ଶେଷ ହୁଅଂତା । କିଂତୁ ଯେଉଁ ମନ ଲାଗି ମନୁଷ୍ୟ ଏତେ ବଡ଼, ସେହି ମନ ସଂବଂଧରେ ଦୁଇଟି ଗୋଟିଏ କଥା ଏଠାରେ କହିବି । ସେଥିରେ ତୁଂଭ ଜୀବନର ଉଦ୍ଦେଶ୍ୟ ଓ ଚରିତ୍ରର ନିଗୂଢ଼ କଥା ଅଛି । ତୁଂଭେମାନେ ସମସ୍ତେ ହୁଏତ ଏଠାରେ ତାହା ଭଲ ବୁଝି ପାରିବ ନାହିଁ । ତଥାପି ଶୁଣି ରଖ । ମନ କି ବସ୍ତୁ ତାହା ବର୍ଣ୍ଣନା କରି ପାରିବା କଠିନ । କିଂତୁ ମନୁଷ୍ୟ ଯେତେଦୂର ଆଲୋଚନା କରିପାରେ, ସେଥିରେ ମନଭିତରେ ତିନୋଟି ବିଭିନ୍ନ ବିଭାବ ଲକ୍ଷ୍ୟ କରାଯାଇପାରେ । ସେଥିମଧ୍ୟରୁ ଗୋଟିଏ ଅନୁଭବ, ଅପରଟି ଜ୍ଞାନ ଓ ତୃତୀୟଟି ଇଚ୍ଛା । ଏ ତିନୋଟି ବିଭାବ ମନରେ କେହି କାହାରିକୁ ଛାଡ଼ି ଏକାକୀ ଦେଖାଦିଅଂତି ନାହିଁ । କିଂତୁ ବେଳେ ବେଳେ ଗୋଟିକର ପ୍ରାଧାନ୍ୟ ଥାଏ । ଅନୁଭବରେ ଜ୍ଞାନ ଅଛି ଓ ଇଚ୍ଛା ସେଥିରୁ ବାହାରେ । ଜ୍ଞାନରେ ଅନୁଭବ ଅଛି ଏବଂ ଇଚ୍ଛାର ମଧ୍ଯ ସେହିଠାରେ ଉଦ୍ରେକ । ଇଚ୍ଛାରେ ଅନୁଭବ ଓ ଜ୍ଞାନ ରହିଅଛି । ଅଭାବରୁ ଇଚ୍ଛା ହୁଏ । ଅଭାବ ଗୋଟିଏ ଅନୁଭବ । ସେ ଅନୁଭବର ଜ୍ଞାନ ହେଲେ, ଇଚ୍ଛା ଜାତ ହୁଏ । ଅର୍ଥାତ୍ ଆଂଭେ ଅଭାବ ଦୂର କରିବାକୁ ଯାଉଁ । ଗୋଟିଏ ପୋକକୁ ଛୁଇଁଦେଲେ ସେ ସଂକୁଚିତ ହୁଏ । ପ୍ରଥମେ ତାହାର ସ୍ପର୍ଶ ଅନୁଭବ । ତତ୍ପରେ ଅନ୍ୟ ବସ୍ତୁ ସଂପର୍କରେ ଜ୍ଞାନ ଓ ପରେ ଇଚ୍ଛା, ଏବଂ ଫଳରେ ଶରୀର ସଂକୋଚ ରୂପ କ୍ରିୟା । ଇତର ପ୍ରାଣିମାନଙ୍କ ମଧ୍ୟରେ ଏ ତିନୋଟିର କ୍ରମ ଏହିପରି ଦେଖାଯାଏ ।

Digitized by PPRACHIN, SOA

ମାତ୍ର ବୁଝିବାକୁ ହେବ ଏ ତିନୋଟି ମଧ୍ୟରୁ କେବଳ ଇଚ୍ଛାରେ ମନ ସ୍ପଷ୍ଟତଃ କ୍ରିୟାବାନ୍। ଜ୍ଞାନରେ ତାଦୃଶ ନୁହେ। ଅନୁଭବରେ ଆଦୌ ନୁହେ।

ଗୋଟିଏ ସୁଂଦର, ଘୋର, ମହୀୟାନ୍ ବସ୍ତୁ ବା ଦୃଶ୍ୟ ଦେଖିଲେ, ମନ ଅନୁଭୂତିରେ ଅଭିଭୂତ ହୁଏ। ସେଠାରେ ମନ କିଛି କାର୍ଯ୍ୟ କରେ ନାହି। ଯେଉଁ ସୌଂଦର୍ଯ୍ୟରେ ମନ ଅଭିଭୂତ ହୁଏ, ସେହି ସୌଂଦର୍ଯ୍ୟ ମନ ଉପରେ ପଡ଼ିଯାଏ। ମନ ନିଶ୍ଚେଷ୍ଟ ହୋଇ ସେଥିରେ ବିହ୍ୱଳ ହୁଏ। ତତ୍ପରେ ବସ୍ତୁଟିର ଯେଉଁ ଜ୍ଞାନ ହୁଏ ସେଥିରେ ମନର କ୍ରିୟା ସାମାନ୍ୟ ମାତ୍ର ଦେଖାଯାଏ। ମନ ତାହା ଜାଣେ। ପରେ ହୁଏତ ବସ୍ତୁଟିକୁ ପୁନଃ ପୁନଃ ଦେଖିବାରୁ ଇଚ୍ଛା ହୁଏ, ଏହିଠାରେ ମନ ସ୍ପଷ୍ଟତଃ ଓ ସଂପୂର୍ଣ୍ଣ ସକ୍ରିୟ।

ଏହି ଇଚ୍ଛାର କ୍ରିୟାହିଁ ମନର ଉନ୍ନତତମ ବିକାଶ ଓ ମହାଶକ୍ତି। ଏହାହିଁ ଜଗତରେ ଏକମାତ୍ର ଶକ୍ତି। ଏହି ଇଚ୍ଛାରୁହିଁ ମାନବର ମାନସ ବିକାଶ ହୁଏ। ଟିକିଏ ଭିତରକୁ ପଶି ଦେଖିଲେ ଦେଖାଯିବ, ସମସ୍ତ ଜଗତ ମଧ୍ୟ ଗୋଟିଏ ଅନଂତ ଇଚ୍ଛା ଶକ୍ତିର ବିକାଶ। ସେଥିପାଇଁ ଭଗବାନ ଅନଂତ ଇଚ୍ଛାମୟ ବୋଲି କଥିତ ହୁଅଂତି। ଅନଂତ ସୃଷ୍ଟି କର୍ମରେ ଚଳୁଅଛି। ସୃଷ୍ଟି ଗୋଟିଏ ଅନଂତ କ୍ରିୟା। ଏହା ବିଧାତାଂକ ଇଚ୍ଛାର ଅବତାର। ଏହି ଇଚ୍ଛାରୁ ଅନଂତ ଜ୍ଞାନ ଓ ଅନଂତ ଅନୁଭବର ଉଦ୍ଭେଦ। ସୂର୍ଯ୍ୟ କିରଣ ଦେବେ। ଜଗତ ଜାଗିବ। ବର୍ଷା ଆସିବ। ଶସ୍ୟ ହେବ। ବସଂତ ଆସିବ। ଫୁଲ ଫୁଟିବ। ପ୍ରଭୃତି ସଂସାରର ତାବତୀୟ କ୍ରିୟା କାହାର ଇଚ୍ଛାରେ ଯେପରିକି ନିତ୍ୟ ନିୟତ ବର୍ତ୍ମରେ ଚାଲିଅଛି। ସୂର୍ଯ୍ୟ ସୃଷ୍ଟିରେ ଭୀତି ଉଠିଲା। କାହାର ମଂଗଳମୟ ଇଚ୍ଛା ଯେପରିକି କାର୍ଯ୍ୟରେ ପ୍ରକାଶିତ ହେଲା। ଏହିପରି ଅନଂତ ସର୍ଗ ଗୋଟିଏ ଅନଂତ ଇଚ୍ଛାର ସ୍ୱଭାବ ବିକାଶ। ସେ ଇଚ୍ଛା ଯେପରିକି ମହା ଆଦର୍ଶର ନିୟମ ପଥରେ ସର୍ବଦା ଚାଲିଅଛି। ଜଗତରେ ଯାହା ଅଛି ଅର୍ଥାତ୍ ଯାହା 'ସତ୍' ତାହା ସେହି ଇଚ୍ଛା। ସେହି କେବଳ ସୃଷ୍ଟିର ମୂଳାଧାର ସେହି ବିଧାତା।

ଅନଂତ ଇଚ୍ଛାର ବିକାଶ ଏହି ସୃଷ୍ଟି ପୁଣି ଜ୍ଞାନମୟ। ସୃଷ୍ଟିରେ ସବୁ ଯେପରିକି ଏକ ଆଦର୍ଶରେ ଚାଲିଅଛି। ଗ୍ରହମାନେ ଯେଝା ବାଟେ ନିୟମରେ ଚାଲଂତି। କେହି କାହାରି ସଂଗେ ବାଜେ ନାହି। ସକାଳ ହେଲେ ସୂର୍ଯ୍ୟ ଯେପରି ଜାଣିଲା ପରି ଆଂଭଂକୁ ଶେଯରୁ ଡାକି ଉଠାଏ। ଏପରିକି କାଠ ଭିତର ପୋକ ପାଇଁ ମଧ୍ୟ ଖାଇବାକୁ ରଖା ହୋଇଥାଏ। ଘାସ ଉପରେ ଯେଉଁ ଝିଟିକାଟି ଅଛି, ଶତ୍ରୁମାନେ କାଳେ ଜାଣି ତାକୁ ଖାଇଯିବେ, ସେଥିପାଇଁ ତା'ର ରଂଗ ଘାସପରି ଯେପରିକି ଜାଣିକରି କିଏ କରିଅଛି। ଇତ୍ୟାଦି ଅନଂତ କ୍ରିୟାରେ ଅନଂତ ଉଦ୍ଦେଶ୍ୟର ଅନଂତ ଜ୍ଞାନ ଓ ଅନଂତ ପୁରୋଦୃଷ୍ଟି ପ୍ରକାଶ ପାଉଅଛି। ସେହି କ୍ରିୟାମୟ 'ସତ୍' ପୁଣି ଅନଂତ ଜ୍ଞାନ ବା 'ଚିତ୍' ରୂପରେ ଜଗତରେ ବିଭାସିତ ରହିଅଛଂତି।

Digitized by PPRACHIN, SOA

ସେହି ସତ୍ ଚିତ୍‌ର ବିକାଶ ଏହି ସୃଷ୍ଟି ସମସ୍ତେ ନିଜ ନିଜର ମଂଗଳ ଲାଭ କରୁଅଛଂତି । ଫଳରେ ଅନଂତ ଶାଂତି, ଅନଂତ ସାମଂଜସ୍ୟ ଓ ଅନଂତ ପ୍ରୀତି ସଂସାରରେ ବିରାଜ କରୁଅଛି । ସ୍ଥିତିର ପ୍ରେମ ଓ ଆନଂଦରେ ଯେପରିକି ଜଗତ ବିହ୍ୱଳ ହୋଇ ସର୍ବଦା ବୁଡ଼ି ରହିଅଛି ।

ଏହି ସଚ୍ଚିଦାନଂଦଂକର ଅନଂତ ବିକାଶରେ ଜଗତର ସ୍ଥିତି । ନିଶ୍ଚଳ, ସଚଳ, ଜଡ଼, ଜଂତୁ, ସମସ୍ତେ ଏହି ନିତ୍ୟ ନିୟମର ଅଧୀନ । ମାତ୍ର ମନେରଖ ସେହି ବିଶ୍ୱ ନିମୟରେ ତୁଂଭର ସ୍ୱତଂତ୍ର ଇଚ୍ଛାର ବିକାଶ । ତୁଂଭ ମନରେ ମଧ ଏହି ବିଶ୍ୱବୀଜ ନିହିତ ଅଛି । ଜନ୍ମବେଳୁ ଅନଂତ ପ୍ରବୃତ୍ତିର ଉଦ୍ରେକରେ ତୁଂଭେ ଜୀବନର କ୍ରିୟା ପରଂପରା ଆରଂଭ କଲ । ହାତ ଗୋଡ଼ ଛାଟିଲ, ଯାହା ଇଚ୍ଛା ତାହା ଖାଇବାକୁ ଧରିବାରେ ଲାଗିଲ । କ୍ରମେ ଜ୍ଞାନର ବିକାଶ ହେଲା । ତୁଂଭର ଇଚ୍ଛା କଥା କ୍ରିୟା ଶୃଂଖଳାରେ ପଡ଼ିଲା । ବିବେଚନା ବଢ଼ିଲା । ତୁଂଭ ଆଗରେ ଜୀବନର ଉଦ୍ଦେଶ୍ୟ ଉନ୍ମୁକ୍ତ ହେଲା । ପୁରୋଦୃଷ୍ଟିରେ ପ୍ରାଣିତ ହୋଇ ତୁଂଭେ ଇଚ୍ଛା ସଂଯତ କଲ । ଚରିତ୍ର ଗଠିତ ହେଲା । ଏହି ଚରିତ୍ର ତୁଂଭର ସ୍ଥିର ହେଲେ ତୁଂଭେ ଜୀବନର କର୍ତ୍ତବ୍ୟ ସମାଧାନ କରି ଅନଂତ ଶାନ୍ତି ଓ ଆନଂଦ ପାଇବ । ତୁଂଭର ଇଚ୍ଛା ଜ୍ଞାନ ଓ କର୍ମ ଏକ ହୋଇଯିବ । ତୁଂଭେ ଜୀବନର ଆନଂଦରେ ବିହ୍ୱଳ ହେବ । ଏକ କଥାରେ କହିଲେ ତୁଂଭେ ସଚ୍ଚିଦାନଂଦମୟ ହେବ । ତୁଂଭେ ମନୁଷ୍ୟ, ଏ ଅଧିକାର ତୁଂଭର ଅଛି । ବିଚିତ୍ର ଗଠନରେହି ତୁଂଭେ ଏ ଅଧିକାର ନିଜର କରିବ ।

ଅନଂତ ବିଶ୍ୱ ଇଚ୍ଛାମୟଂକର ଅନଂତ ଲୀଳା । ଏହା ପ୍ରେମପୂର୍ଣ୍ଣ । ସେହି ପ୍ରେମରୁ ତିଳେ ଲଭି ମାନବର ଆତ୍ମା ଜୀବିତ । ମାନବ ସେ ପ୍ରେମ ବିଶ୍ୱରେ ଦେଖେ ଓ ଅନୁକରଣ କରେ । ସେଥିରେ ହି ସମାଜ, ଜାତି, ପରିବାର ପ୍ରଭୃତିରେ ସେ ଆତ୍ମାକୁ ବିସ୍ତୀର୍ଣ୍ଣ ଦେଖେ । ବିଧାତାଂକର ଅନଂତ କରୁଣା ଅନୁକରଣ କରି ସେ ଜୀବରେ ଦୟା କରେ । ତୁଂଭେ ବଡ଼ ହେଲେ ବୁଝିବ, ବର୍ତ୍ତମାନ ହୁଏତ ଜାଣୁଥିବ ତୁଂଭେ ଭଲ ମନୁଷ୍ୟ ହେଲ । ସମାଜ ଓ ଜାତିରେ ନିଜର କ୍ରିୟା ସ୍ଥିର କଲ । ତଥାପି କି ଏକ ଅଭାବ ଯେପରି ପ୍ରାଣରେ ରହିଗଲା । ସେହି ଅଭାବର ଜ୍ଞାନ ମାନବ ପ୍ରାଣରେ ନିତ୍ୟ, ସେହି ସୂତ୍ରରେ ସେ ଦେବତା ହେବାକୁ ଯାଏ । ବିଶ୍ୱତଂତ୍ରରେ ମିଶିଯିବାକୁ ଆକାଂକ୍ଷା ରଖେ । ଆପାତ ପ୍ରବୃତ୍ତି ଚରିତାର୍ଥ କରି ସେ ଯେଉଁ ସୁଖ ପାଏ, ଚରିତ୍ର ଗଠିତ ହୋଇଉଠିଲେ ସେ ସେଥିରେ ଆଉ ପ୍ରୀତି ପାଏ ନାହିଁ । ସେ ବୋଧକରେ ଯେପରିକି କି ଏକ ଅଦ୍ଭୁତ ଶାଂତି ଓ ଦିବ୍ୟ ଆନଂଦର ଅପେକ୍ଷାରେ ତାହାର ଆତ୍ମା ଉନ୍ମୁକ୍ତ ରହିଅଛି । ପ୍ରାଣ ଫେଡ଼ି ଦେଖିପାରିଲେ ସମସ୍ତେ ବୁଝିବେ ସତ୍ୟ କହିବା, ସତ୍ କାର୍ଯ୍ୟ କରିବା, ପର ପାଇଁ ପ୍ରାଣ ଦେବା, ଜୀବନକୁ ଉପଯୋଗୀ କରିବା, ପ୍ରଭୃତି ସବୁଥିରେ ମାନବର ସେହି ଅନଂତ ଶାଶ୍ୱତ ଶାଂତି ଓ ଆନଂଦ ଲାଭର ଉଦ୍ୟମ । ଆତ୍ମା ସର୍ବଦା ସେ ଶାଂତିର ଆରାମ ଲୋଡୁଅଛି । ସେହି

Digitized by PPRACHIN, SOA

ଆନଂଦ ପାଇବ ବୋଲି କର୍ମ କରୁଅଛି । ଅନଂତ ବିଶ୍ୱରେ ବିଧାତାଂକୁ ଦେଖି, ବିଧାତାଂକ ସଂଗେ ଏକ ହୋଇଯିବାକୁ ଯେପରିକି ବିଚାରୁଛି । ସେହି ଶାଂତି, ସେହି ଆନଂଦ ପାଇବା ପାଇଁ ଯୋଗିମାନେ ଚିର ତପସ୍ୟା କରଂତି । ସେଥିପାଇଁ ମନୁଷ୍ୟ ଭଲମନୁଷ୍ୟ ହୁଏ । ଶେଷରେ ସେହି ଭଲ ମନୁଷ୍ୟତାହିଁ ଜୀବନର ଉଦ୍ଦେଶ୍ୟ । ତାହାରି ନାମ ମୁକ୍ତି । ତାହାହିଁ ପ୍ରତ୍ୟେକ ମାନବର ଚରମ ଲକ୍ଷ୍ୟ । ଏ ଉଦ୍ଦେଶ୍ୟ ଥରେ ହସ୍ତଗତ ହେଲେ, ଏ ଚରିତ୍ର ସ୍ଥିରହେଲେ ଇଚ୍ଛା ଆଉ ଅନ୍ୟ ଦିଗରେ ଯାଏ ନାହିଁ । ମାନବ ନିର୍ବିକଳ୍ପରେ କର୍ମ କରିଯାଏ, ଫଳାଫଳ କଥା ଭାବେ ନାହିଁ । ସେତିକିବେଳେ ସେ ହୃଦୟ ଖୋଲି କହିପାରେ– ''ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋସ୍ମି ତଥା କରୋମି ।'' ଅର୍ଥାତ୍ ହେ ଅଂତର୍ଯାମୀ ବିଧାତା, ତୁଂଭେ ମୋର ଜୀବନର ଉଦ୍ଦେଶ୍ୟ ଓ ଆଦର୍ଶ । ତୁଂଭେ ଯାହା କରାଉଅଛ ମୁଁ ତାହାହିଁ କରୁଅଛି ।

ବାସ୍ତବିକ ଏ ଆଦର୍ଶ ଜୀବନରେ ସ୍ଥିର ହେଲେ, ସତ୍ୟ ବୋଲ, ସତ୍ କାର୍ଯ ବୋଲ, ଦୟା ବୋଲ, ମୈତ୍ରୀ ବୋଲ ସବୁ ନିଜେ ନିଜେ ଚରିତ୍ରର ଅଙ୍ଗ ହୋଇଯିବ । ଆଉ ଆୟାସ ନାଇ । ସମସ୍ତ ଆୟାସ ଆନଂଦରେ ସ୍ଥିର ହେବ । ପ୍ରାଣରେ ଅନଂତ ବିଭୁପ୍ରେମ ବିକାଶିତ ହେବ, ଓ ମାନବ ସଚ୍ଚିଦାନଂଦର ପୁଣ୍ୟ ଅନୁଭବରେ ବିହ୍ୱଳ ହେବ । ମନେରଖ ଚରିତ୍ରହିଁ ଏ ସମସ୍ତର ପୀଠ । ତେଣୁ ଚରିତ୍ରହିଁ ମାନବର ସର୍ବସ୍ୱ । ମାନବର ମାନବତ୍ୱ ଓ ଦେବତ୍ୱ । ଏହି ଚରିତ୍ରହିଁ ମାନବର ସଂବଳ ଓ ପରମବଳ ।

[ସତ୍ୟବାଦୀ ୧୩୨୪ ଧନୁ]

# ଉତ୍କଳରେ ବିଶ୍ୱବିଦ୍ୟାଳୟ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆଶା ଭରସାରେ ପରିଣତ ହେବା ସଙ୍ଗେ ଉତ୍କଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଷୟରେ ଆଲୋଚନା ହେଉଅଛି । ହବକ୍ କମିଟି ପର୍ଯ୍ୟଟନ ଓ ପର୍ଯ୍ୟବେକ୍ଷଣ କରି କହିଅଛନ୍ତି ଯେ ଓଡ଼ିଶାବାସୀଙ୍କର ବିଶ୍ୱବିଦ୍ୟାଳୟ ପାଇଁ ଘୋର ଇଚ୍ଛା । କେବଳ ଅର୍ଥାଭାବ କାରଣ ଦେଖାଇ ସେମାନେ ବିଶ୍ୱବିଦ୍ୟାଳୟର ଆଶୁ ପ୍ରତିଷ୍ଠା ଅନୁମୋଦନ କରିନାହାନ୍ତି । ସେମାନଙ୍କ ପରେ ଅନେକେ ନାନା ପ୍ରକାର ବାଦାନୁବାଦ କରୁଅଛନ୍ତି । କେହି କେହି ଉତ୍କଳେତର ପ୍ରାନ୍ତବାସୀ ଉତ୍କଳରେ ବିଶ୍ୱବିଦ୍ୟାଳୟର ସମ୍ପୂର୍ଣ୍ଣ ବିରୋଧୀ । କିନ୍ତୁ ଅଧିକାଂଶ ଧୀରପ୍ରଜ୍ଞ ପ୍ରବୀଣ ଲୋକେ ବିଶ୍ୱବିଦ୍ୟାଳୟର ପକ୍ଷପାତୀ । ସାର ରଅସ ମସୁଦ୍ (Sir Ross Masood) ଓ ରଘୁନାଥ ପାରାଞ୍ଜପେ ଇତ୍ୟାଦି

---

ନବଭାରତ, ମୀନ ୧୩୪୩ ।

Digitized by PPRACHIN, SOA

ସୁଧୀମାନେ ବିଶ୍ୱବିଦ୍ୟାଳୟ ସପକ୍ଷରେ ମତ ଦେଇଗଲେ । ତେବେ କାହିଁକି ଅନ୍ୟମାନେ ପ୍ରତିକୂଳ ମତ ଦେଉଅଛନ୍ତି ?

ଉତ୍କଳରେ ବିଶ୍ୱବିଦ୍ୟାଳୟ ସମସ୍ୟାର ମୀମାଂସା କରିବାକୁ ହେଲେ ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ–

୧ । ଆମ୍ଭେମାନେ କାହିଁକି ବିଶ୍ୱବିଦ୍ୟାଳୟ ଲୋଡୁ ?

୨ । ଯଦି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୁଏ, ତାହାହେଲେ କିପରି ବିଶ୍ୱବିଦ୍ୟାଳୟ ହେବ ?

୩ । ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅର୍ଥ କାହିଁ ?

## ୧ । ଆମ୍ଭେମାନେ ବିଶ୍ୱବିଦ୍ୟାଳୟ କାହିଁକି ଲୋଡୁ ?

ବିଶ୍ୱବିଦ୍ୟାଳୟ ଜାତୀୟ ବିଶେଷତ୍ୱର ଗୋଟିଏ ପ୍ରଧାନ ରକ୍ଷକ । ସେଦିନ ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ଶିକ୍ଷକ ସମ୍ମିଳନୀରେ କହୁଥିଲେ ଯେ ଇଟାଲୀର ଶାସକ ମୁସୋଲିନି ଶିକ୍ଷକ ଓ ଶିକ୍ଷା ମନ୍ଦିର ଦ୍ୱାରା ଇଟାଲୀୟ ଜାତିର ଚରିତ୍ର ବଦଳାଇ ଦେଇ ପାରିଅଛନ୍ତି । ଏହା ଯଦି ସତ୍ୟ ହୁଏ ତେବେ ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟ ନିଶ୍ଚୟ ଲୋଡ଼ା । କାରଣ ନିଜର ବିଶ୍ୱବିଦ୍ୟାଳୟ ନ ହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ପୁଣି ବିଶ୍ୱବିଦ୍ୟାଳୟ ନ ହେଲେ ଜାତିର ଆବଶ୍ୟକ ଅନୁସାରେ ଶିକ୍ଷକ ଗଢ଼ିବା କାହୁଁ ? ବିଶ୍ୱବିଦ୍ୟାଳୟ ସିନା ଜାତିର ସମସ୍ତ ଶିକ୍ଷକ ଗଢ଼େ । ଆମେ ଯଦି ବାର ଦ୍ୱାର ତେର ପିଣ୍ଡା ହେଉଥିବା ତାହାହେଲେ କେବେହେଲେ ନିଜର ବିଶେଷତ୍ୱ ଫୁଟିବ କି ?

ଏବେ ଆମ୍ଭେମାନେ ବ୍ୟତିରେକୀ ପ୍ରମାଣ ଦେଖୁଁ । ଯଦି ଆମ୍ଭମାନଙ୍କର ବିଶ୍ୱବିଦ୍ୟାଳୟ ନ ହୁଏ, ତାହାହେଲେ କ'ଣ ହେବ ? ହବକ କମିଟିର ପରାମର୍ଶ ହେଉଛି ଯେ ଗଞ୍ଜାମ ଅଞ୍ଚଳ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଅଧୀନ ରହିବ ଏବଂ ବର୍ତ୍ତମାନ ଓଡ଼ିଶା ପାଟଣା ବିଶ୍ୱବିଦ୍ୟାଳୟର ଅଧୀନ ରହିବ । ଏପରି ବନ୍ଦୋବସ୍ତରେ କି ଫଳ ଫଳିବ ତାହା କହିବାର ନୁହେଁ । ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରସୂତ ଉପାଧିଧାରୀମାନେ ନିଜକୁ ଉଚ୍ଚ ମନେ କରି ଅନ୍ୟାନ୍ୟ ମାନଙ୍କୁ ନିନ୍ଦା କରୁଥିବେ ଏବଂ ଅନ୍ୟାନ୍ୟମାନେ ସେମାନଙ୍କୁ ଲଘୁ ବୋଲି ଭାବିବେ । ଫଳରେ ଦ୍ୱନ୍ଦ୍ୱ । ପୁଣି ଆନ୍ଧ୍ରମାନେ ସଭାସମିତି କରି ଓଡ଼ିଆଙ୍କ ପ୍ରତି ଯେଉଁ ସଦ୍‌ଭାବ ଦେଖାଇ ଅଛନ୍ତି, ସେଥିରେ ଓଡ଼ିଆମାନେ ସେମାନଙ୍କର ବିଶ୍ୱବିଦ୍ୟାଳୟରେ କି ବ୍ୟବହାର ପାଇବେ ତାହା ସହଜରେ ଅନୁମେୟ । ସେହିପରି ପାଟଣାରେ ବିହାରୀମାନେ ପ୍ରଦେଶ ଗଠନ ଆଗରୁ ନାକଛଞ୍ଚିଡ଼ା ଆରମ୍ଭ କରିଦେଲେଣି । ପ୍ରଦେଶ ପୃଥକ୍ ହେଲେ କ'ଣ ହେବ ସହଜରେ ଜଣାପଡୁଛି । ଏପରି ଅବସ୍ଥାରେ ନିଜର ବିଶ୍ୱବିଦ୍ୟାଳୟ ଛଡ଼ା ଆଉ କି ଉପାୟ ଅଛି ?

Digitized by PPRACHIN, SOA

ଲୋକେ କହୁଅଛନ୍ତି, ଖାଲି ଆଉ ବିଶ୍ୱବିଦ୍ୟାଳୟ କରି ଗ୍ରାଜୁଏଟ୍ ସୃଷ୍ଟିରେ ଲାଭ କ'ଣ ? ବିଶ୍ୱବିଦ୍ୟାଳୟ ହେଲେ ଯେ ବର୍ତ୍ତମାନ ଅପେକ୍ଷା ବେଶି ଗ୍ରାଜୁଏଟ୍ ହୋଇଯିବେ, ଏହା କିଏ କହିବ ? ଏବେ ତ ଗ୍ରାଜୁଏଟ୍ ସୃଷ୍ଟିରେ ହାନି ନାହିଁ । ପାଟଣା ଗ୍ରାଜୁଏଟ୍ ହେଉନ୍ତୁ ବା ଆନ୍ଧ୍ର ଗ୍ରାଜୁଏଟ୍ ହେଉନ୍ତୁ, ସୃଷ୍ଟି ତ ଚାଲିଛି; ଉତ୍କଳ ବିଶ୍ୱବିଦ୍ୟାଳୟ ହେଲେ ଛାପା ବଦଳିବ ମାତ୍ର । କ୍ଷତି କ'ଣ ? ବରଂ ଉପରେ ଯାହା କହିଲୁଁ ସେଥିରୁ ଜଣା ପଡୁଛି ଯେ ଲାଭ ଅଛି । ଏହିସବୁ କାରଣରୁ ଆମ୍ଭେମାନେ ମନେକରୁଁ ବିଶ୍ୱବିଦ୍ୟାଳୟ ହେବା ନିତାନ୍ତ ଆବଶ୍ୟକ । ଏହା ଦ୍ୱାରା ଜାତୀୟ ଗୌରବ ରକ୍ଷା ହେବ, ଅନ୍ୟମାନଙ୍କ ଆଗରେ ମୁଣ୍ଡ ଟେକି ହେବ । ମଧ୍ୟ ପ୍ରଦେଶରେ ପ୍ରଥମେ ବିଶ୍ୱବିଦ୍ୟାଳୟ ନ ଥିଲା । କିନ୍ତୁ ସେମାନେ ଅଚିରେ ବିଦ୍ୟାଳୟ ଗଢ଼ିଲେ । ପ୍ରଥମେ ସେମାନଙ୍କ ଛାତ୍ରସଂଖ୍ୟା ଓଡ଼ିଶାର ଛାତ୍ରସଂଖ୍ୟାଠାରୁ ବେଶି ନ ଥିଲା । ପୁଣି ଆସାମରେ ବିଶ୍ୱବିଦ୍ୟାଳୟ ନାହିଁ । କିନ୍ତୁ ଆମ୍ଭେମାନେ ଦେଖୁଁ ସେମାନେ ବିଶ୍ୱବିଦ୍ୟାଳୟ ପାଇଁ ବର୍ତ୍ତମାନ ରଡ଼ି ଛାଡ଼ିଲେଣି । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ମଧ୍ୟ ଖାଇବାର ବିଶ୍ୱବିଦ୍ୟାଳୟ ପାଇଁ ତତ୍ପର । ଖାଲି ଓଡ଼ିଶା ପାଇଁ ବିଶ୍ୱବିଦ୍ୟାଳୟ ଲୋଡ଼ା ନାହିଁ ପରା ! କେତେ ଓଡ଼ିଆ ମଧ୍ୟ ଏହିପରି ଭାବନ୍ତି । ଫକୀର ମୋହନ କହିଛନ୍ତି–

କୁକୁର ଗୋଟେ କିପାଇଁ ବନାଇବ ଘର
ଚାଟି ବୁଲେ ବାରଘର ଅଇଁଠା ପତର ।

**୨ । ବିଶ୍ୱବିଦ୍ୟାଳୟ ହେଲେ ସେ କିପରି ହେବ ?**

ଏ ପ୍ରଶ୍ନର ଉତ୍ତର ଦେବା ବର୍ତ୍ତମାନ କଠିନ । ପ୍ରଦେଶର ସୀମା ନିର୍ଦ୍ଦେଶ ହେଲେ ଏ ପ୍ରଶ୍ନର ଉତ୍ତର ସମ୍ଭବ । ଯାହାହେଉ ଆମ୍ଭେମାନଙ୍କର ଏକାନ୍ତ ଇଚ୍ଛା ଯେ ବିଶ୍ୱବିଦ୍ୟାଳୟର ପ୍ରକୃତି ଯାହା ହେଉ ଛାତ୍ର ଶିକ୍ଷକଙ୍କ ମଧ୍ୟରେ ଯେପରି ଘନିଷ୍ଠ ସମ୍ବନ୍ଧ ରହିପାରିବ ତାହାର ବନ୍ଦୋବସ୍ତ ରହିବା ଅତି ଆବଶ୍ୟକ । ଏପରି ସମ୍ବନ୍ଧ କେବଳ ନାଳନ୍ଦୀୟ (residential) ବିଶ୍ୱବିଦ୍ୟାଳୟରେ ସମ୍ଭବେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେତେ ଶିକ୍ଷାକେନ୍ଦ୍ର ହେଉ ପଛକେ, ପ୍ରତ୍ୟେକ କେନ୍ଦ୍ର ଏହିପରି ନାଳନ୍ଦୀୟ ହେବା ଉଚିତ । ଏହା କିପରି ସାଧିତ ହେବ ତାହା ଦେଶର ନେତାମାନେ ବସି ବିଚାର ଦ୍ୱାରା ସ୍ଥିର କରିବା ଉଚିତ ।

**୩ । ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅର୍ଥ କାହିଁ ?**

ଆମ୍ଭେମାନେ ମନେକରୁଁ କଲେଜରେ ବର୍ତ୍ତମାନ ଯେତେ ଖର୍ଚ୍ଚ ହେଉଛି ତାହା ଉପରେ ବାର୍ଷିକ ୭୦୦୦୦ ଟଙ୍କା ଅଧିକ ଖର୍ଚ୍ଚ ଲାଗିବ । ଏହାଛଡ଼ା ପ୍ରାଥମିକ ଖର୍ଚ୍ଚ ପ୍ରାୟ ୩।୪ ଲକ୍ଷ ଲାଗିବ । ଓଡ଼ିଆ ଜାତିର ଯଦି ଆତ୍ମସମ୍ମାନ ଜ୍ଞାନ ଥାଏ, ତେବେ ଆମ୍ଭେମାନେ ମନେକରୁଁ ଏ ଅର୍ଥର ଅଭାବ ରହିବ ନାହିଁ । ଏଡ଼େ ବଡ଼ କାର୍ଯ୍ୟରେ ଯଦି ଏତିକି ଅର୍ଥ ନ ମିଳେ, ତେବେ ଏ ଜାତିର ଉତ୍ଥାନ କାହିଁ ? ଫଳରେ, ପ୍ରଦେଶ ଗଢ଼ ବା କାଉନ୍‌ସିଲ୍ କର ଜାତିର ହୃତ୍‌ପିଣ୍ଡରେ ରକ୍ତ ନାହିଁ ବୋଲି ଜାଣିବାକୁ ହେବ ।

Digitized by PPRACHIN, SOA

# ଓଡ଼ିଆ ସାହିତ୍ୟର ଅପମାନ

ଭାରତବର୍ଷର ଭାଷା ସଂହତିରେ ଓଡ଼ିଆ ଏକ ପ୍ରାଚୀନତମ ଭାଷା । ଏହାର ସାହିତ୍ୟ ମଧ୍ୟ ବିକାଶ ଓ ପୁଷ୍ଟତାରେ ବିଶାଳ । କିନ୍ତୁ ଓଡ଼ିଆମାନେ ନାନା ଦୁର୍ଦ୍ଦଶା, ଅସୁବିଧା ଓ ଅବହେଳାରେ ପଡ଼ିଥିବାରୁ ଏ ଭାଷା ଓ ସାହିତ୍ୟର ଅପମାନ ଘଟୁଅଛି । ସମସ୍ତଙ୍କୁ ଜଣା ଭାରତବର୍ଷରେ ଜିଲା ମେଜେଷ୍ଟର ବଦ୍ଧାହବା ପାଇଁ ଆଇ.ସି.ଏସ୍. (I.C.S.) ପରୀକ୍ଷା ହୁଏ । ସେଥିରେ ଭାରତୀୟ ସବୁ କଥିତ ଭାଷାରେ ରଚନା ଇତ୍ୟାଦିରେ ପରୀକ୍ଷା ହୁଏ । ସେଥିରେ ମଧ୍ୟ ଭାରତୀୟ ଭାଷା ସାହିତ୍ୟ (Vernacular literature)ରେ ପରୀକ୍ଷାର ବ୍ୟବସ୍ଥା ଅଛି । ଏହି ଭାଷା ସାହିତ୍ୟର ପରୀକ୍ଷା କେବଳ ବଙ୍ଗଳା, ବ୍ରହ୍ମ, ହିନ୍ଦୀ, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ଗୁଜରାତୀ ପ୍ରଭୃତି କେତୋଟି ଭାଷାରେ ହୁଏ । ଏମାନଙ୍କ ମଧ୍ୟରେ ଓଡ଼ିଆର ସ୍ଥାନ ନାହିଁ; ଓଡ଼ିଆ ଯୁବକଙ୍କର ଆଇ.ସି.ଏସ୍. ପରୀକ୍ଷା ପାଇଁ ଠିଆ ହେବାରେ ଏ ଏକ ଘୋର ଅନ୍ତରାୟ । ତଥାପି ଓଡ଼ିଆର ଦାବି କେହି ଏ କ୍ଷେତ୍ରରେ ସମର୍ଥନ କରିବାକୁ ନାହିଁ । ପଞ୍ଜାବୀ ଭାଷା ସ୍କୁଲ କଚିରିରେ ଚଳେ ନାହିଁ । ତାହାର ସାହିତ୍ୟ ମଧ୍ୟ ଅତି ସୀମାବଦ୍ଧ । ଓଡ଼ିଆ ସାହିତ୍ୟର ସ୍ଥାନ ତ ନିଶ୍ଚେ ପଞ୍ଜାବୀଠାରୁ ବହୁ ଉନ୍ନତ । କିନ୍ତୁ ଓଡ଼ିଆ ପାଇଁ କହୁଛି କିଏ ? ଏ ପର୍ଯ୍ୟନ୍ତ ଓଡ଼ିଶା ଏ ପ୍ରଦେଶ ସେ ପ୍ରଦେଶରେ ବାରଓଳି ସୁଣ୍ଠିପିଣ୍ଡା ହେଉଥିଲା । ଏବେ ଯଦି ଓଡ଼ିଶାର ସ୍ୱାତନ୍ତ୍ର୍ୟ ହୁଏ, ତାହାହେଲେ ଓଡ଼ିଆ ଭାଷା ଓ ସାହିତ୍ୟର ଦାବି ମଧ୍ୟ ଗ୍ରହଣ କରିବାକୁ ହେବ । ସେଥିପାଇଁ ଆମ୍ଭେମାନେ କହୁଁ, ଓଡ଼ିଶାପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ହେଉ । ତାହାହେଲେ ଆମ୍ଭେମାନେ ଓଡ଼ିଆଭାଷା ଓ ସାହିତ୍ୟର ଦାବି ସହଜରେ ପ୍ରକାଶ କରି ପାରିବା । ତେବେ ବିଶ୍ୱବିଦ୍ୟାଳୟ ତ ଅଲଗା କଥା, ବର୍ତ୍ତମାନ ଆଇ.ସି.ଏସ୍. (I.C.S.) ପ୍ରଭୃତି ପରୀକ୍ଷାରେ ଯେପରି ଓଡ଼ିଆ ସାହିତ୍ୟ ସ୍ଥାନ ପାଏ, ସେଥିପାଇଁ ଆମ୍ଭେମାନଙ୍କର ପ୍ରଗାଢ଼ ଯତ୍ନ ହେବା ଉଚିତ ।

# ଓଡ଼ିଶା ବିଶ୍ୱବିଦ୍ୟାଳୟ

## ବିଶ୍ୱବିଦ୍ୟାଳୟ ଦରକାର–

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଦରକାର । ଏକେ ପାଟଣା ସଙ୍ଗେ ଅଧାଅଧି ବଣ୍ଟରାରେ ହିନସ୍ତା । ଓଡ଼ିଶା ସରକାର ଟଙ୍କା ଦେବେ କିନ୍ତୁ ଓଡ଼ିଆ ବା ଓଡ଼ିଶା ସରକାର ସେଠାରେ କୌଣସି କର୍ତ୍ତୃତ୍ୱ କରି ପାରିବେ ନାହିଁ । ଟଙ୍କା ଦେଇ ଅନୁଗ୍ରହରେ ରହିବା ଠିକ୍ ନୁହେଁ । ପୁଣି ଓଡ଼ିଶାର ଯଦି କିଛି ଶିକ୍ଷାରେ ସ୍ୱାତନ୍ତ୍ର୍ୟ ଫୁଟାଇବାର ଦରକାର ହେବ ତା ପାଟଣାରେ

Digitized by PPRACHIN, SOA

ହୋଇ ପାରିବ ନାହିଁ । ସର୍ବୋପରି ସାଂପ୍ରଦାୟିକ ପ୍ରସଙ୍ଗରେ ଫାଟଣା ଓ ଓଡ଼ିଶାର ମାପରେ କୌଣସି ସଂପର୍କ ନାହିଁ । ଅନ୍ୟାନ୍ୟ କଥା ମଧ୍ୟରେ ଦେଶୀ ଭାଷାର ପ୍ରସଙ୍ଗରେ ମଧ୍ୟ ଦୁଇ ପ୍ରଦେଶର ବ୍ୟବଧାନ ବିସ୍ତର । ବିହାରର ଶିକ୍ଷା ବା ବିଚାର ବିଭାଗରେ ନିଜ ଭାଷା ନାହିଁ । ଓଡ଼ିଶାର ସ୍ୱତନ୍ତ୍ର ଭାଷା ଅଛି ।

**ଚେଷ୍ଟା ସାଧୁ, ମାତ୍ର –**

ସେ ଯା ହଉ, ଓଡ଼ିଶା ପାଇଁ ଏଇ ବିଶ୍ୱବିଦ୍ୟାଳୟ କରିବାରେ ଅନେକଙ୍କର ଖୁବ୍ ମନ ଲାଗିଚି । ସାଧୁ । ମାତ୍ର ଏ ସମ୍ବନ୍ଧରେ ଦୁଇ ତିନୋଟି କଥା ମନେ ରଖିବାର ଅଛି ।

**ପ୍ରାଥମିକ ଶିକ୍ଷାର ମୋହରେ ଭୁଲିବା ଠିକ ନୁହେଁ –**

ପ୍ରଥମ କଥା, କେତେକ ଦେଶସେବୀ ମନେ କରନ୍ତି, ପ୍ରାଥମିକ ଶିକ୍ଷାହିଁ ଏକାନ୍ତ-କାମ୍ୟ । ତେଣୁ ବିଶ୍ୱବିଦ୍ୟାଳୟ ପରି ବିଳାସରେ ଟଙ୍କା କରିବା ଆଦୌ ଉଚିତ ନୁହେଁ । ସେମାନଙ୍କର ଏ ଧାରଣା ସାଧୁ ହୋଇପାରେ । ମାତ୍ର ବଡ଼ କଂଚା । ସଭ୍ୟତାର ପ୍ରଗତି ନିୟମିତ କରିବାରେ ଉଚ୍ଚ ଶିକ୍ଷା, ତଥା ଶିଳ୍ପ ବିଜ୍ଞାନ ଦର୍ଶନ ଗଣିତ ଇତିହାସ, ମୋଟ କଥାରେ ସାହିତ୍ୟ ସଂସ୍କାର ଯେ ଏକାନ୍ତ ଆବଶ୍ୟକ, ତା କେହି ଅସ୍ୱୀକାର କରିବେ ନାହିଁ । ପ୍ରାଥମିକ ଶିକ୍ଷା ବଢ଼ିଲେ ଜନସାଧାରଣରେ ସଂସ୍କାର ପ୍ରବେଶ କରିବ ସତ; ମାତ୍ର ଉଚ୍ଚ ଚିନ୍ତା ଓ ଗବେଷଣାଦିର ବାଟ ନ ଫିଟିଲେ ସଭ୍ୟତାର ଭୂୟୋବିକାଶ ହେବ ନାହିଁ । ତେଣୁ ବିଶ୍ୱବିଦ୍ୟାଳୟ ଏକାନ୍ତ ଦରକାର ।

**ବିଶେଷଜ୍ଞଙ୍କ ମତ ପରଖି ନେବାର କଥା –**

ପକ୍ଷାନ୍ତରେ ପୁଣି ଦଳେ ଅଛନ୍ତି, ତାଙ୍କର ମତ ନିୟମିତ ହୁଏ ତଥାକଥିତ ବିଶେଷଜ୍ଞଙ୍କ ଇଙ୍ଗିତରେ । ଆମ ଦେଶର ଦୁର୍ଭାଗ୍ୟ ଯେ, ଏଠାର ବିଶେଷଜ୍ଞ ଏଠାର ଦେଶ କାଳ ପରିସ୍ଥିତିକୁ ଖାପ ଖାଇଲା ଭଳି କଥାଟାଏ କହନ୍ତି ନାହିଁ । ପଲ୍ଲୀ ଶିଶୁକୁ ସ୍ୱାସ୍ଥ୍ୟରକ୍ଷାରେ କେବଳ ସାବିନି ଲଗାଇବା ଶିକ୍ଷା ଦିଆହୁଏ । ଟାଇପ ଠିକ୍ ରଖିବା ପାଇଁ ଖୋରଧା ଟାଙ୍ଗିରେ ମଧ୍ୟ ଟିଣ ଛାତରେ ଶିଶୁଙ୍କ ପ୍ରାଇମେରୀ ସ୍କୁଲ ତିଆରି ହୁଏ । ଅକ୍ସଫୋର୍ଡ଼ ରୀତିର ଅନୁକରଣରେ ଏ ଦେଶରେ ବରଫ ଖସିପଡ଼ିବା ଭଳି ଟାଇଲ୍ ବା କନ୍‌କ୍ରିଟ୍ ଚାଳ କରି ଅଫିସ ବା ଡାକ୍ତରଖାନା ପାଇଁ କୋଠା ତିଆରି ହୁଏ । ଏଇପରି ଉଦାହରଣ ଅନେକ ମିଳିବ । ସେଇଭଳି ମତଲପର ଲୋକେ ବିଶ୍ୱବିଦ୍ୟାଳୟ କଥା ପଡ଼ିଲାକ୍ଷଣି କହିବେ, 'କେବଳ ସାକ୍ଷାତ୍ ଭାବରେ ଉଚ୍ଚ ଶିକ୍ଷା ଦେବାପାଇଁ ବିଶ୍ୱବିଦ୍ୟାଳୟ (Teaching University) କରିବାକୁ ହେବ । କେଂବ୍ରିଜ୍, ଅକ୍‌ସଫୋର୍ଡ଼, ପୁଣି ଢାକା, ଆଲିଗଡ଼ ପ୍ରଭୃତି ପରି ଛାତ୍ରମାନେ ସେଇ ବିଶ୍ୱବିଦ୍ୟାଳୟରେ ରହି (Residential) ବରାବର ସର୍ବତୋଭାବରେ ଏକ ନିର୍ଦ୍ଦିଷ୍ଟ ଆଦର୍ଶରେ ମନୁଷ୍ୟତା ମନୋବୃତ୍ତି ପ୍ରଭୃତିରେ ବିକଶିତ ହୋଇ ଉଠିବେ । ଏପରି ନ ହେଲେ ବିଶ୍ୱବିଦ୍ୟାଳୟ ଶିକ୍ଷା ଦରକାର ନାହିଁ । ଉଚ୍ଚ ଶିକ୍ଷାରେ ଯେବେ ଏଇପରି ଆଦର୍ଶର ଛାପ ନ ପଡ଼େ ତେବେ ସେ ଉଚ୍ଚ ଶିକ୍ଷା ଏକ ବିଡ଼ମ୍ବନା ।'

Digitized by PPRACHIN, SOA

**ଉଚ୍ଚଶିକ୍ଷା ବଢୁ, ମାଡ଼ିଯାଉ –**

ଏହା ଏକ ବିଡ଼ମ୍ବନା ହୋଇପାରେ, ମାତ୍ର ସଭ୍ୟତାର ବିକାଶରେ ପରିସ୍ଥିତି ଭେଦରେ କ୍ରିୟାର ଗତି ନିୟମିତ କରିବାର ଅବକାଶ ଦେଖି ପାରିବାହିଁ ଯଥାର୍ଥ ମନୁଷ୍ୟତା । ବିଶ୍ୱବିଦ୍ୟାଳୟକୁ ଅନ୍ୟତ୍ର ପ୍ରଚଳିତ ଆଦର୍ଶର ମାପକାଠିରେ କଷି ଦେଇ ଉଚ୍ଚ ଶିକ୍ଷାର ରାସ୍ତା ସଂକୀର୍ଣ୍ଣ ଓ ସଂକୁଚିତ କରିବାର ଅବସ୍ଥା ଓ ପରିସ୍ଥିତି ଓଡ଼ିଶାରେ ଅଛି କି ନା, ହୋଇଚି କି ନା, ତାହା ଏ କ୍ଷେତ୍ରରେ ଆଦୌ ବିଚାର୍ଯ୍ୟ । ‘‘ଶିରୋ ନାସ୍ତି ଶିରୋ ବ୍ୟଥା’’– ଉଚ୍ଚ ଶିକ୍ଷା ଏ ପ୍ରଦେଶରେ ନାହିଁ– ହୋଇ ନାହିଁ । ରାସ୍ତା ସଂକୁଚିତ କରିବ କାହାର ? ଉଚ୍ଚ ଶିକ୍ଷିତ ଏ ଦେଶରେ ନାହାନ୍ତି କହିଲେ ଚଳେ । ଉଚ୍ଚ ଶିକ୍ଷିତର ସଂଖ୍ୟା କମାଇବାର ଅବକାଶ ଏଠାରେ କାହିଁ ?

**ସ୍ୱାଧୀନ ଜୀବନରେ ମୁକ୍ତ ଚିନ୍ତା ମନକୁ ଫୁଟୁ –**

ଏ ପ୍ରଦେଶଟି ଖାଲି ନିଃସ୍ୱ, ସେତିକି ନୁହେଁ । ଏ ଇଂରେଜ ଯୁଗରେ ଶିକ୍ଷାରେ– ବିଶେଷରେ ଉଚ୍ଚ ଶିକ୍ଷାରେ ମଧ୍ୟ ଘୋର ପଶ୍ଚାତ୍‌ପଦ । ନିମ୍ନ ଶିକ୍ଷା ମଧ୍ୟ ଏଠାରେ ଶିଶୁର ଆଦର୍ଶ ଓ ଦୃଷ୍ଟି ଫିଟାଇବା ପାଇଁ କେବେ ଦିଆ ହୋଇଚି ବୋଲି ମନେ ହୁଏ ନାହିଁ । ମାତ୍ର ସେ କଥା ଏଠାରେ ନୁହେଁ । ଏଠାରେ ବିଶ୍ୱବିଦ୍ୟାଳୟ କଥା । କେତେଜଣ ବିଶ୍ୱବିଦ୍ୟାଳୟ ଉପାଧିଧାରୀ ଶିକ୍ଷିତ ଏ ପ୍ରଦେଶରେ ବିଦ୍ୟା ପାଇଁ ବିଦ୍ୟା ଚର୍ଚ୍ଚା କରନ୍ତି ? କେତେଜଣ ବା ନୂତନ ଚିନ୍ତାକୁ ବିଳାସ କରି ଜୀବନ କଟାନ୍ତି ?

**ସାକ୍ଷାଦ୍ ଉଚ୍ଚ ଶିକ୍ଷାର ବ୍ୟବସ୍ଥାଦି ଏବେ ଦରକାର ନାହିଁ–**

ଏ ବିଷୟରେ ବେଶି କହିବା ବା ଉଦାହରଣ ଦେବା ଦରକାର ନାହିଁ । ତାହା କଲେ ହୁଏତ କାହାକୁ ତିକ୍ତ ଲାଗି ପାରେ । ତିକ୍ତତା ପ୍ରକାଶ କରିବା ଉଦ୍ଦେଶ୍ୟରେ ଏହା ଲେଖାଯାଉ ନାହିଁ । ଏଠାରେ କହିବାର ଅଭିପ୍ରାୟ ଅନ୍ୟତ୍ର ଉପଯୋଗୀ ଓ ପ୍ରଚଳିତ ଛାଞ୍ଚରେ ଓଡ଼ିଶାର ବିଶ୍ୱବିଦ୍ୟାଳୟକୁ ଢାଳି ଦେଖା ସୁନ୍ଦର ଆକୃତିଟିଏ ବାହାର କରିବା ଦିଗକୁ ଯେପରି ଆମ ମନ ନ ଯାଏ । ସେଥିରେ ଖାଲି ଅର୍ଥ ଶ୍ରାଦ୍ଧ ହେବ, ଫଳ କିଛି ବିଶେଷ ହେବ ନାହିଁ । ନିତାନ୍ତ ଦରକାର ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସାକ୍ଷାଦ୍ ଶିକ୍ଷା ପାଇଁ ବ୍ୟବସ୍ଥା କରିବାର ମୋହରେ ଯେପରି ନପଡ଼ନ୍ତି, ତାହା ଦେଖିବାର ଅଛି ।

ପୂର୍ବେ କଲିକତା ବିଶ୍ୱବିଦ୍ୟାଳୟ ଯାହା ଥିଲା, ଠିକ୍ ସେଇ ରୀତିରେ ପରୀକ୍ଷା ଗ୍ରହଣ କରି ଉଚ୍ଚ ଶିକ୍ଷିତମାନଙ୍କୁ ବର୍ତ୍ତମାନ ପାଇଁ ନିଜ କର୍ତ୍ତବ୍ୟରେ ସ୍ୱାଧୀନ ଭାବରେ ଛାଡ଼ି ଦେବାକୁ ହେବ । ପ୍ରତିଯୋଗିତାର ପୀଠରେ ଶିକ୍ଷାର ଉନ୍ନତି କଳ୍ପନା କରି ଏବେ ବିଶ୍ୱବିଦ୍ୟାଳୟ ବସାଇବାକୁ ହେବ । ପରେ ହୁଏତ ଦିନେ ସେ ଶିକ୍ଷାର ବାଟ ସଂକୁଚିତ କରିବାର ସମୟ ଆସିବ । ମାତ୍ର ସେଦିନ ଏବେ ଆସି ନାହିଁ । ଦେଶରେ ଉପାଧିଧାରୀ ଉଚ୍ଚ ଶିକ୍ଷିତର ସଂଖ୍ୟା ଏବେ ବଢୁ । ସେଇ ପଛାରେ ସେ ଶିକ୍ଷାର ଗତି ମନକୁ ନିୟମିତ ହୋଇ ଦେଶ କାଳ ପରିସ୍ଥିତିର ଉପଯୋଗୀ ଜିନିଷଟି ମନକୁ ଫୁଟି ଉଠୁ ।

Digitized by PPRACHIN, SOA

**ସମସ୍ତ ଶିକ୍ଷା ବିଭାଗରେ ବିଶ୍ୱବିଦ୍ୟାଳୟ ଆଭିମୁଖ୍ୟର ପ୍ରଭାବ ଦରକାର—**

ପୁଣି ସରକାର ଶିକ୍ଷା ବିଭାଗରେ ବିଶ୍ୱବିଦ୍ୟାଳୟର ଯଥେଷ୍ଟ ହାତ ରହୁ । ମାଟ୍ରିକୁଲେଶନ ପରୀକ୍ଷା ମଧ୍ୟ ଏକାନ୍ତ ବ୍ୟାବହାରିକ ଓ ବ୍ୟବସାୟିକ ପନ୍ଥା ନ ଧରି ବିଶ୍ୱବିଦ୍ୟାଳୟର ସ୍ୱାଧୀନତାରେ ଅନୁପ୍ରାଣିତ ହେବାର ବ୍ୟବସ୍ଥା କରାଯାଉ । ଶିକ୍ଷାରେ ଏ ପ୍ରଦେଶ ନିତାନ୍ତ ପଶ୍ଚାତ୍‌ପଦ । ଏଇ ରୀତିରେ ପ୍ରଦେଶାନ୍ତରର ସମକକ୍ଷ ବୋଲି ମନୋବୃତ୍ତି ବିକାଶ କରାଇବା ଦିଗରେ ଉଦ୍ୟମ କରାଯାଉ ।

**ସାକ୍ଷାତ୍ ଶିକ୍ଷାର ଅବକାଶ—**

ପୁଣି ବିଶ୍ୱବିଦ୍ୟାଳୟରେ ଯଦି ପ୍ରଦେଶର କୌଣସି ବିଶେଷତ୍ୱ ବା ଜାତିର କୌଣସି ବିଶିଷ୍ଟ ସୌକର୍ଯ୍ୟ ଫୁଟାଇବାର ଉଦ୍ଦେଶ୍ୟ ଥାଏ, ତେବେ ସେଥିପାଇଁ ମାତ୍ର ଏବେ ସାକ୍ଷାତ୍ ଶିକ୍ଷାଦିର କଥଂଚିତ୍ ବ୍ୟବସ୍ଥା କରାଯାଇପାରେ । ନୌବିଦ୍ୟା ଓ ବାଣିଜ୍ୟ କଳା ପୁଣି ସ୍ଥାନୀୟ ପାରଂପରିକ ଶିଳ୍ପ ଭାସ୍କର୍ଯ୍ୟ ପରି ବିଭାଗମାନ ଏଇ ବିଶେଷ ସୌକର୍ଯ୍ୟର ଉଦାହରଣ ବୋଲି ଧରାଯାଇପାରେ ।

**ଅଧ୍ୟାପକ ଓ ଛାତ୍ରମାନଙ୍କ ଆଭିମୁଖ୍ୟ ଓ କାର୍ଯ୍ୟ—**

ଦେଶରେ ଶିଳ୍ପ, କୃଷି ପ୍ରଭୃତିର ଉପଯୋଗୀ ଯୋଜନାମାନ ଫୁଟାଇବା ଉଦ୍ଦେଶ୍ୟରେ ଅଧ୍ୟାପକ ଓ ଛାତ୍ରମାନେ ତତ୍ପର ହେବା ଭଳି ବିଧାନ ସବୁ କଳ୍ପନା କରାଯାଉ । ଉଦାହରଣ ସ୍ୱରୂପ, ଅର୍ଥନୀତିରେ ମାର୍ଶାଲ ସାହେବଙ୍କ ମୂଳ ନୀତି ମାତ୍ର ଧରି କଳ୍ପନାର ଖେଳ ଚଳାଇବା ପରିବର୍ତ୍ତେରେ, ଅଧ୍ୟାପକମାନେ ଶିଷ୍ୟମାନଙ୍କ ସହଯୋଗ ଓ ସାହଚର୍ଯ୍ୟରେ ଏ ପ୍ରଦେଶର ପୁରପଲ୍ଲିରେ ପ୍ରମାଣଯୋଗ୍ୟ ଖବରା-ଖବର ସଂଗ୍ରହ କରି, ତା'ଉପରେ ପ୍ରତିଷ୍ଠିତ ତତ୍ତ୍ୱମାନ ପ୍ରକାଶ କରି ପାରିବା ଭଳି ବ୍ୟବସ୍ଥା ଓ ବିଧାନ କରାଯାଉ । ଏଇପରି ସବୁ ଦିଗରେ ବିଶ୍ୱବିଦ୍ୟାଳୟର ଆଦର୍ଶ ଓ ପ୍ରତିଷ୍ଠା ପରିସ୍ଥିତିର ଉପଯୋଗୀ ହେଉ ।

**କିଂତୁ ନୀଚ ପଦମୋହ ଓ ବ୍ୟକ୍ତିସ୍ୱାର୍ଥର ମାୟା ସର୍ବଥା ତ୍ୟାଜ୍ୟ—**

ମାତ୍ର ଏସବୁ ଉଚ୍ଚ ଆଦର୍ଶାଦିର କଥା ଭାବିଲାବେଳେ ଆଉ ଗୋଟାଏ କଥା ଏଠାରେ ସ୍ୱତଃ ମନେ ପଡ଼େ । ଏ ପ୍ରଦେଶରେ ମାନବିକ ଆଦର୍ଶର ମାନଦଣ୍ଡ ଏବେ ନିଜର ପଦଲାଳସା ତଥା ବ୍ୟକ୍ତିସ୍ୱାର୍ଥର ପରିସରରୁ ଉପରକୁ ଉଠିଚି ବୋଲି ମନେ ହେଉନାହିଁ । ହୁଏତ ବିଶ୍ୱବିଦ୍ୟାଳୟ ହେବା ପୂର୍ବରୁ, ମନରେ ହେବଣି, କିଏ ଭାଇସ୍-ଚାନ୍‌ସଲର ହେବ ? କିଏ ରେଜିଷ୍ଟ୍ରାର ହେବ ? ଏପରିକି କିଏ ପରୀକ୍ଷକ ହେବ, ଏହା ମଧ୍ୟ କଳ୍ପନାର ଚକ୍ରବାଳରେ ଉଠିଥିବା ବିଚିତ୍ର ନୁହେଁ । ଏଇ ବ୍ୟକ୍ତିସ୍ୱାର୍ଥ ଓ ବ୍ୟକ୍ତିସ୍ୱାର୍ଥପୋଷକ ପଦକାମନା ହେତୁ ଓଡ଼ିଶାରେ କୌଣସି ସାହିତ୍ୟର ଅନୁଷ୍ଠାନ ଉଠିପାରୁନାହିଁ । ସଂସ୍କୃତିପୋଷକ ସାହିତ୍ୟର ଆଦର ଓ ଆଦର୍ଶ ମଧ୍ୟ ଫୁଟୁ ନାହିଁ । ବହୁ ଆଡ଼ମ୍ବରରେ ନାମିତ 'ଉତ୍କଳ ସାହିତ୍ୟ ସମାଜ' ଏହାର ପ୍ରକୃଷ୍ଟ ଉଦାହରଣ । ଏହା ପ୍ରଦେଶାନ୍ତର ବା ଦେଶାନ୍ତରରେ ଶ୍ରଦ୍ଧାଭାଜନ ହେବା ଦୂରେ ଥାଉ, ଏଇ ପ୍ରଦେଶର ଜିଲ୍ଲାମାନଙ୍କରେ ମଧ୍ୟ ନିଜ ଗୁଣ ଓ

Digitized by PPRACHIN, SOA

କ୍ରିୟାରେ ଅନାହତ ପ୍ରତିଷ୍ଠା ଅର୍ଜିପାରି ନାହିଁ । ବିଶ୍ୱବିଦ୍ୟାଳୟ ଯେପରି ସେଇ ଦୃଷ୍ଟିରେ ଓ ସେଇ ଭିତ୍ତିରେ ନ ହୁଏ, ସେଥିପ୍ରତି ଏକାନ୍ତ ସାବଧାନତା ଆବଶ୍ୟକ ।

ଓଡ଼ିଶା ପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ବସାଇବାର କଳ୍ପନା କରି ସେଇ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା ଓ ଅନୁସନ୍ଧାନ କରି ରିପୋର୍ଟ ଦେବା ପାଇଁ ଓଡ଼ିଶା ସରକାର ଗୋଟିଏ କମିଟି ବସାଇଚନ୍ତି । ଦେଶର ମତ ନେଇ ତା'ରି ଉପରେ ପରାମର୍ଶ କରି ସରକାରଙ୍କୁ ସୁପାରିସ ଦେବେ ବୋଲି ସେ କମିଟି ସ୍ଥିର କରିଚନ୍ତି ଓ ସେହି ଦୃଷ୍ଟିରେ କେତେଗୁଡ଼ିଏ ପ୍ରଶ୍ନ ତିଆରି କରି ଉତ୍ତର ପାଇବାପାଇଁ ସେସବୁ ପ୍ରଶ୍ନ ପ୍ରଚାର କରିଛନ୍ତି । ଯେଉଁମାନଙ୍କର ସେ ପ୍ରଶ୍ନସବୁ ଦରକାର, ଅଥଚ ପ୍ରଶ୍ନ ପାଇ ନାହାନ୍ତି, ସେମାନେ କମିଟିର ସେକ୍ରେଟାରୀ, କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନଙ୍କୁ ଲେଖି ସେ ପ୍ରଶ୍ନ ମଗାଇ ନେଇ ପାରନ୍ତି । ଉତ୍କଳର ବିଦ୍ୟୋତ୍ସାହୀ ସାଧାରଣଙ୍କୁ ଅନୁରୋଧ ସେମାନେ ଏ ବିଷୟରେ କମିଟିଙ୍କୁ ଯଥାଯଥ ସାହାଯ୍ୟ ଦିଅନ୍ତୁ । ବିଶ୍ୱବିଦ୍ୟାଳୟରେ ବିଦ୍ୟାର ଚର୍ଚ୍ଚା ହେବ ଓ ସେହି ବିଦ୍ୟାରେ ଉତ୍କଳର ବିଶିଷ୍ଟ ବ୍ୟକ୍ତିତ୍ୱ ଓ ଉପେୟ ଭାରତ ତଥା ପୃଥିବୀରେ ଫୁଟିବ । ଏହାହିଁ ମୋଟାମୋଟି ବିଶ୍ୱବିଦ୍ୟାଳୟର ଅର୍ଥ । ସେଥିରେ ପ୍ରଥମରୁ ଆବିଳତା ବା ଏକଦେଶଦର୍ଶିତା ରହିଲେ ହେବ ନାହିଁ । ଓଡ଼ିଶାର ଆର୍ଥିକ ଓ ଅନ୍ୟାନ୍ୟ ପରିସ୍ଥିତି ଦୃଷ୍ଟିରେ ପହିଲ ବିଶ୍ୱବିଦ୍ୟାଳୟଟି କଳ୍ପନାନୁଯାୟୀ ସର୍ବାଙ୍ଗସୁନ୍ଦର ନ ହୋଇପାରେ, ହୁଏତ ତାହା ହୋଇ ପାରିବ ନାହିଁ । ମାତ୍ର ଘରଟିର ସମ୍ୟକ୍ ଓ ସମୀଚୀନ କଳ୍ପନା କରି ସେହି ଦୃଷ୍ଟିରେ ବୁନିୟାଦ୍ ପକାଇଥିବା ଦରକାର । ସେହି କଳ୍ପନାରେ ଅନ୍ତତଃ ଓଡ଼ିଶାର ସର୍ବାଞ୍ଚଳ ଓ ସର୍ବମତର ଲୋକେ ସାହାଯ୍ୟ କରିବାର କଥା । ପ୍ରଶ୍ନରେ ହୁଏତ ସବୁକଥା ନ ଥିବ ବା ଯାହା ଅଛି ତାହା ପୂରା ନ ଥିବ । ସେଥିପାଇଁ ସମସ୍ତଙ୍କୁ ଅନୁରୋଧ, ପ୍ରଶ୍ନଗୁଡ଼ିକ ପଢ଼ି ନିଜ ନିଜ ଚିନ୍ତା ଅନୁସାରେ ଯଥୋଚିତ ପରାମର୍ଶ ଦିଅନ୍ତୁ । ସେମାନେ ଏବେ ନିଜର ଉତ୍ତର ବା ଚିନ୍ତାଗୁଡ଼ିକ ଲେଖିକରି ଦେବେ । ପରେ ଦରକାର ଅନୁସାରେ କମିଟି ମୌଖିକ କଥାବାର୍ତ୍ତାରେ ଚିନ୍ତାଗୁଡ଼ିକ ନିଜେ ଭଲ କରି ବୁଝିନେବାର ବ୍ୟବସ୍ଥା ମଧ୍ୟ କରି ପାରନ୍ତି । ଅନ୍ୟାନ୍ୟ ବିଷୟ ମଧ୍ୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ବିଶେଷରେ ଦୃଷ୍ଟି ରଖି ସମସ୍ତେ ପରାମର୍ଶ ଦେବାରେ ସାହାଯ୍ୟ କଲେ ସୁବିଧା ହେବ ।

୧ । କେଉଁ ବିଶିଷ୍ଟ ବିଭାବ କିପରି ଭାବରେ ଫୁଟାଇବା ଆମ ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେବ ? ସେଥିପାଇଁ କି କି ସରଞ୍ଜାମ କିପରି ଆହରଣ କରାଯିବ ?

୨ । ଓଡ଼ିଶାର ଆର୍ଥିକ ଅବସ୍ଥା, ଆୟତନ ଓ ଶିକ୍ଷାର ପରିସର ଦୃଷ୍ଟିରେ ବର୍ତ୍ତମାନ କେଉଁ ଶ୍ରେଣୀଠାରୁ ବିଶ୍ୱବିଦ୍ୟାଳୟ ଦୃଷ୍ଟି ଦେବେ ? ପୁଣି ମାନବର ଶିକ୍ଷା କେଉଁଠାରୁ ଉଚ୍ଚ ଶିକ୍ଷାର ସ୍ୱଷ୍ଟ ଆଦର୍ଶରେ କିପରି ନିୟମିତ ହେବା ଉଚିତ ? ସେ ସମୂହ ଓ ସାଧାରଣ 'ଉଚିତ' ଭିତରେ ପରିସ୍ଥିତି ଦୃଷ୍ଟିରେ ଓଡ଼ିଶା ବିଶ୍ୱବିଦ୍ୟାଳୟ କି ପରିସର ଧରି କିପରି କାମ ଆରମ୍ଭ କରିବେ ?

Digitized by PPRACHIN, SOA

୩ । ବର୍ତ୍ତମାନ ସାଧାରଣ ପ୍ରଚଳିତ ବିଶ୍ୱବିଦ୍ୟାଳୟ ଶିକ୍ଷା ପଦ୍ଧତିରେ ଏ ଦେଶୀ ପରମ୍ପରାର ସ୍ଥାନ କିପରି ନିର୍ଦ୍ଦେଶ କରାଯିବ ? ନା, ପରମ୍ପରା ପ୍ରତି ବିଶେଷ ଦୃଷ୍ଟି ନ ଦେଇ ସବୁ ନୂଆ କରି ଗଢ଼ିବାକୁ ହେବ ? ସବୁ ନୂଆ କରି ଗଢ଼ି ବସିଲେ ବରାବର ଗତାନୁଗତିକ ପଛାରେ ଚାଲିବାର ଯେଉଁ ବିପଦ ଅଛି ତା'ର ପ୍ରତିକାର କ'ଣ ?

୪ । ସଂସ୍କୃତ— ବୈଦ୍ୟଶାସ୍ତ୍ର ଦର୍ଶନାଦି ସହିତ— ଯେପରି ବିଶ୍ୱବିଦ୍ୟାଳୟରୁ ଅଲଗା ହୋଇ, ନିଜର ସ୍ୱତନ୍ତ୍ର ବ୍ୟବସ୍ଥାରେ ଚାଲୁଚି, ସେହିପରି ଚାଲିବ, ନା ସେସବୁ ବିଶ୍ୱବିଦ୍ୟାଳୟର ଏକାବେଳକେ ଅଂଗୀଭୂତ ହେବ ? କିମ୍ବା ସେସବୁ ସେଇପରି ରହି ମଧ୍ୟ ବିଶ୍ୱବିଦ୍ୟାଳୟ ପୁଣି ସେସବୁ ବିଷୟମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବେ ? ସେସବୁ ବିଷୟମାନଙ୍କର ଆଲୋଚନାରେ ଗବେଷଣା ଓ ତଜ୍ଜନିତ ନୂତନ ଚିନ୍ତା ଓ କ୍ରିୟାଧାରା [illegible] ନିର୍ଦ୍ଦିଷ୍ଟ ହେବ ? ଡାକ୍ତର ପ୍ରଭୃତି ସଙ୍ଗେ ବୈଦ୍ୟଶାସ୍ତ୍ରର କି ସମ୍ପର୍କ ରହିବ ?

୫ । ବ୍ୟାବସାୟିକ ଓ ବ୍ୟାବହାରିକ ଶିକ୍ଷାର ଉଚ୍ଚ ସୋପାନ ବିଶ୍ୱବିଦ୍ୟାଳୟରେ ରହିବ ନା ନାହିଁ ? ଯଦି ରହିବ ସେଥିପାଇଁ ବିଶ୍ୱବିଦ୍ୟାଳୟ ଖାଲି ଗବେଷଣାଦି ମାତ୍ରର ବ୍ୟବସ୍ଥା କରିବେ ନା ବେକାର ସମସ୍ୟା ପ୍ରତି ଦୃଷ୍ଟି ରଖି ମଧ୍ୟ ନିଜର କ୍ରିୟା ବିଧାନପୂର୍ବକ ସରକାରଙ୍କୁ କାର୍ଯ୍ୟ ଓ ପରାମର୍ଶାଦିରେ ସାହାଯ୍ୟ କରିବେ ?

ଏଇ ସବୁ ବିଷୟଗୁଡ଼ିକ ବଡ଼ ଜଟିଳ । କମିଟି ନିଜେ ବସି ପରାମର୍ଶ କରି ରିପୋର୍ଟ ଓ ସୁପାରିସ ଦେଲେ, ଏ ସବୁ ବିଷୟରେ ଆବିଳତା ନ ରହୁ ପଛକେ ଏକଦେଶଦର୍ଶିତା ରହିଯିବା ଖୁବ୍ ସଂଭବ । ଯେଉଁ ଦେଶର ଲୋକଙ୍କ ପାଇଁ ବିଶ୍ୱବିଦ୍ୟାଳୟ ହେବ, ସେଇ ଦେଶର ସବୁ ପ୍ରକାର ଚିନ୍ତାଧାରା ଆଗରେ ପଡ଼ିଯିବା ପରେ କମିଟି ନିଜର ମତ ସ୍ଥିର କରିବେ ବୋଲି ଯାହା ବିଚାର କରିଚନ୍ତି, ତାହା ଆମ ବିଚାରରେ ଠିକ୍ ହୋଇଚି । ଦେଶବାସୀ ପୂର୍ଣ୍ଣପ୍ରାଣରେ ସାହାଯ୍ୟ ଓ ସହଯୋଗିତା କରନ୍ତୁ ।

[ନବଭାରତ, କଟକ ୧୩୪୬]

# ସାହିତ୍ୟରେ ଜାତିର ଇତିହାସ

ଭାରତରେ ଧାରାବାହିକ ଇତିହାସ ଲେଖା ହୋଇନାହିଁ । ଯେଉଁଠାରେ ବା ଲେଖା ହୋଇଅଛି ସେଠାରେ ସାଧାରଣତଃ ବଡ଼ ବଡ଼ ରାଜାଙ୍କ କଥା, ତାଙ୍କରି ବିଜୟ ପରାଭବ, ଦାନ ଶାସନ ପ୍ରଭୃତି ଲିପିବଦ୍ଧ ହୋଇଛି । ଭାରତରେ ପୁରାଣ ଅଛି । ମହାଭାରତ ରାମାୟଣ ପରି ବିରାଟ ଗ୍ରନ୍ଥମାନ ଅଛି । ପୃଥିବୀରେ ଅନ୍ୟତ୍ର ପ୍ରାଚୀନ ସାହିତ୍ୟରେ ସେପରି ଗ୍ରନ୍ଥ ନାହିଁ । ମାତ୍ର ଏହି ସବୁ ଗ୍ରନ୍ଥରୁହିଁ ସମାଜର ପାରମ୍ପରିକ ଇତିହାସ ଜଣାପଡ଼େ ।

Digitized by PPRACHIN, SOA

ଭାରତର ଏହି ଇତିହାସ ଜାଣିଲେ ଭାରତକୁ ନୂତନ କରି ଗଢ଼ିବାରେ ଆମର ଯଥାର୍ଥ ଦକ୍ଷତା ଆସିବ । ଯେଉଁଠାରେ ଏପରି ଇତିହାସ ନାହିଁ ସେଠାରେ ମାନବର ଭାଷା ଅନୁସନ୍ଧାନ କରି ଇତିହାସ ଆଲୋଚନା କରିବାକୁ ହେବ । ଉଦାହରଣ ସ୍ୱରୂପ ଆମ ଭାଷାରେ ଗୋଟିଏ ଶବ୍ଦ ଅଛି 'ଦୁର୍ଭିକ୍ଷ' । ଯେଉଁମାନେ ଇଂରେଜୀ ଜାଣନ୍ତି ସେମାନେ ଏହି କଥାର ଇଂରେଜୀ ଅନୁବାଦଟି ଜାଣିଥିବେ । ତାହା ହେଉଛି Famine । Famine କଥାଟି ବାହାରିଛି ଯେଉଁ ଶବ୍ଦରୁ ତାହାର ଅର୍ଥ ହେଉଛି କ୍ଷୁଧା ବା ବୁଭୁକ୍ଷା । ଯହିଁରେ ଭୋକରେ ଖାଇବାକୁ କିଛି ନ ମିଳେ ସେ ହେଲା Famine । କିନ୍ତୁ ଆମ ଦୁର୍ଭିକ୍ଷ ଶବ୍ଦଟିକୁ ଦେଖ । ତାହାର ଅର୍ଥ ହେଉଛି ଯେଉଁ କାଳ ବା ଅବସ୍ଥାରେ କଷ୍ଟରେ ଭିକ୍ଷା ଦିଅନ୍ତି । ଏହାର କ୍ଷୁଧା ସଙ୍ଗେ ସମ୍ପର୍କ ନାହିଁ । ସମ୍ପର୍କ ହେଉଛି ଭିକ୍ଷା ସଙ୍ଗେ । ଅବଶ୍ୟ ଦୁର୍ଭିକ୍ଷର ଅର୍ଥ ନୁହେଁ ଯେ ସମସ୍ତେ ଖାଇବାକୁ ପାଆନ୍ତି, ଖାଲି ଭିକ୍ଷା ଦେବାକୁ କିଛି ମିଳେ ନାହିଁ । ଏହାର ଯଥାର୍ଥ ଅର୍ଥ ହେଉଛି ଘରେ କିଛି ଖାଇବା ଜିନିଷ ନ ଥାଏ । ଆମ ଦେଶର ସାହିତ୍ୟରେ ଭିକ୍ଷା ଦେବା ହେଉଛି ଗୃହସ୍ଥର ପରମ କର୍ତ୍ତବ୍ୟ । ଅତିଥି ଦ୍ୱାରକୁ ଆସିଲେ ତାକୁ ଫେରାଇ ଦେବା ହେଉଛି ଦୁଷ୍କୃତ । ଘରେ ନିଜର ବା ନିଜ ଲୋକଙ୍କର ଖାଇବାକୁ ଥାଉ ନଥାଉ ଅତିଥି ଆସିଲେ ଭିକ୍ଷା ଦେବାକୁ ହେବ । ଆମର ଯାହା ଅଛି ସେଥିରେ ଅଗ୍ରଭାଗ ଅତିଥିର । ଆମେ ସମସ୍ତେ ଯଜ୍ଞଶିଷ୍ଟାଶନ ଅର୍ଥାତ୍ ଅତିଥିକୁ ଦେଇସାରି ଯଦି କିଛି ବଳିଲା ସେତିକି ଆମର ଭାଗ । ନ ବଳିଲେ ଦୁଃଖ ନାହିଁ । ଅତିଥିର ସନ୍ତୋଷ ହିଁ ଆମର ଏକାନ୍ତ ସାମାଜିକ ଓ ବ୍ୟକ୍ତିଗତ କାମ୍ୟ । ଏହି ଶବ୍ଦଟିରେ ଆମ ସାହିତ୍ୟ ତଥା ବିନୟର କି ଇତିହାସ ଅଛି ତାହା ଦେଖିଲେ ପ୍ରାଣ ସରସ ହୁଏ । ଏହିପରି ଶବ୍ଦ ଓ ଭାବର ପ୍ରକାଶ ସବୁ ଅନୁସନ୍ଧାନରେ ଯଥାର୍ଥ ଲୋକ ସାହିତ୍ୟ ଓ ମାନବିକ ଇତିହାସର ଚର୍ଚ୍ଚାହୁଏ । ଏହି ସମ୍ପର୍କରେ ଦେଶର ସୁଜ୍ଞ ଓ ସନ୍ଧିସୁମାନଙ୍କୁ ଆମର ଅନୁରୋଧ, ସେମାନେ ଏହିପରି ଶବ୍ଦର ତଥା ଭାବର ପ୍ରକାଶସବୁ ଜଣାଇଲେ ଆମ ତାହା ଆନନ୍ଦରେ ପ୍ରକାଶ କରିବୁ ।

[ନବଭାରତ, ମିଥୁନ ୧୩୪୬]

# ସାଧୁଭାଷା ଓ ସାହିତ୍ୟ

**ସାଧୁଭାଷାରେ ଭ୍ରାନ୍ତି—**

ପୂର୍ବେ ଓଡ଼ିଶାରେ ସାଧୁଭାଷା ବୋଇଲେ ହୁଏତ ବୁଝୁଥିଲେ ସଂସ୍କୃତ ଭାଷା । ଠିକ୍ ସେପରି ବୁଝନ୍ତୁ ବା ନବୁଝନ୍ତୁ ସଂସ୍କୃତ ଶବ୍ଦକୁ ସାଧୁ ଶବ୍ଦ ବୋଲି ଯେ ବୁଝୁଥିଲେ ଏଥିରେ ସନ୍ଦେହ ନାହିଁ । ପ୍ରାୟ ୩୦ ବର୍ଷ ତଳେ ଓଡ଼ିଆ ପିଲାଙ୍କୁ ସ୍କୁଲରେ ସାଧୁଶବ୍ଦ ବୋଇଲେ

Digitized by PPRACHIN, SOA

ଶିଖାଇ ଦିଆଯାଉଥିଲା ଓଡ଼ିଆ ଶବ୍ଦର ସଂସ୍କୃତ ସଂସ୍କରଣ; ଯଥା– ଶଗଡ଼ର ସାଧୁଶବ୍ଦ ଶକଟ, ପାଣିର ପାନୀୟ, ହାତର ହସ୍ତ, ଘରର ଗୃହ ଇତ୍ୟାଦି । ଭାଷାରେ ମଧ୍ୟ ସେହିପରି "ସେ ସନ୍ତୋଷ ହେଲେ" ଏହାର ସାଧୁ ସଂସ୍କରଣ କୁହାଯାଉଥିଲା– "ସେ ସନ୍ତୁଷ୍ଟ ହେଲେ" । "ତୁ ପାଣି ହୋନା" ଏହାର ସାଧୁ ଭାଷା– "ତୁ ପାଣିଲିପ୍ତ ହେନା" ଇତ୍ୟାଦି । ଭୁଲରେ ମଧ୍ୟ କେହି ସଂସ୍କୃତ ନ ଜାଣିଥିବା ପଣ୍ଡିତ ଶିଖାଉଥିଲେ ପାହାଚର ସାଧୁଶବ୍ଦ ପାବଛ, ଛଇଳର ଛବିଳ ଇତ୍ୟାଦି । ପୁଣି "ରାମ ରାବଣର ବିରୁଦ୍ଧରେ ଯୁଦ୍ଧ ଯାତ୍ରା କଲେ" ଏହାକୁ ସାଧୁକରି ଶିଖାଉଥିଲେ "ରାମ ରାବଣର ବିରୋଧରେ ଯୁଦ୍ଧଯାତ୍ରା କଲେ ।" ସେ ସବୁ ଯାହାହେଉ, ଆଦର୍ଶ ଥିଲା, ସଂସ୍କୃତ ଶବ୍ଦ ଓ ବ୍ୟାକରଣ । ସେ ପରଂପରା ଏବେ ମଧ୍ୟ ବନ୍ଦ ହୋଇନାହିଁ । ଏପର୍ଯ୍ୟନ୍ତ ଓଡ଼ିଆ ପଣ୍ଡିତମାନେ ମଧ୍ୟ ଓଡ଼ିଆ ବ୍ୟାକରଣ ଓ ଶବ୍ଦତତ୍ତ୍ୱ ଅନୁସନ୍ଧାନ କରିବା ଆଡ଼କୁ ବିଶେଷ ଢଳି ନାହାନ୍ତି । ସେଥିପାଇଁ ଓଡ଼ିଆ ଭାଷା ଓ ବ୍ୟାକରଣର ବୈଜ୍ଞାନିକ ଆଲୋଚନା ଫିଟି ନାହିଁ । ପ୍ରାୟ ୫୦ ବର୍ଷ ପୂର୍ବେ ସ୍ୱର୍ଗତ ନିମାଇ ବଲ୍ଲଭ ବିଦ୍ୟାସାଗର ସଂସ୍କୃତ ସାରସ୍ୱତ ବ୍ୟାକରଣର ଅନୁକରଣରେ "ସର୍ବସାର ବ୍ୟାକରଣ" ବୋଲି ଖଣ୍ଡିଏ ଓଡ଼ିଆ ବ୍ୟାକରଣ ଲେଖିଥିଲେ । ତାହା ସେତେବେଳେ ଓଡ଼ିଆ ସ୍କୁଲମାନଙ୍କରେ ବହୁବର୍ଷ ଧରି ପାଠ୍ୟ ହୋଇଥିଲା । ଏବେ ରାଧାନାଥଙ୍କଠାରୁ ଆରମ୍ଭ କରି ଏବର ବହୁ ଓଡ଼ିଆ ବ୍ୟାକରଣ-ଲେଖକ ପର୍ଯ୍ୟନ୍ତ ସେଇ ଦଉଡ଼ି ଧରି ଗଛ ଚଢ଼ିବାରେ ଲାଗିଛନ୍ତି । ଏବେ ମଧ୍ୟ ଓଡ଼ିଆ ବ୍ୟାକରଣରେ ସୁଲୋଚନୀ, ଯୌବନୀ, ଚାରୁନେତ୍ରୀ, ଚନ୍ଦ୍ରବଦନୀ, ନୃପନନ୍ଦନା, ବିଧର୍ମୀ, ଜଗବନ୍ଧୁ, ମନବୋଧ, ଏକତ୍ରିତ ପ୍ରଭୃତି ଭୁଲ୍ ବୋଲି କୁହାଯାଉଛି ଓ ଶିକ୍ଷା ଦିଆଯାଉଛି । ଭାଷାରେ ମଧ୍ୟ ପିଲାଙ୍କୁ ବାଚ୍ୟାନ୍ତର ଶିଖାଇଲା ବେଳେ କୁହାଯାଉଛି "ମୁଁ କହିପାରେ" ଏହି କର୍ତ୍ତୃବାଚ୍ୟକୁ କର୍ମବାଚ୍ୟ କଲେ "ମୋ ଦ୍ୱାରା କରି ପାରାଯାଏ ।" "ମଧୁ ଚନ୍ଦ୍ରକୁ ଦେଖୁଛି" ଏହାର କର୍ମବାଚ୍ୟ ମଧୁଦ୍ୱାରା ଚନ୍ଦ୍ର ଦେଖାହେଉଛି । "ରଙ୍ଗ ଟହଟହ" ନ ଲେଖି, ହୁଏତ ଲେଖୁଛନ୍ତି "ରଙ୍ଗ ଟକଟକ ।" ସୁଖ ପାଇବାକୁ ଭଲ ପାଇବା, ଦେଖି ପାରିବାକୁ ଭଲବାସିବା, ଯାହାକୁ ଯେତେ ନ ଲେଖି ଯଥେଷ୍ଟ, ନିଆଁ ହୁତ୍‌ହୁତ୍ ହୋଇ ନ ଜଳି ଧୂ ଧୂ ହୋଇ ଜଳୁଛି, ହୁବୁ ନହୋଇ ହୁବହୁ ହେଉଛି, ଏପରି ଅନୁକରଣର ଗୌଣ ମନୋବୃତ୍ତ ମଧ୍ୟ କ୍ରମେ ବେଶି ବେଶି ପ୍ରକାଶ ପାଉଛି । କିନ୍ତୁ ଏସବୁ କଥା ଏଠାରେ ମୁଖ୍ୟତଃ ବିଚାର କରାଯାଉନାହିଁ । ଆମର ଏଠାରେ ବିଚାର ସାଧୁଭାଷା ।

**ସାଧୁ କିଏ ?–**

ଏହି ସାଧୁଭାଷା ସଂସ୍କୃତ ଭାଷା ନୁହେଁ ବା ସାଧୁଶବ୍ଦ ସଂସ୍କୃତ ଶବ୍ଦ ନୁହେ । ସାଧୁ ବୋଇଲେ ଶୁଦ୍ଧ ଅର୍ଥ ହୋଇପାରେ । ମାତ୍ର ଓଡ଼ିଆରେ ଏହି ସାଧୁ କଥାଟି ଏ ଅର୍ଥରେ ପ୍ରାଚୀନ । ଏହାର ବିପରୀତବୋଧକ କଥାଟି ହେଉଛି ସଂସ୍କୃତରେ ଗ୍ରାମ୍ୟଭାଷା । ଓଡ଼ିଶାରେ ସାଧୁଶବ୍ଦଟି ବଡ଼ ପ୍ରାଚୀନ ଓ ପରଂପରାର ପ୍ରତିଷ୍ଠିତ ଭାବରେ ପୂର୍ଣ୍ଣ । ସାଧୁ ବୋଇଲେ

Digitized by PPRACHIN, SOA

ବଣିକ୍ ବା ବେପାରୀ । କଥାରେ ଏହାକୁ ସାଧବ ବା ସାଧୁତ କହୁଥିଲେ । ସାଧବାଣିବୋହୂ (ଅବଶ୍ୟ ଏବର ତଥାକଥିତ ଓଡ଼ିଆ ବୈୟାକରଣିକ ପଣ୍ଡିତମାନଙ୍କ ମତରେ ଏ ଶବ୍ଦଟି ଅଶୁଦ୍ଧ, ଶୁଦ୍ଧ ଶବ୍ଦଟି ସାଧବବୋହୂ) ଚିତା ମୁରୁଜରେ ବୋଇତ ଲେଖି ଏବେ ମଧ୍ୟ ପପେଇ ଉଆଁସ ବାସି ଦିନ ସକାଳୁ ବନ୍ଦାଇ ଆଣୁଚି । ଏ ସାଧୁ କିଏ ? ଓଡ଼ିଶାରେ କୃଷି ଓ ବାଣିଜ୍ୟ ଏକା ଲୋକ ବା ଜାତିର ବ୍ୟବସାୟ ଥିଲା । ସେହିମାନେ ପୁଣି ଭୂସେନା ଓ ନୌସେନାର କାର୍ଯ କରୁଥିଲେ । ଭୂସେନାର ନାମ ଥିଲା ଖଣ୍ଡାଇତ ବା ଖଣ୍ଡେଇତ ଅର୍ଥାତ୍ ଖଣ୍ଡା ଅଛି ଯାହାର । କିମ୍ବା ଏହା ଖଣ୍ଡାୟତ୍ତ ଏହି ସଂସ୍କୃତ ଶବ୍ଦରୁ ବାହାରିଛି । ଏହାର ଅର୍ଥ ଖଣ୍ଡା ଆୟତ୍ତରେ ଯାହାର । ନୌସେନାର ନାମ ଥିଲା କୈବର୍ତ୍ତ । ଅର୍ଥାତ୍ ଜଳରେ 'କ' ବା ଜଳରେ ଯେଉଁମାନେ ରହନ୍ତି ବା ବୃତ୍ତି କରନ୍ତି । ଏ କୈବର୍ତ୍ତ କିନ୍ତୁ କେଉଁଟ ନୁହନ୍ତି ଯଦିଚ କେଉଟ ମଧ୍ୟ କୈବର୍ତ୍ତ ପଦାବାଚ୍ୟ । ଏ କୈବର୍ତ୍ତ ଖଣ୍ଡାୟତଙ୍କ ପରି ଓଡ଼ିଶାର ସାଧୁ (ସାଧବ ବା ସାଧୁତ) ବା ବୈଦିକ ଭାଷାରେ ବିଶ୍ ବା ବୈଶ୍ୟ । ଏବେ ଓଡ଼ିଶାର ସେନା ନାହାନ୍ତି । ମାତ୍ର ଏହି ବୈଶ୍ୟମାନେ ଏବର ଖଣ୍ଡାୟତ । ଏମାନେ ଏବେ କ୍ଷତ୍ରିୟ ବୋଲି ଦାବି କରୁଛନ୍ତି । ଏ ଦାବିରେ ଅସଙ୍ଗତି କିଛି ନାହିଁ । ବୁଝାଇ କୁହାଯାଇଛି ଓଡ଼ିଶାରେ ବୈଶ୍ୟହିଁ କ୍ଷତ୍ରିୟ ଥିଲା । ଚାଷ ବାଣିଜ୍ୟରେ ଲାଗି ରହିଥିବା ପ୍ରଜାମାନେ ଭୂସେନା ଓ ନୌସେନାର କାର୍ଯ କରୁଥିଲେ । ଏହି କୈବର୍ତ୍ତମାନଙ୍କ ବଂଶଧରମାନେ ଏବେ ମଧ୍ୟ ମେଦିନୀପୁର କାନ୍ଥୀ ପ୍ରଭୃତି ଅଞ୍ଚଳରେ ଅଛନ୍ତି । ଦିନେ ଏହିମାନଙ୍କ ବଂଶୀୟ ପ୍ରାଚୀନ ବଙ୍ଗରେ ସାମ୍ରାଜ୍ୟ କରିଥିଲେ ।

**ଏଇ ସାଧୁଙ୍କ ଭାଷା, ସାଧୁ ଭାଷା—**

ଏହି ସାଧୁମାନଙ୍କର ଭାଷା ଓଡ଼ିଶାରେ ସାଧୁ ଭାଷା । ଏହା ଗ୍ରାମ୍ୟ ଭାଷା ନୁହେ । ଏହା ବରଂ ଚିରନୌବାଣିଜ୍ୟସେବୀ ଓଡ଼ିଶା ବଣିକ ଭାଷା । ଓଡ଼ିଆ ଜଗନ୍ନାଥ ଧର୍ମ ଯେପରି ଉଦାର ଓ ସର୍ବସମନ୍ୱୟର ସଂକେତ ଓଡ଼ିଆର ଭାଷା ମଧ୍ୟ ସେପରି ସର୍ବଦା ଆହରଣପର ସ ଆହରଣରେ ପୁଷ୍ଟ ଓ ବଳିଷ୍ଠ । ଏ ଆହରଣ ଅବଶ୍ୟ ଅନୁକରଣ ନୁହେ ।

**ଇଂରେଜୀରେ ଦୃଷ୍ଟାନ୍ତ—**

ଏ ଆହରଣ ଓ ଅନୁକରଣ ବିଷୟରେ ଅଧିକ କହିବାର ଅବକାଶ ନାହିଁ । ଓଡ଼ିଶାର ସାଧୁଭାଷା ଆମର ବିଚାର୍ଯ୍ୟ । ଏହି ସାଧୁଭାଷା ସମସ୍ତ ଓଡ଼ିଶା ପାଇଁ ଗୋଟିଏ ଭାଷା । ତା ନହେଲେ ଓଡ଼ିଆ ଭାଷାବୋଲି କହିଲେ ଅର୍ଥ କିଛି ନାହିଁ । ଉଦାହରଣ ସ୍ୱରୂପ ଇଂରେଜୀ ଭାଷା ପୃଥିବୀରେ ସର୍ବତ୍ର ଚଳେ । ବିଶେଷତଃ ଇଂରେଜ ସାମ୍ରାଜ୍ୟରେ ତାହା ନିଜର ଭାଷା ପରି ଚଳେ । ଆମେରିକାର ୟୁନାଇଟେଡ୍ ଷ୍ଟେଟ୍‌ସ୍‌ରେ ମଧ୍ୟ ଚଳେ । କିନ୍ତୁ ଇଂରେଜୀର ସାଧୁଭାଷା କିଏ ଓ କେଉଁଠାରେ ? ଲଣ୍ଡନ ଓ ମିଡଲ୍‌ସେକ୍ସର ଭାଷା ହେଉଛି ସାଧୁ ଇଂରେଜୀ ଭାଷା । ସ୍କଟ୍ ଲଙ୍ଗପେଲୋଙ୍କ ପରି ଉପାନ୍ତ ଓ ଦୂରସ୍ଥିତ ଭୂମିର

Digitized by PPRACHIN, SOA

ପ୍ରସିଦ୍ଧ ଲେଖକମାନେ କୋର୍ସରେ ବେଳେବେଳେ ପ୍ରାଦେଶିକ ଭାଷାର ଅଂଶମାନଙ୍କୁ ଇଂରେଜୀରେ ପୂରାଇ ଦେଇଛନ୍ତି ସତ, ହେଲେହେଁ ସେ ସବୁ ସାଧୁଭାଷାର ପ୍ରକୃତି ବଦଳାଇ ନାହିଁ । ଏପରି ବଦଳାଇଲେ ଇଂରେଜୀ ଗୋଟାଏ ହୋଇ ରହି ପାରନ୍ତା ନାହିଁ । ଅନ୍ୟ ଦେଶ ଲୋକେ ମଧ ଇଂରେଜୀ ବୋଲି ଭାଷାଟିଏ ପଢ଼ି ପାରନ୍ତେ ନାହିଁ । ଦରକାରମତେ ଶବ୍ଦଟାଏ ବା ଭାବର ପ୍ରକାଶଟାଏ ଭାଷାରେ ମିଶିଯାଇପାରେ ମାତ୍ର ସେଥିରେ ଭାଷାର ଛାଞ୍ଚ ବିଗିଡ଼ି ଯାଏ ନାହିଁ । ସେହି ଛାଞ୍ଚଟା ହେଉଛି ପ୍ରତ୍ୟେକ ଭାଷାର ସାଧୁଭାଷା । ଏ ସାଧୁଭାଷା ଶବ୍ଦରେ ଯେପରି ଭାବପ୍ରକାଶରେ ମଧ ସେହିପରି ଖୋଜିବାକୁ ହେବ ।

## ପାଠ୍ୟପୁସ୍ତକ ବିଭ୍ରାଟ–

ଓଡ଼ିଆର ଏବେ ସାଧୁଭାଷାଟି କିଏ ? ଆଜି କୌଣସି ଲେଖକଙ୍କ ଭାଷା ସାଧୁଭାଷା ହେବା ଅବସ୍ଥାରେ ନାହିଁ । କାରଣ କୌଣସି ଲେଖକଙ୍କ ଲେଖା ଦେଶରେ ବ୍ୟାପିଯାଉନାହିଁ । ଭୁଲରେ ହେଉ ଭଲରେ ହେଉ, କୌଣସି କାରଣରୁ ଦିନେ ମଧୁ-ରାଧାନାଥଙ୍କ ଭାଷା ଓଡ଼ିଶାରେ ବ୍ୟାପିଥିଲା । ଯଥାର୍ଥ ଓଡ଼ିଆ ଲେଖକ ଫକୀରମୋହନ କିନ୍ତୁ ସେପରି ପଶିପାରି ନଥିଲେ । ସେ ଯାହା ହେଉ, ସେ ଦିନ ଏବେ ନାହିଁ । ବଙ୍ଗ ଦେଶ ବା ଅନ୍ୟଦେଶ ପରି ସାହିତ୍ୟ ସାଧନା ଧରି ଲୋକେ ଏ ପ୍ରଦେଶରେ ରହିପାରିବାର କୌଣସି ସୁବିଧା ନାହିଁ । ଗୋଟିଏ ମାତ୍ର ସୁବିଧା ହେଉଛି ପାଠ୍ୟପୁସ୍ତକ । ସେଥିପାଇଁ ଗୋଟିଏ କମିଟି ଅଛି । ସେଥିରେ ପୁଣି ସାହିତ୍ୟଠାରୁ ରାଜନୀତି ଓ ବ୍ୟବସାୟର ପ୍ରଭାବ ବେଶି । ପ୍ରଥମ ନିୟମ ହୋଇଛି, ଗ୍ରନ୍ଥର ଲେଖକମାନେ କମିଟିରେ ରହି ପାରିବେ ନାହିଁ । ଅର୍ଥାତ୍ ମତାମତ ଦେବାର ଅଧିକାର ତାଙ୍କର ନାହିଁ । ଅଲେଖକମାନଙ୍କ ଭିତରେ ଭାଷା ସାହିତ୍ୟର ଚର୍ଚ୍ଚା କରି ଜାଣିବା ଲୋକେ ପ୍ରାୟ ନାହାନ୍ତି । କମିଟିର ସମାଲୋଚନା ମଧ ପଦାକୁ ବାହାରେ ନାହିଁ । ଅତଏବ ସେଠାରେ ସବୁ କାର୍ଯ୍ୟ "ଅନ୍ଧେନୈବ ନୀୟମାନା ଯଥାନ୍ଧଃ" । ପୁଣି ସେଠାରେ ଭାଷା ଓ ସାହିତ୍ୟ ସଂପତ ଓ ଶୃଙ୍ଖଳିତ କରିବା ପନ୍ଥା ନ ଜାଣିବା ଆଉ ଗୋଟିଏ ସ୍ପଷ୍ଟ ପ୍ରମାଣ ହେଉଛି ଭାଷା ଓ ସାହିତ୍ୟରେ ଦଶଖଣ୍ଡ ବହି ମଞ୍ଜୁର ହେବ । ପିଲା ଓ ମାଷ୍ଟ୍ରମାନେ ସେଥିରୁ ବାଛି ପଢ଼ିବେ ଓ ପଢ଼ାଇବେ । ଏଠାରେ ଦୃଷ୍ଟି ଅଛି ପ୍ରାଦେଶିକତା ପ୍ରତି । ଗଞ୍ଜାମ ଲୋକେ ଗଞ୍ଜାମୀ ଭାଷା ଥିବା ଭଳି ବହି ପଢ଼ିବେ, ସମ୍ବଲପୁର ଛାତ୍ରମାନେ ତାଙ୍କ ଜିଲାକୁ ହେଲା ଭଳି ବହି ପଢ଼ିବେ । ଏପରି ମଧ ଆମ୍ଭେମାନେ ଜାଣୁ ପୁରୀ କଟକର ବିଶିଷ୍ଟ ଗ୍ରନ୍ଥକାରମାନଙ୍କ ପୁସ୍ତକ ଗଞ୍ଜାମୀ ସମାଲୋଚକ ପ୍ରାଦେଶିକ ଶବ୍ଦବହୁଳ ବୋଲି ନାମଞ୍ଜୁର କରିବାକୁ ସୁପାରିସ୍ କରି କୃତକାର୍ଯ୍ୟ ହୋଇଛନ୍ତି । ସେହିପରି କଟକ ଲୋକେ ହୁଏତ ଘୁମୁସର ଭାଷାକୁ ପ୍ରାଦେଶିକତା ମଣି କାଟୁଥିବେ । ଏସବୁର ପ୍ରତିକାର ନ ହେଲେ, ସାଧୁଭାଷା ଶୀଘ୍ର ସ୍ଥିରୀକୃତ ନହେଲେ ଏ ଭାଷାରେ ଶିକ୍ଷା ବିକଟାକାର ହେବ ।

Digitized by PPRACHIN, SOA

**ବ୍ୟାକରଣର ଅଭାବ—**

ପୁଣି ଏକ ଅସୁବିଧା । ଓଡ଼ିଆ ଭାଷାର ବ୍ୟାକରଣ ପଢ଼ା ବନ୍ଦ ହୋଇଚି । ସେ ଚର୍ଚ୍ଚା ହେଉନାହିଁ । କାହିଁକି ନା, ଇଂରେଜୀ ପଢ଼ାରେ ତାହା ହୁଏ ନାହିଁ ବା ନ ହେଲେ ଚଳେ । ବିଚାରିଦେଲେ ଖାଲି ଆମ ଭାଷା ଇଂରେଜୀ ପରି ହୋଇଯିବ ନାହିଁ । ଆମ ଭାଷାରେ ଶବ୍ଦର ପ୍ରକୃତି ଓ ପ୍ରୟୋଗ ତଥା ଭାବପ୍ରକାଶ ଶୈଳୀ ଏବେ ମଧ ମାପ କାଠିରେ ସ୍ଥିର ହେବା ଅବସ୍ଥାକୁ ଆସି ନାହିଁ । ଏତେବେଳେ ବ୍ୟାକରଣର ସମ୍ୟକ୍ ଆଲୋଚନା ଭାଷା ଓ ସାହିତ୍ୟ ଶିକ୍ଷାର ଏକାନ୍ତ ଅଙ୍ଗୀଭୂତ ହେବା ଉଚିତ । ଏହା ପୁଣି ଐଚ୍ଛିକ ନୁହେ, ଆବଶ୍ୟକ ।

**ସାହିତ୍ୟ ସମାଜ—**

ସାହିତ୍ୟ ସମାଜଙ୍କ ଏ କ୍ଷେତ୍ରରେ କର୍ତ୍ତବ୍ୟ ଅଛି । କିନ୍ତୁ ଯେଉଁ ଦେଶର ସାହିତ୍ୟିକ ଗଣକ ଓ ଜ୍ୟୋତିଷ, ବାମମାର୍ଗୀ ଓ ମାନ୍ତ୍ରିକ ତଥା ସଂସ୍କୃତ ଓ ଓଡ଼ିଆ ମଧରେ ପ୍ରଭେଦ ବୁଝନ୍ତି ନାହିଁ, ସେହି ଦେଶର ସାହିତ୍ୟିକମାନେ ସମାଜଟିଏ କଲେ କ'ଣ ବା କରିବେ ? ଖାଲି କିଏ ସଭାପତି ହେବ, ତଦ୍ଦ୍ୱାରା କାହାର କେତେ ଲାଭ ହେବ, କେଉଁ ଦଳର ପ୍ରତିପତ୍ତି ବଢ଼ିବ, ତାହାରି ଫଳରେ କାହା ବହି ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇ କେତେ ପଇସା ମିଳିବ, ଏହିସବୁ ବା ଏହିଭଳି ବିଚାରରେ ସାହିତ୍ୟ ସମାଜ ନିଜର କର୍ତ୍ତବ୍ୟ ଦେଖିଲାପରି ମନେ ହେଉଛି । ଦିନେ ସାହିତ୍ୟ ସମାଜ ଗୋପୀନାଥ ନନ୍ଦଙ୍କ ଅଭିଧାନ ଲେଖାଇଥିଲେ । ତାହାର ଆଲୋଚନା କରିଥିଲେ । ସେହି ସୂତ୍ରରେ ନନ୍ଦଙ୍କୁ ଭାଷାତତ୍ତ୍ୱ ଲେଖିବାପାଇଁ ଉତ୍ସାହିତ ମଧ୍ୟ କରିଥିଲେ । ଆଜି ପହରାଜଙ୍କ ବିରାଟ କୋଷ ଆସି ସରିବା ଉପରେ । କିନ୍ତୁ ଏକା ପହରାଜଙ୍କ ଛଡ଼ା ତାହାର ଆଉ ସମାଲୋଚକ ଥିବାର ଆମେ ଜାଣି ନାହୁଁ । ଯେ ବା ଖଣ୍ଡିତ ସମାଲୋଚନା କରିଛନ୍ତି ସେ ଦେଶକୁ ପ୍ରଭାବିତ କରିବା ଭଳି ତାହା ଶୃଙ୍ଖଳିତ ଓ ବିଜ୍ଞାନ ସମ୍ମତ ଭାବରେ କରିନାହାନ୍ତି । ବଡ଼ କାମଟାଏ ଦେଖି କେବଳ ସ୍ତୁତି କରିଯିବା ସମାଲୋଚନା ନୁହେ । ବଡ଼ ବଣରେହିଁ ବଡ଼ ବାଘ ଥାଇପାରନ୍ତି । କବି ତାହାର ଶୋଭା ଦୂରରୁ ଦେଖି ସ୍ତୁତିଗାନ କରନ୍ତି । କିନ୍ତୁ ସେ ସ୍ତୁତି ବଣର ଯଥାର୍ଥ ପ୍ରକୃତି-ପ୍ରକାଶ ନୁହେଁ ।

**ବାଟ ଦେଖାଇବା ଦରକାର—**

ଅତଏବ ଓଡ଼ିଶାର ସାଧୁଭାଷା ଅତିଶୀଘ୍ର ଠିକ୍ କରିବାକୁ ହେବ । ଓଡ଼ିଶା ଭାଷାର ପ୍ରକୃତି ଓ ପ୍ରୟୋଗ ବୈଷୟିକ ଭାବରେ ଆଲୋଚନା କରି ବାଟ ଦେଖାଇବାକୁ ହେବ । ଶିକ୍ଷା ବିଭାଗ ତଥା ସାହିତ୍ୟ ସମାଜ ଏଥିରେ ମନ ଦିଅନ୍ତୁ । ପୁଣି ରାଜନୀତିର ପ୍ରଭାବରେ ସାଧୁଭାଷା ଓ ସାହିତ୍ୟର ଗତି ଯେପରି କଳୁଷିତ ନ ହୁଏ ତାହା ଜଗନ୍ତୁ ।

Digitized by PPRACHIN, SOA

# ସାହିତ୍ୟ ସମ୍ମିଳନୀରେ ସଭାପତି ଅଭିଭାଷଣ

ସାହିତ୍ୟ ସମାଜର କାର୍ଯକର୍ତ୍ତାଗଣ ଓ ସାହିତ୍ୟସେବୀ ଭଦ୍ରମଣ୍ଡଳି,

**ନିଜ କଥା–**

ପହିଲୁ ମୋ ନିଜ କଥା କହିବି । ମତେ ଆପଣମାନେ ସଭାପତି କରିଚନ୍ତି । କାହିଁକି, ତା ଆପଣମାନେ ଜାଣନ୍ତି । କିଂତୁ ଆପଣମାନେ ଠିକ୍ କରନ୍ତୁ, ଭୁଲ କରନ୍ତୁ, କର୍ତ୍ତବ୍ୟର ଭାରତ କଳ୍ପନା ମାତ୍ରରେ ମୁଁ ନିତାନ୍ତ ଅବନତ ଥିଲେହେଁ, ଆପଣମାନଙ୍କୁ ପୂର୍ଣ୍ଣ ପ୍ରାଣର କୃତଜ୍ଞତା ଜଣାଉଅଛି । ସାରସ୍ୱତ ସେବା ବ୍ରତ କରି ଜୀବନ ଆରଂଭ କରିଥିଲି; ଯୌବନର ଅନନ୍ତ ସୂଚନାରେ ସେଇ ଅଭିଳାଷକୁ ପ୍ରେରଣାର ଭିତ୍ତି କରିଥିଲି । ମାତ୍ର ସମୟ ଆସିଲା, ଯେତେବେଳେ ମୁଁ ବୁଝିଲି, ଜାତି ବାବା ସମାଜର ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ କଳ୍ପେ ରାଜା-ରୟତ, ଚାଟ-ପଣ୍ଡିତ, ପୋଷ୍ୟ-ପାଳକ ସମସ୍ତଙ୍କୁ ଏକ କ୍ଷେତ୍ରରେ ମା ଚଂଚଳାଙ୍କ କର୍ମଭୂମିର ପ୍ରେତ କଂକାଳ ତାଣ୍ଡବରେ ଯୋଗ ଦେବାକୁ ଦେବାକୁ ହେବ । ଜଗତର ଜାତି ଓ ସମାଜରେ ଏବେ ଏଇପରି ସମୟ ଆସୁଚି । ଚଞ୍ଚଳା ଲକ୍ଷ୍ମୀଦେବୀଙ୍କ ଏଇ ପ୍ରେତ ତାଣ୍ଡବରେ ଆଇନ୍‌ଷ୍ଟାଇନ୍‌ଙ୍କ ପରି ତତ୍ତ୍ୱଜ୍ଞଙ୍କଠାରୁ ବୁଖାରିନ୍‌ଙ୍କ ପରି ଲୋକନିୟନ୍ତା ମଧ କ୍ରୀଡ଼ନକ ପରି ଉତ୍କ୍ଷିପ୍ତ ଓ ଧ୍ୱସ୍ତ ହେଉଚନ୍ତି । ଏଇ ଚଂଚଳାଙ୍କ ପ୍ରେତନୃତ୍ୟ ବା ପଲିଟିକ୍‌ସ୍ ଏ ଦେଶରେ ପୁଣି ଏକ ବିରାଟ ହଟଯୋଗର କୁହକ ଲୀଳା । ଏଥିରେ ଭାରତୀକଳାର ଲାସ୍ୟ ନାହିଁ, କିଂବା ପାଶ୍ଚାତ୍ୟ ଅଭିଯାନର ତାଣ୍ଡବ ନାହିଁ; ଅଛି ଏକା ଅନିର୍ଦ୍ଦିଷ୍ଟତା ଓ ଏ ଅନିର୍ଦ୍ଦିଷ୍ଟତା ଭିତରେ ଆତ୍ମବିସ୍ମୃତି । ଆତ୍ମବିସ୍ମୃତିର ସେଇ ଉତ୍ତେଜନା ମଧରେ ଆପଣମାନଙ୍କର ଶୁଦ୍ଧ ସାରସ୍ୱତ ଆହ୍ୱାନ ମୋର ଘୋର ନିଦାଘକ୍ଳିଷ୍ଟ କୃଷାଣ କର୍ଣ୍ଣରେ ଯେପରି କି ଦୂର ବନାନ୍ତର ସାଂଧ୍ୟ ଶୀତଳ ବଂଶୀଧ୍ୱନି ଢାଳି ଦେଇଥିଲା । ସେ ଧ୍ୱନିର ଆକର୍ଷଣ ଏଡ଼ିବାର ନୁହେଁ । ତା'ର ସେବାରେ ସାମର୍ଥ୍ୟର ବିବେଚନା ନାହିଁ କି ଆତ୍ମଗ୍ଳାନିର ଅବକାଶ ନାହିଁ । ଏ ସେବନ ସ୍ପୃହାରେ ସ୍ୱାର୍ଥପରତା ଥାଇପାରେ; ଏଥିରେ "ପୂଜ୍ୟ-ପୂଜା-ବ୍ୟତିକ୍ରମ" ହୋଇପାରେ; ମାତ୍ର ଏ ସ୍ୱାର୍ଥପରତା ସହନୀୟ; ଏ "ପୂଜ୍ୟ-ପୂଜା-ବ୍ୟତିକ୍ରମ"ରେ 'ଶ୍ରେୟ ପ୍ରତିବନ୍ଧ' ହୁଏ ନାହିଁ ।

**ସାଧୁବାଦ–**

ଉଦ୍ୟୋକ୍ତାମାନଙ୍କୁ ମୋର ଆନ୍ତରିକ ସାଧୁବାଦ । ଆଜି ଏ ସାଧୁବାଦ ଏକା କେବଳ ଘଟନାରେ ସହଜ ଓ ସ୍ୱାସ୍ଥ୍ୟକର ସାଧୁବାଦ ନୁହେ । ଏହା ଯଥାର୍ଥରେ "ଯୋଗ୍ୟଂ

---

ନିଖିଳ ଉତ୍କଳ ସାହିତ୍ୟ-ସମ୍ମିଳନୀ ସଭାପତିଙ୍କ ଅଭିଭାଷଣ

[ଏପ୍ରିଲ୍ ୨୩ ତାରିଖ, ୧୯୩୮, ସଭାପତି– ପଣ୍ଡିତ ନୀଳକଣ୍ଠ ଦାସ]

Digitized by PPRACHIN, SOA

ଯୋଗ୍ୟେନ ଯୋଜୟେତ୍ ।'' ଗତ ତିନିଶ ବର୍ଷରୁ ଅଧିକ କାଳ ଧରି ଓଡ଼ିଶାର ସାଂସ୍କୃତିକ ବ୍ୟକ୍ତିତ୍ୱ ନାନା ଦୁରପନେୟ ଓ ଦୁରତିକ୍ରମ୍ୟ ପ୍ରତ୍ୟବାୟରେ ଛିନ୍ନ ଭିନ୍ନ ହୋଇ ଆତ୍ମବିକାଶ ଆନ୍ତର ଓ ମୌଳିକ ପ୍ରଭାବ ହରାଇ ବସିଥିଲା; ଆତ୍ମପ୍ରକାଶର ପରିସ୍ଥିତି ନ ଥିଲା; ବାହାର ବାତ୍ୟାର ଘୋର ତାଡ଼ନାରେ ଏକପ୍ରକାର ଦିଙ୍‌ମୋହ ହୋଇଥିଲା । ସେତେବେଳେ ଯେଉଁ ପୁରୁଷପୁଂଗବମାନେ ନିଜର ବଳିଷ୍ଠ ବ୍ୟକ୍ତିତ୍ୱର ପୁରୋଦୃଷ୍ଟିରେ ଏଇ ପ୍ରାଣପ୍ରତିଷ୍ଠାର ଅନୁଷ୍ଠାନ ଆରଂଭ କରିଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଆଜି ଏ ସାଧୁବାଦର ପହଁଚରୁ ବାହାରେ । ହେଲେହେଁ ସେମାନଙ୍କର ଅମର ଆତ୍ମା ଆଜି ବିକାଶରେ ଜୀବନ୍ତ— ମୋର ବିଶ୍ୱାସ, ଗ୍ରାହକତାରେ ମଧ୍ୟ ସରସ । ନାମ କରିବି ନାହିଁ, କରିବା ଠିକ୍ ନୁହେ । ମାତ୍ର ସେଇ ସାଧକ ସଂଘରୁ ଆଜି ଯେଉଁମାନେ ଅବଶିଷ୍ଟ, ସେମାନଙ୍କର ସାଧୁପ୍ରେରଣା ପ୍ରବୀଣ ହେଲେହେଁ ଅନୁଭବ୍ୟ । ଯେଉଁମାନେ ପୁଣି ସେଇ ପ୍ରେରଣାର ଉତ୍ତରାଧିକାରୀ, ସେମାନେ ସାଧକ ଓ ଯଥାର୍ଥରେ ସାଧୁ । ଫକୀରମୋହନ, ମଧୁ, ରାଧାନାଥ, ରାମଚନ୍ଦ୍ର, ହରିହର ପ୍ରଭୃତିଙ୍କ ପ୍ରଭାବ ଆଜି ପରିସ୍ଥିତିରେ ମିଶିଯାଇଚି । ଉପହାରର 'ସବୁର୍ଣ ଲେଖନୀ' ଓ ଉପାଧିର 'ସରସ୍ୱତୀ', ଆଜି ତାଳଚେର ଗୌରୀଶଂକର ପୁରସ୍କାରରେ ହୁଏତ ଆତ୍ମବିକାଶରେ ଆତ୍ମଦାନ କରିଚି । ମାତ୍ର ଗୋପିନାଥ ମୃତ୍ୟୁଂଜୟ ଆଜି ଗୋପାଳଙ୍କ ଭାଷାକୋଷରେ ଜୀବନ୍ତ । ପ୍ରାଚୀର ଆର୍ତ୍ତବଲ୍ଲଭ, ବିନାୟକ, ପରମାନନ୍ଦ ଶ୍ୟାମସୁନ୍ଦରଙ୍କର ସ୍ପଷ୍ଟ ସ୍ମାରକ । ଘୋର ରାଜକାର୍ଯ ଓ ନିର୍ଦ୍ଦିଷ୍ଟବୃତ୍ତିର ତାଡ଼ନା ଓ ଜଂଜାଳ ଭିତରେ ମଧ୍ୟ ସାଧକ ଚିନ୍ତାମଣି ଆଜି ନିଜ ଯୌବନର ପ୍ରେରଣା ପରିପୋଷଣ କରି ଓଡ଼ିଶାର ଇତିହାସ ଅନୁସଂଧାନରେ ଲାଗିଚନ୍ତି । ସୁପଣ୍ଡିତ ବିପିନବିହାରୀ ନୂତନ ବିଭାବର ବିକାଶରେ ନିବିଷ୍ଟ ରହିଚନ୍ତି । ଆଶାଶୀଳତାର କର୍ମନିଷ୍ଠାରେ ମଧ୍ୟ ଲକ୍ଷ୍ମୀନାରାୟଣ ପ୍ରମୁଖ ଏଠାରେ ସ୍ମରଣୀୟ । ପୁଣି ସମସ୍ତଙ୍କ ଭିତରେ ଆଜି ସମୂହ ଭାବରେ ଆକାଂକ୍ଷା ଓ ଆତ୍ମପ୍ରତିଷ୍ଠାର ସୂଚନା ସ୍ପଷ୍ଟ ହୋଇଚି । ସରସ୍ୱତୀଙ୍କ ସେବାରେ ଲକ୍ଷ୍ମୀ ପ୍ରଣୋଦିତ ଦଳାଦଳି ଛିଡ଼ିଆସୁଚି— ବିକାଶର ଉପେୟ ଫୁଟି ଉଠୁଚି । ଆଜିର ଉଦ୍ୟୋକ୍ତାମାନେ ଏ ସମସ୍ତର ପ୍ରତୀକ— ଏ ବେଦରେ ଆଜି ସେଇମାନେଇ 'ଓଁ' କାର ।

**ସାହିତ୍ୟ ସମାଜର ପୋଷଣ—**

କି ନିରାଶା ଓ ନିରୁତ୍ସାହର ଦାରୁଣ ପରିସ୍ଥିତି ମଧ୍ୟରେ 'ଉତ୍କଳ ଓ ସାହିତ୍ୟ ସମାଜ' ବଂଚି ରହିଚି, ତା ବର୍ଣନା କରି ପାରିବି ନାହିଁ । ମୁମୂର୍ଷୁକୁ ବାରଂବାର କସ୍ତୁରୀ ଦେଲା ପରି ବିଶ୍ୱାସୀ ଶଶିଭୂଷଣ ପ୍ରମୁଖମାନେ କି ସାଧକ ପ୍ରାଣର ଦୁର୍ଦ୍ଦମନୀୟ ଆଶା ଧରି ଏହାପାଇଁ ଥାନଟିଏ ଯୋଗାଡ଼ କରିଚନ୍ତି, ତାହା ତ ଇତିହାସ ବସ୍ତୁ ନୁହେ । ଆଳି ମୟୂରଭଞ୍ଜ ପ୍ରଭୃତି ଧନ ଦେଇ ପୁରୋଦୃଷ୍ଟିର ପରିଚୟ ଦେଇଚନ୍ତି, ସଂଦେହ ନାହିଁ । ମାତ୍ର ନିଜର ଘର ସଜାଡ଼ିଲା ପରି ଯେଉଁମାନେ ପୁସ୍ତକାଦି ଦାନ କରି ଇଜ୍ଜତ୍ ବଢ଼ାଇବାରେ ବ୍ୟାକୁଳ, ସେମାନଙ୍କର ଅନ୍ତର କଳିବାର ଦିନ ହୁଏତ ଆସି ନାହିଁ ।

Digitized by PPRACHIN, SOA

**ଆତ୍ମବିକାଶ ଓ ସାହିତ୍ୟ—**

ବହୁରେ ଏକ, ଓ ଏକରେ ବହୁ— ଏହାହି ଜଗତର ସମସ୍ୟା; ଏହାରି ସମାଧାନହିଁ ବିଶ୍ୱଜଗତର ଆତ୍ମପ୍ରକାଶ । ମାନବ ଏଇ ସମସ୍ୟାରେ ଆହତ ହୁଏ, ଅନୁସଂଧାନ କରେ, ଏହି ସମାଧାନ ଦେଖିବାକୁ । ଏଇ ଅନୁସଂଧାନହି ବିକାଶ ଓ ଏଇ ଦେଖିବାଇ ଉପେୟ ବା ମୁକ୍ତି । ଏଇ ମାନବ ସମାଜ ପୁଣି ବିଶ୍ୱ ଜଗତ୍‌ର ପ୍ରତିକାଶ । ସୂର୍ଯ୍ୟ କିରଣ ଦିଏ, ବର୍ଷା ଜଳ ଢାଳେ, ଗ୍ରହମାନେ ହୁଅନ୍ତି, ବଢ଼ନ୍ତି, ବୁଲନ୍ତି, ମରନ୍ତି— ଏସବୁ ବହୁ, ନିଜ ନିଜର ନିତ୍ୟନିର୍ଦ୍ଦିଷ୍ଟ ଧର୍ମ ବା ସ୍ୱଧର୍ମରେ ଏକରେ ବହୁ ତଥା ବହୁରେ ଏକ ପ୍ରକାଶ କରନ୍ତି । ମାନବ ସମାଜ ସେଇପରି ବ୍ୟକ୍ତି ପରିବାର ଓ ବ୍ୟବସାୟାଦିର ନିତ୍ୟନିର୍ଦ୍ଦିଷ୍ଟ ସ୍ୱଧର୍ମରେ ଆତ୍ମବିକାଶ କରି ବହୁରେ ଏକ ଓ ଏକରେ ବହୁ ହୁଏ । ଏଇ ଆତ୍ମବିକାଶର ଶୃଙ୍ଖଳା ଓ ଧାରା, ଭିତ୍ତି ବିବୃତି, ସାଧନ ଓ ଉପେୟ ସହିତ ଯହିଁରେ ପ୍ରତିଫଳିତ ହୁଏ, ସେହି ସାହିତ୍ୟ ।

**ସାହିତ୍ୟର ଅର୍ଥ—**

ସହିତରେ ଯାହା ହୁଏ, ତା ସାହିତ୍ୟ । ଜଗତରେ ବସ୍ତୁ ଜନ୍ତୁ ପ୍ରଭୃତିର ଜନ୍ମ ବୃଦ୍ଧି ଆଦିରେ ବିକାଶ ହୁଏ । ଏସବୁ ବ୍ୟକ୍ତିର ନିର୍ଦ୍ଦିଷ୍ଟ ବିକାଶ ବିଶ୍ୱମୂଳକ କର୍ମ ବିକାଶ । ବିଶ୍ୱମୂଳଙ୍କ ଶୃଂଖଳାରେ ଏ ସମସ୍ତ ବିଚାର କରି ସମ୍ବନ୍ଧ ଦେଖିବାହିଁ— ଏକରେ ବହୁ ଓ ବହୁରେ ଏକ ଦେଖିବା । ମାତ୍ର ମାନବ ଠିକ୍ ଏଇ ବସ୍ତୁ ଜନ୍ତୁ ସାମଞ୍ଜସ୍ୟରେ ମାତ୍ର ବିକାଶ ପାଏ ନାହିଁ । ବିକାଶରେ ତା'ର ନିଜର କର୍ତ୍ତୃତ୍ୱ ସ୍ପଷ୍ଟ । ଏଇ କର୍ତ୍ତୃତ୍ୱରେ ସେ ପରିସ୍ଥିତିରେ ସମ୍ପୂର୍ଣ୍ଣ ନିୟମିତ ନ ହୋଇ, ନିଜେ ପରିସ୍ଥିତି ତିଆରି କରେ । ଏଇପରି ତିଆରି କରିବାରେ ତା'ର ଆତ୍ମା ସ୍ପଷ୍ଟତଃ ବୁଦ୍ଧି ରୂପେ ପ୍ରକାଶ ପାଏ । ଏଇ ବୁଦ୍ଧି ଚାଳନାରେ ଅନ୍ୟ ମାନବ ସଙ୍ଗେ ସମ୍ପର୍କ ତା' ପକ୍ଷରେ ଅନିବାର୍ଯ୍ୟ । ଏଇ ଅନ୍ୟ ସହିତ ସମ୍ପର୍କରେ ସମାଜର ବିକାଶ । ଏଇ ସମାଜ ବା ସହିତରେ ବିକାଶ ଯହିଁରେ ପ୍ରତିଫଳିତ ହୁଏ, ଅନ୍ୟ ସହ ବ୍ୟବହାରାଦିରେ ମାନବର ଇତି ବା ଗତି ଯହିଁରେ ପ୍ରକାଶ ପାଏ, ତାହା ସାହିତ୍ୟ ।

**ସାହିତ୍ୟ ଓ ଭାଷା—**

ଜନ୍ତୁଠାରୁ ଭିନ୍ନ ମାନବର ସମାଜ ଛଡ଼ା ବିକାଶ ନାହିଁ । କଳା କବିତା କ୍ରିୟାଦିରେ ଏଇ ବିକାଶର ଭିତ୍ତି ପ୍ରକୃତି ଓ ପରିଣାମର ପରଂପରାଦି ପ୍ରକାଶ ପାଏ । ତେଣୁ ଏଇ କଳା କବିତା କ୍ରିୟାଦି ସବୁ ସାହିତ୍ୟର ବିଷୟ ବା ସାହିତ୍ୟ । କିନ୍ତୁ, ବୁଝିବାର ଅଛି, ଏ ସମସ୍ତ ସହିତ ସମ୍ପର୍କରେ ମାନବର ପ୍ରଧାନ ଅବଲମ୍ବନ ଭାଷା । ଅନ୍ୟ ସମ୍ପର୍କ ଛଡ଼ା ଭାଷାର କୌଣସି ଅସ୍ତିତ୍ୱ ନାହିଁ । ଭାଷାର ମୂଳ ହେଉଚି ଭାବବ୍ୟଞ୍ଜକ ସ୍ୱର । ବିଧିନିର୍ଦ୍ଦିଷ୍ଟ ଚିନ୍ତା-ଗତି-ଚାଳିତ ଜନ୍ତୁ ମଧ ନିଜର ଭାବ ଜାଣିବା ପାଇଁ ନୁହେଁ, ଜଣାଇବା ପାଇଁ, ଶବ୍ଦ କରେ । ମନୁଷ୍ୟ ନିଜ ସ୍ୱାଧୀନ ଚିନ୍ତାରେ ସେଇୟା କଲେ ତା ହୁଏ ଭାଷା । ଅନ୍ୟ ସହିତ

Digitized by PPRACHIN, SOA

ସମ୍ପର୍କରେ ମାନବର ଯେଉଁ ବିକାଶ ହୁଏ, ତାହା ଏଇ ଭାଷାର ପ୍ରକାଶିତ ଓ ପ୍ରତିଫଳିତ ହୁଏ । ତେଣୁ କଳା କ୍ରିୟା କବିତାଦି ସବୁ ସାହିତ୍ୟ ହେଲେହେଁ, ସାହିତ୍ୟର ଯଥାର୍ଥ ଆଧାର ହେଉଚି ଭାଷା । କଳା କ୍ରିୟାଦିରେ ବିକାଶର ବିଶିଷ୍ଟ ପରିସ୍ଥିତି ତଥା ପରିଣାମମାନ ପ୍ରକାଶ ପାଏ ସତ, ମାତ୍ର ତାକୁ ସାହିତ୍ୟ କରେ ଏକା ଭାଷା । ଭୁବନେଶ୍ୱର ଦେଉଳ ଓ କାଠଯୋଡ଼ି ପଥରବନ୍ଧର କ୍ରିୟା ଓ କଳା ସାହିତ୍ୟର ସାମଗ୍ରୀ ସତ, ମାତ୍ର ଭାଷା ବିନା ତାହା ଯଥାର୍ଥ ସାହିତ୍ୟ ନୁହେଁ । ସେ ସବୁ ପ୍ରାଣର ଭାଷା– ପ୍ରାଣକୁ ଅନ୍ୟ ସମ୍ପର୍କରେ ବା ଅନ୍ୟ ଆଗେ ପ୍ରକାଶ କରିବାରେ କଥଞ୍ଚିତ୍ ସମର୍ଥ ହେଲେହେଁ ମୁଖର ଭାଷାରେହିଁ ସେମାନେ ଯଥାର୍ଥ ସାହିତ୍ୟ; ସେଥିରେହିଁ ସେମାନଙ୍କର ଯଥାର୍ଥ ପ୍ରାଣ ପ୍ରକାଶ ହୁଏ । ଏଣୁ ମୁଖର ଭାଷାହିଁ ସାହିତ୍ୟର ମୁଖ୍ୟ ଅବଲମ୍ବନ ।

**ଭାଷାର ସଙ୍କେତ –**

ସମାଜ ଓ ସାହିତ୍ୟ ପରି ମୁଖର ଭାଷା ମଧ୍ୟ ପରିଣାମର ପରମ୍ପରାରେ ଗତି କରେ । କାଲିର ଭାବ ପ୍ରକାଶରେ ଯେଉଁ ଭାଷା ଥିଲା, ଆଜିକି ହୁଏତ ଠିକ୍ ସେଇପରି ନାହିଁ । ପରିସ୍ଥିତି ଭେଦରେ ପୁଣି ଏକା ଭାଷା ବିଭିନ୍ନ ରୂପ ଓ ଆଶ୍ରୟରେ ପ୍ରକାଶିତ ହୁଏ । ପୁଣି ସେଇ ପରିବର୍ତ୍ତନରେ ମଧ୍ୟ ସମାଜ ବିକାଶ ବା ସାହିତ୍ୟର ଧାରା ଫୁଟି ଉଠେ । ଆମ୍ବଗଛକୁ ତରୁଲତା ବା ଆମ୍ବଲଟି ବୋଲି କହିଲେ ଆଜି ଲୋକେ ବୁଝିବେ ନାହିଁ । ଗୋଧନ ଶବ୍ଦ ଆଜି ଅର୍ଥରେ ସଂପୂର୍ଣ୍ଣ ବଦଳି ଯାଇଚି । ଗାଈ ଯେ ଦିନେ ମୁଦ୍ରା ପରି ଧନରେ ଗଣାଯାଉଥିଲା ତାହା ଆଜି କେହି ବୁଝିବେ ନାହିଁ । ଆଜି ଆମେ ଭୋଜନ ପରେ ଭୁକ୍ତ ଅତିଥିଙ୍କୁ ଚାରିଅଣା ଦକ୍ଷିଣା ଦେଉ । ମାତ୍ର ଜାଣୁ ନାହିଁ, ଦିନେ ଆନୁଷ୍ଠାନିକ କର୍ମରେ ଯଜମାନ ପୁରୋହିତର ଡାହାଣ ପାଖକୁ ମୁଦ୍ରାରୂପେ ଗୋଟିଏ ଗାଈ ବାନ୍ଧି ରଖୁଥିଲେ; ଓ କର୍ମ ଶେଷରେ ସେଇ ଗାଈଟି ପୁରୋହିତ ନେଉଥିଲେ । ସେଇ ଗାଈଟି ତେଣୁ ଦକ୍ଷିଣା ବା ଡାହାଣ ପଟେ ବନ୍ଧା ହୋଇଥିବା ଗାଈ । ନାରୀର ଦାୟରେ ଭାଗ ନାହିଁ ବୋଲି ସ୍ମୃତି ସ୍ଥିର କଲେ ନାରୀ ଭାଗ ପାଇବ ନାହିଁ । ମାତ୍ର 'ଦାୟ' ବୋଇଲେ, ପିତା, ପୂଜାରେ ସମର୍ପଣ ବା ନୈବେଦ୍ୟ କରିଥିବା 'ସୋମରସ' । ସେଥିରେ ନାରୀ ଭାଗ ନେଉ ନ ଥିଲା, ଅର୍ଥାତ୍ ବୈଦିକ ଲୋକଙ୍କ ଘରେ ମାଇପେ ନିଶାପାଣି ପିଉ ନ ଥିଲେ । ସେଥିରୁ କଥା ହେଲା, ନାରୀର ଦାୟରେ ଭାଗ ନାହିଁ । ଏବେ 'ସୋମପା' ପିତୃଙ୍କୁ ତର୍ପଣ କଲାବେଳେ, କେହି ଅବଶ୍ୟ ସରାପ୍ପିଆ ଗୁରୁଜନ ପାଇବାରେ ଲାଳସୀ ହୁଅନ୍ତି ନାହିଁ । ଦିନେ ସତୀ ବୋଇଲେ, ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀ ପରି ନାରୀମାନଙ୍କୁ ବୁଝାଯାଉଥିଲା । ପରେ ଯେ ସତୀ ଗଲା, ସେ ସତୀ । ଆଜି ହୁଏତ ଯେଉଁ ସ୍ତ୍ରୀ ସତ କହେ, ସେ ସତୀ । ଦିନେ ଜେନା କହିଲେ ବୁଝାଯାଉଥିଲା, ଯୁବରାଜ; ରାଉତ, ଅଶ୍ୱାରୋହୀ ରାଜପୁତ୍ର; ପ୍ରଧାନ ସେନାପତି । ଆଜି ସେ ସବୁ ଶିଷ୍ଟ କୃଷକର

Digitized by PPRACHIN, SOA

ଉପାଧି । ଦିନେ ବିଟ୍‌ପାଳ କହିଲେ, ବୁଝାଯାଉଥିଲା ଗ୍ରାମଣୀ । ଆଜି ହୁଏତ ସେଇ ଶବ୍ଦ ହେଲା ବିଟୋଳ, ଅର୍ଥାତ୍ ଭାଣ୍ଡ । ମଂଥର ବୋଇଲେ ଦିନେ ବୁଝାଯାଉଥିଲା, ମଠୁଆ ବା ମଠୋଇ, ଅର୍ଥାତ୍, ଯେ ଧୀରେଧୀରେ ଚାଲେ ବା କାମ କରେ । ସେଇ ଶବ୍ଦର ବ୍ୟବହାରରେ ଆଜି କହନ୍ତି ମେଂଥେଡ଼ି ବୁଢ଼ୀ । ସେଇପରି, ନମସ୍କାରକୁ ଦଣ୍ଡବତ୍, ଆଶୀର୍ବାଦରେ 'ବୁଢ଼ା ହୋଇଥା' କ୍ରୋଧକୁ ରାଗ, ଅହଂକାରକୁ ଆଙ୍ଗ, ଭୋଜୀକୁ 'ଖିରିପିଠା', ବିଧବା ବିବାହକୁ 'ଥୁଆଥୋଇ', ବିଧବାର ପୁନର୍ବିବାହକୁ 'କାଟଖଡୁ ହବା'; ମାଇପ ଛାଡ଼ି ଦବାକୁ 'ଛାଡ଼ପତ୍ର ଦେବା'; ସେଇପରି, 'ପହଲିପାଳି', 'ଦୁର୍ବାକ୍ଷତ ଘର' ଓ 'ପୁଆଣି', ଶୁଦ୍ଧଘର ଓ ଛୁଟିକିଆ; ପୁଣି ଉତ୍ତାରରୁ ଓଟାର, ଫୋପାଡ଼ରୁ ଫୋପଡ଼, ଗୀତରେ 'ଦୁଆ' ଧରିବା, ଶୀତରେ ଶିତିମାଠ, କଚଡ଼ାରେ କଂସକଚଡ଼ା ପ୍ରଭୃତି ଅସଂଖ୍ୟ ଉଦାହରଣରେ ଭାଷାରୁ ସମାଜର ବିକାଶ ଧାରା ଅନୁସନ୍ଧାନ କରାଯାଇପାରେ ।

**କିଂବଦନ୍ତୀ ଓ ଅନୁଷ୍ଠାନ—**

ଅନୁଷ୍ଠାନ, କିଂବଦନ୍ତୀମାନ ମଧ୍ୟ ସାହିତ୍ୟ ବା ସମାଜର ବିକାଶ ଧାରା ସ୍ପଷ୍ଟ ପ୍ରକାଶ କରନ୍ତି । ଅନୁଷ୍ଠାନ ଆରଂଭରେ ବରୁଣ ପୂଜା, ଦୀପଦଣ୍ଡୀରେ ପାଶାଂକୁଶଧାରୀ ବରୁଣ ସ୍ଥାପନ, ନାଗକନ୍ୟାର ଗୁପ୍ତ ପ୍ରେମ ଓ ବିବାହରେ ରାଜପୁତ୍ରର ଶ୍ୱଶୁର ନିଧନ ଓ ତାର ମଣି ହରଣ; ସାଧବ ପୁଅର ଅଜ୍ଞାତ ଟାପୁରେ ସୁନା ଇଟା ସଂଗ୍ରହ ପ୍ରଭୃତିର ସୀମା ନାହିଁ । ଏ ସବୁରେ ପୁଣି ଭାଷାହି ସଂକେତରେ ଏକାନ୍ତ ଆଧାର । ମନ୍ତ୍ର ଘିନିବା ବିଧିଟି ପରଂପରାର ସଂକେତରେ ପୂର୍ଣ୍ଣ । ପର୍ବ ପୁଣ୍ୟରେ ସେ ସବୁ ଅନୁସଂଧାନ ମଧ୍ୟ କରାଯାଏ । ମାତ୍ର ପର୍ବ କଥାଟିରେହି ଦିନେ ପୂର୍ଣ୍ଣିମାରେ ପୂଜା ଓ ଭୋଜୀ ପ୍ରକାଶ ପାଉଚି । କୃଷକ ଦେଶରେ ମାର୍ଗଶିରଠାରୁ ମାଘ ମଧ୍ୟରେ ଲକ୍ଷ୍ମୀପୂଜା ପ୍ରଭୃତିରେ ସଭ୍ୟତାର ବିକାଶ ଅନୁସଂଧାନ କରାଯାଇପାରେ ।

**ସେ ସବୁରେ ଭାଷାର ସ୍ଥାନ—**

ମାତ୍ର ଭାଷାର ଭଣ୍ଡାର ପରି ଏ ସବୁଠାରେ ଅନୁସଂଧାନ କରିବା ସୁଗମ ନୁହେଁ । ପୁଣି ଭାଷା ବିନା ସେ ସବୁର ସଂକେତ ମଧ୍ୟ ସ୍ପଷ୍ଟ ବା ସ୍ଥାୟୀ ନୁହେ । 'ପର୍ବ' ନାମ ନ ଥିଲେ, ଅନୁଷ୍ଠାନର ମୂଲ୍ୟ ନିରୂପଣ ଦୁର୍ଘଟ । ପୌଷ ବା ମାର୍ଗଶିରରେ 'ନବାନ୍ନ' ହୁଏ । ସେଇପରି କ୍ୱାଠଯୋଡ଼ିର ପଥରବନ୍ଧ, ମନ୍ଦିର ବା ବିହାର ନୁହେ । ପୁଷ୍ପଗିରି ମନ୍ଦିର ନୁହେ, କିଂବା କୋଣାର୍କ ପ୍ରାସାଦ ନୁହେ । ଏ ସବୁ ନାମ ଓ ନାମ ସଂଗେ କିଂବଦନ୍ତୀ ପ୍ରଭୃତି, ଅନୁଷ୍ଠାନ ଓ ପ୍ରତିଷ୍ଠାନମାନଙ୍କର ମୂଲ୍ୟ ନିରୂପଣରେ କେତେ କିପରି ସାହାଯ୍ୟ କରେ ତାହା ବୁଝିବାର ଅଛି । ଦେଖିବାର ଅଛି, ସେଇ ଦେବୀର ପୂଜା, ମାତ୍ର ସେ କେଉଁଠି କାଳୀ, କେଉଁଠି ବିରଜା, କେଉଁଠି ଚଣ୍ଡୀ, କେଉଁଠି ଶୀତଳା, କେଉଁଠି ନୃମୁଣ୍ଡମାଳିନୀ, କେଉଁଠି ଭୁବନେଶ୍ୱରୀ— ଏ ସବୁରେ ଭାଷାର ସଂକେତ ସ୍ପଷ୍ଟ ।

Digitized by PPRACHIN, SOA

## ସାହିତ୍ୟ ଓ ବିଜ୍ଞାନ—

ପୁଣି ଏଇପରି ସମସ୍ତ ଅନୁଷ୍ଠାନ ପ୍ରତିଷ୍ଠାନ, କିଂବଦନ୍ତୀ, କଳା, କ୍ରିୟା ସାହିତ୍ୟର ଅଙ୍ଗୀଭୂତ ହେଲେହେଁ, ସେ ସବୁର ମୂଲ୍ୟ ନିରୂପଣ ହୁଏ— ଭାଷାରେ । ଭାଷା ଛଡ଼ା ମାନବ ତଥା ସମାଜବିକାଶର ଆଧାର ବା ସାଧନ ନାହିଁ । ସାହିତ୍ୟ କଥା କହିଲା-ବେଳେ ତେଣୁ ଭାଷାର ବିଚାର ଅନିବାର୍ଯ୍ୟ ହୋଇପଡ଼େ । ଗଣିତ ଜ୍ୟୋତିଷ ବିଜ୍ଞାନ ପ୍ରଭୃତିକୁ ସାହିତ୍ୟଠାରୁ ଭିନ୍ନ ବୋଲି ବିଚାର କରିବାର ଏକ ପାରିଭାଷିକ ପଦ୍ଧତି ଅଛି । ମାତ୍ର ଯଥାର୍ଥ ସାହିତ୍ୟ ବିଚାରରେ ସେ ସବୁ ଅଂଗୀଭୂତ— ଗଣିତ ବା ବିଜ୍ଞାନ ଅଲଗା ନୁହେ । ଶିଳ୍ପ, ବିଜ୍ଞାନରୁ ଅଲଗା ହୋଇପାରେ, ମାତ୍ର ଶିଳ୍ପ ବା ବିଜ୍ଞାନ କେହି ସାହିତ୍ୟରୁ ଅଲଗା ନୁହନ୍ତି । କେବଳ ବିଜ୍ଞାନ ଗଣିତ ପ୍ରଭୃତିରେ ଚିନ୍ତା ଅତି ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ, ମାତ୍ର ଦର୍ଶନାଦିର ଯୁକ୍ତିରେ ତାହା ସେପରି ନ ହୋଇ ବିସ୍ତୀର୍ଣ୍ଣ ଓ ଅଂଳକୃତ ଭାଷାରେ ପ୍ରକାଶିତ ହୁଏ । ସେଥିପାଇଁ ପାରିଭାଷିକ ପଦ୍ଧତିରେ ସାହିତ୍ୟ, ଗଣିତ ବିଜ୍ଞାନାଦିରୁ ଅଲଗା ବୋଲି ସୁବିଧା ପାଇଁ କୁହା ହୋଇଥାଏ ମାତ୍ର ।

## ସାହିତ୍ୟରେ ବିକାଶ ପ୍ରକାଶ ହୁଏ—

ସମାଜରେ ମାନବ ବିକାଶର ପ୍ରକାଶହି ସାହିତ୍ୟ । ପୁଣି ସମାଜରେ ମାନବର ବିକାଶ ବୋଲି କହିବାର ବିଶେଷ ଅର୍ଥ କିଛି ନାହିଁ । ସମାଜ ଛଡ଼ା ମାନବର ବିକାଶ ବୋଲି ବସ୍ତୁ କିଛି ନାହିଁ; ମାନବର ବିକାଶ ଛଡ଼ା ସମାଜ ବୋଲି ବସ୍ତୁ କିଛି ନାହିଁ । ତେଣୁ ସାହିତ୍ୟ ଓ ମାନବର ସଂପର୍କ ଅଚ୍ଛେଦ୍ୟ । ସାହିତ୍ୟ ବିନା ମାନବ ନାହିଁ, ମାନବ ବିନା ସାହିତ୍ୟ ନାହିଁ । ମାନବ ବିକାଶର ଗତି ସାହିତ୍ୟରେ ପ୍ରକାଶ ପାଏ ଓ ସାହିତ୍ୟରେ ମପା ହୁଏ । ମାନବର ବିକାଶ କେଉଁ ଅବସ୍ଥାରେ ଅଛି, କିପରି ବଢ଼ିଚି ଓ ବଢୁଚି, ପୁଣି କିପରି ବଢ଼େ ବା ବଢ଼ିବା ଉଚିତ, ଏସବୁ ପାଇଁ ସାହିତ୍ୟ ଏକା ଅବଲଂବନ । ମାନବ ବିକାଶର ଯଥାର୍ଥ ଅବସ୍ଥାହି ସାହିତ୍ୟରେ ପ୍ରକାଶ ପାଏ ।

## ନିୟମିତ ମଧ୍ୟ ହୁଏ—

ସେତିକି ନୁହେ, ସାହିତ୍ୟ ଆଧାରରେ ଓ ସାହିତ୍ୟ ସୂତ୍ରରେ ମାନବର ବିକାଶ ମଧ୍ୟ ନିୟମିତ କରାଯାଏ । ଚିନ୍ତାର ଆଦାନପ୍ରଦାନ ସଂଘର୍ଷ ଓ ପ୍ରଭାବରେ ସମାଜରେ ମାନବର ବିକାଶ ଗତି କରେ । ଏଇ ଚିନ୍ତା ସାହିତ୍ୟରେ ପ୍ରକାଶ ପାଏ, ଓ ସେଇ ସୂତ୍ରରେ ଏହା ଆଦାନପ୍ରଦାନାଦି ସୁଗମ ହୁଏ । ଏକର ଚିନ୍ତା ତଥା କ୍ରିୟାରେ ଅନ୍ୟ ପ୍ରଭାବିତ ନହେଲେ, ବିକାଶର ଗତି ଅସଂଭବ । କଳାରେ ହେଉ କଥାରେ ହେଉ ବା ଅନ୍ୟ ସଂକେତରେ ହେଉ ଚିନ୍ତା ପ୍ରଚାର କରିବାହି ବିକାଶର ଏକମାତ୍ର ପୀଠ । କଳା ସଂକେତ ସବୁ ଭାଷା, ଓ ସେମାନଙ୍କର ଶେଷ ଆଶ୍ରୟ ଭାଷା । ତେଣୁ ଏଇ ଭାଷାର ଆଧାରରେ ସାହିତ୍ୟ ସୂତ୍ର ଧରି ସମାଜ ବିଶେଷର ଚିନ୍ତା ଓ କ୍ରିୟା, ଜ୍ଞାନ ଓ କର୍ମ ନିୟମିତ କରା ହୁଏ । ଏଇପରି ସାହିତ୍ୟ ବିକାଶରେ ମାନବର ବିକାଶ ହୁଏ ।

Digitized by PPRACHIN, SOA

**ଆଦାନପ୍ରଦାନର ଫଳ—**

ପରିସ୍ଥିତି ଭେଦରେ ଚିନ୍ତା ଓ କ୍ରିୟା ଇତର ବିଶେଷ ବିକସିତ ହୁଏ । ଏକ ସମାଜର ବ୍ୟକ୍ତିବିଶେଷଙ୍କଠାରୁ ସେଇ ଏକ ବା ଭିନ୍ନ ଭିନ୍ନ ସମାଜର ସମୂହ ବ୍ୟକ୍ତିତ୍ୱରେ ଏଇ ପ୍ରଭେଦ ଫୁଟେ । ସେତେବେଳେ ଆଦାନପ୍ରଦାନ ସଂଘର୍ଷ ପ୍ରଭାବ ସେଥିରେ ପୁଣି ନିର୍ବାଚନ ପ୍ରଭୃତି ଦରକାର ହୁଏ । ଏସବୁ ସାହିତ୍ୟରେହିଁ ହୁଏ । ବୌଦ୍ଧସାଧନାରେ ଦିନେ ଗ୍ରୀସ୍‌ରେ କାମନାଦ୍ୱେଷୀ ଷ୍ଟୋଇକମାନେ ବାହାରି ସେ କାଳ ପାଶ୍ଚାତ୍ୟ ଜଗତରେ ଘୋର ପ୍ରଭାବ ବିସ୍ତାର କରିଥିଲେ । ପ୍ରାଚୀନ ଆସିଆ ମାଇନରରେ ବେଦଧର୍ମୀ ଆର୍ଯ୍ୟମାନେ ସାଢ଼େ ତିନି ହଜାରରୁ ଅଧିକ କାଳ ପୂର୍ବେ 'ମା'ର ପୂଜା ମଧ୍ୟ ଗ୍ରହଣ କରିଥିଲେ । ସମସ୍ତ ଭାରତରେ ବୈଦିକ ଆର୍ଯ୍ୟ ପ୍ରଭାବ ଏଇପରି ବ୍ୟାପିଥିଲା, ପୁଣି ଏଇ ସୂତ୍ରରେ କଠୋର ପିତୃକୁଳସେବୀ ଆର୍ଯ୍ୟମାନେ ଭାରତୀୟଙ୍କ ଶିବଶକ୍ତିର ଉପାସନା ସଂଗେ ଶୂନ୍ୟ ସାଧନାର ନିର୍ବାଣ ଯୋଗ ଜୀର୍ଣ୍ଣ କରି ସୂର୍ଯ୍ୟ ଆତ୍ମାର ପୂଜାରୁ କାପିଳ ଶାଂକର ଓ ପାତଞ୍ଜଳ ଦର୍ଶନ ଓ ସାଧନାର ତନ୍ତ୍ର ଫିଟାଇ ଥିଲେ । ବେଦ ଧର୍ମରେ ପ୍ରଭାବିତ ହୋଇ ଦିନେ ମିଶର ରାଜା ଆମେନ ହେଟେପ୍ ସୂର୍ଯ୍ୟ ଆତ୍ମାର ପୂଜାରେ ନିଜ ରାଜ୍ୟର ଚିରଂତନ ସଂସ୍କାରକୁ ଭସାଇ ଦେଇଥିଲେ । ଭାରତରେ ଗ୍ରୀକ୍ କଳା ପଶି କୁଶାଣ କାଳର କ୍ରମ ବଳିଷ୍ଠ ପ୍ରାକୃତ ଓ ଜୀବନ୍ତ ଗାନ୍ଧାରକଳା ଫୁଟାଇଥିଲା । ପାରସ୍ୟକଳାର ଜ୍ୱଳନ୍ତ ଗାନ୍ଧାରକଳା ଫୁଟାଇଥିଲା । ପାରସ୍ୟ କଳାର ଜ୍ୱଳନ୍ତ ପ୍ରଭାବ ଘେନି ଆଜି ବିଶ୍ୱ ବିସ୍ମୟର ବିଗ୍ରହ ପରି ବିରାଟ ତୁଙ୍ଗଚୂଳ ତାଜମହଲ ରସିକ ସମ୍ରାଟ୍ ଶାହାଜାହାନଙ୍କର କୀର୍ତ୍ତି ଗାନ କରୁଚି । ପର୍ତ୍ତୁଗୀଜମାନେ ଦକ୍ଷିଣ ଆମେରିକାରୁ ଆଣିଥିବା ଚାଉଳିଆ, ପିଜୁଳି ବା ଜାମି ପୁଣି ସପେଟା ପୂର୍ବ ଦ୍ୱୀପରୁ ଆସିଥିବା ଅମୃତଭଣ୍ଡା ପ୍ରଭୃତି ଆଜି ଭାରତୀୟ ଫଳସେବୀର ଏକାନ୍ତ ଅବଲଂବନ ହୋଇଚି ।

**ଦୁର୍ଗତିର ବି ଦୃଷ୍ଟାନ୍ତ—**

ସେଇପରି ଅନ୍ୟଆଡ଼େ, ସଙ୍ଘର୍ଷ ଓ ପ୍ରଭାବ ହେତୁରୁ ଉନ୍ନତ ଶବର, ଆଜି 'ପତର ସଉରା' ହୋଇଚନ୍ତି । ଜୟପୁରେ ବ୍ରାହ୍ମଣ ହୁଏତ ଆଜି 'ଦିଶାରି' ଡାକି ବିବାହ ଦିନ ବୁଝାଉଚି ଓ 'ଗୁଣିଆ' ଡାକି ଯକ୍ଷ୍ମା ରୋଗୀ ଦେଖାଉଚି । ଆମେରିକାର ତାମ୍ରକୂଟ ବା ତମାଖୁ ଆଜି ସାରା ପୃଥିବୀକୁ ଗ୍ରାସ କରି ବସିଚି; ପୁଣି ଆରବ ଆସାମର କଫି ଓ ଚା, ପାତ୍ରସଜ୍ଜାର ଚମକ ଘେନି ସଭ୍ୟତାର ଅଚ୍ଛେଦ୍ୟ ଅଂଗରୂପେ ପ୍ରାସାଦରୁ କୁଟୀର ପର୍ଯ୍ୟନ୍ତ ଆକ୍ରମଣ କରୁଚି ।

**ସାଧାରଣ ସୂଚନା—**

ଏହାଛଡ଼ା କାବ୍ୟ ନାଟକର ଆଦର୍ଶ ଓ ଶୈଳୀଠାରୁ ରାଜ୍ୟନୀତିର ପ୍ରଚାର ପ୍ରୟୋଗ ପର୍ଯ୍ୟନ୍ତ, ନିର୍ମାଣ ଓ ଗଠନ ଠାରୁ ପ୍ରାଶନ ଓ ପରିଚ୍ଛଦ ପର୍ଯ୍ୟନ୍ତ, ସେନା ଓ କାରଖାନାର

Digitized by PPRACHIN, SOA

ଶୃଙ୍ଖଳଠାରୁ ବିଜ୍ଞାନର ନବ ନବ ସିଦ୍ଧି ପର୍ଯ୍ୟନ୍ତ, ସବୁଥିରେ ଆଦାନପ୍ରଦାନ ସଂଘର୍ଷ ଓ ପ୍ରଭାବ ଆଜି ପୃଥିବୀରେ ବିଦ୍ୟୁତ୍ ଗତିରେ ବ୍ୟାପିଯାଉଚି । ଏସବୁ ସାହିତ୍ୟ ଓ ସାହିତ୍ୟ ମାଧ୍ୟ ଏହା କରୁଚି; ସାହିତ୍ୟରେ ଏସବୁ ଫୁଟୁଚି ଓ ସାହିତ୍ୟରେ ଏହାର ମୂଲ୍ୟ ମପାଯାଉଚି ।

**ବର୍ତ୍ତମାନର ପରିସ୍ଥିତି—**

ଆଜି ଏଇ ଆଦାନପ୍ରଦାନ ସଂଘର୍ଷ ପ୍ରଭାବ କି ତୀବ୍ର ଗତିରେ ଚାଲିଚି ? ପ୍ରତ୍ୟେକ କ୍ଷେତ୍ରରେ ଆଜି ସେଥିପାଇଁ ଭାଷାହି ରାଜତ୍ୱ କରୁଚି କହିଲେ ଚଳେ । ଭାଷାରେହି ଆଜି ନୂଆ ନୂଆ ସତ୍ୟ ଓ କ୍ରିୟା ନିତି ଫୁଟୁଚି; ଭୁଲାଇବା ବଳାଇବା ବତାଇବା ମତାଇବା ନିବର୍ତ୍ତାଇବା ପ୍ରଭୃତି ସବୁ ପାଇଁ ଭାଷା । ଛାପାଖାନା ଡାକ ପୁଣି ବିଦ୍ୟା ଓ ବିଜ୍ଞାନ ମନ୍ଦିରରୁ ଆଜି ବେତାର ପ୍ରଚାର ଓ ଶବ୍ଦବର୍ଧନାଦିକୁ ଆସିଲାଣି; ତଥାପି ପୂରା ପଡୁନାହିଁ । ଏସବୁ କ୍ଷେତ୍ରରେ ସାହିତ୍ୟର ପ୍ରକାଶ ଓ ବିକାଶ । ଏଥିରେହି ମାନବର କ୍ରମିକ ଆତ୍ମପ୍ରକାଶ ।

**ଉତ୍କଳ ସାହିତ୍ୟର ସ୍ଥାନ—**

ଆମେ କିଂତୁ ଆଜି ଉତ୍କଳ ସାହିତ୍ୟର କଥା ବିଚାର କରୁଥାଇଁ । କେହି ପୁଣି ହୁଏତ ମନେ କରିବେ, ମାନବ ସାହିତ୍ୟର ଏ ବିରାଟ ବିକାଶ ଭିତରେ ଉତ୍କଳ ସାହିତ୍ୟର ଏ ବିରାଟ ବିକାଶ ଭିତରେ ଉତ୍କଳ ସାହିତ୍ୟ ପରି ସଂକୀର୍ଣ୍ଣ ଧାରଣାର ସ୍ଥାନ କାହିଁ ? ରୁଷିଆର ଶିଳ୍ପ ଶ୍ରମିକ ସଂଗେ ଏକାଦିନେ ଜୟପୁରର 'ଗାଦବା'କୁ ଯେଉଁମାନେ ସମାନ କରି ଦେବାକୁ ଅତି ଅକିଂଚିତ୍କର ସାଧନା ବୋଲି ମନେକରନ୍ତି, ଆଇନ୍‌ଷ୍ଟାଇନ୍‌ଙ୍କ ଆବିଷ୍କୃତ ବିଶ୍ୱତନ୍ତ୍ରର ଆପେକ୍ଷିକତାକୁ ପର୍ଯ୍ୟନ୍ତ ଯେଉଁମାନେ ପ୍ରାଥମିକ ଶିକ୍ଷାର ଉପାଦାନ ବୋଲି ବିଚାରିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ, ଦଶ ପାଞ୍ଚ ବର୍ଷ ଭିତରେ ପୃଥିବୀର ସମସ୍ତଙ୍କ ସମ୍ପତ୍ତି ଓ ସଭ୍ୟତା ସମାନ କରିଦବା ଯେଉଁମାନଙ୍କ ଉପେୟ, ବୈଷମ୍ୟର ନିତ୍ୟତ୍ୱ ଓ ବେଷ୍ଟନୀର ପ୍ରଭାବ ଯେଉଁମାନେ ସ୍ୱୀକାର କରନ୍ତି ନାହିଁ, ସ୍ୱୀକାର କଲେ ମଧ ତାହା କୃତ୍ରିମ ଓ ଏଣୁ ତାକୁ ଏଡ଼ିଦବା ସହଜ ବୋଲି ମନେ କରନ୍ତି, ପରଂପରାର ବିକାଶ ତତ୍ତ୍ୱ ଯେଉଁମାନେ ବୁଝନ୍ତି ନାହିଁ, ଏପରି କି ନାରୀ ପୁରୁଷର ନିତ୍ୟ ପ୍ରାକୃତ ଧର୍ମଭେଦ ପର୍ଯ୍ୟନ୍ତ ଭୁଲି ଯେଉଁମାନେ ଦୁହିଁଙ୍କୁ ସର୍ବତୋଭାବରେ ସମାନ କରି ଦେବାକୁ ଲୋଡ଼ନ୍ତି, ସେପରି ଆଦର୍ଶବାଦୀ ଓ ଅନବେକ୍ଷିତ ଅପରୀକ୍ଷିତ ଆଦର୍ଶମାନସର୍ବସ୍ୱ ଲୋକଙ୍କର ଏ ଯୁଗରେ ଅଭାବ ନାହିଁ । ପୃଥିବୀରେ ପ୍ରଭାବର ଅତ୍ୟାଚାର ବିରୁଦ୍ଧରେ ଆଜି ଘୋର ବିଦ୍ରୋହ ଓ ପ୍ରତିକ୍ରିୟାର ବିଧ୍ୱଂସୀ ବାତ୍ୟା ବହୁଚି । ବିଶେଷରେ ପରାଧୀନ ଜନସମାଜ ଏଥିରେ କଳ୍ପନାର ସ୍ୱର୍ଗ ଦେଖି ଉନ୍ମତ୍ତ ଓ ବିଭ୍ରାନ୍ତ । ପରଂପରା ଛିଣ୍ଡି ଯାଉଚି, ପରିସ୍ଥିତି ବିଘଟିତ ହେଉଚି । ଏତେବେଳେ ତେଣୁ ମାନବ ବିକାଶରେ ଉତ୍କଳ ସାହିତ୍ୟ ପରି ଏକଦେଶୀ ବସ୍ତୁର ମାପ ଠିକ୍ କରିଦେବା ଦରକାର ।

Digitized by PPRACHIN, SOA

**ଚିନ୍ତାର ଉପେୟ ବସ୍ତୁ : ବ୍ୟକ୍ତି ଓ ସମଷ୍ଟି—**

ବସ୍ତୁର ଧାରଣା ବା ପଦାର୍ଥର ଜ୍ଞାନ ହେଉଚି ଚିନ୍ତାର ଉପେୟ। ପଦ, ଅର୍ଥାତ୍ ନାମର ଯାହା ଅର୍ଥ, ତାହାହି ବସ୍ତୁ। ପ୍ରତ୍ୟେକ ନାମରେ ତେଣୁ ଗୋଟିଏ ଗୋଟିଏ ବସ୍ତୁ ପ୍ରକାଶ ପାଏ। ଏହି ବସ୍ତୁକୁ ପୁଣି ତତ୍ତ୍ୱ ବା 'ତାହାର ଭାବ' କହନ୍ତି। ଜଳ, ଆକାଶ, ତେଜ, ବାୟୁ; ସୂର୍ଯ୍ୟ, ପାହାଡ଼, ମାନବ, ଜନ୍ତୁ, ବୃକ୍ଷ; ଚିନ୍ତା, ଚୋଦନା, ବୁଦ୍ଧି, ପ୍ରୀତି;— ଏପରିକି, କ୍ଷୁଦ୍ର, ବୃହତ୍, ଯେପରି, ଓ, ଆଉ, କିନ୍ତୁ— ଏସବୁ ଗୋଟିଏ ଗୋଟିଏ ପଦ ବା ନାମ। ଏମାନେ ଗୋଟିଏ ଗୋଟିଏ ବସ୍ତୁର ସଂକେତ। ପ୍ରତ୍ୟେକ ବସ୍ତୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପ୍ରକାଶ ବା ବ୍ୟକ୍ତି। ଏଇ ବ୍ୟକ୍ତିତତ୍ତ୍ୱ ପୁଣି ସର୍ବଦା ସେହି ଏକରେ ବହୁ ଓ ବହୁରେ ଏକ। ଯେକୌଣସି ବ୍ୟକ୍ତିର କଳ୍ପନା କର, ତା ଗୋଟିଏ ସ୍ୱତନ୍ତ୍ର ପ୍ରକାଶ। ମାତ୍ର ଏହି ସ୍ୱାତନ୍ତ୍ର୍ୟରେ କିପରି ଭାଗ ସମ୍ପର୍କ ସଂଘର୍ଷ ପ୍ରଭାବ ପରିସ୍ଥିତି ପ୍ରଭୃତିର ବହୁତା ଜଡ଼ିତ ଅଛି, ତାହା ଧାରଣାରେ ଆଣିବା ଦୁଷ୍କର। ଏଇ ଏକ ସ୍ୱତନ୍ତ୍ର ବ୍ୟକ୍ତି ପୁଣି ଅସଂଖ୍ୟ ବ୍ୟକ୍ତିର ସମବାୟ। ପୁଣି ସେଇ ସମବାୟରେ ଥିବା ପ୍ରତ୍ୟେକ ବ୍ୟକ୍ତି ସେଇପରି ବ୍ୟକ୍ତିର ସମବାୟ। ଏଇପରି ଯେଉଁଠାରୁ ଆରମ୍ଭ କରିବ ସେଠାରୁ ତଳକୁ ଓ ଉପରକୁ ବ୍ୟକ୍ତି ଓ ସମଷ୍ଟିର ନିଗୂଢ଼ ଦୁର୍ବିଜ୍ଞେୟ ଅଥଚ ନିତ୍ୟ ସମ୍ପର୍କରେ ବିଶ୍ୱବିକାଶ ପୂର୍ଣ୍ଣ ଓ ଅନନ୍ତ।

**ଉଦାହରଣ—**

ବନସ୍ତ ବୋଲି ଆମର ଯେଉଁ ଧାରଣା ହୁଏ, ତାହା ଗୋଟିଏ ସ୍ୱତନ୍ତ୍ର ବିକାଶ ବା ଦାର୍ଶନିକ ବ୍ୟକ୍ତି। ମାତ୍ର ସେଥିରେ ଗଛଲଟି ଅଗମ୍ୟତା ଭୀଷଣତା ପ୍ରଭୃତି କେତେ ବ୍ୟକ୍ତିର ସମଷ୍ଟି ବା ସମୂହ ଧାରଣା ଯେ ମିଶିଚି, ତା କହିବା ଅସଂଭବ। ପୁଣି ଗଛ। ସେଥିରେ ପତ୍ର, ଡାଳ, ଚେର, ଋତୁର ପ୍ରଭାବ, ଦୃଶ୍ୟର ମାପ ପ୍ରଭୃତି ସେଇପରି ଅସଂଖ୍ୟ ବ୍ୟକ୍ତି। ପୁଣି ପତ୍ର। ସେଥିରେ ମଧ୍ୟ ଶିରା, ବର୍ଣ୍ଣ, ସୂର୍ଯ୍ୟକିରଣର କ୍ରିୟା ପ୍ରଭୃତିର ସମବାୟ ଧାରଣା ରହିଚି। ପୁଣି ସୂର୍ଯ୍ୟକିରଣ। ସେଥିରେ ତେଜ, ତାପ, ଅବରୋଧ, ପ୍ରବେଶ, ସପ୍ତବର୍ଣ୍ଣ ପ୍ରଭୃତି କେତେ ବ୍ୟକ୍ତିର ସମବାୟ ଓ ସମଷ୍ଟି। ପୁଣି ସପ୍ତବର୍ଣ୍ଣ। ସେଥିରେ ପୁଣି ପ୍ରତ୍ୟେକ ବର୍ଣ୍ଣର ପ୍ରକୃତି ଓ କ୍ରିୟା ଧରି କେତେ ବ୍ୟକ୍ତି ଅଛନ୍ତି। କେବଳ ଏଇପରି ବିଚାରରେ ନୁହେଁ। ଗୋଟିଏ ପତ୍ରର ଧର୍ମ ବା ପ୍ରକୃତିର କ୍ରିୟାସମୂହ ଦେଖିଲେ, କି ଅସଂଖ୍ୟ ଆଦାନପ୍ରଦାନ ସଂପର୍କ, ସଂଘର୍ଷ ପ୍ରଭୃତି ସେଥିରେ ଅନ୍ତର୍ନିହିତ ଅଛି ? ପତ୍ରଟିକୁ ଗଛ କାଢ଼ିବ ସୂର୍ଯ୍ୟ ଓ ପବନ ଆଡ଼କୁ ଚାହିଁ। ପତ୍ର ସୂର୍ଯ୍ୟକିରଣକୁ ଧରି ପବନର ଅଙ୍ଗାରାମ୍ଳଜାନ ବାଷ୍ପ ଟିକି ଟିକି କରି ଭାଙ୍ଗି ଅମ୍ଳଜାନ ଫିଙ୍ଗିଦେଇ ଅଙ୍ଗାରଟିକ ସୂର୍ଯ୍ୟକିରଣରେ ମିଶାଇ ନିଜର ଜୀବିତ ଦେହ ତିଆରି କରିବ। ସେତିକ କ୍ରମେ ପୁଣି ଗଛକୁ ଦେଇ, ନିଜର କାମ କରିବା ଶକ୍ତି ସରିଗଲେ ହଳଦିଆ ହୋଇଯିବ। ସେତେବେଳେ ଗଛ ତା ଡେମ୍ଫମୂଳରୁ ସବଂଧ କାଢ଼ିନେବ। ଗୋଟିଏ ପତ୍ରରେ ଏଇପରି ଅନନ୍ତ କର୍ମରେ ଅନନ୍ତ

Digitized by PPRACHIN, SOA

ବ୍ୟକ୍ତିତ୍ୱର ସମାବେଶ । ଏଇ ବ୍ୟକ୍ତିଗୁଡ଼ିକ ଛଡ଼ା ସମଷ୍ଟି ବସ୍ତୁର କିଛି ଅର୍ଥ ନାହିଁ । ପୁଣି ସମଷ୍ଟିଗତ ବ୍ୟକ୍ତି ଛଡ଼ା ମଧ୍ୟ ଅନନ୍ତ ସମ୍ପର୍କ ଓ କର୍ମରେ ନିହିତ ଥିବା ସ୍ୱତନ୍ତ୍ର ବ୍ୟକ୍ତିଗୁଡ଼ିକର ମଧ୍ୟ କିଛି ଅର୍ଥ ନାହିଁ । ଏଇ ପତ୍ର ବସ୍ତୁଟିରେ ଦେଖ । ପତ୍ରବସ୍ତୁର ବସ୍ତୁତ୍ୱ ଛଡ଼ା, ସୂର୍ଯ୍ୟକିରଣ ଅଙ୍ଗାର ବାଷ୍ପ ପ୍ରଭୃତିର କ୍ରିୟାଗୁଡ଼ିକ ଯାହା କୁହାଗଲା, ସେ ସବୁର କିଛି ମୂଲ୍ୟ ନାହିଁ । ସେସବୁ ଛଡ଼ା ମଧ୍ୟ ପତ୍ରବସ୍ତୁର କିଛି ଅର୍ଥ ନାହିଁ । ଜଗତରେ ସମସ୍ତ ବ୍ୟକ୍ତି ବା ବିକାଶ ନିଜ ନିଜ ସ୍ୱାତନ୍ତ୍ର୍ୟ ଓ ସମୂହତାରେ ଏଇପରି ନିୟମିତ ଓ ନିବଦ୍ଧ । ଯେକୌଣସି ବ୍ୟକ୍ତିର କଳ୍ପନା କର, ତାହାର ବିକାଶ ଆଉ କେତେଗୁଡ଼ିଏ ସମେତ ବ୍ୟକ୍ତିର ସମବାୟ । ପ୍ରତ୍ୟେକ ସମେତ ବ୍ୟକ୍ତିର ନିଜ ନିଜର ସ୍ୱତନ୍ତ୍ର ଆତ୍ମବିକାଶରେ ସମବାୟଗତ ବ୍ୟକ୍ତି ପ୍ରକାଶ ପାଏ । ଦୁହେଁ ପୁଣି ଧାରଣାରେ ଭିନ୍ନ ହେଲେହେଁ ବାସ୍ତବ୍ୟତାରେ ଅଭିନ୍ନ । ସମସ୍ତ ବିକାଶରେ ଏଇ ନୀତି ଏଇ ଧର୍ମ । ସମଷ୍ଟିକୁ ଧରି ତଦନ୍ତର୍ଗତ ସମସ୍ତ ବ୍ୟକ୍ତି ତାହାରି ଟିକିଏ ଟିକିଏ ଭାଗ ଓ ଦୁହେଁ ଠିକ୍ ଏକାପରି ବୋଲି ସମଷ୍ଟି-ବ୍ୟକ୍ତି କଳ୍ପନା କରିବା ଏକ ଭ୍ରାନ୍ତି, ଏହାହିଁ ମାୟା ଓ ଅତିପ୍ରାକୃତ ଅବିକସିତ ମାନବର ମୂଢ଼ ଧାରଣା । ଜଗତ୍ ବିକାଶରେ ଯଥାର୍ଥରେ ଏପରି ବସ୍ତୁ ନାହିଁ । ଓଡ଼ିଆ ସାହିତ୍ୟକୁ ସ୍ୱତନ୍ତ୍ର ବ୍ୟକ୍ତିରୂପେ ନ ଦେଖି, ଭାରତ ବା ବିଶ୍ୱ ସାହିତ୍ୟ ସଂଗେ ଏହା ସମାନ ପ୍ରକୃତିକ ଓ ତାହାରି ଭାଗରେ କଟା ଅଂଶଟିଏ ବୋଲି ଭାବିବାର ଉପାୟ ନାହିଁ । ଏହା ନିଜ ବିକାଶରେ ଅତ୍ୟନ୍ତ ସ୍ୱତନ୍ତ୍ର, ଓ ସେଇ ହିସାବରେ ସମଷ୍ଟିର ସମୂହତାରେ ଏହା ଗୋଟିଏ ଅଂଶ । ଏଇ ହିସାବରେ ବ୍ୟକ୍ତିପୋଷଣରେ ସମଷ୍ଟି ନ ଦେଖିଲେ ବିକାଶ ଅସଂଭବ । ଅନ୍ୟଥା ସମଷ୍ଟିର ଭୌତିକ ଅଂଶରୂପେ ବ୍ୟକ୍ତିକୁ ସମଷ୍ଟି ସଂଗେ ସର୍ବତୋଭାବରେ ଏକଧର୍ମା କରିଦେଲେ, ବ୍ୟକ୍ତି ଭ୍ରଷ୍ଟ ବା ନଷ୍ଟ ହୁଏ, ଓ ସେ ବ୍ୟକ୍ତିର ସମଷ୍ଟି ବିକାଶରେ କୌଣସି କ୍ରିୟା ବା ଅଂଶ ରହେ ନାହିଁ । ଅପରନ୍ତୁ, ସମଷ୍ଟିରେ ଦୃଷ୍ଟି ଛାଡ଼ି, ବ୍ୟକ୍ତିର ମଧ୍ୟ ବିକାଶ କରିବା ଅସଂଭବ । ସେ ଉଦ୍ୟମରେ ମଧ୍ୟ ବିକାଶର ଧାରା ବିଘଟିତ ହୁଏ, ଓ ବିକାଶ ଉପେୟହୀନ ହୋଇ ବିଲୀନ ହୁଏ ।

**ଓଡ଼ିଆ ସାହିତ୍ୟର ସ୍ୱାତନ୍ତ୍ର୍ୟ ଓ ଉପଯୋଗ—**

ତେଣୁ ଓଡ଼ିଆ ସାହିତ୍ୟର ବିକାଶ ସ୍ୱାତନ୍ତ୍ର୍ୟ ସ୍ପଷ୍ଟ କରିବାକୁ ହେବ, ଓ ସଂଗେ ସଂଗେ ଭାରତ ସାହିତ୍ୟ ତଥା ମାନବ ସାହିତ୍ୟ ଭିତ୍ତିରେ ଏହି ସ୍ୱାତନ୍ତ୍ର୍ୟର ଯଥାର୍ଥ ଉପଯୋଗିତା ଦେଖିବାକୁ ହେବ । ପରିସ୍ଥିତି ଭୁଲିଯାଇ ଅନ୍ୟର ଅନୁକରଣ ମାତ୍ରରେ ସମତା ଓ ଶ୍ରୀବୃଦ୍ଧି କଳ୍ପନାରେ ଉଦ୍ୟମଶୀଳ ହେଲେ, କେବଳ ଯେ ଓଡ଼ିଆ ସାହିତ୍ୟ ବିକାଶର ପନ୍ଥା ହୁଡ଼ିବ ସେତିକି ନୁହେ, ଫଳରେ ଭାରତ ତଥା ମାନବ ସାହିତ୍ୟ ବା ସଭ୍ୟତା ନିଜର ସମଷ୍ଟିଗତ ବ୍ୟକ୍ତିତ୍ୱ ବିକାଶରେ ଗୋଟିଏ ନିର୍ଦ୍ଦିଷ୍ଟ ଓ ଉପଯୋଗୀ ବ୍ୟକ୍ତି ହରାଇବ ।

**ଶରୀର ଉପମା—**

ଏ ଧାରଣା ଓ ଧାରଣା ଅନୁସାରେ କ୍ରିୟା ବଡ଼ ଦୁଷ୍ପ୍ରାପ୍ୟ ହେଲେହେଁ ଏହାହିଁ ଗତି । ସାଧାରଣ କଥାରେ ଏହାକୁ ଶରୀର ସଂଗେ ଉପମା ଦେଇ ଧାରଣାର ଉଦ୍ୟମ

Digitized by PPRACHIN, SOA

କରାଯାଇଥାଏ । ହାତଗୋଡ଼ ପେଟ ମୁଣ୍ଡ ପ୍ରଭୃତି ଶରୀରର ବ୍ୟକ୍ତି । ଶରୀର ଏଇମାନଙ୍କ ସମଷ୍ଟିର ପ୍ରକାଶ । ଶରୀର ଛଡ଼ା ଏମାନଙ୍କ ପ୍ରକାଶ ନାହିଁ, କି ଏମାନଙ୍କ ଛଡ଼ା ଶରୀରର ପ୍ରକାଶ ନାହିଁ । ବରଂ ଏମାନଙ୍କ ମଧ୍ୟରୁ ଗୋଟିଏ ଅଧେ ବିକାଶରେ ହସ୍ୱ ବା ଖଣ୍ଡିତ ହେଲେ ଶରୀର ରହିପାରେ– ଶରୀର ସୁସ୍ଥ ଓ ପୂର୍ଣ୍ଣ ନ ହେଲେ ବି ଶରୀର ଧାରଣାଟି ଖଣ୍ଡିତ ହୁଏ ନାହିଁ । ମାତ୍ର ଶରୀର ନଥିଲେ କୌଣସି ଅଂଗପ୍ରତ୍ୟଂଗର ମୂଲ୍ୟ କିଛି ନାହିଁ । ତଥାପି ଅଙ୍ଗପ୍ରତ୍ୟଙ୍ଗରେ ପୂର୍ଣ୍ଣ ନ ହେଲେ ମଧ ଶରୀର ଠିକ୍ ଶରୀର ନୁହେ । ଓଡ଼ିଆ ସାହିତ୍ୟକୁ ଭାରତ ସାହିତ୍ୟ ତଥା ମାନବ ସାହିତ୍ୟ ସମ୍ପର୍କରେ ସେଇପରି ବୁଝିବାକୁ ହେବ । ସମଷ୍ଟିରେ ଏହାର ବିଶିଷ୍ଟତା ବୁଝି ଫୁଟାଇବାରେ ଲାଗିବାକୁ ହେବ । ତା ନ ହେଲେ ଓଡ଼ିଆ ସାହିତ୍ୟ ରହିବ ନାହିଁ, ରହିବାର କିଛି ଅର୍ଥ ନାହିଁ । ପକ୍ଷାନ୍ତରେ ଆମ ଓଡ଼ିଆ ସାହିତ୍ୟ, ଅନ୍ୟ ସବୁ ସାହିତ୍ୟରୁ ଏହା ବରାବର ଅଲଗା, ଏପରି ବୁଝି ଅନ୍ଧ ବିଶ୍ୱାସରେ ବିକାଶର ଉଦ୍ୟମ କଲେ ସେ ବିକାଶ ଭ୍ରଷ୍ଟ ହେବ– ସେପରି ଓଡ଼ିଆ ସାହିତ୍ୟ ରହିବା ବି ଉଚିତ ନୁହେଁ ।

**ଦୃଷ୍ଟାନ୍ତରେ ପ୍ରତ୍ୟବାୟ ଓ ମୂଲ୍ୟମାପ–**

ଏହାର ସ୍ୱଷ୍ଟ ସ୍ୱାତନ୍ତ୍ର୍ୟ ଅଛି, ପୁଣି ବିଶ୍ୱ ସାହିତ୍ୟ ତଥା ଭାରତ ସାହିତ୍ୟର ସମୂହ ବିକାଶ ଓ ପ୍ରକାଶରେ ଏହାର ସ୍ଥାନ ଅଛି । ଏ ଦୁଇଟିର ଧାରଣା ସ୍ୱଷ୍ଟ ରଖି ସାଧନାର ପନ୍ଥା ଦେଖିବାକୁ ହେବ । ମାତ୍ର କୌଣସି କୌଣସି ସମୂହ ବ୍ୟକ୍ତିତ୍ୱର ବିକାଶରେ ବ୍ୟକ୍ତିବିଶେଷର ମୂଲ୍ୟ ବଡ଼ କମ୍ ଥାଏ– ବେଳେ ବେଳେ ସେ ସମୂହରେ ଯାହା ବ୍ୟକ୍ତି ପରି ଲାଗେ ତାହା ବ୍ୟକ୍ତି ବି ନୁହେଁ, ବ୍ୟକ୍ତିର ଆଭାସ ମାତ୍ର । ଶରୀରର ଗୋଟିଏ ଆଙ୍ଗୁଠି ପଗ କଟିଗଲେ କ୍ଷତି ହୁଏ, ବିଶେଷ ହୁଏ ନାହିଁ– ନଖବାଳ ବଢ଼ିଲେ କାଟି ଦେବାକୁ ହୁଏ । ଶରୀରରେ ମଧ ଆବୁ ଓ ଗୋଦର ହୁଏ । ଅତଏବ ଓଡ଼ିଆ ସାହିତ୍ୟର ମାନବ ବିକାଶରେ ଯଥାର୍ଥ ମୂଲ୍ୟ ନିରୂପଣ କରି, ସେଇ ମୂଲ୍ୟ ମାପରେ ତା'ର ଧାରଣା ଦୃଢ଼ କରିବାକୁ ହେବ ।

**ସାହିତ୍ୟ ଏକ ବ୍ୟକ୍ତି–**

ଏ ମୂଲ୍ୟ ମାପିବାକୁ ହେଲେ, ସାହିତ୍ୟ ଭଳି ବ୍ୟକ୍ତିତ୍ୱର ଧାରଣା ଆଉ ଟିକିଏ ବିଶଦ କରି ମନେ ରଖିବା ଭଲ । ସମସ୍ତ ସ୍ୱତନ୍ତ୍ର ବିକାଶକୁ ବ୍ୟକ୍ତି ବୋଲି କୁହାଗଲେହେଁ, ସାଧାରଣତଃ ସେଥିପାଇଁ ବସ୍ତୁ ଓ ବ୍ୟକ୍ତି ଦୁଇଟି କଥାର ପ୍ରୟୋଗ ହୁଏ । ସୃଷ୍ଟି ପ୍ରକାଶରେ ମନୁଷ୍ୟ ବୁଦ୍ଧିରେ ଯେଉଁ ବ୍ୟକ୍ତିତ୍ୱ ଧାରଣା କରେ ତାହା ବସ୍ତୁ, ବୁଦ୍ଧିର ଉପାଦାନରେ ଯେଉଁ ବ୍ୟକ୍ତିତ୍ୱ ତିଆରି ହୁଏ ସେ ବ୍ୟକ୍ତି । ଜୀବନ ଗୋଟିଏ ବସ୍ତୁ, ମାତ୍ର ଆତ୍ମା ବା ମୁଁ ବୋଲି ଯେଉଁ ଧାରଣା ସେ ଏକ ବ୍ୟକ୍ତି, ତାହାର ବ୍ୟକ୍ତିତ୍ୱ ଅଛି । ଶରୀର ଓ ଶରୀର ବୃତ୍ତିର ସେ ନିୟାମକ, ମାତ୍ର ଶରୀର ବସ୍ତୁ ସେ ନୁହେ, ଜୀବନ ସଂଗେ ତାର ନିତ୍ୟ

Digitized by PPRACHIN, SOA

ସଂବଂଧ, ମାତ୍ର ସେ ଜୀବନରୁ ଭିନ୍ନ ଓ ଅତୀତ । ପୁଣି ସବୁ ପ୍ରକାର ଶରୀର ଓ ଜୀବନରେ ମନୁଷ୍ୟର 'ମୁଁ' ପରି ନିୟାମକ ଶକ୍ତି ନାହିଁ, ଅନ୍ତତଃ ଥିବାର ସ୍ପଷ୍ଟ ନୁହେ । ଏଇ ମୁଁ ବସ୍ତୁ ବା ମନ ଅଥବା ଚିନ୍ତାର ଉପାଦାନରେ ଶରୀର ଓ ଜୀବନର ସାକ୍ଷାତ ସମ୍ପର୍କ ଛଡ଼ା ଯେଉଁ ବ୍ୟକ୍ତିତ୍ୱ ବିକାଶ ପାଏ, ସେଇଭଳି ବ୍ୟକ୍ତିତ୍ୱର ଶ୍ରେଷ୍ଠ ଉଦାହରଣ ସମାଜ ଓ ସାହିତ୍ୟ ।

**ପରମ୍ପରା—**

ପରମ୍ପରା ଏଇ ବୃତ୍ତିର ଏକ ବିଶେଷ ଲକ୍ଷଣ । ବସ୍ତୁରେ ମଧ୍ୟ ପରମ୍ପରା ଅଛି । ନୀହାରିକାରୁ ନଦୀସ୍ରୋତ ପର୍ଯ୍ୟନ୍ତ, ସୃଷ୍ଟିମୂଳ ଭୂତ ତତ୍ତ୍ୱରୁ ବିଦ୍ୟୁତ କଣିକାର ବିଭିନ୍ନ ସମବାୟ ଭିତରେ ବିକାଶପ୍ରାପ୍ତ ଅନନ୍ତ ବ୍ୟୋମରେ ବିଲୀନ ସୂର୍ଯରଶ୍ମି ପର୍ଯନ୍ତ— ଯେଉଁଠାରେ ଦେଖ, ବିକାଶର ପରମ୍ପରା ଅଛି— ଏକ ଅବସ୍ଥାରୁ ଅବସ୍ଥାନ୍ତର ଫୁଟି ପଡୁଛି । ପର ଅବସ୍ଥା ସର୍ବତ୍ର ପୂର୍ବର ଭୂୟୋବିକାଶ, ଓ ପୂର୍ବ ଅବସ୍ଥାରେ ନିୟମିତ । ଜୀବନ୍ତ ବସ୍ତୁ ବା ଜନ୍ତୁଠାରେ ମଧ୍ୟ ସେଇ ଜୀବନ ବସ୍ତୁର ପରମ୍ପରା ସ୍ପଷ୍ଟ । ନିତାନ୍ତ ସ୍ଥଳ ଗଣନାରେ ମଧ୍ୟ ବାଲ୍ୟ ଯୌବନ ଜରାରେ ବିକାଶ ଗତି କରେ । ପୁଣି ଜରା ବା ବିନାଶ ବିକାଶର ଧର୍ମ ନୁହେ । ତେଣୁ ମହାଭୂତର ଅନନ୍ତ ସଂଘର୍ଷ ମଧ୍ୟରେ ଜୀବ ଯୌବନ ପାଇଲା ମାତ୍ରେ, ସଂଘର୍ଷର ବଳିଷ୍ଠ ପରଂପରା ଅକ୍ଷୁଣ୍ଣ ରଖିବାପାଇଁ ଯେପରି କି ନିଜ ପରି ସଂତାନରେ ଜୀବନ ତିଆରି କରି ଫିଙ୍ଗି ଦେଉଛି । ଅନନ୍ତ ମୃତ୍ୟୁ ଧ୍ୱଂସ ଓ ଅପଚିତି ଭିତରେ ବିକାଶ ପରଂପରାର ଜୀବନ୍ତଧାରା ଏଇପରି ଅଖଣ୍ଡ ଚାଲିଛି ।

**ଅସ୍ମଦ୍ ଓ ଅନସ୍ମଦ—**

ମାତ୍ର ଅଧ୍ୟାତ୍ମ ଗଣନାରେ ଏ ସବୁ ପରମ୍ପରାରେ ଅସ୍ମଦ୍ ଭିନ୍ନ ବା ମୁଁ ରୁ ଅଲଗା ମୁଁ ର ଦାର୍ଶନିକ ଆରୋପ ଥାଇପାରେ, ମାତ୍ର 'ମୁଁ' ପରି ଗୋଟିଏ ବ୍ୟକ୍ତିତ୍ୱ ପୀଠରେ ଜ୍ଞାନର ପରଂପରା ସେମାନଙ୍କଠାରେ ଦେଖାଯାଏ ନାହିଁ । ଶଙ୍କରାଚାର୍ଯଙ୍କ ଭାଷାରେ ସେ ସବୁ 'ଯୁସ୍ମଦ୍' 'ଅସ୍ମଦ୍' ନୁହେ— ପୁଣି ସେ ସବୁ 'ତତ୍' 'ହଂ' ନୁହେ । ତତ୍ତ୍ୱମସିର ସମାଧାନ ଅବଶ୍ୟ ଏଠାରେ ବିଚାର୍ଯ ନୁହେ— ଏଇ ଭେଦହି ଏଠାରେ ବିଚାର କରିବାର ବସ୍ତୁ । ଇଂରେଜୀରେ ଏହାକୁ Subject ଅର୍ଥାତ୍ ଅସ୍ମଦ୍, ଓ Object ଅର୍ଥାତ୍ 'ଯୁସ୍ମଦ୍' ବା ଅନସ୍ମଦ୍ କୁହାଯାଏ ।

**ବ୍ୟକ୍ତିତ୍ୱ—**

ଏଇ ଅସ୍ମଦ୍ ଉପାଦାନ ବିଶିଷ୍ଟ ବ୍ୟକ୍ତିତ୍ୱର ପରମ୍ପରା ଜ୍ଞାନରେ ସ୍ଥାୟୀ । ବିରାଡ଼ି କାଲି ଦୁଧ ଖାଇଥିଲେ, ତାକୁ ଆଜି ଦଣ୍ଡ ଦେବାର ଅର୍ଥ କିଛି ନାହିଁ । ବିରାଡ଼ିର ବ୍ୟକ୍ତିତ୍ୱରେ ସେ ଅସ୍ମଦ୍ ଉପାଦାନ ସ୍ପଷ୍ଟ ନାହିଁ । ମାତ୍ର ଶୈଶବର ସ୍ମୃତି ଓ ପ୍ରଭାବ ବୃଦ୍ଧର ବ୍ୟକ୍ତିତ୍ୱରେ ସୁନ୍ଦର ଅନୁସନ୍ଧାନ କରାଯାଇପାରେ । ପରମ୍ପରାରେ ଏଇ ସ୍ଥାୟିତ୍ୱ ପ୍ରତ୍ୟଗାତ୍ମା ବା

Digitized by PPRACHIN, SOA

ମାନବାତ୍ମାର ଲକ୍ଷଣ ଓ ସଂକେତ । ସମାଜ ତଥା ସାହିତ୍ୟର ବିକାଶରେ ପରମ୍ପରାର ଏଇ ସ୍ଥାୟିତ୍ୱ ହି ଏକାନ୍ତ ଲକ୍ଷଣ କହିଲେ ଚଳେ । ଏ ସ୍ଥାୟିତ୍ୱର ବିନାଶ କଳ୍ପନାରେ ନାହିଁ । ସେଥିପାଇଁ ମାନବ ବ୍ୟକ୍ତିତ୍ୱର ପରଲୋକ । ସମାଜ ତଥା ସାହିତ୍ୟର ଏଇ ପରଲୋକ ମଧ୍ୟ ଅଛି । ମାତ୍ର ତାହା ମାନବର କାମ୍ୟ ନୁହେ– ମାନବ ପକ୍ଷରେ ତାହା ଅସହ୍ୟ । ଏହାରି ଘେନି ମାନବର ବ୍ୟକ୍ତିତ୍ୱ ସମାଜରେ ଆତ୍ମବାନ୍ ଓ ସମୂହ ମାନବିକ ଉନ୍ନତିର ଏହାହି ଆଧାର । ଜନ୍ତୁ ଜଗତରେ ଭୂତ ସଂଘର୍ଷର ସ୍ଥାୟିତ୍ୱ ପାଇଁ ପ୍ରକୃତିର ନିୟତ ବୃତ୍ତିରେ ସନ୍ତାନର ପରଂପରା । ମାତ୍ର ମାନବ ଏଇ ସମାଜ ତଥା ସାହିତ୍ୟରେ ନିଜର ସଂତତି ପରମ୍ପରାର ବିକାଶ କଳ୍ପନା କରେ । ପିତୃ ପରମ୍ପରାର ପୁଣି ଉପଯୋଗିତା ଏଇଠାରେ । ଏଇ ସମାଜ ବା ସାହିତ୍ୟ ବ୍ୟକ୍ତିତ୍ୱରେ ଆଜି ଆଦିଦେବ ବରୁଣ ଋତ ବା ବିଶ୍ୱନିୟମର ପ୍ରତୀକ, ପୁଣି ନୟ ବା ପାପପୁଣ୍ୟ ମାପର ଅଧିକାରୀ; ଏଇଥିରେହି ଭୀଷଣ ରୁଦ୍ର, ମଙ୍ଗଳମୟ ଶିବ ବା ଶଙ୍କର; ଶ୍ରେଷ୍ଠ ଦେବ ଇନ୍ଦ୍ର, ରାକ୍ଷସ ସପ ଅନ୍ଧାର ସପ ଅନ୍ଧାର ଓ ଦୁର୍ଦ୍ଦିନର ଅନ୍ତକ । ଏଥିରେହି ବ୍ୟାସ ବଶିଷ୍ଠ ଆଜି କୁଳୀନ ପୁଣି ମନୁ କୁଳପ୍ରବର୍ତ୍ତକ । ଏଥିରେହି ଅଷ୍ଟଦିଗ୍‌ପାଳ ମାତ୍ରାରେ ନିର୍ମିତ ନୃପ ଥିଲେ 'ମହତୀ ଦେବତା' । ଏଥିରେ ହି ଆଭିଜାତ୍ୟର ଅହଂକାର ପୀଠରେ ବିଶ୍ୱ ପ୍ରଭାବର ପୁରୋଦୃଷ୍ଟି । ଅହିଂସାଠାରୁ ଖଦଡ଼ ପର୍ଯ୍ୟନ୍ତ ମଧ୍ୟ ସବୁ ହି ସ୍ଥାୟୀ ପରମ୍ପରା ଓ ତଦନୁଗତ ପୁରୋଦୃଷ୍ଟିର ସ୍ପଷ୍ଟ ସଂକେତ । ଏହି ପରମ୍ପରା ପୀଠରେ ପୁରୋଦୃଷ୍ଟି ରଖି ପୁଣି ଚିର ଦରିଦ୍ରୀକୃତ ଉତ୍କଳ ଆଜି ସ୍ୱତନ୍ତ୍ର ପ୍ରଦେଶ । ଉତ୍କଳ ସାହିତ୍ୟର ଏହି ପାରମ୍ପରିକ ମୂର୍ତ୍ତି ଆଜି ସେହି ପୁଣ୍ୟ ପୀଠ ଉପରେ ସେହି ଦୃଷ୍ଟିର ଚାରୁହାସ ଧରି ଜାଗ୍ରତ ଗୌରୀ ରୂପରେ ପ୍ରତିଷ୍ଠିତ । ତା ନହେଲେ, ଏ ସାହିତ୍ୟ ସମାଜର ଅର୍ଥ ବା ମୂଲ୍ୟ ନାହିଁ । ପରମ୍ପରାରେ ଦୃଢ଼ରୂପେ ଠିଆ ହୋଇ ଭବିଷ୍ୟତର ଉପଯୋଗିତାକୁ ଦୃଷ୍ଟି ନ ଦେଲେ ଉତ୍କଳ ସାହିତ୍ୟର ପରଲୋକ ହେବ । ତା'ର "ଅମର ଆତ୍ମା ପରଲୋକରେ ଅମରତ୍ୱ ପାଇ ପାରେ, ମାତ୍ର ଇହଲୋକରେ ଉପଯୋଗିତା ହରାଇ ନଷ୍ଟ ହେବ ।

**ସମାଜ ତଥା ସାହିତ୍ୟ ଭଳି ବ୍ୟକ୍ତିତ୍ୱର ପରଲୋକ–**

ସମାଜ ତଥା ସାହିତ୍ୟର ଏପରି ପରଲୋକ କାମ୍ୟ ନ ହେଲେହେଁ, ନ ହୁଏ, ନୁହେ । ଏବର ପାଶ୍ଚାତ୍ୟ ସମାଜ ଓ ସାହିତ୍ୟରେ ସେକାଳ ଗ୍ରୀସ ରୋମଙ୍କର ଠିକ୍ ପରଲୋକଲୀଳା ଅଛି କି ନା ତା କହିବା ଦୁଷ୍କର । ତାକୁ ଇହ ପରଂପରା ମଧ୍ୟ କୁହାଯାଇପାରେ ଓ କୁହାଯାଏ । ମାତ୍ର ସିଂଧୁ, ସୁମେର, ମିଶର ପ୍ରଭୃତିଙ୍କ ଆତ୍ମା ଯେ ଆଜି ପୃଥିବୀର ସମସ୍ତ ସଭ୍ୟ ଦେଶରେ ପରଲୋକଲୀଳା ପ୍ରକାଶ କରୁଚି, ଏହା ସତ୍ୟ ଓ ସାବ୍ୟସ୍ତ । ପିତୃକୁଳରେ ପ୍ରତିଷ୍ଠିତ ଆର୍ଯ୍ୟମାନଙ୍କ ମଧ୍ୟରେ ଏବର ଏସିଆ ମାଇନରରେ ସେକାଳେ 'ମା'ଙ୍କର ପ୍ରତିଷ୍ଠା, ଖ୍ରୀଷ୍ଟଧର୍ମରେ ତ୍ୟାଗ ଓ ସହିଷ୍ଣୁତା, ମୁସଲମାନ ଧର୍ମରେ

Digitized by PPRACHIN, SOA

ଉପବାସ ପ୍ରଭୃତି ଖୋଳି ଦେଖିଲେ ସେଇ ପରଲୋକଗତ ସମାଜ ଓ ସାହିତ୍ୟର ସଂକେତ ଓ ନିଦର୍ଶନ ମିଳିବ ।

### ଭାରତର ପରଂପରା—

ଏଇ ଭାରତରେ ମଧ୍ୟ ଆର୍ଯ୍ୟ ସଭ୍ୟତା ଓ ସାହିତ୍ୟର ବିଗ୍ରହରେ ପୁଣ୍ୟ ପୁରାଣ ଭାରତର ଆତ୍ମା ହୁଏତ ଆଜି ସ୍ୱଷ୍ଟ ସ୍ୱାତନ୍ତ୍ର୍ୟ ହରାଇଚି । ମାତ୍ର ବୌଦ୍ଧର ଶୂନ୍ୟବାଦ, ଜୈନର ଅହିଂସା, କପିଳଙ୍କ ସାଂଖ୍ୟ, ଶଂକରଙ୍କ କର୍ମତ୍ୟାଗରେ ବେଦାନ୍ତ ସାଧନା, ପବିତ୍ର ଯୋଗସାଧନର ପ୍ରତିପତ୍ତି ମଧ୍ୟରେ ହଟଯୋଗର କୁହକ, ଦେବୀ ଧର୍ମ ତଥା ଯୌନ ସାଧନାର ତନ୍ତ୍ର, ବରୁଣ ପୂଜା, ମହାଦେବ, କେରଳ ଜ୍ୟୋତିଷ ଓ ବୟନ କଳା, ସଙ୍ଗୀତ ଓ ଦେବଦାସୀ ପ୍ରଭୃତିରେ କେଉଁ ସମାଜର ଆତ୍ମା ଆଜି ପ୍ରକାଶ ପାଉଚି, ତାହା ଦେଖିଲେ ପ୍ରାଗ୍‌ବୈଦିକ ପାଚୀନ ଭାରତର ପ୍ରତିଷ୍ଠିତ ପରଂପରାହି ପଦେ ପଦେ ପ୍ରକଟିତ ହୁଏ । ସେହିଥିପାଇଁ ଭାରତ ଆଜି ଭାରତ । ଆଜି ପୃଥିବୀର ମାନବ ସଭ୍ୟତାକୁ ଭାରତ ଯେ ନିଜର ସ୍ୱଧର୍ମରେ ଉପାଦାନ ଦାନ କରିବାର ଆକାଂକ୍ଷା ଓ ଅଭିଳାଷରେ ଜାଗ୍ରତ, ତାହାର ପୀଠ ଓ ପ୍ରତିଷ୍ଠା ଏହିଠାରେ ।

### ଓଡ଼ିଆ ସାହିତ୍ୟର ବ୍ୟକ୍ତିତ୍ୱ ଧନ—

ଜୀବନ୍ତ ପ୍ରାଚୀନତାରେ ପରମ୍ପରାର ଉପଯୋଗିତା ବଢ଼େ ଓ ଦୃଢ଼ ହୁଏ । ଭବିଷ୍ୟତ ଏଥିରେହିଁ ପ୍ରତିଷ୍ଠିତ ହୁଏ । ବ୍ୟକ୍ତିତ୍ୱର ଏହାହି ଧର୍ମ । ଓଡ଼ିଆ ସାହିତ୍ୟର ଆଲୋଚନାରେ ଏହି ବ୍ୟକ୍ତିତ୍ୱ ଧର୍ମ ବିଚାର କରିବା ଦରକାର । ଏହି ବ୍ୟକ୍ତିତ୍ୱ ଧର୍ମରେ ଓଡ଼ିଆ ସମାଜ ଓ ସାହିତ୍ୟ ପୁଣି ଭାରତ ତଥା ମାନବ ସମାଜର ପ୍ରଗତିରେ କି ଉପଦାନ ଦାନ କରିଚି ଓ କରିପାରେ ତାର ସୂଚନା ପ୍ରାଣରେ ପ୍ରେରଣାର ପୀଠ ନ ପକାଇଲେ, ଏହି ହିସାବରେ ଓଡ଼ିଆ ସାହିତ୍ୟର ଉପଯୋଗିତା ନ ଦେଖିଲେ ଏ ଉତ୍କଳ ସାହିତ୍ୟ ସମାଜ ନିଜର ଆତ୍ମବିକାଶ ଧର୍ମରେ ଉପେୟ ଓ ଉପାୟ ସ୍ଥିର କରି ନ ପାରି, କେବଳ ଦିନାକେତେ ସମୟ ସେବାରେ ଲାଗି କିଂବା ପରକୁ ଦେଖି ଈର୍ଷା ଓ ଅସୂୟାରେ ବ୍ୟାକୁଳ ରୋଦନ କରି କରି, ହୁଏତ ନିର୍ବାଚନ, ଶକ୍ତିହୀନ ହୋଇ ଅନୁକରଣରେ ବିଡ଼ମ୍ବନାର ଅଜୀର୍ଣ୍ଣରେ ସଢ଼ି ସଢ଼ି ଇହଲୀଳା ସାଂଗ କରିବ ।

### ନିରାଶାର ସୂଚନା—

ଏ କଥା— ଏ ନିରାଶାର ସୂଚନା— ଯୁକ୍ତି ଛଳରେ ମଧ୍ୟ ଦେବାର ନୁହେଁ । ମାତ୍ର ପରିସ୍ଥିତିର ତାଡ଼ନାରେ ବେଳେ ବେଳେ ଅସହ୍ୟ ଔଷଧ ପରି କଟୂକ୍ତି ମଧ୍ୟ ସ୍ୱାସ୍ଥ୍ୟକର । ସେ ପରିସ୍ଥିତି ଫେଡ଼ି ଅର୍ଥ କରିବା ଦରକାର ନାହିଁ । ଏ ବ୍ୟଞ୍ଜନାର ବର୍ଣ୍ଣନା ସ୍ପୃହଣୀୟ ବା ଶ୍ଳାଘ୍ୟ ନୁହେ । ପୁଣି ଆତ୍ମବିଶ୍ୱାସରେ ଜୀବିତ ଏହି ସମାଜର ପ୍ରତିଷ୍ଠାତା ଓ ଉଦ୍ୟୋକ୍ତାମାନଙ୍କ ଆଗେ ଏସବୁ କଥା ବାଢ଼ିବାର ନୁହେ ।

Digitized by PPRACHIN, SOA

## ଆତ୍ମବିକାଶର ବାହାନା–

ଏହି ସମ୍ପର୍କରେ ଓଡ଼ିଆ ସାହିତ୍ୟର ପରମ୍ପରା ଓ ତାହାର ଉପଯୋଗିତା କିନ୍ତୁ ଦେଖିବାର କଥା । ଏ ଧାରଣା ଦୃଢ଼ ହେଲେ ଭବିଷ୍ୟତ ନିର୍ଦ୍ଦିଷ୍ଟ ହେବ ଓ କର୍ମର ପ୍ରବାହ ଫିଟିବ । ସମସ୍ତେ ନିଜ ନିଜର ସାହିତ୍ୟ କରୁଚନ୍ତି, ଅତିଏବ ଆମକୁ କରିବାକୁ ହେବ; ତାଙ୍କର ଖଣ୍ଡେ ସାହିତ୍ୟର ଇତିହାସ ଲେଖା ହେଲାଣି, ଆମର ଖଣ୍ଡେ ଲେଖିବା; ବଂଗାଳୀମାନେ କୋଣାର୍କକୁ ବଂଗାଳୀ ଶିଳ୍ପ ବୋଲି କହିଲେଣି, ଆମେ ଚାଲ, କଲିକତା କାଳୀମନ୍ଦିର ତଥା ସହଜିଆ ଧର୍ମକୁ ଆମର ବୋଲି କହିବା; ଚୈତନ୍ୟ ଓ ଜୟଦେବଙ୍କୁ ବଙ୍ଗାଳୀ ନିଜର କରି ନେଉଛନ୍ତି ଆମର ତାଙ୍କୁ ମାରି ଆଣିବା; ଅନ୍ୟମାନେ ରେକର୍ଡ଼ରେ ନିଜର ଐତିହାସିକ ନାଟକ ଦେଉଚନ୍ତି, ଆମର ନୀଳାଚଳ ବୋଲି ଖଣ୍ଡେ ଲେଖି ଭର୍ତ୍ତି କରିଦେବା– ଏସବୁ ଇଂରେଜ ସରକାରଙ୍କ ପାଖେ ଚାକିରି ମାଗିବା ବୁଦ୍ଧି ଓ ମନୋବୃତ୍ତିରେ ସାହିତ୍ୟ ଫୁଟିବ ନାହିଁ, ସମାଜର ବିକାଶରେ ଶ୍ରୀବୃଦ୍ଧି ହେବ ନାହିଁ । ପରଂପରାର ପ୍ରତିଷ୍ଠା ଓ ସେଥିରେ ପୁରୋଦୃଷ୍ଟିର ପ୍ରସାର ଦରକାର ।

### ଓଡ଼ିଆ ପ୍ରାଣରେ ପରଂପରାର ସଂକେତ–

ଓଡ଼ିଆ ସାହିତ୍ୟର ଏ ପରଂପରା କଅଣ ? ବିଶ୍ଳେଷଣରେ ଦେଖିବା ପୂର୍ବରୁ ମନେ ରଖିବାର ଅଛି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଏହାର ସଂକେତ ରହିଚି । ସେଥିପାଇଁ ସିଂହଭୂମି ପ୍ରଭୃତିର ଓଡ଼ିଆ ଆଜି ସନ୍ତୁଷ୍ଟ ପ୍ରାଣରେ ଓଡ଼ିଶାକୁ ଆସିବାକୁ ପ୍ରୟାସ ଓ ଉଦ୍ୟମ ଧରି ବସିଚନ୍ତି । ସେଥିପାଇଁ ଦକ୍ଷିଣ ଓଡ଼ିଶାର ଓଡ଼ିଆମାନେ ଅଧିକ ସୁଖଦାୟକ ଧନୀ ମାନ୍ଦ୍ରାଜ ସରକାରକୁ ଉପେକ୍ଷାକରି ପୁରୁଷାଧିକବ୍ୟାପୀ ଘୋର ଉଦ୍ୟମ ଫଳରେ ଆଜି ଓଡ଼ିଶାକୁ ଆସି କ୍ଷୁଦ୍ର ଓ ଦରିଦ୍ର ହେଲେହେଁ ନିଜର ସ୍ୱତନ୍ତ୍ର ଓଡ଼ିଶା ଗଢ଼ି ତହିଁରେ ସ୍ଥାନ ପାଇଚନ୍ତି । ଚୈତନ୍ୟ ଓ ଜୟଦେବଙ୍କ ଓଡ଼ିଆତ୍ୱ ଅସ୍ୱୀକୃତ ହେଲେ ସେଥିପାଇଁ ଆଜି ଓଡ଼ିଆକୁ ବାଧେ । ଭୁବନେଶ୍ୱର କୋଣାର୍କ ଖିଚିଙ୍ଗ ସେଇଥିପାଇଁ ଆଜି ଓଡ଼ିଆ ପ୍ରାଣରେ ସ୍ପନ୍ଦନ ଉଠାଏ । ଖାରବେଳର ଇତିହାସ ସେଇଥିପାଇଁ ଓଡ଼ିଆର ସ୍ମୃତିକୁ ଜୀବନ୍ତ ଓ ସରସ କରେ । ସେଇଥିପାଇଁ ଗ୍ରାମର ଭାଗବତ ମନ୍ଦିରରେ ଓଡ଼ିଆ ନିଜତ୍ୱ ଦେଖି ତା'ର ଆଦର କରେ । ସେଇଥିପାଇଁ ପ୍ରାଣ ପ୍ରାୟଶ୍ଚିତ୍ତ କରି ଅତି ଦୁର୍ଦ୍ଦିନରେ ମଧ୍ୟ ଓଡ଼ିଆମାନେ ଏହି ଉତ୍କଳ ସାହିତ୍ୟ ସମାଜର କଳ୍ପନା କରିଥିଲେ । ପ୍ରାଣର ସେହି ପୁଣ୍ୟ ସଂକେତରେ ପୁଣି ଆଜି ଓଡ଼ିଆମାନେ ଏହି ସମାଜର ଜୀବନ ସଂଗେ ଜାଗରଣର ବାଞ୍ଛା କରନ୍ତି ।

## ଗୌଣତ୍ୱର ମନୋବୃତ୍ତି–

ମାତ୍ର ଏତିକି ଯଥେଷ୍ଟ ନୁହେଁ । ନିଜକୁ କ୍ଷୁଦ୍ର ଦେଖି ସେ କ୍ଷୁଦ୍ରତାରେ ଅଜ୍ଞାତ ଭାବରେ ପ୍ରଭାବିତ ହୋଇ, ଓଡ଼ିଆର ଏବେ ମଧ୍ୟ ଗୌଣତ୍ୱ ମନୋବୃତ୍ତି ଯେ ପ୍ରକାଶ ପାଏ, ତାହା ଅସ୍ୱୀକାର କରିବାର ନୁହେ । ଏଥିରେ ଦୃଷ୍ଟିର ଦିଗ୍‌ବଳୟ ସଂକୁଚିତ ହୁଏ, ଶ୍ରଦ୍ଧା ବା

Digitized by PPRACHIN, SOA

ବିଶ୍ୱାସ ତୁଟିଯାଏ, ଓ ବଳିଷ୍ଠ ଆତ୍ମପ୍ରତ୍ୟୟ ହରାଇ ଅଯଥା ଅନୁକରଣର ବିଡ଼ଂବନାକୁ ଶ୍ରୀବୃଦ୍ଧି ମଣିଷ ସମାଜ ନିଜତ୍ୱ ବା ବ୍ୟକ୍ତିତ୍ୱ ହରାଇ ଶେଷରେ ଇହଲୋକ ଛାଡ଼େ । ଆଦି ସଭ୍ୟତାର ବିରାଟ ପୀଠ ସୁମେର ଆଜି କାହିଁ ? ସିଂଧୁର ମହାଦେବ ଆଜି ଯଥାର୍ଥରେ ଶ୍ମଶାନବାସୀ ଦିଗମ୍ବର । ମାନବ ସଭ୍ୟତାରେ ସାମ୍ୟମୈତ୍ରୀର ଯଥାର୍ଥ ଅଭ୍ୟାସ ପୀଠ ଜଗନ୍ନାଥର ଅଧିକାରୀ ଶବରଙ୍କୁ ଆଜି କେଉଁଠାରେ ଖୋଜିବାକୁ ହେବ । ମୟଦେଶ ଓ ଇଷ୍ଟରଦ୍ୱୀପ ପ୍ରଭୃତିର ବିରାଟ ସ୍ଥପତିକଳାକୁ ଆଜି ମୋର ବୋଲିବାକୁ ସେ ଦେଶରେ କେହି ନାହାନ୍ତି । ପ୍ରାଚୀନ ପିରୁରେ ସଭ୍ୟତାର ଯେଉଁ ମହାଶ୍ମଶାନ ପଡ଼ିଚି, ତହିଁରେ ଆଜି ଅସ୍ଥି ସଂଚୟ କରି ଶ୍ରାଦ୍ଧ କରିବାକୁ ମଧ ଉତ୍ତରବଂଶ ମିଳୁ ନାହାନ୍ତି । ସେ ସବୁଠାରେ ସେ ମାନବ ବଂଚି ରହି ନାହାନ୍ତି । ଆତ୍ମଗ୍ଲାନି ଓ ଗୌଣ ମାନସିକତାରେ ପଡ଼ି ଧ୍ୱଂସ ଓ ଚିରକାଳ ପାଇଁ ବିଲୀନ ହୋଇଚନ୍ତି । ବଂଶଧରମାନେ ଖାଲି ଖାଇ ପିଇ ବଂଚି ରହିଲେ ମାନବ ରହେ ନାହିଁ । ଭୋଗ ସମାନ କରି ବାଂଟି ଦେଲେ ମାନବ ସମାନ ହୁଏ ନାହିଁ । ଗୋରୁ କେଉଁକାଳେ ବଣରୁ ଆସି ପୋଷା ହୋଇଥିଲେ ? ତାଙ୍କ ବଂଶଧର ଅଛନ୍ତି; ମାନବ ତାଙ୍କ ପାଳନ ପୋଷଣ ପାଇଁ ଆଜି ଗୋସମ୍ମିଳନୀ ମଧ କରୁଚନ୍ତି, ପ୍ରଦର୍ଶନୀ ମଧ ହେଉଛି । ମାତ୍ର ସମାଜ ସାହିତ୍ୟରେ ସେ ଜୀବନ୍ତ ନୁହନ୍ତି । ବରଂ ତାଙ୍କର ପାଳନ ପୋଷଣର ପରଂପରା ମାନବ ସାହିତ୍ୟର ପରଂପରା– ବୁଦ୍ଧିମନ୍ତ ପୋଷକ ଓ ପାଳକର ପରମ୍ପରା । ଗୌଣତ୍ୱର ମନୋବୃତ୍ତି ଗ୍ରାସ କଲେ, ଅନ୍ୟର ଜୀବନ ବିକାଶ ଦେଖି ଈର୍ଷାରେ ଆମର ଅଛି ବୋଲି ଛଟପଟ ହେଲେ, ରୋଗର ଉପଶମ ହୁଏ ନାହିଁ । ସମାଜ ଜୀବନରେ ଏହା ବରଂ ସାଂନିପାତକ ବିକାରର ଲକ୍ଷଣ । ସେଥିରେ ବିକଳରେ ଯାହା ତାହା ପେଟରେ ପୂରାଇବାକୁ ମନ ହୁଏ, ଜୀର୍ଣ୍ଣ ହୁଏ ନାହିଁ । ସେଥିପାଇଁ ଆଦୌ ସ୍ୱାସ୍ଥ୍ୟ ଦରକାର, ସେଇ ସ୍ୱାସ୍ଥ୍ୟର ଯଥାର୍ଥ ଆତ୍ମପ୍ରତ୍ୟୟରେ ଆଗକୁ ପଛକୁ ଚାହିଁ ଆହାର୍ଯ୍ୟ ଖୋଜିବାକୁ ହୁଏ । ବଳିଷ୍ଠ ଆତ୍ମସ୍ଥିତିରେ ଅଖଣ୍ଡ ବିଶ୍ୱାସ ଏଇ ସ୍ୱାସ୍ଥ୍ୟର ଲକ୍ଷଣ । ଏ ସ୍ୱାସ୍ଥ୍ୟ ଆଣିବାକୁ ହେବ । ଯଥାର୍ଥ ପରଂପରାରେ ବିଶ୍ୱାସ ଜାଗ୍ରତ କରିବାକୁ ହେବ । ଉପଯୋଗିତା ବୁଝି ସେଥିରେ ପ୍ରତ୍ୟୟବାନ୍ ହେବାକୁ ହେବ । ଅପରିପକ୍ୱର ଅଯଥା ଅନୁକରଣର ବିଡ଼ମ୍ବନା, ଓ ଅଳ୍ପରେ ପାଇଯିବାର କ୍ଷୁଦ୍ରତା ପରିହାର ଓ ବାରଣ କରିବାକୁ ହେବ ।

**ଓଡ଼ିଆ ପରଂପରା ଓ ଉପଯୋଗିତାର ଭିତ୍ତି–**

ଓଡ଼ିଆର ଏଇ ପରଂପରା ଓ ତାର ଉପଯୋଗିତାର ଭିତ୍ତି କ'ଣ, ଟିକିଏ ସୂଚନାରେ ଦେଖାଯାଉ । ଭାରତର ସଭ୍ୟତାକୁ ଆର୍ଯ୍ୟ ସଭ୍ୟତା କୁହାଯାଏ । ମାତ୍ର ଯଥାର୍ଥରେ ଏହା ଆର୍ଯ୍ୟ ସଭ୍ୟତା ନୁହେ । ଇଂରେଜ ପ୍ରଭୃତି ବିଜେତାଙ୍କ ପରି କେତେକ ଆର୍ଯ୍ୟ ବିଜେତା ରୂପେ ଏ ଦେଶରେ ପଶିଥିଲେ, ଓ ନିଜର ନାମରେ ସଭ୍ୟତାକୁ ନାମିତ କରିବାକୁ ସମର୍ଥ ହୋଇଥିଲେ । ସେମାନେ ଭାରତର ବହୁ ସ୍ଥଳରେ ମଧ ନିଜର ଭାଷାର ଛାଂଚ

Digitized by PPRACHIN, SOA

ଓ ଛାପ ପକାଇ ଦେଇଛନ୍ତି । କିଂତୁ ସଭ୍ୟତାର ନାମ ତଳେ, ଓ ଭାଷାର ରୂପ ତଳେ ଯେଉଁ ପ୍ରାଣ ଅଛି, ତାହା ସେତେ ଆର୍ଯ୍ୟ ନୁହେ । ବରଂ ଏହାକୁ ଭାରତୀୟ ବୋଲିବାହି ସାଧୁ । ଏଇ ପୁଣ୍ୟ ପୁରାଣ ଭାରତୀୟ ସଭ୍ୟତା ଏବେ ପୂର୍ଣ୍ଣ ବ୍ୟକ୍ତିତ୍ୱରେ ଓଡ଼ିଆର ସମାଜ ସଭ୍ୟତା ଓ ସାହିତ୍ୟରେ ଦେଖିବାକୁ ମିଳେ ।

**ନାମେ ଭକ୍ତି ଜୀବେ ଦୟା–**

'ନାମେ ଭକ୍ତି ଜୀବେ ଦୟା'– କଥାଟି ଓଡ଼ିଆ ସାହିତ୍ୟର ପ୍ରାଣ କହିଲେ ଚଳେ । ଏହା ବୈଷ୍ଣବ ସାହିତ୍ୟରେ ମିଳେ । ଚୈତନ୍ୟ ପ୍ରଭୃତିଙ୍କ ଧର୍ମ ନାମରେ ଏହାର ପ୍ରଚାର । ମାତ୍ର ଏ ମହାଭାରତୀୟ ତତ୍ତ୍ୱର ଏକମାତ୍ର ଉତ୍ତରାଧିକାରୀ ଏବେ ଓଡ଼ିଆ, ଆଉ କେହି ନୁହନ୍ତି । କେବେ କେଉଁ ଯୁଗରେ ଏହା ଭାରତୀୟ ସାହିତ୍ୟରେ ଫୁଟିଥିଲା ଏବେ କିଂତୁ ଓଡ଼ିଆ ଛଡ଼ା ଆଉ କେହି ଏହାକୁ ଏହାର ମୌଳିକ ବ୍ୟକ୍ତିତ୍ୱରେ ରଖି ନାହାନ୍ତି । ନାମ କଥାଟି ବୈଦିକ ନୁହେ । ବୈଷ୍ଣବର ଦ୍ୱୈତବାଦରେ ଏହା ଗୋଟିଏ ଆରୋପ । ଯହିଁରେ ବ୍ରହ୍ମ ଓ ଜୀବ ଦୁହେଁ ସତ୍ୟ, ସେଥିରେ 'ନାମେ ଭକ୍ତି'ର ଅର୍ଥ ନାହିଁ । ପୁଣି 'ଜୀବେ ଦୟା' କଥାଟିରେ ଜୀବ ବୋଇଲେ ଦ୍ୱୈତବାଦର ପ୍ରତ୍ୟଗାତ୍ମା ବା ମାନବର ଆତ୍ମା ନୁହେଁ । ଲୋକ ଧର୍ମରେ ଯାହା ଥିଲା, ତାକୁ ବୈଷ୍ଣବ ଧର୍ମରେ ମିଶାଇ, ଲୋକଙ୍କୁ ପ୍ରଭାବିତ କରିବା ଉଦ୍ୟମରେ ଏଇ ଦିଓଟି ଲୋକଭାଷାର ସଂକେତ ବୈଷ୍ଣବ ଧର୍ମ ଗ୍ରହଣ କରିଚନ୍ତି ମାତ୍ର ।

**ପ୍ରାଗ୍‌ବୈଦିକ ଭାରତ ଦର୍ଶନ ଓ ସାଧନା–**

ଯଥାର୍ଥ ପ୍ରାଗ୍‌ବୈଦିକ ଭାରତ ଦର୍ଶନରେ ଶୂନ୍ୟରୁ ସୃଷ୍ଟି ଓ ଶୂନ୍ୟରେ ନିର୍ବାଣହି ଶେଷ– ଏହାହି ଫୁଟିଥିଲା । ଏଥିରେ କର୍ମହି ବନ୍ଧନ ଓ ସେଥିରେହି ସଂସାର ବା ପୁନର୍ଜନ୍ମର ପରଂପରା । ଶୂନ୍ୟର ସାଧନାରେ ତେଣୁ କର୍ମ ତ୍ୟାଗରେ ଯୋଗ । ପ୍ରକୃତିର ପୁଷ୍କଳ ଦାନରେ ଜୀବନ ଯାହାର ସ୍ୱଚ୍ଛନ୍ଦ ସେବ୍ୟ, ତାହାର ସମାଜ ବିକାଶରେ ଏହାହି ପରିଣତି ହେବାର କଥା, ହୋଇଥିଲା । ବୌଦ୍ଧ ଓ ଜୈନ ଦର୍ଶନର ମୌଳିକ ଧାରା ଫେଡ଼ି ଦେଖିଲେ, ଦେଖାଯାଏ, ସେଥିରେ ଏହି ଭାରତ ସାହିତ୍ୟହି ସ୍ପଷ୍ଟ ଶେଷ ପ୍ରକାଶ ପାଇଥିଲା ।

**ଆର୍ଯ୍ୟ ସାହିତ୍ୟ–**

ଆର୍ଯ୍ୟଙ୍କ ଅବିମିଶ୍ର ମୌଳିକ ସାହିତ୍ୟ ଏଥିରୁ ଭିନ୍ନ । ସେଥିରେ ବିଶ୍ୱ ଶୂନ୍ୟ ନୁହେ, ପୂର୍ଣ୍ଣ । ଇନ୍ଦ୍ରାଦିର ଉପାସନା, ତାହାରି ନିଦର୍ଶନ । କର୍ମହି ଜୀବନର ସାଧନା ଓ ସ୍ୱର୍ଗାଦି ପରଲୋକରେ କାମ୍ୟ । ପୁନର୍ଜନ୍ମର ଧାରଣା ଏଥିରେ ନାହିଁ । ପାହାଡ଼, ବରଫ, ଅନର୍ଷଣ, ବନ୍ୟ ମାନବ ଓ ଜନ୍ତୁଙ୍କ ବିଭୀଷିକା ମଧ୍ୟରେ ଜୀବନ ସଂଗ୍ରାମର ସଂଘର୍ଷରେ ଏହାହି ହେବାର କଥା, ହୋଇଥିଲା । ଅନ୍ୟତ୍ର ସ୍ୱଚ୍ଛଦର୍ଶନ ଜନତା ମଧ୍ୟରେ ଭାରତରେ ମାତୃ ପୂଜାର ପ୍ରତିଷ୍ଠା; ପିତୃକୁଳ ପରମ୍ପରାରେ ପ୍ରତିଷ୍ଠିତ ଆର୍ଯ୍ୟଙ୍କ ସାହିତ୍ୟରେ ଏହା ପ୍ରକାଶ

Digitized by PPRACHIN, SOA

ପାଏ ନାହିଁ । ଆଜି କିଂତୁ ବାହାରେ ଦେଖିଲେ, ସବୁ ମିଶି ଯାଇଚି । ସାଂଖ୍ୟର 'ପୁରୁଷ', ତଥା ଅଦ୍ୱୈତ ବେଦାନ୍ତର 'ବ୍ରହ୍ମ'ରେ ଶୂନ୍ୟ ଦେଖିବା ଏବେ ସମ୍ଭବ ଓ ସୁଗମ ହେଲେ ମଧ୍ୟ ସୁକର ନୁହେ । ଏ ଦୁହିଙ୍କର କର୍ମହୀନ ଯୋଗ ସାଧନାରେ ଅନାର୍ଯ୍ୟ କିଛି ଦେଖିବାର ମଧ୍ୟ ସାଧ ନାହିଁ । ଏପରି କି 'ଦେବୀଭାଗବତ'ରେ ମଧ୍ୟ ଅବୈଦିକ କିଛି ଅଛି ବୋଲି କହିବାର ଉପାୟ ନାହିଁ । 'ଗୀତା' ସଂଗେ 'ଚଣ୍ଡୀ'ର ସ୍ଥାନ ଏ ଦେଶରେ ସମାନ ହୋଇଚି; ମହିମା ଧର୍ମର ମଧ୍ୟ ବୈଦିକ ଭିତ୍ତି ଏବେ ନିଜେ ମହିମାମୟ 'ବିଶ୍ୱନାଥ ବାବା' ପ୍ରତିପାଦନ କରିବାର ସଫଳ ଉଦ୍ୟମ କରିଚନ୍ତି ।

**ଓଡ଼ିଆ ସାହିତ୍ୟ—**

ମାତ୍ର ଏଇସବୁ ଭିତରେ ଏବେ ଓଡ଼ିଆ ସାହିତ୍ୟର ଆଭିଜାତ୍ୟ ଅନୁସଂଧାନ କରିବାକୁ ହେବ । ଓଡ଼ିଆ ସାହିତ୍ୟର ବର୍ତ୍ତମାନ ପ୍ରତୀକ ମହିମା ଧର୍ମ । ଚୈତନ୍ୟ କାଳରେ ବୈଷ୍ଣବ ଧର୍ମ ନାମରେ ଏଇ ଧର୍ମ ପ୍ରଚାରିତ ହୋଇଥିଲା । ଏହା ଅନେକଙ୍କୁ ହୁଏତ ନୂଆ ଲାଗିବ । କିଂତୁ ଏହା ସତ୍ୟ, ଏଥିରେ କୃଷ୍ଣ କାଳିନ୍ଦୀ ପ୍ରଭୃତି ସଂକେତ ମାତ୍ର, ଭକ୍ତ ବୈଷ୍ଣବର ଅବତାର ବା କୃଷ୍ଣ ଲୀଳାର ସ୍ଥାନ ନୁହନ୍ତି । ବିଷ୍ଣୁ ପ୍ରାପ୍ତି ବା ମୁକ୍ତି ଅର୍ଥ ଶୂନ୍ୟ ହେବା । ଏଇ ନିଷ୍କର୍ମ ଶୂନ୍ୟ ସାଧନାର ଯୋଗ ଏଥିରେ ସ୍ପଷ୍ଟ । ଏ ସଂବଂଧରେ ମହିମା ଧର୍ମର ଦର୍ଶନ ଛଡ଼ା ଅନ୍ୟାନ୍ୟ ଅନେକ ଗ୍ରନ୍ଥ ଅଛି । ମାତ୍ର ସେ ସବୁ କେବଳ ସଂକେତରେ କୁହାଯାଇଚି । ଦୀକ୍ଷିତମାନଙ୍କୁ ଗୁରୁ ଏକା ଏହି ସଂକେତରେ ତତ୍ତ୍ୱ ଦିଅନ୍ତି । ଅନ୍ୟଥା ଏ ସଂକେତର ଅର୍ଥ ସ୍ପଷ୍ଟ ନୁହେ । ଉଦ୍ଧାର କରି ଦେଖାଇବାର କ୍ଷେତ୍ର ଏ ନୁହେ । ତଥାପି ଚୈତନ୍ୟ ସଖା ବଳରାମ ଦାସ, ବ୍ରହ୍ମାଣ୍ଡ ଭୁଗୋଳର ଆଦିମୂଳ କୃଷ୍ଣଙ୍କ ମୁଖରେ ଆରଂଭ କରିଚନ୍ତି—

ଯେ କାଳେ ନ ଥିଲା ସଂସାର ନ ଥିଲେ ଚନ୍ଦ୍ର ଦିବାକର ।
ନ ଥିଲା ଦିବସ ରଜନୀ ନ ଥିଲା ଭୁବନ ମେଦିନୀ ।
ଆଦ୍ୟରୁ ନ ଥିଲା ପବନ ନ ଥିଲେ ଶୂନ୍ୟେ ତାରାଗଣ ।
ନ ଥିଲେ ଦେବାସୁର ନର ନ ଥିଲା ସଂସାର ପ୍ରଚାର ।
ନ ଥିଲା ଜଳ ସ୍ଥଳାନିଳ ନ ଥିଲା ଗଗନ ମଣ୍ଡଳ ।
ନ ଥିଲେ ବରୁଣ କୁବେର ନ ଥିଲା ତେଜ ଆଉ ନୀର ।
ନ ଥିଲେ ବ୍ରହ୍ମା ବିଷ୍ଣୁ ଶିବ ନ ଥିଲା ବେଦର ସ୍ୱଭାବ ।
ସେ କାଳେ ଶୂନ୍ୟ ମୋର ରୂପ ଏମନ୍ତେ ଗଲା କୋଟି କଳ୍ପ ।
ବ୍ରହ୍ମାଣ୍ଡ ମୋର ଗର୍ଭେ ନେଇ ରଖିଲି ବ୍ରହ୍ମରୂପ ହୋଇ ।
କେହି ନଥିଲେ ହେ ଅର୍ଜୁନ ବ୍ରହ୍ମାଣ୍ଡ ହୋଇଥିଲା ଶୂନ୍ୟ ।
ଏମନ୍ତେ କୋଟି କଳ୍ପ ଅନ୍ତେ ଦୟା ଉପୁଜିଲା ମୋ ଚିତ୍ତେ ।
ସୃଷ୍ଟି କାରଣେ ବାଂଛା ହେଲା ମୋ ଅଂଗୁ ବିନ୍ଦୁ ଉଛୁଳିଲା । ଇତ୍ୟାଦି ।

Digitized by PPRACHIN, SOA

ସେଇ ଗ୍ରନ୍ଥରେ ଭାଗବତର ସଂକେତ ଅର୍ଥ କୁହାଯାଇଚି—

ମାତା ପିତାଙ୍କ ରଜ ବୀଜ ତେଣୁ ହୋଇଲା ମହାତେଜ ।
ରଜ ବୀଜକୁ ଭାଗ କଲା ଏମନ୍ତେ ଭାଗବତ ହେଲା ।

ପୁଣି ଅନ୍ୟତ୍ର—

ଶୂନ୍ୟରୁ ବିନ୍ଦୁ ଯେ ଖସିଲା ଷଡ଼ ପ୍ରକାରେ ସେ ହୋଇଲା ।
ଷଡ଼ ସଂବାଦ ହୁଏ ଆସି ମାତା ରଜରେ ଯାଇ ମିଶି ।
ଭାବରୁ ଯାହା ସେ ସଂଭୂତ ଏଣୁଟି ନାମ ଭାଗବତ ।

**ଶୂନ୍ୟ, ବିନ୍ଦୁ, ନାଦ, ନାମ—**

ଶୂନ୍ୟରୁ ବିନ୍ଦୁ, ବିନ୍ଦୁରୁ ନାଦ ବା ତେଜ, ତେଜରୁ ନାମ । ଏଇ ନାମଇ ବ୍ରହ୍ମ ଓ ସୃଷ୍ଟିର ବ୍ୟକ୍ତି । ବଳରାମ କହିଚନ୍ତି—

ଏମନ୍ତେ ମହାଶୂନ୍ୟ ହେଲା ସେ ଶୂନ୍ୟ ପ୍ରଣବ ହୋଇଲା ।
ପ୍ରଣବ ଓଁକାରକୁ କହି ଏକାକ୍ଷରଟି ସେ ଅଟଇ ।
ଓଁକାର ନାମ ହେଲା ଜାତ ନାମରୁ ବେଦଟି ସଂଭୂତ ।
ଓଁକାରୁ ନାମ ଜାତ ହେଲା ନାମଟି ଶାସ୍ତ୍ର ବୋଲାଇଲା ।
ବେଦକୁ ଶାସ୍ତ୍ର ବୋଲି କହି ନାମଟି ଶରୀରେ ବସଇ ।

ପୁଣି ଅନ୍ୟତ୍ର—

ସକଳ ଘଟେ ଲୀଳା ମୋର ମୁଁ ଥାଇ ସକଳ ଶରୀର ।
ଘଟରେ ଲୀଳା କରୁଥିଲା ଘଟ ଛାଡ଼ିଲେ ଶୂନ୍ୟେ ଯାଇ ।
ଘଟରୁ ପ୍ରାଣ ଛାଡ଼ି ଯାଇ ତାହାକୁ କେହି ନ ଦେଖଇ ।
ଜୀବ ଯେ ଶୂନ୍ୟେ ଚଳିଗଲା ଦେବ ମନୁଷ୍ୟ ନ ଦେଖିଲା ।

**ସଂକେତରେ ତତ୍ତ୍ୱ—**

ଏଇପରି ଏଇ ମାନବର ବିକାଶତତ୍ତ୍ୱ ଓ ସେଇ ଶୂନ୍ୟର ସାଧନା ଯୋଗରେ ନିର୍ବାଣ ସଂବଂଧରେ ସଂକେତ କରି ଏ ଓଡ଼ିଶାରେ କେତେ ସିଦ୍ଧ ସାଧକ ଗ୍ରନ୍ଥମାନ ଲେଖିଚନ୍ତି ତାର ସୀମା ନାହିଁ । ଏଇ ସଂକେତ ଲେଖା ସବୁ ଉଦାହରଣରେ ବୁଝାଇବା ସ୍ଥାନ ଏ ନୁହେ । ଗୋଟିଏ ମାତ୍ର ସାଧାରଣ ମାଳିକା ବଚନ ସମସ୍ତେ ପ୍ରାୟ ଜାଣନ୍ତି—

ତରକି ଥିବୁ ୧୩କୁ ।
୧୪/୧୫ରେ କେହି ନ ରହିବେ, ସତ ଉପୁଜିବ ସତରକୁ
୧୮/୧୯ ସରୁ ସରୁ ଥୋକାଏ ରହିବେ ମରୁ ମରୁ
୨୦ରେ ଯାଇ ଘର କରୁ ।

ଏହା ସଂକେତରେ ଯୋଗ ସାଧନ ତତ୍ତ୍ୱ । ଏହାର ଅର୍ଥ ୧୩କୁ ବା ୩, ୧ରେ ରହିବାକୁ ସାଧନାରେ ଅପେକ୍ଷା କରିଥିବୁ । ୩, ଅର୍ଥାତ୍, ଇଡା ପିଙ୍ଗଳା ସୁଷୁମ୍ନା ତିନି

Digitized by PPRACHIN, SOA

ନାଡ଼ୀ, ୧ ବା ତ୍ରିକୂଟରେ ଏକ ହେବା । ୧୪, ଅର୍ଥାତ୍, ମୁଖ ନାସା ଚକ୍ଷୁ କର୍ଣ୍ଣ– ଏଇ ଚାରିଦ୍ୱାର, ୧ ଅର୍ଥାତ୍ ତ୍ରିକୂଟରେ ସ୍ଥିର ହେବା । ପୁଣି ୫ ଅର୍ଥାତ୍, ୫ ପ୍ରାଣ ତ୍ରିକୂଟରେ ଏକ ହେବା । ଏହା ହେଲେ କେହି ରହିବେ ନାହିଁ । ଅର୍ଥାତ୍, ବାହ୍ୟଜ୍ଞାନ ଶୂନ୍ୟ ହେବ । ୧୭, ଅର୍ଥାତ୍ ପଞ୍ଚ ଇନ୍ଦ୍ରିୟ, ମନ ଓ ପ୍ରାଣ, ତ୍ରିକୂଟରେ ଏକ ହେଲେ, ସତ ଉପୁଜିବ । ଅର୍ଥାତ୍, ନିର୍ବାଣର ପନ୍ଥା ଦେଖାଯିବ । ତଥାପି, ୧୮/୧୯ ସରୁ ସରୁ, ୮ ଅଙ୍ଗ ଓ ନବ ଦ୍ୱାରର କ୍ରିୟା ତ୍ରିକୂଟ ସାଧନାରେ ଲୀନ ହେବା ଅବସ୍ଥାରେ, ସର୍ବ ନିର୍ବାଣ ହୋଇ ନଥିବ । ୨୦, ଅର୍ଥାତ୍ ଜୀବାତ୍ମା, ପରମାତ୍ମା ଦୁହେଁ ଶୂନ୍ୟ ହୋଇଗଲେ, ଉଦ୍ଦେଶ୍ୟ ସିଦ୍ଧ ହେଲା ।

**ଓଡ଼ିଆ ସାହିତ୍ୟ ଏଇ ସଂକେତରେ ପୂର୍ଣ୍ଣ–**

ଯଥାର୍ଥ ଓଡ଼ିଆ ସାହିତ୍ୟରେ ଏଇ ସଂକେତ ଶାସ୍ତ୍ରର ମହାଲୀଳା ଦେଖିଲେ ଓଂଭିତ ହେବାକୁ ହୁଏ । ମାତ୍ର ଏସବୁ ସଂକେତ ଠିକ୍ ଏହିପରି ସବୁ କାଳେ ଥିଲା କି ନା, ଥିଲେ ବା କିପରି ଥିଲା, ଏହା କହିବା ସହଜ ନୁହେ । କିଂତୁ ଦୀକ୍ଷିତ ଅଧିକାରୀ ଶିଷ୍ୟକୁ ମାତ୍ର ଏସବୁ କୁହାଯାଉଥିଲା, ଏଥିରେ ସଂଦେହ ନାହିଁ । ପରେ ପୂର୍ବ ଭାରତର ତନ୍ତ୍ର ସାଧନାର ପରିଣାମରେ ଯେଉଁ ଯୌନ-ସାଧନା ଫୁଟିଥିଲା, ତା ପୁଣି ଶୈବ ଧର୍ମର ଦେବୀ ଓ ବୈଷ୍ଣବ ଧର୍ମର ବ୍ରଜ ଲୀଳାରେ ଯେପରି ସାଧାରଣ ଲୋକରେ ସ୍ପଷ୍ଟ ଓ ସ୍ୱଚ୍ଛନ୍ଦ ଭାବରେ ପ୍ରଚାରିତ ହେଲା, ତାରି ପ୍ରଭାବରେ ସଂକୁଚିତ ହୋଇ, ଏସବୁ ଅନ୍ତଃସଲୀଳା ଫଲ୍‌ଗୁପରି ନିଜର ପାବନ ଧାରା କେବଳ ତତ୍ତ୍ୱରେ ଖୋଜିବା ଲୋକପାଇଁ ଯେ ଲୁଚାଇ ରଖିଚି, ଏଥିରେ ସଂଦେହ ନାହିଁ । ବହୁକାଳ ପୂର୍ବରୁ ମଧ ଶ୍ରୌତ ପଣ୍ଡିତମାନେ ପ୍ରକାଶ୍ୟ ଦର୍ଶନ ଆଲୋଚନା ସଂଗେ ଏଇସବୁ ସାଧନାର ବୈଦିକ ସଂସ୍କରଣ ମଧ ଲୋକରେ ପ୍ରଚାର କରିବା ଆରଂଭ କରିଥିଲେ । ସେମାନେ ପୂର୍ଣ୍ଣ ବୈଦିକ ଭିତ୍ତିରେ ସେ ସାଧନାରେ କେତେ କୃତକାର୍ଯ୍ୟ ହୋଇଥିଲେ ବା ହୋଇନଥିଲେ, ତା ଏଠାରେ କୁହାଯାଉନାହିଁ । ମାତ୍ର ସେଇ ଶାସ୍ତ୍ରୀୟ ଦାର୍ଶନିକ ପଣ୍ଡିତମାନଙ୍କର ପ୍ରଭାବ ମଧ ଏଡ଼ିବାର ଉପାୟ ନଥିଲା । ସେଥିରେ ଭାରତର ଏଇ ପୁରାଣ ଓ ପାରଂପରିକ ସାହିତ୍ୟ ଭାରତର ଅନ୍ୟଠାରୁ ଏକ ପ୍ରକାର ବିଲୁପ୍ତ ହୋଇ, ପୂର୍ବ ଭାରତ ତଥା ଏଇ ଓଡ଼ିଆ ଭୂମିରେ ଆତ୍ମଗୋପନ କରିଥିଲା । ପଣ୍ଡିତମାନଙ୍କ ପାଖେ ଏଇ ଆତ୍ମଗୋପନ କରିଥିବା କଥା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଖୁବ୍ ଦେଖାଯାଏ । ଚୈତନ୍ୟ ସଖା ଅଚ୍ୟୁତ ଦାସ, ନିଜର ପାରଂପରିକ ପୁରାଣ ଦର୍ଶନ ଓ ସାଧନା ଏଇପରି ସଂକେତରେ ପ୍ରକାଶ କରିବାର କାରଣ ସ୍ୱରୂପ ବାରଂବାର କହିଛନ୍ତି–

ପଣ୍ଡିତ ଜନଙ୍କ ଆଗେ ଏହା ନ କହିବ
ପଣ୍ଡିତାଇ ଅର୍ଥମାନ ତା ଆଗେ କହିବ ।

**ପ୍ରାଚୀନ ବିଶ୍ୱ ସାହିତ୍ୟରେ ଏଇ ଶୂନ୍ୟବାଦର ପ୍ରସାର–**

ଏଇ ଶୂନ୍ୟବାଦ ବୈଦିକ ନୁହେ । ଏହା ପ୍ରାଗ୍‌ବୈଦିକ ସଭ୍ୟତାର ଧାରା । ଏବେ ପ୍ରାଚୀନ ସୁମେର ବାବିଲନ୍‌ର ଯେଉଁ ସାହିତ୍ୟ ସେମାନଙ୍କ ଶ୍ମଶାନରୁ ଖୋଳାହୋଇ ବାହାରୁଚି,

Digitized by PPRACHIN, SOA

ସେଥିରେ ପୁଣି ଏଇ ଶୂନ୍ୟରୁ ବିନ୍ଦୁ ନାଦ ଓ ନାମରେ ସୃଷ୍ଟିର ବ୍ୟକ୍ତି ବା ବିକାଶ ଦର୍ଶନର ମଧ୍ୟ ସ୍ପଷ୍ଟ ନିଦର୍ଶନ ମିଳେ । ଏହା ସେ ଯୁଗର ସମସ୍ତ ଆର୍ଯେତର ସଭ୍ୟ ଦେଶର ସାହିତ୍ୟରେ ସ୍ପଷ୍ଟ ପ୍ରକାଶ ପାଇଥିଲା । ପୃଥିବୀରୁ ଅନ୍ୟତ୍ର ଏହି ଦର୍ଶନ ଲୋପ ପାଇଛି । ପରଲୋକ ହୋଇ ନିଜର ଧାରା ହୁଏତ ଅନ୍ୟ ଆଗନ୍ତୁକ ଧାରାରେ ମିଶାଇ ଦେଇ ଲୀନ ହୋଇଛି । ମାତ୍ର ଓଡ଼ିଆର ପଲ୍ଲି ସମାଜରେ ନାନା ସ୍ପଷ୍ଟ ସଂକେତରେ ଏହାର ସ୍ପଷ୍ଟ ପ୍ରକାଶ ଆଜି ଦେଦୀପ୍ୟମାନ । ଚୈତନ୍ୟଙ୍କ କାଳର ବୈଷ୍ଣବ ସାହିତ୍ୟ ନାମରେ ଏହାର ପ୍ରକାଶ ଓଡ଼ିଶାରେ ଦେଖିବାକୁ ମିଳେ । ଏବେ ମହିମା ଧର୍ମରେ ସ୍ୱାଧୀନ ବୈଦିକ ଭିତ୍ତି ନାମରେ ଏହାରି ମଧ ସ୍ପଷ୍ଟ ପ୍ରକାଶ ଅନୁସଂଧାନ କରାଯାଇପାରେ । ଭୀମା ଭୋଇଙ୍କ ଭଜନ ପ୍ରଭୃତିରେ ଏଇ ପ୍ରକାଶର ଜୀବନ୍ତ ଧାରା ଲକ୍ଷ୍ୟ କରାଯାଇପାରେ ।

## ପ୍ରାକୃତ ସାଧନା–

ଏଇ ସାହିତ୍ୟର ପ୍ରାକୃତ ସାଧନାରେ ପୁଣି କାଳକ୍ରମେ ବୀଭତ୍ସ ଯୌନତନ୍ତ୍ର ଓ ଦେବଦାସୀ ପ୍ରଭୃତି ବହୁକାଳରୁ ପ୍ରକାଶ ପାଇଥିଲା । ଶୂନ୍ୟତା ବା ନିର୍ବାଣ ଲାଭ କରିବାରେ କାମନାର ତ୍ୟାଗହିଁ ସାଧନା । ଯୌନକାମନା ବା କାମର ନିରୋଧ ଏହି ସାଧନାର ସ୍ପଷ୍ଟ ପ୍ରତୀକ । ନାରୀ ସଂଗେ ପରୀକ୍ଷାରେ ଏହି ସାଧନାରେ ସିଦ୍ଧି ଫୁଟାଇବା ବାହନାରେ ଏହି ଯୌନତନ୍ତ୍ର ପ୍ରକାଶ ପାଇଥିଲା । ବଂଗଦେଶ ତିବ୍‌ବତ ପ୍ରଭୃତିରେ ଦିନେ ଏହା ସମାଜକୁ ଅସ୍ତବ୍ୟସ୍ତ କରିଥିଲା । ଓଡ଼ିଶାରେ ମଧ ଏହାର ଧକ୍କା ଲାଗିଥିଲା । ସେ କାଳରେ ଏକ ଓଡ଼ିଶା ରାଜା ତିବ୍‌ବତର ଏଇ ତନ୍ତ୍ରର ପ୍ରଚାରକ ଥିବାର ପ୍ରମାଣ ମିଳେ । ପୁଣି ଏଇ ସଂପର୍କରେ ଓଡ଼ିଶା ରାଜା ଇନ୍ଦ୍ରଭୂତି ଓ ତାଙ୍କ କନ୍ୟା କ୍ଷେମଲକ୍ଷ୍ମୀଂକରାଙ୍କ କଥା ଉଲ୍ଲେଖଯୋଗ୍ୟ । ଏଇ ତନ୍ତ୍ରର ଦାର୍ଶନିକ ସାଧନାର ପ୍ରଭାବ ହୁଏତ ସେକାଳର ଓଡ଼ିଆ ମନୀଷୀଙ୍କ ଉପରେ ପଡ଼ିଥିଲା । ଏବେ ମଧ ଗୌଡ଼ୀୟ ବୈଷ୍ଣବଙ୍କ ପ୍ରଭାବ ପଡୁଚି । ମାତ୍ର ତନ୍ତ୍ରର ବୀଭତ୍ସତା ଓଡ଼ିଆ ଜନସମାଜର ଅନ୍ତଃସ୍ଥଳ ଭେଦ କରିଥିବାର କୌଣସି ପ୍ରମାଣ ନାହିଁ । ଦେବୀଧର୍ମ ଏଇ ତନ୍ତ୍ର ସଂଗେ ଜଡ଼ିତ । ଆଜି ଓଡ଼ିଶାର ବ୍ରାହ୍ମଣମାନେ କେତେକ ପୂର୍ବ ଭାରତର ପ୍ରଭାବ ହେତୁରୁ ପୁରୁଷାନୁକ୍ରମେ ତନ୍ତ୍ର ଉପାସକ ବୋଲି ପରିଚୟ ଦିଅନ୍ତି । ଗୌଣତ୍ୱ ମନୋବୃତ୍ତି ପ୍ରସୂତ ଅନୁକରଣରେ କେତେକ ଉତ୍ତର ଓଡ଼ିଶା ସହରରେ ଆଜି ମୃଣ୍ମୟୀ ଦେବୀପୂଜାର କିଞ୍ଚିତ୍ ଘଟାହୁଏ । ମାତ୍ର ଜନସମାଜ ସେଥିରେ ପ୍ରଭାବିତ ହୋଇନାହିଁ । ବଂଗଦେଶ ପରି ଦେବୀ ଏ ଦେଶରେ ଗ୍ରାମ ଲୋକଙ୍କ ଉପାସ୍ୟା ନୁହନ୍ତି । କୃଷକ ସାଧାରଣ ଏ ଦେଶରେ କୁତ୍ରାପି ମୃଣ୍ମୟୀମୂର୍ତ୍ତି କରି ତାର ପୂଜା କରନ୍ତି ନାହିଁ । କେତେକ ସହର ଓ ବ୍ରାହ୍ମଣାଦି ଛଡ଼ା ଦେବୀପର୍ବ ଏ ଦେଶରେ କାହାରି ନୈଜସ୍ୱ ବା କୌଳିକ ଅନୁଷ୍ଠାନ ନୁହେ । ପୁଣି ଅନ୍ୟ ପ୍ରଭାବରେ ଏଥିରୁ ଯାହା ବା ଓଡ଼ିଆ ସମାଜରେ ବହୁ ଶତାବ୍ଦୀ ଧରି ପଶିଚି, ସେଥିର ଭୈରବୀ ସହଜିଆ ବା ପରବର୍ତ୍ତୀ କାଳରେ ବ୍ରଜଲୀଳାର

Digitized by PPRACHIN, SOA

ବୈଷ୍ଣବ ବୈଷ୍ଣବୀ ପଶିପାରି ନାହାନ୍ତି । କେବଳ ଦାର୍ଶନିକ ପ୍ରଭାବହିଁ ଏ ଭୂମିରେ ପଶିବାର ଚେଷ୍ଟା କରି ଅଭ୍ୟାସ ଓ ସାଧନା ପ୍ରଚାର କରିବାରେ ଏକପ୍ରକାର ବିଫଳ ହୋଇଚି । ପରାଧୀନ ଓଡ଼ିଶାରେ ବଂଗସମାଜ ପ୍ରଭାବିତ କୁଳୀନ, ବ୍ରାହ୍ମଣ କେବେ ତା ତଥାକଥିତ ରାଜାଙ୍କ ପରୀକ୍ଷା ବେଳେ ନିଜ ଦେବୀପୂଜାରେ ବ୍ୟବହୃତ ମଦକୁ ଦୁଧ କରିଥିବାର ଶୁଣାଗଲେ ହେଁ, ଜନସମାଜରେ ଏହାର ପ୍ରଭାବ ପଡ଼ିଥିବାର କୌଣସି ସଂକେତ ମଧ୍ୟ ନାହିଁ । ପୂର୍ବଭାରତର ପ୍ରାଚୀନ ସଭ୍ୟତାରେ ଯେପରି ଏଇ ଶୂନ୍ୟ ସାଧନା ପୀଠ ଧରି ଯୌନ ସାଧନା ଓ ଦେବୀ ପୂଜା ଫୁଟିଥିଲା, ଦ୍ରାବିଡ ଭୂମିରେ ସେଇପରି ଦେବଦାସୀ । ଏଇ ଦେବଦାସୀ ପ୍ରଥାଟିର ଚେର ବହୁ ଦୂରରେ । କେବଳ ପ୍ରାଗ୍‌ବୈଦିକ ଭାରତରେ ଏହାର ଭିତ୍ତି ନୁହେ । ସୁମେରୁ ବାବିଲନରେ ମଧ୍ୟ ସେକାଳେ ସମାଜର ପ୍ରତ୍ୟେକ କନ୍ୟା ବିବାହରେ ଆବଦ୍ଧ ହୋଇ ସଂସାରରେ ପ୍ରବେଶ କରିବା ପୂର୍ବରୁ ମନ୍ଦିରରେ ଗୋଟିଏ ଭକ୍ତର ଭୋଗ୍ୟା ହେବାକୁ ବାଧ୍ୟ ହେଉଥିଲା । ଏପରି କି ରାଜକନ୍ୟା ମଧ୍ୟ ଏଥିରୁ ବାଦ୍ ଯାଉନଥିଲେ । ଅସୁନ୍ଦର ଧନି-କନ୍ୟାମାନେ ଏଇପରି ଭକ୍ତଟିଏ ଯୋଗାଡ଼ କରିବା ପାଇଁ ବର୍ଷ ବର୍ଷ ମନ୍ଦିରରେ ଅପେକ୍ଷା କରି ପଡ଼ି ରହୁଥିଲେ । ଆଜିକାଲି ଯାହାକୁ ଆସିଆ ମାଇନର କହନ୍ତି, ସେ ଦେଶରେ ସେକାଳେ 'ମା' ବା ଦେବୀଙ୍କ ମନ୍ଦିରରେ ଯେଉଁ ପୂଜକ ବା ପୁରୋହିତମାନେ ରହୁଥିଲେ, ସେମାନଙ୍କୁ ନପୁଂସକ କରି ରଖାଯାଉଥିଲା । ଏବର ମହନ୍ତମାନଙ୍କ ପରି ସେମାନେ 'ମା'ଙ୍କ ନାମରେ ବିଶାଳ ବିଷୟ ଭୋଗ କରୁଥିଲେ ଓ ସମାଜରେ ମହା ପ୍ରତିପତ୍ତିଶାଳୀ ଥିଲେ । ନପୁଂସକ ନହୋଇ ଦେବୀଙ୍କ ତତ୍ତ୍ୱାବଧାନରେ ରହିବାର ଉପାୟ ନଥିଲା । ଏଇ ରୀତିରୁ ପରେ ତୁର୍କି ଓ ଆରବ ପରେ ମୁସଲମାନ ସୁଲତାନ ପ୍ରଭୃତିଙ୍କ ନାରୀ ରକ୍ଷକଙ୍କୁ ନପୁଂସକ କରି ରଖିବାର ବିଧି ଫୁଟିଥିଲା ବୋଲି ଅନୁମାନ ହୁଏ ।

## ଦେବଦାସୀ—

ଏଇସବୁ ପ୍ରଥାର ଭାରତୀୟ ସଂସ୍କରଣ ଓ ଅବଶେଷ ହେଉଚି ଦେବଦାସୀ । ଦ୍ରାବିଡ଼ରେ ଆଜି ତାହା ପ୍ରତିଷ୍ଠିତ ପ୍ରଥା ହେଲେହେଁ ଓଡ଼ିଶାର ବଳିଷ୍ଠ ସମାଜରେ ତାହା ମଧ୍ୟ ପଶି ନାହିଁ । ପୁରୀ ଜଗନ୍ନାଥରେ ଏହାର ଟିକିଏ ଯା ଛାୟା ମାତ୍ର ଅଛି ।

## ମୈତ୍ରୀତ୍ୱ ପ୍ରତିଷ୍ଠା—

ଅନ୍ୟଥା, ଏଇ ଜଗନ୍ନାଥ ହେଉଚି, ଓଡ଼ିଆ ସମାଜ, ସଭ୍ୟତା ଓ ସାହିତ୍ୟ ପରଂପରାର ବଳିଷ୍ଠତମ ନିଦର୍ଶନ । ଏପରି ଗୋଟିଏ ପରଂପରାର ନିଦର୍ଶନ ପୃଥିବୀରେ ଅନ୍ୟତ୍ର ଥିବାର ମନେ ହୁଏନାହିଁ । ବୈଷ୍ଣବ ଧର୍ମର ବିଗ୍ରହ ଓ ଆବରଣ ଭିତରେ ଓଡ଼ିଆ ପରଂପରାର ପ୍ରାଣ ଏଇଠାରେ । ଇନ୍ଦ୍ରକୁ ବଳି ଦେଇ ଯେଉଁମାନେ ଭୋଗ ମାଗୁଥିଲେ, ସେମାନଙ୍କର ଇହକାଳରେ କାମନାଥିଲା, ପୁତ୍ର ପଶୁ ସଂଗେ ଦାସ ଦାସୀ, ପରକାଳରେ

Digitized by PPRACHIN, SOA

ଥିଲା ନନ୍ଦନର ସର୍ବର୍ତୁସୁଖ ପାରିଜାତ, ଚିରଯୌବନା ମେନକାର ବିଭ୍ରମ ଓ ଲାସ୍ୟ, ମର୍ତ୍ତ୍ୟରେ ଅଜ୍ଞାତସ୍ୱାଦ ଅମୃତ । ବ୍ୟକ୍ତିର ଭୋଗ, ପରିବାରର ସୁଖାଦି ଯେଉଁଠାରେ ଭୋଗ କାଂଗାଳ ଜୀବନର ଏକାନ୍ତ କାମନା, ସେଠାରେ ମାନବର ସମତା କାହିଁ ? ବରଂ ଜାତି ବା ବର୍ଣ୍ଣଭେଦ ସେଇ ସମାଜର ବିକାଶ । ସ୍ୱାର୍ଥର ସଂଘର୍ଷ, ସଂଗ୍ରାମ ଓ ଆଦାନପ୍ରଦାନ ସେଠାରେ ସମାଜର ବଂଧନ ଓ ବିକାଶର ସୂତ୍ର । ମାତ୍ର ପ୍ରକୃତିର ସ୍ୱାଛନ୍ଦ୍ୟ ଭିତରେ ଯେଉଁଠାରେ ବ୍ୟକ୍ତି, ଶୂନ୍ୟ ହୋଇଯାଇ କର୍ମବନ୍ଧନର ଏକାନ୍ତ ଅବସାନ କାମନା କରେ, ଯେଉଁଠାରେ ସମସ୍ତ ବିଶ୍ୱବ୍ୟକ୍ତି ନାମ ଛଡ଼ା ଆଉ କିଛି ନୁହେ, ସେଠାରେ ସମାଜ ବନ୍ଧନ ଓ ବିକାଶର ସୂତ୍ର କ'ଣ ? ମାନବ ମାନବର ସଂପର୍କ କିପରି ଧରା ହେବ ଓ ବିକାଶ ଧାରାରେ ସ୍ଥିର ରହିବ ? ସମାଜ ବା ସାହିତ୍ୟରେ ମୈତ୍ରୀର ପ୍ରତିଷ୍ଠା ବିନା ଏପରି ଶୂନ୍ୟବାଦର ସୂକ୍ଷ୍ମଦର୍ଶନ ଓ ସେଥିକୁ କର୍ମହୀନ ଯୋଗ ସାଧନାର ପନ୍ଥା ବା ଫିଟିବ କାହୁଁ ? ଏ ପନ୍ଥା ପୁଣି ବିକାଶରେ ବା ଧରି ରଖିବ କିଏ ?

**'ଜୀବେ ଦୟା'–**

ବ୍ରଜ-ବୈଷ୍ଣବ ଧର୍ମରେ ଯାହାର ନାମ 'ଜୀବେ ଦୟା', ବୌଦ୍ଧ ଓ ଜୈନ ସାହିତ୍ୟରେ ସାଧାରଣତଃ ଯାହାର ସାଧନାଇ କେବଳ ସାଧନା ବୋଲି ଜଣାପଡ଼େ, ହୁଏତ ଯାହାର 'ଅତି ସର୍ବତ୍ର' ପରିଣାମରେ ପୁଣି 'ପିଞ୍ଜରପୋଲ' ସେବୀ ଜୈନ ଧନପତି ଆଜି ଲୋକକୁ ପଇସା ଦେଇ 'ଖଟ୍‌ମଲ୍' ଖୁଆଏ, ସେଇ ବିଶ୍ୱମୈତ୍ରୀ, ଏ ଶୂନ୍ୟ ସାଧନାରେ ସମାଜର ଗତି ନିୟମିତ କରୁଥିଲା । ସେଇ ପରଂପରାର ସଂକେତ ପ୍ରକାଶ କରି କୁହାଯାଇଚି– ''ଆତ୍ମୌପମ୍ୟେନ ଭୂତେଷୁ ଦୟାଂ କୁର୍ବନ୍ତି ସାଧବଃ ।''

ମାତ୍ର 'ଦୟା' ଶବ୍ଦଟି ଯେ ଭାବରେ ପ୍ରୟୋଗ ହୁଏ, ସେଥିରେ ମଧ୍ୟ ଅହଂକାର ପ୍ରଚ୍ଛନ୍ନ ହେଲେହେଁ ପୂର୍ଣ୍ଣ ରହିଚି ।

''ବିପନ୍ନେଷୁ ଦୟା କାର୍ଯ୍ୟା କାତରେ କରୁଣାଂ କୁରୁ''
''ଦରିଦ୍ରାନ୍ ଭର କୌନ୍ତେୟ ମାପ୍ରୟଚ୍ଛେଶ୍ୱରେ ଧନଂ ।''

**ଦୟାରେ ଏକର ଅହଂକାର ଓ ଅପରର ଦୀନତା– ସାମ୍ୟ ନାହିଁ–**

ଏ ସବୁ ବଚନରେ ଦୟାର ପ୍ରକୃତି ସ୍ପଷ୍ଟ । ସାମ୍ୟ ଓ ମୈତ୍ରୀର ଏ ଅଭ୍ୟାସ ଭେଦବୁଦ୍ଧିମୂଳକ ଆର୍ଯ୍ୟଧର୍ମ ପ୍ରଭାବରେ ଦୟା କରୁଣା ଦାନ ପ୍ରଭୃତିରେ ପରିଣତ ହୋଇଚି । ଭଗବାନ ଶ୍ରୀକୃଷ୍ଣ ଯଥାର୍ଥ ବେଦତତ୍ତ୍ୱ ବୋଲି ଏଇ ଭାରତ ସଂସ୍କାରକୁ ବୁଝାଇବାବେଳେ ଗୀତାରେ ଏଇ ଦାନାଦିରୁ ଅହଂକାର ଛଡ଼ାଇବାରେ ଯେଉଁ ବିରାଟ ଉଦ୍ୟମ କରିଚନ୍ତି, ତାହା ଏ ସଂପର୍କରେ ଉଲ୍ଲେଖଯୋଗ୍ୟ । ବିକାଶ ଧର୍ମର ମହାତ୍ୟାଗ ଲୀଳାକୁ ଯଜ୍ଞ ଓ ଦାନ ବୋଲି ବୁଝାଇ ଭଗବାନ୍ ସ୍ପଷ୍ଟ କହିଚନ୍ତି, ତପଃ, ଅର୍ଥାତ୍, କର୍ମପ୍ରଯତ୍ନହିଁ ଏଇ ଯଜ୍ଞଦାନ ପରି ନିତ୍ୟକର୍ମ । ଅହଂବୁଦ୍ଧିରେ ଯଜ୍ଞଦାନାଦି ନ କଲେ, କର୍ମପାଇଁ ତପଃ ବା

Digitized by PPRACHIN, SOA

ଉଦ୍ୟମ ଆସିବ କାହୁଁ... ? ସେଥିପାଇଁ ଭଗବାନ୍ ଏଇ ପ୍ରକାଶ ଧର୍ମରେ ଯଜ୍ଞ ଦାନ ତପଃ ନିତ୍ୟ ବୋଲି ଯେପରି ବୁଝାଇଚନ୍ତି, ତାହା ଗୀତାର ସ୍ପଷ୍ଟ ଅଛି; ଏଠାରେ କହିବାର ପ୍ରୟୋଜନ ବା ଅବକାଶ ନାହିଁ । ଦୟା କଥାରେ ଯାହା ଅନ୍ୟତ୍ର ପ୍ରକାଶ କରାଯାଏ, ଭଗବାନ୍ ଶ୍ରୀକୃଷ୍ଣ ସେଇ କଥା ବୁଝାଇବାରେ ଦୟା କରୁଣାଦିର ପ୍ରୟୋଗ ନରଖି କହିଚନ୍ତି—

''ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ମୟିବର୍ତ୍ତତେ ।''

କର୍ମହୀନ ଯୋଗସାଧନା ବୁଝାଇଲାବେଳେ, ୬ଷ୍ଠ ଅଧ୍ୟାୟରେ ଶ୍ରୀକୃଷ୍ଣ ପୁଣି ଏହା କହିଚନ୍ତି । ଏହା ମଧ୍ୟ ମନେ ରଖିବା ଦରକାର ।

## ଓଡ଼ିଆର ଧାରା—

ଚତୁର୍ଦ୍ଦିଗରେ ସର୍ବମୁଖରେ ଏଇପରି ଅନ୍ୟ ପ୍ରଭାବର ମହାକରାଳ କ୍ରିୟା ମଧ୍ୟରେ ଜଗନ୍ନାଥ ପ୍ରତୀକରେ ଶବର 'ବିଶ୍ୱାବସୁ'ର ଆତ୍ମପ୍ରତିଷ୍ଠାର ସମାଧାନ ଦେଖିଲେ, ଆଜି ବିସ୍ମୟ ପୁଲକରେ ଓଡ଼ିଆର ପ୍ରାଣ ପୂରିଯିବାର କଥା । ଭେଦଧର୍ମ ଜର୍ଜରିତ ଭାରତ ବକ୍ଷରେ ଏ ବିଶ୍ୱମୈତ୍ରୀର ନିତ୍ୟପୀଠ ଓଡ଼ିଆ ସମାଜ ଓ ସାହିତ୍ୟ ପରଂପରାର ଯଥାର୍ଥ ଆତ୍ମବତ୍ତା ପ୍ରକାଶ କରୁଚି । ବ୍ୟକ୍ତି ଓ ସମାଜ ଏଠାରେ ଏକାକାର, ପରଂପରା ସମସ୍ତ ଆବରଣ ମଧ୍ୟରେ ଜୀବନ୍ତ । ଦର୍ପୀ ବ୍ରାହ୍ମଣ ଏଠାରେ ପରିତ୍ୟକ୍ତ ଚଣ୍ଡାଳ ପାଖେ ଅବନତ; ଶବର ଦେବତା ବୁଦ୍ଧ ଏଠାରେ ବେଦର ଉରୁକ୍ରମ ବିଷ୍ଣୁ । ଭାରତର ଆଦିମ ବିକାଶ ଧାରା ଏଇ ଓଡ଼ିଆ ସମାଜର ପୁଣ୍ୟ ସମାଧାନରେ ଜୀବନର ଦୈନଂଦିନ କ୍ରିୟା ପ୍ରବାହରେ ମାନବତାର ମହୀୟାନ୍ ଆଦର୍ଶରେ ଜୀବନ୍ତ ।

## ଜଗନ୍ନାଥ—

ପୁଷ୍ପଗିରି ବିହାରର ଯୋଗକଳା ଓ ''ନିର୍ବାଣ ପରମା ଶାନ୍ତି''ର ପ୍ରତିଷ୍ଠିତ ଆତ୍ମଦର୍ଶନ ନାନା ଅପଘାତରେ ଭିନ୍ନ ଓ ସଂକୁଚିତ ହୋଇପାରେ; ଏହା ହୁଏତ ଆଜି ଅନୁସଂଧାନର ଅପେକ୍ଷା ରଖେ । ଓଡ଼ିଆଭାଷା ଓ ସାହିତ୍ୟର ଏ ମହିମା, ମହିମାଧର୍ମର ହୃତ୍‌ପିଣ୍ଡରେ ଖୋଜି, ଭୀମା ଭୋଇର ଅଜ୍ଞାନ ତଥା ପରିଣତ ବିକାଶରେ ଦେଖି ଆତ୍ମବାନ୍ ହେବା ହୁଏତ ଆଜି କଷ୍ଟକର ହୋଇପାରେ, ମାତ୍ର ସ୍ୱୟଂ ଜଗନ୍ନାଥ ଆଜି ମାନବ ବିକାଶ ତଥା ମାନବ ସାହିତ୍ୟର ଯେ ପୁଣ୍ୟ ଓ ନିତ୍ୟସମାଧାନର ଆଲୋକ ଧରି ଓଡ଼ିଆ ପରଂପରାର ଯେ ଉପଯୋଗିତା ଓ ଉପେୟର ସଂକେତ ସ୍ୱଦେହରେ ବ୍ୟକ୍ତ କରୁଚନ୍ତି, ତାହା ପ୍ରତିମାପୂଜାର ଆବରଣରେ ଆବୃତ ରହିନପାରେ; ବଡ଼ସିଂହାର, ଅର୍ଥାତ୍ ବାତ୍ସ୍ୟାୟନ ବର୍ଣ୍ଣିତ ନାଗରର ନୈଶ ବେଶଭୂଷା, ତଥା ଦେବଦାସୀର ନୃତ୍ୟରେ କଳଂକିତ ହୋଇନାହିଁ । ପୁରାଣ ଭାରତର ପ୍ରାକୃତ ଦେବତା ଶିବ ଆଜି ରୁଦ୍ରରୂପ ଛାଡ଼ି ଶକ୍ତିଙ୍କୁ ଆଦରି ଏକାବେଳକେ ଅର୍ଦ୍ଧନାରୀଶ୍ୱର । ଶକ୍ତିର ଶକ୍ତିରେ ଭରା ଦେଇ ସେ ଆଜି ଠିଆ

Digitized by PPRACHIN, SOA

ହୋଇପାରିଚନ୍ତି । ମାତ୍ର ସାମ୍ୟହି ଏକା ବୁଦ୍ଧ-ବିଷ୍ଣୁ-ଜଗନ୍ନାଥଙ୍କ ଶକ୍ତି । ଲକ୍ଷ୍ମୀ ସରସ୍ୱତୀ ସମାନଭାବରେ ଏଇ ସାମ୍ୟର ଦାସୀ । ଏଠାରେ ମାନବର ସାହିତ୍ୟ ବିକାଶରେ ମାନବିକ ଅହଂକାର ଶାନ୍ତ ଓ ସମାହିତ, ଭୋଗର ତୀବ୍ର ସଂଗ୍ରାମ ସଂଯତ ଓ ତୃପ୍ତ । ଓଡ଼ିଆ ସାହିତ୍ୟର ଏହା ଭାରତ ତଥା ମାନବିକ ସାହିତ୍ୟକୁ ମହାଦାନ । ଏ ଉପଯୋଗିତା ପୃଥିବୀରେ ଆଉ କେଉଁ ସମାଜର ସାହିତ୍ୟରେ ଅଛି ? ଅହିଂସାର କର୍ମହୀନତାରେ କରୁଣାର ଦର୍ପ ଥାଇପାରେ, ଜାତିସଂଘର ନିରସ୍ତ୍ରୀକରଣ ଏକ ଚୁକ୍ତିର ବିକାଶ ମାତ୍ର, ସେଥିରେ ଉପେୟ କୃତ୍ରିମ, ତେଣୁ ତାକୁ ଧରିରଖିବା ଦୁଷ୍କର; ଆଜିର ସାମ୍ୟବାଦର ନିଃସ୍ୱୀକରଣରେ ମାନବିକ ସ୍ୱାଧୀନତାର ଲେଶନାହିଁ; ଏହା ରକ୍ଷିତସ୍ୱାର୍ଥର ଅତ୍ୟାଚାରରେ ଏକ ତୀବ୍ର ପ୍ରତିକ୍ରିୟାର ଅତ୍ୟାଚାର; ଏ ପ୍ରତିକ୍ରିୟାରେ ମଧ୍ୟ ସ୍ପଷ୍ଟ ଉପେୟ ମାନବିକ ଭିତ୍ତିରେ ଏବେ ଫୁଟିନାହିଁ । ମାନବ ଏଥିରେ ଏକ କୃତ୍ରିମ କଳ– ଭୌତିକତାରେ ସୀମାବଦ୍ଧ । ଏ ପରିସ୍ଥିତିରେ ପୃଥିବୀ ଲୋଡ଼େ ସେଇ ଶବର ଦେବ ଜଗନ୍ନାଥଙ୍କ ପ୍ରାଣପ୍ରତିଷ୍ଠା । ଓଡ଼ିଆ ପରଂପରାର ମାନବ ସମାଜକୁ ଏହି ଦାନଟି ଦେବାର ଅଛି । ଏହାହିଁ ଏକ କଥାରେ ଓଡ଼ିଆ ସାହିତ୍ୟର ଉପଯୋଗିତା । ବହିଃପ୍ରଭାବର ଅତ୍ୟାଚାର ଓ ତଜ୍ଜନିତ ଗୌଣତ୍ୱ ମନୋବୃତ୍ତିର ଆତ୍ମସଂକୋଚରେ ଓଡ଼ିଆ ପରଂପରାର ବଳିଷ୍ଠ ବ୍ୟକ୍ତିତ୍ୱର ଏହି ପ୍ରକାଶଟି ସ୍ୱତନ୍ତ୍ର ହେଲହେଁ ସମୂହ ମାନବିକ ସାହିତ୍ୟର ଉପାଦାନ । ଏ ସଂଚିତ ଧନ ଖଣିରୁ କାଢ଼ି ବାଂଟିଦେବାକୁ ହେବ । ଓଡ଼ିଆ ଏହା କରିବେ । ଏ ସାହିତ୍ୟ ସମାଜର ଏହା କାର୍ଯ୍ୟ । ଏଇ ଉପେୟ ଦିଗରେ ସ୍ପଷ୍ଟ ବିକାଶହିଁ ଓଡ଼ିଆ ସାହିତ୍ୟର ଜୀବନ୍ତ ଓ ପାରଂପରିକ ବ୍ୟକ୍ତିତ୍ୱକୁ ବିଶ୍ୱପୀଠରେ ଫୁଟାଇବ–ଉପଯୋଗିତାରେ ଆତ୍ମଲାଭ କରି ବିଶ୍ୱପରିବାରରେ ଓଡ଼ିଆ, ଓଡ଼ିଆ ହେବ ।

**ଆତ୍ମପ୍ରତିଷ୍ଠାର ପନ୍ଥା–**

ଜୀବନ ତଥା ସାହିତ୍ୟ ବିକାଶରେ ଓଡ଼ିଆର ଏ ନିୟତି ଓ ଉପେୟ କଥା କହିଲାବେଳେ, ଓଡ଼ିଆର ଏହି ଆତ୍ମପ୍ରତିଷ୍ଠାର ପନ୍ଥା ପ୍ରତି ଲକ୍ଷ୍ୟ କରିବାର ଅଛି । ପ୍ରଭାବର ଘୋର ତାଡ଼ନାରେ ଓଡ଼ିଆ ଭ୍ରଷ୍ଟ ହୋଇନାହିଁ । ସେ ଯେ କେବଳ ଉପେୟଟି ଅନ୍ଧଭାବରେ ଧରି ରଖିଚି, ତା ନୁହେ । ଏପରି ଅନ୍ଧଭାବରେ ଅନାଲୋଚିତ ଉପେୟକୁ ନିର୍ବିଚାରରେ ଧରି ବସିଲେ, ଧାରଣା କୁସଂସ୍କାରରେ ପରିଣତ ହୁଏ । ସେଥିରେ ସମାଜ ତଥା ସାହିତ୍ୟ ସ୍ଥବିର ହୋଇପଡ଼େ ଓ କାଳକ୍ରମେ ସମୂହରେ ଉପଯୋଗିତା ହରାଇ ନଷ୍ଟହୁଏ । ସେଥିପାଇଁ ପନ୍ଥାର ବିଚାର ପ୍ରୟୋଜନ । ଏଠାରେ ବିଶେଷ ଆଲୋଚନାର ଅବକାଶ ନ ଥିବାରୁ, ଦୃଷ୍ଟାନ୍ତ ମାତ୍ରରେ କେତେକ ସଂକେତ ପ୍ରତି ମାତ୍ର ଲକ୍ଷ୍ୟ କରାଯିବ ।

**କଳା ଶିଳ୍ପାଦିରେ ଉଦାହରଣ–**

କଳା, ଶିଳ୍ପ, ବ୍ୟବହାର, ସର୍ବୋପରି ଭାଷାରେ ସାହିତ୍ୟର ରୂପ ପ୍ରକଟିତ ହୁଏ । କଳା ଶିଳ୍ପ ପ୍ରଭୃତି କଥା କହିବା ନିଷ୍ପ୍ରୟୋଜନ । ମଗଧଧରି ସୂକ୍ଷ୍ମ ଓ କୃଷ୍ଣ ମାନ ରେଖାନିବଦ୍ଧ

Digitized by PPRACHIN, SOA

ସ୍ଥାପତ୍ୟକୁ ଦ୍ରାବିଡ଼ର ବିଶାଳତାରେ ସମାଧାନରେ ମିଳାଇ ଓଡ଼ିଆ ଯେଉଁ ବିରାଟ 'ରେଖ' ସ୍ଥାପତ୍ୟ ଫୁଟାଇଥିଲେ ତାହା ସଂପୂର୍ଣ୍ଣ ଓଡ଼ିଆ । ଆଜି ମଧ୍ୟ ସେଥିରେ ପଣ୍ଡିତମାନେ ଭାରତୀୟ କଳାର ଅବିମିଶ୍ରଧାରା ଖୋଜି ପାଉଚନ୍ତି । ପୁଣି ଖିଚିଂଠାରୁ କୋଣାର୍କ ପର୍ଯ୍ୟନ୍ତ କଳାର ସୂକ୍ଷ୍ମତା ଓ ଜୀବନ୍ତତା ପ୍ରାକୃତିକ ଓ ମାନବିକ ହେଲେହେଁ, ଏହା ଓଡ଼ିଆ । ଏହା ପୁଣି ପରଂପରାରେ ଉଦୟଗିରିର ଗୁମ୍ଫାଠାରୁ ଏଯାଏ ଅବିଚ୍ଛିନ୍ନ । କୋଣାର୍କର ଋଷି ଗୁରୁ ଚାଟ ନର୍ତ୍ତକୀ ବାଦକ ନାରୀ ପୁରୁଷଠାରୁ ବଣ ଲତା ଜନ୍ତୁ ପର୍ଯ୍ୟନ୍ତ, ଭୁବନେଶ୍ୱରର ମୃଗୟା, ଅଭିଯାନ ପ୍ରଭୃତି ଓ ସର୍ବତ୍ର ବେଶଭୂଷା ମଜଲିସ୍ ଦେବମୂର୍ତ୍ତି ଆଦି ଦେଖିଲେ ମଧ୍ୟ ସେଥିରେ ଓଡ଼ିଆର ପରଂପରାହି ପ୍ରକାଶ ପାଏ । ଓଡ଼ିଆ ବାହାର ପ୍ରଭାବରେ ଆତ୍ମଗୋପନ କରି ଜୀବନର ଉପେୟକୁ ଆଚରଣର ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବହାରରେ ବାନ୍ଧି ରଖିବାକୁ ଚେଷ୍ଟା କରିଥିଲେ । ଶିଳ୍ପ ମଧ୍ୟ ସେଇପରି ଉଦୟଗିରି ଓ ଭୁବନେଶ୍ୱରର ସ୍ୱଚ୍ଛନ୍ଦ ସ୍ୱାଭାବିକତାରୁ କୋଣାର୍କର କୃତ୍ରିମତାକୁ ଉଠିଚି । ଏହା ଠିକ୍ ଦନେଇ ଦାସଙ୍କ କୋଇଲିରୁ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୁ ଉଠିବା ସଙ୍ଗେ ତୁଳନା କରାଯାଇପାରେ ।

**ପ୍ରବଚନାଦିରେ ସଂକେତ—**

ପୁଣି ଏହି କଳାର ହାସ୍ୟ ଲାସ୍ୟ ଶଂକା ସଙ୍କେତ ସର୍ବତ୍ର ସାର୍ବଜନୀନ ମାନବିକତାର ସୂଚନା ସ୍ପଷ୍ଟ । ଏହା ଏହିପରି ସମଷ୍ଟିରେ ବ୍ୟକ୍ତିର ଉପଯୋଗିତାରେ ପୂର୍ଣ୍ଣ । କେଉଁକାଳେ ଏହି ଉପଯୋଗିତାର ପ୍ରସାରରେ ଓଡ଼ିଆ ନାବିକ ଓଡ଼ିଆ ବୋଇତରେ କଳା କବିତାର ସାହିତ୍ୟ ଘେନି ସିଂହଳ ବ୍ରହ୍ମ, ପୁଣି ଯବ ବଳି ବୋର୍ଣିଓ ପ୍ରଭୃତି ବାଟେ ଆମେରିକା ପର୍ଯ୍ୟନ୍ତ ବିଶ୍ୱ ମାନବ ସମାଜକୁ ପ୍ରଭାବିତ କରିଥିଲା, ତାହା ଆଜି ସେସବୁ ସ୍ଥାନର ଶ୍ମଶାନରୁ ବାହାରୁଚି । ସେଠାରେ ଶ୍ମଶାନବାସୀ ମହାଦେବ ହୁଏତ ଆଜି ନାହାନ୍ତି । ଓଡ଼ିଆ ଉତ୍ତରାଧିକାରୀଙ୍କ ତାଣ୍ଡବ ସେ ଭୂମିରେ ଦେଖିବାକୁ ହୁଏତ ଆଜି ବିଶ୍ୱ ମାନବ ଚାହିଁ ବସିଚି । ମାତ୍ର 'ବାରଣ ବଢ଼େଇରେ ଦାୟ, କି ପୁଅରେ ଦାୟ'— ଏଇ ଅତର୍କିତ ପ୍ରବଚନଟିରେ ମାତ୍ର ଓଡ଼ିଆ କଳା ପ୍ରସାର ଓ ପରଂପରାର ଅନ୍ତଃସ୍ଥଳରେ ଯେ ବିଶ୍ୱ ମାନବିକତା ପ୍ରକାଶ ପାଉଚି, ତାହା ପ୍ରଣିଧାନ ଯୋଗ୍ୟ । ପ୍ରେରଣାର ଭିତ୍ତି ଏହିଠାରେ ମଧ୍ୟ ପ୍ରତିଷ୍ଠିତ ।

**ଆଚାର ବ୍ୟବହାର—**

ତା'ପରେ ଆଚାର ବ୍ୟବହାର । ସହଜିଆ ଧର୍ମର ଯୌନ ସ୍ୱୈରାଚାର ପୀଠରେ ଓଡ଼ିଆ କେବେ ବିବାହ ବନ୍ଧନର ଶିଥିଳତାକୁ ସ୍ମାର୍ତ୍ତ କୁଳୀନର ବହୁବିବାହ ଓ ବୈଧବ୍ୟ କଠୋରତାରେ ବାନ୍ଧିବାକୁ ଯାଇନାହିଁ । ସେ ସବୁର ସ୍ୱାଦ୍ୟ ପ୍ରଭାବର ଲୀଳାଭୂମିର ଦ୍ୱାର ଦେଶରେ ରହି ମଧ୍ୟ ଓଡ଼ିଆ, ମାନବର ସ୍ୱାଭାବିକତାରେ ଆତ୍ମପ୍ରତିଷ୍ଠା ଠିକ୍ ରଖି ଆସିଚି । ଯାହାର ମାନବ ମୈତ୍ରୀ ଓ ସାମ୍ୟ ଜଗନ୍ନାଥ ଆଦର୍ଶରେ ନିୟମିତ, ସେଠାରେ ମାନବ

Digitized by PPRACHIN, SOA

ଅହଙ୍କାର ଓ ଘୃଣାର ସ୍ୱଭାବ ପ୍ରବେଶ ନାହିଁ । ଦୁର୍ଦ୍ଧାନ୍ତ ସେନା ଏଠାରେ କୃଷକ ଓ କୃଷକର କର୍ମ ଦେଶ ରକ୍ଷା; ରାଜା ଓ ଶବର ଦୁହେଁ ଏଠାରେ ସମାନ ସେବକ; ବ୍ରାହ୍ମଣ ଓ ଚଣ୍ଡାଳ ଦୁହେଁ ଦାସ । ଦ୍ରାବିଡ଼ ପରି ଏଠାରେ ଚଣ୍ଡାଳ ଅସ୍ପୃଶ୍ୟ ନୁହେ, କିମ୍ୱା ସହଜିଆର ସ୍ୱାଦ୍ୟ ପ୍ରବୃତ୍ତି ଲୀଳାରେ ତନ୍ତ୍ର ନାମରେ ଅଗମ୍ୟ ଅଗମ୍ୟାର ସାମ୍ୟ ଓଡ଼ିଆ ଜୀବନରେ କେବେ ସ୍ଥାୟୀ ଛାପ ପକାଇ ପାରିନାହିଁ । 'ଥୁଆ ଥୋଇ' ଶବ୍ଦ ମାତ୍ରରେ କ୍ଷୀଣ ଘୋଡ଼ଣିଟିଏ ପକାଇ ଓଡ଼ିଆ ଦୁରନ୍ତ ସ୍ମାର୍ତ୍ତର ପ୍ରଭାବ ଅନ୍ତରାଳରେ ମାନବର ସ୍ୱାଭାବିକ ବିବାହ ଆଚାରକୁ ଶୁଦ୍ଧ ଓ ସୁନ୍ଦର ରଖି ଆସିଚି । ଜାତି ଏଠାରେ ଯଥାର୍ଥରେ ବ୍ୟବସାୟ ଭେଦ ହୋଇ ରହିଚି । ଯୌନୋନ୍ମାଦ ଏ ଭୂମିରେ ସ୍ୱାଭାବିକ ବିବାହ ପଦ୍ଧତି ଧରି ସଂଯମରେ ସମାଜ ବିକାଶ କରି ଆସିଚି ।

ଭାଷା—

ସାହିତ୍ୟର ମୁଖ୍ୟ, ଏପରି କି ଏକାନ୍ତ ରୂପ ଭାଷା । ସେଠାରେ ଓଡ଼ିଆର ବିଶେଷ ଅତି ସ୍ପଷ୍ଟ । ପ୍ରଭାବ ଓଡ଼ିଆ ହଠାତ୍ ଏଡ଼ି ଦିଏ ନାହିଁ । ମାତ୍ର ସେଥିରେ ଅଭିଭୂତ ନ ହୋଇ, ସମାଧାନରେ ତାକୁ ନିଜର କରି ନିଏ । ଜୀବନ୍ତ ଆତ୍ମବାନ୍ ସାହିତ୍ୟର ଏହାହି ବିଧି । ଭରତଙ୍କ ନାଟ୍ୟଶାସ୍ତ୍ର କାଳକୁ ମଧ୍ୟ ଓଡ଼ିଆ ଏହି ସମାଧାନରେ ସ୍ୱତନ୍ତ୍ର ଭାଷା ସୃଷ୍ଟି କରି ସାରିଥିଲା । ଆର୍ଯ୍ୟ ସଭ୍ୟତାକୁ ନିଜର ସ୍ୱତନ୍ତ୍ର ପୀଠରେ ବଢ଼ାଇବାର ଭାଷା ଓଡ଼ିଆ ତିଆରି କରିଥିଲା । ଦ୍ୱୀପାନ୍ତର ପ୍ରସାରୀ ବିଶାଳ ଓଡ଼ିଆ ସାହିତ୍ୟର ସଂପର୍କରେ ଆସି ଆର୍ଯ୍ୟ ଭାଷା ଓ ସାହିତ୍ୟ ଆତ୍ମଦାନ କରିଥିଲା । ପରବର୍ତ୍ତୀ କାଳରେ ମଗଧର ତାଳବ୍ୟ ଉଚ୍ଚାରଣମୂଳକ ଭାଷା ଓଡ଼ିଆର ଦନ୍ତ୍ୟ ଉଚ୍ଚାରଣ ସଂଘର୍ଷରେ ଆସି ଯେ ପରିଣାମ ଲଭିଥିଲା, ତାହା ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । ଓଡ଼ିଆର ଶବ୍ଦ ସ୍ୱରାନ୍ତ ଓ ସ୍ୱର ସର୍ବଦା ସ୍ପଷ୍ଟ । ଏହା ବରଂ ଉଡ୍ର ଉତ୍କଳ ତଥା ଦ୍ରାବିଡ଼ ଶୈଳୀ । ଭାରତର ସର୍ବତ୍ର ଏହି ପ୍ରାଚୀନ ଶୈଳୀ ଲକ୍ଷ୍ୟ କରାଯାଇପାରେ । କାଳକ୍ରମେ ସଂସ୍କୃତର ଗୁରୁବର୍ଣ୍ଣ ପ୍ରଭାବରେ, ପୁଣି କଦାଚିତ୍ ଦୀର୍ଘ ଉଚ୍ଚାରଣର ସଂଗତି ରକ୍ଷାରେ, ଅନ୍ତ୍ୟସ୍ୱର ଓ କେତେକ ମଧ୍ୟବର୍ତ୍ତୀ ସ୍ୱରର ଉଚ୍ଚାରଣ ଲୁପ୍ତ ହେଲା । ଲୋକରେ ମଧ୍ୟ ତେଣୁ ଭାଷା ଅବୋଧ ହୋଇ, ପୁଣି ନୂତନ କଂକାଳ ଉପରେ ବହୁକାଳ ଧରି ଲୋକଭାଷା ତିଆରି ହେଲା । ବିଭିନ୍ନ ପ୍ରାଦେଶିକତା ଭିତରେ ଲୋକସାହିତ୍ୟର ବିକାଶ ଜଟିଳ ହୋଇପଡ଼ିଲା । ବହୁକାଳ ଯଥାର୍ଥ ଲୋକସାହିତ୍ୟ ଫୁଟିଲା ନାହିଁ । ବିଶେଷରେ ଦ୍ରାବିଡ଼ ଭୂମିରେ ଆର୍ଯ୍ୟ ପ୍ରଭାବ ପାଖେ ସଂକୋଚରେ ଦୂରରେ ରହି ଦ୍ରାବିଡ଼ ଭାଷା ନିଜର ଦୃପ୍ତ ସ୍ୱାତନ୍ତ୍ର୍ୟ ରକ୍ଷା କଲେ ମଧ୍ୟ, ବହୁକାଳ ଧରି ଯଥାର୍ଥ ଦ୍ରାବିଡ଼ ସାହିତ୍ୟର ଧାରା ଛିନ୍ନ ହେଲା । ସଂସ୍କୃତ ସାହିତ୍ୟର ଅତି ଦର୍ପରେ ଦ୍ରାବିଡ଼ ଲୁଚିଗଲା । ଶଙ୍କର ରାମାନୁଜ ମାଧ୍ୱ ପ୍ରଭୃତି ଦ୍ରାବିଡ଼ ହେଲେହେଁ ଦ୍ରାବିଡ଼ ସାହିତ୍ୟ ସେମାନଙ୍କଠାରେ ସ୍ପଷ୍ଟ ପ୍ରକାଶ ପାଇନାହିଁ । ସଂସ୍କୃତ ଛନ୍ଦ ଉପରେ ଜାତିର ପ୍ରଭାବ

Digitized by PPRACHIN, SOA

ପକାଇବାରେ ଶଙ୍କରଙ୍କ ଦ୍ରାବିଡ଼ ଆତ୍ମା କିପରି କେତେଦୂର ପ୍ରକାଶ ପାଇଥିଲା, ତାହାର ଅନୁସଂଧାନ ହୋଇନାହିଁ । ହେଲେହେଁ ଦ୍ରାବିଡ଼ ପୀଠରେ ଏଠାରେ ସମାଧାନର ଉଦ୍ୟମ ନୁହେ; ଏହା ବରଂ ସଂସ୍କୃତରେ ଦ୍ରାବିଡ଼ର ଆଦାନ ଧାରା ପୁଷ୍ଟ କରିଚି ମାତ୍ର ।

**ଭାଷାଦିରେ ଓଡ଼ିଆର ସ୍ୱାତନ୍ତ୍ର୍ୟ—**

କିନ୍ତୁ ଓଡ଼ିଆର ଭାଷାଗତ ସାହିତ୍ୟଧାରା ସ୍ୱତନ୍ତ୍ର । ସଂସ୍କୃତରେ ଗ୍ରନ୍ଥ ଲେଖିବାରେ ଓଡ଼ିଆ ହୁଏତ ତାଦୃଶ ମନ ବଳାଇ ନାହାନ୍ତି । ବିଶ୍ୱନାଥ ଜମ୍ମୁ ରାଜ୍ୟରେ ପ୍ରବାସ କରି ସାହିତ୍ୟ-ଦର୍ପଣ ଲେଖିଥିଲେ । ସ୍ମୃତି ସବୁ ସଂସ୍କୃତରେ ଲେଖିବାର ବିଧି ଥିବାରୁ ବାଜପେୟୀ ପ୍ରଭୃତି ଅନ୍ୟଥା କରି ପାରି ନ ଥିଲେ । କପିଳ ସଂହିତା ପ୍ରାଚୀ ମାହାତ୍ମ୍ୟ ପ୍ରଭୃତି ସ୍ପଷ୍ଟ ଓଡ଼ିଆ ପ୍ରାକୃତରୁ ସଂସ୍କୃତରେ ଅନୁବାଦ । ସେଇପରି ଅନୁବାଦ ବା ଲୋକ- ସାହିତ୍ୟର ସଂସ୍କୃତୀକରଣରେ ସ୍କନ୍ଦ ପୁରାଣାଦିରେ ଉତ୍କଳ ଖଣ୍ଡ ପ୍ରଭୃତି ପୁରାଣରେ ସ୍ଥାନ ପାଇଥିଲା । ଭାରତ ସାହିତ୍ୟର ଅନ୍ତରାତ୍ମା, ଜଗନ୍ନାଥ ପୂରା ପ୍ରକୃତ ଦେବତା । ଦେଉଳତୋଳା ମୁଖରେ ପ୍ରଚାରିତ ପ୍ରାକୃତ କବିତା । ବିଶ୍ୱାବସୁ କନ୍ୟା ସେଥିରେ ଉତ୍କଳର ପ୍ରାକୃତ ଦୟିତା—ସ୍କନ୍ଦ ପୁରାଣର ନୀରସ ବନିତା ସେ ନୁହନ୍ତି । ସେଇପରି ସାରଳାଙ୍କ ମହାଭାରତ ମଧ୍ୟ ବ୍ୟାସଙ୍କ 'ଜୟ'ରୁ ବିକାଶ ପାଇଥିବା ମହାଭାରତ ନୁହେ— ଏହା ଯଥାର୍ଥରେ 'ଝିମିଟି ବା ଝିମାଣି ଖେଳରୁ ମହାଭାରତ' ।

**କୃତି, ଅନୁଷ୍ଠାନ ଓ ଗନ୍ଧାଦି—**

ବହୁଶତାବ୍ଦୀବ୍ୟାପୀ ବୌଦ୍ଧ ଓ ଜୈନ ସାହିତ୍ୟ ଏ ଦେଶରେ କି ପ୍ରାକୃତ ଆଧାରରେ କିପରି ଫୁଟିଥିଲା, ପୁଷ୍ପଗିରି ବିହାରରେ ଯୋଗତନ୍ତ୍ରର ବିରାଟ ପରଂପରା କି ସଙ୍କେତରେ ଫୁଟିଥିଲା, ତାର କୌଣସି ସ୍ପଷ୍ଟ ଓ ସାବ୍ୟସ୍ତ ହେବାଭଳି ପ୍ରମାଣ ନିଦର୍ଶନ ମିଳିନାହିଁ, ଦେଉଳତୋଳା ଓ ମହିମାଧର୍ମ ପରି ଯେଉଁ କୃତି ଓ ଅନୁଷ୍ଠାନମାନ ରହିଚି, ତା ଭିତରେ ଓଡ଼ିଆ ନିଷ୍ଠାରେ ଖୋଜିଲେ, ଅନ୍ୟ ନିଦର୍ଶନ ବିନା ମଧ୍ୟ ଭାଷାରେ ଓଡ଼ିଆ ସାହିତ୍ୟର ପୁରାଣ ପରଂପରା ଆଦିମକାଳରୁ ପୁଣି ଆଖି ଆଗରେ ପ୍ରକଟି ଉଠିବ । ଶବ୍ଦମାନଙ୍କର ପ୍ରକୃତି ପରିଣାମ ମଧ୍ୟ ଏ କ୍ଷେତ୍ରରେ କମ୍ ସାକ୍ଷ୍ୟ ଦେବନାହିଁ ।

**ଓଡ଼ିଆ ପ୍ରାକୃତ—**

ଓଡ଼ିଆ ଆର୍ଯ୍ୟଭାଷା ଗ୍ରହଣ କରି ଭାରତୀୟତା ତଥା ମାନବୀୟତାରେ ନିଜର ଉପଯୋଗିତା ଦେଖାଇଚି; ହୁଏତ ଆର୍ଯ୍ୟପ୍ରଭାବର ଶକ୍ତିରୋଧ କରି ନ ପାରି ଏହା କରିଚି, ମାତ୍ର ଏ ସତ୍ତ୍ୱେ ଓଡ଼ିଆ ପ୍ରାକୃତ ପରି ଯଥାର୍ଥ ପ୍ରାକୃତ ଉତ୍ତର ଭାରତରେ କଦାଚିତ୍ ପ୍ରକାଶ ପାଇଚ । ମହାରାଷ୍ଟ୍ରୀ ତଥା ଗୁଜରାଟୀ, ଭାଷାରେ କେତେକ ସ୍ୱାତନ୍ତ୍ର୍ୟ ଦେଖାଇ ପାରିଥିଲେ ମଧ୍ୟ, ଏ ସ୍ୱତନ୍ତ୍ରତା ଭିତରେ ଭାବର ସ୍ୱାତନ୍ତ୍ର୍ୟ ସେମାନଙ୍କର ପ୍ରକାଶ ପାଇଁ ନାହିଁ । ବଙ୍ଗ ଓ ବିହାର ପ୍ରଭୃତି ପୂର୍ବ ଭାରତ ଭୂମିରେ ସେହିପରି ଭାବର ସ୍ୱାତନ୍ତ୍ର୍ୟ

Digitized by PPRACHIN, SOA

ଥିଲେ ମଧ, ଭାଷାରେ ସ୍ୱାତନ୍ତ୍ର୍ୟ ବହୁକାଳୁ ଲୋପ ପାଇଚି । ଓଡ଼ିଆ କିନ୍ତୁ ଏ କ୍ଷେତ୍ରରେ ମଧ ଦ୍ରବିଡ଼ ଓ ଆର୍ଯାବର୍ତ୍ତର ସନ୍ଧିଭୂମିରେ ଦୁଇଟି ସ୍ୱାତନ୍ତ୍ର ଘେନି ସ୍ୱାଧୀନ ସମାଧାନରେ ନିଜର ଆତ୍ମପ୍ରତିଷ୍ଠା ଠିକ୍ ରଖିଛି । ଓଡ଼ିଆଭାଷା ମୂଳରୁ ଗୁରୁସ୍ୱରହୀନ । ଉଚ୍ଚାରଣ ଭିତରେ ଓଡ଼ିଆ ନିଜର ମୌଳିକ ଦର୍ଶନ ଓ ସାଧନା ଯେପରି ଫୁଟାଇଥିଲେ, ତାହା ଅନନ୍ୟସାଧାରଣ । 'ନିରାକାର'କୁ 'ଅଣାକାର', ପୁଣି ନ ଜପି ଜପ ହୋଇଯାଉଥିବା ମନ୍ତ୍ରକୁ 'ଅଜପା' ପ୍ରଭୃତି ଶବ୍ଦରେ ପ୍ରକାଶ କରିବାର ବିଶିଷ୍ଟତା ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ସଂସ୍କୃତରେ ହଂସ ହେଉଚି ସୂର୍ଯ, ଓ ପରେ ଆତ୍ମା । ଶୂନ୍ୟବାଦ ଦର୍ଶନରେ ସୂର୍ଯ ନାହିଁ କି ଆତ୍ମା ନାହିଁ । ମାତ୍ର ଅଛି ହଂସ । ଏହା ମଧ ସାଧନାର ତତ୍ତ୍ୱ । ଶ୍ୱସନକ୍ରିୟାରେ ପ୍ରାଣବାୟୁ ଭିତରକୁ ଯିବା ହେଉଚି 'ହଂ'ଶ୍ୱ ଓ ଆସିବା ହେଉଚି 'ସଃ'– ଏଇପରି ପ୍ରାଣର ଅପାନରେ ହଂସ ସାଧନା ପ୍ରକାଶ କରି ଓଡ଼ିଆ କିପରି ସଂକୋଚରେ ମଧ୍ୟ ଆତ୍ମପ୍ରତିଷ୍ଠାର ମୌଳିକତା ଦେଖାଇଚନ୍ତି, ତାହା, ବିଶେଷ ଉଦାହରଣ ଦେଇ କହିବାର ଅବକାଶ ଏଠାରେ ନ ଥିଲେ ମଧ, ଏହି ସୂଚନା ମାତ୍ରରୁ ସହଜରେ ଗମ୍ୟ ।

**ଲୋକଭାଷା–**

ଏହିପରି ଓଡ଼ିଆ ସର୍ବଦା ନିଜ ଭାଷାରେ ନିଜର ସାହିତ୍ୟ ପ୍ରକାଶ କରିଥିଲା । ଲୋକେ ବୁଝିବାହି ତାହାର ଭାଷା ପ୍ରକାଶର ଏକମାତ୍ର ପ୍ରାଣ ଥିଲା । ମଚେୟା, କକୟା ପ୍ରଭୃତି ଲେଖିବାରେ ମଧ ସାରଳା ଦାସ ସଂକୁଚିତ ହୋଇନାହାନ୍ତି । ଗତ ଶତାବ୍ଦୀର କୃଷ୍ଣ ସିଂହ ମଧ୍ୟ ଲୋକବୋଧ ଭାଷାରେ ଅନୁବାଦ କରିଚନ୍ତି :–

ଅର୍ଜୁନ ତନୟ ସେ ଯେ ଶ୍ରୀକୃଷ୍ଣଙ୍କ ଭଣଜା
ବଢ଼ି ଆସୁଛନ୍ତି ଯେସନେ ଶାଳଗଛା ।

ଅନ୍ୟତ୍ର, ଗାଣ୍ଡିବଧନୁ ଆକର୍ଷି ବିନ୍ଧିଲେ କିରୀଟି
ଦେଖି ଯୋଦ୍ଧାମାନଙ୍କର ଗଲା ଗାଣ୍ଡି ଫାଟି ।

**ଛାନ୍ଦ ଓ ପ୍ରକାଶ ଶୈଳୀ–**

ଭାଷାରେ ଶିଳ୍ପରେ ମଧ ଓଡ଼ିଶାର ଏଇ ବିଶେଷ ପ୍ରାଣତା ଓ ପରଂପରା ଦେଖିବାର ଅଛି । ଛାନ୍ଦ ଏ କ୍ଷେତ୍ରରେ ଗୋଟିଏ ବିଶିଷ୍ଟ ଉଦାହରଣ । ଓଡ଼ିଆର ଗୁରୁସ୍ୱରହୀନତାରେ ସଂସ୍କୃତ ଛନ୍ଦର ଦୁଇ ତିନି ଓ ଚାରିସ୍ୱର ବିଶିଷ୍ଟ ଅକ୍ଷରର ପାଦ ନିୟମ ସଙ୍ଗେ ସଂଗୀତର ସ୍ୱର ଶିଳ୍ପ ଶୈଳୀ ମିଶାଇ, ଓଡ଼ିଆ ଛାନ୍ଦର ସୃଷ୍ଟିକରି ଭାବର ପ୍ରକୃତି ଓ ପ୍ରକାର ପ୍ରକାଶ କରିବାରେ ତାହା ଯେପରି ବ୍ୟବହାର କରିଚନ୍ତି, ଅନ୍ୟ କୌଣସି ଦେଶୀ ଭାଷାରେ ତା ଦେଖାଯାଏ ନାହିଁ । ଏହାର ଶିଳ୍ପ ମାଧୁରୀ ଓଡ଼ିଆ ମାତ୍ରକେ ଅନୁଭବରେ ଜାଣନ୍ତି । ଏଇ ଛାନ୍ଦ ସୂତ୍ରରେ ସଂସ୍କୃତ ଶବ୍ଦକୁ ଯେପରି ଓଡ଼ିଆରେ ମୁକ୍ତ ଓ ପ୍ରାକୃତିକ ଭାବରେ ଓଡ଼ିଆର ନିଜ ସମ୍ପତ୍ତି କରାଯାଏ, ତା'ର ଉଦାହରଣ ଦେବାପାଇଁ ଏଠାରେ କ୍ଷେତ୍ରନାହିଁ । ମାତ୍ର

Digitized by PPRACHIN, SOA

ସାମାନ୍ୟ ଅନୁସନ୍ଧାନରେ ଏହା ସ୍ପଷ୍ଟ ବୁଝାଯିବ । ଓଡ଼ିଆ ଛାନ୍ଦର ବିଜ୍ଞାନ ଏବେ ସମ୍ୟକ୍ ଆଲୋଚିତ ହୋଇନାହିଁ । ମାତ୍ର ଏହାର ମୌଳିକ ବିକାଶ ଓ ପରମ୍ପରା ଅତୀବ ବିସ୍ମୟକର । ଏଥିରେ ସଂସ୍କୃତ ଛନ୍ଦର ମୂଳ ଅକ୍ଷର ନିୟମକୁ, ଦ୍ରାବିଡ଼ ସଙ୍ଗୀତ ଓ ଗୁରୁସ୍ୱରହୀନତା ତଥା ଜାତିର ପ୍ରାଣ ପ୍ରକାଶରେ ଯେପରି ଓଡ଼ିଆ ଲୋକଭାଷା ପାଠରେ ସ୍ଥାପନ କରାଯାଇଚି, ତାହା ସାହିତ୍ୟର ଆଲୋଚନାରେ ଏକାନ୍ତ ଉପାଦେୟ । ଉଦାହରଣ ସ୍ୱରୂପ, ଜୟଦେବ ଓଡ଼ିଆ କି ନୁହନ୍ତି ଏହା ଘେନି ତାଙ୍କ ଜନ୍ମସ୍ଥାନ ଓ ଷଠିଘର ଖୋଳି କଉଡ଼ି ଦେଖିବା ପୂର୍ବରୁ ଗୀତଗୋବିନ୍ଦରେ ଏଇ ଛାନ୍ଦମୂଳକ 'ଯାତି'ର ପ୍ରକାଶ ମାତ୍ର ଦେଖିଲେ, କଥାଟିର ତାତ୍ତ୍ୱିକ ଓ ବିଜ୍ଞାନ ସମ୍ମତ ଆଲୋଚନା ସହଜ ଓ ସୁଗମ ହେବ ।

'କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ, କି ଘେନି ଯିବୁ ତୋର ଛୁଟିଲେ ଘଟ ।'
ସଙ୍ଗେ, ନିଃଶବ୍ଦେ ଜୀବନସ୍ରୋତ ଧାଉଁଚି କିପରି ?
କି ବେଗରେ ଯାଉଅଛି ଚାଲି
ସେହି ସ୍ରୋତ ସଙ୍ଗେ ଭାସି ଜୀବନର ସୁଖ ରାଶି, ଇତ୍ୟାଦି

ତୁଳନା କଲେ ଭାବ ଭାଷା ଓ ପ୍ରକାଶ ଶୈଳୀରେ ମୌଳିକତା ଓ ସ୍ୱାତନ୍ତ୍ର୍ୟର ଆଭାସଟି ମିଳିବ । ପ୍ରଥମଟିରେ ଗୃହୀତ ଭାବ ନିଜର କରି ପ୍ରକାଶ କରାଯାଇଚି; ଦ୍ୱିତୀୟଟିରେ ଭାବ ଗ୍ରହଣ କରି ନିଜର କରିବାର ଉଦ୍ୟମ କରାଯାଇଚି ମାତ୍ର ।

## ବିଶେଷ ଆଲୋଚନା ସାହିତ୍ୟ ସମାଜର କାର୍ଯ୍ୟ—

ଏଠାରେ ଏତିକି ମାତ୍ର କ୍ଷୀଣ ସୂଚନା ଦିଆଗଲା । ଭାଷା ଓ ସାହିତ୍ୟର ମୂଳ ଗତି ଓ ନିୟତି ଅନୁସନ୍ଧାନ କରିବାରେ ଏହା କିଂଚିତ୍ ବାଟ ଦେଖାଇପାରେ । ମାତ୍ର ଏ ସବୁର ଯଥାର୍ଥ ଆଲୋଚନା ସାହିତ୍ୟ ସମାଜର ବିଶେଷ କାର୍ଯ୍ୟ । ଏଥିରେ ଆତ୍ମପ୍ରତିଷ୍ଠାର ଭାବ ଆସିଲେ ବିକାଶର ପନ୍ଥା ସ୍ପଷ୍ଟ ଓ ସୁଗମ ହେବ ।

## କେତେକ ଅପଚାରର ସୂଚନା—

ଏଇଠାରେ ପୁଣି କହିଦେବାର ଅଛି, ଆଶାଶୀଳତାହିଁ ଭବିଷ୍ୟତ୍ ନିୟତିର ଯଥାର୍ଥ ପଥନିର୍ଦ୍ଦେଶକ । ଆଶାଶୀଳତା ହରାଇଲେ ଜୀବନ ଦୁର୍ବାହ ଓ ଗତି ଅସ୍ୱାଭାବିକ ହୁଏ— ହୁଏତ ଫଳରେ ବ୍ୟକ୍ତିତ୍ୱ ଲୀନ ହୋଇପାରେ । ତେଣୁ ଆଜି ନିରାଶାର ଅନ୍ଧକାର ଦେଖାଇ କିଛି କହିବାର ନୁହେ । ମାତ୍ର ଏବର ସାହିତ୍ୟ ଗତିରେ ଓଡ଼ିଶାର ଭ୍ରାନ୍ତି ଓ ଦିଙ୍‌ମୋହ ଦେଖାଇ ତାହା ନିରାକରଣ କରିବା ଉଦ୍ଦେଶ୍ୟରେ ପଦେ ଅଧେ ଏଠାରେ କହିବା ଦରକାର ମନେହୁଏ । ରୋଗ ଦେଖାଇ ସେ ରୋଗ ଚିହ୍ନି ପ୍ରତିକାର କରିବା ଉଦ୍ଦେଶ୍ୟରେ ତାହା କୁହାଯିବ, ଅତ୍ୟନ୍ତ କ୍ଷୀଣ ସୂଚନାରେ ମାତ୍ର ରୋଗର ନିଦାନ ଓ ନିରାକରଣ ପ୍ରତି ଲକ୍ଷ୍ୟ କରାଯିବ । ମୃତ୍ୟୁର ଭୟ ଦେଖି ସେଥିରେ ଚମକି ପଡ଼ିଲେ ଚଳିବ ନାହିଁ । ପୁଣି ରୋଗକୁ ବେଖାତିର କରି ସୁସ୍ଥ ପ୍ରତିବେଶୀର ଚାଲିଚଳଣ ଅନୁକରଣ କରି ବସିବା ମଧ୍ୟ ସ୍ୱାସ୍ଥ୍ୟପ୍ରାପ୍ତିର ଲକ୍ଷଣ ନୁହେ, ଏହା ମଧ୍ୟ ମନେ ରଖିବାର ଅଛି ।

Digitized by PPRACHIN, SOA

**ଅନୁକରଣ—**

ବଳଦର୍ପୀର ଅଭିଯାନଗତ ବିଜୟରେ ସମାଜ ମରେ ନାହିଁ । ସାହିତ୍ୟ ପ୍ରଭାବିତ ହୋଇ ବ୍ୟକ୍ତିତ୍ୱ ଓ ମୌଳିକ ଉପଯୋଗିତା ହରାଇଲେ ସମାଜ ମରିଯାଏ । ଓଡ଼ିଆ ସହସ୍ର ବର୍ଷଧରି ନାନାଭାବରେ ବିଜିତ ହୋଇ ମଧ୍ୟ ସାହିତ୍ୟରେ ସମାଧାନ ମଧ୍ୟରେ କିପରି ଆତ୍ମବତ୍ତା ଦେଖାଇ ଆସିଛି, ତାହା କିଞ୍ଚିତ ଆଭାଷରେ କୁହାଯାଇଚି । ମାତ୍ର ଏବେ ଅବସ୍ଥା ବଦଳିଚି ଓ ସଂଗେ ସଂଗେ ଓଡ଼ିଆ ଆତ୍ମପ୍ରତିଷ୍ଠା ହରାଇବା ଭଳି ଲକ୍ଷଣମାନ ପ୍ରକାଶ କରୁଥିବା ବଡ଼ ଆଂଶକାର କଥା । ଆଜି ସାହିତ୍ୟ ଆହରଣ ନ କରି ଅନୁକରଣ କରିବାର ବିଶେଷ ଦେଖାଯାଉଚି; ଏହା ଲୋକରେ ପ୍ରବେଶ କରୁନାହିଁ, କଲେ କୁହକ ପରି ଲୋକଙ୍କୁ ଭୁଲାଇ ଦେଇ କ୍ରମେ ଯେପରି ସ୍ଥିତିହୀନ କରି ଅବସ୍ଥାର କ୍ରୀଡନକରେ ପରିଣତ କରି ଦେଉଚି ।

**ଗୌଣତ୍ୱ ମନୋଭାବ—**

ଯେଉଁମାନେ ଏ ସମାଜର ପୁଣ୍ୟ ପୀଠରେ ଶୁଭ ପକାଇ ଥିଲେ, ଯେଉଁମାନେ ବା ପ୍ରାଣର ବ୍ୟାକୁଳତାରେ ଏହାକୁ ଧରି ରଖିଛନ୍ତି, ସେମାନେ ପରଂପରାର ସୂଚନା ଧରି ପ୍ରାଣ ପ୍ରତିଷ୍ଠାରେ ଲାଗିଛନ୍ତି, ସଂଦେହ ନାହିଁ । କିନ୍ତୁ ଏ ଯୁଗରେ ସାହିତ୍ୟର ବିସ୍ତାର ଓ ମାନବ ସମାଜର ବହୁମୁଖ ବିକାଶର ଦୀପ୍ତିରେ ଗୌଣତ୍ୱ ମନୋଭାବାପନ୍ନ ସମାଜର ଆଖି ଝଲସିଯିବା ଅସ୍ୱାଭାବିକ ନୁହେ । ଅସ୍ୱୀକାର କରିବାର ନାହିଁ, ଓଡ଼ିଶା କେତେକ ଶତାବ୍ଦୀ ଧରି ନାନା କାରଣରୁ ଏହି ଗୌଣତ୍ୱ ମନୋଭାବର ବିକାର ଦେଖାଇ ଆସିଚି । ବୈଷ୍ଣବ ଧର୍ମ ପାଖେ ନିଜର ମନୁଷ୍ୟତା ସ୍ପଷ୍ଟ ପ୍ରକାଶ କରି ସ୍ଥିତି ଠିକ୍ ରଖି ପାରି ନାହିଁ । ତନ୍ତ୍ରର ଅପଚାର ସମାଜର ଉଚ୍ଚସ୍ତରରେ ପ୍ରବେଶ କରିଚି । ସେ ତନ୍ତ୍ର ପୁଣି ଓଡ଼ିଆର ତନ୍ତ୍ର ନୁହେ । ପରଂପରାର ବିକାଶରେ ଫୁଟିଥିବା ମହିମା ଧର୍ମ ଭିତରେ ଆଜି ବୈଦିକ ଆଦର୍ଶ ଅର୍ଥ କରି ଦେଖାଇବାର ଉଦ୍ୟମ ହେଉଚି । ଜଗନ୍ନାଥରେ ଅସ୍ପୃଶ୍ୟ ପ୍ରବେଶ ନିମନ୍ତେ ରାଜା ମହନ୍ତମାନଙ୍କର ଆଭିମୁଖ୍ୟ ପରୀକ୍ଷା କରାହେଉଚି । ଏସବୁ ରୋଗ କ୍ରମେ ଜୀର୍ଣ୍ଣ ହେଉଚି । ଜୀର୍ଣ୍ଣ ବା ବିଷମ ଜ୍ୱର ପରି ବେଳେ ବେଳେ ଏହାର ପ୍ରକୋପରେ ଓଡ଼ିଆ ମନୁଷ୍ୟତା ଓ ବ୍ୟକ୍ତିତ୍ୱର ଅନ୍ତଃସ୍ଥଳ ପର୍ଯନ୍ତ ପ୍ରକଂପିତ ହେବାର ଦେଖାଯାଉଚି । ଏହି ପ୍ରକମ୍ପର ପ୍ରରଂପରା ମଧ୍ୟ ପଡ଼ିଯାଉଚି । ଅବନୀନ୍ଦ୍ରଙ୍କ ଚିତ୍ର କଳାରେ ବିଭାବ୍ ନ ମିଶାଇ ଓଡ଼ିଆ ତାକୁଇ ବିଡ଼ମ୍ବନାରେ ଅନୁକରଣ କରି କୃତିତ୍ୱ ଦେଖାଇବାର ଉଦ୍ୟମ କରୁଚନ୍ତି । କେଉଁଦିନ ବଂଗଳାର ନୂତନ ଯୁଗରେ ବଙ୍କିମ ଜନ୍ମିଥିଲେ । ଆଜି ତାହାର ପ୍ରଗତିରେ ହୁଏତ 'ଶେଷ ପ୍ରଶ୍ନ' ଫୁଟିଚି— ବହିଃଛଟାରେ ରେଳରେ ଶତ ଶତ ଉପନ୍ୟାସ ବିକ୍ରୀ ହେଟଚି । ଓଡ଼ିଶାରେ ତାହାରି ଅନୁକରଣ ଛଡ଼ା ଆଉ କିଛି ନୂତନତ୍ୱ ପ୍ରାୟ ଦେଖାଯାଉ ନାହିଁ । ଓଡ଼ିଆ ମୌଳିକ ଆଲୋଚନା ପ୍ରାୟ କରୁନାହାନ୍ତି । ଭାଷାରେ କେଉଁଦିନ

Digitized by PPRACHIN, SOA

'ବୋଧୋଦୟ'ରେ ବିଦ୍ୟାସାଗର 'ଏବଂ ଓ ସୁତରାଂ' ପର୍ଯ୍ୟନ୍ତ ଭିନ୍ନ ଅର୍ଥରେ ଭର୍ତ୍ତି କରିଥିଲେ, ତାହା ଆଜି ଓଡ଼ିଆଙ୍କ ସମ୍ପଦ । ବଙ୍ଗଳାରେ ବାଳ ଶବ୍ଦ ଅଶ୍ଳୀଳ, ଓଡ଼ିଆରେ ସର୍ବତ୍ର ତାହା ନୁହେ । ଜଗନ୍ନାଥଙ୍କର ବାଳଭୋଗ ଅଛି, ଦିଅଁଙ୍କଠାରେ ମା'ମାନେ ପିଲାଙ୍କ ବାଳ ପକାନ୍ତି । ତଥାପି ସେକାଳେ ମଧ୍ୟ ନିମାଇଁ ବଲ୍ଲଭ ଭଟ୍ଟାଚାର୍ଯ୍ୟ ସର୍ବସାର ବ୍ୟାକରଣରେ ଅଶ୍ଳୀଳତା ଦେଖାଇବାକୁ ଯାଇ ଉଦ୍ଧାର କରିଥିଲେ– ''କରେ କରବାଳ ପଶ ସମରେ'' ।

**ଲୋକସାହିତ୍ୟର ଅଭାବ–**

ଭାଷାର ଉଚ୍ଚାରଣରେ ସ୍ୱଷ୍ଟ ଶୈଳୀ ବ୍ୟକ୍ତିତ୍ୱବତ୍ତାର ଗଣନାରେ ନ ଆଣି ବିଶ୍ୱପଣ୍ଡିତ ଓ ବିଶ୍ୱକବି ରବୀନ୍ଦ୍ରଙ୍କ କଥାଛନ୍ଦ ପର୍ଯ୍ୟନ୍ତର ବିଡ଼ମ୍ବନାର ବିକାରରେ ଭାଷା ଓ ସାହିତ୍ୟର ବିକାଶ ଧାରାରେ ଘୋର ଆଘାତ କରାଯାଉଚି । ପରମ୍ପରା ଓ ପରିସ୍ଥିତି ଗଣନାରେ ବିକାଶର ଉଦ୍ୟମ ନ କରି ରାଜନୀତି ଅର୍ଥନୀତି ସମାଜ ରୀତି ପ୍ରଭୃତି ସର୍ବତ୍ର ଜନସମାଜ ଉପରେ କୁହକ ଲଗାଇ ଆଦାନର କୃତ୍ରିମ କ୍ରିୟାରେ ଓଡ଼ିଆର ପ୍ରାଣ ତଥା ଉପଯୋଗିତାରେ ଭ୍ରାନ୍ତି ଜନ୍ମାଇ ଆପାତଫଳର ଅପେକ୍ଷାରେ ସଞ୍ଚିତର ଅପଚୟ ଓ ଅର୍ଜିତର ଅପଚାର କରାହେଉଚି । କୌଣସି କ୍ଷେତ୍ରରେ ଲୋକସାହିତ୍ୟ ଫୁଟୁ ନାହିଁ ।

**ଆହରଣରେ ଅକ୍ଷମତା–**

ବିଶ୍ୱସାହିତ୍ୟର ବିକାଶରେ ବିଭ୍ରାନ୍ତ ହୋଇ ଓଡ଼ିଆ ଆଜି ସାମାନ୍ୟ ଅନୁବାଦ ପର୍ଯ୍ୟନ୍ତରେ ମଧ୍ୟ ଆହରଣର ଲକ୍ଷଣ ଫୁଟାଇବାରେ ଅକ୍ଷମ ହୋଇପଡୁଚି । ଇଂରେଜୀରେ Love ବା ନାରୀ ପୁରୁଷର ଅନୁରାଗକୁ ବଙ୍ଗାଳୀ 'ଭାଲୋବାସା' ବୋଲି ଅନୁବାଦ କରନ୍ତି । ହୁଏତ ବଙ୍ଗାଳୀ ତାହା ନିଜ ଭଣ୍ଡାରରୁ ଖୋଜି ଆହରଣରେ ଲଗାଇ ଥିଲେ, କିମ୍ବା ବହୁକାଳରୁ ସାହିତ୍ୟରେ ମିଶାଇ ଦେଇଚନ୍ତି । ମାତ୍ର ଓଡ଼ିଆ ସେଥିପାଇଁ ଏବେ 'ଭଲ ବାସିବା' ବ୍ୟବହାର କରନ୍ତି । ଦୀନବନ୍ଧୁ ମାଳତୀକୁ ଭଲ ବାସିଲା, ଏ କଥାର ଅର୍ଥ ଓଡ଼ିଆ କ'ଣ ବୁଝେ ? ହୁଏତ ଦୀନବନ୍ଧୁ ବାସ୍ନା ତେଲ ଲଗାଇଥିବା ଅର୍ଥ ଏଥିରେ ଯେ ଅଛି ଓଡ଼ିଆ ଲେଖକ ତା ବୁଝନ୍ତି ନାହିଁ । ଉପେନ୍ଦ୍ରଭଞ୍ଜ ଠିକ୍ ଏଇ ଭାବ ପ୍ରକାଶ କରିବାକୁ ଛଟପଟ ହୋଇ ଲେଖିଥିଲେ– ପ୍ରାଣରୁ ଅଧିକ ଯେଉଁ 'ଘେନାଘେନି' ।

**ବିଶେଷ ଦୃଷ୍ଟାନ୍ତ–**

ଯେଉଁ ସାହିତ୍ୟର ଭାଷା ଦିନେ ଆତ୍ମସଂକୋଚରେ ମଧ୍ୟ ବିଧବା ବିବାହକୁ 'ଥୁଆ ଥୋଇ'ରେ ଘୋଡ଼ାଇ ଦେଇ ଆତ୍ମବତ୍ତା ପ୍ରକାଶ କରିଥିଲା, ଏହି ପ୍ରକାର ଅନୁରାଗ ପାଇଁ 'ଘେନାଘେନି' ତାହାରି ସୃଷ୍ଟି । ମାତ୍ର 'ଭଲ ବାସିବା' କଥାଟିରେ ସୃଷ୍ଟିର ନୂତନତା ନାହିଁ କି ପରିସ୍ଥିତିର ସଂଗତି ନାହିଁ । ସେଇ ଅନୁକ୍ରମେ ସୁଖ ପାଇବା, ଦେଖି ପାରିବାପାଇଁ, ଭଲ ପାଇବା ଆଜି ସମାଜର ଉପର ସ୍ତରରୁ ଚିପି ଭର୍ତ୍ତି କରା ହେଉଚି । Charitable

Digitized by PPRACHIN, SOA

dispensaryକୁ ଅନୁବାଦ କରାହେଉଚି 'ଦାତବ୍ୟ ଚିକିତ୍ସାଳୟ'। ଯଥାର୍ଥରେ ଏହା ହୁଏତ ହୁଅନ୍ତା 'ଧର୍ମାର୍ଥ ଔଷଧାଳୟ'। ଦାତବ୍ୟ ଚିକିତ୍ସାଳୟ କଥାଟି ବରାବର ନୂଆ। ଓଡ଼ିଆ ତାହା ନ ବୁଝାଇଲେ ବୁଝିବ ନାହିଁ। ତେବେ ସ୍ଥଳ ବିଶେଷରେ ଏଇପରି ଘୋର ନୂତନ ଭାବର ଆହରଣରେ ଏପରି ନୂଆ ଶବ୍ଦ ଯେ ତିଆରି କରି ଭର୍ତ୍ତି କରିବା ଦରକାର ହେବ ନାହିଁ, ଏହା କେହି କହିବେ ନାହିଁ। ମାତ୍ର ପରିସ୍ଥିତିରେ ସଂଗତି ନ ଦେଖି ଏପରି କରିବା ବିକାଶ ଧର୍ମ ନୁହେ। ଦାତବ୍ୟ କଥାଟି ପୁଣି ଏ ଅର୍ଥରେ ଓଡ଼ିଆର ପ୍ରାଣ ପ୍ରକାଶ କରି ନାହିଁ। ଦୟାପରି ଦାନରେ ଯେଉଁ ଅହଂକାରର କରାଳ ସ୍ପର୍ଶ ପ୍ରଚ୍ଛନ୍ନ ରହିଚି, ତା ଜଗନ୍ନାଥ ଧର୍ମୀ ଓଡ଼ିଆ ପ୍ରାଣରେ ସ୍ୱାଭାବିକ ଭାବରେ ଫୁଟିବାର ନୁହେ। ଦାନ ମାନବର ଧର୍ମ; ତେଣୁ ଏହା 'ଧର୍ମାର୍ଥ'। ଏଇ ଅର୍ଥରେ ଏ କଥାଟି ଓଡ଼ିଆର ସୁପରିଚିତ। ସେଇପରି ତତ୍ତ୍ୱ ନେବା, ଯତ୍ନ ବା ଆଦର କରିବା ପାଇଁ 'ଯତ୍ନ ନେବା'; 'ନାରଖାର' ପାଇଁ 'ଛାରଖାର'; 'କାନ୍ଦବୋବା ପାଇଁ 'କନ୍ଦାକଟା'; ଏକାବେଳକେ ବା ଏକାବେଳେ ପାଇଁ 'ଏକ୍କେବାରେ'; ଠିକ୍ ପାଇଁ 'ସଠୀକ'; ହୁତ୍ ହୁତ୍ ପାଇଁ 'ଧୂ ଧୂ'; ହୁ ହୁ ପାଇଁ 'ହୁବହୁ'; ବିଭାହେବା ପାଇଁ 'ବିବାହ କରିବା'; ସଂସ୍କୃତରେ ମଧ୍ୟ ଅରୁନ୍ତୁଦ ପାଇଁ 'ମର୍ମନ୍ତୁଦ' ପ୍ରଭୃତି ବହୁତ ଉଦାହରଣ ଦିଆଯାଇପାରେ। ଏବ ଲେଖାରେ ଏସବୁ ଭୀଷଣ ଭାବରେ ପ୍ରବେଶ କରି ଭାଷା ସଙ୍ଗେ ଭାବର ସାଧୁତା ଏକାବେଳକେ ନଷ୍ଟ କରି ଦେଉଚି। ମାତ୍ର ଏଇ କେତୋଟି ସୂଚନା ଛଡ଼ା ସେ ସବୁର ଆଉ ବିଶେଷ ଆଲୋଚନା ଏଠାରେ କରିବାର ନୁହେଁ।

**ସାବଧାନତା ଲୋଡ଼ା—**

ଅନୁବାଦ କରଣୀୟ। ଘୋର ନୂତନତାର ଆମଦାନି ମଧ୍ୟ ଏକାନ୍ତ ଦରକାର। ତାହା ନ କରିବା ମଧ୍ୟ ମୃତ୍ୟୁର ଲକ୍ଷଣ। ଖିଆ କମିଯାଇଥିଲେ, ତାହାର ପରିମାଣ ବଢ଼ାଇବା ସ୍ୱାସ୍ଥ୍ୟ ଓ ପୁଷ୍ଟିର ଲକ୍ଷଣ ସନ୍ଦେହ ନାହିଁ। ମାତ୍ର ରୋଗୀ ଯେପରି ପାଖରେ ଅନ୍ୟର ଖିରି ଖେଚେଡ଼ି ଦେଖି ବିକଳରେ ଖାଇ ମୃତ୍ୟୁ ଆଡ଼କୁ ଯାଏ, ସେପରି କରିବା ଠିକ୍ ନୁହେ। ସମସ୍ତ ଶରୀର ଦୃଷ୍ଟିରେ ଖାଦ୍ୟର ମାପ ନ ହେଲେ, ଆହରଣ ସର୍ବାଙ୍ଗରେ ଉପଯୋଗୀ ରସ ଦାନ ନ କଲେ, ତାହା ବ୍ୟର୍ଥ; ଶରୀରକୁ ତାହା ବରଂ ଅଧିକ ଅସମର୍ଥ କରେ। ଏ କ୍ଷେତ୍ରରେ ପୁଣି ବଙ୍ଗଳା ଓ ଇଂରେଜୀର ଭାଷା ଓ ସାହିତ୍ୟରେ ଖିରି ଖେଚେଡ଼ି କମ୍ ବଢ଼ା ହୋଇନାହିଁ। ବୁଭୁକ୍ଷିତ ଓଡ଼ିଆ ତାକୁ ଦେଖୁ ଦେଖୁ ଦୁଇ ହାତରେ ଗାଉଁ ଗାଉଁ କରି ଖାଇଲେ ହୁଏତ, ବେଶୀ ରୋଗୀ ହେବ। ଇଂରେଜୀ କଥା ପୁଣି ସ୍ୱତନ୍ତ୍ର। ସେଠାକୁ ହାତ ବଢ଼ାଇଲା ବେଳେ ନିର୍ବାଚନର ହୁଏତ ସ୍ୱତଃ ଅବକାଶ ଅଛି। ମାତ୍ର ଘରପାଖେ ବଙ୍ଗଳା ସାହିତ୍ୟ ଓ ଭାଷା ନିଜର ରନ୍ଧନଶାଳା ପର୍ଯ୍ୟନ୍ତ ଓଡ଼ିଆ ପାଇଁ ଫିଟାଇ ଦେଇ ବସିଚନ୍ତି। ଓଡ଼ିଆ ଏଠାରେ ସାବଧାନ ହୋଇ ଆହରଣ କରନ୍ତୁ।

Digitized by PPRACHIN, SOA

## ଏବେ ବିଶେଷ ଦରକାର–

ଆଜି ପୃଥିବୀର ଅନନ୍ତମୁଖ ବିକାଶବେଳେ ସ୍ଥାନେ ସ୍ଥାନେ ନବଭାବ ଓ ନୂତନ କ୍ରିୟା ଦୀପ୍ତ ହୋଇ ଜାଗି ଉଠୁଚି । ଏ ଦୀପ୍ତି ପାଖେ ମଧ୍ୟ ଓଡ଼ିଆ ଚକ୍ଷୁଷ୍ମାନ ହୋଇ ଆହରଣର ନିର୍ବାଚନରେ ବ୍ୟକ୍ତିତ୍ୱ ଠିକ୍ ରଖିବାର ଅଛି । ଏ ଯୁଗରେ ପୁଣି ରାଜନୀତିକ ପରାଧୀନତା ଓ ଆର୍ଥନୀତିକ ପ୍ରପୀଡ଼ନ, ପ୍ରତିକ୍ରିୟା ଓ ପ୍ରତିକ୍ରିୟାର ଅନୁକରଣରେ ନିର୍ବାଚନ-ଅନ୍ଧ ହୋଇ ଆହରଣ ଲୋଡ଼ିବାର ଭୀଷଣ ଶଙ୍କା ରହିଚି । ପ୍ରାଚ୍ୟ ଓ ଭାରତୀୟ ସମାଜ ଦିନେ ହୁଏତ ଏହିସବୁ ବିକ୍ଷୋଭରେ ଉଦ୍‌ବେଳିତ ବିଭ୍ରାନ୍ତ ହେଉ ନଥିଲା । ଆଜି ପୃଥିବୀର ପରିସ୍ଥିତି ବଦଳିଚି । ଏତେବେଳେ ଆହରଣରେ ଆତ୍ମବାନ୍ ହେବା ଓଡ଼ିଆ ପରି ସମାଜ ପକ୍ଷରେ ବଡ଼ ଦୁର୍ଘଟ ହୋଇପାରେ । ଏହା ମଧ୍ୟ ମନେ ରଖିବାର ଅଛି ।

## ବିଦ୍ୟାର ପ୍ରକାଶ ଓ ପ୍ରୟୋଗ–

ସାହିତ୍ୟରେ ସମାଜର ଯେଉଁ ବ୍ୟକ୍ତିତ୍ୱଟି ପ୍ରକାଶିତ ହୁଏ, ତାକୁ ସାଧାରଣ କଥାରେ କହନ୍ତି, ବିଦ୍ୟା । ବିଦ୍ୟାବନ୍ତ ଲୋକ ସମାଜର ପରିଚାୟକ, ତଥା ନିୟାମକ । ଏଇ ବିଦ୍ୟାରେ ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି କ୍ରିୟାରେ ପ୍ରକାଶ ପାଏ । ମାତ୍ର ଏ ଯୁଗରେ– ବିଶେଷରେ ପରାଧୀନ ମନୋବୃତ୍ତିରେ– ଗୋଟିଏ ବିପଦ ଘୋଟି ଆସୁଚି– ପ୍ରକାଶ କରିବା ବା ଦେଖାଇବା । 'ମୁଁ କ'ଣ' ? ଏହା ହୁଏତ କେହି ଭାବୁ ନାହିଁ । 'ମୋତେ କଣ ଭାବୁଚନ୍ତି' ? –ଏଥିରେହି ଯେପରି କି ଦୃଷ୍ଟି ଆବଦ୍ଧ । ଏହା କିନ୍ତୁ ମାନବ ବିକାଶ ଧର୍ମରେ ଘୋର କୃତ୍ରିମତା । ହେଲେହେଁ ଏ କୃତ୍ରିମତାଟି ଆଜି ବିକାଶ ପାଇଁ ନାହିଁ । ଏହା ମଧ୍ୟ ମାନବିକ । ସମସ୍ତ ମାନବିକ ଜୀବୀବୃତ୍ତି, ବିକାଶରେ ଯେପରି ଶୃଙ୍ଖଳିତ ଓ ନିୟମିତ ହେବା ଉଚିତ ଏହା ମଧ୍ୟ ସେଇପରି ହେବାର କଥା । ଏହାକୁ ନିୟମିତ କରିବାରେ ଆଦର୍ଶ ହେଉଚି ପୁଣି ଉନ୍ନତ ବିଦ୍ୟାବତ୍ତା । ସଂକୋଚ ଛାଡ଼ି କୁହାଯାଇ ପାରେ ଆଜି ଓଡ଼ିଆ ସାହିତ୍ୟରେ ଏ ଆଦର୍ଶ ନାହିଁ । ପୃଥିବୀର ବିଦ୍ୟାଭଣ୍ଡାରରେ ଭାଲୁ ଆଖୁ କିଆରୀରେ ପଶିଲା ପରି ଓଡ଼ିଆ ହୁଏତ ପଶିଯାଉଚନ୍ତି, ସୁନ୍ଦର ସୁନ୍ଦର ମାଲ ଆଣି ଥୋଇ ଦେଉଚନ୍ତି । ଏ ମାଲ ସୁନ୍ଦର କାହାପାଇଁ ? ନିଜେ ଲେଖି ଚିତ୍ରଟିଏ ବା କଳ୍ପନାଟିଏ କରି, ତାକୁ ପୁଣି ନିଜେ ଦେଖି ଓ ନିଜ ଭଳି ଲୋକଙ୍କ ମଧ୍ୟରେ ଦେଖାଇ ବୁଝାଇ ଆନନ୍ଦରେ ଗଦ୍‌ଗଦ ହେବାର ଉଦାହରଣ ଓଡ଼ିଆ ସାହିତ୍ୟ ରାଜ୍ୟରେ ବହୁତ ମିଳିବ । ସମାଲୋଚନା ଫୁଟୁ ନାହିଁ । ନିର୍ମାଣ ଓ ବିକାଶ ଆଲୋଚନାରେ ପ୍ରତିଷ୍ଠିତ ହେଉ ନାହିଁ । ଓଡ଼ିଆ ରବୀନ୍ଦ୍ରଙ୍କ ଅନୁକରଣ କରନ୍ତି ସତ, କିନ୍ତୁ ରବୀନ୍ଦ୍ରଙ୍କ ପ୍ରକାଶ ଅନ୍ତରାଳରେ ବିଦ୍ୟାର ଯେ ପ୍ରତିଷ୍ଠା ଅଛି ତାହା କୌଣସି ଓଡ଼ିଆର ଦୃଷ୍ଟି ପରିସରକୁ ହୁଏତ ଆସିନାହିଁ । ଫଳରେ ବୃଥା ଅହଙ୍କାର ବଢୁଚି, ସମାଲୋଚନାର ସୂଚନା ପର୍ଯ୍ୟନ୍ତ ଅସହ୍ୟ ହେଉଚି ଓ ଆଲୋଚନାରେ ଆଦାନପ୍ରଦାନର ପଦ୍ଧତି ଫିଟୁ ନାହିଁ । ଦେଖାଇବା ବା ଦେଖାଇ ହେବାର ପ୍ରବୃତ୍ତି କରାଳ ସଂକ୍ରାମକ ରୋଗ ପରି ସମାଜ ତଥା ସାହିତ୍ୟରେ ବ୍ୟାପିଯାଉଚି । ଉଦାହରଣରେ ଏ

Digitized by PPRACHIN, SOA

ସବୁର ସୂଚନା ଦେବାକୁ ମଧ୍ୟ ଆଜି ମୋର ଆପଣମାନଙ୍କ ପରି ସୁଧୀ ମଣ୍ଡଳି ଆଗେ ସାହସ ହେଉ ନାହିଁ । ଏହା ସତ୍ୟ, କେବଳ ସତ୍ୟ ନୁହେଁ, ରୁଗ୍‌ଣ ସମାଜ ଓ ସାହିତ୍ୟର ସାନ୍ନିପାତିକ ଉପସର୍ଗ ବରଂ ଏଥିରେ ସ୍ପଷ୍ଟ । ଏ କଥା ଏତିକିରେ ଥାଉ । ଆଶାଶୀଳତାର ପୀଠରେ ଭରା ଦେଇ ଏତିକି ମାତ୍ର କୁହାଯାଉଚି, ପୃଥିବୀର ଆଜି ଅନନ୍ତମୁଖ ବିକାଶ ଦିନରେ ଓଡ଼ିଆ ଦେଖାଇବାର ପ୍ରବୃତ୍ତି ଛାଡ଼ି ଅନ୍ତର ଦେଖନ୍ତୁ । ନିଜେ ବିଦ୍ୟାବନ୍ତ ହୋଇ ସମାଜର ଆଦାନପ୍ରଦାନରେ ସେ ବିଦ୍ୟା ପ୍ରକାଶ କରନ୍ତୁ ।

**ପରିସ୍ଥିତିର ବିଚାର—**

ଆଉ ଗୋଟିଏ କଥା, ପ୍ରକାଶରେ ପରଂପରାର ଭିତ୍ତି ସଙ୍ଗେ ପରିସ୍ଥିତିର ସଂଗତି । ପରମ୍ପରାର ଭିତ୍ତି ବିଷୟରେ ବହୁ ସୂଚନା ଦିଆଯାଇଚି । ଏହି ପରମ୍ପରାହି ପୁଣି ପରିସ୍ଥିତି ପ୍ରଭାବିତ କରେ, ଓ ଆଦର୍ଶ ବା ଯଥାର୍ଥ ବିଦ୍ୟାର ପୁରୋଦୃଷ୍ଟିରେ ସେହି ପରିସ୍ଥିତି ନିୟମିତ ହୁଏ । ଏହି ବିଦ୍ୟାର ପୁରୋଦୃଷ୍ଟିଟି କ'ଣ ତାହା ସ୍ପଷ୍ଟ ଜାଣି ରଖିବା ଉଚିତ । ସାହିତ୍ୟ ସ୍ପଷ୍ଟତଃ ଭାଷାରେ ପ୍ରକାଶିତ । ସାହିତ୍ୟ କାହାପାଇଁ ? ତାର ଉପଯୋଗିତା କେଉଁଠାରେ ? ବର୍ଣାଡସ ଲେନିନ୍‌ଙ୍କ ଭାବଚ୍ଛଟା ଓଡ଼ିଆରେ ଦେଖାଇ ଦେଇ ସହରର ବନ୍ଧୁମାନଙ୍କ ଭିତରେ ପରସ୍ପରର ବାହାବା ଘେନି ଖୁସୀ ହେଲେ ସେ ଉପଯୋଗିତା ଫୁଟିଲା ନାହିଁ । ଓଡ଼ିଆଭାଷୀ ଜନସାଧାରଣଙ୍କୁ ବିଦ୍ୟାଦେବାକୁ ହେବ, ବିଦ୍ୟାର ପ୍ରଭାବରେ କ୍ରାମିକ ପ୍ରଗତି ଆଡ଼କୁ ଟାଣିବାକୁ ହେବ । ଆଜି ରାଜନୀତି ସର୍ବଗ୍ରାସୀ, ଏ ରାଜନୀତିରେ ଲୋକଶାସନ ଫୁଟିଚି । ଏତେବେଳେ ପୁଣି ସାହିତ୍ୟର ଚାଳନାରେ ଏ ବିଭାବଟି ଦେଖାଇ ବୁଝାଇବା ଦରକାର ନାହିଁ ବୋଲି ମନେ ହୁଏ । ସାହିତ୍ୟ ଲୋକ- ସାହିତ୍ୟ ହେଉ, କିମ୍ବା ଏହି ଲୋକସାହିତ୍ୟ ନିୟମିତ କରିବାରେ ଯଥାର୍ଥ ଉପଯୋଗୀ ହେଉ । ଏହାଠାରୁ ବେଶୀ କହିବାର ଏ କ୍ଷେତ୍ରରେ ଆଉ ଅବକାଶ ନାହିଁ । ସେକାଳର ବିଦ୍ୟାବନ୍ତ ଜଗନ୍ନାଥ ନିଜର ପରାକୃତ ଭାଗବତ କାହିଁକି ଶୃଙ୍ଖଳିତ ପ୍ରାଥମିକ ଶିକ୍ଷା ବିନା ଛାପାଖାନା ଡାକ ପ୍ରଭୃତି ନ ଥାଇ ମଧ୍ୟ ଓଡ଼ିଆର ଘରେ ଘରେ ପ୍ରଚାର କରି ପାରିଥିଲେ ? ଉପେନ୍ଦ୍ରଭଞ୍ଜ ପରି ଅଭିଧାନ ମାତ୍ରରେ ଲଭ୍ୟ ଶବ୍ଦ-ବହୁଳ ଲେଖାକୁ ଲକ୍ଷ୍ୟ କରି ଚିହ୍ନରା କବି କାହିଁକି ଲେଖିଛନ୍ତି :—

ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର 'ଗଲାଣି ତ ଗଲାକଥା' ଠାରୁ 'ଭୂରୁନୀଳ ଭୁଜଙ୍ଗୀ' ପର୍ଯନ୍ତ କାହିଁକି ଆଜି ଓଡ଼ିଆର ଘରେ ଘରେ ସୁପରିଚିତ, ତାହା ଏ ସମ୍ପର୍କରେ ଅନୁଧାନ କରିବାର ଅଛି ।

Digitized by PPRACHIN, SOA

**ଉଚ୍ଚ ସାହିତ୍ୟ—**

ସଙ୍ଗେ ସଙ୍ଗେ ସାହିତ୍ୟ ନିୟମିତ କରି ପୁରୋଦୃଷ୍ଟି ଫିଟାଇବା ନିମନ୍ତେ ଯାହାକୁ ଉଚ୍ଚ ସାହିତ୍ୟ କହନ୍ତି, ତାହାର ମଧ୍ୟ ଆଲୋଚନା ଦରକାର । ପୃଥିବୀର ସମସ୍ତ ବିକାଶର ଆହରଣ ମଧ୍ୟ ସେଇବାଟେ ସମାଜରେ ପ୍ରବେଶ କରିବ । କିନ୍ତୁ ପ୍ରାଣ ଛାଡ଼ି ପିଣ୍ଡରେ ମାତିଲେ ସବୁ ପଣ୍ଡ ହେବ । ଅନୁବାଦ କରିବାକୁ ହେବ । ସମାଜ ଓ ସାହିତ୍ୟ ବିଶ୍ୱବିକାଶ ଧାରାରେ ଓଡ଼ିଆ ଖେତରେ ବୁଡ଼ା ପାଣି ମଡ଼ାଇ ରଖିବାକୁ ହେବ । ସମସ୍ତ ବିଭାଗ ଓ ବିଭାଗରେ କ୍ରିୟା ପରମ୍ପରା ଫିଟାଇଦେବାକୁ ହେବ ଓ ତାହା ମନକୁ ଫିଟିଯିବାର ବ୍ୟବସ୍ଥା ମଧ୍ୟ କରିବାକୁ ହେବ । କିନ୍ତୁ ସର୍ବତ୍ର ମନେ ରଖିବାକୁ ହେବ ବିକାଶରେ ପୁରୁଷ ଆତ୍ମନିୟମିତ; ପ୍ରକୃତି ବା ପରିସ୍ଥିତିର କ୍ରୀଡ଼ନକ ନୁହେଁ । ପ୍ରକୃତି ଓ ପରିସ୍ଥିତି ତାକୁ ଆକ୍ରମଣ କରେ ସନ୍ଦେହ ନାହିଁ, କିନ୍ତୁ ସେ ଆକ୍ରମଣରେ ରୁଗ୍‌ଣ ହୋଇ ବା ସହିବାରେ ଅସମର୍ଥ ହୋଇ ଆତ୍ମସ୍ଥିତି ହରାଇଲେ ହୁଏ ମୃତ୍ୟୁ । ଆଦର୍ଶର ଦୃଷ୍ଟିରେ ସମସ୍ତ ପ୍ରକୃତି ଓ ପରିସ୍ଥିତିର ତାଡ଼ନାକୁ ସଂଯତ ଓ ନିୟମିତ କରି ଆତ୍ମବିକାଶ କରିବାହିଁ ବ୍ୟକ୍ତିତ୍ୱର ଧର୍ମ ।

**ଓଡ଼ିଆ ସ୍ୱାତନ୍ତ୍ର୍ୟରେ ଉପଯୋଗିତା ପ୍ରକାଶ କରୁ—**

ଆଜି ଏ ସାହିତ୍ୟ ସମାଜର ପ୍ରାଣ ପ୍ରତିଷ୍ଠା ମାତ୍ର ହୋଇଚି, ପ୍ରକ୍ରିୟାର ପରମ୍ପରା ଫିଟି ନାହିଁ । ଆଦର୍ଶ ଓ ଉପଯୋଗିତା ଦିଗକୁ ସ୍ପଷ୍ଟ ଦୃଷ୍ଟି ପଡ଼ି ନାହିଁ, କିନ୍ତୁ ଆଶାଶୀଳ ମାନବର ପ୍ରାଣ ପ୍ରତିଷ୍ଠାରେ ହି ଅନନ୍ତ ଭବିଷ୍ୟତ୍ ବିଶ୍ୱମୁଖରେ ପ୍ରଭାବ ବିସ୍ତାର କରେ । ସେ ପ୍ରଭାବରେ ଓଡ଼ିଆର ସାହିତ୍ୟ ନିୟମିତ ଓ ବିକସିତ ହେଉ, ବିଶ୍ୱରାଜ୍ୟରେ ନିଜର ଉପଯୋଗିତା ଦେଖାଇ ଓଡ଼ିଆ ବହୁରେ ନିଜର ସ୍ୱାତନ୍ତ୍ର୍ୟ ସ୍ପଷ୍ଟ ପ୍ରକାଶ କରୁ । ବିଧାତା ବରଦ ହୁଅନ୍ତୁ ।

**କ୍ଷମାଭିକ୍ଷା—**

ବହୁତ କହିଲି, ବୋଧହୁଏ ବ୍ୟାକୁଳର କାହାଣୀଠାରୁ ଚିର ଅବରୁଦ୍ଧର ଆଶୁ ବିସ୍ଫୋରଣ ଏଥିରେ ଅଧିକ ଅଛି । ବହୁଦିନ ସାହିତ୍ୟ ସମ୍ପର୍କରେ ମୁଁ ନାହିଁ । ଦୂରରୁ ସାହିତ୍ୟକୁ ଦେଖିଚି, ହୁଏତ ମାପି କଳିବାର ସୁବିଧା ପାଇ ନାହିଁ । ଯାହା କହିଲି ସେଥିରେ ଏକଦେଶଦର୍ଶିତାର ଅସଂଯମ ତେଣୁ ଥାଇପାରେ । ଅଭ୍ୟସ୍ତର ପିଷ୍ଟପେଷଣ ହେତୁକ ବାଚାଳତା ଥିବା ବି ସଂଭବ । କ୍ଷମା କରିବେ । ମୋତେ ଅନୁଗ୍ରହ କରି, ଏ କଥାଗୁଡ଼ିକରେ ଆହରଣର ନିର୍ବାଚନ ପ୍ରୟୋଗ କରି ମତେ କୃତାର୍ଥ କରିବେ । ଆପଣମାନେ ବିଦ୍ୟାବନ୍ତ— ଆଉ ବେଶୀ କହିବିଁ ନାହିଁ ।

[ନବଭାରତ, ମୀନ ୧୩୪୫]

Digitized by PPRACHIN, SOA

# ବାରିପଦା ସାହିତ୍ୟ ସମାଜରେ ସଭାପତି ଅଭିଭାଷଣ

## ବାରିପଦା ସାହିତ୍ୟ ସମାଜ–

ଏହି ବାରିପଦା ସାହିତ୍ୟ ୬୭ ବର୍ଷ ହେଲା ହୋଇଚି । ଏଥିରେ ନାଟକାଭିନୟ, ସଙ୍ଗୀତ ଚର୍ଚ୍ଚା ଓ ସାହିତ୍ୟ ସମାଲୋଚନାଦି ହୋଇଥାଏ । ବାରିପଦାରେ ଏଇ ସମାଜଟି ଥିଲେହେଁ ଏହା ଏକ ଉତ୍କଳ ସାହିତ୍ୟ ସମାଜ । ଆଜକୁ ପ୍ରାୟ ୩୬।୩୭ ବର୍ଷ ହେଲା କଟକରେ ଉତ୍କଳ ସାହିତ୍ୟ ସମାଜ ଅଛି । ଏଇ ମୟୂରଭଞ୍ଜର ସ୍ୱନାମଧନ୍ୟ ସ୍ୱର୍ଗତ ମହାରାଜ ରାମଚନ୍ଦ୍ରଦେବ କଟକ ସାହିତ୍ୟ ସମାଜର ଅନ୍ୟତମ ପ୍ରଧାନ ପ୍ରତିଷ୍ଠାତା ଓ ପୋଷକ କହିଲେ ଚଳେ । ୧୯୦୪ ମସିହା ଶେଷ ବା ୧୯୦୫ ମସିହା ପ୍ରାରମ୍ଭରେ ମହାରାଜ ରାମଚନ୍ଦ୍ର ଦେବ କଟକ ସାହିତ୍ୟ ସମାଜର ଦ୍ୱିତୀୟ ବାର୍ଷିକ ଅଧିବେଶନରେ ସଭାପତି ହୋଇଥିଲେ । ତାଙ୍କର ଉତ୍ତରାଧିକାରୀମାନେ ମଧ ନାନା ଭାବରେ ସେଇ କଟକ ସାହିତ୍ୟ ସମାଜର ପୋଷକତା କରି ଆସିଛନ୍ତି । ତଥାପି ସମାଜ ଉଦ୍ଦେଶ୍ୟ ଓ ଆଦର୍ଶରେ କଟକ ସାହିତ୍ୟ ସମଜାର ଅନୁରୂପ ହେଲେହେଁ, ତା'ର ଶାଖା ରୂପେ ପ୍ରତିଷ୍ଠିତ ନୁହେଁ, କିମ୍ୱା ଶାଖାଭାବରେ କାର୍ଯ୍ୟ କରେ ନାହିଁ । ଏହା ଏକ ସ୍ୱତନ୍ତ୍ର ଅନୁଷ୍ଠାନ ।

## କଟକର ଉତ୍କଳ ସାହିତ୍ୟ ସମାଜ ସଙ୍ଗେ ସମ୍ପର୍କ–

ଅବଶ୍ୟ ଏହା କହିବାରେ ବାରିପଦା ସାହିତ୍ୟ ସମାଜ ପ୍ରତି ଆକ୍ଷେପ କରାଯାଉ ନାହିଁ । ୩୬ ବର୍ଷର ପ୍ରତିଷ୍ଠା ପରେ କଟକର ଉତ୍କଳ ସାହିତ୍ୟ ସମାଜ ନିଜ କାର୍ଯ୍ୟ ଓ ଆଦର୍ଶ ପ୍ରଚାର ଫଳରେ ଓଡ଼ିଆ ଭୂମିର ବିଶିଷ୍ଟ ଜୀବନ କେନ୍ଦ୍ରଗୁଡ଼ିକୁ ନିଜ ପ୍ରତି ଆକୃଷ୍ଟ କରି ପାରି ନାହିଁ, ଏହାହିଁ ଚିନ୍ତାର ବିଷୟ । କେବଳ ବାରିପଦା ନୁହେ, ଓଡ଼ିଆ ଭୂମିରେ ଅନ୍ୟାନ୍ୟ ସ୍ଥାନରେ ଏଇପରି ସାହିତ୍ୟ ଅନୁଷ୍ଠାନମାନ ଅଛି । ବିଶେଷତଃ ସମ୍ବଲପୁର 'ଗଙ୍ଗାଧର ସାହିତ୍ୟ ପରିଷଦ' ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ସେମାନେ କେହି କଟକ ସାହିତ୍ୟ ସମାଜର ଅଙ୍ଗୀଭୂତ ନୁହନ୍ତି । କେହି ସେପରି ଅଙ୍ଗୀଭୂତ ହେବାକୁ ଇଚ୍ଛା କରି ମଧ ହୋଇ ପାରି ନଥିବାର ଶୁଣାଯାଏ । ଏ ସବୁ ଅସ୍ପୃହଣୀୟ ହେଲେହେଁ, ଏହାଇ ଆମର ପରିସ୍ଥିତି । ଏଇଥି ଭିତରେ ସାଧନାର ପନ୍ଥା ଖୋଜିବାକୁ ହେବ । ସାହିତ୍ୟର ବିକାଶ ସମାଜ ବିକାଶ ସଙ୍ଗେ ଜଡ଼ିତ । ବହୁକାଳ ଧରି ନାନା କାରଣରୁ ଆମ ସମାଜରେ ଗୋଟିଏ କୃତ୍ରିମ ବିକାଶ ଚାଲିଚି । ସେହି କୃତ୍ରିମତା ଫଳରେ ସାହିତ୍ୟର ଗତି ସବୁବେଳେ ସରଳ, ଜୀବନ୍ତ ଓ ସ୍ୱାଧୀନ ହୋଇ ନାହିଁ ।

---

୨୩।୪।୧୯୪୦ରେ ବାରିପଦା ସାହିତ୍ୟ ସମାଜର ୬୫ଷ ବାର୍ଷିକ ଅଧିବେଶନରେ ସଭାପତିଙ୍କ ଅଭିଭାଷଣ ।

Digitized by PPRACHIN, SOA

**ଏବ ପରିସ୍ଥିତିର ପ୍ରଭାବ–**

ଏହି ଜୀବନ ଓ ସ୍ୱାଧୀନତାର ଅଭାବ ଓ ତାହାର ପ୍ରତିକାର ଅତିଶୀଘ୍ର ଓଡ଼ିଆ ସାହିତ୍ୟିକମାନଙ୍କର ପ୍ରଣିଧାନର ବିଷୟ ହେବା ଉଚିତ । ବିଶେଷରେ ଏ ଯୁଗରେ ଆମର ସାହିତ୍ୟକୁ ରାଜନୀତିର ପୋଷକ ହତିଆର ପରି କାର୍ଯରେ ଲଗାଇବାର ଉଦ୍ୟମ ହୋଇ ଆସୁଚି । ବିଶେଷରେ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଜାତୀୟ ବିକାଶର ସଙ୍କେତ ବୋଲି ଦେଖାଇବା ଆମର ଦରକାର ପଡ଼ିଚି । ଏବେ ମଧ ଉପାନ୍ତ ଓଡ଼ିଆ ଭୂମି ସବୁ ଓଡ଼ିଶା ପ୍ରଦେଶକୁ ଆଣିବା ପାଇଁ ଆମେମାନେ ଏହି ଭାଷା ଓ ସାହିତ୍ୟକୁ ଧରି ଦେଖାଇବାର ଉପଯୋଗିତା ଆହରଣ କରିବାରେ ଲାଗିଚୁ । ଏ ଯୁଗରେ ବହୁ କ୍ଷେତ୍ରରେ କାମ କରିବାଠାରୁ କାମ ଦେଖାଇବାର ମୂଲ୍ୟ ଅଧିକ ହୋଇଚି । ଆମେ ହୁଏତ ସେହି କାମ ଦେଖାଇବାରେ କୌଣସି ଉଦ୍ଦେଶ୍ୟ ହାସଲ କରିବା ପାଇଁ ସାହିତ୍ୟ ଗଢୁଚୁ । ଏଥିରେ ଯଥାର୍ଥ ଜୀବନ୍ତ ସ୍ୱାଧୀନ ସାହିତ୍ୟର ସହଜ, ସରଳ, ସ୍ୱାଭାବିକ ବିକାଶରେ ବହୁତ ଅଭ୍ୟନ୍ତରୀଣ ବାଧା ଅଛି । ସମାଜ ଜୀବନର କୃତ୍ରିମତା ସଙ୍ଗେ ସାହିତ୍ୟ ଜୀବନରେ କୃତ୍ରିମତା ପଶୁଚି । ଏ କୃତ୍ରିମତା ଭିତରେ ପୁଣି ଗୌଣତ୍ୱର ମନୋବୃତ୍ତି ଗୋଟିଏ ସ୍ପଷ୍ଟ ଉପାଦାନ ରୂପେ ରହିବାର କଥା । ତାହା ରହିଚି । ବଙ୍ଗଳାରେ ଏପରି କରୁଚନ୍ତି, ଆମର ସେଇପରି ଅଛି ବୋଲି ଦେଖାଇ ଦେବାକୁ ହେବ । ତେଲେଙ୍ଗାରେ ଅମୁକ ରାଜା ବା ଧନପତି ସାହିତ୍ୟକୁ ଏତେ ଲକ୍ଷ ଟଙ୍କା ଦେଇଚନ୍ତି, ଆମର ମଧ ସାହିତ୍ୟ ସମାଜ ପାଇଁ ଟଙ୍କା ଚାନ୍ଦା କରିବାକୁ ହେବ । ଏଇ ଦୃଷ୍ଟିରେ ନାନା ବିଭାଗରେ କାମ ଦେଖାଇବାର ଉଦ୍ୟମ ଖୁବ୍ ହେଉଚି । ସେଇ ଉଦ୍ୟମର ପ୍ରେରଣାରେ ମଧ କାବ୍ୟ, ନାଟକ, ଉପନ୍ୟାସ ସବୁ ଲେଖାଯାଉଚି; ପ୍ରବନ୍ଧ ପାଇଁ ପୁରସ୍କାର ଦିଆ ହେଉଚି ଓ ପୁରସ୍କାରର ପ୍ରବନ୍ଧ ସେଇ ଦୃଷ୍ଟିର ପ୍ରଭାବରେ ମଧ ଲେଖାଯାଉଚି । ପ୍ରାଚୀନ ପୁସ୍ତକ ସଂଗ୍ରହ ଓ ପ୍ରକାଶ ପାଇଁ କମିଟି ଗଢ଼ାଯାଉଚି । କେତେଖଣ୍ଡ ତାଳପତ୍ର ପୋଥି ମଧ୍ୟ ସଂଗ୍ରହ କରାଯାଉଚି । ମିଉଜିୟମ୍ ହେଉଚି । ଗବେଷଣାର ଅନୁଷ୍ଠାନ ବା ଏକାଡେମି ତିଆରି ହେଉଚି । କିନ୍ତୁ କୌଣସିଟିରେ ଯଥାର୍ଥ ସ୍ୱାଭାବିକ ଜୀବନ ବିକାଶର ସ୍ପଷ୍ଟ ସଙ୍କେତ ହୁଏତ ଫୁଟୁ ନାହିଁ । ଏପରି କି ପ୍ରାଚୀନତାର ଗବେଷଣାରେ ମଧ୍ୟ ଆମେ ସାହିତ୍ୟିକ ନ ହୋଇ ହେଉଚୁ ଜାତିପ୍ରେମୀ ବା ପେଟ୍ରିଅଟ୍ (Patriot) । କେତେବର୍ଷ ତଳେ ଓଡ଼ିଆ ଗବେଷକ ଭୁବନେଶ୍ୱରର କପିଳେଶ୍ୱରରେ ବୁଦ୍ଧ ଜନ୍ମଭୂମି କପିଳବାସ୍ତୁର ଗନ୍ଧ ପାଇଥିଲେ । ଅନେକ ସାହିତ୍ୟିକ ସେତିକିରେହିଁ ଆତ୍ମହରା । ଜୟଦେବ ବଙ୍ଗାଳୀ ହେବେ ନାହିଁ ବୋଲି ତାଙ୍କୁ ଓଡ଼ିଆ କରିବାକୁ ହେବ । ଫଳିତ ଜ୍ୟୋତିଷକୁ ଜ୍ୟୋତିଷ ବୋଲି ବୁଝି ସେଥିପାଇଁ 'ଜ୍ୟୋତିଷାର୍ଣ୍ଣବ' ଉପାଧିର ସୃଷ୍ଟି କରାଯାଉଚି । କୋଣାର୍କ ବଙ୍ଗାଳୀର ଶିଳ୍ପ ବୋଲି କେହି ଲେଖିଦେଲେ ଅନ୍ତର୍ଦାହରେ ଖାଲି ଗ୍ରାମ୍ୟ ଗାଳି ଦେଲା ଭଳି ଓଡ଼ିଆ ପ୍ରବନ୍ଧ ଲେଖି ଆମେ ତାହାର ପ୍ରତିବାଦ କରୁଚୁ ।

Digitized by PPRACHIN, SOA

ଗଙ୍ଗବଂଶୀୟମାନେ ତେଲୁଗୁ ତଥା କାନାଡ଼ୀ ବ୍ୟବହାର କରୁଥିଲେ ବୋଲି ଶୁଣିଲେ ଆମେ ଅଯଥା ଘୃଣା ପ୍ରକାଶରେ ସେ କଥାର ଉତ୍ତର ଦେଉଚୁ । ଇଉରୋପର ଗବେଷକମାନେ କେବେ ଅବାନ୍ତର ଭାବରେ ଓଡ଼ିଶା ସମ୍ବନ୍ଧରେ କଥାଟିଏ ଲେଖିଦେଲେ ଓ ସେଥିରେ ଆମର ଆତ୍ମଶ୍ଳାଘାର ଟିକିଏ ହେତୁ ଥିଲେ, ସେତିକି ମାତ୍ର ଧରି ଆମେ ଯେପରିକି ନାଚୁଚୁ । ଜାଭା, ବାଲି ପ୍ରଭୃତିର ଶିଳ୍ପ ସଭ୍ୟତା ପ୍ରକାଶିତ ହେବାର କେବେ ଦୃଷ୍ଟିରେ ପଡ଼ିଗଲେ, ଆମେ ବିଚାରୁଚୁ ସେ ସବୁ ଏକାନ୍ତ ଓଡ଼ିଆ ହେବାର କଥା । ତେଣୁ ତାହାକୁହିଁ ସଙ୍ଗେ ସଙ୍ଗେ ସିଦ୍ଧାନ୍ତ ବୋଲି ନିଜ ଭିତରେ ପ୍ରଚାର କରିବା ପାଇଁ ଅଣ୍ଟା ଭିଡୁଚୁ । ଏ ଯୁଗର ଯଥାର୍ଥ ବୈଜ୍ଞାନିକ ଆଲୋଚନା ଆମ ଭିତରେ ସ୍ଥାନ ପାଉ ନାଇଁ । ଯଥାର୍ଥ ସ୍ୱାଭାବିକ ବିକାଶର ମୂଳଦୁଆ ପଡୁ ନାଇଁ । ଅନୁକରଣ ଆହରଣର ସୀମା ପର୍ଯ୍ୟନ୍ତ ବେଳେ ବେଳେ ଛୁଇଁ ପାରୁନାହିଁ ।

**ପୂର୍ବ ପରମ୍ପରାର ସୂଚନା–**

କେବଳ ରାଜନୀତିକ ନୁହେଁ, ଅନ୍ୟାନ୍ୟ କାରଣରୁ ମଧ୍ୟ ଓଡ଼ିଶାରେ ଏ ଦୁର୍ଗତିର ଲକ୍ଷଣ ଲିପିବଦ୍ଧ ସାହିତ୍ୟର ପ୍ରାରମ୍ଭ କାଳରୁ ଦେଖା ନ ଦେଇଚି ନୁହେ । ସାହିତ୍ୟ ସୃଷ୍ଟିରେ ଓଡ଼ିଆର ଜୀବନ କଦାଚିତ୍ ସରଳ ସ୍ୱଚ୍ଛନ୍ଦ ଭାବରେ ଫୁଟିଚି । ଲିଖିତ ସାହିତ୍ୟ ଦେଖିଲେ ଦେଖାଯିବ ଓଡ଼ିଶାର ବୈଷ୍ଣବ ସାହିତ୍ୟ କାଳରୁ ଏହି କୃତ୍ରିମତାର ଧାରା ପଡ଼ି ଆସୁଚି । ସେଇ ବୈଷ୍ଣବ ସାହିତ୍ୟ ଓଡ଼ିଆର ଯଥାର୍ଥ ଧର୍ମ ମୂଳତଃ ପ୍ରକାଶ କରି ପାରିନାଇଁ; ଭଞ୍ଜ ଯୁଗର କାବ୍ୟ ସାହିତ୍ୟରେ ରଜାଘର ବର୍ଣ୍ଣନା କରି ଦେଖାଇବାର ପ୍ରୟାସ ହୋଇଚି । କିନ୍ତୁ ସେଥିରେ ରଜା ନାଇଁ କି ଘର ନାଇଁ । ଓଡ଼ିଆମାନେ– ଅନ୍ତତଃ ରାଜାମାନେ– ଗାର୍ହସ୍ଥ୍ୟ ତଥା ରାଜ୍ୟଶୃଙ୍ଖଳାର କି ପରିସ୍ଥିତିରେ ତଥା କି ଆଭ୍ୟନ୍ତରୀଣ ଓ ବାହ୍ୟ ନିୟନ୍ତ୍ରଣ ମଧ୍ୟରେ କିପରି କାର୍ଯ୍ୟ କରୁଥିଲେ; ସେମାନଙ୍କ ପାରିବାରିକ ଜୀବନ କିପରି ସମାଜକୁ ପ୍ରଭାବିତ କରୁଥିଲା ବା ସମାଜରେ ପ୍ରଭାବିତ ହେଉଥିଲା; ସେ ସବୁର କୌଣସି ଚିହ୍ନ, ବର୍ଣ୍ଣ, ସଙ୍କେତ ନାଇଁ । ସେ ଯୁଗର ଲୋକସାହିତ୍ୟ କଥା କହିବା ପୁଣି ନିଷ୍ପ୍ରୟୋଜନ । ସାରଳାଦାସ ଯଥାର୍ଥ ଲୋକସାହିତ୍ୟ ହୁଏତ ଲେଖାରେ ଆରମ୍ଭ କରିଥିଲେ । ପରେ ବୈଷ୍ଣବମାନେ ବୈଷ୍ଣବଧର୍ମକୁ ଲୋକଧର୍ମ କରିବାର କାମନାରେ ସାହିତ୍ୟରେ ଲୋକରୁଚି ଓ ଲୋକକଥା ବହୁ ପରିମାଣରେ ଫୁଟାଇବାର ପ୍ରୟାସ କରିଚନ୍ତି । କୃଷ୍ଣ ବେଳବୁଡ଼କୁ ଘରକୁ ନ ଫେରିବାରୁ ଯଶୋଦା ଓଡ଼ିଆ ଗଉଡୁଣୀ ପରି ହୁଏତ କାନ୍ଦିଚନ୍ତି । କାବ୍ୟ ସାହିତ୍ୟରେ ମଧ୍ୟ କଳ୍ପନା ଓ ବର୍ଣ୍ଣନାର କୃତ୍ରିମତା ଭିତରେ ଓଡ଼ିଶାର ପ୍ରାକୃତ ଭାଷା ସ୍ଥାନ ପାଇଚି । କିନ୍ତୁ ସଂସ୍କୃତ ଆଳଙ୍କାରିକତା ଭିତରେ ଲୋକସାହିତ୍ୟ ଠିକ୍ ଫୁଟି ନାଇଁ । ପ୍ରେମିକ ପ୍ରେମିକାର ଚିଠି ଲେଖାର ସେ ଯୁଗର ନୁହେ କି ଏ ଯୁଗର ନୁହେ । ତାହା ଓଡ଼ିଆ ନୁହେ । ହୁଏତ କାଳିଦାସଙ୍କ ଶକୁନ୍ତଳାରେ ଯେଉଁ ସଙ୍କେତ ଅଛି, ଏ ସବୁ ତାହାର

Digitized by PPRACHIN, SOA

ବୀଭତ୍ସ ଅନୁକୃତି ହୋଇପାରେ । ନଳ ଅତିମାନୁଷ ପ୍ରଭାବରେ ଗୋପନରେ ଭୀମଙ୍କ ଅନ୍ତଃପୁରରେ ପଶିଥିଲେ । ତାକୁଇ ଧରି କାବ୍ୟମାନଙ୍କରେ ଦେବୀ ପ୍ରଭାବରେ ବିବାହ ପୂର୍ବରୁ ପ୍ରେମିକ ପ୍ରେମିକାର ମିଳନ ଚିତ୍ର ଉତ୍କଟ ଭାବରେ ଫୁଟାଇବାର ଚେଷ୍ଟା ହୋଇଚି । ଚିନ୍ତା ଓ ଭାବରେ ସ୍ୱାଭାବିକତା ନ ଥିବାରୁ ଭାଷା ହୋଇଚି କେବଳ ଶବ୍ଦାଳଙ୍କାରପୂର୍ଣ୍ଣ । ତେଣୁ ହୁଏତ 'ବଜାର ବୋଲି' ହୋଇଚି ସେ ଯୁଗର ଯଥାର୍ଥ ଲୋକକାବ୍ୟ । ତା' ମଧ୍ୟ କୃତ୍ରିମ ଆଳଙ୍କାରିକ ଯୌନ ସୂଚନାରେ ପୂର୍ଣ୍ଣ ।

**ଏବ ସାହିତ୍ୟ କଥା—**

ଏ ଯୁଗରେ ମଧ୍ୟ ରାଧାନାଥଙ୍କ କାବ୍ୟଗୁଡ଼ିକରେ ଯଥାର୍ଥ ଓଡ଼ିଆର ଚିତ୍ର ମିଳେ ନାହିଁ । ଉଷା, କେଦାରଗୌରୀ, ଯଯାତି ଓ ପାର୍ବତୀ ପରି କାବ୍ୟ ସବୁ ଦେଖିଲେ ସେଥିରେ ଓଡ଼ିଆ ସଭ୍ୟତା, ଜୀବନ, ଆଦର୍ଶ, ବ୍ୟବହାର ପ୍ରଭୃତି କିଛି ସ୍ପଷ୍ଟ ହୃଦୟରେ ଅଙ୍କିତ ହୁଏ ନାହିଁ । ସେ ସବୁର କଥାବସ୍ତୁ ପର୍ଯ୍ୟନ୍ତ ଓଡ଼ିଆ ଭୂମିରୁ ଫୁଟି ନାହିଁ । ଆଉରି ନବୀନ ଯୁଗରେ ମଧ୍ୟ ଗୀତ, କାବ୍ୟ, ଉପନ୍ୟାସ, ନାଟକ ସବୁଥିରେ ବେଳେ ବେଳେ ଧକ୍କା ମାରି ଭର୍ତ୍ତି କଲାଭଳି ଅତି ସ୍ପଷ୍ଟ ଅନୁକରଣ ଦେଖାଯାଏ । ଭାଷାରେ ମଧ୍ୟ ସେଇପରି ଅଯଥା ଅନୁକରଣ ଖୁବ୍ ପଶିଯାଉଚି । ଲୋକସାହିତ୍ୟ ବିକାଶ ପାଇବାରେ ଘୋର ପ୍ରତ୍ୟବାୟ ଜନ୍ମୁଚି । ଅନେକ ନୂତନ ଲେଖା ଦେଖିଲେ ମନେହୁଏ କେବଳ ଲେଖକ ନିଜର ସଙ୍ଗୀମାନଙ୍କୁ ଧରି ପଡ଼ି ତାହାର ସରସତା ଅନୁଭବ କରିବା ଆଦର୍ଶରେ ଯେପରି କି ତାହା ଲେଖା ହୋଇଚି । ଅଜି ଓଡ଼ିଆ ବ୍ୟାକରଣମାନ ସ୍କୁଲ ପାଠ୍ୟ ପାଇଁ ଲେଖା ହୁଏ । ନିମାଇବଲ୍ଲଭ ବିଦ୍ୟାସାଗରଙ୍କର ସର୍ବସାର ବ୍ୟାକରଣ କାଳରୁ ଏସବୁ ପ୍ରାୟ ଏକ ରୂପରେ ଚାଲି ଆସିଚି । କିନ୍ତୁ ଏଗୁଡ଼ିକ ଓଡ଼ିଆ ଭାଷାର ବ୍ୟାକରଣ ନୁହେଁ । ବିଦେଶୀ ଓଡ଼ିଆ ଶିଖିବାରେ ସେ ସବୁ ପଢ଼ି କିଛି ଲାଭ ପାଇବେ ନାହିଁ । ଏ ଦେଶ ପିଲାଏ ସେସବୁ ପଢ଼ି ଭାଷାକୁ କ୍ରମେ କୃତ୍ରିମ ଓ ଭ୍ରଷ୍ଟ କରିବା ଛଡ଼ା ଅନ୍ୟ ଉପଯୋଗିତା ତା'ର ଥିଲା ପରି ମନେ ହେଉନାହିଁ । ଆଜି ଏହି ସବୁର ତାତ୍ତ୍ୱିକ ଭିତ୍ତି, ପରିସର ଓ ପ୍ରଭାବ ସମ୍ବନ୍ଧରେ ଏଠାରେ କିଛି ଆଲୋଚନା କରିବି ।

**ବାରିପଦା ସାହିତ୍ୟ ସମାଜର ଉପଯୋଗିତା—**

ଅବଶ୍ୟ ଏ ସବୁ ଦୁରନ୍ତ ଦୁର୍ବିପାକର କଥା କହିଲା ବେଳେ ବୁଝିବାର ନୁହେ ଯେ ଓଡ଼ିଆ ସାହିତ୍ୟର ଗତି ବରାବର ତଳ ଆଡ଼କୁ ଯାଉଚି । ସେ କଥା ନୁହେ । ବହୁ ଦୁର୍ବିପାକ ଭିତରେ ଓଡ଼ିଆ ରହି ଆସିଚି ଓ ଅଛି । ରହିବାର ଜ୍ୱଳନ୍ତ ପ୍ରେରଣାରେ ମଧ୍ୟ ସେ ଆଜି ଜାଗ୍ରତ । ସର୍ବତ୍ର ଘୋର ଚଞ୍ଚଳତା ଦେଖାଯାଉଚି । ଦ୍ୱନ୍ଦ୍ୱ ସମାଧାନର ଅସ୍ଥିରତା ସର୍ବତ୍ର ସ୍ପଷ୍ଟ । ସେଥିପାଇଁ ଉତ୍କଳ ସାହିତ୍ୟ ସମାଜରେ ସନ୍ତୋଷ ନ ରହି ବାରିପଦାରେ ସାହିତ୍ୟ ସମାଜ ଫୁଟିଚି । ଏହି ଭଞ୍ଜଭୂମିରୁ ଗବେଷଣାର ଶୁଦ୍ଧତା ଓ ବୈଜ୍ଞାନିକତା ରକ୍ଷାକରି

Digitized by PPRACHIN, SOA

ଜାତୀୟ ଇତିହାସର ଆଲୋଚନା ଫୁଟାଇବାର ସ୍ପଷ୍ଟ ପ୍ରଯତ୍ନ ହେଉଚି । ବହୁକାଳରୁ ଏହି ମୟୂରଭଞ୍ଜ ଭୂମି ନବଯୁଗର ସମାଜ ବିକାଶଧାରା ଧରିଚି । ଗତ ଶତାବ୍ଦୀର ଶେଷ ଭାଗରେ ଏଇ ଭୂମିରେ ଭୂତତ୍ତ୍ୱର ଗବେଷଣା ହୋଇଥିବାରୁ ଆଜି କାମସେଦପୁର ପରି ପୃଥିବୀର ଏଇ ଯୁଗର ଶିଳ୍ପ ସଭ୍ୟତାରେ ସମକକ୍ଷ ହୋଇ ଟକର ଦେବା ଭଳି ଗୋଟିଏ ଯୁଗୋଚିତ ମାନବିକ ଅନୁଷ୍ଠାନ ଫୁଟିଚି । ଅବଶ୍ୟ ସେ ଅନୁଷ୍ଠାନ କେତେ ଦୂର ଓଡ଼ିଆର ହୋଇଚି ବା ହେବ, ସେ ଦିଗରେ କିପରି ସ୍ପଷ୍ଟ ଓ ଜୀବନ୍ତ ଦୃଷ୍ଟି ଅଛି, ସେ ସ୍ୱତନ୍ତ୍ର କଥା । ଶୁଣାଯାଏ ଏଇ ଭୂମିର ପ୍ରେରଣାରେ ସ୍ୱର୍ଗତ ରାଖାଲଦାସ ବନ୍ଦୋପାଧ୍ୟାୟ ଓ ପଣ୍ଡିତ ବିନାୟକ, ଓଡ଼ିଶା ଇତିହାସର ଯଥାର୍ଥ ମୂଳଦୁଆ ପକାଇଚନ୍ତି । ଏବେ ମଧ ପରମାନନ୍ଦ ଓ ବିନାୟକ ସେହି ମୂଳଦୁଆ ଉପରେ ବୈଜ୍ଞାନିକ ନିର୍ମାଣ କଳା ଫୁଟାଇବାର ଉଦ୍ୟମ କରୁଚନ୍ତି । ଆଦିମ ନବ ଯୁଗର ମୌଳିକ ମାସିକ 'ଉତ୍କଳପ୍ରଭା'ର ଜନ୍ମ ଏଇଠାରେ । ଓଡ଼ିଶାର ପ୍ରଥମ ଉପନ୍ୟାସ 'ପଦ୍ମମାଳୀ' ଏଇ ଭୂମିରୁ ବାହାରିଥିଲା । 'ମନୋରମା' ଆଜି ନାହିଁ, ମାତ୍ର ଓଡ଼ିଶାରେ ସରସ କୌତୁକମୟ ସମାଲୋଚନାମୂଳକ ଲୋକସାହିତ୍ୟ ମନୋରମାର 'ଟପକ୍ ନବିସ୍' ଯାହା ଫୁଟାଇଥିଲେ, ତାହାର ସ୍ମୃତି ମଧ୍ୟ ଅତି ଆଦରଣୀୟ । ଏଇସବୁ ଧାରା ପରି ଏ ଯୁଗରେ ମାର୍ଜିତ ଓ ଜୀବନ୍ତ ସାହିତ୍ୟ ବେଳେ ବେଳେ ହୁଏତ ଫୁଟୁଚି ଓ ଫୁଟିବାର ଆଶା ଦିନକୁଦିନ ଉଜ୍ଜ୍ୱଳତର ହେଉଚି ।

**କ'ଣ କୁହାଯିବ ?–**

ଏହି ଭୂମିରେ ତେଣୁ ସାହିତ୍ୟ ସମାଜକୁ କହିଲାବେଳେ ସାହିତ୍ୟର ବିପତ୍ତି ଓ ଦୁର୍ଗତିର କାରଣଗୁଡ଼ିକର ମୂଳ ଦେଖାଇ ଦେବା ପ୍ରୟୋଜନ । ମୁଁ ଆଜି ତାହାଇ ଟିକିଏ ବିଶେଷ ଭାବରେ କହିବି । ଏଥିରେ ପ୍ରବୀଣର ଅବିମୃଶ୍ୟକାରିତା ତଥା ସାବଧାନତାର ଆଘାତ ହୁଏତ ଥାଇପାରେ, ମାତ୍ର ଆତ୍ମଗ୍ଲାନିର ସାମଗ୍ରୀ କିଛି ନାଇଁ । ତେଣୁ ଆପଣମାନଙ୍କ ଆଦରର ନିମନ୍ତ୍ରଣ ଓ ତଦ୍‌ଗତ ଅନୁମତିରେ ମୁଁ ଆଜି ସାହସୀ ହୋଇ ଅଭାବଗୁଡ଼ିକର ମୂଳ ମୋ ସାଧ ଅନୁସାରେ ଆଲୋଚନା କରିବାର ବାଟ ଦେଖାଇବାକୁ ଚେଷ୍ଟା କରିବି । ପରମ୍ପରାର ଏହି ଆଲୋଚନା ପରିସ୍ଥିତିର କଳ୍ପନା ସଙ୍ଗେ ମିଶି ପ୍ରଗତିର ସ୍ପଷ୍ଟ ପୁରୋଦୃଷ୍ଟି ଫିଟାଇବ । ଏହାହିଁ ଏକାନ୍ତ ଆଶା ।

**ବାରିପଦା ଏକ ରାଜଧାନୀ–**

ଏହି ବାରିପଦା ଗୋଟିଏ ରାଜଧାନୀ । ଉତ୍କଳର ଗୋଟିଏ ପ୍ରାଚୀନ ରାଜବଂଶ ସ୍ମୃତି ଏଠାରେ ଆଜି ଜୀବନ୍ତ । ଆଜି ରାଜଧାନୀ ଓ ରାଜବଂଶ ପ୍ରଭୃତି କଥା ଯେକୌଣସି ସମ୍ପର୍କରେ ଏପରି ଆଦରରେ କହିବାରେ ପ୍ରାଣର ଭାବରାଶିରେ ନାନା ଆଡ଼ୁ ନାନା ପ୍ରକାର ଧକ୍କା ଲାଗୁଚି । ଆଜି ପୃଥିବୀରେ ଏକ ମହାପ୍ରତିକ୍ରିୟାର ଯୁଗ । ରାଜା ଓ ଧନାଧିପତିମାନେ ଏ ପ୍ରତିକ୍ରିୟାର ମୁଖ୍ୟ ଲକ୍ଷ୍ୟ । ଇଉରୋପରୁ ଏହି ପ୍ରତିକ୍ରିୟା ଆସିଚି ।

Digitized by PPRACHIN, SOA

ଅବଶ୍ୟ ଇଉରୋପର ରାଜା ତଥା ଧନାଧିପତିମାନଙ୍କୁ ଘେନି ଇତିହାସରେ ଯେ ଅନୁଷ୍ଠାନମାନ ଯେପରି ଫୁଟିଚି, ଐତିହାସିକ ଓ ପାରମ୍ପରିକ ଭିତ୍ତିରେ ଆଲୋଚନା କଲେ ଏ ଦେଶରେ ତାହା ଠିକ ସେହିପରି ନୁହେ । ଦୁଇଟି ଭୂଖଣ୍ଡର ଆଦର୍ଶ ତଥା ଦର୍ଶନ ସ୍ୱତନ୍ତ୍ର । କିନ୍ତୁ ସ୍ୱାତନ୍ତ୍ର୍ୟର ସମୁଚ୍ଚୟ ବା ପ୍ରାଣବନ୍ତ ସଂଶ୍ଳେଷଣରେ ଆଜି ପୃଥିବୀର ପ୍ରତିକ୍ରିୟାର ଦର୍ଶନ ଫୁଟୁ ନାହିଁ । ପୃଥିବୀବ୍ୟାପୀ ସାମ୍ରାଜ୍ୟବାଦ ତଥା ଧନିକସ୍ୱାର୍ଥର ପ୍ରଚଣ୍ଡ କ୍ରିୟା ଭିତରେ ଯେଉଁ ପ୍ରତିକ୍ରିୟା ଫୁଟିଚି, ତାହା ଆଜି ସମ୍ପୂର୍ଣ୍ଣ ଆର୍ଥନୀତିକ । ସେଥିପାଇଁ ମାନବ ଇତିହାସର ଏକମାତ୍ର ଆର୍ଥନୀତିକ ବ୍ୟାଖ୍ୟା ଆଜି ମାନବ ସଭ୍ୟତାର ଦର୍ଶନରୂପେ ପ୍ରତିଷ୍ଠା ଲଭୁଛି । ଏ ଘୋର ପ୍ରତିକ୍ରିୟା ବେଳେ ସ୍ଥିତିର କଳନା ତଥା ସ୍ଥିତିବଦ୍ଧ ବିକାଶର ଦୃଷ୍ଟି ଠିକ ରହୁ ନାହିଁ । ଭୌତିକ କାମନାର କରାଳ ଆକ୍ରମଣ ପାଖେ ଆତ୍ମିକ ଦର୍ଶନ ସ୍ଥିତିଭ୍ରଷ୍ଟ ହେବାକୁ ବସିଚି ।

## ସ୍ୱାଧୀନ ସାହିତ୍ୟ ଓ ରାଜତନ୍ତ୍ର—

ଏଠାରେ କିନ୍ତୁ ଏସବୁ ବିଶ୍ୱତତ୍ତ୍ୱର ଆଲୋଚନା ସମ୍ପୂର୍ଣ୍ଣ ପ୍ରାସଙ୍ଗିକ କରି ଫୁଟାଇବାର ଅବକାଶ ନାହିଁ । ତଥାପି ଗୋଟିଏ କଥା ଇତିହାସରୁ ସୂଚାଇଦେବା ଦରକାର ମନେ ହେଉଚି । ଆଜି ପୃଥିବୀରେ ସାହିତ୍ୟ ବୋଇଲେ ଯାହା ବୁଝାଯାଏ (ଅର୍ଥାତ୍ ଲିପିବଦ୍ଧ ଚିନ୍ତା ତଥା କଳାବଦ୍ଧ ଚିତ୍ରଣ ଓ ଖୋଦନ ପ୍ରଭୃତି) ସେସବୁ ପୃଥିବୀରେ ବହୁକାଳ ଧରି ଘୋର ଯଥେଚ୍ଛାଚାର ଶାସନ ତଥା ସାମ୍ରାଜ୍ୟବାଦ ମଧ୍ୟରେ ବଢ଼ିଚି । ଉଦାହରଣ ସ୍ୱରୂପ, ବିଗତ ଶତାବ୍ଦୀର ଜର୍ମାନୀ ଓ ରୁଷିଆରେ ଯେଉଁ ନିର୍ବ୍ୟପେକ୍ଷ ବିଶ୍ୱସାହିତ୍ୟ ଫୁଟିଚି, ଆଜି ଅର୍ଥନୀତିସର୍ବସ୍ୱ ସାମ୍ୟବାଦୀର ମଧ୍ୟ ତାହା ଏକାନ୍ତ ସ୍ପୃହଣୀୟ ଓ ବରଣୀୟ । ମନେ ହୁଏ ମାନବର ଅନ୍ତର୍ନିହିତ ସ୍ୱାଧୀନତା ଫଳରେ ଯେଉଁ ବିଶ୍ୱସାହିତ୍ୟ ପ୍ରକାଶ ପାଏ ଭୌତିକ ରାଜନୀତି ତାର ଗତି ବନ୍ଦ କରିବାକୁ ସମର୍ଥ ନୁହେ । ଏ ଦେଶରେ ମଧ୍ୟ କେବଳ ରାଜାର ଶାସନତନ୍ତ୍ର ମଧ୍ୟରେ ସାହିତ୍ୟ ଯେ ପ୍ରକାଶ ପାଇଚି ସେତିକି ନୁହେ, ରାଜାଙ୍କର ସ୍ପଷ୍ଟ ପୋଷକତାରେ ଏ ଦେଶର ସାହିତ୍ୟ ତଥା ଅନ୍ୟାନ୍ୟ କଳା ଇତିହାସରେ ବିକାଶ ଲଭିଚି । ସାହିତ୍ୟର ବିକାଶକୁ ରାଜା ସର୍ବଦା ନିଜର କର୍ତ୍ତବ୍ୟ ମନେ କରିଚନ୍ତି । ଓଡ଼ିଶାର ଇତିହାସରେ ଏହାର ଉଦାହରଣ ଦେବା ନିଷ୍ପ୍ରୟୋଜନ । ଖିଚିଙ୍ଗ, ଭୁବନେଶ୍ୱର ଠାରୁ କୋଣାର୍କ ପର୍ଯ୍ୟନ୍ତ ସବୁ ରାଜପୋଷକତାରେ ଦୀପ୍ତିମନ୍ତ । ଲିପିବଦ୍ଧ ସାହିତ୍ୟରେ ପୂର୍ବଯୁଗମାନଙ୍କର କଥା ଛାଡ଼ିଦେଲେ ମଧ ଏହି ନବଯୁଗରେ ଏହି ରାଜ୍ୟର 'ରାଜ୍ୟାଶ୍ରମ ଋଷି' ସ୍ୱର୍ଗତ ରାମଚନ୍ଦ୍ର ଓ ତାଙ୍କ ବଂଶାବତଂସମାନଙ୍କ କାର୍ଯ୍ୟ ଏବେ ମଧ ପୂର୍ଣ୍ଣ ଇତିହାସ ନୁହେ । ତାହାର ସୂଚନା ଦିଆଯାଇଚି । ସେହି ପୀଠ ଉପରେ ଓଡ଼ିଶାର ଯେଉଁ ସାହିତ୍ୟ ଫୁଟିଚି ଓ ଫୁଟୁଚି ସେଥିରେ ଏବେ ମଧ୍ୟ ଏଇ ରାଜ୍ୟର ଅଂଶ ନଗଣ୍ୟ ନୁହେଁ । ସେଥିପାଇଁ ଆଜି ଏହି ବାରିପଦା ସାହିତ୍ୟ ସମାଜର ଉପଯୋଗିତା । ଏ ସଂକେତ ମଧ୍ୟ ଦିଆଯାଇଚି ।

Digitized by PPRACHIN, SOA

## ଓଡ଼ିଆ ସାହିତ୍ୟର ବିଚାର ଭିତ୍ତି–

ଏବେ ଓଡ଼ିଆ ସାହିତ୍ୟର ସମୂହ ବିଚାର ଆଡ଼କୁ ଦୃଷ୍ଟି ଦିଆଯାଉ । ତାହା କରିବାକୁ ହେଲେ ଆମ ସାହିତ୍ୟର ଭିତ୍ତି, ସ୍ଥିତି ଓ ଗତି– ଏହି ତିନୋଟିଯାକ ବେଶ୍ ବୁଝିବାର ଅଛି । ଭିତ୍ତିଟି ଭଲ କରି ବୁଝିଲେ ପୁଣି ସ୍ଥିତି ଓ ଗତି ମନକୁ ଦିଶିଯିବ । ଦେଖାଯାଉ ସେ ଭିତ୍ତି କ'ଣ ?

ପରମ୍ପରାର ଏହି ଭିତ୍ତି ଅନୁସନ୍ଧାନ କରିବାକୁ ହେବ । ଏଠାରେ ସୂଚାଇ ଦେବାର ଅଛି, ଲିପିବଦ୍ଧ ସାହିତ୍ୟହିଁ ସାହିତ୍ୟର ଏକମାତ୍ର ଉପାଦାନ ନୁହେଁ । ସାହିତ୍ୟ ହେଉଚି ସମାଜ ବିକାଶର ଜ୍ଞାତବ୍ୟ ଅଭିବ୍ୟକ୍ତି ବା ପ୍ରକାଶ । ସ୍ଥାପତ୍ୟ, ଚିତ୍ର, ସଙ୍ଗୀତ, ଲୋକକଥା ବ୍ୟବହାରର ସୌଷ୍ଟବ ବା ରୁଚି ପ୍ରଭୃତି ସର୍ବତ୍ର ଏହା ଦେଖାଯାଏ । ଏକ କଥାରେ କହିଲେ କୁହାଯିବ, କଳାହିଁ ସାହିତ୍ୟର ବାହନ । ମାନବର ଭାଷା ପୁଣି ବିଶେଷ ଭାବରେ ଏହି କଳା ପ୍ରକାଶ କରିଥାଏ । ତେଣୁ ଭାଷା ସାହିତ୍ୟର ଶ୍ରେଷ୍ଠ ବାହନ । ଲିପିବଦ୍ଧ ଭାଷାରେ ସାହିତ୍ୟର ବିକାଶ ସୋପାନ ଧରାହୋଇ ରହେ ବା ଜଣାପଡ଼େ, ତଥା ମାପି ହୁଏ । କଥିତ ଭାଷାରେ ଏହା ସେତେ ସମ୍ଭବ ନୁହେ । ତଥାପି ମାନବ ସଭ୍ୟତା ବହୁକାଳ କଥିତ ଭାଷାକୁ ଧରି ବଢ଼ିଚି । ଏବେ ମଧ କଥିତ ଭାଷାର ପ୍ରଭାବ ବା ପରିସର ଯଥେଷ୍ଟ ରହିଚି ।

## କଳା ଓ କଥା–

ଏହି ଓଡ଼ିଶାରେ ବହୁଦିନ ଲିଖିତ ଭାଷାର ସାହିତ୍ୟ ପ୍ରକାଶ ପାଇ ନାହିଁ । ଏପରି କି ଏବେ ମଧ୍ୟ ସାହିତ୍ୟ ବୋଲି ଯାହା ଦେଖାଯାଉଚି ତାହାର ଅଧିକାଂଶ ଲିଖିତ ହେଲେହେଁ ସେସବୁ ଓଡ଼ିଆ ଭାଷାରେ ଲିଖିତ ବୋଲି କୁହାଯାଇ ନ ପାରେ । ସେକଥା କହିବା ପୂର୍ବରୁ ଟିକିଏ ସୂଚନାରେ ଦେଖାଯାଉ, କଳା ଓ କଥାରେ ଓଡ଼ିଆ ସାହିତ୍ୟ କିପରି ଭାବରେ ଇତିହାସର ଧାରା ଧରି ଗତି କରୁଥିଲା । ଏଠାରେ କିନ୍ତୁ ଗୋଟିଏ କଥା ବୁଝି ରଖିବାର ଅଛି । କଳା ଓ କଥା ଏ ଦୁଇଟିର ସାହିତ୍ୟ ହିସାବରେ ସମ୍ବନ୍ଧ କ'ଣ ? କଳା ସାର୍ବଜନୀନ; ଅନୁପାତ ଏହାର ଶରୀର ଓ ସୌନ୍ଦର୍ଯ୍ୟ ଏହାର ଜୀବନ । ମନୁଷ୍ୟ ଯେପରି ସର୍ବତ୍ର ସମାନ ହସେ ଓ କାନ୍ଦେ ଏହି କଳା ସେହିପରି ମନୁଷ୍ୟକୁ ସମାନ ଭାବରେ ହସାଇପାରେ ଓ କନ୍ଦାଇପାରେ– ସମାନ ଭାବରେ ଭାବାନ୍ୱିତ କରେ, ତଥାପି ମାନବର କଳ୍ପିତ କଳାରେ ସ୍ୱାତନ୍ତ୍ର୍ୟ ଅଛି । କଳା ମାନବର ସୃଷ୍ଟି । ପ୍ରତ୍ୟେକ ମାନବର ଆକାର ପ୍ରକାର ଯେପରି ସ୍ୱତନ୍ତ୍ର, ବ୍ୟକ୍ତିସୃଷ୍ଟ କଳା ସମ୍ବନ୍ଧରେ ମଧ ସେଇ କଥା । ଏହି ସ୍ୱାତନ୍ତ୍ର୍ୟ ହିସାବରେ ପୁଣି ସମାଜ ଏକ ବ୍ୟକ୍ତି । କଥା ବା ଭାଷାରେ ପ୍ରଧାନତଃ ସମାଜର ଏଇ ବ୍ୟକ୍ତିତ୍ୱ ପ୍ରକାଶ ପାଏ । ଏହାଇ କଳା ଓ କଥାର ସମ୍ପର୍କ ନିର୍ଦ୍ଦିଷ୍ଟ କରେ । ଏହି ସ୍ୱାତନ୍ତ୍ର୍ୟ ଘେନି ସମାଜବିଶେଷକୁ ବିଶ୍ୱସାହିତ୍ୟରେ ଉପାଦାନ ଯୋଗାଇବାକୁ ହୁଏ ।

Digitized by PPRACHIN, SOA

## ସାହିତ୍ୟରେ ବ୍ୟକ୍ତିତ୍ୱ–

ବିଶ୍ୱସଭ୍ୟତା ତଥା ବିଶ୍ୱସାହିତ୍ୟ କଦାପି ସର୍ବତୋଭାବରେ ଏକାକାର ହୋଇ ନ ପାରେ । ବ୍ୟକ୍ତିରେ ପ୍ରକାଶ ପାଉଥିବା ଉପାଦାନମାନଙ୍କ ସମୁଚ୍ଚୟରେ ସମାଜବିଶେଷର ସାହିତ୍ୟ ଫୁଟେ । ସମାଜମାନଙ୍କ ବ୍ୟକ୍ତିତ୍ୱର ଉପାଦାନରେ ବିଶ୍ୱସାହିତ୍ୟ ପ୍ରକାଶ ପାଏ । ଏଇପରି ସମସ୍ତେ ଏକ ହେଲେହେଁ ଏକାକାର ନୁହନ୍ତି । ବ୍ୟକ୍ତି ସଂହତିର ଏହି ବିଚିତ୍ର ସମ୍ବନ୍ଧ ଘେନି ବିଶ୍ୱବିକାଶ । ବ୍ୟକ୍ତି ବିନା ସଂହତିର ଧାରଣା ନାଇଁ । ସଂହତି ବିନା ବ୍ୟକ୍ତି ନିରର୍ଥକ । ଓଡ଼ିଆ ସାହିତ୍ୟର ଏହି ବ୍ୟକ୍ତିତ୍ୱ ନିର୍ଦ୍ଦିଷ୍ଟ ରଖି ସଂହତିରେ ତାହାର ଉପଯୋଗିତା ଦେଖିବାକୁ ହେବ । ଅନୁକରଣରେ ଏହି ବ୍ୟକ୍ତିତ୍ୱ ଭ୍ରଷ୍ଟ ହୁଏ । ତାହାର ପ୍ରାଣ ପ୍ରକାଶ ପାଏ ନାଇଁ । ଅନୁକରଣକୁ ଆହରଣରେ ପରିଣତ କରି ଏହି ବ୍ୟକ୍ତିତ୍ୱର ପୋଷଣ କରିବାକୁ ହେବ ।

## ଓଡ଼ିଆ ସାହିତ୍ୟରେ ଏଇ ବ୍ୟକ୍ତିତ୍ୱର ଦୃଷ୍ଟାନ୍ତ–

ଓଡ଼ିଆ ସାହିତ୍ୟରେ ଏଇ ବ୍ୟକ୍ତିତ୍ୱର ଭିତ୍ତି କ'ଣ ? ଭାଷାରେ ଏହାର ସଂକେତ ବୁଝିବାପାଇଁ ଗୋଟିଏ ଦୁଇଟି ମାତ୍ର ଉଦାହରଣ ଦିଆଯାଉଚି । ଏବେ ମଧ୍ୟ ଲୋକେ କହନ୍ତି, "ସେଇତକ କରୁ କରୁ ତ ତାର 'ଅଠାଠିକ୍', ଆଉ ବେଶି କରିବ କ'ଣ ?" 'ଅଠାଠିକ୍' କଥାଟି ଏଠାରେ କଞ୍ଚା ଓଡ଼ିଆ ଶବ୍ଦ । ସାହିତ୍ୟର ଭିତ୍ତି ଅନୁସନ୍ଧାନ କରିବାରେ କିନ୍ତୁ ଏହାର ଉପଯୋଗିତା ଯଥେଷ୍ଟ ଅଛି । 'ଅଠାଠିକ୍' ବୋଇଲେ ମୃତ୍ୟୁ ବା ମୃତ୍ୟୁଭଳି । ଏହା ଓଡ଼ିଶାର ଚିରନ୍ତନ ଅଷ୍ଟାଙ୍ଗ ସାଧନାରୁ ଚାଲି ଆସିଚି । ଅଷ୍ଟାଙ୍ଗ ସାଧନା ଯୋଗରେ 'ଅଠା' ଅର୍ଥାତ୍ ଆଠୋଟିଯାକ ଅଙ୍ଗର ସାଧନା ଠିକ୍ ହେଲେ ତା'ପରେ ନିର୍ବାଣ ଅବଶ୍ୟମ୍ଭାବୀ । ଗ୍ରାମର କବି ଶରୀରଭେଦ ଭଜନରେ ପଞ୍ଚପ୍ରାଣର ଶରୀର ସମ୍ବନ୍ଧ ବର୍ଣ୍ଣନ କରି ଗାଆନ୍ତି–

"ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା
ଅଠାକାଠି ପିଞ୍ଜରାରେ ନ ପଡ଼େ ଧରା । ଧ୍ରୁବ ।
ସେ ପାରାଟି ପଞ୍ଚବର୍ଣ୍ଣୀ....." ଇତ୍ୟାଦି ।

ଏଠାରେ ଅଠାକାଠି ପିଞ୍ଜରା ବୋଇଲେ ଆଠ ଖଣ୍ଡି କାଠରେ ତିଆରି ହୋଇଥିବା ପଞ୍ଜୁରି ରୂପକରେ ଅଷ୍ଟାଙ୍ଗ ଘଟିତ ଶରୀରକୁ ଲକ୍ଷ୍ୟ କରାଯାଇଚି । ପୁଣି ଲୋକେ କହନ୍ତି, 'ମୋ ହଂସା ଉଡ଼ିଗଲା ।" ଏଇ ଅଷ୍ଟାଙ୍ଗ ଯୋଗ ସାଧନାରେ ଭିତରକୁ ନେବାର ଶ୍ୱାସକୁ 'ହଂ' ଓ ବାହାରକୁ ଛାଡ଼ିବା ପ୍ରଶ୍ୱାସ ବା ନିଶ୍ୱାସକୁ 'ସ' ବୋଲି ସଂକେତରେ କହୁଥିଲେ; ଓ ଏଇ 'ହଂସ' ବା ଶ୍ୱାସ ପ୍ରଶ୍ୱାସରେ 'ଅଜପା' ଜପର ଏକ ସାଧନାର ଧାରା ଥିଲା । ତେଣୁ 'ହଂସା' ବୋଇଲେ ନିଶ୍ୱାସ ବା ପ୍ରାଣ ।

ଏହି ଅଷ୍ଟାଙ୍ଗ ସାଧନା ଏ ଦେଶରେ ଗୋଟିଏ ଅତି ପ୍ରାଚୀନ ପରମ୍ପରାଗତ ବିକାଶ । ଏ ଦେଶର କଥା ସାହିତ୍ୟ ଏହାରି ସଂକେତରେ ପୂର୍ଣ୍ଣ । ଓଡ଼ିଆ ସାହିତ୍ୟର ଏଇ ବିଶେଷ

Digitized by PPRACHIN, SOA

ଭିତ୍ତି ଓ ସ୍ୱାତନ୍ତ୍ର୍ୟ ଏବେ ମଧ୍ୟ ଅନୁସନ୍ଧାନ ଅପେକ୍ଷା କରୁଚି । ଯେତେଦୂର ଜଣାଯାଏ, ଏହା ସଂପୂର୍ଣ୍ଣ ଓଡ଼ିଆ । ଭାରତୀୟ ବୈଦିକ ସଭ୍ୟତାକୁ ଓଡ଼ିଶାର ସ୍ୱତନ୍ତ୍ର ଦାନ ଏହିଠାରେ । ଭାରତ ସଭ୍ୟତା ତଥା ସାହିତ୍ୟରେ ଓଡ଼ିଆର ଏହା ସ୍ୱତନ୍ତ୍ର ଉପାଦାନ । ଏହି ଯୋଗସାଧନା ଓଡ଼ିଶାର ଜଙ୍ଗଲ ପଲ୍ଲୀରେ ଆଜି ମଧ୍ୟ ଜୀବନ୍ତ । ଷୋଡ଼ଶ ଶତାବ୍ଦୀର ବୈଷ୍ଣବ ଧର୍ମ, ତଥା ଆଜିର ମହିମା ଧର୍ମ ଆବରଣ ଭିତରେ ଏହାରି ସତ୍ତା ସ୍ପଷ୍ଟ ମିଳେ ।

ଜୀବନର ନିଷ୍କାମ କର୍ମସେବା ଓ 'ସର୍ବଜୀବେ ଦୟା'ର ସାଧନା ଏହାରି ଆନୁଷଙ୍ଗିକ ପ୍ରକାଶ । ସରଳ ଜୀବନରେ ସ୍ୱାଧୀନ ଓ ସମୁନ୍ନତ ଚିନ୍ତା, ନିଷ୍କାମ କର୍ମ ସାଧନାରେ ପ୍ରକାଶିତ ହୋଇ ଓଡ଼ିଆ ସଭ୍ୟତା ତଥା ସାହିତ୍ୟର ମୂଳଦୁଆ ପକାଇଚି ଏଇଠାରେ ।

ମାତ୍ର ଏହାର କୌଣସି ସ୍ପଷ୍ଟ ଲିପିବଦ୍ଧ ସାହିତ୍ୟ ନାଇଁ । ଲୋକକଥା ସଙ୍ଗୀତ ଭଜନାଦିରେ ଏହି ସଂକେତରେ ପ୍ରକାଶିତ ହୁଏ । କେତେକ ଦାର୍ଶନିକ ଗ୍ରନ୍ଥ ମଧ୍ୟ ଅଛି । ମାତ୍ର ସେ ସବୁରେ ଗୂଢ଼ ଯୋଗ ସମ୍ବନ୍ଧୀୟ ତତ୍ତ୍ୱ ସଂକେତ ମାତ୍ରରେହିଁ ସୂଚିତ । ସମସ୍ତ ବୈଦିକ ଲିପିବଦ୍ଧ ସାହିତ୍ୟକୁ ପ୍ରଭାବିତ କଲେହେଁ ଏହା ନିଜେ ଲିପିରେ ସମ୍ୟକ୍ ପ୍ରକାଶ ପାଇ ନାଇଁ ।

**ଜଗନ୍ନାଥ ଓ କାମାଖ୍ୟା—**

ପୂର୍ବ ଭାରତୀୟ ପ୍ରାଗ୍ ବୈଦିକ ସଭ୍ୟତା ଧାରା ଅନୁସନ୍ଧାନ କଲେ ଏହି ବିରାଟ, ବଳିଷ୍ଠ ସଭ୍ୟତା ତଥା ସାହିତ୍ୟର ପୂର୍ଣ୍ଣ ପରିଚୟ ମିଳିବ । ଓଡ଼ିଶାର ଏଠାରେ ଏକାନ୍ତ ସ୍ୱାତନ୍ତ୍ର୍ୟ ଦେଖାଇବା ପାଇଁ ଆଉ ଗୋଟିଏ କଥା ସୂଚନାରେ କୁହାଯାଇପାରେ । ପୂର୍ବ ଭାରତର ସଭ୍ୟତା ତଥା ସାହିତ୍ୟର ପୀଠ ଏବେ ଦୁଇଟି ସ୍ଥାନରେ ଦେଖାଯାଏ । ଗୋଟିଏ ନୀଳାଚଳର ଜଗନ୍ନାଥ; ଆଉ ଗୋଟିଏ କାମରୂପର କାମାଖ୍ୟା । ଏଥିମଧ୍ୟରୁ ପ୍ରଥମଟି କଳିଙ୍ଗ ଉତ୍କଳ ସଭ୍ୟତାର ପ୍ରତୀକ । ଅପରଟିରେ ବଙ୍ଗ ସଭ୍ୟତାର ସଂକେତ ଲକ୍ଷ୍ୟ କରିବାର ଅଛି । ଓଡ଼ିଶାର ଅଷ୍ଟାଙ୍ଗ ସାଧନା ଯୋଗଧର୍ମରେ ନାରୀର ସମ୍ପର୍କ ବା ଦେବୀ ପୂଜାର ପ୍ରକାଶ ଗୌଣ । ବଙ୍ଗ ଭୂମିରେ ଏହି ସାଧନା ବିଶେଷ ଭାବରେ ନାରୀ ପୁରୁଷର ଯୌନ ସାଧନାରେ ପରିଣତ ହୋଇଥିଲା । ସେଥିପାଇଁ ଯୋଗଧର୍ମର ପରବର୍ତ୍ତୀ ବିକାଶରେ ଓଡ଼ିଶାରେ ଫୁଟିଲା, ଜଗନ୍ନାଥର ସାମ୍ୟବାଦ; ବଙ୍ଗଳାରେ ଫୁଟିଲା, ସହଜିଆର ସାମ୍ୟ ଧର୍ମ ଓ ତହିଁରୁ ବ୍ରଜ ବୈଷ୍ଣବ ଲୀଳାର ଆଧ୍ୟାତ୍ମିକ ବ୍ୟାଖ୍ୟାରେ ସମୁଦ୍‌ଭାସିତ କୃଷ୍ଣ ଗୋପୀ ସଂକ୍ରାନ୍ତ ଗୌଡ଼ୀୟ ବୈଷ୍ଣବ ଧର୍ମ । ଜଗନ୍ନାଥରେ ଫୁଟିଥିଲା, ସାମ୍ୟ ଦୃଷ୍ଟିରେ ନିଷ୍କାମ ମାନବିକ କର୍ତ୍ତବ୍ୟ । ଗୌଡ଼ରେ ଫୁଟିଥିଲା, ବୈଷ୍ଣବର ପଞ୍ଚମ ପୁରୁଷାର୍ଥ ନର ନାରୀରେ ସମାନ ପ୍ରେମ ।

**ଏଇ ଦୁଇସଭ୍ୟତା ତଥା ସାହିତ୍ୟର ସୀମାପରିସର—**

ଏଇଠାରେ ଗୋଟିଏ କଥା ବୁଝିରଖିବାର ଅଛି । ଜଗନ୍ନାଥ ତଥା କାମାଖ୍ୟା ଏଇ ଦୁଇଟି କେନ୍ଦ୍ର ପ୍ରଭାବିତ ଭୂମିର ସୀମା କେହି ଯେପରି ଆଧୁନିକ ବଙ୍ଗ ଉତ୍କଳର କିମ୍ବା

Digitized by PPRACHIN, SOA

ଅସାମର ସୀମା ଧରି ନ ବୁଝନ୍ତି । କାଳେ କାଳେ ଏ ସୀମାର ମଧ୍ୟ ଇତର ବିଶେଷ ପରିବର୍ତ୍ତନ ଘଟିଚି । ଭାଷାତତ୍ତ୍ୱ ଅନୁସନ୍ଧାନ କଲେ ଜଣାଯାଏ, ଓଡ଼ିଶାର ଯାଜପୁର ପର୍ଯ୍ୟନ୍ତ ଯେପରି ମାଗଧୀର ପ୍ରଭାବ ଅଛି, ଏଣେ ପୁରୀ ପର୍ଯ୍ୟନ୍ତ ସୌରସେନୀ ଓ ମହାରାଷ୍ଟ୍ରିର ପ୍ରଭାବ ସେହି ପରିମାଣରେ ଦେଖାଯାଏ । ପଶ୍ଚିମ ବଙ୍ଗ ତଥା ସମଗ୍ର ଓଡ଼ିଶାରେ ପ୍ରାଚୀନ ଦ୍ରାବିଡ଼ ଭାଷାର ପ୍ରଭାବ ଅତି ସ୍ପଷ୍ଟ । ମୁଣ୍ଡା ପ୍ରଭୃତି ମନ୍‌ଖ୍ମେରେ ଜାତୀୟ ଭାଷା ଓଡ଼ିଶା ଓ ପଶ୍ଚିମ ବଙ୍ଗକୁ ତଥା ପୂର୍ବ ଭାରତର ଅନ୍ୟାନ୍ୟ ଅଂଶକୁ କେତେ ପ୍ରଭାବିତ କରିଚି, ତାହା ଜଣାଯାଇ ନାହିଁ । ପୁଣି ଏବର ଢାକା ଓ ଚାଟଗାଁ ପ୍ରଭୃତି ଅଞ୍ଚଳ ଅର୍ଥାତ୍ ଚତୁର୍ଥ ପଞ୍ଚମ ଶତାବ୍ଦୀର ଡବାକ ଓ ସମତଟ ଅଞ୍ଚଳରେ କେବେ, କେଉଁଠାରୁ ଓ କିପରି ଲୋକାଧିବାସ ହେଲା ତାହା ଜଣା ନାହିଁ । ବଙ୍ଗ, ବାରେନ୍ଦ୍ର, ପୁଣ୍ଡ୍ରବର୍ଦ୍ଧନ ପ୍ରଭୃତି ଅନେକ କାଳ ଏକ ଭୂମି ନ ଥିଲା । ରାଢ଼ ଓ ଉତ୍କଳର ସୀମା କେବେ, କେଉଁଠାରେ, କିପରି ନିର୍ଦ୍ଦିଷ୍ଟ ହେଲା ତାହା ମଧ୍ୟ ଏବେ ଦୁରଧିଗମ୍ୟ । ସୁହ୍ମ ଅର୍ଥାତ୍ ତାମ୍ରଲିପ୍ତ ସ୍ପଷ୍ଟ ଐତିହାସିକ ଯୁଗରେ ମଧ୍ୟ ପ୍ରାୟ ଚାରିଶହ ବର୍ଷ ତଳ ପର୍ଯ୍ୟନ୍ତ ଓଡ଼ିଶା ସାମ୍ରାଜ୍ୟର ଅଂଶରୂପେ ରହିଥିଲା । ଏ ସବୁ ଦେଖି ପୂର୍ବ ଭାରତୀୟ ସାମ୍ୟବାଦ ସଭ୍ୟତାର ଦୁଇଟି ସ୍ୱତନ୍ତ୍ର ବିକାଶ ଭୂମିର ସୀମା ନିର୍ଦ୍ଦେଶ କରିବା କଠିନ । ଭାଷା ସୂତ୍ରରେ ଏହା କେତେକ ଧରାଯାଇ ପାରେ, କିନ୍ତୁ ତାହା ମଧ୍ୟ ଏବେ ନାନା ଘଟଣାରେ ଆବିଳ । ବରଂ ଦେବୀପୂଜା ବିଶେଷରେ ମୃଣ୍ମୟୀ ଦେବୀ ପୂଜାର ପ୍ରସାର ଓ ପରିସର ପୂର୍ବ ବା ଏବର ବଙ୍ଗ ଭୂମିଖଣ୍ଡର ସୂଚନା କେତେକ ଦେଇପାରେ । କିନ୍ତୁ ତାହା ମଧ୍ୟ ଯଥେଷ୍ଟ ଗବେଷଣାର ଅପେକ୍ଷା ରଖୁଚି ।

**ଓଡ଼ିଆର ବିଶେଷତା—ନିର୍ମାଣ ଓ ଖୋଦନ କଳା—**

ଏଠାରେ କିନ୍ତୁ ଆମର ସ୍ୱତନ୍ତ୍ର ଓଡ଼ିଆ ସାହିତ୍ୟ ବିଚାର୍ଯ୍ୟ ବିଷୟ । ସେ ହିସାବରେ ସ୍ଥୂଳତଃ ଭାଷାର ପରିସର ଧରିବା ଛଡ଼ା ଏବେ ଆଉ ସହଜ ଉପାୟ କିଛି ନାହିଁ । କିନ୍ତୁ କଳାର ବିଶେଷତା ମଧ୍ୟ ଏଠାରେ ଲକ୍ଷଣୀୟ । ପୁଷ୍ପଗିରି ବିହାରର ଖୋଦନ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । କିନ୍ତୁ ଯାହା ମିଳୁଚି ସେଥିରେ ଉତ୍କଳ କଳାର ସରଳ ବିଶାଳତା ତଥା ଗଠନ ଓ ନିର୍ମାଣରେ ଅନୁପାତର ରୁଚି ନଳନ୍ଦ ବିକ୍ରମଶୀଳାର କଳା ସାହିତ୍ୟ ସଙ୍ଗେ ତୁଳନା କରି ଦେଖାଯାଇପାରେ । ପରବର୍ତ୍ତୀ କାଳରେ ଏଥିରୁ ବିକାଶ ପାଇଲା ମଗଧ ପ୍ରଭାବରେ ଓଡ଼ିଶାର ରେଖ ଓ ପୀଢ଼ ମନ୍ଦିର ଗଠନ, ତଥା ଭୁବନେଶ୍ୱରର ଆଦିମ ଶିଳ୍ପରେ ସରଳ ଦୃଷ୍ଟିସହ ନିର୍ମଳ ଅନୁପାତ ରୁଚି । ପୂର୍ବ ଭାରତର ଅନ୍ୟ ଅଞ୍ଚଳରେ ପକ୍ଷାନ୍ତରେ, କୁଟା ଛପର ଘରର ଆଦର୍ଶରେ ଯେଉଁ ମନ୍ଦିର ଶିଳ୍ପ ଫୁଟିଥିଲା, ତାହାର ଶୋଭା ଓ ଅନୁପାତ ସୌଷ୍ଠବ ଓଡ଼ିଆ ଶିଳ୍ପରୁ ସ୍ୱତନ୍ତ୍ର । ଖିଚିଙ୍ଗଠାରୁ କୋଣାର୍କ ପର୍ଯ୍ୟନ୍ତ ସର୍ବତ୍ର ଏହି ରେଖ ମନ୍ଦିର ନିର୍ମାଣର ବିଶାଳ ସରଳତା ଓ ଛାୟାଲୋକ ସଙ୍କେତ ଭିତରେ ମଧ୍ୟ ସ୍ପଷ୍ଟ ଜ୍ୟାମିତିକ ରେଖା ଲକ୍ଷ୍ୟ କରାଯାଇପାରେ । କିନ୍ତୁ ଖୋଦନ ଚିତ୍ରରେ ଅନୁପାତ ରୁଚି ଓ ଦୃଷ୍ଟିସହତା ଉତ୍ତର କାଳରେ ଅତି ଅସହ୍ୟ ଅଳଙ୍କାର ପ୍ରାଚୁର୍ଯ୍ୟରେ ପରିଣତ

Digitized by PPRACHIN, SOA

ହୋଇଥିଲା । ଭୁବନେଶ୍ୱରର ମନ୍ଦିର ସଙ୍ଗେ ବିଶେଷତଃ ଭୁବନେଶ୍ୱରର ପ୍ରାଚୀନତର ମନ୍ଦିରମାନଙ୍କ ସଙ୍ଗେ କୋଣାର୍କର ଖୋଦିତ ଚିତ୍ର କଳା ତୁଳନା କଲେ ଏହା ବୁଝାଯିବ । କୋଣାର୍କ ମନ୍ଦିରରେ ଏପରି ସ୍ଥାନ ନାଇଁ, ଯେଉଁଠାରେ ଖୋଦିତ ଚିତ୍ର ନାଇଁ । ଦେଖିବା ଲୋକର ଦୃଷ୍ଟି ଏ ଅଳଙ୍କାର ଗୁରୁତା ଭିତରେ ବିରାମ ପାଏ ନାଇଁ । ଏହାର କାରଣ ହେଉଚି କଳାରେ ସାହିତ୍ୟର ପ୍ରଭାବ । କୋଣାର୍କ ବେଳକୁ ସାହିତ୍ୟ ବୋଲି କିଛି ପୂର୍ଣ୍ଣଭାବରେ ଲିପିବଦ୍ଧ ହୋଇ ନ ଥିଲେ ମଧ୍ୟ ଆମ୍ଭେମାନେ ଯଥାର୍ଥ ଲୋକ ଜୀବନ ପ୍ରଭାବିତ ଶାରଳାଦାସ ଓ ସରଳ ସୁନ୍ଦର 'କେଶବ କୋଇଲି' ସଙ୍ଗେ ଉପେନ୍ଦ୍ର ଭଞ୍ଜଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ତୁଳନା କଲେ, ମୁକ୍ତେଶ୍ୱର ତୋରଣର ସଦଳଙ୍କୃତ ସରଳ ଚିତ୍ରକଳା ସଙ୍ଗେ କୋଣାର୍କର ଘନାଳଙ୍କାରାଚ୍ଛାଦିତ, ଦୃପ୍ତ ଖୋଦନ କଳାର ସମ୍ବନ୍ଧ କେତେକ ବୁଝିପାରିବୁଁ ।

**ଓଡ଼ିଆ କଥା ସାହିତ୍ୟ–**

କଥା ସାହିତ୍ୟରେ ଏହି ପ୍ରଭାବର ପରିଣତି ଏ କ୍ଷେତ୍ରରେ ସ୍ପଷ୍ଟ ଲକ୍ଷ୍ୟ କରିବାର କଥା । କଳାଦିରେ ସମ୍ପୂର୍ଣ୍ଣରୂପେ ସାହିତ୍ୟର ଧାରା ଖୋଜିବା କ୍ଷେତ୍ର ଏ ନୁହେ । କେବଳ କଥା ନିବନ୍ଧ ସାହିତ୍ୟରେ ବିକାଶ କେଉଁ ଦିଗରେ ଗତି କରିଅଛି, କଳାରେ ସେହି ଧାରା ଦେଖିବାକୁ ମିଳିବ । ଏହାହିଁ ଉପରେ ସୂଚନା ଦେବାର ଅଭିପ୍ରାୟ । କଥା ନିବନ୍ଧ ସାହିତ୍ୟର ଭିତ୍ତି ଦେଖିବା ପାଇଁ ଉପାଦାନର ଏବେ ଅତ୍ୟନ୍ତ ଅଭାବ । ଗୋଟିଏ ଦୁଇଟି, 'ଅଠାଠିକ୍ ହେଲା' 'ହଂସା ଉଡ଼ିଗଲା' ପ୍ରଭୃତି ପରି କଥାର ଆଲୋଚନା ଯଥେଷ୍ଟ ନୁହେଁ । ତଥାପି, ଏବେ ମଧ୍ୟ ସେ ସବୁର ଲିପିବଦ୍ଧ ସାହିତ୍ୟ କିଛି ନାଇଁ; କେବେ ନ ଥିଲା । ଲୋକମୁଖରେ ଗୀତ ଓ କଥା ସବୁ ଥିବ । କିନ୍ତୁ ବେଦ ସାହିତ୍ୟରେ ହେଲା ପରି ସେ ସବୁ କେବେ ସଂଗୃହୀତ ହୋଇ ନାଇଁ । ତେଣୁ ଓଡ଼ିଆ ତଥା ଭାରତର ଅନେକ ପ୍ରାଦେଶିକ ସାହିତ୍ୟର ପ୍ରତିଷ୍ଠା ସ୍ୱାଭାବିକ ଭିତ୍ତିରେ ହୋଇ ନାଇଁ । ସାହିତ୍ୟର ବିକାଶ ଧାରା ବିକୃତ ହୋଇଚି । ବୈଦିକ ସଂସ୍କୃତ ସାହିତ୍ୟରେ ମଧ୍ୟ ଏହି ବିକାରର ଅଭାବ ନାଇଁ । ବହୁ ବିଚକ୍ଷଣତାରେ ପୁରାଣ ଲେଖି ପ୍ରଚାର କରି ମଧ୍ୟ ଆମର ପୂର୍ବଦେବମାନେ ସାହିତ୍ୟକୁ ସମ୍ପୂର୍ଣ୍ଣ ଲୋକସାହିତ୍ୟ କରି ପାରି ନାହାନ୍ତି । ସମାଜର ସ୍ତରେ ସ୍ତରେ ସୋପାନ ହିସାବରେ ସାହିତ୍ୟ ପ୍ରସାରର ପରିସର ମପା ହୋଇ ରହିଚି । ନିମ୍ନ ଶୂଦ୍ର ଓ ଆଦିବାସୀ ଏବେ ସେ ପରିଧିର ଭିତରେ କି ବାହାରେ କହିବା ଦୁଷ୍କର । ଅବଶ୍ୟ ଇତିହାସରେ ଯୁଗେ ଯୁଗେ ସବୁ ଦେଶର ସବୁ ଶ୍ରେଣୀର ଲୋକେ ସମାନ ଭାବରେ ସାହିତ୍ୟର ଆଲୋଚନା ଓ ପ୍ରଭାବର ସୁବିଧା ପାଇଚନ୍ତି ବା ପାଆନ୍ତି, ତାହା କୁହା ଯାଉ ନାଇଁ । ଦାରିଦ୍ର୍ୟ, ଜୀବନ ସଂଗ୍ରାମର କ୍ରୂରତା ଓ ଜଟିଳତା, ପରିସ୍ଥିତିର ଅସ୍ଥିରତା ପ୍ରଭୃତି ନାନା କାରଣରୁ ସମାଜରେ ଶ୍ରେଣୀ ବା ବ୍ୟକ୍ତିମାନଙ୍କର ସୁବିଧା ଅଳ୍ପ ବହୁତ ହୋଇପାରେ । କିନ୍ତୁ ଭାରତର ବୈଦିକ ସାହିତ୍ୟ ଲୋକଭାଷାରେ ପ୍ରତିଷ୍ଠିତ ନ ଥିବାରୁ ସମାଜର ଆଦର୍ଶ ବିକାଶ ଠିକ୍ ଥିଲେହେଁ ବାସ୍ତବ

Digitized by PPRACHIN, SOA

ଲୋକବିକାଶ ବା ଲୋକସାହିତ୍ୟ ବିକାଶ ଠିକ୍ ଧାରାରେ ହୋଇ ନାହିଁ । ଓଡ଼ିଶାର ଭୀମା ଭୋଇ ଊନବିଂଶ ଶତାବ୍ଦୀର ଶେଷଭାଗରେ ମଧ୍ଯ ପରିସ୍ଥିତିର ସଙ୍କେତରୁ ଶ୍ରେଷ୍ଠ ଶୂନ୍ୟ ସାଧକ କବି ରୂପେ ଫୁଟି ପାରନ୍ତି । କିନ୍ତୁ ଜୟପୁରର କନ୍ଧ ଗାଦବାଙ୍କ ଭିତରେ ଏବେ ମଧ୍ଯ ଶାସ୍ତ୍ରୀୟ ବୈଦ୍ୟ ବୃତ୍ତି କିମ୍ବା ବ୍ୟାବହାରିକ ଜ୍ୟୋତିଷର କାଳଗଣନା ପଶି ନାହିଁ । ଭୀମା ଭୋଇ ଲୋକସାହିତ୍ୟ ବିକାଶର ସଙ୍କେତ । ଜୟପୁରରେ ଯାହା କୁହାଗଲା, ତାହା କୃତ୍ରିମ ସାହିତ୍ୟ ବିକାଶର ବିକୃତି ।

## ଓଡ଼ିଆ ଭାଷାର ଆଭିଜାତ୍ୟ ଓ ଆଦିମ ପ୍ରକାଶ–

ଓଡ଼ିଆ ସାହିତ୍ୟର ପରମ୍ପରାରେ ଏହି ରୀତି ଟିକିଏ ସ୍ପଷ୍ଟକର ଭାବରେ ଦେଖାଯାଉ । କୁହାଯାଇଚି ସାହିତ୍ୟ ହେଉଚି ସମାଜ ବିକାଶର ଗୋଟିଏ ଅଭିବ୍ୟକ୍ତି । ବିଶେଷରେ ଭାଷାରେ ଏହି ସାହିତ୍ୟ ଦେଖିବାକୁ ହୁଏ । ଭାରତର ଅନ୍ୟାନ୍ୟ ଅନେକ ଭାଷାପରି ଓଡ଼ିଆ ଭାଷା, ଓଡ଼ିଆ ପ୍ରାଣର ଭାବ ଧରି ବହୁକାଳ ଲିପିରେ ପ୍ରକାଶ ପାଇ ନଥିଲା । ଏହି ପରମ୍ପରା ଏବେ ମଧ୍ଯ ଛିଣ୍ଡି ନାହିଁ । ଓଡ଼ିଆ ସାହିତ୍ୟର ଆଲୋଚନାରେ ଏକଥା ଭଲକରି ବୁଝି ରଖିବାର ଅଛି । ଓଡ଼ିଆଙ୍କର ଭାଷା ସର୍ବଦା ଥିଲା ମୁହଁରେ । ଏହି ଭୂମିର ଅତି ପ୍ରାଚୀନ ଭାଷା କ'ଣ ଓ କିପରି ଥିଲା, ତାହା ସ୍ପଷ୍ଟ ଜଣା ପଡ଼ି ନାହିଁ । ସମ୍ଭବତଃ ଏହା ପ୍ରାଚୀନ ତାମିଲ ପରି ଥିଲା । ଜଙ୍ଗଲ ଭୂମିରେ ମୁଣ୍ଡା ଜାତୀୟ ଭାଷା ଥିବା ସମ୍ଭବ । ଦ୍ରାବିଡ଼ ଶ୍ରେଣୀୟ, ଉଡ୍ର, ଶବର ତଥା ଅନ୍ୟ ଶ୍ରେଣୀୟ ମୁଣ୍ଡା, ହୋ ପ୍ରଭୃତିଙ୍କ ସଂମିଶ୍ରଣରେ ଏହି ଭୂମିର ଜାତି ତଥା ଭାଷା ତିଆରି ହୋଇଥିବାର ଅନୁମାନ ହୁଏ । ଯାହାହେଉ, ସେ ଭାଷାର ଲିପିବଦ୍ଧ ସାହିତ୍ୟ ନାହିଁ । ଏବ ଲୋକମୁଖ ଭାଷାରେ ମଧ୍ଯ ସେ ସବୁର ସ୍ପଷ୍ଟ ସତ୍ତା ଖୋଜି ପାଇବା ଦୁଷ୍କର । 'ଚେର' ଶବ୍ଦଟିକୁ ପ୍ରାଚୀନ ତାମିଲ 'କିଡ଼ଙ୍ଗୁ' ଶବ୍ଦର ବଂଶଧର ବା ସ୍ୱଜାତି ବୋଲି କହିଲେ କିମ୍ବା 'କୋଇଲି ବୈକୁଣ୍ଠ'କୁ ପ୍ରାଚୀନ ତାମିଲ କୋ-ଇଲ ବା ଦେବ ମନ୍ଦିରର ବୈକୁଣ୍ଠ ବୋଲି ବୁଝାଇଲେ ଆଜି ଅନେକ ଆପତ୍ତି କରିବେ । କିନ୍ତୁ ଏହା ସତ୍ୟ ଯେ ଓଡ଼ିଆରେ କେବଳ ଶବ୍ଦ ନୁହେଁ, ବ୍ୟାକରଣର ବର୍ଣ୍ଣ ବିଭକ୍ତ କାଳ ପ୍ରଭୃତିରେ ଦ୍ରାବିଡ଼ ଭାଷାର ଭୂରି ଭୂରି ସମ୍ପର୍କ ରହିଅଛି । ଏଥିରୁ ମଧ୍ଯ ସେକାଳ ସଭ୍ୟତାର ବହୁ ସଂକେତ ମିଳିବ । ତାର ଆଲୋଚନା ହୋଇ ନାହିଁ । ଆଲୋଚନା ହେଲେ ମଧ୍ଯ ତାହାର ପାରମ୍ପରିକ ବିକାଶ ଦେଖିବା ବଡ଼ ଶକ୍ତ । କାରଣ, ଅଷ୍ଟାଙ୍ଗ ସାଧନାର ଆତ୍ମିକ ସତ୍ୟ ପରି ସେ ସବୁ ସଙ୍କେତ ଲୋକମୁଖରେ ଥିଲେହେଁ ଲିପିବଦ୍ଧ ସାହିତ୍ୟରେ ତାହା କ୍ରମିକ ବିକାଶରେ ବଢ଼ି ନାହିଁ । ଅଷ୍ଟାଙ୍ଗ ସାଧନାର ଆତ୍ମିକ ନିର୍ବାଣ ତତ୍ତ୍ୱ ମଧ୍ଯ ଭୀମା ଭୋଇଙ୍କ ପରି ଅନ୍ଧ କନ୍ଧଙ୍କ ମଧ୍ୟରେ ଏ କାଳ କଥିତ ଓଡ଼ିଆ ଭାଷାର ଗୀତୋଚ୍ଛ୍ୱାସରେ କେବେ କେବେ ବାହାରି ପଡ଼ିଲେହେଁ ଲିପିବଦ୍ଧ ସାହିତ୍ୟରେ ସେ ସବୁର ସଙ୍କେତ ପାଇବା ଖାଲି ଦୁଷ୍କର ନୁହେଁ, ପାଇବାର ଚେଷ୍ଟାକୁ ମଧ୍ୟ କେତେକ ଆଜି ସ୍ପୃହଣୀୟ ମନେ କରନ୍ତି ନାହିଁ ।

Digitized by PPRACHIN, SOA

**ଏବ ଓଡ଼ିଆ ଭାଷାର ମୂଳ—**

ତାହାର ଗୋଟିଏ କାରଣ ହେଉଚି, ସଂସ୍କୃତ ତଥା ସଂସ୍କୃତମୂଳକ ପ୍ରାକୃତର ଘୋର ବିଧ୍ୱଂସୀ ଆକ୍ରମଣ ଓ ବିଜୟ ଦର୍ପ । ସଂସ୍କୃତ ଭାଷାର ଆକ୍ରମଣ ଏ ଦେଶକୁ ଆସିଥିବା ଅଶୋକଙ୍କ ଶିଳାଲିପିକାଳରୁ ଇତିହାସରେ ଲିପିବଦ୍ଧ ଭାବରେ ମିଳୁଚି । ସେ ଆକ୍ରମଣ ଆସିଥିଲା ପ୍ରାକୃତ ବାଟେ । ସେ କାଳ ବୌଦ୍ଧମାନଙ୍କ ଅତି ଆଦୃତ ମଗଧର ପ୍ରାକୃତ, ଏ ଦେଶର 'ଛତୋଷଲ' ଓ 'ସମାପା'ରେ ଲିପିବଦ୍ଧ ଥିବାର ଦେଖାଯାଏ । ଏହି ଲିପିର ଦୁଇ ତିନିଶ ବର୍ଷ ପୂର୍ବରୁ ବୌଦ୍ଧ ଓ ଜୈନସନ୍ନ୍ୟାସୀମାନଙ୍କ ଦ୍ୱାରା ସେ ଭାଷା ଏ ଦେଶକୁ ଆସିଥିବ । ତାର ପ୍ରାୟ ୬ ଶହ ବର୍ଷ ପରେ ସୁରସେନ ଭୂମି ମାଳବରୁ ଅନ୍ୟ ଏକ ପ୍ରାକୃତର ଢେଉ ସୋନପୁର ବୌଦ ବାଟେ ଖୁବ୍ ସମ୍ଭବ ନୀଳାଚଳରେ ଆସି ପହଞ୍ଚିଲା । ଏହି ପ୍ରାକୃତମାନଙ୍କର ପ୍ରଚାର ଫଳରେ ଏକ ଓଡ଼ିଆ ଭାଷାର ମୂଳଦୁଆ ପଡ଼ିଥିବ । ପୁଣି ଶୂନ୍ୟବାଦୀ ବୌଦ୍ଧଧର୍ମ ଏ ଦେଶ ଅଷ୍ଟାଙ୍ଗ ସାଧନା ଯୋଗଧର୍ମର ଜାତିଭାଇ ଥିବାରୁ ସେହି ସେହି ପ୍ରାକୃତମାନେ ଏ ଦେଶ ଭାଷାରେ ଜଡ଼ିତ ହୋଇ ନୂତନ ଓଡ଼ିଆ ପ୍ରାକୃତରେ ଏ ଦେଶର ସଭ୍ୟତା ପ୍ରକାଶ କରିଥିଲେ । ତାହାହିଁ ମୂଳ ଓଡ଼ିଆ ଭାଷା ।

**ସଂସ୍କୃତର ଆକ୍ରମଣ—**

କିନ୍ତୁ ସେ ଭାଷା ମଧ୍ୟ ଶୁଦ୍ଧ ଭାବରେ ଜାଣିବା ଆଜି ସୁଗମ ନୁହେ । କାରଣ ଏହା ଉପରେ ପଡ଼ିଲା ସଂସ୍କୃତର ଆକ୍ରମଣ ଓ ଘୋର ଚାପ । ସମାଜର ଉପର ସ୍ତର ଲୋକେ ସଂସ୍କୃତ ଭାଷାରେ ମାତିଲେ । ବୌଦ୍ଧ ଓ ଜୈନ ଧର୍ମର ଆଶ୍ରାରେ ପୁଷ୍ପଗିରି ପ୍ରଭୃତି ବିହାରରେ ଯେଉଁ ଯୋଗଧର୍ମ ବିକାଶ ପାଉଥିଲା, ତାହାର ସରଳ ସ୍ୱଚ୍ଛନ୍ଦ ଗତି ଅବରୁଦ୍ଧ ହେଲା । ଜଣାଯାଏ, କିଛିଦିନ ପରେ ବିରଜା ପୀଠ ଯାଜପୁରଠାରେ ବୈଦିକ ଯଜ୍ଞ କ୍ରିୟାରେ ହୋମଧୂମ ଉଠି ସବୁ ସ୍ୱାଭାବିକ ବିକାଶ ଘୋଡ଼ାଇ ଦେଲା । ଏପରି ଗତିରେ ସ୍ୱାଭାବିକ ଲୋକଭାଷା ଜାତିର ଭାଷା ନ ହୋଇ, ସାହିତ୍ୟ ସଂସ୍କୃତରେ ଏକ କୃତ୍ରିମ ମୋହନ ଜାଲ ସୃଷ୍ଟି କରିବାରେ ଲାଗିଲା । ଉଦାହରଣ ମାତ୍ରରେ ସୂଚନା ଦେବାପାଇଁ ଏଠାରେ ଅଷ୍ଟମ ଶତାବ୍ଦୀର ଭୌମବଂଶୀୟା ଧର୍ମ ମହାଦେବୀଙ୍କର ଗୋଟିଏ ତାମ୍ର ଶାସନର ପ୍ରଥମ ଶ୍ଳୋକଟି ଦିଆଯାଉଚି । ଯାଜପୁରର 'ଗୁହେଶ୍ୱର ପାଟକ'ରୁ ଏହି ଦାନ ଦିଆଯାଇଥିଲା । ସେହି 'ଗୁହେଶ୍ୱର ପାଟକ'ରେ ସର୍ବଦା ଶରତ୍ କାଳର ଶୋଭା ଲାଗି ରହିଚି ବୋଲି ଏହି ଶ୍ଳୋକରେ କୁହାଯାଇଛି ।

ଶ୍ଳୋକଟି ହେଉଚି—

(ଓଁ) ସ୍ୱସ୍ତି ବ୍ୟସ୍ତ-ଜଳାଭ୍ର-ବିଭ୍ରମ-ଧରୈଃ
ଶ୍ୱେତାତପତ୍ରୋତ୍କରୈ—
ରଶ୍ମୀୟୈଃ ଶ୍ରୁତି-ଚାମରୈଶ୍ଚ ହଷିତ—
ବ୍ୟାକୋଷ-କାଶୋଦୟୈ—

Digitized by PPRACHIN, SOA

ରୁଦ୍ଧାମୈ ର୍ମଦ-ସୌରଭୈଣ୍ଟ କରିଣା—
ମାକ୍ଷିପ୍ତ ସପ୍ତଚ୍ଛଦା—
ମୋଦୈଃ ସନ୍ନିହିତାଂ ସଦୈବ ଶରଦା—
ରମ୍ୟଶ୍ରିୟଂ ବିଭ୍ରତଃ ।
(ଶ୍ରୀ ଗୁହେଶ୍ୱର ପାଟକାତ୍)

ଏହାର ଅର୍ଥ ହେଉଚି, "ଯେଉଁ ଗୁହେଶ୍ୱର ପାଟକ ସବୁବେଳେ ଲାଗି ରହିଥିବା ଶରଦାରମ୍ୟ ଶୋଭାକୁ ଧରିଚି । କିପରି ?— ଧଳା ରାଜଛତ୍ରସବୁ, ଅର୍ଥାତ୍ ଅସଂଖ୍ୟ ବିଜିତ ରାଜାଙ୍କର ଧଳା ଛତିସବୁ ସେଠାରେ ଶରଦ୍ କାଳର ବର୍ଷା ହୋଇଯାଇଥିବାରୁ ଜଳହୀନ ଧଳା ମେଘଖଣ୍ଡମାନଙ୍କ ପରି ହୋଇଚି । ପୁଣି ଘୋଡ଼ାଙ୍କର ବେକରୁ କାନପାଖକୁ ଚାମର ପରି ଝୁଲି ପଡ଼ିଥିବା ଧଳା କେଶଗୁଚ୍ଛସବୁ ଶରତ୍କାଳରେ କାଶଗଛ ଥୋଡ଼ରୁ ବାହାରି ହସୁଥିବା ଧଳା କାଶଫୁଲ ପରି ହୋଇଚି । ପୁଣି ହାତୀମାନଙ୍କର ଉନ୍ମତ୍ତ ମଦଗନ୍ଧ ଶରତ୍କାଳପ୍ରସିଦ୍ଧ ସପ୍ତଚ୍ଛଦ ବା ଛତିଅନା ଗଛର ଆମୋଦ ବିସ୍ତାର କରୁଚି ।" ଏହା କେବଳ କେତେକ ଉଚ୍ଚ ଶ୍ରେଣୀ ଲୋକଙ୍କର ଲେଖିବାର ବିଦୃପ୍ତ ବିଳାସ ଚଡ଼ା ଆଉ କିଛି ନୁହେଁ । ଏଥିରେ ଯଥାର୍ଥ ଜାତୀୟ ସାହିତ୍ୟ ସରଳଭାବରେ ଫୁଟି ନାହିଁ । ତଥାପି ଏହାର ଅନ୍ତରାଳରେ ଜାତୀୟ ସାହିତ୍ୟର ଧାରା ଲୋକସାଧନା ତଥା ଲୋକମୁଖରେ ଚାଲିଥିଲା ।

**ସାରଳା ଦାସ ଓ ଆଦି ବୈଷ୍ଣବ ସାହିତ୍ୟ—**

ଯଥାର୍ଥ ଓଡ଼ିଆ ସମ୍ରାଟ୍ କପିଳେନ୍ଦ୍ର ଦେବଙ୍କ ବେଳେ ସାରଳା ଦାସଙ୍କ ଲେଖାରେ ଏଇ ଲୋକସାହିତ୍ୟର ଧାରା ପରିସ୍ଫୁଟ । ବୈଦିକ ପୁରାଣ ସାହିତ୍ୟ ଭିତରେ ଶୂଦ୍ରମୁନି ସାରଳା ଦାସ ଯେଉଁ ସ୍ୱାଧୀନ ଓ ସ୍ୱାଚ୍ଛନ୍ଦ ଲୋକସାହିତ୍ୟ ଫୁଟାଇଚନ୍ତି ତାହା ଏକାବେଳକେ ନୂତନ ଓ ଅଦ୍ୱିତୀୟ । ସାହିତ୍ୟର କଳା ହିସାବରେ ଏହା ଅପରିଣତ ଓ ଅର୍ଦ୍ଧସ୍ଫୁଟ ହେଲେହେଁ କୃତ୍ରିମ ସଂସ୍କୃତିର ଚାପ ବିରୋଧରେ ଏହା ଏକ ସ୍ୱଷ୍ଟ ପ୍ରତିବାଦ । ଏଇ ରୀତିରେ ଅନେକ ଅନ୍ୟାନ୍ୟ ପୁରାଣ କଥା ଆଦି ପରେ ଲେଖା ହୋଇଚି । ସେଥିରେ କିନ୍ତୁ ସାରଳାଙ୍କ ସାଧନା କ୍ରମେ ସୀମାବଦ୍ଧ ହୋଇ ଆସିଚି । କାରଣ ଠିକ୍ ଶାରଳାଙ୍କ ପରେ ପରେ ଏଇ ସହଜ ସାହିତ୍ୟର ପ୍ରଚୁର ପ୍ରକାଶ ପ୍ରତିହତ ହେଲା, ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ବୈଷ୍ଣବ ଧର୍ମ ପ୍ରଭାବରେ । ଚୈତନ୍ୟ କାଳର ପଞ୍ଚ ସଖାଙ୍କ ଲେଖା ଏହାର ସାକ୍ଷୀ । ଏଥିରେ ଉତ୍କଳର ଯୋଗ ସାଧନା ଓ ଲୋକଭାଷା ବୈଷ୍ଣବ ଭାବ ଓ ଭାଷାରେ ଏକାନ୍ତ ଭାରାକ୍ରାନ୍ତ, ସଂକୁଚିତ ଓ ଗୂଢ଼ । ଯଥାର୍ଥ ଶୂନ୍ୟ ବା ନିର୍ବାଣ ସାଧନା ଏଠାରେ କୃଷ୍ଣ ଭକ୍ତି ସାଧନା ରୂପେ ଛଦ୍ମରେ ଆତ୍ମପ୍ରକାଶ କରିବାକୁ ଅତି କ୍ଷୀଣ ପ୍ରଯତ୍ନ ମାତ୍ର କରିଚି । ଭକ୍ତ କବି ନିଜର ତ୍ରିକୂଟରେ କାଳିନ୍ଦି ତଥା ବୃନ୍ଦାବନ ଦେଖୁଚନ୍ତି । ଇଡ଼ା, ପିଙ୍ଗଳା, ସୁଷୁମ୍ନାର ଧାରା ଗଙ୍ଗା, ଯମୁନା, ସରସ୍ୱତୀ ରୂପେ ରୂପକ ଜ୍ଞାନରେ ପ୍ରକାଶ ପାଇଚି । କିନ୍ତୁ ଏହା

Digitized by PPRACHIN, SOA

ଲୋକସାହିତ୍ୟର ଯଥାର୍ଥ ପ୍ରକାଶ ନୁହେ । ବରଂ ଏହା ଅନଭିଳଷିତର ଆକ୍ରମଣରେ ଆହତ ଲୋକସାହିତ୍ୟର ମୃତ୍ୟୁ ଯନ୍ତ୍ରଣାର ଆର୍ତ୍ତନାଦ ମାତ୍ର ।

**କାବ୍ୟ ଯୁଗ—**

ବୈଷ୍ଣବ ଧର୍ମର ଉଦ୍ଦେଶ୍ୟ କିନ୍ତୁ ଥିଲା ଲୋକରେ ପ୍ରଚାର, ତେଣୁ ଭାଷାର ପ୍ରତିବାଦ ସେଥିରେ କ୍ଷୀଣ ହେଲେହେଁ ପ୍ରକାଶ ପାଉଥିଲା । ଏହି ସାମାନ୍ୟ ପ୍ରତିବାଦର ଯୁଗପରେ ପୁଣି ଦୃଷ୍ଟି ସେହି ସଂସ୍କୃତ ଉପରେ । ତାହା ଫଳରେ ଭଞ୍ଜାଦିଙ୍କର କାବ୍ୟଯୁଗ । ଉପରେ ଯେଉଁ ଶ୍ଳୋକ ଉଦ୍ଧାର କରାଗଲା, ଉପେନ୍ଦ୍ରଭଞ୍ଜଙ୍କର ଋତୁ ବର୍ଣ୍ଣନା ତାହାଠାରୁ ବିଶେଷ ଭିନ୍ନ ନୁହେ, ବରଂ ସେହି ଧାରାରେ ଏହା ସାହିତ୍ୟର ଭୂୟୋବିକାଶ କହିଲେ ଚଳେ । ଏ ଯୁଗ ଓଡ଼ିଶାର ପଲ୍ଲିରୁ ଏବେ ମଧ ଏହି ଧାରା ସଂପୂର୍ଣ୍ଣ ଲୋପ ପାଇନାହିଁ ।

**ଆଧୁନିକ ଯୁଗ—**

ତା ପରେ ଆଧୁନିକ ଯୁଗ । ହିନ୍ଦୀ ପ୍ରଭୃତିରେ ପ୍ରାକୃତ ବହୁକାଳରୁ ଲୋକସାହିତ୍ୟର ଧାରା ଧରିଚି । ଏପରି କି ଦ୍ୱାଦଶ ଶତାବ୍ଦୀର ଲାହୋରବାସୀ ଚାନ୍ଦକବି ଲୋକସାହିତ୍ୟର ବରଂ ଅମାର୍ଜିତ ଛନ୍ଦରେ ନିଜର ପୃଥ୍ୱୀରାଜ ଚରିତ ଲେଖିଚନ୍ତି । ରାମଭକ୍ତ ତୁଳସୀଦାସ ଲୋକସାହିତ୍ୟର ପ୍ରାକୃତିକତା ଛାଡ଼ିନାହାନ୍ତି । ମାତ୍ର ବଙ୍ଗଳା ତଥା ଓଡ଼ିଶାରେ ଦୂର ନିର୍ବାସିତ ମାନବ ଓ ତାହାର ଉତ୍ତରାଧିକାରୀମାନେ ସର୍ବଦା ଫେରି ଫେରି ଆଦିମ ସ୍ଥାନକୁ ସ୍ମୃତିରେ ଚାହିଁ ସେହି ପ୍ରେରଣାରେ ଉଜ୍ଜୀବିତ ରହିଲା ପରି ସାହିତ୍ୟ ନିଜର ପ୍ରାକୃତିକ ଜନ୍ମସ୍ଥାନକୁ ନ ଚାହିଁ ବରାବର ସଂସ୍କୃତରୁ ପ୍ରେରଣା ଲୋଡୁଚି ଓ ପୁରାଣ କାଳର ମଧଦେଶକୁ ଚାହିଁ ବସିଚି । ନବଯୁଗର ସାହିତ୍ୟରେ ଓଡ଼ିଶାର ଏ ବିପତ୍ତି ବର୍ଣ୍ଣନା କରି ବୁଝାଇବାର ନୁହେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ମାଇକେଲଙ୍କ ଠାରୁ ନିମାଇ ବଲ୍ଲଭ, ମଧୁସୂଦନ, ରାଧାନାଥଙ୍କ ବାଟେ ତାହା ଓଡ଼ିଶାକୁ ଆସି ଓଡ଼ିଶାର ସ୍ୱାଭାବିକ ଜନ ସାହିତ୍ୟକୁ ପୁଣି ଘୋଡ଼ାଇ ଚିପି ଦେଉଚି । ଏତେ ଦିନ ହୁଏତ ଓଡ଼ିଆ ସଂସ୍କୃତରୁ ଅନୁକରଣରେ ଆହରଣ କରିବାର ଉଦ୍ୟମ କରି ଆସୁଥିଲେ । ଏବେ କିନ୍ତୁ ସୁଲଭ ବଙ୍ଗଳାରୁ ଅନୁକରଣ କରିବାରେ ବେଳେ ବେଳେ ସେ ଅନୁକରଣ ବିଡ଼ମ୍ବନାରେ ପରିଣତ ହେଉଚି । ସ୍ୱର୍ଗତ ଫକୀରମୋହନ ଓ ପଣ୍ଡିତ ଗୋପବନ୍ଧୁଙ୍କ ପରି କେହି କେହି ଲୋକସାହିତ୍ୟ ସପକ୍ଷରେ ପ୍ରଚ୍ଛନ୍ନ ପ୍ରତିବାଦର ସ୍ୱର ଉଠାଇଲେ ମଧ, ତାହା ସ୍ଥାୟୀ ହେଉନାହିଁ ।

**ଅନୁକରଣରେ କୃତ୍ରିମତା—**

ଆଜି ଆମର ଏଇ ପରିସ୍ଥିତି । ଯଥାର୍ଥ ଲୋକସାହିତ୍ୟର ପ୍ରେରଣା ନ ଥିବାରୁ ଆଦାନ ଆହରଣରେ ପରିଣତ ହେବାରେ ଆଭ୍ୟନ୍ତରୀଣ ବାଧା ଯଥେଷ୍ଟ ଅଛି । ସୂଚନାରେ କୁହାଯାଇଚି, ସାହିତ୍ୟର ଆଲୋଚନା ତଥା ଉଦ୍ଭାବନରେ ଆମର ଲୋକ ସାଧାରଣ ଆମର ଆଖି ଆଗରେ ନଥାନ୍ତି । ଆମେ ଲେଖୁଁ, ଯେପରି କି ବିଚାରୁ, ଆମରି ଭଳି ଲୋକେ ଏକା ତାକୁ ପଢ଼ିବେ । ପୁରପଲ୍ଲିର ଜନସାଧାରଣଙ୍କର ସେଥିରେ ଭାଗ ନାହିଁ ।

Digitized by PPRACHIN, SOA

ଜନସାଧାରଣଙ୍କ ଭିତରୁ ସେଥିରେ ଯେଉଁମାନେ ଭାଗୀ ହେବାକୁ ଲୋଡ଼ନ୍ତି, ସେମାନେ ବାଧ ହୋଇ ଆମରି ପରି ପଢ଼ନ୍ତୁ ଓ ବୁଝନ୍ତୁ । ଏଥିରେ ଆଦାନ ଆହରଣ ନହୋଇ ହୀନ ଅନୁକରଣରେ ପର୍ଯ୍ୟବସିତ ହେବାର କଥା । ଉପେନ୍ଦ୍ରଭଞ୍ଜାଦି ସ୍ପଷ୍ଟଭାବରେ ତାହାହିଁ କରିଥିଲେ । ଉପେନ୍ଦ୍ରଭଞ୍ଜଙ୍କ ଅନେକ ଲେଖା ନୈଷଧାଦିର ଠିକ ଓଡ଼ିଆ ଅନୁବାଦ ପରି ଜଣାଯାଏ । ତା ଛଡ଼ା ଉଦାହରଣ ସ୍ୱରୂପ ଲାବଣ୍ୟବତୀର ରୂପ ବର୍ଣ୍ଣନା କରି ଉପେନ୍ଦ୍ରଭଞ୍ଜ କହି ପାରନ୍ତି– ଲାବଣ୍ୟବତୀର ଅଙ୍ଗମାନଙ୍କ ସଙ୍ଗେ ସମାନ ହୋଇନପାରି–

ଏଣୁ ଉପମା ଗଣେ ନିରନ୍ତର
କି କରିବା ଭାଜି ହେଲେ କାତର
ଝଳି କାନ୍ତିରେ ଲଭିଣ ଭୀତିକି
କଲା କଣ୍ଟକ ଦୁର୍ଗକୁ କେତକୀ
ମୁଖେ ପ୍ରଚାର ପରିଚାର ପଣ
ସୁଖେ ଦର୍ପ ହତୁଁ କଲା ଦର୍ପଣ ।

ମୀନମାନେ ଲାବଣ୍ୟବତୀର ନୟନର କଜ୍ଜଳ ଘେନିଥିବା ଲାଞ୍ଛିକି ଅନାଇଦେଇ 'କୁରଙ୍ଗ ହୋ ଆମେ ମଲଇଁ' ବୋଲି ପାଣିରେ ଝାସ ଦେଲେ । –ଇତ୍ୟାଦି ସଙ୍ଗେ ନୈଷଧର ଦମୟନ୍ତୀଙ୍କ ରୂପ ବର୍ଣ୍ଣନାରେ–ହର-କୋପାନଳ-ଦଗ୍ଧ ମଦନଙ୍କ ଅର୍ଦ୍ଧଦଗ୍ଧ ଧନୁ ଆଣି ବିଧି ଦମୟନ୍ତୀଙ୍କ ଭ୍ରୂଲତା ତିଆରି କରିବା (ନୈଷଧ ୭.୨୪) କଦଳୀ ଗଛରୁ ୫/୬ ପ୍ରସ୍ଥ ବକଳା ଛଡ଼ାଇ, ନୀଳୋତ୍ପଳରୁ ୫/୬ ପ୍ରସ୍ଥ ପାଖୁଡ଼ା ଫୋପାଡ଼ି, ଏମାନଙ୍କ ଭିତର କଅଁଳ ବକଳା ଓ ପାଖୁଡ଼ା ବାଟି, ଚକଟି, ଛାଣି ଦମୟନ୍ତୀଙ୍କ ଆଖି ତିଆରି କରିବା (ନୈଷଧ ୭.୩୧) ଇତ୍ୟାଦି ତୁଳନା କରାଯାଇପାରେ ।

ଏହି ବଟା, ଛଣା, ଚିପୁଡ଼ା, ଆଳଂକାରିକ ଧ୍ୱନି ବା ସଙ୍କେତ କଳା ଅନୁକରଣ କରିବାକୁ ଯାଇ ଭାଷା ତଥା ଭାବକୁ ଭଞ୍ଜାଦିମାନେ କିପରି ଅତିଶୃଙ୍ଖଳିତ ଓ ଭାରାକ୍ରାନ୍ତ କରିଚନ୍ତି, ତାହା ସେହି ଯୁଗର କାବ୍ୟ, ତଥା କୋଣାର୍କ ଓ ତତ୍ପରବର୍ତ୍ତୀ ଶିଳ୍ପକଳାରେ ସୁନ୍ଦର ଦେଖାଯାଇପାରେ । କୁହାଯାଇଚି, କୋଣାର୍କ ଯେଉଁମାନେ ଦେଖିଥିବେ, ସେମାନେ ଅନୁଭବରେ ଜାଣିଥିବେ କିପରି ଖୋଦନର ଚାରୁତା ସେଠାରେ ଅତିଭାରାକ୍ରାନ୍ତ । ଶିଳ୍ପ ଶାସ୍ତ୍ରର କଳା ବିଜ୍ଞାନ ବୁଝି ତନ୍ନ ତନ୍ନ କରି ନ ଦେଖିଲେ ଅନୁଭବରେ ସ୍ୱାଦ୍ୟତା ନାଇଁ; କିମ୍ବା ସ୍ୱାଭାବିକ ଆଦର ସେଥିରେ ସହଜ ଭାବରେ ଫୁଟେ ନାଇଁ । ଓଡ଼ିଆର ଅଳଙ୍କାର ଓ ଶରୀର ଶୋଭାର ରୁଚି ଅନୁସନ୍ଧାନ କଲେ ମଧ୍ୟ ସେଥିରେ ଏହି ଅନୁକରଣ ତଥା ଭାରାକ୍ରାନ୍ତତା ଦେଖାଯିବ ।

**ତାହା ପରିହାର୍ଯ୍ୟ–**

ଏହି ଯୁଗରେ କିନ୍ତୁ ସାହିତ୍ୟ ନାନା ବିଭାଗରେ ଆମକୁ ଆକ୍ରମଣ କରୁଚି କହିଲେ ଚଳେ । ଆହାର ବ୍ୟବହାର, ଶରୀର ସାଧନ ଓ ଶୌଚ ସବୁଥିରେ ଆମ୍ଭେମାନେ ଆଜି

Digitized by PPRACHIN, SOA

ଏହି ପରିସ୍ଥିତିର କ୍ରୀଡ଼ନକ । ଏଥିରେ ଅନୁକରଣ ପ୍ରବୃତ୍ତି ତଥା ମୋହ ନିତାନ୍ତ ସ୍ୱାଭାବିକ, କିନ୍ତୁ ଏ ଅନୁକରଣ ଯଥାର୍ଥ ଆହରଣରେ ପରିଣତ ନ ହେଲେ ଆତ୍ମପ୍ରକାଶ ତଥା ଆତ୍ମବିକାଶ ସମ୍ଭବ ନୁହେଁ । ଏ ବିପତ୍ତିରେ ଆମ୍ଭମାନଙ୍କୁ ଠିକ୍ ରହିବାକୁ ହେବ । ଆଜି ଆମର ସାହିତ୍ୟ ଏଇ ପୁରୋଦୃଷ୍ଟିରେ ନିଜର ଗତି ନିୟମିତ କରିବା ଉଚିତ ।

**ସମାଲୋଚନାର ସାହିତ୍ୟ ଓ ସର୍ଜନ କଳା—**

ଓଡ଼ିଶାରେ ସମାଲୋଚନାର ସାହିତ୍ୟ ଫୁଟୁନାଇଁ । କୁହାଯାଇଚି, ଗବେଷଣାର ବାନା ଧରି ଗତି କଲାବେଳେ ଗୌଣ ମନୋବୃତ୍ତିର ଆକ୍ରମଣରେ ପଡ଼ି ଆମେ ବେଳେ ବେଳେ ଗବେଷଣାର ବିଜ୍ଞାନ ଅନୁଧାବନ ନକରି କେବଳ ନିଜକୁ ବଡ଼ କରିବା ଓ ନିଜ କଳ୍ପନା ଅନୁସାରେ ଗବେଷଣାର ସାମଗ୍ରୀ ସବୁ ଅର୍ଥ କରିଯିବାରେ ଅତ୍ୟନ୍ତ ବ୍ୟାକୁଳତା ଦେଖାଇ ଥାଉଁ । କବିତା, ଉପନ୍ୟାସ, ନାଟକ ପ୍ରଭୃତିରେ ସୃଷ୍ଟି କରିବାର ମନୀଷା ଦେଖାଇବାକୁ ଆମେ ବଡ଼ ବ୍ୟଗ୍ର । କିନ୍ତୁ ଆଲୋଚନାର ସାହିତ୍ୟ ନ ଫିଟିଲେ ଆଜି ସ୍ୱଭାବ କବି ହେବା ସମସ୍ତଙ୍କର ପ୍ରାପ୍ୟ ନୁହେ । ତେଣୁ ଅତ୍ୟନ୍ତ ହୀନ ଅନୁକରଣହିଁ ସାର ହେଉଚି । ନୂତନ ସୃଷ୍ଟିରେ ଜୀବନ୍ତତା ତଥା ଜୀବନର ସରସତା ଫୁଟୁନାଇଁ । ଓଡ଼ିଆର ଜୀବନ ଧାରା ଧରି କାବ୍ୟ ପ୍ରକାଶ କରିବା ବଡ଼ କଦାଚିତ୍ ଦେଖାଯାଏ । ଓଡ଼ିଶାର ଉପନ୍ୟାସରେ କଟକର ବେଶ୍ୟା ଘରେ ନିଜର ଚିର ପରିତ୍ୟକ୍ତା ଭଉଣୀକୁ ବିଳାସରେ ବହୁଦିନ ଭେଟି ନ ଜାଣିବା ଓ ଅଜ୍ଞାତ ରହିବାର ଚିତ୍ର କି ହୀନ ଅନୁକରଣର କଦର୍ଯତା ପ୍ରକାଶ କରୁଚି, ତାହା ବୁଝାଇ କହିବା ଦରକାର ନାଇଁ । ରାତି ଦୁଇ ପ୍ରହରରେ ନାରୀର ମହାନଦୀକୁ ଡେଇଁ ପଡ଼ିବାର ସଂକଳ୍ପ, ପ୍ରେମିକାର ସନ୍ନ୍ୟାସୀ ବେଶରେ ଆକସ୍ମିକ ଉପସ୍ଥିତି ଓ ଜୀବନ ପଣ କରି ସେଇ ନାରୀକୁ ଜଳରୁ ଉଦ୍ଧାର କରିବା ପ୍ରଭୃତିରେ ଓଡ଼ିଆରେ ଆତ୍ମପ୍ରକାଶ କାହିଁ ? କବିତାର କଥା କହିବା ନିଷ୍ପ୍ରୟୋଜନ । ପ୍ରେମରେ ଚୁମ୍ବନ, ଆଲିଙ୍ଗନ, ତା ପୁଣି ସଂକେତରେ ନୁହେ । ସ୍ପଷ୍ଟଭାବରେ ପ୍ରକାଶ କରିବାରେ ଓଡ଼ିଆ ସାମାଜିକ ପ୍ରୀତିର ଅଭିବ୍ୟକ୍ତି କେଉଁଠାରେ ଅଛି ? ଅଧିକାଂଶ କବିତା ପୁଣି ଆଜି ଭାବପ୍ରବଣ ଓ କବିର ଗୋଟିଏ ଗୋଟିଏ ଭାବର ପ୍ରକାଶ । ସେଥିରୁ ପ୍ରାୟ ସମସ୍ତ ଯୌନ ରତିର ସଙ୍କେତ— ଏପରି କି, ବର୍ଣ୍ଣନାରେ ପୂର୍ଣ୍ଣ । ଏ ରାଜ୍ୟରେ କିନ୍ତୁ ଆଜି ସୁଦ୍ଧା ଯୁବକ ଯୁବତୀର ସ୍ୱଚ୍ଛନ୍ଦ ମିଳନ ନାଇଁ । ଏ ଦେଶ ଲୋକଙ୍କ ଜୀବନ ଓ ସମାଜର ଶୃଙ୍ଖଳା ଇତିହାସର ପ୍ରେରଣା ଘେନି ପୁରୋଦୃଷ୍ଟିର ପରିସର ଫିଟାଇଲା ଭଳି ସର୍ଜନ କଳା ଏବର କାବ୍ୟ, ଉପନ୍ୟାସ, ନାଟକରେ କଦାଚିତ୍ ଦେଖାଯାଏ ।

**ଅନୁକରଣର ଦୃଷ୍ଟାନ୍ତ—**

ସେ ଦିନ ଗ୍ରାମୋଫୋନରେ ନୀଳାଚଳେ ବୋଲି ଗୋଟିଏ ନାଟକ ଶୁଣୁଥିଲି । ବିଦ୍ୟାପତି ଅଛନ୍ତି । ବିଶ୍ୱାବସୁ ଓ 'ହେମମାଳା' ନାମ ଧରି ତାଙ୍କର ଦୁହିତା ଅଛନ୍ତି । ଏହି ତିନୋଟି ନାମ ଛଡ଼ା ସେଥିରେ ଓଡ଼ିଆ ଦେଉଳ ତୋଳା ପୁସ୍ତକ କଥା ଦୂରେ ଥାଉ ଅନ୍ତତଃ ସ୍କନ୍ଧ

Digitized by PPRACHIN, SOA

ପୁରାଣ ବର୍ଣ୍ଣିତ ଜଗନ୍ନାଥ ଚରିତର ବି କୌଣସି ସଙ୍କେତ ନାହିଁ । ଗୋଟିଏ ଉଦ୍‌ଭ୍ରାନ୍ତ ପ୍ରେମିକ ହେଉଚନ୍ତି ବିଦ୍ୟାପତି, ହେମମାଳା ଗୋଟିଏ ଆସକ୍ତ ଯୁବତୀ । ଏହି ଦୁହିଁଙ୍କର ଯୌନଭାବୋଚ୍ଛ୍ୱାସରେ ନାଟକର ଆଦି ଅନ୍ତ ସବୁ ଶେଷ କହିଲେ ଚଳେ । ଏ ଉଚ୍ଛ୍ୱାସରେ ପୁଣି ଭାରତୀୟ ରୁଚି ଓ ସଙ୍କେତ କଳାର ଏକାନ୍ତ ଅଭାବ । ଏ କବିତା ତ ନୁହେ, ହେଲେ ବା ଓଡ଼ିଆ କବିତା ହେବ କାହିଁକି ?

**ପରିସ୍ଥିତିର ପୁଣି ଜଟିଳତା—**

ଏ ପରିସ୍ଥିତିରେ ପୁଣି ଆଜି ରାଜନୀତିର ବିଧ୍ୱଂସୀ ବାତ୍ୟା ଚାରିଆଡୁ ଆକ୍ରମଣ କରୁଚି । ମନୁଷ୍ୟର ଅନ୍ନବସ୍ତ୍ର ସମସ୍ୟା ଏକମାତ୍ର ଆଲୋଚ୍ୟ ବିଷୟ ହୋଇପଡ଼ିଚି । ସାହିତ୍ୟରେ ତାହା ଫୁଟିବ । ସେଥିରେ ମଧ ଓଡ଼ିଆର ଜୀବନ ଫୁଟାଇବାକୁ ହେବ । କିଂତୁ ଦେଶର ଯୁବକ ଆଜି ଗୋଡ଼ ତଳକୁ ନ ଚାହିଁ, ଚାହିଁଚି ଏକ ଆଡ଼େ ଇଂଲଣ୍ଡକୁ ଅନ୍ୟ ଆଡ଼େ ରୁଷିଆକୁ । ମନୁଷ୍ୟ ତା ପକ୍ଷରେ ଗୋଟିଏ ଆତ୍ମଚାଳିତ ଯନ୍ତ୍ର । ସେ ଖାଲି କାମ କରେ, ଖାଏ, ପୁଣି କାମ କରେ । ଶରୀରର ସମସ୍ତ କାମ ବା କାମନାରେ ସ୍ୱଚ୍ଛନ୍ଦ ହେବା ଯେପରି କି ତାହାର ଆତ୍ମପ୍ରକାଶ । ସେଠାରେ ଓଡ଼ିଆ ନାହିଁ କି ଭାରତୀୟ ନାହିଁ । ଏପରିକି ମାନବର ମାନବୀୟତା ମଧ ନାହିଁ । ସାହିତ୍ୟରେ ଏହା କିପରି ପ୍ରକାଶ ପାଇବ ଏବେ ମଧ ଭାବିବାର ଅଛି । କିନ୍ତୁ ଯେପରି ପ୍ରକାଶ ପାଉ ଭୂମି, ଜଳ, ବାୟୁ ଓ ସମାଜ ବିଶେଷରେ ମାନବକୁ ମାନବୀୟତାରେ ଜୀବନ୍ତ କରି ଫୁଟାଇବାକୁ ହେବ । ତାହା ନ ହେଲେ ସମାଜ ତଥା ସାହିତ୍ୟ ଭ୍ରଷ୍ଟ ହେବାର କଥା ।

**ସାହିତ୍ୟରେ ସ୍ୱାତନ୍ତ୍ର୍ୟ—**

ଏଇ ସ୍ୱତନ୍ତ୍ର ମାନବୀୟତା ବା ଯଥାର୍ଥ ଓଡ଼ିଆତ୍ୱ ଏ ଯୁଗର ସାହିତ୍ୟରେ ଫୁଟାଇବା କଥାଟି ଉଦାହରଣରେ ଟିକିଏ ସ୍ପଷ୍ଟ କରିଦେବା ଉଚିତ । ବଂଗଳା ପରି ବିରାଟ ସାହିତ୍ୟ ଆଜି ଘରପାଖେ ଆହରଣର ବିଶ୍ୱ ଉପାଦାନ ଘେନି ବସିଚି । ତାକୁ ଚାହିଁ ଆମ ସାହିତ୍ୟ ବଢୁଚି । କିଂତୁ ସେ ସାହିତ୍ୟର ପ୍ରଚାର ଏତେ କମ୍ କାହିଁକି ? କେବଳ ଅନୁକରଣ ଏହାର କାରଣ ନୁହେ । କେବଳ ସଂସ୍କୃତର ଚାପ ମଧ ଆମ ସାହିତ୍ୟର ଏକମାତ୍ର ପ୍ରତ୍ୟବାୟ ନୁହେ । ବୈଷ୍ଣବ ଯୁଗରେ ଭାବ ତଥା ଭାଷାରେ ବଂଗର ଅନୁକରଣ ନ ଥିଲା, ନୁହେ । ଶାରଳା ଦାସ ଓ ତଦ୍‌ବିଧ ପୁରାଣାଦି ଛଡ଼ିଦେଲେ ପୁଣି ଏଇ ବୈଷ୍ଣବ ସାହିତ୍ୟ ମଧ କମ୍ ଏ ଦେଶର ସାହିତ୍ୟ ହୋଇ ନଥିଲା । ଏହାର ପ୍ରଧାନ ହେତୁ ହେଉଚି, ଆଦି ବୈଷ୍ଣବମାନଙ୍କ ବୈଷ୍ଣବ ସାହିତ୍ୟର ଆବରଣ ମଧରେ ଏ ଦେଶର ଜନସାଧନାର ପ୍ରଚ୍ଛନ୍ନପ୍ରଚାର । 'ଅତିବଡ଼ି' 'ଗୌଡ଼ୀୟ' ବୈଷ୍ଣବ ଧର୍ମ ନୁହେ । ଏହା ହୁଏତ ଆଜି ଅନେକ ଜାଣନ୍ତି ନାହିଁ । ମାତ୍ର ସେଇ ସୂତ୍ରରେ ବୈଷ୍ଣବ ସାହିତ୍ୟରେ ଅନୁକରଣ ଆହରଣରେ ପରିଣତ ହେବାର ବାଟ ଫିଟିଥିଲା । ପୁଣି ସେଥିରେ ମଧ ମାନବିକ ଭାବରେ ଓଡ଼ିଆ ସମାଜର ଜୀବନ୍ତ ଚିତ୍ରମାନ

Digitized by PPRACHIN, SOA

ଫୁଟିଥିଲା । ସାମନ୍ତ ସିଂହାରଙ୍କ ଯଶୋଦା ଚିତ୍ର ପ୍ରତି ଲକ୍ଷ୍ୟ କରାଯାଇଚି । କାବ୍ୟ ଯୁଗରେ ମଧ ଅଳଂକାର ଗୁରୁତା ଭିତରେ ଓଡ଼ିଆର ଭାଷା ଓ ମାଲୁଣୀ ପ୍ରଭୃତି ପରି ଓଡ଼ିଆର ଚିତ୍ର ଥିଲା । ବିଶେଷରେ ଜୀବୀ ମାନବର ଅତି ଜୀବନ୍ତ ଯୌନ କ୍ରିୟାକୁ ଅସଂଯତ ଓ ନଗ୍ନ ଭାବରେ ବର୍ଣ୍ଣନା କରି କବିମାନେ ଏହାକୁ ଯଥେଷ୍ଟ ଲୋକପ୍ରିୟ କରିଥିଲେ । ରୁଚି ଫୁଟି ନଥିଲା, କିନ୍ତୁ ସାହିତ୍ୟ, ଓଡ଼ିଆ ସାହିତ୍ୟ ରୂପେ ପ୍ରସରି ଥିଲା । ସେଥିପାଇଁ ଏ ଯୁଗରେ ମଧ 'ଶାଶୁବୋହୂ କଳି' ପ୍ରଭୃତିରେ ଏ ଦେଶର ସାହିତ୍ୟ ସ୍ୱତନ୍ତ୍ର ଆତ୍ମପ୍ରକାଶ କଲା.।

**ବଂଗ ସଂଗେ ତୁଳନା ଓ ଓଡ଼ିଶାରେ କଳନା–**

ପ୍ରାଚୀନ ବଂଗ ସାହିତ୍ୟର ଓଡ଼ିଆଠାରୁ ବିଶେଷତ୍ୱ ନଥିଲା । ମାତ୍ର ଏ ଯୁଗରେ କଲିକତା ପରି ବିରାଟ ଜୀବନ କେନ୍ଦ୍ରର ସୁବିଧା ଓ ସେଇ ସୂତ୍ରରେ ଶିକ୍ଷା ଓ ଆଲୋଚନାର ବିଶାଳ ପ୍ରଚାର ଫଳରେ ବଂଗ ଦେଶରେ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟ ଫୁଟିଲା । ଉପରୁ ତାହା ଆଗେ ଚିପି ଭର୍ତି କରାହେଲେ ମଧ ଲୋକେ ଶୀଘ୍ର ଗ୍ରହଣ କଲେ । ପୁଣି ସେଥିରେ ଯେପରି ଲୋକଜୀବନ ଓ ସମାଜ ପ୍ରଭାବିତ ହେଲା, ଲୋକସାହିତ୍ୟ ମଧ ଆଲୋଚନା ଓ ଅନୁସଂଧାନ ଫଳରେ ସେ ଧାରାରେ ଯୋଗ ଦେଲା । କିଂତୁ ଓଡ଼ିଶାରେ ସେ ସୁବିଧା ନାହିଁ । ତେଣୁ କଲିକତାର ନାଟକ ଉପନ୍ୟାସ ଅନୁକରଣରେ ଆହରଣ ଫୁଟିବା ସମ୍ଭବ ନୁହେ । ଆଜି ଓଡ଼ିଶାରେ ନୂତନ ପୁସ୍ତକ ପତ୍ରାଦି ଲୋକେ କିଣନ୍ତି ନାହିଁ । ଶିକ୍ଷିତ ଲୋକେ ହୁଏତ ବଂଗଳା ଇଂରାଜୀ ପୁସ୍ତକ ପତ୍ରାଦି ପଢ଼ନ୍ତି । ଲୋକେ ସାହିତ୍ୟରେ ଆତ୍ମପରିଚୟ ନପାଇ ଦୂରରେ ରହନ୍ତି । ଏପରି କି ପାଠ୍ୟପୁସ୍ତକ ନହେଲେ ପୁସ୍ତକ ଏ ଦେଶରେ ପ୍ରାୟ କିଣା ହୁଏ ନାହିଁ । ଦାରିଦ୍ର୍ୟ ଏହାର କାରଣ ନୁହେ । ସାବିନି, ବାସତେଲ, ସାଇକେଲ୍, ଟର୍ଚ୍ଚ, ଘଣ୍ଟା କିଣିବାରେ ଦାରିଦ୍ର୍ୟ ଅନ୍ତରାୟ ହେଉନାହିଁ । ଛପା ଲେଖା କିଣି ପଢ଼ିବାରେ ଏକା ସବୁ ବିପତ୍ତି । ଏଇ କ୍ଷେତ୍ରରେ ସ୍ୱର୍ଗତ ବୈଷ୍ଣବ ପାଣିଙ୍କ ଭଳି ଲେଖକ ଓ ନାଟ୍ୟକାରଙ୍କ କଥା ମନେ ପକାଇବାର ଅଛି । ତାଙ୍କର ସବୁ ଲେଖା ବଂଗଳାରୁ ଅନୁକରଣ । ମାତ୍ର ସେ ଅନୁକରଣ ଭିତରେ ଓଡ଼ିଆ ନିଜର ପରିଚୟ ପାଇବାର ସାମଗ୍ରୀ ବହୁତ ଥିଲା । ସେଥିପାଇଁ ତାଙ୍କ ଯାତ୍ରା ପୁସ୍ତକଗୁଡ଼ିକ ଲକ୍ଷ ସଂଖ୍ୟାରେ ବିକ୍ରି ହୋଇଯାଇଚି । ଆଲୋଚନା ପୀଠରେ ପ୍ରତିଷ୍ଠିତ ନଥିବାରୁ ରୁଚି ହୁଏତ ସେଥିରେ ସର୍ବଦା ଫୁଟିନାହିଁ, ମାତ୍ର ପ୍ରାଣର ସ୍ପନ୍ଦନ ସେଥିରେ ସ୍ପଷ୍ଟ । ଆମ ସାହିତ୍ୟରେ ସେହି ପ୍ରାଣର ସ୍ପନ୍ଦନ– ସେଇ ସ୍ୱାତନ୍ତ୍ର୍ୟ ଆଣିବାକୁ ହେବ । ସଂଗେ ସଂଗେ ବିଶ୍ୱସାହିତ୍ୟର ଆଲୋଚନା ବଳରେ ମାର୍ଜିତ ରୁଚି ଫୁଟାଇବାକୁ ହେବ । ପ୍ରଚାର ସଂଗେ ପ୍ରସାର ମଧ୍ୟ ବଢ଼ାଇବା ଆମର କାର୍ଯ୍ୟ । ସେଥିପାଇଁ ନାନା ବିଭାଗରେ ବିଦ୍ୟାର ଆଦାନ ଓ ଆହରଣ ମଧ ଲୋଡ଼ା । ଫଳିତ-ଜ୍ୟୋତିଷଙ୍କୁ ଜ୍ୟୋତିଷ ବୋଲି ବୁଝି ବଡ଼ାଇ କରିବା ଏ ଯୁଗରେ ହାସ୍ୟାସ୍ପଦ ବିଦ୍ୟାହୀନତା । ସେଇପରି ବ୍ୟୋମଯାନ

Digitized by PPRACHIN, SOA

ଦେଖି ପୁଷ୍ପକ ବିମାନ ସ୍ମୃତିରେ ସ୍ଫୀତ ହେବା ଓ ପୂର୍ଣ୍ଣଗ୍ରସ୍ତ ସୌର ମଣ୍ଡଳରେ ରକ୍ତାଭ ଜ୍ୟୋତିରୁଦ୍‌ଗମ ବା Prominence ରେ ଅରୁଣ ଦେବଙ୍କର ସୂର୍ଯ୍ୟ କାମନା ବା ସୂର୍ଯ୍ୟରଥ ଚାଳନା କଳ୍ପନା କରିବା ତଥା ସର୍ଜନ ରଶ୍ମି ବା Cosmic raysର କଥା ଶୁଣି ଗୋଲୋକଧାମ ଓ ଉଷ୍ମପା ପିତୃଲୋକରେ ତାହାର ସୀମା ସରହଦ୍ ଖୋଜିବା ଠିକ୍ ଗ୍ରାମ୍ୟ ନ ହେଲେ ବି ସାହିତ୍ୟରେ ଏକ ପ୍ରକାର ରୁଚିହୀନତା ।

**କୈଫିୟତରେ ଉପସଂହାର—**

ମୋତେ ଆପଣମାନେ ଆଜି ସାହିତ୍ୟ ସମାଜର ସଭାପତି କରିଚନ୍ତି । ରୀତି ଅନୁସାରେ ଏପରି ଘଟଣାରେ ସାହିତ୍ୟର ବିଭାଗମାନ ଧରି ଉନ୍ନତିରୁ ଉନ୍ନତିର ସୋପାନମାନ ମାପି ମାପି ଛାତି ଫୁଲାଇ ଉଦ୍‌ବୋଧନ ଦେବାର କଥା । ସେଥିପାଇଁ ମୋର ଏ କଥାଗୁଡ଼ିକ ହୁଏତ ଅନେକଙ୍କୁ ଅମଡ଼ା ବାଟ ପରି ଲାଗୁଥିବ । ସୂଚନାରେ କହିଚି । ଅନେକେ ହୁଏତ ଏଥିରେ ଅତି ପ୍ରବୀଣତାର ପରାମର୍ଶ ପ୍ରହେଳିକା ଦେଖୁଥିବେ, କିଂତୁ କ୍ଷମା କରିବେ । ମୁଁ ଆଜି ଗୋଟିଏ ସାରା ଜୀବନର ଅନୁଭବ ଫଳରେ ଏହା କହୁଚି । ୩୫ ବର୍ଷ ତଳେ ସାହିତ୍ୟିକ ଜୀବନ ଆରମ୍ଭ କଲାବେଳେ ଯେ ଆଶାରେ ଜୀବନ୍ତ ଥିଲି, ତାହା ଆଜି ମନେ ପଡୁଚି । ହୁଏତ ହୋଇପାରେ, ଇଂରେଜୀରେ ଯାହା କହନ୍ତି :—

Hope springeth eternal
in human breast
Man never is, but always
to be blest.

ଆଶାହିଁ ଜୀବନ, ଆଶାହିଁ ସଂସାର
ଆଶା ତ କଦାପି ନୁହେ ମେଣ୍ଟିବାର
ଆଶାରେ ଜୀବନ୍ତ ଏ ସାରା ଜଗତ
ଅନନ୍ତ ସଂତାପେ ଆଶାହିଁ ଅମୃତ ।

ମାନବ ହୃଦୟରେ ଆଶାର ବିକାଶ ଚିରନ୍ତନ । ତାର ଆଶା ପୂରେ ନାଇଁ । କିଂତୁ ସର୍ବଦା ପୂରିବ ବୋଲି ସେ ଚାହିଁଥାଏ । ସେହି ଚିରଜୀବନ୍ତ ଆଶାର ଅନୁସରଣ କରି ମୁଁ ଏତେ କଥା କହିଲି, ଯହିଁରେ ହୁଏତ ଅନ୍ୟମାନେ ନିରାଶାର ସଂକେତ ପାଇବେ । କିଂତୁ ଅପୂର୍ଣ୍ଣ ଆଶା, ନିରାଶା ନୁହେ । ପୁଣି ମୋର ଆଶା ହୁଏତ ପୂରି ନାଇଁ ବୋଲି ଜୀବନର ସିଂହଦ୍ୱାରରେ ଯୁବକଙ୍କୁ ନିରାଶା ଛୁଇଁବା ଠିକ୍ ନୁହେ । ଆମର ସାହିତ୍ୟ ଆଜି ନାନା ଅନିବାର୍ଯ୍ୟ କାରଣରୁ ସଂକୁଚିତ ହେଲେହେଁ ବହୁ ମୁଖରେ ତାହାର କ୍ଷିପ୍ର ଗତି ଓ ସ୍ପଷ୍ଟ ନିୟତିର ସୂଚନା ଦେଖାଯାଉଚି । ଲେଖାହେଉଚି ହୁଏତ ବହୁତ । ଆଜିକାଲି କିନ୍ତୁ ପୃଥିବୀରେ ବିଦ୍ୟାର ପ୍ରଭାବ, ପରିସର ଓ ପ୍ରତିଷ୍ଠା ବହୁତ ବଢ଼ିଛି । ଆଲୋଚନା ଓ ସମାଲୋଚନାରେ

Digitized by PPRACHIN, SOA

ତାକୁ ନିଜର ଅଙ୍ଗୀଭୂତ କରି ପାରିଲେ ସମସ୍ତ ଅନୁକରଣ ଆହରଣରେ ପର୍ଯ୍ୟବସିତ ହେବ । ଥରେ ସାହିତ୍ୟର ଏହି ରୁଚି ଓ ନିୟତି ଫିଟିଲେ ଚିରନ୍ତନ ଅପୂର୍ଣ୍ଣ ଆଶା ସମାଜ ଜୀବନର ବିକାଶ ସଂଗେ ବିଶ୍ୱପରିବାରରେ ଆମର ସ୍ୱତନ୍ତ୍ର ମାନବିକ ସ୍ଥିତି ପ୍ରଚୁର ଭାବରେ ପ୍ରକାଶ କରିବ । ସେଥିପାଇଁ ମୁଁ ଏବେ ଭିନ୍ନ ଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କିଛି କହୁ ନାଇଁ । ମୂଳ ନୀତିରେ ତଥା ଐତିହାସିକ ସ୍ଥିତିରେ କେତେକ ଭ୍ରାନ୍ତି ଦେଖାଇଚି । ମୋର ନିଜର ସାହିତ୍ୟ ବୋଲି ତାହାର ଶ୍ରୀବୃଦ୍ଧି କାମନାରେ ମୁଁ ଏହା କହିଚି । ଅନୁଭବୀର ଏହାହିଁ କାର୍ଯ୍ୟ । ଆତ୍ମଶ୍ଳାଘାର ଅବକାଶ ଲୋଡ଼ିବା କ୍ଷେତ୍ର ଏ ନୁହେ । ଆତ୍ମଶୋଧନରେ ପୁରୋଦୃଷ୍ଟି ଉଜ୍ଜ୍ୱଳ ଓ ନିର୍ମଳ କଲେ ପରଂପରାର ଆଲୋଚନା ଓ ପରିସ୍ଥିତିର କଳନା ମନକୁ ତାହାର ଅଙ୍ଗୀଭୂତ ହେବ । ଏ ଆଶା ଓ ବିଶ୍ୱାସରେ ମୁଁ ଏତେ କଥା କହିଲି । ବିଶ୍ୱବିକାଶମୟ ବିଧାତାଙ୍କ ବିକାଶ କଳାରେ ଓଡ଼ିଆ ସାହିତ୍ୟ ଜୀବନ୍ତ ଓ ପରିପୁଷ୍ଟ ହେଉ । ଓଡ଼ିଆର କଳା, ଓଡ଼ିଆର ଭାଷାରେ ଓଡ଼ିଆର ମାନବିକ ଜୀବନ ସର୍ବତୋମୁଖରେ ପ୍ରକାଶ ପାଉ ।

[ନବଭାରତ, କୁମ୍ଭ ୧୩୪୭]

# ଆଲୋଚନା

## ନବଯୁଗ ସାହିତ୍ୟ ସଂସଦ

ଏହି ନାମରେ ଗୋଟିଏ ସଂସଦ ଗଢ଼ାହୋଇ ତାର ଉତ୍ସବ ହୋଇଯାଇଚି । ସେଥିରେ ଯେଉଁସବୁ ପ୍ରବନ୍ଧର ଆଲୋଚନା ହୋଇଥିଲା ସେ ସବୁ ଏହି ସଂଖ୍ୟାରେ ପ୍ରକାଶିତ ହୋଇଚି । କିନ୍ତୁ କେବଳ ଏହି ପ୍ରବନ୍ଧଗୁଡ଼ିକ ଦେଖି ଏହି ସଂସଦର ପାରଂପରିକ ପରିକଳ୍ପନା କଲେ, ଠିକ୍ ହେବ ନାହିଁ । ଏହାର କଳ୍ପନା ବିଶାଳତର । ଜାତୀୟ ଜୀବନର ପୁରାଣ ପ୍ରଥା ଉପରେ ନୂତନ ସ୍ତର ଫିଟାଇବା ଏହାର ଉଦ୍ଦେଶ୍ୟ । ଜୀବନର ଚିନ୍ତା ସାହିତ୍ୟରେ ପ୍ରକାଶ ପାଏ ଓ ଚିନ୍ତାହିଁ କ୍ରିୟାର ମୂଳ । ତେଣୁ ସାହିତ୍ୟରେ ବିପ୍ଳବ ପ୍ରଚାର କରି ଜାତୀୟ ଜୀବନରେ ଚଞ୍ଚଳତାର ସୂଚନା ଦେବା ନିମନ୍ତେ ଏହା କରାଯାଇଥିଲା । ପ୍ରଥମେ ବିଜ୍ଞାପନରେ ଉଦ୍ୟୋକ୍ତାମାନେ କହିଥିଲେ, "ଜଗତରେ ସବୁଠାରେ ଚିନ୍ତାଶୀଳ ମନସ୍ୱୀ ଓ ମନୀଷୀ ସାହିତ୍ୟିକ ଲେଖକମାନେ ମାନବର ଚିରାଚରିତ ନୀତି, ବଦ୍ଧମୂଳ ଧାରଣା, ପୁଞ୍ଜୀଭୂତ କୁସଂସ୍କାର ଓ ଚିନ୍ତାଶୂନ୍ୟତା ବିରୁଦ୍ଧରେ ପ୍ରବଳ ଅଭିଯାନ ଆରମ୍ଭ କରିଛନ୍ତି । ଆଇନ୍‌ଷ୍ଟାଇନ୍, ଫ୍ରୟେଡ୍, ମାର୍କସ୍, ରସେଲ୍, ବର୍ଣ୍ଣାଡଶ, ରମାଁ ରୋଲାଁ, ମାକ୍ସିମ୍ ଗର୍କି, ଅପ୍‌ଟନ୍ ସିନ୍‌କ୍ଲେୟାର, ସିନ୍‌କ୍ଲେୟାର ଲୁଇ ପ୍ରଭୃତି ସଚେତନ ଓ ମୌଳିକ ବିପ୍ଳବାତ୍ମକ

ନବଭାରତ, ଧନୁ ୧୩୪୨ ।

Digitized by PPRACHIN, SOA

ଭାବରାଶିର ପଟ୍ଟପୁରୋଧାରୂପେ ସାଧାରଣରେ ପରିଚିତ। ଆମେ କେବଳ ଆମର ଅତୀତ ପ୍ରୀତି ଘେନି ମାନବ ସଭ୍ୟତାର ଗତିଶୀଳତା ପ୍ରତି ଲକ୍ଷ୍ୟ ନ ରଖି ନିଜକୁ କ୍ଷୁଦ୍ର ପରିସରରେ ଆବଦ୍ଧ କରି ରଖିଛୁଁ। ସ୍ୱାଧୀନ ଚିନ୍ତା ଓ ଉଦାର ମନୋଭାବ ହେଉଚି ଆମର ପ୍ରଧାନ ଅଭାବ।'' ତେଣୁ ''ଦେଶରେ ନବସଂସ୍କୃତି ଓ ନବ ସଭ୍ୟତା''ର ସ୍ରୋତ ଖେଳାଇ ଦେବାହିଁ ସଂସଦର ଉଦ୍ଦେଶ୍ୟ।

ସଂସଦର ଏହି ପ୍ରାରମ୍ଭିକ ଉତ୍ସବରେ ସଂସ୍କୃତିର ବିଭିନ୍ନ ବିଭାଗରେ ବିଭିନ୍ନ ସଭାପତିମାନେ ରହି ପ୍ରବନ୍ଧମାନଙ୍କର ଆଲୋଚନା କରାଯାଇଥିଲା, ଯଥା– ବିଜ୍ଞାନ ବିଭାଗ, ଅଧ୍ୟାପକ ଶ୍ରୀ ହରିବନ୍ଧୁ ମହାନ୍ତି; ଦର୍ଶନ ବିଭାଗ, ଅଧ୍ୟାପକ ଶ୍ରୀ ମୋହିନୀମୋହନ ସେନାପତି; ସମାଜ ବିଜ୍ଞାନ ବିଭାଗ, ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ; ଇତିହାସ ବିଭାଗ, ଅଧ୍ୟାପକ ଶ୍ରୀ ଘନଶ୍ୟାମ ଦାସ; ସାହିତ୍ୟ ବିଭାଗ, ଶ୍ରୀ ହରିହର ମହାପାତ୍ର। କ୍ରମେ ଭାବର ପ୍ରଚାର ପାଇଁ ସଂସଦରୁ ସାମୟିକ ପତ୍ର ଓ ପୁସ୍ତକମାନ ପ୍ରକାଶିତ ହେବାର କଳ୍ପନା ଅଛି।

ଏ କଳ୍ପନାଟି ଅତି ସୁନ୍ଦର ଓ ସ୍ପୃହଣୀୟ; ପୁଣି ଯେପରି ଭାବରେ କାର୍ଯ୍ୟ ଆରମ୍ଭ ହୋଇଅଛି ତାହା ବଡ଼ ଉତ୍ସାହଜନକ। ଏ ଆୟୋଜନଟି ମୁଖ୍ୟତଃ ଯୁବକମାନଙ୍କ କାର୍ଯ୍ୟ। ନୂତନ ଭାବ ଓ ନୂତନ ଚିନ୍ତାର ସ୍ରୋତ ସମାଜ ଉପରେ ବୁହାଇ ଦେଇ ଜାତିର ଶ୍ରୀବୃଦ୍ଧି କାମନା କରିବା ଯଥାର୍ଥ ଯୁବପ୍ରାଣର ପରିଚୟ ଦେଉଅଛି। ଜଗତ ବିକାଶମୟ। ନିତ୍ୟ ନୂତନ ବିଭାବର ପରଂପରାହିଁ ବିକାଶ। ଏହି ନୂତନତା ବିନା ବିକାଶ ବିନାଶରେ ପରିଣତ ହୁଏ। ସମାଜର ଦୃଢ଼ ଓ ବଦ୍ଧମୂଳ ଧାରଣା ସବୁ ଭେଦକରି ନୂତନ କରି ଗଢ଼ିବାର ଦିନ ପୁଣି ଭାରତରେ ଆସିଚି ନୁହେଁ, ସେ ଦିନର ସୁଯୋଗ ଦେବା କାଳ ଅତୀତ ହୋଇଚି କହିଲେ ଚଳେ। ବିଶେଷରେ ଓଡ଼ିଶା ଆମର କର୍ମକ୍ଷେତ୍ର। ଏହି ଓଡ଼ିଶାରେ ଜନପ୍ରାଣରେ ନବସ୍ପନ୍ଦନ ଦେବାର ପ୍ରୟୋଜନ ବହୁଦିନରୁ ପଡ଼ିଲାଣି। ସେ ପ୍ରୟୋଜନ ସମାଧାନରେ ଯଥେଷ୍ଟ ଉଦ୍ୟମ ହୋଇଚି ବୋଲି ମନେ ହେଉନାହିଁ। ଯୁବକମାନଙ୍କର ଏ ନବୀନ ଉଦ୍ୟମ ସମୂହ ଭାବରେ ଦେଶକୁ ପ୍ରଭାବିତ କରୁ ବୋଲି ଆଶା କରି, ଆମେ ଚାହିଁରହିଲୁ। ଯୁବଶକ୍ତିହିଁ ଦେଶର ଭବିଷ୍ୟତ। ପ୍ରବୀଣର ଫଳାଫଳଦର୍ଶିତା ଯୁବଶକ୍ତିର ପ୍ରେରଣାରେ ସର୍ବଦା ଉଜ୍ଜୀବିତ ହେବା ଉଚିତ। ନବଯୁଗ ସାହିତ୍ୟ ସଂସଦ ଜାତିରେ ସେ ଜୀବନର ବାର୍ତ୍ତା ପ୍ରଚାର କରୁ।

କଥା ଅଛି– ଉପାୟବେଳେ ଅପାୟ ଚିନ୍ତା କରିବାକୁ ହୁଏ, ଆଶାରେ ପଦେ ପଦେ ଆଶଂକାର ଅବକାଶ ଅଛି। ପ୍ରବୀଣ ଯେପରି ଫଳାଫଳ ଗଣନାରେ ସଂଯତ ଓ ସଂକୁଚିତ, ଅନ୍ୟ ଦିଗରେ ତରୁଣ ମଧ୍ୟ ସେହିପରି ନୂତନତାର ମୋହରେ ଉଦ୍‌ଭ୍ରାନ୍ତ ହୋଇପାରେ। ପ୍ରବୀଣ ଅତୀତକୁ ଚାହେଁ, ମାତ୍ର ଯୁବକ ଭବିଷ୍ୟତର ଅନିର୍ଦ୍ଦିଷ୍ଟତାରେ ଆତ୍ମଦାନ କରେ।

Digitized by PPRACHIN, SOA

ଏହି ଅନିର୍ଦ୍ଦିଷ୍ଟକୁ ନିର୍ଦ୍ଦିଷ୍ଟ କରିବା ଯୁବକର ଯଥାର୍ଥ କାର୍ଯ୍ୟ । ଏଠାରେ କିନ୍ତୁ ପନ୍ଥା ସୁଗମ ନୁହେଁ । ଯୁବକ ନୂତନତା ଲୋଡ଼େ; କିନ୍ତୁ ସମସ୍ତ ନୂତନତାରେ ବେଷ୍ଟନୀର ପରିସ୍ଥିତି ଚତୁର ଚିନ୍ତାରେ କଳନା କରି ଆଦର୍ଶ ନିୟମରେ ଯେ ଯୁବକ କ୍ରିୟା ବିଧାନ କରିପାରେ, ସେହି ଏକା ଜଗତରେ ଯଥାର୍ଥ ନୂତନ ଜୀବନର ପ୍ରବର୍ତ୍ତନ ହୁଏ । ଚୈତନ୍ୟ, ଯୀଶୁଖ୍ରୀଷ୍ଟଙ୍କ ପରି ମନୀଷୀମାନେ ଆଜିର ଯୁବଦୃଷ୍ଟିରେ ହେୟ ହୋଇପାରନ୍ତି । ସେମାନଙ୍କର ଦୀନତାର ଦୀକ୍ଷା ଓ ପରଲୋକରେ ଲୋକକୁ ସନ୍ତୁଷ୍ଟ ରଖିବାର ପ୍ରେରଣା ଆଜିର ଜଗତରେ ଭୟାବହ ଅପଚାର ବୋଲି ପରିଗଣିତ ହୋଇପାରେ; କିନ୍ତୁ ସେମାନେ ସେକାଳର ସମାଜକୁ ନୂତନତାର ଉଚ୍ଛ୍ୱାସରେ ଭସାଇ ଦେଇଥିଲେ, ସନ୍ଦେହ ନାହିଁ । ସେମାନଙ୍କ ସମାଲୋଚନାରେ ନିଜକୁ ସେ କାଳର ବେଷ୍ଟନୀ ଓ ପରିସ୍ଥିତି ଭିତରେ କଳ୍ପନାରେ ରଖି ଦେଖିଲେ, ଆଜି ବୁଝାଯାଏ– ମ୍ରିୟମାଣ ମାନବର ମେରୁଦଣ୍ଡ ଟେକିରଖି, ଅତି ସଂକଟ ବେଳେ, ସେମାନେ ନୂତନ ଜୀବନରେ ଉଜ୍ଜୀବିତ କରି ପାରିଥିଲେ । ସେତେବେଳର ନୂତନ ଆଜି ବହୁ ପୁରାତନ ହେଲେହେଁ, ସେମାନଙ୍କର ଯୁବମନୀଷାର ଏ ଦ୍ରଷ୍ଟୃସୁଲଭ କ୍ରିୟା ଯୋଜନା ବୁଝି ଦେଖିବାକୁ ହେବ । ପୁରାତନ କ୍ରିୟାରାଶି ଆଜି ସମାଜରେ ଯଥାସ୍ଥାନାବସ୍ଥିତ କରି ହେବନାହିଁ । ଏହା ସତ୍ୟ ହୋଇପାରେ । ସେ କ୍ରିୟାର ଆବୃତ୍ତି ଓ ଅନୁକରଣ ବହୁସ୍ଥଳରେ ଯଥାର୍ଥରେ ହେୟ । ହେଲେହେଁ ବେଷ୍ଟନୀ ଭିତରେ ସେହିସବୁ କ୍ରିୟାମାନଙ୍କର ପ୍ରେରଣା, ପ୍ରଭାବ ଓ ଉପଯୋଗିତା ଦେଖିବାହି ଯଥାର୍ଥ ଇତିହାସ ଶିକ୍ଷା । ଏହି ଇତିହାସ ଶିକ୍ଷା ବିନା ପ୍ରଗତି ସମ୍ଭବ ନୁହେ ।

ଐତିହାସିକ ଘଟନା କାଳରେ ବ୍ୟବହିତ । ସେହିପରି ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ପରିସ୍ଥିତି ଭେଦରେ ବିଭିନ୍ନ କ୍ରିୟା ଓ ପ୍ରତିକ୍ରିୟାର ବିକାଶ ବରାବର ଚାଲିଅଛି । ଅନୁକୃତ ପ୍ରତିଷ୍ଠିତ ଐତିହାସିକ କ୍ରିୟା ସମାଜକୁ ଜଡ଼ତା ଆଡ଼କୁ ଘେନିଯାଏ ଓ ଶେଷରେ ବିନାଶ କରେ । ସେହିପରି ଦେଶର ବ୍ୟବଧାନରେ ଘଟିଥିବା ବା ଘଟୁଥିବା କ୍ରିୟାର ଏକାନ୍ତ ଅନୁକୃତି ମଧ୍ୟ ସାମାଜିକ ଜୀବନକୁ ବିଧ୍ୱସ୍ତ କରିବାର ଆଶଙ୍କା ଅଛି । ଆଜି ଜାପାନ, ଇଟାଲୀ, ରୁଷିଆ ବା ଜର୍ମାନୀରେ ଯାହା ହେଉଚି, ସେଠାର ଯୁବମନୀଷୀମାନେ ଯେଉଁ କଳ୍ପନା, ଆଦର୍ଶ ଓ ଆଭିମୁଖ୍ୟରେ ସମାଜରେ ନୂତନତା ଆଣିବାକୁ ଲୋଡନ୍ତି, ଭାରତ, ଚିନ ଓ ଆବିସିନିଆରେ ତାହାର ଅନୁକୃତି କିପରି କାମ୍ୟ ତାହା ଠିକ୍ କରିବାର ଦୁରୂହ ମନୀଷାକୁ କରତଳଗତ ବିଚାରିଲେ ହୁଏତ ଭ୍ରାନ୍ତି ଆସିପାରେ । ପୁଣି ଏ ଭ୍ରାନ୍ତି ଯୁବକରହିଁ ବିଶେଷଭାବରେ ହୋଇପାରେ । ଯୁବକ ଶକ୍ତିମାନ୍ କିନ୍ତୁ ଅଭ୍ରାନ୍ତ ନୁହେଁ । ସାବଧାନ ହେବା ମଧ୍ୟ ସବୁବେଳେ ବାର୍ଦ୍ଧକ୍ୟର ଲକ୍ଷଣ ନୁହେଁ । ବାର୍ଦ୍ଧକ୍ୟର ସାବଧାନତାରେ ପ୍ରକାର ଭେଦ ଅଛି । ତାହା ମନୀଷା ବଳରେ ବିଶ୍ଳେଷଣ କରି ସ୍ପଷ୍ଟ ବୁଝିରଖିବା ବାଞ୍ଛନୀୟ ।

Digitized by PPRACHIN, SOA

## ଭାଷା ସଂସ୍କାରର ବିଚାର

ଶ୍ରୀଯୁକ୍ତ ଯୁଧିଷ୍ଠିର ସାହୁଙ୍କର ''ଭାଷା ସଂସ୍କାରର ବିଚାର'' ପ୍ରବନ୍ଧଟି ଏଥର ଅନ୍ୟତ୍ର ପ୍ରକାଶିତ ହୋଇଛି । ଏହି ପ୍ରବନ୍ଧରେ ପାରଂପରିକ ପ୍ରତିଷ୍ଠିତ ଭାବକୁ ଆଳଙ୍କାରିକ କାବ୍ୟ ଭାଷାରେ ଅତି କରୁଣ ଭାବରେ ଉଦ୍ରିକ୍ତ କରାହୋଇଥିବାର ପାଠକମାନେ ଦେଖିବେ । ଏଥିରେ ଯୁକ୍ତିର ଯୁକ୍ତଠାରୁ ତାଚ୍ଛଲ୍ୟର ବକ୍ରୋକ୍ତି ଅଧିକ । ମାତ୍ର ଏ ସତ୍ତ୍ୱେ ଏହା ଗତାନୁଗତିକ ରକ୍ଷଣଶୀଳ ପନ୍ଥାର ଏକ ପ୍ରଚୁର ପ୍ରକାଶ । ଏଣୁ ସଂସ୍କାରକମାନଙ୍କର ଅତୀବ ବିଚାର-ସେବ୍ୟ ।

[ନବଭାରତ, ବିଛା, ୧୩୪୭]

### ପାଠାଗାର ପ୍ରତିଷ୍ଠା

ଏ ଶିରୋନାମାରେ ଗତସଂଖ୍ୟା ''ନବ ଭାରତ''ରେ ଗୋଟିଏ ଆଲୋଚନା ଦିଆଯାଇଥିଲା । ଶ୍ରୀ ଦୀନବନ୍ଧୁ ମହାପାତ୍ର, ଏମ୍.ଏ. ଚନ୍ଦନପୁର ବିନାୟକ ପାଠାଗାରରେ ଆଲୋଚିତ ଏହି ଆଲୋଚନାର ଗୋଟିଏ ପ୍ରତିବାଦ-ମୂଳକ ସମାଲୋଚନା ଲେଖିଛନ୍ତି । ଲେଖାଟି ଅଯଥା ବଡ଼ ହୋଇଛି । ତଥାପି ତାହା ଏଥର ଅନ୍ୟତ୍ର ଦିଆଯାଇଛି । ଲେଖକ ବିନାୟକ ପାଠାଗାରର ଗୋଟିଏ ସୁନ୍ଦର ଚିତ୍ର ଦେଇଛନ୍ତି । ଯଦି ସେପରି ହୋଇଥାଏ ତେବେ ବଡ଼ ଆହ୍ଲାଦର କଥା; କିନ୍ତୁ ସବୁ ପାଠାଗାର ବିନାୟକ ପାଠାଗାର ନୁହେଁ । ଲେଖକ ସମାଲୋଚନାରେ ମୂଳ ଲେଖାଟି ଅନେକ ସ୍ଥଳରେ ଠିକ୍ ଧରି ପାରି ନାହାନ୍ତି । ହୁଏତ ଆଶୟ ନ ବୁଝି ଶବ୍ଦାର୍ଥ ଧରି ବୁଝିବାକୁ ଚେଷ୍ଟା କରିବାରୁ ଅସୁବିଧା ହୋଇଛି । ଆମେ ଗଞ୍ଜାମ ତଥା ଉତ୍ତର ଓଡ଼ିଶାରେ ବହୁତ ପାଠାଗାର ଦେଖିଛୁ । ଅନେକ ପାଠାଗାରରେ ପୁଣି ଯଥାର୍ଥରେ ଅପସାହିତ୍ୟର ପ୍ରଚାର ହୁଏ । ସାହିତ୍ୟ ରୁଚିର ବିକାଶ ସେଥିରେ ବିଗିଡ଼ିଯାଏ । ଆମେ ଜାଣୁ, ଦେ ଦଉଣି ବହି ଉପରେ ନିର୍ଭର କରିବା ଏହାର ମୁଖ୍ୟ କାରଣ । ପୁଣି ଲେଖକଙ୍କୁ ପୁସ୍ତକ ମାଗିବା ଠିକ୍ ନୁହେଁ । ଯେଉଁ ଯୁଗରେ ପଇସା ବିନା ପୁସ୍ତକ ଲେଖା ହୋଇ ପ୍ରକାଶ ହେଉଥିଲା, ଏ ସେ ଯୁଗ ନୁହେ । ଏବେ ନ ଛପାଇଲେ ବହି ପ୍ରକାଶ ପାଇବ ନାହିଁ । ଲେଖକ ବହି ଛପାଇବେ, ପୁଣି ବାଣ୍ଟିବେ, ପ୍ରଚାର କରି ମଧ୍ୟ ବିକିବାର ଉଦ୍ୟମ କରିବେ । ଏପରି ଆଶା କରି ପାଠାଗାରମାନେ ଥାଳ ଧରି ବୁଲିବା ଉଚିତ କି ? ଯଦି ଯଥାର୍ଥ ଲୋକଙ୍କ ଉପକାର ବୃଦ୍ଧିରେ ପାଠାଗାର କରି ଅପଠିତ ଦରିଦ୍ରମାନଙ୍କର ସେବା କରିବା ଉଦ୍ଦେଶ୍ୟ ହୁଏ, ତେବେ ସେଥିପାଇଁ ଅର୍ଥ ସାହାଯ୍ୟ ମାଗି ବୁଲିବା ବରଂ ଉଚିତ । ଲେଖକଙ୍କ ଦ୍ୱାରେ ପୁସ୍ତକ ଭିକ୍ଷା ଠିକ ନୁହେ ।

Digitized by PPRACHIN, SOA

ପୁଣି ଭଲ ପୁସ୍ତକର ପ୍ରକାଶକ ଓ ଧନମାଲିକ, ଲେଖକ ନିଜେ ପ୍ରାୟ ନୁହନ୍ତି । ନିଜେ ଲେଖକଙ୍କୁ ଦାନ କରିବାକୁ ହେଲେ ନିଜକୃତ ପୁସ୍ତକ କିଣି କରି ଦେବାକୁ ହୁଏ । ଏହା ଆମର ଅନୁଭବ; ସମାଲୋଚକ, ହୁଏତ, ଏହା ଜାଣନ୍ତି ନାହିଁ । ପ୍ରକାଶକଙ୍କୁ ମଧ୍ୟ ପୁସ୍ତକ ମାଗିବା ଠିକ୍ ନୁହେ । ପ୍ରକାଶକ ବ୍ୟବସାୟୀ, ମନେ ହୁଏ, ନୂଆ ଶବ୍ଦ ତିଆରି ଓ ଆମଦାନି, ବିଶେଷତଃ ଏପରି ପ୍ରସଙ୍ଗରେ ଏକପ୍ରକାର ନିଆଁରେ ଖେଳିବା କଥା ।

ପୁଣି 'ଶେଷକଥା' । ଏହା ଲୋକେ ବୁଝିବେ ନାହିଁ । ଉପରେ 'ନିୟତି' (ସଂସ୍କୃତ) ଓ 'ଗତି' (ଓଡ଼ିଆ) ଶବ୍ଦମାନଙ୍କ କଥା କୁହାଯାଇଚି । ଶବ୍ଦ ପ୍ରୟୋଗରେ ବୃଥାରେ ପରଂପରା ଛିଣ୍ଡାଇ ଦେଲେ, ଲୋକରେ ସାହିତ୍ୟ ବିକାଶ ପାଇବାରେ ବାଧା ପଡ଼େ । ସେ ସମ୍ବନ୍ଧରେ ବିଶେଷ ଆଲୋଚନା ଏଠାରେ ଅନାବଶ୍ୟକ । ଅବଶ୍ୟ ଦରକାର ପଡ଼ିଲେ ନୂଆ ଜିନିଷ ବା ଭାବର ପ୍ରକାଶ ପାଇଁ, ନୂଆ ଶବ୍ଦ ଭାଷାକୁ ଅଣାଯାଇ ପାରେ । ତାହା ଅଯଥା ଆମଦାନୀ ନୁହେ ।

## ଭାରତର ପ୍ରାଚୀନ ଗ୍ରନ୍ଥ

### (୧)

ଏଇ ଜାନୁଆରୀ ୨୫ ତାରିଖରେ ଦିଲ୍ଲୀରୁ ଖବର ବାହାରିଚି, ଆମେରିକାର ଉଆସିଂଟନ୍ କଂଗ୍ରେସ ଲାଇବ୍ରେରିର ଭାରତୀୟ ବିଭାଗରେ ଥିବା ଡାକ୍ତର ପୋଲମାନ ଏବେ ସିଂହଳ ବାଟେ ଏ ଦେଶକୁ ଆସିଚନ୍ତି । ଭାରତରୁ ଯାଇଥିବା ଓ ଆମେରିକାରେ ଥିବା ୯୦୦୦ ହାତଲେଖା ପ୍ରାଚୀନ ପୁସ୍ତକର ତାଲିକା କରିଚନ୍ତି ଓ ଏ ଦେଶକୁ ହାତଲେଖା ପ୍ରାଚୀନ ପୁସ୍ତକମାନ ପଢ଼ି ବୁଝିବାକୁ ଆସିଚନ୍ତି । ଲେଖା ପୁସ୍ତକମାନଙ୍କର ଫଟୋ ଉଠାଇ ଅନୁସନ୍ଧାନ ବିଭାଗକୁ ପଠାଇବା ପାଇଁ ସେ ଫଟୋ ଯନ୍ତ୍ରମାନ ମଧ୍ୟ ଆଣିଚନ୍ତି । ସେ କହନ୍ତି– "ଏଇ ପୁସ୍ତକମାନଙ୍କରେ ଏପରି ତଥ୍ୟମାନ୍ ଅଛି, ଯାହା କି ଏ କାଳର ବୈଜ୍ଞାନିକମାନେ ଏବେ ମଧ୍ୟ କ୍ରମେ ଆବିଷ୍କାର କରିବାରେ ଲାଗିଚନ୍ତି । ଚିକିତ୍ସା ବିଦ୍ୟାର ପ୍ରସାର ଓ ପ୍ରାଚୀନତାର ତତ୍ତ୍ୱ ସଂଗ୍ରହରେ ଏସବୁ ପୁସ୍ତକ ଖୁବ୍ କାମରେ ଲାଗିବ ।

ମାଡ଼େମ୍ ବ୍ଲାଭେସ୍କି ପ୍ରାୟ ୧୦୦ ବର୍ଷ ତଳେ ଭାରତୀୟ ପୁରାଣରୁ ଜଗତର ଆଦି ବିକାଶଠାରୁ ଏ ପର୍ଯ୍ୟନ୍ତ ସବୁ ପୁଂଖାନୁପୁଂଖ ଅନୁସନ୍ଧାନ କରି ତଥ୍ୟମାନ ଜାଣିବାର ସାମଗ୍ରୀ ପାଇଥିଲେ । ମାତ୍ର ତାହା ଏବେ ବି ବୈଜ୍ଞାନିକ ତତ୍ତ୍ୱରୂପେ ଗୃହୀତ ହୋଇନାହିଁ । 'ଆମର ଥିଲା' ବୋଲି ଏ ରକ୍ଷଣଶୀଳ ଦେଶ କମ୍ ଦୁର୍ଗତିରେ ପଡ଼ିନାହିଁ । ଏବେ ମଧ୍ୟ କେତେ ଶିକ୍ଷିତ ଲୋକେ ଫଳିତ ଜ୍ୟୋତିଷକୁ, ଜ୍ୟୋତିଷର ସତ୍ୟରେ ପ୍ରତିଷ୍ଠିତ ବୋଲି ବୁଝନ୍ତି । ବୈଦ୍ୟ ଶାସ୍ତ୍ରରେ ଏ ଦେଶରେ ଯାହା ହୋଇଯାଇଚି, ତାହା ଡାକ୍ତରୀ ବିଜ୍ଞାନ ଏବେ ବି କରିପାରି ନାହିଁ ବୋଲି କେତେକଙ୍କର କେବଳ ମତ ନୁହେ; ବିଶ୍ୱାସ ମଧ୍ୟ ।

Digitized by PPRACHIN, SOA

ଏଥିରେ କେତେ ସତ କେତେ ମିଛ, ତାହା ବୈଜ୍ଞାନିକ ଭାବରେ ଆଲୋଚନା କରିବା ଦୁଷ୍କର ।

ତେବେ ଏବର ହିପ୍‌ନଟିଜିମ୍ ଭାରତୀୟ କୁହୁକ ବିଦ୍ୟା ଗତ ସମ୍ମୋହନ ବିଦ୍ୟା ଉପରେ ପ୍ରତିଷ୍ଠିତ । ଭାରତର 'ଯୋଗ' କଅଣ ଥିଲା, ତା ଏବେ ବି ଅନୁସନ୍ଧାନରେ ଆସି ନାହିଁ । ଯୋଗକୁ ସାଧନ କରି ମଧ୍ୟ ଭୌତିକ ବିଜ୍ଞାନ ହୁଏତ ଅନୁସନ୍ଧାନ କରାଯାଉଥିଲା । କେବଳ ବୈଦ୍ୟ ଶାସ୍ତ୍ରଟି ଦେଖିଲେ ମଧ, ଏପରି ପୂର୍ଣ୍ଣ ଶାସ୍ତ୍ରଟିଏ ହଠାତ୍ ଚରକ ସୁଶ୍ରୁତଙ୍କଠାରୁ କିପରି ବାହାରିଲା, ତାହା ଭାବିବାର ବିଷୟ । ବୈଦ୍ୟ ଶାସ୍ତ୍ରରେ ମଧ ଅଛି, ଯୋଗ ସାଧନ ବିନା ଚିକିତ୍ସାରେ ପ୍ରବୀଣ ହେବା ଦୁଷ୍କର । ନୂତନ ଆବିଷ୍କିୟାରେ ଯୋଗହି ଶ୍ରେଷ୍ଠ ସାଧନ । ମହେଂଜୋଦାରୋରେ ପୁଣି ସିଦ୍ଧ ଯୋଗୀଦେବ (ମହାଦେବ) ଓ ଯୋଗନିଷ୍ଠ ମାନବର ୫୦୦୦ ବର୍ଷର ପ୍ରତିକୃତି ଦେଖାପଡୁଚି । ବିଶେଷ କହିବାର କଥା, ଏ ସବୁ ପରଂପରା ଭାରତ ସମାଜରେ ଏବେ ବି ଛିଣ୍ଡି ନାହିଁ । ତଥାପି ସତ୍ୟାସତ୍ୟର ଅନୁସନ୍ଧାନ ସାମଗ୍ରୀ ସେ ସବୁ ପରଂପରାରେ ନ ଥିବାରୁ, ସେ ସବୁ ବିନା ବାଛବିଚାରରେ କ୍ରମେ କୁସଂସ୍କାର ଗଦାକୁ ଯାଉଚି ।

୧୦୦ ବର୍ଷ ତଳେ ଜର୍ମାନିରେ 'ପାଣିନି' ଦିନେ ହଠାତ୍ ଇଦାନୀନ୍ତନ ସଭ୍ୟ ଜଗତରେ ବିସ୍ମୟ ଜନ୍ମାଇ ଦେଇଥିଲା । ସେଥିରୁ ଭାଷାତତ୍ତ୍ୱ ଅନୁସନ୍ଧାନ ମୂଳରୁ ପୁଣି ଆରମ୍ଭ ହେଲା । ଆଜି ଡାକ୍ତର ପୋଲ୍‌ମ୍ୟାନଙ୍କ ପ୍ରାଚୀନ ଗ୍ରନ୍ଥ ଚର୍ଚ୍ଚାରୁ କଣ ବାହାରୁଚି, ଦେଖାଯାଉ ।

(୨)

ଅନେକ ଦୁଃଖ କରୁଚନ୍ତି, ଏପରି ଉପାଦେୟ ଗ୍ରନ୍ଥ ସବୁ ଭାରତରୁ ବିଦେଶକୁ ଚାଲିଯାଉଛି । ମାତ୍ର ଉପାଦେୟ ଗ୍ରନ୍ଥ ଏ ଦେଶରୁ ଯାଉ ନାହିଁ । ଗ୍ରନ୍ଥ ସବୁ ଚାଲିଯିବା ପରେ, ହୁଏତ ସେଥିରୁ ଉପାଦେୟ ଗ୍ରନ୍ଥ ବାହାରୁଚି । ଆମେ ଏଥିରେ ଖାଲି ଦୁଃଖ କଲେ ହେବ ନାହିଁ । ଆମର ଭଲ ମନ୍ଦ ସବୁ ପ୍ରକାର ପ୍ରାଚୀନ ପୁସ୍ତକ ସଂଗ୍ରହ କରି, ତାହାର ଫଟୋ ପ୍ରଭୃତି କରାଇ ଏ ଦେଶରେ, ପୁଣି ବିଦେଶରେ ପ୍ରଚାର କରିବା ଉଚିତ । ଏତେଦିନ ତାହା ସରକାର କରି ନାହାନ୍ତି । ତେଣୁ ଭଲ ଭାବରେ ହୋଇପାରିନାହିଁ । ଏବେ ମଧ ଯେପରି ଦେଖାଯାଉଛି, ବହୁକାଳ ଧରି ତା ହେବାର ଆଶା ନାହିଁ । ଏ ଦେଶର ସରକାର ହେଲେ, ସେ ସବୁ 'ବାଜେ' କାମରେ ହୁଏତ ମନ ଦେବେ ନାହିଁ । 'ବିଶ୍ୱବିଦ୍ୟାଳୟ' ଉଠାଇ ପ୍ରାଥମିକ ଶିକ୍ଷାରେ ମନ ଦେବା ପାଇଁ ହୁଏତ ଅଧିକାଂଶ ମତ ଦେବେ । ଯେଉଁମାନେ ପର ସଭ୍ୟତାକୁ ଦୂରରୁ ଅନୁକରଣ କରନ୍ତି, ସେମାନେ ମାନବ ସଭ୍ୟତାର ଯଥାର୍ଥ ମର୍ଯାଦା ବୁଝିବା ବଡ଼ କଷ୍ଟ । ଆହରଣର ସମନ୍ୱୟରେ ନିଜତ୍ୱ ଫୁଟାଇବା ଏବେ ସ୍ୱାଧୀନତାକାମୀ ଭାରତୀୟ ପକ୍ଷରେ ଦୁଷ୍କର ବୋଲି ମନେ ହେଉଚି । ଏ ଅମଳରେ ଆମର ପରାଧୀନତା କେବଳ ଶାରୀରିକ ବା ଭୌତିକ ନୁହେ । ଏହା ଆତ୍ମିକ । ଯେତେ

Digitized by PPRACHIN, SOA

'ପୂର୍ଣ୍ଣ ସ୍ୱାଧୀନତା' ଆସିଲେ ମଧ୍ୟ, ଯଥାର୍ଥ ଆତ୍ମିକ ସ୍ୱାଧୀନତାର ବାଟ କିପରି ଫିଟିବ, ତାହା ଏବେ ଭାବିବାର କଥା । ଆଧିଭୌତିକ ବିପ୍ଳବ ଦରକାର ହୋଇପାରେ, ମାତ୍ର ସେଥିରେ ଆଧ୍ୟାତ୍ମିକ ବିଧ୍ୱଂସ କଦାପି କାମ୍ୟ ନୁହେ । କେଉଁଟି 'କାର୍ଯ୍ୟର', କିଏ 'ବାଜେ'— ଏହା ଠିକ୍ କରିବାରେ ଆତ୍ମିକ ପ୍ରତିଷ୍ଠା ଲୋଡ଼ା । ଆତ୍ମଜ୍ଞାନହିଁ ଆତ୍ମଲାଭର ଯଥାର୍ଥ ଉପାଦାନ ।

## ସାହିତ୍ୟର ସ୍ୱରୂପ

ସାଧାରଣତଃ ସାହିତ୍ୟ ବୋଇଲେ ଆମେ ବୁଝୁ, କେତେଗୁଡ଼ିଏ ଲେଖା । ସେ ଲେଖାରେ ସାଧାରଣତଃ ଅଳଙ୍କାର ଥାଏ, ବ୍ୟଞ୍ଜନାର ସଂକେତ ଥାଏ ଓ ବର୍ଣ୍ଣନାର ବିଚିତ୍ରତା ଥାଏ । କିଂତୁ ଯଥାର୍ଥ ସାହିତ୍ୟ ତାହା ନୁହେ । ଏ ସମସ୍ତ ଲେଖା ଭିତରେ ସାହିତ୍ୟ ହେଉଚି ଗୋଟିଏ ସ୍ୱତନ୍ତ୍ର ବସ୍ତୁ । ସେଇ ବସ୍ତୁଟି ଖୋଜି ଦେଖିଲେ, ସାହିତ୍ୟର ସ୍ୱରୂପ ବୁଝାପଡ଼େ । ସେଥିପାଇଁ କୁହାଯାଏ, ସାମାଜିକ ଜୀବନ ବିକାଶର ପ୍ରକାଶ ହେଉଚି, ସାହିତ୍ୟ । ସେଇ ଜୀବନର ଧାରା ଖୋଜି ବାହାର କଲେ ଜାତି ବିଶେଷର ସାହିତ୍ୟ ବୁଝାପଡ଼େ । ଉଦାହରଣରେ ବଂଗଳା ଓ ଓଡ଼ିଆ ସାହିତ୍ୟର ଏଇ ସ୍ୱରୂପ ସଂକେତରେ ଦେଖାଯାଉ । ବଂଗଳା ସାହିତ୍ୟ ହେଉଚି, ମୂଳତଃ ଭାବ-ତରଳ ଓ ସେଇ ତରଳତାରେ ଭାବର ଅନନ୍ତ ଆଡ଼କୁ ଗତି । ମହାଭାରତର କର୍ଣ୍ଣ ବଂଗଳାରେ କି ରୂପ ଧରିଚି ? କର୍ଣ୍ଣପୁତ୍ର ବିଶ୍ୱକ୍‌ସେନ ବ୍ୟାସଙ୍କ ମହାଭାରତରେ ନାଇ । ଅତିଥି ଆସି ଭୋଜନ ମାଗିଲେ । କର୍ଣ୍ଣ, ମହାଦାନୀ । ଭୋଜନ ଦେବାକୁ ଅଙ୍ଗୀକାର କରିଚନ୍ତି । ଅତିଥି କହିଲେ, 'ପୁଅ ବିଶ୍ୱକ୍‌ସେନଙ୍କୁ ମା ଧରିବେ, ବାପ କାଟିବେ । କାହାରି ମୁହଁ ଟିକିଏ ମଳିନ ବା ବିମର୍ଷ ହେବ ନାଇ—ଲୁହ ଗଡ଼ିବା ତ ଦୂରର କଥା । ସେଇ ମାଂସକୁ ମା ରାନ୍ଧି ପରଶିଲେ ଅତିଥି ଖାଇବେ । ବଂଗଳା କର୍ଣ୍ଣ ଓ କର୍ଣ୍ଣପତ୍ନୀ ଆତିଥେୟତାର ଅନନ୍ତ ପ୍ରେରଣାରେ ଅବିଷର୍ଣ୍ଣ ଭାବରେ ପୁଅକୁ କାଟି ରାନ୍ଧି ଅତିଥିକୁ ଭୋଜନ ଦେଲେ । ଓଡ଼ିଆ ଜୀବନ କର୍ମ କଠୋର । ସାଧନାରେ ଶୁଷ୍କ । ବ୍ରହ୍ମଚର୍ଯ୍ୟ ଅର୍ଥାତ୍ ବୀର୍ଯ୍ୟଧାରଣ ସେଇ ସାଧନାର ମହାପ୍ରତୀକ । ସେଥିରେ ଟିକିଏ ମାତ୍ର ଏ ପାଖ ସେ ପାଖ ହେବାର ନାଇ । ଯେତେ ମହାମାନବ ହେଉ ନା କାହିଁକି, ଏ ଦୁର୍ବଳତାରେ କ୍ଷମା ନାଇ । ସେଥିପାଇଁ ଓଡ଼ିଆ ସାରଳାଦାସଙ୍କ ମହାଭାରତରେ କୁଳବୃଦ୍ଧ ଭୀଷ୍ମଙ୍କଠାରେ ମଧ୍ୟ ଏଇ ଶଙ୍କା ଅସହ୍ୟ ହୋଇଚି । ଶିଖଣ୍ଡୀ ପୂର୍ବ ଜନ୍ମରେ ଥିଲେ ନାରୀ । ସେ ଥିଲେ ଅମ୍ବା । ଭୀଷ୍ମଙ୍କଠାରେ ତାଂକର ଆସକ୍ତି ଥିଲା । ଭୀଷ୍ମ କିଂତୁ ଯୌବନରେ ତାଂକୁ ପ୍ରତ୍ୟାଖ୍ୟାନ କରିଥିଲେ । କୁରୁକ୍ଷେତ୍ର ରଣାଙ୍ଗନରେ ଶିଖଣ୍ଡୀ ଭୀଷ୍ମଙ୍କ ଆଗରେ ଧନୁ ଧରି ଛିଡ଼ାହେବା ମାତ୍ରକେ ଭୀଷ୍ମଙ୍କର ସେଇ ଅମ୍ବା କଥା ମନେ ପଡ଼ିଗଲା । ସାରଳା ଦାସ କହନ୍ତି, ସେଥିରେ ଭୀଷ୍ମଙ୍କର ରେତ ଚଞ୍ଚଳ ହେଲା । ସେତିକିରେ ସର୍ବନାଶ । ମହାବୀର ଭୀଷ୍ମ ରଥ ଉପରୁ ଖସିପଡ଼ିଲେ । ତାଙ୍କ କଥା ସେତିକି ।

Digitized by PPRACHIN, SOA

ଏଇପରି ଦୃଷ୍ଟିରେ ସାହିତ୍ୟର ସ୍ୱରୂପ ଖୋଜି ଦେଖିବାକୁ ହେବ । ଜାତୀୟ ସାହିତ୍ୟରେ ଏଇପରି ଜାତୀୟ ସ୍ୱରୂପକୁ ଧରି ପାରିଲେ ସାହିତ୍ୟର ମୂଳ ଓ ମେରୁଦଣ୍ଡ ସ୍ପଷ୍ଟ ହେବ । ତେଣିକି ସମସ୍ତ ସାହିତ୍ୟ ସେଇ ମେରୁଦଣ୍ଡର ଆଦାନ ଓ ଶ୍ରୀବୃଦ୍ଧି ହେବ । ଆହରଣରେ ଏଇ ମେରୁଦଣ୍ଡର ପୁଷ୍ଟ ହୁଏ । ତା ନ ହେଲେ, ସାହିତ୍ୟର ଧାରା ଭ୍ରଷ୍ଟ ହୁଏ । ଆହରଣ ଏଇଠାରେ ଯଥାର୍ଥତା ହରାଇ ଅଯଥା ଅନୁକରଣରେ ପରିଣତ ହୁଏ ।

# ଭାରତ ସାହିତ୍ୟ ଓ ସାହିତ୍ୟରେ ଜୀବୀଧର୍ମ

ବେଶ୍ କଥାଟି ଅଛି – "ବିନାଶ୍ରୟେ ନ ବର୍ତନ୍ତେ କବିତା ବନିତା ଲତା ।" ଏ କଥାଟା ଖୁବ୍ ସମ୍ଭବ ରାଜାରାଜୁଡ଼ାଙ୍କଠାରୁ କବିଙ୍କ ଭିଖ ମଗା ଗୀତ । ସେ ହିସାବରେ ଅର୍ଥ ହେଉଚି, ରାଜାରାଜୁଡ଼ା ଆଶ୍ରା ବିନା କବିତା ତିଷ୍ଠି ପାରିବ ନାହିଁ । କିନ୍ତୁ ଏ ଦେଶରେ ସାଧାରଣତଃ କବିମାନଙ୍କ ଲେଖାସବୁ ଦ୍ୱର୍ଥକ, ତ୍ର୍ୟର୍ଥକ ଓ ଆଉରି ବେଶି ଅର୍ଥକ ମଧ୍ୟ ହୁଏ । ବନିତା ଓ ଲତା ସଂଗେ ଲାଗିବାରୁ କବିତା ସଂଗେ ଏଠି ଯୌନରସ ସୂଚନା ଏକ ପ୍ରକାର ସ୍ପଷ୍ଟ । ଆମ କବିତାରେ ଯୌନରସକୁ ଆଲଙ୍କାରିକମାନେ ଆଦିରସ ବୋଲି କହିଚନ୍ତି । କବିତାରେ ଅନ୍ୟାନ୍ୟ ରସ ଅଛି । ତା ଥାଏ । କିନ୍ତୁ ରାମାୟଣ ମହାଭାରତ ପ୍ରଭୃତି ପରି ବିଷୟର ପୃଷ୍ଠଳ ବିକାଶମୟ କବିତା ଓ ବେଦ ପ୍ରଭୃତି ପରି ଛନ୍ଦୋବଦ୍ଧ ସ୍ତୁତି ଛାଡିଦେଲେ, ଆଉସବୁ କବିତା ଏଇ ଆଦିରସର ଭିତ୍ତି ଉପରେ ପ୍ରତିଷ୍ଠିତ କହିଲେ ଚଳେ । କେବଳ ଭାରତରେ ଏକଥା ନୁହେଁ, ପୃଥିବୀରେ ସର୍ବତ୍ର । ବିଶେଷତଃ ବିକଶିତ ସାହିତ୍ୟରେ ଏ ଲୀଳା ବେଶୀ । ବରଂ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଯେତେ ଯେତେ ଭାବରେ ଯେ କବିତା ପ୍ରାଣରେ ଯୌନଲୀଳା ସ୍ପନ୍ଦନ ଜନ୍ମାଇ ପାରେ, ସେ କବିତା ସେତେ ଭଲ ବୋଲି ବିବେଚିତ ହୁଏ ।

ଆମ ଗାଁମାନଙ୍କରେ ଶବର ଶବରୁଣୀ ଯାତ, କେଳା କେଳୁଣୀ ଯାତ ପ୍ରଭୃତିରେ ଏହା ଖୁବ୍ ଦେଖାଯାଏ । ହୁଏତ ଆଦିମ ମାନବର ଆଦି କବିତା, ଯୁବକ ଯୁବତୀର ଏଇ ମିଳନ ସ୍ପୃହାରେ ଫୁଟିଥିଲା । ମାତ୍ର ଏଠି ଗୋଟିଏ କଥା ଲକ୍ଷ୍ୟ କରିବାର ଅଛି । ଏଇ ଆଦିମ କବିପ୍ରାଣର ସ୍ପନ୍ଦନ ଓ ଉଚ୍ଛ୍ୱାସ ପ୍ରକାଶ କରିବାକୁ ଯାଇ ଭାରତୀୟ ଆଦିକବି ବାଲ୍ମୀକୀ କଥାଟାକୁ ଟିକିଏ ଆଚ୍ଛାକରି ବଙ୍କେଇ ଦେଇଛନ୍ତି ।

ଆମର ଆଦି କବିତାଟି ହଉଚି–

"ମାନିଷାଦ ପ୍ରତିଷ୍ଠାତ୍ୱମଗମଃ ଶାଶ୍ୱତୀଃସମାଃ
ଯତ୍ କ୍ରୌଞ୍ଚମିଥୁନାଦେକ ମବଧୀଃକାମ ମୋହିତଂ"

ସ୍ୱର୍ଗତ ମଧୁସୂଦନ ରାଓ ଏ ଶ୍ଳୋକଟିକୁ ଅନୁବାଦ କରିଛନ୍ତି–

Digitized by PPRACHIN, SOA

"ନ ପାଅ ପ୍ରତିଷ୍ଠା ଆରେ ବ୍ୟାଧ ତୁ କାଳଶାଶ୍ୱତ, ବଧିଲୁ କ୍ରୌଞ୍ଚ ଯୁଗ ହା ଗୋଟିଏ କାମ ମୋହିତ" ତଥାପି ପଢ଼ିଲାକ୍ଷଣି ହଠାତ୍ ଯେପରି ମନେହେଉଚି, ଶରମରା ହବା ବଗଟି କାମ ମୋହିତ ହୋଇନଥିଲେ ସତେ ଯେପରିକି କବିଙ୍କର କରୁଣା ଏପରି କବିତାରେ ଫୁଟିନଥାନ୍ତା । କବିତା ସଂଗେ କାମର ଯେପରିକି ନିତ୍ୟ ସଂବନ୍ଧ ।

ଅବଶ୍ୟ ଟିକିଏ ଭାବି ଦେଖିଲେ ଦେଖାଯିବ, ଏ କ୍ଷେତ୍ରରେ ମଧ୍ୟ ଅନ୍ୟାନ୍ୟ ଦେଶର ସାହିତ୍ୟ ପରି ଏ ଦେଶରେ ସାହିତ୍ୟ କବିତା, ଯୌନଚର୍ଯାରେ ସେତେ ଭାରାକ୍ରାନ୍ତ ନୁହେ । ତାର କାରଣ ଅଛି । ଅନ୍ୟାନ୍ୟ ମାନବ ସମାଜରେ ଯୌନ ସମାଗମରେ କେବଳ ଯୌନ କ୍ରିୟାର ଅତ୍ୟନ୍ତ ଚରିତାର୍ଥତା ଛଡ଼ା ଅନ୍ୟ କିଛି ମହତ୍ତର ଆଦର୍ଶ ନାଇ । ନର ନାରୀର ଯୌନ ସମାଗମକୁ ଏକ ଏକନିଷ୍ଠ ଅଭିନ୍ନ ଓ ସ୍ଥାୟୀ ଯୌନ ସମାଗମରେ ପରିଣତ କରିବା ଛଡ଼ା ଅନ୍ୟ ଆଦର୍ଶକୁ ସେମାନେ ଯାଇନାହାନ୍ତି ।

କିଂତୁ ଭାରତରେ ଏଇ ଯୌନ ସମାଗମର ଆଦର୍ଶ ହେଉଚି, ସନ୍ତାନ । 'ଋତୌ ଯାୟାମୁପେୟାତ୍' କଥାଟି ଏ ଦେଶରେ ବହୁ ପ୍ରାଚୀନ । ସେଇପରି ମଧ୍ୟ ସ୍ମୃତି କହନ୍ତି, 'ପୁତ୍ରାର୍ଥେ କ୍ରିୟତେ ଭାର୍ଯା', 'ଭାର୍ଯା ପୁତ୍ରପ୍ରୟୋଜନା' । ଆଜିର ଅର୍ଥନୀତି, ପରିସ୍ଥିତି ଓ ଇତିହାସର କଳନାରେ ଯେକୌଣସି କାରଣରୁ ହେଉ ଭାରତରେ ଏଇ ସାମାଜିକ ଆଦର୍ଶଟି ବଡ଼ ଦୃଢ଼ ଭାବରେ ଫୁଟିଥିଲା । ପକ୍ଷାନ୍ତରେ ଅନ୍ୟ କୌଣସିଠାରେ ତା ସେପରି ହୋଇନାଇଁ । ଅନ୍ୟ ଦେଶମାନଙ୍କରେ ତେଣୁ ମୋଟାମୋଟି କବିତା ବୋଇଲେ ବୁଝାଯାଏ, ନରନାରୀର ସମାଗମରେ ଯେଉଁ ରସ ପ୍ରକଟିତ ହୁଏ, ସୁଚନା ବା ବର୍ଣନାରେ ତାକୁଇ ଘାଣ୍ଟିବା, ଏଥିରେ ପୁଣି ମାନବର ଭାବୋଦ୍ରେକ କରାଇବା ବଡ଼ ସହଜ ହୁଏ ।

"ବନ ବନିତା ଯାଉଛି କଳସୀ କାଖେଇ ମୋ ଆଡ଼କୁ ଚାହୁଁଛି ସେ ପାଖେଇପାଖେଇ ।" ବୋଇଲେ ସୁନ୍ଦର କବିତାଟିଏ ହୋଇଗଲା । ଶବ୍ଦ ସୁନ୍ଦର, ଭାବ ସୁନ୍ଦର, ଚିତ୍ର ସୁନ୍ଦର । ଏସବୁ ସୁନ୍ଦର କାହିଁକି ? ତା କହିବା ଦରକାର ନାଇ । ଯଦି ଆମେ କହୁ—

"ଯାଉଚିରେ ବନବୃଦ୍ଧ ଟୋକେଇ କାଖେଇ
ବିକିବ ସେ ଓଉଯାକ ଗୋଟେଇଗୋଟେଇ"

ଏ କ'ଣ କବିତା ହେଲା ? ବୁଢ଼ା ବିଚାରା ଖାଇବାକୁ ନ ପାଇ ଟୋକେଇଟିଏ ଧରି ବିକିକରି ଗଣ୍ଡେ ଚାଉଳ କିଣିବ ବୋଲି ଓଉ ଗୋଟାଇ ବୁଲୁଚି । କିନ୍ତୁ ଏଥିରେ କରୁଣାର ଉଦ୍ରେକ ହେଉନାଇ । ହେଲେ, ତାସଙ୍ଗରେ ଗୋଟିଏ ଷୋଡ଼ଶୀ ଝିଅ ଥାନ୍ତା । ହୁଏତ ଛିଣ୍ଡା କନା ଭିତରୁ ତା'ର ଚାରୁ ସ୍ତନ ଓ ଗୁରୁ ନିତମ୍ବ ଟିକିଏ ଟିକିଏ ପଥିକ ଆଡ଼କୁ ଚୋରା ଚାହାଣି ମାରୁଥାନ୍ତା । ତେବେ ସେଇ ବୁଢ଼ା, ସେଇ ଟୋକେଇ ସମସ୍ତେ କବିତା ହୋଇଯାନ୍ତେ ।

ଯୌନଚର୍ଯାଟା ଲୁଚାଇକରି କରିବାକୁ ହୁଏ । କୌଶଳରେ ମଙ୍ଗାଇକରି ବା ହୃଦୟ କିଣି କରିବାକୁ ହୁଏ । ତେଣୁ ଅଳଙ୍କାରିକମାନଙ୍କର କବିତାରେ ଧ୍ୱନିର ସମାବେଶ ।

Digitized by PPRACHIN, SOA

ଧ୍ୱନିର ମୋଟାମୋଟି ଅର୍ଥ ହେଉଚି, ଯାହା ସୂଚନାରେ ବା ସଙ୍କେତରେ କୁହାନଯାଇ ମଧ୍ୟ କୁହାଯାଏ । ଯେପରିକି, ଗୃହସ୍ଥର ଯୁବତୀ ନାରୀ ସନ୍ଧ୍ୟାରେ ପଥିକକୁ କହୁଚି, 'ହଇହେ ପଥିକ ! ଦିନଯାକ ରହିଲ । ସନ୍ଧ୍ୟାବେଳକୁ ବାହାରିଯିବ । ଘରେ ଆମର ଆଜି କେହି ନାହାନ୍ତି । ରାତିଟାରେ ଏକା ହୋଇ କିପରି ଏଡ଼େ ଘରଟାରେ ରହିବି । ମତେ ଡର ମାଡ଼ିବ । ରାତିଟା ରହିଯାଇ ସକାଳୁ ଗଲେ ହୁଅନ୍ତାନି ?' ଏଥିରୁ ଯାହା ଧ୍ୱନି ବାହାରିଲା, ଆଉ ବୁଝାଇବା ଦରକାର ନାଇ ।

ଜୀବୀଧର୍ମ ଉପରେ ନିର୍ଭର କରି ଏପରି ଅତି ସ୍ୱାଭାବିକ ଭାବ ଫୁଟାଇ ଦେଖାଇବା ପାଇଁ ଯୌନକ୍ରିୟା ଅତି ପ୍ରାଚୀନ କାଳରୁ କବିତା ପାଇଁ ବ୍ୟବହାର କରାଯାଇଚି । ତଥାପି ଏହା ମଧ୍ୟ ଲକ୍ଷ କରିବାର ଅଛି, ଯୌନ ସଂଯମ ହେଉଚି, ସମାଜର ମାପକାଠି । ଏଇ ସଂଯମଇ ଜୀବୀ ମାନବକୁ ସାମାଜିକ ମାନବରେ ପରିଣତ କରେ । ଏଇ ଯୌନ ସଂଯମ ଯେଉଁ ସମାଜରେ ଯେତେ ପ୍ରକଟିତ, ସେ ସମାଜ ସେତେ ସଭ୍ୟ । ସେଥିପାଇଁ ଅତି ପ୍ରାଚୀନ କାଳରୁ ପତ୍ରରେ ଏଇ କ୍ରିୟାରସ୍ଥାନ ଘୋଡ଼ାଇବାଠାରୁ ଆରମ୍ଭ କରି କ୍ରମେ କ୍ରମେ କୌପୀନ ମାରିବା ଓ ଲୁଗା ପିନ୍ଧିବା ପର୍ଯନ୍ତ ସଭ୍ୟତା ତଥା ସଂସ୍କୃତିର ଚିହ୍ନ ବୋଲି ଧରାଯାଏ ।

ସ୍ୱଚ୍ଛନ୍ଦ ଇନ୍ଦ୍ରିୟ ସେବା ଜଘନ୍ୟ । ଏହା ସମାଜରେ ଭ୍ରଷ୍ଟତା ଆଣେ । କାମେନ୍ଦ୍ରିୟ କାମନା ସବୁ ଇନ୍ଦ୍ରିୟ ଭୋଗ କାମନା ଭିତରେ ବଳବତ୍ତମ । ତେଣୁ ଆମ ସାହିତ୍ୟରେ ଏହାରି ନାମହିଁ କାମ ବା କାମନା । ଏହି ଭୋଗ ପ୍ରଜନନ ପାଇଁ ଜୀବୀର ନିତ୍ୟ ସଂଗୀ ହେଲେହେଁ ମାନବର ମାନବତ୍ୱ ହେଉଚି, ଏଥିରେହିଁ ହେବା ଓ ଏହାକୁ ଲୁଚେଇ କରି କରିବା । କାହିଁକି ନା, ସାମାଜିକତାର ଜୀବୀ ମାନବର ଯଥାର୍ଥ ମାନବତ୍ୱ । ସାମାଜିକତାର ଧର୍ମ । ଏଇ ଧର୍ମ ଘେନି ମାନବ, ମାନବ ବୋଲି ବିବେଚିତ ହୁଏ ।

ଏଇ ଧର୍ମଭାବ, ଅର୍ଥାତ୍, ମାନବିକତାର ଯଥାର୍ଥ ସ୍ୱାଧୀନ ଦର୍ଶନ, ଏ ଦେଶର ସାହିତ୍ୟ ଓ ସଭ୍ୟତାକୁ ବହୁ କାଳୁ ପ୍ରଭାବିତ କରିଥିଲା । ପୃଥିବୀରେ ଅନ୍ୟ କୁତ୍ରାପି ଏହା ନଥିଲା । ଏଥିରୁହିଁ ଜୀବ, ଅଜୀବ ଭେଦରେ ଜୈନଧର୍ମ ଓ ତହିଁରୁ ପ୍ରକୃତି, ପୁରୁଷର ସାଂଖ୍ୟବାଦ ବାହାରି ସମସ୍ତ ଭାରତ ସତ୍ୟତାକୁ ସମୂହ ଭାବରେ ପ୍ରଭାବିତ କରିଥିଲା । ପୃଥିବୀର ଇତିହାସରେ ଅନ୍ୟ କୁତ୍ରାପି ଏହା ହେବାର ଜଣା ନାଇ । ସେଠାରେ ରଜା, ସମ୍ରାଟଙ୍କ ପରି ସ୍ୱର୍ଗର ସିଂହାସନରେ ଗୋଟିଏ ଈଶ୍ୱର କଳ୍ପନା କରି ତାଙ୍କଠାରେ ଆତ୍ମସମର୍ପଣ କରିବା, ତାଙ୍କୁ ସ୍ତୁତି ବା ତୋଷାମଦ କରି ସବୁ ସାଂସାରିକ ସୁଖରେ ଅଧିକାରୀ ହେବା ଭଳି ପ୍ରତିଷ୍ଠାନମାନ ବାହାରିଥିଲା, ଓ ସେଇ ପ୍ରତିଷ୍ଠାନମାନଙ୍କରେ ସୀମାବଦ୍ଧ ରହି ଲୋକେ ଦର୍ଶନମାନ ଫିଟାଇବାକୁ ଚେଷ୍ଟା କରିଥିଲେ । ଏହା ଦାର୍ଶନିକ ଧର୍ମ ନୁହେଁ । ଏହା ଜୀବୀ ମନରେ ପ୍ରାକୃତ ଧର୍ମ । ଆମ ବୈଷ୍ଣବ ଓ ଶାକ୍ତ ଧର୍ମ ପ୍ରଭୃତି ଏହି ପ୍ରାକୃତ

Digitized by PPRACHIN, SOA

ଧର୍ମର ଅନୁକରଣ । ମାତ୍ର ବେଦାନ୍ତର ସ୍ୱାଧୀନ ସମୀକ୍ଷା ଏହାଠାରୁ ଭିନ୍ନ । ତେଣୁ ବେଦାନ୍ତର ଦାର୍ଶନିକ ଧର୍ମ, ପୃଥିବୀରେ ଅନନ୍ୟସାଧାରଣ ।

ପ୍ରାକୃତିକ ଧର୍ମପରି ପ୍ରାକୃତ ସାହିତ୍ୟ ଓ ସେଇ ପ୍ରାକୃତ ସାହିତ୍ୟରେ କବିତା ହେଉଚି, ଯୌନାଲୀଳାର ବିବିଧ ସଂକେତ ଓ ଭଙ୍ଗୀ । ଏହା ଭାରତରେ ପ୍ରଥମେ ଅନୁକୃତ ହୋଇଛି ଖୁବ୍ ସମ୍ଭବ ଆଦିମ ପାରିସିକଙ୍କ ଠାରୁ । ତା'ପରେ ସ୍ପଷ୍ଟ ଅନୁକରଣ ହେଉଚି, ଗ୍ରୀକ୍ ସାହିତ୍ୟ ଓ କଳାରୁ । ଭାସ ଓ କାଳିଦାସ ଲେଖିଲା ବେଳକୁ ଗ୍ରୀକ୍ କାବ୍ୟ ନାଟକ ଭାରତୀୟଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିଲା । ଏ ସତ୍ୟ ପ୍ରମାଣିତ । ଆଜି ତାହା ପ୍ରମାଣ କରିବା ଦରକାର ନାଇ । ଉଦାହରଣସ୍ୱରୂପ, ଭାରତୀୟ ନାଟକରେ ପର୍ଦ୍ଦାଟିର ନାମ 'ଯବନିକା' । ଏହା ଯବନ ବା ଗ୍ରୀକ୍‌ଙ୍କଠାରୁ ଗୃହୀତ । ତାହା ପୂର୍ବରୁ ଶବର, ଶବରୁଣୀ ନାଚପରି ହୁଏତ କିଛି ଗ୍ରାମ୍ୟ କଳା ଏ ଦେଶରେ ଥିଲା, ସେଥିରେ ପର୍ଦ୍ଦା ଦରକାର ହେଉ ନଥିଲା ।

ତଥାପି କାଳିଦାସ ପ୍ରଭୃତିରେ ଯୌନକ୍ରିୟା ଗାନ୍ଧର୍ବ ବିବାହର ସ୍ୱାଧୀନତା ଓ ସ୍ୱଚ୍ଛନ୍ଦତାକୁ ନିଜର କରିଥିଲେ ମଧ୍ୟ ସମସ୍ତ ବିବାହ ହେଉଚି ପୁତ୍ରାର୍ଥ ବା ସନ୍ତାନ ଲାଭରେ ନିବଦ୍ଧ । ପରେ ଭବଭୂତି, ଭାରବୀ ଓ ମାଘ ପ୍ରଭୃତିରେ ବାରମ୍ବାର ଆର୍ଷଯୁଗକୁ ଫେରି ବାଟ ଦେଖାଇବାର ପରିସ୍ଫୁଟ ପରମ୍ପରା ପ୍ରକାଶ ପାଇଚି । ନୈଷଧ ବେଳକୁ କି ବାତ୍ୟା କାହୁଁ ଆସିଲା, ତା ଅନୁସନ୍ଧାନର ବିଷୟ । ତଥାପି ସେଥିରେ ଯୌନକ୍ରିୟାର ଅତି ବୀଭତ୍ସତା ଭିତରେ ମଧ୍ୟ ଭାରତୀୟ ଆଦର୍ଶ ଖୁବ୍ ଖୋଜି ଦେଖାଯାଇପାରେ ।

ଏ ମଧ୍ୟରେ ଶାକ୍ତଠାରୁ ସହଜିଆ ବୈଷ୍ଣବ ପର୍ଯ୍ୟନ୍ତ ନିଜର କଦର୍ଯ୍ୟ ଇନ୍ଦ୍ରିୟସେବାକୁ ବୁଦ୍ଧ ଓ ମହାଦେବ ପ୍ରଭୃତିଙ୍କ ନାମରେ ପ୍ରଚାର କରୁଥିଲେ । ମଧ୍ୟଯୁଗର ଓଡ଼ିଆ ସାହିତ୍ୟରେ ସେଥିପାଇଁ ଯେଉଁ ଘୋର ସଂଗ୍ରାମର ତାଣ୍ଡବ ଦେଖାଦେଇଚି, ତାହା ଆଉ ବେଶୀ ବର୍ଣ୍ଣନା କରିବା ଏଠାରେ ଦରକାର ନାଇ । ସେ ଘୋର ଅନୁକରଣ ଜନିତ ସ୍ୱାଦ୍ୟତାର ମହାଲୀଳାପରେ ଏବେ ଭାରତ ଏକପ୍ରକାର ପୁରାପୁରି ନିଜତ୍ୱ ହରାଇ ହୋଇଚି ଅନୁକରଣର କ୍ରୀଡ଼ନକ । ସେ ଦିନ ଶୁଣାଯାଉଥିଲା, ଆବୁଲ୍ କାଲମ ଆଜାଦଙ୍କ ପରି ମୁସଲିମ୍‌ଧର୍ମୀ ଓ ଦାର୍ଶନିକକୁ ଧରି ଆମ ରାଷ୍ଟ୍ରନେତା ପୃଥିବୀରେ ଭାରତ ସଂସ୍କୃତି ଓ ଦର୍ଶନ ବୁଝାଇ ଦେଖାଇବା ପାଇଁ ବିଦେଶକୁ ପଠାଇବାର କଳ୍ପନା କରୁଥିଲେ । ଅନୁକରଣର ବୀଭତ୍ସତା ସଂଗେ ଗୌଣତ୍ୱ ମନୋଭାବର ପ୍ରଭାବ ଆଉ କେତେ ଦୂର ଯାଇପାରେ ?

ସେଇ ଅନୁକରଣରେ ଆମ କବିତା କଳା ଓ ରଚନାମୂଳକ ସାହିତ୍ୟ ଆଉ କୁଆଡ଼କୁ ନ ଚାହିଁ ତଥାକଥିତ ପ୍ରଗତିପନ୍ଥାରେ ଆଗକୁ ଛୁଟିଚି । ଯୁବକ, ଯୁବତୀ, କେତେ ପ୍ରକାରରେ, କେତେ ଭଙ୍ଗୀରେ, କେତେ ସଂକେତରେ କିପରି ମିଳିତ ହୋଇ ମାନବ ସମାଜରେ 'ବିଧାତାଙ୍କ ଗୁପ୍ତଲୀଳା'କୁ ପରିସ୍ଫୁଟ, ପ୍ରକଟିତ କରି ଜନତା ଆଗେ ସ୍ୱାଦ୍ୟ

Digitized by PPRACHIN, SOA

ସାହିତ୍ୟ ବାଢ଼ିବେ, ସେଇ ସବୁ ପ୍ରାକୃତ ପ୍ରଚେଷ୍ଟା ଚାରିଆଡ଼େ ଫିଟୁଚି । ଏଥିରେ ଭାରତର ସ୍ୱାଧୀନତା ଯଥାର୍ଥ ସାଂସ୍କୃତିକ ପରାଧୀନତାରେ ଯେ ପରିଣତ ହେଉଚି, ସେତିକି ନୁହେଁ, ଦାର୍ଶନିକ ଭାରତର ସନାତନ ସମାଜସେବା ତଥା ଯଥାର୍ଥ ଭାରତକୁ ଚିହ୍ନାଇବାର ବିରାଟ ଓ ବଳିଷ୍ଠ ପରଂପରା ଏଥିରେ ଧ୍ୱଂସ ହେଉଚି । ଜୀବୀ ଧର୍ମରେ ଖାଇପିଇ ରହିଲେ ଏହା ଭାରତ, ଭାରତ ହେବନାଇ । ସାହିତ୍ୟର ମୌଳିକତା ଓ ବଳିଷ୍ଠତା ପୃଥିବୀରେ ଭାରତକୁ ଭାରତ କରିବ ।

[ନବଭାରତ, କନ୍ୟା ୧୩୫୬]

# ଆଲୋଚନା

## ସାହିତ୍ୟରେ କାହାଣୀ ଓ କିଂବଦନ୍ତୀ

ସେଦିନ କବି ଦୀନକୃଷ୍ଣଦାସଙ୍କୁ ଘେନି ଉତ୍ସବଟିଏ ହୋଇଥିଲା । ଓଡ଼ିଆରେ କବି ଦୀନକୃଷ୍ଣଦାସ ଦୁଇଜଣ । ଜଣେ ହେଉଚନ୍ତି ପ୍ରସିଦ୍ଧ ରସକଲ୍ଲୋଳର କବି, ଅନ୍ୟଜଣକ 'ରସ-ବିନୋଦ', 'ପ୍ରସ୍ତାବସିନ୍ଧୁ' ଓ 'ଗୁଣସାଗର' ପ୍ରଭୃତିର କବି । ଦୁଇଜଣଙ୍କୁ ଏକ ବୋଲି ପ୍ରମାଣ କରିବାକୁ କେହି କେହି ପ୍ରଯତ୍ନ କରିନ୍ତି । ମାତ୍ର ଅନ୍ୟାନ୍ୟ ବିଚାର ଛାଡ଼ି ଦେଲେ ମଧ, ଖାଲି ଭାଷା ବିଷୟ ନିର୍ବାଚନ ଓ ପ୍ରୟୋଗ ନିପୁଣତାରେ ମଧ ଦୁହେଁ ଏକ ନୁହନ୍ତି ବୋଲି ବୁଝାଯାଇଚି । ସେ ଯା ହେଉ, ଜଣେ ଦୀନକୃଷ୍ଣଦାସଙ୍କୁ, ବେଶି ଭକ୍ତ ହେବାରୁ ସହି ନପାରି, ପୁରୀର ତତ୍‌କାଳୀନ ରାଜା ('ଦିବ୍ୟସିଂହଦେବ') ରାଜ୍ୟରୁ ବାହାର କରି ଦେଇଥିଲେ ବୋଲି ଯେ ପ୍ରବାଦଟି ଅଛି, ତାରି ଉପରେ ଖୁବ୍ ଆଲୋଚନା, ଏ ଉତ୍ସବରେ ହୋଇଥିବାର ଶୁଣାଗଲା ।

### ଭକ୍ତଙ୍କ ମିଥ୍ୟାପ୍ରଚାର

ଭକ୍ତି ଧର୍ମରେ ଓ ଭକ୍ତମାନଙ୍କ ସମ୍ବନ୍ଧରେ ଏପରି ପ୍ରବାଦମାନ ଖୁବ୍ ଶୁଣାଯାଏ । ଏସବୁ ମିଥ୍ୟା ଓ ଗଢ଼ା କଥା । ଏପରି ମିଥ୍ୟାକଥା କାଢ଼ିବା ଓ ପ୍ରଚାର କରିବା ଭକ୍ତମାନଙ୍କର ଗୋଟିଏ ଦୁରାରୋଗ୍ୟ ରୋଗ । ସଂସ୍କୃତର 'ଭକ୍ତମାଳା' ଓ ବିଶେଷରେ ଓଡ଼ିଆ ଭାଷାରେ ଲେଖା 'ଦାର୍ଢ୍ୟତା-ଭକ୍ତି' ଗ୍ରନ୍ଥ, ଏ କ୍ଷେତ୍ରରେ ସ୍ପଷ୍ଟ ଉଦାହରଣ । କବିକର୍ଣ୍ଣଙ୍କ 'ପାଲା' ଗୁଡ଼ିକ ଏ କ୍ଷେତ୍ରରେ ଆଉରି ଏକ ବିକଟ ଓ ଉତ୍କଟ ଦୃଷ୍ଟାନ୍ତ । ଏବେ 'ତ୍ରିଦଣ୍ଡୀଭିକ୍ଷୁ ଭକ୍ତିପ୍ରଦୀପତୀର୍ଥ' ବୋଲି ଜଣେ ଗୌଡ଼ୀୟ ବୈଷ୍ଣବ, 'ଚୈତନ୍ୟ ମହାପ୍ରଭୁ' ବୋଲି ଇଂରେଜୀରେ ଏକ ବିରାଟ ପୁସ୍ତକ ଲେଖିଚନ୍ତି । ସେଥିରେ ଚୈତନ୍ୟଙ୍କ ସମ୍ବନ୍ଧରେ ଏଇପରି ମିଥ୍ୟାମାନ ତିଆରି କରି ପ୍ରଚାର କରିବା ଛଡ଼ା ଅନ୍ୟକିଛି ଉଦ୍ଦେଶ୍ୟ ନାଇ ବୋଲି ମନେହୁଏ ।

Digitized by PPRACHIN, SOA

ଉଦାହରଣ ସ୍ୱରୂପ, ସେ ମୂଳରୁ ଆରଂଭ କରିଚନ୍ତି, ଚୈତନ୍ୟ, ମାତୃଗର୍ଭରୁ ଭୂମିଷ୍ଠ ହେବାମାତ୍ରେ, ନିଜ ମା ତାଙ୍କୁ ନିଜର ଶଂଖଚକ୍ରଗଦାପଦ୍ମଧାରୀ ଚତୁର୍ଭୁଜ ବିଷ୍ଣୁରୂପ ଦେଖାଇଥିଲେ । ଭକ୍ତିଗ୍ରନ୍ଥ ଓ ଭକ୍ତିଧର୍ମର ପ୍ରବାଦ, କିଂବଦନ୍ତୀମାନଙ୍କର ଏଇପରି ମିଥ୍ୟାର ଉଦାହରଣ ବରାବର ଦିଆଯାଇପାରେ ।

## ଏପରି କଳ୍ପନା ବଡ଼ ବ୍ୟାପ୍ତ, ବଡ଼ ପ୍ରାଚୀନ

ଏସବୁ ପୁଣି ଏକା ଏଇ ଦେଶର ନୁହେ– କି ଆଜିର ନୁହେ । ଇହୁଦୀଙ୍କ ମହାପୁରୁଷ ମୂଷା (Moses) ପାହାଡ଼ରେ ଜଳନ୍ତା ନିଆଁ ଭିତରେ ତାଙ୍କ ଈଶ୍ୱରଙ୍କୁ ଦେଖି ତାଙ୍କଠାରୁ ଦଶଟି ଆଦେଶ ଶୁଣିଥିଲେ । ଖ୍ରୀଷ୍ଟଙ୍କର ଈଶା (Jesus) ଖଣ୍ଡେ ରୁଟିରେ ୪୦୦୦ ଲୋକଙ୍କୁ ପେଟ ପୂରା କରି ଖୁଆଇଥିଲେ, ଇତ୍ୟାଦି ପ୍ରବାଦ ଖୋଜି ଲେଖିବସିଲେ ସରିବ ନାଇ । ଗତ ଶତାବ୍ଦୀରେ ଷ୍ଟ୍ରଅସ୍ ସାହେବ (D.F. Strauss) ସେଥିପାଇଁ ଗ୍ରନ୍ଥ ଲେଖି ଯୁକ୍ତି ଦେଇ ପ୍ରମାଣ କରିଥିଲେ ଯେ, ମାଥ୍ୟୁ ପ୍ରଭୃତି ସନ୍ଥମାନେ ଈଶାଙ୍କ ସମ୍ବନ୍ଧରେ ଯାହା ଲେଖିଛନ୍ତି, ସେ ସବୁ ଖାଲି ମନଗଢ଼ା ଗଳ୍ପ ବା କାହାଣୀ । ଈଶାଙ୍କ ତିରୋଧାନର ପ୍ରଥମ ଦୁଇଶହ ବର୍ଷ ଭିତରେ ସେଗୁଡ଼ିକ ତାଙ୍କ ଭକ୍ତଙ୍କ କଳ୍ପନାରୁ ମାତ୍ର ବାହାରିଥିଲା ।

## କିଂବଦନ୍ତୀ ଓ ତାହାର ବ୍ୟାପ୍ତି

ଏଇପରି କଳ୍ପିତ କାହାଣୀକୁ ଇଂରେଜୀରେ କହନ୍ତି ମିଥ୍ (Myth) । ସଂସ୍କୃତ 'ମିଥ୍ୟା' ଶବ୍ଦ ସଂଗେ ଏହାର ଆଦିମ ବ୍ୟୁତ୍ପତ୍ତିଗତ ସମ୍ପର୍କ ମଧ୍ୟ ଏ କ୍ଷେତ୍ରରେ ଅନୁସନ୍ଧେୟ । ସଂସ୍କୃତରେ ମଧ୍ୟ କଥାଟି ଅଛି, 'କିଂବଦନ୍ତୀ' । ଏହାର ଆକ୍ଷରିକ ଅର୍ଥ ହେଉଚି, ଲୋକେ ଯାହା କଅଣ ଗୁଡ଼ାଏ କହନ୍ତି । ସେ ଯାହା ହେଉ, ଅତି ଆଦିମ କାଳରେ ମନୁଷ୍ୟ କାର୍ଯ୍ୟ କାରଣ ସମ୍ବନ୍ଧଯୁକ୍ତ ବୈଜ୍ଞାନିକ ଚିନ୍ତାଧାରା ସଂଗେ ପରିଚିତ ନଥିଲାବେଳେ ବିଶ୍ୱରହସ୍ୟ ଓ ଅଭାବନୀୟ ଘଟଣାମାନଙ୍କୁ ଏଇପରି କାହାଣୀ କିଂବଦନ୍ତୀରେ ବ୍ୟାଖ୍ୟା କରୁଥିଲା ଓ ଦେବଦେବୀ ଓ ମହାପୁରୁଷମାନଙ୍କ ସଂବଧରେ ଏଇପରି କଳ୍ପନାମାନ ତିଆରି କରୁଥିଲା । ସେଇସବୁ କିମ୍ବଦନ୍ତୀମାନ ପରେ ପୁଣି ନାନା ଭାବରେ ନାନା ଲୋକଙ୍କ ନାମରେ ଭକ୍ତ ଓ ସ୍ତାବକମାନେ ଯୋଡ଼ି ଦେଉଥିଲେ । ଗୋଟିଏ ଉଦାହରଣ ଦେଖ । ଭକ୍ତ ଖ୍ରୀଷ୍ଟାନମାନେ କହନ୍ତି ଓ ବିଶ୍ୱାସ କରନ୍ତି, ଈଶା ବା ଯିଶୁଖ୍ରୀଷ୍ଟ, ବିନାବାପରେ ମାତାର ଗର୍ଭସ୍ଥ ହୋଇଥିଲେ । ଈଶାଙ୍କ ଜନ୍ମର ବହୁ ସହସ୍ର ବର୍ଷ ପୂର୍ବରୁ ଲିବିଆର, ପରେ ଇଜିପ୍ଟର ଦେବୀ ନୀଥ୍ (Neith)ଙ୍କର ମଧ୍ୟ ଏଇପରି ଗୋଟିଏ ବିନା ପିତାରେ ପୁତ୍ର ଜନ୍ମ ହୋଇଥିବା ସେ ସବୁ ଦେଶମାନଙ୍କର ଧର୍ମ-ସମ୍ବନ୍ଧୀୟ କିମ୍ବଦନ୍ତୀରେ ପ୍ରସିଦ୍ଧ । ରାମାୟଣରେ ମଧ୍ୟ ଅଛି, ରାମ ଓ ତାଙ୍କ ଭାଇମାନେ ଗର୍ଭସ୍ଥ ହୋଇଥିଲେ, ତାଙ୍କ ମା'ମାନେ ଯଜ୍ଞଚରୁ ଖାଇବାରେ । ରାମକୃଷ୍ଣ ପରମହଂସଙ୍କ ଭକ୍ତମାନେ ଏବେ ଲେଖିଚନ୍ତି, ରାମକୃଷ୍ଣଙ୍କ ପିତା ଘରେ ନ ଥିବାବେଳେ ତାଙ୍କ ମା ରାତିରେ ଜଟାଜୁଟଧାରୀ ମହାଦେବଙ୍କୁ ସ୍ୱପ୍ନରେ ଦେଖି ତାଙ୍କଠାରୁ

Digitized by PPRACHIN, SOA

ଗୋଟିଏ ପାଚିଲା କଦଳୀ ପାଇଲେ । ନିଦରୁ ଉଠି ସେଇ ପାଚିଲା କଦଳୀଟି ସେଇ ସ୍ୱପ୍ନାଦେଶମତେ ଖାଇବାରେ ରାମକୃଷ୍ଣ ଗର୍ଭସ୍ଥ ହେଲେ ।

**ଦୀନକୃଷ୍ଣଙ୍କ କଥାର ପ୍ରାଚୀନ ସଂସ୍କରଣମାନ**

ଦୀନକୃଷ୍ଣ ଦାସଙ୍କ ଭକ୍ତିଗୀତ ସବୁ କୃଷ୍ଣଜଗନ୍ନାଥଙ୍କର ବେଶି ପ୍ରିୟ ହେବାର ଦେଖି ରଜା, ତାଙ୍କୁ ଦଣ୍ଡିଲେ, ତଡ଼ିଦେଲେ । ସମ୍ଭବତଃ 'ଦାର୍ଢ୍ୟତାଭକ୍ତି'ର 'କୃଷ୍ଣଦାସ'ଙ୍କୁ ଦୀନ-କୃଷ୍ଣ ଦାସଙ୍କ ସଙ୍ଗେ ଏକ କରି ଏଇ କିମ୍ବଦନ୍ତୀଟିକୁ ବେଶି ଦୃଢ଼ମୂଳ ଓ ସତ୍ୟ କରାଯାଉଚି । କିନ୍ତୁ ଏପରି କାହାଣୀ ପରଂପରାରେ କମ୍ ନାଇ । ସାରଳାଦାସ ଯେଉଁ 'ବିଲଂକାରାମାୟଣ' ଲେଖିଥିଲେ, ତା' ମୂଳ ହେଉଚି, ସଂସ୍କୃତରେ ଲେଖା ହୋଇଥିବା 'ଅଦ୍ଭୁତ ରାମାୟଣ' । ସେଇ 'ଅଦ୍ଭୁତ ରାମାୟଣ'ରେ ଅଛି, 'କୌଶିକ' ବୋଲି ଜଣେ ବ୍ରାହ୍ମଣ ସ୍ତୁତିଗୀତସବୁ ସୁନ୍ଦର ଗାଇ ପାରୁଥିଲେ । ସେଥିରେ 'ନାରାୟଣ-ବିଷ୍ଣୁ' ବଡ଼ ପ୍ରୀତ ହେଲେ । ସେଠୁ ତାଙ୍କୁ ଭ୍ରଷ୍ଟ କରିବା ପାଇଁ 'କଳିଙ୍ଗ-ରାଜ' ତାଙ୍କ ପାଖେ ଅନ୍ୟ ଗୀତ ବୋଲାଇଲେ । କୌଶିକ ସେଠୁ ନିଜ ଜିଭକାଟି, କାନରେ କାଠକୀଳା ବାଡ଼େଇ, ଶେଷରେ କଳିଙ୍ଗ ଛାଡ଼ି ଶ୍ୱେତଦ୍ୱୀପକୁ ଚାଲି ଯାଇ ନାରାୟଣଙ୍କ ପାଖେ ରହିଲେ । ତାଙ୍କ ଜିଭକଟା ହୋଇଥିବାରୁ ସେଠି 'ଲକ୍ଷ୍ମୀ' 'ତୁମ୍ବୁରୁଙ୍କୁ' ଅଣାଇ ତାଙ୍କ ତୃପ୍ତି ଓ ସୁଖବିଧାନ ପାଇଁ ତାଳ ଲୟରେ ବିଷ୍ଣୁ-ସ୍ତୁତି-ଗାନମାନ ବୋଲାଇଲେ ।

[ନବଭାରତ, ନୂଆପ୍ରସ୍ଥ
୩ୟ ବର୍ଷ, ୩ୟ ସଂଖ୍ୟା]

# ଅଭିମତ

## କାହ୍ନୁଚରଣ ମିଶ୍ରଙ୍କ 'ସାହିତ୍ୟ ସମୀକ୍ଷା' ଉପରେ ଅଭିମତ

ଶ୍ରୀ କାହ୍ନୁଚରଣ ମିଶ୍ରଙ୍କ ଲିଖିତ 'ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ' ପୁସ୍ତକଟି ଏକା ଟାଣକେ ପଢ଼ିଗଲି– ମୂଳରୁ ଶେଷଯାଏ 'ରଙ୍ଗମଞ୍ଚ ଓ ଓଡ଼ିଆ ନାଟକ' ସମେତ ମତେ ପଢ଼ିବାକୁ ବଡ଼ ସୁଖ ଲାଗିଲା । ଏ ପ୍ରକାରର ଆଉ ଖଣ୍ଡେ ସମାଲୋଚନା ପୁସ୍ତକ ଓଡ଼ିଆରେ ନାଇ । କାବ୍ୟ ନାଟକାଦି ଲେଖି ସାହିତ୍ୟ ସୃଷ୍ଟି କରିବାରେ ଅନେକେ ଲାଗିଚନ୍ତି । ବହୁତ ଲେଖକ ଏହା କରନ୍ତି, ବଡ଼ ସହଜରେ ଲୋକଙ୍କ ଆଖିରେ ପଡ଼ିଯିବେ ବୋଲି । ଏପରି ଲେଖକେ ନିଜ ଲେଖାର ନିଜେ ପ୍ରଶଂସା କରି, ପୁଣି ସୁବିଧା ଥିଲେ ବା ହେଲେ, ସ୍ତାବକ ରଖାଇ, ଅନ୍ୟ ସଙ୍ଗେ କଳି କରିବାର ମଧ ଦେଖାଯାଇ ପାରେ । ଏଭଳି ଅନେକଙ୍କର ବି ଧାରଣା ହେଉଚି, କବି ପ୍ରତିଭା ଯେପରି କି ଜନ୍ମଗତ । ଏହା ପ୍ରତିପାଦନ କରିବା,

Digitized by PPRACHIN, SOA

ପାଇଁ ପୁଣି ସେମାନେ ହୋମର ବାଲ୍ମୀକିଙ୍କଠାରୁ ଓମାର ଖାଏମ୍ ଓ ବର୍ନ୍ସଂ (Burns)ଙ୍କ ପର୍ଯନ୍ତ ଉଦାହରଣ ଦିଅଂତି । ଏପରି ସ୍ଥଳେ କାହ୍ନୁଚରଣ ଯେ କାବ୍ୟ-ନାଟକାମାନ ଲେଖିବାରେ ହାତ ନ ବଳାଇ, ସେ ସବୁର ସମାଲୋଚନା ଲେଖିବାରେ ମନ ଦେଇଚନ୍ତି, ଏହା ବଡ଼ ଆଶା ଓ ଆହ୍ଲାଦର କଥା ।

ଓଡ଼ିଶାର ବର୍ତ୍ତମାନ ପରିସ୍ଥିତିରେ ଏହା ପୁଣି ତାଙ୍କର ଏକ ସାହସିକତା । କାହିଁକି ନା, ଓଡ଼ିଶାରେ ସୃଷ୍ଟିମୂଳକ ଭଲ ସାହିତ୍ୟ ଲେଖିଲାଭଳି ପ୍ରତିଭା ବଡ଼ ବେଶି ନାଇ । ସେଥିରେ ପୁଣି ତୁଳସୀପତ୍ରରେ ସ୍ନାନ ବଡ଼ କଲେ ରକ୍ଷା ନାଇ ।

ତା ବାଦ୍ ପୁରାଣର ବାଲୀ, ରାବଣକୁ କାଖରେ ଜାକି ସମୁଦ୍ରରେ ସଂଧ୍ୟା କଲାପରି ଏବେ ରାଜନୀତିକମାନେ ଲେଖକ ସମାଲୋଚକମାନଙ୍କୁ ପକେଟ୍‌ରେ ରଖି ରାଜନୀତି କରିବାର ଦେଖାଯାଉଚି । ପୁଣି ସେଇ ମୁଖ୍ୟଂମନ୍ୟମାନେ ଏପରି ରାଜନୀତି କରିବାରେ ବେଳେ ବେଳେ ନିଜର ଆସନକୁ ଅନବଦ୍ୟ ବିବେଚକର ଆସନ ବୋଲି ମନେ କରିବା ଓ ପ୍ରଚାର କରିବାରେ ପ୍ରମତ୍ତ । ଏ ପ୍ରମତ୍ତାରେ ପୁଣି ଦଳସୃଷ୍ଟି । ଏ ପରିସ୍ଥିତିରେ କାହ୍ନୁଚରଣଙ୍କୁ ସାଧୁବାଦ ନ କରିବାର ଉପାୟ ନାଇ ।

କାବ୍ୟ ସାହିତ୍ୟ ଭିତରେ ସେ ନାଟକକୁ ଧରିଛନ୍ତି । ତାହା ଯଥାର୍ଥ । କିନ୍ତୁ ଓଡ଼ିଆ ନାଟକ ଆଲୋଚନା କରିବାରେ ସେ ନାଟକର ଆଦର୍ଶକୁ କଳ୍ପନାରେ ଆଣି ତାକୁଇ ଆଲୋଚନାରେ ବିଶ୍ଳେଷଣ କରି ଦେଖାଇବାର ଉଦ୍ୟମ କରିଛନ୍ତି । କାହିଁକି ନା, ସେ ଯାହା ଯେପରି ଲେଖିଯାଇଛନ୍ତି ତାହା ସେପରି ଓଡ଼ିଆ ନାଟକରେ କୁତ୍ରାପି ଥିଲା ପରି ମନେ ହେଉନାଇ । ତଥାପି ଓଡ଼ିଆ ନାଟକ ଲେଖକମାନେ କାହ୍ନୁଚରଣଙ୍କ ବିଚାର ଓ ବିଶ୍ଳେଷଣରୁ ବହୁ ସୂଚନା ପାଇବେ ବୋଲି ମନେ ହୁଏ ଓ ଆଶା କରାଯାଏ ।

ଓଡ଼ିଆରେ ପ୍ରାଚୀନ ନାଟକ ନଥିଲା 'ଚର୍ଚ୍ଚରୀ' ପ୍ରଭୃତି ପ୍ରାଚୀନ ଲୋକନୃତ୍ୟ ଓ ତହିଁ ସଂଗେ ହୁଏତ ତହିଁରୁ ବିକାଶ ପାଇଥିବା ଯାତ୍ରା ଏ କ୍ଷେତ୍ରରେ ବିଧିମତେ ଆଲୋଚନା କରିବାର ଉପାଦାନ ସଂଗ୍ରହ କରାହୋଇ ନାଇ । ଆମ 'ବାଦୀପାଲା' ସଂଗେ ବଙ୍ଗଳା 'କବି ଲଢ଼େଇ'ର ସମ୍ପର୍କ ନିର୍ଣ୍ଣୟ କରିବାର ଉଦ୍ୟମ ହୋଇନାଇ । ମାତ୍ର ପଦ୍ୟନିବନ୍ଧ କାବ୍ୟ ଆମ ସାହିତ୍ୟରେ ବହୁକାଳୁ ଅଛି ।

ତେଣୁ ଆଧୁନିକ କାବ୍ୟ ଆଲୋଚନା କରିବାରେ ପୁରୁଣା କାବ୍ୟର ଧାରା ଛାଡ଼ିଦେଇ ହେବ ନାଇ । ସେ ବିଷୟରେ କାହ୍ନୁଚରଣ ଆଉ ଟିକିଏ ଭଲ କରି କହିପାରି ଥାନ୍ତେ । ଗଙ୍ଗାଧର ମେହେର ଆଦୌ ଅଶ୍ଳୀଳ ନ ହେଲେ ମଧ୍ୟ, ଲେଖାରେ ହୁଏତ ଆଦୌ ଆଧୁନିକ ନୁହନ୍ତି । 'ପ୍ରଣୟ ବଲ୍ଲରୀ' ସୁନ୍ଦର ଅନୁବାଦ । 'ଇନ୍ଦୁମତୀ' ଓ 'କୀଚକ ବଧ' ହୁଏତ ରାଧାନାଥୀ ଶୈଳୀର ଅଜ୍ଞାତ ପ୍ରଭାବର ଫଳ । ତା'ଛଡ଼ା ଚିନ୍ତାମଣି ମହାନ୍ତିଙ୍କୁ ସେ ଠିକଣା କରି କହିବାକୁ ଯାଇ ଡରି ଡରି କହିଛନ୍ତି । ବଞ୍ଚିଥିଲାବେଳେ କାରଣ ଥିଲା, ଯେଉଁଥିପାଇଁ

Digitized by PPRACHIN, SOA

ଚିନ୍ତାମଣିଙ୍କ ସମ୍ବନ୍ଧରେ ଶତକଥା କହି ହେଉନଥିଲା । ତଥାପି ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ସେତେବେଳେ ଛାପାଯନ୍ତ୍ରରୁ ବାହାରିଥିବା ଚିନ୍ତାମଣିଙ୍କ 'ମୁକୁନ୍ଦ ଦେବ' କାବ୍ୟ କେତେକାଂଶ ଶୁଣିସାରି କହି ପକାଇଥିଲେ 'କାହିଁକି ଏ ଲୋକଟା ଉତ୍କଳ ଭାରତୀ ତପୋବନରେ ଏପରି ପୁରୀଷୋତ୍ସର୍ଗ କରୁଛି ?' ସେତେବେଳେ ଆମେ କବିଙ୍କ ଅସ୍ୱାସ୍ଥ୍ୟ କଥା କହି, ଗୋପବନ୍ଧୁଙ୍କୁ ଏପରି ମନ୍ତବ୍ୟ ନ ଦେବାକୁ ଅନୁରୋଧ କରିଥିଲୁ । ମୋଟକଥା, ଚିନ୍ତାମଣିଙ୍କ ଭିତରେ କାବ୍ୟ ନଥିଲା । ସେ ବର୍ଣ୍ଣନାରେ ରାଧାନାଥଙ୍କୁ ଅନୁକରଣ କରୁଛନ୍ତି ବୋଲି ବିଚାରୁଥିଲେ । ପୁଣି ପଦ୍ୟ ଲେଖିବାରେ ମିତ୍ରାକ୍ଷର-ଅମିତ୍ରାକ୍ଷର-ସର୍ବନ୍ତ୍ର ଅକ୍ଷର ଗଣି ଲେଖୁଥିଲା ପରି ମନେ ହୁଏ । ତେବେ କାହ୍ନୁଚରଣ ଏସବୁ କଥା ନିତାନ୍ତ ନ ବୁଝାଇଛନ୍ତି ବୋଲି ତାଙ୍କ ଲେଖାରୁ ମନେ ହେଉନାଇ ।

ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ସମ୍ବନ୍ଧରେ, ମନେ ହେଉଚି, ଆମ ଆଲୋଚନାରେ ନାନା କାରଣରୁ ପଡ଼ିଯାଇଥିବା ଗତାନୁଗତିକ ଧାରାଟି କାହ୍ନୁଚରଣ ଏଡ଼ି ପାରି ନାହାନ୍ତି । ଯଥାର୍ଥରେ ଉପନ୍ୟାସକୁ ଯଦି କାବ୍ୟ ବୋଲି ଧରାଯାଏ– ତା ତ ଧରିବାକୁ ହେବ– ଫକୀରମୋହନ ହେଉଚନ୍ତି, କାବ୍ୟ ସାହିତ୍ୟରେ ଅଦ୍ୱିତୀୟ ଓ ଯଥାର୍ଥ ମନୀଷାସମ୍ପନ୍ନ ଲେଖକ । ଗଢ଼ା ହେଉଥିବା କୃତ୍ରିମ ରାଧାନାଥୀ ବାତାବରଣ ଭିତରେ ପଡ଼ିବା ହୋଇଥିଲା ତାଙ୍କର ଏକ ଦୁର୍ଭାଗ୍ୟ । ସେଥିରେ ପଡ଼ି ସେ ସେଇ ରାଧାନାଥ ଓ ମଧୁଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟର୍ ଯେପରି କି ନବବିଧାତା ଓ ପାଳକ ବୋଲି ସ୍ତୁତି କରୁଥିଲେ, ତା'ର ବହୁତ କାରଣ ଥିଲା । ସେ ନିଜେ କଲମ ଧରିଥିଲେ ଓଡ଼ିଆ ଭାଷା ଓ ସାହିତ୍ୟକୁ ମୃତ୍ୟୁମୁଖରୁ ରକ୍ଷା କରିବା ପାଇଁ । ତେଣୁ ଶିକ୍ଷା ବିଭାଗର ସର୍ବେସର୍ବା ଓଡ଼ିଆ ଲେଖକ ଦୁହିଙ୍କୁ ସେ ଅତି ସନ୍ତର୍ପିତ ପ୍ରାଣରେ ଶ୍ରଦ୍ଧା, ଏପରିକି ଭକ୍ତି କରୁଥିଲେ । ତାଙ୍କ ବିନୟ ମଧ୍ୟ ଅତି ଉଚ୍ଚକୋଟୀର ଥିଲା । କିନ୍ତୁ ମଧୁ ଓ ରାଧାନାଥ ଦୁହେଁଯାକ ଶିକ୍ଷା ବିଭାଗର ହର୍ତାକର୍ତା ଥାଇ ମଧ୍ୟ ସେଇ ସୂତ୍ରରେ ଫକୀରମୋହନଙ୍କର କୌଣସି ଖଣ୍ଡେ ହେଲେ ପୁସ୍ତକ କୌଣସି ସ୍କୁଲରେ ବିକ୍ରି ହୋଇଥିଲା କି ନା ସଂନ୍ଦେହ । ଫକୀରମୋହନଙ୍କ ଅତି ସ୍ମରଣୀୟ କ୍ଷୁଦ୍ର କବିତାଗୁଡ଼ିକ ଓଡ଼ିଶାରେ ପ୍ରକାଶିତ ଓ ପ୍ରଚାରିତ ହୋଇ ନାଇ । ଥରେ ମାତ୍ର ସେ ସବୁ ଦେଖା ଦେଇଥିଲା– ବାରିପଦାର ତତ୍‌କାଳୀନ ମାସିକ 'ଉତ୍କଳ ପ୍ରଭା'ରେ । ଓଡ଼ିଶାର ଶିକ୍ଷାବିଭାଗରେ ତା'ର ସ୍ଥାନ ହୋଇପାରିନଥିଲା ।

ଗଂଜାମରେ ସେକାଳେ ସ୍କୁଲମାନଙ୍କରେ ଓଡ଼ିଆ ପାଠ୍ୟରୂପେ ଚଳାଇବା ପାଇଁ 'ରଙ୍ଗା ଭଟ୍‌ଲା ଗୁନେୟା ଶାସ୍ତ୍ରୀ' ସାମାନ୍ୟ କେତୋଟି ଟଙ୍କାରେ ସେସବୁ ସ୍ୱତ୍ୱ କିଣି ନେଇଥିଲେ । ପୁସ୍ତକାକାରରେ ସେଗୁଡ଼ିକର ନାମ ଥିଲା 'ପୁଷ୍ପମାଳା' । ପୁଣି ଫକୀରମୋହନ, ସ୍କୁଲ ପିଲାଙ୍କ ପାଇଁ ସୁନ୍ଦର ଭାରତ ଇତିହାସଟିଏ ଲେଖି ପ୍ରକାଶ କରିଥିଲେ । ସଂଭବତଃ ପ୍ରଥମେ ତା' କିଛିଦିନ ସ୍କୁଲମାନଙ୍କରେ ଚଳୁଥିଲା । ମାତ୍ର ଅତିଶୀଘ୍ର

Digitized by PPRACHIN, SOA

ସେ କାଳ ତାଳଚେର ରାଜାଙ୍କ ଅର୍ଥ ସାହାଯ୍ୟରେ ନିଜ ଭାଇ 'ସୀତାନାଥ ରାୟ'ଙ୍କ ନାମରେ ସ୍କୁଲମାନଙ୍କରେ ଚଳିବା ପାଇଁ ରାଧାନାଥ ନିଜର ଭାରତ ଇତିହାସ ପ୍ରକାଶ କରି ଦେଇଥିଲେ ।

ଏଇ ସମ୍ପର୍କରେ ଗୋଟିଏ ବଡ଼ କଉତୁକିଆ କଥା ଏଠି ମନେ ପଡ଼ିଯାଉଚି । ମୁଁ ଏନ୍‌ଟ୍ରାନ୍ସ (ଏବ ମାଟ୍ରିକୁଲେଶନ୍) ପାସ କଲା ପରେ ଥରେ ଚାନ୍ଦା କରି ଆମ ଗାଁ ମଧ୍ୟଭର୍ଣାକୁଳାର ସ୍କୁଲ ପିଲାକୁ ପୁରସ୍କାର ବାଣ୍ଟିବାର ବ୍ୟବସ୍ଥା କରିଥିଲି । ସେ ପୁରସ୍କାରମାନଙ୍କ ଭିତରେ ଖଣ୍ଡେ 'ଛମାଣ ଆଠଗୁଣ୍ଠ' ଥିଲା । ବିଭାଗୀୟ କର୍ତ୍ତାଙ୍କ ଆଖିରେ ପଡ଼ିଗଲା, ସେ ପୁସ୍ତକରେ ଅଛି–

"ଉଲଟ କଦଳୀ ପ୍ରାୟେ ଜାନୁ, ନିତଂବ ଯୁଗଳ ଜିଣି ସାନୁ ।"

ଚହଳ ପଡ଼ିଗଲା– ଏପରି ଅଶ୍ଳୀଳ ପୁସ୍ତକ ବିଭାଗୀୟ ସ୍କୁଲରେ ପୁରସ୍କାର ଦେଲା କିଏ ? ଏହା ପୁଣି ଦିଆଗଲା କିପରି ? ଫଳରେ ସେଥିପାଇଁ ନିଜକୁ ରକ୍ଷା କରିବା ଲାଗି ବିଭାଗ ସଂଗେ ମତେ ପତ୍ରଯୁଦ୍ଧରେ ଲଢ଼ିବାକୁ ହୋଇଥିଲା ଓ ମନେ ପଡୁଚି । ସେକାଳ ତରୁଣ ଗୋପବନ୍ଧୁକୁ ମଧ୍ୟ ଏଥିପାଇଁ ମୋ ପଛରେ ରହି ମୋ ନାମରେ ସେଇ ପତ୍ରାଘାତରେ ଶେଷକୁ ସାହାଯ୍ୟ କରିବାକୁ ପଡ଼ିଥିଲା ।

ଏଇପରି ଓଡ଼ିଆ ଭାଷା ଓ ସାହିତ୍ୟର କର୍ତ୍ତୃତ୍ୱ ଓ ପାଳନା ହାତରେ ରଖି ଚଳାଇବାର ସୁବିଧା ପାଇଥିବାରୁ ଓ ସେ ସୁବିଧାର ବ୍ୟବହାର କରି ଜାଣିଥିବାରୁ ରାଧାନାଥ ଓ ମଧୁ ଏ ପର୍ଯନ୍ତ ବି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରୟୋଗ ନୈପୁଣ୍ୟ, ଶୈଳୀ ଓ ଆଦର୍ଶରୁ ଅନ୍ତର ହୋଇ ନାହାନ୍ତି । ଓଡ଼ିଆ ଜାତୀୟ ସାହିତ୍ୟ ପକ୍ଷରେ ଏହା ଏକ ଶ୍ଳାଘ୍ୟ ସୂଚନା ନୁହେ । ସେମାନଙ୍କ ଭିତରେ ଜାତୀୟପ୍ରେରଣା ନଥିଲା । ମଧୁବାବୁ ନିଜକୁ ଓଡ଼ିଆ 'ରଜପୁତ' ବୋଲି ପରିଚୟ ଦେବାକୁ ଘୃଣା କରୁଥିଲେ । ନିଜ ଭାଇ କୁଟୁମ୍ବଙ୍କ ପାଇଁ ସେ ସେଇ ଘୃଣାର ଗୋଟିଏ ପରମ୍ପରା ସୃଷ୍ଟି କରିଯାଇଚନ୍ତି । ରାଧାନାଥଙ୍କ ଘର ସଙ୍ଗେ ତାଙ୍କର ବଙ୍ଗଳାରେ କଥାବାର୍ତ୍ତା ଓ ଚିଠିପତ୍ର ଦିଆନିଆ ହେଉଥିଲା । ପୁଣି ଜାଣି ବା ନଜାଣି ମଧୁବାବୁ ଗୌଡ଼ୀୟ ବୈଷ୍ଣବଙ୍କ ପନ୍ଥା ଓ ପରମ୍ପରାର ସଙ୍କେତରେ ଏକ ଧର୍ମସାହିତ୍ୟ ଓ ପବିତ୍ର ଧର୍ମଭାଷା ଓଡ଼ିଶାରେ ଭର୍ତି କରୁଥିଲେ । ରାଧାନାଥ ମଧ୍ୟ ଆଗ ବଙ୍ଗଳାରେ 'କବି ଯଶପ୍ରାର୍ଥୀ' ହୋଇ 'ଲେଖାବଳୀ' ପ୍ରକାଶ କରିଥିଲେ । ଏହି ଲେଖାବଳୀ ହେଉଚି ବଂଗ-କବି, ମାଇକେଲ ମଧୁସୂଦନ ଦତ୍ତଙ୍କ 'ବୀରାଙ୍ଗନା' କାବ୍ୟର ଅନୁକରଣ । ଏଇ 'ବୀରାଙ୍ଗନା' ପୁଣି ହେଉଚି ରୋମାନ କବି ଓଭିଡ଼ (Ovid)ଙ୍କ ହିରୋଇଡ଼୍‌ସ (Heroids 'ବୀରାଙ୍ଗନା') କାବ୍ୟରୁ ଗୃହୀତ । ସେଇ ହିରୋଇଡ଼୍‌ସର ଅପର ନାମ ହେଉଚି ଏପିସ୍‌ଟ୍‌ଲ (Epistle, ପତ୍ରାବଳୀ, ଚିଠିମାନ, ଲେଖାବଳୀ) । ରାଧାନାଥ, ଏଇ ଅନୁକରଣ କୃତି ବଙ୍ଗଳାରେ ଦେଖାଇ ସାରି ଓଡ଼ିଆକୁ ଆସିଥିଲେ ଓ ଓଡ଼ିଆରେ

Digitized by PPRACHIN, SOA

ପ୍ରାୟଶଃ ଓ ସେଇ ପ୍ରାଚୀନ ରୋମାନ୍ କବି ଓଭିଡ୍‌ଙ୍କ କାମ-କାହାଣୀ ସବୁ ଆମ ସାହିତ୍ୟର କାବ୍ୟ ନାମରେ ଅନୁକରଣ କରିଥିଲେ । ଦୁହିଁଙ୍କ ପ୍ରଚାରର ମୁଖ୍ୟ ଅବଲମ୍ବନ ଥିଲା ଶିକ୍ଷା-ବିଭାଗ । ଫଳରେ ସେମାନଙ୍କର ଶୈଳୀ ସର୍ଜନ ଏବେ ମଧ୍ୟ ଅତିକ୍ରାନ୍ତ ହୋଇ ନାଇ । ଏସବୁ ନୂଆ ଦୃଷ୍ଟିଭଂଗୀ ଫିଟିବା ଦିନ ଏବେ ଆସିଚି । ଏତକ କାହ୍ନୁବାବୁ କିନ୍ତୁ ସ୍ପଷ୍ଟ ଧରି ପାରି ନାହାନ୍ତି । ବୁଝିବାର ଅଛି, ଆମର ବୋଲି ମହୁରାକୁ ଘୋଟି ପ୍ରତିସ୍ପର୍ଧାରେ ମହୁ ବୋଲି ପିଇଲେ, ବିକାଶ ବିଗିଡ଼ିଯିବ ।

ସେହି ଗତାନୁଗତିକତାରେ ପଡ଼ି କାହ୍ନୁ ବାବୁ ଓଡ଼ିଆ ମିତ୍ରାକ୍ଷରରେ ଉପଧାମିଳନ ନ ଥିବାଟାକୁ କବିଙ୍କ ଅକ୍ଷମତା ଭିତରେ ଗଣନା କରିଛନ୍ତି । କିନ୍ତୁ ଉପଧା ମିଳନଟି ଓଡ଼ିଆ ପଦ୍ୟର ଅଙ୍ଗ ନୁହେ । ଏହା ବଙ୍ଗଳାରୁ ଅନୁକରଣ । ଓଡ଼ିଆରେ ଏହା ଗୋଟିଏ ଅଳଂକାର । ଏଥିପାଇଁ ମୋ ଓଡ଼ିଆ ସାହିତ୍ୟ କ୍ରମପରିଣାମ ୨ୟ ଭାଗ ୨୯୩ ଓ ୨୯୪ ପୃଷ୍ଠା ଦେଖ ।

ଅବଶ୍ୟ ମୁଁ ଏହା ସବୁ ଲେଖିଲା ବେଳେ କେହି କେହି କହିବେ ମୁଁ ଖାଲି ଖୋଜି ଖୋଜି ଦୋଷ ଲେଖୁଚି । ଏଡ଼େ ଉପାଦେୟ ସୁନ୍ଦର ଗ୍ରନ୍ଥଟିରେ ଏପରି ଦୋଷ ଦେଖାଇ ପାଠକର ମନକୁ ବିଗାଡ଼ି ଦେବା ଠିକ୍ ନୁହେ । ଠିକ ନ ହୋଇପାରେ । ମାତ୍ର ମୁଁ ଯଥାର୍ଥରେ ବାଛି ବାଛି ଦୋଷ କେତେଟା ଦେଖାଇ ଦେଲି । ମୋର ବିଶ୍ୱାସ ଏଇ ଦୋଷ ଦେଖାଇବାରେ ପୁସ୍ତକଟିର ଉଜ୍ଜ୍ୱଳତା ଫୁଟି ଉଠିବ ଓ ଉଦୀୟମାନ କାହ୍ନୁ ଚରଣ ଭବିଷ୍ୟତରେ ସାମଗ୍ରୀ ପାଇଲେ ଗତାନୁଗତିକ ଧାରା ଛାଡ଼ି ନୂଆରେ ମନ ଦେବେ । କାହିଁକିନା, ଏ ଯୁଗରେ ନୂଆ ଦରକାର । ମାତ୍ର ସେ ନୂଆ ଗ୍ରାମ୍ୟ ନୁହେ । ଜାତିକୁ ନୂତନ ପ୍ରେରଣା ଦେବାରେ ସେ ନୂଆର ଯଥାର୍ଥ ନୂତନତା । କାହ୍ନୁ ଚରଣଙ୍କର ସେ ଆଡ଼େ ଆଭିମୁଖ୍ୟ ଅଛି; ଟିକିଏ ଭୟଯୁକ୍ତ ହେଲେ ମଧ୍ୟ ସାହସିକ ଗତି ଅଛି । ଏହିପରି ସୁନ୍ଦର ଲେଖା ସେ ଲେଖିଯାଆନ୍ତୁ । କୌଣସି ସମାଲୋଚନାକୁ ଭୟ ନକରି ଆଦର କରନ୍ତୁ । ମନକୁ ବାଟ ସଫା ହୋଇଯିବ ।

ଆଉ ଥରେ କହି ଦିଏଁ, କାହ୍ନୁ ଚରଣ ବିଶେଷରେ, ନାଟକରେ ଯେଉଁ ଆଦର୍ଶ ଓ ସଂଯୋଜନାର ବିଚାରମାନ ବିଶ୍ଳେଷଣ କରି ଦେଖାଇଛନ୍ତି, ତାହା ଓଡ଼ିଆ ସାହିତ୍ୟରେ ଏବେ ଅତି ଉପାଦେୟ ବସ୍ତୁ । ସେ ଯେଉଁ ପ୍ରକାଶିତ କାବ୍ୟ ନାଟକରୁ ଉଦାହରଣ ଦେଇ ତାକୁ ସବୁ ପ୍ରମାଣ କରିବାକୁ ଯାଇଛନ୍ତି, ତା ସବୁ ସଂଗତିରେ ପୂର୍ଣ୍ଣ ହେଉ ବା ନ ହେଉ, ତାଙ୍କ କଳ୍ପନା ଆମ ଜାତୀୟ ସାହିତ୍ୟର ଯେଉଁ କଙ୍କାଳ ରୂପ ପ୍ରକାଶ କରୁଚି, ତା' ଦେଶରେ ସର୍ଜନ ସାହିତ୍ୟକୁ ସର୍ବାଙ୍ଗ ସୁନ୍ଦର କରିବାରେ ଖୁବ୍ ସାହାଯ୍ୟ କରିବ ବୋଲି ମନେ ହୁଏ ।

ଏ ସମାଲୋଚନା ସାହିତ୍ୟଟି ଉଚ୍ଚ ସାହିତ୍ୟ ଚର୍ଚ୍ଚାରେ ପାଠ୍ୟ ରୂପେ ସ୍ଥାନ ପାଇବା ଉଚିତ । ଓଡ଼ିଆ ସାହିତ୍ୟରେ ସାମଗ୍ରୀ ଥାଉ ନଥାଉ ଅନେକ ସ୍ଥଳରେ କାହ୍ନୁଚରଣଙ୍କ ଆଲୋଚନାରେ ଯେ ସୂଚନାମାନ ଅଛି ତାହା ଉପାଦେୟ । ଏ ବିଂଶ ଶତାବ୍ଦୀରେ ମନକୁ

Digitized by PPRACHIN, SOA

ପ୍ରକୃତିଦତ୍ତ ମନୀଷାର ଉନ୍ମେଷରେ ଯେଉଁମାନେ କବି ହୁଅନ୍ତି ବୋଲି ନିଜକୁ ବିଚାରନ୍ତି, ସେମାନେ ଏକ ପ୍ରକାର ଭ୍ରାନ୍ତ । ସାହିତ୍ୟର ବିକାଶକୁ ତୀବ୍ର ସମାଲୋଚକର ଦୃଷ୍ଟିରେ ପଦେ ପଦେ ବୁଝି ଅନୁଭବରେ ନ ଆଣି ଆଜି କବି ହେବା ସହଜ, କାହିଁକି, ସମ୍ଭବ ନୁହେଁ । ତେଣୁ ସର୍ଜନ ସାହିତ୍ୟର ସର୍ଜକମାନେ ସମାଲୋଚନାର ଜ୍ଞାନକୁ ବିସର୍ଜନ କରି ଲେଖିବା ଠିକ ନୁହେ । କାହ୍ନୁଚରଣଙ୍କ ଲେଖାରୁ ସେମାନେ ତେଣୁ ସର୍ଜନାର ସାମଗ୍ରୀ ପାଇବେ । ପୁସ୍ତକଟିରୁ ଯଥାର୍ଥ ଆଦର ହେଲେ ମୁଁ ସୁଖୀ ହେବି ।

ନୀଳକଣ୍ଠ ଦାସ

ତା ୧୫।୫।୫୪

# ବିକ୍ରମାଦିତ୍ୟ ଓ କାଳିଦାସ

ବିକ୍ରମାଦିତ୍ୟ ନାମଟି ଭାରତର ଗୃହେ ଗୃହେ କୀର୍ତ୍ତିତ । କିମ୍ବଦନ୍ତୀରେ ଏହା ଦେଶରେ ଚିରଜୀବିତ ରହିଅଛି । ଏହି ବିକ୍ରମାଦିତ୍ୟ ନାମ ସଂଗେ ନବରତ୍ନ ବୋଲି ଗୋଟିଏ କଥା ମଧ୍ୟ ସମସ୍ତେ ଜାଣନ୍ତି ।

''ଧନ୍ୱଂତରି କ୍ଷପଣକାମର ସିଂହ ଶଂକୁ–
ବେତାଳଭଟ୍ଟ ଘଟକର୍ପର କାଳିଦାସାଃ ।
ଖ୍ୟାତୋ ବରାହମିହିରୋ ନୃପତେଃ ସଭାୟାଂ
ରତ୍ନାନବୈ ବରରୁଚି ର୍ନବ ବିକ୍ରମସ୍ୟ ।''

କାଳିଦାସ ଗଣକଂକ ''ଜ୍ୟୋତିର୍ବିଦାଭରଣ - ତ୍ରୟୋଦଶ ଶତାବ୍ଦୀ । ଅର୍ଥାତ୍ ଧନ୍ୱଂତରି, କ୍ଷପଣକ, ଅମରସିଂହ, ଶଂକୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ, ବରାହମିହିର ଓ ବରରୁଚି ବିକ୍ରମାଦିତ୍ୟଙ୍କ ରାଜସଭାରେ ଏହି ନଅଟି ରତ୍ନଥିଲେ । ଅର୍ଥାତ୍ ସାହିତ୍ୟ, ବିଜ୍ଞାନର ଭିନ୍ନ ଭିନ୍ନ ବିଭାଗରେ ଅନନ୍ୟସାଧାରଣ ମୌଳିକତା ଓ ବ୍ୟକ୍ତିତ୍ୱସମ୍ପନ୍ନ ଏହି ନଅଟି ପ୍ରଧାନ ପୁରୁଷ ବିକ୍ରମାଦିତ୍ୟଙ୍କ ସଭାକୁ ଅଳଂକୃତ କରିଥିଲେ । ଏ ନଅଟିଙ୍କ ମଧ୍ୟରୁ ଅନେକଙ୍କର ଭିନ୍ନ ଭିନ୍ନ ବିଭାଗରେ ଅକ୍ଷୟ ଯଶଃ ଭାରତବାସୀଙ୍କର ସୁପରିଚିତ । ଆଜି ମଧ୍ୟ ବଡ଼ ବୈଦ୍ୟ ହେଲେ ଲୋକେ କହନ୍ତି, 'ସେ ଜଣେ ଧନ୍ୱଂତରି' ଓ ସ୍ୱର୍ଗର ବୈଦ୍ୟମାନଙ୍କ ନାମ ଆମ୍ଭମାନଙ୍କର ପୁରାଣାଦିରେ ଧନ୍ୱନ୍ତରି ବୋଲି କଥିତ ହୁଏ । ଭାରତର ଯେଉଁ ବୈଦ୍ୟଶାସ୍ତ୍ରର ମୂଳ ଓ ଆବିଷ୍କ୍ରିୟା ଆଜି ସୁଦ୍ଧା ରହସ୍ୟମୟ ଓ ବିସ୍ମୟଜନକ ହୋଇ ରହିଅଛି, ଯେଉଁ ବୈଦ୍ୟଶାସ୍ତ୍ରରେ ଭାରତ ଆଧୁନିକ ସଭ୍ୟ-ଜଗତର ଏକ ପ୍ରକାର ଆଦିମ ଗୁରୁ, ସେହି ବୈଦ୍ୟଶାସ୍ତ୍ରର ପ୍ରବର୍ତ୍ତକ ଓ ପ୍ରତିଷ୍ଠାତା ବିପୁଳ ଗବେଷଣାପର ଶରୀରତତ୍ତ୍ୱଜ୍ଞ

[ଉତ୍କଳସାହିତ୍ୟ ସମାଜର ୧୫।୪।୧୯୧୭ ଅଧିବେଶନରେ ପଠିତ ।]

Digitized by PPRACHIN, SOA

ଧନ୍ୱଂତରି ନାମକ କେହି ଯେ ପୁରାକାଳରେ ଏ ଦେଶରେ ଜନ୍ମିଥିଲେ, ସେଥିରେ ସନ୍ଦେହ କରିବାର କିଛି ନାହିଁ । ଅମରସିଂହ ପ୍ରସିଦ୍ଧ ଅମରକୋଷର ଗ୍ରନ୍ଥକାର । ଅମର କୋଷ ପରି ସର୍ବାଙ୍ଗସୁନ୍ଦର କୋଷଗ୍ରନ୍ଥ ସଂସ୍କୃତ ସାହିତ୍ୟରେ ଆଉ ନାହିଁ । ଯେଉଁ ସୁପରିଚିତ ବେତାଳ ପଞ୍ଚବିଂଶତିରେ ରାଜା ବିକ୍ରମାଦିତ୍ୟହି ପରମ ପୁରୁଷ ସେହି ବେତାଳ ପଞ୍ଚବିଶତି ଗ୍ରନ୍ଥ ସଙ୍ଗେ ବେତାଳଭଟ୍ଟ ନାମର ସମ୍ବନ୍ଧ ସୁସ୍ପଷ୍ଟ । କାଳିଦାସଙ୍କ କଥା ଅବଶ୍ୟ ଏଠାରେ କହିବା ନିଷ୍ପ୍ରୟୋଜନ । ତାଙ୍କର ସ୍ଥାନ ଆଜି ପୃଥିବୀରେ ସର୍ବପ୍ରଧାନ କବିମାନଙ୍କ ମଧ୍ୟରେ । ସେ ଆଜି ଭାରତର ଏକ ମୁଖ୍ୟତମ ଗୌରବ ସାମଗ୍ରୀ । ପ୍ରାଚୀନ ଜ୍ୟୋତିଷ ଗଣିତାଦିର ସଙ୍କଳୟିତା ସୁପ୍ରସିଦ୍ଧ "ପଞ୍ଚସିଦ୍ଧାଂତିକାର" ଗ୍ରନ୍ଥକାର ବରାହମିହିରଙ୍କୁ ସମସ୍ତେ ଜାଣିଥିବେ । ତାଙ୍କରି ଦୃକ୍‌ସିଦ୍ଧ ଗଣନା ଅନୁସାରେ ଆଜି ସୁଦ୍ଧା ନିର୍ଦ୍ଦିଷ୍ଟ ଅଶ୍ୱିନୀ ତାରାର ପ୍ରାରମ୍ଭରୁ ଆମ୍ଭମାନଙ୍କର ବର୍ଷାରମ୍ଭ ଗଣନା କରାହେଉଅଛି । ବରରୁଚି ସଂସ୍କୃତ ସାହିତ୍ୟରେ ସେତେ ପ୍ରସିଦ୍ଧ ନ ଥିବାରୁ ତାଦୃଶ ସୁପରିଚିତ ନ ହୋଇ ପାରନ୍ତି । ଯେଉଁମାନେ ପ୍ରାକୃତ ଭାଷା ଆଲୋଚନା କରନ୍ତି, ବରରୁଚିହି ଆଜି ସେମାନଙ୍କର ପ୍ରଧାନ ଅବଲମ୍ବନ । ସଂସ୍କୃତ ସାହିତ୍ୟର ଉନ୍ନତତମ ଯୁଗରେ ଯେଉଁ ପ୍ରାକୃତଭାଷା ସବୁ ଭାରତର ସାଧାରଣ କଥିତ ଭାଷା ଥିଲା, ବରରୁଚିଙ୍କର ପ୍ରାକୃତ ବ୍ୟାକରଣ ବିନା ସେ ସବୁର ପ୍ରକୃତି ଓ ପ୍ରୟୋଗପଦ୍ଧତି ଏକାବେଳକେ କାଳଗର୍ଭରେ ବିଲୀନ ହୋଇଥାନ୍ତା । ଏହିପରି ନବରତ୍ନଙ୍କ ମଧ୍ୟରୁ ଅଧିକାଂଶ ଭାରତ ସାହିତ୍ୟରେ ସୁପରିଜ୍ଞାତ ।

ଏସବୁ ପ୍ରଧାନ ପୁରୁଷମାନେ ଏକ ସମୟରେ କୌଣସି ଏକ ବିକ୍ରମାଦିତ୍ୟଙ୍କ ସଭାକୁ ସମଲଂକୃତ କରିଥିଲେ ବୋଲି କିମ୍ବଦନ୍ତୀ କହେ । ଜନଶ୍ରୁତି ପରଂପରାରେ ଦେଶଲୋକଙ୍କର ଏହାହି ଧାରଣା । ଏ ସମସ୍ତେ ବା ଏ ସମସ୍ତଙ୍କ ମଧ୍ୟରୁ ଅଧିକାଂଶ ବିକ୍ରମାଦିତ୍ୟ ନାମକ କୌଣସି ଗୌରବାବହ ରାଜଚକ୍ରବର୍ତ୍ତୀଙ୍କ ସଭାରେ ଥିବା ବିଚିତ୍ର ନୁହେ । ଅନ୍ତତଃ ଏମାନଙ୍କ ମଧ୍ୟରୁ କେହି କେହି ଏବଂ ଏହିମାନଙ୍କ ଭଳି କେତେକ ପ୍ରଧାନ ପୁରୁଷ କୌଣସି ଭାରତଚକ୍ରବର୍ତ୍ତୀଙ୍କ ବିଦ୍ୟାନୁରାଗିତାରେ ବଢ଼ିଥିଲେ । ତାହା ନ ହେଲେ ଜନଶ୍ରୁତି ପରମ୍ପରା ଏକାବେଳକେ ଅମୂଳକ ହେବ । କିନ୍ତୁ ତାହା ଏକାବେଳକେ ଅମୂଳକ ବୋଲି କୁହାଯାଇପାରେ କି ?

ପ୍ରାଚୀନ ଭାରତର ଧାରାବାହିକ ଇତିହାସ ନାହିଁ । ଯାହାବା ବିକ୍ଷିପ୍ତ ଭାବରେ ଅଛି ତାହାର କାଳ ନିର୍ଦ୍ଦିଷ୍ଟ ହେବା ସୁକଠିନ । ପୁଣି କୌଣସି କୌଣସି ସମୟର, ଏପରିକି ଭାରତର କୌଣସି କୌଣସି ଉନ୍ନତତମ ଯୁଗର ଇତିହାସ ସାମଗ୍ରୀ ଅତ୍ୟନ୍ତ ଅଳ୍ପ ଅକିଞ୍ଚିତ୍‌କର ଓ କାଳ ଓ ଘଟନାମାନଙ୍କର ଦୂରବ୍ୟବଧାନରେ ଅତ୍ୟନ୍ତ ଅବଚ୍ଛିନ୍ନ । କେଉଁଠାରେ ଗୋଟିଏ ଶିଳାଲିପି, କେଉଁଠାରେ ବା ଗୋଟିଏ କଳଙ୍କିତ ଓ ଅର୍ଦ୍ଧଭଗ୍ନ ପ୍ରାଚୀନ ମୁଦ୍ରା ଏହି ସବୁର ଅନୁସନ୍ଧାନ ଓ ଆଲୋଚନା କରି ଓ ବେଳେ ବେଳେ ଭାରତକୁ ଆସିଥିବା ବୈଦେଶିକମାନଙ୍କର ତାତ୍କାଳିକ ଲେଖାରୁ ଯାହା ମିଳୁଅଛି, ତାହାକୁହି ଧରି ଅନୁସନ୍ଧାନ

Digitized by PPRACHIN, SOA

ଓ ଆଲୋଚନା ବଳରେ ଗବେଷଣାପର ସ୍ଥିରଧୀ ପଣ୍ଡିତମାନେ ପ୍ରାଚୀନ ଭାରତ ଇତିହାସ ଯତ୍‌କିଞ୍ଚିତ ପ୍ରକାଶ କରିବାକୁ ସମର୍ଥ ହେଉଅଛନ୍ତି । ସେଥିରେ ପୁଣି ମତାନ୍ତରର ସୀମା ନାହିଁ । ତଥାପି ଯେଉଁମାନେ ସେହି ପ୍ରାଚୀନ ଭାରତର ଇତିହାସ ଆଲୋଚନା କରୁଅଛନ୍ତି ପରଂପରାଗତ ଆମ୍ଭମାନଙ୍କର ଐତିହାସିକ ପୁରୁଷମାନଙ୍କର ପ୍ରଭବକାଳ ଓ ଆନୁପୂର୍ବିକ କ୍ରିୟାପ୍ରଣାଳୀ ଗବେଷଣାବଳରେ ଫୁଟାଇବାକୁ ଚେଷ୍ଟା କରନ୍ତି, ସେମାନଙ୍କ ସଂଗୃହୀତ ଐତିହାସିକ ପ୍ରମାଣମାନ ପରୀକ୍ଷା କରି ଦେଖିଲେ ଜଣାଯାଏ 'ବିକ୍ରମାଦିତ୍ୟ ନବରତ୍ନ' ଜନଶ୍ରୁତିର ସତ୍ୟ ସମ୍ପୂର୍ଣ୍ଣ ସମର୍ଥିତ ହେବା ନୁହେଁ ।

ଏହି ବିକ୍ରମାଦିତ୍ୟ ନବରତ୍ନ ସମ୍ବନ୍ଧୀୟ ପରମ୍ପରାରେ ମଧ୍ୟ ବହୁ ଆଲୋଚ୍ୟ ବିଷୟ ଅଛି । ଲୋକେ ବିକ୍ରମାଦିତ୍ୟ ନ କହିଲେ ବାସ୍ତବିକ କାହାକୁ ବୁଝନ୍ତି କହି ହେବ ନାହିଁ । ନବରତ୍ନ ସମ୍ବନ୍ଧୀୟ କିମ୍ବଦନ୍ତୀଟି ମଧ୍ୟ ନିଜେ ଦୃଢ଼ ନୁହେ । ଭୋଜରାଜାଙ୍କ ସଙ୍ଗେ କାଳିଦାସଙ୍କର ନିତ୍ୟସମ୍ବନ୍ଧ ପରମ୍ପରାରେ କୀର୍ତ୍ତିତ ହୁଏ । ଭୋଜପ୍ରବନ୍ଧ ପାଠ କଲେ ମଧ୍ୟ ଏ ପ୍ରମାଣ ସମର୍ଥିତ ହୁଏ । ଭୋଜପ୍ରବନ୍ଧରେ କାଳିଦାସ ଭୋଜସଭାର ପ୍ରସିଦ୍ଧ କବି ବୋଲି ଲେଖାଅଛି । ସେହି ଭୋଜ କି ତେବେ ବିକ୍ରମାଦିତ୍ୟ ? ବିକ୍ରମାଦିତ୍ୟଙ୍କର ନାମ କୌଣସିଠାରେ ବିକ୍ରମାର୍କ ଓ ବିକ୍ରମାଙ୍କ ବୋଲି ଶୁଣାଯାଏ । ଭୋଜପ୍ରବନ୍ଧହିଁ ଏହାର ପ୍ରମାଣ ଦ୍ୱାତ୍ରିଂଶ ପୁତ୍ତଳିକାରେ ମଧ୍ୟ ତାହାହିଁ ଦେଖିବାକୁ ମିଳେ । ମାତ୍ର ସେହି ଭୋଜ ପ୍ରବନ୍ଧ ଓ ଦ୍ୱାତ୍ରିଂଶ ପୁତ୍ତଳିକାରେ ବିକ୍ରମାଦିତ୍ୟଙ୍କର ସମାନ ହେବା ପାଇଁ ଭୋଜରାଜା ସର୍ବଦା ଉଦ୍‌ବିଗ୍ନ ଓ ସେଥିପାଇଁ ତାଙ୍କର କ୍ରିୟାକଳାପ ସର୍ବଦା ଅନୁକରଣ କରିବାରେ ତତ୍ପର । ତେବେ ବିକ୍ରମାଦିତ୍ୟ ଯେ ଭୋଜ ନୁହନ୍ତି, ଓ ସେ ଯେ ଭୋଜଙ୍କର ପୂର୍ବରୁ ବହୁପୂର୍ବରୁ ଲୋକାନ୍ତର ହୋଇଥିଲେ ତାହା ଅନାୟାସରେ ସ୍ଥିର ହୁଏ । କାଳିଦାସ ଯେବେ ଭୋଜରାଜାଙ୍କର ସଭାସଦ୍ ହୁଅନ୍ତି, ତେବେ ନବରତ୍ନକର ଅନ୍ୟତମ ହେବେ କିପରି ?

ସ୍ପଷ୍ଟ ଐତିହାସିକ ପ୍ରମାଣ ମିଳିଅଛି ଧାରାନଗରର ଭୋଜରାଜା ଶକ ଶତାବ୍ଦୀରେ ମାଳବରେ ବିସ୍ତୀର୍ଣ୍ଣ ସାମ୍ରାଜ୍ୟଶାସନ କରୁଥିଲେ । ଏହି ଭୋଜହିଁ ଭୋଜ ପ୍ରବନ୍ଧ କୀର୍ତ୍ତିତ ମୁଂଜଙ୍କ ଭ୍ରାତୁଷ୍ପୁତ୍ର କିମ୍ବଦନ୍ତୀ-ପ୍ରସିଦ୍ଧ ଭୋଜରାଜା । ତେବେ ତାଙ୍କରି ସଭାରେ କଅଣ ନବରତ୍ନ ଥିଲେ ? ତାହା ଅସମ୍ଭବ । ଅନ୍ୟମାନଙ୍କ କଥା ଯାହା ହେଉ; ବରାହମିହିରଙ୍କ କାର୍ଯକାଳ ଏକ ପ୍ରକାର ନିଶ୍ଚିତ । ଶକ ୫୫୦ ବର୍ଷରେ ବ୍ରହ୍ମଗୁପ୍ତ ତାଙ୍କର ପ୍ରସିଦ୍ଧ ଜ୍ୟୋତିଷ ଗ୍ରନ୍ଥ ବ୍ରହ୍ମସ୍ଫୁଟ ସିଦ୍ଧାନ୍ତ ପ୍ରଣୟନ କରନ୍ତି । ସେହି ବ୍ରହ୍ମଗୁପ୍ତଙ୍କର ଅନ୍ୟତମ କୃତି 'ଖଣ୍ଡ ଖାଦ୍ୟ' ନାମକ ଗ୍ରନ୍ଥଟୀକାରେ ସମ୍ଭବତଃ ତାଙ୍କର ଅଳ୍ପକାଳ ପରବର୍ତ୍ତୀ ଟୀକାକାର ଲେଖିଅଛନ୍ତି—

'ନବାଧିକ ପଞ୍ଚଶତ ସଂଖ୍ୟାଶାକେ ବରାହମିହିରାଚାର୍ଯଃ ଦିବଂଗତଃ' ଅର୍ଥାତ୍ ଶକାବ୍ଦ ୫୦୯ ବର୍ଷରେ ବରାହମିହିରାଚାର୍ଯ ପରଲୋକ ହୋଇଥିଲେ । ହିନ୍ଦୁମାନଙ୍କର ଆକାଶନିର୍ଦ୍ଦିଷ୍ଟ ମେଷ ରାଶିରେ କ୍ରାନ୍ତିପାତ ତଥା କର୍କଟ ଓ ମକରରେ ଅୟନପାତ ବରାହମିହିରଙ୍କର

Digitized by PPRACHIN, SOA

ଦୃକ୍‌ସିଦ୍ଧ ଆବିଷ୍କ୍ରିୟା । ସେ ହିସାବରେ ଗଣନା କରି ଦେଖିଲେ ମଧ୍ୟ ସେହି ଶକଶତାବ୍ଦୀ ବରାହଙ୍କର କାଳ ବୋଲି ସ୍ଥିର ହୁଏ । ଏଥିରେ ଭୋଜରାଜା ଓ ବରାହଙ୍କର କି ସମ୍ପର୍କ ଥାଇପାରେ ? ପୁଣି ବରାହାଚାର୍ଯ୍ୟଙ୍କର ସ୍ଥାନ ଥିଲା ଅବନ୍ତୀ ବା ଉଜ୍ଜୟିନୀ । ଭୋଜଂକର ରାଜଧାନୀ ଥିଲା ଧାରା । ଅବଂତୀ ଭୋଜଙ୍କର ଶାସିତ ରାଜ୍ୟ ମଧ୍ୟରେ ଥିଲେ ମଧ୍ୟ ଏହା ତାଙ୍କର ରାଜଧାନୀ ନଥିଲା ।

ପୁଣି ଭୋଜପ୍ରବନ୍ଧରେ ଲେଖାଅଛି ଅନ୍ୟାନ୍ୟ କବି ଓ ପଣ୍ଡିତମାନଙ୍କ ମଧ୍ୟରେ କାଳିଦାସ ଓ ଭବଭୂତି ଦୁହେଁ ଭୋଜରାଜାଙ୍କ ସଭାମଣ୍ଡନ କରୁଥିଲେ । ମାତ୍ର ନାନା ଆଭ୍ୟନ୍ତରୀଣ ଓ ବାହ୍ୟକାରଣ ଆଲୋଚନା କରି ସ୍ଥିର କରାହୋଇଅଛି ପ୍ରାଚୀନ ଶକୁନ୍ତଳାର କାଳିଦାସ ଓ ପରବର୍ତ୍ତୀ ଉତ୍ତର ଚରିତର ଭବଭୂତି, କଦାପି ସମସାମୟିକ ନଥିଲେ । ଏ ଦୁହିଁଙ୍କ ମଧ୍ୟରେ କାଳର ବ୍ୟବଧାନ ଅନ୍ତତଃ ତିନିଶତ ବର୍ଷ । ପୁଣି ଭୋଜରାଜା ଶକ ଦଶମ ଶତାବ୍ଦୀର ଲୋକ । କାଳିଦାସଙ୍କ କଥା ଦୂରେ ଥାଉ, ଭବଭୂତି ମଧ୍ୟ ତାଙ୍କର ସମସାମୟିକ ନୁହନ୍ତି । ଭବଭୂତିଙ୍କ କାଳ ଶକ ଷଷ୍ଠ ଶତାବ୍ଦୀ କାଶ୍ମୀରର ଐତିହାସିକ କହ୍ଲନଙ୍କ ଲେଖାରୁ ସ୍ପଷ୍ଟାକ୍ଷରରେ ଏହା ପ୍ରମାଣିତ ହୁଏ । ସେ ଅନ୍ତତଃ ଭୋଜରାଜାଙ୍କର ଚାରିଶ ବର୍ଷ ପୂର୍ବେ ଜନ୍ମିଥିଲେ । ବରାହ ଓ କାଳିଦାସ ଅର୍ଥାତ୍ ପଞ୍ଚସିଦ୍ଧାନ୍ତିକାର ବରାହ ଓ ଶକୁନ୍ତଳାର କାଳିଦାସ ଏକ ସମୟରେ ନଥିଲେ । ତେବେ 'ବିକ୍ରମାଦିତ୍ୟଙ୍କ ସଭାରେ ନବରତ୍ନ' ଏ କିମ୍ବଦନ୍ତୀର ଅର୍ଥ କଅଣ ? ଯଦି ନବରତ୍ନ ଥିଲେ ତେବେ ସେମାନେ କଦାପି ଏକ କାଳରେ ଏକ ସ୍ଥାନରେ ନ ଥିଲେ, ଓ ଯଦି ସେମାନେ ବିକ୍ରମାଦିତ୍ୟଙ୍କ ସଭାକୁ ମଣ୍ଡନ କରିଥିଲେ; ତେବେ ସେ ବିକ୍ରମାଦିତ୍ୟ କଦାପି ଏକ ବ୍ୟକ୍ତି ନୁହନ୍ତି । ବାସ୍ତବିକ ଇତିହାସରୁ ଯାହା ପ୍ରମାଣ ମିଳେ, ସେଥିରୁ ଜଣାଯାଏ ବିକ୍ରମାଦିତ୍ୟ ନାମରେ କୌଣସି ଏକରାଜା ଏ ଦେଶରେ ରାଜତ୍ୱ କରିନାହାନ୍ତି । ବିକ୍ରମାଦିତ୍ୟ ଗୋଟିଏ ଉପାଧି । ଶକ ତୃତୀୟ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ କାଳର ଯେଉଁ ବିକ୍ଷିପ୍ତ ଇତିହାସ ଗୃହୀତ ହୋଇଅଛି; ସେଥିରୁ ଜଣାଯାଉଅଛି ଦଶଟିରୁ ଅଧିକ ବିକ୍ରମାଦିତ୍ୟ ବିଭିନ୍ନ କାଳରେ ବିଭିନ୍ନ ସ୍ଥାନରେ ଭାରତଭୂମିରେ ବିସ୍ତୀର୍ଣ୍ଣ ସାମ୍ରାଜ୍ୟ ଶାସନ କରିଥିଲେ ।

ଶକ ତୃତୀୟ ଶତାବ୍ଦୀର ମଧ୍ୟଭାଗରେ ଭାରତର ଆନ୍ଧ୍ର ସାମ୍ରାଜ୍ୟ ପରେ ମଗଧରେ ମହାମହିମ ଗୁପ୍ତବଂଶର ରାଜତ୍ୱ ଆରମ୍ଭ ହେଲା । ସେହି ଗୁପ୍ତ ବଂଶରେ ଚାରିଟିରୁ ଅଧିକ ସମ୍ରାଟ୍ ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ । ଏହି ବଂଶରେହି ବିକ୍ରମାଦିତ୍ୟ ଉପାଧି ପ୍ରଥମେ ପ୍ରବର୍ତ୍ତିତ ହୋଇଥିବାର ଐତିହାସିକମାନେ ସ୍ଥିର କରନ୍ତି । ଏହି ସମୟଠାରୁ ହିନ୍ଦୁଯୁଗର ଶେଷ ଓ ମୁସଲମାନ ଆଧିପତ୍ୟର ଆରମ୍ଭ ପର୍ଯ୍ୟନ୍ତ ଭାରତର ସମ୍ରାଟ୍‌ମାନେ ଏହି ଗୁପ୍ତ ସମ୍ରାଟ୍‌ମାନଙ୍କର ଅତୁଳ୍ୟ ମହିମା ଅନୁକରଣ କରିବାକୁ ଯାଇ ବାରମ୍ବାର ଏହି ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ । ଗୁପ୍ତବଂଶ ପ୍ରଥମେ ମଗଧ ଓ ପରେ ମଗଧ ଓ ଅଯୋଧ୍ୟା ଉଭୟତ୍ର ସାମ୍ରାଜ୍ୟ ସ୍ଥାନ ସ୍ଥିର କରି ଏହି ଉପାଧିର ସୃଷ୍ଟି ଓ ପ୍ରଚାର କରିଥିଲେ ।

Digitized by PPRACHIN, SOA

ତତ୍ପରେ ଉଜ୍ଜୟିନୀ ସମ୍ରାଟ୍ ଶକାରୀ ଯଶୋଧର୍ମଦେବ । ଏହା ତାଙ୍କରି ଆଦେଶରେ ଖୋଦିତ ଦୁଇଟି ଶିଳାଲିପିରୁ ମାତ୍ର ଜଣାଯାଏ । ଏହାଙ୍କୁହିଁ ବହୁକାଳ ପର୍ଯ୍ୟନ୍ତ ଐତିହାସିକମାନେ ନବରତ୍ନର ବିକ୍ରମାଦିତ୍ୟ ବୋଲି ମନେ କରି ଆସୁଥିଲେ । ପର ଶତାବ୍ଦୀରେ ଅର୍ଥାତ୍ ଶକ ଷଷ୍ଠ ଶତାବ୍ଦୀରେ କନୌଜରାଜା ସୁପ୍ରସିଦ୍ଧ ଶ୍ରୀହର୍ଷ ଦେବଙ୍କର ଏହି ଉପାଧି ଥିଲା ବୋଲି କେହି କେହି ଅନୁମାନ କରନ୍ତି । ତତ୍ପରେ ଦାକ୍ଷିଣାତ୍ୟର ଚାଲୁକ୍ୟ ରାଜାମାନେ ବାଦାମି ଓ କଲ୍ୟାଣରେ ପରେ ପରେ ଦୁଇବାର ସାମ୍ରାଜ୍ୟ ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ଅନ୍ୟୂନ ଛଅଜଣ ବିକ୍ରମାଦିତ୍ୟ ଥିବାର ପ୍ରମାଣ ମିଳିଅଛି । ସର୍ବଶେଷରେ ଧାରା ନଗରୀର ଭୋଜରାଜାଙ୍କ କଥା କହିବା ନିଷ୍ପ୍ରୟୋଜନ । ତାଙ୍କର ଉପାଧି ବିକ୍ରମାଦିତ୍ୟ ଥାଉ ବା ନଥାଉ ସେ ଯେ କୀର୍ତ୍ତିପ୍ରତାପ ବିଦ୍ୟାନୁରାଗାଦିରେ ବିକ୍ରମାଦିତ୍ୟ ଉପାଧିର ଅଧିକାରୀ ଥିଲେ ସେଥିରେ ସନ୍ଦେହ ନାହିଁ । ଐତିହାସିକ ସ୍ମିଥ୍ ସାହେବ ଦୁଃଖ ପ୍ରକାଶ କରି କହିଅଛନ୍ତି, "ଆକ୍ଷେପର କଥା ଭୋଜରାଜାଙ୍କ କୀର୍ତ୍ତି ଜୀବିତ ରଖିବା ପାଇଁ, ମେଘାସ୍ଥିନିସ, ଫାହିୟାନ ବା ହୁଏନ୍‌ସାଂ ସେତେବେଳେ ଏ ଦେଶକୁ ଆସି ନଥିଲେ ।" ଅବଶ୍ୟ ଚାଲୁକ୍ୟରାଜ ଶେଷ ବିକ୍ରମାଦିତ୍ୟ ବା ବିକ୍ରମାଙ୍କ ଭୋଜଙ୍କର କିଛି ବର୍ଷପରେ । ବିଲ୍ହଣ କବି ବିକ୍ରମାଙ୍କ ଚରିତରେ ଏହାଙ୍କର କୀର୍ତ୍ତିଗାନ କରି ଅଛନ୍ତି । ବୋଧହୁଏ ପୂର୍ବେ ଅନ୍ୟ କୌଣସି ବିକ୍ରମାଦିତ୍ୟ ମଧ୍ୟ ବିକ୍ରମାଙ୍କ ବୋଲି କଥିତ ହେଉଥିଲେ ।

ଏତେ ବିକ୍ରମାଦିତ୍ୟଙ୍କ ମଧ୍ୟରେ କାଳିଦାସ ପ୍ରଭୃତି ରତ୍ନମାନେ ବିଭିନ୍ନ କାଳରେ କୌଣସି କୌଣସି ପ୍ରାଚୀନତର ବିକ୍ରମାଦିତ୍ୟମାନଙ୍କର ସଭାକୁ ଅଳଂକୃତ କରିଥିଲେ ଏବଂ ପରବର୍ତ୍ତୀ ବିକ୍ରମାଦିତ୍ୟମାନେ ନିଜ ସଭାର ଶ୍ରେଷ୍ଠକବିଙ୍କୁ କାଳିଦାସ, ଶ୍ରେଷ୍ଠ ବୈଦ୍ୟଙ୍କୁ ଧନ୍ୱନ୍ତରୀ, ଶ୍ରେଷ୍ଠ କୋଷଜ୍ଞଙ୍କୁ ଅମରସିଂହ, ଶ୍ରେଷ୍ଠ ଜ୍ୟୋତିଷଙ୍କୁ ବରାହମିହିର ପ୍ରଭୃତି ଉପାଧିରେ ଭୂଷିତ କରି ନିଜର ସଭାକୁ ସର୍ବଦା ନବରତ୍ନରେ ଅଳଂକୃତ ଦେଖିବା ପ୍ରୟାସ କରିଥିବା ସ୍ୱାଭାବିକ ଓ ଏହି କାଳିଦାସାଦି ଉପାଧିକ ବ୍ୟକ୍ତମାନଙ୍କର କୌଣସି କୌଣସି କୃତି ଯେ ପ୍ରକୃତ କାଳିଦାସାଦିଙ୍କ ନାମରେ ଲୋକପରମ୍ପରାରେ ପ୍ରଚାରିତ ହୋଇଥିବ, ଏଥିରେ ମଧ୍ୟ ସନ୍ଦେହ କରିବାର କିଛି ନାହିଁ । ଦ୍ୱାତ୍ରିଂଶ ପୁତ୍ତଳିକ ଏହିପରି ପ୍ରକ୍ଷିପ୍ତ କୃତିର ଅନ୍ୟତମ ଉଦାହରଣ । ଯେତେଦୂର ସମ୍ଭବ ହୁଏ ଏହାହି ବିକ୍ରମାଦିତ୍ୟ ଓ ନବରତ୍ନ କିମ୍ବଦନ୍ତୀର ମୂଳ ଓ ରାଜାଭୋଜ ଏହିପରି ଉପାଧିଭୂଷିତ ନବରତ୍ନରେ ମଣ୍ଡିତ ଥିବା ବିଶେଷରେ ଅନୁମାନ ହୁଏ ।

ଅବଶ୍ୟ ସ୍ପଷ୍ଟ ଜଣାଯାଉଅଛି ଆଦିମଯୁଗର କୌଣସି ବିକ୍ରମାଦିତ୍ୟଙ୍କର ପ୍ରତାପ ଓ କୀର୍ତ୍ତିକଳାପ ଅତ୍ୟନ୍ତ ମହିମମୟ ଓ ଅନୁକରଣୀୟ ଥିଲା । ଭୋଜରାଜାଙ୍କ ସମ୍ବନ୍ଧରେ ଯାହା ସ୍ପଷ୍ଟ ପ୍ରମାଣ ମିଳେ ସେଥିରୁ ଜଣାଯାଏ ଭୋଜରାଜା ସର୍ବଦା ପ୍ରାଚୀନ ଯୁଗର କୌଣସି ବିକ୍ରମାଦିତ୍ୟଙ୍କ ପରି ହେବାକୁ ଯେପରି ଲାଳାୟିତ । ତାଙ୍କ ମହିମା ଓ କୀର୍ତ୍ତି ଶୁଣିଲେ ସର୍ବଦା ନତ ଶିର ଓ ତାଙ୍କର କ୍ରିୟାକଳାପ ଅନୁକରଣ କରିବା ଯେପରି କି

Digitized by PPRACHIN, SOA

ଭୋଜ ଜୀବନର ଏକାନ୍ତ ଉଦ୍ଦେଶ୍ୟ । ସେ ବିକ୍ରମାଦିତ୍ୟ ତେବେ କଏ ? କେଉଁ ବିକ୍ରମାଦିତ୍ୟଙ୍କ ସମୟରେ ବା ସାମ୍ରାଜ୍ୟ ସବୁଠାରୁ ଅଧିକ ସମୃଦ୍ଧିଶାଳୀ ବା ଶକ୍ତିମତ ଓ ଶାନ୍ତିମୟ ଥିଲା ? ଏବଂ କାହା ସମୟରେ ଦେଶର ସାହିତ୍ୟ ଶିକ୍ଷାଦିର ସବିଶେଷ ଓ ସମୂହ ଉନ୍ନତି ହୋଇଥିଲା ? ସେହି ସମୟରେ ନବରତ୍ନମାନଙ୍କ ମଧ୍ୟରୁ କିଏ ବା କେଉଁମାନେ ବାସ୍ତବିକ ଜନ୍ମିଥିଲେ ? ବିଶେଷରେ ଶ୍ରେଷ୍ଠତମ ରତ୍ନ କାଳିଦାସ କେଉଁ ବିକ୍ରମାଦିତ୍ୟଙ୍କ ସଭାରେ ଓ କେବେ ଥିଲେ ? ଏ ରହସ୍ୟ ଉଦ୍‌ଘାଟନ କରିବାକୁ ହେଲେ ପ୍ରଥମେ ଦେଖିବା ଉଚିତ ବିକ୍ରମାଦିତ୍ୟ ଉପାଧିର ସୃଷ୍ଟି କେବେ କାହାଠାରୁ ହେଲା । କିମ୍ବା ବାସ୍ତବିକ ମୌଳିକ ତଥା ଶ୍ରେଷ୍ଠତମ ବିକ୍ରମାଦିତ୍ୟ କିଏ ? ସେହି ସମୟରେ ସାମ୍ରାଜ୍ୟର ଏସବୁ କଳ୍ପିତ ବିଭବ ଥିଲା କି ନା ? ଏବଂ ତାଙ୍କ ସଭାରେ କାଳିଦାସ ଥିବାର ପ୍ରମାଣ ଅଛି କି ନା ?

"ବିକ୍ରମ ସଂବତ" ବୋଲି ଗୋଟିଏ ଅବ୍ଦ ଆଜକୁ ୧୯୭୩ ବର୍ଷତଳେ ମାଳବ ଦେଶରେ ପ୍ରତିଷ୍ଠିତ ଓ ପ୍ରଚାରିତ ହୋଇଥିଲା । ଅଦ୍ୟାପି ଆମ୍ଭେମାନେ ସେ ଅବ୍ଦର ବ୍ୟବହାର କରୁ । ତାହାର ନାମ କହୁଁ ବିକ୍ରମାବ୍ଦ ବା 'ସମ୍ଭତ' । ଏହିଠାରେ ବିକ୍ରମ ଶବ୍ଦସଂଗେ ଇତିହାସର ପ୍ରାଚୀନତମ ସମ୍ପର୍କ । ଏହି ସମ୍ପର୍କ ଉପରେ ନିର୍ଭର କରି ସର୍ ଉଇଲିୟମ୍ ଜୋନ୍ସ ପ୍ରଭୃତି ପୂର୍ବକାଳର ଅନୁସନ୍ଧିତ୍ସୁମାନେ କାଳିଦାସ ପ୍ରଭୃତିଙ୍କୁ ଏହି କାଳର ଲୋକବୋଲି ସ୍ଥିର କରି ଯାଇଥିଲେ । କିନ୍ତୁ ପରବର୍ତ୍ତୀ ଅନୁସନ୍ଧାନରେ ମାଳବଦେଶର ତାତ୍‌କାଳିକ ରାଜାମାନଙ୍କ ସଂଗେ 'ବିକ୍ରମ' ନାମର କୌଣସି ସମ୍ପର୍କ ମିଳି ନାହିଁ ଓ ପଣ୍ଡିତମାନେ ଅନୁମାନ କରୁଅଛନ୍ତି କୌଣସି ବିଶିଷ୍ଟ ଘଟଣା ଅବଲମ୍ବନରେ ମାଳବଦେଶର ଏହି ଅବ୍ଦଟି ତତ୍ରସ୍ଥ ଜ୍ୟୋତିଷମାନଙ୍କ ଦ୍ୱାରା ଉଦ୍‌ଭାବିତ ହୋଇଥିଲେ । ଏବଂ ଅନ୍ୟ କୌଣସି ନାମରେ ଚଳି ଆସୁଥିଲା । ପରେ ମାଳବର ସୁପ୍ରସିଦ୍ଧ ଯଶୋଧର୍ମଦେବ ବିକ୍ରମାଦିତ୍ୟ କିମ୍ବା ଅନ୍ୟ କୌଣସି ମାଳବ ବିଜେତା ବିକ୍ରମାଦିତ୍ୟ ସେହି ଅବ୍ଦକୁ ନିଜ ନାମ ସଂଗେ ସଂପୃକ୍ତ ରଖିବା ଲାଗି ବିକ୍ରମାବ୍ଦ ବୋଲି ପ୍ରଚାର କଲେ । ଫଳତଃ ତାହାଙ୍କ ସମୟରୁ ଅବ୍ଦଟି ବିକ୍ରମାବ୍ଦ ବୋଲି ନାମ ପାଇଲା ।

ଚନ୍ଦ୍ରଗୁପ୍ତ ଏହି ଗୁପ୍ତବଂଶର ପ୍ରବର୍ତ୍ତକ ଓ ପ୍ରଥମ ସମ୍ରାଟ୍ । କିଏ ଜାଣେ ଏହି ଚନ୍ଦ୍ରଗୁପ୍ତନାମରେ କି ଦିବ୍ୟ ମହିମା ଅଛି ! ଭାରତ ଭାଗ୍ୟ ସଂଗେ ଏହି ନାମଟିର କି ଐଶ ନିର୍ବନ୍ଧ, କି ଦୈବ ସମ୍ପର୍କ ନିହିତ ଥିଲା । ଅବଶ୍ୟ ପାଠକମାନେ ମନେ ରଖିବେ ଗୁପ୍ତବଂଶର ପ୍ରଥମ ସମ୍ରାଟ୍ ଏହି ଚନ୍ଦ୍ରଗୁପ୍ତ ଆଲେକଜାଣ୍ଡରଙ୍କ ଆକ୍ରମଣ ପରବର୍ତ୍ତୀ, ଭାରତର ପ୍ରଥମ ସମ୍ରାଟ୍, ମୌର୍ଯ୍ୟବଂଶର ସ୍ଥାପୟିତା, ସ୍ୱନାମ ପ୍ରସିଦ୍ଧ ଅଶୋକଙ୍କର ପିତାମହ ଚନ୍ଦ୍ରଗୁପ୍ତ ନୁହନ୍ତି । ଦୁହିଁଙ୍କ ମଧ୍ୟରେ ସମୟର ତାରତମ୍ୟ ୬୦୦ ବର୍ଷ । କିନ୍ତୁ ପ୍ରାଚୀନ ଭାରତର ସାମ୍ରାଜ୍ୟ ସ୍ଥାପନର ସମସ୍ତ ମହିମା କେବଳ ଏହି ଦୁଇ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ବିଭକ୍ତ ।

Digitized by PPRACHIN, SOA

ମୌର୍ଯ୍ୟ ଚନ୍ଦ୍ରଗୁପ୍ତ ଗ୍ରୀକ୍‌ମାନଙ୍କୁ ପରାସ୍ତ କରି ସମସ୍ତ ଆର୍ଯ୍ୟାବର୍ତ୍ତ ଆଫଗାନସ୍ଥାନ ଓ ଅର୍ଦ୍ଧପାରସ୍ୟ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର ପୂର୍ବକ ଭାରତର ପ୍ରଥମ ସମ୍ରାଟ୍ ରୂପେ ଚିରସ୍ମରଣୀୟ ହୋଇଅଛନ୍ତି । 'ମୁଦ୍ରାରାକ୍ଷସ' ନାଟକରେ କବିବର ବିଶାଖ ଦତ୍ତ ତାହାଙ୍କର କୀର୍ତ୍ତିକଳାପ କୀର୍ତ୍ତନୀୟ କରିଅଛନ୍ତି । ପୁଣି ତାଙ୍କର ସ୍ୱନାମଧନ୍ୟ ମହାଯଶା ପୌତ୍ର ଅଶୋକଙ୍କୁ ପୃଥିବୀରେ କିଏ ବା ନଜାଣେ ? ଧର୍ମବଳରେ ସମସ୍ତ ସାମ୍ରାଜ୍ୟ ବଶୀଭୂତ କରି ଦିଗଦିଗଂନ୍ତ ବ୍ୟାପୀ ମୈତ୍ରୀବାଦ ପ୍ରଚାରରେ ସେ ସମସ୍ତ ପୂର୍ବ ମହାଦ୍ୱୀପର ଲୋକହୃଦୟରେ ନିଜର ସାମ୍ରାଜ୍ୟଭିତ୍ତି ଓ ଅକ୍ଷର ସିଂହାସନ ସ୍ଥିର ରଖି ଯାଇ ଅଛନ୍ତି । ବୌଦ୍ଧ ଯୁଗରେ ମୌର୍ଯ୍ୟବଂଶ; ବ୍ରାହ୍ମଣ ଯୁଗର ପୁନରୁତ୍ଥାନ ବେଳେ ଗୁପ୍ତବଂଶ । ଏତିକିରେ ପ୍ରାଚୀନ ଭାରତ ମହିମାର ଉନ୍ନତତମ ଅବସ୍ଥା ସୀମାବଦ୍ଧ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁହିଁଙ୍କର ସ୍ଥାନ ମଧ୍ୟ ମଗଧ । ଦୁଇବଂଶର ପ୍ରବର୍ତ୍ତକ ଚନ୍ଦ୍ରଗୁପ୍ତ । ମୌର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କ ପୁତ୍ରର ପୁତ୍ର ଅଶୋକ ଓ ଗୁପ୍ତ ଚନ୍ଦ୍ରଗୁପ୍ତଙ୍କ ପୁତ୍ରର ପୁତ୍ର ଶ୍ରେଷ୍ଠତମ ବିକ୍ରମାଦିତ୍ୟ । ସେଥିପାଇଁ କହୁଥିଲି ଚନ୍ଦ୍ରଗୁପ୍ତ ନାମର କି ମହିମା ।

ପ୍ରାଚୀନ ଭାରତର ଧାରାବାହିକ ଇତିହାସ ଲିଖିତ ନାହିଁ । ପୁରାଣମାନଙ୍କର ଅଧିକାଂଶ ଏ ଗୁପ୍ତବଂଶ ପୂର୍ବରୁ ଲିଖିତ ହୋଇଥିଲା ଓ ପ୍ରାୟ ସମସ୍ତ ପୁରାଣ ଏ ଗୁପ୍ତବଂଶର ପ୍ରତିଷ୍ଠା ଐତିହାସିକ ଭାବରେ ପ୍ରଚାରିତ ହେବା ପୂର୍ବରୁ ଲିଖିତ ହୋଇଥିବ । ଜନଶ୍ରୁତି ସବୁବେଳେ ଧୂମପରି ଅବ୍ୟବସ୍ଥିତ । ବିକ୍ରମାଦିତ୍ୟ ଓ ନବରତ୍ନ ନାମ ଚିହ୍ନ ସୁଧା ନ ଥିଲା । କିନ୍ତୁ ଏବେ ଅନୁସନ୍ଧାନ ବଳରେ ଜଣାଯାଇଅଛି ଭାରତଗୌରବ ଏହି ଚନ୍ଦ୍ରଗୁପ୍ତଙ୍କ ପୁତ୍ର ସମୁଦ୍ରଗୁପ୍ତ ବିଦ୍ୟାବିଭବ ବିର୍ଯ୍ୟାଦିରେ ପୃଥିବୀର ଯେକୌଣସି ସମ୍ରାଟ୍‌ଠାରୁ ହୀନ ନୁହନ୍ତି । ଐତିହାସିକ ସ୍ମିଥ୍ ସାହେବ ତାହାଙ୍କୁ ଭାରତର ନେପୋଲିୟନ୍ ବୋଲି ଆଖ୍ୟା ଦେଇ ଅଛନ୍ତି । ଚନ୍ଦ୍ରଗୁପ୍ତ ପ୍ରଥମେ ସାମ୍ରାଜ୍ୟ ସ୍ଥାପନ କରି ନିଜକୁ ବିକ୍ରମାଦିତ୍ୟ ବୋଲି ଆଖ୍ୟାତ କରିଥିବାର ଗୋଟିଏ କ୍ଷୀଣ ପ୍ରମାଣରୁ କେହି କେହି ଅନୁମାନ କରନ୍ତି । ସମୁଦ୍ରଗୁପ୍ତ ଯୁବରାଜ ଥିବା ବାଳାଦିତ୍ୟ ନାମରେ କଥିତ ହେଉଥିଲେ । ତାଙ୍କର ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଭାରତର ଶ୍ରେଷ୍ଠତମ ଓ ସ୍ପଷ୍ଟତଃ ପ୍ରଥମ ବିକ୍ରମାଦିତ୍ୟ । ତତ୍ପରେ ଏହି ବଂଶର ଦୁଇ ତିନିଜଣ ରାଜାଙ୍କ ନାମରେ 'ବିକ୍ରମାଦିତ୍ୟ ଓ ବାଳାଦିତ୍ୟ' ଉପାଧି ଲାଗିଥିବାର ପ୍ରମାଣ ମିଳେ । ସମ୍ଭବତଃ ଏ ବଂଶର ସାମ୍ରାଜ୍ୟ ଶକ୍ତି ଥିବା ତକ ରାଜାମାନେ ବିକ୍ରମାଦିତ୍ୟ ଓ ଯୁବରାଜମାନେ ବାଳାଦିତ୍ୟ ଉପାଧିରେ ଭୂଷିତ ହେଉଥିଲେ । ସ୍ମିଥ୍ ସାହେବ ପ୍ରାଚୀନ ମୁଦ୍ରାଲେଖରୁ ପ୍ରମାଣ କରୁଅଛନ୍ତି, ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ନାମରେ ବିକ୍ରମାଦିତ୍ୟ, ତାଙ୍କ ପୁତ୍ର କୁମାର ଗୁପ୍ତଙ୍କ ନାମରେ ମହେନ୍ଦ୍ରାଦିତ୍ୟ, ତାଙ୍କ ପୁତ୍ର ସ୍କନ୍ଦଗୁପ୍ତଙ୍କ ନାମରେ କ୍ରମାଦିତ୍ୟ (ବିକ୍ରମାଦିତ୍ୟ ?) ଦ୍ୱିତୀୟ କୁମାର ଗୁପ୍ତଙ୍କ ନାମରେ ବିକ୍ରମାଦିତ୍ୟ (ସ୍ମିଥ୍ ପଢ଼ିଅଛନ୍ତି, 'କ୍ରମାଦିତ୍ୟ') ପୁରଗୁପ୍ତଙ୍କ ନାମରେ ପ୍ରକାଶାଦିତ୍ୟ ଓ ନରଗୁପ୍ତଙ୍କ ନାମରେ 'ବାଳାଦିତ୍ୟ' ପ୍ରଭୃତି ଉପାଧି ଥିବାର

Digitized by PPRACHIN, SOA

ଭିନ୍ନ ଭିନ୍ନ ସ୍ଥାନରେ ଦେଖାଯାଏ । ଏ ସବୁ ବିକ୍ରମାଦିତ୍ୟ ନାମର ଅବସ୍ଥା ଓ ସାମୟିକ ରୁଚିଭେଦରେ ବିକାର ମାତ୍ର ବୋଲି ଅନୁମାନ ହୁଏ । ବସ୍ତୁତଃ ସମସ୍ତ ବଂଶରେ ରାଜାର ଉପାଧି ବିକ୍ରମାଦିତ୍ୟ ଓ ଯୁବରାଜଙ୍କର ବାଳାଦିତ୍ୟ ଥିଲା । ସେ ଯାହାହେଉ, ସମୁଦ୍ର ଗୁପ୍ତଙ୍କ ପରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଯେ ବିକ୍ରମାଦିତ୍ୟ ଥିଲେ ଏଥିରେ ସନ୍ଦେହ ନାହିଁ ଓ ଦେଖାଯାଏ ତାହାଙ୍କ ସମୟହି ଗୁପ୍ତବଂଶର ପୂର୍ଣ ସୌଭାଗ୍ୟ ଭୋଗର କାଳ ।

ବହୁଦିନଯାଏ ଐତିହାସିକମାନେ ଶକ ପଞ୍ଚମ ଶତାବ୍ଦୀର ଏହି ଯଶୋଧର୍ମଦେବଙ୍କ ପ୍ରଥମ ଓ ଶ୍ରେଷ୍ଠତମ ବିକ୍ରମାଦିତ୍ୟ ବୋଲି ସ୍ଥିର କରୁଥିଲେ । ସେହି ଅନୁସାରେ କାଳିଦାସ ପ୍ରଭୃତିଙ୍କର ସମୟ ମଧ୍ୟ ନିରୂପିତ ହେଉଥିଲା । ବିଶେଷରେ ଏହା ବରାହମିହିରଙ୍କର ସମୟ ସଂଗେ ମେଳ ଖାଇବାରୁ ଓ ଉଜ୍ଜୟିନୀ ଯଶୋଧର୍ମଦେବଙ୍କ ରାଜଧାନୀ ଥିବାର ପ୍ରତୀତି ହେବାରୁ ଏ ପ୍ରମାଣ ସମ୍ଭବ ବୋଧ ହେଉଥିଲା । ମାତ୍ର ଏବେ ଏହା ଭ୍ରମ ବୋଲି ପ୍ରମାଣିତ ହୋଇଅଛି । ଏଲାହାବାଦ୍ ଦୁର୍ଗରେ ବର୍ତ୍ତମାନ ସ୍ଥାନାନ୍ତରିତ ଭାବରେ ଥିବା ଅଶୋକଙ୍କ ଗୋଟିଏ କୀର୍ତ୍ତିସ୍ତମ୍ଭ ଦେହରେ ଅଶୋକଙ୍କ ପରବର୍ତ୍ତୀ କାଳରେ ଖୋଦିତ କେତେକ ଲିପି, ଗୁପ୍ତ ସାମ୍ରାଜ୍ୟର କେତେକ ମୁଦ୍ରା, କୁମାର ଗୁପ୍ତ ଓ ସ୍କନ୍ଦଗୁପ୍ତଙ୍କ ଆଦେଶରେ ଖୋଦିତ ଅନ୍ୟ କେତେଗୁଡ଼ିଏ ଶିଳାଲିପି ଓ ପ୍ରାସଙ୍ଗିକ ଅନ୍ୟାନ୍ୟ ପ୍ରମାଣରୁ ଯାହା ଜଣାପଡ଼େ ସେଥିରୁ ଐତିହାସିକମାନଙ୍କର ଧାରା ହୋଇଅଛି ଯେ ଶକ ତୃତୀୟ ଶତାବ୍ଦୀର ମଧ୍ୟଭାଗରୁ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ପୂର୍ବ ଭାରତରେ ଗୁପ୍ତବଂଶର ଯେଉଁ ସମ୍ରାଟ ପରମ୍ପରା ଭାରତ ଶାସନ କରିଥିଲେ, ଯେଉଁ ବଂଶରେ ଚାରିଜଣରୁ ଅଧିକ ଅଶ୍ୱମେଧ ଯଜ୍ଞର ଅନୁଷ୍ଠାତା, ଓ ଅନ୍ତତଃ ଚାରିଜଣ ରାଜାଙ୍କ ନାମ ସଂଗେ ବିକ୍ରମାଦିତ୍ୟ ନାମର ସ୍ପଷ୍ଟ ସମ୍ପର୍କ ମିଳୁଅଛି, ବୌଦ୍ଧଯୁଗ ପରେ ମଗଧର ତଥା ଭାରତର ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠାତା ସେହି ବଂଶହି ବିକ୍ରମାଦିତ୍ୟ ଉପାଧିର ସ୍ରଷ୍ଟା ଓ ପ୍ରଥମ ପ୍ରବର୍ତ୍ତକ ଓ ପ୍ରମାଣରୁ ଯାହା ଦେଖାଯାଏ ଏହି ସମ୍ରାଟ୍ ବଂଶହି ସ୍ୱାଧୀନ ହିନ୍ଦୁ ଭାରତର ଶ୍ରେଷ୍ଠତମ ଗୌରବ । ଏହି ସମ୍ରାଟ୍‌ମାନଙ୍କର ବିଶାଳ ଶକ୍ତି, ବିଦ୍ୟାନୁରାଗ, ସୁଶାସନ ଓ ପ୍ରକୃତିରଞ୍ଜନପ୍ରବଣତା ଐତିହାସିକ ଭାରତରେ ପୁରାଣ କଳ୍ପିତ ସତ୍ୟଯୁଗର ପ୍ରକୃତି କହିଲେ ଚଳେ; ଐତିହାସିକ ଭାରତରେ ଏହାହି ରାମରାଜ୍ୟ । ଚୀନ ପରିବ୍ରାଜକବର ଫାହିୟାନ୍ ଏହି ବଂଶର ଗୌରବମୟ ରାଜତ୍ୱକାଳରେ ଭାରତ ଦେଖି ଏକାବେଳେକେ ମୁଗ୍ଧ ହୋଇଯାଇଥିଲେ, ଓ ଭାରତର ତାତ୍କାଳିକ ଅବସ୍ଥା ସମ୍ବନ୍ଧରେ ସେ ଯାହା ଲେଖିଅଛନ୍ତି ତାହା ଦେଖି ଆଜି ପୃଥିବୀ ସେ କାଳର ଭାରତକୁ ବାସ୍ତବିକ ଦେବଭୂମି ବୋଲି ମନେ କରୁଅଛି ।

ପ୍ରଥମ ଚନ୍ଦ୍ରଗୁପ୍ତ ସାମ୍ରାଜ୍ୟ ସ୍ଥାପନ କଲେ । ତାଙ୍କର ବ୍ୟକ୍ତିତ୍ୱ ଓ ଶକ୍ତି ନିଶ୍ଚୟ ବିଶାଳ ହୋଇଥିବ । ପୁତ୍ର ସମୁଦ୍ରଗୁପ୍ତ ତରୁଣ ଥିବାବେଳେ ତାଙ୍କର ପିତାଙ୍କ ରାଜ୍ୟତ୍ୟାଗ । ସେ ସମୁଦ୍ରଗୁପ୍ତଙ୍କୁ ଉତ୍ତରାଧିକାରୀ କରିଗଲେ । ଏହିଠାରେ କହି ରଖିବା ଉଚିତ ପ୍ରାଚୀନ

Digitized by PPRACHIN, SOA

ଆର୍ଯଶାସ୍ତ୍ର ବିଧି ଅନୁସାରେ ରାଜା, ଅମାତ୍ୟ ସଭାସଦ ଓ ଦେଶର ମୁଖ୍ୟ ବ୍ୟକ୍ତିଙ୍କ ପରାମର୍ଶରେ ଉତ୍ତରାଧିକାରୀ ସ୍ଥିର କରନ୍ତି । ଦଶରଥ ରାମଚନ୍ଦ୍ରଙ୍କ ଅଭିଷେକ ପୂର୍ବରୁ ତାହା କରିଥିଲେ । ଗୁପ୍ତବଂଶରୁ ଯାହା ପ୍ରମାଣ ମିଳେ ସେଥିରେ ଏ ନୀତି କେବେହେ ପରିତ୍ୟକ୍ତ ହୋଇନାହିଁ । ରାଜ୍ୟଲୋଭରେ ଭାତୃବିବାଦ ଏ ବଂଶର ଉନ୍ନତିବେଳେ ଦେଖାନାହିଁ । ରାଜା ରାଜ୍ୟଶାସନ ତ୍ୟାଗ କରିବା ପୂର୍ବରୁ ଉପଯୁକ୍ତ ଉତ୍ତରାଧିକାରୀ ସ୍ଥିର କରିବାର ପ୍ରମାଣ ସ୍ପଷ୍ଟ । ଭାରତରେ ବାସ୍ତବିକ ଏ ଦେବଯୁଗ ନୁହେ ତ ଆଉ କ'ଣ ? ବିକ୍ରମାଦିତ୍ୟଙ୍କ ସମ୍ବନ୍ଧରେ କିମ୍ବଦନ୍ତୀରେ ଯାହା ଶୁଣାଅଛି, ଦ୍ୱାତ୍ରିଂଶ ପୁତ୍ତଳିକାରେ ଯାହା ଲେଖାଅଛି, ଏ ସାମ୍ରାଜ୍ୟ ତାହାର ବାସ୍ତବିକ ସାର୍ଥକତା ସମ୍ପାଦନ କରେ ।

ସମୁଦ୍ରଗୁପ୍ତ ତରୁଣବୟସରେ ପିତ୍ରାଦେଶରେ ରାଜ୍ୟଲାଭ କଲେ । ରାଜ୍ୟଲାଭପରେ ତାଙ୍କର ଦିଗ୍‌ବିଜୟ । ତାତ୍‌କାଳିକ କବି ହରିସେନ୍ ଏହି ଦିଗ୍‌ବିଜୟ କବିତାରେ ବର୍ଣନା କରିଅଛନ୍ତି ଓ ସେହି କବିତାଟି ନିଜେ ସମୁଦ୍ରଗୁପ୍ତ ପୂର୍ବକଥିତ ଅଶୋକଙ୍କ କୀର୍ତିସ୍ତମ୍ଭରେ ଖୋଳାଇଥିଲେ । ସେଥିରୁ ଜଣାଯାଏ ସମୁଦ୍ରଗୁପ୍ତ ଆର୍ଯାବର୍ତ୍ତ, ଦାକ୍ଷିଣାତ୍ୟର ସର୍ବତ୍ର ନିଜର ବିଜୟ ଧ୍ୱଜା ପୋତିଥିଲେ । ପ୍ରଥମରେ ମଗଧରୁ ବାହାରି ପଶ୍ଚିମ ବଂଗ ଓ ଓଡ଼ିଶାର ଗିରିଦୁର୍ଗମାନ ଜୟ କରି ମହାନଦୀର ଉପତ୍ୟକା ବାଟେ ମହେନ୍ଦ୍ରକୁ ଆସିଲେ । ମହେନ୍ଦ୍ରବାଟେ କଳିଙ୍ଗର ରାଜଧାନୀ ପିଠାପୁର ଭେଦକରି କୃଷ୍ଣାଜିଲାର ଭେଂଗିନଗରସ୍ଥ ପଲ୍ଲବରାଜାଙ୍କୁ ପରାସ୍ତ କଲେ । ତପ୍ପରେ କାଞ୍ଚିର ବିଷ୍ଣୁଗୋପଙ୍କୁ ଜିଣି ପଶ୍ଚିମାଭିମୁଖ ହୋଇ ମାଳବାର ଉପକୂଳ ବାଟେ ଖାନ୍ଦେଶକୁ ଓ ଖାନ୍ଦେଶରୁ ମାଳବ ଉପରବାଟେ (ପଞ୍ଜାବ ଓ ପଞ୍ଜାବରୁ) ପ୍ରୟାଗ ଓ ମଥୁରା ଭେଦକରି ମଗଧକୁ ଫେରିଗଲେ । ପଞ୍ଜାବ ଓ ସୀମାନ୍ତ ପ୍ରଦେଶର ରାଜାମାନେ ତାହାଙ୍କର ଅଧୀନତା ସ୍ୱୀକାର କରି କରଦ ହୋଇଥିଲେ ବୋଲି ବର୍ଣିତ ଅଛି ଓ ଦାକ୍ଷିଣାତ୍ୟର ବିଜିତ ପ୍ରଦେଶ ସବୁ କେବଳ ସମୁଦ୍ରଗୁପ୍ତଙ୍କର ଚକ୍ରବର୍ତ୍ତୀତ୍ୱ ମାତ୍ର ସ୍ୱୀକାର କରିଥିଲେ । ସେସବୁର ଶାସନ ପ୍ରଣାଳୀରେ ଗୁପ୍ତବଂଶୀୟମାନେ ହସ୍ତକ୍ଷେପ କରିଥିବାର ପ୍ରମାଣ ନାହିଁ । ଏ ଯେଉଁ ମାର୍ଗ ବର୍ଣିତ ହେଲା ଶକ ଦ୍ୱିତୀୟ ଶତାବ୍ଦୀରେ ଏଥିରେ ଅବଶ୍ୟ ରେଳରାସ୍ତା କି ବିସ୍ତୃତ ସଡ଼କ ନଥିଲା । ସ୍ଥାନେ ସ୍ଥାନେ ଘୋର ବିସ୍ତୀର୍ଣ ଅରଣ୍ୟାନୀ ଓ ଦୁର୍ଦ୍ଦମନୀୟ ଅଭେଦ୍ୟ ଗିରିଦୁର୍ଗସବୁ ବିଦ୍ୟାମାନ ଥିବ । ଏ ଦିଗ୍‌ବିଜୟରେ ତାଙ୍କର ବର୍ଷେ ଦୁଇବର୍ଷ ଲାଗିଥିବା ସମ୍ଭବ । ବାସ୍ତବରେ ସର୍ବଦା ଯୁଦ୍ଧ ଓ ଏ ପ୍ରାୟ ଦେଢ଼ହଜାର କ୍ରୋଶ ବିଜୟଭ୍ରମଣରେ ରାଜଧାନୀ ସଂଗେ ବା ନିଜର ଆତ୍ମୀୟ ସ୍ୱଜନ କୋଷସୈନ୍ୟ ସାମନ୍ତାଦି ସଂଗେ କିଛି ମାତ୍ର ସମ୍ପର୍କ ନାହିଁ । ଏ ମହାଭାରତରେ ଯୁଧିଷ୍ଠିରଙ୍କର ଦିଗ୍‌ବିଜୟ ପରି । ପ୍ରାଚୀନ କାଳରେ କ୍ଷତ୍ରିୟ ରାଜାମାନଙ୍କର ଦିଗ୍‌ବିଜୟହି ଉଦ୍ଦେଶ୍ୟ ଥିଲା । ରାଜାମାନେ ବିଜିତ ହୋଇ କିମ୍ବା ଅଧୀନତା ସ୍ୱୀକାରକରି ବିଜୟୀଙ୍କୁ ବହୁ ଧନରତ୍ନ ଉପହାର ଦେଉଥିଲେ । ସମସ୍ତ ବିଜିତ ରାଜ୍ୟକୁ ଅଧୀନରେ ରଖି; ନିଜେ ଶାସନ କରି,

Digitized by PPRACHIN, SOA

ଧନବୃଦ୍ଧି କରିବାକୁ କୌଣସି ଦିଗ୍‌ବିଜୟୀ ତାଦୃଶ ଶ୍ଳାଘ୍ୟ ସମ୍ପଦ ବୋଲି ମଣୁ ନଥିଲେ । ଚକ୍ରବର୍ତ୍ତୀ ବୋଲି ପରିଚିତ ହେବା ହି ତାଙ୍କର ଉଦ୍ଦେଶ୍ୟ ଥିଲା । ସେଥିପାଇଁ ସମୁଦ୍ରଗୁପ୍ତ ଦୂରରାଜ୍ୟସବୁ ଛାଡ଼ିଦେଇ କେବଳ ମୋଟାମୋଟି କହିବାକୁ ଗଲେ ଆର୍ଯ୍ୟାବର୍ତ୍ତ ମାତ୍ରରେ ତାଙ୍କର ଶାସିତ ସାମ୍ରାଜ୍ୟ ବିସ୍ତାର କରିଥିଲେ । ଦିଗ୍‌ବିଜୟରୁ ଫେରିଆସି ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିବାର ଲେଖାଅଛି ।

ଚକ୍ରବର୍ତ୍ତୀତ୍ୱ ପ୍ରେପ୍ସୁମାନଙ୍କର ଏ ଦିଗ୍‌ବିଜୟ ନୀତିକୁ କେହି କେହି ନୃଶଂସତ୍ୱ ଓ ଅନୀତି ବୋଲି କହିପାରନ୍ତି । କିନ୍ତୁ ଭିତରକୁ ପଶି ବୁଝିଲେ ଏଥିରେ ସେପରି କିଛି ନାହିଁ । ଦିଗ୍‌ବିଜୟରେ ବିଜୟୀ ସମସ୍ତଙ୍କ ସଂଗେ ଯୁଦ୍ଧ କରିବାକୁ ବ୍ରତ କରି ନଥାନ୍ତି । ଅନ୍ୟ ରାଜାମାନେ ତାଙ୍କର କ୍ଷମତା ସ୍ୱୀକାର କରିଗଲେ ଯଥେଷ୍ଟ ହେଲା । ଆର୍ଯ୍ୟରାଜନୀତିରେ ଏ ବିଧାନ ଅତି ସୁନ୍ଦର । ଆଜିକାଲି ପରି ରାଜ୍ୟଲୋଭ ହେଉ ବା ସେ କାଳପରି କ୍ଷତ୍ରିୟ ଦର୍ପର ଅହଂକାର ହେଉ ପୃଥିବୀରେ ଏ ଲୋଭ ବା ଦର୍ପ ସର୍ବଦା ଅଛି । ଭାରତରେ ଏହା ଥିଲା । ରାଜାମାନେ ପରସ୍ପର ମଧ୍ୟରେ ବିବାଦ କରୁଥିଲେ । ଯୁଦ୍ଧ ଓ ଅଶାନ୍ତି ହେଉଥିଲା । ସେଥିପାଇଁ ବୋଧହୁଏ ନୀତିକାରମାନେ ଏହି ଦିଗ୍‌ବିଜୟ ଓ ଚକ୍ରବର୍ତ୍ତୀତ୍ୱର ବିଧାନ କରିଅଛନ୍ତି ଓ ଏହାକୁ ଧର୍ମସମ୍ମତ କରିବା ନିମନ୍ତେ ଏହା ସଂଗେ ଅଶ୍ୱମେଧ ଯଜ୍ଞର ବିଧିଅଛି । ପ୍ରଥମ କଥା ଜଣେ କେହି ଚକ୍ରବର୍ତ୍ତୀ ଥିଲେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଅନ୍ତର୍ବିବାଦ ଅସମ୍ଭବ ଓ ଚକ୍ରବର୍ତ୍ତୀଙ୍କ ସଙ୍ଗେ ଅନ୍ୟ କୌଣସି ଅଧସ୍ତନ ରାଜାଙ୍କର ବିବାଦ ମଧ୍ୟ ସାହସିକତା ମାତ୍ର । ଫଳରେ ସାମ୍ରାଜ୍ୟର ଶାନ୍ତି ସୁନିଶ୍ଚିତ । ପ୍ରତ୍ୟେକ ନବୀନ ଚକ୍ରବର୍ତ୍ତୀଙ୍କ ସମ୍ବନ୍ଧରେ ଏହି ନିୟମ । ସେଥିପାଇଁ ଭାରତ ବହୁକାଳ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ହୋଇଥିଲେହେ ସେଥିରେ ଏତେକାଳ ଶାନ୍ତି ସମ୍ଭବ ଥିଲା ଓ ଅସମ୍ଭାବିତ ଆଭ୍ୟନ୍ତରୀଣ ଶକ୍ତିବିକାଶ ଘଟିଥିଲା । ଗୁପ୍ତବଂଶ ଏହାର ଉଦାହରଣ ସ୍ଥଳ । ଦିଗ୍‌ବିଜୟ ଓ ଅଶ୍ୱମେଧ ପରେ ସମୁଦ୍ରଗୁପ୍ତଙ୍କର ସୁଦୀର୍ଘଶାସନ ଓ ତତ୍‌ପୁତ୍ର ବିକ୍ରମାଦିତ୍ୟଙ୍କର ସମସ୍ତ ଶାସନକାଳ ନିରବଚ୍ଛିନ୍ନ ଶାନ୍ତିରେ କଟିଥିଲା । ପରେ କୁମାର ଗୁପ୍ତଙ୍କ ରାଜତ୍ୱରେ ବୋଧହୁଏ ଅଶାନ୍ତି ଆରମ୍ଭ ହେଲା ଓ ହୁନମାନେ ଭାରତର ପଶ୍ଚିମଦ୍ୱାରରେ ଧକ୍କା ଦେଇଥିଲେ । ସଂଗେ ସଂଗେ କୁମାରଗୁପ୍ତଙ୍କର ଅଶ୍ୱମେଧ ଯଜ୍ଞର କଥା ଶୁଣାଯାଏ । ଅବଶ୍ୟ ତାଙ୍କ ଦିଗ୍‌ବିଜୟ ସମ୍ବନ୍ଧରେ କିଛି ଲେଖା ମିଳି ନାହିଁ । ମାତ୍ର ତାଙ୍କ ସୁଦୀର୍ଘ ଶାସନରେ ଯେ ଆଉ ବିଶେଷ ଅଶାନ୍ତି ଘଟି ନାହିଁ ଓ ହୁନମାନେ ଯେ ଆଉ ଧକ୍କା ଦେଇ ନାହାନ୍ତି ଏହା ସୁନିଶ୍ଚିତ । ତାଙ୍କ ପୁତ୍ର ସ୍କନ୍ଦଗୁପ୍ତଙ୍କ ସମୟରେ ହୁନମାନେ ପୁଣି ଦେଖାଗଲେ ଓ ପରାସ୍ତ ହେଲେ । କିନ୍ତୁ ସ୍କନ୍ଦଗୁପ୍ତଙ୍କ ସମ୍ବନ୍ଧରେ ଆଉ ଅଶ୍ୱମେଧ ଯଜ୍ଞର କଥା ଶୁଣାନାହିଁ ଓ ସଂଗେ ସଂଗେ ହୁନମାନେ ବାରଂବାର ବିରକ୍ତ କରିବାର କଥା ଶୁଣାଅଛି । ଅଶ୍ୱମେଧରେ ଚକ୍ରବର୍ତ୍ତୀଙ୍କର ପୁତ୍ର ଆଶ୍ୱକୁ ସମସ୍ତ ସାମ୍ରାଜ୍ୟରେ ବୁଲାଇ ଆଣିବେ । ଯଦି ଲୋକଙ୍କର ଇଚ୍ଛା ହୁଏ ସେ

Digitized by PPRACHIN, SOA

ଯୁଦ୍ଧ କରିବେ, ତାହା ନ ହେଲେ କେତେକ ଉପହାର ମାତ୍ର ଘେନି ଆସି ଯଜ୍ଞରେ ନିମନ୍ତ୍ରଣ ରକ୍ଷା କରିବେ । ଏଥିରେ ନୃଶଂସତା କାହିଁ ? ବରଂ ଏ ରାଜ୍ୟ ବିଧିରେ ଅତ୍ୟନ୍ତ ରାଜନୀତି କୁଶଳତାହି କୀର୍ତ୍ତିତ ହୁଏ । ଉପସ୍ଥିତ କ୍ଷେତ୍ରରେ ବିକ୍ରମାଦିତ୍ୟ ରାଜ୍ୟହି ତାହାର ଫଳ ।

ସମୁଦ୍ରଗୁପ୍ତଙ୍କର ଏହି ସାମ୍ରାଜ୍ୟ ତାଙ୍କର ପୁତ୍ରପୌତ୍ରାଦିଙ୍କ ସମୟରେ ବହୁକାଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କର ବଂଶଧରମାନଙ୍କ ଦ୍ୱାରା ପଶ୍ଚିମସୀମାନ୍ତ ପ୍ରଦେଶରେ ହୁନମାନେ ବାରମ୍ବାର ପରାସ୍ତ ହୋଇଥିଲେ । ସର୍ବଶେଷରେ ଏହି ବଂଶର ଶେଷ ପ୍ରସିଦ୍ଧ ରାଜା (ସେତେବେଳେ ବୋଧହୁଏ ରାଜକୁମାର) ବାଳାଦିତ୍ୟ ନବଗୁପ୍ତ ବା ନରସିଂହ ଗୁପ୍ତ ମାଳବରାଜ ଯଶୋଧର୍ମଦେବଙ୍କ ସାହାଯ୍ୟରେ କାରୁରାଠାରେ ହୁନମାନଙ୍କୁ ଶେଷଥର ନିମନ୍ତେ ପରାସ୍ତ କରିଥିଲେ ଏବଂ ସେହିଠାରୁ ଗୁପ୍ତବଂଶର କ୍ଷମତା ଯଶୋଧର୍ମଦେବଙ୍କ ଦୀପ୍ତିରେ ଛାୟିତ ହେଲା ଏବଂ ଶକାରୀ ଯଶୋଧର୍ମଦେବ ନବ ସାମ୍ରାଜ୍ୟ ସ୍ଥାପନ କଲେ ବୋଲି ଯଶୋଧର୍ମଦେବଙ୍କ ଶିଳାଲିପିରୁ ଜଣାଯାଏ । ମାତ୍ର ବାଳାଦିତ୍ୟଙ୍କ ସାମନ୍ତ ଯଶୋଧର୍ମ ଦେବ ସମ୍ରାଟ୍ ହୋଇଥିବାର ଅନ୍ୟ ପ୍ରମାଣ ନାହିଁ ।

ଯେତେଦୂର ଜଣାଯାଏ ଏହି ଗୁପ୍ତବଂଶହି ପ୍ରଥମ ବିକ୍ରମାଦିତ୍ୟ ବଂଶ । ଏହି ସମୟରେ ଭାରତର ସମୂହ ସମୃଦ୍ଧି । ଏହି ବଂଶର ଭିନ୍ନ ଭିନ୍ନ ରାଜାଙ୍କ ସମୟରେ କାଳିଦାସ, ଭାରବୀ, ଆର୍ଯ୍ୟଭଟ୍ଟ, ବରାହମିହିର ପ୍ରଭୃତି ମନୀଷୀମାନେ ଆବିର୍ଭୂତ ହୋଇଥିଲେ । ସମୁଦ୍ରଗୁପ୍ତଙ୍କ ଦିଗ୍‌ବିଜୟ କଥା ଜାଣିଲା ପରେ କିଏ କହିବ ଯେ କାଳିଦାସଙ୍କ ରଘୁବଂଶର ରଘୁଙ୍କ ଦିଗ୍‌ବିଜୟରେ ହରିସେନଙ୍କ କୀର୍ତ୍ତିତ ଏହି ଦିଗ୍‌ବିଜୟର ଛାୟା ପଡ଼ି ନାହିଁ ? ଉତ୍କଳ ସମ୍ବନ୍ଧରେ କାଳିଦାସ ଲେଖି ଅଛନ୍ତି—

ଉତ୍କଳ ଦର୍ଶିତପଥ କଳିଂଗାଭିମୁଖଂ ଯଯୌ

ଅର୍ଥାତ୍ ଉତ୍କଳ ରାଜା ପଥ ଦେଖାଇ ଦେବାରୁ ରଘୁ କଳିଙ୍ଗ ଆଡ଼କୁ ଗଲେ । ସମୁଦ୍ରଗୁପ୍ତଙ୍କ ଶକ୍ତି ସଂଗେ ବୃଥା ବିବାଦ ଦ୍ୱାରା ଅଶାନ୍ତି ନ ବଢ଼ାଇ ଉତ୍କଳରାଜ ନିଜ ବିମୃଶ୍ୟକାରିତା ଗୁଣରେ ବାସ୍ତବିକ ବାଟ ଦେଖାଇଦେବା କଥା ହରିସେନ ମଧ୍ୟ ଲେଖିଅଛନ୍ତି । ଓଡ଼ିଶା ଗଡ଼ଜାତରେ ତାତ୍‌କାଳିକ କୌଣସି ବାପ୍ତିରାଜାଙ୍କୁ ପରାସ୍ତ କରି ସମୁଦ୍ରଗୁପ୍ତ ନିର୍ବିବାଦରେ ମହେନ୍ଦ୍ରକୁ ଯାଇଅଛନ୍ତି । ଆଉ ଅଧିକ ଉଦାହରଣ ଦେବା ନିଷ୍ପ୍ରୟୋଜନ । ମହେନ୍ଦ୍ର, କଳିଙ୍ଗ, କାଞ୍ଚି, ମାଳବାର ପ୍ରଭୃତିର ବର୍ଣ୍ଣନା ଯେ କେହି ରଘୁବଂଶ ସଙ୍ଗେ ମିଳାଇ ଦେଖିପାରନ୍ତି । ହରିସେନଙ୍କ ଲେଖାରେ ପାରସ୍ୟର ବର୍ଣ୍ଣନା ନାହିଁ । ସମୁଦ୍ରଗୁପ୍ତଙ୍କ ସୀମାନ୍ତ ପ୍ରଦେଶ ଦମନ କାଳିଦାସଙ୍କ କଳ୍ପନାରେ ସେପରି ଆକାର ଧରିଅଛି ମାତ୍ର । ଅବଶ୍ୟ ମନେ ରଖିବାକୁ ହେବ କାଳିଦାସ କାବ୍ୟ ଲେଖୁଥିଲେ ଓ ବାସ୍ତବ୍ୟ ଘଟନା ଦ୍ୱାରା କଥଞ୍ଚିତ୍ ପ୍ରଭାବିତ ହୋଇଥିଲେ ମାତ୍ର । ସେ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ସଭାକବି ଥିଲେ । ଗୁପ୍ତ ବଂଶୀୟମାନଙ୍କ

Digitized by PPRACHIN, SOA

କୀର୍ତ୍ତିକଳାପରେ ତାଙ୍କର ହୃଦୟ ପୂର୍ଣ ଥିଲା । ଏତିକି ମାତ୍ର ତାଙ୍କ ଲେଖାରୁ ବୁଝିବାକୁ ହେବ । ଏହି ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ଶାସନ କାଳରେ ଶକ ତୃତୀୟ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଚୀନ ପରିବ୍ରାଜକ ଫାହିୟାନ୍ ଭାରତ ବୁଲିଥିଲେ । ସେ ଭାରତର ଯେ ତାତ୍କାଳିକ ଅବସ୍ଥା ଲେଖିଅଛନ୍ତି ତାହା ଏହି ବିକ୍ରମାଦିତ୍ୟ ଶାସନର ସାକ୍ଷାତ ଫଳ । ସେତେବେଳେ ବାସ୍ତବିକ ଭାରତ ଦେବଭୂମି ଥିଲା କହିଲେ ଅତିରଞ୍ଜନ କିଛି ନାହିଁ । ଏ କଥା ବିଶେଷ ଭାବରେ ଜାଣିବା ପାଇଁ ଇଚ୍ଛାକଲେ ପାଠକମାନେ ଫାହିୟାନ୍ ବର୍ଣିତ ଭାରତ ବିବରଣ ଅନୁସନ୍ଧାନ କରିପାରନ୍ତି । ସେତେବେଳେ ମହାଶକ୍ତିଶାଳୀ ବୌଦ୍ଧଧର୍ମ ସଂଗେ ଉତ୍ଥାନମୁଖ ନବ ହିନ୍ଦୁଧର୍ମ ପାଖେ ପାଖେ ଚଳୁଥିଲା । କିନ୍ତୁ କୌଣସି ପ୍ରକାର ଘୃଣା ବା ବିବାଦର ଲେଶମାତ୍ର ଫାହିୟାନ୍ ଲକ୍ଷ୍ୟ କରିନାହାନ୍ତି । ଫାହିୟାନ୍ ପଞ୍ଜାବ, ମାଳବ ଓ ମଗଧ, ମଗଧରୁ ତାମ୍ରଲିପ୍ତ, ତାମ୍ରଲିପ୍ତରୁ ସିଂହଳ, ସିଂହଳରୁ ଯବ ଓ ବାଲିଦ୍ୱୀପ— ଏହିପରି ଭାରତ ସାମ୍ରାଜ୍ୟର ସ୍ଥଳ ଓ ଜଳ ପଥରେ ଛଅବର୍ଷରୁ ଅଧିକ କାଳ ବୁଲିଥିଲେ । ମାତ୍ର ସେ କାଳରେ ଗିରି ଦୁର୍ଗମ ଅଗମ୍ୟ ଜଙ୍ଗଲ ପାହାଡ଼ ମଧ୍ୟରେ ମଧ୍ୟ ସେ କୌଣସିଠାରେ ଗୋଟିଏ ଦସ୍ୟୁ ଦେଖିନାହାନ୍ତି । ଭାରତର ସୁଖ, ସମୃଦ୍ଧି, ସୁଶାସନ ଓ ଲୋକଚରିତ୍ର ସମ୍ବନ୍ଧରେ ସେ ଯାହା ଲେଖିଅଛନ୍ତି ଆଜି ଏକା ଭାରତ କାହିଁକି ଯେକୌଣସି ସୁସଭ୍ୟ ଦେଶର ଲୋକେ ତାହା କଳ୍ପନା କରି ପାରିବେ ନାହିଁ । ସେ ଲେଖିଅଛନ୍ତି, ''ପ୍ରାଣଦଣ୍ଡ ବିଧାନ ଥିଲେ ସୁଦ୍ଧା ଦେଶର କେହି ସେ ଦଣ୍ଡ ପାଉ ନଥିଲେ । ରାଜ୍ୟରେ ଅପରାଧୀର ସଂଖ୍ୟା ଅକିଞ୍ଚିତ୍କର ଥିଲା ଓ ପ୍ରଜାମାନେ ସ୍ୱେଚ୍ଛାରେ ନିଜ ନିଜର ନିର୍ଦ୍ଦିଷ୍ଟ କର ରାଜକୋଷକୁ ପ୍ରେରଣ କରି ଆପଣା ଆପଣାର ଶ୍ରମଲବ୍ଧ ଧନରେ ସ୍ୱର୍ଗ ସମ୍ପଦରେ ବାସ କରୁଥିଲେ ।''

ଏ କାଳର ବିଦ୍ୟାବିଭବର କଥା କହିବା ନିଷ୍ପ୍ରୟୋଜନ । ଏହି ବିକ୍ରମାଦିତ୍ୟଙ୍କ ସଭାରେ କବି ବିଶାଳପ୍ରାଣ କାଳିଦାସ । ଏ ବିଷୟରେ ବିଶେଷ ଐତିହାସିକ ପ୍ରମାଣ ଏଠାରେ ଉଦ୍ଧାର କରିବାର ପ୍ରୟୋଜନ ନାହିଁ । ସାଧାରଣଙ୍କୁ ତାହା ରୁଚିକର ହୋଇନପାରେ । କାଳିଦାସ କାବ୍ୟରେ ହୁଣମାନଙ୍କ କଥା ଲେଖିଛନ୍ତି । ଗୁପ୍ତବଂଶର ପୂର୍ବରୁ ଭାରତ ଇତିହାସରେ ହୁଣମାନଙ୍କର ଦେଖାନାହିଁ । ପୁଣି କାଳିଦାସ ପୂର୍ବମେଘର ୧୪ଶ ଶ୍ଳୋକରେ ନିଜର ସାହିତ୍ୟିକ ପ୍ରତିଦ୍ୱନ୍ଦ୍ୱୀ ବୌଦ୍ଧ ପଣ୍ଡିତ ଦିଙ୍ନାଗଙ୍କୁ ଲକ୍ଷ୍ୟ କରିଥିବା ମଲ୍ଲୀନାଥ ମଧ୍ୟ ଲେଖିଅଛନ୍ତି । ସେହି ଦିଙ୍ନାଗ ବୌଦ୍ଧ ଦାର୍ଶନିକ ବସୁବନ୍ଧୁ କିମ୍ବା ତାଙ୍କ ଜ୍ୟେଷ୍ଠ ଅରାଙ୍ଗଙ୍କର ଶିଷ୍ୟ ଥିବା ପ୍ରମାଣିତ ହୁଏ । ବସୁବନ୍ଧୁ ଓ ଅରାଙ୍ଗଙ୍କର ଗ୍ରନ୍ଥର ଅନୁବାଦ ଓ ଜୀବନର କେତେକ ପ୍ରାସଙ୍ଗିକ ବିବରଣ ଚୀନ ଦେଶରୁ ମିଳେ । ସେଥିରୁ ଜଣାଯାଏ ସେମାନେ ପ୍ରଥମ ଚନ୍ଦ୍ରଗୁପ୍ତ ସମୟରେ ଜୀବିତ ଥିଲେ । ହୁଏନ୍‌ସାଂ ମଧ୍ୟ ଲେଖିଛନ୍ତି ବସୁବନ୍ଧୁ ଶ୍ରାବସ୍ତୀର ରାଜ୍ୟ ବିକ୍ରମାଦିତ୍ୟଙ୍କ ସଭାରେ ଗୋଟିଏ ନ୍ୟାୟଶାସ୍ତ୍ର ଯୁକ୍ତିରେ ହିନ୍ଦୁ ପଣ୍ଡିତମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ହୁଏନ୍‌ସାଙ୍କ ବେଳେ ଶ୍ରାବସ୍ତୀ ନଥିଲା । ସେ ଅଯୋଧ୍ୟାକୁ ପ୍ରାଚୀନ

Digitized by PPRACHIN, SOA

ନାମ ଶ୍ରାବସ୍ତୀରେ ଅଭିହିତ କରିଅଛନ୍ତି । ଗୁପ୍ତ ସମ୍ରାଟ୍‌ମାନେ ମଧ୍ୟ ମଗଧ ଓ ଅଯୋଧ୍ୟା ଉଭୟତ୍ର ରାଜଧାନୀ କରିଥିବାର, ଓ ଅନେକ ସମୟ ଅଯୋଧ୍ୟାରେ କଟାଇବାର ପ୍ରମାଣ ମିଳେ । ରଘୁ ଚରିତ୍ରରେ ସମୁଦ୍ରଗୁପ୍ତ ବର୍ଣ୍ଣନ ନିହିତଥିବାର ଏହା ଅନ୍ୟତମ କାରଣ ହୋଇପାରେ । ପୁଣି କାଳିଦାସ ନିଜ କାଳର ଗୋଟିଏ ଘଟନା ବର୍ଣ୍ଣନା କରି ମାଳବିକାଗ୍ନିମିତ୍ର ଲେଖିଅଛନ୍ତି । ସେ ନିଜେ ନାଟକର ଉପକ୍ରମରେ ସେଥିପାଇଁ 'ବର୍ତ୍ତମାନ କବେଃ' କଥାଟି ପ୍ରୟୋଗ କରିବାର ଅନୁମାନ ହୁଏ । ସେ ନାଟକରେ ନାୟକ ଅଗ୍ନିମିତ୍ର ପୁଷ୍ୟମିତ୍ରଙ୍କ ପୁତ୍ର । ପୂର୍ବେ ଏହି ପୁଷ୍ୟମିତ୍ରଙ୍କୁ ଲୋକେ ମୌର୍ଯ୍ୟବଂଶ ପରବର୍ତ୍ତୀ ସୁଙ୍ଗବଂଶର ସ୍ଥାପୟିତା ପୁଷ୍ପମିତ୍ର ବୋଲି ମନେ କରୁଥିଲେ । କିନ୍ତୁ ବର୍ତ୍ତମାନ ଜଣା ପଡ଼ିଅଛି ପୁଷ୍ପମିତ୍ର ବୋଲି ଜଣେ ମଧ୍ୟ ଭାରତ (ବିଦର୍ଭ) ରାଜା କୁମାରଗୁପ୍ତଙ୍କ ରାଜତ୍ୱରେ ଶତ୍ରୁ ହୋଇଥିଲେ; ଓ କୁମାରଗୁପ୍ତ ବହୁ କ୍ଲେଶରେ ତାକୁ ଦମନ କରିଥିଲେ ।

ଏହିପରି ଐତିହାସିକ ପ୍ରମାଣରେ ପ୍ରବନ୍ଧର କଳେବର ବୃଦ୍ଧି କରିବାର ଆବଶ୍ୟକତା ନାହିଁ । ଫାହିୟାନ୍ ନିଜେ ବିକ୍ରମ-ସାମ୍ରାଜ୍ୟର ବିଭବ କାଳରେ ଏ ଦେଶକୁ ଆସିଥିଲେ । ଦେଶ ଓ ଲୋକଙ୍କର ଅବସ୍ଥା ସେ ଆଖିରେ ଦେଖି ଲେଖିଯାଇଅଛନ୍ତି । ଫାହିୟାନଙ୍କ ବିବରଣ ନ ପଢ଼ି କାଳିଦାସଙ୍କ କବିତା ପଢ଼ିଲେ ମଧ୍ୟ ପାଠକ ସ୍ୱାଧୀନ ଭାରତର ଏହି ସମୃଦ୍ଧି ଅନୁଭବ କରେ । ଏ ଯୁଗ ନହେଲେ କାଳିଦାସଙ୍କର ଉନ୍ମୁକ୍ତ ମହିମାମୟ କବିତାର କଳା ସମ୍ଭବ କି ? ପ୍ରାଣ ଆବଦ୍ଧ ହେଲେ କଳ୍ପିତ ଆଦର୍ଶ ଯେତେ ହେଉନା କାହିଁକି ତାହା ପରକୀୟ । ସେଥିରେ ପ୍ରାଣର ଉନ୍ମୁକ୍ତ ବିଶାଳଭାବ ଫୁଟିବ କାହୁଁ ? ସେଥିପାଇଁ ଏକ ପ୍ରକାର କହିବାକୁ ଗଲେ ଐତିହାସିକ ଭାରତରେ କାଳିଦାସ ଥରେ ମାତ୍ର ଦେଖା ଦେଇ ଅଛନ୍ତି । ଶକୁନ୍ତଳା ପରି ଭୁବନବିଖ୍ୟାତ ନାଟକ ଖଣ୍ଡେମାତ୍ର ଲେଖା ହୋଇଅଛି । ରଘୁବଂଶ ପରି ବିସ୍ତୀର୍ଣ୍ଣ କବିତାର ମଧୁର ସଂଗୀତ ଥରେ ମାତ୍ର ଭାରତ ପ୍ରାଣରେ ଜାଗିଅଛି । କୁମାରସମ୍ଭବର କୋମଳ ନମନୀୟ ମୋହନ ଶିଳ୍ପକଳା ଥରେ ମାତ୍ର ଭାରତ ସାହିତ୍ୟରେ ଚିତ୍ରିତ ହୋଇଅଛି । ପରେ ଅନେକେ କାଳିଦାସ ଉପାଧି ପାଇଥିବେ, କିନ୍ତୁ ସେ ଆଉ କାଳିଦାସ ହୋଇ ନାହାନ୍ତି । ଅନେକେ କବିତା ଓ କାବ୍ୟଶିଳ୍ପର ସୁନ୍ଦର କଳ୍ପିତ ଆଦର୍ଶ ଘେନି ଶବ୍ଦବିନ୍ୟାସର ମୋହନ ବନ୍ଧରେ ଆଦର୍ଶ ଭାବର ଲୋକରୁଚି ମହୀୟାନ୍ ଚିତ୍ର ଫିଟାଇବାକୁ ଲୋଡ଼ି ଅଛନ୍ତି । କିନ୍ତୁ ସେଥିରେ କାଳିଦାସ କବିତା ଫୁଟିବା ସମ୍ଭବ ନୁହେ; ଭୋଗୀ ରସିକ ଯଥାର୍ଥ କହିଅଛନ୍ତି—

"କାଳିଦାସ କବିତା ନବଂ ବୟଃ,
ମାହିଷଂ ଦଧି ସଶର୍କରଂ ପୟଃ,
ଏଣଂମାଂସ ମବଳା କୁତୂହଳା,
ସଂଭବଂତୁ ମମ ଜନ୍ମନି ଜନ୍ମନି ।"

ଏହା କାମନା ମାତ୍ର । ବାସ୍ତବିକ କାଳିଦାସ କବିତା ଆଉ ସମ୍ଭବିଛି କି ?

Digitized by PPRACHIN, SOA

ଏହି ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ପୁତ୍ର କୁମାରଗୁପ୍ତ, ପୌତ୍ର ସ୍କନ୍ଦଗୁପ୍ତ ଓ ପୁଣି ସ୍କନ୍ଦଗୁପ୍ତଙ୍କ ପୁତ୍ରର ନାମ କୁମାରଗୁପ୍ତ, ପୌତ୍ରର ନାମ ସ୍କନ୍ଦଗୁପ୍ତ । ପ୍ରଥମ କୁମାରଗୁପ୍ତଙ୍କ ଶାସନକାଳ ଦୀର୍ଘଥିଲା । ତାହାଙ୍କ ସଭାରେ ମଧ ସମ୍ଭବତଃ କାଳିଦାସ ବହୁକାଳ ଜୀବିତ ଥିଲେ । 'କୁମାର ସମ୍ଭବ' କାବ୍ୟର ନାମ ସଂଗେ କୁମାରଗୁପ୍ତ ନାମର ସମ୍ପର୍କ ଥିବା ସମ୍ଭବ ନୁହେଁ କି ? ଆଜି ରାଜକବିମାନେ ଏଠାରୁ ବିଲାତ ପର୍ଯନ୍ତ ରାଜାଙ୍କ ପାଇଁ ଗୀତ ଲେଖନ୍ତି । ରାଜାଙ୍କ ନାମରେ କାବ୍ୟ ଉତ୍ସର୍ଗ କରନ୍ତି । ରାଜପୁତ୍ରମାନଙ୍କର ଜନ୍ମ ଓ ବ୍ରତୋତ୍ସବ ବର୍ଣନ କରନ୍ତି । ବାଲ୍ମୀକି ମଧ ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ ସଭାରେ କୁଶୀଲବଙ୍କୁ ରାମଚରିତ୍ର ଗାନ କରାଇଥିଲେ । କାଳିଦାସ ବିକ୍ରମାଦିତ୍ୟ ବଂଶର କୀର୍ତ୍ତିକାହାଣୀ ସ୍ପଷ୍ଟ ଓ କଥଞ୍ଚିତ ଅତିରଞ୍ଜିତ କରି ବର୍ଣନା କରି ପାରିଥାଆନ୍ତେ ।

କିନ୍ତୁ କାଳିଦାସ ରାଜପ୍ରଶଂସାକାରୀ ଭଡ଼ାଟିଆ ରାଜକବି ନଥିଲେ । ଘୃଣାକ୍ଷରରେ ଆତ୍ମପ୍ରଶଂସା ଶୁଣିବା ଗୁଣୀ, ଗୁଣଗ୍ରାହୀ, ବିଦ୍ୟାବିନୟସମ୍ପନ୍ନ ଚନ୍ଦ୍ରଗୁପ୍ତ କୁମାରଗୁପ୍ତଙ୍କର ନିଶ୍ଚୟ ଅତ୍ୟନ୍ତ ଅରୁଚିକର ଥିବ । କିନ୍ତୁ ତଥାପି ଗୁପ୍ତବଂଶ ବିଭବରେ କାଳିଦାସଙ୍କ ହୃଦୟ ପୂର୍ଣ ଥିଲା । କିଏ ଜାଣେ ରାଜା ବା ରାଜକୁମାର କୁମାରଗୁପ୍ତଙ୍କ ନାମ ଚିରସ୍ମରଣୀୟ କରିବାକୁ ଅଲକ୍ଷିତ ବା ସ୍ପଷ୍ଟ ଭାବରେ ଚାଳିତ ହୋଇ କାଳିଦାସ କୁମାର ସମ୍ଭବ ନାମଟି କଳ୍ପନା କରି ନଥିଲେ ? ହୁଏତ ରାଜାଙ୍କ ନାମରେ ଉତ୍ସର୍ଗ କରିବା ଅଭିପ୍ରାୟରେ କାବ୍ୟଟି ଲିଖିତ ହୋଇଥିଲା । କୁମାରଗୁପ୍ତଙ୍କ କାର୍ଯକଳାପ ପ୍ରତି ହୁଏତ ସେଥିରେ ଅଲକ୍ଷିତ ଇଙ୍ଗିତ ଥିଲା । ହୁଏତ କୌଣସି ଦୁର୍ଦ୍ଧାନ୍ତ ହୁଣରାଜା ବା ସେନାପତିଙ୍କୁ ତାରକାସୁର ଓ ବୀରପୁଙ୍ଗବ, ବିଜେତା କୁମାରଗୁପ୍ତଙ୍କୁ ସାକ୍ଷାତ କୁମାର ବା କାର୍ତ୍ତିକେୟ ବୋଲି କଳ୍ପନା କରିବାକୁ ଯାଇ କାଳିଦାସ କୁମାର ସମ୍ଭବ କାବ୍ୟର ବିଷୟ କଳ୍ପନା କରିଥିବେ । କୁମାର ସମ୍ଭବର ନାୟକ କୁମାର ବା କାର୍ତ୍ତିକେୟଙ୍କର ଅପର ନାମ ସ୍କନ୍ଦ । କାଳିଦାସଙ୍କର ଏହି କାବ୍ୟ ପ୍ରତି ଗୌରବ ରଖି ଗୁପ୍ତରାଜାମାନେ ବହୁକାଳ ଯାଏ ଯୁବରାଜ ମାନଙ୍କର ନାମ ଯେ କମ୍ରାନ୍ୱୟରେ କୁମାରଗୁପ୍ତ ଓ ସ୍କନ୍ଦଗୁପ୍ତ ରଖି ନ ଥିଲେ ଏହା ଆଜି କିଏ କହିବ ?

ସେକାଳରେ ରାଜବଂଶର ତଥା ତଦ୍‌ବିଧ ଅନ୍ୟାନ୍ୟ ଘଟନାରାଶି କାଳରେ ବିଲୀନ ହୋଇଅଛି । କାଳିଦାସଙ୍କ କାବ୍ୟ ଚିତ୍ରରେ ସେ ସବୁ ଘଟନାମାନଙ୍କର କେତେ ସାଦୃଶ୍ୟ, କେତେ ଯେ ଜ୍ଞାତ ଓ ଅଜ୍ଞାତ ଇଙ୍ଗିତ ଥିବା, ତାହା ଆଜି ଜାଣିବାର ଉପାୟ ନାହିଁ । ରଘୁବଂଶର ଦଶରଥ ଓ ରାମଚନ୍ଦ୍ରଙ୍କ ଘଟନା ଛାଡ଼ିଦେଲେ ଆଉ ସବୁ କାଳିଦାସ କଳ୍ପିତ । ରାମାୟଣ ବା କୌଣସି ପୁରାଣରୁ ଗୃହୀତ ନୁହେ । କୌଣସି ବାସ୍ତବ ଘଟନା ବିଶେଷତଃ ଗୁପ୍ତବଂଶ ଚରିତର ଇଙ୍ଗିତରେ ଏ ସବୁ କବି କଳ୍ପନାର ମୂଳଭିତ୍ତି ଥିବା ସମ୍ଭବ ନୁହେ କି ? ରଘୁଙ୍କ ଚରିତ୍ରରେ ସମୁଦ୍ରଗୁପ୍ତର ଛାୟା ସ୍ପଷ୍ଟ ପଡ଼ିଅଛି । ସେତିକି ନୁହେ । ସମ୍ଭବତଃ ରଘୁପିତା ଦିଲୀପରେ ସମୁଦ୍ରଗୁପ୍ତ ପିତା ଗୁପ୍ତସାମ୍ରାଜ୍ୟର ପ୍ରବର୍ତ୍ତକ ଚନ୍ଦ୍ରଗୁପ୍ତ କଳ୍ପିତ ହୋଇ

Digitized by PPRACHIN, SOA

ଅଛନ୍ତି । ବୋଧହୁଏ ସେଥିପାଇଁ ସଗର, କାକୁତ୍ସ୍ଥ, ଏପରିକି ମନୁ, ଭାଗୀରଥଙ୍କ ପରି ଚରିତ୍ର ସୂର୍ଯବଂଶରେ ଥିଲେ ହେଁ, କାଳିଦାସ ସେମାନଙ୍କର ବର୍ଣନା ଛାଡ଼ି ଦେଇ ହଠାତ୍ ଦିଲୀପଙ୍କଠାରୁ ରଘୁକୁଳର ସ୍ପଷ୍ଟ ବର୍ଣନା ଆରମ୍ଭ କରି ଅଛନ୍ତି ଓ ପ୍ରବଳ ପ୍ରତାପ ଦିଗ୍‌ବିଜୟୀ ସମୁଦ୍ରଗୁପ୍ତଙ୍କୁ ଯଥାର୍ଥ ଓ ସମୁଚିତ ବହୁମାନ ଦେଖାଇ କବି କାବ୍ୟର ନାମ 'ରାମବଂଶ', 'ସଗର ବଂଶ' ବା 'ସୂର୍ଯବଂଶ' ନ ରଖି 'ରଘୁବଂଶ' ରଖି ଅଛନ୍ତି । କିଏ ଜାଣେ ପ୍ରଥମ ଚନ୍ଦ୍ରଗୁପ୍ତ ଦିଲୀପଙ୍କ ପରି ଉପାସନା ଫଳରେ ସୁପ୍ରସିଦ୍ଧ ସମୁଦ୍ରଗୁପ୍ତଙ୍କୁ ପୁତ୍ରରୂପେ ପାଇନଥିଲେ ? ଆଜି କିଏ କହିବ ଅଜଙ୍କ ପରି ନିଜେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ସ୍ୱୟଂବରରେ ଇନ୍ଦୁମତୀ ଲଭି ତାଙ୍କର ଅକାଳ ମୃତ୍ୟୁରେ ଶୋକାତୁର ହୋଇନଥିଲେ ? ଇତିହାସରୁ ଜଣାପଡୁଛି କୁମାରଗୁପ୍ତଙ୍କ ବାଲ୍ୟବୟସରେ ଚନ୍ଦ୍ରଗୁପ୍ତ ଇହଧାମ ପରିତ୍ୟାଗ କରିଥିଲେ । କିଏ ଜାଣେ ଅଜଙ୍କ ପରି ଦ୍ୱିତୀୟ ଚନ୍ଦ୍ରଗୁପ୍ତ ପ୍ରକୃତ ଆଠବର୍ଷର କୁମାରଗୁପ୍ତଙ୍କୁ ଛାଡ଼ି ହଠାତ୍ ପତ୍ନୀଶୋକରେ ଦେହତ୍ୟାଗ କରିନଥିଲେ ? ହୁଏତ କୁମାର ରାଜା ହେବାରୁ ତାଙ୍କ ନାମ କୁମାରଗୁପ୍ତ ହୋଇଥିଲା ଓ ପରେ ସେହି ନାମ କାଳିଦାସ ଲେଖନୀରେ ଚିରଜୀବିତ ଓ ପରମ୍ପରାଗତ ହୋଇପଡ଼ିଲା । ବାସ୍ତବିକ କାଳିଦାସ କୁମାର ଦଶରଥଙ୍କ ରାଜ୍ୟ ଆରମ୍ଭ କଥା କହିଲାବେଳେ ନବମସର୍ଗର ଦ୍ୱିତୀୟ ଶ୍ଳୋକରେ ଦଶରଥଙ୍କୁ ବର୍ଣନା କରି କହିଛନ୍ତି— ''ନଗରନ୍ଧ୍ର କରୌଜସଃ'' ଅର୍ଥାତ୍ ଯାହାଙ୍କର ନଗରନ୍ଧ୍ର କର ଅର୍ଥାତ୍ କୁମାରଙ୍କ (କାର୍ତ୍ତିକେୟ) କରି ତେଜ ଥିଲା । ରଘୁବଂଶର ପ୍ରଥମ ସଂର୍ଗ ୫ ଶ୍ଳୋକରେ ''ଆସମୁଦ୍ର କ୍ଷିତୀଶାନାଂ'', ଦ୍ୱିତୀୟ ସର୍ଗ ଚତୁର୍ଥ ଶ୍ଳୋକରେ 'ସ୍ୱବୀର୍ଯଗୁପ୍ତା ହି ମନୋଃ ପ୍ରସୂତିଃ'' ପ୍ରଭୃତିରେ ଦ୍ୱର୍ଥଭାବରେ ଯେ ସମୁଦ୍ରଗୁପ୍ତ ଓ ଗୁପ୍ତବଂଶର ନାମ ଅଲକ୍ଷିତ ଭାବରେ କୀର୍ତ୍ତିତ ହୋଇ ନାହିଁ, ତାହା କିପରି ବୋଲାଯିବ ? ପୁଣି ପ୍ରଥମ ଚନ୍ଦ୍ରଗୁପ୍ତ ମରିବା ପୂର୍ବରୁ ସମୁଦ୍ରଗୁପ୍ତଙ୍କୁ ଉତ୍ତରାଧିକାରୀ ମନୋନୀତ କରିଥିଲେ ଓ ସମୁଦ୍ରଗୁପ୍ତ ମଧ୍ୟ ୨ୟ ଚନ୍ଦ୍ରଗୁପ୍ତଙ୍କୁ ସେପରି କରିଥିବାର ପ୍ରମାଣ ମିଳେ । ଦିଲୀପ ଓ ରଘୁ ଦୁହେଁ ପୁତ୍ରରେ ରାଜ୍ୟଭାରତ ନ୍ୟସ୍ତ କରି ବନକୁ ଯାଇଥିବା କଥାର ସତ୍ୟ ଏଠାରେ ନାହିଁ ତ ?

ଏହିପରି ଅନେକ ଉଦାହରଣ ଅନୁସନ୍ଧାନ କରାଯାଇପାରେ । ମାତ୍ର ଏ ସବୁର କଳ୍ପନା ଏଠାରେ ନିଷ୍ପ୍ରୟୋଜନ । ତେବେ କାଳିଦାସ ବିକ୍ରମାଦିତ୍ୟଙ୍କ ସୌହାର୍ଦ୍ଦ୍ୟ ଲକ୍ଷ୍ୟ କରି ଗୋଟିଏ କଥା କହିବାକୁ ପ୍ରବୃତ୍ତି ହେଉଅଛି । ଭାରତର ରାଜା ସମ୍ରାଟମାନଙ୍କୁ ଯଥେଚ୍ଛାଚାରୀ ବୋଲି ବର୍ଣନା କରିବା ଅନେକ ଇଉରୋପୀୟ ଲେଖକଙ୍କର ଗୋଟିଏ ବିଳାସ । ଅବଶ୍ୟ ତାହାର କିଞ୍ଚିତ୍ କାରଣ ଅଛି । ମଧ୍ୟଯୁଗର ଦୁରାଚାରକ୍ଲିଷ୍ଟ, ନୀତିଭ୍ରଷ୍ଟ କୌଣସି କୌଣସି କ୍ଷତ୍ରିୟରାଜାଙ୍କଠାରେ ତାହା ଯେ ଏକାବେଳେକେ ନ ଦେଖାଯାଏ, ନୁହେ । 'ଛାମୁ ମୁଣ୍ଡ ରଖିଲେ ତୁଣ୍ଡ କହିବ' ପ୍ରବଚନଟି ଏ ପର୍ଯ୍ୟନ୍ତ ଲୋକେ ବିସ୍ମୃତ ହୋଇନାହାନ୍ତି । ମାତ୍ର ଭାରତର ତାହା ଆଦର୍ଶ ନୁହେ । ପୃଥିବୀର ଆଦିସଭ୍ୟ ଭାରତର

Digitized by PPRACHIN, SOA

ଆର୍ଯ୍ୟସନ୍ତାନ କର୍ତ୍ତବ୍ୟରେ ଜୀବନ ଗଢୁଥିଲା । ଏବଂ ସେଥିରେ ହିଁ ଜୀବନର ସାର୍ଥକତା ଅନୁଭବ କରୁଥିଲା । କ୍ଷତ୍ରିୟର ଶକ୍ତିରେ ରାଜ୍ୟରକ୍ଷା ହେଉଥିଲେ ହେଁ ରାଜ୍ୟ ଶାସନରେ କ୍ଷତ୍ରିୟ ନିମିତ୍ତମାତ୍ର ବ୍ରାହ୍ମଣର ଧର୍ମନୀତିବଳରେ ପ୍ରତାପର ଶାସନଦଣ୍ଡ ତଥା ବାହୁବଳର ସ୍ପର୍ଦ୍ଧା ସର୍ବଦା ସଂଯତ ଓ ଶୃଙ୍ଖଳିତ ଥିଲା । ବନଫଳଭୋଜୀ ଆଶ୍ରମନିରତ ବ୍ରାହ୍ମଣର ବିଧାନ ଭୋଗ ବିଳାସମୟ ହର୍ମ୍ମ୍ୟବାସୀ ଦୁର୍ଦ୍ଧଣ୍ଡ କ୍ଷତ୍ରିୟର ଶକ୍ତିକୁ ସଂଯତ କରୁଥିଲା । ଏହା ଭାରତର କେବଳ ଆଦର୍ଶ ନୁହେ, ଏହାହି ତାହାର ଜୀବନ । ଫାହିଆନ ପ୍ରଭୃତି ବୈଦେଶିକମାନେ ଦୃକ୍‌ସିଦ୍ଧ ଘଟନାବଳୀ ଲେଖି ନଥିଲେ ଆମ୍ଭେ ଆଜି ଭାରତର ବହୁ ପ୍ରାଚୀନ ପଦ୍ଧତିକୁ ବିଦେଶୀମୁଖରେ କେବଳ ସମାଜର ବିଦେଶାଗତ କଳ୍ପିତ ଆଦର୍ଶମାତ୍ର ବୋଲି ଶୁଣି ଆତ୍ମ ସଂକୋଚରେ ନୀରବ ହୁଅନ୍ତୁ । କିନ୍ତୁ ଭାଗ୍ୟକୁ ଆମ୍ଭମାନଙ୍କର ସେ ସଂକୋଚର ଅବକାଶ ଏକାବେଳେ ଉନ୍ମୁକ୍ତ ହୋଇନାହିଁ । ଭାରତର ଉନ୍ନତତମ ଯୁଗମାନଙ୍କର ବିବରଣରେ ମେଘାସ୍ଥେନିସ୍, ଫାହିୟାନ୍ ପ୍ରଭୃତି ଯାହା ଲେଖିଅଛନ୍ତି, ସେଥିରେ ନିତାନ୍ତ ଦୁରାଗ୍ରହପରାୟଣ ବିଦେଶୀ ମଧ୍ୟ ମୁହୂର୍ତ୍ତେ ବିସ୍ମିତ ହେବେ । ଆମ୍ଭମାନଙ୍କୁ କେବଳ ଶାସ୍ତ୍ର ବଳରେ ପରିପନ୍ଥୀ ପ୍ରତିବାଦ କରି ଆତ୍ମପ୍ରତିଷ୍ଠା କରିବାକୁ ହେବ ନାହିଁ ।

କାଳିଦାସ ବିକ୍ରମରେ ଆଦିତ୍ୟସମାନ ବିକ୍ରମାଦିତ୍ୟ ବଂଶର କବି ଥିଲେ । ପ୍ରବଳ ପ୍ରତାପ ଚନ୍ଦ୍ରଗୁପ୍ତ କୁମାରଗୁପ୍ତଙ୍କ ସଙ୍ଗେ ତାଙ୍କର କିପରି ନିର୍ଭୀକ ନିର୍ବିକଳ୍ପ ମୈତ୍ରୀ ସୁଲଭ ବ୍ୟବହାର ତାହା ଗୋଟିଏ ମାତ୍ର ଶ୍ଳୋକର ଇଙ୍ଗିତରୁ ଆଭାଷରେ ବୁଝାଯାଉଅଛି । କୁମାର ସମ୍ଭବର ତୃତୀୟ ସର୍ଗ ପ୍ରାରମ୍ଭରେ କାଳିଦାସ ଲେଖିଅଛନ୍ତି—

"ପ୍ରୟୋଜନା ପେକ୍ଷିତୟା ପ୍ରଭୂଣାଂ,
ପ୍ରାୟଶ୍ଚଳଂ ଗୌରବ ମାଶ୍ରିତେଷୁ ।"

ଅର୍ଥାତ୍ ଶକ୍ତିଶାଳୀ ଲୋକମାନେ କୌଣସି କାର୍ଯ୍ୟ ପାଇବା ଉଦ୍ଦେଶ୍ୟରେ ନୀଚଲୋକକୁ ପାଖରେ ପାଇଲେ, ସର୍ବଦା ପାଖରେ ଥିବା ଆଶ୍ରିତ ଗୌରବାନ୍ୱିତ ଲୋକମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନରେ ସ୍ଖଳିତ ହୁଅନ୍ତି । କିଏ ଜାଣେ, ରାଜାଙ୍କ ପୁତ୍ର ଜନ୍ମୋତ୍ସବରେ ହୁଏତ ନିଜର ଦକ୍ଷିଣାକୁ ଉପଯୁକ୍ତ ମନେ ନ କରି କାଳିଦାସ ଏପରି ଲେଖି ନ ଥିବେ ? ରାଜାଙ୍କଠାରୁ ନିଜ ପତ୍ର କାର୍ଯ୍ୟବିଶେଷରେ ଗୌରବ ସ୍ଖଳନ ଅନୁଭବ କରି କବି ଏପରି ଲେଖି ନ ଥିଲେ ମଧ୍ୟ, ରାଜାଙ୍କର କୌଣସି ସାଧାରଣ କାର୍ଯ୍ୟକୁ ଲକ୍ଷ୍ୟ କରି ଏ ଭାବଟି ଯେ କବି ମନକୁ ଯାଇଥିଲା; ସେଥିରେ ବିଚିତ୍ରତା କିଛି ନାହିଁ । ବର୍ତ୍ତମାନ କୌଣସି କୌଣସି ମଧ୍ୟଯୁଗ ପନ୍ଥୀ ଆମ୍ଭମାନଙ୍କ ଗଡ଼ଜାତ ରାଜାମାନଙ୍କ ସଙ୍ଗେ ଯେଉଁମାନଙ୍କର ଅନ୍ତରଙ୍ଗ ପରିଚୟ ଅଛି, ସେମାନେ ରାଜାମାନଙ୍କ ସହିତ ସଭାସଦମାନଙ୍କର ଏପରି ସରଳ ସରସ ମୈତ୍ରୀ ସୁଲଭ ଅଥଚ ଅରୁନ୍ତୁଦ ସମାଲୋଚନାର କଥା କଳ୍ପନା କରନ୍ତି ତ ? ପୁଣି ଏପରି ଗୋଟିଏ କଥା କୌଣସି ସ୍ଥାୟୀ କାବ୍ୟର ଅଙ୍ଗୀଭୂତ କରି ରାଜାଙ୍କର ଦୋଷ ଚିରକାଳ ପାଇଁ ଜୀବିତ କରି ଦେବାକୁ ସେପରି ଗଡ଼ଜାତ ରାଜାମାନଙ୍କ ପାଖେ

Digitized by PPRACHIN, SOA

କେହି ସାହସ କରିବେ କି ? ଇଂଲଣ୍ଡର କବିକୁଳତିଳକ ସେକ୍ସପିଅର ସ୍ଥଳ ବିଶେଷରେ ତାଙ୍କ ନାଟକମାନଙ୍କରେ ରାଣୀ ଏଲିଜାବେଥଙ୍କର ଅକାଟ୍ୟ ବ୍ରହ୍ମଚର୍ଯ୍ୟ ଥିଲା ବୋଲି ଇଙ୍ଗିତରେ ପ୍ରଶଂସା ମାତ୍ର କରି ଅଛନ୍ତି । ସେ ବ୍ରହ୍ମଚର୍ଯ୍ୟ ତାଙ୍କର କିପରି ଥିଲା ସେ ବିଷୟରେ ଅବଶ୍ୟ ଇଂଲଣ୍ଡର କିମ୍ବଦନ୍ତୀ ବା ଜନଶ୍ରୁତି ପରମ୍ପରା ପ୍ରମାଣ । ସେ ଯାହାହେଉ ସେକ୍‌ସପିଅର ମଧ୍ୟ କୌଣସି ଦୋଷର ସମାଲୋଚନା ଏପରି ସ୍ପଷ୍ଟଭାବରେ କରିଥିବାର ସମାଲୋଚକମାନେ କହନ୍ତି ନାହିଁ । ଏହି ସାମାନ୍ୟ ଦୃଷ୍ଟାନ୍ତରୁ ସ୍ପଷ୍ଟ ବୁଝାଯାଉଅଛି ସେ ଗୁପ୍ତଯୁଗର ଭାରତ ସମ୍ରାଟମାନେ କି ଶ୍ରେଣୀର ସମ୍ରାଟ ଥିଲେ । ସ୍ଥୂଳତଃ ରାମାୟଣକୁ ଲୋକେ କଳ୍ପନା ବୋଲି-କହି ପାରନ୍ତି । କିନ୍ତୁ ଗୁପ୍ତବଂଶ ସମ୍ରାଟ ଆଉ ସେମାନଙ୍କର ଶାସନ ପଦ୍ଧତି ଓ ପ୍ରଜାରଞ୍ଜନ ବ୍ରତ, ବିଦ୍ୟାନୁରାଗ ଓ ବିଦ୍‌ବତ୍‌ଜନାଦର, ଗୁଣଗ୍ରାହିତା ଓ ନିଷ୍ଠା, ଓ ପ୍ରତାପରେ ପ୍ରେମ, ସୌଭାଗ୍ୟରେ ସୌଜନ୍ୟ ଓ ବିଭବରେ ବିନୟ ଆଉ କଳ୍ପନାର କଥା ନୁହେ । ଜୀବନ୍ତ ଇତିହାସ ଏଥିରେ ସାକ୍ଷୀ । କାଳିଦାସଙ୍କର ବିଶାଳ ଶିଳ୍ପ ଏହାର ଫଳ । ଏ କଥା ଭାବିଲେ ଆଜି ମଧ୍ୟ ଆମ୍ଭର ସୁପ୍ତପ୍ରାଣ ସୁଖସ୍ୱପ୍ନରେ କାଳ ପ୍ରତିଲୋମରେ ଜାଗ୍ରତ ହୁଏ । ବେଳେବେଳେ ପୁଣି ବାସ୍ତବିକ ପ୍ରାଣ କାନ୍ଦିଉଠେ—

"ଯଦୁପତେଃ କ୍ୱଗତା ମଥୁରାପୁରୀ,
ରଘୁପତେଃ କ୍ୱଗତୋତ୍ତର କୋଶଳା ।"*

## ସାରଳା ଦାସ*

ଅଦ୍ଭୁତ କ୍ରିୟା ଯୋଡ଼ି ତାଙ୍କଠାରେ ଦେବତ୍ୱ ଆରୋପ ନ କଲେ କେହି, ମହାପୁରଷ ହୁଅନ୍ତି ନାଇ । ଭକ୍ତମାନେ ଏଇପରି ଆରୋପ କରି ମହାପୁରୁଷଙ୍କୁ ଭ୍ରଷ୍ଟ କରନ୍ତି । ଭକ୍ତମାନେ ବୁଝନ୍ତି ନାଇ ଯେ, ତାଙ୍କ ନିଜର ଚରମ ଆରାଧ୍ୟ ଈଶ୍ୱରଙ୍କର, ଅଦ୍ଭୁତ କ୍ରିୟାରେ ମହାପୁରୁଷଙ୍କୁ ଦେଖାଇ ଲୋକଙ୍କୁ ମନାଇବା ଦରକାର ପଡ଼େ ନାଇ । ମାତ୍ର ଭକ୍ତିରେ ଲୋକ ଅନ୍ଧ ହୁଏ ଓ ଏଇଭଳି କଥାଇ ତାକୁ ଦିଶେ ।

ସେଥିପାଇଁ ସାରଳାଦାସଙ୍କ ସମ୍ବନ୍ଧରେ ପ୍ରବାଦ ଉଠିଚି, ସେ ନିଜେ କିଛି ଜାଣୁ ନ ଥିଲେ; ମୂର୍ଖ ଥିଲେ । କେବଳ ଦେବୀଙ୍କୁ ଭାରି ଭକ୍ତି କରୁଥିବାରୁ ଦେବୀ କହିଲେ,

---

* ଏହି ପ୍ରବନ୍ଧକୁ ପଢ଼ିବା ପାଇଁ ପ୍ରଫେସର ଯଦୁନାଥ ସରକାର ଶ୍ରେଣୀରେ ଛାତ୍ରମାନଙ୍କୁ କହିଥିଲେ ।

୧୩-୧-୧୯୪୭ ମକର ସଂକ୍ରାନ୍ତି ଦିନ ଝଙ୍କଡ଼ର ସାରଳା ଦାସଙ୍କ ଗାଦିରେ ପଣ୍ଡିତ ନୀଳକଣ୍ଠ ଦାସ ଦେଇଥିବା ବକ୍ତୃତାର ସାରାଂଶ ।

[ନବଭାରତ, କୁମ୍ଭ ୧୩୫୪, ଫେବୃଆରି, ୧୯୪୭ ନୂଆପ୍ରସ୍ଥ, ପ୍ରଥମ ବର୍ଷ, ୫ମ ସଂଖ୍ୟାୟ]

Digitized by PPRACHIN, SOA

'ଯାହା ଆସୁଚି, ଲେଖିଯା, ସେଇ ହେବ ମହାଭାରତ ।' ପରେ ତାଳପତ୍ରମାନ ଲେଖି, ଟୋକେଇରେ ପୂରେଇ, କାହାପରେ କେଉଁ ପତ୍ର ରହିବ, ତା ବି ସାରଳା ଦାସ ଜାଣିପାରିଲେ ନାଇ । ତହୁଁ ଦେବୀ ପୁଣି କହିଲେ, 'ପତ୍ରଗୁଡ଼ିକ ବୁଢ଼ା ନଈରେ ଭସାଇ ଦେ; ଯେଉଁ ପତ୍ରଗୁଡ଼ିକ ଭାସି ନ ଯାଇ ସୁଅରେ ଉଜାଣି ଫେରି ଆସିବ, ସେଇଗୁଡ଼ିକ ଯାହାପରେ ଯେ ଆସିବ, ସେଇପରି ଯୋଡ଼ିଦେଲେ ମହାଭାରତ ହେବ ।' ତାହାଇ ସାରଳାଦାସ କଲେ । ଯେ କାରଣରୁ ହେଉ, ଏପରି ପ୍ରବାଦମାନ ତିଆରି କରି ସାରଳାଦାସଙ୍କ ମାହାତ୍ମ୍ୟ ବଢ଼ିଚି କି କମିଚି, ଲୋକେ ଏଥିରେ ପ୍ରୀଣିତ ହୋଇ ସାରଳାଦାସଙ୍କ ଦ୍ବାରା ପ୍ରଭାବିତ ହେବେ, କି ଦେବୀଙ୍କଠାରେ ଅଧା ପଡ଼ିବେ, ଏହା ବୁଝିବାରେ ଅସୁବିଧା ନାଇ ।

ପୁଣି ସଂସ୍କୃତପ୍ରେମୀମାନେ ବ୍ୟାସଂକ ସଂଗେ ତୁଳନା କରି ସାରଳାଦାସଙ୍କୁ ଅତି ଅସଂସ୍କୃତ ବୃଷଳ 'ଶୂଦ୍ର' ବୋଲି ମନେ କରନ୍ତି ଓ କହନ୍ତି । ଏଇସବୁ ଦୁର୍ନାମ ଏଡ଼ାଇବାରେ ଏ ପ୍ରବାଦମାନଙ୍କର ମୂଳ ବି ଖୋଜାଯାଇପାରେ । ତାହାର ସ୍ପଷ୍ଟ ପ୍ରମାଣ ସ୍ୱରୂପ ଗୋଟିଏ କଥା, ଅସ୍ୱାଦ୍ୟ ହେଲେହେଁ, କୁହାଯାଉ । ସାରଳାଦାସଙ୍କ ନାମଥିଲା, ସିଦ୍ଧେଶ୍ୱର ପରିଡ଼ା । ସେ ଥିଲେ ଶୂଦ୍ର ବା ଚଷା । ଚଷା ବୋଲି ମୂଳରୁ ଜାତି ନଥିଲା । ପ୍ରକୃତ ଜାତି ନାମଟି ହେଉଚି ବୋଧହୁଏ, 'ସୁଧ' । ସେ ଯାହାହେଉ, ସିଦ୍ଧେଶ୍ୱର ପରିଡ଼ାଙ୍କ କୁଳରେ ବିଧବା ବିବାହ ବା 'ଦୁତିଅଘର' ଥିଲା । ଏବେ ଯେଉଁମାନେ ତାଙ୍କ ବଂଶର ବୋଲି ଗର୍ବ କରନ୍ତି, ସେମାନେ ନାମରେ 'ପରିଡ଼ା'କୁ 'ପରିଜା' ବା ପର୍ଜ୍ୟା (ପାର୍ଯାୟ ବା ଉଚ୍ଚଶ୍ରେଣୀ ?) କରି 'ଦୁତିଅଘର'ର ସ୍ମୃତି ପର୍ଯନ୍ତ ପୋଛି ଦେଇଛନ୍ତି । ଆଜି ହୁଏତ ସମାଜର ଆଭିମୁଖ୍ୟ ବଦଳି ନ ଥିଲେ, ଏ କଥା ଏଠାରେ କହି ହୁଅନ୍ତା ନାଇ । ସେଇମାନେ ଏବେ ବିଚାରନ୍ତୁ, ମହାପୁରୁଷ ସିଦ୍ଧେଶ୍ୱର ପରିଡ଼ାଙ୍କର ଏ ସମ୍ମାନ ନା ଅସମାନ ? ଏ ବିଷୟରେ ଆଉ ବେଶି କହିବା ଦରକାର ନାଇ ।

ବିଦ୍ରୋହ ଓ ବିପ୍ଳବରେ ସମାଜର ଉନ୍ନତି ଓ ପ୍ରଗତି । ଏଇ ବିଦ୍ରୋହ ଯେତେ ପ୍ରବଳ, ଏଥିରେ ଲୋକ କଲ୍ୟାଣର ପ୍ରଚେଷ୍ଟା ଯେତେ ବ୍ୟାପକ ଓ ସ୍ଥାୟୀ, ସେ ବିଦ୍ରୋହୀ ସେତିକି ମହାପୁରୁଷ । ମହାମନୀଷୀ ଦ୍ରଷ୍ଟା ସିଦ୍ଧେଶ୍ୱର ଥିଲେ, ଏକ ଯୁଗପ୍ରବର୍ତକ ବିଦ୍ରୋହୀ । ସେ ପୁଣି ଥିଲେ, ଏ ଦେଶର ଯଥାର୍ଥ ଦେଶୀ– କଞ୍ଚା ଓ ଖାଣ୍ଟି ଓଡ଼ିଆ । ତାଙ୍କର ଏ ବିଦ୍ରୋହ ଅଣଓଡ଼ିଆ, ବା ଅଣଓଡ଼ିଶୀଙ୍କ ଚୋଟିଚିପା ପ୍ରଭାବ ବିରୁଦ୍ଧରେ ଓଡ଼ିଆ ବୀରର ଆତ୍ମରକ୍ଷାର ବିଦ୍ରୋହ । ଜଗନ୍ନାଥଙ୍କ ସେବକ ଶବର 'ବିଶ୍ୱାବସୁ'ଙ୍କ ବିଦ୍ରୋହ ପୁରାଣ ସ କିମ୍ବଦନ୍ତୀର କଥା । କିନ୍ତୁ ଶୂଦ୍ର ସିଦ୍ଧେଶ୍ୱରଙ୍କ ବିଦ୍ରୋହ ସତ୍ୟ । ସମାଜ ସାହିତ୍ୟ ଓ ସଂସ୍କୃତି ରକ୍ଷା ଓ ପ୍ରତିଷ୍ଠା ପାଇ ଏହା ଓଡ଼ିଆର ପ୍ରଥମ, ସ୍ପଷ୍ଟ, ପ୍ରଧାନ ଓ ସଫଳ ବିଦ୍ରୋହ । ସେ ଏଯୁଗ ଓଡ଼ିଆ ସାହିତ୍ୟ ଓ ସଭ୍ୟତାର ଜନ୍ମଦାତା ଓ ନିତ୍ୟ ପ୍ରେରଣାରେ ଏବେ ବି

Digitized by PPRACHIN, SOA

ଜୀବନ୍ତ । ଇତିହାସ ପୁଣି ଏହାର ସାକ୍ଷୀ । ସେ ଇତିହାସ ଏବେ ନୂଆ କରି ପଢ଼ିବାର ଅଛି ।

ଓଡ଼ିଆ ଏବେ ବଞ୍ଚି ରହିଚି କିପରି ? ଏତେ ଶୋଷଣ ପୋଷଣ ଭିତରେ ବଞ୍ଚି ରହିଥିବାର ହେତୁ କ'ଣ ? ତାହାର ହେତୁ ହେଉଚି, ଆତ୍ମରକ୍ଷା ପାଇଁ ବାରମ୍ବାର ବିଦ୍ରୋହ ବା ବିପ୍ଳବ । ପୁରାଣ ଯୁଗ କଥା ଛାଡ଼ି ଦିଅ । ଭୌମ ସମ୍ରାଟମାନେ କୁଆଡୁ ଆସିଥିଲେ ଜଣା ନାଇ । କିନ୍ତୁ ତାଙ୍କ ଶାସନ ଲେଖରୁ ଦେଖାପଡ଼େ, ସଂସ୍କୃତି ଓ ସାହିତ୍ୟରେ ଅନ୍ତତଃ ସେମାନେ ଓଡ଼ିଆ ନଥିଲେ । ନୈଷଧୀୟ ଛଟା ସେସବୁ ଲେଖରେ ପୂର୍ଣ ପ୍ରକାଶ ପାଏ । ତା'ପରେ ଯେତେଦୂର ଜଣାଯାଏ, କୋଶଳର କେଶରୀମାନେ । ସେମାନେ ଥିଲେ ଶୈବ, ତେଣୁ ମଧ୍ୟ ଦେଶର ସ୍ମାର୍ତ ଧର୍ମରେ ପ୍ରଭାବିତ । ଶୈବ ଧର୍ମ ଓ ସ୍ମାର୍ତ ଧର୍ମରେ ପ୍ରଭାବିତ । ଶୈବ ଧର୍ମ ଓ ସ୍ମାର୍ତ ଧର୍ମର ଭିତ୍ତି ଓଡ଼ିଆ ନୁହେ । କିମ୍ବଦନ୍ତୀ ମଧ୍ୟ କହେ, ଯାଜପୁରର ପ୍ରସିଦ୍ଧ କେଶରୀ ସମ୍ରାଟ୍ ଯଯାତି ମହାଭବ ଗୁପ୍ତ ଓଡ଼ିଆଙ୍କର ସଭ୍ୟତା ଉପରେ ମଧ୍ୟଦେଶର ସଭ୍ୟତାକୁ ଚିପି ଦେବାପାଇଁ କାନ୍ୟକୁବ୍ଜରୁ ଦଶ ସହସ୍ର ସ୍ମାର୍ତ ବ୍ରାହ୍ମଣକୁ ଓଡ଼ିଶାକୁ ଅଣାଇ, ଏବର ସ୍ମାର୍ତ ଉତ୍କଳ ଶ୍ରେଣୀ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ଓ ପରମ୍ପରା ସୃଷ୍ଟି କରିଥିଲେ । ତା'ପରେ ଆସିଲେ, ଗଙ୍ଗବଂଶୀୟମାନେ । ଏମାନଙ୍କର ଆଦି ସ୍ଥାନ କର୍ଣାଟ । ସେଠାରୁ ଆଗ ଏମାନେ ଆସିଥିଲେ, ଶେଷ କାଳର କଳିଙ୍ଗକୁ । ସେ କଳିଙ୍ଗ ସେତେବେଳେ ଦକ୍ଷିଣ ଗଞ୍ଜାମ ଡେଇଁ ଏ ଆଡ଼କୁ ନ ଥିଲା । ପ୍ରଥମେ ଅନନ୍ତବର୍ମ ଚୋଡ଼ଗଙ୍ଗ ଓଡ଼ିଶାକୁ ଆସିଲେ । ସେମାନେ ଥିଲେ ବୈଷ୍ଣବ; କିନ୍ତୁ ଯଥାର୍ଥ ଜଗନ୍ନାଥ ଧର୍ମୀ ନ ଥିଲେ । ଚୋଡ଼ଗଙ୍ଗ ନିଜ ବୈଷ୍ଣବ ଭାବରେ ଜଗନ୍ନାଥଙ୍କୁ ଦେଖି ଏବର ଜଗନ୍ନାଥ ମନ୍ଦିର ତୋଳାଇବା ଆରମ୍ଭ କରିଥିଲେ । ତାଙ୍କ ନାତି ଅନଙ୍ଗଭୀମଦେବ ସେଇ ଜଗନ୍ନାଥ ମନ୍ଦିର ପୂର୍ଣ କରିଥିଲେ । ଏସବୁ ସତ୍ୟ । ମାତ୍ର ଏମାନେ ଜଗନ୍ନାଥ ଧର୍ମର ଯଥାର୍ଥ ତତ୍ତ୍ୱ ବୁଝିନଥିଲେ ଓ ସମ୍ଭବ ଶ୍ରୀ ବୈଷ୍ଣବ ଧର୍ମର ପ୍ରତିଷ୍ଠାତା ରାମାନୁଜ ଆଚାର୍ଯ, ଚୋଡ଼ଗଙ୍ଗଙ୍କ ସମୟରେ ପୁରୀକୁ ଆସିଥିଲେ ଓ ଏବର ଏମାରମଠରେ ଶୁଭଦେଇ ଶ୍ରୀ ବୈଷ୍ଣବ ମଠମାନ ପୁରୀରେ ବସାଇ ଜଗନ୍ନାଥ ଧର୍ମକୁ ସେଇ ଅର୍ଧସ୍ମାର୍ତ ବୈଷ୍ଣବ ରଙ୍ଗରେ ଚିତ୍ର କରିବାକୁ ଲୋଡ଼ିଥିଲେ । ଏଇ ପ୍ରଭାବ ଫଳରେ ଜଗନ୍ନାଥ ମନ୍ଦିର ଉପରେ ତ୍ରିଶାଖା ରାମାନୁଜ ଚିତା, ଚିତ୍ର ହୋଇଥିବାର ଏବେ ବି ଅନେକେ ଲକ୍ଷ୍ୟ କରିଥିବେ । ହେଲେହେଁ, ଶ୍ରୀ ବୈଷ୍ଣବର ଭେଦଧର୍ମ, ଜଗନ୍ନାଥର ସାମ୍ୟ ଧର୍ମଠାରୁ ତତ୍ତ୍ୱରେ ଓ କାର୍ଯରେ ଭିନ୍ନ । ପୁଣି ଏଇ ଗଙ୍ଗସମ୍ରାଟମାନେ ଶେଷ ପର୍ଯନ୍ତ କାନାଡ଼ି ଓ ସମ୍ଭବତଃ ତେଲୁଗୁ ନିଜର ଭାଷା କରି ରଖିଥିଲେ । ଆଳଂକାରିକ 'ବିଦ୍ୟାଧର', ନରସିଂହଦେବଙ୍କୁ ସ୍ତୁତିମାତ୍ରରେ ଶ୍ଳୋକମାନ ଲେଖି, ସେଇ ଶ୍ଳୋକମାନଙ୍କୁ ଉଦାହରଣ ଦେଇ 'ଏକାବଳୀ' ନାମକ ଅଳଙ୍କାର ଶାସ୍ତ୍ର ଲେଖିଲା ପରି, ସେକାଳର ହୁଏତ ଅନ୍ୟ ଓଡ଼ିଆ ପଣ୍ଡିତମାନେ ସଂସ୍କୃତରେ ଗଙ୍ଗ

Digitized by PPRACHIN, SOA

ସମ୍ରାଟମାନଙ୍କୁ ସ୍ତୁତିକରି ଅଣ-ଓଡ଼ିଆ ପ୍ରଭାବ ଭିତରେ ମୁଣ୍ଡ ଟେକିବାକୁ ଉଦ୍ୟମ କରିଥିଲେ ।

ଠିକ୍ ତାହାରି ପରେ କୁଟାତଳେ ଗୁମ୍‌ଗୁମିଆ ନିଆଁ ଜଳିଉଠିଲା ପରି ଉଠିଥିଲେ, ସୂର୍ଯ୍ୟବଂଶୀ ସମ୍ରାଟ୍ ଗଜପତି କପିଳେନ୍ଦ୍ର ଦେବ ଭ୍ରମରବର ରାଉତରା ମହାପାତ୍ର । ପ୍ରବାଦ କହେ, କପିଳେନ୍ଦ୍ର ଦେବ ଜାତିରେ ଗଉଡ଼ । ସେ ଯାହା ହେଉ, ସେ ଥିଲେ ଖାଣ୍ଟି ଓଡ଼ିଆ । ଲାଙ୍ଗୁଳା ନରସିଂହ ଦେବଙ୍କ ପୁଅ ନିଃଶଙ୍କ ଭାନୁଦେବ ବା ମତ୍ତଭାନୁ ଦେବ ତାଙ୍କୁ ଭ୍ରମରବର ଉପାଧି ଦେଇ ସେନାପତି କରିଥିଲେ । ଭାନୁଦେବଙ୍କ ପରେ ହାତୀ ତାଙ୍କରି ଉପରେ ସୁନା କଳସ ଢାଳିଲା,— ଅର୍ଥାତ୍, ପାତ୍ର, ମନ୍ତ୍ରୀ, ସାମନ୍ତମାନେ, ବସି ତାଙ୍କୁଇ ସମ୍ରାଟ କରି ଗାଦିରେ ବସାଇଲେ । ସେ ହେଉଛନ୍ତି ଓଡ଼ିଶାର ବିକ୍ରମାଦିତ୍ୟ । ଖାରବେଳଙ୍କ ପରେ ଓଡ଼ିଶା ସାମ୍ରାଜ୍ୟ ଏଡ଼େ ବିସ୍ତୀର୍ଣ୍ଣ ଆଉ କେବେ ନ ଥିଲା । ପୁରାଣର ଶବର 'ବିଶ୍ୱାବସୁ'ଙ୍କ ପରେ ଏପରି ଜଗନ୍ନାଥଙ୍କର ଏଡ଼େ ଭକ୍ତ ପ୍ରସିଦ୍ଧ ଓଡ଼ିଆ ବି ଆଉ କେହି ବାହାରିଥିବାର ଜଣାନାଇ । ଦିଗ୍‌ବିଜୟ ମଧ୍ୟରେ ଥରକୁ ଥର କପିଳେନ୍ଦ୍ର ଜଗନ୍ନାଥଙ୍କୁ ଯେ ଦାନମାନ କରିଛନ୍ତି, ସେଇ ଦାନମାନଙ୍କର ଶିଳାଲେଖ ସବୁ ଏହାର ମୁଖ୍ୟ ସାକ୍ଷୀ ।

ସେତିକି ନୁହେଁ, ଜଗନ୍ନାଥଙ୍କ ସାମ୍ୟଧର୍ମ ତାଙ୍କର ଓ ତାଙ୍କ ସାମ୍ରାଜ୍ୟର ପ୍ରାଣର ପ୍ରାଣ ଥିଲା, କହିଲେ ଚଳେ । ଉଦାହରଣ ସ୍ୱରୂପ କୁହାଯାଇପାରେ, ଚୈତନ୍ୟ ଭାଗବତ କହନ୍ତି, ରାଜା 'ଭ୍ରମରଙ୍କ' ଅର୍ଥାତ୍, କପିଳେନ୍ଦ୍ର ଦେବ ଭ୍ରମରବରଙ୍କର କ୍ରିୟା ଓ ପ୍ରଭାବରେ ବିଶ୍ୱମ୍ଭର ମିଶ୍ର ବା ଚୈତ୍ୟଙ୍କ ପୂର୍ବପୁରୁଷ ଉପେନ୍ଦ୍ର ମିଶ୍ର ଯାଜପୁର ଛାଡ଼ି ସିଲେଟକୁ ପଳାଇ ଯାଇଥିଲେ । ଯଥାର୍ଥରେ କପିଳେନ୍ଦ୍ରଙ୍କ ସାମ୍ୟ ଧର୍ମ-ଧାରଣା ଓ କାର୍ଯ୍ୟ ଫଳରେ ବେଦଧର୍ମୀ ସ୍ମାର୍ତ୍ତ ବ୍ରାହ୍ମଣମାନେ ଉତ୍ୟକ୍ତ ହୋଇଥିଲେ । ଅନେକେ ଓଡ଼ିଶା ଛାଡ଼ି ଯାଇଥିଲେ । ସେ ଅବଶ୍ୟ ପରମ୍ପରାର ପ୍ରଭାବ ଏଡ଼ି ନ ପାରି ବ୍ରାହ୍ମଣ ଶାସନ ବସାଇଥିଲେ । ପୁରୀରେ ତାଙ୍କର ପ୍ରଧାନ ଶାସନଟି ହେଉଛି, 'କପିଳେଶ୍ୱର ପୁର' । କିନ୍ତୁ ସେ ଗ୍ରାମର ବ୍ରାହ୍ମଣ, ଅନ୍ୟ ସ୍ମାର୍ତ୍ତ ବ୍ରାହ୍ମଣଙ୍କ ପରି ପ୍ରତିଷ୍ଠିତ ବ୍ରାହ୍ମଣ ବୋଲି ଏ ପର୍ଯ୍ୟନ୍ତ ବି ମାନ ପାଇ ନଥିଲେ । ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କ ପରି ଦ୍ରଷ୍ଟା ଓ ମନୀଷୀ, ସେଇ କପିଳେଶ୍ୱର ପୁର ଗ୍ରାମର ଲୋକ । ସେ କିନ୍ତୁ କରଣ ବଳରାମ ଦାସଙ୍କଠାରୁ ମନ୍ତ୍ର ଘେନିଥିଲେ । ପୁରୀର ସ୍ମାର୍ତ୍ତ ଶାସନୀ ବ୍ରାହ୍ମଣମାନେ ଏବେ ବି ସେ ମହାପୁରୁଷଙ୍କ ଭାଗବତକୁ ପଢ଼ନ୍ତି ନାଇ, କି ଧର୍ମଗ୍ରନ୍ଥ ବୋଲି ଖାତିରି ମଧ୍ୟ କରନ୍ତି ନାଇ । ମହା ସାମ୍ୟ ଧର୍ମୀ ସ୍ୱୟଂ ଚୈତନ୍ୟ ମଧ୍ୟ ବଙ୍ଗ ଦେଶରେ ସ୍ମାର୍ତ୍ତମାନଙ୍କର ଅତ୍ୟାଚାର ସହି ନ ପାରି ନିଜର ସାମ୍ୟଭୂମିକୁ ସ୍ମରଣ କରି କପିଳେନ୍ଦ୍ରଙ୍କ ପ୍ରତିଷ୍ଠିତ ଜଗନ୍ନାଥ କ୍ଷେତ୍ରକୁ, ଅର୍ଥାତ୍, ନିଜ ପୂର୍ବପୁରୁଷ 'ଉପେନ୍ଦ୍ର' ଛାଡ଼ି ପଳାଇ ଯାଇଥିବା ଭୂମିକୁ ମହାତୀର୍ଥ ରୂପେ ନିଜର ଜୀବନବ୍ୟାପୀ ସାଧନା କ୍ଷେତ୍ର କରିଥିଲେ ।

Digitized by PPRACHIN, SOA

ଏଇପରି ଓଡ଼ିଆ କପିଳେନ୍ଦ୍ର ଥିଲେ ସମାଜ ଓ ସଂସ୍କୃତି ହିସାବରେ ମହା ବିଦ୍ରୋହୀ ଓ ବିପ୍ଳବୀ । ସେଇ 'ଗଉଡ଼' କପିଳେନ୍ଦ୍ର ଦେବଙ୍କ ସାଙ୍ଗକୁ ସେତିକିବେଳେ ଥିଲେ, ଶୂଦ୍ର ସାରଳା ଦାସ । ସେ ମହାଯୁଗ– ପ୍ରବର୍ତ୍ତନରେ ଏଇ ଦୁଇଜଣ ଥିଲେ, ପ୍ରଧାନ ପ୍ରତୀକ । ସଂସ୍କୃତର ନିସନ୍ଧା ଶିକୁଳି ଭିତରୁ ଓଡ଼ିଆକୁ ଫିଟାଇ ଛାଡ଼ି ଦେଇ ସାରଳା ଦାସ ପ୍ରଥମେ ଏ ଯୁଗର ଯଥାର୍ଥ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲେ । ସେଇ ହେଉଚି, ତାଙ୍କର ମହାଭାରତ । ଏ କଥାଟି ଏଠାରେ ପୁଣି କହି ଦେବାର ଅଛି, ମହାଭାରତ ଏ ଭାରତରେ ଗୋଟିଏ ନୁହେଁ । କୁରୁ ପାଣ୍ଡବ ଯୁଦ୍ଧକୁ ଘେନି ଗୋଟିଏ ପରମ୍ପରାର ଗଳ୍ପ ଅଛି । ସେହି ଗଳ୍ପଟିକୁ ଧରି ନାନା ପ୍ରାଦେଶିକ ଭାବଭାବିତ ପରମ୍ପରା ଓ ଉପାଖ୍ୟାନମାନ ଲଗାଇ ଭିନ୍ନ ଭିନ୍ନ ମହାଭାରତ ପ୍ରତି ଅଞ୍ଚଳରେ ପ୍ରଚଳିତ ଥିଲା । ଉଦାହରଣ ସ୍ୱରୂପ, ବଙ୍ଗଦେଶର ମହାଭାରତ ହେଉଚି, କାଶୀରାମ ଦାସଙ୍କ ମହାଭାରତ । ସେଥିରେ ଅଛି, କର୍ଣ୍ଣ, ଅତିଥି ସେବା କରିବା ନିମନ୍ତେ ନିଜର ଏକମାତ୍ର ପୁତ୍ର ବିଶ୍ୱକ୍‌ସେନକୁ ମାଆଙ୍କ ହାତେ ଧରାଇ ଆପେ ଖଣ୍ଡାରେ ହାଣି ସେଇ ମାଂସକୁ ମାଆଙ୍କ ହାତରେ ରନ୍ଧାଇ, ଅତିଥିକୁ ସେଇ ତରକାରି ପରଶାଇ ସେଇ ଅତିଥିଙ୍କ ଇଚ୍ଛା ପୂର୍ଣ୍ଣ କରିଥିଲେ । ଅତିଥି ସେବାରେ ଏ ଆତ୍ମବିସ୍ମୃତି, ଏ ଆତ୍ମତ୍ୟାଗ ବ୍ୟାସଙ୍କ ମହାଭାରତ ନୁହେଁ । ଏହା ପୂର୍ବ ଭାରତର ଆଦର୍ଶ ଓ ବଙ୍ଗର କାଶୀରାମ ଦାସଙ୍କ ମହାଭାରତ ଉପାଖ୍ୟାନରେ ପ୍ରତିଫଳିତ ।

ସେଇପରି ସାରଳା ଦାସଙ୍କ ମହାଭାରତର ଗୋଟିଏ ଉପାଖ୍ୟାନ କହୁଚି, ଶୁଣ । ଯୁଧିଷ୍ଠିରଙ୍କ ରାଜ୍ୟରେ ଘୋର ଦୁର୍ଭିକ୍ଷ ପଡ଼ିଲା । ଲକ୍ଷେ ଭରଣ ଧାନ କୁଆଡୁ ନ ଆସିଲେ ଲୋକେ ଅନାହାରରେ ମରିଯିବେ । ଯୁଧିଷ୍ଠିରଙ୍କୁ ବୁଦ୍ଧି ଦିଶିଲା ନାଇ । ସେ ବିଚାରି ବିଚାରି ଭୀମଙ୍କୁ ପଠାଇ ଦେଲେ କୁବେରଙ୍କ ପାଖକୁ, ମାଗି କରି ଲକ୍ଷେ ଭରଣ ଧାନ ଆଣିବାକୁ । ଭୀମ କୁବେରଙ୍କ ପୁରକୁ ଗଲେ । ସେଠାରେ ଯାଇ ଦେଖିଲେ, ଗୋଟିଏ କାଳିଆ କୁତ୍ସିତ ଲୋକ, ଗୋଟିଏ ଓଦା ମାଟି ପିଣ୍ଡୁଳା ହାତରେ ଧରି ସେଇ ମାଟି ପିଣ୍ଡୁଳାଟିକୁ ଦାଣ୍ଡ ଦୁଆରେ ବୁଣି ଯାଇଥିବା ଧାନ ଉପରେ ମଡ଼ାଇ ମଡ଼ାଇ, ବାଁ ହାତରେ ଗୋଟିଏ ବାଉଁଶିଆ ଭିତରକୁ ଝାଡ଼ି ଦେଇ ଧାନ ଗୋଟାଉଛି । ଭୀମ ପଚାରିଲେ, "କୁବେର କାହାନ୍ତି ? ତାଙ୍କ ସାଙ୍ଗରେ ମୋର ଦେଖା ହୋଇ ପାରିବ କି ?" ସେଇ କୁତ୍ସିତ କଳେବର ଲୋକଟି ମୁଣ୍ଡ ଟେକି ଚାହିଁ କହିଲା, "କାହିଁକି ? କ'ଣ କହିବେ କହନ୍ତୁ । ମୁଇପରା କୁବେର ।" ଏକଥା ଶୁଣି ଭୀମଙ୍କ ହାଲକ ଶୁଖିଲା– ବିଚାରିଲେ, ଗୋଟି ଗୋଟି କରି ମାଟି ପିଣ୍ଡୁଳା ମଡ଼ାଇ ଯେ ଧାନ ସଂଗ୍ରହ କରୁଚନ୍ତି, ସେଇ ପୁଣି ଆମ ଭାଇଙ୍କି ଲକ୍ଷେ ଭରଣ ଧାନ ସାହାଯ୍ୟ କରିବେ ? ତଥାପି କହିଲେ, "ମୁଁ ମହାରାଜା ଯୁଧିଷ୍ଠିରଙ୍କ ଭାଇ ଭୀମ । ଆମ ଦେଶରେ ଦୁର୍ଭିକ୍ଷ ପଡିଚି । ଭାଇ ପଠାଇଚନ୍ତି, ଆପଣଙ୍କଠାରୁ ଲକ୍ଷେ ଭରଣ ଧାନ ସାହାଯ୍ୟ ମାଗି ନେବାପାଇଁ । ସଂଗେ ସଂଗେ ଅତି ଆଦରରେ କୁବେର କହିଲେ, "ହଉ ତେବେ ବାପା, ଶଗଡ଼ ଆଣିବାର ଯୋଗାଡ଼

Digitized by PPRACHIN, SOA

କରିଚ, ନାଁ ମୁଁ ଶଗଡ଼ରେ ପଠାଇବି ?'' ଭୀମ ଶଗଡ଼ ଯୋଗାଡ଼ କରି ନଥିଲେ । ତହୁଁ କୁବେର ନିଜେ ଲକ୍ଷେ ଶଗଡ଼ ଯୋଗାଡ଼ କରି ଧାନ ମପାଇ ଶଗଡ଼ ଶଗଡ଼ କରି ପଠାଇବାର ଆରମ୍ଭ କଲେ । ଭୀମଙ୍କୁ କହିଲେ, ''ଆଗେ ଆଗେ ଶଗଡ଼ ସଙ୍ଗେ ଯାଅ, ଘରେ ଶଗଡ଼ ଗଣିକରି ରଖିବ ।'' ପ୍ରାୟ ୧୦ ହଜାର ଖଣ୍ଡେ ଶଗଡ଼ ଯାଇଚି, ଅଟକିଗଲା, ପଛରୁ ଆଉ ଶଗଡ଼ ଚାଲିଲା ନାଇ । କୁବେର ବ୍ୟସ୍ତ ହୋଇପଡ଼ିଲେ । ଏ ମଧ୍ୟରେ ଭୀମ ଫେରି ଆସି ଖବରଦେଲେ, ''ବାଟରେ ପଟ ପଡ଼ିଲା । ସେଥିରେ ଚକ ତୁମ୍ଭଯାଏ ଗଳି ପଡୁଚି । ହଡ଼ା ଓଟାରି ପାରୁ ନାହାନ୍ତି । ପାଖରେ ବାଲି ନାଇ କି ମାଟିନାଇ । ଲୋକ ବି ନାହାନ୍ତି । କରାଯିବ କ'ଣ ?'' କୁବେର ଟିକିଏ ଭାବିଲେ । ତା'ପରେ କହିଲେ, ''ଆଚ୍ଛା ବାପା, ତେବେ, ଗୋଟିଏ କାମ କର । ଆଗ ଶଗଡ଼ର ଧାନ ସବୁ କାଦୁଅ ଉପରେ ଅଜାଡ଼ି ଦିଅ । ସେଥିରେ ଶଗଡ଼ ଚାଲିଯିବ । ଖାଲି ଶଗଡ଼ ସବୁ ଫେରାଇ ଦିଅ । ମୁଁ ସେଥିରେ ପୁଣି ଧାନ ଭରି ଛାଡ଼ିଦେବି ।'' ସେଇପରି ହେଲା । ପାଞ୍ଚହଜାର ଖଣ୍ଡେ ଶଗଡ଼ର ଧାନ କାଦୁଅରେ ପଡ଼ିଗଲା । ଶଗଡ଼ ଚାଲିଗଲା । ଭୀମ ଆଶ୍ଚର୍ଯ ହେଲେ, 'ଯେ କାଦୁଅ ପିଣ୍ଡୁଳାରେ ଗୋଟି ଗୋଟି କରି ଧାନ ଗୋଟାଇ ରଖୁଥିଲା, ସେ ପୁଣି ପାଞ୍ଚହଜାର ଖଣ୍ଡ ଶଗଡ଼ର ଧାନ କାଦୁଅରେ ଫୋପାଡ଼ିଦେଲା କିପରି ?' ସେ ପୁଣି ଆସି କୁବେରଙ୍କୁ ଏକଥା ପଚାରିଲେ । କୁବେର କହିଲେ, ''ବାପା ! ବୁଝିଲ ନାହିଁକି ? ଧନ ସଂଗ୍ରହ କଲାବେଳେ ଏଇପରି କରିବ କାହିଁକି ? ଖର୍ଚ୍ଚ କଲାବେଳେ ଏଇପରି କରିବ ବୋଲି ।''

ଏ ବ୍ୟାସଙ୍କ ମହାଭାରତ ନୁହେଁ କି କାଶୀରାମ ଦାସଙ୍କ ମହାଭାରତ ନୁହେ । ଏ ଓଡ଼ିଆ ମହାଭାରତ । ଯୁଧିଷ୍ଠିରଙ୍କ ରାଜ୍ୟରେ ଧାନ ଶଗଡ଼ରେ ବୁହା ହେଉ ନଥିଲା, କି ଶଗଡ଼ ପଟରେ ପଡୁନଥିଲା । କୁବେର ମଧ୍ୟ ଧାନ ଗୋଟାଉ ନଥିଲେ, କି ପଠାଉ ନଥିଲେ । ଏଇପରି 'ଓଡ୍ରରାଷ୍ଟ୍ରମଣ୍ଡଳ' ବର୍ଣନାଠାରୁ ଭୀମ, ଦୁର୍ଯୋଧନଙ୍କ 'ଝିମଟି ଖେଳ'ରୁ ମହାଭାରତ ପର୍ଯନ୍ତ, ଲକ୍ଷ୍ମୀ ପାର୍ବତୀଙ୍କର ଗାଁ ମାଇପଙ୍କ ପରି, କାହା ବର ବଡ଼ ବୋଲି କଳି କରିବାଠାରୁ ଦେବତାଙ୍କ ଭିତରେ ରାଜସ୍ତୁତି ଓ ମୀମଲତକାରୀ ପର୍ଯନ୍ତ ସବୁ ସାରଳା ଦାସଙ୍କ ମହାଭାରତରେ ଅଛି । ତାକୁ ଦେବୀ ଲେଖାଇ ନାହାନ୍ତି, କି 'ମୂର୍ଖ' ସିଦ୍ଧେଶ୍ୱର ନ ଜାଣି ଲେଖି ନାହାନ୍ତି । ସଂସ୍କୃତସେବୀ ଓ ସ୍ମାର୍ତଙ୍କ ତୋଟିଚିପା ସହି ନ ପାରି ମନୀଷୀ ସିଦ୍ଧେଶ୍ୱର ମୁକ୍ତ, ସ୍ୱାଧୀନ ଓଡ଼ିଆ ସାହିତ୍ୟ, ଓଡ଼ିଆ ପ୍ରାଣକୁ ଫିଟାଇ ଛାଡ଼ି ଦେଇଚନ୍ତି । ଏହାହିଁ ସାରଳା ଦାସଙ୍କ ମହାଭାରତ ।

ସେ ମହାଭାରତରେ ପୁଣି ଭାଷା । ଏ ବିଷୟରେ ବିଶେଷ କହିବା ଦରକାର ନାଇ । ଆଜି ଏତେଦିନ ପରେ ସାରଳା ଦାସଙ୍କୁ ମାରିବା ପାଇଁ ଗୌରୀଶଙ୍କର ରାୟ ଓ ଭାଗବତ ପ୍ରସାଦ ଦାନ୍‌ଙ୍କ ପରି ଲୋକମାନେ ସଂସ୍କୃତିଆ ପଣ୍ଡିତ ବସାଇ, ଚଉଦ ଅକ୍ଷରିଆ ବଙ୍ଗଳା ପୟାରରୀତିରେ ସାରଳା ଦାସଙ୍କ 'ଦାଣ୍ଡୀ' ମହାଭାରତକୁ ଚଉଦ ଅକ୍ଷର ପାଦରେ ଗଣି, ଟିକି ଟିକି କରି କାଟିଥିଲେ ମଧ୍ୟ, ତାକୁ ଆଜି ପୁଣି ହର ପାର୍ବତୀଙ୍କର 'ଫୁଲପାଣି'

Digitized by PPRACHIN, SOA

ପକାଇ ବଞ୍ଚାଇବାର ଉଦ୍ୟମ ହେଲାଣି । ସେ ଭାଷା ଖାଲି ଓଡ଼ିଆ ଭାଷା ନୁହେ । ସଂସ୍କୃତର ନିପୀଡ଼ନ ବେଳେ ସେ ହେଉଚି, ଓଡ଼ିଆ ପ୍ରାଣର ସ୍ୱାଭାବିକ ସ୍ଫୂର୍ତ୍ତି । ବୈଷ୍ଣବ ଯୁଗରେ, ଭଞ୍ଜ ଯୁଗରେ ତଥା ରାଧାନାଥ-ମଧୁସୂଦନ ଯୁଗରେ ସେ ଭାଷାକୁ ଚିପି, ବୁଡ଼ାଇ ପୁଣି ମାରିଦେବାର ବହୁ ଉଦ୍ୟମ ହୋଇଚି । ସେ ଉଦ୍ୟମର ଫଳ ରହୁନାଇ, ରହିବ ନାଇ । ଓଡ଼ିଶାର ଆଦି ସାହିତ୍ୟିକ ମରିବାର ନୁହନ୍ତି, ସେ ମରିବେ ନାଇ । ତାଙ୍କର ଦୂର ଦର୍ଶନ ଯେପରି ବ୍ୟାପକ, ସେଇପରି ଚିରନ୍ତନ ।

ଆଉ ଗୋଟିଏ କଥା । ତା ବେଶୀ କରି କହିବାର ସୁବିଧା ଏଠାରେ ନାଇ । ସେ ହେଉଛି, ନିର୍ବାଣ ସାଧନାରେ ପୂର୍ବ ଭାରତ, ବିଶେଷରେ ଓଡ଼ିଶାର ଅଷ୍ଟାଙ୍ଗ ସାଧନାର ତନ୍ତ୍ର ଯୋଗ । ତାହା ଯେପରି ଥିଲା, ଆଜି ସେପରି ନାଇ । ସେଥିପାଇଁ ପୁସ୍ତକ ନାଇ, କି ତା'ର ଆଲୋଚନା ହୁଏ ନାଇ । ଗୁରୁଙ୍କଠାରୁ ମାତ୍ରକ ଦୀକ୍ଷିତମାନେ ସେ ତତ୍ତ୍ୱ ନିଅନ୍ତି । ସେ ଅଷ୍ଟାଙ୍ଗ ସାଧନାରେ ସିଦ୍ଧ ହେଲେ, ଇଚ୍ଛାମୃତ୍ୟୁ ହୁଏ । ଜୀବାତ୍ମା ପରମାତ୍ମା ନାମରେ ସେ ସାଧନାରେ ପଞ୍ଚପ୍ରାଣକୁ ତ୍ରିକୂଟରେ ବା କପାଳ ତଳେ ରଖି ସିଦ୍ଧଯୋଗୀ ନିର୍ବାଣ ଭଜନ୍ତି । ଶୁଣିବାରେ, ସେ ନିର୍ବାଣ ବେଳେ ତାଳୁ ଉପର ଫୁଟିଯାଏ । ଏବେ ମଧ୍ୟ ପୁରୀରେ ସେଇ ପନ୍ଥୀଙ୍କ ମଠରେ ସେଥିପାଇଁ ମଲା ଉତ୍ତାରୁ ନଡ଼ିଆରେ ମହନ୍ତଙ୍କର ତାଳୁ ପିଟି ଫଟାଇ ଦିଅନ୍ତି । ତା'ପରେ ସମାଧି ଦିଆ ହୁଏ ।

ଓଡ଼ିଶା ଏହି ଯୋଗ-ସାଧନାର ପରମ କ୍ଷେତ୍ର ଥିଲା । ପୁଷ୍ପଗିରି ବିହାରରେ ଏହି ଯୋଗ ତନ୍ତ୍ରର ସାଧନା ଲୋକେ ଅଭ୍ୟାସରେ ଗ୍ରହଣ କରୁଥିଲେ ବୋଲି ମନେ ହୁଏ । ସିଦ୍ଧେଶ୍ୱର ଏଇ ଯୋଗରେ ସିଦ୍ଧ ହେଲେ । କିମ୍ବଦନ୍ତୀ କହେ, ସେ ନିଜର ମୃତ୍ୟୁକାଳ ନିଜେ ଠିକ୍ କରି ଜାଣିଥିଲେ ଓ ଠିକ୍ ସେତିକିବେଳେ ପଦ୍ମାସନରେ ବସି ଦେହତ୍ୟାଗ କରିଥିଲେ । ଏ କଥାରେ ଅବିଶ୍ୱାସ କରିବାର କିଛି ନାଇ । ସେ କାଳର ଓଡ଼ିଆ ମହାପୁରୁଷମାନଙ୍କ ପକ୍ଷରେ ଏ କିଛି ଆଶ୍ଚର୍ଯ୍ୟ କଥା ନ ଥିଲା ।

ସଂକ୍ଷେପରେ ଏହାହିଁ ଆମର ସାରଳା ଦାସ । ସେ ଦେବତା ନୁହନ୍ତି । ସେ ମନୁଷ୍ୟ । ସେ କେବଳ ଶୂଦ୍ରମୁନି ନୁହନ୍ତି । ସେ ଓଡ଼ିଶାର ଦର୍ଶନବନ୍ତ ମହାପୁରୁଷ । ଆଜି ଓଡ଼ିଆ ସଭ୍ୟତା, ଓଡ଼ିଆ ଭାଷା ତଥା ଓଡ଼ିଆ ସାହିତ୍ୟର ସେ ପିତା ଓ ପ୍ରତିଷ୍ଠାତା । ଏହା ଯେ ଦେଖେ, ସେଇ ଏକା ସାରଳାଦାସଙ୍କୁ ଦେଖେ । ଏଥିରୁ ଟିକିଏ ହେଲେ ବୁଝିଲେ, ଲୋକ ସାରଳାଦାସଙ୍କୁ ବୁଝିବ, ଓଡ଼ିଶାକୁ ବୁଝିବ, ଓଡ଼ିଆକୁ ବୁଝିବ ।

[ନବଭାରତ, ନୂତନ ପ୍ରସ୍ଥ,
୫ମ ସଂଖ୍ୟା, ଫେବୃଆରୀ, ୧୯୪୭]

Digitized by PPRACHIN, SOA

# ସାରଳାଦାସ*

ସାରଳା ଦାସ ପାଞ୍ଚଶ ବର୍ଷ ତଳ ଲୋକ । କପିଳେନ୍ଦ୍ର ଦେବ ସେତେବେଳେ ଓଡ଼ିଶାର ସମ୍ରାଟ୍ । ତାଙ୍କ ସାମ୍ରାଜ୍ୟ କାଳ ଖ୍ରୀଷ୍ଟାବ୍ଦ ୧୪୩୫ରୁ ୧୪୬୫ । ମନେହୁଏ, ଏଇ ୧୫ଶ ଶତାବ୍ଦୀର ଆଦିଭାଗରେ ସାରଳାଦାସଙ୍କ ଜନ୍ମ-ଶତାବ୍ଦୀ ପୂରିବା ପୂର୍ବରୁ ତାଙ୍କ ତିରୋଧାନ । କଟକ ଜିଲାର ସାରଳା ଦେବୀ-ପୀଠ ଝଙ୍କଡ଼ ହେଉଚି, ତାଙ୍କ ସ୍ଥାନ । ସାରଳା ଦେବୀଙ୍କ ଭକ୍ତ ବୋଲି ନାମଟି ସାରଳା ଦାସ । ତାଙ୍କ ନିଜ ନାମ, ସିଦ୍ଧେଶ୍ୱର ପରିଡ଼ା । ସେ ନିଜକୁ ଶୂଦ୍ର ବୋଲି କହିଚନ୍ତି । ତାଙ୍କ କୁଳବେଉସା ଥିଲା, 'ଚାସ' । ତେଣୁ ସେ ହେଉଚନ୍ତି, ଅସଲ ଖାଣ୍ଟି ଓଡ଼ିଆ । ଜଣାପଡ଼ିବା ଭଳି ଆଉ କୁଆଡ଼ୁ ଓଡ଼ିଶାକୁ ଆସିଥିବା ଲୋକ ବା ସେଇପରି ଲୋକଙ୍କ ବଂଶର ସେ ନୁହନ୍ତି ।

ସେ ହେଉଚନ୍ତି, ଓଡ଼ିଆରେ ମହାକବି— ତୁଳନାରେ, ଓଡ଼ିଶାର ବ୍ୟାସଦେବ । ଓଡ଼ିଆ ମହାଭାରତ, ଓଡ଼ିଆ ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ— ଏଇ ତିନିଖଣ୍ଡି ଜଣାଶୁଣା ତାଙ୍କ ନିଜ ରଚିତ କାବ୍ୟ । ତାଙ୍କ ମହାଭାରତଟି ଗୋଟିଏ ବିରାଟ ମହାକାବ୍ୟ । ସଂସ୍କୃତରେ ମହାଭାରତ ଅଛି, ଚଣ୍ଡୀପୁରାଣ ବି ଅଛି । କିନ୍ତୁ ଓଡ଼ିଆ ଚଣ୍ଡୀପୁରାଣ, ଠିକ୍ ସଂସ୍କୃତ ଚଣ୍ଡୀପୁରାଣର ପରି ନୁହେ । ସାରଳା ମହାଭାରତ ସଂସ୍କୃତ ମହାଭାରତର ଅନୁବାଦ ତ ନୁହେ; ଅନୁଧାବନ ବି ନୁହେ । ଏହା ଓଡ଼ିଆ ସଭ୍ୟତା ଓ ସାହିତ୍ୟର ଗୋଟିଏ ଯଥାର୍ଥ 'ବିଶ୍ୱକୋଷ' ।

ଭୀମ, ଦୁର୍ଯୋଧନଙ୍କ 'ଝିମିଟି' ବା 'ଅକାଳି' ଖେଳରୁ ଏ ମହାଭାରତ ହୋଇଚି । ଯୁଧିଷ୍ଠିରଙ୍କ ରାଜ୍ୟରେ ମହର୍ଗ ପଡ଼ିବାରୁ କୁବେରଙ୍କ ଘରୁ ଲକ୍ଷେ ଶଗଡ଼ ଧାନ ମଗା ହୋଇ ଆସୁଚି । ବାଟ ନଇରେ ପଟ ପଡ଼ିବାରୁ ହଡ଼ାଏ ପୁଣି ସେ ଧାନ ଶଗଡ଼ଗୁଡ଼ାକ ଘୋଷାରି ପାରୁନାହାନ୍ତି । ଲୋକଙ୍କୁ ଆଗ ଦାନା ଦେବାକୁ ହେବ । ସେଥିପାଇଁ ପଟରେ ଧାନ ଅଜାଡ଼ି ବାଟ କରା ହେଉଚି । ଏ ମହାଭାରତରେ ପୁଣି ଲକ୍ଷ୍ମୀ, ପାର୍ବତୀଙ୍କଠାରୁ ଗାନ୍ଧାରୀ, କୁନ୍ତୀଙ୍କ ପର୍ଯନ୍ତ, ସମସ୍ତେ ସତେ ଅବା ଓଡ଼ିଆ ଘରଣୀ । ସେମାନେ ଠିକ୍ ଆମରି ମାଇପଙ୍କ ପରି ଈର୍ଷା କରୁଚନ୍ତି, କଳି ବି କରୁଚନ୍ତି । ନିର୍ବନ୍ଧ ବେଳୁ ବରଗୁଡ଼ାକ ମରି ଯାଉଥିବାରୁ ଗାନ୍ଧାରୀ, ଆଗ ସାହାଡ଼ା ଗଛକୁ ଭିଆ ହୋଇସାରି, ପରେ ଧୃତରାଷ୍ଟ୍ରକୁ

---

* (୧୭-୨-୧୯୪୮) ସଂଧ୍ୟା ସାତଟାରେ କଟକ ବେତାର କେନ୍ଦ୍ରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅନରାରି ଭାଷଣ । ଅଲ୍ ଇଣ୍ଡିଆ ରେଡ଼ିଓ ସୌଜନ୍ୟରେ) । [ନବଭାରତ, ମକର-କୁମ୍ଭ ୧୩୫୫, ଜୁଲାଇ- ଅଗଷ୍ଟ ୧୯୪୮ (ଜାନୁଆରୀ-ଫେବୃଆରୀ, ୧୯୪୯)]

Digitized by PPRACHIN, SOA

ଦ୍ବିତୀୟ ହୋଇ ସାଧ୍ୱୀ ଗୃହିଣୀ ପରି ଘର କରିଚନ୍ତି । ହିଡ଼ିମ୍ବା ଆଉ ଦ୍ରୌପଦୀଙ୍କ ଭିତରେ ସଉତୁଣୀଦ୍ୱନ୍ଦ୍ୱ ଲାଗିଚି ।

ଉଦାହରଣ ସରିବ ନାଇ । ଓଡ଼ିଆ ସାହିତ୍ୟର ଏ ପ୍ରକାଶ କହି ବୁଝାଇବା ଜିନିଷ ନୁହେ । ଓଡ଼ିଆ ସମାଜର ନିତ୍ୟ ଚଳଣି, ଓଡ଼ିଆ ଜୀବନର ନିତ୍ୟ ଅନୁଭବ, ଏଥିରେ ଯେପରି କି ଜୀବନ୍ୟାସ ପାଇ ଝଟକୁଚି । ଏ ସବୁ ଯଥାର୍ଥ ଓଡ଼ିଆ କବିତା । ଓଡ଼ିଆର ପ୍ରାଣ-ପ୍ରକାଶ ଏଥିରେ ସ୍ୱଚ୍ଛନ୍ଦ ଓ ନିର୍ମଳ । ଓଡ଼ିଆ ଲୋକବ୍ୟବହାର ଏଥିରେ ସରସ ଓ ପ୍ରାଣବନ୍ତ ।

ଆଦର୍ଶ-ପ୍ରକାଶରେ ମଧ୍ୟ ସାରଳା ଦାସଙ୍କ ସାମ୍ୟଭାବ ଓ ନିର୍ଭୀକତା ଅତୁଳନୀୟ । ଓଡ଼ରାଷ୍ଟ୍ର ବର୍ଣନାରେ 'ସସାଗରା ପୃଥିବୀ'ର ଗୋପାଳ ବା ଗଉଡ଼ ନୃପତି 'ମରୁଧ୍ୱଜ'ଙ୍କ କଥା ସେ ଲେଖିଚନ୍ତି । ପୁଅଙ୍କ ପାଇଁ 'ମରୁଜ' ପୃଥିବୀକୁ 'ନବଖଣ୍ଡ' କଲେ । ତାଙ୍କ ଓଡ଼ିଶୀ ଭାରିଯାଙ୍କ ପୁଅ, 'ପୁରୁ' । ସେଇ ପୁରୁଙ୍କ ଭାଗରେ ସେ ଦେଲେ, 'ଓଡ଼ିରାଷ୍ଟ୍ର' । ନୁହେ କି ? ଏଇ ଗଉଡ଼ ନୃପତି ହେଉଚନ୍ତି, ସମ୍ରାଟ୍ କପିଳେନ୍ଦ୍ର ଦେବ । ଯଥାର୍ଥରେ କପିଳେନ୍ଦ୍ର ଥିଲେ, 'କପିଳା ଗଉଡ଼' । ତାଙ୍କର 'ନବକୋଟି' କର୍ଣାଟ କଲବର୍ଗାଦି ସମେତ ସାମ୍ରାଜ୍ୟର କେନ୍ଦ୍ର ଓ ପ୍ରଧାନ ଖଣ୍ଡକ ହେଉଚି 'ଓଡ଼ରାଷ୍ଟ୍ର' । ସମସ୍ତେ ଜାଣନ୍ତି, ସତରେ ସେ ରାଜ୍ୟକୁ ସେ ଦେଇ ଯାଇଥିଲେ, 'ପୋଇଲି ପୁଅ ପୁରିଆ'କୁ । ଯେଉଁ ରାଜକନ୍ୟାଏ ପରେ କପିଳେନ୍ଦ୍ର ଦେବଙ୍କ ରାଣୀ ହୋଇଥିଲେ, ତାଙ୍କ ପୁଅମାନଙ୍କୁ ସେ ତା ଦେଇ ନଥିଲେ । 'ପୁରିଆ' ଏକା ହୋଇଥିଲା, 'ପୁରୁଷୋତ୍ତମଦେବ' । ହୁଏତ ସମ୍ରାଟ୍ ହେବା ପୂର୍ବରୁ କପିଳେନ୍ଦ୍ରଙ୍କର ଯେଉଁ ଗଉଡୁଣୀ ଭାରିଯା ଥିଲା, ତାକୁଇ ରାଣୀ ଓ ରାଣୀପୁଏ 'ପୋଇଲି' ବୋଲି କହୁଥିଲେ । ସେଇ ଏକା ସାରଳା ଦାସଙ୍କ 'ଓଡ଼ଣୀ' । ସେଇ ଓଡ଼ଣୀ ପୁଅ 'ପୁରିଆ' ହେଉଚି, ସାରଳା ଦାସଙ୍କ 'ପୁରୁ' । କପିଳେନ୍ଦ୍ର ଦେବ ଥିଲେ, ପ୍ରବଳ ପ୍ରତାପ ସମ୍ରାଟ୍ । ପୁରୁଷୋତ୍ତମଦେବ ବି କିଛି କମ୍ ନ ଥିଲେ । ମାତ୍ର ଲୋକେ ଏବେ ବି ନାମ ମନେ ରଖିଚନ୍ତି, 'କପିଳା ଗଉଡ଼', 'ପୋଇଲି ପୁଅ ପୁରିଆ' । ସିଧିଆ, କବି ଓ ସାଧକ ହୋଇ ହୋଇଥିଲେ ସିଦ୍ଧ-ସାରଳା ଦାସ । ସେଇ ସିଦ୍ଧ ପୁଣି ସମ୍ରାଟ କପିଳା ଓ ପୁରିଆଙ୍କୁ ଏପରି ଲେଖିପାରେ । ଏଥିରୁ ସଙ୍କେତରେ ବେଶ୍ ଜଣା ପଡୁଚି, ସାରଳା ଦାସଙ୍କ କାଳର ଓଡ଼ିଆ ସମାଜ, ସାମ୍ୟ ଓ ଲୋକସ୍ୱାଧୀନତାର କି ପରଂପରା ଓ କି ଚଳଣିରେ କିପରି ପ୍ରାଣବନ୍ତ ଥିଲା । ରାଷ୍ଟ୍ରର ଭୟ ବା କ୍ଷମତାର ବନ୍ଧନ ସାରଳା ଦାସଙ୍କୁ ଛୁଇଁ ନ ଥିଲା । ଏଇ ସମ୍ପର୍କରେ ପୁଣି 'କାଶିଆ-କପିଳା'ର କିମ୍ବଦନ୍ତୀଟି ମଧ୍ୟ ସ୍ମରଣୀୟ । କପିଳା ଗଉଡ଼ର ପିଲାଦିନ ସାଙ୍ଗ 'କାଶିଆ ବ୍ରାହ୍ମଣ', ସମ୍ରାଟ୍ କପିଳେନ୍ଦ୍ର ଦେବଙ୍କୁ ଭେଟି ମଧ୍ୟ କହୁଥିଲା, 'କାଶିଆ କପିଳାର ଆଉ କି ଭେଟ' ? ସମ୍ରାଟ୍‌ଙ୍କ ଠାରୁ ସାମାନ୍ୟ ସରଳ ଗୃହସ୍ଥ ପର୍ଯନ୍ତ, ଓଡ଼ିଆ ସମାଜରେ ଚଳଣିରେ ସମସ୍ତେ ସମାନ ଥିଲେ, ସ୍ୱାଧୀନ ଥିଲେ । ଏହାଇ ଜଗନ୍ନାଥଙ୍କ ମୈତ୍ରୀ-ଧର୍ମ । ଏହାଇ ସାରଳା ଦାସଙ୍କ କାବ୍ୟର ଅନ୍ତରାତ୍ମା । ଏହାରି

Digitized by PPRACHIN, SOA

ପ୍ରକାଶକ ସେ କାବ୍ୟର ଯଥାର୍ଥ ରସ । ଏଇ ରସାସ୍ୱାଦ ଯେ ପାଇବ, ଏଇ ଆତ୍ମା ଯେ ଦେଖିବ, ସେଇ ଏକା ସାରଳା ଦାସଙ୍କୁ ଦେଖିବ ।

ସଙ୍ଗେ ସଙ୍ଗେ ସାରଳାଦାସଙ୍କ ରାଷ୍ଟ୍ରପ୍ରୀତି ଓ ଦେଶାତ୍ମତା ମଧ୍ୟ ଦେଖିବାର କଥା । ଓଡ଼ରାଷ୍ଟ୍ରଇ ତାଙ୍କର ଉପାସ୍ୟ, ତାଙ୍କର ସବୁ । ଏଇ ଭୂମିରେ ପୁଣି ସବୁ ଦେବତା । ଏଇ ଭୂମିରେ ସବୁ ତୀର୍ଥ । ଏଇ ଭୂମିର ଗ୍ରାମ, ବଣ, ଏପରିକି, ମାଟି, ବାଲି ପର୍ଯ୍ୟନ୍ତ, ତାଙ୍କ ପାଖେ ପବିତ୍ର ଓ ଚିରସ୍ମରଣୀୟ । ଏଇ ଓଡ଼ରାଷ୍ଟ୍ରର 'କପିଳାସ' ଏକା ହର ପାର୍ବତୀଙ୍କ 'କୈଳାସ' । ସୂର୍ଯ୍ୟ ଆସି ଏଇ ଓଡ଼ରାଷ୍ଟ୍ରର ଉପକୂଳରେ ଅର୍କ ଦୈତ୍ୟକୁ ମାରି ତୀର୍ଥଟିକୁ 'କୋଣାର୍କ' କରିଥିଲେ । ଏଇ ଓଡ଼ରାଷ୍ଟ୍ରର ଏକାମ୍ରବନରେ ବନବାସ ବେଳେ ଅର୍ଜୁନଙ୍କ ବିହାର । ଏଇ ଓଡ଼ରାଷ୍ଟ୍ରର ମହୋଦଧିତୀରେ ଭୀଷ୍ମଙ୍କ ଶବସଂସ୍କାର । ନିଜ କୁଷ୍ଠରୋଗ ନାଶ ପାଇଁ ଏଇ ଓଡ଼ରାଷ୍ଟ୍ରର ଚନ୍ଦ୍ରଭାଗାଠାରେ କୃଷ୍ଣପୁତ୍ର ଶାମ୍ବଙ୍କ ତପସ୍ୟା । ସ୍ୱର୍ଗାରୋହଣବାଟରେ ଏଇଠାରେ ରହିଯାଇ ହରିସାଉ ଝିଅ ସିଂଘାଣୀଙ୍କ ସଙ୍ଗେ ଯୁଧିଷ୍ଠିରଙ୍କ ବିବାହ ଓ ଗୃହସ୍ଥତା । ଏଇ ଭୂମିର ପୁଣ୍ୟକ୍ଷେତ୍ର 'ନୀଳଗିରି'ରେ ପରେ ପୂଜା ପାଇବେ ବୋଲି ମରିବା ପୂର୍ବରୁ ଶ୍ରୀକୃଷ୍ଣ ନିଜେ ଅର୍ଜୁନଙ୍କୁ କହିଗଲେ । ଏଇ ଦେଶର ଶବରଙ୍କ ଲକ୍ଷ୍ୟରେ ଜାରାଶବରର ପ୍ରଶଂସା ଓ ଜଗନ୍ନାଥଙ୍କ ଜ୍ଞାତି, ଦୟିତାଙ୍କ ପୂର୍ବକଥା । ଏଇପରି ଏଇସବୁ ଅସରନ୍ତି ବର୍ଣ୍ଣନା ହେଉଚି, ସାରଳା ମହାଭାରତର ସ୍ୱରୂପ । ଏଇପରି ଯତ୍ର ତତ୍ର ସ୍ୱଦେଶ, ସ୍ୱଦେଶର ସ୍ଥାନମାନ ସ୍ୱଦେଶର ଲୋକ ଓ ଚଳଣି, ପ୍ରଚୁର ପ୍ରାଣର ପୁଣ୍ୟ ସଙ୍କେତରେ ପ୍ରକାଶ କରିବା, ସାରଳା ଦାସଙ୍କ ମହାଭାରତରେ ସର୍ବତ୍ର ମିଳେ । ଏଇ ସ୍ୱଦେଶଇ ତାଙ୍କର ସେଇ ଓଡ଼ ଦେଶ, ସେଇ ଶବର ଦେଶ, ସେଇ ଓଡ଼ଇଶ ଓ ଶବର-ଦେବତା-ସ୍ୱାଧୀନ ବିଶ୍ୱମୈତ୍ରୀର ଜୀବନ୍ତ ଦେବତା— ଜଗନ୍ନାଥଙ୍କ ଦେଶ ।

ପୁଣି ସାରଳାଦାସଙ୍କ 'ବିଲଙ୍କା-ରାମାୟଣ' । ଏଥିରେ ଓଡ଼ିଆ ନାରୀର ଯଥାର୍ଥ ପ୍ରାଣ-ପ୍ରତିଷ୍ଠା । ନାରୀ, ପୁରୁଷ ପାଖେ କେବଳ ଆଦର ଓ ଯୁକ୍ତିରେ ସମାନ ନୁହେ; ସେ ଖାଲି ଗୃହସ୍ଥତାରେ ଶୁଷ୍କ ସହଧର୍ମିଣୀ ନୁହେ; ଓଡ଼ିଆ ସାଧବାଣୀ ଓ ସାଧବ ବୋହୂ କଅଣ ଥିଲା, ଓଡ଼ିଆ କଳ୍ପନା ଓ ସମାଜ ଗତିରେ ସେ କି ଜିନିଷ ଥିଲା, ''ବିଲଙ୍କା ରାମାୟଣ'ରେ ମନସ୍ୱୀ କବି ସାରଳା ଦାସ, ତା ଫିଟାଇ ଦେଖାଇ ଦେଇଚନ୍ତି । ରାମଙ୍କ ରାବଣ ମାରିବାଟାକୁ ସୀତା ଖାତିର୍ କଲେ ନାଇ । କହିଲେ, 'ଲଙ୍କାର ଦଶଶିରା ରାବଣକୁ ମାରି କି ଯଶ ? ବିଲଙ୍କାର ସହସ୍ରଶିରା ରାବଣଙ୍କୁ ମାର ଦେଖି ?' ରାମ, ଗଲେ ଯୁଝିଲେ, ହାରିଲେ । ଡାକ ପଡ଼ିଲା, ସୀତାଙ୍କୁ । ସେନାର ନାସୀରରେ ଏବେ ନାରୀ । ସେ ନାରୀ ପୁଣି କିଏ ? ସେ ହେଉଚନ୍ତି, ରାବଣ-ଲାଂଛିତା ସୀତା । ବିଜୟ ହେଲା, ତାଙ୍କରି । ଏବେ ଇତିହାସରୁ ମିଳୁଚି, ଉତ୍କଳର ନାରୀମାନେ ଦାରମ୍ଭାର ଦରକାର ବେଳେ ସମ୍ରାଟ୍ ଗାଦିରେ ବସ ହୋଇ ଦକ୍ଷତାରେ ସାମ୍ରାଜ୍ୟ ଚଳାଇଥିଲେ । ଭୌମବଂଶର ଗୋସ୍ୱାମିନୀ, ତ୍ରିଭୁବନ ମହାଦେବୀ, ଗୌରୀ ମହାଦେବୀ ତଥା ଦଣ୍ଡୀ ମହାଦେବୀଙ୍କ ପରି ବିଧବା ଓ କୁମାରୀ

Digitized by PPRACHIN, SOA

ନାରୀ-ସମ୍ରାଟ୍‌ମାନେ ପୃଥିବୀର ଇତିହାସରେ ଦୁର୍ଲ୍ଲଭ । ଓଡ଼ିଆର କାବ୍ୟ ସାହିତ୍ୟକୁ ଛାନ୍ଦ ଚଉପଦୀରେ ଏବେ ବି ଜୀବନ୍ତ ରଖିଚନ୍ତି, ଶିଷ୍ଟ ଓଡ଼ିଆଙ୍କ ନାରୀଏ । ସାରଳା ଦାସଙ୍କ କାବ୍ୟ-ସାହିତ୍ୟରେ ଏଇ ଓଡ଼ିଆ ନାରୀର ଯେ ଜୀବନ୍ତ ଚିତ୍ର ଯେପରି ଫୁଟିଚି, ତା'ର ପଟାନ୍ତର ନାଇ । ସ୍ୱତନ୍ତ୍ର ଭାବରେ ତାଙ୍କ ଚଣ୍ଡୀପୁରାଣ କଥା କହିବା ଆଉ ଦରକାର କଅଣ ?

ବ୍ରହ୍ମଚର୍ଯ୍ୟ ଓ ତହିଁରେ ନିରାଟ ଯୌନ-ସଂଯମ ହେଉଚି, ଓଡ଼ିଆ ସାଧନାର ପ୍ରାଣ । ଭାରତରେ ଏହା ଅଦ୍ୱିତୀୟ କହିଲେ ଚଳେ । ଦକ୍ଷିଣର ଦେବଦାସୀ, ତଥା ବଙ୍ଗ ଦେଶର ବଜ୍ରଯାନ, ସହଜଯାନ ଓ ତନ୍ତ୍ର ପ୍ରଭାବ ଭିତରେ ଓଡ଼ିଆର ବିଶେଷ ଏଇଠାରେ । ଖାଲି ବିଶେଷ ନୁହେ, ଏଇ ସବୁ ପ୍ରଭାବର ଜ୍ଞାତ, ଅଜ୍ଞାତ ତଥା ପ୍ରାଣବନ୍ତ ପ୍ରତିବାଦ ଓ ପ୍ରତିରୋଧରେ ଆତ୍ମପ୍ରତିଷ୍ଠା ହେଉଚି, ଓଡ଼ିଆ ପରମ୍ପରା, ଓଡ଼ିଆ ସାହିତ୍ୟ, ପୁଣି ଓଡ଼ିଆ ସଭ୍ୟତାର ଯଥାର୍ଥ ଅନ୍ତରାତ୍ମା । ସାରଳା ଦାସଙ୍କ ସୀତା, ବିଲଙ୍କାର ସହସ୍ରାର୍ଜ୍ଜୁନଙ୍କୁ ଜିଣିଲେ । ମାତ୍ର ଜିଣିଲେ କିପରି ? ସୁନ୍ଦରୀ ଯୁବତୀ ସୀତାଙ୍କୁ ଦେଖି ସହସ୍ରାର୍ଜ୍ଜୁନ ଆଗ କାମ ପୀଡ଼ାରେ ହତବୀର୍ଯ୍ୟ ହୋଇ ପଡ଼ିଲେ । ମହାଭାରତରେ ଭୀଷ୍ମ ମଧ୍ୟ ଶିଖଣ୍ଡୀଙ୍କୁ ଦେଖି ଅମ୍ବାକୁ ମନେ ପକାଇ ସେଇ ଦଶା ଭଜିଥିଲେ । ଚଣ୍ଡୀ ପୁଣି ମହିଷାସୁରକୁ ସେଇପରି ଭୁଲାଇ ସଂହାର କରିଥିଲେ । ଏ ସବୁଥିରେ ଓଡ଼ିଆ ଲୋକସାହିତ୍ୟର ବଳିଷ୍ଠ ପ୍ରକାଶ ସ୍ପଷ୍ଟ । ସେଥି ସଙ୍ଗେ ସଙ୍କେତରେ ବୁଝି ଦେଖିବାର ଅଛି, ଦ୍ରାବିଡ଼ ଦେବଦାସୀ ପ୍ରଥା ଓ ବଙ୍ଗୀୟ ତନ୍ତ୍ରାଚାର ବିରୁଦ୍ଧରେ ଓଡ଼ିଆ ସମାଜ ସାଧନା, କି ଧାରାରେ ଗତି କରି ଆସିଚି ।

ଭାରତରେ ଓଡ଼ିଆ ସାହିତ୍ୟ ତଥା ସମାଜ ଅତି ଆଦିମ । ଏହା ସମାନ ଧାରା ଧରି ଚାଲି ଆସିଚି । ଏଥିରେ ପ୍ରଚଣ୍ଡ ବହିରାକ୍ରମଣ, ସମାଜ ଓ ସାମ୍ରାଜ୍ୟ ସୂତ୍ରରେ ବାରମ୍ବାର ଧକ୍‌କା ଦେଇଚି । ଜଗନ୍ନାଥର ମୈତ୍ରୀ ଧର୍ମ ଉପରେ ସେ ଧକ୍‌କା କମ୍ ବାଜି ନାଇ । ମହାଯାନ ଭୌମମାନେ ଉତ୍କଳୀ ଥାଇ ମଧ୍ୟ ମଗଧ ଓ ବଙ୍ଗର ଆକ୍ରମଣରେ ଉତ୍କ୍ରାନ୍ତ ହୋଇଚନ୍ତି, ସଂସ୍କୃତ ସାହିତ୍ୟକୁ ଧରି ସେଥିରେ ନୈଷଧୀୟ ପରମ୍ପରା ଫୁଟାଇଚନ୍ତି । ସ୍ମାର୍ତ୍ତ କୋଶଳମାନେ ମାଳବ ଆଡୁ ଆସି ଶିବଙ୍କ ସଂଗେ ଶକ୍ତିଙ୍କୁ ପୂରାଇଚନ୍ତି । କର୍ଣ୍ଣାଟୀ ଓ ତୈଲଂଗୀ ଅର୍ଦ୍ଧ-ସ୍ମାର୍ତ୍ତ, ଅର୍ଦ୍ଧ-ବୈଷ୍ଣବ ଗଂଗମାନଙ୍କ ସଙ୍ଗେ ଦେବଦାସୀଙ୍କ ସେବା ଘେନି ଜୟଦେବଙ୍କ ରାଧାକୃଷ୍ଣ ଲୀଳା, ଏ ଭୂମିର ସଭ୍ୟତାକୁ ବୁଡ଼ାଇ ଦେବାର ଚେଷ୍ଟା କରିଚି । ଓଡ଼ିଆ ସମାଜ ଓ ସାହିତ୍ୟ ବାରମ୍ବାର ଅସ୍ପଷ୍ଟ ଓ ସ୍ପଷ୍ଟ ବିଦ୍ରୋହରେ ଉଠିଚି । ଜଗନ୍ନାଥର ମୈତ୍ରୀ ଧର୍ମ ତଥା ଓଡ଼ିଆର ସମାଜ ଓ ସାହିତ୍ୟ ମରି ନାଇ । ସାରଳା ଦାସ ଏଇ ବିଦ୍ରୋହର ଗୋଟିଏ ପୁଷ୍କଳ, ପ୍ରଚଣ୍ଡ ସ୍ଫୁରଣର ସ୍ପଷ୍ଟ ପ୍ରତୀକ । ଗଙ୍ଗଙ୍କ ସାମ୍ରାଜ୍ୟର ନିଷ୍ପେଷଣ ପରେ ଲୋକେ ସମ୍ରାଟ୍ କରି ବାଛିଲେ, କପିଳା ଗଉଡ଼ଙ୍କୁ । ଏଣେ ଓଡ଼ିଆଙ୍କୁ ମହାଭାରତ ଫିଟାଇ ଦେଖାଇ ଦେଲେ, ଶୂଦ୍ର ସିଦ୍ଧ, ସାରଳା ଦାସ । କପିଳେନ୍ଦ୍ର ଦେବ ଥିଲେ, ସାମ୍ରାଜ୍ୟରେ ତଥା ସାହିତ୍ୟରେ, ଓଡ଼ିଶାର 'ବିକ୍ରମାଦିତ୍ୟ' । ତାଙ୍କ ଜଗନ୍ନାଥ

Digitized by PPRACHIN, SOA

ଧର୍ମର ଦୀପ୍ତିରେ ଚୈତନ୍ୟଙ୍କ ପୂର୍ବପୁରୁଷପରି ବ୍ରାହ୍ମଣମାନେ ଯାଜପୁର ଛାଡ଼ି, ପୂର୍ବ ଭାରତର ତନ୍ତ୍ର କେନ୍ଦ୍ର ସିଲେଟକୁ ପଳାଇ ଯାଇଥିଲେ । ସାରଳା ଦାସ ଥିଲେ, ଓଡ଼ିଶାର ଏତିକି ବେଳ ମହାକବି । ତାଙ୍କ ଲେଖାରେ ଓଡ଼ିଆର ଯେ ପ୍ରାଣ ପ୍ରକାଶ ପାଇଚି, ତା' ଏକାବେଳକେ ନାହିଁ ନ ଥିଲା । ସେ ଅନୁଭବ୍ୟ; ବର୍ଣନାରେ ଆଉ ତା ବୁଝାଇ ହେବ ନାଇ ।

ଆଉ ଗୋଟିଏ କଥା– ଓଡ଼ିଆ ଲିପି । ଏହା ଏବପରି ସ୍ପଷ୍ଟ ସୁଗଠିତ ଓ ବର୍ତ୍ତୁଳ ନ ଥିଲା । ସାରଳା ଦାସଙ୍କ ବିଶାଳ ଲେଖନୀ ପ୍ରଭାବରେ ଲେଖାପଢ଼ା ଲୋକରେ ବ୍ୟାପିଗଲା । ସମସ୍ତେ ଲେଖନ ଧରି ତାଳପତ୍ର ଲେଖିଲେ । ଅତି ଅଳ୍ପ କାଳରେ ଏବର ଓଡ଼ିଆ ଲିପି ବାହାରି ପଡ଼ିଲା । ପୁରୁଷୋତ୍ତମ ଦେବଙ୍କ ପ୍ରସିଦ୍ଧ ଫାର୍ସୀ-ମୁଣ୍ଡା-ଶାସନ-ଲେଖ, ଏହାର ପ୍ରମାଣ ।

ଏ ଗଲା ସୂଚନାରେ ଓଡ଼ିଆ ଜାତୀୟ ସାହିତ୍ୟରେ ମହାକବି ସାରଳା ଦାସଙ୍କ କଥା । ଏହାଛଡ଼ା ଲୋକେ ତାଙ୍କୁ କହନ୍ତି ଶୂଦ୍ରମୁନି ଓ ତାଙ୍କ ଦେବୀ ସେବା ପୁଣି ସେଇ ସମ୍ପର୍କରେ ତାଙ୍କ ଯୋଗ-ସାଧନା ଓ ସିଦ୍ଧି ଘେନି ବହୁ କଥା ଓ କିମ୍ବଦନ୍ତୀ ଲୋକରେ ପ୍ରଚଳିତ ଅଛି । ଏପରି କିମ୍ବାଦନ୍ତୀରେ ଶିଷ୍ୟ ଓ ଭକ୍ତଙ୍କ କଳ୍ପନା ମିଶିଥାଏ । ସେଥିରୁ ସତ୍ୟ କାଢ଼ି ଦେଖାଇବାର ସୁଯୋଗ ଆଜି ନାଇ । ଏଥିପାଇଁ ଓଡ଼ିଆର ଯୁଗ ଯୁଗାନ୍ତ ସାଧନ-ପରମ୍ପରା ଫେଡ଼ିବାକୁ ହେବ; ଓଡ଼ିଆର ବିଶୁଦ୍ଧ ତନ୍ତ୍ର ଯୋଗ ଓ ମୌଳିକ ନିର୍ବାଣ ସାଧନାର ଇତିହାସ ଦେଖି ଦେଖାଇବାକୁ ହେବ । ତଥାପି ଏତିକିମାତ୍ର ଏଠି ଚୁମ୍ବକରେ କୁହାଯାଇପାରେ ଯେ, ସାରଳା ଦାସ, ଯୋଗସିଦ୍ଧ ଥିଲେ । ସେ ଇଚ୍ଛା କରି ପ୍ରସ୍ତୁତ ହୋଇ ନିର୍ବାଣ ଲାଭ କରିଥିଲେ । ବ୍ରହ୍ମଚର୍ଯ୍ୟର ଦୀପ୍ତିରେ ତାଙ୍କ ଚିତ୍ତ ଶୁଦ୍ଧ ଓ ସ୍ୱାଧୀନ ଥିଲା । ନିରାଲମ୍ବ ବିଶ୍ୱମୈତ୍ରୀ ତାଙ୍କ ଚଳଣିର ପରମ ପୀଠଥିଲା । ତତ୍ତ୍ୱରେ ଓ କାର୍ଯ୍ୟରେ ସେ ପୂରାପୂରି ଜଗନ୍ନାଥ ଧର୍ମୀ ଓଡ଼ିଆ ଥିଲେ ।

[ନବଭାରତ ନୂତନ ପ୍ରସ୍ଥ, ୧ମ ବର୍ଷ, ମକର-କୁମ୍ଭ ୧୩୪୫]

# ଆଲୋଚନା

## [ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ]

### ଉପେନ୍ଦ୍ରଙ୍କ ଉପଯୋଗିତା–

ଏବେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଘେନି ଉତ୍ସବ ହୋଇଯାଇଚି । କଟକରେ ସାହିତ୍ୟିକ ଓ ସାହିତ୍ୟସେବୀମାନେ ଏହା ପାଳିଥିଲେ । ଏହା ଘେନି ଗଲା ୧୪ ତାରିଖ ଦିନ ଟାଉନ ହଲରେ ଉପେନ୍ଦ୍ର ଭଞ୍ଜଙ୍କ "ବ୍ୟାଖ୍ୟାମୂଳକ ଆଲୋଚନା ସଭା" ହୋଇଥିଲା । ଉପେନ୍ଦ୍ର

Digitized by PPRACHIN, SOA

ଭଞ୍ଜଙ୍କ କାବ୍ୟ ଓ ତହିଁ ସଙ୍ଗେ ସେଇ ରୀତି ଓ ଭଙ୍ଗୀରେ ଲେଖା ହୋଇଥିବା ଓଡ଼ିଆ ଛାନ୍ଦ କାବ୍ୟ ଘେନି ଆଜିକାଲି ଗୋଟିଏ ଓଡ଼ିଆ ସାହିତ୍ୟ ଦଳ ଖୁବ୍ ଆଲୋଚନା ଚଳାଇଚନ୍ତି । ସୁଖର କଥା । ଓଡ଼ିଆର ଅତି ଦୁର୍ଦ୍ଦିନ ଓ ଓଡ଼ିଆ ଜୀବନର ଅତି ଦୁର୍ବିଷହ ପରିସ୍ଥିତିରେ ଉପେନ୍ଦ୍ର ନିଜର କାବ୍ୟ ଲେଖନୀ ଧରିଥିଲେ । ପରାଧୀନ ଓଡ଼ିଶାରେ ଭକ୍ତିଧର୍ମ ନାମରେ ଯେତେବେଳେ ବନ୍ୟାବିପ୍ଲାତ ପରି ଦେଶ ସାରା 'ଜଗନ୍ନାଥ'ର ସାମ୍ୟସଂସ୍କୃତିକୁ କଳୁଷ ପଙ୍କରେ ବୁଡ଼ାଇ, ପୋତି ଦେଇ, ବୃନ୍ଦାବନର ରାଧାକୃଷ୍ଣ ସେବୀ ଗୌଡ଼ୀୟ ବୈଷ୍ଣବମାନେ ଲାଗି ପଡ଼ି, ଓଡ଼ିଆଙ୍କୁ 'ସହଜିଆ'ର ସହଜ ସଂଭୋଗଜନିତ 'ମହାସୁଖ' ତଥା 'ପରକୀୟା' ରତିରେ ସେହି ମହାସୁଖର ଆସ୍ୱାଦନ ଚଖାଇ ଚିରାଚରିତ ଯୌନ- ବ୍ରହ୍ମଚର୍ଯ- ନିବଦ୍ଧ ଓଡ଼ିଆର ସମାଜ ସାଧନାକୁ ଭ୍ରଷ୍ଟ ଓ ନଷ୍ଟ କରିବାରେ ଲାଗିଥିଲେ, ବଙ୍ଗଳାରୁ ଆସିଥିବା ମୁସଲମାନ-ବିଜୟ ଓ ବିଧ୍ୱଂସରେ କାତର ଓ ମ୍ରିୟମାଣ ହୋଇ ଯେତେବେଳେ ପରପଦାନତ ଖୋରଧାର 'ଗଜପତି'ମାନେ ବଙ୍ଗଳାର ତନ୍ତ୍ର ସାଧନା ଓ 'ପଞ୍ଚମକାର' ଠାରୁ କୃଷ୍ଣଙ୍କ ଗୋପୀବସ୍ତ୍ରହରଣ ଓ ଗୋପୀରମଣ ସଂଗେ ଚଣ୍ଡୀଦାସ, ଜୟଦେବଙ୍କ ଆଚରିତ ଓ ପ୍ରଚାରିତ ସହଜିଆ ବୈଷ୍ଣବର ପରଦାର-ମାତ୍ର-ସେବା ଓ କବି-କର୍ଣ୍ଣଙ୍କ ପାଲାର ଧର୍ମ ଓ ସଭ୍ୟତା ଦେଶରେ ତଥା ସମାଜରେ ଭର୍ତି କରିବାରେ ନିଜର କୃତିତ୍ୱ ଦେଖୁଥିଲେ, ସେତିକିବେଳେ ରାଜ୍ୟହୀନ ରାଜପୁତ୍ର ଉପେନ୍ଦ୍ର ହୁଏତ ଅନୁମାନର ଅନୁଭବରେ ଶତ ଶତ ପୋଇଲୀ ପରିବାରୀ ସେବିତ ରାଜପୁତ୍ରର ଏକାନ୍ତ ଯୌନଂ ବିଳାସ ସାମଗ୍ରୀ ରାଜକନ୍ୟା ଓ ରାଜଦାରାଙ୍କୁ କଳ୍ପନା କରି କାବ୍ୟମାନ ଲେଖି, ସେ ମହାବନ୍ୟାରେ ଏକ ପ୍ରବଳ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ଏକ କଥାରେ କହିଲେ କୁହାଯିବ, ଉପେନ୍ଦ୍ର ଯେପରିକି ନିଜ ସାହିତ୍ୟ ସାଧନାରେ ଜାତିକି କହିଦେଲେ– "ଆରେ ଓଡ଼ିଆଏ ଧର୍ମ ନାମରେ ପରତାଟି ଫିଟାଅ ନାଇଁ– ପରଘର ଭାଙ୍ଗ ନାଇଁ– ନିଜଘରେ ବିଭ୍ରାଟ ବିପ୍ଲାତ ସୃଷ୍ଟି କର ନାଇଁ । ଏହା ଓଡ଼ିଆ ଧର୍ମ ନୁହେ । ଯୌନ ଚର୍ଯାର ବିଳାସ ଯେବେ ଚାହଁ, ତେବେ ଧର୍ମ ନାମରେ, କୃଷ୍ଣଙ୍କ ନାମରେ, ଏକଥା କାହିଁକି ? ପୂର୍ଣ୍ଣ ସାମାଜିକ ଓ ଗାର୍ହସ୍ଥ୍ୟ ସଂଯମରେ ରହି ଘରେ ମଧ୍ୟ ସେ ସୁବିଧା କରାଯାଇପାରେ । ଏଇ ଆମ ରଜାରାଜୁଡ଼ା ବଡ଼ ଲୋକଙ୍କ ଘର ଦେଖ ।" ବିଳାସ ଅବଶ୍ୟ ସାନ ଲୋକଙ୍କ କାର୍ଯ ନୁହେ । ପୁଣି ସମାଜର ଶିଷ୍ଟାଚାର ବଡ଼ଲୋକଙ୍କୁ ଧରି ପ୍ରକାଶ ପାଇ ଥାଏ । ପୁଣି ଉପେନ୍ଦ୍ରଙ୍କୁ ହୁଏତ ଜନସାଧାରଣଙ୍କ ଘର ଚଳଣି ସେତେ ପ୍ରଭାବିତ ଓ ପ୍ରାଣିତ କରି ନଥିଲା ।

**ଉପେନ୍ଦ୍ର ସାହିତ୍ୟର ଫଳ–**

ସେ ଯା ହଉ, ଉପେନ୍ଦ୍ର ସାହିତ୍ୟର ଫଳ ହୋଇଚି, ଅଦ୍ଭୁତ ଓ ଅନନ୍ୟସାଧାରଣ । ଓଡ଼ିଆ ଜନତାରେ ଉପେନ୍ଦ୍ର ଯେପରି ପଶିଗଲେ କୃଷ୍ଣଙ୍କ ନାମରେ ଠିକ୍ ଭଞ୍ଜଙ୍କ 'ବଜାର ବୋଲି' ଅନୁକରଣ କରି ମଧ୍ୟ ଅଭିମନ୍ୟୁ ସେତେ ପଶି ପାରିନାହାନ୍ତି । ରାଧାଙ୍କୁ 'ଉଭାରତି' ରେ ଉଦ୍‌ଭ୍ରାନ୍ତ କରାଇ ମଧ୍ୟ ବଳଦେବ ବ୍ରହ୍ମା ବିପରୀତ ରିତିରେ ଏକାନ୍ତ ପରାଙ୍‌ମୁଖୀ

Digitized by PPRACHIN, SOA

ଲାବଣ୍ୟବତୀକୁ ହଟାଇ ପାରି ନାହାନ୍ତି । ଓଡ଼ିଆ ସମାଜରେ ସହଜିଆ-ବୈଷ୍ଣବ-ଲୀଳା ପଶିନାଇ; 'କିଶୋରୀ-ପୂଜା' ଓ ଭୈରବୀ ଚକ୍ର ପ୍ରଭୃତିର ସଞ୍ଚାର ପର୍ଯ୍ୟନ୍ତ ଓଡ଼ିଆ କେବେ ଦେଖି ନାହାନ୍ତି । ଗୌଡ଼ୀୟ ବୈଷ୍ଣବମାନେ କେବେ କେବେ ନିଜ ଭକ୍ତମାନଙ୍କ ସଂଗେ ଭକ୍ତାଙ୍କ ସେବା ମଧ ଗ୍ରହଣ କରନ୍ତି; ସେଇ ବୈଷ୍ଣବମାନେ କଦାଚିତ୍ ବୈଷ୍ଣବୀ ଖୋଜି ମାତା କରି ନିଅନ୍ତି, ପୁଣି ଏବେ ବୈଷ୍ଣବୀ ଓ ମାତାମାନେ ଆସି ଅଦ୍ଭୁତ କ୍ରିୟା ଦେଖାଇ ଶିଷ୍ୟଙ୍କ ସଂଗେ ନାନା ଲୀଳା ଲଗାଉଚନ୍ତି । ତଥାପି ଓଡ଼ିଆ ସାମାଜିକ ଭାବରେ ଆତ୍ମଜ୍ଞାନ ହରାଇ ନାଇ ।

**ଏହାର ପ୍ରକାର—**

ଏ ସବୁରେ ଭଞ୍ଜ ଓ ଭଞ୍ଜପନ୍ଥୀଙ୍କ ପ୍ରଭାବ କେତେ ଅଛି ଓ କିପରି କାର୍ଯ୍ୟ କରିଚି, କି ନିରାଶ୍ରୟ ପରିସ୍ଥିତିରେ ତା ଓଡ଼ିଆଙ୍କୁ କିପରି କି ମଦତ ଦେଇଚି, ତା ଦେଖି ଫେଡ଼ି ଦେଖାଇବାର ଅଛି । ଏ ପ୍ରଭାବ ଓ ଏ ପ୍ରତିକ୍ରିୟା ମାନବ ପ୍ରଗତିର ଧାରାରେ ଗୋଟିଏ ଗତିନିୟାମକ ସଙ୍କୁ । ଏହା ପୁଣି ସଂଯମନିଷ୍ଠ ଓ ଏପରିକି ସ୍ୱୈରାଚାରରେ ନିରୋଧର ତୀବ୍ର ଅଂକୁଶ ହେଲେ ମଧ, ଏଥିରେ କ୍ରିୟାର ନିଷେଧ ନାଇ— ଏହା ବିକାଶରେ ନିଷେଧାତ୍ମକ (Negative) ନୁହେ । ଏହା ସ୍ପଷ୍ଟ କ୍ରିୟାବାନ୍ (Positive) । ପ୍ରବୃତିର ଚରିତାର୍ଥତା ଓ ପ୍ରଚାରରେ ଏହା ସଂଯମର ସମାଧାନ ।

**ଏହାର ଯଥାର୍ଥତା—**

ଏ ଭାବରେ ଭଞ୍ଜ ସାହିତ୍ୟକୁ ଦେଖିଲେ, ବିଶ୍ୱମାନବ ସାହିତ୍ୟରେ ଏହାର ସ୍ଥାନ ସ୍ପଷ୍ଟ, ଏହାର ଯାଥାର୍ଥ୍ୟ ଉପଯୋଗିତା ମାନବ ପ୍ରଗତିର ତାତ୍ତ୍ୱିକ ପ୍ରାଣପ୍ରକାଶ କରୁଚି ବୋଲି କହିଲେ ହୁଏ ।

**ଛାନ୍ଦ ସାହିତ୍ୟ ଓ ଭଞ୍ଜ—**

ସେଇ ହିସାବରେ ତାଙ୍କ କାବ୍ୟକଳାକୁ ମଧ ବ୍ୟାଖ୍ୟା ଓ ଆଲୋଚନା କରାଯାଇ ପାରେ । ତାଙ୍କ କାବ୍ୟର ନାମ ଛାନ୍ଦ । ଏ ଛାନ୍ଦ କିନ୍ତୁ ଉଞ୍ଜଙ୍କ ଉଭାବନ ନୁହେ । ଭଞ୍ଜଙ୍କ ବହୁ ପୂର୍ବରୁ ଗଙ୍ଗରାଜତ୍ୱ କାଳରେ ଏହା ଉଦ୍‌ଭାବିତ ଓ ପ୍ରଚାରିତ ହୋଇଥିଲା । ଉପେନ୍ଦ୍ରଙ୍କ ପୂର୍ବରୁ ମଧ ବହୁ ଓଡ଼ିଆ କାମ-ଗାୟତ୍ରୀ-ମନ୍ତ୍ର-ସେବୀ ସହଜିଆ ଗୌଡ଼ୀୟ ବୈଷ୍ଣବଙ୍କ ମତ ଧରି ଏଇ ଛାନ୍ଦରେ— 'ରସ-କଲ୍ଲୋଳ' ଭଳି ଲୋକରୋଚକ ଛାନ୍ଦ-କାବ୍ୟମାନ ଲେଖିଥିଲେ । ଛନ୍ଦ କାବ୍ୟ ପୁଣି ଓଡ଼ିଆର ଏକ ଅନନ୍ୟସାଧାରଣ ବିଶେଷତ୍ୱ । ଯୌନ, ବାତ୍ସଲ୍ୟ, କାରୁଣ୍ୟ, ରୌଦ୍ର ପ୍ରଭୃତି ଭିନ୍ନ ଭିନ୍ନ ଭାବ ପ୍ରକାଶ କରିବାରେ ଭିନ୍ନ ଭିନ୍ନ ଛାନ୍ଦର ଉପଯୋଗିତା ଖୁବ୍ ଅଛି । ଯେଉଁମାନେ କର୍ଣ୍ଣାଟୀ ଓ ସେଇ ସୂତ୍ର ଧରି ଫିଟିଥିବା ଓଡ଼ିଶୀ ସଂଗୀତର ସ୍ୱର ଶିଞ୍ଜର ତରଙ୍ଗ ଧରି କବିତାର ଏଇ ଛାନ୍ଦ କଳା ଫୁଟାଇଥିଲେ, ସେମାନେ ମୂଳତଃ ସେଇ ସୂତ୍ର ତରଙ୍ଗରେ ଭାବର ପ୍ରକାଶ ଘେନି ଭିନ୍ନ ଭିନ୍ନ ଛାନ୍ଦର

Digitized by PPRACHIN, SOA

ଉଦ୍‌ଭାବନ କରିଥିଲେ । ତା' ସବୁ ଆମ ସାହିତ୍ୟ-ସେବୀମାନେ ଆଲୋଚନା କରି ବାହାର କରନ୍ତୁ । ମାତ୍ର ମୋଟାମୋଟି ଏହା ଠିକ୍ ଯେ ଉପେନ୍ଦ୍ରଙ୍କ ବେଳକୁ ଦୀନକୃଷ୍ଣ ଭଳି ଅନେକ କୃଷ୍ଣ-ଗୋପୀ-ଲୀଳା-ଚୋଦିତ ବୈଷ୍ଣବ ଏଇ ଛାନ୍ଦର ମଧୁର, ସରସ ଓ ସ୍ୱାଦ୍ୟ ବ୍ୟବହାରରେ ଲାଗି ସାରିଥିଲେ । ତେଣୁ ସେଇ ଧାରା ଧରି ଉପେନ୍ଦ୍ର ନିଜର ପ୍ରବୃତ୍ତିପର ପ୍ରତିବାଦମୂଳକ ସାହିତ୍ୟର ଧାରା ଫିଟାଇବାରେ ଲାଗିଗଲେ; ଓ ସେଥିରେ ବିଶେଷ ଭାବରେ ଗୌଡ଼ୀ ବା ଭୌମୀ ରୀତି ଓ ଅଳଂକାର ଛଟା ଦେଖାଇଥିଲେ । କାହିଁକିନା, କାବ୍ୟ କଳାର ବ୍ୟାଖ୍ୟା ଓ ଅଳଂକାର ଛଟା, ଖୋଦନ ଶିଳ୍ପ ପରି ଓଡ଼ିଆର ଥିଲା ଚିରାଚରିତ ପରମ୍ପରା । ଶ୍ଳେଷାଦି ଶବ୍ଦାଳଙ୍କାର ମଧ୍ୟ ଭୌମକାଳରୁ ଲେଖକମାନଙ୍କରେ ଦେଖାଯାଏ । ଏଇସବୁ ପରିଚିତ ରୀତି ଓ ଅଳଂକରାଦିରେ ଅତି ପୁଷ୍କଳ ଭଂଜ ସାହିତ୍ୟ ସମସ୍ତ ବୈଷ୍ଣବ ସାହିତ୍ୟକୁ ବୁଡ଼ାଇ ଦେଶରେ ବ୍ୟାପିଗଲା । ପରଂପରାର ଏପରି ଜ୍ଞାନ, ପରିସ୍ଥିତିର ଏପରି କଳନାରେ କାବ୍ୟର ପ୍ରୟୋଗବିଜ୍ଞାନକୁ କାର୍ଯ୍ୟରେ ଅନୁବର୍ତ୍ତନ କରିବା ଉପେନ୍ଦ୍ର ସାହିତ୍ୟର ବିଶେଷତ୍ୱ । ଭଂଜ ଭକ୍ତମାନେ ନାନା ଦିଗରୁ ନାନା ଭାବରେ ଏ ବିଶେଷତ୍ୱ ଫେଡ଼ି ଲୋକଙ୍କ ଆଗେ ପ୍ରକାଇ ଦିଅନ୍ତୁ । ବିଶ୍ୱସାହିତ୍ୟରେ ଏହାର ଆଦର ଅଛି ଓ ସ୍ଥାନ ଅଛି ।

### ଭଂଜ ସାହିତ୍ୟର ଆଉ ଗୋଟିଏ ଦିଗ—

ଏଇ ସଂପର୍କରେ ପୁଣି ଏଇ 'ବ୍ୟାଖ୍ୟା— ଆଲୋଚନା'ର ଆଉ ଗୋଟିଏ ଦିଗ ପ୍ରତି ଲକ୍ଷ୍ୟ କରିବାର ଅଛି । ଅନୁପାତଜ୍ଞାନ ହେଉଚି, କର୍ମରେ ଗୋଟିଏ ଶ୍ଳାଘ୍ୟ କୁଶଳତା; ପୁଣି ସୀମା ଲଂଘନ କଲେ, କଥା ଅଛି—ଅତି ସର୍ବତ୍ର ବାଧତେ' (ଅତିମାତ୍ରାରେ କଲେ, ସବୁ ବିଗିଡ଼ିଯାଏ) । ଆମ କାର୍ଯ୍ୟରେ ଯେପରି ଏଇ ଅତି ମାତ୍ରା ନ ପୁଟେ ସେଥିପ୍ରତି ସାବଧାନ ହେବାର ଅଛି ।

### ଶବ୍ଦାଳଂକାର ଓ ଶବ୍ଦଚିତ୍ର

ମନେ ହେଉଚି, ଭଂଜ ଭକ୍ତିରେ ପ୍ରାଣିତ ହୋଇ କେତେକ ସାହିତ୍ୟିକ ଭଂଜ ସାହିତ୍ୟର ଭୂୟୋ ବ୍ୟାପ୍ତି ଓ ଅନ୍ତର୍ଜାତିକ ପ୍ରତିଷ୍ଠା ଫୁଟାଇବା ପାଇଁ ଶ୍ଳେଷ ଯମକାଦି ଶବ୍ଦାଳଂକାର ଘେନି ପୁଣି ଛନ୍ଦ ଯତିରେ ସେ ସବୁର ଚାରୁତା ବିଚାର କରି, ସେ ସବୁ ନବ ଓଡ଼ିଆ ସାହିତ୍ୟରେ ଫୁଟାଇବାର ପ୍ରଯତ୍ନ କରୁଚନ୍ତି । ଏଥିରେ ପରଂପରା, ପରିସ୍ଥିତି ତଥା ଦୂରୋଦୃଷ୍ଟିର ପ୍ରେରଣା କେତେ ଦୂର ଅଛି, ତା ଏବେ ଚିନ୍ତା କରିବାର କଥା । ଏପରି ମଧ୍ୟ କହିବାର ଶୁଣାଯାଉଚି ଯେ, ଏଇସବୁ ମୁଖ୍ୟତଃ ଶବ୍ଦ ଚିତ୍ରମୟ ଭଞ୍ଜୀୟ କାବ୍ୟସାହିତ୍ୟ ପୃଥିବୀର ଶ୍ରେଷ୍ଠ ସାହିତ୍ୟ ବୋଲି ଗଣା ହେବା ଉଚିତ । ମାତ୍ର ଭଞ୍ଜ ସାହିତ୍ୟର ଏ ଦାବି କେତେ ଦୂର ବିଚାରସହ ତା'ର ଯଥାର୍ଥ ନିରପେକ୍ଷ ଓ ଅନାସକ୍ତ କଳନା ଲୋଡ଼ା । ଅନ୍ୟର ଅବହେଳା ଓ କାବୁ କରି ଆମକୁ ରଖିଥିବା ଲୋକର ପ୍ରପୀଡ଼ନ, ଆମ

Digitized by PPRACHIN, SOA

ପରମ୍ପରାରେ କମ୍ ଘଟିନାଇ । ତେଣୁ ବଡ଼ ବୋଲି ଦେଖାଇ ହେବା ଆମ ପକ୍ଷରେ ନିତାନ୍ତ ଅସ୍ୱାଭାବିକ ନୁହେ । ଆଲୋଚନା ବେଳେ ଏହାମଧ୍ୟ ମନେ ରଖିବାର ଅଛି ।

**ସମାଲୋଚନାମୂଳକ ବ୍ୟାଖ୍ୟାର ସୂଚନା–**

କାବ୍ୟର ପ୍ରାଣ, ରସ । ଅଳଂକାରରେ କାବ୍ୟର ଯାହା ବିଶେଷତ୍ୱ ତା' ଏକା ଅର୍ଥାଳଙ୍କାରରେ– ଶବ୍ଦାଳଂକାରରେ ନୁହେ କହିଲେ ଚଳେ । ଭଞ୍ଜୀୟ କାବ୍ୟରେ ସେ ସବୁର ବ୍ୟାପ୍ତି ଓ ସଙ୍କେତ ପ୍ରଭୃତି ବିଶେଷ ବିଚାର କରାହୋଇଚି ବା ହେଉଚି ବୋଲି ମନେ ହେଉନାଇ । କଟକ ଟାଉନହଲରେ ସେଦିନ (୧୪-୫-୧୯୫୦) 'ଜୟନ୍ତୀ'– ସଭାରେ ଜଣେ ବକ୍ତା ଏଇ ବିଷୟରେ ଗୋଟିଏ ସୂଚନାଗର୍ଭିତ ବକ୍ତୃତା ଦେଇଥିଲେ । ସେ ଯାହା କହିଥିଲେ ସେଇଥିରୁ କେତେକାଂଶ ଧରି ଏ କ୍ଷେତ୍ରରେ ସମାଲୋଚନା ମୂଳକ ପନ୍ଥା ସୂଚାଇଦେବା ପାଇଁ କୁହାଯାଉଚି ।

**ସାହିତ୍ୟ ମୀମାଂସାର ମତ–**

ସେ କହିଲେ ଖାଲି ଉପେନ୍ଦ୍ର ଭଞ୍ଜ କାହିଁକି, ମାଘ, ଭାରବୀ ପ୍ରଭୃତି ସଂସ୍କୃତ ଭାଷାର ପ୍ରଖ୍ୟାତ କବିମାନଙ୍କୁ ମଧ୍ୟ ପୁରସ୍କାର ଓ ତିରସ୍କାର ଦୁଇ କଥା ମିଳେ ।

ମଧ୍ୟଯୁଗରେ ଭାରତର ବିଶେଷତ୍ୱ ହେଉଚି, ସାହିତ୍ୟ ଓ ଅଳଂକାର ଶାସ୍ତ୍ରରେ ରସ ଓ ଅଳଂକାରାଦିର ତାତ୍ତ୍ୱିକ ଆଲୋଚନା । ଏଇ ଆଲୋଚନାରେ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରି ବିଚାର କରିବାରେ ପୁଣି ଓଡ଼ିଆଏ ପ୍ରସିଦ୍ଧି ଲଭିଥିଲେ । ଆଳଂକାରିକ 'ମଂଖୁକ' ନିଜ 'ସାହିତ୍ୟ ମୀମାଂସା'ରେ ଲେଖିଥିଲେ –

**୧ । ବୈଦର୍ଭୀରୀତି**

''ଗୁଣ ପ୍ରଧାନାଂ ଯୋ ରୀତିଂ ବୈଦର୍ଭୀଂ ପ୍ରତିପଦ୍ୟତେ
ବିପଞ୍ଚୀ ସ୍ୱର ସୌଭାଗ୍ୟଂ ସଂ କବିଃ ପ୍ରଥମଃ ସ୍ମୃତଃ ।''

ଅର୍ଥାତ୍ ବୈଦର୍ଭ ରୀତି ହେଉଚି ବୀଣାସ୍ୱରପରି ସୂଲଳିତ ଓ ମାଧୁର୍ଯ୍ୟାଦି ଗୁଣର ଦ୍ୟୋତକ । ସେଇ ରୀତିକୁ ଯେଉଁ କବି ଅବଲମ୍ବନ କରେ, ସେଇ ଏକା ପ୍ରଥମ ଶ୍ରେଣୀର କବି । ଏଥିରେ ବାଲ୍ମୀକି ଓ କାଳିଦାସଙ୍କୁ ସେ ଦୃଷ୍ଟାନ୍ତ ଦେଇଚନ୍ତି ।

ଏଠାରେ କହି ଦେବାର ଅଛି ଆଗେ କାବ୍ୟ ବା କବିତାରେ ମାଧୁର୍ଯ୍ୟାଦି ଗୁଣମାତ୍ରର ବିଚାର କରାଯାଉଥିଲା । ପରେ ଏଇ ଗୁଣର ଦ୍ୟୋତନାରୁ ବିଶ୍ଳେଷଣରେ ଆହୁରି ଦୂରକୁ ଯାଇ ଆଳଂକାରିକମାନେ 'ରସ' ଓ 'ଧ୍ୱନି' ବାହାରି କରିଥିଲେ ।

**୨ । ବୈଦଗ୍ଧୀ ରୀତି–**

ଦ୍ୱିତୀୟ ଶ୍ରେଣୀର କବିଙ୍କୁ ମଂଖୁକ ନାମ ଦେଇଚନ୍ତି, 'ବିଦଗ୍ଧ'–

''ଯୋ ବକ୍ରୋକ୍ତି-ପ୍ରଧାନ ସ୍ୟାତ ସବିଦଗ୍ଧ ଇତୀର୍ଯତେ ।''

ଅର୍ଥାତ୍– ଯାହାଙ୍କ କାବ୍ୟ ବା କବିତାରେ ବକ୍ରୋକ୍ତି ବେଶି ତାଙ୍କୁ ବିଦଗ୍ଧ କୁହାଯାଏ । ଏଇ ବକ୍ରୋକ୍ତି ଘେନି ପରବର୍ତ୍ତୀ କାଳରେ ବହୁ ବିଚାର ବିଶ୍ଳେଷଣ କରାହୋଇଚି । ସ୍ୱଷ୍ଟ

Digitized by PPRACHIN, SOA

ଜଣାଯାଉଚି, କାବ୍ୟ କଳା କ୍ରମେ କୃତ୍ରିମ ହେବାରେ ଗୁଣ-ପ୍ରଧାନ ବିପଞ୍ଚ-ସୌଭାଗ୍ୟ-ଯୁକ୍ତ ସରଳ ବୈଦର୍ଭୀ ରୀତିର କାବ୍ୟରୁ ରୁଚି ବକ୍ରୋକ୍ତିକୁ ଖସି ଆସିଚି । ଏଥିରେ ମଂଖୁକ, ବ୍ୟାସ ଓ ବାଣଙ୍କୁ ଦୃଷ୍ଟାନ୍ତ ଦେଇଚନ୍ତି । ବାଲ୍ମୀକିରୁ ବ୍ୟାସ ଓ କାଳିଦାସରୁ ବାଣରେ କାବ୍ୟ ବା କବିତାର ଯେ ଗତି ହୋଇଚି, ତା' ବିଚାର କଲେ ବୈଦର୍ଭୀରୁ ବକ୍ରୋକ୍ତିକୁ ଗତି ବେଶ୍ ଧରାଯିବ ।

**୩ । ଆରୋଚକୀ ରୀତି– ଅର୍ଥାଳଂକାର ନିବନ୍ଧା–**

ତୃତୀୟ ଶ୍ରେଣୀର କବିଙ୍କୁ ମଂଖୁକ ନାମ ଦେଇଚନ୍ତି, 'ଅରୋଚକି', ଅର୍ଥାତ୍ ଯାହାଙ୍କୁ ସହଜରେ କିଛି ରୁଚେ ନାଇଁ– ଛୁଉଁ ଛୁଇଁଆ– ଇଂରେଜୀରେ ଯାହାକୁ କହନ୍ତି– Fastidious.

''ଅର୍ଥାଳଂକାରନିଷ୍ଠୋ ଯୋ ଜ୍ଞେୟଃ କବି ରରୋଚକିଃ''

ଅର୍ଥାତ୍– ଉପମା, ଉତ୍ପ୍ରେକ୍ଷା, ରୂପକ ପ୍ରଭୃତି ଅର୍ଥାଳଂକାରରେ ଯେଉଁ କବିଙ୍କର ନିଷ୍ଠା, ତାଙ୍କୁଇ ଆରୋଚକି ବୋଲି ଜାଣ ।

ଏହାର ଉଦାହରଣରେ ସେ ନାମ କରିଚନ୍ତି, 'ମାଘ' ଆଉ 'ଭାରବି' । ବ୍ୟାସଙ୍କଠୁ ଭାରବିଙ୍କ ଆଡ଼କୁ ତଥା ବାଣଙ୍କଠୁ ମାଘଙ୍କ ଆଡ଼କୁ କୃତ୍ରିମତାର ଗତି ମଧ ଏଠି ଲକ୍ଷ କରିବାର ଅଛି ।

**୪ । ଗୌଡ଼ୀରୀତି– ଶବ୍ଦାଳଂକାର ପରମା**

ଚତୁର୍ଥ ବା ଅତି ନିମ୍ନ ଶ୍ରେଣୀର କବିଙ୍କୁ ସେ ନାମ ଦେଇଚନ୍ତି ସତୃଣାଭ୍ୟବହାରକ, ଅର୍ଥାତ୍, କୁଟାକାଠି କିଛି ନବାଛି ଯେ ସବୁ ଖାଇଯାଏ– ସବାଖିଆ ।

''ଯଃ ଶ୍ଳେଷ-ଚିତ୍ର-ଯମକ-ନିବନ୍ଧ-ସ୍ତୋମ-ଭୂୟସୀଂ
ଗୌଡ଼ୀଂଚ ଶ୍ଲାଘତେ ସସ୍ୟାତ୍ ସତୃଣାଭ୍ୟବ ହାରକଃ ।''

ଅର୍ଥାତ୍– ଯେଉଁ କବି ଶ୍ଳେଷ ଚିତ୍ର ଯମକ ପ୍ରଭୃତି ନିବନ୍ଧମାନ ଭର୍ତି ହୋଇଥିବା ଗୌଡ଼ୀ ରୀତିରେ କାବ୍ୟ ବା କବିତା ଲେଖି ଭଲ ବୋଲି ହେଣ୍ଡିମାରେ ସେଇ କବିକୁ ଏକା ସତୃଣାଭ୍ୟବହାରକ ବୋଲି କୁହାଯାଏ ।

**ଉଦାହରଣରେ ନୈଷଧ ଓ ଭୌମ ଲେଖ–**

ହରି ଭଟ ପ୍ରଭୃତି ଏଇ ଶ୍ରେଣୀର କବି ବୋଲି ମଂଖୁକ ଉଦାହରଣ ଦେଇଚନ୍ତି । ମଂଖୁକଙ୍କ ବେଳକୁ ଶୀହର୍ଷ ନୈଷଧ ଲେଖି ନ ଥିଲେ । ହେଲେହେଁ ଗୌଡ଼ୀରୀତି ସମ୍ବଳିତ କାବ୍ୟର ଭଲ ଉଦାହରଣ ନୈଷଧ ବା ନୈଷଧୀୟ-ଚରିତରେ ଏକା ମିଳିବ । ଓଡ଼ିଶାର ଭୌମ ସମ୍ରାଟମାନଙ୍କ ଶିଳାଲେଖମାନଙ୍କରେ ଥିବା କାବ୍ୟରେ ମଧ ଏଇ ଗୌଡ଼ୀରୀତିର ପ୍ରାଚୁର୍ଯ ଦେଖାଯାଏ । ଭଞ୍ଜୀୟ କାବ୍ୟକଳା ଏକ ଦିଗରେ ନୈଷଧୀୟ ଓ ଅନ୍ୟ ଦିଗରେ ଭୌମଯୁଗୀୟ ରୀତିର ପ୍ରଚୁର ପ୍ରକାଶ, କହିଲେ ହୁଏ । ନୈଷଧରୁ ଧାଡ଼ି ଓ ଶ୍ଳୋକ ସବୁ

Digitized by PPRACHIN, SOA

ଉପେନ୍ଦ୍ର ଭଞ୍ଜ ଅନୁବାଦ ଓ ବ୍ୟାଖ୍ୟା କରିଥିବାର ଖୁବ୍ ଦେଖାଇ ଦିଆଯାଇପାରେ । ଭୌମ ଶାସନ ଲେଖରେ ଥିବା ଶ୍ଳେଷ ଓ ଶବ୍ଦଶ୍ଳେଷ ସମ୍ବଳିତ ପୂର୍ଣ୍ଣୋପମା ସବୁ ଠିକ୍ ଉପେନ୍ଦ୍ର ଭଞ୍ଜଙ୍କ ଲେଖାର ପୂର୍ବସାଧନା ବା 'ହାତବଳା' ପରି ମନେହୁଏ ।

**ଶ୍ଳେଷ ଓ ଶ୍ଳେଷର କାବ୍ୟତ୍ୱ—**

ମଂଖୁକ 'ସତୃଣାଭ୍ୟବହାରକ' ବା ସଭାଖିଆ କବିଙ୍କ ଲକ୍ଷଣରେ ଯେଉଁ 'ଶ୍ଳେଷ' କଥା ଲେଖିଚନ୍ତି, ସେ ଶ୍ଳେଷ ଅର୍ଥ ହେଉଚି, ଏକାଧିକ ଅର୍ଥବୋଧକ ଶବ୍ଦ ପ୍ରୟୋଗ କରି ସେଇଠାରେ ତାକୁ ଭିନ୍ନ ଭିନ୍ନ ଅର୍ଥ ପାଇଁ ବ୍ୟବହାର କରିବା; କିମ୍ବା ଏକ ଶବ୍ଦକୁ ଅକ୍ଷର ଧରି ଭିନ୍ନ ଭିନ୍ନ ପ୍ରକାରରେ ବାଣ୍ଟି ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ ଟାଇଁ ଖଞ୍ଜିବା । ସମସ୍ତଙ୍କୁ ଜଣାଥିବ 'ବୈଦେହୀଶ ବିଳାସ'ରେ ସୂର୍ପଣଖାଙ୍କ ନାକ କାନ କାଟିବା ପାଇଁ କିପରି ରାମ, ଲକ୍ଷ୍ମଣଙ୍କୁ କହୁଚନ୍ତି—

''ବାବୁ ନାକ ଶିରି ଦାନ ଯୋଗ୍ୟ ଯୋଷାକୁ ।
ବିହର କାନନ କର ଆଲିଙ୍ଗନକୁ ।''

ଏଠାରେ ନାକ (ନାସିକା ଓ ସ୍ୱର୍ଗ), ଦାନ (ଛେଦନ ଓ ଦେବା) ଓ ବିହର (କାଟିଦିଅ ଓ ବିହାର କର)— ପଦମାନଙ୍କରେ ଦୁଇ ଦୁଇ ଅର୍ଥ ଥିବାରୁ ଅଭଙ୍ଗ ଶ୍ଳେଷ; ପୁଣି 'କାନନ କର' ଏଇ ବାକ୍ୟାଂଶରେ (ବିହର) କାନ ନ କର ଓ (ବିହର) କାନନ କର— ଏଇପରି ନ କାରକୁ କାଟି ଏଣେ ତେଣେ ଖଞ୍ଜିବାରେ ସଭଂଗ ଶ୍ଳେଷ ଅଛି । ଥିଲେ ବି ଏପରି ଶବ୍ଦାଳଙ୍କାରରେ କି କାବ୍ୟ ବା କବିତା ପ୍ରକାଶ ପାଉଚି, ତା ବିଶ୍ୱନାଥ କବିରାଜଙ୍କର ପରେ ବି ଆଳଙ୍କାରିକମାନଙ୍କର ହୁଏତ ଅନୁସନ୍ଧାନର ବିଷୟ । ଅବଶ୍ୟ ସୂର୍ପଣଖାକୁ ଲୁଚାଇ ରାମ ସଙ୍କେତରେ ଲକ୍ଷ୍ମଣଙ୍କୁ କହୁଚନ୍ତି ବୋଲି ଏଠି ହୁଏତ କେହି ଏଥିରେ ଟାଣି ଓଟାରି ଧ୍ୱନିର ସଞ୍ଚାର ଦେଖାଇ କାବ୍ୟର ଯଥାର୍ଥତା ଆରୋପ କରିବାର ଉଦ୍ୟମ କରି ପାରନ୍ତି । ମାତ୍ର ସର୍ବତ୍ର ଏ ଆରୋପଣ ଚଳିବ ନାଇ । ଉପେନ୍ଦ୍ରଭଞ୍ଜ ଓ ଭଞ୍ଜୀୟଙ୍କ କାବ୍ୟରେ ପୂରି ରହିଥିବା ସଭଂଗ ଅଭଂଗ ଓ ଭଂଗାଭଂଗାଦି ଶ୍ଳେଷ ତଥା ଅନ୍ୟାନ୍ୟ ବହୁବିଧ ଶବ୍ଦାଳଂକାର ଏଇ ଦୃଷ୍ଟିରେ ଯେ କେହି ଆଲୋଚନା କରିପାରନ୍ତି ।

**ଚିତ୍ର-କାବ୍ୟ**

ସେଇପରି ପୁଣି 'ଚିତ୍ର' । ଅଳଂକାରିକ ଆନନ୍ଦବର୍ଦ୍ଧନ 'ଧ୍ୱନ୍ୟାଲୋକ'ରେ ଶବ୍ଦାଳଂକାର ଓ ଅର୍ଥାଳଂକାରମୟ ସମସ୍ତ କାବ୍ୟକୁ 'ଚିତ୍ର-କାବ୍ୟ' ବୋଲି କହିଚନ୍ତି । ତଥାପି ଏଇ 'ଚିତ୍ର-କାବ୍ୟ' ସର୍ବନିମ୍ନ ଶ୍ରେଣୀର କାବ୍ୟ ବୋଲି ତାଙ୍କର ମତ । ଉପମାଦି ଅର୍ଥାଳଂକାରକୁ ଚିତ୍ର-କାବ୍ୟରେ ଗଣନାକରି ଯେବେ ଆନନ୍ଦବର୍ଦ୍ଧନ, ଚିତ୍ର-କାବ୍ୟକୁ ସର୍ବ ନିମ୍ନ ଶ୍ରେଣୀର କାବ୍ୟ ବୋଲି ଠିକ୍ କଲେ, ତେବେ ସେ ଉପେନ୍ଦ୍ର ଭଞ୍ଜଙ୍କ ଚିତ୍ର-କାବ୍ୟ ବନ୍ଧୋଦୟକୁ କେଉଁ ସ୍ଥାନ ଦିଅନ୍ତେ ? ଆନନ୍ଦବର୍ଦ୍ଧନ ଖ୍ରୀଷ୍ଟ ୯ମ ଶତକର ଲୋକ ।

Digitized by PPRACHIN, SOA

ଉପେନ୍ଦ୍ରଭଞ୍ଜଙ୍କ କାଳର ୯୦୦ ବର୍ଷତଳର ଲୋକ ସେ । ଏଇ ୯୦୦ ବର୍ଷ ଭିତରେ ପରାଧୀନ ଭାରତରେ କାବ୍ୟର କୃତ୍ରିମତା ଓ କାଳ ଗତିର ପରିସ୍ଥିତିରେ ଓଡ଼ିଆଙ୍କ ଗୌଡ଼ୀରୀତିର ବିକାଶ ସାହିତ୍ୟ-ଇତିହାସ ସେବୀଙ୍କର ବହୁ ପ୍ରଣିଧାନ ଓ ଆଲୋଚନାର ବିଷୟ । ଉପେନ୍ଦ୍ର ଭଞ୍ଜଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ' ଯେ ପଢ଼ିଥିବେ ଓ ତହିଁ ସଂଗେ ଭଞ୍ଜ ଓ ଭଞ୍ଜୀୟଙ୍କ ଚିତ୍ର- କାବ୍ୟ- କଳା ଅନୁଧାବନ କରିଥିବେ ସେ ବେଶ୍ ବୁଝିପାରିଥିବେ, କିପରି ଆନନ୍ଦ ବର୍ଧନଙ୍କ କାଳର ଚିତ୍ର-କାବ୍ୟକୁ 'ଚକଟି ଚିପୁଡ଼ି ଛାଣି'' ଉପେନ୍ଦ୍ର ନିଜର 'ଚିତ୍ରକାବ୍ୟ ବନ୍ଧୋଦୟ' ଓ ଅନ୍ୟାନ୍ୟ ଚିତ୍ର-କାବ୍ୟ-କଳା ପ୍ରକାଶ କରିଥିଲେ ।

**ଭଞ୍ଜଙ୍କ ଅର୍ଥାଳଂକାର—**

ଆନନ୍ଦବର୍ଧନ ଅର୍ଥାଳଂକାରକୁ ଚିତ୍ର କାବ୍ୟରେ ସ୍ଥାନ ଦେଇଚନ୍ତି । କିନ୍ତୁ ଉପେନ୍ଦ୍ରଙ୍କ ଅର୍ଥାଳଂକାର ମଧ୍ୟ ଶବ୍ଦାଳଂକାର ଶରୀର ଘେନି ପ୍ରକାଶ ପାଏ । ବର୍ଷାକାଳକୁ ବାଘଟାଏ ବୋଲି ବର୍ଣନା କରୁ କରୁ ପୂର୍ଣୋପମାକୁ ପରିପୂର୍ଣ କରିବାକୁ ଯାଇ ସେ କହିବେ—

''ରୁକ୍ଷ ପନ୍ତି ଲୀନ । ଆଗକରି ସେ ଗିଳିଦେଲା ଦିନ'' । ବର୍ଷାର ମେଘରେ ରୁକ୍ଷ ପନ୍ତି ବୋଇଲେ, ତାରାମାନେ ଲୀନ ହେଲେ, କି ଲୁଚିଗଲେ । ପୁଣି ବାଘ ଅର୍ଥରେ, ରୁକ୍ଷ ପନ୍ତି କି ଭାଲୁମାନେ ବାଘ ଆସିବାରୁ ଲୁଚିଗଲେ । ବର୍ଷାରେ ଭାଲୁ ବି ବାହାରନ୍ତି ନାଇ । ପୁଣି ସେ ବର୍ଷାକାଳ ଆଗ କରି ଦିନ ବୋଇଲେ ଆଲୋକ ଗିଳିଦେଲା— ସୂର୍ଯ୍ୟକୁ ମେଘରେ ଘୋଡ଼ାଇଦେଇ ବାଘ ହୋଇଥିବାରୁ ଦୀନ ବୋଇଲେ ଦୁର୍ବଳକୁ ଗିଳିଦେଲା । ବର୍ଷାକାଳରେ ଦୀନ ବା ଦୁଃଖୀ ଗରିବମାନେ ମୂଲଲାଗି ବା ଭିଖମାଗି ବାହାରି ପାରନ୍ତି ନାଇ । ଏହା ଶବ୍‌ଦାଳଂକାର, ଅନ୍ତତଃ ଅର୍ଥାଳଂକାରକୁ ପଛକୁ ପକାଇ ଶ୍ଳେଷ ଚାତୁରୀ ଦେଖାଇବାର ଉଦ୍ୟମ ଏଠି ସ୍ପଷ୍ଟ ।

**ସଂଗତି—**

ପୁଣି ଭଞ୍ଜ ଓ ଭଞ୍ଜୀୟଙ୍କ ଅର୍ଥାଳଂକାର ତଥା ଅନ୍ୟାନ୍ୟ ଅନେକ ଭାବ ପ୍ରକାଶମାନ ମାଇପଙ୍କ ଝୋଟି ମୁରୁଜରେ ଚିତ୍ର ହୋଇଥିବା ପଶୁ, ପକ୍ଷୀ, ଗଛ, କୋଠି, ନାଆ, ହାତୀ, ଘୋଡ଼ା ପ୍ରଭୃତି ପରି ଅଳଂକାର ଶାସ୍ତ୍ର ବର୍ଣନାର ସଂଗତି (Convention)ର ପ୍ରଭାବରେ କେତେ ଓ କିପରି ପ୍ରଭାବିତ ତା ବି ନିଖାରି ଦେଖିବାର ଅଛି । ପରମ୍ପରାର ସଂଗତିରେ ଏପରି ନା ଅର୍ଥାଳଂକାର ? ପ୍ରୟୋଗମାନ ସାଧାରଣତଃ ଥାଏ । ଆମ କାବ୍ୟକଳାରେ ତା ଖୁବ୍ ଅଛି । ଉଦାହରଣ ସ୍ୱରୂପ କୀର୍ତି ଓ ହାସ୍ୟକୁ ଧଳା ବୋଲି କହିବା ଓ ଧଳାରେ ଉପମା ଦେବା । ଖଳକୁ ସାପପରି ଦ୍ୱିଜିହ୍ୱ ଜନ୍ତୁ ବୋଲି କହିବା ଇତ୍ୟାଦି । କିନ୍ତୁ ଉପେନ୍ଦ୍ର ଓ ଭଞ୍ଜୀୟମାନେ ଏଇ ସଂଗତିମାନ ବ୍ୟବହାର କରିଚନ୍ତି, କି ସଂଗତିମାନଙ୍କ ବ୍ୟବହାରରୁ ତାଙ୍କ ଲେଖା ବାହାରିଚି— ଏହା ବାରିବା ବେଳେ ବେଳେ କଷ୍ଟ ହୁଏ । ତଦ୍‌ବିଦମାନେ ଏହା ଖୁବ୍ ଜାଣନ୍ତି ।

Digitized by PPRACHIN, SOA

## ଭଞ୍ଜୀୟଙ୍କ ଚିତ୍ରକାବ୍ୟ—

ମନେ ହୁଏ ଏଇ ସଂଗତି ବାଟେ ଯାଇ ଯାଇ ଭଞ୍ଜ ଓ ଭଞ୍ଜୀୟମାନେ ଚିତ୍ର-କାବ୍ୟ ବୋଲି ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣର 'ଖଡ୍‌ଗାଦ୍ୟାକାର' ଚିତ୍ରମାନ ଫୁଟାଇବାରେ ବେଶି ଲାଗିଚନ୍ତି । ଗୋମୂତ୍ର ଛନ୍ଦ, ପଦ୍ମବନ୍ଧ, ଚକ୍ରବନ୍ଧ, ଜଗତୀବନ୍ଧ, ଅଙ୍ଗାଳୀବନ୍ଧ ଓ ସେଇ ଅନୁକ୍ରମେ ଏବେ ସେ ଦିନର ଛାନ୍ଦ— ଅଭ୍ୟାସୀମାନଙ୍କ ହାତପଶା ବନ୍ଧ, ପଶାପାଲୀ ବନ୍ଧ, ଫରୁଆ ବନ୍ଧ, ବଟୁଆ ବନ୍ଧ, ହଳଦୀ କାଠୁଆ ବନ୍ଦ, ଗଡ଼ୀ ବନ୍ଧ ପ୍ରଭୃତି କେଉଁ କାବ୍ୟରେ ଯିବ ତା ହୁଏତ କହିବା କଷ୍ଟ । କାହିଁକିନା, ବିଶେଷରେ ସେଇ ବିଶ୍ୱନାଥ କବିରାଜ ପୁଣି ସେଇ ସାହିତ୍ୟ ଦର୍ପଣରେ କାବ୍ୟର ସଂଜ୍ଞା ଦେଇଚନ୍ତି, 'ରସାତ୍ମକ କାବ୍ୟ' । ଏ ଚିତ୍ର-କାବ୍ୟରେ କଅଣ ମିଶାଇ ଛେଚି, ଚିପୁଡ଼ିଲେ, କିପରି କି ରସ ବାହାରିବ, ତା ଦେଖାଇ ଦେବାର ଅଛି । ପୁଣି ଅନ୍ୟ ଲୋକ ମଧ୍ୟ କାବ୍ୟର ପ୍ରାଣ ଦେଖିଚନ୍ତି, ଧ୍ୱନି ବା ବ୍ୟଞ୍ଜନାରେ । ସେ ମଧ୍ୟ କହନ୍ତି ଚିତ୍ର-କାବ୍ୟରେ 'ଧ୍ୱନି'ର ସମ୍ପର୍କ ନାଇ । ତାଙ୍କ ଚିତ୍ରକାବ୍ୟ ପୁଣି ଖାଲି ଶବ୍ଦାଳଂକାର ସମ୍ବଳିତ ନୁହେ; ସେଥିରେ ଅର୍ଥାଳଂକାର ବି ଅଛି ।

## ଅନ୍ତର୍ଲିପି ବହିର୍ଲିପି—

ଅନ୍ତର୍ଲିପି ବହିର୍ଲିପି ପ୍ରଭୃତି ପୁଣି ଭଞ୍ଜୀୟଙ୍କ ଚିତ୍ର-କାବ୍ୟର ଗୋଟିଏ ଅଙ୍ଗ । ସେଥିରେ ଯେ ପରମ୍ପରା ଥାଉ, ସେଭଳି ଚାତୁରୀକୁ କାବ୍ୟ ନାମ ଦେଇ ବୁଝାଇ ହେବାରେ ସାମାଜିକ ମାନବ ଚିନ୍ତା-ଚତୁରତାର କେଉଁ ସ୍ତର ବା ପୀଠରେ ରହିବ, ତା ମଧ୍ୟ ବୁଝି ରଖିବାର ଅଛି । ଏକା ପିଲାଙ୍କ ଶବ୍ଦ ତିଆରି (Word building) ଚିତ୍ର ସଂକେତାଦିରୁ ରୂପ ତିଆରି ପ୍ରଭୃତି କାହିଁକି, ବୋମ୍ବେର ଟାଇମ୍‌ସ ଅଫ୍ ଇଣ୍ଡିଆ ସପ୍ତାହିକ (Times of India Weekly)ରେ ବାହାରୁଥିବା ଶବ୍ଦ ନିର୍ମାଣ ପ୍ରହେଳିକା (Cross word puzzle)କୁ ମଧ୍ୟ କାବ୍ୟବୋଲି କେହି କହିବେ ନାଇ । ଏପରି ଅବସ୍ଥାରେ ଓଡ଼ିଆ ଅନ୍ତର୍ଲିପି ବହିର୍ଲିପିର୍‌ କି ଗତି ?

## ଯମକ—

ତାପରେ ଯମକ । ଶବ୍ଦରେ ବୋଲି କହିବା ବରଂ ଭୁଲ ହେବ,— ବର୍ଣ୍ଣରେ ଏହାର ଗତି ଅଚିହ୍ନିତ ବୈଷ୍ଣବଙ୍କୁ ମଲାପରେ ଯମଦୂତ ଓ ବିଷ୍ଣୁଦୂତ ନେବାପାଇଁ କଳି କଲାପରି ଯମକକୁ ସ୍ୱର ଶିଳ୍ପ ନେବ, କି ଚିତ୍ର-କାବ୍ୟ ନେବ, ସେ କଳି ଛିଣ୍ଡାଇବା ଦୁରୂହ ବ୍ୟାପାର । ହେଲେହେଁ 'ରସ' ବା ଧ୍ୱନିର ସ୍ଥାନ ଏଥିରେ ଅଛି କି ନାଇ, ଥିଲେ କିପରି କେତେ ଅଛି, ତା ମଧ୍ୟ ଆଲୋଚନାରେ । ବ୍ୟାଖ୍ୟା କରି ଦେଖାଇଦେବା ଉଚିତ ।

## ଗୌଡ଼ୀରୀତି ଓ ମତାନ୍ଧତା—

ଏସବୁ ଦେଖାଇ ନ ପାରିଲେ, ଆଜି ବିଂଶ ଶତାବ୍ଦୀର ଅର୍ଦ୍ଧପଥରେ ଠିଆହୋଇ ଥିବା ଉଦୀୟମାନ ସାହିତ୍ୟିକମାନେ ମାନିବେ ନାହି । ମଂଖୁକ ଯେ ଗୌଡ଼ୀରୀତିର ଲକ୍ଷଣ

Digitized by PPRACHIN, SOA

ବୁଝାଇଲା ବେଳେ କହିଚନ୍ତି, 'ଶ୍ଳାଘତେ', ଅର୍ଥାତ୍ (ଏ ପ୍ରକାର କବି) ଆପେ ଲେଖି ଭଲ କବିତା ହୋଇଚି ବୋଲି ଆପଣାର ବାହାସ୍ଫୋଟକରେ, ସେଇ ଅବସ୍ଥାକୁ ଯିବା ଠିକ୍ ନୁହେଁ । ବିଶେଷ ଶଙ୍କା ପୁଣି ଅଛି ଓ ମଂଖୁକଙ୍କ ଭଳି ପୂର୍ବ ସୂରିମାନେ ବି ଲକ୍ଷକରି କହିଯାଇଚନ୍ତି ଯେ, ଭଞ୍ଜୀୟ ବା ଗୌଡ଼ୀରୀତିର କାବ୍ୟରେ ଏଇପରି ଆତ୍ମଶ୍ଳାଘା ଓ ଅବଲୋପର ପ୍ରକାଶ ଦେଖାଯାଇଥାଏ । ଏଇଥିରୁ ବିଚାରରେ ମତାନ୍ଧତା ଆସେ । ଲାଗୁଚି, ଏପରି ମତାନ୍ଧତା ତିଆରି କରିବା ଆଲୋଚନାର ଠିକ୍ ବାଟ ନୁହେ ।

**ଭଂଜଙ୍କ ଘେନି ପ୍ରତିଷ୍ଠାର ପନ୍ଥା ବିଚାର୍ଯ୍ୟ–**

ଶବ୍ଦ ବିନ୍ୟାସ ଚାତୁରୀରୁ ଆନନ୍ଦ ପାଇବା ଭଳି ସାହିତ୍ୟିକ ନାହାନ୍ତି ବୋଲି ଆମେ କହୁ ନାଉଁ । ଅଛନ୍ତି ! ମାତ୍ର ସେତିକି ଯଦି ଆମ ଜାତୀୟ କବିଙ୍କର ବିଶେଷତ୍ୱ ହୁଏ, ତେବେ ଜଗତରେ ପ୍ରତିଷ୍ଠା ପାଇବାରେ ତା ଆମକୁ କିପରି କେତେ ସାହାଯ୍ୟ କରିବ, ଏହା ଏକାନ୍ତ ବିଚାର୍ଯ୍ୟ ।

[ନବଭାରତ, ମେଷ ୧୩୫୬]

—

Digitized by PPRACHIN, SOA

# ଓଡ଼ିଆ ସାହିତ୍ୟରେ ଗଠନ କଳା

ଜାତୀୟ ସାହିତ୍ୟରେ ଜାତୀୟ ଜୀବନ ପ୍ରତିଫଳିତ ହୁଏ ବୋଲି କବି ମଧୁସୂଦନ କହିଥିଲେ । କେବଳ ପ୍ରତିଫଳିତ ହୁଏ ନାହି, ଜାତୀୟ ଜୀବନ ସେଥିରେ ବିକଶିତ ମଧ୍ୟ ହୁଏ । ଏହି ବିକାଶର ଧାରା ଜାତୀୟ ଜୀବନର ଭିତ୍ତି ପରଂପରା ଓ ବେଷ୍ଟନୀ ମଧ୍ୟରେ ଖୋଜିବା ଛଡ଼ା ଅନ୍ୟ ଉପାୟ ନାହି । କିଂତୁ ଏହି ବିକାଶର ଗଠନରେ ଚତୁରତାହିଁ ସାହିତ୍ୟରେ ମନୀଷା ଓ ପ୍ରତିଭାର ପରିଚୟ । ପୂର୍ବେ ସାହିତ୍ୟ ଯାହା ଥିଲା ଆଜି ପରିସରରେ ତାହା ତାହାଠାରୁ ବହୁତ ବଢ଼ିଯାଇଛି । ଦୈନିକ ପତ୍ର ଠାରୁ କାବ୍ୟ, ଉପନ୍ୟାସ ଓ ବୈଜ୍ଞାନିକ ପ୍ରବଂଧ ପର୍ଯ୍ୟଂତ ସବୁ ସାହିତ୍ୟ । କିଂତୁ ଗୋଟିଏ ବିପଦ, ଏ ସବୁଥିରେ ଆଜି ବ୍ୟବସାୟବୁଦ୍ଧି ପଶିଛି । ଯେଉଁ ଜିନିଷ ବଜାରରେ ବିକ୍ରୀ ହେବ, ସେହିଠାରେ ଅନେକଂକର ଦୃଷ୍ଟି । ସେଥିରେ ଲୋକରୁଚି ଓ ଲୋକଗଠନର ଧାରା ବିକାଶ କରାଇବାକୁ ଅଳ୍ପ ଲୋକେ ଲୋଡ଼ୁଛଂତି । ମାନବ ଅଧେ ଜନ୍ତୁ, ଅଧେ ଦେବତା । ଜନ୍ତୁତ୍ୱ ତହାର ଜୀବୀଧର୍ମ । ଏହି ଜୀବୀଧର୍ମକୁ ପୀଠ କରି ମାନବ ରୁଚିକୁ ସୂଚନାରେ ଚଂଚଳ କଲେ, ଜିନିଷର ବିକ୍ରୀ ଭଲ ହେବା ସ୍ୱାଭାବିକ । ଅଧିକାଂଶ କ୍ଷେତ୍ରରେ ଓଡ଼ିଶାରେ ସାହିତ୍ୟର ଆଦର୍ଶ ଏହାହିଁ ହେବାର ଦେଖାଯାଉଛି । କୌଣସି ଆଦର୍ଶରେ ପ୍ରତିଷ୍ଠିତ ରହି ଦେଶକୁ ସେହି ଆଡ଼କୁ ଅଲକ୍ଷିତ ଭାବରେ ଟାଣିବା ଭଳି ମନୀଷା ବା ପ୍ରତିଭା ପ୍ରାୟ ଫୁଟୁ ନାହି । ବହୁ ସ୍ଥଳରେ ଅନ୍ୟ ଦେଶ ବା ଅନ୍ୟ ବେଷ୍ଟନୀରେ ବଢ଼ିଥିବା ଦ୍ରବ୍ୟକୁ ଟିକିଏ ଏପାଖ ସେପାଖ କରି କୌଣସି ପ୍ରକାରେ ବଜାରରେ ଫିଂଗି ଦିଆଯାଉଛି । ସେଥିରେ ବେଳେବେଳେ କେବଳ ରୁଚି ଯେ ବିକୃତ ହେଉଛି ତାହା ନୁହେ, ପରଂପରା ତୁଟିଯିବାରୁ ଗଠନ ପୀଠଭ୍ରଷ୍ଟ ହେଉଛି । ଉଦାହରଣ ସ୍ୱରୂପ, ନିଅ ଉପନ୍ୟାସ । ନାରୀ ପୁରୁଷର ଯୌନ ସଂକେତ ଜଗତରେ କାବ୍ୟକଳାର ପୀଠ, ଏ କଥା କେହି ଅସ୍ୱୀକାର କରିବେ ନାହିଁ; କିଂତୁ ସେଠାରେ ମଧ୍ୟ ପରଂପରାଗତ ପ୍ରତିଷ୍ଠାନ ଓ ବେଷ୍ଟନୀ ଧରି ସଂକେତର ସଂଯମ ଫୁଟାଇ ପାରିଲେ, କାବ୍ୟକଳା ଜାତୀୟ ସାହିତ୍ୟର ଅଂଗୀଭୂତ ହୁଏ । ଇଂଲଂଡର ଭିକ୍ଟୋରିଆ ଯୁଗର ଉପନ୍ୟାସରେ ବଂଗଳାର ଉପନ୍ୟାସ ପ୍ରଭାବିତ ହୋଇଥିଲା ସତ; କିଂତୁ ବଂଗଳାରେ କଲିକତା ପରି ସହର ଥିଲା, ବେଥୁନ୍ କଲେଜ ପ୍ରଭୃତି ପରି ନାରୀ ବିଦ୍ୟାଳୟ ଥିଲା, ବ୍ରାହ୍ମ ସମାଜ ପ୍ରଭୃତି ପରି ସମାଜର ବିଭାବ ଫୁଟି ଉଠିଥିଲା । ଏ ସବୁରେ ଇଂରେଜ ସମାଜର ପାରିପାର୍ଶ୍ୱିକ ଅବସ୍ଥା ଯେପରି ବଂଗଳାରେ ବହୁ ପରିମାଣରେ ନିଜର କରି ହେଲା, ଓଡ଼ିଶାରେ ତାହା ସଂଭବ ନୁହେ । ତଥାପି ବଂକିମ ପ୍ରଭୃତି ଭିକ୍ଟୋରିଆ ଯୁଗର ଉପନ୍ୟାସରୁ ଏ ସବୁ ମଧ୍ୟ ଗ୍ରହଣ କରିବାରେ ସାହସିକତା ଦେଖାଇ ନାହାଂତି ।

Digitized by PPRACHIN, SOA

କିଂତୁ ଓଡ଼ିଶାରେ ଆଜି ବଜାରରେ ପଡ଼ିବା ଉପନ୍ୟାସର ସଂଖ୍ୟା ଖୁବ୍ ବଢ଼ିଛି । ସେଥି ମଧ୍ୟରେ ଛ’ ମାଣ ଆଠଗୁଂଠ ପରି ଯଥାର୍ଥ ଓଡ଼ିଆ ଉପନ୍ୟାସ କେତେ ଖଂଡ ? ସାହିତ୍ୟ ଯଦି ଜାତିକୁ ସ୍ଥାୟୀ ଭାବରେ ପ୍ରଭାବିତ କରି ନ ପାରିଲା, ତେବେ ସେ ସାହିତ୍ୟ ସେ ଜାତିର ସାହିତ୍ୟ ନୁହେ ।

ଓଡ଼ିଶାର ଜଳବାୟୁରେ ଯୁବକ ଯୁବତୀର ତରଳ ଆଦ୍ୟପ୍ରେମ ନିମଂତେ ଏବେ ମଧ୍ୟ ଅବକାଶ ହୋଇନାହି । କଟକ ପରି ସହରରେ ମଧ କୌଣସି ପ୍ରତ୍ୟାଖ୍ୟାତ ପ୍ରେମିକ ସନ୍ନ୍ୟାସୀ ବା ଅନ୍ୟ କୌଣସି ରୂପରେ ଲୁଚି ରହିବାର ସ୍ଥାନ ନାହି । କୌଣସି ଭ୍ରଷ୍ଟ ବା ଅତ୍ୟାଚାରଗ୍ରସ୍ତ ପ୍ରେମିକା ଆତ୍ମଗୋପନ କରି ପରେ ବହୁ ବର୍ଷର ଦୁଷ୍କର୍ମପୁଷ୍ଟ ଜୀବନ ଲିଭାଇ ଦେବାର ବାସ୍ତବ କ୍ଷେତ୍ର ଏ ଦେଶରେ ନାହି । ତଥାପି ଏବେ ଯେଉଁ ଉପନ୍ୟାସ ସବୁ ବାହାରୁଚି, ସେଥିରେ ଏଇ ଶ୍ରେଣୀର ଘଟଣାର ପ୍ରସାର କେତେ ତାହା ଲେଖକ ଓ ପାଠକମାନେ ବିଚାର କରଂତୁ । ଜାତୀୟ ଜୀବନରେ ଏହାର ସ୍ଥାନ ବିଶେଷ ନ ଥିଲେ ମଧ ବ୍ୟକ୍ତିଗତ ଜୀବୀ ଧର୍ମ ଏଥିରେ ଚଂଚଳ ଓ ବେଳେ ବେଳେ ପଥଭ୍ରଷ୍ଟ ।

ଆଉ ଗୋଟିଏ କଥା । ଏଇସବୁ ଅନୁକରଣରେ ସ୍ୱାଭାବିକ ପାଣିପାଗ ବା ବେଷ୍ଟନୀର ସଂପର୍କ ନ ଥିବାରୁ ଲେଖକ ବେଳେ ବେଳେ ଘଟଣାର ସମାବେଶ ମଧରେ ଆକସ୍ମିକ କୃତ୍ରିମତା ଛାଡ଼ି ପାରୁ ନାହାଂତି । କାହାର ଭଉଣୀ ଆଦ୍ୟ ପ୍ରେମରେ ପ୍ରତ୍ୟାଖ୍ୟାତ ବା ଅତ୍ୟାଚାର ପୀଡ଼ା ପାଇ କଟକରେ ଆସି ବେଶ୍ୟାବୃତ୍ତି କରୁଚି । ଠିକ୍ ତା’ର ଭାଇ ତା ଘରେ ଯାଇ ପହଂଚୁଛି । ସେହିପରି କୌଣସି ପ୍ରେମିକା ବହୁ ବର୍ଷର ପୀଡ଼ିତ ଜୀବନ ପରେ ନଈକି ଡେଇଁପଡ଼ିଲାବେଳକୁ ତା’ର ଛଦ୍ମବେଶୀ ପ୍ରେମିକ ତାକୁ ଉଦ୍ଧାର କରିବା ପାଇଁ ସେଠାରେ ଉପସ୍ଥିତ ଅଛି । ସେମାନେ କଟକ, ପୁରୀ, ଏପରିକି ଖୋର୍ଦ୍ଧା ପରି ଜାଗାରେ ରହି ବହୁ କାଳ ପରସ୍ପରକୁ ଝୁରିଲେ ମଧ ପ୍ରେମିକା ମହାନଦୀକୁ ଡେଇଁବା ପୂର୍ବରୁ ପ୍ରେମିକ ତାକୁ ଖୋଜି ପାଇପାରୁନାହି ।

ଏ ସବୁ ସୂଚନାରେ ମାତ୍ର କୁହାଗଲା । କେହି ଏ ବିଷୟରେ ସମସ୍ତ ବା ବ୍ୟସ୍ତ ଆଲୋଚନା ପ୍ରକାଶ କଲେ ଆଂଭେମାନେ ସୁଖୀ ହେବୁ । ସେପରି ସୁଯୋଗ ମିଳିଲେ ଏ ବିଷୟରେ ଉଦାହରଣମାନ ଦେଇ ବିଶେଷ ଆଲୋଚନା କରାଯିବ ।

[ନବଭାରତ, ବୃଷ ୧୩୪୨]

## ଭାଷାରେ ବ୍ୟାକରଣ

ଭାଷାରେ ବ୍ୟାକରଣ କାହିଁକି ଦରକାର, ସେ କଥା ବୁଝାଇବା ଦରକାର ନାଇ; ତଥାପି ବୁଝାଇବା ମଧ୍ୟ ଦୁର୍ଘଟ । ମୋଟ କଥା ହେଉଚି, ନିଜ ଭାଷାକୁ ଦେଶ ଆଉ କାଳରେ ସ୍ଥାୟୀ କରିବା, ବ୍ୟାକରଣର ଉଦ୍ଦେଶ୍ୟ । ପାଣିନି ସେଥିପାଇଁ ଅନେକଗୁଡ଼ିଏ ପ୍ରାଦେଶିକ ପ୍ରାକୃତକୁ ଭାଂଗିଚୂରି ଏକାକାର କରି ଗୋଟିଏ ନିର୍ଦ୍ଦିଷ୍ଟ ସ୍ୱର-ବିଜ୍ଞାନର ନିତ୍ୟ

Digitized by PPRACHIN, SOA

ନିୟମ କେବଳ ଆବିଷ୍କାର କରିଥିଲେ ନୁହେ, କେତେକ ପରିମାଣରେ ଉଦ୍ଭାବନ ମଧ୍ୟ କରିଥିଲେ କୁହାଯାଇପାରେ । ତଥାପି ଏ ସବୁ ଭିତରେ ମାନବ ମୁଖ-ବାକ୍-ଯନ୍ତ୍ରର ସ୍ୱର ପରିଣାମ-ପଦ୍ଧତି ସେ କଦାପି ଛାଡ଼ି ନାହାଂତି । ତେଣୁ ତାଂକରି ବ୍ୟବହୃତ ଓ ପ୍ରଚାରିତ ଭାଷାକୁ ଧରି ଆଜି ସାର୍ବଜନୀନ ଆର୍ଯ୍ୟ ଭାଷା ଧରାପଡୁଚି । ସେ ଯାହାହେଉ, ପାଣିନିଂକ ବ୍ୟାକରଣ ନ ଥିଲେ ଆଜି ସେକାଳ ଲେଖା ବୁଝାଯାଉ ନ ଥାଂତା କିଂବା ସେ କାଳର ଆଂଚଳିକ ଆର୍ଯ୍ୟ ଭାଷାମାନଂକର ସଂବଂଧ ମଧ୍ୟ ଧରାପଡୁ ନ ଥାଂତା ।

ତଥାପି ଭାଷାକୁ ବ୍ୟାକରଣରେ ବାଂଧି ରଖିବା ବ୍ୟାକରଣର ଉଦ୍ଦେଶ୍ୟ ନୁହେ । ସେଥିରେ ବାଗ୍‌ବିକାଶ ପ୍ରତିହତ ହୁଏତ ଅବରୁଦ୍ଧ ହୁଏ । ଶିକ୍ଷିତର ଭାଷା କୃତ୍ରିମ ହୁଏ । ପ୍ରଚଳିତ ପ୍ରାକୃତରୁ ବ୍ୟାକରଣ ନିବଦ୍ଧ ସଂସ୍କୃତ ଭାଷା ଭିନ୍ନ ହୋଇ କ୍ରମେ ଭାବର ଆଦାନ ପ୍ରଦାନ ତଥା ପ୍ରକାଶ ଓ ବିକାଶରେ ଦୁର୍ବିପାକ ଘଟେ । ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବଂତ ଓ ସ୍ଥାୟୀ କରିବା ପାଇଁ; ଭାଷା, ବ୍ୟାକରଣ ପାଇଁ ନୁହେ ।

ଓଡ଼ିଆରେ ଯେଉଁ ବ୍ୟାକରଣ ଏବେ ସେ ଦିନ ଯାଏ ଅଂଧ ପରି ଶିକ୍ଷାବିଭାଗର କର୍ମଚାରୀ ତଥା ଶିକ୍ଷକମାନେ ଆଦର କରୁଥିଲେ ଓ ଚଳାଉଥିଲେ, ସେମାନେ ହୁଏତ ମନେକରୁଥିଲେ, ସେହି ବ୍ୟାକରଣ ଛାଂଚରେ ପଡ଼ିବା ପାଇଁ ସତେ ଯେପରି ଓଡ଼ିଆ ଭାଷାଟା ଅଛି । ନିମାଇବଲ୍ଲଭ ବିଦ୍ୟାସାଗରଂକ 'ସର୍ବସାର ବ୍ୟାକରଣ' ତଥା ଶିକ୍ଷା ବିଭାଗରେ ଚଳାଇବା ପାଇଁ ତାକଇ ଅଦଳ ବଦଳ କରି ସଂକ୍ଷେପରେ ପ୍ରକାଶ କରାଯାଇଥିବା ରାଧାନାଥଂକ 'ବ୍ୟାକରଣ ପ୍ରବେଶ', ଏବେ ବି ଓଡ଼ିଶାର ସ୍କୁଲ ବାୟୁମଂଡଳରୁ ଟିକିଏ ହେଲେ ପ୍ରଭାବ ହରାଇ ନାହି । ଅତି ଶୀଘ୍ର ଏହାର ପରିବର୍ତ୍ତନ ହେବା ଉଚିତ । ମାତ୍ର ଶଂକାର କଥା, ଏ ପରିବର୍ତ୍ତନକୁ ଧାରଣାରେ ଆଣିବା ଭଳି ଓଡ଼ିଆ ପଂଡ଼ିତ ଓଡ଼ିଶାରେ ବେଶୀ ନାହାଂତି । ପଦସ୍ଥଂକ ଭିତରେ ତାଂକ ସଂଖ୍ୟା ହୁଏତ ଆଂଗୁଠିରେ ଗଣିହୋଇଯିବ । ଧର ଯଦି ଆଜି କୁହାଯାଏ, ଓଡ଼ିଆରେ ପୁଲିଂଗ ଓ ସ୍ତ୍ରୀ ଲିଂଗ ଦୁଇଟି ଚଳେ— କ୍ଲୀବଲିଂଗ ନାହି— ଏକଥା କେତେଜଣ ହଠାତ୍ ଧରିନେବେ ? ଅଥଚ, କିଏ ନ ଜାଣେ, କ୍ଲୀବଲିଂଗର ଭିନ୍ନ ରୂପ ଓଡ଼ିଆରେ ନାହି ? ସେଇପରି 'ମୁଁ କରିପାରେ' । ବାଚ୍ୟାଂତର, 'ମୋ ଦ୍ୱାରା କରିପାରାଯାଏ' ନ ହୋଇ ଯଦି ହୁଏ 'ମୋ ହାତେ ବା ମୋ ଦେହି କରି ହୁଏ,' ତେବେ କେତେଜଣ ପଂଡ଼ିତ ଶ୍ରଦ୍ଧାଳୁ ହୋଇ ଗ୍ରହଣ କରିବେ ? ଏହିପରି ଅନେକ କଥା ଅଛି ।

ଉଚ୍ଚାରଣରେ ଦେଖ, ଆମେ ଲେଖୁ 'ମୂଷାୟଂତା'; କିଂତୁ କହୁ 'ମୁସାଜଂତା' । ରୁଷିଆର ଲୋକ ଓଡ଼ିଆ ବ୍ୟାକରଣ ଧରି ଓଡ଼ିଆ ପଢ଼ିସାରି କଟକ ବଜାରରେ 'ମୂଷାୟଂତା' ମାଗିଲେ ପାଇବ ତ ?

ଏହିପରି ବହୁତ ବିଚାର କରିବାର ଅଛି । ଓଡ଼ିଆ ଭାଷାକୁ ଯଦି କିଛି କାଳ ପରେ ହିନ୍ଦୀରେ ପରିଣତ କରିଦେବା ଭଳି ଜାତୀୟତାର କଳ୍ପନାରେ ଭାସି ନ ଯାଇ ଆମର

Digitized by PPRACHIN, SOA

ସାହିତ୍ୟର ବାହନ ରୂପେ ରଖିବାର ଅଭିଳାଷ ଥାଏ, ତେବେ ଓଡ଼ିଆ ବ୍ୟାକରଣ ଆଲୋଚନା କରି ଲେଖି ପ୍ରକାଶ କରିବା ନିତାଂତ ଦରକାର ।

[ନବଭାରତ, ସିଂହ ୧୩୫୬]

## ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା

ପଂଡ଼ିତ ଶ୍ରୀ ନରସିଂହ ମହାପାତ୍ର ଏଇ ଶିରୋନାମାରେ ଓଡ଼ିଆ ବ୍ୟାକରଣ ସଂବଂଧରେ କେତୋଟି ପ୍ରଶ୍ନର ଉଲ୍ଲେଖ କରିଚଂତି । ତାହା ଏଇ ସଂଖ୍ୟାରେ ଅନ୍ୟତ୍ର ପ୍ରକାଶିତ ହୋଇଚି । ପଂଡ଼ିତ ମହାଶୟ କହିଚଂତି, 'ଓଡ଼ିଆରେ ପୂର୍ଣାଂଗ ବ୍ୟାକରଣ ପ୍ରଣୟନ ବର୍ତମାନ ସୁଦ୍ଧା ହୋଇପାରିନାହି ।' ଆମେ ବାରଂବାର କହିଚୁ, ବର୍ତମାନ ବି କହୁଚୁ, ଓଡ଼ିଆ ଭାଷାର ବ୍ୟାକରଣ ଭାବରେ ବ୍ୟାକରଣ ଆଲୋଚନା କରିବାର ବାଟ ଫିଟି ନାଇ । କୌଣସି ଭାଷାର ବ୍ୟାକରଣରେ ବୈଜ୍ଞାନିକ ଭାବରେ ସେଇ ଭାଷାର ଆଲୋଚନା ଥାଏ । କୌଣସି ଭାଷାର ବ୍ୟାକରଣ ଲେଖିଲେ, ତାହାର ଯଥାର୍ଥ ପରୀକ୍ଷା ହେଉଚି, ବିଦେଶୀ ସେହି ବ୍ୟାକରଣ ପଢ଼ି ସେହି ଭାଷାକୁ ଆୟତ୍ତ କରିପାରିବ । ଓଡ଼ିଆରେ ତା' ହୋଇ ନାଇ । ଉଦାହରଣ ସ୍ୱରୂପ– (୧) ଓଡ଼ିଆ ବ୍ୟାକରଣରେ ବର୍ଣର ଉଚ୍ଚାରଣ ସ୍ୱତଂତ୍ର ଭାବରେ ବିଚାର କରା ହୋଇ ନାଇ । ପାଣିନିଂକ ଶିକ୍ଷା ନିୟମରେ ତେଣୁ ଓଡ଼ିଆ ବର୍ଣର ଉଚ୍ଚାରଣ ବୁଝିବାକୁ ହେବ । ଆମେ କହୁଚୁ, 'ମୁସାଇଂତା' ଲେଖୁଚୁ 'ମୂଷାୟଂତ୍ର (ୟଂତ୍ର ?)' । ଜାପାନୀ ଆସି କଟକ ବଜାରରେ ଏଇ ଉଚ୍ଚାରଣରେ ମାଗିଲେ ମୁସାଇଂତା ପାଇବ ତ ?

ଉଚ୍ଚାରଣରେ ବିଶେଷ ବିଭ୍ରାଟ ଥିଲେ, ବା ଲେଖା ଓ ଉଚ୍ଚାରଣ ମଧ୍ୟରେ ବିଶେଷ ଭେଦ ଥିଲେ, ଅଭିଧାନ ବା ଡିକ୍‌ସନାରିରେ ତାହା ଦେଖାଇ ଦେବାର ବିଧି ଇଂରେଜୀ ଅଭିଧାନମାନ ପ୍ରଚାର କରିଚଂତି । ପୁଣି ଏଇପରି ବ୍ୟାକରଣର ଜଟିଳତାମାନ ସମାଧାନରେ ଦେଖାଇବାପାଇଁ ଅଭିଧାନ ଏ ଦେଶରେ ମଧ୍ୟ ବହୁକାଳରୁ ପ୍ରଯତ୍ନ କରିଚଂତି । ସଂସ୍କୃତରେ ଶବ୍ଦର ଲିଂଗ ଠିକ କରିବା ବଡ଼ କଷ୍ଟ । ସେଥିପାଇଁ ଅମରକୋଷାଦି ଅଭିଧାନମାନେ ବରାବର ଶବ୍ଦର ଲିଂଗ ଚିହ୍ନାଇ ଦେଇଚଂତି । ମାତ୍ର ଏ ଭାବରେ ଓଡ଼ିଆ ଭାଷାର ଅଭିଧାନ ବି ହୋଇ ନାଇ । ବରଂ ଏକାଂତ ଆଲେଚନାବିହୀନ ଭାବରେ 'ପୂର୍ଣଚଂଦ୍ର ଓଡ଼ିଆ ଭାଷାକୋଷ'କାର ନିର୍ଦ୍ଦେଶ କରିଚଂତି, ବଂଗଳା ପ୍ରଭୃତି ପରି ଓଡ଼ିଆର ଅକାରାଂତ ବର୍ଣର ହଳଂତ ଉଚ୍ଚାରଣ ନାଇ । ମାତ୍ର 'ମୋ ପାଇଁ ବହୁତ୍ ବହୁତ୍ କହିବୁ', 'ଟଂକାରେ ସାତ୍ ସେର୍ ଚାଉଳ ମିଳୁଚି', 'ରଥଯାତ୍‌କୁ ଯାଉଚି', 'ଘରୁଠୁଁ ଆସିଚି', 'ବହୁତ୍ କଥା' । 'କାମ୍‌କା ଲୋକ', ଗଣ୍‌ତି, ଭଣ୍‌ତି, ଧାନର ଦର୍, ଚଉଦ ପୁରୁଷ୍, ବହଲ୍ ଗଛ, ଛଇତ୍ ମଇତ୍, ସାର୍ କଥା– ପ୍ରଭୃତିରେ ହଳଂତ କଂଚା ଓଡ଼ିଆରେ ଯେ ବହୁକାଳରୁ ଚଳିଲାଣି ଓ ନିତି ବଢ଼ିବାରେ ଚାଲିଚି ଏହାର କୌଣସି ସଂକେତ ନାଇ ।

Digitized by PPRACHIN, SOA

ସଂଧି ନିୟମରେ ବି ଓଡ଼ିଆ ସଂଧିର ବିଚାର କୁତ୍ରାପି ନାଇ । 'କହ୍' ଧାତୁ ଅକାରାଦି ପ୍ରତ୍ୟୟରେ ହେଲା– 'କୁହା', ସେଇପରି 'ବହ୍' 'ବୁହା', 'ନଅଁ' 'ନୁଅଁ', କଠାଉ– କଠୋଉ, କାଖାଇ– କାଖେଇ । ପୁଣି ଅଂବୃତ; ଅଂବୃତଭଂଡା; କାମୁଡ଼୍– କାଂବୁଡ଼୍; ଶିରକମଳ– ଶିରକଂବଳ (ସାରଳା ମହାଭାରତରେ ଭୀମପୁତ୍ର ବୀରବଳୀର ଶିରକଂବଳ ଦେବା ଦେଖ); ''ଆଶ୍ୱାସି କଂବଳେ (କୋମଳେ) କହିବ''– ଯମ ପୁରାଣ; 'ଯାଂବଳାର୍ଜ୍ଜୁନ' ପ୍ରଭୃତିର ବିଚାର ଆଦୌ ହୋଇ ନାଇ । ପୁଣି ଓଡ଼ିଆରେ ବେଶ ହୁଏ ଭେଶ (ବେହେଶ); ସ୍ନାନ ହୁଏ ସ୍ନାହାନ, ଚଳ ହୁଏ ଚହଲ୍; ଯା, କା, ତା ହୁଏ ଯାହା, କାହା, ତାହା ଇତ୍ୟାଦି । ଅନ୍ୟତ୍ର– ବର୍ତମାନ ହୁଏ, ବ୍ରତମାନ; ପୁରୁଷୋତ୍ତମ ହୁଏ, ପୁରସ୍ତମ । ଏ ସବୁର କୌଣସି ବିଚାର କେବେ ହୋଇ ନାଇ । ବରଂ ଅନେକେ ଖାମଖିଆଲିରେ ଏଥିରୁ ଗୋଟାଏ ଅଧେ ଧରି ସଂସ୍କୃତ ନିକଷରେ କଷିଦେଇ ଅଶୁଦ୍ଧ ବୋଲି ଅଳିଆ ଟୋକେଇକି ଫିଂଗି ଦିଅଂତି ।

ଏପରି ସ୍ଥଳେ ଉପକାରିତା ହେବ କି ଉପକାରୀତା ହେବ, ଏହା ଖୋଜିବା ମଲାପୁଅର ଷଠି ଘର ପରି ଲାଗୁଚି । ସଂସ୍କୃତରେ ଉପକାରୀ କହିଲା ବେଳେ ଦୀର୍ଘ 'ରୀ' ଓ ଉପକାରିତା କହିଲାବେଳେ ହ୍ରସ୍ୱ 'ରି' କହୁଥିଲେ । ଓଡ଼ିଆରେ କିଂତୁ ସେ ସବୁର ସ୍ୱତଂତ୍ର ଆଲୋଚନା ଦରକାର ।

ବାସ୍ତବିକ୍, ଉଚିତ୍, ବର୍ତମାନ୍ ପ୍ରଭୃତି ଉଚ୍ଚାରଣରେ ଠିକ୍ । ମାତ୍ର ସେ ସବୁର ଲିପି ବ୍ୟବହାର ବିଚାର୍ଯ । ମୋର ସେଠାକୁ ଯିବା ଉଚିତ୍ ନୁହେ । ମୁଁ ସେଠାକୁ ଯିବା ଉଚିତ୍ ନୁହେ । ଦୁଇଟିଯାକ ପ୍ରୟୋଗ ସାଧୁ । ଓଡ଼ିଆରେ ଏହା ଛଡ଼ା ମଧ ସ୍ପଷ୍ଟ ଭାବରେ ବିକଳ୍ପେ କର୍ତାରେ ଷଷ୍ଠୀ ବିଭକ୍ତି ହୁଏ । ଯଥା– ରାମ ମୁଁ ଦିହେଁ ଯିବୁ; ରାମର ମୋର ଦିହେଁ ଯିବୁ ।

'ଘଟଣା' ଓଡ଼ିଆରେ ଶୁଦ୍ଧ । 'ନ' ଠାରେ 'ଣ' ପ୍ରାକୃତରେ ସାଧାରଣ । ଯଥା–

''ଭଦ୍ଦଂ ହୋଉ ସଅସ୍ସଇଅ କଇଣୋ
ଣଂଦଂତୁ ବାସାଇଣୋ
ଅଣ୍ଣାଣଂ ବି ପଆ ପଅଦ୍ଦଉ ବଆ
ବାଣୀ ଛଇଲ୍ଲପିଆ
ବଚ୍ଛୋମୀ ତହ ମାଗହୀ ଫୁରଉ ଣୋ
ସାକିଂଚ ପଂଚାଳିଆ ।''

–କର୍ପୂର ମଂଜରୀ

କଇଣୋ (କବିନଃ– କବୟଃ); ଣଂଦଂତୁ (ନଂଦଂତୁ); ବାସାଇଣୋ (ବ୍ୟାସାଦିନଃ– ବ୍ୟାସାଦୟଃ); ଅଣ୍ଣାଣଂ (ଅନ୍ୟାନଂ); ଣୋ (ନଃ, ଅସ୍ମାକଂ) ।

ଓଡ଼ିଆରେ ସେଇପରି ହଣା (ହନ୍‌ରୁ), ଖଣା (ଖନ୍‌ରୁ), ଢଣା (ଢ଼ଞ୍ଚଆରୁ) ଇତ୍ୟାଦି ।

Digitized by PPRACHIN, SOA

ଘଟଣ ଶ୍ରୀମୁଖ ସୁଂଦର– କମଳ ଲୋଚନ ।

ସଂସ୍କୃତର 'ଅନ' ଓ 'ଅନା' (ପ୍ରାର୍ଥନା, ସାଧନା ଇତ୍ୟାଦି) ପ୍ରତ୍ୟୟ ଓଡ଼ିଆରେ ଣ ଣି ଓ ଣା ହୁଏ । ଯଥା :– ଜଣାଣ (ଜ୍ଞାପନ), ବଖାଣ (ବ୍ୟାଖ୍ୟାନ), କଢ଼ାଣ, ବସଣି, ଦେଏଣି, ପାଳଣା, ଗଢ଼ଣ, ଜାଳେଣି, ପାଉଣା, ଅକଳଣା, କଳଣା ଇତ୍ୟାଦି ।

ବୁଦ୍ଧିମାନ୍ ପ୍ରଭୃତି ହସଂତ ବିହୀନ ହେବା ଓଡ଼ିଆ ଲିପିର ଅସୁବିଧାରୁ ହେଉଚି । ଲିପିର ସ୍ୱତଂତ୍ର ବିଚାର ଓ ଶୋଧନ ଲୋଡ଼ା ।

ଓଡ଼ିଆରେ 'କ୍ଲୀବଲିଂଗ' ବୋଲି ବ୍ୟାକରଣରେ ରହିବା ଠିକ୍ ନୁହେ । ଏହା ଅଂଧ ପରି ସଂସ୍କୃତକୁ ଅନୁକରଣ କରିବାରୁ ହୋଇଚି ।

'କାଳୋଇ ଆଂବ' ପ୍ରଭୃତିରେ 'କ୍ୱାଳୋଇ' ପ୍ରଭୃତି ସ୍ତ୍ରୀଲିଂଗ ପଦର ବିଚାର ଓଡ଼ିଆ ବ୍ୟାକରଣ ଲେଖାହୋଇଥିଲେ, ସେଥିରେ ଥାଆଂତା ।

'ଗୁଣର', 'ସୁଧାର' ପଦ ଦିଓଟିରେ ବିଶେଷଣରେ ଷଷ୍ଠୀ ଚିହ୍ନ ଲାଗିନାଇ । 'ଗୁଣ' ଓ 'ସୁଧା' ବିଶେଷଣ ନୁହଂତି । ଏଠାରେ ବିଶେଷ୍ୟରେ ଷଷ୍ଠୀ ଚିହ୍ନ ଲାଗି ବିଶେଷଣ ହୋଇଚି । ଷଷ୍ଠୀ ଚିହ୍ନର ପ୍ରକୃତି ହେଉଚି ବିଶେଷ୍ୟକୁ ସଂବଂଧୀ ପଦର ବିଶେଷଣ କରିଦେବା । ଆମ (ର) ଘର, ରାମ (ର) ଘର, ବାବୁଂକ ଘର, ବଡ଼ ଘର, ସାନ ଘର– ପ୍ରଭୃତି ସର୍ବତ୍ର ପୂର୍ବପଦଗୁଡ଼ିକ ଘର ପଦର ବିଶେଷଣ ।

ଓଡ଼ିଆର କାଳ ବିଚାର ପାଇଁ ପ୍ରକାଶିତ ପଂଡ଼ିତ ନୀଳକଂଠ ଦାସଂକ "ଓଡ଼ିଆ ବ୍ୟାକରଣ" ଦେଖ । ଓଡ଼ିଆର କାଳ ବିଚାର ଅତି ସରଳ ଓ ବିଜ୍ଞାନସଂମତ । ଅନଦ୍ୟତନ, ପ୍ରାଗ୍‌ଭବିଷ୍ୟତ୍ ପ୍ରଭୃତି ପରି ଭାଷା କିଏ କିପରି କେବେ ଭର୍ତି କଲା ଠିକ୍ କହି ହେଉ ନାଇ । ନିମାଇବଲ୍ଲଭ ବିଦ୍ୟାସାଗର 'ସର୍ବସାର ବ୍ୟାକରଣ'ରେ ଏହା ଆରଂଭ କରିଥିଲେ । ରାଧାନାଥ ରାୟ ଏହାର ମାତ୍ରା ବଢ଼ାଇଚଛଂତି ବୋଲି ମନେ ହୁଏ । ମାତ୍ର ଓଡ଼ିଆ ବ୍ୟାକରଣ ହିସାବରେ ଦେଖିଲେ, ଏ ସବୁ ପ୍ରମାଣ କରୁଚି, ଏ ସବୁର ଉଦ୍‌ଭାବକ ପୋଷକମାନେ, ଓଡ଼ିଆର କାଳ କେବେ ଅନୁସଂଧାନ କରି ନାହାଂତି । ବ୍ୟାକରଣରେ ଭାଷା ବିଜ୍ଞାନ ଜଡ଼ିତ ଅଛି । ପୁଣି ବିଜ୍ଞାନ ହେଉଚି ଶୃଂଖଳିତ ଚିଂତା । 'ନାନା ପ୍ରକାର', 'ଅନେକ ଗୁଡ଼ିଏ' ପ୍ରଭୃତି ଡବଲ ବହୁବଚନ ପ୍ରୟୋଗ ଓଡ଼ିଆରେ ସୁପ୍ରତିଷ୍ଠିତ, ତେଣୁ ତାହା ଅସାଧୁ ହୋଇ ନ ପାରେ । ମାତ୍ର ଏପରି ପ୍ରୟୋଗର ତତ୍ତ୍ୱ ଅନୁସଂଧାନ କରିବାର ଅଛି । କିଛି ବିଚାର ନ କରି କହିଲେ କୁହାଯିବ ଏହା ବିଶେଷ ପ୍ରୟୋଗ । 'ଆଂଭେମାନେ' 'ତୁଂଭେମାନେ' ମଧ୍ୟ ଡବଲ ବହୁବଚନ । ସଂସ୍କୃତରେ ମଧ୍ୟ 'ମୁଁ' ଅର୍ଥରେ 'ଅହଂ' ନ କହି 'ବୟଂ' କହିବା ବିଧି । ସୂତ୍ର ଅଛି– 'ଅବିଶେଷଣସ୍ୟ ଅସ୍ମଦ୍ ଶବ୍ଦସ୍ୟ ବହୁତ୍ୱଂ ।"

ପ୍ରୟୋଜନୀୟ ଅନୁକରଣରେ ଆବଶ୍ୟକୀୟ ଲେଖା ଓଡ଼ିଆରେ ଚଳିଯାଇଚି । ଏହା ଅପସଂସ୍କୃତ ହେଲେହେଁ, ପ୍ରୟୋଗ ବାହୁଲ୍ୟ ହୋଇଯାଇ ଥିବାରୁ ଏହାକୁ 'ନିପାତନ'ରେ ଧରିବା ଠିକ୍ ହେବ ।

Digitized by PPRACHIN, SOA

ବଂଗଳାରେ ବହୁ କାଳରୁ 'ମୁଇଁ' ଲୋପ ପାଇଚି । ଏକବଚନରେ ବହୁବଚନାର୍ଥକ 'ଆମି' ଚଲେ । ଓଡ଼ିଆରେ ଏହା ହେବ 'ଆମେ । 'ତୁଇ' ଓ ଅମାନ୍ୟାର୍ଥକ 'ସେ' ବଂଗଳାରେ ଏବେ ବି ଲୋପ ପାଇ ନାଇ । ସେ ଦୁଇଟିର ପ୍ରୟୋଗରେ ବହୁବଚନ କ୍ରିୟାର ପ୍ରଭେଦ ଅଛି । ମାତ୍ର ଅନ୍ୟାନ୍ୟ ସରଳତା ସଂଗେ ଏକବଚନ ଓ ବହୁଚନ କ୍ରିୟାର ସମତା ଭାଷାର ପ୍ରଗତିରେ କ୍ରମେ ପ୍ରକାଶ ପାଇବାର କଥା, ତା' ଯେ କାରଣରୁ ହେଉ । ଇଂରେଜୀରେ ମଧ୍ୟ I ଓ We (ମୁଁ ଓ ଆମେ)ର କ୍ରିୟା ସମାନ ହୋଇଯାଇଚି । Thou (ତୁ) You (ତୁମେ) ହୋଇଯାଇଛି । He (ସେ)ର ମଧ୍ୟ th, eth ବିଭକ୍ତି s, es ହୋଇଚି ଓ କ୍ରମେ ବରାବର ଲୋପପାଇବ ।

ଡ, ଡ଼ ; ଢ, ଢ଼—ର ଉଚ୍ଚାରଣ ଭେଦ ବ୍ୟାକରଣରେ ସ୍ପଷ୍ଟ ନିର୍ଦ୍ଦେଶ କରି ହେବ । ତାହା କଲେ, ବିଂଦୁ ଦେଇ ଚିହ୍ନାଇବା ଦରକାର ନାଇ । ଶବ୍ଦର ପ୍ରଥମରେ ଥିବା ଓ ଅନୁସ୍ୱାର ଛଡ଼ା ଅନ୍ୟ ବର୍ଣରେ ଯୁକ୍ତ ଥିବା 'ଡ' ମୂର୍ଦ୍ଧଣ୍ୟ; ଅନ୍ୟତ୍ର ଟିକିଏ ତାଲବ୍ୟ (ଡ଼) ଉଚ୍ଚାରଣ ପାଏ । ଢ ସଂବଂଧରେ ସେଇୟା ।

ବାହ୍ୟ, ସହ୍ୟ ପ୍ରଭୃତିକୁ ବାଜ୍‌ହ୍ୟ, ସହ୍‌ଜ୍ୟ ପ୍ରଭୃତି ପରି ଉଚ୍ଚାରଣ କରିବା ବଂଗଳାର ଅଯଥା ଅନୁକରଣ । ଓଡ଼ିଆରେ ବ୍ୟଂଜନରେ ଯୁକ୍ତ 'ୟ୍' (କ୍ୟ-ମାତ୍ରା) ସର୍ବତ୍ର 'ୟ' ଉଚ୍ଚାରଣ ପାଏ; 'ଜ୍' ବା 'ଜ୍ୟ' ହୁଏ ନାଇ । ୧ମ, ୨ୟ ପ୍ରଭୃତି ସଂକେତ । ଲିପିରେ ସେ ସବୁ ବିଚାର୍ଯ୍ୟ । ସେଥିରେ ଭାଷା ବା ବ୍ୟାକରଣର କିଛି କ୍ଷତି ନାଇ, ବରଂ ଲେଖା ସହଜ ହେବ ।

ପ୍ରଚଳିତ ବ୍ୟାକରଣମାନଂକରେ ଓଡ଼ିଆ ଶବ୍ଦର ବିଚାର ନାଇ, ଯାହା ବା ଅଛି, ତାହା ଅନାଦରରେ ଅଭିଶପ୍ତ ପରି ପୁସ୍ତକରେ ଲାଗି ରହିଚି ମାତ୍ର । ପିଲାଏ ସ୍କୁଲ ବାହାରେ ସର୍ବତ୍ର ଯେଉଁ ଭାଷା ଶୁଣୁଚଂତି, କହୁଚଂତି, ସ୍କୁଲରେ ତା'ର ପରିଚୟ ପାଉ ନାହାଂତି । ଶିକ୍ଷା ଏଥିରେ ପ୍ରତିହତ ହେଉଚି । ମାତୃଭାଷାରେ ଶିକ୍ଷା ଦେବାର ଉଦ୍ଦେଶ୍ୟ ହେଉଚି, ଶିକ୍ଷାମଂଦିରରେ ଶିଶୁକୁ ସର୍ବଦା ସ୍ୱାଭାବିକ ବେଷ୍ଟନୀରେ ରଖି ବଢ଼ାଇବାକୁ ହେବ । ମାତ୍ର ଆମ 'ପୁସ୍ତକ ଓଡ଼ିଆ' ବା ତଥାକଥିତ ଶୁଦ୍ଧ ଓଡ଼ିଆରେ ସେ ବେଷ୍ଟନୀ ମିଳୁ ନାଇ । ଏଣେ ପୁଣି ସ୍ୱାଭାବିକତାକୁ ସ୍କୁଲ ଘରେ ପଦେ ପଦେ ବାଂଧି ଦେବାରୁ ବାହାରେ ବିପ୍ଳବର ସୃଷ୍ଟି ହେଉଚି; କୌଣସି ନିୟମ ବା ବୈଜ୍ଞାନିକ ଶୃଂଖଳା ରହୁନାଇ । ଯାହା ମନକୁ ଯାହା ପାଉଚି ସେ ସେପରି କହୁଚି ଓ ଲେଖୁଚି । ପ୍ରଗତିରେ ଏହା ଶୁଭଲକ୍ଷଣ ନୁହେ । ସ୍କୁଲ ଓ ବାହାରର ସାମଂଜସ୍ୟ ଛିଂଡାଇ ଦେଇ ପାଂଡିତ୍ୟର ଅହଂକାର କରିବା ବିଜ୍ଞତା ନୁହେ—ବରଂ ଏ ଯୁଗରେ ରୁଚିହୀନତା ।

ଅବଶ୍ୟ ପାଠଶାଳାର ଏ କୃତ୍ରିମତା ଏ ଦେଶରେ ଆଜିର ନୁହେ । ଗୁରୁ ଗୃହରେ ବେଦ ପାଠବେଳେ ମଧ୍ୟ ଏହା ଥିଲା । ପ୍ରାକୃତଭାଷା ଏ ଦେଶରେ ଘୃଣ୍ୟ ବା ହେୟ ଥିଲା । ସେଥିପାଇଁ ଶିକ୍ଷାର ନାମ ଏ ଦେଶରେ ଲେଖାପଢ଼ା । କେବଳ ଭାଷାଟାଏ ଶିଖିବାଇ

Digitized by PPRACHIN, SOA

ଯେପରି ଜୀବନର ଉଦ୍ଦେଶ୍ୟ । ଜୀବନ ସଂଗ୍ରାମର ସ୍ୱଳ୍ପତାରେ ଏ ଉଦ୍ଦେଶ୍ୟ ଏକ ପ୍ରକାର ଠିକ ଥିଲା । ଇଉରୋପରେ ମଧ୍ୟ ସେଇପରି ପ୍ରାଚୀନ ଲାଟିନ ଭାଷା ସମସ୍ତେ ଶିଖୁଥିଲେ । ଇଂରେଜୀରେ ସେଥିପାଇଁ ଲେଖାପଢ଼ା ବୋଇଲେ Three r's (reading, writing, (A) rithmetic) ତିନୋଟି ଆର୍ ବା ପଢ଼ା, ଲେଖା ପୁଣି ହର୍, ଗୁଣ୍, ଫେଡ଼୍, ମିଶା ଶିଖିବା । ଏକାଳରେ ଇଉରୋପରେ ଆଉ ସେକଥା ନାଇ । କିଂତୁ ପୁଣ୍ୟ 'ସତୀଦାହ' ଓ ସପ୍ତବର୍ଷୀୟା କୁମାରୀଦାନକୁ ଝୁରିଲା ପରି, ଏ ଦେଶରେ ସେଇ ଲେଖା ପଢ଼ା ମାତ୍ର ଶିଖିବା ପାଇଁ ଶିଶୁର ସବୁ ପରିଶ୍ରମ ଲୋଡ଼ା ହେଉଚି । ଜୀବନର ବିକାଶପ୍ରତି ଲକ୍ଷ୍ୟ ନାଇ । ଭାଷାକୁ କୃତ୍ରିମ କରି ଶିଖାଇଲେ, ଜୀବନ ବିକାଶକୁ ଦୃଷ୍ଟି ଯିବ ନାଇ । ସେଥିପାଇଁ ଜନମୁଖର ଓଡ଼ିଆଭାଷାକୁ ସ୍କୁଲରେ ଶିଖାଇବାକୁ ହେବ । ବ୍ୟାକରଣ ସେଇ ପଂଥା ଧରିବା ଉଚିତ ।

ପଂଡ଼ିତ ମହାଶୟ ଯଥାର୍ଥ ଓଡ଼ିଆ ବ୍ୟାକରଣର ଆଲୋଚନା ଲୋଡ଼ିଚଂତି । ସାଧୁ । ଏପରି ଆଲୋଚନା ପାଇଁ 'ନବଭାରତ' ଉନ୍ମୁକ୍ତ ।

[ନବଭାରତ, ମୀନ ୧୩୪୭]

## ଓଡ଼ିଆ ଭାଷା ଓ ବ୍ୟାକରଣ

ସମାଜର ଗତି ସଂଗେ ଓଡ଼ିଆ ଭାଷାର ବିକାଶ ହୋଇ ନାଇ । ଲିଖିତ ଭାଷାରେ ତ ହୋଇନାଇ, କଥିତ ଭାଷାରେ ବି ତା ହୋଇପାରିନାଇ । କେବଳ ଓଡ଼ିଆର ନୁହେ, ଭାରତର ଅନ୍ୟାନ୍ୟ ଅନେକ ଭାଷା ବିଶେଷରେ ସଂସ୍କୃତମୂଳକ ଭାଷାର ଏଇ ଅବସ୍ଥା । ଆର୍ଯ୍ୟାବର୍ତ ବା ଉତ୍ତର-ପଶ୍ଚିମ ଭାରତରେ ବହୁ ଶତାବ୍ଦୀ ଧରି ସଂସ୍କୃତମୂଳକ ଭାଷା ପଶି, ସେଠାରେ ପାହାଡ଼ୀ ଜଂଗଲୀଂକ ମଧ୍ୟରେ ବି ସଂସ୍କୃତମୂଳକ ଭାଷା ମାତୃଭାଷା ହୋଇଯାଇଚି । ଓଡ଼ିଶା ପ୍ରଭୃତି ଆର୍ଯ୍ୟାବର୍ତର ଉପାଂତ ବା ବାହାର ଭୂମିରେ ଏବେ ମଧ୍ୟ ଅନେକ ଆଦିମବାସୀଂକ ମଧ୍ୟରେ ଓଡ଼ିଆ ମାତୃଭାଷା ହୋଇ ନାଇ । କଂଧ, ମୁଂଡା, ହୋ, ଓରାଓଁ, ଶବର ପ୍ରଭୃତି ଜାତି ଏବେ ବି ନିଜ ମଧ୍ୟରେ ନିଜର ଭାଷା ବ୍ୟବହାର କରଂତି । ସେ ସବୁ ଭାଷା ସଂସ୍କୃତମୂଳକ ନୁହେ ।

ଅଂତତଃ, ପ୍ରାୟ ଅଢ଼େଇ ହଜାର ବର୍ଷ ହେବ ଏଇ ଓଡ଼ିଆ ଭୂମିରେ ସଂସ୍କୃତ-ମୂଳକ ଭାଷା ପୂରାଇବାର ଉଦ୍ୟମ ଚାଲିଆସିଚି । ଉପର ଆଡୁ ଏ ଭାଷା ପଶି ଆଦିମ ବାସୀଂକ ଆଡ଼କୁ ପ୍ରସରୁଚି । କ୍ରମେ ଆଦିମ ବାସୀଂକ ଭାଷାର ଶବ୍ଦ ଓ ଅନ୍ୟାନ୍ୟ ଲକ୍ଷଣମାନ ବି ଓଡ଼ିଆରେ ପଶିଯାଇଚି । କିଂତୁ ତଥାପି ଭାଷାର ସ୍ୱାଧୀନ ଗତି ହେଉ ନାଇ । ଲୋକସାହିତ୍ୟ ଫୁଟୁ ନାଇ ।

ଏହାର କାରଣ, ସଂସ୍କୃତମୂଳକ ଭାଷା ଗ୍ରାସ କରିବା ପାଇଁ ଯେପରି କି ସବୁବେଳେ ଚାହିଁ ବସିଚି; ଥରକୁଥର ଲୋକଭାଷାକୁ ଆକ୍ରମଣ କରୁଚି । ତେଣୁ ଭାଷା କୃତ୍ରିମ ହୋଇ

Digitized by PPRACHIN, SOA

ରହିଚି । ହିଂଦୀଭାଷାରେ ଏଇ କୃତ୍ରିମତା ସେତେ ଏବେ ନାଇ । ମାତ୍ର ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା, ବଂଗ ଓ ଆସାମରେ ଏଇ କୃତ୍ରିମତା ସ୍ପଷ୍ଟ ।

ଏଇ ଓଡ଼ିଶାର କଥା ଦେଖ । ଅଂତତଃ ଅଶୋକଂକ କାଳରୁ ବିହାରର ସଂସ୍କୃତ-ମୂଳକ ଭାଷା ଏ ଭୂମିରେ ଚଳାଇବାର ପ୍ରଯତ୍ନ ହୋଇଥିବାର ପ୍ରମାଣ ଶିଳାଲିପିରୁ ମିଳୁଚି । ସେଇ କାଳରୁ ବୌଦ୍ଧ ଓ ଜୈନ ଧର୍ମ ସୂତ୍ରରେ ଗୋଟିଏ ଓଡ଼ିଆ ପ୍ରାକୃତ ଭାଷା ହୁଏତ ବଢ଼ିଆସୁଥିଲା । ଉଚ୍ଚଶ୍ରେଣୀର ଲୋକେ କିଂତୁ ସାହିତ୍ୟାଦିରେ ସଂସ୍କୃତ ବ୍ୟବହାର କରୁଥିଲେ, ଫଳରେ ଲୋକଭାଷା ସେତେ ଆଦୃତ ନଥିଲା । ତେଣୁ ଲୋକ- ଭାଷାରେ ତ ବିଶେଷ କୌଣସି ସାହିତ୍ୟ ଫୁଟି ନାଇ । ଭାଷା ଓ ସାହିତ୍ୟ ସୂତ୍ରରେ ସ୍ଥାନୀୟ ସମାଜ ବିକାଶ ଧରିରଖିବାର କୌଣସି ସ୍ପଷ୍ଟ ପ୍ରଯତ୍ନ ହେବାର ଜଣା ନାଇ ।

କପିଳେଂଦ୍ର ଦେବ ଜଣେ ଯଥାର୍ଥ ଓଡ଼ିଆ ସମ୍ରାଟ । ଏଇ ଦେଶର ଲୋକ-ସାଧାରଣଂକ ଭିତରୁ ସେ ବାହାରିଥିଲେ । ପରଂପରା କହେ ସେ ଜଣେ ଗଉଡ଼ । ଅନ୍ୟାନ୍ୟ ଅନେକ ଆଭ୍ୟଂତରୀଣ ଓ ବାହ୍ୟ କାରଣରୁ ତାହାଇ ସତ୍ୟ ବୋଲି ମନେ ହୁଏ । ତାଂକରି କାଳରେ ଶୂଦ୍ରମୁନି ଶାରଳା ଦାସ ପ୍ରଥମେ ସାହିତ୍ୟରେ ଯଥାର୍ଥ ଲୋକଭାଷା ତଥା ଲୋକରୁଚି ଓ ପରଂପରା ପ୍ରକାଶ କରିଥିଲେ । କେତେଦିନ ତାହା ନିର୍ମଳ ଧାରାରେ ଚଳିଥିଲା । ପ୍ରାୟ ଶହେ ବର୍ଷ ମଧ୍ୟରେ ପୁଣି ସଂସ୍କୃତର ଏକ ଘୋର ଆକ୍ରମଣ । ବୈଷ୍ଣବ ସାହିତ୍ୟରେ ଏହାର ଆରଂଭ । ମାତ୍ର ଏହି ବୈଷ୍ଣବ ସାହିତ୍ୟରେ ଲୋକଭାଷାର ସରଳ ଧାରା ଏକାବେଳକେ ଲୁପ୍ତ ନୁହେ । ମାତ୍ର ଏଇ ଆକ୍ରମଣର ବିକାଶରେ ଫୁଟିଲା କାବ୍ୟଯୁଗ । ଏହାକୁ ଭଂଜୀୟ ଯୁଗ କୁହାଯାଇପାରେ । ଏ ଯୁଗ କାବ୍ୟ ସାହିତ୍ୟର ଥାଉ ଯାହା ଗୌରବ ଓ ବିଶେଷତ୍ୱ ଥାଉ ବା ନଥାଉ, ଓଡ଼ିଆ ଲୋକଭାଷାର ଏହା ସରଳ ଓ ସ୍ୱାଭାବିକ ପ୍ରକାଶ ନୁହେ ।

ତାପରେ ନବଯୁଗ ସାହିତ୍ୟର କଥା କହିବା ନିଷ୍ପ୍ରୟୋଜନ । ଏଥିରେ ଭାଷା କେବଳ ସଂସ୍କୃତବହୁଳ ନୁହେ, ଭାବ ମଧ୍ୟ ବହୁ ପରିମାଣରେ ବିଦେଶୀ । ଲୋକଭାଷା ଓ ଲୋକସାହିତ୍ୟ ଧାରାରେ ଏହା ଫୁଟି ନାଇ । ଏବେ କିଂତୁ ଗୋଟିଏ ପରିବର୍ତନ ଦେଖାଯାଉଛି । ମାତ୍ର ଠିକ୍ ଭାଷା ଓ ସାହିତ୍ୟ ଦୃଷ୍ଟିରେ ସେ ପରିବର୍ତନ ହେଉନାଇ । ନହେଲେ ମଧ୍ୟ ସାହିତ୍ୟ ଓ ଭାଷା ଉପରେ ତାର ପ୍ରଭାବ ପଡ଼ିଆସୁଚି । ଭାଷା ସରଳ ଓ ସ୍ୱାଧୀନ ହୋଇଯାଉଚି । ଅନ୍ୟ ଦିଗରେ ଏ ଗତିକୁ ସଂସ୍କୃତ ଖୁଂଟରେ ବାଂଧିବାର ଯେ ପାରଂପରିକ ଉଦ୍ୟମ ହୋଇ ଆସୁଚି, ସେ ଉଦ୍ୟମର ମଧ୍ୟ ବିରାମ ନାଇ । ସାହିତ୍ୟସେବୀ ହୁଅଂତୁ ବା ସମାଜସେବୀ ହୁଅଂତୁ, ଗତାନୁଗତିକ ହେବା ଲୋକର ପ୍ରକୃତି । ତା' ବିରୁଦ୍ଧରେ ବିଦ୍ରୋହ ସହଜ ନୁହେ । କିଂତୁ ସେ ବିରୋଧ ଦରକାର ହୁଏ । ବିଶେଷରେ ଏ ଲୋକଶାସନ ଯୁଗରେ ସେପରି ବିଦ୍ରୋହ କେବଳ ସହନୀୟ ନୁହେ, ବରଂ ସ୍ପୃହଣୀୟ । ମାତ୍ର ସବୁ ପ୍ରକାର ବିରୋଧରେ ଯେ ବିପଦ ଅଛି, ସେଥିପାଇଁ ସାବଧାନ ହେବାକୁ ହେବ । କେବଳ

Digitized by PPRACHIN, SOA

ଭାଂଗିବାରେ ନ ମାତି ନବ ସାହିତ୍ୟ ଗଢ଼ିବାକୁ ହେବ । ତାହା ହେଉ ନାଇ ବୋଲି ମନେହୁଏ ।

ଉପରେ କିଂତୁ ଯେଉଁ ଗତାନୁଗତିକ ବୃତ୍ତିର କଥା କୁହାଗଲା, ତା'ର ସ୍ପଷ୍ଟ ସଂକେତ ଓଡ଼ିଆ ବ୍ୟାକରଣ । ପୂର୍ବେ ପ୍ରାକୃତ ଭାଷାମାନଂକରେ କଦାଚିତ୍ ବ୍ୟାକରଣ ଲେଖା ଯାଇଥିଲା, ମାତ୍ର ଯାହା ବା ଲେଖାଯାଇଥିଲା ତାହା ସଂପୂର୍ଣ୍ଣ ପ୍ରାକୃତ ଭାଷାର ବ୍ୟାକରଣ ବୋଲି ମନେ ହେଉ ନାହି । ବରରୁଚିଂକ ପ୍ରାକୃତ ପ୍ରକାଶ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ସେଥିରେ କେବଳ କେତେଗୁଡ଼ିଏ ବର୍ଣ୍ଣ ପରିବର୍ତ୍ତନର ନିୟମ ଧରି, ସଂସ୍କୃତ ଶବ୍ଦ ସବୁ ଲୋକମୁଖରେ କି ଆକାର ଧରିପାରେ, ସେଇ କଳନା ମାତ୍ର ଘେନି ପ୍ରାକୃତ ଭାଷାଟିକୁ ଗୋଟିଏ ଛାଂଚରେ ପକାଇ ଦିଆଯାଇଛି ମାତ୍ର । 'ମାଗଧୀ'କୁ 'ମାଅହି', 'ଅନ୍ୟାନ୍ୟ'କୁ 'ଅଣ୍ଣାଣ', ଲାଇ 'ପ୍ରବର୍ତ୍ତିତୁ'କୁ 'ପଥଦ୍ଦଉ' ପ୍ରଭୃତି ପରି ସଂସ୍କୃତକୁ ପ୍ରାକୃତ କରିବାକୁ ହେବ । ସମସ୍ତେ ଯେ କିଂତୁ ଏଇ ନିୟମରେ କଥା କହୁଥିବେ, ଏହା ମନେ ହେଉ ନାହି । ଏବେ ମଧ ଏଇ ଓଡ଼ିଶାରେ ଲୋକେ କେହି କହଂତି 'ଶଗଡ଼', ପୁଣି କେହି କହଂତି 'ଶଅଡ଼', କେହି କହଂତି 'ବଳଦ', କେହି କହଂତି 'ବଅଲ' । 'ରାତ୍ରିକୁ' କହଂତି 'ଆତି, କିଂତୁ 'ରାତି ଆସ'କୁ 'ଆତି ଆସ' ପ୍ରାୟ କହଂତି ନାହି । 'ନଗର' ଓ 'ନଅର' ଦୁଇଟିଯାକ ଶବ୍ଦ ବ୍ୟବହାର କରଂତି– ମାତ୍ର ଭିନ୍ନ ଭିନ୍ନ ଅର୍ଥରେ । 'ନାଗରୀ'କୁ କେହି କୌଣସି ଅର୍ଥରେ 'ନାଅରୀ', କିଂବା 'ନାଗର'କୁ 'ନାଅର' କହଂତି ନାହି ।

ପୁଣି ଭିନ୍ନ ଭିନ୍ନ ସମୟରେ ନୂତନ ନୂତନ ଭାବରେ ସଂସ୍କୃତ, ଲୋକଭାଷା ବା ପ୍ରାକୃତକୁ ଆକ୍ରମଣ କରିଥିବାରୁ ତଦ୍ଭବ ଶବ୍ଦର ଉଚ୍ଚାରଣରେ ଭେଦ ମଧ୍ୟ ବହୁତ ଅଛି । 'ତୃଣ'କୁ କହଂତି 'ତିରଣ', 'ମୃଗ'କୁ 'ମିରିଗ' । 'ଦୃଶ୍ୟତେ' ହୁଏ 'ଦିଶେ', 'ଦୁଶେ' । 'କୃମି' ହୁଏ 'କୁରୁମି' । 'କୃତ' ହୁଏ 'କଲା'; 'ମୃତ' 'ମଲା'; କିଂତୁ 'ମୃଗିତ' 'ମାଗିଲା' । ଏହିପରି ବହୁପ୍ରକାର ଭେଦମାନ ବରରୁଚି ପ୍ରଭୃତି ତନ୍ନ ତନ୍ନ କରି ବିଶେଷ ଭାବରେ ଦେଖାଇବାର ଉଦ୍ୟମ କରିନାହାଂତି । ପୁଣି ସଂସ୍କୃତ ଅଭିଧାନରେ ନଥିବା ଦେଶୀ ଶବ୍ଦମାନ ମଧ ବିଚାରରେ ଆଣିନାହାଂତି । ସେମାନଂକ ବ୍ୟାକରଣରେ ସେସବୁ ଦରକାର ମଧ ନଥିଲା । ସଂସ୍କୃତ ନାଟକରେ ସଂସ୍କୃତ କଥାକୁ ପ୍ରାକୃତ ରୂପାଂତରରେ ଲେଖିବା ପାଇଁ ଓ ସେଇ ଲେଖାକୁ ପୁଣି ପ୍ରାକୃତ କରି ବୁଝିବାପାଇଁ ହୁଏତ ସେକାଳ ପ୍ରାକୃତ ବ୍ୟାକରଣ ଲେଖାହୋଇଥିଲା ।

ଏବେ ଓଡ଼ିଆରେ ଯେଉଁ ବ୍ୟାକରଣ ଏହି ଯୁଗରେ ଲେଖାହୋଇ ଆସୁଚି, ତା'ର ଗତି ଅନ୍ୟ ଏକ ଆଡ଼େ । ଏହା ପୁଣି ଓଡ଼ିଆକୁ ସଂପୂର୍ଣ୍ଣରୂପେ ସଂସ୍କୃତ ଖୁଂଟରେ ଛଂଦିଦେବାକୁ ଚାହେଁ । ବରରୁଚି ପ୍ରଭୃତିଂକ ସ୍ୱର ନିୟମ ଶୈଳୀ ପର୍ଯ୍ୟଂତ ବି ଏଥିରେ ବିଚାରରେ ଆସୁ ନାହି । ଆମ ଓଡ଼ିଆ ବ୍ୟାକରଣ ଏବେ ଭାଷା ଓ ସାହିତ୍ୟରେ ଏକ ଭୀଷଣ ବିକୃତ ପ୍ରତିକ୍ରିୟାର ସ୍ପଷ୍ଟ ସଂକେତ କହିଲେ ଚଳେ । ଏଥିରେ କେବଳ ଯେ

Digitized by PPRACHIN, SOA

ପ୍ରାକୃତ ସ୍ୱର ନିୟମର ବିଚାର ନାହିଁ ସେତିକି ନୁହେଁ, ଓଡ଼ିଆର ଶବ୍ଦ, ପ୍ରକୃତି ପ୍ରତ୍ୟୟ, ଧାତୁ ଓ ଶବ୍ଦରୂପ ସବୁ ସଂସ୍କୃତ ଛାଂଚରେ ଢଳା । ଓଡ଼ିଆର ଉଚ୍ଚାରଣ ନିୟମରେ 'ଭୋଗମଂଡପ' ହୁଏ 'ଭଅଂଡ', 'ପୁରୁଷୋତ୍ତମ' ହୁଏ 'ପୁରସ୍ତମ' ବା 'ପ୍ରସ୍ତଂ', 'ବର୍ତ୍ତମାନ' ହୁଁଏ 'ବ୍ରତମାନ', 'ସ୍ନାନ' ହୁଏ 'ସ୍ନାହାନ', 'ପୁଷକାଳ' ହୁଏ 'ପୁଷକାହାଳ', 'ବେଶ' ହୁଏ 'ବେହେଶ' ବା 'ଭେଶ' । ମାତ୍ର ଓଡ଼ିଆ ବ୍ୟାକରଣରେ ଏସବୁ ଏବେ ହେଉଛି ଅଶୁଦ୍ଧ । ସେହିପରି ଥୋଡ଼ପାହାରିଆ, କଳିକାଂଡୋଇ, ମଣସମରା ପ୍ରଭୃତିର ବିଚାର ନାହିଁ । ଥିଲେ ମଧ୍ୟ ଏହା ଅସାଧୁ । ଭକ୍ତି, ପ୍ରୀତି ପ୍ରଭୃତି ସଂଗେ ଖାଉତି, ଲଗୁତି, ସିଲାଇର ବିଚାର କିଛି ନାହିଁ । ଧାତୁରୂପରେ ଉପସର୍ଗ ଅଛି, କିଂତୁ ସାହାଯ୍ୟକାରୀ ବା ଦ୍ୟୋତକ କ୍ରିୟା ମୋଟେ ବିଚାରକୁ ଆସୁ ନାହିଁ– ଇତ୍ୟାଦି ବହୁ ଭାବରେ ଦେଖିଲେ, ଦେଖାଯାଏ ଏବର ଓଡ଼ିଆ ବ୍ୟାକରଣ ଆଦୌ ଓଡ଼ିଆଭାଷାର ବ୍ୟାକରଣ ନୁହେ । .

ଆଜି ପୁଣି ଏପରି ଗତାନୁଗତିକ ପରଂପରା ପଡ଼ିଯାଇଛି ଯେ, ସମସ୍ତେ ହଠାତ୍ ଏକଥା ବୁଝିବେ ନାଇ । ଏହା ପରୀକ୍ଷା କରି ବୁଝିବାପାଇଁ ଗୋଟିଏ ମାପର ସଂକେତ ଦିଆଯାଉଛି । ଧର, ଜଣେ ଜାପାନୀ, ଆମେରିକାନ୍ ବା ଇଂରେଜ ଓଡ଼ିଆ ଭାଷା ପଢ଼ିବ । ଆମ ବ୍ୟାକରଣ ଧରି ପଢ଼ିଲେ, ସେ ଓଡ଼ିଶାରେ ଆସି ଓଡ଼ିଆଂକ କଥା ବୁଝିପାରିବ ତ ? ସେମାନଂକ ଭାଷା ଲେଖି କହି ପାରିବ ତ ?

ଭାଷାରୁ ବ୍ୟାକରଣ ହୁଏ, ବ୍ୟାକରଣରୁ ଭାଷା ହୁଏନାହିଁ । ବ୍ୟାକରଣରୁ ଯେଉଁ ଭାଷା ହୁଏ ତା' ଚଳିତ ଭାଷା ନୁହେଁ; ତାକୁ କହଂତି ମୃତଭାଷା । ଓଡ଼ିଆ ଭାଷାକୁ ଅତି ଶୀଘ୍ର ଜୀବଂତ ଓ ସ୍ୱାଧୀନ କରିବା ଉଚିତ । ସେ ଦୃଷ୍ଟିରେ ବ୍ୟାକରଣ ଲେଖା ଆଦୌ କର୍ତ୍ତବ୍ୟ ।

[ନବଭାରତ, ମକର ୧୩୪୭]

# କବିତାର ରୂପ ରସ

ରୂପ ଅର୍ଥାତ୍ ସ୍ୱରର ନିୟତ ଗତି Rhythm ହେଉଚି କବିତାର ଶରୀର ଓ ରସ ବା ଅନୁଭୂତିର ସଂକେତ ହେଉଚି କବିତାର ପ୍ରାଣ । ସ୍ୱରର ନିୟତ ଗତି ପ୍ରକାଶ ପାଏ ବ୍ୟବହୃତ ପଦରେ ଓ ରସ ପ୍ରକାଶ ପାଏ ଅର୍ଥରେ । ମଧ୍ୟଯୁଗର ଓଡ଼ିଆ କବିତା ଶରୀର ଶୋଭାରେ ପୂର୍ଣ୍ଣ ଓ ପୁଷ୍କଳ । ସେଯୁଗର ଓଡ଼ିଆଣୀଂକ ଅଳଂକାର ଶୋଭାକୁ ଏହା ବଳିଚି । ତେଣୁ ରସ ଏଥିରେ ସର୍ବଦା ଅର୍ଥର ସଂକେତ ମାତ୍ର ନୁହେଁ; ଏହା ଅର୍ଥର ପୂର୍ଣ୍ଣ ପ୍ରକାଶ । ଏବେ କିଂତୁ ରୂପ ସରଳ ସୁଂଦର ହୋଇଯାଉଚି ଓ ସଂକେତରେ ରସ ପ୍ରକାଶ ପାଇବାର କଥା, ତାହା ହୋଇଆସୁଚି । ସମାଜର ରୁଚି ସମସ୍ତ କ୍ଷେତ୍ରରେ ମଧ୍ୟ ଏଇ ବିକାଶ **ଲୋଡୁଚି** । ଘର, ଦୁଆର, ଖଟ, ପିଢ଼ା, ବାହନ ପ୍ରଭୃତି ସର୍ବତ୍ର ଏହା ଲକ୍ଷ୍ୟ କରାଯାଇପାରେ ।

Digitized by PPRACHIN, SOA

ନାରୀ ପୁରୁଷର ଶରୀର ଶୋଭା ସଂପାଦନ ଓ ଭାବ ପ୍ରକାଶରେ ଏହା ମଧ୍ୟ ଦେଖାଯାଏ । କବିତାରେ ସେଇପରି ।

ପଦ ବିନ୍ୟାସ କବିତାର ଶରୀର । ଏଥିରେହିଁ ରୂପ ଦେବାର କଥା । ଓଡ଼ିଆ ସ୍ୱରର ଉଚ୍ଚାରଣ ଦ୍ରାବିଡ଼ ରୀତିରେ । ସେଥିରେ ହ୍ରସ୍ୱ ଦୀର୍ଘ, ଗୁରୁ ଲଘୁ ନାହି । ସଂଗୀତ ଗତିରେହିଁ ଏହା ଗାୟକର ରୁଚି ଧରି ପ୍ରକାଶ ପାଏ । ଏବେ କିଂତୁ ଇଂରେଜୀ– ବିଶେଷରେ ବଂଗଳାର ସ୍ୱର-ପ୍ରକାଶରେ ତା'ର ସୌଷ୍ଠବ ଦେଖି ଓଡ଼ିଆକୁ ସେଥିରେ ପ୍ରକାଶ କରିବାର ଉଦ୍ୟମ ନବୀନମାନଂକ ମଧ୍ୟରେ ଦେଖାଯାଉଚି । କିଂତୁ ତା'ର ସୌଷ୍ଠବରେ ଯଥାର୍ଥ ନିୟମିତତାଟି ଆହରଣରେ ପ୍ରକାଶ କରିବା ଦରକାର । ଅତି ଅଳ୍ପ ସଂଖ୍ୟକ ଲେଖକଂକ ଛଡ଼ା, ତାହା ଆଉ କେହି ଠିକ୍ କରି କହୁନାହାଂତି । ତେଣୁ ଅନୁକରଣଟି ଆପଣାର ଜିନିଷ ହେବା ଆଡ଼କୁ ଯାଉନାହି ।

ଏଇ ଗୁରୁ ଲଘୁ ଓ ହ୍ରସ୍ୱ ଦୀର୍ଘ ନିୟମ ସଂସ୍କୃତରେ ସ୍ପଷ୍ଟ । ସେଥିରେ ସ୍ୱରମାନଂକର ହ୍ରସ୍ୱ ଦୀର୍ଘ ଅଛି । ପୁଣି ଯୁକ୍ତବର୍ଣର ପୂର୍ବ ବା ହଲଂତଯୁକ୍ତ ଅଥବା ଅନୁସ୍ୱାର ବିସର୍ଗଯୁକ୍ତ ସ୍ୱର ଗୁରୁ ଉଚ୍ଚାରଣ ପାଏ । ସଂସ୍କୃତର ଉଚ୍ଚାରଣ ଠିକ୍ ସେଇ ନିୟମରେ ହୁଏ । ସେଇ ନିୟମରେ ସଂସ୍କୃତ ସ୍ୱର ବଂଧା । ଗୁରୁ ଓ ଦୀର୍ଘ ଦୁହିଁକୁ ମଧ୍ୟ ସଂସ୍କୃତରେ ଗୁରୁ କୁହାଯାଏ । ହିଂଦୀରେ ଏବେ ଏହା ଅଛି ।

ବଂଗଳାର କିଂତୁ ଉଚ୍ଚାରଣରେ ସ୍ୱରର ପ୍ରକୃତି ତା ନୁହେ । ଏଥିରେ ଅନୁସ୍ୱାର ବିସର୍ଗ ଓ ହଲଂତ ବର୍ଣଯୁକ୍ତ ସ୍ୱର ସର୍ବଦା ଗୁରୁ । ସ୍ୱଆ ମଧ୍ୟରେ ଐ (ଆଇ) ଓ ଔ (ଅଉ) ଦୀର୍ଘ ବା ଗୁରୁ । ସେଇ ରୀତିରେ ବଂଗଳାରେ ଏବେ ଅନେକେ ଲେଖଂତି । ଅଷ୍ଟାଦଶ ଶତାବ୍ଦୀର ବଂଗ କବି ଭାରତଚଂଦ୍ର ମଧ୍ୟ ଏଇ ଶୈଳୀରେ ଲେଖିବା ଆରଂଭ କରିଥିଲେ । ଓଡ଼ିଆରେ କିଂତୁ ଏହାର ଆମଦାନୀ କରିବାକୁ ଯାଇ ଅନେକେ ବଡ଼ ଭୁଲ କରୁଚଂତି । ତେଣୁ ଲେଖକ ନିଜେ ନିଜର କବିତା ପଢ଼ି ନ ଶୁଣାଇଲେ ସ୍ୱର ନିୟମ ଧରିବାର ଉପାୟ ରହୁ ନାହି ।

ଏଇ ଆଧୁନିକ ''ଗୌଡ଼ୀରୀତି'' ବା ''ବଂଗରୀତି''ର ସାଧୁ ଆହରଣର ଉଦାହରଣ ସ୍ୱରୂପ କାଳିନ୍ଦୀଚରଣ ପାଣିଗ୍ରାହୀ କବିତାରୁ ଚାରିଧାଡ଼ି ତଳେ ଦିଆଗଲା:–

''ମଣିଷ' 'ମଣିଷ' ଶୁଭିଲା ଦୂରରୁ ଡାକ
ଦୁନିଆର ଯେତେ ଦଳିତ ପୀଡ଼ିତ ଯାକ
ସ୍ପ-ଂଦନ ସେହି ପୁଲକ ପରାସ ରେଖା
ବ-ନ୍ଧୁର ପଥେ ବ-ନ୍ଧୁ ସେ ମୋର ଏକା ।''

ଏଥିରେ ସ୍ୱରର ଦ୍ୱିମାତ୍ରା ବା ଗୁରୁତା ଦେଖାଇବା ପାଇଁ ଅକ୍ଷର ପରେ ଗାର ଦିଆ ହୋଇଚି । ଏହା ନିର୍ଦ୍ଦୋଷ 'ବଂଗରୀତି'ରେ ଲେଖା ।

ଏଇ ଆହରଣରେ ଭ୍ରାଂତି ଦେଖାଇବା ପାଇଁ ଉପେଂଦ୍ର ତ୍ରିପାଠୀଂକ କବିତାରୁ ଦୁଇଧାଡ଼ି ତଳେ ଦିଆଗଲା ।

Digitized by PPRACHIN, SOA

''ମିଳନ ସଂଜ କାହିଁକି ଆଜି ନୟନ କଞ୍ଜ ତଳେ–
କଜଳ ମିଶା ଅ-ଶ୍ରୁକଣା ଅଧୀର ହୋଇ ଦୋଳେ ।''

ଏଥିରେ 'ଅଶ୍ରୁ'ର 'ଅ' ଦ୍ୱିମାତ୍ରକ ବା ଗୁରୁ ହୋଇଚି । ମାତ୍ର 'ସଂଜ' ଓ 'କଂଜ'ର ଆଦ୍ୟ 'ଅ' ଗୁରୁ ହେଲେ ଚଳିବ ନାହି । ଏଥିରେ ଲୋକେ କବିତାଟି ପଢ଼ିବେ କିପରି ? ଏଥିରେ ପୁଣି ଭାଷାର ଲେଖା ସାର୍ବଜନୀନ ହେବ ବା କିପରି ? କବିତା ଗୋଟିଏ ଭାଷାର ଶିଳ୍ପ, ନିୟତ ଅନୁପାତ କଳନା ପୁଣି ଶିଳ୍ପର ଅପରିହାର୍ଯ୍ୟ ବହିରଂଗ ।

ଶବ୍ଦ ମୂଳରେ ଯୁକ୍ତାକ୍ଷର ଥିଲେ ତାହା ଏକମାତ୍ରକ ହେବ । ଓଡ଼ିଆରେ ଶବ୍ଦସବୁ ସଂସ୍କୃତରେ ହେଲା ପରି ଲାଗିଯାଏ ନାହି । 'ଦେଶ-ପ୍ରୀତି', ଏଠାରେ 'ପ୍ରୀ' ଯୋଗେ 'ଶ' ର 'ଅ' ସ୍ୱର ଗୁରୁ ବା ଦୀର୍ଘ ହେବ ନାହି । ସେଇପରି 'ମଧୁବ୍ରତ' ଶବ୍ଦରେ ମଧ 'ଧୁ' ର 'ଉ' ସ୍ୱର ଓଡ଼ିଆରେ ଦୀର୍ଘ ନ ହେଲେ, ହୁଏ । ଏତିକି ମାତ୍ର ଏ କ୍ଷେତ୍ରରେ ନିୟମର ନିପାତନ ପରି ।

ଓଡ଼ିଆ ଛଂଦରେ ପୁଣି ସ୍ୱରମାତ୍ର ନିୟମଗତ ମୂଳ ପାଦ ଦୁଇଟି । ପୂର୍ଣ୍ଣ ଦ୍ରାବିଡ଼ ରୀତିରେ ସର୍ବତ୍ର ସମମାତ୍ରକ ସ୍ୱର ଥିବାରୁ ପୂର୍ବେ ଏହା ଜଣା ପଡୁନଥିଲା, ତେଣୁ ଯତିଭଂଗ ଧରାପଡୁ ନଥିଲା । ଛଂଦପଟୁ ଉପେଂଦ୍ରଭଂଜ ମଧ୍ୟ ଲେଖୁଥିଲେ–

''ପୀରତି ହୋଇ କ–     ଥାଏ ଉପୁଜଇ
ପରମ ରମ୍ୟଟି ସୁଖ
ପବି ପତନ କି–     ପାଁ ଶିରେ ନ କରେ
ଜାଣିଲି ଅତି ପି–ଶୁନ''

(ଲାବଣ୍ୟବତୀ)

ମାତ୍ର ଏବେ କ୍ରମେ ସ୍ୱରର ମାତ୍ର ସ୍ପଷ୍ଟ ହେଉଚି । ସେଥିରେ କବିତାର ଉକ୍ତ ରୂପ ଠିକ ହେବ ନାହି । ଓଡ଼ିଆ ଛାଂଦର ମୂଳ ସ୍ୱର ସଂହତି ବା ପାଦରେ 'ଦ୍ୱିମାତ୍ରକ' ଓ 'ତ୍ରିମାତ୍ରକ' ଥାଏ । ସବୁ ଓଡ଼ିଆ ଛାଂଦରେ ପ୍ରାୟ ଏଇ ଦୁଇ ପାଦର ମିଶ୍ରଣ ହୁଏ । ଏଥିରେ ପୁଣି 'ଏକମାତ୍ରକ' ଓ 'ଚାରିମାତ୍ରକ' ପାଦର ପ୍ରୟୋଗ ମିଳେ । ଏ ଦୁଇଟି ପ୍ରକାର ପାଦ ମିଶ୍ରଣରୁ ବାହାରେ । ଦୁଇ ଦୁଇ ମିଶି ଚାରି ହୁଏ, ଯଥା :–

। ଗିରିବର । ନଂଦିନୀ । ଅଟୁ ତୁହି । ତଟିନୀ ।

ପୁଣି ଦୁଇରେ ଏକ ମିଶି ତିନି ହୁଏ, ଯଥା :–

। ପତନେ । ମୋର ତ । ସୁଖୀ ନୋହେ ଯେହୁ ମନେ
ଦ୍ଳିତ ପୀଡ଼ିତ । ମୋ ତହୁଁ । ଅଧିକ କିଏ ?

ବେଳେ ବେଳେ ଯତି ଠିକ ରଖିବା ପାଇଁ ତିନିରେ ଏକ ମିଶାଇ ଚାରି ଅକ୍ଷର କରିଦେବାକୁ ହୁଏ, ଯଥା :– ସଖା ହୋଇ ଜଣେ । ନ ମିଳିଲା । କାହିଁକି ତ ସୁଖ ଦେଖି ମୋର । ନ ଜଳଇ । ଯାର ଚିତ । କିଂତୁ–

Digitized by PPRACHIN, SOA

ଆଶ୍ଚର୍ଯ୍ୟ ନ ହେଲି ଜାଣିଲି ଅଟେ ଏ
ସ୍ୱର୍ଗୀୟ ସ୍ନେହ ନିଦାନ

ଏଠାରେ ଭାଷାଟି ତ କବିତାର ନୁହେ; ଗଦ୍ୟର । ସେଥିରେ ପୁଣି ଯତି ଦୋଷ । ଆଠ ଅକ୍ଷରିଆ ଚରଣରେ ତିନି+ଦୁଇ+ତିନି ହେଲେ ଯତି ଚଳୁ ନାହିଁ– ସବୁ ଦୁଇ ଦୁଇ ହେବ ବା ତିନି + ତିନି+ ଦୁଇ ହେବ । ଏ ସବୁ ବିଶେଷ ଭାବରେ ଆଲୋଚନା କରିବାର ସ୍ଥାନ ଏ ନୁହେ । ତଥାପି ଓଡ଼ିଆରେ ମୂଳ ଛଂଦ ଦିଓଟି ହେଉଚି– କାମୋଦୀ ଓ ମଂଗଳ । ରାମକେରି ପ୍ରଭୃତି କାମୋଦୀର ଅନ୍ତର୍ଗତ । ସେଥିରେ ଚରଣ ଶେଷରେ ସ୍ପଷ୍ଟ ତିନି ଅକ୍ଷର ଚଳେ, ଯଥା :–

ଦେଖି ନବ । କାଳିକା ।
ବକାଳିକା । ମାଳିକା ।
ଆଳି କା । ଳିକା କା । ତସ୍କରି ।
ଭାବେ ବଂ । ଚିଲେ ଏ । କାଳକୁ
କଥା ଥି । ବକାଳ । କାଳକୁ । ଇତ୍ୟାଦି ।

ରାମକେରି–

ଜଗତର ସିଂହ ! ଦୁଆରେ ।
ଜ୍ଞାନ ଅର୍ଣ୍ଣବ ତୀରେ
ସରସୀ ଶୋଭିତ । ଅନାଇ ।
ମନ ନେତ୍ର । ଲୋଭିତ ।

'ମଂଗଳ' ଶୈଳୀରେ ତା ହୁଏ ନାହିଁ । ମତୁଆରି ବା ବଂଗଳାଶ୍ରୀ 'ମଂଗଳ'ର ଅଂତର୍ଗତ । ଏହାର ଉଦାହରଣ ଉପରେ ଆଠ ଅକ୍ଷରିଆ ଚରଣରେ ଦିଆଯାଇଚି ।

ଏଇ ଦୁଇ ପାଦ ଓ ଦୁଇ ଛଂଦ ଶୈଳୀର ନିୟମ ଠିକ୍ ରଖି ନୂଆ ପୁରୁଣା ସବୁ ମିଶ୍ର ଛଂଦ ବୁଝିବାକୁ ହେବ । ଅମିତ୍ରାକ୍ଷର ଓ କଥା ଛଂଦ ମଧ୍ୟ ଏହାର ପ୍ରଭାବରୁ ବାହାରେ ନୁହଂତି । ଶୃଂଖଳା ଠିକ୍ ରଖିବା ପାଇଁ ଏକାକ୍ଷରର ବ୍ୟବହାର ମଧ୍ୟ ଠିକ୍ ଥାନରେ କରିବାକୁ ହୁଏ । ସ୍ୱାଧୀନତାରେ ମଧ୍ୟ ଶୃଂଖଳା ଥାଏ । ସେ ଶୃଂଖଳା କୃତ୍ରିମ ଓ ଭାରାକ୍ରାଂତ ହେବା ଦୂଷଣୀୟ । ମାତ୍ର ସହଜ ଓ ସରଳ ଶୃଂଖଳା ଏଡ଼ି ଦେଲେ ସ୍ୱାଧୀନତା ସ୍ୱେଚ୍ଛାଚାରିତା ହୁଏ । ସେଥିରେ ବିକାଶ ଧରା ହୋଇ ରହେ ନାହିଁ କି ଫୁଟେ ନାହିଁ । ଶୃଂଖଳାଇ ଶିଳ୍ପର ମେରୁଦଂଡ; ଅନୁପାତ ସୌଷ୍ଠବ କଳାର ଧମନୀଧାରା ।

ରସରେ ମଧ୍ୟ ଉପଲବ୍ଧିର ସଂକେତ ଧରି ଭାବ ଫୁଟାଇବାର ଅଛି । ସଂକେତହିଁ କବିତାର ପ୍ରାଣ । ଏହାର ସଂସ୍କୃତ ଆଳଂକାରିକ ନାମ 'ଧ୍ୱନି' । ଏଇ 'ଧ୍ୱନି' ବା ସଂକେତର ଗୋଟିଏ ସ୍ପଷ୍ଟ ଉଦାହରଣ ସଂସ୍କୃତରୁ ଦିଆଗଲା :–

"ଲତାଂ ପୁଷ୍ପବତୀଂ ସ୍ପୃଷ୍ଟ୍ୱା ସ୍ନାତ୍ୱା ନିର୍ଝର-ବାରିଷୁ
ପୁନଃ ସ୍ପର୍ଶନ-ଭୀତ୍ୱାଚ ମଂଦଂ ଚଳତି ମାରୁତଃ ।"

Digitized by PPRACHIN, SOA

ଏହା ଓଡ଼ିଆରେ ହେବ—

ପୁଷ୍ପବତୀ ଲତା ଛୁଇଁ ନିର୍ଝର ଜଳେ ଗାଧୋଇ
ପୁଣି ଛୁଇଁବା ଭୟରେ ମାରୁତ ସେ ମଂଦେ ଚଳେ ।

ଅଳଂକାର କହଂତି ପବନର ବର୍ଣନାରେ ଗଂଧ ମାଂଦ୍ୟ ଶୈତ୍ୟର ଭାବ ଫୁଟାଇବାକୁ ହୁଏ । ତାହାର ଉଦାହରଣରେ ଅଳଂକାର ଏଇ ଆଦିରସାଶ୍ରିତ ଉଦାହରଣଟି ଦେଇଚଂତି । 'ପୁଷ୍ପବତୀ' ନାରୀକୁ ଛୁଇଁଲେ ଗାଧୋଇବାକୁ ହୁଏ । ଏହା ସାମାଜିକ ବିଧି । ଆଦିରସର ସଂକେତରେ କବି ଏଇ ବିଧି ଲଂଘନ କରିନାହାଂତି— ଏହା ଦେଖିବାର ଅଛି । ପୁଣି ପୁଷ୍ପ ସ୍ପର୍ଶରେ ସୁବାସିତ, ଚଳଂତା ଜଳ ସ୍ପର୍ଶରେ ଶୀତଳ ଓ ଧୀର ଚଳନର ସଂକେତ ମଧ ଲୁପ୍ତୋପମାରେ ଏଠାରେ ସୁଂଦର ସଂକେତରେ କୁହାଯାଇଚି ।

ଯୌନ ସଂକେତରେ କବିତାର ରସ ଫୁଟାଇବା ପୃଥିବୀରେ ସର୍ବସାଧାରଣ । ଏ ଦେଶରେ ଏହାକୁ ଆଦିରସ କହଂତି । ଜୀବୀଧର୍ମର ମୂଳରେ ଏହାର ପ୍ରତିଷ୍ଠା । ଅନଂତତ୍ତ୍ୱ ଏହାର ଦର୍ଶନ । ଏ ସବୁ ସତ; ମାତ୍ର ମାନବ ସମାଜରେ ଯୌନ କ୍ରିୟା ଦାଂଡ ହାଟର କାମ ନୁହେ । ଏପରି ନିତ୍ୟ ଓ ସାର୍ବଜନୀନ କ୍ରିୟାରେ ଏତେ ଗୋପ୍ୟ ଭାବ ସମାଜରେ ଅନ୍ୟ କୁତ୍ରାପି ପ୍ରକାଶ ପାଇ ନାହି । ତା'ର କାରଣ ଅଛି । ତା ହେଉଚି, ଏ କ୍ଷେତ୍ରରେ ପ୍ରକାଶ୍ୟ କ୍ରିୟା ବା ତଦନୁରୂପ ଭାବ ସମାଜକୁ ନୀତିଭ୍ରଷ୍ଟ ଓ ବିଶୃଂଖଳ କରିବ । ତଥାପି ମାନବ ସମାଜର ଏ ନିତ୍ୟପୀଠ କବିତାର ମୂଳାଧାର । କବିତାର ପ୍ରାଣ ହେଉଚି ଯେଉଁ ରସ, ତା ପୁଣି ସଂକେତରେ ପ୍ରକାଶ ପାଏ । ଏଇ ଯୌନ ସଂକେତ ସମାଜ ବିକାଶର ନିର୍ଦ୍ଦିଷ୍ଟ ନିୟତି ଓ ଧାରାର ପ୍ରକୃତି ପ୍ରକାଶ କରିଥାଏ । ଚୁଂବନ, ଆଲିଂଗନ ପାଶ୍ଚାତ୍ୟ ସଭ୍ୟତାରେ ଯୌନକ୍ରିୟାର ସଂକେତ ହୋଇପାରେ, ମାତ୍ର ଏ ଦେଶରେ ସେ ସବୁ ଯୌନ କ୍ରିୟାର ଅଂଗୀଭୂତ ଓ ଆଦିରସର ବୀଭତ୍ସ ଅଭିବ୍ୟକ୍ତି । ଗୃହସ୍ଥତା ଏ ଦେଶରେ ଆଦିରସର ଆଦର୍ଶ ଓ ସେଇ ଗୃହସ୍ଥତାର ସଂଯମରେ ସେ ରସର ନିୟତି ଧରାଥାଏ । ପାଶ୍ଚାତ୍ୟ ଦେଶରେ କିଂତୁ ଯୌନ ମିଳନ ଏକ ନିରାଳଂବ ସଂଭୋଗ ସ୍ପୃହାରେ ପ୍ରତିଷ୍ଠିତ । ସୃଷ୍ଟିର ଉଦ୍ଦେଶ୍ୟ ହେଉଚି ସଂତାନ, ସେଥିରେ ପାଶ୍ଚାତ୍ୟ ଯୌନ ଭୋଗର ସଂପର୍କ ସ୍ଫୁଟ ନୁହେ । ଏହା ମଧ ମନେରଖିବାର ଅଛି । ସଂସ୍କୃତରେ ଯୌନ ସଂକେତଗତ ରସର ଗୋଟିଏ ଉଦାହରଣ ଦିଆଗଲା । ଯୁବତୀ ନାରୀ ନିଜ ଗୃହସ୍ଥ ପତିକୁ ବିଦେଶ ଗଲାବେଳେ ଶୁଭ କାମନା କରି କହୁଚଂତି—

''ଯାହି ଯାହି ନ ନିବାରୟାମ୍ୟହଂ
ପ୍ରାଣନାଥ ଶୁଭମସ୍ତୁତେ ପଥି
ଦ୍ୱାରି ଚୂତ ନବ ପଲ୍ଲବାଂକିତଂ
ପୂର୍ଣକୁଂଭମବଲୋକୟିଷ୍ୟସି ।''

ଏହା ଓଡ଼ିଆରେ ହେବ—

Digitized by PPRACHIN, SOA

ଯାଅ ଯାଅ ପ୍ରାଣନାଥ
ନ କରେ ବାରଣ
ପଥେ ସର୍ବଶୁଭ ହେଉ ତବ
ଦ୍ୱାରେ ନବ ଚୂତ ପତ୍ରେ
ସଜା ପୂର୍ଣ୍ଣକୁଂଭ
ଗଲାବେଳେ ଚାହିଁ ଦେଇ ଯିବ ।

ଏଠାରେ ନବ ଚୂତ ପତ୍ର କଥାଟିରେ ବସଂତାଗମର ସଂକେତ ଓ ତହିଁ ସଂଗେ ଭବିଷ୍ୟତ ବିରହ ବେଦନାର ଛାୟା; ପୁଣି ' ନ କରେ ବାରଣ'– ଏ କଥାଟିର ଯଥାର୍ଥ ସୂଚନାରେ ଏଠାରେ କବିତାର ଯଥାର୍ଥ ରସୋପଲବ୍ଧି ।

ଉପେନ୍ଦ୍ର ଭଂଜ ଯୌନ କ୍ରିୟାଦିର ବର୍ଣ୍ଣନାରେ ବୀଭତ୍ସ । ହେଲେହେଁ, ସେଇ ବୀଭତ୍ସତା ମଧ୍ୟରେ ନାୟକ ଚଂଦ୍ରଭାନୁ ଦିନେ ଗୋଟିଏ ମାଳତୀ ଫୁଲ ଦେଖାଇ ଏଇ ସଂକେତ କଳାର ପରଂପରା ସେ ଛାଡ଼ି ନାହାଂତି । ଲାବଣ୍ୟବତୀ କାବ୍ୟରେ ନାୟିକା 'ଲାବଣ୍ୟବତୀ'ଙ୍କୁ କହୁଚଂତି– ''ଆଜିଠାରୁ ତୋର ମୋର ମାଳତୀ'' ତହୁଁ ଲାବଣ୍ୟବତୀ– ''କେଶୁଁ କୁରୁଂଟକ ଦେଖାଇ ବୋଇଲା, ଏ ନାମେ ଡାକ''

ଚଂଦ୍ରଭାନୁ କହିଲେ, ''ଆମେ ଦୁହେଁ ଆଜିଠାରୁ ମାଳତୀ ବସିବା, ଅର୍ଥାତ୍, 'ମାଳତୀ' ବୋଲି ଡକାଡକି ହବା ।'' ଲାବଣ୍ୟବତୀ ଏଥକୁ ନିଜ ଜୁଡ଼ାରୁ ଗୋଟିଏ ଦାସକେରଂଟା ଫୁଲ ଦେଖାଇ କହିଲେ, 'ଏଇ ନାମରେ ମତେ ଡାକ', ଅର୍ଥାତ୍, ମୁଁ ତମକୁ ପ୍ରତି ଦାସକେରେଂଟା ଫୁଲ ।

ଏଠାରେ ସଂକେତ ଧରିବାର ସୂତ୍ର ହେଉଚି– ମାଳତୀ ଫୁଲର ଡେଂଫ ସରୁ ଓ ଲଂବା ଥିବାରୁ ସେଥିରେ ଭ୍ରମର ବସିଲାକ୍ଷଣି ତାହା ଓଲଟିପଡ଼େ ଓ ଭ୍ରମର ଉପରମୁହାଁ ହୋଇ ତଳେ ରହି ମାଳତୀରୁ ମଧୁ ପିଏ । ମାତ୍ର କେରେଂଟା ଫୁଲର ଡେଂଫ ଛୋଟ ଓ ଟାଣୁଆ; ସେଥିରେ ଭ୍ରମର ତଳମୁହାଁ ହୋଇ ବସି ମଧୁ ପିଏ । କେଡ଼େ ଅସଂଯତ ଯୌନ କ୍ରିୟାର ସଂକେତ ଏଠାରେ କି ମୃଦୁଳ ଓ ରୁଚିକର !

ସାହିତ୍ୟର ଏସବୁ କଳା ବିକାଶର ଆଦର୍ଶ ଓ ଧାରା ପ୍ରତି ସାବଧାନ ନ ହୋଇ କେବଳ ଅନୁକରଣର ବନ୍ୟାରେ ପଡ଼ି ଚୁଂବନ ଆଲିଂଗନ ପ୍ରଭୃତି ପ୍ରକାଶ କରିବାରେ ସାହିତ୍ୟ କିପରି ଭ୍ରଷ୍ଟ ହେଉଚି, ଲକ୍ଷ୍ୟ କରିବାର ଅଛି । ଏଇ ଦୃଷ୍ଟିରେ ମଧ୍ୟ ରଂଗମଂଚ ଓ ସିନେମାର ଚଳଚ୍ଚିତ୍ରାଦି ନିୟମିତ ହେବା ଉଚିତ– ମାତ୍ର ତା ହେଉ ନାହି । ନବ କାବ୍ୟରୁଚି ନାମରେ ଯୌନ କ୍ରିୟାର ଅଂଗମାନ ବର୍ଣ୍ଣନା କରାଯାଉଚି । ସେଥିର ଗୋଟିଏ କଥଞ୍ଚିତ୍ ସହନୀୟ ଉଦାହରଣ ତଳେ ଦିଆଗଲା–

''ଆଷାଢ଼ ହେଲା ଆସି,
ଦୂରଗଗନେ ବଉଦ ଖେଳେ ଆଲୋକଧାରା ନାଶି;

Digitized by PPRACHIN, SOA

ଝପର ଝପ ଝରଇ ବାରି
ରାତ୍ରି ଶେଷେ ଚେତଇ ନାରୀ
ନିଅଇ ପ୍ରିୟ କୋଳକୁ ତାର
ପ୍ରଣୟ ବକ୍ଷ ପାତି;
କହଇ କାନେ– 'ତୁମେ ମୋ କେଳି ସାଥି' ।

[ନବଭାରତ, ଧନୁ, ୧୩୪୭]

## କବିତା ଓ ଛଂଦ

କବିତା ସଂଗେ ଛଂଦର ନିତ୍ୟ ସଂବଂଧ । କବିତା ହେଉଛି ଭାଷାରେ ଭାବର ଶିଳ୍ପ । ଭାଷା ସ୍ୱରରେ ପ୍ରକାଶିତ ହୁଏ । ତେଣୁ କବିତା ସଂଗେ ସ୍ୱରଶିଳ୍ପର ସଂବଂଧ । କିଂତୁ ଏଇ ସଂବଂଧରେ ପ୍ରକାଶିତ ସ୍ୱରଶିଳ୍ପ ଠିକ୍ ନିରୁତା ସ୍ୱରଶିଳ୍ପ ବା ସଂଗୀତ ପରି ନୁହେ, ମାତ୍ର ସଂଗୀତର ମାତ୍ରା ଏଥିରେ ଅଛି ।

ସ୍ୱରର ସମବାୟ ବିଶ୍ଳେଷଣକୁ ଛଂଦ କହଂତି । ଏହି ଛଂଦରେ ଭାବର ସ୍ପଷ୍ଟ ପ୍ରକାଶ ହୁଏ । ଏକା କଥାକୁ ନାନା ସ୍ୱର ସମବାୟରେ ନାନା ଭାବରେ ପ୍ରକାଶ କରାଯାଏ । 'ଏ' ମୋ ଘର ନୁହେ– ଏଥିରେ 'ଏ' ଉପରେ ଜୋର ଦେଇ କହିଲେ ଯାହା ବୁଝାଯାଏ, ଏ 'ମୋ' ଘର ନୁହେ– ଏଠାରେ 'ମୋ' ଉପରେ ଜୋର ଦେଇ କହିଲେ ତାହା ବୁଝାଯାଏ ନାହି । ଏ ଭାବକୁ ଆଉରି ସ୍ପଷ୍ଟ କରିବାପାଇଁ ପ୍ରଥମ ଭାବଟିକୁ ପ୍ରକାଶ କରାଯାଇପାରେ– ମୋ ଘର 'ଏ' ନୁହେ । କିଂବା ଆଉରି ସ୍ପଷ୍ଟ କରି କୁହାଯାଇ ପାରେ– ମୋ ଘର ନୁହେ 'ଏ' । ଏହି ଦୁଇଟି ବାକ୍ୟରେ 'ଏ' ଉଚ୍ଚାରଣରେ 'ୟେ' ହୋଇଯାଏ ।

ମାନବ ଭାଷାର ଏହିସବୁ ସହଜ ଛଂଦ ଅତି ଆଦିମ କାଳରୁ କବିତାରେ ପ୍ରକାଶ ପାଇ ଆସିଛି । ଏହା ପୁଣି ଅଜ୍ଞାତ ଭାବରେ ମାନବର ଭାବ ବିକାଶରେ ଫୁଟିଛି । ପ୍ରତ୍ୟେକ ଅଜ୍ଞାତ ବିକାଶର ବିଶ୍ଳେଷଣରେ ଆମେ ବିଜ୍ଞାନ ଦେଖୁ । ସେହି ବିଜ୍ଞାନ ଆଜି କବିତାରେ ଛଂଦର ବିଜ୍ଞାନ ।

ଆମେ ଆଜି ଲୋକରେ ଭାବ ଦେବା ପାଇଁ କବିତା ଲେଖୁଁ । ମନେରଖିବାର ଅଛି କେବଳ ପଦ୍ୟରେ ଯେ କବିତା ହୁଏ ତାହା ନୁହେ । ପଦ୍ୟରେ ଛଂଦ ସରଳ ଓ ସ୍ପଷ୍ଟ ଥାଏ ସତ, କିଂତୁ କବିତା ଓ ଛଂଦର ଆଦି ବିକାଶ ଗଦ୍ୟରେ । ପରେ ଏହି ଗଦ୍ୟର କବିତା ଓ ଛଂଦ ଲୋକରଂଜନ ଭାବରେ ଧରିବା ଓ ଧରାଇବାପାଇଁ ପଦ୍ୟ ଫିଟିଥିଲା । ସେଥିପାଇଁ ଲୋକରେ କବିତାରେ ଭାବ ପ୍ରକାଶ ପ୍ରୟାସ ହେଲେ, ଲୋକଭାଷାର ଛଂଦ ପ୍ରତି ଲକ୍ଷ୍ୟ କରିବା ଉଚିତ । ତାହା ନ କଲେ ବିକାଶ ଭ୍ରଷ୍ଟ ହେବ, ଲୋକରେ ଭାଷାର ବିଭ୍ରାଟ ହେବ । ଲୋକଭାଷା ଓ ଲେଖକଭାଷା ଦୁହିଁଙ୍କ ଭିତରେ ବ୍ୟବଧାନ ଫୁଟିବ । ସାହିତ୍ୟ ସଂଗେ ସମାଜର ପ୍ରଗତି ବିଘଟିତ, ହୁଏତ ବିଧ୍ୱସ୍ତ ହେବ ।

Digitized by PPRACHIN, SOA

ଭାରତର ପ୍ରାକୃତ ସ୍ୱାଭାବିକ ଧାରାରେ ଗତି କରି ଆସୁଥିଲା । ସଂସ୍କୃତ ତିଆରି ହୋଇ ଜାତୀୟ ଭାଷା ରୂପେ ସମାଜରେ ପୂରାଇବାର ଉଦ୍ୟମ ହେଲା । ସେଥିରେ ଏକ ବିଭ୍ରାଟର ଧକ୍କା ଲାଗିଲା । କଥାର ସ୍ୱାଭାବିକ ଛଂଦରେ କୃତ୍ରିମ ଗୁରୁଲଘୁ ନିୟମର ଚାପ ପଡ଼ିଲା । ବୈଦିକ ଗୀତର ନିସର୍ଗ ସରଳତା କ୍ରମେ ଶ୍ଳୋକର ଛଂଦରେ ଫୁଟିଲା । ଉଦାହରଣ ଦେବାର ପ୍ରୟୋଜନ ନାହି । ଯେଉଁମାନେ ସଂଧିହୀନ ବୈଦିକ ତ୍ରିଷ୍ଟୁପ୍ ପ୍ରଭୃତି ଛଂଦ ପରବର୍ତ୍ତୀ କାଳର ଉପେଂଦ୍ର-ବଜ୍ରା ପ୍ରଭୃତି ଛଂଦ ସଂଗେ ମିଳାଇ ଦେଖିବେ ସେମାନେ ଏହା ବୁଝିପାରିବେ । ବୈଦିକ କଥା ଛଂଦ ଓ ଗଦ୍ୟ କବିତା ମଧ କାଦଂବରୀର ବିରାଟ ବିଶାଳ ସମାସନିଷ୍ପନ୍ନ ପଦ ସଂଗେ ଏହିପରି ତୁଳନା କରାଯାଇପାରେ ।

ସଂସ୍କୃତରେ କେବଳ ଗୋଟିଏ ଛଂଦ ଅନୁଷ୍ଟୁପ୍ । ବୈଦିକ କଥା ଛଂଦରୁ ଆସି ଏହି ଗୋଟିକ ଛଂଦ ପରବର୍ତ୍ତୀ କାଳର ସଂସ୍କୃତ କୃତ୍ରିମତା ଭିତରେ ଟିକିଏ ନିଜତ୍ୱ ରଖି ପାରିଥିଲା । ସେ ଛଂଦରେ ବିଶେଷ ଧରାବଂଧା ନିୟମ ନାହି । ଏହା ନାନାଭାବରେ ଲେଖାଯାଏ ଓ ସଂସ୍କୃତ କହିବା ଲୋକ ହେଳାରେ ମଧ ଏହି ଛଂଦରେ ଭାବ ପ୍ରକାଶ କରିଯାଇପାରେ । ସଂସ୍କୃତର କାବ୍ୟ ମହାକାବ୍ୟ ପୁରାଣମାନ ଅଧିକାଂଶ ଏହି ଛଂଦରେ ଲେଖା ।

ସେ ଯାହାହେଉ, ସଂସ୍କୃତ ଛଂଦରେ କୃତ୍ରିମତା ସ୍ପଷ୍ଟ । ହ୍ରସ୍ୱ ଦୀର୍ଘର ନିୟମ ଧରା । 'କୂଜନ' ଏଠାରେ 'କୂ'ର ଉକୁ ଲଂବ କରି କହିବାକୁହିଁ ହେବ । କିଂତୁ କଥାରେ ଆମେ କହୁ 'ଚୋଟ କାଟୁନାହି' । ଏଠାରେ 'ଚୋ'ର 'ଓ' ହ୍ରସ୍ୱ । 'ଚାରିଚୋଟ ହାଣି ଦେଲା'— ଏଠାରେ 'ଚୋ'ର 'ଓ' ଦୀର୍ଘ । ଧରାବଂଧା ସଂସ୍କୃତ ସ୍ୱର ନିୟମରେ ଏ ପ୍ରଭେଦ ଉଠିଗଲା । ବକ୍ତାର ଇଚ୍ଛା ଅନୁସାରେ ସ୍ୱରକୁ ହ୍ରସ୍ୱ ଦୀର୍ଘ କରି ଛଂଦ ଫୁଟାଇବା ସଂସ୍କୃତରେ ଆଉ ସେତେ ସଂଭବ ହେଲାନାହି ।

ବହୁକାଳରୁ ଲୋକମୁଖରେ ଏହି କୃତ୍ରିମତାର ଅସୁବିଧା ଭାଂଗିଯାଉଥିଲା । ହେଲେହେଁ ସଂସ୍କୃତ ଜାତୀୟ ଭାଷା, ତା'ର ପଦ୍ଧତି ଛାଡ଼ିବାର ଉପାୟ ନଥିଲା । ଏ ଦୁଇଟିର ସଂଘର୍ଷରେ ବହୁ ପ୍ରାଚୀନ କାଳରୁ ବାହାରିପଡ଼ିଥିଲା 'ଯାତି'— ଆର୍ଯା ଆଦି ଯାତି । ଏହା ନାନାବିଧ । ଏଥିରେ କୌଣସି ନିୟମର ସ୍ଥିରତା ନାହି । ତଥାପି ଏହା ଆର୍ଯା, ଅର୍ଥାତ୍ ଆର୍ଯ ଭାଷାଭାଷୀମାନେ ସଂଭବତଃ ବାଧ ହୋଇ ସଂସ୍କୃତ-ଛଂଦମାନଂକ ଭିତରେ ଏହାକୁ ଉଚ୍ଚ ସ୍ଥାନ ଦେଇଥିଲେ । ଶଂକରାଚାର୍ଯଂକ ବେଳକୁ ବିଶେଷତଃ ଦ୍ରାବିଡ଼ଭାଷୀ ଦାକ୍ଷିଣାତ୍ୟମାନେ ଏହି ଯାତିର ପୂର୍ଣ୍ଣବିକାଶ କରାଇ କୃତ୍ରିମ ସଂସ୍କୃତ ଛଂଦରେ ନୂତନ ସ୍ୱାଧୀନତା ଫିଟାଇଥିଲେ । 'ମୂଢ଼ ଜହୀହି ଧନାଗମ ତୃଷ୍ଣା'— ଏଇ ଏଗାରଟି ଅକ୍ଷର ମାତ୍ରାରେ ଯେତିକି, 'କୁରୁତନୁବୁଦ୍ଧେ ମନସି ବିତୃଷ୍ଣା'— ଏଇ ବାରଟି ମଧ୍ୟ ସେତିକି । ଏଥିରେ ଦୀର୍ଘ ନାହି କହିଲେ ଚଳେ । ଯେଉଁ ଦୁଇ ଧାଡ଼ି ଉପରେ ଉଦ୍ଧାର କରାଗଲା, ଉଚ୍ଚାରଣରେ ସେମାନଙ୍କୁ ନିମ୍ନଲିଖିତମତେ ଚିହ୍ନାଇ ଦିଆଯାଇପାରେ ।

Digitized by PPRACHIN, SOA

ମୁଉଢ଼ ଜହିଇହି ଧନାଆଗମ ତ୍ରୁଉଷାଆ
କୁରୁତନୁ ବୁଦ୍ଧେଏ ମନସି ବିତ୍ରୁଉଷାଆ

ଏ ଦୁଇଟିରେ ୧୬ଟି ଲେଖାଏଁ ହ୍ରସ୍ୱସ୍ୱର । ପ୍ରତ୍ୟେକ ହ୍ରସ୍ୱସ୍ୱର ଗୋଟିଏ ମାତ୍ରା ବୋଲି ଧରା ହୁଏ । ଦୀର୍ଘ ସ୍ୱରକୁ ଦୁଇଟି ହ୍ରସ୍ୱ କରି ଯୋଡ଼ିଏ ମାତ୍ରା କରାଯାଏ ।

ସଂସ୍କୃତର କୃତ୍ରିମ ଛଂଦ ନିୟମ ଏଇପରି ପ୍ରାକୃତିକ ଲୋକମୁଖର ଛଂଦ ନିୟମ ଆଡ଼କୁ ଟଣା ହେଲେ ମଧ୍ୟ 'ଯାତି'ରେ ଛଂଦ ହିସାବରେ ଲୋକମୁଖର ସଂପୂର୍ଣ ପ୍ରାକୃତିକତା ନାହି ।

ସ୍ୱର ନିୟମର ଆଉ ଗୋଟିଏ କଥା ପୁଣି ଏଠାରେ ମନେ ରଖିବାର ଅଛି । ମନୁଷ୍ୟର କଥା ଛଂଦରେ ଯେଉଁସବୁ ହ୍ରସ୍ୱ ଦୀର୍ଘ ପ୍ରକାଶପାଏ ପୃଥିବୀରେ ଅନେକ ଲୋକଂକ ମୁହଁରେ ତାହା ଠିକ୍ ହ୍ରସ୍ୱ ଦୀର୍ଘ ନୁହେ । ହ୍ରସ୍ୱ କହିଲେ ଅଳ୍ପ କାଳବ୍ୟାପୀ, ଦୀର୍ଘ କହିଲେ ଲଂବା । ଉପରେ ଯେଉଁ 'ଚୋଟ'ର ଉଦାହରଣ ଦିଆଗଲା, ସେଥିରେ 'ଚୋ'ର ଦୀର୍ଘ ସ୍ୱରଟି କେବଳ ଦୀର୍ଘ ନୁହେ, ଏହା ଗୁରୁ, ଏହା ପର ବ୍ୟଂଜନରେ ଚିପି ହୋଇ ଓଜନରେ ବଢ଼ିଯାଏ । ଓଡ଼ିଆରେ ସବୁ ଅନୁଜ୍ଞା, ମଧ୍ୟମ ପୁରୁଷ ଏକବଚନର କ୍ରିୟା ଏଇ ଶ୍ରେଣୀର । ତୁ କର୍, ତୁ ବସ୍, ତୁ ଉଠ୍– ଏ ସବୁରେ କ, ବ ଓ ଉ କେବଳ ଦୀର୍ଘ ନୁହେ, ଏହା ଗୁରୁ ହେବାରୁ ଦୀର୍ଘ ହୋଇଯାଇଛି । ଉତ୍ତର ଓଡ଼ିଶାରେ ତଥା ସମ୍ବଲପୁରରେ ଅଧିକାଂଶ ବିଶେଷଣରେ ଉପାଂତ ସ୍ୱରର ଉଚ୍ଚାରଣ ଏହିପରି ହୋଇଯାଏ– 'ସେ ବହୁତ୍ କଥା କହିଲା', 'ସେ ଜଣେ ବିଖ୍ୟାତ୍ ଲୋକ' ପ୍ରଭୃତିରେ 'ବହୁତ୍'ର 'ହୁ' ବିଖ୍ୟାତର 'ଖ୍ୟା, ଏହିପରି ଗୁରୁ ।

ହିଂଦୀରେ ଏହି ଗୁରୁ ବହୁତ ଅଛି । କିଂତୁ ହିଂଦୀ ଭାରତରେ ଏକ ପ୍ରକାର କୃତ୍ରିମଭାଷା । ଏହା ପଂଜାବ, ଯୁକ୍ତପ୍ରଦେଶ ମଧ୍ୟରେ ଥିବା ଅତି ଅଳ୍ପ ସ୍ଥାନ ଛଡ଼ା– ଅର୍ଥାତ୍ 'ଖରିବୋଲି' ଭୂମି ଛଡ଼ା ଆଉ କୁତ୍ରାପି କଥିତ ଭାଷା ନୁହେ । ତେଣୁ ଏହାର ସ୍ୱାଭାବିକ ବିକାଶ ହୋଇ ପାରୁ ନାହି । ଛଂଦ ମଧ ଲୋକଛଂଦ ହୋଇ ନାହି । ହିଂଦୀ କବିତା ପ୍ରାୟଶଃ ସଂସ୍କୃତ ଛଂଦରେ ଲେଖା ହୁଏ । ବଂଗଳା ପ୍ରଭୃତି ଲୋକଭାଷା । ସେଥିରେ ଏହି ଗୁରୁର ବ୍ୟବହାର ବଡ଼ ବେଶୀ ହୋଇଗଲାଣି । ହସଂତ ବର୍ଣର ପୂର୍ବକୁ ଗୁରୁ କରି ବଂଗଳାରେ ଏବେ ନାନା ଛଂଦ ଚଳେ । କଥାଛଂଦ ମଧ ଗଦ୍ୟ କବିତାରେ ପ୍ରକାଶ ପାଇଲାଣି ।

ଦ୍ରାବିଡ଼ ଭାଷାର ଉଚ୍ଚାରଣ ବଂଗଭାଷା ପ୍ରଭୃତି ପରି ନୁହେ । ଏଥିରେ ସ୍ୱର ଲୋପ ବଡ଼ କମ୍ ହୁଏ । ଅଂତ୍ୟ ସ୍ୱର ସର୍ବଦା ଲଂବା ହୁଏ । ଓଡ଼ିଆ ପ୍ରାକୃତର ଏହି ଦ୍ରାବିଡ଼ ପ୍ରକୃତି ଛଂଦରେ ସ୍ପଷ୍ଟ । ଓଡ଼ିଆର ଛାଂଦ ସବୁ ଏ କ୍ଷେତ୍ରରେ ଉଦାହରଣ । ସେଥିରେ ଗୁରୁ ବା ଦୀର୍ଘ ବର୍ଣ ନାହି, ଗାୟକର ରୁଚି ଅନୁସାରେ ମାତ୍ରା ଦୀର୍ଘ ଓ ପ୍ଲୁତ ହୁଏ । ହେଲେହେଁ କୌଣସି ମାତ୍ରା ନିୟମ ସ୍ଥିର ନୁହେ । କବିତାକୁ କଥାଛଂଦରେ ପଢ଼ିଲେ ସବୁ ସ୍ୱର ହ୍ରସ୍ୱ ମାତ୍ରାରେ ପ୍ରକାଶିତ ହୁଏ ।

Digitized by PPRACHIN, SOA

କିଂତୁ ବାସ୍ତବିକ ବିଶେଷରେ ଉତ୍ତରଓଡ଼ିଶାର ଭାଷା ବହୁ ପରିମାଣରେ ଦ୍ରାବିଡ଼ ପ୍ରକୃତି ଛାଡ଼ିଛି । ତାହା ଏ ପର୍ଯ୍ୟଂତ ସାହିତ୍ୟରେ ବିଶେଷ ଲକ୍ଷ୍ୟ କରାଯାଇ ନାହି । କିଂତୁ ସାହିତ୍ୟରେ ସେହି ସବୁ ଲୋକମୁଖର ଛଂଦ ପ୍ରକାଶ ନ କଲେ କବିତା ବା ସାହିତ୍ୟ ଲୋକଂକର ହୋଇ ବିକାଶ ପାଇବ ନାହି । ଏ କ୍ଷେତ୍ରରେ ବଂଗଳାରୁ ନାନା ଅନୁକରଣ ପ୍ରତି ଲକ୍ଷ୍ୟ କରାଯାଇପାରେ । ମାତ୍ର ଦରକାର ନାହି । ସେ ସବୁ ସାହିତ୍ୟରେ ଭ୍ରଷ୍ଟାଚାର । ଲୋକଭାଷା ଓ ତାହାର ଛଂଦ ଅନୁସଂଧାନ ନକରି ସେହି ପୀଠରେ ଅନୁକରଣକୁ ଆହରଣରେ ପରିଣତ ନ କଲେ ଏଇ ଭ୍ରଷ୍ଟାଚାରରେ ସାହିତ୍ୟ ନଷ୍ଟ ହୁଏ । ହୁଏତ ଅନ୍ୟ ସାହିତ୍ୟ ବହୁକାଳରେ ଫୁଟି ପାରେ, କିଂତୁ ସମାଜ ବିକାଶର ଧାରା ସେଥିରେ ଛିନ୍ନ ହୁଏ, ହୁଏତ ନୂଆ ହୋଇ ଆଉ ଥରେ ଗଢ଼ା ହୁଏ । ସେ ଗଢ଼ାରେ ପୁଣି ମୂଳଦୁଆ ନୂଆ । ପରିସ୍ଥିତି ସଂଗେ ପରଂପରାର ସଂପର୍କ ନ ରହିବାରୁ ସେ ବିକାଶରେ ପୁରୋଦୃଷ୍ଟି ସ୍ପଷ୍ଟ ବା ସଂଗତ ନୁହେ ।

ଓଡ଼ିଆରେ ଲୋକକଥାରେ ଗୀତ ଅଛି—

ସର୍ଗେ ଲାଗେ ଡାଲ୍
ମଂଚେ ଲାଗେ ଡାଲ୍
ଆମେ ସାତ ଭାଇ ଭଉଣୀ ଥାଉ ଥାଉ
ମା ପୋଛେ ଘୋଡ଼ାଶାଲ୍ ।

ଏଠାରେ ଲୋକଛଂଦର ପ୍ରକୃତରେ ଗୁରୁ ସ୍ୱରର ବ୍ୟବହାର ସ୍ପଷ୍ଟ । ଏହା ସଂଗେ ତୁଳନା କରାଯାଇପାରେ— 'ଜଡ଼ ଅକ୍ଷର ଭିତରେ ଜଡ଼ିତ ଆଚାର ନିୟମ ଥୋଡ଼ା ।

ଏଠାରେ ଅକ୍ଷରର 'ଅ'କୁ ଗୁରୁ କରିବା ସଂସ୍କୃତ ନିୟମରେ ସାଧୁ ହେଲେହେଁ, ଓଡ଼ିଆ ଜଳବାୟୁରେ ତାହାକୁ ବିକାଶ କରାଇ ଏପର୍ଯ୍ୟଂତ ଅଣାଯାଇ ନାହି । ତେଣୁ ଏପରି ଲେଖା ଲୋକସାହିତ୍ୟ ହେବା ସହଜ ନୁହେ । କେତେକ ଶ୍ରେଣୀର ଶିକ୍ଷିତଂକର ସାହିତ୍ୟରୂପେ ଏହାର ନୂଆ ଗଢ଼ା ହୋଇ ଉଠୁଛି ବୋଲି ମନେ ହୁଏ ।

କେବଳ ଗୁରୁ ସ୍ୱର ନୁହେ, ଦୀର୍ଘ ସ୍ୱର ମଧ ଓଡ଼ିଆ ଲୋକକଥା ଛାଂଦରୁ ଅନୁସଂଧାନ କରି ସେହି ପୀଠରେ କବିତାର ଛଂଦ ଫୁଟାଇବା ଦରକାର । ପିଲାଏ ଖେଳ ଗୀତ ବୋଲନ୍ତି:—

ଏକରୁ ତ
ଦେବେଇ ଦୂତ
ତିନି ମିନେଇ
ଚାରି ଚାଉଳ

ଏଠାରେ 'ଏ'ପରେ ଯୋଡ଼ିଏ ଅକ୍ଷରର ସ୍ୱର ପ୍ରକାଶ ନ ପାଇଲେ ଛାଂଦର ମାତ୍ରା ପୂର୍ଣ୍ଣ ହେବ ନାହି । ଏକ୍ ଯେ ରଜାଟିଏ ଥିଲା— ଏଠାରେ ମଧ୍ୟ 'ଏକ୍'ର 'ଏ' ଗୁରୁ ଓ

Digitized by PPRACHIN, SOA

ଦୀର୍ଘ । ଅଧିକାଂଶ ସ୍ଥଳରେ ବିଶେଷତଃ ସର୍ବନାମରେ ମଧ୍ୟ ଏହିପରି ଲୋପ ହୋଇ ପୂର୍ବସ୍ୱରକୁ ଦୀର୍ଘ କରେ; ଯଥା–

ମଝିଆଁ ଭାଇର ଆଂବିଳି ଦହି
ତା– ଖାଇଗଲା ଓଲେଇ ଗାଈ ।

ଏହି ଲୋପ ଠିକ୍ ଧରି ନ ପାରି ଗଦ୍ୟରେ କଥା ଛାଂଦକୁ ଦ୍ରାବିଡ଼ ଶୈଳୀରେ ଫୁଟାଇବାକୁ ଯାଇ କାଳକ୍ରମେ 'ହ'ର ବ୍ୟବହାର ଫିଟି ପଡ଼ିଛି । ଯଥା :–

'ତା', 'ତାହା' କା'ର , କାହାର

ସାଧାରଣତଃ ଷଷ୍ଠୀ 'ର' ଲୋପ୍ ହୋଇଯାଇଛି, ଯଥା :– ମୋ ଘର, ରାମ ଘର, ଇତ୍ୟାଦି ।

ଓଡ଼ିଆ ଛାଂଦ ବିକାଶରେ ଏ ସବୁର ତନ୍ନ ତନ୍ନ ଅନୁସଂଧାନ କରି ସେହି ପୀଠରେ ଲୋକସାହିତ୍ୟର ଛଂଦ ଫୁଟାଇବାକୁ ହେବ ।

[ନବଭାରତ, ସିଂହ ୧୩୪୪]

# ଓଡ଼ିଆ କବିତା ତଥା ଛଂଦର ପ୍ରଗତି

ପ୍ରାଚୀନ ଓଡ଼ିଶା କଳାନିପୁଣ ଥିଲା । ପ୍ରାଚୀନ ସ୍ଥାପତ୍ୟ ତା'ର ନିଦର୍ଶନ । ଓଡ଼ିଆ ମଧ୍ୟ ବଣିକ୍ ଓ ବିଜୟୀ ଥିଲେ । ବ୍ରହ୍ମ ଓ ପୂର୍ବ ଭାରତୀୟ ଦ୍ୱୀପମାନଂକରେ ତା'ର ଚିହ୍ନ ଏବେ ସୁଂଦର ଅନୁସଂଧାନ କରାଯାଇପାରେ । ପୁରୀର ଜଗନ୍ନାଥ ସେଇ ସାର୍ବଜନୀନ ସଂସ୍କୃତି ଓ ସଭ୍ୟତାର ଜୀବଂତ ବିଗ୍ରହ କହିଲେ ଚଳେ । କବିତା କଳାରେ ଉଦ୍‌ଭାବନୀ ଲେଖନୀ ଚଳାଇ ଥିବାର ତାଦୃଶ ନିଦର୍ଶନ ମିଳି ନାହିଁ । ସାହିତ୍ୟ ଦର୍ପଣ, ଏକାବଳୀ, ପ୍ରାକୃତ ସର୍ବସ୍ୱ ପ୍ରଭୃତି ମୌଳିକ ଗ୍ରଂଥ ନୁହେ । ପୁଣି ସେ ସବୁ ବିଶ୍ଳେଷଣ କ୍ରିୟାରେ ସଂଶ୍ଳେଷ ପ୍ରବଣତା ଓ ସମୂହ ଗଠନ ଚାତୁରୀ ଖୋଜିବାର ଅବକାଶ ନାହିଁ । ସ୍ଥାପତ୍ୟ ବିଦ୍ୟାରେ ସେ ସମୂହ ଗଠନ ଚାତୁରୀ ଓଡ଼ିଆ ପକ୍ଷରେ କେତେ ଦୂର ମୌଳିକ, ତା ଏବେ ମଧ୍ୟ ପ୍ରମାଣ ହୋଇଚି ବୋଲି ମନେ ହୁଏ ନାହିଁ । ବର୍ତମାନର କଟକ ଜିଲାସ୍ଥ ନଳତିଗିରି, ଉଦୟଗିରି ଓ ରତ୍ନଗିରିର ଭଗ୍ନସ୍ତୂପ ଖୋଦିତ ହେଲେ, ଏହାର ପ୍ରମାଣ ମିଳିବ ବୋଲି ପ୍ରତ୍ନତାତ୍ତ୍ୱିକମାନେ ଆଶା କରଂତି । ହେଲେହେଁ, ମଗଧର ଛାଂଚ ଓଡ଼ିଶାର ପ୍ରାଚୀନ ମଂଦିରମାନଂକର ବିକାଶ ପୀଠ ବୋଲି ଏବେ ଅନେକଂକର ମତ । ଏସବୁ ସତ୍ତ୍ୱେ, ଉତ୍କଳ କଳାର ବର୍ଣ୍ଣନାତ୍ମକ ବା ଚିତ୍ରଣବିନ୍ୟାସର ଚାତୁରୀ ଏକ ପ୍ରକାର ଅତୁଳନୀୟ କହିଲେ ଚଳେ ।

ସ୍ଥାପତ୍ୟରେ ଯେପରି ଗଠନ ବିକାଶ ଓ ସେଇ ଗଠନର ସୌଷ୍ଠବ ସଂପାଦନରେ ଚିତ୍ରବିନ୍ୟାସ, କବିତାରେ ସେଇପରି ବିଷୟ ବିକାଶ ଓ ବର୍ଣ୍ଣନ ଭଂଗୀ । ଏଇ ବର୍ଣ୍ଣନ ଭଂଗୀରେ ଉତ୍କଳ କାବ୍ୟ କଳାର ଚିରଂତନ ବିଶିଷ୍ଟତା ରହିଚି । କୋଣାର୍କର ବର୍ଣ୍ଣନ କଳାର

Digitized by PPRACHIN, SOA

ଅତି ପରିଣତି ଯେପରି ଉତ୍କଳ ସ୍ଥାପତ୍ୟର ବିଶ୍ୱମାନଦଂଡ ନୁହେ, ଉପେଂଦ୍ର ଭଂଜଂଙ୍କ ବର୍ଣ୍ଣନାର ଅତିବିଶ୍ଳେଷଣଚାତୁରୀ ସେଇପରି ଉତ୍କଳ କଳା ଚିହ୍ନିବାର ପ୍ରକୃଷ୍ଟ ଉପାଦାନ ନୁହେ । ଏ ଦେଶର ନବ ଯୁଗର ପ୍ରଥମ କବି ରାଧାନାଥଂଙ୍କ କବିତା ଇଂରେଜୀ ତଥା ସେକାଳ ବଂଗଳା ପ୍ରଭାବ, ଅନୁକୃତି ଓ ଅନୁବାଦ ପୀଠ ଉପରେ ସେଇ ଉପେଂଦ୍ରଂଙ୍କର ଅର୍ଦ୍ଧୋନ୍ମେଷ ମାତ୍ର । ଗଂଗାଧରଂଙ୍କ କବିତା ଏକ ପ୍ରକାର ରୁଚିମାର୍ଜିତ ଉପେଂଦ୍ରଭଂଜ କଳାର ପୁନର୍ବିକାଶ । ଏବର ନବୀନ ନବୀନାମାନେ ବେଳେ ବେଳେ ବର୍ଣ୍ଣନାରୁ ସୂଚ୍ନାକୁ ଉଠିବାର ଉଦ୍ୟମରେ ବରାବର ଛିଂନବଂଧନ ଓ ବିଶୃଂଖଳ ହେବାର ଦେଖାଯାଏ । ଉଦାହରଣ ଦେବାର ଅବକାଶ ଏଠାରେ ନାହି । ତଥାପି ଶୃଂଖଳାର ଶୈଳୀ ସ୍ୱାଧୀନତାକୁ ଯେ ସୁଂଦର କରେ, ଏହା କେହି ଅସ୍ୱୀକାର କରିବେ ନାହି । ଓଡ଼ିଆର ପ୍ରତିଷ୍ଠିତ ଓ ସୁଗଠିତ ପ୍ରାଣ ଭାବ ଓ ଭାଷାରେହିଁ ଏଇ ଶୃଂଖଳାର ଧାରା ଖୋଜିବାକୁ ହେବ । ସେଥିପାଇଁ ଏ ଯୁଗରେ ସାଧାରଣ କବିକୁ ସର୍ବଦା ସମାଲୋଚନାର ଦିଗ୍‌ଦର୍ଶନ ମଧ୍ୟ ରଖିବାକୁ ହେବ । ବିଶିଷ୍ଟ ମନୀଷାସଂପଂନ୍ନ କବିଂଙ୍କ କଥା ସ୍ୱତଂତ୍ର ହୋଇପାରେ, କିଂତୁ ସେପରି କବି ସାଧାରଣତଃ ଦେଖାଯାଂତି ନାହି । ଓଡ଼ିଶାରେ ଏବେ ଦେଖାଯାଇ ନାହାଂତି ।

ଭାଷାରେ ଏଇ ବର୍ଣ୍ଣନ ଓ ବିଶ୍ଳେଷଣ ଚାତୁରୀର ବିକାଶ ଛଂଦରେ ପ୍ରତିଭାତ ହୁଏ । ବୈଦିକ ଓ ଭାଷା ସଂସ୍କୃତର ପୁଷ୍କଳ ଛଂଦୋବିକାଶ 'ଶିକ୍ଷା'ର ସ୍ୱର ସଂକେତ ବିଧି ସଂଗେ ଆଲୋଚନା କରି ଦେଖିଲେ ବିସ୍ମିତ ହେବାକୁ ହୁଏ । ଶିକ୍ଷାର ସଂକେତ ବିଧିରେ ବର୍ଣ୍ଣମାତ୍ରେ ସ୍ୱରର ଗୁରୁତ୍ୱ ନିୟମରେ ବଂଧା ଥିଲେହେଁ, ସ୍ୱର ନିୟମବଦ୍ଧ ଛଂଦ ସଂଗେ ସ୍ୱାଧୀନ ଗୀତିକାର ବିକାଶ ପାଇଁ ଯେଉଁ ମାତ୍ରାବଦ୍ଧ ସ୍ଥିତି ବାହାରିଥିଲା, ସେଥିରେ ସ୍ୱାଧୀନତା ମଧ୍ୟରେ ଶୃଂଖଳାହିଁ କାବ୍ୟର ପ୍ରାଣରୂପେ ପ୍ରତିଷ୍ଠିତ ରହିଅଛି ।

କିଂତୁ ଓଡ଼ିଆ ବର୍ଣ୍ଣମାଳା ଏକପ୍ରକାର ସଂସ୍କୃତର ଅପଭ୍ରଂଶ ବୋଲି ଧରାଗଲେ ମଧ୍ୟ, ତାହା ସଂସ୍କୃତର ଶିକ୍ଷା ନିୟମରେ ଆବଦ୍ଧ ନୁହେ । ସେଥିରେ ପୁଣି ବ୍ୟଂଜନାଂତ ସ୍ୱରର ବ୍ୟଂଜନା ସ୍ୱରର ଗୁରୁତ୍ୱ ସଂପାଦନ କରିବାର କଦାଚିତ୍ ଦେଖାଯାଏ । ଐ, ଔ ଦୁଇଟି ମଧ୍ୟ ଗୁରୁମାତ୍ରକ ସ୍ୱର ନ ହୋଇ ଫିଟିଯାଇ 'ଅଇ' 'ଅଉ' ହୋଇଯାଏ । 'ହନୁମାନ୍' ମଧ୍ୟ 'ହନୁମାନ' ପୁଣି 'ହନୁମଂତ' ହୋଇଯାଏ । 'ସାକ୍ଷାତ୍' ନକହି ଲୋକେ କହଂତି 'ସାକ୍ଷାତ' । 'କଂଟକ'କୁ 'କନ୍‌ଟକ' ନ କହି ଲୋକେ ଏପରି କହଂତି ଯେ ତାହା ତିନୋଟି ମାତ୍ର ମାତ୍ରାରେ ପ୍ରକାଶ ପାଏ । ଅତଏବ ଓଡ଼ିଆରେ ଯୁକ୍ତ ଅଯୁକ୍ତ ସ୍ୱର ବ୍ୟଂଜନ ସବୁ ପ୍ରାୟ ଏକମାତ୍ରକ ବର୍ଣ୍ଣ । ବରଂ ଦ୍ୱିମାତ୍ରକ ବର୍ଣ୍ଣସବୁ ବେଳେ ବେଳେ ଫିଟି ଅଲଗା ହୋଇଯାଏ, ଯଥା– ପରବ, ପୁନିଅ, ସିନିଅ, ଦରବ, ଗରବ, ଖରଚା, ଚରଚା, ବାକସ, ସିଠାମ, ପାଦେରି ଇତ୍ୟାଦି ।

ଏ ସବୁ ଓଡ଼ିଆ ଭାଷା ପ୍ରକାଶର ଦ୍ରାବିଡ଼ ରୀତି ଓ ପ୍ରକୃତି ବିଶେଷ ଭାବରେ ପ୍ରକାଶ କରୁଛି । ହେଲେହେଁ ଏ ବିଷୟରେ ଆଲୋଚନାର ଏଇଠାରେ ଶେଷ ନୁହେ । ହିମାଳୟର

Digitized by PPRACHIN, SOA

ପାର୍ବତ୍ୟ ଭାଷା ମଧ୍ୟ ଏବେ ଏଇ ରୀତିରେ ପ୍ରକାଶିତ ହେବାର ଜଣା ପଡ଼େ । ପୁଣି ସ୍ୱରାଂତ ଶବ୍ଦକୁ ହଳଂତ କରି କହିବା ବଂଗ ଓ ଉତ୍ତର ପଶ୍ଚିମାଂଚଳରେ ଦେଖାଗଲେହେଁ, ଏହା ବୈଦିକ ଓ ଭାଷା ସଂସ୍କୃତର ପ୍ରକୃତି ନୁହେଁ । ପ୍ରାଚୀନ ବଂଗ ଓ ଉତ୍ତର ପଶ୍ଚିମାଂଚଳର ଭାଷା ମଧ୍ୟ ଏ ପ୍ରକାରରେ ପ୍ରକାଶିତ ହେଉ ନ ଥିଲା । ତେବେ ସ୍ୱରାଂତ ଶବ୍ଦର ହଳଂତତ୍ୱ ଓ ଭାଷାର ବର୍ଣମାନଂକର ଏକାମାତ୍ରକତ୍ୱ ଏକା କଥା ନୁହେ । ଶେଷୋକ୍ତ ପ୍ରକୃତିଟି ଦ୍ରାବିଡ଼ ବୋଲି ସ୍ପଷ୍ଟ ଜଣାପଡ଼େ ।

ଓଡ଼ିଆର ଏଇ ଦ୍ରାବିଡ଼ ପ୍ରକୃତି କିଂତୁ ସଂସ୍କୃତ ପଂଡ଼ିତମାନଂକ ବର୍ଣ ପ୍ରକାଶ ବିଳାସକୁ ତୃପ୍ତି ଦେଉ ନଥିବାର ଅନୁମାନ ମଧ୍ୟ ହୁଏ । ସେଥିପାଇଁ ବର୍ଣମାନଂକର ମାତ୍ରା ଭାଷାରେ ପ୍ରକାଶ କରି କବିତା ଲେଖିବାର ସେମାନଂକୁ ବେଳେବେଳେ ଦେଖାଯାଏ, ଯଥା—

"ପଂଡ଼ା ପିଂଡା ତଳକୁ ବସିଲେ ମଂଡପେ ଶାସନୀଏ
ଚାଂଡେ ଚାଂଡେ ବସି ବସି ଗଲେ ଚତ୍ୱରେ ପାଢ଼ୀଧାଡ଼ୀ ।
ଗଂଡା ଗଂଡା ଲଡୁ ଗଡୁ ସମେ ଖଂଡପାକେ ସଜାଡ଼ୀ
ଭେଂଡା ଭେଂଡା ଦ୍ୱିଜ ପରସିଲେ ପୂର୍ଣପତ୍ରେ ଅଜାଡ଼ୀ ।"

ମାତ୍ର କୌଣସି ସଂସ୍କୃତ ପଂଡ଼ିତ ମଧ୍ୟ ଓଡ଼ିଆ ଛଂଦରେ କଦାପି ଏପରି ବର୍ଣରେ ମାତ୍ରା ବିକାଶର ଉଦ୍ୟମ କରି ନାହାଂତି । ଏବେ କିଂତୁ ଏ ଦେଶରେ ବଂଗଳାର ବିଶେଷ ପ୍ରଭାବ ପଡ଼ିବାରୁ କେହି କେହି ଏଇ ପ୍ରକାଶରେ ନୂତନତ୍ୱ ଦେଖି ତା ପ୍ରବର୍ତାଇବାର ଉପକ୍ରମ କରଂତି । ଅନୁକରଣ ସର୍ବଦା ଗର୍ହଣୀୟ ନୁହେ— ମାତ୍ର ଖାଇ ଜୀର୍ଣ କଲେ ଦିହରେ ଲୋଗେ, ଦିହ ସବଳ, ସୁସ୍ଥ ଓ ପୁଷ୍ଟ ହୁଏ । ତା ନ ହେଲେ ଅଜୀର୍ଣ ଏଉଡ଼ି ଉଠେ । ସେଥିରେ ହୁଏତ ଖାଦ୍ୟର ସ୍ୱାଦ ଗଂଧ ଥାଏ ଓ ଅଧିକ ଅଜୀର୍ଣ ହୁଏ । ହେଲେ ସେଇ ଏଉଡ଼ି ଅତ୍ୟଂତ ବିସ୍ୱାଦ ଓ ଦୁର୍ଗଂଧଯୁକ୍ତ, ସେଥିରେ ପ୍ରାଣୀର ଅମଂଗଳ ହୁଏ ।

ଏଇ ଅଯଥା ଅନୁକୃତି ରାଧାନାଥ ଓ ତାଙ୍କ ରୀତିର ତାଙ୍କ ସମସାମୟିକ ଲେଖକମାନେ ଆରଂଭ କରିଥିଲେ । ସେତେବେଳେ ବାମଂଡାର ବିଦ୍ୟୋତ୍ସାହୀ ରାଜା ଶ୍ରୀ ବାସୁଦେବ ସୁଢ଼ଳ ଦେବଂକ ପଂଡ଼ିତ ସଭାରେ ଆଳଂକାରିକ ଭାଷାରେ ନାମକରଣ ହୋଇଥିଲା 'ପୂର୍ଣମିତ୍ରାକ୍ଷର' । ମନେଅଛି ସେକାଳେ ସ୍କୁଲ ଇନ୍‌ସପେକ୍‌ଟର ଥାଇ ରାଧାନାଥବାବୁ ସ୍କୁଲ ପରିଦର୍ଶନ ବେଳେ ପଚାରୁଥିଲେ :—

ଗୋଟିଏ ଦୁଷ୍ଟମିତ୍ରାକ୍ଷରର ଉଦାହରଣ ଦେଲ ?

ଛାତ୍ର ହୁଏତ କହୁଥିଲା :—

"ବାଟେ ଦେଖି ଅବଧାନ ଡରିଗଲେ ପୁଏ
ଚାଟଶାଳୀ ପାଠ ଛାଟ କାହାକୁ ଯୋଗାଏ ।"

ପୁଣି ପ୍ରଶ୍ନ ହେଉଥିଲା :—

ଗୋଟିଏ ଅପୂର୍ଣ ମିତ୍ରାକ୍ଷରର ଉଦାହରଣ ଦେଲ ?

Digitized by PPRACHIN, SOA

ଛାତ୍ର ହୁଏତ କହୁଥିଲା :—

“ଦୁଇଟି ଯାକ ଚୁଂଗୁଡ଼ି ନେଇଗଲା କାଉ
ପୁଅ ପାଇଁ ଚୁଂଗୁଡ଼ି ତ ନ ମିଳିବ ଆଉ ।”

ସ୍କୁଲର ପଂଡିତେ ବାବୁଂକ ମନର ଗତି ଜାଣି ପିଲାଂକୁ ଏହା ବହୁ ଯତ୍ନରେ ଶିଖାଇ ରଖୁଥିଲେ । ‘ପୁଏ’ ‘ଗାଏ’— ଏଠାରେ ‘ଉଏ’ ସଂଗେ ‘ଆଏ’ ପଡ଼ିଲା । ଏହା ଦୋଷଯୁକ୍ତ ବା ଦୁଷ୍ଟ ମିତ୍ରାକ୍ଷର । ‘କାଉ’ ସଂଗେ ‘ଆଉ’ ପକାଇଲେ ହେଲା ଅପୂର୍ଣ ମିତ୍ରାକ୍ଷର, କାହିଁକିନା ଉପରର ଉପଧା ଆ-ଟି କ୍-ରେ ଯୋଡ଼ା ହୋଇଛି; ମାତ୍ର ତଳର ଉପଧା ଆ-ଟି କାହାରି ସଂଗେ ଯୋଡ଼ା ନୋହି ଶୂନ୍ୟରେ ଲଂବିଚି ।

ବର୍ଣ ଶିକ୍ଷର ଏ ଆଲୋଚନାରେ ବୈଜ୍ଞାନିକ ବିଶେଷତ୍ୱ ଥାଇପାରେ, ମାତ୍ର ଏହା ଓଡ଼ିଆ ନୁହେ । ଏହା ବଂଗଳା ଗ୍ରାସର ଆତ୍ୟଂତକ ଅଜୀର୍ଣ । ଏଥିରେ ପୁଣି ଇଂରେଜୀ ଖାଦ୍ୟର ଦୋଷ ବି କିଂଚିତ୍ ରହିଚି । ବଂଗଳାରେ ଅଧିକାଂଶ ଶବ୍ଦ— ପ୍ରାୟ ବିଶେଷ୍ୟ ଓ ଅବ୍ୟୟ ମାତ୍ରେ— ଉଚ୍ଚାରଣରେ ଶେଷସ୍ୱର ହରାଂତି, ଯଥା— ବେଶ୍, ଆର୍ ଇତ୍ୟାଦି । ଇଂରାଜୀରେ ମଧ୍ୟ ସେଇ କଥା ଆଉରି ବେଶି ପରିମାଣରେ ସତ୍ୟ । କିଂତୁ ଓଡ଼ିଆରେ ତା’ ନୁହେ ।

ମିତ୍ରାକ୍ଷର ଏକ ଶ୍ରେଣୀର ପଦ୍ୟ କବିତାର ଏକ ଅତି ଆବଶ୍ୟକୀୟ ବିଧି । ଏହା ଅଳଂକାର ନୁହେ । ଶେଷ ସ୍ୱରଯୁକ୍ତ ବର୍ଣ (ଇଂରେଜୀରେ syllable) ଦୁଇଟି ଏଥିରେ ସମାନ ରହିବାର କଥା । ବଂଗଳାରେ କେଶ୍-ର ଶେଷ ସ୍ୱରଯୁକ୍ତ ବର୍ଣ ‘ଶ୍’ ନୁହେ, ଏହା ‘ଏଶ୍’ । ତେଣୁ ଏହା ଦେଶ୍ ବା ବେଶ୍-ର ‘ଏଶ୍’ ସଂଗେ ମିଳିଲେ ମିତ୍ରାକ୍ଷର ଠିକ୍ ରହିବ । ଏଇ ହେତୁରୁ ବଂଗଳାରେ ଉପଧା ବା ଅଂତ୍ୟବର୍ଣର ପୂର୍ବସ୍ୱର ମିଳାଇବା ବିଧିଟି କାଳକ୍ରମେ ବିକାଶ ପାଇଚି । ଇଂରେଜୀରେ ମଧ୍ୟ ସେଇ କଥା । ପୁଣି ଇଂରେଜୀରେ ଶେଷରେ ସ୍ୱର ଥିଲେ ସେଇ ସ୍ୱର ସଂଗେ ମିଳି ରହିଥିବା ବ୍ୟଂଜନ ମିଳନ ଦରକାର ହୁଏ ନାହି । ଇଂରେଜୀରେ କେ— (Kay) ସଂଗେ ଡେ— (Day), ରେ— (Ray), ବା ଟ୍ରେ— (Tray) ମିଳିଲେ ପୂର୍ଣ ଓ ଅଦୁଷ୍ଟ ମିତ୍ରାକ୍ଷର ହୁଏ ।

ମାତ୍ର ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଳଂତ ଉଚ୍ଚାରଣ ନାହିଁ— ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇଁ କି ଦରକାର ? କୌଣସି ଅଳଂକାର ପାଇଁ ତାହା ଲୋଡ଼ା ହୋଇପାରେ । ସେଥିପାଇଁ ଓଡ଼ିଆରେ ସର୍ବଯମକ ପର୍ଯଂତର ବ୍ୟବସ୍ଥା ମଧ୍ୟ ଅଛି, ଯଥା :—

“ଅହି-ମକର ତାପନାଶେ ଶୋଭା ସାରସ ଚକ୍ରେ
ଅହିମ-କର ତାପନାଶେ ଶୋଭା ସାରସ ଚକ୍ରେ ।” —ଲାବଣ୍ୟବତୀ

ଅଳଂକାର କଥା ସ୍ୱତଂତ୍ର । ତାହା ସବୁ ପଦ୍ୟରେ ଲୋଡ଼ା ନାହି । ତେବେ ପୂର୍ଣ ମିତ୍ରାକ୍ଷର ପାଇଁ ଉପଧା ମିଳନର ଲୋଡ଼ା କେଉଁଠାରେ ? ର ସଂଗେ ର ପଡ଼ିଲେ

Digitized by PPRACHIN, SOA

ଓଡ଼ିଆରେ ହେଲା । ର (ର୍+ଅ) ଓଡ଼ିଆରେ ବ୍ୟଂଜନ ନୁହେ, ଏହା ସ୍ୱରାଂତ ବ୍ୟଂଜନ । ଇଂରେଜୀ ରୀତିରେ ମଧ୍ୟ ଓଡ଼ିଆରେ ର (ର୍+ଅ) ସଂଗେ କ (କ୍+ଅ) ପଡ଼ିଲେ ପୂର୍ଣ ମିତ୍ରାକ୍ଷର ହୁଅଂତା । କାହିଁକି ନା, ଉପଧା ହେଉ ବା ଅଂତ୍ୟ ହେଉ ଶେଷ ସ୍ୱରର ମିଳନ ହିଁ ମିତ୍ରାକ୍ଷରର ପ୍ରାଣ । ଦେଶ ସଂଗେ ହାସ ମିଳାଇଲେ ବଂଗଳାରେ ଯାହା, ର (ର୍+ଅ) ସଂଗେ କ (କ୍+ଅ) ମିଳାଇଲେ ଓଡ଼ିଆରେ ତାହାହିଁ । ବହୁକାଳ ପ୍ରଚଳିତ ବିଧିରେ ପଡ଼ି ବଂଗଳାରେ ଯେପରି ହାସ୍ ସଂଗେ ବେଶ୍ ପକାଇଲେ ଦୁଷ୍ଟ ମିତ୍ରାକ୍ଷର, ଓଡ଼ିଆରେ ସେଇପରି କ ସଂଗେ ର ପକାଇଲେ ଦୁଷ୍ଟ ହୁଏ । ମାତ୍ର ଓଡ଼ିଆରେ ଉପଧାମିଳନ ରୂପ ଆଉ ଏକ ପ୍ରଚଳିତ ବିଧି ତିଆର କରିବାର କିଛି ଦରକାର ନ ଥିଲା କି ନାହିଁ ।

ବଂଗଳାରେ ଦ୍ରାବିଡ଼ର ପ୍ରଭାବ ଯଥେଷ୍ଟ ଅଛି । ମହିମମୟ ସେନ ରାଜବଂଶ ଦ୍ରାବିଡ଼ ଥିଲେ, ପୁଣି ଓଡ଼ିଶା ପରି ବଂଗଳାର ଲୋକେ ବହୁଶଃ ଦ୍ରାବିଡ଼ ରକ୍ତ ସଂଭୂତ । ଭାଷାରେ ମଧ୍ୟ ଦ୍ରାବିଡ଼ ଶବ୍ଦର ସଂଖ୍ୟା ଖୁବ୍ ବେଶି । ସେଥିପାଇଁ ଓଡ଼ିଆ ପରି ବଂଗଳାରେ ସ୍ୱରମାନେ ପ୍ରାୟ ଦ୍ରାବିଡ଼ ରୀତିରେ ଉଚ୍ଚାରିତ ହୁଅଂତି । ମାତ୍ର ଏ ପ୍ରଭାବ ବଂଗଳାରେ ଓଡ଼ିଆ ପରି ବ୍ୟାପକ ନୁହେ । ବଂଗଳାରେ ଐ, ଔ ଏବେ ମଧ୍ୟ ଉଚ୍ଚାରଣରେ ଗୁରୁ । ପୁଣି ଶବ୍ଦମାନେ ହଳଂତଯୁକ୍ତ ଥିବାରୁ ବର୍ଣର ପୂର୍ବସ୍ୱର ଗୁରୁ ଉଚ୍ଚାରଣ ପାଏ ।

ମନ କହିଲେ ମ-ର ଅ-ଟି ହ୍ରସ୍ୱ । ମାତ୍ର ମନ୍ କହିଲେ ମ-ର ଅ-ଟି ଦୀର୍ଘ ହେଲା । ହେଲେହେଁ ମନ ଯେପରି ଦୁଇଟି ମାତ୍ରା, ମନ୍ ମଧ୍ୟ ସେଇପରି ଦୁଇଟି ମାତ୍ରା । କିଂତୁ ମନ୍-ର ଅ-ଟି ଏକାବେଳକେ ଦ୍ୱିମାତ୍ରକ । ମ୍ ଓ ନ୍‌ର ବ୍ୟଂଜନା ସେଇ ଅ-ସଂଗେ ମିଶିଯାଏ । ସେଇ ଅନୁକ୍ରମେ ନଂଦନ୍ କହିଲେ ବଂଗଳାରେ ନନ୍+ଦନ୍ ହୁଏ । ଏହା ଚାରିମାତ୍ରା । ଓଡ଼ିଆରେ ନଂଦନ ତିନିମାତ୍ରା । ନ୍ଦ-ଟିରେ ନ୍-ଦ ମିଶି ତରଳ ହୋଇ ଗୋଟିଏ ମାତ୍ରାରେ ଉଚ୍ଚାରିତ ହୁଏ ।

ବଂଗଳାର ଏଇ ବିଶେଷତ୍ୱଟି ରବୀଂଦ୍ରନାଥ ପ୍ରଥମେ ଭଲକରି ବାହାରକରି ଦେଖାଇଦେଲେ । ହେଲେହେଁ ଭାରତଚଂଦ୍ର ପ୍ରଭୃତିରେ ମଧ୍ୟ ଏହାର ଆଭାସ ସ୍ପଷ୍ଟ ମିଳେ । ସେଠାରେ ମଧ୍ୟ ଏହା ବୈଜ୍ଞାନିକ ରୀତିରେ କରା ହୋଇଚି । ଏଇ ରୀତିରେ ଐ, ଔ, ହଳଂତ ଆ-ଯୁକ୍ତ ବର୍ଣର ପୂର୍ବ ବା ସେଥିସଂଗେ ଅନୁସ୍ୱାରଯୁକ୍ତ ଓ ବିସର୍ଗଯୁକ୍ତ ସ୍ୱର ଗୁରୁ, ଆଉ ସବୁ ହ୍ରସ୍ୱ ବା ଏକମାତ୍ରକ ।

ରବୀଂଦ୍ର ନାଥ ମଧ୍ୟ ଏଇ ରୀତିରେ ସବୁ କବିତା ଲେଖଂତି ନାହିଁ । ପୁଣି ଏଇ ରୀତିର ସୌଷ୍ଠବ ରଖିବାରେ ରବୀଂଦ୍ରନାଥଂକ ପରି ସିଦ୍ଧହସ୍ତ ମନୀଷୀ ବାଟ ଦେଖାଉଚଂତି ।

ଓଡ଼ିଆରେ କିଂତୁ ଏଇ ରୀତିର ଅନୁକରଣ ମହାନଦୀ ବଢ଼ିପରି ଚାଲିଚି । ସେଥିରେ ପୁଣି ଲୋକଂକ ଭିତରେ ଏ ଶୈଳୀ ପୂରାଇବାର ଉଦ୍ୟମ ଥିଲାପରି କୌଣସି ପ୍ରମାଣ ମିଳୁନାହିଁ । ଖାଲି କବିତା ଲେଖି ଦେଇ କେତେ ଜଣ ବଂଗଳାପଢ଼ାଂକ ଭିତରେ ବସି ଖୁସି ହୋଇ ପରସ୍ପରର ଶ୍ଳାଘା କରିବାରେ ଓଡ଼ିଆ ଭାଷାର ପ୍ରାଣ ଫୁଟିବ ନାହିଁ । ଅନ୍ୟଠାରୁ

Digitized by PPRACHIN, SOA

ଭଲ ଜିନିଷଟିଏ ଆଣିବାରେ ଆପତ୍ତି ନାହିଁ, ତାହା ପୁଣି ଜାଣିଲେ ମଧ୍ୟ ଖୁବ୍ ଭଲ । ମାତ୍ର ଆଣିବାର ଜିନିଷ ବାଛିବାରେ, ତାକୁ ଚଳାଇବାର ପ୍ରଣାଳୀ ଓ ପଦ୍ଧତିରେ କିଛି ଚିଂତା ଚାଳନା କରିବାର ଅଛି । ପୁଣି ଓଡ଼ିଆରେ ଏଇ ରୀତିରେ ଲିଖିତ ଅଳ୍ପମାତ୍ର କବିତାରେ ଏଇ ରୀତିର ଯଥାର୍ଥ ଆଲୋଚନାମୂଳକ ଜ୍ଞାନ ଥିବାର ପ୍ରମାଣ ମିଳେ ।

ଏ ସବୁକୁ ଉଦାହରଣ ଦେଇ ବୁଝାଇବାର ଏଠାରେ ଅବକାଶ ନାହିଁ । ଏହା ଛଡ଼ା ସ୍ୱରଛଂଦ ବିଷୟରେ ମଧ୍ୟ କହିବାର ଅଛି, ପରେ କୁହାଯିବ । ଏ ମଧ୍ୟରେ କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ ।

[ନବଭାରତ, ମୀନ ୧୩୪୧]

## ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ

ଶ୍ରୀଯୁକ୍ତ ବିନାୟକ ଦାସଂକ 'ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ' ନାମକ ଲେଖାଟି ଅନ୍ୟତ୍ର ପ୍ରକାଶ ପାଇଲା । ଆମେ ଗତ ଥର 'ଓଡ଼ିଆ କବିତା ତଥା ଛଂଦର ପ୍ରଗତି' ବିଷୟରେ ଆଲୋଚନାର ଟିକିଏ ସୂଚନା ଦେଇଥିଲୁ । ସେଥିରେ କହିଥିଲୁ 'କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ' । ଶ୍ରୀଯୁକ୍ତ ବିନାୟକ ଦାସ ଲେଖିଚଂତି, 'ଛଂଦ ସଂବଂଧେ ସଂଯତ ଲେଖା ପାଇଲେ ପ୍ରକାଶ କରିବି ବୋଲି ନବ ଭାରତରେ ଲେଖାଯାଉଚି । ତେଣୁ ଏଇ ଲେଖାଟି ପଠାଇଲି ।' ତାଂକ ଲେଖାଟି ତେଣୁ ଆମ ଲେଖାର ଆଲୋଚନାମୂଳକ ଭୂୟୋବିକାଶ ରୂପେ ସେ କଳ୍ପନା କରିଚଂତି । ଅତଏବ ନିମ୍ନଲିଖିତ କେତୋଟି କଥା ଲେଖାଯାଉଚି ।

'ଏହା କେହି ସ୍ୱପ୍ନରେ ବି ବିଶ୍ୱାସ କରିବେ ନାହିଁ ।' 'ଯେ ଚେଇଁ ଶୋଇଥିବ, ତାକୁ ଉଠାଇବା ଯେପରି ମୁସ୍କିଲ୍, ଯେ ବୁଝି ନ ବୁଝିବାର ଭାଣ (ବାହାନା ?) ବା ଅଭିନୟ କରିବ, ତାକୁ ସେପରି ଯୁକ୍ତିତର୍କ ଦେଖାଇ ବୁଝାଇବା ବି ଦୁରୂହ ବ୍ୟାପାର ।'— ଏଇ ଭଳି କଥା, ସୂଚନା ଓ ବାକ୍ୟମାନ ଗଭୀର, ସଂଯତ ସାହିତ୍ୟ ଆଲୋଚନାର ଅନୁକୂଳ ନୁହେ । ଅନୁସଂଧିତ୍ସୁମାନେ ଏ ସବୁରେ ବିଜ୍ଞତର ହୁଅଂତି ନାଇ, ତେଣୁ ଏ ସବୁ ବଳରେ ଯେଉଁଠାରେ ଲେଖକ ନିଜ ଲେଖାକୁ ରସାଣିତ ବା ଟାଣୁଆ କରିବାକୁ ବସଂତି, ସେଠାରେ ଚିଂତାଶୀଳ ଅନୁସଂଧିତ୍ସୁମାନେ ଲେଖାକୁ ହେୟ ମନେକରଂତି । 'ଏହା ନିଃସଂଦେହରେ କୁହାଯାଇପାରେ'— ପ୍ରଭୃତି କହିବାରେ ଯୁକ୍ତି ଦୃଢ଼ତର ହୁଏ ନାଇ— ଅଂତତଃ ସାହିତ୍ୟ ପତ୍ରର ସଂଯତ ଆଲୋଚନା ସେ ସବୁର ସ୍ଥାନ ନୁହେ ।

ପ୍ରଥମରୁ ଲେଖକ ସଂଗୀତ ଓ ଛଂଦର ସୀମା ଠିକ୍ ରଖି ନ ପାରି ଆଲୋଚନାରେ ଅବିମିଶ୍ର ଧାରା ଧରି ପାରି ନାହାଂତି । ସଂଗୀତ— ସ୍ୱରଶିଳ୍ପ; ସେଥିରେ ଭାଷାର ଭାବ ଘେନି ବଂଧନ ନ ଥାଏ । ଛଂଦ—କାବ୍ୟଶିଳ୍ପ; ସେଥିରେ ସ୍ୱର ଭାଷାର ଭାବକୁ ଅନୁସରଣ କରେ । ପ୍ରାଚୀନ ଓଡ଼ିଆ ଛଂଦ ପାଇଁ ଗାଇବା ଲୋକ ଦରକାର ହେଲେ ହେଁ, କେବଳ

Digitized by PPRACHIN, SOA

ସଂଗୀତଜ୍ଞର ଲୋଡ଼ା ନାଇ । ଛଂଦର ଗତି ସଂଗେ ଚିତ୍ରିତ ଭାବର ଧାରା ମିଳାଇ ବୋଲି ଜାଣିବା ସବୁ ଛଂଦରେ ଲୋଡ଼ା– ପ୍ରାଚୀନ, ଆଧୁନିକ, ମିତ୍ରାକ୍ଷର, ଅମିତ୍ରାକ୍ଷର ସର୍ବତ୍ର ଏଇ ନିୟମ ଅନୁସଂଧାନ କରାଯାଇପାରେ । ଭାଷାର ପ୍ରକୃତି ଘେନି ମନୀଷୀମାନେ ଭିନ୍ନ ଭିନ୍ନ ବେଷ୍ଟନୀରେ ବିଭିନ୍ନ ଭାବରେ ତାକୁ ପ୍ରକାଶ କରଂତି । ପରଂପରାରେ ମାନବର ସମୂହ ମନୀଷା ଏ କ୍ଷେତ୍ରରେ ବହୁ ସାହାଯ୍ୟ କରେ । ସେ ଯାହାହେଉ ''ଗାଇ-ବଜାଇ ପାରିବା ଲୋକ'' ଓଡ଼ିଆ ପ୍ରାଚୀନ ଛଂଦ ପାଇଁ ଲୋଡ଼ା ନାଇ । ଉଦାହରଣ ସ୍ୱରୂପ ଦେଖାଯାଇପାରେ–

''ମଦନାମା ମଦନାମା (ମତେ) କିଏ ଡାକୁଚି ?
ବେମାରିଆ ପୁଅ ମୋର ଘରେ ପଡ଼ିଚି ।
ବୋହୂକୁ ଷୋଳ ସତର
ପୁଅକୁ କରିଚି ଜର
ବଇଦ ଡାକକୁ ମୁଁ ତ କାନ ପାଡ଼ିଚି,
ମଦନାମା ମଦନାମା (ମତେ) କିଏ ଡାକୁଚି ?''

ଓଡ଼ିଆ ଯାତ୍ରାର ଏଇ ଛଂଦ ଗାନଟି ସଂଗୀତର ସ୍ୱରଲୟଠାରୁ କଥାବୃତ୍ତ ପର୍ଯ୍ୟଂତ– ସବୁଥିରେ ସୁଂଦର ପ୍ରକାଶ କରାଯାଇପାରେ । ଏଇ ରୀତିରେ ଛଂଦ ତତ୍ତ୍ୱ ଆଲୋଚନା କରି ନୂତନ ଓ ନବାଗତ ଛଂଦମାନ ଚଳାଇବା ଉଚିତ । ସ୍ୱର୍ଗତ ଶ୍ୟାମସୁଂଦର ରାଜଗୁରୁ ଏଇ ରୀତିର ବୈଜ୍ଞାନିକ ଆଲୋଚନା ଆରଂଭ କରିଥିଲେ ।

ଭାଷାର ପ୍ରକୃତି ଉପରେ ପୁଷ୍କଳ ଛଂଦ ବିଭବ ଫୁଟାଇବାରେ ଓଡ଼ିଆର ବିଶେଷତ୍ୱ ଭାରତର ଦେଶୀ ଭାଷାମାନଂକ ଭିତରେ ଅନନ୍ୟସାଧାରଣ । ଓଡ଼ିଆ ସଭ୍ୟତା ମଧ ଭାରତରେ ଅନନ୍ୟସାଧାରଣ । ତାହାର ସ୍ପଷ୍ଟ ନିଦର୍ଶନ ଜଗନ୍ନାଥ । ସେଇପରି ଓଡ଼ିଆର କାବ୍ୟକଳା ପ୍ରକାଶ କରିବାରେ ଛଂଦ । ଓଡ଼ିଆରେ କାବ୍ୟର ନାମ ଛାଂଦ; ଯଥା– ସେ ଛାନ୍ଦ ପଢୁଚି । ସର୍ଗର ନାମ ଛାନ୍ଦ, ଯଥା ଲାବଣ୍ୟବତୀରୁ ତିନି ଛାଂଦ ପଢ଼ିଚି । ମଧୁବାବୁ ଲେଖିଥିଲେ ଛାଂଦମାଳା, ଅର୍ଥାତ୍ କବିତା ସମୂହ । ଭାରତର ଅନ୍ୟ କୌଣସି ଦେଶୀଭାଷାରେ ଏ ବିଭବ ନାଇ । ଏଥିରେ ସ୍ୱରଶିଳ୍ପ ଯେ ଭାବ ବିକାଶରେ ସାହାଯ୍ୟ ନ କରେ ତା' ନୁହେ, ମାତ୍ର ଛାଂଦର ଛଂଦ ଓ ସ୍ୱରଶିଳ୍ପମୟ ସଂଗୀତ ଏକ ବସ୍ତୁ ନୁହେ । ଛାଂଦ କିଂତୁ ଦରକାର ହେଲେ ସଂଗୀତ ପରି ବୋଲାଯାଇପାରେ । ଅନ୍ୟାନ୍ୟ ଅନେକ କବିତା– ଏପରି କି କଥାଛାଂଦ ମଧ ସେପରି ବୋଲାଯାଇପାରେ । ସାହିତ୍ୟପୂର୍ଣ୍ଣ ସଂଗୀତ ରଚନା ମଧ ବିରଳ ନୁହେ । ବରଂ ଅଧିକାଂଶ ସଂଗୀତ ଲେଖକଂକର ଏହାହିଁ ଆଦର୍ଶ ।

ଓଡ଼ିଆ ଛଂଦ ବା ଛାଂଦରେ ''କୋଷ, ଅଭିଧାନ ବା ବ୍ୟାକରଣ ଅଥବା ଅନ୍ୟ ପକ୍ଷରେ ସ୍ୱରଲୟ ବା ତାଳ ସମନ୍ୱୟ'' ଦରକାର ନାହିଁ । 'ଜୀବନ ଚିଂତା', 'ନିଶୀଥ ଚିଂତା' ପରି ଦିଓଟି ଗୋଟିଏ ପଦ୍ୟ ଛାଡ଼ିଦେଲେ ମଧୁବାବୁଂକର ସବୁ ପଦ୍ୟ ଓଡ଼ିଆ

Digitized by PPRACHIN, SOA

ଛାଂଦର ଛଂଦରେ ଲେଖା । ରାଧାନାଥ ଓଡ଼ିଆ ଛାଂଦର ଛଂଦ ଛଡ଼ା ଅନ୍ୟ ଛଂଦରେ କଦାପି ଲେଖିନାହାଂତି ।

"ଯାହାକୁ ରଖିବେ ଅନଂତ, ତାକୁ କି କରେ ବଳବଂତ" ଏ ନବାକ୍ଷରୀ ଭାଗବତ ବୃତ୍ତରେ କୌଣସି ଗୁରୁ ଲଘୁ ଉଚ୍ଚାରଣ କଳ୍ପନା ନାଇ । ଏଠାରେ ଅନଂତ ତିନି ମାତ୍ରା ଓ ବଳବଂତ ଚାରି ମାତ୍ରା । ରାଧାନାଥଂକ ଲେଖାରେ କୁତ୍ରାପି ଏଇ ଓଡ଼ିଆମାତ୍ରା ଶୈଳୀର ବ୍ୟତିକ୍ରମ ନାଇ । ତେବେ ଯମକ ଅନୁପ୍ରାସାଦି ନିମଂତେ ବେଳେ ବେଳେ ଓଡ଼ିଆରେ ବର୍ଣ୍ଣ ବ୍ୟବହାରରେ ସୁଂଦର କ୍ରମ ଓ ସାମଂଜସ୍ୟ ଥାଏ । ସେଥିରେ ଉଚ୍ଚାରଣର ପରିମାଣ ଘେନି ବର୍ଣ୍ଣ ବିନ୍ୟାସର କ୍ରମରେ ଛଂଦଗତିର ନିୟମ ନାଇ । ସେଥିରେ ଯାହା ନାଇ ତାହା ସେଥିରୁ ଅର୍ଥ କରି ଟାଣିବା ଠିକ୍ ନୁହେ । 'ଭାରତ ବଂଦନା' ଗୀତଗୋବିଂଦ-ପ୍ରସିଦ୍ଧ ଭୈରବୀ ନାମକ ସଂଗୀତ ବୃତ୍ତ । ଏହା ମାତ୍ରାମିତା– ଜାତି । ମୋହ ମୁଦ୍ଗରାଦିରେ ଏଇ 'ଜାତି' କିପରି ଚାରୁ ସଂଗୀତମୟ ଛଂଦରେ ଗତି କରେ ତାହା ଦେଖିସାରି, 'ଭାରତ ବଂଦନା'ର "ସ୍ତୂପ ବିଚିତ୍ରେ" ଓ "କୀର୍ତ୍ତି ପବିତ୍ରେ" ଉଦ୍ଧାର କରିବାରେ ବିଶେଷତା କିଛି ନାଇ । ଲେଖକ ଯେଉଁ ବାଟେ ଏସବୁ ଆଲୋଚନା କରୁଚଂତି, ସେବାଟେ ତହିଁରେ ପ୍ରବେଶ ନୁହେ ।

ଉପଧାସ୍ୱର ମିଳନ ବରାବର ଅସଂଗତ ଏହା କେହି କହୁ ନାଇ । ଆମେମାନେ କହିଥିଲୁ, "ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଳଂତ ଉଚ୍ଚାରଣ ନାଇ । ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇଁ କି ଦରକାର ? କୌଣସି ଅଳଂକାର ପାଇଁ ତାହା ଲୋଡ଼ା ହୋଇପାରେ । ××× ଅଳଂକାର କଥା ସ୍ୱତଂତ୍ର । ସବୁ ପଦ୍ୟରେ ତାହା ଲୋଡ଼ାନାଇ ।"

ପୁଣି ଆମେ କହିଛୁ, "ଅନୁକରଣ ସର୍ବଦା ଗର୍ହଣୀୟ ନୁହେ ।" ମାତ୍ର ଅନୁକରଣରେ ଅନୁକୃତ ବସ୍ତୁଟିକୁ ନିଜର କରି ନ ପାରିଲେ ଅନୁକରଣ ବିଡ଼ଂବନା ହୁଏ । ରବୀଂଦ୍ରଂକୁ ଅନୁକରଣ କରିବାରେ ଆପତ୍ତି ନାଇ । ରବୀଂଦ୍ର ପ୍ରତିଭାର ଜ୍ୟୋତି ଓଡ଼ିଆରେ କିଂଚିତ୍ ମାତ୍ର ପ୍ରତିଫଳିତ ହୋଇପାରିଲେ ଓଡ଼ିଆର ପ୍ରଭୂତ ଉପକାର ହେବ । ମାତ୍ର ଯେଉଁମାନେ ସେ ପ୍ରତିଭାର ଜ୍ୟୋତି ଓଡ଼ିଆକୁ ଆଣିବାରେ ନିଜକୁ ମାଧ୍ୟମ (Medium) ବୋଲି ବିଚାରଂତି, ସେମାନଂକର ଏ ଦାୟିତ୍ୱ ଯଥାଯଥ ରୂପେ ବୁଝି କାର୍ଯ୍ୟରେ ହାତ ଦେବା ଉଚିତ ।

ରବୀଂଦ୍ରନାଥଂକ ଛଂଦଚାତୁରୀ ଓ କାବ୍ୟକଳାରେ ଇୟୁରୋପୀୟ ରୀତିରୁ ଯଥାଯଥ ଆହରଣ ଥାଇପାରେ, କିଂତୁ ତାହା ସର୍ବଥା ସର୍ବତୋଭାବରେ ବଂଗଳା ଭିତ୍ତି ଉପରେ ପ୍ରତିଷ୍ଠିତ । ଆହରଣ ଯେଉଁଠାରେ ଦେଖାପଡ଼େ ସେଠାରେ ସଂସ୍କୃତ ଓ ପ୍ରାକୃତର ଛାପ ସେଥିରେ ସ୍ପଷ୍ଟ । ସଂସ୍କୃତର ବୃତ୍ତ ଜାତି ପ୍ରଭୃତିରୁ ରବୀଂଦ୍ରଂକର ସମସ୍ତ ଛଂଦଚାତୁରୀ– ଏପରିକି କଥାଛଂଦର ବିଶିଷ୍ଟ ଶୈଳୀ ବାହାରିଚି, କିଂତୁ ଛାଂଚଟି ସବୁବେଳେ ବଂଗଳା ।

Digitized by PPRACHIN, SOA

ଯେ କୈଶୋରରେ 'ଭାନୁସିଂହର ପଦାବଳୀ' ଭିତରେ ନିଜର ବିକାଶୋନ୍ମୁଖ ବିରାଟ ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ଲୁଚାଇ ପାରିଥିଲେ, ତାଂକ କବିତା ଓ ଲେଖାରେ ଇୟୁରୋପୀୟ ଶୈଳୀର ଗଂଧ ବାରିବା ସାଧାରଣ ସମାଲୋଚକର ଶକ୍ତିର ବହିର୍ଭୂତ । ସେ ଯହିଁରୁ ଯାହା ନିଅଂତୁ, ବଂଗାଳୀ ରବୀଂଦ୍ର ସବୁ ଉତ୍ତମରୂପେ ଚୋବାଇ ଖାଇ ଜୀର୍ଣ୍ଣ କରିପାରିଚଂତି, ସେଥିରେ ଅଜୀର୍ଣ୍ଣ ଏଉଡ଼ି ନାଇ ।

ଓଡ଼ିଆର ଛଂଦଚାତୁରୀ ଭାରତ ଭାଷାମାନଂକ ମଧ୍ୟରେ ଅନନ୍ୟସାଧାରଣ ବୋଲି କୁହାଯାଇଛି । ଏଡ଼େ ପୁଷ୍କଳ ମୌଳିକ ଛଂଦ ବିଭବ ମଧ୍ୟରେ ସେ କାଳ ଓଡ଼ିଆ ଆହରଣ ପାଇଁ ସବୁବେଳେ ଉତ୍କଂଠ ଥିଲେ । ନିଜର ମତୁଆରୀ ଛଂଦକୁ ସେମାନେ ନାମ ଦେଇଥିଲେ ବଂଗଳାଶ୍ରୀ; ୧୪ ଅକ୍ଷରୀ ମଂଗଳ ରାଗର 'ପୟାର' ଛଡ଼ା ବଂଗଳାରେ ଏହି ବିଂଶାକ୍ଷରୀ 'ତ୍ରିପଦୀ' ବଂଗଳାର ବିଶେଷତ୍ୱ । ଏହି ତ୍ରିପଦୀ ବଡ଼ ସୁଂଦର । ତେଣୁ ଓଡ଼ିଆ ଏହାର ନାମ ଦେଲେ ବଂଗଳାଶ୍ରୀ ବା ବଂଗ ଛଂଦର ଲକ୍ଷ୍ମୀ । ଏହି ବଂଗଳାଶ୍ରୀ ଛଂଦଟିର ବିକାଶ କରି ଓଡ଼ିଆ ଅନେକ ଛଂଦ ରଚନା କରିଛଂତି । ପ୍ରାୟ କୋଡ଼ିଏଟି ଛଂଦ ଏହି ବଂଗଳାଶ୍ରୀରୁ ବାହାରିଥିବାର ଆଂଭେମାନେ ଗଣନା କରିପାରିଅଛୁ । ଏହି ଛଂଦ ଏବଂ ଏହାର ଶାଖାମାନେ ମଧ୍ୟ ସର୍ବଦା କଥା ଛଂଦଠାରୁ ସଂଗୀତର ସ୍ୱରଲୟ ପର୍ଯ୍ୟନ୍ତ ସବୁଥିରେ ପ୍ରକାଶିତ ହୋଇପାରଂତି । ଶ୍ରୀଯୁକ୍ତ ବିନାୟକ ଦାସ ଯେଉଁ ନବ ଛଂଦଟି ଉଦାହରଣରେ ଦେଖାଇଛଂତି, ତାହା ମଧ୍ୟ ଏହି ବଂଗଳାଶ୍ରୀର ରୂପାଂତର । ବୈଦେହୀଶବିଳାସରେ ଛଂଦସ୍ୱର ଘେନି ଏହି ରୂପାଂତରଟିର ନାମ ଲଳିତକାମୋଦୀ । ଏହିସବୁ ଭାବରେ ଆଲୋଚନା କରି ଦେଖିଲେ ନୂତନ କଥାଛଂଦରେ ମଧ୍ୟ ଓଡ଼ିଆ ପଲ୍ଲୀବାସୀର ପ୍ରାଣ ଆକର୍ଷଣ କରାଯାଇପାରେ । ତାହା ହେଉ ନାହି । ଏହାହିଁ ଆକ୍ଷେପ ।

ଗୁରୁ ଲଘୁ ଓଡ଼ିଆ ସ୍ୱର ଯଂତ୍ରର ବର୍ଣ୍ଣ ଉଚ୍ଚାରଣରେ ନାହି । ସେଥିରେ ତତ୍ସମ ମଧ୍ୟ ଉଚ୍ଚାରଣରେ ତଦ୍‌ଭବ ହୋଇଯାଏ ! 'ଖଂଡଗିରି ଗୁଂଫା ଦେଖୁଛି' ଏଠାରେ ଖଣ୍‌+ଡ ଗିରି ଗୁମ୍‌+ଫା ଦେଖୁଛି ଏପରି କେହି ତତ୍ସମ ମାତ୍ରାମିତ ଉଚ୍ଚାରଣ କରଂତି ନାହି । ତାହା କିପରି କରିବେ କବି ଲେଖିବା ପୂର୍ବରୁ ସେ କଥାର ଯଥାଯଥ ବିଚାର କରି ଲୋକଭାଷାରେ ଅନୁପ୍ରାଣିତ ରହିବା ଦରକାର । ଇଂରେଜୀରେ ଯାହାକୁ ସିଲେବଲ୍ (Syllable) କହଂତି, ସଂସ୍କୃତ ବା ତଦ୍‌ଭବ ଭାଷାରେ ତାହା ଏକସ୍ୱରଯୁକ୍ତ ବର୍ଣ୍ଣ, ଯଥା– ଅ, ର, ବାନ୍ । (Quantity) ବା ଉଚ୍ଚାରଣ ପରିମାଣ ଇଂରାଜୀରେ accent ସଂସ୍କୃତରେ ବର୍ଣ୍ଣର ଗୁରୁତ୍ୱରେ ପ୍ରକାଶିତ ହୁଏ । ଓଡ଼ିଆରେ ତାହା ନାହି । ତେବେ କଥା-କବିତାରେ ସର୍ବତ୍ର ଗୁରୁତ୍ୱ ପ୍ରକାଶ ପାଏ । ଓଡ଼ିଆରେ ତାହାର କିଂତୁ ମାନ ସ୍ୱତଂତ୍ର । ନିମ୍ନରେ ବଂଗଳାଶ୍ରୀର ଏକ ରୂପାଂତର କଥା-କବିତାରୁ ଦିଆଗଲା ।

ଟୁ-କୁ ମୁସି
ଟୁକେଇ ମୁସି

Digitized by PPRACHIN, SOA

ତୁ-ଥା-ମୁଁ–
ଯାଉଚି ରୁସି–
ଧାନ ଭରଣକ ଖାଉଥା ବସି ।

ଏସବୁ ଛଂଦରେ ଉଚ୍ଚାରଣର ପରିମାଣ ସ୍ପଷ୍ଟ । ଏହିସବୁ ବକ୍ତାର ଆଶୟସଂବଳିତ ବର୍ଣ୍ଣ ପରିମାଣକୁ ଧରି ଓଡ଼ିଆର ଗୁରୁ ଲଘୁ ନିୟମ ସଂସ୍କୃତ ବଂଗଳା ପ୍ରଭୃତି ଭାଷାର ସାମଂଜସ୍ୟରେ ଫୁଟାଇ ପାରିବାର ମନୀଷା, ପାଂଡିତ୍ୟ ଓ ଅଧ୍ୟବସାୟ ଦରକାର । ଓଡ଼ିଆ କବିତା ଓଡ଼ିଆ ଲୋକଂକ ପାଇଁ ଲେଖିବାକୁ ହେବ– ଏକଥା ସବୁବେଳେ ମନେ ରଖିବା ଉଚିତ । 'ଭାନୁସିଂହର ପଦାବଳୀ'ରେ ପ୍ରଥମ ପଦକ୍ଷେପ ପୂର୍ବକ ଯେଉଁ ବିଶ୍ୱ ମନୀଷୀ ନୂତନ ଛଂଦ ସୋପାନରେ ଆରୋହଣ କରି ଆଜି ବଂଗଭାଷା ଓ ସାହିତ୍ୟକୁ ଜୀବଂତ କରିଅଛଂତି, ତାଂକର ଜୀବନ ବ୍ୟାପୀ ମହାପାଂଡିତ୍ୟ ଓ ସାଧନାର ସିଦ୍ଧିକୁ ଆଜି ଅନ୍ୟଭାଷୀ ଲୋକେ ହଠାତ୍ ଚିଂତା ଓ ଗଣନାହୀନ ଭାବରେ ଅନୁକରଣ କରି ବସିବାହିଁ ଦୂଷଣୀୟ– ଯଥାର୍ଥ ଓ ଯଥାଯଥ ଅନୁକୃତି ଦୂଷଣୀୟ ନୁହେ ।

[ନବଭାରତ, ମେଷ ୧୩୪୨]

## ଓଡ଼ିଆ ଛଂଦରେ ଯୁକ୍ତାକ୍ଷର ଓ ଉପଧା

ଏଠାରେ ଆମେ ଶ୍ରୀମାନ୍ କାଳିଂଦୀଚରଣ ପାଣିଗ୍ରାହୀଂକର ଓଡ଼ିଆ କବିତା ତଥା ଛଂଦର ପ୍ରଗତି ଲେଖାଟି ପ୍ରତି ଲକ୍ଷ୍ୟ କରୁଅଛୁଁ । ତାହା ଏହିଥର ଅନ୍ୟତ୍ର ପ୍ରକାଶିତ ହୋଇଅଛି । ପ୍ରଥମରୁ କହିବା ଉଚିତ, ଯୁକ୍ତାକ୍ଷରରେ ବର୍ଣ୍ଣ ଗୌରବ ଦେଖାଇବା ବରାବର ଅସଂଗତ ବା ଅସୁଂଦର ନୁହେ । ଅଳଂକାର ହିସାବରେ ମଧ୍ୟ ଉପଧାର ମୂଲ୍ୟ ଅଛି । ମାତ୍ର ଉପଧା ମିଳନ ଓଡ଼ିଆ ଛଂଦର ନିତ୍ୟ ଅଂଗ ନୁହେ ଓ ଯୁକ୍ତାକ୍ଷର ପୂର୍ବ ବର୍ଣ୍ଣର ଗୁରୁତ୍ୱ ବ୍ୟବହାର କରିବାରେ ଲୋକଂକର ଉଚ୍ଚାରଣ ପ୍ରତି ଲକ୍ଷ୍ୟ ରଖି ସେହି ସାମଂଜସ୍ୟରେ ତାହା ପ୍ରବେଶ କରାଇ ନ ପାରିଲେ ତାହା ଏ ଜଳବାୟୁରେ ବଢ଼ିବ ନାହି, ଲୋକସାହିତ୍ୟର ଅଂଗ ହେବା କଠିନ ହେବ ।

ଉପଧା ମିଳନ ଓଡ଼ିଆ ଛଂଦରେ ଅବଶ୍ୟ କର୍ତବ୍ୟ ନୁହେ, ଏହା ଲେଖକ ଏକ ପ୍ରକାର ସ୍ୱୀକାର କରିଛଂତି । କୌଣସି ଛଂଦକୁ ବିଶେଷ ସୁଶ୍ରାବ୍ୟ ଓ ସୁଂଦର କରିବା ପାଇଁ କେହି ଯେବେ ଉପଧାମିଳନ ରୂପ ଅଳଂକାରର ବ୍ୟବହାର କରଂତି, ସେଥିରେ ବିଶେଷ କ୍ଷତି ନାହି । କିଂତୁ ଯେ ତାହା ନ କରିବେ, ତାଂକର ଛଂଦ ସାଧୁ ଓ ଶୁଦ୍ଧ ହେଲା ନାହି ବୋଲି ରାଧାନାଥ ଓ ବାସୁଦେବ ସୁଡ଼ଳଦେବଂକ ପ୍ରଭାବିତ ଯୁଗରେ ଯେଉଁ ଧାରଣା ଆରଂଭ ହୋଇଥିଲା, ତାହାରି ପ୍ରତିବାଦ ମାତ୍ର କରିବାକୁ ଯାଇ ଆମେ ସେ ସଂବଂଧରେ ଯାହା କିଛି ଲେଖିଥିଲୁଁ ଓ ସେ କାଳରେ ଲେଖା ହୋଇ ପ୍ରଚାରିତ ହୋଇଥିବା ଓଡ଼ିଆ

Digitized by PPRACHIN, SOA

ଅଳଂକାର ଗ୍ରଂଥରୁ 'ଦୁଷ୍ଟ' ଓ 'ଅପୂର୍ଣ୍ଣ' ମିତ୍ରାକ୍ଷରର ଉଦାହରଣ ଦେଇଥିଲୁଁ । କହିବାର ଅଭିପ୍ରାୟ, ସେ ସବୁ ମିତ୍ରାକ୍ଷର ଦୁଷ୍ଟ ନୁହେ କି ଅପୂର୍ଣ୍ଣ ନୁହେ । କେବଳ ମିତ୍ରାକ୍ଷର ବିଚାରରେ ଉପଧାର ସଂପର୍କ ନାହି । ଅନ୍ୟଥା ତାହାର ବ୍ୟବହାର ସର୍ବଥା ଦୂଷଣୀୟ ବୋଲି ଆମେ କହୁନାହୁ । ନିଜର କବିତାକୁ ଅଧିକ ସୁଂଦର କରିବା ପାଇଁ ଯେକୌଣସି କବି ଉପଧା ମିଳନ କରିପାରଂତି ।

ଦ୍ୱିତୀୟ କଥା, ଯୁକ୍ତାକ୍ଷର ଯୋଗେ ପୂର୍ବ ସ୍ୱରର ଗୁରୁତ୍ୱ । ଏଠାରେ ଓଡ଼ିଆ ଓ ବଂଗଳାର ବହୁ ପ୍ରଭେଦ ଅଛି । ବଂଗଳା ଭାଷାର ଶବ୍ଦସବୁ ପ୍ରାୟଶଃ ପ୍ରଥମ ସ୍ୱରଯୁକ୍ତ ଅକ୍ଷରରେ ଜୋର୍ ପଡ଼ି ଉଚ୍ଚାରିତ ହୁଏ । ସେହି ହେତୁରୁ ପରବର୍ତୀ ବର୍ଣ୍ଣ ପ୍ରାୟ ସ୍ୱର ହରାଏ । ସେଥିପାଇଁ ବଂଗଳାର ଉଚ୍ଚାରଣ ଶୈଳୀ ସଂଗେ ଖାପ ଖାଇଲା ଭଳି ଯୁକ୍ତବର୍ଣ୍ଣର ପୂର୍ବ ଗୁରୁତ୍ୱ ସହଜରେ ରଖି ହୁଏ । ଓଡ଼ିଆର ଉଚ୍ଚାରଣରେ କଥାର ଜୋର୍ ପଡ଼େ ଶବ୍ଦର ଶେଷ ସ୍ୱର ଆଡ଼କୁ । ସେଥିରେ ଯୁକ୍ତ ବର୍ଣ୍ଣ ଜନିତ ଏହି ଗୁରୁତ୍ୱ ସାମଂଜସ୍ୟରେ ପ୍ରବେଶ କରାଇ ବସିଲେ କେବଳ ବଂଗଳାର ଅନୁକୃତି; ସେଠାରେ ପ୍ରାକୃତିକ ଶୈଳୀ ନଷ୍ଟ କରିବାର ସଂଭାବନା ଅଛି । ଓଡ଼ିଆରେ କେବଳ ନରକକୁ ନର୍କ କହଂତି ନାହି, ପୁରୁଷୋତ୍ତମକୁ ମଧ୍ୟ ପୁରସ୍ତମ କହଂତି । ଏଥିରୁ ସ୍ପଷ୍ଟ ଜଣାଯାଉଛି, ନରକର 'କ' ଉପରେ ଓ ପୁରସ୍ତମର 'ତ' ଉପରେ ଜୋର୍ ପଡ଼େ । ପଂଚଦଶ ଶତାବ୍ଦୀର ସଂସ୍କୃତ ଶିଳାଲେଖରେ ମଧ୍ୟ ଅଛି 'ପୁରୁଷୋମ୍' । ଏଠାରେ 'ମ' ଉପରେ ଜୋର୍ ପଡ଼ିବାର ମଧ୍ୟ ପ୍ରମାଣ ହେଉଛି । ଭରଥକୁ ଭ୍ରଥ କହିବାରେ ମଧ୍ୟ 'ର' ଉପରେ ଜୋର୍ ପଡୁଛି । ବଂଗଳାର ଉଚ୍ଚାରଣ ଶୈଳୀ ତାହା ନୁହେ । କଥାର ଆଶ୍ରୟରେ ଓ ପ୍ରାଦେଶିକତା ପ୍ରଭାବରେ ଏ ସବୁ ଉଚ୍ଚାରଣ ଶୈଳୀର ଇତର ବିଶେଷ ବ୍ୟତ୍ୟୟ ସର୍ବତ୍ର ସବୁ ଭାଷାରେ ଦେଖାଯାଏ । ସେହିପରି ଓଡ଼ିଆରେ ମଧ୍ୟ ପ୍ରଥମ ସ୍ୱରଯୁକ୍ତ ବର୍ଣ୍ଣରେ କେବେ କେବେ ଜୋର୍ ପଡ଼େ । ଯଥା 'ତୋର୍ ମୋର୍ ଯିବା' । ଏଠାରେ ତୋର ମୋର ଦୁଇଟି ଶବ୍ଦରେ 'ତୋ' 'ମୋ' ଉପରେ ଜୋର୍ ପଡୁଛି । ସେଥିପାଇଁ କବିତାରେ ଲେଖାଯାଏ 'ତୋର ବୋଲି ଯୁ ଗର୍ବ କରୁ' ଇତ୍ୟାଦି । ତେବେ ତୋର ଏହି କଥାଟିର ଉଚ୍ଚାରଣ ସାମଂଜସ୍ୟରେ ଗର୍ବର 'ଗ' ବର୍ଣ୍ଣଟିର ଗୁରୁତା ମନକୁ ସରଳ ଭାବରେ ଆସିଯିବ । ଯଦି ଲେଖାଯାଏ 'ମୋର ଘର ପୁରସ୍ତମ' ଇତ୍ୟାଦି, ତେବେ ଏଠାରେ ପୁରସ୍ତମର 'ର' ର ଗୁରୁତା ଛଂଦ ଧାରାରେ ସୁଗମ ହେବ ନାହି । ରବୀଂଦ୍ରନାଥଂକ ପରି ମହାପଂଡ଼ିତ ମନୀଷୀ ଏସବୁ ବର୍ଣ୍ଣତତ୍ତ୍ୱରେ ବିଶେଷଜ୍ଞ । ବଂଗଳା ଓଡ଼ିଆର ଉଚ୍ଚାରଣ ଶୈଳୀ ଏକା ପରି ହୋଇଥିଲେ ବର୍ଣ୍ଣତତ୍ତ୍ୱରେ ଅଜ୍ଞ ଓଡ଼ିଆ କବିମାନେ ଏ ସବୁର ଅନୁକରଣ କଲେ ହୁଏତ ଚଳିଯାଂତା, କାରଣ ବଂଗଳାରେ ମଧ୍ୟ ସତ୍ୟେଂଦ୍ର ଦତ୍ତ ପ୍ରଭୃତି ବିଶେଷଜ୍ଞଂକ ଛଡ଼ା ଆଉ ଅନେକ କବି ରବି ଠାକୁରଂକୁ ଅନୁକରଣ କରଂତି । ତାହା ଚଳିଯାଏ । କିଂତୁ ଓଡ଼ିଶାରେ ତାହା ଚଳାଇବାକୁ ଯେଉଁମାନେ ଚେଷ୍ଟା କରୁଛଂତି, ସେମାନେ ଓଡ଼ିଶାର ଉଚ୍ଚାରଣ ତତ୍ତ୍ୱ ପୁଂଖାନୁପୁଂଖ ଅନୁସଂଧାନ କରି ଏ କାର୍ଯ୍ୟରେ ବ୍ରତୀ ହେଲେ ଭଲ ହୁଅଂତା ।

Digitized by PPRACHIN, SOA

ପୁଣି ବର୍ଣରେ ଜୋର ପଡ଼ିବା ଓ ବର୍ଣର ଗୁରୁତ୍ୱ ଏକ କଥା ନୁହେ । 'ଅସ୍ତ୍ୟୁତ୍ତରସ୍ୟାଂ' ଏଠାରେ ପ୍ରଥମ 'ଅ' ଟିରେ ଜୋର୍ ପଡୁଛି, ଦ୍ୱିତୀୟ 'ଉ' କାରରେ ଦୀର୍ଘତା ସଂଗେ ଜୋର୍ ମିଶିଛି, ଶେଷ 'ଆ'କାରରେ କେବଳ ଦୀର୍ଘତା ଅଛି, ଜୋର୍ ନାହି । ଏ ସମସ୍ତଂକର ପ୍ରକୃତରେ ଉଚ୍ଚାରଣଗତ କି ଭେଦ ଅଛି ତାହା ଅନୁସଂଧାନ କରି ଜାଣିବା ଉଚିତ । ଇଂରେଜିରେ ଜୋର୍ (Stress) ଓ ଦୀର୍ଘତା (Pitch)ର ବିଚାର ଘେନି ବହୁ ଆଲୋଚନା ଲେଖାଯାଇଛି । ସଂସ୍କୃତରେ ଏ ଦୁଇଟିର ପ୍ରଭେଦ ଧରାଯାଇ ନାହି । ତଥାପି ଛଂଦର ଗତି ବ୍ୟାହତ ବା କୁତ୍ସିତ ହେଉ ନାହି । ଏ ସବୁର ବିଶ୍ଳେଷଣାତ୍ମକ କାରଣ ଅନୁସଂଧାନ କଲେ ମଧ୍ୟ ନୂତନ ଛଂଦବିଳାସୀମାନଂକର ବହୁ ଲାଭ ହେବ । ସେମାନେ ସହଜରେ ଛଂଦକୁ ଓଡ଼ିଆ ଜନସାଧାରଣର ଶ୍ରୁତି ଓ ସ୍ୱର ଯଂତ୍ରର କ୍ରିୟା ସଂଗେ ମିଳାଇ ପାରିବେ । ସେପରି କଲେ ଯେକୌଣସି ନୂତନ ଆମଦାନି ପ୍ରଗତି ଓ ଶ୍ରୀବୃଦ୍ଧିର ଲକ୍ଷଣ ରୂପେ ପ୍ରତିଭାତ ହେବ ।

(ଏହା ଲେଖିଲା ପରେ ଶ୍ରୀମାନ୍ କାଳିଂଦୀଚରଣଂକର ଖଂଡିଏ ଚିଠି ହସ୍ତଗତ ହେଲା । ସେ ଲେଖିଛଂତି, ଉପଧା ଓଡ଼ିଆରେ କାହିଁକି ଛଂଦର ନିତ୍ୟ ଅଂଗ ନୁହେ, ତାହା ସେ ବୁଝି ପାରି ନାହାଂତି । ପରେ ଏ ବିଷୟରେ ଆଲୋଚନା ଦିଆଯିବ ।)

[ନବଭାରତ, ବୃଷ ୧୩୪୨]

# ଓଡ଼ିଆ ଛଂଦର ଇତିହାସ-(୧)

କଥା ମାନବର ବିଶେଷତା । ଏହା ଚିଂତାର ସଂଗୀ । ସ୍ୱରତାନ ପ୍ରକୃତିରେ ବିକ୍ଷିପ୍ତ ଓ ବିଶୃଂଖଳ । ହେଲେହେଁ ଏହା ଅନୁଭୂତିର ପୀଠ । ଏହାରି ଶୃଂଖଳିତ ସଂକେତରେ ମାନବର ଅନୁଭୂତି ବିକଶିତ ହୁଏ । ପୁଣି କ୍ରିୟାର ଶୃଂଖଳିତ ଅଭିବ୍ୟକ୍ତି ଓ ବିକାଶହିଁ ଶିଳ୍ପ । ଚିଂତାର ଆଦର୍ଶ ବିଜ୍ଞାନ । ଅନୁଭୂତିର ଆଦର୍ଶ ସୌଂଦର୍ଯ୍ୟ । କ୍ରିୟାର ଆଦର୍ଶ ସୃଷ୍ଟି । ଏ ସମସ୍ତ ଭିତରେ ମାନବର ଚରମ ଆଦର୍ଶ ସଂତୋଷ ଓ ଶାଂତି । ତେଣୁ ଚିଂତା, ଅନୁଭୂତି ଓ କ୍ରିୟା ମାନବାତ୍ମାର ଭିନ୍ନ ଭିନ୍ନ ବିଭାବ ହେଲେହେଁ କେହି କାହାଠାରୁ ବିଚ୍ଛିନ୍ନ ନୁହଂତି । ମାନବର ଆଦର୍ଶ ଲାଭରେ ଏ ସମସ୍ତେ ଓତପ୍ରୋତ ଭାବରେ ଜଡ଼ିତ ।

କଥାର ତାନ ଲୟରେ ଭାବର ଅଭିବ୍ୟକ୍ତି । ଏଇ ଭାବର ଭଂଗୀ ଦେଖାଇବା ପାଇଁ ଏକ କଥା ବା କଥା ସମୂହକୁ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରାଯାଏ । କଥାର ଏଇ ସ୍ୱର ମାତ୍ରାର ଯଥା ସଂଶ୍ଳେଷଣରେ ଯେଉଁ ସୃଷ୍ଟି ଫୁଟେ, ତାହା କବିତା । ସ୍ୱର ପୀଠରେ ଏଇ ସୃଷ୍ଟି, ସଂଗୀତ ! କ୍ରିୟା ପୀଠରେ ଏଇ ସୃଷ୍ଟି ହେଉଚି, ଚିତ୍ର ଓ ଗଠନ । ମାତ୍ର ଏଠାରେ ସ୍ୱରଶିଳ୍ପ ବା ସଂଗୀତ, ପୁଣି କ୍ରିୟାଶିଳ୍ପ ବା ଚିତ୍ର ଗଠନ କଥା ମୁଖ୍ୟତଃ ଆଲୋଚନା

Digitized by PPRACHIN, SOA

କରାଯାଉନାହି । ଏଠାରେ କେବଳ କଥାଶିଳ୍ପ ବା କବିତାର ସ୍ୱର ସଂଶ୍ଳେଷଣ ବିଭାଗ ହି ଆଲୋଚନା କରାଯିବ । ଏଇ ସ୍ୱର ସଂଶ୍ଳେଷଣ ବା ସ୍ୱର ସୃଷ୍ଟି ଯହିଁରେ ପ୍ରକାଶ ପାଏ, ତା'ର ସାଧାରଣ ନାମ ଛଂଦ ।

ବୁଝି ରଖିବା ଉଚିତ, ମାନବ ସ୍ୱରଯଂତ୍ରର ଉଚ୍ଚାରଣରେ ଏଇ ସ୍ୱର ବିଭିନ୍ନ ପରଂପରା ଓ ପରିସ୍ଥିତିରେ ବିଭିନ୍ନ ଭାବରେ ପ୍ରକାଶ ପାଏ । କଥା ଆଶୟବଦ୍ଧ ହେଲେ ମଧ ଉଚ୍ଚାରଣର ଭଂଗୀରେ ତାହା ଭିନ୍ନ ଭିନ୍ନ ଭାବରେ ପ୍ରକାଶ ପାଏ । କୌଣସି କୌଣସିଠାରେ ସ୍ୱର ଉପରେ ଜୋର୍ ପଡ଼ି ବା ପରବର୍ତ୍ତୀ ବର୍ଣ୍ଣ ବିରାମ ବା ସ୍ୱଚ୍ଛୋଚ୍ଚାରଣରେ ଚିପିହୋଇଯିବାରୁ ସ୍ୱରଟିରେ ଜୋର ପଡ଼ି ତାହା ଗୁରୁ ହୋଇଯାଏ । ଇଂରେଜିରେ ଏହା ସାଧାରଣତଃ ହୁଏ । ଏହି ଜୋରକୁ ଆକ୍‌ସେଣ୍ଟ୍ (accent) କହଂତି । ବଂଗଳାରେ ବହୁ ପରିମାଣରେ ତାହାହିଁ ସ୍ପଷ୍ଟ । ସଂସ୍କୃତରେ ଯୁକ୍ତ ବର୍ଣ୍ଣ ପୂର୍ବ ସ୍ୱର ବା ହଳଂତ ପୂର୍ବ ସ୍ୱରର ସେହି ପ୍ରକୃତି ଅଂତର୍ନିହିତ ଥିଲେ ମଧ ଉଚ୍ଚାରଣ ଶୈଳୀର ସାମଂଜସ୍ୟରେ ସେ ଜୋର୍‌ଟି ସ୍ପଷ୍ଟ ନୁହେ । ସ୍ୱରର ଦୀର୍ଘତା ସଂଗେ ସେ ଗୁରୁତ୍ୱ ମିଶି ଏକ ହୋଇଯାଏ । ସଂସ୍କୃତର ଛଂଦ ବିଚାରରେ ସ୍ୱରର ଦୀର୍ଘତା ଓ ଜୋର୍ ହେତୁକ ଗୁରୁତ୍ୱର କୌଣସି ପ୍ରଭେଦ ନାହି । ଏହି ହିସାବରେ ବଂଗଳା ଓ ସଂସ୍କୃତର ଛଂଦର ସ୍ୱର ବିଚାରରେ ପ୍ରକୃତିଗତ ଘୋର ପ୍ରଭେଦ ଅଛି । ଓଡ଼ିଆର କିଂତୁ ଏ କ୍ଷେତ୍ରରେ ଆହୁରି ସ୍ୱାତଂତ୍ର୍ୟ ଅଛି । ଏହାର ଉଚ୍ଚାରଣ ଶୈଳୀ ବଂଗଳା ବା ଇଂରେଜି ପରି ତ ନୁହେ; ସଂସ୍କୃତ ପରି ମଧ ଏହାର ଦୀର୍ଘ ହ୍ରସ୍ୱ ନିୟମ ଏବେ ନାହି । ଓଡ଼ିଆରେ ଶବ୍ଦର କୌଣସି ସ୍ୱର ଉପରେ ହୁଏତ ଜୋର ପଡ଼େ । ସଂସ୍କୃତ ଯେଉଁ ପ୍ରାକୃତରୁ ବାହାରିଥିଲା ସେଥିରେ ହୁଏତ ତାହା ପଡୁଥିଲା । ମାତ୍ର ସଂସ୍କୃତ କୃତ୍ରିମ ଓ କଳ୍ପିତ ସ୍ୱର ନିୟମରେ ବଂଧା ଥିବାରୁ, ବଂଧା ଗତରେ ତାହାର ସ୍ୱର ସଂକେତ ପର୍ଯ୍ୟବସିତ ହୋଇ ସେଇ ସ୍ୱର ସଂକେତରେ ଛଂଦ ବିଜ୍ଞାନ ଫୁଟିଥିଲା ଓ ସେଇ ବିଜ୍ଞାନ କଥାର ଆଶୟାଦିକୁ ଅନୁକରଣ ନ କରି, ବରଂ କଥାର ଆଶୟାନୁକୂଳ ଛଂଦ ବା ସ୍ୱର ବ୍ୟବହାର କରି ଲୋକେ କବିତାର ଭାବ ଫୁଟାଉଥିଲେ । ଉଦାହରଣ ସ୍ୱରୂପ ରଘୁବଂଶରେ ଅଜ କାଂଦିଛଂତି ଯେଉଁ ସୁଂଦରୀ ବୃତ୍ତରେ, କୁମାର ସଂଭବରେ ରତି କାଂଦିଛଂତି ସେହି ସୁଂଦରୀ ବୃତ୍ତରେ । ସେଇ ବୃତ୍ତ ମଧରେ ପୁଣି ଶବ୍ଦ ତଥା ଗୁରୁ ଲଘୁ ବର୍ଣ୍ଣମାନଂକର ବିନ୍ୟାସରେ ସ୍ୱର ସଂକେତ ଧରି ଭାବ ଫୁଟାଇବା କବିର ବିଶେଷ ଗୁଣ ଉପରେ ନିର୍ଭର କରେ । ତାହା ଯେଉଁ କବିତାରେ ଯେତେ ସାର୍ବଜନୀନ ହୁଏ, ସେ କବିତା ସେତେ ସ୍ଥାୟୀ । ଓଡ଼ିଆଛଂଦ ଇତର ବିଶେଷ ଏହି ନିୟମରେ ଗତି କରେ । କିଂତୁ ସେଥିରେ ଶବ୍ଦର ସ୍ୱର ତାଦୃଶ ସ୍ଥାୟୀ ନୁହେ । ଭାବ ଅନୁସାରେ ଉଚ୍ଚାରଣରେ ସ୍ୱର ଫୁଟେ । ତେଣୁ ତାହା ପାଠକର ଉଚ୍ଚାରଣ ଉପରେ ବିଶେଷ ନିର୍ଭର କରେ । ଉଦାହରଣ ସ୍ୱରୂପ ସଂସ୍କୃତର ସୁଂଦରୀ ପରି ଓଡ଼ିଆର ଚିଂତାଦେଶାକ୍ଷ ଛଂଦ ଅନୁସଂଧାନ କରାଯାଇପାରେ । ହେଲେହେଁ ବର୍ଣ୍ଣର ଉଚ୍ଚାରଣ ନିର୍ଦ୍ଦିଷ୍ଟ ନ ଥିବାରୁ ଓଡ଼ିଆ ଛଂଦ ସାର୍ବଜନୀନ ବା ସ୍ଥାୟୀ ନୁହେ । କେତେକ ନୂତନ କବି ବଂଗଳାର

Digitized by PPRACHIN, SOA

ଅନୁକରଣରେ ଓଡ଼ିଆ ଛଂଦକୁ ଏହି ସ୍ଥାୟିତ୍ୱ ଦେବାକୁ ଲୋଡ଼ୁଛଂତି ସତ, କିଂତୁ ଓଡ଼ିଆ ଭାଷାର ପ୍ରକୃତି, ପରଂପରା ଓ ପରିସ୍ଥିତି ଉପରେ ତାକୁ ପ୍ରତିଷ୍ଠା କରିବାର ଉଦ୍ୟମ ନ ଥିବାରୁ ତାହା ଓଡ଼ିଶାରେ ସାର୍ବଜନୀନ ହୋଇପାରୁନାହି । କାହିଁକି, ତାହା କ୍ରମେ ବିଚାର କରାଯିବ ।

ହେଲେହେଁ ଓଡ଼ିଆ ବଂଗଳା ଦୁହିଁଙ୍କର ମୂଳ ସଂସ୍କୃତ । ସଂସ୍କୃତର ଛଂଦ ଗତି ପ୍ରଥମେ ଆଲୋଚନା କଲେ ଓଡ଼ିଆ ବଂଗଳା ଦୁଇଟିର ଛଂଦ ଗତିର ତୁଳନାତ୍ମକ ଆଲୋଚନା ସୁଗମ ହେବ । ଏ କଥା ସତ୍ୟ ଯେ, ଏ ଯୁଗରେ ଆଲୋଚନାର ଚତୁର ପ୍ରୟୋଗ ବିନା ମୌଳିକତା ମଧ ମଳିନ ଓ ହ୍ରସ୍ୱ ହେବାର କଥା । ଯେଉଁଦିନ ବିନା ଆଲୋଚନାରେ ଋଷିକଂଠ ଭେଦି ଅପୌରୁଷେୟ ମୌଳିକ ଛଂଦ ବେଦଗାନରେ ଫୁଟିଥିଲା, ସେ ସ୍ୱତଂତ୍ର କଥା । ସେଇ କାଳରୁ ବିକାଶର ଧାରା ଦେଖିଲେ ନୂତନ ଗଠନ ଓ ଆହରଣର ପୀଠ ଦୃଢ଼ ହେବ । ଗୋଟିଏ ବୈଦିକ ମଂତ୍ର ଗାନ ଦେଖାଯାଉ—

ଅସତୋ ମାଂ ସଦ୍‌ଗମୟ<br>
ତମସୋ ମାଂ ଜ୍ୟୋତିର୍ଗମୟ<br>
ଆବିରାବିର୍ମ ଏଧି<br>
ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ<br>
ତେନ ମା ପାହି ନିତ୍ୟଂ ।

ଏଥିରେ ଅକ୍ଷରର କୌଣସି କଳ୍ପିତ ସାମଂଜସ୍ୟ ନାହି । ପଦ ବିନ୍ୟାସରେ କବିତାର ସ୍ୱାଧୀନତା ନାହି । ଏହା ଠିକ୍ କଥା ପରି; ତଥାପି ଏହା ସୁଂଦର ଗୀତ । ଭାବର ଯଥା ଅଭିବ୍ୟକ୍ତିରେ ସ୍ୱରର ଆରୋହାବରୋହ ଏଥିରେ ସଂକେତମୟ ଓ ରମଣୀୟ । ଯେଉଁ ଭାବ ଘେନି ଏହା ବାହାରିଚି, ସେଇ ଭାବ ଧରି ନ ଗାଇଲେ, ଏହା କେବଳ କଥାଗୁଡ଼ିଏ ନୁହେ, ବରଂ ନୀରସ ବାକ୍ୟସମଷ୍ଟି ବା ଶୁଷ୍କ ଗଦ୍ୟ ।

କଥାର ଏଇ ଆଶୟ ଓ ସଂକେତଜନିତ ଛଂଦକୁ ପରେ ମନୀଷୀ ପଂଡ଼ିତମାନେ ଆଲୋଚନା କରି ନିୟମରେ ପକାଇଲେ । କାରଣ କଥାରେ ପ୍ରକାଶିତ ଭାବ ସଂକେତକୁ ନିୟମରେ ପକାଇ ଠିକ୍ ନ କଲେ, ଛଂଦ ଏକାବେଳକେ ବ୍ୟକ୍ତିଗତ ହୋଇ ପଡ଼ିବ । ସେଥିରେ ସାର୍ବଜନୀନତା ଓ ସାର୍ବକାଳିକତା ଫୁଟିବ ନାହି । ତା' ନ ହେଲେ ସଭ୍ୟତାର ବିକାଶରେ ତାହାର ପରଂପରା ରହିବ ନାହି । ସାହିତ୍ୟ ଓ ସଭ୍ୟତା ମଧ ସେ ମୁଖରେ ବିକାଶ ପାଇବ ନାହି । ଏଥିପାଇଁ କବିତାର ଛଂଦ ଓ କଥାର ଭଂଗୀ ସାର୍ବଜନୀନ ହେବା ଦରକାର । ଆମେ ଯାହା ଯେଉଁ ଭାବରେ ଲେଖୁଁ ବା କହୁଁ, ତା ସେଇ ଭାବରେ ଅନ୍ୟ ନ ପଢ଼ିଲେ ବା ନ ବୁଝିଲେ, ଆମ ଲେଖା ବା କୁହାର କିଛି ଅର୍ଥ ନାହି । ଲେଖା ଓ କଥାର ଭଂଗୀ ବା କବିତାର ଛଂଦରେ ଏଇ ପଢ଼ିବା ବା ବୁଝିବା ଯେତେ ଜନ ଓ କାଳରେ ବ୍ୟାପକ, ସେ ଲେଖା ଓ କୁହାର ମୂଲ୍ୟ ସେତିକି ବେଶୀ ।

Digitized by PPRACHIN, SOA

ସେ ଯାହାହେଉ, ବେଦ ମଂତ୍ରର ଛଂଦ ନିୟମରେ ପକାଇବା ପାଇଁ ସେ କାଳେ ବଡ଼ ଗଭୀର ଓ ବ୍ୟାପକ ଆଲୋଚନା ହୋଇଥିଲା । ସ୍ୱର ବ୍ୟଂଜନର ଉଚ୍ଚାରଣ ସ୍ଥାନ ଓ କାଳ ନିର୍ଦ୍ଦିଷ୍ଟ ହେଲା । ପ୍ରତ୍ୟେକ ସ୍ୱର ଛଂଦୋଚ୍ଚାରଣ ଭଂଗୀରେ ହ୍ରସ୍ୱ, ଦୀର୍ଘ, ପ୍ଲୁତ, ଉଦାତ୍ତ, ଅନୁଦାତ୍ତ, ସ୍ୱରିତ, ସଂବୃତ ଓ ବିବୃତ ଭେଦରେ ୧୮ ପ୍ରକାରରେ ଠିକ୍ କଲା ପରେ ପୁଣି ପ୍ରତ୍ୟେକ ପ୍ରକାର ଅନୁନାସିକ ନିରନୁନାସିକ ଭେଦରେ ଦୁଇ ପ୍ରକାର କରାହେଲା । ଏଇପରି ପ୍ରତ୍ୟେକ ସ୍ୱର ୩୬ଟି ପ୍ରକାରରେ ବିଭକ୍ତ ହେଲା । ୩୬ ପ୍ରକାର ଅ, ୩୬ ପ୍ରକାର ଇ, ୩୬ ପ୍ରକାର ଉ– ଇତ୍ୟାଦି । ବର୍ତମାନ ମଧ୍ୟ ଏଇପରି ବଂଗଳାର କଥା ଭଂଗୀର ଉଚ୍ଚାରଣ ବିଶ୍ଳେଷଣ କରି ଅଧ୍ୟାପକ ସୁନୀତି କୁମାର ଚଟ୍ଟୋପାଧ୍ୟାୟ କେବଳ ଅ-କୁ ୫ ପ୍ରକାରରେ ବିଭକ୍ତ କରିଚଂତି ।

ବେଦ ଗୀତି ଲୋକେ ପୂର୍ବେ ଶୁଣି ଶୁଣି ଗୁରୁ ଶିଷ୍ୟ ପରଂପରାରେ ଶିଖୁଥିଲେ । ସେଥିରେ ଏଇ ସ୍ୱର ଭେଦ ଲୋକେ ଅତ୍ୟଂତ ଅବହିତ ଭାବରେ ଶୁଣି ଶୁଣି ଅଭ୍ୟାସରେ ଜାଣିରଖୁଥିଲେ । ଯେ ଏଇ ସ୍ୱର ଭେଦ ଭଲକରି ଶିଖି ପାରୁ ନ ଥିଲା, ତାର ବେଦ ପାଠ ଅଗ୍ରାହ୍ୟ ହେଉଥିଲା । ଏବେ ମଧ୍ୟ ବେଦ ଗୀତି ପାଠରେ ସେଇ ରୀତି ଚଳୁଚି । ଛାପା ପୁସ୍ତକରେ ବେଦ ପଢ଼ିବା ପାଇଁ ମଧ୍ୟ ନାନା ପ୍ରକାର ଠିଆ (।) ଓ ଶୁଆ(–) ରେଖା ସବୁ କାଟି ସ୍ୱର ଭେଦର ସଂକେତ ଦେଖାଇ ଦିଆଯାଉଚି । କିଂତୁ ସେଥିରୁ ସବୁ ବେଦ ଗୀତିର ଉଚ୍ଚାରଣ ଭଂଗୀ ଶିଖିବା ଦୁଃସାଧ୍ୟ । ହେଲେହେଁ କଥା ଭଂଗୀର ଏଇ ବିପୁଳ ସ୍ୱର ସଂକେତହିଁ ବେଦ ଗୀତିର ପ୍ରାଣ । ଏଇ ସ୍ୱର ସଂକେତ ଭଂଗୀମାନ ଶିଖିବା ପାଇଁ 'ଶିକ୍ଷା' ବୋଲି ଗୋଟିଏ ବେଦାଂଗର ସୃଷ୍ଟି ହୋଇଥିଲା । ବେଦାଂଗ ସହିତ ନ ପଢ଼ିଲେ ବେଦ ପାଠ 'ସାଂଗ' ହେଉନଥିଲା । ଏଇ 'ସାଂଗ' ଶବ୍ଦ ସେଥିପାଇଁ ଏବେ ଭାଷାରେ 'ସଂପୂର୍ଣ' ଅର୍ଥରେ ଚଳିଯାଇଚି । ଆମେ ଏବେ କହୁ– ସେ ମାନବ ଲୀଳା 'ସାଂଗ' କଲେ ।

କ୍ରମେ ବେଦ ଗୀତିର ଆଲୋଚନାରେ ଦେଖାଗଲା, ଅକ୍ଷର ଗଣନା ଧରି କେତୋଟି ଗାନ ଭଂଗୀର ନାମ କରାଯାଇପାରେ । କିଂତୁ ସେ ସବୁ ଭଂଗୀ ଅକ୍ଷର ନିୟମରେ ସ୍ଥିର ନୁହେ । 'ଅନୁଷ୍ଟୁଭ୍' ଛଂଦ ଆଠ ଅକ୍ଷରର ହେଲେ ମଧ୍ୟ ସ୍ୱରମାନଂକ ସଂକେତ ଭେଦରେ ଏକ ଅନୁଷ୍ଟୁଭ୍ ଠାରୁ ଅପର ଅନୁଷ୍ଟୁଭ୍ ସଂପୂର୍ଣ ଭିନ୍ନ । ସେଥିପାଇଁ ଅକ୍ଷର ସଂଖ୍ୟା ଧରି ଗାନ ଭଂଗୀର ଯେଉଁ ନାମ ଦିଆ ହେଲା, ତା'ର ନାମ ହେଲା 'ଛଂଦ', ଅର୍ଥାତ୍ ଯାହା ଆଚ୍ଛାଦନ କରେ ବା ଭାବକୁ ଘୋଡ଼ାଇ ରଖେ । ଏଇ ଛଂଦ ଯଥାଯଥ ରୂପେ ଭେଦ କରି ପାରିଲେ ଗାନର ଭାବ ସଂକେତ ଧରାଯାଏ । ଅକ୍ଷର ଗଣି 'ଛଂଦ'ର ନାମଟି କହିଦେଲେ କିଛି ଜଣାଯାଏ ନାହି– 'ଛଂଦ' ବା ଘୋଢ଼ଣୀ ଫିଟାଇବା ଦରକାର ।

ବେଦର ତ ଛଂଦ ଫିଟାଇ ଶିଖିବାକୁ ହୁଏ । ମାତ୍ର ସବୁ କବିତାରେ ତାହା କ୍ରମେ ସହଜ ହେଲା ନାହି । ବୋଲିବାର ଭଂଗୀ ସ୍ଥିର ନ ରହିବାରୁ ସାହିତ୍ୟ ସାର୍ବଜନୀନ ହେଲା ନାହି । କ୍ରମେ ଅତି କ୍ଷୁଦ୍ର କ୍ଷୁଦ୍ର ପ୍ରାକୃତର ବିକାଶ ହେଲା । ପରସ୍ପରର ଭାଷା ଓ କବିତା

Digitized by PPRACHIN, SOA

ପରସ୍ପରକୁ ଅବୋଧ ହେଲା । ସଭ୍ୟତା ବିଧ୍ୱସ୍ତ ହେବାକୁ ବସିଲା । ଦେଖାଗଲା ଭାଷା ତଥା ଛଂଦରେ ସାର୍ବଜନୀନତା ଆଣିବାକୁ ହେବ– ନ ହେଲେ ଜାତୀୟତା ରହିବ ନାହିଁ ।

ଭାଷାରେ ସମୂହ ଭାବରେ ଏଇ ସାର୍ବଜନୀନତା ଆଣିବା ପାଇଁ ସଂସ୍କୃତ ଭାଷାର ଉଦ୍ଭବ କରା ହେଲା । ନାନା ବୈୟାକରଣଂକ ପ୍ରଚେଷ୍ଟାରେ ତାହା ସ୍ଥିର ହୋଇ ଶେଷରେ ପାଣିନିଙ୍କ ସ୍ୱର ବିଜ୍ଞାନ ସଂମତ ବ୍ୟାକରଣରେ ପ୍ରତିଷ୍ଠିତ ହେଲା । ମାତ୍ର ସେ କଥା ଏଠାରେ ଠିକ୍ ପ୍ରାସଂଗିକ ନୁହେ । ଛଂଦର କି ପରିଣାମ ହେଲା, ତାହା ହିଁ ଦେଖାଯାଉ ।

ଅକ୍ଷର ସଂଖ୍ୟାରେ ଯେଉଁ ସବୁ ଛଂଦର ନାମକରଣ ହୋଇଥିଲା, ତାହାର 'ବୃତ୍ତ' ଠିକ୍ କରିବାର ଉଦ୍ୟମ ହେଲା । 'ବୃତ୍ତ' ଅର୍ଥାତ୍ ନିର୍ଦ୍ଦିଷ୍ଟ ପ୍ରକାର ବା ଯେ ଯେପରି ଅଛି ସେଇ ତା'ର ବୃତ୍ତ । ପ୍ରତ୍ୟେକ ଭାବ ଧରି ରଖିବା ପାଇଁ ଛଂଦର ଏକ ଏକ ବୃତ୍ତ ହୋଇ ପାରେ । ମାତ୍ର ତାହା ନ କରି ଅକ୍ଷର ସଂଖ୍ୟାବଦ୍ଧ ଛଂଦର ସାଧାରଣ ବୃତ୍ତ ବାହାର କରି ଲୋକେ ଶ୍ଳୋକ ଲେଖିଲେ । ଏଇ ବୃତ୍ତ ପ୍ରଥମେ ଅନୁଷ୍ଟୁଭ୍ ଛଂଦ ଧରି ବାହାର କରାଯାଇଥିବାର ଅନୁମାନ ହୁଏ । ଏଠାରେ କିଂତୁ ଗୋଟିଏ ସାର୍ବଜନୀନ ବୃତ୍ତ କାଢ଼ିବାକୁ ଯାଇ ଭାବ ସଂକେତ ଠିକ୍ ରଖି ହେଲା ନାହିଁ । କ୍ରମେ ଅନୁଷ୍ଟୁଭ୍‌ର ନାନା ପ୍ରକାର ଭେଦ ବାହାରି ପ୍ରତ୍ୟେକେ ଏକ ଏକ ବୃତ୍ତ ହେଲେ । ଉଦାହରଣ ସ୍ୱରୂପ ଗୋଟିଏ ବୈଦିକ ଅନୁଷ୍ଟୁଭ୍ ଛଂଦ ଏହି–

ଆପୋହିଷ୍ଠା ମୟୋ ଭୁବଃ  
ତାନ ଊର୍ଜେ ଦଧାତନ  
ମହେରଣାୟ ଚକ୍ଷସେ  
ଯୋବଃ ଶିବତମୋ ରସଃ  
ତସ୍ୟଭା ଜୟତେ ହନଃ  
ଉଷଷୀରିବ ମାତରଃ  
ତସ୍ମା ଅରଂଗମାମବୋ  
ଯସ୍ୟକ୍ଷୟାୟ ଜିନ୍ଵଥ  
ଆପୋଜନ ୟଥାତନଃ ।

ଏ ମଂତ୍ରଟି ଆଠ ଅକ୍ଷରିଆ ନଅ ଧାଡ଼ି । ଏହା ଅନୁଷ୍ଟୁଭ୍ ଛଂଦ । କିଂତୁ ଏହା ସଂଗେ ତୁଳନା କରି ପରବର୍ତ୍ତୀ କାଳର ଏକ ଅନୁଷ୍ଟୁଭ୍ 'ବୃତ୍ତ' ଦେଖ–

ବାଗର୍ଥାବିବ ସଂପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ  
ଜଗତଃ ପିତରୌ ବଂଦେ ପାର୍ବତୀପରମେଶ୍ୱରୌ ।

ଏଇପରି କିଂତୁ ସବୁ ଅନୁଷ୍ଟୁଭ୍ ବୃତ୍ତ ନୁହେ । ବହୁ ପ୍ରକାର ଅନୁଷ୍ଟୁଭ୍ ବୃତ୍ତ କ୍ରମେ ବାହାରି ପଡ଼ିଲା । ମାତ୍ର ସାଧାରଣ ଅନୁଷ୍ଟୁଭ୍ ବୃତ୍ତ ସଂବଂଧରେ ନିୟମ ଏହି –

ଶ୍ଳୋକେ ଷଷ୍ଠଂ ଗୁରୁ ଜ୍ଞେୟଂ ସର୍ବତ୍ର ଲଘୁ ପଞ୍ଚମଂ  
ଦ୍ୱିଚତୁଷ୍ପାଦୟୋ ହ୍ରସ୍ୱଂ ସପ୍ତମଂ ଦୀର୍ଘମନ୍ୟୟୋଃ ।

Digitized by PPRACHIN, SOA

ଅର୍ଥାତ୍, ଶ୍ଳୋକ ବା ଅନୁଷ୍ଟୁଭ୍ ବୃତ୍ତର ସବୁ ପାଦରେ ୬ଷ୍ଠ ବର୍ଣ୍ଣ ଗୁରୁ ଓ ୫ମ ବର୍ଣ୍ଣ ଲଘୁ ହେବ, ୨ୟ ଓ ୪ର୍ଥ ପାଦରେ ୭ମ ବର୍ଣ୍ଣ ଲଘୁ ଓ ଅନ୍ୟ ଦୁଇ ପାଦରେ ଗୁରୁ ହେବ । ହେଲେହେଁ, ଅନୁଷ୍ଟୁଭ୍ ବୃତ୍ତର ଏଇ ଗୋଟିଏ ନିୟମ ନୁହେ । ଏହାର ଉଦାହରଣ ସହଜରେ ଦେଖିହେବ ।

ଏହିଠାରେ କିଂତୁ ଛଂଦରୁ ବୃତ୍ତ କାଢ଼ିବାରେ ଗୁରୁ ଲଘୁର ସ୍ପଷ୍ଟ ବିଚାର ହେଲା । କ୍ରମେ ଏହି ଗୁରୁ ଲଘୁ ଦୁଇ ରୂପରେ ବର୍ଣ୍ଣ ବିଚାର କରି ଭିନ୍ନ ଭିନ୍ନ ଭାବ ଭଂଗୀର ପ୍ରକାଶ ପାଇଁ ଭିନ୍ନ ଭିନ୍ନ ବୃତ୍ତ ଫିଟି ପଡ଼ିଲା । ଗୁରୁ ବର୍ଣ୍ଣର ସ୍ୱର ଦୀର୍ଘ ଓ ଲଘୁ ବର୍ଣ୍ଣର ସ୍ୱର ହ୍ରସ୍ୱ ବୋଲି ଧରା ହେଲା । ସ୍ୱରର ଅନ୍ୟ ସବୁ ବିକାଶ ଭଂଗୀ ସାର୍ବଜନୀନ କବିତାରେ ଏକାବେଳକେ ଲୋପ ପାଇଲା । ଏଇମାନେ ଗୁରୁ ବର୍ଣ୍ଣ ।

ସାନୁସ୍ୱାରଶ୍ଚ ଦୀର୍ଘଶ୍ଚ ବିସର୍ଗୀ ଚ ଗୁରୁର୍ଭବେତ୍
ଯୁକ୍ତବର୍ଣ୍ଣସ୍ୟ ପୂର୍ବଶ୍ଚ ତଥା ପାଦାନ୍ତ ଗୋଽପିବା ।

ଅର୍ଥାତ୍ ଯହିଁରେ ଅନୁସ୍ୱାର ଥାଏ, ଯହିଁରେ ଦୀର୍ଘ ସ୍ୱର ଥାଏ ବା ନିଜେ ଦୀର୍ଘସ୍ୱର ବର୍ଣ୍ଣ, ଯହିଁରେ ବିସର୍ଗ ଥାଏ, ଯୁକ୍ତ ବର୍ଣ୍ଣର ପୂର୍ବ– ଏମାନେ ଗୁରୁ, ପୁଣି ପାଦ ଶେଷ ବର୍ଣ୍ଣ ଦରକାର ହେଲେ ଗୁରୁ ବୋଲି ଧରାଯାଏ । ଏଇ ସ୍ୱରମାନେ ବା ଏଇମାନଂକର ସ୍ୱର ଗୁରୁ ବା ଦୀର୍ଘ, ବାକୀ ସବୁ ବର୍ଣ୍ଣ ଲଘୁ ବା ହ୍ରସ୍ୱ ବା ସେମାନଂକର ସ୍ୱର ହ୍ରସ୍ୱ ।

ଏଇ ସରଳ ସର୍ବବୋଧ୍ୟ ନିୟମରେ କବିତାର ସ୍ୱର ଭଂଗୀ ବାଂଧିଦେଇ କବିତାକୁ ଜନସାଧାରଣର ସଂପତ୍ତି କରିବାର ପ୍ରଯତ୍ନ ହେଲା । ଏଥିରେ ବୈଦିକ ଛଂଦମାନ ଧରି ଧରି ସେଥିରୁ ନାନା ବୃତ୍ତ ବାହାର କରାଗଲା । କ୍ରମେ ବୃତ୍ତର ବର୍ଣ୍ଣ ସ୍ୱାଧୀନତା ବରାବର ବଂଦ ହୋଇଗଲା । ଅନୁଷ୍ଟୁଭ୍‌ରେ କେତୋଟି ମାତ୍ର ବର୍ଣ୍ଣର ଗୁରୁତ୍ୱ ବା ଲଘୁତ୍ୱ ନିର୍ଦ୍ଦିଷ୍ଟ ଥିଲା; ମାତ୍ର ସେଇ ଅନୁଷ୍ଟୁଭ୍ ଛଂଦରୁ ବାହାରିଥିବା ଅନ୍ୟ ବୃତ୍ତମାନଂକରେ ଆଉ ସେ ସ୍ୱାଧୀନତା ରହିଲା ନାହି । ଅନ୍ୟ ଛଂଦମାନଂକରୁ ବାହାରିଥିବା ବୃତ୍ତମାନଂକ ସଂବଂଧରେ ମଧ୍ୟ ନ୍ୟୂନାଧିକ ସେଇ କଥା । କେତୋଟି ମାତ୍ର ଉଦାହରଣ ଦିଆଯାଉଚି–

୬ ଅକ୍ଷରର ଗାୟତ୍ରୀ ଛଂଦରୁ

ତନୁମଧ୍ୟମା ବୃତ୍ତ–

ଗୁରୁ, ଗୁରୁ, ଲଘୁ, ଲଘୁ, ଗୁରୁ, ଗୁରୁ
ମୂର୍ତ୍ତିସ୍ଫୁର ଶତ୍ରୋ ରତ୍ୟଦ୍ଭୁତ ରୂପା
ଆସ୍ତାଂ ମମ ଚିତ୍ତେ ନିତ୍ୟଂ ତନୁ ମଧ୍ୟା ।

ଶଶିବଦନା ବୃତ୍ତ–

ଲଘୁ, ଲଘୁ, ଲଘୁ, ଲଘୁ, ଗୁରୁ, ଗୁରୁ
ଶଶିବଦନାନାଂ ବ୍ରଜତରୁଣୀନାଂ
ଅଧରସୁଧୋର୍ମିମଧୁରିପୁରୈଚ୍ଛତ୍ ।

Digitized by PPRACHIN, SOA

୭ ଅକ୍ଷରର ଉଷ୍ଣିକ୍ ଛଂଦରୁ

ମଦଲେଖା ବୃତ୍ତ—

ଗୁରୁ, ଗୁରୁ, ଗୁରୁ, ଲଘୁ, ଲଘୁ, ଗୁରୁ, ଗୁରୁ
ରଂଗେ ବାହୂ ବିରୁଗ୍ଣାଦ୍ ଦନ୍ତୀନ୍ଦ୍ରାନ୍ ମଦଲେଖା
ଲଗ୍ନାଭୂନ୍ ମୁରଶତ୍ରୌ କସ୍ତୂରୀରସ ଚର୍ଚା ।

ମଧୁମତୀ ବୃତ୍ତ—

୬ଟି ଲଘୁ ଏକ ଗୁରୁ
ରବି ଦୁହିତୃତଟେ ବନକୁସୁମତତିଃ
ବ୍ୟଥିତ ମଧୁମତୀ ମଧୁମଥନ ମୁଦଂ ।

୮ ଅକ୍ଷରର ଅନୁଷ୍ଟୁଭ୍ ଛଂଦରୁ—

(ଅନୁଷ୍ଟୁଭ ବୃତ୍ତ ବା ଶ୍ଳୋକ ଛଡ଼ା)

ଗଜଗତି—

ତିନି ଲଘୁ, ଏକ ଗୁରୁ, ତିନି ଲଘୁ, ଏକ ଗୁରୁ
ରବିସୁତା ପରିସରେ ବିରହିତୋ ଦୃଶି ହରେ
ବ୍ରଜବଧୂ ଗଜଗତି ର୍ମୃଦମଲଂ ବ୍ୟତନୁତ ।

ଏଇପରି ପ୍ରମାଣିକା, ମାଣବକ, ବିଦ୍ୟୁନ୍‌ମାଳା ପ୍ରଭୃତି ।

୯ ଅକ୍ଷରର ବୃହତୀ ଛଂଦରୁ— ଭୁଜଂଗ ସଂଗତା, ମଣିମଧ ପ୍ରଭୃତି ବୃତ୍ତ ।

୧୦ ଅକ୍ଷରର ପଂକ୍ତି ଛାଂଦରୁ— ତ୍ୱରିତ ଗତି, ଦତ୍ତା ପ୍ରଭୃତି ବୃତ୍ତ ।

୧୧ ଅକ୍ଷରର ତ୍ରିଷ୍ଟୁଭ୍ ଛଂଦରୁ—

ଇଂଦ୍ରବଜ୍ରା, ଉପେଂଦ୍ରବଜ୍ରା, ଉପଜାତି, ଭ୍ରମରବିଳସିତା, ବାତୋର୍ମି, ଶାଳିନୀ, ସ୍ୱାଗତା ପ୍ରଭୃତି ବୃତ୍ତ ।

୧୨ ଅକ୍ଷରର ଜଗତୀ ଛଂଦରୁ—

ଇଂଦ୍ରବଂଶା, ଚଂଦ୍ରବର୍ମ୍ମ, ତାମରସ, ଦ୍ରୁତବିଳଂବିତ ପ୍ରଭୃତି ବୃତ୍ତ, ଇତ୍ୟାର୍ଦି ଇତ୍ୟାଦି ।

ଏଇପରି ସମବୃତ୍ତ ବା ସବୁ ପାଦରେ ସମାନ ଅକ୍ଷର ଥିବା ବୃତ୍ତ, ପୁଣି ଏଇମାନଂକର ପାଦମାନ ଏଥିରୁ ପାଦେ ସେଥିରୁ ପାଦେ ସୁବିଧା ଓ ସୁଶ୍ରାବ୍ୟତା ଅନୁସାରେ ମିଶାଇ ଅର୍ଧସମ ଓ ବିଷମ ବୃତ୍ତମାନ ବହୁତ ବାହାରିଲା ।

ଏ ସବୁରେ ଏକାବେଳକେ ଭାବର ବିସ୍ତୃତ ପରିସର ଘେନି ଏକ ପ୍ରକାର କାବ୍ୟ-ଭାଷାର ଭଂଗୀ ନିବଦ୍ଧ ଓ ନିର୍ଦ୍ଦିଷ୍ଟ ହେଲା । କିଂତୁ ଏଥି ସଂଗେ ସ୍ୱର ଶିଳ୍ପର ଯେ ସହଯୋଗ ଥିଲା, ତାହା ଦୂରକୁ ଚାଲିଗଲା । ସେଥିପାଇଁ ମନୀଷୀମାନେ ଏଇ ନିବଦ୍ଧ ଶୈଳୀ ଭିତରେ ତରଳତା ଓ ସ୍ୱରକ୍ରମର ଶୃଂଖଳିତ ସ୍ୱାଧୀନତା ଲୋଡ଼ିଲେ । ସେଥିରୁ ବାହାରିଲା ମାତ୍ରାମିତା 'ଜାତି' । ଏହା କେବେ ବାହାରିଚି, କହି ହେବ ନାହିଁ । ମାତ୍ରା ଗୁରୁ ଲଘୁ ନିୟମ ଉପରେ

Digitized by PPRACHIN, SOA

ପ୍ରତିଷ୍ଠିତ ଥିବାରୁ ଅନୁମାନ ହୋଇପାରେ, ଏହା ବୃତ୍ତ ପରେ ବାହାରିଚି– ବୃତ୍ତ ବଂଧନର ପ୍ରତିକ୍ରିୟାରେ ଫିଟି ପଡ଼ିଚି । କିଂତୁ ତାହା ନ ହୋଇ ପାରେ– କାହିଁକି ନା, ଏଥିରେ ସ୍ୱର ସ୍ୱାଧୀନତାର ଯଥେଷ୍ଟ ଉପାଦାନ ରହିଚି । ବୈଦିକ ଛଂଦର ସ୍ୱର ସ୍ୱାଧୀନତାରୁ ଏହା ଆଗ ବାହାରି ପରେ ବୃତ୍ତ ବାହାରିଚି ବୋଲି ମଧ କୁହାଯାଇପାରେ । ହେଲେହେଁ, 'ଆର୍ଯ୍ୟା' ପରି ବିଶୃଂଖଳ, ବିଷମ ପାଦ 'ଜାତି' ଛଡ଼ା ଅନ୍ୟ ଜାତି ବୃତ୍ତ ପରେ କଳ୍ପିତ ହୋଇଚି ବୋଲି ମନେହୁଏ ।

କୁହାଯାଇଚି, ଏଇ ଜାତି, ମାତ୍ରାମିତା ବା ବର୍ଣ ବା ସ୍ୱରର ମାତ୍ରାରେ ଏହାର ପରିମାଣ ବା ନିୟମ ଧରା ହୋଇଚି । ମାତ୍ରା ବୋଇଲେ, ପରିମାଣ । ଦେଖାଗଲା ସ୍ୱରକ୍ରମରେ ବର୍ଣର ଗୁରୁତା ବା ଲଘୁତା ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣରେ ଠିକ୍ ଥାଏ । ଲଘୁର ପରିମାଣ ଏକ ହେଲେ, ଗୁରୁର ପରିମାଣ ଦୁଇ । ସ୍ୱର ଯଂତ୍ରରେ ଆଉ ଇତର ବିଶେଷ ହୁଏ ନାହି । ତେଣୁ ଲଘୁ ବର୍ଣ ବା ହ୍ରସ୍ୱସ୍ୱର ଓ ହ୍ରସ୍ୱସ୍ୱର ଯୁକ୍ତ ବର୍ଣ ଏକମାତ୍ରକ, ପୁଣି ଗୁରୁ ବର୍ଣ ଦ୍ୱିମାତ୍ରକ । ଏଇ ନିୟମରେ ମାତ୍ରା ଧରି କବିତାରେ ଭାଷାର ଯେଉଁ ଭଂଗୀ ବିକାଶ ପାଇଲା ତାହା 'ଜାତି' । ଏଇ ଜାତିର ପାଦମାନଂକରେ କେଉଁ ବର୍ଣ ଗୁରୁ, କେଉଁ ବର୍ଣ ଲଘୁ, ତାହାର ନିର୍ଦ୍ଦେଶ ନାହି । ପାଦମାନଂକରେ ମାତ୍ରାର ପ୍ରମାଣ ଠିକ୍ ରହିଲେ ହେଲା ।

ଏତେ ନିୟମ ଥିଲେହେଁ ଏଇ ଆର୍ଯ୍ୟା ଏକ ପ୍ରକାର କଥାବୃତ୍ତ । ସାଧାରଣତଃ ଏହାର ପ୍ରଥମ ଓ ତୃତୀୟ ପାଦରେ ୧୨ ମାତ୍ରା ଲେଖାଏଁ, ପୁଣି ଦ୍ୱିତୀୟରେ ୧୮ ମାତ୍ରା ଓ ଚତୁର୍ଥ ପାଦରେ ୧୫ ମାତ୍ରା ଥାଏ, ଯଥା–

ଗୁଣିଗଣଗଣନାରଂଭେ
ନ ପତତି କଠିନୀ ସସଂଭ୍ରମାତ୍ ଯସ୍ୟ–
ତେନାଂବା ଯଦି ସୁତିନୀ
ବଦ ବଂଧ୍ୟା କୀଦୃଶୀ ଭବତି ।

ମାତ୍ର ଏହା କଥାର ସ୍ୱର ସଂକେତରେ ଗତି କରିବାରୁ ଏଥିରେ ପାଦମାନଂକର ଏଇ ମାତ୍ରା ନିୟମ ଠିକ୍ ରହିପାରିନାହି । ପଥ୍ୟା, ବିପୁଳା, ଚପଳା, ମୁଖ-ଚପଳା, ଜଘନଚପଳା, ଗୀତି, ଉପଗୀତି, ଉଦ୍‌ଗୀତି, ଆର୍ଯ୍ୟାଗୀତି– ଏଇପରି ନଅ ପ୍ରକାର ଆର୍ଯ୍ୟାର ଗଣନା ସାଧାରଣତଃ ଦେଖାଯାଏ । ସେଥିରେ ପାଦମାନଂକର ଉପରଲିଖିତ ମାତ୍ରା ନିୟମ ଠିକ୍ ନ ଥାଏ ।

ଉଦାହରଣ ସ୍ୱରୂପ :–

ଗୀତିରେ ୪ର୍ଥ ପାଦ ମଧ ୧୮ ମାତ୍ରା, ଉପଗୀତିରେ ୨ୟ ଓ ୪ର୍ଥ ୧୫ ମାତ୍ରା ଲେଖାଏଁ, ଉଦ୍‌ଗୀତିରେ ୨ୟ ପାଦ ୧୮ ଓ ୪ର୍ଥ ୧୫ ମାତ୍ରା, ଆର୍ଯ୍ୟାଗୀତିରେ ୩ୟ ଓ ୪ର୍ଥ ପାଦ ୨୦ ମାତ୍ରା ଲେଖାଏଁ ।

Digitized by PPRACHIN, SOA

ଏହା ଛଡ଼ା ମାତ୍ରା ସଂଗେ କେତେକ ଗୁରୁ ବା ଲଘୁ ବର୍ଣର ନିୟମ ସ୍ଥିର ରଖି ମିଶ୍ରଜାତିମାନ ବିକାଶ ପାଇଥିଲା । ଗୀତଗୋବିଂଦ ପ୍ରଭୃତି ସଂସ୍କୃତ ଗୀତିକାରେ ମାତ୍ରାର ନିୟମ ନିରବଲଂବ । ଅର୍ଥାତ୍ ସେଥିରେ କଥା ବା ଆଶୟର ଅବଲଂବ ନାହି । ସେଥିରେ ନିୟମ ନିର୍ଦ୍ଦିଷ୍ଟ । ଏହା କଥାବୃତ୍ତ ନୁହେ ।

ଏଇପରି ନାନା ବର୍ଣସ୍ୱର ଓ ଭାବ ସଂକେତର ଆଲୋଚନା ମଧ୍ୟରେ ସଂସ୍କୃତର ସାର୍ବଜନୀନ କବିତାର ଛଂଦ ବିକାଶ ପାଇଚି । ଏଥିରେ ପ୍ରଧାନ ଲକ୍ଷ, ସଂସ୍କୃତଭାଷୀ ମାତ୍ରେ କିପରି କବିତାର ଛଂଦ ଆୟତ୍ତ କରି ଭାବ ଗ୍ରହଣ କରିବେ । ପୁଣି ବୃତ୍ତ ଓ ମାତ୍ରା ନିୟମ ଛଡ଼ା ସ୍ୱରଭଂଗୀର ଆଉ ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ପ୍ରତି ଲକ୍ଷ ରଖି ଆଲୋଚନାରେ ଅଗ୍ରସର ହେବା ବାଂଛନୀୟ । ସଂସ୍କୃତ ଭାଷାରେ ଯେତେ ବୃତ୍ତ ଓ ଜାତିର ସୃଷ୍ଟି ହୋଇଥିଲା, ସେଥିରେ ବୃତ୍ତର ଗୁରୁ ଲଘୁ ଗଣନିୟମ ଓ ଜାତିର ମାତ୍ରାନିୟମ ଯାହାହେଉ ମୂଳ ପଦ ସର୍ବଦା ଦୁଇ, ତିନି, କିଂବା ଦୁଇ + ଦୁଇ = ଚାରି ଅକ୍ଷରରେ ଗତି କରେ । ଇଂରେଜୀର ପଦ୍ୟବିଧି ମଧ୍ୟ ଏଇ ନିୟମରେ ଚାଳିତ । ହୁଏତ ଏହା ଆର୍ଯଭାଷାମାନଂକର ମୌଳିକ ବିଧି । ହୋଇପାରେ, ଏହା ମାନବ ଭାଷାର ସ୍ୱର ସଂକେତର ମୂଳପିଂଡ । ମାତ୍ର ସେ ବିଷୟରେ ମତ ଦେବାର ଅଧିକାର ଏଠାରେ ଲୋଡ଼ାପଡୁ ନାହି । ସଂସ୍କୃତ ଭାଷାର ସ୍ୱର ସଂକେତରେ ଏଇ ନୀତି ସ୍ପଷ୍ଟ । ଉଦାହରଣ ଯଥା—

ମାନି । ଷାଦ । ପ୍ରତି । ଷ୍ଠାତ୍ୱ । ମଗମଃ । ଶାଶ୍ୱତୀଃ । ସମାଃ ।
ଯତ୍କ୍ରୌଂଚ । ମିଥୁନା । ଦେକଂ । ମବଧୀଃ । କାମ ମୋ । ହିତଂ ।

ଅସ୍ତ୍ୟୁ । ତ୍ତରସ୍ୟାଂ । ଦିଶି ଦେ । ବତାତ୍ମା
ହିମା । ଲୟୋନା । ମ ନଗା । ଧିରାଜଃ
ପୂର୍ବା । ପରୌ ତୋ । ୟନିଧୀ । ବଗାହ୍ୟ
ସ୍ଥିତଃ । ପୃଥିବ୍ୟା । ଇବ ମା । ନଦଂଡଃ ।
ତଂବୀ । କ୍ଷ୍ୟବେ । ପଥୁମତୀ । ସରସା । ଇଂଯଷ୍ଟିଃ
ବିକ୍ଷେ । ପଣାୟ । ପଦମୁ । ଦ୍ଧୃତମୁଦ୍ । ବହଂତୀ
ଅହ୍ନା । ୟସା । ନିୟମଜଂ । କ୍ଲମମୁତ୍ । ସସର୍ଜ
କ୍ଳେଶଃ । ଫଳେନ । ହି ପୁନ । ର୍ନବତାଂ । ବିଧତ୍ତେ ।
ଅଥ ମୋ । ହପରା । ୟଣା । ସତୀ
ବିବଶା କାମବଧୂ । ବବୋ । ଧିତା
ବିଧିନା । ପ୍ରତିପା । ଦୟି । ଷ୍ୟତା
ନବବୈ । ଧବ୍ୟମସ । ହ୍ୟବେ । ଦନଂ ।
ଫଳପୂ ! ରକୁଚା । ଘନନୀ । ଲକଚା
ନୃପତି । ଉବଶଂ । କରଚା । ରୁବଚା

Digitized by PPRACHIN, SOA

ନସମୈ । ତିଦୃଶୋ । ର୍ବିଷୟଂ । ମହିଳା
ପୁରୁଷ । ସ୍ୟ ତଦା । ଧିଷଣା । ନଚଳା ।
× × ×
ଗୁଣିଗଣ । ଗଣନା । ରମ୍ଭେ
ନପତତି । କଠିନୀ । ସସଭ୍ରମାତ୍ । ଯସ୍ୟ
ତେନାମ୍ବା । ଯଦିସୁ । ତିନୀ
ବଦ ବଂଧ୍ୟା । କୀଦୃଶୀ । ଭବତି
× × ×
ମୂଢ଼ ଜ । ହୀହି ଧ । ନାଗମ । ତୃଷ୍ଣାଂ
କୁରୁତନୁ । ବୁଦ୍ଧେ । ମନସି ବି । ତୃଷ୍ଣାଂ
ଯଲ୍ଲଭ । ସେ ନିଜ । କର୍ମୋ । ପାତ୍ତଂ
ବିତ୍ତଂ । ତେନ ବି । ନୋଦୟ । ଚିତ୍ତଂ
× × ×
ଧୀର । ସମୀରେ । ଯମୁନା । ତୀରେ
ବସତି । ବନେ । ବନ । ମାଳୀ
ପୀନପ । ୟୋଧର । ପରିସର । ମର୍ଦ୍ଦନ
ଚଂଚଳ । କରଯୁଗ । ଶାଳୀ ।

ବୃତ୍ତର ଗଣ ବା ଜାତିର ମାତ୍ରା ଯେ ପରିମାଣରେ ହେଉନା କାହିଁକି, ସମସ୍ତ ପଦ୍ୟ ବା କବିତାର ସ୍ୱର ଚାଳନାରେ ବିରାମ ଏଇପରି । ଯେପରି ବିରାମ ରଖି ରଖି ବୋଲିବାକୁ ହୁଏ, ଉଦାହରଣମାନଂକରେ ସେଇପରି ବିରାମ ଚିହ୍ନ ଦିଆଯାଇଚି । ଏଥିରୁ ସ୍ପଷ୍ଟ ହେଉଚି ସମସ୍ତ କାବ୍ୟ ଶିଳ୍ପର ମୂଳ ପାଦ ଦୁଇ (ଚାରି) ବା ତିନି ବର୍ଣ୍ଣରେ ହୁଏ । ଏକ ସ୍ୱର ଥିବା ବର୍ଣ୍ଣକୁ ଏଠାରେ ଗୋଟିଏ ବର୍ଣ୍ଣ ବୋଲି ଧରିବାକୁ ହେବ । ବେଦରେ ମଧ୍ୟ ସେଇ ନିୟମ । ପ୍ରାଚୀନ ଓଡ଼ିଆ ଓ ବଂଗଳାରେ ଏଇ ନିୟମରେ ସଂସ୍କୃତ ଛଂଦମାନ ଧରି ପ୍ରଥମେ କବିତା ଫୁଟିଥିଲା । ସେସବୁ ପରେ କ୍ରମିକ ଆଲୋଚନା କରାଯିବ ।

[ନବଭାରତ, ମିଥୁନ, ୧୩୪୨]

## ଓଡ଼ିଆ ଛଂଦର ଇତିହାସ (୨)

ସଂସ୍କୃତର ଛଂଦମାନ ବିଶ୍ଳେଷଣ କରି ସେମାନଂକର ସୂକ୍ଷ୍ମ ଯତିପାତ ଓ ବିରାମର ସ୍ଥାନ ଆଲୋଚନା କରି ଦେଖାଯାଇଚି, ସେଥିରେ ଚାରି, ତିନି ଓ ଦୁଇ ଅକ୍ଷରରେ ସର୍ବତ୍ର ବିରାମ ଘଟେ । ପୁଣି ଆଉରି ସୂକ୍ଷ୍ମ ଭାବରେ ଦେଖିଲେ ଦେଖାଯିବ, ଚାରି ଅକ୍ଷରର

Digitized by PPRACHIN, SOA

ଉଚ୍ଚାରଣରେ ଦୁଇ ଅକ୍ଷର ଠାରେ ଗୋଟିଏ ଅତି କ୍ଷୀଣ ବିରାମ ହୁଏ । ପୁଣି ତିନି ଅକ୍ଷରରେ ମଧ୍ୟ ସେଇପରି ସ୍ୱରର ଆବଶ୍ୟକତା ଅନୁସାରେ, ବିଶେଷରେ ପାଦ ଶେଷରେ, ତାହା ଦୁଇ ଓ ଏକ ଅକ୍ଷରରେ ଫିଟିଯାଏ । ଏପରିକି ସ୍ୱର ଅନୁରୋଧରେ ଶେଷରେ ଦୁଇ ଅକ୍ଷର ମଧ୍ୟ ଏକ ଏକ ହୋଇ ଫିଟିଯାଏ । ସେତେବେଳେ ପାଦ ଶେଷର ପୂର୍ବ ବର୍ଣ୍ଣ ଗୁରୁ ଉଚ୍ଚାରଣ ପାଏ । ଉଦାହରଣ ଯଥା—

ତିନି ଅକ୍ଷର— ତଂ ବୀକ୍ଷ୍ୟ ବେପଥୁମତୀ ସରସ୍ୟା । ଗଯ । ଷ୍ଟିଃ
ବିକ୍ଷେପଣାୟ ପଦମୁଦ୍ଧୃତମୁଦ୍ । ବହ । ନ୍ତୀ
ଅହ୍ନୟସା ନିୟମୃଙଂ କ୍ଲମମୁତ୍ । ସସ । ର୍ଜ
କ୍ଲେଶଃ ଫଳେନ ହି ପୁନର୍ନବତାଂ । ବିଧ । ତ୍ତେ

ଦୁଇ ଅକ୍ଷର— ଦିନମପି ରଜନୀ ସାୟଂ । ପ୍ରା । ତଃ
ଶିଶିରବସଂତୌ ପୁନରା । ୟା । ତଃ
କାଳଃ କ୍ରୀଡ଼ତି ଗଚ୍ଛ । ତ୍ୟା । ୟୁଃ
ତଦପି ନ ମୁଂଚତ୍ୟାଶା । ବା । ୟୁଃ

ପାଦର ଶେଷ ବର୍ଣ୍ଣ ବୋଲିବା ବେଳେ ଲଂବା ହୋଇଯିବାର କଥା । ସେଥିପାଇଁ ତାହା ଦରକାର ହେଲେ, ଅର୍ଥାତ୍ ତାହା ଅନ୍ୟତ୍ର ହ୍ରସ୍ୱ ହେଉଥିଲେ ବି ପାଦାଂତରେ ଗୁରୁ ବା ଦୀର୍ଘ ହେବାର ବ୍ୟବସ୍ଥାର ଅଭିପ୍ରାୟ ଏହି । ଏହି ଶେଷ ବର୍ଣ୍ଣରେ ଯତି ସ୍ପଷ୍ଟ ଓ ବିରାମ ସ୍ଥିର । ପରେ ଭାଷାରେ, ବିଶେଷତଃ ଓଡ଼ିଆରେ ଯେଉଁ ସ୍ୱାଧୀନ ଓ ସ୍ୱତଂତ୍ର ଛଂଦମାନ ପ୍ରକାଶ ପାଇଲା, ସେଥିରେ ଏଇ ପାଦଶେଷ ବର୍ଣ୍ଣର ବିଶେଷତା ଯଥେଷ୍ଟ ବଢ଼ିଯାଇଚି । ତାହା ପରେ ଯଥାସ୍ଥାନରେ କୁହାଯିବ ।

ପୁଣି ସଂସ୍କୃତ ଛଂଦରେ ଆଉ ଗୋଟିଏ କଥା ଏଠାରେ ଲକ୍ଷ କରିବାକୁ ହେବ । ସଂସ୍କୃତ କବିତାରେ ଯେଉଁଠାରେ ଚାରୋଟି ଲଘୁ ବର୍ଣ୍ଣ ଏକାଠି ଥାଆଂତି, ସେଇଠାରେହିଁ ଚାରି ଅକ୍ଷରରେ ବିରାମ ହୁଏ । ପୁଣି ତିନି ଅକ୍ଷରରେ ମୂଳରେ ବା ଶେଷରେ ଗୁରୁ ଥିଲେ ସେଟି ଫିଟି ଅଲଗା ହୋଇଯାଏ । ଫଳରେ ଗୋଟିଏ ଗୁରୁ ବା ଦୁଇଟି ଲଘୁ ମାତ୍ରା ହିଁ ସମସ୍ତ ବିରାମର ମୂଳ । ପାଦାଂତ ବର୍ଣ୍ଣ ଲିପିରେ ହ୍ରସ୍ୱ ବା ଦୀର୍ଘ ଯାହା ହେଉ, ଉଚ୍ଚାରଣରେ ସର୍ବଦା ଗୁରୁ ହେଉଥିବାରୁ ତାହା ସବୁବେଳେ ଅଲଗା ହୋଇ ଲଂବା ହୋଇଯାଏ । ଏଇଠାରେ ତେଣୁ ଏକାକ୍ଷର ବିରାମ ସ୍ପଷ୍ଟ । ଫଳରେ ସଂସ୍କୃତରୁ ସ୍ୱତଂତ୍ର ସମସ୍ତ ଓଡ଼ିଆ ଛଂଦରେ ମଧ୍ୟ ଏହାର ବ୍ୟବହାର ଓ ଉପଯୋଗିତା ଯଥେଷ୍ଟ ପ୍ରକାଶ ପାଇଚି ।

'ସଂସ୍କୃତରୁ ସ୍ୱତଂତ୍ର ଓଡ଼ିଆ'— ଏ କଥାଟିର ଅର୍ଥ ଏଠାରେ ଟିକିଏ ବୁଝାଇ କହିଦେବା ଦରକାର । ହିଂଦୀ, ମରାଠୀ, ଗୁଜରାଟୀ, ବଂଗଳା ପରି ଓଡ଼ିଆ ଏକ ପ୍ରାକୃତ ଭାଷା । ମାତ୍ର ଛଂଦ ହିସାବରେ ଓଡ଼ିଆର ସ୍ୱାତଂତ୍ର୍ୟ ଅନ୍ୟ କୌଣସି ପ୍ରାକୃତର ନାହିଁ । ହିଂଦୀ ପ୍ରଭୃତିର ଛଂଦ ଏବେ ମଧ୍ୟ ସଂସ୍କୃତ ଗୁରୁ ଲଘୁ ନିୟମର ଅନୁବର୍ତ୍ତନ କରେ । ହିଂଦୀରେ

Digitized by PPRACHIN, SOA

ଏବେ ସଂସ୍କୃତ ଛଂଦମାନଂକର ନାମ ପର୍ଯଂତ ଦେଇ ସେଇ ଛଂଦରେ ପ୍ରାୟଶଃ କବିତା ଲେଖା ହେଉଚି । ଯାହା ନୂତନ ଛଂଦ ହେଉଚି, ସେ ସବୁ ମଧ୍ୟ ସେଇ ସଂସ୍କୃତ ଛଂଦମାନଂକର ଭାବ ସଂଶ୍ଳେଷଣରେ ତିଆରି ହେଉଚି ମାତ୍ର ।

କେବଳ ଆଜିର ହିଂଦୀ ନୁହେ, ବର୍ତ୍ତମାନ ଯେଉଁ ଅଂଚଳରେ ହିଂଦୀ ଚଳେ ସେ ସବୁ ଅଂଚଳରେ ପୂର୍ବେ ଅବଧୀ, ରାଜସ୍ଥାନୀ, ବ୍ରଜଭାଷା, ଛତିଶଗଡ଼ି ପ୍ରଭୃତି ନାନା ଭାଷା ଥିଲା । ଲୋକମୁଖରେ ସେଇ ସବୁ ଭାଷା ମଧ୍ୟ ଏବେ ସାମାନ୍ୟ ପରିବର୍ତ୍ତିତ ଆକାରରେ ଚଳେ । ପଂଚଦଶ ଶତାବ୍ଦୀରେ ଅବଧୀ ଭାଷାରେ ତୁଳସୀ ଦାସ 'ରାମଚରିତ ମାନସ' (ଯାହାକୁ ଏବେ ଲୋକେ 'ତୁଳସୀ ରାମାୟଣ' ବୋଲି କହଂତି) ଲେଖି ଥିଲେ । ସେ ଦୁଇଟି ଛଂଦର ବିଶେଷ ବ୍ୟବହାର କରିଚଂତି । ସେଥିରୁ ଗୋଟିଏ 'ଦୋହାଁ' ଗାନ, ଅନ୍ୟଟି ଚୌପାହି ପଦ୍ୟ । ଏ ଦୁଇଟି ଠିକ୍ ସଂସ୍କୃତ ଛଂଦ ନୁହେ । ମାତ୍ର ଦୁଇଟି ଯାକ ସଂସ୍କୃତ ମାତ୍ରା ନିୟମକୁ ଧରି ଲେଖାହୋଇଚି ଓ ବୋଲାହୁଏ । ଦୋହାଁଟି ୪୮ ମାତ୍ରା । ପ୍ରଥମ ଓ ତୃତୀୟ ପାଦ ୧୩ ମାତ୍ରା ଲେଖାଏଁ ଓ ଦ୍ୱିତୀୟ ଓ ୪ର୍ଥ ପାଦ ଦୁଇଟି ପ୍ରତ୍ୟେକେ ୧୧ ମାତ୍ରା ଲେଖାଏଁ ବୋଲି ହିଂଦୀର ଛଂଦର ପଂଡ଼ିତମାନେ କହଂତି । ମାତ୍ର ଠିକ୍ ଏପରି ତା'ର ବିଚାର ନୁହେ । ଦୋହାଁର ଆକ୍ଷରିକ ଅର୍ଥ ଦୁଇପାଦ ବିଶିଷ୍ଟ ଗୀତ । ତେଣୁ ଏହା ଦୁଇ ପାଦ ଓ ପ୍ରତି ପାଦରେ ୨୪ ଟି ଲେଖାଏଁ ମାତ୍ରା ଥାଏ । ଏଇ ୨୪ ମାତ୍ରାରୁ ୧୩ ମାତ୍ରା ଶେଷରେ ଗୋଟିଏ ସ୍ପଷ୍ଟ ଦୀର୍ଘ ବିରାମ ହୁଏ ।

ଏଇ ଦୋହାଁ ତୁଳସୀ ଦାସଂକ ଉଦ୍‌ଭାବିତ ନୁହେ । ପ୍ରାକୃତ ଭାଷାମାନଂକରେ ଠିକ୍ ଏହି ପ୍ରକାର ଗୀତ ଲୋକମୁଖରେ ଚଳୁଥିଲା । ଅତି ପ୍ରାଚୀନ ବଂଗଳା କବିତା ଓ ଗୀତ ବୋଲି ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନିଜେ ନେପାଳରୁ ପାଇଥିବା ଚାରୋଟି ପୋଥି ବୌଦ୍ଧଗାନ ଓ ଦୋହାଁ ନାମରେ ପ୍ରକାଶ କରିଅଛଂତି । ସେ ଏ ଗାନଗୁଡ଼ିକ ଅଂତତଃ ଦଶମ ଶତାବ୍ଦୀରୁ ଆଧୁନିକ ନୁହେ ବୋଲି ସ୍ଥିର କରିଥିଲେ । ପରେ ସ୍ୱର୍ଗତ ରାଖଲ ଦାସ ବାନାର୍ଜି ଏହାକୁ ଆହୁରି ୨।୩ ଶହ ବର୍ଷ ଆଧୁନିକ ବୋଲି କହିଛଂତି । ଏବେ ସ୍ପଷ୍ଟ ଜଣାପଡ଼ିଛି, କାହ୍ନୁପାଦ ବା କୃଷ୍ଣାଚାର୍ଯପାଦଂକର ଦୋହାଁ କୋଷ ବରଂ ପ୍ରାଚୀନ ଓଡ଼ିଆ । ଏହା ପୁଣି ନିଶ୍ଚୟ ସାରଳା ଦାସଂକର ବହୁ ପୂର୍ବବର୍ତ୍ତୀ; କାରଣ, କୃଷ୍ଣାଚାର୍ଯ ଓଡ଼ିଶାର ଲୋକ ଥିଲେ ଓ ସେହି କାଳର ଓଡ଼ିଆ ପ୍ରାକୃତରେ ନିଜର ଦୋହାଁ କୋଷ ରଚନା କରିଥିଲେ । ଏହା ପ୍ରମାଣିତ ହୋଇଅଛି । ସାରଳା ଦାସଂକ ବେଳକୁ ଓଡ଼ିଆ ଭାଷା ବରାବର ଆଧୁନିକ ହୋଇଯାଇଥିଲା । କିଂତୁ, କୃଷ୍ଣାଚାର୍ଯଂକର ଭାଷା ମାଗଧୀ ପ୍ରାକୃତର ଓଡ଼ିଆ ଅପଭ୍ରଂଶ ମାତ୍ର । ଯାହାହେଉ ଏହି କୃଷ୍ଣାଚାର୍ଯ ତୁଳସୀ ଦାସଂକର ଅଂତତଃ ୩ ଶହ ବର୍ଷ ପୂର୍ବର ଲୋକ । ମାତ୍ର ସେ ଯେଉଁ ଦୋହାଁ ଲେଖିଥିଲେ ତାହା ମାତ୍ରା ଓ ଯତି ନିୟମରେ କୌଣସିମତେ ତୁଳସୀ ଦାସଂକ ଦୋହାଁରୁ ଭିନ୍ନ ନୁହେ । ଉଦାହରଣ ଯଥା—

Digitized by PPRACHIN, SOA

ତୁଳସୀଦାସ–

ଦୋହାଁ

ରାମ ବାମ ଦିସି ଜାନକୀ । ଲଖନ ଦାହିନୀ ଓର ।
ଧ୍ୟାନ ସକଳ କଲ୍ୟାଣମୟ । ସୁରତରୁ ତୁଳସୀ ତୋର

କାହ୍ନୁପାଦ–

ଲୋ ଅହ ଗଦ୍ଧ ସମୁ ଉହଇ । ଇଉ ପରମଥେ ପବିନ
କୋଟିହ ମାହ ଏକ ଜତ । ହୋଇ ନିରଂଜନ ଲୀଣ ।

ଏ ଦୁଇଟି ଦୋହାଁର ମାତ୍ରା ନିୟମ, ଯତିପାତ, ବିରାମରେ କୌଣସି ପ୍ରଭେଦ ନାହିଁ । ପ୍ରଭେଦ ଏତିକି ଅଛି ଯେ ତୁଳସୀ ଦାସଂକ ଦୋହାଁ ବରାବର ସ୍ୱରକ୍ରମରେ ସଂସ୍କୃତ ମାତ୍ରା ନିୟମର ଅନୁବର୍ତ୍ତନ କରିଅଛି । କିଂତୁ କାହ୍ନୁପାଦଂକର ବର୍ଣ ସ୍ୱରର ଉଚ୍ଚାରଣ ସଂସ୍କୃତ ନିୟମ ଧରି ଚଳି ନାହିଁ । ତୁଳସୀ ଦାସଂକ ଦୋହାଁରେ ଦୀର୍ଘ ସ୍ୱରଯୁକ୍ତ ବର୍ଣ ଓ ଯୁକ୍ତ ବର୍ଣର ପୂର୍ବସ୍ୱର ଯୁକ୍ତବର୍ଣ ବା ହସଂତ ଅନୁସ୍ୱାରାଦି ଯୁକ୍ତ ସ୍ୱରଯୁକ୍ତ ବର୍ଣ ସର୍ବଦା ଗୁରୁ ବା ଦ୍ୱିମାତ୍ରକ । କିଂତୁ କାହ୍ନୁପାଦଂକ ଗାନଟିରେ ତାହା ନୁହେ । 'ପବିନ' ପଦଟି ଚାରି ମାତ୍ରା କରି ଓ ଦ୍ୱିତୀୟ ପାଦର ହୁଏତ 'ଜତ' ପଦଟି ତିନିମାତ୍ରା କରି କିଂବା 'କୋଟିହ' ପଦଟି ପାଂଚମାତ୍ରା କରି ନ ପଢ଼ିଲେ ଦୋହାଁର ଛଂଦ ଠିକ୍ ରହିବ ନାହିଁ । ହୁଏତ 'ପବିନ' ଶବ୍ଦଟି 'ପ୍ରବୀଣ'ର ଅପଭ୍ରଂଶ ଥିବାରୁ ତାହା ଚାରି ମାତ୍ରାରେ ଚଳୁଥିବ । କିଂତୁ 'ଜତ' ତିନିମାତ୍ରା କିଂବା 'କୋଟି' ଚାରିମାତ୍ରା ହେବାର ସେପରି କୌଣସି କାରଣ ଦେଖା ଯାଉ ନାହିଁ । ତୁଳସୀ ଦାସଂକର ଅନ୍ୟ ପଦ୍ୟଟି ଚୌପାହୀ ବା ଚୌପଦୀ । ଏହା ଷୋଳ ମାତ୍ରାର ଚାରୋଟି ପଦ, ଯଥା–

ଭୂପ ପ୍ରତାପ ଭାନୁ ବଲ ପାଇ ।
କାମଧେନୁ ଭଇ ଭୂମିସୁହାଇ
ସବ ଦୁଖ ବର୍ଜିତ ପ୍ରଜା ସୁଖାରୀ ।
ଧର୍ମଶୀଳ ସୁଂଦର ନରନାରୀ

ସଂସ୍କୃତ ମାତ୍ରା ସମକ ଜାତି ସଂଗେ ଏହା ଏକାବେଳକେ ଏକ ଓ ଅଭିନ୍ନ । ମାତ୍ରା ସମକ ଜାତି, ଯଥା–

ଦେବୀ ସୁରେଶ୍ୱରୀ ଭଗବତୀ ଗଂଗେ
ତ୍ରିଭୁବନତାରିଣୀ ତରଳତରଂଗେ ।
ଶଂକର ମୌଳିବିଳାସିନି ବିମଳେ
ମମମତି ରାସ୍ତାଂ ତବ ପଦକମଳେ ।

ଏହା ଚୌପାହୀ ବା ଚୌପଦୀ । ଓଡ଼ିଆରେ ମଧ୍ୟ ମଫସଲରେ ଚତୁର୍ଦ୍ଦଶାକ୍ଷରୀ ପଦ୍ୟକୁ ଚୌପଦୀ କହଂତି । ଓଡ଼ିଆ ଓ ବଂଗଳାର ଏହି ଚତୂର୍ଦ୍ଦଶାକ୍ଷରୀ ସଂସ୍କୃତର ମାତ୍ରା

Digitized by PPRACHIN, SOA

ସମକରୁ ବାହାରିଅଛି । ଏହି ଚୌପଦୀକୁ ବଂଗଳାରେ ପୟାର କହଂତି । ଅଧ୍ୟାପକ ସୁନୀତି କୁମାର ଚଟ୍ଟୋପାଧ୍ୟାୟ ସ୍ଥିର କରିଛଂତି, ପ୍ରାଚୀନ ମାଗଧୀ ଅପଭ୍ରଂଶ ବା ଓଡ଼ିଆ ବଂଗଳା ପ୍ରଭୃତିର ପ୍ରାଚୀନ ଭାଷାରେ ଏହାକୁ 'ପଦାକୁଳକ' କହୁଥିଲେ । 'ପଦାକୁଳକ' ଅର୍ଥ ପଦସମୂହ ।

ସ୍ୱର୍ଗତ ଶ୍ରୀଯୁକ୍ତ ହରପ୍ରସାଦ ଶାସ୍ତ୍ରୀଂକ ପ୍ରକାଶିତ ଯେଉଁ ବୌଦ୍ଧଗାନ ଓ ଦୋହାଁର କଥା ଉଲ୍ଲେଖ କରାଯାଇଅଛି, ସେଥିରେ ଚର୍ଯାଚର୍ଯବିନିଶ୍ଚୟ ବୋଲି ଗୋଟିଏ ଗ୍ରଂଥ ଅଛି । ତାହା ଏହି ପଦାକୁଳକରେ ଲିଖିତ ।

ଧାର୍ମାର୍ଥେ ଚାଟିଲ । ସାଂକମ ଗଢ଼ଇ
ପାରଗାମୀ ଲୋଅ । ନିଭର ତରଇ

ଏହା ନିମ୍ନଲିଖିତମତେ ବୋଲିବାକୁ ହେବ (ଯେଉଁଠାରେ ଦୀର୍ଘ ବା ଦ୍ୱିମାତ୍ରକ ସେଠାରେ ଶୁଆଗାର ଦିଆହୋଇଛି ।)

ଧା—ମାର୍ଥେ ଚା—ଟିଲ ସା—ଙ୍କମ ଗଢ଼ଇ—
ପାରଗାମୀ ଲୋ—ଅ—ନି—ଭର ତରଇ—

ଏହି ଆଠ ଆଠମାତ୍ରକ ପଦାକୁଳକରୁ ବଂଗଳା ପୟାର, ଓଡ଼ିଆ ଚୌପଦୀ ବାହାରିଛି । ସେ ଯାହା ହେଉ ଏବେ ଦେଖାଗଲା, ଦୋହାଁ ଓ ଚୌପଦୀ ଏହି ଦୁଇଟି ଛଂଦ ମୁଖ୍ୟତଃ ପ୍ରାକୃତ ଭାଷାମାନଂକରେ ଚଳୁଥିଲା । ଦୋହାଁରୁ ବଂଗଳାର ତ୍ରିପଦୀ ଓ ଓଡ଼ିଶାର ମତୁଆରୀ ବା ବଂଗଳାଶ୍ରୀ ବାହାରିବା କଥା ମଧ୍ୟ ଏଥି ସଂଗେ କହି ରଖିବା ଉଚିତ । ପରେ ଯଥାସ୍ଥାନରେ ତାହା କିପରି ବାହାରିଲା, କି ଭାବରେ ବିକାଶ ପାଇଲା ତାହା କୁହାଯିବ ।

କୁହାଯାଇଛି, ତୁଳସୀ ଦାସ ସଂସ୍କୃତ ଗୁରୁ ଲଘୁ ନିୟମରେ କବିତା ଲେଖିଛଂତି । ଉତ୍ତର ଭାରତର ଅନ୍ୟାନ୍ୟ କବି ଓ ମହାପୁରୁଷମାନଂକର କାବ୍ୟ ବଚନ ମଧ୍ୟ ଇତର ବିଶେଷ ଠିକ୍ ସେହି ଛାଂଚରେ ଢଳା । ବର୍ତମାନ ମଧ୍ୟ ଓଡ଼ିଆ ବଂଗଳା ଛଡ଼ା ହିଂଦୀ ପ୍ରଭୃତି ଉତ୍ତର ଭାରତର ଅନ୍ୟାନ୍ୟ ପ୍ରାକୃତମାନେ ସେହି ଶୈଳୀ ଧରି ପଦ୍ୟ ଲେଖଂତି । ଓଡ଼ିଆ ବଂଗଳାରେ ଏକା ଏ ଶୈଳୀ ଆଦୌ ନାହି । ଏମାନେ କୌଣସି ପ୍ରଚଳିତ ରୀତିବଦ୍ଧ ବିଧିରେ ବର୍ଣ ସଂକେତ ଧରି ବର୍ଣର ଉଚ୍ଚାରଣ କରଂତି ନାହି । ସଂସ୍କୃତର ନିୟମରେ ସମସ୍ତ ବର୍ଣର ଉଚ୍ଚାରଣ ହେଉଥିଲା । ପରେ ସେ ସବୁ ମାଗଧୀ-ପ୍ରସୂତ ପ୍ରାକୃତମାନଂକରେ ଉଚ୍ଚାରଣ ହରାଇଥିବାର ଅନୁମାନ କରି ପଂଡିତମାନେ ସିଦ୍ଧାଂତ କରଂତି । ପୂର୍ବ ପ୍ରାକୃତ ଭାଷାମାନଂକରେ ବହୁ କାଳରୁ ସଂସ୍କୃତର ଉଚ୍ଚାରଣ ନିୟମ ବଦଳି ଯାଇଥିଲା, ପୁଣି ଗୀତ ଓ ପଦ୍ୟରେ ଲୋକେ ଗାନ ଓ ଯତିର ସୁବିଧା ଅନୁସାରେ ସ୍ୱରକୁ ଯଥେଚ୍ଛା ଚିପି ଲଂବାଇ ଲେଖୁଥିଲେ ଓ ଉଚ୍ଚାରଣ କରୁଥିଲେ ।

Digitized by PPRACHIN, SOA

କିଂତୁ ତାହା ଠିକ୍ ନୁହେ । କୁହାଯାଇଛି ଆର୍ଯ୍ୟ ଭାଷା ଯେତେବେଳେ ନାନା ପ୍ରାକୃତରେ ଭିନ୍ନ ହେଲା ସେତେବେଳେ ସଂସ୍କୃତ ଭାଷା ତିଆରି ହୋଇଥିଲା । ବେଦର ଭାଷା ସଂସ୍କୃତ ନୁହେ । ବେଦ ମଧ୍ୟ କଥିତ ଭାଷା ବା ଗଦ୍ୟ ନୁହେ । ବେଦ ସେହି କାଳର ପ୍ରାକୃତ ଭାଷାଭାଷୀ ଲୋକଂକର ଗାନ । ବେଦରେ ସଂଧି ନାହି । କଦାଚିତ୍ ସଂଧି ଥିବାର ସଂଦେହ ହେଲେ ମଧ୍ୟ ତାହା ସ୍ପଷ୍ଟ ନୁହେ କିଂବା ସ୍ପଷ୍ଟ ହୋଇଥିଲେ ମଧ୍ୟ ତାହା ପ୍ରାଚୀନ ନୁହେ । ସ୍ୱର୍ଗତ ଅଧ୍ୟାପକ ମ୍ୟାକ୍‌ଡୋନେଲ ସାହେବ ନିଜର ବୈଦିକ ବ୍ୟାକରଣରେ ଅତ୍ୟଂତ ଅନୁସଂଧାନ ପରେ ସମସ୍ତ ଋଗ୍‌ବେଦ ସଂହିତାର ମଂତ୍ରମାନଂକ ମଧ୍ୟରେ ଗୋଟିଏ ମାତ୍ର ସ୍ଥାନରେ ସଂଧି ଥିବାର ଆଶଂକା କରିଛଂତି । ଏଥିପୂର୍ବେ ପ୍ରସଂଗାନ୍ତରରେ ଯେଉଁ ମଂତ୍ରଟି ଉଦ୍ଧୃତ ହୋଇଥିଲା ସେଥିରେ ଉଦାହରଣ ସ୍ୱରୂପ ଦେଖାଇଦିଆଯାଇପାରେ 'ତସ୍ମାୖରଂଗମାବବୋ' ନ ହୋଇ ଅନୁଷ୍ଟୁଭ୍ ଛଂଦ ଠିକ୍ କରି ପଢ଼ିଲେ ପଢ଼ାଯିବ 'ତସ୍ମାଅରଂଗମାବବୋ' ।

ଏହା କହିବାର ଅଭିପ୍ରାୟ ଯେ ଜାନପଦ ଲୋକମାନଂକର ସ୍ୱଭାବସରଳ ଗାନ ହିଁ ବେଦ । ଆଜିକାଲି ଶଗଡ଼ିଆ ମଧ୍ୟ ବଳଦ ଓଡ଼େଇଲା ବେଳେ ରାମାୟଣ ଚରିତ ଏକ ସ୍ୱରରେ ଗାନ କରେ । ପୁରୁଷାନୁକ୍ରମେ ସେହି ସ୍ୱର ସେ ସେହିପରି ଗାନ କରି ଆସୁଅଛି । ଏହିପରି ପାଣି ବୋହିବାଠାରୁ କୋଠା ବାଡ଼େଇବା ପର୍ଯ୍ୟଂତ ସର୍ବତ୍ର ଛାଂଦ ସମନ୍ୱିତ ଗାନ ମାନବର କର୍ମକୁ ସରସ କରିବାର ଦେଖାଯାଏ । ସେସବୁ ଗାନରେ ସାଧାରଣ ଜୀବନର କ୍ରିୟା ଭାବ ଆଶା ଆଶଂକାମାନ ପ୍ରତିଫଳିତ ହୁଏ । ଇଂଲଂଡରେ ଏହିପରି ଗାନ ଶୁଣି କବି ଓ୍ୟାଡ଼ସ୍‌ବାର୍ଥ A Solitary Reaper (ଗୋଟିଏ ଏକୁଟିଆ ଗହମ କଟାଳି) ବୋଲି ପଦ୍ୟ ଲେଖିଛଂତି । ସର୍ବତ୍ର ସବୁ ସମାଜରେ ଏହାହିଁ ସ୍ୱାଭାବିକ ରୀତି । ସେହି ରୀତିରେ ସେ କାଳର ପ୍ରାକୃତରେ ବେଦଗାନ ସବୁ ବାହାରି ପଡ଼ିଥିଲା । ଗୀତର ଯତି ବିରାମ ଓ ସ୍ୱରତାନ ଅନୁସାରେ ତାହାର ହ୍ରସ୍ୱ ଦୀର୍ଘାଦି ପରେ ଧରା ହୋଇ ସଂସ୍କୃତ ବ୍ୟାକରଣରେ ପରିବଦ୍ଧ ହେଲା । ଯେଉଁଠାରେ 'ଅ' ସ୍ୱରଟି କ୍ଷୀଣ ସେଠାରେ ତାହା ହେଲା ହ୍ରସ୍ୱ, ଯେଉଁଠାରେ ଦୀର୍ଘ ସେଠାରେ ଦୀର୍ଘ, ଯେଉଁଠାରେ ଦୀର୍ଘତମ ସେଠାରେ ପ୍ଲୁତ । ଏହି ରୀତିରେ ପାଣିନିଂକ 'ଶିକ୍ଷା'ରେ ତାହା କ୍ରମେ ସ୍ଥାନ ପାଇଲା । ବ୍ୟଂଜନାଂତ ସ୍ୱର ସ୍ପଷ୍ଟ ଉଚ୍ଚାରଣରେ ଦୀର୍ଘ ହୋଇଯିବାର କଥା । ସେଥିପାଇଁ ତାହା ଦୀର୍ଘ ହେଲା । ଯେଉଁଠାରେ ଦୀର୍ଘ ନ ହେଲା ସେଠାରେ ତାହା ଫିଟି ଅଲଗା ହୋଇଗଲା କିଂବା ହଳଂତ ବର୍ଣ୍ଣଟି ଲୋପପାଇଲା । ଏକ ଶବ୍ଦ ଭିନ୍ନ ଭିନ୍ନ ଓ ହ୍ରସ୍ୱଦୀର୍ଘ ଭେଦରେ ମଧ୍ୟ ଚଳିଗଲା । ଯଥା— ଶ୍ଲଥ ଶିଥିଳ; ଭୂୟାତ୍ କେତେବେଳେ ହେଲା ଭୂୟ । ଧୂଷର, ଧୂଶର, ଧୂସର— ତିନି ପ୍ରକାର ସାଧୁ ହେଲା । ଶ୍ରେଣୀ, ରାଜି ପ୍ରଭୃତି ହ୍ରସ୍ୱ ଓ ଦୀର୍ଘ ଦୁଇ ପ୍ରକାରରେ ଲେଖା ହେଲା । ଏ ସବୁ ବୈଦିକ ବ୍ୟାକରଣରୁ ଆରଂଭ କରି ଭାଷା ସଂସ୍କୃତରେ ବହୁତ

Digitized by PPRACHIN, SOA

ଦେଖାଯାଇପାରେ । ବେଦରେ ଅନେକ ଶବ୍ଦ ନିଜର ସରଳତା ଛାଡ଼ି ଭାଷାରେ କ୍ରମେ ଯୁକ୍ତ ବର୍ଣ, ଯୁକ୍ତ ଓ ଜଟିଳ ହୋଇପଡ଼ିଲେ ।

ବେଦ ଗୀତକୁ ଲକ୍ଷ କରି ସଂସ୍କୃତ ଭାଷା ଗଢ଼ା ହେଲା ସତ, କିଂତୁ ବେଦ ଯେଉଁ ପ୍ରାକୃତ ବା ପ୍ରାକୃତମାନଂକରୁ ଗାନ ରୂପେ ବାହାରିଥିଲା ସେ ସବୁ ପ୍ରାକୃତର କଥାରେ ଶବ୍ଦମାନଂକର ଉଚ୍ଚାରଣରେ କୌଣସିଠାରେ ହୁଏତ ଜୋର ପଡୁଥିଲା । ସେ ହିସାବରେ ବର୍ଣ ହ୍ରସ୍ୱ ଦୀର୍ଘ ହେଉଥିଲା ସତ, କିଂତୁ ପରେ ନିର୍ମିତ ସଂସ୍କୃତ ପରି ସେଥିରେ ଏତେ କଟକଣା ନ ଥିଲା । କଥାରେ ଆଶୟ ପ୍ରକାଶ ଘେନି କିଂବା ଲୋକମୁଖର ଉଚ୍ଚାରଣରେ ବର୍ଣ ଉପରେ ପଡୁଥିବା ଜୋର ଘେନି ଶବ୍ଦମାନଂକରେ ଗୁରୁ ଲଘୁସ୍ୱର ପ୍ରକାଶ ପାଏ । ସଂସ୍କୃତ ଭାଷାର କବିତାରେ ତାହା ଆଦୌ ନାହିଁ । ସଂସ୍କୃତରେ ଗୁରୁ ଲଘୁସ୍ୱରର ଯେଉଁ ଶୈଳୀ ନିର୍ଦ୍ଦେଶ କରି ଦିଆଗଲା, ତାକୁହିଁ ଧରି କବିମାନେ ନିଜର ଆଶୟ ବ୍ୟକ୍ତ କଲେ । ସଂସ୍କୃତର ଗଦ୍ୟ ପଦ୍ୟ ବ୍ୟବହୃତ ଶବ୍ଦମାନଂକରେ ଏହି ରୀତିକୁ ଅନୁକରଣ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । କାରଣ ବୈଦିକ କାବ୍ୟ ଭାଷାର ଅନୁକରଣରେ ପ୍ରଥମେ ସଂସ୍କୃତ ବ୍ୟାକରଣ ଆଲୋଚିତ ହୋଇ ସେଥିରେ ହ୍ରସ୍ୱ ଦୀର୍ଘାଦିର ନିୟମ ଠିକ୍ କରି ଦିଆଯାଇଥିଲା । ଦୀପନ କଥାଟି କହିଲେ ତହିଁରେ 'ଦୀ'ଟିକୁ ଦୀର୍ଘ ଉଚ୍ଚାରଣ କରିବାକୁ ହେବ ଏବଂ ସେହିପରି ଲେଖିବାକୁ ହେବ । ବ୍ୟାକରଣ ମଧ୍ୟ ପୂର୍ବରୁ ସ୍ଥିର କରି କହିଯାଇଛନ୍ତି, ଦୀପ୍ ଧାତୁରେ ଈ ଦୀର୍ଘ ।

ଏସବୁ ସଂସ୍କୃତର ରୀତି ବାହାର କରାହୋଇଥିଲା କାହିଁକି ? ମାନବର ମୁଖ ଯଂତ୍ରକୁ ନିର୍ଦ୍ଦିଷ୍ଟ ରୀତିରେ ସଂଯତ କରି ଭାଷା ତଥା ସେହି ମୁଖରେ ସଭ୍ୟତା ପ୍ରତିଷ୍ଠିତ ରଖିବା ପାଇଁ ବ୍ରହ୍ମାବର୍ତ୍ତ, ମଧ୍ୟଦେଶର ମନୁଷ୍ୟମାନେ ଏହା କରିଥିଲେ । ଏହା ଏକାବେଳକେ କପୋଳକଳ୍ପିତ ବା ଯଥେଚ୍ଛାକୃତ ନ ଥିଲା । ସାଧରଣତଃ ସେକାଳର ଭାରତୀୟ ଆର୍ଯଭାଷୀମାନଂକର ମୁଖଯଂତ୍ରର ସ୍ୱାଭାବିକ ଉଚ୍ଚାରଣ ଶୈଳୀ ପୁଂଖାନୁପୁଂଖ ଅନୁଧାବନ କରାଯାଇ ସେ ସବୁ ଏଇ ଭାଷାରେ ନିୟମବଦ୍ଧ କରାଯାଇଥିଲା । ତେଣୁ ବହୁ ପରିମାଣରେ ତାହା ସେହି ଦେଶର ଲୋକୋଚ୍ଚାରଣରେ ସହଜ ହୋଇଥିଲା । ପୁଣି ସେହି ଦେଶର ଲୋକେ ସେହି ଉଚ୍ଚାରଣ ଜାଗ୍ରତ ରଖିବାରେ ସର୍ବଥା ପ୍ରଯତ୍ନପର ଥିଲେ । କିଂତୁ ପାର୍ଶ୍ୱବର୍ତ୍ତୀ ଭୂମିମାନଂକରେ ତଥା ସେହି ଦେଶର ଅତି ଜାନପଦ ଜନତା ମଧ୍ୟରେ ପ୍ରାକୃତ ଶୈଳୀ ନିଜର ସ୍ୱାଭାବିକ ରୀତିରେ ଯେ ବିକାଶ ପାଉଥଲା ଏହା ବୁଝାଇ କହିବା ଦରକାର ନାହିଁ । ସେଥିପାଇଁ ତୁଳସୀ ଦାସ ମଧ୍ୟେ ମଧ୍ୟେ ଗୁରୁ ଲଘୁ ନିୟମ ଠିକ୍ ରଖିପାରିନାହାଂତି । ଏବେ ମଧ୍ୟ ହିଂଦୀ କବିତାରେ କଦାଚିତ୍ ତାହାର ବ୍ୟତିକ୍ରମ ଦେଖାଯାଏ । ଗୀତରେ ଗୁରୁ ଲଘୁ ବାହାରିବା ସ୍ୱାଭାବିକ । ତାହା ବାହାରେ । କିଂତୁ ପାଣିନି ବା ଅନ୍ୟ କୌଣସି ବ୍ୟାକରଣର ଆଦେଶ ଘେନି ମାନବର ଭାବ ସ୍ୱରରେ ଫିଟିବା ବଡ଼ ସହଜ ନୁହେ । ଏହା ବରଂ କୃତ୍ରିମ ।

Digitized by PPRACHIN, SOA

ମଗଧରେ ପ୍ରାକୃତ ଭାଷୀମାନଂକ ମଧ୍ୟରେ ଏ କୃତ୍ରିମତା ସ୍ଥାନ ପାଇନଥିଲା। ଜାନପଦ ଜନର ଯେଉଁ ସ୍ୱର ଧରି ବା ସଂଗୀତ ସ୍ୱରମାନଂକୁ ଅନୁକରଣ କରି ସଂସ୍କୃତ କବି ସଂସ୍କୃତରେ ମାତ୍ରା ସମକ ଲେଖିଥିଲେ ବା ତୁଳସୀ ଦାସ ପ୍ରଭୃତି ଦୋହାଁ ଲେଖିଥିଲେ ସେହି ପ୍ରାକୃତ ସ୍ୱର ଚର୍ଯାଚର୍ଯବିନିଶ୍ଚୟରେ ଦୋହାଁ ରୂପେ ବାହାରିଅଛି। କିଂତୁ ମଗଧ ପ୍ରଭାବିତ ଭୂମିର ଦୋହାଁରେ ସଂସ୍କୃତର ପରିବଦ୍ଧ ସ୍ୱର ଶୈଳୀ ନାହି। ଚଉପଦୀ ସଂବଂଧରେ ମଧ୍ୟ ଠିକ୍ ସେହି କଥା। ଏ ସବୁର ବିକାଶ ଓ ସେଥିସଂଗେ ତିନି ଦୁଇ ଏକ ବର୍ଣରେ ବିରାମର ଉପଯୋଗିତା ପରେ ପ୍ରସଂଗକ୍ରମେ ବୁଝାଇ କୁହାଯିବ।

[ନବଭାରତ, କକଡ଼ା ୧୩୪୨]

## ଗଦ୍ୟ - କବିତା

### ଗଦ୍ୟ ଓ ପଦ୍ୟ—

'ଗଦ୍ୟ-କବିତା' କଥାଟା କେତେଦୂର ପ୍ରୟୋଗସହ ତାହା ଏଠାରେ ବିଚାର୍ଯ ନୁହେ। ସଂସ୍କୃତ ଅଳଂକାର ହିସାବରେ ଏହା ଅପ୍ରଯୁକ୍ତତା 'ଦୋଷ'ରେ ପଡ଼ି ଯାଇପାରେ। ତେବେ ନୂତନତାର ଚୋଦନା 'ଅପ୍ରଯୁକ୍ତ'କୁ 'ପ୍ରଯୁକ୍ତ' କରିଥାଏ। ସେଥିରେ ଅସଂଗତି କିଛି ନାଇ। ଗଦ୍ୟ ବୋଇଲେ, ମୁହଁର କଥା। ଏହାହିଁ ତାହାର ମୌଳିକ ଅର୍ଥ। ପ୍ରୟୋଗର ପ୍ରତିଷ୍ଠାରେ, ଏହାର ଅର୍ଥ ହେଉଚି, ପଦ୍ୟରୁ ଭିନ୍ନ। ସେଇ ପ୍ରୟୋଗର ପ୍ରତିଷ୍ଠାରେ ପୁଣି ପଦ୍ୟ ସଂଗେ କବିତାର ନିତ୍ୟ ସଂବଂଧ ପଡ଼ି ଆସିଚି। ହେଲେ ହେଁ ପଦ୍ୟର ମୌଳିକ ଅର୍ଥ ହେଉଚି, ଯାହା ପଦରେ ଅର୍ଥାତ୍ ପଦର ପ୍ରୟୋଗଚାତୁରୀରେ ନିବଦ୍ଧ। ଏହି ହିସାବରେ, ମିତ୍ରାକ୍ଷରତା ପ୍ରଭୃତି ବହିରଂଗ ବା ଆଭରଣ ପଦ୍ୟର ସାରସତ୍ତ୍ୱ ନୁହେ।

### କାହିଁକି ଏ ଲେଖା ?—

ଗତ ବର୍ଷ ଏକାଦଶ ସଂଖ୍ୟା ନବ ଭାରତରେ କବି ସଚ୍ଚିଦାନଂଦ ରାଉତରାୟ 'ବନ୍ୟା' ବୋଲି ଗୋଟିଏ 'ଗଦ୍ୟ-କବିତା' ଲେଖିଥିଲେ। ତାଂକର ଆଦରକାରୀ ବଂଧୁ ସୁଲେଖକ ଶ୍ରୀମାନ୍ ଗୋପୀନାଥ ମହାଂତି ସେଇ 'ଗଦ୍ୟ-କବିତା'ର ସମାଲୋଚନା ଏଇ ବର୍ଷର ପ୍ରଥମ ସଂଖ୍ୟାରେ ପ୍ରକାଶ କରିଚଂତି। ସମାଲୋଚନାରେ ବ୍ୟକ୍ତିଗତ କ୍ଷୋଭ ମଧ୍ୟ ବିଶେଷ ରକମ ପ୍ରକାଶ ପାଇଚି। ତେଣୁ ଆଜି ଆମେ ଏହା ଲେଖୁଚୁ।

### ଇଉରୋପରେ ଗଦ୍ୟ କବିତା—

'ଗଦ୍ୟ-କବିତା' ଇଉରୋପରେ ଏବେ ଆରଂଭ ହୋଇଚି। ଇଂଲଣ୍ଡରେ 'ବେକନ୍' (Bacon) ଏହାର ଆଲୋଚନା ମାତ୍ର ଆରଂଭ କରିଥିଲେ। ସେ କୌଣସି କୌଣସି ଉପନ୍ୟାସ (Novel) ବା ଉପନ୍ୟାସାଂଶକୁ 'ଗଦ୍ୟ-କବିତା' କୁହାଯାଇପାରେ ବୋଲି ମତ ମାତ୍ର ଦେଇଥିଲେ। ଯଥାର୍ଥ ଗଦ୍ୟ-କବିତା ସେ ଦେଶରେ ଲେଖାହେବା ଏବର କଥା।

Digitized by PPRACHIN, SOA

## ପଦବିନ୍ୟାସ—

ଏବେ ଶିଳ୍ପୀବର ରବୀଂଦ୍ରନାଥ ଯେଉଁ କଥା ଛଂଦ ଆରଂଭ କରିଚଂତି, ତାହା ଏକପ୍ରକାର ଗଦ୍ୟ କବିତା । ତାହାର ସ୍ୱର ଓ ବର୍ଣଛଂଦ, କ୍ଷୀଣ-ପୁଷ୍କଳ, ଉଚ୍ଚାବଚ, ଋଜୁତିର୍ଯକ୍ ପ୍ରକାଶ ସଂଗେ ଯେପରି ଗତି କରେ ତାହା ବୁଝାଇ କହିବାର ଉଦ୍ୟମରୁ ବହୁଦୂରରେ । ସେ ଅନୁଭବ୍ୟ ବର୍ଣନୀୟ ନୁହେ । ଶୃଂଗାରଗର୍ଭିକ ରସ ଚାତୁରିରେ ସଂସ୍କୃତ କବି କହିଚଂତି—

"ତୟା ବନିତୟା କିଂବା ତୟା କବିତୟା ଚ କିଂ
ପଦ ବିନ୍ୟାସ ମାତ୍ରେଣ ଯୟା ନାପହୃତଂ ମନଃ ।"

ଅର୍ଥାତ୍ ପଦବିନ୍ୟାସ ମାତ୍ରକେ ଯେ ମନକୁ ହରଣ ନ କରେ ସେ ବନିତା ବନିତା ନୁହେ, କି ସେ କବିତା କବିତା ନୁହେ ।

## ଧ୍ୱନି—

ଏଠାରେ ଗଦ୍ୟ ପଦ୍ୟର ଭେଦରେ କବିତାର ରୂପ ଲେଖା ସୂଚିତ ହୋଇନାହି । କ'ଣ ସୂଚିତ ହୋଇଚି, ତା' ବିଶଦ କରି ବୁଝାଇବା ମଧ ସହଜ ନୁହେ । ମଧ ଯୁଗର ଆଳଂକାରିକମାନେ ଏଇକଥା ବୁଝାଇବାକୁ ବହୁ ପ୍ରଯତ୍ନ କରି କୃତକାର୍ଯ ହୋଇନାହାଂତି । ସେମାନେ ଏଇ ସୂଚନା ବା ବ୍ୟଂଜନାକୁ କହଂତି 'ଧ୍ୱନି' । ଏଇ ଧ୍ୱନିହିଁ କବିତାର ପ୍ରାଣ । କିଂତୁ ଏ ଧ୍ୱନିକୁ ବୁଝାଇବାର ଅନ୍ୟ କିଛି ଉପାୟ ନାହି ।

## ରସାତ୍ମକ ବାକ୍ୟହିଁ କବିତା—

ଆଳଂକାରିକ ବିଶ୍ୱନାଥ କବିରାଜ ମହାପାତ୍ର ନିଜର ସାହିତ୍ୟ ଦର୍ପଣରେ କାବ୍ୟ (କବିତା) କ'ଣ, ଏହା ବୁଝାଇବାକୁ ବହୁ ଚେଷ୍ଟା କରି, ଶେଷକୁ କହିଲେ "କାବ୍ୟଂ ରସାତ୍ମକଂ ବାକ୍ୟଂ", ଅର୍ଥାତ୍, ରସାତ୍ମକ ବାକ୍ୟ ହେଉଚି କବିତା । ବାକ୍ୟରେ ଭାବ ପ୍ରକାଶ ପାଏ, ବ୍ୟଂଜନାରେ ରସସ୍ଫୁଟ ହୁଏ । ତେବେ ଏ ରସଟି ବା କ'ଣ ? ଆଳଂକାରିକମାନେ କେତେ ଅନର୍ଥ କରି ତାକୁ ବୁଝାଇବାକୁ ଚେଷ୍ଟା କରିଚଂତି । ମାତ୍ର ଉଦ୍‌ଭଟ କବି ସବୁ ପଢ଼ିସାରି ବୁଝାଇସାରି କହିଚଂତି—

"ଅରସିକେଷୁ ରସସ୍ୟ ନିବେଦନଂ ଶିରସି ମାଲିଖ ମାଲିଖ ମାଲିଖ ।"

ଅର୍ଥାତ୍, ଯେ ରସ ଅନୁଭବ ନ କରିବ, ରସ କ'ଣ, ଏହା ତାକୁ ବୁଝାଇବା ମୋ ଭାଗ୍ୟରେ ନ ଘଟୁ । ହେ, ମହାପ୍ରଭୁ ନ ଘଟୁ, ନ ଘଟୁ ।

## ଏ ଦେଶରେ ପ୍ରାଚୀନ କବିତା ଏକା ପଦ୍ୟ ନୁହେ—

ସେ ଯାହାହେଉ, ଏ ଦେଶର ପ୍ରାଚୀନ ସଂସ୍କୃତିରେ କବିତାରେ ଗଦ୍ୟ ପଦ୍ୟର ଭେଦ ନାହି । 'ପଂଚତଂତ୍ର' ମଧ କାବ୍ୟ । ବାଣଭଟ୍ଟ ଗଦ୍ୟକାବ୍ୟ ବୋଲି 'କାଦଂବରୀ' ଲେଖିଥିଲେ । ପୁଣି ଗଦ୍ୟ ପଦ୍ୟ ମିଶା କାବ୍ୟର ନାମ ହେଉଚି, 'ଚଂପୂ' ।

Digitized by PPRACHIN, SOA

**ସ୍ତୋତ୍ରାଦି–**

ଖାଲି ସରଳ ଗଦ୍ୟରେ କିପରି କାବ୍ୟ (କବିତା) ହୁଏ, ତାହା ସଂସ୍କୃତର ଅନେକ ଧ୍ୟାନ ଓ ସ୍ତୋତ୍ରରେ ସ୍ପଷ୍ଟ ଦେଖାଯାଇପାରେ । ଗାୟତ୍ରୀ ଧ୍ୟାନରେ ଅଛି–

(୪ ଅକ୍ଷର) ଧ୍ୟେୟଃ ସଦା (୭ ମାତ୍ରା)
(୧୦ ଅକ୍ଷର) ସବିତୃର୍ମଂଡଳ ମଧ୍ୟବର୍ତ୍ତୀ (୧୪ ମାତ୍ରା)
(୪ ଅକ୍ଷର) ନାରାୟଣଃ (୭ ମାତ୍ରା)
(୧୦ ଅକ୍ଷର) ସରସିଜାସନ ସଂନିବିଷ୍ଟଃ (୧୩ ମାତ୍ରା)
(୪ ଅକ୍ଷର) କେୟୂରବାନ୍ (୭ ମାତ୍ରା)
(୭ ଅକ୍ଷର) ମକରକୁଂଡଳବାନ୍ (୯ ମାତ୍ରା)
(୩ + ୨ = ୫ ଅକ୍ଷର) କିରୀଟୀହାରୀ
(୫ + ୪ = ୯ ମାତ୍ରା)
(୬ + ୬ = ୧୨ ଅକ୍ଷର) ହିରଣ୍ମୟ ବପୁର୍ଧୃତ ଶଂଖଚକ୍ରଃ
(୮ + ୮ = ୧୬ ମାତ୍ରା)

ଏଠାରେ ପ୍ରଥମ ଚାରିଧାଡ଼ିରେ ବର୍ଣ୍ଣ ସଂଖ୍ୟାର ଯେଉଁ ଏକାଂତର ସମତା ଅଛି, ପୁଣି ମଧ୍ୟେ ମଧ୍ୟେ ଯେଉଁ ମାତ୍ରା ସାମ୍ୟ ବା ଦେଖାଯାଏ, କୌଣସିଟି ଏହାକୁ ଯଥାର୍ଥ ପଦ୍ୟ କରିପାରିବ ନାହିଁ । ତଥାପି ବର୍ଣ୍ଣ ତଥା ମାତ୍ରା ବିନ୍ୟାସର ପରିପକ୍ୱତାରେ ଏହା ଏପରି ନିଖୁଣ ଯେ, ଧ୍ୟାନଟି ପଢ଼ିବାରେ ପ୍ରାଣ ଭାବରେ ମିଶି ଉପାସ୍ୟରେ ଏକାଂତ ହୋଇଯାଏ । ଯେ ଗାୟତ୍ରୀ ସ୍ମରଣ କରଂତି, ସେ ଏଇ ଧ୍ୟାନରେ ମନକୁ ଏକାଗ୍ର କରି ତା'ପରେ ଗାୟତ୍ରୀ ଜପ କରଂତି । ଏତିକିରେ ଏହାର ବିନ୍ୟାସ ପରିପାଟୀର ଯୁକ୍ତତା ବୁଝାଯିବ । ବାକ୍ୟ ବା ପଦ ବିକାଶର ଧ୍ୱନି ଅଥବା ଭାବର ବ୍ୟଂଜନାରେ ପ୍ରାଣରେ ଅଭିପ୍ରେତ ବା ଅନୁଭୂତ ସ୍ପଂଦନ ଉଠାଇବାର କବିତାର ଲକ୍ଷ୍ୟ । ଉପରେ ଯେଉଁ ଗଦ୍ୟ କବିତାଟି ଦିଆଗଲା, ତାହା ହୁଏତ ସଂସ୍କୃତରେ ଯାହାକୁ ପଦ୍ୟ କହଂତି, ସେଥିରେ ଏଇପରି ଲେଖାଯାଇ ପାରଂତା–

ଧ୍ୟେୟଃ ସଦା ଭାସ୍କର ମଣ୍ଡଳସ୍ଥଃ
ନାରାୟଣୋ କଂକଣ ହାରଧାରୀ
ପଦ୍ମାସନୋ କୁଂଡଳ-ଶଂଖ-ଚକ୍ର
କିରୀଟ-ଧାରୀ ଚ ହିରଣ୍ୟ-ବର୍ଣ୍ଣଃ ।

ଏ ପଦ୍ୟ ହେଲା, କିଂତୁ ତାପରି କବିତା ହେଲା ନାହିଁ । ପୁଣି 'ସବିତା'ଠାରେ 'ଭାସ୍କର' ପଦ ଓ 'ହିରଣ୍ମୟ ବପୁ'ଠାରେ 'ହିରଣ୍ୟ ବର୍ଣ୍ଣ'ର ପ୍ରୟୋଗରେ ମଧ୍ୟ ଭାବର ସ୍ପନ୍ଦନ ହ୍ରସ୍ୱ । କାରଣ, ବେଦର ପ୍ରୟୋଗ ସଂଗେ ଭାବର ଯେ ସଂପର୍କ ପରଂପରାରେ ଗଢ଼ି ଆସିଥିଲା, ତା' ଏଠାରେ ନାହିଁ । 'କେୟୂର'ଠାରେ 'କଂକଣ' ମଧ୍ୟ ସ୍ୱରର ଟିକିଏ

Digitized by PPRACHIN, SOA

ବିସଦୃଶତା ଓ ଲଘୁ ବୈଷମ୍ୟରେ 'ଧ୍ୱନି'ର ନ୍ୟୂନତା ପ୍ରକାଶ କରୁଚି । 'ସରସିଜାସନ' ଠାରୁ 'ପଦ୍ମାସନ'ର ପ୍ରୟୋଗ ଚାରୁତର ହେଲେହେଁ, ଏଠାରେ ଗଦ୍ୟ-କବିତାରେ ଦୁଇଟି ଗୁରୁବର୍ଣ୍ଣ ଅସ୍ଥାନରେ ଏକତ୍ର କରି ଉଚ୍ଚାରଣ କର୍କଶ କରିଦିଅଂତା । ଏସବୁ କହି ମଧ ଏସବୁ ବୁଝାଇ କହିହେବ ନାହି, ଏହା ମଧ ବୁଝିବାର ଅଛି ।

ଏତିକି ମାତ୍ର କୁହାଯାଇପାରେ, ଅତି ଅର୍ବାଚୀନ ସ୍ତୋତ୍ରରେ ମଧ କବିମାନେ ଏଇ ଗଦ୍ୟ-କବିତାର ଆଶ୍ରୟ ନେଇଚଂତି, ଯଥା—

ଧ୍ୟାୟେ
ସୁବର୍ଣ୍ଣବର୍ଣ୍ଣାଭାଂ
ତ୍ରିନେତ୍ରାଂ
ଚାରୁ ହାସିନୀଂ
ସର୍ବ ଲକ୍ଷଣ ସଂପୂର୍ଣ୍ଣାଂ
ଅର୍ଦ୍ଧେଂଦୁ କୃତ ଶେଖରାଂ
ଚତୁର୍ଭୁଜାଂ
ଶଂଖ ଚକ୍ର ଧରାଂ
ବାଳାଂ
ସୁରୂପିଣୀଂ
ଉଦ୍ୟତ୍ ତ୍ରିଶୂଳ ନିର୍ଭିନ୍ନ ମହିଷାଂ
ସିଂହ ବାହିନୀଂ
ମୁକ୍ତା ଦାମ ଲସତ୍ କଂଠାଂ
ମୁନିଭିଃ ସ୍ତୁତି ପାଠକୈଃ
ସିଦ୍ଧୈ ର୍ଦେବଗଣୈର୍ଜୁଷ୍ଟାଂ
କୁମାରୀଭିଶ୍ଚ ସେବିତାଂ
ସର୍ବକାମ ପ୍ରଦାଂ
ଦୁର୍ଗାଂ
ବରଦାଂ
ଭକ୍ତ-ବତ୍ସଳାଂ ।

**ବେଦରେ—**

କେବଳ ସ୍ତୋତ୍ର ବା ଧ୍ୟାନରେ ନୁହେ, କିଂବା କେବଳ ଭାଷା-ସଂସ୍କୃତରେ ନୁହେ, ବୈଦିକ ସାହିତ୍ୟରେ ମଧ ଋଷି ବିଶ୍ୱନିୟଂତାଂକ ବର୍ଣ୍ଣନ କରି କହିଚଂତି—

ସ ପର୍ଯଗାତ୍
ଶୁକ୍ର ମକାୟ ମବ୍ରଣଂ

Digitized by PPRACHIN, SOA

ଅସ୍ନାବିରଂ
ଶୁଦ୍ଧମପାପ ବିଦ୍ଧଂ
କବି ର୍ମନୀଷୀ
ପରିଭୂଃ ସ୍ୱୟଂଭୂଃ
ଯଥା ତଥ୍ୟତୋଽର୍ଥାନ୍
ବ୍ୟଦଧାତ୍
ଶାଶ୍ୱତୀଭ୍ୟଃ
ସମାଭ୍ୟଃ ।

ପୁଣି—

ହଂସଃ ଶୁଚିସଦ୍
ବସୁ ରଂତରୀକ୍ଷ ସଦ୍
ହୋତା ବେଦିସଦ୍
ଅତିଥି ର୍ଦୁରୋଣସଦ୍
ନୃସଦ୍
ବରସଦ୍
ଋତସଦ୍
ବ୍ୟୋମସଦ୍
ଅବ୍‌ଜା
ଗୋଜା
ଋତଜା
ଅଦ୍ରିଜା
ଋତଂ
ବୃହତ୍ ।

**ଅମିତ୍ରାକ୍ଷର ଛଂଦ—**

ମନେ ରଖିବାର ଅଛି ସଂସ୍କୃତର ଛଂଦ-ପଦ୍ୟରେ ମିତ୍ରାକ୍ଷର ନାହିଁ । ଯାତି— ପଦ୍ୟରେ ବହୁପରେ ତାହା ପ୍ରବେଶ କଲା । ଆର୍ଯ୍ୟା ପରି ଯାତି ପଦ୍ୟରେ ତାହା ଜମା ନଥିଲା । ଶଂକରାଚାର୍ଯ୍ୟଂକ ମୋହମୁଦ୍‌ଗରରେ ତାହା ପ୍ରଥମେ ଦେଖାଗଲା । ତେଣୁ ଯେବେ କୌଣସି ପ୍ରକାର ମିତ୍ରାକ୍ଷରକୁ ପଦ୍ୟ-କବିତା ବୋଲି ଧରାଯାଏ ତେବେ ବେଦ ଓ ପରବର୍ତ୍ତୀ ସଂସ୍କୃତରେ ତା' ନାହିଁ । ଇଉରୋପର ଦାଂତେ ମିଲ୍‌ଟନଂକ ଅନୁକରଣରେ ବଂଗର ମାଇକେଲ ମଧୁସୂଦନ ଓ ତାଂକଠାରୁ ଆଣି ରାଧାନାଥ ଓଡ଼ିଶାରେ ତାହା ଭର୍ତି କରିଚଂତି । ତାହା ମଧ ଏକ ପ୍ରକାର ଗଦ୍ୟ କବିତା, ହେଲେହେଁ ସେଥିରେ ଏକ ଛଂଦର ନିୟମ ସ୍ପଷ୍ଟ

Digitized by PPRACHIN, SOA

ଅଛି । ସେ ନିୟମ ନଜାଣି, ଧରି ନପାରି ଅନେକେ ଗଦ୍ୟକୁ ଚଉଦ, ଚଉଦ ଅକ୍ଷରରେ ଗଣି ଥୋଇ ଦେଇ ଅମିତ୍ରାକ୍ଷର କବିତା ଲେଖି ଯିବାର ଦେଖାଯାଏ । ଅନେକେ ମଧ୍ୟ କହିବାର ଶୁଣା ଅଛି, ଚତୁର୍ଦ୍ଦଶାକ୍ଷରୀ ଗଦ୍ୟ-କବିତା ଲେଖିବା ମିତ୍ରାକ୍ଷର ବା ପଦ୍ୟ-କବିତା ଲେଖିବାଠାରୁ ସହଜ ।

ମାତ୍ର ଗଦ୍ୟ ହେଉ, ପଦ୍ୟ ହେଉ, ଅମିତ୍ରାକ୍ଷର ହେଉ, ମିତ୍ରାକ୍ଷର ହେଉ, କବିତା ହେଉଚି ରସାତ୍ମକ ବାକ୍ୟ । ଅନୁଭବର ଭାବ ସ୍ପଂଦନରେ ଧ୍ୱନିର ଉଦ୍ରେକ କରାଇବାହିଁ ଏଇ କବିତାର ପ୍ରାଣ । ଏଇ ରସ ବ୍ୟଂଜକ ଧ୍ୱନି ସଂଗେ ସ୍ୱର ଓ ବର୍ଣ୍ଣଗତ ଧ୍ୱନିର ମଧ୍ୟ ସଂବଂଧ ଅଛି, ଏହା ମନେ ରଖିବାକୁ ହେବ ।

### ସଂଗୀତ ଓ କବିତା–

ସ୍ୱର ଶିଳ୍ପକୁ ସଂଗୀତ କହଂତି । କବିତା, ଭାଷାଶିଳ୍ପ । ଭାଷାରେ ସ୍ୱରରେ ଭାବ ପ୍ରକାଶ ପାଏ । ତେଣୁ ଭାଷାଶିଳ୍ପ ବା କବିତାରେ କୌଣସି ସ୍ୱର ସଂପର୍କରେ ଭାବର ବ୍ୟଂଜନା ବ୍ୟକ୍ତ କରାଯାଏ । ସାଧାରଣ କଥାବାର୍ତ୍ତାରେ ମଧ୍ୟ କେବଳ ସ୍ୱର ହେତୁ ଭାବ ବଦଳିଯାଏ । ଗଦ୍ୟ ବା କଥା କହିଯିବାର ଭାଷାରେ କବିତା ଫୁଟାଇ ବସିଲେ, ସ୍ୱରର ଏ ବିଭାବଟି ଭୁଲିଗଲେ ଚଳିବ ନାହିଁ । ଦେଖ, 'ଭଲ କଥାଏ କହିଲା'; ଭେଲା–କଥେ କହିଲା (ଭେଲା-ରେ ଆକାରଟି ଲଂବାଇ ଉଚ୍ଚାରଣ କରିବାକୁ ହେବ) । ଏ ଦୁଇଟି ଏକା କଥା ହେଲେ ମଧ୍ୟ, ଦୁଇଟିର ବ୍ୟଂଜନା ବା ଧ୍ୱନି ଖାଲି ପୃଥକ୍ ନୁହେ, ବରଂ ବିପରୀତ । ସେଇପରି 'ରଂଗ ଦେଖାଉଛି', ପୁଣି 'ରଂଗ ଦେଖାଉଚି'; ଏ ଦୁଇଟିର ମଧ୍ୟ ସୂଚନା ତଥା ଅର୍ଥ ପୃଥକ୍ । ପୂର୍ଣ୍ଣ ନିରାଲଂବ ଗଦ୍ୟ କବିତାରେ ଏଇପରି ପ୍ରକାଶ ପାଉଥିବା ସ୍ୱର ସଂକେତକୁ ଶିଳ୍ପରେ ପ୍ରକାଶ କରିବାକୁ ହେବ । ତା' ନହେଲେ ଗଦ୍ୟରେ କବିତା ଫୁଟିବ ନାହିଁ । ମନେ ରଖିବାର ଅଛି, କବିତା ଗୋଟିଏ ଚାରୁକଳା ବା କୋମଳ ଶିଳ୍ପ । ଗଦ୍ୟ ବା କଥା କହିବାରେ ଏଇ ଶିଳ୍ପ ଯେତେ ଫୁଟିବ ସେ ସେତେ କାବ୍ୟତ୍ୱ ପାଇବ । ଉପନ୍ୟାସ, ବିଶେଷରେ ନାଟକରେ ପରିସ୍ଥିତି ପ୍ରକଟିତ ଥିବାରୁ ଗଦ୍ୟ ବା କଥା ସହଜରେ କବିତା ହୋଇଯାଏ । ଖାଲି ଗଦ୍ୟରେ ତାହା କରିବା କଷ୍ଟକର; ଅବଶ୍ୟ ଅସଂଭବ ବା ଅସାଧ୍ୟ ନୁହେ ।

### ସ୍ୱର ଓ ଭାବର ସଂବଂଧ–

ପୁଣି ଆଉ ଗୋଟିଏ କଥା । ସ୍ୱର ସଂଗେ ବା ପଦ ବିନ୍ୟାସ ସଂଗେ ଭାବର ପ୍ରୟୋଗତଃ ପାରଂପରିକ ସଂବଂଧ ବି ଥାଏ । ସେ ସଂବଂଧରେ କଥି ପ୍ରକାଶ କଲେ ଭାଷାଶିଳ୍ପରେ ତା' କାର୍ଯ୍ୟରେ ସହଜରେ ଲାଗିଯାଏ । ତେଣୁ ଏବେ ମଧ୍ୟ ମିତ୍ରାକ୍ଷର ପ୍ରଭୃତି ଛାଡ଼ି ଓଡ଼ିଆରେ କବିତା ଲେଖିଲେ ବା ଗଦ୍ୟ କବିତା ଲେଖିଲେ ସଂସ୍କୃତର ସାହାଯ୍ୟରେ ପ୍ରୟୋଗ ଶୈଳୀରେ ଭାବ ଉଠାଇବା ସହଜ ହୁଏ କିଂବା ବେଳେବେଳେ ଆମେ ବଂଗଳା ପୁଣି ଇଂରେଜୀରୁ ମଧ୍ୟ ମାଲ ଟାଣି ଆଣି ଓଡ଼ିଆ କରିବାକୁ ବସୁ । ହୁଏତ ତା' ଓଡ଼ିଆ

Digitized by PPRACHIN, SOA

ଲୋକଂକ ଭିତରେ ଭାବ ଉଠାଏ ନାହି, ମାତ୍ର ଆମେ ଲେଖି, ଆମେ ପଢ଼ି ସୁଖୀ ହେଉଁ । କାରଣ ଆମରିଠାରେ ସେ ଭାଷାରେ ସେ ଭାବ ସ୍ଫୁଟ । ତେଣୁ ଓଡ଼ିଆର ସାଧାରଣ ଭାଷାରେ ଭାବର ଅନନ୍ତ ବ୍ୟଂଜନା ପ୍ରୟୋଗରେ ପରିବଦ୍ଧ ନହେବା ଯାଏ, ଭାଷା ଶିଳ୍ପରେ ଘୋର ନୂତନତା କିପରି କଷ୍ଟକର ତା' ମଧ ବୁଝିବାର ଅଛି ।

**ଭାଷାର ସ୍ୱର ପ୍ରକାର—**

ଶେଷକଥା ଭାଷାର ସ୍ୱର ପ୍ରକାର । ଆମେ ଇଂରେଜୀ ବଂଗଳା ପଢ଼ୁଆ ଲୋକେ ଏ କଥାଟି ବରାବର ଭୁଲିଯାଉ । ବଂଗଳା ପୁଣି ଇଂରେଜୀରେ ଶବ୍ଦର ଉଚ୍ଚାରଣରେ ସ୍ୱରର ହ୍ରସ୍ୱ ଦୀର୍ଘତା ସ୍ପଷ୍ଟ । ସେ ହ୍ରସ୍ୱ ଦୀର୍ଘ ପୁଣି ସଂସ୍କୃତର ହ୍ରସ୍ୱ ଦୀର୍ଘସ୍ୱର ପରି ଉଚ୍ଚାରଣର କାଳ ପରିମାଣରେ କେବଳ ମପା ହୁଏ ନାହି । ଏହା ବଂଜନବର୍ଣ୍ଣକୁ ସଂଗେ ଧରି ସ୍ୱରର ଦୃଢ଼ତାରେ ପ୍ରକାଶ ପାଏ । ଏହା ବରଂ ସଂସ୍କୃତର ହସଂତ ପୂର୍ବରେ ଥିବା ସ୍ୱରର ଦୀର୍ଘତା ପରି । ପୁଣି ବଂଗଳା ପ୍ରଭୃତିରେ ଶେଷ ସ୍ୱରରେ ଜୋର ପଡ଼ିବା ଏକ ପ୍ରକାର ନିପାତନ । ମାତ୍ର ଓଡ଼ିଆରେ ତାହାହିଁ ବିଧି । ସେତିକି ନୁହେ, ପୂର୍ଣ୍ଣ ଦ୍ରାବିଡ଼ ପ୍ରାକୃତିକ ଓଡ଼ିଆରେ ଉଚ୍ଚାରଣରେ ସ୍ୱରର ଇତର ବିଶେଷ ନାହି କହିଲେ ଚଳେ । ବଂଗଳାରେ ଦେଶ୍ । ଏଠାରେ 'ଦେ'ର ଏକାରଟି କେବଳ ଦୀର୍ଘ ନୁହେ, ଜୋରରେ ବି ଉଚ୍ଚାରିତ ହୁଏ । କିଂତୁ ଓଡ଼ିଆରେ ଦେଶ । ଏହା ଉଚ୍ଚାରଣରେ ଦୁଇଟି ହ୍ରସ୍ୱ ସ୍ୱର । ଦୁଇଟି ବର୍ଣ୍ଣର ଉଚ୍ଚାରଣ ପରିମାଣ ସମାନ । ତେଣୁ ଓଡ଼ିଆ ତେଲୁଗୁ ତାମିଲ୍ ପ୍ରଭୃତି ଭାଷା କବିତା ଠାରୁ ସଂଗୀତ ପାଇଁ ବିଶେଷ ଉପଯୋଗୀ । ପୁଣି ବଂଗଳା ପ୍ରଭୃତି ସଂଗୀତ ଠାରୁ କବିତା ପାଇଁ ବିଶେଷ ଉପଯୋଗୀ । ଓଡ଼ିଆରେ ସଂଗୀତ ସାହାଯ୍ୟରେ କବିତା ଫୁଟାଇବା ବେଶି ସହଜ ଓ ସୁଗମ । ପରଂପରାରେ ତାହାହିଁ ହୋଇ ଅଛି । ଓଡ଼ିଆ 'ଛାଂଦ' ତାହାର ପ୍ରମାଣ । ବଂଗଳା ପ୍ରଭୃତିରେ ଏହା ହୋଇ ନାହି । 'ତ୍ରିପଦୀ' ଓ 'ପୟାର'ରେ ବଂଗଳାର 'ଛାଂଦ' ଶେଷ । ଇଂରେଜୀରେ ମଧ ସେଇପରି । ଏବେ ଛଟପଟ ହୋଇ ଓଡ଼ିଆରେ ହଳଂତଶେଷ ପଦମାନ ବସାଇ ଦେବାର ଉଦ୍ୟମ ହେଉଚି । ମାତ୍ର କାଳର ଗତିରେ ତାକୁ ସ୍ୱାଭାବିକ ଧାରାରେ ଛାଡ଼ି ଦେବା ଉଚିତ । ପୁଣି ନିଜେ ଲେଖିଲାବେଳେ ଲେଖାକୁ ଭାଷାର ପ୍ରକୃତିରେ ନଚଳାଇବା ଭାଷା ଜ୍ଞାନରେ ଅଭାବ ପ୍ରକାଶ କରେ । ଅନ୍ୟ ଭାଷାରୁ ଗ୍ରହଣ କରିବାରେ ମନା ନାହି । ମାତ୍ର ଗ୍ରହଣ କରି ଜୀର୍ଣ୍ଣ କରିବା ଉଚିତ । ନିଜ ଭାଷାର ଏଇ ପ୍ରକୃତି ବୁଝି ଶଂକରାଚାର୍ଯ ଦିନେ ସଂସ୍କୃତରେ ମୋହମୁଦ୍‌ଗର ଲେଖିଥିଲେ— ଛଂଦରେ ନୁହେ, ଯାତିରେ । ଜୟଦେବ ମଧ ତାହାଇ କରିଥିଲେ । ସେମାନେ ଯଥାର୍ଥ ଦ୍ରାବିଡ଼ ବର୍ଣ୍ଣ ଓ ସ୍ୱର ନିୟମରେ ସଂସ୍କୃତ କବିତା ଲେଖିଚଂତି । ମୋହମୁଦ୍‌ଗର ବା ଗୀତଗୋବିଂଦରେ ସଂସ୍କୃତ ଛଂଦ ନିୟମର ଦୀର୍ଘ ହ୍ରସ୍ୱ ସ୍ୱରର ବଂଧାଗତ ନାହି । 'ଧୀର ସମୀରେ' ଏଇ ପାଂଚଟି ବର୍ଣ୍ଣର ପରିମାଣ ଯେତିକି, 'ପୀନ ପୟୋଧର' ଏଇ ଛଅଟି ଅକ୍ଷରର ମଧ

Digitized by PPRACHIN, SOA

ସେତିକି । ଏସବୁ ବଂଗଳା, ହିଂଦୀ ପ୍ରଭୃତିର ପ୍ରକୃତି ନୁହେ; ଓଡ଼ିଆ ତେଲେଗୁର ଅନୁକୂଳ । ଓଡ଼ିଆ ଛଂଦ ଓ କବିତାରେ ଏଇ ପ୍ରକୃତି ସ୍ପଷ୍ଟ ।

ଏଥିରେ ଗଦ୍ୟ କବିତାରେ ଭାବର ବ୍ୟଂଜନା ଫୁଟାଇବା– ଅର୍ଥାତ୍, ସଂଗୀତର ସଂପର୍କ ବିନା ଓଡ଼ିଆରେ କବିତା ଲେଖିବା କାଠିକର ପାଠ । ବଂଗଳାଦିରେ ଭାଷାର ଉଚ୍ଚାରଣରେ ସ୍ୱରର ଉଚ୍ଚାବଚତା ଲାଗି ରହିଚି । ଓଡ଼ିଆରେ ତା' କଥାର ଭଂଗୀରେ ଏକା ବକ୍ତା ତୁଂଡରେ ରହିଚି । ଏସବୁ ବିଚାର କରି ଓଡ଼ିଆ କବିତା ବୁଝିବାର ଅଛି– ସେ ଗଦ୍ୟ ହେଉ, ବା ପଦ୍ୟ ହେଉ ।

[ନବଭାରତ, କର୍କଟ, ୧୩୪୪]

# ଓଡ଼ିଆ ବର୍ଣ୍ଣ ଓ ଲିପି

ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଚାର ତଥା ପାରିଭାଷିକ ଶବ୍ଦ ତିଆରି କରି ପ୍ରଚାର କରିବାପାଇଁ ସରକାର ଗୋଟିଏ କମିଟି ଗଢ଼ିଛଂତି । ପଂଡ଼ିତ ନୀଳକଂଠ ଦାସ ସେହି କମିଟିର ସଭାପତି । ପଂଡ଼ିତ ଗୋପାଳଚଂଦ୍ର ପ୍ରହରାଜ, ପଂଡ଼ିତ ଗୋଦାବରୀଶ ମିଶ୍ର, ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା, ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାଂତି, ଶ୍ରୀଯୁକ୍ତ ଗିରିଜାଶଂକର ରାୟ, ଶ୍ରୀଯୁକ୍ତ ଗୁରୁଚରଣ ମହାଂତି, ଶ୍ରୀଯୁକ୍ତ ମହେଶଚଂଦ୍ର ପ୍ରଧାନ, ଶ୍ରୀଯୁକ୍ତ ହରିହର ମିଶ୍ର, ମୌଲବି ରହେମତ ଅଲି, ଶ୍ରୀଯୁକ୍ତ ରାମଚଂଦ୍ର ମହାପାତ୍ର ପ୍ରଭୃତି ସାହିତ୍ୟିକମାନେ ଏଥିରେ ମେଂବର ଅଛଂତି । ସବ୍-କମିଟିମାନ କରି ଅନ୍ୟାନ୍ୟ ବହୁ ସାହିତ୍ୟିକମାନଂକ ସାହାଯ୍ୟ ମଧ ନିଆଯାଉଛି । ସେମାନେ ଏବେ କେତୋଟି କଥା ନିର୍ଦ୍ଦିଷ୍ଟ ମତ ବୋଲି ପ୍ରାରଂଭିକ ଭାବରେ ପ୍ରକାଶ କରିଛଂତି । ମୋଟାମୋଟି ତାହା ଏହି :–

(୧) ଓଡ଼ିଆରେ ଅର୍ଥାତ୍ ତଦ୍ଭବ ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ ଇକାର ଓ ଗୋଟିଏ ଉକାର ରହିବ । ତାହାର ଉଚ୍ଚାରଣ ହ୍ରସ୍ୱ । ବର୍ତ୍ତମାନ ପାଇଁ ତାହାର ମାତ୍ରା ହ୍ରସ୍ୱ ଇକାର ଓ ହ୍ରସ୍ୱ ଉକାର ହେବ ।

(୨) ହାତୀ, କୁଂଭୀ, ସପ୍ତଫେଣୀ ପ୍ରଭୃତି ଓଡ଼ିଆ ଇନ୍‌ଭାଗାଂତ ଶବ୍ଦ ତଥା ହସ୍ତୀ, ଗୁଣୀ, ଧନୀ ପ୍ରଭୃତି ଇନ୍‌ଭାଗାଂତ ଶବ୍ଦ ମଧ ଦୀର୍ଘ ଈ ମାତ୍ରାରେ ପ୍ରକାଶ କରାଯିବ । ହାତୀକୁ, ଗୁଣୀକୁ, ହାତୀମାନେ, ଗୁଣୀମାନେ, କୁଂଭୀପାଣି, ସପ୍ତଫେଣୀବଣ, ଧନୀମାନୀ ପ୍ରଭୃତି ସକଳ ବିଭକ୍ତ୍ୟଂତ ଓ ସମସ୍ତପଦରେ ସେହି ଦୀର୍ଘ ଈ ମାତ୍ରା ରହିବ । କିଂତୁ ଏଠାରେ କଥାହେଲା, ଏହାର ଉଚ୍ଚାରଣ ହ୍ରସ୍ୱ ହେଲେ ମଧ ସଂସ୍କୃତ ନିୟମରେ ଏହାର ପ୍ରଥମା ଏକବଚନ ଏବେ ଦୀର୍ଘ ଈରେ ପ୍ରକାଶ କରାଯାଉଚି । ପରେ ଓଡ଼ିଆର ସମସ୍ତ ହ୍ରସ୍ୱ ଇ ଏହି ଦୀର୍ଘ ଈ ମାତ୍ରାରେ ପ୍ରକାଶ କଲେ ଲେଖା ଓ ଛପାରେ ସୁବିଧା ହେବ । ମାତ୍ର ଏହା ଲିପି-ସଂସ୍କାରର ଅପେକ୍ଷା ରଖେ ।

Digitized by PPRACHIN, SOA

(୩) ବ୍ୟଂଜନ ପୂର୍ବରୁ ବର୍ଗର ୫ମ ବର୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ; କିଂତୁ ଏଠାରେ ପ, ଫ, ଠ ପ୍ରଭୃତିରେ ଅନୁସ୍ୱାର ଦେବା ଏବେ ଅସୁବିଧାଜନକ । ପଙ୍କ, ଫନ୍ଦା, ଠେଙ୍ଗା ପ୍ରଭୃତିରେ ପ ଫ ଓ ଠ ପରେ ଅନୁସ୍ୱାର ଦେବା ସୁବିଧାଜନକ ନୁହେ । ତେଣୁ ଏହିସବୁ ଅକ୍ଷରର ସୁବିଧାଜନକ ଆକାର ଲିପିସଂସ୍କାରର ଅଂଗୀଭୂତ ।

(୪) ତଦ୍ଭବ ଦେଶୀ ଓ ବିଦେଶୀ ଶବ୍ଦରେ ସବୁ ପ୍ରକାର କେବଳ 'ସ'ରେ ପ୍ରକାଶିତ ହେବ । ସେହିପରି ଯାହା, ଯେତେ, ଯଥା, ଯମୁନା ପ୍ରଭୃତିର ଯ 'ଜ'ରେ ପ୍ରକାଶିତ ହେବ । କ୍ଷ ଲେଖାଯିବ ଖ୍ୟ । ସେହିପରି ଜ୍ଞ, ଗଁ୍ୟ ।

(୫) ସମସ୍ତ ତତ୍ସମ ବା ସଂସ୍କୃତରୁ ଆସୁଥିବା ଶବ୍ଦ ବର୍ତମାନ ପାଇଁ ସକାର ଓ ହ୍ରସ୍ୱଦୀର୍ଘ ସ୍ୱର ସଂପର୍କରେ ଠିକ୍ ସଂସ୍କୃତରେ ଯେପରି ଅଛି ସେହିପରି ଲେଖିବାକୁ ହେବ । ଇତ୍ୟାଦି ।

ଅବଶ୍ୟ ଓଡ଼ିଆରେ ଲିପିର ସଂସ୍କାର ନିତାଂତ ଦରକାର । ଶିଶୁର ଶିକ୍ଷାର ସୁବିଧା ପାଇଁ ଦରକାର, ତଥା ଲେଖକ ଓ ମୁଦ୍ରାକରର ମଧ ଦରକାର । ଓଡ଼ିଆ ଅକ୍ଷରବିକାଶର ଇତିହାସ ଦେଖିଲେ ସ୍ପଷ୍ଟ ଜଣାଯାଏ ଦଶମ ଶତାବ୍ଦୀର କୁଟିଳାକ୍ଷର, ତାଳପତ୍ର ଲେଖା ଯୋଗେ ଆଜିର ଓଡ଼ିଆ ଅକ୍ଷରରେ ପରିଣତ ହୋଇଛି । ଓପରର ସିଧା ଗାର ସବୁ ତାଳପତ୍ରଟି ଫାଟିଯିବା ଭୟରେ ଲୋକେ ଗୋଲ କରି ଲେଖୁ ଲେଖୁ କାଳକ୍ରମେ ବର୍ତମାନର ଓଡ଼ିଆ ଅକ୍ଷର ହୋଇଯାଇଛି । ଠିକ୍ କେତେଦିନ ହେଲା ଏହା ହୋଇଛି ତାହା ନିର୍ଦ୍ଦେଶ କରାହୋଇନାହି । ମାତ୍ର ଏହା ନିଶ୍ଚିତ ଜଣାପଡ଼ିଛି, ଖ୍ରୀଷ୍ଟ ପଂଚଦଶ ଶତାବ୍ଦୀ ବେଳକୁ ବର୍ତମାନ ପରି ଓଡ଼ିଆ ଅକ୍ଷର ଗୋଲ ହୋଇସାରିଥିଲା । ତେଣୁ ଆଜିର ଓଡ଼ିଆ ଅକ୍ଷର ପଛରେ ଅଂତତଃ ପାଂଚଶହ ବର୍ଷର ପରଂପରା ଅଛି । ଏହି ପରଂପରା ସଂଗେ ନାନା ଅଭିଜାତ ସଂପର୍କ ଓ ପ୍ରତିଷ୍ଠିତ ଭାବ ଜଡ଼ିତ ରହିଛି । ତେଣୁ ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆଭାଷୀ ମୁଲକର ସାକ୍ଷର ସାଧାରଣ ବୁଝି ମତ ଦେବା ଉଚିତ । ଅଂତତଃ ବିଶେଷଜ୍ଞମାନଂକ ନବଲିପିଗଠନ କ୍ରିୟାରେ ଲୋକେ ସର୍ବତୋଭାବରେ ପ୍ରଭାବିତ ହେବା ଉଚିତ । କାରଣ, ହଠାତ୍ ଲିପିର ଘୋର ସଂସ୍କାର ଆରଂଭ କରିଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ଘୋର ବିପ୍ଳବ ସୃଷ୍ଟି କରିବ । ସ୍କୁଲ କଲେଜରେ ଚିପି ଭର୍ତିକଲେ ମଧ ତାହା ସହଜରେ ପଶିବ ନାହି– ହୁଏତ ଦୁର୍ଲଙ୍ଘ୍ୟ ପ୍ରତିବାଦ ହେବ । ସେଥିପାଇଁ ଏଡ଼େ ବଡ଼ ମୌଳିକ ସଂସ୍କାର କିପରି କାର୍ଯ୍ୟରେ ପରିଣତ ହେବ ତାହାର ପଂଥା ଠିକ କରିବା ଉଚିତ । ବିଶେଷଜ୍ଞମାନେ ଚିଠା ଦେଇ ପାରଂତି, କିଂତୁ ସମସ୍ୟାର ସମାଧାନ ତାଂକ ହାତେ ନାହି, ରହିବା ଉଚିତ ନୁହେ ।

ପ୍ରାକୃତ ଭାଷାରେ ବହୁ ପ୍ରାଚୀନ କାଳରେ ମଧ କେବଳ ହ୍ରସ୍ୱ ସ୍ୱର ଓ ଗୋଟିଏ ମାତ୍ର 'ସ'କାର ତଥା ଜ ଓ ଯ ପାଇଁ ଗୋଟିଏ ମାତ୍ର 'ଜ' କାର ସ୍ୱୀକୃତ ହୋଇଥିଲା । ଓଡ଼ିଆ ପ୍ରାକୃତ ଭାଷା । ତେଣୁ ଓଡ଼ିଆରେ ସେହିପରି ଚଳିବାର ଯୁକ୍ତି ଯଥେଷ୍ଟ । ପ୍ରାକୃତ

Digitized by PPRACHIN, SOA

ଭାଷାରେ ମଧ୍ୟ ଦିନେ ସମସ୍ତ ବୌଦ୍ଧବିନୟ ଓ 'ଅଭିଧର୍ମ' ପ୍ରଚାରିତ ହୋଇଥିଲା । ସେଥିରେ ଆବଶ୍ୟକମତେ ପରିଭାଷାର ମଧ୍ୟ ଅଭାବ ନଥିଲା । ଏପରିକି ସଂସ୍କୃତ ଶବ୍ଦ ସବୁ ସଂସ୍କୃତରୁ ଅଣାହୋଇ ପ୍ରାକୃତ ଉଚ୍ଚାରଣରେ ତଦ୍‌ଭବ ପରି ଦେଖାଯାଉଥିଲା । 'ପ୍ରବର୍ତ୍ତତୁ' ନ ଲେଖି ରାଜଶେଖର ଲେଖିଛଂତି 'ପଅଟ୍ଟଉ' । ସରସ୍ୱତୀ ନ ଲେଖି ଲେଖିଛଂତି 'ସଅସ୍ୱଈ' ଇତ୍ୟାଦି । କିଂତୁ କେବଳ ଛଂଦ ନିୟମରେ ସ୍ୱରର ହ୍ରସ୍ୱଦୀର୍ଘ ଥିଲା– ତା' ନ ରହିବାକୁ ଚାରା ନାହି । ଏବେ ମଧ୍ୟ ଓଡ଼ିଆ ଛଂଦରେ ତାହା ଅଛି । କିଂତୁ ଓଡ଼ିଆ ଛାଂଦର ପ୍ରକୃତି ସଂସ୍କୃତର ଛଂଦ ନିୟମରୁ ପୃଥକ୍ ଥିବା ହେତୁ ସଂସ୍କୃତର ଦୀର୍ଘ ହ୍ରସ୍ୱ ବିଚାର ଓଡ଼ିଆ ଛଂଦରେ ନାହି । ଗାୟକର ସ୍ୱରରେ ଦୀର୍ଘ ହ୍ରସ୍ୱ ରହିଛି । ପ୍ରାକୃତର ଛଂଦ କିଂତୁ ସଂସ୍କୃତ ନିୟମରେ ଥିବାରୁ ସଂସ୍କୃତର ଦୀର୍ଘ ଓ ଗୁରୁ ବର୍ଣସବୁ ପ୍ରାକୃତ ଛଂଦରେ ଅବିକଳ ବ୍ୟବହାର କରାଯାଉଥିଲା । କିଂତୁ ସେତେବେଳେ ଲେଖାରେ ତାହା ହ୍ରସ୍ୱ ଦୀର୍ଘରେ ପ୍ରକାଶ କରାଯାଉଥିଲା କି ନା କହି ହେଉ ନାହି । ପ୍ରାକୃତ ବ୍ୟାକରଣକାର ସେ ସଂପର୍କୀୟ ଲିପି ସଂବଂଧରେ କିଛି କହିନାହାଂତି । ହେଲେହେଁ ଓଡ଼ିଆ ଛଂଦରେ ଲିପିର ଦୀର୍ଘ ହ୍ରସ୍ୱ ବିଚାର ଦରକାର ହୋଇନାହି । ଲେଖା ଓ ଛପାରେ ଏବେ ୫୦।୬୦ ବର୍ଷ ହେଲା ଯେ ଦୀର୍ଘ, ହ୍ରସ୍ୱ ଓ ସକାରାଦିର ବିଚାର ରହିଛି ତାହା କେବଳ ଅନୁକରଣ, ଆହରଣ ନୁହେ । ଓଡ଼ିଆ ଭାଷାର ତଦ୍ୱାରା କୌଣସି ଲାଭ ହୋଇନାହି ।

କୂଅ, ନୂଆ ପ୍ରଭୃତି ଆମେ ଦୀର୍ଘ ଊ କାରରେ ଲେଖିବା ଆରଂଭ କରିଥିଲୁ । ସେଇପରି ଲେଖୁ ନଈ, ଗାଈ, ଗ୍ରୀଷମ, ପୀରିତି (ପୀରତି) ପ୍ରଭୃତି । କିଂତୁ ସଂଗେ ସଂଗେ ଲେଖୁଥିଲୁ– ଖିରିପିଠା ଚିରାଲୁଗା । ପୁଣି ସ୍ତ୍ରୀ ପ୍ରତ୍ୟୟର ଈ ର ଅନୁକରଣରେ ଆମେ ଲେଖୁ ବୁଢ଼ୀ, ମାଲୁଣୀ ତଥା ମେଢ଼ୀ, ମଢ଼ୀ, ତୁଂଡୀ, ଆଳୀ, କଳିହୁଡ଼ୀ ପ୍ରଭୃତି– କିଂତୁ ସଂଗେ ସଂଗେ ଲେଖୁ ଢିଂକି, ବଗୁଲି, ଖଡ଼ି, ବଢ଼ି, ମରୁଡ଼ି ପ୍ରଭୃତି । ସ ସଂବଂଧରେ ମଧ୍ୟ ସେହିପରି ବିଶୃଂଖଳା । ଏବେ ଲେଖୁଛୁ ଶେଜ, ଶଗଡ଼ ମାତ୍ର ସଉରୀ, ସାମ, ପରସିବା, ବସିବା, ଚୁଡ଼ାଘସା ଇତ୍ୟାଦି ।

ଗୀତ, ଶୀତ, ଶୀତଳ ପ୍ରଭୃତିର ଉଚ୍ଚାରଣ ଠାରୁ ଲେଖା ବରାବର ଭିନ୍ନ । କ୍ଷ ଓ ଜ୍ଞର ଉଚ୍ଚାରଣ ଆଦୌ ନାହି, କିଂତୁ ଏ ସବୁରେ ବନାନ ସମାଧାନ କରିବା ନିତାଂତ ଦରକାର । ତତ୍ସମ ବା ସଂସ୍କୃତ ଶବ୍ଦକୁ ମୁଖର ଉଚ୍ଚାରଣ ପରି ଲେଖିବାକୁ ହେବ । ଏ ସମସ୍ୟା ମଧ୍ୟ ଏଥିରେ ଜଡ଼ିତ ଅଛି । ଶକଟରୁ ହେଲା ସଗଡ଼ । ଏଠାରେ ବ୍ୟଂଜନ ବର୍ଣର ଉଚ୍ଚାରଣ ଯେପରି ବଦଳିଗଲା ଗିତନାଟ ବା ଅଂଧକୁପ କହିଲାବେଳେ ସେହିପରି ଗୀତ ବା କୂପର ସ୍ୱର ଉଚ୍ଚାରଣ ବଦଳିଗଲା । ତେବେ ଶକଟକୁ ସଗଡ଼ ଲେଖି, ଗୀତକୁ ଗିତ ନ ଲେଖିବା କାରଣ କ'ଣ ? କେହି କହଂତି, ଏପରି ହେଲେ ସଂସ୍କୃତରୁ ସଂବଂଧ ଛିଡ଼ିଯିବ, ନୂତନ ଶବ୍ଦ ତିୟାରି କରିବାରେ ଅସୁବିଧା ହେବ । ତେଣୁ ଏ ସବୁର ସମାଧାନ ନିମଂତେ ବିଶେଷଜ୍ଞମାନେ କେବଳ ନିଜ ମତ ଉପରେ ନିର୍ଭର କରିବା କେତେଦୂର

Digitized by PPRACHIN, SOA

ସଂଗତ ହେବ ତାହା ଭାବିବାର ଅଛି । ସମସ୍ତ ସଂସ୍କାର ପରଂପରା ସଂଗେ ପରିସ୍ଥିତି ବିଚାର କରି ଭବିଷ୍ୟତ ମଂଗଳ ନିମଂତେ କରିବାକୁ ହେବ । ଏ ବିଚାରରେ ଦେଶର ଲୋକେ ସତର୍କ ଭାବରେ ବିଚାର କରିବା ଉଚିତ । ସେହି ରୀତିରେ କାର୍ଯ ହେଉ ବୋଲି ଆମର ମତ ।

[ନବଭାରତ, ୪ର୍ଥ ବର୍ଷ ମିଥୁନ ୧୩୪୬]

## ଲିପିରେ ଅନୁସ୍ୱାର

ବିହାର-ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର ବା କର୍ତ୍ତା ଏବେ ବିଜ୍ଞାପନରେ ଜଣାଇ ଦେଇଛଂତି, ବର୍ଗର ପଂଚମ ବର୍ଣରେ ଯୁକ୍ତ ବର୍ଣମାନ ବିକଳ୍ପରେ ପୂର୍ବରେ ଅନୁସ୍ୱାର ଦେଇ ଲେଖାଯାଇପାରେ । ସେଥିରେ କେହି ଆଉ ଭୁଲ ହେଲା ବୋଲି କହି ପାରିବେ ନାହିଁ । ବର୍ଣଜ୍ଞ, ଶବ୍ଦଭେଦୀ ଓ ଉଚ୍ଚାରଣର ଉଚ୍ଚାବଚ ବିଶ୍ଳେଷକମାନଂକର ମତାମତ ଯାହାହେଉ, ଏହା ଅଂତତଃ ଛାପା ଓ ଶିକ୍ଷା ପାଇଁ ସୁବିଧାଜନକ । ଏଥିରେ ବର୍ଣଭ୍ରାଂତି ନାହିଁ । ସଂସ୍କୃତ ଲିପିର ପରଂପରାରେ ଏହା ପ୍ରତିଷ୍ଠିତ । ଭାରତ ଲିପିରେ ସାର୍ବଜନୀନତା ଆଡ଼କୁ ଏହାର ଆଭିମୁଖ୍ୟ ସ୍ପଷ୍ଟ । ଏ ବିଜ୍ଞାପନ ନିମଂତେ ଶିକ୍ଷାବିଭାଗର କର୍ତାଂକୁ ସାଧୁବାଦ କରୁଅଛୁ । ଯେଉଁ ମନସ୍ୱୀ ସାହିତ୍ୟିକମାନେ ଡିରେକ୍ଟରଂକର ଏହି ମତ ପ୍ରଭାବିତ କରିଅଛଂତି, ସେମାନଂକର ଉଦ୍ୟମ ମଧ୍ୟ ସାଧୁ ଓ ଶ୍ଳାଘ୍ୟ ।

ଲିପି ସଭ୍ୟତାର ପ୍ରଗତି ସଂଗେ ଗତି କରିବାର ହେଲେ କ୍ରମେ ସରଳ, ପ୍ରାଂଜଳ ଓ ଅଳ୍ପ ହେବା ଆଡ଼କୁ ଯିବାର କଥା । ମହାତ୍ମା ଗାଂଧି ଓ ଅଧ୍ୟାପକ ସୁନୀତିକୁମାର ଚଟ୍ଟୋପାଧ୍ୟାୟ ପ୍ରମୁଖ ମନୀଷୀମାନେ ଏବେ ଗୋଟିଏ ସଭା କରି ହିଂଦୀ ଲିପି ସରଳ କରିବାରେ ଲାଗିଛଂତି । ହିଂଦୀ ଜାତୀୟ ଲିପି ବୋଲି କଳ୍ପିତ ହେଲେହେଁ ଓଡ଼ିଆ ମଧ୍ୟ ନିଜର ପ୍ରଦେଶାବଚ୍ଛେଦରେ ପ୍ରତିଷ୍ଠିତ । ଓଡ଼ିଆ ଲିପିରେ ମଧ୍ୟ ଏହାଛଡ଼ା ଆହୁରି ବହୁ ଦିଗରେ ଯଥା ସଂଶୋଧନର ଅବକାଶ ଅଛି । ଆଶା କରୁ, ଶିକ୍ଷାବିଭାଗ ଅବିଳଂବେ ସେ ସବୁ ପ୍ରତି ପ୍ରଣିଧାନ ଦେବେ ।

[ନବଭାରତ, ୨ୟ ବର୍ଷ, ମିଥୁନ ୧୩୪୨]

## ବିକାଶ ଓ ବିପ୍ଳବ

ସମସ୍ତେ ବିକାଶ ଲୋଡ଼ଂତି । ଅବଶ୍ୟ ଜଗତରେ ଦେଖିବସିଲେ ବୃଦ୍ଧିଠାରୁ କ୍ଷୟ ବେଶୀ । ଗୀତାର ଏକାଦଶ ଅଧ୍ୟାୟରେ ଲୋକକ୍ଷୟକାରୀ ପ୍ରବୃଦ୍ଧ କାଳରୂପୀ ଭଗବାନ୍ ତାହା ସ୍ପଷ୍ଟରୂପେ ଦେଖାଇ ଦେଇଛଂତି । ବାସ୍ତବରେ ସୂର୍ଯ-ରଶ୍ମି ଅନଂତ ଆକାଶରେ କ୍ଷୟ ପାଏ– କିଂଚିତ୍‌ମାତ୍ର ସୌରଜଗତରେ କାର୍ଯରେ ଲାଗେ । ବୃକ୍ଷ ଓ ଶସ୍ୟର ଅନଂତ

Digitized by PPRACHIN, SOA

ବୀଜ କେବଳ କ୍ଷୟ ପାଇଁ ଜନ୍ମେ । ସେଥିରୁ କେତେଟା ବା ଗଛ ହୁଏ । ଏହିପରି ଗଣନା କରି ଦେଖିବସିଲେ ମାନବ ଗଣନା କ୍ଷୟର ବିଶାଳତାରେ ସ୍ତବ୍ଧ ଓ ତ୍ରସ୍ତ ହୁଏ । କିଂତୁ ଏ ସବୁ ମଧ୍ୟରେ ବିକାଶ ଜଂତୁର ଲୋଡ଼ା । ସେଥିପାଇଁ ସୃଷ୍ଟିରେ ସେ ବିକାଶ ଖୋଜେ । ଜୀବନର ଆଶା ଏହି ବିକାଶ ଖୋଜିବାର ବୀଜ । କିଂତୁ ଏହି ବିକାଶ ଖୋଜିବାରେ ମାନବର କଳ୍ପନା ଦୁଇ ପ୍ରକାରେ ଗତି କରେ । ଗୋଟିଏ କ୍ରାମିକ ବୃଦ୍ଧି– ଗଛର ପୁରୁଣା ପତ୍ର ଉପରେ ନୂଆ ପତ୍ରଟିଏ ତା'ପରେ ପୁଣି ଆଉ ଗୋଟିଏ– ଏ ହେଲା ଗଛର କ୍ରାମିକ ବୃଦ୍ଧି । ଏହାକୁ ହିଁ ସାଧାରଣତଃ ବିକାଶ ବୋଲି କହଂତି । ସମାଜର ପରିସ୍ଥିତିରେ ଯାହା ଅଛି ତାକୁଇ ଦାଗରାଜ କରି ତିଆର କରିବାହିଁ ସମାଜର ବିକାଶ ବୋଲି ଅନେକେ ବୁଝଂତି । ଜମିଦାରମାନେ ଖଜଣା ଉପରେ ଖର୍ଚ୍ଚା ନେଉଛଂତି । ସେହି ଖର୍ଚ୍ଚାଟି ବଂଦ କରି ଦେବା ଗୋଟିଏ ପ୍ରକାର ବିକାଶ । ଦେଶର ସଭ୍ୟତା ତଥା ପ୍ରଜାର ଆର୍ଥିକ ଅବସ୍ଥାର ଏହିପରି ବିକାଶ ଅନେକେ ଲୋଡ଼ିଥାଂତି । ଏଥିରେ କୌଣସି ବିଶେଷ ବିପଦର ଆଶଂକା ନାହି । ଏହି ବିକାଶର କ୍ରମ ବଡ଼ ଧୀର ଓ ଭାବିଚିଂତି ହାତେ ମାପି ଚାଖଂଡେ ଚାଲିବା ଲୋକର ଏହି ବିକାଶ କରାଇବାହିଁ ଉଦ୍ଦେଶ୍ୟ । ସାଧାରଣ ଲୋକ ଏହି କ୍ରମର ପକ୍ଷପାତୀ– ଏହାକୁ ହିଁ ସେମାନେ ବିକାଶ ବୋଲି କହଂତି ।

କିଂତୁ ବିକାଶର ଏହି କ୍ରମ ସର୍ବଦା ସ୍ୱାଭାବିକ ନୁହେ । ଗଛ ଗୋଟିଏ ଗୋଟିଏ ପତ୍ର କାଢୁଥାଏ, ବିକାଶର କଳ୍ପିତ କ୍ରମ ଠିକ୍ ଚାଲିଥାଏ । ହଠାତ୍ ଗୋଟିଏ ନୂଆ କଢ଼ ବାହାରେ, କ୍ରମେ ଫୁଲଟିଏ ଫୁଟେ । ବିଶେଷଜ୍ଞ ଛଡ଼ା କେହି ଜାଣିପାରଂତି ନାହି ଯେ ଫୁଲଟି ଯଥାର୍ଥରେ ଗୋଟିଏ ପ୍ରକାର ପତ୍ର । ବୃକ୍ଷର ବିକାଶରେ ଏଥିରେ ଆକସ୍ମିକତା ନାହି, ଶଂକା ନାହି, ବିପଦ ନାହି । କଦଳୀ, ଧାନ, ବାଉଁଶ ପରି ଶସ୍ୟ ସବୁ ଫୁଲ ହେଲେ ମରିଯାଂତି ସତ, କିଂତୁ ଏହା ମରିବା ନୁହେ, ଏହା ଶସ୍ୟ ଜୀବନର ସମାପ୍ତି; ଏଥିରେ ଶସ୍ୟ ଜୀବନର ଉଦ୍ଦେଶ୍ୟ ସିଦ୍ଧ ହୁଏ । ଶସ୍ୟ ତାହାର ଲକ୍ଷ ସାଧନ କରି ଜୀବନ ପୂର୍ଣ୍ଣ କରେ । ସମାଜରେ ବେଳେ ବେଳେ ଏପରି ବିକାଶ ଦେଖି ହିସାବ କିତାପରେ ଚଳିବା ଲୋକେ ହଠାତ୍ ସ୍ତବ୍ଧ ଓ ବିବ୍ରତ ହୋଇପଡ଼ଂତି । ସେମାନେ କହଂତି ଏ ଗୋଟିଏ ବିପ୍ଳବ । ଉଦାହରଣ ସ୍ୱରୂପ ଆଜି ଯଦି କିଏ କହେ, କାରଖାନାର କୁଲିମାନଂକର ଲଭ୍ୟାଂଶରେ ଭାଗ ଅଛି; ମାଲିକମାନେ ଯାହା ଲାଭ କରିବେ ସେଥିରୁ ମଜୁରିଆର ଅଂଶ ହିସାବ କରି ମଜୁରି ବଢ଼ାଇବେ, ତାହାହେଲେ ଗତାନୁଗତିକ ହିସାବୀମାନଂକ ପକ୍ଷରେ ଏ ହେଲା ଘୋର ବିପ୍ଳବ । ଯଦି ଲୋକେ ମାଲିକମାନଂକୁ କହଂତି, "ଆପଣମାନେ ବହୁତ ଲାଭ କରୁଛଂତି– ଅନୁଗ୍ରହ କରି କିଛି ମଜୁରି ବଢ଼ାଇ ଦିଅଂତୁ" । ତେବେ ଗତାନୁଗତିକ କ୍ରମରେ ଏ ହେଲା ବିକାଶ ।

ବିକାଶ ଓ ବିପ୍ଳବର ଏ ଭେଦ ବୁଝିରଖିବା ଉଚିତ । ହଠାତ୍ ଗୋଟିଏ ଅନାଶଂକିତ ପରିବର୍ତ୍ତନ ଦେଖିବା ମାତ୍ରେ ବିପ୍ଳବ ବୋଲି ଥରି ଉଠିବା ଠିକ୍ ନୁହେ । ଉପରେ ଯେଉଁ

Digitized by PPRACHIN, SOA

ଦୃଷ୍ଟାଂତ ଦିଆଗଲା ସେଥିରେ ଦେଖାଯାଉ । ମାଲିକ ମଜୁରିଆକୁ କାହିଁକି ମଜୁରି ଦିଏ ? ଲାଭ ପାଏ ବୋଲି ବା ଲାଭର ଆଶା କରିଥାଏ ବୋଲି । ବାସ୍ତବରେ ମଜୁରି ଲାଭର ଗୋଟିଏ ଅଂଶ । ସମାଜର ବିକାଶରେ ମାଲିକ ଓ ମଜୁରିଆ ଦୁହେଁ ଏ କଥା ବୁଝିଯିବା ସ୍ୱାଭାବିକ । ମଜୁରିଆ ଏ କଥା ବୁଝିଗଲେ ସେ ନିଜର ଅଂଶ ଦାବି କରିବାରେ ବିଚିତ୍ରତା ବା ଆକସ୍ମିକତା କିଛି ନାହି । ବସଂତ ବହିଲେ ପତ୍ରଟା ବଦଳି ଯାଇ ଫୁଲ ରୂପରେ ବାହାରିପଡ଼ିବ । ଏଥିରେ ପ୍ରାକୃତିକ ବିକାଶର ନିୟମ-ଭଂଗ କିଛି ନାହି । ବିପ୍ଳବ ବା ଏଥିରେ ରହିଲା କେଉଁଠାରେ ? ତେବେ ମନୁଷ୍ୟ ଏତେ ବିଚାର କରେ ନାହି । ଗତାନୁଗତିକ କ୍ରମେ ଯାହାର ସ୍ୱାର୍ଥ ଥାଏ ସେ ସ୍ୱାର୍ଥହାନିର ଆଶଂକାରେ ବିବ୍ରତ ହୋଇ ଏହିପରି ବିକାଶରେ ବିପ୍ଳବ ଦେଖେ । ସେଥିରେ ସମାଜରେ ଘୋର ଗଂଡଗୋଳ ଉପସ୍ଥିତ ହୁଏ; ବିକାଶର କ୍ରମ ବଡ଼ ଧକା ପାଏ । ସେଥିପାଇଁ ମନେ ରଖିବା ଉଚିତ, ବିକାଶରେ ବିପ୍ଳବ ନାହି । ବିକାଶକୁ ବିପ୍ଳବ ବୋଲି ବିଚାରି ବାଧା ଦେଲେ ଗଂଡଗୋଳର ସୃଷ୍ଟି ହୁଏ ।

ତେବେ ଯେଉଁ ବୃକ୍ଷର ଉଦାହରଣ ଦିଆଯାଇଛି, ସେହି ଦୃଷ୍ଟିରେ ଆଉ ଗୋଟିଏ କଥା କହିବାର ଅଛି । ଗଛ ପତ୍ରର ବିକାଶରେ ସବୁବେଳେ ଫୁଲ ଫୁଟାଏ ନାହି । କଦଳୀ ଗଛର ମଂଜକିଳା ଓ ବାଇଗଣ ଗଛର ଷଂଢିଆ ମାରିବା କଥା ଅନେକେ ଜାଣିଥିବେ । ଗଛର ବିକାଶରେ ତାହା ଏକ ଯଥାର୍ଥ ବିପ୍ଳବ । ଗଛର ଜୀବନରସ କମିଗଲେ ବା ଅନ୍ୟ ପ୍ରକାରରେ ବିକୃତ ହେଲେ ଗଛର ବିକାଶରେ ଏହିପରି ବିପ୍ଳବ ହୁଏ । ଲୋକ ବିଶେଷଜ୍ଞ ନ ହେଲେ ଏହି ବିପ୍ଳବକୁ ମଧ ବିକାଶ ମନେକରିପାରେ । ଏବେ କୌଣସି କୌଣସି ଦେଶରେ ସାମ୍ୟବାଦୀ ନାମରେ ମାନବ ସମାଜର ଗୋଟିଏ ବିକାଶ ଦେଖାଯାଇଛି । ସେ ସବୁ ଭୂମି ଓ ବେଷ୍ଟନୀରେ ସେ ବିକାଶର ଅନୁସଂଧାନ କଲେ ତାହା ଯଥାର୍ଥରେ ବିକାଶ କି ବିପ୍ଳବ ସେ କଥା ବୁଝିବାର ସୁବିଧା ହେବ । ସେ ସବୁ ସ୍ଥାନର ସାମାଜିକ ଜୀବନରସ ହୁଏତ ସେ ସବୁ ବିକାଶର ଅନୁକୂଳ; ହୁଏତ ସେ ସବୁ ବିକାଶ ସେ ସବୁ ସମାଜର ଚରମ ଆଦର୍ଶ ଓ ଜୀବନର ପୂର୍ଣତା ତଥା ପରିସମାପ୍ତି । ମାତ୍ର ଭାରତ ପରି ଯେଉଁ ଦେଶରେ ସମାଜର ଜୀବନରସ ଆହରଣ କରିବାର ଶକ୍ତି ନାହି– ଯେଉଁଠାରେ ଜୀବନରସର ଧାରା ସ୍ୱାଭାବିକ ଗତିରେ ବହୁନାହି, ସେଠାରେ ଏ ବିକାଶ ହୁଏତ ବିପ୍ଳବ ହୋଇପାରେ । ବାଇଗଣ ଓ କଦଳୀ ଗଛ ଯେତେ ରସ ଆହରଣ କରିବାକୁ ସମର୍ଥ ତାହାଠାରୁ ବେଶୀ ରସ ଦେଇ ତାକୁ ଶୀଘ୍ର ବଢ଼ାଇବାର ଉଦ୍ୟମରେ ସେଥିରେ ପାଣି ଦେଲେ ଷଂଢିଆ ଓ ମଂଜକିଳା ଦେଖାଯାଏ; ତାହା ବୃକ୍ଷ ଜୀବନରେ ଯଥାର୍ଥ ବିପ୍ଳବ ଆଣେ– ଏକଥା ମଧ୍ୟ ମନେ ରଖିବାକୁ ହେବ । ବାଇଗଣ ଗଛରେ ବା କଦଳୀ ଗଛରେ ପାଣି ଦେଇ ସେହି ସେହି ଗଛର ଜୀବନ ଶୀଘ୍ର ବିକାଶ କରାଇବାର ଉଦ୍ୟମ ମଂଦ ନୁହେ । କିଂତୁ ସେହି ବୃକ୍ଷରେ ରସର ପ୍ରବାହ କେଉଁଆଡ଼େ ଗତି କରୁଛି ତାହା ଲକ୍ଷ କରି ଦେଖିବାକୁ ହେବ । ସେଥିପାଇଁ ଭାରତର ସାମାଜିକ ଜୀବନଧାରା କିପରି ପ୍ରାକୃତିକ

Digitized by PPRACHIN, SOA

ପ୍ରବାହରେ ବହିବ ତାହାର ଉଦ୍ୟମ ହେବା ପୂର୍ବରୁ କେଉଁ ବିକାଶ ବିପ୍ଲବ, କେଉଁ ବିକାଶ ବିପ୍ଲବ ନୁହେ ବୁଝିବାକୁ ହେବ । ଏ ବିଷୟର ଚିଂତା ବଡ଼ ଜଟିଳ । ଏଥିରେ ଭ୍ରାଂତି ଓ ପ୍ରମାଦ ହେଲେ ବଡ଼ ବିଷମ ଫଳ ଫଳିପାରେ ।

ଯେକୌଣସି ବିକାଶରେ ବିପ୍ଲବ ରୋକିବାକୁ ହେଲେ ପ୍ରଥମେ ଜୀବନରସର ଧାରା ପ୍ରତି ଲକ୍ଷ ରଖିବାକୁ ହେବ । ସେହି ଜୀବନରସ କିପରି ସ୍ୱାଭାବିକ ଧାରା ଧରିବ ତାହା ଦେଖିବା ଉଚିତ । ସେଥିପାଇଁ ଯେକୌଣସି ବିପ୍ଲବ ବିକାଶର ବିରୋଧୀ ନହୋଇ ପାରେ । କିଂତୁ ତାହା ନକରି ଅନ୍ୟ କ୍ଷେତ୍ରର ଅନୁକରଣରେ ଆପଣା ଗଛରେ ବେଶୀ କରି ପାଣି ମଡ଼ାଇଲେ ସେ ବିକାଶ ବିପ୍ଲବରେ ପ୍ରତିହତ ହେବାର ଘୋର ଆଶଂକା ଅଛି ।

[ନବଭାରତ, ମିଥୁନ, ୧୩୪୧]

# ବିଶ୍ୱସଂସ୍କୃତିକୁ ଓଡ଼ିଶାର ଦାନ*

ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ— ଏ କଥାଟି କହିଲାବେଳେ ଆଗ ମନେହୁଏ, ଓଡ଼ିଶା ବୋଇଲେ କ'ଣ ? ଅବଶ୍ୟ ଓଡ଼ିଶା ବୋଇଲେ ଗୋଟିଏ ଭୂମି ଓ ସେଇ ଭୂମିରେ ବଢ଼ିଥିବା ସମାଜ । ଏଇ ସମାଜ ବିଶ୍ୱସଂସ୍କୃତି ବା ମାନବ ସଭ୍ୟତାକୁ ଯାହା ଦେଇଚି, ତାହାହିଁ ଆମର ଆଲୋଚନାର ବିଷୟ । ତେବେ ଏ ଭୂମି କେଉଁ ଭୂମି ? ଆଜି ଓଡ଼ିଶା ବୋଇଲେ ଆମେ ଯାହା ବୁଝୁ, ସେତିକି ଭୂମିକୁ ଧଇଲେ ଏ ବିଷୟର ବିଚାର ହେବ ନାଇ, ହେଲେ ପୂର୍ଣ୍ଣ ହେବ ନାଇ । ଉପାଂତ ଓଡ଼ିଆ ଭୂମି ମିଶାଇ ଯାହାକୁ ଆମେ ଏବେ ପୂରା ଓଡ଼ିଆ ପ୍ରଦେଶ ବା ଓଡ଼ିଶା ବୋଲି କହୁଚୁ, ତା ମଧ୍ୟ ଏ କ୍ଷେତ୍ରରେ ପୂରା ଓଡ଼ିଶା ନୁହେ । ତା' ଛଡ଼ା ପୂରା ଓଡ଼ିଶା କିଏ, ପୁରାତତ୍ତ୍ୱର ସୂତ୍ରଧରି ସେ କଥା ନିରୂପଣ କରିବାରେ ଅସୁବିଧା ବି ବହୁତ ଅଛି । ପ୍ରଥମ ଅସୁବିଧା, ପୁରାତତ୍ତ୍ୱ ଏ ବିଷୟରେ ପୂରା ସାହାଯ୍ୟ କଲାଭଳି ଅବସ୍ଥାକୁ ଏବେ ଆସି ନାଇ । ପୁଣି ଯାହାବା ଜଣାଯାଇଚି, ତାହା ପ୍ରକାଶ କରି ବସିଲେ କେବଳ ସାହିତ୍ୟିକ, ଐତିହାସିକ ନୁହେ, ରାଜନୀତିକ ଦ୍ୱଂଦ୍ୱ ଭିତରେ ପଡ଼ିଯିବାର ଶଂକା ରହିଚି ।

ଓଡ଼ିଶା କଥାଟା ନୂଆ । ପୁରାକାଳରେ ଓଡ଼ିଶା ବୋଲି କୌଣସି ଭୂମିର ନାଁ ନ ଥିଲା । ଗଂଗାଠାରୁ ଦକ୍ଷିଣକୁ, କାହାରି କାହାରି ମତରେ ଗୋଦାବରୀ ଯାଏ, ନ ହେଲେ

---

* (୮।୮।୧୯୪୬ରେ ରେଭେନ୍ସା କଲେଜର ଉତ୍କଳ ସାହିତ୍ୟ ସମାଜଙ୍କ ନିମନ୍ତ୍ରଣରେ ଡକାହୋଇଥିବା ସଭାରେ ରେଭେନ୍ସା କଲେଜରେ ପଂଡ଼ିତ ଶ୍ରୀ ନୀଳକଣ୍ଠ ଦାସ ଦେଇଥିବା ବକ୍ତୃତାର ସାରାଂଶ)

Digitized by PPRACHIN, SOA

ଅନ୍ତତଃ ବଂଶଧାରା ଯାଏ, ମୁଖଲିଂଗ ସମେତ, ଉପକୂଳ ଭୂମିର ନାମ ଥିଲା କଳିଂଗ । ତାହାହିଁ ମୁଖ୍ୟତଃ ସେ କାଳର ଓଡ଼ିଶା । ଏହାଛଡ଼ା ଭୂମି ଭିତରକୁ ମେଦିନିପୁରରୁ ଗୟା ଯାଏ ଥିଲା ସେ କାଳର 'ଉକ୍‌କଳ' ବା ସଂସ୍କୃତରେ 'ଉତ୍କଳ' । ଉତ୍କଳ ନାମଟି ମଧ୍ୟ ଏବେ ଓଡ଼ିଶାର ନାମ ।

ପଶ୍ଚିମ ବଂଗ ବା ଏବର ବର୍ଦ୍ଧମାନ ବିଭାଗକୁ ରାଢ଼ ବୋଲି କହଂତି । ଏଇ ରାଢ଼ ସଂଗେ ଉତ୍କଳର ସଂବଂଧ ପ୍ରାଚୀନ । ପ୍ରଫେସର ଜେରିନି ଖ୍ରୀଷ୍ଟ ପ୍ରଥମ ଶତକରେ ଲେଖା ହୋଇଥିବା ଟଲେମିଂକ ଭୂଗୋଳ ଉପରେ ଗୋଟିଏ ଟୀକା ଲେଖିଚଂତି । ସେଥିରେ ସେ କହଂତି, ଖ୍ରୀଷ୍ଟପୂର୍ବ ସପ୍ତମ ଶତକରେ ବ୍ରହ୍ମଦେଶ ଉପକୂଳରେ କଳିଂଗଲୋକେ କଳିଂଗରାଟ ବୋଲି ଗୋଟିଏ ରାଜ୍ୟ କରିଥିଲେ । ତା' ପାଖକୁ ଲାଗି ଭୂମି ଭିତରକୁ ଉକ୍‌କଳ ବା ଉତ୍କଳରାଟ ବୋଲି ରାଜ୍ୟଟିଏ ମଧ୍ୟ କରାହୋଇଥିଲା । ନିଜ ମାତୃଭୂମିର ନାମ ଅନୁସାରେ ବିଦେଶରେ ଉପନିବେଶ କରିବା ଲୋକେ ନିଜେ ପ୍ରତିଷ୍ଠା କରିବା ରାଜ୍ୟର ନାମ ଏଇପରି ଦେଇଥାଂତି । ଏହାର ଉଦାହରଣ ଦେବା ଦରକାର ନାଇ । ଆମେରିକାର କେଂବ୍ରିଜ୍ ନିଉଇଂଲାଂଡ ପ୍ରଭୃତିଠାରୁ ପ୍ରଶାଂତ ମହାସାଗରର ନିଉହେଭ୍ରିଡେଜ୍, ନିଉକାଲିଡୋନିଆ ପ୍ରଭୃତି ବହୁ ନାମରେ ଏହା ଦେଖାଯାଇପାରେ । କିଂତୁ 'ରାଟ' କଥାଟି ଏଠାରେ କ'ଣ ? 'ରାଟ' ବୋଇଲେ ସଂସ୍କୃତରେ 'ରାଷ୍ଟ୍ର' ବା ନୂଆ ହୋଇ ଶୃଂଖଳିତ ଶାସନକୁ ଆସିଥିବା ଦେଶ । ଭାରତରେ ଏହି ନାମଟି ଅନେକଠାରେ ଲାଟ ବା ଲାଟଦେଶ ହୋଇଯାଇଥିବାର ସୂଚନା ମିଳେ । ଏଇପରି ଗୁଜରାଟ ପାଖେ ସେ କାଳେ ଗୋଟିଏ 'ଲାଟ ' ଥିଲା । ବିଜୟ ସିଂହ ଉପାଖ୍ୟାନକୁ ଅର୍ଥ କରିବାରେ ଏହି 'ରାଢ଼' ଓ 'ଲାଟ' ଭିତରେ ସଂଶୟ ପଶି, ସିଂହଳକୁ ପୂର୍ବ ରାଢ଼ ଓ ପଶ୍ଚିମ ଲାଟରୁ, ବା ଦୁଇଠାରୁ ଭାରତୀୟମାନେ ଯାଇଥିଲେ ବୋଲି ଭିନ୍ନ ଭିନ୍ନ ମତ ପ୍ରକାଶ ପାଏ ।

ବହୁ ପ୍ରାଚୀନ କାଳରେ ଅନୁମାନ ହୁଏ, ଆଦିମ ଉକ୍‌କଳମାନେ ଯେତେବେଳେ ଶୃଂଖଳିତ ଶାସନକୁ ଆସିଲେ, ସେତେବେଳେ ଦେଶର ନାମ ହୋଇଥିଲା 'ଉକ୍‌କଳ-ରାଟ' । କାଳକ୍ରମେ ଏହା ଉତ୍କଳ ଓ ରାଢ଼ବୋଲି ଯୋଡ଼ିଏ ରାଜ୍ୟ ହୋଇଗଲା– ପଶ୍ଚିମ ଭାଗଟି ଉତ୍‌କଳ ଓ ପୂର୍ବଭାଗଟି ରାଢ଼ । ସିଂହଳର ଭାରତରୁ ଉପନିବେଶ ସଂବଂଧରେ ଯେଉଁ ବିଜୟସିଂହ ପୁରାଣର ପରଂପରା ଅଛି, ସେଥିରେ ଏଇ ବିଜୟ ସିଂହଙ୍କ ପିତୃ ମାତୃ କୁଳ ଘେନି ବଂଗ ଉତ୍କଳ ରାଢ଼ (ଲାଟ) ଓ ସିଂହପୁର ପ୍ରଭୃତି ଯାହା ସବୁ ମିଳେ, ସେଥିରୁ ଅନୁମାନ ହୁଏ ସେତେବେଳକୁ ଏ ସବୁ ଦେଶ ସେତେ ଭିନ୍ନଭିନ୍ନ ହୋଇନଥିଲା ।

ପୁଣି ଉତ୍‌କଳର ପଶ୍ଚିମକୁ ଥିଲା, କୋଶଳ । ଏହା ଏବେ ମଧ୍ୟପ୍ରଦେଶର ରାୟପୁର, ଜବଲପୁର ଘେନି ଦିନେ ଓଡ଼ିଶାର ଯାଜପୁରଯାଏ ବ୍ୟାପିଥିଲା । ଏଇ ତିନୋଟି ମିଶି ଦିନେ ହୋଇଥିଲା ତ୍ରିକଳିଂଗ । ଦଶମ, ଏକାଦଶ ଶତକର ଓଡ଼ିଶାର ସୋମବଂଶୀ ସମ୍ରାଟମାନେ ହୋଇଥିଲେ, ତ୍ରିକଳିଂଗାଧିପତି । ଏମାନେ ଏବ ମଧ୍ୟପ୍ରଦେଶର ତ୍ରିପୁରୀଠାରୁ

Digitized by PPRACHIN, SOA

ସୋନପୁର ବାଟେ ଯାଜପୁର ପର୍ଯ୍ୟଂତ ରାଜଧାନୀ ବଦଳାଇ ବଦଳାଇ ସାମ୍ରାଜ୍ୟମାନ କରିଥିଲେ । ଏହାଛଡ଼ା ଏଇ ଭୂମିରେ ସୋନପୁର ପ୍ରଭୃତି ଅଂଚଳକୁ ଘେନି ସେ କାଳର ଓଡ଼ (ଉଡ୍ର) ଭୂମି ଥିଲା । ପରେ ସେଇ ଓଡ଼ମାନେ ପୁରୀ ଅଂଚଳକୁ ଆସି କଳିଂଗରେ ଯେଉଁ ଖଂଡକରେ ରାଜ୍ୟ କରିଥିଲେ, ତାହାର ନାମ ହୋଇଥିଲା 'କଳିଂଗୋଡ଼' ବା 'କଂଗୋଦ' । ତୋଷଳର ଖ୍ରୀଷ୍ଟ ଅଷ୍ଟମଶତକର ଦଂଡିମହାଦେବୀଂକ ତାମ୍ରଲେଖରେ ଏଇ ଭୂମିର ନାମ 'କଇଂଗୋଡ଼' (କଳିଂଗୋଡ୍ର) ବୋଲି ସ୍ପଷ୍ଟ ଲେଖାଅଛି । ଏଇ ଉଡ୍ର ବା ଓଡ଼ କଥାଟିରୁ ନାମଟି ଏବେ ହୋଇଚି, ଓଡ଼ିଶା । ମନେହୁଏ, ଉଡ୍ର ବିଷୟ ବା ଓଡ଼ବିଷ କଥାଟି ଓଡ଼ିଶାରେ ପରିଣତ ହୋଇଚି । ମାତ୍ର ପୁଣି ମନେହୁଏ, ଓଡ଼+ଈଶ, (ଜଗନ୍ନାଥ) କଥାଟିରୁ ଓଡ଼ିଶା ହୋଇଥିବା ଅସଂଭବ ନୁହେ । ଏବେ ମଧ୍ୟ ଖୋର୍ଧା ଓ ଗଂଜାମର ଲୋକେ ମାତ୍ରକ ଜଗନ୍ନାଥଂକ ସ୍ଥାନକୁ ଓଡ଼ିଶା ବୋଲି କହଂତି । କେବଳ ପୁରୀ, ଗଂଜାମରେ ଓଡ଼ ବା ଓଡ଼ିଆ ବୋଲି ଜାତି ରହିଚଂତି । ତଥାପି ସେମାନଂକର ଓଡ଼ିଶା ହେଉଚି ଜଗନ୍ନାଥ କ୍ଷେତ୍ର ବା ପୁରୀ (ପୁରୁଷୋତ୍ତମ ପୁରୀ) । ପୁରୀର ଏଇ ଜଗନ୍ନାଥଂକୁ ପୁଣି ସମସ୍ତେ ଶବର ଦେବତା ବୋଲି ଜାଣଂତି । ପୁରାଣ ଓ ପରଂପରା ତାହାହିଁ କହେ । ଗଂଜାମ ଓ ଜୟପୁର ଏବେ ବି ଶବରମାନଂକ ଭୂମି ।

ଏହା ବାଦ ମେଦିନିପୁରର ତାମ୍ରଲିପ୍ତି ବା ତମଲୁକ୍ । ଏହା ଥିଲା ପ୍ରାଚୀନ ସୁହ୍ମଦେଶର ପ୍ରଧାନ ସହର ବା ରାଜଧାନୀ । ପ୍ରାଚୀନ ଓଡ଼ିଶାର ବଂଦର ଥିଲା ପୁଣି ଏ ତାମ୍ରଲିପ୍ତି । ଏବେ ମଧ ତମଲୁକ୍‌ର ରାଜବଂଶ ଓଡ଼ିଆ କୈବର୍ତ୍ତ ସେନାଂକ ବଂଶଧର ଖଂଡାଏତ । ଏଇ ଓଡ଼ିଆ କୈବର୍ତ୍ତ ସେନାଂକ ବଂଶଧରମାନେ ଏବେ ସେ ଅଂଚଳରେ ନିଜକୁ ମାହିଷ୍ୟ ବୋଲି କହଂତି । ମାତ୍ର ଯଥାର୍ଥରେ ଏଇ କୈବର୍ତ୍ତ ସେନା ହେଉଚଂତି ଓଡ଼ିଶାର ନୌସେନା ବା ନାବିକସେନା । ଜଳରେ ଥାଇ ଯୁଝଂତି ବୋଲି ଏମାନଂକ ନାମ କୈବର୍ତ୍ତ (କେ, ଜଳେ, ବର୍ତତେ ତିଷ୍ଟତି ଇତି, କୈବର୍ତ୍ତ— ନିପାତନ) । ସେ କାଳର ଓଡ଼ିଶା ସେନା ଦୁଇଭାଗ ଥିଲେ— ୧ ଖଣ୍ଡାୟତ ସେନା (Army); ୨ କୈବର୍ତ୍ତସେନା, (Navy) । ଏ ଦୁହେଁ ଏକ ଜାତିର ଲୋକ । ଚୀନ ପରିବ୍ରାଜକ ଫାହିୟାନ ଖ୍ରୀଷ୍ଟ ୪ର୍ଥ ଶତକ ଶେଷରେ ଏଇ କଳିଂଗ-ତାମ୍ରଲିପ୍ତିରୁ ଜାହାଜରେ ବସି ସିଂହଳକୁ ଓ ସେଇ ସିଂହଳରୁ କଳିଂଗମାନଂକ ଜାହାଜରେ ଚଢ଼ି ଜାଭାକୁ ଯାଇଥିଲେ । ଏହାର ପ୍ରାୟ ୯୦ ବର୍ଷ ପୂର୍ବରୁ କଳିଂଗରୁ ରାଜପୁତ୍ର ଦଂତକୁମାର ନିଜ ପତ୍ନୀ କଳିଂଗ ରାଜକନ୍ୟା ଦଂତକୁମାରୀଂକୁ ସଂଗରେ ଧରି ତାଂକ ଜୁଡ଼ା ଭିତରେ ବୁଦ୍ଧଦାଂତକୁ ଲୁଚାଇ, କୂଳେ କୂଳେ ତାମ୍ରଲିପ୍ତିକୁ ଆସି, ସେଇ ତାମ୍ରଲିପ୍ତିରୁ ଜାହାଜରେ ଚଢ଼ି ଦାଂତ ଘେନି ସିଂହଳକୁ ଯାଇଥିଲେ ।

ଏଇପରି ନାନା ସୂଚନାରୁ ବୁଝାଯାଏ, ପ୍ରାଚୀନ ଓଡ଼ିଶା କହିଲେ, ବିଶେଷତଃ ସଂସ୍କୃତି ହିସାବରେ, ଏହା ସମସ୍ତ ପୂର୍ବ ଭାରତର ପଶ୍ଚିମ ଖଂଡ ଘେନି ମଧ୍ୟପ୍ରଦେଶ ଓ ଗୋଦାବରୀ ପର୍ଯ୍ୟଂତ ବିସ୍ତୃତ ଥିଲା । ସେତିକି ନୁହେ, ଗାଂଗ ବଂଶର ଆଂଧ୍ର କର୍ଣ୍ଣାଟୀ ସମ୍ରାଟମାନେ

Digitized by PPRACHIN, SOA

ଗଂଗାଠାରୁ ଗୋଦାବରୀର ଦକ୍ଷିଣ ଆଡ଼କୁ ବହୁଦୂର ଯାଏ ଓଡ଼ିଶା ସାମ୍ରାଜ୍ୟକୁ ବଢ଼ାଇ 'ତ୍ରିକଳିଂଗାଧିପତି' ହୋଇ ରାଜତ୍ୱ କରୁଥିଲେ । ଓଡ଼ିଆ ଗଉଡ଼, ସମ୍ରାଟ କପିଳେଂନ୍ଦ୍ର ଦେବ, ଏଇ ଗଂଗମାନଂକର ଉତ୍ତରାଧିକାରୀ ରୂପେ ପୁଣି ସୂର୍ଯବଂଶ ସ୍ଥାପନ କରି ଏବେ ମହୀଶୂରରେ ଥିବା ଉଦୟଗିରି ଡେଇଁ କାବେରୀ ପର୍ଯଂତ ସାମ୍ରାଜ୍ୟ ବିସ୍ତାର କରିଥିବା, ମାତ୍ର ସେଦିନର କଥା । ଏହା ଏବେ ୫୦୦ ବର୍ଷ ହୋଇନାଇ । ଏହି ହିସାବରେ ଦ୍ରାବିଡ଼ ଭୂମିର ସଂସ୍କୃତି କି ପରିମାଣରେ ଓଡ଼ିଆ ସଂସ୍କୃତି, ତା'ମଧ୍ୟ କହିବା ମୁସ୍କିଲ । ଆଜି ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ କଥା କହିଲାବେଳେ ଓଡ଼ିଶାର ଦାନ ବଂଗ ସଭ୍ୟତା, କି କୋଶଳ ସଭ୍ୟତା, କି ଓଡ଼ ସଭ୍ୟତା, କି ଶବର ସଭ୍ୟତା କି ଦ୍ରାବିଡ଼ ସଭ୍ୟତା, କି ଏ ସମସ୍ତର ସମନ୍ୱୟ ଓ ସଂଶ୍ଳେଷଣ, କିଂବା କାହିଁରୁ କେତେ, ତା ବା କିଏ କହିବ ? ଆଜି ରାଜନୀତିକ ସୀମାଦ୍ୱଂଦ୍ୱ ଭିତରେ ଏହାର ଆଲୋଚନା ପୁଣି ଅତି ସଂକୁଚିତ ଓ ବହୁ ଭାବରେ ସୀମାବଦ୍ଧ । ବଂଗଳା, ବିହାର, ମଧ୍ୟପ୍ରଦେଶ ଓ ମାଂଦ୍ରାଜ ଏଇ ଚାରି ପ୍ରଦେଶର ଭିଡ଼ ଭିତରେ ଓଡ଼ିଶା ଆଜି ବହୁ କଷ୍ଟରେ ଶ୍ମଶାନରୁ ବାହୁଡାଲୋକ ଉଠିଲାପରି ଉଠି ନିଜର ପ୍ରାଣ ପ୍ରତିଷ୍ଠା କରି ମାତ୍ର ନିଶ୍ୱାସ ମାରୁଚି । ଏତେବେଳେ ଏ ସଂବଂଧରେ ଆଉ ବେଶି କହିବା ଦରକାର ନାଇ । ମାତ୍ର ଏତକ ଅଂତତଃ ସୂଚନାରେ ମନେ ନରଖିଲେ ଆଜିର ଆଲୋଚନା ଠିକ୍ ବାଟ ଧରିବ ନାଇ ।

ସଂସ୍କୃତିର ବିକାଶ, ପ୍ରସାର ତଥା ଆଦାନପ୍ରଦାନ ମୋଟାମୋଟି ଦୁଇଟି କଥାରେ ଦେଖିବାକୁ ହୁଏ– ଗୋଟିଏ ଭୌତିକ, ଆରଟି ଆତ୍ମିକ । ଭୌତିକ ବିକାଶଟି ଦେଖାପଡ଼େ । ଆଚାର, ବ୍ୟବହାର, ବ୍ୟବସାୟ, କଳା, କବିତା, ଲେଖା, ଖୋଦନ ସବୁ ଏଇ ବହିର୍ବିକାଶର ଅଂଗ । ଏଇ ହିସାବରେ ଓଡ଼ିଶାର ଦାନ ବା ଆଦାନପ୍ରଦାନରେ ସଂପର୍କ, ପ୍ରଥମେ ଇତିହାସରେ ସ୍ପଷ୍ଟ ଦେଖିବାକୁ ମିଳେ, ଫରାସୀ ପଂଡ଼ିତ ସିଲଭାନ୍‌ଲେଭିଂକ ଗୋଟିଏ ଆବିଷ୍କ୍ରିୟାରେ । ଚୀନ ସାହିତ୍ୟରୁ ସେ ଏହା ଆବିଷ୍କାର କରି ଦେଖାଇଥିଲେ । ଉତ୍କଳ ରାଜଧାନୀ ଗୁହେଶ୍ୱରପାଟକ (ଯାଜପୁର)ରୁ ସମ୍ରାଟ ଶିବକର କେଶରୀ ଗଂଡବ୍ୟୂହ ନାମକ ଗୋଟିଏ ଯୋଗସଂବଂଧୀୟ ବୌଦ୍ଧଧର୍ମ ଗ୍ରଂଥ ସ୍ୱହସ୍ତରେ ଲେଖି ତତ୍‌କାଳୀନ ଚୀନ ସମ୍ରାଟଂକ ପାଖକୁ ସଖ୍ୟ ଉପହାର ପଠାଇଥିଲେ । ପଂଡ଼ିତ ସିଲ୍‌ଭାନ୍ ଲେଭି ୬୧୫ ଖ୍ରୀଷ୍ଟାବ୍ଦରେ ଏହା ଘଟିଥିଲା ବୋଲି ନିର୍ଣୟ କରିଥିଲେ । ଏହା ଆଉ ପ୍ରାୟ ଦେଢ଼ଶ ବର୍ଷ ପରେ ଘଟିଥିଲା ବୋଲି ପଂଡ଼ିତ ବିନାୟକ ମିଶ୍ର ସିଦ୍ଧାଂତ କରଂତି । ଏଇ ଗ୍ରଂଥ ଘେନି ଯିବା ପାଇଁ ଦୂତ ହୋଇ ପଠାହୋଇଥିଲେ କିଏ ? ସେ ହେଉଚଂତି, ଯୋଗସିଦ୍ଧ ପଂଡ଼ିତବର, ପ୍ରାଜ୍ଞ । ଜଣା ପଡ଼ିଚି, ଏହି ପ୍ରାଜ୍ଞ ଏବର ଆଫଗାନିସ୍ଥାନରୁ ଓଡ଼ିଶାର ପୁଷ୍ପଗିରି ବିହାରକୁ ଯୋଗଶିକ୍ଷା କରିବାକୁ ଆସି, ଏଇଠାରେ ରହି ଯୋଗସିଦ୍ଧ ହୋଇଥିଲେ । ଏହାଂକର ପୂର୍ବନାମ ଲୁଚି ଯାଇ ନାମ ହୋଇଥିଲା, ପ୍ରାଜ୍ଞ ।

Digitized by PPRACHIN, SOA

ମଗଧର ନାଳଂଦା ପରି ଓଡ଼ିଶାର ପୁଷ୍ପଗିରିରେ ସେକାଳେ ଗୋଟିଏ ପ୍ରଖ୍ୟାତ ବୌଦ୍ଧବିହାର ବା ବିଶ୍ୱବିଦ୍ୟାଳୟ ଥିଲା । ପୂର୍ବ ଭାରତର ପୂର୍ବ ଖଂଡରେ ବୌଦ୍ଧ ସାଧନା ପାଇଁ ନାଳଂଦା ଯେପରି ପ୍ରସିଦ୍ଧି ଲାଭ କରିଥିଲା, ଓଡ଼ିଶାର ପୁଷ୍ପଗିରି ସେଇ ପୂର୍ବ ଭାରତର ପଶ୍ଚିମ ଖଂଡର ବୌଦ୍ଧ ଯୋଗ ସାଧନା ପାଇଁ ସେଇପରି ପ୍ରସିଦ୍ଧ ଥିଲା । ନାଳଂଦାର ମହାଯାନ ସାଧନାରୁ ପରେ ବଜ୍ରଯାନ ଓ ସହଜଯାନ ପ୍ରଭୃତି ଲୋକରୁଚିକର ପଂଥା ସବୁ ବାହାରି ବଂଗଠାରୁ ତିବ୍ବତ ଯାଏ ଘୋଟିଯାଇଥିଲା । ସେଥିରୁ ଗୌଡ଼ୀୟ ବୈଷ୍ଣବ ଧର୍ମ ପର୍ଯ୍ୟଂତ ବାହାରିଥିବାର ଇତିହାସ, ଏଠାରେ ସେତେ ପ୍ରାସଂଗିକ ନୁହେ । ଓଡ଼ିଶାର ପୁଷ୍ପଗିରିରେ ମୁଖ୍ୟତଃ ହୀନଯାନ ଯୋଗ ସାଧନା ଫୁଟିଥିଲା । ଏଇ ଯୋଗ ସାଧନାରେ ଶରୀର ସାଧନାର ଯୋଗପଂଥା କଠୋର ବ୍ରହ୍ମଚର୍ଯ ତଥା ବୀର୍ଯସ୍ତଂଭନାଦି କ୍ରିୟା ଭିତରେ ନିର୍ବାଣ ଖୋଜିବାର ନୀରସ ପଂଥା ଧରି ରହିଥିଲା । ଏବର କଟକ ଜିଲ୍ଲାର ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପ୍ରଭୃତି ସ୍ଥାନମାନଂକୁ ଧରି ବିରାଟ ପୁଷ୍ପଗିରି ବିହାର ଥିଲା ବୋଲି ପ୍ରାତ୍ନିକ ରମା ପ୍ରସାଦ ଚାଂଦ ସୂଚନାରେ ଉଲ୍ଲେଖ କରିଚଂତି । ଏ ଭୂମିରେ ଆଉ ବିଶେଷ ଅନୁସଂଧାନ ହୋଇ ନାଇ । ମାତ୍ର ପ୍ରାଜ୍ଞଂକ ଭଳି ମନୀଷୀ ଦୂର ବିଦେଶରୁ ଯୋଗ ଶିକ୍ଷାପାଇଁ ଏଠାକୁ ଯେ ଆସିଥିଲେ, ଏଥିରୁହିଁ ଏହାର ପ୍ରତିଷ୍ଠା ଓ ବିଶ୍ୱ ସଂସ୍କୃତି ସଂଗେ ଏହାର ସଂବଂଧ, ଏବେ ମାତ୍ରକ ଅନୁମାନ କରାଯାଇପାରେ ।

ଆଉ ଗୋଟିଏ ସ୍ପଷ୍ଟ ଇତିହାସର ସଂକେତ ହେଉଚି, ବ୍ରହ୍ମଦେଶରେ । ହାର୍ଭେ (Harvey) ସାହେବଂକ ଲିଖିତ ବ୍ରହ୍ମଦେଶର ଇତିହାସରେ ଏହା ଅଛି । ଖ୍ରୀଷ୍ଟ ସପ୍ତମ ଶତକରେ ୬ଜଣ ବୌଦ୍ଧ ଭିକ୍ଷୁ ଓଡ଼ିଶାରୁ ତଡ଼ାଖାଇ ବ୍ରହ୍ମଦେଶର ପେଗୁରେ ପହଂଚି, ସେଠାରେ ରାଜାଂକୁ ନିଜ ଧର୍ମରେ ଦୀକ୍ଷିତ କରି, ରାଜପ୍ରତିଷ୍ଠା ଲାଭ କରିଥିଲେ । ସେହିମାନଂକ ଉଦ୍ୟମରେ ଉଦୟଗିରିର ଗୁଂଫାମାନଂକ ଅନୁକରଣରେ ସେଠାରେ ଗୁଂଫା ଓ ମଂଦିରମାନ ତିଆରି ହୋଇଥିଲା । ସେ ସବୁ ଏବେ ସେଠାରେ ଅଛି । ସେହିଦିନଠାରୁ ବହୁ ଶତାବ୍ଦୀ କାଳ ଓଡ଼ିଶା ଲୋକଂକ ପ୍ରତିଷ୍ଠା ସେଠାରେ ଥିଲା । ଓଡ଼ିଶାର ଲୋକେ ସେଠାରେ ରାଜ୍ୟ କରି ବହୁକାଳ ରାଜତ୍ୱ ମଧ୍ୟ କରିଥିଲେ । ପରେ ପେଗୁର ନାମ ହୋଇଯାଇଥିଲା, 'ଓସା' । ସେ ଅନୁମାନ କରଂତି, ଏହା ଓଡ଼ିଶା ଶବ୍ଦର ଅପଭ୍ରଂଶ । ଏବେ ମଧ୍ୟ ଓଡ଼ିଶାର ବହୁ ରୀତିନୀତି ପେଗୁରେ ଅନୁସଂଧାନ କରାଯାଇପାରେ । ଏବେ ମଧ୍ୟ ସେଠା ଭାଷାରେ ବହୁତ ଓଡ଼ିଆ ଶବ୍ଦ ଓ ଭାବ ପ୍ରକାଶର ପ୍ରଣାଳୀ ଖୋଜାଯାଇପାରେ ।

ସଂସ୍କୃତିର ଆଦାନପ୍ରଦାନରେ ଆଉ ଗୋଟିଏ ସ୍ପଷ୍ଟ ଐତିହାସିକ ସଂକେତ, ସିଂହଳ । ଏହି ଓଡ଼ିଶା ବାଟେ ବୋଧିଦ୍ରୁମ ଘେନି ମହେଂଦ୍ର ଓ ସଂଘମିତ୍ରା ସିଂହଳକୁ ଯାଇଥିଲେ । ଦଂତକୁମାରଂକ କଥା ଆଉ କହିବା ଦରକାର ନାହି । ସିଂହଳ ଇତିହାସରେ ସ୍ପଷ୍ଟ ଅଛି, ସିଂହଳ ରାଜା ଅପୁତ୍ରକ ହେଲେ କଳିଂଗ ଛଡ଼ା ଆଉ କୌଣସି ରାଜବଂଶରୁ ପୋଷ୍ୟପୁତ୍ର

Digitized by PPRACHIN, SOA

ଗ୍ରହଣ କରୁନଥିଲେ । ଖ୍ରୀଷ୍ଟ ତ୍ରୟୋଦଶ ଶତକ ପର୍ଯ୍ୟଂତ ଏହି ରୀତିଟି ବିଧିପରି ପାଳିତ ହେଉଥିଲା ।

ଜାଭା ପ୍ରଭୃତି ପୂର୍ବ ଦ୍ୱୀପମାନଂକରେ ପ୍ରାତ୍ନିକମାନେ ଏବେ ବହୁ ଅନୁସଂଧାନ କରି ଗ୍ରଂଥ, ପ୍ରବଂଧମାନ ପ୍ରକାଶ କରୁଚଂତି । ସେ ସବୁ ଇଂରେଜୀ ଭାଷାରେ ନୁହେ, ତେଣୁ ଆମର ସଳଖ ପହଂଚ ଭିତରେ ନାହି । ମାତ୍ର ସେ ସବୁଠାରୁ ପ୍ରାଚୀନ ମଠ, ମଂଦିର, ପ୍ରାସାଦମାନଂକର ଯେଉଁସବୁ ଛବିମାନ ବାହାରୁଚି, ସେଥିରୁ ଜଣାପଡ଼େ ସେଥିରେ ଓଡ଼ିଶା ଶିଳ୍ପୀର ହାତ ଅଛି । ଓଡ଼ିଶାର ଦେଉଳତୋଳା ରୀତି ମୋଟାମୋଟି ଦୁଇ ପ୍ରକାର– ରେଖ ଓ ପୀଢ଼ । ରେଖଟି ପ୍ରାଚୀନ ମଗଧରୁ ଆସିଥିଲା ସତ, କିଂତୁ ଓଡ଼ିଆ ହାତରେ ତାହାର ବିଶେଷ ସୌଂଦର୍ଯ ଓ ସୌଷ୍ଟବ ଫୁଟିଥିଲା । ପ୍ରାଚୀନ ମଗଧର ମଂଦିରକଳା ସଂଗେ ଦ୍ରାବିଡ଼ ଗୋପୁରର ବିଶାଳତା ଏଥିରେ ଫୁଟିଚି । ସେତିକି ନୁହେ, ଭୁବନେଶ୍ୱରର ଲିଂଗରାଜଂକ ମଂଦିରରେ ଏହା ଯେପରି ସ୍ୱଷ୍ଟ ଲଂବ ଭାବରେ ଉଠି ହଠାତ୍ ଅଳାଶିରିପାଖେ ମୁଦା ହୋଇଚି, ତାହା ପୂରାପୂରି ଓଡ଼ିଆ । ମୟୂରଭଂଜର ଖିଚିଂଗଠାରୁ ବିଶାଖପାଟଣାର ସିଂହାଚଳ ପର୍ଯଂତ ଏହାର ପ୍ରକାର ଓ ପ୍ରକାଶ ସ୍ୱଷ୍ଟ । ଭୁବନେଶ୍ୱରର ରାଜାରାଣୀ ମଂଦିର ତଥାର ପୁରୀର ଜଗନ୍ନାଥ ମଂଦିରରେ ଏହା ଟିକିଏ ଭିତର ଆଡ଼କୁ କ୍ରମବକ୍ର ଥାଇ ମଗଧରୁ ଆସିଥିବାର ଲକ୍ଷଣ ଦେଖାଉଚି ମାତ୍ର । ଅନ୍ୟ ପ୍ରକାରଟି ହେଉଚି, ପୀଢ଼ । ପୁରୀ, ଭୁବନେଶ୍ୱର ପ୍ରଭୃତିର ଜଗମୋହନ ତଥା ଓଡ଼ିଶାର ଅନ୍ୟ ଅନେକ ମଂଦିର ଏହି ରୀତିରେ ଗଢ଼ା ହୋଇଚି । ଏହାର ଛାଂଚ ମଉଡ଼ମରା ଘରର ଚାଳରୁ ନିଆଯାଇଚି । ବଂଗଦେଶର ମଂଦିର ସବୁ ମଧ ସେଠା ଚାଳର ଅନୁକରଣ । କିଂତୁ ସେଠା ଚାଳ, ଆମ ଚାଳର ପ୍ରଭେଦ ସ୍ୱଷ୍ଟ । ବଂଗଦେଶରେ କୁଟାଛପର ଚାଳ । ଏହା ପୂର୍ବ ଭାରତର ପ୍ରକାର । କଟକ ଜିଲାରୁ ଦକ୍ଷିଣକୁ ଚାଳସବୁ ନଡ଼ା ଛପର । ଏହା ଦ୍ରାବିଡ଼ ରୀତି । ଏ ଚାଳରେ ନଡ଼ାର ମୂଳସବୁ ଛପରରେ ପାହାଚ ପରି ପୀଢ଼କୁ ପୀଢ଼ ଉପରକୁ ଉଠିଥାଏ । ଭଲ ଭଲ ଘର ଓ ଡାକବଂଗଳାମାନଂକରେ ବର୍ଷାପରେ ମଧ ଏଇ ପୀଢ଼ମାନ ସ୍ୱଷ୍ଟ ଦେଖାଯାଏ । ଆମ ପୀଢ଼ ଦେଉଳର ମୂଳ, ଏହିଠାରେ । ଏହା ବଂଗଦେଶର ଦେଉଳ ଶିଳ୍ପରୁ ଭିନ୍ନ । ଦ୍ରାବିଡ଼ର ଗୋପୁର ରୀତି ଏଥିରେ ନାଇ । ପୁଣି ଏକ ବିଶେଷତ୍ୱ, ଓଡ଼ିଶାର ଏହି ପୀଢ଼ ଦେଉଳରେ ସୂକ୍ଷ୍ମ ଆଭରଣର ଯୋଜନା । ଆଉ କିଛି ନ ଥିଲେ ମଧ ଏହି ପୀଢ଼ ଦେଉଳରେ ବରାବର ନିୟମିତ ଧାରାରେ 'ପାନପତ୍ରୀ' ଥାଏ । ଗୋପୁର ବା ବଂଗ ମଂଦିରରେ ତାହା ନାଇ । ଜାଭା ଶିଳ୍ପରେ ଏହି ଓଡ଼ଶୀ ଶିଳ୍ପର କଳା ଆପାତତଃ ସ୍ୱଷ୍ଟ ଦେଖାପଡ଼େ । ଏହାର ବିଶେଷ ଅନୁସଂଧାନ ଦରକାର ।

ପ୍ରାତ୍ନିକ ପଂଡ଼ିତମାନେ ଭାରତଠାରୁ ଆମେରିକା ପର୍ଯ୍ୟଂତ ଲଂବିଥିବା ଦ୍ୱୀପମାଳର କଳା, କିଂବଦଂତୀ, ପରଂପରା, ଆଚାର, ବ୍ୟବହାର ପ୍ରଭୃତି ଅନୁସଂଧାନ କରି ଦେଖୁଚଂତି,

Digitized by PPRACHIN, SOA

ବେଦ ପୂର୍ବର ସଭ୍ୟତା ବୋଇତରେ ନାନାଭାବରେ ଏହି ଦ୍ୱୀପମାନଂକ ବାଟେ ଆମେରିକା ପର୍ଯ୍ୟଂତ ପ୍ରସରିଥିଲା । ସ୍ୱର୍ଗତ ରାଖାଲ ଦାସ ବନ୍ଦୋପାଧ୍ୟାୟ ନିଜ ଓଡ଼ିଶା ଇତିହାସର ସପ୍ତମ ଅଧ୍ୟାୟରେ ପ୍ରାଚୀନ ଓଡ଼ିଶାର ବହିର୍ବାଣିଜ୍ୟ ଓ ଉପନିବେଶ କଥା ଲେଖିଚଂତି । ଜାଭା ପ୍ରଭୃତିରେ ଯେଉଁ ଶିଳ୍ପାଦିର ଆଭାସ ଦିଆଗଲା, ସେଇ ଧାରା ପ୍ରଶାଂତମହାସାଗରର ଦ୍ୱୀପପୁଂଜ ବାଟେ ଆମେରିକାର ପେରୁ, ମେକ୍ସିକୋ ପର୍ଯ୍ୟଂତ ଏବେ ଖୋଜା ହୋଇ ବାହାରୁଚି । ଇଷ୍ଟ ଦ୍ୱୀପପ୍ରଭୃତି ପ୍ରଶାଂତମହାସାଗରର ଦ୍ୱୀପମାନଂକରେ ଯେଉଁ ସବୁ ବିରାଟ ଶିଳା ଶିଳ୍ପର ଅବଶେଷ ଏବେ ମିଳୁଚି, ଇଉକାଟାନ୍‌ର ମରୁଭୂମି ପ୍ରଭୃତି ଆମେରିକାର ଦେଶମାନଂକରୁ ଅନୁସଂଧାନରେ ଯାହା ପ୍ରାଚୀନ ମଂଦିରାଦି ବାହାରୁଚି, ସେ ସବୁ ଦେଖିଲେ ବିସ୍ମୟ ଲାଗେ । ଏ ସବୁ କଳା କଳିଂଗରୁ ଦୂର ଆମେରିକା ପର୍ଯ୍ୟଂତ ଯାଇଥିଲା ବୋଲି ରାଖାଲଦାସ ଅନୁମାନ କରଂତି । ଯେତେବେଳେ ଏ ସବୁ କଳା ସେ ସବୁ ଦେଶରେ ଫୁଟିଥିଲା, ସେତେବେଳେ ପୁଣି ସେ ସବୁ ସ୍ଥାନରେ ଲୁହାର ବ୍ୟବହାର ଥିବାର ପ୍ରମାଣ ମିଳୁନାଇ । ଦ୍ୱୀପମାନଂକର ଲୋକେ ଏବେ କହଂତି, ସ୍ୱର୍ଗରୁ ଦେବତାମାନେ ଓହ୍ଲାଇ ରାତି ଭିତରେ ଏ ସବୁ କରିଦେଇ ସ୍ୱର୍ଗକୁ ଚାଲିଯାଇଥିଲେ । କରିଥିବା ଦେବତାଂକ ବଂଶଧରି ଆଉ ସେଠି ନାହାଂତି । ବିଶେଷ ଅନୁସଂଧାନରେ ସଂସ୍କୃତିର କି ଆଦାନପ୍ରଦାନ ଏ ସବୁଥିରୁ ବାହାରିପାରେ, ତାହା କିଏ କହିବ ?

ଆମେରିକା କଥା କିଂତୁ ଟିକିଏ ସ୍ୱତଂତ୍ର । ଏଠାରେ ବହୁତ ଅନୁସଂଧାନ ହୋଇଚି ଓ ହେଉଚି । ଅନେକ ପୁସ୍ତକ ମଧ୍ୟରେ ଦୁଇ ତିନି ଖଂଡି ପୁସ୍ତକ ସମସ୍ତେ ସହଜରେ ଦେଖିପାରଂତି । ଭେରିଲ୍ ସାହେବଂକ 'Old civilization of the New World' 'Myths and Legends' ଗ୍ରଂଥମାଳାର ଆମେରିକା ଖଂଡ, ଚମନ୍‌ଲାଲଂକର 'Hindu America' ପ୍ରଭୃତି ଗ୍ରଂଥ ଏ କ୍ଷେତ୍ରରେ ଅତି ଉପାଦେୟ । ଭାରତରୁ ଏ ସବୁ ଶିଳ୍ପ ଓ ତାହା ସଂଗେ ଆଚାର ବ୍ୟବହାର ଓ ଧର୍ମରୀତି ଆମେରିକାକୁ ଯାଇଥିବାର ଏ ସବୁ ଗ୍ରଂଥରେ ସ୍ପଷ୍ଟ । 'Hindu America' ଗ୍ରଂଥର ମଲାଟ ଉପରେ ଓ ଭିତରେ ମଧ୍ୟ ଗୋଟିଏ ମେକ୍ସିକୋର ସୁନାରି ବଣିଆ ବିଧବା ନାତିଟିକୁ କାଖେଇ ଛିଡ଼ା ହୋଇଥିବାର ଚିତ୍ର ଦିଆଯାଇଚି । ଧଳା ଶୁଂଠିଆଟି ଓଢ଼ଣା ପକାଇ ପିଂଧି ପିଲାଟି କାଖେଇ ଗୋଟିଏ ଓଡ଼ିଆଣୀ ଭଦ୍ର ପରିବାର ବିଧବା ଠିକ୍ ଛିଡ଼ା ହେବାର ଚିତ୍ରପରି ଏହା ଦେଖାଯାଉଚି । ପୁଣି ମୟ ମହାଭାରତର ଶ୍ରେଷ୍ଠ ଅନାର୍ଯ୍ୟ ଶିଳ୍ପୀ । ସେଇ ମୟ, ରାଜସୂୟ ଯଜ୍ଞର କୁଂଡ, ମଂଡପ ଶାଳାଦି ତିଆରି କରିଥିବା କଥା ପ୍ରସିଦ୍ଧ । ସେଇ ମୟବଂଶୀଂକ ନାମ ଅନୁସାରେ ମୟଦେଶ ହୋଇଚି ବୋଲି ଚମନ୍‌ଲାଲ ସାହେବ କହଂତି । ମୟଭୂମିର ବର୍ତ୍ତମାନ ନାମ, ଇଉକାଟାନ୍ (Yucatan) । ଏହି 'ଇଉକାଟାନ୍' କଥାଟି 'ଯୋଗସ୍ଥାନ' ଶବ୍ଦର ଅପଭ୍ରଂଶ ବୋଲି ସେ ପ୍ରମାଣ ମଧ୍ୟ ପାଇଚଂତି । ଓଡ଼ିଶା ପୁଣି ପ୍ରାଚୀନ ବୌଦ୍ଧଯୋଗର ଶ୍ରେଷ୍ଠ ଭୂମି ।

Digitized by PPRACHIN, SOA

ଦେଖି ଜାଣିପାରିବା ଭଳି ଓଡ଼ିଶାର ବିଶ୍ୱସଂସ୍କୃତି ସଂଗେ ଆଦାନ ପ୍ରଦାନ ଓ ସଂପର୍କ ସୂଚନାରେ ଏଇତକ ଏବେ ଯଥେଷ୍ଟ ହେବ । ଆଉ ବଢ଼େଇ କହିବାର ଅବକାଶ ଏବେ ନାଇ । ଏ ସବୁ ଭୌତିକ ବିଶ୍ୱସଂସ୍କୃତିକୁ ଓଡ଼ିଶାର ଆତ୍ମିକ ଦାନ ଟିକିଏ ବାହାରେ ଜଣା ନ ପଡ଼ିଲା ଭଳି ହେଲେହେଁ ଅତ୍ୟଂତ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ । ଧର୍ମ କଥାଟିରେ ଆତ୍ମିକ ସଂସ୍କୃତି ପ୍ରକାଶ ପାଉଥିଲା । ଏଇ ଧର୍ମକ୍ଷେତ୍ରରେ ତିନିପ୍ରକାର ପ୍ରକାଶ ଦେଖାଯାଏ । ପ୍ରଥମଟି ସେମିଟିକ (Semitic) ଅର୍ଥାତ୍ ଆରବ ଓ ଇହୁଦୀ ପ୍ରଭୃତି ଜାତିମାନଂକ ଭିତରେ ପ୍ରକାଶ ପାଏ । ଦ୍ୱିତୀୟଟି ଆର୍ଯ୍ୟଜାତିର ଧର୍ମ । ଏଇ ଆର୍ଯ୍ୟମାନେ ଭାରତରେ ଆଦିମ ନୁହଂତି । ତୃତୀୟଟି ହେଉଚି ପୃଥିବୀର ପ୍ରାଚୀନତମ ସଂସ୍କୃତି । ତାହା ଭାରତର ସିଂଧୁଠାରୁ ଗୋଦାବରୀ, କୃଷ୍ଣା, ମହାନଦୀ ଓ ଗଂଗା ପର୍ଯ୍ୟଂତ ଉପତ୍ୟକାମାନଂକରେ, ତଥା ଟାଇଗ୍ରିସ୍, ଇଉଫ୍ରେଟିସ୍ ଭୂମି, ଏବର ଦକ୍ଷିଣ ପାରସ୍ୟ ଏସିଆ ମାଇନର, ଇଜିପ୍ଟ ଓ କ୍ରୀଟ୍ ପ୍ରଭୃତି ସ୍ଥାନରେ ବିକାଶ ପାଇଥିଲା । ଏହାକୁ ଏକ କଥାରେ 'ଆଦିମ ଆଫ୍ରେସିଆ' ସଭ୍ୟତା ବୋଲି କୁହାଯାଇପାରେ । ପୃଥିବୀର ସମସ୍ତ ସଭ୍ୟତାକୁ ଏହା ପ୍ରଭାବିତ କରିଚି । ବିଶେଷରେ ଭାରତର ବୈଦିକ ସଭ୍ୟତା ଓ ଧର୍ମ, ଏଇ ସଭ୍ୟତା ସଂଗେ ନିଜର ସଂଶ୍ଳେଷଣ କରି ଆତ୍ମପ୍ରକାଶ କରିଚି । ଯଥାର୍ଥ ଅନୁସଂଧାନ କଲେ ଜଣାଯାଏ, ଏହି ସଭ୍ୟତାହିଁ ବୈଦିକ ସଭ୍ୟତାକୁ ଜୀର୍ଣ୍ଣକରି ଭାରତୀୟ ବୈଦିକ ସଭ୍ୟତାରୂପେ ପ୍ରକାଶପାଇଚି ।

ଏହିପରି ଧର୍ମରୂପେ ପ୍ରକାଶିତ ସଭ୍ୟତାର ମୂଳ ଟିକିଏ ଦେଖିବା । ମନୁଷ୍ୟ ଜୀବନଯାତ୍ରାରେ ସବୁ ବିପତ୍ତି ଓ ସଂକଟର ସମାଧାନ କରିପାରେନାଇ, ସେଥିପାଇଁ ବାହାର ପ୍ରକୃତିରେ ଶକ୍ତିର କଳ୍ପନା କରେ । ଆମେ ଯେପରି ଆମ କାମ କରୁ, ସେଇପରି ବାହାରରେ କୌଣସି ପୁରୁଷ ବା ପୁରୁଷମାନେ କାମ କରି ବା ନିଜର ଶକ୍ତି ଚାଳନା କରି ସବୁ କରଂତି ବୋଲି କ୍ରମେ ମାନବର ଧାରଣା ପଡ଼ିଯାଏ । ବାଡ଼ି, ବସଂତ, ପ୍ରଭୃତି ଲାଗିଲେ ସେଇ ଆଦିମ ମାନବ ପରି ଏବେ ମଧ ଗ୍ରାମ୍ୟ ମାନବ ଦେବ-ଦେବୀଂକର ଆଶ୍ରୟ ଲୋଡ଼େ । ସେଇ ଦେବଦେବୀ ମନୁଷ୍ୟଠାରେ ଆବିର୍ଭୂତ ହୋଇ ପ୍ରତିକାର ବତାଇ ଦିଅଂତି । ଓଡ଼ିଶାର ଅନେକ ଅଂଚଳରେ ତାକୁ କାଳେସି ଲାଗିବା ବା ଦେବଦେବୀ ଉଭାହେବା କହଂତି । ଏଇପରି ଦେବଦେବୀ ମନୁଷ୍ୟ ଭିତରେ 'ଉଭା' ବା ଆବିର୍ଭୂତ ହେବା କଥାଟିରୁ ଆଦିମଧର୍ମ ବିକାଶ ପାଇଥିଲା । ଏଇ ଧାରଣା ଗୋଟିଏ ଗ୍ରାମଦେବତୀ ଓ କାଳେସିରୁ ବଢ଼ାଇଦେଇ ବିଶ୍ୱ ଉପରେ ବିସ୍ତାର କରି ସେମିଟିକ୍‌ମାନେ ମୋଜେସ୍, ଯୀଶୁଖ୍ରୀଷ୍ଟ ପ୍ରଭୃତି ମହାକାଳେସୀମାନ କଳ୍ପନା କରିଥିଲେ । ଏପରିକି ମହମ୍ମଦ ସ୍ପଷ୍ଟ କହିଥିଲେ, ଏକ ଈଶ୍ୱର ଦେବତା ଛଡ଼ା ଅନ୍ୟ ଦେବତା ନାଇ । ମହମ୍ମଦ ସେଇ ଏକ ଈଶ୍ୱରଙ୍କ ବାର୍ତ୍ତାବହ ଦୂତ । ଏଥିରେ ଆଦିମ 'ଆବିର୍ଭାବ'କୁ ବିରାଟ ବିଶ୍ୱବାପୀ ଆକାର ଦେବା ଛଡ଼ା ଅନ୍ୟ କୌଣସି ଦର୍ଶନ ବା ତତ୍ତ୍ୱ ନାଇ । ବିଶ୍ୱରୁ ବାହାରେ ଏଇ ଈଶ୍ୱର,

Digitized by PPRACHIN, SOA

ସର୍ବଶକ୍ତିମୟ ହୋଇ କେଉଁଠାରେ କିପରି ବସିଚଂତି; ବିଶ୍ୱଜଗତ ବା ସେଇ ଈଶ୍ୱରଂକଠାରୁ ବାହାରେ କିପରି ବର୍ତିଚି, ଏସବୁ ବିଚାର ସେଠାରେ ନାଇ– ସେ ଏକ ବିଶ୍ୱାସ । ବୁଝିରଖ, ଏଠାରେ କୌଣସି ଧର୍ମ ବା ବିଶ୍ୱାସକୁ ସମାଲୋଚନା କରାଯାଉନାଇ । ଯାହା ଘଟିଚି, ତାହାହିଁ ଆଲୋଚନାରେ କୁହାଯାଇଚି । କୌଣସି ଧର୍ମ ବା ସଂସ୍କୃତି, କାହାଠାରୁ ବଡ଼ ବା ସାନ, କେଉଁଟି ଉପାଦେୟ, କେଉଁଟି ହେୟ, ସେସବୁ ଏଠି କୁହାଯାଉନାଇ ।

ଦ୍ୱିତୀୟଟି ଆର୍ଯ୍ୟ ଧର୍ମ । ସେଥିରେ ବାହାର ପ୍ରକୃତିରେ ଇଂଦ୍ର, ଅଗ୍ନିଂକଠାରୁ କୁବେରଂକ ପର୍ଯ୍ୟଂତ ସବୁର କଳ୍ପନା । ସେଇମାନଂକଠାରେ ବଳିଦେବା, ସେମାନଂକୁ ପୂଜା କରିବା, ଏପରିକି ସେଇ ବଳିର ମାଂସ ନିଜେ ଖାଇ ସେଇ ନୈବେଦ୍ୟର ସୋମ, ସୁରା ନିଜେ ପିଇ, ନିଜର ବିପତ୍ତି ନାଶ ଓ ସଂପତ୍ତି ଲାଭ ପାଇଁ ସେଇ କଳ୍ପିତ ଦେବତାମାନଂକୁ ଭଜିବାହିଁ ଏଇ ଆର୍ଯ୍ୟଧର୍ମ । ଏଥିରେ କେତେକ ଦର୍ଶନ ପ୍ରକାଶ ପାଇଥିଲା । ସେଇ ଦର୍ଶନରେ ଏଇ ସମସ୍ତ ଶକ୍ତିର ଆଧାର ସ୍ୱରୂପ ଗୋଟିଏ ଶକ୍ତିମୟ ବିଶ୍ୱପୁରୁଷ ପର୍ଯ୍ୟଂତ ଆର୍ଯ୍ୟମାନେ ହୁଏତ ଉଠିଥିଲେ । ଦେହ ଭିତର ପୁରୁଷର କଳ୍ପନା ଓ ଉପମାରେ ଏହାର ବିକାଶ ହୋଇଥିଲେ ମଧ, ମାନବ ଦେହ ଭିତରର ଦୁର୍ବଳ ପୁରୁଷ ଆଡ଼କୁ ସେମାନଂକ ଆଖି ପଡ଼ିନଥିଲା ।

ଆପ୍ରେସିଅ ବା ଭାରତଧର୍ମ ଏଇ ଦୁଇଟି ଭିତ୍ତିରେ, ବିଶେଷତଃ ମାନବ ଭିତରର ଜ୍ଞାନକୁ ଧରି ପ୍ରକାଶ ପାଇଥିଲା । କ୍ରମେ ଏଇ ଦର୍ଶନରେ ମାନବ ବୁଝିଥିଲା, ନିଜର ଇଂଦ୍ରିୟରେ ମିଳୁଥିବା ଜ୍ଞାନଛଡ଼ା ଆଉ କିଛି ନାଇ । ସବୁ ଶୂନ୍ୟରୁ ହେଉଚି । କେତେଗୁଡ଼ାଏ କାମନା ବାଂଧି ହୋଇ ଗୋଟାଏ ପୁରୁଷ ବା ବ୍ୟକ୍ତି ବୋଲି ନାମମାତ୍ରରେ ପ୍ରକାଶ ପାଉଚି । କୌଣସିମଂତେ ଏଇ କାମନାଗୁଡ଼ିକ ଛିଂଡାଇ ଲୋପ କରିଦେଲେ ସବୁ ଶୂନ୍ୟ । ବ୍ୟକ୍ତିପରି ଯାହା ଲାଗୁଚି, ତାହା ଶୂନ୍ୟ ହୋଇଗଲେ ବିଚାର ଜ୍ଞାନମଧ ଶୂନ୍ୟ, ଅତଏବ ବିଶ୍ୱ ମଧ ଶୂନ୍ୟ । ଏହାହିଁ 'ବୁଦ୍ଧ'ର ''ନିର୍ବାଣ'' । ଏଥିରେ ସ୍ୱଭାବତଃ 'ଜୀବେ ଦୟା' ପ୍ରକାଶପାଇଲା । କାମନା ଛିଂଡାଇବାର ଏହାହିଁ ଗୋଡ଼ । ମତେ ଯେପରି ସୁଖଲାଗୁଚି ବା କାଟୁଚି, ଅନ୍ୟକୁ ସେଇପରି ଲାଗୁଥିବ ବୋଲି ବିଚାରି ଅଭ୍ୟାସ କରିବାରେ ଏକା ଭୋଗ କରିବାର କାମନା ଶାଂତ ହୋଇଆସିବ । ଅନ୍ୟ ଉପାୟ ନାଇ ।

ଏଇ ତତ୍ତ୍ୱ ଉପରେ ବସି କାମନାକୁ ଶୂନ୍ୟ କରିବାପାଇଁ ବହୁ ସାଧନା ବାଟ ଫିଟିଥିଲା । ଏଥିରୁହି ବୀର୍ଯ୍ୟସ୍ତଂଭନ ଓ ଅଷ୍ଟାଂଗସାଧନାର ଯୋଗ ବିକାଶ ପାଇଥିଲା । ମହେଂଜୋଦାରୋରୁ ଖୋଳା ହୋଇ ୫ ହଜାର ବର୍ଷ ତଳର ଯେଉଁ ଯୋଗୀମୂର୍ତି ଓ ଯୋଗୀର ପଦ୍ମାସନରେ ବସିଥିବା ପଶୁପତି ଚଂଦ୍ରଚୂଡ଼ ବହୁମୁଖ ମହାଦେବଂକ ମୂର୍ତି ବାହାରୁଚି, ସେ ସବୁ ସେ କାଳର ସେଇ ଆପ୍ରେସିଅ ଧର୍ମର ସଂକେତ । ଓଡ଼ିଶାର ଗ୍ରାମ ଗହଳରେ ଏଇ ଯୋଗ ସାଧନାର ସଂକେତ, ଏବ ଜଥା, କବିତା, କିଂବଦଂତୀ, ସର୍ବତ୍ର ମିଳିବ । ଏ ନିର୍ବାଣ, ଅର୍ଥାତ୍, ନିଜକୁ ଶୂନ୍ୟ କରିଦେବାର ସାଧନା ଏକା, ଏ ସବୁ

Digitized by PPRACHIN, SOA

ଭିତରେ ଏବେ ଜୀବଂତ ରହିଚି । ଜଗନ୍ନାଥ, ବଳରାମ, ଅଚ୍ୟୁତ ପ୍ରଭୃତି ୧୬ଶ ଶତକର ଧର୍ମବୀରମାନେ ଏଇ ମୌଳିକ ବିଶ୍ୱଧର୍ମକୁ ବୈଷ୍ଣବ ଧର୍ମର ଖୋଳ ଭିତରେ ପ୍ରକାଶ କରିଯାଇଚଂତି । ପୁଷ୍ପଗିରି ବିହାରରେ ଏଇ ଯୋଗ ସାଧନା ଶିଖିବାକୁ ପଂଜାବ ସେପାଖରୁ ପ୍ରାଙ୍କ ପରି ଲୋକେ ଟାଣି ହୋଇ ଆସୁଥିଲେ । ପଂଡ଼ିତମାନେ ଏବେ ସ୍ଥିର କରୁଚଂତି, ଏହାଇଁ ଏ ଦେଶର ଆଦିମ ଅସୁର ଧର୍ମ । ଦ୍ରାବିଡ଼, ଶବର ଓ ନାଗାମାନେ ଏ ଦେଶରେ ଏଇ ଧର୍ମର ପାଳନ, ପୋଷଣ ଓ ସାଧନ କରିଯାଇଚଂତି । ଏଇ ଧର୍ମଇ ସମସ୍ତ ଆଫ୍ରେସିଆ ଉପତ୍ୟକା ଭୂମିରେ ସଭ୍ୟ ଜଗତର ଆଦିମ ଧର୍ମରୂପେ ପ୍ରଚାରିତ ହୋଇ ପାଳିତ ହେଉଥିଲା । ଏହାମଧ୍ୟ ଏବେ ଗବେଷଣା ଫଳରେ କ୍ରମେ ପ୍ରକାଶ ପାଉଚି ।

ପୂର୍ବ ଭାରତର ବୌଦ୍ଧ ପୁଣି ଜୈନଧର୍ମ, ଏଇ ନିର୍ବାଣ ସାଧନାର ଶେଷ, ସ୍ପଷ୍ଟ ବିକାଶ । ବୁଦ୍ଧଂକ ପୂର୍ବରୁ ଓଡ଼ିଶା ଏଇ ସାଧନାର ପ୍ରସିଦ୍ଧ କ୍ଷେତ୍ର ଥିବାର ପ୍ରମାଣ ମଧ୍ୟ ବୌଦ୍ଧ ପରଂପରାରେ ସ୍ପଷ୍ଟ । ସିଦ୍ଧାର୍ଥ 'ବୁଦ୍ଧ' ଏଇ ପରଂପରାରେ ଶେଷ 'ବୁଦ୍ଧ' । ସେ ନିଜେ କଳିଂଗକୁ ଆସିନଥିଲେ । ଉତ୍କଳମାନେ ମଧ୍ୟ ତାଂକୁ ସାକ୍ଷାତ କରିବାର ବିଶେଷ ପ୍ରମାଣ ନାଇ । ମାତ୍ରକ ଦୁଇଜଣ ଉତ୍କଳ ସାର୍ଥବାହ (ଯେଉଁମାନେ ବଳଦ ବା ବଳଦ ଗାଡ଼ିରେ ଜିନିଷ ବେପାର କରଂତି), ତପଶୁ ଓ ବଲ୍ଲୀକ ଗୟାହାଟରେ ସିଦ୍ଧାର୍ଥ ବୁଦ୍ଧଂକ ଅପରିଣତ ଅବସ୍ଥାରେ ଦୀକ୍ଷା ଗ୍ରହଣ କରିଥିବାର ମାତ୍ର ଜଣାପଡ଼େ । କିଂତୁ ଏ ସତ୍ତ୍ୱେ ବୁଦ୍ଧଂକ ଚିତାଗ୍ନିରୁ ପ୍ରଧାନ ବୁଦ୍ଧ-ଶିଷ୍ୟ କ୍ଷେମ, ବୁଦ୍ଧଂକ ବାଁପଟ ବିଶିଦାଂତଟି କଳିଂଗରାଜ ବ୍ରହ୍ମଦତ୍ତଂକ ପାଖକୁ ପଠାଇ ଦେଇଥିଲେ । ସିଦ୍ଧାର୍ଥ ବୁଦ୍ଧଂକ ପୂର୍ବରୁ କଳିଂଗ ନିର୍ବାଣ ସାଧନାର ଯେ ପ୍ରତିଷ୍ଠିତ କ୍ଷେତ୍ର ଥିଲା, ଏହା ଏ ଘଟଣାରୁ ଜଣାପଡୁଚି । ଏଇ ବୌଦ୍ଧ, ଜୈନ ବା ଅନ୍ୟ ଯେ ନାମରେ ଇତିହାସରେ ବା ପରଂପରାରେ ପ୍ରକାଶ ପାଉନା କାହିଁକି, ପୂର୍ବ ତଥା ପୂର୍ବ ଉପକୂଳ ଭାରତର ଏହା ପାରଂପରିକ ଧର୍ମ ।

ଏଇ ଧର୍ମର ପ୍ରଭାବରେ ସମସ୍ତ ବେଦର ପଶୁବଳି, ସୋମପାନ, ଯଜ୍ଞ ଭିତରୁ ଉପନିଷଦର ମହାତତ୍ତ୍ୱମାନ ବାହାରିପଡ଼ିଚି । ଏହି ଧର୍ମରେ ବ୍ୟକ୍ତି ବା ବସ୍ତୁର 'ନାମ' ହେଉଚି ସବୁ, ବ୍ୟକ୍ତିର ଆତ୍ମା ବା ବସ୍ତୁର ବସ୍ତୁତ୍ୱ ବୋଲି ଅନ୍ୟ ତତ୍ତ୍ୱ ନାଇ । ଆତ୍ମା ପୁରୁଷର ନାମକୁ 'ଓଁ' ବୋଲି ଧରି ବୈଦିକ ସାହିତ୍ୟରେ ଅକ୍ଷର ବ୍ରହ୍ମ, ନାମରୂପୀ 'ଓଁ'ର ତତ୍ତ୍ୱ ଫୁଟିଚି । ପରେ ବୈଷ୍ଣବ ଧର୍ମର ମହାମଂତ୍ର, 'ନାମେଭକ୍ତି' ଓ 'ଜୀବେଦୟା', ଏହି ଓଡ଼ିଶାର ଶବର ବା ଦ୍ରାବିଡ଼ ଧର୍ମରୁ ବାହାରି ବୈଷ୍ଣବର ଦ୍ୱୈତ ଭାବକୁ ପ୍ରଭାବିତ କରିଚି । ଏହାହିଁ ଓଡ଼ିଶାର ଯଥାର୍ଥ ଧର୍ମ, ସ୍ୱଧର୍ମ ବା ସଂସ୍କୃତି । ଏହାହିଁ ଓଡ଼ିଶାର ବିଶ୍ୱସଂସ୍କୃତିକୁ ମହାଦାନ । କୁହାଯାଇପାରେ, ଏ ଦାନ ଏବେ ବି ପୂରା ହୋଇ ନାଇ । ଆଜିର ବିରାଟ ବିଶ୍ୱ ସଂସ୍କୃତି ଏଡ଼େ କ୍ଷିପ୍ର ଗତିରେ ବଢ଼ିଲେ ମଧ, ପରମାଣୁ ବୋମାଠାରୁ ଦୂରତମ ନୀହାରିକାର ସେ ପାଖେ ଥିବା ବିଶ୍ୱରଶ୍ମିରୁ (Cosmic Rays) ବୁଲିଆସି ଗତି ଫେରାଇ

Digitized by PPRACHIN, SOA

ଦିନେ ପୁଣି ଭିତରକୁ ଚାହିଁ ସମାଜର ପରିସ୍ଥିତି ଠିକ୍ କରିବ । ସେତେବେଳେ ମଧ୍ୟ ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଏ ଦାନ ବିଶ୍ୱ ସମାଜର କାମରେ ଲାଗିବ ।

ଏ ସବୁ କଥା ବୁଝାଇ କହିବାକୁ ଆଜି ଆଉ ବେଳ ନାଇ । ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଏ ମହାଦାନ, ସୂଚନାରେ ମାତ୍ର ଟିକିଏମନେ ରଖିଲେ ମଧ୍ୟ ମହାବିବଦମାନ ମାନବ ସମାଜର ବିକ୍ଷୋଭିତ ଶକ୍ତିସମୂହ ମଧ୍ୟରେ ସମତା ଓ ସାମଂଜସ୍ୟ ଆଣିବାରେ ଏହା ଅଳ୍ପ ସାହାଯ୍ୟ କରିବ ନାଇ ।

[ନବଭାରତ, ତୁଳା ୧୩୫୪]

# ମାନବ ପ୍ରଗତିର ଧାରା (୧)

## ପ୍ରତିକ୍ରିୟାର ପରଂପରା

### ମାନବିକ କ୍ରିୟା—

ସଂଗ୍ରାମର ମହାମାରଣ-ସ୍ଥିତି-ସୁରକ୍ଷିତ ସାମ୍ରାଜ୍ୟ ଓ ପୁଂଜିପତିଙ୍କ ନିର୍ଯାତନର ପ୍ରତିକ୍ରିୟା ଆଜି ପୃଥିବୀରେ ସର୍ବତ୍ର ଦେଖାଦେଉଚି । ମାନବର ଆତ୍ମା ବୋଲି ବସ୍ତୁ ରହୁ ନାହି । ଆହାର ନିଦ୍ରାଦି ବୃତ୍ତିର ଚରିତାର୍ଥତାର ମାପକାଠିରେ ପୃଥିବୀର ପ୍ରଗତି ମପା ହେବାର ଆରଂଭ ହୋଇଚି । ଦାବି ଓ ଜୁଲୁମ୍ ଏ ପ୍ରଗତିର ଶସ୍ତ୍ର । କର୍ତବ୍ୟ ଓ ଆତ୍ମବିକାଶର ଏଥିରେ ସ୍ଥାନ ନାହି । ଇଚ୍ଛାର ଯଥେଚ୍ଛ ସ୍ଫୁରଣ ଓ ପୂରଣ ହିଁ ଏ ପ୍ରଗତିରେ ମାନବିକ ସ୍ୱାଧୀନତାର ଲକ୍ଷଣ । ସେ ଇଚ୍ଛାର ଶାସନ ଓ ସଂକୋଚ ହେୟ । ଅତ୍ୟାଚାରରେ ଏ ପ୍ରତିକ୍ରିୟା ସ୍ୱାଭାବିକ । ସେ ସ୍ରୋତରେ ବୁଡ଼ି ମରିଯିବାର ଉପାୟ ନାହି । ତା' ଜୀବୀର ଧର୍ମ ନୁହେ । ଏଥିରେ ପହଁରି ଉଜାଣି ଉଠିବା ସଂଭବ ନୁହେ । ସଂଚିତ ସମୂହ ସାମାଜିକ ଦୁର୍ନୀତି ଓ ଦୁର୍ଗତିର ପ୍ରତିକ୍ରିୟାର ସ୍ରୋତ ବଡ଼ ପ୍ରଖର ଓ ଦୁର୍ନିରୋଧ୍ୟ । ପୁଣି ସ୍ରୋତରେ ଅନାୟତ୍ତ ହୋଇ ଭାସିଗଲାବେଳେ ପରିଣାମ କଳନା କରିବାର ଶକ୍ତି ବା ଅବକାଶ ନ ଥାଏ । ପୃଥିବୀର ଇତିହାସରେ ଏହା ଆଜି ନୂଆ ନୁହେ । ରାଜନୀତି ଧର୍ମ ତଥା ଜାତିଜାତିର ଭେଦରେ ଏପରି ବିପଦରେ ବେଳେ ବେଳେ ପୃଥିବୀରେ ଖଂଡପ୍ରଳୟ ହୋଇଯାଇଚି । ପୃଥିବୀର ସିଂଧୁ ସୁମେର ବାବିଲନ୍ ଆସିରିଆ ଖାଲ୍ଡି ମିଶର ପ୍ରଭୃତି ପରି ବିରାଟ ସଭ୍ୟତାମାନ ସାମ୍ୟବାଦ ନାମରେ ଫୁତ୍କାରରେ ତୁଳା ଉଡ଼ିଗଲାପରି ଉଡ଼ିଯାଇଚି । ଗ୍ରୀସ ରୋମ ଏବେ ମାତ୍ର ପୁଣି କବରରୁ ଉଠୁଛଂତି । ମାତ୍ର ଏ ମହାପ୍ରଳୟ ତୁଳନାରେ ସେ ସବୁ ଖଂଡ ପ୍ରଳୟ ମାତ୍ର । ଆଜି ପୃଥିବୀର ଏପ୍ରାଂତରୁ ସେପ୍ରାଂତ ଯାଏ ଯେପରି

Digitized by PPRACHIN, SOA

ଭାବ ଓ ଭାବର କ୍ରିୟା ଅବିଳଂବେ ଖେଳିଯାଉଛି, ସେ ସୁବିଧା ଆଗେ ନ ଥିଲା । ତେଣୁ ଏଇ ହିସାବରେ ପୁରୁଣା ସଂଗେ ନୂଆର ଯାହା ବୈଷମ୍ୟ ଓ ତୁଳନାରେ ପ୍ରତ୍ୟବାୟ । ହେଲେହେଁ ପ୍ରତିକ୍ରିୟାର ବିଶେଷ ଭେଦ ନାହିଁ । ପୁଣି ସର୍ବତ୍ର ସର୍ବଦା ଜନସାଧାରଣ ନାମରେ ଏଇ ପ୍ରତିକ୍ରିୟା ଜାଗ୍ରତ ହୁଏ । ବର୍ତ୍ତମାନ ପ୍ରତିକ୍ରିୟାର ଏ କ୍ଷେତ୍ରରେ ବିଶେଷ ନାହିଁ ।

## ରକ୍ଷିତ ସ୍ୱାର୍ଥ ଓ ସାମ୍ୟବାଦ–

ମାନବ ବୁଦ୍ଧିଜୀବୀ । ଏଇ ବୁଦ୍ଧି ତଥା ତଦୁଦ୍‌ଗତ ଦକ୍ଷତାର ଇତର ବିଶେଷ ସ୍ୱାଭାବିକ । ଆଉରି ଏକ ସ୍ୱାଭାବିକ ବୃତ୍ତି ହେଉଚି ମାନବର ଚିରତ୍ୱ କାମନା ମାତ୍ର ନୁହେ– କଳ୍ପନା । ବ୍ୟକ୍ତି ଧର୍ମରେ ପରଲୋକ, ତଥା ସମାଜରେ ସଂପର୍କ– ସେଇଥିରୁ ଧର୍ମ, ଜାତୀୟତା ପ୍ରଭୃତି ତା'ର ଏଇ ଅମରତ୍ୱର ପ୍ରତୀକ– ଏହିଥିରେ ହିଁ ତା'ର ନିତ୍ୟତ୍ୱ, ନିତ୍ୟ ଜୀବଂତ ଓ ମହାପ୍ରଭାବମୟ । ଏହି ନିତ୍ୟ ସ୍ୱାର୍ଥ ସାଧନରେ ତାହାର ଐହିକ ପ୍ରଭାବ ପ୍ରତିପତ୍ତି ତଥା ତାରି ସାଧକ ଧନ ଓ ଭୋଗ ସାମଗ୍ରୀ ଲୋଡ଼ା । ତା' ସଂଗେ ମଧ ସେ ନିତ୍ୟ ସଂପର୍କରେ ରହିବାକୁ ଲୋଡ଼େ । ତେଣୁ ଅପରକୁ ବଂଚିତ କରି ନିଜର 'ସଂଚିତ'ରେ ମାତେ । ନିଜେ ସୁଖରେ ରହିବ– କେବେ ହେଲେ ଅଭାବରେ ପଡ଼ିବ ନାହିଁ, ପୁଣି ପୁରୁଷାନୁକ୍ରମେ ସେଇ ସୁଖ ସଂଭବ ହେବ, ଏହାହିଁ ମାନବର ନିତ୍ୟ କାମନା । କେବଳ ଶାରୀରିକ ଭୋଗ ନୁହେ, ଚିଂତାର ପ୍ରତିପତ୍ତି ମଧ ତା'ର ସେଇପରି ଓ ସେଇଥିପାଇଁ କାମ୍ୟ । କାରଣ, ମାନବ ଚିଂତାରେ ହିଁ ମାନବ– ଓ ଚିଂତାର ପ୍ରତିପ୍ରତ୍ତି ହିଁ ସବୁ ପ୍ରତିପତ୍ତିର ମୂଳ । ଧର୍ମବାଦ ମତବିରୋଧ ଓ ମତାଂଧତା, ସମସ୍ତ ମୂଳରେ ସବୁ ସ୍ୱାର୍ଥର ଏଇ ପରମ ସାଧନ ଚିଂତାର ପ୍ରତିପତ୍ତି । ଏଥିରେ ହିଁ ରକ୍ଷିତ ସ୍ୱାର୍ଥ ତିଆରି ହୁଏ । ବହୁଂକୁ ବଂଚିତ କରି ନିଜର ଚିର ସଂଚିତ ଲୋଡ଼ିବା ହିଁ ଏଇ ରକ୍ଷିତ ସ୍ୱାର୍ଥର ଭିତ୍ତି । ଏହାରି ପ୍ରତିକ୍ରିୟା ଜନସାଧାରଣ ନାମରେ– ସାମ୍ୟବାଦରେ ପ୍ରକାଶ ପାଏ ।

## ସମୂହ ଲୋକସ୍ୱାର୍ଥ ନାମରେ ପ୍ରତିକ୍ରିୟା–

ଯେ ପରିସ୍ଥିତିରେ ଯେ ଭାବରେ ହେଉ, ଜନସାଧାରଣର ସମୂହ ସ୍ୱାର୍ଥର ପ୍ରତୀକ ରୂପେ ବ୍ୟକ୍ତି ବା ବ୍ୟକ୍ତିବିଶେଷମାନେ ଏଇ ପ୍ରତିକ୍ରିୟା ପ୍ରକାଶ କରଂତି, ଏବଂ କାଳେ କାଳେ ସେଇମାନେ ହିଁ ଜୟଯୁକ୍ତ ହୋଇଥିବାର ଦେଖାଯାଏ । ଜନସାଧାରଣର ବିରାଟ ସ୍ୱାର୍ଥରୁ ଶକ୍ତି ସାମର୍ଥ୍ୟ ଅନୁସାରେ ଆତ୍ମସାତ୍ କରି ଲୋକେ ରକ୍ଷିତ ସ୍ୱାର୍ଥର ଅଧିକାରୀ ହୁଅଂତି । ପୁଣି ଏଇ ବିରାଟ ସ୍ୱାର୍ଥ ନାମରେ ମହାପୁରୁଷମାନେ ପ୍ରତିକ୍ରିୟାରେ ସେ ରକ୍ଷିତ ସ୍ୱାର୍ଥ ଧ୍ୱଂସ କରିଦିଅଂତି । ଫଳରେ ଏଇ ପ୍ରତିକ୍ରିୟାର ପ୍ରତୀକ ମହାପୁରୁଷମାନେ ଯେଉଁ ରକ୍ଷିତ ସ୍ୱାର୍ଥ ସଂଚୟ କରଂତି, ତା'ର ପଟାଂତର ଏ ଭୂମଂଡଳରେ ଆଉ ନାହିଁ । ଏ କଥା ଚିଂତା କଲେ ରାଧାନାଥଂକ– "ଅତ୍ୟାହାରେ ରୋଗୀ, ପୁଣି ରୋଗେ ଅତ୍ୟାହାରେ" କଥାଟି ମନେପଡ଼େ ।

Digitized by PPRACHIN, SOA

ଉଦାହରଣ—

ପ୍ରତିକ୍ରିୟାର ପ୍ରତୀକ ଲୋକସ୍ୱାର୍ଥ । ଲୋକେ ଯଥାର୍ଥରେ ସେ ସ୍ୱାର୍ଥ ଲୋଡ଼ଂତି କି ନାହି ସେ ସ୍ୱତଂତ୍ର କଥା । ମାତ୍ର ତାଂକରି ନାମରେ ତାଂକରି ପାଇଁ କେହି ପ୍ରତିକ୍ରିୟା ଲୋଡ଼ଂତି । ଏଇ ଭାରତରେ ଯୁଗେ ଯୁଗେ ଦେଖ— ଯେତେବେଳେ ବୈଦିକ ଯାଗଯଜ୍ଞର ଘଟା ଉଠିଲା, ପୁରୋହିତ ଓ ଧନୀ ପ୍ରଭାବଶାଳୀ ଲୋକେ ରକ୍ଷିତ ସ୍ୱାର୍ଥ ଧରିବସିଲେ, ଲୋକଂକୁ ଘୃଣା କଲେ । ହୁଏତ ଜେତା ବିଜିତର ଭାବ ଏଥିରେ ମିଶିଥିଲା । ତା' ନ ମିଶିବାକୁ ଚାରା ନାହି । ବିଜେତାର ବିଜିତ ପାଖେ ରକ୍ଷିତ ସ୍ୱାର୍ଥ ସ୍ୱାଭାବିକ— ସେ ବିଜୟ ଦେହ ବଳରେ ହେଉ ବା ମନ ବଳରେ ହେଉ । ତେବେ ମନ ବଳରେ ହେଉଥିବା ରକ୍ଷିତ ସ୍ୱାର୍ଥ ପ୍ରଥମେ ସେତେ ଅସହ୍ୟ ନୁହେ— ବରଂ ଆଦରଣୀୟ, ମାତ୍ର ସେ ସ୍ୱାର୍ଥ କେବେ ମନରେ ଆବଦ୍ଧ ରହେ ନାହି । ମନରୁ ଶୀଘ୍ର ଦେହକୁ ଆସେ । ଶଂକର ରାମାନୁଜ ମନ ବଳରେ ଯେଉଁ ସ୍ୱାର୍ଥ ରଖିଯାଇଥିଲେ, ତାହା ତାଂକ ଉତ୍ତରାଧିକାରୀ ସଂଅ ମହଂତମାନେ ଦେହରେ ଭୋଗକରୁଛଂତି । ସେ ଯା ହେଉ, କୁହାଯାଉଥିଲା ଲୋକସ୍ୱାର୍ଥ ନାମରେ ସବୁ ପ୍ରତିକ୍ରିୟାର ପ୍ରାରଂଭ । ସେଥିପାଇଁ ପ୍ରାଚୀନ ବୈଦିକ ଭାରତରେ ଯେତେବେଳେ ସମାଜରେ ଜନସାଧାରଣ ଅପଦସ୍ଥ ହେଲେ, ହୁଏତ ଅତ୍ୟାଚାରରେ ତାଂକର ମେରୁଦଂଡ ଭାଂଗିଯାଉଥିଲା— ହୁଏତ ବୈଶ୍ୟ ଓ ପଣି ରୋଜଗାର କରି ମଧ ନିଜ ଅର୍ଜନ ଭୋଗରୁ ବଂଚିତ ହେଉଥିଲା, ଓ ଶୂଦ୍ର ଦାସତ୍ୱରେ ସଢ଼ିଯାଉଥିଲା— ସେମାନେ ସେତେବେଳେ ଘୃଣିତ ଓ ଲାଂଛିତ ହେଉଥିଲେ । ପୁରୋହିତ ଓ ଧନୀ ଭୋଗୀମାନେ ତାଂକୁ ପାଖେ ପୂରାଉ ନଥିଲେ । ସେତେବେଳେ ସେହି ଲାଂଛିତ, ଦଳିତମାନଂକ ସ୍ୱାର୍ଥ ଧରି ଉପନିଷଦର ଋଷିମାନେ ସାମ୍ୟଧର୍ମ ପ୍ରଚାର କଲେ । ଉପନିଷଦ୍‌ରେ ଗୁରୁ ଶିଷ୍ୟକୁ ବୁଝାଇଲାବେଳେ ବାରଂବାର କହିଚଂତି— ''ତତୋ ନ ବିଜୁଗୁପ୍‌ସତେ'' । ଅର୍ଥାତ୍— ମନୁଷ୍ୟ ମନୁଷ୍ୟରେ ଆକାଂକ୍ଷା, ଅଭିଳାଷ, ଭୋଗ, ସୁଖ ଦୁଃଖାଦିର ଭେଦ ନାହି । ଏହା ବୁଝିଗଲେ, ଆଉ ଲୋକ କାହାକୁ ''ଦୂର୍ ଦୂର୍'' ବୋଲି ଘୃଣା କରେ ନାହି । ସେତିକି ନୁହେ, ସେମାନେ ଯେଉଁ ଆଦର୍ଶ ଓ ଆତ୍ମଲାଭ ମଂତ୍ର ପ୍ରଚାର କଲେ, ସେଥିରେ ଜନସାଧାରଣର ଭୋଗବିଳାସ ସୁଖେଚ୍ଛାଦି ବିବାଦରେ ଉଦ୍‌ବୁଦ୍ଧ ନ ହୋଇ ହୁଏତ ଶାଂତ ହେଲା ।

## ଧର୍ମଗ୍ଲାନି ଓ ଅବତାର—

ଶ୍ରୀକୃଷ୍ଣଂକ ମୁଖରେ ତଥାପି ପ୍ରକାଶ ପାଇଲା—

''ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେଯୁଗେ ।''

Digitized by PPRACHIN, SOA

ଅର୍ଥାତ୍, ଧର୍ମର ଯେତେବେଳେ ହ୍ରାସ ହୁଏ, ଅଧର୍ମ ବଢ଼େ, ସେତେବେଳେ ମୁଁ ଦେହ ଧରେ । ସାଧୁଂକ ପରିତ୍ରାଣ ଓ ଦୁଷ୍କର୍ମାମାନଂକ ନାଶ ନିମଂତେ ମୁଁ ଏଇପରି ଯୁଗେ ଯୁଗେ ଜନ୍ମ ହୁଏ । ଏଠାରେ ଧର୍ମର ନାଶ କ'ଣ ? ଦୁଷ୍କର୍ମା କିଏ ? ସାଧୁ କିଏ ? ରକ୍ଷିତ ସ୍ୱାର୍ଥ ବଳରେ ଲୋକଂକ ଉପରେ ଅଯଥା ପ୍ରଭୁତ୍ୱ ହିଁ ଧର୍ମର ହ୍ରାସ । ଏଇ ରକ୍ଷିତ ବା ସଂଚିତ ସ୍ୱାର୍ଥ ବଳରେ ଯେଉଁମାନେ ଲୋକସାଧାରଣ ଉପରେ ଅତ୍ୟାଚାର କରଂତି, ସେଇମାନେ ଦୁଷ୍କୃତ, ପୁଣି ନିରୀହ ଜନସାଧାରଣ– ଯେ ସ୍ୱାର୍ଥ ହରାଇ ମଧ କିଛି କରିପାରଂତି ନାହି– ସେଇ ଏକା ସାଧୁ । ତାଂକର ଉଦ୍ଧାର ଲାଗି ମହାପୁରୁଷ ଜନ୍ମ ହୁଅଂତି ।

## ଉପନିଷଦ୍ ଭିତ୍ତିର ପରିଣାମ ଓ ସିଦ୍ଧାର୍ଥ ବୁଦ୍ଧ–

ଶ୍ରୀକୃଷ୍ଣଂକ ଏହି ଉକ୍ତିରୁ ବୁଝାଯାଉଚି ଏହି ସ୍ୱାର୍ଥ ଦୃଷ୍ଟିରେ ଜନସମାଜର ପ୍ରତିଷ୍ଠା ହିଁ ଜଗତର ନିତ୍ୟ ନୀତି । ଯଥାର୍ଥରେ ଦେଖ, ଉପନିଷଦର ଲୋକଶିକ୍ଷକ ଋଷିମାନେ ସବୁ କଲେ ମଧ ଏ ଦେଶରେ ଭେଦ ବୁଦ୍ଧି ଓ ରକ୍ଷିତ ସ୍ୱାର୍ଥର ଅତ୍ୟାଚାର ଚିରକାଳ ପାଇଁ ଗଲାନାହି । ପୁଣି ଲୋକସାଧାରଣ ଉପରେ ଅତ୍ୟାଚାର ବହ୍ନି ସେଇ ପ୍ରାଚୀନ ସ୍ୱର୍ଗ-ସୁଖପ୍ରଦ ଯଜ୍ଞର କରାଳ ଅଗ୍ନିଶିଖା ସଂଗେ ଜଳି ଉଠି ଲୋକସ୍ୱାର୍ଥର ଶବ ସଂସ୍କାର ଆରଂଭ କଲା । ରାଜା ଓ ଧନିକମାନେ ଇହଲୋକର ସଂଚିତ ଭୋଗବିଳାସ ସାମଗ୍ରୀର ଉପଭୋଗରେ ମାତି ସେଇ ସାମଗ୍ରୀ ବଳରେ ପରଲୋକ କିଣିବାରେ ଲାଗିଲେ । ପୁରୋଧାମାନେ ସେଥିରେ ସାଥୀହୋଇ ନିଜ ପରଲୋକର ନିତ୍ୟଭୋଗ ଠିକ୍ ରଖିବା ସଂଗେ ସଂଗେ ଧନଧାନ୍ୟ ଗୋପଲକ୍ଷ୍ମୀଠାରୁ ଆରଂଭ କରି ଆଜ୍ଞାବହ ଦାସ ଓ ସୁଂଦରୀ ତରୁଣୀ ଉପଭୋଗ୍ୟା ଦାସୀ ପର୍ଯଂତ ଦକ୍ଷିଣା ପାଇ ସମାଜରେ ଧୁରଂଧର ହୋଇ ବସିଲେ । ଏଇମାନେ ହେଲେ ସମାଜର ନେତା ତଥା ଆଦର୍ଶ । ଏଇମାନଂକ କଥା ହେଲା ସମାଜର ଲୋକସାଧାରଣଂକର ବ୍ୟବସ୍ଥା ବାଣୀ । ନ ମାନିଲେ ଲୋକେ ହେଲେ ଇହକାଳରେ ଘୃଣିତ, ଲାଂଛିତ ଓ ପତିତ, ପୁଣି ପରକାଳରେ ନରକ ଯଂତ୍ରଣାରେ ଭାଗୀ । ରକ୍ଷିତ ସ୍ୱାର୍ଥର ଏ ଘୋର ଅପଚାର ଓ ଅତ୍ୟାଚାର ବେଳେ କପିଳବାସ୍ତୁର ରାଜପୁତ୍ର ସିଦ୍ଧାର୍ଥ ପୁଣି ସମସ୍ତ ରାଜ୍ୟରେ ଏକାବେଳକେ ଜଳାଂଜଳି ଦେଇ ଲୋକପରିତ୍ରାଣ ନିମଂତେ ବାହାରି ପଡ଼ିଲେ । ସେ ହେଲେ ବୁଦ୍ଧ ବା ଯଥାର୍ଥ ଜ୍ଞାନୀ । ସେ କହିଲେ–

"ସର୍ବେ ଭବଂତୁ ସୁଖିନଃ ସର୍ବେ ସଂତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟଂତୁ ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍ ।"

(ସେ ଯାହା ଲୋକଂକ ପ୍ରାକୃତ ଭାଷାରେ କହିଥିଲେ, ଏ ତା'ର ସଂସ୍କୃତ)

ଅର୍ଥାତ୍, ସମସ୍ତେ ସୁଖୀ ହୁଅଂତୁ, ସମସ୍ତେ ନୀରୋଗ ହୁଅଂତୁ, ସମସ୍ତେ ଲୋକର ମଂଗଳ ଦେଖଂତୁ, କେହି ଦୁଃଖରେ ନ ପଡୁ । ଏହା ଆଉ ଭଲ କରି ବୁଝାଇ କହିବା ଦରକାର ନାହି । ଲୋକ ମଂଗଳର ଏ ମଂତ୍ର ସୁଖବୋଧ । ଲୋକଂକୁ ଦୁଃଖରେ ପକାଇ

Digitized by PPRACHIN, SOA

କେତେଜଣ ସମାଜରେ ସୁଖ ଭୋଗରେ ନ ମାତଂତୁ, ଏହା ଏ ବାଣୀରେ ସ୍ପଷ୍ଟ ପ୍ରକାଶ ପାଉଚି ।

**ଅଶୋକ—**

ଏ ତ୍ୟାଗମୂଳକ ବିଶ୍ୱସୁଖ ବିଧାନ ମଂତ୍ରର ପ୍ରଭାବ ପୁଣି କେତେକାଳ ଏକା ଭାରତ କାହିଁକି ସମସ୍ତ ପୂର୍ବ ମହାଦେଶ ପ୍ଲାବିତ କରିଥିଲା । ଅଶୋକଂକ ପରି ସାର୍ବଭୌମ ସମ୍ରାଟ୍ ଏଇ ଦୀକ୍ଷାରେ କି କାର୍ଯ୍ୟ କରିଥିଲେ, ତାହା କହି ବୁଝାଇବା ଦରକାର ନାହି । ନିଜେ ସମ୍ରାଟ୍ ହୋଇ ମଧ ସେ ନିଜକୁ ଧନ ଭୋଗ ବା ଅଯଥା ପ୍ରଭୁତ୍ୱର ଅଧିକାରୀ ବୋଲି ବିଚାରିନଥିଲେ । ''ହିଂସା ପ୍ରଣୋଦିତ ତରବାରିର ଜୟ''ରେ ବିଜୟ କାମନା ସେ ସଂପୂର୍ଣ ତୁଟାଇଥିଲେ । ଲୋକସାଧାରଣର ସୁଖ ସ୍ୱାର୍ଥ ହିଁ ତାଂକର ଚିରକାମ୍ୟ ବିଭବ ଥିଲା । ହେଲେହେଁ, ଅନ୍ୟ ଦିଗରେ ସମାଜ କୁଆଡ଼େ ଗତି କଲା ?

**ପୁଣି ରକ୍ଷିତ ସ୍ୱାର୍ଥର ପ୍ରତିଷ୍ଠା—**

ମହାତ୍ୟାଗର ଏ ପ୍ଲାବନ ପାଖେ ଧନିକ ଓ ପୁରୋଧାମାନଂକର ଭୋଗ ଓ ଯଜ୍ଞସର୍ବସ୍ୱ ରକ୍ଷିତ-ସ୍ୱାର୍ଥ-ସେବା ଅତ୍ୟଂତ ଆତ୍ମସଂକୋଚରେ ରହିଲା, ଲୋପ ପାଇଲା ନାହି । ଶାସ୍ତ୍ରର ଦ୍ୱାହି ଦେଇ, ପରଲୋକର ଭୟ ଦେଖାଇ ଏମାନେ କ୍ରମେ କୌଶଳରେ ଏଇ ମହାତ୍ୟାଗମୟ ଆତ୍ମସାଧନାର ସମସ୍ତଟା ରକ୍ତମାଂସ ସହିତ ଗର୍ଭସ୍ଥ କଲେ । ଜ୍ଞାନ ବି ଏକ ରକ୍ଷିତ ସ୍ୱାର୍ଥର ଅବଲଂବନରେ ପରିଣତ ହେଲା । ସାଧାରଣ ଲୋକଂକୁ ବୁଝାଇ ଦିଆଗଲା, ଜ୍ଞାନୀପକ୍ଷରେ ଏ ସମତ୍ୱ ଧାରଣାର କ୍ରିୟା ଯଥାର୍ଥ ସାଧନର ଲକ୍ଷଣ ହୋଇପାରେ, ମାତ୍ର ଜନସାଧାରଣ ଓ ସମାଜ ପାଇଁ ଅଛି, ଶାସ୍ତ୍ର ଓ ଆପ୍ତବଚନ । ତା' ନ ମାନିଲେ, ଏ ଜନ୍ମରେ ସୁଖ ଭୋଗ କଲେ ମଧ, ସେ ସୁଖ ଦୁଃଖର ଦ୍ୱାର— ସେ ସୁଖ ପରଲୋକରେ ନରକ ପାଇଁ ବାଟ ସଫା କରେ ମାତ୍ର । ଏଇ ଯୁକ୍ତିର ସ୍ଥିତିରେ ରକ୍ଷିତ ସ୍ୱାର୍ଥ ପୁଣି ପ୍ରତିଷ୍ଠିତ ହେଲା ସତ, ମାତ୍ର ଜନସାଧାରଣର ଯଥାର୍ଥ ସ୍ୱାର୍ଥଦର୍ଶୀ ଯୁଗେ ଯୁଗେ ଅଛଂତି । ଆଜି କିଛି ତାଂକ ଆବିର୍ଭାବ ନୂତନ ନୁହେ । ପରିସ୍ଥିତି ଓ ବେଷ୍ଟନୀର ପ୍ରଭାବ ଭେଦରେ ସେମାନେ ଭିନ୍ନ ଭିନ୍ନ ରୂପରେ ଦେଖା ଦିଅଂତି ମାତ୍ର । କେତେବେଳେ ସେ ଉପନିଷଦର ଋଷି, କେତେବେଳେ ଶାକ୍ୟ ମୁନି ବୁଦ୍ଧ, କେତେବେଳେ ଯୀଶୁ, କେତେବେଳେ ମହମ୍ମଦ, କେତେବେଳେ ଚୈତନ୍ୟ, କେତେବେଳେ ଚାର୍ବାକ୍, କେତେବେଳେ ଗାଂଧି, କେତେବେଳେ ଲେନିନ୍— ସମସ୍ତେ ଏକଧର୍ମା ।

**ଚାର୍ବାକ୍‌ର ପ୍ରତିକ୍ରିୟା—**

ତେବେ ସେ ଯା ହେଉ ଏଇ ରକ୍ଷିତ ସ୍ୱାର୍ଥର ପୁନଃ ପ୍ରତିଷ୍ଠାରେ ଜନସାଧାରଣ ତଥା ଜନସେବକ ବିବ୍ରତ ହୋଇପଡ଼ିଲେ, ଏହା ବୁଝାଇବା ଦରକାର ନାହି । ତ୍ୟାଗରେ ନାହି, ଜ୍ଞାନରେ ନାହି, ମୁକ୍ତି କାମନାରେ ନାହି— ସାମ୍ୟଧର୍ମ କାହିଁରେ ନାହି । ଇହ ଲୋକରେ

Digitized by PPRACHIN, SOA

ରକ୍ଷିତ ସ୍ୱାର୍ଥ ସମ୍ଭାଳି ଭୋଗ କରିବାର ଏ ଛଦ୍ମର ପ୍ରତିକାର ତେବେ କାହିଁରେ ? ଏଇଠାରେ ପ୍ରବଳ ପ୍ରତିକ୍ରିୟାର ବାତ୍ୟା ବହିଲା । ଶାସ୍ତ୍ର ପରଲୋକ ସବୁ ଯଥାର୍ଥ ଯୁକ୍ତି ଓ ନ୍ୟାୟରେ ଏକାବେଳକେ ସୂର୍ଯ୍ୟାଲୋକରେ କୁହୁଡ଼ି ପରି ଲିଭି ଶୂନ୍ୟ ହୋଇଗଲା । ସମସ୍ତ ମାୟାଜାଲ ତୁଟିଗଲା । ଋତ, ନୟ, ତଥା ନ୍ୟାୟର ସର୍ବଶ୍ରେଷ୍ଠ ଆଦର୍ଶ ବୃହସ୍ପତିଂକ ନାମ ଧରି ନୂତନ ମତର ତୀବ୍ର ପ୍ରଚାରରେ ରକ୍ଷିତ ସ୍ୱାର୍ଥର ମାୟାଜାଲ ଛିନ୍ନ ଭିନ୍ନ କରିଦେଲା ।

ବୃହସ୍ପତିଂକ ସଂହିତାରେ ପ୍ରଚାରିତ ହେଲା—

‘କେବଳଂଶାସ୍ତ୍ରମାଶ୍ରିତ୍ୟ ନ କର୍ତ୍ତବ୍ୟବିନିର୍ଣ୍ଣୟଃ
ଯୁକ୍ତିହୀନବିଚାରେ ତୁ ଧର୍ମହାନିଃ ପ୍ରବର୍ତ୍ତତେ ।’

ଅର୍ଥାତ୍ ଏକା ଶାସ୍ତ୍ରର ଦ୍ୱାହି ଦେଇ କର୍ତ୍ତବ୍ୟ ନିର୍ଣ୍ଣୟ କରାଯାଏ ନାହି । ଯେଉଁ ବିଚାରରେ ଯୁକ୍ତି ନାହି, ସେ ବିଚାରରେ କାର୍ଯ୍ୟ କଲେ, ଧର୍ମ ହାନି ହୁଏ । ଧର୍ମ ବୋଇଲେ, ଭାରତ ସାହିତ୍ୟରେ ଯେପରି କେହି ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ ପରି ବସ୍ତୁ ନ ବୁଝଂତି । ଏ ଦେଶରେ ଧର୍ମର ଅର୍ଥ ଋତ, ଅର୍ଥାତ୍, ବିଶ୍ୱ ସଂସ୍ଥାରେ ନିୟତ ବା ନିତ୍ୟ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ । ଲୋକ ବ୍ୟବହାରରେ, ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନସାଧାରଣର ମଂଗଳ ହୁଏ, ତାହା ହିଁ ଧର୍ମ । ଏଥିରେ ଜନ ସମାଜ ଧରା ହୋଇ ରହେ ବୋଲି ଏହାର ନାମ ଧର୍ମ ।

## ଚାର୍ବାକ୍‌ର ଅର୍ଥ—

ସେ ଥାଉ । ଏବେ ଯେଉଁ ପ୍ରବଳ ପ୍ରତିକ୍ରିୟାର ବାତ୍ୟା ବହିଲା, ସେଥିରେ ଜନ ସାଧାରଣ ଆଶ୍ୱସ୍ତ ହେବାର କଥା । ଜନସାଧାରଣ ପରଲୋକକୁ ଚାହିଁ ଇହକାଳ ଛାଡ଼ିବାର କିଂତୁ କୌଣସିଠାରେ କେବେ ନୁହେ । ଯାହାର ଅଛି, ତ୍ୟାଗ ତା’ର ସୁଂଦର— ହୁଏତ ତାହା ତା’ର ବିଳାସ । ଜନସାଧାରଣ ସବୁବେଳେ ଲୁଂଠିତ, ପ୍ରପୀଡ଼ିତ । ତାଂକର ଇହଲୋକରେ କିଛି ଛାଡ଼ିବାର ନାହି । ଇହଲୋକରେ ସୁଖର ଆଶା ପାଇଲେ ସେ ଉଦ୍‌ବୁଦ୍ଧ । ତା’ର ମୁକ୍ତି ସେଇଠାରେ, କାହିଁକି ନା ସେଇଠାରେ ସେ ଚିର ବଂଧନରେ ଆବଦ୍ଧ ରହି ଅହର୍ନିଶ ‘ତ୍ରାହି, ତ୍ରାହି’ ଡାକୁଛି । ତେଣୁ ବୃହସ୍ପତିଂକ ନାମରେ ଏଇ ବାଣୀ ତାକୁ ବଡ଼ ପ୍ରିୟ ହେଲା । ସେ କହିଲା, ‘ଆହା, ଏ କି ସୁଂଦର କଥା । ଏ ଚାରୁ ବାକ୍ ।’

## ଚାର୍ବାକ୍ ନୀତିର ସୂଚନା—

ଏଇ ଚାରୁବାକ୍ (ଚାର୍‌ବାକ୍) କଥାଟି ଲୋକମୁଖରେ ହେଲା ଚାର୍ବାକ୍ ବା ରମ୍ୟ ବାଣୀ । ଚାର୍ବାକ୍ ବୋଲି ଜଣେ କେହି ପୁରୁଷ ନ ଥିଲେ । ଯେଉଁମାନେ ଏହି ମତ ପ୍ରଚାର କରିଥିଲେ ସେମାନଂକର ଏଇ ରମ୍ୟ ବାଣୀରେ ମୁଗ୍ଧ ହୋଇ ଲୋକେ ଏହାକୁ କହିଲେ ଚାର୍ବାକ୍-ମତ । ସେଇ ନାମରେ ପ୍ରାଚୀନମାନେ ବହୁ ସ୍ଥଳରେ ସେମାନଂକ ସଂବଂଧରେ ଲେଖିଯାଇଚଂତି । ସେ କଥା ଯା ହେଉ, ଚାର୍ବାକ୍‌ମାନେ ଶାସ୍ତ୍ରର ଶ୍ରାଦ୍ଧ କରି ପରଲୋକ ସଂବଂଧରେ ମଧ୍ୟ କହିଲେ—

Digitized by PPRACHIN, SOA

"ଯାବଜ୍ଜୀବେତ୍ ସୁଖଂ ଜୀବେତ୍ ଋଣଂ କୃତ୍ୱା ଘୃତଂ ପିବେତ୍
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ।"

ଅର୍ଥାତ୍ ବଂଚିଥିବାଯାକ ସର୍ବଦା ସୁଖରେ ରହିବା ଉଚିତ । ଭଲ ଖାଇ ପିଂଧି ସୁଖରେ ରହିବା ପାଇଁ ଯାହା ଦରକାର, ସେଥିରେ ମୋ ଧନ କି ଆଉ କାହା ଧନ ଏ କଥା ବିଚାର କରିବାର କିଛି ନାହି । ମରି ପୋଡ଼ା ହେଲେ ତ ସରିଲା; ଫେର୍ ପରଲୋକ ବୋଲି ଗୋଟାଏ କ'ଣ ?

## ଅନୁସଂଧାନରେ ଚାର୍ବାକ୍ ନୀତିର ମୂଳ—

ଏଠାରେ ମନେ ରଖିବାର ଅଛି, ବାର୍ହସ୍ପତ୍ୟ ସଂହିତାର କେତେକ ସୂଚନା ଛଡ଼ା, ଚାର୍ବାକ୍‌ମାନଂକର ଆଉ କୌଣସି ଲେଖା ମିଳୁନାହି । ଉପରର ଶ୍ଳୋକଟି 'ମାଧବାଚାର୍ଯ୍ୟ'ଂକ ସର୍ବ-ଦର୍ଶନ ସଂଗ୍ରହରେ ମିଳେ । ମାଧବାଚାର୍ଯ୍ୟ ନିଜେ ଅଦ୍ୱୈତ ବେଦାଂତ ମତବାଦୀ ଥିଲେ । ତେଣୁ ସେ ନିରାଟ ଆଧିଭୌତିକ ଚାର୍ବାକ୍ ମତକୁ ଅତି ତାଚ୍ଛିଲ୍ୟର ସହିତ ଉଲ୍ଲେଖ କଲାବେଳେ ତାଂକ ମତ ସଂବଂଧରେ ଏଇ ଶ୍ଳୋକଟି ଲେଖି, ଏକ ପ୍ରକାର ଏକା କଥାକେ ଚାର୍ବାକ୍ ମତର ଦଫା ରଫା କରିଚଂତି । ଖୁବ୍ ସଂଭବ ଶ୍ଳୋକଟି ମାଧବାଚାର୍ଯ୍ୟଂକ ନିଜର । ଚାର୍ବାକ୍ ମତ କ'ଣ, ତା'ର ଉଦାହରଣ ଦେବାପାଇଁ ମାଧବ ଅଳ୍ପ କଥାରେ ସମସ୍ତ ମତଟି ପ୍ରକାଶ କରିବାକୁ ଯାଇ ଏହା ଲେଖିଚଂତି ।

## ଚାର୍ବାକ୍ ନୀତିର ପ୍ରତିପତ୍ତି—

କିଂତୁ ଏଇ ତାଚ୍ଛିଲ୍ୟର ସୂଚନା ମାତ୍ରରୁ ବୁଝାଯାଉଚି, ଏ ମତଟି କ'ଣ ଥିଲା । ଏ ପ୍ରତିକ୍ରିୟା ବର୍ତମାନର ଚୂଡ଼ାଂତ ସାମ୍ୟବାଦର ପଂଥାରେ ଗତି କରିଥିଲା, ସଂଦେହ ନାହି । ଲୋକସାଧାରଣ ଧନ ଅର୍ଜୁଚଂତି, ସମାଜର ପରିସ୍ଥିତି ରଖିଚଂତି । ସେମାନଂକୁ ଭୋଗରୁ ବଂଚିତ କରି ରକ୍ଷିତ ସ୍ୱାର୍ଥରେ ଭୋଗ ପୁଂଜୀଭୂତ ହେବା ନ୍ୟାୟ ନୁହେ କି ଯୁକ୍ତି ନୁହେ । ପରଲୋକ, ଏଇ ରକ୍ଷିତ ସ୍ୱାର୍ଥର ଗୋଟିଏ ଦୃଢ଼ ଅବଲଂବନ । ଲୋକଂକୁ ସେଥିରେ ଭୁଲାଇ ଭୋଗରୁ ବଂଚିତ କରିବାରେ ହିଁ ଯଥାର୍ଥ ଧର୍ମହାନି । ଇତ୍ୟାଦି ଯୁକ୍ତି ପୁଣି ସେତେବେଳେ ରକ୍ଷିତ ସ୍ୱାର୍ଥସେବୀମାନଂକୁ କିପରି ବିବ୍ରତ କରିଥିଲା ତାର ଆଭାସ ସେକାଳ ସାହିତ୍ୟରେ କିଛି କିଛି ମିଳେ । ବର୍ତମାନ ସାମ୍ରାଜ୍ୟବାଦୀମାନେ ବିନା ଯୁକ୍ତିରେ ସାମ୍ୟବାଦକୁ ଡରି ଜବତ୍ କଲା ପରି, ସେ ଯୁଗରେ ମଧ କରାଯାଇଥିଲା । ନୈଷଧ କାବ୍ୟର ୧୬ଶ ସର୍ଗରେ କଳିର ଆଗମନ ବେଳେ ଚାର୍ବାକ୍ ତା'ର ଅନୁଚର । ସେଠାରେ ଚାର୍ବାକ୍ ମୁହଁରେ ଶ୍ରୀହର୍ଷ ତାଚ୍ଛିଲ୍ୟରେ ମଧ ଯାହା ଦେଇଚଂତି, ଧର୍ମଦେବଂକ ମୁହଁରେ ତା'ର ଯୁକ୍ତି ଦେଇ ପାରିନାହାଂତି । ପରଲୋକ ସଂବଂଧରେ ଶ୍ରୀହର୍ଷଂକ ଧର୍ମଦେବ କହିଚଂତି, "ଆରେ ଚାଂଡାଳ ଚାର୍ବାକ୍, ଦେଖୁ ନାହୁ, କେତେ ଲୋକ ଗୟାରେ ପିଂଡ ଦେବାକୁ ଦଉଡ଼ିଚଂତି, ତଥାପି ତୁ ପରଲୋକରେ ବିଶ୍ୱାସ କରୁ ନାହୁଁ ।" ଏଇ ବା ଏଇଭଳି ଯୁକ୍ତି କରି (ଏବେ ମୋ ପାଖେ ନୈଷଧ ନାହି । ମୁଁ ସ୍ମୃତିରୁ ମାତ୍ର ଆଶ୍ରୟ ଧରି ଉପର କଥାଟି ଲେଖିଚି)

Digitized by PPRACHIN, SOA

ଶେଷରେ ଧର୍ମଦେବ ଖାଲି ଗ୍ରାମୀୟ କଳହପ୍ରିୟ ଲୋକଂକ ପରି ଅପଭାଷାରେ ଗାଳି ଦେଲା ପରି କଥା କହିଚଂତି । ଏଇଥିରୁ ହିଁ ସେକାଳେ ସମାଜରେ ଚାର୍ବାକ୍‌ର ପ୍ରଭାବ ଅନୁମାନରେ ଖୁବ୍ ଜଣାପଡୁଚି ।

**ସେ ନୀତିର ପରିଣାମ ତଂତ୍ର ସାଧନା–**

କେବଳ ସେତିକି ନୁହେ– କୌଣସି ବିରୋଧ ମତବାଦ ବା ପ୍ରତିକ୍ରିୟାକୁ ଗର୍ଭସ୍ଥ କରି ଜୀର୍ଣ୍ଣ କରିବା ଏ ଦେଶ ସଂସ୍କୃତିର ପ୍ରକୃତି । ଏଇ ଆଧୁନିକ ଯୁଗରେ ମଧ ଶଂକରାଚାର୍ଯଂକ ବେଦାଂତ, ବୌଦ୍ଧର ଶୂନ୍ୟବାଦ ଓ 'ନିର୍ବାଣ'କୁ ଏଇପରି ସଂପୂର୍ଣ୍ଣ ଜୀର୍ଣ୍ଣ କରିଥିଲା । ସେଥିପାଇଁ ରାମାନୁଜୀମାନେ ଶଂକରଂକୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି କହଂତି । ଏଇପରି ଉଦାହରଣ ବହୁତ ଅଛି । ସେ ସବୁ ଏଠାରେ କହିବାର ଅବକାଶ ନାହିଁ । ସେଇପରି ଚାର୍ବାକ୍‌ର ଏ ନିରାଟ ଆଧିଭୌତିକ ସାମ୍ୟବାଦକୁ ବୌଦ୍ଧ ଓ ବୈଦିକ ଦୁଇ ଅଧାତ୍ମ ଧର୍ମ ଗର୍ଭସ୍ଥ କରିବାର ଉଦ୍ୟମ କରିଥିଲେ, ସେଥିରେ ପୁଣି ଆପାତତଃ କୃତକାର୍ଯ ହୋଇଥିଲେ । ମାତ୍ର ଏସବୁ କଲେ ମଧ ଚାର୍ବାକ୍‌ର ଭୂତ ଛାଡ଼ି ନାହିଁ । ତ୍ୟାଗନିଷ୍ଠ ଅଧାତ୍ମ ସାଧନାରେ ଭୋଗମୂଳକ ଭୌତିକ ସାମ୍ୟ ସାଧନା ପଶି ଯେ ଖେଚେଡ଼ି ତିଆରହେଲା ତାହାର ରୋଗ ଚିହ୍ନ ସମାଜରେ ଫୁଟି ଦିଶିଲା । ବୌଦ୍ଧର ବଜ୍ର ଓ ସହଜ ଯାନ, ବୌଦ୍ଧ ଓ ଶୈବର ଭୈରବୀ ଚକ୍ର, ବୈଷ୍ଣବର ବୈଷ୍ଣବୀ ଚକ୍ର ସବୁ ସେଇ ରୋଗ ଚିହ୍ନ । ଭୋଗ ବା କାମନାର ପ୍ରଧାନ ଅବୟବ ଯୌନ ସେବା । ନର ନାରୀର ଭେଦ ବଂଧନ ହିଁ ବଡ଼ ବଂଧନ । ସମାଜର ବାଧା ହିଁ ବଡ଼ ବାଧା । ଭୌତିକ ଭୋଗ ସାମ୍ୟରେ ସମାଜର ବାଧା ଓ ନରନାରୀର ଭେଦ ବଂଧନ ତୁଟିଗଲେ ଯାହା ହେବାର କଥା ତାହା ଏ ଦେଶରେ କିପରି ବୌଦ୍ଧ ଓ ହିଂଦୁ ସାଧନାରେ ସ୍ପଷ୍ଟରୂପେ ସ୍ଥାନ ପାଇଥିଲା, ସେଥିପାଇଁ ବଂଗୀୟ ପଂଡ଼ିତବର ଦୀନେଶଚଂଦ୍ର ସେନଂକ ଲେଖାରୁ ନିମ୍ନ ପଂକ୍ତିତକ ମାତ୍ର ଉଦ୍ଧାର କରାଗଲା–

''ତିବ୍ବତରାଜ ଚ୍ୟାଂଗୁବ ଯେଉଁ ସବୁ ତାଂତ୍ରିକ ବ୍ୟଭିଚାର କଥା କହିଥିଲେ ତାହା ବୌଦ୍ଧ ତାଂତ୍ରିକମାନଂକର ଭୈରବୀଚକ୍ର........ ବଂଗଳାର ଅନେକ ପଲ୍ଲିଗ୍ରାମରେ ପୁରୁଷ ଓ ନାରୀ ଏକାଠି ହୋଇ ଚକ୍ରରେ ବସୁଥିଲେ । ଏମାନେ ସାମାଜିକ ନିୟମ ଓ ଶୃଂଖଳା ସବୁ ଭାଂଗି ଏକାକାର କରିଦେଉଥିଲେ । ପୁରୁଷ ଓ ନାରୀମାନେ ଚକ୍ରରେ ବସି ନୀତି ଓ ଧର୍ମ ଅତଳ ସାଗରରେ ବୁଡ଼ାଇଦେଇ ଯଥେଚ୍ଛାଚାର କରୁଥିଲେ । ବୌଦ୍ଧ ତଂତ୍ରର ସବୁ କଥା ହିଂଦୁ ତଂତ୍ରରେ ସ୍ଥାନ ପାଇଚି– ମାତ୍ର ହିଂଦୁମାନେ ବୌଦ୍ଧର ନାମ ଭ୍ରମରେ ମଧ ଉଲ୍ଲେଖ କରଂତି ନାହିଁ ।''– (ବୃହତ୍ ବଂଗ ୩୨୨ ପୃଷ୍ଠା)

ଏଇ ପୁସ୍ତକରେ ଏଇ ପ୍ରକରଣରେ ଏଇ ସବୁ ସାମ୍ୟବାଦଜନିତ ଯୌନ ଭୋଗର ଆଉ ଯେଉଁ ସବୁ ବୀଭତ୍ସ ଚିତ୍ର ଅଛି, ତାହା ଏଠାରେ ଲେଖି ରୁଚି-ବିକୃତ କରିବାର ପ୍ରୟୋଜନ ନାହିଁ ! ସମାଜର ଇତିହାସ ଅନୁସଂଧାନ ଯେ କରିବେ, ସେ ଏ ସବୁର ବହୁ ପ୍ରମାଣ ପାଇବେ । ସହଜଯାନର ସାମ୍ୟବାଦରେ ଯୌନ ସାମ୍ୟ ସାଧନା ପୁଣି ତଂତ୍ରର

Digitized by PPRACHIN, SOA

ପଂଚମକାର ଏବେ ମଧ ସମାଜରେ କୁତ୍ରାପି ଜୀବିତ ଥାଇପାରେ । ସମସ୍ତେ ଭୋଗ ତଥା ଧର୍ମ ସାଧନାରେ ସମାନ, ଏହାର ପ୍ରମାଣ ସ୍ୱରୂପ କାଳୀ ତଂତ୍ରରେ ନିର୍ଦ୍ଦେଶ ଅଛି– ଅହଂ ଭୈରବଃ ତ୍ୱଂ ଭୈରବୀ ହ୍ୟାବୟୋରସ୍ତୁ ସଂଗମଃ । ଅର୍ଥାତ୍, (ପୁରୁଷ, ନାରୀକୁ ଦେଖିଲେ କହିବ) ମୁଁ ଭୈରବ, ତୁ ଭୈରବୀ; ଅତଏବ ଆମର ସଂଗମ ହେଉ । ମନୁଷ୍ୟ ମନୁଷ୍ୟରେ ସାନ ବଡ଼ ଭେଦ ନାହି । ଭୋଗ ଓ ସାଧନାରେ ସମସ୍ତେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମାନ । ଏଇ ଭାବର ଏ ପରିଣାମ । ଏ ପରିଣାମରେ ପୁଣି ରକ୍ଷିତ ସ୍ୱାର୍ଥ ଭୟଂକର ଭାବରେ ଜାଗ୍ରତ ହେବା ସ୍ୱାଭାବିକ । ମାନବ ପ୍ରଗତିର ଏଇ ଚକ୍ର ଏକା ଯଥାର୍ଥ 'ଭୈରବୀ ଚକ୍ର' (ଭୀଷଣ ଚକ୍ର) ।

**ଏବର ସାମ୍ୟବାଦ ଓ ଚାର୍ବାକ୍ ନୀତି–**

ଏବେ ପୃଥିବୀରେ ଯେଉଁ ଘୋର ପ୍ରତିକ୍ରିୟାର ସୂତ୍ରପାତ, ତଳେଇ କରି ଦେଖିଲେ, ତାହା ଏଇ 'ଭୈରବୀ ଚକ୍ର'ର ଦ୍ୱାରରେ ପହଁଚିଚି ବୋଲି ଯେଉଁମାନେ କହଂତି, ସେମାନଂକ ବିରୋଧରେ କି ଯୁକ୍ତି, କି ପ୍ରମାଣ ? ଆଜିର ସାମ୍ୟବାଦୀ ବା ରକ୍ଷିତସ୍ୱାର୍ଥ ବିରୋଧୀଂକ ପରି ଯେଉଁମାନେ ଯୁଗେ ଯୁଗେ ସାମ୍ୟବାଦ ଆରଂଭ କରିଥିଲେ ତାଂକର ଚିଂତା ଚତୁରତା କିଛି କମ୍ ନ ଥିଲା, ଏହା ମଧ୍ୟ ପ୍ରଣିଧାନଯୋଗ୍ୟ । ପୁଣି ରକ୍ଷିତ ସ୍ୱାର୍ଥ ବିରୋଧରେ ଏବେ ଯେଉଁ ତୀବ୍ର ପ୍ରତିକ୍ରିୟା ଆରଂଭ ହୋଇଚି, ସେଥିରେ ବା ରକ୍ଷିତ ସ୍ୱାର୍ଥ ଯେ ପୁଣି ଜାଗ୍ରତ ନ ହେବ, ତା'ର କି କାରଣ ବା ପ୍ରମାଣ ଅଛି ? ସେତିକି ନୁହେ, ଏଇ ଅଳ୍ପ ଦିନର ପ୍ରତିକ୍ରିୟାରେ, ପ୍ରତିକ୍ରିୟାର ତୀବ୍ରତା ମଧରେ ମଧ୍ୟ ରକ୍ଷିତ ସ୍ୱାର୍ଥ ପୁଣି ଜାଗ୍ରତ ନ ହେବାର ଲକ୍ଷଣ ମଧ ପ୍ରକାଶ ପାଉନାହି । ଠିକ୍ ଲୋକସ୍ୱାର୍ଥ ଓ ଲୋକରକ୍ଷା ନାମରେ ପ୍ରତିକ୍ରିୟା ଚାଲିଚି ଓ ଠିକ୍ ତା'ର ଐତିହାସିକ ପରିଣାମର ଲକ୍ଷଣ ମଧ୍ୟ ପ୍ରକାଶ ପାଉଚି । ତଥାପି ଆମେ ପ୍ରତିକ୍ରିୟାରନ୍ତୀବ୍ର ସ୍ରୋତ ଭିତରେ ଥିବାରୁ ହୁଏତ ସେ ପରିଣାମ ଦେଖିବାର ଅବକାଶ ପାଉନାହୁ– ଅଗତ୍ୟା ଭାସିଯିବାକୁ ଆମେ ବାଧ୍ୟ ।

[ନବଭାରତ ୪ର୍ଥ ବର୍ଷ ୫ମ ସଂଖ୍ୟା, ତୁଳ ୧୩୪୫]

# ମାନବ ପ୍ରଗତିର ଧାରା-(୨)

## ପ୍ରତିକ୍ରିୟାର ଗତି

**ବିଚାରରେ ଯୁଗ ପ୍ରଭାବ–**

ମାତ୍ର ଏ ଯୁଗରେ ଗୋଟିଏ ସୁବିଧା ଅଛି, ଯାହା ସେ ଯୁଗରେ ନ ଥିଲା । ସେ ଯୁଗରେ ଏପରି ତୀବ୍ର ପ୍ରଚାରର ସୁବିଧା ନ ଥିଲା । ତେଣୁ ପ୍ରତିକ୍ରିୟାର ଗତି ଏବପରି ଚଂଚଳ ଓ ବିସ୍ତୀର୍ଣ୍ଣ ନ ଥିଲା । ତେବେ ଯାହା ଯୁଗେ ଲାଗୁଥିଲା ଏବେ ତା ହୁଏତ ଦିନେ ଲାଗୁନାହି । ପ୍ରତିକ୍ରିୟାର ଗତିରେ ମଧ ସେଇପରି ।

Digitized by PPRACHIN, SOA

ମାତ୍ର ସ୍ରୋତ ମଧ୍ୟରେ ରହି ଦିଗ୍‌ଦର୍ଶନ ଠିକ୍ ରଖିବା ସହଜ ନୁହେ । ତଥାପି ପରଂପରାର ପ୍ରେରଣାରେ ନିର୍ଭର କରି ଦେଖିଲେ ମଧ୍ୟ ଦେଖାଯାଇପାରେ, ଯଦି ସେତକ ଧୈର୍ଯ୍ୟ ଥାଏ ।

## ଗତ ମହାସମର—

୧୯୧୪ ଅଗଷ୍ଟରେ ପୃଥିବୀର ମହାସମର ଆରଂଭ ହେଲା କାହିଁକି ? ସେଇ ଦଳିତ ଲୋକ ବା ଜାତି ସ୍ୱାର୍ଥ ନାମରେ । କ୍ଷୁଦ୍ର ଜାତିର ସ୍ୱାଧୀନତା ରକ୍ଷା କରିବାକୁ ହେବ । ଏହି ଧଂଦାରେ ମିତ୍ରଶକ୍ତି ଶେଷରେ ଆମେରିକାର ତତ୍କାଳିକ ଅଧ୍ୟକ୍ଷ ଅଧ୍ୟାପକ ଉଇଲ୍‌ସନ୍‌ଙ୍କୁ ବାଂଧିଥିଲେ । ୧୯୧୮ରେ ଯୁଦ୍ଧ ବଂଦ ହେଲା । ପୃଥିବୀ ଯେପରି କି ନିଶ୍ୱାସ ମାରି ଉଠିଲା । ଏଥର ଆଉ ଦଳିତ ହୋଇ କେହି ରହିବେ ନାହି । ଭାରତପରି ପରାଧୀନ ଜାତିକୁ ମଧ୍ୟ ଏଥିପୂର୍ବରୁ ସ୍ୱରାଜ୍ୟର ସିଂହଦ୍ୱାରରେ ଠିଆ କରି ଦିଆ ହୋଇଥିଲା । ଯୁଦ୍ଧର ବିରାମ ସଂଗେ ସଂଗେ ଇଉରୋପର ବଡ଼ ବଡ଼ ରାଜ୍ୟମାନଂକରେ ରାଜାମାନେ ଗୋଟି ଗୋଟି ହୋଇ ଟଳିପଡ଼ିଲେ । ଲୋକଶାସନ ବସିଗଲା । ବିଜିତ ରାଜ୍ୟମାନେ ନିଜ ମୁଂଡକୁ ହାତ ପାଇବାଭଳି କରାଇ ଛାଡ଼ି ଦିଆ ହେବେ ବୋଲି ବଡ଼ ବଡ଼ ଶକ୍ତିମାନଂକୁ ଖଂଡିଏ ଖଂଡିଏ ଆଦରେଇ ଦିଆହେଲା । ଜାତିସଂଘ ବସି ଚିରକାଳ ପାଇଁ ଯୁଦ୍ଧର କବର ଖୋଳିବାରେ କଲମ ଧରି ଲାଗିଗଲେ । ସମସ୍ତେ ଦେଖିଲେ ଏବେ— "ମଧୁ ବାତାଋତାୟଂତେ ମଧୁକ୍ଷରଂତି ସିଂଧବଃ ।" ପବନରେ ଆଉ ଅସ୍ତ୍ରବାହୀ ଉଡ଼ାଜାହାଜ ନାହି, କି ବିଷ ବାଷ୍ପ ନାହି, ସମୁଦ୍ରରେ ଆଉ ରଣପୋତମାନଂକର ଲୀଳା ନାହି ।

## ତା'ର ଶିକ୍ଷା—

ମାତ୍ର କ'ଣ ହେଲା ? ଯେଉଁମାନେ କ୍ଷୁଦ୍ର ଦୁର୍ବଳ ଓ ଦଳିତଂକ ନାମରେ ପୃଥିବୀର ଏ ମହାସଂହାର ଯଜ୍ଞର ପୁରୋଧା ହୋଇଥିଲେ, ସେମାନଂକର କୃତିତ୍ୱର କାରଣ ଓ ପରିଣାମ ଚିଂତା କଲେ ପୃଥିବୀର ଲୋକସେବକ ଆଜି ଆତ୍ମହତ୍ୟାରେହିଁ ନିଜର ଆଦର୍ଶ ଓ ଅବଲଂବନର ସାମଂଜସ୍ୟ ରଖିବା ଛଡ଼ା ଆଉ ଉପାୟ ଦିଶୁ ନାହି । ପ୍ରତାରଣାରେ ମାନବ ବୁଦ୍ଧିର ଏ ବ୍ୟବହାର ଅକଳ୍ପନୀୟ । ପୁଣି ନିତ୍ୟ ଜୀବଂତ ଆକାଂକ୍ଷାର ପରିପୋଷଣରେ ବୁଦ୍ଧିର ଏ ବ୍ୟବହାର ଏକାତଂ ମାନବିକ । ମାନବ ସ୍ଥିତିର ଏହାହିଁ ପୀଠ । ସମାଜର ଏହାହିଁ ମେରୁଦଂଡ ।

## ଫଳରେ ମୁସୋଲିନି, ହିଟ୍‌ଲର ଓ ରୁଷିଆ—

ଯା' ହଉ, ଏ ପ୍ରତାରଣାର ବିପାକରେ ଆଜି ଇଟାଲୀରେ ମୁସୋଲିନି ଓ ଜର୍ମାନୀରେ ହିଟ୍‌ଲର୍ । ଏମାନେ ପୁଣି ଲୋକଶାସନର ପ୍ରତୀକ । ଲୋକଂକ ଭୋଟରେ ଏମାନଂକର ପ୍ରତିଷ୍ଠା । ହୋଇପାରେ ଜଗତର ସେ ସାମ୍ୟନୀତିରେ ଏକାଂତ ରାଜନୀତିର ଚକ୍ର ଖେଳୁଥିଲା । ଅର୍ଥନୀତିର ସାମ୍ୟ ଏମାନେ କଳ୍ପନା କରିନଥିଲେ । ସେଥିପାଇଁ ଜର୍ମାନୀର ଧନପତିମାନେ ଲୋକମତ ଉପରେ ଧନବଳରେ ପ୍ରଭାବ ବିସ୍ତାରକରି ନିଜର ରକ୍ଷିତ

Digitized by PPRACHIN, SOA

ସ୍ୱାର୍ଥ ରକ୍ଷା କାମନାରେ 'ହିଟ୍‌ଲର' ତିଆର କରିପକାଇଲେ । ମାତ୍ର ଠିକ୍ ସେହି ଯୁଦ୍ଧ ମଧ୍ୟରେ ଅର୍ଥନୀତିର ମହାସାମ୍ୟ ଆଦର୍ଶରେ ରୁଷିଆରେ ଯେଉଁ ସାମ୍ୟବାଦମୂଳକ ରାଜ୍ୟର ପ୍ରତିଷ୍ଠା ହୋଇଥିଲା— ଯାହାର ପ୍ରେରଣା ଓ ପ୍ରଭାବରେ ପୃଥିବୀର ଦଳିତ ଓ ଦଳିତଂମନ୍ୟ ଆଜି ଉଦ୍‌ବେଳିତ, ତା'ର କି ପରିଣାମ ? ଘୋର ରାଜନୀତିକ ଓ ଆର୍ଥନୀତିକ ଅତ୍ୟାଚାରର କରାଳ ପ୍ରତିକ୍ରିୟାରେ ରୁଷିଆ ରାଜନୀତିକ ଓ ଆର୍ଥିକ ରକ୍ଷିତ ସ୍ୱାର୍ଥ ଏକାବେଳକେ ଉଚ୍ଛନ୍ନ କରି, ନୂତନ ପରିସ୍ଥିତିର ପ୍ରତିଷ୍ଠାରେ ପୃଥିବୀକୁ ଯଥାର୍ଥ କାର୍ଯ୍ୟକାରୀ ସାମ୍ୟନୀତିର ଜ୍ୱଳଂତ ଦୀପଶିଖା ଦେଖାଇ ନିଜର ରାଜ୍ୟ ଗଢ଼ିଲା; 'ଅର୍ଜନ ଯାହାର ଭୋଗ ତାହାର'— ଏହି ମଂତ୍ର ଧରି ରକ୍ଷିତ ସ୍ୱାର୍ଥର ଚିହ୍ନ ପର୍ଯ୍ୟଂତ ଧ୍ୱଂସ କରିବାକୁ ବସି ମାନବର ପୂର୍ଣ୍ଣ ସାମ୍ୟ ପ୍ରତିଷ୍ଠାରେ ପରିବାରରେ ପର୍ଯ୍ୟଂତ ପ୍ରଭୁତ୍ୱ ପ୍ରତିଷ୍ଠା ଉଠାଇବାରେ ଲାଗିଲା । ବ୍ୟବସାୟର ଲାଭ, ପୌରୋହିତ୍ୟର ପ୍ରତିଷ୍ଠା, ଅନାବଶ୍ୟକ ଅର୍ଥର ସଂଚୟ, ସଂଚିତ ବା ଅନର୍ଜିତ ଅର୍ଥର ଭୋଗ, ସବୁ ତାକୁ ଅସହ୍ୟ ହେଲା । ଫଳରେ ଏଇ ୧୯ ବର୍ଷ ମଧ୍ୟରେ ପୁଣି ଯେ କେବଳ ପରିବାରର ପ୍ରତିଷ୍ଠା ଓ ବ୍ୟବସାୟରେ ବ୍ୟକ୍ତି ସ୍ୱାର୍ଥର ଧାରା ଫିଟି ଆସୁଚି ସେତିକି ନୁହେ, ଯେଉଁ 'ଟ୍ରଟ୍‌ସ୍କି' ଦିନେ ଏହି ନବୀନ ସାମ୍ୟଧର୍ମର ଭାଗ୍ୟବିଧାତା ଥିଲେ, ତାଂକର ଆଜି ନିର୍ବାସନ— ସେ ନିର୍ବାସନରେ ମଧ୍ୟ ତାଂକୁ ପୃଥିବୀରେ ମତ ପ୍ରକାଶର ସ୍ଥାନ ମିଳୁନାହି । ସେ ଆଜି ପୃଥିବୀରେ କେଉଁଠାରେ କିପରି ରହିବେ ବୁଝିପାରୁ ନାହାଂତି । ତାଂକ ମତାବଲଂବୀମାନେ ସ୍ୱଷ୍ଟ ବିଚାରାଳୟର ଅବତାରଣାରେ ପ୍ରାଣଦଂଡ ପାଇଛଂତି । ଲୋକର ସ୍ୱାଧୀନତା କାହିଁ ? ମତବାଦ ଓ ଲୋକ-ବୁଦ୍ଧିର ପ୍ରଭାବରେ ଲୋକସ୍ୱାର୍ଥ ନାମରେ ହିଁ ଏସବୁର ତାଂଡବ । ରକ୍ଷିତ ସ୍ୱାର୍ଥ ଦଳନରେ ପୁଣି କରାଳ ରକ୍ଷିତ ସ୍ୱାର୍ଥର ଆବିର୍ଭାବ । ସବୁ ଲୋକସାଧାରଣଂକ ନାମରେ— କିଂତୁ ଲୋକସାଧାରଣ ଯଥାର୍ଥରେ କାହାଂତି ? ପୁଣି ବ୍ୟକ୍ତିବିଶେଷ ପ୍ରଭାବିତ ମତର ଅସହିଷ୍ଣୁତାରେ ମଧ୍ୟ ରକ୍ଷିତ ସ୍ୱାର୍ଥ ଲୋପପାଇବ କିପରି ? ଦିନେ ଟ୍ରଟ୍‌ସ୍କିଂକ ମତ ବିରୋଧ କଲେ ହୁଏତ ପ୍ରାଣଦଂଡର ଆଶଂକା ଥିଲା । ଆଜି ପୁଣି ସେଇ ଟ୍ରଟ୍‌ସ୍କିଂକ ବିରୋଧୀଂକ ମତର ପ୍ରତିବାଦର ଠିକ୍ ସେଇ ପରିଣାମ । ଟ୍ରଟ୍‌ସ୍କି କି ତାଂକ ପ୍ରତିଦ୍ୱଂଦ୍ୱୀ ଷ୍ଟାଲିନ୍, କାହାର ରକ୍ଷିତ ସ୍ୱାର୍ଥ ପ୍ରତିଷ୍ଠା ପାଇବ— ଏଇ ତାଂଡବର କରାଳ ଅଭିନୟ ଭିତରେ ଲୋକେ କେବଳ ଅବଲଂବନ ମାତ୍ର । ଲୋକଂକୁ ଅଂଧ କରି (ମତାଇ ବା ପ୍ରଭାବିତ କରି) ଏଇପରି ଆତ୍ମପ୍ରତିଷ୍ଠା କରିବାହିଁ ରକ୍ଷିତ ସ୍ୱାର୍ଥର ମୂଳଭିତ୍ତି । ଲୋକର ଏହି ଅସହିଷ୍ଣୁତାହିଁ ସେହି ରକ୍ଷିତ ସ୍ୱାର୍ଥ ପ୍ରତିଷ୍ଠାର ମୁଖ୍ୟ ଲକ୍ଷଣ ।

### ଭାରତର କର୍ମଧାରାରେ ଦୃଷ୍ଟାଂତ—

ରାଜା 'ମହତୀ ଦେବତା', ପୁରୋଧା, 'ଭୂସୁର', ଧନୀ ବା ଜମିଦାର 'ମାବାପ' । 'ଧନିକୋ ଶ୍ରୋତ୍ରିୟୋ ରାଜା' ଯେଉଁଠାରେ ନାହାଂତି, ସେଠାରେ ଘର କରି ରହିବା ଉଚିତ ନୁହେ । ଏହିସବୁ ମତର ପରଂପରା ସୃଷ୍ଟି କରି ଏ ଦେଶରେ ମଧ୍ୟ ରକ୍ଷିତ ସ୍ୱାର୍ଥର

Digitized by PPRACHIN, SOA

ପ୍ରତିଷ୍ଠା କରାଯାଇଥିଲା । ସମସ୍ତେ ସବୁ କଥା ସମାନ ଭାବରେ ନ ବୁଝିବାଯାଏ, ରକ୍ଷିତ ସ୍ୱାର୍ଥ ବରାବର ଲୋପପାଇବାର ସଂଭାବନା ନାହିଁ । ସେଦିନ କେବେ କିପରି ଆସିବ ? ସର୍ବସ୍ଥିତି ବୈଷମ୍ୟରେ ପ୍ରତିଷ୍ଠିତ । ସେଥିରେ ଏ ମହାସମତାର କଳ୍ପନା, ପ୍ରଳୟ କଳ୍ପନା ଛଡ଼ା ଆଉ କିଛି ନୁହେ । ଏହି ବୈଷମ୍ୟ ଭିତରେ ସମତାର ପ୍ରତିଷ୍ଠା କରିବାକୁ ହେବ । ତା'ର ପଂଥା କ'ଣ ?

## ରକ୍ଷିତ ସ୍ୱାର୍ଥର ଯଥାର୍ଥ ଭିତ୍ତି—

ଧନମୂଳକ ରକ୍ଷିତ ସ୍ୱାର୍ଥଠାରୁ ମନମୂଳକ ରକ୍ଷିତ ସ୍ୱାର୍ଥର ପ୍ରଭାବ କରାଳତର । ବରଂ ମାନବ ଜଗତରେ ସମସ୍ତ ରକ୍ଷିତ ସ୍ୱାର୍ଥ ମନମୂଳକ କହିଲେ ଚଳେ, କାରଣ ମନ ହିଁ ମାନବର ନିୟାମକ । ଲୋକର ମନ ଉପରେ ଆଧିପତ୍ୟ ବିସ୍ତାର ନ କଲେ କୌଣସି ରକ୍ଷିତ ସ୍ୱାର୍ଥ ସ୍ଥିର ନୁହେ— ଏ କଥା ବୁଝାଇବା ପ୍ରୟୋଜନ ନାହିଁ । ଧନୀର ଧନ ତା'ର, ଲୋକେ ଏହା ନ ବୁଝିଲେ ଧନୀ ଜଗତରେ ରହିବେ ନାହିଁ । ଡରରେ ହଉ, ପରଂପରାରେ ହଉ, ଆଇନ ବଳରେ ହଉ, ମତ ପ୍ରଭାବରେ ହଉ, ବହୁଲୋକଂକୁ ଏହା ବୁଝାଇ ଥଂଡା ରଖିବାକୁ ହେବ । ଅନ୍ୟଥା ଧନୀ ନିଜର ଧନ ନିର୍ବିବାଦରେ ଭୋଗ କରିପାରିବ ନାହିଁ । ଏଇ ମନର ପ୍ରଭାବ ହିଁ ଜଗତରେ ପରମ ପ୍ରଭାବ । ପୂର୍ବେ ଏହା ବହୁ ସ୍ଥଳରେ 'ଧର୍ମ' ନାମରେ ପ୍ରକାଶ ପାଉଥିଲା । ଏବେ 'ମତ' ନାମରେ ପ୍ରକାଶ ପାଉଚି । ଏହି ଧର୍ମ ବା ମତରେ ରକ୍ଷିତ ସ୍ୱାର୍ଥର ଉତ୍ପତ୍ତି ଓ ପ୍ରତିଷ୍ଠା । ଏଇ ଧର୍ମ ବା ମତ ପୁଣି ଲୋକସ୍ୱାର୍ଥ ଓ ଲୋକରକ୍ଷା ନାମରେ ପ୍ରକାଶ ପାଏ । ଏହା ଲୋକଂକୁ ଯେତେ ପ୍ରଭାବିତ କରି ଅଂଧ କରେ, ରକ୍ଷିତ ସ୍ୱାର୍ଥ ସେତିକି ସମାଜରେ ପ୍ରବଳ ହୁଏ । ଉଦାହରଣ ସ୍ୱରୂପ କୃଷ୍ଣ, ଖ୍ରୀଷ୍ଟ, ମହମ୍ମଦ ପ୍ରଭୃତିଙ୍କ ପରି ରକ୍ଷିତ ସ୍ୱାର୍ଥ ଏ ଜଗତରେ ଆଉ କାହାର ଅଛି ? ତାଂକ ସଂଚିତ ସ୍ୱାର୍ଥ ଭୋଗର ଅଖଂଡ ଆଧିପତ୍ୟରେ ବାଧା ଦେବାର ଶକ୍ତି କେତେଜଣଂକର ? ଏଇ ରକ୍ଷିତ ସ୍ୱାର୍ଥର ପ୍ରକାଂଡ ପରିସ୍ଥିତି ଉପରେ ଯେଉଁ ସମାଜ ଠିଆହୋଇଚି, ସେଥିରେ ଅବଶ୍ୟ ରକ୍ଷିତ ସ୍ୱାର୍ଥ ଛଡ଼ା ଆଉ କିଛି ବଢ଼ିବ ନାହିଁ— ସେ ସ୍ୱାର୍ଥ ଆର୍ଥିକ ହେଉ ବା ମାନସିକ ହେଉ । ମାନସିକରୁ ଆର୍ଥିକର ଉଦ୍‌ଭବ । ଯେ ବଡ଼ ଦେଉଳ ବା ଗିର୍ଜା ତୋଳାଏ, ସେଇ ଏକା ବଡ଼ ଧାର୍ମିକ ।

"ଧନ ଅର୍ଜିଲେ ଧର୍ମ କରି ଧର୍ମେ ପ୍ରାପତ ନରହରି ।"

ସେବେ ଥିଲା ଧର୍ମ, ଏବେ ମତ । ଏଥିରେ ମଧ୍ୟ ଲୋକସ୍ୱାର୍ଥ ଓ ଲୋକରକ୍ଷା ନାମରେ ସେଇ ମତାଂଧତା, ସେଇ ଅସହିଷ୍ଣୁତା, ସେଇପରି ଲୋକଂକୁ ଅଂଧ ପରଂପରାରେ ରଖି ସେଇ ଲୋକଂକର ମଂଗଳ କରିବାର କାମନା । ମାର୍କସ ଲେନିନ୍‌ଠାରୁ ଗାଂଧି ଏପରିକି ଜହରଲାଲ ପର୍ଯ୍ୟଂତ ଆଜି ରକ୍ଷିତ ସ୍ୱାର୍ଥର ଅଧିକାରୀ । ପୃଥିବୀରେ ତା' କେତେଜଣଂକର ଅଛି । ଏମାନଂକ ବିରୋଧରେ କହିଲେ ବା କାର୍ଯ୍ୟ ଆରଂଭ କଲେ, ଲୋକର ସ୍ୱାଧୀନତା ଉପରେ ଯେ ଆଘାତ ଓ ଅତ୍ୟାଚାର ହେବାର ଆରଂଭ ହୋଇଚି, ତା' କହିବା ଦରକାର

Digitized by PPRACHIN, SOA

ନାହି । ଏହିମାନଂକ ନାମରେ ପୁଣି ଏହିମାନଂକ ମତର ପୋଷଣ ପାଇଁ ଧନ ଖର୍ଚ୍ଚ କଲେ, ଧନରେ ରକ୍ଷିତ ସ୍ୱାର୍ଥ ମଧ ଘୋଡ଼ାଇ ହେବାର ଆରଂଭ ହେଲାଣି । ବଂବେର ମିଲମାଲିକଂକଠାରୁ ରୁଷିଆର ଉଡ଼ାଜାହାଜ କାରିଗର ପର୍ଯ୍ୟଂତ ସମସ୍ତେ ଏହି ଆବରଣର ଆଶ୍ରୟ ନେବାର ଦେଖାଗଲାଣି ।

## ମତାଂଧ ଜନଶକ୍ତିର ବ୍ୟବହାର—

ପୁଣି ମତାଂଧ ଜନଶକ୍ତି ବଳରେ ମତ ପ୍ରତିଷ୍ଠାର ଏ କରାଳ ସଂଗ୍ରାମରୁ ଲୋକର ସ୍ଥାୟୀ ସାମ୍ୟ ସ୍ୱାଧୀନତା କିପରି ଫୁଟିବ ବୁଝାଯାଉ ନାହି । ପ୍ରତିକ୍ରିୟାର ପ୍ଲାବନରେ ଉପସ୍ଥିତ ରକ୍ଷିତ ସ୍ୱାର୍ଥ କେତେକ ଧ୍ୱଂସ ପାଇବ । କିଂତୁ ନିତ୍ୟ କାମନା ଚୋଦିତ ମାନବ ପ୍ରକୃତିରେ ରକ୍ଷିତ ସ୍ୱାର୍ଥ ଯେ 'ରକ୍ତବୀଜ' । ତା'ର ମୂଳ ଉଚ୍ଛେଦର କି ଉପାୟ ? ଯଦି କୁହାଯାଏ, ଏ ସବୁ ଆଦର୍ଶ ଆଡ଼କୁ ଗତି ମାତ୍ର, ମାତ୍ର ଆଦର୍ଶ ଏହା ନୁହେ । ତେବେ ଆଦର୍ଶ ଓ ଅବଲଂବନ ମଧରେ କି ସାମଂଜସ୍ୟ ଅଛି, ତାହା ଦେଖିବା ଦରକାର । ଯେଉଁ ବିରୋଧ ଓ ଧ୍ୱଂସ ଅସ୍ତ୍ରରେ ଏବେ ରକ୍ଷିତ ସ୍ୱାର୍ଥର ଧ୍ୱଂସ ସାଧନ ହେଉଚି, ସେ ଅସ୍ତ୍ର କେବେ କିପରି ଛାଡ଼ିବାକୁ ହେବ ? ଅସ୍ତ୍ରବଳରେ ଆପାତତଃ ପ୍ରତିପକ୍ଷର ଧ୍ୱଂସ ହୋଇପାରେ । ମାତ୍ର ସେ ଯେ ପୁଣି ନୀତିରେ ପରିଣତ ହେବ । ଅସ୍ତ୍ରର ପ୍ରକୋପ ଭିତରେ ସେହି ଲୋକର ସ୍ଥାୟୀ ସାମ୍ୟ ସ୍ୱାଧୀନତା ଫୁଟିବାର ଲକ୍ଷଣ କାହିଁ ?

## ଲୋକଶିକ୍ଷାର ଅର୍ଥ କ'ଣ ?—

ମନୁଷ୍ୟର ମତାଂଧତା ନିରାକରଣ କରିବାର ଉପାୟ ନ ଫିଟିଲେ, ସହିଷ୍ଣୁତାର ସ୍ୱାଧୀନତା ଲୋକରେ ପ୍ରତିଷ୍ଠିତ ନହେଲେ ଲୋକସ୍ଥିତି ନିତ୍ୟସଂକଟମୟ ରହିଥିବ, ସଂଦେହ ନାହି । ଏ ମତାଂଧତା ନିରାକରଣର ଉପାୟ ଲୋକଶିକ୍ଷା ବୋଲି ହୁଏତ ମନେ କରାଯାଇପାରେ । ଅବଶ୍ୟ ନବସଂସ୍କାର କଳ୍ପନାରେ ପୃଥିବୀସାରା ଲୋକଶିକ୍ଷାର ଦୁଆ ଉଠୁଚି । କିଂତୁ ଶିକ୍ଷାରେ ସମସ୍ତଂକର ମତାମତ କେବେ କିପରି ସମାନ ହେବ ? ପୁଣି ସେଇ ଶିକ୍ଷାରେ ମୂଳରୁ ସ୍ୱାଧୀନତା ବା କାହିଁ ? ମନୁଷ୍ୟକୁ ମନୁଷ୍ୟ କରିବାର ଶିକ୍ଷାପଦ୍ଧତି ଏ ଯୁଗରେ କୁତ୍ରାପି ଦେଖାଯାଉନାହି । ସବୁ ଶିକ୍ଷା ମୂଳରେ ଗୋଟିଏ ମତର ପ୍ରଚାର । ଇଂରେଜମାନେ ଏ ଦେଶରେ ସ୍କୁଲରେ ଶିଖାଇବେ— ଇଂରେଜ ଭାରତ ପାଇଁ କି କି ସତ୍‌କାର୍ଯ୍ୟ କରି, ଭାରତକୁ କିପରି ସଭ୍ୟତାର ପାହାଚରେ ଗୋଟି ଗୋଟି କରି ହାତ ଧରି ଚଢ଼ାଇ ଦେଉଚଂତି । Citizen of India ଓ England's work in India ଏ କ୍ଷେତ୍ରରେ ଉଦାହରଣ । ପୁଣି, ସ୍କୁଲରେ ଗାଂଧି ଜହରଲାଲଂକ ଫଟୋ ରଖିବା ମନା । କର୍ତାଂକ ନିର୍ଦ୍ଦେଶ ଛଡ଼ା ଆଉ କିଛି ଶିଖିବାର ମନା । ଗାଂଧି ପ୍ରଚାରିତ କଂଗ୍ରେସ ସ୍କୁଲରେ ସେହିପରି ସୂତାକଟା ବାଧ୍ୟତାମୂଳକ, ଓ ପାଇଖାନା ନିଜେ ସଫା କରିବା ବା ଚାଲୁଣିରେ ମାଟି ଚଲାଇ ଘୋଡ଼ାଇବା ଅବଶ୍ୟ କର୍ତବ୍ୟ । ଇଂଲଂଡରେ ସ୍କୁଲ ପିଲାଂକ ପାଇଁ ଯେଉଁ ଭୂଗୋଳ ଅଛି, ସେଥିରେ ଭାରତବାସୀର ପରିଚୟ ଏକ ଅର୍ଦ୍ଧନଗ୍ନ ଭାରବାହୀ କୁଲିର

Digitized by PPRACHIN, SOA

ଚିତ୍ରରେ । ଏବେ ରୁଷିଆରେ ଯେଉଁ ସ୍କୁଲ ସେଥିରେ ସର୍ବତ୍ର ଶିକ୍ଷା, କିପରି ପ୍ରତ୍ୟେକେ ଖାଇପିଇ ମଉଜ କରିବେ— କେହି ବଡ଼ ହେବ ନାଇ, କେହି ସାନ ହେବେ ନାଇ— ବଡ଼ ବୁଦ୍ଧିର, ବଡ଼ ଧନର ପ୍ରଭାବ ସର୍ବନାଶୀ— ରାଜ୍ୟ ସମସ୍ତଂକୁ ସମାନ ସୁବିଧା ଦବ, ପିଲା ଓ ଅକର୍ମାଂକୁ ପୋଷିବ, ନିଜର ସେଥିରେ ଦାୟିତ୍ୱ ନାଇ, ସ୍ତ୍ରୀ ପୁରୁଷର ସମାନ ସମାଗମ ହେବ, ଧର୍ମ ବୋଲି, ଭକ୍ତି ବୋଲି କିଛି ରହିବ ନାଇ, କାହାରି ଯଥେଚ୍ଛା ଭୋଗରେ କେହି ବାଧା ଦେବେ ନାହିଁ, ସମସ୍ତେ କଳ ପରି କାମ କରିବେ ଅର୍ଜିବେ— ଇତ୍ୟାଦି । ଏସବୁ ଏକ ଏକ ମତପଂଥୀଂକର ପ୍ରଚାର । କାଲି ରାଜ୍ୟରେ ଅନ୍ୟ ମତପଂଥୀ ପ୍ରତିଷ୍ଠା ପାଇଲେ, ଏ ରୀତି ପୁଣି ବଦଳିଯିବ । ଏ ଶିକ୍ଷାପଦ୍ଧତିରେ ଲୋକେ ପ୍ରଭାବଶାଳୀର କଳ ବା କ୍ରୀଡ଼ନକ । ଏଥିରେ ମାନବର ସ୍ୱାଧୀନ ବିକାଶ ନାହିଁ; ହୋଇନପାରେ; ତାହା ମଧ ହେଉନାହିଁ ।

**ଏବର ମାନବନୀତିର ନିୟତି—**

ପ୍ରତିକ୍ରିୟା ଓ ମତବାଦମାନଂକର ଯୁଗବ୍ୟାପୀ ବିକାଶ ଓ ପରିଣାମର ଭୂମିକା ଦେଇ, ବର୍ତମାନର ପରିସ୍ଥିତିର ପରିଣାମ ସଂବଂଧରେ ଏପରି ମତ ଦେବାରେ, କେହି କହିପାରଂତି— ଏସବୁରେ ଏତେ ଶୀଘ୍ର ମତ ଦେବାର ସମୟ ହୋଇନାହିଁ । ମାତ୍ର ତା' ନୁହେଁ । ପ୍ରାଚୀନ ଓ ନବୀନ ସଭ୍ୟତାର ବିକାଶରେ ପ୍ରଭେଦ ଯଦି କିଛି ପ୍ରଭାବ ଥାଏ, ତା' ଏଇଠାରେ । ଏବେ ଛାପାଖାନା, ରେଲ, ଉଡ଼ାଜାହାଜ, ତାର, ବେତାର ପ୍ରଭୃତିର ପ୍ରଭାବରେ ସବୁ ମତ, ସବୁ ପଦ୍ଧତିର ବିକାଶ ଓ ପରିଣାମର କ୍ଷିପ୍ରତା କଳ୍ପନାତୀତ ଭାବରେ ବଢ଼ିଯାଇଛି । ଦେଶକାଳର ବ୍ୟବଧାନ ଏକପ୍ରକାର ତୁଟିଯାଇଚି । ସେବେ ଯାହା ଯୁଗକେ ହେଉଥିଲା, ଏବେ ତାହା ଦିନେ ବି ଲାଗୁ ନାହିଁ । ଏବେ ପୃଥିବୀର ମହାଯୁଦ୍ଧ ୨୨ ବର୍ଷ ହୋଇଗଲା । ରୁଷିଆର ପ୍ରତିକ୍ରିୟାର କରାଳ ପ୍ରକାଶ ଆଜିକି ୧୯ ବର୍ଷ ଓ ମହାଯୁଦ୍ଧର ଅବସାନ ୧୮ ବର୍ଷ । ଏଥିମଧ୍ୟରେ ପୃଥିବୀରେ ଯେଉଁସବୁ ପରିବର୍ତନ ଓ ପରିଣାମ ଦେଖାଯାଇଚି, ସେଥିପାଇଁ ପୂର୍ବେ ହୁଏତ ଶହ ଶହ ବର୍ଷ ଲାଗଂତା । ଶହ ଶହ ବର୍ଷ ଲାଗି ମଧ ନିର୍ଦ୍ଦିଷ୍ଟ ଭୂମିଖଂଡରେ ଆବଦ୍ଧ ରହଂତା । ଏ କଥା ମନେରଖି ବିଚାର କରିବାକୁ ହେବ । ଏବେ ମତର ପ୍ରକାଶ ପ୍ରଚାର ଓ ପରିଣାମ ଭିତରେ ବ୍ୟବଧାନ ବଡ଼ କମ୍ । ରୁଷିଆରେ ରାଜ୍ୟର ଶିଶୁପାଳନଠାରୁ ମାତାର ଶିଶୁପାଳନ, ପୁଣି ଯଥା ପ୍ରୟୋଜନ ଖାଦ୍ୟଦ୍ରବ୍ୟରେ ମୂଲ ଦେବାଠାରୁ ଧନରେ ମୂଲ ଦେବାକୁ ଫେରିବା ଭଳି ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ପରସ୍ପର ବିରୋଧୀ ପ୍ରଣାଳୀର ଉଚ୍ଛେଦ ପାଳନ କ୍ରିୟା ପ୍ରାଚୀନ ମିଶର, ବାବିଲନ୍ ଓ ଭାରତରେ କେତେଦିନ ଲାଗଂତା ? ଅତଏବ ବୃଥାରେ ଅପେକ୍ଷା କରିବା ଆତ୍ମପ୍ରତାରଣା ପରି ଲାଗୁଚି ।

**ତ୍ୟାଗହିଁ କର୍ମର ଚୋଦନା ପୀଠ—**

କାମନାର ପ୍ରଶ୍ରୟରେ ରକ୍ଷିତ ସ୍ୱାର୍ଥର ପୁଣି ଧ୍ୱଂସ ସାଧନ ହୋଇନପାରେ । କାମନାର ପ୍ରଶ୍ରୟରେ କାମନାର ଧ୍ୱଂସ ହୋଇନାହିଁ, ହେବାର ସଂଭାବନା ନାହିଁ । ଭୋଗର ପ୍ରସାରରେ

Digitized by PPRACHIN, SOA

ଭୋଗର ଅବରୋଧ ନାହି । ମନୁଷ୍ୟ ଭୋଗ ଲୋଡ଼େ– ସେ ଭୋଗରେ ଅବାଧ ଗତି ଲୋଡ଼େ । ମୁଁ ମନୁଷ୍ୟ, ମୁଁ ଯେତେ ପାରିବି ସେତେ ମୋର କରିନେବି, ଅବଶ୍ୟ ପାରିଲେ କରିନେବି । ଏ ଜଗତରେ ପାରିବାର ଓ ଅପାରିବାର ସବୁବେଳେ ରହିବେ । ରାଜ୍ୟର ଭୟରେ ପାରିବାରର ଶାସନ ହେବ ନାହି । କାରଣ, ଯେକୌଣସି ପରିସ୍ଥିତିରେ ହେଉନା କାହିଁକି, ରାଜ୍ୟ ପାରିବାରର, ନ ପାରିବାରର ନୁହେ । ଯେ ଏପରି ସାମ୍ୟରେ ଲୋକସଂସ୍ଥା ବସାଇବେ, ସେ ବୁଦ୍ଧିରେ ପାରିବାର ହେଲେହେଁ– ଭୋଗରେ ପାରିବାର ନୁହଂତି । ସେ ଭୋଗରେ ପାରିବାର ହେବାକୁ ବସିଲେ ମୂଳରୁ ସାମ୍ୟ ସଂସ୍ଥା ଫିଟିବ ନାହି । ସେ ତେବେ ତ୍ୟାଗରେ ପାରିବାର– ସଂଯମ ଓ ଆତ୍ମଶାସନରେ ପାରିବାର । ଏଇ ସଂଯମ ଓ ଏଇ ଆତ୍ମଶାସନ ଭୋଗର ନିରୋଧ– ଭୋଗର ପ୍ରଶ୍ରୟ ନୁହେ । ସବୁକାଳେ ସବୁ ଲୋକସ୍ୱାର୍ଥଦର୍ଶୀମାନଂକର ଏଇ ଧର୍ମ– ଏହା ଏ ଯୁଗରେ ନୂତନ ନୁହେ । ଭୋଗର ସଂଘାତ ମାନବ ନୁହେ– ମାନବ ଗୋଟିଏ ଜୀବଂତ ତ୍ୟାଗନୀତି । ସମସ୍ତ ଭୋଗର କାମନାରାଶି ମଧ୍ୟରେ ଏହି ତ୍ୟାଗନୀତି ଜଗତରେ ସାମଂଜସ୍ୟ ଓ ସମତା ରଖିଚି– ସମାଜରେ ଶୃଂଖଳା ଓ ଶାଂତି ରଖିଚି । ବେଦରେ ଏହାରି ନାମ 'ଋତ' । ଏହାହିଁ 'ସତ୍ୟ' । ଏହି ଋତ ଓ ସତ୍ୟ ଜ୍ୱଳଂତ ତପସ୍ୟାରୁ (ବା ଅତଂଦ୍ରିତ ପ୍ରଯତ୍ନରୁ) ବାହାରିଚି ବୋଲି ଋଗ୍‌ବେଦ କହିଚଂତି ।*

## କାମନାରେ ସଂଯମହିଁ ଧର୍ମ–

ଏଇ ସଂଯମର ପ୍ରକୃତି ଆଧ୍ୟାତ୍ମିକ, ଭୌତିକ ନୁହେ । ଏଇଥିରୁ ଆତ୍ମା, ପରମାତ୍ମା, ଈଶ୍ୱର ପ୍ରଭୃତିର ବିକାଶ । ଧର୍ମ ଏହାରି ଉପରେ ପ୍ରତିଷ୍ଠିତ । ଏଥିରେହିଁ ମାନବ ସମାଜ ଧରାହୋଇ ରହିଚି । ଅବଶ୍ୟ ଏହି ଆଧ୍ୟାତ୍ମିକ, ଏହି ଧର୍ମଧାରଣାରେ ଯେ ରକ୍ଷିତ ସ୍ୱାର୍ଥର ବୀଭତ୍ସଲୀଳା ନାହି, ତା' ନୁହେଁ । କିଂତୁ ମାନବ ସମାଜର ଯୁଗବ୍ୟାପୀ ଭୂୟୋଦର୍ଶନରେ ଏହି ତ୍ୟାଗ ଓ ସଂଯମ ପୀଠରେ ମାନବ ସ୍ୱାର୍ଥର ସାମ୍ୟର ଆଦର୍ଶ କାଳେ କାଳେ ଫୁଟିଚି । ସମସ୍ତ ଧ୍ୱଂସ ମଧ୍ୟରେ ଏହି ନୀତିଟିର ଧ୍ୱଂସ ହୋଇନାହି । ଏହା ଧ୍ୱଂସ ହେବାର ନୁହେ । ଏହାର ମଜ୍ଜା, ତ୍ୟାଗର ଗୌରବରେ– ଭୋଗର ପ୍ରଶ୍ରୟରେ ନୁହେ । ମାନବ କଲ୍ୟାଣର ଯେକୌଣସି ଉଦ୍ୟମର ଭିତ୍ତି ଏହି ତ୍ୟାଗ, ଏହା ଭୁଲିଗଲେ ଚଳିବ ନାହି । ଗାଂଧି ମହାତ୍ୟାଗୀ– ଲେନିନ୍ ମଧ୍ୟ ମହାତ୍ୟାଗୀ । ଏମାନଂକ ମତ ମଧ୍ୟ ଯାହାଂକର ସେବ୍ୟ ସେ ସମସ୍ତେ ତ୍ୟାଗରେ ନିଜର ପ୍ରାଣ ପ୍ରତିଷ୍ଠା କରିବା ଉଚିତ– ଲୋକରେ ଏହି ତ୍ୟାଗଧର୍ମ ପ୍ରଚାର କରିବା ଉଚିତ ।

## ଏହି ତ୍ୟାଗ ଓ ସଂଯମର ଉପଯୋଗ–

ଅବଶ୍ୟ ଏ ତ୍ୟାଗ ଦୀନର ଅଭାବ ନୁହେ, ଦୁର୍ବଳର ଭୀତି ନୁହେ । ଏହି ତ୍ୟାଗରେ ସବଳର ଶାସନ ଓ ଦୁର୍ବଳର ପାଳନ ସ୍ୱାଭାବିକ । ମାତ୍ର ଯେଉଁ ଦୁର୍ବଳଜନତାର ପାଳନ

* ଋତଂ ଚ ସତ୍ୟଂ ଚାଭୀଦ୍ଧାତ୍‌ ତପସୋଽଧ୍ୟଜାୟତ ।– ଋଗ୍‌ବେଦ । ୧୦.୧୯୦.୧

Digitized by PPRACHIN, SOA

ଏଥିରେ ସାଧିତ ହେବ, ସେ ଦୁର୍ବଳ ମଧ୍ୟ ତ୍ୟାଗପୂତ ହୋଇ ତା' ଭୋଗ କରିବ । ତା' ନହେଲେ କାମନା ଓ ଲାଳସାର ବିଷବହ୍ନି ଏକାବେଳକେ ମାନବ ସମାଜ ପୋଡ଼ି ଧ୍ୱଂସ କରିଦେବ । ଯାହାର ଯାହା ଦରକାର, ତାକୁ ତା' ଦିଆଯିବ । କିଏ ଦବ ? ରାଜ୍ୟ ! ହଉ ସେ ତ ପୁଣି ଲୋକ ବା ଲୋକସଂଘ ହାତରେ– ପ୍ରବଳର ପେଣ୍ଠହିଁ ସବୁବେଳେ ରାଜ୍ୟ । ସେମାନେ ଆଗେ ତ୍ୟାଗଧର୍ମରେ ବାଂଟିବେ । ସେ ବାଂଟିବାରେ ନ୍ୟାୟ ତୁଳାଦଂଡ ଧରିବ କିଏ ? ସେହିମାନେ । ହେଲା । ଲୋକେ ତା' ମାନିବେ କାହିଁକି ? ମୋର ଓ ପଡ଼ୋଶୀର ଭୋଗର ଭାଗରେ ଇତର ବିଶେଷ ହେଲେ, ଆମେ ଦୁହେଁ ତା' ସହିବୁ କାହିଁକି ? କି ପ୍ରଭାବରେ ଆମେ ଦୁହିଁଂକ ଭିତରେ ସଂତୋଷର ସାମଂଜସ୍ୟ ରହିବ ? ଏହିଠାରେ ସେହି ତ୍ୟାଗ ଓ ସଂଯମର ମଂତ୍ର । କାମନାର ଯଥେଚ୍ଛା ପ୍ରଶ୍ରୟରେ ସଂତୋଷର ସାମଂଜସ୍ୟ ଆସିବ ନାହିଁ । ଅତଏବ ଯେ ପ୍ରକାରରେ ହେଉ, ଏହି ଆଧ୍ୟାତ୍ମିକତାର ଭିତ୍ତିରେହିଁ ସମାଜର ସ୍ଥାୟୀ ପରିସ୍ଥିତି କଳ୍ପନା କରିବା ଛଡ଼ା, ଉପାୟ ନାହିଁ । ନିରାଟ ଭୌତିକତାର ଭିତ୍ତିରେ ଏହାର ସମାଧାନ ହୋଇନପାରେ ।

**ଏଇ ତ୍ୟାଗରେ ମଧ୍ୟ ଭୋଗର ସ୍ଥାନ–**

ତଥାପି ମନୁଷ୍ୟ ଯେପରି ଭୌତିକ ପିଂଡମାତ୍ରରେ କଳ ନୁହେ, ସେହିପରି ମଧ୍ୟ ଶରୀରହୀନ ଆତ୍ମା ନୁହେ । ଭୌତିକତା ଏକାବେଳକେ ହେୟ ନୁହେ । ସେଥିପାଇଁ ଅତ୍ୟାଚାରର ତୀବ୍ରତା ଓ ପ୍ରତିକ୍ରିୟାର ପ୍ରଚଂଡ ପ୍ଲାବନ । ଆଜି ପୃଥିବୀରେ ଭୋଗ ଓ ଭୌତିକତାର ଯୁଗବ୍ୟାପୀ ପ୍ରାଧାନ୍ୟ ଓ ଅତ୍ୟାଚାର, ପରେ ଘୋର ପ୍ରତିକ୍ରିୟା । ମହାପୁରୁଷ ଓ ନେତାଂକ ପରମ ତ୍ୟାଗଧର୍ମ ଉପରେ ଏ ପ୍ରତିକ୍ରିୟାର ପ୍ରତିଷ୍ଠିତ ଭିତ୍ତି ରହିଥିଲେହେଁ ସେ ତ୍ୟାଗ ଓ ସଂଯମ ଆଖିକୁ ଦିଶୁ ନାହିଁ । ଏହା ସ୍ୱାଭାବିକ । ଏହାର ନିରୋଧ ନାହିଁ । ମାତ୍ର ଭୌତିକତା ଓ ଭୋଗମୂଳକ ଏ ପ୍ରତିକ୍ରିୟା ପରିଣାମରେ ଏହି ଭୋଗ ଭାଗବଂଟାରେ ଆବଦ୍ଧ ରହିବ ନାହିଁ, ଏହାହିଁ କହିବାର ଅଭିପ୍ରାୟ । ପ୍ରତିକ୍ରିୟାର ପ୍ରବଳ ତାଡ଼ନା ମଧ୍ୟରେ ମଧ୍ୟ ଧୁରଂଧରମାନେ ଏହା ମନେରଖିଲେ ପଂଥା ହୁଏତ ସୁଗମ ହେବ । ମାତ୍ର ପ୍ରପୀଡ଼ିତ ପୁଣି ପରାଧୀନ ପକ୍ଷରେ ଏ ଗଠନମୂଳକ ପ୍ରତିକ୍ରିୟାର ପ୍ରଣାଳୀରେ ଗତି କରିବା ସର୍ବଦା ସଂଭବ କି ? ରକ୍ଷିତ ସ୍ୱାର୍ଥର କରାଳ ଗ୍ରାସ ଆଗ ଉପଶାଂତ ନହେଲେ, ସମାଜର ସ୍ୱାଭାବିକ ସ୍ଥିତି ହୁଏତ ଫୁଟିବ ନାହିଁ । ଧ୍ୱଂସର ଶ୍ମଶାନ ଉପରେ ନୂତନ ଠିଆହେବ । ଏକ ସଭ୍ୟତାର ଚିହ୍ନ ଲୋପହୋଇ ତା' ଉପରେ ନୂତନ ଗଜୁରିବ । ରକ୍ଷିତ ସ୍ୱାର୍ଥ ବିରୋଧୀ ପ୍ରତିକ୍ରିୟା, ଏହା ସମାଧାନ କରିବା ପୂର୍ବରୁ ରକ୍ଷିତସ୍ୱାର୍ଥ ନିଜେ ନିଜର ଦୁର୍ବାର ଲାଳସାଗ୍ନିରେ ଆତ୍ମଧ୍ୱଂସ ମଧ୍ୟ କରିପାରେ । ପୃଥିବୀର ମହାଯୁଦ୍ଧରେ ଏ ପ୍ରତିକ୍ରିୟା ମୁଂଡ ଟେକିଚି । ଆଉ ଏକ ମହାଯୁଦ୍ଧରେ ରକ୍ଷିତସ୍ୱାର୍ଥର ପୂର୍ଣପ୍ରଳୟରେ ପ୍ରତିକ୍ରିୟା ପୂର୍ଣ ହୋଇ ସମାଜର ନୂତନ ଜୀବନ ଫୁଟିଉଠିବା ବିଚିତ୍ର ନୁହେ ।

[ନବଭାରତ, ୪ର୍ଥ ବର୍ଷ, ୬ଷ୍ଠ ସଂଖ୍ୟା, ବିଛା, ୧୩୪୫]

Digitized by PPRACHIN, SOA

# ମାନବ ପ୍ରଗତିର ଧାରା-(୩)

## ସମାଧାନର ଭିତ୍ତି

### ଭାରତ ଓ ଇଉରୋପ–

ମାନବ ଆଜିର ଜଂତୁ ନୁହେ । ସମାଜ ଆଜିର ବସ୍ତୁ ନୁହେ । ଭୋଗ ତ୍ୟାଗ ଆଜିର ନୀତି ନୁହେ । ତେଣୁ ଭୌତିକତା ଓ ଆତ୍ମିକତା ଆଜିର ଦର୍ଶନ ନୁହେ । ଭାରତ ସମାଜରେ ଏସବୁର କ୍ରିୟା ପ୍ରତିକ୍ରିୟା ସଂବଂଧରେ କେତେକ ସୂଚନା ଦିଆହୋଇଚି । ଏ ଦୁଇଟିର ସାମଂଜସ୍ୟ ଓ ସମାଧାନ ଏ ଭୂମିରେ ଦିନେକେ ଫୁଟି ନ ଥିଲା । ଏଠାରେ ଯୁଗବ୍ୟାପୀ ଭୂୟୋଦର୍ଶନ ଓ ତପସ୍ୟା ଫଳରେ ସମାଧାନର ଯେ କଳା ଫୁଟିଥିଲା, ତାହା ଆଜି ନାହି । ତା' ଥିଲେ ଓ ତାକୁ ପ୍ରୟୋଗ କରିବାର ସାମର୍ଥ୍ୟ ଭାରତର ଥିଲେ ହୁଏତ ଏ ଦଶା ହୁଅଂତା ନାହି । ମାତ୍ର ଭାରତ ଆଜି ପରାଧୀନ ଓ ସର୍ବଥା ଉଦ୍ଧାର ପାଇଁ ଅନୁକରଣରେ ବ୍ରତୀ । ଏସବୁ ବୁଝିବା ପାଇଁ ଟିକିଏ ପୃଥିବୀର ସଭ୍ୟତାର ଇତିହାସ ଓ ସେଥିରେ ଭାରତ ଓ ୟୁରୋପର ସ୍ଥାନ ବୁଝି ରଖିବା ଉଚିତ ।

### ଆଦି ସଭ୍ୟତାର ଭୂମି– ଆଫ୍ରେସିଆ–

ପୃଥିବୀର ସଭ୍ୟତା, ଅର୍ଥାତ୍ ମାନବ ସମାଜର ପ୍ରକାଶ, ବିକାଶ ଓ ପରିଣାମ ବିଚାର କଲାବେଳେ କେଉଁଠାରୁ ଆରଂଭ କରାଯିବ ? ଇତିହାସର ଗବେଷଣାରେ ପ୍ରତ୍ନତତ୍ତ୍ୱସେବୀମାନେ ଯାହା ମାନବସମାଜର ମୂଳ ଓ ଗତି ଦେଖିଚଂତି, ତାଠାରୁ ଦୂରକୁ ବା ଅନ୍ୟତ୍ର ଯିବାର ଉପାୟ ନାହି । ଥିଓସଫିଷ୍ଟମାନଂକର କୋଟି ସଂଖ୍ୟାରେ ପ୍ରକାଶିତ ବର୍ଷରେ ଲାମୁରୀୟ (Lamurian) ଠାରୁ ବିକାଶପ୍ରାପ୍ତ ମାନବ ସମାଜର କଳ୍ପନା ଭିତ୍ତିହୀନ, ପୁଣି ବୈଦିକ ସାହିତ୍ୟର କଳ୍ପ ଓ ଦେବଯୁଗ ସଂପୂର୍ଣ ଭିତ୍ତିହୀନ ନ ହେଲେ ମଧ୍ୟ ଏ କ୍ଷେତ୍ରରେ ଅନୁପଯୋଗୀ । ପ୍ରତ୍ନତତ୍ତ୍ୱବିତ୍‌ମାନେ ନିରାଟ ସତ୍ୟମୂଳକ ପ୍ରମାଣ ଉପରେ ଠିକ୍ କରଂତି, ଆଜିର ମାନବ ସଭ୍ୟତା ୬୦୦୦ ବର୍ଷ ବା ତହିଁରୁ କିଛି ଅଧିକ କାଳ, ଧର ୧୦୦୦୦ ବର୍ଷ ହେଲା ପ୍ରଗତିର ନାନା ପ୍ରତିକ୍ରିୟାର ଘାତ ପ୍ରତିଘାତ ମଧ୍ୟରେ ବିକାଶ ପାଇ ଆସିଛି । ସଭ୍ୟତାର ଆଦି ଭୂମିକୁ ପଂଡ଼ିତମାନେ ଏବେ 'ଆଫ୍ରେସିଆ' ବୋଲି କହିବାର ଆରଂଭ କରିଛନ୍ତି ।[୧] ଏଇ ଆଫ୍ରେସିଆ ହଉଚି, ଆଫ୍ରିକା ଓ ଆସିଆର ନଦୀ-ମାତୃକ ସମଭୂମି । ଅର୍ଥାତ୍ ଏବର ମିଶର, ଇରାକ୍ (ମେସୋପଟାମିଆ) ପୁଣି

---

୧ । V. G. Childe's Most Ancient East, Page 22.

Digitized by PPRACHIN, SOA

ସିଂଧୁର ସମଭୂମି (ଏଥିରେ ଗାଂଗେୟ ଉପତ୍ୟକାଦି ଭାରତର ଅନ୍ୟ ନଦୀମାତୃକ ସମଭୂମିମାନ ଥିବାର ସୂଚନା ମଧ୍ୟ ମିଳୁଚି) । ଏହି ଭୂମିରେ ପରସ୍ପର ଆଦାନପ୍ରଦାନରେ ମାନବ ସଭ୍ୟତା ପ୍ରତିଷ୍ଠିତ ଭାବରେ ତିନି ହଜାର ବର୍ଷରୁ ଅଧିକ କାଳ ବଢ଼ିବା ପର୍ଯ୍ୟଂତ, ଆଧୁନିକ ଇଉରୋପ ସହିତ ପୃଥିବୀର ଅନ୍ୟ ସଭ୍ୟ ଦେଶମାନ ବର୍ବର ଭୂମି ଥିଲା । ଏଇ ଆଫ୍ରେସିଆର ସଭ୍ୟତା ପ୍ରାଚୀନ ହେଲେହେଁ ବଡ଼ ବିସ୍ତୀର୍ଣ୍ଣ ଓ ବିରାଟ ଥିଲା– ଏପରିକି ଗତ ଉନବିଂଶ ଶତାବ୍ଦୀର ଆଦିଭାଗର ସଭ୍ୟତାଠାରୁ ତାହା କୌଣସି ଅଂଶରେ ନ୍ୟୂନ ନଥିଲା ବୋଲି ବହୁ ପଂଡ଼ିତଂକ ମତ । ପୁଣି ମନେରଖିବାର ଅଛି, ଭାରତର ସଭ୍ୟତା ଏଇ ତିନି ପ୍ରାଚୀନ ସଭ୍ୟତା ମଧ୍ୟରେ ଏକପ୍ରକାର ସଭ୍ୟତାର ଜନନୀ ଥିବାର ଅନୁମାନ ହୁଏ ।[୨]

ସମସ୍ତ ଆଧୁନିକ ଜଗତ ଏଇ ବିଶାଳ ପ୍ରାଚୀନ ମାନବ ସଭ୍ୟତାର ଉତ୍ତରାଧିକାରୀ ।[୩]

### ଭାରତହିଁ ଏବେ ଆଫ୍ରେସିଆର ଦାୟାଦ–

ମାତ୍ର ଏ ଉତ୍ତରାଧିକାରିତ୍ୱ ବୁଝିବାକୁ ଗଲେ ଗୋଟିଏ କଥା ମନେ ରଖିବାକୁ ହେବ । ଆଫ୍ରେସିଆର ଶସ୍ୟଶ୍ୟାମଳ ସମଭୂମି– ବିଶେଷରେ ଭାରତର ସମଭୂମି– ଭୋଗ ସଂପଦର ଉପାଦାନରେ ପରିପୂର୍ଣ୍ଣ ଥିଲା । ମାନବ ସେଠାରେ ସଂତୋଷର ଶାଂତିରେ ନିଜର ମାନବିକତା ଓ ସମାଜର ନିତ୍ୟ ପରିସ୍ଥିତି କଳ୍ପନା କରି ଚିଂତାର ଦର୍ଶନରେ ପ୍ରତିକ୍ରିୟା ରାଶି ଓ ତାହାର କାରଣମାନଂକର ସମାଧାନ କରିବାର ଯଥେଷ୍ଟ ଅବକାଶ ପାଇଥିଲା । ପରେ ଅବଶ୍ୟ ଜଳବାୟୁର ପରିବର୍ତ୍ତନ ଓ ଅନ୍ୟାନ୍ୟ ଆଗଂତୁକ ପରିସ୍ଥିତିର ପ୍ରଭାବରେ ମିଶର ଓ ମେସୋପଟେମିଆ (ବାବିଲନ)ର ସେ ଦର୍ଶନର ପରିଚୟ ମିଳିବା ଭଳି ତାଦୃଶ ସ୍ପଷ୍ଟ ଅବଶେଷ ନାହି । ମାତ୍ର ଭାରତର ସାହିତ୍ୟ ଧାରା ତାହା ଏବେ ବି ଜୀବଂତ ରଖିଅଛି । ଭାରତରେ ସମାଜ ଜୀବନର ପରଂପରା ଧାରାବାହିକ ରୂପେ ଏବେ ବି ଦେଖିବାକୁ ମିଳେ । ଏଣୁ ଏବେ ଏଇ ଭାରତ ସଭ୍ୟତାର ପରିସ୍ଥିତି ଓ ପରଂପରା ଦେଖି ସାମାଜିକ ପ୍ରତିଷ୍ଠାର ସେ ନିତ୍ୟ ସମାଧାନ ଆମକୁ ଦେଖିବାକୁ ହେବ ।

### ଇଉରେସିଆ–

ସେ କଥା ଏବେ ଥାଉ । କୁହାଯାଉଥିଲା, ଏଇ ଆଫ୍ରେସିଆର ସଭ୍ୟତାର ଆଲୋକ କହିଲେ ଆଧୁନିକ ସଭ୍ୟ ଇଉରେସିଆରେ ବର୍ବରତ୍ୱର ଅଂଧକାର ଭେଦ କରିଥିଲା । ମାତ୍ର ଇଉରେସିଆର ପରିସ୍ଥିତିରେ ଚିଂତା ଓ ସମାଧାନର ଧାରା କ୍ରମେ ବଦଳିବାର ଆରଂଭ ହେଲା । ଏଇ ଇଉରେସିଆର ଭୂମି ଆଫ୍ରେସିଆ ପରି ଭୋଗୋପାଦାନ-ସଂକୁଳ ନ ଥିଲା । ଜଳବାୟୁର ପ୍ରଭାବରେ ଭୂମିର ପ୍ରକୃତି ଓ ତଜ୍ଜନିତ କ୍ରୂର ବେଷ୍ଟନୀରେ ଏଇ ଇଉରେସିଆର ଲୋକେ ଭୋଗର କାଂଗାଳ । ସେଥିପାଇଁ ଭୋଗରେ ଦ୍ୱଂଦ୍ୱ, ଈର୍ଷା

---

୨ । pp. 202 & 203; E. Mackey's The Indus Civilisation, P. 12

୩ । V. G. Childe's The Most Ancient East– Chapter X

Digitized by PPRACHIN, SOA

ଓ ଅସହିଷ୍ଣୁତାରେ ଏମାନେ ଜୀବନ ଆରଂଭ କଲେ । ଅନ୍ୟକୁ ବଂଚିତ କରି ନିଜେ ଭୋଗର ଆହରଣ ଓ ସଂଚୟ କରିବା, ପୁଣି ତହିଁ ସଂଗେ ବଂଚିତ, ବଳାତ୍କାରରେ ନିଜର ଦାବି ସାବ୍ୟସ୍ତ କରିବା ପ୍ରଭୃତି ହେଲା ଏହି ନୂତନ ସଭ୍ୟତାର ମଂତ୍ର । ଉଦାହରଣ ସ୍ୱରୂପ ଭାରତରେ ଚକ୍ରବର୍ତୀର ଆଦର୍ଶ ଥିଲା, କ୍ଷତ୍ରିୟତ୍ୱ ବା ଲୋକରକ୍ଷାର ଦକ୍ଷତା ସଂଗ୍ରହ– ବିରାଟ ସାମ୍ରାଜ୍ୟର ଲୋକଂକ ଉପରେ ଆଧିପତ୍ୟ କରି ନିଜର ଭୋଗ ସାମଗ୍ରୀ ବଢ଼ାଇବା ନୁହେ । ମାତ୍ର ଡେରାୟସ (ଦାରୟବାହୁଃ) ବା ଆଲେକ୍‌ଜାଂଡର (ସିକଂଦର)ଂକ ସାମ୍ରାଜ୍ୟ ତା' ନୁହେ । ଫଳକଥା, ଏହି ସ୍ୱତ୍ୱ ବା ଅଧିକାରର ଟଣା- ଓଟରାରେ ପରିଶେଷରେ ଏଥିରେ ବ୍ୟକ୍ତିଧର୍ମ, ପରିବାର ଧର୍ମ ପ୍ରଭୃତିରୁ ଏବେ ପ୍ରକାଶ ପାଇଚି ଜାତି-ଧର୍ମ । ଏହାର ଅର୍ଥ– ମୁଁ, ମୋ ଲୋକେ ବା ମୋ' ଜାତି ସବୁ ଭୋଗ କରିବେ । ଅନ୍ୟଠାରୁ ବଳେ କଳେ କୌଶଳେ ଭୋଗ କାଢ଼ିନେବାକୁ ହେବ– ଏହାହିଁ ଏ ସଭ୍ୟତାର ନୀତି । ଏହାକୁ ଏବେ କହଂତି ସ୍ୱତ୍ୱର ଦାବି । ପ୍ରଜା ରାଜାଠାରୁ ଦାବି କରୁଚି ରାଜ୍ୟରେ ଭାଗ– ରାଜା ଦବାକୁ ନାହି । ଲୋକେ ଦାବି କରୁଛଂତି ସରକାରଠାରୁ କର୍ତବ୍ୟ, ସରକାର ବାଧ ନ ହେଲେ ଦବାକୁ ନାରାଜ । ରାଜ୍ୟ ସେହିପରି ଦାବି କରୁଚି ପ୍ରଜାର ଧନ ଓ ରକ୍ତ; ପ୍ରଜା ସ୍ୱତ୍ୱ ଦବାକୁ କୁଂଠିତ । ମାଲିକ ଦାବି କରୁଛି ମୂଲିଆଠାରୁ ବାଧ୍ୟତା, ମୂଲିଆ ଦାବି କରୁଛି ମାଲିକଠାରୁ ଲଭ୍ୟାଂଶ । ବାପ ଦାବି କରୁଚି ପୁଅଠାରୁ ବଶ୍ୟତା; ପୁଅ ଦାବି କରୁଚି ବାପଠାରୁ 'ମନୁଷ୍ୟତା' । ପୁରୁଷ ନାରୀକୁ କରୁଚି ଅନୁରୋଧ; ନାରୀ ଲୋଡୁଚି ପୁରୁଷର ପ୍ରତିଶୋଧ– ଇତ୍ୟାଦି । ବାଧ ନ ହେଲେ ଯେପରିକି କାହାରି କିଛି ଦବାର ବା କର୍ତବ୍ୟ କରିବାର ନାହି– ଅଛି କେବଳ ନବାର, ଦାବିକରିବାର । ନବା ପକ୍ଷରେ ଯେପରିକି ସର୍ବଦା ନ୍ୟାୟଦେବ 'ବୃହସ୍ପତି'; ଦବା ପକ୍ଷରେ କୁବେର ଭୃତ୍ୟ 'ଯକ୍ଷ' । ନବାରେ ମଧ୍ୟ ସଂତୋଷ ନାହି, କି ଦବାରେ ହୃଦ୍ୟତା ନାହି । ଦୁର୍ବାର ଲାଳସାର ଏହି ଘୋର ଅସଂତୋଷ, ସଂକୋଚ ଓ ଭୀତିର କରାଳ ଆବର୍ତ୍ତଜନିତ ବିପ୍ଳବର କ୍ରିୟା ପ୍ରତିକ୍ରିୟାରେ ସମାଜର ଗତି ଓ ପରଂପରା ଚାଲିଚି । ଏଥିରେ ଯଥାର୍ଥ ଶାଂତିର ଆଦର୍ଶ ଫୁଟିନାହି, ସ୍ଥିରତା ଆସୁନାହି । ଜାତିସଂଘର ନିରସ୍ତ୍ରୀକରଣ (Disarmament) ଠାରୁ ସାମ୍ୟବାଦୀର ନିଃସ୍ୱୀକରଣ (Expropriation) ପର୍ଯଂତ କୌଣସି ପଂଥାରେ ଆରପାଖ ବା ଗଂତବ୍ୟ ଦିଶୁନାହି ।

### ଭୋଗ ଓ ତ୍ୟାଗ–

ଭୋଗ-କାଂଗାଳଂକର ଏ ସଭ୍ୟତାର ସମାଧାନ ଭୋଗରେ ହେବ ନାହି । ମାନବ ଭୋଗର ପ୍ରକୃତି, ତ୍ୟାଗ । ଯାହା ପ୍ରକୃତିରେ ପ୍ରତିଷ୍ଠିତ ନୁହେ, ତା' ସ୍ଥିର ନୁହେ । ମାନବ ଜଂତୁପରି ନିଜର ଆହରଣ ଓ ଭୋଗସର୍ବସ୍ୱ ନୁହେ । ମାନବର ଭୋଗ ତ୍ୟାଗ ଉପରେ ପ୍ରତିଷ୍ଠିତ । ମୂଲିଆ ମୂଲଲାଗି ପେଟ ପୋଷେ ସତ, କିଂତୁ ତାହା ପକ୍ଷୀର ଦିନାଂତ ଶ୍ରମରେ ପେଟପୋଷା ପରି ନୁହେ । ମୂଲିଆର ଶ୍ରମରେ ଅନ୍ୟର ଭୋଗ ସାମଗ୍ରୀ ତିଆରି ହୁଏ– ସମାଜର ଶିଳ୍ପ ବିକାଶ ଲଭେ । ମୂଲିଆର ଭୋଗ ଏହି ଦାନ, ଏହି ତ୍ୟାଗ ଉପରେ

Digitized by PPRACHIN, SOA

ପ୍ରତିଷ୍ଠିତ । ଲୋକ ଯେଡ଼େ ବଡ଼ ସଂଚିତ ସ୍ୱାର୍ଥଭୋଗୀ ହେଉ ନା କାହିଁକି, ସେ ସମସ୍ତ ଭୋଗର ଆହରଣରେ ଅପରକୁ ଦାନ କରେ– ଅପର ପାଇଁ ତ୍ୟାଗ କରେ । ଅଂଧ କୃପଣର ଧନ ମଧ୍ୟ ବେଳେବେଳେ ବାରନାରୀ ବା ଶୁଂଢିପାଇଁ ସଂଚିତ ଥାଏ । ଏହିପରି ତଳେଇ ଦେଖିଲେ ଦେଖାଯିବ, ମାନବର ଭୋଗ ସର୍ବଦା ସର୍ବତୋଭାବରେ ତ୍ୟାଗମୂଳକ । ଏହାହିଁ ମନୁଷ୍ୟ ଭୋଗର ବିଶେଷ– ଏହାହିଁ ଭୌତିକତାରେ ଆତ୍ମିକତା– ଏହାହିଁ ଯଥାର୍ଥ ମନୁଷ୍ୟତା । ଏହି ତତ୍ତ୍ୱ ବୁଝିଗଲେ, ଏଥିରେ ମନୁଷ୍ୟତାର ପୀଠ ବସିଗଲେ, ଲାଳସାର ଅସଂତୋଷ, ସଂକୋଚ, ଭୟ– ଏ ସମସ୍ତର ଘୋର କର୍କଶ ଆଧ୍ୱାନ ଭିତରେ ଶାଂତିର ମୋହନ ବଂଶୀ ବାଜିଉଠିବ । ଏସବୁ ମାନବିକ କ୍ରିୟା ପ୍ରତିକ୍ରିୟାର ଘୋର ସଂଗ୍ରାମ ଭିତରେ ପ୍ରକୃତିର ସାମଂଜସ୍ୟ ଓ ସମାଧାନ ଫୁଟିବ ।

**ପ୍ରାଚୀନ ଆଫ୍ରେସିଆ-ସଭ୍ୟତାର ସଂକେତ–**

ଭୋଗସଂକୁଳ 'ଆଫ୍ରେସିଆ'ର ସୁଦୀର୍ଘ ବିକସିତ ସମାଜ ତଥା ସଭ୍ୟତାରେ ଏ ସମାଧାନ ଫୁଟିଥିଲା । ଅବଶ୍ୟ 'ଆଫ୍ରେସିଆ'ର ପଶ୍ଚିମ ଭୂମି, ମିଶର (ଇଜିପ୍ତ) ଓ ବାବିଲନ୍ ବହୁକାଳରୁ ଲାଳସାର ନରମେଧଯଜ୍ଞର କରାଳ ହୁତାଶନରେ ଆହୁତି ହୋଇଯାଇଚି । ଜୀବଂତ ସମାଜରେ ସେମାନଂକର ଚିହ୍ନବର୍ଣ ନାହି । ସଭ୍ୟତାର ଶ୍ମଶାନସେବୀ ପ୍ରତ୍ନତତ୍ତ୍ୱପର ପଂଡ଼ିତମାନେ ତାଂକ କବର ଖୋଳି ସଭ୍ୟତାର ବହିରାବରଣ ମାତ୍ର ସୂଚନାରେ ଅନୁସଂଧାନ କରୁଅଛନ୍ତି । ସିଂଧୁ ନଦୀର ଉପତ୍ୟକାରେ ତାହାହିଁ ହୋଇଚି । ମାତ୍ର ସେଥିରୁ ଯଥାର୍ଥ ଶ୍ମଶାନବାସୀ ଯୋଗୀ ଓ ମହାଦେବଙ୍କର ଯେଉଁ ପ୍ରତ୍ନକଂକାଳ ବାହାରିଚି, ସେଥିରେ ରକ୍ତ ମାଂସ ଲାଗି, ସେଇ ଆଦି ଭାରତ ସଭ୍ୟତାର ଅନବଚ୍ଛିନ୍ନ ଧାରାର ଜୀବନ୍ତ ପ୍ରବାହରେ ନୂତନ ପଥପ୍ରଦର୍ଶକ ରୂପେ ଜଗତକୁ ସଂକେତ କରୁଚି । ଯେଉଁ ଯୋଗୀ ଭାରତ ସଭ୍ୟତାର ସୌନ୍ଦର୍ଯ୍ୟ, ଯେଉଁ ରୁଦ୍ର ମହାଦେବ ଭାରତ ସଭ୍ୟତାର 'ଶିବ' (ମଂଗଳ), ସେଇ ଆଜି ଧ୍ୱଂସଭିତରୁ ଖୋଳାହୋଇ, ସେଇ ଭାରତ ସଭ୍ୟତାର ଚିର ଓ ନିତ୍ୟ 'ସତ୍ୟ' ପ୍ରଚାର କରୁଅଛଂତି । ଭାରତ ସଭ୍ୟତାର ଶାଂତ ଓ ଜୀବଂତ ଧାରା ଛିଂଡିନାହି । ପୃଥିବୀର ଏଇ ଏକମାତ୍ର ପୁରାଣ ସଭ୍ୟତା ନିତ୍ୟ-ନୂତନ ଓ ଜୀବଂତ ରହିଚି । ତେଣୁ ଭାରତର ସଭ୍ୟତା ଯଥାର୍ଥ 'ସନାତନ' ବା ଜୀବଂତ, ବର୍ଦ୍ଧିଷ୍ଣୁ ଓ ନିତ୍ୟ-ନୂତନ– କ୍ରିୟା ପ୍ରତିକ୍ରିୟାର ଘାତ ପ୍ରତିଘାତରେ ଏହା ବରାବର ନିଜର ମେରୁଦଂଡ ଠିକ୍ ରଖି ଚାଲିଆସିଚି । 'ଇଉରେସିଆ'ରେ ଆଜି ବ୍ୟକ୍ତି ପ୍ରଚାରିତ ସଭ୍ୟତା ବା ଧର୍ମ ନାମରେ ଭିତ୍ତିହୀନ ଭୋଗର ନିତ୍ୟ ସଂଗ୍ରାମ । ଆଫ୍ରେସିଆର ପଶ୍ଚିମ ଭୂମିର ପରବର୍ତ୍ତୀ କାଳରେ ଇଉରେସିଆକୁ ବରଂ ଏଇ ଦାନ । ସେ ଭୂମିମାନଂକରେ ସନାତନ ଧର୍ମର ଧାରା ଛିନ୍ନ, ଭ୍ରଷ୍ଟ ଓ ବିଲୀନ । ନୂତ ସମାଧାନର ଭିତ୍ତି ଏବେ ମଧ ଫୁଟିନାହି । ଏକା ଭାରତରେ ସେ ଭିତ୍ତି ଦେଖିବାକୁ ମିଳେ । ଏ ଭିତ୍ତିରେ ପାରଂପରିକ ଭୂୟୋଦର୍ଶନର ପରିପକ୍ୱ ପରିଣତି

Digitized by PPRACHIN, SOA

ଏକା ଭାରତରେ ଅଦ୍ୟାପି ଦେଦୀପ୍ୟମାନ ରହି, ଯେପରି କି ଜଗତର ମୁକ୍ତି ନିମଂତେ ଇଂଗିତ କରୁଚି ।

### ଭୋଗରୁ ହିଁ ତ୍ୟାଗ—

ଅବଶ୍ୟ ବୁଝିବାର ନୁହେ, ଲାଳସାର ଦୁର୍ବାର ଜିହ୍ୱାର ଭୋଗ ତାଡ଼ନା ଭିତରେ ନ ଯାଇ କେହି କେବେ ପ୍ରକୃତି ଚୋଦିତ ତ୍ୟାଗ ପୀଠରେ ଭୋଗର ଶୃଙ୍ଖଳା ରଖିଚି । 'ଆଫ୍ରେସିଆ'ର ସଭ୍ୟତା ପ୍ରଥମେ ଏଇ ଭୋଗ ତାଡ଼ନାର ପଶୁଧର୍ମରେ ନିଶ୍ଚୟ ଫୁଟିଥିଲା । ଇଂଦ୍ରାଦି ବୈଦିକ ଦେବମାନେ ମୂଳତଃ 'ଆଫ୍ରେସିଅ' କି 'ଇଉରେସିଅ' ତା' ଆଜି କହିବା ମୁସ୍କିଲ । ମାତ୍ର ସେଇ ଇଂଦ୍ରଂକୁ ପଶୁ ବଳି ଦେଇ ପୁତ୍ର ପଶୁ କାମନା କଲାବେଳେ ହୁଏତ ପ୍ରାଚୀନ ପୁରୁଷମାନେ ଭୋଗ ଭିତରେ ତ୍ୟାଗର ମହାଶୃଂଖଳା ସ୍ୱଷ୍ଟ ଦେଖିଥିଲେ କି ନା ସଂଦେହ । ତା' ପୂର୍ବର ଅବସ୍ଥା ସହଜରେ ଅନୁମେୟ । ଋଗ୍‌ବେଦର ଇଂଦ୍ର ଯେ କି ଲାଳସା ବା କାମନାର ବଶବର୍ତ୍ତୀ ହୋଇ ଅସୁରଙ୍କ ଶତଦ୍ୱାର ପୁର ଭେଦ କରୁଥିଲେ, ତା ବୁଝିବା ପାଇଁ ବ୍ୟାଖ୍ୟା ଦରକାର ନାହିଁ । ବସ୍ତୁତଃ ମାନବ ମୂଳରେ ଜୀବୀଧର୍ମା । ସେଠାରେ ଭୋଗ ପାଇଁ ଟଣାଓଟରା— ଦ୍ୱଂଦ୍ୱ ଓ ସଂଗ୍ରାମ ପରେ ମନୁଷ୍ୟ ମନୁଷ୍ୟଧର୍ମା । ଲାଳସାଜନିତ ଭୋଗର ସଂଗ୍ରାମରୁ ସମସ୍ତଂକୁ ଉଠିବାକୁ ହେବ । ଇଉରେସିଆର ସଭ୍ୟତା ସେଥିରୁ ଏବେ ମଧ୍ୟ ଉଠି ନାହିଁ । ଦର୍ପରେ ଅମୃତର ପ୍ରତ୍ୟାଖ୍ୟାନ କରି ହୁଏତ ଘାଂଟି ହେଉଚି । ପ୍ରକୃତିର ଘୋର ପ୍ରତିଶୋଧ ଫଳରେ ଦିନେ ହୁଏତ ନିଜେ ଯଥାର୍ଥ ତ୍ୟାଗମୂଳକ ମନୁଷ୍ୟତାକୁ ଉଠିବ; ନିଜ ପାଇଁ ନ କରି ମନୁଷ୍ୟ ପାଇଁ ପ୍ରଯତ୍ନ କରିବ ।

### ଭୋଗ ହିଁ ସହଜ ଓ ପ୍ରକୃତିଗତ—

ସେତିକି ନୁହେ, ଯେକୌଣସି ସଭ୍ୟତା ହେଉ, ଯେକୌଣସି ଅବସ୍ଥାରେ ତାକୁ ପୃଥିବୀର ଆଦାନପ୍ରଦାନ ଫଳରେ କେବଳ ଭୋଗନିବଦ୍ଧ ସଭ୍ୟତାର ଧକ୍କା ସହିବାକୁ ହେବ । ପୃଥିବୀରେ ତାହା ବରାବର ହୋଇଆସିଚି ଓ ଏବେ ମଧ ହେଉଚି । 'ଆଫ୍ରେସିଆ'ର ପଶ୍ଚିମ ଭୂମି ପ୍ରାୟ ୨୦୦୦ ବର୍ଷ ପୂର୍ବେ 'ଇଉରେସିଆ' ସଭ୍ୟତାର ଏଇ ଧକ୍କାରେ ଇତସ୍ତତଃ ହୋଇ ଆତ୍ମରକ୍ଷାର ପ୍ରଯତ୍ନରେ ବ୍ୟକ୍ତି ପ୍ରଚାରିତ ଖ୍ରୀଷ୍ଟଧର୍ମ ଓ ପରେ ମହମ୍ମଦ ଧର୍ମ ଯେପରି କି ବାନ୍ତି କରି ପକାଇଥିଲା । ତଥାପି ଏ ଜୀବନ ମରଣର ଉଦ୍ୟମ ମଧ୍ୟ ସେ ଭୂମିକୁ ଉପର୍ଯୁପରି ଧକ୍କାର ଅସହ୍ୟ ତାଡ଼ନାରୁ ରକ୍ଷାକରି ପାରିନାହିଁ । ଆଜିର ଇଉରେସିଅ ସଭ୍ୟତାରେ, ଖ୍ରୀଷ୍ଟ ମହମ୍ମଦ ନାମରେ ଅଛନ୍ତି ମାତ୍ର— କାର୍ଯରେ ବହୁକାଳରୁ ତାଂକର ଅଂତର୍ଦ୍ଧାନ ହୋଇଯାଇଚି । ତାଂକର ମହାତ୍ୟାଗ ଓ ତୁଂଗ ସହିଷ୍ଣୁତା ମଂତ୍ରର ଲେଶ ଅବଶେଷ ଇଉରେସିଅ ଧର୍ମ ବା ସଭ୍ୟତାରେ ଖୋଜିଲେ ମିଳୁନାହିଁ ।

### ଭାରତର ସନାତନ ସଭ୍ୟତା ତ୍ୟାଗପ୍ରକୃତିକ—

ମାତ୍ର ଭାରତର ଜୀବଂତ ପରଂପରାରେ ସେ ସତ୍ୟ ଏବେ ବି ଚିରଜାଗ୍ରତ । ଏଇ ଭୋଗମୂଳକ ସଂଗ୍ରାମର ତାଡ଼ନାରେ ମନୁଷ୍ୟତାକୁ ତ୍ୟାଗ ମଂତ୍ରଦୀକ୍ଷାର ପ୍ରଯତ୍ନରେ ଠିକ୍

Digitized by PPRACHIN, SOA

ରଖିନାଛନ୍ତି ଭାରତର ସନାତନ ସଭ୍ୟତାର ଯଥାର୍ଥ ହୃତ୍‌ପିଂଡ । ଗୀତା ଭାରତର ଶାସ୍ତ୍ରସାର । ଏହା ମନୁଷ୍ୟମାତ୍ରର ସେବ୍ୟ । ମାନବ କଳ୍ପନାରେ ଦେଶକାଳର ପରିସ୍ଥିତି ଭେଦ କରି ଯେତେ ଉପରକୁ ଉଠିବା ସଂଭବ, ଏଥିରେ ତାହା ଦେଖାଯାଏ । ଏଥିରେ ଏପରି କୌଣସି ସାଧନ ନାହି ଯାହା ଦେଶକାଳ ପରିସ୍ଥିତି ବେଷ୍ଟନୀ ନିର୍ବିଶେଷରେ ମନୁଷ୍ୟର ସେବ୍ୟ ନୁହେ । ତ୍ୟାଗ ବିରହିତ ଭୋଗର କରାଳ ତାଡ଼ନାରେ ଅପ୍ରମତ୍ତ ହୋଇ ଅତଂଦ୍ରିତ ପ୍ରଯତ୍ନରେ ଆତ୍ମସ୍ଥିତି ଠିକ୍ ରଖିବାହିଁ ଗୀତାର ଚରମ ଓ ପରମ ସାଧନା– ଏହାହିଁ ମୁକ୍ତି ସାଧନା– ଏହାହିଁ ସାମ୍ୟଧର୍ମ ଓ ସାମ୍ୟବାଦି– ଏଥିରେହିଁ ମାନବ ମାତ୍ରର ସୁଖ ଦୁଃଖରେ ଅନୁକଂପା– ଏଥିରେହିଁ ସର୍ବଭୂତରେ ସମଦୃଷ୍ଟି ବା ଭୂତିମାତ୍ର ପ୍ରତି ନିଜର ମହା କର୍ତ୍ତବ୍ୟର ସମାଧାନ । ଏଥିରେ ଦାବି ନାହି– ଅଛି ଦାନ– ନିତ୍ୟ କର୍ତବ୍ୟ ବା କର୍ମର 'ବିସର୍ଗ' ବା ବିସ୍ତାର ।

**ତ୍ୟାଗରେ ଭୋଗର ସମାଧାନ–**

ଏହାହିଁ ସ୍ୱଧର୍ମ । ଜଗତ ଭୋଗ ସଂଗ୍ରାମମୟ । ମାତ୍ର ଏଇ ଭୋଗରେ ତ୍ୟାଗହିଁ ସମାଧାନ । ଭୋଗ ତ୍ୟାଜ୍ୟ ନୁହେ । ମାତ୍ର ତ୍ୟାଗ ପୀଠରେ ତା'ର ଆସ୍ୱାଦନ ଯଥାର୍ଥ ମଧୁର, ସୁଂଦର ଓ ସଂଗତ । ଭୋଗର ଆଦର୍ଶ ସଂଗ୍ରାମରେ ପ୍ରତିପକ୍ଷର କ୍ଷତି ବା ପରାଜୟ ଓ ନିଜର ଆହରଣରେ ବିଜୟ ନୁହେ– ଭୋଗର ଆଦର୍ଶ ସଂତୋଷ । ସଂଗ୍ରାମର ନିତ୍ୟ ତାଡ଼ନାରେ କାମନାର ଶାଂତି ନାହି– ଉପଭୋଗରେ ସଂତୋଷ ନାହି । ତ୍ୟାଗରେ ଆହରଣର ସଂଗ୍ରାମ ଶାଂତ ଓ ଉପଭୋଗ ସ୍ୱାଦ୍ୟ ଓ ସଂତୋଷମୟ । ଏଇ ତ୍ୟାଗ ଆହରଣର ଦାବିରେ ଫୁଟେ ନାହି, କର୍ତବ୍ୟର ତ୍ୟାଗ ବା ଦାନରେ ଫୁଟେ । ନିତ୍ୟ କର୍ତବ୍ୟ ଏଇ ଦାନ ବା ତ୍ୟାଗ ଶୃଂଖଳାରେ କାହାରି ଭୋଗର ଅଭାବ ନାହି, ଲାଳସାର ତାଡ଼ନା ବା ଆହରଣର ଘୋର ସଂଗ୍ରାମ ନାହି । ଏଥିରେ ଆତ୍ମବିକାଶ ସୁଲଭ ଓ ସୁସ୍ପଷ୍ଟ, ପ୍ରଗତି ଉଜ୍ଜ୍ୱଳ ଓ ସମାହିତ ।

**'ସ୍ୱଧର୍ମ'–**

ସମାଜର ଏ ତ୍ୟାଗନିଷ୍ଠ ଭୋଗ ଧର୍ମ ପ୍ରକୃତିର ପରିସ୍ଥିତି ଦୃଷ୍ଟିରେ ସ୍ଥିର ରଖିବାକୁ ହୁଏ । ସକାଳେ ଜଗତର ସୂର୍ଯ୍ୟକିରଣ ଦରକାର, ଜଗତ ତା' ଦାବି କରୁନାହି, ସୂର୍ଯ୍ୟ ନିଜେ ଦଉଚି । ଭୋଗରେ ପ୍ରତ୍ୟବାୟ ନାଇ– କିଂତୁ ଲାଳସା ଏଠାରେ ଶାଂତ । ସେଇପରି ପକ୍ଷୀ ଶିଶୁର ଆହାର୍ଯ୍ୟ ଦରକାର; ଶିଶୁ ସେଥିପାଇଁ ଲାଳସାରେ ବ୍ୟାକୁଳ ହୋଇ ଦାବି କରେନାହି । ମା' ନିଜର ନିୟତ କର୍ତବ୍ୟରେ ତା' ଦିଏ । ପ୍ରଜାପତିର ପୁଷ୍ପ ମଧୁ ଲୋଡ଼ା, ପ୍ରଜାପତି ଫୁଲ ପାଖେ ଦାବି କରୁନାହି, ଫୁଲ ତା' ଦଉଚି । ମାନବ ସମାଜରେ ସେଇପରି । ଚାଷୀକୁ ଚାଷ କରି ଜଗତ ପୋଷ୍ ବୋଲି କେହି ଦାବି କରିବେ ନାହି; ଚାଷୀ ତା' କରିବ । କ୍ଷତ୍ରିୟକୁ ଯୁଦ୍ଧ କରି ଲୋକ ରକ୍ଷା କର୍ ବୋଲି କେହି ଦାବି କରିବେ ନାହି; କ୍ଷତ୍ରିୟ ବେଳ ପଡ଼ିଲେ ତା କରିବେ । ରାଜାକୁ କେହି ପ୍ରଜା ପାଳ୍ ବୋଲି ଦାବି କରିବେ ନାହି; ଦୁର୍ଭିକ୍ଷ ପଡ଼ିଲେ ସେ ନିଜେ ଯାଇ ଲୋକଂକୁ ଅନାହାରରୁ ରକ୍ଷା କରିବେ । ପ୍ରଜାକୁ

Digitized by PPRACHIN, SOA

କର ଦେ ବୋଲି ରାଜା ଦାବି କରିବା ପୂର୍ବରୁ ପ୍ରଜା ଆହରଣର ରାଜାଂଶ ଅଲଗା କରି ଦେଇଥିବେ । ଇତ୍ୟାଦି । ଏହାହିଁ 'ସ୍ୱଧର୍ମ' ।

## ଭାରତରେ 'ରାଜା' କ'ଣ ?–

ଯଥାର୍ଥରେ ଏ ଦେଶରେ 'ରାଜା' ଶବ୍ଦର ଅର୍ଥ– ଯେ ପ୍ରଜାଂକୁ ରଂଜନ କରେ ବା ସଂତୋଷ ରଖେ । 'ନୃପ' ବୋଇଲେ ଯେ ଲୋକଂକୁ ପାଳନ କରଂତି । 'ପ୍ରଜା' ବୋଇଲେ, ଯହିଁରେ ଲୋକର ବୃଦ୍ଧି ହୁଏ । ତାହାରି ନାମ ପୁଣି 'ପ୍ରକୃତି' । 'ପ୍ରକୃତି' ବୋଇଲେ ସମାଜକୁ ଯେ କରେ, ବା ସମାଜର ଶ୍ରୀବୃଦ୍ଧି ଯାହା ଘେନି ହୁଏ । ରାଜାଂକ ସଂବଂଧରେ ମନୁ କହିଚଂତି–

ଅଷ୍ଟାନାଂ ଲୋକପାଳାନଂ ମାତ୍ରାଭିର୍ନିର୍ମିତୋ ନୃପଃ ।
ମହତୀ ଦେବତା ହ୍ୟେସା ନରରୂପେଣ ତିଷ୍ଠତି ।

ଅର୍ଥାତ୍, 'ନୃପ' ବା ଲୋକପାଳକ (ରାଜା) ଦିବ୍ୟ ପୁରୁଷ ବା ମହାପୁରୁଷ, ଅତି ମାନବ । କାହିଁକି ନା, ସେ ଅଷ୍ଟ ଦିଗର (ପୃଥିବୀର) ଲୋକପାଳଙ୍କ ଦେବତାମାନଂକର ଅଂଶରେ ପ୍ରକାଶ ପାଆଂତି । ଏଠାରେ 'ନୃପ' ଓ 'ଲୋକପାଳ', ଏଇ ଶବ୍ଦ ଦୁଇଟି ପ୍ରତି ଲକ୍ଷ୍ୟ କରିବାର ଅଛି । ପ୍ରଜାର କର ଧନରେ ମଉଜ କରି କେହି ରାଜା ହୋଇପାରେ– ଏ ଧାରଣା ଏ ଦେଶରେ ନ ଥିଲା ।

## ସ୍ୱଧର୍ମର ନିତ୍ୟ କର୍ତବ୍ୟ–

ରାଜା ଯେପରି କର୍ତବ୍ୟରେ 'ନୃପ', ପ୍ରଜା ମଧ୍ୟ ସେଇପରି କର୍ତବ୍ୟ ପାଳନରେ ହିଁ 'ପ୍ରକୃତି' । ଉଂଛବୃତ୍ତି ବନଚାରୀ ମଧ ଶସ୍ୟ ଗୋଟାଇ ଆଣି ତହିଁରୁ ଛ ଭାଗରୁ ଭାଗେ ରାଜ ଭାଗ ବୋଲି ନଦୀକୂଳେ ରଖି ଦେଇ, ବାକୀତକ ଖାଏ । ପଂଡ଼ିତ କୁଳପତି ଶିଷ୍ୟମାନଂକୁ ଘରେ ରଖି ଖାଇବାକୁ ଦେଇ ପଢ଼ାଂତି– ସେ ତାଂକର କର୍ତବ୍ୟ । ତାଂକର କୁଳ ଗୃହର ଖର୍ଚ୍ଚ ଚଳୁଚି କି ନାହି ତା' ରାଜା ବା ଧନିକମାନେ ଯାଇ ବୁଝିକରି ଦିଅଂତି– କାହିଁକି ନା, ସେପରି ଦବା ଧନିକର ସ୍ୱଧର୍ମ । କେହି ଦେଲା ବୋଲି କୁଳ ଗୃହ ଅଗଣାରେ ମାର୍ବଲ ପଥରରେ ନାମ ଓ ଦାନର ପରିମାଣ ଲେଖି ରଖେ ନାହି କି କେହି ଏତେ ପିଲାଂକୁ ପଢ଼ାଉଚି ବୋଲି ରାଜଦ୍ୱାରରେ 'ଉଚିତ' ମୂଲ୍ୟ ଲୋଡ଼େ ନାହି– ବା ଛାତ୍ରଦତ୍ତ ବେତନର ହିସାବ ଲେଖେ ନାହି । ଏଥିରେ ଭୋଗର ଶାଂତି ଓ ସଂତୋଷ ଅଛି ମାତ୍ର ଲାଳସାର ତାଡ଼ନା ନାହି । ଏ ଭୋଗ ତ୍ୟାଗର ଶୃଂଖଳାରେ ପ୍ରତିଷ୍ଠିତ । କର୍ତବ୍ୟର ପାଳନରେ ଦାବିର ପୂରଣ ହୁଏ । ଯେ ନିଜର ଜନ୍ମ ବେଷ୍ଟନୀ ଶିକ୍ଷାଦି ଫଳରେ ମନୁଷ୍ୟତାର ପୂର୍ଣ ବିକାଶବେଳେ ଯେଉଁ ପଂଥାରେ ଜୀବନ ଚଳାଇବାର ସ୍ଥିର କରେ 'ଗୁଣ କର୍ମ ବିଭାଗରେ' ସେଇ ତା'ର ଜାତି । ସେଇ ଜାତିର ନିର୍ଦ୍ଦିଷ୍ଟ କର୍ତବ୍ୟ ସେ ନିୟତ ଭାବରେ କରିଯିବ । ତାକୁ କେହି ଧକା ମାରି ସେଥିରେ ଲଗାଇବେ ନାହି କିଂବା କେହି କାହାକୁ ଧକା ମାରି

Digitized by PPRACHIN, SOA

କର୍ତବ୍ୟରେ ଲଗାଇବେ ନାହି । ସ୍ୱଧର୍ମ ନ କଲେ ମନୁଷ୍ୟ ନିଜେ ନିଜେ ଲାଳସାର ଦୁର୍ବାର ସଂଗ୍ରାମରେ ପଡ଼ି ପଥଭ୍ରଷ୍ଟ ଓ ନଷ୍ଟ ହେବ । ସେଥିପାଇଁ ଗୀତା କହଂତି–

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରାଧର୍ମୋ ଭୟାବହଃ ।

ଅର୍ଥାତ୍ ସ୍ୱଧର୍ମରେ ଠିକ୍ ରହି ଅସୁବିଧାରେ ପଡ଼ିବା ଭଲ, ଲାଳସାରେ ପଡ଼ି– ସେ କରୁଚି କି ସୁଂଦର କାର୍ଯ୍ୟ, ସେଥିରେ କେଡ଼େ ସୁଖ ବୋଲି ଅନ୍ୟର କର୍ତବ୍ୟ ଧରି ବସିବା ଭୟଂକର, ଅର୍ଥାତ୍, ସେଥିରେ ସମାଜର ପରିସ୍ଥିତି ଭ୍ରଷ୍ଟ ହେବାର ଆଶଂକା ଅଛି ।

**ଏଥିରେ କର୍ମଚୋଦନାର ପୀଠ—**

ମାତ୍ର ଏ ତ୍ୟାଗନିଷ୍ଠ ଶାଂତ ଭୋଗରେ କର୍ମ ଚୋଦନା କାହିଁ ? କର୍ମ ଚୋଦନା ବିନା ସମାଜର ପ୍ରଗତି ଯେ ଅସଂଭବ । ସ୍ୱଭୋଗ କାମନାରେ ଏଇ କର୍ମ ଚୋଦନା ସ୍ପଷ୍ଟ । ତା'ର ପରିଣାମ ଯା' ହେଉ ପ୍ରଗତିର ପୋଷଣରେ ତା'ର ସୂଚନା ଗ୍ରହଣ କରିବାରେ ଅସୁବିଧା କିଛିନାହି । ଅନ୍ୟର ଶାଂତ ଭୋଗ ଆହରଣ କରିବାରେ ମନୁଷ୍ୟ ସ୍ୱଧର୍ମନିଷ୍ଠ ହେବ କାହିଁକି ? ଏଥିରେ ଯଥାର୍ଥ କର୍ମ ଚୋଦନା ହେଉଚି, ସମୂହ ସମାଜର ପ୍ରଗତି ଦର୍ଶନରେ– ତଥା ନିଜ ଭୋଗ ସ୍ପୃହା ତୁଳନାରେ– ଅନ୍ୟର ଭୋଗ ସ୍ପୃହାର କଳ୍ପନା । ଏହାହିଁ ଯଥାର୍ଥ ପରାର୍ଥପରତା ଓ ସମାଜପ୍ରାଣତା । ଏବେ ମଧ୍ୟ ଯେଉଁମାନେ ମହାତ୍ୟାଗ କରି ସମାଜର କଲ୍ୟାଣରେ ଲାଗନ୍ତି, ସେମାନଂକର ଚୋଦନା ଏଥିରୁ ଭିନ୍ନ ନୁହେ । ସେଇ ତ୍ୟାଗପୂତ ତପୋନିଷ୍ଠ କର୍ମବୀରମାନଂକ ବିନା ଲୋକସାଧାରଣଂକ 'ମାତ୍ସ୍ୟନୀତି'ରେ ସମାଜର ପ୍ରଗତି ମଧ୍ୟ ଅସଂଭବ । ବୁଦ୍ଧଂକଠାରୁ ଲେନିନଂକ ପର୍ଯ୍ୟଂତ ସମସ୍ତେ ସେଇ ବିଶ୍ୱଧର୍ମର ଚୋଦନାରେ ଚାଳିତ ହୋଇ ସମାଜର ପ୍ରଗତି ଲୋଡ଼ଂତି । ସେଇ ବିଶ୍ୱଧର୍ମ ବା ସ୍ୱଧର୍ମର ପ୍ରଚାରରେ ଯେଉଁ କର୍ମଚୋଦନାର ବିକାଶ ହେବ, ସେଥିରେ ପ୍ରଭାବକ ଓ ପ୍ରଭାବିତଂକ ଭିତରେ ସାମଂଜସ୍ୟରେ ଆଦର୍ଶର ସମାଧାନ ହେବ; ପୁଣି ତହିଁ ଫଳରେ ପ୍ରଗତିର ପଂଥା ସରଳ ଭାବରେ ଆଦର୍ଶ ଆଡ଼କୁ ଗତି କରିବ– ପଥଭ୍ରଷ୍ଟ ହେବ ନାହି ।

**ଯଜ୍ଞ–**

ଏଇ ବିଶ୍ୱ ଚୋଦନାର ମଂତ୍ର ସ୍ୱରୂପ ଗୀତା କହଂତି–

ଯଜ୍ଞ ଦାନ ତପଃ କର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବତତ୍ ।
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାଂ ।

ଅର୍ଥାତ୍, ଯଜ୍ଞ, ଦାନ ଆଉ ତପ ଏ ତିନୋଟି କର୍ମ ଛାଡ଼ିବାର ନୁହେ ଏହା କରିବାର ବିଧି । ମନୀଷୀମାନଂକର ଅର୍ଥାତ୍, ଯେଉଁମାନେ ମନର ଅଧିକାରୀ ବା ମନରେ ମନୁଷ୍ୟତାର ପୀଠ ବୋଲି ବୁଝଂତି, ସେମାନଂକର ଯଜ୍ଞ, ଦାନ, ତପରେ ମନ ସର୍ବଦା ଠିକ୍ ରହେ । ଏଠାରେ ଯଜ୍ଞ କହିଲେ ପଶୁବଳି ସହିତ ସାଡ଼ଂବର ପୂଜା ନୁହେ । ଦାନ କହିଲେ ଗ୍ରହଣକାଳରେ ହାଡ଼ିକି ଚାଉଳ ଦବା ପ୍ରଭୃତି ନୁହେ, କି ତପ କହିଲେ

Digitized by PPRACHIN, SOA

ବ୍ରତୋପବାସାଦି କୃଚ୍ଛ୍ର ସାଧନା ନୁହେ । ବେଦ କହଂତି "ଯଜ୍ଞୋବୈ ବିଷ୍ଣୁଃ" ଅର୍ଥାତ୍ ବିଶ୍ୱବ୍ୟାପୀ ଦେବତାହିଁ ଯଜ୍ଞ । ପୁଣି ଋକ-ସଂହିତାରେ ଅଛି, "ଯଜ୍ଞେନ ଯଜ୍ଞମଜଯଂତ ଦେବାଃ," ଅର୍ଥାତ୍, ଦେବତାମାନେ ଯଜ୍ଞରେ ଯଜ୍ଞକୁ ଯଜ୍ଞ କରିଥିଲେ । ପୁଣି ଅଛି, ବିରାଟ ବିଶ୍ୱପୁରୁଷଂକ ଯଜ୍ଞରେ ଏଇ ସୃଷ୍ଟିର ବିକାଶ ହେଲା । ଯଜ୍ଞ କହିଲେ ବିଶ୍ୱର ବିକାଶ । ବିଶ୍ୱର ବିକାଶକ୍ରିୟା ପ୍ରଗତିର ନିତ୍ୟ ପ୍ରବାହରେ ଚାଲିଚି । ମାନବ ସେଇ ବିଶ୍ୱବିକାଶ କ୍ରିୟାରେ ଗୋଟିଏ ନିୟତ ସ୍ଥାନରେ ଅଛି । ବିଶ୍ୱଧର୍ମରେ ମାନବଧର୍ମ ବା ମାନବର ସ୍ୱଧର୍ମ ଗୋଟିଏ ନିତ୍ୟ ନିର୍ଦ୍ଦିଷ୍ଟ ଅଂଶ । ବିଶ୍ୱ ବା ସମାଜର ପ୍ରଗତିରେ ମାନବର କର୍ତ୍ତବ୍ୟ ଜଡ଼ିତ । ତେଣୁ ସେଇ ବୁଦ୍ଧିରେ ତା' କରିବାକୁ ହୁଏ । ଏହାହି ଯଜ୍ଞକର୍ମ ବା ବିଶ୍ୱ ପ୍ରଗତିରେ ଆତ୍ମବଳି । ଏହା ପ୍ରତ୍ୟେକ ମାନବର ନିତ୍ୟକର୍ମ ।

ଦାନ–

ଏଇ ଯଜ୍ଞରୁ ଦାନ କର୍ମର ବିକାଶ । ବିଶ୍ୱବିକାଶ ବା ସମାଜର ପ୍ରଗତିରେ ମୋର କର୍ମ । ମୋ'ପାଇଁ ବା ମୋର କାମନା ଚରିତାର୍ଥ କରିବା ପାଇଁ– ମୋର କର୍ମ ନୁହେ । ମୋର କର୍ମ ବିଶ୍ୱକୁ ଦାନ । ଯଥାର୍ଥରେ କେହି ନିଜ ପାଇଁ କର୍ମ କରୁନାହି । ସମାଜର ପ୍ରଗତି ବା ବିଶ୍ୱଯଜ୍ଞରେ ସମସ୍ତେ ଲାଗିଚଂତି । ଏହା ଜାଣି, ଏଥିରେ ମତି ସ୍ଥିର ରଖି– ମୋର ନୁହେ ସମାଜର ବୋଲି କର୍ମ କରିବାହି ଦାନକର୍ମ । ଏଇ ଦାନହିଁ ସମସ୍ତ ଭୋଗର ତ୍ୟାଗ ପୀଠ । ଏଇ ଦାନର ସାଧନା ବିଶ୍ୱଯଜ୍ଞ ବା ସମାଜ ବିକାଶରେ ଯଥାର୍ଥ ସାଧନା । ଏହା ମଧ୍ୟ ନିତ୍ୟକର୍ମ ।

ତପ–

ଯଜ୍ଞ ଓ ଦାନ ବୁଦ୍ଧିରେ ସର୍ବଦା ସ୍ଥିର ରହି କର୍ମ କରିବାରେ ସାଧାରଣ ମାନବର କର୍ମଚୋଦନା ଶିଥିଳ ହୋଇପାରେ । ସମସ୍ତେ ମନୀଷୀ ବା ମହାପୁରୁଷ ନୁହଂତି । ଲୋକସାଧାରଣର ଏପରି ଲୋକରକ୍ଷା ଓ ଲୋକବିକାଶମାତ୍ର ବୁଦ୍ଧିରେ କର୍ମ କରିଯିବା ସର୍ବଦା ସଂଭବ ନ ହୋଇପାରେ– ସେ କଥା ପୂର୍ବେ ସୂଚିତ ହୋଇଚି । ସେଥିପାଇଁ କର୍ମସାଧନା ନିତ୍ୟଜାଗ୍ରତ ରଖିବାକୁ ହେବ । ଏହାହିଁ ତପକର୍ମ ବା ପ୍ରଯତ୍ନ । ନିତ୍ୟତତ୍ପର ଭାବରେ କର୍ମ କରିବାରେ ଏଇ ତପକର୍ମ ପାଳନ କରାଯାଏ । ଅନ୍ୟର ଭୋଗ ଆହରଣ ପାଇଁ ମୁଁ କାହିଁକି କର୍ମ କରିବି ? ଏପରି ବିଚାରରେ ହଦେଇ ଯିବା ଉଚିତ ନୁହେ । ଅନ୍ୟର ଭୋଗ ସଂଗେ ନିଜର ଭୋଗ ନିତ୍ୟ ସଂବଂଧରେ ପୁଣି ଜଡ଼ିତ ରହିଚି । ଜଗତରେ ସମସ୍ତେ କର୍ମ ନ କଲେ କାହାରି ଭୋଗ ତଥା ସମାଜର ସ୍ଥିତି ଅସଂଭବ– ପ୍ରଗତିର ଧାରା ଭ୍ରଷ୍ଟ ହେବ । ସେଥିପାଇଁ ସର୍ବଦା ପ୍ରଯତ୍ନପର ହୋଇ କର୍ମକରିବାକୁ ହେବ । ଏଇ ନିତ୍ୟକର୍ମ ଚୋଦନାରେ ତତ୍ପର ରହିବା ବିଷୟରେ ଗୀତାରେ ବହୁ ପ୍ରେରଣା ଦିଆଯାଇଚି । ଏହା ମଧ୍ୟ କୁହାଯାଇଚି ଯେ–

Digitized by PPRACHIN, SOA

ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋହ୍ୟକର୍ମଣଃ ।
ଶରୀର ଯାତ୍ରାପି ଚ ତେ ନ ପ୍ରସିଦ୍ଧେଦକର୍ମଣଃ ।

ଅର୍ଥାତ୍ କର୍ମ ନ କରି ଅଦ୍ଧା ହୋଇ ବସିଯିବାଠାରୁ କର୍ମ କରିଯିବାହିଁ ଭଲ । କାହିଁକି ନା, (ଦେଖୁନାହୁଁ) କର୍ମ ନ କଲେ ତୋର ନିଜର ଶରୀର ଯାତ୍ରା ଚଳିବ ନାହିଁ । ଅତଏବ ସମାଜରେ ମାନବ ସ୍ୱକର୍ମନିରତ ରହିବ । ଏହାହିଁ ତପ କର୍ମ । ଏହା ମଧ୍ୟ ନିତ୍ୟକର୍ମ ।

**ଲୋକସଂଗ୍ରହ—**

ମନୀଷୀ ମହାପୁରୁଷମାନଂକର କର୍ମ ନ କରି ବସିରହିଲେ କିଛି ଯାଏଆସେ ନାହିଁ । ସାଧାରଣ ଲୋକେ କର୍ମ ନ କଲେ ହୁଏତ ଅନ୍ୟମାନେ ତାକୁ ନାପସଂଦ କରିବେ । କେହି ହୁଏତ ତା' ପ୍ରତି ନିଜ କର୍ତବ୍ୟରେ ଅବହେଳା କରିବେ । ମାତ୍ର ମହାପୁରୁଷଂକର ସେ ଭୟ ନାହିଁ । ସେମାନେ କାହିଁକି କର୍ମ କରଂତି ? ସେମାନେ ଲୋକସଂଗ୍ରହ (ଲୋକରକ୍ଷା) ବା ଲୋକପ୍ରଗତିର ପଂଥା ଠିକ୍ ରଖିବା ପାଇଁ କର୍ମ କରଂତି ବୋଲି ଗୀତା ସ୍ପଷ୍ଟ କହିଚଂତି । ସର୍ବତ୍ର, ସବୁକାଳେ ମହାପୁରୁଷମାନେ ଯେ ତାହା କରଂତି ସେ କଥା କହିବା ନିଷ୍ପ୍ରୟୋଜନ । ମାତ୍ର ସେଇ ସଂପର୍କରେ ଗୀତା ପୁଣି କହିଛଂତି—

ସକ୍ତଃକର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବଂତି ଭାରତ ।
କୁର୍ଯାଦ୍ ବିଦ୍ୱାସ୍ତଂଥାସକ୍ତ ଶ୍ଚିକୀର୍ଷୁର୍ଲୋକସଂଗ୍ରହଂ ।।

ଅର୍ଥାତ୍, ଭୋଗାସକ୍ତ ହୋଇ ଲାଳସାର ତାଡ଼ନାରେ କର୍ମ କରୁଥିବା ଅଜ୍ଞାନୀମାନେ ଯେପରି କର୍ମରେ ଲାଗିଥାଂତି, ମନସ୍ୱୀ ଜାଣିବା ଲୋକ ମଧ୍ୟ ଲୋକସଂଗ୍ରହ ପାଇଁ ସେଇପରି କର୍ମରେ ଲାଗିଥିବ । ଏଠାରେ ତପକର୍ମ ସଂଗେ ଆଉ ଗୋଟିଏ କଥାର ସୂଚନା ସ୍ପଷ୍ଟ । ସାଧାରଣ ଲୋକେ ଯେ ନିଜର ଭୋଗ ଦୃଷ୍ଟିରେ କର୍ମ କରଂତି, ଏଥିରେ ସଂଦେହ ନାହିଁ । ଏଥିରେ 'ଆଗ୍ରେସିଆ' 'ଇଉରେସିଆ'ର ପ୍ରଭେଦ ନାହିଁ । ପୁଣି ମନସ୍ୱୀ ମହାପୁରୁଷମାନେ ଯେ ଲୋକରକ୍ଷାପାଇଁ ନିଜର ତ୍ୟାଗପୂତ କର୍ମ ବା ଦାନପର ତପରେ ଲାଗିଥାଂତି, ଏହା ମଧ୍ୟ ସତ୍ୟ । ପ୍ରଭେଦ ଭିତରେ ଏତିକି ଯେ, କେଉଁ ଦୃଷ୍ଟିରେ କେଉଁ ସମାଜର ସାଧନା ଗତିକରେ । ଦାବିକଲେ ଯେପରି ସମାଜର ସମସ୍ତେ ଭିଡ଼ାଓଟରାରେ ନିଜନିଜର ଭୋଗ ପାଇବେ, ଆତ୍ମବିକାଶ ଧର୍ମରେ ବିଶ୍ୱଧର୍ମ ପ୍ରବୃତ୍ତିରେ ତ୍ୟାଗପୀଠରେ ସ୍ୱଧର୍ମ କରିଗଲେ ମଧ୍ୟ ସମସ୍ତେ ସେଇପରି ନିଜନିଜର ଭୋଗରେ ଅଧିକାରୀ ହେବେ । ତେବେ କେଉଁ ଦୃଷ୍ଟିରେ, କେଉଁ ଆଦର୍ଶରେ ସମାଜର ଲୋକଂକୁ କର୍ମତତ୍ପର ରଖିବାକୁ ହେବ ? ମହାପୁରୁଷର ଦୃଷ୍ଟିରେ ଲୋକ ପ୍ରଭାବିତ ହେବେ, ନା 'ଅବିଦବାଂସଃ' ବା ଇତର ପୁରୁଷ ଦୃଷ୍ଟିରେ ଲୋକେ କର୍ମରେ ମାତିବେ ? କେଉଁଟି ସମାଜକୁ ସ୍ଥାୟୀ ପ୍ରଗତି ଧାରାରେ ସରଳ ଭାବରେ ଗଂତବ୍ୟ ବା ଆଦର୍ଶ ଆଡ଼କୁ ନେବ ? ସେଥିପାଇଁ ଗୀତା କହଂତି— ଯୋଜୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ।

Digitized by PPRACHIN, SOA

ଅର୍ଥାତ୍, ମହାପୁରୁଷ ବିଶ୍ୱଧର୍ମରେ ଚିତ୍ତ ସ୍ଥିର ରଖି ମଧ୍ୟ ସ୍ୱଧର୍ମ ପଂଥାରେ ରହି ସବୁ କର୍ମ କରି ଲୋକଂକୁ ସେଇପରି କରାଇବାର କଥା । ମହାପୁରୁଷ ନିଜେ ଆଦର୍ଶ ହୋଇ, ସେଇ ଆଦର୍ଶରେ କର୍ମପଂଥା ଫିଟାଇବାର ଯତ୍ନରେ ତତ୍ପର ରହିବ । ଏହାହିଁ ଭାରତର ତଥା ସଂଭବତଃ ଆଫ୍ରେସିଆର ସନାତନ ସମାଧାନ । ପୃଥିବୀ ଏବେ ଏଇ ସମାଧାନର ଅପେକ୍ଷା କରୁଚି । ନିଜେ ଘୋର ବିଧ୍ୱଂସ ମଧ୍ୟରେ ଏ ସମାଧାନ ପାଇବା ପୂର୍ବରୁ ସନାତନ ଭାରତ ଏହା ପୃଥିବୀକୁ ଦେବ କି ?

[ନବଭାରତ, ୪ର୍ଥ ବର୍ଷ, ୧ମ ସଂଖ୍ୟା, ମକର ୧୩୪୫]

# ମାନବ ପ୍ରଗତିର ଧାରା-(୪)

## ଭାରତରେ ସ୍ୱଧର୍ମ ଓ କର୍ତବ୍ୟ

### ଐତିହାସିକ ଭାରତ–

ଭାରତ ଏ ପୃଥିବୀର ଧର୍ମ ତଥା ସଭ୍ୟତାରେ ଗୁରୁ । ଏହା ଆଜି କଳ୍ପନା ନୁହେ– ନିରାଟ ଐତିହାସିକ ସତ୍ୟ । 'ମହେଂଜୋଦାରୋ' ଓ 'ହରପ୍ପା' ପ୍ରଭୃତି ସିଂଧୁ ନଦୀର ସମଭୂମି ତଥା ବେଲୁଚିସ୍ଥାନର 'ନଲ' ପ୍ରଭୃତିରୁ ଯେଉଁ ପ୍ରାଚୀନ ସଭ୍ୟତାର ଅବଶେଷ ଏବେ ମିଳିଚି, ସେ ସବୁର ସାକ୍ଷ୍ୟ ଏ ସିଦ୍ଧାଂତରେ ଅକାଟ୍ୟ ଯୁକ୍ତି । ସଭ୍ୟତାର ପରଂପରା ଭାରତରେ ସେଇ ପ୍ରାଚୀନ କାଳରୁ ଯେରହିଆସିଚି ଏହାର ମଧ୍ୟ ନିଦର୍ଶନ ସ୍ପଷ୍ଟ । 'ଆଫ୍ରେସିଆ' ବର୍ତମାନ ଜଗତ ସଭ୍ୟତାର 'ସିଦ୍ଧିରସ୍ତୁ' କରିଥିଲେ । ପୁଣି ଏଇ 'ଆଫ୍ରେସିଆ' ସଭ୍ୟତାର ପାରଂପରିକ ତତ୍ତ୍ୱ ସାରା ଭାରତରେ ମିଳେ । ଏସବୁ କୁହାଯାଇଚି । ଗତ ୬।୭ ହଜାର ବର୍ଷ ମଧ୍ୟରେ ପୁଣି ମାନବ ପ୍ରକୃତି ତଥା ପ୍ରବୃତ୍ତିର କୌଣସି କ୍ରିୟା ପ୍ରତିକ୍ରିୟାରେ ପରୀକ୍ଷା ଯେ ହୋଇନାହି, ତା ନୁହେ । ସ୍ପଷ୍ଟ ଐତିହାସିକ ଭାରତରେ ମଧ୍ୟ ସିଦ୍ଧ ଆତ୍ମିକ ଯୋଗୀ ଠାରୁ ଶୁଦ୍ଧ ଭୌତିକ 'ଚାର୍ବାକ୍' ପର୍ଯଂତ ସବୁପ୍ରକାର ମତ, କ୍ରିୟା ଓ ପ୍ରତିକ୍ରିୟାର ତାଂଡବ ଅଭିନୀତ ହୋଇଯାଇଚି । ପରଂପରାର ଭୂୟୋଦର୍ଶନ ପ୍ରତି ଲକ୍ଷ୍ୟ କଲେ, ଆଜିର କୌଣସି ମାନବିକ ଆଂଦୋଳନରେ ବିଶେଷ କିଛି ନୂତନତା ଯେ ନାହି, ତା ମଧ୍ୟ ସ୍ପଷ୍ଟ । ରେଲ, ଉଡ଼ାଜାହାଜ ଓ ତାର, ବେତାର ବାର୍ତାର ବ୍ୟବହାର ହୁଏତ ଦେଶ କାଳର ବ୍ୟବଧାନ ବହୁତ ହ୍ରସ୍ୱ କରିଚି; ମାତ୍ର ମାନବ ଜଗତରେ କ୍ରିୟା ପ୍ରତିକ୍ରିୟାର ପ୍ରକୃତି ଯେପରି ଥିଲା, ସେଇପରି ଅଛି ଓ ରହିବ, ଏଥିରେ ସଂଦେହ ନାହି । ଅତଏବ ଇତିହାସ ଭଂଡାରରୁ ସମସ୍ତ ମାନବିକ କ୍ରିୟା ପ୍ରତିକ୍ରିୟାର ସୁସମାଧାନ ପାଇଁ ସାମଗ୍ରୀ ମିଳିବ । ପୁଣି ସେଇ ସାମଗ୍ରୀ ଭାରତର ଜୀବଂତ ପରଂପରାରେ ସୂଚନାର

Digitized by PPRACHIN, SOA

ତର୍ଜନୀ ନିର୍ଦ୍ଦେଶ କରି ପଂଥା ଦେଖାଇପାରେ, ଏ ସତ୍ୟରେ ମଧ୍ୟ ସଂଦେହ କରିବାର କିଛି ନାହି । ତେବେ ପୃଥିବୀର ପ୍ରତିକ୍ରିୟାର ଏ ମହାପ୍ଲାବନ ବେଳେ ଭାରତ ସେ ସଂକେତ ଦେବାରେ ସମର୍ଥ ହେଉ ନାହି କାହିଁକି ? ପୃଥିବୀରେ ଏକା ଭାରତ ଏପରି କେତେ ଘୋର ପ୍ରତିକ୍ରିୟାର ପ୍ରବଳ ତାଡ଼ନାରେ ଆପଣାର ମେରୁଦଂଡ ଠିକ୍ ରଖିଥିଲା । ଆଜି ପ୍ରକୃତି ଓ ପରିସ୍ଥିତିରେ କି ବିଶେଷ ପରିବର୍ତ୍ତନ ଘଟିଚି ?

## ଭାରତର ଧର୍ମ–

ସଭ୍ୟତାର ପରିସ୍ଥିତି ଓ ବିକାଶର ସାଧାରଣ ନାମ ଧର୍ମ । ଧର୍ମହିଁ ପୁଣି ସଭ୍ୟତାର ସୂଚନାରେ ଯେପରି କି ମୂର୍ତ୍ତିମଂତ । ଯେଉଁଠାରେ ଯେଉଁ ଧର୍ମ, ତାହାରି ଆଲୋଚନାରେ ସେଠାରୁ ସଭ୍ୟତାର ପ୍ରକୃତି ଓ ପ୍ରଗତି ଧରାପଡ଼େ । ତେଣୁ ଧର୍ମ ନାମଟି ବ୍ୟବହାର କରି ମାନବ ସଭ୍ୟତାକୁ ଚିହ୍ନାଇ ଦିଆଯାଏ । ଭାରତରେ ସ୍ମୃତି କହଂତି– 'ଆଚାରପ୍ରଭବୋ ଧର୍ମଃ ।' ଅର୍ଥାତ୍, ଆଚରଣ ଠିକ୍ ଥିଲେ ପ୍ରଗତିର ଧାରା ଠିକ୍ ଥାଏ । ମହାଭାରତାଦି ସମସ୍ତ ବୈଦିକ ସାହିତ୍ୟର ଏଇ ମତ । ମନୁ କହଂତି, ସମସ୍ତ ଭାରତ ଆର୍ଯ୍ୟାବର୍ତ୍ତବାସୀଂକଠାରୁ 'ଆଚାର' ଶିକ୍ଷା କରିଥିଲେ । ଏଇ ଆଚାର ବା ଆଚରଣହିଁ ସଭ୍ୟତାର ପ୍ରକାଶ । ଏଇ ଆଚରଣ ଦେଖି ଆଜି ମଧ୍ୟ ପୃଥିବୀରେ ଜାତିମାନଂକର ତଥା ମାନବମାତ୍ରର ସଭ୍ୟତାର ଗତି କଳନା କରାଯାଏ । 'ଆସ୍ରେସିଆ' ସଭ୍ୟତାର ଶ୍ମଶାନରୁ ଯେଉଁ ସବୁ ଅବଶେଷ ମିଳୁଚି, ସେଥିରୁ ତାତ୍‌କାଳିକ ଲୋକଂକର ଆଚରଣର ସୂଚନା ଧରି ସେ କାଳର ସଭ୍ୟତାର ପ୍ରକୃତି ଓ ପରିକ୍ରିୟା ମଧ୍ୟ ଅନୁମାନ କରାଯାଉଚି । ଏବେ ଦେଖାଯାଉ, ଭାରତରେ ଏଇ ଆଚାରର ପ୍ରକୃତି ଓ ପରିକ୍ରିୟା କ'ଣ ଥିଲା ଓ ଏବେ କ'ଣ ହୋଇଚି ?

## ଆଚାରର ବିଭ୍ରାଟ–

ଗୋଟି ଗୋଟି କରି ଏଇ ଆଚରଣମାନ ଗଣି ଗଣି ଆଲୋଚନା କଲେ ସେଥିରୁ କିଛି ଅଗ ମୂଳ ମିଳିବ ନାହି । କେତେବେଳେ କି ପରିସ୍ଥିତିରେ କେତେ ସଂକୋଚ ଅନୁକରଣ ତଥା ବିଡ଼ଂବନା ଏ ବିଶାଳ ସଂପର୍କରେ ହୁଏତ ପ୍ରକାଶପାଇଚି । ପ୍ରକାଶଠାରୁ ସମାଧାନ ପର୍ଯ୍ୟଂତ ତା'ର ଯେ ଗତି ହୋଇଚି, ସେଥିରେ ବିକାଶ ଓ ବିପାକର କେତେ ଉଚ୍ଚାବଚ ଶ୍ରେଣୀ ସୋପାନ ଦେଖାଦେଇଚି, ତା'ର ସୀମା ନାହି । ଉଦାହରଣ ସ୍ୱରୂପ ଖାଲି ନାରୀ ପୁରୁଷ ସଂପର୍କ ଓ ସମାଗମରେ– ପତିଂକ ଅପମାନରେ 'ସତୀ'ଂକର ପିତୃଯଜ୍ଞ କୁଂଡରେ ଆତ୍ମଦାନ, ଗାର୍ଗୀଂକର ସ୍ୱାମୀଂକର ସଂଗେ ସମାନସ୍କଂଧ ଭାବରେ ଶାସ୍ତ୍ରାର୍ଥ ଓ ଅଧ୍ୟାତ୍ମ ବିଷୟରେ ଯୁକ୍ତିତର୍କ, ବାଳିକା ଶକୁଂତଳାଂକର ଗୁପ୍ତ ପ୍ରଣୟର ମୁହୂର୍ତ୍ତକ ମୋହରେ ଆତ୍ମସମର୍ପଣ ଓ ସେ ଗୁପ୍ତ ପ୍ରଣୟର ସ୍ଥାୟିତ୍ୱ ନିମଂତେ ଘୋର ନିଷ୍ଠା ଓ ସାଧନା, ସୁଭଦ୍ରାଂକର ଯୌନ ମୋହରେ ବିବାହିତ ଅର୍ଜୁନଂକ ସଂଗେ ଗୁପ୍ତ ପଳାୟନ, ହିଡ଼ିଂବାଂକର ଧର୍ମ ନାମରେ କୁଂତୀ ଯୁଧିଷ୍ଠିରଂକ ପାଖେ ଭୀମଂକ ଠାରୁ ରତି ଭିକ୍ଷା, ଚିତ୍ରାଂଗଦାଂକର ଅର୍ଜୁନଂକ ପାଖେ ମାତ୍ର ଦିନକର ଆତ୍ମଦାନ ଓ ପରେ ଚିରପ୍ରତୀକ୍ଷା, ରମଣୀସେନା

Digitized by PPRACHIN, SOA

ପଦ୍ମିନୀମାନଂକର ମାତ୍ର ରୂପ ମୋହରେ ଅର୍ଜୁନଂକ ପାଖେ ଯୁଗପତ୍ ସମସ୍ତଂକର ଆତ୍ମବିକ୍ରୟ ଓ ସଂଗେ ସଂଗେ ରାଜ୍ୟ ଦାନ, ଶ୍ୱେତକେତୁମାତାଂକର ସ୍ୱାମୀଂକ ଜ୍ଞାତସାରରେ ଅତିଥିକୁ ଉଟଜ ଅଂତରାଳରେ ସ୍ୱାମୀ ଶଯ୍ୟାଦାନରେ ସେବା, ପରଶୁରାମମାତା ରେଣୁକାଂକର ସ୍ନାନ ଘାଟରେ ପରପୁରୁଷ ସଂଗେ ପାପ ପ୍ରଣୟ, ପରାଶରଂକର ସତ୍ୟବତୀଂକୁ ବଳାତ୍କାର, ଦ୍ରୌପଦୀଂକର ପଂଚ ପତିଂକଠାରେ ଭାଗ ବଂଟା, କୁଂତୀ, ମାଦ୍ରୀଂକର ସତୀତ୍ୱ ରକ୍ଷାର୍ଥେ ପରପୁରୁଷ ନିମଂତ୍ରଣ, ଶଚୀଂକର ଇଂଦ୍ରପଦ ମାତ୍ରକୁ ପତିରୂପେ ବରଣ ଓ ସ୍ପଷ୍ଟ ବୈଦିକ ପରଂପରାରେ ମଧ୍ୟ ପ୍ରଦ୍ୱେଷୀ ନିଜ ପୁତ୍ରଂକୁ ସାଥି କରି ବୃଦ୍ଧ ଓ ଅଂଧ ସ୍ୱାମୀ ଦୀର୍ଘତମାଂକୁ ପାଣିକୁ ଫିଂଗି ଦେବା, ପୁଣି ସେଇ ଦୀର୍ଘତମା ନିଜର ଉଦ୍ଧାରକର୍ତା ବଳିଂକ ପତ୍ନୀ ଆଡ଼େ ବର୍ଷକୁ ବର୍ଷ ନିଜର ପୁତ୍ର ଜନ୍ମ କରାଇ ନେବା, ଯମୀ ନିଜ ଭ୍ରାତା ଯମଂକଠାରେ ରତି ପ୍ରାର୍ଥନା କରିବା, ବ୍ରହ୍ମା ନିଜ କନ୍ୟାରେ ଆସକ୍ତ ହୋଇ ମାଡ଼ଖାଇବା, ପୁଣି ସ୍ପଷ୍ଟ ଇତିହାସ କାଳରେ ମଧ୍ୟ ''ଭୈରବୀ ଚକ୍ର'' ସଂଗେ ''ସତୀଦାହ'' ପ୍ରଥାଦିର ପରସ୍ପର ସହିତ ସଂପର୍କ ଓ ସାମଂଜସ୍ୟ କ'ଣ କେତେ ତାହା ଏଠାରେ ବିଚାର କରିବା ଦୁର୍ଘଟ । ସେଇପରି ପରିବାର, ରାଜ୍ୟ, ସମାଜ ସଂପର୍କରେ ଉଦାହରଣମାନ ଉଦ୍ଧାର କରି ତା' ଭିତରୁ ଧର୍ମ୍ୟ 'ଆଚାର' ଖୋଜିବା ଏକ ପ୍ରକାର ଅସଂଭବ ହେବ । ସଂଭବ ହେଲେ ମଧ୍ୟ ତା' ଏ ପ୍ରବଂଧର କର୍ମ ନୁହେ, ତା'ର ଅବକାଶ ଅନ୍ୟତ୍ର ।

### ଆଚାରର ମୂଳ ନୀତି– ସେଇ ସ୍ୱଧର୍ମ–

ଏଠାରେ ଆଚାରର ମୂଳ ନୀତି ଦେଖିବାକୁ ହେବ । ଏଇ ମୂଳ ନୀତିରେ ହିଁ ମାନବ ସମାଜର ସବୁ ପ୍ରକାର କ୍ରିୟାର ଆପାତ ବୈଷମ୍ୟର କିପରି ସମାଧାନ ହୋଇଥିଲା ତାହାହିଁ ଏଠାରେ ବିଚାର୍ଯ । କୁହାଯାଇଚି ଏଇ ମୂଳ ନୀତି ଥିଲା ଏକ କଥାରେ ସ୍ୱଧର୍ମ– ବା ଯଜ୍ଞ, ଦାନ ଓ ତପ କର୍ମ । ଏଥିରେ ହି ସମସ୍ତ ଆଚାରର ସୂତ୍ର ଧରା ହୋଇଥିଲା । କର୍ତବ୍ୟ ବୁଦ୍ଧିରେ ସମସ୍ତେ ନିଜ ନିଜ ଆଚରଣ ନିୟମିତ କରୁଥିଲେ । ଅନ୍ୟର କର୍ତବ୍ୟ ଅନ୍ୟ କଲା କି ନାହି, ସେ ଆଡ଼କୁ ଦୃଷ୍ଟି ଦେଇ ସମାଜରେ କେହି ବିଶୃଂଖଳାର ସୂତ୍ରପାତ କରୁ ନଥିଲେ । କେହି ଭିଡ଼ିଓଟାରି ଅନ୍ୟଠାରୁ କର୍ତବ୍ୟ ଆଦାୟ କରିବାକୁ ଯାଉନଥିଲେ । ସମସ୍ତେ ଦେଖୁଥିଲେ ନିଜର କର୍ତବ୍ୟ ଠିକ୍ କରା ହେଲା କି ନାହି । ଏହାହି ଥିଲା ଆଚାର– ଧର୍ମ ତଥା ସମାଜର ଆଦର୍ଶ । କ୍ରମେ ସମାଜର ଏଇ ନୀତି ଓ ଏଇ ଆଦର୍ଶର ପ୍ରଭାବ ଓ ଚାପରେ ଆପାତ ଦୁର୍ନୀତିର ସମାଧାନ ହେଉଥିଲା । ସମାଜର ପ୍ରଗତି ଏଇପରି କ୍ରିୟା ପ୍ରତିକ୍ରିୟାର ପ୍ରଭାବ ଓ ପରଂପରାରେ ଚାଲିଥିଲା ।

### ଏଇ ଆଚାର ଧର୍ମ ବୁଝିବାରେ ଉଦାହରଣ–

ଏଇଠାରେ ଗୋଟିଏ ଅତି ଘରୋଇ କଥାରେ ଉଦାହରଣ ଦେଲେ ଏଇ ଆଚାର- ଧର୍ମ କଥାଟି ସୁବୋଧ ହେବ । ଲେଖକ ବହୁସ୍ଥଳରେ ଭଦ୍ରଲୋକି (ମାଧସ୍ଥ୍ୟ) କରି ନିଜେ

Digitized by PPRACHIN, SOA

ଏହା ଅନୁଭବରେ ବୁଝିଚି । ପୁରୀ ଜିଲାର ଶାସନ-ଗ୍ରାମମାନଂକରେ ବହୁତ କୋଠ ଦେବୋତ୍ତର ପ୍ରଭୃତି ଗ୍ରାମବାସୀଂକର ସାଧାରଣ ସଂପତ୍ତି ଅଛି, ସେସବୁ ସମସ୍ତଂକର ଓ ତେଣୁ ପ୍ରତ୍ୟେକର । ଅନେକଠାରେ ଏସବୁ ଗ୍ରାମର କେହି ଦିନାକେତେ ବୁଝଂତି । ସେ କିଛି ଉପସ୍ୱତ୍ୱ ଭୋଗକରିଯାଂତି । ସେଠାରୁ କଳହ ବିବାଦ ଲାଗେ, ପୁଣି ଅନ୍ୟ କେହି ବୁଝଂତି । ତାଂକ ଆଡ଼େ କିଛି ଉପସ୍ୱତ୍ୱ ରହେ । ପୁଣି ଅନ୍ୟ କେହି ବୁଝଂତି । ଅନେକ ସ୍ଥଳରେ ବୁଝିବା ଲୋକଂକ ପାଖେ ଲୋକେ ଧରି ପାରିବା ଭଳି କିଛି କିଛି ବାକୀ ଥାଏ । କେଉଁଠାରେ ବା କୌଣସି କୋଷାଧ୍ୟକ୍ଷଂକ ପାଖେ ଜମା ଥାଏ । ତାଂକ ଲୋକ ବୁଝିବାରୁ ଅଂତର ହେଲେ ସେ ତାହା ମାଡ଼ିବସଂତି । ଏଇପରି କ୍ରିୟା ପ୍ରତିକ୍ରିୟା ମଧ୍ୟରେ ଗ୍ରାମର ପାରଂପରିକ ପ୍ରଗତି ଚାଲୁ ଚାଲୁ କ୍ରମେ ବିବାଦ ଘନୀଭୂତ ହୋଇ ସବୁ କାମ ଅଟକି ଯାଏ । ସବୁ ବିଶୃଂଖଳ ହୋଇଯାଏ । ସେ ଯାହା ପାଏ ଆଦାୟ କରି ଘେନିଯାଏ । କୋଠ ଓ ଦେବୋତ୍ତର ସଂପତ୍ତି ଏକପ୍ରକାର ଲୁଟି ହୁଏ । ସେଥିରୁ ମଧ୍ୟ ନାନାପ୍ରକାର କଳହର ଅନ୍ୟ ଉପସର୍ଗମାନ ବାହାରେ । ମାମଲା ମକଦମା ମାଡି ଉଠେ । ଶେଷକୁ ସବୁ ପକ୍ଷ ଓ ମତର ଗ୍ରାମବାସୀମାନେ ନାକେଦମ ହୋଇ ନିଷ୍ପତ୍ତି କରିବାକୁ 'ଭଦ୍ରଲୋକ' ମାନଂତି । 'ଭଦ୍ରଲୋକ' ଯାଇ ଖୁବ୍ ଆଦର ଅଭ୍ୟର୍ଥନା ପାଆଂତି । ଦୁଇ ପକ୍ଷ ବା ସବୁପକ୍ଷର ଏଇ ଅଭ୍ୟର୍ଥନାରେ ମିଳିତ ଓ ସ୍ୱତଂତ୍ର ଉଦ୍ୟମ ଖୁବ୍ ଦେଖାଯାଏ । ମାତ୍ର 'ଭଦ୍ରଲୋକ' ଯେତେବେଳେ ବିବାଦର ବିଷୟ ବୁଝଂତି, ସେତେବେଳେ ଖାଲି କିଏ କେତେ ଟଂକା ଖାଇଚି, ଧାନ ଖାଇଚି ତା'ର ଫର୍ଦ ଦୁଇ ପକ୍ଷରୁ ବା ସବୁ ପକ୍ଷରୁ ବାହାରେ । 'ଭଦ୍ରଲୋକ' ପ୍ରାୟ ଦେଖଂତି ଏଇ ଟଂକା ଧାନ ଖାଇବା ଛଡ଼ା ଆଉ ବିବାଦର କିଛି କାରଣ ନାହିଁ । 'ଭଦ୍ରଲୋକ' ତ ନିଷ୍ପତ୍ତି କରିବାକୁ ଯାଇଚଂତି— ଅଭ୍ୟର୍ଥନା ତ ଘମାଘୋଟ୍ । 'ଭଦ୍ରଲୋକ' ସବୁପ୍ରକାର ପ୍ରଯତ୍ନ ଓ କୌଶଳ ଲଗାଇ ସେ ଟଂକା ଓ ଧାନର ପରିମାଣ କମାଂତି । ଶେଷକୁ କଥା ହୁଏ, ଏଇ ଟଂକାତକ ଦେଇଦେଲେ ସବୁ ନିଷ୍ପତ୍ତି ହୋଇଯିବ । ଏ ମଧ୍ୟରେ କଳିକଜିଆ ମାମଲା ମକଦମାଦିରେ ଯେଉଁ ସବୁ ଦୋଷାଦୋଷ ହୋଇଥାଏ ସେସବୁ କଥା ବି ନ ପଡ଼େ, ନୁହେ, ସେ ସବୁ ପଡ଼ିଯାଏ । ସମସ୍ତେ ତ ନାକେଦମ୍ ହୋଇଥାଂତି— ସେ ସବୁ ଦୋଷାଦୋଷ ଠିକେ ଠିକେ ଛିଡ଼ି ଯାଏ । ନିତାଂତ କେତୋଟା ନ ଛିଡ଼ିଲେ, ନିଜେ 'ଭଦ୍ରଲୋକ' ଗଳବସ୍ତ୍ର ବଦ୍ଧାଂଜଳି ହୋଇ, ସେ ସବୁ ଦୋଷ ମାଗିନିଅଂତି । ତା'ପରେ ଆଉ କେହି ଆପତ୍ତି କରଂତି ନାହିଁ । 'ଭଦ୍ରଲୋକ' ଏହା କରିବା ଓ ଏଥିରେ 'ଭଦ୍ରଲୋକ'ଂକୁ ଗ୍ରାମବାସୀମାନେ ପୂର୍ଣ୍ଣପ୍ରାଣରେ ଖାତିର ଦେଖାଇବା ସାଧାରଣ କଥା । ମାତ୍ର ଅସଲ କଥା ଟଂକା । ଟଂକା ମାଗିଲା ବେଳକୁ ପ୍ରତ୍ୟେକେ କହଂତି, ଆଉ ସମସ୍ତେ ଦେଲେ ସେ ନିଜେ ତତ୍କ୍ଷଣାତ୍ ଦେଇପକାଇବେ । ସେଇଠାରେ ନ୍ୟାୟଶାସ୍ତ୍ରର ଅସରଂତି ଚକଡ଼ା (Vicious circle) ଭିତରେ ପଶି 'ଭଦ୍ରଲୋକ'ଂକ ବୁଦ୍ଧି ବଣା ହୁଏ । ପ୍ରତ୍ୟେକେ କହଂତି, ଆଉ ସମସ୍ତେ ନିଜନିଜର କର୍ତ୍ତବ୍ୟ କରିସାରିଲେ, ସେ ନିଜନିଜର କର୍ତ୍ତବ୍ୟ କରିବେ—

Digitized by PPRACHIN, SOA

ଆଉ ସମସ୍ତେ ନିଷ୍କଳଂକ ହେଲେ ଯାଇ ସେ ତା'ପରେ ନିଜେ ନିଷ୍କଳଂକ ହେବା କଥା ବିଚାରରେ ଆଣିବେ ।

## ଦୃଷ୍ଟାଂତର ବ୍ୟାପ୍ତି–

ଏଇଠାରେ ହେଉଛି ସ୍ୱଧର୍ମର ପ୍ରତ୍ୟବାୟ । ଏଇଠାରେ ଦାବିରେ ଅଧିକାର ଆଦାୟ କରିବାର ପ୍ରତିପତ୍ତି । 'କିଓ, ତୁମେ କାହିଁକି ଏପରି ଅକଥାଟାରେ ମାତିଚ ?' ସଂଗେ ସଂଗେ ଆଜିକାଲି ଉତ୍ତର ମିଳେ– 'ସେ କାହିଁକି ଏପରି କରୁଚଂତି ।' ମୂଲିଆକୁ ଯଦି କୁହାଯାଏ, 'କିଓ, ତୁମେ କାହିଁକି ମନଦେଇ କାମ କରୁନାହଁ ?' ମୂଲିଆ କହୁଚି– 'ମାଲିକ କାହିଁକି ଠିକ୍ ବୁଝି ମୂଲିଆଂକ ପାଇଁ ବ୍ୟବସ୍ଥା କରୁନାହାଂତି ?' 'ମାଲିକ, ତୁମେ କାହିଁକି ଠିକ୍ ବୁଝିସୁଝି ମୂଲିଆଂକ ପାଇଁ ବ୍ୟବସ୍ଥା କରୁନାହ ?' ନା, 'ମୂଲିଆ କାହିଁକି ନିଷ୍ଠାରେ ଲାଗୁ ନାହାଂତି ?' 'ପୁତ୍ର, ତୁମେ କାହିଁକି ପିତାର ବଶ୍ୟ ହେଉ ନାହି ?' ନା, 'ପିତା କାହିଁକି ଠିକ୍ ପିତୃ କର୍ତବ୍ୟ କରୁନାହାଂତି ?' ଯୁକ୍ତିର ଏଇପରି ଅଛିଂଡା ଚକଡ଼ା ପଇରେ ଆଘାତ ପ୍ରତିଘାତ ଓ କ୍ରିୟା ପ୍ରତିକ୍ରିୟାର ପରଂପରା ଚାଲିଛି । ସମସ୍ତେ ଅନ୍ୟର କର୍ତବ୍ୟ ପରାଂମୁଖତାରେ ବ୍ୟାକୁଳ ଓ ବିବ୍ରତ । ନିଜ ଭିତରକୁ ଚାହିଁବାର ବେଳ ନାହି । ପ୍ରତ୍ୟେକେ ଯେପରି କି ଅପେକ୍ଷା କରି ରହିଚଂତି, ଜଗତଯାକ ଭଲ ହୋଇଗଲା ବାସିଦିନ ସେ ନିଜେ ଭଲ ହେବେ । ସେଇ ଅନୁସାରେ ଆଚାରର ଧାରା ଛୁଟିଚି ଓ ବିଶ୍ୱଧର୍ମ ସେଇ ପୀଠରେ ଗଢ଼ିହୋଇଯାଉଚି ।

## ଆଚାରର ଯଥାର୍ଥ ଉପଯୋଗ–

ଏଠାରେ ଗୋଟିଏ କଥା ଅସ୍ଥିର ଓ ଦୃଢ଼ ଭାବରେ କିଂତୁ ଧାରଣାରେ ରଖିବାକୁ ହେବ, ତା' ନ ହେଲେ ବୁଝିବାରେ ଦୋଷ ଘଟିପାରେ । କେହି ଯେପରି ମନେ ନ କରଂତି ମାନବର 'ଆଚାର'ରେ ସର୍ବଦା ସମସ୍ତଂକ ପାଇଁ କୌଣସି ନିତ୍ୟନିର୍ଦ୍ଦିଷ୍ଟ ଛାଂଚ ଅଛି, ଓ ସେଇ ଛାଂଚରୁ ଉତୁରି ସବୁ ଆଚାର ଦେଖାଦିଏ । ଘୋର ସ୍ୱଧର୍ମ ଚୋଦିତ ଆଚାରରେ ମଧ 'ଭୟାବହ' 'ପରଧର୍ମ' ସେବାର ପ୍ରବୃତ୍ତି ଗୀତା ନିଜେ ସୂଚନାରେ କହିଚଂତି । ଏ ଯୁଗରେ ମଧ ଅନ୍ୟକୁ ଅପେକ୍ଷା ନ ରଖି ଅଧିକାର ଦାବିର ମହାଘୋର ସଂଗ୍ରାମ ମଧରେ କର୍ତବ୍ୟନିଷ୍ଠ ଅନନ୍ୟସାଧାରଣ ମହାପୁରୁଷ ବହୁତ ଅଛଂତି । ମାନବର କ୍ରିୟା କୁଂଭାର ହାଂଡ଼ିପରି ଏକାପରି ଗଢ଼ିହୁଏ ନାହି । କେବଳ ଆଦର୍ଶ ଦୃଷ୍ଟିରେ ସମାଜର ତଥା ବ୍ୟକ୍ତିର କ୍ରିୟା ନିୟମିତ ଓ ପ୍ରଭାବିତ ହୁଏ । ଅକ୍ରିୟାର ସେଇଥିରେ ସମାଧାନ ହୁଏ । ଅର୍ଥାତ୍, ଯାହା ଆଦର୍ଶରୁ ବହିର୍ଗତ ସେ ଆଚାର ସମାଜରେ ଅକ୍ରିୟା, ଅକର୍ମ ବା ଅନାଚାର ହୋଇଯାଏ । ସେଥିପାଇଁ ଗୀତା ଚେତାଇ କହିଚଂତି–

କର୍ମଣୋହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।।

Digitized by PPRACHIN, SOA

ଅର୍ଥାତ୍, କର୍ମରୁ ବୁଝିବାର ଅଛି । ବିକର୍ମ ବା ବିରକ୍ତିଜନକ ସ୍ୱକର୍ମରୁ ବୁଝିବାର ଅଛି, ପୁଣି ଅକର୍ମ ବା ଅପକର୍ମ ଓ ଅନାଚାରରୁ ମଧ ବୁଝିବାର ଅଛି । କିଂବା, ସାଧୁ କର୍ମରୁ ବୁଝିବାର ଅଛି । ବିରୁଦ୍ଧ କର୍ମରୁ ବୁଝିବାର ଅଛି ଓ କର୍ମହୀନତାରୁ ମଧ୍ୟ ବୁଝିବାର ଅଛି । ଯେପରି ଯେ ଅର୍ଥ କରଂତୁ, ଏ ପ୍ରସଂଗରେ ସେଥିରେ କିଛି ଭେଦ ନାହି । ଏ ପ୍ରସଂଗରେ ଏହାର ବିଶଦ ଅଭିପ୍ରାୟ ହେଉଚି– କର୍ମରୁ ବୁଝିବାର ଅଛି ଯେ, ନିଜର ନିୟତ କର୍ତବ୍ୟ କର୍ମ ନିରବଲଂବ ଭାବରେ କରିଯିବାର ଅଛି । କାମନା ଲାଳସାଦିରେ ଭୁଲି ସେ ପଂଥା ଛାଡ଼ିବା ବା ସେ ପଂଥାରେ ଚିଡ଼ିବା ଠିକ୍ ନୁହେ । କିଂବା, 'ମୁଁ ତ ମୋ କର୍ମ କରୁଚି ସେ କାହିଁକି କରୁନାହି,' ବା 'ମୁଁ ନ କଲେ, ମତେ ଲୋକେ କ'ଣ କହିବେ ?'– ଏ ସବୁ ବିଚାରରେ ଭ୍ରଷ୍ଟ ହେବ ନାହି, ଅଥଚ ନିୟତ କର୍ମ କରିବ । ବିକର୍ମ ବୋଇଲେ 'ବିଗୁଣ ସ୍ୱକର୍ମ' । ଯେଉଁ କର୍ମ କରିବା ଉଚିତ ଅଥଚ ସୁଖ ଲାଗୁନାହି । ସେଥିପାଇଁ ଗୀତା ଅନ୍ୟତ୍ର କହିଚଂତି– ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।

ବିସୁଖ ଲାଗିଲେ ମଧ୍ୟ ନିଜର କର୍ତବ୍ୟ ବିଗୁଣିଆ କରି କରିବ ନାହି, କିଂବା ତାକୁ ଛାଡ଼ି ସୁକର ବୋଲି ଅନ୍ୟର କର୍ମକୁ ଆଦରିବ ନାହି । ଯେପରି କି, ଅର୍ଜୁନଂକର କର୍ମ ଧର୍ମ-ଯୁଦ୍ଧ ଆଚରଣ । ଏ ଆଚାରରେ ମାତିବାରେ ତାଂକୁ କୌଣସି କାରଣରୁ ବିସୁଖ ଲାଗିଲା । ହେଲେହେଁ ତା' କରିବାକୁ ହେବ, ପୁଣି ପୂର୍ଣପ୍ରାଣରେ କରିବାକୁ ହେବ । ଯେତେ ସ୍ପୃହଣୀୟ ହେଲେ ମଧ୍ୟ ଗେରୁଆ ପିଂଧି ଭିକ୍ଷାନ୍ନରେ ପେଟ ପୋଷିବା କଥାଟି ହେବ ନାହି । ତା' 'ଅନାର୍ଯଜୁଷ୍ଟ'– ଆର୍ଯଧର୍ମ ବା ଶ୍ରେଷ୍ଠଧର୍ମର ଆଦର୍ଶ ନୁହେ । ସେଇପରି, ଯେ ରୋଗୀର ସେବା ନିଜର କର୍ମ କରିନେଇଚି, କ୍ଳେଦ ପରିଷ୍କାର କରିବା ଘୃଣାରେ ସେ ତାହା ଛାଡ଼ି, ସୁଗଂଧ ତେଲ ତିଆରି ହେଉଥିବା କାରଖାନା ଦ୍ୱାରରେ ଉମେଦ୍ୱାରୀ କରିବାକୁ ଯିବା ଠିକ୍ ନୁହେ । ଏ ସବୁ ଭୟାବହ ପରଧର୍ମର ଆଚାର । ଏ ସବୁ ଅକର୍ମ ବା ଅପକର୍ମ । ଅକର୍ମ ବା ଅପକର୍ମରୁ ମଧ୍ୟ ଏହାହି ବୁଝିବାର ଅଛି । ଅର୍ଥାତ୍, ଅନାଚାରଟି ଠିକ୍ କ'ଣ ତା' ବୁଝି ରଖିବାର ଅଛି । ଯେ ଯେତେ ଘୃଣା ବା ନିଂଦା କରୁ ପଛକେ, ଶଲ୍ୟ ତଂତ୍ରରେ ବ୍ରଣ ଚିକିତ୍ସା କରିବା ଡାକ୍ତରର ଅନାଚାର ନୁହେ, କିଂବା ଜଂତୁ ମାରି ବିକି ଖାଇ ପେଟ ପୋଷିବା ବ୍ୟାଧର ଅନାଚାର ନୁହେ । ସେମାନେ ନିଜନିଜର କର୍ମ କରୁଚଂତି । କିଂବା, ଅକର୍ମ ଅର୍ଥ, ଯେବେ କର୍ମ ଛାଡ଼ିଦବା ହୁଏ, ତେବେ ମଧ୍ୟ ବୁଝିବାର ଅଛି ଯେ, କର୍ମ ଛାଡ଼ି ରହିବା କାହାରି ପକ୍ଷେ ସଂଭବ ନୁହେ । ଯେ ଦୋଷଯୁକ୍ତ ବୋଲି କର୍ମ ବା ନିଜ କର୍ମ ଛାଡୁଚି, ସେ ହୁଏତ ଅନ୍ୟର ଅନୁକରଣ କରି ବିଡ଼ଂବନାରେ ପଡ଼ିବ । 'କେତେ ଲୋକ ତ କର୍ମ କରୁନାହାଂତି, ବା ସ୍ୱଧର୍ମ ମାର୍ଗରେ ରହୁନାହାଂତି' ବୋଲି ଯେ ସ୍ୱଧର୍ମ ମାର୍ଗ ବା କର୍ମ ଛାଡ଼ି ଦେଇ ବସିବ, ସେ କ୍ରମେ ଯେଉଁଠାରେ ଯାହା ଦେଖିବ, ଲାଳସାରେ ତାକୁ ଯାହା ବା ସୁଖ ଲାଗିବ, ତା' କରିବାରେ ମାତିବ । ସେ ଅନୁକରଣରେ ତା'ର ଆଦର୍ଶ ଠିକ୍ ନ ରହିବାରୁ ସେ ବିଡ଼ଂବନାରେ ପଡ଼ି ଭ୍ରଷ୍ଟାଚାର ହେବ । ଆହରଣର ଶକ୍ତି ନ ଥାଇ

Digitized by PPRACHIN, SOA

ଏଇପରି ଅନୁକରଣ କରି ବସିଲେ ସେ ଅନୁକରଣ ହୁଏ ବିଡ଼ମ୍ବନା । ଅକର୍ମରୁ ଏହା ବୁଝିବାର ଅଛି ।

## ଆଚାରର ନିୟାମକ– ମନୁଷ୍ୟତାର ଆଦର୍ଶ–

ଏଇପରି ଆଚାରରେ ଧର୍ମ ଠିକ୍ ରହେ । ଅବଶ୍ୟ ସମାଜ ତଥା ମନୁଷ୍ୟତାର ଭିନ୍ନ ଭିନ୍ନ ଆଦର୍ଶରେ ଏଇ ଆଚାର ଭିନ୍ନ ଭିନ୍ନ ରୂପେ ପ୍ରକାଶ ପାଏ । 'ଭଦ୍ରଲୋକ'ଙ୍କ ପାଖେ ଗ୍ରାମୀଣ ଲୋକମାନଂକର ଯେଉଁ କ୍ରିୟାର କଥା ଉଲ୍ଲେଖ କରାଯାଇଚି ତାହା ମଧ୍ୟ ଏକ ଆଚାର । ଆଜି ପୃଥିବୀର ନୂତନ ପ୍ରତିକ୍ରିୟାର କରାଳ ଆବର୍ତ୍ତ ମଧରେ ଯେଉଁ ଅଧିକାର ଛଡ଼ାଛଡ଼ି ଲାଗିଚି ସେ ଧର୍ମ ମଧ ସେଇଭଳି ଆଚାରମାନଂକରେ ପ୍ରକାଶ ପାଉଚି । ସେ ଆଦର୍ଶଟି ହେଉଚି– କେହି କାହାରି ନିଜ ଭିତରକୁ ଚାହୁଁ ନାହି । ପ୍ରତ୍ୟେକ କିଂତୁ ବିଶ୍ୱ ସମାଲୋଚକ; ଆଉ ସମସ୍ତେ ନିଜ କାମ ଠିକ୍ କରୁନାହାଂତି, ଏହାହିଁ ପ୍ରତ୍ୟେକର ଆପତ୍ତି । ଆଉ ସମସ୍ତେ ନିଜ କାମ ଠିକ୍ କରଂତୁ ଏହାହିଁ ପ୍ରତ୍ୟେକର ଦାବି । ଅନ୍ୟର ଏଇପରି ଦାବି । ଅନ୍ୟର ଏଇପରି ଦାବି ଓ ଆପତ୍ତି ମୂର୍ତ୍ତିମଂତ ହୋଇ, ଡରାଇ ତାକୁ ଯାହା ଯେତିକି କରାଇପାରିବ, ଶେଷରେ ସେତିକି ହେବ ତା'ର ନିଜ କାମ । ସେଇପରି ସମାଜରେ ସମସ୍ତେ ପ୍ରତ୍ୟେକେ ଅନ୍ୟର ଆପତ୍ତି ଓ ଦାବି ଭୟରେ ଯେତିକିରେ ଯେପରି ଭାବରେ ଆବଦ୍ଧ ରହିବେ, ସେତିକି ମାତ୍ର ହେବ ତାଂକର ନିଜ କାମ । ଏଇ ଆଦର୍ଶରେ ଆଚାର ହେଉଚି ସବୁବେଳେ ଅନ୍ୟର ଚଳଣିକି ଚାହିଁବା । ତା'ରି ସମାଲୋଚନାର ଫଳରେ ଯେତିକି କାମ, ମୁଖ୍ୟ ଭାବରେ ସେତିକିରେ ନିଜର କ୍ରିୟା ପ୍ରକାଶ କରିବା । 'ମୋର ଏହା ଦବାର ଅଛି, ନିଅ'– ଏ ଭାବ କୌଣସି ଆଚାରରେ ସ୍ପଷ୍ଟ ପ୍ରକାଶ ପାଉନାହି । ଏ ଭାବ ଥିଲେହେଁ ଏହା ଆଦର୍ଶ ଚୋଦିତ ଆଚାର ନୁହେ । ଏହା ବରଂ ଆଚାର କ୍ରିୟାର ଏକ ଅବାଂତର ଫଳ (by product) ଆଦର୍ଶର ଉଦ୍ଦେଶ୍ୟରେ ବା ସ୍ପଷ୍ଟ ଭାବରେ ଏ ଫଳ ଫଳୁନାହି । ଆଚାରରେ ଦେଖାପଡୁଚି, ସର୍ବତ୍ର ଖାଲି– 'ଦିଅ ଦିଅ, ଛାଡ଼ ଛାଡ଼' ।

## କର୍ତ୍ତବ୍ୟ ଓ ଦାବି–

ଏଠାରେ ପୁନରୁକ୍ତି ଭୟକୁ ମଧ ଉପେକ୍ଷା କରି ପୁଣି ବୁଝାଇ ଦେବାର ଅଛି । ମାନବ ସମାଜର କ୍ରିୟା ରାଶିରେ ଏଇ ଦୁଇଟି ଆପେକ୍ଷିକ ଭାବ ବା ବିଭାବ ସର୍ବଦା ପରିସ୍ଫୁଟ । ଗୋଟିକର ପ୍ରକାଶ– 'ମୋର ଏହା ଦବାର ଅଛି, ନିଅ, ଧର ।' ଅନ୍ୟଟିର ପ୍ରକାଶ– 'ମୋର ଏହା ପାଇବାର ଅଛି, ଦିଅ, ଛାଡ଼ ।' ଏକ ପକ୍ଷରେ 'ନିଅ' ଅନ୍ୟ ପକ୍ଷରେ 'ଦିଅ' । ଗୋଟିଏ କର୍ତ୍ତବ୍ୟ କରିବା, ଅନ୍ୟଟି ଅଧିକାର ଦାବି । ଏଇ ଦିଓଟିର ପରସ୍ପର ସଂଘର୍ଷରେ ସମାଜର ସ୍ଥିର ପରିସ୍ଥିତି ଓ ପ୍ରଗତି । ଏ ଦୁଇଟିରୁ କୌଣସିଟି ଏକାନ୍ତ ଅଭାବ ଅସଂଭବ । ଏପରି କି, ଧର, ଯେବେ ସମସ୍ତେ ଧରଂତି, 'ନିଅ', ତେବେ ଯେ କହୁଚି 'ନିଅ', ଅନ୍ୟର 'ନିଅ'ରେ ତାହାର ଅଭାବ ବା 'ଦିଅ' ପୂରଣ ହେଉଚି । 'ନିଅ' 'ନିଅ'ରେ ମଧ୍ୟ ସର୍ବଦା ପରସ୍ପରକୁ ଦିଆଚାଲିଚି । ନିଅରେ ଯେ ନେଉଚି,

Digitized by PPRACHIN, SOA

ମନକୁ ତା'ର 'ଦିଅ' ପୂର୍ଣ୍ଣ ହେଉଚି । ସେ ହୁଏତ ଦିଅ ବୋଲି ଦାବି କରୁନାହି– ଏତିକି । ବିଶେଷ ଉଦାହରଣ ସ୍ୱରୂପ, ପ୍ରଜା କହୁଚି, ମୋର ରାଜାକୁ କର ଦବାର ଅଛି, ରାଜ୍ୟ ପାଇଁ ଯୁଦ୍ଧରେ ବା ଅନ୍ୟ ରାଜକର୍ମରେ ଯୋଗ ଦେବାର ଅଛି– 'ନିଅ, ମୋ କର୍ତ୍ତବ୍ୟ ମୁଁ କରିବି ।' ରାଜା ଦିଅ ବୋଲି ନ କହିଲେ ମଧ୍ୟ ତା'ର ପାଇବା ହୋଇଯାଉଚି । ସେଇପରି ରାଜା କହୁଚି, ମୋର ପ୍ରଜାର ଶିକ୍ଷା ସ୍ୱାସ୍ଥ୍ୟାଦିର ବ୍ୟବସ୍ଥା କରିବାର ଅଛି, ମୁଁ ତା' କରି ଦେଇଯିବି । ପ୍ରଜା ହୁଏତ ଦିଅ ବୋଲି କହୁ ନାହି କିଂତୁ ତା ଅଭାବ ପୂର୍ଣ୍ଣ ହେଉଚି । ପକ୍ଷାଂତରେ କଳ୍ପନା କର ସମାଜରେ ସମସ୍ତେ 'ଦିଅ' 'ଦିଅ' ବୋଲି ଦାବି କରୁଚଂତି । ପରିଣାମରେ ଦେଖିବାକୁ ଠିକ୍ ସେଇୟା ହେଉଚି । ପ୍ରତ୍ୟେକେ ମୋର ଏହା ଅଧିକାର ମୁଁ ଦାବି କରୁଚି ଦିଅ' ବୋଲି ଆଚାର ଧଇଲେ ମଧ୍ୟ ଅନ୍ୟର 'ନିଅ'ରେ ତା'ର ସେଇ 'ଦିଅ' ପୂରଣ ହେଉଚି। ଅନ୍ୟର 'ଦିଅ' ବୋଲି ଦାବି ସେ ନିଜେ ପୂର୍ଣ୍ଣ କଲାବେଳେ ତା' ନିଜର 'ନିଅ' ମନକୁ କାର୍ଯ୍ୟରେ ପ୍ରକାଶ ପାଉଚି । 'ଦିଅ' 'ଦିଅ'ରେ ମଧ୍ୟ ଏଇପରି ସବୁବେଳେ ପରସ୍ପରଠାରୁ ନିଆ ଚାଲିଚି । ସେଇ ପୂର୍ବ ଉଦାହରଣରେ ଧର, ରାଜା 'ଦିଅ' 'ଦିଅ' ବୋଲି ପ୍ରଜାଠାରୁ କର ନେଉଚି । ପ୍ରଜାର ସେଥିରେ ମନକୁ 'ନିଅ' ପୂରଣ ହେଉଚି । ପ୍ରଜା କହୁଚି, ରାଜା ମୋର ଶିକ୍ଷା ସ୍ୱାସ୍ଥ୍ୟାଦି ପାଇଁ ଦିଅ । ସେଥିରେ ମଧ୍ୟ ରାଜାର 'ନିଅ' ପୂର୍ଣ୍ଣ ହେଉଚି । ଦୁଇ ଦିଗରୁ ନିର୍ବିକଳ୍ପ ଭାବରେ ଯେକୌଣସି ନୀତିଟି ଚାଲିଲେ ମଧ୍ୟ ଚଳନ୍ତା । ମାତ୍ର ଦୁଇଟିର ପ୍ରକୃତି ସମାନ ନୁହେ ।

**ସେ ଦୁଇଟିର କର୍ମରେ ପ୍ରକାଶ–**

ଏହା କିପରି ସମାନ ନୁହେ, ତା' କହିବା ପୂର୍ବରୁ କହିଦେବା ଉଚିତ, ମାନବ ଜଗତରେ ଏପରି ନିରୁତା 'ନିଅ', ବା ନିରୁତା 'ଦିଅ' କୌଣସି ସମାଜରେ ପ୍ରକାଶ ପାଏ ନାହି । 'ନିଅ' 'ନିଅ' ଭିତରେ 'ଦିଅ' ସର୍ବଦା ପ୍ରଚ୍ଛନ୍ନ ଥିଲେ ମଧ୍ୟ, 'ଦିଅ' ବରାବର ମୁଂଡ ଟେକି ଉଠୁଥାଏ । ସେଇପରି 'ଦିଅ' 'ଦିଅ' ଭିତରେ 'ନିଅ'ର ପ୍ରଭାବ ଓ ପ୍ରତିପତ୍ତି ଦେଖାଯାଏ । କର୍ତ୍ତବ୍ୟ କରିବାରେ ଯେଉଁ ସମାଜ ବ୍ରତୀ, ସେଥିରେ ମଧ୍ୟ ଅଧିକାର ଦାବି ଦେଖାନଯାଏ, ନୁହେ । କିଂବା ଅଧିକାର ଦାବି ଯେଉଁ ସମାଜର ଆଦର୍ଶ ସେଥିରେ ଦାବି ପଡ଼ିବାର ଭୟ ବିନା ଲୋକେ କର୍ତ୍ତବ୍ୟ କରିଯିବାର ମଧ୍ୟ ଦେଖାଯାଏ । କାରଣ ବୈଷମ୍ୟ ବିଚିତ୍ରତାହିଁ ମାନବ ସମାଜର ଧର୍ମ– ଏହାହିଁ ସମାଧାନର ଯଥାର୍ଥ ସୌଂଦର୍ଯ୍ୟ । କଳ ଛାଂଚରେ ସମାନ ଜିନିଷ ଗଢ଼ା ହୋଇ ବାହାରିଲା ପରି ମାନବ କୌଣସି ଆଦର୍ଶ ଛାଂଚରେ କୌଣସି ସମାଜରେ ସର୍ବତୋଭାବରେ ଗଢ଼ା ହୋଇ ଯାଏ ନାଇ । ତାହା ମାନବର ପ୍ରକୃତି ନୁହେ ।

—

Digitized by PPRACHIN, SOA

# ମାନବ ପ୍ରଗତିର ଧାରା (୫)

## ଭାରତ ସଭ୍ୟତାରେ କର୍ତବ୍ୟରେ ଦାବିର ସମାଧାନ

### ତ୍ୟାଗ ବିନା ଭୋଗ ଅସଂଭବ–

ମାତ୍ର ସେଇ ଆଦର୍ଶର ଛାଂଚ ଏକା ସମାଜର ନିୟାମକ । ମାନବ ଶତ ଚେଷ୍ଟା କରି ମଧ ଆଦର୍ଶରେ ଜନସମାଜର କ୍ରିୟାକୁ ସମାନ କରିପାରେନାହି । ସମାନ କଲେ ମଧ, ହୁଏତ ଏକ ଦିଗରେ ନିର୍ବ୍ୟପେକ୍ଷ ଭାବରେ କର୍ତବ୍ୟ କରୁ କରୁ ଦିନେ ପ୍ରଯତ୍ନ ଏକାବେଳକେ ଲୋପ ପାଇବ । ସେଥିପାଇଁ କର୍ତବ୍ୟରେ ଶିଥିଳ ହେଲା ବେଳକୁ ଦାବିର ତାଡ଼ନା ବେଳେ ବେଳେ ହୁଏତ ତାକୁ ଟିକିଏ ଚଂଚଳ ଓ ପ୍ରଯତ୍ନଶୀଳ କରିଦେବା ଦରକାର । ପୁଣି ପକ୍ଷାଂତରେ ଦାବିର ପ୍ରଳୟ ତାଂଡବ ଓ କରାଳ ଜ୍ୱାଳା ଭିତରେ ନିର୍ବ୍ୟପେକ୍ଷ କର୍ତବ୍ୟର ସାଧନା ଟିକିଏ ଶାଂତି ବାରି ନ ସିଂଚିଲେ, ହୁଏତ ସମାଜରେ ପ୍ରଳୟର ସୂଚନା ଦେଖାଯିବ । ଯଥାର୍ଥ ଦେଖାଯାଏ ମହାପୁରୁଷର ତ୍ୟାଗପୂତ ନିର୍ବ୍ୟପେକ୍ଷ କର୍ତବ୍ୟ ସାଧନା ବିନା ଦାବିର ସଂଗ୍ରାମ ଏକାବେଳକେ ଅସହ୍ୟ ହେବାର କଥା । ଏହା ପୂର୍ବ ପ୍ରକରଣରେ କୁହାଯାଇଚି । କୌଣସି ଆଦର୍ଶରେ ଏହିପରି ଅନ୍ୟଟିର କ୍ରିୟାର ଏକାଂତ ଅଭାବ ନ ଥିଲେ ମଧ ଗୋଟିଏ ଆଦର୍ଶର ଛାଂଚ ସମାଜକୁ ନିୟମିତ କରେ । ଅନ୍ୟଟି ଅନାଚାର ବୋଲି ଧରାଯିବାର କଥା, ମାତ୍ର ସବୁ କ୍ଷେତ୍ରରେ ତାହା ହୁଏ ନାହି । ତ୍ୟାଗ ବା କର୍ତବ୍ୟର ଆଦର୍ଶ ଦୃଷ୍ଟିରେ ଭୋଗର ଦୁର୍ବାର ଦାବି ଅନାଚାର ହେଲେ ମଧ୍ୟ, ଭୋଗ ଭିତରେ ତ୍ୟାଗର ଛାୟାକୁ କେବେ କେହି ଅନାଚାର ବୋଲି ଉପହାସରେ ପକାଇ ନାହାଂତି । ଏଥିରୁ ମଧ୍ୟ ପ୍ରମାଣିତ ହେଉଚି ତ୍ୟାଗ ବା କର୍ତବ୍ୟ ସାଧନହି ମାନବର ପରମ ଓ ଚରମ ଆଦର୍ଶ । ମନୁଷ୍ୟ କେବଳ କାମନାର ମହା ଧନ୍ଦାରେ ଆତ୍ମବିସ୍ମୃତ ହେଲାବେଳେ ତାହା ଦେଖି ଦେଖିପାରେନାହି । ଆସକ୍ତିରୁ ସେହି କାମନା ଜାତ ହୁଏ । ତାକୁଇ ଚିହ୍ନାଇ ଦେବାପାଇଁ ଗୀତା ସ୍ପଷ୍ଟ କହୁଚନ୍ତି–

ଧ୍ୟାୟତୋ ବିଷୟାନ୍ ପୁଂସଃ ସଂଗସ୍ତେଷୂପଜାୟତେ ॥
ସଙ୍ଗାତ୍ ସଂଜାୟତେ କାମଃ କାମାତ୍ କ୍ରୋଧୋଭିଜାୟତେ ।
କ୍ରୋଧାଦ୍ ଭବତି ସଂମୋହଃ ସଂମୋହାଦ୍ ସ୍ମୃତି ବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧି ନାଶଃ ବୁଦ୍ଧି ନାଶାତ୍ ପ୍ରଣଶ୍ୟତି ॥

ଅର୍ଥାତ୍ ଭୋଗକୁ ମନ ଦଉଡ଼ାଇଲେ, ସେଥିରେ ଆସକ୍ତି ବା ସଉକ୍ ହୁଏ । ସେଥିରୁ ପାଇବି ବୋଲି କାମନା ବା ଲାଳସା । ତହୁଁ ସେହି ଲାଳସା ଚରିତାର୍ଥ କରିବାର ସୁବିଧା

Digitized by PPRACHIN, SOA

ଖୋଜି ସେଥିପାଇଁ ଲୋକ ଛଟପଟ ଓ ବ୍ୟାକୁଳ ହୁଏ । (ସୁବିଧା ନ ପାଇଲେ, ତା'ର କ୍ରୋଧ, ଚିତ୍ତବିକ୍ଷୋଭ, ବା ଘୋର ବ୍ୟାକୁଳ ହୁଏ ।) ଏହି ବ୍ୟାକୁଳତାରେ ପୁଣି ଦିଗ୍‌ବିଦିଗ୍ ଜ୍ଞାନ ରହେ ନାହି । ସେଠାରୁ 'ମୁଁ କିଏ, କି ପରିସ୍ଥିତିରେ ଅଛି'– ଏ ସବୁ ସ୍ମୃତି ବା ହୋସ୍ ନଷ୍ଟ ହୁଏ । ସେଠାରୁ କ'ଣ କର୍ତବ୍ୟ, କ'ଣ କର୍ତବ୍ୟ ନୁହେ, ସେ ଜ୍ଞାନ ମଧ୍ୟ ବୁଡ଼ିଯାଏ । ଫଳରେ ଶେଷକୁ ମନୁଷ୍ୟତା ଲୋପ ପାଏ ।

**କାମନାରେ ସଂଯମହିଁ ସ୍ଥିତି–**

ଭାଗବତରେ ବେଶ୍ୟାସକ୍ତି ହେତୁରୁ ବିଲ୍ୱମଂଗଳଂକର ଯେଉଁ ଦଶା ବର୍ଣନା କରାଯାଇଚି, ତାହା ଏହି ଗତିର ଉଦାହରଣ । ଏହା ମାନବ ପ୍ରକୃତିରେ ଏକ ନିତ୍ୟ ସତ୍ୟ । କର୍ତବ୍ୟର ତାଡ଼ନାହିଁ ଏହାର ଶୃଂଖଳା । ମାତ୍ର ଭୋଗର ଆହରଣରେ ଏହାର ଗତିରେ ବାଧା ନାହି । ଯେ ଆଦର୍ଶ-ନିୟମିତ-ସମାଜ ହେଉ ନା କାହିଁକି, ଏହି ତ୍ୟାଗ ଧର୍ମଇ ସେଥିରେ ପରମ ଓ ଚରମ ସମାଧାନ । ଧର, ଯୌନ କାମନାର କଥା । ଏହାହିଁ ଜୀବୀ ମାନବର କାମନାର ରାଜା । ଏହାହିଁ ତେଣୁ ସାଧାରଣତଃ କାମନା ବା କାମ ନାମରେ କଥିତ ହୁଏ । ଭୋଗଧର୍ମୀ ଇଉରୋପର ଭାଷାରେ ଏହା Love ବା ପ୍ରେମ । ବଂଗଳାରେ ତେଣୁ ଏବେ ଅନୁକରଣର ବିଡ଼ଂବନାରେ 'ଭାଲୋବାସା' ବା ସୁଖ ପାଇବା, ଆଦର କରିବା । ସେ ଯା' ହେଉ, ପୁରୁଷ ନାରୀର ସ୍ୱଚ୍ଛଂଦ ସମାଗମରେ ଭୋଗପଂଥୀମାନେ ଏବେ ଏହାର ସମାଧାନ ଲୋଡ଼ଂତି । ଏ ସ୍ୱଚ୍ଛଂଦ ସମାଗମରେ ଅବଶ୍ୟ ଯୌନ ସଂଭୋଗର ପ୍ରବୃତ୍ତି ଲୋପପାଇବନାହି– ତା' ଅବଶ୍ୟ କୁହାଯାଉନାହି । ସେ ପୁଣ୍ୟରେ ଏ ପିଠା ନାହି । ସେ ଧର୍ମରେ ପ୍ରବୃତ୍ତିର ସଂଯମ ସୁଦ୍ଧା ଅକଳ୍ପନୀୟ । ଲୋପ ପୁଣି କାହୁଁ ଅଇଲା ? କିଂତୁ ସ୍ୱୀକାର କରିବାକୁ ହେବ ମନୁଷ୍ୟ କଳ ନୁହେ । ପୁରୁଷ ନାରୀ ମଧରେ ଆସକ୍ତିରେହିଁ ପ୍ରବୃତ୍ତି ଜାଗ୍ରତ ହେବ । ଏଥିରେ ଏକ ପକ୍ଷରୁ ଆସକ୍ତି ଓ ଅପର ପକ୍ଷରୁ ବିରାଗ ମଧ୍ୟ ସଂଭବ । ପୁଣି ଯାହାର ବିରାଗ, ତା'ର ଅନ୍ୟତ୍ର ଅନୁରାଗ ମଧ୍ୟ ସଂଭବ । ସର୍ବଦା ନ ହେଉ, ଅଂତତଃ ପଶୁପରି ମୁହୂର୍ତ ବିଶେଷରେ ଏହା ସଂଭବ । କେବଳ ସଂଭବ ନୁହେ, ଏହା ଜୀବୀ ଜଗତରେ ସତ୍ୟ । ସେତେବେଳେ ଏଇ କ୍ରୋଧ, ସଂମୋହ, ସ୍ମୃତିଭ୍ରଂଶ ଓ ବୁଦ୍ଧିନାଶରୁ ମନୁଷ୍ୟତା ନାଶ ପର୍ଯଂତ ଯିବାରେ କି ପ୍ରତ୍ୟବାୟ ? ଜାଣି ସ୍ୱୀକାର କରଂତୁ, ବା ନ ଜାଣି କାର୍ଯରେ କରଂତୁ, ସେତେବେଳେ କର୍ତବ୍ୟ ଧାରଣାର ତ୍ୟାଗ ଓ ସଂଯମହିଁ ପଂଥା । ଗୋଟିଏ ତୀବ୍ର କାମନାର ଉଦାହରଣରେ ଏହା ବୁଝାଇଦିଆଗଲା । ମାତ୍ର ସବୁ କାମନାରେ ସଂଯମର ବାଗ ଛାଡ଼ିଦେଲେ ଏଇ ଗତି । କୌଣସି ସାମ୍ୟବାଦ ପ୍ରତିଷ୍ଠିତ ରାଜ୍ୟରେ ଧର, ଦୁଇଟି ଲୋକ । ଜଣେ ରାଜ୍ୟର ବିଚାର ଓ ବ୍ୟବସ୍ଥାରେ ଗୋଟିଏ ମଟରଗାଡ଼ି ଓ ଦୁଇ ଘଂଟା ଅଧିକା ବିଶ୍ରାମ ପାଇବାର ସୁବିଧା ପାଇଲା । ସେହି ଭୋଗ ଭାଗବଂଟା ବିଚାର ଓ ବ୍ୟବସ୍ଥାରେ ଅନ୍ୟ ଜଣକ ମଟରଗାଡ଼ି ପାଇଲା ନାହି କି ଅଧିକା ବିଶ୍ରାମ ପାଇଲାନାହି । କିଂତୁ ନ ପାଇ ମଧ ସେ ବିଚାରିଲା, ପ୍ରଥମ ଲୋକଟିର ପାଇବାକୁ

Digitized by PPRACHIN, SOA

କୌଣସି ଅଧିକା ଗୁଣ ନାହିଁ, କି ଅଧିକାର ନାହିଁ । ଯେବେ ପ୍ରଥମ ଲୋକଟିର ଅଛି, ତେବେ ତା'ର ନିଜର ମଧ ସେତିକି ଅଧିକାର ଅଛି । ଅବଶ୍ୟ ରାଜ୍ୟର ବିଚାର ଠିକ୍ କି ତା'ର ବ୍ୟକ୍ତିଗତ ବିଚାର ଠିକ୍, ଏହା ଏଠାରେ ବିଚାର୍ଯ ନୁହେ । ଧର କେହି ଠିକ୍, କିଂବା ଦୁହେଁ ଭ୍ରାଂତ । ମାତ୍ର ଲାଳସାରେ କୌଣସି ବିଚାରର ମାପକାଠି ନାହିଁ । ସେଠାରେ ଦ୍ୱିତୀୟ ଲୋକଟିର ଏହି ଭୋଗ କାମନା ବାଧା ପାଇବାରେ କି ପରିଣାମ ହେବ । ହୁଏତ କ୍ଷମତା ଥିଲେ ଦଳ ତିଆରି ସେତିକିରେ ସେ ରାଜ୍ୟ ଓଲଟାଇ ଦେବ । ସେଥିରେ ହୁଏତ ରାଜ୍ୟ ଧ୍ୱଂସ ହେବ । ଏଠାରେ ସମାଧାନ କିଏ କରିବ ? ସେଇ ଏକା କର୍ତ୍ତବ୍ୟବୋଧର ତ୍ୟାଗ ଓ ସଂଯମ— ସେଇ ଆଧ୍ୟାତ୍ମିକ ମାନବ ।

## ମାତ୍ର ଭୋଗ ଓ ତ୍ୟାଗ ଦୁଇଟି ସ୍ୱତଂତ୍ର ଆଦର୍ଶରୂପେ ଦେଖାଯାଏ—

ସେ ଯାହାହେଉ, ଏତିକି ଜାଣିବାର ଏଠାରେ କଥା ଯେ, ଏ ଦୁଇଟି ଆଦର୍ଶ ଏକ ପ୍ରକୃତିର ନୁହେ । ସମାଜରେ ଦୁଇଟିର କ୍ରିୟା ସର୍ବଦା ଇତର ବିଶେଷ ପ୍ରକାଶ ପାଏ । ମାତ୍ର ଗୋଟିଏ ଆଦର୍ଶ ଦ୍ୱାରା କ୍ରିୟା ନିୟମିତ ହୁଏ । ଅନ୍ୟଟି ପ୍ରକାଶ ପାଇଲେ ମଧ ଅନ୍ୟ ଅନାଚାର ବୋଲି ସଂକୁଚିତ ହୁଏ । ଏ ସଂକୋଚର ଉଦାହରଣ ମାନବ କ୍ରିୟାରେ ସର୍ବତ୍ର ସର୍ବଦା ଦେଖାଯାଏ । ଆମ ସମାଜରେ ମଦ୍ୟପାନ ଚଳେନାହିଁ । ଲୋକେ ମଦ୍ୟପାନ କରଂତି, କିଂତୁ ସଂକୋଚରେ କରଂତି । ଲୋକେ କରଂତି ବୋଲି ସମାଜରେ ତାହା ଆଦର୍ଶର ଅନୁକୂଳ ବୋଲି କେହି କହେ ନାହିଁ, କି ଛାତି ଫୁଲାଇ ବିଚ ଦାଂଡରେ ତାହା କରେ ନାହିଁ । ସେଇପରି ଖ୍ରୀଷ୍ଟାନମାନଂକ ଭିତରେ ଏକପତ୍ନୀବ୍ରତ ସମାଜର ଆଦର୍ଶ । ଲୋକେ ମାନବିକ ଦୁର୍ବଳତାର ବଶବର୍ତୀ ହୋଇ ଉପପତ୍ନୀ କରଂତି, ରଖଂତି— କିଂତୁ ତାହା ସଂକୋଚରେ କରଂତି । ଏଇପରି ସମାଜରେ ଅନାଚାର ସଂକୁଚିତ ହୁଏ । ଏହି ନିପାତନହିଁ ବରଂ ବିଧିର ସୂଚନା କରେ । ଏସବୁ ଅନାଚାର ସବୁ ଆଚାର ମଧରେ ଥିଲେହେଁ, ଏସବୁ ଆଦର୍ଶର ପ୍ରତ୍ୟବାୟ ନୁହେ, ବରଂ ପ୍ରମାଣ । ଏହିଭଳି ଯେ ଦେଖେ, ସେହି ଏକା ସମାଜର ଆଦର୍ଶ ଦେଖେ । ଅଯଥା ଯୁକ୍ତି, ଜଳ୍ପ-ସାର ହୁଏ— କୌଣସି ସିଦ୍ଧାତଂକୁ ଭେଟେ ନାହିଁ ।

## ତ୍ୟାଗର ଆଦର୍ଶ ଶ୍ରେୟ ଓ ନିତ୍ୟ—

ଏଥି ସଂଗେ ପୁଣି ଜାଣିବାର ଅଛି— ପ୍ରାସଂଗିକ ସୂଚନାରେ ମଧ୍ୟ କୁହାଯାଇଚି, ଏ ଦୁଇଟି ଆଦର୍ଶରେ କର୍ତବ୍ୟ ବା ତ୍ୟାଗର ଆଦର୍ଶ ଶ୍ରେୟ । ଅନ୍ୟ ଆଦର୍ଶଟିରେ ମଧ ଏହାର ପ୍ରବେଶ ନ ଥିଲେ, ସେ ଆଦର୍ଶ କଦାପି ସ୍ଥିର ରହିବ ନାହିଁ । ପୁଣି ଭୋଗ ବା ଦାବିର ଆଦର୍ଶରେ ତ୍ୟାଗର କଦାପି ସଂକୋଚ ନାହିଁ । ମାତ୍ର ତ୍ୟାଗ ବା କର୍ତବ୍ୟର ଆଦର୍ଶରେ ଭୋଗ-ଆଦର୍ଶନିଷ୍ଠ କ୍ରିୟାର ସଂକୋଚ ଛଡ଼ା ଗତି ନାହିଁ । ତ୍ୟାଗ ବା କର୍ତବ୍ୟର ଆଦର୍ଶଟି ତେଣୁ ମାନବ ଜଗତରେ ନିତ୍ୟ ଓ ସତ୍ୟ । ଅନ୍ୟଟି ଏହି ସତ୍ୟର ବିକ୍ଷୋଭ ସୃଷ୍ଟି କରିବାକୁ ଯାଇ ଏହି ସତ୍ୟକୁ ପ୍ରମାଣ କରେ ମାତ୍ର । ପୁଣି ଯଥାର୍ଥ ସତ୍ୟ ବା ମାନବୀୟତା କୌଣସି ଗୋଟିକରେ ଆବଦ୍ଧ ବୋଲି କୁହାଯାଇନପାରେ । ଗୋଟିକରେ ମାନବ ପୂର୍ଣ

Digitized by PPRACHIN, SOA

ନୁହେ । ଗୋଟିଏ ଶାଂତ ଓ ଅପରଟି ଚଂଚଳ । ମାତ୍ର ମାନବ ଏହି ଶାଂତି ଓ ଚାଂଚଲ୍ୟର ସମବାୟ । କର୍ତ୍ତବ୍ୟରେ ଯେପରି ପ୍ରଯତ୍ନ ଲୋଡ଼ା, ଦାବିରେ ସେହିପରି ତ୍ୟାଗ ଲୋଡ଼ା । ସତ୍ୟ ଏ ଦୁଇଟିରୁ ଅତୀତ– ଏ ଦୁଇଟିର ସମାଧାନ । ଏ ଦୁଇଟିଯାକ ଟଂକାର ଦୁଇ ପାଖପରି ସେହି ସତ୍ୟର ଦୁଇଟି ବିଭାବ ମାତ୍ର । ହେଲେହେଁ ଶାଂତିରେ ଚିତ୍ତ ସ୍ଥିର ରଖି ଅନ୍ୟଟିର ଧାରଣା କରିବାକୁ ହୁଏ ଓ ଚଂଚଳତାରେ ସର୍ବଦା ଶାଂତିର ଲଗାମ ଧରି ରଖିବାକୁ ହୁଏ । ଏହି ସମାଧାନ ସଂଶ୍ଳେଷଣ ଓ ସମନ୍ୱୟ ମାନବର ଯଥାର୍ଥ ଆଦର୍ଶ ଓ କାମ୍ୟ । ଏଥିରେ ପୁଣି ଶାଂତିର ଆଦର୍ଶ ଦୃଢ଼ ରଖି ସମାଜର ଗତି ନିୟମିତ କଲେ, ପଂଥା ସୁଗମ ଓ ସ୍ୱଷ୍ଟ ହୁଏ । ଶାଂତିରେ ଚଂଚଳତା ମାନବ-ପ୍ରକୃତି ହେତୁରୁ ରହିଯାଏ । ମାତ୍ର ଚଂଚଳତାରେ ମାତିଗଲେ ଶାଂତି ଲୁଚିଯାଏ ଓ ସଭ୍ୟତା ଧ୍ୱଂସ ଆଡ଼କୁ ଯାଏ । ପୁଣି ସେଥିରେ ଶାଂତିର ବିଭାବ ପ୍ରକଟିତ ହେବା ଯାଏ– ତ୍ୟାଗର ସଂଯମ୍ ଓ କର୍ତବ୍ୟର ନିଷ୍ଠା ଫୁଟିବା ଯାଏ, ସମାଜର ସ୍ଥିତି ବିକ୍ଷୁବ୍‌ଧ ହୁଏ ।

**ବ୍ୟକ୍ତିର 'ମୁଁ' ବା ଆତ୍ମାର ବିକାଶରେ ତ୍ୟାଗ ଓ କର୍ତବ୍ୟର ପ୍ରତିଷ୍ଠା–**

ମାନବ କେବଳ ଶରୀର ନୁହେ । ଶାରୀର କ୍ରିୟା ତା'ର ଯଥାର୍ଥ କ୍ରିୟା ନୁହେ । କ୍ରିୟା ଶରୀରର ପରି ଲାଗିଲେ ମଧ, ସର୍ବଦା ଶରୀର-ଧର୍ମରେ ଇଦ୍ଦକ୍ତା, ଇୟତ୍ତାରେ ମପା ହେଲେ ମଧ୍ୟ, ଭିତରେ 'ମୁଁ' ବୋଲି ଯେଉଁ ଅନୁଭବ ଅଛି, ତା'ର ମାପ ନାହି । ତା' ଶରୀରରେ ଥିଲେ ମଧ, ଶରୀରରେ ନାହି । ତାକୁ ଏପରି ବା ଏତକି ବୋଲି କେହି କହି ବୁଝାଇ ପାରିବେ ନାହି । ସେ ସବୁ କରୁଚି, ମାତ୍ର କାହିଁରେ ନାହି । ଏ ସ୍ୱଷ୍ଟ ଅନୁଭବଟି ଆଉ ବେଶି ବୁଝାଇବା ଦରକାର ନାହି । ଏହାକୁହି ବୁଝାଇବାରେ ଭାରତର ବହୁ ମନୀଷୀ ଓ ମହାପୁରୁଷ ଜୀବନ ବ୍ୟୟ କରିଚଂତି । ତେଣୁ ସେ ଉଦ୍ୟମର ଏଠାରେ ଛାୟା ପକାଇବା ବୃଥା କଳ୍ପନା । ଏତିକି ମାତ୍ର ଜାଣିଲେ ଏଠାରେ ଯଥେଷ୍ଟ ହେବ ଯେ, ସେହି ଆତ୍ମାର ପ୍ରଭାବରେ ସମସ୍ତ ଶାରୀରିକ କ୍ରିୟା ନିୟମିତ । ସେ ନ କହିଲେ, କାହାରି କିଛି କରିବାର ଅଧିକାର ନାହି । କାମନା ତା'ରି, ଭୋଗ ତାରି– ସଂଯମ ତାରି, ତ୍ୟାଗ ତାରି– ଦାବି ତାରି, କର୍ତବ୍ୟ ତାରି । କ୍ରିୟା ରାଶି ଶରୀରରେ ପ୍ରକାଶ ପାଏ ସତ, ଶରୀର ବିନା ପୁଣି କ୍ରିୟାର ଅସ୍ତିତ୍ୱ ନାହି ସତ, ମାତ୍ର ସମସ୍ତ କ୍ରିୟାରେ ଏହି ଅଧ୍ୟାତ୍ମର ପ୍ରଭାବ ସ୍ୱଷ୍ଟ ଓ ବିଶଦ । ମୂଳତଃ ଏହାରି ବିକାଶହିଁ ମାନବର ମାନବିକ ବିକାଶ । ଏହି ଅଧ୍ୟାତ୍ମର ଭୂୟୋଭୂୟ ପ୍ରକାଶରେ ମାନବର ମନୁଷ୍ୟତା ବିକାଶ ପାଏ । ଏହି ବିକାଶରେ ଚତୁର୍ଦ୍ଦିଗରେ କର୍ତବ୍ୟର ଧାରା ବହିଯାଏ । ଦାବି ଏଠାରେ ବିକାଶ ନୁହେ, ସଂକୋଚ । ଜଗତରେ ଏହାହିଁ ବିକାଶର ଧର୍ମ । ବିକାଶରେ ଚତୁର୍ଦିଗରେ ବିସ୍ତାର ହୁଏ– କର୍ତବ୍ୟର ଧାରା ଚାରିଆଡ଼େ ଅବାଧ ଗତିରେ ଛୁଟେ । ଅନ୍ୟର ବିକାଶ ଧାରା ସେଥିରେ ଆଘାତ କରେ, ମନକୁ ତା'ର ଦାବି ପୂର୍ଣ ହୁଏ । କେହି ଦାବି କରି, ଦାବି ପୂରଣ ହେଲେ, ଆତ୍ମବିକାଶ କରିବେ ବୋଲି ଚାହିଁ ବସଂତି ନାହି । ଶିଶୁ ଭୂମିଷ୍ଠ ହୋଇ ଆଖି ଫିଟାଇ ଦିଏ । ସୂର୍ଯ

Digitized by PPRACHIN, SOA

ଉଦିତ ହୋଇ କିରଣ ଛାଡ଼ି ଦିଏ । ଶିଶୁର ଆଖି କିରଣକୁ ବାଧା ଦିଏ, ଧରି ନିଏ । କିରଣ ଆଖିରେ ଧକା ଦିଏ । ଦୁହେଁ ପରସ୍ପରକୁ ବୁଝଂତି । ଏହିପରି କ୍ରମେ ଶିଶୁର ବିକାଶ ହୁଏ । କେତେ ବଳରେ ସୂର୍ଯ୍ୟ ଧକା ଦେବା ଉଚିତ, ସେତିକି ମିଳିଲେ ଆଖି ଫିଟାଇବି ବୋଲି ଶିଶୁ ଦାବି କରି ଅପେକ୍ଷା କରି ରହେ ନାହି । ଏତିକି ଦବା ଉଚିତ, ଏତିକି ଦେଲେ ହବ ବୋଲି ପଡ଼ି ରହେ ନାହି । ଏହା ବିକାଶର ଧର୍ମ ନୁହେ । ମାନବ ଏହିପରି ପ୍ରକୃତିର ବିକାଶ ସଂଗେ ନିଜକୁ ମିଳାଇ କର୍ତବ୍ୟ ଓ ଦାବିର ସମାଧାନ କରିଥିଲା । 'ଆଫ୍ରେସିଆ'ର ଧର୍ମ ସାରରେ ଏହି ଆଦର୍ଶ ବହୁ କାଳରୁ ଦେଖାଦେଇଥିଲା । ଏହାର ସୂଚନା ପୂର୍ବେ ଦିଆଯାଇଚି ।

## ଆଫ୍ରେସିଆର ଯୀଶୁଖ୍ରୀଷ୍ଟ—

ଆଫ୍ରେସିଆର ପଶ୍ଚିମ ଭାଗରେ ଏହି ଧର୍ମର ପରିସ୍ଥିତି କିପରି ଥିଲା, କେତେ ଦୃଢ଼ ହୋଇଥିଲା, ତାହା ଜାଣିବାର ଏବେ ଉପାୟ ନାହି । ମାତ୍ର ଜଳବାୟୁ ଓ ତଦ୍‌ଗତ ଅନ୍ୟାନ୍ୟ ଭୌତିକ ପରିସ୍ଥିତି ବଦଳିବା ସଂଗେ ସେହି ସ୍ଥାନର ସଭ୍ୟତାର ସାକ୍ଷାତ୍ ଶିଷ୍ୟ ଭୋଗକାଂଗାଳ ଇଉରୋପୀୟମାନେ ସେଠାରେ ପ୍ରଭାବ ବିସ୍ତାର କଲେ । ତେଣୁ ଏହି ଭୀଷଣ ଆକ୍ରମଣର ଆଘାତରେ ଆତ୍ମରକ୍ଷା କରିବାକୁ ଯାଇ ସେ ଭୂମିର ସଭ୍ୟତା ଆଜକୁ ପ୍ରାୟ ୨୦୦୦ ବର୍ଷ ତଳେ ଭୀଷଣ ଉଦ୍ୟମ କରିଥିଲା । ସେହି ଉଦ୍ୟମର ପ୍ରତୀକ ମହାତ୍ୟାଗୀ ଓ ତ୍ୟାଗଧର୍ମ ପ୍ରଚାରକ ଯୀଶୁଖ୍ରୀଷ୍ଟ । ମାତ୍ର ଦେଖିବାର ଅଛି, ଏହି ଖ୍ରୀଷ୍ଟଧର୍ମ ମହାତ୍ୟାଗ ଓ କର୍ତବ୍ୟ ମଂତ୍ର ପ୍ରଚାର କରିଥିଲେ ମଧ୍ୟ ଏହା ନିରୁତା କର୍ତବ୍ୟମୂଳକ ଧର୍ମ ନୁହେ— ଏହା ଏକ ପ୍ରକାର ସାଲିସ୍ । ଏହି ସାଲିସର ଉଦାହରଣ ସ୍ୱରୂପ ଖ୍ରୀଷ୍ଟ ଧର୍ମର ଗୋଟିଏ ମହାମଂତ୍ରର ଉଲ୍ଲେଖ କରାଯାଇପାରେ । ତାହା ଇଂରାଜୀରେ ହେଉଛି—

'Knock at the door and it shall be opened unto you.'

ଅର୍ଥାତ୍, ମାଗ, ତୁମକୁ ମିଳିବ (ଦୁଆରରେ ଧକା ମାର, ତୁମ ପାଇଁ ଦୁଆର ଫିଟିବ ।) ଏହିଠାରେ ଆଦର୍ଶରେ କର୍ତବ୍ୟ ଭେଦକରି ଦାବିର ପ୍ରଥମ ମଂତ୍ର ସ୍ପଷ୍ଟ ପ୍ରଚାରିତ ହୋଇଥିବାର ଦେଖାଯାଏ । ଏହାର ବହୁକାଳ ପୂର୍ବରୁ ମଧ୍ୟ ସ୍ୱାଧୀନ କର୍ତବ୍ୟ ବିକାଶର ସ୍ଥିତି ପ୍ରତିହତ ହେବାର ପ୍ରମାଣ ମିଳେ । ମୋଜେସଙ୍କ (ମୂଷା)ଂକ ଦଶ ଆଦେଶରେ ସର୍ବତ୍ର 'ତୁ ଏହା କରିବୁ ନାହିଁ', 'ତୁ ତାହା କରିବୁ ନାହିଁ' (Thou shalt not kill. Thou shalt not steel etc.) ପ୍ରଭୃତିରେ ଯେପରି କି ଦାବିର ସଂକୋଚ ରେଖାପାତ କରିଥିଲା । 'କ'ଣ କରିଯିବୁ' ସେ କଥାରେ ମନ ନ ଦେଇ 'କ'ଣ କରିବୁ ନାହିଁ' ସେକଥା କହିବାରେ ମଂତ୍ରଭେଦ ହୋଇ ଆସିଥିବାର ଅନୁମାନ କରିବାରେ ପ୍ରତ୍ୟବାୟ କିଛି ନାହି ।

## ଇଉରୋପରେ ତା'ର ପରିଣାମ—

ତା'ପରେ ସେହି ଖ୍ରୀଷ୍ଟୀୟ ସଭ୍ୟତାର ଧାରାରେ ଯାହା ବିକାଶ ପାଇଲା, ତାହା ଗୋଟିଏ ଇଂରେଜୀ ପ୍ରବଚନରେ ପ୍ରକାଶ ପାଏ— 'First deserve, then desire.'

Digitized by PPRACHIN, SOA

ଅର୍ଥାତ୍, ଉପଯୁକ୍ତ ହୁଅ, ତେବେ ଯାଇ ଦାବି କର । ଦାବିର ତାଡ଼ନାରେ ବିବ୍ରତ ହୋଇ ରକ୍ଷିତ ସ୍ୱାର୍ଥପଂଥୀମାନେ ଦୁର୍ବଳ ଓ ଉପଦ୍ରୁତକୁ ଭଂଡ଼ିବାର ଏ ଫଂଦି, ଏବେ ଭାରତବାସୀ ଅଂଗେ ନିଭାଉଛଂତି । ଏହାର ବ୍ୟାଖ୍ୟା କରିବା ନିଷ୍ପ୍ରୟୋଜନ । ଦାବିର ସଭ୍ୟତାର ସାଲିସରେ ଏ ଦ୍ୱିତୀୟ ସୋପାନ ଆମକୁ ସୁବୋଧ ।

**ପ୍ରତିକ୍ରିୟା—**

ତା'ପରେ ପ୍ରଚଂଡ ପ୍ରତିକ୍ରିୟାର ବାଣୀ ସ୍ପଷ୍ଟ ଶୁଣାଗଲା—

'ସ୍ୱାଧୀନତା ଓ ସାମ୍ୟତା ମାନବର ଜନ୍ମ ଅଧିକାର । ଏ ଅଧିକାର ଛାଡ଼ିଦିଅ । ଏଥିରେ ବାଧା ଦେବାର କିଛି ନାହି ।' ଏ ପ୍ରତିକ୍ରିୟାର ଗତି ଓ ଆଦର୍ଶ ପୂର୍ବେ ବୁଝାଇ ଦିଆହୋଇଛି ।

**ବିଶୁଦ୍ଧ ଆପ୍ରେସିଅ ସଭ୍ୟତାର ସୂଚନା—**

ଏସବୁ ସଂଗେ ବିଶୁଦ୍ଧ 'ଆପ୍ରେସିଅ' ସଭ୍ୟତାର ପରମ ଆଦର୍ଶର ବାଣୀ ତୁଳନା କରି ଦେଖାଯାଉ । ବ୍ୟବହାରରେ ଏହାର ବ୍ୟାପ୍ତି ନିମଂତେ ରାଜା ପ୍ରଜାଦିର ସଂପର୍କ ବିଷୟରେ ମନୁ ପ୍ରଭୃତିରୁ ଉଦାହରଣମାନ ଦିଆଯାଇଛି । ଏବେ ନୀତି ଓ ଆଦର୍ଶର ପରମ ସ୍ଥାନ ଗୀତା କ'ଣ ଏହି ସଂପର୍କରେ କହିଛଂତି ତୁଳନା ପାଇଁ ତା'ର ଉଲ୍ଲେଖ କରାଯାଉ । ଗୀତା କହଂତି—

'ସହ ଯଜ୍ଞାଃ ପ୍ରଜା ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ,
ଅନେନ ପ୍ରସବିଷ୍ୟଧ୍ୱଂ ଏଷବୋଽସ୍ତ୍ୱିଷ୍ଟକାମଧୁକ୍ ।।'

ଅର୍ଥାତ୍, ବିକାଶପର କର୍ତବ୍ୟ ରାଶି ସଂଗେ ପ୍ରଜାପତି ମାନବକୁ ସୃଷ୍ଟି କରି କହିଲେ, ଏହି କର୍ତବ୍ୟରେ ରହି ତୁମେମାନେ କ୍ରାମିକ ବିକାଶରେ ବଢ଼ । ଏଇ କର୍ତବ୍ୟରେହିଁ ତୁମେ ତୁମର ଅଭୀଷ୍ଟ (ଦାବି) ପାଇବ । ଯଜ୍ଞର ଅର୍ଥ ପୂର୍ବେ ବୁଝାଇଦିଆଯାଇଛି— ଏଠାରେ ପୁନରୁକ୍ତି ଦରକାର ନାହି । ମାତ୍ର ଏଠାରେ ଏଇ ମହାମଂତ୍ରରେ କର୍ତବ୍ୟ ଲୀଳାର ପରିସ୍ଥିତିରେ ଦାବିର ସ୍ପଷ୍ଟତଃ ଯେ ସମାଧାନର କଥା କୁହାଯାଇଛି, ତା' ବିଶେଷରେ ପ୍ରଣିଧାନଯୋଗ୍ୟ । ଏଥିରେ କାହାରି ଦ୍ୱାରରେ ଧକା ମାରିବାର ନାହିଁ, କି କାହାକୁ ମାଗିବାର ନାହିଁ । ପ୍ରଜାପତିଂକର ସେସବୁ କିଛି ଲୋଡ଼ାନାହି । ସେ ମନୁଷ୍ୟକୁ ବିକାଶର ଏକ ମାତ୍ର କର୍ତବ୍ୟ ଅସ୍ତ୍ର ଦେଇଛନ୍ତି ।

**କର୍ତବ୍ୟର ଆପେକ୍ଷିକତାରେ ସମାଜର ସ୍ଥିତି—**

ଫେର୍ ସେହି କଥାକୁ ସ୍ପଷ୍ଟ କରି ବୁଝାଇବା ପାଇଁ ଗୀତା କହିଲେ—

'ଦେବାନ୍ ଭାବୟତାନେନ ତେ ଦେବା ଭାବୟଂତୁ ବଃ,
ପରସ୍ପରଂ ଭାବୟଂତଃ ଶ୍ରେୟଃ ପର ମବାପ୍ସ୍ୟଥ ।।''

ଅର୍ଥାତ୍, ଏହି ଯଜ୍ଞରେ ତୁମେ ଦେବତା ବା କର୍ମରେ ଉପାସ୍ୟଂକୁ ଭାବ । ଫଳ କଥା, କାହାପାଇଁ କ'ଣ କରିବାର ଅଛି ଭାବି କରିଯାଅ । ସେହି ଦେବତାମାନେ ସେହିପରି

Digitized by PPRACHIN, SOA

ତାଂକ କାମରେ ତୁମକୁ ଭାବିବେ । ଏହିପରି କର୍ମରେ ପରସ୍ପରଂକୁ ଭାବିବାରେ ସମସ୍ତେ ନିଜ ନିଜର ଶ୍ରେୟ ବା ମଂଗଳ ପାଇବ । ଏତିକିରେ କର୍ତବ୍ୟ ମାତ୍ର ବିଚାରରେ କର୍ମ କରିଯିବାରେ ସମସ୍ତେ ନିଜନିଜର ଯାହା ପାଇବାର ତା' ପାଇଯିବା କଥା ସ୍ପଷ୍ଟ ଉପଦେଶରେ କୁହାଯାଇଛି ।

## ଯୋଗୀ ଓ ଯୋଗ–

ଏହିପରି କର୍ମ ଯେ ଠିକଣା କରି କରିଯାଏ ସେହି 'ଯୋଗୀ' ବୋଲି ଗୀତା କହଂତି । କର୍ମକୁ ଠିକ୍ କରି ଜାଣିବାକୁ 'ଯୋଗ' ବୋଲି ମଧ କୁହାଯାଇଛି । ମାତ୍ର ଏହି କରି ଜାଣିବାର ସ୍ପଷ୍ଟ ଓ ସାଧାରଣ ଜାଣିପାରିବା ଭଳି ମୂଳ କେଉଁଠାରେ ? କି ଦୃଷ୍ଟିରେ ଏହି ଆତ୍ମବିକାଶ ଧର୍ମରେ ଲାଗିବାକୁ ହେବ– ସେଥିପାଇଁ ଚିଂତାର ଦାର୍ଶନିକ ଉପଦେଶ ଅଛି । ତାହା ହେଉଚି ମନୁଷ୍ୟତାର ଆଦର୍ଶରେ ସମାଧି । ମୁଁ କ'ଣ, ଏହା ବୁଝି ସେହି ସ୍ଥିତିରେ ରହି କାର୍ଯ୍ୟ କରିବା । ମୁଁ ଦେହ ଭୋଗପର ବ୍ୟକ୍ତି, କି ପରିବାରର ଜଣେ, କି ସାମାଜିକ ମାନବ କି ଦେଶସେବୀ, କିଂବା ମାନବ ତଥା ଜୀବ ମାତ୍ରର ପୁଣି ସର୍ବ ବିଶ୍ୱର ମଂଗଳକାମୀ । ଏହିପରି ନାନା ଭାବରେ ମନୁଷ୍ୟତାର କ୍ରମୋଚ୍ଚ ଆଦର୍ଶମାନ ବ୍ୟକ୍ତିକୁ ପ୍ରଭାବିତ କରିପାରେ । ସେଥିରେ ମଧ ଉପଦେଶ ଅଛି, ଆତ୍ମାର ଧାରଣାକୁ ଏହିପରି ଦେହରୁ ବିଶ୍ୱଯାଏ ଉଠାଇବାକୁ ହେବ ଓ ବିଶ୍ୱ ଯଜ୍ଞ ବା ବିକାଶରେ ସ୍ଥିର କରି ରଖିବାକୁ ହେବ । ଏହାହିଁ ଯୋଗୀର ଶ୍ରେଷ୍ଠ ସମାଧି । ମାତ୍ର ସେହି ଯୋଗୀ ସାଧାରଣ କାର୍ଯ୍ୟରେ ସର୍ବଦା ହଠାତ୍ ବୁଝାପଡ଼ିବା ଭଳି କି ଦୃଷ୍ଟି ଧରି କାମ କରିବ ? ସେଥିପାଇଁ ଗୋଟିଏ ଅତି ସରଳ ଓ ସର୍ବଜନବୋଧ୍ୟ କଥା ଗୀତାରେ କୁହାଯାଇଚି । ତାହା ହେଉଚି–

'ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋମତଃ ।'

ଅର୍ଥାତ୍, ନିଜର ଯେପରି ଭୋଗ ଓ ସ୍ୱଭାବରେ ସୁଖ ଓ ଦୁଃଖ ହୁଏ, ସେହିପରି ଅନ୍ୟ ସବୁରି ହୁଏ ବୋଲି ଯେ ବୁଝେ, ସେହି ଏକା ପରମ ଯୋଗୀ । କର୍ତବ୍ୟ କର୍ମରେ ଚୋଦନା ଠିକ୍ ରଖିବାର ଏହାହିଁ ପରମ ମଂତ୍ର । ଏଥିରେ ଦୃଷ୍ଟି ସର୍ବଦା ଭିତରୁ ବାହାରକୁ ସ୍ପଷ୍ଟ । କର୍ତବ୍ୟର ନିରଂତର ବିକାଶରେ ଅନଂତ ବିଶ୍ୱରାଜ୍ୟ ଓ ବିଶ୍ୱଯଜ୍ଞର ଯଥାର୍ଥ ମାନବୀୟ କଳନା ଓ ସେଇ କଳନାଚୋଦିତ କ୍ରିୟା ବିଶଦ ଭାବରେ ଦେଖି ବୁଝିବାର ଏଠାରେ କୌଣସି ଅସୁବିଧା ନାହି ।

## ଏହି ଯୋଗହିଁ ସର୍ବତ୍ର ଆଦର୍ଶ; ମାତ୍ର ଏଇ ଆଦର୍ଶ ଦେଖିବାରେ ଭ୍ରାଂତି–

ଏହି ଆଦର୍ଶରେ ଜୀବନ ନିୟମିତ କରି– ଏହି ଯୋଗ ବା କର୍ମପ୍ରବଣତା ଓ ତତ୍ପରତାରେ ଭାରତ ସମାଜର ବିକାଶ ଧରାହୋଇଥିଲା । ଭୋଗ ଓ କାମନାର ସମସ୍ତ ବିକ୍ଷୋଭ ଭିତରେ ଏହି ଯୋଗର ଆଦର୍ଶ ସମାଜର ପ୍ରଗତିକୁ ଏବେ ମଧ ଧରିରଖିଚି, କହିଲେ ଚଳେ । ପୁଣି ଏଠାରେ ବୁଝାଇ କୁହାଯାଉଛି, ଏହି ତ୍ୟାଗ ତଥା କର୍ତବ୍ୟର

Digitized by PPRACHIN, SOA

ଆଦର୍ଶ, ପରର ସୁଖ ଦୁଃଖ ଦୃଷ୍ଟିରେ କର୍ମର ପ୍ରବାହ ଜଗତରେ ସର୍ବଦା ସମାଜର ବିକ୍ଷୋଭକୁ ଶାଂତ କରେ । ଏ ଯୁଗର ଶ୍ରେଷ୍ଠ ସାମ୍ୟବାଦୀ ଲେନିନ୍ ମଧ ସର୍ବଦା ଅତଂଦ୍ରିତ ଭାବରେ ଲୋକର ସୁଖ ଦୁଃଖ ଦୃଷ୍ଟିରେ ପ୍ରଭାବିତ ହୋଇ ନିଜେ ସର୍ବତ୍ୟାଗ କରି କାମରେ ଲାଗିଥିଲେ । ସର୍ବତ୍ର ଜନସେବୀମାନେ ତାହାହିଁ କରଂତି । ମାତ୍ର ସମସ୍ତେ ଲୋକରେ ଏହି ତ୍ୟାଗର ଆଦର୍ଶ ପ୍ରତିଷ୍ଠା କରିବାରେ ଯତ୍ନ କରଂତି ନାହି । ସେ ତ୍ୟାଗ କରଂତି, ଲୋକର ଭୋଗ ଯୋଗାଡ଼ କରିବାପାଇଁ । ଫଳରେ ଲୋକେ ଯାହା ପାଇବେ ତାହା ବୁଝଂତି । ମାତ୍ର ଯେ ଧର୍ମରେ ତ ପାଇଲେ, ଓ ଯେ ଧର୍ମରେ ତାହା ସଂଭାଳି ରଖିବେ, ତା' ବୁଝଂତି ନାହି । ସଂଗେ ସଂଗେ ଭୋଗ ଛଡ଼ା- ଛଡ଼ି ଲାଗିଯାଏ ଓ ବିକ୍ଷୋଭ ସୃଷ୍ଟି ହୁଏ । ପୁଣି ଏକ ପ୍ରତିକ୍ରିୟାର ସମୟ ଆସିଯାଏ ।

### ଭାରତ ଧର୍ମରେ ଏ ଭ୍ରାଂତି ନ ଥିଲା–

ଯେଉଁ ଆପ୍ରେସିଅ ବା ଭାରତ ଧର୍ମର କଥା କୁହାଗଲା, ସେଥିରେ ଏହି ପ୍ରଭେଦ ଯେ, ସେ ଧର୍ମରେ କର୍ମ ସଂଗେ କର୍ମର ଦର୍ଶନ ପ୍ରତି ବରାବର ଦୃଷ୍ଟି ଥିଲା ଓ ସେ କର୍ମ ଦର୍ଶନରେ ସମସ୍ତ ସମାଜର କର୍ମ ଚିରଂତନ ଭାବରେ ପ୍ରଭାବିତ କରିବାର 'ତପ' ବା ପ୍ରଯତ୍ନ ପ୍ରକାଶ ପାଇଥିଲା । ଏବେ ବା ସମସ୍ତ ଇଉରୋପୀୟ ସଭ୍ୟତାରେ ବିକ୍ଷୋଭ ଭିତରେ ତ୍ୟାଗ, କର୍ମ ସ୍ଥିତି ଠିକ୍ ରଖିଲେ ହେଁ, ସେ କର୍ମର ଦର୍ଶନରେ 'ଲୋକସଂଗ୍ରହ' ହେଉ ନାହାଂତି । କର୍ମର ଫଳ ଭୋଗରେ ଭୁଲି, କର୍ମର ତତ୍ତ୍ୱରେ ପ୍ରଭାବିତ ହେବାକୁ ଯାଉନାହି ।

### ଏହି ଅଭ୍ରାଂତ ଦୃଷ୍ଟିହିଁ 'ଦର୍ଶନ'–

କର୍ମର ଏ ତତ୍ତ୍ୱ, ଏ ଦର୍ଶନ, ଭାରତ ଧର୍ମରେ ଏବେ ମଧ୍ୟ ସ୍ପଷ୍ଟ । ଜଗତରେ ଏହି ଦର୍ଶନର ପ୍ରଭାବ କ୍ରିୟାରେ ପ୍ରଚାରିତ ହେଲେ, ପ୍ରଳୟ ତାଂଡବ ପରି ବିବଦମାନ ସ୍ୱାର୍ଥର ବିକ୍ଷୋଭରେ ଯଥାର୍ଥ ଶାଂତିବାରି ପଡ଼ିବ । ମାତ୍ର ଏହା କହିବା ସଂଗେ ମନେରଖିବାର ଅଛି, ଭାରତ ଆଉ ଭାରତ ହୋଇ ରହୁନାହି । ଏତେ ଦିନ ଭାରତ ଉପରେ ଅନ୍ୟ ଦେଶୀଂକ ଉପଦ୍ରବ ଓ ଅତ୍ୟାଚାର ପଡ଼ିନଥିଲା ନୁହେ, ମାତ୍ର ଏବେ ଅତି ପ୍ରଚଂଡ ଭାବରେ ଭାରତ ସଭ୍ୟତା ପୁରୁଣା ଓ ଜୀର୍ଣ ହୋଇଉଠୁଚି । ବହୁ କାରଣରୁ ଏତେ ମହାଯୁଗ ପରେ ଭାରତବାସୀ ଆଜି ଭୋଗକାଂଗାଳ । ଅନ୍ନବସ୍ତ୍ରହୀନ ଭାରତବାସୀର କର୍ମଦର୍ଶନରେ ଆସ୍ଥା ଓ ଆଦର ଆସୁ ନାହି ବୋଲି ଆକ୍ଷେପ କରିବା ମଧ୍ୟ ବୃଥା । ଏପରି ଅବସ୍ଥାରେ ସେ ପୁଣି ଅନ୍ୟତ୍ର ଜୀବଂତ ସଭ୍ୟତାକୁ ପ୍ରଭାବିତ କରିବ କିପରି ? ପୁରୁଣାକୁ ରୋମଂଥରେ ଚୋବାଇ ଗର୍ବ କରିବା ବିଡ଼ଂବନା । ଅଭାବଗ୍ରସ୍ତର ତ୍ୟାଗର ମଧ୍ୟ ମୂଲ୍ୟ ନାହି ।

### ମାତ୍ର ଭାରତର ଏବେ ବିଷମ ଅବସ୍ଥା, ତହିଁରୁ ପଂଥା–

ଏ ବିଷମ ସମୟ– କୁରୁକ୍ଷେତ୍ରରେ ମଧ, କୃଷ୍ଣାର୍ଜୁନଂକ କଳ୍ପନାକୁ ଆସିଥିଲା କି ନା ସଂଦେହ । ଏ ବିଷମରେ ଏବେ କର୍ତବ୍ୟ କିପରି ଠିକ୍ ହେବ ? କିଏ ବତାଇବ ? କ୍ରିୟାରେ

Digitized by PPRACHIN, SOA

ଦେଖାଇ ବୁଝାଇବା ପାଇଁ ଭାରତବାସୀର ମେରୁଦଂଡ ଠିକ୍ ରହିବା ଦରକାର । ଆଜି ଭାରତର ଯେଉଁ ପରାଧୀନତା ତାହା ତେଣୁ ବିଶେଷରେ ସଂସ୍କାର ବା ସଂସ୍କୃତିର ପରାଧୀନତା । ହାତରେ ନ ଖାଇ ଚାମଚା କଂଟା ଓ ଛୁରୀ ଧରି ଖାଇବାରେ ଅଧିକ ସଭ୍ୟ ବୋଲି ଦେଖାଇହେବାଠାରୁ ଦାରୁଣ ଗ୍ରୀଷ୍ମରେ ରେଲ ଷ୍ଟେସନରେ ପଇଡ଼ ଛାଡ଼ି ଚା କଫି ଖାଇବା ଭଳି କ୍ଷୁଦ୍ର କ୍ଷୁଦ୍ର ଆଚାରରେ ମଧ୍ୟ ସେ ପରାଧୀନତା ଓ ତତ୍‌ପ୍ରସୂତ ଘୋର ଗୌଣ ମାନସିକତା ଦେଖାଗଲାଣି । ଏସବୁ କିଂତୁ ଅତି ହେୟ ବାହ୍ୟ ଲକ୍ଷଣ । ଏ ଲକ୍ଷଣମାନଂକର ମୂଳ ମହାରୋଗ ଓ ସେ ରୋଗର ନିଦାନ ନିର୍ଣୟ କରି ତାହାର ଯଥା ନିରାକରଣରେ ତତ୍ପର ହେବାର ଦର୍ଶନ, ମାନସିକତା ଓ କ୍ରିୟା ଶୀଘ୍ର ଦୃଢ଼ ଓ ନିରଂତର ଭାବରେ ସମାଜରେ ପ୍ରତିଷ୍ଠିତ ହେବା ଉଚିତ । ତା'ପରେ ଧର୍ମ କର୍ମର ଦର୍ଶନ ମୁକ୍ତ ଭାବରେ ଫୁଟି ବିଶ୍ୱଜଗତକୁ ନିଜର ଯଥାର୍ଥ ଦାନ କରିବ ।

[ନବଭାରତ, ୪ର୍ଥ ବର୍ଷ, ୧୦ମ ସଂଖ୍ୟା, ମୀନ ୧୩୪୫]

# ଭାରତର ପ୍ରଗତି ଧାରା

## ଗୋଟିଏ ଗ୍ରାମ ଶିଳ୍ପ–

ଦିନେ ପୁରୀ ନିକଟସ୍ଥ କୌଣସି ଗ୍ରାମରେ ବସି ଆଳାପ କରିବା ବେଳେ ହଠାତ୍ କଥା ଉଠିଲା ସ୍ତ୍ରୀଲୋକମାନଂକର କେଶ ବିନ୍ୟାସର ସାମଗ୍ରୀ ଘେନି । ସେ ଅଂଚଳରେ ନଡ଼ିଆ ଗଛ ବହୁତ ଅଛି । ସେ ଅଂଚଳରୁ ନଡ଼ିଆ ବିଦେଶକୁ ଚାଲାନ ଯାଏ । ସ୍ୱଭାବତଃ ସ୍ତ୍ରୀ ଲୋକମାନେ କେଶ ରଚନାରେ ନଡ଼ିଆ ଘିଅ ବ୍ୟବହାର କରଂତି । ନଡ଼ିଆ ଘିଅ ଆଜିକାଲି କଳରେ ତିଆରି ହୁଏ, ଭାରତ ବାହାରରୁ ମଧ ଆସେ । କିଂତୁ ନଡ଼ିଆକୁ କୋରି ଚିପୁଡ଼ି ସେହି ରସକୁ ଜାଳ ଦେଇ ସେଥିରୁ ତେଲ ବାହାର କରାଯାଏ । ତାକୁ କହଂତି ମରା ନଡ଼ିଆ ଘିଅ । ଆଜିକାଲି ଯାହା କଳରେ ହେଉଛି ତାହା ତେଲି ଘଣାରେ ମଧ୍ୟ ହୁଏ । ନଡ଼ିଆକୁ ସରୁ ସରୁ ଖଂଡରେ କାଟି ଶୁଖାଇ ଘଣାରେ ପେଡ଼ି ଏଇ ତେଲ ବାହାର କରାଯାଇପାରେ ।

## ଆଜି ସେଇ ଶିଳ୍ପର ଗତି–

ଶରୀରର ପ୍ରସାଧନ ବ୍ୟବହାର ପାଇଁ ମରା ନଡ଼ିଆ ଘିଅ ଓ ପିଠା ପ୍ରଭୃତିରେ ଖାଇବା ପାଇଁ ମରା ଓ ପେଡ଼ା ନଡ଼ିଆ ଘିଅ, ପୂର୍ବେ ଏ ଦେଶରେ ବିଶେଷତଃ ନଡ଼ିଆ ଥିବା ଅଂଚଳରେ ବ୍ୟବହାର ହେଉଥିଲା । ବିଶେଷରେ ମରା ନଡ଼ିଆ ଘିଅ ଅତି ସୁଗଂଧି ଓ ସୁସ୍ୱାଦୁ । କିଂତୁ ସେଦିନ କଥାବାର୍ତାରେ ବୁଝାଗଲା, ଏବେ ପ୍ରାୟ ଦଶ ବର୍ଷରୁ ଅଧିକ କାଳ ହେବ ଗ୍ରାମରେ ନଡ଼ିଆ ଘିଅ କେହି ମାରୁନାହାଂତି କିଂବା ନଡ଼ିଆ ସେ ଅଂଚଳରେ

Digitized by PPRACHIN, SOA

ପେଡ଼ା ହେଉନାହି । ନଡ଼ିଆ ଘିଅର ବ୍ୟବହାର କିଂତୁ ବଢ଼ିଛି, ଏପରି କି ଘିଅ ମହର୍ଗ ହେବାରୁ ପର୍ବ ପୁଣ୍ୟ ପିଠାରେ ନଡ଼ିଆ ଘିଅର କାରବାର ଖୁବ୍ ବେଶୀ ହୋଇଛି । ସ୍ତ୍ରୀ ଲୋକମାନେ ମଧ୍ୟ ଶରୀର ପ୍ରସାଧନ ପାଇଁ ଅଧିକରୁ ଅଧିକ ନଡ଼ିଆ ଘିଅ ବ୍ୟବହାର କରୁଛନ୍ତି । ଏଇ ଅଧିକ ବ୍ୟବହାରର ଆଉ ଗୋଟିଏ କାରଣ ମଧ ପ୍ରକାଶ ପାଇଲା । ପୂର୍ବେ ଯେଉଁମାନଂକ ବାଡ଼ିରେ ନଡ଼ିଆ ନ ଥିଲା ସେମାନେ ବାଡ଼ିରେ ଗବ ଲଗାଇ ସେଇ ଗବର ଫଳ ଓ ମଂଜି ରାଂଧି ସେଥିରୁ ଏକ ପ୍ରକାର ପରିଷ୍କାର ଜଡ଼ା ତେଲ ବାହାରକରୁଥିଲେ । ସେମାନଂକ ଘରେ ସ୍ତ୍ରୀ ପୁରୁଷ ସମସ୍ତେ ସେହି ରଂଧା ଜଡ଼ା ତେଲ ବ୍ୟବହାର କରୁଥିଲେ । ଏବେ ଗବ କରିବା ଓ ଜଡ଼ା ରାଂଧିବା ଏକାବେଳକେ ଲୋପପାଇଛି ।

ଏତେ ଯେ ନଡ଼ିଆ ଘିଅର ବ୍ୟବହାର ବଢ଼ିଛି, ତାହା ଆସୁଛି କୁଆଡ଼ୁ ? ବୁଝାଗଲା ଗ୍ରାମର ଦୋକାନୀ ସହରରୁ ଟିଣ ଦରରେ ବରାବର ନଡ଼ିଆ ଘିଅ କିଣି ଆଣୁଛି ଓ ଗ୍ରାମବାସୀଂକୁ ବିକ୍ରୀ କରୁଛି । ଏଣେ ଘରେ ସ୍ତ୍ରୀଲୋକମାନଂକର ନଡ଼ିଆ ଘିଅ ରାଂଧିବା କାମଟି ଏକାବେଳକେ ଲୋପପାଇଛି । ଅଥଚ ସେ ସ୍ଥଳରେ ସେମାନଂକର ଅନ୍ୟ କିଛି ନୂଆ କାମ ଫିଟି ନାହି ।

**ତା'ର ଫଳ—**

ଏହିଭଳି କ୍ରମେ ଗ୍ରାମ୍ୟ ଶିଳ୍ପ ଓ ବ୍ୟବସାୟ ଲୋପପାଇ କିପରି ଖର୍ଚ୍ଚ ବଢୁଛି ଓ ଲୋକେ କ୍ରମେ ଆଳସ୍ୟ ଅବଲଂବନ କରୁଛଂତି, ଏହାର ଆଲୋଚନା ଆମେ ବାରଂବାର କରୁଛୁ । ଆମ ମତରେ ଯେକୌଣସି ପ୍ରକାରେ ଏଇ ସବୁ ଶିଳ୍ପର ପୁନରୁଦ୍ଧାର ବର୍ତ୍ତମାନ ଏକାଂତ କରଣୀୟ । ଯଦି ତାହା ସଂଭବ ନୁହେ, ତେବେ ଆଳସ୍ୟ ନିରାକରଣର ଉପାୟ ବାହାର ନ କଲେ ଆର୍ଥିକ ଭାବରେ ଦେଶ ଯେ ନଷ୍ଟ ହେବ ଏଥିରେ ସଂଦେହ ନାହି । ମାତ୍ର ଏଠାରେ ବିଶେଷ କଥା, ସେହି ଗ୍ରାମରେ କେତେ ଗୁଡ଼ିଏ ଯୁବକଂକ ସଂଗେ ଏହି ବିଷୟ ଘେନି କଥା ଉଠିଲା । ଯୁବକମାନେ ଉଦୀୟମାନ, ଦେଶସେବାର ବହୁ ବାକ୍ୟଛଟାରେ ବାବଦୂକ, ଗ୍ରାମରେ ରହିଲେ ମଧ୍ୟ ଅଭ୍ୟାସର ଗ୍ରାମ୍ୟତା ଛାଡ଼ିବାରେ ତତ୍ପର, ସାବିନ୍ ନ ହେଲେ କିପରି ଗାଧୋଇବେ ତାହା ସେମାନଂକ ମଧ୍ୟରୁ ଅନେକେ ବୁଝିପାରୁନାହାଂତି । ପୃଥିବୀର ସଭ୍ୟତା ସେମାନଂକୁ ପ୍ରତିମୁହୂର୍ତ୍ତରେ ଗ୍ରାସ କରୁଛି । ସେଇ ସଭ୍ୟତାର ପ୍ରଭାବରେ ସେମାନେ ଦେଶୋଦ୍ଧାର କଳ୍ପନା କରଂତି ।

**ଭ୍ରାଂତ ଯୁକ୍ତି—**

ଭଲ କଥା— କିଂତୁ ଏହି କ୍ଷୁଦ୍ର ବ୍ୟବସାୟ ଓ ତାହାର ଲୋପରେ ଗ୍ରାମବାସୀଂକର ଆଳସ୍ୟ ବୃଦ୍ଧି କଥା ପଡୁ ପଡୁ ଯୁବକମାନେ କହିଲେ, ''ଏ ଯୁଗରେ ଆଉ ସେ ସବୁ ବ୍ୟବସାୟରେ ଲୋକଂକୁ ପୂରାଇବା ଅସଂଭବ କଥା । ପରିଶ୍ରମର ମୂଲ୍ୟ ବହୁତ ବଢ଼ିଗଲାଣି । ନଡ଼ିଆ ତେଲ ରାଂଧିବାରେ ପରିଶ୍ରମ କରି ଲୋକେ ଆଉ ସଂତୋଷ

Digitized by PPRACHIN, SOA

ରହିବେ ନାହି । ଅରଟରେ ସୂତା କାଟିବା ସଂବଂଧରେ ମଧ୍ୟ ଏଇ କଥା ଶୁଣାଯାଏ । ଏବେ ସେମାନଂକର ସିଦ୍ଧାଂତ, ବୋଧହୁଏ ଲୋକେ ଆଳସ୍ୟରେ ସଂତୋଷ ରହିବେ । ସଂତୋଷର ପରିଣାମ ଶାଂତି । ସେହିପରି ଆଳସ୍ୟର ପରିଣାମ, ଚିରଂତନ ଆଳସ୍ୟ ବା ମହାନିଦ୍ରା । ଏହାହିଁ ତେବେ କ'ଣ ଯୁବକମାନଂକର କାମ୍ୟ ? ଏହାହିଁ କି ଏ ଦେଶର ଭାଗ୍ୟ ?

## ଏ କ'ଣ ବିକାଶ—

ଯୁବକ ଦେଶର ଜୀବନ ବୀଜ— ଏକଥା ଅସ୍ୱୀକାର କରିବାର ଉପାୟ ନାହି । ଏ ଯେଉଁ ଯୁବକଂକ ଦୃଷ୍ଟାଂତ ଦିଆଗଲା, ଆଜି ନାନା ବାବଦୂକତାର ବାହାନା ଧରି ଭାରତର ଯୁବକ ମଂଡଳୀ ଇତର ବିଶେଷ ଏଇ ପଂଥାରେ ପଥିକ ହେଉଥିଲା ପରି ଲାଗୁଛି । ପରାଧୀନତାର ପ୍ରତିବିଧାନ କଳ୍ପେ ଯେଉଁ ଜାତୀୟତା ଓ ସ୍ୱଦେଶୀ ତଥା ସ୍ୱରାଜ୍ୟ ଭାବ ଦେଶରେ ଉଠି ଆସୁଥିଲା, ତାହାର ପ୍ରବାହ ଧାରା ଏଇପରି ବଦଳିଯାଉଛି । କିଂତୁ ଏ କ'ଣ ବିକାଶ ? ନା ପ୍ରଗତିରେ ପଟକ୍ଷେପଣ ।

## ବିକାଶ କ'ଣ—

ବିକାଶ କହିଲେ କ'ଣ ବୁଝାଯାଏ ? ମାନବର ବିକାଶ ହୁଏ ସମାଜରେ । ଅର୍ଥାତ୍ ପୂର୍ବପୁରୁଷ ବା ପୂର୍ବକାଳର ଭାବ ଓ ଆଚାର ଆହରଣରେ ପରବର୍ତ୍ତୀ କାଳର ଆଚାର ଗଠିତ ଓ ପୁଷ୍ଟ ହୁଏ । ଏହାହିଁ ପ୍ରଗତି । ତା' ନ ହେଲେ ଗୋଟିଏ ଆଚାର ଧାରା ଏକାବେଳକେ ଛିନ୍ନ ହେଲେ ଯେ ପ୍ରକାଶ ହୁଏ ତାହା ବିକାଶ ନୁହେ କି ପ୍ରଗତି ନୁହେ— ଏକଥା ବିଶେଷ ବୁଝାଇବା ଦରକାର ନାହି ।

## ସିଂହ ମୁହଁରେ ହରିଣ ମନକୁ ପଶିବ ନାହି—

ପୃଥିବୀରେ ପରିଶ୍ରମର ମୂଲ୍ୟ ବଢ଼ିପାରିଥାଏ । ଆମେ ଜାଣୁ, ସାତବର୍ଷ ତଳେ ଆମେରିକାର ଫୋର୍ଡ଼ କଂପାନୀର ସାଧାରଣ ମଜୁରିଆ ଦିନକେ ଆଠ ଘଂଟା ପରିଶ୍ରମ କରି ଘଂଟାକୁ ପ୍ରାୟ ଚାରି ଟଂକା ରୋଜଗାର କରୁଥିଲେ । ସେହି ଅନୁକ୍ରମେ ପୃଥିବୀର କଳକାରଖାନା ମହଲରେ ଶ୍ରମର ମୂଲ୍ୟ ବଢ଼ିଛି । କିଂତୁ ଗଳ୍ପର ଯେଉଁ ଅଳସୁଆ ଜାମୁଗଛମୂଳେ କୋଳି ପାଟିରେ ପଡ଼ିବ ବୋଲି ଆଁକରି ଶୋଇଥିଲା, ଅଥଚ ଛାତିରେ କୋଳିଟା ପଡ଼ିଲେ ମଧ୍ୟ ଶ୍ରମ ସ୍ୱୀକାର କରି ତାହା ତୁଂଡକୁ ନେଇନଥିଲା, ତା'ର ଜାମୁକୋଳିରେ କି ଲାଭ ? ଟାକି ଶୋଇ ରହିବାରେ ବା କି ଫଳ ? ଆଜି ପୃଥିବୀରେ ଶ୍ରମର ମୂଲ୍ୟ ବଢ଼ିଛି ବୋଲି ଓଡ଼ିଶାର ଗ୍ରାମବାସୀ ଗୃହଶିଳ୍ପ ଓ ବ୍ୟବସାୟ ଛାଡ଼ି ଯଦି ଆଁକରି ଟାକି ବସେ ତେବେ ଶୋଇଲା ସିଂହ ମୁହଁରେ ହରିଣ ଆସି ମନକୁ ପଶିବ ନାହି ।

## ଚିଂତା ଓ କ୍ରିୟା ଫିଟୁ—

ଏ ରାଜ୍ୟ ଯୁବକର । ଯୁବକ ଅତିଶୀଘ୍ର ଏ କ୍ଷେତ୍ରରେ ଚିଂତାନ୍ୱିତ ଓ ଚିଂତାଯୁକ୍ତ ହେଉ । ପ୍ରଗତିର ଧାରା ଥରେ ଲୋପପାଇଲେ ଆଉ ଥରେ କଳ-କୂଅ ଖୋଳି ସେ

Digitized by PPRACHIN, SOA

ପ୍ରବାହର ପୁଷ୍କଲତା ସାଧିବା ସଂଭବ ନହୋଇପାରେ । ପୁଣି ଭାରତରେ ସର୍ବତ୍ର ମାନବ ସମାଜ ସମସଭ୍ୟତାପନ୍ନ ନୁହେ । ଭାବ ଓ କ୍ରିୟାର ପ୍ରଚାର ଏଠାରେ ଇଂଲଂଡ ଅଷ୍ଟ୍ରେଲିଆ ପରି କଳଶିଳ୍ପୀଂକ ଦେଶ ଭଳି ସଂଭବ ନୁହେ ।

କୋଟି କୋଟି କୃଷକ, ବିଲ ମଜୁରିଆ, ଗ୍ରାମ ଶିଳ୍ପୀ, ବଣୁଆ, ଅସ୍ପୃଶ୍ୟ ପ୍ରଭୃତିଂକୁ ଘେନି ବିଶାଳ ଭାରତ ସମାଜ ଯଦି ଏହିପରି ତଂଦ୍ରାରୁ ନିଦ୍ରାକୁ ଯାଉଥିବାବେଳେ ଯୁବକମାନେ ସହରରେ ବିଦେଶୀ ବିପ୍ଳବ ବା ପରିଣାମବାଦ ଓ କ୍ରିୟା ପାଠ ପଢ଼ି ସାବିନିରେ ସଭ୍ୟତା ଦେଖଂତି ଓ ଶ୍ରମର ଆର୍ଥିକ ମୂଲ୍ୟ ବୃଦ୍ଧିରେ ଗ୍ରାମବାସୀର ଆଳସ୍ୟ ସହିବାକୁ ପ୍ରସ୍ତୁତ ହୁଅଂତି, ତେବେ ଏ ଦେଶର ବିରାଟ ମାନବ ସମାଜ ପୃଥିବୀର ପୁଷ୍କଳ ପ୍ରଗତିରେ ନିଜର ଯଥାର୍ଥ ଆତ୍ମଦାନ କରିବାକୁ ସମର୍ଥ ହେବ କି ନା ତାହା ଆଦ୍ୟୌ ଚିଂତ୍ୟ ।

[ନବଭାରତ, ୩ୟ ବର୍ଷ, ଜୁନ୍, ୧୯୩୪୩]

## ସତ୍ୟଂ ଶିବଂ ସୁଂଦରମ୍

ଏ କଳ୍ପନାଟି ଏ ଦେଶରେ ବହୁ ପ୍ରାଚୀନ । ଏହାର ପ୍ରକାଶ ବେଦରେ । ଏପରି ସୁଂଦର ଆଦର୍ଶର ପ୍ରକାଶ ପୃଥିବୀର ଅନ୍ୟ ସାହିତ୍ୟରେ ଅଛି ବୋଲି ଜଣାନାଇ । ବିକ୍ଷିପ୍ତ ଭାବରେ ନାନା ଗ୍ରଂଥ ଓ ପ୍ରବଂଧାଦିର ଆଲୋଚନାରେ ଏହି ସାର ତତ୍ତ୍ୱଟିର ବ୍ୟାଖ୍ୟା ହୁଏତ ଥାଇପାରେ, କିଂବା ଏହାର ବ୍ୟାଖ୍ୟା ଖୋଜି ବାହାର କରାଯାଇପାରେ; କିଂତୁ ଏପରି ଅଳ୍ପ କଥାରେ ମନୁଷ୍ୟ ଧରି ମନରେ ସ୍ଥିର ରଖିବା ଭଳି ମନୁଷ୍ୟର ଆଦର୍ଶ ଆଉ ନାଇ— ଏହାହିଁ କହିବାର ଅଭିପ୍ରାୟ ।

ବିଶ୍ୱଦେବତାଂକୁ ବା ବିଶ୍ୱର ମୂଳ ତତ୍ତ୍ୱକୁ ଏହି ତିନୋଟି କଥାରେ କୁହାଯାଏ । ବିଶ୍ୱ ଦେବତା ବା ବିଶ୍ୱତତ୍ତ୍ୱ ବିଶ୍ୱର ଆଦର୍ଶ । ସମସ୍ତ ବିଶ୍ୱକର୍ମରେ ଏହି ଆଦର୍ଶର ବିକାଶ ଓ ସମସ୍ତ ବିଶ୍ୱକର୍ମର ପରିଣତି ଏହି ଆଦର୍ଶରେ ନିୟମିତ ହୁଏ ।

ଯେ ସତ୍ୟ, ସେଇ ଶିବ, ସେଇ ସୁଂଦର । ବିଶ୍ୱତତ୍ତ୍ୱରେ ଭେଦର କଳ୍ପନା ନାଇ । ସତ୍ୟ, ଶିବ, ସୁଂଦର ଏ ତିନୋଟି କୌଣସି ବସ୍ତୁର ଗୁଣ ନୁହେ । ଈଶ୍ୱର ଭାବରେ ଯେଉଁମାନେ ବିଶ୍ୱତତ୍ତ୍ୱରେ ବିଶ୍ୱଦେବତା ବା ପୁରୁଷର କଳ୍ପନା କରଂତି, ସେମାନେ ପୁରୁଷ ସାମ୍ୟରେ ଏହି ତିନି ଗୁଣମୟ ବ୍ୟକ୍ତିଂକୁ ଦେବତା ବୋଲି ବୁଝଂତି ସତ, କିଂତୁ ତତ୍ତ୍ୱ ଦର୍ଶନରେ ଏପରି ବସ୍ତୁ ଓ ଗୁଣ ଘେନି ବିଶ୍ୱମୂଳର କଳ୍ପନା ନାଇ । ତେଣୁ ଯାହା ସତ୍ୟ, ତାହାହିଁ ଶିବ, ତାହାହିଁ ସୁଂଦର । ଏ ତିନୋଟିରେ କୌଣସି ଭେଦ ଦ୍ରଷ୍ଟା ଦାର୍ଶନିକ କଳ୍ପନା କରିନାହାଂତି ।

ସତ୍ୟ କହିଲେ ବୁଝାଯାଏ ସତ୍ ବା ଯାହା ଅଛି— ଏହାହିଁ ଅଛି ଆଉ କିଛି ନାଇ । ଶିବ ବୋଇଲେ ମଂଗଳ; ଅର୍ଥାତ୍, ଏହି ସତ୍ୟହିଁ ମଂଗଳ । ମଂଗଳ ଛଡ଼ା ବିଶ୍ୱ ନିୟମରେ

Digitized by PPRACHIN, SOA

ଆଉ କିଛି ନାଇ । ତାହାହିଁ ସୁଂଦର, ଏହା ଛଡ଼ା ଅନ୍ୟ ସୁଂଦରର କଳ୍ପନା ଅସଂଭବ । ସୁଂଦର ବୋଲି ଆଉ କିଛି ନାଇ ।

ବିଶ୍ୱ ବିକାଶର ଏହି ନିୟମ ଦେଖିବାକୁ ହେଲେ ମାନବର ନିଜ ଆତ୍ମାକୁ ଚାହିଁ ଏହାର କଳନା କରିନେବାକୁ ହେବ । ଏହାହିଁ ସମସ୍ତ ଶ୍ରେଷ୍ଠ ବୈଦିକ ଦର୍ଶନର ଭିତ୍ତି । ବେଦାଂତ କହିଛଂତି ସୋଽହଂ, ଅର୍ଥାତ୍ ସେ ମୁଁ । ଏହି ମାନବାତ୍ମାହିଁ ବିଶ୍ୱାତ୍ମା । ଏହି ମାନବାତ୍ମାର ଯଥାର୍ଥ ଧାରଣା ହେଲେ ବୁଝାଯିବ, ଏହା ସତ୍ୟ, ଶିବ ଓ ସୁଂଦର ।

ଆତ୍ମାର ଧାରଣା ପ୍ରତ୍ୟେକର ସହଜ-ଲଭ୍ୟ । ଯେଉଁମାନେ ଆତ୍ମା ଖୋଜିବାକୁ ଯାଇ ଯୋଗସ୍ଥ ହୁଅଂତି, ସେମାନଂକର ଆତ୍ମଧାରଣା ସାଧାରଣ ଲୋକର ଆତ୍ମଧାରଣାରୁ ସ୍ୱତଂତ୍ର ହୋଇପାରେ । କିଂତୁ ସେ ସବୁ ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଆଲୋଚନା ଏଠାରେ କରାଯାଇନାଇ, ମାନବର ଦୈନଂଦିନ ଜୀବନର କ୍ରିୟାକଳାପରେ ଯେଉଁ ଆତ୍ମାର ଅନୁଭବ, ତାହାହିଁ ଧରି ଏଠାରେ ଦେଖିବାର ଉଦ୍ଦେଶ୍ୟ । ସମସ୍ତ କର୍ମ ଆତ୍ମାର ବିକାଶ । କାହାର ଦେହରେ ଆତ୍ମବୁଦ୍ଧି, କାହାର ଇଂଦ୍ରିୟରେ, କାହାର ମନରେ, କାହାର ବୁଦ୍ଧିରେ; କାହାର ବୁଦ୍ଧିରୁ ଅତୀତ ତତ୍ତ୍ୱରେ । ହେଲେହେଁ ମାନବର ପାରିପାର୍ଶ୍ୱିକ କର୍ମରାଶି ଏହି ଆତ୍ମାର ବୃତ୍ତି– ଏହି ଆତ୍ମାନୁଭୂତିରେ ଚୋଦିତ ଓ ପ୍ରକାଶିତ । ଦେହରେ ଆତ୍ମବୁଦ୍ଧି କରି ଯେ ସର୍ବଦା ସ୍ରକ୍-ଚଂଦନ-ବନିତା ବିଳାସ ଲୋଡୁଚି, ସେ ମଧ ନିଜ ଦେହାତ୍ମାର ସୁଖ ବା ମଂଗଳ ନିମଂତେ ତାହା କରୁଚି ।

ମାନବ କେବେ ଅପକର୍ମ ବା ଅନ୍ୟାୟ କାର୍ଯ କରେ ନାଇ । ମୋ ପକ୍ଷରେ ଯାହା ସାଧୁ କର୍ମ, ତା ଅନ୍ୟର ଆତ୍ମାର ଆଦର୍ଶ ହିସାବରେ ଅସାଧୁ ହୁଏ, କିଂବା ମୋର ବର୍ତ୍ତମାନ ଆତ୍ମବୋଧରେ ଯାହା ସାଧୁ ତାହା ଅନ୍ୟ ପରିସ୍ଥିତିଜନିତ ଆତ୍ମବୋଧରେ ଅସାଧୁ ହୁଏ; ମାତ୍ର କୌଣସି କର୍ମ ଅସାଧୁ ବୋଲି ମାନବ କରିନପାରେ ।

ଧର, ଚୋରି କରିବା ଅସାଧୁ । କିଂତୁ ଚୋର ଯେତେବେଳେ ଚୋରି କରିବାକୁ ଯାଏ, ସେତେବେଳେ ସେ ଅସାଧୁ କାର୍ଯ କରିନପାରେ । ସେତେବେଳର ଆଦର୍ଶରେ କିଂବା ଚୋରର ସ୍ଥାୟୀ ଆତ୍ମାଦର୍ଶରେ ତା'ର ସେ କାର୍ଯ କଦାପି ଅସାଧୁ ନୁହେ । କୌଣସି କାର୍ଯକୁ ଅସାଧୁ ବୋଲି ଧାରଣା କଲେ ତାହା କରିବାପାଇଁ କର୍ମେଂଦ୍ରିୟ ଉଠିବ ନାଇ । ଜ୍ଞାନେଂଦ୍ରିୟରେ ସାଧୁ ବୋଲି ସ୍ଥିର କରି ସାରିଲେ କର୍ମେଂଦ୍ରିୟକୁ ଚୋଦନା ଆସେ । ଘାତୁକ ମଧ୍ୟ ନରହତ୍ୟା– ଅର୍ଥାତ୍ ଯେ ନରହତ୍ୟା ସେ କରିବାକୁ ଯାଉଚି ତାହା– ଅସାଧୁ ବୋଲି ସେଇ ମୁହୂର୍ତ୍ତରେ ଧାରଣା କଲେ, ମାରିବାକୁ ତା'ର ହାତ ଉଠିବ ନାଇ । କୌଣସି ଅସାଧୁ ବା ଅସୁଂଦର କର୍ମରେ ଲାଗିବା ଆତ୍ମାର ପ୍ରବୃତ୍ତି ନୁହେ । ସେହି ଆତ୍ମା ହିଁ ସତ୍ୟ, କାରଣ ସେଇ ଏକା ଅଛି, ତା' ଛଡ଼ା କର୍ମ ଅସଂଭବ । ମୋର ଏହା ଭଲ, ମୁଁ କରିବି ବା କରୁଚି, ଏହାହିଁ ସର୍ବ କର୍ମର ଚୋଦନା । ଏ 'ମୁଁ' ବା 'ମୋର' କଥାଟିର ଅର୍ଥ କ'ଣ ? କର୍ମ ବା ଚୋଦନା ବୁଝାଯାଉଚି, ତାହା ପ୍ରକାଶ ପାଉଚି କିଂତୁ ମୁଁ ବା

Digitized by PPRACHIN, SOA

ମୋର– ଭିତରେ ଯେଉଁ ବସ୍ତୁଟି ରହିଲା ସେ ବସ୍ତୁ ବା ତତ୍ତ୍ୱର କି ପ୍ରକାଶ, କି ବ୍ୟାଖ୍ୟା ବା ବର୍ଣ୍ଣନା ଅଛି ? ଚୋଦନା ଅପସାରିତ ହେଲେ କର୍ମ ଅସଂଭବ, କର୍ମ ପ୍ରକାଶ ପାଇଲେ ତାହାର ଧ୍ୱଂସ ଅନିବାର୍ଯ୍ୟ, କିଂତୁ ମୁଁ ବା ମୋର କଥାଟିରେ ଯେଉଁ ତତ୍ତ୍ୱ ଆତ୍ମଗୋପନ କରିଚି, ତାହା ଆଦ୍ୟଂତ ଅକଳ୍ପନୀୟ । ସେଇ ସତ୍ୟ ।

ସେଇ ମଧ୍ୟ ମଂଗଳ । କାରଣ, ମଂଗଳ ବୃଦ୍ଧିରେ ସବୁ ଚୋଦନା ଜ୍ଞାନେଂଦ୍ରିୟକୁ ଆସେ । ସେଇ ମୁଁ ବା ମୋର ଭିତରେ ଯାହା ଆତ୍ମଗୋପନ କରିଚି ତାହା ବ୍ୟକ୍ତିର ମଂଗଳ ରୂପରେ ଆତ୍ମପ୍ରକାଶ କରି କର୍ମଚୋଦନା ତଥା କର୍ମରେ ପରିଣତ ହୁଏ । ସବୁ କର୍ମ ମଂଗଳର ଅବତାର; ତେଣୁ ସୁଂଦର । ସେଠାରେ ଅମଂଗଳ ବା ଅସୁଂଦରର କଳ୍ପନା ନାଇ ।

ଏକର ମଂଗଳ ଅପରର ଆଦର୍ଶରେ ଅମଂଗଳ ହେବା କଥା ଏଠାରେ ମଂଗଳର ପ୍ରତ୍ୟବାୟ ନୁହେ । କାରଣ, ପ୍ରତ୍ୟେକ ଆତ୍ମା ବା ପ୍ରତ୍ୟେକ ପରିସ୍ଥିତିର ଆତ୍ମାକୁ ଏଠାରେ ସ୍ୱତଂତ୍ର ଭାବରେ କଳ୍ପନା କରାଯାଇଚି । ପ୍ରତ୍ୟେକ ଆତ୍ମାର ବିକାଶରେ ଆତ୍ମାକୁ ଦେଖି ଚିହ୍ନିବାକୁ ହେବ । ସେଥିରେ ତାହା ସର୍ବଦା ସତ୍ୟ, ଶିବ ଓ ସୁଂଦର ।

ସେଇ ଦୃଷ୍ଟିରେ ବିଶ୍ୱାତ୍ମାର କଳନା କରି ଦୁଇଟି ଏକ ପ୍ରକୃତିର ବସ୍ତୁ ବା ଏକ ବସ୍ତୁ ବୋଲି କୁହାଯାଇଚି । ବ୍ୟକ୍ତିର ଆତ୍ମା ଯେପରି, ବିଶ୍ୱାତ୍ମା ଠିକ୍ ସେହିପରି ସତ୍ୟ, ଶିବ ଓ ସୁଂଦର ।

ସତ୍ୟ କଥାଟିର ଭାଷାରେ ବହୁତ ବ୍ୟବହାର । ସମସ୍ତେ ସତ୍ୟ ଖୋଜୁଚଂତି, ମହାପୁରୁଷମାନେ ସତ୍ୟର ଉପାସନା କରୁଚଂତି, ସାକ୍ଷୀ ସତ୍ୟ କହୁଚି । ଏଠାରେ ସତ୍ୟ ଅର୍ଥାତ୍ ଯାହା ଅଛି । ସାକ୍ଷୀକୁ ପଚରାଗଲା, ବାଦୀ ମାଡ଼ ଖାଇଚି ନା ନାଇ । ଯଦି ମାଡ଼ ଖାଇଥାଏ, ସାକ୍ଷୀ ଯଦି ହଁ କରେ, ତେବେ ସାକ୍ଷୀ ସତ୍ୟ କହିଲା । ଅର୍ଥାତ୍ ଯାହା ଅଛି ବା ଘଟିଚି ତାହାହିଁ ପ୍ରକାଶ କଲା । ପ୍ରତି କଥାରେ ସେଇପରି ସମସ୍ତେ ସତ୍ୟ ଖୋଜୁଚଂତି ଓ ସତ୍ୟ ଧରୁଚଂତି ।

ହରିଜନମାନଂକୁ ମଂଦିରରେ ପ୍ରବେଶ କରାଇବା ସତ୍ୟ, ବାଧା ଦେବା ଅସତ୍ୟ । ଏଠାରେ ସତ୍ୟ କଥାଟିର ଅର୍ଥ ଠିକ୍ ଉପର କଥାପରି ବୁଝିବା ସହଜ ନୁହେ । ଏଠାରେ ମଂଗଳରେ ସତ୍ୟକୁ ଚିହ୍ନିବାକୁ ହେବ । ଏଠାରେ ଶିବହିଁ ସତ୍ୟ । ସେଠାରେ ଥିଲା ସତ୍ୟହିଁ ଶିବ । ଯେଉଁ ଆଡୁ ଧର, ସତ୍ୟ, ଶିବ, ସୁଂଦର ଏକ କଥା । ମାନବର ଏହାହିଁ ନିତ୍ୟ ଆଦର୍ଶ ।

ଏହି ସଂପର୍କରେ ପୁଣି ଗୋଟିଏ କଥା ଭଲକରି ବୁଝିବାର ଅଛି । ମନୀଷୀମାନେ କହଂତି, ଆତ୍ମାର ନିତ୍ୟ ଆଦର୍ଶ ଅଛି । ଏ ଆଦର୍ଶ ଅନ୍ୟର ଅପେକ୍ଷା କରେ ନାଇ । ଏହା କାହାରିଠାରୁ ବଡ଼ ନୁହେ, କାହାରିଠାରୁ ସାନ ନୁହେ, କାହାରିଠାରୁ ପୁରୁଣା ନୁହେ, କାହାରିଠାରୁ ନୂଆ ନୁହେ । ଏହା ସଂବଂଧରେ ଗତି, ସ୍ଥିତି, ବୃଦ୍ଧି, କ୍ଷୟ ପ୍ରଭୃତି ବିକାର

Digitized by PPRACHIN, SOA

କଳ୍ପନା କରାଯାଇନପାରେ । ହେଲେହେଁ ମାନବ ଜଗତରେ ନିତ୍ୟକର୍ମ ବିକାଶରେ ଏହି ଆଦର୍ଶ ହିଁ ଫୁଟି ପ୍ରକାଶ ପାଉଚି । ସତ୍ୟ ସଂବଂଧରେ ଯାହା କୁହାଯାଉ, ଯୋଗୀମାନଂକର ଶ୍ରେଷ୍ଠ ଅନୁଭୂତିରେ ସେ ସତ୍ୟ ଯାହା ହେଉ, ମାନବର କର୍ମରାଶିରେ ତାହାର ବିକାଶ ଓ ବିଚାର ।

ମାନବର କର୍ମରାଶି ସର୍ବଦା ଆପେକ୍ଷିକ । ବଡ଼ ସାନ, ପୁରୁଣା ନୂଆ, ସ୍ଥିତି ଗତି, ବୃଦ୍ଧି କ୍ଷୟ, ପ୍ରକାର ପରିଣାମ ଆଦି ବ୍ୟୟ ବା ବିକାର ବିନା କୌଣସି ମାନବ କର୍ମ କେହି କଳ୍ପନା କରିପାରିବେ ନାଇ । ଅତଏବ ଏହି ମାନବିକ କର୍ମଜାଲ ମଧ୍ୟରେ ଏହି ଆପେକ୍ଷିକତାର ଆଘାତ ପ୍ରତିଘାତ ଭିତରେ ସେହି ସତ୍ୟ ଦେଖିବାକୁ ହେବ । ଯୋଗୀଂକଠାରୁ ଆରଂଭ କରି ଭୋଗୀଂକ ପର୍ଯଂତ ସମସ୍ତେ ସେହି କର୍ମ ମଧ୍ୟରେ ଆତ୍ମଦର୍ଶନ କରଂତି ବା ଆଦର୍ଶ ଦେଖଂତି । ଯୋଗୀ ମାତ୍ର ଚିଂତାରେ ଏହି ଆଦର୍ଶକୁ ସୂକ୍ଷ୍ମରୁ ସୂକ୍ଷ୍ମତର କରି ଆପେକ୍ଷିକତାର ଅତୀତ ବସ୍ତୁ ସଂକେତରେ ହୁଏତ ସ୍ପର୍ଶ କରେ । ତାହାର ଜଗତରେ ବର୍ଣନା ବା ବ୍ୟାଖ୍ୟା ଅସଂଭବ ବୋଲି ଯୋଗୀ ମଧ୍ୟ ନିଜେ କହେ । ସେଥିପାଇଁ ଶେଷରେ ବେଦାଂତ କହିଲେ, ତତ୍ତ୍ୱମସି ନତୁ ତତ୍ତ୍ୱଂ ଜାନାସି– ଅର୍ଥାତ୍, ତୁ ସେ ଆଦର୍ଶ ହୋଇପାରୁ, ତୁ ଜାଣି ପାରିବୁ ନାଇ ।

ତେବେ ଯାହା ଜଗତ ଜାଣିପାରିବ, ଯହିଁରେ ଜଗତ ଆତଯାତ ହେବ, ଯେଉଁ ଆଦର୍ଶରେ ନିୟମିତ ହୋଇ ଏ ମହାସ୍ଥିତିର ନିତ୍ୟ ପରିଣାମ ଚାଲିଚି, ସେହି ଆଦର୍ଶ ହିଁ ଦେଖି ବୁଝିବାକୁ ହେବ । ତାହାହିଁ ସତ୍ୟ, ଶିବ ଓ ସୁଂଦର । ମହାପୁରୁଷ କହିଲେ, "ସତ୍ୟର ଉପାସନା କର । ଏହା ନିତ୍ୟ, ଏଥିରେ କୌଣସି ପ୍ରକାର ଇତର ବିଶେଷ ନାଇ ।" କିଂତୁ ଏ ନିତ୍ୟ ସତ୍ୟ କିଏ କିପରି ଉପାସନା କରିଚଂତି, ତାହା ଦେଖାଯାଉ । ଏ ଯୁଗର ଶ୍ରେଷ୍ଠ ମହାପୁରୁଷ ମହାତ୍ମାଗାଂଧି ସେଦିନ କହିଥିଲେ, ଦାକ୍ଷିଣାତ୍ୟରେ ଅସ୍ପୃଶ୍ୟମାନଂକୁ ମଂଦିର ପ୍ରବେଶ ନ ଦେବାରୁ ବିହାରରେ ଭୂମିକଂପ ହୋଇ ଲୋକକ୍ଷୟ ହେଲା । ଶିଷ୍ୟମାନେ ଏହାକୁ ନିତ୍ୟ ସତ୍ୟ ବୋଲି ବିଶ୍ୱାସକଲେ । କିଂତୁ ଏ ସତ୍ୟ ନିତ୍ୟ ନୁହେ । ହୁଏତ ବର୍ତ୍ତମାନ ପରିସ୍ଥିତିରେ ମହାତ୍ମାଗାଂଧିଂକ ଆଦର୍ଶ ଧାରଣାରେ ଏହା ମଂଗଳ; ତେଣୁ ଏହା ସତ୍ୟ, ଏହାହିଁ ସୁଂଦର ।

ଆଜକୁ ଶହେ ବର୍ଷ ତଳେ ସ୍ୱାମୀ ମରିଗଲେ ସ୍ତ୍ରୀକୁ ସେଇ ସ୍ୱାମୀର ଚିତାରେ ପକାଇ ପୋଡ଼ିଦେବା ଥିଲା ସତ୍ୟ । କାରଣ, ସମାଜର ଆଦର୍ଶରେ ତାହାହିଁ ଥିଲା ମଂଗଳ ଓ ସୁଂଦର । ଦିନ ଥିଲା, କୁଂତୀ ବିବାହିତା ଥାଇ ପାଂଡୁଂକ ପାଇଁ ତିନୋଟି ପୁଅ ନିଜ ପେଟରେ କରାଇନେଲେ । ସେତେବେଳେ ସେ ତାହା ନ କରିଥିଲେ ଲୋକେ କୁଂତୀଂକୁ କହଂତେ ଅସତୀ । କାରଣ, ସେତେବେଳର ଆଦର୍ଶରେ ତାହାହିଁ ଥିଲା ମଂଗଳ ଓ ସୁଂଦର, ତେଣୁ ତାହାହିଁ ଥିଲା ସତ୍ୟ ।

Digitized by PPRACHIN, SOA

ତେବେ ଏ ସତ୍ୟର ମାପକାଠି କ'ଣ ? ଶିବ ଓ ସୁଂଦର ଏହାର ମାପକାଠି । ସୁଂଦର କଥାଟି ମାପ ହୁଏ ନାଇ । ଏହା ଅନୁଭୂତିର ବସ୍ତୁ । ଅନୁଭୂତି ଅନଂତ ସଂକେତରେ ଏହାର ବିସ୍ଫୋରଣ ତଥା ବିକାଶ । ଖୁସି ଗପରେ ବସିଥିଲାବେଳେ କେହି ଯଦି ଆସି ଖବର ଦିଏ, 'ତୋ ଘର ପୋଡ଼ିଗଲା' ତେବେ ସେଥିରେ ଅନୁଭୂତିର ଯେ ବିକାଶ ଓ ବିସ୍ଫୋରଣ ତାହାର ମାପକାଠି ମନୁଷ୍ୟର ହିସାବରେ ଆସେ ନାଇ । କେହି କିହପାରିବେ ନାଇ, କାହିଁରେ କେତେ ଅନୁଭୂତି ଜାଗ୍ରତ ହେବ, ତେଣୁ ସଂକେତରେ ଅନୁଭୂତି ଜାଗ୍ରତ ହୋଇ ଅନଂତ ଆଡ଼କୁ ଯାଏ । ମାତ୍ର ମଂଗଳ କଥାଟି ତାହା ନୁହେ । ଏହା ଚିଂତା ରାଜ୍ୟର ବସ୍ତୁ । ଏଥିରେ ଇଦୃକ୍ତା, ଇୟତ୍ତାର କଳନା ଅଛି । ଏହି ମଂଗଳର ଏକ ଦିଗରେ ସତ୍ୟର ସ୍ଥିତି ଓ ଅପର ଦିଗରେ ସୌଂଦର୍ଯ୍ୟର ସଂକେତ । ତେଣୁ ମନୁଷ୍ୟ ଧରିପାରିବା ଭଳି ଆଦର୍ଶ ଏହି ମଂଗଳ । ଏହି ମଂଗଳହିଁ ବିଶ୍ୱତତ୍ତ୍ୱ । ମନୁଷ୍ୟ ଜାଣିବାକୁ ଏହି ଶିବହିଁ ସତ୍ୟ, ଶିବ, ସୁଂଦରର ଆକାର ।

ସମସ୍ତେ ତ ସତ୍ୟ ଖୋଜଂତି । ସେ ସତ୍ୟ କ'ଣ ? ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇ ଏହା ଅନପେକ୍ଷିତ ଓ ଅନପେକ୍ଷମାଣ ବିଶ୍ୱତତ୍ତ୍ୱ ପର୍ଯ୍ୟଂତ ଉଠିଚି । କିଂତୁ ମନୁଷ୍ୟ ଏହାକୁ ଧରିବ କିପରି ? ଏହା ସ୍ଥିର କି ଗତିଶୀଳ, ଏହା ସ୍ଥାଣୁ କି ବର୍ଦ୍ଧିଷ୍ଣୁ ?

କୁହାଯାଇଚି ମଂଗଳହିଁ ଏହାର ମାପକାଠି । ଏହି ମଂଗଳରେ ଯେତିକି ସ୍ଥାୟିତ୍ୱ ଅଛି, ଏହା ସେତିକି ସ୍ଥାୟୀ । ଉଦାହରଣସ୍ୱରୂପ ଦ୍ରଷ୍ଟା ମହାପୁରୁଷମାନେ ସତ୍ୟର ଉପଦେଶ ଦିଅଂତି । ସେ ସତ୍ୟ ଜଗତର ମଂଗଳ । ଯାହାର ଦୃଷ୍ଟିରେ ପରିସ୍ଥିତିର ପାରିପାର୍ଶ୍ୱିକତା ଓ ଭବିଷ୍ୟତ ଯେତିକି ପଡ଼େ, ସେତିକିର କଳନାରେ ସେ ଜଗତର ମଂଗଳ ଦେଖଂତି ଓ ସେହି ମଂଗଳ ମାନରେ ସେ ସତ୍ୟର ପ୍ରକାଶ କରଂତି ଓ ଉପଦେଶ ଦିଅଂତି । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏହି ମଂଗଳହିଁ ସତ୍ୟ । ଯାହାର ଏହି ମଂଗଳରେ ଯେତେ କାଳ କ୍ରିୟା ଓ ପରିସ୍ଥିତି ପ୍ରଭାବିତ ହୁଏ, ସେ ସେତିକି ବଡ଼ । ଏଥିରେ ହିଁ ମହାପୁରୁଷର ଲକ୍ଷଣ ପ୍ରକାଶ ପାଏ । ଏହି ହିସାବରେ ଚୈତନ୍ୟ ମହାପୁରୁଷ, ମହାତ୍ମାଗାଂଧି ମହାପୁରୁଷ, ଲେନିନ୍ ମଧ୍ୟ ମହାପୁରୁଷ । ହୁଏତ ଚୈତନ୍ୟ ପ୍ରପୀଡ଼ିତ ଓ ଉତ୍ପୀଡ଼ିତ ମାନବକୁ ଯେ ପରିସ୍ଥିତିରେ ଆଶ୍ୱାସ ଦେବା ପାଇଁ ଯାହା କହିଚଂତି, ମହାତ୍ମାଗାଂଧି ଆଜି ତାହାଠାରୁ ସଂପୂର୍ଣ୍ଣ ଭିନ୍ନ କଥା କହୁଚଂତି, ଲେନିନ୍ ହୁଏତ ଆହୁରି ଏକ ଭିନ୍ନ ପରିସ୍ଥିତିରେ ମାନବର ଉଦ୍‌ବୋଧନ ପାଇଁ ଆଉରି ଏକ ନୂଆ ଆଦର୍ଶରେ ମଂଗଳ ଦେଖିଚଂତି । ଚୈତନ୍ୟ କହିଲେ, ମାନବ ! ଦବିଯା ନା, ନିଜକୁ ନୀଚ କରି ଦେ, ସହିଷ୍ଣୁ ହୋ, ଆପଣାକୁ ସମାନ କର । ଅତ୍ୟାଚାରୀର ଅଧୋଗତି ହେବ । ତୁ ମଲେ ହରିସଂଗ ପାଇବୁ । ଯିଶୁଖ୍ରୀଷ୍ଟ ଠିକ୍ ଏହିପରି କଥା କହିଥିଲେ । ଅତ୍ୟାଚାରୀ, ଛୁଂଚି ଜକାରେ ଓଟ ଟାଣିଲା ପରି ସ୍ୱର୍ଗଦ୍ୱାରରେ ଟଣା ହୋଇ ମଧ୍ୟ ଯାଇପାରିବ ନାଇ; କିଂତୁ ପ୍ରପୀଡ଼ିତ ମାନବ ଆନଂଦରେ ସ୍ୱର୍ଗକୁ ଯିବ । ମହାତ୍ମାଗାଂଧି କହିଲେ, ଅମଂଗଳ ଛାଡ଼, ଅମଂଗଳ ସଂଗେ ଅସହଯୋଗ କର, କୌଣସି ପ୍ରପୀଡ଼ନ

Digitized by PPRACHIN, SOA

ତତେ ବାଧିବ ନାଇ । ତୋର ଏଇ ରାଜ୍ୟ ସ୍ୱର୍ଗରାଜ୍ୟ ହେବ । ଲେନିନ୍ କହିଲେ, ପ୍ରପୀଡ଼ିତ ମାନବ ! ସ୍ୱର୍ଗାକାଂକ୍ଷୀ ହୋନା, ଅତ୍ୟାଚାରୀକୁ ସ୍ୱର୍ଗକୁ ପଠାଇଦେ । ଏ ରାଜ୍ୟ ତୋର, ତୁ ଏହାକୁ ତିଆରିକରିଚୁ । ଭୋଗ କର ।

ତିନିହେଁ ତିନିପ୍ରକାର କହିଲେ ମଧ ସମସ୍ତଙ୍କର ଆଦର୍ଶ ମାନବର ମଂଗଳ । କିଂତୁ ପରିସ୍ଥିତି ଭେଦରେ ସେହି ମଂଗଳର ପ୍ରକୃତ ପରିଣାମ ଓ ସ୍ଥାୟିତ୍ୱର ପ୍ରଭେଦ ରହିଚି । ଏଥି ମଧରେ ଯାହାର ଆଦର୍ଶରେ ବିଶ୍ୱ ମାନବର ମଂଗଳ ଯେତେ ବା ଯେତେଦିନ ସ୍ଥାୟୀ, ସେ ସେହି ହିସାବରେ ମହାପୁରୁଷ ।

ଧର୍ମଶାସ୍ତ୍ରମାନଂକ ମଧରେ ଗୀତାର କଳ୍ପନା ଏଇ ବିଶ୍ୱମଂଗଳର ଆଦର୍ଶ ମଧ୍ୟରେ, ଆଂଭେମାନେ ଜାଣିବାରେ, ସବୁଠାରୁ ଅଧିକ ସ୍ଥାୟୀ । ଏଥିରେ ଅତ୍ୟାଚାରୀ ନାଇ, ପ୍ରପୀଡ଼ିତ ନାଇ, ସମସ୍ତେ ସମାନ । ସମସ୍ତେ ସମାନ ଭାବରେ ପୁରୁଷୋତ୍ତମର ଉପାସନାରେ ଅଧିକାରୀ, ଆତ୍ମୋନ୍ନତି ପଥରେ ପଥିକ ଓ ବିଶ୍ୱତତ୍ତ୍ୱର ଅଂଗୀଭୂତ । ତେଣୁ ଏହାହିଁ ଏବେ ପରମ ସତ୍ୟ, ପରମ ସୁଂଦର, କାହିଁକି ନା ଏହାହିଁ ପରମ ମଂଗଳ ।

[ନବଭାରତ, ମିଥୁନ, ୧୩୪୩]

## ବିଶ୍ୱ-ଦର୍ଶନର ମା-ବାପ

ଦର୍ଶନ ଶବ୍ଦଟିର ପାରିଭାଷିକ ବ୍ୟାପ୍ତି ଯାହାହେଉ, କଥାଟିର ଅର୍ଥ ହେଉଚି—ଦେଖିବା । ଏଇ ଦେଖିବା ବୋଇଲେ, ହେଲା, ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା । ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା ସଂଗତି କେଉଁଠାରେ ? ମାନବ ପାଇଁ ସେ ସଂଗତିଟି ହେଉଚି, ସମାଜ ସଂପର୍କରେ ନିଜକୁ ଦେଖିବା । ଏଇଥିରୁ ଅତି ପୁରା କାଳରୁ ବାହାରିଚି, ମାନବର ଧର୍ମ ଓ ସେଇ ଧର୍ମ ସଂଗେ ବିଶ୍ୱ ଜଗତର ଉତ୍ପତ୍ତି ଓ ବିକାଶ ତଥା ତହିଁରେ ମାନବର ସ୍ଥାନ ଓ ସଂପର୍କ ।

ପୁରାଣରେ ଏଇ ଧର୍ମ ତଥା ବିଶ୍ୱ ପ୍ରକାଶର ବହୁ କଳ୍ପନା ଓ ଅଭିବ୍ୟକ୍ତି ଦେଖିବାକୁ ମିଳେ । ସାଂଖ୍ୟରେ ପ୍ରକୃତିକୁ ଗୋଟିଏ ପରିଣାମଶୀଳ ଜଡ଼ରୂପେ କଳ୍ପନା କରି ତା’ ସଂଗେ ବହୁ ଜ୍ଞାନମୟ ବା ଜ୍ଞାନ ସ୍ୱରୂପ ପୁରୁଷର ଅଜଣା ସଂପର୍କ କଳ୍ପନା କରିଥିଲେ । ସେଥିରେ ଇଂଦ୍ରିୟ-ଲଭ୍ୟ ଜଡ଼ ଜଗତ୍ ସ୍ୱତନ୍ତ୍ର ହେଲେ ହେଁ ଯାହାର ଯେପରି ଜ୍ଞାନ ବିଶ୍ୱ ସେଇପରି । ସେଇ ଜ୍ଞାନ ମାତ୍ରରେ ବିଶ୍ୱଟି ତିଆରି ହୋଇଚି ଓ ସେଇ ଜ୍ଞାନ ମାତ୍ରରେ ସେଇ ବିଶ୍ୱଟି ଅନଂତ ପରିଣାମର ପରଂପରାରେ ଚାଲିଚି ।

ଏହା ଗୋଟିଏ ବିକଶିତ ଦର୍ଶନ । ଏହାଛଡ଼ା ଆଉ ଗୋଟିଏ ଦର୍ଶନ ମାନବ ଜଗତରେ ଫୁଟିଚି । ତା’ର ପାଠ ହେଉଚି, ଈଶ୍ୱର । ଏଇ ଈଶ୍ୱର ସୃଷ୍ଟି କରୁଚଂତି, ଦଂଡ ପୁରସ୍କାର

Digitized by PPRACHIN, SOA

ଦେଇ ସୃଷ୍ଟି ପାଳୁଚଂତି । ଏଥିରେ ଇଂଦ୍ରିୟଲବ୍ଧ ଜଡ଼ ଜଗତ୍ ମଧ୍ୟ ସ୍ୱତଂତ୍ର । ଜଗତର ଜଡ଼ ବସ୍ତୁକୁ ଈଶ୍ୱର କେଉଁଠାରୁ କିପରି ତିଆରି କରଂତି, ତା' କୁହାଯାଏ ନାଇ । ଉପନିଷଦରେ ଗୁରୁ ଶିଷ୍ୟକୁ ବୁଝାଇବାକୁ ଯାଇ କହିଚଂତି, ଯେପରି ବୁଢ଼ିଆଣୀ ନିଜ ଭିତରେ ସୂତାଗୁଡ଼ାକ ବାହାରକରି ଜାଲ ବୁଣିପକାଏ, ବ୍ରହ୍ମରୂପୀ ଈଶ୍ୱର ସେଇପରି ନିଜ ଭିତରୁ ଜଡ଼ ବିଶ୍ୱଟାକୁ ବିସ୍ତାର କରିଚଂତି ।

ଏଥିରୁ ଯୋଡ଼ାଏ କଥା ବୁଝାଯାଇପାରେ । ସମସ୍ତ ବିଶ୍ୱଟା ହେଉଚି ଈଶ୍ୱର ପଦାର୍ଥ କିଂବା ଈଶ୍ୱର ବୁଢ଼ିଆଣୀ ପରି ବାହାରୁ ଅନ୍ୟ ପଦାର୍ଥ ଆଣି ତାକୁ ଜୀର୍ଣକରି ତାହାର ଯେଉଁ ଶରୀର ତିଆରି କରିଥାଂତି, ସେଇଥିରୁ ବିଶ୍ୱଟାକୁ ଗଢ଼ି ପ୍ରକାଶ କରଂତି । ପ୍ରଥମ ପ୍ରକାଶରେ ବୁଝିଲେ ମଧ୍ୟ ବ୍ରହ୍ମ କେବଳ ଜଡ଼ ପୁରୁଷ ନୁହେ । ସେଥିରେ ଚେତନା ବା ବୁଦ୍ଧି ନ ଥିଲେ, ଜଡ଼ ବିଶ୍ୱ ସେଥିରୁ ବାହାରିବ ନାଇ । ଚେତନାଟା ଜଡ଼ ହୋଇଯିବା ବା ଜଡ଼ଟା ଚେତନ ହୋଇଯିବା କର୍ତ୍ତୃତ୍ୱ ବା କରଣୀ କାହୁଁ କିପରି ଆସିଲା, ତା କୁହାଯାଇନାଇ ।

ଗୋଟିଏ କଥା ଏଠାରେ ମନେ ରଖିବାର ଅଛି, କୌଣସି ଉପମା ଦେଖାଇ ସେଥିରେ ଅନୁବାଦ ଲଗାଇ ବିଶ୍ୱ ପ୍ରକାଶ ଓ ବିଶ୍ୱ ତଂତ୍ରକୁ ବୁଝାଇବାର ପ୍ରୟାସ ଓ ପ୍ରଯତ୍ନ ମନୀଷୀମାନେ ଖୁବ୍ କରିଚଂତି । କିଂତୁ ତା' କୁତ୍ରାପି ସଫଳ ହେବାର ନୁହେ, ହୋଇନାହିଁ ।

ଏଇ ଦେଖ, ଈଶ୍ୱର କୃଷ୍ଣ, ସାଂଖ୍ୟକାରିକାରେ ଚେତନ ଓ ନିଷ୍କ୍ରିୟ ପୁରୁଷ ତଥା ଜଡ଼ ପ୍ରକୃତି ଭିତରେ ସଂପର୍କ ଦେଖାଇବାକୁ ଯାଇ ବୁଝାଇଚଂତି, ଯେପରି ଗୋଟିଏ ପଂଗୁ, ଗୋଟିଏ ଅଂଧ ଲୋକର କାଂଧରେ ବସି ଦୁହେଁ ଚାଲି ବୁଲଂତି, ଏ ସେହିପରି । ପୁଣି ଅନ୍ୟତ୍ର କହିଚଂତି, ନାରୀ ଯେପରି ପୁରୁଷ ଆଗେ ନିଜର ରୂପ ଯୌବନ ଦେଖାଇ ହୁଏ, ଚେତନ ପୁରୁଷ ଆଗେ ଜଡ଼ ପ୍ରକୃତିର ଏ ବିଶ୍ୱଲୀଳା ସେହିପରି । ଏସବୁ ଉପମା ଫେଡ଼ି ଦେଖିବସିଲେ, ଏଥିରେ ଯୁକ୍ତିଯୁକ୍ତ ଦର୍ଶନ ବିଚାର ଚଳିବ ନାଇ । ତଥାପି ସେକାଳେ ଦର୍ଶନଶାସ୍ତ୍ରରେ ଏଇପରି ଯୁକ୍ତି ଧରି ବହୁତ ବୁଝି ବୁଝାଇବାର ପ୍ରଚେଷ୍ଟା ଖୁବ୍ ଦେଖାଯାଏ । ମାତ୍ର ଜ୍ଞାନମୟ ପୁରୁଷ ଯଦି ସଂପୂର୍ଣ ନିଷ୍କ୍ରିୟ ହୁଏ, ପୁଣି ତା'ର ଯଦି କୌଣସି ତୃଷ୍ଣା ଆକାଂକ୍ଷା ବା ରୁଚି, ଅରୁଚି ପର୍ଯ୍ୟଂତ ନ ଥାଏ, ପୁଣି ଅନ୍ୟ ପକ୍ଷରେ ନାରୀରୂପା ପ୍ରକୃତି ଯଦି ଏକାଂତ ଜ୍ଞାନ ବିରହିତ ଜଡ଼ ହୁଏ, ତେବେ ସେ କିପରି, କାହିଁକି ନିଜର ରୂପ, ଯୌବନ ଦେଖାଇହେବ, ନିର୍ବିକାର ପୁରୁଷ ଶୁଦ୍ଧଚେତନମୟ ହେଲେ ମଧ୍ୟ କିପରି କାହିଁକି ଯେ ଭୁଲିବ, ତା' ବୁଝି ବୁଝାଇବାର କୌଣସି ଉପାୟ ନାଇ ।

ହେଲେହେଁ, ମାନବର ଆଦି ଦର୍ଶନ ଫୁଟିଛି ଏଇ ଉପମା ଘେନି ଅନୁଭୂତିର ସାମଂଜସ୍ୟ ଜନିତ ଏଇ ଉପମାରେ, ମାନବ ଦେଖିବା ପାଇଁ ସୃଷ୍ଟି ହୁଏ, ପ୍ରଜନନରେ; ମା ପିଲା ଜନ୍ମକରେ– ଏହାଇ ସୃଷ୍ଟି । ସେଇପରି ଗଛ ଫଳ ଜନ୍ମ କରେ । ପୃଥିବୀ ଶସ୍ୟ ଜନ୍ମକରେ । ଏଇ ସମସ୍ତ ବିଶ୍ୱକୁ ଜନ୍ମ କରିବା ପାଇଁ ଗୋଟାଏ ବଡ଼ ମା'ର କଳ୍ପନା କରାଯାଇଥିଲା । ଏହାଇ ଅତି ପ୍ରାଚୀନ ଧର୍ମ ।

Digitized by PPRACHIN, SOA

ଏବ ପ୍ରଜନନରେ ପୁରୁଷ ସ୍ତ୍ରୀର ସଂଗମ ଗୋଟିଏ ନିତ୍ୟ କ୍ରିୟା । ଅବଶ୍ୟ ଜାଣିବାର ଅଛି, ପ୍ରଜନନ ସଂଗେ ସଂଗମର ଏ ସଂବଂଧ ଅତି ଆଦିମ କାଳରେ ମାନବ ତଥା ମାତା ହୁଏତ କେହି ଜାଣିନଥିଲେ । ଖାଇବା, ଶୋଇବା ଓ ମଳମୂତ୍ରାଦି ତ୍ୟାଗ କରିବା ଭଳି ଅନ୍ୟାନ୍ୟ ଶରୀର ଧର୍ମ କରି କାମବାଂଛା ଓ ସଂଗମ ଚାଲିଥିଲା । ସେଇଥିରୁଇ ଗର୍ଭାଧାନ ହୁଏ ବୋଲି କେହି ଜାଣୁନଥିଲେ । ଏବେ ସେଦିନ ଆଦିମ ମାନବଂକ ଭିତରେ ଏଇ ସଂବଦ୍ଧ ଜ୍ଞାନ ନ ଥିବାରୁ ନୃତତ୍ତ୍ୱବିତ୍‌ମାନେ ଦେଖି ଲେଖିଯାଇଚଂତି । ସେମାନେ ବୁଝୁଥିଲେ, ପିତୃପୁରୁଷଂକ ଭୂତ ଗଛରେ, ଦୋବାଟିରେ, କୂଅମୂଳେ ଚାହିଁ ବସିଥାଂତି । ଯୁବତୀ ସେ ବାଟେ ଚାଲିଗଲାବେଳେ ସେମାନେ ତା' ଭିତରେ ପଶିଯାଂତି । ସେଥିରୁ ଗର୍ଭାଧାନ ହୁଏ । ସଂଗମ କ୍ରିୟାର ତା' ସହିତ ସଂପର୍କ ନଥାଏ ।

ତଥାପି କାଳାଂତରେ ସେମାନେ ପ୍ରଜନନ ସଂଗେ କାମ ଚେଷ୍ଟା ତଥା ସଂଗମର ନିତ୍ୟ ସଂପର୍କ ବୁଝିପାରିଥିଲେ । ସେତିକିବେଳେ ଶୂନ୍ୟ ଆକାଶ ତଥା ପୃଥିବୀ (ବେଦରେ ଯାହାକୁ କହଂତି, 'ତମସ୍') ହେଲା ଏ ବିଶ୍ୱ ଜଗତର ମାତା ଓ ଜଳ ବା ବିୟଦ୍ ବାରି (ଆକାଶର ଅନଂତଜଳରାଶି, ବେଦରେ ଯାହାକୁ କହଂତି ଅପ୍) ସେ ହେଲା ବିଶ୍ୱ ଜଗତର ପିତା । ସେଇ ପ୍ରାଚୀନ ପରଂପରାର ସଂକେତ ଧରି ହୁଏତ ପ୍ରକାଶ ପାଇଚଂତି ଅମର ଆଦିମାତା କାଳୀ । କାଳୀତଂତ୍ରରେ ସ୍ପଷ୍ଟ ଦେଖିବାକୁ ମିଳେ, ଏଇ କାଳୀ ହେଉଚଂତି, ସୃଷ୍ଟି ପୂର୍ବ 'ଅତି-ତମ', ଅର୍ଥାତ୍ ଶୂନ୍ୟରୂପ ଘୋର ଅଂଧକାର ।

ଏଇ ତମମୟୀ ମାତା ମାନବର ପ୍ରଥମ ଦର୍ଶନର ଭିତ୍ତି । ଏହା କେତେକାଳ ତଳେ ପ୍ରକାଶ ପାଇଥିଲା, ତାହା କିଏ କହିବ ? ତତ୍‌ବିଦମାନେ ଅନୁମାନ କରଂତି, ଏହା ଅଂତତଃ ଆଜକୁ କୋଡ଼ି ହଜାର ବର୍ଷରୁ ଅଧିକ କାଳର କଥା । ମନୁଷ୍ୟ ସେତେବେଳକୁ ପାହାଡ଼ ତଳୁ ଓ ନଈ ଭିତରୁ ଗୋଟାଇ ଆଣିବା ପଥର ଓ ହାଡ଼ କଂଟାଛଡ଼ା ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ରର ବ୍ୟବହାର ଜାଣି ନଥିଲା । ଏଯୁଗକୁ ଆଦିପ୍ରସ୍ତର ଯୁଗ ବୋଲି ପଂଡ଼ିତମାନେ ମଧ୍ୟ କହଂତି ।

ପ୍ରାଚୀନ ସୁମେର, ମିଶର, କ୍ରୀଟ୍, କାପୋଡେସିଆ ପ୍ରଭୃତି ଯେଉଁଠାରେ ଅତି ପ୍ରାଚୀନ କାଳର ଲିପି ଓ ମୂର୍ତିସବୁ ମିଳୁଚି, ସେଠାରେ ଏହି ମାତୃଦେବୀଂକ ପ୍ରତିଷ୍ଠା ପୂର୍ଣ ପ୍ରକଟିତ ଥିବାର ଦେଖାଯାଏ । ଏସବୁ ଅଂତତଃ ଆଜକୁ ପାଂଚ ହଜାର ବର୍ଷ ତଳର ଅନୁଷ୍ଠାନ । ଦେଖାଯାଏ, ଏସବୁର ଅନେକ ସ୍ଥଳରେ ମାତୃଦେବୀ ଏକାଂତ ଅନଧୀନ । ତାଂକ ସଂଗେ କୌଣସି କୌଣସିଠାରେ ପୁରୁଷର ସଂପର୍କ ପର୍ଯଂତ ନାଇ । ସୁମେର, ବାବିଲନ୍ ପ୍ରଭୃତିରେ ଏଇ ମାତୃଦେବୀଂକ ସଂଗେ କେବେ ଗୋଟିଏ ପୁରୁଷର ସଂପର୍କ ଥିଲେ ମଧ୍ୟ ତାଂକର କୌଣସି ପ୍ରତିଷ୍ଠା ଓ ପ୍ରତିପତ୍ତି ନାଇ । ଅନେକ ସ୍ଥଳରେ ଏଇ ମାତୃଦେବୀଂକ ନାମ ପୁଣି ହେଉଚି, ମାମା, ମାମୀ, ଆମା ଓ ମା । ଆଉ କେତେକାଳ ପରେ ଦେଖାଯାଏ, ଏଇ ମାତୃଦେବୀଂକର ଯୌନ-ଶୌଚ ରକ୍ଷାକରିବା ପାଇଁ ତାଂକ

Digitized by PPRACHIN, SOA

ପୁରୋହିତମାନଂକୁ ଖାସୁ କରି ରଖାଯାଉଥିଲା । ମା'ଙ୍କର ସବୁ ସଂପତ୍ତିର ଅଧିକାରୀ ଥାଇ ମଧ ସେମାନେ ନାରୀ ସଂଗମଭୋଗରୁ ବଂଚିତ ଥିଲେ ।

ପୁଣି ପକ୍ଷାଂତରେ ମିଶରର ପ୍ରାଚୀନ ଲେଖମାନଂକରୁ ଜଣାଯାଏ, ଏଇ ଆଦିମାତା ଦେବୀ, ନିଜର ପୁରୁଷ ସଂଗୀ ବାଛିବାରେ ବାପ, ଭାଇ ପୁଅଂକ ଭିତରେ କୌଣସି ବାଛବିଚାର କରୁନଥିଲେ । ଏଇ ଦର୍ଶନ ଅନୁକ୍ରମେ ସେ ଦେଶରେ ସେ କାଳେ ନାରୀ ହେଉଥିଲେ ଯଥାର୍ଥ ସମ୍ରାଟ୍ । ସାମ୍ରାଜ୍ୟ ଥିଲା ତାଂକରି । ତାହା ବଂଶପର୍ଯାୟରେ ମାଠାରୁ ଝିଅପାଖୁ ରାଜ୍ୟ ଆସୁଥିଲା । ତେଣୁ ସାମ୍ରାଜ୍ୟ ଭୋଗ କରିବା ପାଇଁ ରାଜପୁରୁଷମାନେ ମା, ଭଉଣୀ, ଝିଅ, ସମସ୍ତଂକର ଦରକାରମତେ ସ୍ୱାମୀ-ସମ୍ରାଟ୍ ହୋଇ ରାଜ୍ୟ ଭୋଗ କରୁଥିଲେ ।

ଏଇପରି ସମ୍ରାଟରୂପିଣୀ ନାରୀ ହେଲେ ଏଇ ଦର୍ଶନର ପ୍ରତିଷ୍ଠିତ ଦେବୀ । କିଂତୁ ନାରୀ, ନାରୀ । ସେ ହେଉଛି ଅବଳା । ଯେତେ ସମାନ ବା ଅଧିକ ହେବାକୁ ବସିଲେ ମଧ୍ୟ ଗର୍ଭଧାରଣରେ ଅକ୍ଷମ ହେବା ଓ ସେଥିପାଇଁ ପୁରୁଷ ଉପରେ ନିର୍ଭର କରିବା କର୍ତବ୍ୟଟି ସେ ପୁରୁଷକୁ ଦେଇପାରିବ ନାଇ । କାଳକ୍ରମେ ପୁରୁଷର ନାରୀ ଉପରେ ଆଧିପତ୍ୟ ଅନିବାର୍ଯ । ତାହାଇ ହେଲା ।

ପରିସ୍ଥିତି ଭେଦରେ କେଉଁ ସମାଜରେ ବା ଆଗ, କେଉଁ ସମାଜରେ ବା ପଛେ, ଦେବୀଂକ ଉପରେ ଦେବ ତଥା ମହାଦେବଂକର ଆଧିକ୍ୟ ଓ ଆଧିପତ୍ୟ ପ୍ରକାଶ ପାଇଲା । ଯେଉଁସବୁ ପ୍ରାଚୀନ ପଶ୍ଚିମ ଭୂମିର କଥା କୁହାଯାଉଚି, ସେ ଭୂମିରେ କ୍ରମେ ପୁରୁଷ ହେଲେ ସମ୍ରାଟ ଓ ସେହି ସମ୍ରାଟ ହେଲେ, ସୃଷ୍ଟିକର୍ତା ଓ ସମାଜର ପାଳକ । ଆଦିମାତାଂକ ସଂଗେ ପ୍ରକାଶ ପାଇଥିବା ଆଦିପିତା ଓ ମହାଦେବଂକ ସଂଗେ ସେ ହେଲେ ଏକାକାର । ଇଜିପ୍ଟ, ଏସିରିୟା ଓ ବାବିଲନ୍ ପ୍ରଭୃତିରେ ଏହା ସ୍ପଷ୍ଟରୂପେ ପ୍ରକାଶ ପାଇଲା ଓ ଏଇ ମହାଦେବ ସମ୍ରାଟମାନେ ଭିନ୍ନ ଭିନ୍ନ ସାମ୍ରାଜ୍ୟରେ ସ୍ୱତଂତ୍ର ଭାବେ ପ୍ରକାଶ ପାଇ ଆପଣା ଆପଣା ଭିତରେ ଘୋର ଯୁଦ୍ଧ ବିଗ୍ରହରେ ମାତୁଥିଲେ । ଲେଖମାନଂକରୁ ତଥା ଅନ୍ୟାନ୍ୟ ସଂକେତରୁ ଜଣାଯାଉଚି, ସେଇସବୁ ସଂଗ୍ରାମ ଓ ଧ୍ୱଂସଲୀଳା ଅତି ବିକଟ ଓ ବୀଭତ୍ସ ଧରିଥିଲା । ବିଦ୍ରୋହୀ ଜନତା ତଥା ରାଜାସମ୍ରାଟଂକୁ ବିଜୟୀ ସମ୍ରାଟରୂପୀ ମହାଦେବଂକ ଆଗେ ଅତି ବର୍ବରୋଚିତ, ନିଷ୍ଠୁର ଭାବରେ ବଳି ଦିଆ ହେଉଥିଲା ।

ଏଇ ଦେବ-ଦେବଂକ ମଧରୁ ଜଣେ ଥିଲେ ଆସିରିଆ ସାମ୍ରାଜ୍ୟର ଅସୁର । ଆଜକୁ ପ୍ରାୟ ୩ ହଜାର ବର୍ଷ ତଳେ ଏଇ ମହାଦେବ ଅସୁର ମାନବସମାଜରେ ଯେଉଁ ବିକଟ ଲୀଳା ଲଗାଇଥିଲେ, ତାହା ବର୍ଣନା କଲେ ଏବେ ଲୋକେ ଭେଟଣା ହୋଇଯିବେ । ଠିକ୍ ସେତିକିବେଳେ ତାହାର ପାର୍ଶ୍ୱବର୍ତୀ ବାବିଲନ୍ ସାମ୍ରାଜ୍ୟରେ ତାଂକର ମହାଦେବ ମଧ୍ୟ ପ୍ରକାଶ ପାଇଲେ । ତାଂକର ନାମ ମର୍ଦୁକ୍ ବା ମାରୋଡ଼କ୍ । ଏ ଦୁଇ ମହାଦେବଂକ ମଧ୍ୟରେ ଯେଉଁ ବୀଭତ୍ସ ହିଂସାର ତାଂଡବ ଚାଲିଥିଲା, ତାହାର ଏକମାତ୍ର ସମାଧାନ

Digitized by PPRACHIN, SOA

ଥିଲା, କୌଣସି ଗୋଟିଏ ସମ୍ରାଟକୁ ସଂପୂର୍ଣ୍ଣରୂପେ ଆତ୍ମ-ସମର୍ପଣ କରି ତାଂକର ଅନୁଗ୍ରହରେ ସଂସ୍କାର ସୁଖ ଭୋଗ କରିବା । ତାଂକ ଅନୁଗ୍ରହ ହେଲେ ପ୍ରବଳ, ତାଂକ ନିଗ୍ରହରେ ପଡ଼ିଲେ ଆଉ ରକ୍ଷା ନାଇ । ତେଣୁ ଇଜିପ୍ଟର ସମ୍ରାଟ୍ ବହୁକାଳରୁ ନିଜର ଅଖଂଡ ପ୍ରତାପରେ ସେଇପରି ପ୍ରତିଷ୍ଠିତ ଥିଲେ ।

ଏତିକିବେଳେ ପାରସ୍ୟର ଆର୍ଯ୍ୟକୁଳୀମାନେ ଅସୁର ଓ ମର୍ଦୁକଂକ ବିଜୟ ପୀଡ଼ାରେ ଅତ୍ୟଂତ କାତର ହୋଇପଡ଼ିଥିଲେ । ଅସୁରଂକ ଅଧୀନରେ ରହିବାପାଇଁ ସେମାନଂକ ଭିତରେ ଘୋର ବିବାଦ ଫୁଟିଥିଲା । ପୂର୍ବପାଖ, ଅର୍ଥାତ୍, ସେ କାଳର ଆଫଗାନିସ୍ତାନ ପ୍ରଭୃତି ଅଂଚଳର ଲୋକେ ସ୍ୱୀକାର କରୁନଥିଲେ । ପଶ୍ଚିମପାଖ ଅସୁର ପ୍ରଭୃତି ଲୋକେ ଅସୁରଂକ ପାଖେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ ମଧ୍ୟ ଅସୁର ଓ ମର୍ଦୁକଂକ ଦ୍ୱଂଦ୍ୱ ଭିତରେ ପଡ଼ି ବଡ଼ ବ୍ୟସ୍ତ ହେଉଥିଲେ ।

ଏହି ପରିସ୍ଥିତିରେ ବାହାରିଲେ, ଆର୍ଯ୍ୟକୁଳୀ ପାରସ୍ୟର ମନୀଷୀ ପ୍ରବର ଜରାଥୁଷ୍ଟ । ସେ ନିଜର ଯୋଗବଳରେ ଦେଖିଲେ, ବିଶ୍ୱସମ୍ରାଟ ନୁହଂତି, ଅସୁର କିବା ନୁହଂତି ମର୍ଦୁକ । ବିଶ୍ୱସମ୍ରାଟ ହେଉଛଂତି ଦୁହେଁ, ଦୁହେଁ ଏକରୂପ । ସେ ହେଉଚଂତି, ଅସୁର-ମର୍ଦୁକ୍– ସେ କାଳର ପାରସିକ ଭାଷାରେ ଅହୁର୍-ମେଜ୍‌ଦା । ସେଇ ଅହୁର୍-ମେଜ୍‌ଦା ତାଂକୁ ଶିଖାଇଲେ ମାନବ ଧର୍ମ । ଅସୁର ଓ ମର୍ଦୁକ୍, ଦୁହିଁଂକ ଆଧିପତ୍ୟରେ ଥିବା ଦେଶରେ ଏହା ସମାନ ଭାବରେ ବ୍ୟାପିଲାଁ ଓ ଏଇ ଅହୁର-ମେଜ୍‌ଦାଂକ ପ୍ରଭାବରେ ନୂତନ ପାରସିକ ସମ୍ରାଟ ବଂଶ ପ୍ରକାଶ ପାଇଥିଲା । ଏଇ ହେଲେ, ବିଶ୍ୱ ଦର୍ଶନରେ ବାପ । ପୁଣି ଏ ବାପଂକ ଦୀପ୍ତିରେ ମା ମଧ୍ୟ ଲୁଚିଗଲେ ।

[ନବଭାରତ, ୨ୟ ବର୍ଷ, ସଂଖ୍ୟା ୧୨, ବିଛା ୧୩୫୬]

—

Digitized by PPRACHIN, SOA

# ରାଜନୀତି ଓ ଶାସନ

## ବୃହତ୍ତର ଉତ୍କଳ

ସଭ୍ୟ ଜଗତରେ ଭାରତର ପ୍ରଚାର କଥା ଭାବିଲା ବେଳେ ଭାରତରେ ଉତ୍କଳର ପ୍ରଚାର କଥା ସ୍ୱତଃ ମନକୁ ଆସେ । ଦିନ ଥିଲା ଯେତେବେଳେ ଧର୍ମଭେଦ-ଜର୍ଜରିତ ଭାରତ ବକ୍ଷରେ ଉତ୍କଳ ସାମ୍ୟ ମୈତ୍ରୀର ବିଜୟ ଧ୍ୱଜା ନୀଳାଚଳରେ ପୋତି ସିଂଧୁ ପାରେ ଓ ଭାରତରେ ବୃହତ୍ତର ଉତ୍କଳର ପରିସର ଘେନି ବ୍ୟାପି ରହିଥିଲା । ହିଂଦୁ ଜଗତରେ ମଧ୍ୟ ବିଜୟନଗର, ବାହାମଣି ଓ ବଂଗ ପରି ତିନୋଟି ପ୍ରବଳପ୍ରତାପ ରାଜ୍ୟ ମଧ୍ୟରେ ଉତ୍କଳ ନିଜର ବିରାଟ ହିଂଦୁ ସାମ୍ରାଜ୍ୟ ଟେକି ରଖିଥିଲା । କପିଳେଂଦ୍ର ଦେବ ପଂଚଦଶ ଶତାବ୍ଦୀର ସମ୍ରାଟ । ସେଦିନ ମଧ୍ୟ ଆଜିକାଲିର ମାଂଦ୍ରାଜଠାରୁ ଗଂଗା ପର୍ଯ୍ୟଂତ– ବାହାମଣିର ସୀମାଠାରୁ ବଂଗୋପସାଗର ପର୍ଯ୍ୟଂତ ବିଶାଳ ଉତ୍କଳ ବ୍ୟାପି ରହିଥିଲା । କପିଳେଂଦ୍ରଂକ ପୂର୍ବତନ ସମ୍ରାଟ୍ ନରସିଂହ ଦେବଂକ ପ୍ରଶସ୍ତି ଘେନି ତାମ୍ର ଶାସନରେ କବି ଲେଖିଅଛଂତି :–

ରାଢ଼ାବରେଂଦ୍ର ଯବନୀ ନୟନାଂଜନାଶ୍ରୁ–<br>
  ପୂରେଣ ଦୂର ବିନିବେଶିତ କାଳିମ ଶ୍ରୀ<br>
ତଦ୍ ବିପ୍ରଲମ୍ଭକରୁଣାଦ୍ଭୂତ ନିସ୍ତରଂଗା<br>
  ଗଂଗାପିନୂନମମୁନା ଯମୁନାଧୁନାଭୂତ୍ ।

ଅର୍ଥାତ୍ ପଶ୍ଚିମ, ପୂର୍ବ ଓ ଉତ୍ତର ବଂଗର ଯବନ ନାରୀମାନେ ବିଧବା ହୋଇ କାଂଦିବାରୁ ତାଂକ ଆଖିର କଜଳ ବୋହି ଆସି ଗଂଗାକୁ କଳା କରି ଯମୁନାରେ ପରିଣତ କରିଥିଲା । ଏହା ନରସିଂହ ଦେବଂକ ପ୍ରତାପରୁ ହୋଇଥିଲା– ନରସିଂହ ରାଢ଼ ଓ ବାରେଂଦ୍ରର ଯବନ ରାଜ୍ୟ ଧ୍ୱଂସ କରିଥିଲେ ।

ଆଜି ମଧ୍ୟ ପୂର୍ବ ବଂଗପରି ଗଂଗାର ଏପାଖ ବା ପଶ୍ଚିମ ବଂଗ ଯେ ମୁସଲମାନ ଅଧିବାସରେ ପୂର୍ଣ୍ଣ ହୋଇ ନାହିଁ, ତାହାର କାରଣ, ବଂଗ ବା ପୂର୍ବୋତ୍ତର ବଂଗ ୧୧୧୯ ଖ୍ରୀଷ୍ଟାବ୍ଦଠାରୁ ମୁସଲମାନ ରାଜ୍ୟ ହୋଇଥିଲେ ମଧ୍ୟ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟଂତ ପଶ୍ଚିମ ବଂଗ ବହୁ ସମୟ ଓଡ଼ିଶାର ଅଂତର୍ଭୁକ୍ତ ଥାଇ ସ୍ୱାଧୀନ ଓଡ଼ିଶା ହେତୁରୁ ହିଂଦୁ ପ୍ରଭାବରେ ପ୍ରଭାବିତ ରହିଥିଲା ।

ସେହି କପିଳେଂଦ୍ର କୀର୍ତ୍ତିକୁ ସ୍ମରଣ କରି ଚଳି ଆସିଛି– ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ଣ୍ଣାଟକ କଳବର୍ଗେଶ୍ୱର ।

ଏହା ଆଜି ପୁରୀ ରାଜାଂକ ଉପାଧି । କଳବର୍ଗ ପ୍ରାଚୀନ ବାହାମଣି ରାଜ୍ୟର ରାଜଧାନୀ । କର୍ଣ୍ଣାଟ ଅର୍ଥାତ୍ ବମ୍ବେ ପ୍ରଦେଶର କାନଡ଼ା ରତ୍ନଗିରି ପ୍ରଭୃତି ସେ ଦାକ୍ଷି

Digitized by PPRACHIN, SOA

ଓଡ଼ିଶାର ନବକୋଟୀ ବା ନୂତନ ସୀମା ଥିଲା । ଗୌଡ଼େଶ୍ୱର ଅର୍ଥାତ୍ ପୂର୍ବ ଓ ଉତ୍ତର ବଂଗର ଅଧିପତି ।

କିଂତୁ ଏ ସବୁ ପ୍ରାଚୀନ କଥାରେ ଛାତି ଫୁଲାଇବାର ଓଡ଼ିଶାରେ ଆଜି କିଛି ସାମଗ୍ରୀ ନାହିଁ । ଏ ଦୁରବସ୍ଥାର କଥା ବଖାଣି କିଛି ଲାଭ ନାହିଁ । ଆଜି କିଏ ଆମକୁ ଯାତ୍ରାରେ ଥଟା କଲା, କିଏ ପାଠ୍ୟପୁସ୍ତକରେ ଆମ ଭାଷାକୁ ପଶୁରାବ ବୋଲି ଲେଖିଲା, ଏ ସବୁ କଥା ଧରି ଘରେ ଦୁଆର କିଳି ଛଟପଟ ହେବାରେ ଜାତୀୟତାର ବିକାଶ ହେବ ନାହିଁ, ଗୌଣତ୍ୱର ମନୋଭାବ ବଢ଼ିବ ମାତ୍ର ।

କାର୍ଯ୍ୟ କରିବାକୁ ହେବ । ଭାରତର ସବୁ ଅଂଚଳରେ ନିଜର ଅସ୍ତିତ୍ୱର ଚିହ୍ନ ପ୍ରକଟାଇବାକୁ ହେବ । କେଉଁଠାରେ ବନାରସରେ ଓଡ଼ିଆଂକର ଗୋଟିଏ ଅନୁଷ୍ଠାନ ଅଛି, ବିଶାଖାପାଟଣାରେ ହୁଏତ ଉତ୍କଳ ସମିତି ଅଛି; ଖଡ଼୍‌ଗପୁର, ରେଂଗୁନ, କଲିକତା ପ୍ରଭୃତିର ପ୍ରବାସୀ ଓଡ଼ିଆଂକର କେତେ କ୍ଲବ୍ ଅଛି, ସ୍କୁଲ ଅଛି, ସେ ସବୁର ଖବର ନେବାକୁ ହେବ । ଦେଶର ପତ୍ରପତ୍ରିକାମାନ ସେ ସବୁଠାରେ ପ୍ରଚାର କରିବାକୁ ହେବ । ଦେଶସେବୀ ଓ ଦେଶପ୍ରାଣ ଜନନାୟକମାନେ ସେସବୁ ସ୍ଥାନକୁ ଯାଇ ସେମାନଂକୁ ଉଦ୍‌ବୋଧନ ଦେବେ । ପଂଡ଼ିତମାନେ ବକ୍ତୃତା ଦେଇ ପ୍ରବଂଧାଦି ପାଠକରି ସେମାନଂକ ଭିତରେ ସଂଗଠନ ଓ ଜାତୀୟ ଭାବ ଜାଗ୍ରତ କରିବେ । ଅନ୍ୟାନ୍ୟ ସ୍ଥାନରେ କିପରି ସେହିଭଳି ଅନୁଷ୍ଠାନମାନ ସ୍ଥାପିତ ହେବ ତାହାର ସୁଚିଂତିତ ଉଦ୍ୟମ ମଧ୍ୟ କରାଯିବ । ଏ ସବୁ କରିବାକୁ ହେବ । ଉତ୍କଳର ଜାତୀୟତା ପୀଠ ବଢ଼ିବାକୁ ଏହି ବୃହତ୍ତର ଉତ୍କଳର ଉଦ୍ୟମ ସର୍ବଦା କରଣୀୟ । ଭାରତରେ ଉତ୍କଳର ପରିଚୟ ଜାଗ୍ରତ କରିବାକୁ ହେବ ।

[ଆଲୋଚନା, ନବଭାରତ— ପ୍ରଥମବର୍ଷ, ଷଷ୍ଠସଂଖ୍ୟା]

# ଓଡ଼ିଶା ପ୍ରଦେଶ ଗଠନରେ ଆଂଧ୍ର ବିରୋଧ

## ଐତିହାସିକ ଓଡ଼ିଆ ଭୂମି—

ଇତିହାସରେ ଓଡ଼ିଶା ଗୋଟିଏ ବିରାଟ ରାଜ୍ୟ । ଷୋଡ଼ଶ ଶତାବ୍ଦୀ ତକ ଏହାର ସୀମା ବହୁ ବିସ୍ତୃତ ଥିଲା । ସମୁଦ୍ର କୂଳରେ ଗଂଗାଠାରୁ କାବେରୀ ପର୍ଯ୍ୟଂତ ଏହା ବ୍ୟାପି ରହିଥିଲା । ଭିତରକୁ ଠିକ୍ କେତେ ଥିଲା କହି ନ ହେଲେ ମଧ୍ୟ, ସିଂହଭୂମ୍, ଫୁଲଝର, ଜୟପୁର ପ୍ରଭୃତି ଘେନି ଏହା ବହୁତ ଭିତରକୁ ବ୍ୟାପିଥିଲା, ସଂଦେହ ନାହିଁ । କିଂତୁ ଏସବୁ କିଛି ଓଡ଼ିଆ ରାଜ୍ୟ ନଥିଲା । ଏଥି ମଧ୍ୟରୁ ଅନେକେ ବିଜିତ ରାଜ୍ୟ । ରାଜମହେଂଦ୍ରୀଠାରୁ ଗଂଗା ପର୍ଯ୍ୟଂତ ସେ କାଳରେ ସ୍ପଷ୍ଟ ଓଡ଼ିଆ ରାଜ୍ୟ ଥିବାର ପ୍ରମାଣ

Digitized by PPRACHIN, SOA

ମିଳେ । ପୁଣି ଏ ରାଜ୍ୟ ଖଂଡ ଇତିହାସରେ ପ୍ରାୟ ବିଜିତ ରାଜ୍ୟ ନୁହେ । ବହୁ ଶତାବ୍ଦୀ ଧରି ଏହା ଓଡ଼ିଶା ରାଜାଂକ ରାଜ୍ୟ ଥିଲା । ସେହିପରି ସିଂହଭୂମ୍, ଫୁଲଝର ପ୍ରଭୃତି ମଧ୍ୟ ଓଡ଼ିଆ ରାଜ୍ୟ । କିଂତୁ ସିଂହଭୂମ୍ ପ୍ରଭୃତି ସଂବଂଧରେ ବର୍ତ୍ତମାନ ଏଠାରେ କିଛି କୁହାଯାଉନାହି । କେବଳ ଓଡ଼ିଶାର ଆଂଧ୍ରସୀମା ଘେନି ଯେଉଁ ବୃଥା ବିବାଦ ଲାଗିଛି, ତାହାର ଟିକିଏ ଆଲୋଚନା କରାଯିବ ।

ଐତିହାସିକ ରାଖାଲ ଦାସ ବନ୍ଦୋପାଧ୍ୟାୟ ଲେଖିଛଂତି :—

"xxx portions of the Telugu speaking districts to the north of the Delta of the Godavari were originally Oriya-speaking districts. (History of Orissa, vol 1.p 1)

ପୁଣି :— "Originally the Andhra country seems to have lain to the south of the Godavari, though the Telugu language has now crept up northwards along the coast in the Vizagpatam District." (Ibid p. 3.) ଅର୍ଥାତ୍ ଗୋଦାବରୀର ମୁହାଣମାନଂକଦ୍ୱାରା ବ୍ୟାପ୍ତ ହୋଇଥିବା ଓ ଗୋଦାବରୀର ଉତ୍ତରକୁ ଥିବା ଏବର ତେଲୁଗୁଭାଷୀ ସ୍ଥାନମାନଂକର ଅଂଶ ସବୁ ପହିଲେ ଉତ୍କଳଭାଷୀ ସ୍ଥାନମାନ ଥିଲା ।

ପୁଣି :— ପହିଲେ ଆଂଧ୍ର ଦେଶ ଗୋଦାବରୀଠାରୁ ଦକ୍ଷିଣକୁ ଥିବାର ଅନୁମାନ ହୁଏ । ଏବେ ତେଲୁଗୁ ଭାଷା ବିଶାଖପଟ୍ଟଣ ଜିଲାର ସମୁଦ୍ର କୂଳେ କୂଳେ ଉତ୍ତର ଆଡ଼କୁ ମାଡ଼ିଆସିଚି ମାତ୍ର ।

## ପ୍ରତିବେଶୀମାନଂକ ସ୍ୱାର୍ଥାଂଧତା—

ଐତିହାସିକ ରାଖାଲ ଦାସଂକ ପରେ ଏ ସବୁ ଦେଶ ସଂବଂଧରେ ମୌଳିକ ଗବେଷଣାପନ୍ନ ବଡ଼ ଐତିହାସିକ ଆଉ କେହି ହୋଇନାହାଂତି । ବିଶେଷରେ ଆଜି କାଲିର ଓଡ଼ିଆମାଣେ ଓଡ଼ିଶା ପାଇଁ ଦାବି କରୁଥିବା ଭୂମି ଯେ ଇତିହାସରେ ଓଡ଼ିଆ ଭାଷୀ ନଥିଲା, ଏହା କେହି କହୁନାହି । ତେବେ ଚରାଭୂମି ଛଡ଼ାଇନେଲେ ଜଂତୁର ଯେ ମନୋଭାବ ହେବାର କଥା, ତାହାଠାରୁ ଅଧିକ କିଛି ଆଂଧ୍ରମାନଂକଠାରେ ଏ ଘଟଣାରେ ଦେଖାଯାଉଛି ବୋଲି ମନେହେଉନାହି । ବଡ଼ ଦୁଃଖର କଥା, ସରକାରୀ, ବେସରକାରୀ, ବେକଂଗ୍ରେସ ଓ ବିଶେଷରେ କଂଗ୍ରେସ ସମସ୍ତେ ଚରାଭୂମିର ଲୋଭ ତଥା ଅତିବ୍ୟାକୁଳତା ଛଡ଼ା ଆଉ କିଛି ଯୁକ୍ତିଯୁକ୍ତ କଥା କହିବାର ଜଣା ନାହି । ୧୯୨୧ ଠାରୁ କଂଗ୍ରେସ ଆଂଧ୍ରୋତ୍କଳର ସୀମା ସମାଧାନ କରିବାରେ ଲାଗିଛଂତି, କିଂତୁ ଆଂଧ୍ର କଂଗ୍ରେସ ନେତାମାନେ ତାହା କରାଇ ଦେଇ ନାହାଂତି । ନାନା କ୍ଷେତ୍ରରେ ସେମାନେ ଏପରି ସମାଧାନ ପାଇଁ ବିଚାର ବସିବାରେ ମଧ୍ୟ ଘୋର ପ୍ରକାଶ୍ୟ, ଅପ୍ରକାଶ୍ୟ ବାଧାମାନ ତିଆର କରିଛଂତି । ଓଡ଼ିଆ ଏ ଦୁଃଖ କାହା ଦୁଆରେ କହିବ ? ଦୁଃଖ କହିବା ଛଡ଼ା ଓଡ଼ିଆର ଆଉ କି ଉପାୟ ବା ଅଛି ? ତାହାର ନିଜର ପ୍ରଦେଶ ନାହି; ପ୍ରତିବେଶୀମାନେ ତା'ର ଭୂମି ଗ୍ରାସ କରିବା

Digitized by PPRACHIN, SOA

ପାଇଁ ସବୁବେଳେ ଆଁ କରିଛଂତି । ଦୁର୍ବଳ ଜାତି ହେବାରୁ ସରକାର ମଧ୍ୟ ଗୁହାରି ଶୁଣି ଶୁଣୁନାହାଂତି । ଆଂଭେମାନେ କହିଛୁ, ଏବେ ଓଡ଼ିଶାକୁ ଯାହା ମିଳିବାର ପ୍ରସ୍ତାବ ହୋଇଛି ତାହା 'ଘରପୋଡ଼ିରୁ କୁଟା ଖିଏ ପରି'; ତଥାପି ଯେ ସବୁ ହରାଇବାକୁ ବସିଛି, ସେ କିଛି ପାଇଲା ବେଳେ ଯେପରି ସ୍ୱତଃ ଖୁସି ହୁଏ ଓ ସେହି ଦାତାକୁ ମନେ ମନେ ସାଧୁ ବୋଲି କହେ, ଓଡ଼ିଆମାନେ ଏପରି ଘଟଣାରେ ସେପରି କହିବା ଓ କରିବା ସ୍ୱାଭାବିକ । ଆଂଭେମାନେ ଏ ସ୍ୱାଭାବିକ ମନୋବୃତ୍ତିରୁ ଅଲଗା ହୋଇ ନ ପାରୁ । କିଂତୁ ଓଡ଼ିଆର ଆକାଂକ୍ଷା ପୂରି ନାହି । ଏତେବେଳେ ପ୍ରତିବେଶୀମାନଂକର ଅତି ସ୍ୱାର୍ଥସମ୍ୱଳିତ ଅଂତରାୟ ଦୁର୍ବଳ ଓଡ଼ିଆର ପ୍ରାଣରେ କି ବ୍ୟଥା ଦେଉଥିବ, ତାହା କହିବାର ମଧ୍ୟ ସ୍ଥାନ ନାହି ।

**ବେଜବାଡ଼ା ସଭା–**

ଜଏଂଟ ପାର୍ଲିମେଂଟରୀ କମିଟି ରିପୋର୍ଟ ବାହାରିବା ସଂଗେ ସଂଗେ ଆଂଧ୍ର ନେତାମାନେ– ବିଶେଷରେ କଂଗ୍ରେସ ନେତାମାନେ ଘୋର ପ୍ରତିବାଦ କରିବାକୁ ବେଜବାଡ଼ାରେ ସଭା କରି ବସିଗଲେ । ପ୍ରତିବାଦରେ କହିଲେ, "ଓଡ଼ିଶାକୁ କୌଣସି ନୂଆଭୂମି ଦେବା ଉଚିତ ନୁହେ ।" ଏ ବିଷୟରେ ଆକାଶ ପାତାଳ, ଲଂଡନ, ଦିଲ୍ଲୀ, ସିମଳା– ସବୁ କଂପାଇ ଦେବା ପ୍ରସ୍ତାବ ହୋଇଗଲା । ଯାହାର ପଇସା ଥାଏ, ସେ ହୁଏତ ସବୁ କରିପାରେ; ନିଜର ସ୍ୱାର୍ଥକୁ ସାଧୁତା ବୋଲି ଶୁଣାଇପାରେ । ଆଂଧ୍ର ନେତାମାନେ ସେହି ବଳ ଦେଖାଇ ଆସିଛଂତି । ସବୁବେଳେ ମଧ୍ୟ କହୁଛଂତି, "ଓଡ଼ିଶା ଦରିଦ୍ର । ସେଥିପାଇଁ ଆଂଭଂକୁ ଓଡ଼ିଆ ରାଜ୍ୟ ସବୁ ପାଳିବାକୁ ଦିଅ, ଓଡ଼ିଶା ପ୍ରଦେଶକୁ ଦିଅ ନାହି ।" ବାସ୍ତବରେ ଗଲା ଓଡ଼ନଲ୍ କମିଟି ପାଖେ ସେମାନେ ଏହି ଯୁକ୍ତିରେ ଦାବି କରିଥିଲେ । ଋଷିକୁଲ୍ୟା ନଦୀ ଠାରୁ ଦକ୍ଷିଣକୁ ଅର୍ଥାତ୍ ଯେଉଁଠାରେ ଶତକଡ଼ା ୮୦ ପର୍ଯ୍ୟଂତ ଓଡ଼ିଆ ବାସ କରଂତି, ସେହି ଭୂମି ସବୁ ଯେ ଏବେ ମାଂଦ୍ରାଜରେ-- ଉଦ୍ଦେଶ୍ୟତଃ ପରେ ଆଂଧ୍ରରେ– ରଖିବା ପାଇଁ ଲୋଡ଼ିଥିଲେ । ଏଥିପାଇଁ କାରଣ ଦେଇଥିଲେ, "ଓଡ଼ିଆମାନେ ଦରିଦ୍ର, ପ୍ରଦେଶ ଓ ଜାତିର ବିକାଶ ଓ ଗଠନରେ ଅସମର୍ଥ ହେବେ । ଆଂଧ୍ରମାନଂକ ତଳେ ରହିଲେ ତାଂକର ଭଲ ହେବ ।" ଆହା ! କି ପ୍ରାଣପ୍ରାଚୁର୍ଯ୍ୟ !

**ବ୍ରହ୍ମପୁର କନ୍‌ଫରେନ୍ସ–**

ଏବେ ବ୍ରହ୍ମପୁର କନ୍‌ଫରେନ୍ସରେ ଜୟପୁର, ପାରଳାଖେମଂଡିର ଓଡ଼ିଆ ଅଂଶ, ତଥା ବ୍ରହ୍ମପୁର ସହର ଓଡ଼ିଶାକୁ ନ ଦେବାପାଇଁ ସମ୍ରାଟ୍ ତଥା ପାର୍ଲିମେଂଟଂକୁ ବ୍ୟାକୁଳ ଭାବରେ ନିବେଦନ କରାଯାଇଛି । କାଉନ୍‌ସିଲ, ଆସେଂବଲିମାନଂକରେ ଥିବା ଆଂଧ୍ର ମେମ୍ୱରମାନଂକୁ ଜଏଂଟ କମିଟି ରିପୋର୍ଟ ବିଚାର ବେଳେ ଏହି ଆପତ୍ତି ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଏହି ବିଷୟରେ ଦେଶରେ ତୁମୁଳ ଆଂଦୋଳନ କରିବାର ବ୍ୟବସ୍ଥା ପ୍ରସ୍ତାବିତ ହୋଇଛି । ଗ୍ରାସ ନାଶରେ ଲୋକର ବୁଦ୍ଧିଭ୍ରଂଶ ହୁଏ । ଏତିକି କହିଲେ ସମସ୍ତ

Digitized by PPRACHIN, SOA

ଆଂଧ୍ର ବ୍ୟାକୁଳତାର ଯଥେଷ୍ଟ ପ୍ରତିଯୁକ୍ତି ହୁଅଂତା, ତଥାପି ସାଧାରଣ ଲୋକେ ବୁଝିବା ପାଇଁ ଏହି ଆଂଧ୍ର ଦାବିର ବିଷୟମାନ ଟିକିଏ ବିଶ୍ଲେଷଣ କରି ଦେଖାଯାଉ ।

ପ୍ରସ୍ତାବମାନଂକ ଉପରେ ହୋଇଥିବା ବକ୍ତୃତାମାନ ଆଂଭମାନଂକ ପାଖରେ ନାହି । ସଭାପତିଂକ ଭାଷଣରେ ଏ ସଂବଂଧରେ ଯେଉଁ ସବୁ ଯୁକ୍ତି ଅଛି ତାହାର କେତେକ ଅଂଶ ଖବରକାଗଜରେ ଦିଆଯାଇଛି । ସେଥିର ପ୍ରାସଂଗିକ ଯୁକ୍ତିଗୁଡ଼ିକ ଏଠାରେ ଆଲୋଚନା କରାଯାଉଛି ।

### ଭାଷାସୂତ୍ରରେ ପ୍ରଦେଶ ଗଠନ ବରଂ ବଂଦ ରହୁ—

(୧) ଆଂଧ୍ର, କର୍ଣ୍ଣାଟକ, କେରଳ ପ୍ରଭୃତି ପ୍ରଦେଶ ତିଆରି ହେବା ପୂର୍ବରୁ ଓଡ଼ିଶା କାହିଁକି ତିଆରି ହେଲା ? 'ବର ପଛକେ ମରୁ ସଉତୁଣୀ ରାଂଡ ହେଉ ।' ଭାଷା ସୂତ୍ରରେ ପ୍ରଦେଶ ତିଆରି କଥା ସରକାର କାର୍ଯ୍ୟତଃ ଆରଂଭ କଲେ, ସେଥିରେ ଅନ୍ୟ ପ୍ରଦେଶ ତିଆରି ପାଇଁ ବ୍ୟବସ୍ଥାର ବାଟ ଲୋଡ଼ିବା ଉଚିତ । ତାହା ନ କରି ଏପରି କରିବା ଜାତୀୟତା ଧର୍ମର ଅନୁକୂଳ ନୁହେ । ଆଂଧ୍ର ପ୍ରଦେଶ ତିଆରି ହେଲା ବେଳେ ଓଡ଼ିଶା ସୀମାପାଇଁ ଆଂଧ୍ରମାନେ ଆଉ କ'ଣ ଅଧିକ ଯୁକ୍ତି ଓ ବଳ ଦେଖାଇବେ ବୁଝାଯାଉନାହି । ତାଂକର ତ ଏକମାତ୍ର ବଳ, ଆମ ପ୍ରଦେଶର ଧନ ଅଛି । ଆମେ ଅସଭ୍ୟ ସଭ୍ୟ ସବୁ ଓଡ଼ିଆଂକୁ ତାରିନେଇପାରିବୁ । ମାଂଦ୍ରାଜ ପ୍ରଦେଶରେ ଥାଇ ମଧ୍ୟ ଏ ଯୁକ୍ତିର ଶକ୍ତି ଠିକ୍ ଅଛି ।

### ପାରଳାଖେମଂଡି—

(୨) ପାରଳାଖେମଂଡି ସଂବଂଧରେ ବଡ଼ ଆପତ୍ତି— ପ୍ରଜାଂକ କଥା ଶୁଣାଗଲା ନାହି, ରାଜାଂକ କଥା ଶୁଣାଗଲା । ସଂଗେ ସଂଗେ ଆପତ୍ତି ଉଠିଛି, ଜମିଦାରୀଟାକୁ କାହିଁକି ଦୁଇଭାଗ କରିଦିଆଗଲା ? କ'ଣ ସେଥିରେ ରାଜାଂକର ସୁବିଧା ହେଲା ? ନା, ପ୍ରଜାଂକ ସୁବିଧା ପାଇଁ ତାହା କରାଗଲା ?— ଏ ଯୁକ୍ତି ନା ପିଲା ଖେଳ ? ଏଥିରେ କଅଣ ଯଥାର୍ଥ ମନର ଭାବ ପ୍ରକାଶ ପଡୁନାହି ଯେ, ଓଡ଼ିଆ ଅଂଶଟି କାହିଁକି ଅଲଗା କରି ଓଡ଼ିଶାରେ ମିଶାଇ ଦିଆଗଲା ? ଉଦ୍ଦେଶ୍ୟ ରଖି କଥା କହିଲେ ଲୋକ ଏହିପରି ଯୁକ୍ତିରେ ପୂର୍ବାପର ସଂଗତି ଭୁଲିଯାଏ ।

### ଜୟପୁର—

(୩) ଜୟପୁର ସଂବଂଧରେ ଆଉ ଯୁକ୍ତି କିଛି ନାହି; ପୁଣି ସେହି କଥା— ଓଡ଼ିଶା ନିର୍ଦ୍ଧନ । ଜୟପୁରର ଅନୁନ୍ନତ ଅବସ୍ଥାକୁ ଉନ୍ନତ କରିବା ନିମଂତେ ଓଡ଼ିଶାରେ ଧନର ଅଭାବ ହୋଇପାରେ । ଗତ ୧୩୦ ବର୍ଷ ଭିତରେ ମାଂଦ୍ରାଜରେ ରହି ଅନୁନ୍ନତ ଜୟପୁରର କି ବିଶେଷ ଉନ୍ନତି ହୋଇଛି, ତାହାର କୌଣସି ପ୍ରମାଣ ଦିଆ ହୋଇନାହି । ତଥାପି ଆଂଭେମାନେ ଜାଣୁ, ତେଲଂଗା କର୍ମଚାରୀମାନେ ଜୟପୁର ସଂସ୍ଥାନରୁ ଓଡ଼ିଆଂକୁ ପ୍ରାୟ

Digitized by PPRACHIN, SOA

ବାହାର କରି ଦେଇଛଂତି । ପୂର୍ବେ ଓଡ଼ିଆ ପଂଡ଼ିତ, ବଣିକ୍, ବ୍ୟବସାୟୀ ଜୟପୁରରେ ସ୍ଥାନ ପାଉଥିଲେ, ଏବେ ତେଲଗୁମାନେ ସେହି ସ୍ଥାନ ପାଇଅଛଂତି । ମାନ୍ଦ୍ରାଜ ସରକାର ଅଧୀନରେ ଜୟପୁର ଥିବାରୁ ତାହା ଏକ ପ୍ରକାର ତେଲେଂଗାଂକ ହାତେ କ୍ରୀଡ଼ନକ ପରି ଅଛି । ସେହି ସୂତ୍ରରେ ଏବେ ଆଂଧ୍ର ବିଶ୍ୱବିଦ୍ୟାଳୟ ବର୍ଷକୁ ଲକ୍ଷେ ଟଂକା ଜୟପୁର ମହାରାଜାଂକଠାରୁ ଲେଖାଇ ନେଇଛଂତି । ଏ ରାଜାଂକ ଦାନରେ ଜୟପୁର ପ୍ରଜା ତଥା ଲୋକଂକର ମତ ଅଛି ତ ? ନା, ଖାଲି ପାରଳାଖେମଂଡି ବେଳକୁ ରାଜାଂକ କହିବା କଥାଗୁଡ଼ାକ ଅସୁଂଦର ହୁଏ, ଆଉ କାହାରି ବେଳକୁ ହୁଏ ନାହି !

**ବ୍ରହ୍ମପୁର—**

(୪) ପୁଣି ବ୍ରହ୍ମପୁରଟା ଓଡ଼ିଶାକୁ ଆସିବା ଠିକ୍ ନୁହେ ବୋଲି ଆପତ୍ତି । ଏଠାରେ ବୋଧହୁଏ, ଭାଷା-ଭାଷୀଂକ ଅଧିକ ସଂଖ୍ୟା କାରଣ ଧରାଯାଇଛି । ଯେଉଁ ସ୍ଥାନରେ ଯେଉଁ କାରଣଟା ଯେପରି ଭାବରେ ଦରକାର, ତାହା କହିବାରେ ଆଂଧ୍ର ଭାଇମାନଂକର ବୋଧହୁଏ କିଛି ଆପତ୍ତି ନାହି । ଏହିପରି ଲୋକଂକୁ କୁହାଯାଏ, ସମୟସେବୀ । ଗଲା ସେନ୍ସେସରେ ବ୍ରହ୍ମପୁର ମ୍ୟୁନିସ୍‌ପାଲିଟିରେ ତେଲଗୁ ଶୁଣିବାରେ ଶତକଡ଼ା ୫୧, ଓଡ଼ିଆ ୪୯ ବା ଏହିଭଳି କିଛି । ଓଡ଼ିଆଂକଠାରୁ ତେଲୁଗୁ ହୁଏତ ୪୦୦-୫୦୦ ବେଶୀ । ମ୍ୟୁନିସ୍‌ପାଲିଟି ବରାବର ତେଲୁଗୁଂକ ହାତରେ ରହି ଆସିଛି । ଗୋସାଣୀନୂଆଗାଁ, ଲାଂଜିପଲ୍ଲୀ, ଦୁଇଟି ଯାକ ମ୍ୟୁନିସ୍‌ପାଲିଟିରେ ନ ନେଇ ଯେଉଁ ଗାଁଟିରେ ତେଲୁଗୁ ବେଶୀ ସେହି ଗାଁଟି କାହିଁକି ନିଆହୋଇଛି, ତାହା ଆଂଭେମାନେ ଜାଣୁ ନାହି । ପୁଣି ସେନ୍ସେସ୍ ଦିନ ରାତିରେ ଗଣିଲାବେଳେ ରେଳ କୁଲି ଓ ରେଳ କର୍ମଚାରୀ ତଥା ଜେଲରେ କଏଦୀ ଓ ଅନ୍ୟାନ୍ୟ ତେଲୁଗୁ ଉଡ଼ା ବଣିକ୍, କର୍ମଚାରୀ, ତାଂକ କୁଟୁମ୍ବ ଓ ଚାକର (ତେଲୁଗୁ କର୍ମଚାରୀ ତ ନିଶ୍ଚୟ, ଓଡ଼ିଆ କର୍ମଚାରୀଂକୁ ସଂଖ୍ୟାରେ ବୁଡ଼ାଇ ପକାଇଲା ପରି ବେଶୀ) ଏବଂ ଏହିଭଳି ଅନ୍ୟାନ୍ୟ ଉଡ଼ା ତେଲୁଗୁ ବ୍ରହ୍ମପୁରରେ କେତେ ଥିଲେ ଓ ଉଡ଼ା ଓଡ଼ିଆଂକଠାରୁ ତାଂକ ସଂଖ୍ୟା କେତେ ବେଶୀ ତାହାର ହିସାବ କେହି ରଖିଛି କି ? ସରକାର କି ଯୁକ୍ତି ଦେଇଛଂତି ତାହା ଏଠାରେ ଆଂଭେ କହୁ ନାହୁଁ । ତେଲୁଗୁ ଭାଇମାନେ ବ୍ରହ୍ମପୁର ଖଂଡ ଯେବେ ନବାକୁ ଚାହାଂତି, ତେବେ ବୋଧହୁଏ ପୁରୀ ନୋଳିଆ ସାହୀଟା ତାଂକର ଅଧିକ ଚାହିବା ଉଚିତ, କାହିଁକି ନା ସେଠାରେ ସମସ୍ତେ ନୋଳିଆ— ଶତକଡ଼ା ଶହେ ।

ଜଣାଯାଉଛି, ବ୍ରହ୍ମପୁର ସଂଗେ ସେହିଠାରୁ ଗୋଟାଏ ସୋରା ଓଡ଼ିଆ ଭୂମି ସେମାନେ ମାଂଦ୍ରାଜରେ ମିଶାଇ ରଖିବାକୁ ଲୋଡ଼ଂତି, ଯେପରି କି ପୂରା ଓଡ଼ିଆ ଭୂମି ମଧ୍ୟରେ ଗୁଂପିତ ରହିଥିବା ବ୍ରହ୍ମପୁର ଓଟରା ହୋଇ ଗଲାବେଳେ, ଯେଉଁ ଭୂମିଟାରେ ଘୋଷରା ପଡ଼ିଯିବ, ସେଉଟା ବି ଗୋଟା ସୁଦ୍ଧା ଆଂଧ୍ର ବୋଲି ଧରାହେବ । ଏହିପରି ଦାବିସବୁ ଯଦି ଶୁଣାଯିବ, ତେବେ ଦରିଦ୍ର ଓଡ଼ିଆକୁ କପାଳ ଆଦରି ରହିବାକୁ ହେବ ସିନା ।

Digitized by PPRACHIN, SOA

## ଗ୍ରାସନାଶର ବ୍ୟାକୁଳତାରେ ବୁଦ୍ଧିଭ୍ରଂଶ–

(୫) ତେଲୁଗୁ ଭାଇମାନେ ଏହିପରି ଗ୍ରାସନାଶର ବ୍ୟାକୁଳତା ଦେଖାଇ ଯୁକ୍ତିମାନ ବାଢୁଛଂତି, ପୁଣି ସବୁବେଳେ କହୁଛଂତି, ଓଡ଼ିଆ ଦରିଦ୍ର, ତାଂକୁ ଧନୀ ତେଲଗୁଂକ ତଳେ ରଖ । ଦରିଦ୍ର ଓଡ଼ିଆ କିଂତୁ ଏ ବଦାନ୍ୟତା ଏତେ ଦିନ ଧରି ବୁଝିପାରି ନାହାଂତି । ଏ ଲଜ୍ଜା କାହାର ? ବୃଥାରେ ପ୍ରତିବେଶୀ ଓଡ଼ିଆମାନଂକ ସଂଗେ ଏପରି ଦୁରଂତ ବିରୋଧ ସୃଷ୍ଟି କରିବାରେ ପୁରୋଦୃଷ୍ଟି କଅଣ ଅଛି ? ପୁଣି ଗଂଜାମର ଓଡ଼ିଆ ଅଂଚଳରେ ଥିବା ତେଲୁଗୁମାନେ ଏସବୁ ଆଂଦୋଳନରେ ଯୋଗଦେଇ କି ଜାତୀୟ ବା ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରୁଛଂତି, ଜଣାନାହି । ସେ ଦିନ ମନେଅଛି ତ, ଓଡ଼ିଆଂକ ଭିତରେ ଗିରିଂକଠାରୁ କୌଣସି ଅଂଶରେ କମ୍ ନୁହଂତି ଏପରି ଜାତୀୟ ଓ କଂଗ୍ରେସଧର୍ମୀ ଥିଲେ ମଧ୍ୟ ତେଲୁଗୁମାନେ କୌଣସିମତେ ଓଡ଼ିଆ କଂଗ୍ରେସବାଦୀଂକୁ ଭୋଟ ଦେବେ ନାହି ବୋଲି ଶଂକା କରି ଗିରିଂକୁ ସର୍ବସମ୍ମତି କ୍ରମେ ବଡ଼ଲାଟ ସଭା ପାଇଁ ଠିଆକରାଗଲା । ଓଡ଼ିଆ ଜାତିର ସମସ୍ତ ଜାତୀୟ ଧର୍ମୀ ଅତ୍ୟଂତ ଉତ୍ସାହରେ ପ୍ରାଣପଣେ ଗିରିଂକୁ ନିଜର ପ୍ରତିନିଧି ବୋଲି ମାନି ତାଙ୍କୁ ଯଶସ୍ୱୀ କରିବାରେ ଲାଗିଗଲେ । କୌଣସି ଓଡ଼ିଆ କଂଗ୍ରେସବାଦୀ ଠିଆହୋଇଥିଲେ ତେଲୁଗୁମାନେ ଜାତୀୟତାରେ ସାଂପ୍ରଦାୟିକତା ଭୁଲି ଏପରି ଯେ କରି ନ ଥାଂତେ, ଏଭଳି ଯେଉଁ ସଂଦେହ ହୋଇଥିଲା, ତାହା ଅମୂଳକ କି ? ଆଚ୍ଛା, ଗିରିଂକ ପାଇଁ ଏ ଘଟଣାରେ ଓଡ଼ିଆମାନେ ଯେ ପରିସ୍ଥିତିରେ ଯେପରି କାର୍ଯ୍ୟ କଲେ, ତେଲୁଗୁମାନେ କେତେ ଘଟଣାରେ ସେପରି କରିଛଂତି କହିବେ କି ? ବ୍ରହ୍ମପୁରରେ ମଧ ଦୁଇଟି ଖଦୀ କେନ୍ଦ୍ର ଚଳୁଛି । ଦୁଇଟି କଂଗ୍ରେସ କମିଟି ରଖିବା ଲାଗି ଉଦ୍ୟମ ଲାଗିରହିଛି । କଂଗ୍ରେସ ସଂବଂଧୀୟ ପ୍ରତି ଘଟଣାରେ ମଧ୍ୟ ତେଲୁଗୁମାନେ ଓଡ଼ିଆଂକର ଅସ୍ତିତ୍ୱ ଅସ୍ୱୀକାର କରିବାରେ ବରାବର ନିଷ୍ଫଳ ଉଦ୍ୟମ କରିଆସିଛଂତି । ତଥାପି ସତ୍ୟାଗ୍ରହ ପ୍ରଭୃତି କଂଗ୍ରେସ କାର୍ଯ୍ୟରେ ଯାହା ଦେଖାଯାଇଛି, ସେଥିରେ ବ୍ରହ୍ମପୁରରେ ତେଲୁଗୁଂକର ସ୍ଥାନ କେଉଁଠାରେ, ସେମାନେ ତାହା ବୁଝିପାରୁଥିବେ । ପୁଣି ବ୍ରହ୍ମପୁର ମ୍ୟୁନିସ୍‌ପାଲିଟିରେ ମଧ୍ୟ ଓଡ଼ିଆମାନଂକର ଆଜିଯାଏଁ ସ୍ଥାନ ହୋଇ ପାରି ନାହି । ଯଦି ଓଡ଼ିଆଂକର କୌଣସିଠାରେ କିଛି ସ୍ଥାନ ହୋଇଥାଏ ତାହା ଓଡ଼ିଆଂକ ଦ୍ୱାରା ବା ଓଡ଼ିଆଂକ ଅର୍ଥ ବଳରେ– ତେଲୁଗୁମାନଂକର ଏ କଥା ବୁଝିବା ଉଚିତ ।

## ଜଗନ୍ନାଥ ଦେଶହିଁ ଓଡ଼ିଆଦେଶ–

(୬) ଜୟପୁର ଓଡ଼ିଆଂକ ସଂବଂଧରେ କହୁ କହୁ ସଭାପତି କେତେଗୁଡ଼ାଏ ଲଂବା ଶାସ୍ତ୍ରୀୟ କଥା କହିପକାଇଛଂତି । ସେ କହିଛଂତି "ଜୟପୁର ଲୋକେ ଓଡ଼ିଆଂକ ସଂଗେ ମାନବୀୟ ବର୍ଗ (Racially), ବଂଶ (Ethnologically) ଓ ଭାଷା (Linguistically)ରେ ଏକ ନୁହଂତି । ଅବଶ୍ୟ ସେହି ଲୋକେ ତେଲୁଗୁଂକ ସଂଗେ ଏକ ବୋଲି କହିବାକୁ ସେ ସାହସ କରି ନାହାଂତି । ଭାରତର ଭିନ୍ନ ଭିନ୍ନ ପ୍ରଦେଶବାସୀଂକ ଭିତରେ ଏହି ବର୍ଗ

Digitized by PPRACHIN, SOA

ବଂଶାଦିର ବିଚାର ବିଶେଷଜ୍ଞମାନେ ଠିକ୍ କରି ପାରୁ ନାହାଂତି । ସଭାପତିଂକର ଏତେ ଗହୀରରେ ଚାଷ ନ ଥିବ । ସେଥିପାଇଁ ସେ ବିଷୟରେ ସେ ଯାହା ତାହା କହିବାରେ ଅଧିକାରୀ ହୋଇପାରଂତି । କିଂତୁ ଭାଷାଟା ଓଡ଼ିଆଂକ ସାଂଗେ ଏକ ନୁହେ, ଏହା କହିବାରେ ସେ ହୁଏତ ଶାବରୀ ଭାଷାକୁ ଲକ୍ଷ୍ୟ କରିଛଂତି । ସେ ଭାଷା ଜୟପୁର ଲୋକେ ଆପଣା ଭିତରେ ଏବେ କଦାଚିତ୍ କହଂତି, କିଂତୁ ବହୁ ଶତାବ୍ଦୀର ଅଭ୍ୟାସ ଫଳରେ ସମସ୍ତେ ବାହାରେ ଓଡ଼ିଆ କହଂତି ଓ ବୁଝଂତି । ଶାବରୀ ଭାଷା ତେଲୁଗୁ ନୁହେ କିଂବା ତେଲୁଗୁ ସଂଗେ ତା'ର କୌଣସି ସାକ୍ଷାତ୍ ସଂବଂଧ ନାହି । ଜୟପୁରର ଲୋକେ ତେଲୁଗୁ ଜାଣଂତି ନାହି । ମିସନାରୀଠାରୁ ବଣିକ୍ ସମସ୍ତେ ଏ ବିଷୟରେ ସାକ୍ଷ୍ୟ ଦେବେ । ପୁଣି ଶାବରୀ ଦେବତା ଜଗନ୍ନାଥ ଏବେ ମଧ୍ୟ ଓଡ଼ିଆର ଦେବତା । ଜଗନ୍ନାଥ ଦେଶ ହିଁ ଓଡ଼ିଆ ଦେଶ ।

**ଆଟ୍‌ଲିଂକ ପ୍ରସ୍ତାବର ସମୀଚୀନତା–**

(୭) ଜଏଂଟ କମିଟିରେ ମେଜର ଆଟ୍‌ଲି (Atlee) ସାହେବଂକର ପ୍ରସ୍ତାବମାନଂକ ପ୍ରତି ସଭାପତି ବହୁତ ଆକ୍ଷେପ କରିଛଂତି । ମାଂଦ୍ରାଜ ସରକାର ପ୍ରାଦେଶିକ ସ୍ୱାର୍ଥର ଚୋଦନାରେ ଯାହା କହଂତୁ ନା କାହିଁକି, ନିରପେକ୍ଷ ବିଚାରକମାନେ ଓଡ଼ିଆଭାଷା ପ୍ରଦେଶର ସୀମା ସଂବଂଧରେ ବାରମ୍ବାର କଅଣ କହିଛଂତି ? ଗତ ଶତାବ୍ଦୀର ଶେଷ ଭାଗରେ ଭାରତୀୟ ଭାଷାର ବିଶେଷଜ୍ଞ ଗ୍ରୀଏରସନ୍ ସାହେବ ଲିନ୍‌ଗ୍ୱିଷ୍ଟିକ୍ ସର୍ଭେ ଅଫ୍ ଇଂଡିଆ (Linguistic Survey of India)ରେ ଓଡ଼ିଆଭାଷୀ ପ୍ରଦେଶର ସୀମା ବାରୁଆଠାରୁ ପାରଳାଖେମଂଡି, ଜୟପୁର ସହିତ ସ୍ପଷ୍ଟ ମାନଚିତ୍ର କାଟି ଦେଖାଇ ଦେଇ ସେ ବିଷୟରେ ଯଥେଷ୍ଟ ଆଲୋଚନା କରିଛଂତି । ୧୯୧୩ରେ ବଡ଼ଲାଟ ଲର୍ଡ କର୍ଜନ୍ ଯେଉଁ ଓଡ଼ିଆଭାଷୀ ଭୂମିର ସୀମା ନିର୍ଦ୍ଦେଶ କରିଥିଲେ, ସେଥିରେ ମଂଜୁଷା, ଜୟପୁର ପ୍ରଭୃତି ସବୁ ସ୍ପଷ୍ଟ ଓଡ଼ିଆଭାଷୀ ବୋଲି କୁହାହୋଇଥିଲା । ପୁଣି ଫିଲିପ୍-ଡଫ କମିଶନ ବେଳେ ଜୟପୁର ପାରଳା ପ୍ରଭୃତି ଓଡ଼ିଆଭାଷୀ ପ୍ରଦେଶରୁ ବାଦ୍ ପଡ଼ି ନାହି । ସର୍ବଶେଷରେ ଓଡ଼ନେଲ ସାହେବଂକ ସଭାପତିତ୍ୱରେ ୧୯୩୨ର ଓଡ଼ିଆ କମିଟି ରିପୋର୍ଟରେ ଜୟପୁର ଓଡ଼ିଆଭାଷୀ ବୋଲି ସ୍ପଷ୍ଟ ସିଦ୍ଧାନ୍ତ ଲେଖାଅଛି । ପାରଳାଖେମଂଡି ଓଡ଼ିଆ ଅଂଶ ତେଲଗୁ ଅଂଶରୁ ଅଲଗା କରିବା ପାଇଁ ପାରଳା ରାଜା ମତ ନ ଦେଇଥିବାରୁ ପାରଳା ସଂବଂଧରେ ସାମାନ୍ୟ ମତଭେଦ ମାତ୍ର ହୋଇଅଛି । କିଂତୁ ପାରଳା ଜମିଦାରୀକୁ ଭାଗ କରି ଗୋଟିଏ ଓଡ଼ିଆ ଅଂଶ ଅଲଗା କରାଯାଇ ପାରିବ ବୋଲି ସର୍ବବାଦିସମ୍ମତ ଭାବରେ ସେ ରିପୋର୍ଟରୁ ପ୍ରକାଶ ପାଉଅଛି । କେଉଁ ନିରପେକ୍ଷ ବିଚାରକ କେବେ ଏସବୁକୁ ତେଲୁଗୁ ରାଜ୍ୟ ବୋଲି କହିଛଂତି, ଆଂଭମାନଙ୍କୁ ଜଣା ନାହି । ଆଂଧ୍ରମାନେ ତାହା ମଧ୍ୟ କିଛି କହୁନାହାଂତି । ତେବେ ବଡ଼ ଯୁକ୍ତି ବୋଧହୁଏ 'ଶ୍ୱେତପତ୍ର' (White Paper) । ଶ୍ୱେତପତ୍ରର ଏହି ପ୍ରସ୍ତାବରେ ମାଂଦ୍ରାଜ ସରକାରଂକର ହାତ ସ୍ପଷ୍ଟ ଦିଶୁଥିଲା, ସଂଦେହ ନାହି । ନଚେତ୍ ଶ୍ୱେତପତ୍ରରେ ଜୟପୁର, ପାରଳା କାଟି ଦେବାର ଅନ୍ୟ କୌଣସି କାରଣ ନାହି । ଆଟ୍‌ଲି

Digitized by PPRACHIN, SOA

ସାହେବ ସେଥିପାଇଁ ତାହା ସଂଶୋଧନ କରି ୨୨।୬।୩୪ରେ ଜୟପୁର ମିଶାଇବା ପ୍ରସ୍ତାବ ଆଣିଲେ । ପାରଳାଟି ବାଂଟିବା ପାଇଁ ସେତେବେଳେ ମଧ୍ୟ ତାଂକର ସାହସ ହୋଇନାହି । ପରେ ପ୍ରଜାଂକ ପକ୍ଷରୁ ସୁବିଧା ଅସୁବିଧା ବିଚାରକରି ଓଡ଼ନେଲ୍ କମିଟିର ସିଦ୍ଧାଂତକୁ ବିଶ୍ଳେଷଣ କରି ସେ ଯଦି ୮।୧୦।୩୪ରେ ପାରଳାର ଓଡ଼ିଆ ଅଂଶଟି ଅଲଗା କରି ଓଡ଼ିଶାରେ ମିଶାଇବାର ପ୍ରସ୍ତାବ କରିଥାଂତି, ତେବେ ଦୋଷଟା ରହିଲା କେଉଁଠାରେ ? ଖାଲି ଆଂଧ୍ରମାନେ ଯଥା ଅଯଥା ଯାହା କହିବେ ବା ମାଂଦ୍ରାଜ ସରକାରଂକୁ କୁହାଇବେ, ତାହାହିଁ କ'ଣ ଯୁକ୍ତି ? ତାହାଛଡ଼ା ତ ଆଉ କିଛି ବିଶେଷ ଯୁକ୍ତି ଆଂଧ୍ରମାନଂକ ଆକୁଳତା ପଛରେ ଥିଲା ପରି ଜଣାପଡୁନାହି ।

### ଓଡ଼ିଆ ଜାଗ୍ରତ ହୁଅଂତୁ–

ଅବଶ୍ୟ ଯୁକ୍ତି ଥିବା ନ ଥିବା ସ୍ୱତଂତ୍ର କଥା । ଓଡ଼ିଆମାନଂକୁ ଏବେ ବିଶେଷ ଭାବରେ ଜାଗ୍ରତ ରହିବାକୁ ହେବ । କାରଣ କେବଳ ଯୁକ୍ତିରେ ସବୁବେଳେ ଏ ରାଜ୍ୟ ଚଳୁ ନାହି । ତାହା ଚଳୁଥିଲେ ମୟୂରଭଂଜର ପାଂଚପୀଢ଼ କଟାହୋଇ ଯେଉଁ ସିଂହଭୂମ୍‌ର ଅଧିକାଂଶ ଏକ ପ୍ରକାର ତିଆର ହୋଇଛି, ତାହା ଆଜି ଓଡ଼ିଶା ବାହାରେ ନ ଥାନ୍ତା । ଏ ଗୋଟିଏ ଉଦାହରଣ ମାତ୍ର । ଏ ସଂବଂଧରେ ଅଧିକ ବିସ୍ତାରି କହିବା ଏଠାରେ ପ୍ରାସଙ୍ଗିକ ନୁହେ; କିଂତୁ ଓଡ଼ିଆମାନଂକର ଏତେବେଳେ ନିଶ୍ଚିଂତ ହୋଇ ରହିବା ସମୟ ନୁହେ, ଏତିକି ମାତ୍ର କହିବାର ଅଭିପ୍ରାୟ । ଓଡ଼ିଆ ଜାଗ୍ରତ ହୁଅଂତୁ ।

[ଆଲୋଚନା, ନବଭାରତ, ଧନୁ, ୧୩୪୧]

## ଶାସନ ଖସଡ଼ା ପ୍ରତ୍ୟାଖ୍ୟାନ– କଂଗ୍ରେସ ଓ ଓଡ଼ିଶା

କଂଗ୍ରେସ ସତ୍ୟାଗ୍ରହ ସଂଗ୍ରାମ ସାରି ଭାରତ ବ୍ୟବସ୍ଥାପକ ସଭାକୁ ସଦସ୍ୟ ପଠାଇବାର ସ୍ଥିର କଲେ; ସଦସ୍ୟ ପଠାଇବାରେ ମଧ୍ୟ ଯଶସ୍ୱୀ ହୋଇଛଂତି । ପ୍ରସ୍ତାବିତ ଭାରତ ଶାସାନ ଖସଡ଼ାର ନିରୋଧ କରିବା ପାଇଁ କଂଗ୍ରେସ ଏ ପଂଥା ଧରିଛଂତି ବୋଲି କହଂତି । ବର୍ତ୍ତମାନ ଜଏଂଟ କମିଟି ରିପୋଟରେ ଯେଉଁ ଶାସନ ଖସଡ଼ା ବାହାରିଛି, କଂଗ୍ରେସ କାର୍ଯ୍ୟକାରୀ କମିଟି ଏବେ ପାଟଣା ଠାରେ ପ୍ରସ୍ତାବ କରି ସେ ଖସଡ଼ାର ସଂପୂର୍ଣ ପ୍ରତ୍ୟାଖ୍ୟାନ ପ୍ରଚାର କରିଛଂତି ଏବଂ ସଂଗେ ସଂଗେ ଏହି ପ୍ରତ୍ୟାଖ୍ୟାନରେ ସହଯୋଗ କରିବା ନିମଂତେ ସବୁ ଦଳର ଜାତୀୟବାଦୀମାନଂକୁ ଆହ୍ୱାନ କରିଅଛଂତି ।

ଏ ଆହ୍ୱାନର ଉତ୍ତରରେ ବମ୍ବେ ନରମ ଦଳର ନେତା ସାର ଚିମନଲାଲ ଶୀତଲବାଦ୍ କହିଥିଲେ– ଏପରି ପ୍ରତ୍ୟାଖ୍ୟାନର ଅର୍ଥ ବୁଝାଯାଉନାହି । ପୁଣି କଂଗ୍ରେସ କହିଛଂତି–

Digitized by PPRACHIN, SOA

''ଏ ପ୍ରତ୍ୟାଖ୍ୟାନ ଫଳରେ ଆଂଭେମାନେ ଯେଉଁଭଳି ଶାସନରେ ଅଛୁଁ, ସେଇଥିରେ ହିଁ ବର୍ତ୍ତମାନ ରହିଥିବାକୁ ସ୍ପୃହଣୀୟ ମଣୁ ।'' ସାର ଚିମନ୍ ଲାଲ କହଂତି ''ଏଥିରୁ ସ୍ପଷ୍ଟ ବୁଝାଯାଉଛି ପ୍ରତ୍ୟାଖ୍ୟାନ କେବଳ ଗୋଟାଏ ଲୋକଦେଖାଣିଆ କଥା । କାହିଁକି ନା, ବ୍ୟବସ୍ଥାପକ ସଭାମାନ ବର୍ଜନ କରିବା ସେଥିରୁ ପ୍ରକାଶ ପାଉ ନାହି । ତା' ହେଲେ ବର୍ତ୍ତମାନ ଶାସନରେ ରହିବା ଭଲ ବୋଲି କଂଗ୍ରେସ କହି ନ ଥାଂତେ ।''

ନିଖିଳ ଭାରତ କଂଗ୍ରେସର ସଂପାଦକ ଆଚାର୍ଯ୍ୟ କ୍ରିପ୍‌ଲାନି ନିଜେ ଗୋଟିଏ ବିବୃତିରେ ଏହାର ଉତ୍ତର ଦେଇଛଂତି । ସେ କହଂତି– ପ୍ରସ୍ତାବିତ ଶାସନ ଖସଡ଼ା ପ୍ରତ୍ୟାଖ୍ୟାନ କରିବାରେ ବ୍ୟବସ୍ଥାପକ ସଭା ଛାଡ଼ିବାର କଳ୍ପନା ନାହି । ସରଦାର ବଲ୍ଲଭଭାଇ ସ୍ପଷ୍ଟତଃ କହିଛଂତି, ବ୍ୟବସ୍ଥାପକ ସଭାମାନ ହାତରେ ରଖିବାକୁ ହେବ । ମହାତ୍ମା ଗାଂଧି ମଧ୍ୟ କେତେ ଦିନ ତଳେ କହିଥିଲେ ଯେ, କଂଗ୍ରେସ ବ୍ୟବସ୍ଥାପକ ସଭାରେ ପଶି କାର୍ଯ୍ୟ କରିବା କଥାକୁ ଆଉ ଛାଡ଼ିବାକୁ ହେବ ନାହି । ଅତଏବ ପ୍ରତ୍ୟାଖ୍ୟାନ କଥାର କଥା ନୁହେ, କି ତହିଁରେ ବର୍ଜନର ପ୍ରସଂଗ ନାହି । ଚିମନ୍ ଲାଲ ପ୍ରଭୃତି ଯେଉଁ ଭାବରେ ବ୍ୟବସ୍ଥାପକ ସଭାମାନଂକରେ କାର୍ଯ୍ୟ କରି ସେହି ସୂତ୍ରରେ କ୍ରମେ କ୍ରମେ ରୀତି ଓ ପଦ୍ଧତିମାନ ଗଢ଼ି ଗଢ଼ି ସ୍ୱରାଜ୍ୟ ଆଡ଼କୁ ଉଠିବାକୁ ଚାହାଂତି, ସେଥିରେହିଁ ତାଂକର ବର୍ଜନହୀନ ପ୍ରତ୍ୟାଖ୍ୟାନ ବୁଝିବାରେ ଅସୁବିଧା ହେଉଛି । ଇଉରୋପର ଅନେକ ବ୍ୟବସ୍ଥା ସଭାରେ ଏପରି ଦଳ ଓ ମତର ଲୋକେ ଅଛଂତି, ଯେଉଁମାନେ କେବେ ବିଶ୍ୱାସ କରଂତି ନାହି ଯେ, ସେମାନଂକ ଦେଶର ପ୍ରଚଳିତ ଶାସନ ପଦ୍ଧତିରେ ଦେଶର ମଂଗଳହେବ । ତଥାପି ସେମାନେ ବ୍ୟବସ୍ଥା ସଭାକୁ ଯାଆନ୍ତି । ସେମାନଂକର ଉଦ୍ଦେଶ୍ୟ ବ୍ୟବସ୍ଥା ସଭାର ସୁଯୋଗ ଓ ସୁବିଧାମାନ ହାତକୁ ନେଇ, କ୍ଷମତା ଆୟତ୍ତ କରି, ସେହି କ୍ଷମତାର ବ୍ୟବହାରରେ ଅମଂଗଳକର ପ୍ରଚଳିତ ଶାସନ ପଦ୍ଧତିକୁ ଭାଂଗି ନୂଆ କରି ଗଢ଼ିବେ । ଲୋକମତ ଘେନି ସେମାନେ ସେଠାକୁ ଯାଆଂତି । ସେହି ଲୋକମତହିଁ ସେମାନଂକର ବଳ । ପ୍ରଚଳିତ ଶାସନ ପଦ୍ଧତିର ନୀତିସବୁ ମାନି ସେମାନେ ସେଠାକୁ ଯାଉନାହାଂତି । ସେ ପଦ୍ଧତିର ନୀତିସବୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିସାରି ଓ ସେହି କଥା ଲୋକଙ୍କୁ କହି ଲୋକଂକ ମତ ଧରି ସେମାନେ ବ୍ୟବସ୍ଥା ସଭା ମାଡ଼ିବସଂତି ।

ଆଚାର୍ଯ୍ୟ ପୁଣି କହିଛଂତି, ''ବ୍ୟବସ୍ଥା ସଭା ବର୍ଜନ ପ୍ରତ୍ୟାଖ୍ୟାନର ଏକମାତ୍ର ପନ୍ଥା ନୁହେ । ଦେଶର ଲୋକେ ଏପରି ରାଜନୀତିକ ଅଂଧ ରକ୍ଷଣଶୀଳତା ଛାଡ଼ିବାର ବେଳ ଆସିଛି । କଂଗ୍ରେସ ଲୋକେ ଏବେ ବ୍ୟବସ୍ଥା ସଭାରେ ପଶିବେ । ପ୍ରଚଳିତ ଶାସନ ପଦ୍ଧତିକୁ ମାନିଯାଇ ସେହି ଅନୁସାରେ କାର୍ଯ୍ୟ କରିବାକୁ ସେମାନେ ସେଥିରେ ପଶିବେ ନାହି– ସେଥିରେ ଦେଶସେବାର ପଂଥା ଫିଟାଇବା ପାଇଁ ସେମାନେ ତାହା କରିବେ ।''

ସାର୍ ଚିମନ୍ ଲାଲ କହିଛଂତି– ''କଂଗ୍ରେସ ଓ ନରମ ବା ଉଦାର ଜାତୀୟବାଦୀଂକ ମଧ୍ୟରେ ମୂଳନୀତିରେ ପ୍ରଭେଦ ରହିଛି । ସେଥିକୁ ଆଚାର୍ଯ୍ୟ କ୍ରିପ୍‌ଲାନି କହଂତି, ଏ କଥା

Digitized by PPRACHIN, SOA

ଠିକ୍ ନୁହେ । ଉଦାର ଜାତୀୟବାଦୀମାନେ ଡୋମିନିୟନ୍ ଷ୍ଟାଟସ୍ (Dominion Status) ବା ଔପନିବେଶିକ ଶାସନ ଚାହାନ୍ତି । ତିନିବର୍ଷ ତଳେ ଷ୍ଟାଟିଉଟ୍ ଅଫ୍ ଓଏଷ୍ଟମିନିଷ୍ଟର (Statute of Westminister) ବୋଲି ଯେଉଁ ଆଇନ କରା ହୋଇଛି, ସେଥିରେ ଔପନିବେଶିକ ଶାସନ ଓ ପୂର୍ଣ ସ୍ୱରାଜ ଭିତରେ ବିଶେଷ କିଛି ପ୍ରଭେଦ ନାହିଁ । କଂଗ୍ରେସ ତ ପୂର୍ଣ ସ୍ୱରାଜ ଚାହାଂତି । ଔପନିବେଶିକ ଶାସନ ଓ ଇଂରେଜ ସ୍ୱେଚ୍ଛାଚାର ଶାସନ ମଧ୍ୟରେ ଯେ ପ୍ରଭେଦ ଅଛି, ଔପନିବେଶିକ ଶାସନ ଓ ପୂର୍ଣ ସ୍ୱରାଜ ମଧ୍ୟରେ ସେ ପ୍ରଭେଦ ରହି ନ ପାରେ । ତଥାପି ଔପନିବେଶିକ ଶାସନକାମୀ ଉଦାର ରାଜନୀତିକମାନେ ସ୍ୱେଚ୍ଛାଶାସନକାମୀ ଇଂରେଜ ସରକାରଂକ ସଂଗେ ସହଯୋଗ କରିବାର ଦେଖାଯାଏ । ତେବେ ସେହି ଉଦାର ରାଜନୀତିକ ଓ ପୂର୍ଣ ସ୍ୱରାଜ୍ୟକାମୀ କଂଗ୍ରେସ ରାଜନୀତିକମାନଂକ ମଧ୍ୟରେ– ବିଶେଷରେ ପୁଣି ଏପରି ଦରକାର ପଡ଼ିଥିବା ବେଳେ– ଏକ ସଂଗେ କାର୍ଯ୍ୟ କରିବାରେ ଅସୁବିଧା ହେବ କାହିଁକି ? ଉଦାରନୀତିକମାନେ ମନକୁ ଟିକିଏ ଯଥାର୍ଥରେ ଉଦାର କରିଦିଅଂତୁ । ପୁରୁଣା କଥା ଓ ବଦ୍ଧମୂଳ ଧାରଣାସବୁ ଟିକିଏ ଭୁଲିବାକୁ ଚେଷ୍ଟା କରନ୍ତୁ– ପଂଥା ଦେଖାଯିବ ।''

ବ୍ୟବସ୍ଥା ସଭା ସଂବଂଧରେ କଂଗ୍ରେସ ଏବେ କି କାର୍ଯ୍ୟପନ୍ଥା କଳ୍ପନା କରଂତି, ତାହା ଆଚାର୍ଯ୍ୟ କ୍ରିପ୍‌ଲାନିଂକ ଏହି ବିବୃତିରୁ ସ୍ପଷ୍ଟ ହେବ । ନରମ, ଗରମ ସବୁ ଦଳର ଲୋକଂକୁ ଏ କର୍ମ ପନ୍ଥାରେ ଯୋଗଦେବାକୁ ଡାକିବାରେ କଂଗ୍ରେସଂକ ଆଂତରିକତା ମଧ୍ୟ ଭଲ ଭାବରେ ଜଣାପଡୁଛି । ଓଡ଼ିଶାରେ ଅବଶ୍ୟ ଏତେ ଦିନ ହେଲା କଂଗ୍ରେସ ଛଡ଼ା ଅନ୍ୟ ଜାତୀୟ ରାଜନୀତି ଦଳବଦ୍ଧ ଭାବରେ ନ ଥିଲା । ତଥାପି ବ୍ୟକ୍ତିଗତ ଭାବରେ ଯେଉଁ ଜାତୀୟଧର୍ମୀମାନେ କଂଗ୍ରେସର ତୀବ୍ର ସଂଗ୍ରାମ ଆହ୍ୱାନକୁ ପସଂଦ କରୁନଥିଲେ, ସେମାନେ ମଧ୍ୟ ଏବେ କଂଗ୍ରେସ ରାଜନୀତିକମାନଂକର ଏ ଉପଯୋଗୀ ପନ୍ଥାରେ ପୂର୍ଣପ୍ରାଣରେ ଯୋଗ ଦିଅଂତୁ ।

ଏଇ ପ୍ରସଂଗରେ ଓଡ଼ିଶା କଂଗ୍ରେସ ନିଜ ଭିତରକୁ ଚାହିଁବା କଥା ମଧ ଟିକିଏ ଉଠିପାରେ । ପ୍ରକାଶ ପାଇଚି, କେହି କେହି ପ୍ରାଦେଶିକ ବ୍ୟବସ୍ଥା ସଭାରେ କଂଗ୍ରେସ ସଦସ୍ୟଂକ କାର୍ଯ୍ୟ ଆଜହୁଁ ଗୋଟିଏ ଧାରାରେ ନିୟମିତ କରିବାକୁ ଲୋଡ଼ଂତି । ବିଶେଷରେ ମନ୍ତ୍ରିପଦ ଗ୍ରହଣ ନ କରିବାର ପରାମର୍ଶ ସେମାନେ ନିଖିଳ ଭାରତ କଂଗ୍ରେସକୁ ଦେଇ ରଖିବାର ପ୍ରୟାସ କରଂତି । କ୍ରିପ୍‌ଲାନିଂକ କଥାକୁ ସେମାନେ ପ୍ରଣିଧାନ ଦିଅନ୍ତୁ । ପଛରେ ଦୃଢ଼ ଓ ବଳିଷ୍ଠ ଭାବରେ ସଙ୍ଗଠିତ ଲୋକମତ ରଖିବାହିଁ କଂଗ୍ରେସ ବ୍ୟବସ୍ଥାପକମାନଂକର ଏବେ ଏକ ମାତ୍ର ପ୍ରଯତ୍ନ ହେବା ଉଚିତ । ଦେଶରେ ଭୋଟର ସଂଖ୍ୟା ଯେପରି ବଢ଼ିଯିବାର କଥା, ସେଥିରେ ବ୍ୟବସ୍ଥା ସଭାର ନିର୍ବାଚନ ଲୋକମତର ମାନଦଂଡ । ଏଇ ଲୋକମତକୁ ସ୍ପଷ୍ଟ ଭାବରେ ଆୟତ୍ତ କରିବାରେ ଅବସ୍ଥା ଦୃଢ଼ କରିସାରି, ତା'ପରେ ଅନ୍ୟ ବିଚାରରେ ମୁଂଡ ଖେଳାଇବାକୁ ଚେଷ୍ଟା କରାଯାଇପାରେ । ବର୍ତ୍ତମାନର ପରିସ୍ଥିତି ଓ ପୁରଃସ୍ଥିତିରେ

Digitized by PPRACHIN, SOA

ମଂତ୍ରୀ ପଦ ଘେନି ବ୍ୟସ୍ତ ହେବାର କିଛି ନାହିଁ । ବରଂ ବ୍ୟବସ୍ଥା ସଭାମାନ ହାତ କରି ମଂତ୍ରୀ ପଦପାଇଁ ନିଃସନ୍ଦେହ ଯୋଗ୍ୟତା ଦେଖାଇବାର ଅଛି । ତେଣିକି ଯେ ଯୋଗ୍ୟ ରଖିବା ଛାଡ଼ିବା ତାରି ଏକା ବିଚାରାଧୀନ ।

[ନବଭାରତ, ଧନୁ, ୧୩୪୧]

# ଓଡ଼ିଶା ପ୍ରଦେଶର ମାନଚିତ୍ର

ଓଡ଼ିଆଭାଷୀ ପ୍ରଦେଶ ଯାକ ସବୁ ମିଶି ଓଡ଼ିଶା ପ୍ରଦେଶ ହେବ ବୋଲି ବହୁ ଦିନୁ ଆଶା ଥିଲା । ଏବେ ଖଂଡିଆ କୁଂଢ଼େଇରେ ଥରକୁଥର ମାଟି ଯୋଡ଼ା ହେଲାପରି ଆଜି ଗଂଜାମ, ଖଡ଼ିଆଳ; କାଲି ପାରଳା, ଜୟପୁର– ଏହିପରି ଶତ ଚେଷ୍ଟାରେ ଥରକୁ ଥର ଯୋଡ଼ା ହୋଇ ଓଡ଼ିଶା ବୋଲି ଗୋଟାଏ ପ୍ରଦେଶ ନାମ ମିଳିବାର ହେଉଚି । ସେଥିରେ ପୁଣି ପ୍ରତିବେଶୀଂକର ଏତେବେଳେ ବି ଶ୍ୟେନ ଦୃଷ୍ଟି । ଗୋଟିଏ ଗ୍ରାମ ମଧ ଛଡ଼ାଇ ନେଇ ପାରିଲେ, ସେମାନେ ନେବେ । ସେମାନେ ପୁଣି ନାନା ଭାବରେ ଶକ୍ତିଶାଳୀ, ଆମେ ସେପରି ନୋହୁ । ଆମେ ସରକାରଂକୁ ମାଗି ମଧ୍ୟ ଜାଣି ନାହୁଁ । ଆମକୁ ଯାହା ଦିଆଯାଇଚି ତାହା ବେଖାତିରରେ ଦାନ । ଏପରି ପରିସ୍ଥିତିରେ ଓଡ଼ିଶାର ମାନଚିତ୍ର କାଟି ଦେଖାଇବା ପରେ ବଡ଼ ଗହନ କଥା । କେଉଁଠାରୁ କେଉଁତକ ଠିକ୍ ଓଡ଼ିଶା ହେଲା, ତାହା କିଂତୁ ଏବେ ଦେଶକୁ ଜଣାଇ ଦେବାର ଦିନ ଆସିଚି । ମାଂଦ୍ରାଜ, ମଧ୍ୟପ୍ରଦେଶ ଓ ବିହାର ଓଡ଼ିଶା– ଏହି ତିନି ପ୍ରଦେଶରୁ ଠିକ୍ ସ୍ଥାନଗୁଡ଼ିକ ମିଶାଇ ଏବେ ପଂଡ଼ିତ ଆକୁଳ ମିଶ୍ରଂକ କଟକ ଟ୍ରେଡ଼ିଂ କଂପାନି ଗୋଟିଏ ନୂଆ ଓଡ଼ିଶାର ମାନଚିତ୍ର ପ୍ରକାଶ କରିଅଛଂତି । ଆମେ ସେଥିପାଇଁ ତାଂକୁ ସାଧୁବାଦ କରୁଅଛୁ । ବହୁପୂର୍ବେ ବାଲେଶ୍ୱରର ଦେଂକ ଉତ୍କଳପ୍ରେସ୍ ଖଂଡିଏ ଆଟଲାସ୍ କାଢ଼ିଥିଲେ । ତା'ପରେ ଓଡ଼ିଶାର ଆଉ କେହି ମାନଚିତ୍ରର ଉଦ୍ୟମ କରିଛଂତି ବୋଲି ଆମକୁ ଜଣା ନାହିଁ । ତା'ପରେ କଲିକତା ଶଶିଭୂଷଣ ଚାଟୁର୍ଯାଂକ ଓଡ଼ିଆ ଲେଖା ମାନଚିତ୍ରମାନ ବହୁ ଦିନ ଚଳୁଥିଲା । ସେ ସବୁରେ ଓଡ଼ିଆ ଅକ୍ଷରର ଯେପରି ଆକୁଂଚ ପ୍ରସାରଣ ବୈରୂପ୍ୟ ଓ ବିଭଂଗ ଦେଖାଯାଏ, ତାହା ମନେପଡ଼ିଲେ ଏବେ ଯୁଗପତ୍ ହର୍ଷ ଓ ଲଜ୍ଜା ଆସେ । ଟ୍ରେଡ଼ିଂ କମ୍ପାନିଂକ ମାନଚିତ୍ରଟି କିଂତୁ ସ୍ପଷ୍ଟ, ସୁଚିତ୍ରିତ, ସୁଂଦର । ବିଭିନ୍ନ ରଂଗର ବିଭାଗଗୁଡ଼ିକ ଦେଖିଲେ ଓଡ଼ିଶାର ଗୋଟିଏ ସମୂହ ଧାରଣା ହୁଏ । ଏ ଗୋଟିଏ ନୂତନ, ସୁନ୍ଦର ଓ ଉପଯୋଗୀ ଉଦ୍ୟମ । ଦେଶରେ ଏହାର ଆଦର ହେବ ବୋଲି ଆଶା କରୁଁ ।

[ନବଭାରତ, ପ୍ରଥମ ବର୍ଷ, ଧନୁ, ୧୩୪୨]

Digitized by PPRACHIN, SOA

# ଉପାଂତ ଓଡ଼ିଶା ସମସ୍ୟା

## ଭାଷାସୂତ୍ରରେ ପ୍ରଦେଶ କଂଗ୍ରେସ ନୀତି—

କଂଗ୍ରେସ ୧୯୨୦ର ବୈଠକରେ ନାଗପୁରଠାରେ ପ୍ରଥମେ ସ୍ପଷ୍ଟ ଭାବରେ ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତି ଗ୍ରହଣକଲେ ଓ ସେଇ ଭାଷାସୂତ୍ରରେ କଂଗ୍ରେସ ପ୍ରଦେଶମାନ ବାଂଟିଦେଲେ । ଏବେ କଂଗ୍ରେସ, ପ୍ରାଦେଶିକ ସରକାରମାନ ନେଲା ପରେ ଶାସନ ବିଧାନରେ ସ୍ପଷ୍ଟ ଭାଷାସୂତ୍ରରେ ପ୍ରଦେଶମାନ ଗଢ଼ିବା ପାଇଁ ଚାଞ୍ଚଲ୍ୟ ପଡ଼ିଯାଇଛି । କଂଗ୍ରେସ ମଧ୍ୟ ତାହା ପୂର୍ଣ୍ଣ ଭାବରେ ସମର୍ଥନ କରୁଛଂତି । ଗଲା ଜୁଲାଇ ବୈଠକରେ ଉଆର୍ଧାଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟି ପ୍ରସ୍ତାବ ଧାର୍ଯ୍ୟ କରିଛଂତି, କଂଗ୍ରେସ ଭାରତ ସରକାରରେ ଯଥାକର୍ତ୍ତୃତ୍ୱ ପାଇଲା ମାତ୍ରେ ଶାସନ ଶୃଂଖଳା ନିମଂତେ ଭାଷାସୂତ୍ରରେ ପ୍ରଦେଶ ବାଂଟିଦେବେ ।

## ଆଂଧ୍ର କେରଳ କର୍ଣ୍ଣାଟ ପ୍ରଭୃତି—

ଆଂଧ୍ର ଓ କେରଳ ଦୁହେଁ ପୂର୍ଣ୍ଣ ଭାବରେ, ପୁଣି କର୍ଣ୍ଣାଟୀ (କାନାଡ଼ୀ) ଭାଷା କୁର୍ଗ କେତେକ ପରିମାଣରେ ଓ କର୍ଣ୍ଣାଟର ଆଉ ଖଂଡେ ମାଂଦ୍ରାଜ ପ୍ରଦେଶରେ ଅଛି । କର୍ଣ୍ଣାଟର ଆଉ ଖଂଡକ ଅଛି ବୋମ୍ବାଇ ପ୍ରଦେଶରେ । ସେମାନଂକ ଆଂଦୋଳନରେ ମାଂଦ୍ରାଜ ସରକାର ନିଜ ବ୍ୟବସ୍ଥା ସଭାରେ ଏବେ ଭାଷାସୂତ୍ରରେ ପ୍ରଦେଶ ବିଭାଗ ଗ୍ରହଣ କରି ପ୍ରସ୍ତାବ ଧାର୍ଯ୍ୟ କରିଛଂତି । ସେଇପରି ସମସ୍ତ କର୍ଣ୍ଣାଟକୁ ଏଇ ସ୍ୱତଂତ୍ର ପ୍ରଦେଶ କରିବା ପାଇଁ ବୋମ୍ବାଇ ବ୍ୟବସ୍ଥା ସଭାରେ ବୋମ୍ବାଇ ସରକାରଂକ ସମ୍ମତିରେ ପ୍ରସ୍ତାବ ଧାର୍ଯ୍ୟ ହୋଇଛି । ମହାରାଷ୍ଟ୍ର ଓ ଗୁଜରାଟର ସୀମା ବିଷୟରେ କୌଣସି ଗୋଳମାଳ ନାହି । ପୁଣି ଗୁଜରାଟର ଏଇକ୍ଷଣି ସେ ବିଷୟରେ ଆଂଦୋଳନ କରିବା ଦରକାର ନାହି । ମହାରାଷ୍ଟ୍ରର ସେହି ଅବସ୍ଥା । ମହାରାଷ୍ଟ୍ରରେ ମଧ୍ୟ ବେ-କଂଗ୍ରେସୀ ନେତାମାନେ ସେଥିପାଇଁ ଆଦୌ ବ୍ୟାକୁଳ ନୁହଂତି । ସେମାନଂକର ଭାଷାସୂତ୍ରରେ ପ୍ରଦେଶ ଗଢ଼ିବା ମତ ନୁହେ । ଆହୁରି ମଧ୍ୟ ବେରାର ପୂର୍ଣ୍ଣ ଭାବରେ ସେମାନଂକର ଅଛି । ମଧ୍ୟପ୍ରଦେଶରେ ସେହିମାନେ ହିଁ ବଳଶାଳୀ । ବୋମ୍ୱେଇରେ ବି ସେମାନେ କମ୍ ନୁହଂତି । ଏପରି କି ମଧ୍ୟପ୍ରଦେଶ ଓ ବେରାରର ଜନନାୟକ ଖାରେ ଓ ଆଣେ, ପୁଣି ବୋମ୍ୱେଇର ପ୍ରଧାନ ମଂତ୍ରୀ ଖେର୍— ଏ ସମସ୍ତେ ମରହଟ୍ଟା ।

## ବଂଗଳାର ଅବସ୍ଥା—

ଆଉ ରହିଲା ବଂଗଳା । ବଂଗଳାଭାଷୀମାନେ ବଂଗ ବାହାରେ ବାସିଂଦା ଅଛଂତି ବୋଲି ବଂଗାଳୀମାନେ ସେମାନଂକୁ ନିଜ ପ୍ରଦେଶକୁ ଆଣିବାକୁ ବରାବର ଲଢୁଛଂତି ।

Digitized by PPRACHIN, SOA

ମାତ୍ର ବଂଗଳାରେ ଏବେ କଂଗ୍ରେସ ସରକାର ନୁହେ । ପୁଣି ବଂଗଳା ଦାବି କରୁଥିବା ଏବ ବିହାରର ବଂଗଭାଷୀ ଅଞ୍ଚଳ ବଂଗଳାକୁ ଆସିବା ହୁଏତ ମୁସଲମାନଂକ ଇଚ୍ଛା ନୁହେ । କାରଣ, ଏଇସବୁ ଭୂମିରେ ମୁସଲମାନ ସଂଖ୍ୟା ବଡ଼ ଊଣା । ସେସବୁ ବଂଗଳାରେ ମିଶିଲେ ଜନସଂଖ୍ୟାର ଅନୁପାତରେ ବଂଗଳାର ମୁସଲମାନ କମ୍ ହୋଇଯିବେ । ଏବେ କିଂତୁ ବଂଗଳାରେ ମୁସଲମାନ ସରକାର ହୋଇଛି କହିଲେ ଚଳେ । ସେଠା ସରକାରରେ କଂଗ୍ରେସର ଏବେ କୌଣସି କର୍ତ୍ତୃତ୍ୱ ନାହି ।

**କଂଗ୍ରେସରେ ବଂଗାଳୀଂକ ପ୍ରସ୍ତାବ ଓ ଓଡ଼ିଆଂକ ନିଶ୍ଚେଷ୍ଟତା—**

ସେଥିପାଇଁ କଂଗ୍ରେସ, ସରକାରମାନ ନେବା ସଂଗେ ସଂଗେ ସେମାନେ ନିଖିଳ ଭାରତ କଂଗ୍ରେସରେ ଉଦ୍ୟମ ଲଗାଇଲେ । ସେଠାରେ କଂଗ୍ରେସକୁ ସ୍ୱୀକାର କରାଇନେଲେ । ଅବଶ୍ୟ ଏକଭାଷାଭାଷୀ ସ୍ଥାନ ଏକ ପ୍ରଦେଶରେ ରହିବା କଂଗ୍ରେସ ନିଶ୍ଚୟ ମାନିବେ । ଆମେ ମଧ୍ୟ 'ନାହି' କରୁ ନାହୁଁ । ମାତ୍ର ବଂଗାଳୀମାନେ ଯେତେବେଳେ କଲିକତାର ନିଖିଳ ଭାରତ କଂଗ୍ରେସ କମିଟି ବୈଠକରେ ଏହି ପ୍ରଶ୍ନ ଉଠାଇଥିଲେ, ସେତେବେଳେ ପ୍ରସ୍ତାବଟିରେ ଥିଲା ବିହାର ଓ ଅନ୍ୟତ୍ର ଥିବା ବଂଗଭାଷୀ ପ୍ରଦେଶମାନ ବଂଗଳାକୁ ଆସୁ । ଓଡ଼ିଶା କ୍ଷୁଦ୍ର ପ୍ରଦେଶ । ନିଖିଳ ଭାରତ କଂଗ୍ରେସ କମିଟିରେ ଭୋଟ ଟଣାଟଣିରେ ଜିଣିବାର ଆଶା ଓଡ଼ିଶାର ବଡ଼ କ୍ଷୀଣ । ତଥାପି ନ୍ୟାୟ ଉପରେ ଠିଆହୋଇ କଥାଟି ସ୍ପଷ୍ଟ କରି କହିବା ଉଚିତ । ନିଖିଳ ଭାରତ କଂଗ୍ରେସର ନ୍ୟାୟ ବିଚାର ଉପରେ ନିର୍ଭର କରିବା ଛଡ଼ା ସେ କ୍ଷେତ୍ରରେ ଆଉ କିଛି କରିବାର ନଥିଲା । ସେ ବୈଠକରେ ଯେଉଁ ତିନିଜଣ ଓଡ଼ିଆ ଥିଲେ, ସେମାନଂକର ଉଚିତ ଥିଲା ସଂଗେ ସଂଗେ ଏକ ସଂଶୋଧନ ପ୍ରସ୍ତାବରେ ବା ଅନ୍ୟ ଏକ ପ୍ରସ୍ତାବରେ ଯୋଡ଼ିଥାନ୍ତେ— 'ବିହାର, ମାଂଦ୍ରାଜ, ମଧ୍ୟପ୍ରଦେଶ ଓ ବଂଗରେ ଥିବା ଓଡ଼ିଆଭାଷୀ ଅଂଚଳମାନଂକୁ ଓଡ଼ିଶାର ଅଂତର୍ଭୁକ୍ତ କରାଯାଉ ।' ସେମାନେ ତାହା କଲେ ନାହି । ପରେ ସେଇ ପ୍ରସ୍ତାବ ଉପରେ ବକ୍ତୃତା ଦେଲାବେଳେ ବଂଗାଳୀ ବକ୍ତାମାନେ ଅନ୍ୟାନ୍ୟ ଅଂଚଳ ମଧ୍ୟରେ ସ୍ପଷ୍ଟ ଭାବରେ ସିଂହଭୂମିକୁ ଦାବି କରି ପ୍ରସ୍ତାବର ତାହାହିଁ ଅର୍ଥ ବୋଲି ପ୍ରକାଶ କଲେ । ଓଡ଼ିଆ ମେମ୍ବରମାନେ ସେତେବେଳେ ମଧ୍ୟ ଆପତ୍ତି କଲେ ନାହି । ପ୍ରସ୍ତାବଟି ପାଶ୍ ହୋଇଗଲା ।

**ସେଇ ସିଂହଭୂମି ଲାଗି ବଂଗଳାରେ ବେ-କଂଗ୍ରେସ ଉଦ୍ୟମ—**

ତା'ପରେ ଏ ବର୍ଷ ମାର୍ଚ୍ଚ ମାସରେ ବଂଗଳାର କଂଗ୍ରେସୀ ବେକଂଗ୍ରେସୀ ନେତାମାନେ ସେହି ବଳରେ ଇଂଡିଆନ୍ ଆସୋସିଏସନରେ ସ୍ପଷ୍ଟ ସିଂହଭୂମିର ନାମ ରଖି ସେହି ମର୍ମରେ ଗୋଟିଏ ପ୍ରସ୍ତାବ ପାଶ୍ କରି କଂଗ୍ରେସକୁ ଓ ସରକାରଂକୁ ପଠାଇ ଦେଲେ । ଇଂଲଣ୍ଡର ସରକାରଂକୁ ମଧ୍ୟ ସେମାନେ ଏହି ପ୍ରସ୍ତାବ ପଠାଇଥିଲେ ।

**ଓଡ଼ିଶା କଂଗ୍ରେସ ଓ ସରକାର ତତ୍ପର ହୁଅଂତୁ—**

ଏସବୁ ସତ୍ତ୍ୱେ ଓଡ଼ିଶା କଂଗ୍ରେସ ତଥା ସରକାର ଉପାଂତ ଓଡ଼ିଆ ଭୂମି ସଂବଂଧରେ କ'ଣ ଚିଂତା କରୁଛଂତି କିଛି ଜଣାପଡୁନାହି । ସେଦିନ ମଞ୍ଜୁଷାରେ ଏହି ଉଦ୍ଦେଶ୍ୟ ଘେନି

Digitized by PPRACHIN, SOA

ଉତ୍କଳ ସମ୍ମିଳନୀର ଗୋଟିଏ ବୈଠକ ହୋଇଗଲା । ତାହାର କାର୍ଯ୍ୟକାରୀ କମିଟି ମଧ୍ୟ ଏବେ କଟକରେ ବସିଥିଲା । ମାତ୍ର ସରକାର ବା ମଂତ୍ରିମଣ୍ଡଳ ତଥା କଂଗ୍ରେସମୁଖ୍ୟମାନେ ଉତ୍କଳ ସମ୍ମିଳନୀର ଏ ଉଦ୍ୟମକୁ କି ଦୃଷ୍ଟିରେ ଦେଖୁଚଂତି ? ଏହା କହିବାର ଅଭିପ୍ରାୟ, ପ୍ରଦେଶ ଭିର୍ତରେ ସାଧାରଣ ପରିସ୍ଥିତି ବା ମନୋଭାବ ଯାହାହେଉ, ଏବେ ଓଡ଼ିଶାର ମଂତ୍ରୀ ଓ କଂଗ୍ରେସମୁଖ୍ୟମାନେ ଯାହାକୁ ଠିକଣା କରି ନ ଧରିବେ, ପ୍ରଦେଶ ବାହାରେ ତାହାର ପ୍ରଭାବ ପଡ଼ିବାର ଓଡ଼ିଶାର ଏବ ପରିସ୍ଥିତିରେ କୌଣସି ଆଶା ନାହିଁ । କଂଗ୍ରେସମୁଖ୍ୟମାନେ ବା ମଂତ୍ରିମଣ୍ଡଳ ଯହିଁରେ ସମ୍ମତି ସହିତ ସଂପୃକ୍ତ ନୁହଂତି, ସେ କଥାର ସମ୍ବାଦ ପର୍ଯ୍ୟଂତ ବାହାରର ଖବରକାଗଜରେ ବାହାରିବା ମଧ୍ୟ ଦୁଷ୍କର । ଏପରି ଅବସ୍ଥାରେ ଆମର ଏକାଂତ ଅନୁରୋଧ, ପ୍ରଧାନ ମଂତ୍ରୀ ଓ ଓଡ଼ିଶା କଂଗ୍ରେସ ସଭାପତି ଏ ବିଷୟରେ କର୍ତବ୍ୟ ଓ କାର୍ଯ୍ୟପଂଥା ନିର୍ଦ୍ଦେଶ କରି ଶୀଘ୍ର ପ୍ରଦେଶ ଓ ପ୍ରଦେଶାଂତରରେ ନିଜର ବିବୃତିମାନ ପ୍ରକାଶକରଂତୁ ଓ ସେହି ନିର୍ଦ୍ଦେଶରେ ଶୀଘ୍ର କାର୍ଯ୍ୟ ଚାଲୁ ।

ଓଡ଼ିଶାର ଅଙ୍ଗ ଧନ ଘେନି ଓଡ଼ିଶାକୁ ଯେପରି ପୂର୍ଣପ୍ରାଣରେ ଗଢ଼ିବାର ଆରଂଭ କରିବାକୁ ହେବ, ଅଦ୍ୟାପି ପରିତ୍ୟକ୍ତ ଓଡ଼ିଆମାନଂକୁ ଓଡ଼ିଶାକୁ ଆଣିବାରେ ସେହିପରି ଲାଗିବାକୁ ହେବ । ଅବଶ୍ୟ କେହି ବୁଝିସୁଝି ଆସିବାକୁ ଅନିଚ୍ଛୁକ ହେଲେ, ସେ ସ୍ୱତଂତ୍ର କଥା । କିଂତୁ ଅବସ୍ଥା କୌଣସି ଉପାଂତଭୂମିରେ ହୁଏତ ଆଜି ତାହା ନୁହେ ।

**ମଂଜୁଷା ଓ ସିଂହଭୂମିର ଅବସ୍ଥା—**

ମଂଜୁଷାରେ ସେଦିନ ଏଇଥିପାଇଁ ଉତ୍କଳ ସମ୍ମିଳନୀ ହୋଇଯାଇଚି । ପୁଣି ମାନ୍ଦ୍ରାଜରେ ଥିବା ଓଡ଼ିଆଂକ ସଂବଂଧରେ ସଂଦେହ କରିବାର କିଛି ନାହିଁ । ପ୍ରକୃତ ପକ୍ଷେ କହିବାକୁ ଗଲେ ଯେଉଁ ଓଡ଼ିଆମାନେ ମାଂଦ୍ରାଜରେ ଥିଲେ, ମୁଖ୍ୟତଃ ସେଇ ଓଡ଼ିଆମାନଂକର ଅତଂନ୍ଦ୍ରିତ ପ୍ରଯତ୍ନ ଆଂଦୋଳନ ଓ ତ୍ୟାଗ ଫଳରେ ଆଜି ଓଡ଼ିଶାର ସ୍ୱତଂତ୍ର ବ୍ୟକ୍ତିତ୍ୱ ଯାହା ବା ପ୍ରତିଷ୍ଠା ପାଇଚି, ତାହା ସଂଭବ ହୋଇଚି । ଏବେ ବି ମଂଜୁଷା ପ୍ରଭୃତି ସେ ଆଡ଼ର ପରିତ୍ୟକ୍ତ ଭୂମି ସେହି ଭାବରେ ପ୍ରାଣିତ ରହିଚଂତି । ଏବେ ଆମେ ସିଂହଭୂମି ଯାଇଥିଲୁ । ସେଠାର ଓଡ଼ିଆମାନଂକର ଓଡ଼ିଶାକୁ ଆସିବାପାଇଁ ବ୍ୟାକୁଳତା ଦେଖି ପ୍ରାଣରେ ଆଘାତ ଲାଗିଲା । ସେମାନଂକର ଭାଷା କ୍ରମେ ଉଠିବା ଉପରେ । ବିଶେଷରେ ଶୁଣି ଦୁଃଖିତ ହେଲୁ, ସେମାନେ ଉପସ୍ଥିତ ଜିଲା କଂଗ୍ରେସ କମିଟିଂକ କାର୍ଯ୍ୟ ଓ ନିୟମ ଫଳରେ ଓଡ଼ିଆଂକ ଭିତରେ ଇଚ୍ଛାନୁସାରେ କଂଗ୍ରେସ ମେମ୍ବର କରିବାର ସୁବିଧା ପାଉନାହାଂତି । କର୍ତ୍ତାମାନଂକର ଭୟ କାଳେ ଓଡ଼ିଆ ବେଶି କଂଗ୍ରେସ ମେମ୍ବର ହେଲେ ସିଂହଭୂମି ଉତ୍କଳ କଂଗ୍ରେସକୁ ପୁଣି ଚାଲିଯିବ । ଏହା ଆମର ଅବଶ୍ୟ ଏକ ପକ୍ଷରୁ ଶୁଣିବା କଥା । ଓଡ଼ିଶାର କଂଗ୍ରେସ କର୍ତ୍ତାମାନେ ଏହାର ଅନୁସଂଧାନ କରିବା ଉଚିତ । ପୁଣି ଏହି ସଂପର୍କରେ ମନେକରାଇବାର ଅଛି, ସିଂହଭୂମି କଂଗ୍ରେସ କମିଟି ବରାବର ଓଡ଼ିଶାରେ ଥିଲା । ଶ୍ରୀଯୁକ୍ତ ରାଜେଂଦ୍ରପ୍ରସାଦ ଭାରତ କଂଗ୍ରେସର ସଭାପତି ଥିଲାବେଳେ କିପରି ତାହା ହଠାତ୍ ବିହାରକୁ ଯାଇଚି

Digitized by PPRACHIN, SOA

ତାହା ସମସ୍ତେ ଜାଣଂତି, ଅତଏବ ଏଠାରେ କହିବା ଦରକାର ନାହି । ସେକାଳ ପୁଲିସ କୃପାରୁ ସେ ସଂବଂଧୀୟ କାଗଜପତ୍ର ସବୁ ଉତ୍କଳ କଂଗ୍ରେସ ଅଫିସରେ ନ ଥାଇ ପାରେ; ମାତ୍ର ବିହାରରେ କି କାଗଜପତ୍ର ବା ଅଛି ? ସ୍ୱର୍ଗତ ଗୋପବଂଧୁ ଦାସ ଥିଲାବେଳେ ଶ୍ରୀଯୁକ୍ତ ରାଜେଂଦ୍ର ପ୍ରସାଦ ମଧ୍ୟସ୍ଥ ଥାଇ, ସିଂହଭୂମି କଂଗ୍ରେସ ମେମ୍ବରଂକର ରିପ୍ଲାଇ ପୋଷ୍ଟକାର୍ଡ଼ରେ ଭୋଟ ନିଆଯାଇଥିଲା । ଓଡ଼ିଶା ସପକ୍ଷରେ ପ୍ରାୟ ଚାରି ହଜାର ଭୋଟ୍ ହୋଇଥିବା ସ୍ଥଳେ ବିହାର ସପକ୍ଷରେ ଅର୍ଧଶତରୁ ଊଣା ଥିଲା । ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ରଂକର ଠିକ୍ ସଂଖ୍ୟା ହୁଏତ ମନେଥିବ । ଏ ସଂବଂଧୀୟ କାଗଜପତ୍ର ହୁଏତ ନାହି, ମାତ୍ର ଏହା ତ ରାଜେଂଦ୍ର ପ୍ରସାଦଂକ ମନେଥିବ । ପୁଣି ସତ୍ୟାଗ୍ରହରେ ଜେଲ ଗଲାବେଳେ ସିଂହଭୂମିରେ ଏକମାତ୍ର ଉତ୍କଳର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟ କରୁଥିବା କଥା ଅଛପା ନାହି । କେତେଜଣ ବିହାରୀ ଓ କେତେଜଣ ଓଡ଼ିଆ ସିଂହଭୂମିରୁ ଜେଲ ଯାଇଥିଲେ, ତାହା ମଧ ଦେଖାଯାଇପାରେ । ତଥାପି ଦୁର୍ଭାଗ୍ୟ ଯେ, ଓଡ଼ିଆଂକୁ ଏକା ସବୁବେଳେ କାଗଜପତ୍ର ପ୍ରମାଣାଦି ଦେଖାଇ ଦାବି ସାବ୍ୟସ୍ତ କରିବାକୁ ହେବ ।

**ଛୋଟନାଗପୁର ଓ ସିଂହଭୂମି—**

ହେଲେହେଁ ଏ ସବୁ ସତ୍ତ୍ୱେ ପୁଣି ସିଂହଭୂମି ଓଡ଼ିଶାର ନ ହୋଇ ବିହାରର ହୋଇପାରେ । ଭୋଟ ନେଲାବେଳେ ବିହାରୀଂକ ଭିତରେ କଂଗ୍ରେସ ମେମ୍ବର ବେଶି ଥାଇପାରଂତି । ପୁଣି ଜେଲ୍ ଯିବାକୁ ସିଂହଭୂମିରୁ ବେଶି ଓଡ଼ିଆ ନ ବାହାରି ପାରଂତି । ଭାଷା ହିସାବରେ ସିଂହଭୂମି କେଉଁ ପ୍ରଦେଶରେ ରହିବ, ତାହାହିଁ ଦେଖିବା ଉଚିତ । ଏ ସଂପର୍କରେ ଆପଣା ଆପଣା ଭିତରେ ବୃଥା ବିବାଦ ନ କରି ଭାଷାତତ୍ତ୍ୱରେ ବିଶେଷଜ୍ଞଂକଠୁ ବୁଝିବା ଦରକାର । ସେମାନେ କଅଣ କହଂତି ? ପ୍ରଥମ କଥା ବିହାର ସଂଗେ ଛୋଟନାଗପୁରର ବିଶେଷ ସଂପର୍କ ନାହି । ଇଂରେଜ ଶାସନରେ ମାତ୍ର ନାନା ଚକ୍ରରେ ପଡ଼ି ଓଡ଼ିଶା ଯେପରି ସେଦିନ ଯାଏ ବଂଗଳା ତଥା ବିହାରରେ ଯୋଡ଼ା ହୋଇଥିଲା । ଛୋଟନାଗପୁର ସେଇପରି ବିହାରରେ ଯୋଡ଼ାହୋଇଛି । ବରଂ ଏହାର ନାମ 'ଛୋଟ ନାଗପୁର'— 'ଛୋଟ ପାଟନା' ବା 'ଛୋଟ ଗୟା' ନୁହେ, ଏହା ଏଠାରେ ମନେରଖିବାର ଅଛି । ପୂର୍ବ ଭାରତର ଆଦି ଭାରତୀୟ ଭାଷା ଓ ସଭ୍ୟତା ଆଗନ୍ତୁକମାନଂକ ପେଷଣରେ ଚାରିଆଡୁ ଚିପି ହୋଇ ହୋଇ ଏବେ ଛୋଟନାଗପୁରରେ ମାତ୍ର ରହିଛି । ଦକ୍ଷିଣ ଓ ପଶ୍ଚିମ ଭାରତର ଆଦି ଭାଷା ତଥା ସଭ୍ୟତା ଦ୍ରାବିଡ଼ଭୂମିରେ ନିଜର ଚିରଂତନ ସତ୍ତା ଓ ମହତ୍ତ୍ୱ ଜାଗ୍ରତ ରଖିଚି ଓ ରଖିବ । ମାତ୍ର ବଂଗାଳୀ, ଓଡ଼ିଆ ଓ ବିହାରୀ ତିନିଦିଗରୁ ପୂର୍ବଭାରତର ଆଦି ସଭ୍ୟତା ଓ ଭାଷାର ନିଜତ୍ୱ ଲୋପକରିବାକୁ ଆଉ ହୁଏତ ବେଶି ଦିନ ନାହି । ସେଥିପାଇଁ ଏବେ ସ୍ୱତଂତ୍ର ଛୋଟନାଗପୁର ପ୍ରଦେଶ ପାଇଁ ଉଦ୍ୟମ ଆରଂଭ ହୋଇଚି । ତାହା ଯଦି ସଫଳ ହୁଏ, ସେ ସ୍ୱତଂତ୍ର କଥା । ସେତେବେଳେ ସିଂହଭୂମି ପାଇଁ ଓଡ଼ିଆ ହୁଏତ କଳି କଲେ, ଛୋଟନାଗପୁରର ଆଦିମ୍ ବା ଯଥାର୍ଥ ଅଧିବାସୀଂକ ସଂଗେ

Digitized by PPRACHIN, SOA

କଲିକରିବେ । ହୁଏତ ସିଂହଭୂମି ଓଡ଼ିଶାକୁ ଆସିବ, ନଚେତ୍ ଓଡ଼ିଶା ନିଶ୍ଚୟ ଅନ୍ୟତର ଭାଷା ରୂପେ ସିଂହଭୂମିରେ ଚଳିବ ।

**ବିହାରର ଭାଷାବିଭ୍ରାଟ—**

ମାତ୍ର ଭାଷାସୂତ୍ରରେ ବିହାରର ସିଂହଭୂମି ଉପରେ କି ଦାବି ? ହିଂଦୁସ୍ଥାନୀ ଏବେ ବିହାର ପ୍ରଦେଶର କଚିରି ଓ ସ୍କୁଲ ଭାଷା । କିଂତୁ ହିଂଦୁସ୍ଥାନୀ ବିହାରର କୌଣସି ଅଞ୍ଚଳର ମାତୃଭାଷା ନୁହେ; କିଂବା ଜନ୍ମତଃ ବିହାରୀ ଭାଷା ସଂଗେ ହିଂଦୁସ୍ଥାନୀର ସାକ୍ଷାତ୍ ସଂବଂଧ ନାହି । ବିହାରରେ ତିନୋଟି ଭାଷା ଏବେ ଲୋକରେ ଚଳେ— (୧) ଭୋଜପୁରୀ, (୨) ମଘି ଓ (୩) ମୈଥିଳୀ । ସେଥିମଧ୍ୟରୁ ମଘି ପାନ ଓ ଭୋଜପୁରୀ ଢେଗୁଆ (ଏକପ୍ରକାର ପ୍ରାଚୀନ ତାମ୍ର ମୁଦ୍ରା– ଏହି ତାମ୍ରଖଣ୍ଡ ସବୁ ତାମ୍ର ମୂଲ୍ୟରେ ମୁଦ୍ରାପରି ଏବେ କୌଣସି କୌଣସି ଠାରେ ହାଟ ବଜାରରେ ଚଳେ) ଛଡ଼ା, ଅନ୍ୟ ସଂପର୍କରେ ସେ ନାମଦିଓଟି ବାହାରେ କେହି ପ୍ରାୟ ଜାଣଂତି ନାହି । ସେମାନଂକର ଭାଷାରେ ସାହିତ୍ୟ ଫୁଟି ନାହି । ମାତ୍ର ମୈଥିଳୀରେ ପ୍ରାଚୀନ ସାହିତ୍ୟ ଅଛି । ସ୍ୱୟଂ ବିଦ୍ୟାପତି ମୈଥିଳୀ । ପୁଣି ଅନ୍ୟଥା ମିଥିଳାର ପାଂଡିତ୍ୟ ଓ ପ୍ରତିଭା ଚିରପ୍ରସିଦ୍ଧ । 'ନବ୍ୟନ୍ୟାୟ' ମିଥିଳାର ଭାରତକୁ ଦାନ । 'ନବ୍ୟନ୍ୟାୟ' ପ୍ରତିଷ୍ଠାତା 'ଗଙ୍ଗେଶ' ମୈଥିଳୀ । ଓଡ଼ିଆ ପରି ମୈଥିଳୀ ସାହିତ୍ୟର ଚର୍ଚ୍ଚା କରିବା ପାଇଁ କଲିକତା ବିଶ୍ୱବିଦ୍ୟାଳୟ ମୈଥିଳୀରେ ଏମ୍. ଏ. କ୍ଲାସର ବ୍ୟବସ୍ଥା କରିଚଂତି । କେତେବର୍ଷ ତଳେ ମିଥିଳା ବା ତ୍ରିହୁତ ବିଭାଗର ସ୍କୁଲ କଚେରିରେ ମୈଥିଳୀ ଲିପି ଓ ଭାଷା ଚଳାଇବା ପାଇଁ ଦରଭଂଗାର ଭୂତପୂର୍ବ ମହାରାଜାଂକ ନେତୃତ୍ୱରେ ଗୋଟିଏ ଆଂଦୋଳନ ଆରଂଭ ହୋଇଥିଲା । ସେ କଅଣ ହେଲା ଏବେ ଜଣା ନାହି ।

**ହିଂଦୀ କିପରି ବିହାରର ଭାଷା ହେଲା ?**

ପାଟନାର ଦକ୍ଷିଣକୁ ଗୟା ପ୍ରଭୃତିର ଭାଷା ମଘି, ପୁଣି ପଶ୍ଚିମକୁ ପ୍ରାୟ ସାହାବାଦ ବିଭାଗଟିରେ 'ଭୋଜପୁରୀ' ଭାଷା ଚଳେ । ଏ ଦୁଇଭାଷା ମୈଥିଳୀ ପରି ଓଡ଼ିଆ ବଂଗଳା ଆସାମୀ ଭାଷା ସଂଗେ ଏକ ମାଗଧି ପ୍ରାକୃତରୁ ବାହାରିଚଂତି । ହିଂଦୀର ଏମାନଂକ ସଂଗେ ମୂଳ ପ୍ରାକୃତ ହିସାବରେ ସଂପର୍କ ନାହି । ପୁଣି ମଘି ଓଡ଼ିଆ ପାଖକୁ ଲାଗିଥିବାରୁ ତା ଅନେକ ପରିମାଣରେ ଓଡ଼ିଆ ପରି । ଲରିଆ ସଂଗେ ସଂବଲପୁରୀ ଭାଷାର ଯେ ସଂପର୍କ ମଘି ସଂଗେ ସିଂହଭୂମି ଓଡ଼ିଆର ସଂପର୍କ ତାଠାରୁ ଆହୁରି ନିକଟତର । ମାତ୍ର ଏ ଦୁଇ ଭାଷାରେ ସାହିତ୍ୟ ଯେ ଫୁଟି ନାହି, ତା'ର କାରଣ ହେଉଚି, ମୁସଲମାନ ଓ ମୋଗଲ ରାଜତ୍ୱରେ ବିହାରୀ— ବିଶେଷରେ ବିହାରୀ କାୟସ୍ଥମାନେ ରାଜକର୍ମରେ ରହି ପାରସୀ ତଥା ଉର୍ଦ୍ଦୁରେ ମନ ଦେଲେ । ବହୁପୁରୁଷ ଧରି ଉର୍ଦ୍ଦୁ ସେମାନଂକର ଘର ଭାଷା ପରି ହୋଇଗଲା । ଦେଶୀ ଭାଷାକୁ କେହି ପଚାରିଲେ ନାହି । ତାହା ଗ୍ରାମ୍ୟ ଭାଷା ବୋଲି ଘୃଣିତ ହେଲା । ବର୍ତ୍ତମାନ ସେଇ ଉର୍ଦ୍ଦୁ ସୂତ୍ରରେ ବିବାହର ଭାଷା ହୋଇଚି କାର୍ଯ୍ୟରେ

Digitized by PPRACHIN, SOA

ହିଂଦୁସ୍ଥାନୀ ବା ଉର୍ଦ୍ଦୁ, ମାତ୍ର ନାମରେ ହିନ୍ଦୀ । ଏବେ ମଧ୍ୟ ସହର ବାହାରେ ପ୍ରାଇମେରୀ ସ୍କୁଲରେ ପିଲାଏ ସେ ହିଂଦୀ ବୁଝଂତି ନାହି । ଗ୍ରାମ ଲୋକେ ମଧ୍ୟ ଅର୍ଜିରେ ଲେଖା ଥିବା ହିଂଦୀ ବୁଝଂତି ନାହି । ଏହା ସହର ପାଖ ଛଡ଼ା ବାକୀ ସର୍ବତ୍ର ଚିପି ଭର୍ତ୍ତି କରାହେଉଚି । ବିଶେଷରେ ମଘି ବଂଗଳା ଓଡ଼ିଆ ଭିତରେ ଥିବା ଛୋଟନାଗପୁରର ଅନାଦିମ ଅଧିବାସୀମାନଂକ ପକ୍ଷେ ମଧ୍ୟ ଏ କ୍ଷେତ୍ରରେ ଅସୁବିଧା ବଡ଼ ବେଶି । ସିଂହଭୂମିର ଶିକ୍ଷା ମଧ୍ୟ ସେଇ କାରଣରୁ ବହୁପରିମାଣରେ ପଛକୁ ପଡ଼ିରହିଚି । ବଂଗଳା ସ୍କୁଲ କଚେରିରେ ଗୃହୀତ ଭାଷା ଥିବାରୁ ମାନଭୂମିରେ ତାହା ସେତେ ହୋଇ ନାହି ।

## ପ୍ରାଥମିକ ଶିକ୍ଷା ଓ ବ୍ୟବହାର ମାତୃଭାଷାରେ ହିଁ ହେବା ଉଚିତ—

ଏଥିରେ ଯୁକ୍ତି ହୋଇପାରେ, ଅନେକ ମଧ୍ୟ ଯୁକ୍ତି କରିବାର ଶୁଣାଯାଏ, ହିଂଦୁସ୍ଥାନୀ ବା ହିଂଦୀ ଯେତେବେଳେ ରାଷ୍ଟ୍ରଭାଷା ହେଉଚି, ସେତେବେଳେ ଯେତେ ଭୂମିରେ ସ୍କୁଲ କଚିରିରେ ହିଂଦୀ ଗୃହୀତ ଭାଷା ହୁଏ ସେତେ ଭଲ । ମାତ୍ର ଏଥିରେ ପ୍ରଗତି ପ୍ରତିହତ ହେବ । କୌଣସି ଆଗଂତୁକ ରାଷ୍ଟ୍ରଭାଷା ବା କଳ୍ପିତ ଦେଶିଭାଷା ସହଜରେ ମାତୃଭାଷାର ସ୍ଥାନ ପୂରଣ କରି ପାରିବ ନାହି । ସେ ଚେଷ୍ଟା ପୃଥିବୀରେ କମ୍ ହୋଇନାହି । ସମସ୍ତ ମଧ୍ୟଯୁଗରେ ରୋମାନ୍-କାଥଲିକ୍ ଇଉରୋପରେ ଲାଟିନ୍ ଭାଷା ଏହିପରି ସ୍କୁଲ କଚିରି ଓ ସାହିତ୍ୟର ଭାଷା ଥିଲା । ଆର୍ଯ୍ୟ ଅହଂକାର ଘେନି ଏଇ ଭାରତରେ ମଧ୍ୟ ସଂସ୍କୃତକୁ ସେବ କାଳେ ସ୍କୁଲ କଚିରି ଓ ସାହିତ୍ୟର ଭାଷା କରାଯାଇଥିଲା । ଫଳରେ, ଜନସାଧାରଣର ଶିକ୍ଷା ତ ହେଲା ନାହି, ପୁଣି ଘୋର ରକ୍ଷଣଶୀଳତା ଓ ଅଂଧବିଶ୍ୱାସ ଘୋଟିଗଲା । ଏବେ ପ୍ରାୟ ହଜାରେ ବର୍ଷ ଏଇ ଭାରତରେ ପ୍ରକୃତ ମାତୃଭାଷା ସବୁ ଚଳିଲାଣି । ମାତ୍ର ଦେଶର ଆଦିମ ନିବାସୀଂକ ଭାଷାକୁ ସେଥିରେ ଦୃଷ୍ଟି ଦିଆ ନ ଯିବାରୁ, ସେମାନେ ପ୍ରଗତିରେ କି ଅବସ୍ଥାରେ ଅଛଂତି ? କଂଧ ସାଂତାଳହେ । ଓରାଓଂଡ଼ ପ୍ରଭୃତିମାନେ ପ୍ରାଚୀନ କାଳରେ ତାମିଲମାନଂକଠାରୁ କମ୍ ସଭ୍ୟ ଥିବାର କୌଣସି ପ୍ରମାଣ ନାହି । ଦେବୀପୂଜା ଓ ଶକ୍ତି ତଂତ୍ରର ମୂଳ ସୂତ୍ର ମୁଖ୍ୟ ଭାବରେ ଏହିମାନଂକର ଭାରତ ସଂସ୍କୃତିକୁ ଦାନ ଥିବାର ଅନୁମାନ ଅସଂଗତ ନୁହେ । ମାତ୍ର ତାମିଲମାନଂକର ମାତୃଭାଷା ରହିଗଲା । ଏମାନଂକର ମାତୃଭାଷା ଚିପି ହୋଇ ଅତି ସଂକୁଚିତ ହୋଇଗଲା । ଫଳ କଅଣ ହୋଇଚି ? ଆଜି ମଧ୍ୟ ଇଂରେଜୀକୁ ପ୍ରାଇମେରୀ ସ୍କୁଲରେ ଏକମାତ୍ର ଭାଷା କଲେ ଫଳ କଅଣ ହେବ ? ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା କଲେ ମଧ୍ୟ ଏ କ୍ଷେତ୍ରରେ ଗତି ସୁକର ନୁହେ, ଏହା ସର୍ବଦାଦୀସଂମତ ।

## ବିହାରରେ ହିଂଦୀ ଶିକ୍ଷାର ଫଳ—

ଏବେ ବିହାରରେ ମାତୃଭାଷାରେ ଶିକ୍ଷା ଦିଆହୁଏ ନାହି, ଓଡ଼ିଶାରେ ହୁଏ । ବିହାର ଓଡ଼ିଶା ଯୁଗ୍ମ ପ୍ରଦେଶ ଥିଲାବେଳେ, ଦୁଇ ପ୍ରଦେଶର ହିସାବ ଥାଇ ପ୍ରାଇମେରୀ ଶିକ୍ଷାର

Digitized by PPRACHIN, SOA

ରିପୋଟ ବାହାରୁଥିଲା । ଯେ କେହି ତାହା ଆଜି ଦେଖି ପାରଂତି । ପାଟନା ଛଡ଼ା ଅନ୍ୟ କୌଣସି ଜିଲାର ପ୍ରାଇମେରୀ ଶିକ୍ଷା ଲୋକପ୍ରିୟତାରେ ବା ପ୍ରଗତିରେ ଓଡ଼ିଶା ଜିଲାମାନଂକର ପାଖଆଖରେ ନାହିଁ ।

**ସିଂହଭୂମିରେ ଓଡ଼ିଆ ସଂଖ୍ୟା—**

ପୁଣି ଗତ ସେନ୍‌ସସ୍‌ରେ ମଘିଭାଷୀ ଲୋକଂକୁ ଓ ଅନେକ ଆଦିମ ଓ ହିଂଦୀପଢ଼ା ଓଡ଼ିଆଂକୁ ମଧ୍ୟ ହିଂଦୀଭାଷୀ ବୋଲି ଲେଖାଯାଇଚି । ଜେମସେଦ୍‌ପୁରର ପଂଜାବୀ ପ୍ରଭୃତିଂକୁ ମଧ୍ୟ ହିଂଦୀଭାଷୀ ବୋଲି ଲେଖାଯାଇଚି । ତଥାପି ଆଦିମଭାଷୀଂକୁ ଛାଡ଼ି ଦେଲେ ଓଡ଼ିଆଭାଷୀଂକ ସଂଖ୍ୟା ଜିଲାରେ ଅନ୍ୟ ସବୁ ଭାଷୀଂକଠୁ ବେଶି । ଏହିଠାରେ ଜାଣିବାର ଅଛି ସେହି ସେନ୍‌ସସ୍‌ରେ ବଂଗଭାଷୀଂକ ସଂଖ୍ୟା ଓଡ଼ିଆଭାଷୀଂକ ତଳକୁ । କିଂତୁ ସିଂହଭୂମିର ଏକ ବଡ଼ ସବ୍‌ଡିଭିଜନ୍ ଧଳଭୂମିରେ ହିଂଦୀ ନୁହେ, ବଂଗଳା ହେଉଚି ଏକମାତ୍ର ସ୍କୁଲ ଓ କଚିରିରେ ଗୃହୀତ ଭାଷା । ସେଦିନ ଧଳଭୂମିର ପ୍ରାଇମେରୀ ଶିକ୍ଷକଂକର କାର୍ଯ୍ୟକାରୀ ସମିତି ମେଂବରଂକର ଏକ ତାଲିକା ପ୍ରକାଶ ପାଇଥିଲା । ସେଥିରେ ଜଣକ ଛଡ଼ା ବାକୀ ସମସ୍ତଂକର ନାମ ଉପାଧି ତ୍ରିପାଠୀ, ସାହୁ, ମହାଂତି, ନାୟକ—ଏହିପରି । ମାତ୍ର ଏ ସମସ୍ତେ ବଂଗଳା ପ୍ରାଇମେରୀ ସ୍କୁଲର ଶିକ୍ଷକ ଓ ବଂଗାଳୀ । ପୁଣି ସେ ସବୁ ଭୂମିରେ ଓଡ଼ିଆମାନେ ବଂଗାଳୀ ବୋଲି ପରିଚୟ ଦେବାର ଅନ୍ୟାନ୍ୟ କାରଣମାନ ଓଡ଼ିଆଂକୁ ବୁଝାଇବା ଦରକାର ନାହିଁ । ଧଳଭୂମିର 'ଧଳ' ଉପାଧିଧାରୀ 'ରାଜା' ବୋଲି ପରିଚିତ ଜମିଦାର ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଏବେ ଅପମାନ ମଣନ୍ତି । ମାତ୍ର ଏହାଙ୍କ ପୂର୍ବାଧିକାରୀ ନିଜକୁ ଓଡ଼ିଆ ବୋଲିବାକୁ ଗୌରବ ମଣୁଥିଲେ । ପୁଣି ଜେମ୍‌ସେଦ୍‌ପୁରେ ମଧ୍ୟ ବହୁସଂଖ୍ୟକ ବଂଗାଳୀ ଚାକିରି କରଂତି । ସିଂହଭୂମିର ଅନ୍ୟାନ୍ୟ କାରଖାନାରେ ସେଇୟା । ଏହାଛଡ଼ା ସେନସସ୍‌ବେଳେ ସିଂହଭୂମି ପରି ଉପାଂତ ଭୂମିରେ ବଂଗାଳୀଂକ ସତର୍କତା ସହଜରେ ଅନୁମାନଗମ୍ୟ । ଏ ସଂବଂଧରେ ମେଦିନୀପୁରର ବଂଗାଳୀ ସୁପରଭାଇଜରମାନଂକର ଏନ୍ୟୁମରେଟର୍‌ମାନଂକ ପ୍ରତି ହୋଇଥିବା କଡ଼ା ସର୍କ୍ୟୁଲର ପ୍ରଦେଶ ଓ ଭାରତ ବ୍ୟବସ୍ଥା ସଭାମାନଂକରେ ପ୍ରକାଶ ପାଇଥିଲା । ମେଦିନୀପୁରରେ ଯେଉଁ କଥା ଧଳଭୂମିରେ ସେହି କଥା ।

**ଫୁଲଝର ଓ ମେଦିନୀପୁରର ଅବସ୍ଥା—**

ଫୁଲଝରରୁ ଅନେକ ଦିନୁ ଖବର ମିଳୁ ନାହିଁ । ସେଠାରେ ଏବେ ନେତୃସ୍ଥାନୀୟ ଆଉ କେହି ନାହାଂତି । ସେଠାକୁ ଯାଇ ନେତା ବାହାର କରିବାକୁ ହେବ । ମେଦିନୀପୁର ଓଡ଼ିଆମାନେ ଓଡ଼ନେଲ କମିଟି ବେଳେ ବଡ଼ କବୋଷ୍ଣ ମମତା ଦେଖାଇଥିଲେ । ପୁଣି କାନ୍ଥୀ ଲୋକେ ବିରୋଧ କରିଥିଲେ । ସେହି ଅବସ୍ଥା ଯେବେ ବର୍ତ୍ତମାନ ଥାଏ, ତେବେ କିଛି କହିବାର ନାହିଁ । କାହାରି ଇଚ୍ଛା ବିରୁଦ୍ଧରେ କାହାକୁ ଝିଂକିବା ଠିକ୍ ନୁହେ । ମାତ୍ର

Digitized by PPRACHIN, SOA

ମେଦିନୀପୁର ଓଡ଼ିଆଂକ ଭିତରେ ଅବସ୍ଥା ବଦଳି ଥିବାର ଏବେ ବହୁତ କାରଣ ହୋଇଚି । ସେକଥା ଟିକିଏ ବାରି ନେବା ଉଚିତ । ଆଉ ଯାହା ହେଉ, ଓଡ଼ିଶାରୁ ଏ ସଂବଂଧରେ ପ୍ରଥମେ ନେତୃତ୍ୱର ପ୍ରେରଣା ଖେଳିଯିବା ଦରକାର । ଏକଥା ବେଶିକରି ବୁଝାଇବା ପ୍ରୟୋଜନ ନାହିଁ ।

### ଉତ୍କଳ କଂଗ୍ରେସର କାର୍ଯ୍ୟ–

ଅତଏବ ଉତ୍କଳ କଂଗ୍ରେସ କମିଟି ଏ ବିଷୟରେ ଶୀଘ୍ର କର୍ମଯୋଜନା ତିଆରି କରଂତୁ । ଦରକାର ହେଲେ ବାଛି ବାଛି ବେ-କଂଗ୍ରେସ ଲୋକଂକୁ ମଧ୍ୟ ସଂଗରେ ନେଇ କମିଟି ଗଢ଼ି କାର୍ଯ୍ୟରେ ଲାଗିଯାଆଂତୁ । ଉପାଂତ ଅଂଚଳରେ, ବିଶେଷତଃ ସିଂହଭୂମି ପରି ଜିଲାରେ, ବହୁ ସଂଖ୍ୟାରେ କଂଗ୍ରେସ ମେଂବର ହୋଇ ଜିଲାମାନଂକର କଂଗ୍ରେସ କମିଟି ହାତରେ ରଖଂତୁ ବା ସେଥିରେ ଜୋର୍ ପକାଂତୁ । ନିଖିଳ ଭାରତ କଂଗ୍ରେସ କମିଟିରେ ଓଡ଼ିଶାର ଉପାଂତ ପ୍ରଦେଶ ପାଇଁ ଦୃଢ଼ଭାବରେ ଦାବି କରାଯାଉ । ବିଶେଷରେ ସିଂହଭୂମି ଗୋଟିଏ ପୂରା ଜିଲା ଥିବାରୁ ସେଇଠାକୁ କର୍ମର ପୀଠ କରାଯାଉ । ଦରକାର ହେଲେ ଯାଜପୁରରୋଡ଼ ଠାରେ ମଟର ବ୍ୟବସ୍ଥା କରି ସିଂହଭୂମି ସଂଗେ ସଂପର୍କ ଘନିଷ୍ଠ କରାଯାଉ ।

### ଓଡ଼ିଶା ସରକାରଂକ କାର୍ଯ୍ୟ–

ସରକାର ଏଥିରେ ପ୍ରାଦେଶିକ କଂଗ୍ରେସ ସଂଗେ ଯୋଗ ଦିଅଂତୁ । ପ୍ରାଦେଶିକ ବ୍ୟବସ୍ଥାସଭାରେ ଦୃଢ଼ଭାବ ବ୍ୟକ୍ତ କରି ଏ ବିଷୟରେ ପ୍ରସ୍ତାବ ଧାର୍ଯ୍ୟ କରି ଭାରତ ତଥା ସଂପୃକ୍ତ ପ୍ରଦେଶର ବ୍ୟବସ୍ଥାସଭାମାନଂକୁ ପଠାଯାଉ । ଇଂଲଣ୍ଡ ସରକାରଂକ ପାଖକୁ ଏ ଆଂଦୋଳନ ଓ ଦାବି ପହଂଚିବାର ବ୍ୟବସ୍ଥା ମଧ୍ୟ କରାଯାଉ । ନିଖିଳ ଭାରତ ପାର୍ଲିମେଂଟରି କମିଟିକୁ ଧରି ଅଂତତଃ କଂଗ୍ରେସ ପ୍ରଦେଶମାନଂକରେ ଥିବା ଓଡ଼ିଆ ଉପାଂତ ଭୂମି ସବୁରେ ଏବେ କିପରି ଶୀଘ୍ର ଅନ୍ୟତର ସ୍କୁଲ ଓ କଚିରି ଭାଷା ରୂପେ ଓଡ଼ିଆ ଭାଷା ଚଳିବ ତା'ର ବ୍ୟବସ୍ଥା କରାଯାଉ ।

### ଓଡ଼ିଶାରେ ପ୍ରତିବେଶୀଂକ ରକ୍ଷିତସ୍ୱାର୍ଥର କ୍ରିୟା– ଆଂଧ୍ର–

ଶୁଣାଯାଉଥିଲା, ଆମେ ଯେତେବେଳେ ଓଡ଼ିଶା ପାଇଁ ଏକମାତ୍ର ଓଡ଼ିଆ ଭାଷା ପ୍ରାଥମିକ ସ୍କୁଲ ଓ କଚିରି ଭାଷା ରୂପେ ନିର୍ଦ୍ଦେଶ କରୁଥାଇଁ ସେତେବେଳେ ପ୍ରଦେଶାଂତରରେ ଓଡ଼ିଆ ଚଳାଇବାକୁ କିପରି କହିବା ? ଦେଖିବାର ଅଛି, ଭାରତର ପ୍ରଦେଶମାନ ଆମେ ଗଢ଼ି ନାହୁଁ, କି ସେସବୁ ଭାଷାସୂତ୍ରରେ ଗଢ଼ା ହୋଇ ନାହିଁ । ଓଡ଼ିଶା, ବଂଗଳା ଓ ସେଇପରି ଆଉ କେତୋଟି ପ୍ରଦେଶ ଯେ ଏକଭାଷୀ ଅଛଂତି, ତାହା ଆକସ୍ମିକ, ବିଚାରରେ କଳ୍ପିତ ନୁହେ । ପୁଣି ବଂଗଳା କି ଓଡ଼ିଶା କେହି ଭାଷା ସୂତ୍ରରେ ନିଜର ସବୁତକ ମଧ୍ୟ ପାଇନାହାଂତି । ଅନ୍ୟ ଭାଷାଭାଷୀଂକ ଭିତରେ କ୍ଷୁଦ୍ର କ୍ଷୁଦ୍ର ଖଂଡରେ ବଂଟା ହୋଇ ରାଜଧାନୀର ବହୁ

Digitized by PPRACHIN, SOA

ଦୂରରେ ରହି ଓଡ଼ିଆମାନଂକ ଭୂମିରେ ପ୍ରାୟ ଦେଢ଼ଶହ ବର୍ଷ ଧରି ଅନ୍ୟମାନଂକର ଭୀଷଣ ରକ୍ଷିତସ୍ୱାର୍ଥ ସୃଷ୍ଟି ହୋଇଯାଇଚି । ଏହିପରି ବ୍ୟବସ୍ଥାରେ ଯେ ରକ୍ଷିତସ୍ୱାର୍ଥ ସୃଷ୍ଟି ହୁଏ, ତା ବୁଝାଇବା ଦରକାର ନାହି । ସେଇ ରକ୍ଷିତ ସ୍ୱାର୍ଥରେ ଭାରତ ଆଜି ଆର୍ଯ୍ୟଭୂମି; ଆମେରିକା, ଆଫ୍ରିକା ଓ ଅଷ୍ଟ୍ରେଲିଆ ପ୍ରଭୃତିର ଇଉରୋପୀୟମାନଂକ ବିଜିତ ଭୂମି ଆଜି ଗୋରାଭୂମି । ଏକଥା ଗୋଳାଇପୋଳାଇ ଦେଇ ମହାଭାରତୀୟ ଆଦର୍ଶର ବହିରାବରଣ ଆଭାଷରେ ଭାସିଯିବାର କୌଣସି କାରଣ ନାହି । ସେଇ ରକ୍ଷିତସ୍ୱାର୍ଥ ପାଇଁ ପ୍ରତିବେଶୀମାନେ ଏବେ ଛଟ୍‌ପଟ୍ ହେଉଚଂତି । ଏପରି କି ସେଦିନ ସ୍ପଷ୍ଟ ଭାବରେ ଓଡନେଲ କମିଟି ଆଗେ ଆଂଧ୍ରମାନେ ଋଷିକୂଲ୍ୟା ଯାଏ ଦାବି କରିଥିଲେ । ଶତକଡ଼ା ଅଶୀରୁ ବେଶି ଓଡ଼ିଆ ଯେଉଁ ଭୂମିରେ ନାହାଂତି ସେ ଭୂମି ଓଡ଼ିଶାକୁ ଯିବା ଓଡ଼ିଆଲୋକଂକ ପକ୍ଷେ ମଂଗଳକର ନୁହେ ବୋଲି ପଟାଭିସିତାରାମାୟା ପ୍ରମୁଖମାନେ ସ୍ପଷ୍ଟ ଦାବି ବାଢ଼ି ଇଂଲଣ୍ଡଯାଏଁ ଉଦ୍ୟମ ଭିଡ଼ିଥିଲେ । ଏଇ ଅଶୀ ଭିତରେ ପୁଣି ଆଦିମମାନେ ଓଡ଼ିଆଭାଷୀ ହେଲେହେଁ ଗଣାହୋଇ ନ ଥିଲେ । ଜୟପୁର ସେଥିପାଇଁ ଆଂଧ୍ର ବୋଲି ଦାବି କରାଯାଉଥିଲା ।

**ବଂଗାଳୀ—**

ବଂଗାଳୀମାନେ ଦିନେ ସମସ୍ତ ଓଡ଼ିଶାକୁ ଦାବି କରି ପ୍ରମାଣ କରୁଥିଲେ ଓଡ଼ିଆ ବଂଗଳାଠାରୁ ଅଲଗା ଭାଷା ନୁହେ । କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆକୁ ଇଚ୍ଛାଧୀନ ବିଷୟରୂପେ ମଧ୍ୟ ଭର୍ତ୍ତିକରି ଦେଇ ନଥିଲେ । ସେ ତ ପୁରୁଣା କଥା । ଏବେ ସେଦିନ ବାଲେଶ୍ୱରକୁ ମଧ୍ୟ ଦାବି କରି ବସିଥିଲେ । ପୁଣି ବଂଗଳା କଂଗ୍ରେସ କମିଟିଂକ ଅବଗତ ଏକା କାହିଁକି, ଅନୁମତିରେ ମେଦିନୀପୁର ସଭାମାନଂକରେ ଓଡ଼ିଆ ନେତାଂକ ଉପରେ ଟେକା ମାଡ଼ ହୋଇଥିଲା । ଏ ତ ୧୯୩୦ ସାଲର ଓଡ଼ନେଲ କମିଟି ବେଳର କଥା । ଏବେ ମଧ୍ୟ ମେଦିନୀପୁରେ ଓଡ଼ିଆଭାଷାର ଗଂଧ ପୂରାଇ ଦିଆଯାଉ ନାହି । ଖଡ଼ଗପୁରରେ ସହସ୍ର ସହସ୍ର ଓଡ଼ିଆ ରେଳ କର୍ମଚାରୀ ଥିଲେ ମଧ୍ୟ, ଖଡ୍ଗପୁରର ରେଲ କମ୍ପାନୀଂକ ଚାଳିତ ସ୍କୁଲରେ ଓଡ଼ିଆ ଭାଷାର ପଠନ ପାଠନ ବ୍ୟବସ୍ଥା ହୋଇପାରୁ ନାହି । ଏବେ ମଧ୍ୟ ବଂଗାଳୀମାନେ ସିଂହଭୂମି ଦାବି କରି କୃତକାର୍ଯ୍ୟ ହେବାକୁ ବସିଚଂତି ।

**ବିହାରୀ—**

ବିହାରୀଂକ କଥା କହିବା ଦରକାର ନାହି । ଓଡ଼ନେଲ କମିଟିରେ ଥିଲାବେଳେ ଶ୍ରୀଯୁକ୍ତ ସଚ୍ଚିଦାନଂଦ ସିଂହଂକ ଓଡ଼ିଆ ଭାଷା ଓ ଅକ୍ଷର ପ୍ରତି ଆକ୍ଷେପ ଅନେକଂକର ମନେଥିବ । ପୁଣି ସେତେବେଳେ ଶ୍ରୀକୃଷ୍ଣ ସହାୟ ବେଳ ଦେଖି ବଂଗାଳୀମାନଂକ ସଂଗେ ଭିତରେ ଯୋଗ ଦେଇ ସିଂହଭୂମି ଓଡ଼ିଶାକୁ ଆସିବାରେ ଯେପରି ବାଧା ଦେଇଥିଲେ, ତାହା ମଧ୍ୟ ସ୍ମରଣୀୟ । କଂଗ୍ରେସ ଜିଲା ହିସାବରେ ସିଂହଭୂମିରେ ବିହାରୀମାନେ ଯାହା କରିଚଂତି ତା'ର ସୂଚନା ଦିଆଯାଇଚି ।

Digitized by PPRACHIN, SOA

**ମଧ୍ୟପ୍ରଦେଶୀ–**

ମଧ୍ୟପ୍ରଦେଶର ଓଡ଼ିଶାରେ ରକ୍ଷିତସ୍ୱାର୍ଥ ସ୍ପୃହା ମଧ୍ୟ ଦେଖାନଯାଇଚି, ନୁହେ। ସମ୍ବଲପୁରକୁ ଓଡ଼ିଆର ଭୂମି ବୋଲି ସ୍ୱୀକାର କରି ଓଡ଼ିଶା ସଂଗେ ମିଶାଇ ଦେବାର ଉଦ୍ୟମରେ ସେମାନେ ଯେଉଁ ବାଧା ଦେଇଥିଲେ, ତାହା ମନେ ରଖିଥିବା ଲୋକ ଅଛ ଅଛଂତି। ଲର୍ଡ଼ କର୍ଜନଂକ ପରି ଟାଣୁଆ ବଡ଼ଲାଟ ନ ଥିଲେ, ସେତେବେଳେ ସଂବଲପୁର ଓଡ଼ିଶାକୁ ଆସି ପାରିଥାଂତା କି ନାହି ସଂଦେହ। ପୁଣି ଏ ସଂବଂଧରେ ସେତେବେଳର ସ୍ୱର୍ଗତ ବୈକୁଂଠ ପୂଜାରୀ ପ୍ରମୁଖ ସଂବଲପୁରର ନେତାମାନେ ତଥା ଲୋକସାଧାରଣଂକର ଅତଂନ୍ଦ୍ରିତ ଚିଂତା ଓ ଚେଷ୍ଟା ଏବେ ମଧ୍ୟ ଓଡ଼ିଶାରେ ଜାତୀୟ ଭାବରେ ସ୍ମରଣୀୟ। ଏବେ ଓଡ଼ନେଲ କମିଟିରେ ମଧ୍ୟ ଫୁଲଝର କଥା ଦୂରେ ଥାଉ ଓଡ଼ିଶା ଭିତରେ ବଂଧା ହୋଇଥିବା ବିଂଧ୍ରାନୁଆଗଡ଼ ଖଂଡ ପର୍ଯ୍ୟଂତ ଓଡ଼ିଶାକୁ ଆସି ନାହି।

**ସବୁ ଓଡ଼ିଆ ଭୂମି ଓଡ଼ିଶାକୁ ଆସି ନାହି–**

ଏହି ପରିସ୍ଥିତିରେ ସବୁ ଓଡ଼ିଆଭୂମି ଯେ ଓଡ଼ିଶାକୁ ଆସି ନାହି, ଏହା କେବଳ ନିଜେ ବୁଝିବାକୁ ଯେ ସହଜ ସେତିକି ନୁହେ, ଯେ କୌଣସି ନିରପେକ୍ଷ ବୁଭୁତ୍ସୁ ଲୋକକୁ ବୁଝାଇବା ମଧ୍ୟ ଅତି ସହଜ। ଓଡ଼ିଶାର ମଝିଟି ମାତ୍ର ଆମେ ପାଇଚୁ, ଆଉସବୁ ବାକୀ ପଡ଼ିଚି। ପୁଣି ଯେଉଁ ଓଡ଼ନେଲ କମିଟି ଓଡ଼ିଶା ଗଢ଼ିଥିଲେ, ସେ ମୁଖ୍ୟତଃ ଭାଷାସୂତ୍ରରେ ପ୍ରଦେଶ ଗଠନ କଥା ବିଚାର କରୁନଥିଲେ। ଅନ୍ୟାନ୍ୟ କଥା ମଧ୍ୟରେ ଯାତାୟାତର ସୁବିଧା ପର୍ଯ୍ୟଂତ ମଧ୍ୟ ତାଂକ ବିଚାରରେ ଯଥେଷ୍ଟ ସ୍ଥାନ ପାଇଥିଲା। ଏଥିରେ ସିଂହଭୂମି ଫୁଲଝର ପ୍ରଭୃତି ନ ଆସିବାର କଥାଏ, ଆସି ନାହି।

**ଅନ୍ୟ ପ୍ରଦେଶ ଓଡ଼ିଆଭାଷା ପାଇଁ ବ୍ୟବସ୍ଥା କରଂତୁ–**

ଏଥିପାଇଁ ଆମେ ଓଡ଼ିଶାରେ ଏକା ଓଡ଼ିଆ ସ୍କୁଲ କଚିରି ଭାଷା କଲୁ ବୋଲି, ପ୍ରତିବେଶୀ ପ୍ରଦେଶମାନଂକ ପାଖେ ଉପାନ୍ତ ଭୂମି ପାଇଁ ଓଡ଼ିଆ ଦାବି କରିବାରେ ସଂକୋଚ ବା ଆପତ୍ତି କ'ଣ ଅଛି ? ବିହାର, ମଧ୍ୟପ୍ରଦେଶ, ମାଂଦ୍ରାଜ– ତିନୋଟି ଭିତରୁ ପୁଣି କେଉଁଟି ଏକଭାଷୀ ପ୍ରଦେଶ ? ବିହାର ଭାଷା କଥା ବହୁତ କୁହାଯାଇଚି। ତେବେ, ସେଠାରେ ବିଶେଷତଃ ଛୋଟନାଗପୁରେ ହିଂଦୀ ଛଡ଼ା ବଂଗଳା ଯେବେ ଚଳିଲା, ଓଡ଼ିଆ ନ ଚଳିବାର କାରଣ ବା କଅଣ ? ଛୋଟନାଗପୁର ସହିତ ବିହାର ଏକଭାଷୀ ହେଲାବେଳେ, ସିଂହଭୂମିରେ ଓଡ଼ିଆ ସ୍କୁଲ କଚିରି ଭାଷା କରିବା ପାଇଁ ହୁଏତ ଯୁକ୍ତି ଦରକାର ହୋଇପାରେ,ଏବେ ନୁହେ। ଠିକ୍ ବିହାର ପରି ନ ହେଲେ ମଧ୍ୟ, ମଧ୍ୟପ୍ରଦେଶରେ ଏବେ ମରାଠି ଓ ହିଂଦୀ ଦୁଇଟି ଭାଷା ଚଳେ। ଓଡ଼ିଆ ଭୂମିରେ ଓଡ଼ିଆ ଚଳିବାରେ ଆପତ୍ତି କାହିଁକି ? ମାଂଦ୍ରାଜର ଭାଷା ସଂଖ୍ୟା ଆଉରି ଭୀଷଣ। ସେଠାରେ ଚାରୋଟି ଭାଷା ଚଳେ। ଓଡ଼ିଆ ଭୂମିରେ ଓଡ଼ିଆ ଭାଷା ଚଳିବା ଉଚିତ। ସରକାରମାନଂକର ଏଥିରେ ଖର୍ଚ୍ଚ ବଢ଼ିଯିବ ବୋଲି କହିବା ଠିକ୍ ନୁହେ। ସରକାର ଲୋକଂକ ପାଇଁ, ଲୋକେ

Digitized by PPRACHIN, SOA

ସରକାର ପାଇଁ ନୁହଂତି । ଯେତେଦିନ ଗୋଳିଆ ପୋଳିଆ କରି ନାନାଭାଷୀ ଲୋକଂକୁ ପ୍ରଦେଶରେ ରଖିବାକୁ ହେବ, ଓ ସେମାନଂକଠାରୁ ଖଜଣା ଟିକସ ନେବାକୁ ହେବ, ସେତେଦିନ ସେମାନଂକ ପାଇଁ ବିହିତ ବ୍ୟବସ୍ଥା କରିବାକୁ ସରକାର ବାଧ୍ୟ ।

## ନିଖିଳ ଭାରତ କଂଗ୍ରେସ କମିଟିରେ କ'ଣ କରିବାକୁ ହେବ–

ପୁଣି କୁହାଯାଇପାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କିମିଟି, ଆଂଧ୍ର ପ୍ରଭୃତିଂକ ଠାରୁ ଆପତ୍ତି ଶୁଣି, ଭାରତ ସରକାର ହାତକୁ ଆସିଲେ ଭାଷାସୂତ୍ରରେ ପ୍ରଦେଶ ସବୁ ଗଢ଼ି ଦେବେ ବୋଲି କହି, ଏବେ ଭାରତରେ କଂଗ୍ରେସ ରାଜନୀତିର ପରିସ୍ଥିତିରେ, ସେ ବିଷୟରେ ଆଉ ଆଂଦୋଳନ ନ କରିବାକୁ କହିଚଂତି । ତେବେ ବଂଗଳାଠାରୁ କର୍ଣ୍ଣାଟଯାଏ ସମସ୍ତେ ତ ନିଜ ନିଜ ଦାବି ଦୃଢ଼ କରି ବାଢ଼ି କଂଗ୍ରେସରେ ତଥା ଯଥାସଂଭବ ସରକାରମାନଂକରେ ପ୍ରସ୍ତାବମାନ ପାସ କରାଇ, ଅସଲ ବେଳକୁ ବାରୁଦ ତାଜା କରି ରଖିଚଂତି । ଓଡ଼ିଆ କ'ଣ ଖାଲି ଫାଉରେ ପାଇଯିବେ ? ଆମେ ମଧ କଂଗ୍ରେସର ରାଜନୀତିକ ପରିସ୍ଥିତିରେ ଝଟା ଲଗାଇବାକୁ ଲୋଡୁ ନାହୁଁ । ମାତ୍ର ଭାରତର କଂଗ୍ରେସ ତଥା କଂଗ୍ରେସ ସରକାର କର୍ତ୍ତାମାନେ ପ୍ରସ୍ତାବମାନ ଧାର୍ଯ୍ୟ କରି ସ୍ପଷ୍ଟ କହଂତୁ, ଠିକ୍ ଭାଷାସୂତ୍ରରେ ପ୍ରଦେଶ ଗଠନ ବେଳ ଆସିଲେ, ସିଂହଭୂମି ପ୍ରଭୃତି ପ୍ରତିବେଶୀ ପ୍ରଦେଶମାନଂକରେ ଥିବା ଓଡ଼ିଆ ଭୂମିମାନ ବୁଝିସୁଝି ବାହାରକରି ଓଡ଼ିଶାକୁ ଦିଆଯିବ । କାରଣ, ଓଡ଼ିଶା ଭାଷାସୂତ୍ରରେ ପୂର୍ଣ୍ଣରୂପେ ଗଢ଼ାହୋଇନାହି । ସଂଗେ ସଂଗେ କଂଗ୍ରେସ ସରକାରମାନଂକୁ ଧରି ସିଂହଭୂମି, ଫୁଲଝର, ମଞ୍ଜୁଷା ପ୍ରଭୃତିରେ ଓଡ଼ିଆ ଅନ୍ୟତର ବା ଅନ୍ୟତମ ଭାଷାରୂପେ ସ୍କୁଲ କଚିରିରେ ଚଳାଇବାର ବ୍ୟବସ୍ଥା କରାଯାଉ । ଅର୍ଥାତ୍ ଉପାନ୍ତ ଓଡ଼ିଆ ଭୂମିମାନଂକରେ ଭାଷା ହିସାବରେ ଓଡ଼ିଆର ଓଡ଼ିଆତ୍ୱ ଯେପରି କ୍ରମେ ଲୋପ ନ ପାଏ, ତା'ର ସୁବ୍ୟବସ୍ଥା କର୍ତ୍ତାମାନେ କରାଇ ଦିଅଂତୁ । ଦରକାର ବିବେଚିତ ହେଲେ ବା ଅନ୍ୟାନ୍ୟ ବିଶେଷ ଅସୁବିଧା ନ ଥିଲେ ସିଂହଭୂମି ଜିଲା କଂଗ୍ରେସ ଉକ୍ରଳ ପ୍ରଦେଶରେ ପୁଣି ରଖାଯାଉ, ଓ ସଂଭବ ହେଲେ ଫୁଲଝର ପ୍ରଭୃତି ସମ୍ବଲପୁର, ପୁଣି ମଂଜୁଷା ପ୍ରଭୃତି ଗଂଜାମ କଂଗ୍ରେସ କମିଟିକୁ ଆସୁ । ଏସବୁ ବା ଏଇଭଳି କିଛି ସ୍ପଷ୍ଟ ପ୍ରସ୍ତାବ ଓ କାର୍ଯ୍ୟ ହେଲେ, ଆଉ କିଛି ସ୍ପଷ୍ଟ କହିବା ବା ବିଶେଷ କରିବା ଏବେ ଦରକାର ହେବ ନାହି ।

[ଆଲୋଚନା, ନବଭାରତ, ୫ମ ବର୍ଷ, ୧୩୪୬]

Digitized by PPRACHIN, SOA

# ଉପାଂତ ଓଡ଼ିଆ ଭୂମି

## କଂଗ୍ରେସ ଓ ଉତ୍କଳ—

ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି କଂଗ୍ରେସ ସ୍ପଷ୍ଟ ଭାବରେ ଗ୍ରହଣ କରିଛଂତି । ଅବଶ୍ୟ ନୀତି ଗ୍ରହଣ କଲେ ତାହା କାର୍ଯ୍ୟରେ ପରିଣତ କରିବା ସବୁ ଅବସ୍ଥାରେ ସମାନ ଭାବରେ ସଂଭବ ହୁଏ ନାହିଁ । କଂଗ୍ରେସ ଯେତେବେଳେ ଇଂରେଜ ସରକାର ସଂଗେ ଲଢ଼େଇ ମୁଖ୍ୟ ଭାବରେ ୧୯୨୧ରେ ଆରଂଭ କଲା, ସେତେବେଳେ ହଠାତ୍ ମହାତ୍ମା ଗାଂଧିଂକ ପୁରୋଦୃଷ୍ଟିପର ନିଦେଶରେ ଭାରତବର୍ଷକୁ ଯଥାସଂଭବ ଭାଷା ଅନୁସାରେ ପ୍ରଦେଶମାନଂକରେ ବାଂଟି ଦେଲା । ସ୍ପଷ୍ଟ ଓଡ଼ିଶା ଭାଗରେ ସିଂହଭୂମ ପଡ଼ିଥିଲା । ଏପରି କି, ନାଗପୁର କଂଗ୍ରେସର ଅବ୍ୟବହିତ ପରେ ୧୯୨୧ ମସିହାର ପ୍ରାରମ୍ଭରେ ସିଂହଭୂମର ଚକ୍ରଧରପୁରରେ ସେ ବର୍ଷ ଉତ୍କଳ ସମ୍ମିଳନୀର ବୈଠକ ବସିଥିଲା । ଏହା ପୁଣି ସମ୍ମିଳନୀର ଶେଷ ବୈଠକ । ଏହିଠାରେ ସମ୍ମିଳନୀ କଂଗ୍ରେସ ନୀତି ଗ୍ରହଣ କଲେ, କାରଣ ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ପୂର୍ଣ ହେଲାବୋଲି ଓଡ଼ିଆମାନେ ବୁଝିଲେ । ୧୯୦୩ରେ ଉତ୍କଳ ସମ୍ମିଳନୀ ଆରଂଭ ହୋଇଥିଲା ଓଡ଼ିଶା ଦେଶମିଶ୍ରଣ ପାଇଁ, ଅର୍ଥାତ୍ ସମଗ୍ର ଓଡ଼ିଆଭାଷୀ ପ୍ରଦେଶକୁ ଏକତ୍ର କରି କୌଣସି ପ୍ରଦେଶରେ ରଖିବା ପାଇଁ । ଏହିଠାରେ ସ୍ମରଣ କରାଇଦେବା ଉଚିତ, ଉତ୍କଳର ତତ୍କାଳୀନ ନେତା ସ୍ୱର୍ଗତ ମଧୁସୂଦନ ଗୋଟିଏ ବିଶିଷ୍ଟ ଘଟଣାର ପ୍ରେରଣାରେ ଏହି ଉତ୍କଳ ସମ୍ମିଳନୀ ଆରଂଭ କରିଥିଲେ । ସେ କାଳର କଂଗ୍ରେସ ସଂଗେ ଏହି ଘଟଣାଟିର ସଂପର୍କ । ମଧୁସୂଦନ ସୁରେଂଦ୍ରନାଥ ବାନର୍ଜି ପ୍ରଭୃତିଂକ ସଂଗେ ସେ କାଳ କଂଗ୍ରେସରେ ଥିଲେ । ବଂଗ ବିହାର ଓଡ଼ିଶା ସେତେବେଳେ ଗୋଟିଏ ପ୍ରଦେଶ ଥିବାରୁ ବଂଗ ପ୍ରାଦେଶିକ କଂଗ୍ରେସରେ ସେ ଦଳଭୁକ୍ତ ଥିଲେ । ୧୯୦୩ରେ ସେଥିପାଇଁ ବଂଗ ପ୍ରାଦେଶିକ ସମ୍ମିଳନୀକୁ କଟକକୁ ଡାକିଥିଲେ । ଏହି ସମ୍ମିଳନୀରେ ଓଡ଼ିଆଭାଷୀ ପ୍ରଦେଶକୁ ଏକତ୍ର କରି ତାହାର ସ୍ୱାତଂତ୍ର୍ୟ ସ୍ୱୀକାର କରିବା ପାଇଁ ଗୋଟିଏ ପ୍ରସ୍ତାବ ଘେନି ଆଗରୁ ମଧୁସୂଦନଂକର ସୁରେଂଦ୍ରନାଥ ପ୍ରଭୃତିଂକ ସଂଗେ ମତଭେଦ ହେଲା । ପ୍ରଥମ କଥା ସେ କାଳର ଫିରୋଜସା ମେହେଟା ପ୍ରଭୃତି ନେତାମାନେ ପ୍ରଦେଶ ଗଠନ ସଂଗେ ଭାଷାର କୌଣସି ସଂପର୍କ ବୁଝୁ ନ ଥିଲେ । ଏବେ ମଧ ସେହି ରାଜନୀତି-ପଂଥୀ ଲିବରାଲମାନେ ସେ ବିଷୟ ବୁଝଂତି ବୋଲି ମନେହେଉନାହିଁ । ସୁରେଂଦ୍ରନାଥ ପ୍ରଭୃତି ବଂଗଳାର ତତ୍କାଳୀନ ରାଜନୀତିକମାନେ ସେହି ଭାବରେ ପ୍ରଭାବିତ ହୋଇଥିବେ । ମାତ୍ର କେବଳ ସେତିକି ନୁହେ ।

Digitized by PPRACHIN, SOA

## ପ୍ରତିବେଶୀଂକ ବିରୋଧ—

ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀର ଅପରାର୍ଦ୍ଧରେ ଏକ ପ୍ରକାର ଶେଷ ହିଂଦୁ ସାମ୍ରାଜ୍ୟ ଗଜପତିଂକର ବିରାଟ ଓଡ଼ିଶା ଧ୍ୱଂସ ହେଲା । ତା'ପରେ ନାନା ଐତିହାସିକ କାରଣରୁ ଗୋଦାବରୀଠାରୁ ଉତ୍ତରକୁ ଆଂଧ୍ରମାନେ ଓ ଗଂଗା ନ ହେଲେ ବି ରୂପନାରାୟଣଠାରୁ ଦକ୍ଷିଣକୁ ବଂଗାଳୀମାନେ ଓଡ଼ିଶାକୁ ମାଡ଼ି ଆସିଥିଲେ । ଅବଶ୍ୟ ପ୍ରାୟ ୧୦୦ ବର୍ଷ ପରେ ନାଗପୁରର ମରହଟ୍ଟାମାନଂକ ହେତୁରୁ କେତେକ ଓଡ଼ିଆ ରାଜ୍ୟରେ, ମଧ୍ୟପ୍ରଦେଶ ଆଦୁ ଲୋକେ ସେହିପରି ଶକ୍ତି ବିସ୍ତାର କରିଥିଲେ । ଏବେ ମଧ୍ୟ ସେହି କାରଣରୁ ଫୁଲଝର, ଚଂଦ୍ରପୁର, ବିଂଦ୍ରାନୂଆଗଡ଼ ପ୍ରଭୃତି କେତେଗୁଡ଼ିଏ ସ୍ପଷ୍ଟ ଓଡ଼ିଆଭୂମି ଓଡ଼ିଶାକୁ ଆସି ନାହି । ମାତ୍ର ଭାଷା ହିସାବରେ ଦ୍ୱୈଧ ପ୍ରକୃତିକ ମଧ୍ୟପ୍ରଦେଶ ସରକାରଂକର ସେସବୁ ଭୂମି ଓଡ଼ିଶାକୁ ଦେବାରେ ତାଦୃଶ ଆପତ୍ତିର କଥା ଶୁଣାଯାଇନାହି । ଓଡ଼ିଶାର କଂଗ୍ରେସ ସରକାର ଟିକିଏ ଜୋର୍ ଦେଲେ ହୁଏତ ସେ ସବୁ ଆସିପାରେ, ନ ହୁଏ ପ୍ରତିବେଶୀଂକ ବିରୋଧ ରୂପବାନ୍ ହୋଇପାରେ । ତାହା ଯେତେଦିନ ହୋଇନାହି, ସେ ବିଷୟରେ ବିଶେଷ ଆଲୋଚନା କରିବାର ଅବକାଶ ନାହି ।

## ବଂଗଳା—

ମାତ୍ର ବଂଗଳା ଓ ଆଂଧ୍ର ପ୍ରଶ୍ନ ଠିକ୍ ସେପରି ନୁହେ । ନାନା ଐତିହାସିକ କାରଣରୁ ବଂଗ ପ୍ରଦେଶ ପାର୍ଶ୍ୱବର୍ତ୍ତୀ ଅନ୍ୟ ଭାଷାଭାଷୀଂକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ । ନବଦ୍ୱୀପର ବଂଗ ଭାଷାକୁ ପୀଠ କରି ସେମାନେ ଗୋଟିଏ ଭାଷା ଗଢ଼ି ତାକୁ ସବୁ ଭୂମିରେ ଭର୍ତ୍ତି କରୁଥିଲେ । ଓଡ଼ିଆ ସ୍ୱତଂତ୍ର ଭାଷା ନୁହେ ବୋଲି ଆଂଦୋଳନ ଉଠାଇ ମଧ୍ୟ ନିରସ୍ତ ହୋଇଥିଲେ । ୧୮୮୪ରେ ଅର୍ଥାତ୍ ଭାରତ କଂଗ୍ରେସ ବସିବାର ଠିକ୍ ପୂର୍ବବର୍ଷ ଭାରତ ରିପନଂକ ଦାନରେ ଯେଉଁ ସ୍ଥାନୀୟ ସ୍ୱାୟତ୍ତ-ଶାସନ ପାଇଥିଲା, ସେହି ବଳରେ ଆଇନ୍ କଲା ପରି କରି ମେଦିନୀପୁରରୁ ଏକାବେଳକେ ଜବରଦସ୍ତି ଓଡ଼ିଆର ସତ୍ତା ଲୋପ କରିଦେଲେ ।

## ବିହାର—

ମେଦିନାପୁର ଯାଇଛି, ସେଠା ଲୋକେ ଆଉ ଓଡ଼ିଆ ହେବାକୁ ଚାହିଁଲେ ନାହି । ମାତ୍ର ସେଇ ସୂତ୍ରରେ ସିଂହଭୂମ ବିହାରକୁ ଯାଇଥିଲା । ସିଂହଭୂମ ଯେ କାହିଁକି ବିହାରରେ ରହିବ, ତାହାର କୌଣସି କାରଣ କେହି ଦେଇ ପାରିବେ ନାହି । ଭାଷା ସୂତ୍ରରେ ସ୍ପଷ୍ଟତଃ ତାହା ଓଡ଼ିଶାର ଅଂଶ । ଖରସୁଆଁ ଷଡ଼େଇକଳା ଏବେ ମଧ୍ୟ ଓଡ଼ିଆ । ୧୯୩୪ ପର୍ଯ୍ୟଂତ ସିଂହଭୂମ କଂଗ୍ରେସ ହିସାବରେ ଉତ୍କଳରେ ଥିଲା । ଉତ୍କଳ କଂଗ୍ରେସରୁ ସେଠା ଲୋକେ ସତ୍ୟାଗ୍ରହରେ ଜେଲ ଭୋଗିଛଂତି । ଧଳଭୂମ ଘେନି ବଂଗାଳୀମାନେ କେତେକ ଆଶା ରଖିଥିଲେ ସତ, କିଂତୁ ବିହାରର ଗଂଧ ସଂବଂଧ ସେଠାରେ ନଥିଲା । ୧୯୩୨ ବେଳକୁ

Digitized by PPRACHIN, SOA

ଗୋଲଟେବୁଲ ବୈଠକରେ ଓଡ଼ିଶା ସ୍ୱତଂତ୍ର ପ୍ରଦେଶ ହେବା ଭଳି ସୂଚନା ସ୍ପଷ୍ଟ ହେଲା । ୧୯୩୪ରେ ଡାକ୍ତର ରାଜେଂଦ୍ର ପ୍ରସାଦ ଭାରତ କଂଗ୍ରେସର ସଭାପତି ହେଲେ । ସଂଗେ ସଂଗେ ସିଂହଭୂମ ଉତ୍କଳରୁ କଢ଼ାହୋଇ ବିହାରରେ ଯୋଡ଼ାହେଲା । କାହିଁକି ଏପରି ହେଲା ବୋଲି ଓଡ଼ିଆମାନେ ପଚାରିଲେ, ଛଟପଟ ହେଲେ । କିଂତୁ କର୍ତ୍ତା ସେଥିରେ କର୍ଣପାତ କଲେ ନାହି । ଓଡ଼ିଶା ପ୍ରଦେଶ ଗଢ଼ିଲା ବେଳେ ସିଂହଭୂମ ଓଡ଼ିଶାକୁ ଆସିବାରେ ବାବୁ ରାଜେଂଦ୍ରପ୍ରସାଦଂକ ଏହି କାର୍ଯ୍ୟଟି ଘୋର ଅଂତରାୟ ହେଲା । ସିଂହଭୂମ ଓଡ଼ିଶାକୁ ଆସିଲା ନାହି ।

**ଆଂଧ୍ରମାନଂକ ଦାବି—**

ପୁଣି ଦକ୍ଷିଣରେ ଆଂଧ୍ରମାନଂକ କଥା । ଓଡ଼ିଶା ପ୍ରଦେଶ ଗଢ଼ା ହେବା ପୂର୍ବରୁ ସୀମା ଠିକ୍ କରିବା ପାଇଁ ଯେଉଁ କମିଟି ବସିଥିଲା ସେହି କମିଟିର ଅନୁସଂଧାନ ବେଳୁ ଆଂଧ୍ରମାନେ ଧରିବସିଲେ ଅଂତତଃ ଶତକଡ଼ା କୋଡ଼ିଏ ଯେଉଁଠାରେ ଆଂଧ୍ର ଅଛଂତି ତାହା ଓଡ଼ିଶାକୁ ଯିବା ଉଚିତ ନୁହେ ଏବଂ ନ ଯାଉ । ଏହାର କାରଣରେ ସେମାନେ ଦକ୍ଷିଣ ଓଡ଼ିଶାରେ ଜନ୍ମିଥିବା ଆଂଧ୍ରଂକର ନାନା ରକ୍ଷିତ ସ୍ୱାର୍ଥ ବାଢ଼ିବସିଲେ । ରକ୍ଷିତସ୍ୱାର୍ଥର ପୋଷଣ ମାନବ ସମାଜରେ 'ବଡ଼ ରୋଗ' । ସେ ବିଷୟରେ ବିଶେଷ କହିବା ଦରକାର ନାହି । ଇଂରେଜମାନେ ପୁଣି ଏ ଦେଶରେ ରକ୍ଷିତ ସ୍ୱାର୍ଥ ଧରି ସେହି ସୂତ୍ରରେ ଅନ୍ୟର ସଂପଦ ଲୁଟି କରିବା ବିଧିଟାକୁ ଯେ ପସଂଦ କରିବେ ଏଥିରେ ସଂଦେହ କ'ଣ ? ବହୁତ ଟଣାଟଣିରେ ଦକ୍ଷିଣରୁ ଓଡ଼ିଶାକୁ ଯାହା ଆସିଲା ସେଥିରେ ଅନେକ ଓଡ଼ିଆ ଦେଶ ବାହାରେ ରହିଗଲା; ଏପରିକି ପାରଳା, ଜୟପୁର ମଧ ଓଡ଼ିଶାକୁ ନ ଆସିବାର କଥା ହୋଇଯାଇଥିଲା ଯେ କଷ୍ଟରେ ତାହା ଆସିଛି । ସେ କଷ୍ଟ ଯେଉଁମାନେ ଭୋଗିଛଂତି ସେମାନେ ଜାଣଂତି ।

**କଂଗ୍ରେସ କମିଟିରେ ପ୍ରସ୍ତାବ—**

ଏହି ଜୁନ୍ ୨୭ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟିର ବଂବେ ବୈଠକରେ ପ୍ରସ୍ତାବ ଆସିଲା, "ଅତି ଶୀଘ୍ର ଆଂଧ୍ରକୁ ସ୍ୱତଂତ୍ର ପ୍ରଦେଶ କରିବାର ବ୍ୟବସ୍ଥା ହେଉ ।"

**ଓଡ଼ିଶାର ସଂଶୋଧନ—**

ଏହା ଭାଷା ସୂତ୍ରରେ ପ୍ରଦେଶ ଗଢ଼ିବାର ପ୍ରସ୍ତାବ । ମାତ୍ର କେରଳ, କର୍ଣ୍ଣାଟକ ପ୍ରଭୃତିର ନାମ ଏଥିରେ ନାହି । ଓଡ଼ିଶା ପକ୍ଷରେ ଏ ପ୍ରସ୍ତାବର ପରିଣାମ ଖୁବ୍ ଚିଂତାକରିବାର ବିଷୟ । ଏ ପ୍ରସ୍ତାବ ହେବା ସଂଗେ ସଂଗେ ଓଡ଼ିଶା ପକ୍ଷରୁ ଶ୍ରୀଯୁକ୍ତ ଯଦୁମଣି ମଂଗରାଜ ସଂଶୋଧନ ପ୍ରସ୍ତାବ ଯୋଡ଼ିଲେ— ଏହା ହେବା ସଂଗେ ସଂଗେ ମାନ୍ଦ୍ରାଜରେ ଥିବା ଓଡ଼ିଆ ଭୂମି ଓଡ଼ିଶା ପ୍ରଦେଶର ଅଂଗୀଭୂତ କରିବା ପାଇଁ ଗୋଟିଏ ନିରପେକ୍ଷ କମିଟି ଗଢ଼ାଯାଉ ।

Digitized by PPRACHIN, SOA

ପଂଡ଼ିତ ନୀଳକଂଠ ଦାସ ଓ ଶ୍ରୀଯୁକ୍ତ ବୋଧରାମ ଦୁବେ ଏ ସଂଶୋଧନ ପ୍ରସ୍ତାବ ପାଇଁ ଖୁବ୍ ଲଢ଼ି କରି କହିଲେ । ତଥାପି ଏ ସଂଶୋଧନ ପ୍ରସ୍ତାବ ସପକ୍ଷରେ ଅଧିକ ଭୋଟ ହେଲା ନାହି । ନିଖିଳ ଭାରତ କଂଗ୍ରେସ କମିଟିର ଉପସ୍ଥିତ ବାୟୁମଂଡଳରେ ତାହା ହେବା ମଧ ସହଜ ନୁହେ । ମାତ୍ର ଓଡ଼ିଆଂକର ଏ ସବୁ ପ୍ରସ୍ତାବ ଆଦିରେ ଅତ୍ୟଂତ ଜାଗ୍ରତ ଭାବରେ କର୍ମତତ୍ପର ହେବା ଉଚିତ, ବିଶେଷରେ ଓଡ଼ିଶା ସରକାରଂକର ତତ୍ପରତା ଏ କ୍ଷେତ୍ରରେ ଅତ୍ୟଂତ ଦରକାର ।

ଓଡ଼ିଶା ପ୍ରଦେଶ ନ ହୋଇଥିଲା ବେଳେ କେଉଁ ଭୂମି ଆସିବ ନ ଆସିବ ସବୁ ସଂଦେହରେ ଥିଲା । ଓଡ଼ିଶା ପ୍ରଦେଶ ହୋଇଯିବା ପରେ ଆଜି ବାହାରର ବିଚାରକ ପକ୍ଷରେ ସେ ଅବସ୍ଥା ନାହି । ଓଡ଼ିଶାର ଇତିହାସ ସମସ୍ତେ ଜାଣଂତି ନାହି, ତେଣୁ ଗଲା ତିନିଶହ ବର୍ଷ ହେଲା ଓଡ଼ିଶାକୁ ଚାରିଆଡୁ ସମସ୍ତେ ମାଡ଼ିବସି ରକ୍ଷିତ ସ୍ୱାର୍ଥ ତିଆର କରି ଲୁଂଠନ ଭୂମି କରିଥିବାରୁ ଇଂଚେ ସୁଦ୍ଧା ଛାଡ଼ିବାକୁ ନାରାଜ ବୋଲି ମଧ୍ୟସ୍ଥ କେହି ହଠାତ୍ ବୁଝିବେ ନାହି– ତାଂକୁ ବୁଝାଇବାକୁ ହେବ । ପୁଣି ଆଜି ଯେପରି ପରିସ୍ଥିତି ହୋଇଛି, ସେଥିରେ ସରକାର ସ୍ୱର ନ ଉଠାଇଲେ ଅନ୍ୟମାନଂକ ସ୍ୱରର ଗୁରୁତ୍ୱ ଆଦୌ ରହିବ ନାହି ।

ଏ କ୍ଷେତ୍ରରେ ଆଉ ଗୋଟିଏ ଅସୁବିଧା ମଧ ଅଛି । ଓଡ଼ିଶାର ପ୍ରଧାନ ମଂତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ତଥା ନିଖିଳ ଭାରତ କାର୍ଯ୍ୟକାରୀ ସମିତିରେ ବସୁଥିବା ଶ୍ରୀଯୁକ୍ତ ହରେକୃଷ୍ଣ ମହାତାବ୍ ଦୁହେଁଯାକ ସ୍ୱତଂତ୍ର ଓଡ଼ିଶା ପ୍ରଦେଶ ହେବାର ଘୋର ବିରୋଧୀ ଥିବା କଥା ସମସ୍ତେ ସ୍ପଷ୍ଟ ଜାଣନ୍ତି । ସେମାନେ ଏ ପ୍ରସ୍ତାବର ଆଲୋଚନାରେ ଯୋଗ ଦେଇଥିଲେ ବା ଭୋଟ ଯୋଗାଡ଼ରେ ଲାଗିଥିଲେ ଭଲ ହୋଇଥାଂତା ବୋଲି କେହି କେହି ମନେକରିବା ସ୍ୱାଭାବିକ । ଅବଶ୍ୟ ଭୋଟ ଗଣତିରେ ବେଶୀ ପ୍ରଭେଦ ନ ଥିଲା ।

**ଓଡ଼ିଆ ଜାଗ୍ରତ ହୁଅଂତୁ –**

ଓଡ଼ିଆ ପ୍ରଦେଶ ହେଲା ଦିନୁ ଓଡ଼ିଆମାନେ ଯେପରି କି ନିଶ୍ଚିଂତ ହେଲା ପରି ଜଣାପଡୁଛି । ସଂବଲପୁରରେ ପ୍ରଥମେ ଓଡ଼ିଆ ଭାବ ଜାଗ୍ରତ ହୋଇଥିଲା । ତୀବ୍ର ଆଂଦୋଳନ ପରେ ବଡ଼ ଭୂମିଖଂଡ ଓଡ଼ିଶାକୁ ଆସିଗଲା । ତା'ପରେ ସଂବଲପୁରବାସୀ ଟିକିଏ ଶିଥିଳ ହୋଇଯାଇଥିଲେ । ଦକ୍ଷିଣ ଓଡ଼ିଶା ଆସି ନ ଥିଲା, ସେମାନେ ଆଂଦୋଳନକୁ ଜାଗ୍ରତ ରଖିଥିଲେ, ଏବେ ସେ ଆଡୁ ବଡ଼ଖଂଡ ଆସିଗଲା ବୋଲି ଆଂଦୋଳନ ଶିଥିଳ କରିଦେଲେ ପରିଣାମ ବଡ଼ ଭୟଂକର ହେବ । ଏବେ ମଧ ବୁଢ଼ାର ସିଂହ, ମଂଜୁଷା, ଟିକାଲି, ତରଳା, ବିଂଦ୍ରାନୂଆଗଡ଼, ଚଂଦ୍ରପୁର, ଫୁଲଝର, ସିଂହଭୂମି ପ୍ରଭୃତି ଓଡ଼ିଶାକୁ ଆସି ନାହି । ଏକଥା ଓଡ଼ିଆ ସର୍ବଦା ମନେରଖଂତୁ । ଓଡ଼ିଶା ସରକାର ଏଥିରେ ପ୍ରାଣପଣେ ଲାଗଂତୁ ଓ ଲୋକଂକୁ ଲଗାଂତୁ ।

[ଆଲୋଚନା, ନବଭାରତ
୫ମ ବର୍ଷ, ମୀନ, ୧୩୪୭]

Digitized by PPRACHIN, SOA

## ଷଢ଼େଇକଳା-ଖରସୁଆଁ କଥା

### ଷଢ଼େଇକଳା ଖରସୁଆଁ ଗଲା କାହିଁକି ?—

ଷଢ଼େଇକଳା, ଖରସୁଆଁ ଭାଗ୍ୟକୁ ଓଡ଼ିଶାକୁ ଆସିଥିଲା— ବିହାର ତା' ମାରିନେଲା । ଆମେ ରଖି ପାରିଲୁନାଇ । ସେ ଆମର କି ବିହାରର, ଏ କଥା ଆମର ଘରେ ଯୁକ୍ତି କରି ଆଉ କିଛି ଲାଭ ନାଇ । ଆଡ଼ଭୋକେଟ୍ ଜେନେରାଲ ଶ୍ରୀ ଲିଂଗରାଜ ପାଣିଗ୍ରାହୀ, ସେକ୍ରେଟାରୀ ମେନନ୍ ସାହେବଂକ ଆଗେ ସବୁ ଯୁକ୍ତି ବାଢ଼ିଥିଲେ । ଗଲା ମେ ମାସ ୧୫ ତାରିଖ 'ନିଉ ଓଡ଼ିଶା'ରେ ତା' ସମସ୍ତେ ପଢ଼ି ପାରଂତି । ଆଉ କେତେଠି ବି ପୂରା, ଆଂଶିକ ଯୁକ୍ତିମାନ ବାହାରୁଚି । ଯୁକ୍ତିରେ ପାଇବାର ଥିଲେ ଓଡ଼ିଶା ସେ ଦୁଇରାଜ୍ୟ ପାଇବାର କଥା । କିଂତୁ ଯୁକ୍ତିରେ ରାଜ୍ୟ ମିଳେନାଇଁ, ରାଜ୍ୟ ଯାଏ ନାଇ । ଇଂରେଜ ଯୁକ୍ତିରେ ପରାସ୍ତ ହୋଇ ଭାରତ ଛାଡ଼ିନାହାଂତି । ଗାଂଧିଜୀ ଯୁକ୍ତି ଦେଇ ଜିନ୍ନାଂକୁ ପାକିସ୍ଥାନରୁ ଛଡ଼ାଇ ପାରି ନଥିଲେ । ଆଲିବର୍ଦ୍ଦିଂକଠାରୁ ମରହଟ୍ଟାମାନେ ଯୁକ୍ତିରେ ଓଡ଼ିଶା ନେଇ ନଥିଲେ । ମରହଟ୍ଟାଂକ ଠାରୁ ଇଂରେଜମାନେ ଓଡ଼ିଶା ନେଲାବେଳେ ବିଶ୍ୱବିଦ୍ୟାଳୟର ଯୁକ୍ତିଜୀବୀ ଅଧାପକଂକ ସାହାଯ୍ୟ ଲୋଡ଼ିନଥିଲେ । ଅବଶ୍ୟ ଏ ସବୁଥିରେ ଯୁକ୍ତି ନାଇ ବି ନୁହେ, କିଂତୁ ସେ ଯୁକ୍ତି ଭିନ୍ନ ପ୍ରକାର ଯୁକ୍ତି । ବିହାର ସେ ଯୁକ୍ତି ଜାଣେ, ସେ ନେଲା । ଆମେ ଚାହିଁଚୁ, ଭାରତ ସରକାର ପାଶ୍ଚାତ୍ୟ ପୁରାଣର 'ନ୍ୟାୟ ଦେବ'ଙ୍କ ପରି ଆଖିରେ ଅଂଧପୁଟୁଳି ବାଂଧି ଦରାଂଡି କରି ଯୁକ୍ତି ଓ ଦାବି ଓଜନ କରୁଚଂତି । ତୁଳା ଦଂଡ ହଲିବାର ନାଇ— କି ତାଂକର କାହା ମୁହଁ ଦେଖି ଭୁଲିବାର ନାଇ । ଏ ଦୁର୍ବଳର ନିଜକୁ ବୋଧଦେବା କଥା— ଏଥିରେ ସତ୍ୟ ନାଇ ।

### ଏ ଶାଂତି, ଶ୍ମଶାନର ଶାଂତି—

ଭାରତ ଗୋଟିଏ ମିଳିତ ରାଜ୍ୟ ବା ଇଉନିୟନ । ସବୁ ପ୍ରଦେଶ ତା' ପାଖେ ସମାନ, ଏକଥା ନୁହେ । ଆଜି ବଂଗ ବିହାରର ସୀମା ଘେନି ଦ୍ୱଂଦ୍ୱ ଉଠିଲାଣି । ସେଥିରେ ବିହାରର ଦୁରଂତତା ଦେଖି, କଂଗ୍ରେସ ସେକ୍ରେଟରୀ ଶଂକର ରାଓ, ବିହାରକୁ କାନ ମୋଡ଼ିଦେଲାପରି କଥା କହିସାରିଲେଣି । କିଂତୁ ଆମ ଓଡ଼ିଶା ସାମ୍ୟର ଭୂମି, ଶାଂତିର ଭୂମି । ଜୀବୀଧର୍ମରେ ଏହାକୁ କୁହାଯାଏ, ଶ୍ମଶାନର ଶାଂତି ।

### ଏହାର ଫଳ କ'ଣ ହେବ, ଭାବ—

ଆଉ ଗୋଟିଏ କଥା, ଆମ ପ୍ରାଦେଶିକ କଂଗ୍ରେସ ତଥା ସରକାରଂକ ଅକର୍ମଣ୍ୟତା । ପ୍ରାଦେଶିକ କଂଗ୍ରେସ ବୋଲି ଏଠାରେ କୌଣସି ଜୀବନ୍ତ ଅନୁଷ୍ଠାନ ରଖାହୋଇ ନାଇ ।

Digitized by PPRACHIN, SOA

ତା' ଆଉ ବେଳକୁ ଖୋଜିଲେ ମିଳିବ କୁଆଡୁ ? ଏଠାରେ ସରକାର ସବୁ । ତାଂକୁ ସମାଲୋଚନା କରିବାକୁ କେହି ନାଇ, କି ପରାମର୍ଶ ଦେବାକୁ କେହି ନାଇ । ଲୋକ-ସରକାର ହୁଅଂତୁ, ଅ-ଲୋକ-ସରକାର ହୁଅଂତୁ, ଲୋକଂକ ପାଖରେ ସେ ସରକାର— ଅର୍ଥାତ୍, କ୍ଷମତା ଓ ଖଜଣାଖାନାର ଅଧିକାରୀ, ସରକାର । ଅନ୍ତତଃ ଆମ ଦେଶରେ ସେଇଆ । କୁଉଦିନ, କ'ଣ ପାଇ ଭୋଟ ଦେଇଥିଲେ, ସେ କଥା ଲୋକଂକ ମନେନାଇ । କ'ଣ ଘେନି ଭୋଟ ପାଇ କ'ଣ କରିଯାଉଚଂତି, ସେକଥା ବି ସରକାର ବୁଝୁନାହାଂତି । ତାଂକୁ ବୁଝାଇବ ବା କିଏ ? ମନୁଷ୍ୟ ଧନ ଓ କ୍ଷମତାର ବ୍ୟବହାରରେ ଅନ୍ଧହୁଏ । ସେଥିପାଇଁ ବିରୋଧ ଦରକାର । ନ ହେଲେ, ଅନ୍ତତଃ ବାହାରର ନିରପେକ୍ଷ ପରାମର୍ଶଦାତା ଦରକାର । କଂଗ୍ରେସ ଅନୁଷ୍ଠାନଟିକୁ ଜୀବଂତ ରଖିଥିଲେ, ସରକାର ତାଂକଠାରୁ ହେଲେ କିଛି ପରାମର୍ଶ ପାଉଥାଂତେ । କିଂତୁ ଆମ ସରକାରଂକ ଭାଗ୍ୟରେ ତା ନାଇ । ଖାଲି କ୍ଷମତା ଓ ଧନରେ ନିର୍ଭର କରି ଗତି ଚାଲିଚି । ଏ ଗତିର ପରିଣାମରେ ଦେଶର ଚିଂତା ପରାଧୀନ ହୋଇ ଦେଶର ସର୍ବନାଶ ହେବ; କିଂବା ବିରୋଧ ପରିବର୍ତେ ବିଦ୍ରୋହର କରାଳଜ୍ୱାଳା ଅସଂଭାଳ ହେବ— ଏ ଗତିରେ ତୃତୀୟ ପରିଣତି ନାଇ ।

**କହିଲେ 'କୁଳ କୁଟୁଂବକୁ ଲାଜ'—**

ଷଢ଼େଇକଳା, ଖରସୁଆଁ ଗଲା କିପରି, କେହି ଜାଣଂତି ନାଇ । ଶେଷକୁ ଜଣାପଡ଼ିଲା, ଆମ ସରକାର ପାରିଲେନାଇ । ତେଣୁ ସେକ୍ରେଟରୀ ମେନନ୍‌ଂକ ବିଚାରପତିତ୍ୱର ଗୋଟାଏ ବାହାନା କରି ଛାଡ଼ିଦେଲେ । ଯଥାର୍ଥରେ ହୋଇଥିଲା ତାଂକ ବିଚାର ଗୋଟାଏ ବାହାନା । ମେ ମାସ ୭ ତାରିଖ ସକାଳୁ ଶୁଣାଣି ଆରଂଭ ହେଲା । ସେତିକିବେଳେ ବେତାରରେ ତଥା କଲିକତା ଓ ଦିଲ୍ଲୀର 'ଷ୍ଟେଟସ୍‌ମ୍ୟାନ'ରେ ଏକାବେଳକେ ଖବର ବାହାରିଗଲା— 'ଷଢ଼େଇକଳା, ଖରସୁଆଁ ବିହାରକୁ ଦିଆଗଲା ।' ବାସ୍ତବରେ ଏ ଖବର ସତ୍ୟ ନ ହୋଇଥିଲେ, ସମ୍ବାଦଦାତାଂକର କି ଅବସ୍ଥା ହୋଇଥାଂତା, ତା ଅନୁମେୟ । 'ଷ୍ଟେଟସ୍‌ମ୍ୟାନ୍'ଙ୍କୁ କୁହାଯାଇଥିଲା, 'ଏପରି ଅମୂଳକ ଖବର ତୁମ ଲୋକ କାହିଁକି ଦେଲା ବୋଲି ।' 'ଷ୍ଟେଟ୍‌ସମ୍ୟାନ' କହିଥିଲେ, 'ଖବର ଅମୂଳକ ବୋଲି ଜଣାଗଲେ ଆମେ ସେ ଲୋକକୁ ବରଖାସ୍ତ କରିବୁ ।' ତେଣୁ ଅନୁସଂଧାନ କରି ପୁଣି ଛପାଇଦେଲେ, 'ଆମ ସଂବାଦଦାତା ଯେଉଁ ଖବର ଦେଇଥିଲେ, ତା ସଂପୂର୍ଣ ଓ ନିରାଟ ସତ୍ୟ । ଏଣେ ଏ ସବୁ ହେଉଚି, ତେଣେ ଶୁଣାଣି, ଜବାବ ସୁଆଲ୍ ଚାଲିଚି । ସେତିକି ନୁହେ— କେଂଦ୍ର ସରକାର ଓ ଆମ ପ୍ରାଦେଶିକ ସରକାର ଦୁହେଁ ଇସ୍ତାହାର ବି ଝାଡୁଚଂତି— 'ସବୁର୍ କର, ସବୁର୍ କର, ଶୁଣାଣି ସରିନାଇ, ନିଷତ୍ତି ହୋଇନାଇ । ବେସରକାରୀ ଭାବରେ ଯାହା ପ୍ରକାଶ ପାଇଚି ସେ ସବୁ ଠିକ୍ ନୁହେ ।' ଏଇପରି କହି କହି, ୭ ତାରିଖରୁ ୧୪ ତାରିଖ ଯାଏଁ ଗଡ଼ାଇ ଦେଲେ । ପରେ ଶୁଣାଗଲା, ଲୋକମତ କାଳେ ଚହଲିଯିବ, ତାକୁ ସମର୍ଥାଇ ରଖି କଥାଟା ଆସ୍ତେ ପ୍ରକାଶ କରିବାପାଇଁ ଏହା କୁହାଯାଉଥିଲା ଓ ଶୁଣାଣିର ଅଭିନୟ

Digitized by PPRACHIN, SOA

ହେଉଥିଲା । ଏ କାର୍ଯ୍ୟ ଓ ଏ ପ୍ରକାର ସଂବଂଧରେ ଆଉ ବିଶେଷ କହିବା ଦରକାର ନାଇ । ଏ ତ ଆଉ ଇଂରେଜ ସରକାର ବା ଅନ୍ୟ ବିଦେଶୀ ସରକାର ନୁହେ– ଏ ତ ଆମ ନିଜ ସରକାର, କହିଲେ ଯେ 'କୁଳ କୁଟୁଂବକୁ ଲାଜ' – ନ କହିଲେ, ଯା ହେଉ ।

## ପ୍ରଚାର ବଂଦ କର ନାଇ–

ଆମ ପ୍ରତିନିଧିମାନେ ବୁଝାଇବାକୁ ଯାଇଥିଲେ । ସେମାନେ କହୁଥିଲେ, କଲିକତା ଛାଡ଼ିବାଠାରୁ ଦିଲ୍ଲୀ ପର୍ଯ୍ୟଂତ ସବୁ ପରିପ୍ରଚାର ଖାଲି ବିହାର ତରଫରୁ । ଓଡ଼ିଶା ତରଫରୁ ପ୍ରଚାରର ନାମ ଗଂଧ ନାଇ । ଓଡ଼ିଶା ତରଫରୁ ଯାହା ବାହାରେ ପ୍ରକାଶ ପାଏ, ତା' ଖାଲି ମଂତ୍ରୀଂକ ବକ୍ତୃତା । ଆଉ ଓଡ଼ିଶାରେ କିଛି ମତ ଅଛି, ଚିଂତା ଅଛି, ଯୁକ୍ତି ଅଛି, ବା ଉଦ୍‌ବେଗ ଅଛି ବୋଲି ଓଡ଼ିଶା ବାହାରେ କେହି ଜାଣଂତି ନାଇ । ଅବଶ୍ୟ ଆଜି ସବୁ ପ୍ରଚାର ଯଂତ୍ର ସରକାରଂକ ହାତେ, ବା ସରକାରଂକ ଲୋକଂକ ହାତେ । ଆମ ସରକାର ଏ ସଂବଂଧେ କ'ଣ କରୁଚଂତି ? ନିଆଁକୁ ଏପରି ଅଂଚିରେ ଭର୍ତି କରୁଚଂତି କାହିଁକି ? ସେମାନେ ନ ବିଚାରିଲେ ପ୍ରଚାର ହେବ ନାଇ । ସେମାନେ ବିଚାରିଲେଇ ହେବ । ଲୋକଂକର ଏ କ୍ଷେତ୍ରରେ ଚାରା କ'ଣ ? ସରକାର ସାହାଯ୍ୟ କରିବେ ବୋଲି ଇଚ୍ଛା କଲେ ବା କରିବେ ବା କିପରି ? ଅବଶ୍ୟ ସରକାରଂକ 'ହାଇମାରିବା'ରେ ଯଦି 'ପୁଟୁକି ଫୁଟାଇବାଟା' ସାହାଯ୍ୟ ଓ ସହଯୋଗ ବୋଲି ଧରାଯାଏ, ତା' ସ୍ୱତଂତ୍ର କଥା । କିଂତୁ ସେ ତ ଯଥାର୍ଥ ସାହାଯ୍ୟ ଓ ସହଯୋଗ ନୁହେ !

## ଅନ୍ୟ ଓଡ଼ିଆ ଭୂମି ସବୁ ରହିବ ତ ?–

ଶୁଣାଯାଉଚି, କେହି କେହି କହୁଚଂତି, ଛାଡ଼, ଷଢେିକଳା, ଖରସୁଆଁ ସିନା ଗଲା, ଯାଉ । ଓଡ଼ିଶା ତ କେଡ଼େ ବଡ଼ ହୋଇଚି । ଆଉରି ତେଇଶି ଗଡ଼ଜାତ ତ ଅଛି– ଚିଂତା କ'ଣ ? ଆଉ ସବୁ ଯାହା ରହିଚି ତାକୁଇ ଘେନି ଘର କର । କିଂତୁ ଖରସୁଆ, ଷଢେିକଳା ଗଲା କାହିଁକି ଓ କିପରି ? ଏହା ଭଲକରି ଜାଣି ବିଚାର ନ କଲେ, ଆଉ ତକ ଘେନି ଘରକରିବାକୁ ସାହସ ଆସିବ କାହୁଁ ? ଦମ୍ଭ ଆସିବ କୁଆଡୁ ? ଆଜି ଷଢେିକଳା, ଖରସୁଆଁ ଯେଉଁ କାରଣରୁ ଗଲା, ସେଇ କାରଣ ଓ ସେଇଭଳି କାରଣରୁ ମୟୂରଭଂଜକୁ ଘେନି ବାଲେଶ୍ୱରରୁ ଖଂଡେ ବଂଗଳାକୁ ନ ଯିବ ବୋଲି କହିବ କିଏ ? କୋରାପୁଟ, ଗଂଜାମ ଆଂଧ୍ରକୁ ନଯିବ ବୋଲି ବା କିଏ କହିବ ? ପୁଣି ଝାଡ଼ଖଂଡ ବାତ୍ୟାରେ ଗାଂଗପୁର, ବାମଂଡା, ବଣାଇ ଆଦି ବିହାରକୁ ନ ଯିବ ବୋଲି କହିବାକୁ କି ଯୁକ୍ତି ବା କି ବଳ ଅଛି କାହାପାଖେ ? ଆମର ହରାଇବାର କାରଣ ଯଦି ପରିସ୍ଥିତି ସଂଭାଳିବାରେ ଅକର୍ମଣ୍ୟତା ହୁଏ, ତେବେ ଯାହାଂକ ଅକର୍ମଣ୍ୟତାରେ ଏହା ହେଲା, ତାଂକରି ଆଶ୍ୱାସନାରେ ଲୋକେ ଢଂଭ ପାଇବେ କି ? କାହିଁ ଗଲା, କାହିଁକି ବା ରହିବ ବୋଲି କୁହାଯାଉଚି ? ଏ ସବୁ କଥା ହେଲେ ଲୋକେ ଭଲ କରି ଜାଣଂତୁ । ସରକାରଂକୁ ଡରିକରି 'ହଁ' ଭରିଦେବା କଥା ଅବଶ୍ୟ ଏଠାରେ ବିଚାର କରାଯାଉନାଇ । ବଂଧୁକଧାରୀ ପୁଲିସ୍ ବା ଫୌଜ୍

Digitized by PPRACHIN, SOA

ଦେଖି, ସରକାରୀ ପ୍ରଚାରକ ପଲ ଦେଖି, ମତ ପ୍ରକାଶ ମାତ୍ରକୁ ଜବତ୍ କରିବା ପାଇଁ ଆଇନର ଯଥେଚ୍ଛା ପ୍ରଣୟନ ଓ ନିରଂକୁଶ ପ୍ରୟୋଗ ଦେଖି, ଲୋକେ ଡରି ଯାଇ ପାରଂତି; ବୁଝିଯିବେ ନାଇ ।

## ଏ ରାଜ୍ୟରେ ଓଡ଼ିଆର ଏକା କ'ଣ ସ୍ୱାଧୀନତା ନାଇ ?–

ଯେତେବେଳେ ଗଡ଼ଜାତ ସବୁ ଓଡ଼ିଶାରେ ମିଶିଲା, ସେତେବେଳେ ଜାଣିଶୁଣି ବସ୍ତର, ରାଏଗଡ଼, ସାରଂଗଗଡ଼ ଶକ୍ତି, କାଂକେର୍ ପରି ରାଜ୍ୟଗୁଡ଼ିକ ଛାଡ଼ି ଦିଆ ହୋଇଥିଲା । ତା' ସଂଗେ ମଧ୍ୟପ୍ରଦେଶରେ ଥିବା ଫୁଲଝର, ବିଂଧ୍ରାନୂଆଗଡ଼ ଭଳି ଓଡ଼ିଆ ଭୂମିମାନ ବି ଥିଲା– ଲୋକେ ସେ କଥା କ୍ରମେ ଭୁଲିଯାଉଚଂତି । ସରକାର କହିବେ କି ସେ ସବୁ ଓଡ଼ିଶାକୁ ଆସିବା ନ ଆସିବା ସଂବଂଧରେ କ'ଣ ବିଚାର ହୋଇଚି, ହେଉଚି ବା ହେବ ? ଆମର ତ ବାହାରେ ପ୍ରଚାର ନାଇ । ଦେଶ ଭିତରେ ବି ଆଂଦୋଳନ ଅସ୍ୱାଦ୍ୟ ହେଉଚି । ତେବେ ଓଡ଼ିଆର କ'ଣ ଏ ରାଜ୍ୟରେ ସତେ ମା ବାପ ନାଇ ? ଆମ କଥା କ'ଣ କୌଣସିଠାରେ ବିଚାର ହୋଇ ନିଷତ୍ତି ହେବ ନାଇ ? ଆମକୁ କ'ଣ ଖାଲି ଘର ଓ ବାହାରର 'ମେରୀରାଏ'ରେ ଚଳିବାକୁ ହେବ ? ବିଧାତା ଏହା ନ କରଂତୁ । କାହିଁକି, ଅନ୍ୟ କୌଣସି ପ୍ରଦେଶ ସଂବଂଧରେ ତ ଏହା ହେଉନାଇ । କଂଗ୍ରେସର ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତିକୁ ସମସ୍ତେ ତ ଧରିବସିଚଂତି– ସେଥିପାଇଁ ଲଢ଼ିବାକୁ କେହି ତ ପଶ୍ଚାତପଦ ନୁହଂତି ? ଏପରି ଲଢ଼ାଇରେ କ'ଣ ଆମର ସ୍ୱାଧୀନତା ନାଇ ?

## ହୀରାକୁଦ ଦେଇ କ'ଣ ଷଢେ଼ିକଲା ନେବେ ?–

ପୁଣି ଶୁଣାଯାଉଚି, କେଂଦ୍ର ସରକାର ଆମକୁ ହୀରାକୁଦ ଓ ରାଜଧାନୀ ପାଇଁ ବିସ୍ତର ଟଂକା ଦେଉଛଂତି– ଆମେ ତାଂକ ସଂଗେ ଏଇସବୁ ଉପାଂତ ଭୂମି ପାଇଁ ଲଢ଼ିବା କିପରି ? ଅବଶ୍ୟ, ତାଂକ ସଂଗେ ଲଢ଼ିବା କଥାଟାର ଅର୍ଥ ବୁଝାଯାଉନାଇ । ଆମେ ବୁଝିଥିଲୁ, ତାଂକ ମଧ୍ୟସ୍ଥତାରେ ପାର୍ଶ୍ୱବର୍ତୀ ପ୍ରଦେଶ ସଂଗେ ଲଢ଼ିବାକୁ ହେବ । ଏଥିରେ ଯଦି ଫଳରେ ତାଂକ ସହିତ ଲଢ଼ିବା ହୁଏ, ତେବେ ଆମ ଅବସ୍ଥା କ'ଣ ହେବ ? କେନ୍ଦ୍ର ସରକାର ତେବେ କାହାଆଡ଼େ ଅଛଂତି– ସେ କଥା ତ ଅଂତତଃ ଆମର ଜାଣିବା ଦରକାର । ତେବେ କ'ଣ ଆମକୁ କେଂଦ୍ର ସରକାର ଧନ ଦେବାର ଲୋଭ ଦେଖାଇ ଆମ ଭୂମି ନେଇ ଅନ୍ୟକୁ ଦେବେ ? ଯେଉଁ ରଜା, ଜମିଦାରଂକୁ ଆମେ ଆଜି ବାହାରକଲୁ ବା କରୁଚୁ, ସେମାନେ ଏଇପରି ଧନ ଲୋଭ ଦେଖାଇ ବହୁତ କଥା ନେଉଥିଲେ । ଆମର ଅବଶ୍ୟ ସେଇ ଧନ ଲୋଭରେ ବହୁତ କଥାରେ ହୁଏତ ତୁନି ରହିବାର ଅଭ୍ୟାସ ଅଛି । ତଥାପି ଆଜି କ'ଣ ସ୍ୱାଧୀନ ହୋଇ ମଧ୍ୟ ସେଇ ଅଭ୍ୟାସ ସ୍ମରଣ କରି କାର୍ଯ୍ୟରେ ଲଗାଇବା ? ପୁଣି କେଂଦ୍ର ସରକାର ଖାଲି ହୀରାକୁଦକୁ ତ ଦେଉ ନାହାଂତି ? ଏହାଠାରୁ ଖୁବ୍ ବଡ଼ ଦାମୋଦର ଉପତ୍ୟକା ଜଳଭଂଡାର ପାଇଁ ମଧ୍ୟ ଦେଉଚଂତି; ଦେଶରେ ଆଉ

Digitized by PPRACHIN, SOA

କେତେ କ'ଣ ଯୋଜନା ପାଇଁ ଦେଉଚଂତି– ସେ ସମସ୍ତେ ଆମରି ପରି ଭାବୁ ନାହାଂତି କାହିଁକି ? ଆମେ କହୁ ଏ ସବୁ ଅକର୍ମଣ୍ୟର ଯୁକ୍ତି । ନିର୍ମଳ ଦୃଷ୍ଟିରେ କର୍ତବ୍ୟ କରିବାର ଏ 'ସବୁ ଯୁକ୍ତି ନୁହେ ।

## 'ଇଉନିୟନ' ଆତଂକ କାହିଁକି ?–

ପୁଣି ଗୋଟିଏ ଲୋକଭାଂଗୁଣିଆ ପ୍ରଚାର କରାଯାଉଚି, ଓଡ଼ିଶାର କେହି କେହି ଗଡ଼ଜାତରେ ୟୁନିଅନ୍ ଗଢ଼ିବା ପାଇଁ ଉଦ୍ୟମ କରୁଚଂତି ଓ ସେ ୟୁନିଅନ୍ ଗଢ଼ାଗଲେ, ରଜାମାନେ ପୁଣି ଗାଦିକୁ ଫେରିବେ । ସେଥିପାଇଁ ରଜାମାନେ ଭିତରି ଟଂକା ଦେଇ ଏ ଉଦ୍ୟମ କରାଉଚଂତି । ଏ କି ହାସ୍ୟାସ୍ପଦ କଥା ! ୟୁନିୟନ ଗଢ଼ିବାଟା କ'ଣ ଆମ ଓଡ଼ିଶାର କୌଣସି ଲୋକଂକ ହାତେ ଅଛି । କେଂଦ୍ର ସରକାର ନ ବିଚାରିଲେ, ଓଡ଼ିଶାର ଶତକଡ଼ା ଶହେ ଲୋକ କହିଲେ ମଧ୍ୟ କ'ଣ ୟୁନିଅନ ହୋଇପାରେ ? ତଥାପି, ଯଦି କେହି ମନେକରେ, ୟୁନିୟନ ହେଲେ ପୁଣି ଷଢ଼େଇକଳା, ଖରସୁଆଁ ବିହାରରୁ ଫେରିବ ଓ ତା' ସଂଗେ ପରେ ସିଂହଭୂମି ଫେରିବାର ବାଟ ଫିଟିବ, ତେବେ ସେ ମତ ପ୍ରକାଶିତ ହେବାରେ ଏତେ ଆପତ୍ତି କାହିଁକି ? ମିଶ୍ରଣ ବିରୁଦ୍ଧରେ ଏହା କୁହାଗଲା ବୋଲି ଜବତ୍ କରାହେଉଚି କାହିଁକି ? ଯଦି ଏଇ କେତେ ଜଣକ ମତର ଫଳରେ କେଂଦ୍ର ସରକାର ୟୁନିୟନ କରିଦେବେ ବୋଲି ମତହୁଏ, ତେବେ କେନ୍ଦ୍ରସରକାର କ'ଣ ଯଥାର୍ଥରେ ଗଡ଼ଜାତ ମିଶ୍ରଣର ବିରୋଧୀ ? ସେ କଥା ତେବେ ଆମ ସରକାର ସ୍ପଷ୍ଟ କହୁନାହାଂତି କାହିଁକି ? ତେବେ ଏ ଭୟଟା କେଂଦ୍ର ସରକାରକୁ ନା ଇଉନିୟନକୁ ?

ପୁଣି ଯୁକ୍ତି ପାଇଁ କୁହାଯାଉ, ଉଷୁନାଧାନ ଗଜା ହବ । ଧର, କେଂଦ୍ର ସରକାର ପୁଣି ଆମ ସରକାରଂକୁ ଏଡ଼ିଦେଇ ଷଢ଼େଇକଳା, ଖରସୁଆଁ ବିହାରକୁ ଦେଲାପରି, ଫସ୍‌କରି ଇଉନିୟନଟାଏ ଗଢ଼ିଦେଲେ– ତେବେ ବା ଏତେ ଭୟ କାହିଁକି ? ଇଉନିୟନରେ ଯଥାର୍ଥ ଲୋକମତରେ ନିର୍ବାଚିତ ହୋଇ ରାୟ ଦେଲେ, ପୁଣି ସମସ୍ତେ ଓଡ଼ିଶାକୁ ଆସିବାର ବ୍ୟବସ୍ଥା ତ ସ୍ପଷ୍ଟ ଆଇନରେ ଅଛି, ତେବେ ବା ଏତେ ଭୟ କାହାକୁ ? ଯଥାର୍ଥ ଭୟଟା ତେବେ ଇଉନିୟନକୁ ନୁହେ; ଭୟଟା ହେଉଚି ଗଡ଼ଜାତର ଲୋକମତକୁ । ଆମ ସରକାର ତେବେ ଡରୁଚଂତି, ଗଡ଼ଜାତ ଲୋକେ ଆମର ଆପଣାର ନୁହଂତି– ଯେତେ ଚେଷ୍ଟା କଲେ ବି ହୋଇପାରିବେ ନାଇ । ଏ କି ଦୁର୍ଗତି ? ଲୋକେ ଯଦି ଆମର ନୁହଂତି, ତେବେ ମିଶ୍ରଣ ବା ସଂଭଳା ଯିବ କେମିତି ? ଲୋକଂକୁ ଜବତ୍ କରି, ଏ ଯୁଗରେ ମତ କରିହେବ ନାଇ । ଏହା ବୁଝିବା ଉଚିତ ।

## ରାଜାଏ କଦାପି ଗାଦିକୁ ଫେରୁନାହାଂତି–

ପୁଣି ରାଜାମାନେ ଟଂକା ଦେଉଚଂତି ବୋଲି କୁହାଯାଉଚି । ରାଜାମାନେ ଟଂକା ଦେବେ କାହିଁକି ? ସୂର୍ଯ ପଶ୍ଚିମରୁ ଉଇଁବା ସଂଭବ ହେଲେ ମଧ ୟୁନିଅନ ହେଉ, ମିଶ୍ରଣ

Digitized by PPRACHIN, SOA

ହେଉ, କେଂଦ୍ର ସରକାର ଅଧୀନରେ ଗଡ଼ଜାତ ରହୁ ବା ଆଉ ଯାହାହେଉ, କୌଣସି ପରିସ୍ଥିତିରେ ରାଜାମାନେ ଆଉ ଗାଦିକୁ ଫେରୁନାହାଂତି– ଏହା ତ ନିଶ୍ଚୟ କଥା । ତେବେ ସେମାନେ ଆଉ ଟଂକା ଦେବେ କିଆଁ ?

## ଟଂକାଖିଆ-ଯୁକ୍ତି କାଢ଼ି ଆଉ ଲୋକଂକୁ ଭୁଲାଅ ନାଇ

ଦୁଃଖର କଥା, ମିଛରେ ଅମୁକ ଟଂକା ଖାଉଚି ବୋଲି ଲୋକକୁ ମତାଇ ଏ ଦେଶର ବହୁତ ଅନିଷ୍ଟ କରାଯାଇଚି । ପୁଣି ଆଜି ଦେଶରେ ନାନାଭାବରେ ଯେଉଁ ଟଂକାଖିଆ ଚାଲିଚି ସେ କଥା ଫଳାଇ କହିବା ଦରକାର ନାଇ । ଦେଶ ସେଥିରେ କୁଆଡ଼କୁ ଯାଉଚି ? ସେଥିର କି ପ୍ରତିକାର କରାହେଉଚି ? ଏପରି ଟଂକାଖିଆର ମିଥ୍ୟା ପରିପ୍ରଚାରରେ ସେ ସବୁ ମହାପାପର କଳଂକ ଆଉ ଘୋଡ଼ାଇ ହେବ ନାଇ ।

## ଶେଷକୁ ଆମ ଅନୁରୋଧ–

ଆମର ଏକାଂତ ଅନୁରୋଧ, ଲୋକଂକୁ ସ୍ୱାଧୀନ କରାଯାଉ । ସ୍ୱାଧୀନ ଲୋକମତ ପ୍ରଚାର ପାଉ, ଭିତରେ ଓ ବାହାରେ ପ୍ରଚାରର ବାଟ ଫିଟୁ । ମଂତ୍ରୀମାନେ ଯଦି ନିଜକୁ ଅକର୍ମଣ୍ୟ ବୋଲି ବିଚାରୁଚଂତି, ତେବେ ସେମାନେ ତାହାର ଯଥାର୍ଥ ବୈଧାନିକ ପ୍ରତିକାର କରଂତୁ । ଏହି ଷଢେଇକଳା, ଖରସୁଆଁ ସମସ୍ୟା ଘେନି ମଧ ଷଢେଇକଳା, ଖରସୁଆଁ ତଥା ସମଗ୍ର ଓଡ଼ିଶାରେ ସ୍ୱାଧୀନ ଆଂଦୋଳନର ବାଟ ଫିଟୁ । ତା' ନହେଲେ ପରିସ୍ଥିତି ଦିନକୁ ଦିନ ଅସହାୟ ହେବ । ଗଡ଼ଜାତକୁ ଓଡ଼ିଶାରେ ମିଶାଇବାରେ ସମସ୍ତ ଓଡ଼ିଶାଟାଯାକ ଗୋଟାଏ ଗଡ଼ଜାତ ହୋଇଗଲା ବୋଲି ଲୋକେ ନ ବୁଝଂତୁ । ଏହାଇ ଆମର ଏକାଂତ ଆଂତରିକ କାମନା ।

[ନବଭାରତ, କନ୍ୟା, ୧୩୫୫]

# ଆସାମରେ ଓଡ଼ିଆ କୁଲି

ଗଂଜାମରେ ଶ୍ରୀମାନ୍ ହରେକୃଷ୍ଣ ସାହୁ ପ୍ରଥମେ ଏଜେଂଟରୂପେ ଆସାମ ଚା ବଗିଚାକୁ କୁଲି ଯୋଗାଉଥିଲେ । ସେଥିରେ ହିଁ ତାଂକ ମନ ବଦଳିଗଲା । ପରେ ସେ ଇସ୍ତଫା ଦେଇ ସେଇ କୁଲିଂକ ଅବସ୍ଥା ସୁଧାରିବାରେ ବହୁକାଳ ଲାଗିଚଂତି । ସେ ଲେଖିଚଂତି–

''ଆସାମ ଚା ବଗିଚା, କୋଇଲା ଓ ତେଲଖଣି ଇତ୍ୟାଦିରେ ପ୍ରାୟ ୪ ଲକ୍ଷ ଓଡ଼ିଆ କୁଲି ଭାବରେ କାର୍ଯ୍ୟ କରୁଂତି । ପ୍ରତିବର୍ଷ ସେସବୁ ଥାନକୁ ଓଡ଼ିଶାରୁ ହଜାର ହଜାର କୁଲି ଚାଲାଣ ହୋଇ ଯାଆନ୍ତି ।

ଦୋଷୀକୁ ପୁଲିସ୍ 'ଚାଲାଣ' କରେ; ମାତ୍ର ଏ 'ଚାଲାଣ' ମଧ ଠିକ୍ ସେଇପରି । ଗତ ୭୫ ବର୍ଷ ମଧରେ କେତେ ଲକ୍ଷ ଓଡ଼ିଆ ଚା ବଗିଚାରେ ଖଟି ମରିଚଂତି, ତା'ର

Digitized by PPRACHIN, SOA

ହିସାବ ନେବା ପ୍ରୟୋଜନ । ପ୍ରତି ବର୍ଷ ଯେଉଁ ହଜାର ହଜାର କୁଲି 'ଚାଲାଣ' ହୁଅନ୍ତି, ସେଥିରୁ ଲୋକେ ପୁଣି ବଛା ହୋଇ ଦେଶକୁ କୁଲି ସରଦାର ରୂପେ ପଠାହୁଅନ୍ତି । ସେଇ ସରଦାରମାନେ ପୁଣି ଲୋକଙ୍କୁ ଭୁଲାଇ ଚାଲାଣ କରଂତି । ପ୍ରତି କୁଲିପାଇଁ ସରଦାର ୨୫ ଟଂକା ପାଏ । ଏଇପରି କୌଣସି କୌଣସି ବର୍ଷ ଓଡ଼ିଶାରୁ ୩୦ ହଜାର ଖାଲି ଚା ବଗିଚାକୁ ଚାଲାଣ ହୋଇଚଂତି । ପୁଣି ଚା ବଗିଚାର ଖଟଣି ଯେପରି ଅମାନୁଷିକ, ମଜୁରି ସେଇପରି ଅଳ୍ପ । ସକାଳୁ ବେଳବୁଡ଼ ଯାଏ ଖଟିଲେ ହାରାହାରି ଜଣକେ ଚାରିଅଣା ମିଳେ । ସେଥିରେ ପୁଣି ବିଦେଶୀ ବଗିଚା ମାଲିକଂକର ଏ ଦେଶୀ କୁଲିଂକ ପ୍ରତି ଦୟାମାୟା ନାହିଁ । ପୁଣି କୁଲି ଚାଲାଣ କରି ଆଣିବାରେ ମାଲିକର ସର୍ଦାର ପାଉଣା, ରେଳ ଭଡ଼ା ଇତ୍ୟାଦିରେ ଯାହା ଖର୍ଚ୍ଚ ହୁଏ, ସେସବୁ ସେଇ କୁଲିକୁ ଆଗତୁରା ଦିଆହେଲା ବୋଲି ଖାତାରେ ଲେଖା ରହେ । ସେଥିରେ କୁଲି ବିଚରାର ଟିପ ଚିହ୍ନ ବା (ଅକ୍ଷର ଲେଖି ଜାଣିଥିଲେ) ଦସ୍ତଖତ୍ କରାଇ ନିଅନ୍ତି । କୁଲି ବାପୁଡ଼ା ଏବେ ବୁଝେ, ସେ କି ବିପଦରେ ପଡ଼ିଲା । ସେଠାରେ ତ ରୋଜଗାର ପେଟକୁ ନିଅଣ୍ଟ— ଆଉ ଋଣ ଶୁଝିବ, ନା ଗାଁକୁ ଫେରିବ ? କେତେ କୁଲି ସହି ନ ପାରି ଲୁଚି ପଳାଇ ଆସିବାକୁ ଚେଷ୍ଟା କରଂତି । ପେଟକୁ ବା ବାଟକୁ ପଇସା ନାହିଁ— ଆସିବେ କିପରି ? ଆସିବେ ବା କେତେ ବାଟ ? ଅଧିକାଂଶ ବଗିଚାର ଜଗୁଆଳି ବା ଚୌକିଦାର ହାତେ ଧରାପଡ଼ଂତି । ଏଇ ଚୌକିଦାରମାନେ ହାଟ ବାଟ ଘାଟ ଷ୍ଟେସନ ସବୁଠାରେ ରଖା ହୋଇଥାନ୍ତି । ଧରାପଡ଼ି ଫେରିଲେ, ପିଠିରୁ ଥରେ ହୁଏତ ଚମଡ଼ା ଛାଡ଼ିଯାଏ । ଯେଉଁ କେତେ ଜଣ ଖସି ଆସନ୍ତି, ସେମାନେ ପ୍ରାୟ ବାଟରେ ମରଂତି । ବଗିଚାରେ ମଧ କୁଲିଙ୍କୁ ମାରୁ ମାରୁ ମାରିପକାଇବାର ଦୃଷ୍ଟାନ୍ତ କମ୍ ନାହିଁ ।

[ନବଭାରତ, ୧ମ ବର୍ଷ, ୮ମ ଓ ୯ମ ସଂଖ୍ୟା, ମକର, ୧୩୪୧]

## ଭିଟଲ ଭାଇ ପଟେଲଂକ ଦାନ

ଗତ ବର୍ଷ ଏହି ମାସରେ ଶ୍ରୀଯୁକ୍ତ ଭିଟଲ ଭାଇ ପଟେଲ ଭିଏନାଠାରେ ସ୍ୱର୍ଗଲାଭ କଲେ । ଏ ଦେଶରେ ସେ ଥିଲେ ଜଣେ ମୁଖ୍ୟ ରାଜନୀତିକ । ଭାରତ ବ୍ୟବସ୍ଥାପକ ସଭାର ସଭାପତିରୂପେ ସେ ଯେଉଁ କୃତିତ୍ୱ ଦେଖାଇଥିଲେ ତାହା ଦେଶବାସୀ ଓ ସରକାର ଏକ ବାକ୍ୟରେ ପ୍ରଶଂସା କରଂତି । ରାଜନୀତି କ୍ଷେତ୍ରରେ ତାଂକ ପରି ବିଚକ୍ଷଣ ଦେଶପ୍ରାଣ ଲୋକ ବିରଳ । ସେ ମରିବା ପର୍ଯ୍ୟଂତ ଏ ଦେଶର ସ୍ୱାଧୀନତା କଥା ଚିନ୍ତା କରୁଥିଲେ । ଶ୍ରୀଯୁକ୍ତ ସୁଭାଷ ବୋଷଙ୍କ ଆଗେ ଦେଶର ସ୍ୱାଧୀନତା କାମନା କରି ଦେହ ତ୍ୟାଗ କରିଛଂତି ।

Digitized by PPRACHIN, SOA

ଗତ ୧୯୧୯ ମଂଟେଗୁ ଚେମସ୍‌ଫୋର୍ଡ଼ ଶାସନ ସଂସ୍କାର ପୂର୍ବରୁ ସେ ଭାରତ ବ୍ୟବସ୍ଥାପକ ସଭାରେ ଜଣେ ଜଣାଶୁଣା ସଦସ୍ୟ ଥିଲେ । ମଂଟେଗୁ ଚେମସ୍‌ଫୋର୍ଡ଼ ଶାସନ-ସଂସ୍କାର ହେବା ପୂର୍ବରୁ ସେ ଅନ୍ୟାନ୍ୟ ମୁଖ୍ୟ ନେତାମାନଂକ ସଂଗେ ଭାରତର ଦାବି ଉପସ୍ଥାପିତ କରିବା ପାଇଁ ବିଲାତ ଯାଇଥିଲେ । ସେହି ଦିନଠାରୁ ସେ ଭଲକରି ବୁଝିଥିଲେ, ଭାରତର ଆଂଦୋଳନ ସଂଗେ ସଂଗେ ପୃଥିବୀର ସଭ୍ୟଜାତିମାନଂକ ମଧ୍ୟରେ ଭାରତ ସଂବଂଧୀୟ ଆଂଦୋଳନ ହେବା ଉଚିତ । ଇଂରେଜ ଜାତି ସଭ୍ୟ ଜଗତକୁ ବୁଝାଇ ପାରିଛି, ଭାରତରେ ଇଂରେଜହିଁ ସମସ୍ତ ସଭ୍ୟତାର ବିକାଶ ଓ ଶୃଂଖଳାର ହେତୁ । ଇଂରେଜ ଚାଲିଗଲେ ଏ ଦେଶରେ ଅରାଜକତା ହେବ ଓ ଲୋକେ ସଭ୍ୟତାରେ କ୍ରମେ ପଛକୁ ଯିବେ, ସଭ୍ୟ ଜଗତର ଏ ଧାରଣା ବଦଳାଇବାକୁ ହେବ । ଯେ ଯେତେ କୌଶଳୀ ହୁଅଂତୁ ଏ ଯୁଗରେ ସଭ୍ୟ ଜଗତର ସୁଗଠିତ ମତ ପାଖେ ସମସ୍ତେ ନଇଁ ପଡ଼ିବେ । ଜଗତର ମତକୁ ଏଡ଼ି ଇଂରେଜ ମଧ ତିଷ୍ଠି ପାରିବେ ନାହି ।

ଗତ ଗାଂଧୀ-ଆରବିନ୍ ସଂଧି ପୂର୍ବରୁ ପଟେଲ ଜେଲ ଯାଇଥିଲେ । ଜେଲରେ ସେ ଅସୁସ୍ଥ ଥିଲେ । ସେ ଅସ୍ୱାସ୍ଥ୍ୟ ଭଲ ହୋଇ ନ ଥିଲା । ପୁଣି ଯେତେବେଳେ ୧୯୩୨ରେ ସରକାର ଏ ଦେଶରେ ଧର୍ଷଣ ନୀତି ଚଳାଇଲେ ସେତେବେଳେ ପଟେଲ ବୁଝିଲେ, ଏପରି ଧର୍ଷଣ ନୀତିରେ ଇଂରେଜ ପୃଥିବୀର ମତ ନିଜ ଆଡ଼କୁ କରିରଖିବାର ପ୍ରଗାଢ଼ ଯତ୍ନ କରିବେ, ତା' ନହେଲେ କେବଳ ଧର୍ଷଣରେ ଏ ବିରାଟ ଭାରତ ଜାତିକୁ ଦବାଇ ରଖିବାର ପ୍ରୟାସ ତାଂକର ବୃଥା ହେବ । ସେ ଅସୁସ୍ଥ ଥିଲେ ମଧ ନିଜ ସ୍ୱାସ୍ଥ୍ୟ ପ୍ରତି ଭ୍ରୂକ୍ଷେପ ନ କରି ଆମେରିକାଠାରୁ ଆୟରଲାଂଡ ପର୍ଯ୍ୟଂତ ସର୍ବତ୍ର ନିଜେ ଭାରତ ଜାତୀୟତାର ପ୍ରଚାର କାର୍ଯ୍ୟରେ ଲାଗିଗଲେ । କାଳ ବେଶୀ ସହିଲା ନାହି ।

ଏବେ ଜଣାପଡ଼ିଛି ସେ ଯେଉଁ ଉଇଲ କରିଥିଲେ ସେଥିରେ ଏକଲକ୍ଷ ପଂଦର ହଜାର ଟଂକା ସେ ସୁଭାଷ ବୋଷଂକ ହାତେ ଦେଇଯାଇଛଂତି । ଇଚ୍ଛା ପ୍ରକାଶ କରି ଯାଇଛଂତି, ଯଥାସଂଭବ ଏହି ଅର୍ଥ ବିଦେଶରେ ଭାରତ ସଂବଂଧୀୟ ପ୍ରଚାର କାର୍ଯ୍ୟରେ ଲାଗିବ ।

ବାସ୍ତବିକ ଭାରତ ଜାତୀୟତାର ଆଂଦୋଳନ କେବଳ ଦେଶ ଭିତରେ ହେଲେ ଚଳିବ ନାହି । ଭାରତ ଆଜି ପ୍ରାଚୀନ ସଭ୍ୟ ଜାତି ବୋଲି ପୃଥିବୀରେ ଏକ ପ୍ରକାର ପରିଚିତ— ତାହା ଅବଶ୍ୟ ଇୟୁରୋପୀୟ ପଂଡ଼ିତମାନଂକ ବଦାନ୍ୟ ଗବେଷଣା ଫଳରେ । କିଂତୁ ବର୍ତ୍ତମାନ ଭାରତ ସଂବଂଧରେ ସଭ୍ୟ ଜଗତରେ ଜ୍ଞାନ ସୀମାବଦ୍ଧ । ଇଂରେଜ ଜାତି ବହୁ ପରିମାଣରେ ଏ ସୀମା ନିରୂପଣ କରିଦିଅଂତି । ଭାରତରେ ଇଂରେଜ ନ ରହିଲେ ଚଳିବ ନାହି— ଏ ଧାରଣା ପୃଥିବୀରେ ବଦ୍ଧମୂଳ ନ ହେଲେ ଏ ଦେଶରେ ଇଂରେଜର ସ୍ୱାର୍ଥରକ୍ଷା ସଂଭବ ନୁହେ । ବେଲଜିଅମ୍ ପରି କ୍ଷୁଦ୍ର ଜାତିର ସ୍ୱାଧୀନତା ରକ୍ଷା କରିବା ପାଇଁ ଏହି ଇଂରେଜ ଦିନେ ସମସ୍ତ ସଭ୍ୟ ଜଗତକୁ ମହାସମରରେ ଲଗାଇପାରିଥିଲେ ।

Digitized by PPRACHIN, SOA

ଜର୍ମାନୀର କ୍ଷୁଦ୍ର ଜାତି ପ୍ରତି ଦୁରାଚାର କଥା ଦୃଢ଼ ଭାବରେ ସଭ୍ୟ ଜଗତରେ ପ୍ରଚାର କରି ନ ପାରିଥିଲେ ଇୟୁରୋପ ଯୁଦ୍ଧରେ ଇଂରେଜ ଓ ଫ୍ରାନ୍ସର ଅବସ୍ଥା ହୁଏତ ଭିନ୍ନ ପ୍ରକାର ହୋଇଥାଂତା । କୌଣସି ଅନ୍ୟାୟ କାର୍ଯ୍ୟରେ ପୃଥିବୀର ସଭ୍ୟ ଜାତିମାନେ ମାତି ଉଠି ନ ଥାଂତେ । ଭାରତରେ ଆଜି ଇଂରେଜ ଶାସନର ଯଥାର୍ଥ ପ୍ରକୃତିର ପରିଚୟ ପୃଥିବୀକୁ ଦେବା ନିତାଂତ ଦରକାର ପଡ଼ିଛି । ସ୍ୱର୍ଗତ ପଟେଲଂକର ଏ ଦାନ ଓ ଏ ଅଭିପ୍ରାୟରୁ ସୂଚନା ଗ୍ରହଣ କରି ଭାରତର ଜାତୀୟ ନେତାମାନେ ଏ ଦିଗରେ ପ୍ରଯତ୍ନ କରିବେ ।

[ନବଭାରତ, ତୁଳା ୧୩୪୧]

# ଓଡ଼ିଶାରେ ରାଜନୀତିକ ଦଳ

ପ୍ରାୟ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଉଦ୍ୟମ ପରେ ଓଡ଼ିଶା ସ୍ୱତଂତ୍ର ପ୍ରଦେଶ ନାମରେ ଗୋଟାଏ ଜିନିଷ ପାଇବାର ଆଶା ଦେଖାଯାଉଛି । ଓଡ଼ିଆଂକର ନିଜର ବୋଲି କେବେ ସରକାର ନ ଥିଲା– ଏବେ ତାହା ହେବ । ଯାହାର ଯାହା ନ ଥାଏ, ସେଥିପାଇଁ ଯେ ବ୍ୟାକୁଳ ହେଉଥାଏ, ପାଇଲେ ସେ ଜିନିଷର ବ୍ୟବହାର କରିବା ତାହା ପକ୍ଷରେ ସବୁବେଳେ ସହଜ ହୁଏ ନାହି, ଏ କଥା ଓଡ଼ିଆଂକର ଆଦୌ ମନେ ରଖିବା ଉଚିତ । ଦିନ ଥିଲା, ଯେତେବେଳେ ଚାକିରି ପାଇଁ ଲୋକେ ସରକାରଂକୁ ଲୋଡୁଥିଲେ । ତା' ଉତ୍ତାରୁ ସ୍ୱର ଉଠିଲା, ବଡ଼ ବଡ଼ ଚାକିରି ଆମକୁ ଦିଅ । ୧୯୨୦ ପରେ ପୁଣି ମଂତ୍ରୀ ବୋଲି କଥାଟାଏ ବାହାରିଲା । ନାମଟା ମଂତ୍ରୀ ସତ, କିଂତୁ ବିହାର ପ୍ରଦେଶରେ କେବେ ହେଲେ ଯଥାର୍ଥ ମଂତ୍ରୀ ଜଣେ ହୋଇନାହି । ମଂତ୍ରୀଂକ ହାତେ ଆଇନ ଅନୁସାରେ ସରକାରଂକର ଗୋଟିଏ ଭାଗ ଥିଲା । ସେ ଭାଗଟିର ଯେତିକି ସୀମା ଥିଲା, ତାହା ଭିତରେ ମଂତ୍ରୀ ଏକ ପ୍ରକାର ସ୍ୱାଧୀନ ହେବାର କଥା । ସେ ସ୍ୱାଧୀନତାକୁ ରଖିବା ନିମଂତେ ବ୍ୟବସ୍ଥାପକ ସଭାରେ ବହୁ ପକ୍ଷଂକ ମତ ସବୁବେଳେ ପଛରେ ରହିବା ଦରକାର । ବିହାର ଓଡ଼ିଶା ପ୍ରଦେଶରେ ବହୁପକ୍ଷଂକ ମତ କେବେ ଲୋକପ୍ରତିନିଧିଂକ ହାତରେ ନ ଥିଲା । ସରକାରୀ ମେମ୍ବରଂକ ସଂଖ୍ୟା ମିଶାଇ ଇଂରେଜ ସରକାର ଏକା ବ୍ୟବସ୍ଥାପକ ସଭାରେ ବହୁ ପକ୍ଷ ମତ ଧରି ବରାବର ବସିଥିଲେ । ସେଥିପାଇଁ ବିହାରର ମଂତ୍ରୀ ଇଂରେଜ ସରକାରଂକ ହାତରେ କ୍ରୀଡ଼ାପୁତ୍ତଳିକା ପରି ଚାଳିତ ହେବା ଛଡ଼ା ତାଂକର ଅନ୍ୟ ଉପାୟ ନ ଥିଲା । ବିହାର ପ୍ରଦେଶରେ ତାହାହିଁ ଚଳିଆସିଥିବାରୁ ଅନେକ ଓଡ଼ିଆ ଦୂରରେ ରହି ମଂତ୍ରୀ ପଦକୁ ଗୋଟିଏ ବହୁତ ଟଂକା ପାଇବା ଚାକିରି ଛଡ଼ା, କେତେଗୁଡ଼ିଏ କ୍ଷମତା ଜାରି କରିବାର ସୁବିଧା ଛଡ଼ା ଆଉ କିଛି ବୋଲି କେବେ ଦେଖିନାହାଂତି । ଅନେକ କ୍ଷେତ୍ରରେ ଦେଖାଯାଇଛି,

Digitized by PPRACHIN, SOA

ବଡ଼ ବଡ଼ ଧନୀ ଲୋକେ, ସରକାରଂକ ଦୁଆଧରା ଲୋକେ ମେଂବର ହୋଇଯିବା ମାତ୍ରେ ଗଭର୍ଣ୍ଣର ପ୍ରଭୃତିଙ୍କୁ ଧରି ମଂତ୍ରୀ ହେବାର ଆଶାରେ ଏ ପ୍ରଦେଶରେ ଲାଟସଭାକୁ ଠିଆହୁଅନ୍ତି । ସେହି କଥା କହି ମଧ ଭୋଟ ସଂଗ୍ରହ କରିବାର ଦେଖା ଅଛି । ଯେପରି କି ବିହାରୀ ଜଣେ ମଂତ୍ରୀ ନ ହୋଇ ଓଡ଼ିଆ ଜଣେ ମଂତ୍ରୀ ହେଲେ ଓଡ଼ିଶା ଉଦ୍ଧାର ହୋଇଯିବ ! କ୍ଷୁଦ୍ର ନିଷ୍ପେଷିତ ଓଡ଼ିଆ ଜାତିର ସବୁ କ୍ଷେତ୍ରରେ ଏହି ଗୌଣତ୍ୱ ବୁଦ୍ଧି ! ଯଥାର୍ଥ ପ୍ରଗତି ଦିଗରେ କେବେ ତାଂକର ଦୃଷ୍ଟି ଫିଟିଛି ବୋଲି ମନେ ହେଉ ନାହି ।

ଆଜି ନୂଆ ଶାସନ ଆସିଛି । ଇଂଲଂଡରେ ତାହାର ଚିଠା ହୋଇ ଆଇନ ତିଆରି ଲାଗିଛି । ସେ ଆଇନରେ ମଂତ୍ରୀ କ'ଣ ହେବେ, ତାଂକର ଅଧିକାର, ସ୍ୱତ୍ୱ ଓ କର୍ତବ୍ୟ କ'ଣ ରହିବ, ସେ କଥାର ଶେଷ ନିଷତ୍ତି ହୋଇ ନାହି । ଯାହା ନାକ କାନରୁ ଜଣା ପଡୁଛି, ସେଥିରେ ମଂତ୍ରୀ ପଦ ନେବା ଉଚିତ କି ନା, ନେଲେ ବା ତାହାର କି ବ୍ୟବହାର କଲେ ଜାତିର ପ୍ରଗତି ଫୁଟିବ, ତାହାର ବିଚାର ଘେନି ଭାରତର ରାଜନୀତିକମାନେ ଆଜି ବ୍ୟତିବ୍ୟସ୍ତ । କିଂତୁ ଓଡ଼ିଶାରେ ଅନେକେ ସେ ସବୁ ଆଇନ ସଂଧି, ଅଧିକାର, କର୍ତବ୍ୟ, ଜାତିର ପ୍ରଗତି, ଅଗ୍ରଗତି ପ୍ରଭୃତି କଥା କିଛି ନ ବିଚାରି ପ୍ରକାଶ କରିପକାଉଛଂତି— 'ଅମୁକ ମଂତ୍ରୀ ହେବେ, କଂଗ୍ରେସକୁ ଛାଡ଼ି ଜାତୀୟ ଦଳ ଗଢ଼ା ଯାଉ' ଇତ୍ୟାଦି । ଏସବୁ କଥାରେ କି ଚିଂତା ଅଛି, କି ପୀଠ ଓ ପୁରୋଦୃଷ୍ଟି ଉପରେ ସେ ଚିଂତା ପ୍ରତିଷ୍ଠିତ ରହିଛି, ତାହା କେହି କହୁନାହାଂତି । ପ୍ରଦେଶ ଆସିଲେ ସେ ପ୍ରଦେଶ ଯାହା ହେଉ, ଆଉ କିଛି ନ ବିଚାରି ସେ ପ୍ରଦେଶର ଲାଟସାହେବଂକ ଇଂଗିତ ଘେନି ମଂତ୍ରୀ ହୋଇ ପ୍ରଦେଶକୁ ଚଳାଇବାକୁ ହେବ । [ନ.ଭା. ୧ମ ବର୍ଷ, ୧୦-୧୧ ସଂଖ୍ୟା, ବୃଷ ୧୩୪୨]

# କଂଗ୍ରେସର ସୁବର୍ଣ୍ଣ ଜୟଂତୀ

ଗଲା ଡିସେମ୍ବର ୨୮ ତାରିଖରେ ଭାରତ ଜାତୀୟ ମହାସଭା ବା କଂଗ୍ରେସର ସୁବର୍ଣ୍ଣ ଜୟଂତୀ ଅନୁଷ୍ଠିତ ହୋଇଅଛି । ଏହି ପଚାଶ ବର୍ଷ ଧରି କଂଗ୍ରେସ ଭାରତକୁ ସ୍ୱାଧୀନ କରିବାରେ ଲାଗିଛଂତି । ପ୍ରଥମେ ଏଥିପାଇଁ ଆବେଦନ ନିବେଦନ ଓ ଆଲୋଚନା କରୁଥିଲେ; କ୍ରମେ ଦାବି କଲେ ଓ ସେହି ଦାବିରୁ ଏବେ ଲଢ଼ାଇକୁ ଉଠିଛଂତି । ଗତ ୧୫ ବର୍ଷ ଲଢ଼ାଇରେ କଂଗ୍ରେସ ଆଶାନୁରୂପ କୃତକାର୍ଯ୍ୟ ହୋଇ ନାହାଂତି । ମାତ୍ର ଏହି ସମୟ ମଧ୍ୟରେ କଂଗ୍ରେସ ଯେ ଭାରତର ଜନସମାଜର ପ୍ରାଣକୁ ବିସ୍ତୀର୍ଣ୍ଣ ଭାବରେ ଅଧିକାର କରିଚି, ଏଥିରେ ସଂଦେହ ନାହି । ସ୍ୱାଧୀନତା ମାନବର ଜନ୍ମାଧିକାର । ସ୍ୱାଧୀନତାର ସଂଗ୍ରାମରେ ପରାଜୟ ନାହି । ଏହା ଥରେ ଜାଗ୍ରତ ହେଲେ ପୁରୁଷାନୁକ୍ରମେ ଚାଲେ କେବେ ବଂଦ ହୁଏ ନାହି; ଶେଷରେ ଜୟଯୁକ୍ତ ହୁଏ । ସଅଳ ହେଉ, ଉଛୁର ହେଉ ଏ ସଂଗ୍ରାମରେ ଜୟ ସୁନିଶ୍ଚିତ । ଏ ବିଶ୍ୱାସ ନ ଥିଲେ ଜାତି ସ୍ୱାଧୀନତା ପାଇଁ ଜାଗ୍ରତ ହୁଏ ନାହି । ଜାଗିଲେ କିଂତୁ ଏହି ବିଶ୍ୱାସ ପରାଧୀନ ମାନବକୁ ସବୁ ଭୟରୁ ତ୍ରାଣ କରେ ।

Digitized by PPRACHIN, SOA

ଦେଖିବା ଭଳି ଫଳାଫଳ ଯାହା ହେଉ, କଂଗ୍ରେସ ଭାରତବାସୀ ପ୍ରାଣରେ ଏ ଭାବ ଓ ଏ ବିଶ୍ୱାସ ଦୃଢ଼ଭାବରେ ଜାଗ୍ରତ କରିଚି । ଆଜି ସେଥିପାଇଁ କଂଗ୍ରେସର ଜୟନ୍ତୀ ବା ବିଜୟ ଉତ୍ସବ ।

କଂଗ୍ରେସର ସ୍ୱାଧୀନତା ସଂଗ୍ରାମରେ ଯଥାର୍ଥ ଭୌତିକ ଫଳ ଫଳି ନାହି । ବିଶେଷରେ ଗତ ନିଷ୍କ୍ରିୟ ପ୍ରତିରୋଧ ଓ ଆଇନ ଅମାନ୍ୟ ସଂଗ୍ରାମ ଶେଷରେ କଂଗ୍ରେସ ଆପାତତଃ ପରାଜୟ ସ୍ୱୀକାର କରିଅଛି । କେହି କେହି କହଂତି, କଂଗ୍ରେସର ଏହି ଅସୀମ ସାହସିକତା ଫଳରେ ଆଜି ଭାରତର ନୂତନ ଶାସନ ବ୍ୟବସ୍ଥାରେ ଏ ଦୁର୍ଗତି । କଂଗ୍ରେସ ତଥା ମୁଖ୍ୟ ଜାତୀୟ ପଂଥୀମାନେ ଯାହା ଯାହା ଦାବି କରୁଥିଲେ, କର୍ତ୍ତାମାନେ ସେହି ସବୁ ଦାବି ଅସହ୍ୟ ଓ ନିଜ ସ୍ୱାର୍ଥର ପ୍ରତିକୂଳ ମଣି ସେହି ସବୁର ବାଟ ବଂଦ କରିବା ପାଇଁ ଶାସନ ବିକାଶର ପ୍ରଗତି ନାନା ଭାବରେ ପଛକୁ ଫେରାଇ ଦେଇଅଛଂତି । ଏହା ମଧ୍ୟ ବହୁ ପରିମାଣରେ ସତ । ପୁଣି ଆଜି ଦେଶରେ ଦମନର ତାଂଡବ ଚାରିଆଡ଼େ ଲାଗିଛି । ଜାତିର କର୍ମୀ ପୁରୁଷ ଓ ଯୁବକମାନେ ସହସ୍ର ସହସ୍ର ସଂଖ୍ୟାରେ ଜେଲରେ ଅଛଂତି । ଏପରି ପରିସ୍ଥିତିରେ କଂଗ୍ରେସର ଏ ଜୟଂତୀରେ ଉତ୍ସବର ଉତ୍ସାହ ଓ ପରିପାଟୀ ନ ଦେଖାଇ ବିଷାଦ ପ୍ରକାଶ କରିବା ଉଚିତ ବୋଲି କେତେକ ମତ ଦେଲେ; ସେଥିପାଇଁ ଶେଷକୁ କଂଗ୍ରେସ କାର୍ଯ୍ୟକାରୀ ସମିତି ଦୀପାଳି ପର୍ଯ୍ୟଂତ ବଂଦ କରି ଦେଇଥିଲେ । ଓଡ଼ିଶାରେ ମଧ୍ୟ ଯାତ୍ରା ଉତ୍ସବାଦି ବଂଦ କରିବାକୁ କେହି କେହି ପ୍ରସ୍ତାବ କରିଥିଲେ ଓ ନିଜ ନିଜ ପ୍ରଭାବିତ ସ୍ଥଳୀରେ ତାହା ହୁଏତ କାର୍ଯ୍ୟରେ ବଂଦ କରିଥିଲେ ।

ଏ ସବୁରେ ସତ୍ୟ ଥାଇପାରେ, ମାତ୍ର ତାହା ପୂର୍ଣ ସତ୍ୟ ନୁହେ । ଏ ସତ୍ୟ ଉପରେ ଜୟଂତୀର ପରିକଳ୍ପନା ନୁହେ । ବିଜୟର ଉତ୍ସବରେହିଁ ଜୟଂତୀର ଐତିହାସିକ ଭିତ୍ତି ଓ ପ୍ରତିଷ୍ଠା । ବେଦରେ ମଧ୍ୟ ଉତ୍ତରାୟଣ ପ୍ରାରମ୍ଭରେ ଶୀତ ଉପରେ ସୂର୍ଯ୍ୟର ବିଜୟ ଉତ୍ସବ ପ୍ରଚାର ନିମଂତେ 'ଜୟଂତୀ' ଅନୁଷ୍ଠିତ ହେଉଥିଲା । ଦୁଃଖରେ ଉପବାସ ଓ ଏ ଯୁଗରେ ହରତାଳ କରାଯାଏ । କିଂତୁ ଜୟଂତୀର କଳ୍ପନା ତାହା ନୁହେ । ଭାରତ ଏହି ପଚାଶ ବର୍ଷ ଧରି ସ୍ୱାଧୀନତାର ସଂଗ୍ରାମ ନାନା ଭାବରେ ଚଳାଇ ଆଜି ଯେ ଉଦ୍‌ବୋଧନରେ ଜୀବଂତ ହୋଇଛି, ତାହାରି ଦୃଢ଼ ଅନୁଭୂତି, ପ୍ରଚାର ଓ ପ୍ରଖ୍ୟାପନ ପାଇଁ ଜୟଂତୀର ଅନୁଷ୍ଠାନ । ବହୁ ଶତାବ୍ଦୀର ପରାଧୀନତା ପରେ ପଚାଶ ବର୍ଷ ଧରି ସ୍ୱାଧୀନତାର ସଂଗ୍ରାମ ଜାଗ୍ରତ ରଖି ସେହି ସ୍ୱାଧୀନତାର ଭାବ ପୁରପଲ୍ଲିରେ ଭରି ଦେବାରେ ଜାତି ଯେ କୃତିତ୍ୱ ଦେଖାଇଚି, ତା'ର ସ୍ମୃତି ଯଥାର୍ଥରେ ଗୌରବାବହ । ଯେଉଁମାନେ ଆଜି ଜେଲ ଯଂତ୍ରଣା ଭୋଗୁଚଂତି ବା ଦେଶରେ ଆଜି ଯେଉଁ ଦମନ ଲୀଳା ଲାଗିଚି, ସେ ସବୁ ସେହି ମହନୀୟ ଗୌରବର ଲକ୍ଷଣ— ଜୟଂତୀରେ ଲୋକେ ଏହି ଭାବରେ ପ୍ରାଣିତ ଓ ପ୍ରଭାବିତ ହେବାର କଥା । ଯଥାସଂଭବ ତାହାହିଁ ହୋଇଅଛି । ନିଜ କାର୍ଯ୍ୟ ଓ ନୀତିରେ ବିଶ୍ୱାସ ଥିଲେ, ଲୋକ ସେଥିରେ ନିଜକୁ ଗୌରବାନ୍ୱିତ ବୋଧ କରେ । ସେତେବେଳେ ଫଳ ଗଣନା ନାହି ।

Digitized by PPRACHIN, SOA

ପୁଣି ସବୁବେଳେ ଫଳ ଗଣନାରେ ନିରାଶା ଓ ସଂକୋଚ ଅଭ୍ୟାସ କଲେ ପୁରୋଦୃଷ୍ଟି ସୀମାବଦ୍ଧ ହୋଇ ଆସେ, ଜୀବନ କ୍ରମେ ନିସ୍ପଂଦ ହୁଏ । ଚିରଦିନ ଔଷଧରେ ପାକସ୍ଥଳୀ ଭରି ରଖିଲେ ଯଥାର୍ଥ ଆରୋଗ୍ୟ ଆସେ ନାହିଁ । ସ୍ୱଚ୍ଛଂଦ ପାନାହାର ବିବହାର କ୍ରୀଡ଼ା କୌତୁକର ଯଥାବକାଶରେହିଁ ରୋଗନାଶର ପ୍ରଯତ୍ନ ଯଶସ୍ୱୀ ହୁଏ । ଏ ଜୟଂତୀ ଉତ୍ସବରେ ତାହାହିଁ ହେବାର କଥା ହୋଇଅଛି ।

ଏହି ଆଧ୍ୟାତ୍ମିକ ଦୃଷ୍ଟିରେ ଭାରତବାସୀ ଏ ଜୟଂତୀ ବା ବିଜୟ ଉତ୍ସବକୁ ପାଳିଚଂତି ବୋଲି ମନେହୁଏ । ଫଳ ଗଣନା ଓ ଲାଭାଲାଭରେ ବିଚଳନ ସ୍ୱାଭାବିକ ଓ ଆପାତ ସ୍ୱାଦ୍ୟ ହେଲେହେଁ ଏ ଆଧ୍ୟାତ୍ମିକ ଆଭିମୁଖ୍ୟ ପାଖେ ତାହା ନିଶ୍ଚୟ ଅଳ୍ପକ କଥା । ଏହି ଜୟଂତୀ ଫଳରେ କଂଗ୍ରେସର ଶକ୍ତି ଓ ସଫଳତାରେ ଏହି ଅଧ୍ୟାତ୍ମ ବିଶ୍ୱାସ ଦୃଢ଼ତର ହୋଇଛି, ସଂଦେହ ନାହିଁ ।

ଆଜି ଦେଶର ସ୍ୱାଧୀନତା ଭାବ ଲୋପ କରିବାରେ ପୁଣି ଦମନ ବା ଲୋକଂକ ଜେଲ ଯନ୍ତ୍ରଣା କିଛି ନୁହେ । ବରଂ ଏ ସବୁ ସ୍ୱାଧୀନତା ଭାବର ଆଧ୍ୟାତ୍ମିକ ବିକାଶରେ ସହାୟକ । କିଂତୁ ସ୍ୱାଧୀନତାର ଯଥାର୍ଥ ପ୍ରତିଷେଧକ ଓ ପ୍ରତିରୋଧକ ହେଉଚି ଭାରତ ଜାତି ଭିତରେ ଭେଦ ଭାବ । ସାଂପ୍ରଦାୟିକ ନିଷ୍ପତ୍ତି ଓ ତା'ର ଆନୁଷଙ୍ଗିକ କ୍ରିୟାମାନଂକ ଠାରୁ ଆରଂଭ କରି ପ୍ରାଦେଶିକ ସ୍ୱାତଂତ୍ର୍ୟ ପର୍ଯ୍ୟଂତ ଏହି ଭେଦନୀତିର ମଂତ୍ରରୂପେ ଆଜି କଳ୍ପିତ ଓ ପ୍ରଚାରିତ ହେଉଅଛି । ବିପଦ ଏହିଠାରେ । ଏଥିରେ ପ୍ରଗତିର ପ୍ରତିକ୍ରିୟା ବହୁ ପରିମାଣରେ ସାଧିତ ହେବାର ଶଂକା ରହିଚି । ମାତ୍ର ଏ ପ୍ରତିକ୍ରିୟାର ଯଥାର୍ଥ ଔଷଧ ହେଉଚି, କଂଗ୍ରେସ । ସେହି କଂଗ୍ରେସ କାର୍ଯ୍ୟରେ ଗୌରବ ଅନୁଭବ କରିବାହିଁ ଏ କ୍ଷେତ୍ରରେ ଲୋକଶକ୍ତିରେ ସମୂହ ପ୍ରଭାବ ବିସ୍ତାର କରିବ । କଂଗ୍ରେସ ସମସ୍ତଂକର ଗୌରବର ଧନ ଓ ବିଜୟର ସାଧନା କ୍ଷେତ୍ର । ଭାରତୀୟ ଏକତାର ଏହାହିଁ ବିଗ୍ରହ । କଂଗ୍ରେସକୁ ବ୍ୟକ୍ତିଗତ ନୀତିରେ ସଂକୁଚିତ କରି, ସେଥିରେ ସୁନିର୍ଦ୍ଦିଷ୍ଟ ଓ ବିଧିବଦ୍ଧ ଗୌରବ ଅନୁଭବ କରିବା ପାଇଁ କାର୍ଯ୍ୟର ସରୁ ନାଳଟିଏ କାଟି ତାକୁ ଗୋଟିଏ ସାଂପ୍ରଦାୟିକ ଅନୁଷ୍ଠାନ ପରି କରିବାର ପ୍ରୟାସ ଉଚିତ ନୁହେ । ଆମର ବିଶ୍ୱାସ, ଜୟଂତୀ ଉତ୍ସବରେ ତାହା ହୋଇନାହିଁ । ଏହି ଜୟଂତୀ ଫଳରେ ଭାରତର ଜାତୀୟ ଏକତା ସ୍ପଷ୍ଟ ଅଗ୍ରସର ହୋଇଚି । ନାନା ମତ, ନାନା ସଂପ୍ରଦାୟର ଲୋକେ ଏଥିରେ ପୂର୍ଣ୍ଣପ୍ରାଣରେ ଯୋଗ ଦେବାକୁ ସମର୍ଥ ହୋଇଚଂତି ଓ ଯୋଗ ଦେଇଚଂତି । ଯେଉଁ କଂଗ୍ରେସ କର୍ମୀମାନେ ଏହି ଜୟଂତୀର ସୂଚନା ଦେଇଥିଲେ, ସେମାନେ ଧନ୍ୟ । ଦେଶର ସଂକଟ ବେଳେ ଏ ଜୟଂତୀର ଉଦ୍‌ବୋଧନ ସ୍ଥାୟୀ ହେଉ । ଫଳାଫଳର ଗଣନା ଛାଡ଼ି ଲୋକେ କଂଗ୍ରେସର ଅଧ୍ୟାତ୍ମ ଶକ୍ତିରେ ଉତ୍ତରୋତ୍ତର ପ୍ରଭାବିତ ହୋଇ ସ୍ୱାଧୀନତାର ସଂଗ୍ରାମରେ ଚିର ଯଶସ୍ୱୀ ହୁଅଂତୁ । କଂଗ୍ରେସର ବିଜୟ ସୁନିଶ୍ଚିତ ।

[ନ.ଭା. ୨ୟ ବର୍ଷ]

Digitized by PPRACHIN, SOA

# ପରାଧୀନ କିଏ ?

ପୁରୁଷ ନାରୀକୁ ପରାଧୀନ କରି ରଖିଛି, ଏ ଗୋଟିଏ ସ୍ୱଷ୍ଟ ଧାରଣା ପଡ଼ିଯାଇଚି । ଏ କଥାଟି କହିଦେଲେ ସମସ୍ତେ ସହଜରେ ବୁଝିଯାଉଛଂତି । ଏହା କିପରି କି ପରିମାଣରେ ସତ୍ୟ ? ନାରୀ ଏହା କେବେ କହିବାକୁ ଆରଂଭ କଲା ତାହା ଏଠାରେ ଆଲୋଚନା କରିବାର ମଧ ଅବାକାଶ ନାହି । ନାରୀ ଏହା କହିବାକୁ ଆରଂଭ କଲା କି ଭାବିତ କହିବାକୁ ଆରଂଭ କଲା– ଏ ଦୁଇଟି ମଧରେ ବିଚାରର ପ୍ରକ୍ରିୟାର ଠିକ୍ କରିବା ଭଳି ଚିଂତାର ଚାଳନା କ୍ୱଚିତ୍ ଦେଖାଯାଏ ।

ଏକ ଏକ ଯୁଗରେ ଏକ ଏକ ଭାବର ପ୍ରତିକ୍ରିୟା ଉଠେ । ତାହାହିଁ ସେ ଯୁଗର ସଂକେତ । ସେହି ପ୍ରକ୍ରିୟାର ପ୍ଳାବନରେ ଅନୁଷ୍ଠାନ ତଥା କ୍ରିୟାରାଶିର ଆଲୋଚନା ଏକାବେଳକେ ଭାସିଯାଏ । ଏହି ଭାସିଗଲାବେଳେ ସ୍ଥିତି ଧରି ରହିବା ସଂଭବ ନୁହେ, ଉଜାଣି ଉଠିବା କଥା ତ କହିବାର ଦରକାର ନାହି । ଏହିପରି ଏକ ଏକ ଯୁଗ ସଂକେତ ସମସ୍ତ କ୍ରିୟା ଉପରେ ଛାପ ମାରିଦିଏ । ସେଥିରେ ଚିଂତା ଓ ଆଲୋଚନାରେ ସ୍ୱାତଂତ୍ର୍ୟ ଏକାବେଳକେ ଲୁଚିଯାଏ କହିଲେ ଚଳେ । ସବୁ ସ୍ୱାତଂତ୍ର୍ୟ ସେହି ଛାପର ପ୍ରକୃତିରେ ପ୍ରକୃତିମଂତ ହୁଅଂତି । ସେହି ଛାପରେ ହିଁ ସବୁ ଚିଂତାର ମୌଳିକତା ଓ ଚତୁରତା ଆତ୍ମପ୍ରକାଶ କରିଥାଏ । ଯଥାର୍ଥ ମୌଳିକତା ଫୁଟେ ନାହି, କେବେ କିପରି ଫୁଟିଲେ ମଧ ସମୂହ ଭାବରେ ଲୋକଚିତ୍ତ ଅଧିକାର କରିବାରେ କ୍ଷମ ହୁଏ ନାହି ।

ଆଜି ଏ ଯୁଗରେ ନାରୀର ପରାଧୀନତା ସେହିପରି ଗୋଟିଏ କଥା । ନାରୀ କଦାପି ଏ ପରାଧୀନତାରେ ପୀଡ଼ିତ ହୋଇ ପ୍ରଥମେ ଚିତ୍କାର କରି ଉଠିଥିବାର କୌଣସି ପ୍ରମାଣ ନାହି, ତାହା ମଧ ହୋଇନାହି । ଜଗତରେ ଜନସ୍ୱାର୍ଥ ନାମ ଧରି ଏହି ଜନସ୍ୱାର୍ଥର ପ୍ରତୀକରୂପେ ଉଦାର ପରପ୍ରାଣ ମହାପୁରୁଷମାନେ ଠିଆହୁଅଂତି । ସିଦ୍ଧାର୍ଥ ବୁଦ୍ଧ, ରାଜ୍ୟ ରାଣୀ ପୁତ୍ରାଦି ବିଭବରେ ଜଳାଂଜଳି ଦେଇ ଲୋକସ୍ୱାର୍ଥ ପ୍ରତି ଦୃଷ୍ଟି ଫିଟାଇ କହିଲେ–

> ‘‘ସର୍ବେ ଭବଂତୁ ସୁଖିନଃ
> ସର୍ବେ ସଂତୁ ନିରାମୟାଃ
> ସର୍ବେ ଭଦ୍ରାଣି ପଶ୍ୟଂତୁ
> ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ ।’’

ଅର୍ଥାତ୍– ସମସ୍ତେ ସୁଖୀ ହୁଅଂତୁ, ସମସ୍ତେ ସୁସ୍ଥ ହୁଅଂତୁ, ସମସ୍ତେ ମଂଗଳ ଦେଖନ୍ତୁ (ମଂଗଳ କଥାଟା ଠିକ ବୁଝଂତୁ), କେହି ଦୁଃଖରେ ନ ରୁହନ୍ତୁ । ସମସ୍ତେ ମଂଗଳ ଦେଖିଲେ କି ନାହି, ସେ ସ୍ୱତଂତ୍ର କଥା । କିଂତୁ ଲୋକସ୍ୱାର୍ଥର ଅନୁଭବରେ ସିଦ୍ଧାର୍ଥ ଲୋକର ଯେଉଁ

Digitized by PPRACHIN, SOA

ମଂଗଳ ଦେଖିଲେ ସେକାଳରେ ତାହାରି ପ୍ଲାବନ ବନ୍ୟା ଛୁଟିଲା । ହୁଏତ ଯଜମାନ ଧନୀ ଓ ଶ୍ରୋତ୍ରୀୟ ପୁରୋହିତଂକ ସାମାଜିକ ଆଧିପତ୍ୟର ସେତେବେଳେ ଏହା ଦେଖାଗଲା । ଏ ବନ୍ୟାରେ ଯଜମାନ ଯାଜ୍ଞିକ ହୁଏତ ସମସ୍ତେ ସେତେବେଳେ ଭାସିଗଲେ । ଲୋକେ କହିଲେ– ''ପଶୁଘାତ କରି ଯଜ୍ଞ ନାମରେ ଧନ ଓ ଧର୍ମର ବ୍ୟବହାର ପୃଥିବୀରେ ରକ୍ଷିତ ସ୍ୱାର୍ଥର ଏକ ପ୍ରତାରଣା ।''

ଏସବୁ ସତ୍ତ୍ୱେ ଜନସ୍ୱାର୍ଥ ନିଜେ ମୌଳିକ ଭାବରେ ମୁଂଡ ଟେକିଛି ବୋଲି କହିବାର କୌଣସି ପ୍ରମାଣ ନାହିଁ । ଜନ ନିଜର ଅନୁଭବ, ଆଦର୍ଶ ବା କ୍ରିୟାରେ ଫୁଟାଇବାର ପ୍ରଯତ୍ନ ପାଖରୁ ସର୍ବଦା ବହୁଦୂରରେ ଅଛି । ସେହିପରି ଏ ଯୁଗରେ ନାରୀ । ନାରୀ ନିଜ ସ୍ୱାର୍ଥର ପ୍ରେରଣାରେ ଗତାଗତ ଅନୁଧାବନ କରି ସମାଜରେ ଆଜି ଏ ବିପ୍ଲବର ବିଭାବଟି ଫୁଟାଇ ନାହିଁ । ଜଗତର ମାନବ ପରାଧୀନତା ଦୃଷ୍ଟିରେ ଏ ଯୁଗରେ ଯେଉଁ ପ୍ରତିକ୍ରିୟା, ସାମ୍ରାଜ୍ୟ ଓ ପୁଂଜୀବାଦ ବିରୋଧରେ ମୁଂଡ ଟେକୁଛି, ଜନ ମଧ୍ୟରେ ଭୋଗ ସମାନ ବାଂଟିଦେଇ ଯେ ଜଗତର ଆର୍ଥିକ ସ୍ୱାର୍ଥର ସମୀକରଣରେ ସମାଧାନର ଆଦର୍ଶ ଦେଖୁଛି, ବହୁ ପକ୍ଷଚାଳିତ ରାଜ୍ୟର ସ୍ଥିର ଓ ନିଶ୍ଚିତ ଦୃଷ୍ଟିରେ ନିର୍ଭର କରି ଜନସମାଜର ସାମାଜିକ ପରିସ୍ଥିତିରେ ଚିରଂତନ ସ୍ଥିରତା କଳ୍ପନା କରୁଛି, ସେହି ଜନସ୍ୱାର୍ଥର ପ୍ରତୀକରୂପୀ ମାନବ-ପ୍ରତିଭା ଆଜି କହୁଛି– ''ସମାଜରେ ନାରୀର ଆର୍ଥିକ ପରାଧୀନତା ଅସହ୍ୟ । ଏହି ଆର୍ଥିକ ପରାଧୀନତା ଶାରୀରିକ ଦାସତ୍ୱରୁ ବିକାଶ ପାଇଛି । ତେଣୁ ନାରୀର ଶାରୀରିକ ପରାଧୀନତାର, ଉଦ୍‌ବଂଧନର ବ୍ୟବସ୍ଥା ।''

ଏ ଏକ ଘୋର ପ୍ରତିକ୍ରିୟା । ଏହା ନାରୀର ନୁହେ, ପୁରୁଷର କଳ୍ପନା । ଜଗତରେ ପ୍ରପୀଡ଼ିତର ସ୍ୱାର୍ଥଦର୍ଶୀ ପୁରୁଷ ଏହି କଳ୍ପନା ନାରୀ ଉପରେ ଫିଂଗିଦେଇଛି– ନାରୀଠାରେ ଆରୋପ କରିଛି । ସେ ପ୍ରଥମେ କହିଛି, ପ୍ରପୀଡ଼ିତ ଜନସମାଜ ଯେପରି ଅଂଧଭାବରେ ଅତ୍ୟାଚାର ସହି ସମାଜରେ ତଥା ଜଗତରେ ଶ୍ରେଣୀ ସ୍ୱାର୍ଥର ଭୋଗବିଳାସରେ ସାହାଯ୍ୟ କରୁଛି, ଅବଳା ନାରୀ ମଧ୍ୟ ସେହିପରି ନିଜର ଶାରୀରିକ ସ୍ୱାସ୍ଥ୍ୟ ଓ ସ୍ୱାଚ୍ଛଂଦତା ଅନଂତ ସହିଷ୍ଣୁତାର ମହାଯଜ୍ଞରେ ବଳି ଦେଇ ଏ ସମାଜ ତଥା ଜଗତରେ କେବଳ ପୁରୁଷର ସୁଖାଧାନ ହିଁ କରୁଛି । ଏହା ହିଁ ସେ ନାରୀକୁ ଶିଖାଉଛି । ନାରୀ ଚିରଦିନ ଯେଉଁ ପୁରୁଷର ଅଧୀନ ସେହି ପୁରୁଷର ଏହି ଆଦର୍ଶରେ ଆଜି ଅନୁପ୍ରାଣିତ ହୋଇ ଗ୍ରାମୋଫୋନ ପରି ନିଜର ପ୍ରପୀଡନ-ସଂହାର ପାଇଁ ଚିତ୍କାର କରି ରାଜ୍ୟ ତଥା ସମାଜରେ ପୁରୁଷର ପ୍ରତିଶୋଧ ମାତ୍ର ଦାବି କରୁଛି । ନାରୀ ନିଜର ଯଥାର୍ଥ ମୌଳିକ ସ୍ୱାଧୀନତା ପରାଧୀନତାର ତତ୍ତ୍ୱ ଦେଖିସାରି କ୍ରିୟାର ଗତ ଅନାଗତ ଫଳ ବିଚାର କରି ଆଜି ଏ ସ୍ୱାଧୀନତା ଧ୍ୱଜା ଟେକି ନାହିଁ । ଯଥାର୍ଥରେ ପରପ୍ରାଣ ପୁରୁଷଠାରୁ ନିଜର ଦୁର୍ଦ୍ଦଶାର କଥା ଶୁଣୁଛି, ନିଜର ଆଖି ସେହିପରି ତିଆର କରି ଦେଖୁଛି । ସେଥିରେ ହିଁ ପ୍ରତିକ୍ରିୟାର ସ୍ରୋତ ଚାଲିଛି ।

Digitized by PPRACHIN, SOA

ଏହି ସମସ୍ତ କୃତ୍ରିମତା ଭିତରେ ପ୍ରକୃତିର ଚିରନ୍ତନ ଲୀଳା କାହାରି ଆଖିରେ ପଡୁ ନାହି । ପ୍ରତିକ୍ରିୟାର ପ୍ଲାବକ ପ୍ରବାହ ସମାଜକୁ ଅଭିଭୂତ କଲାବେଳେ ଏ ପ୍ରାକୃତିକତା, ଏ ମୌଳିକତା ଫୁଟେ ନାହି । କଦାଚିତ୍ ଚିଂତାରେ ଫୁଟିଲେ ମଧ୍ୟ ସହଜରେ ମୁଂଡ ଟେକି ଉଠେ ନାହି । ସମାଜରେ ବା ଜଗତରେ କ୍ରିୟା ପ୍ରଭାବିତ କରି ପାରେ ନାହି । ଚିଂତାଚତୁର ମାନବ ଚିଂତା ଓ କ୍ରିୟାରେ ମୌଳିକତାର ଅହଂକାର କରେ ସତ, କିଂତୁ ସେ ମୌଳିକତା ସାଧାରଣତଃ ତାହାର ନାହି । ମାନବ ଗତାନୁଗତିକ । ଚିଂତାର ଗୋଟାଏ ରାସ୍ତା ଫିଟିଗଲେ ସେଥିରୁ ଅଲଗା ହୋଇ ନୂଆ ରାସ୍ତା ଫଟାଇବାରେ ମାନବ ସାଧାରଣତଃ ଅକ୍ଷମ । ପ୍ରତ୍ୟେକ ଯୁଗରେ ଏହିପରି ଏକ ଗୁଳା ଫୁଟିଯାଏ । ତାହାକୁ ହିଁ ଯୁଗଧର୍ମ କହଂତି । ଏହି ଯୁଗଧର୍ମ ଥରେ ପ୍ରତିକ୍ରିୟାର ପ୍ରକାଶ କଲେ ତେଣିକି ଜନଚିଂତା ପରଂପରାର ବାଟରେ ପଡ଼ିଯାଏ । ଏହି ନାରୀ ସ୍ୱାଧୀନତାର କ୍ଷେତ୍ରରେ ଏବେ ତାହା ହିଁ ହୋଇଛି ବୋଲି ମନେହୁଏ । କଥାଟି ଭଲ କରି ବୁଝିବା ପାଇଁ ନାରୀ ଓ ପୁରୁଷର ପ୍ରକୃତି ନିରବଲଂବ ଭାବରେ ପର୍ଯାଲୋଚନା କରାଯାଉ । ତେବେ ଦେଖାଯିବ, ଯଥାର୍ଥ ସ୍ୱାଧୀନ କିଏ, ପରାଧୀନ କିଏ ? ନାରୀ ପୁରୁଷର ପରସ୍ପର ବଂଧନର ସୀମା କେଉଁଠାରେ ? କିଏ କିପରି ଭାବରେ କି ପରିମାଣରେ କାହାର ସ୍ୱାଧୀନତା ହରଣ କରି ତାହାକୁ କାହିଁକି କେତେ ପରାଧୀନ କରିଛି ? ଆଜି ସେ ପରାଧୀନତାର ଯଥାର୍ଥ ପ୍ରତିକାରର ଉପାୟ ଓ ପରିଣାମ କ'ଣ ?

ନାରୀ ପୁରୁଷ ମୂଳତଃ କ'ଣ ଥିଲେ, ସେ କଥା ବିଚାର କରିବା ପୂର୍ବରୁ ଆଗ ଦେଖାଯାଉ ସେ ଦୁହେଁ ପରସ୍ପରଠାରୁ ସ୍ୱାଧୀନ ହେଲେ କ'ଣ ହେବେ । ନାରୀ ପିଲା ଜନ୍ମ କରିବାର କଳ ରୂପେ ସମାଜରେ ରହିବ । ଉଇ-ରାଣୀକୁ ଉଇମାନେ ଖାଇବାକୁ ଦେଇ ପିଲା ଜନ୍ମ କରାଇ ଉଇହୁଂକାର ବିରାଟ ରାଜ୍ୟ ସଂଭାଳିଲା ପରି, ସାମ୍ୟବାଦର ରାଜ୍ୟ ନାରୀର ପ୍ରାକୃତିକ ଉପଯୋଗିତା ଆଦାୟ କରି ନେଉଥିବ । ଏ କଳ୍ପନାଟି ଏବେ ସ୍ୱାଦ୍ୟ ଓ ସୁନ୍ଦର ହୋଇପାରେ ମାତ୍ର ସଂପୂର୍ଣ୍ଣ ରୂପେ ସଂଗତ ଓ ସମୀଚୀନ ନୁହେ । ରାଜ୍ୟରେ ଏ ସବୁର ବ୍ୟବସ୍ଥା କରିବ କିଏ ? ନାରୀ ନା ପୁରୁଷ, ନା ଦୁହେଁ ? ଯଦି ପୁରୁଷ କରେ ତେବେ ନାରୀ ବ୍ୟକ୍ତିଗତ ଭାବରେ ପୁରୁଷ-ବ୍ୟକ୍ତିର ପୋଷା ନ ହୋଇ ପୁରୁଷ ରାଜ୍ୟର ହେବ ପୋଷ୍ୟା । ଯଦି ନାରୀ ପୁରୁଷ ଦୁହେଁ କରଂତି ତେବେ ମଧ୍ୟ ଦେଖିବାର ଅଛି କାହା ଭାବରେ କିଏ ପ୍ରଭାବିତ ହେବ । ନାରୀ ସଂବଂଧରେ— ନାରୀର ସ୍ୱାଧୀନ କ୍ରିୟାର ଭାବ ପୁରୁଷକୁ ପ୍ରଭାବିତ କଲେ ନାରୀ ପକ୍ଷରେ ସେ ହେଲା ନାରୀ ରାଜ୍ୟ । ଅନ୍ୟଥା ନାରୀ ପୁରୁଷ ରାଜ୍ୟର ପୋଷ୍ୟା ହୋଇପଡ଼ିବ । ତେବେ ନାରୀର ମୌଳିକ ସ୍ୱାଧୀନତା କେଉଁଠାରେ ତାହାହିଁ ଭଲ କରି ଦେଖିଲେ ବିଷୟଟି ସୁବୋଧ ହେବ ।

Digitized by PPRACHIN, SOA

ଏହିଠାରେ କେତେଗୁଡ଼ିଏ ବର୍ତ୍ତମାନର ପ୍ରତିକ୍ରିୟାରେ ଆଗଂତୁକ ବିଷୟ ପ୍ରତି ଟିକିଏ ପ୍ରଣିଧାନ ଦେଇ ଯଥାର୍ଥ ବିଷୟସ୍ପର୍ଶ ଆଡ଼କୁ ଗଲେ ଭଲ ହେବ । ଆଜି ନାରୀ ପୁରୁଷର ଅଧୀନତା ସ୍ୱୀକାର କରୁ ନାହିଁ । ଫଳରେ ଜନନ-ନିୟଂତ୍ରଣ (Birth control) ଫୁଟି ଉଠୁଛି । ନାରୀ ପିଲା ଜନ୍ମ କରିବାକୁ ରାଜି ହେଉ ନାହିଁ । ଜନ୍ମ କଲେ କଳ୍ପନା କରାଯାଉଛି ସଂଗେ ସଂଗେ ସେ ପିଲାକୁ ରାଜ୍ୟ ଘେନିଯିବ ଓ ରାଜ୍ୟ ତାହାକୁ ପାଳିବ । ଏ ଦୁଇଟିଯାକର ଭିତ୍ତି କିଂତୁ ଅସ୍ୱାଭାବିକ, ତେଣୁ ଅସ୍ଥାୟୀ । ପିଲା ଜନ୍ମ ନ କରିବା ସାଧାରଣ ହୋଇପଡ଼ିଲେ ମାନବ ସମାଜର ପ୍ରଳୟ ଦିନକୁ ଦିନ ନିକଟବର୍ତ୍ତୀ ହେବ । ଅତଏବ ତାହା ମାନବସମାଜ ବା ରାଜ୍ୟ କାହାରି କାମ୍ୟ ନୁହେ । ଆଜି ପ୍ରତିକ୍ରିୟାର ତୀବ୍ରତାରେ ତାହା କିଛି ଦୂର ଅଗ୍ରସର ହୋଇପାରେ, କିଂତୁ ବେଶିଦୂର ଯିବା ପୂର୍ବରୁ ତାହାର ଗତି ଫେରିବ । କେଉଁ ଭାବରେ କିପରି ସେ ସ୍ୱତଂତ୍ର କଥା । ମାତ୍ର ନ ଫେରିଲେ ରାଜ୍ୟ ନାହିଁ କି ସମାଜ ନାହିଁ । ଆଉ ସେ ସବୁ ବିଷୟରେ ଚିଂତାର ଅବକାଶ ମଧ୍ୟ ନାହିଁ । ଏତିକିଟି ପିଲା ଜନ୍ମ କରିବାକୁ ହେବ ବୋଲି ସୀମା ନିର୍ଦ୍ଦେଶ କରି ମଧ୍ୟ ରଖି ହେବ ନାହିଁ ।

ପୁଣି ରାଜ୍ୟ, ପିଲା ଜନ୍ମ ହେବା ସଂଗେ ସଂଗେ ତାକୁ ଘେନିଯାଇ ପାଳନ କରିବାରେ ସ୍ୱାଧୀନତା ନାହିଁ କି ସ୍ୱାଭାବିକତା ନାହିଁ । ଖାଲି ପାଳିବା କଥା ନୁହେ, ଧରି ଧର୍ମ କରାଇଲା ପରି, ପିଲା ମଧ୍ୟ ଜନ୍ମ କରାଇବ ରାଜ୍ୟ । ଜନ୍ମ କରିବ କିଏ ? ପୁରୁଷ ଜନ୍ମ କରିବାର କଳ୍ପନା ବିଜ୍ଞାନ ରାଜ୍ୟରେ ଏ ପର୍ଯ୍ୟଂତ ଦେଖାଯାଇନାହିଁ । ତାହା କେବେ ଦେଖା ଦେବ ବୋଲି ଅନୁମାନ କରି କଥା କହିବା ମଧ୍ୟ ବୃଥା । ଜନ୍ମ କରିବ ନାରୀ । ସେଠାରେ ରାଜ୍ୟର ନାରୀ ଉପରେ ଅତ୍ୟାଚାର ଅବଶ୍ୟଂଭାବୀ । ଆଜି ଯେଉଁ ନାରୀ ସ୍ୱାଧୀନତାର ଦୁଆ ଉଠୁଛି ତାହାର ପରିଣାମ ଚିଂତା କଲେ ତେଣୁ ତାହା ଗୋଟିଏ ବାହାନା— ଧାରଣାରେ ପର୍ଯ୍ୟବସିତ ହୋଇପାରେ ।

ନାରୀ ଜଗତର ଜନନୀ । ସମସ୍ତ ସୃଷ୍ଟି ଓ ସ୍ଥିତିର ଭାର ତେଣୁ ନାରୀ ଉପରେ । ପିଲା ଜନ୍ମ କରିବ ସେଇ, ପିଲାକୁ ମଧ୍ୟ ପାଳି ମଣିଷ କରିବ ସେଇ । ଏହା ହିଁ ନାରୀର ପ୍ରକୃତି । ନାରୀ ଏଇଥିପାଇଁ ଜଗତରେ ନାରୀ । ଏ ଭାବରେ ଦେଖିଲେ ପୁରୁଷ ସଂପୂର୍ଣ୍ଣ ସ୍ୱାଧୀନ । ପ୍ରକୃତିରେ ପୁରୁଷର ବୀଜକ୍ଷେପଣରେ ସୀମା ନାହିଁ କି ସଂକୋଚ ନାହିଁ । ପୁରୁଷ ବହୁପତ୍ନୀକ ଏହା ଅସ୍ୱୀକାର କରିବାର ଉପାୟ ନାହିଁ । ଠିକ୍ ମନୁଷ୍ୟ ତଳକୁ ଥିବା ମାଂକଡ଼ମାନଂକ ସମାଜରେ ନିର୍ବିକଳ୍ପ ଭାବରେ ଏହି ସତ୍ୟର ଅନୁସଂଧାନ କରାଯାଇପାରେ । ନିଜର ବୀଜକ୍ଷେପଣ ପାଇଁ ଗୋଟିଏ ମାତ୍ର ଅଣ୍ଡିରା ମାଙ୍କଡ଼ ବହୁତ ଗୁଡ଼ିଏ ମାଈ ମାଙ୍କଡ଼ଙ୍କୁ ଆବଦ୍ଧ କରି ରଖିଥାଏ । ସେ କାହାକୁ ପୋଷେ ନାହିଁ । କୌଣସି ମାଈ ମାଙ୍କଡ଼ର ଚିନ୍ତା ତାକୁ ଲାଗେ ନାହିଁ । କେବଳ ବୀଜକ୍ଷେପଣ ଛଡ଼ା କୌଣସି ମାଈ ମାଂକଡ଼ ସଂଗେ ତାହାର ଆଉ କୌଣସି ସଂପର୍କ ନାହିଁ । ମାଈ ମାଂକଡ଼ ହେଉଛି ଜନନୀ । ସେ ପିଲା ଜନ୍ମ କରିବ ଓ ପାଳିବ । ପିଲା ବଡ଼ ହେଲେ ପୁରୁଷ ପିଲା ନିଜର ବୀଜକ୍ଷେପଣ ପାଇଁ

Digitized by PPRACHIN, SOA

କେତେଗୁଡ଼ିଏ ମାଈ ମାଂକଡ଼ ସଂଗ୍ରହ କରିବ, ମାଈ ପିଲା ସେଇ ସଂଗୃହୀତ ଦଳରେ ଠାଏ ମିଶିଯିବ । ଏହି କାର୍ଯ୍ୟରେ ପୁଣି ମାଂକଡ଼ମାନଂକର ଦୃଢ଼ ସଂହତି ଓ ସାମାଜିକତା ଫୁଟିଛି । ମାଈ ମାଂକଡ଼ ଦଳ ଘେନି ଅଂଡିରା ମାଂକଡ଼ଙ୍କ ଭିତରେ ଘୋର ଯୁଦ୍ଧ ମଧ୍ଯ ଦେଖାଯାଏ । ମାଈମାନେ ସେ ଯୁଦ୍ଧରେ ଯୋଗ ଦିଅଂତି ନାହିଁ । ଦଳର ଅଂଡିରାଟି ନିହତ ହେଲେ ସେ ଦଳର ସବୁ ମାଈ ମାଂକଡ଼ଯାକ ଆଗଂତୁକ ବିଜେତାର ଆଶ୍ରୟ ନିଅଂତି । ଏହିପରି ମାଂକଡ଼ଂକ ସମାଜ ଚାଲିଥାଏ ।

ମନୁଷ୍ୟ ସମାଜରେ ମଧ୍ୟ ଜନନୀର ଏହି ମୌଳିକ ଅଧିକାରନିବଦ୍ଧ ସମାଜ ଏବେ କୌଣସି କୌଣସିଠାରେ ଦେଖାଯାଏ । ଆସାମର ଆଦିମ ନିବାସୀମାନଂକ ମଧ୍ୟରେ ଏହିପରି ସ୍ପଷ୍ଟ ମାତୃଚାଳିତ ସମାଜ ଏବେ ଅଛି । ସେଠାରେ କେହି ବାପଂକୁ ଚିହ୍ନଂତି ନାହିଁ, ଚିହ୍ନିବାର ମଧ୍ୟ ପ୍ରୟୋଜନ ନାହିଁ । ଗୃହର କର୍ତ୍ତ୍ରୀ ହେଉଛି ସେଠାରେ ଜନନୀ । ପୁରୁଷମାନେ ଇଚ୍ଛା ଅନୁସାରେ ବୀଜ ବିକ୍ଷେପ କରଂତି, ନାରୀ ପିଲା ଜନ୍ମ କରି ଗୃହ ଧରି ବସିଥାଏ । ପିଲାର ପାଳନ ପାଇଁ ସଂପୂର୍ଣ୍ଣରୂପେ ଦାୟୀ ମାଈ । ସେ ପିଲାର ଜନ୍ମ କରିବାରେ ପୁରୁଷ କିଏ ତାହା ଜାଣିବା ପାଇଁ କୌଣସି ସ୍ପୃହା ମଧ୍ୟ ନ ଥାଏ ।

ଏହା ହିଁ ହେଉଛି ମୌଳିକ ମାନବ ସମାଜର ପ୍ରକୃତି ଓ ଭିତ୍ତି । ସେ ସମାଜରେ ବୀଜ ଦେବାହିଁ ପୁରୁଷର କାମ । ପୁରୁଷ ସଂପୂର୍ଣ୍ଣ ସ୍ୱାଧୀନ ଭାବରେ ଫୁଲରେ ପ୍ରଜାପତି ବୁଲିଲାପରି ବୁଲୁଥିବ । ନାରୀ ଗର୍ଭଧାରଣ କରିବ, ପିଲା ଜନ୍ମ କରିବ, ପିଲା ପାଳିବ, ଏକ କଥାରେ ସମସ୍ତ ସୃଷ୍ଟି ସମ୍ଭାଳିବ । ନାରୀ ତାହା ନ କଲେ ସୃଷ୍ଟି ଲୋପ । ନାରୀର ତାହା ନ କରିବା ଚାରା ନାହିଁ । ସମସ୍ତ ସ୍ୱାଧୀନତାର ଚିତ୍କାର ଓ ବହିରଂଗ ଆବରଣ ମଧ୍ୟରେ ନାରୀର ଏ ମୌଳିକ ଉପଯୋଗିତାମୂଳକ ଚିତ୍ତବୃତ୍ତି ଏବେ ମଧ୍ୟ ସର୍ବତ୍ର ଅନୁସଂଧାନ କରାଯାଇପାରେ । ପିଲା ଜନ୍ମ କରିବା ଓ ପିଲାକୁ ପାଳି ମଣିଷ କରିବା ନାରୀକୁ ସ୍କୁଲ କଲେଜ ବା ବିଜ୍ଞାନ ମଂଦିରରେ ଶିଖିବାକୁ ହୁଏ ନାହିଁ– କେବେ ଏହା ହେବ ବୋଲି ଏବେ ବି କେହି କଳ୍ପନା କରୁନାହାଂତି । ତାହା ନାରୀର ଐଶ୍ୱିକ ଚିତ୍ତବୃତ୍ତି । କୌଣସି ସମାଜରେ ଏ ଚିତ୍ତବୃତ୍ତିର ବିରୋଧ ଅବରୋଧ ବା ନିରୋଧ ନାହିଁ ।

ତେବେ ସର୍ଗତଂତ୍ରରେ ସ୍ୱାଧୀନ କିଏ ? ପୁରୁଷ ନା ନାରୀ ? ଅଧୀନ କରିଛି କିଏ କାହାକୁ– ପୁରୁଷ ନାରୀକୁ ନା ନାରୀ ପୁରୁଷକୁ ? ସ୍ୱୀକାର କରାଯାଉ ଯେ ପୁରୁଷ ବଳବନ୍ତ, ନାରୀ ଅବଳା । ଉପେଂଦ୍ରଭଂଜ ମଧ୍ୟ ଅନ୍ୟ ସଂପର୍କରେ କହିଛଂତି–

'ବଳବଂତର କି ଯଶ ଅବଳା ଧରଷି ।'

ଯଥାର୍ଥ କଥା । ଏ ଯଶ ଜନସ୍ୱାଧୀନତାକାମୀ ପୁରୁଷକୁ ଅସଂଗତ ଲାଗିପାରେ । ମାତ୍ର କେବଳ ବୀଜକ୍ଷେପ ପାଇଁ ଅବଳାକୁ ଧରଷିବା ଛଡ଼ା ପୁରୁଷ ଅବଳାକୁ ଅଧୀନ କରିବାର, ମୌଳିକ ଓ ପ୍ରାକୃତିକ ସମାଜରେ ଆଉ କିଛି ଦରକାର ନାହିଁ । ସେ ଧର୍ଷଣରେ ଅବଳା ଯଥାର୍ଥରେ ପରାଧୀନ ବା ପ୍ରପୀଡ଼ିତ ନୁହେ । ଅବଳା ଜନନୀର ମୌଳିକ ମନୋବୃତ୍ତି

Digitized by PPRACHIN, SOA

ଆକାଂକ୍ଷାରେ ଜାଗ୍ରତ ହୋଇ ବରଂ ସେ ଧର୍ଷଣ ଲୋଡ଼େ । ତା' ନ ହେଲେ ଏ ଜଗତରେ ନାରୀର ଉପଯୋଗିତା ନାହି । ଅର୍ଥାତ୍ ତା' ବିନା ନାରୀ ନାରୀ ନୁହେ ।

ତେବେ ସ୍ୱାଧୀନତା ପରାଧୀନତାର ବିଚାର କେଉଁଠାରେ ? ନାରୀ ଯେତେବେଳେ ନିଜର ମୌଳିକ ଚିତ୍ତବୃତ୍ତିର ପ୍ରେରଣାରେ ବୀଜକ୍ଷେପୀ ପୁରୁଷକୁ ଧରି ନେଲା, ସେତେବେଳେ କେହି ସ୍ୱାଧୀନ ନୁହେ କେହି ପରାଧୀନ ନୁହେ । ପରେ କ'ଣ ହେଲା, ସ୍ୱାଧୀନ ପୁରୁଷ ଯହିଁ ସୁବିଧା ପାଇଲା ତହିଁ ବୁଲିଲା । ନାରୀ ଗର୍ଭଟି ଧରି ହୁଏତ ଗଛ ମୂଳେ ବସିପଡ଼ିଲା । ପିଲା ଜନ୍ମ କଲା, ପାଳିଲା, ବଢ଼ାଇଲା, ବହୁକଷ୍ଟରେ ଜନନୀ ଓ କର୍ତ୍ତ୍ରୀ ହେଲା । ଏହିପରି କେତେକାଳ ଗଲାପରେ ସେ ବୁଝିଲା, "ପୁରୁଷ ଏପରି ସ୍ୱାଧୀନ ଭାବରେ ସ୍ୱେଚ୍ଛା ଭ୍ରମଣ କରି ବୁଲିବ, ମୁଁ କାହିଁକି ଏକାରେ ପ୍ରକୃତିର ଦାସତ୍ୱ କରିବି । ପୁରୁଷର ଏ ଜନନକ୍ରିୟାରେ ଭାଗ ଅଛି, ତାକୁ ମୁଁ ଛାଡ଼ି ଦେବି ନାହି । ସେ ଆସୁ ଏ ପାଳନ ଓ ବଂଶର କର୍ତ୍ତୃତ୍ୱରେ ଭାଗ ନେଉ ।"

ଏହିଠାରେ ନାରୀ ପୁରୁଷର ବଂଧନ ଫୁଟିଲା । ନରୀ ଯେପରି କି ଅଂଟାରେ ହାତ ପୂରାଇ ସଂତାନ ପାଳନାଦିର କର୍ତବ୍ୟ ବହନ କରିବା ନିମଂତେ ଚିରସ୍ୱାଧୀନତାକାମୀ ପୁରୁଷକୁ ଦାସତ୍ୱରେ ବାଂଧି ରଖିଲା, ପୁରୁଷ ନିଜର ସ୍ୱାଧୀନ ବୃତ୍ତି ନିରୋଧ କରି କ୍ରମେ ସମାଜ ବିକାଶର ଗତିରେ ବିବାହ ନାମକ ଅନୁଷ୍ଠାନରେ ଅବରୁଦ୍ଧ ହେଲା । ତେବେ କିଏ କାହାର ଅଧୀନ, କିଏ କାହାଦ୍ୱାରା ପ୍ରପୀଡ଼ିତ ? ସମାଜ ଯଦି ପୁଣି ନିସର୍ଗଚାଳିତ ମୌଳିକ ଅବସ୍ଥାକୁ ଫେରିଆସେ, ଯେଝା ସ୍ୱତ୍ୱ ଓ ଅଧିକାର ସେ ଯଦି ପାନ୍ତି, ତେବେ ସ୍ୱାଧୀନ କିଏ ହେବ ପରାଧୀନ କିଏ ହେବ ? ଏହାହିଁ ଏବେ ତଳେଇ କରି ବିଚାର କରିବାର କଥା ।

[ନ.ଭା. ୩ୟ ବର୍ଷ, ୧୩୪୪ ସାଲ,
୧୧ ଓ ୧୨ଶ ସଂଖ୍ୟା]

# ପ୍ରଜାସ୍ୱତ୍ୱ ଆଇନର ସଂଶୋଧନ ଓ ଦୁର୍ଭିକ୍ଷ

ଏଥର ବିହାର ଓଡ଼ିଶା ବ୍ୟବସ୍ଥା ସଭାରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର କେତେକ ସଂଶୋଧନ ଆଗତ କରାହୋଇଥିଲା । ତାହା ସେଠାରେ ବିଚାର ନ ହୋଇ ଲୋକମତ ନିମଂତେ ପ୍ରଚାରିତ ହୋଇଅଛି । ସଂଶୋଧନ ପ୍ରସ୍ତାବଗୁଡ଼ିକ ନିମ୍ନରେ ଦିଆଗଲା । ବାବୁ ଗୋଦାବରୀଶ ମିଶ୍ର ପ୍ରସ୍ତାବ କରିଛଂତି—

(୧) ୧୮୯୭-୯୮ ବଂଦୋବସ୍ତ ଅର୍ଥାତ୍ ୧୩୦୪ ସାଲ ବଂଦୋବସ୍ତରେ ମିଆଦି ସରବରାକାରୀ ବୋଲି ଯାହା ଦରଜ କରାହୋଇଥିଲା ସେସବୁ ଚିରସ୍ଥାୟୀ ସରବରାକାରୀ ବୋଲି ଧରାଯାଉ । ୧୯୨୭ ଜାନୁଆରୀ ପରେ ଯେଉଁସବୁ ମିଆଦି ସରବରାକାରୀ ଜମିଦାରଂକର ଖାସ କରାଯାଇଛି ସେସବୁ ମଧ୍ୟ ଏହି ଆଇନ ବଳରେ ଫେରାଇ ଦିଆଯାଉ ।

Digitized by PPRACHIN, SOA

(୨) ରୟତ ନିଜର ଖଜଣାଦିଆ ଜମିରେ ଘର କିଂବା କୃଷିକାର୍ଯ୍ୟ ନିମଂତେ ଇଟା ଟାଇଲ ପ୍ରଭୃତି କରିବା, ପୋଖରୀ କୂଅ ପ୍ରଭୃତି ଖୋଳିବା, ଘର ଗୁହାଳ ଚାଳି ପ୍ରଭୃତି କରିବାର ଅଧିକାର ପାଉ ।

ଯେଉଁ ରୟତ ଭାଗ ଦିଏ ସେ ଯଦି ଭାଗ ଜମିରେ ପୋଖରୀ ଖୋଳେ ତେବେ ସେ ପୋଖରୀର ଉପସ୍ୱତ୍ୱରେ ଜମିଦାର ଓ ରୟତ ଅଧାଅଧି ଭାଗୀଦାର ହେବାର ବ୍ୟବସ୍ଥା ହେଉ ।

(୩) ଖଜଣା ଦିଆ ବା ନିଷ୍କର ଜମିରେ ରୟତକୁ ଗଛ ବାଉଁଶ ଲଗାଇବା ଓ ସେ ସବୁ କାଟି ଭୋଗ କରିବା, ସେହି ଜମିରେ ପୂର୍ବରୁ ଥିବା ଗଛ ବାଉଁଶ ସବୁ କାଟି ଭୋଗ କରିବା, ସେହି ଜମିରେ ଥିବା ଗଛ ବାଉଁଶମାନଂକର ଫଳ ଫୁଲ ଓ ଅନ୍ୟାନ୍ୟ ଉପସ୍ୱତ୍ୱ ଭୋଗ କରିବାର ଅଧିକାର ରୟତକୁ ଦିଆଯାଉ । ଯେଉଁ ଜମି ରୟତ ଭାଗରେ ଚାଷ କରେ ସେଥିର ଗଛ ବାଉଁଶରେ ସମସ୍ତ ପ୍ରକାର ଅଧିକାର ରୟତ ଓ ଜମିଦାରର ଅଧାଅଧି ରହୁ । ସେହି ଜମିରେ ନୂଆ ଗଛ ଓ ବାଉଁଶ ଲଗାଇବାର ଅଧିକାର ଜମିଦାରର ବିନା ଅନୁମତିରେ ରୟତକୁ ଦିଆ ନ ଯାଉ; କିଂତୁ ସେ ଜମିରେ ଥିବା ଗଛ ଓ ବାଉଁଶ କାଟି ଭୋଗ କରିବାର ଅଧିକାର ରୟତ ଓ ଜମିଦାରର ଅଧାଅଧି ରହୁ ।

କିଂତୁ ଉପରେ କୁହାଯାଇଥିବା କୌଣସି ରକମର ଜମିରେ ଯଦି ଗଛ ବାଉଁଶ ସଂବଂଧରେ ବଂଦୋବସ୍ତ କାଗଜରେ ଜମିଦାର ବା ରୟତ ସଂବଂଧରେ କିଛି ଲେଖା ରହିଥାଏ, କିଂବା ଅଦାଲତରେ ଯଦି କୌଣସି ନିଷ୍ପତ୍ତି ହୋଇଥାଏ, ତେବେ ସେ ଲେଖା ବା ନିଷ୍ପତ୍ତିରେ ଏ ଆଇନ ଖାଟିବ ନାହିଁ ।

(୪) ରୟତର ଜମି ବିକ୍ରୀର ଦାଖଲ ଖାରଜ ସଂବଂଧରେ ଆଇନରେ ଅଛି, ଜରସମନର ଚୌଠା ବା ଖଜଣାର ଛ' ଗୁଣ ଯେଉଁଟି ବେଶୀ ହେବ, ଜମିଦାର ସେହି ପରିମାଣ ଅର୍ଥ ଦାଖଲ ଖାରଜ ରୋସମ ସ୍ୱରୂପ ନେବେ– ଦାଖଲଖାରଜ ରୋସମ ଏଥିରୁ ଅଧିକ ହୋଇ ପାରିବ ନାହିଁ, କମ୍ ହୋଇପାରେ । ହେଲେହେଁ ଏପ୍ରକାର ଦାଖଲ ଖାରଜ କରିଦେବାର କୌଣସି ନିୟମ ଚିରସ୍ଥାୟୀ ମାହାଲମାନଂକୁ ଖାଟିବ ନାହିଁ । ଏବେ ପ୍ରସ୍ତାବ କରାଯାଉଛି, ଚିରସ୍ଥାୟୀ ବଂଦୋବସ୍ତ ଜମିଦାରୀରେ ଜରସମନର ଶତକଡ଼ା ଆଠଟଂକା ଓ ଅନ୍ୟତ୍ର ମିଆଦି ବଂଦୋବସ୍ତ ଜମିଦାରୀରେ ଜରସମନର ଶତକଡ଼ା ସାଢ଼େ ବାର ଟଂକା ଅର୍ଥାତ୍ ଟଂକାରେ ଦୁଇ ଅଣାରୁ ବେଶୀ ଦାଖଲଖାରଜ ରୋସମ ରୂପେ ଜମିଦାରଙ୍କୁ ଦେବାକୁ ହେବ ନାହିଁ ।

ମାତ୍ର ପୂରା ତିରିଶ ବର୍ଷ ବା ତହିଁରୁ ବେଶୀ ସମୟ ଧରି ଯେଉଁଠାରେ ଦାଖଲ ଖାରଜ ରୋସମ ଦେବାର ପ୍ରଥାର ପ୍ରମାଣ ନାହିଁ, ସେଠାରେ ରୋସମ ପଡ଼ିବ ନାହିଁ ।

(୫) ଡାକ ମନିଅର୍ଡରରେ ଖଜଣା ଦିଆଯାଇ ପାରିବ । ଏହାଛଡ଼ା ଅନ୍ୟାନ୍ୟ କେତେ ପ୍ରସ୍ତାବ ଅଛି ସେଥିମଧ୍ୟରୁ ଅଧିକାଂଶ ଉପରଲିଖିତ ପ୍ରସ୍ତାବର ଅନୁଷଂଗିକ ।

Digitized by PPRACHIN, SOA

ମାତ୍ର କେତେକ ବିଷୟରେ ନିଷତ୍ତି କରିବାର ଭାର କମିଶନର କିଂବା ରେଭେନ୍ୟୁ ବୋର୍ଡ଼କୁ ଦେବାର ପ୍ରସ୍ତାବ ହୋଇଅଛି ।

ଗତବର୍ଷ ବିହାର ପ୍ରଜାସ୍ୱତ୍ୱ ଆଇନ ବୋଲି ଗୋଟିଏ ଆଇନ ପାସ୍ ହୋଇଛି ସେଥିରେ ବିହାର ପ୍ରଜା ବା ରୟତଂକର ସ୍ୱତ୍ୱ ସାବ୍ୟସ୍ତ କରି ରକ୍ଷା କରିବାରେ ଯାହା ସବୁ ବିଧି କରା ହୋଇଅଛି ଉପରଲିଖିତ ବିଧିଗୁଡ଼ିକ ତାହାରି ଆକ୍ଷରିକ ଅନୁକରଣ ମାତ୍ର । ଓଡ଼ିଶାର ଦୁର୍ଭାଗ୍ୟ ଆମ ନିଜ ଜିନିଷ ଖୋଜି ଦେଖିବାକୁ ଆମର ଚେଷ୍ଟା ନାହି ! ଆଉ କୁଆଡ଼େ କିଛି ଗୋଟାଏ ହେଲେ, ଭଲ ହେଉ ଭୁଲ ହେଉ, ଏ ଭୂମିର ଉପଯୋଗୀ ହେଉ ବା ଅନୁପଯୋଗୀ ହେଉ, ଆମେ ସେଇପରି ଗୋଟାଏ ଅନୁକରଣ କରି ପକାଇବାକୁ ବଡ଼ ବ୍ୟାକୁଳ । ତେଣୁ ଆମର ଅନୁକରଣ ସବୁ ଆମ ଜଳବାୟୁର ହେବା ଭଳି ତିଆର କରିବାର ଶକ୍ତି ମଧ୍ୟ ଆମର ଲୋପ ହେଲାପରି ଲାଗୁଛି ।

ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ବୋଲି ୧୯୧୩ରେ ଯେଉଁ ଆଇନଟି ତିଆରି ହୋଇଥିଲା ତାହା ବଂଗଳା ଆଇନର ଏହିପରି ଅନୁକରଣ, ଏହା ଆଂଭେମାନେ ପୂର୍ବେ ଦେଖାଇ ଅଛୁ । ଉଦାହରଣ ସ୍ୱରୂପ ବଂଗଳାରେ ବାଜ୍ୟାପ୍ତିଦାର ନାହାଂତି । ମାତ୍ର ମୌରସି ମୁକରିର ବୋଲି ଗୋଟିଏ ସ୍ୱତ୍ୱ ଅଛି । ସେହି ସ୍ୱତ୍ୱର ଅବିକଳ ଅନୁକୃତିରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ବାଜ୍ୟାପ୍ତଦାରଂକ ସ୍ୱତ୍ୱ ଖର୍ବ କରା ହୋଇଛି । ଅଧିକ ଉଦାହରଣ ଦେବା ଏଠାରେ ନିଷ୍ପ୍ରୟୋଜନ । ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ସଂଶୋଧନ ପାଇଁ ଗୋଟିଏ କମିଟି ବସି ପୁଂଖାନୁପୁଂଖ ଅନୁସଂଧାନ କରି ସୁଚିଂତିତ ସଂଶୋଧନ ପ୍ରସ୍ତାବ ସବୁ ତିଆରି କରିବା ଉଚିତ । ସେପରି ହେଲେ ତାହା ଓଡ଼ିଶା ପ୍ରଜାସ୍ୱତ୍ୱର ଯଥାର୍ଥ ବିକାଶ ଓ ଇତିହାସ ଉପରେ ପ୍ରତିଷ୍ଠିତ ହୁଅଂତା ।

ବର୍ତ୍ତମାନ ସଂଶୋଧନ ପ୍ରସ୍ତାବରେ ସେଥିପାଇଁ ବିଷୟଟି ଯୁକ୍ତିଯୁକ୍ତ ଭାବରେ ଦିଆ ହୋଇପାରିନାହି । ଅବଶ୍ୟ ଓଡ଼ିଶା ଠିକ୍ ଅଲଗା ହେବା ପୂର୍ବ ମୁହୂର୍ତ୍ତରେ ଏପରି ପ୍ରସ୍ତାବର ଫଳ କ'ଣ ହେବ ତାହା କହି ହେଉ ନାହି । ତଥାପି ଏତିକି କୁହାଯାଇପାରେ, ଓଡ଼ିଶା ପ୍ରଜାଂକର କଷ୍ଟ ଦୂର କରିବାରେ ଯେକୌଣସି ପ୍ରସ୍ତାବ ଯେତେବେଳେ ହେଲେ ସ୍ପୃହଣୀୟ ଆଦରଣୀୟ । ସେଥିପାଇଁ ସଂଶୋଧନ ପ୍ରସ୍ତାବଟିକୁ କିଞ୍ଚିତ୍ ଯୁକ୍ତିଯୁକ୍ତ କରିବା ମାନସରେ ନିମ୍ନଲିଖିତ ସୂଚନାମାନ ଦିଆଯାଇପାରେ—

ସଂଶୋଧନ ପ୍ରସ୍ତାବରେ ପ୍ରଜାଂକର ଗଛ, ବାଉଁଶ, ପୋଖରୀ, ଇଟା ପ୍ରଭୃତି ସଂବଂଧରେ ଯେଉଁସବୁ ସ୍ୱତ୍ୱ ବା ଅଧିକାରର ପ୍ରସ୍ତାବମାନ ଅଛି ସେଥିରେ ବର୍ତ୍ତମାନ ଅବସ୍ଥାରେ କାହାରି କିଛି ଆପତ୍ତି ଥାଇ ନ ପାରେ । ଯେତେ ଅଳ୍ପ ବା ବିସ୍ତାର ହେଉନା କାହିଁକି, ସେ ସବୁଥିରେ ପ୍ରଜାଂକର କିଛି ନା କିଛି ଉପକାର ହେବ ।

କିଂତୁ ଦାଖଲ ଖାରଜ ରୋସମ ସଂବଂଧରେ ଯେଉଁ ସଂଶୋଧନ ପ୍ରସ୍ତାବ କରାଯାଇଛି ତହିଁରେ ବହୁତ ବିଷୟରେ ଆଲୋଚନା କରାଯିବାର ଅଛି । ପ୍ରଜାସ୍ୱତ୍ୱ ଆଇନର ୧୬

Digitized by PPRACHIN, SOA

ଧାରାରେ ଯେଉଁ ଦାଖଲ ଖାରଜର ବ୍ୟବସ୍ଥା, ତାହାର ଫଳ ପ୍ରଜା ଉପରେ ଆହୁରି ଭୟାବହ ଓ କୌଣସି କୌଣସି ଘଟଣାରେ ପ୍ରଜାକୁ ଧ୍ୱଂସ କରିବାରେ ସେ ବ୍ୟବସ୍ଥାଟି ଯଥେଷ୍ଟ । ଉଦାହରଣ ସ୍ୱରୂପ ସରବରାକାରମାନେ ସାଧାରଣତଃ ଶତକଡ଼ା ୨୦ ଟଂକା ନିଜର ମେହଂତନା ରଖି ୮୦ ଟଂକା ଜମିଦାରକୁ ଦିଅଂତି । ଆଇନର ୧୬ ଧାରାଟି ସଂଶୋଧିତ ନ ହେଲେ ସେମାନେ ବର୍ତ୍ତମାନ ପ୍ରସ୍ତାବିତ ୩୧ ଧାରା ସଂଶୋଧନର ଫଳରେ ଭାଗୀ ହେବେ ନାହି ଓ କୌଣସି ବିକ୍ରୀରେ ଜମିଦାରକୁ ଦେଉଥିବା ଖଜଣାର ଛ ଗୁଣ ଦାଖଲ ଖାରଜ ରୋସମ ସ୍ୱରୂପ ସେମାନଂକଠାରୁ ଦାବି କରାଯିବ ଅର୍ଥାତ୍ ଯେଉଁ ସରବରାକାରୀରୁ ଖଜଣା ଆଦାୟ ହେଲା ଶହେ ଟଂକା, ସେଥିରୁ ସରବରାକାର ନିଜର ମେହଂତନା କୋଡ଼ିଏ ଟଂକା କାଟି ରଖି ବାକୀ ୮୦ ଟଂକା ଖଜଣା ଜମିଦାରକୁ ଦେଲା । ସେହି ସରବାରାକାରୀଟି ବିକିଲେ କିଣିବା ଲୋକଠାରୁ ଜମିଦାର ଦାଖଲଖାରଜ ରୋସମ ଦାବି କରିବେ ୮୦ x ୬ = ୪୮୦ ଟଂକା । ଯେଉଁ ସରବରାକାରୀର ଆୟ ୨୦ ଟଂକା, ଖର୍ଚ୍ଚାବର୍ଚ୍ଚା ଯାଇ କ୍ରେତାଂକୁ ମିଳିବ, ଧର, ଖୁବ୍ ବେଶୀ ୧୫ ଟଂକା । ଅତ୍ୟନ୍ତ ଅଧିକ ଦେଲେ ମଧ ୧୫ ଟଂକା ଆୟର ସ୍ୱତ୍ୱ ପାଇଁ ୩୦୦ ଟଂକା ମୂଲ୍ୟରୁ କେହି ବେଶୀ ଦେବ ନାହି । ତେବେ ସରବରାକାରର ବିକ୍ରୀ କରିବା ସ୍ୱତ୍ୱ ଅଛି ନା ନାହି, ଗୋଦାବରୀଶ ବାବୁଂକ ସଂଶୋଧନ ପ୍ରସ୍ତାବରେ ଏସବୁ ଅଂଗୀଭୂତ ହେବା ଉଚିତ ।

୧୫ ଧାରାରେ ମଧ ବିନା ରୋସମରେ ଦାଖଲ ଖାରଜ ହୋଇ ପାରିବ ବୋଲି କେତେକ ଅଧସ୍ତନ ସ୍ୱତ୍ୱ (Sub-proprietorship) ଓ ବାଜ୍ୟାପ୍ତି ପ୍ରଭୃତି ଉଲ୍ଲେଖ ଅଛି । ସଂଗେ ସଂଗେ ସେଥିପାଇଁ ପାଞ୍ଚଟଂକା ଓ ଦୁଇଟଂକା ଦାଖଲଖାରଜ ରୋସମର ମଧ ବ୍ୟବସ୍ଥା ରହିଛି । ୩୦ ବର୍ଷ ପୂର୍ବରୁ ରୀତି ପ୍ରମାଣ କରି ଦାଖଲଖାରଜ ରୋସମ ଦାବି କରିବାର ଯେଉଁ ବ୍ୟବସ୍ଥାଟି ସଂଶୋଧନ ପ୍ରସ୍ତାବରେ ଅଛି, ତାହା ସର୍ବତୋ ଭାବରେ ଏଠାରେ ଖାଟିବା ଉଚିତ ।

ପୁଣି ୩୧ ଧାରାର ସଂଶୋଧନ ପ୍ରସ୍ତାବରେ ଗୋଟିଏ ଖାତାରୁ ବିକ୍ରୀ ହୋଇ ଯାଇଥିବା ଅଂଶକୁ ଫାଡ଼ି ଅଲଗା କରିବାକୁ ଜମିଦାର ବାଧ । କିଂତୁ ୧୫ ଓ ୧୬ ଧାରାରେ ଦାଖଲ ଖାରଜ କରି ମଧ ଜମିଦାର ତାହା କରିବାକୁ ବାଧ ନୁହଂତି ବୋଲି ୧୮ ଓ ୧୯ ଧାରାମାନଂକରେ ସ୍ପଷ୍ଟ ଲେଖା ରହିଛି । ଅତଏବ ସଂଶୋଧନ ପ୍ରସ୍ତାବରେ ୧୫ ଓ ୧୬ ଧାରାର ପ୍ରଜାସ୍ୱତ୍ୱମାନଂକୁ ଏହି ହିସାବରେ ୩୧ ଧାରାର ବ୍ୟବସ୍ଥା ସଂଗେ ସମାନ କରି ୧୮ ଓ ୧୯ ଧାରାକୁ ସେହି ଅନୁସାରେ ସଂଶୋଧନ କରିବା ଉଚିତ । ତାହା ନ କଲେ ଗୋଦାବରୀଶ ବାବୁଂକ ପ୍ରସ୍ତାବିତ ୩୧ ଧାରାର ସଂଶୋଧନ ସର୍ବଥା ଅଂଗହୀନ ହେବ ଓ ଦେଶରେ ଅନେକ ଶ୍ରେଣୀର ଲୋକଂକର ସେ ସଂଶୋଧନରୁ ବିଶେଷ କିଛି ଲାଭ ହେବ ନାହି । ସରବରାକାରୀ ଏବେ ଯେପରି ବିକ୍ରୀ ହୋଇ ନ ପାରି ଖାସ

Digitized by PPRACHIN, SOA

ହେବା ଦ୍ୱାରା ଜମିଦାରଂକର ଅଯାଚିତ ଧନ ବୃଦ୍ଧି କରୁଛି ତାହା ଭବିଷ୍ୟତରେ ସେହିପରି ଚାଲିବି ।

ତା'ପରେ ରାୟ ବାହାଦୁର ଲୋକନାଥ ମିଶ୍ରଂକର ସଂଶୋଧନ ପ୍ରସ୍ତାବ । ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ଅଛି ଜମିଦାରଂକ ବିନା ଅନୁମତିରେ କୌଣସି ମଧ-ସ୍ୱତ୍ୱାଧିକାରୀ ସ୍ୱତ୍ୱ ଖାତା ଫଡ଼ା ହୋଇ ପାରିବ ନାହି । ସେଥିପାଇଁ ସଂଶୋଧନ ପ୍ରସ୍ତାବ କରା ହୋଇଛି ଦୁଇଟଂକା ବା ତହିଁରୁ ଅଧିକ ଖଜଣା ଦେଉଥିବା ମଧ-ସ୍ୱତ୍ୱାଧିକାରୀ ସ୍ୱତ୍ୱ କେହି ଗୋଟିଏ ଖାତାରୁ ଅଲଗା କରିବାକୁ ଲୋଡ଼ିଲେ ଜମିଦାରଂକ ଅନୁମତିର ମୂଲ୍ୟ ସ୍ୱରୂପ ସେହି ଜମିର ବାର୍ଷିକ ଖଜଣାର ତିନିଗୁଣ ଜମିଦାରଂକୁ ଦେଇ ଖାତା ଫଡ଼ାଇ ନେଇ ପାରିବେ । ଅନେକଗୁଡ଼ିଏ ପ୍ରସ୍ତାବରେ ଯାହା ଲେଖାହୋଇଛି ତାହାର ସାରମର୍ମ ଏହି—

ପ୍ରଥମ କଥା, ସରବରାକାରମାନେ ମଧ ଏହି ନିୟମର ଅଧୀନ ହେବେ । ଉପର ହିସାବରୁ ଦେଖାଯିବ, ଯେଉଁ ସରବରାକାରୀ ଖଂଡ କିଣିବା ପାଇଁ ବଜାରରେ ଖୁବ୍ ମହରଗରେ ମଧ ତିନିଶ ଟଂକାରୁ ବେଶୀ ଦେବାକୁ କେହି ରାଜି ହେବେ ନାହି, ସେହି ସରବରାକରୀ ଖଂଡ ଭାଇଠାରୁ ଅଲଗା କରାଇ ନେବା ପାଇଁ ୨୪୦ ଟଂକା ଜମିଦାରଂକ ଅନୁମତିର ମୂଲ୍ୟ ରୂପେ ଦେବାକୁ ହେବ । ଆଇନଟି ଲେଖିକରି ଦେଲା ବେଳେ ଏସବୁ ବିଷୟ ପୁଂଖାନୁପୁଂଖ ରୂପେ ଚିଂତାର କରା ହୋଇଛି ବୋଲି ମନେହେଉନାହି ।

ଜମିଦାରମାନେ ସାଧାରଣତଃ ବର୍ଷକର ଖଜଣା ଅଧିକା ନେଇ ଖାତା ଅଲଗା କରି ଦେଉଛଂତି । ପାଇକପଡ଼ା ଜମିଦାରୀ ବାଜ୍ୟାପ୍ତି ମଧସ୍ୱତାଧିକାରୀଂକର ଖାତା ଫାଡ଼ିବା ପାଇଁ ଦାଖଲ ଖାରଜ ବେଳେ ଦୁଇଟଂକା ରୋସମ ଉପରେ ଆଠଅଣା ମାତ୍ର ଅନୁମତି ମୂଲ୍ୟ ନେଇ ଆସୁଛଂତି । ଏବେ ମାତ୍ର ଏକରକୁ ଅଢ଼େଇ ଟଂକା ହିସାବରେ ଅନୁମତି ମୂଲ୍ୟ ନେବେ ବୋଲି ପ୍ରସ୍ତାବ କରୁଥିଲେ । ସେଥିପାଇଁ ପ୍ରଜାମାନଂକ ଭିତରେ ଘୋର ଅସଂତୋଷ ଦେଖାଗଲା । ତେଣୁ ସେ ତାହାର ପୁନର୍ବିଚାର କରି କୌଣସି ପ୍ରକାରେ ପୂର୍ବ ବିଧିରେ ଖାତା ଫାଡ଼ିବା ପାଇଁ ପ୍ରସ୍ତୁତ ହେଉଛଂତି ବୋଲି ଶୁଣାଯାଏ । ଏହି ଅଢ଼େଇ ଟଂକା ମଧ୍ୟ ବର୍ଷକ ଖଜଣାରୁ ଊଣା, ବେଶୀ ନୁହେ । ସେହି ପାଇକପଡ଼ା ମଧ୍ୟ ଭାଇଭାଗ ଖାତା ଫାଡ଼ିବାରେ କେବେ ଏ ପର୍ଯ୍ୟଂତ ଏକର ଅଢ଼େଇ ଟଂକାରୁ ବେଶୀ ଦାବି କରିନାହାଂତି । କ୍ଷୁଦ୍ର ଜମିଦାରମାନେ ଦାଖଲ ଖାରଜ ଓ ଖାତାଫଡ଼ା ଘେନି ପ୍ରଜାଂକ ଉପରେ ଘୋର ଜୁଲମ କରିଥାଂତି ବୋଲି କେବେ କେବେ ଶୁଣାଯାଏ । ମାତ୍ର ସେ ସବୁ ଧରି ତାକୁ ରୀତି ବୋଲି ମନେ କରି ତା' ଉପରେ ଆଇନ କରାଯାଏ ନାହିଁ । ରାୟ ବାହାଦୁର ଲୋକନାଥ ମିଶ୍ର ଏସବୁ କଥାର ଆଲୋଚନା କରିଥିଲେ ଆଇନଟି ଅନ୍ୟ ପ୍ରକାର ସଂଶୋଧନ କରିବାର ପ୍ରସ୍ତାବ କରିଥାଂତେ । ଆମେ କହୁଁ ୧୫ ଧାରାରେ ଯେଉଁମାନଂକର ଜମିଦାରଂକ ବିନା ଅନୁମତିରେ ବିକିବାର ଅଧିକାର ରହିଛି, ସେମାନେ ଜମିଦାରଂକ ବିନା ଅନୁମତିରେ ଖାତା ଅଲଗା କରି ନେଇ ପାରିବେ; ପୁଣି ୧୬ ଧାରାରେ

Digitized by PPRACHIN, SOA

ଯେଉଁମାନେ ହସ୍ତାଂତର କରିବାରେ ଦାଖଲ ଖାରଜ ରୋସମ ଦେବେ, ସେମାନେ ନାମକୁ, ଧର ଏକଟଂକା ବା ସେହି ଭଳି କିଛି ଫିସ ବା ଜମିଦାର ଅଫିସର ମେହଂତନା ଦେଇ ଖାତା ଅଲଗା କରି ନେଇ ପାରିବେ । ଏହିପରି ପ୍ରସ୍ତାବ କରିବା ଯୁକ୍ତିଯୁକ୍ତ ଓ ସମୀଚୀନ ହେବ ।

[ଆଲୋଚନା, ନବଭାରତ
ତୁଳ, ୧୩୪୨ ସାଲ]

# ଏ ବର୍ଷ ଦୁର୍ଭିକ୍ଷ

ଭାରତରେ ଏ ବର୍ଷ (୧୯୩୫) ବହୁ ଅଂଚଳରେ ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇଚି । ଅନ୍ୟାନ୍ୟ ଅନେକ ପ୍ରଦେଶରେ ଆଂଶିକ ଭାବରେ ଏହା ହୋଇଚି, ମାତ୍ର ଓଡ଼ିଶାରେ ସର୍ବତ୍ର ଧାନ ଫସଲ ପୋଡ଼ିଯାଇଚି । ଯେଉଁଠାରେ ସୁବିଧା ଥିଲା ସେଠାରେ ଚାଷୀମାନେ ଦୁଇ ତିନି ପାଣି ବୁହାଇ କିଂଚିତ୍ ଧାନ ବଂଚାଇଚଂତି, କିଂତୁ ତାହା କେତେ ? ସବୁ ବଂଚିଥିବା ଓ ପାଚିବା ଧାନ ହିସାବ କଲେ ଖୁବ୍ ବେଶି ପୂରା ଚାରିଅଣା ଫସଲ ବି ଏ ପ୍ରଦେଶରେ ଆଦାୟ ହେବ ନାହି । ସରକାରଂକ ହସିବାରେ ମଧ୍ୟ ଆଠଅଣା ପର୍ଯ୍ୟଂତରୁ ବେଶି ଉଠିଲା ପରି ଲାଗୁ ନାହି । ସରକାର ତ ବରାବର ଓଡ଼ିଶାର ଏଭଳି ଦୁର୍ଭିକ୍ଷକୁ ଟିକିଏ ମହର୍ଗ କାଳ ମାତ୍ର ପଡ଼ିଚି ବୋଲି ବୁଝାଇ ନିଜର ଦାୟିତ୍ୱ ତୁଟାଇବାରେ ଲାଗିବାର ଦେଖା ଅଛି । ଏପରି ବେଳେ ତାଂକ ରିପୋର୍ଟରେ ପାଚିଥିବା ଫସଲର ପରିମାଣ ଦୁଇ ଗୁଣରୁ ବେଶି ବୋଲି ବାହାରିବାର କଥା । ମୋଟ କଥା, ସରକାରଂକ ରିପୋର୍ଟରେ ଆଠ ଅଣା ଫସଲ ବୋଲି ବାହାରିଲେ ଚାରି ଅଣାରୁ କମ୍ ବୋଲି ବୁଝିବାକୁ ହେବ ।

ଏପରି ବାର ଅଣା ଫସଲ ହାନି ପୂର୍ବେ କେବେ ଏ ପ୍ରଦେଶର ସ୍ଥଳ ବିଶେଷରେ ହୋଇଚି; ମାତ୍ର ଏପରି ବ୍ୟାପକ ଭାବରେ ଗତ ତିରିଶ ବର୍ଷ ଭିତରେ ହୋଇ ନାହି । ତିରିଶ ବର୍ଷ ତଳେ ଥରେ ହୋଇଥିଲା, ମାତ୍ର ସରକାର ତାକୁ ଦୁର୍ଭିକ୍ଷ ବୋଲି କହି ନାହାଂତି, କିଂବା ଦୁର୍ଭିକ୍ଷରେ ଲୋକଂକୁ ରକ୍ଷା କଲାଭଳି କିଛି କରିଥିବାର ମନେ ହେଉ ନାହି । ହେଲେହେଁ, ସେ କାଳ ଏ କାଳର ପ୍ରଭେଦ ବହୁତ । ସେ କାଳେ ଏ ଦେଶ ପ୍ରଜାଂକର କିଣିବାର ବଳ ଆଜିଠାରୁ ଢେର୍ ବେଶି ଥିଲା । ଏବେ ତା' ଏକାବେଳକେ ନାହି । ଏହାର କାରଣ—

ସେତେବେଳେ ଗ୍ରାମର ଶିଳ୍ପ ବ୍ୟବସାୟ ଏବପରି ଲୋପ ପାଇନଥିଲା । ଏବେ ଗ୍ରାମରେ ଦୀପ, ସୋରିଷ ପୁଡ଼ି ବା ମଶାଲ ଆଉ ଜଳୁ ନାହି । ଲନ୍ଠନ୍, ପେଟ୍ରୋମାକ୍ସ, ଡେ ଲାଇଟ୍ ଓ ଚିନା ଜାପାନୀ ବିଜୁଳି ମଶାଲ ବା ଟର୍ଚ୍ଚରେ ଗ୍ରାମମାନ ଉଜ୍ଜ୍ୱଳ ହେଲାଣି ।

Digitized by PPRACHIN, SOA

ଗ୍ରାମର ବାବୁମାନେ ସହରି ଧୋବା ଓ ଭଂଡାରିଂକ ଆଶ୍ରୟ ନେଲେଣି । ଗ୍ରାମ ତଂତୀ ଆଜି ଚାଷୀ, ନ ହେଲେ ଭିଖାରି, ଗ୍ରାମର ବଢ଼େଇ କମାର ଆଉ ବେଶି ଦରକାର ନାହାଂତି । ଧୃଳି, ଗୋଡ଼ିସାଲ, ନାଗଫେଣି ପ୍ରଭୃତି ଲୁହା କଂଟାମାନଂକ ନାମ ହୁଏତ ଏବେ କେହି ବୁଝି ପାରିବେ ନାହି । କିରାସିନି ଡାବଲରୁ କଢ଼ା ହୋଇଥିବା କଂଟା ବିକିରି ପାଇଁ ଗ୍ରାମେ ଗ୍ରାମେ ଦୋକାନରେ ରହିଚି । ଲଂଗଳ ଲୁହା, କଟୁରି ଦାଆସବୁ କଳରେ ତିଆରି ହୋଇ ବିକ୍ରି ହେଉଚି । ଆଲମାରି ଚୌକି ପ୍ରଭୃତି ଦରକାର ହେଲେ ସହରରୁ କିଣା ହୋଇ ଯାଉଚି । ଏପରିକି ଜେକୋସ୍ଲୋଭାକିଆର ସୁଂଦର କ୍ଷୁଦ୍ର ଓ ସୁବହ ଚୌକି ସବୁ ଗ୍ରାମରେ ଦେଖା ଦେଲାଣି । ଗ୍ରାମ ପାଠଶାଳାର ବେଂଚଠାରୁ ଟୁଲ୍ ପର୍ଯ୍ୟଂତ ଜିଲାବୋର୍ଡ଼ ଦୂରରୁ କିଣି ପଠାଇ ଦିଅଂତି । ଘରେ ପିଢ଼ାଟିଏ ଦରକାର ହେଲେ ମଧ୍ୟ କିରାସିନି ଡାବଲ ପଟାରେ ସେ କାର୍ଯ୍ୟ ଚଳି ଯାଉଚି, ଇତ୍ୟାଦି ।

[ଆଲୋଚନା, ନବଭାରତ
୪ର୍ଥ ବର୍ଷ, ମିଥୁନ, ୧୩୪୪]

# ଓଡ଼ିଶା ପ୍ରଜାସ୍ୱତ୍ୱ

ସ୍ୱତ୍ୱାସତ୍ୱ ସ୍ଥିରକରିବା ପାଇଁ ଯେଉଁ କମିଟି ବସିବ ସେହି କମିଟି ପାଇଁ କେତେଗୁଡ଼ିଏ ନୀତି ଦେଖାଇ ସେମାନଂକ କାର୍ଯ୍ୟପଂଥା ନିୟମିତ କରିଦେବାକୁ ହେବ । ସେଥିପାଇଁ ନିମ୍ନଲିଖିତ କଥାଗୁଡ଼ିକ ପ୍ରତି ବିଶେଷରେ ଦୃଷ୍ଟି ଦିଆଯାଉ–

୧ । ପ୍ରଜା ଓ ସରକାର ମଧ୍ୟରେ ଜମିଦାର ପ୍ରଭୃତି ଅନ୍ୟ ମଧ୍ୟସ୍ୱତ୍ୱ ରହିବା ଉଚିତ ନୁହେ । କିଂତୁ ଜମିଦାରୀ ଭଳି କେତେ ସ୍ୱତ୍ୱ ବର୍ତ୍ତମାନ ପାଇଁ ଯଦି ଅବଶ୍ୟ ରଖିବାକୁ ହୁଏ, ତେବେ ତାହା ଯେତେ କମ୍ ରଖାଯାଇ ପାରେ ସେତେ ଭଲ ।

୨ । ମକଦମ, ସରବରାକାର ପ୍ରଭୃତି ସ୍ୱତ୍ୱରେ କେବଳ ଖଜଣା ଅସୁଲ ବା ମାଲିକାନା ଛଡ଼ା ଅନ୍ୟ ସ୍ୱତ୍ୱ ରହିବା ଠିକ୍ ନୁହେ । ନିଜ ଚାଷ, ନିଜ ଯୋତ ପ୍ରଭୃତିରେ ହୁଏତ ସୁସଂଗତ ଭାବରେ ଜମିଦାର ଓ ମକଦମମାନଂକୁ ରୟତ କରାଯାଉ କିଂବା ଖୁବ୍ ବେଶୀ ପରିମାଣ ହେଲେ ସେଠାରେ ଅନ୍ୟ ଜମିପରି ରୟତର ବ୍ୟବସ୍ଥା କରାଯାଉ ।

୩ । ଜମିଦାରମାନଂକର ନିଜ ଚାଷ, ନିଜ ଯୋତରେ ଯଥାସଂଭବ ସେହିପରି ବ୍ୟବସ୍ଥା କରାଯାଉ । ନିଜର ଚଳିବା ମାଫିକ ଧାନ ବାହାରୁଥିବା ଜମିଛଡ଼ା ଅନ୍ୟ ଜମିରେ କୌଣସି ଜମିଦାରର ନିଜ ଯୋତ ପ୍ରଭୃତି ସ୍ୱତ୍ୱ ନ ରହୁ ।

Digitized by PPRACHIN, SOA

୪ । ଇନାମଦାର, ବାହିଲଦାର, ବାଜ୍ୟାପ୍ତିଦାର ପ୍ରଭୃତି ସମସ୍ତେ ସେହିପରି ଯଥାସଂଭବ ନିଜେ ରୟତ ହୁଅଂତୁ । ଯେଉଁଠାରେ ଜମିର ପରିମାଣ ଅତ୍ୟଂତ ବେଶୀ ସେଠାର ଜମି ରୟତଂକର କରିଦେବା ବ୍ୟବସ୍ଥା ହେଉ ।

୫ । ବଡ଼ ବଡ଼ ରୟତମାନେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ଥିଲା ପରି ମଧ୍ୟସ୍ୱତ୍ୱାଧିକାରୀ ବିବେଚିତ ନ ହୁଅଂତୁ । ସେମାନଂକର ଜମି ଅନ୍ୟ ରୟତର କରିବା ପାଇଁ ଯଦି କିଛି ବ୍ୟବସ୍ଥା ହୋଇପାରେ ତେବେ ତାହା କରାଯାଉ ।

କିଂତୁ ଯେତେ ଦିନ ଏପରି ବଡ଼ ବଡ଼ ରୟତଂକୁ ମଧ୍ୟବିତ୍ତ କରିବାର ବ୍ୟବସ୍ଥା ସଂଭବ ନ ହୋଇଛି ସେତେଦିନ ବଡ଼ ବଡ଼ ବାହିଲଦାର, ବାଜ୍ୟାପ୍ତିଦାର, ମକଦମ, ସରବରାକାର ତଥା ଜମିଦାରମାନଂକୁ ତାଂକ ନିଜ ଜମିରେ ରୟତ ବୋଲି ଗ୍ରହଣ କରାଯାଉ । ବଂଗଳା ଅନୁକରଣରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ବହୁତ ମଧ୍ୟସ୍ୱତ୍ୱ ଓ ନିମ୍ନ ମଧ୍ୟସ୍ୱତ୍ୱ ସୃଷ୍ଟି କରିବାରୁ ଯେ ବିଶୃଂଖଳା ହୋଇଛି ତାହାର ଗତି ବଂଦ କରାଯାଉ । ଓଡ଼ିଶାରେ ପୂର୍ବେ ଜମିଦାର ବା ମଧ୍ୟସ୍ୱତ୍ୱାଧିକାରୀ ନ ଥିଲେ । ବଡ଼ ରୟତ ଥିଲେ । ସେନାବିଭାଗରେ ବଡ଼ ଜାଗିରଦାର ତଥା ଅନ୍ୟତ୍ର ଛୋଟ ଓ ବଡ଼ ଇନାମଦାର ଅର୍ଥାତ୍ ବାହିଲଦାରମାନେ ଥିଲେ । ତେଣୁ ସରକାର ପ୍ରଜା ମଧ୍ୟରେ ଅଯଥା ପ୍ରଜାର ଧନ ଶୋଷଣ କରିବା ନିମଂତେ ଅନ୍ୟ କୌଣସି ଦଳ ବା ସ୍ୱତ୍ୱବାନ୍ ବ୍ୟକ୍ତି ନଥିଲେ । ଓଡ଼ିଶାର ପ୍ରାଚୀନ ସମୃଦ୍ଧିର ଏହା ଗୋଟିଏ ପ୍ରଧାନ କାରଣ ଥିଲା । ବର୍ତ୍ତମାନ ଯଥାସଂଭବ ସେହି ଆଡ଼କୁ ଦୃଷ୍ଟି ନିଆଯାଉ ।

ସମସ୍ତ ଓଡ଼ିଶାର ଭୂମିରେ ପ୍ରଜା ପ୍ରତି କରଭାର କିପରି ଅନୁପାତରେ ସମାନ ହେବ ତାହାର ବ୍ୟବସ୍ଥା କରିବା ନିମଂତେ କମିଟି ଦୃଷ୍ଟି ଦିଅଂତୁ । ତା' ନ କରି ଖଜଣା କମାଇ ଦେବା, ବଢ଼ାଇ ଦେବା ପ୍ରଭୃତି କଥା କହିବାର ଅର୍ଥ କିଛି ନାହି । ଆମେ ଜାଣୁ ଓଡ଼ିଶାରେ କୌଣସି କୌଣସି ଠାରେ ଯେଉଁ ଦରର ଜମିପାଇଁ ପ୍ରଜା ଏକରକୁ ଏକ ଟଂକା ଛ' ଅଣା ଖଜଣା ଦିଏ ଅନ୍ୟତ୍ର ସେହି ଜମିପାଇଁ ପ୍ରଜାକୁ ଛଅଟଂକା ଖଜଣା ଦେବାକୁ ପଡ଼େ । ଏପରି ସ୍ଥଳେ ମୋଟ ଉପରେ ଅଫିସ ଘରେ ବସି ନଥିପତ୍ର ଧରି ଖଜଣା କାଟି ଦେବା, ବଢ଼ାଇ ଦେବା ଭଳି କାର୍ଯ୍ୟରେ ମନ ଦେଲେ କୌଣସି ଶୃଂଖଳା ଫୁଟିବ ନାହି । ଯାହା ଉପରେ ଯଥାର୍ଥରେ କରାଭାର ବେଶୀ ତାକୁ ବେଶୀ ଲଘୁ କରିବାକୁ ହେବ । ତାହା କିପରି କରାଯିବ ସେ ବିଷୟରେ କମିଟି ରିପୋଟରେ ମତ ଦିଅଂତୁ ।

ଏହାଛଡ଼ା କୃଷିଜାତ ଧନ ଉପରେ କି ପରିମାଣରେ କିପରି ଆୟକର ବସାଇବାକୁ ହେବ ତାହାର ଶୀଘ୍ର ବ୍ୟବସ୍ଥା କରାଯାଉ । ହୁଏତ ଦରକାର ହେଲେ କୌଣସି ଏକ ଅସ୍ଥାୟୀ ବ୍ୟବସ୍ଥାରେ ସେ କର ବସାଇ ପରେ ସୁଚିଂତିତ ମତ ଦେବା ପାଇଁ କମିଟିକୁ କୁହାଯାଉ । ଏ ଦେଶରେ ଖାଲି ଜମିଦାରଂକ ଉପରେ ଏ ଟିକସ ପଡ଼ିବ ନାହି । ବହୁ

Digitized by PPRACHIN, SOA

ପ୍ରଜା ଓ ଇନାମଦାର ବା ବାହିଲଦାରଂକ ଉପରେ ଏ କର ବସିପାରେ । ତେଣୁ ହିସାବ କରି ଦେଖିବାକୁ ହେବ ଏ କରଦ୍ୱାରା ଦୁସ୍ଥ ପ୍ରଜାର କରଛାଡ଼ କରାଯାଇପାରେ କି ନା କିଂବା କି ପରିମାଣରେ ତାହା କରାଯାଇପାରେ ।

ମାଂଦ୍ରାଜ ପ୍ରଦେଶରେ ଅଳ୍ପ ଆୟ ଥିବା ପ୍ରଜାକୁ କର ଛାଡ଼ି ଦିଆଯାଉଛି ଓ ଅନ୍ୟ ପ୍ରଜାଂକର କରଭାର କମାଇ ଦିଆ ଯାଉଛି । ଠିକ୍ ସେହି ପଂଥାରେ ଯିବା ପାଇଁ ଏବେ ଓଡ଼ିଶା ସରକାରଂକର ବଳ ଅଛି କି ନା ତାହା ମାପି ଦେଖିବାର କଥା । ମାତ୍ର ଦୁଃସ୍ଥ ପ୍ରଜାକୁ କର ଛାଡ଼ିଦେବା ନୀତିରେ କାର୍ଯ୍ୟ ଆରଂଭ କରିବା ଉଚିତ ।

ପୁଣି ଜମିକର ବା ଭଡ଼ା (rent) ଯେତେ ଜମି ଆୟର ଟିକସ ଆଡ଼କୁ ଯାଏ ତାହାର ବ୍ୟବସ୍ଥା କରିବାକୁ ହେବ । ସେଥିପାଇଁ ସୁଚିଂତିତ ସୁପାରିସ କରିବା ନିମଂତେ କମିଟିକୁ ମଧ କୁହାଯିବ ।

[ଆଲୋଚନା, ନବଭାରତ
୪ର୍ଥ ବର୍ଷ, ମିଥୁନ, ୧୩୪୪]

# କୃଷକ କିଏ ?

ଚାଷୀମାନଂକର ଉପକାର କରିବା କଂଗ୍ରେସର ମୁଖ୍ୟ ଉଦ୍ଦେଶ୍ୟ । ମାତ୍ର ଆମେମାନେ ବରାବର କହିଆସୁଛୁ ଜନସାଧାରଣ ମଧରେ କୌଣସି ଆଂଦୋଳନର ପ୍ରତିଷ୍ଠା କଲେ ଲୋକଂକୁ ଯଥାଯଥ ଭାବେ କଥାଟି ବୁଝାଇବାରେ ତାହାର ମୂଳଦୁଆ ପକାଇବା ଉଚିତ । ଚାଷୀକୁ କୁହାଯାଉଛି ଖଜଣା ଟଂକାରେ ଆଠଅଣା ଛାଡ଼ ହେବ । ଧର, ସରକାରଂକ ପକ୍ଷରେ ସଂଭବ ହେଲା ସେ ଟଂକାରେ ଆଠଅଣା ଖଜଣା ଛାଡ଼ି ଦେଲେ । ରୟତର ଲାଭ ହେବ, ସଂଦେହ ନାହି । କିଂତୁ ରୟତ ଚାଷୀ ଏ ଦୁଇଟା କଥା କ'ଣ ସମାନ ? ପା' ଏକର ଅଧ ଏକର ଠାରୁ ଶହ ଶହ ହଜାର ହଜାର ଏକର ଥାଇ ଏ ଦେଶରେ ରୟତ ଅଛଂତି । ଖଜଣା ଛାଡ଼ ହେଲେ ଏ ସମସ୍ତେ ଲାଭ କରିବେ । ଅବଶ୍ୟ ବେଶୀ ଲାଭ କରିବେ ବଡ଼ ରଇତ । ମାତ୍ର ରଇତ ହେବା ମାତ୍ରେ ସେ ଯେ ଚାଷୀ ଏକଥା କହିହେବ ନାହି । ବେଶୀ ଜମିଥିବା ରୟତ ତ ପ୍ରାୟ ଚାଷୀ ନୁହେ । ପୁଣି ଅଳ୍ପ ଜମି ଥିବା ରୟତ ଘରେ ଯଦି ଖାଲି ବୃଦ୍ଧ ବିଧବା ବା ନାବାଳକ ଥାଂତି, ଯେଉଁ ରୟତମାନେ ବାହାରେ ମଜୁରି ଖଟି ପଇସା ଆଣଂତି ସେମାନେ ମଧ୍ୟ ପ୍ରାୟ ଚାଷୀ ନୁହଂତି । ଏ ସବୁ ଜମିରେ ଚାଷୀ ରୟତ ନୁହେ, ଅନ୍ୟ ଲୋକ । ତାକୁ ଏ ଦେଶରେ କହଂତି ଭାଗଚାଷୀ । କୌଣସି କୌଣସି ଅଳ୍ପ ସଂଖ୍ୟକ ବଡ଼ ଓ ମଧଭଳି ରୟତଂକୁ ଛାଡ଼ିଦେଲେ ଆଉ କେହି ଏ ଦେଶରେ ମୂଲିଆ ଲଗାଇ ନିଜ ଜମି ଚଷଂତି ନାହି । ଭାଗରେ ଚାଷକୁ ଜମି ଦେଇଦେବା ଏ ଦେଶରେ ରୀତି ।

Digitized by PPRACHIN, SOA

**ଭାଗଚାଷୀ ରୟତ ନୁହେ—**

ଭାଗଚାଷୀ ରୟତ ନୁହେ । ଅଂତତଃ ଯେଉଁ ଜମିରେ ସେ ଭାଗଚାଷୀ ସେ ଜମିରେ ସେ ରୟତ ନୁହେ । ଅନେକ ସ୍ଥଳରେ ଅତି ଅଳ୍ପ ଜମିଥିବା ରୟତମାନେ, ମିଳିଲେ ଭାଗରେ ମାଣେ କୁଣେ କରଂତି । ମାତ୍ର ଏହି ଭାଗଚାଷ ମିଶା ରୟତଂକ ସଂଖ୍ୟା ଅତି ଅଳ୍ପ । ଅଳ୍ପ ବେଶୀ କଥା ଅବଶ୍ୟ ଏ କ୍ଷେତ୍ରରେ ବିଚାର୍ଯ୍ୟ ନୁହେ । ରାଜନୀତିକ ଦଳ ଗଠନରେ ଦଳର ସ୍ୱାର୍ଥକୁ ଠିକ୍ କରି ସେଇ ଦୃଷ୍ଟିରେ ଦଳକୁ ଗଢ଼ିବାହିଁ ଯୁକ୍ତି ଓ ବିଜ୍ଞାନ-ସଂଗତ । ସେଇ ସ୍ୱାର୍ଥ ଦୃଷ୍ଟିରେ ରୟତ ଓ ଭାଗଚାଷୀ ଦୁଇଟି ପରସ୍ପର ବିରୋଧୀ ଶ୍ରେଣୀ । ଖଜଣା ଟଂକାରେ ଆଠଅଣା କଟିଗଲେ ଭାଗଚାଷୀର କି ଉପକାର ହେବ ? ତେବେ ସମସ୍ତ ଚାଷୀଂକୁ ଏକାଠି କରି ଖଜଣା କାଟ ପ୍ରସ୍ତାବ କରିବାରେ କି ଅର୍ଥ ଅଛି ?

ପୁଣି ସେଇପରି ଗଛ ମାଛରେ ଅଧିକାର ପାଇବା, ଦାଖଲଖାରଜ ରୋଷମ କଟିଯିବା ଇତ୍ୟାଦି ସବୁଥିରେ ଭାଗଚାଷୀର କି ସ୍ୱାର୍ଥ ଅଛି ?

[ଆଲୋଚନା, ନବଭାରତ
୫ମ ବର୍ଷ, ମୀନ, ୧୩୪୭]

## ସ୍ଥାନୀୟ ସ୍ୱାୟତ୍ତ ଶାସନ ଓ ଶିକ୍ଷା

ଜିଲାବୋର୍ଡ଼ ଓ ମ୍ୟୁନିସିପାଲିଟିରେ ଭୋଟ ଅଧିକାର ସମସ୍ତ ସାବାଳକମାନଂକୁ ଅତିଶୀଘ୍ର ଦେବାକୁ ହେବ । ଗ୍ରାମ ପଂଚାୟତ ଆମୂଳଚୂଳ ବଦଳାଇ ଦେବାକୁ ହେବ । ଗ୍ରାମ ପଂଚାୟତ ସମସ୍ତ ସାବାଳକ ଭୋଟରେ ସାମୟିକ ନିର୍ବାଚନରେ ଗଢ଼ା ହେବେ । ସେମାନେ ଆବଶ୍ୟକମତେ ଚୌକିଦାର, ଦଂଡାସି ରଖିବେ, ସ୍କୁଲ ବସାଇବେ, ଚଳାଇବେ ଓ ରାସ୍ତାଘାଟ କରିବା ଓ ପରିଷ୍କାର ରଖିବାର ଭାର ନେବେ । ଦରକାର ହେଲେ ଜିଲାବୋର୍ଡ଼ ଓ ଜିଲାବୋର୍ଡ ବାଟେ ସରକାର ସେମାନଂକୁ ସେହି ସବୁ କାର୍ଯ୍ୟରେ ଆର୍ଥିକ ସାହାଯ୍ୟ ଦେବେ । ଯେଉଁଠାରେ ପଂଚାୟତ ନାହି ସେଠାରେ ଏହିପରି ପଂଚାୟତ ବସାଇବାର ବ୍ୟବସ୍ଥା ହେବ । ଏହିପରି କାଳକ୍ରମେ ଶିକ୍ଷାକର ସରକାରଂକ ଦ୍ୱାରା ନ ବସି ଲୋକରେ ଶିକ୍ଷା ପ୍ରଚାର ବଢ଼ିବ ଓ ସମୟରେ ସମସ୍ତେ ଶିକ୍ଷା ପାଇବା ଆଡ଼କୁ କାର୍ଯ୍ୟପଂଥା ଫିଟିଯିବ । ଏଥିପାଇଁ ଇନ୍‌ସ୍ପେକ୍ଟିଂ ଅଫିସର ପ୍ରଭୃତି, ତଥା ଶିକ୍ଷକ ଓ ତାଂକର ଟ୍ରେନିଂ, ଶିକ୍ଷା ବିଧାନର ପରିବର୍ତ୍ତନ ପ୍ରଭୃତି ଯାହା ଯାହା ଦରକାର ତାହାର ବିଶେଷ ବିଧିମାନ ସହଜରେ ସ୍ଥିର କରାଯାଇ ପାରିବ ? କୌଣସି ବିଲାତୀ ବା ବିଦେଶାଗତ ଗତ ବା ଶଗଡ଼ଗୁଳାରେ ଶିକ୍ଷାକୁ ଆଉ ଘୋଷାରିଲେ ଚଳିବ ନାହି । ଇସ୍କୁଲ ଘରପାଇଁ ଟାଇପ୍ ପ୍ଲାନ୍ ତିଆରି କରି ଲୁହା ଟିଣ କଂପାନୀକୁ ରାଶି ରାଶି ଟଂକା ଖୁଆଇବା ଦରକାର ହେବ ନାହି । ଚୌକି ବେଂଚ

Digitized by PPRACHIN, SOA

ସହରରୁ ତିଆର କରି ଦୂର ମଫସଲକୁ ଶଗଡ଼ରେ ପଠାଇବାକୁ ପଡ଼ିବ ନାହି । ହୁଏତ ଟ୍ରେନିଂ ଦବା ଲୋକମାନେ ବୁଲି ବୁଲି ଶିକ୍ଷକଙ୍କୁ ସାର୍ଟିଫିକେଟ ଦେବେ । କିଂବା ସେହିଭଳି ଅନ୍ୟ କୌଣସି ବ୍ୟବସ୍ଥା ହେବ । ଗ୍ରାମ ଶିଶୁକୁ ଗ୍ରାମର ବେଷ୍ଟନୀ ମଧ୍ୟରେ ମିଶାଇ ରଖି ତାହାର ବିକାଶ କରାଇବାକୁ ହେବ ।

ଶିଳ୍ପ ଓ ବ୍ୟବସାୟର ଶିକ୍ଷାପାଇଁ ସବୁଆଡ଼େ ହୁରି ପଡ଼ିଛି । ଅନେକଙ୍କୁ ଏକାବେଳକେ ସେହି ଝୁଂକ ଲାଗିଯାଇଛି । କିଂତୁ ସେଠାରେ ମଧ ଚିଂତା କରିବାର ଅଛି, ଦେଶରେ ବର୍ତ୍ତମାନ ବଂଚିଥିବା ଶିଳ୍ପ ବ୍ୟବସାୟକୁ କିପରି ଜୀବଂତ ଓ ବିକାଶପର କରାଯାଇପାରେ । ବର୍ତ୍ତମାନ ଶିଳ୍ପ ବ୍ୟବସାୟ ଶିକ୍ଷାର ଯେ କ୍ଷୀଣ ଓ ଦୁରୂହ ଉଦ୍ୟମ କରାଯାଉଛି ବା କରାଯିବ, ସେଥିରେ ପୁରୁଣା ମରିଯିବ ନୂଆ ଫୁଟିବ ନାହି । ଏଥିପାଇଁ ସରକାର ସର୍ବତ୍ର ପ୍ରତିଷ୍ଠାନରେ ସେହି ସ୍ଥାନ ଜାତ ଦ୍ରବ୍ୟ କିଣିବାର ଓ କିଣାଇବାର ପ୍ରବଳ ଉଦ୍ୟମ କରଂତୁ । ହୁଏତ କୋଅପରେଟିଭ୍ ସୋସାଇଟି ବା ଅନ୍ୟ କୌଣସି ସୂତ୍ରରେ ଶିଳ୍ପୀ ଓ ବ୍ୟବସାୟୀଂକୁ ସଂଗଠିତ କରି ତାଂକ ପାଇଁ ଆଦର୍ଶ ଶିକ୍ଷାଳୟ ବସାନ୍ତୁ । ତାଂକୁ ଭଲ ଜିନିଷର ନମୁନା ଦିଅଂତୁ ଓ ଦରକାର ଅନୁସାରେ ଦୂର ବଜାରରେ ତାଂକ ଜିନିଷ ବିକ୍ରୟର ବ୍ୟବସ୍ଥା କରଂତୁ । ବିଧିବଦ୍ଧ ଭାବରେ ଏଇ ଦିଗରେ କାର୍ଯ୍ୟ କଲେ ଅତି କଲେ ଅତି ଅଳ୍ପ ସମୟରେ ଶିଳ୍ପ ବ୍ୟବସାୟ ଜାଗି ଉଠିବ । ଗ୍ରାମିଣ ସ୍କୁଲ ଶିକ୍ଷକ ଓ ବାଳକ ବାଳିକାମାନେ ସ୍ୱଚ୍ଛଂଦରେ ସେ ସବୁରେ ଯୋଗ ଦେବେ । ବର୍ତ୍ତମାନ ପାଇଁ ଦରକାର ହେଲେ ପିଲାଂକୁ କୌତୁକ କରିବା ପାଇଁ ନେଇ ସେଇ ସବୁ ଆଦର୍ଶ ଶିଳ୍ପ କାରଖାନା ସବୁ ଦେଖାଇବାରେ ଲାଭ ହୋଇପାରେ । କିଂତୁ ପ୍ରତି ସ୍କୁଲରେ ପକା କାଂଥ ଟିଣ ଛାତ କରି ପ୍ରତିଦିନ ପାଠପଢ଼ା ସାଂଗେ ବଗିଚାକୁ ଦୁଇଟା ଘାସ ଉପଡ଼ାଇବା ଓ ଦିବିଂଡା ମାଟି ଚକଟାଇବା ପ୍ରଭୃତି କାର୍ଯ୍ୟରେ କିଛି ଲାଭ ନାହି । ଏଥିରେ ବାବୁମାନେ କୌତୁକରେ କାମକଲା ପରି ପିଲାଏ କାମ କରି ଶିଖଂତି ଓ ବାବୁ ହୁଅଂତି । ଏ ସବୁ ଯଥାଶୀଘ୍ର ଓ ଯଥାସଂଭବ କୌଣସି ଆଦର୍ଶରେ ଶୃଂଖଳିତ କରିବାକୁ ହେବ ।

ପିଲାଂକ ଶିକ୍ଷାପାଇଁ ବର୍ଷ ପରେ ବର୍ଷ ବଂଧା ହୋଇଅଛି । ତାହାର କଟକଣା ମଧ ଶିଥିଳ କରିବାକୁ ହେବ । ସ୍କୁଲ ଘର ପୂର୍ବର ଜେଲଖାନା ନୁହେ । ଆମେ ଦେଖିଛୁ କୌଣସି ବୁଦ୍ଧିମାନ ବିଚକ୍ଷଣ ପିଲା ଏକା ବର୍ଷକେ ତିନିକ୍ଲାସର ପାଠ ପଢ଼ିପାରେ । ୨୫।୩୦ ବର୍ଷ ତଳେ ସେପରି ପଢ଼ି ଉପରକୁ ଯିବା ବ୍ୟବସ୍ଥା ଥିଲା । ଏବେ ସ୍କୁଲ ଗୋଟିଏ କଳକାରଖାନାରୁ ବଳିଛି ।

[ନବଭାରତ ୪ର୍ଥ ବର୍ଷ,
ମିଥୁନ, ୧୯୪୪]

Digitized by PPRACHIN, SOA

# ସ୍ୱରାଜ କାହିଁ ?

ଗଲା ଫେବୃଆରୀ ୧୭ ତାରିଖ 'ହରିଜନ' ପତ୍ରରେ ମହାତ୍ମା ଗାଂଧି ଗୋଟିଏ ଚିଠି ଓ ତା ଉପରେ ଆଲୋଚନାଟିଏ ଦେଇଚଂତି । ଚିଠିଟି ଗାଂଧିଂକଠାକୁ ଲେଖା ହୋଇଥିଲା । ପତ୍ର ଲେଖକଙ୍କୁ ଗାଂଧି, 'କଥାରେ ମୂଲ୍ୟ ଥିବା ଭଳି ଜଣେ ସହକର୍ମୀ' ବୋଲି ଲେଖିଚଂତି । ସେଇ ସହକର୍ମୀ ଗାଂଧିଙ୍କୁ ଲେଖିଚଂତି—

''ଗଲା ମାସ ଖଂଡକ ଭିତରେ ଯା ଘଟିଛି ସେଥିରେ ମୋ ଧାରଣା ଦୃଢ଼ ହୋଇଚି ଯେ, ଇଂରେଜ ସରକାର ଆମେ କହୁଥିବା କଥା ଗ୍ରହଣ କରିବାର ଆଶା ନାହିଁ । ବରଂ ଘଟନାମାନଂକରୁ ବୁଝାଯାଏ, ସେମାନେ ଠିକଣା ହୋଇ ସାମ୍ରାଜ୍ୟ ପଂଥାରେ ଅଛଂତି । ଏବେ ତ ଇଂରେଜ ପାର୍ଲିଆମେଂଟ ପ୍ରାଦେଶିକ ସରକାରଂକ କର ବସାଇବା କ୍ଷମତା କାଟି ଭାରତ ଶାସନ ଆଇନର ଏକ ସଂଶୋଧନ ପାସ୍ କରିଚଂତି । ଫଳରେ ଯୁକ୍ତ ପ୍ରଦେଶର ବ୍ୟବସାୟ-ଉପାର୍ଜନ-କର ଆଇନ୍ ନାମଂଜୁରରେ ଗଲା । ଏଥିରେ ଖାଲି ପ୍ରାଦେଶିକ ବ୍ୟବସ୍ଥାସଭାର କ୍ଷମତା ଯେ ଗଲା ସେତିକି ନୁହେ, ବିଶେଷତଃ ଏ ସମୟରେ ଏହା ସ୍ପଷ୍ଟ କରି ସାମ୍ରାଜ୍ୟ ନୀତି ଦେଖାଇ ଦେଲା ।

''ଆପଣ ବଡ଼ଲାଟଂକ ସଂଗେ ଦେଖା କରିବାକୁ ଦିଲୀକୁ ଯିବାରେ ଉତ୍ସାହ କିଛି ମିଳୁ ନାହିଁ । ସେଇ ପୁରୁଣା କସରତ, ସେଇ ପରିସ୍ଥିତି, ସେଇ ଉଦ୍ଦେଶ୍ୟ, ସେଇ ଲୋକ; ଫଳ ବି ସେଇଆ ହେବ ।

''ଏହା ଫଳରେ କିଂତୁ ଦୁର୍ଭାଗ୍ୟ ଆଉରି ବଢ଼ିଚି । ସାଲିସ ହେଲା ହେଲା ବୋଲି ଦେଶସାରା ଟାକିଛଂତି । ଏପରି ସାଲିସ୍‌ର କାରଣ ତ କିଛି ନାହିଁ । ପୁଣି ଏପରି ମନୋଭାବରେ ସମସ୍ତେ ନିସ୍ତେଜ ଓ ଶକ୍ତିହୀନ ହେଉଚଂତି । କାରଣ ଏ ଭାବ ସବଳତାରୁ ଆସୁନାହିଁ, ଓ ଅନେକଂକ ପକ୍ଷରେ ଏହା ଭିତରେ କଦର୍ଯ୍ୟ କାମନା ରହିଚି । ସେମାନେ ଯେପରି କି ସଂପୁଚଂତି, ଯା ହବ ହଉ ପଛକେ, କିପରି ଲଢ଼େଇ ନ ହଉ, ଯେଉଁ ଚିରୁଡ଼ାକ କ୍ଷମତା ଆମକୁ ମିଳିଥିଲା, ତା କିମିତି ଫେର୍ ହାତରେ ପଡୁ । ଝଗଡ଼ାରେ କ୍ଷତି; ତା ଲୋଡ଼ା ନାହିଁ ସତ, ମାତ୍ର ସର୍ବସ୍ୱ ପଣ କରି ଝଗଡ଼ା ଏଡ଼ି ବସିଲେ ପୁଣି ଫଳରେ କ୍ଷତି ଓ କ୍ଷତପୀଡ଼ା ଆଉରି ବେଶି ହୋଇପାରେ । ଏକ୍ଷଣି ଅବଶ୍ୟ ଝଗଡ଼ାର କଥା ଉଠୁ ନାହିଁ । ମାତ୍ର ବଳିଷ୍ଠ ଭାବରେ ନିଜର ମୁଂଡ ଟେକି ରଖିବାକୁ ହେବ; ମୁଂଡ ନୁଆଁଇ ଦୁର୍ବଳ ହୋଇଯିବା ଠିକ୍ ନୁହେ । ମନେ ହଉଚି, ଭାରତ ତଥା ଇଂଲଂଡରେ ଧାରଣା ପଡ଼ିଯାଉଚି, ଆମର ଯେପରି ଲଢ଼େଇ ଜମାରୁ ଇଚ୍ଛା ନୁହେ; ଓ ସେଇଥି ପାଇଁ ଯାହା ମିଳିପାରିବ ସେତକ ହେଲେ କିମିତି ମିଳିଗଲେ ରକ୍ଷା । ଏପରି ଧାରଣାରେ

Digitized by PPRACHIN, SOA

ଅନୀତି ଘୋଟିଯିବାର କଥା । ଗତ ୨ ସପ୍ତାହରେ ମୁଁ ଲକ୍ଷ୍ୟ କରିଚି, କଂଗ୍ରେସ ପ୍ରତିନିଧି ନିର୍ବାଚନରେ ଏଇ ଅନୀତିର ପ୍ରଭାବ ପ୍ରକାଶ ପାଇଚି । ଲଢ଼େଇ ଶଂକାରେ ଯେଉଁମାନେ ପଛଘୁଂଚା ଦେଉଥିଲେ, ସେମାନେ ଏବେ ପୁଣି ମଂତ୍ରିତ୍ୱର ମୋହନ ଏବେ ଶେଷକୁ ଚମକି ପଡ଼ି ମହାତ୍ମାଜୀ ଇଂରେଜଂକୁ ଠିକ୍ କଥା ପ୍ରାୟ ଶୁଣାଇ ଦେଇ ସାରିଲେଣି; ଓ ଗାଂଧି ସେବା ସଂଘକୁ **ଭାଂଗି** ପୁନର୍ଜନ୍ମ ଦେବାର ସୂଚନା ଦେଲେଣି । ତେବେ ଗାଂଧି ସେବା ସଂଘ ରାଜ**ନୀତି ଛାଡ଼ି** କିପରି ଭାବରେ କେତେ ଦିନ ରହିବ, ନ ଦେଖି କହି ହେଉ ନାହି । ଜେଲ୍ ପ୍ରଭୃତିକୁ କେବେ ଡାକ ପଡ଼ିଲେ ସେମାନେ ଯିବେ କି ନା ? ନଚେତ୍ ଖାଲି ରାମକୃଷ୍ଣ ମିଶନ୍ ପ୍ରଭୃତି ପରି ନିଷ୍କାମ ସେବା ଧର୍ମରେ ରହି ଗାଂଧିଂକର ଭବିଷ୍ୟତ ସ୍ମୃତିମଂଦିର ଗଢ଼ିବେ ? ମହାତ୍ମାଜୀ ଏ ସବୁ କ୍ରମେ ସ୍ପଷ୍ଟ କରିବେ ବୋଲି ଆଶା କରାଯାଏ ।

[ନବଭାରତ ୬ଷ୍ଠ ବର୍ଷ,
ପୃ. ୫୨୧]

# ଭାରତର ଶାସନ ବିଧାନ

## ଆମ ସାଧନା କ୍ଷେତ୍ର–

ପାକିସ୍ତାନ ଅଲଗା ହେଉ ପଛକେ, ଭାରତ ସ୍ୱାଧୀନ ହୋଇଚି । ଏ ହେଉଚି, ରାଜନୀତିକ ସ୍ୱାଧୀନତା । ହେଲେହେଁ, ଭାରତ ସଭ୍ୟତା ଓ ସଂସ୍କୃତିର କ୍ଷେତ୍ର ବହୁକାଳରୁ ଯେ କମି କମି ଆସୁଥିଲା, ତାହା ଆଜି ଆହୁରି କମିଯାଇଚି । ତା ହଉଚି, ତଥାକଥିତ ଦେଶୀରାଜ୍ୟ, ଇଂରେଜ ଅଧୀନରେ ଥିବା ଭାରତ ସଂଗେ ମିଶି ଏକାକାର ହୋଇ ଯାଇଚି । ଏହା ଅବଶ୍ୟ ସୁଖର କଥା ।

## ମାନବର ସ୍ୱାଧୀନତା ଓ ଧର୍ମ–

କିଂତୁ, ସ୍ୱାଧୀନ ଭାରତ ବୋଇଲେ, ଆମେ କ'ଣ ବୁଝୁ ? ଆଜି ପୃଥିବୀରେ ସ୍ୱାଧୀନତା ବୋଲି ଯାହା ବୁଝାଯାଉଚି, ତା' ହେଉଚି ଭାତ ଲଗା ସ୍ୱାଧୀନତା । ପୁଣି ସେ ସ୍ୱାଧୀନତା ପାଇବା, ସଂଭାଳିବା ପାଇଁ ଆମେ ଦୀକ୍ଷା ନେଉଚୁ, ଯୀଶୁଖ୍ରୀଷ୍ଟ ପ୍ରଭାବିତ ଜଗତର ଶାସନତଂତ୍ରଠାରୁ । ଇତିହାସରେ ଏହି ଶାସନତଂତ୍ର ଦୁଇ ଦିଗରେ ପ୍ରକାଶ ପାଇଚି । ଗୋଟିଏ ହେଉଚି, ପ୍ରତିଷ୍ଠିତ ତଥାକଥିତ ଲୋକ ଶାସନ । ଏହା ଇଂଲଂଡରେ ଜନ୍ମିଚି, ବଢ଼ିଛି ଓ ସେଇଠାରୁ ପୃଥିବୀରେ ବ୍ୟାପ୍ତ ହୋଇଚି । ଏହାର ଭିତ୍ତି ହେଉଚି, ପ୍ରଥମେ ଖ୍ରୀଷ୍ଟଧର୍ମ ଓ ପରେ ମୁସଲମାନ ଧର୍ମର ନୀତି ଓ ପଦ୍ଧତି । ଏ ସବୁ ଧର୍ମର ରୀତି ଓ

Digitized by PPRACHIN, SOA

ପଦ୍ଧତି କ'ଣ ? ଏଥିରେ ମୂଳରୁ ଈଶ୍ୱର ବୋଲି ଗୋଟିଏ ଅକାଟ୍ୟ, ଅସମାଲୋଚ୍ୟ ସମ୍ରାଟ କଳ୍ପନା କରାଯାଇ ତାଂକରି ଠାରେ ମନୁଷ୍ୟକୁ ଆତ୍ମବିକ୍ରୟ କରିବାକୁ ଠିକ୍ କରା ହୋଇଚି । ଏ ଈଶ୍ୱରଂକୁ ଜଗତର ଆଧ୍ୟାତ୍ମିକ-ସମ୍ରାଟ ବୋଲି କୁହାଯାଏ ସତ, କିଂତୁ ଯଥାର୍ଥରେ ଏଥିରେ ଅଧ୍ୟାତ୍ମ ତତ୍ତ୍ୱର କୌଣସି ସତ୍ତା ବା ସଂକେତ ନାଇ । ଏହା କଳ୍ପନା ତଥା କାର୍ଯରେ ଗୋଟିଏ ଭୌତିକ ସମ୍ରାଟର ଅଧ୍ୟାତ୍ମ ବା ଆରୋପ ମାତ୍ର । ଏଥିରେ ମାନବର ସ୍ୱାଧୀନତା ରହି ନପାରେ, ନାଇ । ସେଥିପାଇଁ ବିପଦ ଆପଦ ପଡ଼ିଲେ, ଏକ ଦିଗରେ ଜର୍ମାନୀ ଓ ଇଟାଲୀ, ଅନ୍ୟ ଦିଗରେ ଇଂଲଣ୍ଡ ବା ଆମେରିକା ଗିର୍ଜାରେ ଈଶ୍ୱରଙ୍କୁ ପ୍ରାର୍ଥନା କରଂତି । ଯଥାର୍ଥ ଅଧ୍ୟାତ୍ମବାଦ ଜ୍ଞାନୀ ପକ୍ଷରେ ଏ ହେଉଚି ଠିକ୍ ଏକ ହାସ୍ୟାସ୍ପଦ ପରିସ୍ଥିତି ।

### ଦେବଦେବୀଂକୁ ଯାଚଞ୍ଚାରେ ଉଦାହରଣ–

ଆମ ଗାଁମାନଂକରେ ଗ୍ରାମ ଦେବଦେବୀଂକ ପାଖେ ଯାଚଞ୍ଚା କରଂତି । ବିପଦରେ ମାତିଥିବା ଦୁଇ ପକ୍ଷର ଲୋକେ ସମାନ ଭାବରେ ବୋଦା ଯାଚଂତି, ଘଂଟାଳ ଯାଚଂତି । ଲୋକ-ଶାସନପର ଖ୍ରୀଷ୍ଟାନ୍ ଜଗତରେ ଯୁଦ୍ଧର ବିପଦ ଆପଦ ବେଳେ ବିଜୟ କାମନା କରି ଠିକ୍ ସେଇଆଇ କରା ହେଉଚି । ଏଥିରେ ମାନବର ଆଧ୍ୟାତ୍ମିକତା ନାଇ କି ସ୍ୱାଧୀନତା ନାଇ ।

### ମୁସଲମାନଂକ ଭିତରେ–

ଖ୍ରଷ୍ଟାନ୍ ଜଗତର ଏଇ ଈଶ୍ୱର ପରାୟଣତା, ମୁସଲମାନ ଜଗତରେ ଆଉରି ଦୂରକୁ ଯାଇଥିଲା । ଆଜିର ଲୋକ-ଶାସନ ଧର୍ମରେ ମଧ୍ୟ ଆଲ୍ଲା ଓ ମହମ୍ମଦଂକୁ ସ୍ୱର୍ଗରେ ଗାଦିରେ ବସାଇ ଯେଉଁ ଶାସନତଂତ୍ର ଗଢ଼ା ହେଉଚି, ତା'ର ସମାଲୋଚନା କରିବା ଦରକାର ନାଇ । ଆଦିମ ବିଶ୍ୱାସସେବୀ ଅସଂସ୍କୃତ ଜନପଦ ଜନମାନଂକ ମଧ୍ୟରେ ଦେବଦେବୀ ଉଭାହୋଇ ବାଡ଼ି ବସଂତ ଛଡ଼ାଇଲା ପରି ଏ ସବୁ ଶାସନତଂତ୍ରର ପଦ୍ଧତି । ଏହା ଉନ୍ନତ ପ୍ରଗତିପର ମାନବସମାଜକୁ ଚିରକାଳ ଶାଂତି ସଂତୋଷ ଦେଇ ନ ପାରେ ।

### ସାମ୍ୟବାଦ–

ସେଥିପାଇଁ ଅନ୍ୟଆଡ଼େ ପ୍ରକାଶ ପାଇଚି ପ୍ରତିକ୍ରିୟାର ପ୍ରଳୟ । ଧନିକମାନଂକ ସଂଗେ ଈଶ୍ୱର ଗାଦିଚ୍ୟୁତ ହେଉଚଂତି । କାମନାର କରାଳ ଜ୍ୱାଳା ପୃଥିବୀରେ ବ୍ୟାପି ଯାଉଚି । ଈଶ୍ୱରଂକୁ ଓ ଧନିକମାନଙ୍କୁ ତଡ଼ିବାର ପ୍ରତିକ୍ରିୟାରେ ଯଥାର୍ଥ ଆତ୍ମିକତା ଫୁଟିବାର ନୁହେ । ତା ଫୁଟୁ ନାଇ । ଈଶ୍ୱରଂକୁ ଧରି ପୁଣି ଫୁଟୁଥିଲା, ବ୍ୟକ୍ତିର ସ୍ୱେଚ୍ଛାଚାର ତଥା ଏକାଧିପତ୍ୟ । ତା' ହେଉଚି, ନାଜିବାଦ ଓ ଫାସିଷ୍ଟବାଦ । ତା' ପରେ ଧନିକ ଓ ପ୍ରଭାବଶାଳୀମାନଂକ ସଂଗେ ଈଶ୍ୱରଂକୁ ତଡ଼ି ମୁଂଡ ଟେକୁଚି, ଘୋର ସାମ୍ୟବାଦ । ସୃଷ୍ଟ ବ୍ୟକ୍ତିର ନ ହେଲେ ମଧ୍ୟ ଏହା ଗୋଟିଏ ଜନଚକ୍ରର ଯଥେଚ୍ଛାବାଦ । ଏହାକୁ କହୁଚଂତି, କମ୍ୟୁନିଜିମ୍ ।

Digitized by PPRACHIN, SOA

**ଏଥିରେ ଯଥାର୍ଥ ସ୍ୱାଧୀନତା ନାଇ—**

ନାଜିବାଦ ବୋଲ, ଫାସିଷ୍ଟବାଦ ବୋଲ, ଏଇ ସାମ୍ୟବାଦ ବୋଲ ଜନ କାହିଁରେ ସ୍ୱାଧୀନ ନୁହେ । ଏ ସବୁ ବାଦରେ ରାଜ୍ୟମାନ ଚଳୁଚି । କିଂତୁ କୌଣସିଠାରେ ବ୍ୟକ୍ତି ବା ଜନଚକ୍ରର କଳ୍ପିତ ଓ ପ୍ରତିଷ୍ଠିତ ରାଷ୍ଟ୍ର ବିରୁଦ୍ଧରେ ସମାଲୋଚନା କରିବାର ଅଧିକାର ସେ ରାଜ୍ୟମାନଂକରେ ନାଇ । କେବଳ ନାଇ ନୁହେ, ସେପରି ସ୍ୱାଧୀନତାର ପ୍ରଚେଷ୍ଟା ସେ ସବୁ ରାଜ୍ୟରେ ଅସହ୍ୟ । ମନୁଷ୍ୟକୁ ଖାଇବା ପିଂଧିବାକୁ ଦେଇ ସମାନ କରି ସୁଖରେ ରଖିବାର ଦୁଆମାନ ଉଠୁଚି । ବ୍ୟକ୍ତି ବା ଜନଚକ୍ରମାନେ ହୁଏତ ନିଜେ ନିଜକୁ ସମାଜର ଏକାଂତ ନିୟାମକ ବୋଲି ମନେ କରି ଯୋଜନା ଓ ବ୍ୟବସ୍ଥାମାନ କରିବାରେ ଲାଗିଚଂତି । କିଂତୁ ମାନବ ଖାଇ ପିଂଧି ରହି କାମ କରିବାର ଯଂତ୍ର ନୁହେ । ତା'ର ଆତ୍ମା ସ୍ୱାଧୀନ । ଏ ସ୍ୱାଧୀନତା ପାଇଁ ସ୍ୱଚ୍ଛଂଦ ବାଟ ନ ଫିଟିଲେ ସମାଜରେ ଶାଂତି ଅସଂଭବ ।

**ଶାଂତିର ସୂଚନା ବି ନାଇ—**

ସେଥିପାଇଁ ପୃଥିବୀରେ ଆଜି ଜନସମାଜର ସୁଖଶାଂତି ଘେନି ଖାଲି ଚଢ଼େଇ ଖୋଜିବାରେ ବୁଦା ବାଡ଼ିଆ ଲାଗିଛି । ପ୍ରଥମ ମହାଯୁଦ୍ଧ ପରେ ହୋଇଥିଲା ଜାତିସଂଘ । ସେ ହୋଇଗଲା ଫଳରେ ଗୋଟିଏ କ୍ରୀଡ଼ାନକ । ଏବେ ଫିଟିଚି, ମିଳିତ ରାଷ୍ଟ୍ରସଂଘ । ସେଥିରେ ଆଜି ସଂପ୍ରଦାୟର ସୂତ୍ରଜାତ । ଦୁଇ ପଟେ ଛକାଛକି ଲାଗିଗଲାଣି । ଦୁରଂତ ସାମରିକ କ୍ରିୟାରେ ଏ ଛକାଛକି ନିରାକରଣ କରିବା ପାଇଁ ଲୋକେ ପୃଥିବୀରେ ଏକ ମହା ଯୁକ୍ତରାଷ୍ଟ୍ର ସ୍ଥାପନର କଳ୍ପନା କରୁଚଂତି । ସେ ସବୁ କଳ୍ପନାରେ ଖାଲି —ପ୍ରକାଶ ପାଉଚି । ବିରାଟ ସେନା ସରଂଜାମ କେଂଦ୍ରୀଭୂତ କରି ଯେ ମୁଂଡ ଟେକିବ, ତାକୁ ଛଦନ୍ତ କରିବାକୁ ହେବ । ଏ ଏକ ପ୍ରଳୟ ତାଂଡବର ସୂତ୍ରପାତ ମାତ୍ର । ଏଥିରେ ଦୂର ଦିଗ୍‌ବଳୟରେ ମଧ୍ୟ ଶାଂତିର ସୂଚନା ନାଇ ।

**ଭାରତ କରୁଚି କ'ଣ ?—**

ଭାରତ ଆଜି ସ୍ୱାଧୀନ ହୋଇ ଏଇ ନୂତନ ତଂତ୍ରରେ ବା ତଂତ୍ର-ଦ୍ୱଂଦ୍ୱରେ ନିଜର ସ୍ଥାନ ଖୋଜୁଚି । 'ଆମେ କୁଆଡ଼େ ରହିବୁ ନାଇ', 'ମଧ୍ୟସ୍ଥ ପରି ଠିଆ ହୋଇଥିବୁ', ଏହା କହିବାର କିଛି ଅର୍ଥ ନାଇ । ମଧ୍ୟସ୍ଥ ପରି ଠିଆହେବାର ଉପାୟ ନାଇ । ପୃଥିବୀର ଶାଂତିମଂତ୍ର ଧରି ଉଦାସୀନ ପରି ଠିଆ ହେବାର ବାଟ ଇୟେ ନୁହେ, ବେଳପଡ଼ିଲେ କୁଆଡ଼େ ନା କୁଆଡ଼େ ଆଉଜି ଯିବାକୁ ପଡ଼ିବ । ଏହାଛଡ଼ା ଗତି ନାଇ ।

**ଭାରତର କର୍ତବ୍ୟ—**

ହଜାର ହଜାର ବର୍ଷ ଭାରତ ପଡ଼ି ରହିଥିଲା । ସେ ଧ୍ୱଂସ ପାଇ ନାଇ । କିଂତୁ ପଡ଼ି ରହିଥିଲା, କ'ଣ ପାଇ ? କି ଜୀବନୀ ଶକ୍ତି ତାକୁ ବଂଚାଇ ରଖିଥିଲା ତା' ଖୋଜିବାକୁ ହେବ, ପୃଥିବୀ ତାହାର ଆଜି ଲୋଡୁଚି । ସେ ଜୀବନ-ଜ୍ୟୋତିକୁ ଉଜ୍ଜ୍ୱଳ କରି ଦେଖାଇ ପୃଥିବୀକୁ ଆଜି ସେଇ ପ୍ରଗତି ପଥରେ ଆକର୍ଷଣ କରିବାକୁ ହେବ ।

Digitized by PPRACHIN, SOA

## ଭୌତିକତା ଓ ଆତ୍ମିକତା–

ତା' ହେଉଚି ଭୌତିକ ଭିତ୍ତିରେ ଆତ୍ମିକ ପ୍ରଗତି । ଭାତ ଲୁଗା ଦରକାର । କିଂତୁ ସେତିକି ମାତ୍ର ମାନବର ଦରକାର ନୁହେ । ମାନବର ଆତ୍ମା ଅଛି । କଳ୍ପିତ ଈଶ୍ୱରଂକ ଦଂଡ ପୁରସ୍କାର ଭୟରେ ସେ ଆତ୍ମାର କଳ୍ପନା ଗୋଟିଏ ବାସ୍ତବରେ ଅବାସ୍ତବର ଆରୋପମାତ୍ର । ତାହା ସତ୍ୟ ନୁହେ । ତେଣୁ ସ୍ଥିର ମଧ୍ୟ ନୁହେ । କର୍ମରେ ଆତ୍ମାର ବିକାଶ ହୁଏ । ଯେ ଯାହା, ତା' କର୍ମରେ ସେ ତାହା ବୋଲି ପରିଚିତ ହୁଏ । ଏଇ ଅନଂତ କର୍ମର ପୀଠ ହେଉଚି, ଆତ୍ମା । ଏହା ସମାଜରେ ନିୟତ ବା ସ୍ୱଭାବ-ନିୟତ କର୍ତ୍ତବ୍ୟ ରୂପେ ପ୍ରକାଶ ପାଏ । ସମସ୍ତେ ଏହି କର୍ତ୍ତବ୍ୟ ଧରି ରହିଲେ ସମସ୍ତ ବୈଷମ୍ୟ ଭିତରେ ସମାଜରେ ସମତା ଭିତରେ ଶାଂତି ରହିବ । 'ଦିଅ ଦିଅ' ବୋଲି ସମାଜରେ ଶୃଂଖଳା ରଖି ହେବ ନାଇ । 'ନିଅ ନିଅ' ହେଉଚି ସୃଷ୍ଟିର ଶୃଂଖଳା । ସୃଷ୍ଟିର ମହା ବୈଷମ୍ୟ ଭିତରେ ପ୍ରତ୍ୟେକ ବସ୍ତୁ, ବ୍ୟକ୍ତି ଏହି 'ନିଅ ନିଅ' ବା ସ୍ୱଭାବ-କର୍ତ୍ତବ୍ୟରେ ଆତ୍ମପ୍ରକାଶ କରୁଚଂତି । ଏହାଇ ଏ ଜଗତରେ ବହୁରେ ଏକ । ଏହାଇ ସତ୍ୟରେ ରତ । ଏଥିରେଇ ସମସ୍ତ ଭେଦ ବିବାଦ ଭିତରେ ବିଶ୍ୱସମତା ଓ ବିଶ୍ୱଶାଂତି ପ୍ରକାଶ ପାଉଚି । ଏହାଇ ବିଶ୍ୱ-ସୌଂଦର୍ଯ୍ୟ ।

## ଆଜିର ଭାରତ ଶାସନ ବିଧାନ–

ଏହାଇ ଆତ୍ମିକତା । ଏହା ଭିତରେ ସମାଜକୁ ଦେଖିବା ଭାରତ ସଭ୍ୟତାର ବିଶେଷ । ଫଳେଇ କରି କୁହାଯାଉ । ଆଜି ଶାସନ ବିଧାୟକ ସଭାରେ ଭାରତ ରାଷ୍ଟ୍ରର ବିଧାନ ତିଆରି ହେଉଚି । ସେଥିରେ ତନ୍ନେଇ କରି ଦେଖିଲେ ଖାଲି ରାଜନୀତିକ ଓ ଆର୍ଥନୀତିକ ଆକ୍ରମଣର ଭୟ ଓ ତହିଁ ସଂଗେ ଆତ୍ମରକ୍ଷାର ପ୍ରଚେଷ୍ଟା । ସେଥିପାଇଁ ପୁଣି କଂଗ୍ରେସ ନାମରେ ଦଳ ତିଆରି କରି ଜନସ୍ୱାଧୀନତାକୁ ଲୋପ କରି ରାଷ୍ଟ୍ରକୁ ଏକା ମୁଠାରେ ରଖି ଏକାକାର କରିବାର ଉଦ୍ୟମ ସ୍ପଷ୍ଟ । ଏଥିରେ କୌଣସି ନୂତନତା ନାଇ । ଏହି ପୁଣି ଅନଭ୍ୟସ୍ତର ଅନୁକରଣ ଛଡ଼ା ଆଉ କିଛି ନୁହେ ।

## 'ଆଚାର ପ୍ରଭବୋଧର୍ମଃ'–

ଏଥିରେ ଆତ୍ମ ବିକାଶର ସ୍ୱଚ୍ଛଂଦ ସ୍ୱାଧୀନତା କାହିଁ ? ତାହା ଖୋଜି ଏଥିରେ ରଖିବାକୁ ହେବ । ଧର, ଗ୍ରାମ ଶାସନ ଭିତ୍ତିରେ ବିଧାନ ଗଢ଼ାଯିବ । ଠିକ୍ କଥା । କିଂତୁ ଏଥିରେ ଖାଲି ମାମଲତକାର ବାହାରିବେ । ଦୁର୍ନୀତି ଚାଲିବ । ମକଦମା ତିଆରି ହେବ । ଦରକାର ପଡ଼ିଲେ, ଦମନଲୀଳା ଫୁଟିବ । କାହିଁକି ? ଧରାଯାଉ, ବିଧାନରେ ନିର୍ଦ୍ଦିଷ୍ଟ ରହିବ, କୌଣସି ଗ୍ରାମସଭା ଆପତ୍ତି ବିପତ୍ତି ଓପରକୁ ଯିବାର ଦେଖାଗଲେ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ବା ପରିମାଣ ପରେ ସେ ଗ୍ରାମସଭା ସେ ଅଧିକାରରୁ ବିଚ୍ୟୁତ ହେବ । ପୁଣି ନିର୍ଦ୍ଦିଷ୍ଟ ସଂଖ୍ୟକ ଗ୍ରାମସଭା ଏଇପରି ଅଧିକାରରୁ ବିଚ୍ୟୁତ ହେଲେ, ମଂତ୍ରିମଣ୍ଡଳ ଅକାମୀ ବୋଲି ବିବେଚିତ ହେବେ । ଏଥିରେ ଅଧିକାର ସଂଗେ କର୍ତ୍ତବ୍ୟ– ଭୌତିକତା ସଂଗେ ଆତ୍ମିକତା ଯୋଡ଼ା ହୋଇ ରହିଲା ! ମାମଲତ୍‌କାରଂକୁ ପ୍ରଶ୍ରୟ ଦିଆ ହେଲା ନାଇ ।

Digitized by PPRACHIN, SOA

ଶାସନ ଚଳାଇବା ପାଇଁ ବଛା ହୋଇଥିବା ଲୋକେ ମଧ୍ୟ ନିଜ ଅଧିକାରରେ ନିରଂକୁଶ ହେବେ ନାଇ । ଏ କେବଳ ଗୋଟିଏ ସୂଚନା । ଏଇ ରୀତିରେ ଏଭଳି ବିଧାନର ବହୁ ବିକାଶ କଳ୍ପନା କରି 'ଆଚାର' ବା 'ଆଚରଣ'ରେ ପ୍ରୟୋଗ କରାଯାଇପାରେ । ଆମର ଯେ ବଚନ ଅଛି, 'ଆଚାର ପ୍ରଭବୋଧର୍ମଃ' ତାହାର ମୂଳ ଏହିଠାରେ ।

**ମାଲିକ ଓ ଶ୍ରମିକ–**

ଆଉ ଗୋଟିଏ କଥା ଦେଖ । ଏଉଟି ଏବ ସମାଜରେ ଗୋଟିଏ ନୂଆ ବିକାଶ । ତାହା ହେଉଚି, ଶ୍ରମିକ ଓ ମାଲିକର ସଂବଂଧ । ଏଥିରେ ଶ୍ରମିକ ହେବେ ମାଲିକ, ମାଲିକ ହେବେ ଶ୍ରମିକ । ତେବେ ଯାଇ ବିବାଦ ତୁଟିବ । ତା କିପରି ହୋଇପାରେ ? ଖାଲି ଶିଳ୍ପ କାରଖାନା ଓ ଜମିଗୁଡ଼ାକ ରାଷ୍ଟ୍ରର ସଂପତ୍ତି କରିଦେଲେ ସମାଧାନ ହେବ ନାଇ । ରାଷ୍ଟ୍ରରେ ଦଳେ ନିଜ ଅଧିକାରରେ ନିରଂକୁଶ ହେବେଇ ହେବେ । ହୁଏତ ସେମାନେ ସମାଜ ଗଢ଼ି ସଂଭାଳିବାରେ ନିଜକୁ ଈଶ୍ୱରଂକର କାନତରାଟି ବୋଲି ମନେ କରିବେ । ଇଂରେଜ ଶ୍ରେଷ୍ଠ କରି ସେକ୍ସପିୟର ସେଇ କଥାକୁ ଉଳୁଟେଇ କରି କହିଚଂତି,

"I am Sir Oracle
When I open my lips
Let no dog barks

ଅର୍ଥାତ୍, ''ମୁଁଇ ହେଉଚି ବିଶ୍ୱରାଜଂକ ମୁଖପାତ୍ର । ମୁଁ ଯେତେବେଳେ କହୁଚି, ଆଉ କୁକୁର ପରି ଭୁକିବାର କାହାରି ଅଧିକାର ନାଇ ।''

**ସମାଧାନ ପଂଥା–**

କିଂତୁ ଧର, ମୂଳରୁ ବ୍ୟବସ୍ଥା ହେବ, ପ୍ରତ୍ୟେକ ଶ୍ରମିକ ପ୍ରତିମାସରେ ଅଳ୍ପ ଅଳ୍ପ ମଜୁରିରୁ କାଟି ମାଲିକ ହେବାପାଇଁ ଅଂଶ ଦେବ । ଶେଷରେ ଏପରି ହେବ ଯେ ଶ୍ରମିକ ହେବେ ମାଲିକ ଓ ସେଇ ମାଲିକ ହେବେ ଶ୍ରମିକ । ଏଥିରେ କର୍ତବ୍ୟ ସଂଗେ ଅଧିକାର ଏକାଠି ଗୋଟିଏ ଟଂକାର ଦୁଇପାଖ ପରି ରହିବ । ଆଉ ଅଧିକାର ଘେନି ଛଡ଼ାଛଡ଼ି ଲଢ଼ାଲଢ଼ି ହେବାର ବାଟ କ୍ରମେ ବଂଦ ହୋଇଯିବ ।

**ଅନୁକରଣ, ଆହରଣ ହେଉ–**

ମୋଟ କଥା, ଏ ସଂକଟବେଳେ ଭାରତର ପାରଂପରିକ ଜ୍ୟୋତି ଫୁଟାଇ ଦେଖାଇବାର ବେଳ ଆସିଚି । ଅନୁକରଣରେ କୁଆ ମୟୂରପିଛ ପିଂଧି ମୟୂର ହେଲାପରି ନ ହୋଇ ଭାରତକୁ ଅନୁକରଣକୁ ଆହରଣରେ ପରିଣତ ହେବ । ସେ ବାଟ ନାନା କାରଣରୁ ଏବେ ଅସ୍ପଷ୍ଟ ହେଲେ ହେଁ ଦୁର୍ଗମ ନୁହେ । ଜନତା ଓ ନେତା ସମସ୍ତେ ବୁଝିବିଚାରି ବାଟ ଧରଂତୁ ।

[ନବଭାରତ, ମେଷ ୧୩୫୫]

Digitized by PPRACHIN, SOA

## ବଂଦେ ନବଭାରତ

[ଆଜି ଅଗଷ୍ଟ ୧୫, ୧୯୪୭ରେ ଭାରତ ପରାଧୀନତାରୁ ମୁକ୍ତ ହେଲା । ଆଜି ଭାରତ ନୂଆ– 'ନବଭାରତ' । ଆଜକୁ ୧୩ ବର୍ଷ ତଳେ ଜୁନ୍ ୧୯୩୪ରେ ଆମେ ଏହି 'ନବଭାରତ' କଳ୍ପନା କରିଥିଲୁ । ସେହି ଦିନ କଳ୍ପନାର ସଂକେତରେ ଯାହା ଥିଲା, ତାହା ସଂସ୍କୃତରେ ଓ ଓଡ଼ିଆରେ ପ୍ରକାଶ କରି ଆମ 'ନବଭାରତ'ର ଶୁଭ ଦେଇଥିଲୁ । ସଂସ୍କୃତଟି ଚିରସ୍ମାରକ ରୂପେ ପ୍ରତି 'ନବଭାରତ'ରେ ଆବୃତ୍ତି କରୁଅଛୁଁ । ଆଜି ପୂର୍ଣ୍ଣପ୍ରାଣରେ ସ୍ୱାଧୀନ ଭାରତରେ ପ୍ରବେଶ କଲାବେଳେ ସବୁ ବିବାଦ ବିସଂବାଦ ଭେଦ ଦୁର୍ଗତି ସତ୍ତ୍ୱେ ଆମର ସେଇ ଆଦିମ ପ୍ରେରଣାର ସ୍ମୃତି ଆବୃତ୍ତି ମାତ୍ର କରୁଚି । ବିଧାତାଂକର ଆଶୀର୍ବାଦରେ 'ନବଭାରତ' ସୁଂଦର ହେଉ ।]

### ଜୟ ନବଭାରତ ସୁଂଦର ହେ

(ସଂସ୍କୃତ ଗୁରୁ ଲଘୁ ନିୟମରେ ଗାଇବାକୁ ହେବ)

ଜୟ ଶାଶ୍ୱତ ଶିବ ସୁଂଦର ହେ ।
ରୁଦ୍ର ବିମୋହନ ପୁଣ୍ୟ ସନାତନ
ରୁଦ୍ର କିରଣ ତବ ସଂବର ହେ ।
ଜୟ ହେ, ଜୟ ହେ, ଜୟ ହେ–
ଜୟ ଜୟ ଜୟ ଜୟ ଜୟ ହେ । ଧ୍ରୁବ ।
ରଂଧ୍ରେ ରଂଧ୍ରେ ମଂଦ୍ରେ ବିଶ୍ୱେ ତବ ଜୟ ବାଣୀ ବାଜେ,
କୋଟି ଜଗତ ଭରି ମୋହନ ଛଂଦେ ତୁଂଭରି କୀରତି ରାଜେ,
କିଂଚିତ ମାନବ ଭଂଗୁର ତଂତ୍ରେ
ଦର୍ପ-ବିଲୋଡ଼ିତ କି ନିୟତି ମଂତ୍ରେ
କରିଅଛ ବଂଧନ ହେ ବୋଧନ-ଧନ
ପୁଣ୍ୟର ପଥ ଦିଶୁ ଶଂକର ହେ ।୧।
ମୁଗ୍ଧ ଚରାଚର ଲୁବ୍ଧ ଅମର ନର ସେହିତ ସଂପଦ ଆଶେ,
ଅଂତରତମ ହେ କର ଏ ଅଂତର ମୋହିତ ଗୁପ୍ତ ବିକାଶେ,
ନିର୍ଭୟ ବିଭବେ ପୁଲକ ତଂରଗେ

Digitized by PPRACHIN, SOA

କଳୁଷ-ରହିତ ତବ ସୃଜନ ଭଂଗେ
ବିଶ୍ୱ ବିକଶି ଉଠୁ ସଂଶୟ ହୃଦୁ ତୁଟୁ
ପୂରି ଉଠୁ ଜଗତର ଅଂତର ହେ ।୨।
ନିତ୍ୟ ଉଠଇ ହସି ନୂତନ ଦିଶି ଦିଶି ବୃଦ୍ଧି ପଡ଼ଇ ତୁଟି ନାଶେ,
ସୁଖ ସଂପଦ ଉଠି ବିପଦ ବିଷାଦେ ମିଶୁଅଛି ରୁଦ୍ର ବିଳାସେ,
କ୍ଷର ଏ ଜଗତେ ସତ୍ୟ ବିରାଜେ
ମଂଗଳ ମୋହନ ଅଭିନବ ସାଜେ,
ତବ ବିଭବ କଣା ମାନବ କଳନା
କର ନିର୍ଭୟ ଚିତ୍ତ ନଶ୍ୱର ହେ ।୩।
ଗୂଢ଼-ସନାତନ- ସର୍ଗ-ବିଦୀପନ- ଦୀପ୍ତି ଫୁଟଇ ଚିର ହାସେ,
ସାଂତ- ବିବୋଧନ- ତ୍ରାସିତ ମାନବ ମଜ୍ଜିତ ଲଘୁ ଅଭିଳାଷେ,
ଅକ୍ଷର ପଦ ତବ ନିତ୍ୟ ଅନଂତେ
ବୃଦ୍ଧି-ବିଲୟ-ପର-ନିଗମେ ସତ୍ୟେ,
ତାମସ-ବିଜଡ଼ିତ ମାନବ ବାଂଛିତ
ଉଜ୍ଜ୍ୱଳ କର ଚିର ଭାସ୍ୱର ହେ ।୪।
କାଳେ ଦେଶେ ଧ୍ୱଂସେ ନାଶେ ଶାଶ୍ୱତ ଅମିୟ ବିକାଶେ,
ଦୁଃଖ ବିଷାଦେ ଚିର ଅବସାଦେ ପ୍ରାଣ ଉଠଇ ପୂରି ଆଶେ,
ପ୍ରେରଣ ଚିର ତବ ମାନବ ଆଶା,
ଅଦ୍ଭୁତ କୃତି ନବ ମାନବ ଭାଷା,
ପ୍ରେରଣ ଗରବେ ଅଦ୍ଭୁତ ବିଭବେ
କର ନବ ଭାରତ ସୁଂଦର ହେ ।୫।

[ନବଭାରତ, ମିଥୁନ ୧୩୫୫]

## ଆମେ ସ୍ୱାଧୀନ ଆମେ ମୁକ୍ତ

ଆଜି (୧୫।୮।୧୯୪୭) ଭାରତ ସ୍ୱାଧୀନ । ଯେଉଁ ରାଜନୀତିକ ସ୍ୱାଧୀନତା ପାଇଁ ୯୦ ବର୍ଷ ହେଲା ସ୍ପଷ୍ଟ ଭାବରେ ଉଦ୍ୟମ ହେଉଥିଲା, ସେ ଆଜି ହାତକୁ ଆସିଚି । ସଂପ୍ରଦାୟ ଧରି ମୁଂଡ଼ଗଣତିରେ ଦେଶ ବିଭାଗ ପୁଣି ଦେଶୀ ରାଜ୍ୟ ଓ ଖାସ୍ ମୁଲକ ହିସାବରେ ଯେଉଁ ଗୃହଭେଦ ସେ କଥା ଆଜି ମନକୁ ଆସିବାର ନୁହେ, ଆସୁନାଇ । ଦିନେ ବାହାଦୂର ସାହ ଓ ନାନାସାହେବଂକୁ ଘେନି ସେଇ ଭିତ୍ତିରେ ସଂଗ୍ରାମ ଆରଂଭ

Digitized by PPRACHIN, SOA

ହୋଇଥିଲା ସତ; କିଂତୁ ଆଜି ସେ ଚିଂତାଥାଉ । ଦିନେ ବାଲ୍‌ହୀକ (ବଲ୍‌କ) ଓ ଗାଂଧାର (କାଂଦାହାର) ଯାଇଥିଲା । ଆଉ ଫେରି ନାଇ । ଆଜି ଏକ ଆଡ଼େ ବେଦ ପୁରାଣର ସିଂଧୁ, ସୌବୀର, ସାକଳ, ତକ୍ଷଶୀଳା ଘେନି ପୁଣ୍ୟ ପଂଚନଦଭୂମି, ପୁଣି ସେଥି ସଂଗେ ବିଶ୍ୱସେବ୍ୟ ବୌଦ୍ଧଭୂମି ପୁରୁଷପୁର– ଅନ୍ୟଆଡ଼େ ଇତିହାସ ପ୍ରସିଦ୍ଧ ପ୍ରାଗ୍‌ଜ୍ୟୋତିଷ (ଆସାମ) ଓ ପୁଂଡ୍ରବର୍ଦ୍ଧନ (ଉତ୍ତରବଂଗ)ର ଅଂଶ ଘେନି ସମସ୍ତ ଡବାକ (ଢାକା), ସମତଟ (ଚାଟଗାଁ) ଯାଇଚି । ଫେରିବାର ଆଶା କରାଯାଉଚି । ଗଲାବେଳେ ଏ ଆଶା ସ୍ୱାଭାବିକ । ଏବେ ଆଶା ଛଡ଼ା ଏ କ୍ଷେତ୍ରରେ ଗତି ନାଇ । ଆଶା ହିଁ ମାନବ ପ୍ରାଣରେ ବିଶ୍ୱବାଣୀ । କାଲି ହେବ ବୋଲି ମନୁଷ୍ୟ ବଂଚିଛି । ଆଜିରେ ସେ ତୃପ୍ତ ନୁହେ । ଗଲା ଯୁଗ, ସତ୍ୟଯୁଗ । କଳି ପରେ ଆସିବ ପୁଣି ସେଇ ସତ୍ୟ । ଆସୁ, ଏ ଆଶା ପୂର୍ଣ ହେଉ । ଆଜି କିଂତୁ ସେ ସବୁ ଭାବି ବସି ଭୀମ ଭୂତ ଓ ରୁଦ୍ର ଭବିଷ୍ୟତ କଳ୍ପନା ଓ କଳନା କରିବାର ବେଳ ନୁହେ । ଆଜି ଆମେ ବିଦେଶୀ ପାଶରୁ ମୁକ୍ତ; ଆମେ ସ୍ୱାଧୀନ । ପୁଣି ସେ ସ୍ୱାଧୀନତା ଔପନିବେଶିକ କି ଆତ୍ମପ୍ରତିଷ୍ଠ, ସେ ଶୁଷ୍କ ସମୀକ୍ଷାର ଦିନ ବି ଆଜି ନୁହେ ।

**ଆଜି ଆମର ଉତ୍ସବ–**

ସହୀଦ୍‌ମାନଂକୁ ସ୍ମରଣ କରି ନେତା ଓ କର୍ମୀମାନଂକର କୃତିତ୍ୱ ବିଶ୍ଳେଷଣ କରିବାର ଅବକାଶ ଆଜି ମଧ ନାଇ । ପୂର୍ଣପ୍ରାଣର ସ୍ଫୂର୍ତ୍ତିବେଳେ ବିଶ୍ଳେଷଣର ଶଲ୍ୟ ପ୍ରୟୋଗ ଆଜି ଅସହ୍ୟ । ସେ କଥା ଥାଉ । ଏ ସବୁ କଥା ପାଇଁ ବେଳ ଆସିବ, ବେଳ ମିଳିବ । ଆଜି ଆମେ ପାଇଚୁ, ପାଇବାରେ କୁଂଠା କରି ପ୍ରାଣର ପ୍ରାଚୁର୍ଯ୍ୟ କ୍ଷୁଣ୍ଣ କରିବୁ ନାଇଁ। ପୁଣି ପାଇଲାବେଳେ ମଧ ସଂଭାଳିବାର ଚିଂତା ସ୍ୱାଭାବିକ । ସଂଭାଳିବାର ଉପାୟ ଚିଂତା କଲାବେଳେ ଅପାୟ ବି ମନକୁ ଗ୍ରାସ କରିଚି । ତେଣୁ ସଂଭାଳିବାର ଚିଂତା ମଧ ଆଜି ନାଇ । ହଜିବା ଧନ ଖୋଜୁଥିଲୁ; ତା' ଆମେ ପାଇଚୁ । କେତେ ପାଇଚୁ, କିପରି ପାଇଚୁ, ପାଇ କ'ଣ କରିବୁ, ସେ ସବୁ ପର କଥା । ଆଜି ଆମେ ~~ସ୍ୱାଧୀନ । ଆଜି~~ ଆମେ ଉନ୍ମୁକ୍ତ । ଆଜି ଆମେ ମୁକ୍ତ । ସେତିକିରେ ଆଜି ଆମର ଉତ୍ସବ ।

**ଉତ୍ସବ ନିରାଳଂବ ହେଉ–**

ଉତ୍ସବ ହେଉଚି, ଚିଂତିତ ଓ ଚିଂତାଶୀଳ ଜୀବନର ସଂଜୀବନ ମଂତ୍ର । ପର୍ବ ଦିନରେ ଧୋଇ ମରୁଡ଼ି କଥା ଭାବି କୃଷକ ବ୍ୟସ୍ତ ହୁଏ ନାଇ । ଏପରି ନିରବଲଂବ ଅନୁଭୂତିର ବିଳାସ ସମାଜର ଚିରସେବ୍ୟ । ସେଥିରେ ପ୍ରାଣୀ ପ୍ରାଣବଂତ । ସେଥିରେଇ ସମାଜ ସ୍ପୃହଣୀୟ ଓ ସରସ । କାଳ ସ୍ରୋତରେ ସକାଳ ପରି ଜୀବନସ୍ରୋତରେ ଏ ଉତ୍ସବର ସ୍ୱାଧୀନ ନିସ୍ତରଂଗ ଲୀଳା ବିଶ୍ୱ ଜଗତକୁ ଯଥାର୍ଥରେ ଜାଗ୍ରତ ଓ ତତ୍ପର ରଖିଚି । ଆଜି ସେଇ ଜାଗରଣ, ଜୀବଂତତା ଓ ସେଇ ତତ୍ପରତାର ପରମ ଭିତ୍ତି ଏ ଉତ୍ସବ, ଆମ ପ୍ରଚୁର ପ୍ରାଣର ଅନାଳଂବ ଲୀଳା ହେଉ । ସମସ୍ତେ ସରସ ପୁଲକରେ ଆଜିର ଉତ୍ସବ

Digitized by PPRACHIN, SOA

ପାଳନ କରନ୍ତୁ । ଚିଂତାରେ ଚତୁରତା, ବିଚକ୍ଷଣତାରେ ବିଶ୍ଳେଷଣ, ଅନୁଭବରେ ଦିଗ୍‌ଦର୍ଶନ, କଳ୍ପନାରେ କୁଂଠା, କଳନାରେ କାମନା, ସୌଂଦର୍ଯ୍ୟରେ ସମନ୍ୱୟ, ସମନ୍ୱୟରେ ଆହରଣ, ଆହରଣରେ ନିର୍ବାଚନ, ନିର୍ବାଚନରେ ନୂତନତା– ସବୁ ଅନବଚ୍ଛିନ୍ନ ଭାବରେ ଲାଗି ରହିଚି । ଏ ସବୁକୁ ସରସ କରି ସଂକେତରେ ମାନବକୁ ଅନଂତ ଦେଖାଇ ଦିଏ ଏକା ଉତ୍ସବ ଓ ଉତ୍ସବରେ ଲୀଳା । ଏ ଲୀଳାରେ ଚିଂତା ନାଇ, ଉଦ୍‌ବେଗ ନାଇ, ଉଦ୍ୟମ ନାଇ, ନିର୍ବାଚନ ନାଇ, କୁଂଠା ନାଇ କି କଳନାର ବିପତ୍ତି ନାଇ । ଆଜି ଅନଂତର ଉନ୍ମେଷ ଘେନି ଭାରତବାସିର ସେଇ ବିଶ୍ୱଲୀଳା ଜାଗ୍ରତ ହେଉ । ଆମେ ସ୍ୱାଧୀନ, ଆମେ ମୁକ୍ତ ।

**ଚଂଦନ ହଜୁରୀ–**

ତଥାପି ଜୀବିଧର୍ମରେ ଅନ୍ୟ ଜଂତୁ ସଂଗେ ସମାନ ହେଲେହେଁ, ମନୁଷ୍ୟ ଜଂତୁ ନୁହେ । ମନୁଷ୍ୟ– ମନୁଷ୍ୟ, ସେ ପ୍ରଗତିପର ସାମାଜିକ ପ୍ରାଣୀ । ଏକ ଆଡ଼େ ତା'ର ପରଂପରା, ଅନ୍ୟ ଆଡ଼େ ପୁରୋଦୃଷ୍ଟି– ପଛରେ 'ଇତିହାସ', ଆଗକୁ 'ଦର୍ଶନ' । ଅନୁଭୂତି ମଧ ତା'ର ଅନାଲଂବ ନୁହେ । ଏକ ଦିଗରେ ସୀମାବଦ୍ଧ ସ୍ମୃତିର ପ୍ରେରଣା ଓ ପରିଣତି, ଅନ୍ୟ ଦିଗରେ ଅନଂତ ବିଭୂତିର ସଂକେତ ଓ ସ୍ଫୂର୍ତ୍ତି । ଆଜି ଉତ୍ସବର ଏ ମହାଲୀଳା ମଧ୍ୟରେ ବି ତା'ର ଅନ୍ୟଥା ନାଇ– ହୋଇ ନ ପାରେ ।

ଏ ମହୋତ୍ସବର ସ୍ୱାଚ୍ଛଂଦ୍ୟରେ ବି ଆଁଳି ମନେ ପଡୁଚି, ସଂଗ୍ରାମର ସେଇ ଆଦିମକାଳର ବାହାଦୂର ସାହ, ନାନାସାହେବ ଓ ତାଂତିଆତୋପି । ତା' ସଂଗେ ମନେପଡୁଚି ହିଂଦୁ ଭାରତର ପରମପୀଠ ଉତ୍କଳ ଗୌରବ ମୁକୁଟର ଚୈତ୍ରମଣି, ସେଇ ଅଦ୍ଭୁତକର୍ମା, ମହାବିପ୍ଳବୀ 'ଚଂଦର ହଜୁରୀ' (ଡାକନାମ, ଚାକି ଖୁଂଟିଆ) । ପେଶବା ଦ୍ୱିତୀୟ ବାଜିରାଓଂକ ରାଜ ଦପ୍ତରରେ ସେ ଥିଲେ ପୁରୀ ଜଗନ୍ନାଥଂକ ପୁରୋହିତ, ପଂଡା (ନାନାସାହେବ ଏଇ ବାଜିରାଓଂକ ପୋଷ୍ୟପୁତ୍ର ଓ ଉତ୍ତରାଧିକାରୀ) । ଏଣେ ପୁଣି ସେ ଥିଲେ, ପୁରୀ 'ଜାଗା' ଆଖେଡ଼ାମାନଂକର ସର୍ବଶ୍ରେଷ୍ଠ ମଲ୍ଲବିଦ୍ୟାବିଶାରଦ ଦ୍ୱଂଦ୍ୱ-ବୀର । ତାଂକର ଥିଲା, ଅତ୍ୟଦ୍ଭୁତ ଶାରୀର ବଳ ଓ ବିକ୍ରମ ଓ ତହିଁ ସଂଗେ ଅଦମ୍ୟ ଜାତୀୟ ଭାବ ଓ ଜାତୀୟତାର କର୍ମ-ଦୃଷ୍ଟି । ହଜୁରୀ ଥିଲେ ଧର୍ମର ବଡ଼ ପଂଡା– ସଂକଟ ବେଳେ କର୍ତବ୍ୟର ପଂଥା ଦେଖାଇବାରେ ଅଧିକାରୀ । ସେ ଦେଖିଲେ ସୀମାଂତରେ ଆଉ ରଣଜିତ୍ ସିଂହ ନାହାଂତି । ସେଇ ରଣଜିତ୍ ସିଂହଂକ କଥାରେ ଓ ବଡ଼ଲାଟ ଡେଲହାଉସିଂକ କାର୍ଯ୍ୟରେ ସେ ଦେଖିଲେ, ଯଥାର୍ଥରେ ସାରା ଭାରତ ମାନଚିତ୍ରରେ ଲାଲ୍ ହୋଇଯିବା ଉପରେ ।* ମୁସଲମାନ ସଂଗେ ଦ୍ରୋହ ବା ଦ୍ୱେଷ କରିବାର ଆଉ ଅବକାଶ ନାଇ– ଅର୍ଥ ବି ନାଇ । ସେ ହିଂଦୁ ପରି ଆପଣାର । ହଜୁରୀ ବୁଝାଇଲେ, ଇଂରେଜ ଏକା ଏ ଦେଶରେ ବିଧର୍ମୀ ।

---

* ପଞ୍ଜାବର ଶିଖ ରାଜା ରଣଜିତ୍ ସିଂହଂକୁ ଜଣେ ଭାରତ ମାନଚିତ୍ର ଦେଖାଇ ଲାଲ ରଂଗ ଚିହ୍ନିତ ଭୂମି ଇଂରେଜଂକର ବୋଲି ବୁଝାଇଲା ବେଳେ, ରଣଜିତ୍ କହିଥିଲେ, ''ସବ୍ ଲାଲ ହୋ ଯାଏଗା'' ।

Digitized by PPRACHIN, SOA

ଏକେ ଧର୍ମ ଛଡ଼ା, ସେ ପରିସ୍ଥିତିରେ ଅନ୍ୟ ଉପାୟ ନଥିଲା, ପୁଣି ବଡ଼ଲାଟଂକ ଠାରୁ ସୈନିକ ଓ ଲୁଣ ବେପାରି ସାହେବ ପର୍ଯ୍ୟଂତ ଅଂଧ ପରି ନିଜର ଖ୍ରୀଷ୍ଟିୟାନ ଧର୍ମବୁଦ୍ଧିରେ ଭରପୂର ଥାଇ ହିଂଦୁ ମସୁଲମାନ, ବୌଦ୍ଧ, ବଣୁଆ ସମସ୍ତଂକୁ ସମାନ ଭାବରେ ଧର୍ମହୀନ ମଣି ପାଦ୍ରିଂକ ଲଗାଇ "ସତ୍ୟ ସମାଚାର" (Gospel)ରେ ମନାଇ ପର କାଳର ମୁକ୍ତ ଦେବାରେ ବ୍ୟାକୁଳ ଓ ବ୍ୟାପୃତ ଥିଲେ । ଏ ହେଲା, ଏକ ରାଜନୀତିକ ସୁଯୋଗ ।

ପୁଣି ମୁସଲମାନ ପରମ ଧାର୍ମିକ । ତା' ଧର୍ମ ପୃଥିବୀରେ ସବୁଠୁ ନୂତନ । ଧର୍ମରେ ସେ ଖ୍ରୀଷ୍ଟାନ ପାଦ୍ରିଂକଠାରୁ ବି ଆଉରି ଅଂଧ । ହିଂଦୁ ତା ନୁହେ । ତଥାପି ଏ ଯୁଗରେ ମଧ୍ୟ ମହାମାନବ ମହାତ୍ମା ଗାଂଧି ମରଣୋନ୍ମୁଖ ଖିଲାପତ୍‌କୁ ଧରି ଜାତୀୟ ଯୁଦ୍ଧ ଆରଂଭ କରିଥିଲେ । ବିସ୍ମିତ ହେବାକୁ ହୁଏ, ୧୯୨୧ରେ ସର୍ବଦା ଈଶ୍ୱରାଦେଶବର୍ତୀ ମହାତ୍ମା ଗାଂଧି ଯେଉଁ ଆଦର୍ଶ ଓ ନୀତି ଧରି ହିଂଦୁ ମୁସଲମାନର ରାଜନୀତିକ ମିଳନ ଉଦ୍ଦେଶ୍ୟରେ 'ଖିଲାଫତ୍' ଆଂଦୋଳନର ପ୍ରଯତ୍ନ ଓ ପ୍ରୟୋଗ ଭିଆଇଥିଲେ, ଜଗନ୍ନାଥ ସେବକ ଚଂଦନ ହଜୁରୀ ତା'ର ୬୪ ବର୍ଷ ପୂର୍ବରୁ ୧୮୫୭ରେ ମୁସଲମାନ ଦ୍ୱେଷୀ ସେକାଳ ମରହଟ୍ଟାଂକୁ ଧରି ସେଇ ଆଦର୍ଶ ଓ ନୀତି ପ୍ରୟୋଗର ପ୍ରଥମ ସୂତ୍ରପାତ କରିଥିଲେ । ପୁଣି ସେ ସେ ସଂଗ୍ରାମରେ ଆପାତ ପରାଜିତ ହେଲେ ବି, ସେ ଆଦର୍ଶ ଓ ନୀତିର ପ୍ରୟୋଗରେ ସଂପୂର୍ଣ ଜୟଯୁକ୍ତ ହୋଇଥିଲେ ।

ନାନାସାହେବ୍ ତଥା ତାଂକ ସେନାପତି ଓ ସେନାଂକୁ ସେ ଏ ମଂତ୍ର କିପରି ଦେଇ ମୁଗ୍ଧ କରିଥିଲେ, ତା' ଆଜି କିଏ କହିବ ? ଜଗନ୍ନାଥ ହୁଏତ ତାଂକୁ ସ୍ୱପ୍ନରେ କହିଥିବେ । ଓଡ଼ିଶାର ନିଜ ଇତିହାସ ବିଷୟରେ ଆମେ ଆଜି ମଧ୍ୟ ବହୁଶଃ ଏକଆଡ଼େ ଅଜ୍ଞ ଓ ଅନ୍ୟଆଡ଼େ ଅଂଧ । ଗବେଷଣା ଫୁଟି ନାଇ । ତଥାପି କୌଣସି ପିତାମହଂକଠାରୁ ଯାହା ଶୁଣିଚି, କହୁଚି । ମୋର ସେ ପିତାମହ ଥିଲେ ଚଂଦନ ହଜୁରୀଂକ ସାଂଗ । ନୀତି ଓ ପ୍ରୟୋଗର ତତ୍ତ୍ୱ କଥା ସେ ଜାଣୁ ନଥିଲେ । ତଥାପି ଆଜି ଯେ ସଂଗ୍ରାମର ପରିଣତି, ସେଇ ସଂଗ୍ରାମର ଆଦିମ ସ୍ରଷ୍ଟା ପୁଣି କାର୍ଯ୍ୟର ନୀତି ଓ ଗତିରେ ଯଥାର୍ଥ ପଥଦର୍ଶୀ, ମହା ଜାତୀୟଧର୍ମୀ, ବିଦ୍ରୋହୀ ବୀର ସେଇ ଚଂଦନ ହାଜୁରୀ ଆମର ଆଜି ସର୍ବଥା ସ୍ମରଣୀୟ । ତେଣୁ କହୁଚି ।

ମରହଟ୍ଟାମାନେ ମୋଗଲ ସମ୍ରାଟମାନଂକର ଥିଲେ ପରମ ଶତ୍ରୁ । ମରହଟ୍ଟା ଥିଲେ ହିଂଦୁ । ଖାଲି ହିଂଦୁ ସେ ନଥିଲେ । ସେମାନେ ଥିଲେ, ରାଜନୀତିକ ହିଂଦୁ-ମୁସଲମାନ ଦ୍ରୋହୀ ହିଂଦୁ । ମୁସଲମାନଂକୁ ଦେଶରୁ ତଡ଼ିବା ପାଇଁ ହୋଇଥିଲା, ଶିବଜୀଂକର ଆବିର୍ଭାବ । ପେଶବ ଭ୍ରାତା ରାଘବ (ବାଲାଜୀ ବିଶ୍ୱନାଥ ରାଓଂକ ଭାଇ ରଘୁନାଥ ରାଓ) ଉତ୍ତର ପଂଜାବରେ ସିଂଧୁନଦୀ କୂଳ ଆଟକ ପର୍ଯ୍ୟଂତ ମୋଗଲ ରାଜ୍ୟ ଜିଣିଥିଲେ । ଦିଲ୍ଲୀରେ ମୋଗଲ ସମ୍ରାଟଂକ ଦେୱାନି ଖାସ୍‌ର ରୁପା ଚାଂଦୁଆ ପର୍ଯ୍ୟଂତ ଭାଂଗି ତରଳାଇ ଦେଇଥିଲେ । ନାନାସାହେବ ଥିଲେ ସେଇ ମରହଟ୍ଟା ।

Digitized by PPRACHIN, SOA

ଏଠାରେ ଗୋଟିଏ କୌତୁକ ଗଳ୍ପ ମନେ ପଡୁଚି, କହିଦିଏ । ୧୯୨୪ କିଂବା ୧୯୨୫ ସାଲର ଏ କଥା । ଦିଲ୍ଲୀ ବ୍ୟବସ୍ଥା ସଭାର ମରହଟ୍ଟା ପ୍ରତିନିଧି ସ୍ୱର୍ଗତ ବୀର ଅଭୟଂକର ଦିନେ ଆଳାପବେଳେ ମୁସଲମାନଂକ ପ୍ରତି ରୂକ୍ଷଭାବରେ କଥା କହିଲେ । ଶୁଣି ଜଣେ ବଂଗଦେଶର ପ୍ରତିନିଧି ବିରକ୍ତ ହୋଇ ତାଂକୁ ଜବତ୍ କରିବାକୁ କହି ପକାଇଲେ, 'ଏଇ ବୁଦ୍ଧିରେ ତୁଂଭେମାନେ (ମରହଟ୍ଟାମାନେ) ଗୋଟାଏ ସାମ୍ରାଜ୍ୟ ହରାଇଚ' । ସ୍ୱର୍ଗତ ପଂଡ଼ିତ ମୋତିଲାଲ ସେ ଆଳାପ ସଭାରେ ଥିଲେ । ମୋତିଲାଲ ଥିଲେ ବଡ଼ ରସିକ । ଅଭୟଂକରଂକୁ ନ ଚାହିଁ ସେ ଅତି ଧୀର ସ୍ୱରରେ କହି ପକାଇଲେ, 'ହରାଇବାକୁ ତ ତାଂକର ଗୋଟିଏ ସାମ୍ରାଜ୍ୟ ଥିଲା ।'

ନାନାସାହେବଂକ ଧମନୀରେ ସେଇ ତେଜସ୍ୱୀ ମରହଟ୍ଟାର ଉଷ୍ଣରକ୍ତ ଚଂଚଳ ଥିଲା । ଏକ ଆଡ଼େ ନାନା ଫଡ଼୍‌ନବିଶଂକଠାରୁ ଶିବଜୀ, ଅନ୍ୟଆଡ଼େ ଷାହାଆଲମଂକଠାରୁ ଆଓରଂଗଜେବ, ସମସ୍ତେ ତାଂକ ସ୍ମୃତିରେ ପ୍ରତୀତି ପରି ଜୀବଂତ ଥିଲେ । ଚଂଦନ ହଜୁରୀ ବିଶ୍ୱାସ କରାଇଦେଲେ, ଆଓରଂଗଜେବବଂଶୀୟ ହେଲେ ମଧ୍ୟ ବାହାଦୂର ସାହ ହେବେ ସମ୍ରାଟ୍ । ବିଦେଶୀ ଇଂରେଜ ହେଉଚଂତି, ଧର୍ମଦ୍ୱେଷୀ । ସେ ଦ୍ୱେଷରେ ହିଂଦୁ ମୁସଲମାନ ଭେଦ ନାଇ । ଏ ଇଂରେଜଙ୍କୁ ଏ ଦେଶରୁ ଦରିଆ ପାର କରିଦେବାକୁ ହେବ । 'ଭାରତ ଛାଡ଼' ଆଂଦୋଳନର ଆଦିମ ସୂତ୍ରପାତ ଏଇଠାରେ । ମହାଭାରତୀୟ ଓଡ଼ିଆ ଚଂଦନ ହଜୁରୀର ଏହା ସେ କାଳର କଳ୍ପନା ହେଲେ ମଧ୍ୟ, ଆଜିର କଳ୍ପନା ପରି ନୂତନ ଓ ସମୀଚୀନ । ଏଥିରେ ଧର୍ମ ଉପାୟ ମାତ୍ର । ଏହା ମତାଂଧତାର ଧର୍ମ ନୁହେ; ଏହା ରାଜନୀତିର ଧର୍ମ ।

ଚଂଦନ ହଜୁରୀଂକର ଯାଦୁ ମଂତ୍ରରେ ହିଂଦୁ-ମୁସଲମାନ ଯଥାର୍ଥ ପରସ୍ପର ବିଶ୍ୱାସରେ ଓ କାର୍ଯ୍ୟରେ ଏକ ହୋଇ ବିଦ୍ରୋହ ଜାଳିଦେଲେ । ଜାତୀୟ ସଂଗ୍ରାମର ବନ୍ୟା ଛୁଟିଲା । ଯାହାକୁ ପରେ ଇଂରେଜମାନେ ସାମାନ୍ୟ 'ସିପାହୀ ବିଦ୍ରୋହ' ବୋଲି କହଂତି, ଯାହାର ପ୍ରତିଶୋଧ ନେବା ପାଇଁ 'ସୁସଭ୍ୟ' ଇଂରେଜ ପରେ ଭାରତରେ ନରନାରୀ ହତ୍ୟା ଓ ଅବରୁଦ୍ଧ ଗ୍ରାମଦାହର ବୀଭତ୍ସ ତାଂଡବ ଚଳାଇ ଦେଇଥିଲେ, ସେଇ ବିଦ୍ରୋହ ହେଉଚି, ଭାରତର **ଆଦିମ** ଜାତୀୟ **ସଂଗ୍ରା**ମ— ସ୍ୱାଧୀନତା ପାଇଁ **ପ୍ର**ଥମ ଯୁଦ୍ଧ । ଓଡ଼ିଆ ଚଂଦନ ହଜୁରୀ ଏହାର ପଟ୍ଟପୁରୋଧା ।

ସମସ୍ତେ ଜାଣି ନ ଥିବେ ଟିକିଏ କହିଦିଏ । ସେଥର ସଂଗ୍ରାମର ପରାଜୟ ପରେ ବାହାଦୂର ସାହ ବ୍ରହ୍ମଦେଶକୁ, ନାନାସାହେବ କାନପୁର ପାଖ ବିଧୁରକୁ ଅଟକବଂଦି ରୂପେ ପଠାହେଲେ । ତାଂତିଆତୋପି ବଣରେ ନିଶ୍ଚିହ୍ନ ହେଲେ । ବାକି ଖୋଜା ପଡ଼ିଲା, କାହି ଗଲା ସେ ପଂଡା । ପଂଡା ଦେଖିଲେ, ସବୁ ଲାଲ ହୋଇଗଲା । ବଡ଼ଲାଟ ଡେଲାହାଉସୀଂକ କାମନା ପୂର୍ଣ୍ଣ ହେଲା । ପଂଡା ଚାଲିଲେ, ଏକମାତ୍ର ହିଂଦୁ ସ୍ୱାଧୀନ ରାଜ୍ୟ ନେପାଳ ଆଡ଼େ । ମାତ୍ର ଇଂରେଜ ଶକୁନିଂକ ଆଖି ଏଡ଼ାଇ ଯିବେ କିପରି ? ସେଥିପାଇଁ ବାଟରେ

Digitized by PPRACHIN, SOA

ଛାପ୍ରା ଜିଲାରେ ସଡ଼କର ଗୋଟିଏ ପୋଲ ତଳେ ତାଂକୁ ୧୭ ଦିନ କଟାଇବାକୁ ହୋଇଥିଲା । ଶୁଣିବାରେ ସେଠା ଲୋକେ ଏବେ ବି ତା' ମନେ ରଖିଛନ୍ତି ଓ ସେ ପୋଲଟିକୁ ଦେଖାଇ ସେ-କଥା କହଂତି । ଶେଷକୁ ସେ ସୀମା ଅତିକ୍ରମ କରି କୌଣସିମତେ ନେପାଳ ରାଜ ଦରବାରରେ ପହଂଚିଲେ ।

ନେପାଳରେ ତାଂକର ୧୨ ବର୍ଷ କଟିଗଲା । ନେପାଳ ମହାରାଜା ମିତ୍ର ଇଂରେଜମାନଂକୁ ପରେ ସବୁ ଜଣାଇଦେଲେ ଓ ନିଜପଂଡା ଚଂଦନ ହଜୁରୀଂକୁ ପୁରୀରେ ଛାଡ଼ିଦେବା ପାଇଁ ଅନୁରୋଧ କଲେ । ନେପାଳ ସୀମାଠାରୁ ପୁରୀ ପର୍ଯ୍ୟଂତ ଥାକକୁଥାକ ପୋଲିସ ଫୌଜ ପହରା ରହି ଚଂଦନ ହଜୁରୀଂକୁ ସଗୌରବରେ ପୁରୀରେ ପହଂଚାଇ ଦିଆଗଲା । ହଜୁରୀ ସେତେବେଳକୁ ସାହସ ଓ ସହାୟହୀନ ଓ ବୟସରେ ମଧ ପରିଣତ । ପୁରୀରେ ପହଂଚିବା ପରେ ସେ କାଳର ପୁରୀର ଇଂରେଜ କଲେକ୍ଟର ତାଂକୁ ଭେଟି କୌଶଳରେ ଅଟକବଂଦୀ କରିବାକୁ କହିଲେ, 'ପଂଡା ସାହେବ ! ଆପଣ ଆଉ ପୁରୀ ଛାଡ଼ି ବାହାରକୁ ଯାଂତୁ ନାଇ' । ହଜୁରୀ ଉତ୍ତରରେ କହିଲେ, 'ରାତି ପାହିଲେ ଆମର ଟଂକାଟାଏ ଖର୍ଚ୍ଚ । ଆମେ ପୁରୀରେ ବସି ରହିଲେ, ଚଳିବୁ କିପରି ?' (ସେତେବେଳେ ଟଂକାଟା କେତେଥିଲା, ତା' ଅବଶ୍ୟ ଏବେ କଳନାରେ ସହଜରେ ବୁଝି ପାରିବେ ନାଇ । ସେତେବେଳେ ଚାଉଳ ଥିଲା ପଇସାକୁ ଅଂତତଃ କଟିକି ୨ ସେର) । ଜିଲା ସାହେବ ସେଠାରୁ କହିଲେ, 'ଆପଣ ଅନୁଗ୍ରହ କରି ପହିଲ ଦିନ ଟିକିଏ କଚେରିକୁ ଯାଉଥିବେ । ଯେଉଁ ମାସ ଯେତେଦିନ, ସେ ମାସରେ ସେତେ ଟଂକା ମୁଁ ଆପଣଂକୁ ଦେବି । ଆପଣ ଏ ବୟସରେ ପୁରୀ ଛାଡ଼ି ଆଉ କୁଆଡ଼େ ଯାଆଂତୁ ନାଇ ।'

ଶୁଣିବାରେ ହଜୁରୀ ଯାଇ ପହିଲାଦିନ ଖାଜାଞ୍ଚୀକୁ ଟଂକା ମାଗଂତି । ସେ ଦିଏ । ଥରେ ଖାଜାଂଚୀ କହିଲେ, 'କାଗଜଟା ଟିକିଏ ସାହେବଂକ ଦସ୍ତଖତ କରାଇ ଆଣେ । ଆପଣଂକୁ ଟଂକା ଦେବି ।' ବୃଦ୍ଧ ହଜୁରୀ ଟିକିଏ ବିଗିଡ଼ିଯାଇ ହଠାତ୍ କହି ପକାଇଲେ, 'ରଖ୍ ତୋ ସାଇବ, ଏଇ ଗୋଡ଼ରେ ଗୋଡ଼ ମାଡ଼ି ବସି ଏଇ ହାତରେ କେତେ ସାଇବଂକୁ ଚିଠି ଫିଂଗି ଦେଇଚି । ମତେ ସାଇବ ଦେଖା ନାଁ । ଟଂକା ଦେ, ମୁଁ ଯିବି ।'

ଓଡ଼ିଶାର ଏଇ ଆଦିମ ବରେଣ୍ୟ ସହିଦ, ଭାରତ ଜାତୀୟତାର ପୁଣ୍ୟ ପୁରାଣ ପ୍ରତୀକଂକୁ ସ୍ମରଣ କରି ଆଜି ଭକ୍ତି ପ୍ରଣତ ହୁଅ । ମୁଁ ଶତ ପ୍ରଣାମ କରୁଚି ।

**ଉତ୍କଳର ନାରୀ—**

ଆଉରି ଗୋଟିଏ କଥା ମଧ ବିଶେଷ ଭାବରେ ଆମର ସ୍ମରଣୀୟ । ଆଜି ବିଜୟ ଲକ୍ଷ୍ମୀ ପଂଡ଼ିତ ଓ ସରୋଜିନୀ ନାଇଡୁଂକ ଭଳି ରାଜନୀତିକୁଶଳ ଭାରତୀୟ ଗୃହିଣୀ ନାରୀଂକୁ ଦେଖିଲାବେଳେ ତାହା ପୁଣି ଅଧିକ ସ୍ମରଣୀୟ । ଭାରତ ଇତିହାସରେ ରାଜନୀତି ହିସାବରେ ମଧ ପୁଣ୍ୟଶ୍ଳୋକ ନାରୀ ନାହାଂତି ନୁହେ । ଜ୍ୱହର ଚିତାରେ ରାଜପୁତ ନାରୀର ଆତ୍ମଦାନ ସମସ୍ତେ ଜାଣଂତି । ସିଂହାସନରେ ଗଡ଼ମଂଡଳର ଦୁର୍ଗାବତୀ, ପୁଣି ଆଦର୍ଶରେ

Digitized by PPRACHIN, SOA

କାବ୍ୟ ନାୟିକା ରାଣୀ ଭବାନୀଂକ ପରି ବିଧବାମାନେ ଅଛଂତି । କିଂତୁ ରୀତି ହିସାବରେ ଜଣକ ପରେ ଜଣେ ନାରୀ-ସମ୍ରାଟ୍ କେଉଁଠାରେ ଥିବାର ଭାରତ ଇତିହାସ ଯଦି ସ୍ପଷ୍ଟ କହେ, ତେବେ ତା' ଏଇ ଉତ୍କଳରେ– 'ଉତ୍କଳ' ବୋଲି ପରିଚିତ ସମ୍ରାଟ୍ ବଂଶରେ । 'ଶାସନ' ଲିପି ସ୍ପଷ୍ଟ ଭାଷାରେ ଲେଖିଛଂତି– ''ଗୁଣମାଲୋତ୍କଳେ କୁଳେ'' ଅର୍ଥାତ୍; ବହୁଗୁଣାନ୍ୱିତ 'ଉତ୍କଳ' ରାଜକୁଳରେ । ଏଇ 'ଉତ୍କଳ', 'କର' ବା 'ଭୌମ' ସମ୍ରାଟମାନଂକର ରାଜଧାନୀ ଥିଲା 'ଗୁହେଶ୍ୱର-ପାଟକ' ବା ଏବର 'ଯାଜପୁର' । ବରବାଟିର କପିଳେଂଦ୍ରଦେବଂକ ପ୍ରତିଷ୍ଠିତ ସୂର୍ଯବଂଶ ପୂର୍ବରୁ ଏଇ ଭୌମମାନେ ଖାଂଟି ଓଡ଼ିଆ ସମ୍ରାଟ ଥିଲେ । ଭୌମ ଶବ୍ଦଟି ଏବେ ଓଡ଼ିଆରେ ଭୁଇଁଆ । ଏଇ ସମ୍ରାଟମାନଂକ ଉପାଧିଶେଷରେ 'କର' ଶବ୍ଦ ଥିବାରୁ– ଯଥା, ଶାଂତିକର, ଶୁଭକର– ଏ ବଂଶକୁ 'କର' ବଂଶ ମଧ୍ୟ କହଂତି ।

ଇତିହାସର ଏଇ ଆଦିମ 'ଉତ୍କଳକୁଳ' ଭୌମ ବଂଶର ଚାରୋଟି ନାରୀ-ସମ୍ରାଟ୍ ଦେବୀ ଗୋସ୍ୱାମିନୀ, ତ୍ରିଭୁବନ ମହାଦେବୀ, ଗୌରୀ ମହାଦେବୀ ଓ ଦଂଡୀମହାଦେବୀ, ଆବିଷ୍କୃତ 'ଶାସନ'-ଲିପିରେ ଜୀବଂତ । ଦେବୀ ଗୋସ୍ୱାମିନୀ ଓ ତ୍ରିଭୁବନ ମହାଦେବୀ ନିଜପୁତ୍ର ବା ପୌତ୍ର ଯୁବରାଜମାନଂକ ପିଲାଦିନେ ରାଜ୍ୟଭାର ଗ୍ରହଣ କରିଥିଲେ । ଗୌରୀ ମହାଦେବୀଂକର ପୁତ୍ର ନଥିଲା । ତାଂକ କନ୍ୟା ଦଂଡୀମହାଦେବୀଂକୁ ଚାହିଁ ସେ ସାମ୍ରାଜ୍ୟ ଧରି ବସିଥିଲେ । ଏଇ ସାମ୍ରାଜ୍ୟ ଧରିବାରେ ଓ ସଂଭାଳିବାରେ ଏଇ ନାରୀସମ୍ରାଟମାନେ ପୁଣି କିଛି ଚକ୍ରାଂତ କରି, କାହା ସଂଗେ ଗୁପ୍ତ ମଂତ୍ରଣା କରି ଲୋଭରେ ସାମ୍ରାଜ୍ୟ ମାଡ଼ି ବସି ନ ଥିଲେ । ସେମାନେ ଥିଲେ ଏକ ଦିଗରେ ସୁମତା, ସୁଗୃହିଣୀ ଓ ସୁକନ୍ୟା, ସେଇପରି ଅନ୍ୟ ଦିଗରେ ମହାଗୁଣବତୀ, ସୁଶିକ୍ଷିତା 'ଧର୍ମ-ଧନ-ପ୍ରାଧାନା' ଓ ବୀରାଂଗନା । ତ୍ରିଭୁବନ ମହାଦେବୀଂକ ସଂବଂଧରେ ତାମ୍ରଲେଖ ସ୍ପଷ୍ଟ କହଂତି, ତାଂକ ପୁତ୍ର ସମ୍ରାଟ୍ 'କୁସୁମ ହାର' (ଶୁଭାକର ଦେବଂ)କ ଦେହାଂତ ପରେ ତାଂକ ପୌତ୍ର ଯୁବରାଜ (ଗୟାଡ଼, ପରେ ସମ୍ରାଟ୍ ହୋଇ ସେ ହେଲେ, 'ଲୋଣଭାର' ଶାଂତିକରା ଦେବଂ)କୁ ନାବାଳକ ଦେଖି ରାଜ୍ୟର ସବୁ ସାମଂତାଦିମାନେ ରାଜ୍ୟଭାର ନେବା ପାଇଁ ତାଂକୁ ଆସି ବଳାଇଲେ । ସେମାନେ କହିଲେ (ତାମ୍ରଲେଖ କଥାରେ) 'ପୂର୍ବେ ଅତି ଧର୍ମପରାୟଣା ଦେବୀ ଗୋସ୍ୱାମିନୀ ପ୍ରଜାମାନଂକୁ ଅନୁଗ୍ରହ କରି ବହୁ କାଳ ଏଇ ସାମ୍ରାଜ୍ୟ ଚଳାଇଥିଲେ । ହେ ଦେବି, ତମେ ଏବେ ଆମ କଥାରେ ପ୍ରସନ୍ନ ହୁଅ । ବହୁକାଳ ପାଇଁ ଦରକାର ହେଲେ ବି ସେଇପରି ଏ ବସୁଂଧରା ସଂଭାଳ । ଲୋକଂକୁ ଅନୁଗ୍ରହ କରି ଏଥିରେ ହଁ କର; ନତୁବା ରୀତି ଅନୁସାରେ ତମଠାକୁ ଆସିଥିବା ଏ କର-ରାଜ୍ୟଲକ୍ଷ୍ମୀ ହାତକୁ ନିଅ । କର କୁଳଶ୍ରେଷ୍ଠ ପୁରୁଷୋତ୍ତମ ମହାରାଜାଧିରାଜ ପରମ ଭଟ୍ଟାରକ ପରମେଶ୍ୱର ସମ୍ରାଟ ଶ୍ରୀ ଲଳିତହାର ତମ ହାତ ଧରିଥିଲେ; ତୁମେ ବି ନିଜେ ସର୍ବ

Digitized by PPRACHIN, SOA

ବିଦ୍ୟାରେ ସୁପଂଡ଼ିତା’ । ତହୁଁ ସେ ସିଂହାସନରେ ବସି ଅଭିଷେକ ବରଣ କରି ରାଜ୍ୟଭାର ଗ୍ରହଣ କଲେ ।

ଗୌରୀ ଦେବୀ ସେଇପରି ରୀତି ଅନୁସାରେ ଉତ୍ତରାଧିକାର ସୂତ୍ରେ ନିଜ ସ୍ୱାମୀ ସୁଭାକର ଦେବଂକ ଠାରୁ ସାମ୍ରାଜ୍ୟ ପାଇଥିଲେ । ସେଇ ଉତ୍ତରାଧିକାର ସୂତ୍ରେ ତାଂକଠାରୁ ତା’ ପାଇଲେ, ତାଂକ କନ୍ୟା ଦଂଡୀ ମହାଦେବୀ । ରାଜକାର୍ଯ୍ୟର ଆତ୍ମବିସ୍ମୃତିରେ ସେ ପୁଣି ହୋଇଥିଲେ, ଚିରକୁମାରୀ । ସେ ଥିଲେ ଯେପରି ଗୁଣବତୀ ସେଇପରି ସୁଂଦରୀ । ତାଂକ ଦେହ ଥିଲା ‘ଲାବଣ୍ୟାମୃତ-ନିଃଷ୍ୟଂଦ’ । ବିବାହ ପାଇଁ ବହୁ ପ୍ରସ୍ତାବ ଆସିଥିଲା, ସେ କାହିଁରେ କର୍ଣ୍ଣପାତ କରି ନ ଥିଲେ ।

### ଓଡ଼ିଆର ଗଣତଂତ୍ର–

ଓଡ଼ିଆ ପରଂପରାର ଏ ଚିରସ୍ମରଣୀୟ ଭିତ୍ତି ଆଜି ବିଶେଷରେ ସ୍ମରଣୀୟ । ପୁଣି ଏ ସଂପର୍କରେ ଆହୁରି ସ୍ମରଣୀୟ ଓଡ଼ିଆ ପରଂପରାରେ ‘ଗଣତଂତ୍ର’ । ରୀତି ଅନୁସାରେ ହୁଏତ ଉତ୍ତରାଧିକାର ସୂତ୍ରେ ଲୋକେ ରାଜ୍ୟ ପାଉଥିଲେ । କିଂତୁ ଲୋକମତ ଏଡ଼ିବାର ସାଧ ନ ଥିଲା । ସମାଜ ମୁଖ୍ୟମାନେ ମନକୁ ଏଇ ଲୋକମତର ନିୟଂତା ଥିଲେ । ଏଥିରେ ସାକ୍ଷାତ୍ ଭେଟ ନଥିଲା, କି ନିର୍ବାଚନର ଘଟା ନଥିଲା । ଏହା ଥିଲା, ମନକୁ ଆତ୍ମନିୟମିତ ସମାଜତଂତ୍ର । ଏହା ‘ସାମଂତ-ବାଦ’ ନୁହେ । ସାମଂତ-ବାଦ ପଦାର୍ଥଟି ଓଡ଼ିଶୀ ନୁହେ । ଉତ୍କଳର ଲୋକେ ଥିଲେ କୃଷକ । ସେଇ କୃଷକ ଥିଲେ ସେନା, ସେଇ ସେନା ପୁଣି ଥିଲେ ଆତ୍ମନିୟଂତ୍ରିତ ଓ ସ୍ୱାଧୀନ ଗୃହସ୍ଥ । ସେଇ ଥିଲେ ପୁଣି ସାମଂତ, ସେଇ ଥିଲେ ସ୍ୱାଧୀନ । ଭୌମ ବା ଭୁଇଁଆ ସେଇ । ଭୌମମାନେ ଜାତିରେ କ୍ଷତ୍ରିୟ ନଥିଲେ । ସେ ଆଭିଜାତ୍ୟର ଅହଂକାର ବି ତାଂକର ନ ଥିଲା । ଉପଯୁକ୍ତ ନେତା ରାଜା ହେବା ପାଇଁ ନ ମିଳିଲେ, କଥା ଅଛି, ହାତୀ କାହା ମୁଂଡରେ ସୁନାକଳସ ଢାଳୁଥିଲା । ଏ କଥାଟା ପରେ ଗୋଟାଏ ଶୁଷ୍କ କିଂବଦଂତି ପରି ହେଲେ ହେଁ, ଏହାର ମୂଳ ବହୁ ଦୂରରେ । ଭୌମରାଜ୍ୟର ସମାଜ ତଂତ୍ର ଏଥିପାଇଁ ଆଜି ଖୋଡିବା ଦରକାର । ସେଇ ମୂଳ ସେଇ ରୀତି ସେଇ ‘ପ୍ରକ୍ରମ’ ଆଜି ମନେପଡୁଚି– ପଡ଼ିବା ସ୍ୱାଭାବିକ ।

### ଜଗନ୍ନାଥ–

ଏଇ ରାଜ୍ୟର ଧର୍ମ-ସାକ୍ଷୀ ଶବର-ଦେବ ଜଗନ୍ନାଥ । ସେ ଆଜି ‘ହରି-ଶୟନ’ର ଘୋଡ଼ଣୀ ଭିତରେ ଥିଲେ ମଧ, ଜୀବଂତ । ତତ୍ତ୍ୱରେ ଆଜି ତାଂକୁ ସ୍ମରଣ କର । ଜଗନ୍ନାଥ ହେଉଚଂତି ମାନବର ତାତ୍ତ୍ୱିକ ବା ଆତ୍ମିକ ତଥା ସାମାଜିକ ସାମ୍ୟର ପ୍ରତୀକ । ନା, ସେତିକି ନୁହେ । ମାନବ-ସାମ୍ୟର ସେ ଅବତାର– ସାମ୍ୟର ଯେପରିକି ବିଗ୍ରହ । ଭେଦ-ଧର୍ମ ଓଡ଼ିଆର ନୁହେ । ପୁରାଣ କହଂତି, ଉତ୍ତର ଭାରତରୁ ଭେଦଧର୍ମ ମାଳବରାଜ ଇନ୍ଦ୍ରଦ୍ୟୁମ୍ନ ନିଜର ସ୍ମାର୍ତଦର୍ପରେ ବ୍ରାହ୍ମଣ ମଂତ୍ରୀ ବିଦ୍ୟାପତିଂକୁ ସାଧୁଆ କରି ସୈନ୍ୟ ସାମଂତ

Digitized by PPRACHIN, SOA

ଘେନି ଜଗନ୍ନାଥଂକୁ ନିଜର କରିବାକୁ ଆସିଥିଲେ । ଜଗନ୍ନାଥ ତାଂକ ପୂଜା ଗ୍ରହଣ କରିବା ଦୂରେ ଥାଉ, ଦର୍ଶନ ଦେଲେ ନାଇ, ଅଂତର୍ଧାନ ହେଲେ । ଉପାସରେ ଇଂଦ୍ରଦ୍ୟୁମ୍ନ ଆଧା ପଡ଼ିଲେ । ଜଗନ୍ନାଥ ତହୁଁ କହିଲେ, ମୋର **ଶୁଦ୍ଧ ସେବକ** ଶବର ବିଶ୍ୱାବସୁର ଝିଅକୁ ତୋ ବ୍ରାହ୍ମଣ ମଂତ୍ରୀ ବିଭା ହେବ । ସ୍ୱର୍ଗରୁ ଦେବତାମାନେ, ମର୍ତ୍ତ୍ୟରୁ ଋଷିମାନେ ଡକାହୋଇ ଆସିବେ । ତାଂକ ଆଗେ ବିଦ୍ୟାପତିଂକ ସେଇ ଶବର ଶ୍ୱଶୁରର ଭାଇ କୁଟୁଂବ ମୋର ଜ୍ଞାତି ବୋଲି ପୁଣି ପରିଚିତ ହେବେ । ତେବେ ଯାଇ ତୁ ମତେ ଦେଖିବୁ ଓ ପୂଜା କରିବୁ । ସେଇୟା ହେଲା । ଇଂଦ୍ରଦ୍ୟୁମ୍ନ ସେ କାଳେ ଏଠୁ ଏଇ ସାମ୍ୟମଂତ୍ର ଘେନି ଉତ୍ତର ଭାରତକୁ ଫେରିଯାଇଥିଲେ । ଆଜି ସ୍ମରଣ କର, ସେଇ ଜଗନ୍ନାଥ ଆମର ଦେବତା—ଭାରତ ସମାଜର ସେଇ ଏକା ଯଥାର୍ଥତା ମୁକ୍ତିଦାତା ।

**ବିଶ୍ୱଶାଂତିର ପ୍ରେରଣା—**

ସର୍ବୋପରି ଆଜି ଭାରତବାସୀଂକ ସ୍ମରଣୀୟ ବସ୍ତୁଟି ହେଉଚି, ବିଶ୍ୱ ସଂସ୍କୃତିରେ ଭାରତର ବିଶେଷତ୍ୱ । ବାବିଲନ, ମିଶର, ପାରସ୍ୟ ପରି ବଡ଼ ବଡ଼ ସଭ୍ୟତା ହୁଏତ ଗୋଟିଏ ଗୋଟିଏ ଧକ୍‌କା ସଂଭାଳି ପାରିନାହାଂତି । ଭାରତ ହଜାର ହଜାର ବରଷର ଧକ୍କା ସଂଭାଳି ଆଫଗାନିସ୍ଥାନ, ପାକିସ୍ଥାନ ସତ୍ତ୍ୱେ ଆଜି ରହିଚି । ରହିଚି, କାହିଁକି ? କି ବିଶେଷତ୍ୱ ଘେନି, ବିଶ୍ୱ ସଭ୍ୟତାରେ କି ବିଶେଷ ଦେବାପାଇଁ ସେ ବଂଚିଚି ? ଭାରତ ସଭ୍ୟତାର ଏ ବିରାଟ ଜୀବନୀ ଶକ୍ତିର ଅର୍ଥ କ'ଣ ? ଏ କଥାଟା ଏବେ ସ୍ପଷ୍ଟ ଭାବରେ ଭାବିବାର ଦିନ ଆସିଚି ।

ଭାରତ କେବେ ଗୋଟିଏ ଜାତି ନଥିଲା । ଅର୍ଥାତ୍ ରାଜନୀତିରେ ଏକ ରାଜ୍ୟର ଅଧୀନ ନଥିଲା । ତଥାପି ଗଂଗୋତ୍ତରୀର ଭାରତୀୟ ରାମେଶ୍ୱରର ଭାରତୀୟ ସଂଗେ, କାମାଖ୍ୟାର ଭାରତୀୟ କାଂଦାହାରର ଭାରତୀୟ ସଂଗେ ଏକ ଥିଲା କିପରି, କାହିଁକି ? ଭାରତରେ ଆଜି ପରି ଜାତି ନଥିଲା, ସମସ୍ତ ଜାତିଭେଦାଦି ଆଜିର ବିପତ୍ତି ସତ୍ତ୍ୱେ ଭାରତରେ ଥିଲା ମାନବ ସମାଜ । ଭାରତର ସମାଜ ଥିଲା ମହାମାନବର ସମାଜ । ସଭ୍ୟତାର ବିକାଶ ଘେନି ମାନବ ମୂଲ୍ୟ ଏଇଠାରେ ବିକାଶ ପାଇଥିଲା । ଭାରତର ଧର୍ମ ଥିଲା ମାନବର କର୍ତ୍ତବ୍ୟ ପରଂପରା । ଆତ୍ମବିକାଶ ହେଉଚି ଅଯାଚିତ କର୍ମର ପରଂପରା । ଅଧିକାର ଦାବି କରିବାରୁ ମାନବକୁ କଳ୍ପନା କରି ଏଠାରେ ମନୁଷ୍ୟକୁ କେହି କେବଳ ଅନ୍ନ ବସ୍ତ୍ର ଆଦାନପ୍ରଦାନର କଳ ବୋଲି ମନେ କରୁନଥିଲେ । ମନୁଷ୍ୟ ଥିଲା ଏଠାରେ ଆତ୍ମାର ଭୌତିକ ବିକାଶ । ପୃଥିବୀ ସେଇ ମନୁଷ୍ୟ ଲୋଡୁଚି । କାଳରେ ଆଗତ ନାନା କଳଂକ ଭିତରୁ ସେଇ ମନୁଷ୍ୟକୁ ବାହାର କରି ପୃଥିବୀରେ ଦେଖାଇବାକୁ ହେବ । ବିଶ୍ୱମାନବର ଖଂଡିତ ସଭ୍ୟତା ସେଥିରେ ପୂର୍ଣ ହେବ । ଜଗିବାର ଭୟରେ ଶାଂତି ଆସିବ ନାଇ; ମାନବ ଯଥାର୍ଥ ମାନବ ହେବ ନାଇ । ମାନବକୁ ମାନବ କରିବାର ମଂତ୍ର

Digitized by PPRACHIN, SOA

ଭାରତରେ ଅଛି । ଆଜି ଭାରତ ସ୍ୱାଧୀନ । ଆଜି ଭାରତ ମୁକ୍ତ । ସେଇ ମାନବର ବିକାଶ ମୁକ୍ତଭାବରେ ପ୍ରତିଭାତ ହେଉ । ବିଶ୍ୱ ଦେବତାଂକର ଆଶୀର୍ବାଦରେ ବିଶ୍ୱମାନବର ସଭ୍ୟତା ପୂର୍ଣତା ଲାଭ କରି ଶାଂତ ହେଉ । ବିଶ୍ୱମାନବ ବୈଦିକ ଋଷିଂକ ସଂଘେ ସ୍ୱରମିଳାଇ କହୁ—

'ମଧୁବାତାରୁ ତାୟଂତେ
ମଧୁକ୍ଷରଂତି ସିଂଧବଃ
ମାଧ୍ୱୀନଃ ସଂତୁଗାବଃ ।'

ଆକାଶରେ ବ୍ୟୋମଯାନ ମଧୁ ବର୍ଷଣ କରୁ, ସମୁଦ୍ରରେ ନୌବାହିନୀ ମଧୁ ବିକୀର୍ଣ୍ଣ କରଂତୁ, ଘର ଆମର ମଧୁମୟ ହେଉ ।

[ନବଭାରତ, ମିଥୁନ ୧୩୫୫]

# ଆଲୋଚନା

## ଶରଦ୍ ବାବୁଂକ ଶାସ୍ତି

ବଂଗଦେଶ ବ୍ୟବସ୍ଥା ସଭାର କଂଗ୍ରେସ ଦଳ ନେତା ଶ୍ରୀଯୁକ୍ତ ଶରତ୍‌ଚଂଦ୍ର ବୋଷଂକୁ ଶୃଂଖଳାଗତ ଶାସ୍ତି ନାମରେ କଂଗ୍ରେସ ସଭାପତି ଏବେ ବାହାର କରି ଦେଇଛଂତି । ବ୍ୟବସ୍ଥା ସଭାର କଂଗ୍ରେସ ଦଳ ଲୋକେ ତାଂକଠାରେ ବିଶ୍ୱାସ ହରାଇ ନାହାଂତି । ପ୍ରଦେଶର ଯଥାର୍ଥ କଂଗ୍ରେସପଂଥୀମାନେ ତାଂକ ନେତୃତ୍ୱ ଅସ୍ୱୀକାର କରିନାହାଂତି, ମାତ୍ର ବର୍ତ୍ତମାନ କଂଗ୍ରେସରେ ଏ ସବୁର କୌଣସି ବିଚାର ନାହି । ଓ୍ୟାର୍ଦ୍ଧାରେ ଯେଉଁ କଂଗ୍ରେସଚକ୍ର ବସିଛି, ସେ କଂଗ୍ରେସ ନାମକୁ ନିଜର କରି କୌଣସିମତେ ଅଂଧ ଭାବରେ ଦେଶକୁ ଚଳାଇବାକୁ ଚାହେଁ । ଓ୍ୟାର୍ଦ୍ଧାଚକ୍ରର କୌଣସି ସ୍ଥିର ମତ ନାହି । ଆଜି ମୁସଲମାନଂକ ପଛେ ଗୋଡ଼ାଇବା, କାଲି ହିଂସାକୁ ଆଦର କରି କୁଂଢ଼ାଇ ଇଂରେଜଂକୁ ଭୁଲାଇବା, ଏଇସବୁ ଚାଲିଥିଲା । କଂଗ୍ରେସ ଯେ ଅହିଂସା ଉପରେ ପ୍ରତିଷ୍ଠିତ, ପ୍ରତ୍ୟେକ ଚାରିଅଣିଆ କଂଗ୍ରେସ ସଭ୍ୟକୁ ଅହିଂସାପୀଠରେ ସ୍ୱରାଜ୍ୟ ସାଧନ କରିବା ପାଇଁ ଯେଉଁ ପ୍ରତିଜ୍ଞା କରିବାକୁ ହୋଇଛି ତାକୁ ମଧ ସେମାନେ ଖାତିର କରି ନ ଥିଲେ । ନ୍ୟାୟତଃ ଏପରି ବେ-ଖାତିର ପାଇଁ ସେଇମାନଂକୁ ଏକା କଂଗ୍ରେସରୁ ଆଗ ବାହାର କରାଯାଇଥାଂତା । କିଂବା ଏପରି ହିଂସା ଧରି ସ୍ୱରାଜ୍ୟ ସାଧନ କରିବାର ପଂଥା ଗ୍ରହଣ କରିବା ପୂର୍ବରୁ ସେମାନେ କଂଗ୍ରେସ ଛାଡ଼ିଦେଇ ତାହା କରିଥାଂତେ । କିଂତୁ ଯଥେଚ୍ଛାଚାର ଯାହାଂକର କାମନା, ତାଂକ ପାଖେ ବଳହିଁ ଯୁକ୍ତି । ସେ ବଳ ହେଉଛି ପଶୁବଳ । ଲୋକଙ୍କୁ ଗୁଳି କରିବା ବା ବଂଦୀ କରିବା

Digitized by PPRACHIN, SOA

ଭଳି ପଶୁବଳର ସାଧନ ଏବେ କଂଗ୍ରେସର ଓ୍ୱାର୍କିଂଚକ୍ରଂକ ହାତେ ନାହିଁ । ତେଣୁ ଏକ ଦିଗରେ ନିର୍ବିଚାରରେ ଶାସ୍ତି, ଅର୍ଥାତ୍ କଂଗ୍ରେସରୁ ବାହାର କରିଦେବା; ଅନ୍ୟ ଦିଗରେ କିଛି ନ ବିଚାରି, ନ ପଚାରି ଗାଂଧି କ'ଣ କରୁଛଂତି ବା କ'ଣ କରିବେ ସେଇ କଥାକୁ ଏକା ହାତ ଯୋଡ଼ି ଚାହିଁଥାଅ ବୋଲି ଲୋକଂକୁ ନିପଟ କୁସଂସ୍କାରରେ ମତାଇବା । ଏହି ଚକ୍ରାଂତର ପଶୁ ବଳରେ ଭାରତର ସ୍ୱରାଜ୍ୟ ଆସିବ କି ? ଆସିଲେ ଏ ସ୍ୱରାଜ୍ୟ କାହାର ରାଜ୍ୟ ହେବ, ସେକଥା ଭାବିବାର ଅଛି । ଲୋକ ଜାଗ୍ରତ ହୁଅଂତୁ । ଦୁର୍ଭେଦ୍ୟ କୁସଂସ୍କାର ତୁଟିଯାଉ ।

## ଶ୍ରୀ ମାନବେଂଦ୍ର ରାୟଂକ ଶାସ୍ତି

### ଯୁଦ୍ଧରେ ସହଯୋଗ—

ମାନବେଂଦ୍ର ରାୟ କହିଲେ, ''ଇଂରେଜମାନେ ଆମ ପ୍ରତି ଯାହା ହୁଅଂତୁ ସେ ଏବେ ଯଥେଚ୍ଛାଚାର ଶାସନ ବିରୁଦ୍ଧରେ ଲଢୁଛଂତି । ଅର୍ଥାତ୍ ପୃଥିବୀରେ କିପରି ଯଥେଚ୍ଛାଚାର ଶାସନ ମୁଂଡ ନ ଟେକୁ ସେଥିପାଇଁ ଲଢୁଛଂତି । ଏତେବେଳେ କଥା ସର୍ତ୍ତର ଛୁଂଚି ମାଛି ପରୀକ୍ଷା ଛାଡ଼ି ଏ ଯୁଦ୍ଧରେ ଇଂରେଜଂକ ପକ୍ଷରେ ଭାରତ ଅଂଟା ଭିଡୁ; ନିଜେ ମଧ୍ୟ ସେନା, ଟ୍ୟାଂକ୍, ବ୍ୟୋମଯାନ ପ୍ରଭୃତି ତିଆରି କରି ପ୍ରସ୍ତୁତ ରହୁ । ଏପରି କଲେ ଇଂରେଜ ଯୁଦ୍ଧ ସରିଲା ବେଳକୁ ଆମର କେବଳ ଆମ ଇଜ୍ଜତ ବଢ଼ିଥିବ ନୁହେ, ଆମର ତାକତ ମଧ୍ୟ ବଢ଼ିଥିବ । ସେତେବେଳେ ଆଜି ଆମେ ଯେପରି ସର୍ତ୍ତରେ ସ୍ୱରାଜ୍ୟ ମାଗୁଥାଇଁ ସେପରି ବିଶେଷ କିଛି ଦରକାର ହେବ ନାହିଁ । ସ୍ୱରାଜ୍ୟର ସିଦ୍ଧି ବଡ଼ ସହଜ ହେବ ।''

ଏଥିରେ ଆପତ୍ତି କରିବାର କ'ଣ ଅଛି ? ଏହା ବିରୁଦ୍ଧରେ କଂଗ୍ରେସର ଓ୍ୱାର୍କିଂଚକ୍ର କହୁଛଂତି, କେହି କିଛି ନ ପଚାରି ନ ବୁଝି ଗାଂଧି ଈଶ୍ୱରଂକ ଆଦେଶ ପାଇ ଯାହା କରିବେ ବା କହିବେ ସେଇଥିକି ଏକା ଚାହିଁ ବସିଥାଅ । ଯୁଦ୍ଧ କଥା ଭାବ ନାହିଁ । ହାତହତିଆର କଥା ଚିଂତା କର ନାହିଁ । ସେଗୁଡ଼ାକ ହିଂସାକଥା । ପୃଥିବୀ ଆମକୁ ହିଂସା କରୁ, କ୍ଷତି ନାହିଁ । ଆମେ କାହାକୁ ହିଂସା କରିବା ନାହିଁ ତଥାପି ଆମ ରାଜ୍ୟଟି ଆମର ଦରକାର । ଏଇ ନୀତିରେ ମାନବେଂଦ୍ରଂକୁ କଂଗ୍ରେସରୁ ବାହାର କରି ଦିଆଗଲା । ଏଥିରେ କିଛି ନାହିଁ କି ବୁଝାଇବାର କିଛି ନାହିଁ । ମୋ ତହୁଁ ଆନ କଥା କହିଲେ ତୁ ଏ ଘରୁ ଯା'— ଏହାହିଁ ଏବେ କଂଗ୍ରେସର ଭିତିରି ଅହିଂସା ନୀତି ।

### ମିଳିତ ମଂତ୍ରିମଂଡଳ—

ପୁଣି ମାନବେଂଦ୍ର କହୁଛଂତି, ''ବର୍ତ୍ତମାନ ସବୁ ପ୍ରଦେଶରେ ଏଥିପାଇଁ ସର୍ବଦଳର ମିଳିତ ମଂତ୍ରିମଂଡଳ ଲୋଡ଼ା ।'' ଓ୍ୱାର୍କିଂର କଂଗ୍ରେସଚକ୍ର ମଧ୍ୟ ଠିକ୍ ଏଇ କଥାଟି କହୁଥିଲେ । ଜାତୀୟ ସରକାର ବୋଲି ଯାହା ସେମାନେ କହୁଥିଲେ ତାହାହିଁ ସର୍ବଦଳର ମିଳିତ

Digitized by PPRACHIN, SOA

ସରକାର । ତେବେ 'ହଁ ତୁମକୁ ଯୁଦ୍ଧ ପରେ ସ୍ୱରାଜ୍ୟ ଦିଆଯିବ' ଏଇତକ ଇଂରେଜ ସରକାର କହି ଦେଇଥିଲେ, କଂଗ୍ରେସ ସବୁଠାରେ ମିଳିତ ସରକାର କରିଥାଂତେ, ସେତକ ହେଲା ନାହି, ତେଣୁ ସବୁ ଛାଡ଼ି ଗାଂଧିଂକ ଈଶ୍ୱରାଦେଶକୁ ଟାକିବା ପାଇଁ ପୁଣି ଫେରିଲେ । ଆଉ ଯେ ମିଳିତ ସରକାର ନାଁ ଧରିଲା ସେ ହେଲା ଦ୍ରୋହୀ ।

ସେକଥା ଯାହା ହେଉ ଓ୍ୟାର୍ଦ୍ଧାର କଂଗ୍ରେସ ଚକ୍ର ଜିନ୍ନାଂକୁ ଦଳପତି ବୋଲି ମାନି ମୁସଲମାନଂକ ପଛରେ ଗୋଡ଼ାଇ ଗୋଡ଼ାଇ ଯେଉଁ ଅବସ୍ଥା ସୃଷ୍ଟି କଲେଣି, ସେଥିରେ ଏବେ ବା କେବେ ମିଳିତ ମଂତ୍ରିମଂଡଳ ଛଡ଼ା ଅନ୍ୟପଂଥା ଅଛି କି ? କଂଗ୍ରେସ ଯେତେ ବହୁପକ୍ଷ ହୁଅଂତୁ ଏକାରେ ନିଜ ଦଳ ଉପରେ ନିର୍ଭର କରି ଆଉ ମଂତ୍ରିତ୍ୱ ନେଇ ପାରିବେ କି ? ନେବା ଉଚିତ ହେବ କି ? କିଂତୁ ବିଚାର ଯେ ଏବେ ଅଧର୍ମ । ଓ୍ୟାର୍ଦ୍ଧାଚକ୍ର ପ୍ରତିଷ୍ଠିତ ଗାଂଧିରୂପୀ ମୋକ୍ଷଦାତାଂକୁ ନମସ୍କାର କରି ଚାହିଁ ବସିବାକୁ ହେବ । ସେଥିରେ ଯାହା ହେଉ । କିଂତୁ ଆମେ କହୁଁ ଏପରି ଅବୁଝା ବାଟରେ ପରମ ମଂଗଳ ହେଲେ ମଧ ଏଥିରେ ଜାତିର ନୈତିକ ପକ୍ଷାଘାତ ହେବ । ପକ୍ଷାଂତରେ ମାନବେଂଦ୍ର ଭଳି ଲୋକଂକ କଥାରେ ସ୍ୱୀକାର କରାଯାଉ, ଅଳ୍ପତର ମଂଗଳ ହେବ । ତଥାପି ସେଥିରେ ନୈତିକ ଓ ଆତ୍ମିକ ମେରୁଦଂଡ ଦୃଢ଼ ହେବ ସଂଦେହ ନାହି । ବିବେକହିଁ ବ୍ୟକ୍ତିର ତଥା ସମାଜର ସଂବଳ । ବିବେକ ହେଉଛି ବିବେଚନା ବା ଯଥାର୍ଥ ବିଚାରର ଫଳ । ଅଂଧ ଅନୁସରଣରେ ଯେଉଁ ବୃତ୍ତି ଫୁଟେ, ତାହାକୁ ଯେଉଁମାନେ ବିବେକ ବୋଲି ଧରି ବସଂତି ସେମାନେ କି ପଦବାଚ୍ୟ ତାହା କହିବା ଦରକାର ନାହି ।

[ନବଭାରତ, ୭ମ ବର୍ଷ, ସିଂହ, ୧୩୪୮]

# ଆଲୋଚନା

## ସ୍ୱର୍ଗତ ଶରତ୍‌ଚଂଦ୍ର ଓ ରାଜନୀତି

ଶରତ୍‌ଚଂଦ୍ର ବୋଷ ହଠାତ୍ ଅନାଶଂକିତ ଭାବରେ ଏ ଜଗତ ଛାଡ଼ି ଚାଲିଗଲେ । ନା, ତାଂକୁ ଏ ଜଗତ ଛାଡ଼ିବାକୁ ହେଲା । ଭାରତରେ ଗାଂଧି ଓ ତହିଁ ସଂଗେ କଂଗ୍ରେସନାମ ବଜାରର କୁତ୍ସିତ ପଣ୍ୟ ଭଳି ବ୍ୟବହାର କରି ଆଜି ଯେଉଁ ଏକାଧିପତ୍ୟର ବୀଭତ୍ସତା ସ୍ୱାଧୀନତା ନାମରେ ଦିନକୁ ଦିନ ଫୁଟି ଉଠୁଚି ତା ବିରୁଦ୍ଧରେ ଶରତଚଂଦ୍ର ଥିଲେ ସ୍ପଷ୍ଟ ବାଣୀ ଓ କ୍ରିୟାର ସଂକେତ । ବିରୋଧ ବୋଲି ଆଜି କେତେ ନେତା, ପ୍ରନେତା, ଉପନେତା କଂଗ୍ରେସ ସରକାରଂକ ପ୍ରତି ଗଭୀର ଲୋକ ଦୁରାଗ୍ରହର ସୁବିଧା ନେବାକୁ ବସିଛଂତି ସତ, କିଂତୁ ଏ କେହି ଶରତଚଂଦ୍ରଂକ ପରି ସ୍ପଷ୍ଟ ଓ ଅନାଲଂବ ବୋଲି ଜଣା ପଡ଼ିନାହାଂତି । ଅନେକ ବିଚାରୁଛଂତି କଂଗ୍ରେସ ନେତାଏ ଦଳୁଟାଏ ବାଂଧି ବେଶ୍ ଗୁଡ଼ାଏ ଲାଭ ଉଠାଇଲେ

Digitized by PPRACHIN, SOA

ଓ ଉଠାଉଚଂତି । ଲୋକେ ଏ କଥା ଜାଣି ଗଲେଣି । ଲୋକଂକର ଏର ଜାଣିଦେବାଟାର ସୁବିଧା ଘେନି ଆମେ ଚାଲ ଗୋଟାଏ ଝାଂପ ପକାଇବା । କିଂତୁ ଏ ସବୁ କଥା ଶରତଚଂଦ୍ରଂକ ସଂବଂଧରେ କୁହାଯିବ ନାଇ । ସେ ଥିଲେ ବିରାଟ ସାଧକ ଓ କଂଗ୍ରେସର ଏ ସମସ୍ତ ଭୋଗ ପରିସ୍ଥିତି ଭିତରେ ସେ ଥିଲେ ଯଥାର୍ଥ ତ୍ୟାଗପୂତ ବୀର । ମରିବା ପର୍ଯ୍ୟଂତ ଦେଶବାସୀଂକ ବର୍ତ୍ତମାନ ଓ ଭବିଷ୍ୟତ ଛଡ଼ା ତାଂକର ଆଉ କିଛି ଚିଂତା ନଥିଲା ।

ବଂଗ-ବିଭାଗ ଫଳରେ ଯେଉଁ ସାଂପ୍ରଦାୟିକ ବିଭେଦର ନିଆଁ ଗୁମୁରୁଥିଲା ତା' ଏବେ ଜଳି ଉଠିଚି । ପ୍ରତିକାର ସମସ୍ତେ ଚାହାଂତି । ହୁଏତ କେହି ବାଟ ପାଉନାହାଂତି; ପାଇଲେ ବି ପ୍ରକାଶ କରିବାକୁ ସାହସ ପାଉନାହାଂତି । କିଂତୁ ବୀର ଶରତଚଂଦ୍ର କି ସାହସରେ, କି ଦୂରଦୃଷ୍ଟିରେ ସମାଧାନର ଚିଂତା କରୁଥିଲେ, ତା' ଆଉ ଖାଲି ଆମ କଳ୍ପନା ଜଗତରେ ନାଇ । ମରିବାର ଅଧଘଂଟାକ ପୂର୍ବରୁ ସେ ତା'ର ବାସ୍ତବ ରୂପପ୍ରକାଶ କରି ଯାଇଚଂତି । ଅବଶ୍ୟ ସେ ବାସ୍ତବ ରୂପ ଅନ୍ୟର ସ୍ୱାଦ୍ୟ ହୋଇ ନ ପାରେ । କାହିଁକି ନା, ଅନ୍ୟ କେହି ସେ ପଂଥାରେ ସାଧନା କରିନାହାଂତି । ସ୍ୱାଧୀନ ଭାରତଟାଏ ଭୋଗ କରିବାକୁ ପାଇବେ ବୋଲି ଯେଉଁମାନେ କୁଆଡ଼କୁ ନ ଚାହିଁ, ତରତର ହୋଇ ଭାରତଟାକୁ ବାଂଟି ପକାଇଥିଲେ ଶରତଚଂଦ୍ରଂକ ବାଣୀ ଧରିବା ପାଇଁ ସେମାନଂକର ସାହସ ନାହିଁ । ପୁଣି ଏହି ସାହସହୀନତାକୁ ବିଶାଳ ରାଷ୍ଟ୍ରନୀତି କୁଶଳତା ବୋଲି ଦେଖାଇଦେବା ମଧ ସେମାନଂକ ପକ୍ଷରେ ସ୍ୱାଭାବିକ । କିଂତୁ ଶରତଚଂଦ୍ରଂକ ରାଷ୍ଟ୍ରନୀତି କୌଶଳ ଭିନ୍ନ ଧାତୁରେ ଗଢ଼ା ହୋଇଥିଲା ।

## ଶରତ ଚନ୍ଦ୍ରଂକ ସାଧନା ଓ ହିଂଦୁ-ମୁସଲମାନ ସମସ୍ୟା—

ମରିବା ପୂର୍ବରୁ ସେ କ'ଣ କହିଲେ ? ମଲା ବେଳକୁ ସେ କହିଗଲେ ପୂର୍ବ ଭାରତରେ ପାକିସ୍ଥାନ ଓ ଭାରତକୁ ଏକ କରିବାକୁ ହେଲେ ଗୋଟିଏ ମାତ୍ର ପଂଥା । ସେ ପଂଥାଟି ହେଉଚି, ପୂର୍ବବଂଗ ନିଜର ସ୍ୱାତଂତ୍ର୍ୟ ରଖି ଭାରତ ରାଷ୍ଟ୍ରରେ ରହିବ । ପଶ୍ଚିମ ପାକିସ୍ଥାନ ସଂଗେ ତା' ଏକ ହେବ ନାଇ । ଏହାହି କରିବା ନିମଂତେ ଦୁଇ ବଂଗଳାର ନେତାମାନେ ଲାଗିଯାଂତୁ । ଏ କଥାଟା ଆଜି ପରିସ୍ଥିତିରେ ଏପରି ଭାବରେ ପ୍ରକାଶ ପାଇଲା ।

## ତାଂକ ନିଜସ୍ୱ କଳ୍ପନା—

କିଂତୁ ଭାରତକୁ ବାଂଟିବାରେ ସେ ମୂଳରୁ ବିରୋଧୀ ଥିଲେ । ଭାରତକୁ ବାଂଟିବାଟା ସ୍ୱାଧୀନତା ଭୋଗ କରିବାର ବାଟ ନୁହେ । ଏହା ତାଂକର ଦୃଢ଼ମତ ଥିଲା ଓ ସେଇଥିପାଇଁ ଭାରତ ବଂଟା ହେବାର କିଛିଦିନ ପୂର୍ବରୁ ପୂର୍ବ ଓ ପଶ୍ଚିମ ବଂଗଳା ଦୁଇଟିକୁ ମିଶାଇ ଭବିଷ୍ୟତ ଶାସନବିଧାନରେ ହିଂଦୁ-ମୁସଲମାନଂକ ଭିତରେ ମିଳନ ନିତ୍ୟ ହେବା ଭଳି ବୁଝିସୁଝି ସର୍ତ୍ତମାନ ଧାର୍ଯ୍ୟ କରି ଦୁଇ ବଂଗଳାକୁ ଏକ ସ୍ୱାଧୀନ ଦେଶରେ ପରିଣତ କରିବା ପାଇଁ ସେ ଉଦ୍ୟମ କରିଥିଲେ । ଏହି ସ୍ୱାଧୀନ ବଂଗକୁ ସ୍ୱାଧୀନ ଭାରତ ସଂଗେ ଚିର

Digitized by PPRACHIN, SOA

ମୈତ୍ରୀରେ ବାଂଧିବା ମଧ୍ୟ ସେ କଳ୍ପନାରେ ଥିଲା । ତା'ହେଲା ନାହିଁ; ତା' କରାଇ ଦିଆ ହେଲା ନାହିଁ । ବରଂ ଏହି କଳ୍ପନା ଘେନି ଭୋଗକାମୀ ଓ ଭୋଗନିରତ କଂଗ୍ରେସ ନେତାଂକ ସଂଗେ ତାଂକର ଘୋର ମତଭେଦ ହେଲା ଓ ସେଥିରେ ଭୋଗରେ ସହଯୋଗ କରିବାଟା ପସଂଦ ନ କରି କ୍ରମେ ଅଲଗା ହୋଇଗଲେ ।

**ଚିତ୍ତରଂଜନଂକ କଥା–**

ଶରତବୋଷ ଥିଲେ ସୁଭାଷବୋଷଂକ ଭାଇ– ବଡ଼ଭାଇ । ରାଜନୀତିରେ ସେ ପୂରାପୂରି ଥିଲେ ସୁଭାଷପଂଥୀ । ମୁସଲମାନଂକ– ବିଶେଷତଃ ବଂଗୀୟ ମୁସଲମାନଂକ– ଦୁଇଟି ହିଂଦୁ ନେତାଂକ ଠାରେ ପୂରାପୂରି ବିଶ୍ୱାସ ଥିଲା । ସେ ଦୁଇଟି ହେଉଚଂତି, ଚିତ୍ତରଂଜନ ଦାସ ଓ ସୁଭାଷ ବୋଷ । ବୁଢ଼ା ବୁଢ଼ାଂକର ମନେଥିବ ଚିତ୍ତରଂଜନଂକର ରାଜନୀତିରେ ସ୍ପଷ୍ଟ ପୁରୋଦୃଷ୍ଟି ଓ ଦୂରଦୃଷ୍ଟି ଥିଲା । ସ୍ୱାଧୀନରାଷ୍ଟ୍ରର ଆଦି କଳ୍ପନାବେଳେ, ଅର୍ଥାତ୍ ପ୍ରଥମ ଗାଂଧି ଓ ତତ୍କାଳୀନ ଗାଂଧି-ପଂଥୀ କଂଗ୍ରେସ ବିରୋଧରେ ସ୍ୱରାଜ୍ୟଦଳର ପ୍ରତିଷ୍ଠା କରି ସେ ଯେତେବେଳେ ବୈଧାନିକ ରାଜନୀତି ବାଟେ ମଧ୍ୟ ସ୍ୱରାଜ୍ୟପ୍ରାପ୍ତିର କଳ୍ପନା କଲେ, ସେତିକିବେଳେ ସେ ଏହି ହିଂଦୁ-ମୁସଲମାନ ସମ୍ଝୋତାଟି ପ୍ରଚାର କରିଥିଲେ । ସେଥିରେ ଥିଲା ଯେଉଁ ପ୍ରଦେଶରେ ଯେ ବହୁପକ୍ଷ ବା ମେଜରିଟି– ସେଠାରେ ବ୍ୟବସ୍ଥାସଭାରେ ସେ ମେଂବର ରହିବେ ଶତକଡ଼ା ୭୫ ଓ ଯେଉଁଠାରେ ଯେ ଅଳ୍ପପକ୍ଷ ବା ମାଇନରିଟି– ସେଠାରେ ସେ ସଂଖ୍ୟାରେ ରହିବେ ୨୫ । ଏଥିରେ ବଂଗ-ପଂଜାବ-ସିଂଧୁ ଓ ସୀମାଂତରେ ମୁସଲମାନ ରହିଥାଂତେ ଶତକଡ଼ା ୭୫ ଓ ହିଂଦୁ ରହିଥାଂତେ ଶତକଡ଼ା ୨୫ ଓ ଅନ୍ୟ ପ୍ରଦେଶମାନଙ୍କରେ ହିଂଦୁ ରହିଥାଂତେ ଶତକଡ଼ା ୭୫ ଓ ମୁସଲମାନ ରହିଥାଂତେ ଶତକଡ଼ା ୨୫ । ଅନେକଂକର ଆଜି ବି ମନେଥିବ ମୁସଲମାନମାନେ କି ଆଂତରିକତାରେ ଉତ୍ସାହିତ ହୋଇ ଏହା ଗ୍ରହଣ କରିବାକୁ ବସିଥିଲେ । ଏହା ପୁଣି ଗ୍ରହଣ କରିଥାଂତା ୧୯୨୩ ଡିସେଂବରରେ କାକନାଡ଼ା କଂଗ୍ରେସ । ସେଠାରେ ସଭାପତି, ମୌଲାନା ମହମ୍ମଦ୍ ଅଲ୍ଲୀ । ସଂଗେ ସଂଗେ ଏହା ବି ମନେ ଥିବ, କଂଗ୍ରେସ ବିଷୟ ନିର୍ବାଚନୀ ସଭାରେ ଏ ପ୍ରସ୍ତାବଟି କରି, ଗାଂଧି-ପଂଥୀଂକ ସଫଳ ବିରୋଧ ପରେ, ଚିତ୍ତରଂଜନ କିପରି ଅଶ୍ରୁବିଗଳିତ କଂଠରେ କହିଥିଲେ– ''ବେଂଗଲରୁ ଏହା ବାହାରିଛି ବୋଲି ଫିଂଗିଦିଅ ନାହିଁ । ବେଂଗଲ୍ କିଛି ଭାରତରେ ପାରିଆ ନୁହେ । ଭବିଷ୍ୟତକୁ ଚାହିଁ । ହିଂଦୁ-ମୁସଲମାନ ସମସ୍ୟାର ଆଂତରିକ ସମାଧାନ ନ ହେଲେ ଭାରତରେ ସ୍ୱରାଜ ଅସଂଭବ ।''

[ନବଭାରତ, କୁମ୍ଭ ୧୩୫୬]

Digitized by PPRACHIN, SOA

# ସୁଭାଷ ବୋଷ

ଚିତ୍ତରଂଜନଂକ ମତ ଘେନି, ଗାଂଧିଂକ ସଂଗେ କଂଗ୍ରେସ ଭିତରେ ନାନା କ୍ଷେତ୍ରରେ ବିରୋଧ ଫୁଟିଥିବା କଥା ସମସ୍ତେ ଜାଣଂତି । ତା' ଭିତରେ ଏ ହିଂଦୁ-ମୁସଲମାନ ସମସ୍ୟାର ସମାଧାନ ଗୋଟିଏ ପ୍ରଧାନ ମତଭେଦର ସାମଗ୍ରୀ ହୋଇ ରହିଥିଲା । ଗାଂଧି ଓ ତାଂକ ଦଳୀୟମାନେ, ଗୋବରା ଚଢ଼େଇକି ପାଚିଲା କଦଳୀ ଦେଖାଇ ଲଢ଼ାଇ ନିମଂତେ ଭୁଲାଇବା ପରି, ମୁସଲମାନମାନଂକୁ ନାନା ସୁଯୋଗ ସୁବିଧା- ମାନ ଦେଇ ସ୍ୱାଧୀନଭାରତ ପାଇଁ ଲଢ଼ିବାରେ ଲଗାଇବାକୁ ଲୋଡୁଥିଲେ । କିଂତୁ ଚିତ୍ତରଂଜନପଂଥୀମାନେ ଏ ପଂଥା ଆଦୌ ପସଂଦ କରୁନଥିଲେ । ସେମାନଂକ ମତରେ, ଆସ୍ତେ ଆସ୍ତେ ବାଧ ହେଲାପରି ଦେଇ ଦେଇ ଭୁଲାଇବାରେ ସ୍ଥାୟୀ ଆଂତରିକ୍ତତା ଓ ବିଶ୍ୱାସ ଫୁଟେ ନାଇ । ଦବାରେ କୁଂଠା ନ କରି ଏକାବେଳକେ ଦବାନବା କଥାଟା ଠିକ୍ କରି ଦେଇ ପ୍ରାଣ ମିଳାଇ ମିଳିଯିବା ଛଡ଼ା, ଅନ୍ୟ ପଂଥା ନାଇ । ସୁଭାଷ ହେଉଛଂତି, ଚିତ୍ତରଂଜନଂକ ପରେ ସେହି ମତ ଓ ଦଳର ପ୍ରତୀକ । ଯୁଦ୍ଧବେଳେ ଯେତେବେଳେ ଗାଂଧିପଂଥୀମାନେ ବ୍ୟକ୍ତିଗତ ଅସହଯୋଗରେ ମାତି, ସରକାରମାନ ଛାଡ଼ିଦେଲେ ଓ କଂଗ୍ରେସ ସେହି ପଂଥା ଧରିଲା, ତା' ପୂର୍ବରୁ ସୁଭାଷଂକୁ କଂଗ୍ରେସର ନିର୍ବାଚିତ ସଭାପତି ପଦରୁ ନାନା କୂଟ କୌଶଳରେ ନିକାଲି, ଲାଂଛନା ଅପମାନ ଦେବାର ସୀମା ପର୍ଯ୍ୟଂତ ଠାଏ ଠାଏ ଲଂଘନ କରା ହୋଇ ସାରିଥିଲା ।

### ଜିନ୍ନାଂକ ଲାହୋର ପ୍ରସ୍ତାବ—

ଏହାରି ପରେ, ଯେତେଦୂର ମନେହୁଏ ୧୯୪୦ ଅଗଷ୍ଟରେ ମୁସଲିମଲୀଗର ଲାହୋର ବୈଠକରେ ଜିନ୍ନା ଭାରତ ଭାଂଗି ହିଂଦୁସ୍ଥାନ ଓ ପାକିସ୍ଥାନ ଗଢ଼ିବା ପାଇଁ ସ୍ପଷ୍ଟ ପ୍ରସ୍ତାବ କଲେ । ଗାଂଧି-ପଂଥୀ କଂଗ୍ରେସ ଏହାର ବ୍ୟାପ୍ତି ଓ ଭବିଷ୍ୟତ ଯଥାଯଥ ଭାବରେ ଧରି ପାରିଲେ ନାଇ । ଗାଂଧିଜୀ ହୁଏ ତଥାପି ମନେକରୁଥିଲେ, ଜୁହାପୋଛାକରି କୁଂଢିଆ କୁଂଢି କଲେ ନିତାଂତ ନହେଲେ ମାଇନରିଟିକୁ ଖୁବ୍ ଅନୁଗ୍ରହ କଲାପରି, ଶାସନ ଓ ବ୍ୟବସ୍ଥା ସଭାରେ ଭଲି କରି କିଛି ସୁବିଧା ଦେଇଦେଲେ, ଜିନ୍ନା ଭୁଲିଯିବେ । ରୁଷି ଅଡ଼ି ବସିଥିବା ଆତ୍ମୀୟ ପରି ପୁଣି ଆସି ମିଶିଯିବେ । ଏହିପରି ବୁଝିବାରେ ରାଜାଜୀଂକ ଭଳି ଗାଂଧି ସହଯୋଗୀମାନେ ସାହାଯ୍ୟ ବି କରିଥିଲେ । କାର୍ଯ୍ୟଗତିରେ ତାହା ମଧ୍ୟ ପ୍ରମାଣିତ ହୋଇଚି ।

### ସୁଭାଷଂକ ବାସ୍ତବଜ୍ଞାନ ଓ ଦୂରଦୃଷ୍ଟି—

କିଂତୁ ସୁଭାଷ ଚମକି ପଡ଼ିଲେ । ଆମେ ଜାଣୁ ସେ ସେତେବେଳେ ସ୍ପଷ୍ଟ ଓ ଦୃଢ଼ ଭାବରେ ବୁଝିପାରିଥିଲେ, କୌଣସି ବିଶେଷ ଫଳବାନ ପ୍ରତିକାର ନ କଲେ ଭାରତ

Digitized by PPRACHIN, SOA

ଦୁଇଭାଗ ହୋଇଯିବା ନିଶ୍ଚିତ । କାହିଁକି ନା, ସେ ମୁସଲମାନଂକୁ ବୁଝିଥିଲେ, ଜିନ୍ନାଂକୁ ଚିହ୍ନିଥିଲେ । ଏ ବିଷୟରେ ଗାଂଧି ଓ ଗାଂଧିପଂଥୀମାନଂକ ପରି ସେ ନିଜର କଳ୍ପନାଜାଲ ଭିତରେ ପଶି ଆତ୍ମପ୍ରବଂଚନାକୁ ଆତ୍ମବିଶ୍ୱାସ ବୋଲି ଭୁଲ କରୁନଥିଲେ । ପୁଣି ସେ ବୁଝିଥିଲେ ଜିନ୍ନା ଗୋଟିଏ ମୁସଲମାନ ଆକାଂକ୍ଷାର ରୂପବାନ ପୁରୁଷ । ସେ ଏ କ୍ଷେତ୍ରରେ ସ୍ନେହ ମମତାଦି ଦୁର୍ବଳତା ରସାଣିତ ସାମାଜିକ ବ୍ୟକ୍ତି ନୁହଂତି । ମହାତ୍ମା ଗାଂଧି ନିଜେ ଯେପରି ମାନବୀୟତାରେ ପରିପ୍ଳୁତ ଓ ଶତ୍ରୁମିତ୍ର ଭେଦରେ ସେ ମନୁଷ୍ୟଙ୍କୁ ଯେପରି ମାନବୀୟତାର ଆଧାର ବୋଲି ମନେ କରଂତି, ଜିନ୍ନା ଏ କ୍ଷେତ୍ରରେ ତାହା ନୁହଂତି ।

## ଜିନ୍ନାଂକ ପରିଚୟ–

କଥାଟା ଅନେକ ଠାରେ ଅନେକ ସଂପର୍କରେ ହୁଏତ କୁହାଯାଇଚି । ତଥାପି ଇତିହାସର ସ୍ମୃତି ଜାଗ୍ରତ କରିବା ପାଇଁ ପୁଣି ଏଠି କୁହାଯାଉ, ଭାରତ-ବିଭାଗର କିଛିକାଳ ପୂର୍ବରୁ, ଖୁବ୍ ସଂଭବ ୧୯୪୩ର ରାଜାଜୀ-ପ୍ରଣୋଦିତ ଗାଂଧି-ଜିନ୍ନାଂକ ଚିଠିପତ୍ର ଓ କୁଂଢ଼ିଆକୁଂଢ଼ି ପରେ, ବଂବେଠାରେ ଗୋଟିଏ ଭୋଜନ-ମିଳନରେ ଜଣେ ବଂଧୁ ଜିନ୍ନାଂକୁ ପଚାରିଥିଲେ– ''ଆପଣ ତ ରାଜନୀତିରେ ଗୋଖଲେଂକ ଶିଷ୍ୟ, ଭାରତ ଜାତୀୟତା ବୁଝଂତି ଓ ସେହି ଜାତୀୟତାର ଧୁରୀଣ ସେବକ । ଆପଣ ଏପରି ଗୋଟାଏ ଧର୍ମ ନାମରେ ରାଷ୍ଟ୍ର ଗଢ଼ିବାର ଉଦ୍ୟମରେ ମାତିଛଂତି କାହିଁକି ?'' ଜିନ୍ନା ଅଳ୍ପ କହଂତି । ବାଟ ଦେଖି ନ ପାରି ଏପାଖ ସେପାଖ ହେଲାପରି କଥା ସେ କହଂତି ନାଇ । ଅଳ୍ପ କଥା କହି, ବିରାଟ କାର୍ଯ୍ୟ ସାଧନ କରିବା ଲୋକ ଜିନ୍ନାଂକ ପରି ଆଉ ଜଣେ ଦେଖାଯାଇଚଂତି ବୋଲି ଜଣା ନାଇ । ଅଳ୍ପ କହିଲେ ବି ସେ ସ୍ପଷ୍ଟ କହଂତି; ମୋହମଦ୍ ମୂଲାହିଜା କରଂତି ନାଇ । ତଥାପି ସେ ଥିଲେ ସରସ ସଦାଳାପୀ । ସେ କହିଲେ "You know, I do not know even the Q of the Quoran. But your Gandhi has introduced religion into politics and there is no other reply." (ଆପଣମାନେ ଜାଣଂତି, ମୁଁ କୋରାଣର କ ଅକ୍ଷର ପର୍ଯ୍ୟଂତ ଜାଣେ ନାଇ । କିଂତୁ ତମ ଗାଂଧି ରାଜନୀତିରେ ଧର୍ମ ଭର୍ତ୍ତି କଲେ, ଏ କାର୍ଯ୍ୟର ଅନ୍ୟ ଉତ୍ତର ନାଇ । ଅର୍ଥାତ୍, ଧର୍ମକୁ ଧରି ରାଜନୀତି କରିବା ଛଡ଼ା ଆମର ଅନ୍ୟ ଉପାୟ ନାଇ) । ଜିନ୍ନା ମଧ୍ୟ ଗୋଟିଏ ଭାଷଣରେ ସ୍ପଷ୍ଟ କହିଥିଲେ, ରାଷ୍ଟ୍ରପତି ବୋଲି ମୁଂଡରେ ନଡ଼ିଆ ଲଗାଇ ବେଦମଂତ୍ର ବୋଲି କଂଗ୍ରେସ ସଭାପତିଂକୁ ଅଭ୍ୟର୍ଥନା କରିବା ହିଂଦୁ ମୁସଲମାନ ଦୁହିଁଂକ ପକ୍ଷରେ ଯୁଗପତ୍ ସଂଭବ ନୁହେ । ଖୁବ୍ ସଂଭବ ରାଷ୍ଟ୍ରପତି ଆଜାଦଂକୁ କୌଣସି ଠାରେ ଏଇପରି ଅଭ୍ୟର୍ଥନା କରା ହେଲାବେଳେ, ଜିନ୍ନା ଏହା କହିଥିଲେ ।

## ସୁଭାଷଂକ ଶେଷ ସମାଧାନ ପଂଥା : ମିଳିତ ମଂତ୍ରିମଂଡଳ–

ସୁଭାଷ ସେହି ଜିନ୍ନାଂକୁ ଓ ତାଂକ ପ୍ରବର୍ତ୍ତିତ ମୁସଲିମଲୀଗ୍‌କୁ ଜାଣିଥିବାରୁ, ଲାହୋର ପ୍ରସ୍ତାବରେ ବଡ଼ ବିବ୍ରତ ହୋଇପଡ଼ିଲେ । ରାଜନୀତିରେ ସୁଭାଷ ଥିଲେ ଦ୍ରଷ୍ଟା । ତାଂକୁ

Digitized by PPRACHIN, SOA

ଗୋଟାଏ ପଂଥା ଦେଖା ପଡ଼ିଗଲା । ଆଗରୁ ହୁଏତ କଂଗ୍ରେସ ଏକାରେ ଧସି ପେଲି ନିଜେ ବହୁପକ୍ଷ ବା ମେଜରିଟୀ ବୋଲି ମଂତ୍ରିମଂଡଳମାନ ମାଡ଼ି ବସିବା ତାଂକର ପସଂଦ ନ ଥିଲା । ଏବେ ସେ ଦେଖିଲେ, ଅସହଯୋଗ ଛାଡ଼ି ଏ ବିପଦବେଳେ, କୌଣସି ପ୍ରକାରେ ମୁସଲିମ୍‌ଲିଗ୍ ସଂଗେ କୋଆଲିସନ୍ ବା ସହେଯୋଗ କରି ପ୍ରଦଶେରେ ମଂତ୍ରିମଂଡଳମାନ ଗଢ଼ିବା ଦରକାର । ଲୀଗକୁ ଅଲଗା କରି, ଆମେ ବହୁପକ୍ଷ ବୋଲି ଏକାରେ ସ୍ୱାଧୀନ ହେବାକୁ ଲଢ଼ିଲେ ଫଳ ବିଷମୟ ହେବ ।

**ଏଥିରେ ଆମର ନିଜ ଅନୁଭବ—**

ଏ ବିଷୟରେ ସେ ଯାହା କଲେ, ସେଥିରେ ଆମର ବ୍ୟକ୍ତିଗତ ଅନୁଭବ ରହିଛି । ତାହା ଏକାଧିକବାର ପ୍ରକାଶିତ ହୋଇଥିଲେହେଁ, ପ୍ରସଂଗାଧୀନ ଭାବେ କହି ଦେଉଛୁ । ସୁଭାଷ କଳ୍ପନା କଲେ, ଆଗ ବଂଗ, ବିହାର, ଓଡ଼ିଶା, ଆସାମ ଏହି ଚାରୋଟି ପ୍ରଦେଶରେ କଂଗ୍ରେସ ଓ ଲୀଗ୍‌କୁ ଯୋଡ଼ି, ମଂତ୍ରିମଂଡଳମାନ ଗଢ଼ିବେ ଓ ପରେ ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହା କରିବା ପାଇଁ ଚେଷ୍ଟା କରିବେ । ଏହିପରି କାର୍ଯ୍ୟ କରିବାକୁ ଗଲେ, ଗତାନୁଗତିକ କଂଗ୍ରେସୀମାନେ ଭୂତ ଭବିଷ୍ୟତ ନବିଚାରି, ନବୁଝି, ପ୍ରତିକ୍ରିୟାଶୀଳ ବୋଲି ନିଂଦା କରିବେ । ସେଥିପାଇଁ ସବୁ ଅଗ୍ରଗାମୀ ଦଳ (Leftist) ମାନଂକୁ ଧରି କଂଗ୍ରେସ ଭିତରେ "ଫରଓ୍ୱାର୍ଡ଼ ବ୍ଲକ୍" ଗଢ଼ିବାକୁ ହେବ । କଂଗ୍ରେସର ଫରଓ୍ୱାର୍ଡ଼ ବ୍ଲକୀମାନେ ପରୋକ୍ଷରେ ମିଳିତ ମଂତ୍ରିମଂଡଳମାନ ଗଢ଼ିବାରେ ସାହାଯ୍ୟ କରିବେ ।

**ସୁଭାଷଂକ କାର୍ଯର ଗତି—**

ଏହି ଉଦ୍ଦେଶ୍ୟରେ ସେ କଲିକତାରେ ଲୀଗ୍‌ନେତା ଫଜ୍‌ଲୁଲ-ହକ୍ ଓ କଂଗ୍ରେସ ନେତା ଶରତ ବୋଷ ଦୁହିଁଙ୍କୁ ଲଗାଇ ସ୍ଥାୟୀ ବଂଗ ସରକାର ଗଢ଼ିବାର ବ୍ୟବସ୍ଥା କଲେ । ତାପରେ ଓଡ଼ିଶାରୁ ଡାକିଥିଲେ ପଂଡ଼ିତ ନୀଳକଂଠ ଦାସ, ପଂଡ଼ିତ ଗୋଦାବରୀଶ ମିଶ୍ର ଓ ଶ୍ରୀଯୁକ୍ତ ଯଦୁମଣି ମଂଗରାଜଂକୁ । ଓଡ଼ିଶା ମୁସଲିମ୍ ଲୀଗ୍ ନେତାଂକୁ ଧରି ଗୋଦାବରୀଶ ଓ ଯଦୁମଣି ମଂତ୍ରିମଂଡଳ ଗଢ଼ିବେ ଓ ନୀଳକଂଠ ନିଖିଳଭାରତ ଫରଓ୍ୱାର୍ଡ଼ ବ୍ଲକ୍‌ର ଓ୍ୱାର୍କିଂ କମିଟିରେ ରହିବେ ବୋଲି ଆଗ ଠିକ୍ ହେଲା । କିଂତୁ ଗୋଦାବରୀଶ, ଯଦୁମଣି ନୀଳକଂଠ ଦାସଂକ ସାହାଯ୍ୟ ବିନା ମଂତ୍ରିମଂଡଳ ଗଢ଼ି ପାରିବେ ନାହି ବୋଲି ଧରି ବସିବାରୁ, ସେହି ସୁଭାଷଂକ କଲିକତା ଘରଠାରୁ ଗଂଜାମର ଦିବାକର ପଟ୍ଟନାୟକଂକୁ ଟେଲିଗ୍ରାମ କରାଗଲା । ସେ ଆରଦିନ ପହଂଚିଲେ ଓ ନିଖିଳ ଭାରତ ଫରଓ୍ୱାର୍ଡ଼ ବ୍ଲକର କାର୍ଯ୍ୟକାରୀ କମିଟିକୁ ଗଲେ ।

**ଓଡ଼ିଶା ମିଳିତ ମଂତ୍ରିମଂଡଳ—**

ଅବଶ୍ୟ କହିବା ଦରକାର ନାଇ, ସୁଭାଷଂକ କଳ୍ପନାଟି ପୂରା କାର୍ଯ୍ୟକାରୀ ହେବା ପୂର୍ବରୁ ଶରତବୋଷ **ଅଟକବଂଦୀ** ହେଲେ । ସୁଭାଷ ପରିସ୍ଥିତିର ଅନ୍ୟ ଚାପରେ ପଡ଼ି

Digitized by PPRACHIN, SOA

ଦେଶାଂତରୀ ହେଲେ । ବହୁ ଚେଷ୍ଟାରେ ଶତବିରୋଧ ସତ୍ତ୍ୱେ ଓଡ଼ିଶାରେ ମୁସଲିମ୍‌ଲୀଗ୍ ସଂପାଦକଂକୁ ଗୋଟିଏ ମଂତ୍ରୀ କରି ମିଳିତ ମଂତ୍ରିମଂଡଳ ଗଢ଼ା ହୋଇଥିଲା । ସେଥିରେ ଫରୱାର୍ଡ଼ ବ୍ଲକ୍ ନାଗପୁର ଠାରେ ବସି ଆଶୀର୍ବାଦ ଦେଇଥିଲେ । କିଂତୁ ସୁଭାଷଂକ ବିନା ଓ ଯେଉଁ ଆଦର୍ଶରେ ମିଳିତ ମଂତ୍ରିମଂଡଳଟି ଗଢ଼ା ହୋଇଥିଲା, ସେ ଆଦର୍ଶର ବ୍ୟାପ୍ତି ନିମଂତେ ପ୍ରେରଣା ଓ ପୃଷ୍ଠପୋଷକତା କ୍ରମେ ଲୁପ୍ତ ହୋଇ ଆସିବାରୁ ମଂତ୍ରିମଂଡଳଟି ଯେ କରିଥିଲେ, ଶେଷକୁ ବହୁଚେଷ୍ଟା କରି ସେହି ତାକୁ ଭାଂଗିଦେଲେ ।

**ସେସବୁ କଥା ଏବେ ଥାଉ—**

ଏସବୁ ଇତିହାସର କଥା । ଆଜି ଭୋଗରେ ତ୍ୟାଗର ମୂଲ୍ୟ ନେବା ପାଇଁ ଯେଉଁମାନେ ଭାରତକୁ ଦୁଇଖଂଡ କରି ଲୋକମତ ନାମରେ ଗାଦୀନସୀନ୍ ହୋଇ ବସିଲେ, ସେମାନେ ଇତିହାସ ସଂଗେ ଭବିଷ୍ୟତର ଐତିହାସିକ ସିଦ୍ଧାଂତ ପର୍ଯ୍ୟଂତ ପରିପ୍ରଚାରରେ ବଦଳାଇ ଦେଇ ନିଜକୁ ଚିରନ୍ତନ ତ୍ୟାଗୀ ମହାପୁରୁଷ ବୋଲି ପ୍ରମାଣ କରି, ପ୍ରମାଣର ସେଇ ସାମଗ୍ରୀ ରଖିଦେଇ ଯିବା ପାଇଁ ଯେ ଅପଚାର, ବ୍ୟଭିଚାର ଓ ମିଥ୍ୟାପ୍ରଚାର କରୁଚଂତି ସେଥିରେ ସୁଭାଷଂକର ସେ ସାଧୁ ଓ ଅନାସକ୍ତ କଳ୍ପନା ଓ ତହିଁ ସଂଗେ ସେଥିରେ ତାଂକ ସହଯୋଗୀମାନଂକର ଘୋର ବିରୋଧ ସମ୍ମୁଖରେ ନିଷ୍କଳଂକ ତ୍ୟାଗ ବୁଦ୍ଧି, ସବୁ ଆଜିର ଉଦ୍‌ଗତ ଧୂମରେ ଆବିଳ ଦିଶୁଚି । ସେଥିପାଇଁ ସେ ବିଷୟରେ ଆଉ ବିଶେଷ ଆଲୋଚନା ନିଷ୍ପ୍ରୟୋଜନ । ଏବେ ସେଥିରେ କିଛି ଲାଭ ନାଇ । କାହାର ଆତ୍ମବଡ଼ିମାକୁ ଓ ଇତିହାସରେ ଅମରତ୍ୱ କାମନାକୁ କ୍ଷୁଣ୍ଣ କରିବା ଏଠାରେ ଅମର ଉଦ୍ଦେଶ୍ୟ ନୁହେ । ସେଥିରେ ଏବେ ପୂର୍ବବଂଗର ସମସ୍ୟା ସମାଧାନର କୌଣସି ସ୍ପଷ୍ଟ ସମ୍ପର୍କ ନାଇ । ଆସକ୍ତିକୁ ଅନାସକ୍ତିକୁ ଆଣିବାର ପନ୍ଥା ବି ଏ ନୁହେ ।

**ଏବ ପାକିସ୍ଥାନ କଥା ଦେଖ—**

ପାକିସ୍ଥାନ ନେତାମାନେ ମୁକ୍ତ କଣ୍ଠରେ ଆଜି ପୃଥିବୀ ଆଗରେ କହୁଚଂତି ଧର୍ମଛଡ଼ା ତାଂକର ଅନ୍ୟ ରାଷ୍ଟ୍ରନୀତି ନାଇ । ସେ ଧର୍ମ ପୁଣି ମୁସଲମାନ ଧର୍ମ । ସେ ଧର୍ମର ନିଦେଶଗୁଡ଼ିକ ବୁଝିବାରେ କୌଣସି ଦ୍ୱିମତ ନାଇ । ସେଥିରେ ଅଛି ଅମୁସଲମାନ ବା କାଫୀରଂକ ପ୍ରତି ସ୍ପଷ୍ଟ ବ୍ୟବସ୍ଥାମାନ । ସେଇଥିରେ ସେ ଚଳିବେ ।

**ଧର୍ମ ବୋଇଲେ କ'ଣ ?—**

ଅବଶ୍ୟ ଧର୍ମର ବ୍ୟବସ୍ଥାଗୁଡ଼ିକ ପୃଥିବୀରେ ଈଶ୍ୱର, ଈଶ୍ୱର-ଦୂତ, ଅବତାର, ସନ୍ଥ ପ୍ରଭୃତିଂକ ନାମରେ କୁହାଯାଏ । ସେଗୁଡ଼ିକ ନିତ୍ୟ ସତ୍ୟ ବୋଲି ଶିଷ୍ୟ ଓ ଅନୁଗମାନେ ଘୋର ଅହଂକାରରେ ପ୍ରଚାର କରଂତି । ହେଲେ ହେଁ ସେଥିରେ ନିତ୍ୟ ବୋଲି କିଛି ନାଇ କି ନିଦେଶ ବୋଲି କିଛି ନାଇ । ପରକୀୟା ପ୍ରେମରେ କୁଂଜବାସୀ ହୋଇ ପ୍ରତିଦିନ ନୂଆମାତା ବାଛିବା, 'କୁଂଜବାସୀ' ବାବାଜୀଂକର ଯେପରି କୃଷ୍ଣ-ନିଦେଶ, ହୁଏତ କାଫୀର

Digitized by PPRACHIN, SOA

ହିଂଦୁଂକ ବିରୁଦ୍ଧରେ ଜିହାଦ୍ କରିବା ସେହିପରି ପୟଗମ୍ବର ମହମ୍ମଦଂକ ନିଦେଶ ହୋଇପାରେ । ସେ ସବୁର ସାତ୍ତ୍ୱିକ, ଦାର୍ଶନିକ ଆଲୋଚନା କରି କିଛି ଲାଭ ନାଇ । କୌଣସି ଧର୍ମରେ ଦର୍ଶନ ନାଇ । କିଂବା ଦାର୍ଶନିକ ତତ୍ତ୍ୱ ଦୃଷ୍ଟିରେ ଭକ୍ତର ଧର୍ମବାଦ ଫୁଟେ ନାଇ ।

## ଭାରତ କି ଆଦର୍ଶ ଦେଖଉଚି ?—

ଏଇ ସମ୍ପର୍କରେ ଆଜି ଭାରତ ପରିସ୍ଥିତି ପୁଣି ମୁସଲମାନଙ୍କୁ— ବିଶେଷରେ ପାକିସ୍ଥାନ ମୁସଲମାନଙ୍କୁ କି ଆଦର୍ଶ ଯୋଗାଉଚି, ତା ମଧ୍ୟ ଦେଖିବାର କଥା । ଭିତରକୁ ଭଲକରି ଆତ୍ମ ଦୃଷ୍ଟିରେ ନ ଚାହିଁ, ପରକୁ ନିନ୍ଦି ବୁଲିବା ଏକ ସାମାଜିକ ମହା ଅପରାଧ । ଏହି ଅପରାଧ ଫଳରେ ମାନବ ସମାଜରେ କାଳେ କାଳେ ଧର୍ମାଂଧତା ଓ ଧର୍ମଯୁଦ୍ଧ ଫୁଟିଛି । ଆଜି ମୁସଲମାନଂକୁ ଧର୍ମାଂଧ, ସାଂପ୍ରଦାୟିକ ବୋଲି ଭାରତବାସୀଂକର କହିବାର କି ଅଧିକାର ଅଛି ?

## ଧର୍ମନିରପେକ୍ଷତା ଭାରତରେ ସତ୍ୟ ନୁହେ—

ଗୋଟାଏ ଗତାନୁଗତିକ ବାକ୍‌ଚାତୁରୀ ଧରି ଆଜି ଭାରତର ଭୋଗଦୃପ୍ତ ନେତାମାନେ ନିଜର ସ୍ୱାଧୀନ-ସରକାରନାମୀ ସରକାରଟାକୁ ତଥା ସମାଜଟାକୁ କହୁଛଂତି, Secular ବା ଧର୍ମ ନିରପେକ୍ଷ । ଯଥାର୍ଥରେ ହିଂଦୁଭାରତର ସମାଜ ଓ ସରକାର କ'ଣ ଧର୍ମ-ନିରପେକ୍ଷ ? ଆଖି ଫିଟାଇ ଦେଖିଲେ, ସମସ୍ତେ ଦେଖି ପାରିବେ ଭାରତୀୟ ଅ-ମୁସଲମାନମାନେ ଧର୍ମାଂଧତାରେ ମଧ୍ୟ ମୁସଲମାନଂକ ପାଖେ ହାରିଯିବେ ନାଇ । ମୁହଁରେ ନିଜକୁ ଧର୍ମ-ନିରପେକ୍ଷ କହି ଇସ୍କୁଲ ଠାରୁ ଆଶ୍ରମ ଯାଏ, ଗ୍ରାମ ପଂଚାୟତ ଠାରୁ ବ୍ୟବସ୍ଥା ସଭାଯାଏ, ନାରୀମଂଗଳ ସମିତି ଠାରୁ ହରିଜନଂକ ପତିତ ପାବନ ସଂଘ ଯାଏ, ସର୍ବତ୍ର ଲୋକଂକୁ ଧରି ମାରି ମଣକରାଯାଉଚି କ'ଣ ବୋଲିବାରେ ? ଧର୍ମାଂଧତା ଓ ଭକ୍ତିର ସେହି ମଂତ୍ରଟି ହେଉଚି 'ରଘୁପତି ରାଘବ ରାଜାରାମ, ପତିତପାବନ ସୀତରାମ ।'' ଏ ଧର୍ମରେ ଗାଂଧି ସାକ୍ଷାତ ହେଉଚଂତି ମହମ୍ମଦଂକ ପରି ଈଶ୍ୱରଂକର ଜଣେ ଦୂତ ।

ମହାତ୍ମା ଗାଂଧି ମରୁ ମରୁ ଏପରି କି ବଂଚି ଥାଉଁ ଥାଉଁ ମଧ୍ୟ, ଲୋକେ ତାଂକ ମଂଦିର କରିବା ପାଇଁ ବ୍ୟାକୁଳ ହେଲେଣି । ମହମ୍ମଦ ତସ୍‌ବୀର ବା ପ୍ରତିକୃତି ରଖିବାକୁ ମନା କରିଥିଲେ । ଗାଂଧି ମଧ୍ୟ ନିଜପୂଜା ପାଇଁ ମୂର୍ତ୍ତି ରଖିବାକୁ ମନା କରିଚଂତି । ସେଇ ଦୁହାଇ ମଧ୍ୟ ଦିଆଯାଇ ପୂଜା ପାଇଁ ଗାଂଧିଂକ ମୂର୍ତ୍ତି ରଖିବାଟା ଅପରାଧ ବୋଲି ଠାଏ ଠାଏ ଧରାଗଲାଣି । ସେ ଯାହା ହେଉ ଧର୍ମ ନିରପେକ୍ଷତା ଏଥିରେ କାହିଁ ? ଆମେ ଘରେ ଯେତେ ବାବଦୂକ ହେଲେ ମଧ୍ୟ ଜଗତ— ବିଶେଷରେ ମୁସଲମାନ— ବୁଝିବେ କି ? ପୁଣି ସେହି ସ୍ତୁତି ମନ୍ତ୍ରରେ ଗାନ୍ଧିଂକ ମୃତ୍ୟୁ ଅଳ୍ପଦିନ ପୂର୍ବରୁ ଯୋଡ଼ା ଯାଇଥିଲା ''ଈଶ୍ୱର ଆଲ୍ଲା ତେରା ନାମ, ସବ୍‌କୋ ସଂମତି ଦେ ଭଗବାନ୍ ।'' ପରାଧୀନ ପ୍ରପୀଡ଼ିତ ମାନବକୁ

Digitized by PPRACHIN, SOA

ଧର୍ମାନ୍ଧ କରି ମଦଦ୍ ଦେଇ ବଞ୍ଚାଇ ରଖିବାରେ ସର୍ବଧର୍ମ ସମନ୍ୱୟର ଏଇ ଆପାତ ମନୋରମ ମଂତ୍ରଟି ସଂଥଂକର ଗୋଟିଏ ସାଧାରଣ ମହୌଷଧ । ଧର୍ମ ବିରୋଧ ଓ ତହିଁ ଫଳରେ ଈଶ୍ୱର ଈଶ୍ୱରରେ ବିରୋଧ ହେଉଚି ମାନବ ସମାଜରେ ଏକମାତ୍ର ବିରୋଧ ଓ ନିତ୍ୟ ବିରୋଧ । କୌଣସି ଦୁଇଟି ଧର୍ମର ଦୁଇଟି ଈଶ୍ୱର ସବୁ କର୍ମରେ ସଂମତି ଦେବାର ଜଣାନାଇ । ଏହା ସତ୍ୟ ନାମରେ ଗୋଟାଏ ମନବୋଧିଆ ମିଥ୍ୟା । ଏହା ଏକ ମୋହ ।

## ମୁସଲମାନର ନାରୀଧର୍ଷଣ–

ପୁଣି ଦେଖ, ଆମେ ଯାହାକୁ ନାରୀଧର୍ଷଣ କହୁ, ମୁସଲମାନ ପକ୍ଷରେ ପରିସ୍ଥିତି ଭେଦରେ ସେ ସବୁ ଧର୍ମକାର୍ଯ୍ୟ ହୋଇପାରେ । କାଫୀର୍‌କୁ ମୁସଲମାନ କରି ମୁକ୍ତି ପଂଥାରେ ପକାଇ ଦେବାରେ ତା' ଏକ ସୁନ୍ଦର ଉପାୟ । ମୁସଲମାନ ଧର୍ମରେ ପୁଣି ନିର୍ଦ୍ଦେଶ ଅଛି, କାମ କ୍ରିୟାରେ ସଂତୋଷ ରଖି ପାରିଲେ ପୁରୁଷ ଚାରୋଟି ପର୍ଯ୍ୟଂତ (କାର୍ଯ୍ୟରେ ଯେତେ ଇଚ୍ଛା ସେତେ) ନାରୀକୁ ଆପଣାର କରି ରଖି ପାରିବ । କାଫୀର ନାରୀକୁ ଏଇପରି ନିଜର କରିବାରେ ପୁଣି ମୁସଲମାନର ରାଜ୍ୟ ଆଇନରେ କେବେ କେଉଁଠି ଦଣ୍ଡନୀୟ ହୋଇଚି ? 'ଜିହାଦ୍'ର କାଫୀର ହତ୍ୟା ମୁସଲମାନର ପୁଣି ସର୍ବତ୍ର ନରହତ୍ୟା ବି ନୁହେ । ଏ ସବୁ କଥା ଶାଂତ ଓ ନିରପେକ୍ଷ ଭାବରେ ବିଚାର କରିବାର ଅଛି ।

## ସୁଭାଷଂକ ସାଂପ୍ରଦାୟିକ ସମାଧାନ କଳ୍ପନାର କାଳ ଯାଇଚି–

ଏ ସବୁ ଦୃଷ୍ଟିରେ ବିଚାର କରି ଦେଖିଲେ ବୁଝିବାକୁ ହେବ, ଭାରତକୁ ବାଂଟ ବା ପରେ ହିଂଦୁ-ମୁସଲମାନର ମିଳନରେ ରାଷ୍ଟ୍ର ଗଢ଼ା ହେବାର ପରିସ୍ଥିତି ଯାଇଚି । ପାକିସ୍ଥାନ ଏବେ ହେଉଚି ପୃଥିବୀରେ ମୁସଲମାନର ଧର୍ମ-ରାଷ୍ଟ୍ର (Theocratic State) । ଗର୍ବିତ ଭାବରେ ପୁଣି ପାକିସ୍ଥାନୀମାନେ ଏହା ପୃଥିବୀ ଆଗେ ଆଜି ଦୃଢ଼ ଭାବରେ କହି ପ୍ରଚାର କରୁଚଂତି । ଆମେ ଘରେ ବସି ତାଂକୁ ମଧ୍ୟଯୁଗୀୟ ବା ସେ କାଳିଆ ବୋଲି କହି ବୁଲିଲେ ଲାଭ କିଛି ନାଇ । 'ହିଂଦୁ କୋଡ୍' ତିଆରି କରି ତହିଁରେ ଝିଅକୁ ବାପ ସଂପତ୍ତିରୁ ଅଧଭାଗେ ଦେଇ ଅଂଧ ଅନୁକରଣର ଭକତ୍ତି ଓ ଗ୍ରାହକତା ପର୍ଯ୍ୟଂତ ଦେଖାଇଲେ ମଧ ମୁସଲମାନ କିଛି ଭଳିଯିବେ ନାଇ । ସୁଭାଷବୋଷଂକ କଳ୍ପନାର କାଳ ଓ ସୁଯୋଗ ଯାଇଚି । ଶରତବୋଷ 'ଶେଷ' କଥା କହିଯାଇଚଂତି । ତା' ପୁଣି ପାକିସ୍ଥାନୀ ନ ବୁଝିଲେ, ଏବେ କୌଣସି କାମର କଥା ନୁହେ । ଧର୍ମରାଷ୍ଟ୍ର ଗଢୁଥିବା ଦର୍ପୀ ପାକିସ୍ଥାନୀ, ଏହା ବୁଝିବେ ନାଇ । 'ପତିତପାବନ ସୀତାରାମ' ଭକ୍ତ ରାମରାଜ୍ୟ-କାମୀଂକ 'ଉଦାରତା' ଓ 'ଧର୍ମ ନିରପେକ୍ଷତା'ରେ ଅନ୍ୟ ରାଷ୍ଟ୍ର ଆଦର କରିବା ଭଳି ବଳିଷ୍ଠତା ବା ଜୀବଂତତା ନାଇ ।

## ଏବେ କ'ଣ କରିବାକୁ ହେବ–

ଧର୍ମ ହିସାବରେ ଯେଉଁମାନେ ଭାରତକୁ ବାଂଟିଚଂତି, ସେମାନଂକର ଏବେ ଅନ୍ୟ ପଂଥା ନାଇ । ପାକିସ୍ଥାନକୁ ହିଂଦୁଶୂନ୍ୟ ଓ ତହିଁ ସଂଗେ ହିଂଦୁସ୍ଥାନକୁ ମୁସଲମାନଶୂନ୍ୟ କରି

Digitized by PPRACHIN, SOA

ସ୍ଥାୟୀ ଶାଂତିର କଳ୍ପନା ଓ କଳନାରେ ସମସ୍ୟା ଏବେ ଛିଂଡାଇବାକୁ ହେବ । ଏହା କରିବା– ଅର୍ଥାତ୍, ଏଡ଼େ ମହାଜନତାମାନ ଦେଶାଂତର କରାଇବା, ମହାକଷ୍ଟ କାମ । ଏହା ବରଂ ଅସଂଭବ ପରି ଲାଗୁଚି । କିଂତୁ ଏହାଠାରୁ ସହଜ ପଂଥା ଆଉ କିଛି ନାଇ । ଏହା ନ କରି ବା କରିବାକୁ ସାହସ ନ କରି ଆମ 'ପତିତପାବନ' ପୂଜାକୁ ଧର୍ମ ନିରପେକ୍ଷ କହି ଓ ତାଂକ ଈଶ୍ୱର-ଦେଶିତ ରାଷ୍ଟ୍ରରେ ସଂମତି ଦେଇ– ଯୁକ୍ତିକରି ଚୁକ୍ତିମାନ ବାଂଧିଲେ, ଏ ସବୁ ଖାଲି ନଈବଢ଼ିକି ବାଲିବଂଧ ହବ । ସବୁ ଯୁକ୍ତି, ଚୁକ୍ତି ଓ ସର୍ତ, ସିଦ୍ଧାଂତ ସତ୍ତ୍ୱେ ଯେକୌଣସିମତେ ହଉ, ପୂର୍ବ ପାକିସ୍ଥାନ ପଶ୍ଚିମ ପାକିସ୍ଥାନ ପରି ହିଂଦୁଶୂନ୍ୟ ହେବ । ହିଂଦୁସ୍ଥାନର ମୁସଲମାନମାନେ ମଧ ପ୍ରାଣପ୍ରାଚୁର୍ଯରେ କେବେ ହେଲେ ହିଂଦୁସ୍ଥାନ ଆଦରିବେ ନାଇ । ସେଇମାନେ ପୁଣି ଅଧିକାଂଶ ଥିଲେ ପାକିସ୍ଥାନର ବଡ଼ପଂଡା । ଖଲିକ୍-ଉଜ୍-ଜ୍ଜୁଅନ୍‌ଂକ ପରି କେହି କେହି ଛାଡ଼ି ଯାଇଚଂତି । ଆଉମାନେ ଅନେକେ ସେଇ ବାଟକୁ ଚାହିଁ ହୁଏତ ଝୁରୁଚଂତି । ଏ ସତ୍ୟକୁ ଜାଣି, ଆଖି ବୁଜିଦେବା ଠିକ୍ ନୁହେ । କେହି ପୁଣି କହୁଚଂତି, ଖାଲି ବାହାରେ ରହିଯାଇଥିବା ପୂର୍ବବଂଗ ହିଂଦୁଂକ ପାଇଁ ଭାରତରେ ସ୍ଥାନ କରିଦେଇ ଘେନି ଆସ । କିଂତୁ ଏହା ସ୍ଥାୟୀ ବ୍ୟବସ୍ଥା ନୁହେ । ଇଚ୍ଛାକରି ଯେ ଯେଉଁଠି ରହିବେ ସେ ହୁଏତ ରହଂତୁ । ଏପରିକି ଇଚ୍ଛା କଲେ ସେଇ ପୂର୍ବ ବଂଗରେ ହିଂଦୁ ରହିପାରଂତି, ଯେପରି କି କାଶ୍ମୀର ରହିଲେ ସେଠି ମୁସଲମାନ ବି ହୁଏତ ରହିବେ । କିଂତୁ ସେମାନେ ସ୍ପଷ୍ଟ ଜାଣି ରହଂତୁ ଯେ ସେମାନେ ସବୁମଂତେ ରାଷ୍ଟ୍ର-ବୁଦ୍ଧି କରି ଶେଷକୁ ନିଜ ଦାୟିତ୍ୱରେ ରହିବେ । ଭାରତରେ ମୁସଲମାନ ଓ ପାକିସ୍ଥାନରେ ହିଂଦୁ– ଏମାନେ କେବଳ ରାଷ୍ଟ୍ରର ମାଇନରିଟି ନୁହଂତି । ଏଠି ଅନ୍ୟକଥା ଅଛି । ଏ ସମସ୍ତ ବିଚାରରେ ସମସ୍ତଂକୁ ସ୍ଥାନ ଛାଡ଼ିବାର ସ୍ଥାନ ମାଡ଼ିବସିବାର ପୂରା ଓ ମୁକ୍ତ ସୁବିଧା ଦିଆଯାଉ । ଅନ୍ୟ ଯେକୌଣସି ବ୍ୟବସ୍ଥା ଚିର ନୁହେ, କି ଶୁଭଂକର ନୁହେ । ଯା କରାହୋଇ ଯାଇଚି, ସେ ଦୃଷ୍ଟିରେ ଅନ୍ୟବାଟ ନାଇ ।

## ପ୍ରମତ୍ତତା କଦାପି ପ୍ରଜ୍ଞା ନୁହେ–

ପ୍ରମାଦକୁ ପ୍ରଜ୍ଞା ମଣି ଚିତରଂଜନ-ସୁଭାଷଂକ ଯଥାର୍ଥ ଧର୍ମ-ନିରପେକ୍ଷ ରାଷ୍ଟ୍ରସେବାର ପଂଥା ଛାଡ଼ି ଆମେ ମୋହକୁ ସିଧାଂତ ମଣି ଯାହା କରିବାର କରିଚୁ । ଏବେ ବାସ୍ତବ ପରିସ୍ଥିତିର କଳନାରେ ଇତିହାସକୁ ଚାହିଁ ବାଟ କାଟିବାକୁ ହେବ । ଅବଶ୍ୟ ଏହା ବଡ଼ ସହଜ ନୁହେ– ବିଶେଷରେ ପୁଣି ଦର୍ପୀ ଭୋଗଲିପ୍ସୁ ପକ୍ଷରେ । ସେ ଭୋଗ ପୁଣି ତ୍ୟାଗ ନାମରେ ଓ ସେ ଦର୍ପ ପୁଣି ଯଦି ନିଜକୁ ମହାପୁରୁଷ ବା ମହାପୁରୁଷଂକ ପ୍ରିୟ ଓ ଶ୍ରେଷ୍ଠ ଅନୁଗଂତା ବୋଲି ମଣିବାରେ ହୁଏ, ତେବେ ଅବସ୍ଥା ବଡ଼ ସାଂଘାତିକ । ଘଟନାରେ ବାସ୍ତବ୍ ସତ୍ୟକୁ ସ୍ୱୀକାର ନ କଲେ କଳନା ଭ୍ରଷ୍ଟ ହୁଏ । ରାଷ୍ଟ୍ର ଧରି ବସି କୌଣସି ଲୋକ-ସଂପ୍ରଦାୟକୁ ନ ସଂଭାଳିବା ଅବଶ୍ୟ ମହାଅପରାଧ । କିଂତୁ ଆମେ ସଂଭାଳି

Digitized by PPRACHIN, SOA

ରଖିଲେ ସେ ଚିରକାଳ ସଂଭଳାଯିବେ କି ନା, ଦିବ୍ୟ ଦୃଷ୍ଟିରେ ତା ଦେଖିବା ଦରକାର । ଦେଖ, ଯେଉଁ ଭାରତୀୟ ମୁସଲମାନ ଆମ କଂଗ୍ରେସ୍ ବା ଗାଂଧିଂକ 'ପତିତପାବନ ସୀତାରାମ' ଧର୍ମର ଭକ୍ତ ବନି ରାମ-ରାଜ୍ୟ ସେବାରେ ମାତିଥିଲେ ବା ମାତିଚଂତି, ମୋଟାମୋଟି ତାଂକ ଅବସ୍ଥା କ'ଣ ? ସତ କହିଲେ ଆଜି କାହାକୁ ବିସୁଖ ଲାଗିପାରେ । କିଂତୁ ସନ୍ନିପାତରେ ଶଂଖୁଆ ଖାଇଲା ପରି ସେ ସତ୍ୟକୁ ନ ଧରିବାକୁ ଚାରା ନାଇ । ସେ ସତ୍ୟ ହେଉଚି, ଆମେ ତାଂକୁ ମୋଟାମୋଟି (ନିପାତନଂକ କଥା ଧରାଯାଉନାଇ । ନିପାତନ ହେଉଚି, ବରଂ ନିୟମର ପ୍ରମାଣ) ଲୋଭାଇ ମନାଇ ରଖିଥିଲୁ । ସେଇ ପରଂପରା ଏବେ ବି ଚାଲୁଚି । ଆଜାଦଂକ କଥା ଛାଡ଼ିଦିଅ । ଅନେକଂକର ମନେ ଥିବ, ନଚେତ୍ ଗଲା ଭୁଲାଭାଇ ଦେଶାଇଂକ ନବ ନେତୃତ୍ୱ ବେଳର କେଂଦ୍ର ବ୍ୟବସ୍ଥାସଭାର ପୁରୁଣା ପ୍ରୋସିଡ଼ିଂଗସ୍ ଫିଟାଇ ଯେ କେହି ଦେଖିପାରଂତି, କଂଗ୍ରେସୀ ମୁସଲମାନ ମେମ୍ୱର କାଜ୍‌ମୀ ସାହେବ ଅଣ-ଅଫିସୀୟ ଆଇନ ପ୍ରସ୍ତାବ ବା ବିଲ୍ ଆଣିଲେ, ଭାରତର ସବୁ ମୁସଲ୍‌ମାନ୍‌କୁ ଶେରିଆତ୍ ବା କୋରାଣ-ଦେଶିତ ଆଇନରେ ଚଳିବାକୁ ବାଧ କରିବା ପାଇଁ । କାହିଁକି ନା, ବିଶେଷରେ ବୋଂବେ, ପଂଜାବ ଓ ଉତ୍ତର ପ୍ରଦେଶର ପ୍ରାୟ ତିନି କୋଟି ମୁସଲ୍‌ମାନ୍ (ଏମାନେ ପୂର୍ବେ, ଏବେ ଅନେକ ପାକିସ୍ଥାନର ହିଂଦୁଂକ ପରି, ଡରି ମୁସଲମାନ ହୋଇଥିବା ହିଂଦୁଂକ ବଂଶଧର) ହିଂଦୁ ଆଇନ୍ ଓ ରୀତିନୀତିରେ ଚଳୁଥିଲେ । ସେଇମାନଂକ ଭିତରୁ ଅନେକେ ଆର୍ଯ୍ୟ-ସମାଜରେ 'ଶୁଦ୍ଧି' କର୍ମରେ ହିଂଦୁ ହେବାରେ ବି ଲାଗିଥିଲେ । କାଜ୍‌ମୀ ସେଥିପାଇଁ ବିଲ ଆଣିଲେ । ଆମ ଏବ ଗଭର୍ଣ୍ଣର ଆସଫ ଆଲୀ, ସେତେବେଳେ ଥିଲେ ଆସେମ୍‌ବ୍ଲୀ କଂଗ୍ରେସ ଦଳର ହୁଇପ୍ । ସେ ବି ପ୍ରାଣପଣେ କାଜ୍‌ମୀଂକ ସଂଗେ ଲାଗି ପଡ଼ିଲେ । ଦଳ ମେଂବରମାନେ ବିଶେଷରେ ଆର୍ଯ୍ୟସମାଜୀମାନେ ଭାରି ଛଟପଟ ହେଲେ, ଆପତ୍ତି କଲେ । ନେତମାନେ ଖାଲି କଲେ– 'ଚୁପ୍, ଚୁପ୍ । କାଳେ କାଜ୍‌ମୀ-ଆସଫ ଅଲୀ ଶୁଣିବେ ।' ବିଲ୍‌ଟି ନିର୍ଦ୍ୱଂଦରେ ପାଶ୍ ହୋଇ ଆଇନ୍ ହୋଇଗଲା । ଏପରି ଦୃଷ୍ଟାଂତର ସୀମା ନାଇ । ଏଇପରି ପ୍ରିୟ କରା ହୋଇ ରଖାହୋଇଥିବା ମୁସଲମାନ ଏଣିକି ଛଟ୍‌ପଟ୍ ହେବେ । ଭବିଷ୍ୟତ ଭଲ ହେବ ନାଇ ।

## ଯୁଦ୍ଧ ବି ଶୁଭଂକର ନୁହେ–

କେହି କେହି ହୁଏତ ପାକିସ୍ଥାନ ସଂଗେ ଯୁଦ୍ଧ କରିବାରେ ଏହାର ସମାଧାନ ଦେଖୁ ଥିବେ । ଏହା ହୁଏତ ନୈରାଶ୍ୟର ଅତି କୋପ । ଅନ୍ୟଥା ମଧ, ଏଥିପାଇଁ ପରିସ୍ଥିତିର ପ୍ରେରଣା ଆଦୌ ନାଇ । ରୁଷିଆର କମ୍ୟୁନିଷ୍ଟ ପ୍ରଭାବ ଆମକୁ ଘେରିଚି, ଘାଂଟୁଚି । ଆମେରିକା ବି ପଂଡ଼ିତ ନେହ୍ରୁଂକୁ ଦେଖି ନେଇଚି ଓ ନିଜର ବିଶ୍ୱଜିତ୍ ଯଜ୍ଞରେ ଭାରତକୁ ମେଧ କରିବାର ଉଦ୍ୟମରେ ଅଛି । ଏଣେ ପୁଣି ଭାରତ ଅବାସ୍ତବ ଆଦର୍ଶବାଦରେ ଚୀନକୁ କୁଂଢାଇବାଟା ଆମେରିକା କି ଦୃଷ୍ଟିରେ ଦେଖୁଥିବ ତା' ଅନୁମେୟ । କମନ୍‌ଓଏଲଥ୍

Digitized by PPRACHIN, SOA

ଭିତରେ ମଧ ଦକ୍ଷିଣ ଆଫ୍ରିକାରେ ଭାରତ ବିଶ୍ୱରାଷ୍ଟ୍ର ସଂଘର ନ୍ୟାୟଦେବଂକୁ ଡାକିଲା ବେଳକୁ, ପାକିସ୍ଥାନ ସେଇ ଦକ୍ଷିଣ ଆଫ୍ରିକାକୁ ଝୋଟ ଦେଇ କୋଇଲା ମାଗୁଚି । ଏ ରହସ୍ୟ ଆମକୁ ମନେରଖିବାକୁ ହେବ । ବେଳ ପଡ଼ିଗଲା ବେଳେ ରୁଷିଆ ଆମର ହବ ନାଇ; ଇଂଲଂଡ ଆମେରିକା ହୁଏତ ଖାଲି ଦୂରରୁ ହାଁ ହାଁ କରିବେ । ଗ୍ରୀକ୍ ପୁରାଣର ନ୍ୟାୟଦେବ ତୁଳାଦଂଡ ଧରି, ଅଂଧ ପୋଟଳୀ ବାଂଧି କୁଣିସଠି ବସି ନାହାଂତି । ପରିସ୍ଥିତିର ନିର୍ଭୁଲ କଳନାଇ କଳ୍ପନା, ଯୋଜନା ଓ କର୍ମକୁ ସୁନ୍ଦର ଓ ମଂଗଳକର କରିବ ।

[ନବଭାରତ କୁମ୍ଭ, ୧୩୫୬]

# ଆଲୋଚନା

## ଶାସ୍ତ୍ରର ଶାସନ–

ସାଧାରଣ ମନୁଷ୍ୟ ପକ୍ଷରେ ନୂତନର ମୋହ ଅଦମ୍ୟ । ମନୁଷ୍ୟ ଉପସ୍ଥିତ ପରିସ୍ଥିତିରେ କେବେ ସଂତୁଷ୍ଟ ନୁହେ । ସବୁବେଳେ ନୂଆ କିଛି ଦେଖିଲେ ଅଗ୍ନିରେ ପତଂଗ ପରି ହୁଏ । ମାତ୍ର ଏହା ମାନବର ଜୀବିଧର୍ମ । ମାନବର ବିଶେଷତ୍ୱ ହେଉଚି, ତା'ର ପରଂପରା ଓ ପୁରୋଦୃଷ୍ଟି । ସାଇତା ଜିନିଷର ବ୍ୟବହାର ବୁଝିବା ଏଇ ପରଂପରାର ଲକ୍ଷଣ । ପରିସ୍ଥିତିର କଳନା ସଂଗେ ଏଇ ପରଂପରାର ଯଥାର୍ଥ ଜ୍ଞାନ ମିଶି ସେଥିରେ ଯେଉଁ ପୁରୋଦୃଷ୍ଟି ବା ଆଦର୍ଶ ଫୁଟେ, ସେଇ ଅନୁସାରେ କ୍ରିୟା ବିଧାନ କଲେ ପ୍ରଗତି ସ୍ଥିର ଓ ଦୃଢ଼ ହୁଏ । ମାତ୍ର କେବଳ ନୂତନର ମୋହରେ ପରଂପରା ଛାଡ଼ି ଆହରଣରେ ଧାଇଲେ ପ୍ରଗତିର ଧାରା ଛିନ୍ନ ହୁଏ । ହେଲେହେଁ ପରଂପରାର ମଧ ଗୋଟିଏ ମୋହ ଅଛି । ସେଥିରେ ପଡ଼ିଗଲେ, ମନୁଷ୍ୟ ବେଳେ ବେଳେ ଜ୍ଞାନାଂଧ ହୁଏ ଓ ତାହାର ପ୍ରଗତି ଅବରୁଦ୍ଧ ହୁଏ । ପୁରାତନ ସଂଗେ ନୂତନ ମିଶାଇ ଦେବାର ପ୍ରତିଭା ହି ଯଥାର୍ଥ ପ୍ରତିଭା । ତାହା ବଡ଼ ଅଳ୍ପ ଲୋକଂକଠାରେ ପ୍ରକାଶ ପାଏ । ଯେଉଁମାନଂକଠାରେ ତାହା ପ୍ରକାଶ ପାଏ, ତାଂକରି ଚିଂତାପ୍ରସୂତ ବଚନ ହି ଯଥାର୍ଥ ଆପ୍ତ ବଚନ । ତାହା ହି ଶାସ୍ତ୍ର ।

ମନୁଷ୍ୟର ଅହଂକାର ସଂଗେ ନୂତନର ମୋହ ମିଶିଲେ ପୁଣି ବେଳେ ବେଳେ ଏଇ ଶାସ୍ତ୍ରର ବିରୋଧ ନାମରେ ଯେଉଁ ଶାସ୍ତ୍ରର ଶାସନ ଫୁଟେ, ତା' ପୁଣି ପ୍ରଗତିର ପରଂପରାରେ ଅତି ଭୀଷଣ ଅବସ୍ଥାର ସୃଷ୍ଟିକରେ । ଏହାକୁ ହିଁ କହଂତି ବିପ୍ଳବ । କୌଣସି ପାରଂପରିକ ପ୍ରତିଷ୍ଠିତ କ୍ରିୟାରେ ଲୋକରେ ଅଂଧତ୍ୱ ପଶିଲେ, ବ୍ୟକ୍ତିବିଶେଷର ସ୍ୱାଧୀନତା ଭୀଷଣ ଭାବରେ ଉଦ୍ରିକ୍ତ ହୁଏ । ତାହା ଏକ ପ୍ରତିକ୍ରିୟା । ଏବେ ରକ୍ଷିତ ସ୍ୱାର୍ଥ ବିରୁଦ୍ଧରେ ସେଇପରି ଏକ ପ୍ରତିକ୍ରିୟା ସ୍ପଷ୍ଟ ପୃଥିବୀରେ ସର୍ବତ୍ର ଦେଖାଯାଉଚି । ଏଇପରି ପ୍ରତିକ୍ରିୟାର ପ୍ରତୀକ ହେଉଚି ସ୍ୱାଧୀନ ଚିଂତା ଓ ସ୍ୱାଧୀନ କ୍ରିୟା । ଏଥିରେ ପରିସ୍ଥିତି ଅସ୍ଥିର ଓ ଚଂଚଳ

Digitized by PPRACHIN, SOA

ହୁଏ । କିଂତୁ ଯଥାର୍ଥ ପୁରୋଦୃଷ୍ଟିରେ କ୍ରିୟା ସଂଯତ ହୁଏ ନାହିଁ । ପରଂପରାର ଅତ୍ୟଂତ ବିରୋଧରେ ଏ ସଂଯମ କୁତ୍ରାପି ରହେ ନାହିଁ । ପରଂପରା ହେଉଚି ପ୍ରଗତିର ପ୍ରତିଷ୍ଠା ।

ହେଲେହେଁ ଏଇ ସ୍ୱାଧୀନ ଚିଂତା ଓ କ୍ରିୟାରେ ଶାସ୍ତ୍ର ତୁଟେ ନାହିଁ । ଶାସ୍ତ୍ର ତୁଟାଇବାର ବାହାନାରେ ଶାସ୍ତ୍ରର ଶାସନ ଦୃଢତର ହୁଏ । ସ୍ୱାଧୀନତାର ନାମରେ, ବ୍ୟକ୍ତିବିଶେଷର ନାମରେ ଏକ ପ୍ରକାର ଧର୍ମାଂଧତା ଘୋଟି ଯାଏ । ଖ୍ରୀଷ୍ଟ ମହମ୍ମଦ ପ୍ରଭୃତିଂକ ବ୍ୟକ୍ତିପ୍ରଚାରିତ ଧର୍ମରେ ଦିନେ ଏହାହିଁ ହୋଇଥିଲା । ଏବେ ମଧ୍ୟ ତା'ର ଛାପ ଲୁଚି ନାହିଁ । ଆଜି ପୁଣି ପୃଥିବୀର ସମସ୍ତ ନେତା କର୍ମୀମାନେ ମାର୍କସ୍ ଲେନିନ୍ ତଥା ତାଂକ ଟୀକାକାରମାନଂକ ଚିଂତା ନାମରେ ଯଥା ଅଯଥା ମତ ବା ବଚନ ବାଂତି ନ କରି ନିଜର ସ୍ୱାଧୀନତା ପ୍ରକାଶ କରିବାରେ ଅକ୍ଷମ । ଏଇ ସଂବଂଧରେ ଗୋଟିଏ ଅନୁଭବ ମନେପଡୁଚି । ଦିନେ ଜଣେ ବହୁଦର୍ଶୀ ପ୍ରବୀଣ ଜଣେ କୃଷକୀ ସାମ୍ୟବାଦୀନାମାଂକ ସଂଗେ କୌଣସି ଗଭୀର ନୀତି ବିଷୟରେ କଥାବାର୍ତ୍ତା କରୁକରୁ କୌଣସି ଯୁକ୍ତି ଶୁଣି ହଠାତ୍ ସମର୍ଥନ ପାଇଁ ସଂସ୍କୃତରୁ ଏକ ଶାସ୍ତ୍ର ବଚନ ଉଦ୍ଧାର କଲେ । କୃଷକୀ ବଂଧୁଟି ଅବଲେପର ବ୍ୟଂଗ କରି କହିଲେ, "ଶାସ୍ତ୍ର ବଚନର ସମର୍ଥନ ନ ଥିଲେ ଯୁକ୍ତି ସିଦ୍ଧ ହୁଏ ନାହିଁ ପରା ! ଶାସ୍ତ୍ରରୁ ଉଦ୍ଧାର କରିବାଟି ଏକା ଦରକାର ।" ବହୁଦର୍ଶୀ ବଂଧୁଟି ବଡ଼ ଶିଷ୍ଟ । ସେ ଟିକିଏ ହସିଲେ । କିଛି କହିଲେ ନାହିଁ । କାହିଁକି ହସିଲ ବୋଲି ବହୁତ ପଚାରିବାରୁ କହିଲେ, "ଯେଉଁମାନେ ନିଜର ଯୁକ୍ତି ବୋଲି ଯାହା କହଂତି, ସେଥିରେ ସର୍ବଦା ଅନ୍ୟର ଚିଂତା ଖଂଡିତ ଭାବରେ ମାତ୍ର ବାଂତି କରୁଥାଂତି, ସେଇମାନେ ପୁଣି ଶାସ୍ତ୍ରର ସମର୍ଥନ ଶୁଣି ବ୍ୟଂଗ କରଂତି । ଏହା କ'ଣ ହସିବା କଥା ନୁହେ । ଲେନିନ୍ ଷ୍ଟାଲିନ୍ଂକ ନାମରେ ଯେ ଲେଖଂତି, ପୁଣି ତାଂକ ଲେଖା ସେ ସବୁବେଳେ କହି ନିଜର ସ୍ୱାଧୀନ ଚିଂତା ଓ କ୍ରିୟାର ଅହଂକାର କରୁଥାଂତି, ତାଂକଠାରୁ ବେଶି ଶାସ୍ତ୍ରବାଦୀ ଏ ଜଗତରେ କିଏ ?

ଏଇ ଘୋର ଅଜ୍ଞାତ ଶାସ୍ତ୍ରବାଦ ଓ ପର ପ୍ରଚାରିତ ମତାଂଧତା ଆଜି ଅନେକଂକର ଏକା ଭାବିବାର କଥା ।

### ବିପ୍ଳବ କ'ଣ ?—

ବିପ୍ଳବ ହେଉଛି; ବିକାଶର କ୍ରାମିକ ଧାରାରେ ବିତ୍‌ପାତ । ଏଇ ବିତ୍‌ପାତ ଘଟିଲେ ବିକାଶ ବିନାଶରେ ପରିଣତ ହୋଇପାରେ । ମାତ୍ର ସବୁବେଳେ ତା' ହବାର ଦେଖାଯାଏ ନାହିଁ । ଏହିପରି ନ ହେବାରେ ଯେଉଁ ବିପ୍ଳବ ଦେଖାଯାଏ ତା ସ୍ପୃହଣୀୟ । ବରଂ କୁହାଯାଇପାରେ, ଏଇ ସ୍ପୃହଣୀୟ ବିପ୍ଳବ ଠିକ୍ ବିପ୍ଳବ ନୁହେ । ଏହା ବିପ୍ଳବ ପରି ଜଣାପଡ଼େ ମାତ୍ର । ବିଶେଷଜ୍ଞ ପୁରୋଦୃଷ୍ଟିପର ଲୋକେ ଏହାକୁ ଚିହ୍ନଂତି, ପୁଣି ଏଥିରେ ପ୍ରତିକ୍ରିୟାର ବିପ୍‌ଘାତ ଓ ଧ୍ୱଂସ ନ ଦେଖି ପରିସ୍ଥିତିକୁ ଏଥିରେ ସହଜଶୀଳ କରି ନେଇ ଏଥିର ଫଳରେ ବିକାଶ ଓ ପ୍ରଗତିର ଧାରା ସ୍ପଷ୍ଟ କରଂତି ।

Digitized by PPRACHIN, SOA

ଉଦାହରଣରେ କଥାଟି ଦେଖିଲେ, ସୁବୋଧ ଓ ସ୍ପଷ୍ଟ ହେବ । ଉଦ୍ଭିଦ ଜୀବନରେ ବିକାଶର ପରୀକ୍ଷା ବଡ଼ ସୁଗମ । କଢ଼ ପତ୍ରାଦି ବାହାରି ବୃକ୍ଷର ବିକାଶ ହୁଏ । ଏଇ ବିକାଶ ଧାରାରେ ପରିସ୍ଥିତିର ବିଘାତ ଘେନି ବେଳେବେଳେ ବିକାଶ ଧ୍ୱଂସ ହୁଏ । କଦଳୀ ବାଡ଼ିରେ ଲହସା ମାରିବା, ଧାନ କିଆରୀରେ ସଂଖି ଧରିବା ବା କାହାଳିଆ ମାରିବା, ବାଇଗଣ କିଆରୀରେ ଜୁଲ୍‌ହିଆ ପାଇବା ପ୍ରଭୃତି ଯେଉଁମାନେ ଲକ୍ଷ୍ୟ କରିଥିବେ ସେମାନେ ଏହା ବୁଝି ପାରିବେ । ବେଶି ପାଣି ଓ ଖତ ପାଇସାରି ହଠାତ୍ ଶୁଖିଗଲେ କଦଳୀ ଗଛକୁ ଲହସା ମାରେ । ଯଥେଷ୍ଟ ପାଣି ନ ଦେଇ ବେଉଷଣ ବଛା କରି ଧାନରେ ପରେ ପାଣି ଭର୍ତ୍ତି କରିଦେଲେ ଧାନଗଛକୁ କାହାଳିଆ ମାରେ । ବପୁ ନ ଥିବା ବିଲରେ ଧାନମୂଳେ ଅବିରତ ପାଣି ରଖିଲେ, ସଂଖି ଧରେ । ପୁଣି ଜମି ରହିଲେ ଜୁଲ୍‌ହିଆ ପାଇ ଗଛ ଅକାଳରେ ପାଚି ମରିଯାଏ । ଦେଖାଯାଉଛି, ଅତ୍ୟଂତ ଭାବରେ ବିକାଶ କରାଇବା ପାଇଁ ଜୀବନ ବିକାଶର ସାମଗ୍ରୀ ଚିପି ଭର୍ତ୍ତି କରିଦେଲେ କିଂବା ସେହି ସାମଗ୍ରୀ ଭର୍ତ୍ତିହେଲା ବେଳେ ତାକୁ ପରିସ୍ଥିତି ସହ ନ କଲେ ବିକାଶ ବିନାଶରେ ପରିଣତ ହୁଏ । କଦଳୀର କଢ଼ ରୁଗ୍‌ଣ ହୁଏ, କେବେ ବା ମଂଜକିଳା ମାରେ, ସୀସା ନ ବାହାରି କାହାଳି ପରି ଧାନର ପତ୍ର ବାହାରି ପଡ଼େ ଇତ୍ୟାଦି । ଏ ସବୁ ବୃକ୍ଷ ଜୀବନରେ ଏକ ପ୍ରକାର ବିପ୍ଳବର ଉଦାହରଣ । ଏଥିରେ କଳ୍ପିତ ଫଳ ନ ହୋଇ ବିପରୀତ ହୁଏ । ପୁରୋଦୃଷ୍ଟିର ସ୍ପଷ୍ଟ ନିର୍ଦ୍ଦିଷ୍ଟତାରେ ପ୍ରଗତି ପୋଷଣ କରା ହୋଇ ନାହିଁ, ଏହା ଜଣା ପଡ଼ିଯାଏ ।

ଏ ସବୁଠାରେ ଏହି ବିପ୍ଳବର ଲକ୍ଷଣ କ'ଣ ? ବିକାଶର ଧାରାରେ ହଠାତ୍ କିଛି ନୂଆ ହେଲେ, ଏଇ ବିପ୍ଳବ ଧରାଯାଏ । କିଂତୁ ଏଇ ବିପ୍ଳବରେ ପରଂପରା ଓ ପରିସ୍ଥିତି ସଂଗେ ପୁରୋଦୃଷ୍ଟିର ମାପ ଠିକ୍ ଥିଲେ ତାହା ପୁଣି ଶ୍ରୀବୃଦ୍ଧି ବା ପ୍ରଗତିର ଲକ୍ଷଣ ହୋଇଥାଏ । ଉଦାହରଣ ସ୍ୱରୂପ, ଗଛ ପତ୍ର କଢ଼ କାଢ଼ି କଅଁଳ ପତ୍ର ଫିଟାଇ ବଢୁଥାଏ । ହଠାତ୍ ପରିସ୍ଥିତିର ଘୋର ତାଡ଼ନାରେ ପଡ଼ି ପତ୍ର କଢ଼ ନ କାଢ଼ି ଫୁଲକଢ଼ି କାଢ଼େ । ନ ଜାଣିବା ଲୋକ କହିପାରେ ଏହା ବିକାଶ ଧାରାରେ ଏକ ବିଘାତ; ଏ ବିପ୍ଳବରେ ବୃକ୍ଷ ଜୀବନର ପ୍ରଗତି ଧ୍ୱଂସ ହେବ । ଏଇ ବିପ୍ଳବରେ ସେପରି ଧ୍ୱଂସ ବେଳେବେଳେ ନ ହୁଏ, ନୁହେ । କୋମଳ ବୃକ୍ଷରେ ଫୁଲ ହେଲେ ବେଳେ ବେଳେ ଗଛ ମରିଯାଏ । ପୁରୋଦୃଷ୍ଟିର ମାପରେ ସେଥିପାଇଁ ପରିସ୍ଥିତି ସଜାଡ଼ି ବିକାଶ ପରଂପରା ଠିକ ରଖିବା ନିମଂତେ କଲମ ଆଂବ ଗଛରେ ପ୍ରଥମରୁ ଦୁଇ ତିନି ବର୍ଷ ବଉଳ ଭାଂଗି ଦେବାକୁ ହୁଏ ।

ତଥାପି ବୃକ୍ଷବିଜ୍ଞାନବିତ୍ ବିଶେଷଜ୍ଞମାନେ ଜାଣଂତି, ଏହା ବୃକ୍ଷ ଜୀବନରେ ସର୍ବଦା ଅହିତକର ବିପ୍ଳବ ନୁହେ, ଯଥାର୍ଥରେ ଫୁଲ ଓ ପତ୍ରର ପ୍ରକୃତିଗତ ଭେଦ ନାହିଁ । ଫୁଲ ପତ୍ର ବିକାଶରେ ବିଘାତ ନୁହେ । ଏହା ବରଂ ପତ୍ରର ପୂର୍ଣତା ଆଡ଼କୁ ବିକାଶ । ଏପରି କି ଶସ୍ୟ ଜୀବନ ଏଇଥିରେ ପୂର୍ଣ ହୁଏ ଓ ଏହାହିଁ ବୃକ୍ଷଜୀବନର ଆଦର୍ଶ ଲାଭର ନିକଟବର୍ତ୍ତୀ ।

Digitized by PPRACHIN, SOA

କିଂତୁ ଏଠାରେ ସ୍ପଷ୍ଟ ଦେଖିବାର ଅଛି, ପରଂପରା ଓ ପରିସ୍ଥିତି ଘେନି ପୁରୋଦୃଷ୍ଟି ମାପ ଠିକ୍ ନ ରହିଲେ ଏହା ବିପ୍ଳାତ ଓ ବିପ୍ଳବ ଛଡ଼ା ଆଉ କିଛି ନୁହେ ।

ସର୍ବତ୍ର ଏଇପରି ପରଂପରା ପରିସ୍ଥିତି ତଥା ପୁରୋଦୃଷ୍ଟି କଳନାରେ ବିପ୍ଳବର ପ୍ରକୃତି ବୁଝି ତାହାର ବ୍ୟବହାର ବା ପ୍ରତିକାର କରିବାକୁ ହୁଏ । ପ୍ରଗତି ପୋଷଣରେ ଏହାହିଁ ଧର୍ମ । କେବଳ ନୂତନ ବୋଲି କିଛି ହେୟ ବା ଆଦେୟ ନୁହେ । କିଂବା ଯେକୌଣସି ତାଡ଼ନାରେ ପରଂପରାବଦ୍ଧ ପରିସ୍ଥିତିରେ ପ୍ରତିକ୍ରିୟା ଉଠିଲେ ପ୍ରଗତି ପୁଷ୍ଟ ହୁଏ ନାହି । ବିଶେଷ ଜ୍ଞାନରେ ପୁରୋଦୃଷ୍ଟିର ମାପ ଦରକାର ।

ମାନବ ସମାଜ ଠିକ୍ ବୃକ୍ଷପରି ଏକ ପ୍ରଗତିପରାୟଣ ବ୍ୟକ୍ତିତ୍ୱ । ଏହାର ବିକାଶ ଧାରା ଠିକ୍ ବୃକ୍ଷ ବ୍ୟକ୍ତିତ୍ୱ ବା ସେଇପରି ଯେକୌଣସି ଜୀବଂତ ବ୍ୟକ୍ତିତ୍ୱର ଧାରା ଓ ପରଂପରା ପରି ଆଲୋଚନା କରାଯାଇପାରେ, ଓ କରିବାର ଅଛି ।

### ଶାସ୍ତ୍ର କ'ଣ ?—

କୌଣସି କୌଣସି ଲୋକଂକ କଥା ବା ପରଂପରାରେ ଆଗତ କଥା ଲୋକେ ମାନଂତି । ଏଇ ସବୁ କଥାହିଁ ଶାସ୍ତ୍ର । ଶାସ୍ତ୍ର ବୋଇଲେ, ଯାହାଦ୍ୱାରା ସାଧାରଣତଃ ମାନବର କ୍ରିୟା ଶାସିତ ବା ସଂଯତ ହୁଏ । ମାନବର ଅହଂକାର କମ୍ ନୁହେ, ସ୍ୱାଧୀନ ଚିଂତା ତଥା ସ୍ୱାଧୀନ କ୍ରିୟାପାଇଁ ଆକାଂକ୍ଷା ଓ ସ୍ୱାଧୀନ ଚିଂତା ପୁଣି ସ୍ୱାଧୀନ କ୍ରିୟାର ବାହାନା ଓ ବଡ଼େଇ ମଧ କମ୍ ନୁହେ । ଏ ସବୁ ଭିତରେ କିଂତୁ ଶାସ୍ତ୍ରହିଁ ସଂବଳ । ସ୍ୱାଧୀନତାର ମୋହରେ ପୁଣି ମନୁଷ୍ୟ ବେଳେ ବେଳେ ଶାସ୍ତ୍ର ନ ମାନି ନିଜେ ଶାସ୍ତ୍ର ତିଆରି କରି ବସେ, କିଂବା ଅଜ୍ଞାତ ଭାବରେ ଅନ୍ୟର ଚିଂତାକୁ ଅଜୀର୍ଣ୍ଣରେ ବାଂତି କରି ମଧ୍ୟ ଦେଖାଏ ସେ ସ୍ୱାଧୀନ । ସର୍ବତ୍ର ଏହି ଶାସ୍ତ୍ରହିଁ ସବୁ । ଶାସ୍ତ୍ରରୁ ଉଦ୍ଧାର ନାହି ।

ଶାସ୍ତ୍ରର ଏ ଅନନ୍ତ କ୍ରୀଡ଼ା ମଧ୍ୟରେ ପ୍ରକୃତ ଶାସ୍ତ୍ର ପାଇବାର ବା ବାରିବାର ମାପ କ'ଣ ? କାହାକୁ ଯଥାର୍ଥ ଶାସ୍ତ୍ର ବୋଲି ବୁଝିବାକୁ ହେବ । ଶାସ୍ତ୍ରକୁ କାର୍ଯ୍ୟକାରିତାରେ ମାପି ବସିଲେ କ'ଣ ଦେଖାଯାଏ । କେଉଁ କାର୍ଯ୍ୟକାରିତା ଘେନି ମାନବର ଚିଂତା ଶାସ୍ତ୍ର ହୁଏ । ଯେ ବା ବିଶ୍ୱାସରେ ହେଉ, ଦର୍ପରେ ହେଉ ବା ବାହାନାରେ ହେଉ, ନିଜ ଚିଂତାକୁ ଶାସ୍ତ୍ର ବୋଲି ପ୍ରଚାର କରଂତି, ତାଂକର ସେ ମାପଟି ନ ଥାଏ, ନୁହେ । ସେ ମାପଟି ପୁଣି ସର୍ବତ୍ର ଏକାପରି । ସେ ମାପଟି ହେଉଚି, ଲୋକର ବା ସମାଜର ମଂଗଳ । ଏଇ ମଂଗଳକୁ ଆଦର୍ଶ କରି ଚିଂତା ଶାସ୍ତ୍ର ହୁଏ । ଜଗତରେ ଯେଉଁ ଚିଂତା ଶାସ୍ତ୍ର ବୋଲି ପ୍ରତିଷ୍ଠା ପାଇଚି ବା ପାଏ, ତା' ଏଇ ଲୋକମଂଗଳ ମାପରେ ହିଁ ଚିହ୍ନାଯାଏ । କେହି କହିପାରଂତି, ଲୋକେ ଯାହା ଯେତେବେଳେ ଇଚ୍ଛା ତା' କରଂତୁ । ତା' ନ କଲେ ଲୋକର ସ୍ୱାଧୀନତା ବ୍ୟାହତ ଓ ବିପନ୍ନ ହେବ । ସ୍ୱାଧୀନତା ଏପରି ବ୍ୟାହତ ଓ ବିପନ୍ନ ହେଲେ କ୍ଷତି କ'ଣ ? ଏଠାରେ ମଧ୍ୟ ଉତ୍ତର ହେଉଚି, ସେପରି ହେଲେ ଲୋକର ମଂଗଳ ହେବ ନାହି ।

Digitized by PPRACHIN, SOA

ମାତ୍ର ସମସ୍ତଙ୍କ ଚିଂତା ବା ସବୁ ଚିଂତା ଶାସ୍ତ୍ର ହୁଏ ନାହି । ସବୁ ଶାସ୍ତ୍ର ବି ସମାନ ଭାବରେ ଶାସ୍ତ୍ର ହୁଏ ନାହି । ମାତ୍ର ଯେକୌଣସି ଚିଂତା କମ୍ ବେଶି ଶାସ୍ତ୍ର ହୋଇଥାଏ । ଏପରି କି, କେହି ଯଦି ଦାଂଡରେ ଠିଆହୋଇ ଲୋକଂକୁ ବୁଝାଏ ଯେ, ଗୋଡ଼ ଉପରକୁ କରି ହାତରେ ଗାଁ ଏ ମୁଂଡରୁ ସେ ମୁଂଡ ଯାଏ ଦିନକେ ଦୁଇଥର ଚାଲିଲେ ମୁକ୍ତି ପାଇବ, ତେବେ ତା'ର ମଧ୍ୟ କିଛି କାଳ ପାଇଁ କେତେକ ଶିଷ୍ୟ ହେବେ । ଆଜି ହୁଏତ କେହି କେହି କହୁଚଂତି, ବଳେ କଳେ କୌଶଳେ ଧନୀର ଧନ ନେଇ ଯାଇ ଆତ୍ମସାତ୍ କର । ତାହା ମଧ୍ୟ ଶାସ୍ତ୍ର ହେଉଚି । ତା'ର ଫଳରେ ହୁଏତ ଆଜି ଲୋକେ ମଜୁରିଆକୁ ବିଲକୁ ପଠାଇ ଦେଇ ଜଗି ନ ବସିଲେ, ମଜୁରିଆ ଆଦୌ କାମ କରୁନାହି । ଠକେଇ ସବୁ ଆଡ଼େ ସମାଜର ନୀତିରେ ପରିଣତ ହୋଇ, ସମାଜର ଲକ୍ଷ୍ମୀ ଛାଡ଼ି ଯାଉଚି । ତଥାପି ତାହା ଶାସ୍ତ୍ର ହେଉଚି । କିଛି କାଳ ପାଇଁ ଶାସ୍ତ୍ର ହେବ । ଏ ଚିଂତାରେ ଶିଷ୍ୟ ବା ଶାସ୍ତ୍ରବଦ୍ଧ ହେଉଥିବା ଲୋକେ ହୁଏତ କିଛି କାଳ ପାଇଁ ଆପାତ ଲାଭର ମୋହରେ ବଢ଼ିବେ । ମାତ୍ର ତାହା ସ୍ଥାୟୀ ହେବ ନାହି । ସ୍ଥାୟୀ ହେଲେ, ସମାଜର ମଂଗଳ ହେବ ନାହି । ଅର୍ଜନରେ କର୍ମନିଷ୍ଠା ତୁଟିଗଲେ ଆର୍ଥିକ ପ୍ରଗତିରେ କେବଳ ବିତ୍‌ପାତ ନୁହେ, ପ୍ରଳୟ ଘଟିବ ।

ସେଇପରି ଧର, ଆଜି ବ୍ୟକ୍ତିଗତ ଚିଂତାରେ ଭର କରି ସୁବିଧାବାଦୀ କହୁଚି, ସତ୍ୟ କହିବ ବୋଲି ଯେଉଁ ଶାସ୍ତ୍ରଟି ଚଳି ଆସିଚି, ତା' ମାନବର ମଂଗଳକର ନୁହେ । ସେଥିରେ ଲୋକର ଘୋର ଅସୁବିଧା ହେଉଚି । ଯେତେବେଳେ ଯାହା ଦରକାର ତାହା କହିବାହିଁ ଠିକ୍ । ସେଥିରେ ଲୋକର ଲାଭ ହେବ ଓ ମଂଗଳ ହେବ । ବ୍ୟକ୍ତିଗତ ଭାବରେ ଏଥିରେ କିଛି କାଳ ପାଇଁ ମଂଗଳ ହୋଇପାରେ । କେହି କେହି ବିଚକ୍ଷଣ ଟିକିଏ ବେଶି ।

[ନବଭାରତ କନ୍ୟା, ୧୩୪୬]

# ସାମ୍ୟବାଦ– ଭୌତିକ ଓ ଆତ୍ମିକ

ସାମ୍ୟବାଦ କଥାଟି ଏଇ ଯୁଗର କଥା ହେଲେ ମଧ୍ୟ ନୂଆ ନୁହେ । ଏହାର ନାମ ପ୍ରଥମେ ହୋଇଥିଲା ସମାଜବାଦ (Socialism) । ଏବେ ସେ ନାମଟି ମଧ୍ୟ ଚଳୁଚି । ତଥାପି ଭୂୟୋବିକାଶରେ ଏହାର ଏବ ନାମ ହୋଇଚି ସାମ୍ୟବାଦ । ସମାଜବାଦ ବୋଇଲେ ସମାଜରେ ଉଚ୍ଚ ନୀଚ ଓ ଥିଲା ନଥିଲା ଶ୍ରେଣୀର ଯେ ଭେଦ କାଳକ୍ରମେ ଫୁଟିଚି ତା'ର ଯୁକ୍ତିଯୁକ୍ତ ସମାଧାନ କରିବା, ଅର୍ଥାତ୍ କେହି ଅଭିଜାତ ପଦସ୍ଥ ବା ଥିଲାବାଲା ବୋଲି ବିଶେଷ ସୁବିଧା ପାଇବେ ନାଇ; ପୁଣି କେହି ଅଜାତି ଅପଦସ୍ଥ ବା ନଥିଲାବାଲା ଠାରୁ ସାମ୍ରାଜ୍ୟବାଦୀ ଓ ଦଳିତ ପର୍ଯ୍ୟଂତ ନିର୍ଦ୍ଦିଷ୍ଟ ପିତୃକ-ପରିବାର-ମୂଳକ-ବିବାହ-ନିବନ୍ଧ-ସଂବଂଧ-ଠାରୁ ପରମାଣୁ ବୋମାର ଆତଂକ ଦୃଷ୍ଟିରେ ବିଶ୍ୱଶାଂତିର କଳନା ପର୍ଯ୍ୟଂତ,

Digitized by PPRACHIN, SOA

ଧନର ବ୍ୟବହାରଠାରୁ ଶିଳ୍ପ ବାଣିଜ୍ୟର ବିସ୍ତାର ପର୍ଯ୍ୟଂତ, ସବୁ ସାମାଜିକ ଆଦାନପ୍ରଦାନ ସ୍ଥିର କରି ସମାଧାନରେ ସୌଂଦର୍ଯ୍ୟ ଓ ସ୍ଥିରତା ଆଣିବା ସେତେ ସହଜ ନୁହେ; ହୁଏତ ସଂଭବ ବି ନୁହେ ।

କ୍ରିୟାର ପ୍ରତିକ୍ରିୟା ସ୍ୱାଭାବିକ । ଦଳନରେ ଦଳିତ ଅସହିଷ୍ଣୁ ହୁଏ । ସେଇ ଅସହିଷ୍ଣୁତା ବଢ଼ିଲେ ଦଳିତ ମାତି ଉଠେ । ପୃଥିବୀର ସଭ୍ୟତାରେ ଆଜି ସାମ୍ରାଜ୍ୟବାଦୀ ତଥା ଶୋଷକ ଧନାଧୀଶମାନଂକ ବିରୁଦ୍ଧରେ ସେଇ ପ୍ରତିକ୍ରିୟା । ଏହା ଠିକ୍ ସମାଧାନ ଆଡ଼କୁ ଗତି ବୋଲି କୁହାଯାଇ ନପାରେ । କ୍ରିୟାର ପ୍ରତିକ୍ରିୟା, ବିକ୍ଷୋଭର ଲକ୍ଷଣ; ଠିକ୍ ସମାଧାନର ସଂକେତ ହୋଇ ନ ପାରେ । ଦର୍ଶନ ଦୃଷ୍ଟିରେ ପ୍ରଗତିର ପରିଣତି ପୁଣି ମୂଳକୁ ଯିବ । ଏହା ସତ୍ୟ ହେଲେହେଁ ସେହି ମୂଳ ଦେଖିବାରେ ଦର୍ଶନର ଭ୍ରାଂତି ଥାଇପାରେ । ସେ ଭ୍ରାଂତି ଏଠାରେ ଅଛି ।

ଧର, ମୌଳିକ ଅଧିକାରରେ ଯେଝା ଅର୍ଜନ ସେ ଆଜି ନିର୍ବିବାଦରେ ଭୋଗ କରିବେ । ଏ ଅର୍ଜନ ଭୋଗ କରିବାରେ ଯାହା ସାଂଗେ ବିବାଦ, ତା'ର ନିୟାମକ କିଏ ? ଆଜି ପଂଝାଏ ପୃଥିବୀର ଅର୍ଜନ ଓ ଭୋଗ ବାଂଟିଦେବାର କଳ୍ପନା କରି ସାମ୍ୟବାଦ ପ୍ରତିଷ୍ଠାରେ ଲାଗିଚଂତି । ସେମାନଂକର ଦର୍ଶନ ଓ ସମାଜ ସେବାର ତ୍ୟାଗଧର୍ମ ସାଧୁ, ସନ୍ଦେହ ନାଇ । କିଂତୁ ଏଇ ସାମ୍ୟବାଦକୁ କାର୍ଯ୍ୟରେ ପ୍ରତିଷ୍ଠା କରିବାରେ ସେମାନଂକର ସାଧନ କ'ଣ ? ଲଭ୍ୟ ବସ୍ତୁକୁ ସ୍ଥାୟୀ କରିବାର କି ପରିସ୍ଥିତିକୁ ସେମାନେ କଳ୍ପନା କରଂତି ? ସେ ପରିସ୍ଥିତି ପୁଣି ଆସିବ କିପରି, ରହିବ ବା କିପରି ? ଥିଲା ଲୋକର ଅଧିକାର ବା ଶୋଷଣ କେଉଁଠାରେ ଜନ୍ମେ ? ଧନ ବା ବଳ ଥିଲେ, ତା' କାମରେ ଲଗାଇବା, ବୁଦ୍ଧି ବିନା ସଂଭବ ନୁହେ । ମାନବର ବୁଦ୍ଧି ହେଉଚି ସବୁ ବିକ୍ଷୋଭର ମୂଳରେ । ବୁଦ୍ଧି ଠିକ୍ ନ କଲେ ସମାଜରେ ଥିଲା-ନଥିଲା, ଶୋଷକ-ଶୋଷିତ, ମୂଲିଆ- ମାଲିକ, ଯଥେଚ୍ଛାଚାରୀ ଓ ଦଳିତର ଭେଦ ଯିବ ନାଇ । ତା'ର ଉପାୟ କ'ଣ ? ଏ ସାମ୍ୟବାଦରେ ସେ ଉପାୟର କୌଣସି ନିର୍ଦ୍ଦେଶ ବା ନିର୍ଦ୍ଦିଷ୍ଟତା ଦେଖାଯାଉ ନାଇ । ଦଳେ ଯଦି ଆଜି ସମାଜରେ ଅଧିକାର ଭୋଗ ସମାନ କରି ବାଂଟି ବସଂତି– ସେଇ ଦଳଂକର ଉତ୍ତରାଧିକାରୀ, ସେଇ ବାଂଟିବା କାମର ଅଧିକାରୀ ବୋଲି ହୁଏତ ଦାବି କରିବେ । ଲୋକମତ ବୋଲି ଯେଉଁ ଭୋଟରୂପ ବ୍ରହ୍ମାସ୍ତ୍ର ବାହାରିଛି, ତା'ର ବା ଅର୍ଥ କ'ଣ ? ନାଜି ଜର୍ମାନୀ ହେଉ, ସୋଭିଯେଟ୍ ରୁଷିୟା ହେଉ ବା ସ୍ୱାଧୀନ ଭାରତ ହେଉ, ପୃଥିବୀରେ ସର୍ବତ୍ର ଏଇ ଭୋଟକୁ ନିଜର କରି ଲୋକଂକୁ ଠିକ୍ ରଖିବାର ଅଧିକାର ଯେ ପଂଝାଏ ଦାବି କରୁଛଂତି ଓ ସେଇ ଦାବିକୁ ସ୍ଥାୟୀ କରିବାରେ ସବୁ ପ୍ରକାର ଧନ ଓ ରାଜ୍ୟଶକ୍ତି ଲଗାଉଚଂତି, ଏହା ଦେଖି ନ ଦେଖିବାର କାରଣ କିଛି ନାଇ । ପୃଥିବୀରେ ସାମ୍ୟ ଓ ଶାଂତି ରଖିବା ପାଇଁ, ପୁଣି ଗତ ପ୍ରଥମ ମହାଯୁଦ୍ଧ ପରେ ଜାତିସଂଘର ନିରସ୍ତ୍ରୀକରଣ ନିଷ୍ଫଳ ହୋଇଛି । ରୁଷୀୟ ସାମ୍ୟବାଦର ନିଃସ୍ୱୀକରଣ ଉପରେ ଆଜି ଆସ୍ଥା ତୁଟିଚି । ରୁଷିୟା ମଧ କ୍ରମେ ଏକ ପ୍ରକାର ସାମ୍ରାଜ୍ୟବାଦ ଆଡ଼କୁ ଗତି

Digitized by PPRACHIN, SOA

କରୁଚି । ସେ ସାମ୍ରାଜ୍ୟବାଦ ଆତ୍ମରକ୍ଷା ପାଇଁ ହେଉ ବା ପରଗ୍ରାସ ପାଇଁ ହେଉ, ଦର୍ଶନ ଓ ପରିଣତି ହିସାବରେ ସେଥିରେ କିଛି ଭେଦ ନାଇ । ଭାରତ ପରି ଦଳିତ ଜାତି ଆଜି ସ୍ୱାଧୀନତା ପାଇବାକୁ ଯାଇ ପୁଂଜିବାଦର ବୁଢ଼ିଆଣୀ ଜାଲ ଭିତରେ ମାଛି ପରି ପଶୁଚି । ଇଂରେଜଠାରୁ ତା'ର ସ୍ୱାଧୀନତା ଫଳରେ କି ଆକାର ଧାରଣ କରିବ, ତାହା ଆଜି ବହୁଚିଂତାର ବିଷୟ । ସର୍ବୋପରି ପୃଥିବୀର ମିଳିତ ଜାତିସଂଘ, ପୃଥିବୀରେ ମାନବ ସମାଜର ନିତ୍ୟଶାଂତି ଓ ସମାଧାନ ପାଇଁ କ'ଣ କରୁଚଂତି ବା କରିବେ, ତା' ବୁଝି କଳନା କରି ହେଉ ନାଇ । ପରମାଣୁ ବୋମାର ମହାଧ୍ୱଂସକାରୀ ଶକ୍ତିକୁ ଚାହିଁ ଯଦି ମିଳିତ ଜାତିସଂଘ ଆଜି ଶାଂତ ରହଂତି, ତେବେ ସେ ଶାଂତି କେତେଦିନ ? ଏ ଶାଂତିରୁ ମହାବିକ୍ଷୋଭ ଉଠି ଦିନେ ହୁଏତ ଦେଖାଇ ଦେବ, ଏହା ଶ୍ମଶାନ-ଶାଂତିର ପୂର୍ବରୂପ । କିଂତୁ ସମାଜ ପ୍ରଗତିରେ ଶ୍ମଶାନ-ଶାଂତି ମାନବର କାମ୍ୟ ନୁହେ କି ଗମ୍ୟ ନୁହେ ।

ଏସବୁ ଘଟନାରାଶି ନ ଦେଖି, କଳନା ନ କରି, ସାମ୍ୟବାଦ ନାମରେ ମତ ଓ ସଂଗେ କ୍ଷୁଦ୍ର କ୍ଷୁଦ୍ର କ୍ଷେତ୍ରରେ କ୍ରିୟାରାଶି ଛୁଟିଚି । ମୂଳ ନ ଦେଖି ଡାଳ କାଟି ବସିଲେ ବିଷବୃକ୍ଷ ଲୋପ ପାଏ ନାଇ । ଗୋଟିଏ ଡାଳ କାଟିଦେଲେ ସେଇଠାରୁ ଶହେଟି କଳି ବାହାରି ପୁଣି ବଡ଼ ବଡ଼ ଡାଳ ହୁଏ । ଆଜି ଚାଷୀ, ମୂଲିଆଂକୁ କଥା କଥାକେ ରାଜ୍ୟ ଦିଆ ଯାଉଚି । ଯୁବକ ଯୁବତୀଂକୁ ସ୍ୱେଚ୍ଛାଚାରରେ ସ୍ୱାଧୀନତା ଶିଖାଯାଉଚି । ସ୍କୁଲ କଲେଜରେ ଛାତ୍ରଂକୁ ଧର୍ମଘଟମାତ୍ରରେ ମନୁଷ୍ୟ କରିବାର ପ୍ରଚେଷ୍ଟା ହେଉଚି । ପୃଥିବୀରେ ଖାଦ୍ୟ ଓ ବ୍ୟବହାର୍ଯ୍ୟ ବସ୍ତୁର ଏକାଂତ ଅଭାବବେଳେ ମୂଲିଆଂକୁ ଧରି କାମ ବଂଦ କରାଯାଉଚି । କୌଣସିଠାରେ ମଧ୍ୟ ଦର୍ଶନର ଭିତ୍ତି ନାଇ କି ଉପେୟର କଳନା ନାଇ ।

ଧର, ଚାଷୀ ମୂଲିଆଂକ କଥା । ଚାଷୀ ପାଇବେ କିପରି, କ'ଣ ? ସେ ଜମିରେ ସ୍ୱତ୍ୱ ପାଇବେ ନା ଶ୍ରମ ପାଇଁ ଲଭ୍ୟାଂଶ ପାଇବେ ? ଜମିରେ ସ୍ୱତ୍ୱ ପାଇଲେ, ସ୍ୱତ୍ୱର ମୂଲ୍ୟ ରହିବ । ସେ ସ୍ୱତ୍ୱର ମୂଲ୍ୟ ରହିଲେ, ଚାଷୀର ଜମି ପରିମାଣ ବଢ଼ିଯିବ । ସେଥିରୁ ମଧ୍ୟ ସ୍ୱତ୍ୱର ଉପୃତ୍ତି ହୋଇପାରେ । ନହେଲେ ଅଂତତଃ ଚାଷୀ ମାଲିକ ହୋଇଯାଇପାରେ । ଏହାର ସମାଧାନ ହେଉଚି, ଜମିରେ କାହାରି ସ୍ୱତ୍ୱ ନ ରହିବା କିଂବା ପୂର୍ବେ ସମସ୍ତଂକର ସବୁ ଜମିଥିଲା ପରି ପରିସ୍ଥିତି ତିଆରି କରିବା । ତାହା କିପରି ହେବ ? ସବୁ ଜମି ରାଜ୍ୟର ହେଲେମଧ୍ୟ ଠିକ୍ ସମାଧାନ ହୋଇପାରିବ ନାଇ । ରାଜ୍ୟ କାହାର ? ସେ ପ୍ରଶ୍ନ ଉଠିବ । ସେଥିରୁ ରକ୍ଷିତ ଓ ସଂଚିତ ସ୍ୱାର୍ଥ, ଆଜି ନହେଲେ ମଧ୍ୟ, ଦିନେ ପୁଣି ପ୍ରକାଶ ପାଇବ । ଭୋଟ କିପରି କାହାର ହେବ, ତା' କିପରି ବ୍ୟବହାର କରାଯିବ, ଏ ସବୁ ପ୍ରଶ୍ନର ସମାଧାନ ସହଜ ନୁହେ । ଏଣୁ ରାଜ୍ୟର ସ୍ଥିତି ଓ ପରିସ୍ଥିତି ମଧ୍ୟ ନିର୍ଦ୍ଦିଷ୍ଟ ବା ନିତ୍ୟ-ଶୁଭଂକର ନୁହେ ।

ତା' ପରେ ମୂଲିଆ— ମୂଲିଆର ଅର୍ଜନ କ'ଣ, ତା'ର ମାପ କେଉଁଠାରେ ? ମାଲିକ ଓ ଚାଳକମାନେ ବୁଦ୍ଧି ଖଟାଇ ମୂଲିଆଂକୁ ଶୃଂଖଳିତ ନ କଲେ ମୂଲିଆଂକର

Digitized by PPRACHIN, SOA

ଅର୍ଜନର ଅବସ୍ଥା ଓ ପରିମାଣ କ'ଣ ହେବ ? ଏଇ ଚାଳକମାନଂକର ଶ୍ରମ ଓ ଅର୍ଜନ କେଉଁ ମାପରେ କିଏ ମାପିବ ? ଯେତେ ମାପିଲେ ବି ସେ ମାପରେ ସମସ୍ତଂକର ସଂତୋଷ ହେବ ନାଇ । ଅତଏବ ସାମ୍ୟ ସେଠାରେ କାହିଁ ?

ତା'ପରେ ଦେଖ ଯୁବକ ଯୁବତୀ ସାମ୍ୟଭାବ ବା ନରନାରୀର ସମାନତା । ପ୍ରକୃତିରେ ନରନାରୀ ଦୁହେଁ ସାମନ ନୁହଂତି । ପ୍ରଜନନ କ୍ରିୟାରେ ଏ ଦୁହିଁଂକର ମୌଳିକ ସଂବଂଧ ସ୍ଥିର ଓ ନିର୍ଦ୍ଦିଷ୍ଟ । ସେଥିରେ ନାରୀରହିଁ ଦାୟିତ୍ୱ ସ୍ପଷ୍ଟ; ପୁରୁଷର ଦାୟିତ୍ୱ ନାଇ । ପ୍ରକୃତି ବିଧାନରେ ପୁଣି ନାରୀ ବା ମାଇଜଂତୁ ସର୍ବଦା ଅଂଗସୌଷ୍ଠବାଦିରେ ଅପେକ୍ଷାକୃତ ଅସୁଂଦର ଓ ଅପ୍ରିୟଂକର ହେଲେହେଁ ପୁରୁଷ ସେଥିରେ ଅତ୍ୟଂତ ଅନୁରକ୍ତ । ନାରୀ ସଂକେତ ଦେଲେ ମଧ୍ୟ ପୁରୁଷ ଏକା ଆକ୍ରମଣ କରେ, ନାରୀ ବହୁ ସଂକୋଚରେ ଆତ୍ମଦାନ କରେ । ତାହାହିଁ ନାରୀଠାରେ ଏବେ ମଧ୍ୟ ବ୍ରୀଡ଼ାରୂପେ ପ୍ରକାଶ ପାଏ । ପୁରୁଷର ସେ ବ୍ରୀଡ଼ା ନାଇ । କଳା, କବିତା, ବ୍ୟବହାର, ସର୍ବତ୍ର ନାରୀ ପୁରୁଷର ପ୍ରିୟଂକର ଓ ପୁରୁଷ ଦୃଷ୍ଟିରେ ସର୍ବସୌଂଦର୍ଯ୍ୟର ଯେପରିକି ପ୍ରତୀକ । ଏହା ସତ୍ୟ ହେଲେହେଁ, ଅନୁଭୂତିର ଆନଂଦ ଏଥିରେ ଥିଲେହେଁ, ଏହାର ମୂଳରେ ଅଛି କାମନା । ନିର୍ବପେକ୍ଷ କଳାର ଅନୁଭୂତି ଏଠାରେ ନାଇ । ଇଂଦ୍ରଧନୁ ବା ଦୂରର ସୁଂଦର ଅରଣ୍ୟାନୀ ଓ ଧୂମ୍ରନୀଳ ବା ବରଫାବୃତ ଗିରିସାନୁ ଦେଖିଲେ ଦର୍ଶକର ଯେ ନିର୍ବପେକ୍ଷ ଆନଂଦର ଅନୁଭୂତି ହୁଏ, ତାହା ଏଠାରେ ନାଇ । ତେଣୁ ପ୍ରଗତିରେ ପୁରୁଷ ନାରୀକୁ ଆଦର କରେ । ଏହା ବରଂ ଅବଳା ପ୍ରତି କରୁଣାର ଅଭ୍ୟସ୍ତ ଅଭିବ୍ୟକ୍ତି । ସେଥିରେ ପୃଥିବୀରେ ସର୍ବତ୍ର ନାରୀପ୍ରତି ବ୍ୟବହାରରେ ପୁରୁଷ ସଶଂକ ଓ ସମ୍ମାନ ପ୍ରଦର୍ଶନରେ ଯେପରିକି କୃତାର୍ଥ । ଏଇ ପୀଠରେ ଆଜି ନାରୀ ସ୍ୱାଧୀନତାର ପ୍ରସ୍ରବଣ ଛୁଟିଚି । ହୁଏତ ଜନ୍ମନିରୋଧ କଳ୍ପନା କରି ପ୍ରଜନନରେ ମଧ୍ୟ ନାରୀକୁ ଯଥାସଂଭବ ସ୍ୱାଧୀନ କରିବାର କଳ୍ପନା କରାଯାଉଚି । କିଂତୁ ନାରୀ ପୁରୁଷ ପରି ସମାଜରେ କେବେ ସ୍ୱାଧୀନ ହେବ ନାଇ । ଦୁହିଁଂକ ସ୍ୱାଧୀନତାର ପ୍ରକାର ଭିନ୍ନ । ନାରୀ ମାତା ହେବାର କଳ୍ପନା ଥିବାଯାଏଁ ସେ ପିତାପରି ସ୍ୱାଧୀନ ହେବା ଅସଂଭବ । ତଥାପି ଏକପତ୍ନୀକତାକୁ ଆଇନ କରିବାଠାରୁ, ଝିଅକୁ ବାପଘରେ ପୁଅ ସାଂଗେ ଭାଗ ଦେବା ପର୍ଯ୍ୟଂତ କ୍ଷୁଦ୍ର କ୍ଷୁଦ୍ର କଥାରେ ମଧ୍ୟ ନାରୀକୁ ପୁରୁଷ ସାଂଗେ ସମାନ କରି ସମାଜ କଳ୍ପନା କରାଯାଉଚି । ଏଇ  ସାମାନ୍ୟ ଉଦାହରଣରେ ମଧ୍ୟ ଦେଖ, ଭୌତିକ ଭାବରେ ନାରୀ ଏକ ସଂଗେ ବହୁ ପତି କଲେ ପିତୃନିର୍ଦ୍ଦିଷ୍ଟ ପରିବାର-ମୂଳକ ସମାଜରେ ପରିସ୍ଥିତି ଏକାବେଳେକେ ଭ୍ରଷ୍ଟ ହେବ । ଅନ୍ୟଦ୍ୱାରା ଜନ୍ମିତ ପିଲାର ବାପ ହୋଇ କେହି ପରିବାର ଧରି ରହିବେ ନାଇ । ଏହା ପ୍ରକୃତି ନୁହେ । ସଂତାନର ପିତା ନିର୍ଦ୍ଦିଷ୍ଟ ରଖିବାକୁ ନାରୀ ସମାଜରେ ବାଧ୍ୟ । କିଂତୁ ସମାଜରେ ଅନ୍ୟ ପରିବାରର ପରିସ୍ଥିତି ଭ୍ରଷ୍ଟ ନ କରି, ଏକସଂଗେ ବହୁ ନାରୀ ସମାଗମ ଯଦି ପୁରୁଷ କରେ, ସେଥିରେ ପରିବାର ଭ୍ରଷ୍ଟ ହେବାର ଶଂକା ନାଇ । ତେଣୁ ଆଧ୍ୟାତ୍ମିକ ଭାବରେ ବା ପରସ୍ପର ପ୍ରତି ପ୍ରୀତି-ନିବଦ୍ଧତା ହେତୁରୁ ପୁରୁଷ

Digitized by PPRACHIN, SOA

ଏକପତ୍ନୀବ୍ରତ ହୋଇପାରେ; ସେ ସ୍ୱତଂତ୍ର କଥା । ତା' ହେଉଚି । କିଂତୁ ଆଇନ କରି ସେ ବିଧିକୁ ବାଂଧି ଦିଆଯାଉଚି କାହିଁକି ?

ଝିଅକୁ ପୁଣି ପୁଅ ସଂଗେ ଭାଗଦେବା କଥା । ବହୁବିକାଶରେ ପ୍ରକୃତିର ଧାରା ଧରି ମା'ଠାରୁ ବାପଠାକୁ ପରିବାରର କର୍ତ୍ତୃତ୍ୱ ଆସିଚି । ପୁଅ ପରିବାରର ପ୍ରତୀକ । ଦାୟରେ ତା'ର ଦାୟିତ୍ୱ ଅଛି । ଝିଅ ପରିବାରର ନୁହେ । ଭାଗନେଇ ସେ ଭୋଗ କରିପାରେ । କିଂତୁ ଯେଉଁ ପରିବାରରୁ ଭାଗ ନେବ, ସେ ପରିବାରର କୌଣସି ଦାୟିତ୍ୱରେ ତା'ର ସଂପର୍କ ନାଇ । ନାରୀକୁ ଭାଗ ଦେଲେ ବୋହୂକୁ ଦେବା ଉଚିତ, ଝିଅକୁ ନୁହେ । ତଥାପି, ପ୍ରତିକ୍ରିୟା ପରି ବାତ୍ୟା ଛୁଟିଚି । ସାମ୍ୟ ବୁଦ୍ଧିରେ ସବୁ ସମାନ କରାଯାଉଚି ବୋଲି ହୀନ ହେବେ ନାଇ । ଏଇ ସାମଂଜସ୍ୟରେ ସମାଜରେ ସମସ୍ତେ ସୁଖ ସ୍ୱାଚ୍ଛନ୍ଦରେ ରହିବେ । ସାମ୍ୟବାଦ ଏହାଠାରୁ ଆଉରି ଟିକିଏ ଦୂରକୁ ଗଲା । ସାମ୍ୟବାଦରେ ଯେଝା ଅର୍ଜନରେ ସେ ପୂରା ଅଧିକାରୀ ବୋଲି ପ୍ରଥମେ ଧରାଯାଇଥିଲା । ମୂଲିଆ ଅର୍ଜୁଚି, ମାଲି ଖାଲି ଧନ ଧରି ଚାହିଁ ବସିଚି । ଅତଏବ ଅର୍ଜନରେ ମୂଲିଆର ଅଧିକାର, ମାଲିକର ନୁହେ । ଏଇଠାରୁ ପୁଣି ଆଉରି ବିକାଶ ହେଉଚି । ସେଥିରେ ଯେ ଯେତିକି ଅର୍ଜିଲା, ସେତିକି ପାଇଲେ ଚଳିବ ନାଇ । ଯାହାର ଯାହା ଦରକାର, ସେ ତାହା ପାଇବ; ଯେ ଯେତେ ଅର୍ଜି ପାରିବ, ସେ ସେତେ ଅର୍ଜିବ । ଆର୍ଥନୀତିକ ଭାବରେ ଏହାହିଁ ସାମ୍ୟବାଦ ।

ସାମ୍ୟ ବା ସମସ୍ତେ ସମାନ ହେବା କଥାଟି ଲୋକେ ବୁଝିବାରେ ନାନା ବିପତ୍ତି ଘଟିବ । ସମସ୍ତେ ସମାନ, ଏ କଥାର ଅର୍ଥ କ'ଣ ? ସମସ୍ତଂକ ପ୍ରତି ସମାନ ବ୍ୟବହାର କରିବ, ଏକଥାର ଅର୍ଥ ନୁହେ ଯେ ରୋଗୀପ୍ରତି ଯେଉଁ ବ୍ୟବହାର କରିବ, ଛାତ୍ର ପ୍ରତି ସେଇ ବ୍ୟବହାର କରିବ; ଛାତ୍ର ପ୍ରତି ଯେ ବ୍ୟବହାର କରିବ, ମା' ପ୍ରତି ସେଇ ବ୍ୟବହାର କରିବ; ମା ପ୍ରତି ଯେ ବ୍ୟବହାର କରିବ, ମୂଲିଆ ପ୍ରତି ସେଇ ବ୍ୟବହାର କରିବ ଇତ୍ୟାଦି । ବ୍ୟବହାରରେ ଭେଦ ଓ ପାର୍ଥକ୍ୟ ପୂରାପୂରି ଥାଇ ମଧ ସମବ୍ୟବହାର କଥାଟି କାର୍ଯ୍ୟରେ ସାର୍ଥକ ହୁଏ । ସେଇପରି ସାମ୍ୟବାଦ ବୋଇଲେ, ସେଥିରେ ସମସ୍ତେ ସମାନ ନୁହଂତି । ଭେଦ ଓ ପାର୍ଥକ୍ୟ ଅଛି । ତା' ବରାବର ରହିବ । ବିଶ୍ୱ ବିକାଶରେ ବୈଷମ୍ୟ ହିଁ ସୌଂଦର୍ଯ୍ୟ । ଏହା ନିତ୍ୟ । ବିକାଶରେ ସବୁ ସମାନ ହେବ ନାଇ । କିଂତୁ ସମସ୍ତେ ସମାନ ଭାବରେ ନିଜର ନିଜତ୍ୱ ପ୍ରକାଶ କରିବେ । ଡାଳ ଫୁଲ ହେବ ନାଇ, ଫୁଲ ନଈ ହେବ ନାଇ, ପାଣି ପାହାଡ଼ ହେବ ନାଇ, ସବୁ ଡାଳ ବି ସମାନ ବଢ଼ିବେ ନାଇ, ସବୁ ପତ୍ର ବି ସମାନ ହେବ ନାଇ । କିଂତୁ ଏସବୁ ବୈଷମ୍ୟ ଭିତରେ ବିକାଶର ସୌନ୍ଦର୍ଯ୍ୟ ଓ ସମତା ରହିଲା ପରି ସମାଜରେ ସାମ୍ୟ ଦେଖିବାକୁ ହେବ । କ୍ରିୟା ଓ ପ୍ରତିକ୍ରିୟାର ଉନ୍ମାଦନାରେ ସମାଜବାଦ ଓ ସାମ୍ୟବାଦର ଏ ପ୍ରକୃତି ଅନେକେ ବୁଝଂତି ନାଇ । ସେଥିରେ ମତବାଦ ଓ କ୍ରିୟାର ବିପତ୍ତି ଓ ବୀଭତ୍ସତା କମ୍ ଦେଖାଯାଉ ନାଇ । ବିଷୟକୁ ଭଲ କରି ବୁଝି ସମାଜର ଗତି ନିୟମିତ କରିବା ଉଚିତ ।

Digitized by PPRACHIN, SOA

ସମାଜ ନିୟମିତ କରିବାରେ ଯେକୌଣସି ମତବାଦ ମୂଳରେ ତତ୍ତ୍ୱର ଆଲୋଚନା ବା ଦର୍ଶନ ଅଛି । ସେ ଦର୍ଶନ କାର୍ଯ୍ୟରେ ସବୁବେଳେ ପ୍ରକାଶ ପଡ଼େ ନାଇ । ପ୍ରକାଶ ପଡ଼ିବା ବି ସଂଭବ ନୁହେ । ମାତ୍ର ତାକୁ ନ ଦେଖି ସମାଜର ଗତି ନିୟମିତ କରିବାକୁ ଗଲେ ଆଚରଣ ଭିତ୍ତିହୀନ ଓ ଭ୍ରଷ୍ଟ ହୁଏ । ତାହା ହେଉଚି । ତେଣୁ ବିଷୟର ବାସ୍ତବ ଆଲୋଚନା କରିବା ପୂର୍ବରୁ ଏହି ତତ୍ତ୍ୱର ବିଶ୍ଳେଷଣ ଓ ଦର୍ଶନଟି ଠିକେ ଠିକେ ବୁଝି ରଖିବାର ଅଛି ।

ଏ କାଳର ସାମ୍ୟବାଦ ମୂଳରେ ଜର୍ମାନ୍ ଦାର୍ଶନିକ ହେଗେଲ୍‌ଙ୍କ ବିକାଶର ବିଶ୍ଳେଷଣ ଦର୍ଶନଟି ଅଛି । ସେ ଦର୍ଶନର ସାର କଥା ହେଉଚି, ସମସ୍ତ ବିକାଶ ଧର୍ମରେ ନ ଜାଣି ଯେଉଁଠାରୁ ଆରଂଭ ହୁଏ, ଜାଣି ସେଇଠାରେ ଶେଷ ହୁଏ । ଏଇ ଆରଂଭ ଓ ଶେଷ ମଝିରେ ଆରଂଭ ଓ ଶେଷ ଗତି ଦେଖିବା ଭଳି ଅବସ୍ଥା ନଥାଏ । ମଂଜିରୁ ଗଛ ଆରଂଭ ହୁଏ । ଗଛ ଅବସ୍ଥାରେ ମଂଜିକୁ କଳନା କଲା ଭଳି କଛି ନଥାଏ । ଏହା ମଂଜିରୁ ସଂପୂର୍ଣ ଭିନ୍ନ । ଏଇ ଅବସ୍ଥାରେ ନାନା ଭେଦ, ବିଭାଗ, ଦ୍ୱଂଦ୍ୱ । ଶେଷରେ ପରିଣତି ହେଉଚି ପୁଣି ସେଇ ମଂଜି । ପ୍ରଥମରୁ ମଂଜିଟି କ'ଣ, ତା'ର ଗତି କୁଆଡ଼େ, ବିକାଶର ଲଭ୍ୟ କେଉଁଠି, ତା' ସବୁ କିଛି ଜଣା ନାଇ । ଶେଷ ପରିଣତିରେ ସେଇ ମଂଜି । କିଂତୁ ଏଥର ତା'ର ଗତି, ଲଭ୍ୟ ପ୍ରଭୃତି ସବୁ ସୁସ୍ପଷ୍ଟ । ସମସ୍ତ ସଂଗ୍ରାମ ଭିତରେ ମଂଜିଠାରୁ ପୁଣି ମଂଜିକୁ ଆସିବାକୁ ହେବ । ଏହାହିଁ ବିକାଶ-ଚକ୍ର; ପ୍ରଗତିର ପରିଣତି ଓ ଜଗତ୍ ତଥା ସମାଜର ଲଭ୍ୟ ।

ଅଧ୍ୟାତ୍ମ ଜଗତରେ ସେହିପରି ପ୍ରଥମେ ମନୁଷ୍ୟ ଅନୁଭୂତିରେ ବିକାଶ ଭିତରେ ବିକାଶ ଭିତରେ ସର୍ବତ୍ର ଏକ ଶକ୍ତି । ତାହା ଅତିଭୂତ । ତାହାର କଳ୍ପନା ନାଇ, କି ତାକୁ ଏଡ଼ିକି ଏପରି ବୋଲି କହି ହେବ ନାଇ । ତା'ପରେ କେତେ କାଳେସୀ, କେତେ ଈଶ୍ୱରଂକର ପୁତ୍ର ପୟଗଂବର, କେତେ ପ୍ରକାର ସାଂଖ୍ୟର ତର୍କଣା, କୁଂଭକାରପରି ଈଶ୍ୱରଂକୁ ବିଚାରି କେତେ ନ୍ୟାୟଶାସ୍ତ୍ରର ଯୁକ୍ତି, ମହାପୁରୁଷରେ ଈଶ୍ୱରର ଉପାସନା, ଈଶ୍ୱରଂକ ଠାରେ ପୁରୁଷର ଧାରଣା, ସର୍ବୋପରି ପୁଣି ସର୍ବତ୍ର ସେଇ ଶକ୍ତି, ସେଇ ଅତିଭୂତ ପରମତତ୍ତ୍ୱ, ପରମ ବ୍ରଂହ, ପରମାତ୍ମା ।

ଏଇପରି ଦର୍ଶନ ଓ ହିସାବରେ ସର୍ବତ୍ର ସମସ୍ତ ଜାଗତିକ ବିକାଶ ଓ କ୍ରିୟାରେ ପ୍ରଗତି ଓ ପରିଣତି (Thesis, antithesis, synthesis) ବା ମୂଳବସ୍ତୁ, ବିକ୍ଷୋଭ ଓ ସମାଧାନ ଲକ୍ଷ୍ୟ କରାଯାଇପାରେ । ଏଇ ଲକ୍ଷ୍ୟ ଲକ୍ଷଣାକୁ ଧରି ଊନବିଂଶ ଶତାବ୍ଦୀରେ କେତେକ ସମାଜ ବିଜ୍ଞାନସଂଧିତ୍ସୁ ସାମ୍ୟବାଦ ଆରଂଭ କରିଥିଲେ । ଜର୍ମାନ ପଂଡ଼ିତ କାର୍ଲମାର୍କସ (Karl Marx)ଙ୍କ ନାମ ସେମାନଂକ ମଧରେ ସ୍ମରଣୀୟ । ଏହି ଦର୍ଶନ ଅନୁସାରେ କୁହାଗଲା, ସମାଜ ଯେତେବେଳେ ଆରଂଭ ହେଲା, ସେତେବେଳେ ଯାହାର ଯାହା ଦରକାର, ସେ ତାହା ପ୍ରକୃତିରୁ ପାଉଥିଲା । ସମସ୍ତେ ଯେଝା ଅଧିକାରରେ ସମାନ ଭାବରେ ଫଳ, ମୂଳ, ଜଳ ଠାରୁ ପାରିଧିଲବ୍ଧ ମାଂସ ପର୍ଯ୍ୟଂତ ଭୋଗ କରୁଥିଲେ । କୌଣସି ବିବାଦ

Digitized by PPRACHIN, SOA

ନଥିଲା । କୌଣସି ବିକ୍ଷୋଭ ନ ଥିଲା । କ୍ରମେ ଏକର ଅର୍ଜନ ଅନ୍ୟ ଆତ୍ମସାତ୍ କରିବାକୁ ବସିଲା । ବିବାଦ ଓ ବିକ୍ଷୋଭ ଲାଗିଲା । କ୍ରମେ ସାମଂତବାଦ, ପୁଂଜିବାଦ, ଦଳିତର ଶୋଷଣ, ସାମ୍ରାଜ୍ୟର ଅପଚାର, ମୂଲିଆ ମାଲିକ ସଂବଂଧର ବୀଭତ୍ସତା ସବୁ ପ୍ରକାଶ ପାଇଲା । ଏସବୁ ଦ୍ୱଂଦ୍ୱ ବିକ୍ଷୋଭର ପରିଣତି ଓ ସମାଧାନ ପୁଣି ସେଇ ମୌଳିକ ସାମ୍ୟଧର୍ମରେ ଖୋଜିବାକୁ ହେବ । ଯାହାର ଯାହା ଅର୍ଜନ, ସେ ତାହା ନିର୍ବିବାଦରେ ପାଇବ । ସେଥିରେ ପୁଣି କାହାରି ଅଭାବ ରହିବ ନାଇ । ବୁଝିବିଚାରି ଏହା କରିବାକୁ ହେବ । ଏହାହିଁ ସାମ୍ୟବାଦ । ଏ ସମସ୍ତ ପ୍ରଗତିରେ ଏହାହିଁ ପରିଣତି । ଏହାହିଁ ସମାଜର ଉପେୟ । ଏଥିରେ ହିଁ ଶେଷ ସମାଧାନ । ଏଥିରେ ହିଁ ଚିର ଶାଂତି ।

ଏ ହେଲା ଭୌତିକ ସାମ୍ୟବାଦ । ଏ ସମାଧାନଟି ଦାର୍ଶନିକ ହେଲେ ମଧ, ଏଥିରେ ବିକାଶର ସ୍ଥିରତା ରଖିବାର ସାଧନ କ'ଣ ଏ ତା' ଧରାଯାଉ ନାଇ । ଯେତେବେଳେ ଫଳମୂଳ ଓ ପାରିଧି ମାଉଁସରେ ଆଦିମ ମାନବ ଜୀବିକା ନିର୍ବାହ କରୁଥିଲା, ଘର ବୋଲି କିଛି ଜାଣି ନଥିଲା ହୁଏତ କେବଳ ମା, ମାର ମା, ମାମୁଁ, ଭାଇ, ଯାଂକ ଛଡ଼ା ଆଉ କେହି ତା'ର ଜାଣିବାକୁ ନଥିଲେ, ଫଳତଃ ଏଇମାନଂକ ଅକୃତ୍ରିମ ସ୍ନେହ ସଂବଂଧରେ ପରିବାର ମାତ୍ରରେ ସମାଜ ପ୍ରତିଷ୍ଠିତ ଥିଲା, ନାରୀ- ପୁରୁଷର ସମାଗମ ଯଥେଚ୍ଛା ଥିଲା, ଏ ..ାଗମରୁ ସଂତାନ ହୁଏ ବୋଲି ହୁଏତ ଧାରଣା ନ ଥିଲା, ସେତେବେଳର କଥା ଅଲଗା ।

ଆଜି ପ୍ରଗତିର ବିକ୍ଷୋଭ ଭିତରେ ସେ ମୌଳିକ ପରିସ୍ଥିତି ଧରି, ଧରାଇ, ମୂଲିଆ ମାଲିକ ।

[ନ.ଭା. ୧ମ ବର୍ଷ, ୮ମ ସଂଖ୍ୟା
ମଇ ୧୯୪୭]

# କାକଟପୁର ଲୁଣ

ପୁରୀଜିଲାର କାକଟପୁର ଅଂଚଳଟି ଦଇବିଛାଡ୍ ମୁଲକ । ବଢ଼ି ନ ହେଲେ ମରୁଡ଼ି ଲାଗି ରହିଚି । ପୁଣି ବଢ଼ି ହୋଇ ବଂଧବାଡ଼ ସବୁ ଏପରି ମେଲା ମୁକୁଳା ହୋଇ ପଡ଼ିଚି ଯେ, ମହାନଦୀରେ ପାଣି ପଡ଼ି କୁଆଖାଇ କୁଶଭଦ୍ରା ଧଇଲେ, କାକଟପୁର ଏକାବେଳକେ ନାରଖାର । ଏପରି ମୁଲକ ପାଇଁ ଭଗବାନ୍ ଲୁଣର ସୁବିଧା ଦେଇଥିଲେ । ଏ ମୁଲକ ଲୋକେ ଚିରକାଳ ଲୁଣ ମାରି ଚଳୁଥିଲେ । ୧୯୧୯ରେ ଯେତେବେଳେ ବଢ଼ି ମରୁଡ଼ି ପଡ଼ିଥିଲା, ସେତେବେଳେ ବିହାର-ଓଡ଼ିଶାର ଛୋଟଲାଟ ଭାରତ ସରକାରଂକୁ କହି କାକଟପୁରରେ ଲୁଣମରା ଛାଡ଼ କରି ଦେଇଥିଲେ । ସେ ଘାତି ଲୋକେ ବଞ୍ଚିଗଲେ । ଏବେ ଗୋଦସ୍ତାବର୍ଷ ବଢ଼ି ପରେ ବଂଧବାଡ଼ ମେଲା ହୋଇ ଯାଇଚି । ମାତ୍ର ଭାଗ୍ୟକୁ ତିନି ବରଷ ହେଲା ଲୁଣମରା ଛାଡ଼ ଥିଲା । ଲୋକେ କୌଣସିମତେ ବଂଚିଯାଉଥିଲେ । ବିହାର

Digitized by PPRACHIN, SOA

ଓଡ଼ିଶା ସରକାରଂକୁ ଏତିକି ବେଳକୁ ବୁଦ୍ଧି ଦିଶିଲା, ସେ କୁଆଡ଼େ ଏବେ ଭାରତ ସରକାରଂକୁ ଜଣାଇ ଲୁଣମରା ବଂଦ କରି ଦଉଚଂତି । ସେ ମୁଲକ ଲୋକେ ଯେ କ'ଣ କରିବେ କେହି କହିବେ କି ? ଆଗେ ଲୋକେ ପେଟ ବିକଳରେ ହେଲେ ରେଂଗୁନ୍, ଯାଉଥିଲେ । ଏବେ କରିବେ କଅଣ ।

[ନବଭାରତ ମୀନ, ୧୩୪୧]

# ଓଡ଼ିଶାରେ ଲୁଣ ତିଆରି

ଲୁଣ ବିଭାଗରେ ଓଡ଼ିଶାକୁ ଅଲଗା କରି ସ୍ୱତଂତ୍ର ଚକଡ଼ା କରିବାକୁ ଓଡ଼ିଶା ସରକାର ଭାରତ ସରକାରଂକୁ ନିବେଦନ କରିଥିଲେ । ପ୍ରତ୍ନବିଦ୍ୟା ବିଷୟରେ ଯେପରି, ଏଥିରେ ସେଇପରି ଉତ୍ତର ମିଳିଚି, 'ଟଂକା ନାହି' । ବିଚରା ଓଡ଼ିଶାକୁ ଏତେକାଳ ନାନା ଭାବରେ ଦୋହିଁ ସାରି ସିଠା କରି ଏବେ ସ୍ୱତଂତ୍ର ପ୍ରଦେଶଟାଏ କରି ପକାଇଦେଇ, ଏପରି ସବୁ କଥାରେ 'ଟଂକା ନାହି' ବୋଲି କହିବା କେବଳ ଅବହେଳାର ଚିହ୍ନ ନୁହେ; ଏହା ଅନ୍ୟାୟ । ସ୍ୱତଂତ୍ର ପ୍ରଦେଶ ସଂଗେ ଏସବୁ ସ୍ୱାତଂତ୍ର୍ୟ ଆମର ଅବଶ୍ୟ ପ୍ରାପ୍ୟ । ଙ୍ଗ' ନ ହେବାରୁ ଅନ୍ୟାନ୍ୟ ଅସୁବିଧା ଯା ହେଉ ନହେଉ, ସେଇସବୁ ବିଭାଗର ଚାକିରିରେ ମଧ୍ୟ ଓଡ଼ିଆଂକ ସ୍ଥାନ ନାହି । ଏ ତ ସବୁବେଳେ ଆଖିକି ଦିଶିବାଭଳି କଥା । ରେଳରେ ଓଡ଼ିଆ ଚାକିରି ପାଇବା ପାଇଁ ଆମେ ଲଢୁଛୁ; ପୋଷ୍ଟ ଟେଲିଗ୍ରାମ ପ୍ରଭୃତିରେ ଆମେ ସେଇପରି ଖାଲି କୁଲି ମଜୁରିଆ । କେଂଦ୍ର ସରକାରଂକ ଚାକିରିରେ କିରାଣିଟିଏ ମଧ ଓଡ଼ିଆ ନାହି । ଏଇପରି କେତେ ବାହୁନିବୁ ? ବାହୁନିଲେ ବା ଫଳ କ'ଣ ? ସବୁ କ୍ଷେତ୍ରରେ ସ୍ୱତଂତ୍ରତା ଓ ସ୍ୱତଂତ୍ର ବିଚାର ଆମର ପାଇବାର କଥା ।

ଲୁଣରେ ଏଇ ସ୍ୱାତଂତ୍ର୍ୟ ପୁଣି ୧୯୧୮ରେ ବିହାର ବ୍ୟବସ୍ଥାସଭାରେ ସ୍ୱର୍ଗତ ପଂଡ଼ିତ ଗୋପବଂଧୁ ଦାସ ଆରଂଭ କରିଥିଲେ । ସେଇକାଳୁ ଓଡ଼ିଆ ଚାହିଁଚଂତି । ଓଡ଼ିଶାର ଲୁଣଶିଳ୍ପ ଏଇ ସ୍ୱାତଂତ୍ର୍ୟ ସଂଗେ ଯେ ମରି ଯାଇଚି, ଏହା ଗୋପବଂଧୁ ଅକାଟ୍ୟ ଯୁକ୍ତିରେ ପ୍ରମାଣ କରିବାପରେ ଆଉ ବିଶେଷ କହିବା ଦରକାର ନାହି ।

[୫ମ ବର୍ଷ ନବଭାରତ ଧନୁ, ୧୩୪୬]

# ଫସଲ ଉନ୍ନତି ସମ୍ମିଳନୀ

ଭାରତର ଫସଲ ଉନ୍ନତି ବିଚାର କରିବା ପାଇଁ ସିମଳାରେ ଗୋଟିଏ ସମ୍ମିଳନୀ ବସିଥିଲା । ଏହା ଗୋଟିଏ ସରକାରୀ ବ୍ୟାପାର ହେଲେହେଁ ଏଥିରେ ବହୁତ ଭଲକଥା କୁହାଯାଇଛି, ସେଥି ମଧ୍ୟରୁ– (୧) ଧାନଚାଷ କରାଇବାକୁ ହେବ ନାହି (୨) ବିଦେଶକୁ

Digitized by PPRACHIN, SOA

ଧାନ ପଠାଇବାରେ ଯେ ଶୁଳ୍କ ବା ଟଂଡ ଥିଲା ତାହା ଉଠାଇଦେଇ ପୁଣି ବିଦେଶରୁ ଏ ଦେଶକୁ ଆସୁଥିବା ଧାନ ଉପରେ ଶୁଳ୍କ ବସାଇ ଦର ବଢ଼ାଇବାରେ ସାହାଯ୍ୟ କରିବାକୁ ହେବ । ଏ ଦୁଇଟି ଆଂଭମାନଂକ ପକ୍ଷରେ ଉଲ୍ଲେଖଯୋଗ୍ୟ ଏ ଦେଶରେ ଧାନ ଚାଷ କରାଇବା ଦରକାର ନାହି । କାହିଁକି ନା ଦେଶରେ ଯେତେ ଧାନ ଖର୍ଚ୍ଚ ହୁଏ ସେତେ ଧାନ ମଧ୍ୟ ଆଦାୟ ହୁଏ ନାହି, ଏହା ସମ୍ମିଳନୀଂକର ମତ । ଧାନ ଦର ବଢ଼ାଇବାରେ ଅନେକେ ଆପତ୍ତି କରି ପାରଂତି— ବିଶେଷରେ ଶ୍ରମିକ-ହିତୈଷୀମାନେ । କିଂତୁ ବୁଝିବାର ଅଛି ଏ ଦେଶରେ କୃଷକର ସଂଖ୍ୟା ଶ୍ରମିକଠାରୁ ବହୁତ ବେଶି । ଧାନର ଦର ବଢ଼ିଲେ ଶ୍ରମିକର ମଜୁରି ମଧ୍ୟ ବଢ଼ାଇବାର ସୁବିଧା ହେବ । ପୁଣି ଧାନର ଦର ନ ବଢ଼ିଲେ କୃଷକ ଖଜଣା ଦେଇ ପାରିବ ନାହି । ଧାନ ଶସ୍ତା ହେବା ଭଲ ବୋଲି ଲୋକଂକୁ ବୁଝାଇବାବେଳେ ବହୁତ ସମୟରେ କୁହାଯାଇଥାଏ; କିଂତୁ କୃଷକ ଧାନ ବିକି ଖଜଣା ଦିଏ, ବଳଦ କିଣେ, ଆଉ ଯେତେ କିଣିବାର ଜିନିଷ ସବୁ ଧାନ ବିକି କିଣେ ଓ ଧାନ ବିକି ମଜୁରି ଦିଏ । ଧାନ ଶସ୍ତା ହୋଇଗଲେ ବଳଦ, ମଜୁରି ପ୍ରଭୃତି ହୁଏତ ଶସ୍ତା ହୋଇ ଯାଇପାରେ, ମାତ୍ର ଖଜଣାବେଳକୁ ଉପାୟ କ'ଣ ? ଆଂଭେମାନେ ଜାଣୁ ୧୮୨୯ ପୂର୍ବରୁ ଓଡ଼ିଶାରେ ଯେଉଁଠାରେ ବଂଦୋବସ୍ତ ହୋଇଥିଲା ସେଠାରେ ସେତେବେଳେ ଧାନ କଟକୀ ମାପ ୧୪ ଠାରୁ ୧୬ ସେରରେ ହିସାବ କରି ଜମିର ଆୟ ଧରା ଯାଇଥିଲା । ଏହି ମାପ ୧୫ ସେରଟି ଓଜନରେ ପ୍ରାୟ ସେ ୧୦ର ଓ ସେଥିରୁ କୁଟାଦରରେ ଚାଉଳ ମିଳିବ ସେ ୬ ର । ଏଇ ଆୟର ୩ ଭାଗର ଭାଗେ ଖଜଣା ଧାର୍ଯ୍ୟ ହୋଇଥିଲା । ଏବେ କୃଷକ ଖଜଣା ଦେବ କାହୁଁ ? ଆଂଭେମାନେ ଜାଣୁଁ ୩୮-୩୯ ସାଲରେ କୃଷକେ ବିଲରୁ ପାଇଥିବା ସବୁ ଧାନ ବିକି ମଧ୍ୟ ଖଜଣା ଦେଇ ପାରି ନାହାଂତି । ଅତଏବ ଧାନର ଦର ଶୀଘ୍ର ବଢ଼ିବାରେ ମଂଗଳ ।

ଏଇ ସଂପର୍କରେ ଭିନ୍ନ ଭିନ୍ନ ପ୍ରଦେଶରେ କି କୃଷି କରାଯାଇପାରେ ସେ ବିଷୟରେ କେତେକ ସୂଚନା ଓ ପରାମର୍ଶ ସମ୍ମିଳନୀ ଦେଇଚଂତି । ସେଥିରେ ବିହାର ଓଡ଼ିଶାକୁ ଆଖୁ, ପେସୁ, ଗୋରୁଂକ ଖାଦ୍ୟ, ଚେର ଚଣା, ରାଶି ବେଶି କରି କରିବାକୁ କୁହାଯାଇଚି । ଓଡ଼ିଶା ଏଥିରୁ କେଉଁଗୁଡ଼ିକୁ ବାଛି କରି ବଢ଼ାଇବ, ବୁଝାଯାଉନାହି । ଆଖୁ କଲେ ବିକିବ କୁଆଡ଼େ ? ବିହାରରେ ବହୁତ ଚିନିକଳ ହେଲାଣି, ଓଡ଼ିଶା କ'ଣ ସେଇଠାକୁ ଆଖୁ ପଠାଇବ ? ପେସୁ ଓଡ଼ିଶାର କେଉଁ ଭୂମିରେ ହେବ ? ଧୋଇୟାରେ ନା ମରୂଡ଼ିଆରେ ? ଗୋରୁଂକ ଖାଦ୍ୟ— ଏ ଦେଶରେ ଗୋରୁ କାହାଂତି ? ହଜାରରେ କେତେଟା ଶିଶୁ ଏ ଦେଶରେ ଦୁଧ ଖାଇବାକୁ ପାଆଂନ୍ତି ? ଗୋରୁଂକ ଖାଦ୍ୟ ପାଇଁ ଖର୍ଚ୍ଚ କରିବାକୁ କୃଷକ ପାରିବ ତ ? ପୁଣି ସେ ଖାଦ୍ୟ କେଉଁ ବଜାରରେ ବିକିବ ? ଏ ଦେଶରେ କଲିକତା, ପାଟଣା ପରି ସହର ନାହି କି **ବିହାର** ବଂଗଳା ପରି ଗ୍ରାମେ ଗ୍ରାମେ ଛୋଟ ବଡ଼ ଜମିଦାର ନାହାଂତି । ଗୋରୁଂକ ଖାଦ୍ୟ କିଣିବ କିଏ ? ଚେରଚଣା— ଚେରଚଣା ଲୋକେ

Digitized by PPRACHIN, SOA

ଆଗେ ଆରଂଭ କରିଥିଲେ, ମାଂକଡ଼ ଖୋଳି ଖାଇଯିବାରୁ ଅନେକେ ତାହା ଛାଡ଼ିଦେଲେ । ରାଶିର ଅସୁବିଧା ମଧ୍ୟ ପେସୁ ପରି । ପୁଣି ରାଶି, ପେସୁ ନିତାଂତ ପଟୁ ପଡ଼ିବା ଜମିରେ ହୁଏ । ଅନ୍ୟ ଜମିନରେ ସେଥିପାଇଁ ଯେତେ କଣ ଓ ଖତ ଦରକାର ଓଡ଼ିଆ କୃଷକକୁ ତା' ଦବ କିଏ ?

ଏହିପରି ସବୁ ମହାଭାରତୀୟ ବିଷୟରେ ଓଡ଼ିଶା ଖାଲି ଗୋଟାଏ ନା' ହୋଇ ବିହାର ସଂଗେ ଯୋଡ଼ା ହେଉଚି । ପ୍ରତ୍ୟେକ ଓଡ଼ିଆ ଏକଥା ହାଡ଼େ ହାଡ଼େ ଅନୁଭବ କରିବା ଉଚିତ ।

[ନ.ଭା., ୧ମ ବର୍ଷ ୧ମ ଖଣ୍ଡ
ମିଥୁନ ୧୩୪୧]

# ଅର୍ଥନୀତିକ ସମ୍ମିଳନୀ

## ଖାଲି ବଡ଼ କାରଖାନା ଅର୍ଥୋଂନତିର ପଂଥା ନୁହେ–

ଗଲା ଡିସେମ୍ବର ୨୬ ତାରିଖ ଦିନ ପାଟଣାଠାରେ ଏହି ଆର୍ଥନୀତିକ ସମ୍ମିଳନୀର ଅଷ୍ଟାଦଶ ବାର୍ଷିକ ଅଧିବେଶନ ବସିଥିଲା । ବଂବେର ସି. ଏନ୍. ଉକିଲ୍ ସଭାପତି ହୋଇଥିଲେ । ସେ କହିଥିଲେ, ''ଭାରତର ବର୍ତ୍ତମାନ ଅର୍ଥନୀତିରେ କୌଣସି ସୁଚିଂତିତ ଓ ଦୃଢ଼ ମତ ପ୍ରକାଶ ପାଇବା ଭଳି ଅବସ୍ଥା ଆସିଛି ବୋଲି ମନେ ହେଉ ନାହି । ସରକାର, ଧନୀ, କାରଖାନାର ନିୟଂତାମାନେ, ରାଜନୀତିକମାନେ, ପୁଣି ଖାଲି ପାଠ ପଢୁଆ ପ୍ରଫେସରମାନେ ସାଧାରଣତଃ ଏ ବିଷୟରେ ମତ ଦିଅଂତି । ଦେଶର କୃଷକ ମତ ଦେବା ଭଳି ଅବସ୍ଥାକୁ ଆସିନାହାଂତି । କାରଖାନାର ଶ୍ରମିକମାନେ କୌଣସିଠାରେ ନିଜର ସଂଗଠନରେ ଲାଗିଛଂତି ସତ, କିଂତୁ ତାହା ଏବେ ମଧ ସୁପରିଚାଳିତ ବା ଯଥେଷ୍ଟ ନୁହେ ।

## ଖାଲି ବଡ଼ କାରଖାନା ଅର୍ଥୋନ୍ନତିର ପଂଥା ନୁହେ–

ଭାରତ କୃଷକ ଓ ମଧବିତ୍ତଂକର ଦେଶ । ଏ ଦେଶରେ ଧନିକ ଓ କାରଖାନାର ଅଧିକାରୀ ଓ ଚାଳକମାନେ ଯଥାର୍ଥରେ ଅର୍ଥନୀତିର ସମାଧାନ କରି ପାରିବେ ନାହି । କିଂତୁ ଏ କଥା ସତ୍ୟ ଯେ କାରଖାନାସର୍ବସ୍ୱ ଦେଶମାନଂକର ଅନୁକୃତିରେ ଏ ଦେଶର ଅର୍ଥନୀତି ଦିନକୁ ଦିନ ବିଭ୍ରାଂତ ଦିଗରେ ଗତି କରୁଅଛି । ଶ୍ରମିକ ସଂଗଠନଠାରୁ ତଥା କଥିତ ସାମ୍ୟବାଦ ପର୍ଯ୍ୟଂତ ସବୁ ସେହି କାରଖାନା ବା ତଦ୍‌ବିଧ ସ୍ଥାନର ପୁଂଜୀଭୂତ ଶ୍ରମିକମାନଂକୁ ଘେନି ବ୍ୟସ୍ତ । ସାରା ଦେଶରେ କୃଷକ, ଗ୍ରାମଶିଳ୍ପୀ ଓ ଜାନପଦ ଶ୍ରମିକ ପୂରି ରହିଅଛଂତି । ଆଜି ପୃଥିବୀର ଆର୍ଥିକ ଅବସ୍ଥା ସଂଗେ ସଂଗେ ଭାରତର ଆର୍ଥିକ

Digitized by PPRACHIN, SOA

ଅବସ୍ଥା ଭୟଂକର ଦୁର୍ଗତିରେ ପଡ଼ିଅଛି । ଭାରତର ଜାନପଦ ଶିଳ୍ପୀ କିଛି ତିଆରି କରୁ ନାହି । ଅତଏବ ସେ ଦିଗରେ ଅର୍ଥାଗମର ପଂଥା ନାହି । ତାକୁ କାମ ମିଳୁ ନାହି । ସେଥିରେ ପୁଣି କୃଷକର ଆୟଦ୍ରବ୍ୟ ଏତେ ଶସ୍ତା ହୋଇଛି ଯେ, ତାହାର ଖଜଣା ଦେଇ ବଂଚି ରହିବାର ସୁବିଧା ନାହି । ପୁଣି କୃଷକର ଆୟଦ୍ରବ୍ୟ ଏତେ ଶସ୍ତା ହୋଇଛି ଯେ, ତାହାର ଖଜଣା ଦେଇ ବଂଚି ରହିବାର ସୁବିଧା ନାହି । ପୁଣି ଏ ଦେଶରେ କୃଷିର ଜମିସବୁ ଏତେ କ୍ଷୁଦ୍ର କ୍ଷୁଦ୍ର ଖଂଡରେ ବିଭକ୍ତ ଯେ, କୃଷିରେ ଯଥେଷ୍ଟ ଆୟ କରିବାର କୌଣସି ସୁବିଧା କୃଷକ ହାତେ ନାହି ।

## ମହାତ୍ମା ଗାଂଧି ଓ ପଲ୍ଲୀ ସଂଗଠନ—

ଏବେ ମହାତ୍ମା ଗାଂଧି ଗ୍ରାମସଂଗଠନ କାର୍ଯ୍ୟରେ ଲାଗିଛଂତି । କୃଷକର ଆର୍ଥିକ ଅବସ୍ଥା ବିଷୟରେ ଅନୁସଂଧାନ କରୁଛଂତି । ବିଲାତର "ଗାର୍ଡ଼ିଏନ" ଖବରକାଗଜର ଜଣେ ଭାରତୀୟ ସଂବାଦଦାତା ଏବେ ମହାତ୍ମାଗାଂଧିଂକ ସଂଗେ ଏ ବିଷୟରେ ଦେଖା କରିଥିଲେ । ସେ ଯାହା ଲେଖିଛଂତି ତାହା ତା୨୭ରିଖ କଲିକତାର 'ଅମୃତ ବଜାର' ପତ୍ରିକାରେ ବାହାରିଅଛି । ସେଥିରୁ ପ୍ରାସଂଗିକ କଥାଟି ତଳେ ଅନୁବାଦ କରି ଦିଆଗଲା—

"ଭାରତର ପଲ୍ଲୀ ସମସ୍ୟା ତନଖି କରି ମହାତ୍ମା ଗାଂଧି ଯାହା ପ୍ରମାଣ କରି ଦେଖାଇ ଦେବାକୁ ତାଂକ ପାଖେ ଯଥେଷ୍ଟ ମାଲ ମସଲା ଅଛି । ମୁଁ ଏହା ଦେଖିଲା ବେଳେ ମୋ ଆଗରେ ଗୋଟିଏ ରୂପ ପଡ଼ିଛି । ଏହା କେତେକ ଆଦର୍ଶ କୃଷକ ପଲ୍ଲୀର ଗୋଟିଏ ସଂପୂର୍ଣ ସାମାଜିକ ଓ ଆର୍ଥିକ ଅବସ୍ଥାର ବିବରଣ । ଏହି ପଲ୍ଲୀଗୁଡ଼ିକ ଦକ୍ଷିଣ ଭାରତରେ ମାଂଦ୍ରାଜ ସହରରୁ ୩୦ ମାଇଲ ଦୂରରେ । ମାଂଦ୍ରାଜ ସରକାରଂକ ଶିଳ୍ପ, କୃଷି ଓ ସ୍ୱାସ୍ଥ୍ୟ ବିଭାଗର ଡିରେକ୍ଟରମାନେ ନିଜେ ଅନୁସଂଧାନ କରି ନିଜ ରିପୋଟରେ ଏହି ବିବରଣୀଟି ପ୍ରକାଶ କରିଛଂତି । ଏହା ଏବେ କେତେକ ସପ୍ତାହ ପୂର୍ବେ ପ୍ରକାଶିତ ହୋଇଅଛି । ଏଥିରୁ ଜଣାଯାଏ, ପାଂଚ ଜଣ ପରିବାର ଥିବା ଗୋଟିଏ ପଲ୍ଲୀ କୁଟୁଂବର ହାରାହାରି ବାର୍ଷିକ ଆୟ ୩୦ ଟଂକା ଠାରୁ ୧୦୦ଟଂକା ପର୍ଯ୍ୟଂତ । ପ୍ରାୟ ଅଧିକରୁ ବେଶୀ ସଂଖ୍ୟକ କୁଟୁମ୍ବଂକର ଆୟ ୩୦ ଟଂକା ଆଡ଼କୁ, ଶହେ ଟଂକା ଆଡ଼କୁ ନୁହେ । ରିପୋଟ କହଂତି, ଚିର ଦରିଦ୍ରତା ଓ ଆୟର ସ୍ୱଳ୍ପତାହିଁ ଗ୍ରାମମାନଂକରେ ବିକାଶ ପଂଥା ରୋକି ବସିଛି । ଏହି ବାଧା ବଂଦ କରିବାକୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଗ ପ୍ରତିକାର, ଶିଳ୍ପ ପ୍ରଭୃତି ସବୁ ଦିଗରେ ସମାନ ଭାବରେ ଉନ୍ନତି ଦରକାର । କୃଷିକ୍ଷେତ୍ରରେ କାମ କରି ହାରାହାରି ଜଣେ ଶ୍ରମିକକୁ ବର୍ଷେକେ ୫୦ ଟଂକା ଠାରୁ ୬୦ ଟଂକା ଯାଏ ମଜୁରି ମିଳେ । ବର୍ଷକରୁ ଶହେ ଦିନ ଏହି ଶ୍ରମିକମାନେ ସଂପୂର୍ଣରୂପେ ଅଳସୁଆ ହୋଇ ବସିବାକୁ ବାଧ୍ୟ ହୁଅଂତି । ବରଷକରୁ ଛ ମାସ ସେମାନେ ହୁଏତ ଯାହା ପାଆଂତି, ତାହା ଖାଆଂତି କିଂବା ଦରପୂରା କରି ଖାଇ ଜୀବନ କଟାଂତି ।"

Digitized by PPRACHIN, SOA

## କୃଷକର ସଂଗଠନ–

ଦେଶର ଏଇ ଅବସ୍ଥାରେ ଗ୍ରାମର ଶିଳ୍ପ ତଥା କୃଷି ବିଷୟରେ ଅତି ଶୀଘ୍ର ସୁବ୍ୟବସ୍ଥାମାନ ନ ହେଲେ ଦେଶର କି ଭବିଷ୍ୟତ ହେବ, ତାହା ଅନୁମାନ କରିବା ଶକ୍ତ ନୁହେ । ଏଥି ସଂବଂଧରେ ଏହି ସମ୍ମିଳନୀରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଡାକ୍ତର ରାଧାକମଳ ମୁଖର୍ଜି କହିଛଂତି– "ଉତ୍ତର ପଶ୍ଚିମ ପ୍ରଦେଶର ଏକ ଲକ୍ଷ ଏଗାର ହଜାର ଗ୍ରାମରେ ଏକାବେଳକେ ଆର୍ଥିକ ଉନ୍ନତିର ସମୂହ ଚେଷ୍ଟା କରିବା ହୁଏତ ଅସଂଭବ; କାରଣ ସେଥିପାଇଁ ଜନ, ଧନ ଓ ସାମଗ୍ରୀର ଯଥେଷ୍ଟ ଅଭାବ । ଗୋଟିଏ ଗୋଟିଏ ସ୍ଥାନ ବାଛି ପ୍ରଥମେ ସେହିଠାରେ ଭଲ କରି କାର୍ଯ୍ୟ ଆରଂଭ କଲେ ଦିନେ ସମସ୍ତ ପ୍ରଦେଶର ଆଖି ଫିଟିଯିବ । ଯେଉଁଠାରେ ବିଶେଷ ସୁବିଧା ଅଛି, ଲୋକ ଓ ସାମଗ୍ରୀ ଯୋଗାଇହେବ ଓ ଯେଉଁଠାରେ ଲୋକଂକର ଅବସ୍ଥା ହୁଏତ ବିଶେଷ ଖରାପ, ତେଣୁ କାର୍ଯ୍ୟର ଫଳ ଦେଖାଇ ହେବ, ସେହିଠାରେ ସମସ୍ତ ଶକ୍ତି ପ୍ରୟୋଗ କରି କାର୍ଯ୍ୟ ଆରଂଭ କରିବା ଦରକାର । ଏହିପରି ସ୍ଥାନ ଗୋଟଏ ଗୋଟିଏ ତହସିଲ ବା ପ୍ରଗନା ହେଲେ ଭଲ ହେବ । ତାହାଠାରୁ କୌଣସିମତେ କ୍ଷୁଦ୍ର ହେବ ନାହି । ଗୋଟିଏ ସୁଚିଂତିତ ସୁକଳ୍ପିତ ଯୋଜନା ଆଗରେ ରଖି ଏଇ କାର୍ଯ୍ୟ ଆରଂଭ କରିବାକୁ ହେବ, ଯେପରି କି ଏହି ପରୀକ୍ଷାବେଳେ କୌଣସି ଦୁଇଟି କାର୍ଯ୍ୟ ମଧରେ ବିରୋଧ ନ ଘଟେ । ଆର୍ଥିକ ଉନ୍ନତି ସଂବଂଧରେ ଯୋଜନା ପ୍ରସ୍ତୁତ କରିବା ନିମଂତେ ଗୋଟିଏ ବିଭାଗ ବହିବ ଏବଂ ନିମ୍ନଲିଖିତମତେ କାର୍ଯ୍ୟ ଆରଂଭ କରାଯିବ; ଯଥା– ଭିନ୍ନ ଭିନ୍ନ ଲୋକଂକର କ୍ଷୁଦ୍ର କ୍ଷୁଦ୍ର ଜମି ଏକାଠି କରିବା, ଉନ୍ନତ ଧରଣର କୃଷି କରାଇବା, ଗୋରୁ ମଇଁଷିଂକର ଉନ୍ନତି କରାଇବା, କୃଷିଲବ୍ଧ ଦ୍ରବ୍ୟ ବିକ୍ରିର ବ୍ୟବସ୍ଥା କରିବା, ପରସ୍ପର ସହଯୋଗରେ କୃଷି ପ୍ରଭୃତି କରାଇବା, ଗ୍ରାମର ଶିଳ୍ପୀମାନଂକୁ କାମ ଦେବା, ଦ୍ରବ୍ୟ ନେବା ଆଣିବା ଓ ଯିବା ଆସିବା ପାଇଁ ରାସ୍ତାମାନଂକର ଉନ୍ନତି କରାଇବା, ପଲ୍ଲୀରେ ସ୍ୱାସ୍ଥ୍ୟକର ଘରସବୁ କରାଇ ଶିଖାଇବା । ସରକାରଂକର ବିଭାଗୀୟ କର୍ମଚାରୀମାନେ, ଜିଲାବୋର୍ଡ଼ ତଥା ପଂଚାୟତମାନେ ବସି ପାଂଚ ବର୍ଷପାଇଁ ଏହି ଯୋଜନା ସ୍ଥିର କରିବେ । ପ୍ରତ୍ୟେକ ବିଭାଗରେ କିପରି କେତେ ଉନ୍ନତି କଳ୍ପନା କରାଯାଇପାରେ, ତାହା ସେମାନେ ଠିକ୍ କରିବେ, ଯଥା– ଏତେ ଏକରରେ ଏହିପରି ଭାବରେ ଏହିପରି ଉନ୍ନତ ଶସ୍ୟ ବା ଆଖୁ କରାଯାଇପାରେ, ଏହିପରି ଭାବରେ ଏତେ ଗୋଚର ଭୂମି ରଖାଯାଇ ତାହାର ଏହିପରି ଉନ୍ନତି କରାଯାଇପାରେ, ଏହିପରି ଭାବରେ ଏତେ କ୍ଷୁଦ୍ର ଜମି ଖଂଡମାନ ମିଶାଇ କୃଷିର ସୁବିଧା ଭଳି ବଡ଼ ଜମିମାନ ତିଆର କରାଯାଇପାରେ, ଏତେ ସମବାୟ ବା ସହଯୋଗ ସମିତି, ଏତେ ଟିଉବ୍ ଉଏଲ୍ ବା ନଳକୂଅ, ଏତେ ସ୍କୁଲ, ଏତେ ସ୍ୱାସ୍ଥ୍ୟ ନିବାସ, ଏତେ ଭଲ ଷଂଢ ଏହିପରି ଭାବରେ କରାଯାଇପାରେ ଓ କାର୍ଯ୍ୟରେ ଲଗାଯାଇପାରେ, ଇତ୍ୟାଦି ଇତ୍ୟାଦି ।

Digitized by PPRACHIN, SOA

ସେ ନିଜେ ଏହି ବ୍ୟବସ୍ଥାର ଗୋଟିଏ ଅସ୍ଥାୟୀ ଯୋଜନା ଦେଇଥିଲେ । ଗୋଟିଏ ତହିସିଲ ଯୋଜନାର ଡିରେକ୍ଟର ରହିବେ, ସେ ସବୁ ବିଭାଗର ସହଯୋଗ ସମାଧାନ କରି ଯୋଜନା ଅନୁସାରେ କାର୍ଯ୍ୟ ଚଳାଇବେ । ତାଂକ ତଳେ କୃଷି, ଜଳସେଚନ, ସମବାୟ, ଜିନିଷ ବିକିରି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପଶୁପାଳନ ଏହିପରି ଭିନ୍ନ ଭିନ୍ନ ବିଭାଗରେ ଆଠୋଟି କର୍ମଚାରୀ ରହିବେ । ତାହା ଛଡ଼ା ପାଂଚୋଟି ବିଭାଗରେ ପାଂଚୋଟି ଯାଂଚ କର୍ମଚାରୀ ରହିବେ । ସେମାନେ ତହସିଲଯାକ ସବୁବେଳେ ବୁଲି ବୁଲି କାମ ତନଖି କରିବେ । ତହସିଲରେ ଯୋଡ଼ିଏ କୃଷି ବିଭାଗୀୟ ବାରିକ୍‌ମିସ୍ତ୍ରୀ ରହିବେ । ଜମି ତିଆରି କରିବା, ବଂଧ, ବାଡ଼, ରାସ୍ତା ପ୍ରଭୃତି ପାଇଁ ଜାଗା ଠିକ୍ କରିବା ଓ କୂଅ ଖୋଳା, ପୋଖରୀ କଟା ପ୍ରଭୃତିରେ ସାହାଯ୍ୟ କରିବା ସେମାନଂକର କାର୍ଯ୍ୟ ହେବ । ଦୁଇଟି ଜଂଗଲ ବିଷୟ ଜାଣିଥିବା କର୍ମଚାରୀ ରହିବେ । ସେମାନେ ଜଂଗଲ କାଟିବାରେ, ଗୋଚର ପ୍ରଭୃତି ରଖିବାରେ, ବାଲି ମାଡ଼ିଯାଉଥିବା ଜାଗାରେ ବାଲି ରୋକିବାଭଳି ଗଛ ଲଗାଇବାରେ ସେମାନେ ସାହାଯ୍ୟ କରିବେ । ଗ୍ରାମ ସଂଗଠନ ବିଷୟରେ ବିଶିଷ୍ଟ ଶିକ୍ଷା ପାଇଥିବା ଶିକ୍ଷକମାନେ ପ୍ରତି ସ୍କୁଲରେ ରହିବେ । ଘର ସଂଭାଳିବା ବିଦ୍ୟାରେ ବିଶେଷ ଶିକ୍ଷା ପାଇଥିବା ଶିକ୍ଷକମାନେ ବାଳିକା ବିଦ୍ୟାଳୟରେ ରହିବେ । ନାରୀମାନଂକର ସୁବିଧା ନିମଂତେ ଜଣେ ନାରୀ ତତ୍ତ୍ୱାବଧାରକ ରହିବେ । ଏହି ଯୋଜନାର ବିଭାଗ ସଂଗେ ବିପଦ ଆପଦରେ ସାଧାରଣର କାର୍ଯ୍ୟ କରିବା ନିମଂତେ ଅବୈତନିକ ଗ୍ରାମଚାଳକ ସଂଘ ଓ ବଏସ୍କାଉଟ୍ ଦଳସବୁର ବ୍ୟବସ୍ଥା କରିବାକୁ ହେବ । ପୁଣି ଏଥିପାଇଁ ବିଶ୍ୱବିଦ୍ୟାଳୟମାନଂକରେ ଗ୍ରାମ ସଂଗଠନ ବିଷୟରେ ଛାତ୍ରମାନଂକୁ ବିଶିଷ୍ଟ ଶିକ୍ଷା ଦେବାକୁ ହେବ ।

ପ୍ରଫେସର ମୁଖର୍ଜି ଆଗ ନିଜର ଅନୁସଂଧାନ ବ୍ୟାଖ୍ୟା କରିବାରେ ଓ ଯୋଜନା ଦେବାରେ ସରକାରୀ ବିଭାଗମାନଂକ ପ୍ରତି ତେତେ ଦୃଷ୍ଟି ଦେବା ଦେଖାଯାଉ ନ ଥିଲା । ବର୍ତ୍ତମାନ ତାଂକ ଲେଖାରେ ସରକାରୀ ବିଭାଗର ସହଯୋଗ ଆଡ଼କୁ ଦୃଷ୍ଟି ଫେରିଥିବା ସ୍ପଷ୍ଟ । ବର୍ତ୍ତମାନ ଯେଉଁ ପ୍ରାଦେଶିକ ଶାସନର ଯୋଜନା ବାହାରିଛି, ସେହି ଦୃଷ୍ଟିରେ ବୋଧହୁଏ ସେ ଦୃଷ୍ଟି ଫେରାଇଛଂତି । ଯେଉଁ ଯୋଜନା ବାହାରିଛି, ସେଥିରେ ଆଂଭେମାନେ କହିଛୁଁ ପ୍ରତିକ୍ରିୟାଶୀଳ ଲୋକେ ସରକାରୀ ବିଭାଗମାନ ମାଡ଼ି ନ ବସିଲେ ଦେଶର ବହୁ ଅମଂଗଳ ପ୍ରତିରୋଧ କରାଯାଇପାରେ । ବିଶେଷରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ପ୍ରଭୃତି ସଂବଂଧରେ ମଂତ୍ରୀମାନେ ନୂତନ ଯୋଜନା ଓ କ୍ରିୟାମାନ କରିପାରଂତି । ବିଶେଷରେ, ଲୋକସାଧାରଣଂକ ଦିଗରୁ ସେ ଦିଗରେ ଉଦ୍ୟମ ହେଲେ ମଂତ୍ରୀମାନେ ତହିଁରେ ସାହାଯ୍ୟ ସହଯୋଗ କରିବାରେ ବିଶେଷ ବାଧା ଘଟିବ ବୋଲି ମନେ ହେଉ ନାହି । ଯେଉଁ ରାଜନୀତିକ ବା ଦେଶସେବୀମାନେ ଆପତିତ ଅବସ୍ଥାକୁ ସହି ସଂଭାଳି ନରମପଂଥା ଧରି

Digitized by PPRACHIN, SOA

ଦେଶ ଗଠନର ପରୀକ୍ଷା ବା ଉଦ୍ୟମ କରିବାକୁ ଚାହାଂତି, ସେମାନେ ଆଜହୁଁ ଏହି ଦିଗରେ ଦୃଷ୍ଟି ଚଳାଇଲେ ଫଳ ହେଉ ବା ନହେଉ, ଆଶଂକା କିଛି ନାହି ।

କିଂତୁ ପ୍ରାଦେଶିକ ଶାସନ ଯୋଜନାରେ ସ୍ଥାନେ ସ୍ଥାନେ ସାଂପ୍ରଦାୟିକ ଭାବ ଘୋର ଅଂତରାୟ । ଯେଉଁଠାରେ ତାହା ନାହି ବା କରା ହୋଇପାରିବ ନାହି, ସେଠାରେ ପ୍ରତିକ୍ରିୟାଶୀଳ ଲୋକଂକ ହାତେ ପ୍ରଦେଶ ଶାସନ ପଡ଼ିଯିବା ଭଳି ତୀବ୍ର ଉଦ୍ୟମ ସବୁ ଦେଖାଯାଉଛି । ଗ୍ରାମେ ଗ୍ରାମେ ଅଯଥା ଶ୍ୱେତପତ୍ରାଦିର ନାନାପ୍ରକାର ଅସଂଗତ ଓ ଅସୁଂଦର ପ୍ରଚାର ଆରଂଭ ହେବା ଦେଖାଗଲାଣି । ଏତେବେଳେ ତୁନି ହୋଇ ବସିବାର ନୁହେ । ଯେଉଁମାନେ ପୂର୍ଣ ସ୍ୱରାଜ୍ୟ ନ ହେଲେ ଆଉ କୌଣସି କଥାର ବିଚାରରେ ମନ ଦେବେ ନାହି, ସେମାନଂକ କଥା ସ୍ୱତଂତ୍ର । କିଂତୁ ଅବସ୍ଥା ଦୃଷ୍ଟିରେ ବ୍ୟବସ୍ଥା କରିବାଭଳି ରାଜନୀତିକ ଦଳ ଭାରତରେ ସର୍ବତ୍ର ଅଛଂତି । ସେମାନଂକର ନିଜ ପଂଥାରେ କାର୍ଯ୍ୟ କରିବାକୁ ଏବହୁଁ ତତ୍ପର ହେବା ବାଂଛନୀୟ ।

ବିଶେଷତଃ ଓଡ଼ିଶାର କଥା ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ଓଡ଼ିଶା କେବେ ନିଜର ପ୍ରଦେଶଟିଏ ଦେଖି ନାହି । ପ୍ରଦେଶ ପାଇବା ପାଇଁ ଅଧିକାଂଶ ଓଡ଼ିଆଂକର ସମସ୍ତ ଆକାଂକ୍ଷା ଓ ଉଦ୍ୟମ ଚଳି ଆସୁଛି । ପ୍ରଦେଶର ସୀମା ଘେନି ପ୍ରତିବେଶୀମାନଂକର ଦୁରଂତ ବିରୋଧ ସହି ସହି ଓଡ଼ିଆ ଆଉ କିଛି ଭାବିବାକୁ ହୁଏତ ବେଳ ପାଉ ନାହି; ମାତ୍ର ସେ ଯାହାହେଉ କେବଳ ପ୍ରତିବେଶୀଂକ ପ୍ରତିବାଦ ବା ପ୍ରଦେଶର ସୀମା ଗଠନରେ ଲାଗି ରହିବାର ବେଳ ଆଉ ନାହି । ଅନ୍ୟ କାର୍ଯ୍ୟ ଆଗରେ ପଡ଼ିଲାଣି । ଯାହାର ପ୍ରଦେଶ ବୋଲି କିଛି ନାହି କିଂବା ପ୍ରଦେଶ ସଂବଂଧରେ କିଛି ମାତ୍ର ଭାବିବାର ନାହି, ତାହା ପକ୍ଷରେ ମହାଭାରତୀୟ ଭାବରେ ନିଜକୁ ଭସାଇଦେଇ ନିଶ୍ଚିଂତ ରହିବା ଯେପରି ସୁକ୍ଷମ ଓଡ଼ିଆ ପକ୍ଷରେ ସେପରି ନୁହେ । ଏତେବେଳେ ବେଳ ଜାଣି ସର୍ବତୋମୁଖ ଉଦ୍ୟମରେ ଜାତି ଗଠନର ଯୋଜନା ବିଚାର କରି, ଅବସ୍ଥା ବୋଧରେ କାର୍ଯ୍ୟରେ ବ୍ରତୀ ନ ହେଲେ ଭବିଷ୍ୟତ ଶୂନ୍ୟ ହେବ । ଲୋକେ ସ୍ୱାର୍ଥତ୍ୟାଗ କରଂତି । ଯାହାର ସ୍ୱାର୍ଥ ଥାଏ, ସେ ତାହା ତ୍ୟାଗ କରେ । ଯେ ବାଧ ହୋଇ ଭିକ୍ଷାବୃତ୍ତିରେ ପେଟ ପୋଷେ, ସେ ସଂସାର ଛାଡ଼ି ସନ୍ୟାସୀ ହେଲେ ତାହାର ଯଥାର୍ଥ ସନ୍ୟାସ ଆସେ ନାହିଁ । ଅତଏବ ସୁଗଠିତ ସ୍ୱାର୍ଥ ଉପରେ ଠିଆ ନ ହେଲେ ଓଡ଼ିଆର ସ୍ୱାର୍ଥତ୍ୟାଗର ମଧ ଅଧିକାର ନାହି । ଓଡ଼ିଆର ଏତେ ଦିନ ଓଡ଼ିଆ ବୋଲି ରାଜନୀତିକ ବା ଆର୍ଥିକ ସ୍ୱାର୍ଥ ଗଠନ କରିବାର ସ୍ଥାନ ବା ଉପାୟ ନ ଥିଲା । ଆଜି ସେ ସ୍ଥାନ, ସେ ଉପାୟ ତାକୁ ମିଳିବାର ସଂଭାବନା ଦିଶୁଛି । ଏତେବେଳେ ସ୍ୱାର୍ଥ ଗଢ଼ିବାର ଉଦ୍ୟମ କରି ତାହାର ରକ୍ଷଣ ବା ତ୍ୟାଗ ପାଇଁ ପ୍ରସ୍ତୁତ ହେବାକୁ ହେବ ।

**ଖଜଣା ନୁହେ ଟିକସ—**

ଏହି ସମ୍ମିଳନୀରେ ପାର୍ଲିଆମେଂଟାରୀ ବୋର୍ଡ଼ର ସଂପାଦକ ବୋଂବେର ଶ୍ରୀଯୁକ୍ତ ବୁଲାଭାଇ ଦେଶାଇ କାର୍ଯ୍ୟୋପଲକ୍ଷରେ ପାଟନାରେ ଥିବାରୁ ବକ୍ତୃତା ଦେବାପାଇଁ ନିମଂତ୍ରିତ

Digitized by PPRACHIN, SOA

ହୋଇଥିଲେ । ସେ କୃଷକର ଅର୍ଥୋନ୍ନତି ସଂବଂଧରେ ଗୋଟିଏ ମୂଳ ନୀତିର କଥା ଉତ୍ଥାପନ କରିଅଛଂତି । ସେ କହଂତି, "ଏ ଦେଶରେ କୃଷକ ଜମିରେ ଖଜଣା ଦିଏ । ଏହା ପୃଥିବୀର ଅନ୍ୟ କୌଣସି ସଭ୍ୟ ଦେଶରେ ନାହିଁ । ଖଜଣାର ଅର୍ଥ ଭୂମି ରାଜାଂକର ବା ସରକାରଂକର । କିଂତୁ ଅନ୍ୟାନ୍ୟ ଦେଶପରି କୃଷକର ଜମିର ଆୟ ଉପରେ ଟିକସ ଦେବା ଉଚିତ । ତାହା ହେଲେ ପଲ୍ଲୀର ଆର୍ଥିକ ସମସ୍ୟା ସମାଧାନରେ ବହୁତ ବାଟ ଫିଟିଯିବ ।"

ବାସ୍ତବିକ ଏ ଦେଶର ପ୍ରାଚୀନ ରୀତିରେ ଜମି ଥିଲା କୃଷକର । ବେଦ ଶାସ୍ତ୍ରମାନଂକରେ ସେହି ପ୍ରମାଣ । ମନୁ ସ୍ପଷ୍ଟ କହିଛଂତି "ସ୍ଥାଣୁଂ ଚ୍ଛେଦସ୍ୟ କେଦାରଂ ଆହୁଃ ଶଲ୍ୟବତୋ ମୃଗଂ ।"

ଅର୍ଥାତ୍ ଶିକାରୀ ମାରିଥିବା ପଶୁରେ ଅଧିକାରୀ । ଯେ ପଡ଼ିଆ ବା ଜଂଗଲ ଭାଂଗି ଜମି କରେ, ଜମି ତାଆରି ଅର୍ଥାତ୍ ସେ ହିଁ ଜମିରେ ସ୍ୱତ୍ୱବାନ୍ ବା ଅଧିକାରୀ । ରାଜା ଜମିର ଆୟରୁ ବଳି ନିଅଂତି । ଗୃହସ୍ଥ ମଧ ନିଜ ଖାଦ୍ୟରୁ ଦେବ, ଋଷି, ପିତୃ, ଅତିଥି ଓ ବାୟସ ପର୍ଯ୍ୟଂତ ପାଇଁ ବଳି କାଢ଼ି ଦିଏ । ଏହା ବୋଲି ଗୃହସ୍ଥର ଖାଦ୍ୟରେ ଅତିଥି ବାୟସାଦିର ସ୍ୱତ୍ୱ ସ୍ୱାମିତ୍ୱ ବା ଅଧିକାର ନ ଥାଏ । ଜମିର ଆୟରେ ରାଜା ସେହିପରି । ରକ୍ଷା କରିବା ନିମଂତେ ରାଜା କର (କାର୍ଯ୍ୟ ମୂଲ୍ୟ) ବା ବଳି ନିଅଂତି । ତାହା ଜମିର ଖଜଣା ନୁହେ ବା ଜମିସ୍ୱତ୍ୱରେ ଭାଗ ନୁହେ । ବିଶ୍ୱଜିତ୍ ଯଜ୍ଞ ବିଧିରେ ଅଛି– ଯାଜ୍ଞିକ ଯଜ୍ଞପରେ ସର୍ବସ୍ୱ ଦାନ କରିବେ, ନିଜର କରି କିଛି ରଖିବେ ନାହିଁ । ରାଜାମାନେ ଏହି ଯଜ୍ଞ କଲେ ସ୍ପଷ୍ଟ ବିଧି ଅଛି– ରାଜା ପ୍ରଜାର ଭୂମିରେ କୌଣସି ସ୍ୱତ୍ୱଦାନ କରି ପାରିବେ ନାହିଁ । ଭାଷ୍ୟକାର ଶାୟନାଚାର୍ଯ୍ୟ ବୁଝାଇ ଦେଇଛଂତି– ରାଜାଂକର ଜମି ସ୍ୱତ୍ୱରେ ଭାଗ ନଥିବାରୁ ସେ ଜମିଦାନର ଅଧିକାରୀ ନୁହଂତି । ଫସଲ ରକ୍ଷାଦି କରିବାରେ ଯେ ସାହାଯ୍ୟ କରିବେ, ସେ ବଳି ନେବେ ।

ମୋଗଲ ରାଜତ୍ୱ ବେଳେ ବୋଧହୁଏ ରାଜାର ଜମିରେ ସ୍ୱାମିତ୍ୱ ଦାବି କରିବା ଆରଂଭ ହୋଇଥିଲା । ଆଇନୀ ଆକବରିରେ ସେହିପରି ନିର୍ଦ୍ଦେଶ ଅଛି । ସେଥିପାଇଁ ଇଂରେଜ ସରକାର ଏ ଦେଶରେ ଜମିରେ ସ୍ୱାମିତ୍ୱ ଦାବି କରି ଖଜଣା ଆଦାୟ କରୁଛଂତି । ଜମିର ଆୟ ସଂଗେ ~~ଫଳରେ~~ ଖଜଣା ସଂପର୍କ ରହୁ ନାହିଁ । ଏହା ଭାରତୀୟ ବିଧି ନୁହେ, ପୁଣି ସଭ୍ୟତା ବିକାଶରେ ଏ ବିଧି ଅସୁଂଦର ଦେଖାଯାଉଛି । ପ୍ରଜାର ସ୍ୱାୟତ୍ତ ଶାସନରେ ଜମିର ସ୍ୱାମିତ୍ୱ ସରକାରର ହେବା ଉଚିତ ମଧ୍ୟ ନୁହେ । ଏ ମଧ୍ୟଯୁଗର ରୀତି ବଂଦ ହେବା ସର୍ବଥା ଉଚିତ । ପ୍ରଜାର ଆର୍ଥିକ ଉନ୍ନତିରେ ଏହା ଘୋର ଅଂତରାୟ ।

ଏହି ବଳି ବା ଲୋକଂକର ଲଭ୍ୟାଂଶରେ ସରକାରର ଭାଗକୁ ଏବେ ଟିକସ କହଂତି । ଆୟ ଉପରେ ଟିକସ ଦେବାକୁ ହୁଏ । ଆମଦାନି ଓ ରପ୍ତାନି ଜିନିଷ ଉପରେ ମଧ ଲୋକଂକୁ ଟିକସ ଦେବାକୁ ହୁଏ । ତାହାର କାରଣ ସରକାରଂକ ରକ୍ଷଣାବେକ୍ଷଣ ଶାସନ

Digitized by PPRACHIN, SOA

ହେତୁ ଆୟ ତଥା ଦ୍ରବ୍ୟ ଆମ୍‌ଦାନି ରପ୍ତାନିର ସୁବିଧା ହୁଏ ଓ ସେସବୁ ନିରାପଦ ହୁଏ । ସେହିପରି ଜମିର ଆୟ ନିରାପଦ କରିବାରେ ସରକାରଂକର କାର୍ଯ୍ୟ ଅଛି । ସେଥିପାଇଁ ଜମି ଆୟରେ ସରକାର ଟିକସ ନେବା ଉଚିତ । ଜମିର ଅଧିକାରୀ ହୋଇ ସେଥିପାଇଁ ଖଜଣା ନେବାର କୌଣସି ଅର୍ଥ ନାହିଁ ।

**ବରୀରେ ସଂଗଠନ—**

ଶ୍ରୀଯୁକ୍ତ ଗୋପବଂଧୁ ଚୌଧୁରୀ ଏବେ ଓଡ଼ିଶାରେ ଗ୍ରାମ ସଂଗଠନ ଭାରତ ଆପଣା ଉପରେ ନେଇଛଂତି । ସେ କଟକ ଜିଲ୍ଲାର ଯାଜପୁରର ମଫସଲ ବରୀରେ ନିଜର କର୍ମକେଂଦ୍ର ସ୍ଥାପନ କରି ସ୍ତ୍ରୀ, କନ୍ୟା ଓ ଅନ୍ୟାନ୍ୟ କର୍ମୀମାନଂକ ସହିତ ସେହିଠାରେ ଅଛଂତି । ନିକଟରେ ସେ ଆଶ୍ରମଟି ଦେଖିବାର ସୁବିଧା ଆଂଭମାନଂକର ଘଟିଥିଲା । ଗୋପବଂଧୁ ତଥା ରମାଦେବୀଂକ ତ୍ୟାଗପୂତ ସରଳ ଓ ପବିତ୍ର ଜୀବନ ସଂବଂଧରେ ଲୋକଙ୍କୁ ବିଶେଷ କିଛି ବୁଝାଇ କହିବାର ନାହିଁ । ପୁଣି ଗ୍ରାମସଂଗଠନର କାର୍ଯ୍ୟକ୍ରମ ଭାରତର ପଲ୍ଲୀମାନଂକରେ କିପରି କେତେ କାର୍ଯ୍ୟକର ହେବ, ତାହା ମଧ ଏବେ ଜଣା ନାହିଁ । ମାତ୍ର ଏହି ଗ୍ରାମସଂଗଠନର ଉଦ୍ୟମ ଯେ ନିତାଂତ ସାଧୁ ଓ ପ୍ରୟୋଜନୀୟ, ଏଥିରେ ମତଦ୍ୱୈଧ ନାହିଁ । ଜାତି ଗଠନହିଁ ଜାତିମୁକ୍ତିର ନିଦାନ । ଭାରତ ପଲ୍ଲୀର ଦେଶ, ପଲ୍ଲୀର ଗଠନହିଁ ଭାରତ ଭବିଷ୍ୟତର ପ୍ରବେଶ ଦ୍ୱାର । ମାତ୍ର ସେଥିପାଇଁ ତ୍ୟାଗ, ନିଷ୍ଠା, କର୍ମଠତା ଓ ଆଂତରିକତାର ପ୍ରୟୋଜନ । ଉତ୍କଳରେ ଗୋପବଂଧୁ ଓ ରମାଦେବୀଂକ ଠାରେ ସେସବୁ ଯଥେଷ୍ଟ ଅଛି । ଦେଖିଲୁ ସେମାନେ ନିଜ ନିଷ୍ଠାରେ ଲାଗିରହି ନିଜର ବେଷ୍ଟନୀ ଉପରେ ପ୍ରଭାବ ବିସ୍ତାର କରିବାର ଆରଂଭ କରିଅଛଂତି । କିଂତୁ କର୍ମୀମାନଂକଠାରେ ଏ ଦେଶର ପଲ୍ଲୀବାସୀ ସୁପରିଚିତ । କର୍ମର ନୂତନତ୍ୱରେ ସେମାନେ କେତେକ ପ୍ରଭାବିତ ହୁଅଂତି, କିଂତୁ ସେ ପ୍ରଭାବରେ ଆନୁପୂର୍ବିକ କ୍ରିୟା ସ୍ଥିର ରଖିବା ଭଳି ମେରୁଦଂଡ ଗଠନ କରିବାହିଁ ସେମାନଂକର ଯଥେଷ୍ଟ ଗଠନ ହେବ । ଶ୍ରଦ୍ଧେୟ ଗୋପବଂଧୁ ଏହା ବୁଝଂତି । ଆଶା କରୁ, ଗୋପବଂଧୁଂକ ପ୍ରଭାବରେ ଏ ଦେଶର ନିଷ୍ଠାପର କର୍ମୀମାନଂକ ମଧରେ ଏହି ସାଧୁଉଦ୍ୟମ ପାଇଁ ଐକାଂତିକତା ପ୍ରକାଶ ପାଇବ । ଏଇ ଆଦର୍ଶର ପ୍ରଭାବ କାର୍ଯ୍ୟତଃ ଦେଶର ନାନା ସ୍ଥାନରେ ଫୁଟି ଉଠିଲେ ଦେଶର ମୁକ୍ତି ଅବଶ୍ୟଂଭାବୀ । ଆଂଭେମାନେ ଗୋପବଂଧୁ ଓ ରମାଦେବୀଂକ କାର୍ଯ୍ୟର ଆଂତରିକ ଶୁଭକାମନା କରୁଅଛୁଁ ।

[ନ.ଭା., ଧନୁ ୧୩୪୧]

—

Digitized by PPRACHIN, SOA

## ସ୍ମୃତିଚାରଣ

# ମହାତ୍ମା ଚଂଦ୍ରଶେଖର ସିଂହ ସାମଂତ

"–This man is freed from servile bands of hope to rise, or fear to fall; Lord of himself though not of lands; And having nothing yet hath all."

–*Sir H. Wotton.*

ବର୍ତମାନ ଦୁର୍ଦଶାଗ୍ରସ୍ତ, କୁସଂସ୍କାର ବିଜଡ଼ିତ, ପରପଦାନତ, ଲାଂଛିତ, ଆଳସ୍ୟ-ସର୍ବସ୍ୱ ଭାରତରେ ମୌଳିକ ଶକ୍ତି ସଂପନ୍ନ ପୁରୁଷର ଆବିର୍ଭାବ ଉପନ୍ୟାସ ପରି ପ୍ରତୀୟମାନ ହୁଏ ସତ, ମାତ୍ର ମହାତ୍ମା ଚଂଦ୍ରଶେଖର ଭାରତର ଅନୁନ୍ନତତମ ପ୍ରଦେଶ ଉତ୍କଳରେ ଗଭୀର ପ୍ରଳୟାଂଧକାର ମଧ୍ୟରେ ପ୍ରଚଂଡ ଜ୍ୟୋତିଷ୍କଣା ସଦୃଶ ଆବିର୍ଭୂତ ହୋଇଥିଲେ । ୧୮୩୫ ଖ୍ରୀଷ୍ଟାବ୍ଦରେ ଯେତେବେଳେ ପାଶ୍ଚାତ୍ୟ ସଭ୍ୟତାର କ୍ଷୀଣ ଜ୍ୟୋତି ସୁଦ୍ଧା ଉତ୍କଳବାସୀର ସଂପୂର୍ଣ୍ଣ ଅବିଦିତ ଥିଲା, ସେଇ ଘୋର ତମସାଚ୍ଛନ୍ନ କାଳରେ ପାର୍ବତ୍ୟ ଖଂଡପତ୍ତନ (ଖଂଡପଡ଼ା) ରାଜ୍ୟର ରାଜପୁରରେ କ୍ଷଣଜନ୍ମା ଚଂଦ୍ରଶେଖର ରାଜାଂକର କନୀୟାନ୍ ପୁତ୍ର ରୂପରେ ଅବନୀ ମଂଡଳରେ ଅବତୀର୍ଣ୍ଣ ହେଲେ । ଅହୋ ଈଶ୍ୱରେଚ୍ଛାର କି ଅଦ୍ଭୁତ ଗତି ! ବୋଧହୁଏ ପ୍ରକୃତି ତାହାର ବରପୁତ୍ର ଭାରତବାସୀର ସତ୍ତ୍ୱହୀନତାରେ ମର୍ମାହତ ହୋଇ ଦୃଷ୍ଟାଂତ ଦ୍ୱାରା ଶକ୍ତିର ପୁନଃସଂଚାର ନିମଂତେ ଅସଂଭବ ସାଧନରେ ପ୍ରବୃତ୍ତ ହେଲା । କିଂବା ଏହା ବରାହ-ଭାସ୍କରାଦି-ନିର୍ମାଣରୁ ଉଦ୍‌ବୃତ୍ତ ଉପାଦାନର ପ୍ରାକୃତିକ ବିକାଶ ମାତ୍ର । ବର୍ତମାନ ଶକ୍ତି ଗ୍ରହଣରେ ଦେଶର ଔଦାସିନ୍ୟ ହୃଦୟଂଗମ କଲେ ଏଇ ଦ୍ୱିତୀୟ ମୀମାଂସାହିଁ କ୍ରମଶଃ ଜୀବନର ମହାଲକ୍ଷ ସାଧନ ଦିଗକୁ ଆକୃଷ୍ଟ ହେବାକୁ ଲାଗିଲେ । ଅତର୍ନିହିତ ଦିବ୍ୟତେଜଃ ରାଜପ୍ରାସାଦର ବିଳାସ ସୁଖ ଭେଦକରି ଅଚିରେ ପ୍ରତିଭାତ ହେଲା । ଆହା ଉତ୍କଳର କି ଦୁର୍ଗତି ! ଅଂଗୁଳି ନିର୍ଦ୍ଦେଶକରି ଉନ୍ନତି-ପଥ ଦେଖାଇଦେଲେ ହେଁ ତାହାର ଚକ୍ଷୁରୁନ୍ମୀଳନ ହେବାକୁ ନାଇ ।

ସେ ଯାହାହେଉ, ଚନ୍ଦ୍ରଶେଖର (ଅପ୍ରତ୍ୟୟ ଥିବାରୁ 'ପଠାଣି') ଶୈଶବାବସ୍ଥାରେ ମାହାତ୍ମ୍ୟର କୌଣସି ବିଶେଷ ଲକ୍ଷଣ ଦେଖାଇନଥିଲେ । କିଂତୁ ବାଲ୍ୟ ଜୀବନରେ ପଦାର୍ପଣ କରିବା ମାତ୍ରକେ ଅଦ୍ଭୁତ ଦୈବ ନିବଂଧରେ ଭବିଷ୍ୟତ୍ ମାହାତ୍ମ୍ୟର ବିମଳ ଆଭାସ ପ୍ରଦାନ କଲା । କ୍ରମଶଃ ତାଂକ ମନ ବିଶ୍ୱବୈଚିତ୍ର୍ୟରେ ଅଭିଭୂତ ହେଲା । ଜ୍ୟୋତିର୍ଜଗତ୍ ଅବଲୋକନପୂର୍ବକ ବ୍ରହ୍ମାଂଡର ପ୍ରକାଂଡତ୍ୱ ଓ ନିୟମତଂତ୍ରତା ଚିଂତା କରୁ କରୁ ତାଂକ ହୃଦୟତଂତ୍ରୀ ଛିନ୍ନଭିନ୍ନ ହେବାକୁ ଲାଗିଲା । ବୟସ ବୃଦ୍ଧି ସହିତ ସେ ଯେଉଁ ଜ୍ଞାନପିପାସାର

[ଉ. ସାହିତ୍ୟ, ଆଷାଢ଼ ୧୩୧୩]

Digitized by PPRACHIN, SOA

ତୃପ୍ତି ଆଶା କରୁଥିଲେ, ତାହା ବିସ୍ମୟ ସଂଗେ ସଂଗେ ଉତ୍ତରୋତ୍ତର ବୃଦ୍ଧି ପ୍ରାପ୍ତ ହେଲା ଓ କିଶୋରାବସ୍ଥା ଅତିକ୍ରମ ନ କରୁଣୁ ସେ ସୃଷ୍ଟିର ମହୀୟସୀ ଲୀଳାର ତତ୍ତ୍ୱାନୁସଂଧାନରେ ପ୍ରବୃତ୍ତ ହେଲେ ।

ସେ ଅତି ଅଳ୍ପ ବୟସରେ ପାଠଶାଳାର ଶିକ୍ଷା ସମାପନ କରି ଦକ୍ଷିଣାଂଚଳରେ କେତେକଦିନ ପାଇଁ ସଂସ୍କୃତ ଶିକ୍ଷା କରିଥିଲେ, କିଂତୁ ସେଇ ଅଳ୍ପ ସମୟ ମଧ୍ୟରେ ସେ ଉକ୍ତ ଭାଷାରେ ପାରଦର୍ଶିତା ଓ ଶ୍ଳୋକ ରଚନାରେ ଆଶାତୀତ ବିଚକ୍ଷଣତା ଲାଭକରିଥିଲେ । ତତ୍ପରେ କେତେକ ବର୍ଷ ଗଭୀର ଚିଂତା ସହକାରେ ଅଳଂକାର, ନ୍ୟାୟଶାସ୍ତ୍ର ଓ ଆୟୁର୍ବେଦ ଅଧ୍ୟୟନ କରିଥିଲେ । ଏଇଠାରେ ସେ ଲକ୍ଷ୍ୟଭ୍ରଷ୍ଟ ହେବାକୁ ବସିଥିଲେ ବୋଲିବାକୁ ହେବ । ପ୍ରତିଭା ପକ୍ଷରେ କାର୍ଯକ୍ଷେତ୍ରର ପରିବର୍ତନ ଗୁରୁତର ପ୍ରତିବଂଧକ ହୁଅଂତା ନାଇ ସତ, ମାତ୍ର ଭଗବାନଂକର ତାହା ଅଭିପ୍ରାୟ ନଥିଲା । ଯେଉଁ ପ୍ରଶସ୍ତତର କାର୍ଯକ୍ଷେତ୍ରରେ ମହାସତ୍ୟର ଆବିଷ୍କ୍ରିୟା ତାଂକ ନିମଂତେ ନିର୍ଦିଷ୍ଟ ଥିଲା, ତାହା ଯେପରି ଦୈବ ଇଂଗିତରେ ତାଂକ ସମ୍ମୁଖରେ ଉପସ୍ଥିତ ହେଲା । ଜଣେ ପ୍ରଧାନ ଗ୍ରଂଥକାର (W. Thayer in Life of B. Franklin) କହିଚଂତି—

'In families destined at length to give birth to an illustrious individual nature seems sometimes to make an essay of her powers with that material, before producing the consummate specimen." —ଅର୍ଥାତ୍ ଯେଉଁ ବଂଶରେ ଜ୍ଞାନର ବିଭାଗ-ବିଶେଷରେ ମହାଶକ୍ତିଧର ପୁରୁଷ ଆବିର୍ଭୂତ ହେବାର ଭଗବାନଂକର ଅଭିପ୍ରାୟ ହୁଏ, ସେଇ ବଂଶରେ ପରୀକ୍ଷାସ୍ୱରୂପ କିୟତ୍ ପୂର୍ବରୁ ଜ୍ଞାନର ସେଇ ବିଭାଗରେ ଅଳ୍ପ ଶକ୍ତିଧାରୀ ଲୋକର ଜନ୍ମ ହୁଏ । ଏଇ ଐଶ ନିୟମର ପ୍ରଭାବରେ ରାଜପୁତ୍ର ଚଂଦ୍ରଶେଖରଂକ ପିତୃବ୍ୟ ଜ୍ୟୋତିଷ ଶାସ୍ତ୍ରରେ କିଂଚିତ୍ ବ୍ୟୁତ୍ପତ୍ତି ଲାଭ କରିଥିଲେ । ବର୍ତମାନ ଭ୍ରାତୁଷ୍ପୁତ୍ରଂକୁ ଉପଯୁକ୍ତ ଦେଖି ସେ ଶିକ୍ଷା ନିମଂତେ ନିଜର ବିଦ୍ୟା ତାଂକ ସମକ୍ଷରେ ସ୍ଥାପନ କଲେ । ଚଂଦ୍ରଶେଖରଂକ ଅଂତର୍ନିହିତ ଶକ୍ତିର ବିକାଶ-ଉପାଦାନ ଦୈବ ନିର୍ବଂଧରେ ହସ୍ତଗତ ହେଲା । ସେ ସ୍ୱୀୟ ସ୍ୱଭାବସିଦ୍ଧ ଶ୍ରଦ୍ଧା ଓ ଶ୍ରମବଳରେ ଅତି ଅଳ୍ପଦିନ ମଧ୍ୟରେ ପିତୃବ୍ୟଂକ ନିକଟରେ ପାଠ ସମାପନ କଲେ । ପିତୃବ୍ୟ ତାତ୍କାଳିକ ଜ୍ୟୋତିର୍ବିଦମାନଂକ ମଧ୍ୟରେ ଖ୍ୟାତିମାନ୍ ଥିଲେ ସତ, ମାତ୍ର ତାଂକର ଶିକ୍ଷା ପ୍ରାୟଶଃ ଫଳିତ ଜ୍ୟୋତିଷର ସୀମା ଲଂଘନ କରିନଥିଲା । କିଂତୁ ଭଗବଦ୍‌ବିନିର୍ଦ୍ଦେଶ ଲକ୍ଷ୍ୟଚ୍ୟୁତ ହେବାର ନୁହେ । ତେଣୁ ଅଦ୍ଭୁତ ବିଧି ବିଧାନରେ କ୍ଷେତ୍ର ଗୁଣରେ ସେଇ ସାମାନ୍ୟ ଫଳିତ ଜ୍ୟୋତିଷ ଶିକ୍ଷା ଚଂଦ୍ରଶେଖରଂକଠାରେ ପରବର୍ତିତ ହୋଇ ଗ୍ରହ ଜଗତର ସ୍ଥିତି-ଗତି-ସଂବଂଧୀୟ ମହାତତ୍ତ୍ୱ ଆବିଷ୍କାରର ମୂଳ ସ୍ଥାପନ କରିଥିଲା ।

କ୍ରମଶଃ ପ୍ରକାଂଡ ବିଶ୍ୱର କ୍ରିୟାକଳାପ ଦେଖି ତାଂକ ହୃଦୟ ଅସ୍ଥିର ହେବାକୁ ଲାଗିଲା ଓ ସେଇ ସମୟରୁ ସେ ଅନନ୍ୟମନା ହୋଇ ଅନଂତ ନାକ୍ଷତ୍ରିକ ଜଗତର ତତ୍ତ୍ୱ ଆବିଷ୍କାର

Digitized by PPRACHIN, SOA

ନିମଂତେ ଜଟିଳ ଗବେଷଣା ଓ କଠୋର ଅଧ୍ୟବସାୟର ଚିର ଆଶ୍ରୟ ଗ୍ରହଣ କଲେ । ସୁତରାଂ ପୂର୍ଣ ଯୌବନର ବିକାଶ ନ ହେଉଣୁ ଅତିରିକ୍ତ ମାନସିକ ପରିଶ୍ରମ ଓ ଶାରୀରିକ ଅତ୍ୟାଚାର ଅକାଳରେ ତାଂକର ବହୁ ବଳ କ୍ଷୟକରିପକାଇଲା । ଅନଂତ ଶୂନ୍ୟ ମଧ୍ୟରେ ଅବସ୍ଥିତ କୋଟୀ କୋଟୀ ଜ୍ୟୋତିର୍ମୟ ଭୁବନ ଅବଲୋକନ କରି ତାଂକର ତରୁଣ ହୃଦୟ କିପରି ଗୋଟିଏ ଅଦ୍ଭୁତ ଭାବରେ ଉଚ୍ଛ୍ୱସିତ ହୋଇଉଠିଲା । ସେ ଦେଖିଲେ, ଯେପରି କି ଗଭୀର, ତତ୍ତ୍ୱରାଶି ସମାକୀର୍ଣ୍ଣ ତ୍ରିଭୁବନ ତାଂକ ସମକ୍ଷରେ ଦେଦୀପ୍ୟମାନ ।

ଆଂତରିକ ପ୍ରକ୍ରିୟାରେ ଜୀବନର ମହାଲକ୍ଷ୍ୟ ସ୍ଥିର ହେଲା । ପ୍ରକୃତି ତାହାର ଉପଯୁକ୍ତ ସନ୍ତାନକୁ ଅଭିପ୍ରେତ କର୍ମକ୍ଷେତ୍ରରେ ସ୍ଥାପନ କରି ନିରୁଦ୍‌ବେଗ ହେଲା । କିଂତୁ ଆହା ! ଋଷିପ୍ରାଣ ଚଂଦ୍ରଶେଖର ଦିନକ ପାଇଁ ସୁଦ୍ଧା ମନରେ ଭାବିନଥିଲେ ଯେ ସେ ଜୀବନରେ କୌଣସି ମହଦୁଦ୍ଦେଶ୍ୟ ସାଧନର ପଥ ଅନୁସରଣ କରୁଅଛଂତି ।

କାମନା ବିରହିତ ସାଧୁ ଅଧ୍ୟବସାୟ ଚାହୁଁ ଚାହୁଁ କ୍ରମଶଃ କଠୋରତର ହୋଇଉଠିଲା । ରାତ୍ରିରେ ଜ୍ୟୋତିର୍ଜଗତ ପରିଦର୍ଶନ କଲାବେଳେ ବିରାମଦାୟିନୀ ନିଦ୍ରାଦେବୀ ସ୍ୱେଚ୍ଛାରେ ଅପସାରିତ ହେଲେ । ଦିବାଭାଗରେ ଶାସ୍ତ୍ରାଲୋଚନା ଓ ରାତ୍ରିରେ ଦୃକ୍‌ସିଦ୍ଧି ଜ୍ଞାନ ଅର୍ଜନ କରିବାରେ ଅଧ୍ୟବସାୟର ଅବସର ନଥିଲା । ପୁଣି ଉଭୟତ୍ର ଲେଶମାତ୍ର ସାହାଯ୍ୟ ବିରହିତ ଥିବାରୁ ପରିଶ୍ରମର ତୀବ୍ରତା ଅତ୍ୟଂତ ଅଧିକ ଥିଲା, ଏକଥା ବୋଲିବା ବାହୁଲ୍ୟ ମାତ୍ର ।

ଏଣୁ ତାହା ପ୍ରକୃତିର ଅସହନୀୟ ହୁଅଂତେ, ପ୍ରଥମେ ଅଜୀର୍ଣ୍ଣ ପରେ ଶୂଳରୋଗର ଆକାର ଧାରଣ କରି ତାଂକ ଜୀବନର ଚିରସହଚର ହେଲା । କିଂତୁ କୌଣସି ପ୍ରକାରେ ସେ ଅଦମ୍ୟ ଉଦ୍ୟମରୁ ପ୍ରତିହତ ହେଲେ ନାଇ । ସ୍ୱାସ୍ଥ୍ୟ ଚିନ୍ତା ଜଳାଂଜଳି ଦେଇ ମଧ୍ୟ ସେ କୌଣସି ପ୍ରକାରେ କଠୋର ମାନସିକ ଶ୍ରମ ଓ ରାତ୍ର ଜାଗରଣରୁ ବିରତ ହୋଇନଥିଲେ । କାରଣ ଐଶ ପ୍ରେରଣାରେ ପ୍ରବର୍ତ୍ତିତ କର୍ମଯୋଗୀକୁ ଉଦ୍ଦେଶ୍ୟ ପଥରୁ ବିଚଳିତ କରିବା ସାମାନ୍ୟ ସାଂସାରିକ ବା ଶାରୀରିକ ବାଧାବିଘ୍ନର ଶକ୍ତି ନାଇ ।

ପଠନ ଓ ପରିଦର୍ଶନର ବୃଦ୍ଧି ସଂଗେ ସଂଗେ ପ୍ରତିଭାର ବିକାଶ ହେବାକୁ ଲାଗିଲା । ସେ ପ୍ରାଚୀନ ଗ୍ରଂଥ ଲିଖିତ ବିଷୟ ସଂଗେ ପରିଦର୍ଶନର ପ୍ରଭେଦ ଦେଖି ଓ ତଜ୍ଜନିତ ଅସୁବିଧା ସ୍ୱୀୟ ଦେବପ୍ରାଣରେ ଉପଲବ୍ଧି କରି ତାହାର ଅପନୋଦନ ନିମଂତେ ପ୍ରାୟ ଷଡ଼୍‌ବିଂଶ ବର୍ଷ ବୟସରେ ଲେଖନୀ ଧାରଣ କଲେ ଓ ଯେଉଁ "ସିଦ୍ଧାଂତ ଦର୍ପଣ" ଆଜି ସ୍ୱଦେଶରେ ଅନ୍ଧକାର ଭେଦ କରି ଦୂର ଦେଶରେ ପ୍ରଭାବ ବିସ୍ତାର କରୁଅଛି, ଯାହାର ଅମୃତ ଆସ୍ୱାଦନ ଜ୍ୟୋତିଷ-ଜଗତରେ ମହାକୋଳାହଳର ସୂତ୍ରପାତ କରିଅଛି, ଓ ଯହିଁରେ କବିତ୍ୱ, ପାଂଡିତ୍ୱ ଓ ଅଦ୍ଭୁତ ନବ ଆବିଷ୍କାରର ପ୍ରକାଶ ଦେଖି ମୋକ୍ଷମୁଲର ପ୍ରମୁଖ ଗୁଣିମଂଡଳ ମୋହିତ ହୋଇ ଅଛଂତି, ତାହା ସେଇ ଲେଖନୀପ୍ରସୂତ ।

ଏହା ସମାପ୍ତ ହେବା ପୂର୍ବରୁ ସେ ତ୍ରିଂଶତି ବର୍ଷ ଅତିକ୍ରମ କରିଥିଲେ । କିଂତୁ ରୋଗର ଭୀଷଣ ଯଂତ୍ରଣା ତାଂକ ଦେହରେ ଏଇ ମଧ୍ୟଯୌବନରେ ଜରାର ବିକାଶ ଆରଂଭ

Digitized by PPRACHIN, SOA

କରିଥିଲା । ଶରୀର କ୍ରମଶଃ କ୍ଷୀଣତର ହେବାକୁ ଲାଗିଲା ଓ ପଞ୍ଚଚତ୍ୱାରିଂଶତ୍ ବର୍ଷ ଅତିକ୍ରମ ନ କରୁଣୁ ତାଂକର ଶରୀରରେ ବାର୍ଧକ୍ୟ ଲକ୍ଷଣ ସୁସ୍ପଷ୍ଟ ରୂପେ ପ୍ରକଟିତ ହୋଇଥିଲା । ତଥାପି ପରିଦର୍ଶନ ପାଇଁ ରାତ୍ରି-ଜାଗରଣ ଆବଶ୍ୟକ ହେଲେ ସେ ତହିଁରୁ ମୁହୂର୍ତକ ପାଇଁ ବିରତ ହେଉନଥିଲେ । ଅବସର-ଲୋଲୁପ ଦୁର୍ବଳ ଶରୀରକୁ କୌଣସି ସ୍ତଂଭ ବା ତଦନୁରୂପ ଦ୍ରବ୍ୟରେ ଦୃଢ଼ବଦ୍ଧ ରଖି ଊର୍ଦ୍ଧ୍ୱଦୃଷ୍ଟି ଅବଲଂବନ କରିବା ତାଂକ ପରିଦର୍ଶନର ପ୍ରଧାନ ଚିହ୍ନ ଥିଲା । ଧନ୍ୟ ସାଧୁପ୍ରାଣ, ଧନ୍ୟ ଅଧ୍ୟବସାୟ, ଧନ୍ୟ ତ୍ୟାଗ ସ୍ୱୀକାର, ଧନ୍ୟ ସତ୍ୟ ସ୍ପୃହା ! ପ୍ରାଣହୀନ ଉତ୍କଳ, ତଥା ଭାରତର ପ୍ରାଂଗଣରେ କି ଅପୂର୍ବ ଅଭିନୟ ! ଏହାଇ ମାହାତ୍ମ୍ୟର ପରିଚାୟକ । ଏଥିରେ ଚକ୍ଷୁର ଅଂତରାଳରେ ବିଶ୍ୱପ୍ରେମର ସତ୍ତା ସମ୍ୟକ୍ ବିଦ୍ୟମାନ ରହିଅଛି । ଏହା ଜାତିରେ ଜୀବନ ଶକ୍ତି ସଂଚାର କରେ । ଏହା ଅମର ଓ ମାନବାତ୍ମାର ସଦ୍‌ଗତିବିଧାୟକ । ଆହା ! ଅଳସ, ତମୋମୟ ଉତ୍କଳରେ ଏଡ଼େ ଶକ୍ତିସଂଚାରିଣୀ ପ୍ରତିଭା ମଳିନ ହେଲା ! ପ୍ରକୃତିର ନିୟମ କିଏ ଅନ୍ୟଥା କରିବ ? ଭସ୍ମାଂତରାଳସ୍ଥିତ ଅଗ୍ନି ଅନ୍ୟ ଦାହ୍ୟ ବସ୍ତୁ ଭିନ୍ନ କଦାପି ଉକ୍ତ ଭସ୍ମ ସଂଯୋଗରେ ପ୍ରକାଶିତ ହୁଏ ନାଇ କିଂବା ଉକ୍ତ ଭସ୍ମରେ ତେଜୋବିକାଶ ସଂଭବପର ନୁହେ । ସେଇପରି କର୍ମବୀର, ଗୁଣଗ୍ରାହୀ, ଆଚାର୍ଯ୍ୟ ଯୋଗେଶଚଂଦ୍ରଂକ ବିନା 'ସିଦ୍ଧାଂତ ଦର୍ପଣ' ଅରଣ୍ୟମାଳତୀର ଦଶା ଭଜିଥାଂତା ବୋଲିବା ବାହୁଲ୍ୟ ମାତ୍ର ।

ଯେଉଁଠାରେ ଶକ୍ତି ସଂଚାର ସଂଭବ, ସେଠାରେ ହୋଇଅଛି । ନିର୍ଜୀବ ଉତ୍କଳ ଭାଗ୍ୟରେ ସ୍ୱରୋପିତ ବୃକ୍ଷର ଫଳଭୋଗ ବିଧାତା ଲେଖିନାହାଂତି ।

"ସିଦ୍ଧାଂତ ଦର୍ପଣ" ସମାପ୍ତ । ବର୍ତମାନ ପାଇଁ ତାଂକର କର୍ମଶେଷହେଲା । ଆକାଂକ୍ଷା ପୂର୍ଣ୍ଣ ହେଲା । କିଂତୁ ହୃଦୟରେ ଯେଉଁ ଦିବ୍ୟ ସଜୀବ ଜ୍ଞାନ-ପିପାସାର ବୀଜ ନିହିତ ଥିଲା, ତାହା କୌଣସି ପ୍ରକାରେ ହ୍ରସ୍ୱ ହେବାର ନୁହେ । ବୋଲାଯାଇଚି, କି ସ୍ୱାସ୍ଥ୍ୟ କି ସୁବିଧା, କାହାର ଅଭାବ ତାହାର ପ୍ରତିବଂଧକ ନୁହେ । ଯହିଁ ନିମଂତେ ତୃଷ୍ଣା ତାହାର ଅଭାବରେ ମାନବ ପ୍ରକୃତ ଅଭାବ ଅନୁଭବ କରେ । ସତ୍ୟର ସୀମା ନାଇ, ଗୋଟିଏ ସତ୍ୟ ପରେ ସ୍ପୃହା ଅପର ସତ୍ୟ ପ୍ରତି ସ୍ୱତଃ ପ୍ରଧାବିତ ହୁଏ । ତେଣୁ ସଂସାରରେ ତୃଷ୍ଣାର ଅଭାବ ନାଇ ଓ ଜ୍ଞାନ ପିପାସାର ତୃପ୍ତି ନାଇ । କିଂତୁ ଦୁଃଖର ବିଷୟ ଯେ କେବଳ ଶାରୀରିକ ନୁହେ ଅନ୍ୟାନ୍ୟ ନାନାବିଧ ସଂସାର ଯାତନାରେ ଜର୍ଜରିତ ହେବାରୁ ସାମଂତ ଚଂଦ୍ରଶେଖରଂକ ପ୍ରତିଭାର ଅନ୍ୟ କୌଣସି ବିଶିଷ୍ଟ ଅଭିବ୍ୟକ୍ତି ଲକ୍ଷିତ ହୋଇ ନଥିଲା । ହେଲେ ହେଁ ସ୍ୱୀୟ ପିପାସାର ଶାନ୍ତି ନିମଂତେ ସେ ଜୀବନର ଶେଷ ପର୍ଯଂତ ନୀରବ ଶ୍ରମନିରତ ଥିଲେ । ଗଭୀର ଚିଂତା ଓ କଠୋର ଅଧ୍ୟବସାୟାଦି ତାଂକୁ କେବେହେଁ ପରିତ୍ୟାଗ କରି ନଥିଲା ।

ପ୍ରତିଭାର ଦୀପ୍ତି ଗ୍ରାମରୁ ନିଜେ ଗ୍ରାମାନ୍ତରକୁ ଚାଳିତ ହେଲା ଓ ଅଚିରେ ଦୂରଦେଶରେ ପଂଡିତ ଶିରୋମଣି ମହେଶଚଂଦ୍ର ନ୍ୟାୟରତ୍ନ ତାଂକର ଅଶେଷ ଗୁଣାବଳୀର କଥା ଶ୍ରବଣ କରି ସାକ୍ଷାତକାର ଲାଭ ନିମଂତେ ତାଂକ ପଲ୍ଲୀ ନିକଟକୁ (କଟକକୁ) ଆଗମନ କରିଥିଲେ ।

Digitized by PPRACHIN, SOA

ସେ ଏହାଂକ ଅଜ୍ଞାତ ମାହାତ୍ମ୍ୟରେ ମୁଗ୍ଧ ହୋଇ ଏହାଂକ 'ମହାମହୋପାଧ୍ୟାୟ' ଉପାଧି ପ୍ରାପ୍ତିର ସୂତ୍ରପାତ କରିଥିଲେ ଓ କେତେକ ବର୍ଷପରେ ଯେତେବେଳେ ସେ ଗଭର୍ଣ୍ଣମେଂଟ ଦ୍ୱାରା ସ୍ୱତଃ ଆହୂତ ହୋଇ ଉକ୍ତ ଉପାଧିକୁ ଭୂଷିତ କରିଥିଲେ, ତେତେବେଳେ ସୁଦ୍ଧା ସେଇ ସରଳ ଓ ଉଦାସୀନ ହୃଦୟରେ ଅହଂଭାବ ଲେଶମାତ୍ର ସ୍ଥାନ ପାଇନଥିଲା । ସେ ମୁହୂର୍ତ୍ତକ ପାଇଁ ଆତ୍ମୋତ୍କର୍ଷ ଜ୍ଞାନରେ କଳୁଷିତ ହୋଇ ନଥିଲେ ଓ ଜୀବନର ପ୍ରାରମ୍ଭରୁ ଶେଷ ପର୍ଯ୍ୟଂତ ଜନପଦ-ସୁଲଭ ସାରଲ୍ୟରେ ବିଭୂଷିତ ଥିଲେ । ଆଧୁନିକ ସଭ୍ୟତାର ବାହ୍ୟାଡ଼ଂବର ତାଂକର ପବିତ୍ର ଆର୍ଯ୍ୟ ଜୀବନକୁ ବିଂଦୁ ମାତ୍ର ସ୍ପର୍ଶ କରିନଥିଲା ।

ଏଥି ମଧ୍ୟରେ ସିଦ୍ଧାଂତଦର୍ପଣ ପ୍ରକାଶକ କଟକ କଲେଜର ବିଜ୍ଞାନାଧ୍ୟାପକ ଶ୍ରୀଯୁକ୍ତ ଯୋଗେଶ ଚଂଦ୍ର ରାୟ ସାମଂତଂକ ସଂଗେ ସାକ୍ଷାତ କରି ତାଂକ ଗୁଣାବଳୀରେ ବିମୋହିତ ହୋଇଥିଲେ । ଏଇ ସଂବଂଧରେ ଗୋଟିଏ ଗଳ୍ପ ସମସ୍ତଂକୁ ସାମଂତଂକର ବିଶେଷ ପରିଚୟ ପ୍ରଦାନ କରିବ । ପରିଚୟର ପ୍ରଥମାବସ୍ଥାରେ ଯୋଗେଶବାବୁ ଗ୍ରହ ନକ୍ଷତ୍ରର ସ୍ଥିତି ଗତି ସଂବଂଧରେ ତାଂକୁ କିଛି ଜିଜ୍ଞାସା କରିଥିଲେ । ମହାମହୋପାଧ୍ୟାୟ ଶୀଘ୍ର ତାଂକ ଉଦ୍ଭାବିତ ବଂଶଯଷ୍ଟିର କ୍ଷୁଦ୍ର ଯଂତ୍ର ନିର୍ମାଣ କରି ତାହା ସାହାଯ୍ୟରେ ପରିଦର୍ଶନପୂର୍ବକ ଅଦ୍ଭୁତ ପ୍ରତିଭା ଓ କୃତକାର୍ଯ୍ୟତାର ପରିଚୟ ସ୍ୱରୂପ ଯେଉଁ ଉତ୍ତର ପ୍ରଦାନ କରିଥିଲେ, ତାହା ଅଧ୍ୟାପକ ମହାଶୟଂକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ସେ ଦୂରବୀକ୍ଷଣ ଯଂତ୍ର ସାହାଯ୍ୟରେ ଯାହା ଦେଖିଥିଲେ, ସାମଂତଂକ ଉତ୍ତର ତହିଁରୁ ଲେଶମାତ୍ର ଭିନ୍ନ ହୋଇ ନଥିଲା । ଏଇ ଘଟନାରେ ସାମଂତ ସର୍ବପ୍ରଥମେ ଦୂରବୀକ୍ଷଣ ଯଂତ୍ର ଦେଖିଥିଲେ । ସେ ଏଥିରେ ଥରେ ମାତ୍ର ଚଂଦ୍ରବିଂବ ନିରୀକ୍ଷଣ କରି ଯୋଗେଶବାବୁଙ୍କୁ ଯଂତ୍ରର ବିବର୍ଦ୍ଧିନୀ ଶକ୍ତି (Magnifying power)ର ପରିମାଣ ଜିଜ୍ଞାସା କରିଥିଲେ ଓ ଉତ୍ତର ପରିବର୍ତ୍ତରେ ନିଜେ ଅନୁମାନ କରିବାକୁ ଅନୁରୁଦ୍ଧ ହୋଇ ଯେଉଁ ଉତ୍ତର ପ୍ରଦାନ କରିଥିଲେ ତାହା ସତ୍ୟର ଅତ୍ୟଂତ ନିକଟବର୍ତ୍ତୀ ଥିଲା । ତାଂକର ଗଗନଦର୍ଶନରେ ଏତାଦୃଶ ପାରଦର୍ଶିତା ଥିଲା ଯେ ଦୂରବୀକ୍ଷଣାଦି ଯଂତ୍ରର ବିନା ସାହାଯ୍ୟରେ ଦୁଃସାଧ୍ୟ ଜ୍ୟୋତିର୍ଗଣନା ସେ ମୁକ୍ତ ନୟନରେ କରିବାକୁ ସର୍ବଦା ସମର୍ଥ ଥିଲେ ।

ସେ ଯାହାହେଉ, ଦୂରବୀକ୍ଷଣ ପ୍ରଭୃତି ବିଜ୍ଞାନ ଅନ୍ୱେଷଣରେ ସାହାଯ୍ୟକାରୀ ଯଂତ୍ରସବୁ ଦେଖି ସେ ବଡ଼ ଦୁଃଖ ପ୍ରକାଶ କରିଥିଲେ, କାରଣ ତାଂକର ବିଶ୍ୱାସ ହେଲା ଯେ ସେ ଯୌବନାବସ୍ଥାରେ ଏ ସବୁର ସାହାଯ୍ୟପ୍ରାପ୍ତ ହୋଇଥିଲେ ଅଳ୍ପ ପରିଶ୍ରମରେ ଅଧିକ କାର୍ଯ୍ୟ କରିପାରିଥାନ୍ତେ । ତାହା ସ୍ୱାଭାବିକ କଥା । କିଂତୁ ବହୁଦର୍ଶିତା ଦେଖାଇ ଦେଇଅଛି ଯେ ସାଧାରଣତଃ ମହାପୁରୁଷମାନେ ବାଧାବିଘ୍ନମଗ୍ନ ସଂସାରର ପଂକିଳ କାସାରରେ ପଦ୍ମପରି ପ୍ରତିଭାତ ହୁଅଂତି । ଯାହାଠାରେ ଐଶୀଶକ୍ତି ନିହିତ ଅଛି, ଯେ କ୍ଷୁଧାତୃଷ୍ଣା ଭୋଗବାସନାଦି ପରିତ୍ୟାଗ କରି ଅନବରତ ସତ୍ୟ ଅନ୍ୱେଷଣରେ ତତ୍ପର, ଅପ୍ରତିହନ୍ୟ ଜ୍ଞାନପିପାସା, ଅଧ୍ୟବସାୟ ଓ କ୍ଳେଶପୀଡ଼ିତ ବା ଅଜ୍ଞାନଜଡ଼ିତ ମାନବ ପ୍ରତି ଅନୁକଂପା ଓ ସହାନୁଭୂତି

Digitized by PPRACHIN, SOA

ଯାହାର ସେଇ ଅଂତର୍ନିହିତ ଶକ୍ତିର ବହିଃପ୍ରକାଶ ସ୍ୱରୂପ, ତାହାର ଗତିପଥରେ ଛାର ସାଂସାରିକ ଅସୁବିଧା କି ବାଧା ଜନ୍ମାଇପାରେ ? ତଥାପି ଏ ସମସ୍ତ ସତ୍ତ୍ୱେ ଆମମାନଂକର ପଶ୍ଚାତ୍ତାପର ଉଦୟ ହେଉଅଛି । ଜୀବନ ପଥରେ ସାଂସାରିକ ବିଘ୍ନରାଶି ଦ୍ୱାରା ମୁହୁର୍ମୁହୁଃ ପ୍ରତିହତ ହୋଇ ବୋଧହୁଏ ଆଂଭେମାନେ ମହାପୁରୁଷଂକ ମହତ୍ତ୍ୱର ଉପଲବ୍ଧିରୁ ବଂଚିତ ହେଉଅଛୁ । ମାହାତ୍ମ୍ୟ ସମାଲୋଚନାର କ୍ଷମତା ମାନବବୁଦ୍ଧିର ଅତୀତ । ମହାତ୍ମାଂକ କ୍ରିୟାକଳାପ ମାନବର ଅଗୋଚର । ଉଦାହରଣ ସ୍ୱରୂପ ବୋଲାଯାଇପାରେ ଯେ ଭଗବାନ୍ ହୃଦୟରେ ଥାଇ ଗୋପନରେ ଯେଉଁ ପ୍ରେରଣା ଦିଅନ୍ତି, ତାହା କ୍ଷୁଦ୍ର ମାନବ ବୁଦ୍ଧିର ସୀମା ଲଂଘନ କରିଅଛି । ଗୃହର ଅଂଧକାରମୟ କୋଣରେ ମହାତ୍ମା ଯେଉଁ ଚିଂତାରେ ନିମଗ୍ନ ଥାଇ ଜଗତର ମହୋପକାର ସାଧନ ପାଇଁ ପ୍ରସ୍ତୁତ ହୁଅଂତି, ତାହା ସ୍ୱଳ୍ପଜ୍ଞାନ ମାନବ କିପରି ଅବଗତ ହେବ ? ସୁସଂପନ୍ନ କାର୍ଯ ଦେଖିଲେ ମନୁଷ୍ୟ ତାକୁ ସରଳ ଓ ପ୍ରକୃତି ପ୍ରସୂତ ମନେକରେ । ତାହା ଯେ ନିରତିଶୟ କଠୋର ସାଧନାର ଫଳ, ଏହା ତାହାର ସାଧାରଣତଃ ଧାରଣା ହୁଏ ନାଇ ।

ଚଂଦ୍ରଶେଖର ଈଶ୍ୱର-ପ୍ରେରିତ ଥିଲେ । ବାଧାବିଘ୍ନ ସମସ୍ତ ଅତିକ୍ରମ କରିବାକୁ ତାଂକୁ ଶକ୍ତି ପ୍ରଦତ୍ତ ହୋଇଥିଲା । ବୋଧହୁଏ କେବଳ ଅଧ୍ୟବସାୟର ଉଦାହରଣ ପରିସ୍ଫୁଟ ରୂପେ ଜଗତକୁ ଦେଖାଇ ଦେବା ନିମଂତେ ତାଂକର କର୍ମପଥରେ ବାଧାବିଘ୍ନର ସୃଷ୍ଟି ହୋଇଥିଲା । ତେବେ ସାମଂତ ଯେ ନିଜେ ଇତର ଲୋକ ପାଇଁ ଦୁଃଖ ପ୍ରକାଶ କରିଥିଲେ, ତାହାର କାରଣ, ମହାତ୍ମା ନିଜର ମାହାତ୍ମ୍ୟ ବିଷୟରେ ପ୍ରାୟଶଃ ଅନଭିଜ୍ଞ ଥାଂତି । ତାହା ନ ହେଲେ ତାଂକର ବିନୟ ସ୍ୱଭାବସିଦ୍ଧ ନ ହୋଇ ଛଳନା ମାତ୍ର ହୋଇପଡ଼ିବ । ଆତ୍ମୋତ୍କର୍ଷଣର ଜ୍ଞାନ ଦୃଢ଼ୀଭୂତ ହେଲେ ଅହଂକାର ସ୍ୱତଃ ଉଦିତ ହୁଏ, ଓ ପରିଶେଷରେ କର୍ମଯୋଗ ପ୍ରତିହତ ହେବାର ଆଶଂକା ମଧ୍ୟ ବିଦ୍ୟମାନ ।

ବର୍ତମାନ ସାମଂତ ଜ୍ୟୋତିଷ ଜଗତରେ ଯେଉଁ ମହାପରିବର୍ତନ ଘଟାଇଚଂତି, ତାହା ସଂବଂଧରେ କିଛି କହିବା ଉଚିତ । ସେ ଯେଉଁ ସବୁ ନୂତନ ଆବିଷ୍କାର ''ସିଦ୍ଧାଂତ ଦର୍ପଣ''ରେ ପ୍ରକାଶ କରିଥିଲେ, ପୃଥିବୀର ସ୍ଥିରତା ଓ ସୂର୍ଯର ଗତି ହେତୁରୁ ଦିବାରାତ୍ରିର ପରିବର୍ତନ ସେମାନଂକର ଅନ୍ୟତମ ଅଟେ । ଏହା ବର୍ତମାନ ବୋଧହୁଏ ଆଧୁନିକ ଶିକ୍ଷିତ ଯୁବକମାନଂକଠାରେ ହଠାତ୍ ଉପହସିତ ହେବ । କିଂତୁ ସେପରି ହେବାର କୌଣସି କାରଣ ନାଇ । ସେ ଏଇ ମତ ଦୃଢ଼ରୂପେ ଧାରଣ କରି ଗ୍ରହ ନକ୍ଷତ୍ର ପ୍ରଭୃତିର ସ୍ଥିତିଗତି ସଂବଂଧୀୟ ତତ୍ତ୍ୱ ଓ ଚଂଦ୍ର ସୂର୍ଯର ଗ୍ରହଣାଦି ସମସ୍ତ ସପ୍ରମାଣ କରି ଯାଇଅଛଂତି । ଚଂଦ୍ରଶେଖର ଯେଉଁସବୁ ଯୁକ୍ତି ଓ ପ୍ରମାଣ ଉପରେ ନିଜର ମତ ଗଠନ କରି ଅଛଂତି, ସେସବୁ ଯେ ତତ୍ତ୍ୱାନୁସଂଧିତ୍ସୁ ପାଶ୍ଚାତ୍ୟ ପଂଡିତମାନଂକର ଚିଂତା ରାଜ୍ୟର ଅଂତର୍ଭୁକ୍ତ ହୋଇନାଇ, ତାହା ଆମେମାନେ କହୁ ନାହୁଁ ! କିଂତୁ ଏ କ୍ଷେତ୍ରରେ ସୃଷ୍ଟିର ଆଦିମ ମନୁଷ୍ୟ ସଦୃଶ ଥାଇ ସେ ଯେ କି ମହାପ୍ରତିଭାର ପରିଚୟ ଦେଇଅଛଂତି, ତାହା ଏତେ କହିବାର ତାତ୍ପର୍ଯ । ପୁଣି

Digitized by PPRACHIN, SOA

ସାମଂତଙ୍କ ଯୁକ୍ତି ଓ ପ୍ରମାଣ ଏତେ ସୁଦୃଢ଼ ଯେ "ଆମାଦେର ଜ୍ୟୋତିଷ ଓ ଜ୍ୟୋତିଷୀ" ଗ୍ରଂଥର ପ୍ରଣେତା ଗଣିତ ବିଶାରଦ ଯୋଗେଶବାବୁ ତାହା ଶୁଣି ପୃଥିବୀ ଓ ସୂର୍ଯ୍ୟର ସ୍ଥିତିଗତି ସଂବଂଧରେ ସଂଦେହାପନ୍ନ ହେବାର ଶୁଣାଯାଏ ।*

ଏ ସବୁ ଗଲା ତାଂକର କର୍ମଭୂମିର ପର୍ଯ୍ୟବେକ୍ଷଣ । ଯେଉଁ ଅଦ୍ଭୁତ ସଦ୍‌ଗୁଣାବଳୀରେ ବିଭୂଷିତ ହୋଇ ସେ ମାନବସଂସାରକୁ ଆପ୍ୟାୟିତ ଓ ମୋହିତ କରୁଥିଲେ, ତାହା ଅଧିକ ପ୍ରଶଂସ୍ୟ । ସମସ୍ତ ଶ୍ରେଣୀର ଲୋକଂକ ପ୍ରତି ସମ ବ୍ୟବହାର ତାଂକ ଜୀବନର ମୂଳମଂତ୍ର ଥିଲା । ଆଚଂଡାଳ ମାନବ ତାଂକ ଶ୍ରଦ୍ଧାର ପାତ୍ର ଥିଲେ । ମନୁଷ୍ୟ ମନରେ କଷ୍ଟ ଦେବାକୁ ସେ ମହାପାପ ଜ୍ଞାନ କରୁଥିଲେ । ସେ ଫଳିତ ଜ୍ୟୋତିଷର ସପକ୍ଷ ନଥିଲେ । ମାତ୍ର ଯେକୌଣସି ଇତର ଲୋକ ଜନ୍ମ ପ୍ରତିକାର ଫଳାଫଳ ବିଷୟକ ପ୍ରଶ୍ନ ଘେନି ଉପସ୍ଥିତ ହେଲେ, ସେ ମଧୁରାଳାପରେ ତାକୁ ମୁଗ୍ଧ କରୁଥିଲେ ଓ ନିଜର ଅମୂଲ୍ୟ ସମୟ ବ୍ୟୟପୂର୍ବକ ଯେକୌଣସି ସଦୁପାୟରେ ତାହାର ସଂତୋଷ ଓ ପ୍ରୀତି ଉତ୍ପାଦନ କରିବା ତାଂକର କର୍ତବ୍ୟର ଅଂଗୀଭୂତ ମନେକରୁଥିଲେ ।

ଏ ଦେଶର ଲୋକ ସାଧାରଣତଃ ଗଣିତ ଓ ଫଳିତ ଜ୍ୟୋତିଷ ମଧ୍ୟରେ ପ୍ରଭେଦ ଜାଣଂତି ନାଇ । ଯେକୌଣସି ଜ୍ୟୋତିର୍ଗଣିତଜ୍ଞଂକୁ ସେମାନେ ଭାଗ୍ୟ ନିର୍ଣ୍ଣୟକାରୀ ବୋଲି ସ୍ଥିରକରଂତି । ତେଣୁ ରାଜଭ୍ରାତା ସାମଂତକୁ ମଧ୍ୟ ସାଧାରଣ ଲୋକେ ହୀନ ରାଜଜ୍ୟୋତିଷ ନାମ ପ୍ରଦାନ କରିଥିଲେ ଓ ପ୍ରାୟ ପ୍ରାପ୍ୟ ରାଜୋଚିତ ସମ୍ମାନରୁ ତାଂକୁ ସର୍ବଦା ବଂଚିତ ରଖିଥିଲେ । ସ୍ୱୟଂ ଭ୍ରାତୁଷ୍ପୁତ୍ର ରାଜା ମଧ୍ୟ ବୋଧହୁଏ ସେଇ ହେତୁରୁ ସାମଂତଂକର ଉପଯୁକ୍ତ ସଂମାନ ଦେଉନଥିଲେ ତାହା ସତ୍ତ୍ୱେ ସାମତଂକର ଖ୍ୟାତି ଅତିଶୟ ପରିବର୍ଦ୍ଧିତ ହୋଇଥିଲା, ଏହାଦେଖି ରାଜାଂକର ଘୃଣା ହଠାତ୍ ଈର୍ଷାରେ ପରିଣତ ହେଲା । ପିତୃବ୍ୟଂକର ସଂମାନ ବର୍ଦ୍ଧନରେ ତାଂକର ଈର୍ଷା ଏତେ ବଳବତୀ ହୋଇଉଠିଲା ଯେ ଛଳେ ବଳେ କୌଶଳେ ସାମଂତଂକର ଗ୍ରାସାଚ୍ଛାଦନ ପର୍ଯ୍ୟଂତ ରହିତ କରିବାର ବାସନା ରାଜାଂକ ମନକୁ ଅଧିକାର କରିଥିଲା । ତେଣୁ ରାଜ୍ୟ ମଧ୍ୟରେ ମାନହାନି ଓ ଅର୍ଥହୀନତାରେ ସର୍ବଦା ଲାଂଛିତ ହେବା ସାମଂତଂକ ଭାଗ୍ୟରେ ଘଟିଥିଲା । କିଂତୁ ସେ ସାହସ ସଂଚାରିଣୀ ଦୀପ୍ତିରେ କର୍ମଭୂମିରେ ଦଂଡାୟମାନ ହୋଇ ସମସ୍ତ ଅକୁତୋଭୟରେ ବହନ କରି ଜଗତକୁ ବୀରତ୍ୱର ଜ୍ୱଳଂତ ଓ ଜୀବଂତ ଆଦର୍ଶ ପ୍ରଦାନ କରିଅଛଂତି । ଧନ୍ୟ ପ୍ରତିଭାର ଅଦ୍ଭୁତ ଶକ୍ତି— ଯେଉଁ ଶକ୍ତିରେ ଅନୁପ୍ରାଣିତ ହୋଇ ଭୀଷଣ ସଂସାର ଭ୍ରୂକୁଟି ପ୍ରତି ଦୃକ୍‌ପାତ ନ କରି ଅସାଧାରଣ ନୈତିକ ସାହସ ଓ ଚରିତ୍ରବଳରେ ବଳୀୟାନ୍ ହୋଇ ବିଳାସ ବା ଭୋଗବାସନା ଓ ରାଜପଦୋଚିତ ସୁଖରେ ଜଳାଂଜଳି ପ୍ରଦାନ ପୂର୍ବକ ସତ୍ୟର ଆବିଷ୍କାର ଓ ପ୍ରଚାର ପାଇଁ ମହାତ୍ମା

---

* ଅନ୍ୟାନ୍ୟ ଅନେକ ବହୁମୂଲ୍ୟ ଗାଣିତିକ ସୂକ୍ଷ୍ମ ଗଣନା ବିଷୟକ ନୂତନ ତତ୍ତ୍ୱ ନିମଂତେ ଗଣିତ ବିଶାରଦ ପଂଡିତମାନେ "ସିଦ୍ଧାଂତ ଦର୍ପଣ"ରେ ଅନୁସଂଧାନ କରିପାରଂତି । ଯୋଗେଶବାବୁଂକ ଦୀର୍ଘ ଭୂମିକାରେ ମଧ୍ୟ କେତେକ ପରିଷ୍ଫୁଟ ରୂପେ ଲିଖିତ ହୋଇଅଛି । କିଂତୁ ଏଠାରେ ତାହାର ବିଶେଷ ଆବଶ୍ୟକତା ନଥିବାରୁ ପରିତ୍ୟକ୍ତ ହେଲା ।

Digitized by PPRACHIN, SOA

ଚଂଦ୍ରଶେଖର ସାମାନ୍ୟ ଜ୍ୟୋତିଷିତ୍ୱ ଅବଲଂବନରେ କାଳଯାପନ କରିଥିଲେ, ସେଇ ମହାଶକ୍ତି ହିଁ ଧନ୍ୟ ! ସେଇ ଶକ୍ତିର ସଂଚୟ ମାନବର ମୁଖ୍ୟ ଲକ୍ଷ୍ୟ ହେବା ବିଧେୟ ।

ସାମଂତ ରାଜ-ବିରାଗରୁ ଅର୍ଥାଭାବଜନିତ ଲାଂଛନା ଭୋଗକରୁଥିବାର ଏଥିପୂର୍ବେ ବୋଲାଯାଇଅଛି । କିଂତୁ ବୋଧହୁଏ ପ୍ରକୃତରେ ସରସ୍ୱତୀଂକର ବରପୁତ୍ର ଥିବାରୁ ଲକ୍ଷ୍ମୀ ତାଂକଠାରେ ବରଦା ନଥିଲେ । ଋଣଭାର କ୍ରମେ ଅସହନୀୟ ହୋଇଉଠିଲା ସତ, ମାତ୍ର ସେ ସମସ୍ତ ସତ୍ତ୍ୱେ ତାଂକର ବିଦ୍ୟୋତ୍ସାହ କ୍ଷଣକ ପାଇଁ କ୍ଷୀଣ ହୋଇନଥିଲା । ନାନା ଉପାୟ ଅବଲଂବନ ପରେ ପରିଶେଷରେ ସେ ପଂଜିକା ଗଣନା କରି ଋଣର ସୁଧରୁ ସୁଦ୍ଧା ମୁକ୍ତିଲାଭ କରିପାରିନଥିଲେ । ପରେ ମୃତ୍ୟୁର ଚାରିମାସ ପୂର୍ବରୁ ଓଡ଼ିଶାର ଭୂତପୂର୍ବ କମିଶନର କେ.ଜି.ଗୁପ୍ତଂକ ଯତ୍ନରେ ଗଭର୍ଣ୍ଣମେଂଟ ତାଂକୁ ମାସିକ ପଚାଶ ଟଂକା ବୃତ୍ତି ଦାନ କରୁଥିଲେ ।

ବିଦ୍ୟୋତ୍ସାହ ତାଂକର ଏତେ ପ୍ରବଳ ଥିଲା ଯେ ସେ ସାମାଜିକ ଓ ଜାତୀୟ କୁସଂସ୍କାରରୁ ସଂପୂର୍ଣ୍ଣ ବିମୁକ୍ତ ନହୋଇ ମଧ ଏତାଦୃଶ ଉଚ୍ଚ ଆସନରେ ଥାଇ ସାମାନ୍ୟ ଅପର ପ୍ରାଇମେରୀ ସ୍କୁଲକୁ ଆସି ତୃତୀୟ ପାଠ ଅଧ୍ୟୟନ ଓ ମାନଚିତ୍ର ଦର୍ଶନ କରୁଥିଲେ । ଏଇ ଗ୍ରଂଥମାନଂକରୁ ସଂଗ୍ରହ କରିଥିବା ବିଦ୍ୟା କେବଳ ତାଂକର ପାଶ୍ଚାତ୍ୟ-ବିଜ୍ଞାନରେ ଜ୍ଞାନର ଚରମ ସୀମା ଥିଲା ବୋଲି ତାଂକ ଗ୍ରଂଥର ସୁଯୋଗ୍ୟ ପ୍ରକାଶକଂକ ଲେଖାରୁ ପ୍ରକାଶ ପାଏ । ଏଇ ଘଟନାରୁ ତାଂକ ବିନୟର ବିମଳ ଆଭାସ ମିଳୁଅଛି । ସେ କିପରି ହୃଦୟର ଅଂତସ୍ଥଳରେ ଆପଣାକୁ ''ତୃଣାଦପିସୁନୀଚ'' ଜ୍ଞାନ କରି ଜ୍ଞାନାର୍ଜନ ନିରତ ଥିଲେ, ତାହା ସମସ୍ତେ ବୁଝିପାରୁଅଛଂତି । ପ୍ରତ୍ୟେକ ବିଷୟରେ ଶିକ୍ଷଣୀୟ ଅଛି, ଏଇ ଧାରଣା ଜ୍ଞାନବୀରର ଉତ୍କୃଷ୍ଟ ଲକ୍ଷଣ । କାରଣ ଗର୍ବଠାରେ ଜ୍ଞାନ ସଂପୂର୍ଣ୍ଣ ପରାଭୂତ ।

ଚଂଦ୍ରଶେଖରଂକ ଚରିତ୍ର ପବିତ୍ର ଓ ନିଷ୍କଳଂକ ଥିଲା ବୋଲିବା ବାହୁଲ୍ୟ ମାତ୍ର । ଯେଉଁ ହୃଦୟ ଏତାଦୃଶ କଠୋର ଅଧ୍ୟବସାୟର ଚିର ଲୀଳାଭୂମି, ତହିଁରେ ଅପ୍ରାସଂଗିକ ଚିଂତା ପ୍ରବେଶ କରିବାର ଅବସର ନାଇ । ''ମନୁଷ୍ୟର ସର୍ବଶ୍ରେଷ୍ଠ ପ୍ରହରୀ'' ପରିଶ୍ରମ ସମକ୍ଷରେ ଦୁଶ୍ଚିଂତାର ସ୍ଥାନ ନାଇ ।

ବୁଦ୍ଧି ଓ ଚରିତ୍ର ବଳ ସଂଗେ ସଂଗେ ଏହାଂକର ସ୍ମରଣ ଶକ୍ତି ମଧ ଅସାଧାରଣ ଥିଲା ଓ ପରିଦର୍ଶନ ସ୍ପୃହା ଅଦମ୍ୟ ଥିଲା । ଥରେ ସେ କହୁଥିଲେ ଯେ ନିଜ ଦୃଷ୍ଟ ସମସ୍ତ ଗ୍ରହଣ ଓ ଉପରାଗର ବିସ୍ତାରିତ ବିବରଣ ସେ ସୁସ୍ପଷ୍ଟ ମନେରଖିଥିଲେ । ଯେଉଁଦିନ କଟକରେ ସଭାରେ ତାଂକୁ ଉପାଧି ଅର୍ପିତ ହେଲା, ତାହାର ପରଦିନ ଅନେକେ ତାଂକୁ ସହରରେ ରହିବାକୁ ଆଗ୍ରହର ସହିତ ଅନୁରୋଧ କରିଥିଲେ, କିଂତୁ ସେଦିନ ଗୋଟିଏ ଗ୍ରହଣ ଥିବାରୁ ସେ କହିଥିଲେ ଯେ, ମୋହର ଆଜି ସ୍ୱନିର୍ମିତ ଯଂତ୍ରାଳୟରେ ରହିବା ଉଚିତ, ତାହା ନହେଲେ ଗୋଟିଏ ଗ୍ରହଣ ବୃଥା ଯିବ ।'' ଏଥିରୁ ସମସ୍ତେ ତାଂକର ଦୃକ୍‌ସିଦ୍ଧ ଜ୍ଞାନର ଅଭିଳାଷ ଅନୁମାନ କରିପାରୁଥିବେ ।

Digitized by PPRACHIN, SOA

ଏ ମହାତ୍ମା ଜଣେ ସୁରକ୍ଷଣଶୀଳ ହିନ୍ଦୁ ଥିଲେ । କିଂତୁ ପ୍ରାଚୀନ ଶାସ୍ତ୍ର ବା ଜ୍ୟୋତିଷର ମତ ତାଂକ ପରିଦର୍ଶନ ସଂଗେ ଏକ ନହେଲେ ସେ ତାହା ସଂଶୋଧନ କରିବାରେ ମୁହୂର୍ତ୍ତିକ ପାଇଁ ଇତସ୍ତତଃ ହେଉନଥିଲେ । ପୂର୍ବପୁରୁଷାନୁମୋଦିତ ଅତଏବ ସତ୍ୟ, ଏପରି କୁସଂସ୍କାର ବିଜଡ଼ିତ ଦେଶ-ସୁଲଭ ଭ୍ରମାତ୍ମକ ଧାରଣା ତାଂକ ମନରେ କ୍ଷଣକ ପାଇଁ ସ୍ଥାନ ପାଇ ନଥିଲା । ତାଂକର ଶରୀର ଅତ୍ୟଂତ ରୁଗ୍ଣ ଓ କୃଶଥିବାର ଏଥିପୂର୍ବେ ବୋଲାଯାଇଅଛି, କିଂତୁ ଇହଲୋକରେ ଶେଷ ମୁହୂର୍ତ୍ତ ପର୍ଯ୍ୟଂତ ଚକ୍ଷୁର ଦିବ୍ୟଜ୍ୟୋତି ଓ ସାରସ୍ୱତ କଂଠର ସୁମଧୁର ଧ୍ୱନି ପୂର୍ବବତ୍ ତୀକ୍ଷ୍ଣ ଓ ପରିସ୍ଫୁଟ ଥିଲା । ପୁରୁଷୋତ୍ତମରେ ଦେହତ୍ୟାଗ-କାମନା ସେ ସ୍ୱୀୟ ଗ୍ରଂଥ ଶେଷରେ ପ୍ରକାଶ କରିଥିଲେ । ଅଦ୍ଭୁତ ଦୈବ ବିଧାନରେ ୧୯୦୪ ଏପ୍ରିଲ ମାସର ପ୍ରାରଂଭରେ ପୁରୀରେ ଅବସ୍ଥାନର ବାସନା ତାଂକ ମନରେ ଉଦିତ ହେଲା ଓ ପରବର୍ତ୍ତୀ ମେ ମାସ ୧୧ ତାରିଖ ଶନିବାର ଦିବା ୧୧ ଘଂଟା ସମୟରେ ଚଂଦ୍ରଶେଖରଂକ ଦିବ୍ୟ ଆତ୍ମା ନଶ୍ୱର ମାନବ ଦେହ ପରିତ୍ୟାଗ କରି ଅମୃତ ଧାମକୁ ପ୍ରୟାଣ କଲା । ଇହଲୋକରେ ଅମୃତସଂଗୀ ଚଂଦ୍ରଶେଖର ଚିର ଅମୃତ ସଂଗ ଲାଭ କଲେ ।

ଚଂଦ୍ରଶେଖର ଇହଧାମ ପରିତ୍ୟାଗ କରିଅଛଂତି ସତ, ମାତ୍ର ତାଂକର ମହତ୍ତ୍ୱ ପୃଥିବୀରେ ଚିରଦିନ ବିଦ୍ୟମାନ ରହିବ । ସଂକୀର୍ଣ୍ଣତା, ଜଡ଼ତା, ଅଜ୍ଞାନ ଓ ଆଳସ୍ୟର ମୋହ ଅପସାରିତ କରି ସେଇ ଦୀପ୍ତିମତୀ ଶକ୍ତିରେ ପ୍ରତ୍ୟେକେ ଅନୁପ୍ରାଣିତ ହେଲେ ଚଂଦ୍ରଶେଖରକୃତ ଅପାର୍ଥିବ ଉପକାରର ଯଥେଷ୍ଟ ପ୍ରତ୍ୟୁପକାର ହେବ ଓ ଏହା ମଧ୍ୟ ପ୍ରତିଭାପୂଜା ଓ ଭକ୍ତିର ସର୍ବୋତ୍କୃଷ୍ଟ ନିଦର୍ଶନ ହେବ । ଅତଏବ ହେ ମନୁଷ୍ୟ ! ଯଦି ଚଂଦ୍ରଶେଖରଂକ ବଂଶଧର ବୋଲି ଆପଣାକୁ ଗୌରବାନ୍ୱିତ କରିବାକୁ ଇଚ୍ଛା କର, ତେବେ ପ୍ରାଣରେ ତାଂକ ମାହାତ୍ମ୍ୟର ବହ୍ନିକଣା ଧାରଣକରି ତାଂକର ସ୍ମୃତିଚିହ୍ନ ସ୍ଥାପନ କର । 'ମନୁଷ୍ୟହିଁ ମନୁଷ୍ୟର ସର୍ବୋତ୍କୃଷ୍ଟ ସ୍ମୃତିଚିହ୍ନ ।' ଏକ ଚଂଦ୍ର ଶେଖରଂକ ଶକ୍ତି ଶତ ଶତ ଚଂଦ୍ରଶେଖର ସୃଷ୍ଟି କରିବ ଓ ମହାତ୍ମାଂକ ଅମରତ୍ୱ ସ୍ୱତଃ ପ୍ରତିଷ୍ଠିତ ହେବ । ଏଇ ସ୍ଥାନରେ ଦିଓଟି ଗୋଟିଏ କବିବାକ୍ୟରେ ଚଂଦ୍ରଶେଖରଂକୁ ସ୍ମରଣ କରି ଆମେମାନେ ପ୍ରବଂଧ ଶେଷ କରିବୁ ।

"ତୁଂଭ ମୁଖ୍ୟ କର୍ମ ତପ ଆଚରିବା,
ଦୁନିଆର ଯଶେ ଯାଏ ଆସେ କିବା ?
ଧନ୍ୟ ଧନ୍ୟ ଆହେ ତପସ୍ୱୀ-ସତ୍ତମ !
ମର୍ତ୍ତ୍ୟ ଦେହେ ତୁଂଭେ ପରାଜିଲ ଯମ ।"

"Thou wert a daily lesson
Of courage, hope and faith;
We wondered at the living,
We envy the thy death.

Digitized by PPRACHIN, SOA

Thou wert so meek and reverent
So resolute of will,
So bold to bear the uttermost,
And yet so calm and still."

—*George Wilson*

# ସ୍ୱର୍ଗତ କବି ରବୀଂଦ୍ରନାଥ*

କବି ରବୀଂଦ୍ରନାଥଂକ ପରଲୋକ ହୋଇଯାଇଚି, ଗଲା ଅଗଷ୍ଟ ମାସ ତା୭ରିଖରେ । ସେତେବେଳକୁ ତାଂକର ବୟସ ୮୦ ବର୍ଷ ପୂରି ଠିକ୍ ଦୁଇମାସ ହୋଇଥିଲା । ୧୮୬୧ ଖ୍ରୀ: ମେ ମାସ ତା ୭ ରିଖରେ ସେ ଜନ୍ମ ହୋଇଥିଲେ ।

କବି ବୋଲି ତାଂକୁ କୁହାଯାଉଚି କାରଣ ସେ ନିଜର ଗୀତାଂଜଳି ନାମକ କବିତାଗ୍ରଂଥ ଘେନି ଗଲା ୧୯୧୩ ସାଲରେ ସାହିତ୍ୟରେ ପୃଥିବୀରେ ସର୍ବଶ୍ରେଷ୍ଠ 'ନୋବେଲ ପୁରସ୍କାର' ପାଇଥିଲେ ।* କିଂତୁ ପ୍ରକୃତରେ ରବୀଂଦ୍ରନାଥ ଖାଲି କବି ନଥିଲେ, ସେ ଅତି ବଡ଼ ପଂଡିତ ମଧ୍ୟ ଥିଲେ । ବୈଦିକ ସାହିତ୍ୟଠାରୁ ଆରଂଭ କରି ଆଧୁନିକ ଜ୍ୟୋତିଷ, ବିଜ୍ଞାନ, ଭୂତତ୍ତ୍ୱ, ପ୍ରାଣୀତତ୍ତ୍ୱ ପର୍ଯଂତ ସମସ୍ତ ବିଦ୍ୟାରେ ତାଂକର ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ମାନବର ସମସ୍ତ ସାଧନା ସେ ଗଭୀର ସମାଲୋଚନା ଦୃଷ୍ଟିରେ ଦେଖିପାରୁଥିଲେ । ସବୁ କ୍ଷେତ୍ରରେ ସେ ସ୍ଥିର ଓ ସ୍ୱଷ୍ଟ ଦୃଷ୍ଟିରେ ମାନବକୁ ବାଟ ଦେଖାଇଦେଇପାରୁଥିଲେ ।

ସେ ପୃଥିବୀର ନାନା ସ୍ଥାନକୁ ବୁଲିଯାଉଥିଲେ । ଜୀବନରେ ୧୧ ଥର ଭାରତ ବର୍ଷ ଛାଡ଼ି ଅନ୍ୟାନ୍ୟ ସଭ୍ୟଦେଶମାନଂକୁ ବୁଲିବାକୁ ଯାଇଥିଲେ । ସର୍ବତ୍ର ଶ୍ରେଷ୍ଠମାନବ ବୋଲି ଆଦର ମଧ୍ୟ ପାଇଥିଲେ । ପୃଥିବୀର ବହୁ ମନୀଷୀ ତାଂକର ସାକ୍ଷାତ ସଂପର୍କରେ ଆସି

---

* ଇଉରୋପରେ ନରୱେ ଦେଶରେ ନୋବେଲ ନାମକ ଜଣେ ବୈଜ୍ଞାନିକ ଡିନାମାଇଟ୍ ବୋଲି ଗୋଟିଏ ବିସ୍ଫୋରକ ଆବିଷ୍କାର କରିଥିଲେ । ସେଥିରେ ପର୍ବତ ପ୍ରଭୃତି ଭାଂଗି ସୁଡ଼ଂଗ ଓ ଅନ୍ୟାନ୍ୟ ପ୍ରକାର ବାଟ ସବୁ ତିଆରି କରାଯାଏ । ମାରାତ୍ମକ ବୋମାରେ ମଧ୍ୟ ସେଇ ଡିନାମାଇଟ୍ ବ୍ୟବହାର କରାଯାଏ । ନୋବେଲ ସାହେବ କିଂତୁ ନିଜ ଜୀବନ କାଳରେ ଏହି ଡିନାମାଇଟ୍ ଘେନି ବହୁତ ଧନ ଅର୍ଜିଥିଲେ । ବିଜ୍ଞାନର ଏପରି ଆବିଷ୍କାରଟିଏ କରି ସେଥିରେ ମାନବ ଉପକାରଠାରୁ ଅପକାର ବେଶି ହେବ ବୋଲି ସେ ମଧ୍ୟ ନିଜେ ଆଶଂକା କରିଥିଲେ । ସେହି କାରଣରୁ ପୃଥିବୀରେ ସାହିତ୍ୟ ବିଜ୍ଞାନ ପ୍ରଭୃତି ୬ଟି ମାନବ ସାଧନାର ଉନ୍ନତି କଳ୍ପେ ନିଜେ ଅର୍ଜିଥିବା ସମସ୍ତ ଧନର ସୁଧରୁ ୬ଟି ପୁରସ୍କାର ଖଞ୍ଜି ଦେଇ ଯାଇଚଂତି । ତାହା ପ୍ରତିବର୍ଷ ଦିଆଯାଏ । ଏଥିର ସାହିତ୍ୟ ପୁରସ୍କାରଟି କବି ହିସାବରେ ଶ୍ରୀଯୁକ୍ତ ରବୀଂଦ୍ରନାଥ ଠାକୁର ପାଇଥିଲେ ।

ଏହି ପ୍ରବନ୍ଧଟି ୧୯୪୧ରେ ଲିଖିତ ।

Digitized by PPRACHIN, SOA

ତାଂକ ବ୍ୟକ୍ତିତ୍ୱ, ପାଂଡିତ୍ୟ ଓ କାବ୍ୟ କଳାରେ ମୁଗ୍ଧ ହୋଇଥିଲେ । ପୃଥିବୀରେ ଏତେ ବଡ଼ ମନୀଷା ସଂପନ୍ନ କବି ଆଉ ନାହାଂତି । ସାହିତ୍ୟର ଏତେ ବିଭାଗରେ ଏତେ ଉପାଦେୟ ଗ୍ରଂଥ ଆଉ କେହି ଲେଖିନାହାଂତି ।

ଏପରି କବି ଓ ଶ୍ରେଷ୍ଠ ପୁରୁଷଂକ ତିରୋଧାନରେ ସାରା ପୃଥିବୀରେ ଆଜି ଶୋକର ଛାୟା ଘୋଟିଯାଇଚି । ସେ ଭାରତୀୟ ଥିଲେ, ତେଣୁ ଭାରତବର୍ଷରେ ବହୁ ପୁରପଲ୍ଲୀର ଲୋକେ ତାଂକର ମୃତ୍ୟୁ ଘେନି ଆଜି ଶୋକ ପ୍ରକାଶ କରୁଚଂତି । ଓଡ଼ିଶାରେ ବହୁ ପୁରପଲ୍ଲୀରେ ଲୋକେ ସଭା କରି ଶୋକ ପ୍ରକାଶ କରିଚଂତି । ହେଲେହେଁ ଏ ସଂପର୍କରେ ମହାପୁରୁଷଂକ ମହାପ୍ରୟାଣ ଦିବସ ସ୍ମରଣ କଲାବେଳେ ଆଜି ଗୋଟିଏ ସତକଥା କହିବାକୁ ମନହେଉଚି । ଓଡ଼ିଶାରେ ଅନେକଂକ ଧାରଣା ଯେ ବଂଗକବି ରବୀଂଦ୍ରନାଥ ଅନ୍ୟାନ୍ୟ ଅନେକ ପ୍ରତିବେଶୀଂକ ପରି ଓଡ଼ିଆ ଓ ଓଡ଼ିଶାକୁ ଅନାଦର କରୁଥିଲେ । ଓଡ଼ିଆ ଭାଷା ବଂଗଳାଠାରୁ ସ୍ୱତଂତ୍ର ଭାଷା ନୁହେ ଓ ଓଡ଼ିଆର ସ୍ୱତଂତ୍ର ସାହିତ୍ୟ ନାଇ ବୋଲି ତାଂକର ମତ ଥିଲା । କୌଣସି କାବ୍ୟରେ କଲିକତାର ଗୋଟିଏ ମାଳୀକୁ ବର୍ଣ୍ଣନା କରିବାକୁ ଯାଇ ସେ ଚୂଟିବଂଧା ଉଡ଼େ (ଚୁଟିବଂଧା ଓଡ଼ିଆ) ବୋଲି କହିଚଂତି । ଏ ସବୁ ପାଇଁ ଅନେକ ଶିକ୍ଷିତ ଓଡ଼ିଆଂକର ଆକ୍ଷେପ ।

ଏପରି ଆକ୍ଷେପ କରିବା ଅନେକ ସମୟରେ ଓଡ଼ିଆଂକର ନିଜର ଗୌଣତ୍ୱ ମନୋବୃତ୍ତିର ଫଳ ବୋଲି ଆଶଂକା କରାଯାଏ । କବି ହୁଏତ ନିଜର କଳନାରେ ଯାହା ସତ୍ୟ, ନିଜର ଶିଳ୍ପ ପ୍ରକାଶରେ ଯାହା ସଂଗତ– ତାହା କରିଚଂତି । ମରିବାର ବର୍ଷକ ପୂର୍ବରୁ କବି କେତେ ଦିନ ପାଇଁ ପୁରୀରେ ଓଡ଼ିଶାର ସେ କାଳର ମଂତ୍ରୀମାନଂକର ଅତିଥି ହୋଇଥିଲେ । ଭାରତରେ ଅନ୍ୟ କୌଣସି ସରକାରଂକର ସେ ଏପରି ଅତିଥି ହୋଇନାହାଂତି । ସେହି ଆତିଥ୍ୟ ଗ୍ରହଣ କରୁଥିବା ବେଳେ, କୌଣସି କୌଣସି ଅଭିମାନୀ ଓଡ଼ିଆ ତାଂକୁ ଏଇ 'ଚୁଟିବଂଧା ଉଡ଼େ' କଥା ଆକ୍ଷେପର ସହିତ ପଚାରିଥିଲେ । ତହୁଁ କବି ଟିକିଏ କ୍ଷୋଭ ସଂତାପର ସ୍ୱରରେ ଉତ୍ତର ଦେଇଥିଲେ, ଏପରି ବିଚାର କଲେ ଶିଳ୍ପୀର ଶିଳ୍ପ ପ୍ରକାଶ କରିବାର ଅବକାଶ ବଡ଼ ସଂକୁଚିତ ହେବ ।

ଏଇ ସଂପର୍କରେ ଆଉ ଗୋଟିଏ ଘଟନା ଲେଖକର ମନେପଡ଼ୁଚି, ତାହା ମଧ୍ୟ ଏଠାରେ କହିଦେବା ଉଚିତ । ଗୌଣତ୍ୱ ମନୋବୃତ୍ତିରୁ ବାହାରି ସତ୍ୟ ଦୃଷ୍ଟିରେ ବିଷୟ ବୁଝିବାରେ ଓଡ଼ିଆଂକର ଟିକେ ସୁବିଧା ହେବ ବୋଲି ଏ ଘଟନା ଉପଲକ୍ଷରେ ତାହା କୁହାଯାଉଚି । ରବୀଂଦ୍ରନାଥ ଓଡ଼ିଶାରୁ ଫେରିଯିବାର କିଛି ଦିନ ପରେ ରାଜନୀତିକ ସୁଭାଷ ଚଂଦ୍ର ବୋଷ ଓଡ଼ିଶାକୁ ବୁଲି ଆସିଥିଲେ । ଲେଖକ ସେତେବେଳେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଥିଲେ ଓ ସେହି ହିସାବରେ ସେ ସୁଭାଷ ଚଂଦ୍ରଂକ ସଂଗେ ଓଡ଼ିଶାରେ ବୁଲି ସଭାସମିତିମାନଂକରେ ଯୋଗଦେଉଥିଲେ । ସୁଭାଷ କଟକରେ ଥିଲାବେଳେ ଓଡ଼ିଶାର ପ୍ରଧାନମଂତ୍ରୀ ତାଂକୁ ଚା ଖାଇବାକୁ ନିମଂତ୍ରଣ କରିଥିଲେ । ସେହି

Digitized by PPRACHIN, SOA

ଟା ଭୋଜିରେ ଓଡ଼ିଶାର କେତେଗୁଡ଼ିଏ ବିଶିଷ୍ଟ ଲୋକ ନିମଂତ୍ରଣ ପାଇ ଯୋଗଦେଇଥିଲେ । ଲେଖକ ମଧ୍ୟ ସେଥିରେ ଥିଲେ । ସୁଭାଷବାବୁ କଥା ପ୍ରସଂଗରେ ପଚାରିଥିଲେ– "ଓଡ଼ିଶାରେ ଏବେ ସାହିତ୍ୟିକ କିଏ ଅଛଂତି ?" ସଂଗେ ସଂଗେ ଶ୍ରୀ ବିଶ୍ୱନାଥ ଦାସ ଓ ଶ୍ରୀ ହରେକୃଷ୍ଣ ମହତାବ ଉତ୍ତର ଦେଲେ, "ମଧୁ, ରାଧାନାଥ, ଫକୀରମୋହନ ଗଲା ପରେ ଓଡ଼ିଶାରେ ଆଉ ସାହିତ୍ୟିକ କେହି ନାହାଂତି । ରବୀଂଦ୍ରନାଥ ଏବେ ସରକାରଂକର ଅତିଥି ହୋଇ ପୁରୀରେ ଆସି କେତେ ଦିନ ଥିଲେ । ସେତେବେଳେ ସେ ଓଡ଼ିଶାର କୌଣସି ସାହିତ୍ୟିକଂକ ସଂଗେ ଦେଖାକରିବାକୁ ଲୋଡ଼ିଥିଲେ । ଆଂଭେମାନେ ବହୁତ ଖୋଜି ଖୋଜି ସଂବଲପୁରରୁ ଲକ୍ଷ୍ମୀନାରାୟଣ ମିଶ୍ର ବୋଲି ଜଣେ ପଂଡିତଙ୍କୁ ଓଡ଼ିଶାର ଶ୍ରେଷ୍ଠ ସାହିତ୍ୟିକ ବୋଲି ଅଣାଇ ରବୀଂଦ୍ରନାଥଂକ ସଂଗେ ଭେଟାଇଥିଲୁଁ । କିଂତୁ ରବୀଂଦ୍ରନାଥ ତାଂକ ସଂଗେ ଆଳାପ କରି ସଂତୁଷ୍ଟ ହୋଇ ନ ଥିଲେ ।"

ଲେଖକ ଅବଶ୍ୟ ରବୀଂଦ୍ରନାଥଂକ ସଂଗେ କେବେ ସାକ୍ଷାତ ଆଳାପର ସୁବିଧା ପାଇ ନାହାଂତି । ତଥାପି ଆମ ନିଜର ଯଦି ଏହାହିଁ ଅବସ୍ଥା ହୁଏ ତେବେ କେହି ଆମ ସାହିତ୍ୟ ବା ଭାଷାକୁ ଅନାଦର କଲେ ଦୁଃଖ କରିବାର କ'ଣ ଅଛି ? କବି ଓ ମନୀଷୀମାନେ ପୁଣି ସ୍ପଷ୍ଟ ସତ୍ୟ ପ୍ରକାଶ କରଂତି, ତାହାହିଁ ତାଂକର ଧର୍ମ । କବି, କୂଟନୀତିକ ରାଜନୀତିଜ୍ଞ ନୁହଂତି । ବୃଥାରେ ବା ଲୋକସଂଗ୍ରହ ଦୃଷ୍ଟିରେ କାହା ମନଲାଖି କଥା କବି ସାଧାରଣତଃ କହଂତି ନାହିଁ । ସାମାଜିକ ଶିଷ୍ଟାଚାର ସ୍ୱତଂତ୍ର କଥା, କବିଂକର କାବ୍ୟଦୃଷ୍ଟି ଅନ୍ୟ କଥା । ତଥାପି ଯଦି କେହି ଓଡ଼ିଆ ମନେକରଂତି ଏପରି ଭାବମାନ ପ୍ରକାଶ କରିବାରେ କବିଂକର ଶିଷ୍ଟାଚାର ହ୍ରସ୍ୱ ହୋଇଚି ତେବେ ମଧ୍ୟ କହୁଁ– ବୁଝିବାକୁ ହେବ ଏହା– "ନିମଜ୍ଜତୀଂଦୋଃ କିରଣେଷ୍ୱିବାଂକଃ",

ତା' ପରେ ଭାଷା କଥା । ଓଡ଼ିଶାରେ ଅନେକ ନୂଆ କବି ରବୀଂଦ୍ରଂକ ଭାଷା ଓଡ଼ିଆରେ ଅନୁକରଣ କରଂତି । ରବୀଂଦ୍ରଂକ ପରି ମହାକବିଂକ ପ୍ରଭାବରେ ପ୍ରଭାବିତ ହେବା ଅତ୍ୟଂତ ସ୍ୱାଭାବିକ । ଭାବ ଓ ଭାଷାରେ ରବୀଂଦ୍ର ଯେ ନୂତନତା ଯେ ଜୀବଂତତା ପ୍ରକାଶ କରିପାରିଚଂତି ତାହା ଏକାବେଳେକେ ଅତୁଳନୀୟ । ତାହା ପୁଣି ବିରାଟ ପାଂଡିତ୍ୟର ପୀଠ ଉପରେ ଅତି ଶୋଭନ ଓ ସଂଗତ ଭାବରେ ଶ୍ରେଷ୍ଠ କଳାର ଉପାଦାନ ଘେନି ଛିଡ଼ାହୋଇଚି । ଏଥିରେ ପ୍ରଭାବିତ ହେବାର ଶକ୍ତି ନଥିଲେ ମଧ୍ୟ, କାମନାଶକ୍ତିର ଆଭାସରେ ପରିଣତ ହେବା ଅସଂଭବ ନୁହେ । ଓଡ଼ିଆ କବିମାନେ ବହୁ ସ୍ଥଳରେ କିଂତୁ ତାହାର କଳାଚାତୁରୀ ଭାବର ସ୍ଥାୟିତ୍ୱ ଓ ପ୍ରକାଶର ବଳିଷ୍ଠତା ନ ବୁଝି ଅନୁକରଣ କରଂତି । ରବୀଂଦ୍ରଂକ ଭାଷା ଓ ପ୍ରକାଶ ଶୈଳୀ ପୁଣି ସାଧାରଣ ପାଠକ ଓ ଗ୍ରାହକଂକୁ ବେଳେ ବେଳେ ବିଶୃଂଖଳ ବୋଧହୁଏ; କିଂତୁ ସେଥିରେ ବିଶୃଂଖଳତା ଆଦୌ ନାହିଁ । ରବୀଂଦ୍ରନାଥ ନିଜେ କହିଚଂତି, "ସୁଂଦର ଭାଷା କାବ୍ୟ ସୌନ୍ଦର୍ଯ୍ୟର ଗୋଟିଏ ପ୍ରଧାନ ଅଂଗ । ଛଂଦରେ ଏବଂ ଭାଷାରେ ସର୍ବ ପ୍ରକାର ଶୈଥିଲ୍ୟ କବିତା ପକ୍ଷରେ ସାଂଘାତିକ ।" ଅବଲୀଳାକ୍ରମେ

Digitized by PPRACHIN, SOA

ରବୀଂଦ୍ରନାଥ ସୌଂଦର୍ଯ ଫୁଟାଇ ଯାଇଚଂତି । ଆଳଂକାରିକ ସୌଷ୍ଠବ ସଜାଡ଼ିବାକୁ ଯାଇ ସେ କବିତାର କଳାସୌଷ୍ଠବ ନଷ୍ଟ କରି ନାହାଂତି । ଓଡ଼ିଶାର କାବ୍ୟକଳା ତଥା ଭାବ ଓ ଭାଷାରେ ଯେଉଁମାନେ ଆତ୍ମପ୍ରତିଷ୍ଠା ଲୋଡ଼ଂତି ସେମାନଂକର ଏ ସବୁ ବିଷୟ ପ୍ରତି ପ୍ରଣିଧାନ ଦେବା ଉଚିତ ।

ବିଶ୍ୱସାହିତ୍ୟରେ ରବୀଂଦ୍ରନାଥଂକର ସ୍ଥାନ । ସେ ସ୍ଥାନ ଯଥାର୍ଥରେ ବଡ଼ ଉଚ୍ଚ ଅଥଚ ସ୍ପଷ୍ଟ । ଭାରତୀୟ ମାନବୀୟତା ତଥା ବଂଗଦେଶର ବୈଷ୍ଣବ ଭାବର କମନୀୟ ସୌଂଦର୍ଯବୋଧର ଭିତ୍ତିରେ ତାଂକ କାବ୍ୟକଳା ପ୍ରତିଷ୍ଠିତ । ହେଲେହେଁ ବିଶ୍ୱମାନବର ବିଶେଷରେ ପାଶ୍ଚାତ୍ୟ ମାନବୀୟତାର ପୁଷ୍କଳ ବହିରଂଗ ଓ ସ୍ୱାଚ୍ଛଂଦ୍ୟ ଆଡ଼କୁ ତାଂକର ଗତି ଓ ଉନ୍ମୁଖତା ତାଂକ କାବ୍ୟକଳାକୁ ବିଶ୍ୱମାନବ ରୁଚି ଓ ଆଦର୍ଶରେ ଉଦ୍‌ବୁଦ୍ଧ କରି ରଖିଚି । ପରଂପରାର ଗଭୀର ପ୍ରତିଷ୍ଠା ଉପରେ ପରିସ୍ଥିତି କଳନା କରି ସେ ନିଜର କାବ୍ୟଦୃଷ୍ଟି ଫିଟାଇଛଂତି । ପରଂପରା ଓ ପରିସ୍ଥିତି ଛାଡ଼ି ନୂଆ ହେବାର ବ୍ୟାକୁଳତାରେ ସେ କେବେ ପଥଭ୍ରଷ୍ଟ ହୋଇନାହାଂତି; ତେଣୁ ବଂଗଳା ତଥା ଭାରତର ଭାଷା, ଭାରତର ସମାଜ ବିକାଶ, ଆଶା ତଥା ଆଦର୍ଶ ତାହାଂକୁ ପ୍ରଭାବିତ କରି ରଖିଚି । ତାଂକର ଭାଷା ନିଖୁଣ ବଂଗଳା । ଭାବର ପ୍ରତିଷ୍ଠା ଭାରତୀୟ ତଥା ବଂଗଳାର ମାନବ ସାଧନାରେ ପୂର୍ଣ୍ଣ । ଅଥଚ ଆଶା ଓ ଆଦର୍ଶରେ ସେହି ପୀଠରେ ତାଂକର ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟରେ ବିଶ୍ୱଦୃଷ୍ଟି ସ୍ପଷ୍ଟ । ସେ ନିଜେ କହିଚଂତି– ''ମାନୁଷ ସାମନେର ଦିକେ ଯେମନ ଅଗ୍ରସରଣ କରେ ତେମନି ଅନୁସରଣ କରେ ପିଛନେର, ନଇଲେ ତା'ର ଚଲାଇ ହୟନା, ପିଛନହାରା ସାହିତ୍ୟ ବଲେ ଯଦି କିଛୁ ଥାକେ ସେ କବଂଧ, ସେ ଅସ୍ୱାଭାବିକ ।'' (ମନୁଷ୍ୟ ସମ୍ମୁଖ ଆଡ଼କୁ ଯେପରି ଅଗ୍ରସରଣ କରେ ସେହିପରି ଅନୁସରଣ କରେ ପଛରେ ନ ହେଲେ ତା'ର ଚାଲିବା ହେବ ନାହିଁ । ପଛ-ହରା-ସାହିତ୍ୟ ବୋଲି ଯଦି କିଛି ଥାଏ ସେ କବଂଧ, ସେ ଅସ୍ୱାଭାବିକ ।)

ଭାରତ ଭୂମିର ଚିରଂତନ ସାଧନାରେ ପୁଣି କବି ବୈରାଗୀ ନୁହଂତି । ପକ୍ଷାଂତରେ ପାଶ୍ଚାତ୍ୟର ବସ୍ତୁତାଂତ୍ରିକତା ଓ ଭୋଗସର୍ବସ୍ୱ ସଭ୍ୟତାରେ ସେ ଆତ୍ମହରା ନୁହଂତି । ପ୍ରକୃତି କବିଂକ ପାଖେ ଜୀବଂତ ଓ ରସମୟ । ପ୍ରକୃତିର ସୁଖ-ଦୁଃଖ ମଧ୍ୟରେ ଅନଂତର ଅନୁଭୂତି । କବି ଗାଇଛଂତି–

''ସ୍ୱର୍ଗେ ତବ ବହୁକ୍ ଅମୃତ,
ମର୍ତେ ଥାକ ସୁଖେ ଦୁଃଖେ ଅନଂତ ମିଶ୍ରିତ
ପ୍ରେମଧାରା, ଅଶ୍ରୁଜଳେ ଚିର ଶ୍ୟାମ କରି
ଭୂତଲେର ସ୍ୱର୍ଗ ଖଂଡ ଗୁଲି ।''

ଅଶ୍ରୁଜଳରେ ପ୍ରେମଧାରା ଚିର ଶ୍ୟାମଳ, ଚିର ନୂତନ, ସ୍ୱର୍ଗରେ ସେ ଅଶ୍ରୁଧାରା ନାହିଁ । ତେଣୁ 'ଶୋକହୀନ, ହୃଦୟହୀନ, ଉଦାସୀନ' ସ୍ୱର୍ଗଭୂମି କବିଂକର ସ୍ପୃହଣୀୟ ନୁହେ । ମୃତ୍ୟୁକୁ ଡରିବାର କିଛି ନାହିଁ । ଏହା ଜୀବନର ପରିପୂର୍ଣ୍ଣତା । କବି କହିଚଂତି–

Digitized by PPRACHIN, SOA

"ଜୀବନେ ଯା ପ୍ରତିଦିନ ଛିଲ ମିଥ୍ୟା ଅର୍ଥହୀନ
ଛିନ୍ନ ଛାଡ଼ାଛାଡ଼ି
ମୃତ୍ୟୁ କି ଭରିଆ ସାଜି ତାରେ ଗାଂଥିଆଛେ ଆଜି
ଅର୍ଥ ପୂର୍ଣ କରି ।"

ସମାଲୋଚକ ଯଥାର୍ଥ କହିଅଛଂତି–

"ଦେହର ସମାପ୍ତି ଅଛି, କିଂତୁ ଜୀବନରେ ଅସମାପ୍ତିର ବଂଶୀ ବାଜୁଛି– ତେଣୁ ଦେଶଦେଶାଂତର ପାର ହୋଇ ଯୁଗଯୁଗାଂତର ଧରି ଏହି ଅନଂତ ପ୍ରବାହ ଚାଲିଛି, ମୃତ୍ୟୁ ଭିତରେ ନୂତନ ରୂପରେ, ପୂର୍ଣତାର ବିଜୟମାଲ୍ୟରେ ଶୋଭିତ ହୋଇ ଜୀବନ ଭବିଷ୍ୟତ ଆଡ଼କୁ ଚାଲିଛି ।"

ସୌଂଦର୍ଯବୋଧହିଁ କବିତାର ପ୍ରାଣ, ଆନଂଦହିଁ ଏହାର ଉପେୟ । ଭୋଗରେ ଏହାର କଳନା ନୁହେ । ଭୋଗ ଦୃଷ୍ଟିରେ ସୌଂଦର୍ଯବୋଧରେ ଲାଳସା ଫୁଟି ଭାବ ବିଶୃଂଖଳ ହୁଏ । କାବ୍ୟର ସୌଂଦର୍ଯବୋଧ ବା କାବ୍ୟରସ ଏ ଭୋଗ, ଏ ଲାଳସାର ବାହାରେ । ଏହି ସୌଂଦର୍ଯ ବା ଆନଂଦବୋଧରେ ଖଂଡିତର ଅନୁଭୂତି ଅଂତର ବ୍ୟଂଜନାରେ ଉଦ୍‌ଭାସିତ ହୁଏ । ରବୀଂଦ୍ରନାଥ ନିଜେ କହିଛଂତି–

"ସୌଂଦର୍ଯରେ ଆମେ ଯେଉଁଟିକି ଦେଖୁ କେବଳ ସେଇଟିକି ଯେ ଦେଖୁ ଏହା ନୁହେ, ତାହାରି ଯୋଗୁ ଆଉ ସବୁକୁ ମଧ ଦେଖୁ; ମଧୁର ଗାନ, ସମସ୍ତ ଜଳ, ସ୍ଥଳ, ଆକାଶକୁ, ଅସ୍ତିତ୍ୱ ମାତ୍ରକୁ ମର୍ଯାଦା ଦାନ କରେ ।"

ଏ ସୌଂଦର୍ଯବୋଧରେ ପ୍ରକୃତିର ସ୍ଥାନ ନାହି । କାମନା ମଧ ଚିର ନିୟତ, ସଂଯମହିଁ ଏ ଭୋଗର ପ୍ରାଣ, କବି କହିଚଂତି–

"ପ୍ରବୃତ୍ତିକୁ ଯଦି ଏକାବେଳକେ ପୂରାମାତ୍ରାରେ ଜଳିଉଠିବାକୁ ଛାଡ଼ିଦେବା, ତେବେ ଯେ ସୌଂଦର୍ଯକୁ ସରସ କରି ଫୁଟାଇବା ନିମଂତେ ତାହାର ପ୍ରୟୋଜନତାକୁ ପୋଡ଼ି ପାଉଁଶ କରି ତେବେ ସେ ଯାଇଁ ଛାଡ଼ିବ । ତେବେ ଫୁଲ ତୋଳିବାକୁ ଯାଇ ତାକୁ ଛିଂଡ଼ାଇ ଧୂଳିରେ ଫିଂଗି ଦେବ, ସୌଂଦର୍ଯ ପ୍ରବୃତ୍ତିକୁ ସଂଯତ କରେ । ଜଗତ ସଂଗେ ମାତ୍ର ପ୍ରୟୋଜନର ସଂବଂଧ ନ ରଖି ଆନଂଦର ସଂବଂଧ ଯୋଡ଼ିଦିଏ । ପ୍ରୟୋଜନ ସଂବଂଧରେ ଦୈନ୍ୟ ଓ ଦାସତ୍ୱ, ଆନଂଦର ସୌଂଦର୍ଯରେ ଏକା ମୁକ୍ତି । ....... ସୌଂଦର୍ଯ ଯେପରି ଆମକୁ କ୍ରମେ କ୍ରମେ ଶୋଭନତା ଆଡ଼କୁ, ସଂଯମ ଆଡ଼କୁ ଟାଣି ଆଣୁଛି, ସଂଯମ ବି ସେହିପରି ଆମ ସୌଂଦର୍ଯଭୋଗର ଗଭୀରତା ବଢ଼ାଇଦେଉଛି । ସ୍ତବ୍‌ଧ ଭାବରେ ନିବିଷ୍ଟ ହୋଇ ନ ଜାଣିଲେ ଆମେ ସୌଂଦର୍ଯର ମର୍ମ ସ୍ଥାନରୁ ରସ ଉଦ୍ଧାର କରିପାରୁ ନାହି । ଏକପରାୟଣା ସତୀ ସ୍ତ୍ରୀ ଏକା ପ୍ରେମର ଯଥାର୍ଥ ସୌଂଦର୍ଯ ଉପଲବ୍‌ଧି କରିପାରେ, ସ୍ୱୈରିଣୀ ତାହା ପାରେନା । ଯଥାର୍ଥ ସୌଂଦର୍ଯ ଯଥାର୍ଥ ସାଧକ ପାଖରେ ପ୍ରତ୍ୟକ୍ଷ, ଲୋଲୁପ ଭୋଗୀ ପାଖେ ନୁହେ । ଯେ ଲୋକ ପେଟୁ, ସେ ଭୋଜନର ରସଜ୍ଞ

Digitized by PPRACHIN, SOA

ହୋଇପାରେନା ।'' ବିଶ୍ୱ ସୌଂଦର୍ଯ୍ୟର ଉପଲବ୍ଧିରେ ସଂଯମର ଏ ନିଷ୍ଠା, ଏ ଗଭୀରତା ରବୀଂଦ୍ରଂକ ବିଶ୍ୱପ୍ରେମର ଯଥାର୍ଥ ବିଶେଷତ୍ୱ । ସେଥିପାଇଁ ଇଉରୋପୀୟ ଭାବରେ ଉଦ୍‌ଭ୍ରାଂତ ଓ ବିଘଟିତ ସମାଜ ଶୃଂଖଳା ଉପରେ ଠିଆହୋଇ ରବୀଂଦ୍ରନାଥ ନିଜେ ବିଭ୍ରାଂତ ନ ହୋଇ ସମନ୍ୱୟର ବ୍ୟଂଜନାରେ ମହାମାନବର ପ୍ରେରଣା ଅନୁଭବ କରିଛଂତି ଓ ଜଗତକୁ ସେହି ପ୍ରେରଣାରେ ସଂକେତ ଦେବାକୁ ସମର୍ଥ ହୋଇଛଂତି । ଭାରତର ନୀରସ ସାଧକର ଜୀବନକୁ ଦେଖି ବୁଝି ବୈଷ୍ଣବର ଲଳିତ ପ୍ରେମରେ ଉଦ୍‌ଭ୍ରାଂତର ଭୋଗର ବାଟ ଛାଡ଼ି, ପାଶ୍ଚାତ୍ୟର ଘୋର ବସ୍ତୁତଂତ୍ରତା ପ୍ରତି ନିତାନ୍ତ ବିମୁଖ ନ ହୋଇ, ମୃତ୍ୟୁରେ ଜୀବନ ଦେଖି, ଶୋକରେ ସୌଂଦର୍ଯ୍ୟ ଓ ଆନଂଦ ପାଇ, ମହା ସମନ୍ୱୟରେ ବିଶ୍ୱମାନବର ମାନବୀୟତା ଭାବର ବ୍ୟଂଜନା, ତଥା ଭାଷା ଓ ଛଂଦର ଧ୍ୱନିରେ ରବୀଂଦ୍ରନାଥ ଫୁଟାଇପାରିଛଂତି । ଆଜି ତାଂକ ତିରୋଧାନ ଦିବସ ସ୍ମରଣ କରି ଆମେ କହୁଁ ବିଶ୍ୱବାସୀ ତାଂକର ଏହି ବ୍ୟଂଜନା ଓ ଏହି ଧ୍ୱନିରେ ପ୍ରେରଣା ଲାଭକରି ନୂତନ ଜୀବନରେ ଜୀବଂତ ହୁଅଂତି । କବି ରବୀଂଦ୍ରନାଥ ଯଥାର୍ଥ ଯୁଗମାନବ । ଏ ଯୁଗର ମାନବ ବିକାଶରେ ତାଂକର ମରଣ ନୂତନ ଜୀବନ ରୂପେ ଉଦ୍‌ଭାସିତ ହେଉ ।

# ଆଲୋଚନା

## [ସ୍ୱର୍ଗତ ମଧୁସୂଦନ ଦାସ]

ଉତ୍କଳର କୁଳବୃଦ୍ଧ, ମୌଳିକ ଉତ୍କଳ ଜାତୀୟ ପ୍ରେରଣାର ମୂଳ ମଧୁସୂଦନ ଏହି ଅତି ଅଳ୍ପ ଦିନ ତଳେ, ଗଲା ଫେବୃଆରୀ ତା ୪ ରିଖରେ ୮୭ ବର୍ଷ ବୟସରେ ଇହଧାମ ତ୍ୟାଗ କରିଅଛଂତି । ବୟସ ତାଂକୁ କମ୍ ହୋଇନଥିଲା । ଦୀର୍ଘ ଅର୍ଦ୍ଧଶତାବ୍ଦୀ କାଳ ସେ ଦେଶର କର୍ମରେ ଆତ୍ମନିୟୋଗ କରିଥିଲେ ଓ ମୃତ୍ୟୁ ପର୍ଯ୍ୟଂତ କେବେ ସେ କାମ ଛାଡ଼ି ନାହାଂତି । ଓଡ଼ିଶାର ଜାତୀୟ ସ୍ୱାତଂତ୍ର୍ୟ ଫିଟାଇବା ତାଂକ ଜୀବନର ମୁଖ୍ୟ ସାଧନା ଥିଲା । ସେଥିପାଇଁ ସେ ନିଜ ଆଦର୍ଶର ସମାଲୋଚନାକୁ ଡରୁନଥିଲେ– ନିଜର ଆଦର୍ଶ ବିଶ୍ୱଜଗତ୍ ପୀଠରେ ହ୍ରସ୍ୱ କି ବିଶାଳ ସେ ବିଷୟରେ ସେ ଯୁକ୍ତି କରିବାକୁ ଯାଉନଥିଲେ । ଓଡ଼ିଶା ତାଂକର ସର୍ବସ୍ୱ ଥିଲା । ଆଉ ସବୁ ଜାତୀୟ କାର୍ଯ୍ୟ ଓଡ଼ିଆ ଜାତିର ବିକାଶର ସାକ୍ଷାତ୍ ଉପାଦାନ ସ୍ୱରୂପ ନହେଲେ ସେ ତହିଁରେ ଆତ୍ମନିୟୋଗ କରିବାକୁ କର୍ତବ୍ୟର ବ୍ୟତିକ୍ରମ ବୋଲି ବିଚାରୁଥିଲେ । ଓଡ଼ିଶାର କଳା ଓ ଓଡ଼ିଶାର ଶିଳ୍ପଚାତୁରୀ ଜଗତରେ ପ୍ରଚାର କରିବା ପାଇଁ ସେ ଯେପରି କି ନିଜର ବିରାଟ ଐଶ୍ୱର୍ଯ୍ୟ ପଣ କରିଥିଲେ ।

ଆଗେ ସେ କଂଗ୍ରେସର ଜଣେ ମୁଖ୍ୟ ନେତୃସ୍ଥାନୀୟ ବ୍ୟକ୍ତି ଥିଲେ । ବିଚାରିଥିଲେ ଏହି ସୂତ୍ରରେ ସେ ଓଡ଼ିଆ ଜାତୀୟ ସମସ୍ୟାର ସମାଧାନ କରିବାକୁ ସୁଯୋଗ ପାଇବେ । ୧୯୦୩ରେ ହଠାତ୍ କୌଣସି ଘଟଣାରେ ତାଂକର ସେ ଭ୍ରମ ଭାଂଗିଗଲା । ସେହି ବର୍ଷ

Digitized by PPRACHIN, SOA

ଗଂଜାମ ସଂମିଳନୀର ସୂଚନାକୁ ପୁଷ୍ଟ କରି ସେ ବିରାଟ ଉକ୍ରଳ ସଂମିଳନୀ ଆରଂଭ କଲେ । ପରେ ମହାତ୍ମା ଗାଂଧୀଂକ ନେତୃତ୍ୱରେ ଓଡ଼ିଶା ଯେତେବେଳେ କଂଗ୍ରେସରେ ଯୋଗଦେଇ ମହାଭାରତୀୟ ଭାବରେ ଆଂଦୋଳନର ମହାସିଂଧୁକୁ ଡେଇଁପଡ଼ିଲା ସେତେବେଳେ ମଧୁସୂଦନ ସ୍ପଷ୍ଟ ଆଶଂକିତ ହେଲେ । ଏବେ ଇତିହାସ ଦେଖିଲେ ହୁଏତ ବୁଝାଯିବ କେବଳ ମହାତ୍ମା ଗାଂଧୀ ବ୍ୟକ୍ତିଗତ ଭାବରେ ଦରିଦ୍ର ଓଡ଼ିଶାର ଦୁଃଖ ମୋଚନ ପାଇଁ ଯଥେଷ୍ଟ କରିଅଛଂତି ଓ କରୁଛଂତି । କିଂତୁ ଓଡ଼ିଶାର ସ୍ୱାତଂତ୍ର୍ୟ ଓ ଅନ୍ୟାନ୍ୟ ଆନୁସଂଗିକ ପ୍ରଶ୍ନର ସମାଧାନରେ ଯାହା କରିବା ଉଚିତ ତାହା କରିଥିଲେ ଆଜି ହୁଏତ ଫୁଲଝର, ସିଂହଭୂମ, ମେଦିନୀପୁର, ଇଛାପୁର, ପାରଳା, ମଞ୍ଜୁଷା, ଜୟପୁର ପ୍ରଭୃତି ଓଡ଼ିଆ ଭୂମି ବୋଲି ପରିଚିତ ହେବାରେ କୌଣସି ଅସୁବିଧା ନ ଥାଂତା । ପ୍ରବୀଣ ମଧୁବାବୁ ଜାତିର ଯୁବ ପ୍ରେରଣାର ଉତ୍ତାଳତରଂଗ ଉପରେ ଉଠି ସେତେବେଳେ ହୁଏତ ଏ ଭବିଷ୍ୟତ୍ ଦେଖିପାରିଥିଲେ । ଏ ଭବିଷ୍ୟତ୍ ଦେଖି ମଧ ସେତେବେଳର ମହା-ଜାତୀୟ ଆଂଦୋଳନରେ ଯୋଗଦେବା ଉଚିତ ଥିଲା କି ନାହି ତାହା ଏଠାରେ ଆଲୋଚନା କରାଯାଉନାହି । ହୁଏତ ଏ ସବୁ ସତ୍ତ୍ୱେ ଆତ୍ମବଳି ଦେବାର ସମୟ ସେତେବେଳେ ଆସିଥିଲା । କିଂତୁ ନିରପେକ୍ଷ ଭାବରେ ମଧୁସୂଦନଂକ କ୍ରିୟା ପରଂପରା ଓ ବ୍ୟକ୍ତିତ୍ୱ ସଂଗେ ଅନୁକଂପା ରଖି ବିଚାରକଲେ ଏ ସମସ୍ତ ମଧରେ ମଧୁସୂଦନଂକର ଜାତି ପ୍ରୀତି ଛଡ଼ା ଆଉ କିଛି ଏବେ ଦିଶୁନାହି । ଦୃଷ୍ଟାଂତରେ ବୁଝାଇ ଦେବା ପାଇଁ କୁହାଯାଇପାରେ ସୁବିପୁଳ ଜାତୀୟ ଭାବର ଚିରଲୀଳାଭୂମି ବଂଗଦେଶରେ ମଧ୍ୟ ଆଚାର୍ଯ ପ୍ରଫୁଲ୍ଲ ଚଂଦ୍ର ପ୍ରମୁଖ ନେତା ଓ କର୍ମୀମାନେ ଏବେ ମଧ ସ୍ପଷ୍ଟ ଏହି ଭାବରେ ଜାତୀୟତାର ସେବା କରଂତି ।

ତାଂକ ସଂଗେ କାହାର ମତଭେଦ ଥାଇପାରେ; ମାତ୍ର ଏ ମଧୁସୂଦନ ସ୍ମୃତିର ଆଲୋଚନାରେ ସେ ସବୁ ମତଭେଦ ବିଚାରର ଅବକାଶ ଖୋଜାଯାଉନାହି ।

ଓଡ଼ିଆର ଶ୍ରେଷ୍ଠ ବୀରପୁରୁଷ, ଓଡ଼ିଆର ସ୍ୱତଂତ୍ର ମାନ ରଖିବାରେ ଚିର ଜାଗ୍ରତ ଓ ତ୍ୟାଗୀ ମଧୁସୂଦନ ଜାତି ନିମଂତେ ୫୦ ବର୍ଷର କର୍ମପୀଠ ଛାଡ଼ି ଆଜି ଚାଲି ଯାଇଛଂତି । ସେ ଯେଉଁ ଭାବରେ ଓଡ଼ିଆର ଜାତୀୟତାର ବିକାଶ ବୁଝୁଥିଲେ, ବହୁ ପରିମାଣରେ ସେହି ଭାବରେ କାର୍ଯ କରିବାର ଦିନ ହୁଏତ ହୋଇ ଆସୁଛି । ଏତେବେଳେ ସେ ତ ନାହାଂତି ଓଡ଼ିଆ କ'ଣ ତାଂକର ସ୍ମୃତି ପୂଜା କରି ଉଦ୍‌ବୁଦ୍ଧ ହେବେ ନାହି ?

ମଧୁସୂଦନ ସ୍ମୃତି ପାଇଁ ତିନିଥର ସଭା ହୋଇଯାଇଛି । ମାତ୍ର ଏବେ ମଧ କାର୍ଯ କରିବାର କିଛି ସୂଚନା ଦେଖାଯାଉନାହି । ଓଡ଼ିଶା ଅର୍ଥରେ ଦୁର୍ବଳ ହୋଇପାରେ, କିଂତୁ ଭାବ ଓ ଭାବୁକତାରେ ଦୁର୍ବଳ ହେବା ନହେବା ମନୁଷ୍ୟର ନିଜ ହାତରେ ଅଛି । ଆଶା କରାଯାଏ ମଧୁସୂଦନ ସ୍ମୃତି ଅଚିରେ କାର୍ଯରେ ପରିଣତ ହେବ । ମହାପୁରୁଷର ପୂଜା କଲେ ଉତ୍ତର ପୁରୁଷର ଶ୍ରୀବୃଦ୍ଧି ହୁଏ— ମୃତ ମହାପୁରୁଷଂକର ସେଥିରେ କିଛି ଯାଏଆସେ ନାହି । ଦେଶର କଲ୍ୟାଣକାମୀ ଉଦୀୟମାନ ଲୋକେ ଏକଥା ବୁଝଂତୁ ।

[ନବଭାରତ, ମିଥୁନ ୧୩୪୧]

Digitized by PPRACHIN, SOA

# ଆଜି ମଧୁସୂଦନଂକ ଶ୍ରାଦ୍ଧବାସରେ

୧୩ ବର୍ଷ ହେଲା ଆଜି ମଧୁସୂଦନ ଦାସ ଏ ସଂସାର ଛାଡ଼ିଥିଲେ । ସେତେବେଳକୁ ତାଂକୁ ୮୭ ବର୍ଷ ହୋଇଥିଲା । ଜୀବନର କର୍ମ ପାଇଁ ସେ ଦୀର୍ଘ କାଳ ପାଇଥିଲେ ଓ ସମାଜର କାର୍ଯରେ ସେ ଜୀବନକୁ ପୂରାପୂରି ଲଗାଇଥିଲେ । ଇଂରେଜ ରାଜତ୍ୱର ପ୍ରଥମ ଭାଗରେ ରାଜନୀତିକ ସ୍ୱାଧୀନତାର କାମନା ଯେତେବେଳେ ବାଟ ନ ପାଇ ପ୍ରଦେଶମାନଂକରେ ସମାଜ ଓ ସାହିତ୍ୟ ଆଡ଼େ ଗତି କଲା, ତାରି ପରିଣତ ଅବସ୍ଥାରେ ମଧୁସୂଦନ କର୍ମକ୍ଷେତ୍ରରେ ଆସି ଠିଆହେଲେ । ସେତେବେଳକୁ ଭାରତୀୟ ଜାତୀୟ କଂଗ୍ରେସ ଆରଂଭ ହୋଇଯାଇଥାଏ । ମଧୁବାବୁ ସେଥିରେ ଯୋଗଦେଲେ । କିଂତୁ ସମାଜ ଓ ସାହିତ୍ୟାଦି ହିସାବରେ ଓଡ଼ିଶା ପରି ଭୂମିର ସ୍ୱାତଂତ୍ର୍ୟ ନ ଥିଲା । ଖାଲି ମହାଭାରତୀୟ ଭାବ ଓ ସାଧନାର ପଂଥା ଧରି ଲାଗିଲେ କିଛି ହେବ ନାଇ । ଓଡ଼ିଆର ସେ ସାଧନା ପାଇଁ ସାମର୍ଥ୍ୟ ଓ ପରିସ୍ଥିତି ନ ଥିଲା । ଓଡ଼ିଆର ପରି ସମାଜ-ସାଧନା ଓ ସଂସ୍କୃତିକୁ ଆଖି ନ ଦେଇ ମହାଭାରତୀୟ ସାଧନାରେ ମାତିବା ଉଚିତ ନୁହେ ବୋଲି ସେ ବୁଝିପାରିଥିଲେ । ତାଂକର ଦୃଢ଼ ମତ ଥିଲା, ପ୍ରାଦେଶିକ ଭାଷା ଓ ସଂସ୍କୃତିଗତ ସ୍ୱାଧୀନତା ଉପରେ ସମାଧାନରେ ଭାରତୀୟ ସ୍ୱାଧୀନତା, ସମାଜ ଓ ସଂସ୍କୃତି ଫୁଟିବ । ଇଚ୍ଛା କରିଥିଲେ ସେ ବ୍ୟକ୍ତିଗତ ଭାବରେ ମହାଭାରତୀୟ ସାଧନାରେ ଖୁବ୍ ବଡ଼ ହୋଇପାରିଥାନ୍ତେ । ନୀତି ଦୃଷ୍ଟିରେ ତା ତାଂକୁ ରୁଚିଲା ନାଇ । ସେଥିପାଇଁ ସେ ଏକ ମହାତ୍ୟାଗ କଲେ । ପ୍ରଥମେ କଂଗ୍ରେସରେ ଏଇ ପ୍ରାଦେଶିକ ସମାଧାନର ନୀତି ଭର୍ତି କରିବାକୁ ସେ ଲୋଡ଼ିଲେ । ଲୋଡ଼ି ବାଧା ପାଇଲେ । ପୁଣି ବାଧା ପାଇଲେ ତାହାଠାରୁ, ଏଇ ନୀତିରେ ଅତି ପ୍ରାଦେଶିକ-ଭାବ-ଭାବିତ ବଂଗାଳୀଂକଠାରୁ– ସ୍ପଷ୍ଟ ଭାବରେ ତତ୍କାଳୀନ ବଂଗାଳୀ ନେତା ସୁରେଂଦ୍ରନାଥଂକଠାରୁ । ଦୀପ୍ତିମାନ, ଦ୍ରଷ୍ଟାବୀର ମଧୁସୂଦନ ଏକାବେଳକେ ପଂଥା ବଦଳାଇଲେ । ଓଡ଼ିଆଂକୁ ଆଗ ଓଡ଼ିଆ କରିବାକୁ ହେବ– ଏଇ ଶ୍ରେଷ୍ଠ ଜାତୀୟ ସାଧନାରେ ସେ ନିଜର ସର୍ବସ୍ୱ ପଣ କଲେ । ଏପରିକି ଓଡ଼ିଆର ଶିଳ୍ପ ପୃଥିବୀରେ ଦେଖାଇବା ପାଇଁ ସେ ଶେଷକୁ ଭିକ୍ଷୁକ ହୋଇଯାଇଥିଲେ । ସେଇ ମହାପୁରୁଷଂକ ସ୍ମୃତିରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆର ଜାତୀୟ ସାଧନା ନିମଂତେ ଆଜି ବି ଅବକାଶ ରହିଚି । ଭଗବାନ ଆଶୀର୍ବାଦ କରଂତୁ । ପୁଣ୍ୟଶ୍ଲୋକ ମଧୁସୁଦନଂକର ପୁଣ୍ୟ ସ୍ମୃତିରେ ଓଡ଼ିଶା ଜୀବଂତ ହେଉ ।

[ନବଭାରତ, ମକର ୧୩୫୪, ନୂଆପ୍ରସ୍ଥ, ପ୍ରଥମ ବର୍ଷ]

Digitized by PPRACHIN, SOA

## ଗୋପବଂଧୁ–ଶ୍ରାଦ୍ଧ

ଆସଂତା ମିଥୁନ ୨୮ ଦିନ, ଆଷାଢ଼ ଅମାବାସ୍ୟା ଜୁଲାଇ ୧୧ ତାରିଖ ଦିନ ସ୍ୱର୍ଗତ ପଂଡିତ ଗୋପବଂଧୁ ଦାସଂକର ଷଷ୍ଠ ବାର୍ଷିକ ଶ୍ରାଦ୍ଧ ଦିବସ । ସେ ଦିନ ଉତ୍କଳର ପୁରପଲ୍ଲୀ ସର୍ବତ୍ର ତାଂକର ଶ୍ରାଦ୍ଧ ଅନୁଷ୍ଠିତ ହେବ । ତୃତୀୟ ବାର୍ଷିକ ଶ୍ରାଦ୍ଧ ଏହିପରି ହୋଇଥିଲା । ତା'ପରେ ନାନା ଅସୁବିଧାରୁ ସେତେ ବ୍ୟାପକ ଭାବରେ ହୋଇପାରିନାହିଁ । ଆଶା କରାଯାଏ ଏଥର ଉତ୍କଳବାସୀ ଆଗରୁ ନିଜ ନିଜ ସ୍ଥାନରେ ଏ ବିଷୟରେ ଆୟୋଜନ କରି ଏହି ଜାତୀୟ କାର୍ଯ୍ୟର ଅନୁଷ୍ଠାନଟି ସୁଂଦର କରି କରିବେ ।

ସତ୍ୟବାଦୀ ଗୋପବଂଧୁ ସେବା ସଦନରେ ସେଇ ଦିନ ଗୋପବଂଧୁ ସେବକ-ସମାଜ ସବୁ ବର୍ଷ ଯେପରି କରୁଛଂତି ସେଇ ବିଧିରେ ଏ ଅନୁଷ୍ଠାନ କରିବେ । ସେଥିପାଇଁ ଆଂଭେମାନେ ଉତ୍କଳବାସୀଂକୁ ଜଣାଇ ଦେଉଅଛୁ, ଯାହାର ସୁବିଧା ହେବ ସେ ଗୋପବଂଧୁଂକର ମୂଳ କର୍ମ-ଭୂମି ଏଇ ସତ୍ୟବାଦୀ ଅନୁଷ୍ଠାନରେ ଯୋଗ ଦେବେ । ମାତ୍ର ଅମାବାସ୍ୟା ଦିନ ଉତ୍କଳରେ ସର୍ବତ୍ର ଏହି ଦିନ ପାଳିବାର କଥା । ସେଥିପାଇଁ ଗୋପବଂଧୁ ସେବକ ସମାଜ ସଂକୀର୍ତନ ଓ ଶୋଭାଯାତ୍ରା କରି ଗୋପବଂଧୁଂକର ଶ୍ମଶାନ ବେଦୀରେ ପୁଷ୍ପାଂଜଳି ଦେବାର କାର୍ଯ୍ୟଟି ପରଦିନକୁ ଅର୍ଥାତ୍ ୧୨ ତାରିଖ ଜୁଲାଇକୁ ରଖିଦେଉଛଂତି । ୧୨ ତାରିଖ ଜୁଲାଇ ଗୁରୁବାର । ସେଦିନ ଜଗନ୍ନାଥ ମହାପ୍ରଭୁଂକର ନବଯୌବନ ଦର୍ଶନ ପର୍ବ । ସେଦିନ ସତ୍ୟବାଦୀରେ ଏହି ପୁଷ୍ପାଂଜଳିରେ ଯୋଗଦେବାରେ ଅନ୍ୟ ସ୍ଥାନର ଲୋକଂକର ଅସୁବିଧା ହେବ ନାହି ବୋଲି ଆଶା କରାଯାଏ ।

[ନବଭାରତ, ମିଥୁନ, ୧୩୩୧]

## ସାଧୁବାଦ

ଜୟପୁରର ବର୍ତମାନ ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଂକୁ ଓଡ଼ିଶାର ପ୍ରାୟ ସମସ୍ତେ ଜାଣଂତି । ବିଶେଷରେ ସାହିତ୍ୟିକମାନେ ତାଂକୁ ଭଲକରି ଜାଣିବାର କଥା । ଅନ୍ୟାନ୍ୟ ଭାଷା ଓ ସାହିତ୍ୟ ମଧ୍ୟରେ ଇଂରାଜୀ, ସଂସ୍କୃତ, ତେଲଂଗ ଓ ଓଡ଼ିଆରେ ସେ ନିପୁଣ ପଂଡିତ । ତେଲଂଗ ସାହିତ୍ୟ ପରିଷଦ୍ ତାଂକୁ 'ସାହିତ୍ୟ ସମ୍ରାଟ' ଉପାଧି ଦେଇ ନିଜ ପରିଷଦର ଯଥାର୍ଥ ଗୁଣଗ୍ରାହିତା ପ୍ରକାଶ କରିଚଂତି । ଓଡ଼ିଆରେ ବହୁକାଳରୁ ସେ ସୁଲେଖକ । ମୋ ପିଲାଦିନେ ଓଡ଼ିଆରେ ଯେତେବେଳେ ନାଟକ ନଥିଲା ସେତେବେଳେ ମୁଁ ପ୍ରଥମେ ତାଂକ ରଚିତ 'ରାଧା-ମାଧବ ନାଟକ' ପଢ଼ି ନାଟକୀୟ ରସାସ୍ୱାଦନରେ ପ୍ରବେଶ କରିଥିବାର ଏବେ ମଧ ମନେଅଛି । ସାହିତ୍ୟ ଯେ ଜାତୀୟତାର ଭିତ୍ତି ଏହା ସେ

Digitized by PPRACHIN, SOA

ବୁଝନ୍ତି । ସେତିକି ନୁହେ; ସାହିତ୍ୟର ରୁଚି ଓ ଶୈଳୀ ସଂବଂଧରେ ସେ ବଡ଼ ସାବଧାନ ଓ ଅନୁସଂଧାନପର । ଓଡ଼ିଆ ଭାଷାରେ 'ଠିକ୍' ବଦଳରେ 'ସଠିକ୍' ଲେଖାହେଲେ ତାଂକରି ଆଖି ସେଥିରେ ପଡ଼େ । ମୁଁ ଗତ ଚଉଦ ବର୍ଷ ଓଡ଼ିଆ ସାହିତ୍ୟର ସାକ୍ଷାତ୍ ସଂପର୍କରେ ନ ଥାଇ ମଧ ବେଳେ ବେଳେ ଖବରକାଗଜ ସୂତ୍ରରେ ତାଂକରି ଏହି ବିକ୍ଷିପ୍ତ ଆଲୋଚନା ସବୁ ଦେଖୁଥାଏ । ଅବଶ୍ୟ ସେ ଦେଖା କେବଳ ହଳଦୀ ବେପାରୀ ସ୍ୱାର୍ଥବାହର ବାଟ ପାର୍ଶ୍ୱରୁ ଦୂରରେ ଥାଇ ଗଛରେ ପାଚିଲା ଆଂବ ଦେଖି ଦେଖି ଚାଲିଲା ପରି । ମୁଁ ଦେଖି ଖୁସି ହେଉଥାଏ; କିଂତୁ ଆଲୋଚନାରେ ଯୋଗ ଦେବାର ସୁବିଧା ନ ଥିବାରୁ ପ୍ରାଣରେ ଟିକିଏ କ୍ଷୋଭର ସଂଚାର ମଧ ବେଳେ ବେଳେ ହୁଏ । ବିଶେଷରେ ପାରଳାର ତତ୍ତ୍ୱସଂଧିତ୍ସୁ ପଂଡିତ ଗୋପୀନାଥ ନଂଦଂକ ପରେ ଏ ସବୁ ତତ୍ତ୍ୱରେ ଆଖି ବୁଲାଇବା ଭଳି ଲୋକ ଆଉ କାହାକୁ ଦେଖିଲା ପରି ମନେ ହେଉ ନାଇ । ମୃତ୍ୟୁଂଜୟ ତଥା ଶ୍ୟାମସୁଂଦର ତ କାଳରେ ବହୁ ଦୂରର କଥା । ମାତ୍ର ମୋର ଧାରଣା, ଏ ସବୁର ଆଲୋଚନା ବିନା ଭାଷା ତଥା ସାହିତ୍ୟର ମୂଳ ଭିତ୍ତି ସୁଦୃଢ଼ ହେବ ନାଇ । ଅତୀତର ପରଂପରା ଉପରେ ସୁପ୍ରତିଷ୍ଠିତ ନ ହେଲେ ବର୍ତମାନର କୌଣସି ଗଠନ ଭବିଷ୍ୟତର ସୌଷ୍ଠବ ଆଡ଼କୁ ଯାଏ ନାଇ । ଏ କଥା ସୁଧିବର୍ଗଂକୁ ବୁଝାଇବାର ଦରକାର ନାଇ ।

ସତ୍ୟବାଦୀରୁ 'ସତ୍ୟବାଦୀ' ନାମକ ଯେଉଁ ମାସିକ ପତ୍ର ବାହାରୁଥିଲା ମୁଁ ଅନେକ ପରିମାଣରେ ତାହାର କାର୍ଯତଃ ସଂପାଦକ ଥିଲି । ସତ୍ୟବାଦୀ ମାସିକ ପତ୍ର ପ୍ରତି ଶ୍ରୀ ବିକ୍ରମ ଦେବଂକର ଟିକିଏ ଆସକ୍ତି ଜନ୍ମିଯାଇଥିଲା ପରି ବୋଧହୁଏ । ୧୯୨୧ ମସିହାରେ ସତ୍ୟବାଦୀ ପତ୍ର ବଂଦହୋଇଗଲା । ୧୯୨୪ ଜାନୁଆରୀ ଆଦ୍ୟରେ କାକନାଡ଼ା କଂଗ୍ରେସରୁ ଫେରିବାବେଳେ ମୁଁ ବିଶାଖାପାଟଣାଠାରେ ଶ୍ରୀ ବିକ୍ରମ ଦେବଂକ ଘରେ ଅତିଥି ହୋଇଥିଲି । ସେତେବେଳେ ସତ୍ୟବାଦୀ ପୁଣି ବାହାର କରିବା ପାଇଁ ସେ ମୋତେ କହିଥିଲେ । ଅର୍ଥାଭାବ ଦୂର କରିବା ପାଇଁ ମଧ ସତ୍ୟବାଦୀ ନିମଂତେ କିଛି ଧନ ଆୟୋଜନ କରିବାର ପରାମର୍ଶ ଦେଇ ସେହି ସଂପର୍କରେ ଜୟପୁର ଯିବାଲାଗି ମତେ ଡାକିଥିଲେ । ଜୟପୁରର ତତ୍କାଳୀନ ରାଜା ଶ୍ରୀ ରାମଚଂଦ୍ର ଦେବ ଏହି ଶ୍ରୀ ବିକ୍ରମ ଦେବଂକର ଭ୍ରାତୁଷ୍ପୁତ୍ର । ରାମଚଂଦ୍ର ବିକ୍ରମଂକୁ ବଡ଼ ଶ୍ରଦ୍ଧା ଓ ଖାତିର କରୁଥିଲେ । ଏହି ଧନ ଆୟୋଜନ ଉଦ୍ଦେଶ୍ୟରେ ବିକ୍ରମ ଦେବ ମତେ ଥରେ ସଂଗେ ଘେନି ରାମଚଂଦ୍ର ଦେବଂକ ନିକଟକୁ ଯିବାପାଇଁ ମଧ ପ୍ରସ୍ତାବ କରିଥିଲେ । କିଂତୁ ନାନା କାର୍ଯ ଜଂଜାଳରେ ବ୍ୟସ୍ତ ଥାଇ ସେତେବେଳେ ମୁଁ ସେ ପ୍ରସ୍ତାବ ଅନୁସାରେ କାର୍ଯ କରିବାପାଇଁ ଅବକାଶ ପାଇନଥିଲି ।

ଏହିଥର ୧୯୩୩ ସାଲ ମେ ମାସରେ ଚତୁର୍ଥ ଥର ଜେଲରୁ ଫେରି ମୋର କାହିଁକି ଦେଶର ସାହିତ୍ୟ ପାଇଁ ମନ ପ୍ରବଳଭାବରେ ଆକୃଷ୍ଟ ହେଲା । ମୁଁ ମାସିକ ପତ୍ର ପ୍ରକାଶ କରିବା ପାଇଁ ମନସ୍ଥ କରି ନାନା ଆୟୋଜନରେ ଲାଗିଲି । ଅନେକ ବଂଧୁ ଅବଂଧୁଂକର ସହଯୋଗ ମଧ ଭିକ୍ଷାକଲି । ଶେଷରେ ନିଜ ଉପରେ ନିର୍ଭର କଲେ ମନକୁ ସାହାଯ୍ୟ ଓ

Digitized by PPRACHIN, SOA

ସହଯୋଗ ମିଳିବ ବୋଲି ବିଚାରି କାର୍ଯଟି ଆରଂଭ କରିବି ବୋଲି ବସିଲି । ଏତିକିବେଳେ ଅକସ୍ମାତ୍ ପତ୍ର ପାଇଲି, ଜୟପୁରର ମହାରାଜା ଶ୍ରୀ ବିକ୍ରମ ଦେବ ସାହିତ୍ୟ ବିଷୟରେ କିଛି କରିବା ପାଇଁ ମୋତେ ଲୋଡୁଚଂତି; ମୁଁ ଯାଇ ତାଂକ ସଂଗେ ଦେଖା କରିବା ତାଂକର ଇଚ୍ଛା ।

ବିକ୍ରମ ଦେବ ଅତି ଦୁଃସମୟରେ ଅର୍ଥାତ୍ ପୃଥିବୀର ଆର୍ଥିକ ଦୁର୍ଗତି ସମୟରେ– ନାନା ଜଂଜାଳ ମଧ୍ୟରେ ନିକଟରେ ରାଜ୍ୟ ପାଇଚଂତି । ଏ ପରିସ୍ଥିତିରେ ତାଂକର ଆର୍ଥିକ ସ୍ୱଚ୍ଛଳତା ନ ଥିବାର ମୁଁ ଆଶଂକା କରିଥିଲି । ତଥାପି ପତ୍ରଟି ପାଇ ମୁଁ ଜୟପୁର ଗଲି । ମହାରାଜା ମୋର ବହୁକାଳର ସ୍ନେହୀ । ତାଂକଠାରୁ ମୁଁ ଯେ ଆତିଥ୍ୟ ପାଇଲି ତାହା ତାଂକଠାରୁ ଚିରକାଳ ପାଇ ଆସିଚି । ମାତ୍ର ଏ ଆର୍ଥିକ ଦୁଃସମୟରେ ସେ ମୋତେ ଗୋଟିଏ ସାହିତ୍ୟ ପତ୍ର ବାହାର କରିବା ପାଇଁ ପାଂଚ ହଜାର ଟଂକା ଦେବାର ଅଂଗୀକାର କଲେ । ଏ କ୍ଷେତ୍ରରେ ଓଡ଼ିଶା ପାଇଁ ଆହୁରି ଯଥେଷ୍ଟ ଅଧିକ କରିବାର ଅଭିଳାଷ ଥିଲେ ମଧ୍ୟ ତାହା ସେ ବର୍ତମାନ କରିବାକୁ ଅକ୍ଷମ ଥିବାରୁ ଦୁଃଖିତ ମଧ୍ୟ ହେଲେ । ଯାହା ହେଉ ଏ ୫ ହଜାର ଟଂକାଟି ମୁଁ ଗୋଟିଏ ପବିତ୍ର ନ୍ୟାସ ବୋଲି ମନେକରି ଗ୍ରହଣ କରିଅଛି । ସେହି ଧନରେ ଆଜି ଏ 'ନବଭାରତ' ପତ୍ରଟି ବାହାରିବାର ସଂଭବ ହୋଇଅଛି । ମୁଁ ଏଥିପାଇଁ ମହାରାଜା ଶ୍ରୀ ବିକ୍ରମ ଦେବଂକୁ ଆଂତରିକ କୃତଜ୍ଞତା ଓ ସାଧୁବାଦ ଅର୍ପଣ କରୁଅଛି । ଆଶାକରେ ଦେଶର ସୁଧିମଂଡଳୀ ଓ ସାଧାରଣ ଦେଶବାସୀ ଏଥିରେ ମୋର ସାହାଯ୍ୟ ଓ ସହଯୋଗିତା କରିବେ । ଏ କାର୍ଯରେ ବିଶ୍ୱଦେବତାଂକର ଆଶୀର୍ବାଦ ପଡୁ ।

ନୀଳକଂଠ ଦାସ

ମିଥୁନ ସଂକ୍ରାଂତି, ସନ ୧୩୪୧ ସାଲ

ନବ ଭାରତ, ମିଥୁନ ୧୩୪୧

# ଗୋପବଂଧୁ ସେବକ ସମାଜ

ବୀରପୁରୁଷମାନେ ଦେଶ ତଥା ଜାତିର ସଂପଦ । ସ୍ୱର୍ଗତ ପଂଡିତ ଗୋପବଂଧୁ ଦାସ ଏ ଦେଶରେ କର୍ମବୀର ଥିଲେ । ଓଡ଼ିଶାର ଘରେ ଘରେ ଆଜି ସେ ନାମ ସୁପରିଚିତ । ତାଂକର ତିରୋଧାନ ଆଜିକି ୬ ବର୍ଷ ହୋଇଗଲା । ଉତ୍କଳବାସୀ ସେ ସଂପଦ ଅଧିକାର କରିବାରେ ବିଶେଷ କିଛି କରିନାହାଂତି । ଦେଶର ଦୈନ୍ୟ ଦୁର୍ଦ୍ଦଶା ଓ କର୍ମୀର ଅଭାବ ଏହାର ଏକ କାରଣ ହେଲେହେଁ ଏ କାରଣରେ ମଧ୍ୟ ଏପରି ସ୍ଥାୟୀ ସଂପଦ ଉପେକ୍ଷିତ ହେବା ସମୀଚୀନ ନୁହେ ।

ମୁଁ ଯେତେବେଳେ ଲାଟ ସଭା ଛାଡ଼ି ଆସିଲି ସେତେବେଳେ ଏହି ସଂପଦର ବ୍ୟବହାର କଳ୍ପେ ଗୋପବଂଧୁ ସେବକ ସମାଜ ବୋଲି ଗୋଟିଏ ଅନୁଷ୍ଠାନ ସ୍ଥାପନ କରିଚି ।

Digitized by PPRACHIN, SOA

କଳ୍ପନାରେ ସେ ଅନୁଷ୍ଠାନର ବହୁ ଭବିଷ୍ୟତ ଥିଲେ ମଧ ତାହା ଏ ପର୍ଯ୍ୟଂତ ବିଶେଷ କିଛି କାର୍ଯ୍ୟରେ ପରିଣତ ହୋଇପାରିନାଇ । ଅନୁଷ୍ଠାନଟି ସ୍ଥାପନ କରିବା ଦିନଠାରୁ ଏ ପର୍ଯ୍ୟଂତ ମୋର ମଧ କୌଣସି ସୁଚିଂତିତ କ୍ରିୟା ପରଂପରା ନିମଂତେ ନିଜର ସ୍ଥିତି ଦୃଢ଼ ରହିନାଇ । ଏବେ କିଛି ଦିନ ହେଲା ଦେଶରେ ବିଶେଷତଃ ଉତ୍କଳରେ ପରିସ୍ଥିତି ଶୀଘ୍ର ବଦଳି ଯିବାର ଆଶା ହେଉଛି । ଉତ୍କଳ ସ୍ୱତଂତ୍ର ପ୍ରଦେଶ ହେବାର ସଂଭାବନା ମଧ ଦେଖାଯାଏ । ଏତେବେଳେ ଜାତିର ବୀରପୁରୁଷଂକ ନାମରେ କିଛି ସ୍ଥାୟୀ କାର୍ଯ୍ୟ ଆରଂଭ କରିବାର ପ୍ରକୃଷ୍ଟ ଅବକାଶ ବୋଲି ମନେହୁଏ ।

ଉତ୍କଳର ଆର୍ଥିକ ଦାରିଦ୍ର୍ୟ ବିଷୟରେ ବିଶେଷ କିଛି କହିବାର ନାଇ । ପୁଣି ଜାତିକୁ ଜୀବଂତ ଓ ଜାଗ୍ରତ ରଖିବାକୁ ହେଲେ ସାହିତ୍ୟ ଶିକ୍ଷା, ଅନୁସଂଧାନ ଓ ପ୍ରଚାର ଏକାଂତ ଆବଶ୍ୟକ । ସେଥିପାଇଁ ବିଶ୍ୱଭାରତୀ (university) ନିତାଂତ ପ୍ରୟୋଜନ । ଆଦର୍ଶ ଶିକ୍ଷାମଂଦିର ଓ ଆଦର୍ଶ ଶିକ୍ଷକ ତଥା ଅଧାପକ ବଡ଼ ଦରକାର । ମୁଁ ଏହି ଗୋପବଂଧୁ ସେବକ ସମାଜକୁ ସୁଦୃଢ଼ ଭିତ୍ତି ଉପରେ ସ୍ଥାପନ କରି ଏହି ଜାତୀୟ କାର୍ଯ୍ୟ କରିବାର କଳ୍ପନା ଆଜି ଦେଶବାସୀଂକୁ ସ୍ପଷ୍ଟଭାବରେ ଜଣାଇଦେଉଅଛି ।

(୧) ଦେଶରେ ଶିକ୍ଷା ସଂସ୍କୃତିର ପ୍ରତିଷ୍ଠା ଓ ପ୍ରଚାର ନିମଂତେ, ପ୍ରଚାରକ ଶିକ୍ଷକ ଓ ଅଧାପକ ରୂପେ ବ୍ୟବହାରରେ ଆସିବା ପାଇଁ ନିୟମିତ ଓ ନିର୍ଦ୍ଦିଷ୍ଟ ବେତନରେ ଏହି ସେବକ ସମାଜ ଗଢ଼ିବାକୁ ହେବ । ଆଂଭେମାନେ ଅଳ୍ପ ବେତନରେ କର୍ମଚାରୀ ରଖିବାକୁ ସରକାରଂକୁ କହୁ । ସରକାର ହୁଏତ ନାନା କାରଣରୁ ତାହା କରିପାରୁନାହାଂତି । ଏଣୁ ଏ କ୍ଷେତ୍ରରେ ଆଂଭମାନଂକୁ ଆଦର୍ଶ ଦେଖାଇ ସରକାରଂକ ସହଯୋଗ ଲୋଡ଼ିବାକୁ ହେବ । ଆଂଭେମାନେ ଏହିପରି ସେବକମାନଂକ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଶିକ୍ଷା ମନ୍ଦିର, ପ୍ରଚାର ସଂଘ ଓ ବିଶ୍ୱଭାରତୀୟ କାର୍ଯ୍ୟ ଆରଂଭ କଲେ, ସରକାରଂକ ସହଯୋଗ କରିବାରେ ଅସୁବିଧା ଆପତ୍ତି ହେବାର କଥା ନୁହେ । ଧର ଅଧାପକମାନଂକ ପାଇଁ ସାଧାରଣତଃ ଦେଢ଼ ଶହରୁ ଅଢ଼େଇଶ ଟଂକା, ଉଚ୍ଚ ଶ୍ରେଣୀର ଶିକ୍ଷକମାନଂକ ପାଇଁ ୬୦ରୁ ୧୨୦ ଟଂକା ଓ ସାଧାରଣ କର୍ମୀ ତଥା ପ୍ରଚାରକମାନଂକ ପାଇଁ ୨୫ ରୁ ୫୦ ଟଂକା ବା ଏହିଭଳି କିଛି ନିୟମରେ ଏହି ସେବକ ସମାଜକୁ ଗଢ଼ିପାରିଲେ ଦେଶରେ ଶିକ୍ଷା ଓ ସଂସ୍କୃତି ପ୍ରଚାରର ପଂଥା ସୁଗମ ହେବ; ସରକାର ଆଂଭମାନଂକ ସଂଗେ ସହଯୋଗ କଲେ ସରକାରଂକର ଏଥିରେ ଅସୁବିଧା ହେବ ନାଇ । ଏ ଗଲା ସେବକ ସମାଜର ଉଦ୍ଦେଶ୍ୟ ।

(୨) ଏହି ଉଦ୍ଦେଶ୍ୟ ସାଧନ କରିବାକୁ ଅଂତତଃ ୨୦ ଲକ୍ଷ ଟଂକା ଦରକାର ହେବ । ଏଥିମଧରୁ ଆଂଭେମାନେ ଅଂତତଃ ୫।୧୦ ଲକ୍ଷ ଟଂକା ପର୍ଯ୍ୟନ୍ତ ଉଠାଇ କାର୍ଯ୍ୟଟି ଆରଂଭ କଲେ ସରକାର ଅର୍ଥ ସାହାଯ୍ୟ କରିବେ ଓ ସହଯୋଗ ମଧ କରିବେ । ଏପରି କରିବା ସରକାରଂକର କର୍ତବ୍ୟ, ତାହାହିଁ କହିବାର ଅଭିପ୍ରାୟ ।

Digitized by PPRACHIN, SOA

ଅବଶ୍ୟ ବିଶ୍ୱଭାରତୀ ଯେ କରିବାକୁ ହେବ ଓ ଆଂଭମାନଂକୁ ପ୍ରଥମରୁ ୫ ଲକ୍ଷ ଟଂକା ଉଠାଇବାକୁ ହେବ ତାହା କଳ୍ପନା କରି କେହି ଯେପରି ଏ ଦେଶର ପରିସ୍ଥିତି କଥା ଭାବି ଭୀତ ନ ହୁଅଂତି । ପଂଡିତ ଗୋପବଂଧୁ ମଲାବେଳେ ସ୍ମୃତି ପାଇଁ ଲକ୍ଷେ ଟଂକାର କଳ୍ପନା କରାଯାଇଥିଲା । ଯଦି ଅଂତତଃ ସେତିକି ହୋଇପାରେ ତେବେ ମଧ କାର୍ଯ ଯେ ଯଥେଷ୍ଟ ଅଗ୍ରସର ହେବ ଏଥିରେ ସଂଦେହ ନାଇ । ତାହାହେଲେ ବିଶ୍ୱଭାରତୀୟ କାର୍ଯ ସରକାରଂକ ଉପରେ ପକାଇଦେଇ ସେଥିପାଇଁ ସରକାରଂକଠାରୁ ସମସ୍ତ ଅର୍ଥ ଦାବି କରିବାକୁ ହେବ । ମାତ୍ର ଦେଶରେ ଶିକ୍ଷା ସଂସ୍କୃତି ଓ ପ୍ରଚାର ପାଇଁ ବିଶାଳ ଉନ୍ମୁଖତା ଓ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତ ନ କଲେ କାହାରି ପାଖେ ଦାବି କରିବା ମଧ ସୁଂଦର ଦିଶିବ ନାଇ ।

ଏହି ସମାଜର ମୂଳ ନେତୃତ୍ୱ କରିବା ନିମଂତେ ପ୍ରଥମେ ସମସ୍ତ ଉତ୍କଳର ଲୋକ ନେବାକୁ ହେବ । ସେମାନେ ପ୍ରତ୍ୟେକେ ପ୍ରଥମ ବର୍ଷ ୬୦ ଟଂକା କରି ଦେବେ, ତା'ପରେ ବର୍ଷକୁ ୧୨ ଟଂକା ହିସାବରେ ଦେବେ । ଏହିଭଳି ମୂଳ ନେତାଂକ ସଂଖ୍ୟା ଏକ ଶହ ହେବା ସଂଗେ ସଂଗେ ଅନୁଷ୍ଠାନଟି ବିଧିମତେ ଆରଂଭ କରିବାକୁ ହେବ ଓ ଦେଶରେ ଥିବା ଧନୀମାନଂକଠାରୁ ଅର୍ଥ ସାହାଯ୍ୟ ଘେନି ସେବକ ସମାଜ ଭଲକରି ପ୍ରତିଷ୍ଠା କରିବାକୁ ହେବ । ଉପରେ ଯେଉଁ ସେବକମାନଂକର କଥା କୁହାଯାଇଚି ସେମାନେ ଏହି ଅନୁଷ୍ଠାନର କାର୍ଯକାରୀ ସମିତି ଗଠନ କରିବେ । ମୂଳ ନେତା ତଥା ବଡ଼ ବଡ଼ ସାହାଯ୍ୟକର୍ତ୍ତାମାନେ ହିଁ କାର୍ଯକାରୀ କମିଟିକୁ ସଭ୍ୟ ପଠାଇବେ । ସେବକମାନେ ମୁଖ୍ୟତଃ ପାଣ୍ଠି ତଥା କାର୍ଯର ପରିଚାଳନା କଲେ ମଧ ମୂଳ ନେତା ବା ବଡ଼ ବଡ଼ ସାହାଯ୍ୟଦାତାମାନଂକ ପ୍ରତ୍ୟକ୍ଷରେ ଏପରି କରାଯିବ, ତାହାହିଁ ଏପରି କରିବାର ଉଦ୍ଦେଶ୍ୟ ।

ଆସଂତା ଗୋପବଂଧୁ ଶ୍ରାଦ୍ଧ ଦିନଠାରୁ ଏ କାର୍ଯ ଆରଂଭ କରିବାର ମନସ୍ଥ କରାଯାଇଛି । ଆଶା କରାଯାଏ, ଦେଶବାସୀ ଏଥିରେ ପ୍ରାଣିତ ହେବେ ଓ ସାହାଯ୍ୟ ସହଯୋଗ ଦେଇ ଏହାକୁ କାର୍ଯରେ ପରିଣତ କରିବାରେ ବ୍ରତୀ ହେବେ ।

କହିରଖେ ବର୍ତମାନ ସେବକ ସମାଜର ମୁଁ ସଭାପତି ଅଛି ଓ ସାକ୍ଷିଗୋପାଳସ୍ଥ ଗୋପବଂଧୁ ସେବାସଦନର ଶ୍ରୀମାନ୍ ଜଗନ୍ନାଥ ରଥ ସଂପାଦକ ଅଛଂତି । ନୂଆ ସମାଜ ଗଢ଼ା ହବା ପର୍ଯଂତ ଏମାନେ ଅସ୍ଥାୟୀ ଭାବେ କାର୍ଯ କରିବେ ।

ଆଉରି ଏକ କଥା । କହିଅଛି, ଜୟପୁର ମହାରାଜା ଶ୍ରୀ ବିକ୍ରମ ଦେବ ମୋତେ ଗୋଟିଏ ସାହିତ୍ୟ ପତ୍ର ପାଇଁ ୫ ହଜାର ଟଂକା ଦାନ କରିଛଂତି ।* ତାହା ସେ ମୋତେ ବ୍ୟକ୍ତିଗତ ଭାବରେ ଦେଇଚଂତି । ହେଲେହେଁ, ମୁଁ ସେ ଅର୍ଥର ବରାବର ହିସାବ ରଖୁଚି । ମନସ୍ଥ କରିଚି, ଯେଉଁ ଦିନ ଏକ ଶହ ମୂଳ ନେତାଂକୁ ଘେନି ସେବକ ସମାଜର ସ୍ଥାୟୀ କାର୍ଯ ଆରଂଭ ହେବ ସେହି ଦିନ ମୁଁ ଏହି ୫ ହଜାର ଟଂକାରେ ହୋଇଥିବା ସମସ୍ତ ସମ୍ପତ୍ତି ହିସାବ ସହିତ ସେହି ସମାଜ ହାତରେ ଅର୍ପଣ କରିବି ।

[ପ୍ରଥମ ବର୍ଷ, ନବ ଭାରତ, ମିଥୁନ ୧୩୪୧]

Digitized by PPRACHIN, SOA

# ଆଲୋଚନା

## [ମନସ୍ୱୀ ରାମଚଂଦ୍ର]

ସତ୍ୟବାଦୀ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା କର୍ମୀ ରାମଚଂଦ୍ର ରଥ ଆଉ ଇହଧାମରେ ନାହାଂତି । ସତ୍ୟବାଦୀ ସ୍କୁଲ ଉତ୍କଳରେ ସୁପରିଚିତ ଥିଲା । ମାତ୍ର ରାମଚଂଦ୍ରଂକୁ ହୁଏତ ଅନେକେ ଜାଣି ନ ଥିବେ । ମାନବ ସମାଜର ପ୍ରଗତିରେ ଏଇଭଳି ସାଧୁ ମନସ୍ୱୀ ନିଷ୍ଠାପର କର୍ମୀଂକ ବ୍ୟକ୍ତିତ୍ୱ ଓ କର୍ମର ପ୍ରଭାବ ପ୍ରଚ୍ଛନ୍ନ ରହିଯାଏ । ହେଲେହେଁ ସେହିମାନେ ହିଁ ଯଥାର୍ଥରେ ପ୍ରଗତିର ବିଧାତା ଓ ନିୟଂତା । ସେଇଠାରେ ହିଁ ଯଥାର୍ଥ ଆତ୍ମତ୍ୟାଗ, ଯଥାର୍ଥ ସାଧୁତା ଓ ଯଥାର୍ଥ କର୍ମନିଷ୍ଠା ।

ରାମଚଂଦ୍ର ମୋର ପାଂଚ ଛଅ ବର୍ଷ କନିଷ୍ଠ । ପୁରୀର ଯେଉଁମାନେ ଶ୍ରେଷ୍ଠତମ ବ୍ରାହ୍ମଣ ବୋଲି ନିଜକୁ ମନେକରଂତି, ସେଇ କୁଳରେ ସତ୍ୟବାଦୀ ପାଖ ବିଶ୍ୱନାଥପୁର ଶାସନରେ ତାଂକର ଜନ୍ମ । ସେ କାଳେ କୌଣସି ବ୍ରାହ୍ମଣ ଘରେ ଅନ୍ନ ଗ୍ରହଣ କରିବା ତାଂକ ପକ୍ଷରେ ନିଷିଦ୍ଧ ଥିଲା । ସମସ୍ତେ ତାଂକ ଘରେ ଖାଇବେ— ସେ କାହାରି ଘରେ ଖାଇବେ ନାହି— ଏହାହିଁ ରୀତି । ହେଲେହେଁ ରାମଚଂଦ୍ର ଅତ୍ୟଂତ ଗରିବ ପରିବାରର ସଂତାନ । କାଲିପରି ମନେଅଛି, ପୁରୀ ଜିଲ୍ଲା ସ୍କୁଲର ତଳ ଶ୍ରେଣୀରେ ରାମଚଂଦ୍ର ପଢୁଥାଂତି । ହାତରେ ରାଂଧି ଖାଇଲେ ମଧ, ଅର୍ଥାଭାବରେ ପଢ଼ା ଛାଡ଼ିବାର ବେଳ ଆସିଲା । ସ୍ୱର୍ଗୀୟ ପଂଡିତ ଗୋପବଂଧୁଂକ ସଂଗେ ସେତେବେଳେ ମୋର ସଂପର୍କ ହୋଇଥିଲା । ମୁଁ ଦେଖିଚି, ପଂଡିତ ଗୋପବଂଧୁ ଶ୍ରମର ମହତ୍ତ୍ୱ ବିଷୟରେ ବୁଝାଇ ଦେଲେ । କର୍ମୀ ବାସୁଦେବ ମହାପାତ୍ର ମଧ ରାମଚଂଦ୍ରଂକ ସଂଗେ ସମାନ ଅବସ୍ଥାରେ ଥାଇ ସେ ଉପଦେଶ ଶୁଣିଲେ । ତହିଁ ଆରଦିନଠାରୁ ରାମଚଂଦ୍ର ବାସୁଦେବ ଦୁହେଁ ଦୁଇବେଳା ପୁରୀ ଷ୍ଟେସନରୁ ବୋଝ ବୋହି, ସେଇ ମଜୁରିରେ ନିଜନିଜର ଖର୍ଚ୍ଚ ଚଳାଇଲେ । ସେଇ ସମୟରେ ମୁଁ ନିଜେ ଦେଖିଚି, ଥରେ କୁଳୀନଶ୍ରେଷ୍ଠ ରାମଚଂଦ୍ର ଛଅ ପଇସା ମଜୁରି ଲାଗି ଗୋଟିଏ ଶୁଖୁଆ ପଟ ଷ୍ଟେସନରୁ ସହର ଭିତରକୁ ମୁଂଡରେ ବହିନେଇଥିଲେ ।

---

* ମହାରାଜା ପ୍ରଥମେ ୫ ହଜାର ଟଂକାର ପ୍ରତିଶ୍ରୁତି ଦେଇଥିଲେ । ତା'ପରେ ଆମ କଟକର କୌଣସି ଦୁରଭିସଂଧିପର ଲୋକେ ତାଂକୁ ମତାଇଦେଲେ ଯେ "ବିପ୍ଳବୀ" ନୀଳକଂଠଂକୁ ତୁମେ ସାହାଯ୍ୟ କଲେ ଇଂରେଜ ସରକାର ତୁମ ରାଜ୍ୟକୁ ଛଡ଼ାଇ ନେବାର ସଂଭାବନା ଅଛି । ବୋଧହୁଏ ସେଥିରେ ଭୀତ ହୋଇ ୩ ହଜାର ଟଂକାରୁ ଅଧିକ ଆଉ ଦେଇନାହାଂତି ।

Digitized by PPRACHIN, SOA

ସେ ଯେଉଁ ବର୍ଷ ମାଟ୍ରିକୁଲେସନ୍ ପାସ୍ କଲେ (୧୯୧୧), ମୁଁ ସେଇ ବର୍ଷ ଏମ୍.ଏ. ପାସ୍ କରି ଆସି ସତ୍ୟବାଦୀରେ ଯୋଗ ଦେଇଥିଲି । ରାମଚଂଦ୍ର ପୁରୀ କଚେରିରେ ଆପ୍ରେଂଟିସ୍ ରୂପେ ଗୃହୀତ ହୋଇ ଅଳ୍ପ ଦିନ ମଧ୍ୟରେ ଖୋରଧାରେ ପେସ୍କାର ହେଲେ– ଦରମା ମାସକୁ ଟ୩୫ । ମୁଁ ଶୁଣି ସୁଖୀ ହେଲି । ମାତ୍ର ହଠାତ୍ ପତ୍ର ପାଇଲି, ସେ ସତ୍ୟବାଦୀରେ ଶିକ୍ଷକ ରୂପେ ଯୋଗ ଦେବାକୁ ଚାହାଂତି । ବିସ୍ମିତ ହେଲି । ୪ର୍ଥ ଶ୍ରେଣୀ ଫିଟି ନ ଥାଏ, ୧୯୧୨ ଜାନୁଆରୀ ପହିଲାରୁ ଫିଟିବ । ମୁଁ ମାଇନର ସ୍କୁଲରେ ଥାଏ । ଆଉ ଶିକ୍ଷକ ପାଇଁ ସେତେବେଳେ ଟଂକା କାହୁଁ ଆସିବ ? ଗୋପବଂଧୁ ମୟୂରଭଂଜରେ ରାଜଓକିଲ ଥାଆନ୍ତି । ତାଂକ ସଂଗେ ପରାମର୍ଶ କରି ଆମର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ମୁଁ ରାମଚଂଦ୍ରଂକୁ ମନା କରି ନିବର୍ତାଇ– ଅଂତତଃ କିଛି ଦିନ ହେଲେ ଟକାଇବା ପାଇଁ ଚିଠି ଲେଖିଲି । ସେ ଚିଠି ପାଇ ଆଉ ଉତ୍ତର ବି ଦେଲେ ନାହି । ହଠାତ୍ ଜାନୁଆରୀ ପହିଲାରେ ଆସି ନିଜେ ହାଜର ହୋଇଗଲେ । ପଚାରିବାରୁ ଧୀର ଭାବରେ କହିଲେ, "ସେ କାମରେ ମୁଁ ରହିଲି ନାହି । ଇସ୍ତଫା ଦେଇ ଆସିଲି । ସେଠାରେ ଚରିତ୍ର ଖରାପ ହୋଇଯାଂତା ।" ପରେ ତାଂକଠାରୁ ଜାଣିଲି, କୌଣସି କାମ କରିଦେବା ଲାଗି ଜଣେ ଦିନେ ତାଂକୁ ଟଂକାଟିଏ 'ଲାଂଚ ଯାଚିଲା । ସେ ତାହା ବହୁ କଷ୍ଟରେ ନେଇଗଲେ । ପରଦିନ ଜଣେ ବିଶିଷ୍ଟ ସଂମାନିତ ଲୋକ ଆସି ଟଂକାଟିଏ ଯାଚିଲେ । ନାହି କରିବାରୁ ବୁଝାଇ ବସିଲେ ଯେ, ଏ କାର୍ଯରେ ଏପରି ନେବାକୁ ହୁଏ, ଏହା ଖରାପ ନୁହେ, ଇତ୍ୟାଦି । ରାମଚଂଦ୍ର ସେତିକିରେ ନିଜର ଭବିଷ୍ୟତ ଶୂନ୍ୟ ଦେଖିଲେ । କାମରୁ ସଂଗେ ସଂଗେ ଇସ୍ତଫା ଦେଲେ ।

ରାମଚଂଦ୍ରଂକର ବଡ଼ ପରିବାର । ବୃଦ୍ଧ ପିତାମାତା ଋଣଭାରରେ ଆକ୍ରାନ୍ତ । ଅର୍ଜନ ପାଇଁ ପୁଅକୁ ଆଶାକରି ବସିଥାଂତି । କିଂତୁ ରାମଚଂଦ୍ର ଆସି ସତ୍ୟବାଦୀରେ ମାସିକ ଛଅ ଟଂକା ମାତ୍ର ଭତ୍ତାରେ ନିଜ ଜୀବନର ସାର୍ଥକତା ଦେଖିଲେ । ସାରା ଜୀବନର ଦାରିଦ୍ର୍ୟ ମଧ୍ୟରେ ମଧ୍ୟ ଏ ଦୃଢ଼ତା ତାଂକର କେବେ ଲୁଚି ନାହି ।

ସତ୍ୟବାଦୀ ସ୍କୁଲର ଯେତେ ଦିନ ଚିହ୍ନବର୍ଣ ଥିଲା, ସେତେ ଦିନ ସେ ସତ୍ୟବାଦୀ ଛାଡ଼ିନାହାଂତି । ସତ୍ୟବାଦୀ ଛାପାଖାନା ଯେତେ ଦିନ ଯାଏ ସତ୍ୟବାଦୀ ବିଦ୍ୟାଳୟର ଥିଲା, ସେତେ ଦିନଯାଏ ରାମଚଂଦ୍ର ସତ୍ୟବାଦୀର ଅନ୍ୟାନ୍ୟ କର୍ମୀଂକ ସହିତ ସେଇ ଛାପାଖାନାର ଶ୍ରୀବୃଦ୍ଧିରେ ପ୍ରାଣପଣେ ଲାଗିଥିଲେ । କେତେ କାଳ ପାଇଁ ଛାପାଖାନାର ମାନେଜର ହୋଇ ସେ ଅନୁଷ୍ଠାନଟିକୁ ଦୃଢ଼ ଓ ବଳିଷ୍ଠ କରି ଗଢ଼ିଥିଲେ ।

ଆତ୍ମସଂଧାନର ଜ୍ଞାନ ତାଂକର ବରାବର ଅକ୍ଷୁଣ୍ଣ ଥିଲା । ଛାପାଖାନା ଛାଡ଼ି ମଧ୍ୟ ସେ ପଂଡିତ ଗୋପବଂଧୁଂକ ମୃତ୍ୟୁ ପରେ ଆଉ କିଛି ଦିନ ପର୍ଯଂତ ସତ୍ୟବାଦୀରେ ନିଷ୍ଠା ଧରି ପଡ଼ି ରହିଥିଲେ । ମାତ୍ର ଦରିଦ୍ରତା ଓ ଅତ୍ୟଧିକ ଋଣଭାର ଆଉ ସହି ନ ପାରି କଟକ ଚାଲି ଆସିଲେ । କେତେ ଦିନ କଟକରେ ଛାତ୍ରମାନଂକର ଗୃହ ଶିକ୍ଷକତା କରି ପରେ ଶ୍ରୀଯୁକ୍ତ ଗୋପାଳଚଂଦ୍ର ପ୍ରହରାଜଂକ 'ଭାଷାକୋଷ'ରେ ସହକର୍ମୀରୂପେ କାର୍ଯ

Digitized by PPRACHIN, SOA

କରୁଥିଲେ । ସେ କାର୍ଯ ତାଂକର ଶେଷ ହୋଇନାହି । ପରିବାରର ଋଣଭାର ମଧ ଲଘୁ ହୋଇ ନାହିଁ । ଗୋପାଳବାବୁ ଆଜି ତାଂକୁ ଝୁରି ହେଉଛଂତି । ପରିବାର ଆଜି ରାମଚଂଦ୍ରଂକୁ ହରାଇ ଅନାଥ !

ଛାତ୍ର ହୁଅଂତୁ, ସହକର୍ମୀ ହୁଅଂତୁ, ବଂଧୁ ବା ସହଚର ହୁଅଂତୁ, ଯେ ରାମଚଂଦ୍ରଂକ ସଂପର୍କରେ ଆସିଚଂତି, ସେ ତାଂକର ବ୍ୟକ୍ତିତ୍ୱ ଓ ଚରିତ୍ରର ଦୃଢ଼ତା, ଗଭୀର ଆତ୍ମସଂମାନ ଜ୍ଞାନ, ପ୍ରକୃତିର ମଧୁରତାରେ ମୁଗ୍ଧ ହୋଇଥିବେ । ବିଷୟ ଜ୍ଞାନ ଓ ଚିଂତା ଚତୁରତା, ସଂସ୍କାର କ୍ରିୟାରେ ଗଂଭୀର ଓ ସୁଦୃଢ଼ ପ୍ରବଣତା, କ୍ଷିପ୍ର ବିବେଚନା ଓ ନିର୍ବାଚନରେ ବିଚକ୍ଷଣତା ପ୍ରଭୃତି ଦୁର୍ଲଭ ଗୁଣମାନ ରାମଚଂଦ୍ରଂକ କ୍ଷୀଣ ବପୁଷ୍ମତ୍ ବ୍ୟକ୍ତିତ୍ୱକୁ ସୁଂଦର ଓ ଉଦାର କରି ରଖିଥିଲା । ଲୋକଚକ୍ଷୁର ଅଂତରାଳରେ ତାହା ଏବେ ଚିରଦିନ ପାଇଁ ଲୁପ୍ତ ହୋଇ, ଆତ୍ମତ୍ୟାଗବ୍ରତ ଉଦ୍‌ଯାପନ କରିଅଛି ।

ସତ୍ୟବାଦୀ ସ୍କୁଲ ଏକ ରକ୍ଷଣଶୀଳ କେଂଦ୍ରରେ ଆରଂଭ କରାହୋଇଥିଲା । ଛାତ୍ରଂକ ଭିତରେ ଆହାରାଦିରେ ଜାତି ଧର୍ମଭେଦ କରିବା ଅସଂଗତ ବୋଲି ସେଠାରେ କାର୍ଯରେ ପ୍ରଚାର କରାହେଲା । ସମସ୍ତଂକୁ ଏକା ଘରେ ଏକ ପଂକ୍ତିରେ ଖାଇବାକୁ ଦିଆହେଲା । ପୁରୀର ବ୍ରାହ୍ମଣମାନେ ପ୍ରତିବାଦ କଲେ । ପ୍ରତିବାଦ ଘୋର ବିଦ୍ୱେଷରେ ପରିଣତ ହେଲା । ମୁଁ ସେତେବେଳେ ବେ-ଦାଢ଼ି ନିଶ ରଖିଥିଲି । ପୁରୀର ମୁକ୍ତିମଂଡପ ପଂଡିତମାନେ ତାକୁହିଁ ବାହାନା କରି ମତେ ସମାଜରୁ ବାହାର କରିଦେବାର ଘୋର ଉଦ୍ୟମ ଓ ଆୟୋଜନ କଲେ । ରାମଚଂଦ୍ର ସେତେବେଳେ ନୀତିର ଦୃଢ଼ତାରେ ମୋର ଏକମାତ୍ର ସହଚର । ସେଥିପାଇଁ ସମାଜର ତୀବ୍ରତା ମଧ ତାଂକ ଉପରେ ଅଧିକ ପଡ଼ିଥିଲା । ସେଇସବୁ ପ୍ରତିବାଦ ଓ ତୀବ୍ରତା ଘନୀଭୂତ ହୋଇ ସତ୍ୟବାଦୀର ବୃହତ୍ ସ୍କୁଲଘର ଓ ପୁସ୍ତକାଳୟ ପୋଡ଼ି ଭସ୍ମସାତ୍ କରିଥିଲା । କିଂତୁ ଏକମାତ୍ର ରାମଚଂଦ୍ର ସେତେବେଳେ ଏ ସମସ୍ତ ଭିତରେ ମୁଂଡ ଟେକି ନୀତିର ଦୃଢ଼ତା ଓ ଗର୍ବିତ ଦୈନ୍ୟରେ ଠିଆ ହୋଇ ରହିଥିଲେ ।

୧୯୧୨ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥଂକ ନୂଆ କଳେବର । ସେ ବର୍ଷ ରଥଯାତ୍ରାର ଜନତା ଆଉ କେବେ ହୋଇ ନାହିଁ । ସେପରି ବିସୂଚିକା ମଧ ପୁରୀ ଆଉ କେବେ ଦେଖି ନାହି । ସେ ବିସୂଚିକା ମଫସଲର ଗ୍ରାମମାନଂକରେ ରଂଧ୍ରେ ରଂଧ୍ରେ ପଶିଯାଇ ଅତି ପ୍ରବଳ ହୋଇଥିଲା । ସେତେବେଳେ ମଧ ରାତି ଦିନ ଜୁଲାଇ ମାସର ଖରା ବର୍ଷାରେ ସମାନ ଭାବରେ ଏକମାତ୍ର ରାମଚଂଦ୍ରଂକ ସଂଗେ ଗ୍ରାମେ ଗ୍ରାମେ ବୁଲି ରୋଗୀସେବା କରିବା କଥା ଆଜି ମନେପଡୁଚି । ଆଜି ରାମଚଂଦ୍ର ଚାଲିଗଲେ । କିଂତୁ ସେ ବ୍ୟକ୍ତିତ୍ୱ, କର୍ମନିଷ୍ଠା ଓ ଆତ୍ମତ୍ୟାଗର ପ୍ରଭାବ ଜୀବଂତ ରହିଚି ବୋଲି ମନେହୁଏ । ରାମଚଂଦ୍ର, ତୁମେ ନିଜେ ନିଃସଂତାନ, ବିଧବାଂକୁ ଗୋଟିଏ ବୃହତ୍ ଦରିଦ୍ର ପରିବାରରେ ଛାଡ଼ିଗଲ । ଯାଅ, କିଂତୁ ତୁମରି ପରି ନୀରବ, ଆତ୍ମତ୍ୟାଗୀ, ନିଷ୍ଠାପର, ମନସ୍ୱୀ ଯତିହିଁ ଏ ଜଗତରେ ପ୍ରଗତିର ଯଥାର୍ଥ ପୀଠ ।

ନୀଳକଂଠ ଦାସ

[ନବଭାରତ, କୁମ୍ଭ ୧୩୪୧]

Digitized by PPRACHIN, SOA

# ସ୍ୱର୍ଗତ ପ୍ରଚାରକ ଅନନ୍ତ ମିଶ୍ର

ଅନନ୍ତ ମିଶ୍ରେ ଚାଲିଗଲେ । ଏହି ମେ ମାସ ୬ ତାରିଖରେ ତାଂକର ପରଲୋକ ହେଲା । ଉତ୍କଳର ଜାତୀୟ ଆକାଶରୁ ଗୋଟିଏ ଅତି ଉଜ୍ଜ୍ୱଳ ନକ୍ଷତ୍ର ଲିଭିଗଲା । ତାଂକର ବୟସ ହୋଇ ନ ଥିଲା । ୧୮୮୪ ଅକ୍ଟୋବର ମାସରେ ତାଂକର ଜନ୍ମ । ବୟସ ମାତ୍ର ୫୨ ବର୍ଷ ୬ ମାସ । ସେ ଆଜକୁ ୨୫ ବର୍ଷରୁ ଅଧିକ କାଳ ବିପତ୍ନୀକ ଥିଲେ । ଏକମାତ୍ର ପୁତ୍ର ଛଡ଼ା ସଂସାରରେ ଯାହାକୁ ନିଜର କହଂତି ସେପରି ତାଂକର ଆଉ କେହି ନଥିଲା । ଯେଉଁମାନେ ତାଂକ ଭିତର କଥା ଜାଣଂତି ସେମାନେ ବୁଝିଥିବେ ଯଥାର୍ଥ ନିଷ୍କାମ ସ୍ୱଦେଶପ୍ରାଣତାରେ ଜୀବନର ଶେଷ ଦିନ ଯାଏଁ ସେ କର୍ମ ଓ ଚିଂତା-ତତ୍ପର ଥିଲେ । ମାତ୍ର ମୃତ୍ୟୁର କାରଣ ଅଭାବ– ସ୍ୱଚ୍ଛଂଦ ଶାରୀରିକ ବ୍ୟବସ୍ଥା ନିମଂତେ ଏକାଂତ ଅଭାବ । ସିଂହଭୂମ ପାଇଁ ତାଂକର ପ୍ରାଣ ଚିରଜାଗ୍ରତ ଓ ବ୍ୟାକୁଳ ଥିଲା । ସେହି ସିଂହଭୂମି କର୍ମରେ ଆଜକୁ ପ୍ରାୟ ଦଶ ବର୍ଷ ପୂର୍ବେ ସେ ନିଜର ଯତ୍କିଂଚିତ୍ ପୈତୃକ ସଂପତ୍ତି ମଧ୍ୟ ପଣ କରିସାରିଥିଲେ । ଗ୍ରାମରେ ରହିବାର ଘର ମଧ୍ୟ ଏବେ ତାଂକ ନିଜର ନଥିଲା । ଉତ୍ତମର୍ଣ୍ଣଂକଠାରୁ କିଣିଥିବା ଲୋକଂକ ଅନୁଗ୍ରହରେ ସେ ଘରେ ଏବେ ରହୁଥିଲେ । ମରିବା ପୂର୍ବରୁ ଯେତେବେଳେ ଜ୍ଞାନ ସଂପୂର୍ଣ୍ଣ ବିଶୃଂଖଳ ହୋଇ ନ ଥିଲା, ସେତେବେଳେ ଶ୍ରୀମତୀ ରାଧାମଣି ଦେବୀଂକୁ ଶେଯ ପାଖେ ଦେଖି କହି ପକାଇଲେ– "ଆପଣ ଆସିଲେ । ଭଲ ହେଲା । ନୀଳକଂଠ ଦାସଂକୁ ହୁଏତ ଆଉ ଜ୍ଞାନ ଥାଇ ଦେଖିପାରିବି ନାହିଁ । କିଂତୁ ମୋର ଆଜି କି ଆନଂଦ, ଏପରି ଏ ଘରେ ମରିବି ବୋଲି ଜୀବନରେ କେବେ ଆଶା କରି ନ ଥିଲି । କେଉଁ ଗଛମୂଳେ ପଡ଼ି ଏକାକୀ ନିରାଶ୍ରୟ ଭାବରେ ମରିଥାଂତି । ଆଜି ଆପଣମାନଂକ ସମସ୍ତଂକୁ ଦେଖୁଛି । ଶଶି (ତାଂକର ଏକମାତ୍ର ପୁଅ ଶଶିଭୂଷଣ ମିଶ୍ର) ମଧ୍ୟ ମତେ ସେବା କରୁଛି । ଏ ମୋର ବହୁ ଭାଗ୍ୟ ।"

ଶେଷ ମୁହୂର୍ତ୍ତର ଏଇ ଭାବ ତାଂକ ଜୀବନ ଇତିହାସ ପ୍ରଚାର କରୁଛି । ଏହାକୁ ବିଶ୍ଳେଷଣରେ ବୁଝାଇବାର ଦରକାର ନାହିଁ । ଜୀବନରେ ସେ କେବେ ଘରେ ରହିବାର କଳ୍ପନା କରି ନ ଥିଲେ । ଶେଷ ଦିନ ମଧ୍ୟ ଆତ୍ମୀୟ ସ୍ୱଜନଂକ ପରିଚର୍ଯ୍ୟା କଥା ଦୂରେ ଥାଉ, ପାଖେ ରହିବା ମଧ୍ୟ ସେ କଳ୍ପନା କରି ନ ଥିଲେ । ଏଇ କଥା ସଂଗେ ସଂଗେ ପୁଣି ସେ କହିଲେ, "ନୀଳକଂଠ ଦାସଂକୁ କହିବ ସେ କୌଣସି କଥାରେ ବିଚଳିତ ହେବେ ନାହିଁ । ସେ କାର୍ଯ୍ୟଟିଏ ବିଚାରିଲେ ତାହା କରିପାରଂତି । ମୁଁ ତ ଚାଲିଯାଉଚି, ତାଂକୁ କହିଦେବ, ସିଂହଭୂମି ଓଡ଼ିଶାକୁ ଆସିନାହିଁ । ଆଉ କେତେ ଓଡ଼ିଆ ଭୂମି ବାହାରେ ଅଛି । ଏ କଥା ଯେପରି ଦେଶ ନ ଭୁଲେ । ମୁଁ ପୁଣି ସିଂହଭୂମ ଯିବାର ସଂକଳ୍ପ କରିଥିଲି, କିଂତୁ

Digitized by PPRACHIN, SOA

ଆଉ ହେଲା ନାହି । କାର୍ଯ ଆରଂଭ କଲେ ଅର୍ଥର ଅଭାବ ହେବ ନାହିଁ ।'' ଏହାର ଅଳ୍ପ ସମୟ ପରେ ତାଂକର ଜ୍ଞାନ ବିଶୃଂଖଳ ହେଲା । ମଝିରେ ମଝିରେ ସ୍ପଷ୍ଟ କଥା ସବୁ ମୁହଁରୁ ବାହାରିଯାଉଥାଏ, କିଂତୁ ବାହ୍ୟ ଜ୍ଞାନ ନ ଥାଏ । ସବୁ କଥାରେ ସେଇ ସିଂହଭୂମ, ସେଇ ଓଡ଼ିଶା ବାହାରେ ଥିବା ଓଡ଼ିଆ ଭୂମି, ବେଳେବେଳେ ଲୋକଂକ ସଂଗେ ଦେଖାକରି ସେଇ ବିଷୟରେ ଅନୁରୋଧ ଓ ଯୁକ୍ତି କରିବା ପ୍ରକାଶ ପାଉଥାଏ ।

ମୃତ୍ୟୁର ଅବ୍ୟବହିତ ପରେ ସ୍ଥାନୀୟ ଯୁବକମାନେ ସତ୍ୟବାଦୀର ବହୁ ପଲ୍ଲୀ ମଧ୍ୟରେ ତାଂକ ଶବକୁ ପୁଷ୍ପମଂଡିତ ବିମାନରେ ରଖି କାଂଧରେ ବହି ଶୋଭାଯାତ୍ରା କରିଥିଲେ । ନିରୀହ ନିଷ୍କାମ କର୍ମୀ ଅନଂତ ମିଶ୍ରଂକର ଶୋକ ଛାୟା ପଲ୍ଲୀର ନରନାରୀଂକ ମୁଖରେ ସେଦିନ ଯେ ଦେଖିଛଂତି ସେ ଭୁଲିବେ ନାହି । ଲୋକେ କହୁଥାଂତି, 'ଆହା ! ଧନ୍ୟ ଅନଂତ ମିଶ୍ରେ । ଜୀବନରେ କାମନା ନାଇ, ଅଭିଳାଷ ନାଇ । ଅନଂତ ମିଶ୍ରେ କେବଳ କର୍ମହିଁ ଜାଣୁଥିଲେ– ଲୋକଂକ ପାଇଁ କର୍ମ । ସେହି କର୍ମ କରିବାରେ ସେ ଓଡ଼ିଶାରେ କୌଣସି ବନ ପ୍ରାଂତର ପୁରପଲ୍ଲୀ ବାକୀ ରଖି ନାହାଂତି । ଏପରି ଆଉ କିଏ ହେବ ?' ପଲ୍ଲୀ ବନିତା କାଂଦି କାଂଦି ମଧ୍ୟ ମିଶ୍ରଂକର ଏହି ଗୁଣ ସୁମରୁଥାଏ । ବାସ୍ତବିକ ଧନ୍ୟ ଅନଂତ ମିଶ୍ରେ । ନିଷ୍କାମ କର୍ମସେବା ତୁମରି ଜୀବନରେ ଏକା କାର୍ଯରେ ଦେଖାଗଲା । ତମପରି ଏ ଦେଶର ପୁରପଲ୍ଲୀ ବନ ପ୍ରାଂତର ଆଉ କିଏ ଚିହ୍ନିଛି ? ସେପରି ଅଭିଳାଷହୀନ ହୋଇ ଦେଶସେବା କେତେଜଣ କରିପାରଂତି ? ଦେଶସେବାରେ ସର୍ବସ୍ୱାଂତ ହୋଇ ମଧ୍ୟ ତୁମେ ନିରାଶ ହୋଇ ନ ଥିଲ । ଶରୀର ଭାଂଗିଗଲା, ମାତ୍ର ସଂକଳ୍ପ ତୁଟି ନାହି । ଆଜି ସେଇ ସଂକଳ୍ପ ଘେନି କୁଆଡ଼େ ଗଲ, ତା'ର ବା କି ପରିଣାମ, କିଏ ଜାଣେ ?

୧୯୦୧ ଖ୍ରୀଷ୍ଟାବ୍ଦର ଗ୍ରୀଷ୍ମକାଳର ସେ ଚାଂଦନୀ ରାତି ଆଜି ମନେପଡୁଛି । ଜୀବନରେ ସେ ସ୍ମରଣୀୟ ଦିନ ତୁମ ସ୍ମୃତି ସଂଗେ ଜୀବିତ ଅଛି, ରହିବ । ଭାର୍ଗବୀର ଏ ପାଖେ ବଳପୁର, ସେ ପାଖେ ସୁଆଂଡ । ସୁଆଂଡ ପାଖେ ବଂଧ ତଳେ ନଈର ଧାର । ତା' ପରେ ବଳପୁର ପଟକୁ ନଈର ବାଲି ଶେଯ ରୁପା ପରି ଦାଉଦାଉ ଦିଶୁଥାଏ । ବଳପୁର ଓ ପାର୍ଶ୍ୱବର୍ତୀ ପଲ୍ଲୀରେ ସେତବେଳେ ଭୀଷଣ ବିସୂଚିକା । ସେହି ବାଲି ବଳପୁରର ଶ୍ମଶାନ । ଶ୍ମଶାନରେ ଅର୍ଧ ଦଗ୍ଧ ଶବ ପଡ଼ିଥାଏ । ଲୋକେ ପୋଡ଼ି ପାରୁ ନଥାଂତି । ସେ ରାତିରେ ଶୃଗାଳମାନେ କୋଳାହଳ କରି ଶ୍ମଶାନରେ ନୃତ୍ୟ କରୁଥାଂତି । ନଈ ଉପରେ ସୁଆଂଡ ବଂଧ । ବଂଧକୁ ଲାଗି ବଂଧ ତଳେ ସୁଆଣ୍ଡର ଗ୍ରାମଦେବତା । ସୁଆଂଡ ସ୍ୱର୍ଗତ ପଂଡିତ ଗୋପବଂଧୁଂକ ଗ୍ରାମ । ଗୋପବଂଧୁ ପ୍ରତିବର୍ଷ ଗ୍ରୀଷ୍ମାବକାଶରେ ସେତେବେଳେ ସେଇ ଗ୍ରାମ ଦେବସ୍ଥଳିରେ ୭ ଦିନ ହବିଷ କରି ସେଇ ସାତଦିନ ମଧ୍ୟରେ ଜଗନ୍ନାଥ ଦାସଂକର ୧୨ ସ୍କନ୍ଧ ଯାକ ଭାଗବତ ଆବୃତ୍ତି କରୁଥାଂତି । ତାହାକୁ କହଂତି ସପ୍ତା ବସିବା । ସେ ରାତି ସେ ବର୍ଷ ସପ୍ତା ବସିବା ମଧ୍ୟରେ ଏକ ରାତି । ଗୋପବଂଧୁଂକର ବି.ଏ. ଫେଲ ହୋଇଥିବା ଫଳ ବାହାରି ଯାଇଥାଏ । କିଂତୁ ସେଥିରେ ଭ୍ରୂକ୍ଷେପ ନ ଥାଏ । ସପ୍ତା ବସିବାରେ

Digitized by PPRACHIN, SOA

ତିଳେ ହେଲେ ପ୍ରତ୍ୟବାୟ ନଥାଏ । ସଙ୍ଗରେ ଆଚାର୍ଯ୍ୟ ହରିହର ଦାସ ଥିଲେ । ଦିନବେଳେ ଆମେ ୩ ଜଣ ଯାଇ ସପ୍ତା ଉପରେ ଭାଗବତ ପାଠରେ ନିରତ ଥିବା ପ୍ରସନ୍ନ ଗୋପବଂଧୁଂକୁ ଯେପରି କି କାଲି ଦେଖିଲା ପରି ଲାଗୁଛି । ସେହିଦିନ ପୁଣି ପ୍ରଥମେ ସେହିଠାରେ ଭାଗବତକୁ ପୂଜା ହୋଇଥିବା ଭାତର ମହାପ୍ରସାଦ ବ୍ୟବହାର । ଅନଭ୍ୟସ୍ତତା ହେତୁରୁ ରୁଚିରେ ଟିକିଏ ବାଧା ଆସିଥିଲା । କିଂତୁ ଗୋପବଂଧୁଂକର ପ୍ରସନ୍ନ ସୂଚନାରେ ପ୍ରାଣ କିପରି ଅଭିଭୂତ ହୋଇଥିଲା ତାହା ମଧ ମନେପଡୁଛି । ସଂଧ୍ୟା ପରେ ଖଂଡିଏ ମାତ୍ର ଦୋପଟା ଚାଂଚ ପକାଇ ଚାରିଜଣଯାକ ନଈ ବଂଧ ଉପରେ ବରଗଛ ତଳେ ଶ୍ମଶାନର ସେଇ ଶିବାରୁତ ମଧ୍ୟରେ ବସି ଦେଶର ଅବସ୍ଥା ଓ ଜୀବନର ଭବିଷ୍ୟତ୍ କଳ୍ପନା ଓ ଜଳ୍ପନାରେ ରାତି ଏକାବେଳକେ ପ୍ରଭାତ ହୋଇଯାଇଥିଲା । ପ୍ରଭାତର ଠିକ୍ ପୂର୍ବ ଯାମରେ ସେହି ସଂକଳ୍ପ କଥା ଆଜି ଅତୀତ ହେଲେହେଁ ମୃତ ନୁହେ । ସରକାରୀ ଚାକିରି କରିବା ନାହି, ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ନିଜ କର୍ମରେ ମରିବା ପୂର୍ବରୁ ତାହାଠାରୁ ଉନ୍ନତତର ଦେଖିବା, ଏହି ସଂକଳ୍ପର ଦ୍ୱିତୀୟ ସାଥୀ ତୁମର ମଧ୍ୟ ମରିବା ଦିନ ହୋଇଗଲା । ହୁଏତ ଯେଉଁଠାରୁ ଆଉ ଫେରଂତି ନାହି, ସେ ଭୂମିରେ ଗୋପବଂଧୁଂକ ସଂଗେ ଦେଖାହେବ । ଜୀବନର ପ୍ରଥମରେ ଦେଶକୁ କ'ଣ ଦେଖିଥିଲ, ଦେହ ଛାଡ଼ିଲାବେଳେ କି ଅବସ୍ଥାରେ ଦେଖିଲ, ତାହାର ଗଣନା ହୁଏତ କରିବାରେ ତୁମେ ଯାଇ ଗୋପବଂଧୁଂକ ସଂଗେ ସହଯୋଗ କରିବ । କିଂତୁ ତୁମର ସେଇ ସଂକଳ୍ପ ଦିନର ସାଥୀ ଆଉ ଯେ ଦୁଇଜଣ ରହିଲେ ତାଂକର ଗଣନାର ଦିନ କେବେ ଆସିବ ଜଣା ନାହି । ମାତ୍ର ଏବର ଗଣନାରେ ତୁମର ସ୍ମୃତି କି ବିଭାବ ମିଶାଇବ ବା ପ୍ରତ୍ୟବାୟ ହେବ କି ସାହାଯ୍ୟ କରିବ, ତାହା ବର୍ଣ୍ଣନା କରିବାର ବସ୍ତୁ ନୁହେ ।

ମନେପଡୁଛି ପୁଣି ନିଶ ଆଂଦୋଳନର କଥା । ମୁଁ ଦାଢ଼ି କାଟି ନିଶ ରଖିଲି । ସଂଗେ ସଂଗେ ସତ୍ୟବାଦୀ ସ୍କୁଲ କରିବସିଲି । ସ୍କୁଲ ଛାତ୍ରାବାସର ଭୋଜନ ବିଧାନରେ ଜାତିଭେଦ ଘେନି ପଂକ୍ତି ଭେଦ ଉଠିଗଲା । ସେ କାଳ ପୁରୀର ପଂଡିତସମାଜ ତ୍ରସ୍ତ ଓ ବିବ୍ରତ ହୋଇଉଠିଲେ । ହିଂଦୁ ଧର୍ମର ଦ୍ୱାହି ଦେଇ ପଂକ୍ତି ଭେଦରେ ଭୋଜନ ବିଧାନ କରିବାକୁ ମୋତେ ଅନୁରୋଧ କଲେ । ମୁଁ ସେତେବେଳେ ଏକା । ଆଚାର୍ଯ୍ୟ ହରିହର ଥିଲେ ପି. ଏମ୍. ଆକାଡ଼େମିରେ ମାଷ୍ଟର । ଗୋପବଂଧୁ ଥିଲେ ମୟୂରଭଂଜରେ ଓକିଲ । ତୁମେ ଥିଲ ଡେଲାଂଗ ମାଇନର ସ୍କୁଲରେ । ପଂଡିତମାନେ ପଂକ୍ତି ଭେଦକୁ ମୁଖ୍ୟ କରି ନ ଧରି, ଧଇଲେ ମୋ ଦାଢ଼ିହୀନ ନିଶକୁ । ସେଥି ସଂଗେ ସାମାଜିକ ନାନାବିଧ ବୈପ୍ଳବିକ ଅତ୍ୟାଚାର କଥା ଯୋଡ଼ାହେଲା । ପୁରୀ ମନ୍ଦିରର ମୁକ୍ତି ମଂଡପ ଏଥିରେ ଜାଗ୍ରତ ହୋଇ ଉଠିଥିଲେ । ଗୋପବଂଧୁ ମୁକ୍ତିମଂଡପର ଅଧିକାରୀ ନୁହଂତି । ତୁମେ କିଂତୁ ଶୁଣିବା ମାତ୍ରେ ଦାଢ଼ି କାଟି ଦେଇ ନିଶ ରଖିଥିଲ । ଆଚାର୍ଯ୍ୟ ହରିହର ମଧ ତାହାହିଁ କରିଥିଲେ । ପ୍ରଥମରୁ ୧୬ ଶାସନ ଭୋଗ ସଂପର୍କରେ ମଂଦିର ମଧରେ ସେହି ବିରାଟ ବ୍ରାହ୍ମଣ ସଭାର

Digitized by PPRACHIN, SOA

ଆୟୋଜନ କଥା ମନେପଡୁଛି । ପଂଡିତମାନେ ସାରାଦିନ ବହୁ ଯତ୍ନ କରି ସୁଦ୍ଧା ତାହା କରାଇ ପାରି ନଥିଲେ । ସେ ସମସ୍ତ ଘଟଣା ମଧ୍ୟରେ ତୁମର ସେଇ ଜ୍ୱଳଂତ ଯୁବଭାବଦୀପ୍ତ ମୁଖମଂଡଳ ଓ ସେଥିରୁ ନିଃସୃତ ଜନସମାଜ ପ୍ରତି ବାଗ୍ମିତାର ଅଭୟ ବାଣୀ ଆଜି ମଧ୍ୟ ମୋର ମନେପଡୁଛି । ମୋ ମତରେ ସେଇ ଦିନହିଁ ତୁମର ପ୍ରଚାରକତ୍ୱର ପ୍ରଥମ ପ୍ରତିଷ୍ଠା । ଲୋକଂକୁ ବୁଝାଇ ଶୃଂଖଳିତ କରିବାର ତୁମର ଯେଉଁ ଶକ୍ତି ପରବର୍ତୀ କାଳରେ ତୁମର ସମସ୍ତ ଜୀବନକୁ ଅନବଚ୍ଛିନ୍ନ କ୍ରିୟା ପ୍ରବାହରେ ପ୍ରାଣିତ କରିଥିଲା, ତାହା ସେହି ଘଟଣାରେ ପ୍ରଥମେ ପ୍ରକାଶ ପାଇଥିବାର ମୋର ମନେହୁଏ । ସେ ୧୯୧୧ ଖ୍ରୀଷ୍ଟାବ୍ଦର କଥା ।

ଯଥାର୍ଥରେ ଏଇ ଘଟଣା ପରେ ତୁମେ ଡେଲାଂଗ ମାଇନର ସ୍କୁଲ ଛାଡ଼ିଦେଲ ଓ ଏକାଂତ ନିରବଲଂବ ଭାବରେ ପ୍ରଚାର କାର୍ଯ ଧରି ଦେଶକୁ ବାହାରିପଡ଼ିଲ । ଏଇ ଘଟଣାର ପ୍ରାୟ ଦେଢ଼ ବର୍ଷ ପରେ ତରଳା ରାଜ୍ୟର ପଂଡା-ଶାସନ ବା ମୁକ୍ତାପୁର ପଲ୍ଲୀ ସଂମିଳନୀ କଥା ମୋର ମନେ ପଡୁଛି । ଏହା ପୂର୍ବରୁ ତୁମେ ବହୁ ପଲ୍ଲୀ ବୁଲିଥିଲ । ହୁଏତ ନିଜେ ବହୁତ କ୍ଷୁଦ୍ର ବୃହତ୍ ସଂମିଳନୀ କରିଥିଲ । ୧୯୦୧ ସାଲ ପରେ ସତ୍ୟବାଦୀ ଅଂଚଳରେ ମଧ୍ୟ ବହୁ ପଲ୍ଲୀ ସଂମିଳନୀ ହୋଇ ଯାଇଥିଲା । ତୁଂଭେ ଏ ସବୁଠାରେ ଥିଲ । କିଂତୁ ସେ ଦିନ ମୁକ୍ତାପୁର ସଂମିଳନୀରେ ତୁମର ପୁଷ୍କଳ କୃତି ସ୍ମରଣୀୟ ।

ସେ ଦିନ ଜଗତରେ ଲୋକସମାଜର ଆଦି ଗଠନଠାରୁ ମାନବ ସଭ୍ୟତାର କ୍ରମୋନ୍ନତି ଧରି ଜନତାକୁ ତୁମେ ଯେପରି, ଭଲ ମନ୍ଦ ବାଟେ ଗତି ଓ ନିୟତି ଦେଖାଇ ଥିଲ ତାହାର ସ୍ମୃତି ଆଜି ଆହା କି ସୁଂଦର, କିଂତୁ କି କରୁଣ ! ତିନିଘଂଟାବ୍ୟାପୀ ତୁମର ସେ ବାଗ୍ମୀତାର ନିସ୍ୟଂଦ ସ୍ଥିର ଓ ନିର୍ନିମେଷ ଜନତାକୁ କିପରି ମୁଗ୍ଧ ଓ ଅଭିଭୂତ କରିଥିଲା ତାହା ବର୍ଣନା କରିବାର ବସ୍ତୁ ନୁହେ ।

ତା'ପରେ ତୁମେ ହେଲ ଯଥାର୍ଥ ପ୍ରଚାରକ । ପ୍ରଚାରକ ବୋଲି ତୁମକୁ କେହି ସଭା କରି ଉପାଧି ଦେଇ ନାହି । ତୁମର କାର୍ଯରେ ଲୋକେ ତୁମକୁ କହିଲେ ପ୍ରଚାରକ । ତୁମେ ହେଲ ପ୍ରଚାରକ । ଏ ନିରୁତା ଉପାଧିର ସମାଲୋଚନା ନାହି । ତାହା କେହି କେବେ କରିନାହି, ଏବେ ମଧ୍ୟ କରୁନାହି । ଏହି ପ୍ରଚାର ବାର୍ତା ଘେନି ତୁମେ ଉତ୍କଳର ପୁରପଲ୍ଲୀ ବନ ପ୍ରାଂତର ଗିରି ନଦୀ ସବୁ ଦେଖିଛ । ପଦବ୍ରଜରେ ଏପରି ପ୍ରଚାରକ ଓଡ଼ିଶାରେ ଆଉ କେହି ହୋଇ ନାହି, ହେବ ବୋଲି ଆଶା ନାହି । ଏ ସମସ୍ତ ପ୍ରଚାର ମଧ୍ୟରେ ତୁମର ପ୍ରାଣ ଥିଲା ଓଡ଼ିଆର ଜାତୀୟତା । ଉପାଂତ ଓଡ଼ିଆ ଭୂମି ଓଡ଼ିଆ ହେବ– ଏହାହିଁ ତୁମ ପ୍ରଚାରର ଥିଲା ମୂଳମଂତ୍ର । କଂଗ୍ରେସ ଆସିଲା । ସେଥିରେ ପ୍ରାଣ-ପଣେ ଯୋଗଦେଇଛ । କିଂତୁ ତୁମର ସେହି ନିଜର ଆଦର୍ଶରୁ କେବେ ଭ୍ରଷ୍ଟ ହୋଇ ନାହ । ସମସ୍ତ କଂଗ୍ରେସ କାର୍ଯ ମଧ୍ୟରେ ତୁମେ ଓଡ଼ିଆର ସେଇ ଜାତୀୟତାକୁ ଶୟନେ ସ୍ୱପନେ ଜାଗରଣେ ସଂବଳ କରିଥିଲ । ସେଥିପାଇଁ ବିଶେଷରେ ତୁମର କର୍ମକ୍ଷେତ୍ର ହେଲା ସିଂହଭୂମ ।

Digitized by PPRACHIN, SOA

ବାସ୍ତବରେ ତୁମର କାର୍ଯ ବିନା ସିଂହଭୂମରେ ଆଜି ମଧ ଓଡ଼ିଆ ନାମ ଫୁଟି ନଥାଂତା । ଦୁଃସ୍ଥ ଓ ପୁରୋଦୃଷ୍ଟିହୀନ ସିଂହଭୂମ ଓଡ଼ିଆ ଭାରତ ଜାତୀୟତାର ମଂତ୍ର ଧରି ନିଜର କାର୍ଯ ସାଧନ କରିବାକୁ ବସିଥିଲେ ଆଜି ନିଶ୍ଚୟ ଅବସ୍ଥା ଭିନ୍ନ ପ୍ରକାର ହୋଇଥାଂତା—ତାହା ହୋଇନାହି । କିଂତୁ ସେ ଦୋଷ ତୁମର ନୁହେ । ତୁମେ ପ୍ରଥମେ ଜେଲଯାଇଥିଲ ସିଂହଭୂମରୁ । ଜେଲରୁ ଫେରି ସିଂହଭୂମର 'ସଂମିଳନୀ' ଖବରକାଗଜ ବାହାର କରି ସେଠାରେ ଜାତୀୟତା ପ୍ରତିଷ୍ଠା କରିବା ପାଇଁ ସଂକଳ୍ପ କଲ । ଦେଶ ଲୋକଂକ ସହଯୋଗରେ ତୁଂଭର ଅଖଂଡ ବିଶ୍ୱାସ ଥିଲା । ଶେଷରେ ନିଜର ସମସ୍ତ ପୈତୃକ ସମ୍ପତ୍ତି ପର୍ଯଂତ ପଣ କରି ତୁଂଭେ ସିଂହଭୂମର 'ସଂମିଳନୀ'କୁ ସେବା କରିଥିଲ । ବଂଧୁମାନେ ଆଗକୁ ପଛକୁ ଚାହିଁ ତୁଂଭଂକୁ ନାନା ପରାମର୍ଶ ଦେଇଥିଲେ, ପୈତୃକ ସମ୍ପତ୍ତି ପଣ ନ କରିବାକୁ କହିଥିଲେ । ତୁମେ ଶୁଣି ନ ଥିଲ । ତୁମର ବିଶ୍ୱାସ ଦେଶ ଲୋକ ନିଶ୍ଚୟ ତୁମ କାର୍ଯରେ ସାଥି ହେବେ । ସେ ବିଶ୍ୱାସ ପାଖେ କୌଣସି ବ୍ୟକ୍ତିଗତ ତ୍ୟାଗ ତୁମକୁ ବଡ଼ ଦିଶୁ ନ ଥିଲା । ସେଥିପାଇଁ ଶେଷ ଜୀବନ ପର୍ଯଂତ ତୁମେ ନିଃସ୍ୱ ଓ ତ୍ୟାଗପୂତ ଭାବରେ ଜୀବନର ଆଦର୍ଶ ସେବା କରିଥିଲ ।

ତୁମର ବଡ଼ ନେତୃତ୍ୱର ଆକାଂକ୍ଷା ନ ଥିଲା । ନିଜର ତ୍ୟାଗକୁ ଦେଶରେ ଜଣାଇବାର କଳ୍ପନା ମଧ ନଥିଲା । ଦେଶରେ ବହୁ ବଡ଼ ଲୋକ ହେବେ, ହୋଇ ପାରଂତି, କିଂତୁ ତ୍ୟାଗର ଏ ନିଷ୍ଠା ଆଦର୍ଶ ସାଧନରେ ପ୍ରଯତ୍ନର ଏ ପରାକାଷ୍ଠା ଜଗତରେ କଦାଚିତ୍ କ୍ୱଚିତ୍ ଦେଖାଯାଏ ।

ପ୍ରଚାରକ ଭାବରେ ବହୁକାଳ ତୁମେ ପ୍ରତି ସପ୍ତାହରେ ଡାଇରି ବା ଦୈନିକ ବିବରଣୀ ଲେଖି ଆଶା ପତ୍ରିକାରେ ପ୍ରକାଶ କରୁଥିଲ । ଦେଶର ପୁରପଲ୍ଲୀ ସଂଗେ ନିଜେ ପରିଚିତ ହୋଇ ଲୋକଂକୁ ସେଥିରେ ପରିଚିତ କରାଇବାର ଏ ପ୍ରଚେଷ୍ଟା ଓଡ଼ିଶାରେ ଅନ୍ୟତ୍ର ଦେଖାନାହି ।

ଆଜି ମଧ ସେ ଡାଇରି ସଂକଳିତ ହେଲେ ଦେଶର ସାହିତ୍ୟରେ ଅତ୍ୟଂତ ଆଦରଣୀୟ ହେବ । କିଂତୁ ଓଡ଼ିଶାରେ ଏବେ ସାହିତ୍ୟର ଆଦର ନିମଂତେ ସ୍ଥାନ ଆସି ନାହି, ସେଥିରେ ପୁଣି ପ୍ରଚାରକଂକ ଡାଇରି କିଏ ବା ଖୋଜିବ ? ଦେଶର ଅବସ୍ଥା ବା ପରିସ୍ଥିତି ଯାହାହେଉ ତୁମର କର୍ମର ନିଷ୍କାମତାରେ ଅପଳାପ ହୋଇନାହିଁ । ଏହି ନିଷ୍କାମତାରେ ହିଁ ତୁମର କର୍ମ ବରଂ ପବିତ୍ରତର ଓ ଉଜ୍ଜ୍ୱଳତର ହୋଇଅଛି ।

ସାମାଜିକ ଭାବରେ ତୁମକୁ ଦେଖିବାର ଅବକାଶ ଉତ୍କଳରେ ବହୁ ଲୋକଂକର ହୋଇ ନାହି । ଦେଶର ମୁଖ୍ୟ ରାଜନୀତିକ ଓ ଆର୍ଥିକ ସମସ୍ୟାର ସମାଧାନର ପ୍ରଚେଷ୍ଟା ମଧରେ ବ୍ୟକ୍ତିତ୍ୱର ସେ ବିଭାବ ଏବେ ନ ଦିଶିବାର କଥା । କିଂତୁ ସେଠାରେ ମଧ ତୁମର ଦୃଢ଼ ବ୍ୟକ୍ତିତ୍ୱ ପ୍ରତିଷ୍ଠା ସ୍ମରଣୀୟ । ନିରହଂକାର ଓ ନିଷ୍କାମ ଭାବରେ ତୁମେ ଏ କ୍ଷେତ୍ରରେ ମଧ ଯେ କାର୍ଯ କରୁଥିଲ ତାହାର କଳନା ଏବେ ସଂଭବ ନୁହେ । ସର୍ବୋପରି ଦେଖିବାର

Digitized by PPRACHIN, SOA

କଥା ତୁମର ସେଇ ତ୍ୟାଗପୂତ ନିଷ୍ଠା ଓ ନିରାଡ଼ମ୍ବର ସହିଷ୍ଣୁତା । ଯଥାର୍ଥ ଦେଶସେବାରେ ଏକ ପ୍ରକାର ନିରନ୍ତତା ବରଣ କରି ତୁମେ ମାନବୀୟତାର ଶ୍ରେଷ୍ଠ ପଦବୀରେ ପାଦ ଦେଇ ଯେପରିକି ସ୍ୱର୍ଗ ମର୍ତ୍ତ୍ୟର ବ୍ୟବଧାନ ହ୍ରସ୍ୱ କରି ଅକାଳରେ ସ୍ୱର୍ଗ ବରଣ କରିଅଛ । ବଡ଼ ତୁମେ ଥିଲ କିଂତୁ ବଡ଼ ହୋଇ ନାହ । ସେଥିରେ ତୁମର କିଛି କ୍ଷତି ବୃଦ୍ଧି ନାହି । ପୁଣି ଆଜି ତ ତୁମେ ସେ ସବୁ କ୍ଷତି ବୃଦ୍ଧିରୁ ଅତୀତ । ମାତ୍ର କର୍ମୀ ପୁରୁଷର କର୍ମମୟ ଜୀବନହିଁ ମରଣରେ ଦେଶର ସଂପଦ । ସେ ସଂପଦରେ ଏ ଦେଶ ଅତି ଶୀଘ୍ର ଅଧିକାରୀ ହେବ ବୋଲି ଦେଶାତ୍ମବୋଧବିଶିଷ୍ଟ ବ୍ୟକ୍ତି ମାତ୍ରେ କାମନା କରିବେ । ବିଧାତା ସେ କାମନାର ପୂରଣରେ ସହାୟ ହୁଅଂତୁ ।

[ନବଭାରତ, ୩ୟ ବର୍ଷ ୧୦ମ ସଂଖ୍ୟା, ମୀନ ୧୩୪୩]

# ସ୍ୱର୍ଗତ ପଂଡିତ ଭୁବନେଶ୍ୱର ରଥ କବିଚଂଦ୍ର

ଗତ ମାସରେ ହଠାତ୍ ହୃତ୍‌ପିଂଡ କ୍ରିୟା ବଂଦ ହୋଇ ପଂଡିତ ଭୁବନେଶ୍ୱର ରଥଂକ ସ୍ୱର୍ଗପ୍ରାପ୍ତି ହୋଇଚି । ଭିଂଗାରପୁର ଜମିଦାରଂକ ଘରେ ତାଂକର ବଡ଼ ଆଦର ଥିଲା । ସେଥିଠାରେ ସେ ଦେହତ୍ୟାଗ କଲେ । କଳିଷଠୀ ଷାଠିକରୁ ତାଂକୁ ଚାରିବର୍ଷ ଅଧିକ ହୋଇଥିଲା । ତାଂକ ମୃତ୍ୟୁରେ ଓଡ଼ିଶାର ମଧ୍ୟଯୁଗର ସଂସ୍କୃତ ପାଂଡିତ୍ୟ ତେଜ ଓ କବିତ୍ୱର ଗୋଟିଏ ଧାରା ପ୍ରାୟ ଛିଂଡିଗଲା କହିଲେ ଚଳେ ।

ବୀର ହରେକୃଷ୍ଣପୁର ପୁରୀଜିଲାର ଶେଷ ରାଜପ୍ରତିଷ୍ଠିତ ଶାସନ ବୋଲି କହିବାକୁ ହେବ । ସେଇ ଗ୍ରାମର କୁଳୀନ ରଥ ବଂଶରେ ତାଂକ ଜନ୍ମ । ତାଂକୁ ମିଶାଇ ସେ ଗ୍ରାମ ଦାନ ସମୟରୁ ନଅ ପୁରୁଷ ହୋଇଥିଲା । ତାଂକର ପିତା ବିଷ୍ଣୁରଥ ପାଂଡିତ୍ୟରେ ଖୁବ୍ ବଡ଼ ନଥିଲେ ମଧ ସୁଂଦର ସରଳ କବି ଥିଲେ । ସେ କାଳର ତାତ୍‌କାଳିକ କବିତା ଓ ପାଦ ପୂରଣରେ ସେ ବିଚକ୍ଷଣ ଥିଲେ । ଉଦାହରଣ ସ୍ୱରୂପ ଏମାରମଠ ମହଂତ ଥରେ କାକୋଦରପୁର ଗ୍ରାମରେ ଗୋଟିଏ ମଂଦିର ଓ ଦେବତା ପ୍ରତିଷ୍ଠା କରିଥିଲେ । ଜଗନ୍ନାଥ ବ୍ରହ୍ମା ପ୍ରଭୃତି ସେ କାର୍ଯ୍ୟର ବ୍ୟବସ୍ଥା କରିଥିଲେ । ଜଗନ୍ନାଥଂକର ବିଷ୍ଣୁରଥଂକ ସଂଗେ ପଡୁନଥାଏ, ତେଣୁ ବିଷ୍ଣୁରଥଂକୁ ସେଠାକୁ ନିମଂତ୍ରଣ ନ ଥିଲା । ଜଣେ ହଠାତ୍ ବିଷ୍ଣୁରଥଂକୁ ଦେଖି ସେଠାକୁ କାହିଁକି ଯାଉନାହଁ ବୋଲି ପଚାରିବାରେ ବିଷ୍ଣୁରଥେ କାବ୍ୟର ରସିକତାରେ ହଠାତ୍ ଉତ୍ତର ଦେଲେ—

> ''ଜଗନ୍ନାଥାଦି ବିଦ୍ୱାଂ ସଃ ସର୍ବତତ୍ତ୍ୱାର୍ଥ ଦର୍ଶିନଃ
> କାକୋଦର ପୁରେ ବିଷ୍ଣୁ– ରଥ ମାମଂତ୍ରୟନ୍ତି କିଂ ?''

କାକୋଦର ବୋଇଲେ ସାପ; ବିଷ୍ଣୁରଥ ବୋଇଲେ ଗରୁଡ଼ । ଏଭ ସୁଂଦର ଶବ୍ଦାଳଂକାରଟି ଏଥିରେ ଥିଲା ।

Digitized by PPRACHIN, SOA

ବିଷ୍ଣୁରଥଂକ ଏଇପରି ତାତ୍‌କାଳିକ ରସୋକ୍ତିପୂର୍ଣ୍ଣ ଶ୍ଳୋକମାନ ପୁରୀ ଅଂଚଳର ଅନେକ ଲୋକ ମନେରଖିଚଂତି । ଭୁବନେଶ୍ୱର ଏଇ ବିଷ୍ଣୁରଥଂକ ଜ୍ୟେଷ୍ଠ ପୁତ୍ର । ସେ ପୁରୀ ସଂସ୍କୃତ ସ୍କୁଲ (ଏବର ସଂସ୍କୃତ କଲେଜ)ରେ କାବ୍ୟ ଉପାଧି ମାତ୍ର ପାସ୍ କରି କାବ୍ୟତୀର୍ଥ ହୋଇଥିଲେ । ମାତ୍ର ତାଂକର ପାଂଡିତ୍ୟ କେବଳ କାବ୍ୟ ଅଳଂକାର ମାତ୍ରରେ ସୀମାବଦ୍ଧ ନ ଥିଲା । ଦର୍ଶନ ଓ ବ୍ୟାକରଣରେ ତାଂକର ଖୁବ୍ ବ୍ୟୁତ୍ପତ୍ତି ଥିଲା । ଘୋଷି ମୁଖସ୍ଥ ଆବୃତ୍ତି କରି ପଂଡିତାଇ କରିବା ତାଂକ ରୁଚିବିରୁଦ୍ଧ ଥିଲା । ତଥାପି ସେ ଆଧୁନିକ ଅନେକ ଉପାଧିଧାରିଂକ ପରି ପଲ୍ଲବଗ୍ରାହୀ ନ ଥିଲେ । ଟୀକାର ଆଲୋଚନା ମାତ୍ରରୁ ସେ ନିଜେ ଶାସ୍ତ୍ରମାନଂକର ଆଲୋଚନାରେ ପ୍ରବେଶ କରିଥିଲେ । ତେଣୁ ତାଂକ ପାଂଡିତ୍ୟ ପ୍ରାଚୀନ ପଂଥୀ ହେଲେହେଁ ନବୀନତାର ଦିଗଦର୍ଶନରେ ରସାଣିତ ଥିଲା । କାବ୍ୟଶାସ୍ତ୍ର ବିଚାରରେ ସେ ପ୍ରାଚୀନ ତଥା ନବୀନ ସମସ୍ତଂକୁ ତୃପ୍ତି ଦାନ କରିପାରୁଥିଲେ ।

କବିତ୍ୱ ତାଂକର ଯେପରି କି ପୈତୃକ କଳା । ସେଥିରେ ସେ ବିଚକ୍ଷଣ ଥିଲେ । ମଧ୍ୟ ଯୁଗର ନୈଷଧୀୟ କାବ୍ୟକଳା ଏଥିରେ ତାଂକର ଆଦର୍ଶ ଥିଲା । ଆଠଗଡ଼ର ଭୂତପୂର୍ବ ସଂସ୍କୃତଜ୍ଞ ଓ ଗୁଣଗ୍ରାହୀ ରାଜା ବିଶ୍ୱନାଥ ବର୍ମା ତାଂକୁ ବାଛି କରି ନିଜର ସଭାପଂଡିତ କରିଥିଲେ, ଓ କବିଚଂଦ୍ର ଉପାଧି ଦେଇଥିଲେ । ସେ 'ରୁକ୍ମିଣୀ ପରିଣୟ' ନାମକ ଯେଉଁ ବିରାଟ ସଂସ୍କୃତ କାବ୍ୟ ପ୍ରକାଶ କରି ପ୍ରାଚ୍ୟ ପାଶ୍ଚାତ୍ୟ ସର୍ବତ୍ର ନାମ ଅର୍ଜନ କରିଥିଲେ, ପଂଡିତ ଭୁବନେଶ୍ୱରଂକ ବିନା ତାହା ହୋଇପାରି ନ ଥାଂତା । ବିଶ୍ୱନାଥଂକ ମୃତ୍ୟୁ ପରେ ଭୁବନେଶ୍ୱର ମଧ୍ୟ ସେଇ ରୀତିରେ ସ୍ୱରଚିତ 'ଲକ୍ଷ୍ମଣା ପରିଣୟ' କାବ୍ୟ ପ୍ରକାଶ କରିଥିଲେ । ବିଶ୍ୱନାଥ ବର୍ମାଂକ ନିର୍ଦ୍ଦିଷ୍ଟ ଗଚ୍ଛିତ ଧନରେ ମଧ୍ୟ ତା ପ୍ରକାଶିତ ହୋଇଥିଲା ।

ସେକାଳ ପଂଡିତର ତେଜ ଓ ସ୍ୱାଧୀନଚେତ ଭୁବନେଶ୍ୱରଂକର ବିଶିଷ୍ଟତା ଥିଲା । ରାଜ ଦରବାରର ବୃତ୍ତିସେବା ଓ ସ୍ୱାଚ୍ଛଂଦ୍ୟ ବହୁଦିନ ତାଂକୁ ବାଂଧି ରଖିପାରିନଥିଲା । ସେ ଆଠଗଡ଼ ଛାଡ଼ି ଆସିଥିଲେ । କିଛିଦିନ ପରେ ସେକାଳ ସତ୍ୟବାଦୀ ସ୍କୁଲର କର୍ତ୍ତୃପକ୍ଷ ତାଂକୁ ଆଦର କରି ଆଣିଥିଲେ । ସେଠା ଶିକ୍ଷକ ଓ ଛାତ୍ରମାନେ ତାଂକ ପ୍ରାଚୀନତାର ନିଷ୍ଠାରେ ନବୀନତାର ଆଦାନ ଓ ପଂଡିତ ତେଜର ରୁକ୍ଷତାରେ ଶିଷ୍ୟ ସହକର୍ମୀଂକଠାରେ ସରସ ଶ୍ରଦ୍ଧା ସଂଚାର ଏବେ ମନେରଖିଥିବେ ।

ସେ କାଳର ସେ ପାଂଡିତ୍ୟ ଓ ଚରିତ୍ରଧାରା କ୍ରମେ ଛିଡ଼ିଯାଉଚି । ପଂଡିତ ଭୁବନେଶ୍ୱରଂକ ମୃତ୍ୟୁ ଏହାର ଏକ ବଳିଷ୍ଠ ସ୍ମାରକ । ସେ ପୁଣ୍ୟ ସ୍ମୃତି ଜାଗ୍ରତ ରହୁ ।

[ନବଭାରତ, ଧନୁ ୧୩୪୭]

—

Digitized by PPRACHIN, SOA

# ଆଲୋଚନା

## ବିଶ୍ୱନାଥ ବିୟୋଗ

ଶ୍ରୀଯୁକ୍ତ ବିଶ୍ୱନାଥ କର ଗତ ୧୯ ତାରିଖ ଦିନ ଚାଲିଗଲେ । ଆଜିକାଲିର ଓଡ଼ିଆ ଯୁବକ ଏହି ସଂବାଦର ଗୁରୁତ୍ୱ ହୁଏତ ଉପଲବ୍ଧି କରିବେ ନାହିଁ; ହୁଏତ, ଗତ କେତେ ବର୍ଷର ରାଜନୀତିକ ଆଂଦୋଳନ ଓ ବାଦବିସମ୍ବାଦ ସ୍ରୋତରେ ଭାସିଯାଇ, ବିଶ୍ୱନାଥଂକ ବିୟୋଗରେ ଉତ୍କଳର କ୍ଷତି ହୃଦୟଂଗମ କରି ପାରିବେ ନାହିଁ; ହୁଏତ, ବିଶ୍ୱନାଥଂକ ଅଭାବ ବୋଲି ମନେ କରିବେ ନାହିଁ । କିଂତୁ ପ୍ରୌଢ଼ ଓଡ଼ିଆ, ଓଡ଼ିଶାର ଯେଉଁମାନଂକର ଜନ୍ମ ଉନବିଂଶ ଶତାବ୍ଦୀରେ, ସେମାନେ ବିଶ୍ୱନାଥ ଆଉ ନାହାଂତି– ଏ ସଂବାଦ ଶୁଣି ସ୍ତବ୍ଧ ହୋଇଥିବେ । କାରଣ, ଆଜି ବା ଗତ ୧୦।୨୦ ବର୍ଷ ଭିତରେ ବିଶ୍ୱନାଥଂକୁ ଯାହା ବୋଲି ଆମମାନଂକ ମଧ୍ୟରୁ କେହି କେହି ମନେକରୁଥିଲେ, ବିଶ୍ୱନାଥ ତାଂକ 'ସମୟ'ରେ ତାହା ନ ଥିଲେ । ଦିନ ଥିଲା ଯେତେବେଳେ ସାହିତ୍ୟ, ସମାଜସଂସ୍କାର, ରାଜନୀତି ସବୁ ବିଷୟରେ ବିଶ୍ୱନାଥ ଓଡ଼ିଆ ଆଦର୍ଶର ପ୍ରାଣ ପ୍ରକାଶ କରିପାରୁଥିଲେ । ବଂଗଳାର ସ୍ୱଦେଶୀ ଆଂଦୋଳନବେଳେ ବିଶ୍ୱନାଥଂକ ଅଗ୍ନିମୟୀ ବାଣୀ ଓ ଲେଖା ଯେଉଁମାନେ ଶୁଣିଛଂତି, ପଢ଼ିଛଂତି, ସେମାନେ ଅତୀତର ସେହି ବିଶ୍ୱନାଥଂକୁ ଆଜି ମନେପକାଉଥିବେ । ଆଜି ଯେ ବିଶ୍ୱନାଥ ରାଜନୀତିକ ଚିଂତା ବା ଆଚରଣରେ ପ୍ରଗତି-ପରାୟଣ ନ ଥିଲେ, ସେ ତାଂକର ଦୋଷ ନୁହେ; ସେ ଦୋଷ ଆମ ଦେଶର, ବେଷ୍ଟନୀର । ଓଡ଼ିଶା ତଥା ଭାରତରେ ରାଜନୀତି ବୃକ୍ଷରେ ଆରୋହଣ କଲେ ବହୁ କଂଟକରେ କ୍ଷତବିକ୍ଷତ ହେବାକୁ ହୁଏ । ଏ ଦେଶରେ ରାଜନୀତିକୁ ବରଣ କରିବା ଅର୍ଥ ଆଜୀବନ ଦୁଃଖ, କ୍ଲେଶ, ଅଭାବ, ଉତ୍ପୀଡ଼ନକୁ ବରଣ କରିବା । ଫଳତଃ ପାରିବାରିକ ଓ ଦୈହିକ ଜଂଜାଳର ବୃଦ୍ଧି ସଂଗେ ସଂଗେ ଏ ଦେଶର ବହୁ ବୀରପୁରୁଷ ରାଜନୀତିକ ଆଂଦୋଳନରୁ ଦୂରରେ ରହିବାକୁ ସୁବିଧାଜନକ ମନେକରଂତି ଏବଂ କେହି କେହି ଏବଂବିଧ ରାଜନୀତି-ଦୁର୍ବିପାକରୁ (?) ଦେଶବାସୀଂକୁ ବିରତ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବାକୁ ଛାଡ଼ଂତି ନାହିଁ । ସେହି କାରଣରୁ ଖାଲି ବିଶ୍ୱନାଥଂକର କାହିଁକି, ବଂଗଳାର ବାଗ୍ମିବର ବିପିନଚଂଦ୍ର ପାଲଂକ ପରି ଲୋକର ମଧ୍ୟ ଆଦ୍ୟ ଓ ଅଂତିମ ଜୀବନ ମଧ୍ୟରେ ଏତେ ଅସାମଂଜସ୍ୟ । ସେ ଯାହାହେଉ, ଆଜି ପଛକୁ ଚାହିଁଲେ ଆମକୁ ସେହି କାଳର ବିଶ୍ୱନାଥ ଆଖିଆଗରେ ଦେଖାଯାଉଛଂତି । ଆଂଭମାନଂକର ବିଶ୍ୱାସ, ଯେଉଁମାନେ ସେତେବେଳେ ବିଶ୍ୱନାଥଂକୁ ଦେଖିଛଂତି, ଗତ କେତେବର୍ଷର ତାଂକ କାର୍ଯକଳାପ ଆଜି ସେମାନଂକ ମନରେ ପଡ଼ିବ ନାହିଁ ।

Digitized by PPRACHIN, SOA

ସମାଜସଂସ୍କାରକ ଭାବରେ ବିଶ୍ୱନାଥଂକ ଦଂଭ, ସାହସ ଓ ନିଷ୍ଠା ବିରଳ । ଆଜି ହିଂଦୁ ଯୁବକ ଏହି ହିଂଦୁ ସମାଜର ନିଗଡ଼ ଭିତରେ ତେତେ ସଂକୋଚ ବୋଧ କରୁନାହି । ହିଂଦୁ ସମାଜପତି ଆଜି ଚଂଡନୀତି ଅବଲଂବନ କରି ସମାଜରେ ପ୍ରଗତିର ପଥ ରୋଧ କରିବାକୁ ପ୍ରୟାସ କରୁନାହି । କିଂତୁ ବିଶ୍ୱନାଥଂକ ଯୌବନରେ ଅବସ୍ଥା ଭିନ୍ନ ଥିଲା । ଏପରି କି ଇଂରେଜୀ ପଢ଼ିବା ଘୋର ପାପ ଭିତରେ ଗଣ୍ୟ ହେଉଥିଲା । ସେ ସମୟର ସାମାଜିକ ସଂସ୍କାରକୁ ସମାଜ ଭିତରେ ରହି ଶୋଧନ କରିବା ଉଚିତ ହୋଇଥାଂତା ବୋଲି ଆଜି ବିଚାରକ ଆସନରୁ ଦୂର ଅତୀତକୁ ଚାହିଁ ବିଚକ୍ଷଣମାନେ ବ୍ୟକ୍ତ କରୁଛଂତି । କିଂତୁ ବିଶ୍ୱନାଥଂକ ତରୁଣ ତରଂଗିତ ପ୍ରାଣ ପକ୍ଷେ ଯେ ଏହି କୁସଂସ୍କାର ଓ ଅଯଥା ରୋଧ ଅସହ୍ୟ ହୋଇଥିଲା ଏଥିରେ ସଂଦେହ ନାହି । ସେହି ସମୟର ଶିକ୍ଷିତ ତରୁଣମାନଂକ ମଧ୍ୟରୁ ଅନେକେ ଆମ ସମାଜର ଅତି ରକ୍ଷଣଶୀଳତାରେ ଉତ୍ୟକ୍ତ ହୋଇପଡ଼ିଥିଲେ । ଥରେ ଭିନ୍ନ ସମାଜଭୁକ୍ତ ହେବା ପାଇଁ ସଂକଳ୍ପ କଲା ପରେ ସେ ସ୍ୱାବଲଂବିତ କାର୍ଯପଂଥାରେ ସ୍ଥାଣୁ ପରି ଅଟଳ ରହିଲେ । ସଂଗୀମାନଂକ ମଧ୍ୟରୁ କେହି ବ୍ରାହ୍ମ ସମାଜ ଭୁକ୍ତ ହେବେ ବୋଲି ସ୍ଥିର କରି ସାରି ଦୁର୍ବଳତା ଯୋଗୁଁ ପଶ୍ଚାତ୍‌ପଦ ହେଲେ, ଆଉ କେହି ବ୍ରାହ୍ମଧର୍ମ ଗ୍ରହଣ କରିସାରି ବହୁ ବିଧି ବ୍ୟବସ୍ଥା ସାହାଯ୍ୟରେ ପ୍ରାୟଶ୍ଚିତ୍ତ କରି ପୂର୍ବ ଧର୍ମକୁ ଫେରିଗଲେ । କିଂତୁ ସେ ଦୋଳାଚଳ ବିବେଚନପରତା ବିଶ୍ୱନାଥଂକ ଜୀବନରେ କେବେ ହେଲେ ଦେଖାଯାଇନାହି । ନିଜେ ସେ ଯାହା ଅଭ୍ରାଂତ ବୋଲି ବିଚାରୁଥିଲେ, ଅଭ୍ରାଂତ ବୋଲି ସ୍ଥିର କରି ସେ ଯାହା ଥରେ କରିବାକୁ ଆରଂଭ କରୁଥିଲେ, ସମାଲୋଚନା, ନିଂଦା ବା ଘୃଣା ଭୟରେ ସେଥିରୁ ସେ ପଶ୍ଚାତ୍‌ପଦ ହେବାର କେହି କହି ପାରିବେ ନାହି ।

ସାହିତ୍ୟିକ ଭାବରେ ମଧ୍ୟ ସେ ଓଡ଼ିଆର ସ୍ମରଣୀୟ । ଉତ୍କଳ ସାହିତ୍ୟ ଓଡ଼ିଶାର ଯଥାର୍ଥ ସ୍ଥାୟୀ ମାସିକପତ୍ର ମଧ୍ୟରେ ପ୍ରଥମ । ଓଡ଼ିଶାର ଏ ଯୁଗର ପ୍ରାୟ ପ୍ରତ୍ୟେକ ଲବ୍ଧପ୍ରତିଷ୍ଠ ସାହିତ୍ୟିକ 'ସାହିତ୍ୟ'ରେ ପ୍ରଥମ ସାହିତ୍ୟ ସାଧନା ଆରଂଭ କରିଛଂତି । ପୁରୁଣା ଓଡ଼ିଆ ସାହିତ୍ୟ ଆଦିରସ ପ୍ରଚୁର ବୋଲି ସେ ଆଧୁନିକ ଓଡ଼ିଆ ସାହିତ୍ୟର ସୌଧକୁ ଉପେଂଦ୍ରଭଂଜ ଦୀନକୃଷ୍ଣଂକ ମୂଳଭିତ୍ତି ଉପରେ ଗଢ଼ିବାକୁ ଯାଇ ନ ଥିଲେ ଓ କେତେକ ପରିମାଣରେ ବଂଗ ସାହିତ୍ୟର ଛାୟା 'ଉତ୍କଳ ସାହିତ୍ୟ' ଉପରେ ପଡ଼ିଥିଲା । ହେଲେହେଁ ସେଥିରେ ଜାଣିଶୁଣି ଅନୁକରଣ କରିବାର ପ୍ରବୃତ୍ତି ନ ଥିଲା କିଂବା ଉତ୍କଳର ପ୍ରାଚୀନତା ପ୍ରତି ଭକ୍ତି ବା ଶ୍ରଦ୍ଧାର ଅଭାବ ନ ଥିଲା । ସେ ଏ ବିଷୟରେ ମଧ୍ୟ ଯାହା ସତ୍ୟ, ସୁଂଦର ବୋଲି ଆପେ ବିଚାରୁଥିଲେ ତାହା ନିର୍ଭୟରେ କରିଯାଉଥିଲେ । ଫଳରେ ଏ କ୍ଷେତ୍ରରେ ମଧ୍ୟ ବହୁ ବଂଧୁ ଓ ସଂଗୀମାନଂକୁ ତାଂକୁ ହରାଇବାକୁ ପଡ଼ିଥିଲା ।

ବିଶ୍ୱନାଥ ଜୀବନୀର ପ୍ରଧାନ ବିଭାବ, ତାଂକ ଅଦମ୍ୟ ଧୈର୍ଯ ଓ ସାହସ । ଏହାହିଁ ଜୀବନର ବହୁ ଘାତ ପ୍ରତିଘାତରେ ତାଂକୁ ବଳ ଦେଇଥିଲା ଏବଂ ନାନା ପ୍ରକାର ସମାଲୋଚନା ଓ ନିଂଦା ମଧ୍ୟରେ ସେ ମୁଂଡ ଟେକି ରହିଥିଲେ । ଆଜି ବିଶ୍ୱନାଥଂକ

Digitized by PPRACHIN, SOA

ତିରୋଧାନରେ ବାସ୍ତବିକ ଆମ୍ଭେମାନେ ଗୋଟିଏ ବଳିଷ୍ଠ ବ୍ୟକ୍ତିତ୍ୱ ହରାଇଛୁ । ଗତ ଅର୍ଦ୍ଧଶତାବ୍ଦୀର ସାହିତ୍ୟ, ସମାଜ ଓ ରାଜନୀତିର ତୁମୁଳ ଘାଂଟଚକଟ ଓ ପରିବର୍ତ୍ତନର ସେ ଗୋଟିଏ ଜୀବଂତ ଇତିହାସ ଥିଲେ ।

ବିଶ୍ୱନାଥଂକ ଜୀବନର ଉଦାର ବିଶ୍ଳେଷଣ କରି ଦେଶବାସୀ ତାଂକ ସ୍ମୃତିରେ ଗର୍ବ ଅନୁଭବ କରିବାର ଯଥେଷ୍ଟ ଉପାଦାନ ଅଛି ।

# ସ୍ୱର୍ଗତ ପଂଡିତ ଆର୍ତ୍ତତ୍ରାଣ

ବିଶ୍ୱନାଥଂକ ସଂଗେ ସଂଗେ ଆଉ ଜଣେ ସାହିତ୍ୟ ସାଧକ ତିରୋହିତ ହେଲେ । ବିଶ୍ୱନାଥଂକ ତିରୋଧାନବେଳେ ହୁଏତ ଲୋକେ ତାଂକ କଥା ମନେ ପକାଇ ପାରୁନାହାଂତି । ତଥାପି ଅତୀତରେ ସେ ଜଣେ ନିଷ୍ଠାପର ସାହିତ୍ୟ ସାଧକ ଥିଲେ । ଯେତେବେଳେ ପ୍ରଥମେ ଓଡ଼ିଆମାନେ ନିଜ ସାହିତ୍ୟର ପଂଥା ଖୋଜିବାକୁ ବାହାରିଲେ, ବିଶ୍ୱନାଥ ପ୍ରଭୃତି ଯେତେବେଳେ ତରୁଣ, ସେତେବେଳେ ମଧ ସେ ଏ ଦେଶରେ 'ଅପଭ୍ରଂଶ ବୋଧିନୀ' ପ୍ରଚାର କରି ସେ କାଳର ଆଦର୍ଶରେ ଓଡ଼ିଆ ଶବ୍ଦକୁ ସଂସ୍କୃତରେ ପରିଣତ କରି ଭାଷାକୁ ସାଧୁ କରିବାର ଉଦ୍ୟମ କରିଥିଲେ । ଆଜି ପ୍ରଗତିରେ ସେ କାଳର ସାହିତ୍ୟକମାନଂକ ଆଦର୍ଶ ଓ ସାଧନାର ପଂଥା ବଦଳି ଯାଇପାରେ, କିଂତୁ ସମସ୍ତ ପ୍ରଗତିର ପୀଠ ଇତିହାସ । ଆର୍ତ୍ତତ୍ରାଣ ସ୍ମରଣୀୟ ।

[ନବଭାରତ, ତୁଳା ୧୩୪୧]

# ସ୍ୱର୍ଗତ ନୀଳମଣି ମିଶ୍ର

ଯାଜପୁରର ପଂଡିତ ନୀଳମଣି ମିଶ୍ରଂକର ଗତ ମାସରେ ପରଲୋକ ହୋଇଅଛି । ସେ ସୁପଂଡିତ, ସୁଲେଖକ ଓ ସୁଶିକ୍ଷକ ଥିଲେ । ତାଂକର ପିତୃପିତାମହ ବଡ଼ ପଂଡିତ ଥିଲେ ଓ ଭ୍ରାତା ସ୍ୱର୍ଗତ କାମପାଳ ମିଶ୍ରଂକୁ 'ସୀତାବିବାହ' ନାଟକର ଗ୍ରଂଥକାର ରୂପେ ସମସ୍ତେ ଜାଣଂତି । ଓଡ଼ିଶାରେ ତାପରେ ବହୁତ ନାଟକ ଲେଖା ହୋଇଚି, କିଂତୁ 'ସୀତାବିବାହ'କୁ କେହି ଟପିଛଂତି ବୋଲି ମନେ ହୁଏ ନାହି ।

ପଂଡିତ ନୀଳମଣି ମଧ ବଡ଼ ସାଧୁପ୍ରକୃତିକ ଓ ସଦାଚାରୀ ଥିଲେ । ୭୫ ବର୍ଷ ବୟସରେ ତାଂକର କାଳ ହେଲା । ବହୁଦିନ ଯାଜପୁର ସ୍କୁଲରେ ଶିକ୍ଷକ ଥାଇ ସେ ବହୁ ଛାତ୍ରଂକ ହୃଦୟରେ ନିଜର ସ୍ଥାନ କରିପାରିଥିଲେ । ସେ ଇଂରେଜୀ, ସଂସ୍କୃତ ଓ ଓଡ଼ିଆ ସବୁ ପଢ଼ାଇ ପାରୁଥିଲେ । ଲୋକସେବା ଓ ଲୋକର ଉପକାରରେହିଁ ତାଂକ କବିରାଜି ଲାଗୁଥିଲା ।

Digitized by PPRACHIN, SOA

ବିଶେଷ କଥା, ସେ ଓଡ଼ିଶାରେ ଜଣେ ଆଦର୍ଶ ଗୃହସ୍ଥାଶ୍ରମୀ । କଟକର ଭୂତପୂର୍ବ ଓକିଲ ଜାନକୀ ବାବୁଂକ ଆଦର୍ଶ ଗୃହସ୍ଥତା ସମସ୍ତେ ଜାଣିଥିବେ । ତାଂକର ବହୁ ପୁତ୍ର । ସମସ୍ତଂକୁ ସେ ସମାନ ଭାବରେ ମନୁଷ୍ୟ ହେବାର ସୁବିଧା ଦେଇଥିଲେ । ଏହିପରି ଗୃହସ୍ଥତାରେହିଁ ଯଥାର୍ଥ ବର୍ଣ୍ଣାଶ୍ରମ ଧର୍ମର ଦେଶ ଓ ଦଶସେବା ହୁଏ । ପଂଡିତ ନୀଳମଣିଂକ ଜୀବନର ସେହି ଆଦର୍ଶ ସ୍ମରଣୀୟ । ତାଂକର ଛଅଟି ପୁଅ । ଅଳ୍ପ ରୋଜଗାରୀ ଓ ଅଳ୍ପବିତ୍ତ ବ୍ୟକ୍ତି ହୋଇ ମଧ୍ୟ ସେ ସବୁ ପୁଅଂକୁ ମନୁଷ୍ୟ ହେବାର ସମାନ ସୁବିଧା ଦେଇଥିଲେ । କଟକ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ରାଏସାହେବ ବିଶ୍ୱଂବର ମିଶ୍ର ତାଂକର ଜ୍ୟେଷ୍ଠ ପୁତ୍ର ଓ ଆଠମଲ୍ଲିକ ଦେଓ୍ୱାନ ଶ୍ରୀ ବାମଦେବ ମିଶ୍ର ମଧ୍ୟ ତାଂକର ଅନ୍ୟତମ ପୁତ୍ର । ଆଉ ସବୁ ପୁଅମାନେ ମଧ୍ୟ ସେହିପରି ସୁଶିକ୍ଷିତ ହୋଇ ନାନା କ୍ଷେତ୍ରରେ କାର୍ଯ କରୁଚଂତି । ଓଡ଼ିଶାରେ ଏପରି ଆଦର୍ଶ ବଡ଼ ବିରଳ । ଆମେ ତାଂକ ଆଦର୍ଶର ପ୍ରଚାର ଓ ଆତ୍ମାର ସଦ୍‌ଗତି କାମନା କରୁଅଛୁଁ ।

**ଆତ୍ମକଥା—**

ନବଭାରତର କ୍ଷୁଦ୍ର ଇତିହାସରେ ଏପର୍ଯଂତ ଯାହା ଘଟିନଥିଲା ତାହା ଏଥର ଘଟିଛି— ଦୁଇ ମାସର ନବଭାରତ ଏକ ସଂଗେ ପ୍ରକାଶ କରାହୋଇଅଛି । ନବଯୁଗ ସାହିତ୍ୟ ସଂସଦର ଉଦ୍ୟୋକ୍ତାମାନଂକ ଆନୁକୂଲ୍ୟରୁ ସେମାନଂକ ବିଗତ ସାଧାରଣ ଉତ୍ସବରେ ପଠିତ ସମସ୍ତ ପ୍ରବଂଧ ପ୍ରକାଶ ନିମଂତେ ଆଂଭମାନଂକୁ ମିଳିଥିଲା । ସେଥି ସଂଗେ ସେମାନେ ଅନୁରୋଧ କରିଥିଲେ, ସବୁଗୁଡ଼ିକ ପ୍ରବଂଧ ଏକ ସଂଗେ ପ୍ରକାଶ କରିବାକୁ । ଅନ୍ୟ ସମୟ ହୋଇଥିଲେ ଗୋଟିଏ ସଂଖ୍ୟାକୁ କିଂଚିତ୍ ବଡ଼ କରି ତାହା କରିଥାଂତୁ । କିଂତୁ ଗତ ଦୁଇ ମାସ ପ୍ରେସର ଅନ୍ୟାନ୍ୟ କାର୍ଯର ଭିଡ଼ ବେଶି ଥିବାରୁ ତାହା କରି ନ ପାରି ଦୁଇ ମାସର ଏକ ସଂଗେ ପ୍ରକାଶ କରୁଅଛୁ । ପାଠକ ଓ ଗ୍ରାହକମାନଂକର ଯେଉଁ କ୍ଷତି ଓ ଅସୁବିଧା ହେଲା, ସେଥିପାଇଁ ଆଂଭେମାନେ ଦୁଃଖିତ । ଆଶା କରୁ, ଏଥର ଏଣିକି 'ନବଭାରତ'ର କଠୋର ନିୟମାନୁବର୍ତିତା ଓ କଳେବରରେ ବିଶିଷ୍ଟତା ଦେଖି ସହୃଦୟ ପାଠକ ପାଠିକା ଓ ଗ୍ରାହକ ଗ୍ରାହିକାମାନେ ଅତୀତର ତ୍ରୁଟି ପାସୋରି ଦେବେ ।

[ନବଭାରତ, ତୁଳା ୧୩୪୧]

# ଶୋକ ସଂବାଦ

## ସ୍ୱର୍ଗତ ଚଂଦ୍ରଶେଖର ବେହେରା

ସଂବଲପୁରର ନିଷ୍କାମ କର୍ମଯୋଗୀ ଚଂଦ୍ରଶେଖର ଇହଧାମ ଛାଡ଼ିଚଂତି । ଏ ତିରୋଧାନ ଆକସ୍ମିକ ନ ହେଲେହେଁ ଏତେବେଳେ ଓଡ଼ିଶା ପକ୍ଷରେ ଦୁର୍ବିସହ । ପଂଡିତ ଗୋପବଂଧୁଂକ ମୃତ୍ୟୁ ପରେ ଓଡ଼ିଶାର ସାଧାରଣ ଜନସେବା କ୍ଷେତ୍ରରୁ ଏପରି ତିରୋଧାନ

Digitized by PPRACHIN, SOA

ଆଉ ହୋଇନଥିଲା । ଚନ୍ଦ୍ରଶେଖର ଏକା ସମ୍ବଲପୁରର କାହିଁକି, ସମସ୍ତ ଓଡ଼ିଶାର ଏକ ମୁକୁଟମଣି ଥିଲେ । ଓଡ଼ିଆର ଜାତୀୟ ଶକ୍ତି ତଥା ଭବିଷ୍ୟତରେ ସେ ଅଖଣ୍ଡ ବିଶ୍ୱାସୀ ଥାଇ ମଧ୍ୟ ଭାରତୀୟ ଜାତୀୟ ଭାବଧାରାରେ ସେ ନିଜକୁ ମିଶାଇ ରଖିଥିଲେ । ତାଙ୍କ ପରି ବ୍ୟକ୍ତିତ୍ୱ ଓ ଚରିତ୍ରର ପବିତ୍ର ନିଷ୍ଠା କ୍ୱଚିତ୍ ଦେଖାଯାଏ । ନିଜର ମତ ଓ ନିଷ୍ଠାରେ ସ୍ଥିର, ଦୃଢ଼ ରହି ମଧ୍ୟ ସେ କୌଣସି ମତବାଦୀର ଅପ୍ରିୟ ନ ଥିଲେ । ତାଙ୍କର ଦୃଢ଼ତାରେ ରୁକ୍ଷତା ନଥିଲା, କିମ୍ବା ସେ ପଦମୋହରେ ବ୍ୟାକୁଳ ହୋଇ କାହାରି ପ୍ରତିଦ୍ୱନ୍ଦ୍ୱିତା କରୁନଥିଲେ ।

୧୯୧୯ରେ ଓଡ଼ିଆ ଜାତି ତାଙ୍କୁ ପୁରୀ ସମ୍ମିଳନୀରେ ସଭାପତି ମନୋନୀତ କରି ନିଜର ଶ୍ରେଷ୍ଠ ଗୁଣଗ୍ରାହିତାର ପରିଚୟ ଦେଇଥିଲା । ମାତ୍ର ଏ ସବୁ ସତ୍ତ୍ୱେ ଯେ ତାଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ପର୍କରେ ଆସିଥିବେ ସେ ଜାଣିଥିବେ ଚନ୍ଦ୍ରଶେଖରଙ୍କର ପ୍ରତିଷ୍ଠିତ ନୀରବ ବ୍ୟକ୍ତିତ୍ୱ କି ଉଦାର, କି ମହତ୍ ! ସେ କାହାକୁ ସମାଲୋଚନା ବା ସାକ୍ଷାତ୍ ଉପଦେଶରେ ଶିଖାଉ ନଥିଲେ ସତ, ମାତ୍ର ତାଙ୍କ ସଙ୍ଗତି ଓ ସାହଚର୍ଯ୍ୟର ପ୍ରଭାବ ବିଷୟରେ ଅନୁଭବହିଁ ସାକ୍ଷୀ । ୩୭ ବର୍ଷ ବୟସରେ ସେ ବିପତ୍ନୀକ ହୋଇ ଚାରୋଟି ପିଲାଙ୍କର ପିତା ଥିଲେ ଓ ମାତା ଥିଲେ । ୬୨ ତମ ବୟସରେ ତାଙ୍କର କାଳ ହେଲା । ପିଲାଏ ଅବଶ୍ୟ ପାରିଯାଇଚନ୍ତି । ମାତ୍ର ଦେଶର ଏ ସଙ୍କଟ କାଳରେ ତାଙ୍କର ବିଶେଷ ପ୍ରୟୋଜନ ଥିଲା ।

କଂଗ୍ରେସ ମତର ସେ ଜଣେ ଶ୍ରେଷ୍ଠ ସୁମହତ୍ ସାଧକ ଥିଲେ । ଭଲ ମନ୍ଦ ସବୁ ଅବସ୍ଥାରେ ସେ କଂଗ୍ରେସ ମତକୁ ଭାରତ ରାଜନୀତିର ଶ୍ରେଷ୍ଠ ସାଧନ ମନ୍ତ୍ର ବୋଲି ସମ୍ମାନ କରି ଚାଲୁଥିଲେ । ନିଜର ବଳୀୟାନ୍ ବ୍ୟକ୍ତିତ୍ୱରେ ସେ କଂଗ୍ରେସର ଯଥାର୍ଥ ଖ୍ୟାତିର ଏକ ଅବତାର ଥିଲେ କହିଲେ ଚଳେ । ତାଙ୍କର ଉତ୍ତରପୁରୁଷମାନେ ତାଙ୍କର ଏହି ମହତ୍ ପ୍ରଭାବରେ ପ୍ରଭାବିତ ହୁଅନ୍ତୁ । ଏଥିରେ ହିଁ ତାଙ୍କର ପରଲୋକରେ ସନ୍ତୋଷ ହେବ । ବିଧାତାଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।

## ପରଲୋକଗତ ସାମନ୍ତ ଭାଗବତ ପ୍ରସାଦ ମହାପାତ୍ର

ଭଦ୍ରଖର ସାମନ୍ତ ଭାଗବତ ପ୍ରସାଦ ମହାପାତ୍ର ଦେଶର ଜଣେସୁପରିଚିତ କର୍ମୀ ପୁରୁଷ । ସେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ବହୁ ଦିନ ମେମ୍ବର ଥିଲେ ଓ କେତେକ ବର୍ଷ ପାଇଁ ସହକାରୀ ସଭାପତି ମଧ୍ୟ ଥିଲେ । କଂଗ୍ରେସ ପ୍ରତି ତାଙ୍କର ଖୁବ୍ ଟାଣ ଥିଲା । କଂଗ୍ରେସ ପାଇଁ ସେ ନାନା କ୍ଷେତ୍ରରେ ତ୍ୟାଗ ମଧ୍ୟ କରିଥିଲେ । ସେଥିପାଇଁ ସେ ବ୍ୟବସ୍ଥାସଭା ଛାଡ଼ିଥିଲେ । କବି ଲକ୍ଷ୍ମୀକାନ୍ତ ତାଙ୍କର ଜ୍ୟେଷ୍ଠପୁତ୍ର । ତାଙ୍କର ଅନ୍ୟତମ ପୁତ୍ର କମଳାକାନ୍ତ ଏମ୍.ଏ. ପଢୁଥିବା ବେଳେ ସତ୍ୟାଗ୍ରହରେ ଯୋଗ ଦେଇ ଜେଲ ଜୀବନ ଫଳରେ ପରେ ପ୍ରାଣତ୍ୟାଗ କରିଥିଲେ । ସୁପରିଚିତା ସ୍ୱର୍ଗତା ଶ୍ରୀମତୀ କୋକିଳ

Digitized by PPRACHIN, SOA

ଦେବୀ ତାଂକର କନ୍ୟା । ନାରୀନେତ୍ରୀ ଜାହ୍ନବୀ ମଧ୍ୟ ତାଂକର ଅନ୍ୟତମା କନ୍ୟା । ଭାଗ୍ୟବାନ୍ ସୁଗୃହସ୍ଥ ଭାଗବତପ୍ରସାଦ ଦେଶରେ ମଧ୍ୟ ଜଣେ ଆଦର୍ଶ ଗୃହସ୍ଥ ଥିଲେ । ତାଂକ ଆତ୍ମାର ସଦ୍‌ଗତି କାମନା କରୁଅଛୁଁ ।

**ସ୍ୱର୍ଗତା କୋକିଳ ଦେବୀ—**

ଏହାଂକ ପରିଚୟ ଦେବା ଅନାବଶ୍ୟକ । ବିବାହ ପୂର୍ବରୁ ଓ ଅଳ୍ପ ସମୟବ୍ୟାପୀ ବିବାହିତ ଜୀବନରେ ସାହିତ୍ୟିକମାନେ ଏହାଂକୁ କବିରୂପେ ଦେଖିଥିବେ । ପରେ ଏ ବିଧବା ହୋଇ କଂଗ୍ରେସରେ ଯୋଗଦେଇ ଜନସେବାରେ ଓଡ଼ିଶାରେ ଉଚ୍ଚସ୍ଥାନ ଅଧିକାର କରିଥିଲେ । ଉପେକ୍ଷିତ ଲୋକଂକ ସେବା କାର୍ଯରେ ପଲ୍ଲୀରେ ପଡ଼ି ରହି ଅଳ୍ପ ବୟସରେ ଏହାଂକ ସ୍ୱାସ୍ଥ୍ୟ ଭଂଗ ହେଲା । ସେଥିରେ ସେ ଇହଧାମ ତ୍ୟାଗ କରି ସେବାରେ ଆତ୍ମତ୍ୟାଗର ଜ୍ୱଳଂତ ଉଦାହରଣ ଦେଖାଇଗଲେ । ତାଂକ ଆତ୍ମାର ସଦ୍‌ଗତି ହେଉ ।

[ନବଭାରତ ପ୍ରଥମ ବର୍ଷ, ମକର ୧୩୪୨]

# ଗୋପାଳଚନ୍ଦ୍ର ପ୍ରହରାଜ

ଗୋପାଳଚଂଦ୍ର ପ୍ରହରାଜଂକର ନାମ, ଅଂତତଃ ଓଡ଼ିଶାରେ ଚିରସ୍ମରଣୀୟ ହୋଇ ରହିବ । ଓକିଲାତି ତାଂକର ଉପଜୀବ୍ୟ ଥିଲା । ରାଜନୀତିରେ ତାଂକର କୌଣସି ଦୃଢ଼ମତ ନ ଥିଲା । କିଂତୁ ଅଖଂଡ ଓ ଅକାଟ୍ୟ ସାହିତ୍ୟ ସାଧନାରେ ଓଡ଼ିଶାରେ ଏବେ ବି ସେ ଅଦ୍ୱିତୀୟ । ଉପଜୀବ୍ୟ ବୋଲ, ମତବାଦ ଓ କ୍ରିୟା ବୋଲ, ସବୁ ତାଂକର ଥିଲା, ଏକା ସାହିତ୍ୟ-ସାଧନା ପାଇଁ । ସେ ଯାହାକୁ ସାହିତ୍ୟ ସାଧନା ବୋଲି ବୁଝିଥିଲେ, ତାହାରି ଅନୁକୂଳ ଜୀବିକାହିଁ ତାଂକର ଜୀବିକା, ତାହାରି ଅନୁକୂଳ ମତହିଁ ତାଂକର ମତ, ତାହାରି ଅନୁକୂଳ କାର୍ଯହିଁ ତାଂକର କାର୍ଯ । ଏଇପରି ଓଡ଼ିଆ ସାହିତ୍ୟର ସାଧନା ତାଂକର ଥିଲା ଯଥାର୍ଥ ଯୋଗ ସାଧନା । ଜୀବନର ପ୍ରାରଂଭରେ ସେ ସଂସ୍କାର ଦୃଷ୍ଟିରେ ଲୋକ-ଚରିତ୍ର ଓ ଲୋକ-ସଂସ୍କାରର ସୁଂଦର ରହସ୍ୟମୟ ଆଲୋଚନାରେ ସାହିତ୍ୟ ଆରଂଭ କରିଥିଲେ । ପରିଣତ ବୟସରେ ତାଂକ ମହାସାଧନାର ଫଳ— 'ପୂର୍ଣଚଂଦ୍ର ଓଡ଼ିଆଭାଷାକୋଷ ।' ଏ ବିରାଟ କୋଷଗ୍ରଂଥ, ତାଂକର ୨୫ ବର୍ଷ ବ୍ୟାପୀ ମହାସାଧନାର ଫଳ । ଲେଖିଲେ ଗୁଣ ସଂଗେ ଦୋଷ ଥାଏ । ଏ ବିରାଟ କୋଷର ଦୋଷ ବ୍ୟାଖ୍ୟା ବହୁତ ହୋଇଚି । କିଂତୁ ଆଂଭେ କହୁଁ, ସେ ସବୁ ଦୋଷ ଚଂଦ୍ରରେ କଳଂକ ପରି ମାତ୍ର । ଏହା ଅଭିଧାନ ରୂପରେ ଓଡ଼ିଆରେ ଏକ ବିଶ୍ୱକୋଷ ବୋଲି କହିଲେ ଚଳେ । ଏକହାତିଆ ଲେଖାରେ ଏ ସିଦ୍ଧି, ସୁଲଭ ନୁହେ । ଏ ସିଦ୍ଧି ପାଇଁ ତାଂକର ସାଧନା ପୁଣି ଯେ ଦେଖିଚି, ସେ ଭୁଲିବ ନାଇ । ରାତି ୩ଟାରେ ସେ ଉଠଂତି । ରାତି ୮ ଟାରେ ଶୁଅଂତି । ବହୁକାଳରୁ ରାତିରେ ବାଟିଏ ଦୁଧ ଛଡ଼ା ଆଉ କିଛି ଖାଆଂତି ନାଇ । ଏ ନିୟମରେ ଅଂତତଃ ୩୦ ବର୍ଷ ଭିତରେ ତାଂକର କେବେ ବ୍ୟତିକ୍ରମ ହୋଇନାଇ । ଏଥିରେ ଭୋଜି ନିମଂତ୍ରଣ ନାଇ— ଆମୋଦ

Digitized by PPRACHIN, SOA

ପ୍ରମୋଦ ନାଇ– ଆଳାପ ଆଲୋଚନା ନାଇ– କାହିଁରେ ସେ ଏ ନିୟମ ଟିକେ ହେଲେ ଭାଂଗି ନାହାଂତି । ସେଇପରି ଉଠିବାଠାରୁ ଶୋଇବା ଯାଏ, କାର୍ଯ୍ୟର ଧାରା, ଧରାହୋଇଥାଏ । ଶେଷ ୨୫ ବର୍ଷ, ତାହା କେବଳ କୋଷକାର୍ଯ୍ୟ । ଅତ୍ୟଂତ ଦରକାର ନ ହେଲେ, ସେଥିରେ ମଧ୍ୟ ବ୍ୟତିକ୍ରମ ନାଇ । ସାତଖଂଡଯାକ କୋଷର ପ୍ରତ୍ୟେକ ଶବ୍ଦ ସେ ନିଜ ହାତରେ ଲେଖିଚଂତି । ପ୍ରତ୍ୟେକ ଉଦ୍ଧୃତ ଉଦାହରଣ, ନିଜେ ପଢ଼ି ଦାଗ ଦେଇ ସଂଗ୍ରହ କରି, ଲେଖିଚଂତି । ଏ ସବୁରେ ତାଂକୁ କେହି ସାହାଯ୍ୟ କରିନାଇ । ଏ ସବୁ କରି ସେ କୋଷଟିରେ ଯେଉଁସବୁ ଅଶେଷ ଅମୂଲ୍ୟ ରତ୍ନ ରଖି ଯାଇଚଂତି, ତାହା ଓଡ଼ିଶାରେ ବହୁକାଳ ସେଇପରି ରହିବ । ସବୁ ସମାଲୋଚନା ସତ୍ତ୍ୱେ, ନିକଟରେ ଏ ସାଧନା ଓ ସିଦ୍ଧିକୁ ଓଡ଼ିଶାରେ କେହି ଟପିବେ ବୋଲି ମନେ ହେଉ ନାଇ । ତଥାପି ଶେଷକୁ ସେ ଏ କୋଷର ପରିଶିଷ୍ଟ ଖଂଡ ସଂକଳନ କରୁଥିଲେ । ତାହା ପ୍ରାୟ ଶେଷ ହୋଇଥିଲା । କିଂତୁ ସେ ପାଂଡୁଲିପି ଏବେ ସୁପ୍ରାପ୍ୟ ନୁହେ । ପୁଣି ପୁସ୍ତକ ଓ ପତ୍ରପତ୍ରିକା ସଂଗ୍ରହରେ ତାଂକୁ ବଳି ଓଡ଼ିଶାରେ ଆଉ କେହି ନାଇ । ଖାଲି ସଂଗ୍ରହ କରୁ ନଥିଲେ, ସବୁ ତନ୍ନତନ୍ନ କରି ପଢ଼ି, ସେ ଶବ୍ଦାଦି ସଂଗ୍ରହ କରୁଥିଲେ। ସେ ସବୁ ତାଂକର ସୁରକ୍ଷିତ ଥିଲା । ଏହି ରକ୍ଷିତ ଲେଖା ଓ ଗ୍ରଂଥ ସବୁ ଓଡ଼ିଶାରେ ଗୋଟିଏ ରତ୍ନଭଂଡାର । ସେସବୁ ଏବେ କେଉଁଠାରେ ଅଛି, ତା'ର ବା କି ପରିଣାମ ହେବ, କିଏ କହିବ ? କିଂତୁ ସେ ସବୁ ଏବେ ବି ଅଛି, ଅକ୍ଷୁଣ୍ଣ ଅଛି । ଆମର ଏକାଂତ ଅଭିଳାଷ ଓ ଅନୁରୋଧ, ସେ ସବୁକୁ ମୂଳକରି ଗୋଟିଏ 'ଗୋପାଳ ସାହିତ୍ୟ ମଂଦିର' ଗଢ଼ାଯାଉ । ତାହା ହୋଇପାରିଲେ, ଓଡ଼ିଶାରେ ଗୋଟିଏ ଯଥାର୍ଥ କାମ ହେବ । ସରକାରୀ, ବେସରକାରୀ, ସବୁ ଉଦ୍ୟମ ଏଥିପାଇଁ ଲୋଡ଼ା । ସମସ୍ତେ ଭଲା ଏଥିରେ ଲାଗଂତୁ ।

## ଶଶୀଭୂଷଣ

ଗଂଜାମର ଶଶୀଭୂଷଣ ରଥ ଅତ୍ୟଂତ ସୁପରିଚିତ । ସମାଜ ଓ ସାହିତ୍ୟଠାରୁ ରାଜନୀତି ପର୍ଯ୍ୟଂତ ସର୍ବତ୍ର ଏଇ ମନସ୍ୱୀ ବୀର ପୁରୁଷ ନିଜ ପାଇଁ ବିଶାଳ କର୍ମକ୍ଷେତ୍ର ତିଆର କରି ନିଜ କର୍ମରେ ସେ କ୍ଷେତ୍ରକୁ ଚିରଜୀବଂତ ରଖିଥିଲେ । ମନେପଡୁଚି, ସେଇ ବିପ୍ଳବୀ, ୧୯୧୨ରେ ପଇତା କାଢ଼ି ବ୍ରାହ୍ମହୋଇ କିପରି ସତ୍ୟବାଦୀ ସ୍କୁଲରେ ଆସି ପହଂଚିଥିଲେ । ସମାଜ ତାଂକୁ ବାହାରକରିଥିଲା । ସମାଜକୁ ମଧ୍ୟ ସେ ନିଜଠାରୁ ଅଂତର କରିଥିଲେ । ବହୁ ଯୁକ୍ତିତର୍କ ହେଲା । 'ସମାଜସଂସ୍କାର ପଂଥା, ଏ ନୁହେ । ଅତି ରକ୍ଷଣଶୀଳ ପାରଂପରିକ ଭାରତ ସମାଜରେ ଏକଶିଂଘା ବିପ୍ଳବୀ ପାଇଁ ଏବେ ସ୍ଥାନ ନାଇ । ସମାଜକୁ ସଂଗେ ଘେନି ଯିବାକୁ ହେବ । ଛାଡ଼ିଦେଲେ ଛାଡ଼ି ହୋଇଯିବ । ସେଥିରେ ନିଜର ଅସ୍ମିତା ହରାଇ ଲୋପପାଇବାର ବରଂ ସଂଭାବନା ଅଛି ।' ବିଚକ୍ଷଣ ଶଶୀଭୂଷଣ ବୁଝିଗଲେ । ସଂଗେ ସଂଗେ ସେ ସମାଜକୁ ଆସିଲେ ଓ ଆପଣାର କରିନେଲେ । ତା'ପରେ ଓଡ଼ିଆ

Digitized by PPRACHIN, SOA

ଲେଖା । ସେଥିରେ ଆଦୌ ପାଗ ନ ଥାଇ ସେ ସାପ୍ତାହିକ 'ଆଶା' ଆରଂଭ କରିଦେଲେ । ସତ୍ୟବାଦୀର ପଂଡିତ ଗୋପବଂଧୁ ତଥା ଅନ୍ୟମାନଂକର ସେଥିରେ ବର୍ଷବ୍ୟାପୀ ନିଷ୍ଠାପର ସହଯୋଗ ଏବେ ମଧ ମନେପଡୁଚି । କିଂତୁ ବର୍ଷ ପୂରିବା ପୂର୍ବରୁ ଶଶୀଭୂଷଣ ହେଲେ ଓଡ଼ିଆରେ ଜଣେ ବିଚକ୍ଷଣ ଲେଖକ । ସେ ଏଂଟ୍ରାନ୍ସ ପାସ କରିପାରି ନ ଥିଲେ । ତଥାପି ସ୍କୁଲରେ ପଢ଼ିଲାବେଳେ ନିଜେ ସଂପାଦକ ହୋଇ 'The Banner' ବୋଲି ଇଂରେଜୀ ପତ୍ର ବାହାର କରିଥିଲେ । ପରେ ତାଂକ 'East Coast' ନାମକ ଇଂରେଜୀ ସାପ୍ତାହିକ ଓ ବକ୍ତୃତାମାନଂକ କଥା ଘେନି ଆଉ କହିବାର ଦରକାର ନାଇ । ଓଡ଼ିଆ ଦୈନିକ ସେଇ ପ୍ରଥମେ କାଢ଼ିଥିଲେ । ଓଡ଼ିଶାରେ ଇଂରେଜୀ ଦୈନିକ ମଧ ଏବେ ବି ତାଂକରି ଏକମାତ୍ର କୀର୍ତି ହୋଇ ରହିଚି । ତାଂକର ରାଜନୀତି ଓ ମତାମତର ସ୍ୱାଧୀନ ଜୀବଂତତା ବହୁ କ୍ଷେତ୍ରରେ ଅନୁସଂଧାନ କରାଯାଇପାରେ । 'ଆଶା' ଓ 'ନିଉ ଓଡ଼ିଶା'ର ପୁରୁଣା ଫାଇଲ୍‌ସବୁ ଏହାର ଚିର ଜୀବଂତ ସାକ୍ଷୀ । ତାଂକର ଅକାଳ ତିରୋଧାନ, ଓଡ଼ିଶାର ଏକ ମହାକ୍ଷତି ।

# ନିରଂଜନ

ଗଂଜାମର ନିରଂଜନ ପଟ୍ଟନାୟକ, କଂଗ୍ରେସ ଓ ଖଦୀକର୍ମୀ ମହଲରେ ଅତ୍ୟଂତ ସୁପରିଚିତ ଥିଲେ । ୧୯୨୭ରେ ମହାତ୍ମାଗାଂଧିଂକ ଓଡ଼ିଶା ଗସ୍ତବେଳେ ସମସ୍ତ ଗସ୍ତଟିର ଚାଳନା ତାଂକରି କର୍ମ ଥିଲା । ସେତିକିବେଳେ ସେ 'ଗାଂଧି-ସମାଚାର' ବୋଲି ଦୈନିକ ପ୍ରଚାରପତ୍ର ବାହାରକରି ବଡ଼ ଦକ୍ଷତାରେ ଚଳାଇଥିଲେ । ତାହାହିଁ କାର୍ଯରେ ଓଡ଼ିଶାର ପ୍ରଥମ ଦୈନିକପତ୍ର କହିଲେ ଚଳେ । ତା'ର ଅଳ୍ପଦିନ ପରେ 'ଆଶା' ଦୈନିକରୂପେ ପ୍ରକାଶ ପାଇଥିଲା । ସେ କଂଗ୍ରେସରେ ପୂରାପୂରି ଆତ୍ମନିୟୋଗ କରିଥିଲେ । ତଥାପି ଓଡ଼ିଆ ପ୍ରଦେଶ, ତାଂକର ଏକାଂତ କାମ୍ୟ ଓ ସାଧନାର ବସ୍ତୁ ଥିଲା । ପ୍ରଥମ ଯୌବନରେ ସେ ସ୍ୱର୍ଗତ ଦଣ୍ଡପାଣୀ ପ୍ରଧାନଂକ ସଂଗେ ମିଶି 'The Oriya Movement' ବୋଲି ଇଂରେଜୀରେ ଖଂଡେ ପୁସ୍ତକ ଲେଖିଥିଲେ । ଖୁବ୍ ସଂଭବ, ତାହାହିଁ ଓଡ଼ିଆଂକର ପ୍ରଥମ ଇଂରେଜୀ ପ୍ରକାଶିତ ପୁସ୍ତକ । ଓଡ଼ିଆ ପ୍ରଦେଶକାମୀଂକର ବହୁକାଳଯାଏ ସେ ପୁସ୍ତକଟି ବେଦପରି ଥିଲା । ପରେ କଂଗ୍ରେସ ସରକାର ତଥା ଅନ୍ୟ ଯେଉଁ କ୍ଷେତ୍ରରେ ଓଡ଼ିଆ ପ୍ରଦେଶ ସଂବଂଧରେ ବା ଓଡ଼ିଆ ଏକଶାସନାଧୀନ ରହିବା ସଂବଂଧରେ ଯାହା ଯାହା ଘଟିଥିଲା, ସେ ସମସ୍ତର ଖବରଅଂତର ସବୁ, ସେ ଅତି ଯତ୍ନରେ ସଂଗ୍ରହ କରୁଥିଲେ ଓ ଦରକାର ପଡ଼ିଲେ ପ୍ରତିବାଦ ଓ ସମର୍ଥନ ପାଇଁ ନିର୍ଭୟରେ ଛିଡ଼ାହୋଇଯାଉଥିଲେ ।

[ନବଭାରତ, ତୁଳା ୧୩୫୪]

Digitized by PPRACHIN, SOA

# ଭଗବତୀ

ଭଗବତୀ ଚରଣ ପାଣିଗ୍ରାହୀ, ଏମ୍. ଏ. ଓ ଓକିଲାତି ପାସ୍ କରି ସବୁ ଛାଡ଼ି ବିଶୁଦ୍ଧ ରାଜନୀତିରେ ଆତ୍ମଦାନ କରିଥିଲେ । ଶେଷକୁ ସେ ହୋଇଥିଲେ, ଉତ୍କଳର ସାମ୍ୟବାଦୀମାନଂକର ନେତା । ସେ ଯୁବକ ଥିଲେ । ଯେଉଁମାନେ ତାଂକର ସାକ୍ଷାତ ସଂପର୍କରେ ଆସିଚଂତି, ସେମାନେ ତାଂକର ସ୍ପଷ୍ଟ ଦୃଷ୍ଟି ଓ ବିଶାଳ ପ୍ରାଣର ଆଭାସ ପାଇଥିବେ । ପ୍ରତିଭା, ନିଷ୍ଠା ଓ ସାଧନାର ବିଶେଷ ପ୍ରକାଶ ନିମଂତେ ସେ ଆଉ ସମୟ ପାଇନାହାଂତି ।

[ନବଭାରତ, ତୁଳା ୧୩୫୪]

# ସ୍ମୃତିତର୍ପଣ

## [ସ୍ୱର୍ଗତ ସନାତନ ପୂଝାରୀ]

କଟକ ମେଡ଼ିକାଲ କଲେଜର Anatomy ବା ଶରୀର ବିନ୍ୟାସତତ୍ତ୍ୱର ଅଧ୍ୟାପକ ଡାକ୍ତର ସନାତନ ପୂଝାରୀ ୩ ମାସ ହେଲା ଇହଧାମ ଛାଡ଼ିଚଂତି । ଭାରତରେ ସେ ଆନାଟମି ବିଦ୍ୟାରେ ସୁପଂଡିତ ଓ ବିଶେଷଜ୍ଞ ବୋଲି ପରିଚିତ ଥିଲେ । ତାଂକ ଘର ସଂବଲପୁର । ସେତେବେଳେ ସଂବଲପୁର ଓଡ଼ିଶାକୁ ଆସିନଥିଲା । ତଥାପି ନାଗପୁର ଓ କଲିକତାର ସୁବିଧା ଛାଡ଼ି ଯେଉଁମାନେ ଓଡ଼ିଶାକୁ ନିଜର କରି କଟକ କଲେଜକୁ ଧରିଥିଲେ, ସେମାନଂକ ଭିତରେ ସନାତନ ଜଣେ ଅଗ୍ରଣୀ ଥିଲେ । ୧୯୦୩ ଖ୍ରୀଷ୍ଟାବ୍ଦରେ ସେ କଟକ ରେଭେନ୍ସା କଲେଜର ଛାତ୍ରାବାସରେ ଥିବାର ଏବେ ମନେପଡୁଚି । ତାଂକ ବଡ଼ଭାଇ ପେନ୍ସନପ୍ରାପ୍ତ ଡେପୁଟି ଶ୍ରୀଯୁକ୍ତ ତ୍ରିବିକ୍ରମ ପୂଝାରୀ ଓ ସାନଭାଇ ଶ୍ରୀଯୁକ୍ତ ମୀନକେତନ ପୂଝାରୀ, ତାଂକ ସଂଗେ ଥିଲେ । ଓଡ଼ିଶାରେ ଗୋଟିଏ ପୂର୍ଣାଂଗ ମେଡିକାଲ୍ ବା ଡାକ୍ତରୀ କଲେଜ ଦେଖିଯିବା ତାଂକର ଏକାଂତ କାମନା ଥିଲା । ଓଡ଼ିଶା ତଥା ଓଡ଼ିଆଂକର ଭବିଷ୍ୟତରେ ସେ ଅତ୍ୟଂତ ତନ୍ମୟ ଥିଲେ । ନୂତନ କଟକ ମେଡ଼ିକାଲ କଲେଜରେ ସେ ଦିନାକେତେ ପ୍ରିନ୍ସପାଲ ବା ଅଧ୍ୟକ୍ଷ ବି ଥିଲେ । ଅଧ୍ୟକ୍ଷ ହୁଅଂତୁ ବା ଅଧ୍ୟାପକ ହୁଅଂତୁ, ଓଡ଼ିଆଂକ ପାଇଁ ଯେଉଁ ଡାକ୍ତରୀ କଲେଜ ହେଲା, ତାହା କିପରି ପୂର୍ଣାଂଗ ହେବ, ଓଡ଼ିଆ ପିଲାଏ କିପରି ପୂର୍ଣ ସୁବିଧା ପାଇ ଶିକ୍ଷିତ ହୋଇ ଯଶସ୍ୱୀ ଓ ଦିଗ୍‌ବିଜୟୀ ହେବେ, ଏଥିପାଇଁ ସନାତନଂକର ଯେ ଆଂତରିକତା ଥିଲା, ତା କହି ବୁଝାଇ ଦେବାର ବସ୍ତୁ ନୁହେ । ସନାତନ ତମେ ସ୍ୱର୍ଗରୁ ଆଶୀର୍ବାଦ କର, ତୁମର ଅଭିଳାଷ ପୂର୍ଣ୍ଣ ହେଉ । ଓଡ଼ିଆ, ଓଡ଼ିଆ ହୁଅନ୍ତୁ, ଯଶସ୍ୱୀ ହୁଅନ୍ତୁ ।

Digitized by PPRACHIN, SOA

# ସ୍ୱର୍ଗତ ମଦନମୋହନ ମାଳବ୍ୟ

ଭାରତର ଜାତୀୟ ଆକାଶରୁ ଦିନେ ୨୬ ବର୍ଷ ତଳେ ବିପ୍ଳବୀ ବ୍ରାହ୍ମଣ ବାଳଗଂଗାଧର ତିଳକ ଜାତୀୟ ବିକାଶର ଏଇପରି ଏକ ମହାସଂଧିକ୍ଷଣରେ ଯାଇଥିଲେ । ଆଜି ମହାଚେତା ହୃଦୟବାନ୍ ହିଂଦୁ ମଦନମୋହନ ମାଳବ୍ୟ ଗଲେ । ତିଳକଂକପରି ମଦନମୋହନ କିଛି ପ୍ରୌଢ଼ତ୍ୱର ଶେଷ ଓ ବାର୍ଧକ୍ୟର ଦ୍ୱାରଦେଶରେ ନଥିଲେ । ମାଳବୀୟଜୀଂକୁ ବୟସ ବେଶ୍ ହୋଇଥିଲା । ତଥାପି ଭାରତ ଜାତୀୟତାର ସେ ଥିଲେ ଏକ ଜୀବଂତ ବିକାଶର ପୂର୍ଣ ପ୍ରତୀକ । ବୃଦ୍ଧ ସେ ହୋଇଥିଲେ ସତ, କିଂତୁ ପ୍ରାଣରୁ ପ୍ରେରଣା ତୁଟି ନଥିଲା । ନୂଆଖାଲି ତାଂକୁ ଅକସ୍ମାତ୍ ମୃତ୍ୟୁ ଦ୍ୱାରକୁ ଟାଣି ନେଲା । ସେ ଧକ୍କା ସେ ଆଉ ସହି ପାରିଲେ ନାଇ । 'ନୂଆଖାଲି', 'ନୂଆଖାଲି' କହି ମନସ୍ୱୀ ମହାତେଜା ପଂଡିତ ଶେଷ ଶଯ୍ୟା ବରଣ କଲେ । ସବା ଶେଷକୁ ଓଷ୍ଠ କଂପନରୁ ମାତ୍ର 'ହରେରାମ' ବାହାରିବା ପର୍ଯଂତ ତାଂକର ଧ୍ୟାନ ଥିଲା 'ନୂଆଖାଲି' ।

ମାଳବୀୟଜୀଂକ ପରିଚୟ ଦେଇ ପାଠକମାନଂକୁ ପିଷ୍ଟପେଷଣ କରାଇବାର ଇଚ୍ଛା ନାଇ । ମାଳବୀୟଜୀ କାହାରି ପାଖରେ ଅପରିଚିତ ନୁହଂତି । କିଶୋର, ଯୁବା, ବୃଦ୍ଧ ନିର୍ବିଶେଷରେ ସମସ୍ତଂକ ପ୍ରାଣର ଆଦିମ ଓ ମୌଳିକ ଜାତୀୟ ପ୍ରେରଣାରେ ତାଂକର ସ୍ଥାନ ସୁପ୍ରତିଷ୍ଠିତ, ତାଂକର ଛବି ଉଜ୍ଜ୍ୱଳ ରହିଚି । ସେ ସ୍ୱର୍ଗକୁ ଯାଇଚଂତି, କିଂତୁ ଇତିହାସ ଭୂମିକୁ ଏବେ ବି ଛୁଇଁନାହାଂତି ।

ସେ କାଟର ଲୋକ ଆଉ ହେବେ କି ନା, ସଂଦେହ । ବିରାଟ ହିଂଦୁ ବିଶ୍ୱବିଦ୍ୟାଳୟ, 'ଭିକ୍ଷୁକ' ମାଳବୀୟଜୀଂକର ଦେଶକୁ ଓ ଜାତିକୁ ମହାଦାନ । ସେପରି ଭିକ୍ଷୁକ ନାଇ, କି ଦାନୀ ନାଇ । ବ୍ରାହ୍ମଣ କାହିଁକି ଓ କିପରି ଭିକ୍ଷୁକ ହୁଏ, ତାହା କାଳେ କାଳେ ମହାପ୍ରାଣ ମାଳବୀୟଜୀଂକୁ ଚାହିଁ ଲୋକେ ବୁଝିବେ ଓ ସଂସ୍କୃତିର ସଂଘର୍ଷରେ ଇତିହାସର ଶିକ୍ଷାରେ ସଂଦେହ ଆସିଲେ, ସେ ସଂଦେହ ଦୂରକରିବାରେ, ସେଇଠାରେ ବିଶେଷ ସାମଗ୍ରୀ ପାଇବେ । ତାଂକର ହିଂଦୁ ବିଦ୍ୟାଳୟ ସାଂପ୍ରଦାୟିକ ଅନୁଷ୍ଠାନ ନୁହେ । ସାର୍ ସୟଦ୍ ଅହମ୍ମଦ, ଆଲିଗଡ଼ରେ ଯେଉଁ ମୁସଲମାନ ବିଦ୍ୟାଳୟ ବସାଇଥିଲେ, ମାଳବୀୟଜୀ ନିଜର ହିଂଦୁ ବିଦ୍ୟାଳୟ ପାଇଁ ହୁଏତ ସେଇଠାରୁ ସଂକେତ ପାଇଥିଲେ, କିଂତୁ ଏ ସଂକେତରେ ପରିପଂଥୀର ପ୍ରତିଦ୍ୱଂଦ୍ୱିତା ନ ଥିଲା । ବିଦ୍ୟାଳୟରେ ଯଥାର୍ଥ ଜାତୀୟତା ଓ ମାନବିକତା ପ୍ରତିଷ୍ଠା କରି ଆଶଂକିତ ସାଂପ୍ରଦାୟିକତାର ପ୍ରତିବିଧାନ କରିବା, ହୁଏତ ଏଠାରେ ଉପେୟ ଥିଲା । ମନେପଡୁଚି, ସେଦିନ ଯେତେଦୂର ମନେହୁଏ, ୧୯୧୬ ଖ୍ରୀଷ୍ଟାବ୍ଦରେ ଏଇ ଉଦ୍ଦେଶ୍ୟର ଅଂକୁର ଘେନି ମାଳବୀୟଜୀ ଭିକ୍ଷା କରିବାକୁ ଆଗ ଆସି କଲିକତାରେ ପହଂଚିଲେ । ବଂଗାଳୀ ସେତେବେଳେ ଜାତୀୟତାର ମହାଛାୟାରେ

Digitized by PPRACHIN, SOA

ଏକପ୍ରକାର ଆବିଷ୍ଟ । 'ହିଂଦୁ ବିଦ୍ୟାଳୟ'– 'ଏ ସାଂପ୍ରଦାୟିକ ଅନୁଷ୍ଠାନ ଦରକାର ନାଇ'– ଶିକ୍ଷିତ ବଂଗାଳୀଂକର ଏଇ ଅର୍ଧ ଉପହାସଚ୍ଛ କଥା ଶୁଣି ମାଲବୀୟଜୀ ବିଷଣ୍ଣ ହେଲେ– ମାତ୍ର ନିରାଶ ସେ ହେଲେ ନାଇ । ସେତିକିବେଳେ ବଂଗର ଦାନବୀର ଶ୍ରେଷ୍ଠ ମନସ୍ୱୀ, ମହାପୁରୁଷ ସ୍ୱର୍ଗତ ସାର୍ ରାସବିହାରୀ ଘୋଷ ଏହା ଶୁଣି ଗର୍ଜିଉଠିଲେ– 'କିଏ କହୁଚି ହିଂଦୁତ୍ୱ ଗୋଟାଏ ସାଂପ୍ରଦାୟିକ କଳ୍ପନା ?' କଲିକତା ଟାଉନହଲରେ ଗୋଟିଏ ବିରାଟ ସଭା ହେଲା । ରାସବିହାରୀ ସଭାପତି ହେଲେ ଓ ହିଂଦୁ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମେ ଏକଲକ୍ଷ ଟଂକା ଦାନ କଲେ । କିଂତୁ ଏ ଦାନ କଥାଟା ଯେତେ ମନେଅଛି, ତାଠାରୁ ବେଶି ମନେପଡୁଚି, ରାସବିହାରୀଂକର ସେ ଦିନର ଭାଷଣ । 'ହିଂଦୁ ଧର୍ମ ଯେ କ'ଣ, ତାହା ଯେ ମାନବର ମାନବତ୍ୱ, ଓ ସେଥିରେ ଯେ ସାମାଜିକ ମାନବର ପୂର୍ଣ୍ଣ ସ୍ୱଭାବ ବିକାଶ ଫୁଟେ, ମୁସଲମାନ, ଖ୍ରିସ୍ତାନ ପରି ହିଂଦୁ ଗୋଟିଏ ସଂପ୍ରଦାୟ ନୁହେ'– ଏହା ରାସବିହାରୀ ସୁଂଦର ଭାବରେ ଦେଖାଇଦେଇ । ଜନତାକୁ ଉଦ୍‌ବୋଧନରେ ଉଦ୍‌ଭ୍ରାଂତ କରିଦେଇଥିଲେ ।

ଆହା ! ମାଲବୀୟଜୀଂକର ସେଦିନର ମୂର୍ତ୍ତି ଯେ ଦେଖିଚି, ସେ ଦେଖିଚି । ମାଲବୀୟଜୀ ଥିଲେ ଜଣେ ଅଦ୍ୱିତୀୟ ବକ୍ତା । ହିଂଦି ହେଉ, ଇଂରେଜୀ ହେଉ, କାହିଁରେ ସେ ଥରେ ଗୋଟାଏ ଶବ୍ଦ କହି ରହିଯିବାର ବା ଫେରିପଡ଼ିବାର କେହି କେବେ ଶୁଣି ନାହାଂତି । ବକ୍ତୃତାରେ ସେ ଥିଲେ ଇତିହାସର ଜୀବଂତ ମୂର୍ତ୍ତି ଓ ଯୁକ୍ତିରେ ବୃହସ୍ପତି । ଦୀର୍ଘକାଳ ବକ୍ତୃତା ଦେଲେ ମଧ ସେ କ୍ଳାଂତ ହେଉନଥିଲେ କି ଶ୍ରୋତବ୍ୟରେ ପୁନରୁକ୍ତି ନଥିଲା . ପଢ଼ି ଶୁଣି, ଯୋଗ୍ୟତା ଅର୍ଜି ଯେଉଁମାନେ ପରବର୍ତ୍ତୀ ବୟସରେ ବଡ଼ ହୁଅଂତି, ମାଲବୀୟଜୀ ସେ ଶ୍ରେଣୀର ବଡ଼ ନଥିଲେ । ତରୁଣ କାଳରୁ ଭାରତ ବିଖ୍ୟାତ ହେବାର ପ୍ରଚେଷ୍ଟା ତାଂକର ସ୍ପଷ୍ଟ ପ୍ରକାଶ ପାଇଥିଲା । ବଂଗର ସ୍ୱର୍ଗତ କବି ନବୀନଚଂଦ୍ର ସେନ୍, ଡେପୁଟି ଚାକିରିରୁ ପେନ୍‌ସନ୍ ନେଇ ଦେଶ-ଭ୍ରମଣ କଲାବେଳେ ଘରକୁ ପ୍ରତି ସ୍ଥାନରୁ ଚିଠି ଲେଖୁଥିଲେ । ପ୍ରୟାଗରୁ ସେ ଲେଖିଥିଲେ, 'ଜଣେ ଯୁବକଂକୁ ଦେଖିଲି । ମନେ ହେଲା, ଭାରତରେ ସେ ଦିନେ ଜଣେ ବଡ଼ ଲୋକ ହେବେ । ଯୁବକଟିର ନାଁ, ମଦନମୋହନ ମାଲବ୍ୟ ।'

ମାଲବୀୟଜୀ, ତମେ ଚାଲିଗଲ । ନିଜ କାର୍ଯ୍ୟକାଳ ଶେଷ କରି ଯାଇଚ । କିଂତୁ କାର୍ଯ୍ୟ ଶେଷ ହୋଇ ନାଇ । ଏ ବଡ଼ ସଂଧିକ୍ଷଣ । ସ୍ୱର୍ଗରୁ ଏକା ତୁମର ଆଶୀର୍ବାଦ ଲୋଡ଼ା ।

## ବ୍ରଜସୁଂଦର ଦାସ

ଆଜିକୁ ପ୍ରାୟ ଅଢ଼େଇ ବର୍ଷ ହେଲା ଏହାଂକର ତିରୋଧାନ । ଏହାଂକ ସଂଗେ ଓଡ଼ିଆ ଭାଷା, ସାହିତ୍ୟର ପ୍ରତିଷ୍ଠା ସଂଗେ ଓଡ଼ିଆ ଅଂଚଳସବୁ ଏକାଠି କରିବାର ଉଦ୍ୟମରେ ଇତିହାସର ଗୋଟିଏ ଅଧ୍ୟାୟ ଶେଷହୋଇଗଲା, କହିଲେ ଚଳେ । ତାଂକ

Digitized by PPRACHIN, SOA

ଘରେ ତାଂକ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ 'ମୁକୁର' ମାସିକ ପତ୍ର ସଂଗେ 'ଛିନ୍ନମସ୍ତା'ର ବାର୍ଷିକ ପୂଜା, ଆଜି ଅନେକଂକର ମନେଥିବ । ସେ ଜମିଦାର ଥିଲେ; ସେ କାଳର ଗ୍ରାଜୁଏଟ ହୋଇ ମଧ୍ୟ ଦିନେ ହେଲେ ଚାକିରି ପାଇଁ ମନ ବରି ନାହାଂତି । ଯାହେଉ, ଜୀବନରେ ଓଡ଼ିଶାକୁ ସ୍ୱତଂତ୍ର ପ୍ରଦେଶ ହେବାର ସେ ଦେଖି ଯାଇଚଂତି । ସେଥିରେ ସେ ନିଜକୁ ଭାଗ୍ୟବାନ ମଧ୍ୟ ମଣିଚଂତି । ତଥାପି ତାଂକ ଆଶା ଅପୂର୍ଣ ଥିଲା; ପୂର୍ଣ ହେଉ ।

# ସ୍ୱର୍ଗତ ଗୋପିନାଥ ଦାସ

ଅଢ଼େଇ ମାସ ତଳେ ପୁରୀଠାରେ ଏହାଂକର କାଳ ହୋଇଯାଇଚି । ଏ ଜଣେ ଡେପୁଟି ଥିଲେ । ସେଇ ଭାବରେ ଅନେକେ ଏହାଂକୁ ଜାଣିଥିବେ । ଚଉକିଦାରୀ ୟୁନିଅନ୍ ବସାଇବାଠାରୁ ବଂଦୋବସ୍ତ କାମ ଓ ଖାସମାହାଲର ତହସିଲଦାରୀ ପର୍ଯଂତ ସବୁ କ୍ଷେତ୍ରରେ ଏ ଦକ୍ଷତାର ସହିତ କାର୍ଯ କରିଥିଲେ । କିଂତୁ କୌଣସିଠାରେ କୌଣସି ଦୋଷ ୟାଂକୁ ସ୍ପର୍ଶ କରିନଥିଲା । ୟେ ବହୁତ ପାନ ଖାଉଥିଲେ ସତ, କିଂତୁ ଗସ୍ତରେ ଗଲେ କାହାରିଠାରୁ ଖଂଡେ ପାନ ପର୍ଯଂତ ଛୁଉଁ ନ ଥିଲେ । ଏହାଂକ ମୃତ୍ୟୁ ପରେ ଅନେକେ ଏହାଂକର ଏଇ ଗୁଣ ମନେ ପକାଉ ଥିବେ । ପରଂପରା ହିସାବରେ ପୁରୀର ସଂସ୍କୃତ କଲେଜର ଆଦି ପ୍ରତିଷ୍ଠାତା ହରିହର ଦାସଂକ ବଂଶରେ ସତ୍ୟବାଦୀ ପାଖ ଶ୍ରୀରାମଚଂଦ୍ରପୁର ଗ୍ରାମରେ ୟେ ଜନ୍ମିଥିଲେ । ୟେ ପଂଡିତ ଗୋପବଂଧୁଂକ ସହପାଠୀ ଥିଲେ । ଚାକିରିଆ ଥିଲେ ମଧ୍ୟ ଗୋପବଂଧୁଂକ ପ୍ରଭାବରେ ୟେ ଅତ୍ୟଂତ ପ୍ରଭାବିତ ଥିଲେ । ସତ୍ୟବାଦୀ ସ୍କୁଲର ସ୍ଥାପନ ଦିନଠାରୁ ସେ କାର୍ଯ ପ୍ରତି ଏହାଂକର ଗଭୀର ମମତା ଥିଲା । ନିଜର ୧୨୦ ଟଂକା ବେତନରୁ ସେତେବେଳେ ସେ ମାସିକ ୩୦ ଟଂକା କରି ସ୍କୁଲକୁ ଦାନ କରୁଥିଲେ । ପେନ୍‌ସନ୍ ପାଇ ମଧ୍ୟ ଏବର ସତ୍ୟବାଦୀ ସ୍କୁଲର ଶ୍ରୀବୃଦ୍ଧିରେ ସେ ବରାବର ଲାଗିଥିଲେ । ସଂବଲପୁରର ବରଗଡ଼ ସବ୍‌ଡିଭିଜନ୍‌ରେ ତହସିଲଦାର ଥିଲାବେଳେ ସେ ସେଠା ହାଇସ୍କୁଲ ଆରଂଭ କରି ସ୍ଥାପନ କରିବାରେ ଲାଗିଥିଲେ । ଶିକ୍ଷା ପ୍ରଚାରରେ ତାଂକର ପ୍ରଗାଢ଼ ବିଶ୍ୱାସ ଥିଲା । ନିଜର ରାଜକୀୟ କର୍ମ ମଧ୍ୟରେ ସର୍ବତ୍ର ସେ କାର୍ଯ, ସେ ତ୍ୟାଗ ଓ ନିଷ୍ଠାର ସହିତ କରୁଥିଲେ । ତାଂକ ଆତ୍ମାର ମଂଗଳ ହେଉ ।

[ନବଭାରତ, ବିଛା ୧୩୫୪]

# ଶ୍ରୀ ଜଗବଂଧୁ ସିଂହ

ଶ୍ରୀ ଜଗବଂଧୁ ସିଂହ ଓଡ଼ିଶାର ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ କର୍ମମୟ ଜୀବନର ଇତିହାସ ଘେନି ୭୪ ବର୍ଷରେ ଗଲା ମେ ମାସ ୧୪ ତାରିଖରେ ଚାଲିଗଲେ, ଗୋଟିଏ ଅତି ସ୍ମରଣୀୟ ଦିନ ଓ ମୁହୂର୍ତରେ– ଇତିହାସର ଗୋଟିଏ ନିର୍ଦ୍ଦିଷ୍ଟ ପରଂପରା ଘେନି । ୧୯୧୬ ରେ ଓଡ଼ିଆ ଦେଶମିଶ୍ରଣ କଂଗେସରେ ସମ୍ଭବ ନ ହେବାରୁ ବ୍ୟକ୍ତିତ୍ୱବାନ୍

Digitized by PPRACHIN, SOA

ମଧୁସୂଦନ (ମଧୁବାବୁ) କଂଗ୍ରେସ ଛାଡ଼ି ଆସି 'ଉତ୍କଳ ସଂମିଳନୀ' ଗଢ଼ିଥିଲେ । ୧୯୨୧ ପ୍ରାରଂଭରେ ସେଇ ସଂମିଳନୀର ଚକ୍ରଧରପୁର ବୈଠକରେ ସଭାପତି ଥିଲେ ଶ୍ରୀ ଜଗବଂଧୁ ସିଂହ । ଦୁଇଦିନ ତଳରୁ ନାଗପୁର କଂଗ୍ରେସରେ ମହାତ୍ମା ଗାଂଧି ଭାରତ ଜାତୀୟ କଂଗ୍ରେସରେ 'ଭାଷାସୂତ୍ରରେ ପ୍ରଦେଶ ଗଠନ' ନୀତି ଗ୍ରହଣ କରି ସିଂହଭୂମ ସମେତ ଉତ୍କଳକୁ ସ୍ୱତଂତ୍ର କଂଗ୍ରେସ ପ୍ରଦେଶ ବୋଲି ସ୍ୱୀକାର କରାଇନେଲେ । ଫଳରେ ଜଗବଂଧୁଂକ ନେତୃତ୍ୱରେ ଚକ୍ରଧରପୁର ସଂମିଳନୀରେ ଆନଂଦ ଓ ଉନ୍ମାଦନାର ତରଂଗ ଖେଳିଗଲା । ସଂମିଳନୀରେ କଂଗ୍ରେସ ନୀତି ଗୃହୀତ ହେଲା ଓ ଓଡ଼ିଶା ପୂର୍ଣ୍ଣପ୍ରାଣରେ କଂଗ୍ରେସରେ ଯୋଗଦେଲା । ଗଲା ମେ ମାସ ୨୯ ତାରିଖ ସକାଳୁ ଅଫିସୀୟ ଖବର ମିଳିଲା, ଷଢ଼େଇକଳା ଓ ଖରସୁଆଁକୁ ସିଂହଭୂମ ସଂଗରେ ରଖି ଭାରତ ସରକାର ବିହାର ସରକାରକୁ ଦେଇଦେଲେ । ହଠାତ୍ ଜଗବଂଧୁଂକର ରକ୍ତଚାପ ବଢ଼ିଗଲା; ହୃତ୍‌ପିଂଡର କ୍ରିୟା ବଂଦ ହୋଇଗଲା । ଅବଶ୍ୟ ତାଂକର ଯେ ମୃତ୍ୟୁ ହେଲା, ଜଗତରେ ଅତି ଅଳ୍ପ ଲୋକଂକର ସେପରି ସୁଖ ମୃତ୍ୟୁ ହୁଏ । କିଂତୁ ସେ ଯେ ନିରାଶାର ଦାରୁଣ ଆଘାତ ସହି ନ ପାରି ଚାଲିଗଲେ, ତାହାଇ ଆମକୁ ଆଜି ଦିଶୁଚି । ଜଗବଂଧୁ ଓକିଲ ଥାଇ ଅକ୍ଲାଂତ ସାହିତ୍ୟସେବୀ ଥିଲେ । ତାଂକପରି ସ୍ଥିରନିଷ୍ଠ, ଧାରାବାହିକ ସାହିତ୍ୟସେବୀ ବଡ଼ ବେଶି ଦେଖାଯାଂତି ନାଇ । ସେ ଅଳ୍ପଭାଷୀ ଓ ନିରାଟ ସତ୍ୟବାଦୀ ଥିଲେ । କ୍ରୋଧ ବୋଲି ତାଂକଠି କେହି କେବେ ଦେଖିନାଇ । ଆକୃତିରେ ଓ ବ୍ୟକ୍ତିତ୍ୱରେ ତାଂକ କଛକୁ ଜଣେ ମିଳିବା ଦୁର୍ଘଟ । ଭଗବାନ ତାଂକ ନିରାଶ ଆତ୍ମାକୁ ସ୍ୱର୍ଗରେ ପ୍ରଫୁଲ୍ଲ ରଖଂତୁ ।

# ଆଲୋଚନା

## ଅଭିବାଦନ

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ କଂଗ୍ରେସ ସରକାର ହୋଇଯାଇଚି । ଓଡ଼ିଶା ପ୍ରଦେଶ ରାଜନୀତିକ ଭାବରେ କଂଗ୍ରେସ ଛଡ଼ା ଆଉ କାହାକୁ ଭଜିନାଇ । ଏ ବିଷୟରେ ଅନ୍ୟ ସବୁ ପ୍ରଦେଶଠାରୁ ଓଡ଼ିଆ ଆଗୁଆ ହୋଇ ଆସିଚି । ୧୯୩୬ରେ ଓଡ଼ିଆ ପ୍ରଦେଶ ହେଲା । ସେଇ ବର୍ଷ ପୁଣି ପ୍ରାଦେଶିକ ନିର୍ବାଚନ । ଲୋକେ କଂଗ୍ରେସରେ ପ୍ରାର୍ଥୀ ହେବାକୁ ଡରିଲେ । ନେତାମାନେ ପ୍ରାୟ ସମସ୍ତେ କଂଗ୍ରେସ ପକ୍ଷରୁ ନିର୍ବାଚନ କରାଇବାକୁ ପଛାଇଲେ, ତଥାପି ଓଡ଼ିଶାର ଜନସାଧାରଣ ପ୍ରତିଦ୍ୱଂଦ୍ୱୀମାନଂକୁ ଠିକ୍ ଉତ୍ତର ଦେଇଥିଲେ । ମାତ୍ରକ ୩୭ ସ୍ଥାନରେ ପ୍ରାର୍ଥୀ ଛିଡ଼ା କରାଇ କଂଗେସ ପ୍ରତିଦ୍ୱଂଦ୍ୱିତା କରିଥିଲେ । ଅତି ବଡ଼ବଡ଼ଂକ ବିରୁଦ୍ଧରେ ସାମାନ୍ୟ ଅପାଠୁଆ କୃଷକ ଓ ଅଣ-ଓଡ଼ିଆମାନଂକୁ ମଧ ଠିଆକରାଇଥିଲେ– ଅବଶ୍ୟ ଓଡ଼ିଆ ନ ମିଳିବାରୁ । ୩୭ ରୁ ୩୬ଟି ସ୍ଥାନ କଂଗ୍ରେସ ଜିଣିଥିଲେ । ଅନେକ ପ୍ରତିଦ୍ୱଂଦ୍ୱୀ ଜମା ଟଂକା ହରାଇଥିଲେ । କେବଳ ଗୋଟିଏ ସ୍ଥାନରେ ମହାତ୍ମା ଗାଂଧିଂକ ଅନୁମୋଦନ ନ ଥିବାରୁ, ପ୍ରାର୍ଥୀ ଅତି ଅଳ୍ପ ଭୋଟରେ ହାରିଥିଲେ ।

Digitized by PPRACHIN, SOA

ମାତ୍ର ଏ ମଧ୍ୟରେ ଯୁଦ୍ଧ ପର୍ବ । ତା'ର ଠିକ୍ ପୂର୍ବରୁ ଓଡ଼ିଶା, ନେତାଜୀ ସୁଭାଷଂକ ମତକୁ ଅବଧରି ସାଂପ୍ରଦାୟିକ ବିପତ୍ତିରେ ମନ୍ତ୍ରିମଂଡଳ ବର୍ଜନ ନୁହେ, ମିଳିତ ମନ୍ତ୍ରିମଂଡଳହିଁ ଏକମାତ୍ର ପଂଥା ବୋଲି କାର୍ଯରେ ଦେଖାଇବାକୁ ଗୋଟିଏ ଘୋର ପ୍ରଚେଷ୍ଟା କରିଥିଲା । ଦୁଃଖର କଥା, ନାନା ଆଭ୍ୟଂତରିକ କାରଣରୁ ସେ ଚେଷ୍ଟାଟି ପୂର୍ଣ ଫଳବତୀ ହୋଇ ଭାରତ ରାଜନୀତିକୁ ପ୍ରଭାବିତ କରିବା ଅବସ୍ଥାକୁ ଆସି ପାରିଲା ନାଇ ।

ତା'ପରେ ନେତାମାନେ ଜେଲରୁ ଆସି କଂଗ୍ରେସ ପାଇଁ ନିର୍ବାଚନ ଆରଂଭ କରିଦେଲେ । ଏଥର ଓଡ଼ିଶା ପୂର୍ଣ ପୁରୋଦୃଷ୍ଟିରେ ପ୍ରାଣିତ ହୋଇ ରାଜନୀତିରେ ପ୍ରତିଦ୍ୱଂଦ୍ୱୀ ଦଳ ପର୍ଯଂତ ଗଢ଼ିଲା ନାଇ– ସ୍ୱାଧୀନତାର ସଂଗ୍ରାମ ଅବାଧରେ ଚାଲୁ ବୋଲି । ଅଳ୍ପ ସଂଖ୍ୟାରେ ବ୍ୟକ୍ତିଗତ ପ୍ରତିଦ୍ୱଂଦ୍ୱୀ ହୋଇଥିଲେ । ପ୍ରତିଦ୍ୱଂଦ୍ୱୀକୁ ପରାସ୍ତ କରିବାରେ ଗତଥର ପରି ପୂର୍ଣ କୃତକାର୍ଯତା ନ ଦେଖାଇ ପାରିଥିଲେ ମଧ୍ୟ, କଂଗ୍ରେସ ଏକଚ୍ଛତ୍ର ପ୍ରତିନିଧିରୂପେ ଓଡ଼ିଶାରେ ଠିଆହେଲେ । ଭାରତରେ ଏପରି ଆଉ କୁତ୍ରାପି ହୋଇ ନାଇ । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଏଇ ବିଶାଳ କର୍ମକ୍ଷେତ୍ରରେ ନେତାରୂପେ ଉଠିଲେ । ନିମ୍ନଲିଖିତ ରୂପେ ମନ୍ତ୍ରିତ୍ୱ ଗଢ଼ାଗଲା–

(୧) ଶ୍ରୀ ହରେକୃଷ୍ଣ ମହତାବ– ପ୍ରଧାନ ମଂତ୍ରୀ, ଶାସନ ଓ ଶୃଙ୍ଖଳା ବିଭାଗ ।

(୨) ଶ୍ରୀ ନବକୃଷ୍ଣ ଚୌଧୁରୀ– ରାଜସ୍ୱ ଓ ଯୋଗାଣ ।

(୩) ଶ୍ରୀ ନିତ୍ୟାନଂଦ କାନୁନଗୋ– କଳା ଓ କୃଷି ବିକାଶ ।

(୪) ପଂଡିତ ଶ୍ରୀ ଲିଂଗରାଜ ମିଶ୍ର– ଶିକ୍ଷା, ସ୍ୱାସ୍ଥ୍ୟ ।

(୫) ଶ୍ରୀ ରାଧାକୃଷ୍ଣ ବିଶ୍ୱାସ ରାୟ– ପୂର୍ତ୍ତ ।

ଓଡ଼ିଶାରେ ଏମାନଂକର ପରିଚୟ ଦେବା ଦରକାର ନାଇ । ଏମାନେ ସମସ୍ତେ ପରିଚିତ । ଆମେ ଏମାନଂକୁ ପୂର୍ଣପ୍ରାଣରେ ଅଭିବାଦନ ଜଣାଉଛୁ । ଏମାନଂକ କଳ୍ପନା ଓ କର୍ମରେ ବିଶ୍ୱଦେବତାଂକର ଆଶୀର୍ବାଦ ପଡୁ । ସ୍ୱାଧୀନ ଭାରତ ପଟରେ ପ୍ରଦେଶର ସ୍ପଷ୍ଟ ନିୟତିର ଚିତ୍ର ଫୁଟୁ ।

ଏକଥା ଲେଖିସାରି, ଆଜି (୧୫।୧୦।୪୬) ପ୍ରାଣର ଗୋଟିଏ ବେଦନାର କଥା କହିବାକୁ ବାଧ୍ୟ ହେବାକୁ ପଡୁଚି । ଏଇ ମଂତ୍ରୀମଂଡଳ ଗଠିତ ହେବା ପରେ ପରେ, ଯେପରି ଯେ କାରଣରୁ ହେଉ, କଂଗ୍ରେସ ପୂର୍ଣ ସ୍ୱାଧୀନତାର ସିଂହଦ୍ୱାରରେ ଛିଡ଼ା ହୋଇ ଭାରତର ଭାଗ୍ୟ ନିୟଂତ୍ରଣ ହାତକୁ ନେଲେ । ଏ ଦିନ ଦେଖିବୁ ବୋଲି ମନେ ନ ଥିଲା । ପ୍ରାଣ ପୂରି ଉଠିଲା । ଏପରିକି ଭାବର ଗଭୀରତା, ଭାଷାର ପ୍ରକାଶକୁ ବଳି ଗଲା । କର୍ମୀ ଜୀବନର ଶେଷ ଅଧ୍ୟାୟରେ ଆଶାର ଏ ପରିଣତି, ସୁଲଭ ନୁହେ । ସାଂପ୍ରଦାୟିକ ହଣାକଟା ସତ୍ୱେ ସାଂପ୍ରଦାୟିକତା, ଜାତୀୟତା ଉପରେ ପୁଣି ପ୍ରଭାବ ପକାଇପାରେ ବୋଲି ଶଂକା ନ ଥିଲା । କିଂତୁ ଆଜି ଶାସକ ପ୍ରତିନିଧି ଉଏଭେଲ ପୁଣି ଦୀର୍ଘ ପଛକୁ ଚାହିଁ, ଗଲା ମଇମାସ ୨୬ ତାରିଖକୁ ଡେଇଁପଡ଼ି, ଜିନ୍ନାଂକୁ ପୁଣି ପୂର୍ବପରି ଧରି ଜାତୀୟ ସରକାରକୁ

Digitized by PPRACHIN, SOA

ଯେ ବିପତ୍ତିରେ ପକାଇବାକୁ ବସିଚଂତି, ସେଥିରେ ଆମେ ସାମ୍ରାଜ୍ୟବାଦୀର ଚକ୍ର ଦେଖିବୁ, କି ଜାତିର ଶ୍ରୀବୃଦ୍ଧିରେ ସଂଖ୍ୟାଲଘିଷ୍ଠ ଜନତା ପ୍ରତି ଯଥା- ଆଦର ଦେଖି ଆଶାରେ ପୁଣି ବିଶ୍ୱାସ ଆଣିବୁ, ତା ଏବେ ବୁଝିପାରୁ ନାହୁ । କାମନା ଓ ପ୍ରାର୍ଥନା କରୁ, ଆମର ଅଭିବାଦନ ସାର୍ଥକ ହେଉ । ଭାରତର ପୂର୍ଣ୍ଣ ସ୍ୱାଧୀନତା ଫୁଟୁ । ଓଡ଼ିଶା ସେଥିରେ ନିଜର ସାର୍ଥକ ଦାନ କରିବାକୁ ସମର୍ଥ ହେଉ । 'ମଙ୍ଗଳମସ୍ତୁ ।' [ନବଭାରତ, ତୁଳା ୧୩୫୪]

# ଓଡ଼ିଶାର ନୂଆ ହାଇକୋର୍ଟ

### ଶ୍ରୀ ବୀରକିଶୋର ରାୟ—

ଓଡ଼ିଶାର ନୂଆ ହାଇକୋର୍ଟ ବସୁଚି । ସେଥିରେ ଅଧକ୍ଷ ବା ପ୍ରଧାନ ବିଚାରପତି ହେଉଚଂତି ଶ୍ରୀ ବୀରକିଶୋର ରାୟ । ସେ ଏବେ ପାଟନା ହାଇକୋର୍ଟର ବିଚାରପତି ଥିଲେ । ସେଠାରେ ସେ ନିଜର ଯେଉଁ ବିଦ୍‌ବତ୍ତା, ନିରପେକ୍ଷତା ଓ ନୂତନତା ଦେଖାଇଚଂତି, ତା ସମସ୍ତେ ଜାଣଂତି, ଏଠାରେ ତା କହି ବଢ଼ାଇ ହେବ ନାଇ । ଓଡ଼ିଶାର ସେ ଜଣେ ଅଦ୍ୱିତୀୟ କୃତୀ ସଂତାନ । ସେ ଦୀର୍ଘଜୀବୀ ହୁଅଂତୁ ।

### ଶ୍ରୀ ଲିଂଗରାଜ ପାଣିଗ୍ରାହୀ—

ଆଉଜଣେ ବିଚାରପତି ହେଉଚଂତି, ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ଲିଂଗରାଜ ପାଣିଗ୍ରାହୀ । ସଂସ୍କୃତରେ କଥା ଅଛି, 'ଯୋଗ୍ୟ ଯୋଗ୍ୟେନ ଯୋଜୟେତ୍'— ଏହା ତାଂକଠାରେ ଯଥାର୍ଥ । ସେ ଖାଲି ଭଲ ଆଇନଜ୍ଞ ନୁହଂତି, ତାଂକର ପାଂଡିତ୍ୟ ଓ ବାଗ୍ମିତା, ଅଳ୍ପ ଲୋକଂକଠାରେ ଦେଖାଯାଏ । ସେ ହାଇକୋର୍ଟ ଜଜ୍ ହେବାରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଲୋକେ ତାଂକ ଅଭାବ ଅନୁଭବ କରିବେ । ତଥାପି, ଆମେ ଆଶାକରୁ, ଏ ନୂତନ କ୍ଷେତ୍ରରେ ସେ ମଧ୍ୟ ଅନନ୍ୟସାଧାରଣ ପ୍ରତିଷ୍ଠା ଅର୍ଜନ କରିବେ । ତାଂକର ଏ ଆରଂଭ ଶୁଭଂକର ହେଉ ।

ଆଉ ୩ ଜଣ ଏ ନୂଆ ହାଇକୋର୍ଟରେ ଜଜ୍ ହେବେ । ସେମାନଂକ ଭିତରୁ ଦୁଇଜଣ ହେଉଚଂତି, ଜଣେ ବିଭାଗୀୟ ସେକ୍ରେଟେରୀ ଶ୍ରୀ ନରସିଂହ, ଆଉ ଜଣେ ଗଂଜାମର ଶ୍ରୀ ଜଗନ୍ନାଥ ଦାସ । ବ୍ୟକ୍ତିଗତ ଭାବରେ, ଦୁହିଂକୁ ଆମେ ଜାଣିନାହୁ । ଏ ଦୁହିଂକର ମଧ୍ୟ ନିଷ୍ଠା, ନିରପେକ୍ଷତା ଓ କୃତିତ୍ୱ କାମନା କରୁ ।

# ଶିକ୍ଷା ବିଭାଗର କେତେଜଣ ଖବର

### ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ

ଏବେ ଶିକ୍ଷା ବିଭାଗର ସବା ଉପର ସ୍ତରରେ ଗୁଡ଼ିଏ ବଦଳାବଦଳି ହୋଇଯାଇଚି । ଏତେ ଦିନ ଶ୍ରୀ ଶ୍ୟାମଚଂଦ୍ର ତ୍ରିପାଠୀ ଥିଲେ ଡିରେକ୍ଟର । ସେ ସୁପରିଚିତ । ତାଂକ ଅମଳରେ

Digitized by PPRACHIN, SOA

ଓଡ଼ିଶାରେ ଦେଖିଲା ଭଳି ଶିକ୍ଷାର ବିସ୍ତାର ହୋଇଚି; ଶହ ଶହ ସ୍କୁଲ, କଲେଜ ବସିଚି; ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠିତ ହୋଇଚି । ଶିକ୍ଷାପାଇଁ ସେ ଲାଗିପଡ଼ି ଯେଉଁ କ୍ଷେତ୍ର ପ୍ରସ୍ତୁତ କରିଗଲେ, ତା' ବଡ଼ ପ୍ରଶଂସନୀୟ । ସେତିକି କରି ସେ ଏବେ ନିଜ ଉନ୍ନତି ପଥରେ ଚାଲିଲେ । ତାଂକର ମଧ୍ୟ ଆଉ କାର୍ଯକାଳ ବଳକା ନ ଥିଲା । କିଂତୁ ଲୋକେ ତାଂକୁ ବେଶ୍ ମନେ ରଖିବା ଭଳି କାର୍ଯ ସେ କରିଚଂତି । ତାଂକ କ୍ଷମତା ଓ ବିଦ୍ୟାରେ ଯା ହୋଇପାରଂତା ସେ ସେଥିରେ ତ୍ରୁଟି କରିନାହାଂତି । କ୍ଷେତ୍ର ବଢ଼ାଇବାରେ ତାଂକ କୃତିତ୍ୱକୁ ବର୍ତମାନ ବିଦ୍ୟାର ଯଥାର୍ଥ ପ୍ରତିଷ୍ଠାରେ ପୂର୍ଣାଂଗ କରିବାକୁ ହେବ ।

**ଏସ୍. ରାୟ–**

ଏ ବିଦ୍ୟା ହେବ, ପ୍ରଥମତଃ ଓଡ଼ିଶାର ଓଡ଼ିଶୀ ବିଦ୍ୟା । ଅର୍ଥାତ୍ ସମସ୍ତ ବିଦ୍ୟା ବିନୟର ସମୃଦ୍ଧି ଭିତରେ ଓଡ଼ିଆର ସାହିତ୍ୟ, ଓଡ଼ିଆର ସଂସ୍କୃତି ଓ ଓଡ଼ିଆର ବିଶେଷତା ଫୁଟାଇ ଭାରତ ତଥା ପୃଥିବୀରେ ଓଡ଼ିଶାର ଯଥାର୍ଥ ପ୍ରାଣପ୍ରତିଷ୍ଠା କରିବାକୁ ହେବ । ସେଥିପାଇଁ ଆମେ ଆଜି ଶ୍ରୀ ସଚିଦାନଂଦ ରାୟ (ବା ଏସ୍ ରାୟ) ଙ୍କୁ ଡିରେକ୍ଟର ପଦରେ ଅଭିବାଦନ କରୁଚୁ ।

**ଅଧ୍ୟାପକ ଲକ୍ଷ୍ମୀକାଂତ ଆଉ ଇହଧାମରେ ନାହାଂତି–**

ଗତ ୮-୧-୪୦ରେ ତାଂକର ପରଲୋକ ହୋଇଛି । ଓଡ଼ିଶାର ଜଣେ ବିଶିଷ୍ଟ ବଡ଼ଲୋକ ବୋଲି ତାଂକୁ ହୁଏତ ଅନେକେ ଜାଣି ନ ଥିବେ । ଏକେ ଏହି ଯୁଗରେ ଲକ୍ଷ୍ମୀକାନ୍ତଂକ ପରି କର୍ମୀଙ୍କୁ ବଡ଼ ଲୋକ ବୋଲି ଜାଣିବା ସୁବିଧା କମ୍ । ପୁଣି ଲକ୍ଷ୍ମୀକାନ୍ତ ଥିଲେ ନୀରବ ଚରିତ୍ରନିଷ୍ଠ ସାଧକ । ଲୋକ ପର୍ବତ ପରି ଦୂରରୁ ବଡ଼ ଓ ସୁଂଦର ଦିଶେ । ପାଖରେ ରହି ଭିତରେ ପଶି ଦେଖିଲେ ବେଳେବେଳେ ଧାରଣା ବଦଳିଯାଏ । କିଂତୁ ଲକ୍ଷ୍ମୀକାନ୍ତଙ୍କ ପାଖରେ ରହି ଯେଉଁମାନେ ତାଂକ ଭିତରେ ଦେଖିଛଂତି ସେମାନେ ଜାଣିଥିବେ ଲକ୍ଷ୍ମୀକାଂତ କି ଜିନିଷ ଥିଲେ । ପ୍ରାଚୀ ସମିତିରେ ତାଂକର ନିଷ୍ଠା ଓ କ୍ରିୟା ଅନେକଂକର ଜଣାଶୁଣା କଥା । ସେହି ସୂତ୍ରରେ ସେ ଓଡ଼ିଶାର ଲୁପ୍ତ ରତ୍ନ ଉଦ୍ଧାରରେ ମନ ଦେଇ ଲାଗିଥିଲେ । ପୁଣି ସଂଗୀତର ସାଧନା ଓଡ଼ିଶାରେ ଏବେ ନାହିଁ କହିଲେ ଚଳେ । ବୈଜ୍ଞାନିକ ଭାବରେ ସେହି ସାଧନା ଫୁଟାଇବା ପାଇଁ ଲକ୍ଷ୍ମୀକାଂତ ଅତନ୍ଦ୍ରିତ ଚେଷ୍ଟା କରୁଥିଲେ । ଏହି ଭାବରେ ଦେଖିଲେ ତାଂକ ସ୍ଥାନ ଅପୂର୍ଣ ରହିଗଲା ବୋଲି ମନେହୁଏ । ମାତ୍ର ଜଗତରେ ଭାବ ଓ ଚିଂତାର ପ୍ରସାର ସ୍ଥିର ହୁଏ ନାହିଁ । କର୍ମୀର କର୍ମ ଅପୂର୍ଣ ରହେ ନାହିଁ । ସେହି ଆଶା ଓ ବିଶ୍ୱାସରେ ଆଜି ଆଂଭେମାନେ ଲକ୍ଷ୍ମୀକାନ୍ତଂକ ପରି ସାଧକଂକୁ ସ୍ମରଣ-ସୁଂଦର କରିପାରିଲେ ତାଂକ ଆତ୍ମାର ଯଥାର୍ଥ ସଦ୍‌ଗତି ହେବ ।

ଅତି ଅଳ୍ପ ବୟସରେ ଲକ୍ଷ୍ମୀକାଂତ ଚାଲିଗଲେ । ତାଂକ ପରିବାର ନିଦାରୁଣ ଶୋକରେ ସଂତପ୍ତ । ସେ ସଂତାପରେ ତଥା ଲକ୍ଷ୍ମୀକାଂତଂକ ଆତ୍ମାରେ ସ୍ୱର୍ଗର ଶାନ୍ତିବାରି ପଡୁ

——

Digitized by PPRACHIN, SOA

# ସ୍ୱର୍ଗତ ରାଜା ଗୌରଚଂଦ୍ର

ଚିକିଟୀର ଯୁବରାଜା ଶ୍ରୀ ଗୌରଚଂଦ୍ର ଦେବ ଆଉ ଇହଜଗତରେ ନାହାଂତି । ଏହି ସଂବାଦ ଖାଲି ଗଂଜାମ କାହିଁକି ସମଗ୍ର ଓଡ଼ିଆ ଭାଷୀ ଅଂଚଳର ଲୋକଂକୁ ଶେଲବିଦ୍ଧ କରିଛି । ରାଜା ଗୌରଚଂଦ୍ର ମାତ୍ର ୩୩ ବର୍ଷ ବୟଃକ୍ରମରେ ସ୍ୱର୍ଗାରୋହଣ କଲେ । ପିତା, ଉତ୍କଳରେ ସୁପରିଚିତ ସାହିତ୍ୟିକ ଶ୍ରୀ ଶ୍ରୀ ରାଧାମୋହନ ରାଜେଂଦ୍ର ଦେବ ଏଇ କେତେବର୍ଷ ହେଲା ବିଷୟଜଂଜାଳର ଦୂରରେ ରହି ସାହିତ୍ୟ ସେବାକରିବା ନିମଂତେ ଚିକିଟୀ ରାଜକାର୍ଯ୍ୟରୁ ଅବସର ନେଇ ଯୁବରାଜ ଶ୍ରୀ ଗୌରଚଂଦ୍ରଂକୁ ସ୍ୱହ୍ଣଳାଭିଷିକ୍ତ କରିଥିଲେ । ବିଷୟ-ଭାର ନେବାର କାଳ ଅଳ୍ପ ହେଲେହେଁ ଗୌରଚଂଦ୍ର ଏହି କେତେଦିନ ଭିତରେ ନିଜ ସଦ୍‌ଗୁଣମାନର ଯେଉଁ ପରିଚୟ ଦେଇଥିଲେ ତହିଁରୁ ଉଜ୍ଜ୍ୱଳ ଭବିଷ୍ୟତ ସୂଚିତ ହେଉଥିଲା । କ୍ଷୁଦ୍ର ଚିକିଟୀର ସଚ୍ଚିଦାନଂଦ କ୍ଲବ୍‌ରୁ ଆରଂଭ କରି ବ୍ରହ୍ମପୁରର ଉତ୍କଳାଶ୍ରମ– ପ୍ରତ୍ୟେକ ଛୋଟ ବଡ଼ ଅନୁଷ୍ଠାନରେ ତାଂକର ହାତ ଥିଲା ଓ ଏଗୁଡ଼ିକର ଉନ୍ନତିକଳ୍ପେ ସେ ସତତ ଯତ୍ନବାନ୍ ଥିଲେ ।

ଜମିଦାର ଓ ପ୍ରଜା ମଧ୍ୟରେ ସୁହୃଦ ସଂବଂଧ ସାଧାରଣତଃ ନଥାଏ । କିଂତୁ ଗୌରଚଂଦ୍ରଂକ ବିଷୟ ସ୍ୱତଂତ୍ର ଥିଲା । ଉତ୍କଳର ରାଜନ୍ୟ ଓ ଜମିଦାର ମଣ୍ଡଳି ମଧ୍ୟରେ ସେ ସବୁଠାରୁ ଅଧିକ ଜନପ୍ରିୟ ଥିଲେ ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହି ବୋଲି ମନେହୁଏ ।

ଆଜି ଓଡ଼ିଶାର ଏହି ସଂଧିକ୍ଷଣରେ ତାଂକ ମୃତ୍ୟୁ ଓଡ଼ିଆ ପ୍ରାଣକୁ ବିଶେଷ କରି ବାଧିବାର କଥା । ଶ୍ରୀଗୌରଚଂଦ୍ରଂକର ଆତ୍ମା ଶାନ୍ତି ଲାଭ କରୁ ।

[ନବଭାରତ, ୧ମ ବର୍ଷ, ବିଛା ୧୩୪୧]

# ପୁଣ୍ୟଶ୍ଳୋକ ବିକ୍ରମଦେବ ବର୍ମା

ଗଲା ରବିବାର (୧୫-୪-୫୧) ଦିନ ଜୟପୁରର ଜମିଦାର ମହାରାଜା ଡକ୍ଟର ବିକ୍ରମଦେବ ବର୍ମା ୮୨ ବର୍ଷ ବୟସରେ (ଜନ୍ମ– ୧୮୬୯ ଜୁନ୍ ୨୮ ତାରିଖ, ମୃତ୍ୟୁ– ଅପ୍ରେଲ ୧୫ ତାରିଖ ୧୯୫୧) ଦେହତ୍ୟାଗ କରିଚଂତି । ତାଂକର ପୁଅ ନଥିଲା । ଏକମାତ୍ର କନ୍ୟାର ଗୋଟିଏ ପୁଅକୁ ସେ ପୋଷ୍ୟପୁତ୍ର କରିଯାଇଚଂତି । ଜାମାତା ବିଦ୍ୟାଧର ସିଂହ ଦେଓ ଏବେ ଏକପ୍ରକାର ସେ ପରିବାରର ମୁରବି କହିଲେ ଚଳେ ।

ମହାରାଜାଂକର ବୟସ ଖୁବ୍ ହୋଇଥିଲା । ତଥାପି ତାଂକର ମୃତ୍ୟୁରେ ଓଡ଼ିଶାର ଗୋଟିଏ ବିଶିଷ୍ଟ ବ୍ୟକ୍ତିତ୍ୱ ଲୋପ ପାଇଚି । ମହାରାଜା ଆକସ୍ମିକ ଭାବରେ ଜମିଦାରୀ ଗାଦି ପାଇଥିଲେ । ତା' ପାଇବେ ବୋଲି ସେ ଜାଣି ନ ଥିଲେ । ହେଲେହେଁ, ପାଇକରି

Digitized by PPRACHIN, SOA

ସେ ତିଳେହେଲେ ବିଚଳିତ ହୋଇନାହାଂତି । ସେ ତେଲେଗୁ, ଓଡ଼ିଆ ଓ ସଂସ୍କୃତରେ ପଂଡିତ ଥିଲେ— କବି ଓ ଲେଖକ ଭାବରେ ତାଂକର ଆଦର ମଧ ଥିଲା । ସେ ବଡ଼ ଅମାୟିକ, ବିନୟୀ ଓ ସରଳସ୍ୱଭାବ ଥିଲେ । ଏଡ଼େ ବଡ଼ ଲୋକ ହୋଇ ମଧ କ୍ରୋଧୀ ହେବାର କେହି ତାଂକୁ ଦେଖିଥିଲେ ବୋଲି ମନେ ହେଉ ନାଇ । ଅଯଥା ବାକ୍‌ବ୍ୟୟ ସେ କେବେ କରୁନଥିଲେ । ଦିନେ ଶିକାର କଥା ପଡ଼ିବାରୁ ସେ କହୁଥିଲେ, 'କୌଣସି ପ୍ରକାରେ ଜୀବହତ୍ୟା କରିବା ମୁଁ ସହିପାରେ ନାଇ । ପିଲାଦିନେ ଜଂଦାଗୁଡ଼ାଏ ମାରିଦେଇଥିଲି, ସେ ଚିତ୍ର ଏବେ ମଧ ମନେପଡ଼େ ।' ଆମିଷ ଖାଦ୍ୟ ପ୍ରାୟ ଅନେକ ଦିନରୁ ସେ ଛାଡ଼ିଥିଲେ । ସେ ଗୌଡ଼ୀୟମତର ବୈଷ୍ଣବ ଥିଲେ । ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ଶେଷଭାଗରେ ସେ ରଚନା କରିଥିବା 'ରାଧାମାଧବ' ନାଟକଟି ଏବେ ଦ୍ୱିତୀୟବାର ପ୍ରକାଶିତ ହୋଇଚି । ସେଥିରୁ ତାଂକର କୃଷ୍ଣଭକ୍ତି ତଥା ରାଧାନିବଦ୍ଧ ପରକୀୟା ପ୍ରେମରେ ନିଷ୍ଠା ଓ ବିଶ୍ୱାସ ବେଶ୍ ଜଣାପଡ଼େ ।

ଓଡ଼ିଆ ଓ ତେଲଗୁମାନେ ତାଂକୁ ନାନା ଭାବରେ ମନେପକାଇବେ ଓ ମନେ ପକାଇ ଝୁରିବେ । ଏପରି ସଦ୍‌ଗୁଣ ତାଂକ ପାଖରେ ବହୁତ ଥିଲା । ଏଡ଼େ ବଡ଼ ଲୋକ ଓ ଧନୀ ଲୋକ ହୋଇ ଲୋକେ ମନେପକାଇବା ଭଳି ବହୁତ ସଦ୍‌ଗୁଣ ତାଂକର ଯାହା ଥିଲା, ଅନ୍ୟତ୍ର ତାହା ଅତି ବିରଳ । ଏଇ ସଂପର୍କରେ ଆମର ତାଂକୁ ଖୁବ୍ ମନେ ପକାଇବାର ଅଛି । ସେ ଯେତେବେଳେ ରଜା ହୋଇ ନ ଥିଲେ, ସେତେବେଳେ ସାହିତ୍ୟିକ ଭାବରେ ତଥା ଦେଶସେବକ ଭାବରେ ଆମର ତାଂକର ଖୁବ୍ ଘନିଷ୍ଠ ବଂଧୁତା ହୋଇଥିଲା । ସତ୍ୟବାଦୀ ସ୍କୁଲ ଓ ସେଇ ସ୍କୁଲ ସଂପର୍କୀୟ ନୂତନ ସାହିତ୍ୟ ପ୍ରତି ସେ ଖୁବ୍ ଆକୃଷ୍ଟ ହୋଇଥିଲେ । ୧୯୩୧ରେ ସେ ଗାଦି ପାଇଲେ । ୧୯୩୩ରେ ମୁଁ ଜେଲରୁ ଆସିଲା ପରେ ସେ ମତେ ଡକାଇପଠାଇଲେ । ପ୍ରାୟ ବର୍ଷକ ପରେ ଦୁଇ ତିନିଥର ଖବର ଦେବା ଉତ୍ତାରୁ ମୁଁ ଗଲି । ଗୋଟିଏ ମାସିକ ପତ୍ର ବାହାର କରିବା ପାଇଁ ସେ ମତେ କହିଲେ । ସେଥିପାଇଁ ପ୍ରଥମେ ପାଂଚ ହଜାର ଟଂକା ଏବଂ ପରେ ଦରକାର ହେଲେ ଆଉରି ଦେବେ ବୋଲି ମଧ କହିଲେ । ମୁଁ ରାଜା, ଜମିଦାର ଭଳି ବଡ଼ଲୋକଂକଠାରୁ ଟଂକା କେବେ ଆଣିନାଇ । ପ୍ରଥମରୁ ମୋତେ ବଡ଼ ସଂକୋଚ ଲାଗିଲା । ପରେ ବହୁ ବିଚାର କରି ଏହି ଟଂକାରେ ଗୋଟିଏ ସାହିତ୍ୟ ଅନୁଷ୍ଠାନ ଖୋଲିବି ବୋଲି ଟଂକା ଆଣିବାକୁ ସ୍ୱୀକାର କଲି । ସେଇ ଟଂକାର ମୂଳପିଂଡ ଘେନି ମୋର 'ନବଭାରତ ଛାପାଖାନା' ଓ 'ନବଭାରତ' ମାସିକ । ପରେ ଅବଶ୍ୟ ରାଜନୀତି ଚକ୍ରରେ ଯାହା ଘଟିଲା, ତା ଏଠାରେ ପ୍ରାସଂଗିକ ନୁହେ । ଆଜି ସେଥିପାଇଁ 'ନବଭାରତ'ର ସେ ବିଶେଷ ଭାବରେ ସ୍ମରଣୀୟ ।

ମହାରାଜା ଚାଲିଗଲେ । ଅନେକେ ତାଂକୁ ବହୁକାଳ ମନେରଖିବେ । ଆମେ ମନେରଖିଚୁ; ରଖିବୁ । ଆଜି ସେଥିପାଇଁ ତାଂକର ଶ୍ରାଦ୍ଧରେ ଆମେ ଅଂଜଳି ପ୍ରଦାନ କରୁଚୁ— ମହାରାଜା ପରଲୋକରେ ଗ୍ରହଣ କରି ଆମକୁ କୃତାର୍ଥ କରଂତୁ । ତାଂକର ପୁଣ୍ୟ ସ୍ମୃତି ମଧ ଇହଜଗତରେ ଧନ୍ୟ ଓ ଚିର ହେଉ ।

Digitized by PPRACHIN, SOA

# ଶ୍ରୀ ରାମକୃଷ୍ଣ ଶତବାର୍ଷିକ ଉତ୍ସବ

ଶ୍ରୀ ରାମକୃଷ୍ଣଂକ ପୂତ ନାମରେ ଜନସେବା ଉତ୍କଳରେ ହୋଇଛି; ଦୁର୍ଭିକ୍ଷ ବନ୍ୟାକ୍ଲିଷ୍ଟମାନଂକ ମଧ୍ୟରେ ଶ୍ରୀ ରାମକୃଷ୍ଣ ମିସନ୍‌ର କର୍ମୀମାନଂକ ନିଷ୍ଠାପର ଅକ୍ଳାଂତ ସେବା ବଳରେ ପରୋକ୍ଷ ଭାବରେ ଶ୍ରୀ ରାମକୃଷ୍ଣଂକ ପରିଚୟ ଉତ୍କଳବାସୀଂକୁ ମିଳିଥିଲା । ଭୁବନେଶ୍ୱର ଓ ପୁରୀ ମଠର ଶ୍ରୀ ରାମକୃଷ୍ଣ ସେବକମାନେ ଉତ୍କଳରେ ସୁପରିଚିତ କଟକର ଶ୍ରୀ ରାମକୃଷ୍ଣ କଟେଜରୁ ଉତ୍ତୀର୍ଣ୍ଣ ଛାତ୍ରମାନଂକ ଜରିଆରେ ସେ ନାମ ଓଡ଼ିଶାର ପୁରପଲ୍ଲୀକୁ କ୍ରମଶଃ ବ୍ୟାପୁଛି । କିଂତୁ ମନେହୁଏ, ଶ୍ରୀ ରାମକୃଷ୍ଣ ଶତବାର୍ଷିକ ଉତ୍ସବ ଯାହା କି ଗତ ମାସ ୨୪ ତାରିଖରେ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ସମାରୋହରେ ପାଳିତ ହୋଇଛି, ତାହାଦ୍ୱାରା ଶ୍ରୀ ରାମକୃଷ୍ଣ ନାମର ଅପୂର୍ବ ପ୍ରଚାର ଉତ୍କଳରେ ହୋଇଅଛି, ହେବା ମଧ୍ୟ ବାଂଛନୀୟ ।

ଶ୍ରୀ ରାମକୃଷ୍ଣ ଭକ୍ତିମାର୍ଗର ନୀରସ ସାଧକ ନ ଥିଲେ, କିଂବା ଜ୍ଞାନର ଅବଲେପରେ ଈଶ୍ୱର ଭାବ ଓ ଭକ୍ତିକୁ ନିଜସ୍ୱ କରି ବସି ନଥିଲେ । ସେ ଭକ୍ତ ଥିଲେ ଓ ଜ୍ଞାନୀ ଥିଲେ– କିଂତୁ ଭକ୍ତି ଓ ଈଶ୍ୱରଭାବ ତାଂକର ସମସ୍ତ ହୃଦୟ ମନକୁ ଏପରି ଭାବରେ ପରିପ୍ଲୁତ କରି ରଖିଥିଲା ଯେ ତାହା ପାଇଁ ତାଂକୁ ସାଧନା କରିବାକୁ ପଡୁ ନଥିଲା । ଜ୍ଞାନ ନିମଂତେ ତାଂକୁ ଉପନିଷଦର ଦୁରୂହ ସୂତ୍ରମାନଂକର ଜଟିଳତା ଭେଦ କରିବାକୁ ପଡୁ ନଥିଲା । ସାଧନା ନିମଂତେ ସେ ନିର୍ଜନ ଜଂଗଲର ଆଶ୍ରୟୀ ନ ଥିଲେ, ଏକରକମ ନିରକ୍ଷର ହୋଇ ମଧ୍ୟ ଅତୀବ ଜ୍ଞାନୀ ଥିଲେ । ମନେହୁଏ ରାମକୃଷ୍ଣ ମହତ୍ତ୍ୱର ପ୍ରକୃତ ପରାକାଷ୍ଠା ଏହିଠାରେ । ସେ ସାଧାରଣ ସଂସାରୀ ପରି ଜୀବନ ଯାପନ କରି, ସାଧାରଣ ସଂସାରୀମାନଂକ ଭିତରେ ସଂସାର କରି ରହି, ସାଧାରଣରେ ଅସାଧାରଣ ସାଧନା ଓ ଜ୍ଞାନର ପରିଚୟ ଦେଇ ଆଜି ଈଶ୍ୱରଂକ ଅବତାର ବୋଲି ଗୃହୀତ ହୋଇଛଂତି । ଶ୍ରୀରାମକୃଷ୍ଣ ସ୍ମୃତି ପୂଜା କଲାବେଳେ ସେଥିପାଇଁ ଦେଶ କାଳ, ଧର୍ମ ବର୍ଣ୍ଣର ବାଛ- ବିଚାର ନାହିଁ । ଆଜିକାଲିର ସଂସାର ସ୍ୱାଧୀନ ହେବା ପ୍ରଚେଷ୍ଟାରେ ଈଶ୍ୱରଂକଠାରୁ ମଧ୍ୟ ସ୍ୱାଧୀନ ହେବାକୁ ଚେଷ୍ଟା କରୁଛି । ବିଜ୍ଞାନ ଓ ଶିକ୍ଷାର ସାର୍ବଜନୀନତା ଫଳରେ କେହି କାହାର ବିଶିଷ୍ଟତା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହଂତି । ସଂକୀର୍ଣ୍ଣ ପ୍ରାଦେଶିକ ଓ ଜାତୀୟ ପ୍ରଭାବରେ ପୂଜ୍ୟପୂଜା ବ୍ୟତିକ୍ରମ ସାଧାରଣତଃ ଦେଖାଯାଏ । ଏ ସବୁ ଶ୍ରୀ ରାମକୃଷ୍ଣ ନାମର ସାର୍ବଜନୀନ ପ୍ରଚାରରେ ପ୍ରତିବଂଧକ ହୋଇ ନାହିଁ, ଏହାହିଁ ତାଂକର ଐଶୀ ବା ଅତିମାନୁଷ ଶକ୍ତିର ସଂପୂର୍ଣ୍ଣ ପରିଚୟ ।

ଈଶ୍ୱରାବିଶ୍ୱାସୀ ଜଡ଼ବାଦୀ ଏବଂ ଔପଯୋଗିତ୍ୱସେବୀକୁ ମଧ୍ୟ ଶ୍ରୀ ରାମକୃଷ୍ଣଂକ ଉପଦେଶାବଳୀରେ ଅମୃତ ମିଳିବ । 'ଯେତେ ମତ ତେତେ ପଥ' ଏହି ଯେଉଁ ତଥ୍ୟଟି

Digitized by PPRACHIN, SOA

ସେ ପୁଣି ନୂଆ କରି ଆଂଭମାନଂକୁ ବୁଝାଇଛଂତି ତାହାର ଉପଯୁକ୍ତ ପ୍ରଚାର ଓ ଉପଲବ୍ଧି ହେଲେ ଏବଂ ତାଂକ ପ୍ରଚାରିତ ମାନବପ୍ରୀତିର ଅବବୋଧ ହେଲେ, ଆଜିକାଲିର ଭାରତୀୟ ରାଜନୀତିକ ଓ ସାମାଜିକ ବାୟୁମଂଡଳ ବିଶେଷ ପରିଷ୍କୃତ ହୁଅଂତା । ଅନ୍ୟ ସବୁ କାରଣ ବାଦ୍ ଦେଇ ମଧ ଏହି ଗୋଟିକ କାରଣରୁ ଶ୍ରୀ ରାମକୃଷ୍ଣଂକର ପୁଣ୍ୟ ନାମର ପ୍ରଚାର ଓଡ଼ିଶାରେ ବାଂଛନୀୟ । ଯେଉଁମାନେ ଏହି ପ୍ରଚାରରେ ଯତ୍‌ପରୋନାସ୍ତି ଚେଷ୍ଟା କରୁଛଂତି ସେମାନେ ବରେଣ୍ୟ ।

[ନବଭାରତ, କୁମ୍ଭ ୧୩୪୨]

# ମହାତ୍ମାଗାଂଧିଂକ ତିରୋଧାନ

ପଂଡିତ ନୀଳକଂଠଂକ ଶୋକ
୩୦।୧।୧୯୪୮, ସଂଧ୍ୟା

ପଂଡିତ ନୀଳକଂଠ ଦାସ ମହାତ୍ମାଜୀଂକ ମୃତ୍ୟୁ ସଂବାଦ ଶୁଣି କହିପ୍ପକ୍ଲାଇଲେ– ‘‘ମହାତ୍ମାଜୀ ଆଉ ନାହାଂତି । ଏ ଯୁଗର ମହାମାନବ, ପୃଥିବୀର ଶ୍ରେଷ୍ଠ ମାନବ, ଭାରତ ସ୍ୱାଧୀନତାର କର୍ତା, ନବଭାରତର ବିଧାତା ଚାଲିଗଲେ । ଗଲେ ଆତତାୟୀ ହାତରେ । ଆତତାୟୀ ପୁଣି କିଏ ? ସେ ହେଉଚି ତାଂକ ପ୍ରାଣର ପ୍ରାଣ; ଯେଉଁମାନଂକ ପାଇଁ ସେ ବଂଚିଥିଲେ, ଯାହାଂକ ପାଇଁ ସେ ମଲେ, ସେ ହେଉଚି ତାଂକରି ଭିତରୁ ଜଣେ । ବାର୍ଣାଡ଼ଶ କହି ପକାଇଲେ– “Mahatamajee was dangerously good”, ମାତ୍ର ସେ ଆମ ଜାତିର ପିତା, ଯଥାର୍ଥ ‘ବାପୁଜୀ’ । ସେ ଥିଲେ ଆଧାତ୍ମିକ ଶାଂତି ସମତାର ପ୍ରତୀକ । ସେଇ ବଳରେ ଆମର କେତେ ସଂକଟ, କେତେ ବିପଦ ଯାଇଚି । ସେ ସମତାର ପୁଣି ସ୍ଥାନ ଆହୁରି ଉପରକୁ । ଏହା ହଉଚି ଜଗତ ଆତ୍ମାର ମୁକ୍ତିମଂତ୍ର । ମୃତ୍ୟୁରେ ଆଜି ତାଂକୁ କଳନା କରିବା ଅସଂଭବ । ଭାଷାରେ ତା କହିବାର ନୁହେ । ଯେଉଁ ଭାରତକୁ ସେ ହାତରେ ଗଢ଼ିଥିଲେ, ଆଜି ତାଂକ ହତ୍ୟାରେ ସେ ଭାରତ ମହତ୍ତ୍ୱ ହରାଇଲା । ତାଂକର ମୃତ୍ୟୁ ଆଜି ଯଥାର୍ଥରେ ଯିଶୁଖ୍ରୀଷ୍ଟଂକ ସଂଗେ ତୁଳନୀୟ– ନା, ତା’ଠାରୁ ବହୁତ ବେଶି । ମହାତ୍ମାଜୀ ଆମକୁ ଅନଂତ ଦେଶକାଳରେ ବାଟ ଦେଖାଂତୁ– ସେଥିରେଇ ଆମର ଭାଗ୍ୟ ଫିଟୁ– ଆମ ଆତ୍ମା ମୁକ୍ତି ପାଉ– ବ୍ୟକ୍ତିର ଆତ୍ମା ମୁକ୍ତ ହେଉ– ଜାତିର ଆତ୍ମା ମୁକ୍ତ ହେଉ– ମାନବର ଆତ୍ମା ମୁକ୍ତ ହେଉ ।’’

# ଗାଂଧିଜୀ ମରି ନାହାଂତି

କବି ରବୀଂଦ୍ରନାଥ ମହାତ୍ମାଗାଂଧିକଠାରୁ ବୟସରେ ଖୁବ୍ ବଡ଼ଥିଲେ । ସେ ଯରବୋଡ଼ା ଜେଲରେ ମହାତ୍ମା ଗାଂଧିଂକୁ ଦେଖି ପଚାରିଥିଲେ, ‘ମୁଁ ଏତେ ବୟସ୍କ ହୋଇ ଏଡ଼େ ପ୍ରଫୁଲ୍ଲ ଅଛି । ତମେ ଯୁବକ ହୋଇ ଏଡ଼େ ଚିଂତିତ ଦିଶୁଚ କିଆଁ ?’ ଗାଂଧିଜୀ ଉତ୍ତର

Digitized by PPRACHIN, SOA

ଦେଇଥିଲେ, 'ଦାଦା, ବୁଝିଲ ନାଇ, ସକାଳୁ ଚଢ଼େଇଟି ଉଠି ଯେତେବେଳେ ଆକାଶକୁ ଚାହିଁ ସୁନ୍ଦର ସ୍ୱରଟି ଛାଡ଼ିଦିଏ, ସେତେବେଳେ କବିପ୍ରାଣ ଆନନ୍ଦରେ ଯେପରିକି ସେଇ ସ୍ୱର ସଂଗେ ଭାସିଯାଏ । କିନ୍ତୁ ମୁଁ ସେ ସ୍ୱର ଶୁଣିଲେ ମୋର ମନେହୁଏ, ଆହା, ବିଚରା ଚଢ଼େଇଟି କାଲି ବୋଧହୁଏ ପେଟପୂରା କରି ଖାଇଥିଲା; ତେଣୁ ତା'ର ଆଜି ଏ ସ୍ୱର ।' ରବି ଠାକୁର ଶୁଣି ସ୍ତମ୍ଭିତ ହୋଇଗଲେ । ପ୍ରାଣରେ ବିଶ୍ୱପ୍ରୀତିର ଏ ସଂକେତ, ଏକା ମହାତ୍ମାଙ୍କଠାରେ ସମ୍ଭବ । ତଥାପି ସେଇ 'ଚଢ଼େଇର ପେଟକଥା ଜାଣିବା' ଲୋକ, ସେଇ ପ୍ରୀତିର ପୁରୁଷ, ଶେଷରେ ବିରକ୍ତି ଓ ବିଦ୍ୱେଷର ଆଘାତରେ ଦେହପାତକଲେ । କ୍ରିୟା ପ୍ରତିକ୍ରିୟାର ଏ ବୈଷମ୍ୟ ଦେଖି ଚମକି ପଡ଼ିବାର କଥା । କିନ୍ତୁ ଚମକି ପଡ଼ିବାର କିଛି ନାଇ । ବିଶ୍ୱସୌନ୍ଦର୍ଯ୍ୟର ଏହାଇ ବିଧି । ପଦ୍ମ ଉଠେ ପଙ୍କରୁ । ସକାଳ ବାହାରେ କାଳ-ଅନ୍ଧାରରୁ । ହିଂସାର ଏ କାଳିମାରୁ ମହାତ୍ମାଙ୍କ ଅହିଂସା ଆଜି ବିଶ୍ୱବ୍ୟାପୀ ମହାସତ୍ୟ; ମୃତ୍ୟୁର ଶୋଚନା ଭିତରେ ଆଜି ଯଥାର୍ଥରେ ମହାତ୍ମାଜୀ ଚିର ଜୀବନ୍ତ । ମହାତ୍ମାଙ୍କର ବ୍ୟକ୍ତିତ୍ୱ ଆଜି ହିଂସାର ଆଘାତରେ ସୁନ୍ଦର, ଉଜ୍ଜ୍ୱଳ ଓ ଦୀପ୍ତିମନ୍ତ ସତ୍ୟ ।

ମହାତ୍ମା ଗାନ୍ଧିଙ୍କୁ ଅନେକେ ଦେଖିଥିବେ । ଅନେକେ ତାଙ୍କ କଥା ଶୁଣିଥିବେ । ସେ ଦେଖିବାକୁ ବଡ଼ ମଣିଷଟାଏ ନ ଥିଲେ । ସାଧାରଣ ବାଗ୍ମୀମାନଙ୍କ ପରି ତାଙ୍କ ବକ୍ତୃତାରେ ଛଟା ନ ଥିଲା । ବେଶଭୂଷାରେ ପରିପାଟି ଯାହାକୁ କହନ୍ତି, ସେ ସବୁ ମହାତ୍ମାଗାନ୍ଧିଙ୍କ ପାଖରେ କେହି ଦେଖି ନଥିବେ । ତାଙ୍କ ଖାଇବା ପୁଣି ଅତି ବିଚିତ୍ର । ସେ ଯାହା ଖାଆନ୍ତି, ତାହା ଦେଖି ସାଧାରଣ ଲୋକ ବୁଝି ପାରିବ ନାଇ, ତାହା ଖାଇ ଲୋକ କିପରି ବଞ୍ଚିରହେ– କାମ କରିବା ତ ଦୂରର କଥା । ମହାତ୍ମାଜୀ କିନ୍ତୁ ଥିଲେ ଅକ୍ଳାନ୍ତ ନିୟମିତ କର୍ମୀ । କାମରେ ଏକ ସେକେଣ୍ଡ ଏପାଖ ସେପାଖ ହେବାର ନଥିଲା । ମନେଅଛି, ୧୯୨୧ରେ ଅହମଦାବାଦ କଂଗ୍ରେସ ଦେଖି ଫେରିବା ପରେ କଟକରେ ମୋ ଅଧ୍ୟାପକ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ଗାଙ୍ଗୁଲୀ ପଚାରିଥିଲେ, 'ଗାନ୍ଧିଙ୍କି କ'ଣ ଦେଖିଲ ?' ମୁଁ ଉତ୍ତର ଦେଇଥିଲି, 'ଗୋଟିଏ ବିଷୟ ବୁଝାଇବା ପାଇଁ ଗାନ୍ଧି ଗାନ୍ଧିଜୀ, ସଭାପତି ହାକିମ ଆଜମଲ୍ ଖାଁଙ୍କ ଠାରୁ ୩ ମିନିଟ୍ ସମୟ ପାଇ କହିବାକୁ ଠିଆ ହେଲେ । ଶ୍ରୋତାଙ୍କ ଭିତରୁ ସ୍ୱର ଉଠିଲା– ହିନ୍ଦି, ହିନ୍ଦି, ଇଂଲିଶ୍, ଇଂଲିଶ୍ । ଗାନ୍ଧିଜୀ ସେଇ କଥାକୁ ଇଂରେଜୀରେ କହିବା ପାଇଁ ଆଉ ୩ ମିନିଟ୍ ସମୟ ମାଗିଲେ, ପାଇଲେ । ହିନ୍ଦିରେ ବ୍ୟାଖ୍ୟାନ ଆରମ୍ଭ କଲେ । (ସ୍ୱର୍ଗତ) ନିରଞ୍ଜନ ପଟ୍ଟନାୟକ ଓ ମୁଁ ଘଣ୍ଟା ଧରି ବସିଲୁ । ଠିକ୍ ୩ ମିନିଟ୍ ଅର୍ଥାତ୍ ୧୮୦ ସେକେଣ୍ଡରେ ତାଙ୍କ ହିନ୍ଦି ବ୍ୟାଖ୍ୟାନଟି ସରିଗଲା । ସେ ବ୍ୟାଖ୍ୟାନଟି ସଂଗତିରେ ସୁନ୍ଦର ଓ ପୂର୍ଣ୍ଣ, ପୁଣି ସୁବୋଧ । ଠିକ୍ ପରେ ଇଂରେଜୀରେ ସେ ସେଇ କଥା ବୁଝାଇଲେ । ଠିକ୍ ୧୮୦ ସେକେଣ୍ଡ କହିଲେ (ଅବଶ୍ୟ ଅଧ ସେକେଣ୍ଡ ବା ପା ସେକେଣ୍ଡ ବିଷୟରେ ମୁଁ ନିଶ୍ଚିତ କରି କହିପାରୁ ନାଇ) । ବ୍ୟାଖ୍ୟାନଟି ହିନ୍ଦି ବ୍ୟାଖ୍ୟାନ ପରି ସୁନ୍ଦର ସୌଷ୍ଠବମୟ ଓ ସୁବୋଧ । ମୁଁ ମହାତ୍ମାଗାନ୍ଧିଙ୍କୁ ଏହାଇ

Digitized by PPRACHIN, SOA

ଦେଖିଲି ।' ଗୋପାଳବାବୁ ପବୀଣ ଅଧ୍ୟାପକ । ଶୁଣି ସ୍ତଂଭିତ ହୋଇଗଲେ । କହିଲେ "ହଁ, ବାସ୍ତବିକ ତୁମେ ଦେଖିଚ– ମହାତ୍ମା ଦେଖିଚ ।" ଏ ଅତିମାନବତା ବ୍ୟାଖ୍ୟା କରି ବୁଝାଇବାର ନୁହେଁ ।

ବିଶ୍ୱବିକାଶ ଧର୍ମଇ ସମାଜର ଆଦର୍ଶ । ରେଣୁଠାରୁ ନୀହାରିକା ପର୍ଯ୍ୟଂତ, ହରିତ କଣିକାଠାରୁ ମାନବ ପର୍ଯ୍ୟଂତ, ସମସ୍ତ ବସ୍ତୁ ଜଂତୁ ନିର୍ଦ୍ଦିଷ୍ଟ ନିତ୍ୟ ନିୟମରେ ବିକାଶରେ ଚାଲିଚଂତି । ସେଇ ନିୟମରେ ସୂର୍ଯ୍ୟାଦି ଆତ ଜାତ ହୁଅଂତି । ଋତୁ ହୁଏ, ଫୁଲ ଫୁଟେ; ବସଂତ ବହେ, କୋଇଲି ବୋବାଏ; ଫୁଲର ପରାଗ ସଂଗମଠାରୁ ପକ୍ଷୀର ନୀଡ଼-ନିର୍ମାଣ ପର୍ଯ୍ୟଂତ ସବୁ ସେଇ ନିର୍ଦ୍ଦିଷ୍ଟ ବିକାଶ ନିୟମରେ ଚାଲେ । କାହିଁରେ ବ୍ୟତିକ୍ରମ ନାଇ, କି ବ୍ୟତ୍ୟୟ ନାଇ । ଏଇ ବିକାଶ ଧର୍ମଇ ଜଗତରେ ସତ୍ୟର ପ୍ରକାଶ । ଏହାଇ ସତ୍ୟ । ଆଂବ ବଉଲିଲେ ବାସ ମହକେ, କୋକିଳ ଗାଏ; ଶରତ୍‌ରେ ପାଣି ସଫା ହୁଏ; ଶୀତ ଛାଡ଼ିଲେ, ପଦ୍ମ ସୁଂଦର ମୁହଁ ଦେଖାଇ ହସିଉଠେ । ସମସ୍ତେ ସତ୍ୟ କହଂତି, ସତ୍ୟଇ ଆଚରଣ କରଂତି । ବ୍ୟତ୍ୟୟ କେବଳ ମାନବର । ବିଶ୍ୱବିକାଶ ଧର୍ମରେ ମାନବକୁ ପକାଇବାଇ ସମାଜର ଚିର ପ୍ରଚେଷ୍ଟା । ସେଇ ସତ୍ୟର ପ୍ରତିଷ୍ଠା ନିମଂତେ ସମାଜରେ ସଂଯମ ଓ ଶୃଂଖଳା; ସେଇଥିପାଇଁ କାମନାରେ ଲଗାମ୍; ତାହାଇ ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ବୋଇଲେ, ବ୍ରହ୍ମ ବା ବିଶ୍ୱର ବିକାଶ ପରି ଆଚରଣ । ମହାପୁରୁଷ ସମାଜକୁ ଏଇ ଦୀକ୍ଷା ଦିଅଂତି । କାମନାର ସ୍ୱଚ୍ଛଂଦ ବିଳାସରେଇ ହିଂସା । ବ୍ରହ୍ମଚର୍ଯ୍ୟଇ ଅହିଂସା ।

ମହାତ୍ମା ଏଇ ବ୍ରହ୍ମଚର୍ଯ୍ୟ ତଥା ଏଇ ଅହିଂସାର ପୂର୍ଣ୍ଣ ପ୍ରତୀକ ଥିଲେ । ସେ ଏଇ ଆଦର୍ଶର ମୂର୍ତ୍ତିମଂତ ବିଗ୍ରହ ଓ ଅବତାର ଥିଲେ । ଅତି ସାମାନ୍ୟ ଶରୀର ଧର୍ମରେ ମଧ ମହାତ୍ମାଂକର ଏଇ ନିରାଟ ବ୍ରହ୍ମଚର୍ଯ୍ୟ ଦାଉ ଦାଉ ଫୁଟି ଦିଶୁଥିଲା । ଆଦର୍ଶ କ୍ରିୟାରେ ଏ ଅଜ୍ଞାତ ବିଶ୍ୱଶିକ୍ଷାର ଦୀକ୍ଷା, କଳ୍ପନାରେ ଥାଇପାରେ; ବାସ୍ତବରେ ସୁଲଭ ନୁହେ– ଅଲଭ୍ୟ କହିଲେ ଚଳେ । ମହାତ୍ମାଜୀ ଖାଂତି ସ୍ୱାସ୍ଥ୍ୟ ପାଇଁ– ଶରୀର ଧର୍ମ ଆଚରଣ ପାଇଁ– ଗୀତା ଭାଷାରେ ମାତ୍ରକ ଶରୀରଯାତ୍ରାର ସିଦ୍ଧି ପାଇଁ । ସ୍ୱାଦୁ ପାଇଁ ସେ କେବେ ଖାଅଂତି ନାଇ । ସେ ପିଂଧଂତି, ପ୍ରୟୋଜନ ପାଇଁ; ସଜାଡ଼ି ହେବା ପାଇଁ ନୁହେ । ସେ ଶୁଅଂତି ଶରୀରର ଆବଶ୍ୟକ ବୋଲି; ବିଶ୍ରାମର ବିଳାସ ପାଇଁ ନୁହେ । ଗୋଲ୍‌ଟେବୁଲ ବୈଠକ ପାଇଁ ବିଲାତରେ ଥିଲାବେଳେ ଦେଢ଼ମାସ କାଳ ଶୋଇବାକୁ ତାଂକୁ ତର ମିଳି ନଥିଲା । ମାତ୍ର ନିରୁତା ନିଷ୍ଠାରେ ଶରୀର ଧର୍ମ ପାଳିବାକୁ ହେବ । ତେଣୁ, ସମସ୍ତେ ଜାଣଂତି, ଭାରତକୁ ଫେରିଲା ପରେ ଶୋଇବାରେ ଯାହା ବାକୀଥିଲା, ତାକୁ ସେ ପୂରଣ କରିଥିଲେ । ଯଂତ୍ରର ମରାମତି ପରି ଆତ୍ମାର ଶ୍ରୀମଂଦିର ଦେହକୁ ଏପରି ବିଶ୍ୱବିକାଶର ନିତ୍ୟ ଧର୍ମରେ ମିଶାଇଦେବା, ଆଚରଣରେ ସତ୍ୟ ପ୍ରକାଶ କରିବା, ମହାତ୍ମାଂକ ପକ୍ଷେ ଏକା ସଂଭବ । ଅଲକ୍ଷିତ ବିଳାସ ବ୍ୟସନର ଶ୍ରେଷ୍ଠଭୂମି– ଅଜ୍ଞାତ ଗୁପ୍ତ କାମନାର ଆଦିପୀଠ– ସାମାନ୍ୟ ଖାଇବା ପିଂଧିବା ଶୋଇବା । ସେଥିରେ ଏ ରୀତି, ଏ ପ୍ରକାର, କର୍ମ ନିୟମର ଏ

Digitized by PPRACHIN, SOA

ନିର୍ଦ୍ଦିଷ୍ଟତା, କାହାକୁ ହୁଏତ ପୁରାଣର କଥା, କାବ୍ୟର କଳ୍ପନା ବା ଦର୍ଶନର ବ୍ୟାଖ୍ୟାନ ପରି ଲାଗିପାରେ । କିଂତୁ ଭାରତବାସୀର ଭାଗ୍ୟ— ଏ ଯୁଗର ବିଶ୍ୱବାସୀଂକ ସୌଭାଗ୍ୟ— ମହାତ୍ମାଂକ ଜୀବନରେ ସେ ଏସବୁ ସତରେ ଦେଖିଚଂତି ।

ବିକାଶ ଶୃଂଖଳାରେ ବୈଷମ୍ୟରେଇ ସମତା । ସୌଂଦର୍ଯ୍ୟ ସେଇଠାରେ । ସେଇ ଏକା 'ସତ୍ୟଂ ଶିବଂ ସୁଂଦରଂ' । ଗଛର ସବୁ ତାଳପତ୍ର ସମାନ ହୋଇଥିଲେ ସେଥିରେ ଶୃଂଖଳାର କଳ୍ପନା ନାଇ, ତା ଶୁଭଂକର ନୁହେ; ସୌଂଦର୍ଯ୍ୟ ସେଥିରେ ଅସଂଭବ । ଏଇ ବୈଷମ୍ୟ ଓ ବିରୋଧାଭାଷଇ ସୃଷ୍ଟି ତଥା ବିକାଶର ନିତ୍ୟ ନିୟମ । ବିନାଶରେ ବିକାଶ, କ୍ଷୟରେ ବୃଦ୍ଧି, ଅଂଧାରରେ ଆଲୋକ, ଏପରି କି ଶୃଂଖଳାରେ ସ୍ୱାଧୀନତା, ନିର୍ବାଚନରେ ଆହରଣ— ସର୍ବତ୍ର ବରୋଧାଭାଷ । କେତେ ଫୁଲ ଫୁଟେ, କେତେ ମଂଜି ପାଚେ— କିଂତୁ ସେ ସବୁର ଧ୍ୱଂସରେଇ ବିଶ୍ୱ ପ୍ରକାଶରେ ବିଶାଳ ବୃକ୍ଷ ସୌଂଦର୍ଯ୍ୟ । ସୂର୍ଯ୍ୟରୁ କେତେ ଆଲୋକରଶ୍ମି ଅନଂତ ଶୂନ୍ୟରେ କୁଆଡ଼େ ଯାଏ ? କେତେ ବା ସେଥିରୁ ସୌରଜଗତ୍ ପାଏ ? ଏଇ ଅଳ୍ପରେ ଏଇ ମହାକ୍ଷୟର ଅନଂତ ପ୍ରଭାବରେ ବିକାଶର ସତ୍ୟ, ସର୍ଜନର ମଙ୍ଗଳ, ବିଶ୍ୱ ଶୃଂଖଳାର ସୌଂଦର୍ଯ୍ୟ ।

ମହାତ୍ମାଜୀଂକ 'ସତ୍ୟ ଶିବ ସୁଂଦର' ସେବାରେ ସେଇ ବିରେଧାଭାଷ । ତ୍ୟାଗରେ ଭୋଗର ମହା ଶୃଂଖଳା; ଅହିଂସାରେ ଆତ୍ମାର ମହାବିକାଶ । ଖାଇବାରେ ଶରୀରରକ୍ଷା । ମାତ୍ର ଉପବାସରେଇ ମହାତ୍ମାଂକର ସମାଜ ରକ୍ଷା— ସୃଷ୍ଟିରକ୍ଷା । ମୃତ୍ୟୁରେ ତାଂକର ଏହି ବିରୋଧାଭାଷର ମହା ମହିମା ସତ୍ୟ ହେଲା । ବିଶ୍ୱ ମାନବକୁ ଅହିଂସାର ମହା ଦୀକ୍ଷା ଦେଇ ଆତ୍ମିକ ପ୍ରଭାବର ଚରମସତ୍ୟ ପ୍ରମାଣିତ ଓ ପ୍ରତିପାଦିତ କରିବା ପାଇଁ ହିଂସାର ପ୍ରଚଂଡ ସ୍ଫୁରଣରେ ତାଂକ ଦେହଲୀଳା ଶେଷହେଲା । ମନୁଷ୍ୟ ତଥା ଜୀବମାତ୍ରରେ ମୈତ୍ରୀ ଓ ପ୍ରୀତି ମଂତ୍ରର ସାଧନାରେ ସିଦ୍ଧ ଯୋଗୀ ମହାତ୍ମା, ତୀବ୍ର ବିରକ୍ତିର ଶରବ୍ୟ ହେଲେ । ସ୍ୱର୍ଗତ ଚିତ୍ତରଂଜନ ମଲାବେଳେ ବିଶ୍ୱକବି ରବୀଂଦ୍ରନାଥ ମାତ୍ର ଅଳ୍ପକେ କହିଥିଲେ—

> "ଏସେଛିଲେ ସଂଗେକରେ ମୃତ୍ୟୁହୀନ ପ୍ରାନ୍
> ମରନେ ତାହାଇ ତୁମି କରେଗେଲେ ଦାନ୍ ।"
> (ଆସିଥିଲ ସଂଗେ ଘେନି ମୃତ୍ୟୁହୀନ ପ୍ରାଣ
> ମରଣେ ତାହାଇ ତୁମେ କରିଗଲ ଦାନ ।)

ମହାତ୍ମାଜୀ ଯେପରିକି ଅହିଂସାର ସ୍ପଷ୍ଟ ଦର୍ଶନ ଓ ଅହିଂସାର କର୍ମପରଂପରା ଘେନି ଅବତୀର୍ଣ୍ଣ ହୋଇଥିଲେ । ମନେହୁଏ, ମରଣରେ ମଧ ବିବ୍ରତ ବିଶ୍ୱବାସୀଂକୁ ପୂରାପୂରି ତା ଦେଖାଇବା ପାଇଁ ସେ ନିଜେ ହିଂସାରେ ଆତ୍ମବଳି ଦେଲେ । ସର୍ଦାର ପଟେଲ ବହୁ ଲକ୍ଷଣ ଦେଖି ଶଂକିତ ହୋଇ ସାବଧାନ ହେବାକୁ ମହାତ୍ମାଂକୁ କହିଥିଲେ । କିଂତୁ ମହାତ୍ମା, ମହାତ୍ମା । ସେ କହିଲେ, 'ସାବଧାନ ହେଲେ ମୁଁ ଆତ୍ମହତ୍ୟା କରିବି ।' ଓଃ ! ମନୁଷ୍ୟଠାରେ କି ବିଶ୍ୱାସ ? ଆତ୍ମିକତାରେ କି ଅନଂତ ପ୍ରତ୍ୟୟ । ଆତ୍ମହତ୍ୟା କରିଥିଲେ, ଉପାସରେ

Digitized by PPRACHIN, SOA

ମରିଥିଲେ କିଂବା ସ୍ୱାଭାବିକ ଭାବରେ ରୋଗରେ ଯାଇଥିଲେ, ଅହିଂସାର ଅବତାର ମହାତ୍ମାଜୀଂକର ବିଶ୍ୱବାସୀଂକ ଉପରେ ଆତ୍ମିକତାର ଏ ପ୍ରଭାବ ପଡ଼ିନଥାଂତା । ସାମାନ୍ୟ ତଡ଼ା ଲଗାଇଦେଲେ ବିରାଟ ପଥର ବି ଟଳିଯାଏ, ଉଠିଯାଏ । ଆଜି ହିଂସାର କ୍ରିୟାରେ ମହାତ୍ମାଂକର ଏ ମୃତ୍ୟୁ ଅହିଂସା ପାଇଁ ଜଗତର ଆଖି ଫିଟାଇ ଦେଇଚି । ଅହିଂସାର ଶକ୍ତି, ଅହିଂସାରେ ମାନବର ପ୍ରତ୍ୟୟ, ତଡ଼ାରେ ପଥର ଟଳିଲା ପରି ଅବିଶ୍ୱାସୀର ଦାଂଭିକତା ଚହଲାଇ ଦେଇଚି । ଅହିଂସାରେ ପ୍ରତ୍ୟୟ ଶତଗୁଣ, ସହସ୍ର ଗୁଣ, ଉଠିଯାଇଚି । ପରମାଣୁରେ ସୃଷ୍ଟିର ପ୍ରକାଶ । ସେଇଥିରେଇ ବିଶ୍ୱଶୃଂଖଳା ଶାଂତିରେ ଆତଯାତ । ଏ ଶୃଂଖଳା ଭିତରେ ସୃଷ୍ଟିର କି ଶକ୍ତି ନିଗୂଢ଼ ଅଛି, କହି ବୁଝାଇଲେ କିଏ ବୁଝିବ ? ବୁଝାଇବା ପାଇଁ ଭୌତିକ ଜଗତରେ ବୈଜ୍ଞାନିକ ପରମାଣୁକୁ ଭାଂଗିଦେଲେ । ଅନଂତ ଶକ୍ତି ଫିଟି ପଡ଼ିଲା । ବିଶ୍ୱ ମାନବ ଦେଖିଲା, ବୁଝିଲା । ମହାତ୍ମା ଅହିଂସା ପ୍ରଚାର କଲେ । ଜୀବନର ଅନଂତ ସଂଯମ ଓ ନିଷ୍ଠା ସମାହିତ କରି ବିଶ୍ୱମାନବକୁ ଆକର୍ଷଣ କରି ବସିଲେ । ଲୋକେ ଦେଖିପାରିଲେ ନାଇ– ବୁଝିପାରିଲେ ନାଇ । ପରମାଣୁକୁ ଫଟାଇଦେଲା ପରି ଆଜି ଅହିଂସା, ହିଂସାର ପ୍ରଚଂଡ ଆଘାତରେ ଫାଟିଯାଇଚି । ତେଣୁ ଆଜି ଅହିଂସାର ଶକ୍ତି ବିଶ୍ୱବ୍ୟାପୀ । ଅହିଂସା କ'ଣ କରିପାରେ, ବିଶ୍ୱମାନବ ଆଜି ତାହା ଅନୁଭବରେ ଦେଖୁଚି ।

ମହାତ୍ମାଜୀ ସାବଧାନ ହୋଇପାରିଥାନ୍ତେ । ବହୁ ସଂକେତ ସେ ପାଇଥିଲେ । ସାବଧାନ ହେବାର ସାଧନା ତାଂକ ପାଖରେ ନଥିଲା, ନୁହେ । କିଂତୁ ଅହିଂସାର ଆତ୍ମିକ ଶକ୍ତି ସେଥିରେ ପ୍ରକାଶ ପଡ଼ଂତା ନାଇ– ବରଂ ଲୁଚି ରହଂତା । ଆଜି କିଂତୁ ଅହିଂସାର ପ୍ରକାଶ ତଥା ପ୍ରଚାର ସ୍ପଷ୍ଟ ଓ ଜୀବଂତ । ପ୍ରାଣ ଦେଇ ମହାତ୍ମାଜୀ ଆଜି ଶେଷରେ ପୂର୍ଣ ମଂତ୍ର-ସିଦ୍ଧ । ଏ ସିଦ୍ଧି ତାଂକର ଥିଲା– ଲୋକେ ହୁଏତ ଜାଣି ନ ଥିଲେ । ହୁଏତ ସଂଦେହ କରୁଥିଲେ । କିଂତୁ ଆଜି ଅଜ୍ଞାନର ସେ ଗଂଠି ଛିଂଡିଯାଇଚି । ସର୍ବ ସଂଶୟ ଦୂର ହୋଇଚି । ଅହିଂସାର ଜ୍ୟୋତି ଆଜି ପୃଥିବୀରେ ଜୀବଂତ ଓ ଉଜ୍ଜ୍ୱଳ । ବିଶ୍ୱବାସୀ ଆଜି ନିଃସଂଶୟରେ ଦେଖୁଚି, ପ୍ରାଣର ପୂର୍ଣ ପ୍ରୀତି ଯଥାର୍ଥରେ କ'ଣ ? ଏପରି ଦେଖାଇ ଶିଖାଇବା ଜଗତରେ ନୂତନ କହିଲେ ଚଳେ ।

ଇତିହାସରେ ଆଉ ଦିନେ ଏପରି ହୋଇଥିଲା ବୋଲି ଲୋକେ କହଂତି । ତା' ହୋଇଥିଲା, ୧୯୨୫ ବର୍ଷ ତଳେ, ଏଇପରି ଗୋଟିଏ ଶୁକ୍ରବାରରେ । ଅବଶ୍ୟ ବାରରେ ଏପରି ଘଟଣା ନିର୍ଦ୍ଦେଶ କରିବାର ବଦ୍ଧ କୁସଂସ୍କାର ଧରି ଏ କଥା କୁହାଯାଉନାଇ । ଲୋକେ କହଂତି, ସେ ଦିନ ବି ଶୁକ୍ରବାର ହୋଇଥିଲା । ଯିଶୁଖ୍ରୀଷ୍ଟ ସେ ଦିନ ଶୂଳି ଘେନିଥିଲେ । କାହିଁକି ? ରୋମ-ସାମ୍ରାଜ୍ୟ-ପ୍ରପୀଡ଼ିତ ଦେଶବାସୀଂକୁ ସେ ମଧ୍ୟ କହିଥିଲେ, 'ଗୋଟିଏ ଗାଲରେ ମାଇଲେ, ଆଉ ଗୋଟିଏ ଗାଲ ଦେଖାଇ ଦିଅ । ମଂଦିର ପୂଜାରେ ଆଭିଜାତ୍ୟ ଛାଡ଼ି, ସତ୍ୟଧର୍ମ ଓ ସାମ୍ୟର ଆଶ୍ରୟ କର ।' ଶୂଳି ଦେଲାବେଳେ ସେ କହୁଥିଲେ, ''ହେ ପିତା ! ଏମାନଂକୁ କ୍ଷମା ଦିଅ– କାହିଁକି ନା, ଏମାନେ କ'ଣ କରୁଚଂତି,

Digitized by PPRACHIN, SOA

ବୁଝୁନାହାଂତି ।' ଅବଶ୍ୟ ଏ ସବୁ ପୁରାଣ କଥା ହୋଇପାରେ । ଏଥିରେ ଶିଷ୍ୟମାନଂକ କଳ୍ପନା ମିଶିଚି । ଏ କଥା ବା କଳ୍ପନାରେ ଆଉରି ପୁଣି ମିଶିଚି, ସେଇ ଯିଶୁଖ୍ରୀଷ୍ଟ ୪୦ ଦିନ ପରେ କବରରୁ ସ୍ୱଦେହରେ ଉଠିଆସି ଶିଷ୍ୟଂକୁ ସାଂତ୍ୱନା ଦେଇ ତତ୍ତ୍ୱ ବୁଝାଇଲେ । କିଂତୁ ମହାତ୍ମାଜୀଂକ ତିରୋଧାନ ଏ କଳ୍ପନାକୁ ବଳିଯାଇଚି । ମହାତ୍ମାଜୀଂକ ଶରୀର ଯମୁନା କୂଳରେ ଭସ୍ମ ହୋଇଚି । ସେ ଆଉ ସ୍ୱଦେହରେ ଉଠିବେ ନାଇ– ସ୍ୱଦେହରେ ଉଠିବା ମଧ୍ୟ ତାଂକର ଆଉ ଦରକାର ନାଇ । ଯେଉଁ ଲୋକଂକ ପାଇଁ ତାଂକ ଜୀବନ, ସେଇ ଲୋକଂକ ଗୁଳିରେ ସେ ପଡ଼ିଗଲେ– କର୍ତବ୍ୟ କରୁ କରୁ ପଡ଼ିଗଲେ । ସେ ପଡ଼ିଯାଇ ନାହାଂତି । ସଂଗେ ସଂଗେ ପୃଥିବୀରେ, ବିଶ୍ୱବାସୀର ହୃଦୟର ତରଙ୍ଗେ ତାଂକ ବିଭୂତି, ତାଂକ ସତ୍ୟଧର୍ମ ନବଜୀବନ ଧରି ଖେଳିଯାଇଚି । ସେ ଜୀବନର ଅବସାନ ନାଇ । ତା'ର କବର ହୋଇନାଇ । ତେଣୁ କବରରୁ ଉଠିବା ତା'ର ଦରକାର ନାଇ । ଆଉ ଥରେ ତତ୍ତ୍ୱ ବୁଝାଇ କହିବା ପାଇଁ ସ୍ୱଦେହରେ ମହାତ୍ମାଜୀ ଆସିବା ଲୋଡ଼ା ନାଇ । ତାଂକର ଦେହ ନାଇ । ତାଂକ ଦେହ ଭିତରେ ଯେଉଁ 'ଦେହୀ', ତା'ର ମୃତ୍ୟୁ ନାଇ । ତାଂକର ଅଂତରାତ୍ମା ଆଜି ବିଶ୍ୱମୁକ୍ତି ନିମଂତେ ଜୀବଂତ । ମୁକ୍ତି-ମଂତ୍ରର ଏ ପ୍ରଚାର, ଜଗତରେ ନୂତନ । ଏହା ଯେ ଦେଖିବ, ସେଇ ଏକା ମହାତ୍ମାଂକୁ ଦେଖିବ । ମହାତ୍ମା ଆଜି ଦେହରେ ଅଦୃଶ୍ୟ ହୋଇପାରଂତି, କିଂତୁ ଆତ୍ମାରେ ଆଉ ଅଗମ୍ୟ ନୁହଂତି । ସେଇ ଏକା ଏ ଯୁଗର ମାନବ । ମାନବର ଏକା ପୁତ୍ର ସେଇ– ସେଇ ଏକା ଈଶ୍ୱରଂକର ପୁତ୍ର । ତାଂକ ଆତ୍ମଶକ୍ତି ପାଖେ ଆଜି ପରମାଣୁ ବୋମାର ଶକ୍ତି ନ୍ୟୂନ । ସେ ଶକ୍ତିର ପ୍ରେରଣାରେ ଆଜି ବିଶ୍ୱମାନବ ଧ୍ୱଂସ– ମହାଧ୍ୱଂସ ମଧ୍ୟରେ ଶୃଂଖଳାରେ, ସମତାରେ ବିଶ୍ୱବିକାଶର ନିତ୍ୟ ଶାଂତ ପାଇବ । ମହାତ୍ମାଂକ ଆତ୍ମଶକ୍ତି ପ୍ରାଣେ ପ୍ରାଣେ ଫୁଟୁ । ମାନବ ଶାଂତି ପାଉ । ଓଁ ତତ୍‌ସତ୍ ।*

[ନବଭାରତ, ଫେବୃଆରୀ ୧୯୪୮]

---

* ମହାତ୍ମାଜୀଂକୁ ମୁଁ ଥରେ ସତ୍ୟବାଦୀଠାରେ କହିଥିଲି,

By faith and faith alone we embrace
Believing where we cannot prove.

ଏହା ମୁଁ ଖଦୀପ୍ରଚାର ସଂବଂଧରେ କହିଥିଲି । ମହାତ୍ମାଜୀ କହିଥିଲେ, "Exactly it is so." ସେଠାରୁ ମୁଁ ନମସ୍କାର କରି ଚାଲିଯାଇଥିଲି । ଗାଂଧିଂକର ସମସ୍ତ ଅହିଂସା ମଧ୍ୟରେ ଏଇ ଭାବ ମୋର ସର୍ବଦା ରହିଥିଲା । କେବଳ ଗାଂଧିଂକ କାର୍ଯରେ ଭାରତର ସଫଳତା ଯୋଗୁ ମୁଁ ଗାଂଧିଜଠାରେ ଆବଦ୍ଧ ଥିଲି, ଏ କଥା କହି ରଖିବା ଉଚିତ । ତା' ନହେଲେ ମନୁଷ୍ୟ କ୍ରିୟା ବା ମନୁଷ୍ୟ ମନର ଆରୋପ ଯେଉଁ ଈଶ୍ୱରଂକଠାରେ ହୁଏ ସେ ଈଶ୍ୱର ବିଶେଷରେ ଭାରତର ମୌଳିକ ଈଶ୍ୱର ନୁହଂତି ଏହା ମୋର ଧାରଣା ।

ନୀଳକଂଠ ଦାସ

Digitized by PPRACHIN, SOA

# ମହାତ୍ମା ଗାଂଧିଂକ ଶେଷ ପ୍ରାର୍ଥନା ସଭା ବାଣୀ

ସେଦିନ ଅର୍ଥାତ୍, ଜାନୁଆରୀ ୨୯ ଗୁରୁବାର ଦିନ ଓପରଓଳି ପ୍ରାର୍ଥନା ସଭାରେ ସୀମାଂତ ପ୍ରଦେଶର ବାନୁ ଅଂଚଳରୁ ପଳାଇ ଆସିଥିବା ୪୦ ଜଣ ଲୋକ ଗାଂଧିଜୀଙ୍କୁ ଭେଟି କହିଥିଲେ, ସେମାନଂକର ସବୁ ଦୁଃଖର କାରଣ ହେଉଛଂତି ନିଜେ ଗାଂଧିଜୀ । ତେଣୁ ଗାଂଧିଜୀ ଦେଶ ଛାଡ଼ି ହିମାଳୟକୁ ଯାଆଂତୁ ବୋଲି ସେମାନେ କ୍ରୋଧରେ କହିଥିଲେ । ଗାଂଧିଜୀ ତାଂକ କଥା ଲେଖାଇ ନେଇଥିଲେ । ଏ କଥାକୁ ଲକ୍ଷ୍ୟ କରି ଗାଂଧିଜୀ କହିଲେ, ‘‘ଆହା ! ଏ ଲୋକଗୁଡ଼ିକ ପ୍ରାଣରେ କି ଦାରୁଣ ଯଂତ୍ରଣା ଭୋଗ କରୁଚଂତି । ସେମାନେ ମତେ ଦେଖିବାକୁ ଆସିଥିଲେ । ବଡ଼ ଭଲକଥା । ମୁଁ ତାଂକୁ ପଚାରିଲି, ‘କାହା ଆଦେଶରେ ମୁଁ ହିମାଳୟକୁ ଯିବି ?’ ସେଠାରୁ ସେମାନେ ବିରକ୍ତ ହୋଇ ଗାଳି ଦେଲେ । ତାଂକ ଭିତରୁ କେତେକ ପୁଣି ମୋର କାର୍ଯ୍ୟକୁ ବଡ଼ ଘେନିଲା ପରି ପ୍ରତିବାଦ କଲେ । ଏଥିରେ ମୋର ଚାରା କ’ଣ ? ମୋର ଏକମାତ୍ର ପଂଥା ହେଉଚି, ଏକା ଈଶ୍ୱରଂକ ଆଦେଶ ମାନି ଚଳିବା । ଈଶ୍ୱର ଏକା ପ୍ରାଣର ଅଂତରତମ ପ୍ରଦେଶରୁ ମନୁଷ୍ୟକୁ ଚାଳନା ଦିଅଂତି । ସେ ଲୋକଂକ ଭିତରେ ମୋ ଭାଇ ଥିଲେ, ଭଉଣୀ ବି ଥିଲେ ।

‘‘ଈଶ୍ୱରଇ ଆମର ଯଥାର୍ଥ ବଂଧୁ । ଆମେ ସମସ୍ତେ ପୂରାପୂରି ତାଂକରି ହାତରେ । ନିଜେ ଈଶ୍ୱର ପର୍ବତ ଉପରେ ଶାଂନ୍ତି ଭୋଗ କରିବାକୁ ଲୋଡ଼ଂତି ନାଇ । ଏ ଜଗତର ବିବଦମାନ ବେଷ୍ଟନୀ ଭିତରେ ଯାହା ବା ଶାଂତି ମିଳେ, ସେଥିରେଇ ଈଶ୍ୱର ସଂତୋଷ ଅଛଂତି । ତେଣୁ ଏଇ ଲୋକଂକ ଭିତରେ ମୋର ସ୍ଥାନ । ଯେବେ ସମସ୍ତେ ହିମାଳୟ ଯିବେ, ତେବେ ତାଂକର ସେବକ ରୂପେ ମୁଁ ଯାଇପାରେ ।’’

‘‘କେତେ ଲୋକଂକଠୁଁ ଶୁଣୁଚି, ଯେଉଁମାନେ ଘରଦ୍ୱାର ଛାଡ଼ି ପଳାଇ ଆସିଚଂତି, ସେମାନଂକୁ ଖାଦ୍ୟ ଓ ବାସ ଆଦି ସବୁ ଦିଆଯାଉଚି । କିଂତୁ ସବୁ ପାଇ ମଧ ସେମାନେ କାମ କରିବାକୁ ନାରାଜ । ମାତ୍ର ମନୁଷ୍ୟ ଦୁଃଖରେ ପଡ଼ିଲେ ଶ୍ରମ ହେଉଚି ତା’ ଦୁଃଖର ଚାବି । କେବଳ ଖାଇପିଇ ମଉଜ କରିବାକୁ ଈଶ୍ୱର ମଣିଷକୁ ସୃଷ୍ଟି କରି ନାହାଂତି । ଗୀତା କହଂତି, ମନୁଷ୍ୟ, ଯଜ୍ଞ ବା କର୍ମ କରିବ ଓ ସେଇ କର୍ମର ଫଳ ଭୋଗ କରିବ । ଯେଉଁ ଧନାଧିପମାନେ କାମ ନ କରି ଖାଂତି, ସେମାନେ ସମାଜରେ ଗଛର ମଲାଂଗ ପରି । ସେମାନଂକର ମଧ ମୁଂଡ ଝାଳ ତୁଂଡେ ମାରି ଖାଦ୍ୟ ଯୋଗାଡ଼ କରିବା ଉଚିତ; ନୋହିଲେ ଉପବାସେ ରହିବାର କଥା ।

‘‘କେବଳ ଅସମର୍ଥଂକ କଥା ଅଲଗା । ସମାଜ ସେମାନଂକ ପାଇଁ ବ୍ୟବସ୍ଥା କରିବ ।’’

Digitized by PPRACHIN, SOA

ତା'ପରେ କୃଷକଂକ କଥାକୁ ଲକ୍ଷ୍ୟ କରି କହିଲେ "ଯଦି ମୋ ମତରେ କାମ ହୁଏ, ତେବେ ଆମର ବଡ଼ଲାଟ ଓ ପ୍ରଧାନ ମଂତ୍ରୀ କୃଷକଂକ ଭିତରୁ ବଛାହେବେ। ପିଲାଦିନେ ଚାଟଶାଳୀ ବହିରେ ମୁଁ ପଢ଼ିଚି, ଏ ରାଜ୍ୟ କୃଷକର। କୃଷକ ବୋଇଲେ ଭୂମିରେ ଯେ କାମ କରେ। ଲୋକ ନିରକ୍ଷର ହୋଇପାରେ– ମାତ୍ର ବଳିଷ୍ଠ କାଂଡଜ୍ଞାନ-ସଂପନ୍ନ ବ୍ୟକ୍ତି ଉଚ୍ଚ ପଦ ପାଇଁ ଅନୁପଯୁକ୍ତ ନୁହେ।

[ନବଭାରତ, ମକର ୧୩୫୫]

# ଆଲୋଚନା

## ଆଜି ଦୀର୍ଘ ୫ ବର୍ଷ ପରେ (୧୯୪୭ରେ)

ମାସିକ 'ନବଭାରତ' ବାହାରିଥିଲା, ୧୯୪୧ ସେପ୍‌ଟେଂବର ମାସରେ। ଏ ମଧ୍ୟରେ କାଗଜର କଟକଣା ଓ ଅନ୍ୟାନ୍ୟ ଅପରିହାର୍ଯ୍ୟ ଅସୁବିଧାରୁ ମାସିକଟି ବାହାର କରିବା ସଂଭବ ହୋଇନଥିଲା। ଗତବର୍ଷଠାରୁ ସରକାର ଓ ପୋଷ୍ଟ ଅଫିସ ସଂଗେ ବହୁ ଚିଠିପତ୍ର ଚଳାଇ ଏବେ ମାତ୍ର ପତ୍ରଟି ବାହାର କରିବାର ହେଲା। ହେଲେହେଁ, ସେଥିରେ ପୁଣି କଟକଣା ବହୁତ। ଏ ସବୁ କଟକଣା ପୁଣି କାଗଜ ଖର୍ଚ୍ଚ ଘେନି। ତେଣୁ ଏବେ ଇଚ୍ଛାମତେ ଗ୍ରାହକ ଓ ଲେଖକଂକୁ ସଂତୋଷ କରି ହେବ ନାଇ। ବାର୍ଷିକ ମୂଲ୍ୟ ରଖାଯାଇଚି, ଟ୬.୭୫। ଖଂଡକର ମୂଲ୍ୟ ଟ୦.୪୦ ଧାର୍ଯ୍ୟ କରାହୋଇଥିଲେ ମଧ୍ୟ ଖଂଡିକିଆ ବିକିରି ପାଇଁ ଦେବା ଏବେ ସଂଭବ ହେଲାପରି ଲାଗୁନାଇ। ବଜାରରେ ସାମୟିକ ଉପଯୋଗୀ କାଗଜର ଅଭାବ ଦୃଷ୍ଟେ ପତ୍ରଟି ବାହାରିବାର ସମୟ ମଧ୍ୟ ଟିକିଏ ଏପାଖ ସେପାଖ ହୋଇପାରେ, ତଥାପି ପ୍ରତ୍ୟେକ ଇଂରେଜୀ ମାସର ମଧ୍ୟ ଭାଗରେ ସଂକ୍ରାଂତିକୁ ପତ୍ରଟି ବାହାରିବ।

ଲେଖକ, ଗ୍ରାହକ ତଥା ପାଠକମାନଂକୁ ଯଥାସାଧ୍ୟ ସେବାକରିବାର କାମନାରେ ତ୍ରୁଟି ନାଇ, ହେବ ନାଇ। ସମସ୍ତଂକର ଅନୁକଂପାଇ ଭିକ୍ଷା କରୁଚୁ। ସମସ୍ତେ 'ନବଭାରତ'କୁ ବହୁ ଆଦର କରୁଥିଲେ। ସେଥିପାଇଁ ଆମେ କୃତଜ୍ଞ। ଏ କୃତଜ୍ଞତା ଖାଲି କହିବା କଥା ନୁହେ– ଏହା ଭୁଲିବାର ନୁହେ। ଶେଷରେ କହୁଚୁ– 'ଜଗନ୍ନାଥେ ଭଲ କରଂତୁ'।

## ଏଇ ପାଂଚବର୍ଷ ଭିତରେ–

### ୧

'କହିବା ଦରକାର ନାଇ, ପୃଥିବୀ ଏ ମଧ୍ୟରେ ଓଲଟପାଲଟ ହୋଇଯାଇଚି। ସାମ୍ରାଜ୍ୟବାଦୀ ତଥା ପୁଂଜିଦର୍ପୀମାନେ ପୃଥିବୀରୁ ଏବେବି ହୁଏତ ଲୋପ ପାଇ ନାହାଂତି। ନାଜୀ ଓ ଫାସିଷ୍ଟ ବୋଲି ଯେଉଁମାନଂକୁ କୁହାଯାଉଥିଲା, ସେମାନେ ଅ[illegible] ନାହାଂତି।

Digitized by PPRACHIN, SOA

କିଂତୁ ଚକ୍ରୀ ପୁରୁଷ ବ୍ୟକ୍ତିଗତ ଓ ଦଳଗତ ଭାବରେ ନିଜ ଜାତି ତଥା ମାନବ ସମାଜ ଉପରେ ନିଜର ମତ ଓ ଅଭିଳାଷ ଅନୁସାରେ ଆଦର୍ଶ ଚାପି ଦେଇ, ତାକୁଇ ଚରମ ଉଦ୍ଦେଶ୍ୟ ବୋଲି ଧରାଇ, ଲୋକଂକୁ ଭୁଲାଇ ଆଧିପତ୍ୟ ଜମାଇବା ଯଦି ନାଜୀ ଓ ଫାସିଷ୍ଟବାଦ ହୁଏ, ତେବେ ପୃଥିବୀରେ ତା' ପୁଣି ନୂଆ ହୋଇ ମୁଂଡ ଟେକୁଚି । ଇଂଲଂଡର ସାମ୍ରାଜ୍ୟବାଦର ଗଂଠି ଛିଡ଼ିଯାଉଚି, କାହିଁକି ନା, ଏବେ ଇଂଲଂଡର ଆଉ ସେ ଶକ୍ତି ନାଇ । ଦ୍ୱିତୀୟତଃ, ସାମ୍ୟବାଦର ଆଦର୍ଶରେ ଅତିବାବଦୁକ ଶ୍ରମିକ ନେତାମାନେ ରାଜ୍ୟରେ ଭୋଟ ପାଇଚଂତି । ଶକ୍ତିକ୍ଷୟ ଏ ଭୋଟର କାରଣ, କି ଏଇ ଭୋଟ ଫଳରେ ବଳିଷ୍ଠ ନୂତନ ଆଦର୍ଶ ଧରି ଇଂଲଂଡ ନୂତନ ଆତ୍ମସଂଗଠନରେ ନୂତନ ବେଷ୍ଟନୀ ମଧ୍ୟରେ ପୁଣି ଜଗତରେ ଆତ୍ମଲାଭ କରିବାକୁ ବସିଚି, ତା ଏବେ କହି ହେଉନାଇ । ତେଣେ ଆମେରିକାର ଗଣ-ଶାସନ ପୁଂଜି ଉପରେ ପ୍ରତିଷ୍ଠିତ ଥିଲା । ପରମାଣୁ ବୋମା ବଳରେ ତା' କି ଆକାର ଧାରଣ କରୁଚି, ସେ କଥା ଆଶଂକାରୁ ସିଦ୍ଧାଂତ କରିବାର ବେଳ ଆସି ନାଇ । ସେ ଦିନର ମହାବୀରମାନେ ଆଜି ପରିପଂଥୀଂକ ବିଚାରରେ ମହାପାପୀ ବୋଲି ପ୍ରମାଣିତ ହୋଇ ଫାଶୀ ପାଇଚଂତି । ପାରସ୍ୟ, ତୁରସ୍କଠାରୁ ଜର୍ମାନୀ, ଫ୍ରାନ୍ସ ତଥା ସ୍ପେନ୍, ପର୍ତୁଗାଲ ପର୍ଯଂତ କୌଣସିଠାରେ ସ୍ୱାଧୀନତା ଦେବୀ ଶାନ୍ତିର ଆଶ୍ରୟ ଖୋଜି ଖୋଜି ପାଉ ନାହାଂତି । ରୁଷିଆର ସାମ୍ୟବାଦ ଆଜି କେତେ ସାମ୍ରାଜ୍ୟବାଦ ଆଡ଼କୁ ଗତି କରିଚି, ତାହା ମାପି ନ ହେଲେ ମଧ୍ୟ ପୃଥିବୀରେ କେଉଁଠାରେ ରୁଷିଆ କହୁଚି, 'ମୁଁ', କେଉଁଠାରେ ଆମେରିକା ଯୁକ୍ତରାଷ୍ଟ୍ର କହୁଚି 'ମୁଁ' । ଏଇ ଆମେରିକାର ପିଛା ଧରିଚି ଇଂଲଂଡ, କାରଣ ତା'ର ଅନ୍ୟ ଗତି ନାଇ । ଫ୍ରାନ୍ସ୍ ପରାଜୟର ସାନ୍ନିପାତିକ ବିକାରରୁ ଉଠି, ଏଣେ ଦେଖୁଚି ଯୁକ୍ତରାଷ୍ଟ୍ର ଓ ରୁଷ ଭିତରେ ଜର୍ମାନୀରେ ଭାଗବଣ୍ଟା ଓ ପୂର୍ବ ୟୁରୋପରେ ଛକାଛକି; ତେଣୁ ଦେଖୁଚି, ଫ୍ରାଂକୋର ସ୍ପେନ ସଂଗେ ସ୍ପେନର ଲୋକଶକ୍ତିର ମୃଦୁ ସଂଘର୍ଷ । ଏଥିରେ ଫ୍ରାନ୍ସର ଆତ୍ମଜ୍ଞାନ ଓ ଆତ୍ମପ୍ରତିଷ୍ଠା ପ୍ରକାଶ ପଡ଼ିନାଇ ।

ଏଣେ ଏସିଆରେ ଜାପାନ ବାଧ୍ୟ ହୋଇ ଆମେରିକାର ପାଠଶାଳାରେ ଗଣତଂତ୍ର ଶିଖୁଚି । ଚୀନରେ ରୁଷିଆର ଗୁପ୍ତଲୀଳା ସଂଗେ ସେ କାଳର ଜାତୀୟତାଧର୍ମୀ ଚ୍ୟାଂକ କୈସେକ୍ ଅଦମ୍ୟ ଓ ଅପରିହାର୍ଯ ସଂଘର୍ଷ ଭିତରେ ଏକ ଅନିର୍ଦ୍ଦିଷ୍ଟ ପଂଥା ଧରିଛଂତି । ଉପରେ ଦେଖିବାକୁ ଗଢ଼ାହୋଇଚି ଏକ ମିଳିତ ଜାତିସଂଘ । ଏହା ଆମେରିକାର ପରମାଣୁ ବୋମା ପ୍ରଭାବକୁ ଚାହିଁ ଶାଂତି ନାମ ଜପ କରିବା ଛଡ଼ା ଅନ୍ୟ ପଂଥା ଏବେ ପାଉନାଇ । ରୁଷିଆ ଏଇ ପରମାଣୁ ବୋମାକୁ ବଳି ମହା ମାରଣାସ୍ତ୍ର ପାଇସାରିଲାଣି ବୋଲି ବେଳେ ବେଳେ ଗୋଟାଏ ଗୋଟାଏ ସଂବାଦରେ ପୃଥିବୀ ଚମକାଇ ଦେଉଚି । ତେଣେ ଆମେରିକାରୁ ସବୁ ପରମାଣୁ ବୋମାକୁ ବଳି ପ୍ରଳୟଂକର ବିଷ ବାହାରିବା କଥା ପୁଣି ଶୁଣାଯାଉଚି । ହିଂସା, ଦ୍ୱେଷ, ପୁଣି ଅଶାଂତିର ଏଇ ପ୍ରଳୟ ତାଂଡବ ଭିତରେ ପୃଥିବୀରେ ମହାଶାଂତି ଫୁଟିବ ବୋଲି ପରିପ୍ରଚାର ଚାଲିଚି ।

Digitized by PPRACHIN, SOA

ଏତିକିବେଳେ ମନକୁ ପୃଥିବୀର ସଭ୍ୟତାରେ ଗୋଟାଏ ବଡ଼ ନୂଆ କଥା ଫୁଟି ଉଠୁଚି । ପୃଥିବୀର ବିଜିତ, ଦଳିତ ଓ ଶୋଷଣଗ୍ରସ୍ତ ଜାତି ଓ ସମାଜମାନେ ନିଜର ମୁକ୍ତି ଦେଖୁଚଂତି । ଏ ମୁକ୍ତି ଠିକ୍ ସେମାନେ ନିଜ ପରାକ୍ରମରେ ଅର୍ଜିଚଂତି ବୋଲି କୁହାଯାଇ ନ ପାରେ । ବଡ଼ ଜାତିମାନେ କେହି କାହାକୁ ଆଧିପତ୍ୟ ବା ଶୋଷଣ ପାଇଁ ସୁବିଧାରେ ରଖି ଦେବାକୁ ଲୋଡୁ ନାହାଂତି । ତେଣୁ ଦଳିତକୁ ମୁକ୍ତ କରି ଏକ ଦିଗରେ ହାତ୍ କରିବାର, ଅନ୍ୟ ଦିଗରେ ବଦାନ୍ୟତା ଦେଖାଇବାର ହୋଇଚି ସାମ୍ରାଜ୍ୟବାଦୀ ଇଂରେଜଂକ ଭଳି ଜାତିମାନଂକର ନୀତି । ତାହାରି ଫଳରେ ଭାରତ ପରି ମହାଜାତି ଓ ମହାଦେଶ ଆଜି ସ୍ୱାଧୀନତାର ସିଂହଦ୍ୱାରରେ ସ୍ପଷ୍ଟ ଛିଡ଼ାହୋଇଚି । ହେଲେହେଁ ଦେଶର ସମସ୍ତେ ତ୍ୟାଗପୂତ ଭାବରେ ସ୍ୱାଧୀନତା ଅର୍ଜିବାରେ କାର୍ଯରେ ଲାଗି ନ ଥିବାରୁ ଫଳ ହୋଇଚି ସାଂପ୍ରଦାୟିକ ବିରୋଧ । ସ୍ପଷ୍ଟ କଥା, ସଂମୁଖ ସଂଗ୍ରାମରେ କାଂଧକୁ କାଂଧ ମିଶାଇ ସାମ୍ରାଜ୍ୟବାଦୀ ବିଜେତା ବିରୁଦ୍ଧରେ ଦଳ, ମତ, ସଂପ୍ରଦାୟ ଭେଦ ଭୁଲି ଠିଆହେବାକୁ ଏଇ ବୀର ନେତାମାନେ ଅଭ୍ୟାସ କରିନାହାଂତି । କେହି ଶାଂତିର ତ୍ୟାଗରେ ଆଜି ଫଳ ଭୋଗ ପାଇଁ ବ୍ୟାକୁଳ । ଅନ୍ୟ କେହି ଭିତରେ ଅଶାଂତି ଜନ୍ମାଇ ସେଇ ଫଳରୁ ଭାଗ ନେବାକୁ ଆକାଂକ୍ଷିତ । ସ୍ୱାଧୀନ ଜାତୀୟ ବାହିନୀ ବା ଆଜାଦ୍ ହିନ୍ଦ୍ ଫୌଜପରି ଉଦ୍ୟମ କାର୍ଯରେ ଅଧିକ ହେବାର ଥିଲା । ଆଦର୍ଶର କଳ୍ପନାରେ ସ୍ୱର୍ଗରାଜ୍ୟ ଥିଲେ ବି ବାସ୍ତବର ସାଧନା ବିନା ମୁକ୍ତି ଆଡ଼କୁ ଗତି ସୁଗମ ନୁହେ । ହେଲେହେଁ ଭାରତ ଉପରେ ବିଶ୍ୱ ଦେବତାଂକର ଆଶୀର୍ବାଦ ପଡ଼ିଚି । ପୁରାଣ-ପ୍ରସିଦ୍ଧ ଭାରତ, ମୁକ୍ତିର ସିଂହଦ୍ୱାରରେ ମୁକ୍ତିକୁ ଚାହିଁ ଛିଡ଼ାହୋଇଚି । ପ୍ରାପ୍ତିରେ ଗତି ଶେଷ ହେଉ ।

୨

ଏଇ ପାଂଚବର୍ଷ ଓଡ଼ିଶାକୁ ଫେରି ଚାହିଁଲେ, କେତେ ଚିତ୍ର ଦିଶୁଚି । ଆଶା ହେଉଚି, ଅନୁଶୋଚନା ବି ଆସୁଚି । ଆଶଂକା ବି ବେଳେ ବେଳେ ଆତଂକ ଆଡ଼କୁ ଗତି କରୁଚି । କିଂତୁ ଜାତୀୟ ମୁକ୍ତିର ଏ ପୁଣ୍ୟ ମୁହୂର୍ତରେ ସେ ସବୁକୁ ବ୍ୟାଖ୍ୟା, ବିଶ୍ଳେଷଣ କରି ଦେଖାଇବାର ଅବକାଶ ଲୋଡ଼ିବା ଏବେ ଆଂଭର ଅଭିଳାଷ ନୁହେ । ଗୁରୁଜୀ ସ୍ୱର୍ଗତ ପଂଡିତ ଗୋପବଂଧୁ ଦିନେ କହିଥିଲେ, 'ଭାରତର ମୁକ୍ତିପାଇଁ ସମସ୍ତ ଓଡ଼ିଶାକୁ ଯଦି ବଂଗୋପସାଗରରେ ବୁଡ଼ାଇ ଧ୍ୱଂସ କରିଦେବାର ଦରକାର ହୁଏ, ତେବେ ତା' କରିବାକୁ ମୁଁ ପଶ୍ଚାତ୍‌ପଦ୍ ହେବି ନାଇ ।' ଅବଶ୍ୟ ଆମେ କହୁନାଉ, ଭାରତର ମୁକ୍ତିଲାଗି ଆଜି ସେପରି କିଛି ଦରକାର ହୋଇଚି ବା ହୋଇପାରେ । ବରଂ ଆତ୍ମନିୟଂତ୍ରଣ ଜାତୀୟ ମୁକ୍ତିର ଶ୍ରେଷ୍ଠ ଉପାଦାନ ତଥା ପଂଥା । ସେଇ ହିସାବରେ ଓଡ଼ିଆର ଯଥାର୍ଥ ଆତ୍ମନିୟଂତ୍ରଣରେ ବାଧା ବା ବିପତ୍ତି ପଡ଼ିଲେ, କିଂବା କୌଣସି କାରଣରୁ ସେଥିରେ ଅସାବଧାନତା ବା ଅନବଧାନତା ଆସିଲେ, ଭାରତର ଜାତୀୟ ମୁକ୍ତି ଖଂଡିତ ଓ ବିକଳାଙ୍ଗ

Digitized by PPRACHIN, SOA

ହେବ । ହେଲେହେଁ, ଆଜି ଭାରତର ମୁକ୍ତି-ସାଧନା ସିଦ୍ଧିରେ ପ୍ରତିଷ୍ଠିତ ହେବାକୁ ଗଲାବେଳେ ଆମର ଚିଂତା ବା କ୍ରିୟାରେ ଯେପରି କୌଣସି ବାଧା, ବିପତ୍ତି ସୃଷ୍ଟି ନ ହୁଏ, ତା ମଧ ଦେଖିବାର ଅଛି । ଆମର ବିଶ୍ୱାସ, ଶତ ବିପତ୍ତିରେ ଓଡ଼ିଆ ମରିନାହାଂତି, ମରିବେନାଇ । ଯେଉଁମାନେ ଇତିହାସ ତିଆରି କରୁଚଂତି, ସେଇମାନେହିଁ ଏକା ସେ ଇତିହାସ ପାଇଁ ଦାୟୀ ହେବେ । ସେମାନେ ପଦେ ପଦେ ଜାତିର ପରାମର୍ଶ ଘେନି ଅଗ୍ରସର ହୁଅଂତୁ, ଜାତିକୁ ସମୂହଭାବରେ ଦାୟୀ କରଂତୁ । ଏତିକି ମାତ୍ର କାମନା କରିବା ଛଡ଼ା ଆମର ଏ କ୍ଷେତ୍ରରେ ଏବେ ଅଧିକ କିଛି କହିବାର ନାଇ ।

—

Digitized by PPRACHIN, SOA

ଧାମି

# ବିଧାତାଂକ ସୃଷ୍ଟି

ଲୋକ ସାଧାରଣତଃ କହନ୍ତି, ବିଧାତା ଏ ସୃଷ୍ଟି କରିଚନ୍ତି । କିନ୍ତୁ ବାସ୍ତବିକ ନିଃସଂଗ ଭାବରେ କଥାଟି ଭାବି ଦେଖିଲେ ସ୍ପଷ୍ଟ ବୁଝାଯାଏ, ମାନବ ନିଜର ସୁବିଧା ପାଇଁ ଜଗତରେ ନିଜ ସ୍ଥିତିର ପ୍ରତିଷ୍ଠା ଓ ଦୃଢ଼ତା କଳ୍ପେ ବହୁ କାଳରୁ ଗୋଟିଏ ବିଧାତାର ସୃଷ୍ଟି କରି, ତାରିଠାରେ ସମସ୍ତ ମାନବୀୟ ଗୁଣର ଆରୋପ କରି, ତାକୁହିଁ ପୂଜାକରି ଆସୁଛି । ଧର୍ମର ଦର୍ଶନ ଗବେଷଣା ସ୍ୱତନ୍ତ୍ର କଥା । ତାହା ଛାଡ଼ି ଦେଲେ ପୃଥିବୀର ସବୁ ଧର୍ମ ଏଇ ବିଧାତାଙ୍କ ଉପରେ ନିର୍ଭର କରେ । ପାଦ୍ରି, ମୁଲ୍ଲା, ପୁରୋହିତ ପ୍ରଭୃତି ସମସ୍ତଙ୍କର ଅବଲମ୍ବନ ଏଇ ବିଧାତା । ଏ ବିଧାତା କାଳରେ ବଡ଼ ପ୍ରାଚୀନ ଓ ପ୍ରତିଷ୍ଠିତ । ମାନବ ଧାରଣାରେ ମଧ୍ୟ ଅତି ଦୃଢ଼ମୂଳ । ଏହାଙ୍କୁ ଜଗତରୁ ଭିନ୍ନ କରିବା ସହଜ ନୁହେଁ; ଏବର ନୈତିକ ଜଗତର ପରିସ୍ଥିତିରେ ସମୁଚିତ ବୋଲି ମଧ୍ୟ ସର୍ବବାଦି ସମ୍ମତ ହୋଇ ନ ପାରେ ।

ମାନବ ସମାଜର ନିତ୍ୟ ଦ୍ୱଂଦ୍ୱ ଓ ବ୍ୟାପକ ସଙ୍ଗର ମଧ୍ୟରେ ନୀତିର ବିକାଶ । ଜୀବୀ ଧର୍ମରେ ମାନବ ଜୀବନ ସାନ୍ତ ହେଲେ ମଧ୍ୟ କଳ୍ପନାରେ ତାହାର ଜୀବନ ପୂର୍ବୋତ୍ତର ପୁରୁଷ ପରମ୍ପରା ଆପାତତଃ ଅନନ୍ତ । ଏଇ ନିରବଚ୍ଛିନ୍ନ ଜୀବନ ଧାରାରେ ସାମାଜିକ ମାନବ ନିଜର ଅସ୍ତିତ୍ୱ କଳ୍ପନା କରି ସମାଜର ସ୍ଥିତି ଠିକ୍ ରଖିବାକୁ ଲୋଡ଼େ । ଏଥିରେ ହିଁ ନୀତିର ଉତ୍ପତ୍ତି । ନରହତ୍ୟା ବା ବ୍ୟଭିଚାର କେବେ କିପରି କେଉଁ ବିଧାତାଙ୍କର ଆଦେଶରେ ଜଗତରେ ଅପକର୍ମ ବୋଲି ପରିଚିତ ହୋଇଥିଲା, ତାହା କେହି ଜାଣନ୍ତି ନାଇ । କିନ୍ତୁ ଏ ସବୁ କର୍ମର ଫଳରେ ସମାଜର ପରିସ୍ଥିତି ଯେ ବିଘଟିତ ଓ ବିଶୃଙ୍ଖଳ ହେବ, ଏହା ସମସ୍ତେ ବୁଝି ପାରିବେ । ସେଥିପାଇଁ ବ୍ୟକ୍ତିଗତ ଓ ସାମାଜିକ ମାନବିକ ଜୀବନରେ ପ୍ରକୃତିର ପରିଚାଳନାରେ ନୀତିର ଉତ୍ପତ୍ତି ହୁଏ । ଏଇ ନୀତିର ପରମ୍ପରା ଦୃଢ଼ ଓ ବଦ୍ଧମୂଳ ରଖିବା ପାଇଁ ବିଧାତାଙ୍କର ସୃଷ୍ଟି ।

ଏଇ ବିଧାତା ସବୁ ସମାଜରେ ବା ସବୁ ପରିସ୍ଥିତିରେ ଏକ ନୁହନ୍ତି । ଚିନ୍ତା ଚତୁରତା ଓ ଘଟଣା ଦୃଷ୍ଟିର ଇତର ବିଶେଷ ଅନୁସାରେ ଗ୍ରାମ ଦେବତାଠାରୁ ଆରମ୍ଭ କରି 'କମଳଲୋଚନ' ନିରାକାରଙ୍କ ପର୍ଯ୍ୟନ୍ତ ଏଇ ବିଧାତା ସୋପାନ ମାଳାରେ ଜଗତରେ ବିରାଜ କରୁଛନ୍ତି ।

କାହା ବିଧାତା ନରବଳିକୁ ଚାହିଁ ବସିଥାନ୍ତି, କାହା ବିଧାତା ଓଟ, ମଇଁଷି, ଷଣ୍ଢ ବା ମେଣ୍ଢାରେ ସନ୍ତୁଷ୍ଟ ହୁଅନ୍ତି; କାହା ବିଧାତାଙ୍କୁ ମାଗିଲେ ଧନ ଜନ ଗୋପ ଲକ୍ଷ୍ମୀ ଦିଅନ୍ତି; କାହା ବିଧାତାଙ୍କୁ ପ୍ରତିଦିନ ନ ମାଗିଲେ ହୁଏତ ସେ ଦିନଟିର ରୁଟି (ଭୋଜନ) ମିଳେ ନାଇଁ । କାହା ବିଧାତା ଅଳଙ୍କାରାଦି ତଥା ବଳି ଭୋଜ ପ୍ରଭୃତି ନ ପାଇଲେ ଲୋକରେ

Digitized by PPRACHIN, SOA

ବାଡ଼ି ବସନ୍ତ ପ୍ରଭୃତି ମହାମାରୀ ଭର୍ତ୍ତି କରି ଦିଅନ୍ତି । କାହା ନିରାକାର ଦେବତାଙ୍କୁ ପୁଣି ବଳି ଭୋଜାଦିରେ ପୂଜା କଲେ ସେ ସେଥିରେ ପିତୁଳା ପାଲଟି ଯିବାର ଶଙ୍କା କରି ଲୋକ ନାଶ କରନ୍ତି । କାହା ବିଧାତାଙ୍କୁ ଦିନକେ ପାଞ୍ଚଥର ନ ଜଣାଇଲେ ମୁକ୍ତି ମିଳେ ନାହିଁ । ପୁଣି କାହା ବିଧାତାଙ୍କୁ ନିଜର ଚିତ୍ତ ଶୁଦ୍ଧି ଲାଗି ଜୀବନରେ କିଛି ଦିନ ଜଣାଇ ଦେଇ ଆଉ ନ ଜଣାଇ 'ସୋଽହଂ' ବା ନିଜେ ବିଧାତା ହୋଇ ବସିଗଲେ ମୁକ୍ତି ମିଳେ । କାହା ବିଧାତା ମନୁଷ୍ୟକୁ ଦାସ କରି ଚିରକାଳ ସେବାରେ ଲଗାଇବାରେ ମନ ଦିଅନ୍ତି । ପୁଣି କାହା ବିଧାତାଙ୍କୁ ମୁଲ୍ଲା ବା ପୁରୋହିତ ସାକ୍ଷୀ ରଖି ଥିଲେ, ଖୋସାମଦ କରି ଶରଣ ପଶିଲେ, ମୁକ୍ତିର ଚାବି ହାତରେ ପଡ଼ିଯାଏ । କାହା ବିଧାତା ଡରାନ୍ତି, କାହା ବିଧାତା ହରାନ୍ତି, କାହା ବିଧାତା ମାରନ୍ତି, କାହା ବିଧାତା ତାରନ୍ତି । ଏଇପରି ନାନା ଭାବ, ରୂପ, ନାମ ଓ କର୍ମ ଧଇଲେ ମଧ୍ୟ ସବୁ ବିଧାତା ପୁଣି ଏକ । କାହାରି ବିଧାତା କାହାରିଠାରୁ କମ୍ ବା ବେଶୀ ନୁହନ୍ତି । ସଂସ୍କୃତି ଓ ଘଟଣାର ବେଷ୍ଟନୀ ପ୍ରତି ଆଖି ରଖି ବିଚାରବନ୍ତ ହେଲେ ଯଥାର୍ଥରେ ପୁଣି ଯୁକ୍ତିରେ ଦେଖାଯିବ, ବିଧାତା ବୋଲି ଗୋଟିଏ ଭାବ ସର୍ବତ୍ର ଏକ । ପ୍ରକୃତିଚାଳିତ ନିତ୍ୟ ସଂଗ୍ରାମଶୀଳ ଜୀବୀ ମାନବର ନୈତିକ ପରିସ୍ଥିତି ଠିକ୍ ରଖିବାରେ ଏ ବିଧାତ ଯେ ରୂପରେ ପ୍ରକାଶିତ ହୁଅନ୍ତୁ ସେଥିରେ କୌଣସି ଇତର ବିଶେଷ ନାହିଁ, ଏହାଇ ସର୍ବଧର୍ମ ସମନ୍ୱୟ ଓ ଧର୍ମାଲୋଚନାରେ ଉଦାର ଭାବ । ମାନବୀୟ ଧର୍ମର ଏହାଇ ମଜ୍ଜା । ଈଶ୍ୱର ନାମରେ ମହାପୁରୁଷମାନେ— ଅତି ଉଚ୍ଚଦରର ମହାପୁରୁଷମାନେ ମଧ୍ୟ— ସତ୍ୟ, ଧର୍ମ, ନ୍ୟାୟ ପ୍ରଭୃତିର ଦ୍ୱାହି ଦିଅନ୍ତି । ଜଗତର ନିତ୍ୟ କ୍ରିୟା ପରିଚାଳନାରେ ଜୀବୀ ସମାଜର ନୈତିକ ପରିସ୍ଥିତିରେ ଏ ସବୁ ଦ୍ୱାହିର ମୂଲ୍ୟ ହୁଏତ ଯଥେଷ୍ଟ ଅଛି । ସମାଜର ଶ୍ରୀବୃଦ୍ଧିରେ ଏ ସବୁ ଦ୍ୱାହି ହୁଏତ ବହୁତ ସାହାଯ୍ୟ କରିଚି ଓ କରୁଚି । ସଂଗ୍ରାମପରାୟଣ ଜୀବୀ ମାନବକୁ ବେଳେ ବେଳେ ବିଶ୍ୱାସରେ ଅନ୍ଧ କରି ଏ ଦ୍ୱାହି ସମାଜର ଅଭିପ୍ରେତ ତଥା ଅଜ୍ଞାତ ପ୍ରଗତି ଲୋଡ଼ିଚି, ହୁଏତ ପାଇଚି । କିନ୍ତୁ ଏ ସବୁର ନିରପକ୍ଷେ ପ୍ରକୃତି କେଇ କେବେ ବୁଝିନାହାନ୍ତି ।

ଧର ଗୋଟିଏ କଥା, 'ସତ୍ୟ' । ନ୍ୟାୟ ଧର୍ମ ପ୍ରଭୃତି ଏଇ ସତ୍ୟର ଅନୁସଂଗିକ— ଏଇ ସତ୍ୟ ଧାରଣା ଉପରେ ପ୍ରତିଷ୍ଠିତ । କିନ୍ତୁ ଏଇ ସତ୍ୟ ନାମରେ ଜଗତରେ କୌଣସି ସ୍ଥିର ବସ୍ତୁ ଅଛି କି ? ବୁଦ୍ଧଦେବଙ୍କର ବହୁ ପୂର୍ବରୁ ମହାପୁରୁଷମାନେ କହି ଆସୁଚନ୍ତି, ଏଇ ନିରପେକ୍ଷ ସତ୍ୟର ଅନୁସନ୍ଧାନ ହିଁ ସେମାନଙ୍କ ଜୀବନର ଆଦର୍ଶ, ଉଦ୍ଦେଶ୍ୟ ଓ ବ୍ରତ । ବହୁ ଶିଷ୍ୟ ସେମାନଙ୍କର ଏଇ ସାଧନାରେ ସିଦ୍ଧି କଳ୍ପନା କରି ମାନବର ଧର୍ମ ଜଗତରେ ଚିରଦିନ ଅନ୍ୟର ସ୍ୱାଧୀନତାରେ ଅସହିଷ୍ଣୁ ହୋଇଚନ୍ତି ଓ ଆଜି ମଧ୍ୟ ହେଉଚନ୍ତି । ପୃଥିବୀର ଇତିହାସରେ ଏଇ ଅସହିଷ୍ଣୁତା ଯେତେ ବିବାଦ ଓ ରକ୍ତପାତର କାରଣ, ସାମ୍ରାଜ୍ୟ ଲୋଭ ମଧ୍ୟ ସେତେ ରକ୍ତପାତ କରି ପାରି ନାଇ । କିନ୍ତୁ ଏ ସତ୍ୟଟି କ'ଣ ? ଆଜକୁ ଶହେ ବର୍ଷ ତଳେ କେହି ଯଦି ସୁପୁତ୍ର ହୋଇ ବାପର ଚିତାଗ୍ନିରେ ମାଆକୁ ପକାଇଦେବାରେ ଆପତ୍ତି

Digitized by PPRACHIN, SOA

କରୁଥିଲା, ସେ ସତ୍ୟ, ଧର୍ମ ଓ ନ୍ୟାୟର ବିରୋଧୀ ବୋଲି ପରିଚିତ ହୋଇ ଅପଦସ୍ଥ ହେଉଥିଲା । ପାଣ୍ଡୁ ଅକ୍ଷମ ଥିବା ସ୍ଥଳେ ସେ କାଳେ ସତୀ କୁନ୍ତୀ ଯଦି ଧର୍ମ ବାୟୁ ଇନ୍ଦ୍ର ପ୍ରଭୃତିଙ୍କୁ ଡାକି କୁଳ ରକ୍ଷା କରିବାର ବ୍ୟବସ୍ଥା କରି ନ ଥାନ୍ତେ ତେବେ ସମାଜରେ ସେ ହୋଇଥାନ୍ତେ ଅସତୀ । ପିତାମହ ଭୀଷ୍ମ ଦୁର୍ଯ୍ୟୋଧନର ଅର୍ଥ ଖାଉଚନ୍ତି ବୁଝି ବୋଲି ଯଦି ଧର୍ମପୁତ୍ର ଯୁଧିଷ୍ଠିରଙ୍କ ବିରୁଦ୍ଧରେ ତଥା ଦୁର୍ଯ୍ୟୋଧନ ସପକ୍ଷରେ (ଦୁର୍ଯ୍ୟୋଧନର ଅନ୍ୟାୟ ପକ୍ଷ ବୋଲି ଜାଣି କହି ମଧ୍ୟ) ଅସ୍ତ୍ର ଧାରଣ କରି ନ ଥାନ୍ତେ, ତେବେ ସେ ହୋଇଥାନ୍ତେ ଅସତ୍ । ପ୍ରାୟ ଦଶବର୍ଷ ତଳେ ଦୁଗ୍ଧପୋଷ୍ୟା ଗୌରୀ କନ୍ୟାର ବିବାହ ଦେବାରେ ଲୋକେ ସତ୍ୟ ଧର୍ମ ଓ ନ୍ୟାୟର ଆଦର୍ଶ ଦେଖୁଥିଲେ । ଆଜି ମଧ୍ୟ ନାରୀକୁ ବିଧବା କରି, ତାକୁ ନିର୍ଜ୍ଜଳା ଏକାଦଶୀ କରାଇ, ତାହାର କୌଣସି ଅପଚାର କାର୍ଯ୍ୟରେ ପ୍ରକାଶିତ ହେଲେ, ସମାଜରେ ଯେଉଁ ହତ୍ୟା ଘୋର ଅପକର୍ମ ବୋଲି ପରିଚିତ, ତାହାର ବ୍ୟବସ୍ଥା କରି ମଧ୍ୟ ସେଥିରେ ସତ୍ୟ ଧର୍ମ ଓ ନ୍ୟାୟ ଠିକ୍ ରଖି ସନାତନ ଧର୍ମର ଧ୍ୱଜା ଉଡ଼ାଇ ଜଗତରେ ଛାତି ଫୁଲାଇ ଚାଲୁଚନ୍ତି ।

ପୁଣି ଦେଖ, କେହି ବିଧାତାଙ୍କ ଆଦେଶ ପ୍ରଚାର କଲେ, ଜୀବ ମାରିବ ନାଇ । ସେଥିପାଇଁ ଧାର୍ମିକ ବୌଦ୍ଧମାନେ ଆଜି ମରାଜନ୍ତୁ ଖାଆନ୍ତି– ମାତ୍ର ମାଛ ମଧ୍ୟ ମାରି ଖାଆନ୍ତି ନାଇ । ଜୈନ ଧର୍ମର ସେଇ ବିଧି । ତଥାପି ସେମାନେ କୀଟ କଷ୍ଟ ପାଇବ ବୋଲି ଲୁଗା ପିନ୍ଧନ୍ତି ନାଇ– ଦୀପ ଜାଳନ୍ତି ନାଇ, ମାଛ ମାଂସ ଖାଇବା ତ ଦୂରର କଥା । ଯୀଶୁଖ୍ରୀଷ୍ଟ କହିଚନ୍ତି, ଖାଲି ମନୁଷ୍ୟ ମାରିବ ନାଇ– ଆଉ ସବୁ ମାରିବ । ମୁସଲମାନ ପୁଣି ଜନ୍ତୁର ବେକ ଧରି ଟିକିଏ ଟିକିଏ କରି ତାକୁ କାଟି ଆଗ ବିଧାତାଙ୍କୁ ଦିଏ– ଏହାଇ ତାର ସତ୍ୟ ଧର୍ମ । କାହାର ବିଧାତା କହିଲେ, ଗୋଟିଏ ବିଭା ହେବ– ବିଧବା ପୁଣି ବିଭା ହେବ, କାହା ବିଧାତା କହିଲେ ଚାରୋଟି ମାଇକିନିଆ ବିଭା ହେବ । କାହା ବିଧାତା କହିଲେ ପୁରୁଷ ଯେତେ ଇଚ୍ଛା ତେତେ ବିଭା ହେବ । ମାତ୍ର ମାଇକିନିଆ ବର ମଲେ ନିଜକୁ କୁରୂପ କୁତ୍ସିତ କରି ସୁଖ ଭୋଜନ ବନ୍ଦକରି ହୁଏତ ବର ସଂଗେ ସତୀ ଯିବେ, ନହେଲେ ମରିବା ଯାଏ ବିଧବା ହୋଇ ବରକୁ ସୁମରୁ ଥିବେ ।

ଏଥିରେ ସେଇ ସତ୍ୟ ଧର୍ମ ବା ନ୍ୟାୟର ସ୍ଥିର ମାନଦଣ୍ଡ କେଉଁଠାରେ ? ଜୀବୀ ମାନବର ଐହିକ ସୁଖ ହିଁ ଏ ସମସ୍ତ ସତ୍ୟ ଧର୍ମ ଓ ନ୍ୟାୟର ଉପେୟ । ଏଇ ସୁଖକୁ ପାରିପାର୍ଶ୍ୱିକ ପରିସ୍ଥିତି ଭିତରେ ଯେ ଯେତେ ବ୍ୟାପକ ଓ ବିଶାଳ ଭାବରେ ଦେଖି ପାରେ ସେ ସେତିକି ମହାପୁରୁଷ । ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟରେ ଯାହା ସୁନ୍ଦର ଓ ସୁଖକର ତାହାଇ ସତ୍ୟ । ଏହି ପରିସ୍ଥିତି ଯେ ଯେତେ ବ୍ୟାପକ ଭାବରେ ଦେଖି ବହୁଲୋକର ବହୁକାଳ ବ୍ୟାପୀ ସୁଖରେ ଏ ସତ୍ୟକୁ ପ୍ରତିଷ୍ଠା କରିପାରେ ସେ ସେତିକି ସତ୍ୟ ଦେଖେ । ଦେଶକାଳପାତ୍ରରେ ସତ୍ୟ ଯେତିକି ସ୍ଥାୟୀ ହୁଏ, ଲୋକ ସାଧାରଣ ଯେତିକି ଏ ସତ୍ୟର ସମାଲୋଚନାରେ ଦୋଷ ଦେଖି ନ ପାରନ୍ତି, ସେତିକି ଏ ସତ୍ୟର

Digitized by PPRACHIN, SOA

ସତ୍ୟତା । ଏହା ସର୍ବଦା ସାପେକ୍ଷ— ନିରପେକ୍ଷ ନୁହେ । ଜୀବୀ ମାନବର ନୀତି ରାଜ୍ୟରେ କୌଣସି ନିରପେକ୍ଷ ସତ୍ୟ ବା ନିରପେକ୍ଷ ବସ୍ତୁର କଳନା ନାଇ ।

ମଧ୍ୟଯୁଗର ବୈଷ୍ଣବ ଧର୍ମ କହିଗଲେ— ତୃଣାଦପି ସୁନୀଚେନ ତରୋରପି ସହିଷ୍ଣୁନା, ଅମାନିକଂ ମାନଦେନ କୀର୍ତ୍ତନୀୟଃ ସଦା ହରିଃ । ଅର୍ଥାତ ଯେ ଘାସଠାରୁ ନିଜକୁ ଆହୁରି ନୀଚ ବୋଲି ମନେକରେ, ଯେଉଁ ଗଛ କାଟିବା ଲୋକକୁ ମଧ୍ୟ ଛାୟାଦାନ କରେ, ସେଇ ଗଛ ମଧ୍ୟ ନିଜକୁ ଆଉରି ସହିଷ୍ଣୁ କରିପାରେ, ଅତ୍ୟନ୍ତ ଉଦ୍ଧତ ଅତ୍ୟାଚାରୀ ଓ ଅପଚାରୀଙ୍କୁ ବିନୀତ ଯେ ଭାବରେ ଗ୍ରହଣ କରିପାରେ; ସେଇ ଏକା ପରମ ଧାର୍ମିକ, ହରିକୀର୍ତ୍ତନରେ ଅଧିକାରୀ । ତାହାରି କ୍ରିୟା ସତ୍ୟ ଧର୍ମ ଓ ନ୍ୟାୟର ଅନୁକୂଳ । ଏଇ ସତ୍ୟର ମାନଦଣ୍ଡ ସଙ୍ଗେ ବୁଦ୍ଧଦେବଙ୍କ ଉକ୍ତି ତୁଳନା କରାଯାଉ । ବୁଦ୍ଧଦେବ କହିଲେ—

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ<br>
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।

ଅର୍ଥାତ୍ ସମସ୍ତେ ସୁଖରେ ରହନ୍ତୁ କାହାରି ରୋଗ ନ ହେଉ । ସମସ୍ତେ ଅନ୍ୟର ଭଲ ଦେଖନ୍ତୁ । କେହି ଦୁଃଖରେ ନ ପଡୁ ।

ସଂଗେ ସଂଗେ ବ୍ୟକ୍ତିଗତ ଧର୍ମବାଦୀ ଦସ୍ୟୁର ଉପଦ୍ରବରେ କାତର ବୈଦିକ ଋଷି ଗାଇଚନ୍ତି—

ଅସତୋ ମା ସଦ୍‌ଗମୟ<br>
ତମସୋ ମା ଜ୍ୟୋତିର୍ଗମୟ<br>
ଆବିରାବିର୍ମ ଏଧି<br>
ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ<br>
ତେନ ମା ପାହି ନିତ୍ୟଂ ।

ଅର୍ଥାତ୍, ମୋତେ ଅସତ୍ୟରୁ ସତ୍ୟକୁ ନିଅ, ମତେ ଅନ୍ଧକାରରୁ ଆଲୋକକୁ ନିଅ, ଅର୍ଥାତ୍ ମୁଁ ଅଜ୍ଞାନ, ମୋର ଜଗତର ଯଥାର୍ଥ ଜ୍ଞାନ ହେଉ । ହେ ଅବିଃ (ଅର୍ଥାତ୍ ଜ୍ୟୋତିର୍ମୟ ବା ଜ୍ଞାନମୟ ପୁରୁଷ), ମତେ ଦେଖାଦିଅ । ହେ ଭୀଷଣ ପୁରୁଷ, ତୁମର କରୁଣାମୟ ପ୍ରକାଶରେ ମତେ ତ୍ରାଣ କର ।

ଏ ତିନୋଟିର ତୁଳନାରେ ସତ୍ୟର ମାନଦଣ୍ଡ ଏକା ନୁହେ । ଯଦି କିଛି ସତ୍ୟ ଓ ନ୍ୟାୟର ପୀଠ ଅଛି ତାହା ମାନବର ଦୁଃଖ— ପୁଣି ଯେଉଁ ଦୁଃଖ ମନୁଷ୍ୟ କରୁଚି ସେଇ ଦୁଃଖ ।

ଏହା ପ୍ରବଳର ଦୁର୍ବଳ ଉପରେ ଅତ୍ୟାଚାର ଜନିତ ଦୁଃଖ । କାରଣ ଖାଲି ରୋଗାଦି ଅନ୍ୟ ଦୁଃଖରେ ଏ କାତରତା ରହିବାର ନୁହେ— ତାହା ମଧ୍ୟ ହୋଇ ନାଇ । ବୈଦିକ ଋଷି ଭୀତ ଓ ତ୍ରସ୍ତ, ନିଜେ କିଛି କରି ନ ପାରି ସବୁଆଡ଼େ ଭୀଷଣ ପୁରୁଷ ଦେଖୁଚନ୍ତି ଓ ସେଇ ଭୀଷଣ ବିଧାତାଙ୍କୁ ଡାକି କରୁଣା ଭିକ୍ଷା କରୁଚନ୍ତି । ବିଧାତା ଜ୍ଞାନ ଦେଲେ, କରୁଣା

Digitized by PPRACHIN, SOA

ଦେଖାଇଲେ ତାଙ୍କର ଦୁଃଖ ଘୁଞ୍ଚିଯିବ । ବୁଦ୍ଧଦେବ ଜଗତର ଦୁଃଖ ରୋଗରେ କାତର, ସଙ୍ଗେ ସଙ୍ଗେ ଅଜାତଶତ୍ରୁଙ୍କ ପରି ରାଜାମାନେ ଲୋକର ମଙ୍ଗଳ ଦେଖି ନାହାନ୍ତି ବୋଲି ବ୍ୟାକୁଳ ।

କିନ୍ତୁ ମଧ୍ୟ ଯୁଗର ବୈଷ୍ଣବ ଧର୍ମ ଏ ଦୁଇଟିରୁ ଭିନ୍ନ । ଏହାର ପ୍ରେରଣା ସ୍ପଷ୍ଟ । ଲୋକେ ସେତେବେଳେ ଦାସତ୍ୱର ଅତ୍ୟାଚାରରେ ଭାଙ୍ଗି ପଡୁଚନ୍ତି । ତାଙ୍କର ଜୀବନରେ ଆଶା ନାହିଁ । ଏଇପରି ଧ୍ୱଂସୋନ୍ମୁଖ ମାନବକୁ ଦମ୍ଭ ଦେଇ ମହାପୁରୁଷ କହୁଚନ୍ତି — ଧର୍ମ ଅଛି, ହରି ଅଛନ୍ତି, ଚିନ୍ତା ନାଇ, ହରି କୀର୍ତ୍ତନ କରିବା ଲୋକ ସବୁଠାରୁ ବଡ଼ । ଯେତେ ନୀଚ, ଯେତେ ଅତ୍ୟାଚାରଗ୍ରସ୍ତ, ହରି ସେଇମାନଙ୍କର । ଦୁର୍ମଦ, ଉଦ୍ଧତ ଅତ୍ୟାଚାରୀ ଓ ମାନୀ ଏଇ ଜଗତରେ ବାହାଦୁରୀ କରିପାରେ । କିନ୍ତୁ ହରି ତା'ର ନୁହନ୍ତି, ପରଲୋକ ତା'ର ନାଇ ।

ଏଥି ସଙ୍ଗେ ଯିଶୁଖ୍ରୀଷ୍ଟଙ୍କ ଉପଦେଶ ସୁନ୍ଦର ତୁଳନା କରାଯାଇପାରେ । ଜେରୁଜେଲମ୍ ସେତେବେଳେ ରୋମ ରାଜ୍ୟର ଅଧୀନ, ରୋମୀୟମାନଙ୍କ ଅତ୍ୟାଚାରରେ ଜର୍ଜରିତ । ଲୋକେ ନାଶ ହେବେ । ସେତିକିବେଳେ ମହାପୁରୁଷ ଯିଶୁଖ୍ରୀଷ୍ଟ ଲୋକଙ୍କୁ ଦମ୍ଭ ଦେଇ କହିଲେ— ଚିନ୍ତା ନାଇଁ, ଓଟକୁ ଛୁଞ୍ଚି ଜଳାରେ ଗଳେଇବା ଯେପରି କଷ୍ଟ, ଏ ଅତ୍ୟଚାରୀମାନଙ୍କୁ ସ୍ୱର୍ଗ ଦ୍ୱାର ବାଟେ ଝିଙ୍କି ସ୍ୱର୍ଗକୁ ନେବା ତହିଁରୁ ବେଶୀ କଷ୍ଟ ।

ଏବେ ସାମ୍ୟବାଦୀ କ'ଣ କହୁଚନ୍ତି ଶୁଣ । ବଡ଼ ଲୋକେ ସାନ ଲୋକଙ୍କ ଉପରେ ଅତ୍ୟାଚାର କରିବେ, ଧର୍ମ ଓ ଉଦାରତା ନାମରେ ତାଙ୍କୁ ଅନୁଗ୍ରହ କରିବେ, ନିରୁପାୟ ମହାପୁରୁଷମାନେ ଉଠି କହିବେ— ଧର୍ମରେ ରହ, ସତ୍ୟରେ ରହ, ନ୍ୟାୟରେ ରହ, ପରଲୋକ ତୁମ୍ଭମାନଙ୍କର । ଅତ୍ୟାଚାରୀ ପାଇଁ ପରଲୋକ ନାଇ । ଦେଶର ଜନସାଧାରଣଙ୍କ ପକ୍ଷରୁ ସାମ୍ୟବାଦୀ ଆଜି ଏହାରି ଉତ୍ତରରେ ଉଚ୍ଚସ୍ୱରରେ କହୁଚନ୍ତି— ରଖ ତୁମ୍ଭର ପରଲୋକ । ଯଦି ପରଲୋକର ଭୋଗ ଏଡ଼େ ସୁଖମୟ, ତେବେ ବଡ଼ ଲୋକମାନଙ୍କୁ ଅନର୍ଜିତ ଧନ ଭୋଗୀମାନଙ୍କୁ ଅତିଶୀଘ୍ର ସେଇ ପରଲୋକଙ୍କୁ ପଠାଇ ଦିଆଯାଉ । ଜଗତର ମାନବ ସାଧାରଣକୁ ଏଇ ଇହଲୋକ ଭୋଗ କରିବାକୁ ଛାଡ଼ି ଦିଅ । ଇହଲୋକରେ ଦୁଃଖ ସହି ପରଲୋକକୁ ଚାହିଁ ଚାହିଁ ମହାପୁରୁଷଙ୍କୁ ମୁଣ୍ଡିଆ ମାରି ମାରି ଜନସାଧାରଣଙ୍କର ବହୁକାଳ ଯାଇଚି । ପରଲୋକ ଯଦି ଏଡ଼େ ସ୍ପୃହଣୀୟ, ମହାପୁରୁଷମାନଙ୍କ ବାକ୍ୟ ଯଦି ଏଡ଼େ ସତ୍ୟମୟ, ତେବେ ତଥାକଥିତ ବଡ଼ଲୋକମାନେ ଶୀଘ୍ର ପରଲୋକକୁ ଯାନ୍ତୁ । ଏହାଇ ଏବେ ସତ୍ୟ ଧର୍ମ ନ୍ୟାୟର ମାନଦଣ୍ଡ ରୂପେ ମାନବ ସମାଜର ପୂର୍ବାକାଶରେ ଉଇଁ ଆସୁଚି ।

ତେବେ ବିଧାତା ସ୍ଥିର ନୁହନ୍ତି— ଏକ ବି ନୁହନ୍ତି । ମହାପୁରୁଷମାନେ ଅବସ୍ଥା ଦେଖି ସମାଜନୀତିର ବ୍ୟବସ୍ଥା କରନ୍ତି । ହୁଏତ ପରମ୍ପରାରେ ବ୍ୟବସ୍ଥା ଯେଉଁ ମାର୍ଗରେ ଚାଲିଚି, ତହିଁରୁ ସମ୍ପୂର୍ଣ୍ଣ ଭିନ୍ନ ମାର୍ଗ ତାଙ୍କୁ ସର୍ବଦା ଦେଖାଯାଏ ନାଇଁ । ଆଜି ମଧ୍ୟ ମହାପୁରୁଷମାନେ

Digitized by PPRACHIN, SOA

ସେଇ କାଳର ବୈଷ୍ଣବ, ଖ୍ରୀଷ୍ଟ ଓ ମୁସଲମାନ ଧର୍ମ ନାମରେ ଲୋକଙ୍କୁ ଆଦର୍ଶ ଦେଖାଇ ଚଳାଇବାକୁ ଚାହାନ୍ତି । ଅତ୍ୟାଚାରର ପ୍ରତିବିଧାନ ସହଜ ନୁହେ । ଅତ୍ୟାଚାର ବେଳେ ଲୋକଙ୍କୁ ସତ୍ୟ ନାମରେ ଭେଳିକିରେ ଭୁଲାଇ ସଂଭାଳି ନେବା ଯୁଗେ ଯୁଗେ ମହାପୁରୁଷର କାର୍ଯ୍ୟ ହୋଇଅଛି ।

ଆଉ ଗୋଟିଏ କଥା, ବିଧାତାଙ୍କର ରାଜ୍ୟ ବୋଲି କଳ୍ପନା କରି ସେଥିରେ ସତ୍ୟ ଖୋଜି ଦେଖାଇ ଲୋକେ ମହାପୁରୁଷ ହୁଅନ୍ତି । ସମାଜ ନୀତିରେ ଏଇ ଆଦର୍ଶ ଯାହାକୁ ଯେତେ ବ୍ୟାପକ ଓ ବିଶାଳ ଭାବରେ ଦେଖାଯାଏ, ସେ ସେତେ ମହାମାନବ ବୋଲି ପରିଚିତ ହୁଏ । କିନ୍ତୁ ଏ କ୍ଷେତ୍ରରେ ଦାର୍ଶନିକ ଭାବରେ ଦେଖିଲେ ବୁଝାଯିବ ଯେ, ଯେତେ ଅହଂକାରୀ ସେ ସେତେ ମହାପୁରୁଷ । ଧର୍ମର ମହାପୁରୁଷମାନେ ଲୋକଙ୍କୁ ବିଶ୍ୱାସରେ ବାନ୍ଧନ୍ତି । ସେ ବିଶ୍ୱାସର ମୂଳରେ ଗୋଟିଏ ହରି, ବିଧାତା ବା ଈଶ୍ୱର । ସେ ଈଶ୍ୱର ବା ବିଧାତା କିପରି ? ଠିକ୍ ମନୁଷ୍ୟ ପରି ? ତାଙ୍କ ରାଜ୍ୟରେ ଆମରି ସୁଖ ଦୁଃଖ, ଆମରି ସ୍ନେହ ଘୃଣା, ଆମରି କଳ୍ପନା କଳନା, ଆମରି ନ୍ୟାୟଶାସ୍ତ୍ର ଅନୁସାରେ ତାଙ୍କ ରାଜ୍ୟର ଯୁକ୍ତି, ଆମରି ଗଣିତ ଶାସ୍ତ୍ରରେ ତାଙ୍କ ରାଜ୍ୟର ହିସାବକିତାବ । ଆମର ଏ ସବୁ କ୍ଷୁଦ୍ର, ଈଶ୍ୱରଙ୍କର ବିଶାଳ– ପ୍ରଭେଦ ଏତିକି । ଅନ୍ୟାୟ କଲେ ରାଜା ଦଣ୍ଡ ଦିଅନ୍ତି, ରାଜା ଦେଇ ନ ପାରିଲେ ଈଶ୍ୱର ଦେବେ । ଆମେ ଅନ୍ୟକୁ ଦୁଃଖ ଦେଲେ ଈଶ୍ୱର ଆମକୁ ଦୁଃଖ ଦେବେ । ଏ ସବୁ ହିସାବକିତାବ ଏ ଜଗତରେ ସର୍ବତ୍ର ଦେଖାଯାଏ ନାଇ । ମନୁଷ୍ୟର କଳନା କଳ୍ପନା, ତୁଳନା, ପରିମାଣ, ସବୁ ବ୍ୟର୍ଥ ହୁଏ । ସେଥିପାଇଁ ପରଲୋକ ଏଇ ସବୁ କଳ୍ପନାରେ ମାନବ କେବଳ ନିଜକୁ ଗୋଟାଏ ବଡ଼ ମୁଁ କରି ଈଶ୍ୱର କରି ଥୋଇବା ଛଡ଼ା ଏଥିରେ ଆଉ କଣ ଅଛି ? ଏଇଠାରେହିଁ ମାନବର ବିଧାତା ସୃଷ୍ଟି ସ୍ପଷ୍ଟ ।

ମାତ୍ର ଦାର୍ଶନିକମାନେ ଏଥିରେ ଆବଦ୍ଧ ନୁହନ୍ତି । ସେମାନେ ଅନ୍ଧବିଶ୍ୱାସର ଦାସ ନୁହନ୍ତି । ବହୁ କାଳରୁ ସୃଷ୍ଟିର ମୂଳ ତତ୍ତ୍ୱ ଅନୁସନ୍ଧାନ କରି ଦାର୍ଶନିକ ଦ୍ରଷ୍ଟାମାନେ କହିଚନ୍ତି– ଅବାଙ୍ମନସଗୋଚରଃ । ଅର୍ଥାତ୍ ସୃଷ୍ଟିର ମୂଳତତ୍ତ୍ୱ ଅନୁସନ୍ଧାନ କରିବାରେ ମାନବର ବାକ୍ୟ ଓ ମାନବର ମନ କାର୍ଯ୍ୟରେ ଲାଗିବ ନାଇ । ଜୀବୀ ମାନବ ଯାହାକୁ ଦୁଃଖ ସୁଖ ବୋଲି କହେ, ଯେଉଁ ଅନୁଭୂତିରେ ଅନୁଭୂତ ହୁଏ, ସେ ସବୁ ଅନୁଭୂତିର ପରପାରରେ, ସେ ସବୁ ଦୁଃଖ ସୁଖରୁ ଅତୀତ । ଦ୍ୱଂଦ୍ୱାତୀତହିଁ ସୃଷ୍ଟିର ମୂଳତତ୍ତ୍ୱ ବୋଲି ସେମାନେ କଳ୍ପନା କରିଛନ୍ତି । ମନୁଷ୍ୟ ଯଦି ଘୋଡ଼ା ହୋଇଥାନ୍ତା, ତେବେ ତା'ର ଈଶ୍ୱର ରାନ୍ଧିକରି ଖାଉନଥାନ୍ତେ । ସେ ହୁଏତ ଭାରି କଅଁଳ ଘାସ ଚରୁଥାନ୍ତେ । ମନୁଷ୍ୟର ଚିନ୍ତା, ଭାବ ଓ କ୍ରିୟାରାଶି ମଧ୍ୟରେ ସୃଷ୍ଟିର ମୂଳତତ୍ତ୍ୱ ବା ବିଧାତାଙ୍କୁ ଦେଖିବାର କଳ୍ପନା, ଧର୍ମ । ଏ ଦୀନତା ନୁହେଁ । ଏହା ଘୋର ଅହଙ୍କାର ଓ ଅସତ୍ୟରେ ଯଦି କିଛି ପାପଥାଏ ତେବେ ଏହା ମହାପାପ । ସତ୍ୟ ତ ଏଠାରେ ନାଇ । ତେବେ ଏଥିରୁ ଅତୀତ କି ସତ୍ୟ ଅଛି, ତାହା ମାନବର ଜାଣିବାର ଉପାୟ ନାଇ । ମାନବ ଚିନ୍ତାର ସୀମା ମଧ୍ୟରେ ବିଶ୍ୱବ୍ୟାଖ୍ୟାର

Digitized by PPRACHIN, SOA

ଯେଉଁମାନେ କଳ୍ପନା କରନ୍ତି, ସେମାନେ ଯେ ଅସତ୍ୟର ଅବଲମ୍ବନରେ ନିଜେ ଅନ୍ଧ ହୋଇ ଅନ୍ୟକୁ ଅନ୍ଧ କରି ଚଳାଇବାରେ ବ୍ରତୀ ହୋଇଥାନ୍ତି, ଏଥିରେ ସନ୍ଦେହ ନାଇ ।

ଗୀତା କହିଚନ୍ତି– ଜୀବ ମୁକ୍ତ ହେଲେ ''ଦୁଃଖାନ୍ତଂ ଚ ନିଗଚ୍ଛତି,'' ଅର୍ଥାତ୍, ସେ ଦୁଃଖରୁ ଅତୀତ ଅବସ୍ଥାକୁ ଚାଲିଯାଏ । ଗୀତା କହିନାହାନ୍ତି ଯେ ସେ କେବଳ ଦୁଃଖହୀନ ସୁଖକୁ ଚାଲିଯାଏ । ମାନବର କଳ୍ପନାରେ ଦୁଃଖହୀନ ସୁଖ ବୋଲି ବସ୍ତୁ ନାଇ । ଦୁଃଖ ସୁଖ ଗୋଟିଏ ଦ୍ୱଂଦ୍ୱ ବା ଯାଆଁଳା ଭାବ । ଗୋଟିକୁ ଛାଡ଼ି ଆଉ ଗୋଟିକର ଅନୁଭୂତି ବା କଳ୍ପନା ନାଇ । ଜଗତରେ ଶୀତ ଉଷ୍ଣ ସେଇପରି ଗୋଟିଏ ଦ୍ୱଂଦ୍ୱ । ବସ୍ତୁ ଯେତେ ଶୀତଳ ହେଲେ ମଧ ସେ କାହାଠାରୁ ଉଷ୍ଣ । ଯେତେ ଉଷ୍ଣ ହେଲେ ମଧ କାହାଠାରୁ ଶୀତଳ । ବିଜ୍ଞାନର Absolute zero ବା ଅତୁଳନୀୟ ଶୂନ୍ୟ ତାପ ମଧ ଶୀତଳତାର ଶେଷ ସୀମା ନୁହେ କିମ୍ବା ସୂର୍ଯ୍ୟମଣ୍ଡଳର ଉପର ସ୍ତରର ବାସ୍ପ ମଧ ଉଷ୍ଣତାର ପରକାଷ୍ଠା ନୁହେ । ଗତି ମଧ୍ୟ ସେଇପରି ଯେ ଅତି ଶୀଘ୍ର ତାହାର ମଧ୍ୟ ଶୀଘ୍ରତର ଅଛି । ଯେ ଅତି ମନ୍ଥର ତାହାର ମଧ୍ୟ ମନ୍ଥରତର ଅଛି । ଆଜି ବିଜ୍ଞାନ ଦେଖି ସାରିଚି– ଏତେ କାଳର ନିତ୍ୟ ସ୍ଥିତଶୀଳ ପରମାଣୁ ମଧ୍ୟ ସ୍ଥିତିଶୀଳ ନୁହେ । ଏକ ଏକ ପରମାଣୁ ମଧ୍ୟରେ ସୌର ଜଗତପରି ଗତିଶୀଳ ଓ ଭ୍ରାମ୍ୟମାଣ ବିଦ୍ୟୁତ୍ ବିନ୍ଦୁମାନ ଅଛି । ଅତଏବ ମାନବର ସମସ୍ତ କଳ୍ପନା କଳନା ଆପେକ୍ଷିକ, ଅନପେକ୍ଷିତ ବା ଅନପେକ୍ଷଣୀୟ ବସ୍ତୁର କଳନା ବା କଳ୍ପନା ମାନବର ନାଇ । ତେବେ ନିଗ୍ରହାନୁଗ୍ରହସମର୍ଥ ବିଭୁ ବା ଈଶ୍ୱରର କଳ୍ପନା ମାନବର ଅହଙ୍କାର ଛଡ଼ା ଆଉ କ'ଣ ହୋଇପାରେ ?

କେବଳ ଅହଙ୍କାର ନୁହେଁ, ମନୁଷ୍ୟ ଚିରକାଳ ନିଜର କ୍ଷମତା, ନିଜର ଧନ, ନିଜର ସାମ୍ରାଜ୍ୟରେ ଅହଙ୍କାର କରି ଆସିଚି । ଅନ୍ୟ ଅହଙ୍କାର ସ୍ପଷ୍ଟ ଦେଖା ପଡ଼େ ନାଇ । ଏଇପରି ନିଗ୍ରହାନୁଗ୍ରହ ସମର୍ଥ ବିଭୁର ଧାରଣାରେ ମନୁଷ୍ୟକୁ ଅନ୍ଧ କରି ନୀତିମାନ କରିବାର ଉଦ୍ୟମକୁ ଚିନ୍ତାର ସାମ୍ରାଜ୍ୟବାଦ କୁହାଯାଇପାରେ । ଜଗତରେ ରାଜା ପ୍ରଭୃତି କ୍ଷମତାପନ୍ନ ଲୋକଙ୍କୁ ଜନସାଧାରଣ ଡରନ୍ତି । ନିଗ୍ରହାନୁଗ୍ରହ ତାଙ୍କରିଠାରେ ଆରୋପ କରନ୍ତି, ତାଙ୍କରି ନିଗ୍ରହାନୁଗ୍ରହରେ ନିଜକୁ ସଜାଡ଼ି ରଖିବାର ଉଦ୍ୟମ କରନ୍ତି । ନିଗ୍ରହାନୁଗ୍ରହ ସମର୍ଥ ବିଭୁର ଧାରଣା ସେଇ ଧାରଣାର ବ୍ୟାପକ ସଂପ୍ରସାରଣ । ଯେଉଁମାନେ ଏହା ପ୍ରଚାର କରନ୍ତି, ସେମାନେ ମଧ ନିଜର ଚିନ୍ତାରେ ଭାବରାଜ୍ୟ ସଂଯତ କରି ମାନବ ସମାଜ ଉପରେ ମାନସିକ ଆଧିପତ୍ୟ ସ୍ଥାପନ କରନ୍ତି ।

ଜଗତରେ ଯେତେବେଳେ ଯାହା ପରିସ୍ଥିତି ଥାଏ ସମାଜର ନୀତି ସେଇ ପରିସ୍ଥିତିର ଅନୁବର୍ତ୍ତନ କରେ । ଏଇ ଦେଶରେ ପୂର୍ବେ ରାଜାକୁ ଲୋକେ କହୁଥିଲେ, 'ମହତୀ ଦେବତା ରାଜା ହ୍ୟେଷା ନର ରୂପେଣ ତିଷ୍ଠତି', ଅର୍ଥାତ୍ ନର ରୂପରେ ଏଇ ହେଉଚନ୍ତି ଦେବତା । ଏ ଭାବ ସଙ୍ଗେ ପୁରୁଷଗୁଣାନ୍ୱିତ ଈଶ୍ୱର ଭାବର କିଛି ମାତ୍ର ପ୍ରଭେଦ ନାଇ । 'ରାଜାନୁଗତୋ ଧର୍ମ', ଅର୍ଥାତ୍ ରାଜା ଯାହା କରିବେ ତାହାଇଁ ଧର୍ମ– ଏ କଥାଟିର ପରଂପରାରେ ଏ

Digitized by PPRACHIN, SOA

ଦେଶ ଲୋକେ ଅନଭ୍ୟସ୍ତ ନୁହନ୍ତି । ଏତେ ଦିନ ମାନବ ସମାଜର ଯାହା ପରିସ୍ଥିତି ଥିଲା, ସେଥିରେ ଏଇ ରାଜଭାବ ତଥା ଏଇ ଈଶ୍ୱରଭାବହିଁ ବଢ଼ିବା ସ୍ୱାଭାବିକ । କିନ୍ତୁ ଏବେ ମାନବ ଜଗତର ଆଦର୍ଶରେ ସେ ଯୁଗର ଅବସାନ ଘଟିଚି ।

ରାଜା ଆଉ ଈଶ୍ୱର ନୁହନ୍ତି । ଈଶ୍ୱର ବା ରାଜା କିପରି ହେବେ ? ପରମ୍ପରା ହେତୁରୁ ଲୋକେ ଏଇ ଈଶ୍ୱର– ରାଜା ଭାବରେ ଭୁଲିଚନ୍ତି ଓ ଭୁଲୁଚନ୍ତି । କିନ୍ତୁ ତାହା ସ୍ଥାୟୀ ହେବାର ଦିନ ଆଉ ନାଇ । ଯଦି ସୃଷ୍ଟିର ମୂଳତତ୍ତ୍ୱ ଦେଖିବାକୁ ହେବ, ଦାର୍ଶନିକ ଭାବରେ ତାହା ବୁଝିବାକୁ ହେବ, ତେବେ ବୁଝାଯିବ, ସେଠାରେ ମାନବର ନୀତି, ମାନବର କଳନା କଳ୍ପନା, ମାନବର ନ୍ୟାୟ ଓ ଗଣିତ ଶାସ୍ତ୍ର ପ୍ରଭୃତିର ସ୍ଥାନ ନାଇ । ଏ ଜଗତରେ ମାନବର ନୀତି ମାନବ ପାଇଁ କଳ୍ପିତ ହେବ । ମାନବ ଉପରେ ମାନବର ଅଯଥା ଆଧିପତ୍ୟ ଓ ଅତ୍ୟାଚାର ସେ ନୀତିର ଘୋର ପ୍ରତ୍ୟବାୟ ।

ସାମ୍ୟ ମୈତ୍ରୀ ଏବେ ମାନବ ନୀତିର ଆଦର୍ଶ । ଏ ସାମ୍ୟ ମୈତ୍ରୀ କଥା ପୂର୍ବେ ଥିଲା । କିନ୍ତୁ ତାହାର ଅର୍ଥ ଥିଲା ଭିନ୍ନ । ଅନ୍ୟର ଅତ୍ୟାଚାର ଅପଚାରରେ ଲୋକଙ୍କୁ ସମ୍ଭାଳି ନେବା ପାଇଁ ଅନୁଗ୍ରହ କରି ଏ ନୀତି ପ୍ରଚାର କରାଯାଉଥିଲା । ଏ ସାମ୍ୟନୀତିର ପ୍ରତିଷ୍ଠାର ପୀଠ ଥିଲା ଅନୁଗ୍ରହ । ସମୂହ ମାନବର ନୀତି ନିୟମିତ କରିବାରେ ଏହାର ସ୍ଥାନ ନଥିଲା । ଯେଉଁ ମହାପୁରୁଷ ବା ଧର୍ମ ବୀରମାନେ ଏହା ପ୍ରଚାର କରୁଥିଲେ, ସେମାନେ ପ୍ରବଳର ପକ୍ଷ ହୋଇ ଦୁର୍ବଳକୁ ଦମ୍ଭ ଦେବା ପାଇଁ ଏଇ ନୀତିକୁ ଲୋକ ସମକ୍ଷରେ ଏକ ଆଦର୍ଶ ରୂପେ ଟେକିଧରୁଥିଲେ । ମାଲିକମାନେ ମୂଲିଆମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟପାଇଁ ଆଇନ୍ କରିବା ଯାହା, ଚିରକାଳ ନାରୀର ପ୍ରଗତି ଫୁଟାଇବାରେ ପୁରୁଷ ଯେପରି ବ୍ୟବସ୍ଥା କରି ଆସିଚି, ଏ ପାରମ୍ପରିକ ସାମ୍ୟ ନୀତି ଠିକ୍ ସେଇପରି– ଏଥିରେ ଯଥାର୍ଥ ସାମ୍ୟ ନଥିଲା କି ଏହା ମାନବର ନୀତି ନୁହେଁ । ଯୁକ୍ତି ରାଜ୍ୟରେ ଏହାର ସ୍ଥାନ ଯାହା ହେଉନା କାହିଁକି, କ୍ରିୟା ରାଜ୍ୟରେ ଏହା ଦୁରାରୋଗ୍ୟ ବ୍ୟାଧିକୁ ଅହିଫେନ ପରି । ଆଜି ଯେପରି ନାରୀ ନାରୀର ନୀତି ନିର୍ଣ୍ଣୟ କରିବାରେ ବ୍ୟଗ୍ର, ମୂଲିଆ ମାଲିକକୁ ନ ପଚାରି ନିଜର ପରିସ୍ଥିତି ଠିକ୍ ରଖିବାରେ ସଂଘବଦ୍ଧ, ସେଇପରି ଜଗତର ଜନସାଧାରଣ ମାନସିକ ପରାଧୀନତା ଚିନ୍ତା ଓ ଧନ ପ୍ରଭୃତିର କ୍ଷମତା ତଥା ଅତ୍ୟାଚାର ଭେଦ କରି ମାନବକୁ ସମାନ କରି ଦେଖିବା ପାଇଁ ଆଖି ଫିଟାଉଚି ।

[ନବଭାରତ ୨ୟ ବର୍ଷ,
୨ୟ ସଂଖ୍ୟା, ୧୯୩୫]

—

Digitized by PPRACHIN, SOA

# ଭାରତର ଧର୍ମ ବିକାଶ—୧

## (ଧର୍ମଧାରଣା ବା ତତ୍ତ୍ୱ)

ଭାରତର ଧର୍ମ ସନାତନ ଅର୍ଥାତ୍ ଏହା ଆବହମାନ କାଳରୁ ଚାଲିଆସିଅଛି । ମାନବର ଜ୍ଞାନ ଓ ଅନୁଭୂତିର ନିତ୍ୟ ନିୟତ ବିକାଶ ସଙ୍ଗେ ଏହି ଧର୍ମ ଭାବ ବିକାଶ ପାଉଅଛି । ସନାତନ କହିଲେ ବ୍ୟକ୍ତି ପ୍ରଚାରିତ ନିର୍ଦ୍ଦିଷ୍ଟ ଧର୍ମ ନୁହେ । ବୌଦ୍ଧ, ଖ୍ରୀଷ୍ଟ, ମୁସଲମାନ ପ୍ରଭୃତି ଧର୍ମ ସନାତନ ନୁହେ; ତାହା ସମୟ ବିଶେଷରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମତବାଦ ଘେନି ପ୍ରଚାରିତ । ଭାରତରେ ଲୋକେ ଧର୍ମର ବ୍ୟାଖ୍ୟା କରି ପ୍ରଚାର କରି ଅଛନ୍ତି । କିନ୍ତୁ ନୂତନ ଧର୍ମ, ଅର୍ଥାତ୍ ଏହାହିଁ ସତ୍ୟ ବା ମୁକ୍ତି ପନ୍ଥା, ଆମେ ଏହି ଉପଦେଶ ଦେଉଛୁ, ଏହା ମାନିବାକୁ ହେବ– ଏପରି କହି କେହି ପ୍ରଚାର କରି ନାହାନ୍ତି । ବୁଦ୍ଧଦେବ, ମହାବୀର ପ୍ରଭୃତି ତାହା କରି ଥିବାରୁ ତାଙ୍କ ଧର୍ମମାନ ସନାତନ ଧର୍ମ ବୋଲି ଗୃହୀତ ହୁଏ ନାହିଁ ।

ଭାରତର ଏହି ସନାତନ ଧର୍ମର ଭିତ୍ତି ଖୋଜିବା ସୁକଠିନ । ତାହାର କାଳ ନିର୍ଣ୍ଣୟ କରିବା ମଧ୍ୟ ଆହୁରି ଦୁରୂହ । ନାନା ଶାଖା ପ୍ରଶାଖା ଭିତରେ ତାହାର ମୂଳ ଓ ନୀତି ଦେଖିବାକୁ ହିଁ ବଡ଼ ଦୁଃସାଧ । ଏତେଦିନ ଯାଏଁ ବେଦହିଁ ଭାରତ ଧର୍ମର ମୂଳ ବୋଲି କୁହାଯାଉଥିଲା । ବେଦ ମଧ୍ୟ ଅପୌରୁଷେୟ, ଅର୍ଥାତ୍ କୌଣସି ସାମୟିକ ଅବସ୍ଥା ଭିତରେ ପଡ଼ି କୌଣସି ଲୋକ ତାହା ଏକାବେଳକେ ପ୍ରଚାର କରିନାହାନ୍ତି । କେତେବେଳେ କିପରି ଭାବରେ ଭାବାବିଷ୍ଟ ଋଷିକଣ୍ଠ ଭେଦି କି ଉଚ୍ଛ୍ୱାସ ବାହାରି ପଡ଼ିଛି, ତାହା ବିଶ୍ଳେଷଣ କରି ଜାଣିବାର ଉପାୟ ନାହିଁ । ଏହିଠାରେହିଁ ଏହାର ଅପୌରୁଷେୟତ୍ୱ ଓ ମୌଳିକତ୍ୱ, ପୁଣି ଏହାହିଁ ଭାରତ ଧର୍ମର ସନାତନତ୍ୱର ଭିତ୍ତି । ଏତେକାଳଯାଏଁ ଏହି ଭିତ୍ତିର ଦୃଢ଼ତା ଭେଦ କରିବା ଏକ ପ୍ରକାର ଅସମ୍ଭବ ଥିଲା । ସମୟରେ ପ୍ରାଚୀନତା ହିସାବରେ ପଣ୍ଡିତମାନେ ଏହାକୁ ଚାରିପାଞ୍ଚ ହଜାର ବର୍ଷରୁ ବେଶୀ ପ୍ରାଚୀନ ମନେକରୁନଥିଲେ । ଏ ଦେଶ ଛଡ଼ା ବର୍ତ୍ତମାନ ଏସିଆ ମାଇନର ଭୂମିସ୍ଥ ପ୍ରାଚୀନ ମିତାନୀ, ହିତାଇତ୍ ପ୍ରଭୃତି ଦେଶରେ ଏହି ବୈଦିକ ଧର୍ମ ପ୍ରାୟ ୪ ହଜାର ବର୍ଷ ତଳେ ଚଳୁଥିବାର କେତେକ ନିଶ୍ଚିତ ପ୍ରମାଣ ମିଳିଛି । ତେଣୁ ବେଦ ଯେ ଏହି ସମୟରୁ ଆହୁରି ଅଧିକ ପ୍ରାଚୀନ ଏଥିରେ ସନ୍ଦେହ ନାହିଁ ।

ବେଦଧର୍ମର ଭିତ୍ତି ଖୋଜିବା ଏତେ ଦିନ ଅସମ୍ଭବ ଥିଲା । ଏବେ ୧୦।୧୨ ବର୍ଷ ତଳେ ସିନ୍ଧୁନଦୀକୂଳସ୍ଥ ମହେଞ୍ଜୋଦାରୋ ଖୋଳା ହୋଇ ହୋଇ ସଭ୍ୟତାର ଯେଉଁ

Digitized by PPRACHIN, SOA

ଧ୍ୱଂସାବଶେଷ ସବୁ ମିଳିଅଛି, ସେଥିରେ ବେଦଧର୍ମ ଭିତ୍ତି ଯେ ଆହୁରି ପ୍ରାଚୀନତର, ଆର୍ଯ୍ୟେତର ଜାତି ମଧ୍ୟରେ ପ୍ରଚଳିତ ଧର୍ମ ଧାରଣାରେ କେତେକ ପରିମାଣରେ ପ୍ରତିଷ୍ଠିତ ଅଛି, ତାହା ଅନୁମାନରେ ଜଣାଯାଏ । ମହେଞ୍ଜୋଦାରୋରୁ ଯେଉଁ ଧ୍ୱଂସାବଶେଷ ସବୁ ବାହାରି ଅଛି, ପଣ୍ଡିତମାନେ ସ୍ଥିର କରୁଛନ୍ତି ତାହା ଅନ୍ତତଃ ୫ ହଜାର ବର୍ଷ ତଳ ସଭ୍ୟତାର ଚିହ୍ନ । ଏହି ଯେଉଁ ଚିହ୍ନମାନ ଦେଖାଯାଏ, ତାହା ପୁଣି ଦେଖିଲେ ବୋଧହୁଏ ଯେଉଁ ଲୋକମାନଙ୍କର ଭିତରେ ଏସବୁ ବିରାଟ ଓ ବିସ୍ତୃତ ଶିଳ୍ପ ସଭ୍ୟତା ବଢ଼ିଥିଲା, ସେମାନଙ୍କର ସଭ୍ୟତାର ମୂଳ ଅନ୍ତତଃ ଆହୁରି ୪।୫ ହଜାର ବର୍ଷ ପୂର୍ବକୁ ନିଆଯାଇ ପାରେ । ଅନ୍ତତଃ ୧୦ ହଜାର ବର୍ଷ ପୂର୍ବେ ମହେଞ୍ଜୋଦାରୋରେ ଲୋପପାଇଥିବା ସଭ୍ୟତାର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ଯାହା ଜଣାଯାଇଛି, ସେଥିରେ ଏହି ସଭ୍ୟତା ହିଁ ଭାରତର ଆଦିମ ସଭ୍ୟତା– ବୈଦିକ ସଭ୍ୟତା ବରଂ ଆଗତ ସଭ୍ୟତା । ପଣ୍ଡିତମାନେ ମହେଞ୍ଜୋଦାରୋର ସଭ୍ୟତାକୁ ଏବେ ଭାରତ ସଭ୍ୟତା ବୋଲି କହିବା ଆରମ୍ଭ କରିଅଛନ୍ତି । ଏହା ସଙ୍ଗେ ପ୍ରାଚୀନ ସୁମେରୁ, ମିଶର ପ୍ରଭୃତି ସଭ୍ୟତାର ସମ୍ପର୍କ ଅଛି । ବର୍ତ୍ତମାନ ଯାହା ଜଣାଯାଇଛି, ସେଥିରେ ସୁମେରୁ, ମିଶର ଓ ଏହି ପ୍ରାଚୀନ ଭାରତ ସଭ୍ୟତା ପୃଥିବୀରେ ସବୁଠାରୁ ପ୍ରାଚୀନ ।

ଏହି ପ୍ରାଚୀନତମ ଭାରତ ସଭ୍ୟତାର ଧର୍ମ ଧାରଣା ସମ୍ବନ୍ଧରେ କେତେକ ତଥ୍ୟ ଭଗ୍ନାବଶେଷ ମଧ୍ୟରେ ମିଳୁଅଛି । ତାହା ମଧ୍ୟରେ ଶିବଲିଙ୍ଗର ପୂଜା ଓ ଯୋଗୀର ଯୋଗାସନ ସଂସ୍ଥିତି ଏଇ ଦୁଇଟି ପ୍ରଧାନ । ସେଥିପାଇଁ ପଣ୍ଡିତମାନେ ସ୍ଥିର କରୁଅଛନ୍ତି, ଏହି ଶିବପୂଜାହିଁ ପୃଥିବୀରେ ପ୍ରାଚୀନତମ ଓ ଜୀବନ୍ତ ଉପାସନା । ଏହି ଶିବପୂଜା ସଙ୍ଗେ ଶକ୍ତିର ପୂଜା ଏ ଦେଶରେ ଚିରପ୍ରଚଳିତ ଓ ତାହା ଚିରାଗତ । ଶକ୍ତି ଧର୍ମ ନାନା ଅବସ୍ଥା ଭେଦ କରି ଭାରତର ସବୁ ଧର୍ମକୁ ପ୍ରଭାବିତ କରି ଆସିଅଛି । ପୁଣି ଶୈବଧର୍ମ ସଙ୍ଗେ ଏହାର ସମ୍ବନ୍ଧ ସର୍ବଦା ରହିଅଛି । ‘‘ଶିବଃ ଶକ୍ତ୍ୟା ଯୁକ୍ତଃ’’ କଥାଟି ଭାରତ ଧର୍ମ ଧାରଣାରେ ସୁପରିଚିତ ଓ ସୁପ୍ରଚଳିତ ।

ଏହି ଶକ୍ତି ଧର୍ମର ମୂଳ ଅନୁସନ୍ଧାନ କଲେ ଦେଖାଯାଏ, ଅତିତରୁ ସମସ୍ତ ଜଗତ ପ୍ରକାଶ ପାଇଛି– ଅତିତମ ଅର୍ଥାତ୍ ଘୋର ଅନ୍ଧକାର ବା ମହାକାଳ । କାଳ ଶବ୍ଦର ଅର୍ଥ ଏଠାରେ କଳା ବା କୃଷ୍ଣବର୍ଣ୍ଣ । ତମ ସର୍ବଦା କୃଷ୍ଣବର୍ଣ୍ଣ । ଏହି କୃଷ୍ଣ ବର୍ଣ୍ଣରୁ କାଳଶବ୍ଦର ଅର୍ଥ ପରେ ସମୟରେ ପର୍ଯ୍ୟବସିତ ହୋଇଅଛି । ମହାକାଳ ବା ଅନନ୍ତ ସମୟରୁ ସବୁ ବାହାରିଅଛି ବୋଲି ସେଥିପାଇଁ କୁହାଯାଏ । ଭଗବାନ୍ ଗୀତାରେ କହିଅଛନ୍ତି– ‘‘କାଳୋଽସ୍ମି ଲୋକକ୍ଷୟକୃତ ପ୍ରବୃଦ୍ଧଃ’’, ଅର୍ଥାତ୍ ମୁଁ ଲୋକକ୍ଷୟକାରୀ ମହାକାଳ, ଅର୍ଥାତ୍ ଏ ସମସ୍ତ ଲୋକ ମହାକାଳରେ ଲୀନ ହୁଅନ୍ତି । ମହାକାଳରୁ ସମସ୍ତେ ବାହାରନ୍ତି ଓ ମହାକାଳରେ ସମସ୍ତେ ଲୀନ ହୁଅନ୍ତି । ଏହିପରି ଏହି ମହାକାଳ ବା ଅତିତମ କଥାଟି ଅର୍ଥ ଭେଦରେ ବରାବର ଭାରତର ଧର୍ମ ଧାରଣାର ପୀଠ ରୂପେ ରହିଅଛି ।

Digitized by PPRACHIN, SOA

ଏହି କାଳଭାବରୁ କାଳୀ ଶବ୍ଦର ଉତ୍ପତ୍ତି । ମହାକାଳୀ କଥାଟି ମଧ୍ୟ ସୁପରିଚିତ । ଜୀବର ଯୌନ ସମ୍ବନ୍ଧରୁ ସୃଷ୍ଟି ହେବା କଥା ଗୋଟିଏ ନିତ୍ୟ ଅନୁଭୂତ ବିଦ୍ୟା । ପୁଣି କୌଣସି ଶୂନ୍ୟତାରୁ ସୃଷ୍ଟିର ଧାରଣା କରିବା ଅସମ୍ଭବ । ତେଣୁ ଆଦିମ ଅତିତମ ଓ ମହାକାଳରୁ ସୃଷ୍ଟିର ଧାରଣା କରିବାକୁ ଯାଇ ମହାକାଳ ସଙ୍ଗେ ମହାକାଳୀ ଧାରଣାର ଉଦ୍ଭବ ହେଲା, ଏବଂ ମହାକାଳର ପ୍ରତୀକ ଲିଙ୍ଗ ରୂପେ ଓ ମହାକାଳୀ ଯୋନି ରୂପେ ପ୍ରତିଭାତ ହେଲେ– ଏହାହିଁ ଶୈବ ଓ ଶାକ୍ତ ଧର୍ମର ବୀଜ ।

ତଥାପି ଦାର୍ଶନିକମାନେ ଏ ପ୍ରତୀକ ଧାରଣାରୁ ସବୁବେଳେ ଦୂରରେ ରହି ଆସି ଅଛନ୍ତି । ସମସ୍ତ ପାରମ୍ପରିକ ସ୍ୱର୍ଗ ଧାରଣାକୁ ଗୋଟିଏ କଥାରେ କହିବାକୁ ଯାଇ ମନୁସ୍ମୃତି କହି ଅଛନ୍ତି–

''ଆସୀଦିଦଂ ତମୋଭୂତ ମପ୍ରଜ୍ଞାତ ମଲକ୍ଷଣଂ
ଅପ୍ରତର୍କ୍ୟ ମବିଜ୍ଞେୟଂ ପ୍ରସୁପ୍ତମିବ ସର୍ବତଃ ।''

ଅର୍ଥାତ୍ ଏ ସବୁ ପ୍ରଥମେ ତମ ବା ଅନ୍ଧକାର ରୂପରେ ଥିଲା, କିଛି ଜଣା ନଥିଲା, କୌଣସି ଚିହ୍ନ ବର୍ଣ୍ଣ ନ ଥିଲା, ଏ ବିଷୟରେ ତର୍କ କରିବାର କିଛି ନ ଥିଲା, ଜାଣିବାର କିଛି ନଥିଲା, ସବୁ ଆଡ଼େ ଅତ୍ୟନ୍ତ ନିଦ୍ରା ବ୍ୟାପିଲା ପରି ଥିଲା ।'' ଏ ସବୁ ସେହି ଆଦିମ ଅତିତମ ଧାରଣାର ସ୍ମୃତି ।

ଆର୍ଯ୍ୟମାନଙ୍କର ବେଦଭାବ ଏଥିରୁ ଟିକିଏ ପୃଥକ୍ ଥିଲା । ସେମାନେ ସମସ୍ତ ବ୍ୟବହାର ମଧ୍ୟରେ ଗୋଟିଏ ଶକ୍ତି ବା ଦେବତାର କଳ୍ପନା କରୁଥିଲେ । ପ୍ରଚ୍ଛନ୍ନ ଶକ୍ତିରୁ ସମସ୍ତ ବିଶ୍ୱର ପ୍ରେରଣା ଓ ପ୍ରକାଶ ବୋଲି ସେମାନଙ୍କର ଗୋଟିଏ ଅଜ୍ଞାତ ଧାରଣା ଥିଲା । ବିଶ୍ଳେଷଣ କରି ସେ କଥା ଦାର୍ଶନିକ ଭାବରେ ବ୍ୟାଖ୍ୟା କରାଯାଇ ନଥିଲା । କିନ୍ତୁ ପାର୍ବତ୍ୟ ଭୂମିରେ କଠୋର ଜୀବନ ସଂଗ୍ରାମ ମଧ୍ୟରେ ସବୁବେଳେ ବିଶ୍ୱ ଶକ୍ତି ସଙ୍ଗେ ଯୁଦ୍ଧ କରିବାରେ ତାଙ୍କର ଏହି ବିଶ୍ୱ ପ୍ରଭାବର ଧାରଣା ବଦ୍ଧମୂଳ ଥିଲା । ସମତଳ ଭାରତର ନିଶ୍ଚିନ୍ତ ସ୍ୱଚ୍ଛନ୍ଦ ଜୀବନରେ କେଉଁ ଅତିତମ ବା ଶୂନ୍ୟତାର ଧାରଣା ଫୁଟିଥିଲା, ତାହା ଆର୍ଯ୍ୟମାନଙ୍କ ପକ୍ଷରେ ବୁଝିବା ଓ ଧାରଣା କରିବା ବଡ଼ ସୁଗମ ନଥିଲା । କିନ୍ତୁ ଏ ଦେଶରେ ସେମାନେ ଗୋଟିଏ ବହୁତ କାଳର ପ୍ରତିଷ୍ଠିତ ଦାର୍ଶନିକ ଧର୍ମର ସଂଘର୍ଷରେ ଆସି ନିଜର ବ୍ୟାବହାରିକ ଧାରଣାରେ ପଦେ ପଦେ ଧକ୍କା ପାଇଥିଲେ । ଫଳରେ ଏହି ଅତିତମ ବା ଶୂନ୍ୟତା ଧାରଣା ତାଙ୍କୁ ବରାବର ପ୍ରଭାବିତ କରିଥିଲା । ଋଗ୍‌ବେଦର ଗୋଟିଏ ପ୍ରାଚୀନତମ ସୂକ୍ତର କଥା ଉଦାହରଣ ସ୍ୱରୂପ ଏଠାରେ ଉଲ୍ଲେଖ କରାଯାଇପାରେ । ତାହାର ମୂଳରେ 'ନାସଦ୍' ପଦ ଥିବାରୁ ତାହାକୁ ସାଧାରଣତଃ ଲୋକେ 'ନାସଦୀୟ ସୂକ୍ତ' ବୋଲି କହନ୍ତି । ତାହାର ପ୍ରଥମ ମନ୍ତ୍ର –

''ନାସଦାସୀନ୍ନୋ ସଦାସୀତ୍‌ତଦାନୀଂ
ନାସୀଦ୍ରଜୋ ନୋବ୍ୟୋମୋ ପରୋଯତ୍

Digitized by PPRACHIN, SOA

କିମାବରୀବଃ କୁହକସ୍ୟ ଶର୍ମ
ନମ୍ଭଃ କିମାସୀଦ୍ ଗହନଂ ଗଭୀରଂ ।’’

ଅର୍ଥାତ୍ ସେତେବେଳେ ଅସତ୍ ନଥିଲା, କିମ୍ବା ସତ୍ ବି ନଥିଲା । ଅନ୍ତରୀକ୍ଷ ନ ଥିଲା, କି ତାହାପରେ ଆକାଶ ବି ନଥିଲା । କିଏ କାହାକୁ ଆବରଣ କରିଥିଲା କେଉଁଠାରେ ? କାହା ସୁଖ ପାଇଁ ? ଅଗମ୍ୟ ଓ ଅଗାଧ ଜଳ ବି କିପରି ବା କେଉଁଠାରେ ଥିଲା ?’’

ଏହିପରି ଏ ସୂକ୍ତରେ ସର୍ବଦା ଶୂନ୍ୟତାରୁ ଶୂନ୍ୟତାରେ ସନ୍ତୋଷ ନ ରହି ଋଷି ଯେପରି କି ଛଟପଟ ହୋଇ ଶୂନ୍ୟତା ଭିତରେ ଦ୍ରବ୍ୟର ସୂଚନା ଘେନି ପ୍ରଶ୍ନମାନ କରୁଛନ୍ତି– ଅଥଚ ଶୂନ୍ୟତାର ଭାବ, ଯେପରି କି ତାଙ୍କୁ ଗ୍ରାସ କରି ରହିଛି । ତୃତୀୟ ମନ୍ତ୍ରରେ ବ୍ୟାକୁଳ ହୋଇ କହିଛନ୍ତି–

‘‘ତମଆସୀତ୍ତମସା ଗୂଢ଼ମଗ୍ରେ
ଅପ୍ରକେତଂ ସଲିଳଂ ସର୍ବମା ଇଦ୍ରଂ
ତୁଚ୍ଛୋନାଭ୍ଵଃପିହିତଂ ଯଦାସୀତ୍
ତପସସ୍ତନ୍ ମହିମ୍ନା ଅଜାୟତୈକଂ ।’’

ଅର୍ଥାତ୍ ସେତେବେଳେ ତମ ବା ଅନ୍ଧକାର ଥିଲା । ପହିଲେ ସବୁଆଡ଼େ ଚିହ୍ନ ବର୍ଣ୍ଣ ରହିତ ଜଳକୁ ଅନ୍ଧକାର ଲୁଚାଇ ବା ଘେରି ରଖିଥିଲା । ଆଭ୍ଵଃ ଅର୍ଥାତ୍ ଶୂନ୍ୟ ଗର୍ଭ ତୁଚ୍ଛ ଅର୍ଥାତ୍ ଅପଦାର୍ଥ, ଅବିଦ୍ୟା, ମାୟା ବି ମିଥ୍ୟାରେ ଆଚ୍ଛାଦିତ ଥିଲା । ଯେ ଏହିପରି ଥିଲା, ସେ ମୂଳରୁ ତପ ବା ପ୍ରଯତ୍ନର ମହିମାରେ ପ୍ରକାଶ ପାଇଥିଲା ।

ଏହିଠାରେ ତମ ଶବ୍ଦ ସ୍ପଷ୍ଟ ବ୍ୟବହାର କରାଯାଇଛି, କିନ୍ତୁ ଚିହ୍ନ ବର୍ଣ୍ଣ ରହିତ ହେଲେ ମଧ ଜଳ ବୋଲି କୁହାଯାଇଛି । ଶୂନ୍ୟତାର ଭାବ କ୍ରମେ ପୂର୍ଣ୍ଣତାରେ ଫୁଟି ଉଠିଛି । ଅପଦାର୍ଥ ଅଦ୍ରବ୍ୟ ବା ଅଭାବ, ପଦାର୍ଥ ବା ଭାବ ଧରି ପ୍ରକାଶ ପାଉଛି । ତୁଚ୍ଛ ଅର୍ଥାତ୍ ପଦାର୍ଥହୀନତା ବା ଅଭାବ ଦ୍ଵାରା ଶୂନ୍ୟଗର୍ଭ ଆଚ୍ଛାଦିତ ହୋଇଛନ୍ତି । ସେହି ଶୂନଗର୍ଭ ପୁଣି ପ୍ରଯତ୍ନପର ବା ତପୋଯୁକ୍ତ ହୋଇ ସୃଷ୍ଟିରୂପେ ପ୍ରକାଶ ପାଉଛନ୍ତି ବା ସୃଷ୍ଟି ପ୍ରକାଶ କରୁଛନ୍ତି ।

ଏହି ଆଭ୍ଵଃ ବା ଶୂନ୍ୟ ଗର୍ଭରୁ ପରେ ହିରଣ୍ୟଗର୍ଭ କଥାଟି ଆସିଛି । ଏ ହିରଣ୍ୟ କଥାଟିରେ ମଧ୍ୟ ବୈଦିକ ପରମ୍ପରା ନାହିଁ ବୋଲି ପଣ୍ଡିତମାନେ ସ୍ଥିର କରନ୍ତି । ପ୍ରାଚୀନ ସୁମେରୁ, ମିଶର ପ୍ରଭୃତି ଭୂମିରେ ଜୀବନର ନାମ ହିରଣ୍ୟ ବା ସୁନା ଥିଲା । ପରେ ସୁନା ଖାଇଲେ ଜୀବନ– ଜୀବନୀଶକ୍ତି ବଢ଼େ ବୋଲି ଲୋକେ ମଧ ବିଶ୍ଵାସ କରୁଥିଲେ । ପ୍ରାଚୀନ ଭାରତର ସେହି ବିଶ୍ଵାସ ଏବେ ମଧ୍ୟ ପଲ୍ଲୀରେ ଦେଖିବାକୁ ମିଳେ । ପିଲାର ବଳ ଓ ଜୀବନୀଶକ୍ତି ବଢ଼ିବ ବୋଲି ମାଇପେ ସୁନା ଘୋରି ପିଲାକୁ ପିଆନ୍ତି । ଏହି ସୁନା ବା ହିରଣ୍ୟ ଜଗତରେ ଜୀବନର ବୀଜ ବୋଲି ଧାରଣା ଥିବାରୁ ଆଭ୍ଵଃ ବା ଶୂନ୍ୟଗର୍ଭ ପରେ ବ୍ରହ୍ମ ବା ହିରଣ୍ୟଗର୍ଭ ବୋଲି ପରିଚିତ ହେଲେ ।

Digitized by PPRACHIN, SOA

ଏହିପରି ସୃଷ୍ଟି ମୂଳ ସମ୍ବନ୍ଧରେ ଶୂନ୍ୟତା ପୂର୍ଣ୍ଣତାର ବିରୋଧ ଭାବ ବେଦ ଓ ବୈଦିକ ସାହିତ୍ୟରେ ବହୁ ସ୍ଥଳରେ ଅନୁସନ୍ଧାନ କରାଯାଇପାରେ । ପରେ ବେଦର ପୂର୍ଣ୍ଣତା ଭାବ, ପ୍ରାଚୀନତନ୍ତ୍ରର ଶୂନ୍ୟତା ଭାବକୁ ଗ୍ରାସ କରିଅଛି । ତନ୍ତ୍ର କଥାଟିରେ ମଧ୍ୟ ହୁଏତ ଶୂନ୍ୟତା ଭାବର ବିରୋଧ ସୂଚିତ ହୋଇପାରେ । ତନ୍ତ୍ର କଥାଟିର ଅର୍ଥ ବିସ୍ତାର ଅର୍ଥାତ୍ ପ୍ରକାଶ । ପ୍ରକାଶ ବା ସର୍ଗ ପ୍ରକାଶ ଶାସ୍ତ୍ରକୁ ପ୍ରଥମେ ତନ୍ତ୍ର ନାମ ଦିଆଯାଇଥିଲା । ଅତିତମ କାଳ ଓ କାଳୀ ସଙ୍ଗେ ଏହି ପ୍ରକାଶ ପଦ୍ଧତିର ଘନିଷ୍ଠ ସମ୍ବନ୍ଧ ଥିବାରୁ ପରବର୍ତ୍ତୀ କାଳରେ ସର୍ଗବ୍ୟାପାର ଦର୍ଶନ ଓ ତହିଁ ସଙ୍ଗେ ନିତ୍ୟ ସମ୍ବନ୍ଧରେ ପ୍ରତିଷ୍ଠିତ ବିଶିଷ୍ଟ ଯୋଗର ଅଭ୍ୟାସ ତନ୍ତ୍ର ନାମରେ ପ୍ରଖ୍ୟାତ ହେଲା ।

ଏହି କାଳ ଓ କାଳୀର ଭାବ ନାନା ଭାବରେ ବୈଦିକ ଦର୍ଶନ ତତ୍ତ୍ୱରେ ପ୍ରବେଶ କରିଅଛି । ସଂଖ୍ୟାର ପ୍ରକୃତି ପୁରୁଷ, ବେଦାନ୍ତର ବ୍ରହ୍ମମାୟା ପ୍ରଭୃତି ନାନା ଭାବରେ ବୈଦିକ ଋଷିମାନେ ଏହି ଶୂନ୍ୟତାକୁ ପୂର୍ଣ୍ଣତାରେ ପ୍ରକାଶ କରିବାର ପ୍ରୟାସ କରିଅଛନ୍ତି । ହେଲେହେଁ ତନ୍ତ୍ରର ମୂଳତତ୍ତ୍ୱ ଅନ୍ତଃସଲିଳା ଫଲ୍‌ଗୁ ପରି ଯୁଗେ ଯୁଗେ ଭାରତୀୟ ଦର୍ଶନ ଓ ସାଧନାକୁ ପ୍ରଭାବିତ କରି ରଖିଅଛି । କାଳେ କାଳେ ମହାପୁରୁଷ ଓ ପଥ-ପ୍ରଦର୍ଶକମାନେ ବେଦର ପୂର୍ଣ୍ଣତାଭାବ ଭିତରୁ ଫିଟିପଡ଼ି, ପୁଣି ଏହି ମହାଶୂନ୍ୟତାକୁ ଫେରି ଅଛନ୍ତି ।

ବୈଦିକ ଋଷିଚୋଦିତ ଘୋର କର୍ମମୟ ଜୀବନର ପ୍ରସାର ମଧରେ ଯେଉଁ ଜୀବନ୍ତ ବିଶ୍ୱଶକ୍ତିର ଅଜ୍ଞାନ ଅନୁଭୂତି ଫୁଟି ଉଠିଥିଲା, ସେଥିରେ ନାନା ବିକ୍ଷୋଭ ତଥା ଇନ୍ଦ୍ରିୟ ସେବାର ବିଶୃଙ୍ଖଳତା ମଧ୍ୟରେ ଶାନ୍ତି ଆଣିବାକୁ ଯାଇ, ମନସ୍ୱୀ କବିମାନେ ନିଷ୍କାମ ଧର୍ମର ପ୍ରଚାର କଲେ । ଏହି ନିଷ୍କାମ ଧର୍ମ ଯଥାର୍ଥ ମୌଳିକ ବେଦଧର୍ମ । ସେଥିପାଇଁ ଭଗବାନ୍ ଗୀତାରେ ଅର୍ଜୁନଙ୍କୁ କର୍ମରେ ରହି ନିଷ୍କାମ ହୋଇ ମୁକ୍ତି ସାଧନା କରିବାର ପନ୍ଥା ବୁଝାଇବା ପରେ ଅର୍ଜୁନଙ୍କର ସନ୍ଦେହ ଭଞ୍ଜନ କରିବା ପାଇଁ କହିଅଛନ୍ତି–

"ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ।
ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରଂତପ ।

ଅର୍ଥାତ୍ ଏଇ ଅବ୍ୟୟ ଯୋଗ ବା ମୁକ୍ତି ସାଧନାର ପନ୍ଥା ମୁଁ ପହିଲେ ସୂର୍ଯ୍ୟଙ୍କୁ କହିଥିଲି । ସୂର୍ଯ୍ୟ ନିଜ ପୁତ୍ର ମନୁଙ୍କୁ ଓ ମନୁ ନିଜ ପୁତ୍ର ଇକ୍ଷ୍ୱାକୁଙ୍କୁ କହିଥିଲେ । ଏହିପରି ପରମ୍ପରାରେ ରାଜର୍ଷିମାନେ ଏହି ଯୋଗ କଥା ଜାଣିଥିଲେ । ବହୁକାଳବଶରେ ସେ ଯୋଗ ଏବେ ନଷ୍ଟ ହୋଇଅଛି ।

ବୈଦିକ ଧର୍ମର ଏହି ପରମ୍ପରାରୁ ଜଣାଯାଏ କର୍ମଠତା ଓ ତହିଁ ସଙ୍ଗେ ସଙ୍ଗେ ନିଷ୍କାମତା ବୈଦିକ ସାଧନାର ଆଦର୍ଶ । ସୂର୍ଯ୍ୟ ଠିକ୍ ସମୟରେ ଉଠେ, ନିଜ ଧର୍ମରେ ବା ସ୍ୱଧର୍ମରେ ସ୍ଥାନାସ୍ଥାନ କିଛି ବିଚାର ନ କରି ସମାନ ଭାବରେ ନିଜର କାର୍ଯ୍ୟ କରେ ବା

Digitized by PPRACHIN, SOA

କିରଣ ଦିଏ; ଠିକ୍ ସମୟରେ ବୁଡ଼େ ବା ବିଶ୍ରାମ କରେ । କେଉଁଠାରେ ପୋଡ଼ି ଯାଇ ମରୁଡ଼ି ହେଲା, କେଉଁଠାରେ ବା ସୂର୍ଯ୍ୟ କିରଣରେ ରୋଗ ନାଶ ହୋଇ ଲୋକର ମଙ୍ଗଳ ହେଲା– ଏ ପ୍ରଭୃତିରେ ସୂର୍ଯ୍ୟର କିଛି ନାହିଁ । କୌଣସି କଥାରେ ଆସକ୍ତି ନଥାଇ ସୂର୍ଯ୍ୟ ନିଜର ନିତ୍ୟ ଧର୍ମରେ ସମାନ ଭାବରେ ଲୋକପାଳନ କରି ଯାଏ । ସୂର୍ଯ୍ୟର ଏହି କର୍ମଯୋଗ ମାନବ ଜାତିରେ କ୍ଷତ୍ରିୟଠାରେ ପ୍ରକାଶ ପାଏ । ଲୋକରକ୍ଷା ଓ ଲୋକପାଳନ କ୍ଷତ୍ରିୟର କର୍ମ । କ୍ଷତ୍ରିୟ ତାହା କରିଯିବ, ସେଥିରେ ତାହାର ଅନୁରକ୍ତି ବିରକ୍ତିର ଅବକାଶ ରହିବ ନାହିଁ । ଅନାସକ୍ତ କର୍ମହିଁ କ୍ଷତ୍ରିୟ ନିଜ ଜୀବନରେ ଜଗତକୁ ଆଦର୍ଶ ସ୍ୱରୂପ ଦେଖାଇପାରେ । ସେଥିପାଇଁ ଭଗବାନ୍ କହିଛନ୍ତି ଆଦିକ୍ଷତ୍ରିୟ ମନୁହିଁ ସୂର୍ଯ୍ୟଙ୍କର ଏ ବିଷୟରେ ଯଥାର୍ଥ ଶିଷ୍ୟ ହୋଇଥିଲେ । ସେଥିପାଇଁ ପୁରାଣାଦିରେ ମନୁଙ୍କୁ ସୂର୍ଯ୍ୟବଂଶ ପ୍ରତିଷ୍ଠାତା କ୍ଷତ୍ରିୟ ପିତାମହ ବୋଲି କହନ୍ତି । ମନୁଙ୍କ ପୁତ୍ର କ୍ଷତ୍ରିୟ ଇକ୍ଷ୍ୱାକୁ ଓ ଇକ୍ଷ୍ୱାକୁଙ୍କ ପରେ ଋଷିକଳ୍ପ ବା ପ୍ରାଜ୍ଞ ନିମି ଜନକାଦି କ୍ଷତ୍ରିୟମାନଙ୍କ ମଧ୍ୟରେ ଏହି ବୈଦିକ କର୍ମଯୋଗ ଧର୍ମ ପ୍ରସରିଲା । ପୂର୍ବେ ଜନକଙ୍କ ଉଦାହରଣ ଦେଇ ଭଗବାନ ମଧ୍ୟ କହି ସାରିଛନ୍ତି– "କର୍ମଣୈବ ହିସଂସିଦ୍ଧିମାସ୍ଥିତା ଜନକାଦୟଃ"– ଅର୍ଥାତ୍ ଏହି କର୍ମରେ ଲାଗି ରହି ନିଷ୍କାମ ହୋଇ ଜନକାଦିମାନେ ଜୀବନର ସାଧନାରେ ସିଦ୍ଧି ପାଇଥିଲେ । କିନ୍ତୁ ଭଗବାନ କହୁଛନ୍ତି "ବହୁକାଳବଶରେ ଏହି ନିଷ୍କାମ ଧର୍ମର ନାନା ପ୍ରକାର ଅନର୍ଥ ଘଟି ଏ ଧର୍ମ ଲୋପପାଇଛି ।" ଏହି ଅନର୍ଥ ମୌଳିକ ତନ୍ତ୍ରଧର୍ମର ପ୍ରଭାବରେ ଘଟିଥିଲା ।

ପୁରୋହିତ ବ୍ରାହ୍ମଣମାନେ ବେଦଧର୍ମକୁ ନିଜର ଜାତିପରମ୍ପରାଗତ ବୋଲି ଅଭିମାନ କରନ୍ତି ସତ, କିନ୍ତୁ ଯଥାର୍ଥରେ ଏହା ପୁରୋହିତ ବ୍ରାହ୍ମଣର ନୁହେ; କର୍ମୀ କ୍ଷତ୍ରିୟର । ବ୍ରାହ୍ମଣମାନେ ପୌରୋହିତ୍ୟରେ ଥାଇ ବରାବର ନିଷ୍କର୍ମା ବା କର୍ମହୀନ ଥିଲେ । ଦେବତା ନାମ ଧରି, ମନ୍ତ୍ର ବୋଲି, ପୂଜା କରି ଖାଇବାରେ ବିଶେଷ କିଛି କର୍ମ କରିବାକୁ ପଡୁ ନଥିଲା । ଖାଦ୍ୟ ଆହରଣ ଉପାୟ ଘେନି ମଧ୍ୟ ବ୍ରାହ୍ମଣମାନେ ସେତେ ବିବ୍ରତ ନଥିଲେ । ତେଣୁ ତନ୍ତ୍ର-ମୂଳ ଶୂନ୍ୟତାର ପ୍ରଭାବ ତାହଙ୍କ ଉପରେ ପଡ଼ିବାର ବେଶୀ କଥା । କ୍ରମେ ସେମାନେ ବେଦର ନିଷ୍କାମତାକୁ କର୍ମହୀନତା ବା କର୍ମ ଛାଡ଼ିବାରେ ପରିଣତ କଲେ । କର୍ମ ମଧରେ ନିଷ୍କାମ ଭାବ ଫୁଟାଇବାରେ ଅବଶ୍ୟ ଯେ ଏହି ଶୂନ୍ୟତାର ପ୍ରଭାବ ନଥିଲା ତାହା ନୁହେଁ, କିନ୍ତୁ ତାହା ଭାବକୁ ସଂଶ୍ଳେଷିତ ଓ କର୍ମ ବିଶୃଙ୍ଖଳତାକୁ ସଂଯତ କରି ଜୀବନକୁ କର୍ମମୟ କରିବା ସଙ୍ଗେ ଶାନ୍ତିମୟ କରିବାରେ ପ୍ରଯୁକ୍ତ ହୋଇଥିଲା । ବ୍ରାହ୍ମଣମାନଙ୍କର ଜୀବନରେ କର୍ମ ଅପେକ୍ଷା କର୍ମହୀନତା ବା ଆଳସ୍ୟର ଅବକାଶ ବେଶୀ ଥିବାରୁ ସେମାନେ ଏହି ସଂଶ୍ଳେଷଣର ଅର୍ଥ କରି ବସିଲେ– କର୍ମ ଛାଡ଼ିଦେବାହିଁ ନିଷ୍କାମତା । ସାଂଖ୍ୟର ପ୍ରକୃତି-ପୁରୁଷ-ବାଦ ଏହିଠାରେ ନୂତନ ବ୍ୟାଖ୍ୟା ଘେନି ପ୍ରତିଭାତ ହେଲା । ପୁରୁଷ ନିଷ୍କ୍ରିୟ, ତାହାର କିଛି କରିବାର ନାହିଁ, ଶକ୍ତି ବି ନାହିଁ– ପ୍ରଯତ୍ନ ବା କାହୁଁ ଆସିବ ? ସେହି ହେଉଛି ଅତିତମ, ମହାକାଳ ବା ଶିବର ନାମାନ୍ତର । ବିଶ୍ୱ ସାମଗ୍ରୀର

Digitized by PPRACHIN, SOA

ମୂଳ ପ୍ରକୃତି ପୁରୁଷ ଆଗରେ ଖେଳା ଦେଖାଇବା ପାଇଁ, ପୁରୁଷକୁ ଆକୃଷ୍ଟ କରି ମୋହିତ କରିବା ପାଇଁ, ସତ୍ତ୍ୱ, ରଜ, ତମ ଗୁଣମାନ ନାନା ଭାବରେ ଧରି ଏ ଖେଳା ଦେଖାଉଥାଏ । କର୍ମ ଛାଡ଼ି ଦେଇ ନିଷ୍କ୍ରିୟ ପୁରୁଷର ଧାରଣା ଦୃଢ଼ କରି ପାରିଲେ, ପ୍ରକୃତିର ଖେଳା ଲୁଚିଯାଏ; ଅର୍ଥାତ୍ ଶୂନ୍ୟତା ଅବଲମ୍ବନ କରିବାର ଏକମାତ୍ର ପନ୍ଥା ପ୍ରକାଶମାନ ଜଗତର ସବୁ କ୍ରିୟା ଛାଡ଼ିଦେବା । ଶୂନ୍ୟରୁ ସବୁ ବାହାରିପଡ଼ିଛି; କିପରି ବାହାରିଛି, ତାହା କୁହାଯାଇ ପାରିବ ନାହିଁ । ସବୁ ଯହିଁରୁ ବାହାରିଛି, ତାହା ବିଶ୍ୱଯୋନି; ସେ ହେଲା ପ୍ରକୃତି । ବୈଦିକ ଶୈଳୀରେ ପୁରୁଷକୁ ଶୂନ୍ୟ ବୋଲି ନ କହି, କେବଳ ପୁରୁଷ ବୋଲି କୁହାଯାଇଛି । ମାତ୍ର ବସ୍ତୁତଃ ତାହା ଏକ ଶୂନ୍ୟ ବସ୍ତୁର ରୋଚକ ଧାରଣା ଛଡ଼ା ଆଉ କିଛି ନୁହେ । ସର୍ଗଯୋନି ପ୍ରକୃତି, ବସ୍ତୁତଃ ନାରୀ । ସେ ପୁରୁଷକୁ ନିଜ ଆଡ଼କୁ ଆକର୍ଷଣ କରି ମୋହିତ କରୁଥାଏ । ଏ ସବୁ ସାଂଖ୍ୟ ଧାରଣା, ସେହି ଆଦିମ କାଳ ଓ କାଳୀର ଧାରଣା ଛଡ଼ା ଆଉ କିଛି ନୁହେ ।

ବ୍ରାହ୍ମଣମାନେ ଏହି ପ୍ରକୃତି ପୁରୁଷର ଧାରଣାକୁ ସେହି କାଳ ଓ କାଳୀର ଧାରଣାରେ ପର୍ଯ୍ୟବସିତ କରି ଏକ ପ୍ରକାର ଶୂନ୍ୟତା ଉପାସନା ପ୍ରଚାରକଲେ । ତାକୁହିଁ ପରେ ଜ୍ଞାନମାର୍ଗ କୁହାଗଲା । ଭଗବାନ୍ କହିଛନ୍ତି, ଏହି ଜ୍ଞାନମାର୍ଗରୂପ ଅନର୍ଥରେ ପଡ଼ି ମୂଳ ବେଦଧର୍ମଭାବ କାଳକ୍ରମେ ନଷ୍ଟ ହୋଇଗଲା ।

ଭଗବାନ୍ ଶ୍ରୀକୃଷ୍ଣ ସେଥିପାଇଁ ଅର୍ଜୁନଙ୍କୁ ସେହି ଆଦିମ ବୈଦିକ ଧର୍ମରେ ପ୍ରବର୍ତ୍ତାଇଲେ । ଯୁଦ୍ଧ ଛାଡ଼ିଦେଇ ବଣକୁ ଯିବାପାଇଁ, କର୍ମ ଛାଡ଼ି ଶୂନ୍ୟ ହେବାପାଇଁ ଅର୍ଜୁନ କହିଲାବେଳେ, ଭଗବାନ୍ ଘୋର ପ୍ରତିବାଦ କରି ତାଙ୍କୁ ନିଷ୍କାମ ସ୍ୱଧର୍ମ ମାର୍ଗରେ ମତାଇଲେ ।

ଏହି ବୈଦିକ ଧର୍ମରେ କର୍ମ ଅଛି । କର୍ମରେ ଅନସକ୍ତି ବା ନିଷ୍କାମତା ଅଛି, କିନ୍ତୁ କର୍ମହୀନତା ବା ଶୂନ୍ୟତାର ଧାରଣା ନାହିଁ । ଗୋଟିଏ କଥାରେ ବେଦ କହନ୍ତି ।

"ପୂର୍ଣମଦଃ ପୂର୍ଣ ମିଦଂ ପୂର୍ଣାତ୍ ପୂର୍ଣ ମୁଦଚ୍ୟତେ
ପୂର୍ଣସ୍ୟ ପୂର୍ଣ ମାଦାୟ ପୂର୍ଣମେବାବଶିଷ୍ୟତେ ।"

ଅର୍ଥାତ୍ ଏହା ପୂର୍ଣ୍ଣ, ତାହା ପୂର୍ଣ୍ଣ, ପୂର୍ଣ୍ଣରୁ ପୂର୍ଣ୍ଣ ପ୍ରକାଶ ପାଏ, ପୂର୍ଣ୍ଣରୁ ପୂର୍ଣ୍ଣ ବାହାରିଲେ ମଧ୍ୟ ପୁଣି ପୂର୍ଣ୍ଣ ରହେ ।

ଅତି ପ୍ରାଚୀନ ତନ୍ତ୍ରର ଧର୍ମ ମହାଶୂନ୍ୟତା ବା ମହାକାଳ ସଙ୍ଗେ ଏହି ମହାପୂର୍ଣ୍ଣତା ବା ପରଂବ୍ରହ୍ମତ୍ୱ ଦେଖିଲେ, ଦୁଇଟି ସଂସ୍କୃତି ବୀଜର ସ୍ୱଷ୍ଟ ଧାରଣା ହେବ । ଏହି ଦୁଇଟି ଚିର ସଂଘର୍ଷ ଭାରତରେ ବରାବର ଲାଗିରହିଅଛି । ଥରେ ଥରେ ଶୂନ୍ୟତା ଭୀଷଣ ପ୍ରଭାବରେ ସମସ୍ତ ଗ୍ରାସ କରୁଅଛି । କିନ୍ତୁ ଶୂନ୍ୟତାରେ ମାନବ ଜୀବନର ସ୍ଥିତି ବା ଶାନ୍ତି ସ୍ଥିର ରହୁ ନାହିଁ । ସେଥିପାଇଁ ଶୂନ୍ୟତା ମଧ୍ୟରେ ପୁଣି ପୂର୍ଣ୍ଣତାର ଧାରଣା ପ୍ରକାଶ ପାଉଅଛି ।

ବୁଦ୍ଧଦେବ ଆତ୍ମା ବା ଅଧ୍ୟାତ୍ମ ଭାବର ପୂର୍ଣ୍ଣତା ବା ସତ୍ୟତା ସମ୍ବନ୍ଧରେ କିଛି କହି ନଥିଲେ । ତାଙ୍କ ପ୍ରଚାରିତ ମତରେ ମାନବ ସାଧନାର ସିଦ୍ଧି ମୁକ୍ତି ବା ଆତ୍ମଲାଭ ନୁହେଁ—

Digitized by PPRACHIN, SOA

ନିର୍ବାଣ ବା ଆତ୍ମଧ୍ୱଂସ । ସରଳ କଥାରେ ବୁଝିବାକୁ ଗଲେ ମୋଟାମୋଟି କୁହାଯିବ, ଏ ଜଗତର କର୍ମ ସଙ୍ଗେ ଦୁଃଖ ଲାଗିରହିଛି; କର୍ମ ବାନ୍ଧିରହିଛି, ଏ କର୍ମ ବନ୍ଧନ ବା ସୃଷ୍ଟିକୁ ଛିଣ୍ଡାଇ ଦେବାକୁ ହେବ; ସମସ୍ତ ପ୍ରକାଶର ବିଲୋପ ସାଧନ କରିଦେବାକୁ ହେବ । ବ୍ୟକ୍ତି ଜୀବନରେ ମଧ୍ୟ ସବୁ କର୍ମ ତୁଟାଇବାର ସାଧନାରେ ଲାଗିବାକୁ ହେବ । ଏଇ ସାଧନାରେ ସିଦ୍ଧି ଲାଭ ହେଲେ– ସମସ୍ତ କର୍ମ ତୁଟିଗଲେ, ବ୍ୟକ୍ତିର ବିଲୋପ ବା ନିର୍ବାଣ । ତାହାହିଁ ବ୍ୟକ୍ତିତ୍ୱର ଶେଷ ।

ଏଠାରେ ମଧ୍ୟ ପୁଣି ଆଉ ଥରେ ସେହି ତନ୍ତ୍ରର ମହାଶୂନ୍ୟତା ମୁଣ୍ଡ ଟେକି ଉଠିଲା । ଅତି ଅଳ୍ପଦିନ ପରେ ମୌଳିକ ତନ୍ତ୍ରସାଧନର ଏହି ଶୂନ୍ୟତା-ସର୍ବସ୍ୱ– ପ୍ରକୃତି ବୌଦ୍ଧ ଧର୍ମରେ ପ୍ରକାଶ ପାଇଥିଲା । ତନ୍ତ୍ର ବଡ଼ ପ୍ରାଚୀନ ସତ, କିନ୍ତୁ ବର୍ତ୍ତମାନ ଭାରତରେ ଯେଉଁ ତନ୍ତ୍ର ସାଧନାର ସାହିତ୍ୟ ଓ ସାଧକ ସବୁ ଦେଖିବାକୁ ମିଳନ୍ତି, ସେମାନେ ସମସ୍ତେ ଇତର ବିଶେଷରେ, ପରବର୍ତ୍ତୀ କାଳ ବୌଦ୍ଧଧର୍ମର ଉତ୍ତରାଧିକାରୀ । ଏହି ବୌଦ୍ଧଧର୍ମ ଅଳ୍ପକାଳ ପରେ ମହାଯାନ ବା ଭକ୍ତିମାର୍ଗ, ତାହାପରେ ବଜ୍ରଯାନ ବା ଶୂନ୍ୟ ଉପାସନା ମାର୍ଗ, ଶେଷରେ ସହଜ ଯାନ ବା କଳୁଷିତ ତନ୍ତ୍ର ଯୋଗର ନାରୀ ସଙ୍ଗସାଧନ ମାର୍ଗରେ କ୍ରମେ କ୍ରମେ ପରିଣତ ହୋଇଥିବା କଥା ସାଧାରଣ ଐତିହାସିକମାନେ ଜାଣନ୍ତି ।

ଏ ଗଲା ଧର୍ମଧାରଣା ବା ତତ୍ତ୍ୱବିକାଶ କଥା । ଏହାପରେ ଧର୍ମ ସାଧନା ବା ଯୋଗର କଥା କୁହାଯିବ ।

[ନବଭାରତ ୧ମ ବର୍ଷ, ମକର, ୧୩୪୧]

—

Digitized by PPRACHIN, SOA

# ଭାରତର ଧର୍ମ-ବିକାଶ (୨)

## ଧର୍ମ ସାଧନା ବା ଯୋଗ

ଜୀବନ-କର୍ମର ବିକ୍ଷୋଭ ଭିତରେ ମନୁଷ୍ୟର ଶାନ୍ତି ନାହିଁ । ଏ ଜୀବନ-କର୍ମ ଜୀବନ ଥିବାତକ ଅବଶ୍ୟ ଲାଗିରହିଛି । ଶାନ୍ତି ପାଇବାକୁ ହେଲେ ଏହି କର୍ମରୁ ଖସିବାକୁ ହେବ । ଏହାର ଉପାୟ କଅଣ ? ବହୁ ପ୍ରାଚୀନକାଳରୁ ଲୋକେ ଏହି ଉପାୟ ଖୋଜିଛନ୍ତି ଓ ଖୋଜୁଛନ୍ତି । ଏହାହିଁ ସମସ୍ତ ଦର୍ଶନ, ଧର୍ମ, ନୀତିର ମୂଳ । ଶୂନ୍ୟବାଦୀ ପ୍ରାଚୀନ ଭାରତୀୟମାନେ ବୁଝିଥିଲେ, ଶୂନ୍ୟ ବା ଅଭାବ ମଧ୍ୟରୁ ଏ ସମସ୍ତ ପ୍ରକାଶ ବାହାରିପଡ଼ିଛି । କିପରି ବାହାରିଛି, ସେ ବିଷୟରେ ନାନାପ୍ରକାର ତର୍କ-ତର୍କଣାମାନ ଶୂନ୍ୟବାଦର ଦର୍ଶନ । ସେ କଥା ଏଠାରେ କୁହାଯାଉନାହିଁ । କିନ୍ତୁ ପ୍ରକାଶ ଯେଉଁ ଶୂନ୍ୟରୁ ବାହାରିଛି ସେଠାରେ କିଛି ନାହିଁ, କର୍ମ ନାହିଁ, ସବୁ ସ୍ଥିର– ସବୁ ଶାନ୍ତ ! ଏହି ଅଭାବରେ ହିଁ ଚିରଶାନ୍ତି । ପ୍ରକାଶର କୌଣସି ପ୍ରକାରରେ ବିଲୋପ ହେଲେ ଏହି ଶୂନ୍ୟ, ଏହି ଅଭାବ ଆସିଯିବ । ଏଥିରେ ହିଁ ଚିରଶାନ୍ତି ଲୋଡ଼ିବାକୁ ହେବ ।

କର୍ମ ମାତ୍ରହିଁ ପ୍ରକାଶର ଲକ୍ଷଣ ବା ପ୍ରକାଶ । ସମସ୍ତ ପ୍ରକାଶକୁ କର୍ମ ନାମରେ କୁହାଯାଏ । ଭଗବାନ୍ ସେହି ଭାବକୁ ପ୍ରକାଶ କରି କହିଛନ୍ତି–

''ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ'' (ଗୀତା ୮।୩)

ଅର୍ଥାତ୍ ସମସ୍ତ ବସ୍ତୁଭାବ କ୍ରିୟାଦିର ବିସ୍ତାର ବା ପ୍ରକାଶକୁ କର୍ମ କୁହାଯାଏ । ଏ ସୃଷ୍ଟିରେ ଯାହା ଅଛି ସବୁ କର୍ମ । ଏହି କର୍ମ ଶୂନ୍ୟରୁ ବାହାରେ ବା କାହିଁରୁ ବାହାରେ, କହିବାର କିଛି ନାହିଁ । ଏହି କର୍ମ ତୁଟିଗଲେ ସବୁ ଶୂନ୍ୟ ହୋଇଯାଏ– ଅର୍ଥାତ୍ କ'ଣ ହୁଏ, କହିବାର କିଛି ନାହିଁ । ଶୂନ୍ୟ ଧାରଣା ପରେ ବେଦଧର୍ମୀମାନଙ୍କ ମଧ୍ୟରେ ଯେତେବେଳେ କୌଣସି ପୂର୍ଣ୍ଣ ଅବିଜ୍ଞେୟ ବସ୍ତୁରେ ପରିଣତ ହେଲା, ସେତେବେଳେ ଏହି ଶୂନ୍ୟକୁ ଅବ୍ୟକ୍ତ ବା ଅପ୍ରକାଶିତ ପଦାର୍ଥ ବୋଲି ନାମ ଦିଆଯାଇଥିଲା । ପ୍ରକୃତି ବା ସୃଷ୍ଟିର ଯୋନି ବା ମହାକାଳୀକୁ ପରେ ଅବ୍ୟକ୍ତ ନାମରେ ମଧ ପ୍ରକାଶ କରାଯାଇଛି । ଏହାରି ନାମ ମଧ ମହଦ୍‌ବ୍ରହ୍ମ ବା ମହତ୍ । ବ୍ରହ୍ମ କହିଲେ ବୁଝାଯାଏ ଯାହା ବଢ଼େ, ବିସ୍ତୃତ ହୁଏ ବା ପ୍ରକାଶିତ ହୁଏ । ସେଥିପାଇଁ ଭଗବାନ୍ ଗୀତାରେ କହିଅଛନ୍ତି–

''ମମଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍''

ଅର୍ଥାତ୍ ସୃଷ୍ଟି ପ୍ରକାଶରେ ମୋର ଯୋନି ବା ଉତ୍ପତ୍ତି ସ୍ଥାନ ହେଉଛି ଏକ ମହଦ୍‌ବ୍ରହ୍ମ । ସେଥିରେହିଁ ମୁଁ ସୃଷ୍ଟିରୂପ ଗର୍ଭଧାରଣ କରେ ।

Digitized by PPRACHIN, SOA

ମାତ୍ର ଏହା କହିଲେ ମଧ୍ୟ ଶୂନ୍ୟତାର ଭାବ ବରାବର ଏ ସମସ୍ତ ମଧ୍ୟରେ ଲାଗି ରହିଛି । ସେହି ଭଗବାନ୍ ଅନ୍ୟତ୍ର କହିଛନ୍ତି–

''ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ।''

ଅର୍ଥାତ୍ ହେ ଅର୍ଜୁନ, ଏ ସମସ୍ତ ଭୂତ ବା ସର୍ଗ ପ୍ରକାଶର ମୂଳ ଅବ୍ୟକ୍ତ; ମଝିରେ ଭୂତମାନେ ପ୍ରକାଶିତ ହୁଅନ୍ତି, ପୁଣି ଅବ୍ୟକ୍ତ ହୋଇଯାଆନ୍ତି । ଏକଥାଟି ସେହି ପ୍ରାଚୀନ ଧାରଣାର ରୂପାନ୍ତର ପ୍ରକାଶ ମାତ୍ର । ପ୍ରାଚୀନ କାଳରୁ ଏହି ଧାରଣା ଗଢ଼ିଆସିଛି ଯେ, ବ୍ୟକ୍ତ ବା କର୍ମର ବିନାଶରେ ପୁଣି ଅବ୍ୟକ୍ତ ବା ଶୂନ୍ୟ ହୋଇଯାଏ । ଏହିପରି ଅତି ପ୍ରାଚୀନ ଭାରତ ଦାର୍ଶନିକମାନେ ଚିରଶାନ୍ତିର କଳ୍ପନା କରିଥିଲେ ।

କିନ୍ତୁ ଏହି ଚିରଶାନ୍ତି ପାଇବାରେ ପୁଣି ପନ୍ଥା କଅଣ ? ଆତ୍ମହତ୍ୟା କଲେ ତାହା ହେବ ନାହିଁ । ପ୍ରଥମତଃ ତାହା ପ୍ରକୃତି-ବିରୁଦ୍ଧ; ଦ୍ୱିତୀୟତଃ ସେଥିରେ ଶାନ୍ତି କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ସେଥିପାଇଁ କର୍ମର ପରଂପରାରେ ପୁନର୍ଜନ୍ମ ରୂପ ଚିର କର୍ମବନ୍ଧ । ଏହା ଗୋଟିଏ ଅତି ପ୍ରାଚୀନ ଦୃଢ଼ ଦାର୍ଶନିକ ଧାରଣା । କାରଣ ଚିରଶାନ୍ତି ଲୋଡ଼ିବାକୁ ଯାଇ ହିଂସାରେ ଆପଣାକୁ ବା ପ୍ରାଣୀକୁ କ୍ଷୟ କଲେ ବ୍ୟକ୍ତିଗତ ମୋହ ବା ଅସୁବିଧାର ହୁଏତ ଆପାତ ସମାଧାନ ହୋଇପାରେ; କିନ୍ତୁ କେଜାଣି କାହିଁକି ମାନବ ଏପରି ଆପାତ ସମାଧାନରେ ସନ୍ତୁଷ୍ଟ ନୁହେଁ । ଆତ୍ମା ଚିରନ୍ତନ ହେଉ ବା ନହେଉ, ଆଶା ଯେ ଚିଂରତନୀ । ମୁଁ ଆଜି ଗଛ ପୋତୁଛି– ଅଶୀ ବର୍ଷ ବୟସରେ ହୁଏତ ପୋତୁଛି– ଫଳ କିଏ ଖାଇବ ? ମୁଁ ନୁହେଁ । ମୋର ଆଶା, ସେ ଗଛର ଫଳ ମୋର କିଏ ଖାଇବ । ଏହି ଯେଉଁ ମୁଁତ୍ୱ ବା ମମତା, ଏଥିରେ ଯେଉଁ ଚିରତ୍ୱ ଅଛି, ଆତ୍ମହତ୍ୟା ବା ଜୀବନାଶ କଲେ ସେ ମୁଁ'ର ଶାନ୍ତି ହେଉ ନାହିଁ । ସେଥିପାଇଁ କର୍ମବନ୍ଧ ତୁଟାଇ ଶାନ୍ତି ପାଇବାର ଅନ୍ୟ ପନ୍ଥା ବହୁତ କାଳରୁ ଲୋକ ଲୋଡ଼ିଛନ୍ତି ।

ଯେଉଁ ଆଦିମ ମହାଶୂନ୍ୟତାରୁ ଜଗତର ପ୍ରକାଶ, ସେହି ମହାକାଳୀ ବା ମହାକାଳ ଚିନ୍ତାରେ ଧାରଣା ଦୃଢ଼ ରଖିଲେ ହୁଏତ ଶାନ୍ତି ମିଳିପାରେ । ମୋର ପ୍ରକାଶ କିଛି ନୁହେଁ, ମମତାର ଅର୍ଥ କିଛି ନାହିଁ; ସବୁ ଶୂନ୍ୟରୁ ଉଦ୍‌ଗତ, ଶୂନ୍ୟରେହିଁ ବିଲୀନ ହେବ । ଏହି ଧାରଣା ଦୃଢ଼କରିପାରିଲେ ଏଥିରେ କର୍ମ ନିହତ ହେବ । କର୍ମ ନ କଲେ ବାଧିବ ନାହିଁ । ଚିରଂତନ ଆଶାର ମମତା କ୍ଷୁଣ୍ଣ ହେବ ନାହିଁ । ଏହାହିଁ ସ୍ଥିର କରି ପ୍ରାଚୀନ ଭାରତର ମନୀଷୀମାନେ ସେହି ଶୂନ୍ୟତାର ଚିନ୍ତାରେ– ସେହି ମହାକାଳ ଓ ମହାକାଳୀର ଧାରଣାରେ ମନଦେଲେ । ଏହିଠାରେ ଶୈବ ଧର୍ମର ବୀଜ ଓ ଶକ୍ତି ଧର୍ମର ଭିତ୍ତି । ଏହା ବହୁ ପ୍ରାଚୀନ । ବେଦର ଅଧ୍ୟାତ୍ମଭାବ ଏହା ତୁଳନାରେ ବହୁ ଅର୍ବାଚୀନ ।

ଏଥିରୁ ହିଁ ଯୋଗର ଉଦ୍ଭବ । ଖାଲି ମହାଶୂନ୍ୟତାର କଳ୍ପନା କଲେ ଯଥେଷ୍ଟ ହେବ ନାହିଁ; କର୍ମରୁ ଅବ୍ୟାହତି ପାଇବା କଳ୍ପନାର ଖେଳ ନୁହେଁ । ଭାଗବତ ଯଥାର୍ଥ କହିଛନ୍ତି– ''ଦୁର୍ଗମ ପଥ ଏ ଭଜନ, ଯହୁଁ ଭାଜିଲେ ଯୋଗିଜନ ।''

Digitized by PPRACHIN, SOA

ଗୀତା କହୁଛନ୍ତି—

"ଯତତୋହ୍ୟପି କୌନ୍ତେୟ, ପୁରୁଷସ୍ୟ ବିପଶ୍ଚିତଃ
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।"

ଅର୍ଥାତ୍, ଭାରି ଜାଣିବାର ଲୋକ ଯେତେ ପ୍ରଯତ୍ନଶୀଳ ହେଲେ ମଧ ମନକୁ ମନ୍ଥି ପକାଉଥିବା ଇନ୍ଦ୍ରିୟମାନେ ଜୋର କରି ସେ ଲୋକକୁ ଝିଙ୍କି ଇନ୍ଦ୍ରିୟ ସେବାରେ ପକାଇ ଦିଅନ୍ତି । ଇନ୍ଦ୍ରିୟକୁ ରୋକିବସିଲେ ମଧ ସେ କୃତ୍ରିମତାରେ ଇନ୍ଦ୍ରିୟ ନିରୋଧ ମାନେ ନାହିଁ । ଗୀତା କହିଛନ୍ତି—

"ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।" ୩।୩୩

ଅର୍ଥାତ୍ ଜ୍ଞାନବାନ୍ ଲୋକ ମଧ ନିଜ ଦେହର ସ୍ୱଭାବରେ କାମ କରିଯାଏ । ସମସ୍ତେ ଦେହ ସ୍ୱଭାବରେ ଚାଲନ୍ତି; ସେଥିରେ ନିରୋଧ କ'ଣ ବା କରିପାରେ ? ତେବେ କର୍ମ ଛାଡ଼ିବା ତ ଦରକାର; ଇନ୍ଦ୍ରିୟର ନିରୋଧ ନ ହେଲେ ମଧ ଇନ୍ଦ୍ରିୟକୁ କ୍ରିୟାଶୂନ୍ୟ କରିବାକୁ ହେବ । କାହିଁକି ନା, ଏ ସବୁ ପ୍ରକାଶ ଯେ ଶୂନ୍ୟମୂଳ ଓ ଶୂନ୍ୟଶେଷ । ସବୁ ତ ଶୂନ୍ୟ, ଏ କର୍ମ କାହିଁକି ?

ଏହାର ସାଧନା କରିବା ପାଇଁ ମହାଶୂନ୍ୟତାର ଭାବରେ ଚିତ୍ତକୁ ନିୟତ ସ୍ଥିର ରଖିବାକୁ ହେବ । ତାହାରି ଧ୍ୟାନରେ ନିରନ୍ତର ଦୃଢ଼ ରହିବାକୁ ହେବ । ଏହା କରିବାର ନାମହିଁ ଯୋଗ । ଏହି ଯୋଗ ଶାନ୍ତି ସାଧନାର ମାର୍ଗ ବୋଲି ଏ ଭାରତରେ ଆଦିମ କାଳରୁ ସ୍ଥିରୀକୃତ ହୋଇଅଛି । ଶୂନ୍ୟତତ୍ତ୍ୱର ଜ୍ଞାନହିଁ ଏହି ଯୋଗର ମୂଳ । ଏହି ଜ୍ଞାନକୁ ଦୃଢ଼ କରିବାକୁ ଚେଷ୍ଟା କରିବା ଏହି ଯୋଗର ସାଧନା ଓ ଏହି ଶୂନ୍ୟତାର ଧାରଣାରେ ରହି ନିଶ୍ଚିତ ଭାବରେ ସବୁ କର୍ମ ଛାଡ଼ି ପାରିବା ହିଁ ମୁକ୍ତି ।

ଏହି ଜ୍ଞାନକୁ ପରେ ବେଦଧର୍ମୀମାନେ ସାଂଖ୍ୟ ଆଖ୍ୟା ଦେଇଥିଲେ । ଏହି ସାଂଖ୍ୟ ବା ଜ୍ଞାନକୁ ଆୟତ୍ତ କରିପାରିଲେ ଆଉ ଯୋଗର ଆବଶ୍ୟକତା ରହେ ନାହିଁ । ଏହି ସ୍ଥିର ସାଂଖ୍ୟରେ ଯାହା ହୁଏ, ଯୋଗ ସାଧନାରେ ସେହି ସିଦ୍ଧି ହୁଏ । ଭଗବାନ୍ କହିଛନ୍ତି—

"ଯତ୍ ସାଂଖ୍ୟୈ ପ୍ରାପ୍ୟତେ ସ୍ଥାନଂ ତଦ୍‌ଯୋଗୈରପି ଗମ୍ୟତେ
ଏକଂ ସାଂଖ୍ୟଂ ଚ ଯୋଗଂଚ ଯଃ ପଶ୍ୟତି ସ ପଶ୍ୟତି ।"

ଗୀତା— ୫।୫

ଅର୍ଥାତ୍ ସାଂଖ୍ୟରେ ଯେଉଁ ସ୍ଥିତି ମିଳେ ଯୋଗରେ ମଧ ଲୋକ ସେହିଠାକୁ ଯାଏ । ସାଂଖ୍ୟ ଓ ଯୋଗକୁ (ଏହିପରି) ଯେ ଏକ କରି ଦେଖେ, ସେହି ଏକା ଦେଖେ ।

ଏହି ଯୋଗ ବହୁକାଳ ଏ ଦେଶରେ ପ୍ରଚଳିତ ଥିଲା । ଶୂନ୍ୟତାର ଧ୍ୟାନରେ ଏହାର ସ୍ଥିତି । ପରେ ବେଦଧର୍ମୀମାନେ ଶୂନ୍ୟତାରେ ଯେତେବେଳେ ପୂର୍ଣ୍ଣତା କଳ୍ପନା କଲେ, ସେତେବେଳେ ପୂର୍ଣ୍ଣ ପରମାତ୍ମାର ଧ୍ୟାନରେ ଏହା ପର୍ଯ୍ୟବସିତ ହେଲା । ଏ ଧ୍ୟାନ କିନ୍ତୁ ଦିନକର

Digitized by PPRACHIN, SOA

କଳ୍ପନାର ବାରମ୍ବାର ସ୍ମରଣ ନୁହେଁ । କୁହାଯାଇଛି, ଏହା ଅତ୍ୟନ୍ତ କଠିନ । ସେଥିପାଇଁ ଯୋଗୀମାନେ ସାଧନାର କଠୋର କ୍ରମ ଓ ପନ୍ଥା ଉଦ୍‌ଭାବନ କରି ଶିଷ୍ୟୋପଶିଷ୍ୟ କ୍ରମରେ ପ୍ରଚାର କରିଥିଲେ । ବୈଦିକ ମନୀଷୀ ପତଞ୍ଜଳି ଏହି ଯୋଗସାଧନାର ପ୍ରକ୍ରିୟା ଓ ପ୍ରଣାଳୀମାନଙ୍କୁ ବିଧିବଦ୍ଧ ଭାବରେ ଶିଷ୍ୟଗମ୍ୟ ସୂତ୍ରାକାରରେ ପ୍ରଚାର କରିଥିଲେ ।

କୁହାଯାଇଛି, ମହେଞ୍ଜୋଦାରୋରେ ଖୋଳା ହୋଇ ସେ କାଳ ଭାରତ ସଭ୍ୟତାର ଯୋଡ଼ିଏ ସ୍ପଷ୍ଟ ଚିହ୍ନ ମିଳିଛି । ଗୋଟିଏ ଲିଙ୍ଗ– ଯୋନିର ଉପାସନା, ଅପରଟି ଯୋଗୀର ଯୋଗାଭ୍ୟାସ ସ୍ଥିତି । ଏକ ପ୍ରକାର ମାଟିରେ (ଏବକାଳର ଚୀନା ମାଟି ପରି) କେତେକ ମୂର୍ତ୍ତି ମିଳିଛି । ତାହା ମଧ୍ୟରେ ଶକ୍ତି ଉପରେ ଶିବଲିଙ୍ଗ ଓ ଯୋଗାସନରେ ବସି ଏକ ଦୃଷ୍ଟିରେ ନାସାଗ୍ରକୁ ଚାହିଁ ଅର୍ଦ୍ଧନିମୀଳିତ ନେତ୍ରରେ ସ୍ଥିର ରହିଥିବା ଯୋଗୀ– ଏ ଦୁଇଟି ଏଠାରେ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ।

ଉପରେ ଯାହା କୁହାଯାଇଛି, ସେଥିରୁ ସ୍ପଷ୍ଟ ଯେ, ପ୍ରାଚୀନ ତତ୍ତ୍ୱ ବା ସାଂଖ୍ୟର ପ୍ରତୀକ ଶିବଶକ୍ତି । ଏହା ଶୂନ୍ୟତାର ସ୍ଥିତିରେ ମାନବର ଧାରଣା ଦୃଢ଼ କରିବା ନିମନ୍ତେ ଗୋଟିଏ ମୂର୍ତ୍ତିମନ୍ତ କଳ୍ପନା । ଯୋଗୀର ଯୋଗାସନସ୍ଥିତି ଏହି ଧ୍ୟାନ-ଦୃଢ଼ତାର ଉପାୟ । ଶୂନ୍ୟରେ ଧ୍ୟାନ ଦୃଢ଼ ରହିବା ବଡ଼ କଷ୍ଟ । ସେଥିପାଇଁ ଯୋଗୀ ନାନାବିଧ ପ୍ରତୀକ ବା ପ୍ରତିମା କଳ୍ପନା କରିଥିଲେ । ଏହି ପ୍ରତୀକମାନଙ୍କ ମଧ୍ୟରେ ସ୍ଥୂଳତମ ହେଉଛି ଶିବଲିଙ୍ଗ ଓ ଶକ୍ତି । ଏହାଛଡ଼ା ନାସାଗ୍ରକୁ ଚାହିଁ ଧ୍ୟାନ କରିବା, ଦୃଷ୍ଟି ବିନ୍ଦୁକୁ ସ୍ଥାନାନ୍ତରରେ ସ୍ଥିର ରଖି ଧ୍ୟାନ କରିବା ପ୍ରଭୃତି ନାନା ପ୍ରକାର ଉପାୟମାନ ଚଳୁଥିଲା । ପରବର୍ତ୍ତୀ କାଳରେ ପରମାତ୍ମାର ଧ୍ୟାନ ମଧ୍ୟ ସେହିପରି ଅସ୍ଥିର ହେବାରୁ ଧର୍ମ ସାଧନରେ ଭକ୍ତି ମାର୍ଗ ସ୍ପଷ୍ଟ ବାହାରି ପଡ଼ିଥିଲା । ବସ୍ତୁତଃ ଭକ୍ତି ଧ୍ୟାନଯୋଗର ଗୋଟିଏ ଅବାନ୍ତର ବିଭାବ ମାତ୍ର । ଭଗବାନ୍ ଏହି ଯୋଗ ସମ୍ବନ୍ଧରେ କହିଛନ୍ତି–

‘‘ଯୁଞ୍ଜନ୍ନେବଂ ସଦାଽଽତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ।’’ (ଗୀତା ୬।୧୫)

ଅର୍ଥାତ୍ ଯୋଗୀ ମନକୁ ଠିକ୍ କରି ଆତ୍ମାରେ ଲଗାଇରଖି ମୋଠାରେ ଥିବା, ଅର୍ଥାତ୍ ପରମାତ୍ମାରେ ଥିବା ବା ପରମାତ୍ମଲାଭରେ ମିଳୁଥିବା ଶେଷ ନିର୍ବାଣରୂପ ଶାନ୍ତିକୁ ଲାଭକରେ ।

ଏଠାରେ ଆତ୍ମାକୁ ପରମାତ୍ମାରେ ଲଗାଇ ରଖି ନିର୍ବାଣ ବା ମୁକ୍ତିର ଶାନ୍ତି କଥା ଭଗବାନ୍ କହୁଛନ୍ତି ସତ, କିନ୍ତୁ ନିର୍ବାଣ ପରମାଶାନ୍ତି ଅର୍ଥାତ୍ ଯେଉଁ ଶାନ୍ତିର ପରାକାଷ୍ଠା ହେଉଛି ନିର୍ବାଣ ବା ସର୍ବଶୂନ୍ୟତା । ଏଇ ନିର୍ବାଣ କଥାଟିର ବ୍ୟବହାର ଏଠାରେ ସ୍ପଷ୍ଟ ରହିଛି । ଅବଶ୍ୟ ନିର୍ବାଣ ଶବ୍ଦ ଏଠାରେ ସର୍ବଶୂନ୍ୟତା ଅର୍ଥରେ ବ୍ୟବହାର କରାଯାଇ ନାହିଁ; କିନ୍ତୁ ଅତି ପ୍ରାଚୀନ କାଳରୁ ଶାନ୍ତିର ମାପକାଠି ରୂପେ ଏହି ନିର୍ବାଣ ବା ସର୍ବଶୂନ୍ୟତାର ଯେଉଁ କଳ୍ପନା ଥିଲା, ତାହାରି ପରିଭାଷା ଧରି ଭଗବାନ ଏଠାରେ ବେଦର ପରମାତ୍ମତତ୍ତ୍ୱ

Digitized by PPRACHIN, SOA

ବା ସର୍ବପୂର୍ଣ୍ଣତାର ଭାବକୁ ପ୍ରକାଶ କରୁଅଛନ୍ତି– ଏହିପରି ସର୍ବ ସମନ୍ୱୟରେ ଏ ଦେଶରେ ଧର୍ମ ବିକାଶ ପାଇଅଛି । ଦେଶରେ ପ୍ରଚଳିତ ଥିବା କୌଣସି କଥାର ସଂକେତକୁ କେହି ବାଦ୍ ଦେଇ ନାହାନ୍ତି– ଗୀତା କେବେ ଦେଇନାହାନ୍ତି । ସେହି ସଂକେତ ମଧ୍ୟରେ ପୁରୁଷୋତ୍ତମ ଭାବ ପ୍ରଚାର କରି ଭଗବାନ ପୂର୍ଣ୍ଣବ୍ରହ୍ମ ଧାରଣାରେ କର୍ମମୟ ସଂସାର ମଧ୍ୟରେ ଭକ୍ତିପୂତ 'ଯୋଗ'ର ପ୍ରଚାର କରିଅଛନ୍ତି । ଗୀତାର ଏହି ଯୋଗ ପାତଞ୍ଜଳ ଯୋଗ ନୁହେ । ଏହି ଯୋଗର ଚରମ ଶୂନ୍ୟତାରେ ନୁହେଁ; ଏହି ଯୋଗର ମାର୍ଗରେ କର୍ମତ୍ୟାଗ ନାହିଁ । ସମସ୍ତ ବିଶ୍ୱବ୍ରହ୍ମାଣ୍ଡରେ ପ୍ରକାଶମୟ ବିଷ୍ଣୁ ବା ବାସୁଦେବ ରୂପ ଏହି ଯୋଗର ପ୍ରତୀକ । ଏହିପରି ଶୂନ୍ୟତା ଓ ପୂର୍ଣ୍ଣତାର ଜ୍ଞାନ ମଧ୍ୟରେ ସାମଞ୍ଜସ୍ୟ ରଖି ଅନାସକ୍ତ କର୍ମରେ ରହି ଭକ୍ତିର ଆଶ୍ରୟ କରିବାହିଁ ଗୀତାର ଯୋଗ ବା ମୁକ୍ତିସାଧନ ।

ଏହି ମୁକ୍ତିରେ ଶୂନ୍ୟବାଦୀ ଯୋଗୀ ଆପତ୍ତି କରିବାର ବିଶେଷ କିଛି ନାହିଁ । ଶୂନ୍ୟବାଦୀର ନିର୍ବାଣ ପୂର୍ଣ୍ଣବାଦୀର ମୁକ୍ତି– ଦୁଇଟି ଏକ କରି ଦିଆ ହୋଇଅଛି । ଧ୍ୟାନ ଦୃଢ଼ ରଖିବା ପାଇଁ ସର୍ବଦା ଏକ ଯୋଗାସନ ସ୍ଥିତିରେ ରହି ମନକୁ ଶୂନ୍ୟରେ ଲଗାଇ ରଖିବାର ଯେଉଁ ଯୋଗବିଧି ଥିଲା, ତାହା ଅବଶ୍ୟ ଗୀତାର ଯୋଗ ସାଧନାରେ ନାହିଁ । ସେ ଯୋଗରେ ଇନ୍ଦ୍ରିୟର ନିରୋଧ, ଆହାର ବା ଇନ୍ଦ୍ରିୟସେବା ତ୍ୟାଗ ପ୍ରଧାନ ପନ୍ଥା ଥିଲା । ସବୁ କର୍ମ ଛାଡ଼ିଦେଇ ଶୂନ୍ୟରେ ମନ ଲଗାଇ ଯୋଗସ୍ଥିତି ଅବଲମ୍ବନ କରିବାହିଁ ଶାନ୍ତି ପାଇବାର ସାଧନା ଥିଲା । କିନ୍ତୁ ଭଗବାନ୍ କହିଅଛନ୍ତି–

"ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗେ ଭବତି ଦୁଃଖହା ।" (ଗୀତା ୬।୧୭)

ଅର୍ଥାତ୍ ଯେ କୌଣସି କଥାରେ ଅତିସର୍ବତ୍ର ନ କରି ଉପଯୁକ୍ତ ଆହାର ବିହାରରେ ଥାଏ, ଉପଯୁକ୍ତ ଭାବରେ ଅର୍ଥାତ୍ ଯେତିକି ଦରକାର ସେତିକି କର୍ମଚେଷ୍ଟାକରେ, ଅତିଜାଗ୍ରତ ହୋଇ ମୁକ୍ତି ନ ଖୋଜି କିମ୍ବା କର୍ମହୀନ ଭାବରେ ଆଖି ବୁଜିବାବେଳେ ନିଦ୍ରିତ ନ ହୋଇ ଯେତିକି ଦରକାର ସେତିକି ଶୁଏ, ପୁଣି ଯେତିକି ଦରକାର ସେତିକି ଚିଏଁ, ତାହାରି ଯୋଗ ଏକା ଦୁଃଖହର ହୁଏ ।

ଏଠାରେ କେବଳ ଅତିମାତ୍ରା ବାରଣ କରାଯାଇଅଛି । ଅତିମାତ୍ରା ତ ସବୁବେଳେ ଗର୍ହିତ । ଇନ୍ଦ୍ରିୟ ସେବାରେ ଅତି ଲାଗିଲେ ମାନବର ସ୍ଥିତି ଯେ ଠିକ୍ ରହିବ ନାହିଁ, ଏହା କହିବା ନିଷ୍ପ୍ରୟୋଜନ । କିନ୍ତୁ ଭଗବାନ୍ କୁତ୍ରାପି ନିଜ ପ୍ରଚାରିତ ଯୋଗରେ ଇନ୍ଦ୍ରିୟନିରୋଧ ବା କର୍ମତ୍ୟାଗର ଉପଦେଶ ଦେଇନାହାନ୍ତି ।

ତଥାପି ଇନ୍ଦ୍ରିୟନିରୋଧ କରି ଯୋଗାଭ୍ୟାସ କରିବାର ଚିରନ୍ତନ ରୀତି ଭାଙ୍ଗିଦେଇ ନାହାନ୍ତି । ସେପରି ଯୋଗାଭ୍ୟାସୀର ଗୀତାର ସାଧନା ଗ୍ରହଣ କରିବାରେ ମଧ୍ୟ ବିଶେଷ ଆପତ୍ତି ହୋଇ ନ ପାରେ । ତେଣୁ ଭଗବାନ୍ କହିଛନ୍ତି–

Digitized by PPRACHIN, SOA

''ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତିଃ
ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ।
ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଲାଜିନ କୁଶୋତ୍ତରମ୍ ।
ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ
ଉପବିଶ୍ୟାସନେ ଯୁଂଜ୍ୟାଦ୍ ଯୋଗମାତ୍ମାବିଶୁଦ୍ଧୟେ ।
ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ
ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ।
ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ।
(ଗୀତା— ୬।୧୦।୧୪)

---

Digitized by PPRACHIN, SOA

# ଭାରତରେ ସ୍ୱଧର୍ମ ଓ କର୍ତ୍ତବ୍ୟ

**ଐତିହାସିକ ଭାରତ–**

ଭାରତ ଏ ପୃଥିବୀର ଧର୍ମ ତଥା ସଭ୍ୟତାରେ ଗୁରୁ । ଏହା ଆଜି କଳ୍ପନା ନୁହେ– ନିରାଟ ଐତିହାସିକ ସତ୍ୟ । 'ମହେଞ୍ଜୋଦାରୋ' ଓ 'ହରପ୍ପା' ପ୍ରଭୃତି ସିନ୍ଧୁ ନଦୀର ସମଭୂମି ତଥା ବେଲୁଚିସ୍ଥାନର 'ନଲ' ପ୍ରଭୃତିରୁ ଯେଉଁ ପ୍ରାଚୀନ ସଭ୍ୟତାର ଅବଶେଷ ଏବେ ମିଳିଚି, ସେସବୁର ସାକ୍ଷ୍ୟ ଏ ସିଦ୍ଧାନ୍ତରେ ଅକାଟ୍ୟ ଯୁକ୍ତି । ସଭ୍ୟତାର ପରମ୍ପରା ଭାରତରେ ସେଇ ପ୍ରାଚୀନ କାଳରୁ ଯେ ରହିଆସିଚି ଏହାର ମଧ୍ୟ ନିଦର୍ଶନ ସ୍ପଷ୍ଟ । 'ଆସ୍ପ୍ରେସିଆ' ବର୍ତ୍ତମାନ ଜଗତ ସଭ୍ୟତାର 'ସିଦ୍ଧିରସ୍ତୁ' କରିଥିଲେ । ପୁଣି ଏଇ ଆସ୍ପ୍ରେସିଆ ସଭ୍ୟତାର ପାରମ୍ପରିକ ତତ୍ତ୍ୱ ସାରା ଭାରତରେ ମିଳେ । ଏ ସବୁ କୁହାଯାଇଚି । ଗତ ୬।୭ ହଜାର ବର୍ଷ ମଧ୍ୟରେ ପୁଣି ମାନବ ପ୍ରକୃତି ତଥା ପ୍ରବୃତ୍ତିର କୌଣସି କ୍ରିୟା ପ୍ରତିକ୍ରିୟାର ପରୀକ୍ଷା ଯେ ହୋଇନାଇ, ତା' ନୁହେ । ସ୍ପଷ୍ଟ ଐତିହାସିକ ଭାରତରେ ମଧ୍ୟ ସିଦ୍ଧ ଆତ୍ମିକ ଯୋଗୀଠାରୁ ଶୁଦ୍ଧ ଭୌତିକ 'ଚାର୍ବାକ୍' ପର୍ଯ୍ୟନ୍ତ ସବୁ ପ୍ରକାର ମତ, କ୍ରିୟା ଓ ପ୍ରତିକ୍ରିୟାର ତାଣ୍ଡବ ଅଭିନୀତ ହୋଇଯାଇଚି । ପରମ୍ପରାର ଭୂୟୋଦର୍ଶନ ପ୍ରତି ଲକ୍ଷ୍ୟ କଲେ, ଆଜିର କୌଣସି ମାନବିକ ଆନ୍ଦୋଳନରେ ବିଶେଷ କିଛି ନୂତନତା ଯେ ନାହିଁ, ତା ମଧ୍ୟ ସ୍ପଷ୍ଟ । ରେଳ, ଉଡ଼ାଜାହାଜ ଓ ତାର, ବେତାର ବାର୍ତ୍ତାର ବ୍ୟବହାର ହୁଏତ ଦେଶ କାଳର ବ୍ୟବଧାନ ବହୁତ ହ୍ରସ୍ୱ କରିଚି; ମାତ୍ର ମାନବ ଜଗତରେ କ୍ରିୟା ପ୍ରତିକ୍ରିୟାର ପ୍ରକୃତି ଯେପରି ଥିଲା ସେଇପରି ଅଛି ଓ ରହିବ, ଏଥିରେ ସନ୍ଦେହ ନାହିଁ । ଅତଏବ ଇତିହାସ ଭଣ୍ଡାରରୁ ସମସ୍ତ ମାନବିକ କ୍ରିୟା ପ୍ରତିକ୍ରିୟାର ସୁସମାଧାନ ପାଇଁ ସାମଗ୍ରୀ ମିଳିବ । ପୁଣି ସେଇ ସାମଗ୍ରୀ ଭାରତର ଜୀବନ୍ତ ପରମ୍ପରାରେ ସୂଚନାର ତର୍ଜନୀ ନିର୍ଦ୍ଦେଶ କରି ପନ୍ଥା ଦେଖାଇପାରେ, ଏ ସତ୍ୟରେ ମଧ୍ୟ ସନ୍ଦେହ କରିବାର କିଛି ନାଇ । ତେବେ ପୃଥିବୀର ପ୍ରତିକ୍ରିୟାର ଏ ମହାପ୍ଲାବନ ବେଳେ ଭାରତ ସେ ସଂକେତ ଦେବାରେ ସମର୍ଥ ହେଉ ନାଇ କାହିଁକି ? ପୃଥିବୀରେ ଏକା ଭାରତ ଏପରି କେତେ ଘୋର ପ୍ରତିକ୍ରିୟାର ପ୍ରବଳ ତାଡ଼ନାରେ ଆପଣାର ମେରୁଦଣ୍ଡ ଠିକ୍ ରଖିଥିଲା । ଆଜି ପ୍ରକୃତି ଓ ପରିସ୍ଥିତିରେ କି ବିଶେଷ ପରିବର୍ତ୍ତନ ଘଟିଚି ?

**ଭାରତର ଧର୍ମ–**

ସଭ୍ୟତାର ପରିସ୍ଥିତି ଓ ବିକାଶର ସାଧାରଣ ନାମ ଧର୍ମ । ଧର୍ମହିଁ ପୁଣି ସଭ୍ୟତାର ସୂଚନାରେ ଯେପରିକି ମୂର୍ତ୍ତିମନ୍ତ । ଯେଉଁଠାରେ ଯେଉଁ ଧର୍ମ, ତାହାରି ଆଲୋଚନାରେ

Digitized by PPRACHIN, SOA

ସେଠାର ସଭ୍ୟତାର ପ୍ରକୃତି ଓ ପ୍ରଗତି ଧରାପଡ଼େ । ତେଣୁ ଧର୍ମ ନାମଟି ବ୍ୟବହାର କରି ମାନବ ସଭ୍ୟତାକୁ ଚିହ୍ନାଇ ଦିଆଯାଏ । ଭାରତରେ ସ୍ମୃତି କହନ୍ତି– "ଆଚାର ପ୍ରଭବୋ ଧର୍ମଃ ।", ଅର୍ଥାତ୍, ଆଚରଣ ଠିକ୍ ଥିଲେ ପ୍ରଗତିର ଧାରା ଠିକ୍ ଥାଏ । ମହାଭାରତାଦି ସମସ୍ତ ବୈଦିକ ସାହିତ୍ୟର ଏଇ ମତ । ମନୁ କହନ୍ତି, ସମସ୍ତ ଭାରତ ଆର୍ଯ୍ୟାବର୍ତ୍ତବାସୀଙ୍କଠାରୁ 'ଆଚାର' ଶିକ୍ଷା କରିଥିଲେ । ଏଇ ଆଚାର ବା ଆଚରଣହିଁ ସଭ୍ୟତାର ପ୍ରକାଶ । ଏଇ ଆଚରଣ ଦେଖି ଆଜି ମଧ ପୃଥିବୀରେ ଜାତିମାନଙ୍କର ତଥା ମାନବମାତ୍ରର ସଭ୍ୟତାର ଗତି କଳନା କରାଯାଏ । 'ଆଫ୍ରେସିଆ' ସଭ୍ୟତାର ଶ୍ମଶାନରୁ ଯେଉଁ ସବୁ ଅବଶେଷ ମିଳୁଚି, ସେଥିରୁ ତାତ୍କାଳିକ ଲୋକଙ୍କର ଆଚରଣର ସୂଚନା ଧରି ସେ କାଳର ସଭ୍ୟତାର ପ୍ରକୃତି ଓ ପରିକ୍ରିୟା ମଧ ଅନୁମାନ କରାଯାଉଚି । ଏବେ ଦେଖାଯାଉ, ଭାରତରେ ଏଇ ଆଚାରର ପ୍ରକୃତି ଓ ପରିକ୍ରିୟା କ'ଣ ଥିଲା ଓ ଏବେ କ'ଣ ହୋଇଚି ?

### ଆଚାରର ବିଭ୍ରାଟ–

ଗୋଟି ଗୋଟି କରି ଏଇ ଆଚରଣମାନ ଗଣି ଗଣି ଆଲୋଚନା କଲେ ସେଥିରୁ କିଛି ଅଗ ମୂଳ ମିଳିବ ନାଇ । କେତେବେଳେ କି ପରିସ୍ଥିତିରେ କେତେ ସଂକୋଚ ଅନୁକରଣ ତଥା ବିଡ଼ମ୍ବନା ଏ ବିଶାଳ ସମାଜରେ ହୁଏତ ପ୍ରକାଶ ପାଇଚି । ପ୍ରକାଶ ଠାରୁ ସମାଧାନ ପର୍ଯ୍ୟନ୍ତ ତା'ର ଯେ ଗତି ହୋଇଚି, ସେଥିରେ ବିକାଶ ଓ ବିପାକର କେତେ ଉଁଚାବଚ ଶ୍ରେଣୀ ସୋପାନ ଦେଖାଦେଇଚି, ତା'ର ସୀମା ନାହିଁ । ଉଦାହରଣ ସ୍ୱରୂପ ଖାଲି ନାରୀ ପୁରୁଷର ସମ୍ପର୍କ ଓ ସମାଗମରେ– ପତିଙ୍କ ଅପମାନରେ 'ସତୀ'ଙ୍କର ପିତୃ ଯଜ୍ଞ କୁଣ୍ଡରେ ଆତ୍ମଦାନ, ଗାର୍ଗୀଙ୍କର ସ୍ୱାମୀଙ୍କ ସଙ୍ଗେ ସମାନ-ସ୍କନ୍ଧ ଭାବରେ ଶାସ୍ତ୍ରାର୍ଥ ଓ ଅଧ୍ୟାତ୍ମ ବିଷୟରେ ଯୁକ୍ତି ତର୍କ, ବାଳିକା ଶକୁନ୍ତଳାଙ୍କର ଗୁପ୍ତ ପ୍ରଣୟର ମୂହୂର୍ତ୍ତିକ ମୋହରେ ଆତ୍ମସମର୍ପଣ ଓ ସେ ଗୁପ୍ତ ପ୍ରଣୟର ସ୍ଥାୟିତ୍ୱ ନିମନ୍ତେ ଘୋର ନିଷ୍ଠା ଓ ସାଧନା, ସୁଭଦ୍ରାଙ୍କର ଯୌନ ମୋହରେ ବିବାହିତ ଅର୍ଜୁନଙ୍କ ସଂଗେ ଗୁପ୍ତ ପଳାୟନ, ହିଡ଼ିମ୍ବାଙ୍କର ଧର୍ମ ନାମରେ କୁନ୍ତୀ ଯୁଧିଷ୍ଠିରଙ୍କ ପାଖେ ଭୀମଙ୍କ ଠାରୁ ରତି ଭିକ୍ଷା, ଚିତାଙ୍ଗଦାଙ୍କର ଅର୍ଜୁନଙ୍କ ପାଖେ ମାତ୍ର ଦିନକର ଆତ୍ମଦାନ ଓ ପରେ ଚିର ପ୍ରତୀକ୍ଷା, ରମଣୀସେନା ପଦ୍ମିନୀମାନଙ୍କର ମାତ୍ର ରୂପ ମୋହରେ ଅର୍ଜୁନଙ୍କ ପାଖେ ଯୁଗପତ୍ ସମସ୍ତଙ୍କର ଆତ୍ମବିକ୍ରୟ ଓ ସଙ୍ଗେ ସଙ୍ଗେ ରାଜ୍ୟଦାନ, ଶ୍ୱେତକେତୁ ମାତାଙ୍କର ସ୍ୱାମୀଙ୍କ ଜ୍ଞାତସାରରେ ଅତିଥିକୁ ଉଟଜ ଅନ୍ତରାଳରେ ସ୍ୱାମୀ ଶଯ୍ୟା ଦାନରେ ସେବା, ପରଶୁରାମ ମାତା ରେଣୁକାଙ୍କର ସ୍ନାନ ଘାଟରେ ପର ପୁରୁଷ ସଙ୍ଗେ ପାପ ପ୍ରଣୟ, ପରାଶରଙ୍କର ସତ୍ୟବତୀଙ୍କୁ ବଳାତ୍କାର, ଦ୍ରୌପଦୀଙ୍କର ପଞ୍ଚ ପତିଙ୍କଠାରେ ଭାଗବଣ୍ଟା, କୁନ୍ତୀ ମାଦ୍ରୀଙ୍କର ସତୀତ୍ୱ ରକ୍ଷାର୍ଥେ ପରପୁରୁଷ ନିମନ୍ତ୍ରଣ, ଶଚୀଙ୍କର ଇନ୍ଦ୍ରପଦ ମାତ୍ରକୁ ପତିରୂପେ ବରଣ ଓ ସ୍ପଷ୍ଟ ବୈଦିକ ପରମ୍ପରାରେ ମଧ ପ୍ରଦ୍ୱେଷୀ ନିଜ ପୁତ୍ରଙ୍କୁ ସାଥି କରି ବୃଦ୍ଧ ଓ ଅନ୍ଧ ସ୍ୱାମୀ ଦୀର୍ଘତମାଙ୍କୁ ପାଣିକୁ ଫିଙ୍ଗିଦେବା, ପୁଣି ସେ ଦୀର୍ଘତମା ନିଜର ଉଦ୍ଧାରକର୍ତ୍ତା ବଳୀଙ୍କ ପତ୍ନୀ ଆଡ଼େ

Digitized by PPRACHIN, SOA

ବର୍ଷକୁ ବର୍ଷ ନିଜର ପୁତ୍ର ଜନ୍ମ କରାଇନେବା, ଯମୀ ନିଜ ଭ୍ରାତା ଯମଙ୍କଠାରେ ରତି ପ୍ରାର୍ଥନା କରିବା, ବ୍ରହ୍ମା ନିଜ କନ୍ୟାରେ ଆସକ୍ତ ହୋଇ ମାଡ଼ଖାଇବା, ପୁଣି ସ୍ପଷ୍ଟ ଇତିହାସ କାଳରେ ମଧ୍ୟ ''ଭୈରବୀ ଚକ୍ର'' ସଙ୍ଗେ ''ସତୀଦାହ'' ପ୍ରଥାଦିର ପରସ୍ପର ସହିତ ସମ୍ପର୍କ ଓ ସାମଞ୍ଜସ୍ୟ କ'ଣ କେତେ ତାହା ଏଠାରେ ବିଚାର କରିବା ଦୁର୍ଘଟ । ସେଇପରି ପରିବାର, ରାଜ୍ୟ, ସମାଜ ସମ୍ପର୍କରେ ଉଦାହରଣମାନ ଉଦ୍ଧାର କରି ତା' ଭିତରୁ ଧର୍ମ୍ୟ 'ଆଚାର' ଖୋଜିବା ଏକ ପ୍ରକାର ଅସମ୍ଭବ ହେବ । ସଂଭବ ହେଲେ ମଧ୍ୟ ତା' ଏ ପ୍ରବନ୍ଧର କର୍ମ ନୁହେ– ତା'ର ଅବକାଶ ଅନ୍ୟତ୍ର ।

**ଆଚାରର ମୂଳନୀତି ସେଇ ସ୍ୱଧର୍ମ–**

ଏଠାରେ ଆଚାରର ମୂଳନୀତି ଦେଖିବାକୁ ହେବ । ଏଇ ମୂଳନୀତିରେ ହି ମାନବ ସମାଜର ସବୁ ପ୍ରକାର କ୍ରିୟାର ଆପାତ ବୈଷମ୍ୟର କିପରି ସମାଧାନ ହୋଇଥିଲା ତାହାହି ଏଠାରେ ବିଚାର୍ଯ୍ୟ । କୁହାଯାଇଚି ଏଇ ମୂଳ ନୀତି ଥିଲା ଏକ କଥାରେ ସ୍ୱଧର୍ମ– ବା ଯଜ୍ଞ, ଦାନ ଓ ତପ କର୍ମ । ଏଥିରେ ହିଁ ସମସ୍ତ ଆଚାରର ସୂତ୍ର ଧରାହୋଇଥିଲା । କର୍ତ୍ତବ୍ୟ ବୁଦ୍ଧିରେ ସମସ୍ତେ ନିଜ ନିଜ ଆଚରଣ ନିୟମିତ କରୁଥିଲେ । ଅନ୍ୟର କର୍ତ୍ତବ୍ୟ ଅନ୍ୟ କଲା କି ନାଇ, ସେ ଆଡ଼କୁ ଦୃଷ୍ଟି ଦେଇ ସମାଜରେ କେହି ବିଶୃଙ୍ଖଳାର ସୂତ୍ରପାତ କରୁନଥିଲେ । କେହି ଭିଡ଼ିଓଟାରି ଅନ୍ୟଠାରୁ କର୍ତ୍ତବ୍ୟ ଆଦାୟ କରିବାକୁ ଯାଉ ନଥିଲେ । ସମସ୍ତେ ଦେଖୁଥିଲେ ନିଜର କର୍ତ୍ତବ୍ୟ ଠିକ କରା ହେଲା କି ନାଇ । ଏହାହି ଥିଲା ଆଚାର– ଧର୍ମ ତଥା ସମାଜର ଆଦର୍ଶ । କ୍ରମେ ସମାଜର ଏଇ ନୀତି ଓ ଏଇ ଆଦର୍ଶର ପ୍ରଭାବ ଓ ଚାପରେ ଆପାତ ଦୁର୍ନୀତିର ସମାଧାନ ହେଉଥିଲା । ସମାଜର ପ୍ରଗତି ଏଇପରି କ୍ରିୟା ପ୍ରତିକ୍ରିୟାର ପ୍ରଭାବ ଓ ପରମ୍ପରାରେ ଚାଲିଥିଲା ।

**ଏଇ ଆଚାର ଧର୍ମ ବୁଝିବାରେ ଉଦାହରଣ–**

ଏଇଠାରେ ଗୋଟିଏ ଅତି ଘରୋଇ କଥାର ଉଦାହରଣ ଦେଲେ ଏଇ ଆଚାର-ଧର୍ମ କଥାଟି ସୁବୋଧ ହେବ । ଲେଖକ ବହୁସ୍ଥଳରେ ଭଦ୍ରଲୋକି (ମାଧ୍ୟସ୍ଥ୍ୟ) କରି ନିଜେ ଏହା ଅନୁଭବରେ ବୁଝିଚି । ପୁରୀ ଜିଲାର ଶାସନ- ଗ୍ରାମମାନଙ୍କରେ ବହୁତ କୋଠ ଦେବୋତ୍ତର ପ୍ରଭୃତି ଗ୍ରାମବାସୀଙ୍କର ସାଧାରଣ ସମ୍ପତ୍ତି ଅଛି, ସେସବୁ ସମସ୍ତଙ୍କର ଓ ତେଣୁ ପ୍ରତ୍ୟେକର । ଅନେକଠାରେ ଏସବୁ ଗ୍ରାମର କେହି ଦିନାକେତେ ବୁଝନ୍ତି । ସେ କିଛି ଉପସ୍ୱତ୍ୱ ଭୋଗକରିଯାନ୍ତି । ସେଠାରୁ କଳହ ବିବାଦ ଲାଗେ । ପୁଣି ଅନ୍ୟ କେହି ବୁଝନ୍ତି । ତାଙ୍କ ଆଡ଼େ କିଛି ଉପସ୍ୱତ୍ୱ ରହେ । ପୁଣି ଅନ୍ୟ କେହି ବୁଝନ୍ତି । ଅନେକ ସ୍ଥଳରେ ବୁଝିବା ଲୋକଙ୍କ ପାଖେ ଗ୍ରାମଲୋକେ ଧରି ପାରିବା ଭଳି କିଛି କିଛି ବାକୀ ଥାଏ । କେଉଁଠାରେ ବା କୌଣସି କୋଷାଧ୍ୟକ୍ଷଙ୍କ ପାଖେ ଜମା ଥାଏ । ତାଙ୍କ ଲୋକ ବୁଝିବାରୁ ଅନ୍ତର ହେଲେ ସେ ତାହା ମାଡ଼ିବସନ୍ତି । ଏଇପରି କ୍ରିୟା ପ୍ରତିକ୍ରିୟା ମଧ୍ୟରେ ଗ୍ରାମର ପାରମ୍ପରିକ ପ୍ରଗତି ଚାଲୁ ଚାଲୁ କ୍ରମେ ବିବାଦ ଘନୀଭୂତ ହୋଇ ସବୁ କାମ

Digitized by PPRACHIN, SOA

ଅଟକିଯାଏ । ସବୁ ବିଶୃଙ୍ଖଳ ହୋଇଯାଏ । ଯେ ଯାହା ପାଏ ଆଦାୟ କରି ଘେନିଯାଏ । କୋଠ ଓ ଦେବୋତ୍ତର ସମ୍ପତ୍ତି ଏକପ୍ରକାର ଲୁଟି ହୁଏ । ସେଥିରୁ ମଧ୍ୟ ନାନାପ୍ରକାର କଳହର ଅନ୍ୟ ଉପସର୍ଗମାନ ବାହାରେ । ମାମଲା ମକଦମା ମାତି ଉଠେ । ଶେଷକୁ ସବୁ ପକ୍ଷ ଓ ମତର ଗ୍ରାସବାସୀମାନେ ନାକେଦମ ହୋଇ ନିଷ୍ପତ୍ତି କରିବାକୁ 'ଭଦ୍ରଲୋକ' ମାନନ୍ତି । 'ଭଦ୍ରଲୋକ ଯାଇ ଖୁବ୍ ଆଦର ଅଭ୍ୟର୍ଥନା ପାଆନ୍ତି । ଦୁଇପକ୍ଷ ବା ସବୁପକ୍ଷର ଏଇ ଅଭ୍ୟର୍ଥନାରେ ମିଳିତ ଓ ସ୍ୱତନ୍ତ୍ର ଉଦ୍ୟମ ଖୁବ୍ ଦେଖାଯାଏ । ମାତ୍ର 'ଭଦ୍ରଲୋକ' ଯେତେବେଳେ ବିବାଦର ବିଷୟ ବୁଝନ୍ତି, ସେତେବେଳେ ଖାଲି କିଏ କେତେ ଟଙ୍କା ଖାଇଚି, ଧାନ ଖାଇଚି ତା'ର ଫର୍ଦ୍ଦ ଦୁଇ ପକ୍ଷରୁ ବା ସବୁ ପକ୍ଷରୁ ବାହାରେ । 'ଭଦ୍ରଲୋକ' ପ୍ରାୟ ଦେଖନ୍ତି ଏଇ ଟଙ୍କା ଧାନ ଖାଇବା ଛଡ଼ା ଆଉ ବିବାଦର କିଛି କାରଣ ନାଇ । 'ଭଦ୍ରଲୋକ' ତ ନିଷ୍ପତ୍ତି କରିବାକୁ ଯାଇଚନ୍ତି— ଅଭ୍ୟର୍ଥନା ତ ଘମାଘୋଟ୍ । 'ଭଦ୍ରଲୋକ' ସବୁ ପ୍ରକାର ପ୍ରଯତ୍ନ ଓ କୌଶଳ ଲଗାଇ ସେ ଟଙ୍କା ଓ ଧାନର ପରିମାଣ କମାନ୍ତି । ଶେଷକୁ କଥା ହୁଏ, ଏଇ ଟଙ୍କାତକ ଦେଇଦେଲେ ସବୁ ନିଷ୍ପତ୍ତି ହୋଇଯିବ । ଏ ମଧ୍ୟରେ କଳିକଜିଆ ମାମଲା ମକଦମାଦିରେ ଯେଉଁ ସବୁ ଦୋଷାଦୋଷ ହୋଇଥାଏ ସେ ସବୁ କଥା ବି ନପଡ଼େ, ନୁହେ— ସେ ସବୁ ପଡ଼ିଯାଏ । ସମସ୍ତେ ତ ନାକେଦମ୍ ହୋଇଥାନ୍ତି— ସେ ସବୁ ଦୋଷାଦୋଷ ଠିକେ ଠିକେ ଛିଡ଼ିଯାଏ । ନିତାନ୍ତ କେତେଟା ନ ଛିଡ଼ିଲେ, ନିଜେ 'ଭଦ୍ରଲୋକ' ଗଳବସ୍ତ୍ର ବଦ୍ଧାଂଜଳି ହୋଇ, ସେ ସବୁ ଦୋଷ ମାଗିନିଅନ୍ତି । ତା'ପରେ ଆଉ କେହି ଆପତ୍ତି କରନ୍ତି ନାଇ । 'ଭଦ୍ରଲୋକ' ଏହା କରିବା, ଓ ଏଥିରେ 'ଭଦ୍ରଲୋକ'ଙ୍କୁ ଗ୍ରାମବାସୀମାନେ ପୂର୍ଣ୍ଣ ପ୍ରାଣରେ ଖାତିର ଦେଖାଇବା ସାଧାରଣ କଥା— ମାତ୍ର ଅସଲ କଥା ଟଙ୍କା । ଟଙ୍କା ମାଗିଲାବେଳକୁ ପ୍ରତ୍ୟେକ କହନ୍ତି, ଆଉ ସମସ୍ତେ ଦେଲେ ସେ ନିଜେ ତତ୍କ୍ଷଣାତ୍ ଦେଇପକାଇବେ । ସେଇଠାରେ ନ୍ୟାୟଶାସ୍ତ୍ରର 'ଅସରନ୍ତି ଚକଡ଼ା' (Vicious Circle) ଭିତରେ ପଶି 'ଭଦ୍ରଲୋକ'ଙ୍କ ବୁଦ୍ଧି ବଣାହୁଏ । ପ୍ରତ୍ୟେକେ କହନ୍ତି, ଆଉ ସମସ୍ତେ ନିଜନିଜର କର୍ତ୍ତବ୍ୟ କରି ସାରିଲେ, ସେ ନିଜ ନିଜର କର୍ତ୍ତବ୍ୟ କରିବେ— ଆଉ ସମସ୍ତେ ନିଷ୍କଳଙ୍କ ହେଲେ ଯାଇ ସେ ତା'ପରେ ନିଜେ ନିଷ୍କଳଙ୍କ ହେବା କଥା ବିଚାରରେ ଆଣିବେ ।

ଦୃଷ୍ଟାନ୍ତର ବ୍ୟାପ୍ତି—

ଏଇଠାରେ ହେଉଚି ସ୍ୱଧର୍ମର ପ୍ରତ୍ୟବାୟ । ଏଇଠାରେ ଦାବିରେ ଅଧିକାର ଆଦାୟ କରିବାର ପ୍ରତିପତ୍ତି । 'କିଓ, ତୁମେ କାହିଁକି ଏପରି ଅକଥାଟାରେ ମାତିଚ ?' ସଂଗେ ସଂଗେ ଆଜିକାଲି ଉତ୍ତର ମିଳେ— 'ସେ କାହିଁକି ଏପରି କରୁଚନ୍ତି ।' ମୂଲିଆକୁ ଯଦି କୁହାଯାଏ, 'କିଓ' ତୁମେ କାହିଁକି ମନଦେଇ କାମ କରୁନାହ ?' ମୂଲିଆ କହୁଚି— 'ମାଲିକ କାହିଁକି ଠିକ୍ ବୁଝି ମୂଲିଆଙ୍କ ପାଇଁ ବ୍ୟବସ୍ଥା କରୁନାହାନ୍ତି ?' 'ମାଲିକ, ତୁମେ କାହିଁକି ଠିକ୍ ବୁଝିସୁଝି ମୂଲିଆଙ୍କ ପାଇଁ ବ୍ୟବସ୍ଥା କରୁନାହ ?' ନା, 'ମୂଲିଆ କାହିଁକି ନିଷ୍ଠାରେ ଲାଗୁ

Digitized by PPRACHIN, SOA

ନାହାନ୍ତି ?' 'ପୁତ୍ର, ତୁମେ କାହିଁକି ପିତାର ବଶ୍ୟ ହେଉ ନାହ ?' ନା, 'ପିତା କାହିଁକି ଠିକ୍ ପିତୃ କର୍ତ୍ତବ୍ୟ କରୁନାହାନ୍ତି ?' ଯୁକ୍ତିର ଏଇପରି ଅଛିଣ୍ଡା ଚକଡ଼ା ପଇରେ ଆଘାତ ପ୍ରତିଘାତ ଓ କ୍ରିୟା ପ୍ରତିକ୍ରିୟାର ପରମ୍ପରା ଚାଲିଛି । ସମସ୍ତେ ଅନ୍ୟର କର୍ତ୍ତବ୍ୟ ପରାଂମୁଖତାରେ ବ୍ୟାକୁଳ ଓ ବିବ୍ରତ । ନିଜ ଭିତରକୁ ଚାହିଁବାର ବେଳ ନାଇ । ପ୍ରତ୍ୟେକେ ଯେପରି କି ଅପେକ୍ଷା କରି ରହିଚନ୍ତି, ଜଗତଯାକ ଭଲ ହୋଇଗଲା ବାସିଦିନ ସେ ନିଜେ ଭଲ ହେବେ । ସେଇ ଅନୁସାରେ ଆଚାରର ଧାରା ଛୁଟିଚି ଓ ବିଶ୍ୱଧର୍ମ ସେଇ ପୀଠରେ ଗଢ଼ିହୋଇଯାଉଚି ।

**ଆଚାରର ଯଥାର୍ଥ ଉପଯୋଗ—**

ଏଠାରେ ଗୋଟିଏ କଥା ସ୍ଥିର ଓ ଦୃଢ଼ ଭାବରେ କିନ୍ତୁ ଧାରଣାରେ ରଖିବାକୁ ହେବ— ତା' ନହେଲେ ବୁଝିବାରେ ଦୋଷ ଘଟିପାରେ । କେହି ଯେପରି ମନେ ନ କରନ୍ତି ମାନବର 'ଆଚାର'ରେ ସର୍ବଦା ସମସ୍ତଙ୍କ ପାଇଁ କୌଣସି ନିତ୍ୟନିର୍ଦ୍ଦିଷ୍ଟ ଛାଞ୍ଚ ଅଛି, ଓ ସେଇ ଛାଞ୍ଚରୁ ଉତୁରି ସବୁ ଆଚାର ଦେଖାଦିଏ । ଘୋର ସ୍ୱଧର୍ମ-ଚୋଦିତ ଆଚାରରେ ମଧ୍ୟ 'ଭୟାବହ' 'ପରଧର୍ମ' ସେବାର ପ୍ରବୃତ୍ତି ଗୀତା ନିଜେ ସୂଚନାରେ କହିଚନ୍ତି । ଏ ଯୁଗରେ ମଧ୍ୟ ଅନ୍ୟକୁ ଅପେକ୍ଷା ନ ରଖି ଅଧିକାର ଦାବିର ମହାଘୋର ସଂଗ୍ରାମ ମଧ୍ୟରେ କର୍ତ୍ତବ୍ୟନିଷ୍ଠ ଅନନ୍ୟସାଧାରଣ ମହାପୁରୁଷ ବହୁତ ଅଛନ୍ତି । ମାନବର କ୍ରିୟା କୁମ୍ଭାର ହାଣ୍ଡିପରି ଏକାପରି ଗଢ଼ିହୁଏ ନାଇ । କେବଳ ଆଦର୍ଶ ଦୃଷ୍ଟିରେ ସମାଜର ତଥା ବ୍ୟକ୍ତିର କ୍ରିୟା ନିୟମିତ ଓ ପ୍ରଭାବିତ ହୁଏ । ଅକ୍ରିୟାର ସେଇଥିରେ ସମାଧାନ ହୁଏ । ଅର୍ଥାତ୍, ଯାହା ଆଦର୍ଶରୁ ବହିର୍ଗତ ସେ ଆଚାର ସମାଜରେ ଅକ୍ରିୟା ଅକର୍ମ ବା ଅନାଚାର ହୋଇଯାଏ । ସେଇଥିପାଇଁ ଗୀତା ଚେତାଇ କହିଛନ୍ତି—

କର୍ମଣୋହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୌଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।

ଅର୍ଥାତ୍, କର୍ମରୁ ବୁଝିବାର ଅଛି । ବିକର୍ମ ବା ବିରକ୍ତିଜନକ ସ୍ୱକର୍ମରୁ ବୁଝିବାର ଅଛି, ପୁଣି ଅକର୍ମ ବା ଅପକର୍ମ ଓ ଅନାଚାରରୁ ମଧ୍ୟ ବୁଝିବାର ଅଛି । କିମ୍ୱା, ସାଧୁ କର୍ମରୁ ବୁଝିବାର ଅଛି । ବିରୁଦ୍ଧ କର୍ମରୁ ବୁଝିବାର ଅଛି ଓ କର୍ମହୀନତାରୁ ମଧ୍ୟ ବୁଝିବାର ଅଛି । ଯେପରି ଯେ ଅର୍ଥ କରନ୍ତୁ, ଏ ପ୍ରସଙ୍ଗରେ ଏହାର ବିଶଦ ଅଭିପ୍ରାୟ ହେଉଚି— କର୍ମରୁ ବୁଝିବାର ଅଛି ଯେ, ନିଜର ନିୟତ କର୍ତ୍ତବ୍ୟ କର୍ମ ନିରବଲମ୍ୱ ଭାବରେ କରିଯିବାର ଅଛି । କାମନା ଲାଳସାଦିରେ ଭୁଲି ସେ ପନ୍ଥା ଛାଡ଼ିବା ବା ସେ ପନ୍ଥା ଚିଡ଼ିବା ଠିକ୍ ନୁହେ । କିମ୍ୱା, 'ମୁଁ ତ ମୋ କର୍ମ କରୁଚି ସେ କାହିଁକି କରୁନାଇ', ବା 'ମୁଁ ନ କଲେ, ମତେ ଲୋକେ କ'ଣ କହିବେ ?'— ଏସବୁ ବିଚାରରେ ଭ୍ରଷ୍ଟ ହେବ ନାଇ, ଅଥଚ ନିୟତ କର୍ମ କରିବ । ବିକର୍ମ ବୋଇଲେ 'ବିଗୁଣ ସ୍ୱକର୍ମ' । ଯେଉଁ କର୍ମ କରିବା ଉଚିତ ଅଥଚ ସୁଖ ଲାଗୁ ନାଇ ସେଥିପାଇଁ ଗୀତା ଅନ୍ୟତ୍ର କହିଚନ୍ତି— ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।

Digitized by PPRACHIN, SOA

ବିସୁଖ ଲାଗିଲେ ମଧ୍ୟ ନିଜର କର୍ତ୍ତବ୍ୟ ବିଗୁଣିଆ କରି କରିବନାଇଁ; କିମ୍ବା ତାକୁ ଛାଡ଼ି ସୁକର ବୋଲି ଅନ୍ୟର କର୍ମକୁ ଆଦରିବ ନାଇ । ଯେପରିକି ଅର୍ଜୁନଙ୍କର କର୍ମ ଧର୍ମ-ଯୁଦ୍ଧ ଆଚରଣ । ଏ ଆଚାରରେ ମାତିବାରେ ତାଙ୍କୁ କୌଣସି କାରଣରୁ ବିସୁଖ ଲାଗିଲା । ହେଲେହେଁ ତା କରିବାକୁ ହେବ, ପୁଣି ପୂର୍ଣ୍ଣ ପ୍ରାଣରେ କରିବାକୁ ହେବ । ଯେତେ ସ୍ପୃହଣୀୟ ହେଲେ ମଧ୍ୟ ଗେରୁଆ ପିନ୍ଧି ଭିକ୍ଷାନ୍ନରେ ପେଟ ପୋଷିବା କଥାଟି ହେବ ନାଇ– ତା 'ଅନାର୍ଯଜୁଷ୍ଟ'– ଆର୍ଯଧର୍ମ ବା ଶ୍ରେଷ୍ଠଧର୍ମର ଆଦର୍ଶ ନୁହେ । ସେଇପରି, ଯେ ରୋଗୀର ସେବା ନିଜର କର୍ମ କରିନେଇଚି, କ୍ଳେଦ ପରିଷ୍କାର କରିବା ଘୃଣାରେ ସେ ତାହା ଛାଡ଼ି, ସୁଗନ୍ଧ ତେଲ ତିଆରି ହେଉଥିବା କାରଖାନା ଦ୍ୱାରରେ ଉମେଦ୍ୱାରୀ କରିବାକୁ ଯିବା ଠିକ୍ ନୁହେ । ଏସବୁ ଭୟାବହ ପରଧର୍ମର ଆଚାର । ଏସବୁ ଅକର୍ମ ବା ଅପକର୍ମ । ଅକର୍ମ ବା ଅପକର୍ମରୁ ମଧ୍ୟ ଏହାହି ବୁଝିବାର ଅଛି । ଅର୍ଥାତ୍, ଅନାଚାରଟି ଠିକ୍ କ'ଣ ତା' ବୁଝି ରଖିବାର ଅଛି । ଯେ ଯେତେ ଘୃଣା ବା ନିନ୍ଦା କରୁ ପଛକେ, ଶଲ୍ୟ ତନ୍ତ୍ରରେ ବ୍ରଣ ଚିକିତ୍ସା କରିବା ଡାକ୍ତରର ଅନାଚାର ନୁହେ, କିମ୍ବା ଜନ୍ତୁ ମାରି ବିକି ଖାଇ ପେଟ ପୋଷିବା ବ୍ୟାଧର ଅନାଚାର ନୁହେ । ସେମାନେ ନିଜନିଜର କର୍ମ କରୁଚନ୍ତି । କିମ୍ବା, ଅକର୍ମ ଅର୍ଥ, ଯେବେ କର୍ମ ଛାଡ଼ିଦବା ହୁଏ, ତେବେ ମଧ୍ୟ ବୁଝିବାର ଅଛି ଯେ, କର୍ମ ଛାଡ଼ି ରହିବା କାହାରି ପକ୍ଷେ ସମ୍ଭବ ନୁହେ । ଯେ ଦୋଷଯୁକ୍ତ ବୋଲି କର୍ମ ବା ନିଜ କର୍ମ ଛାଡୁଚି, ସେ ହୁଏତ ଅନ୍ୟର ଅନୁକରଣ କରି ବିଡ଼ମ୍ବନାରେ ପଡ଼ିବ । 'କେତେ ଲୋକ ତ କର୍ମ କରୁନାହାନ୍ତି, ବା ସ୍ୱଧର୍ମ ମାର୍ଗରେ ରହୁନାହାନ୍ତି' ବୋଲି ଯେ ସ୍ୱଧର୍ମ ମାର୍ଗ ବା କର୍ମ ଛାଡ଼ି ଦେଇ ବସିବ, ସେ କ୍ରମେ ଯେଉଁଠାରେ ଯାହା ଦେଖିବ, ଲାଳସାରେ ତାକୁ ଯାହା ବା ସୁଖ ଲାଗିବ, ତା' କରିବାରେ ମାତିବ । ସେ ଅନୁକରଣରେ ତାର ଆଦର୍ଶ ଠିକ୍ ନ ରହିବାରୁ ସେ ବିଡ଼ମ୍ବନାରେ ପଡ଼ି ଭ୍ରଷ୍ଟାଚାର ହେବ । ଆହରଣର ଶକ୍ତି ନ ଥାଇ ଏଇପରି ଅନୁକରଣ କରି ବସିଲେ ସେ ଅନୁକରଣ ହୁଏ ବିଡ଼ମ୍ବନା । ଅକର୍ମରୁ ଏହା ବୁଝିବାର ଅଛି ।

### ଆଚାରର ନିୟାମକ– ମନୁଷ୍ୟତାର ଆଦର୍ଶ–

ଏଇପରି ଆଚାରରେ ଧର୍ମ ଠିକ୍ ରହେ । ଅବଶ୍ୟ ସମାଜ ତଥା ମନୁଷ୍ୟତାର ଭିନ୍ନ ଭିନ୍ନ ଆଦର୍ଶରେ ଏଇ ଆଚାର ଭିନ୍ନ ଭିନ୍ନ ରୂପେ ପ୍ରକାଶ ପାଏ । 'ଭଦ୍ରଲୋକଙ୍କ' ପାଖେ ଗ୍ରାମୀଣ ଲୋକମାନଙ୍କର ଯେଉଁ କ୍ରିୟାର କଥା ଉଲ୍ଲେଖ କରାଯାଇଚି ତାହା ମଧ୍ୟ ଏକ ଆଚାର । ଆଜି ପୃଥିବୀର ନୂତନ ପ୍ରତିକ୍ରିୟାର କରାଳ ଆବର୍ତ୍ତ ମଧରେ ଯେଉଁ ଅଧିକାର ଛଡ଼ାଛଡ଼ି ଲାଗିଚି ସେ ଧର୍ମ ମଧ୍ୟ ସେଇଭଳି ଆଚାରମାନଙ୍କରେ ପ୍ରକାଶ ପାଉଚି । ସେ ଆଦର୍ଶଟି ହେଉଚି– କେହି କାହାରି ନିଜ ଭିତରକୁ ଚାହୁଁ ନାଇ । ପ୍ରତ୍ୟେକ କିନ୍ତୁ ବିଶ୍ୱସମାଲୋଚକ; ଆଉ ସମସ୍ତେ ନିଜ କାମ ଠିକ୍ କରୁ ନାହାନ୍ତି, ଏହାହିଁ ପ୍ରତ୍ୟେକର ଆପତ୍ତି । ଆଉ ସମସ୍ତେ ନିଜ କାମ ଠିକ୍ କରନ୍ତୁ ଏହାହିଁ ପ୍ରତ୍ୟେକର ଦାବି । ଅନ୍ୟର

Digitized by PPRACHIN, SOA

ଏଇପରି ଦାବି ଓ ଆପତ୍ତି ମୂର୍ତ୍ତିମନ୍ତ ହୋଇ, ଡରାଇ ତାକୁ ଯାହା ଯେତିକି କରାଇପାରିବ, ଶେଷରେ ସେତିକି ହେବ ତା'ର ନିଜ କାମ । ସେଇପରି ସମାଜରେ ସମସ୍ତେ ପ୍ରତ୍ୟେକେ ଅନ୍ୟର ଆପତ୍ତି ଓ ଦାବି ଭୟରେ ଯେତିକିରେ ଯେପରି ଭାବରେ ଆବଦ୍ଧ ରହିବେ, ସେତିକି ମାତ୍ର ହେବ ତାଙ୍କର ନିଜ କାମ । ଏଇ ଆଦର୍ଶରେ ଆଚାର ହେଉଚି ସବୁବେଳେ ଅନ୍ୟର ଚଳଣିକି ଚାହିଁବା । ତା'ରି ସମାଲୋଚନାର ଫଳରେ ଯେତିକି କାମ, ମୁଖ୍ୟ ଭାବରେ ସେତିକିରେ ନିଜର କ୍ରିୟା ପ୍ରକାଶ କରିବା । 'ମୋର ଏହା ଦବାର ଅଛି, ନିଅ'– ଏ ଭାବ କୌଣସି ଆଚାରରେ ସ୍ପଷ୍ଟ ପ୍ରକାଶ ପାଉ ନାଇ । ଏ ଭାବ ଥିଲେହେଁ ଏହା ଆଦର୍ଶ ଚୋଦିତ ଆଚାର ନୁହେ । ଏହା ବରଂ ଆଚାର କ୍ରିୟାର ଏକ ଅବାନ୍ତର ଫଳ (byproduct) । ଆଦର୍ଶର ଉଦ୍ଦେଶ୍ୟରେ ବା ସ୍ପଷ୍ଟ ଭାବରେ ଏ ଫଳ ଫଳୁ ନାଇ । ଆଚାରରେ ଦେଖା ପଡୁଚି, ସର୍ବତ୍ର ଖାଲି– 'ଦିଅ, ଛାଡ଼ ଛାଡ଼' ।

**କର୍ତ୍ତବ୍ୟ ଓ ଦାବି–**

ଏଠାରେ ପୁନରୁକ୍ତି ଭୟକୁ ମଧ ଉପେକ୍ଷା କରି ପୁଣି ବୁଝାଇ ଦେବାର ଅଛି, ମାନବ ସମାଜର କ୍ରିୟାରାଶିରେ ଏଇ ଦୁଇଟି ଆପେକ୍ଷିକ ଭାବ ବା ବିଭାବ ସର୍ବଦା ପରିସ୍ଫୁଟ । ଗୋଟିକର ପ୍ରକାଶ–

'ମୋର ଏହା ଦବାର ଅଛି, ନିଅ, ଧର ।' ଅନ୍ୟଟିର ପ୍ରକାଶ– 'ମୋର ଏହା ପାଇବାର ଅଛି, ଦିଅ, ଛାଡ଼ ।' ଏକ ପକ୍ଷରେ 'ନିଅ' ଅନ୍ୟ ପକ୍ଷରେ 'ଦିଅ' । ଗୋଟିଏ କର୍ତ୍ତବ୍ୟ କରିବା, ଅନ୍ୟଟି ଅଧିକାର ଦାବି । ଏଇ ଦିଓଟିର ପରସ୍ପର ସଂଘର୍ଷରେ ସମାଜର ସ୍ଥିର ପରିସ୍ଥିତି ଓ ପ୍ରଗତି । ଏ ଦୁଇଟିରୁ କୌଣସିଟିର ଏକାନ୍ତ ଅଭାବ ଅସମ୍ଭବ । ଏପରିକି, ଧର,ଯେବେ ସମସ୍ତେ ଧରନ୍ତି, 'ନିଅ', ତେବେ ଯେ କହୁଚି 'ନିଅ', ଅନ୍ୟର 'ନିଅ'ରେ ତାହାର ଅଭାବ ବା 'ଦିଅ' ପୂରଣ ହେଉଚି । 'ନିଅ' 'ନିଅ'ରେ ମଧ ସର୍ବଦା ପରସ୍ପରକୁ ଦିଆଚାଲିଚି । 'ନିଅ'ରେ ଯେ ନେଉଚି, ମନକୁ ତା'ର 'ଦିଅ' ପୂର୍ଣ୍ଣ ହେଉଚି– ସେ ହୁଏତ ଦିଅ ବୋଲି ଦାବି କରୁନାଇ ଏତିକି । ବିଶେଷ ଉଦାହରଣ ସ୍ୱରୂପ, ପ୍ରଜା କହୁଚି, ମୋର ରାଜାକୁ କର ଦବାର ଅଛି, ରାଜ୍ୟ ପାଇଁ ଯୁଦ୍ଧରେ ବା ଅନ୍ୟ ରାଜକର୍ମରେ ଯୋଗ ଦେବାର ଅଛି– 'ନିଅ, ମୋ କର୍ତବ୍ୟ ମୁଁ କରିବି ।' ରାଜା ଦିଅ ବୋଲି ନ କହିଲେ ମଧ, ତା'ର ପାଇବା ହୋଇଯାଉଚି । ସେଇପରି ରାଜା କହୁଚି, ମୋର ଶିକ୍ଷା ସ୍ୱାସ୍ଥ୍ୟାଦିର ବ୍ୟବସ୍ଥା କରିବାର ଅଛି । ମୁଁ ତା' କରି ଦେଇ ଯିବି । ପ୍ରଜା ହୁଏତ ଦିଅ ବୋଲି କହୁ ନାଇ, କିନ୍ତୁ ତା ଅଭାବ ପୂର୍ଣ୍ଣ ହେଉଚି । ପକ୍ଷାନ୍ତରେ କଳ୍ପନା କର, ସମାଜରେ ସମସ୍ତେ 'ଦିଅ' 'ଦିଅ' ବୋଲି ଦାବି କରୁଚନ୍ତି । ପରିଣାମରେ ଦେଖିବାକୁ ଠିକ ସେଇୟା ହେଉଚି । ପ୍ରତ୍ୟେକେ 'ମୋର ଏହା ଅଧିକାର ମୁଁ ଦାବି କରୁଚି ଦିଅ' ବୋଲି ଆଚାର ଧଇଲେ ମଧ, ଅନ୍ୟ 'ନିଅ'ରେ ତା'ର ସେଇ 'ଦିଅ' ପୂରଣ ହେଉଚି । ଅନ୍ୟର 'ଦିଅ' ବୋଲି ଦାବି ସେ ନିଜେ ପୂର୍ଣ୍ଣ କଲାବେଳେ ତା ନିଜର 'ନିଅ' ମନକୁ କାର୍ଯ୍ୟରେ ପ୍ରକାଶ

Digitized by PPRACHIN, SOA

ପାଉଚି । 'ଦିଅ' 'ଦିଅ'ରେ ମଧ୍ଧ ଏଇପରି ସବୁବେଳେ ପରସ୍ପରଠାରୁ ନିଆ ଚାଲିଚି । ସେଇ ପୂର୍ବ ଉଦାହରଣରେ ଧର, ରାଜା 'ଦିଅ' 'ଦିଅ' ବୋଲି ପ୍ରଜାଠାରୁ କର ନେଉଚି । ପ୍ରଜାର ସେଥିରେ ମନକୁ 'ନିଅ' ପୂରଣ ହେଉଚି । ପ୍ରଜା କହୁଚି, ରାଜା ମୋର ଶିକ୍ଷା ସ୍ୱାସ୍ଥ୍ୟାଦି ପାଇଁ ଦିଅ । ସେଥିରେ ମଧ୍ଧ ରାଜାର 'ନିଅ' ପୂର୍ଣ୍ଣ ହେଉଚି । ଦୁଇ ଦିଗରୁ ନିର୍ବିକଳ୍ପ ଭାବରେ ଯେ କୌଣସି ନୀତିଟି ଚାଲିଲେ ମଧ୍ଧ ଚଳନ୍ତା । ମାତ୍ର ଦୁଇଟିର ପ୍ରକୃତି ସମାନ ନୁହେ ।

**ସେ ଦୁଇଟିର କର୍ମରେ ପ୍ରକାଶ—**

ଏହା କିପରି ସମାନ ନୁହେ, ତା' କହିବା ପୂର୍ବରୁ କହିଦେବା ଉଚିତ, ମାନବ ଜଗତରେ ଏପରି ନିରୁତା 'ନିଅ', ବା ନିରୁତା 'ଦିଅ' କୌଣସି ସମାଜରେ ପ୍ରକାଶ ପାଏ ନାହି । 'ନିଅ' 'ନିଅ' ଭିତରେ 'ଦିଅ' ସର୍ବଦା ପ୍ରଚ୍ଛନ୍ନ ଥିଲେ ମଧ୍ୟ, 'ଦିଅ' ବରାବର ମୁଣ୍ଡ ଟେକି ଉଠୁଥାଏ । ସେଇପରି 'ଦିଅ' 'ଦିଅ' ଭିତରେ 'ନିଅ'ର ପ୍ରଭାବ ଓ ପ୍ରତିପତ୍ତି ଦେଖାଯାଏ । କର୍ତ୍ତବ୍ୟ କରିବାରେ ଯେଉଁ ସମାଜ ବ୍ରତୀ, ସେଥିରେ ମଧ୍ଧ ଅଧିକାର ଦାବି ଦେଖା ନ ଯାଏ, ନୁହେ । କିମ୍ବା ଅଧିକାର ଦାବି ଯେଉଁ ସମାଜର ଆଦର୍ଶ ସେଥିରେ ଦାବି ପଡ଼ିବାର ଭୟ ବିନା ଲୋକେ କର୍ତ୍ତବ୍ୟ କରିଯିବାର ମଧ୍ଧ ଦେଖାଯାଏ । କାରଣ ବୈଷମ୍ୟ ବିଚିତ୍ରତାହିଁ ମାନବ ସମାଜର ଧର୍ମ— ଏହାହିଁ ସମାଧାନର ଯଥାର୍ଥ ସୌନ୍ଦର୍ଯ୍ୟ । କଳ ଛାଞ୍ଚରେ ସମାନ ଜିନିଷ ଗଢ଼ା ହୋଇ ବାହାରିଲା ପରି ମାନବ କୌଣସି ଆଦର୍ଶ ଛାଞ୍ଚରେ କୌଣସି ସମାଜରେ ସର୍ବତୋଭାବରେ ଗଢ଼ା ହୋଇଯାଏ ନାଇ । ତାହା ମାନବର ପ୍ରକୃତି ନୁହେ ।

## ଭାରତ ସଭ୍ୟତାରେ କର୍ତ୍ତବ୍ୟରେ ଦାବିର ସମାଧାନ :

**ତ୍ୟାଗ ବିନା ଭୋଗ ଅସମ୍ଭବ—**

ମାତ୍ର ସେଇ ଆଦର୍ଶର ଛାଞ୍ଚ ଏକା ସମାଜର ନିୟାମକ । ମାନବ ଶତ ଚେଷ୍ଟା କରି ମଧ୍ୟ ଆଦର୍ଶରେ ଜନସମାଜର କ୍ରିୟାକୁ ସମାନ କରି ପାରେ ନାଇ । ସମାନ କଲେ ମଧ୍ଧ, ହୁଏତ ଏକ ଦିଗରେ ନିର୍ବ୍ୟପେକ୍ଷ ଭାବରେ କର୍ତ୍ତବ୍ୟ କରୁ କରୁ ଦିନେ ପ୍ରଯତ୍ନ ଏକାବେଳକେ ଲୋପ ପାଇବ । ସେଥିପାଇଁ କର୍ତ୍ତବ୍ୟରେ ଶିଥିଳ ହେଲା ବେଳକୁ ଦାବିର ତାଡ଼ନା ବେଳେବେଳେ ହୁଏତ ତାକୁ ଟିକିଏ ଚଞ୍ଚଳ ଓ ପ୍ରଯତ୍ନଶୀଳ କରିଦେବା ଦରକାର । ପୁଣି ପକ୍ଷାନ୍ତରେ ଦାବିର ପ୍ରଳୟ ତାଣ୍ଡବ ଓ କରାଳ ଜ୍ୱାଳା ଭିତରେ ନିର୍ବ୍ୟପେକ୍ଷ କର୍ତ୍ତବ୍ୟର ଟିକିଏ ଶାଂତିବାଦ ନ ସିଂଚିଲେ, ହୁଏତ ସମାଜରେ ପ୍ରଳୟର ସୂଚନା ଦେଖାଯିବ । ଯଥାର୍ଥ ଦେଖାଯାଏ ମହାପୁରୁଷର ତ୍ୟାଗପୂତ ନିର୍ବ୍ୟପେକ୍ଷ କର୍ତ୍ୟବ୍ୟ ସାଧନ ବିନା ଦାବିର

Digitized by PPRACHIN, SOA

ସଂଗ୍ରାମ ଏକାବେଳକେ ଅସହ୍ୟ ହେବାର କଥା । ଏହା ପୂର୍ବ ପ୍ରକରଣରେ କୁହାଯାଇଚି । କୌଣସି ଆଦର୍ଶରେ ଏହିପରି ଅନ୍ୟଟିର କ୍ରିୟାର ଏକାନ୍ତ ଅଭାବ ନଥିଲେ ମଧ୍ୟ ଗୋଟିଏ ଆଦର୍ଶର ଛାଞ୍ଚ ସମାଜକୁ ନିୟମିତ କରେ । ଅନ୍ୟଟି ଅନାଚାର ବୋଲି ଧରାଯିବାର କଥା । ମାତ୍ର ସବୁ କ୍ଷେତ୍ରରେ ତାହା ହୁଏ ନାଇ । ତ୍ୟାଗ ବା କର୍ତ୍ତବ୍ୟର ଆଦର୍ଶ ଦୃଷ୍ଟିରେ ଭୋଗର ଦୁର୍ବାର ଦାବି ଅନାଚାର ହେଲେ ମଧ୍ୟ, ଭୋଗ ଭିତରେ ତ୍ୟାଗର ଛାୟାକୁ କେବେ କେହି ଅନାଚାର ବୋଲି ଉପହାସରେ ପକାଇ ନାହାନ୍ତି । ଏଥିରୁ ମଧ୍ୟ ପ୍ରମାଣିତ ହେଉଚି ତ୍ୟାଗ ବା କର୍ତ୍ତବ୍ୟ ସାଧନାହିଁ ମାନବର ପରମ ଓ ଚରମ ଆଦର୍ଶ । ମନୁଷ୍ୟ କେବଳ କାମନାର ମହା ଧନ୍ଦାରେ ଆତ୍ମବିସ୍ମୃତ ହେଲା ବେଳେ ତାହା ଦେଖି ଦେଖିପାରେ ନାଇ । ଆସକ୍ତିରୁ ସେହି କାମନା ଜାତ ହୁଏ । ତାକୁଇ ଚିହ୍ନାଇ ଦେବାପାଇଁ ଗୀତା ସ୍ପଷ୍ଟ କହିଚନ୍ତି—

ଧ୍ୟାୟେତୋ ବିଷୟାନ୍ ପୁଂସଃ ସଂଗସ୍ତେଷୂପଜାୟତେ ।।
ସଂଗାତ୍ ସଂଜାୟତେ କାମଃ କାମାତ୍ କ୍ରୋଧୋଭିଜାୟତେ ।
କ୍ରୋଧାଦ୍ ଭବତି ସଂମୋହଃ ସଂମୋହାତ୍ ସ୍ମୃତି ବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।।

ଅର୍ଥାତ୍ ଭୋଗକୁ ମନ ଦଉଡ଼ାଇଲେ, ସେଥିରେ ଆସକ୍ତି ବା ସଙ୍ଗ ହୁଏ । ସେଥିରୁ ପାଇବି ବୋଲି କାମନା ବା ଲାଳସା । ତହୁଁ ସେହି ଲାଳସା ଚରିତାର୍ଥ କରିବାର ସୁବିଧା ଖୋଜି ସେଥିପାଇଁ ଲୋକ ଛଟ୍‌ପଟ୍ ଓ ବ୍ୟାକୁଳ ହୁଏ (ସୁବିଧା ନ ପାଇଲେ ତା'ର କ୍ରୋଧ, ଚିତ୍ତବିକ୍ଷୋଭ ବା ଘୋର ବ୍ୟାକୁଳତା ହୁଏ) । ଏହି ବ୍ୟାକୁଳତାରେ ପୁଣି ଦିଗ୍‌ବିଦିଗ୍ ଜ୍ଞାନ ରହେ ନାଇ । ସେଠାରୁ 'ମୁଁ କିଏ କି ପରିସ୍ଥିତିରେ ଅଛି'— ଏ ସବୁ ସ୍ମୃତି ବା ହୋସ୍ ନଷ୍ଟ ହୁଏ । ସେଠାରୁ କ'ଣ କର୍ତ୍ତବ୍ୟ, କ'ଣ କର୍ତ୍ତବ୍ୟ ନୁହେ, ସେ ଜ୍ଞାନ ମଧ୍ୟ ବୁଡ଼ିଯାଏ । ଫଳରେ ଶେଷକୁ ମନୁଷ୍ୟତା ଲୋପ ପାଏ ।

**କାମନାରେ ସଂଯମହିଁ ସ୍ଥିତି—**

ବେଶ୍ୟାସକ୍ତି ହେତୁରୁ ବିଲ୍ୱମଙ୍ଗଳଙ୍କର ଯେଉ ଦଶା ଭାଗବତରେ ବର୍ଣ୍ଣନା କରାଯାଇଚି, ତାହା ଏହି ଗତିର ଉଦାହରଣ । ଏହା ମାନବ ପ୍ରକୃତିରେ ଏକ ନିତ୍ୟ ସତ୍ୟ । କର୍ତ୍ତବ୍ୟର ତାଡ଼ନାହିଁ ଏହାର ଶୃଙ୍ଖଳା । ମାତ୍ର ଭୋଗର ଆହରଣରେ ଏହାର ଗତିରେ ବାଧା ନାହିଁ । ଯେ ଆଦର୍ଶ-ନିୟମିତ-ସମାଜ ହେଉନା କାହିଁକି, ଏହି ତ୍ୟାଗ ଧର୍ମର ସେଥିରେ ପରମ ଓ ଚରମ ସମାଧାନ । ଧର, ଯୌନ କାମନାର କଥା । ଏହାହିଁ ଜୀବୀ ମାନବର କାମନାର ରାଜା । ଏହାହିଁ ତେଣୁ ସାଧାରଣତଃ କାମନା ବା କାମ ନାମରେ କଥିତ ହୁଏ । ଭୋଗଧର୍ମୀ ଇଉରୋପର ଭାଷାରେ ଏହା Love ବା ପ୍ରେମ । ବଙ୍ଗଳାରେ ତେଣୁ ଏବେ ଅନୁକରଣର ବିଡ଼ମ୍ବନାରେ 'ଭାଲୋବାସା' ବା ସୁଖ ପାଇବା, ଆଦର କରିବା । ସେ ଯା' ହେଉ, ପୁରୁଷ ନାରୀର ସ୍ୱଚ୍ଛନ୍ଦ ସମାଗମରେ

Digitized by PPRACHIN, SOA

ଭୋଗପନ୍ଥୀମାନେ ଏବେ ଏହାର ସମାଧାନ ଲୋଡ଼ନ୍ତି । ଏ ସ୍ୱଚ୍ଛନ୍ଦ ସମାଗମରେ ଅବଶ୍ୟ ଯୌନ ସଂଭୋଗର ପ୍ରବୃତ୍ତି ଲୋପ ପାଇବ ନାହିଁ– ତା ଅବଶ୍ୟ, କୁହାଯାଉନାହିଁ । ସେ ଧର୍ମରେ ପ୍ରବୃତ୍ତିର ସଂଯମ ସୁଦ୍ଧା ଅକଳ୍ପନୀୟ, ଲୋପ ପୁଣି କାହୁଁ ଅଇଲା ! କିନ୍ତୁ ସ୍ୱୀକାର କରିବାକୁ ହେବ ମନୁଷ୍ୟ କଳ ନୁହେ । ପୁରୁଷ ନାରୀ ମଧ୍ୟରେ ଆସକ୍ତିରେହିଁ ପ୍ରବୃତ୍ତି ଜାଗ୍ରତ ହେବ । ଏଥିରେ ଏକ ପକ୍ଷରୁ ଆସକ୍ତି ଓ ଅପର ପକ୍ଷରୁ ବିରାଗ ମଧ୍ୟ ସଂଭବ । ପୁଣି ଯାହାର ବିରାଗ, ତା'ର ଅନ୍ୟତ୍ର ଅନୁରାଗ ମଧ୍ୟ ସଂଭବ । ସର୍ବଦା ନ ହେଉ, ଅନ୍ତତଃ ପଶୁପରି ମୁହୂର୍ତ୍ତ ବିଶେଷରେ ଏହା ସମ୍ଭବ । କେବଳ ସଂଭବ ନୁହେ, ଏହା ଜୀବ ଜଗତରେ ସତ୍ୟ । ସେତେବେଳେ ଏଇ କ୍ରୋଧ, ସଂମୋହ, ସ୍ମୃତିଭ୍ରଂଶ ଓ ବୁଦ୍ଧିନାଶରୁ ମନୁଷ୍ୟତା ନାଶ ପର୍ଯ୍ୟନ୍ତ ଯିବାରେ କି ପ୍ରତ୍ୟବାୟ ? ଜାଣି ସ୍ୱୀକାର କରନ୍ତୁ ବା ନଜାଣି କାର୍ଯ୍ୟରେ କରନ୍ତୁ, ସେତେବେଳେ କର୍ତ୍ତବ୍ୟ ଧାରଣାର ତ୍ୟାଗ ଓ ସଂଯମହିଁ ପନ୍ଥା । ଗୋଟିଏ ତୀବ୍ର କାମନାର ଉଦାହରଣରେ ଏହା ବୁଝାଇଦିଆଗଲା । ମାତ୍ର ସବୁ କାମନାରେ ସଂଯମର ବାଗ ଛାଡ଼ିଦେଲେ ଏଇ ଗତି । କୌଣସି ସାମ୍ୟବାଦ ପ୍ରତିଷ୍ଠିତ ରାଜ୍ୟରେ ଧର, ଦୁଇଟି ଲୋକ । ଜଣେ ରାଜ୍ୟର ବିଚାର ଓ ବ୍ୟବସ୍ଥାରେ ଗୋଟିଏ ମଟର ଗାଡ଼ି ଓ ଦୁଇଘଣ୍ଟା ଅଧିକା ବିଶ୍ରାମ ପାଇବାର ସୁବିଧା ପାଇଲା । ସେହି ଭୋଗ ଭାଗବଣ୍ଟା ବିଚାର ଓ ବ୍ୟବସ୍ଥାରେ ଅନ୍ୟ ଜଣକ ମଟରଗାଡ଼ି ପାଇଲା ନାଇ କି ଅଧିକା ବିଶ୍ରାମ ପାଇଲା ନାଇ । କିନ୍ତୁ ନ ପାଇ ମଧ୍ୟ ସେ ବିଚାରିଲା, ପ୍ରଥମ ଲୋକଟିର ପାଇବାକୁ କୌଣସି ଅଧିକା ଗୁଣ ନାଇ, କି ଅଧିକାର ନାଇ । ଯେବେ ପ୍ରଥମ ଲୋକଟିର ଅଛି, ତେବେ ତା'ର ନିଜର ମଧ୍ୟ ସେତିକି ଅଧିକାର ଅଛି । ଅବଶ୍ୟ ରାଜ୍ୟର ବିଚାର ଠିକ କି ତା'ର ବ୍ୟକ୍ତିଗତ ବିଚାର ଠିକ, ଏହା ଏଠାରେ ବିଚାର୍ଯ ନୁହେ । ଧର କେହି ଠିକ, କିମ୍ବା ଦୁହେଁ ଭ୍ରାନ୍ତ । ମାତ୍ର ଲାଳସାରେ କୌଣସି ବିଚାରର ମାପକାଠି ନାଇ । ସେଠାରେ ଦ୍ୱିତୀୟ ଲୋକଟିର ଏହି ଭୋଗ କାମନା ବାଧା ପାଇବାରେ କି ପରିଣାମ ହେବ । ହୁଏତ କ୍ଷମତା ଥିଲେ ଦଳ ତିଆରି ସେତିକିରେ ସେ ରାଜ୍ୟ ଓଲଟାଇ ଦେବ । ସେଥିରେ ହୁଏତ ରାଜ୍ୟ ଧ୍ୱଂସ ହେବ । ଏଠାରେ ସମାଧାନ କିଏ କରିବ ? ସେଇ ଏକା କର୍ତ୍ତବ୍ୟବୋଧର ତ୍ୟାଗ ଓ ସଂଯମ– ସେଇ ଆଧାତ୍ମିକ ମାନବ ।

**ମାତ୍ର ଭୋଗ ଓ ତ୍ୟାଗ ଦୁଇଟି ସ୍ୱତନ୍ତ୍ର ଆଦର୍ଶ ରୂପେ ଦେଖାଯାଏ–**

ସେ ଯାହାହେଉ, ଏତିକି ଜାଣିବାର ଏଠାରେ କଥା ଯେ, ଏ ଦୁଇଟି ଆଦର୍ଶ ଏକ ପ୍ରକୃତିର ନୁହେ । ସମାଜରେ ଦୁଇଟିର କ୍ରିୟା ସର୍ବଦା ଇତର ବିଶେଷ ପ୍ରକାଶ ପାଏ । ମାତ୍ର ଗୋଟିଏ ଆଦର୍ଶ ଦ୍ୱାରା କ୍ରିୟା ନିୟମିତ ହୁଏ, ଅନ୍ୟଟି ପ୍ରକାଶ ପାଇଲେ ମଧ୍ୟ ଅନାଚାର ବୋଲି ସଂକୁଚିତ ହୁଏ । ଏ ସଂକୋଚର ଉଦାହରଣ ମାନବ କ୍ରିୟାରେ ସର୍ବତ୍ର ସର୍ବଦା ଦେଖାଯାଏ । ଆମ ସମାଜରେ ମଦ୍ୟପାନ ଚଳେ ନାଇ । ଲୋକେ ମଦ୍ୟପାନ କରନ୍ତି, କିନ୍ତୁ ସଙ୍କୋଚରେ କରନ୍ତି । ଲୋକେ କରନ୍ତି ବୋଲି ସମାଜରେ ତାହା ଆଦର୍ଶର

Digitized by PPRACHIN, SOA

ଅନୁକୂଳ ବୋଲି କେହି କହେ ନାଇ କି ଛାତି ଫୁଲାଇ ବିଚ ଦାଣ୍ଡରେ ତାହା କରେ ନାଇ । ସେଇପରି ଖ୍ରୀଷ୍ଟାନମାନଙ୍କ ଭିତରେ ଏକପତ୍ନୀବ୍ରତ ସମାଜର ଆଦର୍ଶ । ଲୋକେ ମାନବିକ ଦୁର୍ବଳତାର ବଶବର୍ତ୍ତୀ ହୋଇ ଉପପତ୍ନୀ କରନ୍ତି, ରଖନ୍ତି । କିନ୍ତୁ ତାହା ସଂକୋଚରେ କରନ୍ତି । ଏଇପରି ସମାଜରେ ଅନାଚାର ସଙ୍କୁଚିତ ହୁଏ । ଏହି ନିପାତନ ହିଁ ବରଂ ବିଧିର ସୂଚନା କରେ । ଏସବୁ ଅନାଚାର ସବୁ ଆଚାର ମଧ୍ୟରେ ଥିଲେହେଁ, ଏସବୁ ଆଦର୍ଶର ପ୍ରତ୍ୟବାୟ ନୁହେ, ବରଂ ପ୍ରମାଣ । ଏଇଭଳି ଯେ ଦେଖେ, ସେହି ଏକା ସମାଜର ଆଦର୍ଶ ଦେଖେ । ଅଯଥା ଯୁକ୍ତି, ଜଳ୍ପ-ସାର ହୁଏ— କୌଣସି ସିଦ୍ଧାନ୍ତକୁ ଭେଟେ ନାଇ ।

**ତ୍ୟାଗର ଆଦର୍ଶ ଶ୍ରେୟ ଓ ନିତ୍ୟ—**

ଏଥି ସଙ୍ଗେ ପୁଣି ଜାଣିବାର ଅଛି— ପ୍ରାସଙ୍ଗିକ ସୂଚନାରେ ମଧ୍ୟ କୁହାଯାଇଚି, ଏ ଦୁଇଟି ଆଦର୍ଶରେ କର୍ତ୍ତବ୍ୟ ବା ତ୍ୟାଗର ଆଦର୍ଶ ଶ୍ରେୟ । ଅନ୍ୟ ଆଦର୍ଶଟିରେ ମଧ୍ୟ ଏହାର ପ୍ରବେଶ ନଥିଲେ, ସେ ଆଦର୍ଶ କଦାପି ସ୍ଥିର ରହିବ ନାଇ । ପୁଣି ଭୋଗ ବା ଦାବିର ଆଦର୍ଶରେ ତ୍ୟାଗର କଦାପି ସଂକୋଚ ନାହିଁ । ମାତ୍ର ତ୍ୟାଗ ବା କର୍ତ୍ତବ୍ୟର ଆଦର୍ଶରେ ଭୋଗ-ଆଦର୍ଶନିଷ୍ଠ କ୍ରିୟାର ସଂକୋଚ ଛଡ଼ା ଗତି ନାଇ । ତ୍ୟାଗ ବା କର୍ତ୍ତବ୍ୟର ଆଦର୍ଶଟି ତେଣୁ ମାନବ ଜଗତରେ ନିତ୍ୟ ଓ ସତ୍ୟ । ଅନ୍ୟଟି ଏହି ସତ୍ୟର ବିକ୍ଷୋଭ ସୃଷ୍ଟି କରିବାକୁ ଯାଇ ଏହି ସତ୍ୟକୁ ପ୍ରମାଣ କରେ ମାତ୍ର । ପୁଣି ଯଥାର୍ଥ ସତ୍ୟ ବା ମାନବୀୟତା କୌଣସି ଗୋଟିକରେ ଆବଦ୍ଧ ବୋଲି କୁହାଯାଇ ନ ପାରେ । ଗୋଟିକରେ ମାନବ ପୂର୍ଣ୍ଣ ନୁହେ । ଗୋଟିଏ ଶାଂତ ଓ ଅପରଟି ଚଞ୍ଚଳ । ମାତ୍ର ମାନବ ଏହି ଶାନ୍ତି ଓ ଚାଞ୍ଚଲ୍ୟର ସମବାୟ । କର୍ତ୍ତବ୍ୟରେ ଯେପରି ପ୍ରଯତ୍ନ ଲୋଡ଼ା, ଦାବିରେ ସେହିପରି ତ୍ୟାଗ ଲୋଡ଼ା । ସତ୍ୟ ଏ ଦୁଇଟିରୁ ଅତୀତ— ଏ ଦୁଇଟିର ସମାଧାନ । ଏ ଦୁଇଟିଯାକ ଟଙ୍କାର ଦୁଇ ପାଖ ପରି ସେହି ସତ୍ୟର ଦୁଇଟି ବିଭାବ ମାତ୍ର । ହେଲେହେଁ ଶାନ୍ତିରେ ଚିତ୍ତ ସ୍ଥିର ରଖି ଅନ୍ୟଟିର ଧାରଣା କରିବାକୁ ହୁଏ ଓ ଚଞ୍ଚଳତାରେ ସର୍ବଦା ଶାନ୍ତିର ଲଗାମ ଧରି ରଖିବାକୁ ହୁଏ । ଏହି ସମାଧାନ ସଂଶ୍ଳେଷଣ ସମନ୍ୱୟ ମାନବର ଯଥାର୍ଥ ଆଦର୍ଶ ଓ କାମ୍ୟ । ଏଥିରେ ପୁଣି ଶାନ୍ତିର ଆଦର୍ଶ ଦୃଢ଼ ରଖି ସମାଜର ଗତି ନିୟମିତ କଲେ, ପନ୍ଥା ସୁଗମ ଓ ସ୍ୱଚ୍ଛ ହୁଏ । ଶାନ୍ତିରେ ଚଞ୍ଚଳତା ମାନବ-ପ୍ରକୃତି ହେତୁରୁ ରହିଯାଏ । ମାତ୍ର ଚଞ୍ଚଳତାରେ ମାତିଗଲେ ଶାନ୍ତି ଲୁଚିଯାଏ ଓ ସଭ୍ୟତା ଧ୍ୱଂସ ଆଡ଼କୁ ଯାଏ । ପୁଣି ସେଥିରେ ଶାନ୍ତିର ବିଭବ ପ୍ରକଟିତ ହେବା ଯାଏ— ତ୍ୟାଗର ସଂଯମ ଓ କର୍ତ୍ତବ୍ୟର ନିଷ୍ଠା ଫୁଟିବା ଯାଏ, ସମାଜର ସ୍ଥିତି ବିକ୍ଷୁବ୍ଧ ହୁଏ ।

**ବ୍ୟକ୍ତିର 'ମୁଁ' ବା ଆତ୍ମାର ବିକାଶରେ ତ୍ୟାଗ ଓ କର୍ତ୍ତବ୍ୟର ପ୍ରତିଷ୍ଠା—**

ମାନବ କେବଳ ଶରୀର ନୁହେ, ଶାରୀର କ୍ରିୟା ତା'ର ଯଥାର୍ଥ ନୁହେଁ । କ୍ରିୟା ଶରୀରର ପରି ଲାଗିଲେ ମଧ୍ୟ, ସର୍ବଦା ଶରୀର-ଧର୍ମରେ ଇଦୃକ୍ତା, ଇୟତ୍ତାରେ ମପା ହେଲେ ମଧ୍ୟ, ଭିତରେ 'ମୁଁ' ବୋଲି ଯେଉଁ ଅନୁଭବ ଅଛି, ତା'ର ମାପ ନାଇ । ତା'

Digitized by PPRACHIN, SOA

ଶରୀରରେ ଥିଲେ ମଧ୍ୟ, ଶରୀରରେ ନାଇ । ତାକୁ ଏପରି ବା ଏତିକି ବୋଲି କେହି କହି ବୁଝାଇ ପାରିବେ ନାଇ । ସେ ସବୁ କରୁଚି, ମାତ୍ର କାହିଁରେ ନାଇ । ଏ ସବୁ ସ୍ପଷ୍ଟ ଅନୁଭବଟି ଆଉ ବେଶି ବୁଝାଇବା ଦରକାର ନାଇ । ଏହାକୁହିଁ ବୁଝାଇବାରେ ଭାରତର ବହୁ ମନୀଷୀ ଓ ମହାପୁରୁଷ ଜୀବନ ବ୍ୟୟ କରିଛନ୍ତି । ତେଣୁ ସେ ଉଦ୍ୟମର ଏଠାରେ ଛାୟା ପକାଇବା ବୃଥା କଳ୍ପନା । ଏତିକି ମାତ୍ର ଜାଣିଲେ ଏଠାରେ ଯଥେଷ୍ଟ ହେବ ଯେ, ସେହି ଆତ୍ମାର ପ୍ରଭାବରେ ସମସ୍ତ ଶାରୀରିକ କ୍ରିୟା ନିୟମିତ । ସେ ନ କହିଲେ, କାହାର କିଛି କହିବାର ଅଧିକାର ନାଇ । କାମନା ତାରି, ଭୋଗ ତାରି– ସଂଯମ ତାରି, ତ୍ୟାଗ ତାରି– ଦାବି ତାରି, କର୍ତ୍ତବ୍ୟ ତାରି । କ୍ରିୟା ରାଶି ଶରୀରରେ ପ୍ରକାଶ ପାଏ ସତ, ଶରୀର ବିନା ପୁଣି କ୍ରିୟାର ଅସ୍ତିତ୍ୱ ନାଇ ସତ, ମାତ୍ର ସମସ୍ତ କ୍ରିୟାରେ ଏଇ ଅଧ୍ୟାତ୍ମର ପ୍ରଭାବ ସ୍ପଷ୍ଟ ଓ ବିଶଦ । ମୂଳତଃ ଏହାରି ବିକାଶହିଁ ମାନବର ମାନବିକ ବିକାଶ । ଏହି ଅଧ୍ୟାତ୍ମର ଭୂୟୋଭୂୟ ପ୍ରକାଶରେ ମାନବର ମନୁଷ୍ୟତା ବିକାଶ ପାଏ । ଏହି ବିକାଶରେ ଚତୁର୍ଦ୍ଦିଗରେ କର୍ତ୍ତବ୍ୟର ଧାରା ବହିଯାଏ । ଦାବି ଏଠାରେ ବିକାଶ ନୁହେ, ସଂକୋଚ । ଜଗତରେ ଏହାହିଁ ବିକାଶର ଧର୍ମ । ବିକାଶରେ ଚତୁର୍ଦ୍ଦିଗରେ ବିସ୍ତାର ହୁଏ– କର୍ତ୍ତବ୍ୟର ଧାରା ଚାରିଆଡ଼େ ଅବାଧ ଗତିରେ ଛୁଟେ । ଅନ୍ୟର ବିକାଶ ଧାରା ସେଥିରେ ଆଘାତ କରେ, ମନକୁ ତା'ର ଦାବି ପୂର୍ଣ୍ଣ ହୁଏ । କେହି ଦାବି କରି, ଦାବି ପୂରଣ ହେଲେ, ଆତ୍ମବିକାଶ କରିବେ ବୋଲି ଚାହିଁ ବସନ୍ତି ନାଇ । ଶିଶୁ ଭୂମିଷ୍ଠ ହୋଇ ଆଖି ଫିଟାଇଦିଏ । ସୂର୍ଯ୍ୟ ଉଦିତ ହୋଇ କିରଣ ଛାଡ଼ିଦିଏ । ଶିଶୁର ଆଖି କିରଣକୁ ବାଧା ଦିଏ, ଧରି ନିଏ । କିରଣ ଆଖିରେ ଧକା ଦିଏ । ଦୁହେଁ ପରସ୍ପରକୁ ବୁଝନ୍ତି । ଏହିପରି କ୍ରମେ ଶିଶୁର ବିକାଶ ହୁଏ । କେତେ ବଳରେ ସୂର୍ଯ୍ୟ ଧକା ଦେବା ଉଚିତ, ସେତିକି ମିଳିଲେ ଆଖି ଫିଟାଇବି ବୋଲି ଶିଶୁ ଦାବି କରି ଅପେକ୍ଷା କରି ରହେ ନାଇ । ଏତିକି ଦବା ଉଚିତ, ଏତିକି ଦେଲେ ହବ ବୋଲି ପଡ଼ି ରହେ ନାଇ । ଏହା ବିକାଶର ଧର୍ମ ନୁହେ । ମାନବ ଏହିପରି ପ୍ରକୃତିର ବିକାଶ ସଙ୍ଗେ ନିଜକୁ ମିଳାଇ କର୍ତ୍ତବ୍ୟ ଓ ଦାବିର ସମାଧାନ କରିଥିଲା । ''ଆଫ୍ରେସିଆ''ର ଧର୍ମ ସାରରେ ଏହି ଆଦର୍ଶ ବହୁ କାଳରୁ ଦେଖାଦେଇଥିଲା । ଏହାର ସୂଚନା ପୂର୍ବେ ଦିଆଯାଇଚି ।

**ଆଫ୍ରେସିଆର ଯୀଶୁଖ୍ରୀଷ୍ଟ–**

ଆଫ୍ରେସିଆର ପଶ୍ଚିମ ଭାଗରେ ଏହି ଧର୍ମର ପରିସ୍ଥିତି କିପରି ଥିଲା, କେତେ ଦୃଢ଼ ହୋଇଥିଲା, ତାହା ଜାଣିବାର ଉପାୟ ନାଇ । ମାତ୍ର ଜଳବାୟୁ ଓ ତଦ୍‌ଗତ ଅନ୍ୟାନ୍ୟ ଭୌତିକ ପରିସ୍ଥିତି ବଦଳିବା ସଂଗେ ସେହି ସ୍ଥାନର ସଭ୍ୟତାର ସାକ୍ଷାତ୍ ଶିଷ୍ୟ ଭୋଗକାଙ୍ଗାଳ ଇଉରେସୀୟମାନେ ସେଠାରେ ପ୍ରଭାବ ବିସ୍ତାର କଲେ । ତେଣୁ ଏହି ଭୀଷଣ ଆକ୍ରମଣର ଆଘାତରେ ଆତ୍ମରକ୍ଷା କରିବାକୁ ଯାଇ ସେ ଭୂମିର ସଭ୍ୟତା ଆଜକୁ ପ୍ରାୟ ୨୦୦୦ ବର୍ଷ ତଳେ ଭୀଷଣ ଉଦ୍ୟମ କରିଥିଲା । ସେହି ଉଦ୍ୟମର ପ୍ରତୀକ ମହାତ୍ୟାଗୀ ଓ ତ୍ୟାଗ ଧର୍ମ

Digitized by PPRACHIN, SOA

ପ୍ରଚାରକ ଯୀଶୁଖ୍ରୀଷ୍ଟ । ମାତ୍ର ଦେଖିବାର ଅଛି, ଏହି ଖ୍ରୀଷ୍ଟଧର୍ମ ମହାତ୍ୟାଗ ଓ କର୍ତ୍ତବ୍ୟ ମନ୍ତ୍ର ପ୍ରଚାର କରିଥିଲେ ମଧ୍ୟ ଏହା ନିରୁତା କର୍ତ୍ତବ୍ୟମୂଳକ ଧର୍ମ ନୁହେ– ଏହା ଏକ ପ୍ରକାର ସାଲିସ୍ । ଏହା ସାଲିସ୍‌ର ଉଦାହରଣ ସ୍ୱରୂପ ଖ୍ରୀଷ୍ଟ ଧର୍ମର ଗୋଟିଏ ମହାମନ୍ତ୍ରର ଉଲ୍ଲେଖ କରାଯାଇପାରେ । ତାହା ଇଂରାଜୀରେ ହେଉଛି– 'Knock at the door and it shall be opened unto you' ଅର୍ଥାତ୍, ମାଗ, ତୁମକୁ ମିଳିବ (ଦୁଆରରେ ଧକା ମାର, ତୁମ ପାଇଁ ଦୁଆର ଫିଟିବ ।) ଏହିଠାରେ ଆଦର୍ଶରେ କର୍ତ୍ତବ୍ୟ ଭେଦକରି ଦାବିର ପ୍ରଥମ ମନ୍ତ୍ର ସ୍ପଷ୍ଟ ପ୍ରଚାରିତ ହୋଇଥିବାର ଦେଖାଯାଏ । ଏହାର ବହୁକାଳ ପୂର୍ବରୁ ମଧ୍ୟ ସ୍ୱାଧୀନ କର୍ତ୍ତବ୍ୟ ବିକାଶର ସ୍ଥିତି ପ୍ରତିହତ ହେବାର ପ୍ରମାଣ ମିଳେ । ମୋଜେସ (ମୂଷା)ଙ୍କ ଦଶ ଆଦେଶରେ ସର୍ବତ୍ର 'ତୁ ଏହା କରିବୁ ନାଇ', 'ତୁ ତାହା କରିବୁ ନାଇ' (Thou shalt not kill. Thou shalt not steel etc.) ପ୍ରଭୃତିରେ ଯେପରି କି ଦାବିର ସଂକୋଚ ରେଖାପାତ କରିଥିଲା । 'କଣ କରିଯିବୁ' ସେ କଥାରେ ମନ ନ ଦେଇ 'କ'ଣ କରିବୁ ନାଇ' ସେ କଥା କହିବାରେ ମନ୍ତ୍ର ଭେଦ ହୋଇ ଆସିଥିବାର ଅନୁମାନ କରିବାରେ ପ୍ରତ୍ୟବୟ କିଛି ନାଇ ।

**ଇଉରୋପରେ ତାର ପରିଣାମ–**

ତା'ପରେ ସେହି ଖ୍ରୀଷ୍ଟୀୟ ସଭ୍ୟତାର ଧାରାରେ ଯାହା ବିକାଶ ପାଇଲା, ତାହା ଗୋଟିଏ ଇଂରେଜୀ ପ୍ରବଚନରେ ପ୍ରକାଶ ପାଏ– 'First deserve then desire.' ଅର୍ଥାତ୍, ଉପଯୁକ୍ତ ହୁଅ, ତେବେ ଯାଇ ଦାବି କର । ଦାବିର ତାଡ଼ନାରେ ବିବ୍ରତ ହୋଇ ରକ୍ଷିତ ସ୍ୱାର୍ଥପନ୍ଥୀମାନେ ଦୁର୍ବଳ ଓ ଉପଦ୍ରୁତକୁ ଭଣ୍ଡିବାର ଏ ଫନ୍ଦି, ଏବେ ଭାରତବାସୀ ଅଙ୍ଗେ ନିଭାଉଚନ୍ତି । ଏହାର ବ୍ୟାଖ୍ୟା କରିବା ନିଷ୍ପ୍ରୟୋଜନ । ଦାବିର ସଭ୍ୟତାର ସାଲିସରେ ଏ ଦ୍ୱିତୀୟ ସୋପାନ ଆମକୁ ସୁବୋଧ ।

**ପ୍ରତିକ୍ରିୟା–**

ତାପରେ ପ୍ରଚଣ୍ଡ ପ୍ରତିକ୍ରିୟାର ବାଣୀ ସ୍ପଷ୍ଟ ଶୁଣାଗଲା– 'ସ୍ୱାଧୀନତା ଓ ସାମ୍ୟ ମାନବର ଜନ୍ମ ଅଧିକାର । ଏ ଅଧିକାର ଛାଡ଼ିଦିଅ । ଏଥିରେ ବାଧା ଦେବାର କିଛି ନାଇ ।' ଏ ପ୍ରତିକ୍ରିୟାର ଗତି ଓ ଆଦର୍ଶ ପୂର୍ବେ ବୁଝାଇ ଦିଆ ହୋଇଛି ।

**ବିଶୁଦ୍ଧ ଆପ୍ରେସିଅ ସଭ୍ୟତାର ସୂଚନା–**

ଏ ସବୁ ସଂଗେ ବିଶୁଦ୍ଧ 'ଆପ୍ରେସିଅ' ସଭ୍ୟତାର ପରମ ଆଦର୍ଶର ବାଣୀ ତୁଳନା କରି ଦେଖାଯାଉ । ବ୍ୟବହାରରେ ଏହାର ବ୍ୟାପ୍ତି ନିମନ୍ତେ ରାଜା ପ୍ରଜାଦିର ସମ୍ପର୍କ ବିଷୟରେ ମନୁ ପ୍ରଭୃତିରୁ ଉଦାହରଣମାନ ଦିଆଯାଇଛି । ଏବେ ନୀତି ଓ ଆଦର୍ଶର ପରମ ସ୍ଥାନ ଗୀତା କ'ଣ ଏହି ସମ୍ପର୍କରେ କହିଚନ୍ତି ତୁଳନା ପାଇଁ ତା'ର ଉଲ୍ଲେଖ କରାଯାଉ । ଗୀତା କହିଚନ୍ତି–

'ସହଯଜ୍ଞାଃ ପ୍ରଜା ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ
ଅନେନ ପ୍ରସବିଷ୍ୟଧ୍ୱଂ ଏଷବୋଽସ୍ତ୍ୱିଷ୍ଟ କାମଧୁକ୍ ।'

Digitized by PPRACHIN, SOA

''ଅର୍ଥାତ୍ ବିକାଶପର କର୍ତ୍ତବ୍ୟ ରାଶି ସଙ୍ଗେ ପ୍ରଜାପତି ମାନବକୁ ସୃଷ୍ଟି କରି କହିଲେ, ଏହି କର୍ତ୍ତବ୍ୟରେ ରହି ତୁମେମାନେ କ୍ରମଶଃ ବିକାଶରେ ବଢ଼ । ଏଇ କର୍ତ୍ତବ୍ୟରେହିଁ ତୁମେ ତୁମର ଅଭୀଷ୍ଟ (ଦାବି) ପାଇବ । ଯଜ୍ଞର ଅର୍ଥ ପୂର୍ବେ ବୁଝାଇ ଦିଆଯାଇଛି, ଏଠାରେ ପୁନରୁକ୍ତି ଦରକାର ନାଇ । ମାତ୍ର ଏଠାରେ ଏଇ ମହାମନ୍ତ୍ରରେ କର୍ତ୍ତବ୍ୟ ଲୀଳାର ପରିସ୍ଥିତିରେ ଦାବିର ସ୍ପଷ୍ଟତଃ ଯେ ସମାଧାନର କଥା କୁହାଯାଇଛି, ତା' ବିଶେଷରେ ପ୍ରଣିଧାନଯୋଗ୍ୟ । ଏଥିରେ କାହାରି ଦ୍ୱାରରେ ଧକା ମାରିବାର ନାଇ କି କାହାକୁ ମାଗିବାର ନାଇ । ପ୍ରଜାପତିଙ୍କର ସେ ସବୁ କିଛି ଲୋଡ଼ା ନାଇ । ସେ ମନୁଷ୍ୟକୁ ବିକାଶର ଏକ ମାତ୍ର କର୍ତ୍ତବ୍ୟ ଅସ୍ତ୍ର ଦେଇଛନ୍ତି ।

**କର୍ତ୍ତବ୍ୟର ଆପେକ୍ଷିକତାରେ ସମାଜର ସ୍ଥିତି—**

ଫେର୍ ସେହି କଥାକୁ ସ୍ପଷ୍ଟ କରି ବୁଝାଇବା ପାଇଁ ଗୀତା କହିଲେ—

'ଦେବାନ୍ ଭାବୟତାନେନ ତେ ଦେବା ଭାବୟଂତୁ ବଃ,
ପରସ୍ପରଂ ଭାବୟଂତଃ ଶ୍ରେୟଃ ପରମବାପ୍ସ୍ୟଥ ।'

ଅର୍ଥାତ୍, ଏହି ଯଜ୍ଞରେ ତୁମେ ଦେବତା ବା କର୍ମରେ ଉପାସ୍ୟଙ୍କୁ ଭାବ । ଫଳ କଥା, କାହା ପାଇଁ କ'ଣ କରିବାର ଅଛି ଭାବି କରିଯାଅ । ସେହି ଦେବତାମାନେ ସେହିପରି ତାଙ୍କ କାମରେ ତୁମକୁ ଭାବିବେ । ଏହିପରି କର୍ମରେ ପରସ୍ପରଙ୍କୁ ଭାବିବାରେ ସମସ୍ତେ ନିଜନିଜର ଶ୍ରେୟ ବା ମଙ୍ଗଳ ପାଇବ । ଏତିକିରେ କର୍ତ୍ତବ୍ୟ ମାତ୍ର ବିଚାରରେ କର୍ମ କରି ଯିବାରେ ସମସ୍ତେ ନିଜନିଜର ଯାହା ପାଇବାର ତା ପାଇଯିବା କଥା ସ୍ପଷ୍ଟ ଉପଦେଶରେ କୁହାଯାଇଛି—

**ଯୋଗୀ ଓ ଯୋଗ—**

ଏହିପରି କର୍ମ ଯେ ଠିକଣା କରି କରିଯାଏ ସେହି 'ଯୋଗୀ' ବୋଲି ଗୀତା କହନ୍ତି । କର୍ମକୁ ଠିକ୍ କରି ଜାଣିବାକୁ 'ଯୋଗ' ବୋଲି ମଧ୍ୟ କୁହାଯାଇଚି । ମାତ୍ର 'ଏହି କରିଜାଣିବାର ସ୍ପଷ୍ଟ ଓ ସାଧାରଣ ଜାଣିପାରିବା ଭଳି ମୂଳ କେଉଁଠାରେ ? କି ଦୃଷ୍ଟିରେ ଏହି ଆତ୍ମବିକାଶ ଧର୍ମରେ ଲାଗିବାକୁ ହେବ ? ସେଥିପାଇଁ ଗୀତାର ଦାର୍ଶନିକ ଉପଦେଶ ଅଛି । ତାହା ହେଉଚି ମନୁଷ୍ୟତାର ଆଦର୍ଶରେ ସମାଧି । ମୁଁ କ'ଣ, ଏହା ବୁଝି ସେହି ସ୍ଥିତିରେ ରହି କାର୍ଯ୍ୟ କରିବା । ମୁଁ ଦେହ ଭୋଗ-ପର ବ୍ୟକ୍ତି କି ପରିବାରରେ ଜଣେ, କି ସାମାଜିକ ମାନବ କି ଦେଶସେବୀ, କିମ୍ବା ମାନବ ତଥା ଜୀବ ମାତ୍ରର ପୁଣି ସର୍ବ ବିଶ୍ୱର ମଙ୍ଗଳକାମୀ । ଏହିପରି ନାନା ଭାବରେ ମନୁଷ୍ୟତାର କ୍ରମୋଚ୍ଚ ଆଦର୍ଶମାନ ବ୍ୟକ୍ତିକୁ ପ୍ରଭାବିତ କରିପାରେ । ସେଥିରେ ମଧ୍ୟ ଉପଦେଶ ଅଛି, ଆତ୍ମାର ଧାରଣାକୁ ଏହିପରି ଦେହରୁ ବିଶ୍ୱଯାଏ ଉଠାଇବାକୁ ହେବ ଓ ବିଶ୍ୱ ଯଜ୍ଞ ବା ବିକାଶରେ ସ୍ଥିର କରି ରଖିବାକୁ ହେବ । ଏହାହିଁ ଯୋଗୀର ଶ୍ରେଷ୍ଠ ସମାଧି । ମାତ୍ର ସେହି ଯୋଗୀ ସାଧାରଣ କାର୍ଯ୍ୟରେ ସର୍ବଦା ହଠାତ୍ ବୁଝାପଡ଼ିବା ଭଳି କି ଦୃଷ୍ଟି ଧରି କାମ କରିବ ? ସେଥିପାଇଁ ଗୋଟିଏ ଅତି ସରଳ ଓ ସର୍ବଜନବୋଧ କଥା ଗୀତାରେ କୁହାଯାଇଚି । ତାହା ହେଉଚି—

Digitized by PPRACHIN, SOA

''ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋମତଃ ।

ଅର୍ଥାତ୍, ନିଜର ଯେପରି ଭୋଗ ଓ ସ୍ୱଭାବରେ ସୁଖ ଓ ଦୁଃଖ ହୁଏ, ସେହିପରି ଅନ୍ୟ ସବୁରି ହୁଏ ବୋଲି ଯେ ବୁଝେ, ସେହି ଏକା ପରମ ଯୋଗୀ । କର୍ତ୍ତବ୍ୟ କର୍ମରେ ଚୋଦନା ଠିକ୍ ରଖିବାର ଏହାହିଁ ପରମ ମନ୍ତ୍ର । ଏଥିରେ ଦୃଷ୍ଟି ସର୍ବଦା ଭିତରୁ ବାହାରକୁ ସ୍ପଷ୍ଟ । କର୍ତ୍ତବ୍ୟର ନିରନ୍ତର ବିକାଶରେ ଅନନ୍ତ ବିଶ୍ୱରାଜ୍ୟ ଓ ବିଶ୍ୱଯଜ୍ଞର ଯଥାର୍ଥ ମାନବୀୟ କଳନା ଓ ସେଇ କଳନାଚୋଦିତ କ୍ରିୟା ବିଶଦ ଭାବରେ ଦେଖି ବୁଝିବାର ଏଠାରେ କୌଣସି ଅସୁବିଧା ନାଇ ।

**ଏହି ଯୋଗହିଁ ସର୍ବତ୍ର ଆଦର୍ଶ; ମାତ୍ର ଏଇ ଆଦର୍ଶ ଦେଖିବାରେ ଭ୍ରାନ୍ତି—**

ଏହି ଆଦର୍ଶରେ ଜୀବନ ନିୟମିତ କରି— ଏହି ଯୋଗ ବା କର୍ମପ୍ରବଣତା ଓ ତତ୍ପରତାରେ ଭାରତ ସମାଜର ବିକାଶ ଧରା ହୋଇଥିଲା । ଭୋଗ ଓ କାମନାର ସମସ୍ତ ବିକ୍ଷୋଭ ଭିତରେ ଏହି ଯୋଗର ଆଦର୍ଶ ସମାଜର ପ୍ରଗତିକୁ ଏବେ ମଧ୍ୟ ଧରି ରଖିଚି, କହିଲେ ଚଳେ । ପୁଣି ଏଠାରେ ବୁଝାଇ କୁହାଯାଉଛି, ଏହି ତ୍ୟାଗ ତଥା କର୍ତ୍ତବ୍ୟର ଆଦର୍ଶ, ପରର ସୁଖ ଦୁଃଖ ଦୃଷ୍ଟିରେ କର୍ମର ପ୍ରବାହ ଜଗତରେ ସର୍ବଦା ସମାଜର ବିକ୍ଷୋଭକୁ ଶାନ୍ତ କରେ । ଏ ଯୁଗର ଶ୍ରେଷ୍ଠ ସାମ୍ୟବାଦୀ ଲେନିନ୍ ମଧ୍ୟ ସର୍ବଦା ଅତନ୍ଦ୍ରିତ ଭାବରେ ଲୋକର ସୁଖ ଦୁଃଖ ଦୃଷ୍ଟିରେ ପ୍ରଭାବିତ ହୋଇ ନିଜେ ସର୍ବତ୍ୟାଗ କରି କାମରେ ଲାଗିଥିଲେ । ସର୍ବତ୍ର ଜନସେବୀମାନେ ତାହାହିଁ କରନ୍ତି । ମାତ୍ର ସମସ୍ତେ ଲୋକରେ ଏହି ତ୍ୟାଗର ଆଦର୍ଶ ପ୍ରତିଷ୍ଠା କରିବାରେ ଯତ୍ନ କରନ୍ତି ନାଇ । ଫଳରେ ଲୋକେ ଯାହା ପାଇବେ ତାହା ବୁଝନ୍ତି । ମାତ୍ର ଯେ ଧର୍ମରେ ତା' ପାଇଲେ, ଓ ଯେ ଧର୍ମରେ ତାହା ସଂଯାଳି ରଖିବେ, ତା ବୁଝନ୍ତି ନାଇ । ସଙ୍ଗେ ସଙ୍ଗେ ଭୋଗ ଛଡ଼ାଛଡ଼ି ଲାଗିଯାଏ, ଓ ବିକ୍ଷୋଭ ସୃଷ୍ଟି ହୁଏ । ପୁଣି ଏକ ପ୍ରତିକ୍ରିୟାର ସମୟ ଆସିଯାଏ ।

**ଭାରତ ଧର୍ମରେ ଏ ଭ୍ରାନ୍ତି ନ ଥିଲା—**

ଯେଉଁ ଆପ୍ତେସିଅ ବା ଭାରତ ଧର୍ମର କଥା କୁହାଗଲା, ସେଥିରେ ଏହି ପ୍ରଭେଦ ଯେ, ସେ ଧର୍ମରେ କର୍ମ ସଙ୍ଗେ କର୍ମର ଦର୍ଶନ ପ୍ରତି ବରାବର ଦୃଷ୍ଟିଥିଲା ଓ ସେ କର୍ମ ଦର୍ଶନରେ ସମସ୍ତ ସମାଜର କର୍ମ ଚିରନ୍ତନ ଭାବରେ ପ୍ରଭାବିତ କରିବାର 'ତପ' ବା ପ୍ରଯତ୍ନ ପ୍ରକାଶ ପାଇଥିଲା । ଏବେ ବା ସମସ୍ତ ଇଉରୋପୀୟ ସଭ୍ୟତାରେ ବିକ୍ଷୋଭ ଭିତରେ ତ୍ୟାଗ, କର୍ମ ସ୍ଥିତି ଠିକ୍ ରଖିଲେହେଁ, ସେ କର୍ମର ଦର୍ଶନରେ 'ଲୋକ ସଂଗ୍ରହ' ହେଉନାହାନ୍ତି । କର୍ମର ଫଳ ଭୋଗରେ ଭୁଲି, କର୍ମର ତତ୍ତ୍ୱରେ ପ୍ରଭାବିତ ହେବାକୁ ଯାଉ ନାଇ ।

**ଏହି ଅଭ୍ରାନ୍ତ ଦୃଷ୍ଟିହିଁ 'ଦର୍ଶନ'—**

କର୍ମର ଏ ତତ୍ତ୍ୱ, ଏ ଦର୍ଶନ, ଭାରତ ଧର୍ମରେ ଏବେ ମଧ୍ୟ ସ୍ପଷ୍ଟ । ଜଗତରେ ଏହି ଦର୍ଶନର ପ୍ରଭାବ କ୍ରିୟାରେ ପ୍ରଚାରିତ ହେଲେ, ପ୍ରଳୟ ତାଣ୍ଡବ ପରି ବିବଦମାନ ସ୍ୱାର୍ଥର

Digitized by PPRACHIN, SOA

ବିକ୍ଷୋଭରେ ଯଥାର୍ଥ ଶାନ୍ତିବାରି ପଡ଼ିବ । ମାତ୍ର ଏହା କହିବା ସଙ୍ଗେ ମନେ ରଖିବାର ଅଛି, ଭାରତ ଆଉ ଭାରତ ହୋଇ ରହୁ ନାଇ । ଏତେ ଦିନ ଭାରତ ଉପରେ ଅନ୍ୟ ଦେଶୀୟ ଉପଦ୍ରବ ଓ ଅତ୍ୟାଚାର ପଡ଼ି ନ ଥିଲା ନୁହେ, ମାତ୍ର ଏବେ ଅତି ପ୍ରଚଣ୍ଡ ଭାବରେ ଭାରତ ସଭ୍ୟତା ପୁରୁଣା ଓ ଜୀର୍ଣ୍ଣ ହୋଇଉଠୁଚି । ବହୁ କାରଣରୁ ଏତେ ମହାଯୁଗ ପରେ ଭାରତବାସୀ ଆଜି ଭୋଗକାଙ୍ଗାଳ । ଅନ୍ନବସ୍ତ୍ରହୀନ ଭାରତବାସୀର କର୍ମଦର୍ଶନରେ ଆସ୍ଥା ଓ ଆଦର ଆସୁନାଇ ବୋଲି ଆକ୍ଷେପ କରିବା ମଧ୍ୟ ବୃଥା । ଏପରି ଅବସ୍ଥାରେ ସେ ପୁଣି ଅନ୍ୟତ୍ର ଜୀବନ୍ତ ସଭ୍ୟତାକୁ ପ୍ରଭାବିତ କରିବ କିପରି ? ପୁରୁଣାକୁ ରୋମନ୍ଥରେ ଚୋବାଇ ଗର୍ବ କରିବା ବିଡ଼ମ୍ବନା । ଅଭାବ ଗ୍ରସ୍ତର ତ୍ୟାଗର ମଧ୍ୟ ମୂଲ୍ୟ ନାଇ ।

ମାତ୍ର ଭାରତର ଏବେ ବିଷମ ଅବସ୍ଥା, ତହିଁରୁ ପନ୍ଥା—

ଏ ବିଷମ ବିଷୟ, କୁରୁକ୍ଷେତ୍ରରେ ମଧ୍ୟ, କୃଷ୍ଣାର୍ଜୁନଙ୍କ କଳ୍ପନାକୁ ଆସିଥିଲା କି ନା ସନ୍ଦେହ । ଏ ବିଷୟରେ ଏବେ କର୍ତ୍ତବ୍ୟ କିପରି ଠିକ ହେବ ? କିଏ ବତାଇବ ? କ୍ରିୟାରେ ଦେଖାଇ ବୁଝାଇବା ପାଇଁ ଭାରତବାସୀର ମେରୁଦଣ୍ଡ ଠିକ ରହିବା ଦରକାର । ଆଜି ଭାରତର ଯେଉଁ ପରାଧୀନତା ତାହା ତେଣୁ ବିଶେଷରେ ସଂସ୍କାର ବା ସଂସ୍କୃତିର ପରାଧୀନତା । ହାତରେ ନ ଖାଇ ଚାମଚ କଣ୍ଟା ଓ ଛୁରୀ ଧରି ଖାଇବାରେ ଅଧିକ ସଭ୍ୟ ବୋଲି ଦେଖାଇହେବାଠାରୁ ଦାରୁଣ ଗ୍ରୀଷ୍ମରେ ରେଳ ଷ୍ଟେସନରେ ପଇଡ଼ ଛାଡ଼ି ଚା କଫି ଖାଇବା ଭଳି କ୍ଷୁଦ୍ର କ୍ଷୁଦ୍ର ଆଚାରରେ ମଧ୍ୟ ସେ ପରାଧୀନତା ଓ ତତ୍‌ପ୍ରସୂତ ଘୋର ଗୌଣ ମାନସିକତା ଦେଖାଗଲାଣି । ଏସବୁ କିନ୍ତୁ ଅତି ହେୟ ବାହ୍ୟ ଲକ୍ଷଣ । ଏ ଲକ୍ଷଣମାନଙ୍କର ମୂଳ ମହାରୋଗ ଓ ସେ ରୋଗର ନିଦାନ ନିର୍ଣ୍ଣୟ କରି ତାହାର ଯଥା ନିରାକରଣରେ ତତ୍ପର ହେବାର ଦର୍ଶନ, ମାନସିକତା ଓ କ୍ରିୟା ଶୀଘ୍ର ଦୃଢ଼ ଓ ନିରନ୍ତର ଭାବରେ ସମାଜରେ ପ୍ରତିଷ୍ଠିତ ହେବା ଉଚିତ । ତା'ପରେ ଧର୍ମ କର୍ମର ଦର୍ଶନ ମୁକ୍ତ ଭାବରେ ଫୁଟି ବିଶ୍ୱଜଗତକୁ ନିଜର ଯଥାର୍ଥ ଦାନ କରିବ ।

(ନବଭାରତ ୪ର୍ଥ ବର୍ଷ— ୫ମ, ୬ଷ୍ଠ, ୮ମ, ୯ମ, ୧୦ମ ସଂଖ୍ୟା)

—

Digitized by PPRACHIN, SOA

# ଅଦ୍ୱୈତବାଦ

[ପୁରୀ ସଂସ୍କୃତ କଲେଜରେ 'ଅଦ୍ୱୈତବାଦ' ବିଚାର କରିବା ପାଇଁ ଗୋଟିଏ ସଭା ହୋଇଥିଲା । ପୁରୀ ସଂସ୍କୃତ କଲେଜର ଭୂତପୂର୍ବ ବେଦାନ୍ତାଧ୍ୟାପକ ପଣ୍ଡିତ ଶ୍ରୀ ମାୟାଧର ତର୍କପଞ୍ଚାନନ ଏହି ସଭାରେ ଭାଷଣ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ସଭାପତି ଥିଲେ । ସେହିଠାରେ ସଭାପତି ଭାବରେ ପଣ୍ଡିତ ନୀଳକଣ୍ଠ ଦାସ ଯାହା କହିଥିଲେ ଓ ବିଷୟଟି ଯେପରି ବୁଝାଇଥିଲେ ତାହାର କେତେକ ସାରାଂଶ ତଳେ ଦିଆଯାଇଚି ।]

ପଣ୍ଡିତ ମହାଶୟ ମାୟାଧର ତର୍କପଞ୍ଚାନନଙ୍କ ବକ୍ତୃତା ମୁଁ ବରାବର ଶାସ୍ତ୍ର ବାଣୀ ପରି ଶୁଣୁଥିଲି । ଏହି ବେଦାନ୍ତ ଆଲୋଚନାରେ ଆମ୍ଭମାନଙ୍କ ଶାସ୍ତ୍ର ପୂର୍ଣ୍ଣ । ମଧ୍ୟଯୁଗର ତାର୍କିକତା ଏ ବିଚାରରେ ମଧ ରନ୍ଧ୍ରେ ରନ୍ଧ୍ରେ ପୂରିରହିଚି । ନାନାଆଡୁ ବିଷୟର ବିଚାର ହୋଇଚି । ଏହିପରି ବିଚାରମାନ ଘେନି ଏ ଦେଶରେ ବିରାଟ ସାହିତ୍ୟ ଅଛି । ସେହି ସାହିତ୍ୟର ଭଣ୍ଡାରରୁ ପଣ୍ଡିତ ମହାଶୟ ସାଳଙ୍କାର, ସାଡ଼ମ୍ବର ବର୍ଣ୍ଣନା ଓ ଯୁକ୍ତିମାନ ଅକାତରରେ ଢାଳିଦେଇ ଯାଉଥିଲେ । ଗୋଟିଏ ଧନରତ୍ନପୂର୍ଣ୍ଣ ରେଳଡବା ଚାଲିଲାବେଳେ ଡବା ତଳପଟାରେ ଗୋଟିଏ କବାଟୀ ଖୋଲିଗଲେ ଯେପରି ଧନରତ୍ନ ସବୁ ଗଳିପଡ଼େ, ପଣ୍ଡିତ ମହାଶୟଙ୍କର ଭାଷଣ ମୋତେ ଅନେକ ପରିମାଣରେ ସେହିପରି ଲାଗୁଥିଲା । କିନ୍ତୁ ସଙ୍ଗେ ସଙ୍ଗେ ମୁଁ ମନେକରୁଥିଲି, ପାଖ ଲୋକେ ଯେପରି କି ସେ ମିଶ୍ରିତ ଚକ୍‌ଚକିଆ ଧନରତ୍ନ ଉପରେ ଲୋଭରେ ବ୍ୟାକୁଳ ହୋଇପଡ଼ି ମଧ ତାକୁ ପ୍ରୟୋଜନରେ ଲଗାଇଲା ଭଳି ବାଛି ସଂଗ୍ରହ କରିପାରନ୍ତି ନାଇ– କେତେ ହୁଏତ ଦୂରରୁ ଅବାକ୍ ହୋଇ ଚାହିଁ ରହନ୍ତି, ପଣ୍ଡିତ ମହାଶୟଙ୍କ ଏ ଅନର୍ଗଳ ନିପତିତ ଶାସ୍ତ୍ରବାଣୀରେ ଏଠା ଶ୍ରୋତାମାନଙ୍କ ମଧ୍ୟରେ ଅଧିକାଂଶ ସେହି ଅବସ୍ଥା ହୋଇଥିବ ।

ପଣ୍ଡିତ ମହାଶୟ ପ୍ରସଙ୍ଗତଃ ଶ୍ରଦ୍ଧାର କଥା ଶୁଣାଇ ଅଛନ୍ତି । ଶ୍ରଦ୍ଧା ବିନା ତତ୍ତ୍ୱ ଜିଜ୍ଞାସାରେ ଉତ୍ତର ପାଇଲେ ମଧ ସନ୍ତୋଷ ଆସେ ନାଇ । ଛାନ୍ଦୋଗ୍ୟ ଉପନିଷଦରେ କଥା ଅଛି, ଆରୁଣି ନିଜ ପୁତ୍ର ଶ୍ୱେତକେତୁଙ୍କୁ ଦିନେ କହିଲେ, 'ଗୋଟିଏ ବରଫଳ ଆଣ, ତାକୁ ଭାଙ୍ଗି ଦେଖ, କ'ଣ ଅଛି ?' ଶ୍ୱେତକେତୁ ଭାଙ୍ଗି ଦେଖି କହିଲେ, 'ଏହା ଭିତରେ ସାନ ସାନ ମଞ୍ଜି ଅଛି ।' ଆରୁଣି ପୁଣି କହିଲେ, 'ସେହି ମଞ୍ଜି ଭାଙ୍ଗି ଦେଖ; ତା' ଭିତରେ କ'ଣ ଅଛି ?' ଶ୍ୱେତକେତୁ ଦେଖି କହିଲେ 'କିଛି ନାଇ' । ସେଠୁ ଆରୁଣି କହିଲେ, ''ଏହି 'କିଛିନାଇ'ରୁ ବିରାଟ ବରଗଛ ହୋଇଛି । ଅତଏବ 'ଶ୍ରଦ୍ଧସ୍ୱ' (ବିଶ୍ୱାସ କର)'' । ଆଜି ଆମେ ବି ଶୁଣୁ

---

(ଗଲା ଜାନୁଆରୀ ମାସ ୧୬ ଓ ୧୮ ତାରିଖରେ, ଧନୁ ୧୩୪୭, ନବଭାରତ)

Digitized by PPRACHIN, SOA

ହିମାଳୟର ସବା ବଡ଼ ଶୃଙ୍ଗ ୨୯୦୦୧ ଫୁଟ ଉଚ୍ଚ । ଆମେ ବିଶ୍ୱାସ କରୁ । ଏହି ବିଶ୍ୱାସ ବା ଶ୍ରଦ୍ଧା ଜନ୍ମାଇବାକୁ ହେବ । ଶାସ୍ତ୍ର ଜ୍ଞାନ ଗ୍ରହଣ କରିବା ପାଇଁ ଶିଷ୍ୟ ପ୍ରସ୍ତୁତ ହୋଇପାରିବା ଭଳି କଥା କହିଲେ ଏକା ତା'ର ସେ ଶ୍ରଦ୍ଧା ଆସିବ । ଶ୍ରଦ୍ଧା ନ ଥିଲେ ବା ନ ଜନ୍ମିଲେ, ଜ୍ଞାନ ଦେଲେ ମଧ୍ୟ ତାହା ଯଥାର୍ଥରେ ଗୃହୀତ ହୁଏ ନାଇ । ଏତିକି କେବଳ ମୋର ଭୟ, ଏ ସମସ୍ତ ଶାସ୍ତ୍ର ବାଣୀର ପୁଷ୍କଳ ନିଃସ୍ୱନ ମଧ୍ୟରେ ଶ୍ରୋତୃ-ମଣ୍ଡଳୀର ସେଇ ଶ୍ରଦ୍ଧାର ପ୍ରତୀକ୍ଷା ଜନ୍ମିଚି କି ନାଇ ।

ଆଉ ଜଣେ ପଣ୍ଡିତ ମହାଶୟ ଏଇ ପ୍ରସଙ୍ଗ ଧରି କହିଚନ୍ତି, ଶମ, ଦମ, ତିତିକ୍ଷା, ଉପରତି ପ୍ରଭୃତି ସାଧନମାନଙ୍କ ବିନା କେହି ଜ୍ଞାନ ପାଇବାରେ ଅଧିକାରୀ ହୁଏ ନାଇ । ଅତଏବ ଏହି ସବୁ ସାଧନ ବିରହିତ ଶିଷ୍ୟ ଜିଜ୍ଞାସା କରିବାକୁ ପାତ୍ର ନୁହେ । ଏକଥା କହିଲାବେଳେ ବୁଝିବାର ଅଛି— ଏ ସବୁ ସାଧନା ଓ ସିଦ୍ଧି କେବଳ ଶିଷ୍ୟ ପ୍ରତି ଲକ୍ଷ୍ୟ କରି କୁହା ଯାଇ ନାଇ । ଯେଉଁ ଗୁରୁ ଏ ସବୁ ସାଧନଜନିତ ଅଧିକାର ଶିଷ୍ୟଠାରୁ ଅପେକ୍ଷାକରନ୍ତି, ସେ ନିଜେ ସେ ସବୁ ସାଧନା ପଥରେ କିପରି ପଥିକ ଓ କି ପରିମାଣରେ ସିଦ୍ଧ ତାହା ମଧ୍ୟ ଦେଖିବାରଅଛି । ଶିଷ୍ୟର ଅହଂକାର ଶ୍ରଦ୍ଧାରେ ଘୋର ପ୍ରତିବନ୍ଧକ, ସନ୍ଦେହ ନାଇ । ମାତ୍ର ଗୁରୁର ଅଭିମାନ ଭିତରେ ଯଥାର୍ଥ ଅନୁକମ୍ପା ପ୍ରକାଶ ନ ପାଇଲେ ସହଜ ଶ୍ରଦ୍ଧା ମଧ୍ୟ ସ୍ଥିତି-ଭ୍ରଷ୍ଟ ହୁଏ । ଶିଷ୍ୟ ଶ୍ରଦ୍ଧା ଘେନି ଆସିଲେ ମଧ୍ୟ ଧକ୍କା ପାଇ ଦୂରରେ ରହେ ।

ଏ ସଭାକୁ ଯେଉଁମାନେ ଆସିଚନ୍ତି, ସେମାନଙ୍କର ଏକ ପ୍ରକାର ସମୂହ ଶ୍ରଦ୍ଧା ଅଛି । ସେପରି କିଛି ଶ୍ରଦ୍ଧାଜନିତ ପ୍ରତୀକ୍ଷା ନ ଥିଲେ ସେମାନେ ସବୁ କାମ ଛାଡ଼ି ଆସି ଥାଆନ୍ତେ କାହିଁକି ? ସେ ପ୍ରତୀକ୍ଷାର ଯଥାଯଥ କଳନା କରି ସେହି ଶ୍ରଦ୍ଧାନୁରୂପ ବିଷୟର ଅବତାରଣାରେ ବକ୍ତାଙ୍କର ଶିକ୍ଷକତ୍ୱ ଓ ଶ୍ରୋତାଙ୍କର ଶିଷ୍ୟତ୍ୱ ସାମଞ୍ଜସ୍ୟରେ ଫୁଟାଇବାକୁ ହେବ । ଯାହା ଏମାନେ ଶୁଣିବେ ଓ ଶୁଣି ବୁଝିବେ ତାହା ସାଧାରଣ କଳନାରେ ଆଣି କଥା କହିବାକୁ ହେବ । ତେଣୁ ମୁଁ ସେହିପରି ସରଳ ଭାବରେ ଅଦ୍ୱୈତବାଦ ସମ୍ବନ୍ଧରେ ଦୁଇ ଚାରି କଥା କହିବି ।

ଏହି ସଭାରେ ପଣ୍ଡିତ ମହାଶୟମାନେ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ହୁଏତ ଗଙ୍ଗେଶ-ରଘୁନାଥ ଶୈଳୀଗତ ତାର୍କିକତାରେ ଧୁରନ୍ଧର । ତାଙ୍କୁ କହିବା ନିମନ୍ତେ ମୋ ଭଳି ଲୋକର କିଛି ନାଇ । ମୋର ଅଦ୍ୱୈତବାଦ ସମ୍ବନ୍ଧୀୟ କଥା ହୁଏତ ତାଙ୍କ ପାଖେ ବାଳଭାଷିତ । 'ବାଳ' ବୋଇଲେ ସଂସ୍କୃତରେ ଏକା ବାଳକ ନୁହେ, ଏହାର ଶାସ୍ତ୍ରୀୟ ଅର୍ଥ ପୁଣି 'ନିର୍ବୋଧ' ।

ଅଦ୍ୱୈତବାଦ ସମ୍ବନ୍ଧରେ ସେପରି ବାଳ ଏ ସଭାରେ ବହୁତ ଅଛନ୍ତି । ଏଡ଼େ ବଡ଼ ଗଭୀର ବିଷୟରେ ମୁଁ ସେହିମାନଙ୍କ ଅଧିକାରକୁ ଲକ୍ଷ୍ୟ କରି ମୋର ପାରୁ ପର୍ଯ୍ୟନ୍ତ ସେହିମାନଙ୍କ ଶ୍ରଦ୍ଧା ଆକର୍ଷଣ କରିବାକୁ ଚେଷ୍ଟା କରିବି । ତାହାଛଡ଼ା ମୋର ଅନ୍ୟ ଉପାୟ ନାଇ । ପଣ୍ଡିତ ମହାଶୟମାନଙ୍କ ଶ୍ରଦ୍ଧା ଆକର୍ଷଣ କରିବା ଅଭିମାନ ମୋର ନାଇ । ତଥାପି

Digitized by PPRACHIN, SOA

ସେମାନଙ୍କ ସମକ୍ଷରେ ମୋତେ ନିଜର ବାଳ ଭାଷଣରେ ଅଦ୍ୱୈତବାଦର ଆଲୋଚନା କରିବାକୁ ହେଉଚି । ଏଥିରେ ମୋର ସଂକୋଚ ନାଇ । ଏହା ମୋର ବରଂ ଭାଗ୍ୟର କଥା ।

ଅଦ୍ୱୈତ କଥାଟିର ଅର୍ଥ ''ଏକ'' ବା ''ଅଭିନ୍ନ''– ଯହିଁରେ ଦୁଇଟାର ଧାରଣା ନାଇ । ଜନ୍ମବେଳୁ ଶିଶୁର ଧାରଣା ଅଦ୍ୱୈତ । ପ୍ରଥମେ ଶିଶୁଟି ତଳେ ପଡ଼େ, ପଡ଼ିଲା ମାତ୍ରେ ଏହି ଅଦ୍ୱୈତ ଧାରଣାରେ ଧକ୍କା ବାଜିବା ଆରମ୍ଭ ହୁଏ । ପାଦରେ ସେ ପୃଥିବୀରେ ଆଘାତ କରେ । ପୃଥିବୀ ବଳିଷ୍ଠ ଧକ୍କା ଦିଏ । ଶିଶୁ ସହିପାରେ ନାଇ । ତା'ର ଦ୍ୱୈତ ଭାବ ଜାଗ୍ରତ ହୁଏ । ସେ ଜାଣେ ମୁଁ ଅଲଗା, ମାଟି ଅଲଗା, କ୍ରମେ କିନ୍ତୁ ଅଭ୍ୟାସରେ ଆଘାତ ସହିଯାଏ । ପୃଥିବୀ ଯେପରିକି ତା'ର ପାଦବାଟେ ତା ଭିତରେ ପଶିଯାଏ । ପୃଥିବୀ ସଙ୍ଗେ ଏକ ହୋଇ ସେ କ୍ରମେ ଚଲାଫେରା କରେ, ସେହିପରି ଆଲୋକ ଆଡ଼କୁ ଆଖି ପକାଇ ଦିଏ । ଆଖି ଝଲସିଯାଏ । ସେ ଆଖି ବୁଜିଦିଏ । ଏହି ଦ୍ୱୈତ ଭାବ ପୁଣି ଅଦ୍ୱୈତରେ ପରିଣତ ହୁଏ । ଆଲୋକ ସଙ୍ଗେ ମିଶି ତାହାର ଚକ୍ଷୁ ଯେପରିକି ଏକହୋଇଯାଏ । ଉପନିଷଦ୍ ଏହି କଥାକୁ ବର୍ଣ୍ଣନା କରି କହିଛନ୍ତି, ଜଗତର ସୂର୍ଯ୍ୟ, ବାୟୁ ପୃଥିବୀ ପ୍ରଭୃତି ଭୂତମାନେ ଦେହରେ ପଶି ପ୍ରାଣୀକୁ ପ୍ରାଣବନ୍ତ କରନ୍ତି । ଦ୍ୱୈତ ଅଦ୍ୱୈତ ଏ ଗୋଟିଏ ପ୍ରକାର ସାଂକେତିକ ସମାଧାନ ।

କିନ୍ତୁ ବିଶଦ କରି କଥାଟି କହିଲେ, କୁହାଯିବ, ଏହି ଅଦ୍ୱୈତବାଦରେ ଆତ୍ମତତ୍ତ୍ୱ ଆଲୋଚନା କରାଯାଏ । ଏହି ଆତ୍ମାଟି କ'ଣ ? ଏହି ଆତ୍ମାର ଖୁବ୍ ଜାଣି ପାରିବା ଭଳି ସଂକେତ ହେଉଚି, ମାନବର ''ବ୍ୟକ୍ତିତ୍ୱ'' ବା 'ମୁଁ-'ଭାବ । ଏହାକୁ ହିଁ ଦାର୍ଶନିକ ଭାଷାରେ ''ପୁରୁଷ'' କହନ୍ତି । ପୁରୁଷର ଆକ୍ଷରିକ ଅର୍ଥ, ପୁରରେ ଯେ ଶୋଇଚି । ଏ ଶରୀର ଏକ ନବଦ୍ୱାର ପୁର । ଚକ୍ଷୁ, କର୍ଣ୍ଣ ପ୍ରଭୃତି ୯ଟି ଏହି ପୁରର ଦ୍ୱାର । ଏହା ଭିତରେ ଶୋଇଚି ବୋଲି ଏହି ଆତ୍ମାକୁ ପୁରୁଷ ବୋଲି କଳ୍ପନା କରାଯାଏ । ଆମେ ଯେପରିକି ବୁଝୁ ''ମୁଁ'' ଟା ଯେପରି କି ଏହି ଦେହ ଭିତରେ ଲୁଚି କରି ଅଛି । କିନ୍ତୁ ଯଥାର୍ଥରେ ଟିକିଏ ଚିନ୍ତା କରି ଦେଖିଲେ ତାହା ନୁହେ । ମୋର ହାତ, ମୋର ଗୋଡ଼, ମୋର ଚିନ୍ତା, ମୋର ସ୍ମୃତି, ଏପରିକି ମୋର ଘର, ମୋର ରାଜ୍ୟ, ମୋର କୁଟୁମ୍ବ, ମୋର ସମାଜ– ଏ ସବୁଥିରେ 'ମୁଁ' ଅଛି । କିନ୍ତୁ ଯଥାର୍ଥରେ ଏ 'ମୁଁ' କେଉଁଠାରେ ଅଛି ? କିପରି ବା ଅଛି ? ଏ 'ମୁଁ' ସେମାନଙ୍କ ଭିତରେ ଗୋଟିଏ ବସ୍ତୁ ଲୁଚି ରହିଥିଲା ପରି ରହି ନାଇ, କିମ୍ବା ଏହା ଟିକିଏ ଟିକିଏ ବାଣ୍ଟି ହୋଇ ହାତ, ଗୋଡ଼, ଘର, ସମାଜ, ସବୁଥିରେ ନାଇ । କିନ୍ତୁ ତଥାପି ଏ ସବୁଥିରେ ନାହିଁ ବୋଲି ବା କହିବା କିପରି ? ସେ ''ମୁଁ'' ଟି ନଥିଲେ ଏ ସମସ୍ତର ଅର୍ଥ ନାଇ । 'ମୁଁ ନଥିଲେ ମୋର ହାତ ବା ମୋର ଘର ଏ କଥାଟିମାନଙ୍କର ଅର୍ଥ କ'ଣ ? 'ମୁଁ' ନାଇ ବୋଲି କହିହେବ ନାଇ । ସେ ଅଛି । ନିଶ୍ଚୟ ଅଛି । କିନ୍ତୁ ଆମେ ଜାଣିବା ଭଳି ଏହିପରି, ଏଡ଼ିକି ବା ଏହିଠାରେ ବୋଲି କହି ହେବାଭଳି ଜିନିଷ ଏ 'ମୁଁ' ନୁହେ ।

Digitized by PPRACHIN, SOA

ଏହି 'ମୁଁ'କୁ ଆମେ ଅନୁଭବ କରୁଛୁ, କିନ୍ତୁ ଜାଣୁନାହୁଁ । ଯଦି କହ ଏ 'ମୁଁ'କୁ ମୁଁ ଜାଣୁଚି, ତେବେ କିଏ କାହାକୁ ଜାଣୁଚି ? ଏହିପରି ଯେତେବେଳେ କହିବ, ଏହି 'ମୁଁ' କୁ ମୁଁ ଜାଣୁଚି, ସେତେବେଳେ ଯେଉଁ 'ମୁଁ' ଜାଣୁଚି, ସେହି ଏକା ଯଥାର୍ଥ 'ମୁଁ' । ସେ ଜାଣି ହେବା ରାଜ୍ୟରେ ଆଉ ନାଇ । ଯେତେ କହୁଥିବ ମୁଁ ଜାଣୁଚି— 'ମୁଁ'ଟି ସେତେ ସେତେ ଉପରକୁ ଉପରକୁ ଉଠିଲା ପରି ଅଜ୍ଞାତ ଭୂମିକୁ ଚାଲି ଯାଉଚି । ଏଠାରେ ଅବଶ୍ୟ ରାଜ୍ୟ, ଭୂମି, ଉପର, ଏହି ସବୁ କଥା ସାଦୃଶ୍ୟରେ ବୁଝିବା ପାଇଁ ବ୍ୟବହାର କରାଯାଇଚି । ମାତ୍ର ଯଥାର୍ଥରେ ଯଦିଓ ଏ 'ମୁଁ' ନିଶ୍ଚୟ ଅଛି, ତଥାପି ଏହା କୌଣସି ରାଜ୍ୟ, ଭୂମି, ପୂର୍ବ, ପର, ବା ଉପର ତଳ ବୋଲି କହିବା ଭଳି ସ୍ଥାନ ବା କାଳରେ ନାଇ । 'ମୁଁ' ଏହିଠାରେ ବସି, ହିମାଳୟଠାରୁ କୁମାରିକା ଯାଏ, ବୈଦିକ କାଳରୁ ଇଂରେଜ ଅମଳ ଯାଏ ସବୁ ମୁହୂର୍ତ୍ତକେ ଏହି 'ମୁଁ' ଭିତରେ ଭର୍ତ୍ତି କରିଦେଉଚି । ମାତ୍ର ଏ 'ମୁଁ' କୌଣସି ଦେଶ ବା କାଳରେ ଆବଦ୍ଧ ବା କଳ୍ପନୀୟ ନୁହେ । ଯାହା ମୁଁ ଜାଣୁଛି ବା ଯାହା ଜ୍ଞାନଲଭ୍ୟ, ସେ ସବୁ ଶାରୀରିକ ଓ ମାନସିକ କର୍ମ, ଅର୍ଥାତ୍, ଶାସ୍ତ୍ର ଭାଷାରେ 'ଭୂତ-ଭୂବ' । ଏ ସବୁ ଏକ ଆଡ଼େ । ସେ ସମସ୍ତେ 'ଜ୍ଞେୟ' ବା ଜ୍ଞାନଗମ୍ୟ । ଅନ୍ୟ ଆଡ଼େ 'ଏକା' ମୁଁ । ସେ ହେଉଚି 'ଜ୍ଞ' ବା 'ଜ୍ଞାତା' । ଶଙ୍କରଙ୍କ ଭାଷାରେ ଭାଷାରେ ଏହା 'ଅସ୍ମତ୍-ଯୁସ୍ମତ୍' । ଏ ଦୁହେଁ 'ତମଃ ପ୍ରକାଶବତ୍' ବା ଅନ୍ଧାର ଆଲୁଅ ପରି ପରସ୍ପର ବିରୁଦ୍ଧ-ସ୍ୱଭାବର । 'ଜ୍ଞ' 'ଜ୍ଞେୟ' ହୋଇ ନ ପାରେ; କିମ୍ବା 'ଜ୍ଞେୟ' 'ଜ୍ଞ' ହୋଇ ନ ପାରେ । ଗୋଟିଏ ଜାଣେ; ଗୋଟିଏ ଜଣାଯାଏ । ଏ ଦୁହେଁ ପରସ୍ପର ବିରୋଧୀ । ତଥାପି ଏ ବିରୋଧ ସତ୍ତ୍ୱେ, ଦେହ ବା ଭୂତ-ଭାବ ଛଡ଼ା 'ମୁଁ' ନାଇ, ଅର୍ଥାତ୍, 'ମୁଁ' ଅଛି ବୋଲି କହିବାର କିଛି ନାଇ । ସେଇପରି ମୁଁ ନ ଥିଲେ, ଦେହ ବା ଭୂତ-ଭାବ ଅଛି ବୋଲି କୁହାଯାଇ ନ ପାରେ । ଦେହ ବା ଭୂତ-ଭାବ ବୋଲି ଯାହା ଅଛି, ତା ଏକାନ୍ତ ପ୍ରତ୍ୟକ୍ଷ ବସ୍ତୁ, ତା ନାଇ, ନୁହେଁ । ମାତ୍ର ତା ମୋର ଜ୍ଞାନ ବା କର୍ମରେ ମାତ୍ର ଅଛି । ତା ଛଡ଼ା ସେ ସବୁ ଅଛି ବୋଲି କହିବାର ଉପାୟ ନାଇ । ଅତଏବ, ଏପରି ପରସ୍ପର ବିରୁଦ୍ଧ ସ୍ୱଭାବର ଏ ଦୁଇଟି ବସ୍ତୁ ବା ତତ୍ତ୍ୱ କେହି କାହାରିଠାରୁ ଭିନ୍ନ ନୁହନ୍ତି । ଯୁକ୍ତି ହିସାବରେ ହଠାତ୍ ଅଦ୍ଭୁତ ଲାଗିଲେ ହେଁ ଏହା ସତ୍ୟ— ନିରାଟ ସତ୍ୟ । ଗୋଟିଏ ଭାବରେ ଦେଖିଲେ, ଏହା 'ମୁଁ 'ଜ୍ଞ' ବା ଆତ୍ମା; ଅନ୍ୟ ଭାବରେ ଦେଖିଲେ, ଏହା ଦେହ, ପ୍ରକୃତି ବା ଗୁଣ-କର୍ମ । ଏଇ ପ୍ରକାରଟିମାନଙ୍କରେ ଏକାନ୍ତ ଦୃଷ୍ଟି ଦେବାରୁ ଦଳେ ଆତ୍ମିକ ଦର୍ଶନବାଦୀ କହନ୍ତି କେବଳ ଆତ୍ମାହିଁ ଅଛି, ଦେହାଦି ନାଇ । ଦେହାଦି ଅଛି ବୋଲି ଜଣାପଡ଼ିଲେ ହେଁ, ଏହା ପାଳନ୍ଦଉଡ଼ିଟା ନାଗ ସାପ ପରି ଲାଗିଲା ଭଳି ଏକ ମହାଭ୍ରମ । ଦେହାଦି ମିଥ୍ୟା ମାୟା । ଅନ୍ୟଥା ଦଳେ ଭୌତିକ ଦର୍ଶନବାଦୀ ପୁଣି କହନ୍ତି, ପ୍ରତ୍ୟକ୍ଷ ଦେହାଦି ହିଁ ସବୁ, ଆତ୍ମା ଏଇ ଦେହାଦିର ଏକ ଗୁଣ । ଚୂନ ହଳଦୀରୁ ରଙ୍ଗ ବାହାରିଲା ପରି, ଏହା ଦେହାଦିର କୌଣସି ସମ୍ବନ୍ଧରୁ ବାହାରିପଡ଼େ । ଏହାର ବସ୍ତୁତ୍ୱ ନାଇ । ଏଇ ଆତ୍ମାରେ ବସ୍ତୁତ୍ୱ ଦେବା ଏକ ଭ୍ରମ ।

Digitized by PPRACHIN, SOA

କିନ୍ତୁ ଅନୁଭବରେ କୌଣସିଟି ମିଥ୍ୟା ନୁହେ । 'ମୁଁ' ଅଛି; ଦେହ, ପ୍ରକୃତି, ବା ଗୁଣ-କର୍ମ ମଧ୍ୟ ଅଛି । ଦୁଇଟିଯାକ ସତ୍ୟ; ପୁଣି ଗୋଟିକୁ ଛାଡ଼ିଦେଲେ ବା ମିଥ୍ୟା କରିଦେଲେ ଅନ୍ୟଟି ଅଛି ବୋଲି କହିବାର କିଛି ନାଇ । ପ୍ରତୀତିରେ ଦୁହେଁ ଦୁହିଁଙ୍କର ବିରୋଧୀ ହେଲେହେଁ ପୁଣି ଦୁହେଁ ଦୁହିଁଙ୍କ ଅପେକ୍ଷାରେ ଆତ୍ମ ପ୍ରକାଶ କରନ୍ତି । ସେ ଅପେକ୍ଷା ଛଡ଼ା ସେମାନଙ୍କର ପ୍ରକାଶ ନାଇ, କି ପ୍ରକାଶର କୌଣସି ସଙ୍କେତ ନାଇ । ଗୋଟିକୁ ଭ୍ରମ ବୋଲି କହି ଦେବାରେ ମଧ୍ୟ, ଜ୍ଞାନ ବା ପ୍ରତୀତିରେ ତା' ପ୍ରତି ଯେ ଅପେକ୍ଷା ରହିଚି, ତା'ର ନିରାକରଣ ହେଉ ନାଇ ।

ତଥାପି ଆତ୍ମା ଓ ପ୍ରକୃତି, ବା ଗୁଣ-କର୍ମ— ଏ ଦୁଇଟିର ସ୍ୱଭାବଗତ ବିରୋଧ ସ୍ପଷ୍ଟ । ଗୁଣ-କର୍ମ କହିଲେ, ଜ୍ଞାନଲଭ୍ୟ ବସ୍ତୁମାନଙ୍କର ଉତ୍ତମ, ମଧ୍ୟମ, ଅଧମ ଗୁଣମାନଙ୍କ ମିଶ୍ରଣରେ ଏକ ଅନନ୍ତ ପ୍ରକାଶର ପ୍ରବାହ ବା ପରମ୍ପରା ତାହାହିଁ ଆମ ଜ୍ଞାନର ଜଗତ୍ । ଏଇ ଉତ୍ତମ, ମଧ୍ୟମ, ଅଧମ ଗୁଣକୁ ଯଥାକ୍ରମେ ସତ୍ତ୍ୱ, ରଜ, ତମ ବୋଲି କହନ୍ତି । ଧଳା, ରଙ୍ଗ, କଳା; ବାୟବୀୟ, ତରଳ, ଘନ ପ୍ରଭୃତି ନାନା ଭାବରେ ଜ୍ଞାନର ଜଗତରେ ଏଇ ଗୁଣମାନଙ୍କର ଉଦାହରଣ ଦିଆଯାଇପାରେ । ବୁଝିବାର ଅଛି ଜ୍ଞାନର ଜଗତ୍ ବା ବିଶ୍ୱ-ପ୍ରକୃତିରେ ଏଇ ଗୁଣମାନଙ୍କର ମିଶ୍ରଣରେ ଦେଶ କାଳରେ ପରିଣାମ ପ୍ରବାହ ଅବିରତ ଚାଲିଚି । କୌଣସି ଜ୍ଞାନ ଲବ୍ଧ ବସ୍ତୁ ଏ କ୍ଷଣରେ ଯା ଅଛି, ପରକ୍ଷଣରେ ତା ନାଇ । ଦେଶ କାଳରେ ଏଇ ପରିଣାମ, ପରିବର୍ତ୍ତନ ବା ବିକାର ଅନନ୍ତ ଧାରାରେ ବରାବର ଚାଲିଚି । ପକ୍ଷାନ୍ତରେ ଆତ୍ମାର ଏପରି ପରିଣାମ ବା ବିକାର ଅଛି ବୋଲି କହିବା ଅସମ୍ଭବ । ଦେଶ ବା କାଳ ସଙ୍ଗେ ଆତ୍ମବସ୍ତୁର ସମ୍ବନ୍ଧ ନାଇ । ଆଜିର ଆତ୍ମା କାଲିର ଆତ୍ମାଠାରୁ ଭିନ୍ନ ନୁହେ, କିମ୍ବା ଆତ୍ମାର ଭାଗ ଅଂଶ ଏପାଖ ସେପାଖ, ଉପର ତଳ— କିଛି ନାଇ ।

ଜ୍ଞାନ ମାତ୍ରେ କ୍ଷଣିକ ବିକାରମୟ ବା ପରିବର୍ତ୍ତନଶୀଳ । ଜ୍ଞାନଲଭ୍ୟ ଜଗତ୍ ଏହା ଛଡ଼ା ଆଉ କିଛି ନୁହେ । 'ଜ୍ଞେୟ'ର ଏହାହିଁ ସ୍ୱଭାବ । କିନ୍ତୁ ଆମ ଜ୍ଞାନର ପୀଠ ଯେଉଁ 'ମୁଁ' ବା ପୁରୁଷ ତାହା ସମ୍ବନ୍ଧରେ ଏପରି ଜ୍ଞାନ ଅସମ୍ଭବ । ବାକ୍ୟ ଓ ମନରେ ଜ୍ଞାନ ପ୍ରକାଶ ପାଏ । ସମସ୍ତ ଜ୍ଞେୟ ବସ୍ତୁକୁ ଆମେ ମନର ଚିନ୍ତା ତଥା ବାକ୍ୟର ଭାଷାରେ ବର୍ଣ୍ଣନା କରୁ । ମାତ୍ର 'ଜ୍ଞ' ବା ପୁରୁଷଠାରେ ଏପରି ଚିନ୍ତା ବା ବାକ୍ୟର ଗତି ଚଳେ ନାଇ; ତେଣୁ ତାକୁ କହନ୍ତି— 'ଅବାଙ୍‌ମନସଗୋଚର' । ଉପନିଷଦ କହନ୍ତି— "ଯତୋ ବାଚା ନିବର୍ତ୍ତଂତେ ଅପ୍ରାପ୍ୟ ମନସା ସହ ।" (ମନ ଓ ବାକ୍ୟ ନ ପାଇ ଯେଉଁଠାରୁ ଫେରନ୍ତି)

'ମୁଁ' ବା ନିଜ ବ୍ୟକ୍ତିତ୍ୱ ସମ୍ପର୍କରେ ଏ ସବୁ ବୁଝାଗଲା । ନିଜ ଭିତର ଓ ବାହାର ମାତ୍ର ଏଥିରେ ସ୍ପଷ୍ଟ ବିଚାରରେ ଆସିଲା । କିନ୍ତୁ ବାହାରର ବିଶ୍ୱ କେବଳ ଜ୍ଞାନରେ ତିଆରି ନୁହେ । ଏହା ଜ୍ଞାନର ବସ୍ତୁ— ଏହା ଜ୍ଞେୟ ବସ୍ତୁ । ପ୍ରତୀତିରେ ନିଜଠାରୁ ବିଶ୍ୱ ଭିନ୍ନ । ଏଠାରେ ମଧ୍ୟ ଦ୍ୱୈତ । ସୂର୍ଯ୍ୟ, ବାୟୁ, ଜଳ, ପୃଥିବୀ ପ୍ରଭୃତି ଭୂତମାନଙ୍କଠାରୁ 'ମୁଁ'

Digitized by PPRACHIN, SOA

ଭିନ୍ନ । ମୋର ଏମାନଙ୍କ ସଙ୍ଗେ ସମ୍ପର୍କ ଓ ଆଦାନ ପ୍ରଦାନ । ତଥାପି ଏ ସମସ୍ତେ ବା ଏମାନଙ୍କ ଭିତରୁ କେହି ମୋର ଶରୀର ବା ଇନ୍ଦ୍ରିୟମାନଙ୍କ ସଙ୍ଗେ ଏକ ନୁହନ୍ତି । ତେବେ ମୋଠାରୁ ଭିନ୍ନ ଏହି ବିଶ୍ୱ-ପ୍ରକୃତିକୁ ଦେଖାଯାଉ । ଧର, ଗୋଟିଏ ବରପତ୍ର, ତୁମେ ଆଜି ହିମାଳୟ ତଳେ ଦେଖିଥିଲ । କେତେ ଦିନ ବା କେତେ ବର୍ଷ ପରେ ପୁଣି ଗୋଟିଏ ବରପତ୍ର ହୁଏତ କୁମାରିକାଠାରେ ଦେଖିଲ । ହଠାତ୍ ଚିହ୍ନିଲ ଏ ଗୋଟିଏ ବରପତ୍ର । ଦୁଇଟି ପତ୍ର ଏକ ନୁହେ । ଦୁହେଁ ମଧ୍ୟ ଭିନ୍ନ କାଳ ଓ ଭିନ୍ନ ସ୍ଥାନରେ ଅଛନ୍ତି । କ'ଣ ଦେଖି ବରପତ୍ରଟିକୁ ବରପତ୍ର ବୋଲି ବୁଝିଲ, କହିପାରିବ କି ? ଯାହା ଜାଣି ବୁଝିଲ, ତାହା ବରପତ୍ରତ୍ୱ । ତାକୁ ଚିନ୍ତା ବା ବାକ୍ୟରେ ବର୍ଣ୍ଣନା କରିବାର ଉପାୟ ନାଇ । ପତ୍ରରୁ ଖଣ୍ଡେ ଛିଣ୍ଡିଗଲେ, ବରପତ୍ରର ସେ ବରପତ୍ରତ୍ୱ ଖଣ୍ଡିଆ ହେଲା ନାଇ । ସେହିପରି ଗ୍ଲାସ, ଟେବୁଲ, ଘୋଡ଼ା, ହାତୀ, ଘର, ମନୁଷ୍ୟ, କାନ୍ଥ, ଲୁଗା ଯେ ବସ୍ତୁ ଚିନ୍ତା କର, ଅର୍ଥାତ୍ ଯାହାର ନାମ ଅଛି, ତାହାର ସେ ନାମଟିର ଅର୍ଥ କ'ଣ ? ସେଉଟି ସେହି ବସ୍ତୁର 'ତ୍ୱ' ବା ତତ୍ତ୍ୱ । ବସ୍ତୁଟି ଖଣ୍ଡିଆ ହେଲେ, ବଙ୍କା ହେଲେ, ଅସୁନ୍ଦର ବା ସୁନ୍ଦର ହେଲେ, ସେ ତତ୍ତ୍ୱ ଖଣ୍ଡିଆ, ବଙ୍କା, ସୁନ୍ଦର ବା ଅସୁନ୍ଦର ହୁଏ ନାଇ । ବସ୍ତୁଟିର ଅନନ୍ତ ପରିବର୍ତ୍ତନ ମଧ୍ୟରେ ତତ୍ତ୍ୱଟି ତତ୍ତ୍ୱ, ସେ ତତ୍ତ୍ୱଟିକୁ ମଧ୍ୟ ଏଡ଼ିକି ବା ଏପରି ବୋଲି କହି ହେବ ନାଇ ।

ନାମର ଏହି ଅର୍ଥ ଘେନି ପୃଥିବୀରେ ବହୁ ଚିନ୍ତା ଫୁଟିଚି । କିନ୍ତୁ ଅତି ପ୍ରାଚୀନ କାଳରୁ ଏହି ଦେଶରେ ଏହି ନାମ ମାତ୍ରହିଁ ବସ୍ତୁର ବସ୍ତୁତ୍ୱ ରୂପେ ଧରାଯାଉଥିଲା । କୁହାଯାଉଥିଲା, ବସ୍ତୁତ୍ୱ ବୋଲି କିଛି ନାଇ । ସବୁ ଶୂନ୍ୟରୁ ବାହାରୁଚି ଓ ଭୂତ ବା କର୍ମମାନଙ୍କର ବନ୍ଧନ ଛିଣ୍ଡିଗଲେ ସବୁ ପୁଣି ଶୂନ୍ୟ । ନାମ ମାତ୍ରରେ ବ୍ୟକ୍ତିର ପ୍ରକାଶ । ନାମ ମଧ୍ୟ ଶୂନ୍ୟ । ପ୍ରାଚୀନ ତଥ୍ୟ କଥା ଏଠାରେ ବିଶେଷ ବୁଝାଇବା ଦରକାର ନାଇ । ଏହି ଶୂନ୍ୟବାଦର ଶେଷ ଐତିହାସିକ ପ୍ରତିପାଦକ ଓ ପ୍ରଚାରକ ଏ ଦେଶରେ ସିଦ୍ଧାର୍ଥ ବୁଦ୍ଧ । ଇଉରୋପର ମଧ୍ୟ ଯୁଗରେ ଖ୍ରୀଷ୍ଟିଆନ ଦାର୍ଶନିକମାନେ ଏହି ନାମତତ୍ତ୍ୱ ଘେନି ବହୁତ ତର୍କଶାସ୍ତ୍ର ଫୁଟାଇଥିଲେ । ସେ ବିଷୟରେ ବିରାଟ ଗ୍ରନ୍ଥମାନ ଲେଖା ହୋଇ ଇଉରୋପର ମଠମାନ ସେଥିରେ ପୂର୍ଣ୍ଣ ହୋଇଯାଇଥିଲା । ଏହାକୁ ଆମ ଦେଶର ନବ୍ୟ ନ୍ୟାୟ ସଙ୍ଗେ ବହୁ ପରିମାଣରେ ତୁଳନା କରାଯାଇପାରେ । ଏଥିରେ ତିନୋଟି ମତ ଘେନି ବହୁ ବାଦାନୁବାଦ ଚଳିଥିଲା । କେହି କହୁଥିଲେ, ନାମଟି କେବଳ 'ନାମ'– ନାମ ଛଡ଼ା ଆଉ ସେଥିରେ କିଛି ସତ୍ତା ବା ତତ୍ତ୍ୱ ନାଇ । ପୁଣି କେହି କହୁଥିଲେ, ଏ ନାମଟି ଗୋଟିଏ ସ୍ପଷ୍ଟ ଓ ସ୍ୱତନ୍ତ୍ର ମନୋଭାବ– (Idea)– ଏହା ସୃଷ୍ଟି ବେଳେ ଈଶ୍ୱର ଦିଅନ୍ତି । ପୁଣି କେହି କହୁଥିଲେ ଏହା ସୃଷ୍ଟିରେ ଗୋଟିଏ ଯଥାର୍ଥ ବସ୍ତୁ । ଏ ତିନୋଟିଯାକ କଥା ସତ୍ୟ । ତିନି ଦିଗରୁ ଏହା ଏକ ଜିନିଷକୁ ଦେଖିବା କଥା । ଏହି ତତ୍ତ୍ୱଟି ଗୋଟିଏ ସତ୍ତା ବା ବସ୍ତୁ; ମନର ଭାବରେ ଏହାର ସଂକେତ ଓ ନାମରେ ଏହାର ପ୍ରକାଶ ।

ଆମ ବୁଝିବାପାଇଁ ଏହା ବସ୍ତୁର ବସ୍ତୁତ୍ୱ । ନାମ ଏହା ପାଇଁ ବସିଲେ ମଧ୍ୟ ନାମରେ ଏହାର ଯଥାର୍ଥ ପ୍ରକାଶ ନୁହେ । 'ଓଁ' ଏହି ନାମରେ ବ୍ରହ୍ମ ବସ୍ତୁକୁ ଆମେ କହୁଁ; ବୈଦିକମାନେ

Digitized by PPRACHIN, SOA

କହନ୍ତି । ଉପନିଷଦ୍ ସେଥିପାଇଁ ବହୁ ବ୍ୟାଖ୍ୟା ମଧ୍ୟ ଦେଇଛନ୍ତି । କିନ୍ତୁ 'ଓଁ' ବ୍ରହ୍ମର ପ୍ରକାଶ ନୁହେ– ଏହା ନାମ ମାତ୍ର ।

ନାମର ସଂକେତ ବୁଝିବା ପାଇଁ ଏହି 'ଓଁ' କଥାଟି କିପରି ବାହାରିଲା ତାହା ଉଦାହରଣରେ ଦେଖାଯାଇପାରେ । କୌଣସି ଲୋକକୁ ଡାକିଲେ ସେ ଏବେ ନିଜର ଅସ୍ତିତ୍ୱ ଜଣାଇ ଉତ୍ତର ଦିଏ 'ଓ' । ଏହି 'ଓ' ବୈଦିକ କାଳରେ ଥିଲା 'ଓଁ' । ସେହି କାରଣରୁ ଏହା ହେଲା ପୁରୁଷ ଥିବାର ସଂକେତ ବା ପୁରୁଷର ନାମ । କୁହାଯାଇଚି ପୁରୁଷ କହିଲେ ବୁଝାଯାଏ, 'ଆତ୍ମା' ବା 'ମୁଁ' । ମୁଁ ବୋଲି ଆମେ ଯେଉଁ ବସ୍ତୁକୁ ଅନୁଭବ କରୁ ସଂକେତରେ ତାହା ନାମ ହେଲା 'ଓଁ' । ଏହି 'ଓଁ' ସଂଗେ ଆତ୍ମା ବା 'ମୁଁ'-ତ୍ୱର ଯେଉଁ ସମ୍ପର୍କ, ସମସ୍ତ ନାମ ସଂଗେ ସେହି ନାମ ସଂକେତରେ ପ୍ରକାଶ ପାଉଥିବା ବସ୍ତୁ ବା ତତ୍ତ୍ୱମାନଙ୍କର ସେହି ସମ୍ପର୍କ । ନାମ ବସ୍ତୁ ନୁହେ । ଏହା ଶୂନ୍ୟ ବୋଲି ବି କୁହାଯାଇ ନ ପାରେ । ଏହା ଏକ ସତ୍ତାର ସଂକେତ । ସତ୍ତାଟି କିନ୍ତୁ ଅଛି । ସେ ସତ୍ତାଟି ଅନ୍ୟଥା ଅବର୍ଣ୍ଣନୀୟ । ଦେଶ କାଳରେ ମାନବର ଚିନ୍ତା ଚାଲେ । ସେ ଦେଶ କାଳରେ ଏ ସତ୍ତାକୁ ଏହିପରି ଏଡ଼ିକି ବା ଏତିକି ବେଳର ବୋଲି କହି ହେବ ନାଇ । ଏହା ବାକ୍ୟ ମନରେ ଅପ୍ରକାଶ୍ୟ – ଅବାଙ୍ମନସଗୋଚର ।

ବୁଝାଗଲା ଯେଉଁଠାରେ ଗୋଟିଏ ନାମ ଅଛି, ସେଠାରେ ଗୋଟିଏ ସତ୍ତା ବା ତତ୍ତ୍ୱ ଅଛି । ପ୍ରତ୍ୟେକ ଉପଲବ୍‌ଧ ବା ଉପଲଭ୍ୟମାନ ବସ୍ତୁର ନାମ ଅଛି । ଜଗତରେ ନାମ ଅନନ୍ତ । ଏହା ଗଣି ହେବ ନାଇ । କିନ୍ତୁ ଅତି ବିଚିତ୍ର ଓ ଅବର୍ଣ୍ଣନୀୟ ଭାବରେ ସେହି ନାମମାନଙ୍କ ଭିତରେ ଏକ ବିରାଟ ଶୃଙ୍ଖଳା । ଧର, ଗଛ ଗୋଟିଏ ନାମ । ସେହି ଗଛ ସଂଗେ ସଂବଳିତ ଥିବା ଡାଳ, ପତ୍ର, ଫୁଲ, ଫଳ, ବକଳ, କ୍ଷୀର– ଏହିପରି ଅନନ୍ତ ନାମ କୁହାଯାଇପାରେ । ଏ ପ୍ରତ୍ୟେକ ନାମ ମଧ୍ୟ ଗୋଟିଏ ଗୋଟିଏ ତତ୍ତ୍ୱର ସଂକେତ । ଏ ସବୁ ନ ଥିଲେ ଗଛ ନାଇ । କିନ୍ତୁ ତଥାପି ଗଛ ନାମଟି ଏହି ସବୁ ନାମର ଗୋଟିଏ ଘାଣ୍ଟିଆ ବା ଖେଚେଡ଼ି ନୁହେ । ଗଛ ଗୋଟିଏ ସ୍ୱତନ୍ତ୍ର ବସ୍ତୁ ବା ତତ୍ତ୍ୱର ସଂକେତ । ଡାଳଟାଏ କାଟିଦେଲେ, ପତ୍ରଯାକ ପୋଡ଼ିଗଲେ ଇତ୍ୟାଦି ଯେ କୌଣସି ଅଙ୍ଗ ହାନିରେ ଗଛ-ବସ୍ତୁର ମଧ୍ୟ ଅଂଗ ହାନି ନାଇ । କାରଣ, ଗଛ ବୋଲି ଯେଉଁ ବସ୍ତୁ ବା ତତ୍ତ୍ୱଟି ତାହାର ଅଂଗ ପ୍ରତ୍ୟଙ୍ଗ ନାଇ । ଡାଳ ପତ୍ର ପ୍ରଭୃତି ସବୁ ସେହିପରି । ପତ୍ରରେ ଶିରା ଅଛି, ଡେମ୍ଫ ଅଛି, ଅଗ, ମୂଳ, ପାଖ, ପିଠି, ପେଟ, ହରିତ୍ କଣିକା ସବୁ ଅଛି । ଏ ସବୁରେ ଏକ ଏକ ତତ୍ତ୍ୱ । ତଥାପି ପତ୍ର ଏ ସବୁଠାରୁ ଗୋଟିଏ ସ୍ୱତନ୍ତ୍ର ତତ୍ତ୍ୱ । ଏହି ସ୍ୱାତନ୍ତ୍ର୍ୟରେ ତତ୍ତ୍ୱକୁ ଦାର୍ଶନିକ ଭାଷାରେ, ସ୍ୱତନ୍ତ୍ର ପ୍ରକାଶ ବା ବ୍ୟକ୍ତି ବୋଲି କହନ୍ତି ।

ଏସବୁ ବ୍ୟକ୍ତି ଉତ୍ତରୋତ୍ତର ଭାବରେ ପୁଣି ଏକ ସମଷ୍ଟିରେ ପ୍ରକାଶିତ ହୁଏ । ଯେକୌଣସି ସମଷ୍ଟିକୁ ସ୍ୱତନ୍ତ୍ର ନାମ ସଂକେତରେ ଦେଖିଲେ ସେ ପୁଣି ଏକ ବ୍ୟକ୍ତି । ସେ ବ୍ୟକ୍ତି ପୁଣି ଏକ ସମଷ୍ଟିରେ ଅଙ୍ଗୀଭୂତ । ଏହିପରି ଏ ବ୍ୟକ୍ତି ସମଷ୍ଟିର କୌଣସି ଅନ୍ତ

Digitized by PPRACHIN, SOA

ନାଇ । କିମ୍ବା କେହି ଭାଗ ବାଣ୍ଟି ଏହି ଅନନ୍ତ ଶୃଙ୍ଖଳାଟି ଆଧିଭୌତିକ ବସ୍ତୁ ପରି ବୁଝାଇ ଦେଇ ପାରିବ ନାଇ । ବଣ ବୋଲି ଯେଉଁ ନାମଟି ଅଛି ତା' ଭିତରେ ଗଛ, ଲଟା, ନଈ, ପାହାଡ଼, ବାଘ, ଭାଲୁ ଏ ସବୁ ନାମଗୁଡ଼ିକ ମିଶିକରି ଅଛି କି ? ସମସ୍ତେ ସ୍ୱତନ୍ତ୍ର । ତଥାପି ବଣବୋଇଲେ ଏ ସମସ୍ତେ ତାହା ଭିତରେ ନାହାନ୍ତି, ନୁହେ । ଦେଶ ବୋଇଲେ ସେହିପରି ବଣ ତା' ଭିତରେ ଅଛି । ସେହିପରି ପୃଥିବୀରେ ଦେଶ ଅଛି । ଜଗତ ବା ପ୍ରକୃତିରେ ପୃଥିବୀ, ଦେଶ, ବଣ ସବୁ ଅଛି । କେହି କାହାରି ଭିତରେ ପଶି ନାଇ, କେହି କାହାରି ଦେହକୁ ଲାଗି ନାଇ । ପୁଣି କେହି ବି କାହାରିଠାରୁ ଅଲଗା ନୁହେ । ନାମ ସଂକେତରେ ବସ୍ତୁର ବସ୍ତୁତ୍ୱ ବୁଝି ବସିଲେ, ଏହା ସ୍ପଷ୍ଟ । ଏଇ ବ୍ୟକ୍ତି ସମଷ୍ଟିର ସମ୍ବନ୍ଧ ମଧ୍ୟ ଏକ ଅଜ୍ଞେୟ ଅଥଚ ସଂକେତରେ ପ୍ରକାଶିତ ମହା ଶୃଙ୍ଖଳା ।

ଏହି ବିରାଟ ଓ ଅନନ୍ତ ଶୃଙ୍ଖଳାରେ ବିଶ୍ୱ ପ୍ରକୃତିର ସତ୍ତା ବା ତତ୍ତ୍ୱ ପ୍ରକାଶ ପାଏ । ମନୁଷ୍ୟର ବ୍ୟକ୍ତି ଭିତରେ ଯେପରି 'ମୁଁ' ତତ୍ତ୍ୱ, ପ୍ରକୃତିରେ ସମସ୍ତ ଓ ପ୍ରତ୍ୟେକ ନାମ ତତ୍ତ୍ୱ ସେହିପରି । ସଂକେତରେ ଏମାନେ ନିଜର ପରିଚୟ ଦିଅନ୍ତି, ମାତ୍ର ବର୍ଣ୍ଣନାରେ ଏମାନଙ୍କୁ ବୁଝାଇ ହୁଏ ନାଇ । 'ମୁଁ' ବସ୍ତୁ ବା ତତ୍ତ୍ୱର ଯେପରି ଦେହାଦିରେ ଆଧିଭୌତିକ ପ୍ରକାଶ, ସେହିପରି ଏହି ପ୍ରକୃତି ତତ୍ତ୍ୱ ବା ମହତ୍ ତତ୍ତ୍ୱ ବିଶ୍ୱ ଜଗତ୍ ରୂପ ପ୍ରକାଶ ପାଇ ପାରୁଚି । ମାନବ ବୁଦ୍ଧିର ଏକାନ୍ତ ଅଗମ୍ୟ ହେଲେ ହେଁ ସଂକେତରେ ଏ ତତ୍ତ୍ୱ ଜଣା ପଡୁଚି । ସର୍ବତ୍ର ଏକ ନିଗୂଢ଼ ତତ୍ତ୍ୱ, ପୁଣି ତା'ର ଏକ ଭୌତିକ ପ୍ରକାଶ । ଇନ୍ଦ୍ରିୟ ମନରେ ଏ ତତ୍ତ୍ୱଟିର କଳ୍ପନା ନାଇ । ଏହା କାଳରେ ବଢ଼େ, ଛିଡ଼େ ନାଇ, ବଦଳେ ନାଇ, ସ୍ଥାନରେ ବିସ୍ତୃତ ବା ବିଭକ୍ତ ନୁହେ । କିନ୍ତୁ ଠିକ୍ ଏହି ତତ୍ତ୍ୱର ଭୌତିକ ପ୍ରକାଶ ଇନ୍ଦ୍ରିୟଗମ୍ୟ ଦେଶ କାଳରେ ବିସ୍ତୃତ ଓ ସୀମାବଦ୍ଧ । ଏହି ଦେଶ କାଳରେ ବିସ୍ତୃତ ଓ ସୀମାବନ୍ତ ବିଶ୍ୱ ସେଇ ମହତ୍ ତତ୍ତ୍ୱର ପ୍ରକାଶ । ଏହିପରି ଭାବରେ ଇନ୍ଦ୍ରିୟ ଓ ମନ ସେହି ତତ୍ତ୍ୱକୁ ଜାଣେ । ଅନ୍ୟଥା ନାମ ସଙ୍କେତରେ ପ୍ରକାଶିତ ତତ୍ତ୍ୱଟିର ଇନ୍ଦ୍ରିୟରେ ଧାରଣାନାଇ, ଦେଶରେ ପରିଣାମନାଇ, କି କାଳରେ ପରିଣାମ ନାଇ ।

ତତ୍ତ୍ୱ ଓ ତାହାର ପ୍ରକାଶ ବୋଲି କହି ଆସିଚୁ । ଏହାକୁହିଁ ଗୀତାରେ କହିଚନ୍ତି, ଅକ୍ଷର ପୁରୁଷ ଓ କ୍ଷର ପୁରୁଷ, ଅକ୍ଷର ବ୍ରହ୍ମ ଓ କ୍ଷର ବା ମହତ୍ ବ୍ରହ୍ମ । ଅକ୍ଷର ବ୍ରହ୍ମ ବୋଇଲେ ଯେଉଁ ତତ୍ତ୍ୱର କ୍ଷର ବା ପରିଣାମାଦି ବିକାର ନାଇ । କ୍ଷର ବ୍ରହ୍ମ ବୋଇଲେ ଇନ୍ଦ୍ରିୟଲବ୍ଧ ଜଗତ୍, ଯାହା ପ୍ରତିକ୍ଷଣରେ ବଦଳୁଚି, ଅର୍ଥାତ୍ ଯାହାର କ୍ଷର ବା ବିକାର ଅଛି । ଭଗବାନ୍ ଶ୍ରୀକୃଷ୍ଣ ଗୀତାର ପଞ୍ଚଦଶ ଅଧ୍ୟାୟରେ ଏହି ତତ୍ତ୍ୱ ଦିଓଟିର କଥା ଭଲ କରି ବୁଝାଇ ଧାରଣା ଦେଇଚନ୍ତି । ପ୍ରଥମ ପନ୍ଦର ଶ୍ଲୋକରେ, ଉପରେ ମୂଳ ନିଗୂଢ଼ ଥିବା ଓଲଟା ଅଶ୍ୱତ୍‌ଥ ବୃକ୍ଷ ରୂପରେ ବିଶ୍ୱକୁ ସଂକେତରେ ବୁଝାଇ ସାରି କହିଛନ୍ତି, ବ୍ରହ୍ମ ବା ତତ୍ତ୍ୱ ନିର୍ଗୁଣ, ଅବ୍ୟୟ, ଅକ୍ଷର— ସୂର୍ଯ୍ୟାଦି କେହି ତାକୁ ଦେଖାଇ ପାରନ୍ତି ନାଇ । ଏ ଜଗତରେ କାହିଁରେ ତାକୁ ଜାଣି ହେବ ନାଇ । ପୁଣି କହିଚନ୍ତି, ସବୁ ଜ୍ୟୋତିରେ ସେହି, ସବୁ ବ୍ୟକ୍ତ କ୍ରିୟାରେ ତାରି ପ୍ରକାଶ ।

Digitized by PPRACHIN, SOA

ଅକ୍ଷର, ଅବ୍ୟକ୍ତ, ଅଜ୍ଞେୟ ସେହି; ପୁଣି କ୍ଷର– ବ୍ୟକ୍ତ ଯାକ ବ୍ୟାପି ବି ବିରାଜିତ ସେହି । ଏହା ପରେ ଷୋଡ଼ଶ ଶ୍ଳୋକ ହେଉଚି–

"ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବଚ
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।"

ଅର୍ଥାତ୍ ଜଗତରେ ଦୁଇଟି ପୁରୁଷ, ଅର୍ଥାତ୍ ଦୁଇ ପ୍ରକାରରେ ପୁରୁଷର ଧାରଣା – ଗୋଟିଏ କ୍ଷର, ଆଉ ଗୋଟିଏ ଅକ୍ଷର । ଭୂତମାତ୍ରେ, ଅର୍ଥାତ୍ ବ୍ୟକ୍ତ ବିଶ୍ୱରେ ଅନୁଭବରେ ଜଣାପଡୁଥିବା ପୁରୁଷ 'କ୍ଷର'; ପୁଣି କୂଟସ୍ଥ, ଅର୍ଥାତ୍, ସର୍ବୋପରି, ସବୁ ଭୂତରୁ ଅତୀତ ଅଲଗା ବା ସବୁଥିରେ ଅତ୍ୟନ୍ତ ଗୂଢ଼ ହୋଇ ସ୍ଥିର ରହିଥିବା ପୁରୁଷ, ଅକ୍ଷର ବୋଲି କୁହାଯାଏ । ତା'ପର ଶ୍ଳୋକରେ ପୁଣି କହିଚନ୍ତି, ଭିନ୍ନ, ଉତ୍ତମ ପୁରୁଷ । ସେ ଅବିକାରୀ ନିତ୍ୟ ଈଶ୍ୱର ହୋଇ ମଧ୍ୟ ତିନି ଲୋକ ଭିତରେ ରହି ସେହି ଲୋକମାନଙ୍କୁ ପାଳନ, ପୋଷଣ ଓ ନିୟନ୍ତ୍ରଣ କରନ୍ତି, ଅର୍ଥାତ୍ ଏହି ବିରାଟ ଶୃଙ୍ଖଳାରେ ସେମାନଙ୍କୁ ପ୍ରକାଶ କରନ୍ତି । ଏଠାରେ ଅଲଗା ବା ଭିନ୍ନ କଥାଟି ଗଛରୁ ଗଛତ୍ୱ ଯେପରି ଅଲଗା ବା ବଣତ୍ୱରୁ ଗଛତ୍ୱ ଯେପରି ଅଲଗା, ସେହିପରି ବୁଝିବାକୁ ହେବ– ସ୍ଥାନ କାଳରେ ଅଲଗା ନୁହେଁ । ୧୮ଶ ଶ୍ଳୋକରେ ଏକ କଥାରେ ସମସ୍ତ ଭାବଟି ପ୍ରକାଶ କରି କହିଚନ୍ତି–

"ଯସ୍ମାତ୍ କ୍ଷରମତୀତୋଽହମକ୍ଷରା ଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।୧୮।

ଅର୍ଥାତ୍– ମୁଁ କ୍ଷରରୁ ଅତୀତ ବା ଉପରେ ଓ ଅକ୍ଷରରୁ ଉତ୍ତମ ବା ଉପରେ । ସେଥିପାଇଁ ପୁରାଣାଦି ଲୌକିକ ଶାସ୍ତ୍ରରେ ଓ ବେଦରେ ମୁଁ "ପୁରୁଷୋତ୍ତମ" ବୋଲି ଖ୍ୟାତ । ଏଠାରେ ଅତୀତ କଥାଟି ଭଲ କରି ବୁଝିବାର ଅଛି ।.ସେହି କଥାକୁ ମଧ୍ୟ କହିଚନ୍ତି, "ଉତ୍ତମ" ଅର୍ଥାତ୍ 'ଉପରେ' ବା ଉତ୍କୃଷ୍ଟ । ଏହାର ଅର୍ଥ ହେଉଚି ଦୁଇଟିରୁ କୌଣସିଟି ମୋର ପୂର୍ଣ୍ଣରୂପ ନୁହେ । ମୋତେ ବୁଝିବାକୁ ହେଲେ ଦୁଇଟିର ସମୁଚ୍ଚୟ ଧାରଣା କରିବାକୁ ହେବ । ସମସ୍ତେ ଜାଣନ୍ତି, ଭଗବାନ ଶ୍ରୀକୃଷ୍ଣ ନିଜକୁ ଏଠାରେ ଭଗବାନ ବା ପରମାତ୍ମା ବୋଲି କହିଚନ୍ତି । କହୁଚନ୍ତି– ପରମାତ୍ମା ବା ବିଶ୍ୱାତ୍ମା ଗୂଢ଼ ବିଶ୍ୱତତ୍ତ୍ୱରୁ ଅତୀତ ଓ ଶୃଙ୍ଖଳାମୟ ବିଶ୍ୱ ପ୍ରକାଶରୁ ମଧ୍ୟ ଅତୀତ । ଅର୍ଥାତ୍– ଏହି ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ବୁଝିଲେ ପରମାତ୍ମା-ପୁରୁଷ ବୁଝା ହେଲା ନାଇ ।

ଉଦାହରଣରେ ଏହି ଅତୀତ ବା ଉତ୍ତମ କଥାଟି ବୁଝାଯାଉ ।

ଗୋଟିଏ ଟଙ୍କା ଦେଖ । ତାହାର ଗୋଟିଏ ପାଖରେ ମୁଣ୍ଡ ଥାଏ; ଆଉ ଗୋଟିଏ ପାଖରେ ଚକ୍ର ଭିତରେ ଲିଖିତ ମୂଲ୍ୟ ଥାଏ । ଟଙ୍କାଟି ଏକା ଏପାଖ ନୁହେ, କି ଏକା ସେପାଖ ନୁହେଁ । ଖାଲି ମୁଣ୍ଡ ପାଖ ଦେଖିଲେ ଟଙ୍କା ଦେଖା ହେଲା ନାଇ, କିମ୍ବା ଖାଲି ଚକ୍ରପାଖ ଦେଖିଲେ ଟଙ୍କା ଦେଖା ହେଲା ନାଇ । କେହି କିନ୍ତୁ ମୁଣ୍ଡପାଖ ଦେଖି ଟଙ୍କାଟି ଗୋଟିଏ ମୁଣ୍ଡଥିବା ଗୋଲ ଧାତୁଖଣ୍ଡ ବୋଲି କହିପାରନ୍ତି । କେହି ମଧ୍ୟ ଖାଲି ଅନ୍ୟ

Digitized by PPRACHIN, SOA

ପାଖଟି ଲକ୍ଷ୍ୟ କରି ଟଙ୍କାଟି ଗୋଟିଏ ଚକ୍ରଥିବା ଗୋଲ ଧାତୁଖଣ୍ଡ ବୋଲି ମଧ କହିପାରନ୍ତି । ମାତ୍ର ଯଥାର୍ଥ କହିବାକୁ ହେଲେ କୁହାଯିବ, ପ୍ରକୃତ ଟଙ୍କାର ବର୍ଣ୍ଣନାଟି ଏଥିରୁ ଅତୀତ ବା ଉତ୍ତମ, ସେଥିରୁ ଅତୀତ ବା ଉତ୍ତମ । ଅର୍ଥାତ୍ ଏ ଦୁଇଟିର ସମୁଚ୍ଚୟ । ଟଙ୍କା ବୋଇଲେ ଏ ଦୁଇ ପାଖ ଥିବା ଧାତୁଖଣ୍ଡ । ଏଠାରେ ମୁଣ୍ଡପାଖଟିର ବସ୍ତୁତ୍ୱ ଚକ୍ର ପାଖଟିର ବସ୍ତୁତ୍ୱର ମଧ ଅଲଗା । ସମୁଚ୍ଚୟ ବସ୍ତୁଟି ମଧ ଦୁଇଟିରୁ ଉତ୍ତମ ଓ ଅତୀତ ହୋଇ ଅଲଗା । ବସ୍ତୁତ୍ୱର ଏ ଅଲଗା ଧାରଣା ଓ ଅଲଗା ଧାରଣାରେ ଶୃଙ୍ଖଳା ଭଲକରି ବୁଝିରଖିବାର ଅଛି । ଏହା ସଂକେତରେ ବୁଝାଯାଉଚି । ବର୍ଣ୍ଣନା କରି ବା ଅଙ୍କଶାସ୍ତ୍ର ଧରି ଏହାକୁ ବୁଝାଇବାର ଉପାୟ ନାଇ । ସେଥିପାଇଁ ତତ୍ତ୍ୱ, 'ଅବାଙ୍‌ମନସଗୋଚର' ।

ଟଙ୍କାଟା ଗୋଟେ ସ୍ଥୂଳ ବସ୍ତୁ । ଗୋଟିଏ ଅତି ସୂକ୍ଷ୍ମ ବସ୍ତୁରେ ଉଦାହରଣ ଦେଲେ ଆହୁରି ସ୍ପଷ୍ଟ ହେବ । 'ରେଖା' ବୋଇଲେ ଜ୍ୟାମିତିରେ ବୁଝାଯାଏ, 'ବିସ୍ତାରହୀନଂ ଦୈର୍ଘ୍ୟ' । ଖଡ଼ିରେ ଆମେ ଯେଉଁ ରେଖା କାଟୁ, ତାହା ସେହି ରେଖାର ସଂକେତ ମାତ୍ର; ଖଡ଼ିର ରେଖା ଅତ୍ୟନ୍ତ ସ୍ଥୂଳ । ଅତଏବ ରେଖା କହିଲା ବେଳେ ଜ୍ୟାମିତିକ ରେଖା କଳ୍ପନା କରି ବିଷୟଟି ବୁଝିବାକୁ ହେବ । ଗୋଟିଏ ବୃତ୍ତ-ପରିଧିର ଖଣ୍ଡେ ବା ଗୋଟିଏ ଖଣ୍ଡ ପରିଧି ରେଖା କଳ୍ପନା କରାଯାଉ । ତାହାର ଦୁଇଟି ପାଖ– ଗୋଟିଏ ପାଖ ନୁଆଣିଆ ଓ ଅନ୍ୟ ପାଖଟି ଠେଲାଳିଆ । ଜଣେ କହିପାରେ ଖଣ୍ଡ ପରିଧିଟି ଗୋଟିଏ ଠେଲାଳିଆ ରେଖା । ଅନ୍ୟ ଜଣେ ମଧ କହିପାରେ ଏହା ଗୋଟିଏ ନୁଆଣିଆ ରେଖା । ମାତ୍ର ଯଥାର୍ଥରେ ଖଣ୍ଡପରିଧିଟି ଏହି ଦୁଇଟିରୁ ଅତୀତ ଓ ଉତ୍ତମ । ଦୁଇର ସମୁଚ୍ଚୟରେ ଏହାର ଧାରଣା । ଏହା ଏକା ଏଉଟି ନୁହେ, କି ଏକା ସେଉଟି ନୁହେ । ଦୁଇଟି ଯାକ କିନ୍ତୁ ଏଥିରେ ଅଛି । ଏ ଦୁଇଟିରୁ ବି ଅଲଗା କିଛି ନାଇ । ତଥାପି ଖଣ୍ଡ ପରିଧି ବସ୍ତୁତ୍ୱଟି ଠେଲାଳିଆ ପରିଧିରେଖାର ବସ୍ତୁତ୍ୱ ନୁହେ; କିମ୍ବା ନୁଆଣିଆ ପରିଧିରେଖାର ବସ୍ତୁତ୍ୱ ନୁହେ । ଠେଲାଳିଆ ପରିଧି ରେଖାଟି କିନ୍ତୁ ଖଣ୍ଡ ପରିଧିର ଗୋଟିଏ ପ୍ରକାର ବା ପ୍ରକୃତି । ନୁଆଁଣିଆ ପରିଧି ରେଖା ମଧ ସେହିପରି ଆଉ ଗୋଟିଏ ପ୍ରକାର ବା ପ୍ରକୃତି ।

ଉପରେ ଯେଉଁ 'ଅକ୍ଷର' ବା ଅପ୍ରକାଶ୍ୟ ଓ 'କ୍ଷର' ବା ବିକାରମୟ ବା 'ଗୁଣମୟ' ପୁରୁଷର କଥା କୁହାଗଲା, ଭଗବାନ ଶ୍ରୀକୃଷ୍ଣ ସେହି ଦୁଇଟିକୁ ଠିକ୍ ସେହିପରି ନିଜର ଦୁଇଟି ପ୍ରକୃତି ବୋଲି କହିଚନ୍ତି । ଗୀତା ସପ୍ତମ ଅଧ୍ୟାୟ ୪ର୍ଥ ଓ ୫ମ ଶ୍ଳୋକରେ କହଚନ୍ତି–

ଭୂମି, ଅପ୍, ଅନଳ, ବାୟୁ, ଆକାଶ, ମନ, ବୁଦ୍ଧି, ଅହଂକାର ପ୍ରଭୃତିରେ ପ୍ରକାଶ-ମୟ 'ବିଶ୍ୱ' ମୋର ଅପରା ପ୍ରକୃତି; ଅର୍ଥାତ୍ ଇନ୍ଦ୍ରିୟରେ ଜଣାପଡୁଥିବା ସ୍ଥୂଳ ପ୍ରକୃତି, ମୋର ପରା, ସୂକ୍ଷ୍ମ ବା ଗୂଢ଼ ପ୍ରକୃତି ଏହାଠାରୁ ଭିନ୍ନ । ଚେତନ ବା ମନୁଷ୍ୟଠାରେ, ତାହା ଜୀବ ବା ଜୀବାତ୍ମା ସଂକେତରେ ପ୍ରକାଶ ପାଏ । ମାତ୍ର ସେହି ପରା ପ୍ରକୃତିର ଆଧାରରେ ଏ ଜଗତ ଧରା ହୋଇଅଛି, ନ ହେଲେ ଭୌତିକ ଜଗତ କିଛି ନୁହେ ।

'ମୁଁ' ବା ଆତ୍ମପୁରୁଷର ଦୃଷ୍ଟାନ୍ତରେ କଥାଟି ବୁଝିବାକୁ ଚେଷ୍ଟା କରାଯାଉ । ମୋର ଶରୀର ଚିନ୍ତା ପ୍ରଭୃତିରେ ପ୍ରକାଶ ଅଛି । ଏହା ଛଡ଼ା ଅବ୍ୟକ୍ତ ବା ଗୂଢ଼ ମୋର ''ମୁଁ-ତ୍ୱ''

Digitized by PPRACHIN, SOA

ଅଛି । କେହି ମୋତେ ଜାଣିବାକୁ ଚେଷ୍ଟା କରୁଥିବା ଲୋକକୁ ମୁଁ ଯଦି କହେ, ‘‘ଆରେ ! ମତେ ଜାଣିବାକୁ ହେଲେ ଖାଲି ମୋର ଦେହ, କ୍ରିୟା, ଚିନ୍ତା ପ୍ରଭୃତି ଜାଣିଲେ ହେବ ନାଇ । ମୋତେ ଜାଣିବାର ସେ ଗୋଟେ ପ୍ରକାର ମାତ୍ର । ସେ ମୋର ସ୍ଥୂଳ ପ୍ରକୃତି ବା ପ୍ରକାର । କିନ୍ତୁ ଏଥିରୁ ଅଲଗା ଆଉରି ଗୋଟେ ସୂକ୍ଷ୍ମ ପ୍ରକାର ବା ପ୍ରକୃତି ଅଛି । ସେ ହେଉଚି– ‘ମୁଁ’ ବା ଆତ୍ମା । ସେଥିରେ ମୋର ଶରୀର କ୍ରିୟା ଚିନ୍ତା ସବୁ ଧରାହୋଇଚି । ତାହାରି ପାଇଁ ସେ ସବୁ ମୋର ହୋଇଚନ୍ତି । ତା’ ନହୋଇଥିଲେ ସେ ସ୍ଥୂଳ ପ୍ରକୃତିର ଅର୍ଥ କ’ଣ ? ପୁଣି ଏ ସ୍ଥୂଳ ପ୍ରକୃତି ନ ଥିଲେ ବି ସେ ସୂକ୍ଷ୍ମ ବା ଶ୍ରେଷ୍ଠ ପ୍ରକୃତିର ପ୍ରକାଶର ସଂକେତ ବା କାହିଁ ? ଅତଏବ ଏ ଦୁଇଟା ପ୍ରକୃତିର ସମୁଚ୍ଚୟରେ ମୋତେ ଜାଣ୍ ?’’ ଭଗବାନ୍ ଠିକ୍ ସେହି ଭାଷାରେ ପରମାତ୍ମତତ୍ତ୍ୱ ଓ ଈଶ୍ୱର ତତ୍ତ୍ୱ ବୁଝାଇ ଅଛନ୍ତି । ପ୍ରକୃତି ବୋଇଲେ, ଉପଲବ୍‌ଧି ବା ଧାରଣାର ପ୍ରକାର । ଗୋଟିଏ ସ୍ଥୂଳ ପ୍ରକାର– ଇନ୍ଦ୍ରିୟ ମନର ଗମ୍ୟ; ଆରଟି ସୂକ୍ଷ୍ମ ପ୍ରକାର– କେବଳ ସଂକେତରେ ଅନୁମେୟ ।

ଏହି ସମସ୍ତ ବିଶ୍ୱ ପ୍ରକାଶରେ ଚେତନ ପ୍ରାଣୀ ତଥା ମନୁଷ୍ୟ ମଧ୍ୟ ଗୋଟିଏ ପ୍ରକାଶ । ଜଡ଼ ବସ୍ତୁର ପ୍ରକାଶ ଭିତରେ ଗୂଢ଼ ବସ୍ତୁତ୍ୱ ଯେପରି, ଚେତନ ଜନ୍ତୁର ପ୍ରକାଶ ଭିତରେ ଗୂଢ଼ ଚେତନା ସେହିପରି । ଶ୍ରେଷ୍ଠ ଚେତନ ଜନ୍ତୁ ମନୁଷ୍ୟଠାରେ ସେହି ପ୍ରକାଶର ସଂକେତ ହେଉଚି, ‘ମୁଁ ଆତ୍ମା’, ‘ଜୀବ’ ବା ‘ଜୀବାତ୍ମା’ । ପରମାତ୍ମ-ବସ୍ତୁର ଅକ୍ଷର ପ୍ରକୃତିର ସଂକେତରେ ପରିମାଣ ଓ ପରିଣାମହୀନ, ଏହି ବସ୍ତୁତ୍ୱ ବା ସତ୍, ଏହି ଚେତନା ବା ଚିତ୍, ପୁଣି ଏହି ‘ମୁଁ’ ବା ପ୍ରକାଶ-ଶୃଙ୍ଖଳାର ସୌଷ୍ଠବ ବା ଆନନ୍ଦ, ଏକ ବସ୍ତୁ । କାରଣ, ଏ ସଂକେତରେ ଗୁଣର ଭାଗବଣ୍ଟା ନାଇ; ହୋଇ ପାରେ ନା । ସ୍ଥୂଳ ପ୍ରକୃତିରେ ହିଁ ତାହା ହୁଏ । ତେଣୁ ଏଇ ‘ସତ୍-ଚିତ୍-ଆନନ୍ଦ’ର ଏକତ୍ୱ ବା ଅଭିନ୍ନତ୍ୱ ଧାରଣା କରିବା କେବଳ ସଂକେତର ଅନୁମାନରେ ହିଁ ସମ୍ଭବ । ଏହା ଅନୁଭବ୍ୟ; ପୁଣି ସାଧନାରେ ଅନୁଭବ୍ୟ; କିନ୍ତୁ ଜ୍ଞାନରେ ବର୍ଣ୍ଣନୀୟ ନୁହେ । ଏ ‘ଜ୍ଞ’ ‘ଜ୍ଞେୟ’ ହୋଇ ନ ପାରେ ।

ସେଥିପାଇଁ ‘‘ତତ୍ତ୍ୱମସି’’– ତୁମେ ସେହି ତତ୍ତ୍ୱ । ‘‘ନତୁ ତତ୍ତ୍ୱଂ ଜାନାସି’’, ତୁମେ ସେହି ତତ୍ତ୍ୱକୁ ଜାଣୁ ନାହଁ । ସେ ତତ୍ତ୍ୱର ସଂକେତ ସମସ୍ତ ପ୍ରକୃତିର ପ୍ରକାଶରେ ଯେପରି, ତୁମ ଭିତରେ ସେଇପରି । ଏ ବସ୍ତୁତ୍ୱର ଭେଦ ନାଇ । ଏ ଏକା ଜିନିଷ, ସେଥିପାଇଁ ‘‘ସୋଽହଂ’’ ଅର୍ଥାତ୍ ‘ସେହି ଏକା ମୁଁ’; ବିଶ୍ୱ ପ୍ରକୃତିର ଆତ୍ମା ବା ପରମାତ୍ମା ହେଉଚି, ‘ମୁଁ’ ବା ‘ଜୀବାତ୍ମା’ ।

ଏହାହିଁ ‘‘ଅଦ୍ୱୈତବାଦ’’ । ଏଥିରେ ବିଶ୍ୱ ପ୍ରକୃତିକୁ ‘ମାୟା’ ବା ଭ୍ରମ ବୋଲି କହିବାର କିଛି ନାଇ । ବିଶ୍ୱ ପ୍ରକୃତି ଭ୍ରମ ନୁହେ । ଏହା ବାସ୍ତବତାରେ ବିରାଟ ଓ ସ୍ୱଷ୍ଟ । ଏହା ବିଶ୍ୱ ପୁରୁଷ ବା ପୁରୁଷୋତ୍ତମଙ୍କର ଏକ ପ୍ରକୃତି ବା ବିଶ୍ୱ ପୁରୁଷକୁ ଜାଣିବାର ଏକ ପ୍ରକାର । ଶୂନ୍ୟବାଦୀ ବୌଦ୍ଧର ପ୍ରଭାବ ଭେଦ କରି ବୁଝାଇବାକୁ ଯାଇ ଶଙ୍କର ଇନ୍ଦ୍ରିୟ ମନୋଗମ୍ୟ ବିଶ୍ୱ ପ୍ରକୃତିକୁ ବା ମିଥ୍ୟା ବୋଲି କହି, କେବଳ ପୁରୁଷୋତ୍ତମଙ୍କ ପରା

Digitized by PPRACHIN, SOA

ପ୍ରକୃତି ବା ଅକ୍ଷର ପୁରୁଷକୁ ମାତ୍ର ଧରି ନିଜର ଅଦ୍ୱୈତବାଦ ପ୍ରଚାର କରିଚନ୍ତି । ସେଥିପାଇଁ ପ୍ରତିଦ୍ୱନ୍ଦ୍ୱୀମାନେ ତାଙ୍କୁ 'ପ୍ରଚ୍ଛନ୍ନ ବୌଦ୍ଧ' ବୋଲି କହନ୍ତି । ସେ ଯାହାହେଉ, ଭୌତିକ ଜଗତ ମାୟା ବା ମିଥ୍ୟା ନୁହେ । ପରମାତ୍ମା ବା ବ୍ରହ୍ମ, ଅକ୍ଷର ଭାବରେ ଯେତିକି ସତ୍ୟ, କ୍ଷର ଭାବରେ ମଧ୍ୟ ସେତିକି ସତ୍ୟ । ପୁଣି ମାୟା କଥାଟି ମଧ୍ୟ ଯଥାର୍ଥରେ ବୈଦିକ କଥା ନୁହେ । କେବଳ ହର ଓ ରୁଦ୍ର ନାମରେ ବ୍ରହ୍ମକୁ ପ୍ରଚାର କରିଥିବା ଓ ସାଂଖ୍ୟକାର କପିଳଙ୍କ ନାମ କରିଥିବା ଅର୍ବାଚୀନ, କୃଷ୍ଣ ଯଜୁର୍ବେଦୀୟ ଶ୍ୱେତାଶ୍ୱତର ଉପନିଷଦ୍ ଛଡ଼ା, ବେଦରେ ଅନ୍ୟତ୍ର ମାୟା ଶବ୍ଦର ଉଲ୍ଲେଖ ନାଇ । ଏହାର ବୈଦିକ ନାମ ଅବିଦ୍ୟା; ଅର୍ଥାତ୍, ଯଥାର୍ଥ ବିଦ୍ୟା ବା ଜ୍ଞାନ ଅଭାବରେ ମନୁଷ୍ୟ ଯାହାକୁହିଁ କେବଳ ବିଶ୍ୱ ବୋଲି ଗ୍ରହଣ କରେ । ଅବିଦ୍ୟା ବୋଇଲେ ନ ଜାଣିଥିବାରୁ ଏକପାଖିଆ ଧାରଣା । ଏହା ବିଦ୍ୟା ବା ଅସତ୍ୟ ନୁହେ । ଶୁକ୍ଳ ଯଜୁର୍ବେଦୀୟ 'ଈଶୋପନିଷଦ୍'ରେ ଋଷି ଏହି ଏକପାଖିଆ ଧାରଣାର ଅର୍ଥ ଓ ଫଳ ସ୍ପଷ୍ଟ କରି କହିଦେଇଚନ୍ତି । ଅବିଦ୍ୟା ବୋଇଲେ, 'ଇନ୍ଦ୍ରିୟ-ଲବ୍ଧ-ବିଶ୍ୱହି ସବୁ' ଏଇ ଧାରଣା । ଏଇ ଇଂନ୍ଦ୍ରିୟ-ଲବ୍ଧ-ବିଶ୍ୱକୁ ଏଡ଼ିଦେଇ ଯେଉଁମାନେ ଗୂଢ଼ ବସ୍ତୁତ୍ୱକୁ ଧରନ୍ତି, ସେମାନେ ମଧ୍ୟ ତାହାକୁହିଁ ସବୁ ବୋଲି ବୁଝି, ତାକୁ ବିଦ୍ୟା ବା ଯଥାର୍ଥ ଜ୍ଞାନ ବୋଲି କହୁଥିଲେ ।

ସେମାନଙ୍କ ମତରେ ଆତ୍ମା ବା ଅକ୍ଷର ବ୍ରହ୍ମକୁ ଜାଣିବାହିଁ ବିଦ୍ୟା, ଆଉ ସବୁ ଅବିଦ୍ୟା, ଅର୍ଥାତ୍ ସମସ୍ତ ଭୌତିକ ଜଗତ୍ ବା ସେଇ ଭୌତିକ ଜଗତକୁ ସବୁ ବୋଲି ବୁଝିବା ଅବିଦ୍ୟା । ଉପନିଷଦ୍ କହନ୍ତି, ଏସବୁ ଏକପାଖିଆ ଜ୍ଞାନ ବା ଧାରଣା । ଦୁହିଁଙ୍କର ଯଥାର୍ଥ ଜ୍ଞାନ, ଦୁଇଟିଯାକର ସମୁଚ୍ଚୟ ଧାରଣାରେ ହୁଏ । ଖାଲି ଅବିଦ୍ୟା ଅର୍ଥାତ୍ ଇନ୍ଦ୍ରିୟରେ ଜଣାପଡୁଥିବା ଭୂତଭାବରେ ଘାଣ୍ଟି ହେବା ଜ୍ଞାନ ନୁହେ । ଭୂତଭାବ ଛାଡ଼ି ଗୂଢ଼ ସଂକେତକୁ ବିଦ୍ୟା ବୋଲି ଏକା ଧରି ବସିବା ପୁଣି ଆଉରି ଅତି ଅନ୍ଧାର ଘରେ ଦରାଣ୍ଡି ହେବା କଥା । ଋଷି ଗାଇଚନ୍ତି—

ଅଂଧଂ ତମଃ ପ୍ରବିଶଂନ୍ତି ଯେଽବିଦ୍ୟାମୁପାସତେ
ତତୋ ଭୂୟ ଇବତେ ତମୋ ଯଉ ବିଦ୍ୟାୟାଂରତାଃ । ଈଶୋପନିଷଦ୍ ।୯।

ଅର୍ଥାତ୍ ଜାଣିବା ଲୋକେ କହନ୍ତି, ବିଦ୍ୟା ଅବିଦ୍ୟା ଏ ଦୁହେଁ ପରସ୍ପରଠାରୁ ଭିନ୍ନ; ଅର୍ଥାତ୍ ତତ୍ତ୍ୱ ଜାଣିବାର ଗୋଟିଏ ଗୋଟିଏ ପ୍ରକାର ମାତ୍ର । ଅତଏବ ଯେ ଇନ୍ଦ୍ରିୟ-ଲବ୍ଧ ବିଶ୍ୱକୁ ଖାଲି ଧରି ବସନ୍ତି ସେ ଅନ୍ଧତମ ବା ଘୋର ଅଜ୍ଞାନରେ ପଡ଼ନ୍ତି; ଅର୍ଥାତ୍, ଠିକ୍ ତତ୍ତ୍ୱ ବୁଝି ପାରନ୍ତି ନାଇ । ମାତ୍ର ସେ ଅଜ୍ଞାନ ତ ହେଲେ ବାଟ୍ । କିନ୍ତୁ ଯେ ଯଥାର୍ଥ ଜ୍ଞାନ ଖୋଜିବାରେ ପ୍ରକାଶିତ ବିଶ୍ୱକୁ ବରାବର ଛାଡ଼ି, ଖାଲି ଆତ୍ମା ସବୁ ବୋଲି ବିଦ୍ୟାକୁ ଧରି ବସନ୍ତି, ତାଙ୍କ କଥା ଛାଡ଼ । ସେ ତାଠୁଁ ଅଧିକ ତମ ବା ଆଉରି ଘୋର ଅଜ୍ଞାନରେ ପଡ଼ନ୍ତି । ପୁଣି ବୁଝାଇଚନ୍ତି—

ଅନ୍ୟଦେବାହୁର୍ବିଦ୍ୟୟାଽନ୍ୟଦେବାହୁର ବିଦ୍ୟୟା
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ୱିତଚକ୍ଷିରୋ (ଈଶୋପନିଷଦ୍ ।୧୦।)

Digitized by PPRACHIN, SOA

ଅର୍ଥାତ୍ ଜାଣିବା ଲୋକେ କହନ୍ତି, ବିଦ୍ୟା ଅବିଦ୍ୟା ଏ ଦୁହେଁ ପରସ୍ପରଠାରୁ ଭିନ୍ନ; ଅର୍ଥାତ୍ ତତ୍ତ୍ୱ ଜାଣିବାର ଗୋଟିଏ ଗୋଟିଏ ପ୍ରକାର ମାତ୍ର, ଅତଏବ ବିଦ୍ୟା, ଅବିଦ୍ୟା ଏ ଦୁହିଁକି ଏକା ସଂଗରେ ଯେ ଜାଣେ ସେ, ଅବିଦ୍ୟାରେ ଯେ କ୍ଷଣକୁ କ୍ଷଣ ବଦଳିବାରେ ଖାଲି ମୃତ୍ୟୁଲୀଳା ଲାଗିଚି ତାହାର ତତ୍ତ୍ୱ, ଅର୍ଥାତ୍, ପ୍ରକାଶିତ ବିଶ୍ୱ ପ୍ରକୃତିର ତତ୍ତ୍ୱକୁ ବୁଝିପାରି, ବିଦ୍ୟା ଜାଣିବାରେ, ଅର୍ଥାତ୍, ପରିବର୍ତ୍ତନହୀନ ବା ଅବିକାରୀ ଅକ୍ଷରତତ୍ତ୍ୱ ବା ଆତ୍ମତତ୍ତ୍ୱକୁ ଜାଣିବାରେ ଯଥାର୍ଥ ଅମୃତତ୍ୱ ବା ନିତ୍ୟ ଆନନ୍ଦ ପାଏ । ଏହାହିଁ ଯଥାର୍ଥ ଅଦ୍ୱୈତ ଧାରଣା ।

ଭଗବାନ ଶ୍ରୀକୃଷ୍ଣ କହିଚନ୍ତି, ଏହି ଅଦ୍ୱୈତ ପୁରୁଷ ହିଁ ପୁରୁଷୋତ୍ତମ । ଏହାଙ୍କରି ସଂକେତରେ ଚିରଜାଗ୍ରତ ବିଶ୍ୱ ପ୍ରକାଶ ଶୃଙ୍ଖଳା ସର୍ବଦା ଚାଲିଚି । ସଂକେତରେ ମାନବାତ୍ମାରେ ଏହାଙ୍କରି ପ୍ରକାଶ । ଜଗତର ବସ୍ତୁ ଓ ପ୍ରାଣୀରେ ଏହାଙ୍କରି ସତ୍ତା ଗୂଢ଼ । ପ୍ରକାଶରେ ଯାହା ଅଛି, ସବୁର ସଂକେତ ଏହିଠାରେ । ଏଇ ସଂକେତ ପୁଣି ଅଜ୍ଞେୟ; ବସ୍ତୁ ବା ବସ୍ତୁର ଗୁଣପରି ଏହା ଜଣାଯାଏନାଇ ।

ଧର ସୁଖ ଦୁଃଖ । ଏହା ଜ୍ଞେୟ; କିନ୍ତୁ ଗୋଟିଏ ଦ୍ୱନ୍ଦ୍ୱରେ ଜଣାପଡ଼େ । ଏଇ ଦ୍ୱଂଦ୍ୱଟି ଆପେକ୍ଷିକତା– ଏକର ଅପରକୁ ଅପେକ୍ଷା କରିବା । ସୁଖ କହିଲେ, କୌଣସି ଅନ୍ୟ ସୁଖ, ଅର୍ଥାତ୍ ଦୁଃଖ ତୁଳନାରେ ବା ଅପେକ୍ଷାରେ ସୁଖ । ଦୁଃଖ ବି ସେହିପରି, ଅନ୍ୟର ତୁଳନା ବା ଅପେକ୍ଷାରେ ଦୁଃଖ । ଜମା ଭାତ ନ ମିଳିବା ଲୋକକୁ ବେଳେ ଭାତ ମିଳିଲେ ସୁଖ । ବେଳେ ମିଳିବା ଲୋକକୁ ଦିବେଳ ମିଳିଲେ ସୁଖ । ଦିବେଳ ମିଳିବା ଲୋକକୁ ବେଳେ ମିଳିଲେ ଦୁଃଖ ଇତ୍ୟାଦି । ଦୁଃଖ ନ ଥିଲେ ସୁଖ ନାଇ, ସୁଖ ନ ଥିଲେ ଦୁଃଖ ନାଇ । ମାତ୍ର ଯେଉଁ ସୁଖରେ ଦୁଃଖର କୌଣସି ଅପେକ୍ଷା, ତୁଳନା ବା କଳ୍ପନା ନାଇ ସେଇ ସୁଖ ପ୍ରତୀତିରେ ଏକ ସଂକେତ ମାତ୍ର- ବାସ୍ତବ ଅନୁଭବ ନୁହେ । ତାହା ଆନନ୍ଦର ସଂକେତ । ସେଇପରି ଶୀତ ଉଷ୍ଣ ଦ୍ୱଂଦ୍ୱରେ ଦ୍ୱଂଦ୍ୱହୀନ ବା ଅନପେକ୍ଷିତ 'ତାପ'ର ସଂକେତ । ବନ୍ଧୁତ୍ୱ ଓ ଶତ୍ରୁତାର ଅନପେକ୍ଷିତ ବା ସମୁଚ୍ଚୟ ଧାରଣାରେ ନିର୍ଦ୍ୱଂଦ୍ୱ ପ୍ରୀତିର ସଂକେତ ।

ସମସ୍ତ ଦ୍ୱୈତ ମଧ୍ୟରେ ସଂକେତରେ ଅନୁମେୟ, ସେହି ଅଦ୍ୱୈତ ଏକା ସମସ୍ତ ପ୍ରକାଶର ଆଧାର । ସେଠାରେ ସୁଖ ଦୁଃଖର ଆପେକ୍ଷିକତା ନାଇ । ତାହା ନିତ୍ୟ 'ଦୁଃଖାନ୍ତ' ବା ଆନନ୍ଦରେ ଏକାକାର । ବନ୍ଧୁତା ଓ ଶତ୍ରୁତା ସେଠାରେ ନିତ୍ୟ ପ୍ରୀତିରେ ସମାନ । ମାନବର ବ୍ୟକ୍ତିତ୍ୱରେ ପୁଣି 'ମୁଁ' ବା ଆତ୍ମାର ଯେଉଁ ସଂକେତ ଅଛି ସେ ତାହାରି ସଂକେତ । ଏଥିରେ ପୁରୁଷୋତ୍ତମକୁ ମାନବ ଭାବରେ ବନ୍ଧୁ, ସଖା, ଏପରିକି ଦୁର୍ଗତିର ହେତୁ ପ୍ରଭୃତି ବୋଲି ଭାବିବାରେ କିଛି ଆପତ୍ତି ବା ଅଳୀକତା ନାଇ ।

ପୁରୁଷୋତ୍ତମ ଭକ୍ତର ଭଗବାନ୍ । ସମସ୍ତ ବିଶ୍ୱକର୍ମ ତାଙ୍କରି ଇଙ୍ଗିତରେ ପ୍ରକାଶିତ । ବରଂ କର୍ମହି ପୁରୁଷୋତ୍ତମଙ୍କ 'ପ୍ରକାଶ-ପ୍ରକାର' । ଏହି ପ୍ରକାଶ ଶୃଙ୍ଖଳାରେ ମନୁଷ୍ୟ

Digitized by PPRACHIN, SOA

ଆତ୍ମାର ସଂକେତ ଘେନି ପ୍ରକାଶପାଏ । ମନୁଷ୍ୟ ନିଜେ ବିଚାର କରି ନିଜ କାର୍ଯ୍ୟ କରିବା ମଧ୍ୟ ସେହି ପ୍ରକାଶ ଶୃଙ୍ଖଳାର ବୈଚିତ୍ର୍ୟରେ ଏକ ବିକାଶ । ଏଥିରେ କର୍ମ ଛାଡ଼ିବାର ନାଇ । ଜଗତର ସମସ୍ତ କର୍ମ ଭିତରେ ସମାନ ଭାବରେ ରହି, ପୁରୁଷୋତ୍ତମଙ୍କର ବିଶ୍ୱ ପ୍ରକାଶ ଶୃଙ୍ଖଳା ବା ଲୀଳାର ଅନୁଭୂତିରେ ଚିର ଜାଗ୍ରତ ରହି କର୍ମରେ ଲାଗିବାକୁ ହେବ ।

ଏହିପରି 'ଜ୍ଞାନ'ରେ ବିଶ୍ୱର ଯେ ଧାରଣା, 'ଭକ୍ତି'ରେ ତାହାରି ଆରାଧନା ଓ 'କର୍ମ'ରେ ତାହାରି ସାଧନା । ଏହାହିଁ 'ଅଦ୍ୱୈତବାଦ' । ଏଥିରେ ସାଂପ୍ରଦାୟିକତା ନାଇ ବା କୌଣସି ଧର୍ମଧ୍ୱଜୀର ଅଭିମାନ ନିମନ୍ତେ ସ୍ଥାନ ନାଇ । ଏହା ଜାଣିଲେ, ବେଦ କହିଚନ୍ତି– ''ତତୋ ନ ବିଜୁଗୁପ୍‌ସତେ'' ଅର୍ଥାତ୍ ମନୁଷ୍ୟ ଆଉ 'ମୋର', 'ତୋର' କରେ ନାଇ, ନିରୁଦ୍ୟମ ହୁଏ ନାଇ କିମ୍ବା ଘାଣ୍ଟି ହୁଏ ନାଇ ।

[ନବ ଭାରତ, ଧନୁ ୧୩୪୭]

—

Digitized by PPRACHIN, SOA

# ସାଲଭେସନ୍ ଆର୍ମି ଓ ଖ୍ରୀଷ୍ଟଧର୍ମର ବାର୍ତ୍ତା

ସେଦିନ ଅନୁଗୁଳରୁ ଆସୁଥିଲୁ, ଜଣେ ଗୋରାଙ୍କ ସଙ୍ଗେ ଦେଖାହେଲା । ତାଙ୍କ କୁର୍ତ୍ତା ଉପରେ ନାଲିରେ ଗୋଟାଏ ବଡ଼ 'ଏସ୍' (S) । ବୁଝାଗଲା ସେ ସାଲ୍‌ଭେସନ୍ ଆର୍ମି ବା ଲୋକ-ଉଦ୍ଧାରକ ଦଳର ଜଣେ । ଅନୁଗୁଳରେ ଅସଭ୍ୟ ଲୋକଙ୍କ ଉଦ୍ଧାର ପାଇଁ ସେ ଗୋଟିଏ ବୟନ ବିଦ୍ୟାଳୟ ଆଉ ଗୋଟିଏ ସାଧାରଣ ବିଦ୍ୟାଳୟ କରୁଚନ୍ତି । ଅର୍ଥାତ୍ ସେଇ ଦଳର ଲୋକେ ସେ ସବୁ ବିଦ୍ୟାଳୟ କରୁଛନ୍ତି । ଏ ଜଣେ ସେଇ ଦଳର ପଣ୍ଡା । ସେ କହିଲେ, ଏ ଦଳକୁ ଇଂଲଣ୍ଡରେ ଭାରତ ଫେରନ୍ତା ବା ଭାରତରେ ଇଂରେଜମାନଙ୍କ ହିତକାମୀମାନେ ଚାନ୍ଦା ଦିଅନ୍ତି । ସେଥିପାଇଁ ଦେଶୀ ଲୋକଙ୍କ ପାଇଁ ଏ ପଇସାରୁ ଖର୍ଚ୍ଚ କରିବାକୁ ବଡ଼ କଷ୍ଟ ପଡ଼େ, ତଥାପି କରାଯାଉଚି । ମାତ୍ର ଦାତାମାନଙ୍କର ଇଚ୍ଛା ଭାରତକୁ ଆସୁଥିବା ଇୟୁରୋପୀୟମାନେ ତଥା ଭାରତରେ ପୁରୁଷାନୁକ୍ରମେ ଜନ୍ମୁଥିବା ସେଇ ଇୟୁରୋପୀୟମାନଙ୍କର ପିଲାମାନେ (Anglo-Indian)– ଏଇମାନଙ୍କୁ ଉଦ୍ଧାର କରିବା ପାଇଁ ଲୋକେ ଏ ଧନ ଦିଅନ୍ତି । ଅନେକେ ଜାଣିଥିବେ, ଏଇ ଶ୍ରେଣୀର ଅନେକଙ୍କୁ ବିପଥରୁ ଉଦ୍ଧାର କରିବା ବଡ଼ ଦରକାର । ବିଶେଷରେ ଯୁବକ ଇୟୁରୋପୀୟମାନେ ଏ ଦେଶକୁ ସୈନିକାଦି ଚାକିରିରେ ଆସି ଯେପରି ବିପଥଗାମୀ ହୁଅନ୍ତି ଓ ସେଇ ସଂସର୍ଗରେ ଅନ୍ୟମାନଙ୍କର ଯେ ଅବସ୍ଥା ହୁଏ ତାହାର ପ୍ରମାଣ ସରକାରୀ ଓ ବେସରକାରୀ ଲେଖାମାନଙ୍କରେ ବହୁତ ମିଳେ । ସୈନିକମାନଙ୍କ ପାଇଁ ବାରନାରୀ ଯୋଗାଇବାରେ ସରକାର ଏକ କାଳରେ ଖଜଣାଖାନାରୁ ଖର୍ଚ୍ଚ କରୁଥିବାର ମଧ୍ୟ ପ୍ରମାଣ ଅଛି । ଏ ଉଦ୍ଧାରକ-ଦଳ ହୁଏତ ବହୁପୂର୍ବେ ସେଇ ଉଦ୍ଦେଶ୍ୟରେ ଏ ଦେଶକୁ ଆସିଥିଲେ । ଏବେ ଅନୁଗୁଳ ପରି ସ୍ଥାନମାନଙ୍କରେ ଡୋମ ପ୍ରଭୃତି ଜାତିରେ ଏମାନେ କାର୍ଯ୍ୟ ଲଗାଇଛନ୍ତି । ତାଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଖ୍ରିସ୍ତାନ କରିବା ମଧ୍ୟ ଏମାନଙ୍କର ଅନ୍ୟତର ଉଦ୍ଦେଶ୍ୟ । ଏମାନଙ୍କର ବିଶ୍ୱାସ, ଖ୍ରିସ୍ତାନ ହେଲେ ସମସ୍ତେ ଉଦ୍ଧାର ପା'ନ୍ତି । ପଚରାଗଲା– ଇୟୁରୋପର ଖ୍ରିସ୍ତାନ ଦେଶମାନଙ୍କରେ ଏବେ କେତେ ଯଥାର୍ଥ ଖୀରସ୍ତାନ ଅଛନ୍ତି ? ଗୋରା ଭଦ୍ରଲୋକଟି କହିଲେ ଶତକଡ଼ା ୫ରୁ ବେଶୀ ନୁହେ । ଇଂଲଣ୍ଡ ପ୍ରଭୃତିରେ ଏତିକି ହେବେ । ଇଟାଲୀ ପ୍ରଭୃତିରେ ଆଉରି କମ୍ । ରୁଷିଆ କଥା ପଚାରିବା ଦରକାର କ'ଣ ? ଅତଏବ ଘର ଛାଡ଼ି ବିଦେଶରେ ଖ୍ରିଷ୍ଟାନ କରିବାକୁ ଆସିବାର ଉଦ୍ଦେଶ୍ୟ ଠିକ୍ ବୁଝାଗଲା ନାହିଁ ।

ପୁଣି ପଚରାଗଲା, ଯୀଶୁଖ୍ରୀଷ୍ଟ ଯେଉଁ ପରିସ୍ଥିତିରେ ଯେଉଁ ଧର୍ମ ପ୍ରଚାର କରିଥିଲେ ତାହା କ'ଣ ସାର୍ବଜନୀନ ଓ ସାର୍ବକାଳୀନ ? ସମସ୍ତେ କ'ଣ 'ସିଜର'ଙ୍କ ମୁଣ୍ଡ ଟଙ୍କା

Digitized by PPRACHIN, SOA

ଉପରେ ଦେଖି ସେ ଟଙ୍କା ସିଜରଙ୍କୁ ଦେଇଦେବା କଥା ଶିଖୁଥିବେ ? ପୁଣି ଈଶ୍ୱର ଧାରଣା କରିବାରେ କ'ଣ ସଭ୍ୟତାର ଇତର ବିଶେଷ ଭେଦ ନାହିଁ ? ଗୋରା ଭଦ୍ରଲୋକ କହିଲେ– ''ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସେ ସବୁ ବୁଦ୍ଧି ଦେବେ ।''–ଈଶ୍ୱର କ'ଣ ଜଗତ୍‌ରୁ ଭିନ୍ନ ? ମନୁଷ୍ୟଠାରୁ ଅଲଗା ? ଆମକୁ ଯେପରି ରାଜା ଓ ବାପ ଶାସନ ପାଳନ କରନ୍ତି ସେ କ'ଣ ସେଇପରି କରୁଥାନ୍ତି ? ତେବେ ଏ ଦ୍ୱୈତ ବୁଦ୍ଧିରେ ଈଶ୍ୱର ସର୍ବଶକ୍ତିମାନ ଓ ସର୍ବବ୍ୟାପୀ କିପରି ? ଏପରି ଆତ୍ମିକ ସାମ୍ରାଜ୍ୟବାଦ ଅସଭ୍ୟ ଲୋକଙ୍କୁ ଶିଖାଇବାରେ କି ଲାଭ ? ଏ କ'ଣ ନିପଟ ପ୍ରତିମା ପୂଜା ପରି ଏକ କୁସଂସ୍କାର ନୁହେ ? ସେଠାରୁ ବେଦାନ୍ତ ଓ ଖ୍ରୀଷ୍ଟ ଦର୍ଶନବାଦ ସମ୍ବନ୍ଧରେ କେତେକ କଥାବାର୍ତ୍ତା ହେଲା । କିନ୍ତୁ ଭଦ୍ରଲୋକଟି ଏ ସବୁରେ ବିରକ୍ତ ହେବା ଛଡ଼ା ଆଉ କିଛି ଆଧାତ୍ମିକ ଗୁଣରେ ଶିକ୍ଷିତ ହୋଇନାହାନ୍ତି ବୋଲି ମନେହେଲା ।

ସେଠାରୁ ପଡ଼ିଲା ବୟନ ବିଦ୍ୟାଳୟ କଥା । ସଙ୍ଗେ ସଙ୍ଗେ ଏ ଦେଶରେ ବ୍ୟାବସାୟିକ ଶିକ୍ଷା କଥା ମଧ ଉଠିଲା– ଏ ଦେଶରେ ବ୍ୟବସାୟ ଶିଖାଇ ଲାଭ କ'ଣ ? ବିଲାତରୁ ଟିକସ୍ କମାଇ ଶସ୍ତାରେ ଲୁଗା ଭର୍ତ୍ତି କରୁଥିବା ସ୍ଥଳେ ଲୋକଙ୍କୁ ଲୁଗାବୁଣା ଶିଖାଇଲେ ସେ ଲୁଗା କିଣିବ କିଏ ? ଏଥିରେ ବୟନ ବିଦ୍ୟାଳୟର କି କାର୍ଯ୍ୟ ପ୍ରସାର ହେବ– ପ୍ରଭୃତି କଥାଗୁଡ଼ିକ ବୁଝାଇ ଦେବାରେ ଭଦ୍ରଲୋକଟି ଯୁକ୍ତି କରୁ କରୁ ମଝିରେ ହଠାତ୍ ରହିଯାଇ କହିଲେ ''ଏ ସବୁ ରାଜନୀତି କଥାରେ ମନ ଦେବାକୁ ଆମକୁ ମନାଅଛି ।'' କୁହାଗଲା– ଏ ସବୁ କ'ଣ ଠକେଇ ? ବୟନ ବିଦ୍ୟାଳୟ କରୁଛ । ଉତ୍ତୀର୍ଣ୍ଣ ଛାତ୍ରର ଲୁଗା କିପରି ବିକା ହେବ ସେ କଥା ବିଚାର କରିବାକୁ ବନ୍ଧ ପଡ଼ିଛି ରାଜନୀତିରେ । ତେବେ ଧର୍ମ ନ୍ୟାୟ ଓ ସଚ୍ଚରିତ୍ରର ଏତେ ଘଟାଟୋପ କହିବାରେ ଲାଭ କ'ଣ ? ପୃଥିବୀର ମହାଯୁଦ୍ଧରେ ମିତ୍ର ଶକ୍ତି ଜିଣିବେ ବୋଲି ସବୁ ଗିର୍ଜାରେ ଘଣ୍ଟା ବାଜି ଉପାସନା ହେଉଥିଲା କାହିଁକି ? ତମ ଉଦ୍ଧାରକ ଦଳ କ'ଣ ସେ ଉପାସନାରେ ଯୋଗ ଦେଇ ନଥିଲେ ? ଯଦି ଏତେ ଭୟ, ଏ ଭୟ କାହାକୁ– ଧର୍ମକୁ ନା ପାପକୁ ? ଘରଦ୍ୱାର ଛାଡ଼ି ଜୀବନ ବ୍ୟୟ କରି ଏ କି ସାଧନା ଚାଲିଛି, କହିଦେବା ଉଚିତ ନୁହେଁ କି ? ଯେଉଁ ରାଜ୍ୟ ଶୁଳ୍କ କମାଇ ଏ ଦେଶରେ ଶସ୍ତା ଲୁଗା ଭର୍ତ୍ତି କରି ତନ୍ତୀ ଓ ବୁଣାକାରମାନଙ୍କର ଗ୍ରାସ ନାଶ କରୁଛି, ସେ ରାଜ୍ୟ ପାପ କରୁଛି । ସ୍ପଷ୍ଟ ଏକଥା କହିଦିଅ– ତେବେ ବୁଝାଯିବ ତୁମେ ଯେଉଁ ଖ୍ରୀଷ୍ଟିଆନ ଧର୍ମରେ ବିଶ୍ୱାସ କରୁଛ, ଯାହା ଲୋକଙ୍କୁ ଧାର୍ମିକ ଓ ସତ୍ୟବାଦୀ ହେବାକୁ ଶିଖାଉଛ ତାହା ତୁମର ଯଥାର୍ଥ ମତ । ନିଜେ ମିଥ୍ୟାଚାର ଧରି, ଲୋକଙ୍କୁ ସତ୍ୟ ଶିଖାଇ ଉଦ୍ଧାର କରିବାର ପ୍ରୟାସ କାହିଁକି ? ଏ ଦେଶରେ ତମ ପରି ଉଦ୍ଧାରକମାନେ କି ଅନିଷ୍ଟ କରୁଛନ୍ତି, ବୁଝୁଛ ? ଭଦ୍ରଲୋକଟି ନୀରବ ଓ ଭାବିତ ହେଲେ ।

[ନି.ଭା. ୩ୟ ବର୍ଷ, ତୁଳା ୧୩୪୩]

Digitized by PPRACHIN, SOA

# ଭୋଗ ଓ ତ୍ୟାଗ

ଲୋକର ଭୋଗ ପାଇଁ ଏବେ ସଭ୍ୟତାର ଚରମ ତାଣ୍ଡବ । ଅବଶ୍ୟ ଭୋଗ ଜୀବୀଧର୍ମ– ଜନ୍ତୁ କାମନା ମାତ୍ରରେ ଚାଳିତ । କିନ୍ତୁ ଭାରତର ପ୍ରାଚୀନ ଦ୍ରଷ୍ଟାମାନେ ବରାବର କହିଥିଲେ, ତ୍ୟାଗହିଁ ଭୋଗ । ତ୍ୟାଗହିଁ ମାନବର ମାନବତ୍ୱ । ଜୀବଧର୍ମରୁ ଏହା ମାନବର ବିଶେଷତ୍ୱ । ଏହା ଯେ କହୁଥିଲେ ତାଙ୍କୁ କହନ୍ତି ଦ୍ରଷ୍ଟା, ଅର୍ଥାତ୍ ସେ ଦେଖୁଥିଲେ । ଏବେ ଯେଉଁମାନେ ଭୋଗକୁ ଧରୁଛନ୍ତି ସେମାନେ ଯଥାର୍ଥରେ ତ୍ୟାଗକୁହିଁ ଧରିଛନ୍ତି, କିନ୍ତୁ ଦେଖୁନାହାନ୍ତି । ତ୍ୟାଗକୁ ଭୋଗ ବୋଲି କହି ଛାଇକୁ କାମୁଡ଼ି ଧରିଛନ୍ତି । ମନୁଷ୍ୟକୁ ଜନ୍ତୁ ସଙ୍ଗେ ସମାନ ମଣି କାର୍ଯ୍ୟରେ ଲାଗିଚି ବୋଲି ବିଚାରୁଛନ୍ତି । କିନ୍ତୁ ଯଥାର୍ଥରେ ତାହା ସେ କରୁନାହାନ୍ତି । ସେ ଦ୍ରଷ୍ଟା ନୁହନ୍ତି । ତେଣୁ ଜଗତରେ ଆଜି ଘୋର ଗଣ୍ଡଗୋଳ ।

ସାମ୍ୟବାଦ ଲୋକର ଭୋଗର ବ୍ୟବସ୍ଥା କରିବ । ଲେନିନ୍ ନିଜ ଭୋଗର ବ୍ୟବସ୍ଥା କରୁ ନ ଥିଲେ । ଆଜି ମଧ୍ୟ ଯେତେ କ୍ଷୁଦ୍ର ହୁଅନ୍ତୁ ନା କାହିଁକି, ସେ ସେଇ ମୁଖରେ ସମାଜର ସଂସ୍କାର ଲୋଡୁଛନ୍ତି । ତାଙ୍କର ନିଜ ଭୋଗ ସଙ୍ଗେ ସମ୍ପର୍କ ନାହିଁ । ସେ ଆଡ଼କୁ ଦୃଷ୍ଟି ପର୍ଯ୍ୟନ୍ତ ନାହିଁ, ସବୁବେଳେ ଦୃଷ୍ଟି ଅନ୍ୟର କିପରି ଭୋଗ ବ୍ୟବସ୍ଥା କରିବେ । ମାତ୍ର ପ୍ରଭେଦ ଏହିଠାରେ । ସେ ଅନ୍ୟର ଭୋଗ ବ୍ୟବସ୍ଥା କଲାବେଳେ ନିଜର ବା ଏହିପରି ସଂସ୍କାରକମାନଙ୍କର କ୍ରିୟାର ତତ୍ତ୍ୱ, ଆଦର୍ଶରେ ପ୍ରଚାର କରୁନାହାନ୍ତି । ତେବେ ସେ ପ୍ରଚାର କରନ୍ତେ, ଆମେମାନେ ଯେପରି ଅନ୍ୟର ସୁବିଧା ଅସୁବିଧା ଘେନି ବ୍ୟାକୁଳ, ଜଗତରେ ସମସ୍ତେ ସେଇପରି ବ୍ୟାକୁଳ ହୁଅନ୍ତୁ । ଏହା କହିଲେ ସେ ହୁଅନ୍ତେ ଦ୍ରଷ୍ଟା । ଏହା କହିଲେ ମଧ୍ୟ ସଙ୍ଗେ ସଙ୍ଗେ ଜୀବୀ ଧର୍ମ ମାନବତ୍ୱରେ ପରିଣତ ହୁଅନ୍ତା । ଏହି ପ୍ରଭେଦଟିକ ହେତୁରୁ ଜଗତରେ ସମାଧାନ ପଛକୁ ଘୁଞ୍ଚିଯାଉଚି । ଦ୍ୱନ୍ଦ୍ୱର ତାଣ୍ଡବ ସଭ୍ୟତାକୁ ବେଳକୁ ବେଳ ଗ୍ରାସ କରୁଚି ।

ଦିନେ ଲିଭିଙ୍ଗ୍‌ଷ୍ଟୋନ୍ ବୋଲି ଜଣେ ସାହେବ ଆଫ୍ରିକାର ଜଙ୍ଗଲ ଭିତରେ ନୀଳ ନଦୀର ଆଦିସ୍ଥାନ ଖୋଜି ଖୋଜି ହିଂସ୍ରଜନ୍ତୁ ଓ ହିଂସ୍ର ମାନବମାନଙ୍କ ମଧ୍ୟରେ ପ୍ରାଣାନ୍ତ ଶ୍ରମ ପରେ ତାହା ପାଇଥିଲେ । ସେ ଇଂଲଣ୍ଡକୁ ଫେରିଲେ ମଧ୍ୟ ସେଠାରେ ରହି ନ ପାରି ପୁଣି ସେହି ବର୍ବର ଭୂମି ପ୍ରତି ଆକୃଷ୍ଟ ହେଉଥିଲେ । ଏଥିରେ ତାଙ୍କର ନିଜର କି ଭୋଗର ଆଦାନ ଥିଲା ? କିନ୍ତୁ ଲୋକେ କହିବେ, ସେ ନିଜର ବଡ଼ାଇ ବାହାଦୁରି ବା ଇତିହାସରେ ନାମ ନିମନ୍ତେ ତାହା କରୁଥିଲେ । ତାହାହିଁ ତାଙ୍କର ଭୋଗ । ହୁଏତ ସେଇ ଭୋଗର ଆଦାନରେ ଲେନିନ୍ ମଧ୍ୟ ଲାଗିଥିଲେ, ହେଲା । ଯୁକ୍ତି ପାଇଁ ତାହାହିଁ ଯଦି ଧରାଯାଏ, ତେବେ ଏପରି ବଡ଼ାଇ ବାହାଦୁରି ବା ଇତିହାସରେ ନାମ ରଖିବା କଦାପି ଜୀବୀ ଧର୍ମ

Digitized by PPRACHIN, SOA

ନୁହେ । ଏ କାମନା ଜନ୍ତୁର କାମନା ନୁହେ । ଏହା ବିସ୍ତୀର୍ଣ୍ଣ । ଦେଶ କାର୍ଯ୍ୟରେ ଏହାର ସୀମା ପରିସର ଦେଖି ବସିଲେ ଏହାର ପ୍ରକୃତି ବୁଝାଯିବ । ଏହାର ପ୍ରକୃତି ଭୌତିକ ନୁହେ, ଆତ୍ମିକ । ଏହାହିଁ ଜୀବୀମାନବର ମାନବତା । ଏହି ନାମ ପ୍ରୟାସ କୌଣସି ଭୌତିକ ସୁଖର ମାପକାଠିରେ ମପାଯିବାର ବସ୍ତୁ ନୁହେ । ଏହା ଅନ୍ତରାତ୍ମାର ବିକାଶ । ଏହାହିଁ ଦେଖିଲେ ମାନବ ଦ୍ରଷ୍ଟା ।

ଅନ୍ୟ ଦିଗରୁ ଦେଖ, ମନୁଷ୍ୟର ଭୋଗ କ'ଣ ? ମନୁଷ୍ୟ ଭୋଗ ପାଇଁ ଧନ ସଞ୍ଚୁଛି, ମଟର, ଏରୋପ୍ଲେନ୍ କରୁଛି, ଦାସଦାସୀ ରଖୁଛି, ସିନେମା ଦେଖୁଛି, ଏଇପରି ଅନେକ କଥା କରୁଛି । ଏ ସବୁଥିରେ ଜୀବୀର ଯାହା ଭୋଗ, ତା'ର ମାତ୍ରା କେତେ ? କେହି କାରଖାନାର ଲୁହା ବା ମୋହରର ସୁନା ଖାଏ ନାହିଁ । ତଥାପି ସେ ସବୁ ଭୋଗର ସାମଗ୍ରୀ । ବାସ୍ତବରେ ସଞ୍ଚିତ ଧନ ପରହାତକୁ ଦେବାହିଁ ଭୋଗ । ଯେତେ ଭୋଗ ବଢ଼େ ସେତେ ନିଜର ଧନ ପରର ଭୋଗରେ ଲାଗେ । ଏହାହିଁ ମାନବର ଭୋଗ, ଜୀବୀର ଭୋଗଠାରୁ ଏହାର ପ୍ରଭେଦ ସ୍ପଷ୍ଟ । ଭୋଗ ମଧ୍ୟରେ ଏହି ତ୍ୟାଗ ଦେଖିବା ହିଁ ଯଥାର୍ଥ ଦେଖିବା । ଏହାହିଁ ଯେ ଦେଖେ ସେ ଦ୍ରଷ୍ଟା । ତାହାରି ବଚନ ହିଁ ଆପ୍ତ ବଚନ ।

ଏହି ତ୍ୟାଗକୁ ତ୍ୟାଗ ନ କହି କର୍ତ୍ତବ୍ୟ କହନ୍ତି । କର୍ତ୍ତବ୍ୟ ଜୀବୀ ଧର୍ମ ନୁହେ, ଏହା ମନୁଷ୍ୟ ଧର୍ମ । ସନ୍ତାନପାଳନାଦିରେ ଜୀବୀର କର୍ତ୍ତବ୍ୟ ଦେଖାଯାଏ । ମାତ୍ର ତାହାର ସ୍ତର ବଡ଼ ତଳେ । କର୍ତ୍ତବ୍ୟରେ ଲୋକ ସବୁବେଳେ ନିଜ ଭିତରୁ ବାହାରି ଅନ୍ୟର ଅଭାବ ଖୋଜିବୁଲେ । ଏହି ପରପ୍ରାଣତା ତ୍ୟାଗର ଯଥାର୍ଥ ଜୀବନ । କର୍ତ୍ତବ୍ୟ ତ୍ୟାଗର ଗୋଟିଏ ପରମ୍ପରା ।

ଜଗତରେ ଦୁସ୍ଥର ଭୋଗାଧାନ କରାଇବା ମନୁଷ୍ୟତା । ତାହା ସର୍ବବାଦୀସମ୍ମତ । ଏଠାରେ ବୁଦ୍ଧ ଲେନିନଙ୍କର ଭେଦ ନାହିଁ । ମାତ୍ର ଦୁଃସ୍ଥ ଆରମ୍ଭରୁ ନିଜେ ନିଜର ଏ ଭୋଗାଧାନ କରିବାରେ କଦାପି ପ୍ରବୃତ୍ତ ହୁଏ ନାହିଁ, ହୋଇପାରେ ନାହିଁ । ଯାହାର ସ୍ୱାଚ୍ଛନ୍ଦ୍ୟ ଅଛି ସେହି ନିଜର ପରପ୍ରାଣତା ଓ କର୍ତ୍ତବ୍ୟରେ ବ୍ୟାପ୍ତ ହୋଇ ଯେଉଁ କ୍ରିୟା ପରମ୍ପରା ସୃଷ୍ଟି କରନ୍ତି ତାହାହିଁ ଜଗତରେ ଦୁଃସ୍ଥର ଦୁଃସ୍ଥତା ଦୂର କରେ । ଏଠାରେ ଭୋଗ କାହିଁ ? ଦୁଃସ୍ଥକୁ ଆଜି କହିଲେ ମଧ୍ୟ ସେ ପେଟକଥା ଛାଡ଼ି ପର କଥାରେ ମନ ବଳାଇବାରେ କିପରି ସମର୍ଥ ହୁଏ, ତାହା ଦେଖିବାର ଅଛି । ଏହାହିଁ ଯେ ଦେଖେ ସେ ଦ୍ରଷ୍ଟା । କର୍ତ୍ତବ୍ୟ ହିଁ ମାନବ ସମାଜର ପୀଠ । ଏହା ଦେଖିବାହିଁ ଯଥାର୍ଥ ଦେଖିବା ।

[ନବ ଭାରତ, ୩ୟ ବର୍ଷ, ତୁଳା ୧୩୪୩]

—

Digitized by PPRACHIN, SOA

# ଭାଗବତସାର ସତ୍ୟ ଧର୍ମ

ଏଇ ଶିରୋନାମାରେ ବ୍ରହ୍ମଅବଧୂତ ସନ୍ୟାସୀ ଶ୍ରୀ ବିଶ୍ୱନାଥ ବାବାଙ୍କ ରଚିତ ଖଣ୍ଡିଏ ଗ୍ରନ୍ଥ କେତେକାଳ ତଳେ ଆମ ହାତକୁ ଆସିଥିଲା । ଏହା ପୂର୍ବରୁ ଶ୍ରୀ ବିଶ୍ୱନାଥ ବାବାଙ୍କ 'ମହିମା ଧର୍ମ ପ୍ରତିପାଦକ' ପଢ଼ିଥିଲୁ । ଏ ଗ୍ରନ୍ଥରେ ମଧ ଗ୍ରନ୍ଥକାର ସେଇ ମହିମା ଧର୍ମକୁ 'ସତ୍ୟ ଧର୍ମ' ବୋଲି କହିଛନ୍ତି ।

ଆମ ମତରେ ଓଡ଼ିଶାର ଏହା ଯଥାର୍ଥ ପାରମ୍ପରିକ ସତ୍ୟ ଧର୍ମ । ଏହା ମଧ ଓଡ଼ିଶାର ମୌଳିକ ଧର୍ମ । ଭାରତର ଯେଉଁ ନିର୍ବାଣପର ମୌଳିକ ଧର୍ମ ସମସ୍ତ ବୈଦିକ ଧର୍ମକୁ ପ୍ରଭାବିତ କରିଆସିଚି ଏହା ସେଇ ଧର୍ମର ଏକ ନୂତନ ସଂସ୍କରଣ । ଦିନେ ଏଇ ମୌଳିକ ସାଧନାର ଏକ ସଂସ୍କରଣ ଥିଲା– ବୌଦ୍ଧଧର୍ମ ତଥା ଜୈନଧର୍ମ । ବୌଦ୍ଧଧର୍ମରେ ମହାଯାନର ଭକ୍ତି ପଶିଗଲା; ପୁଣି ଜୈନଧର୍ମରେ ହିନ୍ଦୁ ଦେବଦେବୀ ପର୍ଯ୍ୟନ୍ତ ସ୍ଥାନ ପାଇଲେ । ଓଡ଼ିଶାର ମୌଳିକ ସତ୍ୟ ଧର୍ମ ମଧ ସେଇପରି ବୈଷ୍ଣବ ଧର୍ମର ଦ୍ୱୈତ ଭକ୍ତିରେ ଆତ୍ମଗୋପନ କରିଥିଲା । ତା' ପରେ ବାହାରିଲା ମହିମା ଧର୍ମ । ଏହା ମୁଖ୍ୟତଃ ଶରୀର ସାଧନାରତ ଶୂନ୍ୟ ବା ନିର୍ବାଣବାଦୀର ଧର୍ମ । ଏଥିରେ ମାନବ ମାନବର ଭେଦ ନାଇଁ, କି ଅଷ୍ଟାଙ୍ଗ ଶରୀର ସାଧନା ଛଡ଼ା ଅନ୍ୟ ମୁକ୍ତି ସାଧନା ପାଇଁ । ଏ ଯୁଗରେ ଭୀମ ଭୋଇ ଏଇ ସତ୍ୟ ଧର୍ମର ସ୍ପଷ୍ଟ ପ୍ରତୀକ ।

ଅଚ୍ୟୁତ, ବଳରାମ, ଜଗନ୍ନାଥ ପ୍ରଭୃତି ପଞ୍ଚସଖାମାନେ ଏଇ ଶୂନ୍ୟ ସାଧନାକୁ ବୈଷ୍ଣବ ଧର୍ମର ଖୋଳ ପିନ୍ଧାଇ ପ୍ରଚାର କରିଚନ୍ତି । ସେଥିପାଇଁ 'ଜଗନ୍ନାଥ'ଙ୍କ ଅତିବଡ଼ି ବୈଷ୍ଣବ ଧର୍ମ ଚୈତନ୍ୟ ଶିଷ୍ୟଙ୍କ ବ୍ରହ୍ମ ବୈଷ୍ଣବ ଧର୍ମଠାରୁ ଭିନ୍ନ । ଏବେ ମଧ ଓଡ଼ିଆଙ୍କ ଭିତରେ 'ଅତିବଡ଼ି' ବୈଷ୍ଣବ ଅଛନ୍ତି । ଜଗନ୍ନାଥ ପୀଠ ପୁରୀର ବଡ଼ ଓଡ଼ିଆ ମଠର ମହନ୍ତ ଏଇ ଅତିବଡ଼ି ଧର୍ମର ସ୍ମାରକ ତଥା ଏ ସମ୍ପ୍ରଦାୟର ଚାଳକ ଓ ନିୟାମକ । ତଥାପି ଏଇ ଅତିବଡ଼ି ଧର୍ମ କ'ଣ ଓ ତାହା ଗୌଡ଼ୀୟ ସାଧନାରୁ କିପରି ପୃଥକ୍ ତାହା ଅନେକେ ହୁଏତ ଆଜି କହି ପାରିବେ ନାଇଁ । ଅତିବଡ଼ି ଧର୍ମକୁ ଯୋଗନିଷ୍ଠ ବୈଷ୍ଣବ ଧର୍ମ କହନ୍ତି ଓ ଗୌଡ଼ୀୟ ଧର୍ମକୁ ପ୍ରେମନିଷ୍ଠ ବୈଷ୍ଣବ ଧର୍ମ କହନ୍ତି । ଏ ଦୁଇଟିର ପ୍ରଭେଦ ମଧ ଏବେ ସୁଗମ ନୁହେ ।

ଓଡ଼ିଶାର ମୌଳିକ ଯୋଗନିଷ୍ଠ ଧର୍ମରେ ଆତ୍ମା ବ୍ରହ୍ମ ବା ଭକ୍ତିର କୌଣସି ସମ୍ପର୍କ ନଥିଲା । ମାତ୍ର ଲୋକ ସାଧାରଣରେ ଭକ୍ତି ଓ ଭକ୍ତିର ଲଭ୍ୟ ବସ୍ତୁ ବଡ଼ ଚିତ୍ତାକର୍ଷକ । ଦେବତାଙ୍କୁ ଯଜ୍ଞ ବା ବଳିରେ ଉପାସନା କରି ଫଳଲାଭ କରିବାର ସାଧନା ବୈଦିକମାନେ ପ୍ରବର୍ତ୍ତାଇଲେ । ତାହା ବେଶି ଲୋକରୋଚକ ହେଲା । ଶୂନ୍ୟ ସାଧନାର ମୌଳିକ ସତ୍ୟ ଧର୍ମ ମଳିନ ହେଲା । ତାହା ଲୋକେ ବୁଝିଲେ ନାଇଁ । ସେଥିପାଇଁ ଜୀବାତ୍ମା, ପରମାତ୍ମା,

Digitized by PPRACHIN, SOA

ବ୍ରହ୍ମ ପ୍ରଭୃତି ପରିଭାଷା କ୍ରମେ ଶୂନ୍ୟ ଧର୍ମରେ ପଶିଲା । ପରେ ବିଷ୍ଣୁଙ୍କ ଭକ୍ତି ମଧ୍ୟ ଦୃଢ଼ ଭାବରେ ପ୍ରତିଷ୍ଠା ପାଇଲା । ଏଇ ଅଯଥା ଅବଲମ୍ବନ ଓ ସାମାନ୍ୟ ଧର୍ମରୁ ସତ୍ୟ ଧର୍ମକୁ ବଞ୍ଚାଇବା ପାଇଁ ଐତିହାସିକ କାଳରେ ସିଦ୍ଧାର୍ଥ ବୁଦ୍ଧ ବହୁ ତପସ୍ୟା ଓ ଚିନ୍ତା ଫଳରେ ପ୍ରଚାର କଲେ–

ବୁଦ୍ଧଂ ଶରଣଂ ଗଚ୍ଛାମି (ଜ୍ଞାନ ଆଶ୍ରା କରୁଚି)
ଧମ୍ମଂ ଶରଣଂ ଗଚ୍ଛାମି (ନିତ୍ୟ କର୍ତ୍ତବ୍ୟ ବା ସାଧନାକୁ ଆଶ୍ରା କରୁଚି)
ସଂଘଂ ଶରଣଂ ଗଚ୍ଛାମି (ସମାଜକୁ ଆଶ୍ରା କରୁଚି) ।

ନିର୍ବାଣ ସାଧନା ଏକ ବ୍ୟକ୍ତିଗତ ସାଧନା । ସେଥିରେ ଜ୍ଞାନ ଥିଲା ଓ ଧର୍ମ ଥିଲା । ମାତ୍ର ସମାଜରେ ସେଇ ଧର୍ମ ସାଧନାର ଭାବ ନଥିଲା । ଏଇ ସଂଘ ଭାବର 'ଜୀବେ ଦୟା' ସଂଗେ ଦୃଢ଼ ସଂବଂଧ ଥିବାର କଥା ଥିଲା । ମାତ୍ର ଶୂନ୍ୟବାଦୀ ସତ୍ୟଧର୍ମୀମାନେ ଆତ୍ମା ବା ବସ୍ତୁତ୍ୱ ବୋଲି ସତ୍ୟ ମାନୁ ନଥିଲେ । ଶୂନ୍ୟ ସାଧନାର ଦର୍ଶନରେ ତା ଦରକାର ନଥିଲା । ସେମାନେ କହୁଥିଲେ, ନାମଛଡ଼ା ବସ୍ତୁର ବସ୍ତୁତ୍ୱ ବୋଲି ଆଉ କିଛି ନଥିଲା । ଏଇ ନାମ କିନ୍ତୁ ପରେ ଭକ୍ତି ଧର୍ମରେ ହେଲା ଯଥାର୍ଥ ବସ୍ତୁ, ବ୍ରହ୍ମ ବା ଆତ୍ମା । ବ୍ରହ୍ମର ବି ନାମ ହେଲା ଓଁ– ଅର୍ଥାତ୍, ମନୁଷ୍ୟ ବା ପୁରୁଷକୁ ଡାକିଲେ, ସେ ଯାହା ବୋଲି ଉତ୍ତର ଦିଏ । ଭକ୍ତିନିଷ୍ଠ ବୈଷ୍ଣବ ବି ସଂଗେ ସଂଗେ 'ଜୀବେ ଦୟା'ରେ 'ନାମେ ଭକ୍ତି' ଯୋଡ଼ିଦେଲେ । କହିଲେ– ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍ ।

ଭକ୍ତି ବଡ଼ ପ୍ରିୟ ବସ୍ତୁ । ଏଥିରେ ପୁଣି ସାଧନା ବଡ଼ ସୁଗମ ହୋଇପଡ଼ିଲା । ଅଷ୍ଟାଙ୍ଗ ସାଧନାର କଠୋର ଯୋଗକୁ ଆଉ ଧାଉଁଚି କିଏ ? ବାଧହୋଇ ପଞ୍ଚସଖା ବିଷ୍ଣୁ ନାମରେ ସେଇ ଶୂନ୍ୟ ଉପାସନା ପ୍ରଚାର କଲେ । (ଏହାର ବିଶଦ ଉଦାହରଣ ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗୀତା ପ୍ରବେଶର ୩୦୫ ଓ ପର ପୃଷ୍ଠାମାନ ଦେଖ) । କିନ୍ତୁ ତା ମଧ୍ୟ ଦ୍ୱୈତ ଭକ୍ତିର ସୁଖସାଧନା ପାଖେ ବେଶିଦିନ ନିଜତ୍ୱ ରଖି ପାରିଲା ନାହିଁ । ସେଥିପାଇଁ ପୁଣି ମହିମା ଗୋସାଇଁଙ୍କ ଆବିର୍ଭାବ ହେଲା । ଏବେ ସେଇ କଠୋର ସାଧନାନିଷ୍ଠ ଶୂନ୍ୟବାଦ ଧର୍ମକୁ ସୁଖସେବ୍ୟ ପ୍ରଚଳିତ ଧର୍ମର ସାମଞ୍ଜସ୍ୟରେ ଫୁଟାଇବାକୁ ଲୋଡୁଚନ୍ତି– ଶ୍ରୀ ବିଶ୍ୱନାଥ ବାବା ।

ମହିମାଧର୍ମ ପ୍ରତିପାଦକ ଗ୍ରନ୍ଥରେ ସେ ଶୂନ୍ୟ ବଦଳରେ ସଦ୍-ଚିତ୍-ଆନନ୍ଦ-ମୟ ବ୍ରହ୍ମର ଉପାସନାକୁ ମହିମା ଧର୍ମର ଆଶ୍ରୟ ବୋଲି ପ୍ରଚାର କରିଥିଲେ । କଲେହେଁ ହଂସ, ଅଜପା ପ୍ରଭୃତିର ଉପଯୋଗ ସେଥିରେ କରିବାକୁ ଚେଷ୍ଟା ମଧ୍ୟ କରିଚନ୍ତି । ସବୁ କିନ୍ତୁ ସେଇ ବୈଦିକ ଧର୍ମର ରଙ୍ଗରେ ରଞ୍ଜିତ ହୋଇଚି । ଏବେ ପୁଣି ତାଙ୍କରି ରଚିତ ଏ ଭାଗବତ ସାର ସତ୍ୟ ଧର୍ମ ।

ଏଥିରେ ବହୁତ ଦର୍ଶନ ତତ୍ତ୍ୱ ଓ ଲୋକସାଧନା ସେ ବୁଝାଇଛନ୍ତି ସତ, ମାତ୍ର ତତ୍ତ୍ୱ ଦୃଷ୍ଟିରେ ଦେଖିଲେ ଏହା ଠିକ୍ ଭାଗବତର ଦ୍ୱୈତବାଦ ନୁହେ, କିମ୍ବା ମୌଳିକ ଶୂନ୍ୟ ସାଧନା ନୁହେ । ଏହା ଅନେକ ସ୍ଥଳରେ ଅଦ୍ୱୈତ ବ୍ରହ୍ମ-ବାଦ ପରି ଲାଗୁଚି । ତାହାହିଁ

Digitized by PPRACHIN, SOA

ହେବାର କଥା । ମାତ୍ର ପଞ୍ଚସଖାମାନେ ଯେପରି ଭାଗବତାଦିର ସ୍ପଷ୍ଟ ଶୂନ୍ୟ ସାଧନାର ବ୍ୟାଖ୍ୟା ଦେଇଥିଲେ, ତାହା ଏଥିରେ ନାହିଁ । ତେଣୁ ସତ୍ୟ ଧର୍ମ ବୋଲି ଶ୍ରୀ ବିଶ୍ୱନାଥ ବାବା ଯାହାକୁ ମନେକରନ୍ତି, ସେ ଧର୍ମର ସଙ୍କେତ ଏଥିରେ ନାହିଁ । ଏହା ଭାଗବତରୂପ ଦ୍ୱୈତବାଦଗତ ଭକ୍ତି ଧର୍ମର ଏକ ଅଦ୍ୱୈତତାମୂଳକ ପ୍ରକାଶ ମାତ୍ର । ଶ୍ରୀ ବିଶ୍ୱନାଥ ବାବା ସ୍ପଷ୍ଟ କହିଚନ୍ତି– ''ଏଇରୂପେ ଭାଗବତରେ କେବଳ ସାର ଅଦ୍ୱିତୀୟ ବ୍ରହ୍ମ ଉପାସନା ବ୍ୟତୀତ ଅନ୍ୟାନ୍ୟ ଦେବତା ଉପାସନା × × × ପ୍ରଭୃତିର × × ଫଳ ଅନିତ୍ୟ ଭାବରେ ବର୍ଣ୍ଣିତ ଅଛି ।''

(ଭାଗବତସାର ସତ୍ୟ ଧର୍ମ, ୩୮ ପୃଷ୍ଠା)

'ଅଦ୍ୱିତୀୟ ବ୍ରହ୍ମ' ଭାଗବତରେ ନାହିଁ । ଭକ୍ତ ଓ କୃଷ୍ଣ ନାରାୟଣ ବିଷ୍ଣୁ ପ୍ରଭୃତି ନାମରେ ଭକ୍ତର ଭଗବାନହିଁ ଭାଗବତରେ ଅଛନ୍ତି । ଅଦ୍ୱିତୀୟ ବ୍ରହ୍ମର ଉପାସନା ପୁଣି ଅନ୍ୟ ଦେବତାଙ୍କ ଉପାସନା ସଙ୍ଗେ ତୁଳନୀୟ ନୁହେ । ଅଦ୍ୱିତୀୟ ବ୍ରହ୍ମର ଉପାସନା ଏକ ଆତ୍ମ ସାଧନା ଛଡ଼ା ଆଉ କିଛି ହୋଇ ନ ପାରେ । ତେଣୁ ଶ୍ରୀ ବିଶ୍ୱନାଥ ବାବାଙ୍କର ଏ ସତ୍ୟଧର୍ମ କ'ଣ, ତା' ଠିକ୍ ବୁଝା ଯାଉ ନାଇ । ଏହା ପୁଣି କର୍ମ ତ୍ୟାଗର ସାଧନା ନୁହେ, କି ପୂର୍ଣ୍ଣଭାବରେ କର୍ମର ସାଧନା ନୁହେ । ଏ ଧର୍ମର 'ଦର୍ଶନ' ତେଣୁ ବୁଝିବା ଦୁଷ୍କର ।

ତେବେ ସବୁ ଧର୍ମର ସାମଞ୍ଜସ୍ୟ ଓ ସମନ୍ୱୟ ଭାରତର ପ୍ରକୃତିଗତ । ଯେ ଯେଉଁ ମତ ଧରୁ ସେ ସବୁ ମତକୁ ମଧ୍ୟ ନିଜ ମତର ଅନୁକୂଳ ବୋଲି ପ୍ରତିପାଦନ କରିବାକୁ ଚେଷ୍ଟା କରେ । ସେ ହିସାବରେ ଶ୍ରୀ ବିଶ୍ୱନାଥ ବାବା ଯଥେଷ୍ଟ ଭାରତୀୟ ମନୀଷାର ସଂକେତ ଦେଇଚନ୍ତି । ମାତ୍ର ମୌଳିକ ସତ୍ୟ ଧର୍ମ ବା ଓଡ଼ିଶାର ଅଷ୍ଟାଙ୍ଗ ସାଧନାନିଷ୍ଠ ଧର୍ମ, କିମ୍ୱା ମହିମା ଧର୍ମର ଯଥାର୍ଥ ତାତ୍ତ୍ୱିକ ଭିତ୍ତି ଖୋଜିଲେ, ଏଥିରେ ତାହା ମିଳୁ ନାହିଁ । ସଦାଚାରନିଷ୍ଠ ସମାଜ ଧର୍ମ ଓ ଶିଷ୍ଟାଚାରପ୍ରଣୀତ ଅଧ୍ୟାତ୍ମତତ୍ତ୍ୱ ଏ ଦେଶରେ ଅଳ୍ପ ନାହିଁ । ତଥାପି ସେ ସବୁର ବୋଧହୁଏ ଆଉରି ଲୋଡ଼ା ଅଛି । ଯୁଗରୁଚିର ଅନୁକୂଳ କରି ସେ ଲୋଡ଼ା ମେଣ୍ଟାଇ ପାରିଲେ ଅବଶ୍ୟ କାମ ହେବ । ନଚେତ୍ ଯୁଗ ରୁଚିରେ ଜୀବନ୍ତ ନୂତନତା ଫିଟାଇ ରୁଚି ବଦଳାଇ ପାରିଲେ ହେଲା । ମାତ୍ର ସେପରି ବଦଳାଇବା ଏଡ଼େ ସହଜ ନୁହେ । ମାନବର ପରମ୍ପରାର ତନ୍ତ୍ରୀରେ ଆଘାତ କରି ଏକପ୍ରକାର ନୂତନତା ଅଣାଯାଇପାରେ । ଆଜି ବିସ୍ତୀର୍ଣ୍ଣ ବିଦ୍ୟା ଓ ଅନୁସନ୍ଧାନର ଯୁଗ । ସେବାଟେ ମଧ୍ୟ ନୂତନତା ଆସିପାରେ । ପରମ ସାଧକ ଶ୍ରୀ ବିଶ୍ୱନାଥ ବାବା ଜଣେ ସର୍ବତ୍ୟାଗୀ ଓ ମହାପ୍ରାଣ ବ୍ୟକ୍ତି । ସେ ଭକ୍ତିର ସାଧକ, କି ଆତ୍ମାର ସାଧକ, କି ନିର୍ବାଣର ସାଧକ– କିମ୍ୱା ସର୍ବମତର ସାଧକ, ତା ଆମେ ଜାଣୁ ନାଇ । ଆମର ଏକାନ୍ତ ଆଶା, ସେ ସତ୍ୟ ଧର୍ମ ତଥା ମହିମା ଧର୍ମର ଯଥାର୍ଥ ଭିତ୍ତି ଓ ତଥ୍ୟ କ୍ରମେ ପ୍ରକାଶକରି ଏ ଦେଶବାସୀଙ୍କୁ କୃତାର୍ଥ କରିବେ । ନିରକ୍ଷର ଅନ୍ଧ ଭୀମ ଭୋଇ ପ୍ରାଣର ଉଚ୍ଛ୍ୱାସ ଓ ସୂଚନାରେ ଯାହା କରିଚନ୍ତି, ସୁପଣ୍ଡିତ ଇନ୍ଦ୍ରିୟ ସାଧକ ଶ୍ରୀ ବିଶ୍ୱନାଥ ବାବା ପାଣ୍ଡିତ୍ୟର ପ୍ରକାଶ ଓ ବର୍ଣ୍ଣନାରେ ତାହା ବୁଝାଇ ଦିଅନ୍ତୁ ।

(ନବଭାରତ, ୬ଷ୍ଠ ବର୍ଷ, ମୀନ, ୧୩୪୭)

Digitized by PPRACHIN, SOA

# ଭାଗବତ ଧର୍ମ - (୧)

ଅବତାର କଥା ଆଦିମ ଭାରତୀୟ ସାହିତ୍ୟରେ ନାଇ । ବେଦ ଅବା ଉପନିଷଦରେ ଏହା ଦେଖାଯାଏ ନାଇ କିମ୍ବା ସେ କାଳର ଦେଶୀ ଭାରତୀୟ ସଭ୍ୟତାରେ ଏହା ଥିବାର କୌଣସି ପ୍ରମାଣ ନାଇ । ଅଥର୍ବ ବେଦ ଓ ବ୍ରାହ୍ମଣରେ ଏ ଦେଶୀ ପ୍ରାଗ୍‌ବୈଦିକ ସଭ୍ୟତାର ଅନେକ ରୀତିନୀତି ଆଚାର ବ୍ୟବହାର ପଶିଯାଇଛି । ମନ୍ତ୍ର, କୁହୁକ ବା ମ୍ୟାଜିକ ପ୍ରଭୃତିର ବ୍ୟବହାର ସବୁ ସ୍ପଷ୍ଟ ଓ ସାଙ୍କେତିକ ଭାବରେ ସେ ସବୁ ସାହିତ୍ୟରେ ଖୁବ୍ ଦେଖାଯାଏ । ମାତ୍ର ସେଥିରେ ଅବତାରବାଦର ସଞ୍ଚାର ନାହିଁ ।

ଅବତାରବାଦ ବୈଷ୍ଣବ ଧର୍ମର ଗୋଟିଏ ଅଙ୍ଗ । ଏହି ଭାବରେ ଏହା ଭାରତରେ ତଥା ପୃଥିବୀରେ ପରିଚିତ । ତଥାପି ବେଦରେ ଥିବା ବିଷ୍ଣୁ-ପୂଜାରେ ଅବତାରବାଦ ନାଇ । ଋଗ୍‌ବେଦରେ ବିଷ୍ଣୁ ବୋଇଲେ, ସର୍ବବ୍ୟାପୀ ଦେବତା । ଏହି ବିଷ୍ଣୁ ନାମରେ ନାମିତ ଦେବତା ସେତେବେଳେ ଖୁବ୍ ବଡ଼ ବା ପ୍ରସିଦ୍ଧ ଦେବତା ନ ଥିଲେ । କ୍ରମେ ବୈଦିକ ଦେବତା ସୂର୍ଯ୍ୟ ହେଲେ, ବିଷ୍ଣୁ । କାରଣ ଋଗ୍‌ବେଦରେ ସୂର୍ଯ୍ୟ ସର୍ବବ୍ୟାପୀ । ଋକ୍ ବେଦ କହନ୍ତି, ''ସୂର୍ଯ୍ୟ ଆତ୍ମା ଜଗତଃ ତସ୍ଥୁଷଶ୍ଚ''; ଅର୍ଥାତ୍, ଯାହା ଚଳୁଛି ବା ଯାହା ସ୍ଥିର ଅଛି, ସେ ସବୁର ଅଥବା ଏହି ସମସ୍ତ ଚରାଚର ଜଗତର ଆତ୍ମା ହେଉଛି ସୂର୍ଯ୍ୟ ଓ ଏହି ସୂର୍ଯ୍ୟ ସର୍ବବ୍ୟାପୀ । ସେଇ ସୂର୍ଯ୍ୟ ହେଲେ ବିଷ୍ଣୁ ବା ସର୍ବବ୍ୟାପୀ ଦେବ ।

ଏହି ସୂର୍ଯ୍ୟ-ବିଷ୍ଣୁଙ୍କ ସମ୍ବନ୍ଧରେ କୁହାଯାଏ ସେ ରଥରେ ପୂର୍ବାକାଶରୁ ବାହାରି ପଶ୍ଚିମ ଆକାଶର ପାତାଳ ଲୋକରେ ବିଶ୍ରାମ କରି ସାରି ପୁଣି ପୂର୍ବାକାଶକୁ ଆସନ୍ତି । ସେ ଆକାଶର ଏକ ପାଖରୁ ଅନ୍ୟ ପାଖକୁ ରଥରେ ଯାଆନ୍ତି । ଏହି ବିଷ୍ଣୁଙ୍କର ତ୍ରିରୂପତା ବା ତ୍ରିଧା ପ୍ରକାଶ ବେଦରେ ପ୍ରସିଦ୍ଧ । ଏହି ତ୍ରିଧାରୂପ ହେଉଛି, ଅପ୍ରକାଶ ରାତି ସୂର୍ଯ୍ୟ, କଳା; ଆଦି ପ୍ରକାଶ ପ୍ରଭାତ ସୂର୍ଯ୍ୟର ହିରଣ୍ୟଗର୍ଭ, ହଳଦିଆ; ପୁଣି ପୂର୍ଣ୍ଣ ପ୍ରକାଶମୟ ସୂର୍ଯ୍ୟ ଧଳା । ଏହି ତିନି ରୂପରେ ସୂର୍ଯ୍ୟରୂପୀ ବିଷ୍ଣୁ ବା ବିଷ୍ଣୁରୂପୀ ସୂର୍ଯ୍ୟ ମେରୁ ଚାରିପାଖେ ଭ୍ରମଣ କରନ୍ତି ବୋଲି ପୁରାଣରେ ପ୍ରସିଦ୍ଧି ଅଛି । ଏହା ବୋଧହୁଏ ସେଇ ବୈଦିକକାଳ ଧାରଣାର ପୁରାଣ ରୂପ ବା ପୌରାଣିକ ରୂପ । ଏଇ ମେରୁ ବା 'ସୁଦର୍ଶନ' ସମେତ ଚତୁର୍ଧାରୂପ ଏଇ ସଙ୍କେତ ଘେନି ବହୁକାଳରୁ ପୁରୁଷୋତ୍ତମ-ପୁରୀ ଜଗନ୍ନାଥରେ ପ୍ରତିଷ୍ଠିତ ଅଛି ।

ସେ ଯାହାହେଉ, ବୈଦିକ ଏହି ସୂର୍ଯ୍ୟରୂପୀ ବିଷ୍ଣୁରେ ଅବତାରବାଦର କୌଣସି ଚିହ୍ନ ବର୍ଣ୍ଣ ନାଇ । ତିନି ପାହୁଣ୍ଡ ପକାଇ ସୂର୍ଯ୍ୟରୂପୀ ବିଷ୍ଣୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ଅଧିକାର କରନ୍ତି । ଋକ୍ ବେଦର ଏଇ କଳ୍ପନାରେ ଆଉ ବୁଝାଇବାର ବେଶି କିଛି ନାଇ । ବ୍ରାହ୍ମଣରେ

Digitized by PPRACHIN, SOA

ଏଇ କଳ୍ପନା ଘେନି ସେହି ସୂର୍ଯରୂପୀ ବିଷ୍ଣୁଙ୍କୁ କୁହାଯାଇଚି ବାମନ । ଉପନିଷଦରେ ବାମନ ବୋଇଲେ, ଆତ୍ମାପୁରୁଷ । ତେଣୁ ପରବର୍ତୀ କାଳରେ ଅବତାରମାନଙ୍କ ଭିତରେ ଏଇ ବାମନରୂପୀ ବିଷ୍ଣୁଙ୍କୁ ଗୋଟିଏ ଅବତାର ବୋଲି ଗଣା ଯାଇଥିଲା । କିନ୍ତୁ ବାମନଙ୍କୁ ଏପରି ଅବତାର ବୋଲି ଗଣିବା ଆଦୌ ବୈଦିକ ନୁହେ । କାରଣ କୁହାଯାଇଚି ଅବତାରବାଦ ବୈଦିକ ବୈଷ୍ଣବ ଧର୍ମର ସୀମା ସମ୍ପର୍କ ଭିତରେ ନାଇ ।

ତେବେ ଏ ଅବତାରବାଦ କେବେ କିପରି ଭାରତ ସାହିତ୍ୟରେ ଦେଖାଦେଲା ? ଦେଖାଯାଏ ଭାଗବତ ଧର୍ମ ବୋଲି ଗୋଟିଏ ଧର୍ମ କାଳକ୍ରମେ ବୈଷ୍ଣବ ଧର୍ମ ବୋଲି ପରିଚିତ ଥିଲା । ଏହି ଧର୍ମରେ ବିଶ୍ୱପାଳକ ଦେବ ହେଉଛନ୍ତି ନାରାୟଣ । ଏବେ ଜଣାପଡୁଚି, ଏଇ ନାରାୟଣ ଶବ୍ଦଟି ହେଉଚି ପ୍ରାଚୀନ ଦ୍ରାବିଡ଼ ଶବ୍ଦ । ଏହାର ଅର୍ଥ ହେଉଚି, ଜଳରେ ଥିବା ପୁରୁଷ ବା ଜଳମୟ ପୁରୁଷ । ମନୁ କହନ୍ତି ''ଅାପୋ ନାରାଇତି ଖ୍ୟାତଃ'' । ଅର୍ଥାତ୍, ଆପ୍ ବା ଜଳକୁ ନାରା ବୋଲି କହନ୍ତି । ଏଇ ଆପ୍ ଶବ୍ଦଟି ହେଉଚି ଆଦିମ ସୁମେର ଭାଷାରେ ଅପ୍‌ସୁ । ସେମାନଙ୍କର ଏଇ ଅପ୍‌ସୁ ବା ଜଳ ହେଉଚି ସୃଷ୍ଟିର ମୂଳ– ବିଶ୍ୱପିତା । ଏଇ ସୁମେର ଭାଷାର ପ୍ରାଚୀନ ଦ୍ରାବିଡ଼ ଭାଷା ସଙ୍ଗେ ଖୁବ୍ ସମ୍ବନ୍ଧ ଥିଲା । ସୁମେର ଭାଷାରେ ଯାହାକୁ ଆପ୍ ବା ଅପ୍‌ସୁ କହୁଥିଲେ ତାହାକୁ ଭାରତର ସେ କାଳର ଦ୍ରାବିଡ଼ମାନେ କହୁଥିଲେ ନାରା । ସେଥିପାଇଁ ସଂସ୍କୃତରେ ଆପ୍‌କୁ ନାରା କହନ୍ତି ବୋଲି କୁହାଯାଇଚି । କାରଣ, ଜଣାଯାଏ ବୈଦିକମାନଙ୍କର ଆଗ ସମ୍ପର୍କ ଥିଲା ସୁମେରମାନଙ୍କ ସଙ୍ଗେ । ପରେ ସେମାନେ ଭାରତୀୟ ଦ୍ରାବିଡ଼ମାନଙ୍କ ସଙ୍ଗେ ପରିଚିତ ହେଲେ । ତେଣୁ ପରବର୍ତ୍ତୀ କାଳରେ ବୁଝାଇ କରି କହିଲେ, ଯାହାକୁ ଆପ୍ ବୋଲି କହନ୍ତି ସେଇ ହେଉଚି ନାରା । ସେହିପରି ନାରାର ଶ୍ରେଷ୍ଠ ପୁରୁଷ ନାରାୟଣ ହେଲେ, ବୈଦିକ ସୂର୍ଯରୂପୀ ବିଷ୍ଣୁ । କିନ୍ତୁ ଯେତେଦୂର ସମ୍ଭବ, ନାରାୟଣ ଓ ବିଷ୍ଣୁଙ୍କର ଏହି ସମ୍ବନ୍ଧ ବରାବର ସାକ୍ଷାତ ନୁହେଁ । ଭାଗବତ ଧର୍ମ ବୈଦିକ ନୁହେଁ । ଏହା ଅବୈଦିକ ଅତଏବ ଅନାର୍ଯ ଧର୍ମ । ଏଇ ଭାଗବତ ଧର୍ମ ଓ ତହିଁରେ ନାରାୟଣଙ୍କ ପ୍ରତିଷ୍ଠା କଥା କୁହାଯାଉଛି ।

ଭାଗବତ କଥାଟି କୁଆଡୁ ଆସିଲା ଓ ବୈଷ୍ଣବ ଧର୍ମ କିପରି ଭାଗବତ ଧର୍ମ ନାମ ପାଇଲା ? ଏହାର ମୂଳ ଖୋଜିବା ବଡ଼ ଦୁଷ୍କର । ଭାଗବତ କଥାଟି ମୂଳତଃ ଅବୈଦିକ ଥିଲା କି ନା ତାହା ଏବେ କହିହେଉନାଇ । ଭଗ ବୋଲି ଦେବନାମ ବେଦରେ ଅଛି । ସେ ମାନବର ମଙ୍ଗଳ କରନ୍ତି । ତେଣୁ ଭଗ ବୋଇଲେ କ୍ରମେ ହେଲା ମଙ୍ଗଳ ବା ଲୋକମଙ୍ଗଳ । ସେହି ଭଗ ଯାହାଙ୍କର ଅଛି, ସେ ହେଲେ ଭଗବତ୍ ବା ଭଗବାନ୍ । ତାଙ୍କୁ ଘେନି ଯେଉଁ ଧର୍ମ ହେଲା ସେ ହେଉଚି ଭାଗବତ ଧର୍ମ । ଏପରି ଅର୍ଥ ଅନେକ କରନ୍ତି । ପରବର୍ତ୍ତୀ କାଳରେ ପୁରାଣମାନଙ୍କରେ ଏ ଭଗ ଶବ୍ଦର ନାନାପ୍ରକାର ଗୂଢ଼ ଅର୍ଥ ଦିଆହୋଇଚି । ବିଷ୍ଣୁ ପୁରାଣ କହନ୍ତି ଅଣିମାଦି ଅଷ୍ଟୈଶ୍ୱର୍ଯ ଧର୍ମ, ଯଶ, ସମ୍ପତ୍ତି, ଜ୍ଞାନ ଓ ବୈରାଗ୍ୟ ଏଇ ଛଅଟି ଏକାଠି ହେଲେ ହୁଏ ଭଗ । ଯାହାର ଏହି ଭଗ ଅଛି, ସେଇ ହେଉଚି ଭଗବାନ୍ ।

Digitized by PPRACHIN, SOA

ଏହିପରି ପରବର୍ତୀ କାଳରେ ଭକ୍ତର କଳନା ଓ କଳ୍ପନା-ଘେନି ଭାଗବତ ଶବ୍ଦର ନାନା ଅର୍ଥ କରାଯାଇଚି । କିନ୍ତୁ ଶବ୍ଦ ବା ଶବ୍ଦାର୍ଥରେ ଯାହାହେଉ, ଭାଗବତ ଧର୍ମ ବୈଦିକ ନୁହେଁ । ବାସୁଦେବ କୃଷ୍ଣଙ୍କୁ ଧରି ଏ ଧର୍ମ ପ୍ରକାଶ ପାଇଥିଲା । ପରେ ସେଇ ବାସୁଦେବ କୃଷ୍ଣ ହେଲେ ନାରାୟଣ ଓ ସେଇ ବାସୁଦେବ କୃଷ୍ଣଇ ଏଇ ନାରାୟଣ ରୂପରେ ବୈଦିକ ବିଷ୍ଣୁରେ ପରିଣତ ହେଲେ । ତେଣୁ ବାସୁଦେବ କୃଷ୍ଣଙ୍କର ଏଇ ଭାଗବତ ଧର୍ମ ହେଲା ବୈଷ୍ଣବ ଧର୍ମ ।

ମହାଭାରତରେ ଏଇ ବାସୁଦେବ କୃଷ୍ଣଙ୍କର ପ୍ରସିଦ୍ଧି । କୁରୁକ୍ଷେତ୍ରର ରଣାଙ୍ଗନରେ ଅର୍ଜୁନଙ୍କର ଧର୍ମ ସଙ୍କଟ ଓ କର୍ତ୍ତବ୍ୟ ମୋହବେଳେ ଗୀତା ଧର୍ମ ପ୍ରଚାର କରିଛନ୍ତି, ଏଇ ବାସୁଦେବ କୃଷ୍ଣ । ଏଇ ଗୀତାରେ ପୁଣି ଭାଗବତ ଧର୍ମର ପୁରାଣ ପରମ୍ପରା ଓ ଅନ୍ଧ ଭକ୍ତିବାଦ ପ୍ରତି ସ୍ପଷ୍ଟ ଲକ୍ଷ୍ୟ କରାଯାଇଚି । ଗୀତାରେ ବାସୁଦେବ କୃଷ୍ଣ ନାରାୟଣ ନୁହନ୍ତି— ସେ ହେଉଚନ୍ତି ଭଗବାନ୍ । ଚତୁର୍ଥ ଅଧ୍ୟାୟ ମୂଳରେ ଭାଗବତ ଧର୍ମର ପରମ୍ପରା ରକ୍ଷା କରି ସେ କହିଚନ୍ତି, "ମୁଁ ଏ ଧର୍ମ କଥା କହିଥିଲି ସୂର୍ଯ୍ୟଙ୍କୁ, ସୂର୍ଯ୍ୟ କହିଲେ ନିଜ ପୁତ୍ର ମନୁଙ୍କୁ; ମନୁ କହିଲେ ନିଜପୁତ୍ର ଇକ୍ଷ୍ୱାକୁଙ୍କୁ; ତା'ପରେ ବହୁକାଳର ପରମ୍ପରାରେ ଲୋକେ ଏଇ ଧର୍ମ ଭୁଲିଗଲେ । ତେଣୁ ଭଗବାନଙ୍କର ସ୍ୱରୂପ ବା ଅବତାର ରୂପେ ମୁଁ ଏବେ ତତେ (ଅର୍ଜୁନକୁ) କହୁଚି ।" ଏହା ଭାଗବତ ଧର୍ମର ଗୋଟିଏ ପରମ୍ପରା । ଏଇଠାରେହିଁ ବିଷ୍ଣୁ ଭଗବାନ ଓ କୃଷ୍ଣ ସମସ୍ତେ ଏକାକାର । ବୈଦିକ ସୂର୍ଯ୍ୟରୂପୀ ବିଷ୍ଣୁ ଏଇଠାରେ ନାରାୟଣ ବା ଭଗବାନରୂପୀ ବାସୁଦେବ କୃଷ୍ଣ ସଙ୍ଗେ ଏକ ।

ବୈଦିକ ନହେଲେ ମଧ୍ୟ ବାସୁଦେବ କୃଷ୍ଣଙ୍କୁ ଘେନି ଯେଉଁ ଭାଗବତ ଧର୍ମ ଉଠିଥିଲା ତାହା ଏକ ଅତି ପ୍ରାଚୀନ ଧର୍ମ । ଋକ୍‌ବେଦରେ କୃଷ୍ଣଙ୍କ ବର୍ଣ୍ଣନା ଏକାଧିକ ଠାରେ ଅଛି । ଅଙ୍ଗିରସ ଗୋତ୍ରୀୟ ଏକ କୃଷ୍ଣ, ଋଗ୍‌ବେଦ ମନ୍ତ୍ରର ଋଷି ବା ରଚୟିତା । ଇନ୍ଦ୍ର ବିରୋଧୀ ଜଣେ ଅନାର୍ଯ୍ୟ କୃଷ୍ଣ ଦଶହଜାର ସୈନ୍ୟ ଧରି ଅଂଶୁମତୀ କୂଳରେ ଇନ୍ଦ୍ରଙ୍କୁ ଅପେକ୍ଷା କରୁଥିବା କଥା ଋଗ୍‌ବେଦରେ ଅଛି । ଏଇପରି ଏକ ଇନ୍ଦ୍ର ବିରୋଧୀ କୃଷ୍ଣକୁ ଦଶଟି ଇନ୍ଦ୍ରପୂଜକ ରାଜା ସେଇ ଅଂଶୁମତି ବା ଯମୁନା କୂଳରେ ପରାସ୍ତ କରିଥିବା କଥା ଋଗ୍‌ବେଦ କହନ୍ତି । ଏକ କୃଷ୍ଣ ଗୋପାଳକ ଓ ଗୋଚାରକ ଥିଲେ । ତାଙ୍କର ଅନେକ ଗାଈ ଥିଲେ । ଇନ୍ଦ୍ର କୃଷ୍ଣଙ୍କର ଦଶୋଟି ଗର୍ଭିଣୀ ପତ୍ନୀ ବା ମହିଷୀଙ୍କର ଗର୍ଭ ନାଶ କରିଥିଲେ ବୋଲି ଋଗ୍‌ବେଦରେ ଲେଖାଅଛି । ଛାନ୍ଦୋଗ୍ୟ ଉପନିଷଦରେ ଅଛି, ଦେବକୀ ପୁତ୍ର କୃଷ୍ଣ, ଘୋର ଅଙ୍ଗିରସଙ୍କ ପାଖେ ଯଜ୍ଞତତ୍ତ୍ୱ ଶିକ୍ଷା କରିଥିଲେ । ଏ ସବୁ କୃଷ୍ଣ ଏକ ବ୍ୟକ୍ତି କି ନା କହିହେଉନାଇ । କିନ୍ତୁ ଇନ୍ଦ୍ର ପୂଜାର ବିରୋଧୀ ତଥା ବୈଦିକ ଯାଗଯଜ୍ଞାଦି କର୍ମ କାଣ୍ଡରେ ଅବିଶ୍ୱାସୀ ଜଣେ ପ୍ରବଳ ପ୍ରତିଷ୍ଠାବନ୍ତ କୃଷ୍ଣ ଥିବା କଥା ଜଣାପଡୁଚି । ଦେବକୀ ପୁତ୍ର ହେଉଛନ୍ତି ଖୁବ୍ ସମ୍ଭବ ବସୁଦେବ ପୁତ୍ର ବା ବାସୁଦେବ କୃଷ୍ଣ ।

Digitized by PPRACHIN, SOA

ସେହି ପୁଣି କୌଣସି ଘୋର-ଅଙ୍ଗିରସଙ୍କ ପାଖେ ଯଜ୍ଞତତ୍ତ୍ୱ ଶିଖିଥିଲେ । ଖୁବ୍ ସମ୍ଭବ ଏଇ ଯଜ୍ଞ ତତ୍ତ୍ୱଟି ହେଉଚି ଗୀତାର ତୃତୀୟ ଓ ଚତୁର୍ଥ ଅଧ୍ୟାୟରେ ବୁଝାଇ ଦିଆଯାଇଥିବା ଯଥାର୍ଥ ଯଜ୍ଞତତ୍ତ୍ୱ । ଏଇ ଯଜ୍ଞରେ ଆତ୍ମା ରୂପକ ଅବ୍ୟକ୍ତ ପୁରୁଷ ବ୍ୟକ୍ତ ବା ପ୍ରକାଶମୟ ବ୍ୟକ୍ତିରୂପେ ଆତ୍ମବଳି ଦିଏ ବା ଆତ୍ମପ୍ରକାଶ କରେ । ଅବ୍ୟକ୍ତର ବ୍ୟକ୍ତରେ ଆତ୍ମବଳି ହେଉଚି ଏଇ ଯଜ୍ଞତତ୍ତ୍ୱ । ଏହା ବ୍ରାହ୍ମଣର କର୍ମକାଣ୍ଡରୂପୀ ଯଜ୍ଞ ନୁହେ । ଗୀତାର ଦ୍ୱିତୀୟ ଅଧ୍ୟାୟ ୪୨-୪୪ ଶ୍ଳୋକରେ ଫଳ କାମନାରେ କରାଯାଉଥିବା ଯଜ୍ଞ ନାମକ ଯେଉଁ କର୍ମ କାଣ୍ଡକୁ ନିନ୍ଦାକରାଯାଇଛି, ଏହା ସେ ଯଜ୍ଞ ନୁହେ । ଅତଏବ ଏହା ମଧ୍ୟ ଇନ୍ଦ୍ର ପ୍ରଭୃତିଙ୍କ ପୂଜା ବିରୋଧରେ ପ୍ରକାଶିତ ଓ ପ୍ରଚାରିତ ଯଜ୍ଞତତ୍ତ୍ୱ । ତେଣୁ ଅନୁମାନ କରାଯାଇପାରେ ଛାନ୍ଦୋଗ୍ୟ ଉପନିଷଦର ଦେବକୀ ପୁତ୍ର କୃଷ୍ଣ ଯେ ହେଉଚନ୍ତି, ସେ ହେଉଚନ୍ତି ଋଗ୍‌ବେଦର ଇନ୍ଦ୍ର ବିରୋଧୀ କୃଷ୍ଣ ।

ଏଇ କୃଷ୍ଣ ବା ବାସୁଦେବ କୃଷ୍ଣ ଅର୍ଥାତ୍ ଦେବକୀ ବସୁଦେବଙ୍କ ପୁତ୍ର କୃଷ୍ଣଙ୍କୁ ଘେନି ଫୁଟିଥିଲା ଭାଗବତ ଧର୍ମ । ଅନୁମାନ ହୁଏ ଇନ୍ଦ୍ରାଦିଙ୍କ ପୂଜା ନିବନ୍ଧ, ବେଦ ଧର୍ମ ବିରୋଧୀ ଏଇ ବାସୁଦେବ କୃଷ୍ଣ ସେ କାଳେ ଏକ ମହାପୁରୁଷ ଥିଲେ । ଖୁବ୍ ସମ୍ଭବ ସେ ଏଇ ଦେଶୀ ଲୋକ; ବେଦଧର୍ମୀ ଆର୍ଯ୍ୟ ନୁହନ୍ତି । କାରଣ, ଋଗ୍‌ବେଦ କାଳରେ ଏଇ ଦେଶୀ ଲୋକେ ବେଦଧର୍ମୀ ଆର୍ଯ୍ୟଙ୍କଠାରୁ ଚିନ୍ତା, ଚତୁରତା ଓ ସଭ୍ୟତାରେ ଉନ୍ନତତର ଥିଲେ । ହୁଏତ କାଳେ କାଳେ ଯେପରି ସନ୍ତୋଷଶାନ୍ତ ଉନ୍ନତତର ଜାତି ବା ଲୋକ-ସମାଜକୁ ଭୋଗ-କାଙ୍ଗାଳ, ଅନୁନ୍ନତ ଲୋକେ ଜିଣନ୍ତି ଓ ଏଇ ଭାରତରେ ଇତିହାସ କାଳରେ ଶକ, ହୁଣ, ତୁର୍କୀ, ଆଫଗାନ ପ୍ରଭୃତି ଧନଲୋଭୀ ଦୁର୍ବିନୀତ ଜାତିମାନେ ଯେପରି ଶାନ୍ତ ଓ ଅତ୍ୟୁନ୍ନତ ଭାରତୀୟମାନଙ୍କୁ ଜିଣିଥିଲେ, ସେଇପରି ବେଦଧର୍ମୀ ଆର୍ଯ୍ୟମାନେ ଏହି ଦେଶୀ ସୁସଭ୍ୟମାନଙ୍କୁ ଜିଣିଥିଲେ । ସେହିପରି କାଳେ କାଳେ ଓ ଇତିହାସରେ ଅନ୍ୟତ୍ର ଯେପରି ଘଟିଛି, ସଭ୍ୟତାର ଆଦାନପ୍ରଦାନ ହିସାବରେ ଏ କ୍ଷେତ୍ରରେ ମଧ୍ୟ ତାହାହିଁ ଘଟିଥିଲା ।

ଫଳକଥା, ବେଦଧର୍ମ, ଆର୍ଯ୍ୟମାନେ ଏ ଦେଶୀ ଧର୍ମ ସଭ୍ୟତାରେ ପ୍ରାୟ ପୂରାପୂରି ଆତ୍ମଦାନ କରିଥିଲେ । ଏଇ ଦେଶୀ ମନସ୍ୱୀ ମହାପୁରୁଷମାନେ ବିଜେତା ଆର୍ଯ୍ୟଙ୍କ ନାମରେ ନିଜଧର୍ମ ଓ ସଭ୍ୟତାକୁ ପରିଚିତ କରାଇ ପୁଷ୍ଟ ଓ ପ୍ରଚାର କରିଥିଲେ । ଅନ୍ୟତ୍ର କୁହାଯାଇଛି ('ଗୀତା– ପ୍ରବେଶ' ଓ 'ଓଡ଼ିଆ ସାହିତ୍ୟର କ୍ରମ– ପରିଣାମ' ଦେଖ) ଉପନିଷଦ୍ ଓ ଭାରତୀୟ ଦର୍ଶନମାନଙ୍କର ସବୁ ତତ୍ତ୍ୱ ମୂଳତଃ ଅବୈଦିକ ଭାରତୀୟ ସଭ୍ୟତାର ବିକାଶ । ଶୈବଧର୍ମ, ଶାକ୍ତଧର୍ମ ଓ ଭାଗବତ ଧର୍ମ ପରି ଧର୍ମମାନ ବୈଦିକ ନୁହେ । ବୈଦିକଭାଷାରେ ସେ ସବୁର ନାମ ଆଗମ । ଭାଗବତ ଧର୍ମ, ନାରଦ ପାଞ୍ଚ ରାତ୍ରରେ ପ୍ରଚାର କରାଯାଇଚି । ସେଠାରେ ତାକୁ ସ୍ପଷ୍ଟ ଆଗମ ବୋଲି କୁହାଯାଇଛି । ଆଗମର ଅର୍ଥ ଯାହା ବାହାରୁ ଆସିଚି– ନିଗମ ବା ବେଦ ନୁହେ ।

Digitized by PPRACHIN, SOA

ଏହି ଭାଗବତ ଧର୍ମକୁ ପୁଣି ସାତ୍ୱତଧର୍ମ ବୋଲି କୁହାଯାଏ । ପୁରାଣ ଓ ପରମ୍ପରାରେ ଏଇ ସାତ୍ୱତ ହେଉଚି ଯଦୁମାନଙ୍କ ଭିତରେ କୃଷ୍ଣ ଯେଉଁ କୁଳରେ ଜନ୍ମ ହୋଇଥିଲେ ସେହି କୁଳର ନାମ । ସାତ୍ୱତ ଓ ବୃଷ୍ଣି ଏହି ଦୁଇ କୁଳର ଲୋକେ ହେଉଚନ୍ତି ଯାଦବ । ବସୁଦେବ ଓ ତାଙ୍କ ପୁତ୍ର କୃଷ୍ଣ, ଏଇ ସାତ୍ୱତ କୁଳର ଯାଦବ । ମନେହୁଏ, ଆଗ ସାତ୍ୱତ କୁଳରେ ଏଇ ବାସୁଦେବ କୃଷ୍ଣଙ୍କ ଧର୍ମ ପ୍ରଥମେ ପ୍ରକାଶ ପାଇଥିଲା । ଅର୍ଥାତ୍, ବେଦ-ଧର୍ମ-ବିରୋଧୀ ମନସ୍ୱୀ ଦାର୍ଶନିକ ମହାପୁରୁଷ କୃଷ୍ଣ ନିଜର ସାତ୍ୱତ କୁଳରେ ଆଗେ ଦେବତାପରି ପୂଜାପାଇଥିଲେ । ଏଇଠାରେ ଭାରତ ଧର୍ମରେ ଯଥାର୍ଥ ଭକ୍ତିର ଆବିର୍ଭାବ । ଏ ଭକ୍ତି ବେଦ ଧର୍ମର ଭକ୍ତି ନୁହେ । ବେଦରେ ବରୁଣଙ୍କ ପ୍ରତି ଭକ୍ତିର କଥା କୁହାଯାଇଚି । ବରୁଣଙ୍କ ଶରଣ ପଶିଲେ ଆଉ ପାପ ଲାଗେ ନାଇ । ବରୁଣ ଆଜିକାଲିର ପତିତପାବନଙ୍କ ପରି କରୁଣାମୟ । ଭାଗବତ ଧର୍ମରେ ଯେଉଁ ଭକ୍ତିର ପ୍ରକାଶ, ବେଦରେ ବରୁଣଙ୍କ ପ୍ରତି ଭକ୍ତିରେ ତାହାର ଟିକିଏ ଆଭାସ ଅଛି । ଅନ୍ୟତ୍ର ଏହି ଭକ୍ତିର ପ୍ରକାଶ ଦେଖାଯାଏ ନାଇ । ଈଶାବାସ୍ୟ ଉପନିଷଦରେ ମଧ୍ୟ ଋଷି ଏକ ପ୍ରକାର ଏକେଶ୍ୱରବାଦକୁ ଉଠିଚନ୍ତି । କିନ୍ତୁ ପତିତପାବନ ଭକ୍ତି ସେଠାରେ ନାଇ । ଅତଏବ ଏହି ପତିତପାବନ ଭକ୍ତିଟି କ'ଣ ତାହା ହୁଏତ ବୁଝାଇ ଦେବା ଦରକାର । ଏବେ ଚାରିଆଡ଼େ ବହୁତ ମହାପୁରୁଷ ବାହାରୁଚନ୍ତି । ସେମାନଙ୍କ ଆଶ୍ରା ନେଲେ ଭକ୍ତମାନେ କୁଆଡ଼େ ସବୁ ଫଳ ପାଉଚନ୍ତି । ଏହି ଫଳ କାମନା ଓ ଫଳ ଲାଭ ସ୍ଥାନରେ ମୁକ୍ତି କଥାଟି ଥୋଇ ଦେଲେ ଯାହାହେବ, ତାହାଇ ହେଲା ଭାଗବତ ଧର୍ମର ଭକ୍ତି । ଏହା ସମ୍ପୂର୍ଣ୍ଣ ଆତ୍ମସମର୍ପଣ । ଏଥିରେ ବୁଦ୍ଧି ବିବେକ ଖର୍ଚ୍ଚ କରିବାର ନାଇ; ଯୁକ୍ତି ବା ବିଚାର କରିବାର ନାଇ; ମହାପାପ କଲେ ମଧ୍ୟ ଭକ୍ତକୁ ଭଗବାନ୍ ଅନୁଗ୍ରହ କରି ଉଦ୍ଧାର କରନ୍ତି । ଏ ସମ୍ବନ୍ଧରେ ଗୋଟିଏ କୌତୁକାବହ ଘଟଣା ମନେପଡୁଚି; କହିଦିଏ ।

ମୋର ଜଣେ ବନ୍ଧୁଙ୍କର କୌଣସି ଆତ୍ମୀୟ ଏଇପରି ଭକ୍ତିରେ ପଡ଼ି ଅନ୍ଧପରି ନାମମାତ୍ର ଜପିବାରେ ମୁକ୍ତି, କିମ୍ୱା ସିଦ୍ଧିଫିଦ୍ଧି ଗୋଟାଏ କିଛି ପାଇବା ପାଇଁ ପରିବାର ଛାଡ଼ି ବାବାଜି ହୋଇ ଚାଲିଯାଇଥିଲେ । ବନ୍ଧୁଟି ତାଙ୍କୁ ଖୋଜିବାକୁ ବୃନ୍ଦାବନ ଯାଇ ଗୋଟିଏ ବାବାଜିଙ୍କ ପାଖେ ରହିଲେ । ବାବାଜିଟି ଜଣେ "କୁଞ୍ଜବାସୀ"— ଅର୍ଥାତ୍, ଇଚ୍ଛା ଅନୁସାରେ ମାତା ବାଛି ବାଛି ତାଙ୍କ ସଙ୍ଗେ କୁଞ୍ଜଲୀଳା ଭୋଗକରି ଭକ୍ତି ଧର୍ମ ଆଚରଣରେ ଥାନ୍ତି । ବାବାଜିଙ୍କର ଏପରି ବୀଭତ୍ସ ଯୌନ ଚର୍ଯ୍ୟାର ବିଳାସ ଦେଖି ବନ୍ଧୁଟି ପଚାରିଲେ "ବାବାଜି, ଧର୍ମ ପାଇଁ ଏ ସବୁ କରିବାରେ ପାପ ହେଉ ନାଇ ?" ବାବାଜି ତହୁଁ ବୁଝାଉକରି ବନ୍ଧୁଙ୍କୁ କହିଲେ, "କୃଷ୍ଣ ଭକ୍ତି କଥା ଆପଣ ବୁଝିପାରୁ ନାହାନ୍ତି । ଅନୁଭବୀ ନ ହେଲେ ତା' ବୁଝିବା ସହଜ ନୁହେଁ । ଗୋଟିଏ କଥାରେ ତାହା ଏବେ ବୁଝନ୍ତୁ । ପାହାଡ଼ ପରି ପାପ ଜମା ହୋଇଥିବ, ଗୋଟିଏ କୃଷ୍ଣନାମ ଉଚ୍ଚାରଣ କରିଦେଲେ ସେ ନାମଟି ସେ ପାହାଡ଼ରେ ତୁଳା ପର୍ବତରେ ଅଗ୍ନିକଣା ପଡ଼ିଲା ପରି ପଡ଼ି ସବୁ ଭସ୍ମ କରିଦେବ । କୃଷ୍ଣ ନାମର ଏ

Digitized by PPRACHIN, SOA

ମହିମା ନ ବୁଝିଲେ କେହି ବୈଷ୍ଣବ ହୋଇ ପାରନ୍ତି ନାଇ । ପୁଣି ନାମର ଏଇ ମହିମା ବୁଝିବା ଲୋକର ଆଉ କୌଣସି ପାପକୁ ଭୟ ନାହିଁ । ତା'ର ଆଉ ପାପ ବା ରହିବ କିପରି ?''

ଏଇ ହେଲା ଭାଗବତ ଧର୍ମର ଭକ୍ତି । ପୁଣି ଏଇ ଭକ୍ତିର ଅନ୍ୟାନ୍ୟ ସଙ୍କେତମାନ ବି ଅଛି । ସେଥିରୁ ପ୍ରଧାନଟି ହେଉଚି, ''ଭେକ'' । ମାଳା, ତିଳକ, କୌପୁନୀ ପ୍ରଭୃତି ହେଉଚି ଏହି ଭେକର ସଙ୍କେତ । ବେଦ ଧର୍ମରେ ମଧ ଏଇ ''ଭେକ'' ପଶିଥିବାର ଦେଖାଯାଏ । ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ବା ଦ୍ୱିଜଙ୍କର ପଇତା ପକାଇବା ଏହିପରି ଗୋଟିଏ ''ଭେକ'' । ବେଦ ଧର୍ମରେ ତାହା ଠିକ୍ କେବେ ପଶିଲା କହି ହେଉନାଇ । ତେବେ ଶ୍ରୌତ, ସ୍ମାର୍ତ ଓ ଗୃହସ୍ଥର କର୍ମସବୁ ସୂତ୍ରରେ ବନ୍ଧାହେଲା ବେଳକୁ ଏଇ ପଇତା ପକାଇବା ରୂପ ଭେକଟି ସମାଜରେ ପଶିଯାଇଥିଲା ବୋଲି ମନେହୁଏ । ସେ ଯାହାହେଉ ଭାଗବତ ଧର୍ମରେହି ଏଇ ''ଭେକ''ର ବହୁଳ ପ୍ରଚଳନ ଦେଖାଯାଏ ।

ଦ୍ୱିଜର ପଇତା ନେବାପରି ସନ୍ନ୍ୟାସୀର ଗେରୁଆ ପିନ୍ଧିବାରେ ବା ସେହିଭଳି ଅନୁଷ୍ଠାନମାନଙ୍କରେ ଏଇ ''ଭେକ'' ଆରମ୍ଭର ମୂଳଅଛି ବୋଲି କେହି କେହି ମନେ କରନ୍ତି । କିନ୍ତୁ ତାହା ହୁଏତ ଠିକ ନୁହେ । ସନ୍ନ୍ୟାସୀ, ନିଜର ସୁବିଧା ପାଇଁ, ଖୁବ୍ ସମ୍ଭବ, ଗେରୁଆ ପିନ୍ଧା ଆରମ୍ଭ କରିଥିଲା; ''ସନ୍ନ୍ୟାସୀ'' ବୋଲି ଚିହ୍ନାଇ ହେବା ପାଇଁ ନୁହେ । କାରଣ, ଗେରୁଆ ଲୁଗାରେ ମଇଳା ସେତେ ଲାଗେ ନାଇ କିମ୍ବା ଦେଖାଯାଏ ନାଇ । ହାତରେ କାଚିକରି ଧୋଇଦେଲେ ତା' ଖୁବ୍ ସଫାରହେ । କିମ୍ବା ଗେରୁଆ ପିନ୍ଧିବା ବଲ୍କଳର ଅନୁକରଣରେ ହୋଇଥିଲା । ସନ୍ନ୍ୟାସୀମାନେ ବନରେ ବଲ୍କଳ ହି ପିନ୍ଧୁଥିଲେ । ଏବେ ଆମ ମହିମାଧର୍ମୀ ସନ୍ନ୍ୟାସୀମାନେ କୁମ୍ଭୀ ନାମକ ଗଛରୁ ପଟ ବା ବଲ୍କଳ ବସ୍ତ୍ର ବାହାର କରି ପିନ୍ଧନ୍ତି । ସେଥିପାଇଁ ତାଙ୍କ ନାମ ହେଉଛି କୁମ୍ଭୀପଟୁଆ । ଏହି କୁମ୍ଭୀପଟ ବା ବଲ୍କଳ ବସ୍ତ୍ର ଦେଖିବାକୁ ଗେରୁଆ ଲୁଗାପରି । ଦ୍ୱିଜର ପଇତା ଗ୍ରହଣ କରିବା ମଧ ମୂଳରୁ ସେଇପରି ସୁବିଧା ପାଇଁ କରାଯାଇଥିଲା ।

ପିନ୍ଧା ସଙ୍ଗେ ଦୋସଡ଼ା ଦରକାର । ପିନ୍ଧା ଦୋସଡ଼ା ବୋଧହୁଏ ସେ କାଳେ ସଭ୍ୟ ସୁରୁଚିସମ୍ପନ୍ନ ଭାରତୀୟମାନଙ୍କର ବେଶ ଥିଲା । ମହେଞ୍ଜୋଦାରୋରୁ ବାହାରିଥିବା ଯୋଗି ମୂର୍ତ୍ତିରେ ଏଇ ଦୋସଡ଼ାଟି ଦେଖିବାର ଜିନିଷ । ସେଇ ଅନୁକରଣରେ ବୈଦିକମାନଙ୍କ ଭିତରେ ସବୁ କର୍ମକର୍ମାଣିରେ ବା ଅନ୍ତତଃ ପିତୃ ଓ ଦେବତାଙ୍କ କାର୍ଯ୍ୟ କଲାବେଳେ ଦୋସଡ଼ାଟିଏ ପକାଇବା ନିତାନ୍ତ ଦରକାର ବୋଲି ମନେକରାଯାଉଥିଲା । କିନ୍ତୁ ବୈଦିକମାନଙ୍କ ଭିତରେ ଅତି ଆଦିମ କାଳରେ କପା ସୂତାର ଲୁଗା ପ୍ରଚଳିତ ନ ଥିଲା । କପାର ବ୍ୟବହାର ସେମାନେ ଜାଣି ନ ଥିଲେ; ପରେ ଦ୍ରାବିଡ଼ମାନଙ୍କଠାରୁ ତାହା ଶିଖିଥିଲେ । ପଶୁପାଳକ ବୈଦିକମାନେ ବ୍ୟବହାର କରୁଥିଲେ ମେଣ୍ଢା ରୁମ ବା ପଶମ । ସେହି କାଳର ବିଧି ଅବଲମ୍ବନ କରି ଏବେ ମଧ୍ୟ ଯଜ୍ଞାନୁଷ୍ଠାନ କଲାବେଳେ ଲୋକେ

Digitized by PPRACHIN, SOA

କାଠରେ କାଠ ଘଷି ନିଆଁ କାଢ଼ିଲା ପରି ସୋମରସ ଛାଣିବା ପାଇଁ କନା ବ୍ୟବହାର ନ କରି ବ୍ୟବହାର କରନ୍ତି ପଶମର ଗୋଟିଏ ଛଣା । ବହଳ କରି ମେଣ୍ଢା ରୁମ ରଖି ତାକୁ ବାଡେଇ ବାଡ଼େଇ ଏଇ ଛଣା ତିଆରି କରାଯାଏ । ଇଂରେଜୀରେ ଏଇପରି ମେଣ୍ଢାରୁମ ରଖି ବାଡ଼େଇ ଏବେ ଟୋପି ପାଇଁ ଫେଲ୍ଟ (Felt) ତିଆରି କରନ୍ତି । ସେହି ପଶମ ବ୍ୟବହାର କାଳରେ ଦୋସଡ଼ା ପରିବର୍ତ୍ତରେ ହୁଏତ ଅଧିକାଂଶ ଲୋକେ ପଶମର ସୂତାଟିଏ କାନ୍ଧରେ ପକାଉଥିଲେ । ବିଶେଷରେ କର୍ମକର୍ମାଣିବେଳେ ଏହା ଦରକାର ହେଉଥିଲା । ହାତକୁ ଦୋସଡ଼ାରେ ଘୋଡ଼ାଇ ମନ୍ତ୍ରାଦି ଆବୃତ୍ତି କରିବାର ଗଣନା କରୁ କରୁ ପଇତାରେ ହାତ ଗୁଡ଼ାଇ ଗାୟତ୍ରୀ ପ୍ରଭୃତି ଜପ କରିବା ଚଳିଯାଇଥିଲା । ଏବେ ଭାରତରେ ତୁଳା ସୂତାର ପଇତା ଚଳିଯାଇଚି । ତଥାପି ପଇତା ପକାଇବା ଲୋକ ତାହା ନିଜେ ତିଆରି ନ କଲେ, ଅପବିତ୍ର ବୋଲି ଧରାଯାଏ । ପୁଣି ଅତି ପ୍ରାଚୀନ କାଳରୁ ପାରସ୍ୟର ବେଦଧର୍ମୀ ପାର୍ଶିମାନେ ଏବେ ମଧ୍ୟ ପଇତା ପକାନ୍ତି । ସେ ପଇତା ସେମାନେ ମେଣ୍ଢାରୁମରେ ନିଜ ହାତରେ ତିଆରି କରନ୍ତି ଓ ସବୁବେଳେ ଅଣ୍ଟାରେ ବାନ୍ଧି ରଖନ୍ତି । ଆମର ମଧ୍ୟ ଦୋସଡ଼ାଟି କାନ୍ଧରେ ପକାଇବା ସଙ୍ଗେ ସଙ୍ଗେ ଅଦରକାରୀବେଳେ ଅଣ୍ଟାରେ ବାନ୍ଧି ରଖିବା ରୀତିଟି ବରାବର ଥିଲା । ଏବେ ମଧ୍ୟ ରୁଚିମନ୍ତ ଗାଁଉଲିମାନେ ଅନେକେ ସେହିପରି କରନ୍ତି । ତେଣୁ ମନେହୁଏ ବୈଷ୍ଣବ ଧର୍ମର ଭେକଟି ଗୋଟିଏ ସ୍ୱତନ୍ତ୍ର ଜିନିଷ– ଏହା ଗେରୁଆ ପିନ୍ଧିଲା ପରି ବା ପଇତା ପକାଇଲା ପରି ନୁହେ ।

ଭାଗବତ ବା ବୈଷ୍ଣବ ଧର୍ମର ଭକ୍ତିରେ ପୁଣି ଆଉ ଗୋଟିଏ ସଙ୍କେତ ହେଉଚି ବିଷ୍ଣୁରୂପୀ ବାସୁଦେବ କୃଷ୍ଣଙ୍କର ଭକ୍ତ ପ୍ରତି ଅତ୍ୟନ୍ତ ପକ୍ଷପାତିତା । ଗୀତାରେ ଭଗବାନଙ୍କ ମୁହଁରେ ବାରମ୍ବାର ପ୍ରକାଶ ପାଇଚି, ''ଯେ ମୋର ଭକ୍ତ, ସେଇ ଏକା ମୋର ପ୍ରିୟ, ଭକ୍ତ ମୋର ଅତ୍ୟନ୍ତ ପ୍ରିୟ ।'' ଏହି ସୂତ୍ରରେ ଭକ୍ତଙ୍କର ଅଭକ୍ତଙ୍କ ପ୍ରତି ଯେ ଅବଜ୍ଞା ଓ ଘୃଣା ପୃଥିବୀରେ ପ୍ରକାଶପାଇଚି ଓ ସେଥିପାଇଁ ଯେତେ ନରହତ୍ୟା ହୋଇଚି, ତାହା କହିବା ଦରକାର ନାଇ । ଏଇପରି ଭକ୍ତମାନେ ନିଜ ଏକେଶ୍ୱରଙ୍କୁ ସମସ୍ତ ଜଗତର ଏକାଙ୍ଗ ଚକ୍ରବର୍ତ୍ତୀ ସମ୍ରାଟ ପରି କଳ୍ପନା କରି ନିଜେ ତାଙ୍କର ଭକ୍ତ ବା ପ୍ରିୟ ହୋଇ ଅଭକ୍ତ ବା ଅପ୍ରିୟଙ୍କୁ ସେହି ଏକେଶ୍ୱରଙ୍କ ରାଜତ୍ୱର ଅଧୀନକୁ ଆଣିବା ପାଇଁ କାଳେ କାଳେ ନିଜର ଭକ୍ତିଦୃପ୍ତ ଅହଂକାରରେ ଯେ ବୀଭତ୍ସ ଓ କୁତ୍ସିତ ମନୋଭାବ ଧରିଚନ୍ତି ତଥା ଯେ ଅପକର୍ମ କରିଚନ୍ତି, ତା' ମାନବ ସମାଜର ଇତିହାସରେ ଜଣାଶୁଣା କଥା ।

ଏଇଥିରୁ ବାହାରିଚି ପତିତପାବନ ଧର୍ମ । ଏଇ ପତିତପାବନ ଧର୍ମର ସ୍ପଷ୍ଟ ଲକ୍ଷଣ ହେଉଚି, 'ଜୀବେ ଦୟା ଓ ନାମେ ଭକ୍ତି' । ଦୟା କଥାଟିରେ ସାମ୍ୟ ବା ମୈତ୍ରୀ ନାଇ । ଯେ ଦୟା କରେ ବା ସେହି ବୁଦ୍ଧିରେ ଦାନାଦି କରେ ସେ ଦୟା ବା ଦାନର ପାତ୍ରକୁ ନିଜର ମିତ୍ରରୂପେ ଦେଖି ପାରିବ ନାଇ । ଦୟା ବା କରୁଣାରେ ମୈତ୍ରୀ ରହି ନ ପାରେ ! 'ନାମେ ଭକ୍ତି'' ବା ଈଶ୍ୱରଙ୍କ ନାମ ଗ୍ରହଣ କରିବାରେ ଯେଉଁ ଭକ୍ତି, ସେହି ଭକ୍ତି ଘେନି

Digitized by PPRACHIN, SOA

ମନୁଷ୍ୟର ଦର୍ପ ଆସିଯାଏ; ଓ ଏହି ଦୟା ବା କରୁଣାର ଭାବ ଜାଗ୍ରତ ହୁଏ । ସେଥିରେ ବି ଈଶ୍ୱର ହୁଅନ୍ତି ପତିତପାବନ । ଯେ ଈଶ୍ୱରଙ୍କର ଭକ୍ତ ବା ପ୍ରିୟ ସେଇ ଏକ ଉନ୍ନତ ବ୍ୟକ୍ତି । ବିଶ୍ୱସମ୍ରାଟ୍ ଈଶ୍ୱରଙ୍କ କରୁଣା ତାକୁ ସମସ୍ତ ପାପ ଓ ଅକର୍ମରେ ଘଣ୍ଟ ଘୋଡ଼ାଇ ରଖିଚି । ଆଉ ସମସ୍ତେ ହେଲେ ପତିତ । ସେ ସେଇ ପତିତଙ୍କୁ ଦୟାକରିବ ଓ ସେଇ ଅପବିତ୍ର ପତିତଙ୍କୁ ପବିତ୍ର ବା ପାବନ କରିବା ପାଇଁ ତା ନିଜ ପତିତପାବନ ଈଶ୍ୱରଙ୍କ ପାଖେ ଜଣାଇବ ।

ଈଶ୍ୱରଙ୍କର ଏଇ କରୁଣା ପାଇଁ ମଧ୍ୟସ୍ଥତା କରିବା ପୁଣି ଏଇ ଧର୍ମର ଆଉ ଗୋଟିଏ ଲକ୍ଷଣ । ଭାଗବତ ବା ବୈଷ୍ଣବ ଧର୍ମରେ ଏଇପରି ଅତି ଆଦିମ କାଳରୁ ଲକ୍ଷ୍ମୀ, ପ୍ରାର୍ଥୀମାନଙ୍କ ପାଇଁ ମଧ୍ୟସ୍ଥତା କରୁଥିଲେ । ପରେ ଅବତାରବାଦ ବାହାରିଲା । ଏଇ ଆଂଶିକ ଓ ପୂର୍ଣ୍ଣ ଅବତାରମାନେ ଏଇ କରୁଣା ବାଣ୍ଟିବା ପାଇଁ ବା କରୁଣା ନିମନ୍ତେ ଭଗବାନଙ୍କ ପାଖେ ମଧ୍ୟସ୍ଥତା କରିବା ପାଇଁ ଏ ମର୍ତ୍ତ୍ୟ ବା ମାନବଲୋକରେ ଦେଖା ଦିଅନ୍ତି । ନାନକଙ୍କଠାରୁ ଚୈତନ୍ୟ ଗାନ୍ଧି ପ୍ରଭୃତି ସନ୍ଥମାନେ ଭାରତ ଧର୍ମରେ ଯେପରିକି ଏଇ ମଧ୍ୟସ୍ଥତା କରିଆସିଚନ୍ତି । ଏଇ ମଧ୍ୟସ୍ଥତାରେ ଆଉ ବାଛବିଚାର ନାଇ । ବୈଷ୍ଣବ ଧର୍ମରେ ଲକ୍ଷ୍ମୀ, ଭକ୍ତର ଧର୍ମାଧର୍ମ, କର୍ମାକର୍ମ, ପୁଣ୍ୟ ପାପ କିଛି ବୁଝିପାରନ୍ତି ନାଇ; ମାପି ପାରନ୍ତି ନାଇ । ମାତ୍ର ଭକ୍ତ ପାଇଁ ସେ ବିଷ୍ଣୁଙ୍କୁ କହନ୍ତି । ବିଷ୍ଣୁ ମଧ ଲକ୍ଷ୍ମୀଙ୍କ କଥାରେ ଭୁଲିଯାଇ ଆଉ କିଛି ନ ବିଚାରି ଭକ୍ତର କାମ କରନ୍ତି । ଦୂରକୁ ନ ଯାଇ ଏବେ ମଧ୍ୟ ଯେ କେହି ଦେଖିପାରନ୍ତି, ଏବର ରାଧାରମଣ ଦେବଙ୍କ ଠାରୁ ନିଗମାନନ୍ଦଙ୍କ ପର୍ଯ୍ୟନ୍ତ ପୁଣି ଆଦିମାତାଙ୍କଠାରୁ ସିଦ୍ଧମାତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏଇ ଶ୍ରେଣୀର ମଧ୍ୟସ୍ଥ । ଈଶ୍ୱରଙ୍କୁ କହି ଭକ୍ତ ପାଇଁ ସେମାନେ ସବୁ କରିପାରନ୍ତି । ଭାରତରେ ଏଇ ସବୁ ଗୁଣରେ ଗୁଣାନ୍ୱିତ ଭାଗବତ ଧର୍ମ କିପରି ପ୍ରଥମେ ଜାଗ୍ରତ ହେଲା, ଇତିହାସରେ ତାହାର କି ଗତି ହୋଇଚି ସେ ସବୁ ପରେ କୁହାଯିବ ।

[ନବ ଭାରତ ନୂତନ ପ୍ରସ୍ଥ, ୨ୟ ବର୍ଷ,
୬ଷ୍ଠ, ୭ମ ସଂଖ୍ୟା,
ଫେବୃୟାରୀ, ମାର୍ଚ୍ଚ, ୧୯୫୦]

## *ପଣ୍ଡିତ ନୀଳକଣ୍ଠ ଦାସ ମହୋଦୟ ସମୀପେଷୁ

ଦେବ ! ଋଷି ! ଦୁର୍ବାସା ! ତପସ୍ୱୀ ।
ସାଧକ ! ଦମ୍ଭୀ ! ବୀର ! ଜ୍ଞାନୀ !
ନମସ୍କାର !
ଆପଣଙ୍କୁ ସ୍ତୁତି କରିବା ପାଇଁ ନୁହେଁ
ଏ କବିତାର ଆବିଷ୍କାର

Digitized by PPRACHIN, SOA

ମର୍ମ୍ମରୁ ଉଚ୍ଛ୍ୱସି ଉଠିଲା ଏହା
ଆପଣା ଛାଏଁ
ପତିତ ପାବନ କହିବି ନାଇ ଆପଣଙ୍କୁ
ମନା କରିଛନ୍ତି କହିବାକୁ ଏପରିକି ଜଗନ୍ନାଥଙ୍କୁ
ଓଡ଼ିଆର ସରଣି ଧରି ଦେଖାଇଛନ୍ତି ଆମକୁ
କେତେ କଥା ।
ଆପଣ 'ପତିତ ପାବନ'– ନା, ନା,
କହିବି ନାଇଁ ସେ କଥା
ଓଡ଼ିଆ ଜାତିର ମହତ୍ତ୍ୱ ହଜାଇ ଦେଇଛୁଁ ଆମ୍ଭେ
ମୂର୍ଖତା ଭରି
ଓଡ଼ିଆର ଏତେ ଗୌରବ ଏତେ ଦମ୍ଭ
ଏତେ ବିକାଶ ସୌରଭ
କିଛି କି ଆମ ପ୍ରାଣେ ନ ଥିଲା ଭରି ?
ସବୁ ଭ୍ରମୁଥିଲୁ ଭ୍ରମାଉଥିଲେ ଅନ୍ୟେ ଯେପରି
ମେଣ୍ଢା ଆମେ; ଗୌରବ ନାଇ, ନ ଥିଲା କିଛି
ଆମର ସେପରି
ଆଜି 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'
ପୁସ୍ତକେ ଆପଣ
ଦେଖାଇଲେ ଯେଉଁ ଜ୍ଞାନ
ଅଜ୍ଞାନ ତିମିର ଗଲା ଆମର–
ତାହା ଆହୁରି ଯାଉ ଆମର ଚାଲି ।
ନୀଳକଣ୍ଠ ! ବିଷକଣ୍ଠ !
ବିଷ ଉଦ୍‌ଗାରିଛନ୍ତି ଜାତିର ହିତପାଇଁ
ଏ ଜାତିକୁ ଚେତନା ଦୃପ୍ତ କରିବା ପାଇଁ ।

---

* ପଣ୍ଡିତ ନୀଳକଣ୍ଠ ଦାସଙ୍କ ଓଡ଼ିଆ ସାହିତ୍ୟର କ୍ରମପରିଣାମ ପୁସ୍ତକର ପ୍ରଥମଖଣ୍ଡ ପଢ଼ିସାରି ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏଇ ଚିଠିଟି ଲେଖି ନବଭାରତରେ ଛପାଇବାକୁ ଅନୁରୋଧ କରି ଲେଖି ପଠାଇଥିଲେ । ସ:ନ

Digitized by PPRACHIN, SOA

# ଭାଗବତ ଧର୍ମ - (୨)

ଭାଗବତ ଧର୍ମଇ ଭାରତରେ ଭକ୍ତିଧର୍ମ– ଏ କଥା ବୁଝାଇ ଦିଆଯାଇଚି । ଏଥିରେ ବାସୁଦେବ କୃଷ୍ଣ ହେଉଛନ୍ତି ବିଶ୍ୱର ପରମଦେବ ବିଶ୍ୱ ସମ୍ରାଟ– ଭଗବାନ୍– ପରମେଶ୍ୱର । କାଳକ୍ରମେ ଏଇ ବାସୁଦେବ କୃଷ୍ଣଭକ୍ତି ସୂତ୍ରରେ ନାନା ସାଧୁ, ସନ୍ଥ, ଡୋର, କଣ୍ଠପୁନୀ, ତିଳକ ପ୍ରଭୃତି ସନ୍ତକମାନ ବାହାରିଚି । ବାସୁଦେବ କୃଷ୍ଣ-ଭକ୍ତକୁ ଭାରି ସୁଖପା'ନ୍ତି । ଲୋକେ କିପରି ତାଙ୍କ ଭକ୍ତ ହୁଅନ୍ତି ଏଥିପାଇଁ ସେ ସର୍ବଦା ତତ୍ପର ଥାନ୍ତି– କାର୍ଯ ବି କରନ୍ତି । ଏଇପରି ଏଇ ଧର୍ମର ଲକ୍ଷଣମାନ ସୂଚାଇ ଦିଆଯାଇଚି ।

କିନ୍ତୁ ସର୍ବୋପରି ଏଇ ଧର୍ମର ଗୋଟିଏ ବିଶେଷ ଲକ୍ଷଣ ହେଉଚି, ଏଇ ଧର୍ମର ତତ୍ତ୍ୱ ଓ ମୁକ୍ତିମାର୍ଗମାନ ଭଗବାନ ନିଜେ ଲୋକରେ ପ୍ରଚାର ହେବା ନିମନ୍ତେ ପ୍ରକାଶ କରିବା ବୁଝାଇ କରି କୌଣସି ଭକ୍ତକୁ କହିବା । ଇଂରେଜୀର ଏଇ କଥାଟାକୁ କହନ୍ତି–Revealation (ରେଭେଲେସନ୍) । ବେଦକୁ ଯେ ଅପୌରୁଷେୟ କୁହାଯାଏ, ତାକୁ ଏଇପରି ରେଭେଲେସନ୍ ବୋଲି ଅର୍ଥ କରନ୍ତି । ହୋଇପାରେ ଏଇପରି ରେଭେଲେସନ୍ ବୋଲି ପ୍ରଚାର କରିବା ପାଇଁ ବେଦକୁ ପରବର୍ତ୍ତୀ ବେଦବିଶ୍ୱାସୀମାନେ ଅପୌରୁଷେୟ ବୋଲି କହିଛନ୍ତି । କିନ୍ତୁ ବେଦକୁ କେବେ ଅପୌରୁଷେୟ କୁହାଗଲା, ତାହା ଠିକ୍ ଜଣାନାଇ । ପୁଣି ବେଦକୁ ଯେଉଁମାନେ ଚଳଣିର ନିର୍ଦ୍ଦେଶକ ବୋଲି ମନେକରି ବିଦ୍ୟାବିନୟର ମାପକାଠି ବୋଲି ବିଚାରିଥିଲେ, ସେମାନେ ହୁଏତ ପ୍ରଚାର କରିଥିଲେ, ବେଦ କୌଣସି ବ୍ୟକ୍ତିବିଶେଷର କୃତି ନୁହେଁ, ତାହା ପରମ୍ପରାଗତ ଶିଷ୍ଟ ଚଳଣିର ପ୍ରକାଶ ମାତ୍ର ।

ସେ ଯାହାହେଉ, ବେଦକୁ କୌଣସି ପ୍ରକାରେ ଠିକ୍ ରେଭେଲେସନ୍ ବୋଲି କୁହାଯାଇ ପାରିବ ନାଇଁ । ଭାରତରେ ଭାଗବତ ଧର୍ମରେ ଏଇ ରେଭେଲେସନ୍ ସ୍ପଷ୍ଟ ପ୍ରକାଶ ପାଇଚି । ଏଇ ଭାଗବତ ଧର୍ମ ପୁଣି ବୈଦିକ ଧର୍ମ ନୁହେଁ । ଏହା ଆଗମ, ଅର୍ଥାତ୍ ନିଗମ ବା ବେଦରୁ ଭିନ୍ନ । 'ନାରଦ ପାଞ୍ଚରାତ୍ର'ରେ ଏଇ ଧର୍ମକୁ ସଫା ଆଗମ ବା ବେଦାତିରିକ୍ତ ବିଦ୍ୟା ବୋଲି କୁହାଯାଇଚି । ଏଇ ଭାଗବତ ଧର୍ମର ପ୍ରାଚୀନତମ ପରମ୍ପରାର ଉଲ୍ଲେଖ ଦେଖାଯାଏ; ମହାଭାରତ ଶାନ୍ତିପର୍ବର ଶେଷ ୧୮ ଅଧାୟରେ । ଏହାକୁ ନାରାୟଣୀୟ ଧର୍ମ ବୋଲି କହନ୍ତି ଓ ଏଇ ୧୮ ଅଧ୍ୟାୟକୁ ନାରାୟଣୀ ପର୍ବ ବୋଲି ମଧ୍ୟ କୁହାଯାଏ । ଏଇ ନାରାୟଣ ଶବ୍ଦ ଅର୍ଥଟି ସୂଚନାରେ କୁହାଯାଇଚି । ଏହା ଦ୍ରାବିଡ଼ ଶବ୍ଦ । ଏହାର ଅର୍ଥ ହେଉଚି, ନାରା ଅର୍ଥାତ୍ ଜଳର ବା ଜଳରୂପୀ ପୁରୁଷ । ସୁମେର ସଭ୍ୟତା ପରି ଭାରତୀୟ ବା ଦ୍ରାବିଡ଼ ସଭ୍ୟତାରେ ଜଳ ହେଉଥିଲା ବିଶ୍ୱପିତା । ତେଣୁ ନାରାୟଣ ହେଲା ବିଶ୍ୱର ପରମେଶ୍ୱର ।

Digitized by PPRACHIN, SOA

ଭକ୍ତଶ୍ରେଷ୍ଠ ନାରଦ ଏଇ ନାରାୟଣଙ୍କୁ ନିଜେ ତପସ୍ୟା କରିବାର ଦେଖି ପଚାରିଲେ ''ଭଗବାନ ! ଆପଣଙ୍କର ତପସ୍ୟା କରିବା କି ଦରକାର ?'' ସେଠାରୁ ନାରଦଙ୍କୁ ଆଉଥରେ ଶ୍ୱେତଦ୍ୱୀପରେ ଦେଖାଦେଇ ସେଇ ନାରାୟଣ ଧର୍ମ ନିର୍ଦ୍ଦେଶମାନ କହିଲେ । ତାହାଇ ନାରାୟଣୀୟ ବା ଭାଗବତଧର୍ମ । ଏଇ ଶ୍ୱେତଦ୍ୱୀପଟି କ୍ଷୀର ସମୁଦ୍ର ଭିତରେ ଅଛି ବୋଲି ଲେଖାଅଛି । ପୁରାଣରେ ବ୍ରହ୍ମାଣ୍ଡର ସପ୍ତଦ୍ୱୀପ ଓ ସପ୍ତସମୁଦ୍ର ଭିତରେ ଲବଣ ସମୁଦ୍ର ମଧ୍ୟରେ ଥିବା ଜମ୍ବୁଦ୍ୱୀପଠାରୁ ଆରମ୍ଭ କରି କ୍ରମେ ଏଇ ଜମ୍ବୁଦ୍ୱୀପକୁ କେନ୍ଦ୍ରକରି ଐକକେନ୍ଦ୍ରିକ ବୃତ୍ତମାନଙ୍କ ପରି ଆଉ ୬ଟି ଦ୍ୱୀପ ଓ କ୍ରମେ ସେମାନଙ୍କୁ ଘେରି ଆଉ ସମୁଦ୍ରମାନ ଅଛି । ଏଥିରେ ସପ୍ତମଦ୍ୱୀପଟି ହେଉଚି ଶାକଦ୍ୱୀପ ଓ ତା' ଚାରିପାଖେ ବଳୟାକାରରେ ଘେରି ରହିଚି ଦୁଗ୍ଧ ସମୁଦ୍ର ବା କ୍ଷୀର ସମୁଦ୍ର । ଏଇ କ୍ଷୀର ସମୁଦ୍ର ଭିତରେ ଥିବା ଶାକଦ୍ୱୀପଟି ହେଉଚି, ପରେ ଚିହ୍ନଟ ହୋଇଥିବା ଶକମାନଙ୍କ ଦେଶ ବା ପାରସ୍ୟ ଦେଶ । ପରବର୍ତ୍ତୀ କାଳରେ ଏଇଠାରୁ ସୂର୍ଯ୍ୟୋପାସକ ଶାକଦ୍ୱୀପୀ ବ୍ରାହ୍ମଣମାନେ ଭାରତକୁ ଏପରିକି କୋଣାର୍କକୁ ଆସିଥିବା କଥା ପୁରାଣବିତ୍ ଐତିହାସିକମାନେ ମଧ୍ୟ ଜାଣନ୍ତି ।

ଏଇ ଶାକଦ୍ୱୀପ ବା କାସ୍ପିୟାନ୍ କୂଳଠାରୁ ଲମ୍ବିଥିବା ପାରସ୍ୟ ଭୂଇଁ ପୁଣି ହେଉଚି ଭାଗବତଧର୍ମ ଭଳି ଭକ୍ତିଧର୍ମର ଆଦିସ୍ଥାନ । ଏହା ଏପରି ଗୋଟିଏ ଧର୍ମର ଆଦିସ୍ଥାନ ହେବାପରେ ଗୋଟିଏ ପରମ୍ପରା ମଧ୍ୟ ଅଛି । ସେ ପରମ୍ପରା ପୃଥିବୀରେ ଅନ୍ୟଠି ନାଇ । ଅଳ୍ପରେ ସେ ପରମ୍ପରାଟିର ପ୍ରଭାବ, ବ୍ୟାପ୍ତି ଓ ପରମ୍ପରାର କଥା କୁହାଯାଉଛି ।

ଏବ ପାରସ୍ୟର ପଶ୍ଚିମକୁ ଲାଗି ପାରସ୍ୟ-ଉପସାଗର କୂଳର ଉତ୍ତରକୁ ଥିଲା ସୁମେର ରାଜ୍ୟ । ଏହା ପୃଥିବୀର ଗୋଟିଏ ପ୍ରାଚୀନତମ ସଭ୍ୟ ଦେଶ । ଏପରିକି ଅନେକ ପଣ୍ଡିତଙ୍କ ମତରେ ଏଇ ସୁମେରମାନଙ୍କ ସେକାଳ ଦ୍ରାବିଡ଼ମାନଙ୍କ ସଙ୍ଗେ ଘନିଷ୍ଠ ସମ୍ପର୍କ ଥିଲା ଓ ଏଇ ସୁମେରମାନେ ଇଜିପ୍ଟ, ସିରିଆ, ପାଲେଷ୍ଟାଇନ୍ ଫିନିସିଆ ପ୍ରଭୃତି ଦେଶମାନଙ୍କରେ ସଭ୍ୟତାର ଆଦିପ୍ରତିଷ୍ଠା କରିଥିଲେ ବୋଲି ଅନେକ ପଣ୍ଡିତଙ୍କ ମତ । ଏଇ ସୁମେରରେ ଯେଉଁ ଆଦିମ ଦେବପୂଜା ପ୍ରକାଶ ପାଇଥିଲା, ସେଥିରେ ବାହାରିଥିଲେ ଯୋଡ଼ିଏ ଶ୍ରେଷ୍ଠ ଦେବତା । ଗୋଟିଏ ହେଉଚି ମର୍ଦ୍ଦୁକ୍ (Marrodoch, ମ୍ୟାରୋଡ଼ଚ) ଆଉ ଗୋଟିଏ ହେଉଚି, ଅଂଶର, ଅସୁର୍ ବା ଅଶ୍ସୁର (Ansar, Asshur, Assur) । ଏହାଇ ପରବର୍ତ୍ତୀକାଳରେ ହେଲା, ଅସୁର ।

ପ୍ରାୟ ୫ ହଜାର ବର୍ଷ ତଳେ ମର୍ଦ୍ଦୁକଙ୍କଠାରୁ ଭିନେ ହୋଇ ଅସୁର ଯେଉଁଠାରେ ରହିଲେ, ତାହାର ନାମ ହେଲା, ଅସୁର । ଗ୍ରୀକ୍‌ମାନେ ସେଇ ରାଜ୍ୟ ଓ ସାମ୍ରାଜ୍ୟର ନାମ ଦେଇଥିଲେ, ଆସିରିଆ । ମର୍ଦ୍ଦୁକ୍ ଏଇ ଭୂମିର ଦକ୍ଷିଣଭାଗ ଅର୍ଥାତ୍ ଆଦି ସ୍ଥାନରେ ରହିଲେ । ସେଇ ରାଜ୍ୟର ନାମ ହୋଇଥିଲା, ପରେ ବାବିଲନ୍ । ମର୍ଦ୍ଦୁକଙ୍କ ସ୍ଥାନର ନାମ ହୋଇଥିଲା ପରେ ବାବିଲନ୍ ସହର । ଏଇ ଦେବମାନେ ସମାଜ ଓ ରାଜ୍ୟର ଯଥାର୍ଥ

Digitized by PPRACHIN, SOA

ନେତା ବୋଲି ଧରାଯାଉଥିଲେ । ରାଜା ଓ ସମ୍ରାଟମାନେ ଆଗେ ଏଇ ଦେବଙ୍କ ପ୍ରତିନିଧି ହେଉ ହେଉ ଶେଷକୁ ସେମାନଙ୍କର ସ୍ୱରୂପରେ ପରିଣତ ହୋଇଥିଲେ । ପରେ ଭାଗବତ ଧର୍ମର ଦର୍ଶନରେ ଯେଉଁ ସାମୀପ୍ୟ, ସାଲୋକ୍ୟ, ସାଯୁଜ୍ୟ, ସାରୂପ୍ୟ– ଏଇ ୪ ପ୍ରକାର ମୁକ୍ତି ବା ଈଶ୍ୱରାନୁଗ୍ରହରେ ପାଇବାର ଅବସ୍ଥା ବୋଲି ଧରାଯାଇଥିଲା, ତାହାର ମୂଳ ହୁଏତ ଏଇଠାରେ । ଇଜିପ୍ଟରେ ସମ୍ରାଟ ଓ ଏଇ ସାମ୍ରାଜ୍ୟ ଦେବ ବା ଈଶ୍ୱର ଏକ ହୋଇଗଲେ । ବାବିଲନ୍‌ରେ ସମ୍ରାଟ ହେଲେ, ମର୍ଦୁକଙ୍କ ପାଖେ ମର୍ଦୁକଙ୍କର ଏକ ପ୍ରକାର ଚଳନ୍ତି ପ୍ରତିମା । ଆସିରିଆରେ ଠିକ୍ ଇଜିପ୍ଟ ସମ୍ରାଟଙ୍କ ପରି ଏକରୂପ ନ ହେଲେ ମଧ ପ୍ରତିନିଧି ରୂପରେ ସମ୍ରାଟଇ ଥିଲେ କାର୍ଯତଃ ଅସୁର୍ ଓ ଅସୁର୍ ଥିଲେ ସମ୍ରାଟ୍ । ଏଇ ଆସିରିଆରେ ଈଶ୍ୱର ବା ସର୍ବନିୟନ୍ତା 'ଅସୁର୍' ଦର୍ପୀ ସମ୍ରାଟମାନଙ୍କର ସମସ୍ତ ନିଗ୍ରହାନୁଗ୍ରହରେ ଗଢ଼ା ହୋଇଥିଲେ ସେକାଳେ ସାମ୍ରାଜ୍ୟ । ସାମ୍ରାଜ୍ୟ ଭିତରେ ବିଗ୍ରହ ଓ ବିଜୟ ହେଲେ, ବିଜେତା, ବିଜିତ ସାମ୍ରାଜ୍ୟର ମନ୍ଦିରରୁ ଦେବତାଙ୍କୁ ଘେନିଯାଉଥିଲେ । ଏଇପରି ଅସୁର ଇଜିପ୍ଟକୁ ଯାଇଥିବାର ଓ ମର୍ଦୁକ ଅସୁରଙ୍କ ଦେଉଳରେ ଆସି ଏକପ୍ରକାର ଦିହଲଗା ଚାକର ହୋଇ ରହିଥିବାର ବହୁବାର ସେକାଳ ଇତିହାସରେ ଘଟିଥିବା କଥା ସେକାଳ ଲେଖାମାନଙ୍କରୁ ମିଳୁଚି । ପୁଣି ଏଇ ରାଜ୍ୟ ସାମ୍ରାଜ୍ୟର ଦେବମାନେ ସବୁବେଳେ ବିଦ୍ରୋହୀ ପ୍ରତି ଖୁବ୍ ଅସହିଷ୍ଣୁ ଓ ନିଷ୍ଠୁର ଥିଲେ, କିନ୍ତୁ ଭକ୍ତକୁ ଅନୁଗ୍ରହ କରୁଥିଲେ । ଅସିରିଆର ସମ୍ରାଟ ଅସୁର ପ୍ରତିନିଧିଙ୍କର କ୍ରିୟାକଳାପରେ ଏହା ଖୁବ୍ ବିକଟ ଓ ବୀଭତ୍ସ ଭାବରେ ପ୍ରକାଶ ପାଇଥିଲା । ଐତିହାସିକ ହଲ୍‌ସାହେବ ସେଇ କାଳର ଜଣେ ଆସିରୀୟ ସମ୍ରାଟଙ୍କର ବିଜୟ ବର୍ଣ୍ଣନା କରିବାରେ ପ୍ରମାଣ ସହିତ ଉଦ୍ଧାର କରିଛନ୍ତି, ''କୌଣସି ପ୍ରତିପକ୍ଷର ନଗର ଜିଣିସାରି ସେ ସେଥିରେ ନିଆଁ ଲଗାଇଦେଉଥିଲେ । ତା'ପରେ ସାବାଳକମାନଙ୍କୁ ଧରି ବନ୍ଦୀକରି, ତାଙ୍କ କାନ ହାତ କାଟିଦେଇ ଆଖି ତାଡ଼ିଦେଉଥିଲେ । ଏହା କରିସାରି ସେଇ ଖଣ୍ଡିଆ ବନ୍ଦୀମାନଙ୍କୁ ଗଦା ଗଦା କରି ଜମା କରି ଦେଉଥିଲେ ଓ ସେମାନେ କ୍ରମେ ଘା, ଖରା, ମଶା, ଡାଆଁସ ଓ ଶ୍ୱାସ ରୋଧରେ ପଡ଼ି ପଡ଼ି ମରିଯାଉଥିଲେ । ବାଳକବାଳିକାମାନଙ୍କୁ ଧରି ଏକାଠି କରି ପୋଡ଼ିଦେଉଥିଲେ ଓ ସେଠା ରାଜା ଆସିରିଅକୁ ଅଣାଯାଉଥିଲେ । ସେଠାରେ ଅସୁରଙ୍କ ଆଗେ ତାଙ୍କୁ ଜିଅଁନ୍ତାରେ ଛାଲିଦିଆଯାଉଥିଲା ଓ ବିଜେତା ସମ୍ରାଟ ନିଜେ ତାହା ଦେଖି ବଡ଼ ଆନନ୍ଦ ପ୍ରକାଶ କରୁଥିଲେ ।'' (The Ancient History of the Near East by H.R. Hall, 7th Edition– P. 445) ଏହାସବୁ ହେଉଥିଲା ଅସୁରଙ୍କ ନାମରେ । ବିଜିତମାନଙ୍କୁ ବାଛି ବାଛି ଆଣି ଅସୁରଙ୍କ ତୃପ୍ତି ଲାଗି ତାଙ୍କ ଆଗେ ବଳି ମଧ୍ୟ ଦିଆଯାଉଥିଲା । ସମ୍ରାଟ ଯେଉଁଆଡ଼େ ଯାଉଥିଲେ ସେ ଅସୁରଙ୍କ ବାନା ବା ସଂକେତ ତଳେ ଯାଉଥିଲେ । ଫଳରେ ଅସୁର ରାଜ୍ୟ କରୁଥିଲେ, ଅସୁର ଗୋଇନ୍ଦା ରଖି ଶତ୍ରୁ ମିତ୍ର ବାଛୁଥିଲେ ଓ ନିଗ୍ରହାନୁଗ୍ରହ କରୁଥିଲେ । ଅସୁର ଲଢୁଥିଲେ । ଅସୁର ହାରୁଥିଲେ । ଅସୁର ବି ଜିଣୁଥିଲେ । ଅସୁର

Digitized by PPRACHIN, SOA

ମାନବ ସମାଜର ସମ୍ରାଟ ଥିଲେ । ସେଇପରି ଥିଲେ ଇଜିପ୍‌ଟର ଆମନ– ଫାରାଓ, ବାବିଲନର ମର୍ଦୁକ । ଇଜିପଟ୍ ଟିକିଏ ଦୂରକୁ ଥିଲା । ପାରସ୍ୟର ପଶ୍ଚିମକୁ ଲାଗିଥିବା ନଦୀମାତୃକ ଭୂମିଖଣ୍ଡ (ଏବର ଇରାକ)ରେ ଉତ୍ତର ଭାଗରେ ଅସୁର୍ ଓ ଦକ୍ଷିଣ ଭାଗରେ ମର୍ଦୁକ, ଏଇ ଦୁଇଖଣ୍ଡ ଭିତରେ ବଡ଼ ଭୀଷଣ ଯୁଦ୍ଧ ଓ ସେଥି ସଂଗେ ଲୋକଙ୍କର ଘନଘନ ଭାଗ୍ୟ ବିପର୍ଯ୍ୟୟ ଲାଗିଥିଲା ।

ପାରସ୍ୟର ଆର୍ଯମାନେ ଭାରତର ଆର୍ଯମାନଙ୍କ ପରି ମୋଟାମୋଟି ଥିଲେ, ବେଦଧର୍ମୀ । ଅଗ୍ନି, ସୂର୍ଯ, ବାୟୁ, ଜଳ ପ୍ରଭୃତି ଶକ୍ତିର ପୂଜା ସେମାନେ କରୁଥିଲେ । ମାତ୍ର ପଶ୍ଚିମ ପାରସ୍ୟର ଲୋକେ କ୍ରମେ ଅସୁରଙ୍କ ଆଡ଼ିକି ଢଳିଲେ– ହୁଏତ ଶ୍ରଦ୍ଧାରେ ନୁହେଁ, ଭୟରେ । ଏଇଠାରୁ ପାରସିକ ଓ ପଞ୍ଜାବୀ ଆର୍ଯମାନଙ୍କ ଭିତରେ ଭେଦର ସୂତ୍ରପାତ । ଏଇଠାରୁ ବେଦଧର୍ମୀମାନଙ୍କର ଅସୁରଙ୍କ ପ୍ରତି ଘୃଣା । ସେ ଯାହାହେଉ, ଅସୁରଙ୍କୁ ପୂଜା କରିବା ଛଡ଼ା ପାରସିକ ଆର୍ଯମାନଙ୍କର ଅନ୍ୟ ଉପାୟ ନଥିଲା ।

ଏତିକିବେଳେ ପାରସିକମାନଙ୍କ ଭିତରେ ଜଣେ ମନସ୍ୱୀ ମହାପୁରୁଷଙ୍କର ଆବିର୍ଭାବ ହେଲା । ସେ ହେଉଛନ୍ତି, ପୃଥିବୀରେ ପତିତପାବନ ଧର୍ମର ଆଦିପ୍ରତିଷ୍ଠାତା ଜୋରାଥୁଷ୍ଟ୍ର (Zoroaster) । ତାଙ୍କ କାଳ ପ୍ରାୟ ତିନି ହଜାର ବର୍ଷ ତଳର କଥା । ସେ କହିଲେ, ସବୁ ଧର୍ମ ଓ ସବୁ ମାନବ ସମାଜର ଚାଳକ ଦେବଶକ୍ତି ଏକ । ଅସୁର, ମର୍ଦୁକ ଦୁଇଟି ଭିନ୍ନ ଭିନ୍ନ ଦେବ ନୁହନ୍ତି । ଯେ ଅସୁର, ସେଇ ମର୍ଦୁକ୍ । ଦୁଇ ଜାତିର ମନ ରକ୍ଷା କରି ସେ ଏହି ବିଶ୍ୱଦେବ ଈଶ୍ୱରଙ୍କର ନାମ ଦେଲେ, ଅସୁର-ମର୍ଦୁକ୍ ବା ତାଙ୍କର ନିଜ ପାରସିକ ଭାଷାରେ, ଅହୁର୍-ମେଜ୍‌ଦା । ବେଦରେ ଅଗ୍ନି ହେଉଚନ୍ତି ସର୍ବଦେବଙ୍କର ମୁଖ । ଏବେ ଏଇଂ ଅହୁର-ମେଜ୍‌ଦାଙ୍କ ଉପାସନାରେ ଅଗ୍ନି ପାରସିକ, (ଅତସ୍) ହେଲେ ଅହୁର ମେଜ୍‌ଦାଙ୍କ ପୁଅପରି ବା ପୁଅ । ତାଙ୍କରି ବାଟେ ''ଅହୁର୍-ମେଜଦା'' ଯେପରିକି ଉପାସିତ ହେଲେ । ଜୋରାଥୁଷ୍ଟ କହିଲେ, ''ଅତସ୍-ପୌତ୍ର-ଅହୁର୍-ମେଜ୍‌ଦା' (ଅର୍ଥାତ୍, ଅଗ୍ନି ହେଉଚନ୍ତି, ପୁତ୍ର ଅହୁର୍-ମେଜ୍‌ଦାଙ୍କର) ''ଯେତେ ବିରୋଧୀ ବା ଅହୁର-ମେଜ୍‌ଦାଙ୍କୁ ନ ମାନିବା ଲୋକ, ସେ ସମସ୍ତଙ୍କର ପ୍ରତିନିଧି ସ୍ୱରୂପ ବାହାରିଲେ ଅଂଗ୍ରମୈନ୍ୟୁ ବା ଅର୍ହିମନ୍ (ଅର୍ଥାତ୍ Evil Spirit) । ଏଇ ହେଲା ସମସ୍ତ ପତିତପାବନ ଧର୍ମ ଅର୍ଥାତ୍ ପାରସୀଧର୍ମ, ଇହୁଦୀ ଧର୍ମ, ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ,– ଭାରତରେ ମହାଯାନ ବୌଦ୍ଧ ଓ ନାରାୟଣୀୟ ଭାଗବତ ଧର୍ମ ପ୍ରଭୃତି ଏକେଶ୍ୱରବାଦୀ ଧର୍ମମାନଙ୍କର ମୂଳଭିତ୍ତି ।

ବିଶେଷରେ ଇହୁଦୀ ଧର୍ମରେ ଏହା ଅତିଶୀଘ୍ର ଅନୁକୃତ ହୋଇଥିଲା । କାହିଁକି ନା ଆସିରିଆ, ବାବିଲନ୍‌ରେ ଯେତେବେଳେ ଏଇ ଅସୁର ଧର୍ମର ବୀଭତ୍ସଲୀଳା ବ୍ୟାପିଥିଲା ଓ ମାତିଥିଲା, ସେତିକିବେଳକୁ ପାଲେଷ୍ଟାଇନ୍‌ର ଇହୁଦୀମାନେ ଏଇ ଦୁଇ ରାଜ୍ୟରେ ଆସି ହୋଇଥିଲେ ବନ୍ଦୀ । ପରେ ଜୋରାଥୁଷ୍ଟଙ୍କ ଧର୍ମରେ ଦୀକ୍ଷିତ ସିରସ୍ (କୁରୁଶ୍) ଯେତେବେଳେ ସିରିଆ ଓ ବାବିଲନ୍ ନିଜ ସାମ୍ରାଜ୍ୟଭୁକ୍ତ କଲେ, ସେତେବେଳେ ଏଇ

Digitized by PPRACHIN, SOA

ବନ୍ଦୀମାନଙ୍କୁ ଖଲାସ କରିଦେବେ ବୋଲି କହିଥିଲେ । ୟାଙ୍କ ପରେ ତାଙ୍କରି ବଂଶୀୟ ସମ୍ରାଟ୍ ଡେରାୟସ (ଦାରୟ ବହୁସ୍) ତାଙ୍କୁ ଛାଡ଼ିଦେଇଥିଲେ । ସେମାନେ ଫେରିଯାଇ ଏବେ ତାଙ୍କ ବିଶ୍ୱ ସମ୍ରାଟ୍ ଯେହୋବାଙ୍କୁ ଏହି ଅହୁର୍ ମେଜ୍‌ଦାଙ୍କ ଗୁଣ କର୍ମରେ ସଜାଡ଼ି ସେଇ ଯେହୋବାଙ୍କ ପାଖେ ଥିବା ଆଞ୍ଜେଲ୍ (Angel) ସଇତାନଙ୍କୁ ଅହିରିମନ୍ ରୂପେ କଳ୍ପନା କରି ଅହୁର୍-ମେଜଦାଙ୍କ ପୁତ୍ର ଅତ୍ସ ଭଳି ଯୀଶସ୍‌ଙ୍କୁ ଅପେକ୍ଷା କରି ବସିଲେ । ମୋଜେସ୍ ପ୍ରଭୃତି ପ୍ରଫେଟ୍ ବାହାରିଲେ ଓ ନୂଆ ପ୍ରଫେଟ୍ କେତେ ହେଲେ । ସମସ୍ତେ ମନୁଷ୍ୟଙ୍କୁ ସାବଧାନ କଲେ, ''ହଁା, ସମ୍ରାଟଙ୍କୁ ମାନିଚଳ । ତାଙ୍କ ଆଦେଶ ଏଇୟା । ତା ନ ହେଲେ, ସମ୍ରାଟ ତୁମକୁ ସଇତାନ୍‌ର ଲୋକ ବୋଲି ବିଚାରି ସତ୍ୟାନାଶ କରିବେ'' ଇତ୍ୟାଦି ସେଇ ପତିତଙ୍କୁ ପାବନ କରିବାର କାମ ବରାବର ଲାଗିଲା । ଏଇ ସୂତ୍ରରେ ବାସୁଦେବ କୃଷ୍ଣ ଓ କରୁଣାମୟ ବୁଦ୍ଧ ଭାରତରେ ବାହାରିଥିଲେ । ସେ ସବୁ କଥା ପରେ ବିଶଦ ଭାବରେ କୁହାଯିବ ।

[ନ.ଭା. ମେଷ ୧୩୫୬]

—

Digitized by PPRACHIN, SOA

# ନାମେ ଭକ୍ତି

ସେ ଦିନ (୨୭-୧-୪୯) କଟକ ରେଭନ୍‌ସା କଲେଜର ପୂର୍ବପଟ ଛାତ୍ରାବାସ ଅନ୍ତେବାସୀଏ ବାର୍ଷିକ ଉତ୍ସବରେ ମତେ ପ୍ରଧାନ ଅତିଥି କରି ଡାକିଥିଲେ । ସେଠାରେ ମୁଁ ପୁରସ୍କାର ବାଣ୍ଟୁଥିଲି । ବାଣ୍ଟିଲାବେଳେ ଖଣ୍ଡେ ପୁସ୍ତକରେ ମୋ ଆଖିପଡ଼ିଗଲା । ପୁସ୍ତକଟି ସୁନ୍ଦର ଛପା; ସୁନ୍ଦର ବନ୍ଧା । ନାମଟି ହେଉଛି 'ଶ୍ରୀ ଚୈତନ୍ୟ ମହାପ୍ରଭୁ' । ପୁରସ୍କାର ବାଣ୍ଟିସାରି, ପାଇଥିବା ଯୁବକଙ୍କଠୁ ପୁସ୍ତକଟି ମାଗିଆଣି ଦେଖିଲି; ପଢ଼ିଲି । ଗ୍ରନ୍ଥକାରଙ୍କ ନାମ ହେଉଚି, 'ତ୍ରିଦଣ୍ଡୀଭିକ୍ଷୁ ଭକ୍ତି ପ୍ରଦୀପ ତୀର୍ଥ' । ଚମକିପଡ଼ିଲି । ଗୌଡ଼ୀୟ ବୈଷ୍ଣବ, ତଥା ନିଜ ଭକ୍ତି-କ୍ରୀତ ଈଶ୍ୱରରେ ଭକ୍ତି କରାଇ ହୀନ ମାନବକୁ ମୁକ୍ତି ବାଣ୍ଟୁଥିବା ଲୋକେ, ନିଜକୁ ମୁହଁରେ 'ଦୀନ-ହୀନ' ବୋଲି କହି, କାର୍ଯରେ ଯେପରି ନିଜେ ଈଶ୍ୱରଙ୍କ ପ୍ରିୟ ବୋଲି ଘୋର ମତାନ୍ଧତାର ଅହଙ୍କାରରେ ବୁଡ଼ି ରହିଥାନ୍ତି, ଦେଖିଲି, ଏ ତାହାରି ସ୍ପଷ୍ଟ ସଂକେତ । ସତକୁ ସତ ପୁଣି ଦେଖିଲି, ପୁସ୍ତକଟି ପ୍ରକାଶ କରିଚନ୍ତି କଲିକତାର 'ଗୌଡ଼ୀୟ ମିସନ୍' । ପୁସ୍ତକଟି ପଢ଼ିବାକୁ କିଛିଦିନ ପାଇଁ ମାଗି ଆଣିଲି । ପଢ଼ି ମନରେ ଯେ ଭାବ ହେଲା ତା ଏଠି ଫେଡ଼ି ନ କହିଲେ ଭଲ । ଏପରି ଧର୍ମ ଧରି ଭକ୍ତିରେ ମାତିଥିବା ବିଶ୍ୱାସୀ ପାଖେ ଯୁକ୍ତି ବା ଦାର୍ଶନିକ ବିଶ୍ଳେଷଣ ଚଳେ ନାଇ । ସେ ମତାନ୍ଧ ଓ ଘୋର ଅସହିଷ୍ଣୁ । ତା' ଈଶ୍ୱର ଯେପରିକି ତା କାନିରେ ବନ୍ଧା । ତା'ର ଦୁଷ୍କୃତ ବା ଅକ୍ରିୟା ବୋଲି କିଛି ନାଇ, କି ପାପ ବୋଲି କିଛି ନାଇ ।

ଏ କଥାଟି ସ୍ପଷ୍ଟ କରିବା ପାଇଁ ଘର ପାଖରୁ ଗୋଟିଏ ଉଦାହରଣ ଦେଉଚି । ଅନ୍ୟତ୍ର ବୁଝାଇ କହିଚି, ଓଡ଼ିଆରେ ଲେଖାହୋଇଥିବା ଅନ୍ୟାନ୍ୟ ଅନେକ ଗ୍ରନ୍ଥ ଭିତରେ 'ଦାର୍ଢ୍ୟତାଭକ୍ତି' ଗ୍ରନ୍ଥଟି ହେଉଚି ଖଣ୍ଡିଏ ଓଡ଼ିଆରେ ଲେଖା ବଙ୍ଗଳା ସାହିତ୍ୟ ଗ୍ରନ୍ଥ– ଅର୍ଥାତ୍, ଗୌଡୀୟ ଧର୍ମଗ୍ରଂଥ– ଯଥାର୍ଥ ଓଡ଼ିଆ ଧର୍ମ ଗ୍ରନ୍ଥ ନୁହେ । ଏଥିରେ ଈଶ୍ୱର ଭକ୍ତକୁ ବିପଦରେ ପକାଇ ପରଖୁଥାନ୍ତି ଓ ଭକ୍ତ ବିପଦରେ ପଡ଼ିଲେ ଓ ଦୁଷ୍କୃତ ବା ପାପ କଲେ ତାକୁ ଅଦ୍ଭୁତ କ୍ରିୟା ଦେଖାଇ ତା' ସାହାପକ୍ଷ ହୁଅନ୍ତି । ସାମାନ୍ୟ ଦୃଷ୍ଟାନ୍ତ ସ୍ୱରୂପ ସେଇ 'ଦାର୍ଢ୍ୟତାଭକ୍ତି' ଗ୍ରନ୍ଥରୁ ବଳରାମ ଦାସଙ୍କ କଥାଟି ଦେଖ ।

ଓଡ଼ିଆ ଭାଗବତର ରଚୟିତା ଯେଉଁ ଜଗନ୍ନାଥ ଦାସଙ୍କୁ ସ୍ୱର୍ଗତ କବି ଗୋପବନ୍ଧୁ ଦାସ 'ଉତ୍କଳର ବ୍ୟାସ' ବୋଲି ଲେଖିଚନ୍ତି, କଥା ଅଛି, ଏ ବଳରାମ ଦାସ ହେଉଚନ୍ତି ସେଇ ଜଗନ୍ନାଥଙ୍କ ଦୀକ୍ଷାଗୁରୁ । ଏଇ ବଳରାମ ଓ ଜଗନ୍ନାଥଙ୍କୁ ପୁଣି ଓଡ଼ିଶାରେ ଚୈତନ୍ୟଙ୍କ 'ପଞ୍ଚସଖା' ଭିତରୁ ଶ୍ରେଷ୍ଠ ଦୁଇଜଣ ବୋଲି ଏଠି ଜାଣନ୍ତି । ଅବଶ୍ୟ 'ଗୌଡ଼ୀୟ' ବଙ୍ଗାଳୀ ଚୈତନ୍ୟ ଭକ୍ତେ ଭୁଲରେ ମଧ୍ୟ 'ପଞ୍ଚସଖା'ଙ୍କ ନାମ କରି ନାହାନ୍ତି, କି କରନ୍ତି ନାଇ ।

Digitized by PPRACHIN, SOA

ଉପରେ କୁହାଯାଇଥିବା 'ଚୈତନ୍ୟ ମହାପ୍ରଭୁ' ପୁସ୍ତକରେ ମଧ୍ୟ ଏମାନଙ୍କ ନାମ ପର୍ଯ୍ୟନ୍ତ ନାଇ । ସେ ସ୍ୱତନ୍ତ୍ର କଥା । କାରଣ ସେମାନେ ଗୌଡ଼ୀୟ ବୈଷ୍ଣବ ନ ଥିଲେ । ମାତ୍ର ସେଇ ବଳରାମ ଦାସଙ୍କ ସମ୍ବନ୍ଧରେ 'ଦାର୍ଢ୍ୟତାଭକ୍ତି'-କାର ଓଡ଼ିଆ 'ଗୌଡ଼ୀୟ' ବୈଷ୍ଣବ 'ରାମଦାସ' ବଳରାମଙ୍କୁ 'ଗୌଡ଼ୀୟ'- ବୈଷ୍ଣବ କରି ଦେଖାଇବା ପାଇଁ ଏହିପରି ଲେଖିଚନ୍ତି ।

ସେ ଲେଖିଚନ୍ତି— ବଳରାମ ଭାରି ଭକ୍ତ ଥିଲେ ଓ ଅତ୍ୟନ୍ତ ବେଶ୍ୟାସକ୍ତ ଥିଲେ :—

"ଭକତ ଜନ ମଧ୍ୟେ ସାର, ମହିମା ଅପାରୁ ଅପାର
ନାମ ତା ବଳରାମ ଦାସ । ମହନ୍ତ ସୋମନାଥ ଶିଷ୍ୟ ।।
ପୁରୁଷୋତ୍ତମେ ତାର ଘର । କୁଟୁମ୍ବ ଘେନି ସଂଗତର ।।
× × × ×
ଶ୍ରୀ ଦାରୁବ୍ରହ୍ମ ସେବା ବିନେ । ଅନ୍ୟ ନ ଜାଣେ ତାର ମନେ ।।
କେବଳ ପ୍ରକୃତି ବଶରେ । ନିରତେ ଗମେ ବେଶ୍ୟାଘରେ ।।"

ଏଠାରେ ସ୍ପଷ୍ଟ କୁହାଯାଇଚି, ବଳରାମଙ୍କ ସଙ୍ଗେ କୁଟୁମ୍ବ, ଅର୍ଥାତ୍ ପତ୍ନୀ ପୁତ୍ରାଦିଥିଲେ ମଧ୍ୟ ସେ ନିରତେ, କି ସବୁବେଳେ ବେଶ୍ୟାଘରକୁ ଯାଆନ୍ତି । ମନେ ରଖିବାର ଅଛି, ବଙ୍ଗ ଦେଶରେ ଗୌଡ଼ୀୟମାନଙ୍କର ପରକୀୟା-ପ୍ରେମ, ପ୍ରସିଦ୍ଧ ସାଧନା— ଓଡ଼ିଶାରେ ତା' ନୁହେ । ଓଡ଼ିଶାକୁ କର୍ଣ୍ଣାଟୀ ଗଙ୍ଗ-ସମ୍ରାଟମାନେ ନିଜର ବୈଷ୍ଣବ ସାଧନା ପାଇଁ ଆଣିଥିଲେ, 'ଦେବଦାସୀ' ବା ବେଶ୍ୟା । ଅନ୍ତତଃ ଜୟଦେବଙ୍କ କାଳରୁ ଏହି 'ଦେବଦାସୀ' ବା ବେଶ୍ୟା ଏ କୃଷ୍ଣ-ଧର୍ମ— ସାଧକ ବୈଷ୍ଣବଙ୍କ ପାଖେ ଗୋପୀ ଓ ରାଧାଙ୍କ ସ୍ଥାନ ପୂରଣ କରିଥିଲେ ।

କେତେ ଦିନ ପରେ ଶ୍ରୀଗୁଣ୍ଡିଚା ଯାତ ପଡ଼ିଲା । ତିନି ରଥ ତିଆରି ହେଲା;

"ସୁଭଦ୍ରା ବଳଦେବ ତୁଲେ । ପ୍ରଭୁ ସଂଭର୍ବେ ବିଜେ କଲେ ।।
× × × ×
ଏମନ୍ତ ସମୟରେ ଶୁଣ । ଗଣିକା ମନ୍ଦିରେ ଯାଇଣ ।।
ଥିଲେ ଯେ ବଳରାମ ଦାସେ । ମତ୍ତ ହୋଇଣ ବେଶ୍ୟା ରସେ ।"

ତହୁଁ ସେ ବଳରାମ ଦାସ ପହଣ୍ଡି ବିଜେ ବାଦ୍ୟ ଶୁଣି ବେଶ୍ୟା ଘରୁ ଲମ୍ଫେ ଲମ୍ଫେ ଯାଇଁ ରଥରେ ବିଜେହୋଇଥିବା ଠାକୁରଙ୍କୁ କୁଣ୍ଢାଇବା ପାଇଁ ରଥ ଉପରକୁ ଉଠିଗଲେ ।

"ସେବକେ ଅନାଇଣ ଦେଲେ । କ୍ରୋଧରେ ଦାସଙ୍କୁ ବୋଇଲେ ।
ଗଣ୍ଡେ ତୋ ତାମ୍ବୁଳର ଗାର । କୁଂକୁମେ (ହଳଦୀରେ) ଦେହ ଜରଜର
ଅତି କନ୍ଦର୍ପ ତୋର କାୟେ । ଦିଶୁଚି ଖଣ୍ଡ ଚିତ୍ର ପ୍ରାୟେ ।।
ସ୍ନାନ ଶଉଚ ତୋର ନାହିଁ । ଥିଲୁ ତୁ ବେଶ୍ୟା ଘରେ ଶୋଇ ।।
କିପାଁ ତୁ ଚଢ଼ିଲୁ ରଥର । ଭକତପଣ ପୋଡୁ ତୋର ।"

Digitized by PPRACHIN, SOA

ଏହିପରି ଗାଳିମନ୍ଦ କରି ସେବକେ ବଳରାମଙ୍କୁ ରଥ ଉପରୁ ତଡ଼ିଦେଲେ । ତହୁଁ ଭକ୍ତ ବଳରାମ, ନିଜର କୃଷ୍ଣ ଜଗନ୍ନାଥଙ୍କୁ ବହୁତ ଗାଳିଦେଇ କହିଲେ –

"ଦଣ୍ଡ ଯେ ଦେଲୁ ପରହସ୍ତେ । ଏଥିରେ ଯଶ ହେଲା କେତେ ।।×××
ଏବେ ମୁଁ ଗଲିଟି ବାହୁଡ଼ି । କେ ଝିଙ୍କୁ ତୋ ରଥ ଦଉଡ଼ି ?×××
ଭଲା କେ ଚାଳୁ ତୋର ରଥ । ତୋ ବାପ ନନ୍ଦର ଶପଥ ।।"

ଲେଖାଅଛି, ତା'ପରେ ବଳରାମ ଦାସ ସେଇଠାରୁ ରାଗରେ ତମତମ ହୋଇ ବରାବର ଏକମୁହିଁ ଚାଲିଲେ ବାଙ୍କି ମୁହାଣ ସମୁଦ୍ର କୂଳକୁ । ସେଇଠାରେ ବସି ସେବକଙ୍କ ଉପରେ ପ୍ରତିଶୋଧ ନେବାପାଇଁ ବାଲିରେ ତିନୋଟି ରଥ ସେଠି ତିଆର କରି ନିଜର କୃଷ୍ଣ-ଜଗନ୍ନାଥଙ୍କୁ ସେଇ ରଥରେ ଭାଇ ଭଉଣୀ (ବଡ଼ଠାକୁରେ ସୁଭଦ୍ରା)ଙ୍କୁ ଘେନି ବସିବାକୁ କହିଲେ । ଜଗନ୍ନାଥେ ଆଉ ଭକ୍ତର ଅପମାନ ସହିବେ କେତେକେ ? ଭକ୍ତ କଥା ବା ସେ ଭାଙ୍ଗୁଚନ୍ତି କିପରି ? ସେ ଆସି ଭାଇ ଭଉଣୀଙ୍କୁ ଘେନି ସେଇ ତିନୋଟି ବାଲି ରଥରେ ବସିଲେ । ଏଣେ ବଡ଼ଦାଣ୍ଡରେ ଯେତେ ଟାଣିଲେ, ରଥ ଆଉ ନ ଟଙ୍କେ । ସବୁ ଲୋକେ ଆସି ଲାଗିଲେ; ସେବକେ ଲାଗିଲେ ରାଜ ଓ ରାଜ-କର୍ମଚାରୀ, ଗହଣ ଲୋକେ ସମସ୍ତେ ଲାଗିଲେ; ସେନାଏ ଲାଗିଲେ; ଶେଷକୁ ଘୋଡ଼ା, ହାତୀ, ସମସ୍ତେ ଲାଗି ପ୍ରାଣପଣେ ଓଟାରିଲେ । ରଥ ଚଳିଲା ନାଇ । ରାଜା ପ୍ରତାପରୁଦ୍ର ବଡ଼ ଚିନ୍ତିତ ହୋଇ ଶୋଇଚନ୍ତି, ଏବେ ଜଗନ୍ନାଥେ ନିଜେ–

"ରାଜାଙ୍କୁ କହିଲେ ସ୍ୱପନେ । ତୁ କିପାଁ ଚିନ୍ତା କରୁ ମନେ ।।
ଏବେ ମୁଁ କହୁଅଛି ତୋତେ । ହେ ରାଜା ଶୁଣ ଶୁଦ୍ଧ ଚିତ୍ତେ ।।
ମୋର ଭକତ ଯେଉଁ ଜନ । ମୋହର ନାମ କରେ ଗାନ ।।
ସେ କେବେ ଅଶୁଚି ନୁହଇ । ସର୍ବଦା ଶୁଚିବନ୍ତ ଦେହୀ ।।
ଏଣୁ ମୋ ବଳରାମ ଦାସ । ମନରେ ହୋଇଣ ହରଷ ।।
ଛାମୁକୁ ଅଇଲା ମୋହର । ମାରି ତାହାକୁ କଲେ ଦୂର ।।
× × × ×
ମୋର ଭକ୍ତକୁ ଅକାରଣେ । ଦଣ୍ଡ ବିହିଲେ ଯେଉଁମାନେ
ତାହାଙ୍କୁ ଯୋଡ଼ି ଯୋଡ଼ି କରି । ବନ୍ଧାଇ ଥିବୁ ଦଣ୍ଡଧାରୀ ।।
ଗଳାରେ ଜାଲ ପାଶ ଭରି । ଦନ୍ତେ ତିରଣ ଥିବେ ଧରି ।।
ପଛରେ ଗଳା ଧକ୍କା ଦେଇ । ଘେନାଇ ଯିବୁ ନରସାଇଁ ।।
ମୋ ଭୃତ୍ୟ ଛାମୁରେ ଭେଟିବେ । ସମସ୍ତେ ଚରଣେ ଲୋଟିବେ ।।
ତୁ ଯେ ଆପଣେ ନରରାଣ । ଦାସଙ୍କୁ କୋଳେ ବସାଇଣ ।।
ଅନେକ ଗଉରବ କରି । ଘେନି ଆସିବୁ ଦଣ୍ଡଧାରୀ ।।
ବସାଇ ନନ୍ଦିଘୋଷ ରଥେ । ବାନ୍ଧିବୁ ପାଟ ଶାଢ଼ି ମାଥେ ।।
ବୋଲିବୁ ଯାତ୍ରା ବେଗେ କର । ତେବେ ଚଳିବ ରହୁବର (ରଥବର) ।।

Digitized by PPRACHIN, SOA

× × × ×

ରାଜା ଏମନ୍ତ ଆଜ୍ଞା ପାଇ । ଉଠିଲା ଅତି ବେଗ ହୋଇ ।।
ସେବକମାନଙ୍କୁ ରାଇଣ । ଦାସ ଦୋରହା ଯେତେ ଜନ ।।
ବନ୍ଧାଇ ଯୋଡ଼ି ଯୋଡ଼ି କରି । ଗଜେ କୁଠାର ଛନ୍ତି ଧରି ।।
ଦନ୍ତେ ତିରଣ ଧରାଇଲେ । ପଛ ହାବୁକା (ଧକ୍କା) ତାଙ୍କୁ ଦେଲେ ।।
ଘେନାଇ ଗଲେ ଖରେ ଜନେ । ମିଳିଲେ ଭକ୍ତ ସନ୍ନିଧାନେ ।।
ସମସ୍ତେ ଛାମୁରେ ଭେଟିଲେ । ତକ୍ଷଣେ ଚରଣେ ଲୋଟିଲେ ।।''

ତା'ପରେ ରାଜା ବଳରାମ ଦାସଙ୍କୁ କୋଳରେ ବସାଇ ତାଙ୍କ କୋପ ଶାନ୍ତ କଲେ; ରଥକୁ ଆଣି ତାଙ୍କୁ ରଥ ଉପରେ ମଧ କୋଳରେ ବସାଇ ତାଙ୍କ ମୁଣ୍ଡରେ ପାଟ ଶାଢ଼ି ବାନ୍ଧିଲେ । ତହୁଁ ରଥ ଚଳିଲା ।

ଏଇ ହେଉଛି ଗୌଡ଼ୀୟ ବୈଷ୍ଣବଙ୍କ ଭକ୍ତି ଧର୍ମ ସାଧନାର ନମୁନା । ସମସ୍ତେ ଜାଣୁଥିବେ, ଏ କଥାରେ ସତ୍ୟ ବୋଲି କିଛି ନାଇ । ଏଇପରି ମିଥ୍ୟାମାନ ତିଆରି କରି ସେଥିରେ ଲୋକଙ୍କୁ ଭୁଲାଇବା ଓ ପରମ୍ପରାରେ ନିଜେ ହୁଏତ ଭୁଲିବା ହେଉଚି, ସେ ପ୍ରକାର ଭକ୍ତିଧର୍ମରେ ପ୍ରଧାନ କଥା । ଭକ୍ତଙ୍କର ପୁଣି ରାଗ ଓ ଆଙ୍ଗର ସୀମା ନାଇ । ଖାଲି ନାମ ଗାନ କରିବା ପୁଣି ହେଉଚି ଏ ଧର୍ମ ସାଧନାର ଏକମାତ୍ର ଅବଲମ୍ବନ । ମାଳା ଧରି ହୁଏତ ନାମାବଳୀ ପକାଇ ସେଇତକ କରିପାରିଲେ, ବା କରୁଚି ବୋଲି ଦେଖାଇପାରିଲେ, ହେଲା । ଆଉ କୌଣସି ଦୁଷ୍କୃତ ବା ପାପ କରିବାରେ ଭକ୍ତଙ୍କର କୁଣ୍ଠା ନାଇ ।

ଭକ୍ତଓ ଭଗବାନ୍ ପୁଣି ଏ ଧର୍ମମତରେ ସବୁବେଳେ ଅଦ୍ଭୁତ କ୍ରିୟା ଦେଖାଇ ଲୋକଙ୍କୁ ମନାଇ ଭକ୍ତ କରିବାରେ ଲାଗିଥାନ୍ତି । ଯେଉଁ 'ଚୈତନ୍ୟ ମହାପ୍ରଭୁ' ଗ୍ରନ୍ଥର କଥା କୁହାଯାଉଥିଲା, ତା'ର ପ୍ରଣେତା 'ତ୍ରିଦଣ୍ଡୀ ଭିକ୍ଷୁ ଭକ୍ତି ପ୍ରଦୀପତୀର୍ଥ,' ଏଇ ଶ୍ରେଣୀୟ ଈଶ୍ୱରଙ୍କର ଜଣେ ଭକ୍ତ– ସେ ନାମରେ ତଥା କାର୍ଯ୍ୟର ଜଣେ ଯଥାର୍ଥ 'ଗୌଡ଼ୀୟ'- ବୈଷ୍ଣବ । ତେବେ ଅନେକେ ଆଶ୍ଚର୍ଯ୍ୟ ହେବେ, ଏ ଯୁଗରେ ପାଠ ପଢୁଆ ଲୋକେ ପୁଣି ଭେକ ଧରା ନାମରେ ଏପରି ଗୌରବ କରି ମିଶନ ବାନ୍ଧି ଈଶ୍ୱରଙ୍କର 'ପୁତ୍ର', 'ପୟଗଂବର' ପରି କୃଷ୍ଣ ଭକ୍ତ ହୋଇ ପଦାକୁ ବାହାରିପାରନ୍ତି । ଭାରତ ଧର୍ମରେ ପୁଣି ଏହା ସମ୍ଭବ ?

ଭାରତ ଏବେ କ୍ଷିପ୍ର ଗତିରେ ଯୁଆଡ଼େ ଯାଉଚି, ସେଥିରେ ଏକ ହିସାବରେ ଏହାଇ ସମ୍ଭବ । ଭାରତ ଏବେ ସମାଜ ସାଧନାରେ ପଶ୍ଚିମର ଅନୁକରଣରେ ମାତିଚି; ବହୁଯୁଗର ପରାଧୀନତାରେ ନିଜତ୍ୱ ଭୁଲିଯାଇଚି, କହିଲେ ହୁଏ । ଏଇଠାରେ ସୂଚାଇ ଦେବାର ଅଛି, ଇହୁଦୀଧର୍ମ, ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ ପ୍ରଭୃତି ଏଇ ଗୌଡ଼ୀୟ ବୈଷ୍ଣବ ଧର୍ମ ଶ୍ରେଣୀର ଭକ୍ତିଧର୍ମ । କେବଳ ପରକୀୟା ପ୍ରୀତି ବା ପରନାରୀରେ ରତି, ଧର୍ମ ହିସାବରେ

Digitized by PPRACHIN, SOA

ହୁଏତ ସେସବୁ ଧର୍ମରେ ନାଇ । ଗୌଡ଼ୀୟ ବୈଷ୍ଣବ-ଧର୍ମରେ ସେ ବିଶେଷଟିକ ପୂର୍ବ ଭାରତର ସାମାଜିକ ପରମ୍ପରାର ଫଳ ।

ଈଶ୍ୱର ନରରୂପରେ ଅଦ୍ଭୁତ କ୍ରିୟା ଦେଖାଇ ମନାଇବା ଏସବୁ ଧର୍ମରେ ସାଧାରଣ । ମୋଜେସ୍ (ମୂଷା) ଜଳନ୍ତା ନିଆଁରେ ଈଶ୍ୱରଙ୍କୁ ଦେଖି ତାଙ୍କଠୁ ୧୦ଟି ଆଦେଶ ଶୁଣି ଲୋକରେ ପ୍ରଚାରକରି ମନାଇବାରେ ଲାଗିଥିଲେ । ଖ୍ରୀଷ୍ଟ ଖଣ୍ଡେ ରୁଟିରେ ୪୦,୦୦୦ ଲୋକଙ୍କୁ ଖୁଆଇଥିଲେ, ଓ ମରି ପୋତାହବାର ଦି'୪୦ନ ପରେ କବରରୁ ଉଠିଆସି ଭକ୍ତଙ୍କୁ ସାନ୍ତ୍ୱନା ଦେଇ ଯାଇଥିଲେ । ମହମ୍ମଦ ନିଭୃତରେ ସାକ୍ଷାତ୍ ଈଶ୍ୱରଙ୍କ ପାଖରୁ ଆସି କହୁଥିବା ଗେବ୍ରିଏଲଙ୍କ ଠାରୁ ସବୁ ଆଚରଣମାନ ଶୁଣି ପ୍ରଚାର କରୁଥିଲେ । 'ତ୍ରିଦଣ୍ଡୀଭିକ୍ଷୁ ଭକ୍ତି ପ୍ରଦୀପତୀର୍ଥ' ମଧ୍ୟ ଚୈତନ୍ୟଙ୍କଠାରେ ସେଇପରି ଅଦ୍ଭୁତ କ୍ରିୟାମାନ ଯଥେଚ୍ଛା ଆରୋପ କରିଯାଇଚନ୍ତି । ଏପରିକି, ଅନ୍ତୁଡ଼ିଶାଳରେ ଚୈତନ୍ୟ ନିଜ ମାଆଙ୍କୁ ଶଙ୍ଖ, ଚକ୍ର, ଗଦା, ପଦ୍ମ ଚତୁର୍ଭୁଜ ରୂପ ଦେଖାଇ ନିଜେ ବିଷ୍ଣୁ ବୋଲି ତାଙ୍କୁ ମନାଇବାର ସ୍ପଷ୍ଟ ଉଦ୍ୟମ କରିଛନ୍ତି । ଜୀବନଯାକ ପୁଣି ତାଙ୍କର ଏଇପରି ଉଦ୍ୟମ ବରାବର ଚାଲିଚି । ଏସବୁ ସତ୍ତ୍ୱେ ମାଆ ବି ଏକାଥରକେ ବୁଝାଯାଉନାହାନ୍ତି, କି ଜଗତ ବୁଝିଯାଉନାଇ । ଏସବୁ ଅସଂଗତି ଧରିବା କିନ୍ତୁ ଭକ୍ତଙ୍କ ପକ୍ଷରେ ମହାପାପ । ସେଥିପାଇଁ ମଧ୍ୟ ବଚନ ଅଛି :—

''ବିଶ୍ୱାସେ ନିକଟେ ହରି ତର୍କେ ରହୁଦୂର୍'' । ଶ୍ରେଷ୍ଠଖ୍ରୀଷ୍ଟାନ୍ ଲର୍ଡ୍ ଟେନିସନ୍ ମଧ୍ୟ ସେଇପରି କହିଚନ୍ତି—

"By faith and faith alone we embrace
Believing where we cannot prove"

(ବିଶ୍ୱାସେ, ବିଶ୍ୱାସେ ଏକା ଆଦରେ ମାନବ ବିଶ୍ୱାସେ ମାନଇଁ, ଯହିଁ ତର୍କେ ପରାଭବ ।)

ଏଇ ଭକ୍ତମାନଙ୍କ ଈଶ୍ୱରଙ୍କ କଥା ଘେନି ନିଜ ଅନୁଭୂତିରୁ ଗୋଟିଏ କଥା କହୁଚି । ଜଣେ କୁଳୀନ ହିନ୍ଦୁ ଯୁବକ ଖ୍ରୀଷ୍ଟାନ ହୋଇ ପାଦ୍ରି ହୋଇଚନ୍ତି । ତାଙ୍କ ସଂଗେ ଦିନେ ଦେଖାହେଲା । ଯୁବକଟି ଭାରି ବିଶ୍ୱାସୀ । ଏପରିକି, ମୋ ଆଗେ ଈଶ୍ୱରଙ୍କର ତାଙ୍କ ନିଜ ପ୍ରତି ଦୟାର କଥା ବର୍ଣ୍ଣନା କରୁ କରୁ ସେ କହିଲେ, ସେ ଅତି ଅଳ୍ପ ଟଙ୍କା ପାରିଶ୍ରମିକ ପାଆନ୍ତି । ମାତ୍ର ନିଜେ ଈଶ୍ୱର ତାଙ୍କ ଅଭାବ ସବୁ ଅଦ୍ଭୁତ ଭାବରେ ଚଳାଇଦିଅନ୍ତି । ଦିନେ ତାଙ୍କ ଭାର୍ଯ୍ୟା ରାତିରେ କହିଲେ— ''କାଲିକି କିଛି ନାଇ, କ'ଣ କରିବ ?'' ଯୁବକ ଈଶ୍ୱରପୁତ୍ର ଯିଶୁଙ୍କୁ ଡାକି ଶୋଇଲେ ଓ ସକାଳୁ ଉଠି ପ୍ରଭୁଙ୍କ ପ୍ରଚାର କାର୍ଯ୍ୟରେ ଗଲେ । ଘରକୁ ଫେରିଆସି ଦେଖିଲେ ଦିବ୍ୟସାମଗ୍ରୀ ରନ୍ଧା ହୋଇ ବଢ଼ାହୋଇଚି । ପଚାରି ଜାଣିଲେ, କେହି ଜଣେ ଅଜଣାଲୋକ ଆସି ଡାଲାରେ ଚାଉଳ କୋବି ଠାରୁ ତେଲଲୁଣ ପର୍ଯ୍ୟନ୍ତ ସଜାଡ଼ି ଆଣି ଦେଇଗଲା । ଏ କଥାଟି ଶୁଣି ମତେ 'ଦାର୍ଢ଼୍ୟତାଭକ୍ତି'ରୁ ଅଧ୍ୟାୟଟିଏ

Digitized by PPRACHIN, SOA

ପଢ଼ିଲା ପରି ଲାଗିଲା । କିନ୍ତୁ ଭକ୍ତଙ୍କୁ ତ ବୁଝାଇବାର ଉପାୟ ନାଇ । ତେଣୁ ମୁଁ ସେ କଥା ଛାଡ଼ି ପଚାରିଲି–

‘‘ଆଚ୍ଛା, ତମେ ତ ପାଦ୍ରିହୋଇ ଈଶ୍ୱରଙ୍କ ସତ୍ୟସମାଚାର (gospel) ପ୍ରଚାର କରୁଚ । ସ୍ପଷ୍ଟ କଥା, ଈଶ୍ୱରଙ୍କ ଇଚ୍ଛା ଲୋକେ ସେଇ ସତ୍ୟସମାଚାରରେ ବିଶ୍ୱାସ କରନ୍ତୁ ଓ ତାକୁ ମାନନ୍ତୁ । ଏଥିପାଇଁ ସେ ମୋଜେସ୍ (ମୂଷା) ପ୍ରଭୃତି କେତେ ସନ୍ଥଙ୍କୁ ପଠାଇ ପଠାଇ ଶେଷକୁ ନିଜେ ନିଜ ପୁତ୍ରରୂପେ ଯିଶୁ ହୋଇ ଜନ୍ମହେଲେ । ତଥାପି ଲୋକେ ଶୁଣିଲେ ନାଇ । ଯିଶୁ, ବାରଟି ଭକ୍ତଙ୍କୁ ପ୍ରଚାର ପାଇଁ ବାଛିଗଲେ । ସେଇ ବାରଟିରୁ ପୁରୁଷାନୁକ୍ରମେ ଏଇ ୧୯୪୨ ବର୍ଷ ଭିତରେ (ଏ ହେଉଚି, ୧୯୪୨ ଖ୍ରୀଷ୍ଟାବ୍ଦ କଥା) ବାରଲକ୍ଷ ସରିକି ଲୋକ ପାଦ୍ରି ବଛା ହେବେଣି– ତମେ ତାଙ୍କରି ଭିତରୁ ଜଣେ । ତମକୁ ମଧ୍ୟ ଈଶ୍ୱର ଓ ତାଙ୍କ ପୁଅ ଯିଶୁ, ଅଦ୍ଭୁତ କ୍ରିୟା ଦେଖାଇ, ଅଭାବ ବେଳେ ଆଶ୍ଚର୍ଯ୍ୟ ଭାବରେ ଅଜ୍ଞାତରେ ଚାଉଳ କୋବି ଯୋଗାଇବାରେ ଲାଗିଚନ୍ତି । ତଥାପି କହିପାରିବ କି, ଏଇ ପୃଥିବୀର ସବୁ ଲୋକେ ଆଉ କେତେ କାଳରେ ଏଇ ସତ୍ୟସମାଚାର ଶୁଣିବେ ଓ ମାନିବେ ? ତମେ ମଲା ପୂବରୁ ତମରି ଗାଁରେ ଓ ଗାଁ ପାଖରେ ସବୁ ଲୋକଙ୍କୁ ତମେ ଶୁଣାଇ ମନାଇପାରିବାର ଆଶା କରୁଚ କି ? ତେବେ, ତମ ମତରେ, ଈଶ୍ୱରଙ୍କର ଇଚ୍ଛା ସମସ୍ତେ ‘ସତ୍ୟସମାଚାର’ ଶୁଣନ୍ତୁ ଓ ମାନନ୍ତୁ । ସେ ତା’ ନିଜେ କରି ପାରୁ ନାହାନ୍ତି । ନିଜେ ନିଜ ପୁତ୍ର ଯିଶୁରୂପେ ଜନ୍ମହୋଇ ମଧ୍ୟ ତା’ କରି ପାରିଲେ ନାଇ । ତା’ କରିବା ପାଇଁ ପୁଣି ତମରି ଭଳି ଲୋକଙ୍କୁ ୨୦୦୦ ବର୍ଷ ହେଲା ବାଛୁଚନ୍ତି, ପୁଣି ଅଦ୍ଭୁତ ଭାବରେ ତମମାନଙ୍କୁ ମନାଇ କାମରେ ଲଗାଇବାରେ ଲାଗିଚନ୍ତି । ତଥାପି କେବେ ଯେ ପୃଥିବୀର ସବୁ ଲୋକ ତାଙ୍କ ‘ସତ୍ୟସମାଚାର’ ଶୁଣିବେ, ତା ତୁମେ କହି ପାରିବ ନାଇଁ, କି ଈଶ୍ୱର ବି କହି ପାରିବେ ନାଇ । ତେବେ ଏପରି ଅକର୍ମନ୍ୟ, ଜ୍ଞାନହୀନ ଈଶ୍ୱର ଓ ଈଶ୍ୱର ପୁତ୍ରଙ୍କୁ ଭଜି ଲାଭ କଣ ? ସେଥିରେ ମାନବ ସମାଜର କି ଉଦ୍ଦେଶ୍ୟ ସାଧିତ ହେବ ?’’

ଏଇପରି କେତେ କଥା ବୁଝାଇ ପଚାରିଗଲି । ଯୁବକଟି ନିର୍ବାକ୍ ହୋଇ ମୋ ମୁହଁକୁ ଚାହିଁଥାନ୍ତି । ସେ ଆଉ କିଛି କହିଲେ ନାଇ; ହୁଏତ ଯେପରିକି କହିବେ ବୋଲି ବିଚାରୁଥାନ୍ତି. ‘ଆଉ ଆପଣ ଏପରି ବିଶ୍ୱାସରେ ବାଧା ଦିଅନ୍ତୁ ନାଇ ।’

ଏଇପରି ଜ୍ଞାନ ଆଲୋଚନାକୁ ଡରି ଦୂରରେ ରହି, ଅଦ୍ଭୁତ କ୍ରିୟାଦିର ମିଥ୍ୟା ମାୟାଜାଲ ସୃଷ୍ଟି କରି ସେଥିରେ ବୁଡ଼ିରହି, ‘ନାମେ ଭକ୍ତି’ ମାତ୍ରରେ ନିଜର ସମସ୍ତ ଅକ୍ରିୟା ଅପଚାରର ସହଜ ଓ ସରଳ ସମାଧାନ କରି, ମତାନ୍ଧତାର ଅହଂକାରରେ ଘୋର ଅସହିଷ୍ଣୁ ହୋଇ, ଆଉ ସମସ୍ତଙ୍କୁ ‘ଦୀନ ପତିତ’ ବୋଲି ଠିକ୍ କରି ନେଇ ତାଙ୍କ ଉପରେ ଭକ୍ତିର ମୁକ୍ତିମାର୍ଗ ଚିପି ଭର୍ତି କରିବାଇ ଏଇଭଳି ‘ନାମେ ଭକ୍ତି’ ଧର୍ମର ପରମ ପ୍ରକାଶ ।

Digitized by PPRACHIN, SOA

'ତ୍ରିଦଣ୍ଡୀ ଭିକ୍ଷୁ ଭକ୍ତି ପ୍ରଦୀପତୀର୍ଥ'ଙ୍କ ଭଳି ଘୋର ମତାନ୍ଧଙ୍କ କଥା ଛାଡ଼ିଦେଇ, ଏଠି ଅନୁଭବରୁ ଆଉ ଗୋଟିଏ ଦୃଷ୍ଟାନ୍ତ ଦେଉଚି । ସେ ହେଉଚି ରାମକୃଷ୍ଣ ପରମହଂସଙ୍କ କଥା । ସେ ଧର୍ମରେ ପ୍ରଥମେ ହୁଏତ ନାମେ ଭକ୍ତି ଏତେ ପ୍ରସିଦ୍ଧ ନ ଥିଲା । ପୁଣି ବିବେକାନନ୍ଦଙ୍କ ପରି ଜ୍ଞାନ-ବିଚାର-ବନ୍ତ ବିବେକୀ ମନସ୍ୱୀ ବ୍ୟକ୍ତି ଏ ଧର୍ମର ପୁରୋଧା ଓ ପ୍ରଚାରକ । ଏ ଧର୍ମର ପୁଣି 'ତାରକ-ବ୍ରହ୍ମ-ମନ୍ତ୍ର' ହେଉଚି 'ଗୀତା'ର

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାନ୍ ତଥୈବ ଭଜାମ୍ୟହଂ
ମମ ବର୍ତ୍ମାନୁବର୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।୪-୧୧।

ଅର୍ଥାତ୍, ଯେ ମତେ ଯେପରି ବିଚାରି ଲୋଡ଼ନ୍ତି, ମୁଁ ତାଙ୍କୁ ସେଇପରି ଆଦରେ । ହେ ପାର୍ଥ, ସବୁମନ୍ତେ ମନୁଷ୍ୟମାନେ ମୋରି ବାଟ ଧରି ଅଛନ୍ତି ।–ଏଇ ପରମାତ୍ମଭାବ-ଗର୍ଭିତ ଭକ୍ତି ଧର୍ମ ତଥା ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱ ଓ ବିଦ୍ୟାପ୍ରଭାବରେ ଆକୃଷ୍ଟ ହୋଇ ପିଲାଦିନେ ମୁଁ ରାମକୃଷ୍ଣ ମିଶନକୁ ଯାଉଥିଲି । ସେଠି ବେଳେ ବେଳେ ଉପଦେଶ ଆବୃତ୍ତି ସଙ୍ଗେ ଦେଖିଲି ଖ୍ରୀଷ୍ଟଧର୍ମାଚାର ଅନୁକରଣରେ ପ୍ରାର୍ଥନା ଓ ପ୍ରଚାର (Pray and preach) ଚାଲିଚି । ଅବଶ୍ୟ, ସେ ପ୍ରାର୍ଥନାରେ– 'ହେ ଈଶ୍ୱର, ମୋତେ ଦିଓଳି ଦିପେଟ ଖାଇବାକୁ ଦିଅ ଓ ମୋତେ ଯା ଦେଇଚ ବା ଦେଉଚ ସେଥିପାଇଁ ମୁଁ କୃତଜ୍ଞତା ଜଣାଉଚି' । (Father give me my daily bread, etc.)– ପ୍ରଭୃତି ପରି ଭକ୍ତିଧର୍ମର ମଞ୍ଜାକଢ଼ା ଚୋଚଢ଼ା ନ ଥିଲା । ତଥାପି ପ୍ରଚାର ବକ୍ତୃତା ଭିତରେ ଦିନେ ଶୁଣିଲି, ରାମକୃଷ୍ଣ ହନୁମାନ ଉପାସନା କଲାବେଳେ ତାଙ୍କର ଚାଖଣ୍ଡେ ଲମ୍ବ ଗୋଟାଏ ଲାଙ୍ଗୁଡ଼ ବାହାରିପଡ଼ିଥିଲା । ମୋ ପିଲାମନରେ ମଧ୍ୟ ଟିକିଏ ଅସଂଗତିର ଆଘାତ ଲାଗିଲା– ହେଲେହେଁ, ମମତା ଛାଡ଼ି ନ ଥାଏ । ମୁଁ ଜଣେ ପଚ୍ଚଶିଷ୍ୟଙ୍କ ଲେଖା ରାମକୃଷ୍ଣ ଜୀବନୀ ପଢୁଥାଏ । ମନେହେଉଚି ଲେଖକଙ୍କ ନାମ ହେବ ରାମଚନ୍ଦ୍ର ବା ସେଇଭଳି କିଛି । ଦେଖିଲି ତାଙ୍କ ଜନ୍ମ କଥା ଲେଖିଲା ବେଳେ ଲେଖକ ତାରା ଚିହ୍ନ ଦେଇ ପାଦଟୀକାରେ ଲେଖିଚନ୍ତି, 'କିମ୍ବଦନ୍ତୀ ଅଛି, ରାମକୃଷ୍ଣଙ୍କ ମା ଦିନେ ସ୍ୱପ୍ନରେ ଜଣେ ଜଟାଜୁଟଧାରୀ ପୁରୁଷଙ୍କୁ ଦେଖିଲେ । ପୁରୁଷଟି ତାଙ୍କ ହାତେ ଗୋଟିଏ ପାଚିଲା କଦଳୀ ଦେଇ କହିଲେ– 'ଖା, ପୁଅ ହବ ।' ଯୁବତୀଙ୍କ ନିଦ ଭାଜିଗଲା । ଉଠି ଦେଖିଲେ, ସତକୁ ସତ ହାତରେ ସେ ପାଚିଲା କଦଳୀଟି ଅଛି । ସେ ତାକୁ ଖାଇଲେ । ସେଇ ରାତି ରାମକୃଷ୍ଣ ଗର୍ଭସ୍ଥ ହେଲେ । କେତେ ଦିନପରେ ସେଇ ପୁସ୍ତକର ତୃତୀୟ ସଂସ୍କରଣ ହାତରେ ପଡ଼ିଲା । ଜଣେ ସଙ୍ଗୀଙ୍କୁ ସ୍ଥାନଟି କାଢ଼ି ଦେଖାଇବାକୁ ଗଲାବେଳକୁ ଦେଖିଲି ସେଠି ପାଦଟୀକା ଆଉ ନାଇ, କିମ୍ବା କଥାଟି ଆଉ 'କିମ୍ବଦନ୍ତୀ' ନୁହେ । କଥାଟି ସତ ବୋଲି ଗ୍ରନ୍ଥ ମଧ୍ୟରେ ପ୍ରବେଶ କରିଚି । ଏବେ ତ କେତେ ସଂସ୍କରଣ ହେବଣି । କେତେ ଯେ ଅଦ୍ଭୁତ କଥା ପଶିବଣି କିଏ କହିବ ? ଶୁଣାଯାଉଥିଲା, ଏବେ ଲେଖାହେଲାଣି ରାମକୃଷ୍ଣ ଜାତିସ୍ମର ଥିଲେ ଓ ଦୂର ଗ୍ରାମରୁ ଛଅ ବରଷର ଝିଅଟିକୁ ନିଜର ପୂର୍ବଜନ୍ମ ପତ୍ନୀ ଜାଣି ଖବର ଦେଇ ଜଣାଇ ବିଭା ହୋଇଥିଲେ ।

Digitized by PPRACHIN, SOA

ବିଶେଷରେ ସେ ତ ପୁଣି ବଙ୍ଗ ଦେଶ । ରାମକୃଷ୍ଣ ମିଶନ ବି ଗୌଡ଼ୀୟ ମିଶନ ପରି ଏକ ଅନୁଷ୍ଠାନ । ଦୁହିଁଙ୍କ ମୁହଁ ପୁଣି ହୋଇଚି ନବ ଖ୍ରୀଷ୍ଟଭୂମି ଆମେରିକା ଆଡ଼କୁ । ତ୍ରିଦଣ୍ଡୀ ଭିକ୍ଷୁଂକ ଚୈତନ୍ୟ, କଥାକଥାରେ ଶଂଖଚକ୍ର ଗଦାପଦ୍ମ ଦେଖାଇଲା ବେଳକୁ 'ଅକାର-ଉକାର-ମକାରାନନ୍ଦ'– ସ୍ୱାମୀଙ୍କ ରାମକୃଷ୍ଣ ଆଉ କଅଣ ଦେଖାଇ ଭକ୍ତଙ୍କୁ ମନଉଚନ୍ତି କିଏ କହିବ ? କାଳ ଏକା ତା କହିବ; ଭବିଷ୍ୟତ୍ ଦେଖିବ । କାହିଁକି ନା, ନାମେ-ଭକ୍ତି ରାମକୃଷ୍ଣ ମିଶନରେ କେତେଦୂର ପଶିଲାଣି ବା ପଶୁଚି ତା କହିହେଉନାଇ ।

ଏଇ ପ୍ରକାର ଭକ୍ତି ହେଉଚି, 'ନାମେ-ଭକ୍ତି' । ଗୌଡ଼ୀୟ ବୈଷ୍ଣବେ ପୁଣି ଅତି ବାହାଦୁରୀ କରି ଏଇ 'ନାମେ-ଭକ୍ତି' ମାତ୍ରର ମହିମା କୀର୍ତ୍ତନରେ ବିହ୍ୱଳ । ମାତ୍ର ସାମାଜିକ ତଥା ବ୍ୟକ୍ତିଗତ ଭାବରେ ମାନବର ଆଧ୍ୟାତ୍ମିକତାକୁ ଭ୍ରଷ୍ଟ ଓ ଧ୍ୱସ୍ତ କରିବାରେ ଏଇ ନାମେ-ଭକ୍ତିକୁ ବଳି ବିଷାକ୍ତ ବସ୍ତୁ ଆଉ କିଛି ନାଇ । ଇଂରେଜୀରେ ଏହାକୁ କହନ୍ତି, Prejudice, ଅର୍ଥାତ୍ ଗୋଟିଏ ଜିନିଷକୁ ନାମ ମାତ୍ରରେ ଭଲ ଓ ମଙ୍ଗଳକର ବୋଲି ବିଚାରି ସେଥିରେ ମାତିବା । 'ଭେକ' ନେଇ, 'ଡୁବନ' ଖାଇ, 'କଲମା' ପଢ଼ି ବା ସେଇଭଳି କୌଣସି ଶାରୀରିକ କ୍ରିୟାରେ ଗୋଟାସୁଦ୍ଧା ଏକାବେଳକେ ଅତି ସହଜରେ ଧାର୍ମିକ ଓ ସିଦ୍ଧପୁରୁଷ ପାଲଟିଯାଇ ମନୁଷ୍ୟ ଏ ଜଗତରେ ଯାହା କରେ ତା ବୁଝାଇବା ଦରକାର ନାଇ । ଏଇ ନାମେ-ଭକ୍ତିର ଅହଂକାରରେ ଯେତେ ନରହତ୍ୟା ହୋଇଚି, ପୃଥିବୀରେ ଯୁଦ୍ଧରେ ସେତେ ମହାପ୍ରାଣୀ ନାଶ ହୋଇ ନାଇ, କିମ୍ବା ଏଇ ନାମେ-ଭକ୍ତିରେ ପୁଣି ମାନବ ମାନବକୁ ଯେତେ ଘୃଣା କରିଚି ବା କରୁଚି, ପୌରୋହିତ୍ୟର ପାରମ୍ପରିକ ଦର୍ପ ବା ଧନୀର ଦାମ୍ଭିକତା ତା କରି ପାରି ନାଇ, କି ପାରିବ ନାଇ ।

ଏଇ ନାମେ-ଭକ୍ତି ପୁଣି ବଡ଼ ସହଜରେ ମନୁଷ୍ୟକୁ ଆକ୍ରମଣ କରେ ଓ ମତାନ୍ଧ କରିଦିଏ । ମନସ୍ୱୀ ଶକ୍ତିମାନ୍ ମହାପୁରୁଷମାନଙ୍କ ନାମ ଧରି ଏହା ସମାଜରେ ସହଜରେ ଜାଗ୍ରତ ହୁଏ ଓ ସମାଜକୁ ଭ୍ରଷ୍ଟ କରେ । ଆଜି ଏଇ ଜ୍ଞାନ ବିଜ୍ଞାନ ଦୀପ୍ତ ଜଗତରେ ମଧ ଲେନିନ୍, ମାର୍କସ୍, ହିଟ୍ଲର, ମୁସୋଲିନୀ ପରି ପୁରୁଷ– ଶ୍ରେଷ୍ଠମାନଙ୍କୁ ଘେନି ଏଇ ନାମେ-ଭକ୍ତି ଇଂରେଜୀରେ ନାନା ଇଜ୍‌ମ୍ (Ism) ନାମ ଧରି ଜନତାକୁ ଅନ୍ଧ କରି ଘାରୁଚି । ଭାରତରେ ମଧ ମହାତ୍ମା ଗାନ୍ଧିଙ୍କ ତିରୋଧାନ ସଂଗେ ସଂଗେ କଅଣ ଯେ ହେଉଚି, ତା' କହିବା ଦରକାର ନାଇ । ଗାନ୍ଧିଙ୍କ ନାମମାତ୍ର ଧରି ଆଜି ଯାହା କୁହାଯାଉଚି, ବା କରାଯାଉଚି, ତା' ନ କଲେ କ୍ଷମତାର ନିପୀଡ଼ନ ଓ ନିଷ୍ପେଷଣରୁ ରକ୍ଷା ନାଇ । ଅନ୍ୟକୁ ମନାଇବାରେ କ୍ଷମତାକୁ ପଛେ ରଖି, ଗାନ୍ଧି-ନାମକୁ କଥାକଥାକେ ଯେପରି ବ୍ୟବହାର କରାଯାଉଚି, ସମାଜରେ ତା'ର କି ଘୋର ପରିଣାମ ହେବ, ତା କହି ବୁଝାଇବା ଜିନିଷ ନୁହେ । ଠିକ୍ ତୁଳନା କରି ଦେଖିଲେ, ବେଶ୍ ଦେଖାଯିବ, କୃଷ୍ଣ-ଜଗନ୍ନାଥଙ୍କ ନାମେଭକ୍ତ ରାମଦାସଙ୍କ ଚିତ୍ରିତ 'ଗୌଡ଼ୀୟ' ବଳରାମ ଦାସଙ୍କ ପରି ଆଜି ନାମେଭକ୍ତ ଗାନ୍ଧି-ବାଦୀମାନେ ବିଚାରନ୍ତି, ଗାନ୍ଧି ଯେପରିକି ତାଙ୍କରି କାନିରେ ବନ୍ଧା । ସେ କୁକାର୍ଯ୍ୟ କରନ୍ତୁ, ଦୁଷ୍କୃତ କରନ୍ତୁ, ପାପ କରନ୍ତୁ, ଏକା ସେଇ ଯାହା କହିବେ ବା

Digitized by PPRACHIN, SOA

କରିବେ ଗାନ୍ଧି-କଥା ସେଇୟା । ସେଇମାନେ ଏକା ମହାମାନବ ଗାନ୍ଧିଙ୍କର ଅତି ପ୍ରିୟ । ସ୍ୱର୍ଗରେ ବି ଗାନ୍ଧି ତାଙ୍କରି ଭକ୍ତି ଗ୍ରହଣକରି କୃତାର୍ଥ ହୋଇ ଚାହିଁବସିଚନ୍ତି । ଏଇ ପ୍ରିୟ ଭକ୍ତଙ୍କୁ ସମାଲୋଚନା କଲେ, ବା ତାଙ୍କ କଥା ତେଢ଼ିଦବାଭଳି କିଛି କଲେ, ପ୍ରତାପରୁଦ୍ର (କେନ୍ଦ୍ର ସରକାର) ଯେପରି କି ସ୍ୱପ୍ନାଦିଷ୍ଟ ହୋଇ ଯୋଡ଼ି ଯୋଡ଼ି କରି ବାନ୍ଧି ପଛରୁ ହାବୁକା ମାରି ମାରି ନେଇ ତାଙ୍କରି ଗୋଡ଼ତଳେ ପକାଇବେ– ନ ହେଲେ,'ରଥ' ଚଳିବ ନାଇ । ଏ ପ୍ରସଙ୍ଗରେ ଆଉ ବିଶେଷ କହିବା ନିଷ୍ପ୍ରୟୋଜନ । ବିଚାର ଆଲୋଚନା ଓ ସମାଲୋଚନାର ସ୍ଥାନ ଆଉ ରହୁ ନାଇ । ନାମେ-ଭକ୍ତିରେ ତା' ରହେ ନାଇ । ''ଆମେ ହେଉଚୁ ଏକା ଏ ଗାନ୍ଧିଧର୍ମ, ଅର୍ଥାତ୍, ଗାନ୍ଧିଙ୍କ 'ସତ୍ୟସମାଚାର' ପ୍ରଚାର ଓ ପ୍ରବର୍ତ୍ତନର ଅଧିକାରୀ । ଆମେଇ ଏ ଧର୍ମରେ ପାଦ୍ରି, ମୁଲ୍ଲା ଓ ତ୍ରିଦଣ୍ଡୀ-ଭୀଷ୍ମ-ଭକ୍ତି-ପ୍ରଦୀପ-ତୀର୍ଥ । ଆଉ ସମସ୍ତେ ଖାଲି ନ ବୁଝି, ନ ପଚାରି, ମାନିବେ– ଖାଲି ବାନାରେ ଅରଟ ଚିତ୍ରକରି, 'ରଘୁପତି ରାଘବ ରାଜାରାମ୍' ଗାଇ ବୁଲିବେ– ତା ହେଲେ ହେଲା ।'' ନାମେ- ଭକ୍ତି ଠିକ୍ ରହିଲା । ଏଣିକି ଭକ୍ତଙ୍କୁ ସ୍ୱପ୍ନରେ ଓ ସତରେ ଗାନ୍ଧି ନିଜର ସ୍ୱରୂପ ଦେଖାଇଥିବା ଓ ଦେଖାଇବା କଥା ବି ହୁଏତ ଶୁଣାଯିବ ଓ ଅଦ୍ଭୁତ କ୍ରିୟା ଲଗାଇ ଲୋକଙ୍କୁ ମନାଇବା କଥା ମଧ କ୍ରମେ ଦେଖାଯିବ । କେଜାଣେ– 'ଅପରେ କିଂ ଭବିଷ୍ୟତ' ।

[ନବଭାରତ, ନୂ.ପ୍ର. ୨ୟ ବର୍ଷ,
୪ର୍ଥ, ୫ମ ସଂଖ୍ୟା, ମାର୍ଚ୍ଚ, ଏପ୍ରିଲ୍ ୧୯୪୯]

Digitized by PPRACHIN, SOA

# ଆଲୋଚନା

## (କ) ଦୁର୍ଗାପୂଜା

ଦୁର୍ଗା କଥାଟିର ଅର୍ଥ ହେଉଛି ଦୁର୍ଗତିନାଶିନୀ । ମନୁଷ୍ୟ ସବୁବେଳେ ଦୁର୍ଗତ । ପ୍ରକୃତିର ଅଜ୍ଞାତ ଶକ୍ତି ପ୍ରକାଶ ତାକୁ ପ୍ରଭାବିତ କରେ, ଅଭିଭୂତ କରେ, କିଂକର୍ତ୍ତବ୍ୟବିମୂଢ଼ ମଧ୍ୟ କରେ । କିନ୍ତୁ ଦୁର୍ଗତ ଶିଶୁ ତଥା ମାନବର ଗତି ହେଉଚି, ମାତା । ତେଣୁ ଏଇ ଦୁର୍ଗା ଦେବୀ ବହୁ ପ୍ରାଚୀନ କାଳରୁ ମାନବ ସମାଜରେ ଅଛନ୍ତି । ତଦବିଦ୍ ପଣ୍ଡିମାନଙ୍କ ମତରେ ମାନବ ସମାଜରେ ଏଇ ଦେବୀଙ୍କ ଆବିର୍ଭାବ ଅନ୍ତତଃ କୋଡ଼ିଏ ହଜାର ବର୍ଷରୁ କମ୍ ନୁହେଁ । ବନରେ ଶିକାର କରି ପଶୁଟାଏ ପକ୍ଷୀଟାଏ ମାଇଲେ, ସେଇ ମାତୃଦେବୀଙ୍କ ଅନୁଗ୍ରହରୁ ତାହା ହେଉଥିଲା । ସେହି ହେତୁ ମାତୃଦେବୀଙ୍କ ସଙ୍ଗେ ବଳିର ସମ୍ପର୍କ କ୍ରମେ ପ୍ରକଟିତ ହୋଇଆସିଚି ।

ଏଇ ମାତୃଦେବୀଙ୍କର ଆଉ ଗୋଟିଏ ପ୍ରତିଷ୍ଠା ହେଉଚି, ପ୍ରଜନନ । ଆମେ ଦେଖିବା ପାଇଁ, ବୁଝିବା ପାଇଁ ତଥା ଅନୁଭବ କରିବା ପାଇଁ ପ୍ରଜନନର ସୃଷ୍ଟି ଧର୍ମ ତଥା ପ୍ରକାଶ ଧର୍ମ । ଅବଶ୍ୟ ଯାହାକୁ ଆମେ ପ୍ରକାଶ ବା ବିକାଶ ବୋଲି କହୁ, ତାହା ପ୍ରଜନନର ଗୋଟିଏ ନିତ୍ୟ ପରମ୍ପରା ହେଲେ ବି ଏଇ ପ୍ରଜନନ ସଙ୍ଗେ ସେଇପରି ନିତ୍ୟ ଭାବରେ ପ୍ରକାଶ, ପ୍ରତ୍ୟବହାର ଓ ପ୍ରଳୟ ଲାଗି ରହିଛି । ବିଶ୍ୱ ବିକାଶର ସମସ୍ତ ପ୍ରଗତି କେବଳ ସଂହାର ଭିତରେ ଦେଖିବାକୁ ହୁଏ । ତା ନ ଦେଖିଲେ ବିଶ୍ୱ ବିକାଶ ଦେଖିବା ଏକାବେଳକେ ଅସମ୍ଭବ ।

ବିଶ୍ୱତନ୍ତ୍ରର ଏଇ ନିତ୍ୟ ଦର୍ଶନ ଫଳାଇ ଦେଖାଇ ଦେବା ପାଇଁ ଭଗବାନ ଅନନ୍ତ ବିଶ୍ୱରେ ବିଭୂତିମୟ ସର୍ଗ-ପ୍ରକାଶ ଦେଖାଇ ସାରି ଏ ସମସ୍ତ ସୌନ୍ଦର୍ଯ୍ୟ, ଶୃଙ୍ଖଳା ଓ ହେତୁଭୂତ ପ୍ରଚ୍ଛନ୍ନ ସଂହାର ଲୀଳା ନିଜର ବିଶ୍ୱ ରୂପରେ ଦେଖାଇ ଦେଇ ଶେଷକୁ ଅର୍ଜୁନକୁ ଦମ୍ଭ ଦେଇ ଗୀତାରେ କହିଦେଇଚନ୍ତି– "କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧଃ ।" ଲୋକାନା ସମାହର୍ତ୍ତୁମିହ ପ୍ରବୃତ୍ତଃ ।" ଅର୍ଥାତ୍, ହେ ଅର୍ଜୁନ, ଏ ସୃଷ୍ଟିରେ ବିଭୂତିର ପରମ୍ପରା ଭିତରେ ମୋର ଏଇ କାଳରୂପୀ ସଂହାର ମୂର୍ତ୍ତି ଦେଖ । ଏଇ ସଂହାର ଥିବାରୁ ଏକା ବିଶ୍ୱ-ବିକାଶରେ ଏ ସାମଞ୍ଜସ୍ୟ, ଏ ଶୃଙ୍ଖଳା– ବୈଷମ୍ୟରେ ଏ ସାମ୍ୟ । ମହା ବିଭିନ୍ନତା ଭିତରେ ଏ ଅନନ୍ତ ସମାହାର ।

ମା ଭୁବନେଶ୍ୱରୀ ହେଉଛନ୍ତି ଚଣ୍ଡୀ । ସେଇ ଗୌରୀ, ସେଇ କାଳୀ/ସେଇ ଷୋଡ଼ଶୀ, ସେଇ ଛିନ୍ନମସ୍ତା । ବିଶ୍ୱପ୍ରସବିନୀ, ଦୁର୍ଗତିନାଶିନୀ, ସେଇ ଏକା ତ୍ରିମୁଣ୍ଡମାଳିନୀ,

Digitized by PPRACHIN, SOA

ଖଡ୍‌ଗଖର୍ପରଧାରିଣୀ । ଏ କଳ୍ପନାର ମୂଳରେ ସେଇ ବିଭୂତିମୟ ସଂହାର ସମାକୁଳ–ବିଶ୍ୱରୂପ । ବଗଳାମୁଖୀଙ୍କ ଧ୍ୟାନରେ ସେଇ ଏକା–

"ମଧ୍ୟେ ସୁଧାବ୍‌ଧିମଣି-ମଣ୍ଡପ-ରତ୍ନବେଦୀ
ସିଂହାସନୋପରିଗତାଂ ପରିପୀତବର୍ଣ୍ଣାଂ
ପୀତାମ୍ବରାଂ କନକଭୂଷଣ-ମାଲ୍ୟଶୋଭାଂ
ଦେବୀଂ ଭଜାମି ଧୃତ-ମୁଦ୍‌ଗର-ବୈରିଜିହ୍ୱାଂ ।।"

ଏଇପରି ଦେବୀଙ୍କ ଧ୍ୟାନରେ ସୁଧାବ୍‌ଧି ଭିତରେ ମଣିମଣ୍ଡପରତ୍ନବେଦୀ ଉପରେ ଦିବ୍ୟ କନକ ଭୂଷଣ ମାଲ୍ୟାମ୍ବରଧର ମା କ'ଣ କରୁଛନ୍ତି– ଗୋଟାଏ ହାତରେ ବୈରିର ଜିଭକୁ ଚିପି ଟାଣିଧରିଛନ୍ତି, ଅନ୍ୟ ହାତରେ ତା' ମୁଣ୍ଡ ପିଟି ଛତୁ କରି ଦେବେ ବୋଲି ମୁଦ୍‌ଗର ଉଠାଇଛନ୍ତି । ଏଇ ହେଉଛନ୍ତି ଆମର ବିଶ୍ୱଶୋଭାମୟୀ ଓ ନିତ୍ୟସଂହାରରୂପିଣୀ ମା ।

ଏଇ ମା ପୁଣି ବିଶ୍ୱପ୍ରଜନନର ପ୍ରତୀକ । ଇଂରାଜୀରେ ଯାହା କହନ୍ତି Symbol of fertilitity; ତେଣୁ ଅତି ଆଦିମ କାଳରୁ ଆଦିମାତା କେବଳ ମାନବିକ ପ୍ରଜନନ କ୍ରିୟାର ପ୍ରତୀକ ରୂପେ କଳ୍ପିତ ହୋଇଆସିଚନ୍ତି । ପ୍ରାଚୀନ ସୁମେର ପ୍ରଭୃତି ଦେଶରେ 'ଇଷ୍ଟର' ଓ 'ମା' ପ୍ରଭୃତି ଏଇ ଆଦିମାତାମାନଙ୍କର ସେଇ ପ୍ରଜନନମୟ ବିଶ୍ୱରୂପ ଅତ୍ୟନ୍ତ ପ୍ରକଟିତ ଥିଲା । ପ୍ରାଚୀନ ଇଜିପ୍ଟରେ ଆଦିମାତା ଇସିସ୍, ଏଇ ପ୍ରଜନନ ନିମନ୍ତେ ସଂଗୀ କରିବାରେ ବାପ, ଭାଇ, ପୁଅ କାହାକୁ ବାଦ ଦେଉନଥିଲେ । ଭାରତରେ ବୌଦ୍ଧନାମୀ ବଜ୍ରଯାନ ଓ ତଦ୍‌ଭବ ହିନ୍ଦୁ ତନ୍ତ୍ରଠାରୁ ସହଜିଆ ଓ ଗୌଡ଼ୀୟ ବୈଷ୍ଣବଙ୍କ ବୃନ୍ଦାବନ ଲୀଳା ପର୍ଯ୍ୟନ୍ତ ସର୍ବତ୍ର ଭିନ୍ନ ଭିନ୍ନ ଛନ୍ଦରେ ଏଇ ବିଶ୍ୱକବିତା-ପାରାବାରର ତରଙ୍ଗ ଫିଟିଚି ।

ଆଜି ପୁଣ୍ୟ ନିର୍ମଳ ଶରତ୍ କାଳ । ମା ପୃଥିବୀ ମିଥୁନର ମେଘ ସଂଗମ ପରେ ଆଜି ପୂର୍ଣ୍ଣଗର୍ଭା ପ୍ରଜନନପରା ଓ ପ୍ରସବିନୀ । ଶ୍ୟାମଳ ଶସ୍ୟସ୍ୱର୍ଣ୍ଣସୀସା ପ୍ରସବ କରିବ । ଏ ମହାପ୍ରଜନନରେ ବିଶ୍ୱବାସୀର କି ଆନନ୍ଦ ! ଏ ମହାପ୍ରଜନନର ପ୍ରତୀକ ମା ଆଜି ଘରେ ଘରେ ଯେପରିକି ବିକାଶ ଲୀଳାରେ ରତ । ସେଥିପାଇଁ ବିଶ୍ୱବାସୀ ଏଇ ମାତୃ ସମାଗମରେ ନାନା ଭାବରେ ଅଭିଭୂତ । ବିଶେଷରେ ବଙ୍ଗଦେଶର ମାଟିଗଢ଼ା ମା ସାକ୍ଷାତ୍ ଯେପରିକି ଏଇ ପୃଥିବୀରୁ ବାହାରୁଚନ୍ତି, ଦେଖାଦେଇ ପୃଥିବୀରେ ଲୀନ ହେବାପାଇଁ । ଏ ମା ଆମର ନୁହନ୍ତି, ଏଇଠାର ନୁହନ୍ତି, ଆଜିର ନୁହନ୍ତି ।

"ଜୟତୁ ଜୟତୁ ଦେବୀ ଶାଶ୍ୱତୀ ବିଶ୍ୱରୂପା ।"

[ନ.ଭା. ନୂ.ପ୍ର., କନ୍ୟା ୧୩୫୬]

—

Digitized by PPRACHIN, SOA

# (ଖ) ପୁରୀ ମନ୍ଦିରରେ ଅସ୍ପୃଶ୍ୟ ପ୍ରବେଶ

ଧରାକୋଟ ଯୁବରାଜ ଶ୍ରୀ ଶ୍ରୀ ବ୍ରଜକିଶୋର ଚନ୍ଦ୍ର ସିଂହ ଦେବ ପୁରୀ ମନ୍ଦିରରେ ଅସ୍ପୃଶ୍ୟମାନଙ୍କ ପ୍ରବେଶ ନିଷେଧ ପ୍ରମାଣ କରିବା ପାଇଁ ଲେଖିଛନ୍ତି–
''ମ୍ଲେଚ୍ଛମାନଙ୍କ ମନ୍ଦିର ପ୍ରବେଶ ବିଷୟରେ 'ନୀଳାଦ୍ରି ମହୋଦୟ'ର ମତ–

ବିଷ୍ଣ୍ୱାଳୟେ ମନୋରମ୍ୟେ ପବିତ୍ରେ ପାପନାଶନେ
ମ୍ଲେଚ୍ଛାଶ୍ଚ ଯନ୍ତ୍ର ଜନକେ ସାରମେୟାଦୟଃ କ୍ୱଚିତ୍
ଗୃଧ୍ରାଦୟୁଃ ଦକ୍ଷିଣଶ୍ଚ ଯବନାଦ୍ୟା ସ୍ତଥୈବଚ
ନବିଶେୟୁଃ କଦାଚିଦ୍‌ବୈ ତତ୍ରଯତ୍ନୋ ମହର୍ଷୟଃ
କର୍ତ୍ତବ୍ୟୋ ମାନବୈଃ ସର୍ବୈରଧିକାର ଯୁତୈଃସଦା
ପ୍ରମାଦାଦ୍ ଯଦି ତେଷାଂ ବୈପ୍ରବେଶୋଽତ୍ରୈବଜାୟତେ
ପାକଦ୍ରବ୍ୟଂଚ ଯଦ୍‌ବସ୍ତୁ ତତ୍ରସ୍ଥଂ ଜଳସଂଯୁତଂ
ତତ୍ସର୍ବଂ ଦୀର୍ଘଖାତେଷ୍ଟୁ ନିକ୍ଷିପେତ୍ତୁ ପ୍ରଯତ୍ନତଃ

(୩୭- ଅଧ୍ୟାୟ)

ସ୍ପୃଶେତ୍କୋପି ଦ୍ୱିଜୋରାଜନ୍ ବିନାସ୍ପର୍ଶାଧିକାରିଭିଃ
ବିଷ୍ଣୁ ମହାଭିଷେକେଣ ସ୍ନାପୟେଦତି ଭକ୍ତିତଃ
କ୍ଷତ୍ରିୟଶ୍ଚ ଯଦାବୈଶ୍ୟଃ ଶୂଦ୍ରଶ୍ଚ ଦୈବତଃ ସ୍ପୃଶନ୍
ତଦାଚରେନ୍ନହାସ୍ନାନଂ ଦ୍ୱିଗୁଣଂ କ୍ରମଶୋ ହରେଃ

(୧୧-ଅଧ୍ୟାୟ)

ବିଶ୍ୱାବସୋରନ୍ୱୟଜୈ ର୍ମନୁଜୈର୍ଜଗତାଂ ପତୌ
ସ୍ପୃଷ୍ଟେ ସାମାନ୍ୟ ବିଧିନା ସ୍ନାପୟେ ଦ୍ୱିଷମବ୍ୟୟଂ

(୧୦-ଅଧ୍ୟାୟ)

୩୭ ଅଧ୍ୟାୟର ଉଦ୍ଧୃତ ଶ୍ଳୋକଗୁଡ଼ିକରେ ଯେଉଁମାନଙ୍କ ମନ୍ଦିର ପ୍ରବେଶରେ ମହାସ୍ନାନ ବିଧି ଅଛି, ସେମାନଙ୍କ ଭିତରେ ମ୍ଲେଚ୍ଛ ଯବନାଦି ମାନବ । ମ୍ଲେଚ୍ଛ ଯବନାଦି କଥାରେ କୌଣସି ହିନ୍ଦୁ ବା ଆର୍ଯଧର୍ମୀ ଯାଇ ନ ପାରେ । ଯବନାଦି କଥାକୁ ଅନର୍ଥ କରି କେହି କେହି ଯବନ ସଙ୍ଗେ ଛୋଟ ଜାତି ହିନ୍ଦୁଙ୍କୁ ଯୋଡ଼ିବାର ଉଦ୍ୟମ କରି ପାରନ୍ତି, କିନ୍ତୁ ସେଥିରେ ପ୍ରକ୍ରମଭଙ୍ଗ ହେବ । ପଦ ପଦାର୍ଥ ଯେଉଁ କ୍ରମରେ ଗ୍ରହଣ କରାଯାଏ, ତାହାର ଶାସ୍ତ୍ରୀୟ ବିଧି ଅଛି । ସେହି ବିଧିରେ ମ୍ଲେଚ୍ଛ ଓ ଯବନ ସଙ୍ଗେ ଆଦି ରହିଲେ ମ୍ଲେଚ୍ଛ ଯବନଙ୍କ ଭଳି ମନୁଷ୍ୟ ଛଡ଼ା ଅନ୍ୟ କାହାକୁ ବୁଝାଇବ ନାହିଁ । ମ୍ଲେଚ୍ଛ ଯବନଙ୍କ ସଙ୍ଗେ ହିନ୍ଦୁ

Digitized by PPRACHIN, SOA

ବା ଆର୍ଯ ରୀତିରେ ବିଶ୍ୱାସ କରୁଥିବା ଲୋକେ ଯାଇ ନ ପାରନ୍ତି । ଯବନ କହିଲେ ସ୍ପଷ୍ଟ ଆର୍ଯେତରମାନଙ୍କୁ ବୁଝାଉଛି, ସେମାନେ ବିଦେଶୀ ଓ ବିଧର୍ମୀ । ମ୍ଳେଚ୍ଛ ମଧ୍ୟ ଆର୍ଯେତର ଓ ଅହିନ୍ଦୁ । ମ୍ଳେଚ୍ଛ କିଏ, ଏ କଥା ବୁଝାଇବାକୁ ଯାଇ ବୌଦ୍ଧାୟନ କହୁଛନ୍ତି—

ଗୋମାଂସ ଖାଦକୋ ଯସ୍ତୁ ବିରୁଦ୍ଧଂ ବହୁ ଭାଷତେ
ସର୍ବାଚାରବିହୀନଶ୍ଚ ମ୍ଳେଚ୍ଛ ଇତ୍ୟଭିଧୀୟତେ ।

ଅର୍ଥାତ୍ ଯେ ଗୋମାଂସ ଖାଏ, ଅତିଶୟ ବିରୁଦ୍ଧ କଥା କହେ, ଅର୍ଥାତ୍ ବେଦ ଶାସ୍ତ୍ରାଦିର ବିରୋଧୀ, ପୁଣି ଯେ ସବୁ ପ୍ରକାର ଆଚାରଶୂନ୍ୟ ଅର୍ଥାତ୍ ଆର୍ଯ୍ୟାବର୍ତ୍ତର ଆଚାର ବା ଆର୍ଯ୍ୟରୀତି ଧରି ଚଳେ ନାହିଁ, ସେ ମ୍ଳେଚ୍ଛ । ଏଥିରେ କୌଣସି ହିନ୍ଦୁ ମ୍ଳେଚ୍ଛ ନୁହେ । ଯେ ଦେବତା ବ୍ରାହ୍ମଣ ମାନେ, ଗୋଦାବରୀ ପ୍ରଭୃତି ତୀର୍ଥ ମାନେ ଓ ଶୁଦ୍ଧାଦି ହୁଏ, ସେ ମ୍ଳେଚ୍ଛ ନୁହେ ।

[ନ.ଭା. ୧ମ ବର୍ଷ,
୧୦ମ, ୧୧ଶ ସଂଖ୍ୟା, ୧୩୪୧]

—

Digitized by PPRACHIN, SOA

## ସମାଜ ଓ ସାମାଜିକତା

# ସାମାଜିକ କୁସଂସ୍କାର*

ଆମ୍ଭେମାନେ ପତିତ ଏବଂ ଯେ କୌଣସି ସାମାଜିକ ବିଷୟାଦିରେ କୌଣସି ସିଦ୍ଧାନ୍ତ କରିବାର ଶକ୍ତି ଆମ୍ଭମାନଙ୍କର ଏକାବେଳେକେ ନାହିଁ । ଶାସ୍ତ୍ରାଦିରେ ଯାହା ଅଛି ବା ଆମ୍ଭେମାନେ ଯାହା କରି ଆସୁଅଛୁଁ, ତାହାହିଁ ଆମ୍ଭମାନଙ୍କ ପକ୍ଷରେ ଯଥେଷ୍ଟ । ଯଦି ସେଥିରୁ ବିଚ୍ୟୁତ ହେଉ, ତେବେ ପୁଣି ଅନୁଷ୍ଠାନାଦି କରିବାକୁ ଫେରିଗଲେ ଆମ୍ଭର ଧର୍ମ ରହିଲା ଓ ସବୁ ହେଲା, ଆମ୍ଭେ ସଭ୍ୟତମ ଓ ଶ୍ରେଷ୍ଠତମ ଜାତି ବୋଲି ପରିଗଣିତ ହେବାରେ ଆଉ ସନ୍ଦେହ ନାହିଁ ।

ଅତ୍ୟନ୍ତ ପୂର୍ବପୁରୁଷ ଭକ୍ତିରେ ଆମ୍ଭେମାନେ ଏହି ଆତ୍ମଗ୍ଳାନିରେ ପଡ଼ିଅଛୁଁ । ଆମ୍ଭ ଶାସ୍ତ୍ରରେ ସବୁଅଛି । ମଦ୍ୟପାନ ଠାରୁ ଆରମ୍ଭକରି ଉନ୍ନତ ମାନବ ଧର୍ମ ସାମ୍ୟବାଦ ନୀତି ପର୍ଯ୍ୟନ୍ତ ଶାସ୍ତ୍ର ସବୁ ବିଷୟରେ ମତ ଦେଇଅଛନ୍ତି । କିନ୍ତୁ କୌଣସି ମତର ଅନୁକରଣ କରିବାକୁ ଆମ୍ଭର ସାଧ୍ୟ ନାହିଁ । ଉଦାହରଣ–

ଦିନେ ଜଣେ ପଣ୍ଡିତଙ୍କ ସଙ୍ଗେ ଜାତିଭେଦ ସମ୍ବନ୍ଧରେ କଥା ହେଉଥିଲି । ସେ କହିଲେ ଯେ, ‘‘ବ୍ରାହ୍ମଣ ଈଶ୍ୱରଙ୍କ ବରପୁତ୍ର । ଶୂଦ୍ରମାନେ ଅସ୍ପୃଶ୍ୟ । ଦାସତ୍ୱ କରିବାପାଇଁ ସେମାନଙ୍କର ଜନ୍ମ । ଏ ଜନ୍ମରେ ଭଲ ସେବା କରିପାରିଲେ, କେ ଜାଣେ, ଆର ଜନ୍ମରେ ଅବା ସ୍ୱର୍ଗକୁ ଯାଇପାରନ୍ତି । ଈଶ୍ୱର ମଧ୍ୟ ଅପବିତ୍ର ହେବା ଡରରେ ଶୂଦ୍ରଙ୍କୁ ମଧ୍ୟ ଛୁଅନ୍ତି ନାହିଁ । ପ୍ରମାଣ ଶୂଦ୍ରଙ୍କର ଜଗନ୍ନାଥ ଦେଉଳକୁ ଯିବା ମନା । ଏହିପରି ଅନେକ କଥା କହିଲେ ।’’

ଆଉ ଜଣେ ଶିକ୍ଷିତ ଲୋକ ସେଠାରେ ଥିଲେ । ସେ କହିଲେ, ଗୀତାରେ ପ୍ରମାଣ ଅଛି ଯେ, ‘‘ସର୍ବ ଭୂତୈକଭୂତତ୍ୱଂ ଯଃ ପଶ୍ୟତି ସ ପଶ୍ୟତି ।’’

ପଣ୍ଡିତେ କହିଲେ, ଏହିଭଳି ଅର୍ଥର ଅନର୍ଥ କରି ଆଜିକାଲି ଧର୍ମପାତ ହେଉଅଛି । ପଣ୍ଡିତମାନେ ‘ସମଦର୍ଶୀ’ ହୋଇ ସମସ୍ତଙ୍କୁ ସମାନକରି ଦେଖିବେ ବୋଲି ‘ସମବର୍ତ୍ତି’ ହେବା ଶାସ୍ତ୍ର ସମ୍ମତ ନୁହେଁ । ଭଗବାନ ଚାରି ବର୍ଣ୍ଣର ସୃଷ୍ଟି କରି ଯାଇଅଛନ୍ତି, ମନୁଷ୍ୟ କଦାପି ତାହା ଭାଙ୍ଗି ଦେଇ ନପାରେ ।

ଶିକ୍ଷିତ ଲୋକଟି କହିଲେ, ଭଗବାନ ଚାରି ବର୍ଣ୍ଣ କଲେ, ଏବେ ଯେ, ୪୦୦୦ ବର୍ଣ୍ଣ ହେଲାଣି । ତାକୁ କିଏ କଲା ?

---

* ସାମାଜିକ କୁସଂସ୍କାର ଆମ୍ଭର ଥିଲା ଓ କାରଣ ଥାଇପାରେ, ନପତି ଓ ପ୍ରକୃତି, ପ୍ରତିଭାପୂଜା ଓ ପ୍ରତିମାପୂଜା, ସଂଗ୍ରାମ ଓ ଜୀବନ, ଅଛୁ ଓ ହେବୁଁ– ଏଇ ପ୍ରବନ୍ଧଗୁଡ଼ିକ ‘ଉତ୍କଳ ସାହିତ୍ୟରେ’ ପ୍ରକାଶିତ ହୋଇଥିଲା ।

Digitized by PPRACHIN, SOA

ପଣ୍ଡିତେ କହିଲେ, ସେ ସବୁ ଶିଷ୍ଟାଚାର, ସେଥିରେ ଆମ୍ଭମାନଙ୍କର କଥା କହିବାର ଅଧିକାର ନାହିଁ।

ଆଉ ଦିନେ ଜଣେ ପଣ୍ଡିତଙ୍କ ସଙ୍ଗେ ଶିଷ୍ଟ ବା ଈଶ୍ୱର ପ୍ରତିମ ଲୋକଙ୍କ ବିଷୟ କଥା ହେଲା । ମୁଁ କହିଲି, ଶିଷ୍ଟଲୋକ ତ କେତେ କଥାର ସମାଲୋଚନା କରି କାର୍ଯ୍ୟ କଲେ, ତେବେ ଆମ୍ଭେ ନ କରିବା କାହିଁକି ?

ଉତ୍ତରରେ ଅଦ୍‌ଭୁତ କଥା ଶୁଣିଲି—ଏପରି ଯଦି ସମସ୍ତେ ଜଣେ ଜଣେ ଶିଷ୍ଟଲୋକ ହୋଇଯାନ୍ତେ, ତେବେ ଆଉ ସଂସାର ରହନ୍ତା ନାହିଁ । ଶଙ୍କରାଚାର୍ଯ୍ୟ ପ୍ରଭୃତି ଶିଷ୍ଟ ଲୋକ । ସେମାନେ ଅଦ୍‌ଭୁତ କାର୍ଯ୍ୟ କରୁଥିଲେ ଏବଂ ସମସ୍ତେ ତାହା ମାନୁଥିଲେ । ମୁଁ କହିଲି, ସେମାନେ କ'ଣ ଜାତିଭେଦ ମାନୁଥିଲେ ? ପଣ୍ଡିତ ହଠାତ୍ କହିଲେ, ଶଙ୍କରାଚାର୍ଯ୍ୟ ଯେପରି ଜାତିଭେଦ ମାନୁନଥିଲେ, ତରଳ (ଆଉଟା) ରଙ୍ଗ (ଟିଣ) ପିଇବାର ଶକ୍ତି ତାଙ୍କର ଥିଲା । ଗୋଟିଏ ଗଳ୍ପ ଅଛି— ଶଙ୍କରାଚାର୍ଯ୍ୟ ବାଟରେ ଗୋଟିଏ ଧୋବାର ମଣ୍ଡାପିଠାରୁ ଦୁଇଟା ଖାଇଦେଲେ, ତହୁଁ ଶିଷ୍ୟମାନେ ସମସ୍ତେ ଖାଇଲେ । ଧୋବାଟିର ମଣ୍ଡା ବେତାଟି ଲୁଟି ହୋଇଗଲା । କେହି ଜାତିଭେଦ ମାନିଲେ ନାହିଁ । ତହୁଁ ଶଙ୍କରାଚାର୍ଯ୍ୟ ମନେ ମନେ କୋପକରି କିଛି ଦୂର ଯାଇ ଗୋଟିଏ କଂସାରିର ରଙ୍ଗ ଆଉଟା 'କୋଇ'ରୁ ଦୁଇ ଢଙ୍କା ଆଉଟା ରଙ୍ଗ ପିଇଦେଲେ ଏବଂ ଶିଷ୍ୟମାନଙ୍କୁ କହିଲେ— କି ହୋ, ଧୋବା ମଣ୍ଡା ତ ଖାଇଦେଲ, ଏବେ ରଙ୍ଗ ପିଉନାହିଁ କାହିଁକି ? ଶିଷ୍ୟମାନେ ନାହିଁ କଲାରୁ ସେମାନଙ୍କୁ ପତିତକରି 'ଦଶନମି' ଆଖ୍ୟା ଦେଇ ଛାଡ଼ି ଚାଲିଗଲେ । ସେହିମାନେହିଁ ଗିରି, ପୁରୀ, ଭାରତୀ ଇତ୍ୟାଦି ନାମରେ ଆଖ୍ୟାତ ହୋଇ ଅବ୍ରାହ୍ମଣ ହେଲେ ।

ମୁଁ କହିଲି, ଶଙ୍କରାଚାର୍ଯ୍ୟ ତ ବହୁଦିନର କଥା । ଆମ୍ଭମାନଙ୍କର ବାଜପେୟୀ, ଗଦାଧର ରାଜଗୁରୁ ପ୍ରଭୃତି ତ ଶିଷ୍ଟଲୋକ ଥିଲେ ? ପଣ୍ଡିତେ କହିଲେ, ହଁ ସେମାନେ ସେହିଭଳି ଶକ୍ତିମାନ ଥିଲେ । ଚନ୍ଦ୍ରଚୋର ବାହିନୀପତି ପ୍ରଭୃତି ଚନ୍ଦ୍ରଙ୍କୁ ଚୋରାଇ ଆଣି ହାଣ୍ଡି ତଳେ ରଖିଥିଲେ, ମଦକୁ ଦୁଧ କରି ଦେଉଥିଲେ, ମଲା କଙ୍କଡ଼ା ଖୋଳକୁ ମନ୍ତ୍ରବଳରେ ଚଳାଇ ଦେଉଥିଲେ । ନିରକ୍ଷରା ବାଉରାଣୀ ମୁହଁରୁ ରାଜାଙ୍କୁ ବେଦ ଶୁଣାଇ ଦେଉଥିଲେ । ଏପରି ବହୁ ଗଳ୍ପ ଅଛି । ପୂର୍ବେ ଏ ଅଞ୍ଚଳର ବ୍ରାହ୍ମଣମାନେ ଦେବୀପୂଜା ବଳରେ ଏପରି ବହୁତ ଅଦ୍‌ଭୁତ କଥା କରିପାରିଥିବାର ଗଳ୍ପ ଏ ଅଞ୍ଚଳରେ ଅଛି, ଯଥା— ରାଜା ପୂର୍ବେ ବ୍ରାହ୍ମଣମାନଙ୍କର କ୍ରିୟା ଅନୁଷ୍ଠାନ ପ୍ରଭୃତି ଦେଖିବାକୁ ମଫସଲକୁ ଯାଉଥିଲେ । ଏଣେ ବ୍ରାହ୍ମଣମାନେ ଦେବୀ ପୂଜାରେ ମତ୍ତହୋଇ ମଦ୍ୟପାନ ପ୍ରଭୃତି କରୁଥିଲେ । ରାଜା ଏ ସମ୍ବାଦ ଶୁଣି ଦିନେ ଜଣେ ବ୍ରାହ୍ମଣର ମଦ୍ୟପାନର ଠିକ୍ ପୂର୍ବ ମୁହୂର୍ତ୍ତରେ ଡାକି ଘର ଭିତର ଦେଖିବେ ବୋଲି କହିଲେ । ବ୍ରାହ୍ମଣ ତହୁଁ ଦେବୀ ମନ୍ତ୍ର ବଳରେ ହଠାତ୍ ମଦ୍ୟକୁ ଦୁଗ୍‌ଧରେ ପରିଣତ କରିଦେଲେ । ରାଜା ସବୁ ଜାଣିପାରିଲେ ଏବଂ ବ୍ରାହ୍ମଣର କ୍ଷମତାରେ ବିସ୍ମିତ ହୋଇ ତାଙ୍କୁ ବହୁତ ଉପାଧି ଧନ ପ୍ରଭୃତି ଦାନକଲେ । ଅନ୍ୟ ସମୟରେ ସେହିପରି କୌଣସି ରାଜା ଖଚ

Digitized by PPRACHIN, SOA

ଶୁଣି ଗୋଟିଏ ବ୍ରାହ୍ମଣ ଦ୍ୱାରରେ ରାତ୍ରରେ ପହଞ୍ଚି ତାହାର ଶୟନ କକ୍ଷ ଦେଖିବାକୁ କହିଲେ । ବ୍ରାହ୍ମଣ ରାଜାଙ୍କୁ ନେଇ ଗଲା । ରାଜା ସେଠାରେ ଏକ ବାଉରାଣୀକୁ ଦେଖି ବ୍ରାହ୍ମଣଙ୍କୁ ପଚାରିଲେ, 'ଏ କିଏ ?' ବ୍ରାହ୍ମଣ କହିଲେ, 'ସେ ବ୍ରାହ୍ମଣୀ, ସେ ବେଦାଦି ଜାଣନ୍ତି' । ତହୁଁ ରାଜା ତାଙ୍କଠାରୁ ସାମବେଦର ମନ୍ତ୍ରଗାନ ଶୁଣି ବିସ୍ମିତ ହେଲେ ଏବଂ ସବୁ ଜାଣିପାରି ଦେବୀଙ୍କ ପ୍ରଭାବ ଅନୁଭବ କରି ବ୍ରାହ୍ମଣଙ୍କୁ ବହୁତ ଦାନ କଲେ । ସେହିପରି କୌଣସି ବ୍ରାହ୍ମଣ କଙ୍କଡା ଖାଉଥିବାର ଶୁଣି ଯାଇ ଦେଖିଲେ, ବ୍ରାହ୍ମଣ ମନ୍ତ୍ରବଳରେ କଙ୍କଡ଼ା ଖୋଳ ସବୁକୁ ଜୀଅନ୍ତା କଙ୍କଡ଼ା କରି ଦେଇ ଅଛନ୍ତି ଏବଂ ରାଜାଙ୍କୁ କହିଲେ, ଅନାବୃଷ୍ଟି ହେତୁରୁ ମୃତକଳ୍ପ କେତେକ କଙ୍କଡ଼ାଙ୍କୁ ଆଶ୍ରୟ ଦେଇଛନ୍ତି । ରାଜା ସବୁ ଜାଣି ବହୁତ ଦାନ କଲେ । ଦିନେ କୌଣସି ପୂର୍ଣ୍ଣିମା ଦିନ ରାଜା ବାହିନୀପତି ଉପାଧିଯୁକ୍ତ ଜଣେ ବ୍ରାହ୍ମଣ ସଭାସଦଙ୍କୁ ମଦ୍ୟପାନରେ ବିହ୍ୱଳ ଥିବାର ଜାଣି, ପଚାରିଲେ "ଆଜି ତିଥି କ'ଣ ?" ବାହିନୀପତି କହିଲେ, 'ଅମାବାସ୍ୟା' । ରାଜା କହିଲେ, "ସତ୍ୟ କହୁଛ ତ ? ମିଥ୍ୟା ହେଲେ ବଂଶଯାକର ମୁଣ୍ଡକାଟ ହେବ ।" ବାହିନୀପତି ସମ୍ମତି ପ୍ରକାଶକରି ଆସି ନିଶାର ଟିକିଏ ଅବରୋହ ହେଲାରୁ ସନ୍ଧ୍ୟା ପୂର୍ବରୁ ଦେବୀମନ୍ତ୍ରରେ ଉପାସନା କଲେ । ରାତି ହେଲା କିନ୍ତୁ ଚନ୍ଦ୍ର ଉଇଁଲା ନାହିଁ । ରାଜା ବିସ୍ମିତହୋଇ ବାହିନୀପତିଙ୍କ ଦ୍ୱାରସ୍ଥ ହେଲେ । ରାଜାଙ୍କୁ ଘରକୁ ନେଇ ବାହିନୀପତି ଗୋଟାଏ ହାଣ୍ଡି କାଢ଼ି ଦେଖାଇଦେଲେ । ରାଜା ଦେଖିଲେ ଚନ୍ଦ୍ର ଦାଉ ଦାଉ ହୋଇ ବିରାଜୁଅଛନ୍ତି । ତହୁଁ ସଂସାରର ଉପକାର ନିମନ୍ତେ ଚନ୍ଦ୍ରଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିବାରୁ ବାହିନୀପତି ମନ୍ତ୍ର ବଳରେ ଚନ୍ଦ୍ରଙ୍କୁ ଛାଡ଼ିଦେଲେ । ଚନ୍ଦ୍ର ସେଠାରୁ ସେହି ହାଣ୍ଡିତଳୁ ଉର୍ଦ୍ଧ୍ୱଗତ ଉଲ୍‌କା ପରି ଯାଇ ଆକାଶରେ ଠିକ୍ ଯେତେ ରାତି ହୋଇଥିଲା ସେହି ସ୍ଥାନରେ ପଡ଼ିଲେ । ଏହିଭଳି ମଦ୍ୟପାନାଦି ପଦବୀ ପୂଜାର ପ୍ରଶଂସା କୀର୍ତ୍ତନରେ ଅନେକ ଅଦ୍ଭୁତ ଗଳ୍ପ ଏ ଅଞ୍ଚଳରେ ଶୁଣାଯାଏ । କେବଳ ସଂସ୍କୃତପଢ଼ା ପଣ୍ଡିତମାନେ ଏବଂ ଅଶିକ୍ଷିତ ଜନସାଧାରଣ ଏହାକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି ।

ଏହିଭଳି ଅନ୍ଧବିଶ୍ୱାସରେ ପ୍ରାଚୀନ ସ୍ମୃତିକୁ ବଦ୍ଧମୂଳ ରଖି ଆମ୍ଭେମାନେ ଘୋର ଆତ୍ମଗ୍ଲାନିରେ ପଡ଼ି ରହିଅଛୁ । ମାନବର ପ୍ରଧାନ ଶକ୍ତି ଯେ ସ୍ୱାଧୀନ ଚିନ୍ତା ଓ ଆଲୋଚନା ପ୍ରବଣତା, ସେ ଆମ୍ଭର ମୂଳରୁ ବିକାଶ ପାଉନାହିଁ । ଆମ୍ଭେମାନେ ଅକର୍ମଣ୍ୟ ଅଛୁ ଏଇ ବିଶ୍ୱାସରେ ଦିନକୁ ଦିନ ଆମ୍ଭେମାନେ ସାମାଜିକ ଭାବରେ ପଶୁତ୍ୱ ଅବଲମ୍ବନ କରୁଅଛୁଁ । ଯେକୌଣସି ପରିବର୍ତ୍ତନ ସମାଜର ଅହିତକାରୀ, ଏହାହିଁ ଆମ୍ଭମାନଙ୍କର ବିଶ୍ୱାସ । ମଧୁମକ୍ଷିକାଦିଙ୍କ ପରି କେବଳ ପିତୃପୁରୁଷ ଦୃଷ୍ଟ ବାହ୍ୟ କ୍ରିୟାର ଆଚରଣ ଆମ୍ଭର ଧର୍ମ ଓ ସମାଜ ଜୀବନର ଚରମ ଉଦ୍ଦେଶ୍ୟ । ଜଗନ୍ନାଥଙ୍କ ବଡ଼ଦେଉଳକୁ ଚମଡ଼ା ଯାଉନଥିଲା କିନ୍ତୁ ଚୈତନ୍ୟ ମୃଦଙ୍ଗ ଘେନି ପଶିଗଲେ, ସେ ମହାତ୍ମା ବୋଲି ଚଳିଗଲା । ଏପରିକି ସେହି ମୃଦଙ୍ଗ ମନ୍ଦିର ମଧ୍ୟରେ ବଜାଉ ବଜାଉ ଫାଟିଗଲେ ତାହା ଜଗନ୍ନାଥଙ୍କୁ ଅପବିତ୍ର କରେ, କାରଣ ଶ୍ରୀ ଚୈତନ୍ୟ ମୃଦଙ୍ଗ ବଜାଉ ବଜାଉ ଫଟାଇଦେଇନଥିଲେ । ଏହିପରି

Digitized by PPRACHIN, SOA

ଅନ୍ଧ ପରମ୍ପରାରେ ସମାଜ ଓ ଧର୍ମର ସାର ରହିଅଛି । ଲୋକେ ଏହିପରି ଗତାନୁଗତିକ ନ୍ୟାୟରେ ପଶୁତ୍ୱ ଅବଲମ୍ବନ କରୁଅଛନ୍ତି । ରୁଚି ବା ସୁବିଧା ପାଇଁ କେହି ଯଦି କିଛି ପରିବର୍ତ୍ତନ କରନ୍ତି ଏବଂ ତାହା ଯେବେ ଦୃଷ୍ଟିରେ ପଡ଼େ, ତେବେ ଧର୍ମ ଗଲା, ସମାଜ ଗଲା, ସବୁ ଗଲା ବୋଲି ହୁରିପଡ଼ିଯାଉଅଛି । ଆଉ ବଡ଼ ବଡ଼ ସମାଜର ଉନ୍ନତି ବିଧାୟକ ପରିବର୍ତ୍ତନ ତ ଦୂରର କଥା, ସମାଜ କହିଲେ ଆମେ ବୁଝିବାକୁ ବାଧ୍ୟ ଯେ ଏହା ଗୋଟିଏ ସ୍ଥବିର ଜନସଂଗତି; ଏଥିରେ ପ୍ରାଣ ନାହିଁ କି ସ୍ପନ୍ଦନ ନାହିଁ, ଅନ୍ତତଃ ଜାଣିକରି କୌଣସି ପରିବର୍ତ୍ତନ କରିବା ନିଷିଦ୍ଧ । ଯାହା କିଛି ପରିବର୍ତ୍ତନ ହୋଇଅଛି, ତାହା ମହାତ୍ମାମାନଙ୍କ ଦ୍ୱାରା ଏକାବେଳକେ ହୋଇଯାଇଅଛି ।

ଆଉ ଦିନେ ମୁଁ ଜଣେ ପଣ୍ଡିତଙ୍କୁ ପଚାରିଥିଲି, ଆଚ୍ଛା ମହାତ୍ମାମାନେ ତ ସାମାଜିକ ପରିବର୍ତ୍ତନର ବିଧାନ କରନ୍ତି, ତେବେ ଯେ ମହାତ୍ମା ହେବେ ସେ ତ କରିପାରିବେ, ପୁଣି ମହାତ୍ମାଙ୍କ ଆତ୍ମା ମହାନ ହେଉ ପଛକେ ଶରୀର ତ ଏହି ମନୁଷ୍ୟ ଶରୀର ଏବଂ ମନୁଷ୍ୟ ପିତାମାତାଙ୍କଠାରୁ ଜନ୍ମ । ଜନ୍ମ ହେଲା ବେଳକୁ ତ କାହାରି କପାଳରେ 'ମହାତ୍ମା' ଲେଖାନଥାଏ, ତେବେ କିପରି ମହାତ୍ମା ବୋଲି ଜଣାଯାଏ ?

ପଣ୍ଡିତେ କହିଲେ, ସେମାନଙ୍କ କାର୍ଯ୍ୟରୁ, କଥାରୁ । ଯେଉଁମାନଙ୍କର ଭେଦ ଜ୍ଞାନ ନାହିଁ, ଯେଉଁମାନେ ବେଦରେ ପଣ୍ଡିତ, ଯେଉଁମାନଙ୍କର କଥା ସମସ୍ତେ ଈଶ୍ୱର ବାକ୍ୟ ପରି ମାନନ୍ତି ସେହିମାନେ ମହାତ୍ମା ।

ମୁଁ ସେଠାରୁ ପୁରୀର ଚୈତନ୍ୟଙ୍କ ସହଚର ଜଗନ୍ନାଥ ଦାସଙ୍କ କଥା କହିଲି ଯେ ଜଗନ୍ନାଥ ଅବିବାହିତ ଥାଇ ୧୨ ବର୍ଷରୁ ସନ୍ୟାସୀ ହୋଇଥିଲେ, କିନ୍ତୁ କେବଳ ଭାଗବତ ଅନୁବାଦ କରିବାରୁ ବ୍ରାହ୍ମଣମାନଙ୍କ ଅପ୍ରିୟ ହୋଇଥିଲେ ବୋଲି ଏ ପର୍ଯ୍ୟନ୍ତ ଶାସନର ବ୍ରାହ୍ମଣମାନେ ଓଡ଼ିଆ ଭାଗବତକୁ ଅତ୍ୟନ୍ତ ଘୃଣା ଚକ୍ଷୁରେ ଦେଖନ୍ତି । ତାଙ୍କର ଦୋଷ, ସେ ଶୂଦ୍ରଙ୍କୁ ଧର୍ମ ଦେଲେ । ତେବେ ସେ ତ ମହାତ୍ମା ଥିଲେ, ତାଙ୍କ କଥା ତ ୪୦୦ ବର୍ଷ ହେଲା, ତଥାପି ତାହା ଲୋକେ ଏ ପର୍ଯ୍ୟନ୍ତ ମାନୁନାହାନ୍ତି ।

ପଣ୍ଡିତେ ଶାସନୀ ବ୍ରାହ୍ମଣ, ଶୈବ, ଦେବୀ-ଉପାସକ, ସେ କିପରି ସହଜରେ ଜଗନ୍ନାଥଙ୍କୁ ମହାତ୍ମାବୋଲି ସ୍ୱୀକାର କରନ୍ତେ ?

ଆଉ ଜଣେ ପଣ୍ଡିତଙ୍କୁ ଦିନେ ପଚାରିଲି, ପିଲା ଦିନରୁ ତ କେହି ମହାତ୍ମା ବୋଲି ଜଣାଯାନ୍ତିନାହିଁ, ପରେ କିପରି ଜଣାପଡ଼ନ୍ତି ? ସେ କହିଥିଲେ, ''ଯେଉଁମାନେ ସଂସାର ତ୍ୟାଗକରି ଗୈରିକ ବସନ ପରିଧାନ କରିଅଛନ୍ତି; ଯାହାଙ୍କର ଭେଦଜ୍ଞାନ ନାହିଁ, ଲୋକ ଘୃଣାନାହିଁ ଇତ୍ୟାଦି ସେ ମହାତ୍ମା ହୋଇପାରନ୍ତି ।'' ଏତକ କଥା ବହୁ ପରିଶ୍ରମରେ ପଣ୍ଡିତଙ୍କଠାରୁ ବାହାର କରିଥିଲି । ମୁଁ ତାଙ୍କୁ କହିଥିଲି, ''ମହାତ୍ମା କାହାକୁ ଦେଖିଲେ ମତେ ଚିହ୍ନାଇ ଦେବେ ।'' କିଛି ଦିନ ପରେ ମୁଁ ସେହି ପଣ୍ଡିତଙ୍କ ପାଖକୁ ଯାଇ ଦେଖିଲି, ସେ ଜଣେ ଗୈରିକାମ୍ବର ବୃଦ୍ଧର ପଦସେବା କରୁଅଛନ୍ତି । ସେ ମୋତେ ବୃଦ୍ଧଙ୍କୁ ଭୂମିଷ୍ଠ

Digitized by PPRACHIN, SOA

ପ୍ରଣାମ କରିବାକୁ କହିଲାରୁ ମୁଁ ତାହା କଲି । ଶୁଣିଲି, ସେ ବେଶି କଥା କହନ୍ତି ନାହିଁ, ତଥାପି ପଣ୍ଡିତେ ମୋ ସମ୍ବନ୍ଧରେ କିଛି କହିବା ପରେ ସେ ମୋ ସଙ୍ଗେ କଥା କହିବା ରୂପ ହୀନତା ସ୍ୱୀକାର କଲେ । ପଣ୍ଡିତଙ୍କଠାରୁ ଶୁଣିଲି, ସେ ବ୍ରାହ୍ମଣ ବ୍ୟତୀତ ଅନ୍ୟ କାହାର ଘରେ ଖାଇବା ଦୂରେଥାଉ, ସେମାନଙ୍କର ଛାୟା ପର୍ଯ୍ୟନ୍ତ ସ୍ପର୍ଶ କରନ୍ତି ନାହିଁ । ପୂର୍ବରୁ ଶୁଣିଥିଲି ଜ୍ଞାନୀ ବା ମହାତ୍ମାମାନଙ୍କର ଭେଦଜ୍ଞାନ ନଥାଏ– କିନ୍ତୁ ଏ କିପରି କଥା ? ବୃଦ୍ଧଙ୍କ ସଙ୍ଗରେ କଥାବାର୍ତ୍ତାରୁ ଜାଣିଲି ଯେ ଅନେକ ଗ୍ରନ୍ଥାଦି ସମ୍ବନ୍ଧରେ ତାହାଙ୍କର ବେଶ୍ ଜ୍ଞାନ ଅଛି । ପଚାରିଲି– ଆଚ୍ଛା, ଆପଣ ତ ଯୋଗୀ, ବ୍ରହ୍ମଜ୍ଞାନୀ, ଅହଂକାରଶୂନ୍ୟ, ଭେଦଜ୍ଞାନ ହୀନ ଇତ୍ୟାଦି ।''– (ବିନୟ ଭାବରେ) ହଁ ହେଲା, ସେଥିପାଇଁ କ'ଣ ହେଲା ? ବୃଦ୍ଧ ଅବଶ୍ୟ ଓଡ଼ିଆରେ କହିନଥିଲେ । ସେ ଏ ଦେଶର ଲୋକ ନୁହଁନ୍ତି, କିନ୍ତୁ ବାସସ୍ଥାନ ପଚାରିଲେ ସନ୍ନ୍ୟାସୀମାନେ ବିରକ୍ତ ହୁଅନ୍ତି– ପଣ୍ଡିତେ ମୋତେ ଆଗରୁ ସାବଧାନ କରିଦେଇଥିଲେ । ମୁଁ ଏହା ମଧ୍ୟ ଦେଖିଛି, ଜଣେ ଓଡ଼ିଆ ସନ୍ନ୍ୟାସୀ ହୋଇ ହିନ୍ଦୀ କହି ସେ ଏ ଦେଶର ନୁହନ୍ତି ବୋଲି ପରିଚୟ ଦେଇଥିଲେ । ପ୍ରକୃତରେ ଯେତେ ବଡ଼ ସନ୍ନ୍ୟାସୀ ହେଲେ ମଧ ସ୍ଥାନୀୟ ପରିଚିତ ଲୋକଙ୍କଠାରୁ ସମ୍ମାନ ଓ ଭିକ୍ଷା ପାଇବା କିପରି ଦୁଷ୍କର, ଏହା ଆମ୍ଭମାନଙ୍କର ଦୈନନ୍ଦିନ ଘଟଣାରେ ପ୍ରମାଣିତ । ମୁଁ କହିଲି– କ୍ଷମାକରିବେ, ବହୁ ଦିନରୁ ଗୋଟିଏ ସନ୍ଦେହ ଅଛି, ପଚାରିବି, ଦୋଷ ଧରିବେ ନାହିଁ ।

–(ଆନନ୍ଦରେ) କିଛି ଚିନ୍ତା ନାହିଁ ବାବା ପଚାର ।

– ଆପଣ ତ ସମଜ୍ଞାନୀ, ଶୂଦ୍ର ବ୍ରାହ୍ମଣ ମଧ୍ୟରେ ଭେଦଜ୍ଞାନ ନିଶ୍ଚୟ ନଥିବ ?

– ନା ନା, ତା କିପରି ରହିବ ? ସନ୍ନ୍ୟାସୀଙ୍କର ତା ନଥାଏ ।

– ମୁଁ ଶୁଣିଛି ଆପଣ ଶୂଦ୍ର ସ୍ପର୍ଶ ଅନ୍ନ ଗ୍ରହଣ କରନ୍ତି ନାହିଁ କି ଶୂଦ୍ରର ଛାୟା ଛୁଅନ୍ତି ନାହିଁ ।

– (ରାଗାନ୍ୱିତ ହୋଇ) ତାହା ବୋଲି କ'ଣ ଆମ୍ଭେମାନେ ଶୂଦ୍ରଙ୍କୁ ଘୃଣା କରୁଁ ? ତୁମର ମା' ଯେତେବେଳେ ଅପରିଷ୍କାର ଥାନ୍ତି, ସେତେବେଳେ ତୁମେ ତାଙ୍କୁ ସ୍ପର୍ଶ କରନାହିଁ, ତା'ର ମାନେ କ'ଣ ଘୃଣା କର ? ଆମ୍ଭେମାନେ ସ୍ପର୍ଶ କରୁନାହୁଁ ମାନେ କ'ଣ ଘୃଣା କରୁ ?

– ଅବଶ୍ୟ, ସ୍ପର୍ଶର ଲୋଭ ଓ ଆସକ୍ତି ଜନ୍ମାଇବାର ଯେ ଗୁଣ ଅଛି, ସେହି ପ୍ରଲୋଭନରୁ ଦୂରରେ ରହିବାକୁ ସାଧକମାନେ ସର୍ବଦା ଚେଷ୍ଟା କରନ୍ତି ଓ ସେଥିପାଇଁ ସ୍ପର୍ଶକୁ ଘୃଣା ମଧ କରନ୍ତି । ଅପରିଷ୍କାରତାକୁ ଆମ୍ଭେମାନେ ଘୃଣା କରୁଁ, ମା'ଙ୍କୁ ନୁହେଁ । ସେଥିପାଇଁ ଲୋକେ ଅପରିଷ୍କାର ମା'ଙ୍କୁ ଛୁଉଁନଥିବେ ।

ବୃଦ୍ଧ ରାଗାନ୍ଧ ହୋଇ ମୋତେ ଆଉ କହିବାକୁ ନଦେଇ କହିଲେ, ''ଏହିପରି ଜ୍ଞାନୀ ଲୋକଙ୍କ ସଙ୍ଗେ ବିତଣ୍ଡା ଇଂରେଜୀ ଶିକ୍ଷାର ମନ୍ଦ ଫଳ । ମୋର ଏପରି ଲୋକଙ୍କ ସଙ୍ଗେ କଥା କହିବା ଉଚିତ ନଥିଲା ।

Digitized by PPRACHIN, SOA

ପଣ୍ଡିତେ ଅନେକବେଳୁ ଓଷ୍ଠ ଦଂଶନ ଦ୍ୱାରା ମୋତେ ଜବତ୍ କରିଆସୁଥିଲେ । ବର୍ତ୍ତମାନ ହାତ ମାରିଦେଲେ । ହାତ ନ ମାରିଥିଲେ ମଧ୍ୟ ମୁଁ ଆଉ ରହିପାରିନଥାନ୍ତି । କାରଣ ମୁଁ ଯୁକ୍ତିରେ ବୃଦ୍ଧଙ୍କ କଥାର ପ୍ରତିବିଧାନ କରୁଥିଲି । ଦୁଃଖର କଥା କ୍ରୋଧ ଓ ବିରକ୍ତିର ପ୍ରତିବିଧାନର ଉପାୟ ମୋଠାରେ ନଥିଲା । ପଣ୍ଡିତେ ମୋତେ ପରେ କହିଲେ, ସନ୍ନ୍ୟାସୀଙ୍କ ସଙ୍ଗେ ଏପରି କଥା କହନ୍ତି ନାହିଁ, ସେ ଅଭିଶାପ ଦେଲେ ଆଉ ରକ୍ଷା ନାହିଁ ।

ବର୍ତ୍ତମାନ ଦେଖିଲି, କେବଳ କଥାକଥାକେ ରାଗ ହୋଇ ଅଭିଶାପ ଦେବା (ପରର ଅନିଷ୍ଟ କାମନା କରିବା) ସନ୍ନ୍ୟାସୀର ଲକ୍ଷଣ, ଜ୍ଞାନର ଚିହ୍ନ ଓ ମହାତ୍ମା ହେବାର ମୂଳଭିତ୍ତି, ଆଉ ବିଶେଷ କିଛି ନାହିଁ । ଚିନ୍ତା କରି ଦେଖିଲି, ଏଥିରେ ସେହି ଅଜ୍ଞାନ ପ୍ରସୂତ ଅନୁବର୍ତ୍ତନ । କେହି ହୁଏତ କହିଯାଇଅଛନ୍ତି, ସଂସାର ତ୍ୟାଗକରି ଗୈରିକାମ୍ବର ହୋଇ ଜ୍ଞାନାଲୋଚନା କଲେ ସୁବିଧା ହୁଏ । କାଳକ୍ରମେ ସେଥିରୁ ଆମ୍ଭେ ଏହି ହୀନ ବିଶ୍ୱାସକୁ ଆସିଅଛୁ ଯେ, ଗେରୁଆ ଲୁଗା ପିନ୍ଧି କେବଳ ନିଜର ବିବାହିତା ସ୍ତ୍ରୀଙ୍କ ପ୍ରତି ଅନାସ୍ଥା ପ୍ରଦର୍ଶନ କରି ପରସ୍ୱୋପଜୀବୀ ହୋଇ ଯେ ନାନା ଗୃହ ଭ୍ରମଣକରେ ସେ ଜ୍ଞାନୀ, ସେ ମହାତ୍ମା । ତଦ୍ରୂପ ମହାତ୍ମା କେହି କେହି ଗୋଟିଏ ଗୋଟିଏ ମନ୍ଦିର ମଠ ପ୍ରଭୃତିରେ ନିତାନ୍ତ ଦୁନିଆ ଲୋକପରି ରହି ମଧ୍ୟ ଭକ୍ତି ସମ୍ମାନ ପାଇଥାନ୍ତି । ତାଙ୍କର ନିଜର ପରିଣୀତା ସ୍ତ୍ରୀଙ୍କ ପ୍ରତି ଆସକ୍ତି ନାହିଁ କିମ୍ବା ଧୋବା ଘରେ ପଡ଼ିବାକୁ ଅପରିଷ୍କାର ଲୁଗାନାହିଁ ।

ଲୋକେ କହିବେ, ପୂର୍ବେ ସେପରି ଲୁଗା ଆଦିର ଜ୍ଞାନ ଆସୁଥିଲା । ଏବେ ତ କଳିଯୁଗ, ଆଉ କ'ଣ ତାହା ଘଟୁଛି ? ପୁଣି ସେହି 'କଳିଯୁଗ', ସେହି 'ଏବେ ହେଉନାହିଁ' ସେହି ଘୋର ଆତ୍ମଗ୍ଲାନି, ସେହି ମୋହ ଜଡ଼ତା, ସେହି ଅକର୍ମଣ୍ୟତା । ଆଶା ନାହିଁ, ଉଦ୍ୟମ ନାହିଁ, ସାହସ ନାହିଁ, ଆତ୍ମନିର୍ଭର ନାହିଁ, ଆତ୍ମସମ୍ମାନବୋଧ ନାହିଁ, ପ୍ରାଣ ନାହିଁ, ସ୍ପନ୍ଦନ ନାହିଁ, ଚିନ୍ତା ନାହିଁ, ଆଲୋଚନା ନାହିଁ ।

ଆଲୋଚନା କଥା କହିଲେ ଲୋକେ କହନ୍ତି, ପ୍ରାଚୀନ ପୁରୁଷମାନଙ୍କ ବଚନ ଆଲୋଚ୍ୟ ନୁହେଁ । ସେ ସବୁ ଆଲୋଚନା କରିବାହିଁ ପାପ । ଅନୁବର୍ତ୍ତନହିଁ ତାହାର ଆଲୋଚନା । ଏହା ଘୋର ଆତ୍ମଗ୍ଲାନିରୁ ଉତ୍ପନ୍ନ, ଏଥିରେ କାହାର ସନ୍ଦେହ ହେବ ନାହିଁ ଏବଂ ଏହାର ପରିଣାମ କି ଭୟାବହ, ତାହା ଆଲୋଚନା କରିବା ନିତାନ୍ତ ଆବଶ୍ୟକ ।

ଆମ୍ଭେ ଯାହାର କାରଣ ପାଇନାହୁଁ, ତାହା ପରିହାର କରିବା ଉଚିତ ନୁହେଁ । ସେ ସବୁଥିରେ କାରଣ ନିଶ୍ଚୟ ଅଛି, ତାହା ନ ହେଲେ ଏତେ ଲୋକ ଏତେ କାଳ ତାହାର ଅନୁବର୍ତ୍ତନ କରନ୍ତେ କିପରି ?

ଗୋଟିଏ ଉଦାହରଣ ଦ୍ୱାରା ଆଲୋଚନା କଲେ ସୁବିଧାହେବ । ବର୍ତ୍ତମାନ ରଥଯାତ୍ରା ଉପଲକ୍ଷରେ ପୁରୀରେ ଟିକିଏ ବିଶେଷ ରକମର ବିସୂଚିକା ଲାଗିଛି । ମୋ ପାଖରେ ହୋମିଓପ୍ୟାଥି ଔଷଧ ଥିବାରୁ ଦିନେ ମୋତେ ଗୋଟିଏ ଗ୍ରାମକୁ ଯିବାକୁ ହୋଇଥିଲା । ଗ୍ରାମଟିରେ ପ୍ରାୟ ପାଞ୍ଚଶତାଧିକ ଲୋକଙ୍କ ଅଧିବାସ । ରୋଗୀକୁ ଔଷଧ ଦେବାପାଇଁ ମୁଁ

Digitized by PPRACHIN, SOA

ଟିକିଏ ଭଲ ପାଣି ମାଗିଲି । ସେ ଗ୍ରାମରେ କୂଅ ନାହିଁ । ଲମ୍ବ ଚଉଡ଼ାରେ ୩୦-୪୦ ହାତ ହେବ ଗୋଟିଏ ପୋଖରୀ ଅଛି, ବର୍ଷର ପ୍ରାୟ ୩ ମାସ ଏଥିରେ ହାତେ ବା ତାହାଠାରୁ କମ୍ ପାଣି ଥାଏ । ସେହିଥିରୁ ଟିକିଏ ଗୋଳିଆ ପାଣି ଆଣି ମୋତେ ଦେଲେ । ମୁଁ ଏଭଳି ଅବସ୍ଥା ଶୁଣି କହିଲି "ତେବେ ଲୋକେ କୂଅ ଖୋଳାଉ ନାହାନ୍ତି କାହିଁକି ?" ଉତ୍ତର ହେଲା 'ଏ ଗ୍ରାମରେ କେଉଁ କୂଅ ଖୋଳା ହୋଇନାହିଁ । ପୂର୍ବପୁରୁଷେ ତ କରିନାହାନ୍ତି, ଆମ୍ଭେ କିପରି ନୂଆ କରି କରିବୁ ? ସେମାନେ କୂଅ ନ କରିବାର ନିଶ୍ଚୟ କୌଣସି କାରଣ ଥିବ ।' ଏହିପରି ଅଜ୍ଞାନ ଅନ୍ଧକାରରେ ପଡ଼ି ସମାଜ କେତେଦିନ ଜୀବିତ ରହିପାରେ ? ଏମାନେ ବାକ୍‌ଶକ୍ତିସମ୍ପନ୍ନ ଦ୍ୱିପଦ ବିଶିଷ୍ଟ ପଶୁ ନୁହନ୍ତି ତ ଆଉ କ'ଣ ?

ଏହିପରି ଗୋଟିଏ କାର୍ଯ୍ୟରେ ନୁହେ– ଆମ୍ଭମାନଙ୍କର ପ୍ରତ୍ୟେକ ଦିନର ପ୍ରାୟ ପ୍ରତିଟି କାର୍ଯ୍ୟରେ ଏହିପରି ଅନ୍ଧନୀତି ଅବଲମ୍ବନ କରି ଲୋକେ 'ଗଡ୍ଡ଼ଳିକାପ୍ରବାହ' ନ୍ୟାୟରେ ପୁରୁଷାନୁକ୍ରମରେ ଅଲକ୍ଷିତ ଭାବରେ ମନୁଷ୍ୟତାରୁ ବିଚ୍ଛିନ୍ନ ହୋଇ ଜଡ଼ତ୍ୱ ଅବଲମ୍ବନ କରି ସମାଜକୁ ଗୋଟିଏ କାଷ୍ଠପାଷାଣ ସଂହତିରେ ପରିଣତ କରୁଅଛନ୍ତି । ନିଜେ ବିଚାର କରି କାର୍ଯ୍ୟ କରିବାର ପ୍ରବୃତ୍ତି କ୍ରମେ ତାଙ୍କର ଲୋପ ପାଉଅଛି ।

ମହାମତି ବର୍କ ସାହେବ (Edmund Burke) କହିଅଛନ୍ତି, "There is a soul of truth even in superstition."– କୁସଂସ୍କାର ମଧ୍ୟ ଅନେକ ସମୟରେ ସତ୍ୟ ଭିତରେ ଅଧିଷ୍ଠିତ ଥାଏ । ଯାହାକୁ ଆଜି ଆମେ କୁସଂସ୍କାର ବୋଲି ଘୃଣା କରୁଅଛୁଁ, ହୁଏତ ତାହା କୌଣସି କାରଣରୁ ସମାଜରେ ଦରକାର ହୋଇଥିଲା । ଅନେକ ଅନୁଷ୍ଠାନ ବର୍ତ୍ତମାନ ମଧ୍ୟ ନ୍ୟୂନାଧିକ ସତ୍ୟ ଉପରେ ପ୍ରତିଷ୍ଠିତ ଅଛି । ଏହା ବୋଲି ଯାହା ଅଛି, ସେ ସବୁ ସତ୍ୟ ବୋଲି ଗ୍ରହଣୀୟ ନୁହେଁ । ଈଶ୍ୱରବିଶ୍ୱାସ ଓ ଈଶ୍ୱର ଉପାସନା କରିବାକୁ ହେବ । ନିଜ ହୃଦୟରୁ ଯେ ଭାବ ନିର୍ଗତ ହେବ, ତାହା ମୁକ୍ତ ଭାବରେ ଭଗବାନଙ୍କ ନିକଟରେ କହିବା ଧର୍ମ ଜୀବନର ଗୋଟିଏ ଉତ୍ତମ କାର୍ଯ୍ୟ । ମନୁଷ୍ୟର ପାପ ଈଶ୍ୱରଙ୍କ ଆଗରେ ସ୍ୱୀକାର କଲେ ସେ ପାପ ମୁକ୍ତ ହେବ, ଏହି ବିଶ୍ୱାସରେ ଲୋକେ ପୂର୍ବେ ସଂସ୍କୃତ ଭାଷାରେ ଏହିପରି ଉପାସନା କରୁଥିଲେ ଏବଂ ବୈଦିକ ଯୁଗରେ ବୈଦିକ ଭାଷାରେ କହୁଥିଲେ, କିନ୍ତୁ ବର୍ତ୍ତମାନ ବ୍ରାହ୍ମଣ ସେହିପରି କହିବାକୁ ବାଧ୍ୟ । ସେ କହିବ–

ପାପୋଽହଂ ପାପକର୍ମାହଂ ପାପାତ୍ମା ପାପସମ୍ଭବଃ ।
ତ୍ରାହି ମାଂ ତ୍ୱଂ ବିରୂପାକ୍ଷ ସର୍ବ ପାପ ହରୋହରଃ ।

ଇତ୍ୟାଦି ପ୍ରାର୍ଥନାର ଫଳ ପର୍ଯ୍ୟନ୍ତ କିଛି ନବୁଝି ଶୁଦ୍ଧ ବା ଅଶୁଦ୍ଧ କରି ବିଚିତ୍ର ସଂସ୍କୃତ ଉଚ୍ଚାରଣ କରିବାରେ କି ଉପାସନା ହୁଏ, ତାହା ସେହି ଉପାସକ ଜାଣନ୍ତି । ମାନବସମାଜ ପରିବର୍ତ୍ତନଶୀଳ, ଏକ ସମୟରେ ଯାହାର ଆବଶ୍ୟକତା ଥିଲା, ଅନ୍ୟ ସମୟରେ ତାହା ରହିନପାରେ । ପୁଣି ପଶୁ ପରି ଚଳିବାକୁ ଆରମ୍ଭକଲେ ଅନେକ ଜୀବନର ପ୍ରାସଙ୍ଗିକ

Digitized by PPRACHIN, SOA

ଘଟଣା ମଧ୍ୟ ରୀତିରେ ପରିଣତ ହୁଏ । ଏସବୁ କଥା ବିଚାର କରିବାକୁ ଯାଇ ଯେବେ "କାରଣ ଥାଇପାରେ" ମିଳିଲା, ତେବେ ଆଉ ପରିବର୍ତ୍ତନର ଗୋଳମାଳ, ଯନ୍ତ୍ରଣା ସହେ କିଏ ?

ଉଦାହରଣ– ବିବାହର ପ୍ରକୃତ ଅର୍ଥ ଯେଉଁମାନେ ଜାଣନ୍ତି, ସେମାନେ ସ୍ୱୀକାର କରିବେ ଯେ 'ବାଲ୍ୟ ବିବାହ' ଏପରି ଶବ୍ଦ ମାନବସମାଜରେ ଅସମ୍ଭବ । ହିନ୍ଦୁ ସମାଜର ଇତିହାସରେ କେବେ ବାଲ୍ୟ ବିବାହ ଦ୍ୱାରା ବିବାହରୂପ ସାମାଜିକ ଅନୁଷ୍ଠାନର ଆରମ୍ଭ ହୋଇନାହିଁ । ବୈଦିକ ଯୁଗରୁ ଆରମ୍ଭ କରି ସାବିତ୍ରୀ, ସୀତାଦିଙ୍କ ସ୍ୱୟଂବର ଓ ମନୁସଂହିତାଦିର ଅଷ୍ଟବିଧ ବିବାହବିଧି ପ୍ରଭୃତି ଏହାର ଜ୍ୱଳନ୍ତ ପ୍ରମାଣ । ଯେତେବେଳେ ହିନ୍ଦୁମାନେ ମୁସଲମାନଙ୍କ ଦ୍ୱାରା ତୀବ୍ର ପ୍ରବାହରେ ପୀଡ଼ିତ ହେଲେ, ସେତେବେଳେ ଯୁବତୀ ଦୁହିତାର ଓ ନିଜର ସମ୍ମାନ ରକ୍ଷାର୍ଥେ ବାଳିକା ଦିନରୁ ତାହାର ରକ୍ଷକ ସ୍ୱରୂପ କୌଣସି ପୁରୁଷର ନିର୍ବାଚନ କରୁ କରୁ ବାଲ୍ୟବିବାହର ସୃଷ୍ଟି ହେଲା ଏବଂ କ୍ରମେ ତାହା ଉଚ୍ଚ ଜାତିରୁ ନୀଚ ଜାତିକୁ ବ୍ୟାପିଯାଇ ରୀତିରେ ବଦ୍ଧମୂଳ ହେଲା । ସଙ୍ଗେ ସଙ୍ଗେ ବ୍ରାହ୍ମଣମାନେ ପରାଶରାଦିଙ୍କ ନାମ ଦେଇ ସ୍ମୃତି ପ୍ରଣୟନ କଲେ । ମୁସଲମାନ ଅତ୍ୟାଚାର ଗଲା, ମାତ୍ର ବାଲ୍ୟବିବାହ 'କାରଣ ଥାଇପାରେ' ରାଜ୍ୟରେ ରହି ଈଶ୍ୱର ବାଣୀରେ ପରିଣତ ହୋଇ ସମାଜକୁ ଆଜି ପର୍ଯ୍ୟନ୍ତ ଭ୍ରୂକୁଟିରେ ଚମକାଇ ମନୁଷ୍ୟକୁ ଭୟବିହ୍ୱଳ ପଶୁ କରି ରଖିଅଛି । ତଥାପି ସମୟ ବିଶେଷରେ ଏହାର ଭିତ୍ତି ସତ୍ୟ ଉପରେ ଥିଲା । କିନ୍ତୁ ପରିସ୍ରା କଲାବେଳେ କାନରେ ପଇତା ଦେଇ କଚ୍ଛା ଫିଟାଇ ପରିସ୍ରା ନକଲେ ବ୍ରାହ୍ମଣର ବ୍ରାହ୍ମଣତ୍ୱ ଚିରଦିନପାଇଁ ନଷ୍ଟ ହୁଏ– ଏହା ମଧ୍ୟ ସେହି 'ଥାଇପାରେ' ରାଜ୍ୟରେ ଅଛି । ସମ୍ଭବତଃ ଉପବୀତଧାରୀ କେହି ଅପରିଷ୍କାର ହେବା ଭୟରେ ପ୍ରସ୍ରାବ କଲାବେଳେ ଏପରି କରିବାଦ୍ୱାରା ସୁବିଧା ପାଇଥିଲେ ଏବଂ ନିଜର ପୁତ୍ରାଦି କାହାରିକୁ ସେପରି କରିବାକୁ କହିଯାଇଥାନ୍ତି– "ଆରେ, ପଇତାଟା ଟେକି ନେଇ କଚ୍ଛା ଫିଟାଇ ପ୍ରସାବ କଲେ ତ ସୁବିଧା ହୁଅନ୍ତା"– ଇତ୍ୟାଦି । ସେତେବେଳେ ଶାସ୍ତ୍ରକାରର ଅଭାବ ନଥିଲା । ପୋଥି ତାଳପତ୍ରରେ ଲେଖୁ ଲେଖୁ ହୁଏତ ଲେଖକ ବସାଇ ଦେଲେ– 'ଉତ୍ତମାଙ୍ଗେ ତଥା କର୍ଣ୍ଣେ ଉପବୀତଂ ନିଧାୟ ତୁ । ମୂତ୍ରୋତ୍ସର୍ଗଂ ଦ୍ୱିଜଃ କୁର୍ଯ୍ୟାଦିଧବା ପାପଭାକ୍ ସଦା' । ସେହିଠାରୁ ତାହା ଶାସ୍ତ୍ର ହେଲା । କିନ୍ତୁ କେହି ବିଚାର କରି ଦେଖୁନାହାନ୍ତି ଯେ ପୃଥିବୀର ୧୦୦ ଭାଗରୁ ୯୯ ଭାଗ ୩ ପାରୁ ବେଶି ଯେ ଏହା କରୁନାହାନ୍ତି, ସେମାନଙ୍କର ମତ କଣ ହେବ ?

ଏହିପରି ବ୍ୟକ୍ତିଗତ ଜୀବନର ପ୍ରାସଙ୍ଗିକ ଘଟନାରୁ ଶାସ୍ତ୍ର ବାହାରି ଆମ୍ଭ ସମାଜର ପନ୍ଦର ଅଣାରୁ ବେଶି ଧର୍ମାନୁଷ୍ଠାନ ସୃଷ୍ଟି ହୋଇଅଛି । 'କାରଣ ଥାଇପାରେ' ବୋଲି ଧର୍ମକୁ ଆଖିମିଟିକା ମାରି ଯୁକ୍ତି ରାଜ୍ୟରେ ଅବୈଧ ଅଧିକାର ସ୍ଥାପନ କଲେ ସମାଜର କି କ୍ଷତି ହେବ, ତାହା ଚିନ୍ତାଶୀଳ ବ୍ୟକ୍ତି ମାତ୍ରକେ ବୁଝିପାରିବେ ।

Digitized by PPRACHIN, SOA

ଏହିପରି ସକାରଣ, ସମୟ କାରଣ ଓ ଅକାରଣ, ନାନାବିଧ କୁସଂସ୍କାରରେ ଆବଦ୍ଧ ହୋଇ ସେଥିରୁ କାରଣ ଖୋଜି ଖୋଜି ସଭ୍ୟ ଜଗତକୁ ଠକିବା ଦ୍ୱାରା ଆମ୍ଭେମାନେ ଆତ୍ମପ୍ରବଞ୍ଚନା ଓ ଅଜ୍ଞାତ ଆତ୍ମଗ୍ଳାନିରେ ଦୃଢ଼ତର ଅଧିଷ୍ଠାନ ଭରୁଅଛୁଁ । ସମାଜ ଚଳତ୍ ଶକ୍ତିହୀନ ହୋଇପଡ଼ିଅଛି ଏବଂ ଶେଷତଃ 'କାରଣ ଥାଇପାରେ' ଏହି ଭୀଷଣ ମୋହମନ୍ତ୍ର ମହାମାରୀ ପରି ହିନ୍ଦୁ ସମାଜକୁ ଯୁକ୍ତି ଯୋଗାଉଛି । ହିନ୍ଦୁ ପାଳ ପକାଇ ଉଚ୍ଚ ହେଉଁ ହେଉଁ ସଂସାର ତାକୁ ଅଦୃଶ୍ୟ ହେଉଅଛି ।

ଯଦି କାରଣ ନାହିଁ ବୋଲି ଆମ୍ଭେମାନେ ଅନୁଷ୍ଠାନ ଆଦି ଛାଡ଼ି ଦେଉଁ, ଏବଂ ସେଥିରେ ହୁଏତ କାରଣ ଥାଇପାରେ, ତେବେ ଆମ୍ଭର କି ଅକାର୍ଯ୍ୟ ହେବ ? ଅତଏବ ସମ୍ୟକ୍ ନବୁଝିବାଯାଏ କିଛି ଛାଡ଼ିଦେବା ଉଚିତ ନୁହେଁ ।

କେତେକ ମହାସାମାଜିକ ମାନ୍ୟ ବ୍ୟକ୍ତି ଜାଣିଲେଣି, ବିନା କାରଣରେ ଲୋକେ ସହଜରେ କାର୍ଯ୍ୟ କରିବେ ନାହିଁ । ସେଥିପାଇଁ ଶିକ୍ଷିତ ଲୋକଙ୍କୁ ସାମାଜିକ ପରିବର୍ତ୍ତନ ପ୍ରୟାସରୁ ଭୁଲାଇବା ପାଇଁ କେହି କେହି ସାମାଜିକ ପ୍ରତ୍ୟେକ ଅନୁଷ୍ଠାନର କାରଣ ଖୋଜିବାକୁ ବ୍ୟଗ୍ର । ଅବଶ୍ୟ ଖୋଜିବାକୁ ଗଲେ ପ୍ରାୟ ଅନେକାଂଶ କାର୍ଯ୍ୟର କିଛି ଗୋଟାଏ କାରଣ ମିଳିବ ଏବଂ ବର୍ତ୍ତମାନ ଯୁଗର ବିଜ୍ଞାନର ଆବିଷ୍କାର ସବୁ କୁସଂସ୍କାର ସଙ୍ଗେ ଯୋଡ଼ିଦେଲେ ମଧ୍ୟ କାର୍ଯ୍ୟକାରଣ ସମ୍ବନ୍ଧ ସହଜରେ ଦେଖାପଡ଼ିବ । ଯେପରିକି– ଲୋକେ ବିସୂଚିକାକୁ ଦେବୀ ବୋଲି ଭୟ କରନ୍ତି । ଗୋଟିଏ ଗ୍ରାମରେ ୫୦୦୦ରୁ ବେଶି ଲୋକଙ୍କ ବାସ । ମୁଁ ସେଠି ଗୋଟିଏ ବିସୂଚିକା ରୋଗୀ ଦେଖିବାକୁ ଯାଇଥିଲି । ଦିନ ଦୁଇପ୍ରହରେ ପ୍ରାୟ ସମସ୍ତେ ଦ୍ୱାର ବନ୍ଦକରି ଘରେ ଅଛନ୍ତି । ରୋଗୀ ଘରର ଜଣେ ଲୋକ ପ୍ରତିବାସୀ ଜଣେ ଆତ୍ମୀୟଙ୍କୁ ଡାକିବାକୁ ଗଲେ, ମାତ୍ର ବିସୂଚିକାକୁ ଦେବୀ ମନେକରି ସେ ରୋଗୀଘରକୁ ଆସିଲେ ନାହିଁ । ନୂତନ କଲେଜଛଡ଼ା ଯୌବନସୁଲଭ ଚପଳତାବଶରୁ ମୁଁ ଗୋଟିଏ ଉପହାସବ୍ୟଞ୍ଜକ କଥା କହିଦେଲି । ରୋଗୀ ଘରର ଆତ୍ମୀୟ ସୁଦ୍ଧା ତାହା ସହି ନ ପାରି ମୋର ଏ ପ୍ରକୃତିର ବହୁତ ତୀବ୍ର ମଧୁର ସମାଲୋଚନା କଲେ । ଶେଷରେ ସେ ବାଧ୍ୟ ହୋଇ 'କାରଣ ଥାଇପାରେ' ରାଜ୍ୟକୁ ମୋତେ ଫିଙ୍ଗିଦେଇ ନିଶ୍ଚିନ୍ତ ହେଲେ । ରୋଗୀକୁ ୨-୪ ଥର ଦେଖିବାକୁ ଯାଇ ପ୍ରତିଥର ମୁଁ ସେଠାରେ ସାବୁନରେ ହାତ ଧୋଇଲି । ତାହାର କାରଣ ପଚାରିବାରୁ ମୁଁ ରୋଗର **ବିଷ** ଓ ସଂକ୍ରାମକତା ତାଙ୍କୁ ବୁଝାଇବାକୁ ଗଲି । ସବୁ ଶୁଣି ସେ କହିଲେ, "ଏହି ଦେଖ, ତୁମ୍ଭେ ଯେ କହିଥିଲ, ଦେବୀ ବୋଲି ହଇଜା ରୋଗୀ ପାଖକୁ ଲୋକଙ୍କର ନ ଆସିବା ଗୋଟାଏ କୁସଂସ୍କାର । ପୂର୍ବେ ତ ହାତ ଧୋଇବାକୁ ସାବୁନ ନଥିଲା, ସେଥିପାଇଁ ଭୟରେ ଏପରି ଆସୁନଥିଲେ । ପ୍ରାଚୀନ ପୁରୁଷମାନେ କ'ଣ କାରଣ ନ ଥାଇ କିଛି କରିଯାଇଛନ୍ତି ?" ମୁଁ ବାଧ୍ୟ ହୋଇ ତୁନି ରହିଲି ।

'କାରଣ ଥାଇପାରେ' ବାଦୀ ଦଳ ସ୍ୱୀକାର କରନ୍ତି– ଅବଶ୍ୟ ସବୁ କାର୍ଯ୍ୟରେ କାରଣ ନାହିଁ । ଯେପରି କି ଈଶ୍ୱର ଧ୍ୟାନ କଲାବେଳେ ପଇତାରେ ହାତ ଗୁଡ଼ାଇବାରେ

Digitized by PPRACHIN, SOA

କି କାରଣ ଅଛି ? ଅନୁକୂଳ କରି ବାହାରିଲା ବେଳେ ବାମ ଦିଗରେ ଶୃଗାଳ ଦେଖିବା ସଙ୍ଗେ କାର୍ଯ୍ୟ ସିଦ୍ଧିର କି ସମ୍ପର୍କ ଅଛି ? କିନ୍ତୁ କାହିଁରେ ଅଛି, କାହିଁରେ ନାହିଁ– ତାହା ନଜାଣିବାଯାଏ କିଛି ଛାଡ଼ିବା ଠିକ୍ ନୁହେଁ । ଆମ୍ଭର ବୁଦ୍ଧି ଯେ ସବୁ କାର୍ଯ୍ୟର ବ୍ୟାଖ୍ୟା କରିପାରିବ, ତାହାର ବା କି ସମ୍ଭାବନା ?

ଅବଶ୍ୟ ଏହି ଦଳର ଲୋକମାନଙ୍କ ମଧ୍ୟରେ ଟିକିଏ ସାଧୁତା ଅଛି । ଏମାନେ ବିନା କାରଣରେ ହୋଇଥିବା ଅନୁଷ୍ଠାନ ଛାଡ଼ିବାକୁ ପ୍ରସ୍ତୁତ ସତ୍ୟ, କିନ୍ତୁ ନିଜର ଅକର୍ମଣ୍ୟତାର ଜ୍ଞାନ ଏମାନଙ୍କର ଏତେ ଦୃଢ଼ ଯେ, ସେମାନେ ଅଜ୍ଞାତ ଭାବରେ ତାକୁ ପୁରୁଷାନୁକ୍ରମେ ଗୋଟିଏ ସାମାଜିକ ବ୍ୟାଧି ରୂପରେ ରୋପଣ କରିଯାଉଅଛନ୍ତି ।

ତେବେ ଅନ୍ୟ ଦିଗରୁ ପ୍ରଶ୍ନଟି ଦେଖାଯାଉ । ସମାଜର ସୁରୁଚିସମ୍ପନ୍ନ ସାଧୁ ଗବେଷଣାଶୀଳ ବ୍ୟକ୍ତିମାନଙ୍କର ସାଧାରଣ ମତରେ ଯାହାର ସମୀଚୀନ କାରଣ ମିଳିନାହିଁ, ଏବଂ ଯାହା କୁସଂସ୍କାର ବୋଲି ଗୃହୀତ, ତାହା ଛାଡ଼ିବା ଉଚିତ । ପରିବର୍ତ୍ତନ ପାଇଁ ସେମାନେ ଯେ ସବୁ ସମୟରେ ଠିକ୍ କରନ୍ତି ତାହା ନୁହେଁ, କିନ୍ତୁ ତାହା ବ୍ୟତୀତ ଆମ୍ଭର ଆଉ ଅନ୍ୟ ଉପାୟ ନାହିଁ । 'କାରଣ ଥାଇପାରେ' ରେ ପଡ଼ି ପୁରୁଷାନୁକ୍ରମେ ଘାଣ୍ଟି ହେବା କିମ୍ବା ବୃଥାରେ କାରଣ ଟାଣି ତହିଁରେ ନିଜକୁ ଠକିଦେଇ କୁସଂସ୍କାରରେ ମାତିରହିବା ଉଚିତ ନୁହେଁ । ଯେଉଁଠାରେ ସମୀଚୀନ କାରଣ ମିଳୁନାହିଁ, ସେଠାରେ ତାହାକୁ ଛାଡ଼ିଦେବାରେ ସମାଜର କିଛି କ୍ଷତି ନାହିଁ, ବରଂ ସେଥିରୁ ବିଧିସଙ୍ଗତ ପରିବର୍ତ୍ତନର ସୂତ୍ରପାତ ହେବା ଦ୍ୱାରା ସମାଜର ବିଶେଷ ଲାଭ ଅଛି । କେବଳ ସାମାଜିକ ଜୀବନରେ ନୁହେ, ବ୍ୟକ୍ତିଗତ ଜୀବନରେ ମଧ୍ୟ ଯେଉଁଠାରେ ଯୁକ୍ତି ମିଳୁନାହିଁ, ଉପକାରିତା ନାହି, ସେଠାରେ ପରିହାର ବିଧି । ନଚେତ୍ 'ଥାଇପାରେ' ମୋହରେ ପଡ଼ି ଦିନକୁଦିନ କାର୍ଯ୍ୟରେ ପ୍ରାଣହୀନ ହୋଇ ଜଡ଼ତ୍ୱ ଲାଭକରିବା ସ୍ୱାଭାବିକ । 'ଥାଇପାରେ' ଯେପରି ମୋହ, ବିସୂଚୀ ଦେବୀରୁ ସଂକ୍ରାମକ ବିସୂଚୀ କିପରି ବୈଜ୍ଞାନିକ ଯୁକ୍ତିକୁ ଆସିବା, ଚୁଟିରୁ ବିଦ୍ୟୁତ୍ ବାହାରିବା, ଚିତାପଇତା ରୂପ ବାହ୍ୟ ଆବରଣରୁ ଭିତରର ଗୁଣ ପ୍ରଭୃତି ଆଣିବାକୁ ପ୍ରୟାସ କରିବା ପ୍ରଭୃତି ମୋହମୟ ପଶ୍ଚାତ୍ମୁଖୀ ଯୁକ୍ତି ସେହିପରି ତୀବ୍ର ସାମାଜିକ ଓ ନୈତିକ ରୋଗ । ଉଭୟେ ସମାନ ଭାବରେ ପରିହାର୍ଯ୍ୟ ।

ବିହିତ କାରଣ ନ ମିଳିଲେ ଅନୁଷ୍ଠାନ ଛାଡ଼ିଦେଲେ ପରବର୍ତ୍ତୀ ବଂଶଙ୍କର କୌଣସି କ୍ଷତି ହେବନାହିଁ । ସେ ବିଷୟରେ ଇତିହାସ ଆମ୍ଭର ପ୍ରମାଣ ଗ୍ରନ୍ଥ । ଜୀବନ ଘଟଣାବଳୀରେ ସମାକୀର୍ଣ୍ଣ । ମୁସଲମାନ ଅତ୍ୟାଚାର ସମୟରେ ହିନ୍ଦୁର ବାଲ୍ୟବିବାହ ପରି ସାମାଜିକ ବା ବ୍ୟକ୍ତିଗତ ଜୀବନରେ ଯାହା ଯେତେବେଳେ ଅତ୍ୟନ୍ତ ଆବଶ୍ୟକ ହେବ, ତାହା ସେତିକିବେଳ ପାଇଁ (ଚିରଦିନ ପାଇଁ ନୁହେଁ) କରିନେଇପାରିବ ।

ଆଉ ଗୋଟିଏ କଥା ଏଠାରେ କହିରଖିବା ଉଚିତ । ସାମାଜିକ ପରିବର୍ତ୍ତନବେଳେ ଯଦି ଜ୍ଞାନ ଅଭାବରୁ ପ୍ରକୃତରେ କୌଣସି ହିତକର ଅନୁଷ୍ଠାନ ଉଠିଯାଏ, ତେବେ କିଛି

Digitized by PPRACHIN, SOA

କ୍ଷତି ହୋଇପାରେ । ହିନ୍ଦୁ ସମାଜପରି ଜଡ଼ ସମାଜରେ ଜ୍ଞାନମୟ ପରିବର୍ତ୍ତନ ବାତ୍ୟା ପ୍ରବାହିତ ହେଲେ ହଠାତ୍ ଅନୁଷ୍ଠାନ ସବୁ ଉଠିଯିବା ସ୍ୱାଭାବିକ ଏବଂ ଏଥିରେ କେହି କେହି ସାଧୁ ରକ୍ଷଣଶୀଳ ବ୍ୟକ୍ତି କହିପାରନ୍ତି– "ଦେଖ, ଗୋବର ବିଷ ନାଶକ ଓ ବାୟୁ ଶୋଧକ, ଏହା ପ୍ରତିଦିନ ଘରେ ବ୍ୟବହୃତ ହୁଏ । କିନ୍ତୁ ମନେକର ପରିବର୍ତ୍ତନ ପ୍ରୟାସୀମାନେ ଏହାର ଗୁଣ ନଜାଣି ଗୋବିଷ୍ଠା ପରିବର୍ତ୍ତରେ ପରିଷ୍କାର ମାଟିରେ ଘର ଲିପିବାର ଆରମ୍ଭ କଲେ । ଫଳରେ ରୋଗର ପ୍ରଭାବ ବଢ଼ିଲା ଓ ବହୁତ ପ୍ରାଣୀ ନଷ୍ଟ ହେଲେ । ତେବେ 'କାରଣ ଥାଇପାରେ' ରାଜ୍ୟରେ ପଢ଼ିଥିବା ଏହାଠାରୁ ଭଲ ନୁହେଁ କି ?" ଏସବୁ ଯୁକ୍ତି ଆପାତ- ରୁଚିର । ପ୍ରଥମତଃ ଏହାର ବଡ଼ ବେଶୀ ମୂଲ୍ୟନାହିଁ—ଏପରି ହିସାବ- କିତାବରେ ସମାଜ ଚଳେନାହିଁ । ଦ୍ୱିତୀୟତଃ, ଯଦି ଏହାହିଁ ଧରାଯାଏ ତେବେ ସମାଜ କେବଳ ଲୋକସଂଖ୍ୟା ଉପରେ ଏତେ ଦୃଷ୍ଟି ଦେଇ ଅନ୍ୟାନ୍ୟ ସବୁଆଡ଼େ ଆଖି ବୁଜି ଦେବା ଠିକ୍ ନୁହେଁ । ଗୋବର ନଲିପି ମନୁଷ୍ୟ ମରିଯିବା ବରଂ ଶ୍ରେୟସ୍କର, କିନ୍ତୁ 'ଥାଇପାରେ' ରାଜ୍ୟରେ ପଡ଼ି ପଶୁ ହେବା ଠିକ୍ ନୁହେଁ । ପୁଣି ଗୋବର ନଲିପିବାର ଫଳରେ କେତେଜଣ ମରିଗଲା ପରେ ଲୋକେ ବାଧ୍ୟ ହୋଇ ଅନ୍ୟ କୌଣସି ବିଷନାଶକ ପଦାର୍ଥ ଆବିଷ୍କାର କରିଲେ ତାହାଦ୍ୱାରା ତାଙ୍କର ଜୀବନ ପ୍ରତିଭାତ ହେବ ଏବଂ ସେମାନେ ପଶୁତ୍ୱରୁ ମୁକ୍ତି ପାଇବେ । କିନ୍ତୁ 'କାରଣ ଥାଇପାରେ' ରାଜ୍ୟରେ ରହି ଗୋବର ଲିପି ଲିପି କେତୋଟି ହସ୍ତପଦମୟ ମନୁଷ୍ୟ ଲାଭହୋଇପାରେ ସତ୍ୟ, ମାତ୍ର ସାମାଜିକ ସଂହତି ଜୀବନ ଜଡ଼ତ୍ୱରୁ ଅଧିକତର ଜଡ଼ତ୍ୱ ଲାଭକରିବା ଏକାବେଳକେ ସୁନିଶ୍ଚିତ । ଶାରୀରିକ କ୍ଷତି ଟିକିଏ ସହ୍ୟ କରି ନୈତିକତା ସଞ୍ଚୟ କରିବାରେ ସମାଜର କିଛି କ୍ଷତି ନାହିଁ, କିନ୍ତୁ ନୈତିକ ଜୀବନରେ ଜଳାଞ୍ଜଳି ଦେଇ ଶାରୀରିକ ପୁଷ୍ଟି ସମ୍ପାଦନ କରିବାକୁ କୌଣସି ଚିନ୍ତାଶୀଳ ଲୋକ ଉପଦେଶ ଦେଇନାହାନ୍ତି କି ଦେବେନାହିଁ ।

**ଉପସଂହାର–**

ସାମାଜିକ କୁସଂସ୍କାରର ବିଶ୍ଳେଷଣ କରି କିଞ୍ଚିତ୍ ଆଲୋଚନା କରାଯାଇଅଛି । ଏଥିରେ କେବଳ ସେହି ମୋହମନ୍ତ୍ର 'ଆମ୍ଭର ଥିଲା' ଓ 'କାରଣ ଥାଇପାରେ'ର ପ୍ରତିପତ୍ତି ଅନୁଷ୍ଠାନମାନଙ୍କର କୁସଂସ୍କାରମୟ ପିଣ୍ଡ ରୂପରେ ବର୍ତ୍ତମାନ ଥିବାର ଯଥାଶକ୍ତି ପ୍ରତିପାଦିତ ହୋଇଅଛି । ଏହି ଦୃଢ଼ ଧାରଣା ଦିଓଟି ପରିତ୍ୟାଗ କଲେ ସମାଜରେ ପରିବର୍ତ୍ତନ ସାଧ୍ୟ ହେବ । ତାହା ମଧ୍ୟ ଦେଖାଇଦିଆଯାଉଛି । କିନ୍ତୁ ଏସବୁ ମୂଳରେ କିଏ, ତାହା ଏହିଠାରେ ଟିକିଏ ସୂଚନା କରିବା ଆବଶ୍ୟକ । ଅନ୍ୟାନ୍ୟ କାରଣ ମଧ୍ୟରେ ମଧ୍ୟଯୁଗର ଦ୍ୱିଜଶିରୋମଣି ସ୍ମୃତିଧରମାନେ ଏସବୁର ପ୍ରତିଷ୍ଠାତା କହିଲେ ଅତ୍ୟୁକ୍ତି ହେବନାହିଁ । ସ୍ମୃତିରେ ସମାଜକୁ ବିଧାନ ଦେବାକୁ ଯାଇ ମନୁଷ୍ୟର ପ୍ରତିଦିନର ସାଧାରଣ କାର୍ଯ୍ୟକୁ ବିଧିବଦ୍ଧ କରି ସେମାନେ ସ୍ୱାଧୀନ ଚିନ୍ତାଶକ୍ତିର ଏକ ପ୍ରକାର ଉଚ୍ଛେଦ ସାଧନ କରିଅଛନ୍ତି । କିପରି ଲୁଗା ପିନ୍ଧିବାକୁ ହେବ, କେତେବେଳେ କେଉଁଠାରେ କିପରି ଭାବରେ ମଳ ମୂତ୍ର ତ୍ୟାଗ କରିବାକୁ

Digitized by PPRACHIN, SOA

ହେବ, କେଉଁ ଆଡ଼କୁ ମୁହଁ କରି ଭାତ ଖାଇବାକୁ ହେବ ପ୍ରଭୃତି ନିଜନିଜର ବ୍ୟକ୍ତିଗତ ରୁଚି ଓ ସୁବିଧାକୁ ସଂସ୍କୃତ ଶ୍ଳୋକରେ ନିବଦ୍ଧ କରି ସମାଜପାଇଁ ବିଧି ରୂପରେ ରଖିଯାଇଅଛନ୍ତି । ଯେଉଁ ସ୍ମୃତିଧରର ବାକ୍ୟ ସବୁ ଯେତେଦୂର ପ୍ରଚାରିତ ହୋଇଅଛି, ସେତେଦୂର ସେସବୁ ଈଶ୍ୱରବାକ୍ୟ ରୂପରେ ମନୁଷ୍ୟର ବ୍ୟକ୍ତିଗତ ଜୀବନକୁ ମୋହ ଜାଲରେ ଆବଦ୍ଧ କରିଅଛି । ଘଟଣା କ୍ରମରେ ମନୁଷ୍ୟ ଅନେକ ସମୟରେ ବାଧ୍ୟ ହୋଇ ସେଥିରୁ ବିଚ୍ଛିନ୍ନ ହେଉଅଛି ସତ୍ୟ, କିନ୍ତୁ ସେଥିରେ ସେ ସ୍ମୃତିକୁ ଭ୍ରାନ୍ତ ନ ମଣି ନିଜକୁ ପତିତ ଜ୍ଞାନ କରୁଅଛି । ଉଦାହରଣ–

ଓଡ଼ିଶାରେ ବାଜପେୟୀ ସ୍ମୃତି ବହୁକାଳରୁ ଚଳେ । ବାଜପେୟୀ ମହାଶୟ ଆମ୍ଭ ଗ୍ରାମ ନିକଟରେ ସୋମେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରି ସେହିଠାରେ ହିଁ ସ୍ମୃତି ଲେଖିଥିଲେ । ତେଣୁ ଏ ଅଞ୍ଚଳରେ ତାଙ୍କ ସମ୍ବନ୍ଧରେ ବହୁ କଥା ପ୍ରଚଳିତ ଅଛି । ତାଙ୍କ ସ୍ମୃତି ସମ୍ବନ୍ଧରେ ବଡ଼ କୌତୁକାବହ ଗୋଟିଏ ଘଟଣା କଥିତ ଅଛି । ତାଙ୍କୁ କାଞ୍ଜି ସୁଖ ଲାଗୁନଥିବାରୁ ସେ ସ୍ମୃତିରେ ଲେଖିଦେଲେ 'ନ କାଞ୍ଜିକା କଦା ଗ୍ରାହ୍ୟ'– କାଞ୍ଜି ଖାଇବା କେବେ ଉଚିତ ନୁହେ । ପରେ ତାଙ୍କ ମା ସେକଥା ଶୁଣି ବଡ଼ ବ୍ୟସ୍ତ ହେବାରୁ ସେ ଲେଖିଦେଲେ 'ସଫଲା କାଞ୍ଜିକା ଗ୍ରାହ୍ୟା' । ଏଥିପାଇଁ ଏ ପର୍ଯ୍ୟନ୍ତ ଲୋକେ ତାଙ୍କୁ ଥଟ୍ଟା କରି କହନ୍ତି– 'ସଫଳା କାଞ୍ଜିକା ଗ୍ରାହ୍ୟା–ଇତି ମାତୃବଚନାତ୍'–ଅର୍ଥାତ୍ ମୂଳା ପ୍ରଭୃତି ଫଳଯୁକ୍ତ କାଞ୍ଜି ଖାଇଲେ ଦୋଷନାହିଁ । (ଏହା ମାତାଙ୍କ କଥାରୁ ଲେଖାଗଲା) ସେ ଲେଖିଥାନ୍ତେ 'କାଞ୍ଜିକା ଗ୍ରାହ୍ୟା', କିନ୍ତୁ ଯେତେବେଳେ ଶ୍ଳୋକ ଲେଖା ସରିଥିଲା, ସେତେବେଳେ ବୋଧହୁଏ ଯଦି ଠିକ୍ ରହିବା ନିମନ୍ତେ 'ସଫଳା' ଯୋଗ କରିଦେଲେ ।

ଏହିତ ସ୍ମୃତିର ବୈଜ୍ଞାନିକ ଭିତ୍ତି ! ଏଥିପାଇଁ ସମାଜ 'କାରଣ ଥାଇପାରେ' ରୋଗରେ ପଡ଼ି କାହିଁକି ନାରଖାର ହେବ ? ସ୍ମୃତିକାର ଲେଖିଅଛନ୍ତି, ସକାଳ ପୂର୍ବରୁ ଝାଡ଼ାଫେରିଯିବ, ପୁଣି ଦାନ୍ତକାଠି ନିମନ୍ତେ ବାରଟିରୁ ତେରଟି ଗଛର ନାମ ନାହିଁ । କିନ୍ତୁ ଏସବୁ ବିଧି କି କେବେ ରହିପାରେ ? ୮ଟା ପରେ କଟକରେ ମେହେନ୍ତର ପାଇଖାନା ସଫା କରେ । ବମ୍ବେ ସହରରେ ଦାନ୍ତକାଠି ମିଳେ ନାହିଁ । Tooth powder (ଦାନ୍ତଘଷା ଚୂର୍ଣ୍ଣ) ଓ ଧାତବ ଜିଭଛେଲାରେ କାର୍ଯ୍ୟ ଚଳାଇବାକୁ ହୁଏ । ମଫସଲ ଗ୍ରାମରେ ସାମନ୍ତଙ୍କୁ କଣ ଏସବୁ ଜଣାଥିଲା ? ମନୁଷ୍ୟକୁ ଘୃଣା କରିବା ଅଭ୍ୟାସ କରାଇବା ପାଇଁ ବାଜପେୟୀ ସାଆନ୍ତ ସ୍ମୃତିରେ କହିଗଲେ, 'ଶୂଦ୍ରକୁ ୫୦ ହାତ ଦୂରରେ ରଖିବ, ଏଥିରୁ ନିକଟ ହେଲେ ସ୍ନାନ କରିବା ଉଚିତ' । ଆଜି ଯେ ତାଙ୍କ ପୁଅ, ନାତି ହୁଗୁଳୀର ଚଟକଳରେ କାମ କରି କୁଲିମାନଙ୍କ ଘରେ ଅନ୍ୟାନ୍ୟ କୁଲିଙ୍କ ସଙ୍ଗେ ବସାକରି କାରଖାନାର ପାଚିରି ମୂଳ ଟାଇଲ ଚାଳରେ ଅଛନ୍ତି, ତାହା ସେ ସେତେବେଳେ କିପରି ଜାଣନ୍ତେ ? ଇତ୍ୟାଦି ।

ଆମ୍ଭର ବୁଝିବା ଉଚିତ ଯେ ମନୁଷ୍ୟକୁ ଖାଇବା, ଗାଧୋଇବା ଆଦିର ସମୟ କହିଦେବା ଓ ଦାନ୍ତଘଷିବା, ମୁହଁ ଧୋଇବାର ସରଞ୍ଜାମ ଠିକ୍ କରି ଦେବା ସ୍ମୃତିର କର୍ମ

Digitized by PPRACHIN, SOA

ନୁହେଁ, ତାହା ମନୁଷ୍ୟ ନିଜେ ଠିକ୍ କରିବ । ଯେଉଁ ଦେଶରେ ସ୍ମୃତି ନାହିଁ, ସେ ଦେଶରେ ମନୁଷ୍ୟ ମଧ୍ୟ ତାହା କରେ । ମନୁଷ୍ୟକୁ ଘୃଣା କରିବା ପ୍ରଭୃତି କାର୍ଯ ମାନବ- ପ୍ରକୃତି ବିରୁଦ୍ଧ ଏବଂ ବ୍ରାହ୍ମଣର ସାମାନ୍ୟ ସ୍ୱାର୍ଥପାଇଁ ଘୃଣାର ଅଭ୍ୟାସ କରି ଅ-ମନୁଷ୍ୟ ହେବା ଲକ୍ଷେ ସ୍ମୃତିବଦ୍ଧ ହେଲେହେଁ ଅନୁଚିତ । ଏହିସବୁ ଦେଖି, ଭଲକରି ବୁଝି ସ୍ମୃତିକାରମାନଙ୍କର ପକ୍ଷପାତିତା ଓ ହୀନ ସାମାଜିକତା ହୃଦୟଙ୍ଗମ କରି ଆମ୍ଭମାନଙ୍କର ନିଜେ ନିଜ ପାଇଁ ବାଟ କରିବା ଆବଶ୍ୟକ, ତା ନହେଲେ ପୃଥିବୀର ସଭ୍ୟତା ସଂଗ୍ରାମରେ ଆମ୍ଭମାନଙ୍କ ସମାଜ ଛିନ୍ନଭିନ୍ନ ଓ ଧ୍ୱସ୍ତ ବିଧ୍ୱସ୍ତ ହେବ । ସେତେବେଳେ ପଣ୍ଡିତ ମହାଶୟମାନେ ସ୍ମୃତି ପଢ଼ି ଶୁଣାଇ 'ନଇବଢ଼ିରେ ଦିଅଁଙ୍କ ରାଣ' ଦେଇ ସମାଜକୁ ବଞ୍ଚାଇ ପାରିବେ ନାହିଁ, କିମ୍ବା ସମାଜର ଶିକ୍ଷିତ ମୂର୍ଖ ଦଳ କୁସଂସ୍କାରକୁ ହୀନ ଟଣାଟଣି ଯୁକ୍ତିରେ ସାବ୍ୟସ୍ତ କରି ଧ୍ୱଂସର ତୀବ୍ରତା ଟିକିଏ ସୁଦ୍ଧା ହ୍ରାସ କରି ପାରିବେ ନାହିଁ । ଅବଶ୍ୟ ଏକଥା କହିବା ଯେତେ ସହଜ, କରିବା ସେପରି ନୁହେଁ । ପ୍ରଥମତଃ ବହୁଦିନର ଧାରଣାରୁ ନିଜକୁ ବିଚ୍ଛିନ୍ନ କରିବା ସହଜ ନୁହେଁ । ଦ୍ୱିତୀୟତଃ ମୂର୍ଖ ପ୍ରକୃତିର ସ୍ମୃତିଧର ଓ ଜନସାଧାରଣଙ୍କର ତୀବ୍ର ଘୃଣା, ନିନ୍ଦା ଓ ଯନ୍ତ୍ରଣା ସହ୍ୟ କରିବାର ବୀରତ୍ୱ ବିନା ସାଧନାରେ ଆସେନାହିଁ । ଉପରୋକ୍ତ ଶିକ୍ଷିତ ମୂର୍ଖ ଯୁକ୍ତିପନ୍ଥୀମାନେ ଅନେକ ସମୟରେ ଭୟରେ ଏବଂ ଜନସାଧାରଣଙ୍କ 'ବାହାବା'ର ମୋହରେ ପଡ଼ି ଜ୍ଞାତ ବା ଅଜ୍ଞାତ ଭାବରେ ରାବଣର ପୁଷ୍ପକଯାନରେ ଆଧୁନିକ ବ୍ୟୋମଯାନର ବିଜ୍ଞାନାଦି ଦେଖନ୍ତି, ସେଥିରେ ସନ୍ଦେହ ନାହିଁ ।

ଜୀବନକୁ ନୀତିରେ ଗଠନ କରି ନୀତିମାର୍ଗରେ ପରିଚାଳନ କରି କଠୋର ତୀବ୍ରତା ସହକାରେ ନୀତିର ଆଦର୍ଶରେ ଚାଲିବାକୁ ହେବ । ଏହି ଆଭ୍ୟନ୍ତରୀଣ ଦିଗ୍‌ବିଜୟ ପରେ ଆଉ ବାହାରର ନିନ୍ଦାପ୍ରଶଂସାକୁ କୌଣସି ଭୟ ନାହିଁ । ଏହା ପ୍ରତ୍ୟେକ ଲୋକର ହାତରେ ଅଛି । ପାଠରେ ପ୍ରଥମ ହେବା, ଅଙ୍କକଷିପାରିବା ସମସ୍ତଙ୍କ ହାତରେ ଥାଇନପାରେ । କିନ୍ତୁ ନୈତିକ ବଳ ଆହରଣ କରିବା ସମସ୍ତଙ୍କ ହାତର କଥା । କେବଳ ଉଦ୍ଦେଶ୍ୟ ଠିକ୍‌ରଖି, ଆଦର୍ଶ ସ୍ଥିର କରି, କଠୋର ସାଧନାରେ ମନର ସ୍ୱାଭାବିକ ଚଞ୍ଚଳତାକୁ ସଂଯତ କରିପାରିଲେ ଆଉ ଚିନ୍ତା ନାହିଁ । ବଳ ପ୍ରଥମେ ନଥିଲା ପରି ବୋଧହେଲେ ଭଗବାନଙ୍କଠାରେ ତୀବ୍ର ମନସ୍ତାପ ଓ ଗଭୀର ଆଧ୍ୟାତ୍ମିକତା ସହିତ ବଳ ପ୍ରାର୍ଥନା କରିବାକୁ ହେବ । ଏହା ବଡ଼ ଦୁର୍ଗମ ପନ୍ଥା ହେଲେହେଁ ବିଭୁ କୃପାରୁ ଶୀଘ୍ର ଆୟତ୍ତ ହେବ । ବ୍ୟକ୍ତିଗତ ଭାବରେ ନୈତିକ ଜୀବନର ଉନ୍ନତି ହେଲେ ସମାଜ ନିଜେ ନିଜେ ଜାଗ୍ରତ ହେବ । ଏହା ଆଜି ନୂତନ କଥା ନୁହେଁ, ପୃଥିବୀର ଇତିହାସରେ ଏହାହିଁ ପ୍ରକଟିତ ରହିଅଛି ଏବଂ ସେଥିପାଇଁ ପୁରାଣ ବୈଦିକ ଋଷିମାନେ କହିଯାଇ ଅଛନ୍ତି– ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ ନିବୋଧତ

—

Digitized by PPRACHIN, SOA

# ଆମ୍ଭର ଥିଲା ଓ କାରଣ ଥାଇପାରେ

ଆମ୍ଭ ଗ୍ରାମ ପୁରୀ ଜିଲ୍ଲାର ଗୋଟିଏ ସୁବୃହତ୍ ବ୍ରାହ୍ମଣ ଶାସନ । ସେଠାରେ ଶିକ୍ଷିତ ଲୋକଙ୍କର ମଧ୍ୟ ନିତାନ୍ତ ଅଭାବନାହିଁ, କାବ୍ୟତୀର୍ଥାଦି ସଂସ୍କୃତ ପଣ୍ଡିତଙ୍କଠାରୁ ଆରମ୍ଭ କରି ଭର୍ଣ୍ଣାକ୍ୟୁଲାର ମାଇନର ଟ୍ରେନିଂ, ଅଣ୍ଡର ଗ୍ରାଜୁଏଟ୍ ଏବଂ ଗ୍ରାଜୁଏଟ ପର୍ଯ୍ୟନ୍ତ ସମସ୍ତଙ୍କ ସଂଖ୍ୟା ମୋଟାମୋଟି ଧରିବାକୁ ଗଲେ ଗ୍ରାମର ପୁରୁଷ ସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ହେବ । ଏମାନେ ହେଲେ ସାକ୍ଷାତ୍ ଭାବରେ ଶିକ୍ଷିତ, ଏମାନଙ୍କ ଛଡ଼ା ପ୍ରାୟ ଗ୍ରାମର ସମସ୍ତ ଯୁବକ ଓ ଅନେକ ବୟସ୍କ ଲୋକ ସଂସର୍ଗ ଗୁଣରୁ ଶିକ୍ଷିତ ପ୍ରକୃତିକ । ଏହା ବ୍ୟତୀତ ଗ୍ରାମଟି ଗୋଟିଏ ବଡ଼ ରାଜପ୍ରତିଷ୍ଠିତ ବ୍ରାହ୍ମଣ ଶାସନ ଥିବାରୁ ଏ ଗ୍ରାମରେ ବ୍ରାହ୍ମଣମାନଙ୍କର ନିକଟସ୍ଥ ଶୂଦ୍ରାଦି ଜାତିମାନଙ୍କ ଉପରେ ଆଧିପତ୍ୟ ଓ ପ୍ରଭୁତା ଖୁବ୍ ଅଛି । ଗ୍ରାମରେ ନାନା ବିଧି, ରାଜବିଧି ଅନୁଷ୍ଠାନ ଓ ସର୍ବୋପରି ଏ ଗ୍ରାମର ଲୋକମାନଙ୍କର ଜାତ୍ୟଭିମାନର ମାତ୍ରା ଅନ୍ୟାନ୍ୟ ଶାସନ ବାସୀମାନଙ୍କଠାରୁ ବେଶି ନ ହୋଇପାରେ, କିନ୍ତୁ କୌଣସି ପ୍ରକାରେ କମ୍ ନୁହେଁ । ଏମାନଙ୍କର ସାଧାରଣତଃ ବିଶ୍ୱାସ, ପୃଥିବୀରେ ଶାସନୀ ବ୍ରାହ୍ମଣମାନେହିଁ ସଭ୍ୟତମ ପ୍ରାଣୀ ଓ ଏକମାତ୍ର ବିଭୁକୃପା ଓ ସ୍ୱର୍ଗରାଜ୍ୟର ଅଧିକାରୀ । ଏମାନଙ୍କ ମତରେ ଆଚାର, ବ୍ୟବହାର, ଧର୍ମଜ୍ଞାନ ଓ ଆଚରଣ, ନୀତି ବିଜ୍ଞାନ ଓ ତାହାର ଅନୁବର୍ତ୍ତନ ପ୍ରଭୃତି ବିଷୟରେ ଶାସନୀ ବ୍ରାହ୍ମଣଙ୍କୁ ଛାଡ଼ିଦେଲେ ପୃଥିବୀରେ ଅନ୍ୟ ସମସ୍ତେ ବର୍ବର ବିନିନ୍ଦିତ ସ୍ଥାନର ଅଧିକାରୀ ।

ମୁଁ ଏହି ଗ୍ରାମରେ ଜନ୍ମ ଗ୍ରହଣ କରି ଏହିସବୁ ଧାରଣାରେ ବଢ଼ିଥିଲି । ମୋର ମଧ୍ୟ ଏହି ସତ୍ତା ବଦ୍ଧମୂଳ ଥିଲା । ମୁଁ ମଧ୍ୟ ନାକ ଛୁଇଁବା, କାନ ଛୁଇଁବା ଏବଂ ସେଥିରେ ପୁଣି ଆପଣାକୁ ପୁଣ୍ୟଶ୍ଳୋକ ଭାବି ଧର୍ମଧ୍ୱଜୀ ହେବା, ଅନ୍ୟମାନଙ୍କୁ ବର୍ବର ବୋଲି ଘୃଣା କରି ସେମାନଙ୍କ ଶରୀରର ଛାୟା ପର୍ଯ୍ୟନ୍ତ ପ୍ରାଣପଣେ ପରିହାର କରି ବିଭୁପାଦର କାମନା କରିବା, ଅପବିତ୍ର ହେବା ଭୟରେ କି ଦିନ କି ରାତି ସର୍ବଦା ଝିଙ୍କର ପର୍ଯ୍ୟନ୍ତ ଡେଇଁ ଡେଇଁ ଚାଲିବା ପ୍ରଭୃତି ତଥାକଥିତ ଶୁଦ୍ଧ ଆଚାର ବ୍ୟବହାରରେ କେଶ ପର୍ଯ୍ୟନ୍ତ ନିମଗ୍ନ ଥିଲି । ମୁଁ ଆମ୍ଭରି ଗ୍ରାମରେ କାହାରିକୁ କାହାରିକୁ ମିଥ୍ୟା ସାକ୍ଷ ବ୍ୟବସାୟରେ କୁଟୁମ୍ବ ପ୍ରତିପୋଷଣ କରିବାର ଦେଖିଅଛି, କାହାରିକୁ ଚୌର୍ଯ୍ୟାଦି ବ୍ୟବସାୟରେ ରାଜଦଣ୍ଡ ଭୋଗକରିବାର ଦେଖିଅଛି, ପ୍ରାୟ ସମସ୍ତଙ୍କୁ ଭାଙ୍ଗ ଅଫିମାଦି ମାଦକ ସେବନରେ ଦିବସ ବିଶେଷରେ ଉନ୍ନତ ହେବାର ଦେଖିଅଛି, ଦେବୀ ପୂଜା ନାମରେ 'ମଧୁପାନ' ପର୍ଯ୍ୟନ୍ତ କରିବାର ଜାଣିଅଛି, ପୁଣି ଶୂଦ୍ରାଦି, ରାଜକର୍ମଚାରୀଙ୍କଠାରୁ କାହାରି କାହାରିକୁ ପାଦୁକା ପ୍ରହାର ଖାଇବାର ଦେଖିଅଛି, ସେମାନେ ଯେଉଁମାନଙ୍କୁ ନୀଚ୍ୟତି ନୀଚ ମନେକରନ୍ତି, ଅର୍ଥଲିପ୍ସାରେ ସେମାନଙ୍କ ଦ୍ୱାରରେ ଘୋର ଲାଂଛିତ ହେବାର ଦେଖିଅଛି, ସେମାନଙ୍କ

Digitized by PPRACHIN, SOA

ଦ୍ୱାରରେ ଅତି ହୀନ ଭାବରେ ଭୃତ୍ୟତା ଆଚରଣ କରିବାର ଦେଖିଅଛି, କିନ୍ତୁ ଏସବୁ ମୋ ଦୃଷ୍ଟିରେ ପଡ଼େନାହିଁ, ପଡ଼ିବାର ମଧ୍ୟ ଉପାୟ ନଥିଲା । ଆପଣମାନେ କହିବେ, ଏସବୁ ଦେଖୁଥିଲି, ଜାଣୁଥିଲି, କିନ୍ତୁ ଏ ସବୁ ମୋ ଦୃଷ୍ଟିରେ ପଡୁନଥିଲା, ଜ୍ଞାନ ରାଜ୍ୟକୁ ଆସୁନଥିଲା– ଏ କିପରି ବିରୋଧାଭାଷ ! କିନ୍ତୁ ବିରୋଧାଭାଷ ହେଲେହେଁ ଏହା ସତ୍ୟ । ଆପଣମାନେ ଦେଖିଥିବେ, ପ୍ରତି ଦିନରେ ପ୍ରତି କ୍ଷଣରେ କେତେ ବିଷୟ ଆପଣମାନଙ୍କ ଦୃଷ୍ଟିରେ ପଡୁନାହିଁ, କିନ୍ତୁ କେତୁଟା କଥା ଆପଣମାନଙ୍କ ମନେ ରହେ ବା ପ୍ରକୃତରୂପେ ଜ୍ଞାନ ରାଜ୍ୟକୁ ଆସେ ? ରେଳରେ କଲିକତା ଗଲାବେଳେ ବାଟରେ କେତେ ଗ୍ରାମ, ବୃକ୍ଷ, ବିଲ, ଲତା, ତାର ଖମ୍ବ ପ୍ରଭୃତି ଆମ୍ଭମାନଙ୍କ ଦୃଷ୍ଟିରେ ନପଡ଼େ ? କିନ୍ତୁ ପ୍ରକୃତରେ କେତେଟା ଆମ୍ଭମାନଙ୍କ ଜ୍ଞାନରାଜ୍ୟରେ ପ୍ରବେଶ କରେ ? କାହିଁକି ସବୁ ପ୍ରବେଶ ନକରେ ? ସବୁ ଜାଣିବାକୁ ପ୍ରବୃତ୍ତି ନଥିବାରୁ । ତେବେ ମୋର ଗ୍ରାମୀୟ ଲୋକଙ୍କ କଥା ଜାଣିବାକୁ କି ସକାଶେ ପ୍ରବୃତ୍ତି ନଥିଲା ? ତାହାର ପ୍ରଧାନ ହେତୁ ଏହିଯେ ମୁଁ ଶିଖିଥିଲି ବ୍ରାହ୍ମଣର ନିର୍ଦ୍ଦିଷ୍ଟ ଆଖିର ପାଳନ ନିକଟରେ କୌଣସି ଅପଚାରର ସ୍ଥାନ ନାହିଁ । ପୁଣି ସେହି ଆଚାରାଦି ମଧ୍ୟରେ କେତେଗୁଡ଼ିଏ ବନ୍ଧାଗତ ଥିଲା । ତାହାର ସଂଖ୍ୟା ବଡ଼ ବେଶି ନୁହେଁ । ତଥାପି ସେହି କେତୋଟି ସ୍ୱର୍ଗ ରାଜ୍ୟକୁ ସହଜତମ ସୋପାନ ବୋଲି ସମସ୍ତଙ୍କର ଧାରଣା । ଯେ ପ୍ରତିଦିନ ସ୍ନାନ ପରେ ପଇତାରେ ହାତ ଗୁଡ଼ାଇ ମୁହୂର୍ତ୍ତେ ତୁଠରେ ବସେ, ଲଘୁଶଙ୍କା ବେଳେ କଛା ଫିଟାଇ କାନରେ ପଇତା ଦେଇ ହାତରେ ଟୋପାଏ ପାଣି ଧରିଥିଲା ପରି ହାତ କରି ବସେ ଏବଂ ଖାଇଲାବେଳେ ଯୋଡ଼ିଏ ଭାତ ଗୋଟି ଗୋଟି କରି ତଳକୁ ପକାଇଦେଇ ଭୋଜନରେ ମୁଖ ଓ ଅନ୍ନପାତ୍ର ମଧ୍ୟରେ ଶୀଘ୍ର ଶୀଘ୍ର ଦୁଇ ଚାରିଥର ହସ୍ତକୁ ନେବା ଆଣିବା କରେ, ତାହାର କୌଣସି କାର୍ଯରେ ପାପ ରହିବା ଏକାବେଳକେ ଅସମ୍ଭବ । ସେ ଈଶ୍ୱରଙ୍କ ମୁଖରୁ ଜାତ ହୋଇଥିବା ଏକାବେଳକେ ସତ୍ୟ ।

ମୁଁ ଏହି ସବୁ ଧାରଣା ଦୃଢ଼ରୂପେ ମନରେ ଧରିଥିଲି ଏବଂ ତଦ୍ରୂପ କାର୍ଯ ମଧ୍ୟ କରିଆସୁଥିଲି । ଏ ମଧ୍ୟରେ ଦୁଃଖର ବିଷୟ ଯେ ମୁଁ ପାଠ ପଢ଼ିବାକୁ ଆରମ୍ଭ କରି ଦେଲି– ସେ ଅବଶ୍ୟ ମୋ ପିତାମାତାଙ୍କ ଦୋଷରୁ– ମୋର ନିଜର ସେଥିରେ ହାତ ନଥିଲା । ପାଠ ପଢ଼ିବାର ପ୍ରାୟସଃ ଦିଓଟି ପ୍ରକାର ଥାଏ– ଗୋଟିଏ ବହିକୁ ଚାହିଁ ତହିଁରେ ଲେଖାଥିବା କଥା ଉତ୍ତମ ରୂପେ ମନେରଖି ପରୀକ୍ଷାଦି ପାଇଁ ପ୍ରସ୍ତୁତ ହେବା । ଆଉ ଗୋଟିଏ କେବଳ ପରୀକ୍ଷା ପ୍ରତି ଦୃଷ୍ଟି ନରଖି ବିଷୟଗୁଡ଼ିକ ସମାଲୋଚନା ଦୃଷ୍ଟିରେ ହୃଦୟଙ୍ଗମ କରି ଜୀବନରେ ସେ ସବୁ ଅନୁଭବ କରିବା । କେଉଁ କାରଣରୁ ମୁଁ ଜାଣେ ନାହିଁ, ମୋର ଦ୍ୱିତୀୟ ପ୍ରଣାଳୀରେ ପଢ଼ିବାର ରୀତି ଅଙ୍କୁରିତ ହୋଇଥିଲା । ମୁଁ କ୍ରମେ ଶିଖିବାକୁ ଆରମ୍ଭ କରିଥିଲି ଯେ କୌଣସି ବିଷୟ ଆଲୋଚନା ନକରି ହଠାତ୍ ଗ୍ରହଣ କରିବା ଉଚିତ ନୁହେ । କେତେ ବିଷୟ ଏହିପରି ଆଲୋଚନା କରିବାକୁ ଯାଇଥିଲି, କୌଣସି କାରଣ ନପାଇ ସେ ସବୁ ପ୍ରତ୍ୟାଖ୍ୟାନ କରିବାକୁ ମନବଳିଥିଲା, କିନ୍ତୁ ବୟସ୍କ

Digitized by PPRACHIN, SOA

ଲୋକମାନଙ୍କଠାରୁ ଯେତେବେଳେ ଶୁଣିଲି, "ଏ ସବୁର ହେତୁ ସାଧାରଣ ଲୋକ ବୁଦ୍ଧିର ଅଗମ୍ୟ ଭାବରେ ଥାଇପାରେ, ମନୁଷ୍ୟର କ୍ଷୁଦ୍ର ବୁଦ୍ଧି ସବୁ କଥାର କାରଣ ପାଇବ କିପରି ? ଏସବୁ ରୀତିର ଯୁକ୍ତିର ମାୟା ଛାଡ଼ିବା ମୋ ପକ୍ଷରେ ଅସମ୍ଭବ ଥିଲା । ଏଣୁ ମୁଁ କିଛି ସ୍ଥିର କରି ନପାରି ରୀତିର ଅନୁବର୍ତ୍ତନ କଲି । ସମାଜର ଅନ୍ୟମାନଙ୍କ ପରି ମୋର ମଧ୍ୟ ବିଶ୍ୱାସ ଥିଲା, ପ୍ରତ୍ୟେକ ରୀତି ଓ ବିଧି ସ୍ୱୟଂ ଈଶ୍ୱର କିମ୍ବା ଈଶ୍ୱରୋପମ ବ୍ୟକ୍ତିଙ୍କ ଦ୍ୱାରା ଆଦିଷ୍ଟ– ତାହା ନ ହେଲେ ଏତେ କାଳ ଲୋକେ କରନ୍ତେ କିପରି ? ସେହିପରି ବିଶାଳତମ ପୁରୁଷର ଆଦେଶ ନହେଲେ ଲୋକେ ମାନିଥାନ୍ତେ ବା କାହିଁକି ? ଆମ୍ଭକଥା ତ କେହି ମାନୁନାହାନ୍ତି । ସମସ୍ତ ସମାଜର ଲୋକେ ଯାହାଙ୍କ କଥା ମାନିଅଛନ୍ତି ତାଙ୍କର ମନୁଷ୍ୟତା ଅବଶ୍ୟ ଆମ୍ଭଠାରୁ ସ୍ୱତନ୍ତ୍ର ଥିବ ।

ଏହିପରି ଅବସ୍ଥାରେ କିଛି ଦିନ ଥାଏ । ହଠାତ୍ ଆମ୍ଭ ଗ୍ରାମର ଜଣେ ଶିକ୍ଷିତ ଯୁବକ ମୋତେ ଦିନେ ତାଙ୍କର ଗୋଟିଏ ଭୋଜି ପାଇଁ ନିମନ୍ତ୍ରଣ କଲେ । ମୁଁ କାରଣ ବୁଝି ଜାଣିଲି, ଏହା ଗୋଟିଏ ବିଶିଷ୍ଟ ଧର୍ମାନୁଷ୍ଠାନ ଉପଲକ୍ଷେ ଭୋଜି । ସେ ଧର୍ମାନୁଷ୍ଠାନଟି "ତ୍ରିନାଥ ମେଳା"ର ଉଦ୍ୟାପନା ମୁଁ ଜାଣିଥିଲି । "ତ୍ରିନାଥ ମେଳା" ବସ୍ତୁଟି ବଡ଼ ଆଧୁନିକ ଏବଂ ଗୋଟିଏ ନୀଚପ୍ରକୃତିକ ଲୋକର ସ୍ୱାର୍ଥବିକୃତ ମସ୍ତିଷ୍କର ଫଳ । ମୁଁ ଜାଣେ, ଆଜକୁ ପ୍ରାୟ ୧୦/୧୫ ବର୍ଷ ତଳେ ଜଣେ ଚିଲମା ଚିଲମା ପ୍ରଚାର ପାଇଁ ତ୍ରିନାଥ ମେଳା ଲେଖିଅଛି । ମୁଁ ସେହି ବହି ଦେଖିଥିଲି –ସର୍ବଦା ଘୃଣା ଚକ୍ଷୁରେ ଦେଖୁଥିଲି । ଜାଣିଥିଲି, ଏ ବହିର ବ୍ୟବସ୍ଥା ଗୋଟିଏ ସାମାନ୍ୟ ଲୋକ ଦ୍ୱାରା ଉପଦିଷ୍ଟ, ଈଶ୍ୱର ପ୍ରତିମ ଲୋକ ଦ୍ୱାରା ନୁହେଁ । ଏହାକୁ କେହି ଗ୍ରହଣ କରିବେ ନାହିଁ । କିନ୍ତୁ ଏହି ନିମନ୍ତ୍ରଣ ସୂତ୍ରରେ 'ତ୍ରିନାଥମେଳା' କଥାଟା ଶୁଣି ମୋତେ କିପରି ଲାଗିଲା । ମୁଁ ସେତେବେଳେ କିଛି କହିଲି ନାହିଁ । ନିମନ୍ତ୍ରଣ ରକ୍ଷା କରିବାକୁ ଗଲି । ସେଠାରେ ଦେଖିଲି, ବିବିଧ ଦିବ୍ୟ ନିସଂଖୁଡ଼ି ସାମଗ୍ରୀର ଆୟୋଜନ ହୋଇଅଛି । ପ୍ରାୟ ୫୦ ଜଣ ଲୋକଙ୍କର ନିମନ୍ତ୍ରଣ ହୋଇଅଛି, ସମସ୍ତ ମୂଳରେ କିନ୍ତୁ ସେହି ପବିତ୍ର ଚିଲମ । 'ତ୍ରିନାଥ ମେଳା' ବହି ଦେଖିଥିଲି । ସେଥିରେ ଲେଖକ ପଇସାଟିକର ମାତ୍ର ଚିଲମର ବ୍ୟବସ୍ଥା ଦେଇଅଛନ୍ତି– ସାମଗ୍ରୀର ନାମଗନ୍ଧ ନାହିଁ । ଆଜି ଯେ ଏ ସାମଗ୍ରୀ ମଧ୍ୟରେ ଚିଲମ ନଦେଖିଲି ତାହା ନୁହେଁ, ପଇସାକର ପରିବର୍ତ୍ତରେ ପ୍ରାୟ ୪ ଭରି ଗଞ୍ଜାଇ ପୋଡ଼ା ଲାଗିଅଛି । ଭକ୍ତମାନେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସେହି ଧୂମ ସେବନ କରିବାକୁ ଅନୁରୋଧ କରୁଅଛନ୍ତି । ଦେଖିଲି, କେହି କେହି ମଧ୍ୟ ଭକ୍ତିରସରେ ଆପ୍ଲୁତ ହୋଇ ଧର୍ମ ଭୟରେ ଅନୁରୋଧ କରୁଅଛନ୍ତି । ଅନେକ ଲୋକଙ୍କୁ ସେଠାରେ ଜୀବନରେ ପ୍ରଥମେ ଚିଲମ ରସ ଆସ୍ୱାଦନ କରିବାର ଦେଖିଲି । ପୁଣି ଦେଖି ବିସ୍ମିତ ହେଲି, ଯେଉଁମାନେ ଚିଲମ ଘୃଣ୍ୟ ବୋଲି ସ୍ପର୍ଶ କରୁନାହାନ୍ତି, ସେମାନଙ୍କର ପ୍ରସାଦ ପ୍ରତି ଏପରି ଅବହେଳା ସମାଲୋଚନାର ବିଷୟ ହେଉଅଛି । ଏସବୁ ଦେଖୁ ଦେଖୁ ମୋର ମନ କିପରି ହଠାତ୍ ବିକୃତ ହୋଇଗଲା । ମୁଁ ପଚାରିଲି, ଏ 'ତ୍ରିନାଥମେଳା'

Digitized by PPRACHIN, SOA

ଘେନି ଏତେ ଆଡ଼ମ୍ବର କାହିଁକି ? ପ୍ରାୟ ୧୦/୧୨ ବର୍ଷ ପୂର୍ବେ ତ ତ୍ରିନାଥମେଳା କେହି ଦେଖିନଥିଲା । ଏହା ଶୁଣି ବୟସ୍କ ଲୋକମାନେ ମୋ କଥାକୁ ଅନୁମୋଦନ କଲେ । କିନ୍ତୁ ମୁଁ ଯେପରି କହିଲି, ଏହା ଗୋଟିଏ ଚିଲମାର କାଳ୍ପନିକ ପୁରାଣ ଇତ୍ୟାଦି, ସଙ୍ଗେ ସଙ୍ଗେ ଉତ୍ତର ମିଳିଲା, ଅବଶ୍ୟ କୌଣସି ଶାସ୍ତ୍ରରେ ନଥିଲେ ଏପରି କିଏ ଲେଖିଦିଅନ୍ତା । ଲେଖିଦେଲେ ବି ଲୋକେ କଣ ଅନ୍ଧ ଯେ ସେହି ଲେଖା ଅନୁସାରେ କାର୍ଯ୍ୟ କରିଯାନ୍ତେ । ଅବଶ୍ୟ ଏ କଥା କୌଣସି ଶାସ୍ତ୍ରରେ ଥିବ, ତାହା ନ ହେଲେ କାହୁଁ ଆସନ୍ତା । ଧର୍ମକଥାକୁ ଏପରି ସମାଲୋଚନା କରିବା ଇଂରାଜୀପଢୁଆଙ୍କର ଗୋଟିଏ ରୀତି ହୋଇଗଲାଣି, ଇତ୍ୟାଦି ।

ମୁଁ କହିଲି, ଚିଲମଟାଣିବା କଥା ଧର୍ମ କଥା କେମିତି ହେଲା ? ଏ କଥା ଶୁଣୁଶୁଣୁ ମୋ ଉପରେ ଗୋଟିଏ ନିର୍ଘାତ ପର୍ବ ହୋଇଗଲା । ଶାସ୍ତ୍ରପୁରାଣ ସ୍ୱରୂପ କେହି କେହି କହିଲେ, ମହାଦେବ ତ ପରମ ଯୋଗୀ, ଯୋଗୀମାନଙ୍କର ଚିଲମ ଖାଇବା କ'ଣ ପାପ ? ମହାଦେବ ଚିଲମ ଖାଇବା କଥା କେଉଁ ଶାସ୍ତ୍ରରେ ବା ନାହିଁ ? ମୁଁ ଏସବୁ କଥା ଶୁଣି ସମସ୍ତ ଧର୍ମାନୁଷ୍ଠାନ ଓ ଶାସ୍ତ୍ର ଉପଦେଶର ପ୍ରକୃତ ତଥ୍ୟ ବୁଝିପାରିଲି । ଏବେ ଜାଣିଲି, ସବୁ ଶାସ୍ତ୍ର ଉପଦେଶ ଓ ଅନୁଷ୍ଠାନ ମନୁଷ୍ୟର କାର୍ଯ୍ୟ ଏବଂ ମନୁଷ୍ୟର ସମାଲୋଚ୍ୟ । ଅନୁଷ୍ଠାନମାନଙ୍କ ମଧ୍ୟରେ ସାମାଜିକ କୁସଂସ୍କାରର ସ୍ଥାନ ମୁଁ ବର୍ତ୍ତମାନ ବୁଝିପାରିଲି । ଆମ୍ଭର ଶାସ୍ତ୍ରରେ ସବୁ ଅଛି, ଶାସ୍ତ୍ରରେ ନଥିବା କଥା ଲୋକରେ ଚଳିବା ଅସମ୍ଭବ ଓ ଯାହାର କାରଣ ଆମ୍ଭେ ଜାଣିପାରୁନାହୁଁ, ତାହାର କାରଣ ଥାଇପାରେ– ଏ ସବୁର ମର୍ମ ବୁଝିବାକୁ ଆରମ୍ଭ କଲି ଏବଂ ଯାହା ସ୍ଥିରକଲି, ତାହା ନିମ୍ନରେ ଆପଣମାନଙ୍କ ଆଲୋଚନା ନିମନ୍ତେ ଲେଖୁଅଛି ।

ଆପଣମାନେ ବୋଧହୁଏ ବୁଝିପାରିଅଛନ୍ତି ଯେ ସଦ୍ୟ ପ୍ରଚାରିତ 'ତ୍ରିନାଥ ମେଳା' ଧର୍ମାନୁଷ୍ଠାନ ନୁହେଁ, କୁସଂସ୍କାର । ଏ କଥାଟିର କାରଣ ସ୍ପଷ୍ଟ ଆଗରେ ପଡ଼ିଅଛି ବୋଲି ବୁଝାଯାଉଅଛି । ଏହିପରି ଆମ୍ଭମାନଙ୍କ ସମାଜରେ ନାନା ଉପାୟରେ କୁସଂସ୍କାର ପ୍ରବେଶ କରି ସଦନୁଷ୍ଠାନ ନାମରେ ସମାଜକୁ ନାରଖାର କରୁଅଛି । ଅତଏବ ସମ୍ୟକ୍ ଆଲୋଚନା କରି ସେସବୁକୁ ସମାଜରୁ ବିଦାୟଦେବାକୁ ହେବ । ତାହା ନହେଲେ ଆଉ ପୃଥିବୀରେ ସଭ୍ୟ ଜାତି ହୋଇ ସ୍ଥାନ ପାଇବାର ଉପାୟ ନାହିଁ । ତେବେ କି ଉପାୟରେ ସେ ସବୁ କୁସଂସ୍କାରର ଅନୁସନ୍ଧାନ କରିବାକୁ ହେବ ? ସେ ସବୁ ଛାଡ଼ିଦେବାର ଉପାୟ କଣ ? ସାଧାରଣତଃ ଲୋକେ କହିବେ, ପ୍ରତି ଅନୁଷ୍ଠାନ ଆଲୋଚନା କରି ଦେଖି ଯାହାର କିଛି ସମାଜ ପ୍ରତି ଉପକାରିତା ନାହିଁ, ତାକୁ ପରିହାର କରିବାକୁ ହେବ । ସୁଖର କଥା, କିନ୍ତୁ ଏପରି କରିବାକୁ ଯାଇ କାର୍ଯ୍ୟକ୍ଷେତ୍ରରେ ଆମ୍ଭେମାନେ ଦେଖିବୁଁ ତାହା ପ୍ରାୟତଃ ଅସମ୍ଭବ । ଏପରି କରିବାକୁ ଗଲେ ଦେଖାଯିବ, ବିବାଦ ବିସମ୍ବାଦ ଓ ମତଭେଦର ସୀମା ରହିବ ନାହିଁ, ପ୍ରକୃତ ତଥ୍ୟ ଓ ସତ୍ୟ ପାଇବା ଏକପ୍ରକାର ଦୁଷ୍କର ହୋଇପଡ଼ିବ । ଶକ୍ତିର ଘୋର

Digitized by PPRACHIN, SOA

ଅପଚୟ ହେବ– କାର୍ଯରେ କିଛି ଫଳ ହେବନାହିଁ । ଉଦାହରଣ ସ୍ୱରୂପ ମନେକରନ୍ତୁ, ଗୋଟିଏ ପକା ଛାତରେ ଲାଗିଥିବା ଚୂନରେ କିଛି ଦୋଷଥିବାରୁ ସ୍ଥାନେ ସ୍ଥାନେ ପାଣି ପଡୁଅଛି । କେହି ଯଦି କହନ୍ତି, ଦେଖି ଦେଖି ଯେଉଁଠାରୁ ପାଣି ପଡୁଅଛି, ସେ ସ୍ଥାନର ଚୂନ ବା ବରଗାରେ ଦୋଷଥିବାରୁ ଏପରି ପାଣି ପଡୁଥାଏ, ତେବେ ତାହା ନିବାରିତ ହେବନାହିଁ । ଗୋଟିଏ ସ୍ଥାନ ମରାମତି କଲେ ଅନ୍ୟ ସ୍ଥାନରେ ପାଣି ପଡ଼ିବ ଏବଂ ଏହିପରି ଅଚିରେ ଛାତଟି ଭାଙ୍ଗି ପଡ଼ି ଘରଟିକୁ ଏକାବେଳକେ ନଷ୍ଟ କରିଦେବ । ଅତଏବ ସେହି ଚୂନର ବିଶିଷ୍ଟ ଦୋଷଟି ଖୋଜି ବାହାରକରି ପୁରୁଣା ଚୂନ ବାହାର କରିଦେଇ ଉକ୍ତ ଦୋଷ ବରହିତ ନୂତନ ଚୂନ ଲଗାଇ 'ଠିକ୍' କରିଦେବାହିଁ ଏଠାରେ ପ୍ରକୃତ ପ୍ରତିବିଧାନ ।

ଭଲା ଦେଖନ୍ତୁ ଜଣେ ଲୋକ ସମାଜରେ ଅନ୍ୟମାନଙ୍କ ସହିତ ବ୍ୟବହାରରେ ବଡ଼ ଅପଟୁ । କାହାକୁ କେଉଁଭଳି କଥା କହିବାକୁ ହେବ, କାହା ସହିତ କିପରି ବ୍ୟବହାର କରିବାକୁ ହେବ ଏସବୁ ବିଷୟ କିଛି ଜାଣେନାହିଁ । ଯଦି କେହି ତାକୁ ସଂଶୋଧନ କରିବା ମାନସରେ ତାହାଙ୍କ ବ୍ୟବହାରରେ ଭିନ୍ନ ଭିନ୍ନ ତ୍ରୁଟି ଜଗି ଜଗି ପ୍ରତ୍ୟେକ ତ୍ରୁଟି ବେଳେ ସାବଧାନ କରାଇଦିଏ, ତାହା ହେଲେ ଫଳରେ ବେଶି କିଛି ହେବ କି ନାହିଁ ସନ୍ଦେହ । ମନୁଷ୍ୟର ଜୀବନରେ ଘଟଣାବଳୀ ଅସୀମ । କେତେ ଘଟଣାପାଇଁ ମନୁଷ୍ୟକୁ ଏପରି ଉପଦେଶ ଦିଆଯାଇପାରେ ଏବଂ ତନ୍ମଧ୍ୟରୁ କେତେ ବା ମନେରଖିବା ସମ୍ଭବ ? ପୁଣି ଏପରି ଗୋଟି ଗୋଟି କରି ଘଟଣା ମନେରଖିବାକୁ ଚେଷ୍ଟା କଲେ ସେ କେତେ ଦିନ ବା କାର୍ଯରେ ଆସିବ ? କିନ୍ତୁ ତାହା ନକରି ସେ ଲୋକକୁ ଭଲକରି ବୁଝାଇଦେବା ଉଚିତ ଯେ ଅନ୍ୟର ସୁଖ ଦୁଃଖ ଇତ୍ୟାଦି ମନର ଭାବ ସବୁ ପ୍ରତି ଆସ୍ଥା ରଖିବା ହିଁ ଅନ୍ୟପ୍ରତି ବ୍ୟବହାରର ମୂଳମନ୍ତ୍ର । ତେବେ ପରର ସୁଖ ଦୁଃଖାଦି ମନର ଭାବ ଜାଣିବାର ପ୍ରଧାନ ଉପାୟ କଣ ? ଗୋଟିଏ କଥାରେ ଏକାଥରକେ କହିଲେ, ଇଂରାଜୀରେ ତାକୁ କହନ୍ତି, "Do as you would be done by," ଓଡ଼ିଆରେ "ଅନ୍ୟଠାରୁ ଯେପରି ବ୍ୟବହାର ନିଜେ ପାଇବାକୁ ଇଚ୍ଛା କର, ଅନ୍ୟ ପ୍ରତି ସେହିପରି ବ୍ୟବହାର କର ।" ଏହି ଏକମାତ୍ର ନୀତି ଭଲକରି ହୃଦୟଙ୍ଗମ କଲେ ଆଉ ନିରର୍ଥକ ଘଟଣା ଖୋଜିବୁଲିବାର ପ୍ରୟୋଜନ ନାହିଁ । ସେଥିପାଇଁ କୁହାଯାଏ, କୌଣସି ବିଷୟରେ ସଂଶୋଧନ ବା ମାର୍ଜନା ଆବଶ୍ୟକ ହେଲେ, ସେହି ଦୋଷର ମୂଳ ଅନୁସନ୍ଧାନ କରି ବାହାରକରିନଦେଲେ ବିଶେଷତଃ ମାନସିକ ଓ ନୈତିକ ଦୋଷ ସଂଶୋଧନ ଏକାବେଳକେ ଅସମ୍ଭବ । ଯେ ଗୋଟିଏ ବଡ଼ ଗଛଡାଳଟି କାଟିଦିଏ ଏବଂ ସେତିକିରେ ସନ୍ତୁଷ୍ଟ ରହୁଥାଏ, ସେ ଅଦୂରଦର୍ଶୀ । ଯେ ଛାଇର କାରଣ– ମୂଳ କାରଣ ଖୋଜିବାକୁ ଯାଇ ଗଛକୁ ସମୂଳରେ ବିନାଶ କରିବାକୁ କୃତଯତ୍ନ ହୁଏ, ସେହି କେବଳ ଠିକ୍ କାର୍ଯ କରେ । ତାକୁ ଆଉ ଥରକୁ ଥର ଡାଳ କାଟି କାଟି ବିରକ୍ତ ହେବାକୁ ପଡ଼େନାହିଁ । ଭୌତିକ ଜଗତଠାରୁ ମାନସିକ ଜଗତରେ ଏ ନୀତି ସହସ୍ରଗୁଣେ ଅବଲମ୍ବନୀୟ । ଚିନ୍ତାଶୀଳ ପଣ୍ଡିତବର Helps ସେଥିପାଇଁ କହିଅଛନ୍ତି–

Digitized by PPRACHIN, SOA

୧ "Imagine the goal, then, thoroughly awake to its state of danger and the whole energies of the man devoted to self-improvement. At this there often arises a habit of introspection, which is too limited in its nature. We scrutinise each action as if it were a thing by itself, independent, and self-originating and so our scrutiny does less good perhaps than might be expected from the pain it gives and the resolution it requries. Any truthful examination into our action must be good; but we ought not to be satisfied with it, until it becomes both searching and progressive. Its aim should be not only to investigate instances, but to discover principles."

Again, (in such cases) "we should begin at the beginning and strive to know where we are wrong in the heart. This is not to be done by weighing each particular instance : × × × instead of dwelling chiefly on mere circumstances of the thing."

ଏ ସମସ୍ତ ମୁଁ ଏ ପର୍ଯ୍ୟନ୍ତ ଯାହା କହି ଆସୁଥିଲି ତାହାର ସୁନ୍ଦର ପୋଷକତା କରୁଅଛି । କୌଣସି ପାପ, ଅନୀତି ବା କୁସଂସ୍କାରାଦିର ଉଚ୍ଛେଦ ସାଧନ କରିବାକୁ ହେଲେ ସେ ସବୁ ଗୋଟିଗୋଟିକରି ନଖୋଜି ତାହା ମଧ୍ୟରେ ଥିବା ନୀତି ଅର୍ଥାତ୍ ଯେଉଁ ମୂଳପିଣ୍ଡରୁ ସେ ସବୁ ଜାତ ହେଉଅଛି, ତାହାର ଅନୁସନ୍ଧାନ କରିବା ଉଚିତ ଏବଂ ସେହି ନୀତିର ଉଚ୍ଛେଦ ସାଧନ କଲେ କାର୍ଯ୍ୟଟି ପ୍ରକୃତ ବିଧିସଙ୍ଗତ ହେଲାବୋଲି ବୁଝିବାକୁ ହେବ ।

ତେବେ ଆମ୍ଭେମାନେ ଯେ କୁସଂସ୍କାର ସବୁର ଆଲୋଚନା କରିବାକୁ ବସିଅଛୁଁ, ସେ ସବୁ ମୂଳନୀତିଟି କଣ, ତାହା ଖୋଜି ବାହାର କରିପାରିଲେ ସେହି ଉପାୟରେ କୁସଂସ୍କାରର ଉଚ୍ଛେଦ କରିବା ସହଜ ଓ ସ୍ୱାଭାବିକ ହେବ । ତେବେ ଦେଖାଯାଉ ସେ ସବୁ **ନୀତି** କ'ଣ ?

କୁସଂସ୍କାର **ଗୋଟିଏ** ଚିତ୍ତବୃତ୍ତି । ଯେକୌଣସି ରୂପରେ ପ୍ରକାଶ ପାଉ ପଛକେ ତାହାର ସାଧାରଣ ପ୍ରକୃତି ନିର୍ଦ୍ଦେଶ କରିବାକୁ ଗଲେ ବୋଲାଯିବ, ଏହା କାରଣ ନବୁଝି ପଶୁପରି କାର୍ଯ୍ୟ କରିଯିବାର ଗୋଟିଏ ପ୍ରବୃତ୍ତି । ଏତିକି କହିଲେ ଅବଶ୍ୟ ଯେ କୁସଂସ୍କାରର ମୂଳପିଣ୍ଡ ସମ୍ବନ୍ଧରେ କିଛି କୁହାନଗଲା, ତାହା ନୁହେଁ । ତେବେ ଏତିକି କହିଲେ କିଛି ହେଲା ନାହିଁ । ମନୁଷ୍ୟ ତ ପଶୁ ନୁହେଁ । ତାହାର କାରଣ ପଚାରିବା ପ୍ରବୃତ୍ତି ତ ଥିଲା, ତାହା କିପରି ଲୋପ ଦିଗକୁ ଗଲା ଏବଂ କାରଣ ବିନା କାର୍ଯ୍ୟ କରିବାର ପ୍ରବୃତ୍ତି କିପରି

Digitized by PPRACHIN, SOA

ବିକାଶ ପାଇଲା, ପୁଣି କିପରି ତାହା ସ୍ପଷ୍ଟ ହେଉଅଛି ? ଏହି ସବୁ ବିଷୟ ଟିକିଏ ତଳେଇ କରି ଦେଖିପାରିଲେ କୁସଂସ୍କାର ସମ୍ବନ୍ଧରେ ଏ କ୍ଷେତ୍ରରେ ଯାହା ଜାଣିବା ଆବଶ୍ୟକ, ତାହା ଆମ୍ଭେମାନେ ଜାଣିପାରିବା ଏବଂ ସେହି ସବୁର ପ୍ରତିବିଧାନରେ କୁସଂସ୍କାରର ପ୍ରକୃତ ପ୍ରତିବିଧାନ ହେବ ।

ମନୁଷ୍ୟର କାରଣ ପଚାରି କାର୍ଯ୍ୟ କରିବାର ପ୍ରବୃତ୍ତି ସ୍ୱାଭାବିକ ହେଲେହେଁ ଭୌତିକ ଶକ୍ତିର ବଳ ଯେ ତାହା ଉପରେ ଘୋରତର ପ୍ରଭାବ ବିସ୍ତାର କରି ରହିଅଛି, ଏଥିରେ ମତଦ୍ୱୈଧ ହେବାର କୌଣସି କାରଣ ନାହିଁ । ସେହି ହେତୁରୁ ସେ ସର୍ବଦା ଅଳସ ଓ ଭୀରୁ । 'କାରଣ ପାଇଅଛି' ଏହିଭଳି ଗୋଟିଏ ଆପାତ-ସନ୍ତୋଷଜନକ ବ୍ୟାଖ୍ୟା ଥରେ ମନୁଷ୍ୟ ମନରେ ପ୍ରବେଶ କଲେ, ସେ ଆଉ କାରଣର ପ୍ରକୃତି ଅବଧାରଣ କରିବାକୁ ଇଚ୍ଛାକରି ସହଜରେ ଯାଏନାହିଁ ।

ବର୍ତ୍ତମାନ ଦେଖାଯାଉଛି ଆପାତ-ରମଣୀୟ ବ୍ୟାଖ୍ୟା ଆମ୍ଭମାନଙ୍କ ସମାଜକୁ ଏତେସରି କରିଅଛି । ଏ କଥାଟି ଉଦାହରଣରେ ଦେଖିବସିଲେ ସହଜରେ ବୁଝାଯିବ । ଆମ୍ଭେମାନେ ପ୍ରାୟ ସବୁବେଳେ ଦେଖୁ ଏବଂ ଉପରେ ବର୍ଣ୍ଣିତ ହୋଇଥିବା 'ତ୍ରିନାଥ ମେଳା'ର ବ୍ୟାଖ୍ୟାରେ ଦେଖିଅଛୁଁ ଯେ ପ୍ରତ୍ୟେକ ଅନୁଷ୍ଠାନ ଓ କୁସଂସ୍କାରର ପ୍ରଧାନ ଓ ପ୍ରଥମ ବ୍ୟାଖ୍ୟା– ଏହା ନିଶ୍ଚୟ ଶାସ୍ତ୍ରରେ ଥିବ ବା ଆମ୍ଭମାନଙ୍କ ପ୍ରାଚୀନ ପୁରୁଷମାନେ କହିଥିବେ । ଦ୍ୱିତୀୟ କଥା– ଏତେ ଲୋକ ଯାହାର ଅନୁବର୍ତ୍ତନ କରନ୍ତି, ତାହା କିପରି ହୀନ ହୋଇପାରେ ? ତୃତୀୟ କଥା– କାରଣ ଖୋଜିବା ପୂର୍ବରୁ ଆମ୍ଭର ଜାଣିବା ଉଚିତ ଯେ ପ୍ରାଚୀନ ପୁରୁଷମାନେ ତ ଓଲୁ ନଥିଲେ । ସେମାନେ ଆମ୍ଭଠାରୁ ଲକ୍ଷ ଗୁଣରେ ଅଧିକ ଜ୍ଞାନୀ ଓ ବୁଦ୍ଧିମାନ ଥିଲେ । ସେମାନେ ଈଶ୍ୱରପ୍ରତିମ ଥିଲେ । ସେମାନେ ଯାହା କରିଯାଇଅଛନ୍ତି, ତାହା ଆମ୍ଭମାନଙ୍କପରି ମୂଢ଼ର ନବୁଝି କରିଯିବା ବିହିତ । ଯାହାର ଆମ୍ଭେ କିଛି କାରଣ ପାଉନାହୁ କିମ୍ବା ଅପାତତଃ ଅନୁପଯୁକ୍ତ କାରଣ ପାଇ ଯାହାକୁ ଆମ୍ଭେ କୁସଂସ୍କାର ବୋଲି ପରିହାର କରିବାକୁ ବସିଅଛୁଁ, ତାହାର କାରଣ ଆମ୍ଭର ବୁଦ୍ଧିର ଅଗମ୍ୟ । କେହି କେହି ଏହି କଥାକୁ ଟିକିଏ ତାର୍କିକତାରେ ରସାଣିତ କରି କହନ୍ତି– ମନେକର, ଆମ୍ଭେ ଆଜି ନଜାଣି କାରଣ ନପାଇ ଅନୁଷ୍ଠାନ ସବୁ ଛାଡ଼ିଦେବା, କିନ୍ତୁ ଯଦି ସେଥିରେ କାରଣ ଥିବ, ଯଦି ଆମ୍ଭର ବୁଦ୍ଧିର ଅଗମ୍ୟ ଏପରି କୌଣସି କଥା ତାହା ମଧ୍ୟରେ ଥିବ, ତେବେ ଆମ୍ଭେମାନେ ସେ ସବୁ ଛାଡ଼ିଦେବା ଦ୍ୱାରା ନିଜର ତଥା ସମାଜର କି ଅନିଷ୍ଟ ନକଲୁଁ ? ଇତ୍ୟାଦି ।

ଏସବୁ ନାନା ଭାବରେ ନାନା ସ୍ଥାନରେ ଶୁଣିବାକୁ ହୁଏ ସତ୍ୟ, କିନ୍ତୁ ଏ ସବୁ ଭିତରୁ ଠିକ୍ ଜିନିଷଟି ବାହାର କରି ଦେଖିଲେ ଦେଖାଯିବ ଯେ ଏହି ସବୁ ମଧ୍ୟରେହିଁ କୁସଂସ୍କାରର ମୂଳମନ୍ତ୍ର ପ୍ରଚ୍ଛନ୍ନ ଭାବରେ ନିହିତ ଅଛି ଏବଂ ଏହି ସବୁର ପ୍ରକୃତ ଆଲୋଚନାରେ ହିଁ କୁସଂସ୍କାର ସମ୍ବନ୍ଧରେ ଆମ୍ଭେମାନେ ପ୍ରକୃତ ସିଦ୍ଧାନ୍ତରେ ଉପସ୍ଥିତ ହେବୁ । ତେବେ ଟିକିଏ

Digitized by PPRACHIN, SOA

ସୂକ୍ଷ୍ମ ପ୍ରକ୍ରିୟାରେ ଏସବୁ ବିଶ୍ଳେଷଣ କରି ଦେଖାଯାଉ । ସେପରି କଲେ ଏସବୁ ମଧ୍ୟରୁ ଆମ୍ଭେମାନେ ମୋଟାମୋଟି ନିମ୍ନଲିଖିତ କେତୋଟି କଥା ପାଇବୁ—

୧— ପୂର୍ବପୁରୁଷମାନେ ଈଶ୍ୱରପ୍ରତିମ ଲୋକ ଏବଂ ସେମାନେ ଏକ କାଳରେ ଯାହା କରିଅଛନ୍ତି ତାହା ସର୍ବକାଳ ଉପଯୋଗୀ । 'ଆମ୍ଭର ସବୁ ଥିଲା' ଅର୍ଥାତ୍ ଆମ୍ଭର ନଥିଲା ଏପରି ଦ୍ରବ୍ୟ ନାହିଁ ।

୨— ଆମ୍ଭେମାନେ ପତିତ ଏବଂ କୌଣସି ସାମାଜିକ ବିଷୟାଦିରେ ଆମ୍ଭମାନଙ୍କର କୌଣସି ସିଦ୍ଧାନ୍ତ କରିବାର ଶକ୍ତି ଏକାବେଳେକେ ନାହିଁ । ଶାସ୍ତ୍ରାଦିରେ ଯାହା ଅଛି ବା ଆମ୍ଭେମାନେ ଯାହା କାରଣ ଜାଣି ବା ନଜାଣି କରିଆସୁଅଛୁଁ, ତାହାହିଁ ଆମମାନଙ୍କ ପକ୍ଷରେ ଯଥେଷ୍ଟ । ଆମେମାନେ ଯଦି କୁଳାଙ୍ଗାର ହୋଇ ସେଥିରୁ ବିଚ୍ୟୁତ ହେଉଁ, ତେବେ ପୁଣି ସେହି ଅନୁଷ୍ଠାନାଦି କରିବାକୁ ଫେରିଗଲେ ଆମର ଧର୍ମ ରହିଲା ଓ ସବୁ ହେଲା । ଆମ୍ଭେ ସଭ୍ୟତମ ଓ ଶ୍ରେଷ୍ଠତମ ସମାଜ ବୋଲି ପରିଗଣିତ ହେବାରେ ଆଉ ସନ୍ଦେହ ନାହିଁ ।

୩— ଆମ୍ଭେ ଯାହାର କାରଣ ପାଉ ନାହୁଁ, ତାହା ପରିହାର କରିବା ଉଚିତ ନୁହେଁ । ସେ ସବୁଥିରେ କାରଣ ନିଶ୍ଚୟ ଅଛି । ତାହା ନହେଲେ ଏତେ ଲୋକ ଏତେକାଳ ତାହାର ଅନୁବର୍ତ୍ତନ କରନ୍ତେ କିପରି ।

୪— ଯଦି କାରଣ ନାହିଁ ବୋଲି ଆମ୍ଭେମାନେ ଅନୁଷ୍ଠାନ ଆଦି ଛାଡ଼ିଦେଉଁ ଏବଂ ସେଥିରେ ହୁଏତ କାରଣ ଥାଇପାରେ, ତେବେ ଆମ୍ଭର କି ଅକାର୍ଯ୍ୟ ହେବ ? ଅତଏବ ସମ୍ୟକ୍ ନବୁଝିବା ଯାଏ କିଛି ଛାଡ଼ିଦେବା ଉଚିତ ନୁହେଁ ।

ଏହି ଚାରୋଟିକୁ ଗୋଟି ଗୋଟି କରି ଆଲୋଚନା କଲେ ପ୍ରକୃତ ତଥ୍ୟ ମିଳିବ । କିନ୍ତୁ ସେସବୁ ଆଲୋଚନା ପୂର୍ବରୁ ମୋର ପ୍ରବନ୍ଧରେ ଏହି ଦୀର୍ଘ ଉପକ୍ରମଣିକାର ଉପସଂହାର ସ୍ଥାନରେ ପ୍ରବନ୍ଧର ଶିରୋନାମା ପ୍ରତି ଟିକିଏ ଲକ୍ଷ୍ୟକରି ବୁଝାଇ କହିଦେବା ଉଚିତ । ପାଠକମାନେ ବୁଝିପାରିଥିବେ, ଏ ଚାରୋଟି ବିଶିଷ୍ଟ ବସ୍ତୁ କିପରି 'ଆମ୍ଭର ଥିଲା'ରେ ଆରମ୍ଭ ପାଇ 'କାରଣ ଥାଇପାରେ'ରେ ଶେଷହୋଇଅଛି । ଏ ସମସ୍ତ ବିଭାଗ ମଧ୍ୟରେ ସେହି 'ଆମ୍ଭର ଥିଲା' ଓ 'କାରଣ ଥାଇପାରେ' ସାମାଜିକ କୁସଂସ୍କାର ମୂଳପିଣ୍ଡ ରୂପେ ବର୍ତ୍ତମାନ ଅଛି । କେବଳ ଆଲୋଚନାର ସୁବିଧା ପାଇଁ ଆମ୍ଭେମାନେ ବିଷୟର ଟିକିଏ ସୂକ୍ଷ୍ମ ବିଭାଗ କରିଅଛୁଁ । କିନ୍ତୁ ପ୍ରକୃତରେ ବୁଝିବାକୁ ଗଲେ କୁସଂସ୍କାରର ମୂଳପିଣ୍ଡ ସେହି 'ଆମର ଥିଲା' ଓ 'କାରଣ ଥାଇପାରେ' ।

—

Digitized by PPRACHIN, SOA

# ନୀତି ଓ ପ୍ରକୃତି

"ଆତ୍ମୈବହ୍ୟାତ୍ମନୋ ବନ୍ଧୁ ରାତ୍ମୈବରିପୁରାତ୍ମନଃ"– ଗୀତା ।

(ଶିରୋନାମା ହିଁ ପ୍ରବନ୍ଧର ଗୋଟିଏ ଗଭୀର ଦାର୍ଶନିକତା ସୂଚନା କରୁଅଛି । କିନ୍ତୁ ପ୍ରକୃତରେ ଏ ପ୍ରବନ୍ଧର ସେପରି କୌଣସି ବିଶେଷ ପାଣ୍ଡିତ୍ୟ ଉପରେ ଅଧିଷ୍ଠାନ ନୁହେ । ନୀତି ଓ ପ୍ରକୃତିର ତତ୍ତ୍ୱ ନିର୍ଦ୍ଦେଶ ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । କେବଳ କେତେକ ଚଳିତ ପ୍ରକ୍ରିୟାର ସମାଲୋଚନା ଓ ସାଧାରଣ ଲୋକଙ୍କର କ୍ରିୟାକଳାପ ପରିଚାଳନାର ପ୍ରଣାଳୀ ନିର୍ଦ୍ଦେଶ କରିବା ନିମନ୍ତେ ଏହି କେତେକ ପଂକ୍ତି ଲିଖିତ ହେଉଅଛି ।)

ଜୀବଜନ୍ତୁଙ୍କର ଯେପରି ରକ୍ତ ମାଂସ ଅସ୍ଥି ସ୍ନାୟୁ ପ୍ରଭୃତି ଦ୍ୱାରା ଶରୀର ନିର୍ମିତ ହୋଇଅଛି, ମନୁଷ୍ୟର ମଧ୍ୟ ସେହିପରି । ଜନ୍ତୁଜଗତ୍ ଭୋଜନ, ଶୟନ, ନିଷ୍କ୍ରାମଣ, ଉତ୍ପାଦନ ପ୍ରଭୃତି ଯେଉଁସବୁ ଶାରୀରିକ ବିଧିର ବଶବର୍ତ୍ତୀ ହୋଇ ଚଳୁଅଛି, ମାନବ ଜୀବନ ତହିଁରୁ ବ୍ୟତିକ୍ରାନ୍ତ ନୁହେ । ଏସବୁ ବିଷୟରେ ତୁଳନା କରି ଦେଖିଲେ ମାନବ ଜନ୍ତୁରାଜ୍ୟର ଅନ୍ୟତମ ପ୍ରାଣୀ । କିନ୍ତୁ ଜୀବନସଂଗ୍ରାମରେ ଜୀବନ ରକ୍ଷାର ପରିପାଟୀ ପ୍ରତି ଦୃଷ୍ଟିନିକ୍ଷେପ କଲେ ମନୁଷ୍ୟର ଟିକିଏ ପ୍ରଭେଦ ଦେଖାଯାଏ । ଏଥିପାଇଁ ପଶୁ ପ୍ରଭୃତିଙ୍କ ଜୀବନକୁ ନିରବଚ୍ଛିନ୍ନ ଓ ମନୁଷ୍ୟ ଜୀବନକୁ ପ୍ରତିହତ ଓ ଅବିଚ୍ଛିନ୍ନ ସ୍ରୋତ ବୋଲି ନିର୍ଦ୍ଦେଶ କରାଯାଇଅଛି । ଅର୍ଥାତ୍ ପଶୁଜୀବନ ପ୍ରକୃତି ବଳରେ ପରିଚାଳିତ । ସେ କେବଳ ତାହାର ସହଜାତ ବୃତ୍ତି ବଳରେ ଆତ୍ମରକ୍ଷା କରିଆସୁଅଛି । ଖାଇବା, ଶୋଇବା ପ୍ରଭୃତି ଯାହା ଯେତେବେଳେ ଇଚ୍ଛା ହୁଏ, ସେ ତାହାହିଁ କରେ । ରୋଗ ସମୟରେ ଯାହା କରିବାକୁ ଇଚ୍ଛାହୁଏ, ତାହା ତାହାର ଔଷଧ । ତାହାର ନିର୍ମାଣ ପ୍ରଭୃତିରେ ମଧ୍ୟ ଅନେକ ସମୟରେ ତାହାର ଆତ୍ମରକ୍ଷାର ଧର୍ମ ନିହିତ ଥିବାର ଦେଖାଯାଏ । ବଲ୍‌ଗା ହରିଣ ଓ ଶୀତଦେଶୀୟ କୁକୁରର ଦେହ ଅତିଶୟ ଲୋମଶ, ପାଦ ଲିପ୍ତ ଓ ମସୃଣ ନୁହେ, ତେଣୁ ସେମାନେ ବରଫରେ ଚାଲିପାରନ୍ତି । ପ୍ରଜାପତି ପୁଷ୍ପର ବର୍ଣ୍ଣ ସଙ୍ଗେ ସମାନ ହେବାରୁ ତାହାକୁ କୌଣସି ଶତ୍ରୁ ସହଜରେ ଦେଖିପାରନ୍ତି ନାହିଁ । ପକ୍ଷୀର ଡିମ୍ବ ଦେବାର ସମୟ ହେଲେ ବସା ନିର୍ମାଣ କରିବାକୁ ତାହାର ପ୍ରବୃତ୍ତି ହୁଏ । କ୍ୟାନାଡ଼କୁ (ମହୀଲତା) ସ୍ପର୍ଶ କଲେ ସେ ତତ୍‌କ୍ଷଣାତ୍ ସଙ୍କୁଚିତ ହୁଏ, ଇତ୍ୟାଦି ।

କିନ୍ତୁ ମନୁଷ୍ୟ ସମ୍ବନ୍ଧରେ ତାହା ନୁହେଁ । ମଦ୍ୟପାନ କରିବାକୁ ତାକୁ ଦୁଃଖ ଲାଗେ ସତ୍ୟ, କିନ୍ତୁ ତାହାର ପରିଣାମ ବିଷମୟ । ଅନେକ ମାରାତ୍ମକ ବିଷ ଖାଇବାକୁ ଆପାତତଃ ମଧୁର ବୋଧହୁଏ, ଇତ୍ୟାଦି । ଏସବୁ ଦେଖାଇଦେଉଅଛି ଯେ ମନୁଷ୍ୟ ଆତ୍ମରକ୍ଷାପାଇଁ

Digitized by PPRACHIN, SOA

ବହିର୍ଜଗତ ଉପରେ ସମ୍ପୂର୍ଣ୍ଣ ନିର୍ଭର କଲେ ଚଳିବ ନାହିଁ । ଭଗବାନ୍ ସେଥିପାଇଁ ତାହାକୁ ଅନ୍ତର୍ଜଗତରେ ବୋଧ ଓ ବିଚାରଶକ୍ତି ଦେଇଅଛନ୍ତି । ତାହା ବଳରେ ସେ ଶ୍ରେୟ ଓ ପ୍ରେୟ ନିର୍ଦ୍ଧେଶ କରି ଆତ୍ମରକ୍ଷା କରିବ । କୌଣସି ମନୁଷ୍ୟ ବା ଜାତି ପ୍ରେୟ ଛାଡ଼ି ଯେ ପରିମାଣରେ ଶ୍ରେୟ ଅବଲମ୍ବନ କରିଅଛି, ସେହି ପରିମାଣରେ ଜୀବନ ସଂଗ୍ରାମରେ ଜୟଲାଭ କରୁଅଛି । ପ୍ରେୟ ମନୁଷ୍ୟ ଉପରେ ପ୍ରଭୂତ ଶକ୍ତି ବିସ୍ତାର କରିଅଛି ସତ୍ୟ, କିନ୍ତୁ ତାହା କେବଳ ଶ୍ରେୟର ମାହାତ୍ମ୍ୟର ପ୍ରତିଷ୍ଠା କରୁଅଛି । ଏହି ଶ୍ରେୟ ଓ ପ୍ରେୟ କିଞ୍ଚିତ୍ ଭାଷାନ୍ତରରେ ନୀତି ଓ ପ୍ରକୃତି ବୋଲି ଅଭିହିତ ହୁଏ । ନୀତି ବଳରେ ମାନବ ଶ୍ରେୟ ନିର୍ଣ୍ଣୟ କରି ସେହି ପଥରେ ପଥିକ ହୁଏ ଏବଂ ପ୍ରକୃତିର କ୍ରିୟାକଳାପ ଓ ବସ୍ତୁନିଚୟ ପ୍ରେୟର ଉପାଦାନ ରୂପେ ଶ୍ରେୟ ପଥ ଆକ୍ରମଣ କରେ । ଏଣୁ ନୀତି ଓ ପ୍ରକୃତି ଦିଓଟି ମାନବର ସୁପରିଚିତ । ପ୍ରକୃତି ମନୁଷ୍ୟର ଜୀବତ୍ୱ ଓ ନୀତି ତାହାର ପ୍ରକୃତ ମନୁଷ୍ୟତ୍ୱ ବା ଦେବତ୍ୱ ପ୍ରତିପାଦନ କରୁଅଛି । ମାନବର ଅନ୍ତଃବୃତ୍ତି ପଶୁପରି ଏକ ନିରବଚ୍ଛିନ୍ନ ସ୍ରୋତ ନୁହେ । ଏହା ବରାବର ପ୍ରତିହତ ହୋଇ ଗୋଟିଏ ନୀତି ବା ଆଦର୍ଶର ଅସ୍ତିତ୍ୱ ଅନୁଭବ କରିଆସୁଅଛି ଏବଂ ସେହି ନୀତି ବଳରେହିଁ ମନୁଷ୍ୟ ମନୁଷ୍ୟ-ପଦବାଚ୍ୟ । ଜୀବଜନ୍ତୁ କେବଳ ପ୍ରକୃତିର ପ୍ରରୋଚନା ଅନୁବର୍ତ୍ତନ କରି ପ୍ରାଣ ଧାରଣ କରନ୍ତି, କିନ୍ତୁ ମନୁଷ୍ୟର ଆଉ କିଛି ବିଶେଷତ୍ୱ ଅଛି । ସେ ଭବିଷ୍ୟତ୍ ଦୃଷ୍ଟି ବା କାର୍ଯ ବିଶେଷର ଆଭ୍ୟନ୍ତରୀଣ ଅନୁଭୂତିଦ୍ୱାରା ଏକ ବା ଅନ୍ୟତମ କ୍ରିୟାପ୍ରଣାଳୀ କର୍ତ୍ତବ୍ୟ ବୋଲି ଅବଧାରଣ କରେ । ସରଳ ଭାଷାରେ କହିଲେ, କେଉଁ କାର୍ଯ କରଣୀୟ, ପଶୁର ସେ ଜ୍ଞାନ ନାହିଁ । କିନ୍ତୁ ମନୁଷ୍ୟର ତାହାହିଁ ବିଶେଷତ୍ୱ । ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ପ୍ରତି କ୍ଷୀଣ କାର୍ଯରେ ପ୍ରକୃତି ଉପରେ ନିଜର ସେହି ବିଶେଷତ୍ୱ ଅନୁଭବ କରିଆସୁଅଛି । ପଶୁ ପ୍ରକୃତିର ଅଧୀନ ମନୁଷ୍ୟ ସ୍ୱୀୟ ବୋଧଶକ୍ତିର ଅଧୀନ । ପ୍ରକୃତି ଯାହା ଆଦେଶ କରୁଅଛି, ସଂଯମଦ୍ୱାରା ତହିଁରୁ ବିଚ୍ଛିନ୍ନ ହୋଇ ମାନବ ନିଜର ବ୍ୟକ୍ତିତ୍ୱରେ ଅଧିଷ୍ଠିତ ରହିଅଛି । ସ୍ଥୂଳତଃ ପ୍ରକୃତି ଯାହା କରୁଅଛି, ତାହାର ପ୍ରତିଘାତରେହିଁ ପ୍ରକୃତ ମନୁଷ୍ୟତ୍ୱ ବିଦ୍ୟମାନ ।

କିନ୍ତୁ ପ୍ରକୃତି ବଡ଼ ବଳଶାଳିନୀ । ଶ୍ରୀକୃଷ୍ଣ କହିଅଛନ୍ତି– "ପ୍ରକୃତିଂ ଯାନ୍ତି ଭୂତାନିଂ ନିଗ୍ରହଃ କିଂ କରିଷ୍ୟତି" । ପଞ୍ଚ ଇନ୍ଦ୍ରିୟର ମାର୍ଗ ଦେଇ ପ୍ରକୃତିର ବଳ ମାନବକୁ ସର୍ବଦା ଆୟତ୍ତ କରୁଅଛି ଏବଂ ମନୁଷ୍ୟ ଅତି କଷ୍ଟରେ କ୍ୱଚିତ୍ ନିଗ୍ରହ ବଳରେ ସେଥିରୁ ନିଷ୍କୃତି ଲାଭକରି ନିଜର ମନୁଷ୍ୟତ୍ୱ ପ୍ରତିଷ୍ଠିତ କରୁଅଛି । ଯାହା ସ୍ୱଭାବତଃ ମନୁଷ୍ୟର ପ୍ରୀତିପଦ, ଯାହାର କେବଳ ଅବସ୍ଥିତି ମାତ୍ର ମନୁଷ୍ୟକୁ ନିଜର ମୋହିନୀ ଶକ୍ତି ବଳରେ ଇନ୍ଦ୍ରିୟ ଦ୍ୱାର ଦେଇ ଆକର୍ଷଣ କରେ, ଅର୍ଥାତ୍ ଯାହା ଜାଣିବା ମାତ୍ରକେ ସାଧାରଣ ମନୁଷ୍ୟ ସ୍ୱତଃ ଆକୃଷ୍ଟ ହୁଏ, ତାହା ସାର୍ଧାରଣତଃ ପଶୁ ଧର୍ମ । କିନ୍ତୁ ଯାହା ମନୁଷ୍ୟର କରିବା ଉଚିତ ବୋଲି ସେ ନିଗ୍ରହ ଓ ସଂଯମ ବଳରେ କରିବାକୁ ପ୍ରବୃତ୍ତ ହୁଏ, ସ୍ୱଭାବତଃ ଇଚ୍ଛାର ଉଦ୍ରେକ ନହେଲେ ମଧ୍ୟ ଯାହା କରିବାରେ ସେ ନିଜର କର୍ତ୍ତବ୍ୟ ଅନୁଭବ କରେ ଏବଂ

Digitized by PPRACHIN, SOA

ପ୍ରକୃତି ବଳରେ ଯହିଁରୁ ଟିକିଏ ବିଚ୍ଛିନ୍ନ ହେଲେ ସେ ନିଜକୁ ଅପମାନିତ ଓ ଅଭିଶପ୍ତ ଜ୍ଞାନ କରେ, ତାହାହିଁ ଶ୍ରେୟପଥ ବା ନୀତି, ତାହା ମନୁଷ୍ୟର ମନୁଷ୍ୟତ୍ୱ । ପ୍ରଥମଟି ମନୁଷ୍ୟକୁ ଜନ୍ତୁରାଜ୍ୟର ଅନ୍ତର୍ଭୁକ୍ତ କରି ରଖିଅଛି, ଦ୍ୱିତୀୟଟି ଯୋଗୁଁ ସେ ଦେବତ୍ୱ ପାଉଅଛି । ଏହି ଦ୍ୱିତୀୟଟିକୁ କେହି କେହି ଭାଷାନ୍ତରରେ 'ଧର୍ମ' ବୋଲି ନିର୍ଦ୍ଦେଶ କରିଅଛନ୍ତି । କବି କହିଅଛନ୍ତି—

"ଆହାର ନିଦ୍ରା ଭୟ ମୈଥୁନଂ ଚ ସାମାନ୍ୟମେତତ୍ ପଶୁଭିର୍ନରାଣାଂ ।
ଧର୍ମୋହି ତେଷା ମଧିକୋ ବିଶେଷା ଧର୍ମେଣ ହୀନା ପଶୁଭିଃ ସାମାନାଃ ।"

ଏଠାରେ କେବଳ ଧର୍ମହିଁ ମନୁଷ୍ୟର ବିଶେଷତ୍ୱ । ବୋଧହୁଏ ଯାହାଦ୍ୱାରା ମାନବ ସମାଜ ଓ ସଭ୍ୟତା ରକ୍ଷା କରୁଅଛି, ଯାହା ବଳରେ ମନୁଷ୍ୟ ପଶୁଜାତି ପରି ପୁତ୍ରପୌତ୍ରାଦିକ୍ରମେ ସୃଷ୍ଟିର ପ୍ରଥମ ଦିନରୁ ଏକ ନିୟମର ଅଧୀନ ନହୋଇ ଉତ୍ତରୋତ୍ତର ଉଚ୍ଚତର ସୋପାନରେ ଅଧିରୋହଣ କରୁଅଛି, ତାହାହିଁ ଧର୍ମ ନାମରେ ଅଭିହିତ ହୁଏ । ଏହା ମନୁଷ୍ୟକୁ ପ୍ରଶସ୍ତତର ଜ୍ଞାନରାଜ୍ୟକୁ ଆଣି ସେଠାରେ ତାହାର ଅନ୍ୟମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରାଇଦିଏ । ଏହିଠାରେ ସାନ୍ତ ମନ୍‌ଷ୍ୟ କିୟତ୍ ପରିମାଣରେ ନିଜର ଅନନ୍ତତ୍ୱ ଉପଲବ୍‌ଧି କରେ । ଏହି ଧର୍ମ ଉପରେ ଦଣ୍ଡାୟମାନ ହେଲେ ସେ କ୍ଷୀଣ ସ୍ୱାର୍ଥ ପରିବର୍ତ୍ତନରେ ଏକ ମହା ସ୍ୱାର୍ଥ ଦେଖିବାକୁ ଆରମ୍ଭ କରେ । ସେ ଆଉ ଆତ୍ମତୃପ୍ତିର ସମ୍ପାଦନରେ ସୀମାବଦ୍ଧ ହୁଏ ନାହିଁ । ସମସ୍ତ ଜଗତର ଅସ୍ତିତ୍ୱରେ ନିଜର ଅସ୍ତିତ୍ୱ ଅନୁଭବ କରେ । ସେତେବେଳେ ତାହାର ପ୍ରକୃତ ସାମାଜିକ ପ୍ରାଣ ପ୍ରକଟିତ ହୁଏ ଏବଂ କ୍ରମଶଃ ତାହା ସାର୍ବଜନୀନତା ଦିଗକୁ ଧାବିତ ହୁଏ । ଏହିପରି ମନୁଷ୍ୟ ମରଜଗତରେ ଥାଇ ଅମୃତମୟ ଭାବର ଅଧିକାରୀ ହୁଏ । ତାହାର ସୀମାବଦ୍ଧ ସାନ୍ତ ପ୍ରକୃତି ଏହିପରି ଅନନ୍ତର ଅଭିମୁଖୀନ ହୁଏ ।

ବୈଜ୍ଞାନିକ ଭାଷାରେ କହିବାକୁ ଗଲେ କୁହାଯିବ; ଏହିପରି ମାନବ ପ୍ରକୃତିରେ ଦୁଇଗୋଟି ବିଭାଗ (aspect) ପରିଲକ୍ଷିତ ହୁଏ । ଭାଗ କହିଲେ ଆମ୍ଭେମାନେ ସାଧାରଣତଃ ଯାହା ବୁଝୁଁ, ତାହା ଏଠାରେ ପ୍ରଯୁଜ୍ୟ ନୁହେଁ । ଏହି ବିଭାଗ ଦାର୍ଶନିକ ବିଚାର ପ୍ରକ୍ରିୟାରେ ପରସ୍ପର ଦ୍ୱାରା ଅବିଚ୍ଛିନ୍ନ ସତ୍ୟ, କିନ୍ତୁ ଜଡ଼ଜଗତରେ ଦ୍ରବ୍ୟ ବିଶେଷପରି ଏହାର ବିଭାଗ ଅସମ୍ଭବ । ଭାଷାନ୍ତରରେ କହିଲେ ମାନବ ପ୍ରକୃତି ଏକ ଅନିର୍ବଚନୀୟ ବସ୍ତୁ । ଏକ ଦିଗରୁ ଦେଖିଲେ ତାହା ପ୍ରକୃତିର ଦାସ ଏବଂ ସେହି ହିସାବରେ ମାନବ ଜୀବଜଗତର ଅନ୍ୟତମ ପ୍ରାଣୀ । ଏହିସବୁ ପ୍ରକ୍ରିୟା ତାହାର ଭୋଜନ ଶୟନଠାରୁ ଆରମ୍ଭ କରି ପାଶବିକ ଓ ଶାରୀରିକ ବୃତ୍ତି ନିବହର ଚରିତାର୍ଥତା ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ଶରୀର ରକ୍ଷାପାଇଁ ଯାହା ନିତାନ୍ତ ପ୍ରୟୋଜନ ଏବଂ ଯେଉଁ ଆପାତମଧୁର ଭୋଗବିଳାସରେ ଦୂରୋଦୃଷ୍ଟିହୀନ ଅସଂଯତ ମାନବ ଚିର ପ୍ରମତ୍ତ ରହିଅଛି, ସେସବୁ ଏହି ଶ୍ରେଣୀରେ ଅନ୍ତର୍ଗତ ଏବଂ ଏହାକୁହିଁ ଆମ୍ଭେମାନେ ଏଠାରେ ପ୍ରକୃତି ନାମରେ ଅଭିହିତ କରିଅଛୁଁ । ଏଥିରେ ମନୁଷ୍ୟର

Digitized by PPRACHIN, SOA

ମନୁଷ୍ୟତା କିଛିମାତ୍ର ନାହିଁ । କିନ୍ତୁ ଅନ୍ୟ ଦିଗରେ ପ୍ରତ୍ୟେକ ଲୋକ ଜାଣନ୍ତି, ମନୁଷ୍ୟ ଜୀବନ କେବଳ ସାମୟିକ ଇଚ୍ଛା ବା ଆଶୁ ମନୋବୃତ୍ତିର ଚରିତାର୍ଥତାରେ ସୀମାବଦ୍ଧ ନୁହେଁ । କେବଳ ବର୍ତ୍ତମାନର କ୍ରିୟାକଳାପରେ ତାହାର ଜୀବନର କର୍ମ ସମାପ୍ତ ହୁଏନାହିଁ । ପ୍ରତ୍ୟେକ ମନୁଷ୍ୟର ଜୀବନ କୌଣସି ଗୋଟିଏ ହେଲେ ଆଦର୍ଶଦ୍ୱାରା ପରିଚାଳିତ ହୁଏ ଏବଂ ଏହି ଆଦର୍ଶବଳରେ ସେ ସର୍ବଦା ବର୍ତ୍ତମାନର ସୀମା ଲଘଂନ କରି ନିଜର ପ୍ରତ୍ୟେକ କ୍ରିୟାର ଭୂତ ଭବିଷ୍ୟତର ପୂର୍ଣ୍ଣ ଆଭାସ ପ୍ରତିଫଳିତ ଦେଖେ । ପ୍ରତ୍ୟେକ କର୍ମରେ ସେ ଅତୀତ କର୍ମର ଫଳାଫଳ ସମ୍ମୁଖରେ ରଖି ଭବିଷ୍ୟତ ଆଡ଼କୁ ସାବଧାନତା ସହିତ ଅଗ୍ରସର ହୁଏ । ଗର୍ହିତ ଓ ଗୌଣ କର୍ମରେ ମଧ୍ୟ ମନୁଷ୍ୟର ଏହି ମନୁଷ୍ୟତାର ଟିକିଏ ହେଲେ ପ୍ରତିବିମ୍ବ ମିଳେ । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି—

× × × "ପଶ୍ୟେବକର୍ମଣି ଚ କର୍ମ ଯଃ
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସଯୁକ୍ତଃ ସ ବଶୀ ନରଃ ।"

ଅର୍ଥାତ୍ ଗର୍ହିତ କର୍ମ ମଧ୍ୟରେ ଯେଉଁ ଲୋକ ମନୁଷ୍ୟତା ଅବଲୋକନ କରେ, ସେହି ଲୋକ ପ୍ରକୃତ ଜ୍ଞାନର ଅଧିକାରୀ

ଚୋର ଚୋରି କରେ ସତ୍ୟ, କିନ୍ତୁ ପରିବାର ପ୍ରତିପୋଷଣହିଁ ତାହାର ଉଦ୍ଦେଶ୍ୟ । ମଦ୍ୟପ ମଦ୍ୟପାନ କଲେ ହେଁ ତାହା ସମ୍ପୂର୍ଣ୍ଣରୂପେ ପଶୁ ଧର୍ମ ନୁହେ । ସେଥିରେ ମଧ୍ୟ ସେ ଜୀବନର ସୌଖ୍ୟ ରୂପ ଆଦର୍ଶର ଅନ୍ୱେଷଣ କରୁଥାଏ । ମୁହୂର୍ତ୍ତକ ପାଇଁ ସେ ନିଜକୁ ସୁଖାନୁଭବରୂପ ମନ୍ତ୍ରରେ ଭୁଲାଇଦେଇ ଯେକୌଣସି ପାପ କର୍ମରେ ପ୍ରବୃତ୍ତ ହୁଏ । ପାପୀ ପକ୍ଷରେ ସେସବୁ ଅକର୍ମ ହେଲେହେଁ ଜ୍ଞାନୀ ସେଥି ମଧ୍ୟରେ ମନୁଷ୍ୟତାର ଛାୟା ଦେଖି ମନୁଷ୍ୟ ଓ ପଶୁର ପ୍ରଭେଦ ହୃଦୟଙ୍ଗମ କରେ ।

ମାନବ ପ୍ରକୃତିର ଏହି ବିଭାଗ ଦ୍ୱୟକୁ ପରସ୍ପରର ଅନୁରୂପକ ବୋଲାଯାଇପାରେ । ଏହି ଦିଓଟି ବିଭାଗର ବିଧିସଙ୍ଗତ ସମବାୟରେ ମନୁଷ୍ୟର ପ୍ରକୃତ ମନୁଷ୍ୟତ୍ୱ ପ୍ରତିଷ୍ଠାପିତ ହୁଏ । ଏହି ସମବାୟହିଁ ଏକ ଦିଗରେ ଆଦର୍ଶ ଦେବଚରିତ୍ର ଓ ଅନ୍ୟ ଦିଗରେ ପ୍ରକୃତ ପ୍ରଚୋଦନାପ୍ରବଣ ନିରବଚ୍ଛିନ୍ନ ପଶୁ ଧର୍ମ ରଖି ମାନବର ମାନବତ୍ୱ ନିରୂପଣ କରେ । ପ୍ରକୃତି ବ୍ୟତୀତ ନୀତିର ଅର୍ଥ ବା ଅସ୍ତିତ୍ୱ ନାହିଁ ଏବଂ ନୀତି ବ୍ୟତୀତ ପ୍ରକୃତିର କିଛି ମୂଲ୍ୟ ନାହିଁ । ନୀତିହୀନ ପରମ୍ପରାଗତ ପ୍ରକୃତି ମାନବ ପ୍ରକୃତି ନୁହେ । ଦୁହେଁ ଦୁହିଁଙ୍କର ଅସ୍ତିତ୍ୱ ଅପେକ୍ଷା କରନ୍ତି । ପ୍ରକୃତି ନୀତିଦ୍ୱାରା ଚାଳିତ ନହେଲେ ପଶୁ ପ୍ରକୃତିରେ ପରିଣତ ହେବ । ପୁଣି ନୀତି ପ୍ରକୃତିହୀନ ହେଲେ ଆକାଶକୁସୁମ ପରି ଶବ୍ଦ ମାତ୍ରରେ ପର୍ଯ୍ୟବସିତ ହେବ । ଦିଓଟିର ଉପଯୁକ୍ତ ସମବାୟରେ ମନୁଷ୍ୟର ମନୁଷ୍ୟତ୍ୱ ରହିଅଛି ।

ପୁଣି ପ୍ରକାରାନ୍ତରେ ଦେଖିଲେ ଦେଖାଯିବ ଯେ କୌଣସିଟି ପରିତ୍ୟାଗ କରିବାର ମନୁଷ୍ୟର ଉଚିତ ନୁହେ ବା ଅଧିକାର ନାହିଁ ଏମନ୍ତ ନୁହେ, ଏହା ମନୁଷ୍ୟର କ୍ଷମତା ବହିର୍ଭୂତ । ମନୁଷ୍ୟ ଯେତେଦିନ ମନୁଷ୍ୟ ଅଛି, ଯେତେଦିନ ଜନ୍ତୁ ଶରୀରରେ ଜ୍ଞାନ ଓ

Digitized by PPRACHIN, SOA

ବୋଧଶକ୍ତି ଆବଦ୍ଧ ରହିଅଛି, ତେତେଦିନ ସେ ନୀତିରୁ ପ୍ରକୃତିକୁ ବିଚ୍ଛିନ୍ନ କରିନପାରେ । ଶରୀର ଧର୍ମ ସଙ୍ଗେ ସଙ୍ଗେ ପ୍ରକୃତିର ରାଜତ୍ୱ ଅପ୍ରତିହତ ରହିବ ଏବଂ ବିଚାର ଶକ୍ତି ବଳରେ ଯେ ସହି ପ୍ରକୃତି ନିୟମିତ ହେଉଥିବ, ଏଥିରେ ସନ୍ଦେହ ନାହିଁ ।

ତେବେ ଯଦି ପ୍ରକୃତି ଓ ନୀତି ଦୁହେଁ ମାନବର ମାନବତ୍ୱ ସଙ୍ଗେ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ, ରକ୍ତମାଂସ ଶରୀରଧାରୀ ମାନବ ଯେତେଦିନ ମନସ୍ୱୀ ଅର୍ଥାତ୍ ଜ୍ଞାନେନ୍ଦ୍ରିୟର ଅଧିକାରୀ, ତେତେଦିନ ଯଦି କୌଣସିଟି ସ୍ୱତନ୍ତ୍ର ଭାବରେ ତାହାକୁ ଅନୁପ୍ରାଣିତ କରିନପାରେ, ଯଦି ଆପଣାର ସମସ୍ତ ମାନବ ନୀତି ଓ ପ୍ରକୃତି ଦୁହିଁଙ୍କର ସମବାୟର ଫଳ ବୋଲି ସ୍ଥିର ହେଲା, ତେବେ ଆମ୍ଭେମାନେ ଯେ ନୀତିହୀନ, ପଶୁପ୍ରକୃତିକ ପାମର, ଅମନୁଷ୍ୟ ପ୍ରଭୃତିର ଉଲ୍ଲେଖ କରୁଁ, କାହାର ଅର୍ଥ କଣ ? ଯଦି ମାନବ ସୃଷ୍ଟି ସହିତ ନୀତି ଓ ପ୍ରକୃତି ଦୁହେଁ ତାହା ଉପରେ ନିଜନିଜର କାର୍ଯ୍ୟ କରିଆସୁଅଛନ୍ତି,ତେବେ ନୀତି ଓ ପ୍ରକୃତି, ଆଦର୍ଶ ଓ ତାହାର ଅପଚାର ପ୍ରଭୃତି ସମ୍ବନ୍ଧରେ କିଛି କହିବାର ବା ପ୍ରୟୋଜନ କଣ ? ଏସବୁ ଅପାତତଃ ବଡ଼ ଦୁଃସମାଧେୟ ସମସ୍ୟା ପରି ବୋଧ ହେଉଅଛି ସତ୍ୟ, ମାତ୍ର ମାନବର ଦୈନନ୍ଦିନ ଗତିବିଧି ପ୍ରତି ଟିକିଏ ସୂକ୍ଷ୍ମ ଭାବରେ ଦୃଷ୍ଟି ଦେଲେ କଥାଟି ଭଲରୂପେ ବୁଝାଯିବ ।

କେବଳ ନିଗ୍ରହ ବଳରେ ହିଁ ମନୁଷ୍ୟ କ୍ୱଚିତ୍ ପଶୁ ପ୍ରକୃତିରୁ ବିଚ୍ଛିନ୍ନ ହୋଇ ପ୍ରକୃତ ମନୁଷ୍ୟତା ଦିଗକୁ ଚାଳିତ ହୁଏ । ନୀତି ମନୁଷ୍ୟକୁ ଛାଡ଼ି ନପାରେ ସତ୍ୟ, କିନ୍ତୁ ଏହା ଯେ କେବଳ ଆଭାସମାତ୍ରରେ ବିଦ୍ୟମାନ ଥାଇ ଆଶୁସନ୍ତୋଷଦାୟିନୀ ପ୍ରକୃତିକୁ ମାନବ ପ୍ରାଣର ପୂର୍ଣ୍ଣ ଅଧିକାର ପ୍ରଦାନ କରେ, ଏଥିରେ ସନ୍ଦେହ ନାହିଁ । ମନୁଷ୍ୟ ପ୍ରକୃତି ବଳରେ ଆତ୍ମପ୍ରବଞ୍ଚନାରେ ପଡ଼ି ଆପାତମଧୁର ଦ୍ରବ୍ୟ ସବୁକୁ ନୀତିର କ୍ଷୀଣ ଆଭାସ ମାତ୍ରରେ ରସାଣିତ କରି ପ୍ରତିଦିନ ଅଧୋଗତି ଆଶ୍ରୟ କରୁଅଛି । ଦୃଷ୍ଟାନ୍ତ ସ୍ୱରୂପ– ନରହନ୍ତାର ନରହତ୍ୟା ଆମ୍ଭମାନଙ୍କ ପକ୍ଷରେ ଦୂଷଣୀୟ ହେଲେହେଁ, ଘାତକ କୌଣସି ହେଲେ ଗୋଟାଏ ନୀତିର ଆଶ୍ରୟରେ ତାହା କରୁଅଛି ବୋଲି ନିଜକୁ ବୋଧଦିଏ । ନୀତିର ଆଶ୍ରୟରୂପ ଆତ୍ମପ୍ରସାଦ ଅନ୍ତତଃ ମୁହୂର୍ତ୍ତକପାଇଁ ନ ଆସିଲେ ମନୁଷ୍ୟ ନିତାନ୍ତ ନୀତିବିଗର୍ହିତ କର୍ମ ମଧ୍ୟ କରିନପାରେ । ମନୁଷ୍ୟ ପ୍ରତ୍ୟେକ କଥାରେ ଉଚିତ ଅନୁଚିତ ବିଚାର କରେ; ନତୁବା ତହିଁରୁ ସର୍ବତୋଭାବରେ ନିବୃତ୍ତ ହୁଏ । ନୀତିକୁ ଛାଡ଼ିଦେବା ଶକ୍ତି ଭଗବାନ୍ ମନୁଷ୍ୟକୁ ଦେଇନାହାନ୍ତି, ତେବେ ଗୋଟିଏ ମହାବିପଦ ଅଛି । ବିଳାସ ଓ ବ୍ୟସନ ବା ପ୍ରକୃତି ପ୍ରରୋଚନାପ୍ରଣୋଦିତ ଦୁର୍ନୀତି ସବୁ ମନୁଷ୍ୟ ପକ୍ଷରେ ଆପାତମଧୁର ଓ ଆଶୁ ସୁଖପ୍ରଦ, ସେଗୁଡ଼ିକର ମଧୁମୟ ଆକର୍ଷଣରେ ଆପାତତଃ ବିହ୍ୱଳ ଓ ବିମୁଗ୍ଧ । ସେମାନେ ପ୍ରତି ମୁହୂର୍ତ୍ତରେ ଅଲକ୍ଷ୍ୟ ଭାବରେ ମନୁଷ୍ୟର ମନକୁ ପ୍ରକୃତ ନୀତି ମାର୍ଗରୁ ବିଚଳିତ କରୁଅଛନ୍ତି । ସେଥିପାଇଁ ଗୀତାରେ ଅଛି–

Digitized by PPRACHIN, SOA

''ଯତତୋହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ
ଇନ୍ଦ୍ରାୟଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।''

ଅର୍ଥାତ୍ ମହା ଜ୍ଞାନବାନ୍ ତପୋଧନ ପୁରୁଷର ମନକୁ ସୁଦ୍ଧା ଶକ୍ତିଶାଳୀ ଇନ୍ଦ୍ରିୟମାନେ ବଳପୂର୍ବକ ହରଣ କରନ୍ତି ।

ତେବେ କଥା ଏହି ଯେ, ସେମାନେ ମନୁଷ୍ୟକୁ ଭୁଲାଇଦେବାବେଳେ ମନୁଷ୍ୟ ପ୍ରଲୋଭନରେ ପଡ଼ି କୌଣସି ହେଲେ ଗୋଟାଏ ନୀତି ବା ଆଦର୍ଶର ଅଭ୍ୟାସରେ ତାହାର ଔଚିତ୍ୟ ସ୍ଥିର କରି ତହିଁରେ ପ୍ରବୃତ୍ତ ହୁଏ । କୋମଳମତି ବାଳକମାନଙ୍କର ନାଟକ ଅଭିନୟ ବା ନର୍ତ୍ତକୀର ନୃତ୍ୟ ପ୍ରଭୃତି ଦେଖିବା ଅନୁଚିତ, କିନ୍ତୁ ଏଣେ ସେସବୁ ପ୍ରତି ଲୋଭ ବଳବତ୍ତର । ଏପରି ଅବସ୍ଥାରେ କେତେବେଳେ କିପରି ଯୁକ୍ତି ଆସି ତାହାର ଔଚିତ୍ୟ ନିର୍ଦ୍ଧାରଣ କରେ, ତାହା କେହି କହି ପାରିବେ ନାହିଁ । ''ନାଟକାଭିନୟ ସଭ୍ୟତାର ଅଙ୍ଗ ଏବଂ ତାହା ମଧ୍ୟରେ ଯଦି କିଛି ଦୋଷ ଥାଏ, ତେବେ ତାହା ଅନ୍ତତଃ ସମାଲୋଚନା ପାଇଁ ହେଲେ ଦର୍ଶନୀୟ'', କିମ୍ବା ଯଦି ଇନ୍ଦ୍ରିୟସବୁ ନିଜନିଜ ଭୋଗରେ ପ୍ରବୃତ୍ତ ନହେବେ, ଈଶ୍ୱର କି ସକାଶେ ସେମାନଙ୍କର ସୃଷ୍ଟିବିଧାନ କରିଅଛନ୍ତି'' ଇତ୍ୟାଦି ଯୁକ୍ତିଯୁକ୍ତ ପ୍ରତ୍ୟେକ ଯୁବକ ନିଜ ସକାଶେ ନ୍ୟୂନାଧିକ ପରିମାଣରେ ଉଦ୍‌ଭାବନ କରିଥାନ୍ତି । ଏଠାରେ ଦୃଷ୍ଟାନ୍ତ ସ୍ୱରୂପ ଯୁବକ ସମ୍ବନ୍ଧରେ ଯାହା କୁହାଗଲା, ସମୁଦାୟ ମାନବ ରାଜ୍ୟରେ ଠିକ୍ ସେହି ଭାବ । ପ୍ରତ୍ୟେକେ ନିଜନିଜକୁ ଟିକିଏ ନିରପେକ୍ଷ ଦୃଷ୍ଟିରେ ଦେଖିଲେ ଦେଖିପାରିବେ, କାହାରି ଜୀବନରେ ଏପରି ଆତ୍ମପ୍ରବଞ୍ଚନାର ଅଭାବ ନାହିଁ, ବରଂ କାହାରି କାହାରି ଜୀବନ ଏଥିରେ ହିଁ ପରିପୂର୍ଣ୍ଣ ରହିଅଛି ।

କିନ୍ତୁ ସୁଖର କଥା, ମନୁଷ୍ୟ ସ୍ୱାଧୀନ ଚିନ୍ତା ପ୍ରଣାଳୀ ଓ ସାମାଜିକ ବିବେକ ବଳରେ ଏହି ଆତ୍ମପ୍ରବଞ୍ଚନାରେ ଚିରଦିନ ବଞ୍ଚିତ ରହେନାହିଁ । ସେ ମୁହୂର୍ତ୍ତକ ପାଇଁ ଭୁଲିଯାଇପାରେ କିନ୍ତୁ ଭଲମନ୍ଦ ବୁଝିବାର ବୃତ୍ତି ବା ବିବେକ ତାହାର ନଷ୍ଟ ହୁଏ ନାହିଁ । ଏହି ବିବେକ ବଳରେ ସେ ଆଦର୍ଶର ଆଭାସରୁ ପ୍ରକୃତ ଆଦର୍ଶ ବା ମୁଖ୍ୟ ନୀତିକୁ ପୃଥକ୍ ଦେଖିପାରେ ଏବଂ ଟିକିଏ ପରିଶ୍ରମ କଲେ ପାଶବ ବୃତ୍ତିର ମୋହ ଛାଡ଼ି ସେହି ମୁଖ୍ୟ ନୀତିର ଅନୁବର୍ତ୍ତନ କରିପାରେ । ଅବଶ୍ୟ ପ୍ରସଙ୍ଗତା ସ୍ୱୀକାର କରିବାକୁ ହେବ, ଆଦର୍ଶର ଜ୍ଞାନ ଆସିବା ଯେପରି ସହଜ, ଆଦର୍ଶ ଅନୁସାରେ କାର୍ଯ୍ୟ କରିବା ସେପରି ନୁହେ । ସେଥିପାଇଁ ବଚନ ଅଛି—

''ଶାସ୍ତ୍ରାଣ୍ୟଧୀତ୍ୟାପି ଭବନ୍ତି ମୂର୍ଖାଃ
ଯସ୍ତୁକ୍ରିୟାବାନ୍ ପୁରୁଷଃ ସ ବିଦ୍ୱାନ୍ ।
ସୁଚିନ୍ତିତଃ ଚୌଷଧମାତୁରାଣାଂ
ନ ନାମମାତ୍ରେଣ କରୋତ୍ୟରୋଗଂ ।''

Digitized by PPRACHIN, SOA

ବିଦ୍ୟା ଆଲୋଚନା ଦ୍ୱାରା ସମସ୍ତଙ୍କର ସତ୍ ଅସତ୍ ବିବେଚନା ଓ ଜ୍ଞାନ ଲାଭ ହୋଇପାରେ, କିନ୍ତୁ ଯଦି ସେହି ଜ୍ଞାନାନୁଯାୟୀ ମନୁଷ୍ୟ କାର୍ଯ୍ୟ ନକରେ, ତେବେ ସେ ମୂର୍ଖ ପଦବାଚ୍ୟ । ଯେ ଶାସ୍ତ୍ରଜ୍ଞାନାନୁମୋଦିତ କର୍ମରେ ପ୍ରବୃତ୍ତ ହୁଏ, ସେହି କେବଳ ବିଦ୍ୱାନ୍ । ରୋଗର ଉପଯୁକ୍ତ ଔଷଧ ଜାଣି ସୁଦ୍ଧା ପ୍ରୟୋଗ ନକଲେ ଯେପରି ରୋଗ ଆରୋଗ୍ୟ ହୁଏ ନାହିଁ, ସେହିପରି ଜ୍ଞାନ ଅନୁସାରେ କାର୍ଯ୍ୟ ନକଲେ ମୂର୍ଖତ୍ୱ ଦୂର ହୁଏନାହିଁ ।

ଅହେତୁକୀ ମମତା ବା ଆତ୍ମଶ୍ରଦ୍ଧା ଆତ୍ମପ୍ରବଞ୍ଚନାର ପ୍ରଧାନ ହେତୁ । ସ୍ୱଭାବତଃ ମନୁଷ୍ୟ ଆପଣାକୁ ଏତେ ଶ୍ରଦ୍ଧା କରେ ଯେ ନିତାନ୍ତ ସାହସୀ,ସତ୍ୟପିପାସୁ ଓ ସତ୍ୟନିଷ୍ଠ ନହେଲେ ସେ ସହସ୍ର ଦୋଷ ସତ୍ତ୍ୱେ ଆପଣାକୁ ଯଥାର୍ଥ ରୂପେ ପ୍ରକାଶ କରିବାକୁ ଅନିଚ୍ଛୁକ । କେତେବେଳେ ବା ନିଜର ଦୋଷ ଦେଖିବାକୁ ଆଦୌ ଚେଷ୍ଟା କରେ ନାହିଁ, ଦେଖାଇ ଦେଲେ ମଧ ଦେଖିପାରେନାହିଁ, ଦେଖିଲେ ମଧ ନ ଦେଖିଲା ପରି ହୁଏ, କାରଣ ଦେଖିଲେ ଏବଂ ସଂଶୋଧନ କରିବାକୁ ଗଲେ କାଳେ କେହି ଜାଣିବେ । ସେତେବେଳେ ସେ ବୁଝେ ନାହିଁ ଯେତେବେଳେ ଅନ୍ତର୍ଯ୍ୟାମୀ ଜଗଦୀଶ୍ୱର ଜାଣିଅଛନ୍ତି, ସେତେବେଳେ ସଂସାର ଜାଣିଅଛି– ଆଉ ଭୟର କାରଣ କିଛି ନାହିଁ । ଚରିତ୍ର ସଂଶୋଧନକୁ ଭୟ କଲେ ଆଉ ସଂସାରରେ ସ୍ଥାନ କେଉଁଠାରେ ? ଯେତେବେଳେ ଜଗତ୍ ଥରେ ଜାଣିଅଛି (ଅବଶ୍ୟ କେହି ଦେଖାଇ ଦେବା ତାହାର ଯଥେଷ୍ଟ ପ୍ରମାଣ), ଯେତେବେଳେ ସମାଜରେ ଥରେ ଗୋଟିଏ ଧାରଣା ହୋଇଅଛି, ସେତେବେଳେ ସାହସ ଅବଲମ୍ବନ କରି ଅନ୍ୟ ଦୃଷ୍ଟିରେ ନିଜର କ୍ରିୟା ପର୍ଯ୍ୟବେକ୍ଷଣ ପୂର୍ବକ ସଂଶୋଧନର ମାର୍ଗ ଅବଲମ୍ବନ ନକଲେ ଆଉ ଗତି ନାହିଁ । ଏ ସବୁ ଜାଣିଶୁଣି ମଧ୍ୟ ମନୁଷ୍ୟ ରକ୍ଷଣଶୀଳ ଓ ଆତ୍ମପ୍ରବଞ୍ଚନାର ଅଧୀନ ହୁଏ । ଏସବୁ ଅଯଥା ମମତା ଓ ଅହନ୍ତା ନୁହେ ତ ଆଉ କଣ ? ମୁଁ ଯାହା କରୁଅଛି, ସବୁ ଭଲ କରୁଅଛି, ଅନ୍ୟର କି ଶକ୍ତି ମୋର ଦୋଷ ଦେଖାଇବ ? ମୋର ପୂର୍ବପୁରୁଷମାନେ ଯାହା ଭାବିଅଛନ୍ତି, କରିଅଛନ୍ତି, ତାହାଠାରୁ ଭଲ ଆଉ କଣ ହୋଇପାରେ ? ବିଶେଷତଃ ମୁଁ ଯଦି କିଛି ଅନ୍ୟାୟ କରୁଅଛି, ତାହା ମୁଁ ଜାଣେ, ଅନ୍ୟ କେହି ତ ଜାଣୁନାହାନ୍ତି, ଏପରି ସ୍ଥଳେ ମୋର ଦୋଷ ସଂଶୋଧନ କରିବାକୁ ଯାଇ ସର୍ବ ସମକ୍ଷରେ ଦୋଷ ପ୍ରକାଶ କରିବାର ପ୍ରୟୋଜନ କଣ ? ଇତ୍ୟାଦି ମୋହକର ଯୁକ୍ତି ସବୁ ମନୁଷ୍ୟ ପ୍ରକୃତିର ବ୍ୟାଧି ଏବଂ ଆଦର୍ଶ ଅନ୍ୱେଷଣ ଓ ସାହସିକତାର ସହିତ ତାହାର ଅନୁସରଣ ଏହାର ପରମ ଔଷଧ । କେବଳ ଏତିକି ନୁହେ, ଅଙ୍ଗୁଳି ନିର୍ଦ୍ଦେଶ କରି କେହି ଦୋଷ ଦେଖାଇ ଦେଲେ, ମନୁଷ୍ୟ ଜାଣିଶୁଣି ସୁଦ୍ଧା ଭିତରେ ମର୍ମାହତ ହେଲେ ହେଁ, ପ୍ରାଚୀନ ଯୁକ୍ତି ଦ୍ୱାରା ତାହାର ପ୍ରତିକାରରେ ପ୍ରବୃତ୍ତ ହୁଏ ଏବଂ ସ୍ୱୀକାର ଓ ସଂଶୋଧନହିଁ ଯେ ଏହାର ପ୍ରକୃତ ପ୍ରତିବିଧାନ, ତାହା ଜାଣି ସୁଦ୍ଧା ନିଜେ ନିଜକୁ ଭୁଲାଇରଖେ । ସୃଷ୍ଟିର ପ୍ରଥମରୁ ଏ ପର୍ଯ୍ୟନ୍ତ ଯୁକ୍ତିରେ କେହି ଆପଣାର ଚରିତ୍ର ସମ୍ବନ୍ଧୀୟ ଅନ୍ୟର ଧାରଣା ଭାଙ୍ଗିପାରିନାହିଁ, ତଥାପି ଅଯଥା ଆତ୍ମପ୍ରତି ମନୁଷ୍ୟକୁ ଚିରଦିନ ସେହି ପଥରେ ଟାଣୁଅଛି, ମନୁଷ୍ୟ ତାହା ବୁଝି ମଧ ବୁଝୁନାହିଁ । ଏହାହିଁ ମନୁଷ୍ୟର ପରାଧୀନତା ।

Digitized by PPRACHIN, SOA

ମନୁଷ୍ୟ ବାହାରର ସ୍ୱାଧୀନତା, ଆତ୍ମସମ୍ମାନ ପ୍ରଭୃତି ପାଇବାକୁ ଏତେ ବ୍ୟଗ୍ର, କିନ୍ତୁ ନିଜ ଭିତରେ ଏହି ଯେ ଦାସତ୍ୱର ମୂଳବୀଜ ନିହିତ ଅଛି, ତାହା ଥରେ ସୁଦ୍ଧା ଦେଖିବାକୁ ନାହିଁ । ଯେଉଁ ଆତ୍ମସମ୍ମାନ ଓ ଆତ୍ମଶ୍ରଦ୍ଧାର ବ୍ୟାମୋହରେ ସେ ଚିରଦିନ ବିବ୍ରତ, ତାହାହିଁ ଏହି ପରାଧୀନତାର ହେତୁ ଓ ପୋଷକ, ଏହା ସେ ବୁଝି ମଧ୍ୟ ବୁଝିବାକୁ ନାହିଁ । ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କ୍ରିୟା ମନୁଷ୍ୟକୁ ଜନ୍ତୁଠାରୁ ଭିନ୍ନ କରିଅଛି ସତ୍ୟ, କିନ୍ତୁ ମନୁଷ୍ୟ ଇଚ୍ଛାକ୍ରମେ ତହିଁରେ ଜଳାଞ୍ଜଳି ଦେଇ ଜନ୍ତୁଜଗତର ଅନ୍ତର୍ଭୂତ ହେବାକୁ ବସିଅଛି । ରକ୍ଷଣଶୀଳତା, ଆତ୍ମପ୍ରବଞ୍ଚନା ଓ ମୋହଗତ ପ୍ରକୃତି ଅନୁସରଣଠାରୁ ବେଶି ପରାଧୀନତା ଆଉ କିଛି ହୋଇନପାରେ ।

ଏଠାରେ ସର୍ବତ୍ର ମନୁଷ୍ୟ ଅର୍ଥରେ ସାଧାରଣ ମନୁଷ୍ୟ ବୁଝିବାକୁ ହେବ । ଯେଉଁମାନେ ସଂସାରରେ ଥାଇ ମଧ୍ୟ ଚିରବୈରାଗ୍ୟ ଅବଲମ୍ବନ କରି ସ୍ୱାର୍ଥହୀନ ହୋଇ ସ୍ୱାଧୀନ ବୃତ୍ତି ବଳରେ ନିଜର ତଥା ସମାଜର ପ୍ରତ୍ୟେକ ସୁମହତ୍ ଆଦର୍ଶର ସତ୍ତା ଉପଲବ୍ଧି କରନ୍ତି, ଯେଉଁମାନଙ୍କ ସ୍ୱାଧୀନତାରେ ଅନୁପ୍ରାଣିତ ହୋଇ ଲୋକେ ପ୍ରଶ୍ନ ବିନା ଆଦର୍ଶ ଅନୁସରଣ କରି କୃତୀ ହୁଅନ୍ତି, ଯେଉଁମାନଙ୍କ ସତ୍ୟନିଷ୍ଠା ଓ ସାହସ ସମକ୍ଷରେ ପ୍ରକୃତି ବା ରକ୍ଷଣଶୀଳତାର ବନ୍ଧନହୀନ ଓ ଅକିଞ୍ଚିତ୍କର, ଯେଉଁମାନଙ୍କର ସ୍ୱାଧୀନତା ଓ ସାହସ ସମସ୍ତ ଆପାତ ବିଘ୍ନ ଅତିକ୍ରମ କରି ନିତ୍ୟ ସନ୍ତୋଷର ମାର୍ଗ ପରିଷ୍କାର କରେ, ସେହି ମନୀଷୀ ମହାତ୍ମାମାନଙ୍କ ସମ୍ବନ୍ଧରେ ଏସବୁ କୁହାଯାଉନାହିଁ । ସେମାନେ ସଂସାର ବାରିଧିରେ ଦୀପ ସ୍ତମ୍ଭ ପରି ମନୁଷ୍ୟକୁ ଆଦର୍ଶ ଓ ଆଦର୍ଶର ପନ୍ଥା ଦେଖାଇଦିଅନ୍ତି । ପରିଣାମରେ ଇତରବିଶେଷ ହେଲେହେଁ ଏହି ସ୍ୱାଧୀନତାର ଅଧିକାରୀ ହିଁ ପୃଥିବୀରେ କୃତୀ । ଏହି ସ୍ୱାଧୀନତା ମାନବ ସମାଜକୁ ଧରିରଖିଅଛି ଏବଂ ଏହି ସ୍ୱାଧୀନତା ବଳରେ ସମାଜ ଦିନକୁ ଦିନ ସଭ୍ୟତାର ଉଚ୍ଚରୁ ଉଚ୍ଚତର ସୋପାନ ଆରୋହଣ କରୁଅଛି । ଏହାହିଁ ମାନବ ଜଗତର ପରିବର୍ତ୍ତନ ଓ ପରିବର୍ଦ୍ଧିନୀ ଶକ୍ତି ଏବଂ ଏହାକୁ ହିଁ ସମାଜର ଜୀବନ ବୋଲାଯାଇପାରେ । ଏହା ନିରପେକ୍ଷ ଭାବରେ ଆଦର୍ଶକୁ ଦୂରରୁ ଧରିପାରେ ଏବଂ ପରିବର୍ତ୍ତନ ଜନିତ ସମସ୍ତ ବାଧା ଅତିକ୍ରମ କରି ସେହି ଆଦର୍ଶ ଅନୁସାରେ କାର୍ଯ୍ୟ କରେ ।

ଏ ପର୍ଯ୍ୟନ୍ତ ଆଦର୍ଶ ସମ୍ବନ୍ଧରେ ପ୍ରଚ୍ଛନ୍ନ ଭାବରେ, 'ମନୁଷ୍ୟର ମନୁଷ୍ୟତା', 'ସମାଜର ଚାଳନୀ ଶକ୍ତି' ପ୍ରଭୃତି ବହୁତ କଥା କୁହାଯାଇଅଛି । କିନ୍ତୁ ପ୍ରକାଶ୍ୟ ଭାବରେ ସେହି ଆଦର୍ଶର ପ୍ରକୃତି ଓ ଗଠନ ସମ୍ବନ୍ଧରେ କିଛି କହିବା ବିଧେୟ । ଆଦର୍ଶ ମନୁଷ୍ୟର ସ୍ୱାଧୀନ ବୃତ୍ତିର ଚିର ସହଚର । ପ୍ରକୃତିର ଦାସ ନହୋଇ ସେ ନିଜର ମାନବୀୟ ସ୍ୱତନ୍ତ୍ରତାରେ ଅଧିଷ୍ଠିତ ହେବାକୁ ପ୍ରୟାସୀ ହୁଏ, ସେ ତାହା ଭଲ ରୂପେ ଜାଣେ ଏବଂ ପ୍ରତ୍ୟେକ ଲୋକ ମୁହୂର୍ତ୍ତ ବିଶେଷରେ ତାହାର ସତ୍ତା ଓ ଆଭାସ ଅନୁଭବ କରିଥାନ୍ତି । ତାହା ସହଜରେ କହି ବୁଝେଇ ଦେବାର ବସ୍ତୁ ନୁହେଁ । ତଥାପି ତାହାର ଉପଲକ୍ଷ୍ୟରେ କେତେକ ଆଲୋଚନା ଦ୍ୱାରା ତାହା କିଞ୍ଚିତ୍ ସ୍ପଷ୍ଟ ହୋଇପାରେ । ବୋଲାଯାଇଅଛି, ମନୁଷ୍ୟତାର ଦିଓଟି ବିଭାବ– ଗୋଟିଏ ଜନ୍ତୁ ବୃତ୍ତି

Digitized by PPRACHIN, SOA

ଓ ଗୋଟିଏ ଦେବତ୍ୱ । ଏହି ଦେବତ୍ୱକୁ ସାଂସାରିକ ଭାଷାରେ ତାହାର ସାମାଜିକ ପ୍ରାଣ ବୋଲାଯାଇପାରେ ଏବଂ ଏହି ସାମାଜିକ ପ୍ରାଣ ନିଜ ମଧ୍ୟରେ ପରିସ୍ଫୁଟ କରିବାହିଁ ତାହାର ଆଦର୍ଶ ବା ନୀତିଗତ ଜୀବନର ଉଦ୍ଦେଶ୍ୟ । ନୀତି ସେହି ଆଦର୍ଶର କର୍ମପନ୍ଥା । ନୀତି ବଳରେ ମାନବ ଜନ୍ତୁ ପ୍ରକୃତିକୁ ସଂଯତ କରି ଆଦର୍ଶର ଅନୁକୂଳ ବା ଉପଯୋଗୀ କରେ ଏବଂ ଏହି ନୀତି ବଳରେ ତାହାର ସାମାଜିକ ଜୀବନ ପ୍ରକଟିତ ହୁଏ ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ, ସେହି ସାମାଜିକ ଜୀବନ କ'ଣ ? ତାହା ମନୁଷ୍ୟ କିପରି ଅନୁଭବ କରେ ? କବି ଗୋଟିଏ କଥାରେ ଏହାର ସ୍ୱରୂପ ସୂଚନା କରିଅଛନ୍ତି କହିଲେ ଚଳେ । ଯଥା–

'ପ୍ରେମଭାବେ ଯାର ଅନ୍ତର ପୂରିତ,
ସର୍ବ ପ୍ରାଣୀ ହୃଦ ତା ହୃଦେ ଅଙ୍କିତ ।
ସହ-ଅନୁଭୂତି ସର୍ବ ଭୂତେ ତାର,
ତାର ଦୃଷ୍ଟିରେ ବିଶ୍ୱ ଏକ ପରିବାର !'

ଏକ କଥାରେ କହିବାକୁ ଗଲେ ଏହି ସହାନୁଭୂତି ହିଁ ସାମାଜିକ ଜୀବନର ସର୍ବ ପ୍ରଧାନ ଉପାଦାନ ଏବଂ ପ୍ରେମଦ୍ୱାରାହିଁ ମନୁଷ୍ୟ ତାହା ଅନୁଭବ କରେ । ମନୁଷ୍ୟର ଶରୀର ବନ୍ଧ ଘେନି ତାହାକୁ ବିଚାର କଲେ ସେ ନିଜ ମଧ୍ୟରେ ସୀମାବଦ୍ଧ ଏବଂ ଶାରୀରିକ ଜୀବନ ରକ୍ଷା ଭିନ୍ନ ତାହାର ଅନ୍ୟ କାର୍ଯ ନଥିଲା ପରି ବୋଧହୁଏ । କିନ୍ତୁ ସାମାଜିକ ଜୀବନ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ସମାଜର ପ୍ରତ୍ୟେକ ବ୍ୟକ୍ତିଠାରେ ଏକ ଏବଂ ଏହି ଜୀବନରେ ଥରେ ଜୀବିତ ହେଲେ ପ୍ରକୃତ ଆତ୍ମଜ୍ଞାନ ଲାଭକରେ ଏବଂ ଆଦର୍ଶ ଆଡ଼କୁ ଚାଳିତ ହୁଏ । ମନୁଷ୍ୟ ସେତେବେଳେ ସମାଜର ତଥା ଜଗତର ସମସ୍ତ ପ୍ରାଣୀ ମଧ୍ୟରେ ନିଜର ପ୍ରତିବିମ୍ବ ଦେଖେ, ନିଜ ମଧ୍ୟରେ ନିଜେ ସୀମାବଦ୍ଧ ହୋଇ ନିଜକୁ ପଶୁ ପରି ଜନ୍ତୁ ବିଶେଷ ବୋଲି ନମଣି, କେତେଗୁଡ଼ିଏ ଅଧିକାର ଓ ଅନ୍ୟମାନଙ୍କ ପ୍ରତି କେତେଗୁଡ଼ିଏ କର୍ତ୍ତବ୍ୟର ସମଷ୍ଟି ବୋଲି ଗଣନା କରେ । ଏହିପରି ଅନ୍ୟଠାରୁ ନିଜର ଦାବି ବା ଅଧିକାର ଏବଂ ଅନ୍ୟ ପ୍ରତି ନିଜର କର୍ତ୍ତବ୍ୟ ଅନୁଭବ କରି ତହିଁରେ ଅନୁପ୍ରାଣିତ ହେଲେ ତାହାର ସାମାଜିକ ଜୀବନ ପରିସ୍ଫୁଟ ହୁଏ, ତେତେବେଳେ ସେ ପ୍ରକୃତ ଜୀବନ ଓ ପ୍ରକୃତ ମନୁଷ୍ୟତ୍ୱ ହୃଦୟଙ୍ଗମ କରି କୃତାର୍ଥ ହୁଏ । ଏହି ଜୀବନ ପ୍ରାପ୍ତି ମନୁଷ୍ୟର ଆଦର୍ଶ ବୋଲି ବୋଲାଯାଇଅଛି, ପ୍ରେମ (ପରକୁ ନିଜ ପରି ଦେଖି ତନ୍ମୟତା ଲାଭ କରିବା) ତାହାର ଏହି ଜୀବନ ଲାଭର ପ୍ରଧାନ ଉପାୟ ।

ଏହି ତନ୍ମୟତା କିନ୍ତୁ ଟିକିଏ ବିଷମ ବସ୍ତୁ । ଏହାକୁ ଲାଭ କରିବା ମାର୍ଗରେ ଗୋଟିଏ ବିପଦ ଅଛି, ତାହାକୁ ପ୍ରକୃତି ଦାସତ୍ୱର ବିପରୀତ ଦିଗ ବୋଲାଯାଇପାରେ । ସ୍ଥୂଳତଃ ଏକ ଦିଗରେ ମନୁଷ୍ୟ ଯେପରି ପ୍ରକୃତିପରତନ୍ତ୍ର ହୋଇ ପଶୁତ୍ୱ ଅବଲମ୍ବନ କରେ, ଅନ୍ୟ ଦିଗରେ ସେହିପରି କେବଳ ଆଦର୍ଶ ବଳରେ ଉଦାସୀନତା ଅବଲମ୍ବନ କରି ଶୁଷ୍କ ଓ ଶୂନ୍ୟ ନୀତିର ଉପାସକ ହୁଏ । ଯେଉଁ ତନ୍ମୟତା ଆଦର୍ଶ ଲାଭର ଉପାୟ ବୋଲି କୁହାଗଲା, ତହିଁରେ

Digitized by PPRACHIN, SOA

ମନୁଷ୍ୟ ଆତ୍ମବିସ୍ମୃତ ହେବା ସ୍ୱାଭାବିକ । ସେ ଆଦର୍ଶ ଲାଭ କାମନାରେ ପ୍ରକୃତିର ଦମନ କରିବାକୁ ଯାଇ ବିଳାସବ୍ୟସନ ଛାଡ଼ି ବୈରାଗ୍ୟ ପନ୍ଥା ଆଶ୍ରୟ କରିବା ବଡ଼ ବିଚିତ୍ର ନୁହେ ଏବଂ ସର୍ବଦା ଅନ୍ୟର ସୁଖରେ ନିଜର ସୁଖ ଅନୁଭବ କରିବାକୁ ଯାଇ ନିଜର ସତ୍ତା ପର୍ଯ୍ୟନ୍ତ ଭୁଲି, ପରପରାୟଣ ବା ସର୍ବତୋଭାବରେ ସମାଜର ଅଙ୍ଗୀଭୂତ ହେବାକୁ ଯତ୍ନ କରିବା ନିତାନ୍ତ ଅସମ୍ଭବ ନୁହେ । ଭାରତର ପୌରାଣିକ ଯୁଗର ତପସ୍ୱୀମାନଙ୍କରୁ ନାନାଧିକ ପରିମାଣରେ ସେହି ଦୋଷ ଘଟିଥିଲା ଏବଂ ସେହି ହେତୁରୁ ଆଦର୍ଶର ସମସ୍ତ ଚାରୁତା ଓ ମୋହିନୀଶକ୍ତି ବିଲୁପ୍ତ ହେଲା, ତାହାର ଅନୁବର୍ତ୍ତନ ସୁଖକର ନହୋଇ ଶୁଷ୍କ କର୍ତ୍ତବ୍ୟରେ ପରିଣତ ହେଲା । କ୍ରମଶଃ ଲୋକେ ଇଚ୍ଛା ବଳରେ ଧାର୍ମିକ ନହୋଇ ଧର୍ମଶାସ୍ତ୍ରର ତାଡନାରେ ବିଧି ରକ୍ଷା କରିବାକୁ ବାଧ୍ୟ ହେଲେ ଏବଂ ସମାଜର ପତନ ହେଲା ।

ତେଣୁ ଆଦର୍ଶ କଦାପି ଶୁଷ୍କ ହେବା ବିଧିସଙ୍ଗତ ନୁହେଁ । ତାହାର ସ୍ମରଣ ଅରୁଚିକର ଔଷଧ ପାନ ପରି ନ ହୋଇ ସର୍ବଦା ଆତ୍ମପ୍ରସାଦର ଉଦ୍ରେକ କରିବା ବାଞ୍ଛନୀୟ । ତାହାର ପ୍ରାପ୍ତିରେ ମନୁଷ୍ୟ ଆଶୁ ସୁଖ ନପାଉ ପଛକେ, ସେଥିରେ ସେ ଯେ ଗୋଟିଏ ସ୍ଥାୟୀ ସନ୍ତୋଷ ଆଶାକରେ, ଏଥିରେ ସନ୍ଦେହ ନାହିଁ । ତେଣୁ ଆଦର୍ଶ ମନୁଷ୍ୟର ନିଜ ପ୍ରାଣ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ହେବା ପ୍ରୟୋଜନ । ଅନ୍ୟ ପ୍ରାଣ ବା ସମାଜପ୍ରାଣ ଆପଣା ଠାରୁ ଭିନ୍ନ ବୋଲି କଳ୍ପନା କରି ତାହାକୁ ଆଦର୍ଶ କଲେ ଚଳିବ ନାହିଁ । ନିଜର ସଙ୍କୀର୍ଣ୍ଣ ପ୍ରାଣକୁ ସେହି ପ୍ରଶସ୍ତ ପ୍ରାଣରେ ପରିଣତ କରିବାକୁ ହେବ । ସେହି ବିଶ୍ୱପ୍ରାଣକୁ ନିଜ ପ୍ରାଣରେ ସୁସ୍ପଷ୍ଟ ପ୍ରତିବିମ୍ବିତ ଦେଖିବାକୁ ହେବ । ଅଙ୍ଗରାଗରେ ମନୁଷ୍ୟର ଶରୀରସୌଷ୍ଠବ ଆସେ ନାହିଁ, ଶରୀରକୁ ପରିଷ୍କୃତ ଓ ପରିଚ୍ଛନ୍ନ ରଖି ବ୍ରହ୍ମଚର୍ଯ୍ୟ ଓ ବ୍ୟାୟାମାଦିର ନିୟମମାନ ପାଳନ କଲେ ପ୍ରକୃତ ଶାରୀରିକ ଶୋଭା ସମ୍ପାଦିତ ହୁଏ । ସେହିପରି ଆଦର୍ଶକୁ କଳ୍ପନା କରି ତାହାଠାରେ ଆରୋପିତ ଭଲ ଭଲ ଗୁଣରେ ନିଜକୁ ଅଳଂକୃତ କରିବାକୁ ଚେଷ୍ଟା କଲେ ମନୁଷ୍ୟ ଭଲ ମନୁଷ୍ୟ ହୁଏନାହିଁ, ଆଦର୍ଶ ଜୀବନ ନିଜ ମଧ୍ୟରେ ଅନୁଭବ କଲେ ପ୍ରକୃତ ଆଦର୍ଶ ଲାଭ ହୁଏ । ''ଏହା କଲେ ଲୋକେ ଭଲ କହିବେ'', ''ଭଲ ମନୁଷ୍ୟମାନେ ଏହିପରି କରିଥାନ୍ତି'' ଇତ୍ୟାଦି ବିଚାରରେ ମନୁଷ୍ୟ କେତେଦିନ ଛଦ୍ମବେଶରେ ନିଜର ପ୍ରକୃତି ଲୁଚାଇପାରେ ? ଯେତେଦିନ ଯାଏ ସେହି ସବୁ କ୍ରିୟାକୁ ସେ ନିଜର ପ୍ରକୃତିଗତ କରିନାହିଁ, ଯେତେଦିନ ଯାଏ ସେ ଆଦର୍ଶକୁ ପ୍ରାଣରେ ଅନୁଭବ କରି ତାହାର ସହଜ ସରଳ ପ୍ରବର୍ତ୍ତନାରେ କାର୍ଯ୍ୟ କରିବାକୁ ଶିଖି ନାହିଁ, ତେତେଦିନ ସେ ପ୍ରକୃତ ଆଦର୍ଶ ବା ପ୍ରକୃତ-ମନୁଷ୍ୟତାର ଅଧିକାରୀ ହୋଇନପାରେ, ତେତେଦିନ ଯାଏ ପ୍ରକୃତ ମନୁଷ୍ୟତାର ଆସ୍ୱାଦନ ତାହା ପକ୍ଷରେ ଆକାଶକୁସୁମର ଉପଭୋଗ ପରି ହୀନ ବିଡ଼ମ୍ବନା ମାତ୍ର । ପ୍ରକୃତ ମନୁଷ୍ୟତା ପାଇବାର କାମନା ଥିଲେ ଆଦର୍ଶକୁ ନିଜ ମଧ୍ୟରେ ଜନ୍ମ ଦେଇ ନିଜ ପ୍ରକୃତିକୁ ଆଦର୍ଶ ପ୍ରକୃତିରେ ପରିଣତ କରିଦେବାକୁ ହେବ । ଆଦର୍ଶକୁ ନିଜ ମଧ୍ୟରେ ଅନୁଭବ କରି ସେଥିରେ ଅନୁପ୍ରାଣିତ ହେବାକୁ ହେବ । 'ସହାନୁଭୂତି' ଏହି କଥାଟିରେ ଠିକ୍ ତାହାହିଁ ଧ୍ୱନିତ ହେଉଅଛି । ଘର

Digitized by PPRACHIN, SOA

ହେଉ, ସମାଜ ହେଉ, ତାହାକୁ ଆମ୍ଭେମାନେ ସର୍ବଦା ନିଜର ତୁଳାଦଣ୍ଡରେ ତୁଳି ସ୍ଥିର କରିଥାଉଁ । ଅନ୍ୟର କଷ୍ଟ ବୁଝିବାକୁ ହେଲେ ଆମ୍ଭେମାନେ ନିଜେ ନିଜକୁ ମନେ ମନେ ସେହି ସ୍ଥାନରେ ରଖି ଅନୁଭବ କରୁଁ । ତେଣୁ ସ୍ପଷ୍ଟତଃ କହିବାକୁ ଗଲେ, ଆଦର୍ଶ ମଧ୍ୟ ଟିକିଏ ନିଜତ୍ୱରେ ରସାଣିତ ନ ହେଲେ ତାହା ମାନବର ପ୍ରକୃତିର ଅନ୍ତର୍ଗତ ହୁଏନାହିଁ, ମାନବ ତାହାକୁ ନିଜ ମଧ୍ୟରେ ଜନ୍ମ ଦେଇପାରେ ନାହିଁ । ସେ କିଛି ଦିନପାଇଁ କଠୋର ସଂଯମ ବଳରେ ତାକୁ ଅନୁସରଣ କରିପାରେ, କିନ୍ତୁ ଅନତିବିଳମ୍ବରେ ତାହା ତାହାର ପ୍ରକୃତିରୁ ଖସି ପଡ଼େ, ତାହା କଦାପି ଚିରସ୍ଥାୟୀ ହୁଏନାହିଁ । ଏଣୁ ବୋଲାଯାଇଅଛି, ମନୁଷ୍ୟର ନୀତି ଓ ପ୍ରକୃତି ବିଭାବଦ୍ୱୟ ପରସ୍ପରର ଅନୁପୂରକ । ପ୍ରକୃତି ବ୍ୟତୀତ ନୀତିର କାର୍ଯ୍ୟ କରିବାର ବସ୍ତୁ ନାହିଁ । କିମ୍ବା ନୀତି ବିନା ପ୍ରକୃତି ମାନବପ୍ରକୃତି ହୋଇନପାରେ । ନୀତିର ଅବଲମ୍ବନରେ ପଶୁପ୍ରକୃତିର ସୁପରିଚାଳନଦ୍ୱାରା ଆମ୍ଭେମାନେ ପ୍ରକୃତ ମନୁଷ୍ୟତା ଲାଭ କରୁ । ପଶୁପ୍ରକୃତି ଓ ଦେବତ୍ୱର ବିଚ୍ଛେଦ ଅର୍ଥାତ୍ ପଶୁ ପ୍ରକୃତିବିହୀନ ଶୁଷ୍କ ଆଦର୍ଶମୟ ଶୂନ୍ୟ ଜୀବନ କଦାପି ମନୁଷ୍ୟର ଉଦ୍ଦେଶ୍ୟ ନୁହେଁ । ଏହା ଠିକ୍ ନୀତିହୀନ ପ୍ରକୃତି ପରି ପରିହାର୍ଯ୍ୟ ଏବଂ ଦୁହିଙ୍କର ସମବାୟହିଁ ମନୁଷ୍ୟର ମନୁଷ୍ୟତା ।

ତେବେ ଗୋଟିଏ କଥା ଦେଖିବାକୁ ହେବ । ପୂର୍ବେ ଯେ ପ୍ରକୃତି ଓ ନୀତିର ସମବାୟ କଥା କୁହାଗଲା, ସେଥିରୁ କେହି କେହି କହିପାରନ୍ତି ଯେ ଯଦି ଦୁହେଁ ମନୁଷ୍ୟ ଉପରେ ସମାନ ଅଧିକାର କରି ରହିଅଛନ୍ତି, ତେବେ ନୀତି ସମ୍ବନ୍ଧରେ ମନୁଷ୍ୟକୁ ଯେପରି ଶିକ୍ଷା ଦିଆଯାଏ, ପ୍ରକୃତି ପ୍ରବଣତା ଦିଗରେ ସେହିପରି ଦେବା ଉଚିତ ଏବଂ ମନୀଷୀବର୍ଗ ଯେ କେବଳ ନୀତିର ମହିମା ଘୋଷଣା କରିଯାଇଅଛନ୍ତି, ତାହା ସେମାନେ ଠିକ୍ କରିନାହାନ୍ତି । ପ୍ରକୃତପକ୍ଷେ କେହି କେବେ ପ୍ରକୃତିହୀନ ଶୂନ୍ୟ ନୀତି କିମ୍ବା ନୀତିହୀନ ଅନ୍ଧ ପ୍ରକୃତିର କଥା କହିନାହାନ୍ତି । ନୀତିକଥା କହିଲାବେଳେ ତାହାକୁ ପ୍ରକୃତିରୁ ବିଚ୍ଛିନ୍ନ କରି କହିନାହାନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ସତ୍ୟ କହିବା ଉଚିତ'— ଏହା କହିଲେ ବୁଝାଯାଏ, ମନୁଷ୍ୟ ଯାହା କହିବ, ତାହା ସତ୍ୟରୂପ ମାନଦଣ୍ଡରେ ନିୟମିତ ହେବା ଉଚିତ । କେବଳ ଯାହା ତାହା କହିବା (ପର ନିନ୍ଦା କରିବା, ଅନାଗତ କହିବା, ସାନ କଥାକୁ ବଡ଼ କରି କହିବା, ଇତ୍ୟାଦି) ମନୁଷ୍ୟକୁ ସୁଖ ଲାଗେ, କିନ୍ତୁ ସାମାଜିକ ଜୀବନ ତଥା ସାର୍ବଜନୀନତାରେ ବାଧା ଦିଏ; ଏଣୁ ତାହା କେବଳ ପ୍ରକୃତି । କେବଳ ସତ୍ୟ—ମୌନ ସତ୍ୟ—କୌଣସି ବସ୍ତୁ ପ୍ରତି ପ୍ରଯୁକ୍ତ ନ ହେଲେ ତାହା ଖାଲି ଗୋଟିଏ ଶୁଷ୍କ ଓ ଶୂନ୍ୟ ଗୁଣବାଚକ କଥା ମାତ୍ର (Pure abstraction) । କିନ୍ତୁ 'ସତ୍ୟ କହ' ଏ ଉପଦେଶରେ କୌଣସିଟିର ଏକାଧିପତ୍ୟ ନାହିଁ । କଥା କହିବାକୁ ହେବ, କିନ୍ତୁ ତାହା ସତ୍ୟର ମାନଦଣ୍ଡରେ ମାପି କହିବା ଉଚିତ । ଘଟଣା ଯାହା, ଯାହା ଆମ୍ଭେମାନେ ପ୍ରକୃତ ବୁଝୁଁ ବା ଉପଲବ୍ଧି କରୁଁ ତାହାହିଁ କହିବାକୁ ହେବ । ଯାହା ଇଚ୍ଛା ସେପରି କଥା କହିବା ଉଚିତ ନୁହେ— ଏହାହିଁ ତାତ୍ପର୍ଯ୍ୟ ।

Digitized by PPRACHIN, SOA

ପୁଣି ''ପ୍ରକୃତିକୁ ବରାବର ଛାଡ଼ ନାହିଁ'' ଏ କଥା କେବଳ ଦାର୍ଶନିକ ତତ୍ତ୍ୱାନୁସନ୍ଧିତ୍ସୁ ବ୍ୟତୀତ ଅନ୍ୟ କାହାକୁ କୁହାଯାଏନାହିଁ । କିନ୍ତୁ 'ନୀତିଧର'– 'ଆଦର୍ଶ ଅନୁବର୍ତ୍ତନର ତାହାହିଁ ଏକମାତ୍ର ପନ୍ଥା' ପ୍ରଭୃତି ଉପଦେଶ ସର୍ବଦା ସର୍ବସ୍ଥାନରେ ନାନା ଭାଷାରେ, ନାନା ଭାବରେ ଶୁଣାଯାଏ, ଯଥା– ''ପ୍ରେୟ ପଥ ଛାଡ଼ି ଶ୍ରେୟର ପଥ ଆଶ୍ରୟ କର ।''

''ଆପଦାଂ କଥିତଃ ପନ୍ଥା ଇନ୍ଦ୍ରିୟାଣାମସଂଯମଃ ।
ତଦ୍‌ଜୟଃ ସମ୍ପଦାଂ ମାର୍ଗୋ ଯେନେଷ୍ଟଂ ତେନ ଗମ୍ୟତାଂ–'' ଇତ୍ୟାଦି ।

ଏହାର କାରଣ, ପ୍ରକୃତି ମାନବପ୍ରାଣ ଉପରେ ସର୍ବଦା ନିଜର ଅଧିକାର ବିସ୍ତାର କରି ରହିଅଛି । ଭୋଜନ, ଶୟନ ପର୍ଯ୍ୟନ୍ତ ଯେଉଁ ପ୍ରକୃତିର ଅନ୍ତର୍ଭୂତ, ତାହାର ଆଧିପତ୍ୟ କହି ବୁଝାଇବା ଦରକାର ନାହିଁ । ପୁଣି ସେହି ପ୍ରକୃତି ସର୍ବଦା ଆପାତମଧୁର ଓ ପ୍ରାୟତଃ ସର୍ବଦା ଆଶୁ ସୁଖପ୍ରଦ । ତାହାର ପ୍ରଶ୍ରୟରେ ମନୁଷ୍ୟ କ୍ଷଣକପାଇଁ ନିଜକୁ ସ୍ୱାଧୀନ ଓ ସୁଖୀ ମନେକରେ । ପୁଣି ଅନ୍ୟ ପକ୍ଷରେ ନୀତି ଗୋଟିଏ ସଂଯମ ଓ ଏକ ଅର୍ଥରେ ପରାଧୀନତା । ଏହା ସ୍ୱଚ୍ଛନ୍ଦବୃତ୍ତିକୁ ଆଦର୍ଶ ଦୃଷ୍ଟିରେ ସାଧନଦ୍ୱାରା ସଂଯତ କରେ, ଏଣୁ ଏହା ମନୁଷ୍ୟ ପକ୍ଷରେ ଆପାତ କଠୋର ଏବଂ ଏହି ହେତୁରୁ ମନୁଷ୍ୟ–ସାଧାରଣ ମନୁଷ୍ୟ–ଏତେ ପକୃତିର ଅନୁକୂଳ ଓ ନୀତିପରାଂମୁଖ । ଅତଏବ ମନୁଷ୍ୟକୁ ପ୍ରକୃତିର ପ୍ରଶ୍ରୟ ଦେବା ନିମନ୍ତେ କିଛି କହିବା ନିଷ୍ପ୍ରୟୋଜନ କହିଲେ ଚଳେ । ପ୍ରକୃତିକୁ ସେ ଛାଡ଼ିବାକୁ ଇଚ୍ଛା କଲେ ମଧ୍ୟ ପ୍ରକୃତି ତାକୁ ଛାଡ଼ିବାକୁ ନାହିଁ । ଯେଉଁ ଶୂନ୍ୟ ନୀତି ବା ପ୍ରକୃତିହୀନ ଆଦର୍ଶଲାଭର ପ୍ରୟାସ କଥା କୁହାଗଲା, ତାହା କେବଳ ଦାର୍ଶନିକ ଚିନ୍ତା ମାତ୍ର– ଏହା ମଧ୍ୟ କୁହାଯାଇଅଛି । ପ୍ରକୃତି ଓ ନୀତିର ବିଚ୍ଛେଦ ଅସମ୍ଭବ । ତେବେ ଅନୁପାତର ଇତରବିଶେଷ ହୋଇପାରେ ଏବଂ ସେଥିରେ ବୈରାଗୀ ତପସ୍ୱୀର ନୀତିବିଶେଷତ୍ୱ ଓ ନରହନ୍ତାର ପ୍ରକୃତି ବିଶେଷତ୍ୱ– ଉଭୟ ପରିଲକ୍ଷ ହେଲେହେଁ ମନୁଷ୍ୟ ନିଜେ ଜାଣେ, କି ସକାଶେ ନୀତିର ଉପଦେଶ ତାହାର ଏତେ ଆବଶ୍ୟକ । ପରନ୍ତୁ ପ୍ରକୃତି ପ୍ରବର୍ତ୍ତନାର ଉପଦେଶ ତାହାର ଆଦୌ ଆବଶ୍ୟକ ନୁହେ । ଏମନ୍ତ କି, ଆଦର୍ଶର ଚିତ୍ର ସାଧାରଣ ମନୁଷ୍ୟ ନିକଟରେ ଯେତେ ପୂର୍ଣ୍ଣ ବା ପ୍ରକୃତି-ପ୍ରବଣତାବିରହିତ ହେବ, ତେବେ ତାହାର ମଙ୍ଗଳ । ଏହି ପ୍ରକୃତି-ପ୍ରବଣତା ଉଜ୍ଜ୍ୱଳ ଆଦର୍ଶ ମଧ୍ୟରେ କଳଙ୍କ ପରି । ଏପରି କଳଙ୍କର ଅପକାରିତା ଆମ୍ଭମାନଙ୍କର ପୌରାଣିକ ଆଦର୍ଶରେ ବହୁତ ମିଳେ ଏବଂ ତାହାର ଫଳରେ ହିନ୍ଦୁର ଧର୍ମ– ଫଳତଃ ହିନ୍ଦୁର ସମାଜ– ଆଜି ଏତ ଦୁରାରୋଗ୍ୟ ବ୍ୟାଧି ଭୋଗ କରୁଅଛି । ପୁରାଣର ଦେବତାମାନଙ୍କର ବିଳାସପ୍ରବଣତା ଓ ବାଦଛିଦ୍ର ପ୍ରଭୃତି ଚିରପ୍ରସିଦ୍ଧ । ପୁରାଣର ସ୍ୱର୍ଗରେ ''ବାଇ ନାଚ'' ମଧ୍ୟ ଦେଖାଯାଏ ଏବଂ ତାହାର ଫଳରେ ଆଜି ସମାଜର ନରଦେବତାମାନେ ସମାଜ ଛାରଖାର କରୁଅଛନ୍ତି । ଧର୍ମକାର୍ଯ୍ୟ ଅକାର୍ଯ୍ୟରେ ପରିଣତ ହୋଇଅଛି, ସତ୍‌କର୍ମ ନାମରେ ଖାଣ୍ଟି ଅକର୍ମର ଅନୁଷ୍ଠାନ ସବୁ ଦେଖାଯାଉଅଛି, ଦେବୀ ନରବଳି ପାଉଅଛନ୍ତି । ବିଷ୍ଣୁଙ୍କର ମଧ୍ୟ ଖଟଣି ବେଶ୍ୟା ବା ''ମାହାରୀ'' ରହିଅଛନ୍ତି । ମନୁଷ୍ୟ କଥା ତ ''ଯଥା ଦେବେ

Digitized by PPRACHIN, SOA

ତଥା ଦେହେ'' । ଦେବତା କେବଳ ବାସନା ଭୋଗ କରିବେ ସିନା, କିନ୍ତୁ ପ୍ରକୃତ ସେବା ତ ମନୁଷ୍ୟ ପାଇଁ । କୃଷ୍ଣଙ୍କର ''ବସ୍ତ୍ରହରଣ'' ଓ ''ଗୋପୀପ୍ରେମ'' ସିନା ପୁରାଣକାରଙ୍କ ମସ୍ତିଷ୍କରେ ଥିଲା; କିନ୍ତୁ ବୈଷ୍ଣବ-ପୁଙ୍ଗବଙ୍କର କିଶୋରୀ ପୂଜା ତ ଜଡ଼ଜଗତର ଉପଭୋଗ୍ୟ ବସ୍ତୁ— ଇତ୍ୟାଦି କଥା ହିନ୍ଦୁର ନିତ୍ୟ ନୈମିତ୍ତକ କାର୍ଯ ମଧ୍ୟରେ ମଧ୍ୟ ବହୁତ ଅଛି, ତେଣୁ ସେ ସବୁ ତନ୍ନତନ୍ନ କରି ଦେଖାଇବା ଅନାବଶ୍ୟକ ।

ରକ୍ଷଣଶୀଳ ବ୍ୟକ୍ତିମାନେ କହିପାରନ୍ତି ଏହା ଶୁଷ୍କ ଆଦର୍ଶକୁ ସରସ କରୁଅଛି ଏବଂ ଏହା କଠୋର ଶୂନ୍ୟ ଦେବତ୍ୱର ମାନବତ୍ୱର ଆରୋପକରି ମାନବାତ୍ମାର ପ୍ରସାଦକର ହୋଇଅଛି । କିନ୍ତୁ ଆଶୁ ସୁଖାବହ ମୋହମୟ ବିଳାସର ପ୍ରଶ୍ରୟ ଦେଇ, ଆଦର୍ଶକୁ ରୁଚିକର କରିବା ଅସଙ୍ଗତ ଓ ଅବିଧେୟ । ଏଥିରେ ମନୁଷ୍ୟର ଆତ୍ମପ୍ରବଞ୍ଚନାଜନିତ ଘୋର ପତନ ହୁଏ, ଆତ୍ମପ୍ରସାଦ ଆସେ ନାହିଁ । ତେବେ ଏହି ଆତ୍ମପ୍ରସାଦ ମାନବାତ୍ମାର ଏକଦେଶବ୍ୟାପୀ କଠୋର ଶୂନ୍ୟ ନୀତିରେ ରହି ଆଦର୍ଶକୁ କିପରି ସମ୍ପୂର୍ଣ୍ଣ ଓ ସରସ କରିପାରେ, ନିଃସ୍ୱାର୍ଥପରତାର ଅନୁଷ୍ଠାନରେ ମନୁଷ୍ୟ ଯେଉଁ ସାର୍ବଜନୀନତା ଲାଭ କରେ, ତାହା ପୁଣି କିପରି ସ୍ୱାର୍ଥସର୍ବସ୍ୱ ମନୁଷ୍ୟର ରୁଚିକର ହେବ, ତାହା ଏଥିପୂର୍ବେ ସୂଚିତ ହେଲେହେଁ, ଟିକିଏ କଷ୍ଟ କରି କହିବା ଉଚିତ ।

ମନୁଷ୍ୟ ଚିରଦିନ ମନୁଷ୍ୟ ରହିବ । ତାହାର ନିଃସ୍ୱାର୍ଥପରତା କଦାପି ସ୍ୱାର୍ଥ ଭିନ୍ନ ରହିନପାରେ । ସେ ନିଃସ୍ୱାର୍ଥପର ହେଲେହେଁ, ଯେତେଦିନ ସେହି ନିଃସ୍ୱାର୍ଥପରତା ମଧ୍ୟରେ ସେ ନିଜର କିଛି ସ୍ୱାର୍ଥ ଦେଖିନାହିଁ, ତେତେଦିନ ସେ କୌଣସି ନିଃସ୍ୱାର୍ଥପର କାର୍ଯରେ ଅନ୍ତରର ସହିତ ବ୍ରତୀ ହୋଇପାରିବ ନାହିଁ । ନିଃସ୍ୱାର୍ଥପରତା କହ, ସାମାଜିକ ଜୀବନ କହ, ସାର୍ବଜନୀନ ପ୍ରେମ କହ— ସେ ସବୁ ମନୁଷ୍ୟକୁ ଆଦର୍ଶ ଦେଇପାରେ, କିନ୍ତୁ ଯେତେଦିନ ମନୁଷ୍ୟ ଏହି ଆଦର୍ଶ ମଧ୍ୟରେ ନିଜର କିଛି ସ୍ୱାର୍ଥ ଅନୁଭବ କରିନାହିଁ, ତେତେଦିନ ଏହା ତାହାର ପ୍ରକୃତିକୁ କର୍ମକ୍ଷେତ୍ରକୁ ଟାଣି ଆଣିପାରିବ ନାହିଁ । ତେଣୁ ତାକୁ ଅପରର ସ୍ୱାର୍ଥରେ ନିଜର ସ୍ୱାର୍ଥ ଦେଖିବାକୁ ହେବ, ଅପରର ଦୁଃଖରେ ନିଜର ଦୁଃଖ ଓ ଅପରର ସୁଖରେ ନିଜର ସୁଖ ଅନୁଭବ କରିବାକୁ ହେବ । ତାହା ନ ହେଲେ ତାହାର ନିଃସ୍ୱାର୍ଥପରତାର କିଛି ଅର୍ଥ ନାହିଁ । ମାତ୍ର ଏହି ନିଃସ୍ୱାର୍ଥ ଜୀବନ ମଧ୍ୟରେ ସେ ଯେଉଁ ସ୍ୱାର୍ଥ ଦେଖେ, ତାହା ଆଶୁ ସୁଖପ୍ରଦ ନୀଚ ସ୍ୱାର୍ଥ ନୁହେ । ବିଶେଷତଃ ଏହି ଆଶୁ ସୁଖପ୍ରଦ ନୀଚ ସ୍ୱାର୍ଥକୁ ଆମ୍ଭେମାନେ ସ୍ୱାର୍ଥ ପରିବର୍ତ୍ତନରେ ଆତ୍ମପ୍ରବଞ୍ଚନା ବୋଲି କହୁଅଛୁଁ । ପ୍ରକୃତରେ ତାହା ମନୁଷ୍ୟର ସ୍ୱାର୍ଥ ନୁହେ । ଯେତେଦିନ ଯାଏ ମନୁଷ୍ୟ ନିଜକୁ ଜନ୍ତୁ ଜଗତରୁ ଭିନ୍ନ କରି ଦେଖି ନଥିଲା, ତେତେଦିନ ଏହି ଆତ୍ମପ୍ରବଞ୍ଚନାକୁ ସ୍ୱାର୍ଥ ବୋଲିବା ସ୍ୱାଭାବିକ । କିନ୍ତୁ ଯେତେବେଳେ ନୀତି ମାର୍ଗରେ ରମଣୀୟ ଆଦର୍ଶ ରାଜ୍ୟରେ ପ୍ରବେଶ କରି ''ସର୍ବଭୂତସ୍ଥମାତ୍ମାନଂ, ସର୍ବଭୂତାନିଚାତ୍ମନି'' ଦେଖିଅଛି, ସାଂସାରିକ ଭାଷାରେ କହିବାକୁ ଗଲେ ତାହାର ଅଧିକାର ଓ କର୍ତ୍ତବ୍ୟର (rights and duties) ସମବାୟ ସେହି ସାର୍ବଜନୀନ ଆତ୍ମାକୁ ନିଜ ମଧ୍ୟରେ ଅନୁଭବ କରିଅଛି,

Digitized by PPRACHIN, SOA

ସେତେବେଳେ ତାହାର ସ୍ୱାର୍ଥ ଭିନ୍ନ ଅର୍ଥ ଧରି ରୂପାନ୍ତରିତ ହୋଇଅଛି, ସେ ଜଗତର ସ୍ୱାର୍ଥ ସଙ୍ଗେ ନିଜ ସ୍ୱାର୍ଥକୁ ଏକ ଦେଖିଅଛି । ଯାହାର ଆତ୍ମା ଆଧ୍ୟାତ୍ମିକତାରେ ପ୍ରତିଷ୍ଠିତ ହୋଇ ସାର୍ବଜନୀନ ପ୍ରେମରେ ଥରେ ଆପ୍ଲୁତ ହୋଇଅଛି, ନୀଚ ସ୍ୱାର୍ଥ ବା ଆଶୁସୁଖାବହ ପ୍ରବୃତ୍ତି ତାହାଠାରେ ଆଉ ରହିନପାରେ । ଏଠାରେ ଦେଖିବାକୁ ହେବ, ଏହାହିଁ ମନୁଷ୍ୟର ପ୍ରକୃତ ଆଦର୍ଶ ଏବଂ ଏହି ଆତ୍ମାହିଁ ତାହାର ପ୍ରକୃତ ଆତ୍ମା । ମନୁଷ୍ୟ ଥରେ ଏହା ଦେଖିଲେ, ଥରେ ଏଥିରେ ପ୍ରତିଷ୍ଠିତ ହେଲେ, ସେ ତାହାର ଆତ୍ମବିସ୍ମୃତିରେ ସନ୍ତୋଷ ଅନୁଭବ କରି ପୁଲକିତ ହୁଏ, ଆଉ ନୀଚ ସ୍ୱାର୍ଥକୁ ଚାହେଁ ନାହିଁ । ଚାହିଁଲେ ନିଜ ପାଖରେ ନିଜକୁ ମହା ଅପଦସ୍ଥ ଓ ଅପମାନିତ ବୋଧ କରେ । ତେଣୁ ସେ ସର୍ବଥା ଆତ୍ମପର ଭେଦ ଭୁଲି, ସମସ୍ତ ଜଗତକୁ ନିଜ ମଧ୍ୟରେ ଦେଖି, ଅର୍ଥାତ୍ ନିଜର ବୃତ୍ତି ବାସନାଦି ଅନୁସାରେ ଅନ୍ୟର ବୃତ୍ତି ବାସନାଦି ନିର୍ଦ୍ଧାରଣ କରି, ସେହି ''ବିଶ୍ୱୈକପରିବାର''ରେ ନିଜର ପାରିବାରିକ ଜୀବନ ଅନୁଭବ କରେ ଏବଂ ସେଥିରେ କୃତାର୍ଥ ହୁଏ ।

ଅତଏବ ମାନବ, ପ୍ରକୃତିର ଆଶୁତୃପ୍ତିକର, ମହାବିଭୀଷିକାମୟ, କରାଳ ମୁଖବ୍ୟାଦାନ ନିଜ ମଧ୍ୟରେ ଅବଲୋକନ କରି ସାବଧାନ ହୁଅ । ମୋହମନ୍ତ୍ରରେ ମୁଗ୍ଧ ହୋଇ ଆଦର୍ଶର ଅପଚାର କରନାହିଁ । ପଶୁ ଓ ମନୁଷ୍ୟର ପ୍ରଭେଦ ଅବଲୋକନ କରି, ଶୀଘ୍ର ପ୍ରକୃତ ମନୁଷ୍ୟତାରେ ନିଜର ପୀଠ ସ୍ଥିର କର । ଦିନେ ତୁମର ଶରୀର ସମ୍ବନ୍ଧୀୟ ତୁମର ସ୍ୱାର୍ଥ ସାଧନର ଉଦ୍ଦେଶ୍ୟ ଥିଲା । ସେତେବେଳେ ତୁମ୍ଭେ ସ୍ୱାର୍ଥାନ୍ଧ ଥିଲ । ଆଜି ସେ ସ୍ୱାର୍ଥର ଆକାର ବଦଳିଯାଇଅଛି । ସ୍ୱାର୍ଥରେ ଅନ୍ଧ ନହୋଇ ବରଂ ଆଜି ସେହି ସ୍ୱାର୍ଥ ଚକ୍ଷୁରେ ସମଗ୍ର ଜଗତକୁ ଦେଖୁଅଛ । ଏବେ ଚାହଁ, ସର୍ବତ୍ର ତୁମେ ତୁମର ପ୍ରତିରୂପ ମାତ୍ର ଦେଖିବାକୁ ପାଉଅଛ— ଆଉ ମନୁଷ୍ୟ ମନୁଷ୍ୟର ଭେଦ ନାହିଁ । ତୁମ୍ଭେ ଏକ ଅପୂର୍ବ ଆତ୍ମା ସର୍ବତ୍ର ସମାନଭାବରେ ବିକଶିତ ଥିବାର ଅନୁଭବ କରୁଅଛ ଏବଂ ସେହି ଆତ୍ମା ତୁମ୍ଭ ମଧ୍ୟରେ ତୁମ୍ଭର ସମସ୍ତ ଗତିବିଧି ନିୟମିତ କରୁଅଛି । ଫଳତଃ ତୁମ୍ଭେ ଆଜି ନୀତିରେ ଜିଣିଅଛ । ଆଦର୍ଶ ବଳରେ ପ୍ରକୃତିର ଚପଳ ତରଙ୍ଗ ନିୟମିତ ହୋଇଅଛି । ସାର୍ବଜନୀନ ଆତ୍ମା ତୁମ୍ଭ ମଧ୍ୟରେ ପ୍ରାଣଲାଭ କରିଅଛି । ହୀନ ସ୍ୱାର୍ଥପ୍ରୟାସୀ, ପଶୁପ୍ରକୃତିକ ଆତ୍ମା ପରାସ୍ତ ଓ ବିଧ୍ୱସ୍ତ ହୋଇ ବିଶ୍ୱପ୍ରେମର ମୃତ ସଞ୍ଜୀବନୀ ଶକ୍ତିରେ ଉନ୍ନତ ଓ ପ୍ରଶସ୍ତତର କର୍ମକ୍ଷେତ୍ରରେ ଉଜ୍ଜୀବିତ ହୋଇଅଛି । ତୁମ୍ଭେ ଆଜି ଜୀବନ୍ମୁକ୍ତ ହୋଇଅଛ । ତୁମ୍ଭର ଆତ୍ମା ଆଜି ପଶୁ ଧର୍ମରେ ଲିପ୍ତ ରହି ତୁମ୍ଭର ଶତ୍ରୁ ନୁହେଁ— ଏହା ପ୍ରକୃତ ମନୁଷ୍ୟତାର ଅବତାର ସ୍ୱରୂପ ହୋଇ ତୁମ୍ଭର ତଥା ଜଗତର ମିତ୍ରତ୍ୱରେ ଅଧିଷ୍ଠିତ ହୋଇଅଛି । ଫଳତଃ ତୁମ୍ଭେ ଆଜି ନିଜ ଜୀବନର ଉଦାହରଣରେ ସ୍ପଷ୍ଟତଃ ପ୍ରମାଣ କରିଅଛି—

''ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନାଜିତଃ ।
ଅନାତ୍ମନସ୍ତୁଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ।'' —ଗୀତା

Digitized by PPRACHIN, SOA

# ପ୍ରତିଭା ପୂଜା ଓ ପ୍ରତିମା ପୂଜା

ଗୋଟିଏ କଥାରେ କହିଲେ କୁହାଯିବ, ପ୍ରତିଭାପୂଜା ଓ ପ୍ରତିମାପୂଜାର ଅର୍ଥ ଶକ୍ତି-ଉପାସନା । ଉପାସନା ମାନବର ଗୋଟିଏ ସ୍ୱତନ୍ତ୍ର ବୃତ୍ତି । ଯେତେବେଳେ ସେ ଆପଣାଠାରୁ କୌଣସି ମହତ୍ତର ଶକ୍ତିର କାର୍ଯ୍ୟ ଦେଖେ, ଯେତେବେଳେ କୌଣସି ଶକ୍ତିର କାର୍ଯ୍ୟ ଦେଖି ସେ ବିସ୍ମିତ ବା ଅଭିଭୂତ ହୁଏ, ଯେତେବେଳେ କୌଣସି ଶକ୍ତି ବା ଗୁଣର କଳ୍ପନା କରି ତାହାର ନିଜର ଶକ୍ତି ବିପନ୍ନ ବା ପ୍ରତିହତ ହେଲାପରି ତାକୁ ବୋଧହୁଏ, ଅନ୍ୟଠାରେ କୌଣସି ଶକ୍ତିର ବିକାଶ ଦେଖି ଯେତେବେଳେ ସେ ତହିଁରେ ଅନୁପ୍ରାଣିତ ହୋଇ ତାହା ନିଜେ ପାଇବାକୁ ଇଚ୍ଛା କରେ, ସେତେବେଳେ ତାହାର ଉପାସନାର ପ୍ରବୃତ୍ତି ଜାଗ୍ରତ ହୁଏ । ସ୍ଥୂଳତଃ ମନୁଷ୍ୟ ଅନ୍ୟର କୌଣସି ବିଶିଷ୍ଟ ଗୁଣ ବା ଶକ୍ତି ଦେଖି ଟିକିଏ ବିଶିଷ୍ଟ ଭାବରେ ଭାବାନ୍ୱିତ ହେଲେ, ଉପାସନା କରିବାକୁ ତାହାର ସ୍ୱତଃ ଇଚ୍ଛା ହୁଏ ।

ଏତେ ଭାବିଚିନ୍ତି ଭୂୟୋଦର୍ଶନର ବିଶ୍ଳେଷଣ, ବ୍ୟବଚ୍ଛେଦ କରି କେହି ଉପାସନାରେ ପ୍ରବୃତ୍ତ ହୁଅନ୍ତି ନାହିଁ । ଏହା ମନୁଷ୍ୟର ଗୋଟିଏ ପ୍ରାକୃତିକ ବୃତ୍ତି ଏବଂ ଅଜ୍ଞାତ ଭାବରେ ତାହା ମଧ୍ୟରେ କାର୍ଯ୍ୟ କରେ ଏବଂ ସାମାନ୍ୟ ଶକ୍ତିଧର ଲୋକର ଗୁଣ ପ୍ରଶଂସାଠାରୁ ଆରମ୍ଭ କରି ଅନନ୍ତ ଶକ୍ତି ଭଗବାନଙ୍କର ଉପାସନା ପର୍ଯ୍ୟନ୍ତ ଏହି ପ୍ରତିଭାପୂଜାର କାର୍ଯ୍ୟକ୍ଷେତ୍ର ବିସ୍ତୃତ ରହିଅଛି । ଲୋକେ ଅଜ୍ଞାତ ଭାବରେ ସଂସର୍ଗ ପ୍ରଭାବରୁ ଯେ ଦୋଷଗୁଣର ଅଧିକାରୀ ହୁଅନ୍ତି, ସେଥିରେ ମଧ୍ୟ ଦେଖି ବସିଲେ ଏହି ଶକ୍ତିପୂଜାର ଆଭାସ ମିଳିବ । ଏପରିକି ଜୀବନର ପ୍ରତ୍ୟେକ କ୍ରିୟାକଳାପରେ, ଜୀବନର ପ୍ରତ୍ୟେକ ପରିବର୍ତ୍ତନରେ ଏହାର ସତ୍ତା କ୍ଷୀଣ ହେଲେହେଁ ପ୍ରତ୍ୟକ୍ଷ କରାଯାଇପାରେ । ସାଧାରଣ ଲୋକ ପକ୍ଷରେ ଏ ସମସ୍ତ ପୂଜା ଓ ଅନୁକରଣ ପ୍ରକ୍ରିୟା ଅଜ୍ଞାତ ହେଲେହେଁ ଏହା ସର୍ବଦା ଅଜ୍ଞାତ ରହେ ନାହିଁ । ବିଚାରଶକ୍ତି ପ୍ରଭାବରେ ଏହି ଅଜ୍ଞାତ ବୃତ୍ତି ସବୁ ନିର୍ଦ୍ଧାରଣ କରିବା ଦ୍ୱାରା ତାହାର ସୁପରିଚାଳନା ହୋଇଥାଏ ଏବଂ ଏହିଠାରେ ସମସ୍ତ ମାନବତତ୍ତ୍ୱ, ବିଜ୍ଞାନ ଓ ଦର୍ଶନର ମୂଳ ରହିଅଛି । ଏହିଠାରେ ବିଜ୍ଞାନ (Science) ଓ ଶିଳ୍ପ (Art) ନିମନ୍ତେ ପଥ ପରିଷ୍କାର କରୁଅଛି । ଅର୍ଥାତ୍ ଏହି ଅଜ୍ଞାତ ପ୍ରକ୍ରିୟାର ବିଶ୍ଳେଷଣରେ ଆମ୍ଭେମାନେ ଜ୍ଞାନ ଲାଭ କରୁ ଏବଂ ଯେତେବେଳେ ସେହି ଜ୍ଞାନ ଅନୁସାରେ ସେହି ଅଜ୍ଞାତ ପ୍ରଣାଳୀର ପରିଚାଳନା ହୁଏ ସେତେବେଳେ ତାହା ଶିଳ୍ପ ଆଖ୍ୟା ଧାରଣ କରେ । ତେଣୁ ଆଜି ଏହି ପ୍ରବନ୍ଧରେ ସେହି ଅଜ୍ଞାତ ପ୍ରତିଭା-ପୂଜାକୁ ଟିକିଏ ସାଧାରଣ ଭାବରେ ବିଶ୍ଳେଷଣ କରି ଯେତେଦୂର ସମ୍ଭବ ତାହାର ସୁପରିଚାଳନାର ମାର୍ଗ ଅନ୍ୱେଷଣ କରିବୁ ।

ଅଜ୍ଞାତ ପୂଜା ପ୍ରକ୍ରିୟାର ବିଶ୍ଳେଷଣ ପୂର୍ବରୁ ପୂଜା ଓ ପୂଜକ ବା ଉପାସ୍ୟ ଓ ଉପାସକର ସମ୍ବନ୍ଧ ଟିକିଏ ବୁଝି ରଖିବା ଆବଶ୍ୟକ । ଦୁହିଁଙ୍କର ପରସ୍ପର ସମ୍ବନ୍ଧ ପ୍ରତି

Digitized by PPRACHIN, SOA

ଦୃଷ୍ଟି ନଦେଲେ ଅନେକ ସ୍ଥଳରେ ଦୁର୍ବୋଧ୍ୟତା ଜନ୍ମିପାରେ । ପୂଜ୍ୟ ବସ୍ତୁ ବା ଉପାସ୍ୟ ଦେବତାଠାରେ ମନୁଷ୍ୟ ଯାହା କଳ୍ପନା କରେ, ଅର୍ଥାତ୍ ପ୍ରତ୍ୟକ୍ଷ ବା ଅନୁମାନରେ ତାହାଠାରେ ଯେଉଁ ଗୁଣର ବିକାଶ ଦେଖି ସେ ଭାବାନ୍ୱିତ ହୁଏ, ତାହାର ପ୍ରକୃତି ଅଲକ୍ଷିତ ଭାବରେ ସେହି ଆଡ଼କୁ ଧାବିତ ହୁଏ, ଏଣୁ ବିବେଚନାପ୍ରସୂତ ପରିଚାଳନା ପ୍ରଣାଳୀରେ ଆମ୍ଭେମାନେ ଦୋଷ ପରିହାର କରି କେବଳ ମାନବର ଉନ୍ନତିବିଧାୟକ ଗୁଣ ପ୍ରତି ଦୃଷ୍ଟି ଦେଉ । କାରଣ ଉଦାହରଣସ୍ୱରୂପ କୁଚକ୍ରୀ କପଟାଚାରୀ ଲୋକର ଅଦ୍‌ଭୁତ ଶକ୍ତିରେ ମୋହିତ ହୋଇ ସାଧାରଣ ମାନବ ତହିଁରେ ପ୍ରଣୋଦିତ ହେବା ବିଚିତ୍ର ନୁହେଁ । ପକ୍ଷାନ୍ତରେ ମାନବକୁ ଯାହା ସୁଖ ଲାଗେ, ଭଲ ହେଉ, ମନ୍ଦ ହେଉ, ସେ ସେସବୁ ଗୁଣ ନିଜର ଉପାସ୍ୟ ଦେବତାଠାରେ କଳ୍ପନା କରି ଅନେକ ସମୟରେ ଅଲକ୍ଷିତ ଭାବରେ ସେହି ଦିଗକୁ ଚାଳିତ ହୁଏ । ଏଥିରୁ ତାହାକୁ ରକ୍ଷା କରିବାରେ ମଧ୍ୟ ଜ୍ଞାନସମ୍ମତ ପରିଚାଳନା ପ୍ରଣାଳୀର କାର୍ଯ୍ୟ ଅଛି । ଶେଷତଃ ଉପାସ୍ୟ ବସ୍ତୁଠାରେ ଅଲୌକିକତ୍ୱ କଳ୍ପନା ଓ ଆରୋପ କରି ମନୁଷ୍ୟ ଚିରଦିନ ଉପାସ୍ୟ ବା ପୂଜ୍ୟ ବସ୍ତୁର ଗୁଣ ସବୁ ନିଜର ଅଲଭ୍ୟ ମନେକରି ଆତ୍ମଗ୍ଳାନିରେ ନିମଜ୍ଜିତ ହେବାର ବିପଦ ଅଛି । ଏହିଠାରେ ହିଁ ପ୍ରତିଭାପୂଜା ସ୍ପଷ୍ଟ ଭାବରେ ପ୍ରତିମା ପୂଜାରେ ପରିଣତ ହୋଇଥାଏ । ଏଣୁ ଏ କ୍ଷେତ୍ରରେ ବିଶିଷ୍ଟ ସାବଧାନତା ସହିତ ପଦକ୍ଷେପ କରିବା ବାଞ୍ଛନୀୟ । ସୁତରାଂ ଏ ତିନୋଟି ପ୍ରତି ଲକ୍ଷ୍ୟ ରଖି ସର୍ବଦା ବିଶ୍ଳେଷଣ ପ୍ରକ୍ରିୟାରେ ଅଗ୍ରସର ହେବାକୁ ହେବ । ଆମ୍ଭେମାନେ ମଧ୍ୟ ବିଶ୍ଳେଷଣରେ ଏହି ପ୍ରଣାଳୀର କ୍ରମବିକାଶ ପ୍ରତି ଦୃଷ୍ଟି ଦେବୁଁ ଏବଂ କ୍ରମଶଃ ଦୃଷ୍ଟାନ୍ତ ଓ ବ୍ୟାଖ୍ୟାଦ୍ୱାରା ଏହି ପ୍ରକ୍ରିୟାତ୍ରୟର ପ୍ରଭାବ ସ୍ପଷ୍ଟ ଭାବରେ ଆଲୋଚନା କରିବୁଁ । ତପୂର ପ୍ରକୃତ ପ୍ରତିଭାପୂଜା କିପରି ବସ୍ତୁ ଏବଂ ତାହାର ପ୍ରତିମାପୂଜା ସଙ୍ଗେ କି ସମ୍ବନ୍ଧ ରଖିବା ଉଚିତ ଏବଂ କିପରି ପରିଚାଳିତ ହେଲେ ତାହା ମାନବର ବ୍ୟକ୍ତିଗତ, ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ଉନ୍ନତି ବିଧାୟକ ହେବ, ସ୍ଥୂଳ ଭାବରେ ତାହାର ଆଭାସ ଦେବୁ ।

ପୂଜା ଓ ଉପାସନା ଏହି ଦିଓଟି ଶବ୍ଦ ପ୍ରାୟ ଏକ ଭାବରେ ବ୍ୟବହୃତ ହୋଇଥାଏ । କିନ୍ତୁ ଏଠାରେ ଆମ୍ଭେମାନେ ତାହାର ଟିକିଏ ପ୍ରଭେଦ ଦେଖିବୁ । ମନୁଷ୍ୟ ଯେତେବେଳେ କୌଣସି ବିଶିଷ୍ଟ ଗୁଣରେ ପ୍ରତିହତ ହୋଇ ଭୀତ ଓ ତ୍ରସ୍ତ ହୁଏ, ସେତେବେଳେ ସେ କେବଳ ସେହି ଶକ୍ତିରୁ ଆତ୍ମରକ୍ଷା କରିବାପାଇଁ ଉପାସନା ଆରମ୍ଭ କରେ ଏବଂ ଯେତେବେଳେ ଗୁଣରେ ମୁଗ୍ଧ ହୋଇ ଆଦର କରେ, ସେତେବେଳେ ପୂଜା କରେ ଏବଂ ଅଭିଭୂତ ହେଲେ ପୂଜା ପୁଣି ଉପାସନାରେ ପରିଣତ ହୁଏ । ଫଳରେ ପରିମାଣର ଇତରବିଶେଷ ଛାଡ଼ିଦେଲେ, ଦିଓଟି ଏକ ବସ୍ତୁ ଏବଂ ଶେଷରେ ଦିଓଟିର ପରିଣାମ "ଯଥା ଦେବେ ତଥା ଦେହେ" । ପୁଣି ପ୍ରତିଭାପୂଜା ବରାବର ପ୍ରତିମାପୂଜାରେ ପରିଣତ ହେଲେ ସ୍ଥଳ ବିଶେଷରେ ଏହି ନୀତି "ଯଥା ଦେହେ ତଥା ଦେବେ"ର ପ୍ରକୃତି ଧାରଣା କରେ । ତେବେ ସାଧାରଣ କଥାରେ ଆମ୍ଭେମାନେ ଗୁଣବାନ୍ ଲୋକକୁ ଉପାସନା

Digitized by PPRACHIN, SOA

କରୁନାହିଁ, ପୂଜା କରିପାରୁ । ମାତ୍ର ଦିଓଟିର ପ୍ରକୃତିଗତ ବିଶେଷ କୌଣସି ପ୍ରଭେଦ ନାହିଁ । ଶକ୍ତିଠାରୁ ଭୟ ମଧ୍ୟ ସମୟରେ ଗୁଣର ଆଦରରେ ପରିଣତ ହୁଏ, ଅନ୍ୟ ପକ୍ଷରେ ଗୁଣର ଆଦରରେ କାଳକ୍ରମେ ଅଲୌକିକତା ଆରୋପିତ ହେଲେ ମନୁଷ୍ୟ ସେଥିରେ ଅଭିଭୂତ ଓ ସମୟ ବିଶେଷରେ ସେଥିରୁ ଭୀତହୁଏ । ଏ ସମସ୍ତ ପ୍ରକ୍ରିୟା ଗୋଟିଏ ମନୋବୃତ୍ତିର ଫଳ । ତେଣୁ ଗୋଟିଏ ପ୍ରକାରରେ ମନୁଷ୍ୟ ଥରେ ପ୍ରତିଭାପୂଜାରେ ପ୍ରଣୋଦିତ ହେଲେ ତାହାର ସମସ୍ତ ପ୍ରତିମାପୂଜା ସେହି ଆକାର ଧାରଣ କରେ । ବୁଦ୍ଧି ଓ ବିଚାରଶକ୍ତିର ବିକାଶ ନହେଲେ ସେ ଏ ସବୁର ଆଂଶିକ ପ୍ରଭେଦ ବୁଝି କ୍ରିୟାକଳାପର ପରିଚାଳନା କରିବାକୁ ସମର୍ଥ ହୁଏ ନାହିଁ । ପ୍ରତ୍ୟେକ ଲୋକର ଉପାସନାର କୌଣସି ଗୋଟିଏ ହେଲେ ପନ୍ଥା ଅଛି ଏବଂ ଯେଉଁଠାରେ ସେ କୌଣସି ମହତ୍ତର ବା ଉଚ୍ଚତର ଗୁଣର ବିକାଶ ଦେଖେ, ସେ ସେହି ପ୍ରଣାଳୀରେ ତାହାର ପୂଜା କରେ ।

ଅତଏବ ଦେଖାଗଲା ପ୍ରତିଭାପୂଜା ମନର ଗୋଟିଏ ବୃତ୍ତିରୁ ଜାତ, କେବଳ ଅଜ୍ଞାତ ଭାବରେ ଏହା ମନୁଷ୍ୟକୁ ପ୍ରଭାବିତ କରିବାରୁ ଏହା ପ୍ରତିମାପୂଜାରେ ପରିଣତ ହୁଏ ଏବଂ ପ୍ରତିମାପୂଜାର ଗୋଟିଏ ପ୍ରଣାଳୀ ମାତ୍ର । ତେବେ ଏହି ପୂଜାର ପ୍ରଣାଳୀ ପ୍ରତି ଦୃଷ୍ଟି ଦେଲେ ଆମ୍ଭେମାନେ ପ୍ରତିଭାପୂଜା ଓ ପ୍ରତିମାପୂଜାର ପରସ୍ପର ସମ୍ବନ୍ଧ ବୁଝିପାରିବୁ । ବୋଲାଯାଇଅଛି, ମୂଳରେ ଏହା ଶକ୍ତିର ଉପାସନା ବା ଗୁଣର ପୂଜା । ମନୁଷ୍ୟ ଯେଉଁଠାରେ ନିଜର ଗୁଣଠାରୁ ମହତ୍ତର ଗୁଣର ବିକାଶ ଅନୁଭବ କରେ, ସେହିଠାରେ ତାହାର ପ୍ରତିଭାପୂଜା ବିକଶିତ ହୁଏ । ଏଣୁ ଏହି ପ୍ରତିଭାପୂଜାରେ ଗୁଣ ଓ ଗୁଣଧର ବସ୍ତୁ ଏହି ଦିଓଟି ଉପାଦାନ ରହୁଅଛି ଏବଂ ଏହି ଦିଓଟିକୁ ଲକ୍ଷ୍ୟ କରି ପୂଜାର ତିନିଗୋଟି ପ୍ରଣାଳୀ ନିର୍ଦ୍ଦେଶ କରାଯାଇପାରେ–

୧ । ଏହା ଗୁଣ ପରିବର୍ତ୍ତରେ କେବଳ ଗୁଣବାନ୍ ବସ୍ତୁର ପୂଜା ହୋଇପାରେ ।

୨ । କିମ୍ବା ବସ୍ତୁହୀନ ଶୂନ୍ୟ ଗୁଣର ପୂଜା ବା ଆଦର ଏହାର ଗୋଟିଏ ପ୍ରଣାଳୀ ହୋଇପାରେ ।

୩ । କିମ୍ବା ଶେଷତଃ ଦିଓଟିର ସମବାୟ ହୋଇପାରେ ।

ଏହିପରି ଗୁଣର ଆରାଧନା ବା ଅନୁକରଣ ସମସ୍ତଙ୍କର ଜ୍ଞାତ ବା ଅଜ୍ଞାତ ଲକ୍ଷ୍ୟ ହେଲେହେଁ ଅନୁଷ୍ଠାନ ପ୍ରଣାଳୀରେ ଏହାର ତିନୋଟି ପ୍ରକାର ପରିଲକ୍ଷିତ ହୁଏ । ଏଣୁ ଏହି ତିନୋଟିର ପୃଥକ୍ ପର୍ଯ୍ୟାଲୋଚନା କରିବାକୁ ହେବ ।

୧ । ପ୍ରଥମତଃ ଲୋକେ ଗୁଣଯୁକ୍ତ ବ୍ୟକ୍ତିକୁ ଲକ୍ଷ୍ୟକରି ପ୍ରତିଭାପୂଜା କରିବାକୁ ଯାଇ ତାହାରି ପୂଜା କରନ୍ତି । ସଭ୍ୟତାର ଉନ୍ନତିମୁଖୀ ଶକ୍ତି ମନୁଷ୍ୟ ମଧ୍ୟରେ ଅଜ୍ଞାତ ଭାବରେ କାର୍ଯ୍ୟ କଲେହେଁ ମନୁଷ୍ୟ ସର୍ବଦା ନିଜର କ୍ରିୟାକଳାପର ଗୋଟିଏ କିଛି କାରଣ ଖୋଜିବାରେ ବ୍ୟସ୍ତ । ସେ ସର୍ବଦା ଅଜ୍ଞାତ କର୍ମଗୁଡ଼ିକୁ ଜ୍ଞାନରାଜ୍ୟକୁ ଟାଣି ଆଣିବା ପାଇଁ ଉତ୍ତରୋତ୍ତର ଯତ୍ନ କରୁଅଛି । ଏହାହିଁ ତାହାର ସଭ୍ୟତାର ପ୍ରକୃତ ଉନ୍ନତି । ଯେତେବେଳେ

Digitized by PPRACHIN, SOA

ତାହାର ଏହି ପ୍ରବୃତ୍ତି ପ୍ରଥମେ ବିକଶିତ ହୁଏ, ଯେତେବେଳେ ସେ ଏହି ପ୍ରତିଭାପୂଜା କ୍ଷେତ୍ରରେ ପ୍ରଥମେ ନିଜର ଉପାସନା ବା ଅନୁକରଣ ପ୍ରବୃତ୍ତିର ମୂଳ ଅନ୍ୱେଷଣ କରେ, ଯେତେବେଳେ ସେ ଦେଖେ, ସେ ଗୋଟିଏ ଲୋକର ଅନ୍ୱେଷଣ କରୁଅଛି; ଗୁଣଶାଳୀ ବସ୍ତୁବିଶେଷ ମଧ୍ୟ ସେତେବେଳେ ତାକୁ ମନୁଷ୍ୟ ପରି ଜଣାପଡ଼େ। ବୁଦ୍ଧିବୃତ୍ତିହୀନ ଜଡ଼୍‌ବସ୍ତୁରେ ମନୁଷ୍ୟର ଆରାଧ୍ୟଗୁଣର କଳ୍ପନା ତାହା ପକ୍ଷରେ ସେତେବେଳେ ଅସମ୍ଭବ । ପୁଣି ପ୍ରକୃତରେ ସେ ଯେ ଗୁଣଦ୍ୱାରା ମୋହିତ ହୋଇଅଛି ତାହା ସେ ସ୍ପଷ୍ଟ ବୁଝି ପାରେନାହିଁ । ତେଣୁ ଗୁଣ ପରିବର୍ତ୍ତରେ ମନୁଷ୍ୟକୁ ନିଜର ପୂଜ୍ୟର ଉପାଦାନ ବୋଲି ସ୍ଥିରକରେ, ମନୁଷ୍ୟଠାରୁ ତାହାର ଗୁଣକୁ ଭିନ୍ନ କରି ଦେଖିପାରେନାହିଁ । ତାହା ଦେଖିବା ବଡ଼ ସହଜ ନୁହେ । ଏହା ବିଶିଷ୍ଟ ବିଶ୍ଳେଷଣ ପ୍ରଣାଳୀର ଅପେକ୍ଷା କରେ ଏବଂ ସାଧାରଣ ଲୋକଠାରେ ତାହାର ବିକାଶ ହେବା ଅସମ୍ଭବ । ପୁଣି ଏ ଅବସ୍ଥାରେ ଲୋକ ସାଧାରଣ ଶକ୍ତିରେ କୌଣସି ପ୍ରତିଭା ଦେଖିପାରେ ନାହିଁ । ଯେଉଁଠାରେ ଅତି ଅଦ୍‌ଭୁତ ଶକ୍ତି ଦେଖିଲା ପରି ତାକୁ ବୋଧହୁଏ, ସେହିଠାରେ ତାହାର ପ୍ରତିଭାପୂଜା ଆରମ୍ଭ ହୁଏ, ବସ୍ତୁତଃ ଏହା ତାହାର ପ୍ରତିଭାପୂଜା ନୁହେଁ । ଏହିଠାରେ ହିଁ ପ୍ରତିମାପୂଜାର ପ୍ରକୃତ ଉତ୍ପତ୍ତି । ସ୍ଥୂଳ କଥାରେ ଏହାହିଁ ପ୍ରତିଭାର ପ୍ରତିମାତ୍ୱପ୍ରାପ୍ତି ।

କିନ୍ତୁ ପ୍ରତିମା ପୂଜା କହିଲେ ଆମ୍ଭେମାନେ ଯାହା ବୁଝୁଁ, ତାହା ଏପରି ଗୋଟିଏ କଥାରେ ଛିଣ୍ଡିଯିବା ବସ୍ତୁ ନୁହେ । ଏହା ଜଡ଼ ପିଣ୍ଡରେ ଭୌତିକ ଶକ୍ତିର ଆରୋପଠାରୁ ମହାପୁରୁଷମାନଙ୍କ ପାଦୁକା ପୂଜା ପର୍ଯ୍ୟନ୍ତ, ମହାପୁରୁଷମାନଙ୍କଠାରେ ଅନନ୍ତ ଶକ୍ତିର ଆରୋପଠାରୁ ବିଶ୍ୱବିଧାତାଙ୍କଠାରେ ଜଡ଼ ପିଣ୍ଡର କଳ୍ପନା ପର୍ଯ୍ୟନ୍ତ, ଚନ୍ଦ୍ର ସୂର୍ଯ୍ୟ ପ୍ରଭୃତି ଜଡ଼ ବସ୍ତୁରେ ଜୀବନ୍ତ ମାନସ ଶକ୍ତିର ଆରୋପଠାରୁ ଜୀବନ୍ତ ମାନବର ସ୍ୱେଚ୍ଛାଦାସ୍ୟ ଓ ଉଚ୍ଛିଷ୍ଟ ସେବନ ପର୍ଯ୍ୟନ୍ତ, ମାନବର ନୈତିକ ଓ ଆଧ୍ୟାତ୍ମିକ ରାଜ୍ୟରେ କି ପ୍ରକାଣ୍ଡ ଅଧିକାର ବିସ୍ତାର କରି ରହିଅଛି, ତାହା କାହାରିକୁ ବୁଝାଇ କହିଦେବା ଅନାବଶ୍ୟକ । ପ୍ରଥମ ବିକାଶରେ ମାନବର ଧର୍ମ ଜୀବନ ସ୍ୱତଃ ଏହି ଦିଗକୁ ଧାବିତ ହୁଏ ଏବଂ ଏହା ରକ୍ଷଣଶୀଳତାର ତାରତମ୍ୟ ଅନୁସାରେ ସଭ୍ୟତମ ମାନବପ୍ରାଣର ବିଜ୍ଞାନପ୍ରସୂତ ତୀବ୍ରତା ଓ ଗବେଷଣାର ଚଳ ଦୃଷ୍ଟିକୁ ମଧ୍ୟ ଅଯଥା ସଂଯତ କରିବାକୁ ସମର୍ଥ ।

ମାନବସମାଜର ପ୍ରଥମ ଯୁଗର ଧର୍ମବିକାଶ ପ୍ରତି ଦୃଷ୍ଟି ଦେଲେ ଆମ୍ଭେମାନେ ଏହି ପ୍ରତିମା ପୂଜା ଦେଖିଥାଉଁ । ସଭ୍ୟତାର ଉନ୍ନତି ସଙ୍ଗେ ଏହାର ବିକାଶ ମନୀଷୀମାନଙ୍କଠାରେ କ୍ରମଶଃ ଭିନ୍ନ ରୂପ ଧାରଣ କରେ । କିନ୍ତୁ ସାଧାରଣ ମାନବ ନାନା ଭାବରେ ଏଥିରେ ହିଁ ଗଭୀରତର ଭାବରେ ଜଡ଼ିତ ହୁଏ । କେବଳ ସାଧାରଣ ମାନବ କାହିଁକି, ରକ୍ଷଣଶୀଳତା ସମଗ୍ର ମାନବ ପ୍ରାଣକୁ ନ୍ୟୂନାଧିକ ପରିମାଣରେ ଆବଦ୍ଧ କରିଅଛି । ଏଣୁ କେବଳ ମନୀଷୀମାନଙ୍କର ଅସୀମ ପରିବର୍ତ୍ତନପ୍ରବଣତା ଓ ସ୍ୱାଧୀନ ସାହସ ଛାଡ଼ିଦେଲେ, ରକ୍ଷଣଶୀଳତାର ଚିରଦାସ ମାନବ ବୁଦ୍ଧିର ବିକାଶ ଓ ଅନୁମାନର ସ୍ଫୁରଣ ସଙ୍ଗେ ତୀବ୍ର

Digitized by PPRACHIN, SOA

ଭାବରେ ଏଥିରେ ଜଡ଼ିତ ହୁଏ । ଏଠାରେ ଧର୍ମର ଇତିହାସରୁ ଟିକିଏ ଉଦାହରଣ ଦେଇ ବୁଝାଇଦେଲେ କଥାଟି ସ୍ପଷ୍ଟତର ହେବ । ବିଶିଷ୍ଟ ଭାବରେ ଆମ୍ଭେମାନେ ଭାରତବର୍ଷର ଧର୍ମ ପ୍ରତି ଲକ୍ଷ୍ୟ ରଖିବୁ । ଇତିହାସର ସୀମା ଅତିକ୍ରମ କରି ଆଦିମ ଯୁଗରେ ମଧ୍ୟ ଏହି ପୂଜା ପଦ୍ଧତିର ଉଦ୍‌ଭବ ଅନ୍ୱେଷଣ କରାଯାଇପାରେ, କିନ୍ତୁ ଉଦାହରଣ ଦେବାକୁ ଯାଇ ଏତେଦୂର ଅନୁମାନ ଉପରେ ନିର୍ଭର କରିବା ଅବିଧେୟ । ଧର୍ମର ଧାରାବାହିକ ଇତିହାସ ଲେଖିଲାବେଳେ ତାହା କରାଯାଇପାରେ ।

ତେଣୁ ଏଠାରେ ଆମ୍ଭେମାନେ ବୈଦିକ ଯୁଗରୁ ଆଲୋଚନା ଆରମ୍ଭ କରିବୁ । ସେ ଯୁଗରେ ଆମ୍ଭେମାନେ ଦେଖିବାକୁ ପାଉଁ, ଲୋକେ ଚନ୍ଦ୍ର, ଉଷା, ଦିବସ, ବରୁଣ, ଅଗ୍ନି ପ୍ରଭୃତି ପୂଜା କରିଅଛନ୍ତି । ଟିକିଏ ଚିନ୍ତା କଲେ ଆମ୍ଭେମାନେ ଏଠାରେ ପ୍ରତିଭା ପୂଜାହିଁ ଦେଖିବୁ । ସେତେବେଳେ ମନୁଷ୍ୟ ଆଜିକାଲି ପରି ବିଜ୍ଞାନ, ଜ୍ୟୋତିଷ ପ୍ରଭୃତି ଜାଣିନଥିଲା । ପ୍ରକୃତି କୋଳରେ ସ୍ୱଚ୍ଛନ୍ଦ ଭାବରେ ଜୀବନ ପରିଚାଳନ କରୁଥିଲା । ସେ ମନେକରୁଥିଲା ସୂର୍ଯ୍ୟ ତାହାକୁ ଉତ୍ତାପ ଦେଇ ଶସ୍ୟାଦି ବଢ଼ାଉଅଛି । ଉଷା ତାହା ନିମନ୍ତେ ପ୍ରକୃତିର ଦ୍ୱାର ଉଦ୍‌ଘାଟନ କରୁଅଛି, ଅଗ୍ନି ତାହାପାଇଁ ପାକ କାର୍ଯ୍ୟ ସମ୍ପନ୍ନ କରୁଅଛି, ଇତ୍ୟାଦି । ଏହିପରି ଯେଉଁଠାରେ ଶକ୍ତିର ବିକାଶ ଦେଖୁଥିଲା ଏବଂ ସେହି ଶକ୍ତିକୁ ନିଜ ଶକ୍ତିଠାରୁ ଅତ୍ୟନ୍ତ ଅଧିକ ମଣୁଥିଲା, ସେହିଠାରେ ନିଜପରି ଗୋଟିଏ ଗୋଟିଏ ବୁଦ୍ଧି-ବିଚାର ଶକ୍ତି-ସମ୍ପନ୍ନ ପ୍ରଭୃତି କ୍ଷମତାଶାଳୀ ପ୍ରକାଣ୍ଡ ମନୁଷ୍ୟର କଳ୍ପନା କରୁଥିଲା । ସୂର୍ଯ୍ୟ, ଚନ୍ଦ୍ର, ମେଘ (ଇନ୍ଦ୍ର) ପ୍ରଭୃତି ସୃଷ୍ଟିରେ ଗୋଟିଏ ଗୋଟିଏ ପୁରୁଷ ଥିଲେ ଏବଂ ଭାବିଚିନ୍ତି କାର୍ଯ୍ୟ କରୁଥିଲେ । ଏପରିକି କାହାରି ଶରୀର ଦଗ୍‌ଧ ହେଲେ ଅଗ୍ନିଦେବଙ୍କର ବିଚାର କଳ୍ପିତ ହେଉଥିଲା । ପ୍ରଚଣ୍ଡ ସୌର ରଶ୍ମିରେ ଶସ୍ୟ ନଷ୍ଟ ହେଲେ ଇନ୍ଦ୍ର ଓ ସୂର୍ଯ୍ୟଦେବଙ୍କର କୋପ ଶାନ୍ତିର ବ୍ୟବସ୍ଥା ହେଉଥିଲା । ଏହିପରି ପ୍ରତ୍ୟେକ ଭୌତିକ ଶକ୍ତିରେ ଗୋଟିଏ ଗୋଟିଏ ଗୁରୁତର କ୍ରିୟା ଆରୋପିତ ହେଉଥିଲା । ଏଠାରେ ସ୍ପଷ୍ଟ ବୁଝାଯାଉଅଛି, ସେ ଏହିସବୁ ଶକ୍ତିର ପଶ୍ଚାତରେ କେବେ ଗୋଟିଏ ପୁରୁଷ ଦେଖି ନାହିଁ, କେବଳ ଗୋଟିଏ ଗୋଟିଏ ଅଚିନ୍ତିତ ପୂର୍ବ ଶକ୍ତିର ବିକାଶ ଦେଖି ସେଥିରେ ନିଜେ ମୋହିତ ବା ପ୍ରତିହତ ହୋଇ ବିସ୍ମିତ ହୋଇଅଛି ଏବଂ ଅତର୍କିତ ଭାବରେ ସେହି କଳ୍ପିତ ପୁରୁଷର ପୂଜା କରିବାକୁ ଶିଖିଅଛି । କାଳକ୍ରମେ ସେହି ସେହି ପୁରୁଷ ଶକ୍ତିର ସମ୍ବନ୍ଧ ଛାଡ଼ିଅଛନ୍ତି । ବିଜ୍ଞାନ ପ୍ରଭାବରେ ସେ ସବୁ ଜଡ଼ବସ୍ତୁରେ ପରିଣତ ହୋଇଅଛନ୍ତି ସତ୍ୟ, କିନ୍ତୁ ଅନ୍ଧ ପରମ୍ପରା ନ୍ୟାୟରେ ମନୁଷ୍ୟ ରକ୍ଷଣଶୀଳତାରେ ଅନ୍ଧୀଭୂତ ହୋଇ ଆଜି ସୁଦ୍ଧା ନବୁଝିନସୁଝି ତାହାର ପୂଜା କରୁଅଛି ।

ଏଠାରେ ଆମ୍ଭେମାନେ କ'ଣ ଦେଖିଲୁ ? ଗୁଣରେ ବିସ୍ମିତ ବା ତ୍ରସ୍ତ ହୋଇ, ସେଥିର କାରଣ ଖୋଜିବାକୁ ଯାଇ, ଆଦିମ ମାନବ ଏହି ପ୍ରତିମା ପୂଜାରେ ପଡ଼ିଥିଲା । ପରବର୍ତ୍ତୀ କାଳରେ ମନୀଷୀମାନେ ତାହାର ପ୍ରକୃତ କାରଣ ବାହାରକରି ଦେଖାଇ ଦେଲେ ମଧ୍ୟ ଲୋକେ ରକ୍ଷଣଶୀଳତାରେ ଅନ୍ଧ ହୋଇ ତାହାର ଚର୍ବିତଚର୍ବଣରେ ବ୍ୟସ୍ତ । କମ୍ବଳକୁ

Digitized by PPRACHIN, SOA

ଛାଡ଼ିଲେ ମଧ୍ୟ 'କମ୍ଲି ନେହି ଛୋଡ୍‌ତା ହେ' । ଉପନିଷଦର ଗଭୀର ଗବେଷଣାରେ ସେସବୁ ତତ୍ତ୍ୱ ବ୍ୟାଖ୍ୟା କରାହେଲେ ମଧ୍ୟ, ସୂର୍ଯ୍ୟଦେବ ଆଜି ସୁଦ୍ଧା 'ଶମ୍ବରଦଶମୀ' ଦିନ ଜଣ ପ୍ରତି ଗୋଟିଏ ଗୋଟିଏ ଲେଖାଏଁ ପିଠା ଖାଉଅଛନ୍ତି । ଇନ୍ଦ୍ରଦେବ ରାଗ ଶାନ୍ତି ଓ ପ୍ରତିଶୋଧ ପାଇଁ ବଜ୍ର ମାରି ଆମ୍ଭମାନଙ୍କର ଗଛପତ୍ର ଏବଂ ପ୍ରାଣ ପର୍ଯ୍ୟନ୍ତ ନଷ୍ଟ କରୁଅଛନ୍ତି । ଠିକ୍ ଘର ପୋଡ଼ିଗଲା ବେଳେ ମଧ୍ୟ ଅଗ୍ନିଦେବଙ୍କ କୋପ ନିବାରଣ ପାଇଁ ଘୃତ ଓ ପଚ୍ଛବସ୍ତ୍ରର ବ୍ୟବସ୍ଥା ହେଉଅଛି । ଏମନ୍ତ କି ସେହି ସବୁ ଶକ୍ତି ପୂଜାର କାରଣ ଜାଣିଲେ ମଧ୍ୟ ତାହାର ଫଳ ସ୍ୱରୂପ ବିସୂଚିକା, ବସନ୍ତ ପ୍ରଭୃତି ଦେବୀ ରୂପରେ ପ୍ରତିଷ୍ଠା ଲାଭ କରୁଅଛନ୍ତି, ଇତ୍ୟାଦି ।

ଏସବୁ ଗଲା ସ୍ଥୂଳତଃ ବୈଦିକ ଯୁଗର ପ୍ରତିମା ପୂଜା ଏବଂ ତାହାର ପରିଣାମରେ ବୈଦିକ ହିନ୍ଦୁର ଦୁରବସ୍ଥା । ଟିକିଏ ତଳକୁ ଓହ୍ଲାଇ ଆସିଲେ ମଧ୍ୟ ସେହି ଦୃଶ୍ୟ ଆହୁରି ଟିକିଏ ବୈଜ୍ଞାନିକ ଭିତ୍ତି ଉପରେ ଦୃଢ଼ତର ଭାବରେ ରହିଅଛି । ପୌରାଣିକ ଯୁଗରେ ଇନ୍ଦ୍ର, ଅଗ୍ନି ପ୍ରଭୃତିଙ୍କ ପରିବର୍ତ୍ତରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ରାଜତ୍ୱ କରୁଅଛନ୍ତି । ସେଥି ମଧ୍ୟରୁ ଶିବ ଓ ବିଷ୍ଣୁ ବିଶେଷ ଭାବରେ ପୂଜା ପାଇଥାନ୍ତି । ଟିକିଏ ଅନୁସନ୍ଧାନ କଲେ ବୁଝାଯିବ, ଏହିଠାରେ ଉନ୍ନତତର ଦାର୍ଶନିକତା ବୈଦିକ ଯୁଗର ସରଳ ପ୍ରତିମା ପୂଜାରୁ ନିଷ୍କୃତି ଲଭିବାକୁ ଯାଇ ନିଜେ ଜାଲ ବୁଣି ପୁଣି ସେହି ଜାଲରେ ଆବଦ୍ଧ ହୋଇଅଛି ।

ବୈଦିକ ଯୁଗରୁ ଯେତେବେଳେ ମନୁଷ୍ୟ ଟିକିଏ ଉନ୍ନତ ହେଲା, ସେତେବେଳେ ଭୌତିକ ଶକ୍ତିର ସରଳ ପୂଜା ତାହାକୁ ଆଉ ତୃପ୍ତି ଦେଇପାରିଲା ନାହିଁ । ସେ ସୃଷ୍ଟିର ବିଚିତ୍ର କ୍ରିୟାକଳାପ ଦେଖି ତାହାର କର୍ତ୍ତବ୍ୟ କଳ୍ପନା କରିବାକୁ ଅଗ୍ରସର ହେଲା ଏବଂ ନିଜର କାର୍ଯ୍ୟ ସଙ୍ଗେ ସୃଷ୍ଟିର କାର୍ଯ୍ୟକୁ ତୁଳନା କରି ଗୋଟିଏ କର୍ତ୍ତାର କଳ୍ପନା ଧାରଣା କରିବାକୁ ଗଲା । ସେତେବେଳେ ଈଶ୍ୱରଙ୍କୁ ଗୋଟିଏ ମହାଶକ୍ତିଧର ମନୁଷ୍ୟ ପରି କଳ୍ପନା କରିବା ତାହା ପକ୍ଷରେ ସ୍ୱାଭାବିକ । ସେତିକି ନୁହେଁ, ସେ ପୁଣି ଦେଖିଲା, ଜଡ଼ଜଗତର କୌଣସି କ୍ରିୟାର ଯେପରି ଉତ୍ପତ୍ତି, ଭୁକ୍ତି ଓ ସମାପ୍ତି ଅଛି ଅଥବା ତାହାର ନିଜ କାର୍ଯ୍ୟ ଯେପରି ଆରମ୍ଭ, ମଧ୍ୟ-କାଳ ଓ ଶେଷ ଅଛି, ସୃଷ୍ଟିର ମଧ୍ୟ ସେହିପରି ଥିବ । ପୁଣି ଏପରି ବିଶାଳ ସୃଷ୍ଟିର ଉତ୍ପତ୍ତି, ଭୁକ୍ତି ଓ ସମାପ୍ତି ଏକ ଶକ୍ତିର କାର୍ଯ୍ୟ ହେବା ତାଦୃଶ୍ୟ ସମ୍ଭବ ନୁହେଁ । ଏଣୁ ସେ ତିନୋଟି ଶକ୍ତି ଅଥବା ଏକା ଶକ୍ତିର ତିନୋଟି ବିକାଶ କଳ୍ପନା କଲା ଏବଂ ସଙ୍ଗେ ସଙ୍ଗେ ଏହି ଦାର୍ଶନିକ ଗୁଣ ଦୃଷ୍ଟି ଓ ପ୍ରତିଭା ପୂଜା ପ୍ରତିମା ପୂଜାରେ ପରିଣତ ହେଲା, ପୁରୁଷର ପୂଜା ଆରବ୍ଧ ହେଲା । ଅଳ୍ପଦିନ ମଧ୍ୟରେ ତିନିହେଁ ପରସ୍ପରଠାରୁ ବିଭିନ୍ନ ବୋଲି ପରିଗଣିତ ହେଲେ । କ୍ରମଶଃ ଗୁଣର ଆରୋପ ତଥା ଅନୁକରଣ ପ୍ରବୃତ୍ତି କଳ୍ପନାଦ୍ୱାରା ପ୍ରତିହତ ହୋଇ ଭୟରେ ପରିଣତ ହେଲା । କାରଣ, ଯେଉଁଠାରେ ଶକ୍ତି, ସେଠାରୁ ଭୟ ପାଇବା ସ୍ୱାଭାବିକ । ତେଣୁ ଯେଉଁମାନେ ସୁଖରେ ରହିବାକୁ କାମନା କଲେ, ସେମାନେ ଭୁକ୍ତିର ପୁରୁଷ ଅର୍ଥାତ୍ ବିଷ୍ଣୁଙ୍କୁ, ଯେଉଁମାନେ

Digitized by PPRACHIN, SOA

ମରଣରୁ ନିସ୍ତାର ଲଭିବାକୁ ପ୍ରୟାସୀ ହେଲେ ସେମାନେ ରୁଦ୍ରଙ୍କୁ ଶିବ ଆଖ୍ୟା ଦେଇ ପୂଜା କଲେ ଏବଂ ବ୍ରହ୍ମାଙ୍କର ପୂଜା ଆବଶ୍ୟକ ନଥିବାରୁ ପ୍ରାୟତଃ ପରିତ୍ୟକ୍ତ ହେଲା । ଅବଶ୍ୟ କେହି ଏତେ ବିଶ୍ଳେଷଣ ପ୍ରଣାଳୀରେ ଏପରି ପୂଜାରେ ଉପସ୍ଥିତ ହୋଇନଥିଲେ । ପରବର୍ତ୍ତୀ ଯୁଗରେ ଦାର୍ଶନିକ ପ୍ରଣାଳୀରେ ଏହି ପୂଜା ପଦ୍ଧତିର ବିଭିନ୍ନ ପ୍ରକାର ବ୍ୟାଖ୍ୟା ହୋଇଥିଲେ ମଧ୍ୟ ଅଜ୍ଞାତ ଭାବରେ ପ୍ରଥମେ ତାହା ଏହି ନିୟମରେ ଚାଳିତ ହୋଇଥିଲା । ଏଠାରେ ମଧ୍ୟ ପ୍ରତିଭା ପୂଜା ପ୍ରତିମା ପୂଜାରେ ପରିଣତ ହୋଇ ଦାର୍ଶନିକ ତତ୍ତ୍ୱ ଅନୁସନ୍ଧିତ୍ସାକୁ କିପରି ଆବଦ୍ଧ କଲା, ତାହା ଦେଖାଯାଉଅଛି । ପୁଣି ଅଦ୍ୟାପି ସେହି ପ୍ରତିମାପୂଜା ଲୋକଙ୍କର ଅନୁକରଣ ବୃତ୍ତିର ଚାଳନା କରି କିପରି ସମାଜର ତଥା ଲୋକଚରିତ୍ରର ଦୁର୍ଦ୍ଦଶା ଘଟାଉଅଛି, ତାହା ସମସ୍ତେ ଜାଣନ୍ତି ।

ତତ୍ପରେ କ୍ରମଶଃ ହିନ୍ଦୁର ଧର୍ମଜୀବନରେ ଅବସ୍ଥାନ୍ତର ଘଟିଲା । ଲୋକଙ୍କର ଚିତ୍ତବୃତ୍ତି କ୍ରମଶଃ ବିକଶିତ ହୋଇ ଅଧିକତର ଦାର୍ଶନିକ ଭାବରେ ବିଶ୍ୱତତ୍ତ୍ୱର ଚିନ୍ତା କରିବାକୁ ଆରମ୍ଭ କଲା । ଆଉ ବିଶ୍ୱବିଧାତାଙ୍କର ମାନବତ୍ୱ କଳ୍ପନାରେ ତାହାର ତୃପ୍ତି ହେଲା ନାହିଁ । କ୍ରମେ କ୍ରମେ ତାହାର ସାନ୍ତ ଜ୍ଞାନ ଅନନ୍ତ ଦିଗକୁ ଧାବିତ ହେଲା । ସୃଷ୍ଟି ମୂଳରେ ସେ ଗୋଟିଏ ଅନନ୍ତ ଶକ୍ତି ଦେଖିବାକୁ ଆରମ୍ଭକଲା । କ୍ରମଶଃ ଗଭୀର ଦାର୍ଶନିକତାରେ ମାନବ ଦ୍ୱୈତ ଓ ଅଦ୍ୱୈତ ଅନନ୍ତ ଶକ୍ତିର କଳ୍ପନା କଲା, ଜୀବାତ୍ମା ପରମାତ୍ମାର ସମ୍ବନ୍ଧ ବୁଝି ସୃଷ୍ଟିର ବ୍ୟାଖ୍ୟା କରିବାକୁ ପ୍ରବୃତ୍ତ ହେଲା । କ୍ରମଶଃ ତାହାର ଈଶ୍ୱର ଜଗତର ଅନନ୍ତ ମୂଳାଧାରରେ ପରିଣତ ହେଲା ଏବଂ ସେ ଏହି ମୂଳାଧାରରେ ଅନନ୍ତ ବ୍ୟାପ୍ତି ଓ ଅନନ୍ତ ଚିତ୍‌ଶକ୍ତି କଳ୍ପନା କରି ସଚ୍ଚିଦାନନ୍ଦମୟ ବିଶ୍ୱବିଧାତା ଓ ବିଶ୍ୱନିୟନ୍ତାଙ୍କର ଉପାସନା କରିବାରେ ନିଜର ପରମପଦ କଳ୍ପନା କଲା ।

ଏଠାରେ ଏକପ୍ରକାର ଦାର୍ଶନିକତାର ପୂର୍ଣ୍ଣ ବିକାଶ ହେଲା ସତ୍ୟ, କିନ୍ତୁ ସାଧାରଣ ଲୋକେ ଏହି ମହୋଚ୍ଚ ପ୍ରତିଭାପୂଜାକୁ ମଧ୍ୟ ପ୍ରତିମାପୂଜାରେ ପରିଣତ କଲେ । ଅନତି ବିଳମ୍ବରେ ଏହା ମନୀଷୀ କଳ୍ପନାର ଶୂନ୍ୟ ରାଜ୍ୟରୁ ଭୂତଳକୁ ଆନୀତ ହେଲା ଏବଂ ନାନାଭାବରେ ପ୍ରତିଭା କାଷ୍ଠ ପ୍ରସ୍ତର ଠାରେ କଳ୍ପିତ ହୋଇ ବିବିଧ ଆକାର ଧାରଣ କଲା । କିନ୍ତୁ ବିଚାରବାନ୍ ଲୋକଙ୍କ ମଧ୍ୟରେ ମଧ୍ୟ ଏହା ଯେ ପ୍ରତିମା ପୂଜାରେ ପରିଣତ ନ ହେଲା ତାହା ନୁହେଁ, ମାତ୍ର ଏଠାରେ ତାହା ଟିକିଏ ଭିନ୍ନ ପନ୍ଥା ଅବଲମ୍ବନ କରିଥିଲା ଏବଂ ପରିଶେଷରେ ଯେତେବେଳେ ସାଧାରଣ ଲୋକେ ସେହି ପନ୍ଥାର ପଥିକ ହେଲେ, ସେତେବେଳେ ସଭ୍ୟତାର ପରମ ଶତ୍ରୁ ମାନବର ସ୍ଥାୟୀ ମୋହର ଅବତାର, ଜଘନ୍ୟ ପ୍ରତିମାପୂଜା ବିକଶିତ ହେଲା ।

ତେବେ ବର୍ତ୍ତମାନ ଦେଖାଯାଉ ସେ ପନ୍ଥାଟି କ'ଣ ? ମାନବ ଦାର୍ଶନିକ ଚିନ୍ତାଶକ୍ତି ବଳରେ ଶୂନ୍ୟ ରାଜ୍ୟରେ ପ୍ରବେଶ କରି ଅନୁମାନ ଓ କଳ୍ପନାରେ ଅନନ୍ତ ଗୁଣର ଆଧାରସ୍ୱରୂପ ସେହି ଈଶ୍ୱର ଶକ୍ତିର ଧାରଣ କଲା । କିନ୍ତୁ ଠିକ୍ ପରକ୍ଷଣରେ ଆଉ

Digitized by PPRACHIN, SOA

ପୃଥିବୀକୁ ଫେରି ଆସିପାରିଲା ନାହିଁ । ଅର୍ଥାତ୍ ଜଡ଼ମୟ, ଜଡ଼ଶକ୍ତିଦ୍ୱାରା ପରିଚାଳିତ ଏହି ସଂସାର ସଙ୍ଗେ ସେହି କଳ୍ପନା ରାଜ୍ୟର ଈଶ୍ୱର ଶକ୍ତିର ସମ୍ପର୍କ ସ୍ଥିର କରିପାରିଲା ନାହିଁ । ହସ୍ତ, ପଦ, ଯନ୍ତ୍ରାଦି ବିନା ଜଡ଼ଜଗତରେ ଶକ୍ତିର କାର୍ଯ୍ୟ ଅସମ୍ଭବ, ଏପରି ସ୍ଥଳରେ ଭଗବାନ୍ କିପରି ଜଡ଼ଜଗତରେ କାର୍ଯ୍ୟ କରିପାରନ୍ତି ? ଆମ୍ଭଙ୍କୁ ଜଣା ନ ଯିବା ଭଳି କୌଣସି ଉପାୟରେ ଜଡ଼ଜଗତରେ ଶକ୍ତି କାର୍ଯ୍ୟ କରିବା ସମ୍ଭବ । ଏହା ମଞ୍ଜୁର କଲେ ମଧ୍ୟ ମାନବର ଚିନ୍ତା ରାଜ୍ୟରେ ତାହା କିପରି କାର୍ଯ୍ୟ କରିପାରେ ? ମନୁଷ୍ୟ ତାହାର ସମସ୍ତ କଥା ଜାଣୁଅଛି, ଏହା ତାହାର ଗୋଟିଏ ଅହଂକାର । ଏପରି ଅବସ୍ଥାରେ ସେ କିପରି ବିଶ୍ୱାସ କରିପାରେ ଯେ ଈଶ୍ୱର ଶକ୍ତି ତାହା ଉପରେ କାର୍ଯ୍ୟ କରୁଅଛି ? ଏହିପରି ଜ୍ଞାତ, ଅଜ୍ଞାତ ଓ ମୋହଯୁକ୍ତ ନାନାବିଧ ବିଚାର ପ୍ରଭାବରେ ଚାଳିତ ହୋଇ ସେ ଐଶ ଶକ୍ତିର ସୃଷ୍ଟିରେ କି କ୍ରିୟାସମ୍ବନ୍ଧ ଅଛି ତାହା ବୁଝିପାରିଲା ନାହିଁ । ଜଡ଼ବସ୍ତୁ ସଙ୍ଗେ ଶୂନ୍ୟରାଜ୍ୟସ୍ଥିତ ଈଶ୍ୱରଙ୍କର, ସାନ୍ତ ଜଗତ୍ ସଙ୍ଗେ ଅନନ୍ତ ବିଶ୍ୱକର୍ତ୍ତାଙ୍କର କିଛି ସମ୍ବନ୍ଧ ସହଜରେ ଧରିପାରିଲା ନାହିଁ । ସେ କେବଳ ଦେଖିଥିଲା, ମନୁଷ୍ୟ ମନ ସଙ୍ଗେ ଈଶ୍ୱରଙ୍କର ସମ୍ବନ୍ଧ ଅଛି । କାରଣ, ପ୍ରଥମେ ମନ ଜଡ଼ବସ୍ତୁ ନୁହେଁ, ଦ୍ୱିତୀୟତଃ ମନଦ୍ୱାରା ସେ ଈଶ୍ୱରବସ୍ତୁର କଳ୍ପନା କରିବାକୁ ସମର୍ଥ ହୋଇଅଛି । ଅତଏବ ଈଶ୍ୱର ଏହି ମାନବ ମନରେ ଅବତାର ଗ୍ରହଣ କରି ସୃଷ୍ଟି ସଙ୍ଗେ ଆସିବା ଖୁବ୍ ସମ୍ଭବ । ଏହିଠାରେ ଅବତାରବାଦର ସୃଷ୍ଟି ଏବଂ ଏଥିପାଇଁ ଗୀତାରେ ଅଛି—

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ॥

ଏହି ଅବତାରବାଦରେ ସତ୍ୟ ଥାଇପାରେ— ତାହା ଏଠାରେ ଆମ୍ଭର ସମାଲୋଚ୍ୟ ନୁହେଁ, ତାହା କିପରି ପ୍ରତିମା ପୂଜାରେ ପରିଣତ ହେଲା, ତାହାହିଁ ଏଠାରେ ବୁଝିବାକୁ ହେବ । ଅବଶ୍ୟ ସ୍ୱୀକାର କରିବାକୁ ହେବ, ଏ ବିଷୟ ବୁଝିବାକୁ ଆମ୍ଭମାନଙ୍କୁ ବେଶୀ ପରିଶ୍ରମ କରିବାକୁ ହେବନାହିଁ । କାରଣ ଅବତାରବାଦରୁ ମତ୍ସ୍ୟ କଚ୍ଛପାଦିର ପ୍ରସ୍ତର-ରୂପ ପୂଜା ଗ୍ରାମେ ଗ୍ରାମେ ହିନ୍ଦୁର ରକ୍ଷଣଶୀଳତା ସ୍ପଷ୍ଟ ଭାବରେ ଘୋଷଣା କରୁଅଛି ।

ଏହିଠାରେ ଆଉ ଗୋଟିଏ କଥା ଦେଖିବାକୁ ହେବ । ଏକ ଦିଗରେ ଯେପରି ଅବତାରବାଦରେ ମନୁଷ୍ୟାଦିଠାରେ ଏହି ଶକ୍ତିର ବିକାଶ କଳ୍ପିତ ହେଲା, ସେହିପରି ଅନ୍ୟ ଦିଗରୁ ଯେଉଁଠାରେ ଟିକିଏ ଅଦ୍‌ଭୁତ ଶକ୍ତି ଦେଖାଗଲା, ସେ ମଧ୍ୟ ଐଶ ଶକ୍ତି ବା ତହିଁର କଳା ବୋଲି ଗୃହୀତ ହେବା ବିଧିସଙ୍ଗତ ଓ ଯୁକ୍ତିଯୁକ୍ତ । ଏଥିରେ ମଧ୍ୟ କୌଣସି ଦୋଷ ବା କ୍ଷତି ନାହିଁ । ପ୍ରତିଭାପୂଜାର ବ୍ୟାପକ ଅର୍ଥ ଛାଡ଼ିଦେଲେ, ସାଧାରଣତଃ ଲୋକେ ଏହାକୁହିଁ ପ୍ରତିଭାପୂଜା ବୋଲି କହିଥାନ୍ତି । କିନ୍ତୁ ଏହା ଯେତେବେଳେ ବୈଜ୍ଞାନିକ ବିଶ୍ଳେଷଣ କ୍ରିୟାରୁ ବିଚ୍ଛିନ୍ନ ହୁଏ ଏବଂ ଯେତେବେଳେ କୁସଂସ୍କାର ଓ ରକ୍ଷଣଶୀଳତା ଦୋଷରୁ ପ୍ରତିମାପୂଜାରେ ପରିଣତ ହୁଏ, ସେତେବେଳେ ମନୁଷ୍ୟର ଆଉ ରକ୍ଷା ନାହିଁ ।

Digitized by PPRACHIN, SOA

ଏ କ୍ଷେତ୍ରରେ ଗୁଣ ଓ ଗୁଣୀର ଭେଦ ଭୁଲି ଯଦି ଗୁଣକୁ ଐଶ କଳା ମନେକରି ସଙ୍ଗେ ସଙ୍ଗେ ମନୁଷ୍ୟ ଗୁଣୀର ଈଶ୍ୱରପରି ଶାରୀରିକ ପୂଜା ଆରମ୍ଭ କରେ, ତେବେ ପ୍ରତିଭାପୂଜାର ଫଳ ହଠାତ୍ ବିପର୍ଯ୍ୟସ୍ତ ହୁଏ ଓ ମନୁଷ୍ୟର ଅନୁକରଣବୃତ୍ତି ବିପଥଗାମୀ ହୁଏ । ଏହି ନିୟମର ବଶବର୍ତ୍ତୀ ହୋଇ ମନୁଷ୍ୟ ବ୍ୟକ୍ତି- ବିଶେଷଠାରେ ଅଲୌକିକତ୍ୱ କଳ୍ପନା କରି ସେ ଲୋକର ଗୁଣ ନିଜର ଅଲଭ୍ୟ ବୋଲି ସ୍ଥିର କରି ଦୂରରେ ରହେ, ପ୍ରତିଭାକୁ ପ୍ରତିମାରେ ପରିଣତ କରି ପତିତ ହୁଏ ।

ଏହିଠାରେ ଲେଖକଙ୍କର ଅନୁଭୂତି ଗୋଟିଏ ଘଟନା ବିବୃତ କଲେ କଥାଟି ବେଶ୍ ସୁବୋଧ୍ୟ ହେବ । (ଅବଶ୍ୟ ଏଠାରେ କୌଣସି ଧର୍ମ ସମ୍ପ୍ରଦାୟ ପ୍ରତି କଟାକ୍ଷ କରାଯାଉନାହିଁ । ଏ ବିଷୟରେ ମତଭେଦ ଥାଇପାରେ, କିନ୍ତୁ ଏହା ଲେଖକଙ୍କର ମତର ପୋଷକତା କରୁଅଛି ।) ଭାରତର ବର୍ତ୍ତମାନଯୁଗର କ୍ଷଣଜନ୍ମା ମହାପୁରୁଷ ଶ୍ରୀ ରାମକୃଷ୍ଣ ପରମହଂସଙ୍କୁ ସମସ୍ତେ ଜାଣନ୍ତି । ତାହାଙ୍କର ମହାପୁରୁଷୋଚିତ ଅଦ୍‌ଭୁତ ଶକ୍ତି ଥିବାର ମଧ୍ୟ କାହାରିକୁ ଅବିଦିତ ନାହିଁ । ତାହାଙ୍କର ଭକ୍ତ ନ୍ୟୂନାଧିକ ପରିମାଣରେ ଅନେକସ୍ଥଳରେ ଦେଖାଯାନ୍ତି । ଲେଖକ ଦିନେ ଜଣେ ଭକ୍ତଙ୍କ ଘରକୁ ଯିବାର ସୁବିଧା ପାଇଥିଲେ । ସେଠାରେ ଯାଇ ଦେଖିଲେ, ରାମକୃଷ୍ଣଙ୍କର ଗୋଟିଏ ଫଟୋ ମଧ୍ୟରେ ଅଛି ଏବଂ ଦୁଇ ପାଖରେ ବିବେକାନନ୍ଦଙ୍କର (ତାଙ୍କର ଜଣେ ପ୍ରଧାନ ଶିଷ୍ୟ, ଜଣେ ପଣ୍ଡିତ ଓ ଧର୍ମ ପ୍ରଚାରକ) ଦିଓଟି ବିଭିନ୍ନ ଅବସ୍ଥାର ଫଟୋ ରହିଅଛି । ଚିତ୍ର ତିନୋଟିର ମୁଖ୍ୟ ଛାଡ଼ି ଶରୀର ଭାଗ ସୁନ୍ଦର ଶାଲରେ ଆବୃତ ଅଛି । ଲେଖକ କାରଣ ପଚାରି ଜାଣିଲେ, ଶୀତଦିନ ବୋଲି ସେପରି ବ୍ୟବସ୍ଥା କରାହୋଇଅଛି । କିଛି ସମୟ ପରେ ନାନାବିଧ ଅମୃତ ନୈବେଦ୍ୟ ଆସି ଫଟୋ ସମ୍ମୁଖରେ ରଖାଗଲା । ଜଣେ ବ୍ରାହ୍ମଣ ପଟ୍ଟବସ୍ତ୍ର ପିନ୍ଧି ଶୁଦ୍ଧ ଜଳରେ ଗନ୍ଧପୁଷ୍ପ ପୂଜାଦୀପ ଦେଇ ଷୋଡ଼ଶୋପଚାରରେ ପୂଜା ସମାପନ କଲେ, ତପ୍‌ରେ ଭକ୍ତମାନେ ମହାପ୍ରସାଦ ସେବା ଆରମ୍ଭ କଲେ । ଏପରିକି ସେତେବେଳେ ରକ୍ଷଣଶୀଳ ବ୍ରାହ୍ମଣସନ୍ତାନ ମଧ୍ୟ ଉଚ୍ଛିଷ୍ଟ ଭେଦ ମାନିନଥିଲେ । ଏଥିରେ ନାନାଲୋକେ ନାନା ମତ ପ୍ରକାଶ କରିପାରନ୍ତି । ଲେଖକଙ୍କର ମଧ୍ୟ ଏଥିରେ କୌଣସି ବିଶିଷ୍ଟ ପ୍ରତିକୂଳ ମତ ନ ଥାଇପାରେ । ଏଠାରେ ଶକ୍ତିର ଗାଢ଼ତା ଆସିଅଛି କି ନାହିଁ ତାହା ଆମ୍ଭେମାନେ ଏଠାରେ କହୁ ନାହୁଁ । କିନ୍ତୁ ଏହା ପ୍ରତିଭାର ପ୍ରତିଭାପୂଜା ନୁହେ କି ? ହିନ୍ଦୁର ପରମ୍ପରାଗତ ପ୍ରତିମାପୂଜା ଏଠାରେ ଆଧିପତ୍ୟ ବିସ୍ତାର କରିନାହିଁ କି ? ରାମକୃଷ୍ଣ ପୂଜା ପ୍ରଥମରୁ ଏ ଆକାର ଧାରଣ କରିଥିଲା କି ?

ଏହାର ମାନବାତ୍ମା ଉପରେ କି ପ୍ରଭାବ— ତାହା ଜାଣିବା ପାଇଁ ପାଠକେ ଆଉ ଗୋଟାଏ କଥା ଶୁଣନ୍ତୁ । ପୂଜା ଓ ପ୍ରସାଦସେବା ପରେ ଜଣେ ଭକ୍ତଙ୍କ ସଙ୍ଗେ ଲେଖକଙ୍କର ଯେଉଁ ଆଳାପ ହୋଇଥିଲା, ତାହାର ମର୍ମ ଏହା । ଲେଖକ ପଚାରିଲେ "ରାମକୃଷ୍ଣଙ୍କ ଜୀବନଚରିତରେ ଯେ ଲେଖାଅଛି, ସେ ପିତାଙ୍କ ଦୂରଦେଶରେ ଅବସ୍ଥାନକାଳରେ ମାତୃ

Digitized by PPRACHIN, SOA

ଗର୍ଭରେ ସଞ୍ଚାରିତ ହୋଇଥିଲେ– ସେଥିରେ ଭକ୍ତ କିପରି ବିଶ୍ୱାସ କରନ୍ତି ?'' ଭକ୍ତ କହିଲେ, ''ସେ ତ ଅଭ୍ରାନ୍ତ ସତ୍ୟ, ସେ ଯେ ଈଶ୍ୱରପୁରୁଷ ।'' କିନ୍ତୁ ଲେଖକ ଜାଣନ୍ତି, ପ୍ରଥମେ ରାମକୃଷ୍ଣଙ୍କର ଯେଉଁ ଜୀବନଚରିତ ଲେଖାହୋଇଥିଲା, ସେଥିରେ ତାହା କିମ୍ବଦନ୍ତୀ ବୋଲି କ୍ଷୁଦ୍ର ଅକ୍ଷରରେ ଫୁଟ୍ ନୋଟ୍ ମଧ୍ୟରେ ଥିଲା, ପରବର୍ତ୍ତୀ କୌଣସି ଗ୍ରନ୍ଥରେ ତାହା ଅଭ୍ରାନ୍ତ ସତ୍ୟ ପରି ଗ୍ରନ୍ଥ ମଧ୍ୟରେ ସ୍ଥାନ ପାଇଅଛି । ତାହାପରେ କଥାପ୍ରସଙ୍ଗରେ ଲେଖକ ବୁଝିଥିଲେ, ମନୁଷ୍ୟ ଯେ କେହି ରାମକୃଷ୍ଣଙ୍କ ପରି ଗୁଣବାନ୍ ବା ସେପରି ଶକ୍ତିସଂପନ୍ନ ହୋଇପାରେ ବା ହେବ, ତାହା ମଧ୍ୟ ଭକ୍ତଙ୍କର ବିଶ୍ୱାସ ନୁହେଁ ।

ଏଥିରୁ କଣ ବୁଝାଗଲା ? ମନୁଷ୍ୟର ଗୁଣ ମନୁଷ୍ୟକୁ ପ୍ରଭାବିତ କରେ । ତହିଁରେ ମନୁଷ୍ୟର ଅନୁକରଣ ପ୍ରବୃତ୍ତି ଜାଗ୍ରତ ହୁଏ ଓ ତାହା ବଳରେ ତାହାର ଉତ୍ତରୋତ୍ତର ଉନ୍ନତି ହୁଏ । କିନ୍ତୁ ପ୍ରତିଭାପୂଜା ପ୍ରତିମାପୂଜାରେ ପରିଣତ ହୋଇ ଅମାନୁଷ ଅତୀନ୍ଦ୍ରିୟ ରାଜ୍ୟକୁ ଚାଲିଗଲେ ମନୁଷ୍ୟର ଅନୁକରଣବୃତ୍ତି ଆଉ ସେଠାରୁ ସାହସ କରି ଯାଇପାରେ ନାହିଁ । ଆଶା ନଥିଲେ ଜ୍ଞାତ ହେଉ ବା ଅଜ୍ଞାତ ହେଉ ଉଦ୍ୟମ ଆସେ ନାହିଁ । 'ମନୁଷ୍ୟ ପାଇପାରେ' ଏହା ଧାରଣା ନ ହେଲେ ମନୁଷ୍ୟ ପାଇବାକୁ ଯତ୍ନ କରେନାହିଁ ।

କେବଳ ଯେ ଏତିକିରେ ପ୍ରତିମାପୂଜାର ମନ୍ଦ ପ୍ରଭାବ ଶେଷ ହେଲା ତାହା ନୁହେ । ଏକ ଦିଗରେ ଅନୁକରଣବୃତ୍ତି ତାହାର କାର୍ଯ୍ୟ କରୁଥାଏ । ଏଣେ ପ୍ରତିମାରେ ଅଲୌକିକତ୍ୱ ଆରୋପଣ ସଙ୍ଗେ ସଙ୍ଗେ ମନୁଷ୍ୟ ଯହିଁରେ ନିଜେ ଭାବାନ୍ୱିତ ହୁଏ, କିମ୍ୱା ଯାହା ତାକୁ ସୁଖ ଲାଗେ, ତାହା ସେ ଅଜ୍ଞାତ ଭାବରେ ବାକ୍ୟହୀନ, ନିସ୍ପନ୍ଦ ମୂର୍ତ୍ତି ଦେହରେ ଆରୋପଣ କରି ନିଜର ଅଧଃପତନର ମାର୍ଗ ସୁଗମ କରେ । ଭାରତର ସର୍ବତ୍ର ଆଜି ଆମ୍ଭେମାନେ ଏହାର ଦୃଷ୍ଟାନ୍ତ ଦେଖୁଁ । କୃଷ୍ଣଙ୍କର ''ଷୋଳସହସ୍ର ଗୋପବାଳୀ''ଠାରୁ ଜଗନ୍ନାଥ ଦେବଙ୍କର ''ଖଟଣୀ ମାହାରୀ'' ପର୍ଯ୍ୟନ୍ତ ସବୁ ମନୁଷ୍ୟର ଏହି ଅଧୋଗତି ଓ ପତନର ଉଦାହରଣସ୍ୱରୂପ ରହିଅଛି ଏବଂ ଏସବୁ ହିନ୍ଦୁର ଦୈନନ୍ଦିନ କ୍ରିୟାକଳାପରେ ଏତେ ବେଶୀ ଯେ ତାହା ବୁଝାଇ କହିଦେବା ଦ୍ୱାରା କେବଳ ଲୋକଙ୍କ ମନରେ ଆଘାତ ଦେବା ବିନା ଆଉ କିଛି ଲାଭ ନାହିଁ ।

କାଷ୍ଠପ୍ରସ୍ତରମୟୀ ମୂର୍ତ୍ତି ପ୍ରତିମାପୂଜାର ଗୋଟିଏ ଅଙ୍ଗ, କିନ୍ତୁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟତଃ କୁହାଯାଇନଥିଲା । କେତେବେଳେ ମଧ୍ୟେ ମଧ୍ୟେ ଟିକିଏ ଅବାନ୍ତର ଭିତରେ ଲକ୍ଷ୍ୟ କରାଗଲେ ହେଁ ଏଠାରେ ଭଲ କରି ତାହା ସମ୍ୱନ୍ଧରେ ଦୁଇ ଚାରିକଥା କହିବା ପ୍ରୟୋଜନ । ବୁଝାଯାଉଅଛି, ମନୁଷ୍ୟ ନିରବଲମ୍ୱ ଶୂନ୍ୟ ଗୁଣର ଧାରଣା କରି ନ ପାରି ଏହି କାଷ୍ଠପ୍ରସ୍ତର ମୂର୍ତ୍ତିର ବ୍ୟବସ୍ଥା କରେ । କିନ୍ତୁ ଅଳ୍ପକାଳ ମଧ୍ୟରେ ତାହାର ଆଉ ଗୁଣ ଶକ୍ତି ବା କଳ୍ପନାରାଜ୍ୟର କୌଣସି ବସ୍ତୁ ସଙ୍ଗେ ସମ୍ପର୍କ ଦେଖିପାରେ ନାହିଁ । କ୍ରମେ ତାହାର ଧର୍ମଭାବ ଓ ଅନୁକରଣବୃତ୍ତି ପରାଧୀନ ହୁଏ । ସେ ରକ୍ଷଣଶୀଳତାରେ ଦୃଢ଼ତର ଭାବରେ ଜଡ଼ିତ ହୁଏ । ରକ୍ଷଣଶୀଳତା ଜଡ଼ ପ୍ରତିମାରେ ଅବତାର ଗ୍ରହଣ କରି

Digitized by PPRACHIN, SOA

ଅନତିବିଳମ୍ବରେ କେବଳ ଶୁଷ୍କ ''ରକ୍ଷଣଶୀଳତା''ରେ ପରିଣତ ହୁଏ । ତାହାର ବିଚାରଶକ୍ତି ଏକାବେଳେ ଆବଦ୍ଧ ହୁଏ । କ୍ରମେ କ୍ରମେ ସେ ତାହାର ଉପାସ୍ୟ ଦେବତାକୁ ଶକ୍ତିହୀନ ଦେଖି ନିଜର ମନ୍ଦ ପ୍ରବୃତ୍ତି ତାହାଠାରେ ଆରୋପ କରେ ଏବଂ ତାହାହିଁ କରି ପତିତ ହୁଏ । ଏପରି ଅନ୍ଧ ମୂର୍ତ୍ତିପୂଜା ଥରେ ଦୃଢ଼ମୂଳ ହେଲେ ଯେକୌଣସି ଦାର୍ଶନିକ ବିଶ୍ଳେଷଣ ଆଦି ଶୀଘ୍ର ସେହି ମାର୍ଗ ଅବଲମ୍ବନ କରେ । ଏପରି କି ଯେଉଁ ମାନବର ପ୍ରତିଭାରେ ସେ ଚମତ୍କୃତ ହୁଏ, ତାହାର ଜୀବଦ୍ଦଶାରେ ତାହାକୁ ଗୋଟିଏ ମୂର୍ତ୍ତି ପରି ପୂଜା କରେ । ତାହାର ମାହାତ୍ମ୍ୟ ଆଡ଼କୁ ଆଉ ଦୃଷ୍ଟି ଦିଏ ନାହିଁ । କେବଳ ତାହାକୁ ଦେବତା ପରି ପୂଜା କରିବା ଦ୍ୱାରା ପୂଜକ– ଏପରି କି ଅନେକ ସମୟରେ ପୂଜ୍ୟ ମଧ୍ୟ– ଅବନତିର ପଥ ଅବଲମ୍ବନ କରନ୍ତି । ପୁଣି ଗୁଣବିହୀନ ମହାତ୍ମା ଶରୀରର ପୂଜା ଅନେକ ସମୟରେ ''ଗାଦି'' ପୂଜାରେ ପରିଣତ ହୁଏ । ଗୁଣହୀନ କେବେ କେବେ ବା ପାପପ୍ରକୃତିକ ପୁତ୍ର ପୌତ୍ରାଦି ପ୍ରଭୃତି ସେହି ମହାତ୍ମାଙ୍କର ଉତ୍ତରାଧିକାରୀମାନେ ସମାନ ଭାବରେ ପୂଜା ପାଇବାରୁ ଧର୍ମାନୁଷ୍ଠାନ କୁରୁଚିସଂପନ୍ନ ବିଳାସକ୍ରୀଡ଼ାରେ ପରିଣତ ହୁଏ । ଏହିଭଳି ପ୍ରତିମାପୂଜା ନାନାବିଧ ଭାବରେ ନୈତିକ ଓ ଆଧ୍ୟାତ୍ମିକ ଜୀବନରେ ମନୁଷ୍ୟର ତଥା ସମାଜର ଅଧୋଗତି ସାଧନ କରେ ।

ଏସବୁ ଗଲା ପ୍ରଥମ ପ୍ରଣାଳୀର ପର୍ଯ୍ୟାଲୋଚନା । ଆମ୍ଭେମାନେ ଧର୍ମର ଉଦାହରଣ ଦେଇ ବ୍ୟାଖ୍ୟା କରିଅଛୁ । ଏଣୁ ଆମ୍ଭମାନଙ୍କର ପରବର୍ତ୍ତୀ କାର୍ଯ ବହୁତ ସହଜ ହୋଇଅଛି । ଏଣିକି ଆମ୍ଭେମାନେ ଏହି ଉଦାହରଣ ବ୍ୟାଖ୍ୟାକୁ ମଧ୍ୟେ ମଧ୍ୟେ ଲକ୍ଷ୍ୟ କରି ସହଜରେ ଅନ୍ୟାନ୍ୟ ପ୍ରଣାଳୀର ଆଲୋଚନା କରିପାରିବୁଁ । ତେବେ ବର୍ତ୍ତମାନ ଦେଖାଯାଉ, ଦ୍ୱିତୀୟ ପ୍ରଣାଳୀରେ ପ୍ରତିଭାପୂଜା କି ଆକାର ଧାରଣ କରେ ।

୨ । ମନୁଷ୍ୟ ଯେତେବେଳେ ଗୁଣର ପୂଜା କରିବାକୁ ଯାଇ ପ୍ରତିମା ପୂଜା କରେ, ଯେତେବେଳେ ବାରମ୍ବାର ତାହାର ଦାର୍ଶନିକ ବିଚାରଶକ୍ତି ମଧ୍ୟ ସେହି ପ୍ରଣାଳୀରେ ଆବଦ୍ଧ ହୁଏ, ସେତେବେଳେ ସେ ଏକାବେଳେ ବସ୍ତୁ ସମ୍ବନ୍ଧହୀନ ଗୁଣର ପୂଜା କରିବାକୁ ଆରମ୍ଭ କରେ । ପ୍ରତିମାପୂଜାର ପ୍ରତିଘାତରେ (Reaction) ଏହି ବିଶୁଦ୍ଧ ଶୂନ୍ୟ ଗୁଣ-ପୂଜାର ଉତ୍ପତ୍ତି । ଏଥିରେ ମନୁଷ୍ୟ କେବଳ ଗୁଣକୁ ପୂଜ୍ୟ ବସ୍ତୁ ମନେକରେ ଏବଂ ସେହି ଗୁଣର–ଶୂନ୍ୟ ଅସଂଲଗ୍ନ ଗୁଣର କଳ୍ପନା କରି ତାହାର ଆରାଧନା କରେ । କିନ୍ତୁ ଏଠାରେ ଆରାଧନାର ଗଭୀରତା ଆସେ ନାହିଁ, ତାହା ଆସିବା ଏକାନ୍ତ ଅସମ୍ଭବ । ଏଠାରେ ମନୁଷ୍ୟ ଦେଖେ, ସେ ସମ୍ପୂର୍ଣ୍ଣ ଦେଖେ, ସେ ସମ୍ପୂର୍ଣ୍ଣ ରୂପେ ତାହାର କଳ୍ପିତ ବସ୍ତୁର ପୂଜା କରୁଅଛି । କଳ୍ପନାରାଜ୍ୟ ବ୍ୟତୀତ ତାହାର ପୂଜା ବସ୍ତୁର ଆଉ ସ୍ଥାନ ନାହିଁ ଏବଂ ସେ ଯାହାର ପୂଜା କରୁଅଛି, ତାହାର କୌଣସି ବ୍ୟକ୍ତିତ୍ୱ ନାହିଁ । ଏଠାରେ ପୂଜ୍ୟ ବସ୍ତୁ କୌଣସି କ୍ରିୟାକଳାପର କର୍ତ୍ତା ବା ନିୟନ୍ତା ହୋଇନପାରେ । ଏହିସବୁ ଭାବନା ଅଲକ୍ଷିତଭାବରେ ତାହାର ମନୋରାଜ୍ୟକୁ ଅଧିକାର କରେ ଏବଂ ସେ ପ୍ରକୃତ ଉପାସନାର ସ୍ୱାଦ ପାଏ

Digitized by PPRACHIN, SOA

ନାହିଁ । ପୁଣି ଯେତେବେଳେ ସ୍ପଷ୍ଟ ଭାବରେ ସେ ପୃଥିବୀର ମହାପୁରୁଷମାନଙ୍କର ପ୍ରତିଭାପୂଜା ଏହି ପଦ୍ଧତିରେ ଆରମ୍ଭ କରେ, ସେତେବେଳେ ମଧ୍ୟ ସେହିପରି ଶୂନ୍ୟ ଗୁଣର ଧାରଣା କରିବାକୁ ଯାଇ ତାହାର ମନୋବୃତ୍ତି ପରାସ୍ତ ହୁଏ । ଫଳରେ ଗୁଣର ଉପାସନା ବା ଅନୁକରଣ କରିବାକୁ ଯାଇ ସେ ଶୂନ୍ୟର ପୂଜା କରେ । କିମ୍ବା ମନୀଷା ବଳରେ ଗୁଣର କେତୋଟି ଅସଂଲଗ୍ନ ବିକାଶପ୍ରଣାଳୀ ସ୍ମରଣ ଶକ୍ତିରେ ଧରି ତାହାର ପୂଜା କରିବା ଦ୍ୱାରା ତାହାର ଜୀବନ ଅମନୁଷ୍ୟୋଚିତ ଓ ନୀରସ ହୁଏ; କିମ୍ବା ସେ ଅହଂକାରରେ ଜଡ଼ିତ ହୋଇ ପତିତ ହୁଏ । ଯେଉଁଠାରେ ବ୍ୟକ୍ତିତ୍ୱର ସତ୍ତା ନାହିଁ, ତାହା ମାନବକୁ ଅନୁପ୍ରାଣିତ କରିବା ଅସମ୍ଭବ । ଗୁଣର ଉପାସନାରେ ଯଦି ମନୁଷ୍ୟ କେବେ କୃତକାର୍ଯ୍ୟ ହୋଇଥାଏ, ତାହା ପ୍ରକୃତ କୃତକାର୍ଯ୍ୟତା ନୁହେଁ, ଏହା କୃତକାର୍ଯ୍ୟତାର ଗୋଟିଏ ଆଭାସ ମାତ୍ର । ମନୁଷ୍ୟ ଜାଣିଶୁଣି ଯେତେଦିନ ସେହି ଗୁଣର କ୍ରିୟାକଳାପ ମନେରଖି କାର୍ଯ୍ୟ କରୁଥାଏ, ସେତିକିଦିନ ତାହାର କୃତକାର୍ଯ୍ୟତା ଆମ୍ଭେମାନେ ଦେଖୁଁ । ତାହାର ବ୍ୟକ୍ତିତ୍ୱର ପରିବର୍ତ୍ତନ ଘଟେ ନାହିଁ । ତାହାର ସ୍ଥାୟୀ ଚରିତ୍ର ସେଥିରେ ପ୍ରଭାବିତ ହୁଏ ନାହିଁ । ସେ କେବଳ କାକ ମୟୂରପୁଚ୍ଛରେ ସଜ୍ଜିତ ହେଲା ପରି କେତେଗୁଡ଼ିଏ ଗୁଣରେ ନିଜକୁ ସଜାଡ଼ି ରଖିଥାଏ ଏବଂ ଦିନେ ଟିକିଏ ଅସାବଧାନ ହେଲେ ତାହାର ନିଜର ବ୍ୟକ୍ତିତ୍ୱ ଓ ପ୍ରକୃତି ପୁଣି ଫୁଟି ଦିଶେ ଏବଂ ସେ ଏକାବେଳକେ ପତିତ ହୁଏ । ପକ୍ଷାନ୍ତରେ ଯଦି ପ୍ରାଣପଣେ ଚେଷ୍ଟା କରି ସେ ସେଥିରେ ସ୍ଥାୟୀ ଚରିତ୍ର ପ୍ରସ୍ତୁତ କରିବାକୁ ଉଦ୍ୟମ କରେ, ତେବେ ମାନବସମାଜ ତାହାକୁ ବିରକ୍ତିକର ବୋଧହୁଏ; ଏପରି କି ଶେଷରେ ନିଜ ଜୀବନ ମଧ୍ୟ ତାକୁ ଗୋଟିଏ ଭାର ପରି ବୋଧ ହେବାର ଆଶଙ୍କା ଅଛି ।

ଦାର୍ଶନିକ ଯୁଗ ଓ ପୌରାଣିକ ଯୁଗରେ ଆମ୍ଭେମାନେ ଭାରତରେ ଏହି ତାଣ୍ଡବ ଦେଖିବାକୁ ପାଉଁ । ପ୍ରଥମେ ମନୁଷ୍ୟ ଈଶ୍ୱରଙ୍କୁ ମନୁଷ୍ୟପରି କଳ୍ପନା କରି ଯେତେବେଳେ ସ୍ୱର୍ଗ, ସ୍ଥିତି ଓ ପ୍ରଳୟର ତିନୋଟି ଶକ୍ତି ଭିନ୍ନକରି ଦେଖିବାକୁ ଯାଇଥିଲା, ତେତେବେଳେ ଆମ୍ଭେମାନେ ଦେଖିଅଛୁଁ ସେ ଗୁଣର ସ୍ୱତନ୍ତ୍ର ଧାରଣା କରିବାକୁ ଅସମର୍ଥ ହୋଇ ସେହି ଗୁଣକୁ ମନୁଷ୍ୟ ପରି କଳ୍ପନା କରି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ପୂଜା କଲା । ପୁଣି ଦାର୍ଶନିକତା ଯେତେବେଳେ ଟିକିଏ ଉନ୍ନତତର ହେଲା, ସେତେବେଳେ ମଧ୍ୟ ଋଷିମାନଙ୍କ ଶୁଷ୍କ ବୈରାଗ୍ୟ କିପରି ମାନବଜୀବନକୁ ସରସ କରିବାକୁ ଅକ୍ଷମ ହୋଇଥିଲା, ତାହା ହିନ୍ଦୁର ଅବିଦିତ ନାହିଁ । ଯୋଗଦର୍ଶନରେ ଆମ୍ଭେମାନେ କେବଳ ଏହି ଗୁଣର ଉପାସନା ସ୍ପଷ୍ଟ ଦେଖୁଅଛୁଁ । ସେଠାରେ ଯେକୌଣସି ଉପାୟରେ ଚିତ୍ତସଂଯମହିଁ ମୁକ୍ତିମାର୍ଗ ବୋଲି କଳ୍ପିତ ହୋଇଅଛି । ଈଶ୍ୱର ଯଦି କେହି ଥାନ୍ତି, ତେବେ ସେ ମଧ୍ୟ ଏହି ଚିତ୍ତସଂଯମର ଅନ୍ୟତମ ଉପାୟ ବ୍ୟତୀତ ଆଉ କିଛି ନୁହନ୍ତି । ଏ କେବଳ ଶୁଷ୍କ ଗୁଣର ଉପାସନା ନୁହେଁ ତ ଆଉ କ'ଣ ? ଏବଂ ଏହା କିପରି ମାନବ ମନକୁ ସ୍ଥାୟୀ ଭାବରେ ପ୍ରଣୋଦିତ କରିପାରିନାହିଁ ତାହା ଭାରତର ଧର୍ମର ଇତିହାସ କହୁଅଛି । ବୈରାଗ୍ୟ ଶବ୍ଦରେ ସଂସାର

Digitized by PPRACHIN, SOA

ଓ ମାନବଜୀବନର ଅସାରତା ସୁସ୍ପଷ୍ଟରୂପେ ବର୍ଣ୍ଣିତ ହେଉଅଛି ଓ ତାହା ଜୀବନକୁ କିପରି ଗୋଟିଏ ଭାର ମାତ୍ରରେ ପରିଣତ କରିଥିଲା ତାହା ସମସ୍ତେ ଦେଖିପାରୁଅଛନ୍ତି ଏବଂ ତାହାର ପ୍ରତିଘାତରେ କିପରି ଚାର୍ବାକାଦି ବିଳାସପରାୟଣ ମତର ବିକାଶ ହୋଇ ଲୋକଙ୍କର ପତନର ମାର୍ଗ ସୁଗମ କରିଥିଲା, ତାହା ମଧ୍ୟ ସମସ୍ତେ ଜାଣନ୍ତି । ଇଉରୋପରେ ମଧ୍ୟ ଜେନ୍‌ୋ ପ୍ରଭୃତି ଷ୍ଟୋଇକ ଦାର୍ଶନିକମାନେ ସେହିପରି ଦଶାରେ ପଡ଼ିଥିଲେ । କିନ୍ତୁ ଏଠାରେ ସେ ବିଷୟରେ ବିଶେଷ କହିବା କିଛି ପ୍ରୟୋଜନ ନାହିଁ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ବ୍ୟକ୍ତିତ୍ୱ ବ୍ୟତୀତ ଗୁଣର ଧାରଣା କରିବା ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ । ଜଡ଼ପୂଜାର ପ୍ରତିଘାତ ଫଳରେ ତାହା ସମାଜରେ ସମୟ ବିଶେଷରେ ପ୍ରତିଭାତ ହେଲେହେଁ ମନୁଷ୍ୟର ସ୍ଥାୟୀ ଚରିତ୍ର ଉପରେ ତାହାର କୌଣସି କାର୍ଯ୍ୟ ନାହିଁ । ଜଡ଼ ହେଉ ଚେତନ ହେଉ, ଶକ୍ତିରେ ବ୍ୟକ୍ତିତ୍ୱ ଆରୋପ ନକଲେ ମନୁଷ୍ୟର ସ୍ଥାୟୀଭାବରେ କୌଣସି ଧାରଣା ହୁଏନାହିଁ । ପ୍ରବନ୍ଧ ଦୀର୍ଘ ହେବା ଭୟରୁ ସେ ବିଷୟରେ ଆଉ ବିଶେଷ କିଛି ନକହି କେବଇ ବର୍ତ୍ତମାନଯୁଗର ସାଧାରଣ କ୍ରିୟାକଳାପରୁ ଗୋଟିଏ ଉଦାହରଣ ଦେଇ ଏ ବିଷୟର ଆଲୋଚନା ଶେଷ କରିବୁଁ । 'ଗୁଣର ଉପାସନା କର', 'ଗୁଣ ଲାଭ କରିବାକୁ ଚେଷ୍ଟାକର', 'ଆମ୍ଭେମାନେ ଗୁଣ କମାଇ ପାରିଲେ ହେଲା, କୌଣସି ମନୁଷ୍ୟର ଗୁଣକୁ ଲକ୍ଷ୍ୟ କରିବା ଗୋଟିଏ ଜଘନ୍ୟ ପ୍ରତିମାପୂଜା' ପ୍ରଭୃତି କଥା ସବୁ ଅନେକ ସ୍ଥଳରେ ବିଶେଷତଃ ଅଳ୍ପ ବୟସ୍କ ବିଜ୍ଞାନଦୃପ୍ତ ଯୁବକମାନଙ୍କଠାରୁ ବେଳେ ବେଳେ ଶୁଣାଯାଏ । କିନ୍ତୁ ଟିକିଏ ଭିତରେ ପ୍ରବେଶ କରି ଦେଖିଲେ ଦେଖାଯିବ ଏପରି ଗୁଣବାଦିମାନେ କୌଣସି ବିଶେଷ ଲକ୍ଷ୍ୟ ରଖି ଜୀବନଯାପନ କରନ୍ତି କି ନାହିଁ, ସନ୍ଦେହ । ସେମାନେ କେବଳ ସଭ୍ୟ ଜଗତରେ ଆଦର ପାଇବା ଭଳି ଦୁଇ ଚାରିଗୋଟି କଥାମାତ୍ର କହିଥାନ୍ତି, କିନ୍ତୁ ସେ କଥା ସଙ୍ଗେ ପ୍ରକୃତରେ ସେମାନଙ୍କର ସ୍ଥାୟୀ ପ୍ରକୃତିର କିଛି ସମ୍ବନ୍ଧ ନଥାଏ । ଦିନେ ଘଟନାଚକ୍ରରେ କୌଣସି ଗୋଟିଏ ସତ୍‌କାର୍ଯ୍ୟରେ ସାମାନ୍ୟ ଦାନର ଆବଶ୍ୟକତା ଦୃଷ୍ଟିରେ ଲେଖକ ଜଣେ ବନ୍ଧୁଙ୍କୁ କିଛି ଦେବାପାଇଁ ଅନୁରୋଧ କରିଥିଲେ । ବନ୍ଧୁଟି ଟିକିଏ ବେଶୀ ପରିମାଣରେ ବିଳାସୀ । ସେ କହିଲେ ଯେ, ପାନ ଖଣ୍ଡେ ଖାଇବାକୁ ତାଙ୍କୁ ପଇସା ଅଣ୍ଟୁନାହିଁ, ସେ ଦାନ କାହୁଁ କରିବେ ? ତହୁଁ ଲେଖକ ବିଦ୍ୟାସାଗର ମହାଶୟଙ୍କ ଦାନ କରିବା ଓ ସ୍ୱାର୍ଥ ତ୍ୟାଗର ଦିଓଟି ଗୋଟିଏ ଉଦାହରଣ ଦେଇ ଉତ୍ତରରେ ଶୁଣିଲେ, ''ଓହୋ । ସମସ୍ତେ ବିଦ୍ୟାସାଗର ହେବେ ପରା ! ଯାହାର ଯେପରି ଶକ୍ତି ସେ ସେହିପରି ଦାନ କରିବ । ଦାନଶୀଳତା ମନୁଷ୍ୟର ଅଭ୍ୟାସନୀୟ ହୋଇପାରେ, କିନ୍ତୁ ସମସ୍ତେ ଯେ ବିଦ୍ୟାସାଗରଙ୍କ ପରି ଦାନ କରିବେ, ଏହା ସମ୍ଭବ ନୁହେଁ । ପୁଣି, ବିଦ୍ୟାସାଗର ହେଉନ୍ତୁ ବା ଯେ ହେଉନ୍ତୁ, ମନୁଷ୍ୟ କିପରି ଅବସ୍ଥାରେ କିପରି କାର୍ଯ୍ୟ କରେ, ତାହା ଜାଣେ । କେବଳ ଦାନଶୀଳତା ଗୋଟିଏ ଭଲ ଗୁଣ, ଆମ୍ଭେ ତାହାର ଆଦର ଓ ଅଭ୍ୟାସ କରିବୁଁ, ସେ ବିଦ୍ୟାସାଗରଙ୍କର ହେଉ ବା ଯାହାର ହେଉ । ବିଦ୍ୟାସାଗରଙ୍କର ବା ଅନ୍ୟ କୌଣସି

Digitized by PPRACHIN, SOA

ବ୍ୟକ୍ତିର ଥିଲେ ସେ ଯେପରି ଆମ୍ଭର ଅଭ୍ୟାସନୀୟ, କାହାରି ନଥିଲେ ମଧ୍ୟ ସେହିପରି– ଇତ୍ୟାଦି ।'' ଏଠାରେ ଆମ୍ଭେମାନେ ଶୂନ୍ୟ ଗୁଣପୂଜାର ଆଭାସ ଦେଖୁଅଛୁଁ । କଥାଟିର ନୀତି ଟିକିଏ ବିଶ୍ଳେଷଣ କରି ଦେଖିଲେ ବିଶଦରୂପେ ବୁଝାଯିବ । ପ୍ରଥମରୁ ଦାନଶୀଳତା ଆମ୍ଭମାନଙ୍କର ଉପାସ୍ୟ, ଏହାର କୌଣସି ଅର୍ଥ ନାହିଁ । ଅର୍ଥ କରିବାକୁ ଗଲେ ବୁଝିବାକୁ ହେବ, ଏହା କିପରି ଦାନଶୀଳତା । ଏହିଠାରେ ଏହାର ବସ୍ତୁସମ୍ବନ୍ଧ ଅଲକ୍ଷିତଭାବରେ ଆସି ପଡୁଅଛି । ଯଦି ଆମ୍ଭେ କହୁଁ, ଯେଉଁ ବିଦ୍ୟାସାଗର ଆତ୍ମଗୌରବ ଦୃଷ୍ଟିରେ ୫୦୦ଟଙ୍କାର ପଦ ଛାଡ଼ିଦେଇଥିଲେ, ଯେ ମାତାଙ୍କ ଦର୍ଶନପାଇଁ ଦୁଇକୂଳ ଭରା ଦାମୋଦର ନଦୀ ପହଁରିଥିଲେ, ଯେ କୃଷକର କ୍ଲେଶ ସହିନପାରି ୩ କ୍ରୋଶ ପଥ ଅଯାଚିତଭାବରେ ତାହାର ବୋଝ ବହିଥିଲେ, ଯେ ବାଳବିଧବାର ହୃଦୟବିଦାରକ ଯନ୍ତ୍ରଣା ସହିନପାରି ସମାଜର ଶତ ବାଧାବିଘ୍ନ ନ ମାନି ତାହାର ବିବାହର ବ୍ୟବସ୍ଥା କରିବାରେ ଜୀବନ କଟାଇଥିଲେ, ଇତ୍ୟାଦି । ଏହା ସେହି ବିଦ୍ୟାସାଗରଙ୍କ ଦାନଶୀଳତା, ତେବେ କଥାଟି ଏକାବେଳକେ ଛିଣ୍ଡିଗଲା । ପୁଣି ପକ୍ଷାନ୍ତରେ ଯେବେ କହୁଁ, ଏହା ଠାକୁରଦାସ ବନ୍ଦ୍ୟୋପାଧ୍ୟାୟଙ୍କ ପୁଅ ବିଦ୍ୟାସାଗରଙ୍କ ଦାନଶୀଳତା, ତେବେ ଏହା ଏକପ୍ରକାର ପ୍ରତିମାପୂଜା ଏବଂ କଥାଟିର ଗୌଣଭାବରେ ବସ୍ତୁସମ୍ବନ୍ଧ ହେଲେହେଁ ଏହାର ଗୋଟିଏ ଧାରଣା ହେଉଅଛି । କିନ୍ତୁ ସେ ସବୁ କିଛି ନକହି ଯେବେ କୁହାଯାଏ, ଏହା କେବଳ ଦାନଶୀଳତା, ତେବେ ଏହା କ'ଣ ଏମନ୍ତ ଜଗତ୍ ଦାନ କରିବାର ପ୍ରବୃତ୍ତି, ନା ସର୍ବସ୍ୱ ଦାନ କରିବାର ପ୍ରବୃତ୍ତି ? ଏହା କ'ଣ ? ଅତଏବ ଏହାର କିଛି ମୂଲ୍ୟ ନାହିଁ ଏବଂ ଦୁଷ୍ଟ ବୃତ୍ତିର ଅବତାର ସ୍ୱରୂପ ପ୍ରାୟ ଶେଷ ଅର୍ଥରେ ପରିଣତ ହୋଇ କ୍ରମେ ସଙ୍କୋଚ ଲଭି ଶେଷରେ ବିଲୁପ୍ତ ହୁଏ । ଆମ୍ଭମାନଙ୍କ ଦୃଷ୍ଟାନ୍ତରେ ଏହା କେବଳ ଗୋଟିଏ ଆବରଣ ହେଲେହେଁ, ସେଥିରେ ଏହି ବିଶ୍ଳେଷଣ ପ୍ରକ୍ରିୟାର ଆଭାସ ମିଳିବ ।

ଅତଏବ ଶୂନ୍ୟ ଗୁଣପୂଜା ଦ୍ୱାରା ପ୍ରତିଭା ପୂଜା କରିବାର କିଛି ମୂଲ୍ୟ ନାହିଁ । ଏଥି ପୂର୍ବେ ବସ୍ତୁପୂଜା ପ୍ରତିମା ପୂଜାର ଅନିଷ୍ଟ ଓ ହୀନତା ଆମ୍ଭେମାନେ ଦେଖିଥିଲୁ । ବର୍ତ୍ତମାନ ଉଭୟର ସମବାୟରେ କିପରି ପ୍ରତିଭା ପୂଜା କରାଯାଏ, ତାହା ଦେଖାଯାଉ ।

୩ । ବର୍ତ୍ତମାନ ଏକ ଦିଗରେ ଜଡ଼ୋପାସନା ଓ ଅନ୍ୟ ଦିଗରେ ନୀରସ ଗୁଣ ପୂଜା ରଖି ଦୁହିଁଙ୍କ ମଧ୍ୟରେ ଦାର୍ଶନିକ ପ୍ରକ୍ରିୟା କିପରି କାର୍ଯ୍ୟ କରେ, ଦେଖାଯାଉ । ଜଡ଼ ବସ୍ତୁରେ ପ୍ରତିମା ପୂଜା ଓ ଶୂନ୍ୟ ଗୁଣରେ ପ୍ରତିଭା ପୂଜା, ସ୍ଥୂଳତଃ କେବଳ ପ୍ରତିମା ବା କେବଳ ପ୍ରତିଭା ପୂଜା କୌଣସିଟି ଠିକ୍ ନୁହେଁ, ଦୁହିଙ୍କର ସମବାୟରେ ପ୍ରକୃତ ପ୍ରତିଭା ପୂଜାର ତତ୍ତ୍ୱ ରହିଅଛି । ଉପରୋକ୍ତ ବିଦ୍ୟାସାଗରଙ୍କ ଦାନଶୀଳତାରେ ତାହା ଏକ ପ୍ରକାର ଆମ୍ଭେମାନେ ଦେଖିଅଛୁଁ, କିନ୍ତୁ କେବଳ ଗୋଟିଏ ଦୃଷ୍ଟାନ୍ତରେ ଦେଖିଅଛୁଁ ସତ୍ୟ, ବର୍ତ୍ତମାନ ଏଠାରେ ଟିକିଏ ଭଲକରି ତାହାର ପ୍ରକୃତି ଅବଧାରଣ କରିବୁଁ ।

Digitized by PPRACHIN, SOA

ପ୍ରକୃତରେ ଗୁଣ ଓ ବସ୍ତୁ କେହି ସ୍ୱତନ୍ତ୍ର ଭାବରେ ରହିପାରନ୍ତିନାହିଁ, ଗୁଣ ବ୍ୟତୀତ ବସ୍ତୁ ବା ବସ୍ତୁ ବ୍ୟତୀତ ଗୁଣ କାହାରି ବାସ୍ତବ ରାଜ୍ୟରେ ଅସ୍ତିତ୍ୱ ନାହିଁ– କେବଳ ତାହା ମନୁଷ୍ୟର ବୁଝିବାର ଭ୍ରମ । ଗଭୀର ପ୍ରତିମା ପୂଜାରେ ମଧ୍ୟ ସେ ଗୁଣ ଦେଖି ତାହାର ବସ୍ତୁ କଳ୍ପନା କରିବାକୁ ଯାଇ ବସ୍ତୁ ଉପରେ ଅଧିକତର ମନୋଯୋଗ ଦେବାକୁ ଆରମ୍ଭ କରେ ଏବଂ ଶୂନ୍ୟ ନୀରସ ପ୍ରତିଭା ପୂଜାରେ ମଧ୍ୟ ମନୁଷ୍ୟ ସର୍ବଦା ବସ୍ତୁରୁ ଗୁଣକୁ ପୃଥକ୍ ରଖିବାକୁ ଯତ୍ନ କରେ । ଏଥିରେ କେବଳ ଦେଖାଗଲା, ମନୁଷ୍ୟର ମନ ଗୋଟିଏ ବା ଅନ୍ୟଟି ପ୍ରତି ଅଧିକତର ଦୃଢ଼ତାର ସହିତ ଚାଳିତ ହୁଏ, କିନ୍ତୁ ବାସ୍ତବ ରାଜ୍ୟରେ ସେମାନଙ୍କର ଶାରୀରିକ ବିଚ୍ଛେଦ ନାହିଁ, ବରଂ ମନର ବିଶ୍ଳେଷଣରେ ମଧ୍ୟ ଗୋଟିଏ ସର୍ବଦା ଅନ୍ୟଟିର ଅପେକ୍ଷା କରୁଅଛି । ଆମ୍ଭେମାନେ ଫଳରେ ଦେଖିଅଛୁଁ, ଗୁଣ ବ୍ୟତୀତ ବସ୍ତୁର ଧାରଣା ମୃତ ଏବଂ ବସ୍ତୁହୀନ ଗୁଣର ଧାରଣା ଶୂନ୍ୟ ଓ ଅସଂଲଗ୍ନ । ବସ୍ତୁତଃ କୌଣସିଟିକୁ ପ୍ରକୃତରେ ଧାରଣା ବୋଲାଯାଇନପାରେ । ଦିଓଟିର ସମବାୟରେ ମନୁଷ୍ୟର ପ୍ରକୃତ ଧାରଣା ହୁଏ ଏବଂ ଏହି ଦିଓଟିର ସମବାୟରେ ପ୍ରକୃତ ପ୍ରତିଭା ପୂଜାର ମୁଖ୍ୟ ତତ୍ତ୍ୱ ନିହିତ ଅଛି । କିନ୍ତୁ ଏହି ସମବାୟ କହିଲେ ଆମ୍ଭେମାନେ ସାଧାରଣତଃ ଯାହା ବୁଝୁଁ, ସେଥିରେ ଦୁର୍ବୋଧ୍ୟତା ରହିଅଛି । ଥରେ ଏହି ସମବାୟ କରିବାକୁ ପାଇ ମନୁଷ୍ୟ ଜଡ଼ୋପାସନା କରିଅଛି ଏବଂ ପୁଣି ଥରେ ବୈଜ୍ଞାନିକ ବିଶ୍ଳେଷଣ କ୍ରିୟାର ଆଶ୍ରୟ ନେଇ ଗୁଣକୁ ବସ୍ତୁରୁ ବିଚ୍ଛିନ୍ନ କରିବାକୁ ଯାଇ ସେ ପରାସ୍ତ ହୋଇଅଛି । ତେବେ ସେ ସମବାୟର କିପରି ଧାରଣା କରାଯିବ ? ସେ ସମବାୟ ବା କି ନିମନ୍ତେ ଆବଶ୍ୟକ ? ଏହା ଗୋଟିଏ ବଡ଼ ଜଟିଳ ସମସ୍ୟା । ମନୁଷ୍ୟ ସଭ୍ୟତା ଓ ଜ୍ଞାନ ରାଜ୍ୟରେ ଖୁବ୍ ଉଚ୍ଚ ସ୍ଥାନ ଅଧିକାର ନକଲେ ଏହାର ଧାରଣା କରିପାରେ ନାହିଁ ।

ଏଥିପୂର୍ବେ କୁହାଯାଇଛି, ଗୁଣ ଦେଖି ମନୁଷ୍ୟ ପ୍ରତିଭା ପୂଜା କରିବାକୁ ଯାଏ । ବସ୍ତୁ ସଙ୍ଗେ ସେତେବେଳେ ତାହାର ସାକ୍ଷାତ ଭାବରେ ସମ୍ବନ୍ଧ ନଥାଏ । ଗୁଣର କ୍ରିୟା ସ୍ଥାୟୀ ଭାବରେ ତାହାର ମନକୁ ପ୍ରଭାବିତ କରିପାରିଲେ ପ୍ରକୃତ ପ୍ରତିଭା ପୂଜା ପ୍ରତିଷ୍ଠିତ ହୁଏ । କିନ୍ତୁ ଅସଂଲଗ୍ନ ଗୁଣ ସ୍ଥାୟୀ ଭାବରେ ମନୁଷ୍ୟର ଚରିତ୍ର ଉପରେ କିଛି କାର୍ଯ୍ୟ କରିପାରେନାହିଁ । ତେଣୁ ଏହି ଗୁଣ ମଧ୍ୟରେ ଗୋଟିଏ ବ୍ୟକ୍ତିତ୍ୱ ବା ଏକତ୍ୱ ନୀତିର ଧାରଣା ଆବଶ୍ୟକ । ଏହି ଏକତ୍ୱ ନୀତିହିଁ ମନୁଷ୍ୟର ପ୍ରକୃତ ବସ୍ତୁ ଧାରଣା । ମନେକର, ଗୋଟିଏ ବିଜ୍ଞାନ ମନ୍ଦିରରେ ନାନାବିଧ ଯନ୍ତ୍ର ରହିଅଛି । ତାହାର ତିନିପ୍ରକାର ଧାରଣା ହୋଇପାରେ । ଗୋଟିଏ ସେ ଘରର ସଜ୍ଜା ଓ ସ୍ଥାନେ ସ୍ଥାନେ ଯନ୍ତ୍ର ସବୁର ଦୃଷ୍ଟି ପ୍ରତୀକର ଓ ମନୋମୁଗ୍ଧକର ସଂରକ୍ଷଣ; ଦ୍ୱିତୀୟତଃ କେବଳ ଯନ୍ତ୍ର ସବୁର ସ୍ମୃତି; ତୃତୀୟତଃ ବୈଜ୍ଞାନିକ କ୍ରିୟାକଳାପରେ ତାହାର ବ୍ୟବହାର ଅନୁସାରେ ସେ ସବୁ ଯନ୍ତ୍ରର ଧାରଣା । ମାନସିକ ବସ୍ତୁର ଶାରୀରିକ ଭାବରେ ଉଦାହରଣ ଦେଲେ ଏହା ତାହାର ଗୋଟିଏ ଦୃଷ୍ଟାନ୍ତ ହୋଇପାରେ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ତାହା ସଙ୍ଗେ ମିଳି ଯାଇପାରିବ ନାହିଁ ।

Digitized by PPRACHIN, SOA

ଏହିପରି ଆଉ ଗୋଟିଏ ଉପମା ଦେଇ ଦେଖାଯାଉ । ମନେକର, ଗୋଟିଏ ବର୍ଦ୍ଧିଷ୍ଣୁ ଜୀବନ୍ତ ବୃକ୍ଷର ଧାରଣା କରିବାକୁ ହେବ । ଆମ୍ଭେମାନେ ଜାଣୁ ଯହିଁରେ ନୂତନ ପତ୍ର ଦେଖାଯାଏ, ଫୁଲ ଫଳ ପ୍ରଭୃତି ଜନ୍ମୁଥାଏ, କାଷ୍ଠାଦି ବଢ଼ୁଥାଏ, ତାହାହିଁ ଜୀବନ୍ତ ବୃକ୍ଷ । କିନ୍ତୁ ଯେ ଜୀବନ୍ତ ଓ ବର୍ଦ୍ଧିଷ୍ଣୁ ଏହି କଥା ଦିଓଟିର ନୀତି ବୁଝି ନାହିଁ, ସେ ବୃକ୍ଷ ଦେଖିଲେ ତାହାର ସେପରି ଧାରଣା ହୁଏ ନାହିଁ । ମନୁଷ୍ୟକୁ ଫୁଲ, ପତ୍ର ସବୁ ଦେଖାଇଦେଇ, "ଏହାହିଁ ବୃକ୍ଷର ଜୀବନର ଚିହ୍ନ, ଏହାକୁହିଁ ମନରେ ଧାରଣା କରି ପାରିଲେ ବିଷୟର ପ୍ରକୃତ ଜ୍ଞାନ ଆସିବ" ବୋଲି କହିଲେ ମଧ୍ୟ ତାହାର ସେପରି ବିଶେଷ କିଛି ଅଧିକ ଜ୍ଞାନ ହୁଏ ନାହିଁ । ଜୀବନ ଓ ବର୍ଦ୍ଧିଷ୍ଣୁତା ଦେଖିବାକୁ ହେଲେ ସେହି ଫୁଲ ବା ପତ୍ର ଦେଖିଲାବେଳେ ତାହା ମଧ୍ୟରେ ଆମ୍ଭେ ଆଉ କିଛି ଦେଖୁଁ, ଯାହାକି ଫୁଲଠାରୁ ଫଳରେ ଭିନ୍ନ ନୁହେ, ଫୁଲରେ ଫଳରେ କାଣ୍ଡରେ ରସରେ ଚେରରେ– ସର୍ବତ୍ର ସମାନ ଭାବରେ ରହିଅଛି । ସେହି ଜୀବନ ଓ ବର୍ଦ୍ଧିଷ୍ଣୁତାର ଧାରଣାହିଁ ଏଠାରେ ଆମ୍ଭର ବାଞ୍ଛନୀୟ । ଏହାର ବିଚିତ୍ରତା ଏହି ଯେ ଏକା ଫୁଲରେ ଫଳରେଁ ଡାଳରେ ସର୍ବତ୍ର ଏକ ରୂପରେ ସମାନ ଭାବରେ ରହିଅଛି । କିନ୍ତୁ ସେ ସବୁ ଗୋଟି ଗୋଟି ଦେଖି ବସିଲେ ଏହା କାହିଁରେ ନାହିଁ, ଏପରିକି ସମସ୍ତ ବୃକ୍ଷଟିରେ ମଧ୍ୟ ଏହା ଆମ୍ଭେମାନେ ଖୋଜି ପାଇବୁ ନାହିଁ ।

ଉପମା ଦ୍ୱାରା ଯଦି ବିଷୟ ବିଶଦ ହୁଏ, ତେବେ ଆମ୍ଭେମାନେ ବୁଝିବୁଁ ପ୍ରତିଭା ପୂଜାରେ ଆମ୍ଭେମାନେ ଏହିପରି ଗୁଣ ମଧ୍ୟରେ ଗୋଟିଏ ନୀତି ଅନ୍ୱେଷଣ ନକଲେ ପ୍ରକୃତ ପ୍ରତିଭାପୂଜା କରିପାରିବୁ ନାହିଁ । ଏହା ମନର ବସ୍ତୁ, ମନରେ ରହିବ ସତ୍ୟ, କିନ୍ତୁ ଏହିପରି ବ୍ୟକ୍ତିତ୍ୱ ଓ ନୀତିର ଧାରଣା ବ୍ୟତିରେକେ ମନରେ ଏହାର ସ୍ଥାନ ନାହିଁ । ଏ ବ୍ୟକ୍ତିତ୍ୱ ଶାରୀରିକ ନୁହେ । ଆମ୍ଭେମାନେ ଦେଖିଅଛୁଁ, ବିଦ୍ୟାସାଗରଙ୍କ ପ୍ରତିଭା ପୂଜାରେ ଆମ୍ଭେମାନେ ଯେଉଁ ବ୍ୟକ୍ତିତ୍ୱ କଳ୍ପନା କରୁଁ, ତାହା ସଂସ୍କୃତ କଲେଜର ପ୍ରିନ୍‌ସିପାଲ, ନାରାୟଣ ବନ୍ଦ୍ୟୋପାଧ୍ୟାୟ ପିତାଙ୍କ ଶାରୀରିକ ବ୍ୟକ୍ତିତ୍ୱ ନୁହେ । ଯେଉଁସବୁ ଗୁଣରେ ଆମ୍ଭେମାନେ ପ୍ରଭାବିତ ହେଉଁ, ବିଦ୍ୟାସାଗରଙ୍କର ପ୍ରତିଭା ସେ ସମସ୍ତ ଗୁଣରେ ସମାନ ଭାବରେ ରହିଅଛି । ବିଦ୍ୟାସାଗରଙ୍କ ପ୍ରତିଭା ଦେଖିବାକୁ ଗଲାବେଳେ ଆମ୍ଭେମାନେ ଅନ୍ଧକୁ ଚାରିପଇସା ଦେଲାବେଳେ ଯେଉଁ ବିଦ୍ୟାସାଗରଙ୍କୁ ଦେଖୁଁ, ରୋଗୀର ଶୁଶ୍ରୂଷାରେ ଯେଉଁ ବିଦ୍ୟାସାଗରଙ୍କୁ ଦେଖୁଁ, ବିଧବା ପ୍ରତି ସହାନୁଭୂତିରେ ଯେଉଁ ବିଦ୍ୟାସାଗରଙ୍କୁ ଦେଖୁ, ନାରାୟଣଙ୍କୁ ଚରିତ୍ରଦୋଷ ହେତୁ ପରିତ୍ୟାଗ କରିବାରେ ମଧ୍ୟ ସେହି ବିଦ୍ୟାସାଗରଙ୍କୁ ଦେଖିବାକୁ ପାଉଁ । ଯୌବନର ପ୍ରଜ୍ଞା ଓ ଯୁକ୍ତି-ପଟୁତାର ଦୀପ୍ତିରେ ଯେଉଁ ବିଦ୍ୟାସାଗରଙ୍କୁ ଦେଖୁଁ, ବାର୍ଦ୍ଧକ୍ୟର ପରିଣତି ଓ ପ୍ରବୀଣତାରେ ଠିକ୍ ସେହି ବିଦ୍ୟାସାଗରଙ୍କୁ ଦେଖିବାକୁ ପାଉଁ । ଅବଶ୍ୟ ସ୍ମୃତିର ସହାୟତା ଓ ଉଦ୍ରେକ ନିମନ୍ତେ ତାଙ୍କ ମୂର୍ତ୍ତି ବା ଚିହ୍ନ ସ୍ୱରୂପ ଅନ୍ୟ କିଛି ଦ୍ରବ୍ୟ ସଂରକ୍ଷିତ ହୋଇପାରେ, କିନ୍ତୁ ଦେବତା ପରି ତାହାର ଆଳତି କଲେ ଶରୀର ସଙ୍ଗେ ପ୍ରତିଭା ଘନିଷ୍ଠ ଭାବରେ ସମ୍ବନ୍ଧ ହେବାକୁ ଆରମ୍ଭ

Digitized by PPRACHIN, SOA

କରେ, ପ୍ରତିଭା ପୂଜାରେ ପରିଣତ ହୁଏ । ସେତେବେଳେ ହୁଏତ ବିଦ୍ୟାସାଗର କ୍ରମଶଃ ଶାରୀରିକ ଦୁର୍ବଳତା୍ରେ ମଧ୍ୟ ଅଳଂକୃତ ହୁଅନ୍ତି, କିମ୍ବା ଏକାବେଳକେ ଅଲୌକିକତ୍ୱ ପାଇ ମନୁଷ୍ୟ ସମ୍ବନ୍ଧ ଛାଡ଼ି ସ୍ୱର୍ଗ ରାଜ୍ୟକୁ ଚାଲିଯାନ୍ତି ଏବଂ ମନୁଷ୍ୟକୁ ଆଉ ଅନୁପ୍ରାଣିତ କରିପାରନ୍ତି ନାହିଁ । ମନୁଷ୍ୟ ମନେକରେ, ଦେବତା ବିଦ୍ୟାସାଗର ଏହା କରୁଥିଲେ । ମନୁଷ୍ୟ କିପରି ଏହା କରିବାକୁ ଯତ୍ନ କରିବ ? ଇତ୍ୟାଦି ।

ମନୁଷ୍ୟକୁ ଆମ୍ଭେମାନେ ଦେଖିଅଛୁ, ଜାଣିଅଛୁ, ତାହା ପ୍ରତିଭାର ସ୍ପଷ୍ଟ ଶରୀର ସମ୍ବନ୍ଧ ରହିଅଛି । ଏଣୁ ଆମ୍ଭେମାନେ ସେଠାରେ ପ୍ରତିଭାପୂଜା ସଙ୍ଗେ ସ୍ମୃତିଚିହ୍ନ ରଖିପାରୁଁ, କିନ୍ତୁ ସର୍ବବ୍ୟାପୀ, ଅନନ୍ତଶକ୍ତି, ସର୍ବତୋମୁଖ, ସର୍ବତଶ୍ଚକ୍ଷୁ, ଅନ୍ତର୍ଯ୍ୟାମୀଙ୍କର କି ସ୍ମୃତିଚିହ୍ନ ରଖାଯାଇପାରେ ? ସମସ୍ତ ବିଚିତ୍ର ସୃଷ୍ଟି ଯାହାଙ୍କର ସ୍ମୃତିଚିହ୍ନ, ତାଙ୍କର କିପରି ମୂର୍ତ୍ତି କଳ୍ପନା ସମ୍ଭବ ହୋଇପାରେ ? ତେବେ ତାଙ୍କର ବ୍ୟକ୍ତିତ୍ୱର କି ସମ୍ଭାବନା ଅଛି ? ସ କଣ କେବଳ କେତେଗୁଡ଼ିଏ ଶକ୍ତିର ସମଷ୍ଟି ? ସେପରି ଭାବିବା ଠିକ୍ ନୁହେ, ଭଗବାନଙ୍କର ମୂର୍ତ୍ତି ନ ଥିଲେହେଁ, ବ୍ୟକ୍ତିତ୍ୱ ଅଛି । ତାହା ନହେଲେ ସେ ମନୁଷ୍ୟର ଉପାସ୍ୟ ହୋଇପାରିବେ ନାହିଁ । ପ୍ରତ୍ୟେକ ଫଳ, ଫୁଲରେ ଯେପରି ବୃକ୍ଷର ବୃକ୍ଷତ୍ୱ ରହିଅଛି, ସମସ୍ତ କ୍ରିୟାକଳାପରେ ଯେପରି ମାନବର ମାନବତ୍ୱ ରହିଅଛି, ସୃଷ୍ଟିର ପ୍ରତ୍ୟେକ ସ୍ଥଳରେ ସେହିପରି ଐଶଶକ୍ତି ପୂର୍ଣ୍ଣମାତ୍ରାରେ ପ୍ରତିଭାତ ରହିଅଛି । ସୃଷ୍ଟିର ବସ୍ତୁ ବା ଶକ୍ତିର ଧାରଣା କରିବାକୁ ଗଲେ ବସ୍ତୁ ବ୍ୟତୀତ ତାହା ଅସମ୍ଭବ ଏବଂ ଶୂନ୍ୟ ବ୍ୟକ୍ତିତ୍ୱ ମଧ୍ୟ ସେହିପରି ଶକ୍ତି ବା ବସ୍ତୁ ବ୍ୟତୀତ କିଛି ନୁହେଁ । ଯଦି ପ୍ରତ୍ୟେକ ବସ୍ତୁରେ ପୂର୍ଣ୍ଣ ଭାବରେ ଈଶ୍ୱର ଶକ୍ତିର ବ୍ୟକ୍ତିତ୍ୱ ନାହିଁ ତେବେ ତାହା କୌଣସିଠାରେ ନାହିଁ । ଏଠାରେ ପ୍ରଶ୍ନ ଉଠିପାରେ, ଯଦି ପ୍ରତ୍ୟେକ ବସ୍ତୁରେ ଭଗବାନ ପୂର୍ଣ୍ଣ ପ୍ରତିଭାତ ରହିଅଛନ୍ତି ତେବେ ମୂର୍ତ୍ତି ବା ବସ୍ତୁ ବିଶେଷରେ ତାଙ୍କ ପୂଜା କରିବାରେ କି କ୍ଷତି ଅଛି ? କିନ୍ତୁ ଏଥିରେ ବିପଦ ଏହି ଯେ ଏହା ସମୟରେ ଭଗବାନଙ୍କର ଏକଦେଶିତ୍ୱରେ ପରିଣତ ହୁଏ । ଯେପରି ଗୋଟିଏ କାରିଗର ତାହାର ଘରେ ଥାଏ ଏବଂ ନାନା ସ୍ଥାନରେ ବୁଲି କାର୍ଯ୍ୟ କରେ, ଭଗବାନ ବିଶ୍ୱକର୍ମା ଶେଷରେ ସେହିଥିରେ ପରିଣତ ହୁଅନ୍ତି । ସେଥିପାଇଁ ଆଜି ବିଧର୍ମୀ ବା ଅପର ଜାତିମାନେ ଜଡ଼ୋପାସକ ହିନ୍ଦୁର ଦେବତାଙ୍କୁ ଦେଖିପାରନ୍ତି ନାହିଁ । ଜଡ଼ୋପାସକ ହିନ୍ଦୁ ବିଶ୍ୱାସ ତାହାର ଦେବତା ଦୂରରେ ଅଛନ୍ତି । କେହି ନ ଦେଖିଲା ବେଳେ ସବୁ କାର୍ଯ୍ୟରେ ସାହାଯ୍ୟ କରୁଅଛନ୍ତି । ସେହି ଚରମାନେ ନାନାସ୍ଥାନରେ କାଷ୍ଠ ପ୍ରସ୍ତର ଓ ମୃତ୍ତିକା ରୂପରେ ପୂଜା ପାଆନ୍ତି । ବଡ଼ ସାନ ମଧ୍ୟ ଭଳି ଏହିପରି ସୋପାନ ଶ୍ରେଣୀରେ ଦେବତାମାନେ ପୂଜା ପାଆନ୍ତି । ଦେବତାଙ୍କୁ ଶୀତ କରେ, ଜ୍ୱର ହୁଏ, ସର୍ଦ୍ଦି ହୁଏ, ତାଙ୍କର ରାଗ, ଦ୍ୱେଷ ସବୁ ମନୁଷ୍ୟ ପରି ବା ମନୁଷ୍ୟଠାରୁ ବେଶୀ (କାରଣ ଶକ୍ତି ବେଶୀ), ଦେବତାଙ୍କର ଯାତ୍ରାରେ ତ୍ରୁଟି ହେଲେ ଗ୍ରାମରେ ବିପତ୍ତି ପଡ଼େ । ଦେବତାଙ୍କୁ ଯେତେବେଳେ ଶୀତ ଦିନରେ ଶୀତ କରୁଅଛି, ମନୁଷ୍ୟ ତ ଦୁର୍ବଳ, ତାକୁ ବେଶୀ ଶୀତ କରିବାର କଥା । ତେବେ ଯେଉଁ ପ୍ରତିଭାପୂଜା

Digitized by PPRACHIN, SOA

ମନୁଷ୍ୟର ସାଧନାର ମାର୍ଗ ଓ ଧର୍ମ ଜୀବନର ଏକମାତ୍ର ବସ୍ତୁ, ତାହାର କି ପରିଣାମ ହେଲା– ତାହା ଆମ୍ଭେମାନେ ଦୃଷ୍ଟାନ୍ତରେ ଦେଖୁଅଛୁଁ । ଅତଏବ ଏ କ୍ଷୁଦ୍ର ପ୍ରବନ୍ଧରେ ସ୍ଥାନାଭାବ ଦୃଷ୍ଟିରେ ଫଳରେ ଦେଖି ଅନୁମାନରୁ ଗବେଷଣାରେ ଆଉ ଦୂରକୁ ଯିବାର ଆବଶ୍ୟକତା ନାହିଁ ।

ତେବେ ପ୍ରତିଭାପୂଜାର ଏ ଯେଉଁ କଥା କୁହାଗଲା, ତାହା ସାଧାରଣ ମନୁଷ୍ୟ ପକ୍ଷରେ ସହଜସାଧ୍ୟ ହେଲାପରି ବୋଧହେଉନାହିଁ । ଗୁଣରେ ଏପରି ବ୍ୟକ୍ତିତ୍ୱ ଧାରଣା କରି ତାହାର ପୂଜା କରିବା ବଡ଼ ସହଜ ନୁହେଁ । ମନୁଷ୍ୟର ସହଜ ବୃତ୍ତିରେ ଏଟା ଥାଇପାରେ, କିନ୍ତୁ ପରିଣାମରେ ତାହା ପ୍ରତିମାପୂଜାର ଆକାର ନଧରି କିପରି ରହିବ ? ଏସବୁ ପ୍ରତିମାପୂଜାରେ ସତ୍ୟ ଥାଇପାରେ, ମନୁଷ୍ୟ ଜ୍ଞାନର ବିଶ୍ଳେଷଣ କରି ଯେ ଏହି ମୂଳ ମନ୍ତ୍ରର ଉଦ୍ଧାର କରିଅଛି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ପୃଥିବୀରେ କଣ ହେଉଅଛି ବା ହୋଇଅଛି, ତାହା ଆମ୍ଭେମାନେ ଏଠାରେ ଦେଖୁନାହୁଁ । ସଭ୍ୟତାର ଉନ୍ନତି ସଙ୍ଗେ ଭବିଷ୍ୟତ୍ ଦେଖି, ଆମ୍ଭେମାନେ କ'ଣ ହେବା ଉଚିତ ତାହାହିଁ ଦେଖୁଅଛୁଁ । ଯେଉଁ ମାର୍ଗରେ ଗଲେ ମନୁଷ୍ୟର ପତନର ଦ୍ୱାର ପ୍ରଶସ୍ତ ଅଛି, ସେ ମାର୍ଗରେ ସେ ଯାଉଅଛି ବୋଲି ଯେ ତାକୁ ଭୁଲ୍ ଦେଖାଇ ଦେବା ଉଚିତ ନୁହେଁ, ଏହା କେହି କହିବେ ନାହିଁ । ଘଟନା ଯାହାହେଉ, ଉଦ୍ଦେଶ୍ୟ ନିଶ୍ଚୟ ଘଟନାରୁ ଦୂରରେ ରହିବ, ତାହା ନହେଲେ ମନୁଷ୍ୟର ଉନ୍ନତି ଅସମ୍ଭବ । ଉନ୍ନତି ମାର୍ଗର ଦ୍ୱାର ପ୍ରଶସ୍ତ ରଖିଥିବା ସର୍ବଦା ଉଚିତ । ତେଣୁ ବୋଲାଯାଉଅଛି, ପ୍ରକୃତ ପ୍ରତିଭାପୂଜାର ଧାରଣା ଯେତେବେଳେ ମନୁଷ୍ୟ ଧରି ପାରି ନଥିଲା, ଯେତେବେଳେ ପୂଜା ବ୍ୟକ୍ତିତ୍ୱର ଗୋଟିଏ ବିଭାବ (aspect)ରୁ ପ୍ରତିହତ ହୋଇ ଅନ୍ୟ ବିଭାବକୁ ତାହାଠାରୁ ବିଚ୍ଛିନ୍ନ ବୋଲି ମନେକରୁଥିଲା, ସେତେବେଳେ କ'ଣ ହେଉଥିଲା, ତାହା ଆମ୍ଭେମାନେ କହୁନାହୁଁ । ବର୍ତ୍ତମାନ ଆମ୍ଭେମାନେ ଦେଖୁଅଛୁଁ, ପ୍ରତିମା ପୂଜା ଓ ପ୍ରତିଭା ପୂଜା ସେହି ବ୍ୟକ୍ତିତ୍ୱ ଯୁକ୍ତ ପ୍ରତିଭା ପୂଜାର ଦୁଇଗୋଟି ବିଭାବ ମାତ୍ର, ଏକ ଦିଗରେ ପ୍ରତିମା ବ୍ୟତୀତ ପ୍ରତିଭା ରହିନପାରେ, ଅନ୍ୟଆଡ଼େ କେବଳ ପ୍ରତିଭା ବା କେବଳ ପ୍ରତିମାପୂଜା କରିବା ସମୀଚୀନ ନୁହେଁ । ଏପରି ସ୍ଥଳରେ ପ୍ରତିଭାର ବ୍ୟକ୍ତିତ୍ୱ ଧାରଣା କରି ସମସ୍ତ ଶକ୍ତିରେ ସେହି ବ୍ୟକ୍ତିତ୍ୱ ଅନୁଭବ କରି ପ୍ରକୃତ ପ୍ରତିଭାପୂଜାରେ ଦୀକ୍ଷିତ ହେବାକୁ ହେବ । ଅନ୍ତତଃ ସମାଜର ତାହାହିଁ ଆଦର୍ଶ ହେବା ବାଞ୍ଛନୀୟ । ଆମ୍ଭେମାନେ ଜାଣୁଁ–

"ଯଦ୍ୟଦାଚରତି ଶ୍ରେଷ୍ଠ ସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।"

ସମାଜର ଉଚ୍ଚ ଶ୍ରେଣୀର ଲୋକେ ଯାହା ଅଭ୍ୟାସ କରନ୍ତି– ସମାଜର ଯାହା ଆଦର୍ଶ ବୋଲି ଗୃହୀତ ହୁଏ– ଇତର ସାଧାରଣ କାଳକ୍ରମେ ସେହି ଭାବରେ ଦୀକ୍ଷିତ ହୁଅନ୍ତି । ଅତଏବ ଆମ୍ଭମାନଙ୍କୁ ସେ ଚିନ୍ତା କରିବାକୁ ହେବ ନାହିଁ । ଯାହା ନ୍ୟାୟ ସତ୍ୟ ଓ ବିଧିସଙ୍ଗତ, ସେପରି କାର୍ଯ୍ୟରୁ ବିଚ୍ଛିନ୍ନ ହେବା ଜାଣିବା ଶୁଣିବା ଲୋକର ଉଚିତ ନୁହେଁ ।

Digitized by PPRACHIN, SOA

ଜ୍ଞାନରାଜ୍ୟର ଉନ୍ନତିର ଫଳ ମାନବ ସମାଜରେ ପ୍ରଚାରିତ ନହେଲେ ଜ୍ଞାନ ବା ଉନ୍ନତିର ମୂଲ୍ୟ ନାହିଁ । ଏ ପ୍ରବନ୍ଧରେ ପ୍ରାୟଶଃ ଦୃଷ୍ଟାନ୍ତଦ୍ୱାରା ପ୍ରତିଭାର ବ୍ୟକ୍ତିତ୍ୱ ବୁଝାଇ ଦିଆହେଲା । ଏଥିରୁ ପାଠକମାନେ ବିଷୟଟିର ଗୁରୁତ୍ୱ ଓ ଜଟିଳତାର ଆଭାସ ପାଇବେ । ପ୍ରବନ୍ଧର ଆକାର ଦୀର୍ଘ ହେବା ଭୟରେ ଆମ୍ଭେମାନେ ଏଠାରେ ତାହାର ବିସ୍ତୃତ ଆଲୋଚନାରୁ କ୍ଷାନ୍ତ ହେଲୁଁ । ସୁବିଧା ପାଇଲେ ଭବିଷ୍ୟତରେ ଦାର୍ଶନିକ ବିଶ୍ଳେଷଣ ପ୍ରକ୍ରିୟାରେ ତାହାର ବ୍ୟାଖ୍ୟା କରିବାର ଆଶା ରହିଲା–

ନୋଟ୍ :– ପ୍ରବନ୍ଧର ଶିରୋନାମା ସମ୍ବନ୍ଧରେ ଗୋଟିଏ କଥା କହି ରଖିବା ଉଚିତ । ପ୍ରବନ୍ଧର ନାମ "ପ୍ରତିଭାପୂଜା ଓ ପ୍ରତିମାପୂଜା" । କିନ୍ତୁ ସାଧାରଣତଃ ଦେଖାଯାଉଅଛି, ଏଥିରେ ପ୍ରତିମାର ସ୍ଥାନ ବେଶି । ତେବେ 'ପ୍ରତିମାପୂଜା ଓ ପ୍ରତିଭାପୂଜା' ନ ହେଲା କାହିଁକି ? କିନ୍ତୁ ଆମ୍ଭେମାନେ ପ୍ରତିମା ନାମ ବ୍ୟବହାର କଲେହେଁ ତାହାର କୌଣସି ସ୍ୱତନ୍ତ୍ର ଅଧିକାର ସ୍ୱୀକାର କରିନାହୁଁ । ଏହା 'ପ୍ରତିଭାପୂଜା'ର ଗୋଟିଏ ଅବସ୍ଥା ମାତ୍ର । ସମସ୍ତ ପ୍ରବନ୍ଧରେ କେବଳ ପ୍ରତିଭାପୂଜାର ଅବସ୍ଥା, ପ୍ରକୃତି ଓ ପ୍ରଣାଳୀ ଆଲୋଚିତ ହୋଇଅଛି । ତେବେ ପ୍ରବନ୍ଧର ନାମଟି କେବଳ 'ପ୍ରତିଭାପୂଜା' ହୋଇଥିଲେ ଆଉ ସନ୍ଦେହ ନ ଥାନ୍ତା । କିନ୍ତୁ ଲୌକିକ ପୂଜାପ୍ରଣାଳୀରେ ପ୍ରତିମାର ଏତେ ଆଧିପତ୍ୟ ଥିବାରୁ ସୁବୋଧ୍ୟ ହେବ ବୋଲି ସେହି ନାମଟି ରଖିଅଛୁଁ ।

# ସଂଗ୍ରାମ ଓ ଜୀବନ

'ଜୀବନ' ଏହି ଶବ୍ଦଟି ଉଚ୍ଚାରିତ ହେବା ସଙ୍ଗେ ସଙ୍ଗେ ସଂଗ୍ରାମ ଏହି ଶବ୍ଦଟି ମଧ୍ୟ ସୂଚିତ ହୁଏ । ଏହି ଦୁଇ ଶବ୍ଦ ଆମ୍ଭମାନଙ୍କ ମନରେ ଭାବସଙ୍ଗ ରୂପ ସୂତ୍ରଦ୍ୱାରା ଏକତ୍ର ଗ୍ରଥିତ । ଜଡ଼ଠାରୁ ଆରମ୍ଭ କରି ଉଦ୍ଭିଦ ପଶୁ ପକ୍ଷ୍ୟାଦି ସମସ୍ତ ସୃଷ୍ଟ ବସ୍ତୁ ସଂଗ୍ରାମରେ ବ୍ୟସ୍ତ । ଯାହାର ସଂଗ୍ରାମ ନାହିଁ, ତାହାର ଅସ୍ତିତ୍ୱ ନାହିଁ, ଜୀବନ କଥା ଦୂରେ ଥାଉ । ଏହି ଯେ ଜଡ଼ ପଦାର୍ଥ ସକଳ ଯେଉଁମାନଙ୍କୁ ଆମ୍ଭେମାନେ ବାହ୍ୟତଃ ନିଶ୍ଚଳ ଏବଂ ସ୍ଥିର ଦେଖୁଁ, ସେମାନେ ସ୍ୱୀୟ ଅସ୍ତିତ୍ୱ ନିମିତ୍ତ ଚତୁର୍ଦ୍ଦିଗସ୍ଥ ପଦାର୍ଥମାନଙ୍କ ସହିତ ପ୍ରତି ମୁହୂର୍ତ୍ତ ଅବିରତ ଭାବରେ ସଂଗ୍ରାମଶୀଳ । ପ୍ରତ୍ୟେକ ପରିମାଣ ବିଶ୍ୱସଂସାରର ଅନ୍ୟାନ୍ୟ ଯାବତୀୟ ପରମାଣୁଦ୍ୱାରା ଆକର୍ଷଣ ଓ ବିକର୍ଷଣ ବଳରେ ଆକୃଷ୍ଟ ଏବଂ ବିତାଡ଼ିତ । କିନ୍ତୁ ସେମାନଙ୍କ ଆକର୍ଷଣ-ବିକର୍ଷଣ-ବଳର ସମତା ହେତୁ ପଦାର୍ଥମାନଙ୍କର ଦୃଶ୍ୟମାନ ନିଶ୍ଚେଷ୍ଟତା ଉତ୍ପାଦିତ ହୁଏ । ଯେପରି ଦୁଇ ବ୍ୟକ୍ତି ପରସ୍ପରକୁ ଟାଣିଲେ ସେମାନଙ୍କ ଶକ୍ତି ଯେବେ ସମାନ ଥାଏ, ତେବେ ସେମାନେ ନ ଘୁଞ୍ଚି ପୂର୍ବ ସ୍ଥାନରେ ନିଶ୍ଚେଷ୍ଟ ଭାବରେ ଦଣ୍ଡାୟମାନ ରହିଲାପରି ବୋଧହୁଏ, କିନ୍ତୁ ବସ୍ତୁତଃ ସେମାନେ ସମସ୍ତ ଶକ୍ତି ପ୍ରୟୋଗ କରି ସଂଗ୍ରାମରେ ବ୍ୟସ୍ତ ଥାନ୍ତି । ସେହିପରି ଉଦ୍ଭିଦ ଜଗତର କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ କଲେ ଆମ୍ଭେମାନେ

Digitized by PPRACHIN, SOA

ଦେଖିପାରିବୁ । ସେଠାରେ ମଧ ନିୟତ ସଂଗ୍ରାମ ଲାଗିଅଛି । ବୀଜ ଭୂମିରେ ପୋଥିତ ହେଲା ମୁହୂର୍ତ୍ତଠାରୁ ତାହାକୁ କେତେ ବାଧାବିଘ୍ନ ଅତିକ୍ରମ କରି କେତେ ଶତ୍ରୁକୁ ପରାସ୍ତକରି ସ୍ୱୀୟ ଅସ୍ତିତ୍ୱ ରକ୍ଷା କରିବାକୁ ହେଉଅଛି । ପ୍ରାଣି ଜଗତରେ କୀଟପତଙ୍ଗ ପଶୁପକ୍ଷୀ ଜୀବଗଣଙ୍କୁ ମଧ ସ୍ୱଂସ୍ୱ ଜୀବନରକ୍ଷା ନିମନ୍ତେ ନିରନ୍ତର ଘୋର ସଂଗ୍ରାମରେ ବ୍ୟାପୃତ ରହିବାକୁ ହେଉଅଛି । ପ୍ରାଣିଜଗତରେ କୀଟପତଙ୍ଗ ପଶୁପକ୍ଷୀ ଜୀବଗଣଙ୍କୁ ମଧ୍ୟ ସ୍ୱ-ସ୍ୱ ଜୀବନରକ୍ଷା ନିମନ୍ତେ ନିରନ୍ତର ଘୋର ସଂଗ୍ରାମରେ ବ୍ୟାପୃତ ରହିବାକୁ ହେଉଅଛି । ଏହିପରି ସମସ୍ତେ ପ୍ରତି-ନିୟତ ଜୀବନ-ସଂଗ୍ରାମରେ ବ୍ୟସ୍ତ । ଏହି ସଂଗ୍ରାମରେ ଯୋଗ୍ୟତମର ଜୟ (Survival of the fittest) ଅବଶ୍ୟମ୍ଭାବୀ । ଦୁର୍ବଳ ପରାସ୍ତ ହୋଇ ପ୍ରବଳକୁ ପଥ ପ୍ରଦାନ କରୁଅଛି ଏବଂ ନିଜେ ପରିପିଷ୍ଟ ହୋଇ ଚରମରେ ବିନଷ୍ଟ ହୋଇଯାଉଅଛି । ଅପରନ୍ତୁ ଯାହାର ଜୀବନ-ସଂଗ୍ରାମ ତେତେ କଠିନ ଏବଂ ଦୁରୂହ । ଏହିପରି ସୃଷ୍ଟିର ଯାବତୀୟ ବସ୍ତୁ ବା ପ୍ରାଣୀ ଯେତେବେଳେ ଯୁଦ୍ଧଦ୍ୱାରା ସ୍ୱୀୟ ଅସ୍ତିତ୍ୱ ରକ୍ଷା ବା ଜୀବନ ଧାରଣ କରୁଅଛନ୍ତି, ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବ ପକ୍ଷରେ ସେହି ନିୟମର କାହିଁକି ବ୍ୟତିକ୍ରମ ହେବ ? ବରଂ ମାନବ ଜୀବନର ପରିମାଣରେ ଶ୍ରେଷ୍ଠତା, ତାହାର ସଂଗ୍ରାମ ଯେତିକି ପରିମାଣରେ କଠିନ ହେବାର ସଂଭାବନା ଏବଂ ତାହାହିଁ କାର୍ଯତଃ ଘଟୁଅଛି ।

ପଶୁପକ୍ଷ୍ୟାଦି ଇତର ପ୍ରାଣିଗଣ ପ୍ରକୃତି ଦତ୍ତ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ସ୍ୱୀୟ ଜୀବନ ପରିଚାଳନା କରୁଅଛନ୍ତି । ବିହଙ୍ଗ ଶାବକ ବା ପଶୁ ବତ୍ସ ଜନ୍ମର କିୟତ୍କ୍ଷଣ ଉତ୍ତାରେ ନିଜ ଚରଣୋପରି ଶରୀରର ଭାର ବିନ୍ୟସ୍ତ କରି ଧରଣୀ ପୃଷ୍ଠରେ ଦଣ୍ଡାୟମାନ ବା ଶୂନ୍ୟମାର୍ଗରେ ଉଡ୍ଡୀୟମାନ ହେବାକୁ ସମର୍ଥ ହୁଏ । କିନ୍ତୁ ମାନବଶିଶୁ ପକ୍ଷରେ ଏହି କାର୍ଯ କେଡ଼େ କଠିନ । ତାହା ପକ୍ଷରେ ଏହା ଶିକ୍ଷାସାପେକ୍ଷ ଏବଂ ଦୀର୍ଘକାଳ ବ୍ୟାପୀ ସାଧନାର ଫଳ । ପଶୁ ନିମିତ୍ତ ପାନାହାର ପ୍ରସ୍ତୁତ ହୋଇ ରହିଅଛି । ଦିଗନ୍ତବିସ୍ତାରୀ ହରିତ୍ ପ୍ରାନ୍ତରଶ୍ରେଣୀ ସମ୍ମୁଖରେ ବିସ୍ତୃତ । କିନ୍ତୁ ମାନବର ଖାଦ୍ୟ ବହୁ ଆୟାସ ଲବ୍ଧ । ପଶୁପକ୍ଷୀ ନିଜ ନିଜ ଅଙ୍ଗପ୍ରତ୍ୟଙ୍ଗ ସଂଚାଳନ କରି ଖାଦ୍ୟ ଗ୍ରହଣ କରନ୍ତି । କିନ୍ତୁ ମନୁଷ୍ୟ ତନ୍ନିମିତ୍ତ ଅସ୍ତ୍ରଶସ୍ତ୍ର ଆବଶ୍ୟକ କରେ । ପ୍ରତ୍ୟେକ ପଶୁର ଶିର ଶରୀର ତୁଳନାରେ ଅଳ୍ପଭାର ବିଶିଷ୍ଟ । ସୁତରାଂ ସନ୍ତରଣ ସମୟରେ ଶିର ଜଳୋପରି ଭାସମାନ ହେବାରୁ ସନ୍ତରଣ ପଶୁ ପକ୍ଷରେ ସହଜ ଓ ସ୍ୱାଭାବିକ । କିନ୍ତୁ ମାନବର ମସ୍ତକ ଶରୀର ତୁଳନାରେ ବିଶେଷ ଭାରବିଶିଷ୍ଟ । ତେଣୁ ସନ୍ତରଣ ମାନବ ପକ୍ଷରେ ଆୟାସକର । ସୃଷ୍ଟିରେ ମାନବର ଅବସ୍ଥା ଭାବିଲେ ସ୍ତବ୍ଧ ହେବାକୁ ହୁଏ । ମନୁଷ୍ୟ ସେହି ସହସ୍ର ହସ୍ତ ପ୍ରସ୍ତୁତ ଆଶ୍ଚର୍ଯ୍ୟଜନକ ଅଟକାଳୀ (Wonderful Pudding) ପ୍ରତିଦିନ ଭୋଜନ କରୁଅଛି । ମାନବ ଅତି ଦୁର୍ବଳ, ତାହାର ଅଭାବ ସର୍ବାପେକ୍ଷା ଅଧିକ । କିନ୍ତୁ ତାହାକୁ ଜଗତସ୍ରଷ୍ଟା ଯେଉଁ ଅନନ୍ତ

କଟକ ଛାତ୍ରସମାଜର ଷାଣ୍ମାସିକ ଉତ୍ସବ ଉପଲକ୍ଷରେ ଲିଖିତ ଓ ପଠିତ ।

Digitized by PPRACHIN, SOA

ଉନ୍ନତିଶୀଳ ମାନସିକ ଶକ୍ତି ପ୍ରଦାନ କରୁଅଛନ୍ତି ତତ୍‌ସାହାଯ୍ୟରେ ଏହିସବୁ ଅସୁବିଧା ସତ୍ତ୍ୱେ ସେ ଯେ କେବଳ ତାହାର ଜୀବନର ଅଭାବ ସକଳ ମୋଚନ କରିପାରିଅଛି ତାହା ନୁହେଁ, ଅଧିକନ୍ତୁ ତାହାର ଅତୁଲ୍ୟ ଉନ୍ନତି ସଂସାଧନ ପୂର୍ବକ ଜଡ଼ୀୟ ଏବଂ ପାଶବ ଜଗତ ଉପରେ ଆଧିପତ୍ୟ ସଂସ୍ଥାପନା କରିଅଛି । ଉନ୍ନତି ପରାୟଣତାହିଁ ମାନବର ଏବଂ ଅନନ୍ତ ଉନ୍ନତି ଅର୍ଥ ଅନନ୍ତ ସଂଗ୍ରାମ ।

କିନ୍ତୁ ଏହାହିଁ କି ମାନବର ଶ୍ରେଷ୍ଠତା ? ବୈଷୟିକ ଋଦ୍ଧି, ବାହ୍ୟ ଆଧିପତ୍ୟ ଇତ୍ୟାଦି ଉନ୍ନତିଶୀଳ ମାନବଙ୍କୁ ମାନବୋତ୍ତର ପ୍ରାଣିଗଣଙ୍କ ମଧ୍ୟରେ ପ୍ରାଧାନ୍ୟ ପ୍ରଦାନ କଲେ ସୁଦ୍ଧା ତାହାର ସ୍ୱାତନ୍ତ୍ର୍ୟ ଏବଂ ଶ୍ରେଷ୍ଠତାର କାରଣ ବାହାରେ ନୁହେଁ, ଭିତରେ । ଅନନ୍ତ ଉନ୍ନତିଶୀଳ ମାନବ ମନହିଁ ତାହା ପକ୍ଷରେ ବିଶ୍ୱବିଧାତାଙ୍କର ଶ୍ରେଷ୍ଠ ଆଶୀର୍ବାଦ । ଏହି ଦୈବ ଦାନହିଁ ମାନବର ଗୁରୁତ୍ୱ ସଙ୍ଗେ ସଙ୍ଗେ ଦାୟିତ୍ୱ ବର୍ଦ୍ଧିତ କରିଅଛି । ମହାଜନୋକ୍ତି ଅଛି– ଯାହାକୁ ବିଶେଷ ଶକ୍ତି ପ୍ରଦତ୍ତ ହୋଇଅଛି ତାହାର ବିଶେଷ ଦାୟିତ୍ୱ ଅଛି ।

ମନୁଷ୍ୟ ମଧ୍ୟରେ ପାଶବ, ମାନବୀୟ ଏବଂ ଦୈବ ଏହି ତ୍ରିବିଧ ଭାବର ସମାବେଶ । ଯେଉଁ ମନୁଷ୍ୟଗଣ କେବଳ ଆହାର ବିହାର ନିଦ୍ରାଦିରେ ଜୀବନ ଅତିବାହିତ କରନ୍ତି ସେମାନେ ମାନବ ଦେହଧାରୀ ପଶୁମାତ୍ର । ପାନାହାର ନିମନ୍ତେ ପଶୁପକ୍ଷୀ ମଧ୍ୟ ବନ ପର୍ବତରେ ସଂଗ୍ରାମ କରନ୍ତି । ଏଥିରେ ମନୁଷ୍ୟର ପ୍ରାଧାନ୍ୟ ଥାଇପାରେ କିନ୍ତୁ ସ୍ୱାତନ୍ତ୍ର୍ୟ ନାହିଁ । ଏ ବିଷୟରେ ମନୁଷ୍ୟକୁ ପ୍ରଧାନ ପଶୁ ବୋଲାଯାଇପାରେ ।

ମାନବର ମାନବତ୍ୱ ମନରେ, ଆନ୍ତର ସଂଗ୍ରାମରେ । ମାନବ ମନ ଜ୍ଞାନ, କର୍ମ ଏବଂ ପ୍ରେମର ହେତୁଭୂତ ବୁଦ୍ଧି, ଇଚ୍ଛା ଓ ଭାବର ସମାବେଶ । ଜଗତର ଇତିହାସ ପାଠକଲେ ଦେଖାଯାଏ ଯେ ଜ୍ଞାନପିପାସୁ ମାନବ କେତେ ବାଧାବିଘ୍ନ ଦୁଃଖ ଦାରିଦ୍ର୍ୟ ପ୍ରତିକୂଳ ଅବସ୍ଥା ସଙ୍ଗରେ ସଂଗ୍ରାମ କରି ଅସାଧ୍ୟ ସାଧନ କରିଯାଇଅଛନ୍ତି । ଯେଉଁ ରୁଷୋଙ୍କ ତେଜୋମୟୀ ଲେଖନୀ ସମ୍ଭୂତ ଅଗ୍ନିମୟୀ ବାଣୀ ପରମ୍ପରା ସମଗ୍ର ଜଗତରେ ନବଯୁଗର ଆବିର୍ଭାବକାରି ପ୍ରଳୟସଙ୍କାଶ ମହାନ ଫରାସି ରାଷ୍ଟ୍ର ବିପ୍ଳବର ଏକତମ ହେତୁ, ସେହି ପୁରୁଷସିଂହ ଗାରେଟ୍ ନିବାସୀ ଥିଲେ । ଇଂଲଣ୍ଡର ସୁସନ୍ତାନ ଜନ୍‌ସନ୍ ଏବଂ ସାଭେଜ୍ ଯେତେବେଳେ ଏକ ସଙ୍ଗରେ ଲଣ୍ଡନ ନଗରୀକୁ ଆଗମନ କରିଥିଲେ, ସେମାନଙ୍କୁ ଉକ୍ତ ମହାନଗରୀରେ ମସ୍ତକ ରଖିବାକୁ ସ୍ଥାନ ମିଳିନଥିଲା; ଦୁଇବନ୍ଧୁ ସମସ୍ତ ରଜନୀ ରାଜପଥରେ ଭ୍ରମଣ କରି ରାଜପଥର ଆଲୋକ ସାହାଯ୍ୟରେ ଗ୍ରନ୍ଥ ଅଧ୍ୟୟନ କରି ପ୍ରାଣର ଅଦମ୍ୟ ଜ୍ଞାନପିପାସା ନିବାରଣ କରିଥିଲେ ।

ସୁପୁରୁଷ ଗାରଫିଲ୍‌ଡଙ୍କ ଜୀବନ କାହାଣୀ ଆମ୍ଭେମାନେ ସମସ୍ତେ ଜାଣୁଁ । ଆମ୍ଭମାନଙ୍କ ଏହି ଦେଶରେ ବିଦ୍ୟାସାଗର ଦାରିଦ୍ର୍ୟ ଓ ପ୍ରତିକୂଳ ଅବସ୍ଥା ବିରୁଦ୍ଧରେ ମହାସମର ଘୋଷଣା କରିଥିଲେ । ତାହାର ତୂରୀନିନାଦ ଏ ପର୍ଯ୍ୟନ୍ତ ଏହି ଦେଶବାସୀର କର୍ଣ୍ଣପଟଳରେ ପ୍ରତିଧ୍ୱନିତ ହେଉଅଛି । ଏହିପରି ଜ୍ଞାନପିପାସୁ ମାନବ ନିରନ୍ତର ସେହି ଅସୀମ ଜ୍ଞାନାକାଶରେ ଚକ୍ରବାଳ

Digitized by PPRACHIN, SOA

ନିକଟକୁ ଅଗ୍ରସର ହେଉଅଛି, କିନ୍ତୁ ତାହାର ସୀମା ନାହିଁ । ମନୁଷ୍ୟ ଯେତେ ଅଗ୍ରସର ହେଉଅଛି, ଜ୍ଞାନରାଜ୍ୟର ପରିସର ସେତେ ବର୍ଦ୍ଧିତ ହୋଇଯାଉଅଛି ଏବଂ ସଂଗ୍ରାମ ଭୀଷଣତର ଆକାର ଧାରଣ କରୁଅଛି ।

ଅପରନ୍ତୁ ଜଗତର ଇତିହାସରେ କେତେ ହ୍ୱାନିବଲ, ସିଜର, ପମ୍ପି, ସେକନ୍ଦର ଚାର୍ଲିମାନ, ନେପୋଲିଅନ ଆବିର୍ଭୂତ ହୋଇ ଅଦ୍ଭୁତ ସଂଗ୍ରାମ କରିଯାଇଅଛନ୍ତି । ଜଗତରେ ଯଶୋପାର୍ଜନ ସେମାନଙ୍କ ଉଦ୍ଦେଶ୍ୟ ଥିଲା । ଏମାନେ ଯଶସ୍ୱୀ ହେଲେ ମଧ୍ୟ ଏମାନଙ୍କ ଶକ୍ତି ନିକଟରେ ଆମ୍ଭେମାନେ ବିସ୍ମୟାବିଷ୍ଟ ଚିତ୍ତରେ ସ୍ତମ୍ଭିତ ହୋଇପାରୁଁ; କିନ୍ତୁ ଏମାନଙ୍କୁ ହୃଦୟର ଭକ୍ତି ଶ୍ରଦ୍ଧା ଅର୍ପଣ କରିପାରୁନାହିଁ । ଏ ଜଗତରେ ଧର୍ମଯୁଦ୍ଧ ଅଧର୍ମ ଯୁଦ୍ଧ ଦୁଇପ୍ରକାର ସଂଗ୍ରାମ ଅଛି । ପକ୍ଷାନ୍ତରେ ଏହି ପୃଥିବୀରେ କେତେ କର୍ମବୀର ସ୍ୱଦେଶ ପାଇଁ, ଧରାପୃଷ୍ଠରେ ସତ୍ୟ, ନ୍ୟାୟ, ଶାନ୍ତି ଏବଂ ସ୍ୱାଧୀନତା ପ୍ରତିଷ୍ଠିତ କରିବା ପାଇଁ ନିଜନିଜର ଧନ ମାନ ସ୍ୱାସ୍ଥ୍ୟ ସାମର୍ଥ୍ୟ ଏମନ୍ତ କି ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦେଇଯାଇଅଛନ୍ତି । ଗାଲିଲିଓ, ହାମ୍ପ୍‌ଡେ଼ନ, ଇଲିଅଟ୍, ଓଆଶିଙ୍ଗଟନ ଆଦି ବୀରମାନଙ୍କ ପ୍ରତି ଆମ୍ଭମାନଙ୍କ ହୃଦୟର ସମ୍ମାନ ସ୍ୱତଃ ପ୍ରଧାବିତ ହୁଏ, କାରଣ ଏମାନେ ନିଃସ୍ୱାର୍ଥ ଭାବରେ ଧର୍ମଯୁଦ୍ଧରେ ମନପ୍ରାଣ ଅର୍ପଣ କରିଥିଲେ ।

ଏ ପର୍ଯ୍ୟନ୍ତ ଆମ୍ଭେମାନେ ଯେଉଁ ସଂଗ୍ରାମ ବିଷୟରେ ଆଲୋଚନା କଲୁଁ, ତାହା ମାନବକୁ ପଶୁତ୍ୱ ଅତିକ୍ରମ କରାଇ ମାନବତ୍ୱର ଊର୍ଦ୍ଧ୍ୱତର ଗ୍ରାମକୁ ଘେନିଯାଏ । ଧର୍ମବୀବରଣ ମନୁଷ୍ୟର ଆଦର୍ଶର ଅଭିମୁଖ୍ୟରେ ବହୁଦୂର ଅଗ୍ରସର । ଅହର୍ନିଶ ମାନବ ମଧ୍ୟରେ ଯେ ଦେବତ୍ୱର ବୀଜନିହିତ ଅଛି, ତାହାକୁ ପ୍ରତିକୂଳ ଅବସ୍ଥା ମଧ୍ୟରେ ଅନୁଶୀଳନ ପୂର୍ବକ ବିକଶିତ କରାଇବାହିଁ ମାନବ ଜୀବନର ଶ୍ରେଷ୍ଠତମ ସଂଗ୍ରାମ । ଶାକ୍ୟସିଂହ, ଈଶା, ମହାମ୍ମଦ ଇତ୍ୟାଦି ମହାପୁରୁଷମାନେ ମାନବ ସମାଜର ପାପତାପ କୁସଂସ୍କାର ଦୁରାଚାର ମୋହ ଅନ୍ଧକାର ଇତ୍ୟାଦି ବିନାଶ ଉଦ୍ଦେଶ୍ୟରେ ଏହି ସଂଗ୍ରାମରେ ଜୀବନ ବିସର୍ଜନ ଦେଇ ଜୟଲାଭପୂର୍ବକ ଜଗତର ଇତିହାସର ଗତି ପରିବର୍ତ୍ତିତ କରି ମାନବ ସମାଜକୁ ପୂର୍ଣ୍ଣ ମଙ୍ଗଳରୂପ ମହାନ ଆଦର୍ଶାଭିମୁଖରେ ପରିଚାଳିତ କରି ଯାଇଅଛନ୍ତି । ଅବଶ୍ୟ ଆମ୍ଭେମାନେ ସମସ୍ତେ ବୁଦ୍ଧ ବା ଖ୍ରୀଷ୍ଟ ହୋଇପାରିବା ନାହିଁ । ତଥାପି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଅନନ୍ତ ସମ୍ଭାବନାର ବୀଜ ରୋପିତ ଅଛି । ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ସେହି ଅଙ୍କୁରକୁ ମହାଦ୍ରୁମରେ ପରିଣତ କରିବାର ଶକ୍ତି ଓ ସୁବିଧା ପ୍ରଦତ୍ତ ହୋଇଅଛି । କିନ୍ତୁ ହାୟ ! ଆମ୍ଭମାନଙ୍କର ଇଚ୍ଛା ନାହିଁ, ପ୍ରବୃତ୍ତି ନାହି । ଆମ୍ଭେମାନେ ମ୍ରିୟମାଣ ହୋଇ ପଡ଼ିରହିଅଛୁ ଏବଂ ମାନବର ପ୍ରଧାନ ଆଶୀର୍ବାଦ ଏବଂ ପଶୁଠାରୁ ଶ୍ରେଷ୍ଠତା ପ୍ରଦାନକାରି ଯେ ସ୍ୱାଧୀନତା ତାହାର ଅପବ୍ୟବହାର କରି ସାଂସାରିକ ଆଶାର ସୁଖ ସମ୍ମାନ ଏବଂ ଯୌବନର ଆପାତମଧୁର ବିଷମୟ ଇନ୍ଦ୍ରିୟସୁଖରେ ଉନ୍ମତ୍ତ ରହିଅଛୁଁ । ଏହା ଜୀବନ ନୁହେଁ, ଏହା ମରଣରୁ ନିକୃଷ୍ଟତର ଜୀବନ୍ମୃତ୍ୟୁ । କବି କହିଅଛନ୍ତି "Better not be at all than not be noble."

Digitized by PPRACHIN, SOA

ଚରିତ୍ରବିହୀନ ବ୍ୟକ୍ତି ସମାଜର ଘୋର କଳଙ୍କ । ଯେଉଁ ସମାଜ ନୀତିଜ୍ଞାନ ବିରହିତ, ଦାୟିତ୍ୱ ବିବର୍ଜିତ ସାମାଜିକଗଣଙ୍କ ଦ୍ୱାରା ପୂର୍ଣ୍ଣ ହୁଏ, ସେ ସମାଜର ଗତି କେଉଁଆଡ଼କୁ ହୁଏ ? ଆମ୍ଭେମାନେ ନିଜେ କି ଏହା ଶ୍ରେୟସ୍କର ମଣିବା ? କୌଣସି ଲୋକ ଦୁର୍ବୃତ୍ତ ହେଲେ ଆମ୍ଭେମାନେ ତାହାକୁ ଘୃଣା କରୁ । ସେହିପରି ଆମ୍ଭେମାନେ ସ୍ୱ ସ୍ୱ ଚରିତ୍ର କଳଙ୍କିତ କଲେ ଅନ୍ୟ ଲୋକ ଆମ୍ଭମାନଙ୍କୁ ନିନ୍ଦା କରିବେ । ଏହାହିଁ ସାମାଜିକ ଦଣ୍ଡ । ସମାଜ ଯେତେ ପତିତ ହେଉ ପଛକେ ପାପୀପ୍ରତି ଘୃଣା ଅନିବାର୍ଯ୍ୟ । ଆମ୍ଭେମାନେ ଯେବେ ଅନ୍ୟଠାରୁ ପୁଣ୍ୟଶୀଳତା ଆଶାକରୁଁ ତେବେ ଆମ୍ଭମାନଙ୍କର ମଧ୍ୟ ପୁଣ୍ୟଶୀଳ ଓ ସଚ୍ଚରିତ୍ର ହେବା କର୍ତ୍ତବ୍ୟ । ଏହାହିଁ ଆଦାନପ୍ରଦାନର ଶ୍ରେଷ୍ଠ ନିୟମ । "Do to others as you would wish others do to you." କିନ୍ତୁ ସଚ୍ଚରିତ୍ରତା ଲାଭ କରିବାକୁ ହେଲେ କାମ କ୍ରୋଧାଦିର ଉତ୍ତେଜନା ଏବଂ ଆଳସ୍ୟ ଔଦାସୀନ୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ ।

ପ୍ରତ୍ୟେକ ମନୁଷ୍ୟର ଜୀବନରେ ଏପରି ଗୋଟିଏ ସମୟ ଉପସ୍ଥିତ ହୁଏ, ଯେତେବେଳେ ମହାବୀର ହରକ୍ୟୁଲିସଙ୍କ ପରି ତାହା ସମ୍ମୁଖରେ ଶ୍ରେୟ ଓ ପ୍ରେୟ ଦୁଇ ରମଣୀ ଉପସ୍ଥିତ ହୁଅନ୍ତି । ପ୍ରେୟର ପଥ ସାଂସାରିକ ଆମୋଦ ହର୍ଷକୋଳାହଳ ଆପାତ ମଧୁର ଇନ୍ଦ୍ରିୟସୁଖ, କିନ୍ତୁ ପରିଣାମରେ ହାହାକାର, ଅନୁତାପ, ଦୁଃଖ ଏବଂ ନୈରାଶ୍ୟ । ପକ୍ଷାନ୍ତରେ ଶ୍ରେୟର ପଥ ପ୍ରଥମରେ ଦୁର୍ଗମ ହେଲେହେଁ ଚରମରେ ଆନନ୍ଦ ସୁଖ ଶାନ୍ତିପ୍ରଦ । ସ୍ୱଦେଶୀ ଭ୍ରାତୃବୃନ୍ଦ ! ଆମ୍ଭମାନଙ୍କ ସମ୍ମୁଖରେ ଏକ ଆଡ଼େ ଯୌବନ ସୁଖ, ସାଂସାରିକ ଆମୋଦ, ଦଶ ଜଣଙ୍କ ସଙ୍ଗରେ ଜଣେ ହେବାର ଆକାଙ୍‌କ୍ଷା ଏବଂ ଅନ୍ୟଆଡ଼େ କଠିନ ସାଧନା, ଇନ୍ଦ୍ରିୟ ନିଗ୍ରହ, ରିପୁସଂଯମ, ନୀରବ ପ୍ରାର୍ଥନା ଏବଂ ମନ୍ଦଲୋକମାନଙ୍କ କୁଟିଳ କଟାକ୍ଷ ଓ ଉପହାସ ବିଦ୍ରୂପ ଉପସ୍ଥିତ– ଆମ୍ଭେମାନେ କେଉଁଟି ବାଛିନେବା ? ଭଗବାନ କରନ୍ତୁ ଆମ୍ଭେମାନେ ସେହି ମହାବୀରରୂପୀ ଆଦର୍ଶ ମନୁଷ୍ୟତାର ପଥ ଅନୁସରଣ କରୁଁ । କିନ୍ତୁ ଏହି ପଥ ସଂଗ୍ରାମର ପଥ । ଅନ୍ତର ଏବଂ ବାହ୍ୟଶତ୍ରୁ ସଙ୍ଗରେ ନିରନ୍ତର ସଂଗ୍ରାମ କରିବାକୁ ପଡ଼ିବ । ଅବଶ୍ୟ ଆମ୍ଭମାନଙ୍କ ପଦସ୍ଖଳନ ହେବ, କିନ୍ତୁ ଅକୃତକାର୍ଯ୍ୟତା ପରେ ନିଶ୍ଚେଷ୍ଟ ହେବାନାହିଁ । ସଂଗ୍ରାମହିଁ ତ ଜୀବନ, ଆମ୍ଭେମାନେ ପଡ଼ିବା ଏବଂ ଉଠିବା, ନିରାଶ ହେବାନାହିଁ । ଶେଷରେ ସମସ୍ତ ସାଧୁ ମହାତ୍ମାମାନଙ୍କ ପରି ଆମ୍ଭେମାନେ ପାପକୁ ଜୟକରିବା ଏବଂ ସେତେବେଳେ ଆମ୍ଭମାନଙ୍କ ସୁଖର ସୀମା ରହିବ ନାହିଁ । ସଂଗ୍ରାମରେ ଜୟଲାଭ କରିବାର ସୁଖର ତୁଳନା ନାହିଁ । ଅତଏବ କଠିନ ହେଲେହେଁ ଆମ୍ଭେମାନେ ଏହି ଦେବତ୍ୱର ପଥରେ ପଥିକ ହେବାକୁ ହେଲେ ପ୍ରଥମରେ ଭିତରୁ ସଂଗ୍ରାମ ଆରମ୍ଭ କରିବାକୁ ହେବ । ଅପବିତ୍ରତା, କ୍ରୋଧ, ଲୋଭ, ମିଥ୍ୟାବାଦିତା, ଘୃଣା ପ୍ରଭୃତି ଆମ୍ଭମାନଙ୍କର ଶତ୍ରୁ; ସେହିମାନେହିଁ ଆମ୍ଭମାନଙ୍କ ଗନ୍ତବ୍ୟପଥ ବଳପୂର୍ବକ ରୋଧ କରନ୍ତି । ଆମ୍ଭେମାନେ ଯେବେ ଆଭ୍ୟନ୍ତରୀଣ ଶତ୍ରୁମାନଙ୍କୁ ବିନାଶ କରି, ବିଶୁଦ୍ଧତା, ସହିଷ୍ଣୁତା, ମହତ୍ତ୍ୱ,

Digitized by PPRACHIN, SOA

ସତ୍ୟପରାୟଣତା, ସମଦର୍ଶିତା ଇତ୍ୟାଦି ଲାଭ ନ କରିବା, ତେବେ ଗୃହରେ ବିବାଦ ରହିଯିବ ଏବଂ ବହିଃଶତ୍ରୁର ଆକ୍ରମଣରୁ ନିଜ ନିଜକୁ ରକ୍ଷା କରିପାରିବା ନାହିଁ । ନିଜ ଗୃହକୁ ସୁରକ୍ଷିତ କରି ଆମ୍ଭମାନଙ୍କୁ ବାହାରର ଅନ୍ୟାୟ, ଅସାମ୍ୟ, ଅତ୍ୟାଚାର ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ହେବ । ଏହି ସଂଗ୍ରାମରେ ତିନିଗୋଟି ଅସ୍ତ୍ର ଆବଶ୍ୟକ । ତାହା ଆତ୍ମସଂଯମ, ଆତ୍ମସମ୍ମାନ ଏବଂ ଆତ୍ମଜ୍ଞାନ ।

ଉତ୍କଳୀୟ ଶିକ୍ଷିତ ଯୁବକର ଦାୟିତ୍ୱ ଗରୀୟାନ୍ । ଅଭିଭାବକବୃନ୍ଦଙ୍କ ଉଦ୍ଦେଶ୍ୟ, ସନ୍ତାନଗଣ ବୈଷୟିକ ଜ୍ଞାନାର୍ଜନ କରି ପଦମର୍ଯ୍ୟାଦାଦି ଲାଭକରିବେ । ବିଶ୍ୱବିଦ୍ୟାଳୟ ବାହ୍ୟତଃ ତାହାହିଁ କରିଦେଉଅଛି । ଏତଦପେକ୍ଷା ଅବସ୍ଥା ବିବେଚନାରେ ବିଶେଷ କିଛି ଆଶା କରାଯାଇ ନପାରେ । ଭିନ୍ନ ଭିନ୍ନ ଧର୍ମସମ୍ପ୍ରଦାୟଭୁକ୍ତ-ଛାତ୍ର ସମ୍ମିଳିତ ସ୍କୁଲ କଲେଜରେ ନୀତିର ମୂଳ କାରଣ ଧର୍ମ ବିଶ୍ୱାସ ସମ୍ବନ୍ଧରେ ଉପଦେଶ ଦେବା ଶିକ୍ଷକଗଣ କର୍ତ୍ତବ୍ୟର ବହିର୍ଭୂତ କାର୍ଯ ବୋଲି ମଣନ୍ତି । ପୁଣି ସେ ସମ୍ବନ୍ଧରେ ସାମର୍ଥ୍ୟ ବା କେତେଜଣ ଶିକ୍ଷକଙ୍କର ଥାଏ ? ଏତେ ପାଶ୍ଚାତ୍ୟ ଜ୍ଞାନାର୍ଜନ କରୁ କରୁ ଛାତ୍ରମାନଙ୍କ ପୁରାତନ ସଂସ୍କାର ଓ ବିଶ୍ୱାସ ଦୂରୀଭୂତ ହୋଇଯାଉଅଛି । ରାଜପ୍ରଦତ୍ତ ନବଶିକ୍ଷା ନବୀନ ପାଶ୍ଚାତ୍ୟ ଜ୍ଞାନ ପ୍ରଦାନ ଦ୍ୱାରା କେବଳ ବିନାଶ କାର୍ଯଟି ସମ୍ପାଦାନ କରିଦେଉଅଛି । କିନ୍ତୁ ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ରାଜାଙ୍କ ପକ୍ଷରେ ଗଠନ କାର୍ଯରେ ହସ୍ତକ୍ଷେପ କରିବା ଅସଂଭବ; ତେଣୁ ଶୂନ୍ୟସ୍ଥାନରେ କିଛି ଦେଇପାରୁନାହାନ୍ତି । ତେଣେ ଗୃହ ପରିବାରରେ ଆଧୁନିକ ଆଦର୍ଶାନୁଯାୟୀ ଚରିତ୍ର ଗଠନ କରିବାର ଚେଷ୍ଟା ବା ଉପକରଣର ଅଭାବ ବରଂ ନାନା ବାଧାବିଘ୍ନ ରହିଅଛି, ଯାହା କି କାପଟ୍ୟ ଏବଂ ମିଥ୍ୟାକୁ ପ୍ରଶ୍ରୟ ଦେବ ।

ତେଣୁ ଯୁବକଗଣଙ୍କ କାର୍ଯ ଓ ବିଶ୍ୱାସ ମଧ୍ୟରେ ସାମ୍ୟ ରହିପାରୁନାହିଁ । ସେମାନେ ଭିତରେ ଏକ ପ୍ରକାର, ବାହାରେ ଅନ୍ୟପ୍ରକାର । ଭିତରେ ପାଶ୍ଚାତ୍ୟଜ୍ଞାନ ସମସ୍ତ ପୁରାତନ କୁସଂସ୍କାର, ତାହା ସଙ୍ଗେ ସଙ୍ଗେ ଈଶ୍ୱର ବିଶ୍ୱାସକୁ ମଧ୍ୟ ବିତାଡ଼ିତ କରିଦେଇଅଛି । ବାହାରେ ଅଭିଭାବକ, ପରିବାର, ଗୋଷ୍ଠୀ ଏବଂ ସମାଜର ମନୋରକ୍ଷା ନିମିତ୍ତ ସେମାନେ ସକଳ କାର୍ଯ କରିଯାଉଅଛନ୍ତି । ଯହିଁରେ କି ସେମାନଙ୍କର ତିଳେମାତ୍ର ବିଶ୍ୱାସ ନାହିଁ । ଏହା ଘୋର କାପଟ୍ୟ ଛଡ଼ା ଆଉ କ'ଣ ହୋଇପାରେ । ଯେଉଁମାନେ ସରଳ ସ୍ୱଭାବ, ସେମାନେ ଏହା ସ୍ୱୀକାର କରୁଅଛନ୍ତି । କେହି କେହି ଏପରି ଉଦାସୀନ ଯେ ଏପରି ବିପଦସଙ୍କୁଳ ଅବସ୍ଥା ବୁଝିପାରୁନାହାନ୍ତି; ଏବଂ ଯେଉଁମାନେ କୁଟିଳତା ଆଡ଼କୁ ବିଶେଷ ଅଗ୍ରସର ହୋଇଅଛନ୍ତି; ସେମାନେ ସ୍ୱୀକାର କରି ଆର୍ଯ୍ୟଭୂତ ଆସ୍ଫାଳନ କରୁଅଛନ୍ତି । କିନ୍ତୁ ସେମାନଙ୍କ କାର୍ଯକଳାପ ସେମାନଙ୍କ କଥାର ପ୍ରତିବାଦ କରୁଅଛି । ଏହି ଅବସ୍ଥାରେ ସ୍ୱୀୟ ବିଶ୍ୱାସ ଅନୁଯାୟୀ କାର୍ଯକରିବାକୁ ହେଲେ ସଂଗ୍ରାମ ଆବଶ୍ୟକ । ପୁରାତନ ଶ୍ରେଣୀସ୍ଥ ବ୍ୟକ୍ତିବୃନ୍ଦଙ୍କ ଇଚ୍ଛା ଯେ ନିବଶିକ୍ଷିତ ଯୁବକବୃନ୍ଦ ତାଙ୍କରି ପଦାଙ୍କ ଅନୁସରଣ କରନ୍ତୁ– ସେମାନଙ୍କର ଅପରାଧ ନାହିଁ । କାରଣ ସେମାନେ ନିଜ ନିଜ ବିଶ୍ୱାସାନୁଯାୟୀ

Digitized by PPRACHIN, SOA

ଜୀବନଯାପନ କରି ପୁତ୍ର ପୌତ୍ରାଦିଙ୍କୁ ତାହାହିଁ କରାଇବାକୁ ଇଚ୍ଛା କରୁଅଛନ୍ତି । ତାହା ସ୍ୱାଭାବିକ । କିନ୍ତୁ ଭିତରେ ଯୁବକର ଘୋର ପରିବର୍ତ୍ତନ, ତଦନୁଯାୟୀ ବାହାରର ପରିବର୍ତ୍ତନ ହେବା ଆବଶ୍ୟକ । ନଚେତ୍ କପଟତା ଚରିତ୍ରକୁ ଅନ୍ତଃସାରଶୂନ୍ୟ କରିବ ଏବଂ ମାନବ ନିଶ୍ଚେଷ୍ଟ ହୋଇ କେବଳ ପଶୁଜୀବନଯାତ୍ରା ନିର୍ବାହ କରିବ ।

"The old order changeth yielding place to new,
And God fulfils himself in many ways,
Lest one good custom should corrupt the age.

ଅତଏବ ସ୍ୱଦେଶର ଯାହା ମଙ୍ଗଳଜନକ, ଯାହା ସୁନ୍ଦର, ତାହା ମହାମୂଲ୍ୟ ପୈତୃକ ଧନରୂପେ ସଞ୍ଚୟ କରି ଯାହା ଅସତ୍ୟ, ଯାହା ଅନ୍ୟାୟ, ଯାହା ଅସୁନ୍ଦର, ତାହା ବିସର୍ଜନ କରିବାକୁ ହେବ । କିନ୍ତୁ ପୁରାତନ ସମାଜ ଓ ଚିନ୍ତାହୀନ ନିଶ୍ଚେଷ୍ଟ ବ୍ୟକ୍ତି ବା ଯେଉଁମାନଙ୍କର ସ୍ୱାର୍ଥହାନୀ ହେବ, ସେମାନେ ଏହି ପରିବର୍ତ୍ତନର ବିରୋଧୀ ହେବେ । ନିଶ୍ଚେଷ୍ଟତା ଔଦାସୀନ୍ୟରେ କେବେ କିଛି ସଂଶୋଧିତ ହୋଇନାହିଁ । ସ୍ଥିରତାରୁ ସ୍ଥିରତାକୁ ଗତି ନାହିଁ ।

କି ଅନ୍ତର ସଂଗ୍ରାମ କି ବହିଃ ସଂଗ୍ରାମ ଉଭୟରେ ଶକ୍ତି ଆବଶ୍ୟକ । କିନ୍ତୁ ମନୁଷ୍ୟ ଦୁର୍ବଳ, ଅତଏବ ଶକ୍ତି ସଞ୍ଚୟ କରିବାକୁ ହେଲେ ସତ୍‌ଚିନ୍ତା, ସାଧୁଜୀବନ ଚରିତାଦି ସଦ୍‌ଗ୍ରନ୍ଥ ପଠନ, ସାଧୁସଙ୍ଗ କରିବା ଆବଶ୍ୟକ । କିନ୍ତୁ ପୂର୍ଣ୍ଣ ମଙ୍ଗଳ, ପୂର୍ଣ୍ଣ ସତ୍ୟ ଏବଂ ପୂର୍ଣ୍ଣ ପବିତ୍ରତାର ଧାର ଆଉ ଭଗବାନଙ୍କ ବିଶ୍ୱାସହିଁ ପ୍ରଧାନ ଉପାୟ । ତାଙ୍କୁ ପାଇବାକୁ ହେଲେ ଦୂରକୁ ଯିବାକୁ ହେବ ନାହିଁ । ସେ ଆମ୍ଭମାନଙ୍କ ଅନ୍ତରରେ ପ୍ରଜ୍ଞା ବା ବିବେକ ରୂପରେ ବିରାଜିତ ରହିଅଛନ୍ତି । ତେବେ ଯେଉଁମାନେ ଦୀର୍ଘକାଳ ଏହି ଧର୍ମବୁଦ୍ଧି, ହିତାହିତଜ୍ଞାନ, ପ୍ରଜ୍ଞା ବା ବିବେକକୁ ଅତିକ୍ରମ କରି ରିପୁସେବାରେ ନିଯୁକ୍ତ ରହିଅଛନ୍ତି; ସେମାନଙ୍କ ବିବେକବାଣୀ କିଞ୍ଚିତ୍ ଅସ୍ପଷ୍ଟ; କିନ୍ତୁ ନିଷ୍କପଟ ହୃଦୟରେ ଅନୁତପ୍ତ ହୋଇ ପୁନରାୟ ଦୃଢ଼ପ୍ରତିଜ୍ଞ ହୋଇ ବିବେକ ପ୍ରଦର୍ଶିତ ପଥରେ ପରିଚାଳିତ ହେଲେ ତାହା ଦିନକୁ ଦିନ ଉଜ୍ଜ୍ୱଳତର ହେବ ଏବଂ ପୁରାତନ କୁଅଭ୍ୟାସ ସକଳ ଦୁର୍ବଳ ହୋଇପଡ଼ିବ, ଧର୍ମବୃତ୍ତିରାଜି ବିକଶିତ ହୋଇଉଠିବ, ସାହସ ବର୍ଦ୍ଧିତ ହେବ, ଆନନ୍ଦ ଶାନ୍ତି ପ୍ରାଣକୁ ଦିବ୍ୟ ସୁଖ ପ୍ରଦାନ କରିବେ । ଧର୍ମଜନିତ ସୁଖହିଁ ପ୍ରକୃତ ସ୍ଥାୟୀ ସୁଖ । ଅନ୍ୟ ସମସ୍ତ ସୁଖରେ ଶାନ୍ତି ଅଛି, ଅବସାଦ ଅଛି, ନୈରାଶ୍ୟ ଅଛି । କିନ୍ତୁ ପାପ ବିରୁଦ୍ଧରେ ଅନନ୍ତ ପୁଣ୍ୟସଂଗ୍ରାମରେ ଅନନ୍ତ ସୁଖ । ନୈତିକ ଚରିତ୍ରର ଉନ୍ନତି ସାଧନ ଦ୍ୱାରା ଆତ୍ମାରେ ସଚ୍ଚିଦାନନ୍ଦ ସ୍ୱରୂପ ଶ୍ରୀହରିଙ୍କ ଦର୍ଶନ ମିଳେ । ଅତଏବ ଯାହା ଅମଙ୍ଗଳ, ଯାହା ଅସୁନ୍ଦର, ଯାହା ଅଜ୍ଞାନତା କି ଅନ୍ତର୍ଜଗତରେ କି ବହିର୍ଜଗତରେ ତାହା ବିରୁଦ୍ଧରେ ନିରନ୍ତର ସଂଗ୍ରାମ କରିବାହିଁ ପ୍ରକୃତ ଶାଶ୍ୱତ ଜୀବନ ଲାଭର ଉପାୟ । "ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।"

---

Digitized by PPRACHIN, SOA

# 'ଅଛୁ' ଓ 'ହେବୁ'

'Old order changeth yielding place to new' —ମାନବ ସମାଜକୁ ଟିକିଏ ସୂକ୍ଷ୍ମଭାବରେ ଦେଖିଲେ ଆମ୍ଭେମାନେ ସେଥିରେ ଦିଓଟି ପ୍ରଧାନଶକ୍ତି କାର୍ଯ କରିବାର ଦେଖିପାରୁଁ । ସେ ଦିଓଟି ପରସ୍ପର ବିରୁଦ୍ଧ ଶକ୍ତି ଏବଂ ସେହି ଦିଓଟି ବିରୁଦ୍ଧ ପ୍ରକୃତିକ ଶକ୍ତିର ସଂଘର୍ଷରେ ମାନବ ସମାଜର ଆପେକ୍ଷିକ ଗୁରୁତ୍ୱ ସ୍ଥିର ଅଛି । ଯେପରି କେନ୍ଦ୍ରାଭିକର୍ଷଣୀ କେନ୍ଦ୍ରାପସାରିଣୀ ଏହି ଦୁଇ ବିରୁଦ୍ଧ ପ୍ରକୃତିକ ଶକ୍ତିରେ ସମସ୍ତ ନାକ୍ଷତ୍ରିକ ଜଗତ୍ ଶୂନ୍ୟରେ ନିର୍ଦ୍ଦିଷ୍ଟ ରହିଅଛି । ସେହିପରି ଏହି ଦୁଇ ସାମାଜିକ ପ୍ରକୃତି ବା ପ୍ରବୃତ୍ତି ମାନବ ସମାଜକୁ ନିଜର ନିର୍ଦ୍ଦିଷ୍ଟ ପଥରେ ସ୍ଥିର ରଖିଅଛି । ସମାଜର ପ୍ରାଚୀନତା, ଅନୁଷ୍ଠାନମାନଙ୍କର ସଂରକ୍ଷଣ, ସଂଶୋଧନ, ପରିବର୍ତ୍ତନ ପ୍ରବୃତ୍ତି ଯାବତୀୟ ସାମାଜିକ ପ୍ରକ୍ରିୟା ଏହି ଦୁଇ ଶକ୍ତିର ସଂଘର୍ଷଣରେ ପର୍ଯ୍ୟବସିତ । ସେଥି ମଧ୍ୟରେ ଗୋଟିଏ ରକ୍ଷଣଶୀଳତା ଓ ଅନ୍ୟଟି ପରିବର୍ତ୍ତିତ ପ୍ରବଣତା । ଗୋଟିଏ କହେ ''ଆମ୍ଭେମାନେ ଚିରଦିନ ପୁରୁଷାନୁକ୍ରମେ ଏହିପରି ଚଳିଆସୁଅଛୁ, ସୁଖରେ ଅଛୁ, ଏହିପରି ଥିବୁ । ଅନ୍ୟଟି କହେ ଏପରି ଅଛୁ ସତ୍ୟ, କିନ୍ତୁ ଏପରି ରହିବା ଉଚିତ ନୁହେଁ, ଅତଏବ ଯେପରି ଉଚିତ ସେହିପରି ହେବୁଁ ।

ମନୁଷ୍ୟ ସୃଷ୍ଟିର ପ୍ରଥମ ଦିନ ଠିକ୍ ଗୋଟିଏ ଇତର ଜନ୍ତୁପରି ଭୂତଳରେ ଆବିର୍ଭୂତ ହୋଇଥିଲା । ଭଗବାନ ସୃଷ୍ଟି ପୂର୍ବରୁ ବାସଗୃହ ନିର୍ମାଣ କରି ସମାଜର ସମସ୍ତ ସରଞ୍ଜାମ ଠିକ୍ କରି ଅନ୍ନବସ୍ତ୍ରର (ବିଶେଷତଃ ରନ୍ଧନ ଓ ବୟନର) ସଂସ୍ଥାନ କରି, ପରେ ମନୁଷ୍ୟକୁ ସେଥିରେ ଛାଡ଼ିଦେଇ କହିଲେ 'ଯେପରି ରଖିଦେଲି, ସେହିପରି ଥାଅ' । ଏହା କେହି କହିବେ ନାହିଁ ।

ସେକଥା ଇତର ଜନ୍ତୁମାନଙ୍କ ସମ୍ବନ୍ଧରେ କୁହାଯାଇପାରେ । ସେମାନେ ପୁରୁଷାନୁକ୍ରମେ ଏକ ସହଜାତ ବୃତ୍ତିର ଅନୁସରଣରେ ଏକ ଜାତୀୟ ଅଭିନ୍ନ ଜୀବନ ପରିଚାଳନ କରିଆସୁଅଛନ୍ତି । କୁମ୍ଭାଟୁଆର ବସା ନିର୍ମାଣ, ମକ୍ଷିକାର ମଧୁଚକ୍ର ରଚନା ପ୍ରଭୃତିରେ ଚାତୁରୀ ଓ ଶିଳ୍ପ ନିପୁଣତାର ପରାକାଷ୍ଠା ଦେଖାଯାଏ ଏବଂ କାକର କୋକିଳ ଶାବକ ପାଳନରେ ଉଦାର ପରୋପକାର ପ୍ରବଣତା ପ୍ରତିଭାତ ହୁଏ ସତ୍ୟ, କିନ୍ତୁ ସେସବୁ ପ୍ରକ୍ରିୟାରେ ସମସ୍ତ ଇତିହାସ ରାଜ୍ୟରେ କିଛିମାତ୍ର ପରିବର୍ତ୍ତନ ଦେଖାଯାଉ ନାହିଁ । ତେଣୁ ଅନୁମାନ କରାଯାଏ, ସୃଷ୍ଟିର ପ୍ରଥମ ଦିବସରୁ ସେମାନଙ୍କଠାରେ ସଂଧାନୀ ଜ୍ଞାନ ଆଦୌ ନାହିଁ କହିଲେ ଚଳେ ଏବଂ ନିଜନିଜର ନୂତନ ନୂତନ ଅଭାବ ସବୁ ପୂରଣ କରିବା ନିମନ୍ତେ ପ୍ରସ୍ତୁତ ହେବାର କ୍ଷମତା ସେମାନଙ୍କର ନାହିଁ । ସ୍ଥୂଳତଃ ସେମାନଙ୍କର ସ୍ୱାଧୀନ

Digitized by PPRACHIN, SOA

ଚିନ୍ତା ଶକ୍ତିନାହିଁ । ସେମାନେ ନିଜପାଇଁ ନିଜେ ମନୁଷ୍ୟ ପରି ଭାବିପାରନ୍ତି ନାହିଁ । ଯାହା ଯେତେବେଳେ କରିବାକୁ ହେବ, ତାହା ପ୍ରକୃତି ସେମାନଙ୍କୁ କହିଦିଏ ।

କିନ୍ତୁ ମନୁଷ୍ୟ କଥା ଦେଖାଯାଉ । ଦିନେ ଯେଉଁ ମନୁଷ୍ୟ ତୀବ୍ର ସୌରରଶ୍ମି ଓ ଭୀଷଣ କରକା ଦୃଷ୍ଟିରେ ମଧ୍ୟ ଏକାକୀ ଉଲଗ୍ନ ହୋଇ ହିଂସ୍ରଜନ୍ତୁସଙ୍କୁଳ ଅରଣ୍ୟ ମଧ୍ୟରେ ପଶୁବତ୍ 'ଆହାର-ନିଦ୍ରା-ଭୟ-ମୈଥୁନ' ମାତ୍ରାରେ ସୀମାବଦ୍ଧ ଥିଲା, ପୁଣି ଯେ ଦିନେ ବୃକ୍ଷପର୍ଣ୍ଣରେ କୁଟୀର ନିର୍ମାଣ କରି ସପରିବାରେ ବକଳ ପରିଧାନପୂର୍ବକ ସ୍ୱଚ୍ଛନ୍ଦ ବନଜାତ ଫଳମୂଳ ଶାକାଦିରେ ଉଦର ପୂରଣ କରିଥିଲା । ପୁଣି ଅର୍ଦ୍ଧ ସଭ୍ୟ ଅବସ୍ଥାରେ ସେ ସାମାନ୍ୟ କୃଷି ଓ ରନ୍ଧନର ଆବିଷ୍କାର କରି ରାଜ୍ୟର ସର୍ବେସର୍ବା ବୋଲି ନିଜକୁ ନିଜେ ଗର୍ବ ମନେକରୁଥିଲା, ସେହି ମନୁଷ୍ୟ ଆଜି ଯନ୍ତ୍ରାଳୟରେ ପ୍ରୟୋଜନୀୟ ଭୋଜନର ଉପାଦାନରୁ ଖାଦ୍ୟ ସଂଗ୍ରହ କରି ଚିରଜୀବୀ ହେବାକୁ ଅଣ୍ଟା ଭିଡୁଅଛି । ଯେ ଦିନେ ଯାହାକୁ ଭୟକରୁଥିଲା ତାହାକୁ ଦେବତା ବୋଲି ପୂଜା କରୁଥିଲା, ପୁଣି ଦିନେ ସୂର୍ଯ୍ୟାଦି ଜଗତର ମହୀୟାନ ବସ୍ତୁ ସବୁ ଦେଖି କିଛି ବୁଝିନପାରି ଆରାଧନା କରୁଥିଲା, ପୁଣି କିଛିଦିନ ପରେ ମାନବ ପ୍ରକୃତି ସୁଲଭ କଳ୍ପନା ପ୍ରଭାବରେ ପ୍ରତିମାନ ଗଠନ ପୂର୍ବକ ତାହାରି ପୂଜାରେ ନିଜର ପରମପଦ କଳ୍ପନା କରୁଥିଲା, ସେହି ମାନବ ଆଜି ନିର୍ମୁକ୍ତ ତତ୍ତ୍ୱର ସନ୍ଧାନ ପାଇଁ ଦିନକୁ ଦିନ କି ସୂକ୍ଷ୍ମରୁ ସୂକ୍ଷ୍ମତର ମାର୍ଗ ଅବଲମ୍ବନ କରୁଅଛି— ତାହା କାହାରିକୁ ବୁଝାଇ ଦେବାକୁ ହେବନାହିଁ । ଶେଷତଃ ଏପରି ଦିନଥିଲା ଯେତେବେଳେ ଏହି ମାନବ ନିଜ ବ୍ୟତୀତ ଅନ୍ୟ କାହାରି ସଙ୍ଗେ ନିଜର ସମ୍ବନ୍ଧ ଅଛି ବୋଲି ସ୍ୱପ୍ନରେ ସୁଦ୍ଧା ମନେକରିନଥିଲା, ପୁଣି ମଧ୍ୟଯୁଗରେ ଦିନେ ଜନସଂଘକୁ ଜଗତର ସର୍ବସ୍ୱ ମନେକରି ଏକାବେଳକେ ବ୍ୟକ୍ତିଗତ ଜୀବନକୁ ଭୁଲିଯାଇ ଜାତୀୟ ଜୀବନ ଗଠନ କଲା, ସେହି ମାନବ ଆଜି ବ୍ୟକ୍ତିଗତ ଜୀବନ ସଙ୍ଗେ ସଙ୍ଗେ ସେହି ମହୀୟାନ୍ ଜନସଂଘରେ ଜାତୀୟ ଜୀବନ ବା ସାମାଜିକ ବ୍ୟକ୍ତିତ୍ୱର (Social Personality) ପ୍ରତିଷ୍ଠା ପ୍ରାଣରେ ଅନୁଭବ କରି କିପରି ଜୀବନକୁ କେବଳ କେତେଗୁଡ଼ିଏ ଅନ୍ୟ ପ୍ରତି କର୍ତ୍ତବ୍ୟ ଓ ଅନ୍ୟଠାରୁ ଦାବିର ସମବାୟ (a collection of rights and duties) ବୋଲି ମନେକରି ଉନ୍ନତ ବୋଲିଅଛି, ତାହା କୌଣସି ଚିନ୍ତାଶୀଳ ବ୍ୟକ୍ତିର ଅବିଦିତ ନାହିଁ ।

ଏହାସବୁ ସ୍ପଷ୍ଟ ପ୍ରମାଣ କରୁଅଛି ଯେ ମନୁଷ୍ୟ ସର୍ବଦା ପରିବର୍ତ୍ତନଶୀଳ । ବୁଦ୍ଧି ଓ ବିଚାରଶକ୍ତି ବଳରେ ସେ ନିଜକୁ ସର୍ବଦା ଉତ୍ତରୋତ୍ତର ଉନ୍ନତି ପଥରେ ଟାଣି ନେଉଅଛି । କି ଆଧ୍ୟାତ୍ମିକ କି ସାମାଜିକ, କୌଣସି ଜୀବନ୍‌ରେ ତାହାର ଆସନ ସ୍ଥିର ନୁହେଁ । ସେ ସର୍ବଦା ଜଗତରେ କିଛି ହେଲେ ଗୋଟାଏ ଅଭାବ ଅନୁଭବ କରି ତାହା ପୂର୍ଣ୍ଣ କରିବା ନିମନ୍ତେ ଉପାୟ ଉଦ୍ଭାବନ କରୁଅଛି ।

କିନ୍ତୁ ଏସବୁ ସତ୍ତ୍ୱେ ସେ ଅଳସ ଓ ଭୀରୁ । ଜନ୍ତୁ ପରି ପରାଧୀନ ନହୋଇ ସ୍ୱାଧୀନ ଥିବାରୁ ତାହାର ସ୍ୱାଧୀନ ବୃତ୍ତି ବା ଶକ୍ତି ସବୁର ଅପଚୟର ଅଧିକାର ମଧ୍ୟ ଅଛି ।

Digitized by PPRACHIN, SOA

କାରଣ ସଦ୍‌ସତ୍ ଉଭୟବିଧ ବ୍ୟବହାର ଅଧିକାର ନଥିଲେ ସ୍ୱାଧୀନତାର ଅର୍ଥ ନାହିଁ। ସେହି ଭୀରୁତା ଓ ଆଳସ୍ୟ ତାହାର ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କର୍ମପ୍ରବଣତାର ଗୋଟିଏ ପ୍ରଧାନ ଅନ୍ତରାୟ । ମନୁଷ୍ୟ ଯେତେବେଳେ ଉଚିତ ବୋଲି କୌଣସି ପରିବର୍ତ୍ତନ ସାଧନରେ ପ୍ରବୃତ୍ତ ହୁଏ, ଯେତେବେଳେ ତାହାର 'ହେବୁଁ' ଶକ୍ତି ଖୁବ୍ ବଳବତୀ ହୋଇ ଉଠେ, ସେତେବେଳେ ନାନା କୁଶଙ୍କା କୁତର୍କ ଆସି ଦ୍ୱାର ରୋଧ କରେ । ସେ ମନେକରେ ଏହିପରି ତ ଭଲ ଅଛି, କୌଣସିମତେ କାମ ଚଳିଯାଉଅଛି, ବିଶେଷ କିଛି ଅସୁବିଧା ହେଉନାହିଁ, ଏପରି ବେଳେ ପରିବର୍ତ୍ତନ କଲେ ମହା ଅସୁବିଧା । ଆବଶ୍ୟକ କ'ଣ ? ପୁଣି ଏହିକ୍ଷଣି ନୂତନ ବ୍ୟବସ୍ଥା, ସଂସ୍ଥାନ, କିଏ ପାରେ ? ଏହିପରି ନାନାବିଧ ଉପାୟରେ ସେହି 'ଅଛୁ' ଶକ୍ତି ପଥରୋଧ କରେ ଏବଂ ଅସାଧାରଣ ଲୋକ ନହେଲେ ତାହା ଲଙ୍ଘନ କରିବାକୁ ସମର୍ଥ ହୁଏନାହିଁ । ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ତ ଏସବୁ କଥା, ଯେତେବେଳେ କୌଣସି ସମାଜ ବା କୌଣସି ସମ୍ପ୍ରଦାୟ କିଛିକାଳ ଏକ ମାର୍ଗ ଅବଲମ୍ବନ କରି ଏକପ୍ରକାର ଚଳି ଆସୁଅଛି । ସେତେବେଳେ ସମସ୍ତ ସମାଜର 'ଅଛୁଁ' ଶକ୍ତି ନିକଟରେ ସମାଜସ୍ଥ ଅଳ୍ପ ସଂଖ୍ୟକ ମନସ୍ୱୀଙ୍କ 'ହେବୁଁ' ଶକ୍ତି କି ଅକିଞ୍ଚିତ୍‌କର, ତାହା ସହଜରେ ଅନୁମେୟ । ପୁଣି ବ୍ୟକ୍ତିଗତ 'ଅଛୁଁ' ଓ ସାମାଜିକ 'ଅଛୁଁ' ମଧ୍ୟରେ ମଧ୍ୟ ପ୍ରଭେଦ ଅଛି । ପ୍ରଥମ କଥା, ସମାଜରେ ସମସ୍ତେ ଭଲ କଥା ବୁଝନ୍ତି ନାହିଁ । ଅଭାବ ନଥିଲେ ପଶ୍ନ ଉଠେନାହିଁ । ଲୋକେ କୌଣସି ପ୍ରକାରେ ସନ୍ତୋଷରେ ଥିଲେ ବା ନିଜର ଅବସ୍ଥାକୁ ସନ୍ତୋଷଜନକ ବିଚାର କଲେ ଆଉ ଗବେଷଣା ପ୍ରୟାସୀ ହୁଅନ୍ତି ନାହିଁ । ଦୁଃଖ ବୋଧ କଲେ, 'ନ ଦୁଃଖଂ ପଞ୍ଚଭିଃ ସହ' ବୋଲ ଆଶ୍ୱସ୍ତ ହୁଏ । ସମସ୍ତେ ନ୍ୟୂନାଧିକ ପରିମାଣରେ ଅଭାବ ବୋଧ କଲେହେଁ ମନେକରନ୍ତି, ଏତେ ଲୋକ ସୁଖରେ ଅଛନ୍ତି, ଆମ୍ଭେ ନରହିବୁ କାହିଁକି ? ଅବଶ୍ୟ ସମସ୍ତେ ଏତେ ଯୁକ୍ତିତର୍କ କରନ୍ତି ନାହିଁ । ଅଜ୍ଞାତ ଭାବରେ ଏହିପରି ଯୁକ୍ତି ଓ ଏହିପରି ସିଦ୍ଧାନ୍ତ ଲୋକ ମଧ୍ୟରେ ପ୍ରବେଶ କରେ । ଏହିପରି ପ୍ରତି ମୁହୂର୍ତ୍ତରେ ମାନବ ଅଲକ୍ଷ୍ୟ ଭାବରେ କେତେ ଶକ୍ତିର କ୍ରୀଡ଼ନକ ହୋଇଅଛି— ତାହା ଟିକିଏ ଭାବି ଦେଖିଲେ ସହଜରେ ପ୍ରତୀୟ ହେବ । ସାଧାରଣ ଶାରୀରିକ କଥାରେ ଦୃଷ୍ଟାନ୍ତ ସ୍ୱରୂପ ବୋଲାଯାଇପାରେ, ଆହାରର ସମୟ ହେଲେ ମନୁଷ୍ୟ ଖାଏ । କିନ୍ତୁ ଶରୀର ଆହାର ଆବଶ୍ୟକ କରୁଅଛି, ମୋର ଖାଇବା ଉଚିତ୍ ଅମୁକ ଠାରେ ଖାଦ୍ୟଦ୍ରବ୍ୟ ଅଛି, ଏପରି ହାତ ବଢ଼ାଇଲେ ଲକ୍ଷ୍ୟ ଠିକ୍ ହେବ, ଇତ୍ୟାଦି ଯୁକ୍ତି କିପରି ଅତର୍କିତ ଭାବରେ ହୋଇଯାଏ ତାହା କେହି ଜାଣନ୍ତି ନାହିଁ । ଆମ୍ଭେମାନେ ସଙ୍ଗ, ସହାବସର ଦୋଷ ଗୁଣରେ କିପରି ଦୂଷିତ ଓ ଶୋଧିତ ହେଉଁ ଯେଉଁ ଯୁକ୍ତିଦ୍ୱାରା ଆମ୍ଭେମାନେ ଆପ୍ତମାନଙ୍କର କେଉଁ ଦୋଷ ବା ଗୁଣର ଅନୁକରଣୀୟତା ନିର୍ଦ୍ଧାରଣ କରି ସେଥିରେ ପ୍ରବୃତ୍ତ ହେଉଁ, ତାହା କେହି କହି ପାରିବେ ନାହିଁ— ଇତ୍ୟାଦି ଉଦାହରଣ ପୃଥିବୀରେ ଅପରିସୀମ ।

Digitized by PPRACHIN, SOA

ଅତଏବ ସ୍ଥିର ହେଲା, ପ୍ରାଚୀନ ପରମ୍ପରାଗତ ସମାଜରେ 'ଅଛୁଁ' ଶକ୍ତି ମହା ପ୍ରବଳ । ସେଥିରେ ଲୋକର ସାକ୍ଷାତ୍ ଯୁକ୍ତି ବା ଜାଣି ଭାବ ନିଜର ବା ସମାଜର ମାର୍ଗ ସ୍ଥିର କରିବା ଅବସ୍ଥା ଆଉ ନଥାଏ । ମାନବର ଗବେଷଣା ପ୍ରବୃତ୍ତି ବାରମ୍ବାର ବାଧା ପାଇବାରୁ ପରମ୍ପରାଗତ ଅଭ୍ୟାସ ସ୍ୱଭାବରେ ପରିଣତ ହୋଇଥାଏ । ପୁଣି ଭାରତ ସମାଜପରି ଯେଉଁ ସବୁ ସମାଜରେ ସମ୍ପ୍ରଦାୟ ବିଶେଷ ବା ସମ୍ପ୍ରଦାୟ ବ୍ୟକ୍ତିବିଶେଷ ପିତୃ ପିତାମହଙ୍କ ଭକ୍ତି ବଳରେ ବଳୀୟାନ୍ ହୋଇ ସମସ୍ତ ସମାଜ ଉପରେ ସ୍ୱେଚ୍ଛାତନ୍ତ୍ର ବ୍ୟବସ୍ଥା ଦେଇ ଆସିଅଛନ୍ତି, ସେ ସ୍ଥାନରେ 'ଅଛୁଁ' ଶକ୍ତି ଯେ କିପରି ବଳବତୀ, ତାହା କହିବାର ପ୍ରୟୋଜନ ନାହିଁ । ଶକ୍ତିଧରମାନେ ଇଚ୍ଛାମତେ ଆଇନ୍ ପ୍ରଚାର କରି ଲୋକଙ୍କର ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କ୍ରିୟାକଳାପର ପଥରୋଧ କରିଅଛନ୍ତି । ସମାଜ ଉତ୍‌ଥାନଶକ୍ତି ରହିତ ହୋଇ ମୃତବତ୍ ପଡ଼ିଅଛି । ସମସ୍ତେ କିଛି ନବୁଝି କେବଳ ଚିତ୍କାର କରୁଅଛନ୍ତି, ଆମ୍ଭେ ଭଲଥିଲୁଁ, ପୂର୍ବ ପୁରୁଷମାନେ ଦେବତା ଥିଲେ, ସର୍ବଜ୍ଞ ଥିଲେ, ସେମାନେ ଯାହା କହିଅଛନ୍ତି ବା କରିଅଛନ୍ତି ତାହା ସର୍ବତୋଭାବରେ ପ୍ରମାଦ ଶୂନ୍ୟ, ଆମ୍ଭେ ବୁଝୁ ବା ନବୁଝୁ ସେମାନଙ୍କ ପନ୍ଥା ବୋଲି ଯାହାକୁ ଜାଣିଆସିଅଛୁଁ ସେଥିରେ ହିଁ ଚାଲୁଥିବୁଁ– ତାହାଛଡ଼ା ଆଉ ପ୍ରକୃଷ୍ଟ ପନ୍ଥା ସମ୍ଭବ ହୋଇନପାରେ । ଇତ୍ୟାଦି । ଏ ସମ୍ବନ୍ଧରେ ଲେଖକଙ୍କ ନିଜ ଜୀବନର ଅନୁଭବରୁ ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟତର ହେବ । ଜଣେ କାବ୍ୟତୀର୍ଥଙ୍କ ସଙ୍ଗରେ ଲେଖକଙ୍କର ଦେଖାହୋଇଥିଲା । କଥା ପ୍ରସଙ୍ଗରେ ଲେଖକ କହିଥିଲେ, ତାଙ୍କ ନିଜର ବିଶ୍ୱାସ ପାଶ୍ଚାତ୍ୟ ଦର୍ଶନ ଅଧିକ ହେୟବାନ୍ ହେଇ କୌଣସିମତେ ହିନ୍ଦୁ ଦର୍ଶନଠାରୁ ହୀନ ନୁହେଁ । ଲେଖକ ନିଜ ବିଶ୍ୱାସର କାରଣ ସ୍ୱରୂପ ଆଉ ଦୁଇଚାରି କଥା କହିବାକୁ ଉଦ୍ୟତ ଥିଲେ, କିନ୍ତୁ ପଣ୍ଡିତଙ୍କର ସ୍ୱଜାତି ପ୍ରେମୋଚ୍ଛ୍ୱାସର ଝଙ୍କାରରେ ଆଉ ସେ ଉଦ୍ୟମ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ । ପଣ୍ଡିତେ କହିଉଠିଲେ ତୁମ୍ଭେ କଣ ଜାଣ ହେ, ସେ ସାଇବ କ'ଣ ଦି ଅକ୍ଷର ପଢ଼େଇଦେଲେ, ସେଥିରେ ହିନ୍ଦୁ ଦର୍ଶନ କଣ ଜାଣିବେ ? ହିନ୍ଦୁ ଦର୍ଶନରୁ ନେଇକରି ସିନା ସାହେବ ପଦେ ପଦେ କଥା ଯାହା କହିଅଛନ୍ତି । ହିନ୍ଦୁ ଦର୍ଶନ ଲେଖକମାନେ ସର୍ବଜ୍ଞ, ତାକୁ ବଳି ଆଉ କିଛି ହୋଇପାରେ କି ?– ଇତ୍ୟାଦି । ଲେଖକ ଜାଣନ୍ତି, ପଣ୍ଡିତ ମହାଶୟଙ୍କର ନା ହିନ୍ଦୁ, ନା ଖ୍ରୀଷ୍ଟିଆନ୍ କୌଣସି ଦର୍ଶନ ସଙ୍ଗେ ସାକ୍ଷାତ୍ ନାହିଁ । ପାଠକମାନେ ବୁଝିପାରୁଥିବେ ସାକ୍ଷାତ୍ ଥିଲେ କେହି ଏପରି କହିପାରିବେ ନାହିଁ । ଜାଣିଥିବା ବ୍ୟକ୍ତି ପକ୍ଷରେ ଏପରି ଆଶୁ ସିଦ୍ଧାନ୍ତରେ ଉପସ୍ଥିତ ହୋଇ ପ୍ରତିବାଦ କରିବା ଆଦୌ ସମ୍ଭବ ନୁହେଁ । ତେବେ ଏଥିରେ ଯେ ପଣ୍ଡିତ ମହାଶୟଙ୍କର ବ୍ୟକ୍ତିଗତ କିଛି ଦୋଷ ଅଛି, ତାହା ନୁହେଁ । ଏହା ସମାଜରେ ସ୍ୱାଧୀନତାର ଅଭାବ ଓ 'ଅଛୁ'ର ପ୍ରଭାବର ଫଳ । ଏହିପରି ଆପାତ ସୁଖ ପ୍ରିୟ ମାନବର ସ୍ୱାଭାବିକ ଆଳସ୍ୟ ଓ ଭୀରୁତା ହେତୁରୁ 'ଅଛୁଁ' ଶକ୍ତି ବ୍ୟକ୍ତିଗତ ଜୀବନରୁ ଆରମ୍ଭକରି ସାମାଜିକ ଜୀବନ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରେ ଏବଂ ଏହି ସାମାଜିକ ଯେତେ ପ୍ରାଚୀନ ଓ ପରମ୍ପରାଗତ ହୁଏ,

Digitized by PPRACHIN, SOA

ଭୀରୁତା (ଅର୍ଥାତ୍ ସ୍ୱାଧୀନ ଚିନ୍ତା ଓ କାର୍ଯ ପ୍ରବଣତାର ଅଭାବ) ସମାଜରେ ତେତେ ବଦ୍ଧମୂଳ ହୁଏ । 'ଅଛୁଁ' ଶକ୍ତି ସେତିକି ଦୃଢ଼ ଭାବରେ ସମାଜକୁ ଗ୍ରାସ କରେ । ଲୋକେ ଆଉ ନିଜ ନିଜ କାର୍ଯର ସମାଲୋଚନା କରି ଦେଖନ୍ତି ନାହିଁ ଏବଂ ମାନବ ସମାଜରେ ଦିନକୁ ଦିନ ପରମ୍ପରାନୁଗତ ପଶୁ—ସମାଜରେ ପରିଣତ ହୁଏ । କାହାରି କାହାରି ସମୟସମୟରେ ସାହସର ଉଦୟ ହେଲେହେଁ 'ହେବୁଁ' ଭାବରେ ପ୍ରଣୋଦିତ ହୋଇ ସେ ଯେତେବେଳେ ଅବିମିଶ୍ର ଚିନ୍ତା ରାଜ୍ୟ ଛାଡ଼ି ନିଜର ଚିନ୍ତାନୁଯାୟୀ କାର୍ଯ କରିବା ଦୂରେ ଥାଉ, ଚିନ୍ତା ମାତ୍ର ସମାଜରେ ପ୍ରକାଶ କରେ, ସେତେବେଳେ ସମସ୍ତ ସମାଜର 'ଅଛୁ' ଶକ୍ତି ଏକ ବଳରେ ତାକୁ ଯେଉଁ ଧକ୍କା ଦିଏ; ତାହା ଅତି ଅମାନୁଷ ନହେଲେ ସମସ୍ତ ସ୍ୱାଧୀନ ଶକ୍ତି ନଷ୍ଟ କରିବା ପକ୍ଷରେ ଯଥେଷ୍ଟ । ହଁ ଏସବୁ କଲେ ଭଲ ହୁଅନ୍ତା । କିନ୍ତୁ ଆମ୍ଭେ କିପରି ଆଗେ କରିବା । ଲୋକେ କ'ଣ କହିବେ ? ଲୋକେ ତ ବୁଝୁନାହାନ୍ତି । ଆଉ କିଏ ଆଗ କରୁ ଆମ୍ଭେ କରିବା, କିମ୍ବା ଆମ୍ଭ ସାଙ୍ଗକୁ ଆଉ ଜଣକେତେ ହେଲେ ଆମ୍ଭେ କରିବା । ସେତ୍ତେବେଳେ କିଏ କ'ଣ କହିଲେ ମଧ୍ୟ ଆମ୍ଭେ ନିଜେ ନିଜେ ସମାଜ କରି ଚଳିବା; ଇତ୍ୟାଦି ଯୁକ୍ତି ଆଜି କେତେ ଲୋକଙ୍କ ମୁହଁରୁ ଶୁଣାଯାଏ— ସଂଖ୍ୟା କରି ହେବ ନାହିଁ । ସମସ୍ତ ଶିକ୍ଷିତ ଲୋକ ଊଣା ଅଧିକରେ ଏହା ବା ଏହିଭଳି କିଛି କହିଥାନ୍ତି ।

ଅବଶ୍ୟ ସ୍ୱୀକାର କରିବାକୁ ହେବ, ହିନ୍ଦୁ ସମାଜ ପତିତ ଓ ଜଡ଼ବତ୍ ହେଲେହେଁ, ଏହି ଶ୍ରେଣୀରେ ପରିବର୍ତ୍ତନ ପ୍ରୟାସୀ ସେଥିରେ ଟିକିଏ ଜୀବନର ଆଭାସ ଦେଉଅଛନ୍ତି । କିନ୍ତୁ ଏପରି କ୍ଷୀଣ, ଅବିମିଶ୍ର ଚିନ୍ତାରାଜ୍ୟଗତହେବୁଁ ଶକ୍ତି ବେଶୀ କିଛି ଆଶାପ୍ରଦ ନୁହେଁ । ଅଛୁ ପ୍ରଭାବରେ ପ୍ରସ୍ତରଭୂତ କାଠିଣ୍ୟକୁ ତରଳ କରିବାକୁ ଏପରି କ୍ଷୀଣ 'ହେବୁଁ'ର ଉଷ୍ଣତା କିଛିମାତ୍ର ନୁହେଁ । ଚିର ପରମ୍ପରାରେ ହିନ୍ଦୁ ସମାଜର କଠୋର କୁସଂସ୍କାର ରୂପ ଗୋଟିଏ ଦେହ ପ୍ରସ୍ତୁତ ହୋଇଅଛି, ତାହା ଏହି ସାମାନ୍ୟ 'ହେବୁଁ' ଶକ୍ତିରେ ପରିବର୍ତ୍ତିତ ହେବା ଦୁଃସାଧ୍ୟ । ହିନ୍ଦୁ ସମାଜର ଅଛୁ ବଳ ସାମାନ୍ୟ ଅଛୁ ନୁହେଁ । ହିନ୍ଦୁ ସମାଜକୁ ପାଶବ ପୁରୋଦୃଷ୍ଟିହୀନ ରକ୍ଷଣଶୀଳତାର ଅବତାର କହିଲେ ବୋଧହୁଏ କେହି ଆପତ୍ତି କରିବେ ନାହିଁ । ଦେଖନ୍ତୁ ଇୟୁରୋପୀୟ ସମାଜ କିପରି ଦିନକୁ ଦିନ ଉନ୍ନତତର ହୋଇ ମନୁଷ୍ୟର ଚରମ ଲକ୍ଷ୍ୟ ସେହି ମୋକ୍ଷ ଓ ଆନନ୍ଦ ଦିଗକୁ କ୍ଷିପ୍ର ଗତିରେ ଅଗ୍ରସର ହେଉଅଛି । କିନ୍ତୁ ହିନ୍ଦୁର ସେହି ପୁରୋଦୃଷ୍ଟିହୀନ ଅନ୍ଧ ବିଶ୍ୱାସହିଁ ମୋକ୍ଷ । ଅଛୁ ହିନ୍ଦୁର ଏପରି ରକ୍ତମାଂସ ମଜ୍ଜାଗତ ହୋଇଅଛି ଯେ, ଅନ୍ଧୀଭୂତ ହିନ୍ଦୁ ଆଜି ପ୍ରକୃତରେ କଣ 'ଅଛୁ' ତାହା ସୁଦ୍ଧା ଦେଖିବାକୁ ନାହିଁ । ଅର୍ଥାତ୍ 'ଅଛୁ' 'ଅଛୁ' ବୋଲି ସେ ଅହଂକାର କରି ଆସୁଅଛି ସତ୍ୟ, କିନ୍ତୁ କେବେ ସୁଦ୍ଧା ସେହି ଅଛୁର ଟିକିଏ ବିଶ୍ଳେଷଣ କରିବାକୁ ତାହାର ପ୍ରବୃତ୍ତି ହେଉନାହିଁ । ତେଣୁ ପ୍ରକୃତ ରକ୍ଷଣଶୀଳତା କହିଲେ ଆମ୍ଭେମାନେ ଯାହା ବୁଝୁଁ ହିନ୍ଦୁର ରକ୍ଷଣଶୀଳତା ତହିଁରୁ ମଧ୍ୟ ହୀନ—ଫଳରେ କେବଳ ତାହାର କ୍ଷୀଣ ଆଭାସ ମାତ୍ର । ଯାହା ପୂର୍ବପୁରୁଷର ଥିଲା, ତାହା ରଖିଆସିଅଛି ବୋଲି ହିନ୍ଦୁ ଆଜି ଅହଂକାର

Digitized by PPRACHIN, SOA

କରୁଅଛି ସତ୍ୟ, କିନ୍ତୁ ସେହି ବିଶ୍ୱାସ ଯୋଗୁଁ ତାହାର ଅନ୍ଧତା ଏତେ ବେଶୀ ହୋଇଅଛି ଯେ ପ୍ରକୃତରେ ତାହାର କଣ ଥିଲା–ପୂର୍ବପୁରୁଷମାନେ କ'ଣ କରିଥିଲେ, ତାହା ସେ ଦେଖିପାରୁନାହିଁ । କୁଟିଳ, ହୀନ ସମାଜଚକ୍ରରେ ପ୍ରକୃତି ତାହାକୁ ଯାହା କରିଦେଉଅଛି, ତାହାକୁହିଁ ସେ ମୂଢ଼ ପରି ସବୁଠାରୁ ଉନ୍ନତତର ମନୁଷ୍ୟତା ମନେକରୁଅଛି । ପିତା ଯାହା କରନ୍ତି, ପଡ଼ୋଶୀ ଯାହା କରୁଛନ୍ତି, ବ୍ୟାସଦେବ ତାହାହିଁ କହିଯାଇଅଛନ୍ତି । ଏହାହିଁ ତାହାର ଦୃଢ଼ ବିଶ୍ୱାସ । ସେଥିପାଇଁ ଆମ୍ଭେମାନେ ଦେଖିଅଛୁଁ, ଅଷ୍ଟମ ଶତାବ୍ଦୀରେ ବନଜାତ ମହମ ଜାଳି ଯେଉଁ ଇଂରାଜ ଜାତି ରାତ୍ରିରେ ଆଲୋକର ଅଭାବ ଦୂର କରୁଥିଲେ, ସେ ଏହି କେଇ ଦିନ ମଧ୍ୟରେ ହରିକେନ୍ ଡ଼ିଜ୍ ଓ ଗ୍ୟାସ ପର୍ଯ୍ୟନ୍ତ ତୁଚ୍ଛ କରି ଆଜି ବୈଦ୍ୟୁତିକ ଆଲୋକରେ ନିଜର ରନ୍ଧନଶାଳା ପର୍ଯ୍ୟନ୍ତ ଆଲୋକିତ କରି ରଖିଅଛନ୍ତି । କିନ୍ତୁ ଧନ୍ୟ ହିନ୍ଦୁ, ଧନ୍ୟ ତୋର ରକ୍ଷଣଶୀଳତା । ଖ୍ରୀଷ୍ଟ ପ୍ରତିଲୋମର ସହସ୍ର ସହସ୍ର ବର୍ଷ ପୂର୍ବେ ଯେଉଁ ପ୍ରଦୀପ ଋଗ୍‌ବେଦର ଦେବାରାଧନାରେ ବ୍ୟବହୃତ ହୋଇଥିଲା ବିଂଶଶତାବ୍ଦୀର ସମସ୍ତ ବୈଜ୍ଞାନିକ ଯୁଗାନ୍ତର ପର୍ଯ୍ୟନ୍ତ ତୁଚ୍ଛ କରି ଅବିକଳ ସେହି ପ୍ରଦୀପ ଆଜି ତୋର ସେହି ରକ୍ଷଣଶୀଳତାର ଦୀପସ୍ତମ୍ଭ ଆଲୋକିତ କରୁଅଛି ।

ଅଚ୍ଛୁ ଶକ୍ତି ବା ରକ୍ଷଶୀଳତା ମନୁଷ୍ୟର ଚିନ୍ତାଶକ୍ତିକୁ ଆବଦ୍ଧ କରେ । ମନୁଷ୍ୟ ଏହାର ଦାମ୍ ଦେଲେ କ୍ରମଶଃ ସାମାଜିକ ତଥା ବ୍ୟକ୍ତିଗତ ପାରମ୍ପରିକ ବିଧି ମାତ୍ରାକୁ ସମାଜର ସର୍ବସ୍ୱ ମନେକରି ପଶୁଧର୍ମ ଅବଲମ୍ବନ କରେ । ତାହାର ସ୍ୱାଧୀନ ଶକ୍ତି ଆଉ ଉଦ୍ରିତ ହୁଏନାହିଁ । ଆପାତତଃ ସନ୍ତୋଷରେ ନିରୁଦ୍‌ବେଗରେ ରହିବାକୁ ତାହାର ଜ୍ଞାନପିପାସା ଓ ଅନୁସନ୍ଧିତ୍ସା ଦୂର ହୁଏ । ନୂତନ ପ୍ରାପ୍ତିର ଆଶା ରହେନାହିଁ, ଆଉ ଅଭାବ ପର୍ଯ୍ୟନ୍ତ ଆସେନାହିଁ । ତାହାର ପୂରଣ ତ ଦୂରର କଥା, ଯେ ମନେକରୁଅଛି, ଆକାଶ ନୀଳମଣିମୟ ସ୍ୱର୍ଗର ସିଂହାସନ ବିଶେଷ ଏବଂ ସେହି ସିଂହାସନସ୍ଥ ଦେବତାଙ୍କର ବଜ୍ର ନାମକ ଗୋଟିଏ ଅସ୍ତ୍ର ଅଛି, ତାହାର ଚାଳନାରେ ଅଗ୍ନି ଜାତ ହୁଏ । ଯେ କେବଳ ଏହା ମନେକରେ ତାହା ନୁହେଁ, ଏହାହିଁ ଭ୍ରମହୀନ ସିଦ୍ଧାନ୍ତ ବୋଲି ସନ୍ତୋଷ ଲାଭ କରେ କିମ୍ବା ସମାଜର ଅଚ୍ଛୁ ଶକ୍ତି ବଳରେ କରିବାକୁ ବାଧ୍ୟ ହୁଏ– ତାହାର ଆଉ ଅନୁସନ୍ଧାନର ଇଚ୍ଛା ବା ବ୍ୟାଖ୍ୟାର ଅଭାବ କାହିଁକି ରହିବ ?

ତାହାର ଇନ୍ଦ୍ରାମ୍ବର ବିଦ୍ୟୁତ୍ ଶକ୍ତିଜ୍ଞାନ ଓ ସଭ୍ୟତା ପ୍ରଭାବରେ ଭୂପୃଷ୍ଠକୁ ଅବତରଣ କରି ଯେ ମାନବର ଯାନାଦି ବହନ କରି କ୍ରୀତଦାସଠାରୁ ବାଧ୍ୟହୀନ ହୋଇଅଛି, ତାହା ତାହାକୁ କାହିଁକି ଜଣା ପଡ଼ିବ ? ସେ କାହିଁକି ପଶୁତ୍ୱ ଲାଭକରିବ ? ହିନ୍ଦୁ ସମାଜରେ ଦେଖିଲେ ଏଭଳି ଦୃଷ୍ଟାନ୍ତ ପଦେ ପଦେ ଆମ୍ଭମାନଙ୍କୁ ଆଘାତ ଦେବ ଏବଂ ଅଚ୍ଛି ଶକ୍ତି ପ୍ରଭାବ ଦେଖି ଆମ୍ଭେମାନେ **ସ୍ୱତଃ ମର୍ମାହତ** ହେବୁଁ ।

ଏ ସମସ୍ତ ସତ୍ତ୍ୱେ ମନୁଷ୍ୟ ମନୁଷ୍ୟ ଅଛି । ଅତିଶୟ ଧନ୍ତରା ହେଲେହେଁ ତାହାର ସ୍ୱାଧୀନ ଚିନ୍ତା ଲୁପ୍ତ ହୋଇନାହିଁ । ଏହା ମଧ୍ୟ ବରାବର ଲୁପ୍ତ ହେବାର ନୁହେଁ । ଅଚ୍ଛୁର

Digitized by PPRACHIN, SOA

ସୂଚୀଭେଦ୍ୟ ତମଃ ମଧ୍ୟରେ ମଧ୍ୟେ ମଧ୍ୟେ ସେହି ହେବୁଁ ପ୍ରବର୍ତ୍ତନର ସ୍ଫୁରଣ ଦେଖାଯାଏ ଏବଂ ସମୟର ପ୍ରଭାବ ଅର୍ଥାତ୍ ଅନ୍ୟ ସମାଜ ସମ୍ପର୍କର ପ୍ରାକୃତିକ ଫଳରେ ବେଳେ ବେଳେ ହେବୁଁ ଶକ୍ତି ଜାଗିଉଠେ । ଅଛୁ ବା ହେବୁ କେହି ପୂର୍ଣ୍ଣଭାବରେ ମାନବ ପ୍ରାଣକୁ ଅଧିକାର କରିନାହାନ୍ତି ସତ୍ୟ, କିନ୍ତୁ ପରିମାଣର ଇତର ବିଶେଷ ଅନୁସାରେ ଅଛୁ ଶକ୍ତିର ପ୍ରଭାବକୁ ସ୍ଥୂଳରେ ତିନି ଭାଗରେ ବିଭକ୍ତ କରାଯାଇପାରେ । ଆମ୍ଭେମାନେ ଅଛୁରୁ ହେବୁ ଆଡ଼କୁ ହେଉଥିବା ଗତିକୁ ଏହି ବିଭାଗର ନୀତିବୋଲି ଧରିବୁ । ଅର୍ଥାତ୍ ଅଛୁ ଶକ୍ତି ହେବୁ ଆଡ଼କୁ ଯିବାବେଳେ ଯେପରି କାହାରି ବିନାଶ ସଂସାଧିତ ଓ ହେବୁର ଆଧିପତ୍ୟ ପ୍ରତିଷ୍ଠିତ ହେଉଥାଏ । ସେହି ପ୍ରଣାଳୀରେ ତିନୋଟି ସୋପାନ ଦେଖାଇବୁଁ । ଏହି ତିନୋଟି ସ୍ପଷ୍ଟତା ଅଛୁ ଶକ୍ତିରେ ପ୍ରଭାବିତ ତାହା ଉତ୍ତାରୁ ହେବୁଁର ପ୍ରାଦୁର୍ଭାବ ।

ସେହି ବିଭାଗ ନୀତିରେ ଅଛୁଁର କ୍ରମ ଦେଖାଇ ଟିକିଏ ସ୍ପଷ୍ଟ କରି କହିଦେଲେ ସୋପାନ ବିଭାଗ ନୀତିଟି ଟିକିଏ ଭଲ ବୁଝାଯିବ । ଅଛୁଁ ଶକ୍ତିର ଶାରୀରିକ, ମାନସିକ (ବା ବୁଦ୍ଧି ବୃତ୍ତି ସମ୍ବନ୍ଧୀୟ) ଏବଂ ନୈତିକ ଏହି ତିନି ଅବସ୍ଥା ବିଦ୍ୟମାନ । ପ୍ରଥମଟି ଜଡ଼ତାର, ଦ୍ୱିତୀୟଟି ଯୁକ୍ତି ବିତଣ୍ଡାର ଓ ତୃତୀୟଟି ସାଧାରଣତଃ ନୈତିକ ସାହସହୀନତାର ମୋହରେ ପର୍ଯ୍ୟବସିତ ରହିଅଛି । ଅର୍ଥାତ୍ ଏହି ଶକ୍ତିକୁ କେହି ପଶୁ ପରି ଶାରୀରିକ ଭାବରେ, କେହି ତାହାକୁ ଉତ୍ତମ ବ୍ୟାଖ୍ୟା ଦେଇ ମାନସିକ ଭାବରେ, କେହିବା କେବଳ ସାହସହୀନତା ଦେଖାଇ ନୈତିକ ଭାବରେ ଧାରଣ କରନ୍ତି । ହେବୁ ଶକ୍ତି ଏହି କ୍ରମରେ ଅଛୁଁର ବିନାଶ ସାଧନ ପୂର୍ବକ ନିଜର ଆଧିପତ୍ୟ ବିସ୍ତାର କରେ । ପ୍ରଥମତଃ ଲୋକେ ସମୟ ବଳରେ ପରିବର୍ତ୍ତିତ ହୁଅନ୍ତି । ଦ୍ୱିତୀୟତଃ ବୁଦ୍ଧି ପ୍ରୟୋଗରେ ହେବୁର ଔଚିତ୍ୟ ଓ ଉପକାରିତା ହୃଦୟଙ୍ଗମ କରନ୍ତି ଏବଂ ସବା ଶେଷରେ ନୈତିକ ସାହସ ବଳରେ ହେବୁ ପନ୍ଥା ଅବଲମ୍ବନ କରି ସମାଜର ତଥା ବ୍ୟକ୍ତିଗତ ଜୀବନର ଉଦ୍ଧାର ସାଧନ କରନ୍ତି । ଏଣୁ ସ୍ପଷ୍ଟତଃ ଏହି କ୍ରମରେ ଏଠାରେ ସୋପାନ ନିର୍ଦ୍ଦେଶ କରାଗଲା ।

ଅବଶ୍ୟ ବୁଝିବାକୁ ହେବ, ଏ ସୋପାନ କେବଳ ବ୍ୟକ୍ତିବିଶେଷର ଜୀବନରୁ ଉଦାହରଣ ନେଇ ବ୍ୟାଖ୍ୟା କରାଯାଇପାରେ । ପ୍ରତ୍ୟେକ ବେଳେ ସମସ୍ତ ସୋପାନରେ ଥିବା ଭଳି ଲୋକ ନ୍ୟୂନାଧିକ ପରିମାଣରେ ସମାଜରେ ଥା'ନ୍ତି । ମାତ୍ର କେବଳ ବହୁଳ ବ୍ୟକ୍ତି ସାଧାରଣ ପ୍ରଭାବରେ ସମାଜକୁ ଅନୁପ୍ରାଣିତ କରେ । ଅର୍ଥାତ୍ ଯେଉଁ ଶକ୍ତି ସମାଜର ବେଶୀ ଭାଗ ଲୋକଙ୍କଠାରେ ବହୁଳ ଭାବରେ ପ୍ରଭାବ ବିସ୍ତାର କରେ ତାହାହିଁ ତତ୍କାଳୀନ ସମାଜର ପ୍ରବୃତ୍ତି ଅବଧାରଣ କରେ । ଯେତେବେଳେ ଯେଉଁ ସୋପାନରୁ ଲୋକବଳର ପ୍ରାଧାନ୍ୟ, ସେତେବେଳେ ସମାଜ ସାଧାରଣ ଭାବରେ ତଦନୁଯାୟୀ ଆକୃତି ଧାରଣ କରେ । ନିମ୍ନଲିଖିତ ପ୍ରକାରେ ସେହି ତିନୋଟି ସୋପାନର ଗତିବିଧି ଉଦାହରଣ ସହିତ ପରିସ୍ଫୁଟ କରାଯାଇପାରେ, ଯଥା—

Digitized by PPRACHIN, SOA

୧ । ପ୍ରଥମତଃ ସମାଜର, ସେହି ପଶୁକଳ୍ପ, ଅନ୍ଧ ତମସାବୃତ, ଘୋର ରକ୍ଷଣଶୀଳ, ନିମ୍ନତର ସ୍ତର । ସେମାନଙ୍କର ଚିନ୍ତାଶକ୍ତି ବରାବର ଲୋପପାଇଅଛି କହିଲେ ଚଳେ । ସେମାନେ କେବଳ ସାଇପଡ଼ୋଶୀମାନେ ଯାହା କରିଆସୁଥିବାର ଦେଖି ଆସିଅଛନ୍ତି ତାହାହିଁ କରନ୍ତି– କେବଳ ସେତିକି ନୁହେଁ, ସେହି ମାନଦଣ୍ଡରେ ଅନ୍ୟର ସାମାଜିକତା କଳନା କରନ୍ତି । ହିନ୍ଦୁ ସମାଜରେ ବେଶି ଭାଗ ଏହି ଶ୍ରେଣୀର ଅନ୍ତର୍ଗତ । ସେମାନେ ଶାସ୍ତ୍ର ଓ ପୂର୍ବପୁରୁଷମାନଙ୍କ ପ୍ରଚଳିତ ବିଧି ସବୁର ବରାବର ଦ୍ୱାହି ଦେଉଥାନ୍ତି ସତ୍ୟ, ମାତ୍ର ନା ପୂର୍ବପୁରୁଷ ବା ଶାସ୍ତ୍ର କାହାରି କିଛି ଧାରନ୍ତି ନାହିଁ । ପଶୁପରି ଯାହା ଦେଖିଅଛନ୍ତି, ଯାହା ଶୁଣିଅଛନ୍ତି, ସେହି ମନଯନ୍ତ୍ରରେ ନିଜ କର୍ମର ଗୁରୁତ୍ୱ ସ୍ଥିର କରନ୍ତି ।

ନିଜର ସଦସତ୍ ବିବେଚନାର ଶକ୍ତି ନାହିଁ । କିମ୍ବା ଅନ୍ୟ କେହି ଦେଖାଇଦେଲେ ତାହା ଦେଖିବାର ଅଭିଳାଷ ପର୍ଯ୍ୟନ୍ତ ନାହିଁ । ସେମାନେ ମନେକରନ୍ତି ସେ ଯାହା ଜାଣିଅଛନ୍ତି ତାହା ପୃଥିବୀର ଚରମ ସିଦ୍ଧାନ୍ତ ଏବଂ ତାହା ବ୍ୟତୀତ ଯେ ଯାହା କହିବେ ବା କରିବେ ସେ ସବୁ ଭ୍ରାନ୍ତ । ପ୍ରତ୍ୟେକ ପ୍ରାଚୀନ ସମାଜରେ ଏମାନଙ୍କର ସଂଖ୍ୟା କିଛି କିଛି ଥିବାର କଥା । କିନ୍ତୁ ବଡ଼ ଦୁଃଖର ବିଷୟ ହିନ୍ଦୁ ସମାଜ ଏହିମାନଙ୍କ ପ୍ରଭାବରେ ଚାଳିତ । ସମାଜରେ ଯେଉଁମାନେ ଦିନେ ନେତାଥିଲେ, ସେହିମାନଙ୍କର ବଂଶଧରମାନେ ଆଜି ଅଶିକ୍ଷିତ ଓ ମୂର୍ଖ ହୋଇ ଏହି ଶ୍ରେଣୀରେ ପଡ଼ିଅଛନ୍ତି । ସେମାନଙ୍କ ପୂର୍ବପୁରୁଷମାନଙ୍କର ଅଧିକାରର ସୁଯୋଗ ନେଇ ରୋଗକୁ ଭୀଷଣତର କରୁଅଛି । ସେହିମାନଙ୍କ ପ୍ରଭାବରୁ ଆଜି ବ୍ରାହ୍ମଣ ଶାସନରେ କଳାଛତା ଧରି ଚାଲିଗଲେ ମନୁଷ୍ୟର ମହାପାପ ହୁଏ । ଜଗନ୍ନାଥଙ୍କ ମନ୍ଦିରରେ ବୈଦ୍ୟୁତିକ ଆଲୋକ ଲାଗିଲେ ହିନ୍ଦୁର ହିନ୍ଦୁତ୍ୱ ନଷ୍ଟ ହୁଏ । ସେତିକି ନୁହେଁ, ସେହି ହେତୁରୁ ପୁରୀ ସହରରେ ବିସୂଚିକାର ପ୍ରାଦୁର୍ଭାବ ହୋଇଥିବାର ଶୁଣାଗଲା, ଇତ୍ୟାଦି ଦୃଷ୍ଟାନ୍ତ ହିନ୍ଦୁର ପ୍ରତ୍ୟେକ ଦିନର କ୍ରିୟାକଳାପରେ ବଡ଼ ଦୁଷ୍ପ୍ରାପ୍ୟ ନୁହେଁ ।

ଏମାନଙ୍କୁ ସ୍ଥୂଳ କଥାରେ ମନୁଷ୍ୟ ନକହି ଜନ୍ତୁ କୁହାଯାଇପାରେ । ଏମାନଙ୍କ ଦ୍ୱାରା ଯେଉଁ ସମାଜ ଗଠିତ; ତାହା କଦାପି ଜୀବନ୍ତ ସମାଜ ହୋଇନପାରେ । ଆମ୍ଭେମାନେ ମାଙ୍କଡ଼ ଓ ତଦ୍‌ବିଧ ଅନ୍ୟାନ୍ୟ କେତେକ ଜନ୍ତୁ ଯଥା ଉଇ, ମହୁମାଛି ପ୍ରଭୃତି ଦଳବଦ୍ଧ ହୋଇ ରହିବାର ଦେଖିଅଛୁଁ । ସେମାନେ ଆଜି ଦଳବଦ୍ଧ ହୋଇଅଛନ୍ତି ଏମନ୍ତ ନୁହେଁ, ପୁରୁଷାନୁକ୍ରମେ ଏହିପରି ଚଳି ଆସୁଛନ୍ତି । ତଥାପି ସେମାନଙ୍କର ସଂହତିକୁ ସମାଜ ବୋଲାଯାଉନାହିଁ, କାରଣ ସେମାନଙ୍କଠାରେ ସାମାଜିକ ଜୀବନ ନାହିଁ । ସେମାନଙ୍କ ସଂହତିରେ ପ୍ରାଣ ନାହିଁ । ସେମାନଙ୍କ ସଂହତ ଜୀବନ କୌଣସି ଉନ୍ନତି ବା ଅବନତିରେ ଚାଳିତ ହେଉନାହିଁ । ସେମାନେ ସମାନ ଭାବରେ ଚଳି ଆସୁଅଛନ୍ତି । କୌଣସି ପ୍ରକାରେ ବିଧି ନିର୍ଦ୍ଦେଶ ଅନ୍ୟଥା କରିବା ସେମାନଙ୍କ ଶକ୍ତିର ବହିର୍ଭୂତ । ସେହିପରି ଏହି ସବୁ ଶକ୍ତିହୀନ ମାନବ ସଂପ୍ରଦାୟ କୌଣସି ପରିବର୍ତ୍ତନର କଥା ଦିନେ ଭାବିନାହାନ୍ତି । ପରିବର୍ତ୍ତନ ଯେ ସମାଜର, ଜୀବନର ଚିହ୍ନ, ପରିବର୍ତ୍ତନ ବ୍ୟତୀତ ଯେ ସମାଜ ରହିନପାରେ, ଏହା

Digitized by PPRACHIN, SOA

ସେମାନେ ଦିନେ ସୁଦ୍ଧା ଦେଖିନାହାନ୍ତି । ସମୟର ପ୍ରଭାବରେ ସେମାନେ ନିଜେ ନିଜେ ପରିବର୍ତ୍ତନ ହେଲେହେଁ ତହିଁରୁ କିଛି ଶିଖୁନାହାନ୍ତି । ଏପରି ପରିବର୍ତ୍ତନ ସେମାନଙ୍କ ଦୃଷ୍ଟିରେ ପଡ଼େନାହିଁ, ପଡ଼ିଲେ ସେମାନେ ମନେକରନ୍ତି ବେଳ ଖରାପ ହୋଇଯାଉଅଛି, ଆଉ ବେଶିଦିନ ଧର୍ମ ରହିବ ନାହିଁ । ପୃଥିବୀର ଶୀଘ୍ର ପ୍ରଳୟ ହେବ ଏବଂ ଭଗବାନ ସ୍ୱୟଂ ଘୋଡ଼ାରେ ବସି କଲ୍କି ରୂପରେ ପାପୀମାନଙ୍କୁ ସଂହାର କରି ନବରାଜ୍ୟ ସ୍ଥାପନ କରିବେ । ତଥାପି ସେ ନବରାଜ୍ୟରେ ଯେ କିଛି ନୂତନ କ୍ରିୟାର ଅନୁଷ୍ଠାନ ହେବ ତାହା ବୋଧହୁଏ ନାହିଁ । ସେମାନେ ବା ସେମାନଙ୍କ ପିତୃମାତାମହମାନେ ଠିକ୍ ଯାହା ଥିଲେ ସମାଜର ଲୋକମାନେ ପୁଣି ସେହିପରି ହେବେ— ତାହାହେଲେ ଧର୍ମ ରହିଲା; ଆଉ ଭୟ ନାହିଁ ଯଦି ପରିବର୍ତ୍ତନ ହୁଏ । ତେବେ କଲ୍କି ଆସି ପୁଣି ଲୋକଙ୍କୁ ସେହି ଅବସ୍ଥାରେ ରଖିଦେଇଯିବେ । ତୁମେ ଯେତେ ଚିନ୍ତାକର, ଯେତେ ଭଲ କଥା କୁହ; ଯଦି ଟିକିଏ ପରିବର୍ତ୍ତନର କଥା ସେଥିରେ ରହିଲା ତେବେ ତୁମ୍ଭେ ଏକାବେଳକେ ଅହିନ୍ଦୁ ଓ ବିଧର୍ମୀ । ତୁମ୍ଭର କିଛି ଜ୍ଞାନ ନଥିବା ମୁହୂର୍ତ୍ତକ ମଧ୍ୟରେ ସ୍ଥିରହୋଇଗଲା । ତୁମ୍ଭର ଜୀବନବ୍ୟାପୀ ଗବେଷଣା ଓ ଜ୍ଞାନାଲୋଚନା ସେତେବେଳେ ସେମାନଙ୍କର ରକ୍ଷଣଶୀଳତା ସମ୍ବନ୍ଧରେ- କେବଳ ତାହା ବୋଧହୁଏ ନ୍ୟୂନାଧିକ ପରିମାଣରେ ପ୍ରତ୍ୟେକ ଉନ୍ନତିମୁଖ ପରିବର୍ତ୍ତନ ପ୍ରୟାସୀ ଚିନ୍ତାଶୀଳ ଲୋକ ଅନୁଭବରେ ଜାଣି ଅଛନ୍ତି । ଏଣୁ କହି ବୁଝାଇଦେବା ନିଷ୍ପ୍ରୟୋଜନ ।

୨ । ଏପରି ଦୁର୍ବିସହ ସ୍ଥିତିଶୀଳତା କଦାପି ସ୍ଥିର ରହିନପାରେ । ସମୟର ଗତିରେ ମାନବ ନୂତନ ନୂତନ ଅଭାବରେ ପଡ଼ି ତାହାର ପୂରଣ ପାଇଁ ପନ୍ଥା ଖୋଜୁ ଖୋଜୁ 'ହେବୁ' ଶକ୍ତି ତାହାଙ୍କୁ ଅଧୀନ କରେ । ଅନେକ ସମୟରେ ମନୁଷ୍ୟ ଅନ୍ୟାନ୍ୟ ସମାଜ ବା ବ୍ୟକ୍ତିବିଶେଷର ସଂସ୍ପର୍ଶରେ ସେମାନଙ୍କର ଅଭାବ ପୂରଣ ଓ ଉନ୍ନତିଶୀଳତା ଦେଖି 'ହେବୁ'ର ଉପକାରିତା ହୃଦୟଙ୍ଗମ କରେ । କେହି କେହି ବା ଅନ୍ୟଠାରୁ ହେବୁର ଉପକାରିତା ଶୁଣି ତାହାର ଆଦର କରିବାକୁ ଶିଖନ୍ତି । କିନ୍ତୁ ଏଣେ ଆତ୍ମପ୍ରବଞ୍ଚନାର ମୋହ ମନୁଷ୍ୟକୁ ଛାଡ଼ିବା ବଡ଼ ସହଜ କଥା ନୁହେଁ । ଆମ୍ଭେ ବଡ଼ ଥିଲୁ, ଯାହାଥିଲୁଁ ତାହାହିଁ ଥିବୁ । ପରିବର୍ତ୍ତନ ମାତ୍ରକେ ସର୍ବଜ୍ଞ ପୁରୁଷମାନଙ୍କର ଅବଜ୍ଞା ଓ ଜାତିର ଅଧଃପତନର ହେତୁ— ଏସବୁ ପ୍ରୀତିକର ମୋହନୀୟ ଯୁକ୍ତିରୁ ନିଷ୍କୃତି ଲଭିବା ବଡ଼ ସୁଖସାଧ୍ୟ ନୁହେଁ । ଏହା ମନୁଷ୍ୟର ତଥା ସାମାଜିକ ଅଚ୍ଛୁଁ ଶକ୍ତିର ପରିଣତରେ ଗୋଟିଏ ବିଷମ ସନ୍ଧି ସ୍ଥଳ ଏବଂ ଏହି ସନ୍ଧି ସ୍ଥଳରେ ଦ୍ୱିତୀୟ ଦଳର ଅଧିଷ୍ଠାନ । ପ୍ରଥମ ଦଳର ଲୋକମାନେ ଅଜ୍ଞାନ ହେତୁରୁ ପଶୁତ୍ୱ ଅବଲମ୍ବନ କରନ୍ତି । ମାତ୍ର ଏ ଦଳର ଲୋକେ ଜାଣନ୍ତା ପଶୁ । ଏମାନେ ହେବୁ ଶକ୍ତିକୁ କେବେ ନିଜେ ଯାଇ ଧରି ନାହାଁନ୍ତି । କାର୍ଯ୍ୟ ଗତିରେ ଏମାନେ ସେହି ଶକ୍ତିର ବଶବର୍ତ୍ତୀ ହୋଇ ସାମାଜିକ ସ୍ଥିତିଶୀଳତାର ଆପାତ ମୋହ କଥଞ୍ଚିତ ଭେଦ କରି ଗୋଟିଏ ସାମାଜିକ ଆଦର୍ଶର ଉପକାରିତା ବୁଝନ୍ତି, କିନ୍ତୁ ଅଛୁ ଶକ୍ତିର ମୋହ ଛାଡ଼ି

Digitized by PPRACHIN, SOA

ନପାରି 'ଅଛୁ' ମଧ୍ୟରେ ପ୍ରାଣପଣେ ସେହି ହେବୁ ଶକ୍ତିର ଚରିତାର୍ଥତା ଖୋଜିବାରେ ବ୍ୟସ୍ତ । ଏମାନଙ୍କର ମୋହ ପ୍ରଥମୋକ୍ତ ଦଳର ମୋହଠାରୁ ଭୀଷଣତର । ବିଶେଷତ୍ୱ ଏହି ଯେ ଏମାନେ ସେହି ମୋହକୁ ମନୁଷ୍ୟର ଅତୀବ ଆତ୍ମ ତୃପ୍ତିକର ଆତ୍ମ ପ୍ରବଞ୍ଚନା ମୂଳକ ଯୁକ୍ତିତର୍କରେ ମୋହନତର କରନ୍ତି । ମୁଁ ବଡ଼ ଥିଲି ଏବଂ ଆଜି ମଧ୍ୟ ବଡ଼ ଅଛି– ଏଭଳି କଥା ସବୁ ଯେ ମାନବକୁ ମୋହନ୍ତେ ଏବଂ ଏହା ଯେ ମନୁଷ୍ୟକୁ ଅକାରଣରେ କି ବିମୋହନ ତୃପ୍ତି ପ୍ରଦାନ କରେ, ତାହା ସମସ୍ତେ ଜାଣନ୍ତି । ପ୍ରଥମ ଦଳର ମୋହରେ ସେହି ତୃପ୍ତିକର ଉପାଦାନ ଥାଇପାରେ । କିନ୍ତୁ ତାହା ନିଶ୍ଚେଷ୍ଟ ଓ ନୀରସ ଥିବାରୁ ବୁଦ୍ଧିର ସାମାନ୍ୟ ବିକାଶ ହେଲେ ତାହା ହେୟ ହୋଇପାରେ । କାଳର ଗତିରେ ନୂତନ ଅଭାବ ସକାଶେ ନୂତନ ବିଧାନ ଆବଶ୍ୟକ ହେଲେ ତାହାର ଅସାରତା ମନୁଷ୍ୟ ନିକଟରେ ଆଉ ଲୁଚି ରହେ ନାହିଁ, ମାତ୍ର ଦ୍ୱିତୀୟ ଦଳର ଏହି ଯୁକ୍ତି ମାର୍ଜିତ ମୋହନାସ୍ତ୍ରର ବଳ ଅତିକ୍ରମ କରିବା ବଡ଼ ଦୁଃସାଧ୍ୟ । ଅତ୍ୟନ୍ତ ଗଭୀର ନିରପେକ୍ଷ ଗବେଷଣା ସହକାରେ କ୍ଷତିକର ହୋଇପଡ଼େ । ଏଥିରେ ବଡ଼ ଶୀଘ୍ର ମାତିଯିବା ଲୋକଙ୍କ ପକ୍ଷରେ ସ୍ୱାଭାବିକ । ଅବଶ୍ୟ ଏଥିରେ ଗୋଟିଏ ପରିବର୍ତ୍ତନ ବ୍ୟାତ୍ୟା ପ୍ରବାହିତ ନହୁଏ, ଏପରି ନୁହେଁ ଏବଂ କିଛି ଦିନ ନିମନ୍ତେ ଯେ ସମାଜର ଟିକିଏ ଉନ୍ନତି ନହୁଏ; ଏହା ମଧ୍ୟ ବୋଲାଯାଇ ନପାରେ, ମାତ୍ର ଏହାର ଶୁଭଫଳ ସ୍ଥାୟୀ ନୁହେଁ । ପରିଣାମରେ ଏହି ଶୁଭ ଯେ ମହା ଅଶୁଭରେ ପରିଣତ ହୁଏ, ଏଥିରେ ସନ୍ଦେହ ନାହିଁ ।

ଦୃଷ୍ଟାନ୍ତ ଦ୍ୱାରା ବୁଝାଇଦେଲେ କଥାଟି ଟିକିଏ ସ୍ପଷ୍ଟତର ହେବ । କାଳଗତିରେ ସ୍ଥାବର ହିନ୍ଦୁ ସମାଜ କେତେ କୁସଂସ୍କାର ଓ ହୀନ ସଂସ୍କାରାଦିରେ କଳେବର ବୃଦ୍ଧି କରିଅଛି ତାହାର ସୀମା ନାହିଁ । ଅନ୍ୟାନ୍ୟ ଦେବଦେବୀଙ୍କ ମନ୍ଦିରସ୍ଥ କୁରୁଚି ବ୍ୟଞ୍ଜକ ଅଶ୍ଳୀଳ ଛବି ପ୍ରଭୃତି ପ୍ରଧାନ । ଏସବୁ ଦେଖିଲା ମାତ୍ରକେ ଯେକୌଣସି ସାମାଜିକର ପ୍ରାଣ ଆଘାତପ୍ରାପ୍ତ ହେବ ସନ୍ଦେହ ନାହିଁ । କିନ୍ତୁ ସମସ୍ତେ ଜାଣନ୍ତି ଏଥିରେ ଯେଉଁମାନେ ସାକ୍ଷାତ୍ ଭାବରେ ଆମୋଦ ବା ସୁବିଧା ଅନୁଭବ କରନ୍ତି; ସେମାନଙ୍କ ବ୍ୟତୀତ ସମାଜରେ ସୁପରିଚିତ କେତେକ ଲୋକ ଏହାର ପ୍ରଶଂସା କରିଥାନ୍ତି । ସେମାନେ ଏସବୁ ମଧ୍ୟରୁ ଭଲ ଅର୍ଥ ବାହାରକରି ଏସବୁ କୁତ୍ସିତ ସାମାଜିକ ଅନୁଷ୍ଠାନ ବା ଚିତ୍ରରେ ସେହି ଅର୍ଥ ଆରୋପ କରି ପୂର୍ବପୁରୁଷର ପ୍ରମାଦହୀନତା ପ୍ରମାଣ କରିବାରେ ବ୍ୟଗ୍ର । କେବଳ ସେତିକିରେ ସେମାନେ ସନ୍ତୁଷ୍ଟ ନୁହନ୍ତି । ସେହିମାନେହିଁ ସାଧାରଣ ଲୋକଙ୍କର ଅଚ୍ଛୁ ପ୍ରବୃତ୍ତିର ବିଶେଷ ସୁବିଧା ପାଇ ସେମାନଙ୍କୁ ସେହିପରି ଅର୍ଥଯୁକ୍ତ କ୍ରିୟାରେ ପ୍ରବର୍ତ୍ତନା ପର୍ଯ୍ୟନ୍ତ ଦେଇଥାନ୍ତି । ପୁଣି ଅଧିକାଂଶ ସ୍ଥଳରେ ସେପରି କୌଣସି ତୃପ୍ତିକର ଅର୍ଥ ବାହାର କରି ନପାରି କିଛି ଅର୍ଥ ଥାଇପାରେ ବୋଲି ମୂଢ଼ ଜନସାଧାରଣଙ୍କୁ ବୋଧ ଦିଅନ୍ତି । ସଂକ୍ରାନ୍ତିରେ ଅନୁକୂଳ କରି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ ବୋଲି ଲୋକେ କହନ୍ତି । ଆମ୍ଭେମାନେ ତାହାର କିଛି କାରଣ ପାଉନାହିଁ । ବାଟରେ ଗଲାବେଳେ ଦୁଇଟା କୁଆ ଉତ୍ତରକୁ ମୁହଁ କରି

Digitized by PPRACHIN, SOA

ବୋବାଇଲେ କାର୍ଯ ସିଦ୍ଧ ହୁଏ ନାହିଁ । ଦକ୍ଷିଣକୁ ମୁହଁ କରି ଖାଇଲେ ବାପକୁ ଦୋଷ । ବ୍ରାହ୍ମଣ କାନରେ ପଇତା ନଦେଇ ପ୍ରସବ କଲେ ସପ୍ତପୁରୁଷଙ୍କର ନରକଗତି ହୁଏ ଇତ୍ୟାଦି ବିଶ୍ୱାସର କିଛି କାରଣ ନାହିଁ । ତଥାପି ସେହି ଯୁକ୍ତିଧରି ରକ୍ଷଣଶୀଳମାନେ କହିବେ ଏଥିରେ କାରଣ ନଥିଲେ ଅଭ୍ରାନ୍ତ ପୂର୍ବପୁରୁଷମାନେ କିପାଇଁ ତାହାର ବିଧାନ କରନ୍ତେ; ଆପଣଙ୍କ କ୍ଷୁଦ୍ର ବୁଦ୍ଧିରେ ତାହା ବର୍ତ୍ତମାନ ଜାଣିପାରୁନାହଁ ବୋଲି ତାହାକୁ ପରିତ୍ୟାଗ କରିବା ଅବିଧେୟ । ପାଠକମାନେ ଜାଣନ୍ତି, ଏପରି ଲୋକମାନଙ୍କର ପୂର୍ବପୁରୁଷ ଧାରଣା ବଡ଼ ଭଳି । ଯାହା ଅଛି, ତାଙ୍କ ମତରେ ତାହା କୌଣସି ଅଭ୍ରାନ୍ତ ଈଶ୍ୱର ପ୍ରତିମ ଲୋକଦ୍ୱାରା ଉପଦିଷ୍ଟ । ସେହି ହେତୁରୁ ପ୍ରାୟ ଗତ ୧୫ ବର୍ଷ ମଧ୍ୟରେ ସୃଷ୍ଟ ଓ ପ୍ରଚାରିତ ଚିଲମାଙ୍କ ସମ୍ବଳ ତ୍ରିନାଥ ମେଳାର ଆଜି ସମାଜରେ ଏତେ ପ୍ରତିପତ୍ତି ଏବଂ ତାହାର ମଧ୍ୟ ସ୍ଥାନେ ସ୍ଥାନେ ଉତ୍ତମ ବ୍ୟାଖ୍ୟା ଏବଂ ଅନ୍ୟତ୍ର କାରଣ ଥାଇପାରେ ଇତ୍ୟାଦି ଶୁଣାଗଲାଣି ।

ଏପରି ସ୍ଥଳରେ ଏହି ଦ୍ୱିତୀୟ ଦଳର ଯୁକ୍ତି ପନ୍ଥୀ ରକ୍ଷଣଶୀଳମାନଙ୍କର ଜାଣିବା ଉଚିତ ଯେ ସେମାନେ ଯେଉଁ ବ୍ୟାଖ୍ୟା ନିମନ୍ତେ ଏତେ ବ୍ୟଗ୍ର, ତାହା ସେମାନଙ୍କର ଆଦର୍ଶ ଏବଂ ଯେଉଁ କୁତ୍ସିତ ବ୍ୟାଖ୍ୟାର ସଂଯୋଗ କରନ୍ତି ତାହା ବ୍ୟତୀତ ସେହି ସେହି ବ୍ୟାଖ୍ୟାର ସାର ଓ ତାଙ୍କ ପ୍ରାଣର ସେହି ବ୍ୟଗ୍ରତା ବଡ଼ ଉତ୍ତମ ବସ୍ତୁ । ଏହା ସମାଜର ହେବୁ ଶକ୍ତି । କିନ୍ତୁ ଅଯଥା ମୋହରେ ପଡ଼ି ସେ ସବୁର ଅପବ୍ୟବହାର କରିବା ବିହିତ ନୁହେଁ । ପୁଣି ଯେଉଁ ହୀନ ଦ୍ରବ୍ୟର ସମର୍ଥନ ପାଇଁ ସେମାନେ ଏତେ ବ୍ୟସ୍ତ; ଭାବି ଦେଖନ୍ତୁ ସେ ସବୁ ନଥିଲେ କଣ ସମାଜରେ କିଛି ବିଶେଷ କ୍ଷତି ହୁଅନ୍ତା ? ସେମାନେ କହନ୍ତି ଭକ୍ତର ସଂଯମ ନିମନ୍ତେ ମନ୍ଦିରରେ କୁତ୍ସିତ ଛବି ଓ ମୂର୍ତ୍ତିକୁ ଦିଆଯାଇଅଛି । ଭାବନ୍ତୁ ଦେଖି ସଂଯମ ରଖିବାର କି ଆଉ କିଛି ସଦୁପାୟ ନାହିଁ ? ପୁଣି ଯେଉଁମାନେ ଏପରି ବ୍ୟାଖ୍ୟା ଦିଅନ୍ତି ସେମାନଙ୍କ ବ୍ୟତୀତ ଆଉ କେହି ତାହା ସଙ୍ଗେ ସଂଯମର ସଂପର୍କ ରଖିଥାନ୍ତି କି ? ଜନସାଧାରଣ ପକ୍ଷରେ ସେସବୁ କ୍ଷତିକର ନୁହେଁ କି ? ଯେଉଁ ସଂଯମର ଆରୋପ କରାଗଲା, ତାହା କେବଳ ଆରୋପ କରିବା ଲୋକର ଆଦର୍ଶ ଏବଂ କେବଳ ତାହାରି ନିମନ୍ତେ ଶ୍ରେୟସ୍କର ହୋଇପାରେ । ଏପରି ସ୍ଥଳରେ ସେସବୁ କୁତ୍ସିତ ଚିତ୍ର ଯେ ସାଧାରଣ ଲୋକର ରୁଚିକୁ ବିକୃତ କରି କି କ୍ଷତି କରୁଅଛି, ତାହା ସହଜରେ ଅନୁମେୟ । ଯେତେଜଣ ତାହାର ବ୍ୟାଖ୍ୟା ବୁଝିବେ ସେମାନେ ଭଲ ହୋଇପାରନ୍ତି । କିନ୍ତୁ ବୁଝିବାର ଉଚିତ ଯେ ଚିତ୍ରର ବ୍ୟାଖ୍ୟା ସେମାନଙ୍କର ଆଦର୍ଶ ଏବଂ ସେହି ବ୍ୟାଖ୍ୟାରୁ ସେମାନେ ଉପକୃତ ହୁଅନ୍ତି ତା ଭାବ ନାହିଁ । ଯେ ବ୍ୟାଖ୍ୟା ଜାଣିନାହିଁ, ଚିତ୍ରରେ ସେ ଯେ ଖରାପ ହେବ, ଏଥିରେ ସନ୍ଦେହ ନାହିଁ ଏବଂ ଏହି ଖରାପ ହେବା ଦଳହିଁ ସମାଜରେ ଖୁବ୍ ବେଶୀ । ସ୍ୱୟଂ ବ୍ୟାଖ୍ୟାକାରୀମାନଙ୍କ ବଂଶଧରମାନେ ମଧ୍ୟ ସେହି ପଥରେ ପଥିକ ହେବେ, ବୋଲିବା ବାହୁଲ୍ୟ ମାତ୍ର ।

Digitized by PPRACHIN, SOA

ସେମାନେ ପୁଣି କହିପାରନ୍ତି, ଏପରି ଚିତ୍ର ଥିବାରୁ ବ୍ୟାଖ୍ୟା ନିମନ୍ତେ ଲୋକର ଚିନ୍ତା ଶକ୍ତି ଉଦ୍ରିକ୍ତ ହୁଏ । କିନ୍ତୁ ସେମାନଙ୍କର ଦେଖିବା ଉଚିତ, ଜଗତରେ ଯେଉଁସବୁ ସାର୍ବଜନୀନ ଧର୍ମଶାସ୍ତ୍ର ଅଛି (ଏବଂ ହିନ୍ଦୁ ସମାଜରେ ମଧ୍ୟ ତାହାର ଅଭାବ ନାହିଁ) ସେଥିରେ କୁତ୍ସିତ ସମ୍ପର୍କ ବିନା କିପରି ସେହି ସେହି ବ୍ୟାଖ୍ୟାର ତତ୍ତ୍ୱ ସାଧାରଣଙ୍କ ନିମନ୍ତେ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଅଛି ଏବଂ ତାହା ଲୋକଙ୍କର କି ଉପକାର କରୁଅଛି । ଜଗନ୍ନାଥ ଦାସଙ୍କ ଭାଗବତ ସମାଜର ଯେ ସଂଯମ ରଖିଅଛି, ପୁରୀ ମନ୍ଦିର ଚିତ୍ର ତାହା ପାରେ କି ? ପୁଣି ଯେଉଁସବୁ କ୍ରିୟା ବ୍ୟାଖ୍ୟାନ କରି କାରଣ ଥାଇପାରେ ବୋଲି ସେମାନେ ଛାଡ଼ିଦିଅନ୍ତି, ତାହା ସମାଜର ଚଳତ୍‌ଶକ୍ତି ବା ଜୀବନରେ ଆହୁରି ଭୀଷଣତର ଆଘାତ ଦିଏ । ଏହା ମନୁଷ୍ୟର ଆତ୍ମନିର୍ଭର ଓ ସ୍ୱାଧୀନ ଗବେଷଣା ପ୍ରବୃତ୍ତିକୁ ଚିରକାଳ ପାଇଁ ମୋଡ଼ିଦିଏ । ଯେତେଦିନ ସେ କାରଣ ପାଇନାହିଁ ତେତେଦିନ ସେ ମନେକରେ ବୁଝିବାର ଦିନ ଆସିନାହିଁ । କେବେ ବୁଝିବାର ଯୁଗ ଆସିବ, ସଂସାର କେବେ ସେ ସବୁର ବ୍ୟାଖ୍ୟା ଦେବାକୁ ସମର୍ଥ ହେବ ସେ ସମ୍ବନ୍ଧରେ ଲେଖକ ମାତ୍ର ଚିନ୍ତା ନକରି ଅନ୍ଧ ପରମ୍ପରା ନ୍ୟାୟରେ ନିର୍ଦ୍ଦିଷ୍ଟ ପଥ ଅନୁବର୍ତ୍ତନ କରୁ କରୁ ଲୋକେ ଏହିପରି ପଶୁତ୍ୱ ପ୍ରାପ୍ତ ହୁଅନ୍ତି । ସେମାନେ ମୁହୂର୍ତ୍ତକ ପାଇଁ ଭାବନ୍ତି ନାହିଁ ଯେ ଗୋଟିଏ ଅମୂଳକ ବିଶ୍ୱାସରେ ଭରା ଦେଇ ଥରେ ହୋଇପାରେ, ଥାଇପାରେ, ଇତ୍ୟାଦିରେ ଗୂଢ଼ ଭାବରେ ନିହିତ ଥିବା ନିରବଚ୍ଛିନ୍ନ ସମ୍ଭାବନା ରାଜ୍ୟରେ ପ୍ରବେଶ କରେ; ମନୁଷ୍ୟର ଆଉ ବିଶ୍ୱାସର କାରଣ ଜାଣିବାର ଦିନ କଦାପି ସହଜରେ ଆସେ ନାହିଁ ।

ଏହିପରି ଏହି ଦ୍ୱିତୀୟ ଦଳର ଲୋକେ ସମାଜ ପକ୍ଷରେ ବିଶେଷ ଭାବରେ କ୍ଷତିକର । ସେମାନଙ୍କ ଯୁକ୍ତି ଓ ମତ ପ୍ରଶଂସିତ ହୋଇପାରେ, କିନ୍ତୁ ସେମାନଙ୍କ ସ୍ୱାଧୀନ ଚିନ୍ତା ଅଛୁଁର କଠୋର ବେଢ଼ିରୁ ମୁକ୍ତି ଲଭି ନାହିଁ । 'ହେବୁଁ' ସେମାନଙ୍କୁ ଆୟତ୍ତ କରିବାକୁ ବସିଅଛି । କିନ୍ତୁ ସେମାନେ ଅଛୁର ଆଶୁ ପ୍ରୀତିକର କୋଳରେ ଆଶ୍ରୟ ନେଇ ଧର୍ମକୁ ଆଖିଠାର ମାଇଲାପରି ହେବୁକୁ ଠକି ଭଣ୍ଡି ଦେଇ ଫଳରେ ତାହାର ଉପେକ୍ଷା କରିବାକୁ ବସିଅଛନ୍ତି । ସେମାନଙ୍କର ଏହି ଅଦୂରଦର୍ଶିତାର ଫଳ ଯେ ସମାଜ ଦିନେ ଭୋଗ କରିବ, ତାହା ସେମାନେ ଧରିପାରୁନାହାନ୍ତି । ବିଶେଷତଃ ସେମାନଙ୍କର ଯୁକ୍ତି ରୁଚିକର ଓ ପ୍ରୀତିକର ଏବଂ ହେବୁଁ ଶକ୍ତିର ଆଭାସରେ ଟିକିଏ ଆଭାନ୍ୱିତ ହେବାରୁ ସମାଜର ନେତୃତ୍ୱ ସେମାନଙ୍କ ହାତରେ ଯଦିବା ବିଚିତ୍ର ନୁହେଁ, ମାତ୍ର ଏଭଳି ନେତୃତ୍ୱ ଅଧିକରେ ଭୟାବହ । ଏହା ନିଶ୍ଚୟ ଯେ ସାଧାରଣ ଲୋକେ ସେମାନଙ୍କ କଥାରେ ଭୁଲିବେ ଏବଂ ଅନତି ବିଳମ୍ବରେ ନିମ୍ନଗାମୀ ହେବେ । ଏହି ଦଳର ଲୋକମାନଙ୍କର ବୁଦ୍ଧି ବୃତ୍ତି ଅଛି ସତ୍ୟ, କିନ୍ତୁ ତାହାର ଏପରି ସ୍ୱାର୍ଥ ସମ୍ପର୍କ ଯୁକ୍ତ ଅସଦ୍ ବ୍ୟବହାରରେ ସମାଜ ଯେ କିପରି କ୍ଷତିଗ୍ରସ୍ତ ହେବ ଏବଂ ସେମାନଙ୍କର ଏପରି ହୀନ ସମାଜର ନେତୃତ୍ୱରେ କି ପରିଣାମ ହେବ, ତାହା ବିଚାରି ସେମାନଙ୍କର ସାବଧାନ ହେବା ଉଚିତ ।

Digitized by PPRACHIN, SOA

୩। ଶେଷତଃ ଆମ୍ଭେମାନେ ତୃତୀୟ ଦଳର ବିଷୟ ଟିକିଏ ଆଲୋଚନା କରିବୁଁ। ଏହା ଅଛୁଁ ଠାରୁ ହେବୁଁ ଆଡ଼କୁ ଯିବାକୁ ତୃତୀୟ ସୋପାନ। ଏହା ଫଳତଃ ଅଛୁଁ ଓ ହେବୁଁର ସନ୍ଧିସ୍ଥଳ। ଅଛୁଁ ସମ୍ପୂର୍ଣ୍ଣ ଛାଡ଼ି ନାହିଁ କିନ୍ତୁ ହେବୁଁ ଆସି ପଡ଼ିଅଛି, ଏପରି ଅବସ୍ଥାରେ ଏହାର ଉତ୍ପତ୍ତି ଓ ଅବସ୍ଥିତି। ଏ ଦଳର ଲୋକମାନେ ସ୍ୱାଧୀନ ଚିନ୍ତାଶୀଳ ହେଲେ ହେଁ ଏମାନଙ୍କଠାରେ ନୈତିକ ସାହସ ସମ୍ପୂର୍ଣ୍ଣ ବିକାଶ ପାଇନାହିଁ। ଏମାନେ କ'ଣ କରିବା ଉଚିତ ତାହା ଏକ ପ୍ରକାର ଜାଣନ୍ତି ଏବଂ ସମାଜର ପରିବର୍ତ୍ତନର ଆବଶ୍ୟକତା ଅନୁଭବ କରନ୍ତି। କିନ୍ତୁ କେତେବେଳେ ବା ନୈତିକ ଭୀରୁତା, କେତେବେଳେ ବା ଅନ୍ୟ କୌଣସି ସାଂସାରିକ ବିଚାର (Prudence) ସେମାନଙ୍କୁ ଅଛୁର ଆଧିପତ୍ୟରେ ଆଣି ପକାଇ ଦିଏ। ହିନ୍ଦୁ ସମାଜରେ ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଅଛନ୍ତି, ବିଭିନ୍ନ ଦେଶର ସଭ୍ୟତା ଓ ପୃଥିବୀର ସାମାଜିକ ସଭ୍ୟତାଦିର ଇତିହାସ ସଙ୍ଗେ ଯେଉଁମାନଙ୍କର ପରିଚୟ ଅଛି ସେମାନେ ନ୍ୟୂନାଧିକ ପରିମାଣରେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସାମାଜିକ ପରିବର୍ତ୍ତନ ଓ କୁସଂସ୍କାର ନିରାକରଣର ଉପକାରିତା ବୁଝନ୍ତି। କିନ୍ତୁ ନିଜେ ନିଜେ କରିବାକୁ ସାହସ ଥିଲେହେଁ ସାମାନ୍ୟ ସାମାନ୍ୟ ସ୍ୱାର୍ଥ ସେମାନଙ୍କର ପଥରୋଧ କରେ। ପ୍ରସବ କଲାବେଳେ କାନରେ ପଇତା ନ ଦେଇ ବସିଗଲେ ଯେ କିଛି ବିଶେଷ ପାପ ହୁଏନାହିଁ, ତାହା ଅନେକ ବ୍ରାହ୍ମଣ ଶିକ୍ଷା ଓ ସ୍ୱାଧୀନ ଚିନ୍ତାଶକ୍ତିବଳରେ ଜାଣନ୍ତି, କିନ୍ତୁ ଜାଣିବା ଅନୁସାରେ କାର୍ଯ୍ୟ ଆରମ୍ଭ କଲେ କାଳେ ସମାଜରୁ ଆଧିପତ୍ୟ ଚାଲିଯିବ, ଏହା କି ଦେହ ଧରେ ? ଜନ୍ତୁ ବା ଜଡ଼ଜଗତରେ ହେଉ ପଛକେ ଆଧିପତ୍ୟର ଆଭାସ ମନୁଷ୍ୟର ବାଞ୍ଛନୀୟ। ଆହେ ! ସମାଜକୁ ଅନ୍ଧ କରି ରଖି ନିଜେ ଜଡ଼ଜଗତରେ ଆଧିପତ୍ୟ ସ୍ଥାପନ କଲାପରି ଜଡ଼ ସମାଜରେ ସମ୍ମାନ ଦାବି କରିବାଦ୍ୱାରା ମନୁଷ୍ୟ କି ପ୍ରୀତି ବା ଶାନ୍ତି ଲାଭକରେ, ତାହା ସେହି କେବଳ ଜାଣେ। କିନ୍ତୁ ଆମ୍ଭେମାନେ କହୁ, ତାହା ପ୍ରୀତି ବା ଶାନ୍ତି ନୁହେ, ତାହା ମୋହ। ସାମାଜିକ ଆଧିପତ୍ୟ ଗୁଣରେ ତାହା ଦାବି କରାଯାଏନାହିଁ—ଆସିବାର ଉଚିତ ହେଲେ ନିଜେ ଆସେ। ଏପରି ଅବସ୍ଥାରେ ଏ ଆଧିପତ୍ୟରେ କି ସ୍ୱାର୍ଥ ବା ସୁଖ ଅଛି ? କିନ୍ତୁ ସେପରି ଉନ୍ନତ ସ୍ୱାର୍ଥ ବା ସୁଖ ନଥିଲେହେଁ ସମାଜ ଯେତେବେଳେ ଜଡ଼ ଅଛି, ଯେତେଦିନ ମନୁଷ୍ୟର ସ୍ୱାଧୀନବୃତ୍ତି ବିକଶିତ ହୋଇନାହିଁ, ତେତେଦିନ କେତେଗୁଡ଼ିଏ ଚଳତ୍ ଦ୍ରବ୍ୟ ବା ଯନ୍ତ୍ରର ବ୍ୟବହାରରେ ମନୁଷ୍ୟର ଯେ ସାଂସାରିକ ସୁବିଧା ଥାଏ ସେମାନଙ୍କର ଏହି ସାମାଜିକ ଅଧିକାରରେ ସେହି ସୁବିଧା ଥିବା ନିତାନ୍ତ ଅସ୍ୱାଭାବିକ ନୁହେଁ ଏବଂ ସେ ଲୋଭ ମଧ୍ୟ ମନୁଷ୍ୟ ପକ୍ଷରେ ସାଧାରଣ ସ୍ୱାର୍ଥାନ୍ଧ ସଂସାରୀ ପକ୍ଷରେ ନିତାନ୍ତ ହେୟ ନୁହେଁ। ଏଠାରେ କିନ୍ତୁ ଗୋଟିଏ କଥା ଜାଣିରଖିବାର ଆବଶ୍ୟକ। ସମାଜରେ ଯେଉଁମାନେ ଏପରି ଅଧିକାର ଦାବି କରନ୍ତି, ସେମାନେ ଯେ ସର୍ବଦା ସେହି ଅଧିକାରର ବିଶ୍ଲେଷଣ କରି ଏହି ସାଂସାରିକ ସୁବିଧାର ସମ୍ଭାବନାରେ ରକ୍ଷଣଶୀଳ ହୁଅନ୍ତି ତାହା ନୁହେଁ, ଏସବୁ ଅନେକ ସମୟରେ ସମ୍ଭାବନାରେ ରକ୍ଷଣଶୀଳ ହୁଅନ୍ତି ତାହା ନୁହେଁ,

Digitized by PPRACHIN, SOA

ଏସବୁ ଅନେକ ସମୟରେ ଅଭ୍ୟାସ ହେତୁରୁ ଏପରି ଦୃଢ଼ଭାବରେ ସେମାନଙ୍କ ପ୍ରକୃତି ସହିତ ସଂଶ୍ଳିଷ୍ଟ ଥାଏ ଯେ ତାହା ଦୂର କରିବା ସେମାନଙ୍କ ପକ୍ଷରେ ପ୍ରାୟଶଃ ଅସମ୍ଭବ । ସ୍ଥୂଳତଃ ଏସବୁ ବିଶ୍ଳେଷଣ ପ୍ରକ୍ରିୟାର ଉପାଦାନ ତାହା ମଧ୍ୟରେ ଥିଲେହେଁ, ସମସ୍ତେ ତାହା ସର୍ବଦା ଜାଣନ୍ତି ନାହିଁ । ତାହା ଏକପ୍ରକାର ମନୁଷ୍ୟର ପ୍ରକୃତିଗତ ହୋଇପଡ଼ିଥାଏ ।

ଅଭ୍ୟାସ ହେତୁରୁ ପ୍ରକୃତିଗତ ହେଉ କିମ୍ୱା ବିଚାର ଓ ବିଶ୍ଳେଷଣ ପ୍ରଭାବରେ ସ୍ପଷ୍ଟତଃ ଚିନ୍ତା ରାଜ୍ୟଗତ ହେଉ, ଏହିପରି ଦିନେ ମୋହରେ ପଡ଼ି ଲୋକ ଅନେକ ସମୟରେ ସ୍ୱାଧୀନ କାର୍ଯ ପଥରୁ ବିଚ୍ୟୁତ ହୁଏ ।

ଅନ୍ୟପକ୍ଷରେ ଯେଉଁମାନେ ସମାଜକୁ ଭୟକରି ନିଜ ମନ କଥା ମନରେ ରଖି ସର୍ବଦା ପରିବର୍ତ୍ତନ ପ୍ରଚାର ଉପାୟ ଖୋଜୁଥାନ୍ତି, ଏଠାରେ ସେହିମାନେହିଁ ଦେଶ ବା ବ୍ୟକ୍ତିର ନିୟାମକ ଓ ପୋଷକ । ସେମାନେ କିଛି ନ କରନ୍ତୁ, ତଥାପି ସେମାନଙ୍କ ଶକ୍ତି କ୍ରମେ କ୍ରମେ ସମାଜକୁ ଉନ୍ନତ କରାଉଥାଏ । ସେମାନେ ପୂର୍ଣ୍ଣ ଭାବରେ ନ କଲେ ହେଁ, ହେବୁ ଶକ୍ତିର ବିକାଶ କ୍ରିୟାରେ କିଞ୍ଚିତ୍ ସାହାଯ୍ୟ କରନ୍ତି । ସ୍ୱୀକାର କରିବାକୁ ହେବ ସେମାନଙ୍କଠାରେ ମନୁଷ୍ୟତା ନୈତିକ ସାହସର ଅଭାବ ଥାଏ ସତ୍ୟ, କିନ୍ତୁ ସେମାନେ ତାହା ଜାଣନ୍ତି– ଏକ ପ୍ରକାର ଆତ୍ମପ୍ରବଞ୍ଚନା ରୂପକ ପାପକୁ ଚନ୍ଦନ ପରି ବୋଲି ହୁଅନ୍ତି ନାହିଁ । ପୁଣି ସେମାନଙ୍କ ମଧ୍ୟରେ ଆଉ ଏକ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନେ ନୀତିକୁ ଜଳାଞ୍ଜଳି ଦେଇଥାନ୍ତି ଏବଂ କଦାପି ନୀତିର ଅନୁବର୍ତ୍ତନ କରିବାର କଳ୍ପନା ସୁଦ୍ଧା ରଖିନଥାନ୍ତି । ସେମାନେ ଜାଣନ୍ତି, ଦୁର୍ବଳତା ସ୍ୱୀକାର କରୁଥିଲେ ନିଶ୍ଚିନ୍ତ ହୋଇ ସାଂସାରିକ ଅଣୁସୁଖରେ କାଳଯାପନ କରିପାରିବେ । ସେମାନେ କେବଳ ଏହି ଦଳର ଛାୟାରେ ନିଜର ହୀନବୃତ୍ତି ଗୋପନ କରନ୍ତି । ଏଣୁ ଏମାନଙ୍କ ନୀତିକୁ ଏହି ଦଳର ନୀତିର ଅପବ୍ୟବହାର ବୋଲି ବୁଝିବାକୁ ହେବ ।

ଏ ଯେଉଁ ତିନୋଟି ବିଭାଗ କରାଗଲା, ଏହା କେବଳ ଗୋଟିଏ ସାମାଜିକ ନୀତିଗତ ବା ଆଦର୍ଶଗତ ବୁଝିବାକୁ ହେବ । ବସ୍ତୁତଃ ସମାଜରେ ଏପରି କୌଣସି ସୁନ୍ଦର ବିଚ୍ଛିନ୍ନ ବିଭାଗ ଦେଖାଯାଏ ନାହିଁ ଯେଉଁମାନେ ସାମାଜିକ କ୍ରିୟାକଳାପ ଦେଖନ୍ତି ସେମାନେ ଏହିପରି ସାମାଜିକ ନୀତିର କ୍ରମୋନ୍ନତି ଦେଖିବେ । ଏହାହିଁ ବୋଲିବାର ତାତ୍ପର୍ଯ୍ୟ । ଏକଦଳ କେଉଁଠାରେ ଶେଷହୋଇ ଅନ୍ୟ ଦଳ ନିମନ୍ତେ ସ୍ଥାନ ଛାଡ଼ିଦେଲେ ତାହା କେହି ଦେଖିପାରିବେ ନାହିଁ । ଉତ୍ତମରୂପେ ଦେଖି ବସିଲେ ଏହି ସୋପାନତ୍ରୟ ମଧ୍ୟରେ ବହୁବିଧ ସୋପାନ ରହିଅଛି । ଏପରି କି କେଉଁଠାରେ ଏକ ସୋପାନର ଶେଷ ଓ ଅନ୍ୟଟିର ଆରମ୍ଭ, ତାହା ବୁଝିବା ଅସମ୍ଭବ । ପୁଣି ଦଳବିଶେଷର ନୀତି କୌଣସିଠାରେ ଅବିଚ୍ଛିନ୍ନ ନୁହେଁ, ଯାହାକୁ ଆଜି ଏକ ଦଳର ମନୁଷ୍ୟ ବୋଲି ସ୍ଥିରକରାଯାଇପାରେ । ଅର୍ଥାତ୍ ବ୍ୟକ୍ତିବିଶେଷଠାରେ ଏକାଧିକ ଦଳର ନୀତି ଦେଖାଯାଏ । ବିଶେଷତଃ ଦ୍ୱିତୀୟ ଦଳର ମୋହିନୀ ଅଛୁ ନୀତି ନ୍ୟୂନାଧିକ ସର୍ବଦଳର ଲୋକଙ୍କୁ ଆବଦ୍ଧ କରିଅଛି । କାରଣ ସେହିଠାରେ ନିହିତ ମୂଢ଼

Digitized by PPRACHIN, SOA

ଅଛୁ ନୀତିର ସଂଘର୍ଷରେ ଜଡ଼ ରାଜ୍ୟରେ ଜୀବନ୍ତ ହୋଇଅଛି । ଯେପରିକି ନିଜର ଘୋର ନିଦ୍ରାକୁ ଯୋଗଧ୍ୟାନ ବୋଲି ପ୍ରଚାର କରି ବା ଯୁକ୍ତି ମତରେ ବିରୂପ ଦିଶୁଅଛି । ଏସବୁ କଥା ସତ୍ତ୍ୱେ ସମାଜରେ ଦେଖାଯାଏ, କୌଣସି ଦଳ ନିତାନ୍ତ ହୀନ ନୁହେଁ । ଅର୍ଥାତ୍ ସମସ୍ତ ଦଳରେ ବଡ଼ଲୋକ– ଖୁବ୍ ବୁଦ୍ଧି ସମ୍ପନ୍ନ କ୍ଷମତାଶାଳୀ ବ୍ୟକ୍ତି ଥିବାର ଦେଖାଯାଏ । ତେବେ ହିନ୍ଦୁସମାଜ ପରି ପ୍ରାଚୀନ ମୋହଗ୍ରସ୍ତ ସମାଜରେ ଦ୍ୱିତୀୟଦଳ ପ୍ରାୟଶଃ ଏହି ମହା ଉନ୍ନତିମୁଖୀ ଯୁଗରେ ମଧ୍ୟ ସାମାଜିକ ହେବୁଁ ଶକ୍ତିର ପିଣ୍ଡ ସ୍ୱରୂପ ହୋଇଅଛନ୍ତି । ଏହାର କାରଣ ଏହି ଯେ, ସେମାନଙ୍କ ମତ ସାଧାରଣର ବିଶେଷ ତୃପ୍ତିପଦ ଓ ପ୍ରୀତିକର ଏବଂ ତାହା ହେବା ମଧ୍ୟ ସ୍ୱାଭାବିକ । ଯେଉଁମାନେ ପ୍ରାଚୀନ ପଦ୍ଧତି ଛାଡ଼ିବାକୁ ଅନିଚ୍ଛୁକ, ସେମାନଙ୍କୁ ସେହି ପ୍ରାଚୀନତାର ଅଭ୍ୟାସରେ ଆମର ଥିଲା ବୋଲି ନବୀନ ମାର୍ଗରେ ପରିଚାଳିତ କରିବା ସହଜ ଓ ସ୍ୱାଭାବିକ ଏବଂ ଏଥିପାଇଁ ତୃତୀୟ ଦଳର ଶକ୍ତି କଥଞ୍ଚିତ୍ ଆବଶ୍ୟକ ହେଲେହେଁ କାର୍ଯତଃ ସେମାନଙ୍କୁ ଦ୍ୱିତୀୟ ଦଳର ନୀତିରେ ଅନେକ ସମୟରେ ଆଦୃତ ହେବାକୁ ହେଉଅଛି । ତେବେ ଏସବୁ ହେଲେ ମଧ୍ୟ ଏହା ଗୋଟିଏ ସାଂସାରିକ କୌଶଳ ଏବଂ ନୀତିରାଜ୍ୟରେ ସାଂସାରିକ କୌଶଳର ସ୍ଥାନ ନାହିଁ । ସାଂସାରିକତାରେ ରସାଣିତ ରହିପାରେ । ଆଜି ଯେଉଁମାନେ ନୀତି ବୁଝି ମଧ୍ୟ ସାଂସାରିକତାର ଆଶ୍ରୟରେ ତାହାର ପ୍ରୟୋଗ କରୁଅଛନ୍ତି, କାଲି ତାହା ସେମାନଙ୍କର ସାମାଜିକ ଉତ୍ତରାଧିକାରୀମାନେ ଯେ କେବଳ ସେହି ସାଂସାରିକତାକୁହିଁ ମୂଳନୀତି ବୋଲି ନ ଧରିବେ, ତାହା କିଏ କହିପାରେ ?

କାହାରି ପୂର୍ବେ କିଛି ନଥିଲା, ଆଜି ସବୁ ନୂତନ ଗଢ଼ିବାକୁ ହେବ ଏବଂ ଯାହା ଯେ ପୂର୍ବେ ଥିଲା ବୋଲି କହନ୍ତି, ସେମାନେ ଭ୍ରାନ୍ତ–ଏପରି ଆମ୍ଭେମାନେ କଦାପି କହୁନାହୁଁ । ପ୍ରତ୍ୟେକ ପ୍ରାଚୀନ ସମାଜରେ ଅନେକ ବସ୍ତୁ ଥିଲା ଏବଂ କୁସଂସ୍କାର ମଧ୍ୟରେ ମଧ୍ୟ ସାମାଜିକ ନୈତିକ ପାରିବାରିକ ପାରମାର୍ଥିକ ଇତ୍ୟାଦି ତତ୍ତ୍ୱ ପ୍ରଚ୍ଛନ୍ନ ଭାବରେ ରହିଅଛି– ଏହା କେହି ଅସ୍ୱୀକାର କରିପାରିବେ ନାହିଁ ଏବଂ ସେ ସମସ୍ତ ଏକାବେଳକେ ଛାଡ଼ିଦେଲେ ସମାଜ ବିଶୃଙ୍ଖଳ ହେବ । ନୂତନ ସମାଜ ଗଢ଼ିବା ପ୍ରାୟ ଅସମ୍ଭବ ହୋଇପଡ଼ିବ ।

ମନୁଷ୍ୟପରି ସମାଜର ମଧ୍ୟ ନିଜ ବୋଧଶକ୍ତିମୟ ଗୋଟିଏ ଜୀବନ ଅଛି ବୋଲି ବୁଝିବାକୁ ହେବ । ସେଥିରେ ଭବିଷ୍ୟତ ଓ ବର୍ତ୍ତମାନ କଦାପି ବିଚ୍ଛିନ୍ନ ହେବେନାହିଁ । ମାନବପରି ସମାଜର ବର୍ତ୍ତମାନ ମଧ୍ୟ ଅତୀତର ଜୀବନ୍ତ ସ୍ମୃତି ଓ ଭବିଷ୍ୟତର ଆଶାମୟୀ ସମ୍ଭାବନାରେ ପୂର୍ଣ୍ଣ । ଅତୀତର ଭୂୟୋଦର୍ଶନ ବଳରେ ଭବିଷ୍ୟତର ସମ୍ଭାବନା କରାଯାଏ ଏବଂ ତଦନୁଯାୟୀ ବର୍ତ୍ତମାନର କ୍ରିୟା ବିଧାନ କରିବାକୁ ହୁଏ । ସମାଜରେ ଅଛୁ ଶକ୍ତି ଯେପରି ଅତୀତ ସ୍ମୃତି; ହେବୁଁ ସେହିପରି ଭବିଷ୍ୟତ୍ ସମ୍ଭାବନାର ଅବତାର ସ୍ୱରୂପ । ଅତଏବ ଅଛୁ ଓ ହେବୁ କଦାପି ସମ୍ପୂର୍ଣ୍ଣରୂପେ ପୃଥକ୍ ହୋଇପାରିବେ ନାହିଁ । ଯେପରି କେବଳ କେନ୍ଦ୍ରାଭିକର୍ଷଣ ଶକ୍ତିରେ ସମସ୍ତ ଜଗତ୍ ଏକତ୍ର ଜଡ଼ୀଭୂତ ହେବ ଏବଂ ପକ୍ଷାନ୍ତରେ

Digitized by PPRACHIN, SOA

କେବଳ କେନ୍ଦ୍ରାପସାରିଣୀ ଶକ୍ତି ପ୍ରଭାବରେ ଅସୀମ ନାକ୍ଷତ୍ରିକ ଜଗତ ଛିନ୍ନଭିନ୍ନ ହୋଇ ଅନନ୍ତ ବ୍ୟୋମପଥରେ ନିରୁଦ୍ଦେଶ୍ୟ ହୋଇ ଗତି କରୁଥିବ ସେହିପରି କେବଳ ଅଛୁଁ ମାନବ ସମାଜକୁ ଜଡ଼ତା ଏବଂ କେବଳ ହେବୁ ପୁଣି ସେହି ଉଚ୍ଛୃଙ୍ଖଳତା ପ୍ରଦାନ କରିବ । ତା'ପରେ ଯେଉଁ ଦଳତ୍ରୟର ଉଲ୍ଲେଖ କରାଯାଇଅଛି, ତାହାର ପ୍ରଥମଟିରେ ମଧ୍ୟ ଦମନ ହେଲେହଁ ହେବୁର ସତ୍ତା ବିଦ୍ୟମାନ । ସେଥିରେ ମଧ୍ୟ ମାନବ ନିଜ ସମାଜରେ ଥାଇ ଉତ୍ତରୋତ୍ତର ଉନ୍ନତି ଓ ଭାବୀ ସୁଖର କଳ୍ପନା କରୁଅଛି । ଏହିପରି ପୂର୍ବପୁରୁଷମାନେ ଭଲରେ ଥିଲେ । ଆମ୍ଭେ ସେହି ପନ୍ଥା ଅନୁସରଣ କଲେ ଭଲରେ ରହିବୁ ଏହାହିଁ ସେମାନଙ୍କର ଅଭିପ୍ରାୟ । ମୁହୂର୍ତ୍ତକପାଇଁ ଯଦି ସେମାନେ ଜାଣନ୍ତେ ଏଥିରେ ସେମାନଙ୍କର ଅବନତି ହେବ, ତେବେ କଦାପି ସେ ନୀତିର ଅନୁବର୍ତ୍ତନ କରନ୍ତେ ନାହିଁ । ଅତଏବ ଯାହା ଭଲ ଥିଲା ବୋଲି ଆମ୍ଭେମାନେ ସ୍ପଷ୍ଟତଃ ପ୍ରମାଣ କରି ଜାଣୁଅଛୁଁ ସେ ସବୁର ପ୍ରତିଷ୍ଠା ପାଇଁ ଚେଷ୍ଟା କରିଥାନ୍ତି ବୋଲି ଦ୍ୱିତୀୟ ଦଳ କୁହନ୍ତି । ହେବୁଁ ଶକ୍ତିର ତୀବ୍ରତା ମଧ୍ୟରେ ମଧ୍ୟ ସେସବୁ ପ୍ରତିଷ୍ଠାନର ଉଦ୍ୟମ କେହି ଛାଡ଼ିବାକୁ ଉପଦେଶ ଦେବେ ନାହିଁ ତାହାହେଲେ ହେବୁଁ ଶକ୍ତି ବରାବର ଅଛୁଁ ବିହୀନ ହୋଇ ଅନୀତିରେ ପରିଣତ ହେବ ।

କିନ୍ତୁ ଦୁଃଖର ବିଷୟ ଅଛୁ ମଧ୍ୟରେ ଯେ ତୀବ୍ର ଆବର୍ଜନାମାନ ରହିଅଛି, ତହିଁରେ ସନ୍ଦେହ ନାହିଁ ଏବଂ ଲୋକେ ରକ୍ଷଣଶୀଳତାରେ ଅନ୍ଧ ହୋଇ ସେ ସବୁକୁ ମଧ୍ୟ ପୁଣ୍ୟ ଅର୍ଥରେ ରଞ୍ଜିତ ଓ ପ୍ରୀତିଯୁକ୍ତକରି ନିଜନିଜକୁ ମୁଗ୍ଧ କରିବାରେ ତତ୍ପର । ବ୍ରାହ୍ମଣମାନେ କପାଳରେ ତପ କରି ଆସୁଅଛନ୍ତି । ଅତଏବ ତାହା ନିଶ୍ଚୟ ମାନବର ମୁକ୍ତିମାର୍ଗ ପରିଷ୍କାର କରିବ ଇତ୍ୟାଦି ଯୁକ୍ତି ଅତୀବ ମୋହକର ଓ ଜଘନ୍ୟ । ଅନେକ ସ୍ଥଳରେ କାରଣ ଅନୁସନ୍ଧାନ କରି ନିରସ୍ତ ହୋଇ ମଧ୍ୟ ଏଥିରେ କିଛି ଥିବ ବୋଲି ଲୋକେ ଆଉ ପ୍ରତାରଣାର ଆଶ୍ରୟ ନିଅନ୍ତି ଏବଂ ଦେଖାଯାଇଅଛି ସେତିକିରେ ବଂଶାନୁକ୍ରମେ ସନ୍ତୋଷ ଲାଭକରି ମାନବର ସ୍ୱତନ୍ତ୍ର ଅଧିକାର ସେହି ସ୍ୱାଧୀନ ଗବେଷଣା ପ୍ରବୃତ୍ତିରୁ ବିଚ୍ଛିନ୍ନ ହୋଇପଡ଼ିଅଛି ।

କେବଳ ସେତିକି ନୁହେଁ । କେବଳ ପୁରୁଣା କଥାରେ ଭଲ ଅଛି ଏବଂ ତାହାର ପୋଷଣ ସର୍ବଥା ବାଞ୍ଛନୀୟ, ଏଭଳି କହି ସେମାନେ ସନ୍ତୁଷ୍ଟ ହୁଅନ୍ତି । ସେମାନେ ସମୟସମୟରେ ସମାଜକୁ ଆଉ ଗୋଟିଏ ଉଗ୍ରତର ବିଷଜ୍ୱାଳାରେ ଜର୍ଜରିତ କରନ୍ତି । ତାହାର ଫଳରେ ସମାଜ କାଳେ କାଳେ ରୁଗ୍ଣ ହୋଇ ପଡ଼ିରହେ । ସେମାନେ କହନ୍ତି ଯାହା ନୂଆ ତାହା ସମାଜର ଅମଙ୍ଗଳକର । ଯାହା ଥିଲା ଯେ କେବଳ ଭଲ ଥିଲା ଏତିକି ନୁହେଁ, ତାହାଠାରୁ ଅଧିକ ଭଲ କିଛି ହୋଇନପାରେ ଏବଂ ସେତିକିରେ ସମାଜର ଆବଶ୍ୟକତା ସୀମାବଦ୍ଧ ଓ ସମ୍ପୂର୍ଣ୍ଣ । ଯାହା ନୂତନ ଆବଶ୍ୟକନେଇ ବୋଧହେଉଅଛି ତାହା ନିଶ୍ଚୟ ସମାଜର ପ୍ରାଚୀନ ପଦ୍ଧତିରେ ଥିବ । ଯଦି ଆମ୍ଭେମାନେ ପାଉନାହିଁ ତେବେ ଆମ୍ଭେମାନେ ମୂର୍ଖ ଓ ଅକର୍ମଣ୍ୟ । ଆମ୍ଭେମାନେ ଏପରି ହୀନ ହେବା ଏହା ତ ପୂର୍ବପୁରୁଷ ଜାଣିନଥିଲେ, ସେଥିପାଇଁ ସେମାନେ ତାହାକୁ ସ୍ପଷ୍ଟ ଭାବରେ ଲେଖିଯାଇ ନାହାନ୍ତି ।

Digitized by PPRACHIN, SOA

ଅତଏବ ଯେତେଦିନ ଆମ୍ଭେମାନେ ଏହିପରି ମୂର୍ଖ ଥିବୁ ସେତେଦିନ ପତିତ ରହିବୁ ଏବଂ କିଛି ନୂତନ କରିବା ଆମ୍ଭମାନଙ୍କ କ୍ଷେତ୍ରରେ ଯେ ସର୍ବଥା ଅବିଧେୟ ଓ ଅସିଦ୍ଧ । ଏହା ଚରମ ସିଦ୍ଧାନ୍ତ । ସେମାନେ କହିବେ ନାହିଁ ଯେ ଆମ୍ଭେମାନେ କେବେ ବିରତ ଓ ଅକର୍ମଣ୍ୟ ହେବୁଁ, କାରଣ ସେ ତ ଆମ୍ଭ ଅଦୃଷ୍ଟ ବା ଭଗବାନଙ୍କ ମାୟା ବା ଦେବଙ୍କ କୂଟ । ଏହିପରି କେତେ ଅଦୂରଦର୍ଶନତାର ପ୍ରମାଣ ସ୍ୱରୂପ ଅକାଟ୍ୟ ବିତଣ୍ଡା ଯୁକ୍ତି ସ୍ଥବିର ପୁରାଣ ସମାଜ ସବୁରେ ଶୁଣିବାକୁ ମିଳେ– ତାହା ହିନ୍ଦୁର ଅବିଦିତ ନୁହେଁ ।

ଏପରିକି ମାନବ ସଭ୍ୟତା ଓ ପରିଦର୍ଶନ ବଳରେ ଆଜି ଯେଉଁ ବୈଜ୍ଞାନିକ ଆବିଷ୍କାର ସବୁ କରୁଅଛି, ତାହା ମଧ୍ୟ ପ୍ରାଚୀନ ପୁରୁଷମାନଙ୍କର ନଥିଲା ବୋଲି କହିଲେ ଏକ ଦଳର ଲୋକେ ଖଡ୍‌ଗହସ୍ତ ହେବେ । କବିକଳ୍ପନା ପ୍ରସ୍ତୁତ ରାମାୟଣର କୁବେରଙ୍କ ପୁଷ୍ପକ ସେମାନଙ୍କ ଚକ୍ଷୁରେ ଆଜି ପୂର୍ବପୁରୁଷମାନଙ୍କ ମାନସନିୟନ୍ତ୍ରିତ ବ୍ୟୋମଯାନ । ବିଷ୍ଣୁଙ୍କର ଗରୁଡ଼ ସ୍ମରଣ ଓ ଗରୁଡ଼ଙ୍କର ଶ୍ରବଣ ପ୍ରାଚୀନ ପୁରୁଷଙ୍କର ତନ୍ତ୍ରୀହୀନ ବିଦ୍ୟୁତ ବାର୍ତ୍ତାଦି (Wireless telegraphy) ବୈଜ୍ଞାନିକ ଆବିଷ୍କାରର କ୍ଷୀଣ ଆଭାସ । ଏଭଳି ଯୁକ୍ତି ସବୁ ସମାଜର ରୋଗ ସ୍ୱରୂପ ତାହାର ପ୍ରତ୍ୟେକ ଅଙ୍ଗରେ ଦେଖାଯାଏ । ଯେଉଁ ବୈଜ୍ଞାନିକ ଆବିଷ୍କ୍ରିୟା ଓ ଉଦ୍ଭାବନ ସହିତ ଏମାନଙ୍କର ସମ୍ପର୍କ ଦେଖାଇଦିଆଯାଇଛି, ନବ୍ୟଜଗତର ସେସବୁ ଆବିଷ୍କ୍ରିୟାର ପ୍ରଚାର ପୂର୍ବେ ସବୁ କଳ୍ପନା କେଉଁଠାରେ ଥିଲା ବୋଲି ଜାଣିନଥିଲେ । କିନ୍ତୁ ଆବିଷ୍କ୍ରିୟାଦିର ପ୍ରଚାର ସଙ୍ଗେ ସଙ୍ଗେ ସେମାନେ ଯୁକ୍ତି ରାଜ୍ୟରେ ନବ ଜୀବନ ଲାଭକରେ । ଏସବୁ ଅଯଥା ମୋହ ଓ ଆତ୍ମ ପ୍ରବଞ୍ଚନା ନୁହେଁ ତ ଆଉ କ'ଣ । ପୁଷ୍ପକ ଯାନ ଗରୁଡ଼ ସ୍ମରଣ ପ୍ରଭୃତିରେ ବୈଦ୍ୟୁତିକ କ୍ରିୟା ଥାଇପାରେ । କିନ୍ତୁ ଏହି ରକ୍ଷଣଶୀଳ ଦଳ ଯେ ସବୁର କିଛି ପ୍ରମାଣ ଖୋଜି ନାହାନ୍ତି କିମ୍ବା ବୈଜ୍ଞାନିକ ଅନ୍ୱେଷଣ ପ୍ରଣାଳୀ ସଙ୍ଗେ ଏମାନଙ୍କର ସାକ୍ଷାତ୍ ନାହିଁ । ଏମାନେ କେବଳ କହନ୍ତି ଏହା ଆମ୍ଭର ଥିଲା, ଏହା ନିଶ୍ଚୟ ମହା ବୈଜ୍ଞାନିକ କ୍ରିୟାର ଅନୁଷ୍ଠାନ ହୋଇଥିବ । ତାହା ନ ହେଲେ ଆଧୁନିକ ଜଗତ ଏତେ ଆବିଷ୍କ୍ରିୟା କିପରି କରିଥାନ୍ତେ । ସେତିକି ପୂର୍ବପୁରୁଷମାନେ ଯାହା ଜାଣିନଥିଲେ ତାହା ଆଜି ମନୁଷ୍ୟ କିପରି ଜାଣିପାରେ ? ଏହି ଜଡ଼ତାପ୍ରସବିନୀ ପଶ୍ଚାତ୍‌ମୁଖୀ ନୀତିହିଁ ଏଠାରେ ଆମ୍ଭମାନଙ୍କର ସମାଲୋଚ୍ୟ ପୂର୍ବପୁରୁଷମାନଙ୍କର ବିଦ୍ୱତ୍ତା ନୁହେଁ । ଆମ୍ଭେମାନେ କହୁ, ସେମାନେ ବୈଜ୍ଞାନିକ ତତ୍ତ୍ୱାନ୍ୱେଷଣ କରି ନିଜ ନିଜ କଥା ସ୍ପଷ୍ଟ କରି ପ୍ରମାଣ କରନ୍ତୁ ଏବଂ ପୂର୍ବପୁରୁଷଙ୍କ ଯୁକ୍ତିଯୁକ୍ତ ସମ୍ମାନରେ ନିଜେ ଗୌରବାନ୍ୱିତ ହୋଇ ଜାତିର ମର୍ଯ୍ୟାଦା ଓ ବହୁମାନ ବଢ଼ାନ୍ତୁ, ସେଥିରେ କିଛି କ୍ଷତି ନାହିଁ, ବରଂ ସମାଜର ମଙ୍ଗଳ ଅଛି । ତାହା ତ ଆତ୍ମପ୍ରବଞ୍ଚନା ନୁହେଁ, ବରଂ ଆତ୍ମନିର୍ଭରଶୀଳତାର ଗୋଟିଏ ଆଶାମୟ ସ୍ମରଣ । କିନ୍ତୁ ଏ ଦଳର ଲୋକମାନଙ୍କର ଅବସ୍ଥା ତାହା ନୁହେଁ । ଏମାନେ କେବଳ ଯେନତେନପ୍ରକାରେଣ ଆପଣାକୁ ବଡ଼ ବୋଲି କହିଦେଇ ଯୁକ୍ତିର ଆଭାସରେ ନିଜକୁ ବୋଧ କରି, ଶୂନ୍ୟ ବିତଣ୍ଡାରେ ଜଗତକୁ ଭଣ୍ଡି ଶାନ୍ତିର କାମନା କରନ୍ତି । ଆମ୍ଭେମାନେ

Digitized by PPRACHIN, SOA

କହୁଁ ଏହା ଶାନ୍ତିର ଆରାମ ନୁହେଁ– ମୋହ ନିଶ୍ଚେଷ୍ଟତାର ଦୃଷ୍ଟିପ୍ରୀତିକର ରୂପାନ୍ତର ମାତ୍ର । ଏଥିରେ ଏହା ଥାଇପାରେ, ଏହା ଏପରି କାହିଁକି ହୋଇନଥିବ– ଏ ସବୁ ସମ୍ଭାବ୍ୟ କାଳର କ୍ରିୟା ବୈଜ୍ଞାନିକ ସତ୍ୟର ବିରୋଧୀ ଏବଂ ସାମାଜିକ ଜୀବନରେ ଅଛୁ ନୀତିର ଇନ୍ଦ୍ରଜାଲ ମାତ୍ର ହୋଇଥିବ, ହୋଇପାରେ, ପ୍ରଭୃତି କ୍ରିୟା ନିରପେକ୍ଷ ଜ୍ଞାନପିପାସୁର ବିଶ୍ୱାସ ରାଜ୍ୟରୁ ସର୍ବଥା ବର୍ଜନୀୟ । ଏସବୁ ଅଛୁଁର ଗୁପ୍ତଚର ଓ ସାମାଜିକ ଜଡ଼ତାର ବୀଜ । ଏସବୁର ମୋହନ ଛଟାରେ ଭୁଲିଯିବା ସାମାଜିକ ପ୍ରାଣୀ ପକ୍ଷରେ ଗୋଟିଏ ଦୁଶ୍ଚିକିତ୍ସ ସଂକ୍ରାମକ ରୋଗ । ଏହା ପ୍ରମାଣ ନୁହେଁ, ପ୍ରମାଦ, ଏହା କେବଳ ପ୍ରମାଣର ଆଭାସ ମାତ୍ର । ତେଣୁ ଏହାକୁ 'ଅଛୁ'ର ମାୟାଜାଲ କୁହାଯାଇଅଛି । ବିଶେଷତଃ ଏସବୁ ସୋପାନ ବ୍ୟାଖ୍ୟା ବେଳେ ଏକପ୍ରକାର କୁହାଯାଇଥିବାରୁ ଏଠାରେ ବେଶୀ କହିବା ଅନାବଶ୍ୟକ ।

ଏ ପର୍ଯ୍ୟନ୍ତ ସ୍ପଷ୍ଟତଃ 'ଅଛୁ' ନୀତି ସମ୍ବନ୍ଧରେ କୁହାଯାଇଥିଲା ଏବଂ ସେଥିମଧ୍ୟରେ ପ୍ରସଙ୍ଗତଃ ଯାହା କିଛି 'ହେବୁ'ର କଥା କୁହାଯାଇଅଛି ତାହା ଟିକିଏ ସ୍ପଷ୍ଟ କରି ନ କହିଲେ ପ୍ରବନ୍ଧ ଅପୂର୍ଣ୍ଣ ହେବ । ଏଥିପୂର୍ବେ କୁହାଯାଇଅଛି ଅଛୁଁ ବ୍ୟତୀତ ହେବୁଁ କିମ୍ବା ହେବୁଁ ବ୍ୟତୀତ ଅଛୁଁ କେହି ଏକାକୀ ମାନବ ପ୍ରାଣକୁ ଅନୁପ୍ରାଣିତ କରିପାରିବେ ନାହିଁ । ହେବୁଁ ବ୍ୟତୀତ ଅଛୁଁ ମାନବକୁ ପରମ୍ପରାବଦ୍ଧ ପଶୁରେ ପରିଣତ କରେ ଏବଂ ପକ୍ଷାନ୍ତରରେ ସେହିପରି ଅଛୁଁ ବ୍ୟତୀତ ହେବୁ ମାନବକୁ ଗୋଟିଏ ଉଚ୍ଛୃଙ୍ଖଳ ଅନ୍ତଃଜ୍ଞାନ ବିହୀନ ଜଡ଼ବସ୍ତୁରେ ପରିଣତ କରେ । ସମାଜ ପକ୍ଷରେ ଦୁହେଁ ସମାନ ଭାବରେ ଅହିତକାରୀ । ହେବୁ ବ୍ୟତୀତ ଅଛୁର କଥା ପ୍ରକାରାନ୍ତରେ ଆଲୋଚନା କରାଯାଇଅଛି ଏବଂ ତାହା ପଶୁ ଜଗତରେ ଅବତାର ଗ୍ରହଣ କରି ବିଦ୍ୟମାନ ଥିବାରୁ ମଧ୍ୟ ନିତାନ୍ତ ଦୁର୍ବୋଧ ନୁହେଁ । କିନ୍ତୁ ଅଛୁଁହୀନ ହେବୁଁ ପ୍ରାୟତଃ ଗୋଟିଏ ବସ୍ତୁର ସମ୍ବନ୍ଧହୀନ ପ୍ରାଣ ବିଶେଷ ପରି ବୋଧହେଉଅଛି । ଏଣୁ ତାହାର ଟିକିଏ ସ୍ପଷ୍ଟତର ବସ୍ତୁ ସମ୍ବନ୍ଧ ଆଭାସ ଦେବା ବାଞ୍ଛନୀୟ ।

ଆମ୍ଭେମାନେ ଯେତେବେଳେ ସମାଜରେ କୌଣସି ନୂତନ କ୍ରିୟାର ବିଧାନ କରିବାକୁ ଯାଉଁ, ଯେତେଦିନ ପୁରୁଣା ସମାଜକୁ ନୂଆ କରି ଗଢ଼ିବାକୁ ଯାଉଁ, ସେତେବେଳେ ସମାଜର ଅଛୁଁ ଶକ୍ତି ବାରମ୍ବାର ଆମ୍ଭମାନଙ୍କୁ ଧକ୍କା ଦିଏ । କିମ୍ବା ଅଛୁ ଶକ୍ତିର ଅତ୍ୟନ୍ତ ପୂତିଗନ୍ଧମୟ, ଆବର୍ଜନାରେ ମର୍ମାହତ ହୋଇ ପରିବର୍ତ୍ତନ ପ୍ରୟାସୀ ହେବୁ ଶକ୍ତି ତୀବ୍ରତା ଅବଲମ୍ବନ କରି ଏବଂ ସେତେବେଳେ ତାହାର ଗୋଟିଏ ପ୍ରଚଣ୍ଡ ପ୍ରମାଦରେ ପଡ଼ିବାର ଆଶଙ୍କା ଅଛି; ସେତେବେଳେ ସେ ହେବୁଁର ଅଛୁଁ ସହିତ ଘନିଷ୍ଠ ଓ ପବିତ୍ର ସମ୍ବନ୍ଧ ଅର୍ଥାତ୍ ହେବୁଁ ଓ ଅଛୁଁର ସ୍ୱାସ୍ଥ୍ୟକର (ସମାଜର ସ୍ୱାସ୍ଥ୍ୟବିଧାୟକ) ମହୀୟାନ୍ ସମନ୍ୱୟ ଏକାବେଳେକେ ଭୁଲିଯାଏ ଏବଂ କେବଳ ଅଛୁଁର ପ୍ରତିବିଧାନକୁ ହେବୁର ସାରସତ୍ତା ବୋଲି କଳ୍ପନା କରେ । ସେତେବେଳେ ସେ କେବଳ ପରମ୍ପରାଗତ ପ୍ରାଚୀନ ଅନୁଷ୍ଠାନର ଉତ୍ପାଟନରେ ବ୍ରତୀ ହୁଏ ଏବଂ ତାହାକୁହିଁ ନିଜର ସଂସ୍କାର ପ୍ରବଣତାର ଚରମ ପନ୍ଥା ଜ୍ଞାନ କରି ନିଶ୍ଚିତ ହୁଏ ।

Digitized by PPRACHIN, SOA

ସେ ସେତେବେଳେ ସମୟସମୟରେ ସୀମା ଲଙ୍ଘନ କରି ଭଲ ମନ୍ଦ ବିଚାର ନକରି କେବଳ ପ୍ରାଚୀନ ଅତଏବ ହୀନ ଏହି ନୀତିର ଅନୁସରଣ କରିବାପାଇଁ ଚାଲିଯାଏ ଏବଂ ଏହା ଭଲ ନୁହେଁ ଏହା ସମାଜର କ୍ଷତି ବିଧାୟକ ଇତ୍ୟାଦି ବିଚାରରେ କେବଳ ଅନୁଷ୍ଠାନମାନଙ୍କର ଧ୍ୱଂସ କ୍ରିୟାରେ ପ୍ରବୃତ୍ତ ହୁଏ । ଏଥିରେ ସମାଜର ଗୋଟିଏ ବଡ଼ ଭୀଷଣ ଅବସ୍ଥା ଉପସ୍ଥିତ ହୁଏ । ଲୋକେ ସଂସ୍କାରକଙ୍କ ମନ୍ତ୍ରଣା ବା ଶକ୍ତିରେ ବିଚଳିତ ପ୍ରାଚୀନ ରକ୍ଷଣଶୀଳ ଅଛୁ ପନ୍ଥା ଛାଡ଼ନ୍ତି । ତାଙ୍କର ଯାହା ଥିଲା ସବୁ ଶୂନ୍ୟ ହୁଏ ସତ୍ୟ କିନ୍ତୁ ଶୂନ୍ୟସ୍ଥାନ ପୂରଣ କରିବାକୁ ଆଉ କିଛି ନାହିଁ । ସେମାନେ ଚିରପୋଷିତ ବାସନା ଓ ବିଶ୍ୱାସରୁ ବିଚ୍ୟୁତ ହୁଅନ୍ତି । କିନ୍ତୁ ନୂତନ ବାସନା ପ୍ରସ୍ତୁତ କରିବା କିମ୍ବା ନୂତନ ବିଶ୍ୱାସ ସ୍ଥାପନ କରିବାକୁ କିଛି ପାଆନ୍ତି ନାହିଁ । ଏହାର ଫଳରେ ସମାଜ ଅତି ଅଳ୍ପକାଳ ମଧ୍ୟରେ ଛାରଖାର ହୋଇଯାଏ ।

ଦୃଷ୍ଟାନ୍ତ ସ୍ୱରୂପ ଫରାସୀ ରାଷ୍ଟ୍ର ବିପ୍ଳବରେ ଅନେକ ପରିମାଣରେ ସାମାଜିକ ମାନବ ଏହି ଚିତ୍ର ଦେଖିପାରେ । ଫ୍ରାନ୍ସର ଜାୟଗିରତନ୍ତ୍ର (Feudalism) ଅଧୀନରେ ଲୋକେ ଜାୟଗିରଦାରମାନଙ୍କ ଯଥେଚ୍ଛା ଚାରରେ ଅତିଶୟ ଦୁରବସ୍ଥାପନ୍ନ ହେଲେ । ରାଜା କେତେବେଳେ ସ୍ୱୀୟ ପ୍ରଜାଙ୍କର ଭୀଷଣ ନିର୍ଯ୍ୟାତନାଦ୍ୱାରା ରାଜକୋଷ ପୂର୍ଣ୍ଣକରି ରାଜ୍ୟରେ ଶୃଙ୍ଖଳା ରଖିବାର ଉଦ୍ୟମ କରୁଥିଲେ । ପୁଣି କେତେବେଳେ ସେହି ଜମିଦାରମାନଙ୍କର କ୍ରୀଡ଼ାପୁତ୍ତଳିକା ପରି ସମ୍ପୂର୍ଣ୍ଣ ଉଦାସୀନ ରହି ପ୍ରଜାଙ୍କ ଅବସ୍ଥା ପ୍ରତି ଦୃକ୍‌ପାତ କଲେ ନାହିଁ । ଧନୀ ଜମିଦାରମାନେ ବିଳାସ ବ୍ୟସନରେ ପ୍ରମତ୍ତ ଥାଇ ଯେପରିକି ଚିର ଦୁର୍ଭିକ୍ଷପୀଡ଼ିତ ଶୀର୍ଣ୍ଣକାୟ ପ୍ରଜାବର୍ଗର ହୃଦୟର ରକ୍ତ ପର୍ଯ୍ୟନ୍ତ ଶୋଷଣ କରିବାକୁ ଲାଗିଲେ । ଭିକ୍ଷାପାତ୍ରହସ୍ତ ପ୍ରଜାବର୍ଗ ବାରମ୍ବାର ଧନୀ ଦ୍ୱାରା ତୀବ୍ର ବିତାଡ଼ନ ସହି ସହି ସାମାନ୍ୟ ଉଦରାନ୍ ବିନା ଦଳ ଦଳ ହୋଇ ପ୍ରାଣତ୍ୟାଗ କଲେ । ଉର୍ବର ଭୂମି ପତିତ ରହିଲା । ପ୍ରଜାବର୍ଗ ନିଃସ୍ୱ ଓ ଗୃହଶୂନ୍ୟ ହେଲେ । ଦୁର୍ଭିକ୍ଷ ପ୍ରଜାମାନଙ୍କ ଦ୍ୱାରରେ କରାଳ ମୁଖ ବ୍ୟାଦାନ କରି ଚାହିଁ ରହିଲା । ତଥାପି ଧନୀ ଜମିଦାରଙ୍କ ଆସନ ବ୍ୟସନାଳୟରେ ଅବିଚଳିତ । ବରଂ ସେମାନେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ କରିବାକୁ ଛାଡ଼ିଲେ ନାହିଁ । ରାଜସ୍ୱ ପରିବର୍ତ୍ତରେ ପ୍ରାଣ ଦେଇ ମଧ୍ୟ ପ୍ରଜାଙ୍କର ନିଷ୍କୃତି ନାହିଁ । ଆଉ ମାନବ ପ୍ରକୃତି କେତେଦିନ ଏ ଯନ୍ତ୍ରଣା ସହିପାରେ ? ଚାହୁଁଚାହୁଁ ପ୍ରଜାର ସେହି କଙ୍କାଳ ମାତ୍ର ବିଶେଷରୁ ବ୍ୟକ୍ତି ଜାଗି ଉଠିଲା । ପ୍ରକୃତିର ପ୍ରତିବିଧାନ ମୁହୂର୍ତ୍ତ ମଧ୍ୟରେ ଦାବାଗ୍ନିପରି ପ୍ରଜାବର୍ଗ ମଧ୍ୟରେ ପ୍ରଜ୍ୱଳିତ ହୋଇଉଠିଲା ଏବଂ ପରମ୍ପରାଗତ ପ୍ରଥା ପ୍ରତି ସେମାନଙ୍କର ଯେ ଘୋର ବିଜାତୀୟ ବିଦ୍ୱେଷ ଓ ଘୃଣା ଏତେଦିନ ଗୋପନରେ ପୁଷ୍ଟ ହେଉଥିଲା, ତାହା ବଳରେ ସମସ୍ତ ପ୍ରାଚୀନ ଅନୁଷ୍ଠାନ ଏକାବେଳକେ ଜଘନ୍ୟ ବୋଲି ବିଚାରିତ ହେଲା । ଜନସଂହତି ଉଚ୍ଛୃଙ୍ଖଳ ଓ ବିଶୃଙ୍ଖଳ ହେଲା । ନୈତିକ ସଂଯମର ବନ୍ଧନ ପର୍ଯ୍ୟନ୍ତ ପରିତ୍ୟାଗ କରି ବ୍ୟକ୍ତିଗତ ସ୍ୱାଧୀନତା ଉନ୍ମୁକ୍ତ ଓ ଉଲଙ୍ଗ ପ୍ରାୟ ହେଲା ଏବଂ ଫଳରେ ସେଥିରେ

Digitized by PPRACHIN, SOA

ଯେଉଁସବୁ ଭୀଷଣ ଲୋମହର୍ଷକ କାର୍ଯମାନ ଅନୁଷ୍ଠିତ ହୋଇଥିଲା, ତାହା ଫରାସୀ ଜାତିର କଳଙ୍କ ରେଖାରେ ଚିତ୍ରିତ କରି ରଖିଅଛି ଏବଂ ପ୍ରକୃତ ପକ୍ଷରେ ଫରାସୀ ଜାତିକୁ ତାହାର ଫଳ ସ୍ୱରୂପ ଏକ ନୂତନ ସାମାଜିକ ଜୀବନ ଆରମ୍ଭ କରିବାକୁ ହୋଇଅଛି । ଇତିହାସର ପାଠକମାତ୍ରେ ଜାଣନ୍ତି କିପରି ବିଦ୍ରୋହ ସମୟରେ ଓ ତତ୍ପର କିଛିଦିନ ପାଇଁ ଫ୍ରାନ୍ସରେ ବିଶୃଙ୍ଖଳ ଆଦିମ ଅବସ୍ଥା ଉପସ୍ଥିତ ହୋଇଥିଲା ଏବଂ କିପରି ସେହି ନୀତିହୀନ ଚହଳ ପରେ କ୍ରମଶଃ ପ୍ରାକୃତିକ ପ୍ରଣାଳୀରେ ଉନ୍ନତିର ଅଧୀନ ହୋଇ ଫରାସୀ ଜାତି ଓ ସମାଜ ଆଉ ଥରେ ନିଜକୁ ମୂଳରୁ ନୂତନ ଆକାରରେ ଗଢ଼ିବାକୁ ବସିଅଛି ।

ଭାରତବର୍ଷରେ ମଧ୍ୟ ଦୃଷ୍ଟାନ୍ତ ସ୍ୱରୂପ ଅନ୍ୟାନ୍ୟ ଘଟନା ମଧ୍ୟରେ ବୈଷ୍ଣବ ସମାଜ ଓ ନବ ଇଂରାଜୀ ଶିକ୍ଷିତ ହିନ୍ଦୁ ଯୁବକମାନଙ୍କ କଥା ଉଲ୍ଲେଖ କରାଯାଇପାରେ । ଭେଦ ମନ୍ତ୍ର ପ୍ରଚାର ପ୍ରବଣ ସ୍ମୃତିର କଠୋର ଶାସକ ଜୀବନର ସାଧାରଣ କ୍ରିୟା ପର୍ଯ୍ୟନ୍ତ ନିୟମରେ ବାନ୍ଧିଥିଲା ଏବଂ ସେଥିରୁ କୌଣସି ପ୍ରକାରେ ଟିକିଏ ବିଚଳିତ ହେଲେ ଲୋକ ସମାଜରୁ ବିତାଡ଼ିତ ହେଉଥିଲା । ସ୍ୱାଧୀନ ମାନବପ୍ରାଣ ଯେତେବେଳେ ଏ ବନ୍ଧନର ଦୃଢ଼ ଗ୍ରନ୍ଥିରେ ଅତ୍ୟନ୍ତ ଜର୍ଜରିତ ହେଲା, ସେତେବେଳେ ମହାତ୍ମା ଚୈତନ୍ୟ ପ୍ରକୃତିର ସେହି ଶକ୍ତିର ମହା ପ୍ରତିବିଧାନର ଅବତାର ଗ୍ରହଣ କରି ସାମ୍ୟନୀତି ଓ ସ୍ୱାଧୀନ ବୃତ୍ତିର ଜୟ ପ୍ରଚାର କଲେ । କିନ୍ତୁ ଅଲଙ୍ଘ୍ୟ ପ୍ରାକୃତିକ ନିୟମରେ ସେହି ମହୀୟସୀ ସାମ୍ୟନୀତି ଓ ସ୍ୱାଧୀନ ବୃତ୍ତିର ଚାହୁଁଚାହୁଁ ଯେ ଅପବ୍ୟବହାର ହେଲା ଆଜି ପର୍ଯ୍ୟନ୍ତ ଭାରତ ସମାଜର ଅଙ୍ଗପ୍ରତ୍ୟଙ୍ଗ ତାହାର ବିଷମୟ ଫଳ ବିଶଦଭାବରେ ଧାରଣ କରି ରଖିଅଛି ।

ଅନ୍ୟତ୍ର ନବ ଇଂରାଜୀ ଶିକ୍ଷିତ ଯୁବକ ଦଳର ଅବସ୍ଥା ତଦନୁରୂପ ଥିଲା ଏବଂ ଫଳରେ ସୁପରିଚିତ ପ୍ରସିଦ୍ଧ ଆଇନ୍ ଅଧ୍ୟାପକ ଗୋଲାପଚନ୍ଦ୍ର ସରକାର ଶାସ୍ତ୍ରୀଙ୍କ ଭାଷାରେ କହିଲେ (In Calcutta fifty years ago no man was considered a gentleman who did not had a mistress.)– ପଚାଶ ବର୍ଷ ପୂର୍ବେ କଲିକତାରେ ବେଶ୍ୟା ନରଖିଲେ କେହି ଭଦ୍ରଲୋକ ମଧ୍ୟରେ ପରିଗଣିତ ହେଉନଥିଲେ । ତାହା ଛଡ଼ା ପ୍ରାଚୀନ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ଲୋକଙ୍କ ମଧ୍ୟରେ ମଦ୍ୟର ପ୍ରଚାର ଓ ଅନ୍ୟାନ୍ୟ ହୀନ କୁକ୍ରିୟା ମଧ୍ୟ ଏହି ଶୂନ୍ୟ 'ହେବୁ' ନୀତିର ଫଳ । ଏପରିକି ଲୋକେ ଗୋମାଂସ ଓ ମଦ ଖାଇ ଖାଇ ଏବଂ ସେହି କଥା ମୁହଁରେ କହି କହି କଲିକତା ଦାଣ୍ଡରେ ବୁଲିବା ଦ୍ୱାରା ନିଜକୁ ସଭ୍ୟ ଏ ସଂସ୍କାରକ ମନେକରିବା କଥା ବଙ୍ଗ ସାହିତ୍ୟରେ ବହୁତ ଦେଖିବାକୁ ମିଳେ । ବିଶେଷତଃ ମାଇକେଲଙ୍କ ଜୀବନ ଚରିତ ଓ ଏଡୁଭାୟାର ବର୍ଣ୍ଣନା ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସାମାନ୍ୟ ଓଡ଼ିଶାରେ ମଧ୍ୟ ପ୍ରଥମ ଇଂରାଜୀ ଶିକ୍ଷିତ ବ୍ୟକ୍ତିଙ୍କର ଅଭ୍ୟାସ ଓ ଚରିତ୍ରର ଆଦର୍ଶ ପ୍ରତି ଟିକିଏ ସାମାନ୍ୟ ଭାବରେ ଅବଧାନ ଦେଲେ ସତ୍ୟଟି କଥଞ୍ଚିତ ପ୍ରତିପନ୍ନ ହୋଇପାରିବ ।

Digitized by PPRACHIN, SOA

ସେଥିପାଇଁ କଥା ଅଛି, ଘରଟି ଗଢ଼ିବାଠାରୁ ଭାଙ୍ଗିବା ସହଜ । ତେଣୁ ଯଦି ନୂଆ ଘର ତୋଳିବା ଉଦ୍ଦେଶ୍ୟ ହୁଏ, ତେବେ ସମସ୍ତ ଉପକରଣ ଠିକ୍ କରି ପୁରୁଣା ଘର ଭାଙ୍ଗିବାକୁ ହେବ ଏବଂ ପୁରୁଣା ଘରୁ ଉପଯୁକ୍ତ ଉପକରଣ ଯେତେ ଆୟୋଜନ କରାଯିବ ସେତେ ଅଳ୍ପ ବ୍ୟୟ ଓ ପରିଶ୍ରମରେ କାର୍ଯ୍ୟଟି ସମ୍ପନ୍ନ ହେବ । ପୁରୁଣା ଘରେ ଭଲ ଝଳାକବାଟି ନାହିଁ, କିମ୍ବା ଅନ୍ୟ କୌଣସି ଅସୁବିଧା ହେତୁରୁ ନୂଆ କରିବାକୁ ହେବ ବୋଲି ଖାଲି ଘରଟା ଭାଙ୍ଗି ପକାଇଦେଲେ, ପଡ଼ିଆ ଡିହରେ ଦୁଦୁରା ଓ ବିଛୁଆଡି ଉଠିବା ସ୍ୱାଭାବିକ— ସେଥିରେ କାହାରି ହାତନାହିଁ । ସମାଜ ମଧ୍ୟ ସେହିପରି ଗୋଟିଏ ଗୃହ । ତେଣୁ ତାହାକୁ ଭାଙ୍ଗିବା ପୂର୍ବରୁ ପୁଣି ଗଢ଼ିବାର ସରଞ୍ଜାମ ଓ ବ୍ୟବସ୍ଥା ସ୍ଥିର କରି ରଖିବା ଉଚିତ । ଏହା ଯେ କେବଳ ସମାଜପକ୍ଷରେ କୁହାଯିବ ତାହା ନୁହେଁ, ବ୍ୟକ୍ତିଗତ ଜୀବନ ଓ ମାନବର ଯେକୌଣସି କର୍ମ କ୍ଷେତ୍ରରେ ମଧ୍ୟ ଏହି ଉଦାହରଣ ଅନୁସାରେ କ୍ରିୟାବିଧି ଅନୁମାନ କରି ସାବଧାନ ହେବା ଉଚିତ । କେବଳ ଅମୁକ କଥା ବଡ଼ ଖରାପ, ତାକୁ ଛାଡ଼, ଏହା କହିଲେ ହେବନାହିଁ । ତାକୁ ଛାଡ଼ି ଏହାକୁ ଧର ବୋଲି ନକହିଲେ ମନୁଷ୍ୟ ନିଶ୍ଚୟ ଶୂନ୍ୟ ନୀତିର ଆଶ୍ରୟରେ ଶୀଘ୍ର ବିପଥଗାମୀ ହେବ । ଯେପରିକି ସମାଜର ରକ୍ତଗତ ଜାତିଭେଦ ଉଠାଇବାକୁ ଯାଇ ଯଦି କେହି କହନ୍ତି, ରକ୍ତଗତ ଜାତିଭେଦବାଦ ବଡ଼ ଅମଙ୍ଗଳକର, ଏହା ମନୁଷ୍ୟ ପ୍ରତି ଘୃଣାର ଉଦ୍ରେକ କରାଏ, ଅତଏବ ଏହା ପରିହାର୍ଯ୍ୟ ଏବଂ ଲୋକେ ଯଦି ଏତିକିରେ ରକ୍ତଗତ ଜାତିଭେଦ ଛାଡ଼ି ସମସ୍ତେ ସମାନ ଓ ମାନବ ମାନବର ଭେଦ ଅପ୍ରାକୃତ ବିଭାଗ ବୋଲି ମନେ ମନେ ସ୍ଥିରକରନ୍ତି, ତେବେ ସମାଜରେ ଗୁଣୀଜନର ଆଦର ରହିବ ନାହିଁ, ଏବଂ ସମସ୍ତେ ସହଜ ଗୁଣରେ ବୟସର କୁତ୍ସିତ ନୀତି ଅନୁବର୍ତ୍ତନ କରି ପତିତ ହେବେ । ସମାଜ ମଧ୍ୟ ପୁଣି ସେହି ଫରାସୀ ସାମ୍ରାଜ୍ୟ ପରି ନିଜର ମେରୁଦଣ୍ଡ ଠିକ୍ ରଖିବାକୁ ଯାଇ ନିଜକୁ ନୂଆ କରି ଗଢ଼ିବ । ସେଥିପାଇଁ ରକ୍ତଗତ ଜାତିଭେଦର ନିନ୍ଦା ସଙ୍ଗେ ସଙ୍ଗେ ଗୁଣଗତ ଜାତି ଭେଦର ବ୍ୟାଖ୍ୟା କରିବା ବିଧେୟ । ଅର୍ଥାତ୍ ସମାଜରେ ଗୁଣ ଗତ ଭେଦ ଅଛି ଓ ରହିବ ଏବଂ ଏହି ରକ୍ତଗତ ଭେଦ ତାହାର ପରିଣାମ ଇତ୍ୟାଦି ସମାଜକୁ ସ୍ପଷ୍ଟ କରି ବୁଝାଇ କହିବାକୁ ହେବ, ତାହା ହେଲେ ଅଜ୍ଞାନ

---

ଏଠାରେ କୌଣସି ସମ୍ପ୍ରଦାୟ ପ୍ରତି ଅଯଥା କଟାକ୍ଷ କିମ୍ବା ମହାତ୍ମା ଚୈତନ୍ୟଙ୍କ ପ୍ରଚାରିତ ଧର୍ମର ସମାଲୋଚନା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେଁ, କେବଳ ସାମାଜିକ ଇତିହାସରେ ଯାହା ଘଟିଥିଲା ତାହା ହିଁ ଦେଖାଇବା ଆମ୍ଭମାନଙ୍କର ଲକ୍ଷ୍ୟ । ସ୍ୱୟଂ ଚୈତନ୍ୟ ବୈରାଗ୍ୟ ପରେ ସ୍ତ୍ରୀ ମୁଖ ଦେଖିନଥିଲେ ଏବଂ ତାଙ୍କ ଶିଷ୍ୟମାନେ ଦେଖିଲେ ସେମାନଙ୍କ ପ୍ରତି କଠୋର ଦଣ୍ଡ ବିଧାନ କରାଯାଉଥିଲା । ଏପରିକି ତାଙ୍କର ଜଣେ ଭକ୍ତ ସ୍ତ୍ରୀଙ୍କ ସଙ୍ଗରେ ମଧ୍ୟ ସାକ୍ଷାତ କଥୋପକଥନ କରିବାର ପ୍ରମାଣ ମିଳିବାରୁ ଚୈତନ୍ୟ ତାଙ୍କୁ ପରିତ୍ୟାଗ କଲେ ଏବଂ ସେ ଯାଇ ଗଙ୍ଗାରେ ପ୍ରାଣତ୍ୟାଗ କରି ତାହାର ପ୍ରାୟଶ୍ଚିତ୍ତ କରିଥିବାର ଚୈତନ୍ୟଚରିତାମୃତରୁ ପ୍ରକାଶ ।

Digitized by PPRACHIN, SOA

କର୍ମସଙ୍ଗୀ ଜନସାଧାରଣ (ଭଗବାନ ଶ୍ରୀକୃଷ୍ଣଙ୍କ ଭାଷାରେ କହିବାକୁ ଗଲେ) ବୁଦ୍ଧି ଭେଦରୁ ରକ୍ଷାପାଇବେ ଏବଂ ପୁରାତନ ଛାଡ଼ି ନୂତନ ଆଦର୍ଶରେ ନିଜକୁ ତଥା ସମାଜକୁ ଗଢ଼ିବେ ।

ଏହି ହେବୁଁ ଶକ୍ତି ଏପର୍ଯ୍ୟନ୍ତ କେବଳ ଗୋଟିଏ ମନର ପ୍ରବୃତ୍ତ ବୋଲି କୁହାଯାଇଅଛି । ଏହା ଗୋଟିଏ ପ୍ରବୃତ୍ତ ସତ୍ୟ । କିନ୍ତୁ ସ୍ଥୂଳତଃ ଭବିଷ୍ୟତର ସମ୍ଭାବନାରୁ ଜାତ; ମାନବ ଜାତିର ସାଧାରଣ ଅବସ୍ଥା ସମାଜ ବିଶେଷରେ ପ୍ରକୃତ ଓ ସମୟର ଗତି ପ୍ରଭୃତି ତନ୍ନ ତନ୍ନ କରି ଦେଖି ଏହି ଭବିଷ୍ୟତ ସ୍ଥିର କରିବାକୁ ହୁଏ । ତେଣୁ ସ୍ଥୂଳରେ ଏହି ବର୍ତ୍ତମାନ ସେହି ଭବିଷ୍ୟତରେ ପରିଣତ ହେବାର ବୃତ୍ତକୁ ହେବୁ ଶକ୍ତି କୁହାଯାଏ । ଏ ଶକ୍ତି ନ୍ୟୂନାଧିକ ସମସ୍ତଙ୍କର ଅଛି । ସମସ୍ତେ କଥା ପଡ଼ିଲେ ଊଣା ଅଧିକେ ସ୍ୱୀକାର କରିବେ, ହଁ ସମୟେ ଏହା କରିହେବ । କିନ୍ତୁ ଯେଉଁ ମନୀଷୀ ମହାତ୍ମାଗଣ ସମୟ ସ୍ରୋତରେ ଭାସମାନ ଭବିଷ୍ୟତର ସମାଜକୁ ବର୍ତ୍ତମାନ ଫଟରେ ଚିତ୍ରିତ ଦେଖି ସମାଜକୁ ସେହି ଚିତ୍ରର ଅବତାରରେ ତତ୍‌କ୍ଷଣାତ୍ ପରିଣତ କରିବାକୁ କୃତସଂକଳ୍ପ ହୋଇ ସାହସିକତାର ସହିତ କାର୍ଯ ଆରମ୍ଭ କରନ୍ତି, ଯେଉଁମାନେ ସମୟର ଜୟ ସ୍ୱରୂପ ସମୟ ଦ୍ୱାରା ନିଜେ ପ୍ରସ୍ତୁତ ହେବାକୁ ଅପେକ୍ଷା ନକରି ସମୟ ପ୍ରସ୍ତୁତ ହେବା ପୂର୍ବରୁ ତାକୁ ପ୍ରସ୍ତୁତ କରିବାକୁ ନିର୍ଭୟରେ ଉଦ୍ୟମ କରନ୍ତି, ସ୍ଥୂଳ କଥାରେ ସମୟକୁ ଖୋଜିଯିବା ପୂର୍ବରୁ ସମୟ ଯାହାକୁ ଖୋଜି ଆସେ ଏବଂ ଯେଉଁମାନେ ନିଜ ନିଜ ମଧ୍ୟରେ ଅନୁଭବ କରି ଭବିଷ୍ୟତର ଜାତୀୟ ବା ସାମାଜିକ ଇତିହାସକୁ ନିଜ ମଧ୍ୟରେ ପ୍ରତିବିମ୍ବିତ ଦେଖି ନିଜେ କୃତାର୍ଥ ହୁଅନ୍ତି ଏବଂ ସମସ୍ତ ଜାତିକୁ ସେହି ଅର୍ଥରେ ଅନୁପ୍ରାଣିତ କରି ନବୀନ ଜାତୀୟ ନାଟକରେ ଅଭିନେତା ରୂପେ ବରଣ କରନ୍ତି, ସେହିମାନେ ପ୍ରକୃତ ହେବୁଁ ଶକ୍ତିର ଅବତାର କହିଲେ ଚଳେ । ଏବଂ ସେହିଭଳି ଲୋକଙ୍କ ଦ୍ୱାରା ସମାଜ ଯୁଗ ପରିବର୍ତ୍ତନ ହୁଏ ସତ୍ୟ, କିନ୍ତୁ ସେ ସମସ୍ତ ଯୁଗ ପରିବର୍ତ୍ତନ ମଧ୍ୟରେ ସର୍ବଦା ସମାଜ ନିଜର ବ୍ୟକ୍ତିତ୍ୱରେ ପରିଚିତ ହୁଏ । ପକ୍ଷାନ୍ତରେ ଯେଉଁମାନେ ପ୍ରାଚୀନତାର ଉତ୍ପୀଡ଼ନରେ ଶୂନ୍ୟ ହେବୁ ନୀତିର ଆଶ୍ରୟ କରନ୍ତି, ସେମାନେ ସମାଜର ଏହି ବ୍ୟକ୍ତିତ୍ୱର ବିନାଶ ସାଧନ କରନ୍ତି । ସେମାନେ ଯାହା ପ୍ରସ୍ତୁତ କରନ୍ତି, ତହିଁରେ ପ୍ରାଚୀନ ସମାଜ ଆଉ ନିଜକୁ ଦେଖେନାହିଁ, ଏଥିରେ ପ୍ରାଚୀନର ନବୀନ ଦୁଇ ସମାଜ ଦିଓଟି ଭିନ୍ନ ଭିନ୍ନ ଲୋକପରି ପରସ୍ପରଠାରେ ଅପରିଚିତ ।

ଅତଏବ ସଂସ୍କାର ନୀତି ବା ଉନ୍ନତମୁଖୀ ହେବୁ ନୀତି ଶୂନ୍ୟ ହେବା ଉଚିତ ନୁହେଁ । ଏହା ମଧ୍ୟ ପ୍ରାଚୀନତାରୁ ଏକାବେଳକେ ବିଚ୍ଛିନ୍ନ ହୋଇ ପଡ଼ିବା ନା ସମାଜ ନା ବ୍ୟକ୍ତି କାହାରି ପକ୍ଷରେ ସ୍ୱାସ୍ଥ୍ୟକର ନୁହେଁ । ତେବେ କଥା ଏତିକି, ଯେପରି ପୂର୍ବେ କୁହାଯାଇଅଛି ପ୍ରାଚୀନତାରୁ ଉପାଦାନ ଗ୍ରହଣ କରି ତାକୁ ନୂତନ ଆଦର୍ଶର ଉପଯୋଗୀ କରି ଯୁକ୍ତିଯୁକ୍ତ ଓ ସୁନ୍ଦର ଭାବରେ ସମାଜର ନବ ଗଠନରେ ଖଞ୍ଜି ଦେବା ପ୍ରୟୋଜନ । କେବଳ ପ୍ରାଚୀନତା ବୋଲି ହେବୁଁ ଶକ୍ତିକୁ ଊଣି ହେଲେ ଆମ୍ଭେମାନେ ନିଜେ ନିଜେ ଆତ୍ମ ପ୍ରବଞ୍ଚନାରେ ପଡ଼ି ନଷ୍ଟ ହେବା, କାହାରି କିଛି ଲାଭ ହେବ ନାହିଁ ।

Digitized by PPRACHIN, SOA

ଆମ୍ଭେମାନେ କଦାପି ଯାହା ଅଛୁ ବା ଥିଲୁ ତାହା ରହିବୁ ନାହିଁ, ଯାହା ହେବା ଉଚିତ ତାହାହିଁ ହେବୁଁ । ଆମ୍ଭେମାନେ ସ୍ୱାଧୀନଚେତା ପ୍ରାଣୀ, ଦିନକୁ ଦିନ ଉନ୍ନତି କରୁଅଛୁଁ । ସୁତରାଂ ପରିବର୍ତ୍ତନ ଆମ୍ଭମାନଙ୍କର ପ୍ରାଣ ଏବଂ ଉନ୍ନତି ମୁଖ ପରିବର୍ତ୍ତନ ସେହିପରି ଜୀବନର ଜନ୍ମ ଓ ପରିଶେଷରେ ସ୍ଥବିରତା ମୃତ୍ୟୁ । କିନ୍ତୁ ବୁଝିବା ଉଚିତ ଏହି ପରିବର୍ତ୍ତନ ଆମ୍ଭର ପରିବର୍ତ୍ତନ– ଆମ୍ଭଠାରୁ ଭିନ୍ନ ନୁହେଁ । ଅର୍ଥାତ୍ ଆମ୍ଭେ ଆମ୍ଭେ ଥାଇ, ଏ ପରିବର୍ତ୍ତନ ଉପଭୋଗ କରିବୁ । ଆମ୍ଭେ ପରିବର୍ତ୍ତିତ ହୋଇ ଅନ୍ୟ ପ୍ରକାର ଅବସ୍ଥାକୁ ଯିବୁ, କିନ୍ତୁ ପରିବର୍ତ୍ତିତ ହୋଇ ଯାହା ହେବୁ ତାହାର ସତ୍ତା ଆମ୍ଭ ସତ୍ତାରୁ ପୃଥକ ନୁହେଁ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି, ଅଛୁଁ ହେବୁଁ ଉପରେ ଯୁକ୍ତିଯୁକ୍ତ ଭାବରେ ପ୍ରତିଷ୍ଠିତ ହେବା ବିଧେୟ । ହିନ୍ଦୁ ସମାଜ ପ୍ରତି ଦୃଷ୍ଟି ଦେଲେ ଏଥିରେ ଅଛୁ ଶକ୍ତିର କାଠିଣ୍ୟ ଆମ୍ଭେମାନେ ଅନୁଭବ କରୁଅଛୁଁ ଏବଂ ସେହି ମର୍ମରେ ପ୍ରାୟଶଃ ଏପର୍ଯ୍ୟନ୍ତ ଆଲୋଚନା କରିଅଛୁଁ କିନ୍ତୁ ପ୍ରକୃତରେ ଟିକିଏ ସୂକ୍ଷ୍ମ ଭାବରେ ଦେଖିଲେ ବୁଝିବ ନୂତନ ରୁଚି ସଭ୍ୟତାର ସେହି କଠିନ ଅଛୁଁ ତରଳ ଓ ବାୟବୀୟ ଅବସ୍ଥା ଧାରଣ କରି ଉଡ଼ିଯିବାକୁ ବସିଅଛି । ଅନ୍ତତଃ ସେହିପରି ସମୟର ସମ୍ଭାବନା ଆସିଅଛି, ଯଦି ତାହା ଠିକ୍ ହୁଏ, ତେବେ ଏତିକି ବେଳେ ତାକୁ ବରାବର ଉଡ଼ାଇ ନଦେଇ ଉତ୍ତାପ ଟିକିଏ ସଂଯତ କରିବା କେବଳ ଆବଶ୍ୟକ । ସେତିକି କରିପାରିଲେ ହିନ୍ଦୁର ଆଉ ସମାଜରେ ନୂତନ ଗଠନର କିଛି ଭୟ ନାହିଁ, ସମାଜ ନିଜେ ନିଜେ ଗଠିତ ହେବ ।

ଅତଏବ ହେ ହିନ୍ଦୁ ସନ୍ତାନ, ତୁମ୍ଭର ସାମାଜିକ ମୋହ ନିଦ୍ରା ଭାଙ୍ଗିବାର ବେଳ ଆସିଲାଣି । ସମୟର ପ୍ରତାପ ତୁମ୍ଭଙ୍କୁ ଉଠାଇବା ପୂର୍ବରୁ ତୁମ୍ଭେ ନିଜେ ଜାଗ୍ରତ ହୁଅ । ଆଜି ଆଉ ସମାଜରେ ଜନତାର ଏକାଧିପତ୍ୟ ବା କୌଳିକ ଅଧିକାର ରହିବାର ସମୟ ନୁହେଁ । ଆଉ କାହାରି ଭ୍ରାନ୍ତ ଧାରଣା ବେଦର ଗାର ବୋଲି ଗୃହୀତ ହେବନାହିଁ । ଏହି ସ୍ୱାଧୀନ ଚିନ୍ତାର ଯୁଗରେ ଭଗବାନଙ୍କ ରାଜ୍ୟରେ କେହି ନୈତିକ ଭାବରେ କାହାରି ଅଧୀନ ନୁହେଁ । ସମସ୍ତେ ନୀତିର ଅଧୀନ । ସମସ୍ତେ ସ୍ୱତଃ ନିଜ ନିଜ ଚିନ୍ତା ରାଜ୍ୟରେ ସମ୍ରାଟ ଏବଂ ସ୍ୱାଧୀନତାରେ ସଂଯତ । ଅତଏବ ଏହି ଆଶାର ଯୁଗରେ ଉଠି ଥରେ ଛିଡ଼ା ହୁଅ । ଦେଖ ସମସ୍ତ ମାନବ ସମାଜର ସାମାଜିକ ପ୍ରଜାତନ୍ତ୍ର ତୁମ୍ଭର ଅପେକ୍ଷାରେ ବସିଅଛି । ତୁମ୍ଭେ ଆଜି ବ୍ୟକ୍ତିଗତ ସ୍ୱାର୍ଥତାରେ ପ୍ରଦୀପ୍ତ ଓ ସାମାଜିକ ସ୍ୱାଧୀନତାରେ ସଂଯତ ହୋଇ ସେହି ପ୍ରଜାତନ୍ତ୍ରରେ ଯୋଗ ଦେବାକୁ ଉପଯୁକ୍ତ ହୋଇଅଛ । ଏତିକି ବେଳେ ସାବଧାନ ହେଲେ ସମୟ ଆସିବା ପୂର୍ବରୁ ତୁମ୍ଭେ ସମୟକୁ ପାଇବ ଏବଂ ନୂତନ ଆଶାମୟ ସାମାଜିକ ତଥା ବ୍ୟକ୍ତିଗତ ଜୀବନରେ ଅନୁପ୍ରାଣିତ ହୋଇ ଗାଢ଼ ନିଦ୍ରା ଛାଡ଼ି ପୁଣି ଜଗତର ଜୀବନ୍ତ ଜାତି ବୋଲି ପରିଗଣିତ ହେବ ଏବଂ ସେହି ଜୀବରେ ଜୀବିତ ହୋଇ ଯେତେବେଳେ ତୁମ୍ଭର ସାମାଜିକ ବ୍ୟକ୍ତିତ୍ୱ ତୁମ୍ଭେ ପ୍ରାଣରେ ଅନୁଭବ କରିବ ସେତେବେଳେ ଭଗବାନଙ୍କ ରାଜ୍ୟରେ ତୁମ୍ଭର ମାନବୋଚିତ ଅଧିକାର ତୁମ୍ଭେ ଦାବି କରିବାକୁ ସମର୍ଥ ହେବ ।

Digitized by PPRACHIN, SOA

ଯେତେବେଳେ ଜଡ଼ତା ଭେଦକରି ତୁମ୍ଭର ସାମାଜିକ ଜାତୀୟତା ପୁଣି ସ୍ୱାଧୀନ ଅନ୍ତର୍ନୀତିରୁ କିରଣ ଛଟାରେ ବିଭାସିତ ହେବ, ସେତେବେଳେ ଜଗତ ପୁଣି ତୁମ୍ଭର ବର୍ତ୍ତମାନ ଜୀବନରେ ଅତୀତର ଜାଗରୂକ ତେଜ ଓ ଭବିଷ୍ୟତର ଆଶାମୟୀ ସନ୍ଦୀପନୀ ଜ୍ୟୋତି ଉପଲବ୍ଧି କରି ତୁମ୍ଭ ପ୍ରତି ଯଥାବିଧ ସଖ୍ୟ ଓ ବହୁମାନ ପ୍ରଦର୍ଶନ କରିବ ।

# ଭଲପାଇବାର ଶେଷ କଥା

## (୧)

ଏଇ ନାମରେ 'ନବଭାରତ'ରେ ଗତବର୍ଷଠାରୁ ବହୁତ ଗୁଡ଼ିଏ ପ୍ରବଂଧ ବାହାରି ଗଲାଣି । ଶ୍ରୀଯୁକ୍ତ ଗୋପିନାଥ ମହାଂତି, ଶ୍ରୀଯୁକ୍ତ ରାଜକିଶୋର ପଟ୍ଟନାୟକ ଓ ଶ୍ରୀଯୁକ୍ତ ନିତ୍ୟାନଂଦ ମହାପାତ୍ର ଏଇ ସାହିତ୍ୟିକ କସରତରେ ଯୋଗଦେଇ ନାନା ଭାବରେ ସତ୍ୟର ଅନୁସଂଧାନ ଓ ଆଲୋଚନାରେ ଲାଗିଚଂତି । ପ୍ରବଂଧଗୁଡ଼ିକରେ ସୂଚନା ବେଶି । ଏଇ ସୂଚନାମାନଙ୍କ ଭିତରେ ବିଷୟର ବର୍ଣନାତ୍ମକ ଆଲୋଚନା ସର୍ବଦା ସ୍ପଷ୍ଟ ନହେଲେ ହେଁ ଲେଖାର ଶୈଳୀ ଉପାଦେୟ; ଆଲୋଚନାର ଧାରା ନିମ୍ନଗାମୀ ନୁହେ । ବାରଂବାର ଏକା ବିଷୟ ଆଲୋଚିତ ହେଲେ ମଧ୍ୟ ବିଷୟର ଅବତାରଣାରେ ଆସ୍ୱାଦ୍ୟ ପୁନରୁକ୍ତି ନାଇ । ଉଦାହରଣର ଖଂଡିତ ବିବୃତି ସବୁବେଳେ ଦାର୍ଶନିକ ବିଶ୍ଳେଷଣ ପ୍ରକ୍ରିୟାର ସଂପୂର୍ଣ ଅନୁକୂଳ ନହେଲେ ବି ସଂକେତର ସ୍ପଷ୍ଟତା ସର୍ବଦା ଦୁର୍ଗମ ନୁହେ । ଲେଖାଗୁଡ଼ିକ ନୂତନ ପ୍ରକାରର ଓ ସ୍ପୃହଣୀୟ ।

ଭଲପାଇବାର ଶେଷ କଥା କହିଲେ ଏଠାରେ ବୁଝିବାକୁ ହେବ, ପ୍ରେମର 'ନିୟତି' ଅର୍ଥାତ୍ ପ୍ରେମର ପ୍ରଚୋଦନା କାହୁଁ ଆସେ, ବା କି ଉଦ୍ଦେଶ୍ୟରେ ପ୍ରେମ ବିକାଶ ପାଏ ? ଏଇ ପ୍ରେମକୁ ପୁଣି ଯୌନ ସଂକେତରେ ବୁଝିବାକୁ ହେବ ।

ମହାଂତି ମହାଶୟ ପ୍ରଥମେ ଆଲୋଚନାଟି ଆରଂଭ କଲେ । ଆଦର୍ଶ ମାତ୍ର ତାଙ୍କ ମତରେ ପ୍ରେମର ଲଭ୍ୟ । ସେ ଆଦର୍ଶ କଅଣ, ତା ସେ କହି ନାହାଂତି । ବରଂ ତାଂକ କଥାରୁ ବୁଝାଯାଏ, ସେ ଆଦର୍ଶଟି ଅବର୍ଣନୀୟ, ଏପରିକି ଅଜ୍ଞେୟ । ପଟ୍ଟନାୟକ ମହାଶୟ କହଂତି, ଆଦର୍ଶ ଗୋଟିଏ ଆରୋପ ମାତ୍ର । ପୁରୁଷ ନାରୀ ବା ଯୁବକ ଯୁବତୀ ମଧ୍ୟରେ ଆଦାନ ପ୍ରଦାନର ଗୋଟିଏ ପରଂପରାବଦ୍ଧ ପ୍ରକାଶ ହେଉଚି, ପ୍ରେମ । ଏ ସଂବଂଧରେ ଜୀବିର ସ୍ୱଭାବଗତ ଧର୍ମକୁ ସେ ଉପେକ୍ଷା କଲା ପରି ଜଣାପଡୁଚି । ମହାପାତ୍ର ମହାଶୟ କିଂତୁ ଏଇ ସ୍ୱଭାବଗତ ବା ସହଜାତ ଧର୍ମ ଉପରେ ଜୋର୍ ଦେଇଚଂତି, ମାତ୍ର ଏପରି ଭାବରେ ଏହା ଯେ ଏକାଂତ ଜୀବିବୃତ୍ତି, ତା ସେ ସ୍ପଷ୍ଟ କହି ନାହାଂତି । ତିନିହେଁ ତିନୋଟି ଆଡୁ ଜିନିଷଟି ଦେଖିଚଂତି । କାହାରି କଥା ପୂର୍ଣ ସତ୍ୟ ନୁହେ, ମାତ୍ର ସମସ୍ତଂକ କଥାରେ

Digitized by PPRACHIN, SOA

ସତ୍ୟ ଅଛି । ଏହା ଆଦର୍ଶରେ ଚାଳିତ; ଆଦାନ ପ୍ରଦାନର ବିକାଶ ଏଥିରେ ସ୍ପଷ୍ଟ; ଓ ଏହା ସହଜାତ ବୃତ୍ତି । ମୂଳତଃ ଦେଖିଲେ ପୁଣି ଏହା ଏକାଂତ ଜୀବିଧର୍ମ । ସାମାଜିକ ମାନବଠାରେ ଏହାର ପ୍ରଚୁର ବିକାଶ ଦେଖାଯାଏ ସତ, ମାତ୍ର ବ୍ୟାପ୍ତିର ବୃଦ୍ଧିରେ ଏହାର ପ୍ରକୃତିର ପରିବର୍ତ୍ତନ ହୋଇନାଇ ।

ଜୀବ ଜଗତରେ ଏହାର ଆଦିମ ସ୍ପଷ୍ଟ ପ୍ରକାଶ ଫୁଲ ଫଳ ଥିବା ଉଦ୍‌ଭିଦରେ । ଲାଉ କଖାରୁ ପ୍ରଭୃତି ଲଟିରେ ମାଈ ଫୁଲ ଓ ଅଂଡ଼ିରା ଫୁଲ ଅଲଗା ଅଲଗା ଥାଏ । ଦୁଦୁରା ମଂଦାର ପୁଲାଂଗ ପ୍ରଭୃତି ଫୁଲରେ ମଝିରେ ଥିବା ମାଈ କେଶରଟିକୁ ବେଢ଼ିକରି ପାଚଂଟି ଅଂଡ଼ିରା କେଶର ଥାଏ । ମାଈ କେଶର ଉପରେ ଅଠାପରି ନାଳ ଥାଏ; ଅଂଡ଼ିରା କେଶରରେ ରେଣୁ ଥାଏ । ମହୁ ଖାଇବାକୁ ଯାଉଥିବା ଭ୍ରମର ବା ମହୁମାଛି ଗୋଡ଼ରେ ଲାଗି ହେଉ ବା ପବନରେ ଉଡ଼ିକରି ହେଉ ଅଂଡ଼ିରା କେଶର ରେଣୁ ମାଈ କେଶର ଉପରେ ପଡ଼ିଯାଏ । ସଂଗେ ସଂଗେ ମାଈ କେଶର ଅଠାରେ ତାକୁ ଧରି ନିଏ ଓ ଗୋଟିଏ ନଳ ପରି ବାଟ ମେଲା କରି ଗର୍ଭଭିତରକୁ ଘେନିଯାଏ । ସେଇ ଗର୍ଭରେ ମଂଜି ଓ ଗର୍ଭଟି ଫଳ ହୁଏ । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଚଂତି, ଫୁଲଟି ଫୁଟିଲା ବେଳେ ମାଈ ଗର୍ଭ-କେଶରଟି ଖୁବ୍ ଉତ୍ତପ୍ତ ଥାଏ— ଏପରିକି ତା ଉତ୍ତାପ ବଡ଼ ଜର କଲା ମଣିଷର ଉତ୍ତାପ ପରି (୧୦୪ ଡିଗ୍ରୀ ପର୍ଯ୍ୟଂତ) ଥାଏ । ଅଂଡ଼ିରା କେଶରଟି ପଡ଼ି ଗର୍ଭକୁ ଗଳି ପଡ଼ିଲା ମାତ୍ରକେ ସେଇଟି ଥଂଡ଼ା ହୋଇଯାଏ । ମାଈଟି ପୁରୁଷକୁ ଆତ୍ମଦାନ କରିବାକୁ ବ୍ୟାକୁଳ ହୋଇ ଚାହିଁଥାଏ । ଅଂଡ଼ିରା ଯେକୌଣସି ମଂତେ ଆସି ଆକ୍ରମଣ କରିପଡ଼େ । ପ୍ରକୃତିର ଧର୍ମ ପାଳିତ ହୁଏ, ବିକାଶର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ । ପଶୁ ପକ୍ଷିଂକର ଆଉରି ଉନ୍ନତ ଭାବରେ ଠିକ୍ ସେଇ କଥା । ଅଂଡିରାର ଉଚ୍ଛନ୍ନ ଆକ୍ରମଣ, ମାଈର ଋତୁ ରକ୍ଷାରେ ଆତ୍ମଦାନ ଜନିତ ବ୍ୟାକୁଳ ପ୍ରତୀକ୍ଷା ଭିତରେ ଗଭୀର ସଂକୋଚ ଓ ଆତ୍ମସଂଯମ । ଏ ସବୁଥିରେ ଜୀବୀବୃତ୍ତିରେ ଆଦର୍ଶ ସେବା ଓ ଆଦାନ ପ୍ରଦାନ ସବୁ ବିଶ୍ଳେଷଣରେ ସ୍ପଷ୍ଟ ଦେଖାଯାଇପାରେ । ସ୍ୱାଭାବିକ ଓ ସହଜାତ ବୃତ୍ତି ଦେଖାଗଲା, ଆଦାନ ପ୍ରଦାନ ବୁଝାଗଲା । କିଂତୁ ଆଦର୍ଶ ବା ଉଦ୍ଦେଶ୍ୟ କ'ଣ । ପ୍ରକୃତି ଆତ୍ମ ଉଦ୍ଦେଶ୍ୟ ଓ ଜୀବୀର ଆଦର୍ଶ ଏପରି ପୁଣି ବୁଝାଯାଇପାରେ । ପ୍ରକୃତିର ଉଦ୍ଦେଶ୍ୟ, ବିକାଶ, ଜୀବିର ଆଦର୍ଶ, ଅବିନାଶ । ନିତ୍ୟ ବିକାଶ ପ୍ରକୃତିର ଧର୍ମ, ତେଣୁ ଅବିନାଶ ଅର୍ଥାତ୍ ଅନଂତତ୍ୱ ଜୀବୀର ଆଦର୍ଶ । ମରିବା ଜୀବନର ଆଦର୍ଶ ନୁହେ । ମାତ୍ର ଜୀବନ ସଂଗ୍ରାମରେ ଜୀବୀର ମୃତ୍ୟୁ ଅନିବାର୍ଯ୍ୟ । ସେଥିପାଇଁ ସଂତାନରେ ଆତ୍ମପ୍ରକାଶର ଅନଂତ ଧାରା । ଏଇ ସଂତାନ ତଥା ଏଇ ଅନଂତତ୍ୱର ଅଜ୍ଞତା ପ୍ରେରଣାରେ ଯୌନ ସଂକେତରେ ମାଈ ଅଂଡ଼ିରା ଦୁହିଂକର ପରସ୍ପରର ଆତ୍ମଦାନ । ଏଥିରେ ପକ୍ଷିଜଗତ ପରି ମାଈର ବିଶେଷ ଦାୟିତ୍ୱ ତଥା ଅନ୍ୟତ୍ର ମାଈର ସଂପୂର୍ଣ୍ଣ ଦାୟିତ୍ୱ ଥିବାରୁ, ତାର ସଂକୋଚ ସହଜାତ ବୃତ୍ତିରୂପେ ପ୍ରକାଶ ପାଏ । ଲକ୍ଷ୍ୟ କରିବାର ଅଛି ଅଂଡ଼ିରା ତୁଳନାରେ ମାଈ ସବୁବେଳେ ଶରୀର ସୌଷ୍ଠବରେ

Digitized by PPRACHIN, SOA

ହୀନତର ହେଲେହେଁ, ଦାୟିତ୍ୱହୀନ ଅଂଡ଼ିରା ତା ପ୍ରତି ଆକୃଷ୍ଟ ହୁଏ ଓ ସେଇ ଆକର୍ଷରେ ତାକୁ ଆକ୍ରମଣ କରେ । ମାଈର ପ୍ରତୀକ୍ଷା ସଂକୋଚର ସଂକେତରେ ମାତ୍ର ପ୍ରକାଶ ପାଏ । ମାନବଠାରେ ମଧ ଠିକ୍ ଦେଖିଲେ ଦେଖାଯିବ ନାରୀର କଟାକ୍ଷ ମାତ୍ରରୁ ପୁରୁଷ ତାର ପ୍ରତୀକ୍ଷା ବାରିନିଏ ଓ ତାର ପ୍ରଲଂବ-କୁଂତଳ, ପ୍ରବାଳ-ଅଧର ଏକ ଦିଗରେ ଅତ୍ୟୁନ୍ନତ ଶ୍ରୀଫଳ-ବକ୍ଷୋଜ, ଅନ୍ୟ ଦିଗରେ ଅତିବୃଦ୍ଧ ସାନୁ-ନିତଂବ ଠାରୁ ଚିକ୍କଣ-ଚିବୁକ, ମୃଣାଳ-ବାହୁ, ଚଂପକ-ଅଂଗୁଳି ଓ କରଭ-ଉରୁ ପର୍ଯ୍ୟଂତ ସବୁଥିରେ ଆକୃଷ୍ଟ ହୁଏ– ଆକୃଷ୍ଟ ହୁଏ ଯୌନ ସଂକେତରେ ଆକ୍ରମଣ କରିବାପାଇଁ ନାରୀର ପ୍ରବଳ ପ୍ରତୀକ୍ଷାସତ୍ତ୍ୱେ । ଶୋଭନ ସଂକୋଚ ଓ ବ୍ରୀଡ଼ା ଏଠାରେ ମଧ ଲକ୍ଷ୍ୟ କରିବାର ଅଛି । କାଳିଦାସଂକ ଶକୁଂତଳାରୁ ଏହାର ଗୋଟିଏ ସୁଂଦର ଆଲେଖ୍ୟ ଉଦ୍ଧାର କରାଯାଇପାରେ ।

ଯଥା–ଦୁଷ୍ମଂତ ଶଂକୁଂତଳାଂକୁ ପ୍ରଥମେ ଦେଖିଲା ବେଳେ ଏଇପରି ବର୍ଣନା କରିବାର କୁହାଯାଇଚି । ଏହାର ଅନୁବାଦ ହେବ–

ଚାହିଁ ଦେଲେ ମୁହିଁ ଫେରାଏ ନୟନ
ଆନ କଥା ଛଳେ ସସ୍ମିତ ବଦନ,
ବିନୟ ନିବାରେ ମାନସ ବିକାର
ନ ଲୁଚେ ମଦନ ନୁହଇ ବାହାର ।

କାମନାଇ ଜୀବୀର ସମସ୍ତ ଚୋଦନା ବା ପ୍ରେରଣାରେ ଭିତ୍ତି । ସେଥିରେ ଯାହା ସଂଯମ ଅଛି, ପ୍ରକୃତିର ସହଜ କ୍ରିୟାରେ ତାହା ଏକ ବଂଧନ କହିଲେ ଚଳେ । ମାତ୍ର ମାନବର ଏଠାରେ ବିଶେଷ ଅଛି । କେବଳ ଜୀବୀଧର୍ମା ମାନବ ନୁହେ, ମାନବ ସ୍ପଷ୍ଟତଃ ସାମାଜିକ ପ୍ରାଣୀ । ଏଇ ସମାଜର ବିକାଶରେ ପୁଣି ତାର ବିକାଶ । ଏଇ ସମାଜରେ ସେ ଯୌନ ସଂକେତରେ ସହଜ ବୃତ୍ତି ଚରିତାର୍ଥ କରେ । ସମାଜ ଆଦାନ ପ୍ରଦାନର ଏକ ଧାରାବାହିକ ପରଂପରା । ତେଣୁ ଏଇ ପ୍ରୀତି ବା 'ରତି'ରେ ଆଦାନ ପ୍ରଦାନ ସ୍ପଷ୍ଟ ।

ମାତ୍ର କାମନା ସର୍ବଦା ବିଶୃଂଖଳ । ଏଥିରେ ସଂଯମ ନ ଥିଲେ ସମାଜ ସଂଭବ ନୁହେଁ । ଏଇ ସମାଜ ପୁଣି ଏକ ଆଦର୍ଶର ଅଭିବ୍ୟକ୍ତି । ତେଣୁ ସଂଯମ ଏଇ ଆଦର୍ଶର ଶୃଂଖଳା ମାତ୍ର । ମାତ୍ର କାମନା ଏଇ ସଂଯମରେ ସର୍ବଦା ଅସହିଷ୍ଣୁ । ଏହା ବ୍ୟକ୍ତିଗତ ଆଦାନ ଛଡ଼ା ଆଉ କିଛି ଦେଖେ ନାଇ । ପ୍ରଦାନ ଏହାର ପ୍ରକୃତି ନୁହେ । ଯୌନ ସଂକେତରେ ଯେଉଁ କାମନା ପ୍ରକାଶ ପାଏ ତାହା ପୁଣି ସମସ୍ତ କାମନାରେ ଶ୍ରେଷ୍ଠ । ତେଣୁ ଏହାରି ନାମଇ ସାଧାରଣ କଥାରେ କାମନା ବା କାମ । ଏଥିରେ ବ୍ୟକ୍ତିଗତ ଆଦାନର ଧକ୍କା ବଡ଼ ପ୍ରବଳ, ବଡ଼ ଅସହ୍ୟ । ତେଣୁ ଯେଉଁ ସମାଜ ବିଜ୍ଞାନସମ୍ମତ ଭାବରେ ବଂଧା ହୋଇ ନାଇ, ସେହିପରି ଭାବରେ ଯାହା ଖୁବ୍ ବିକାଶ ପାଇ ନାଇ, କିଂବା ଯାହା କାମନାର ଆଦାନ ମାତ୍ରରେ ବିବାଦର ଶାଂତି ଘେନ୍ତି ବିକାଶ ପାଇଚି, ସେଠାରେ ଏଇ କାମର ଆଦର୍ଶ ଏକାଂତ ବ୍ୟକ୍ତିଗତ ହୋଇପଡ଼େ ।

Digitized by PPRACHIN, SOA

ଇଉରୋପୀୟ ସମାଜରେ ଏଇ ବ୍ୟକ୍ତିଗତ ଆଦର୍ଶର ବିକାଶ ବରାବର ଦେଖାଯାଏ । ସମାଜର ସଂଯମ, ଗୃହସ୍ଥତା ଓ ପାରିବାରିକତା ସେଥିରେ ଗୋଟାଏ ଖୋଳ ପରି । ସେଇ ଇଉରୋପୀୟ ସମାଜର ଆଦର୍ଶରେ ଆମେ ଏବେ ପୂର୍ଣ ପ୍ରଭାବିତ । ସେଥିପାଇଁ ଆଲୋଚିତ ପ୍ରବଂଧଗୁଡ଼ିକରେ ସୂଚନାରେ କୌଣସି ଆଦର୍ଶ ନିର୍ଦ୍ଦିଷ୍ଟ ନୁହେ । ସେଥିପାଇଁ ମହାପାତ୍ରଂକ ସହଜ ରତି ଓ ମହାଂତିଂକ ଆଦର୍ଶ ପ୍ରାପ୍ତି ଏକାପରି ଦିଶୁଚି । ପଟ୍ଟନାୟକଂକ 'ଆଦାନ ପ୍ରଦାନ'ରେ କାମନା ଜନିତ ବିବାଦର ଶେଷ ନିଷତ୍ତି ନାଇ । ଏଇ ଗତିର ବର୍ଣନା କରି ଇଂରେଜ କବି ସ୍କଟ୍ କହିଚଂତି—

"The silver link,
the silken tie,
which heart to heart
and mind to mind
In body and in soul
can bind."

ଏହା ଓଡ଼ିଆରେ ହେବ—

ସେଇ ରଜତ ଫିତା
ସେଇ ରେଶମ ସୂତା
ଯୋଡ଼େ ଅପଘନ ମିଶାଏ ପରାଣ
ହୃଦେ ହୃଦ ମନେ ମନ ହୁଅଇ ଗୁଂଥା ।

ଏଠାରେ ଜୀବୀବୃତ୍ତିର ରତି ସ୍ପଷ୍ଟ । ଅନଂତତ୍ତ୍ୱର ଆଦର୍ଶ ଏଥିରେ ବିକସିତ ନହେଲେ ବି, ସେ ଆଦର୍ଶ ଏଥିରେ ନାଇ, ନୁହେ । ତଥାପି ସେଇ ଆଦର୍ଶ ସ୍ପଷ୍ଟ କରି କବି ପୁଣି କହିଚଂତି—

"Love rules the court
The camp, the grove
Men below and
Saints above
For love is heaven,
and Heaven is Love."

ଏହା ଓଡ଼ିଆରେ ହେବ—

(ବିଶ୍ୱଜଗତ ଭିଆଣେ)
କୁଂଜ କୁଟୀର ହର୍ମ୍ୟ ଶିବିର
ମର୍ତ୍ତ୍ୟ ମାନବ ସିଦ୍ଧ ସ୍ୱରଗେ

Digitized by PPRACHIN, SOA

ମୁଗ୍ଧ ମାନବ ସିଦ୍ଧ ସ୍ୱରଗେ
ମୁଗ୍ଧ ପୀରତି ଶାସନେ
ସ୍ୱର୍ଗ ଏକା ସେ ପୀରତି
ସ୍ୱର୍ଗ ଦେବତା ଈଶ୍ୱର ପରା
ସେଇ ପୀରତିର ମୂରତି ।

ଏଥିରେ ଜୀବୀର ବୃତ୍ତି ଅଛି, ଅନଂତତ୍ତ୍ୱର ଆଦର୍ଶ ଅଛି, ମାତ୍ର ସାମାଜିକ ମାନବର ଆଦାନ ପ୍ରଦାନ ନାଇ । ତେଣୁ ବସ୍ତୁତଃ ଏହା ଜୀବୀବୃତ୍ତି ବା ଜୀବୀଧର୍ମର ମାନବିକ ସଂସ୍କରଣ ମାତ୍ର । ବଡ଼ କବି ସେକସ୍‌ପିୟର କହଂତି– "Love finds beauty in the brow of Egypt" ଅର୍ଥାତ୍, 'ରତିର ତାଡ଼ନାରେ ମର୍କଟୀ ମଧ୍ୟ ରମ୍ୟା' । ସେଇ ସାହିତ୍ୟ ପଂଥାରେ ପ୍ରଭାବିତ ଓଡ଼ିଆ କବି ନଂଦକିଶୋର କହଚଂତି–

''ପ୍ରେମ ନ ଜାଣଇ ଜାତି ସଜନି ଲୋ
ପ୍ରେମ ନଜାଣଇ ପଦ
ଧନ ମାନ ରୂପ ବିଚାର ନଥାଏ
ପିଇ ଦେଲେ ପ୍ରେମ ମଦ ।''

ମାତ୍ର ଜୀବିବୃତ୍ତିର ସ୍ୱତୋବିକାଶରେ କାମର ନୈସର୍ଗିକ ତାଡ଼ନା ତଥା ସେଇ କାମ ବା କାମନାରେ ବିଶ୍ୱବିକାଶ ଓ ଧର୍ମଗତ ଅନଂତତ୍ତ୍ୱର ଆଦର୍ଶ ସାମାଜିକ ପ୍ରାଣୀର ଧର୍ମ ନୁହେ । ମାନବ ଜୀବୀ ସତ, ମାତ୍ର ସମାଜ ତାର ବିଶେଷ । ସମାଜ ନଥିଲେ ମାନବ ମାନବ ନୁହେ । ଯେଉଁ ବୃତ୍ତି ସେବା, ସମାଜକୁ ସ୍ପଷ୍ଟ ଅପେକ୍ଷା ନକରି ଫୁଟେ, ତାହା ଯେତେ ସ୍ୱାଭାବିକ ଓ ଯେତେ ସହଜ ଆଦର୍ଶପରି ହେଲେହେଁ, ମାନବିକ ନୁହେ । ପ୍ରଚ୍ଛନ୍ନ ହେଉ, ସ୍ପଷ୍ଟ ହେଉ, ଆଦାନ ପ୍ରଦାନ ବା ଦେଣନେଣ କଥାଟିର ପ୍ରୟୋଗ ତଥା ସାଫଲ୍ୟ ଏଇଠାରେ । ମାନବର ସମସ୍ତ ବୃତ୍ତିଗତ ତଥା ବିକସିତ କ୍ରିୟା ଏଇ ସମାଜର ଆଦର୍ଶରେ ନିୟମିତ । ଏଇ ଆଦର୍ଶ ଓ ଏଇ ନିୟମିତତା ଯାହାର ଯେତେ ବଳିଷ୍ଠ ଓ ପୁଷ୍ଟ, ସେ ସେତିକି ଉନ୍ନତ ।

ଭାରତୀୟ ମାନବର ବିଶେଷତା ଏଇଠାରେ । ଭାରତୀୟ ଦୃଷ୍ଟିରେ ସମାଜହି ବିଶ୍ୱପୁରୁଷଂକ ପ୍ରତିରୂପ । ତାରି ସେବାହି ଭାରତୀୟର ଧର୍ମ ସେବା । ମାନବର ସମସ୍ତ କ୍ରିୟାରେ ଏଇ ଧର୍ମ ପ୍ରକାଶ ପାଏ । ଏହାକୁହିଁ ଏବେ କହୁଚଂତି କୃଷ୍ଟି ବା ସଂସ୍କୃତି । ଭାରତରେ ଏହାର ପାରଂପରିକ ନାମ 'ବିନୟ'– ଅର୍ଥାତ୍, ବିଶେଷରେ ନୀତିବଦ୍ଧ କ୍ରିୟାର ବିକାଶ । ସାହିତ୍ୟରେ ଏଇ ବିନୟର ପ୍ରକାଶ । ସାହିତ୍ୟ ବୋଇଲେ, ସହିତରେ ଚଳିବାର ପ୍ରକାର । ଏଇଠାରେ ଆଦାନ ପ୍ରଦାନର ଦାର୍ଶନିକ ତତ୍ତ୍ୱ ସୁଗମ ଓ ସ୍ପଷ୍ଟ । ଯଥାର୍ଥ ସାମାଜିକ ଆଦର୍ଶରେ ଏଇ ଆଦାନ-ପ୍ରଦାନ ପ୍ରଭାବିତ; ମାନବର ବୃତ୍ତି ଓ କାମନାରାଶି ମଧ୍ୟ ଏଥିରେ ହିଁ ରସାଣିତ ।

Digitized by PPRACHIN, SOA

ଶ୍ରେଷ୍ଠ କାମନା ବା 'କାମ'-ତେଣୁ ଭାରତୀୟ ବିନୟରେ 'ପ୍ରଣୟ' । ପ୍ରଣୟ ବୋଇଲେ ସାମାଜିକ ଗୃହସ୍ଥତାର ଆଦର୍ଶ ନୀତିରେ ପ୍ରଭାବିତ କ୍ରିୟା । ପ୍ରେମ ଓ ପ୍ରୀତିର ଶବ୍ଦଗତ ତାତ୍ତ୍ୱିକ ସଂବଂଧ ଓ ସାଦୃଶ୍ୟ ଏଇ 'ପ୍ରଣୟ' ସଂଗେ । ଏହାକୁଇ ଲେଖକମାନେ କହିଚଂତି– 'ଭଲପାଇବା' । ଏହାର 'ଶେଷକଥା' ବା 'ନିୟତି' ଅର୍ଥାତ୍ ଗତି (ଯେପରି କହଂତି– ତା'ର କି ଗତି ହବ୍‌ଚି ?) ସମାଜରେ 'ପୁରୁଷ' (ମାନବର ବ୍ୟକ୍ତିତ୍ୱ)ର ଆତ୍ମଲାଭ । ଏଇ ପ୍ରଣୟଗତ ପ୍ରେମର କଥଂଚିତ୍ ବର୍ଣ୍ଣନା କରିବାକୁ ଯାଇ କବି ଭବଭୂତି କହିଚଂତି–

"ଅଦ୍ୱୈତଂ ସୁଖ ଦୁଃଖୟୋ ରନୁଗୁଣଂ
ସର୍ବାସ୍ୱବସ୍ଥାସୁ ଯତ୍
ବିଶ୍ରାମୋ ହୃଦୟସ୍ୟ ଯତ୍ର ଜରସା
ଯସ୍ମିନ୍ନହାର୍ଯ୍ୟୋ ରସଃ
କାଳେନା ବରଣାତ୍ୟାୟାତ୍ ପରିଣତେ
ଯତ୍‌ସ୍ନେହସାରେ ସ୍ଥିତଂ
ଭଦ୍ରଂପେମ ସୁମାନୁଷସ୍ୟ କିମିଦଂ
ଦୁଃଖେନ ତତ୍ ପ୍ରାପ୍ୟତେ ।"

ଏହା ଓଡ଼ିଆରେ ହେବ–

ଭଲେ ଭଲ ମଂଦେ ମଂଦ କରମେ ବିରାମେ
ସୁଖ ଦୁଃଖେ ସଦା ଏକା ପରି
ତରୁଣ ଚପଳ ମୋହ ଉଚ୍ଛନ୍ନ ଆବେଗ
ସେ ସେନେହେ ଆବରଣ ସରି
ଖସିଯାଏ କାଳେ ତାହା, ଶୁଦ୍ଧ ପରିଣାମେ
ହୁଅଇ ସେ ସ୍ନେହସାରେ ସ୍ଥିର
ହୃଦୟ ବିଶ୍ରାମ ତହିଁ, ଘୋଟିଲେ ବି ଜରା
ରସ ତହୁଁ ନୁହେ ସରିବାର
ନୀତିନିଷ୍ଠ ସୃଜନର ଦାଂପତ୍ୟ ସୋହାଗେ
କି ଅବା ସେ ସତ୍ୟ ଶିବତମ
ସଂଯମ ଶୃଂଖଳ ଦୁଃଖେ ଆତ୍ମସାଧନାର
ମିଳେ ତାହା, ସେଇ ଏକା ପ୍ରେମ ।

ଏଠାରେ ନୈସର୍ଗିକ ବୃତ୍ତି, ଆଦାନ-ପ୍ରଦାନ ଓ ଆଦର୍ଶ ସବୁ ସ୍ପଷ୍ଟ ଓ ଏକାଧାରନିଷ୍ଠ ।

(୨)

ଏଇଠାରେ ଆଉ ଗୋଟିଏ କଥା କହିବାର ଅଛି । ଶବ୍ଦର ସୂଚନାରେ ପରଂପରା ଛାଡ଼ିବା ବା ବିଗାଡ଼ିବା ଠିକ୍ ନୁହେ । ଶବ୍ଦଗୁଡ଼ିକ ସଂସ୍କୃତିର ଭଂଡ଼ାର । 'ଦୁର୍ଭିକ୍ଷ' ନ କହି,

Digitized by PPRACHIN, SOA

'ଭୋଖରେ ମରିବା କାଳ' କହିବାଠାରୁ ପ୍ରଣୟ ବା ପ୍ରୀତିକୁ 'ଭଲପାଇବା' କହିବା ଆହୁରି ଦୂଷଣୀୟ । କାରଣ, ଏଠାରେ ପ୍ରବୃତ୍ତିର୍ର ତାଡ଼ନା ପରଂପରା ଭାଂଗିବାକୁ ସର୍ବଦା ନିଜେ ନିଜେ ବଳିଷ୍ଠ ଭାବରେ ଜାଗ୍ରତ । 'ଭଲପାଇବା' କଥାଟି ପୁଣି ଲୋକଂକୁ ବୃଥାରେ ନୂଆ କରି ଶିଖାଇବାକୁ ହେବ । ଏହା ବଂଗଳା 'ଭାଲୋବାସା' ଓ ଓଡ଼ିଆ 'ସୁଖ ପାଇବା'– ଏଇ ଦୁଇ କଥାର ମିଶ୍ରଣରେ ତିଆରି ହୋଇଚି । ଶବ୍ଦଶକ୍ତିର ପାରଂପରିକ ପ୍ରକାଶ ଦେଖିଲେ, ଏ ଦୁଇଟିଯାକ ପୁଣି ଭାରତୀୟ ଆଦର୍ଶରେ ଗଢ଼ା । 'ଭାଲୋବାସା'– ଅର୍ଥାତ୍, ଭଲଭାବରେ ବାସ କରିବା ବା ସାମାଜିକ ଗୃହସ୍ଥତା କରିବା । 'ସୁଖ ପାଇବା'– ଅର୍ଥାତ୍, ସାହଚର୍ଯ୍ୟରେ ସୁଖୀ ହେବା । କିଂତୁ 'ଭଲପାଇବା'ରେ ସେପରି ସୂଚନା ନାଇ । ଏକ ପକ୍ଷରୁ ଭଲ ଜିନିଷଟାଏ ପାଇବା ଏହାର ଅର୍ଥ ହୋଇପାରେ । ପରଂପରାର ସୂଚନାକୁ ଲକ୍ଷ୍ୟ ନରଖି ନୂଆ କରି ଭର୍ତି କଲେ ପୁଣି ବିଶେଷରେ ଏପରି ଶବ୍ଦରେ ବଡ଼ ଶୀଘ୍ର ଅର୍ଥରେ ଦୁର୍ଗତି ଓ ଅପଗତି ଘଟିପାରେ । ଏଇ ଅର୍ଥରେ ପୁରୁଣା ପାରଂପରିକ ଶବ୍ଦର ମଧ୍ୟ ସେ ଗତି ହୋଇଚି । ଇଂରେଜିରେ 'ଲଭ୍' (ପୀରତି), ସଂସ୍କୃତ ବା ପ୍ରାକୃତ ଭାଷାରେ ରତି ଏହାର ଉଦାହରଣ । ରମଣ, ରମ୍ୟ, ରମଣୀୟ ପ୍ରଭୃତି ଅର୍ଥରେ ସେତେ ବିଗିଡ଼ି ନାଇ । ମାତ୍ର, ରତିର ଅବସ୍ଥା ତା' ନୁହେ । ଓଡ଼ିଆରେ 'ଘେନାଘେନି' ଶବ୍ଦ ଏଇ ପ୍ରଣୟ ବା ପ୍ରେମ ଅର୍ଥରେ ପୂର୍ବେ ବହୁତ ବ୍ୟବହୃତ ହୋଇଚି ।

ଯଥା–

"ମନ ଜାଣିବାକୁ ପ୍ରିୟାସମ ଜଣେ
ଖୋଜିଲେ ନଥିବ ଆଉ
ମୋ ମନେ ଘେନୁଚି ପ୍ରୀତି ଘେନିବାକୁ
ତାହାରି ସମାନ ସେହୁ ।"
"ପ୍ରାଣରୁ ଅଧିକ ଯେଉଁ ଘେନାଘେନି
ତାକୁ ଯାହା କରେ ଭିନ୍ନ
ପବି ପତନ କିପାଁ ଶିରେ ନକରେ
ଜାଣିଲି ଅତି ପିଶୁନ ।"

–ଉପେଂଦ୍ର ଭଂଜ

ଘେନାଇ ଆଂଭେ ଯେତେ କହିଲୁ ଗୋ
ଘେନିଲୁ ନାହିଁ ବାଳା ପହିଲୁ ଗୋ । –କବିସୂର୍ଯ୍ୟ

କିଂତୁ ଏଇ 'ଘେନା', 'ଘେନିବା' ଓ 'ଘେନାଘେନି' ଶବ୍ଦମାନଂକର କି ପରିଣାମ ହୋଇଚି, ଅଶ୍ଳୀଳତା ଭୟରେ ତା ଲେଖି ହେଉନାଇ ('ପୂର୍ଣଚଂଦ୍ର ଓଡ଼ିଆ ଭାଷାକୋଷ', ୨ୟ ଖଂଡ଼ ୨୨୨୩ ପୃଷ୍ଠା ପ୍ରଥମ ସ୍ତଂଭର ଶେଷଠାରୁ ଥିବା ଶବ୍ଦମାନଂକର ମୂଳ ପ୍ରକୃତି ଲକ୍ଷ୍ୟ କର) । ସଂସ୍କୃତ 'ପ୍ରଣୟ' କଥାଟି ନିଜେ ଅର୍ଥରେ ବିକୃତ ହୋଇ ନଥିଲେ ମଧ୍ୟ

Digitized by PPRACHIN, SOA

'ପାପ-ପ୍ରଣୟ' କଥାଟିରେ ଏହାର ବିକୃତି ଆଡ଼କୁ ଗତି ସ୍ପଷ୍ଟ । ଏ ସବୁ ଦେଖିଲେ ମନେହୁଏ, ନୂଆ ଶବ୍ଦ ତିଆରି ଓ ଆମଦାନି, ବିଶେଷତଃ ଏପରି ପ୍ରସଂଗରେ ଏକପ୍ରକାର ନିଆଁରେ ଖେଳିବା କଥା ।

ପୁଣି 'ଶେଷକଥା' । ଏହା ଲୋକେ ବୁଝିବେ ନାଇ । ଉପରେ 'ନିୟତି' (ସଂସ୍କୃତ) ଓ 'ଗତି' (ଓଡ଼ିଆ) ଶବ୍ଦମାନଙ୍କ କଥା କୁହାଯାଇଚି । ଶବ୍ଦ ପ୍ରୟୋଗରେ ବୃଥାରେ ପରଂପରା ଛିଂଡ଼ାଇଦେଲେ, ଲୋକରେ ସାହିତ୍ୟ ବିକାଶ ପାଇବାରେ ବାଧା ପଡ଼େ । ସେ ସଂବଂଧରେ ବିଶେଷ ଆଲୋଚନା ଏଠାରେ ଅନାବଶ୍ୟକ । ଅବଶ୍ୟ ଦରକାର ପଡ଼ିଲେ ନୂଆ ଜିନିଷ ଓ ଭାବର ପ୍ରକାଶ ପାଇଁ, ନୂଆ ଶବ୍ଦ ଭାଷାକୁ ଅଣାଯାଇ ପାରେ । ତାହା ଅଯଥା ଆମଦାନୀ ନୁହେ ।

[ନବଭାରତ, ବିଛା ୧୩୪୭]

# ଯୌବନର ପ୍ରଭାବ ଓ ପ୍ରତିଷ୍ଠା

ଗୋଟିଏ ମତଅଛି, ଯୌବନ ବିଷମ କାଳ । ଏକ ଅର୍ଥରେ ଏହା ସତ୍ୟ । ଜୀବନର ସ୍ୱତୋବିକାଶ ଯୌବନରେ ଆରଂଭ ହୁଏ । ଏତେବେଳେ ଆଦର୍ଶର ବ୍ୟଂଜନା ଓ ଆଶାର ଉଦ୍ଦୀପନାରେ ତରଳ ଯୁବପ୍ରାଣ ଘନଘନ ଉଦ୍ବେଳିତ ହୁଏ । ମାନବ ଯୌବନ ଦେଖିଲେ ଦେଖାଯାଏ ଯୌବନରେ ପ୍ରାଣ ଅନଂତ ଇଂଗିତରେ ବିସ୍ତାରିତ ହୁଏ । ପ୍ରବୀଣର ସାମର୍ଥ୍ୟ ଓ ଶୁଭାଶୁଭ ଗଣନା ଯୁବକ ବୁଝେନାହିଁ । କର୍ମରେ ବିବେକ ନଥିଲାପରି ଅନଂତ ଶକ୍ତିର ପ୍ରେରଣାରେ ତାହାର ଆତ୍ମା ତଥା କର୍ମେଂଦ୍ରିୟମାନେ ଚାଳିତ ହୁଅଂତି । ବେଳେ ବେଳେ ଆଦର୍ଶ ଅସ୍ଥିର ହୁଏ ଏବଂ କ୍ରିୟାର ମାର୍ଗ ମୁହୁର୍ମୁହୁଃ ପରିବର୍ତ୍ତିତ ହୁଏ । ପ୍ରବୀଣ ପକ୍ଷରେ ଏପରି କ୍ରିୟାର ଗତି ଓ ଆଦର୍ଶ ଅନିର୍ଦ୍ଦିଷ୍ଟତା ବିଷମ ଓ ଯୌବନର ବିଶ୍ୱତୋମୁଖୀ କର୍ମ ପ୍ରବଣତା, ଦୁଃସାହସର ଫଳ ।

ମାତ୍ର ଯୌବନ ଯେ ଏହି ଅର୍ଥରେ ସବୁବେଳେ ବିଷମ ବୋଲି କୁହାଯାଏ ତାହା ନୁହେ । କେତେକ ତିତୀକ୍ଷୁ ଦର୍ଶନବାଦୀଂକ ମତରେ ଜୀବନ ଗୋଟିଏ ସଂଯମର ପରଂପରା ମାତ୍ର । ଅନଂତ ନିରୋଧହିଁ ଜୀବନର ପରମ କର୍ତ୍ତବ୍ୟ । ସମସ୍ତ ବିକାଶହିଁ ନିରୋଧର ନାମାଂତର ମାତ୍ର । ପାପ ପ୍ରବୃତ୍ତିମୟ ଜୀବନ ତୁଚ୍ଛ, ଜନ୍ମବଂଧ କର୍ମମାୟା ଏସବୁ ଛାଡ଼ିବାକୁ ହେବ । ସତ୍ୟ, ସିଦ୍ଧି ବା ମୁକ୍ତି ଏସବୁର ମଧ୍ୟରେ ନାହିଁ । ତାହା ଜୀବନଠାରୁ ଭିନ୍ନ– ଜୀବନର ନିରୋଧରେ । ଜୀବନର କ୍ରିୟାକଳାପରେ ଉପଭୋଗର ସ୍ଥାନ ନାହିଁ– ସମସ୍ତ ଭୋଗହିଁ ବିଳାସ– କେବଳ ପ୍ରମାଥୀ କର୍ମେଂଦ୍ରିୟର ସ୍ୱେଚ୍ଛାଚାରିତା ।

ଆପାତତଃ ପ୍ରକୃତିର ପ୍ରଭାବ ବଡ଼ ନିରଂକୁଶ ଓ ବିଶୃଂଖଳ । ଆଦର୍ଶର ସାଧନା ବେଳେ ଏ ପ୍ରବୃତ୍ତିଜନିତ କ୍ରିୟାରେ ସଂଯମ ଲୋଡ଼ା । କିଂତୁ ଏ ସଂଯମର ସାଧନା ପାଇଁ

Digitized by PPRACHIN, SOA

ଏକାବେଳେକେ ଅଧୀର ହେବା ଠିକ୍ ନୁହେ । ନିରୋଧରେ ବିଶୃଂଖଳ ପ୍ରବୃତ୍ତିର ବିନାଶ ହୋଇପାରେ, କିଂତୁ ଜୀବନରେ ବିକାଶର ଶୃଂଖଳା ଫୁଟିବ କିପରି ? ପ୍ରବୃତ୍ତିର ବିଶୃଂଖଳା ହେୟ ହୋଇପାରେ, ମାତ୍ର ହେୟର ବର୍ଜନ ମାତ୍ରେ ଉପାଦେୟ ମିଳେନାହିଁ । ଉପାଦେୟର ଆହରଣ ନିମଂତେ ସ୍ପଷ୍ଟ ପ୍ରଯତ୍ନ ନଥିଲେ କେବଳ ନିରୋଧରେ ହେୟର ବିନାଶ ମଧ୍ୟ ସଂଭବ ନୁହେ । ଆତ୍ମା ଗୋଟାଏ ବିକାଶ-ପରାୟଣ ସ୍ଥାୟୀ ଶକ୍ତି । କେବଳ ପ୍ରବୃତ୍ତି ନିରୋଧରେ ତାହାକୁ ଶୂନ୍ୟ ଓ ଗୁଣହୀନ କହି ହେବନାହିଁ । ଜୀବନରେ ଆହରଣ ଓ ବିକାଶ ନିମଂତେ ସ୍ଥାନ ରଖିବାକୁ ହେବ । ଆତ୍ମାରେ ବିକାଶର ବୀଜ ପ୍ରତି ଲକ୍ଷ୍ୟ କରିବା ଉଚିତ ।

ସେଥିପାଇଁ ଜୀବନରେ ଅସାରତାର ଅଂଧକାର ନଦେଖି ସର୍ବଦା ଆଲୋକର ଇଂଗିତ ଅନୁଭବ କରିବାକୁ ହେବ । ପ୍ରବୃତ୍ତି ନିରଂକୁଶ ଓ ବିଶୃଂଖଳ ହୋଇପାରେ କିଂତୁ ପ୍ରବୃତ୍ତିର ମୃତ୍ୟୁରେ ଜୀବନର ବିକାଶ ନୁହେ, ପ୍ରବୃତ୍ତିର ବ୍ୟାପ୍ତିରେହିଁ ଜୀବନର ମୁକ୍ତି । ପ୍ରବୃତ୍ତିର ସମସ୍ତ ବିଶୃଂଖଳା ଓ ନିରଂକୁଶତା ମଧ୍ୟରେ ଆତ୍ମାର ଏହି ଅନଂତ ବ୍ୟାପ୍ତି, ଏହି ବିଶାଳ ଉପଭୋଗ ମଧ୍ୟରେ ଜୀବନର ସାରସତ୍ୟ କର୍ମେଂଦ୍ରିୟମାନଙ୍କର ଘୋର ଚପଳ ଚାଳନାରେ ଆଦର୍ଶର ସ୍ଥିରତା ଓ ବ୍ୟକ୍ତିତ୍ୱର ପ୍ରତିଷ୍ଠା ।

ଏହି ବିଷମ ଯୌବନରେ ଆତ୍ମାର ଅସୀମ ସମତା । ପ୍ରବୃତ୍ତିର ଉଚ୍ଛୃଂଖଳତା ତଥା କର୍ମର ଚପଳତା ମଧ୍ୟରେ ପ୍ରାଣର ଅନଂତ ଉନ୍ମେଷ । ଯୁବକର ଉଦ୍ଦାମ ତେଜରେ ବିଶ୍ୱ ଶକ୍ତିର ପ୍ରେରଣା । ଆଶାର ନିରଂକୁଶ ସରସତା ମଧ୍ୟରେ ବିଶ୍ୱପୀତିର ପ୍ରତିଷ୍ଠା । ସ୍ଥୂଳତଃ ବିଶୃଂଖଳ ଯୌବନ ମଧ୍ୟରେ ହିଁ ଆଦର୍ଶର ମହା ଶୃଂଖଳା ।

ଯୌବନର ବିଶାଳ ସାଧନାରେ ଜୀବନର ଅମେୟସ୍ଫୂର୍ତ୍ତି ପ୍ରକଟିତ ହୁଏ । ବିଶ୍ୱସିଦ୍ଧିର ପରମବୀଜ ଏହିଠାରେ । ଏହି ଯୌବନହିଁ ମହାଶକ୍ତିର ପୀଠ ଓ ପରମ ଆଦର୍ଶର ପ୍ରତିଷ୍ଠାନ । ଏହାହିଁ ଏକାବେଳକେ ଭୋଗ୍ୟ ଓ ଆରାଧ୍ୟ । ସାଂତ ଜୀବ ଜଗତରେ ଏହାହିଁ ଅନଂତର ଆଧାର, ଏହାହିଁ ସାର୍ବଭୌମ ଓ ନିତ୍ୟ । ଯୌବନର ପୂଜାହିଁ ଜୀବନର ସାଧନା, ଯୌବନର ବ୍ୟବହାର ଜୀବନର ସିଦ୍ଧି । ଜଗତର ପରମ ଆଦର୍ଶ ସର୍ବବ୍ୟାପୀ ବିଶ୍ୱାତ୍ମା ଏହିଠାରେ ପ୍ରାଣେ ପ୍ରାଣେ ପ୍ରତିଭାତ ହୁଅଂତି । ଜଗତର ଅନଂତ ବୈଷମ୍ୟ ଓ କର୍ମଲୀଳା ଏହିଠାରେ ଇଂଗିତରେ ପ୍ରତିଭାତ ହୁଏ । ଏହି ଯୌବନରେ ମରରାଜ୍ୟରେ ଦେବତାଂକର ଆବିର୍ଭାବ । ଏହାହିଁ ଅନଂତର ବିଳାସ ଭୂମି ଓ ସାର ସତ୍ୟର ନିଦାନ ।

ଅନଂତ ମହିମାଶୟ ବିଶ୍ୱଶକ୍ତି ଜୀବନରୂପ ଦର୍ପଣରେ ପ୍ରତିବିଂବିତ ହୁଏ । ଜୀବନପରି ଗୋଟିଏ ଶକ୍ତି ଦେଖି ଆଂଭେମାନେ ବିଶ୍ୱାତ୍ମାର ଧାରଣା କରିବାକୁ ସମର୍ଥ ହେଉ । ଏହି ଜୀବନହିଁ ବିଶ୍ୱଶକ୍ତିର ଇଂଗିତ— ଏହା ଗୋଟିଏ ବିକାଶମୟ ଶକ୍ତି । ଆତ୍ମବିକାଶ ଏହାର ଧର୍ମ । ଆତ୍ମବୋଧ ଏହାର ସିଦ୍ଧି । ନିରୋଧ ଫଳରେ ନିର୍ବାଣ ଆଶା କରାଯାଇପାରେ । କିଂତୁ ଭୋଗର ଶୃଂଖଳାରେ ଆତ୍ମବୋଧର ପ୍ରତିଷ୍ଠା ନହେଲେ, ଜୀବନର ଭୂୟୋବିକାଶରେ

Digitized by PPRACHIN, SOA

ପ୍ରବୃତ୍ତି ସୁସଂଯତ ନହେଲେ ଆଦର୍ଶ ସ୍ଥିର ହୁଏନାହିଁ । ଏହି ଆଦର୍ଶ ସ୍ଥିର ହେଲେ ଶଂକରଂଙ୍କ ଭାଷାରେ କୁହାଯାଇପାରେ "ତତ୍ତ୍ୱମସି" । ସେଥିପାଇଁ ଏହି ଅନଂତ ବିଶୃଙ୍ଖଳ ବିଷମ ପ୍ରବୃତ୍ତି ରାଶିର ଯଥାର୍ଥ ଉପଭୋଗରେ ଅନଂତ ନାମରୂପମୟ ବିଶ୍ୱଜଗତ୍ ଆତ୍ମବୋଧରେ ଆଣିବାକୁ ହେବ । ବାସ୍ତବିକ ଅନୁଭବ କରିବାକୁ ହେବ । 'ସୋଽହଂ' ଯୌବନହିଁ ଏ ସମସ୍ତ ଅନୁଭୂତିର ମୂଳାଧାର । ତେଣୁ କୁହାଯାଇଅଛି ଏହିଠାରେ ବିଶ୍ୱଦେବତାଂକର ଆବିର୍ଭାବ ।

ଶିଶୁର ଆତ୍ମବିକାଶରେ ଅଧିକାର ନାହିଁ । କେବଳ ମନୁଷ୍ୟ କଥା ନୁହେଁ; ସମସ୍ତ ସ୍ଥାବରଜଂଗମ ଜୀବଜଗତରେ ଏହି ନୀତି ଇତର ବିଶେଷ ଅନୁସରଣୀୟ । ପଶୁପକ୍ଷୀର ଶିଶୁ ଅଳ୍ପ କାଳ ପାଇଁ ଆଶ୍ରୟ ଲୋଡ଼େ । ବୃକ୍ଷ ବୀଜରେ ଶିଶୁ ଖାଦ୍ୟ ସଂଚୟ କରି ତାହାର ବିକ୍ଷେପ କରେ । ମନୁଷ୍ୟ ଜାତିରେ ମଧ ନିରାଶ୍ରୟ ଶିଶୁ ପିତା ମାତା ସ୍ୱଜନାଦିଂକର ଅନଂତ ଦୟା ଓ ଅନଂତ ପ୍ରୀତିରେ ବିକାଶ ଲାଭ କରେ । ବିଶ୍ୱଶକ୍ତିର କି ମହା ଇଂଗିତରେ ମାତା ପ୍ରାଣଦାନ କରି, ପିତା ସର୍ବସ୍ୱାର୍ଥ ଭୁଲି, ଆତ୍ମୀୟ ସ୍ୱଜନମାନେ ପ୍ରାଣର ଅନଂତ ଆଗ୍ରହରେ, ଶିକ୍ଷକ ଓ ଗୁରୁଜନମାନେ କି ସଂଯତ ସଂତର୍ପଣାରେ ଶିଶୁକୁ ଯୁବକ କରଂତି ତାହା କିଏ କହିବ କି ? ଜଗତରେ ଏ ନିଃସ୍ୱାର୍ଥ ପ୍ରୀତିର ଲୀଳା କେହି ବିଶ୍ଳେଷଣ କରି ପ୍ରବୀଣ ସୁଲଭ ହିସାବ କିତାବ ଦେଖାଇ ବୁଝାଇ ପାରିବେ କି ?

ନିରାଶ୍ରୟ ଶିଶୁର ବିକାଶ ପାଇଁ ଏହି ବିଶ୍ୱପ୍ରୀତି ଓ ଅନଂତ ଉଦାରତାରେ ଆତ୍ମାର ମହାଶକ୍ତି ଦେଖିବାକୁ ହେବ । ବିଷମ ବିଚିତ୍ର ଜଗତ ଏହି ମହାପ୍ରୀତିର ଲୀଳାଭୂମି । ଏହି ମହାପ୍ରୀତି ବଳରେ ଜଗତର ସମସ୍ତ ବିଷମତା ମଧ୍ୟରେ ସମତା ପ୍ରତିଭାତ ହୋଇଅଛି । ଜଗତର ବସ୍ତୁରାଶି ପରସ୍ପରର ଅପେକ୍ଷାରେ ମହାବିଶ୍ୱର ଏକତ୍ୱ ରଖି ଅଛଂତି । ଏହି ଅପେକ୍ଷା, ଏହି ପ୍ରୀତିଲୀଳା ମୁହୂର୍ତ୍ତକ ପାଇଁ ଅବିଚ୍ଛିନ୍ନ ହେଲେ ସମସ୍ତ ବିଶ୍ୱଜଗତ ବାସ୍ତବିକ ବିଶୃଙ୍ଖଳ ହେବ । ଜଗତର ସମସ୍ତ ଆପାତ ବିଶୃଂଖଳତା ମଧ୍ୟରେ ଏହି ବିଶ୍ୱମୈତ୍ରୀ ଆଦର୍ଶର ସଂଯମ ରଖିଅଛି । ଶିଶୁପ୍ରାଣ ଏହି ଅପେକ୍ଷାର ସଂବଂଧ ଓ ଏହି ବିଶ୍ୱମୈତ୍ରୀର ଲୀଳାରେ ବିକାଶ ଲଭୁଅଛି । ଫଳରେ ଏହି ଅନଂତ ବିଶ୍ୱର ମହାଶକ୍ତି ଅନଂତ ପ୍ରୀତିରୂପରେ ଶିଶୁର ବିକାଶରେ କ୍ରମଶଃ ପ୍ରକଟିତ ହେଉଅଛି । ଯୌବନ ଶିଶୁର ଏହି ବିକାଶର ଚରମ ସୀମା । ଏହିଠାରେ ଆତ୍ମବିକାଶର ପ୍ରାରଂଭ ଓ ବିଶ୍ୱମୈତ୍ରୀର ସ୍ୱତୋବିକାଶ । ନିରାଶ୍ରୟ ମାନବ ଶିଶୁ ଯେତେବେଳେ ଯୌବନରେ ପଦାର୍ପଣ କରେ ତାହାର ଅଂଗପ୍ରତ୍ୟଙ୍ଗ ସୌଷ୍ଠବମୟ, ପୁଷ୍ଟ ଓ କର୍ମକ୍ଷମ ହୁଏ ଓ ସେତେବେଳେ ତାହାର ଅନଂତ ପ୍ରବୃତ୍ତି ଏକାବେଳକେ ଜାଗି ଉଠେ । କେବଳ ମନୁଷ୍ୟର ନୁହେ, ସମସ୍ତ ଜୀବ ଜଗତରେ ଏହି ଶାରୀରଭାବ ସ୍ପଷ୍ଟ । ମୈତ୍ରୀର ପ୍ରସାର କରିବା ପାଇଁ ବିଶ୍ୱବିକାଶର ଅଜ୍ଞାତ କାମନାରେ ତାହାର ଶାରୀରିକ ଆତ୍ମ-ବିକାଶ । ଏହି ଆତ୍ମ-ବିକାଶରେ ସେ ନିଜକୁ ଅପୂର୍ଣ୍ଣ ମନେକରେ । ଶିଶୁ ବୃକ୍ଷ ଯୁବକ ହୋଇ ଆଉ ପତ୍ର ବାହାର ନ କରି ଫୁଲ ଫୁଟାଇ ଦିଏ । କିଏ କହିବ କି ଅନଂତ

Digitized by PPRACHIN, SOA

ଉନ୍ମାଦନାରେ ପୁଷ୍ପର ଗର୍ଭକୋଷ ପରାଗ ସଂଗମ ପାଇଁ ଚାହିଁ ବସିଥାଏ । ପରୀକ୍ଷା କରି ଦେଖା ଯାଇଅଛି ପରାଗ ପ୍ରତୀକ୍ଷାରେ ନବପୁଷ୍ପର ଉଷ୍ଣତା ମାନବର ଶରୀର ଉଷ୍ଣତାଠାରୁ ଅଧିକ । ସମସ୍ତ ଶରୀରକୁ ଉଷ୍ଣ କରି ମଧୁକୋଷ ଘେନି ପୁଷ୍ପ କି ଆବେଗରେ ତିନି ଘଂଟାରୁ ଅଧିକ କାଳ ଭ୍ରମରର ପଦରେଣୁ ପ୍ରତୀକ୍ଷାରେ ଚାହିଁ ବସିଥାଏ । ଗୋଟିଏ ରେଣୁ କଦାଚିତ୍ ପାଇଲେ ତାହା ସଂଗେ ସଂଗେ ଗର୍ଭରେ ସଂଚୟ କରି ଆବେଗ ଛାଡ଼ିଦିଏ । ଜୀବନର ସମସ୍ତ ଶୋଭା ସଂପଦ ଦାନ କରି ଆହା ସତେ କି ଫୁଲଟି ପରାଗ ସଂଗମରେ ଆତ୍ମାକୁ ପୂର୍ଣ୍ଣ ମନେକରେ ।

ଜଂତୁ ଜଗତରେ ଏକଥା ବୁଝାଇବା ନିଷ୍ପ୍ରୟୋଜନ । ଯୌବନର ପ୍ରାରଂଭ ମାତ୍ରେ ଶରୀର କି ଉନ୍ମାଦନାରେ କାହିଁକି ଅନ୍ୟ ସଂଗେ ମିଶିଯିବାକୁ ଚାହେଁ, ଯେଉଁ ମୈତ୍ରୀ ଲୀଳାରେ ଶିଶୁ ବଢ଼ି ଯୁବକ ହୋଇଅଛି ସେହି ମୈତ୍ରୀର କି ଅସ୍ଫୁଟ ଇଂଗିତରେ ରମଣୀ ପୁରୁଷର ସଂଗମ ହୁଏ, ତାହା ଦର୍ଶନ ତର୍କର ସୀମାତୀତ । ଭାବମୟ ବିଧାତାଂକ ରାଜ୍ୟରେ ପ୍ରାଣର ଏ ଭବଲୀଳା ଦେଖି ବିଶ୍ୱପ୍ରୀତିର ଏହି ଇଂଗିତରେ ବିଧାତାଂକୁ ଯେ ଦେଖିନାହିଁ ଦର୍ଶନର ତର୍କ ଜାଲରେ ତାହା ପ୍ରତି ସେ ଦ୍ୱାର ମୁକ୍ତ ନୁହେ ।

ମାନବ ଯୁବକର ଏ କ୍ଷେତ୍ରରେ ସ୍ୱାତଂତ୍ର୍ୟ ନାହିଁ । ଏହି ଯୌବନରେ ଅଂଗପ୍ରତ୍ୟଂଗର ସମ ସୌଷ୍ଠବ ଓ ଏହି ସୌଷ୍ଠବରେ ପ୍ରୀତିର ପ୍ରବାହ ଉଛୁଳି ଉଠେ । ଜଂତୁ ସାମାନ୍ୟରେ ତାହାର ରମଣୀ ପ୍ରୀତି ସ୍ୱାଭାବିକ । ସେହି ପ୍ରୀତିର ଅଂତରାଳରେ ପ୍ରାଣର ଯେ ବହ୍ନି ଜଳିଉଠେ, ସେ ଦୀପ୍ତିରେ ବିଶ୍ୱସଂସାର ଉଦ୍ଭାସିତ ହୁଏ । ସେ ପ୍ରୀତିରେ କେତେକ ପରିମାଣରେ ଶାରୀର ବୃତ୍ତି ଓ ପଶୁଧର୍ମ ଅଛି; କିଂତୁ ଏଠାରେ ମଧ୍ୟ ଯୁବକର ଅନଂତମୁଖୀ ଅଂତରାତ୍ମାର ଆଭାସ ମିଳେ । ସ୍ପଷ୍ଟ କରି କହିବାକୁ ଗଲେ କୁହାଯିବ ପ୍ରାଣର ଏହି ପ୍ରୀତିଦାନରେ ଅପର ସଂଗେ ପ୍ରାଣ ମିଶାଇ ଆତ୍ମ ବିକାଶ ଲାଭ କରିବାରେ ଯୁବକହିଁ କେବଳ ନଦୀ ପହଁରିପାରେ– ଅଲଂଘ୍ୟ ପ୍ରତିବଂଧନ ଲଂଘିପାରେ । ଏପରି କି ପ୍ରାଣପର୍ଯଂତ ବିସର୍ଜନ କରିବାରେ ତିଳେମାତ୍ର କୁଣ୍ଠିତ ହୁଏନାହିଁ । ଏହି ଶରୀର ଧର୍ମ ଓ ପଶୁ ପ୍ରବୃତ୍ତିରେ ମଧ୍ୟ ଯୁବକର ଆତ୍ମକ୍ରିୟାରେ ବିଶୃଂଖଳତା ନାହିଁ । ଅନଂତ ଶକ୍ତି ଓ ଅନଂତ ପ୍ରୀତି ଅନଂତ ଉନ୍ମାଦନାରେ ଯୁବକକୁ ଭସାଇ ଦିଏ । ଏହି ଇଂଦ୍ରିୟପରତଂତ୍ରତା କେବଳ ଯୁବକର ସ୍ୱତଂତ୍ର ଅଧିକାର ନୁହେ, ପ୍ରବୀଣ ମଧ୍ୟ ଇଂଦ୍ରିୟପରତଂତ୍ର ହୁଏ । କିଂତୁ ପ୍ରବୀଣ ପ୍ରାଣରେ ସେ ଉନ୍ମାଦନା ନାହିଁ । ଅନଂତର ସେ ଇଂଗିତ ନାହିଁ । ପ୍ରାଣର ସେ ବିଶାଳତା ନାହିଁ । ପରପାଇଁ ପ୍ରାଣ ଦେବାର ସେ ସାମର୍ଥ୍ୟ ନାହିଁ । ପ୍ରବୀଣ ଇଂଦ୍ରିୟାସକ୍ତ ହେଲେ ହିସାବ କରି ସୁଯୋଗ ଖୋଜି ବୁଲେ; ମାତ୍ର ଯୁବକ ଅନଂତ ଉନ୍ମାଦନାରେ– ବିଶ୍ୱପ୍ରୀତିର ପ୍ରେରଣାରେ ପ୍ରାଣ ଭସାଇ ଦିଏ । ବିଳାସୀ ପ୍ରବୀଣର କାର୍ଯ୍ୟ ଭୋଗ– ପରମାରାଧ ବିଶ୍ୱପ୍ରାଣ ଯୁବକର କାର୍ଯ୍ୟ ଦାନ । ପ୍ରବୀଣ ଭୋଗରେ ପ୍ରବୃତ୍ତି ଚରିତାର୍ଥ କରି ଆତ୍ମରକ୍ଷା କରେ– ପ୍ରବୃତ୍ତିର ବିଶାଳ ଇଂଗିତରେ ପ୍ରାଣ ଦାନ କରିବାକୁ ଯୁବକହିଁ ସମର୍ଥ ।

Digitized by PPRACHIN, SOA

ଏ ତ ସାମାନ୍ୟ ଜୀବୀ ଧର୍ମ । ଯେକୌଣସି ଦେହୀ ଏହି ଧର୍ମରେ ବିଜ୍ଞାଶଲଭିବ । ମାତ୍ର ମନୁଷ୍ୟ କେବଳ ଶରୀର ଧର୍ମରେ ଆବଦ୍ଧ ନୁହେ । ସମସ୍ତ ଶରୀର ଧର୍ମମଧ୍ୟରେ ଆତ୍ମବିକାଶ ମନୁଷ୍ୟର ବିଶେଷ । ଜୀବମାନଙ୍କର ଆଦର୍ଶ ବିଶ୍ୱରାଜ୍ୟର ଅନଂତ ବିଧାନରେ ସର୍ବଦା ଜୀବ ସମ୍ମୁଖରେ ଧରାହୋଇ ରହିଅଛି । ଭୂମି ଓଦାହେଲେ ଉଇ ବାହାରିପଡ଼ଂତି । ଡିଂବ ଦେବାର ସମୟ ହେଲେ ପକ୍ଷୀ ବସା ତିଆରି କରିବା ପାଇଁ କୁଟାକାଠି ଖୋଜିବୁଲେ । ମରଣ ଭୟରେ ଆତୁର ହେଲେ ମଧ୍ୟ ପଶୁ ଗ୍ରାସ ଦେଖି ଜିଂଘାସୁର ଅନୁସରଣ କରେ । ମାତ୍ର ମନୁଷ୍ୟ ସମସ୍ତ ଶରୀରବଂଧ ମଧ୍ୟରେ ସର୍ବଦା ଚିଂତା ଓ କଳ୍ପନାରେ ଆଦର୍ଶ ଦେଖୁଅଛି । ଇଂଦ୍ରିୟ ଭୋଗରେ ମାନବ ସୁଖ ପାଏନାହିଁ– ସେ ସୁଖପାଏ ତୃପ୍ତିର ଆଶାରେ – ଭୋଗର କଳ୍ପନାରେ । ତାହାର ଶରୀର-ଧର୍ମ ଏହି କଳ୍ପନାରେ ଆଦର୍ଶରେ ନିୟମିତ ହୁଏ– ସୁଦୂର ଚିଂତାରେ ତାହାର ନିକଟ ସଂଯତ ହୁଏ । ସଂଯମର ଦୁଃଖରେ ସେ ଆଦର୍ଶ ଲାଭର ସଂତୋଷଲାଭ କରେ । ସେଥିପାଇଁ ମାନବ ଜୀବନରେ ଜୀବ ଧର୍ମର ଆପାତ ନିୟମ ଓ ଭୋଗର ନିର୍ଦ୍ଦିଷ୍ଟତା ସବୁବେଳେ ଭାଂଗି ଯାଉଅଛି । ସେ ଆଶାର ଇଂଗିତରେ ଆପାତସୁଖ ବଳିଦାନ କରି ସଂଯମର କ୍ଲେଶ ଓ ସାହସର ବିଶ୍ୱାସରେ ପୁଲକିତ ହେଉଅଛି । ଯାହା କରିବାକୁ ପ୍ରବୃତ୍ତି ହେଉଅଛି ତାହା ଭିତରେ ମନୁଷ୍ୟ ସର୍ବଦା 'ଗୋଟିଏ କରିବାର ଉଚିତ' ଖୋଜୁଅଛି ।

ସେଥିପାଇଁ ଯୁବକପ୍ରାଣର ରମଣୀ-ବିଳାସରେ ଅନଂତ ମାନବ ଆତ୍ମାର ଇଂଗିତ ଥିଲେ ମଧ୍ୟ ଇତର ଜଂତୁପରି ମନୁଷ୍ୟର ସେ ବିଳାସ ଭୋଗ୍ୟ ନୁହେ । ସେ ବିଳାସ ମଧ୍ୟରେ କେବଳ ଅନଂତର ଇଂଗିତହିଁ ମନୁଷ୍ୟର ସ୍ପୃହଣୀୟ ଓ ଶ୍ରେୟ । ଶରୀରତତ୍ତ୍ୱର ଜ୍ଞାନ ଓ ଜଗତର ଭୂୟୋଦର୍ଶନରେ ମାନବର ଏ ବିଳାସବାସନା ସଂଯତ ହେବା ଉଚିତ । ସ୍ପଷ୍ଟତଃ କୁହାଯାଇପାରେ ଯେ ବୟସରେ ମାନବର ଏ ଶାରୀର ବିଳାସର ବାସନା ଜାଗ୍ରତ ହୁଏ, ସେତେବେଳେ ତାହା ଭୋଗ୍ୟନୁହେ । ସେ ଜାଣେ ସେତେବେଳେ ସେ ଭୋଗର ପ୍ରଶ୍ରୟ ଦେଲେ ଶରୀର ଧ୍ୱଂସ ହେବ– ସେଥିପାଇଁ ବ୍ରହ୍ମଚର୍ଯ୍ୟର ବିଧି । ପ୍ରାଚୀନ ଓ ନବୀନ ଉଭୟ ମତରେ ୨୪ ବର୍ଷ ବୟସ ପୂର୍ବରୁ ଶରୀରର ସଂଗମ ବାସନା ଚରିତାର୍ଥ କଲେ ଶରୀରର ଗଠନ ଓ ନିର୍ମାଣ ଭ୍ରଷ୍ଟ ହୁଏ । ସେ ବିଳାସରେ ଯେଉଁ ଦ୍ରବ୍ୟର ଅପଚୟ ହୁଏ ତାହା ବାସ୍ତବରେ କ୍ଷିୟଷ୍ଣୁ ଓ ଏକପ୍ରକାରରେ ବ୍ୟକ୍ତିର ଅପଚିତି ନିମଂତେ କଳ୍ପିତ ହୋଇଥିଲେହେଁ ଚବିଶ ବର୍ଷ ବା ପୂର୍ଣ ଶାରୀର ଯୌବନ ପୂର୍ବରୁ ତାହା ଶରୀରର ଗଠନ ଓ ଦୃଢ଼ତା ନିମଂତେ ଅଭିପ୍ରେତ ।

ବ୍ରହ୍ମଚର୍ଯ ଓ ବୀର୍ଯଧାରଣ ସଂବଂଧରେ ଏଠାରେ ବିଶେଷ କହିବା ନିଷ୍ପ୍ରୟୋଜନ । ତରୁଣର ଅପଚାରରେ କି ମହାକ୍ଷତି ହୁଏ ତାହା ସମସ୍ତେ ଉଣାଧିକେ ଜାଣଂତି । ବିଳାସରେ ସଂଯମର ପ୍ରୟୋଜନୀୟତା ସର୍ବବାଦୀସମ୍ମତ । ଅନଂତ ଚିତ୍ରଜଗତ୍ ସଂଯମର ଲୀଳାଭୂମି ।

Digitized by PPRACHIN, SOA

ଜଗତରେ ଯେତେ ଦ୍ରବ୍ୟ ହୁଏ ସବୁ ବ୍ୟବହାରରେ ଲାଗେ ନାହିଁ । ସବୁ ମଂଜି ଗଛ ହୁଏନାହିଁ, ସବୁଜଳ କ୍ଷେତରେ ବର୍ଷେ ନାହିଁ । ଅନଂତ ସୌରରଶ୍ମି ମହା ଶୂନ୍ୟରେ ବିକ୍ଷିପ୍ତ ହୁଏ । ସେଥିରୁ ଅଳ୍ପମାତ୍ର ଗ୍ରହଜଗତ ଭୋଗ କରଂତି । ଜନ୍ମରେ ମୃତ୍ୟୁ, ବୃଦ୍ଧିରେ କ୍ଷୟ, ସାହସରେ ଭୟ, ସ୍ପୃହାରେ ଅଭାବ, ଚିଂତାରେ ଚତୁରତା, ବିକାଶରେ ଆଦର୍ଶ, ସମସ୍ତେ ସଂଯମର ଇଂଗିତ ଦେଉଅଛଂତି । ସୃଷ୍ଟିରେ ଆପେ ଆପେ ଯାହା ଘଟୁଅଛି ମାନବ ଇଚ୍ଛା କରି ତାହାରି ଅନୁବର୍ତ୍ତନ କରେ । ସୃଷ୍ଟି ଯେପରି ଅନଂତ, ବିଚିତ୍ର ଓ ବିଷମ ମାନବାତ୍ମା ସେହିପରି । ଅନଂତହିଁ ଯେପରି ସୃଷ୍ଟିର ସୀମା, ବିଚିତ୍ର ହିଁ ତାହାର ଯେପରି ଚିତ୍ର ଶିଳ୍ପ ଓ ବିଷମ ଯେପରି ସମବିଭବ, ମାନବପ୍ରାଣର ଅନଂତ ବିକାଶ ସେହିପରି ତାହାର ବ୍ୟକ୍ତିତ୍ୱର ମାନଦଂଡ-କର୍ମର ବିଶୃଂଖଳତା, ପ୍ରାଣର ଶୁଦ୍ଧ ପରଂପରା ଓ ପ୍ରବୃତ୍ତିର ବିଷମତା ତା'ର ବିଶ୍ୱତୋମୁଖ ସାମ୍ୟଭାବର ସୂଚନା ।

ମାନବପ୍ରାଣର ଏହି ନିତ୍ୟ ବିଶାଳଭାବ ପବୀଣତାରେ ଅବରୁଦ୍ଧ ହୁଏ । ସ୍ୱାର୍ଥ ସଂବଳିତ ହିସାବକିତାବରେ, ପୁରୁଷକାରର ଅତର୍କିତ ବିବେଚନାରେ ପ୍ରାଣର ଏ ସ୍ୱତୋବିକାଶ ସଂକୁଚିତ ହୁଏ । ଯୌବନର ଏ ବିଶ୍ୱବିକାଶ ଯେଉଁମାନେ ପ୍ରବୀଣଂମନ୍ୟ ହୋଇ ସଂକୁଚିତ କରଂତି ସେମାନେ ସୃଷ୍ଟିତଂତ୍ରରେ ଯୌବନର ପ୍ରଭାବ ଓ ପ୍ରତିଷ୍ଠା ବୁଝଂତି ନାହିଁ । ଯେଉଁ ଶାରୀର ବିଳାସବାସନାରେ ଯୁବକ ସ୍ପଷ୍ଟ ଉଦ୍‌ବୁଦ୍ଧ ହୁଏ ସେଠାରେ ମଧ୍ୟ ପ୍ରାଣର ଏ ଅନଂତ ଇଂଗିତ ଲକ୍ଷ୍ୟ କରିବାକୁ ହେବ । ଯୁବକ ସେତେବେଳେ ପ୍ରଥମେ ନିଜ ଭିତରୁ ବାହାରି କି ମହା ଆଦର୍ଶରେ ଅନୁପ୍ରାଣିତ ହୋଇ ପର ପାଇଁ ପ୍ରାଣ ଉତ୍ସର୍ଗ କରିବାକୁ ବ୍ୟାକୁଳ ହୁଏ ! ଏ ବ୍ୟାକୁଳତା ତାହା ପ୍ରାଣରେ ସୈଶ । ଏହା କାହାରି ଶିକ୍ଷା ନୁହେ । ଯୁବକ ପ୍ରାଣରେ ଏ ଅନଂତର ବିକାଶ ଯେ ବୁଝିନାହିଁ – ପ୍ରଣୟର ଏ ମହୀୟାନ ବିଭବ ଯେ ଆଲୋଚନା କରିନାହିଁ– ସଂସାରରେ ସେ କିଛି ଦେଖିନାହିଁ । ସଂସାର ମନୁଷ୍ୟର ହିସାବରେ ପୁରୁଷକାରର କଳନାରେ ଚଳୁନାହିଁ । ଅପୌରୁଷେୟ ନୀତି ପ୍ରାଣରେ ଖୋଜିବାକୁ ହେବ । ତାହାରି ଅନୁବର୍ତ୍ତନରେ ଜୀବନ ସାର୍ଥକ ହୁଏ । ଯୁବକ ପ୍ରାଣରେ ସେହି ଅପୌରୁଷେୟ ବାଣୀ ଫୁଟି ଉଠେ । ସେଥିରେ ଅଯଥା ବାଧା ଦେଇ ଯେଉଁମାନେ ଯୁବକକୁ ମନୁଷ୍ୟ କରିବେ ବୋଲି ଚାହାଂତି, ସେମାନେ ପୁରୁଷକାରରେ ଭ୍ରଷ୍ଟ ହୁଅଂତି– ପାପ କରଂତି ।

ତରଳ ଯୁବପ୍ରାଣରେ ବିଶ୍ୱଶକ୍ତିର ଅବତାର ହୁଏ । କେବଳ ପ୍ରୀତି ଏହାର ଲକ୍ଷଣ ନୁହେ, ଯୁବକ ବାସ୍ତବିକ ପ୍ରାଣକୁ ଅନଂତବୋଧ କରେ । ବିଶ୍ୱକୁ ସମ୍ମୁଖରେ ଉନ୍ମୁକ୍ତ ଦେଖେ । ଅନଂତ ସାଧନା ନିମଂତେ ଅନଂତ ଶକ୍ତି ଅନୁଭବ କରେ । ସମସ୍ତେ ଜାଣୁଥିବେ ଅତି କ୍ଷୁଦ୍ର କ୍ଷୁଦ୍ର କର୍ମରେ ମଧ୍ୟ ଯୁବକର ସଂକଳ୍ପ, ଅଳ୍ପକ ପାଇଁ ଯୁବକର ବିଶାଳ ଆତ୍ମୋତ୍ସର୍ଗର ସ୍ପୃହା– ଏପରିକି ପ୍ରତ୍ୟେକ ଅବରୋଧରେ ବିଶାଳ ବିରକ୍ତି ଦେଖିଲେ

Digitized by PPRACHIN, SOA

ବୋଧହୁଏ ଯୁବକହିଁ ଈଶ୍ୱରଂକର ଦୂତ; ମୃତ୍ୟୁ ସେ ଦେଖିନାହିଁ । ସିଦ୍ଧିର ପଂଥାରେ ବାଧା ସେ କଳ୍ପନା କରିନାହିଁ, ପ୍ରାଣ ତାହାର ଦାତବ୍ୟ– ପ୍ରୀତି ତାହାର ପ୍ରକୃତି – ବିଶ୍ୱ ତାହାର ପରିବାର – ଆଶା ତାହାର ଉପାସ୍ୟ – ଘଟନା ତାହାର କଲ୍ୟାଣ – ସାଧନା ତାହାର ସିଦ୍ଧି – ଇଚ୍ଛା ତାହାର ଆଶା ଓ ଆଶା ବିଶ୍ୱାସ । ଯେଉଁମାନେ ଜୀବନକୁ ଶୂନ୍ୟ ଅସାର ବୋଲି ଯୁବକକୁ ସଂଯମରେ ଦୀକ୍ଷିତ କରଂତି, ପଦେ ପଦେ ମୃତ୍ୟୁର ଭୟ ଦେଖାଇ ଯୁବକକୁ ସଂଯମ ଶିଖାଂତି, ସେମାନେ ଯୁବକ ଆତ୍ମାର ବିକାଶ କରଂତି ନାହିଁ – ବିନାଶ କରଂତି । ମୃତ୍ୟୁ ପ୍ରବୀଣର ଆଦର୍ଶ ହୋଇପାରେ, କାରଣ ସେ ଜୀବନର ପଶ୍ଚିମରେ ରହି ମୃତ୍ୟୁ ନିକଟରେ ଦେଖେ । କିଂତୁ ଯୁବକ ଜୀବନର ପୂର୍ବରେ ଅଛି । ପୂର୍ଣ୍ଣତା ତାହାର କାମନା – ବିକାଶ ତା'ର ପ୍ରକୃତି ।

ବାଧ୍ୟତା ବୋଲି ଗୋଟିଏ କଥା ଅଛି । ମାତ୍ର ଜଗତରେ ତାହା ବହୁ ଅପବ୍ୟବହାର ହୁଏ । ମନୁଷ୍ୟର ଗୋଟିଏ ପ୍ରକୃତି, ସେ ଅତୀତ ଅନୁଭବ ଅନୁମାନରେ ଅବିକଳ ଚିତ୍ର କରିପାରେ ନାହିଁ – ଏପରିକି ଘୋର ଶୀତରାତିରେ ଗ୍ରୀଷ୍ମ କାଳର ସ୍ନାନବିଳାସ କଳ୍ପନାରେ ସତ ବୋଲି ଜାଣିଲେ ଅନୁମାନରେ ଅନୁଭବ କରିବାକୁ ସେ କୁଂଠିତ ହୁଏ । ପ୍ରୌଢ଼ ପ୍ରବୀଣ ଦିନେ ଯୌବନର ବିଶାଳତା ଓ ଅନଂତ ସ୍ଥିତିସ୍ଥାପକତା ଅନୁଭବ କରିଥିଲା ସଂଦେହ ନାହିଁ । କିଂତୁ ପ୍ରୌଢ଼ ତାର ଫଳ ଗଣନା ବେଳେ ସେ ଯୁବକ ପ୍ରାଣର ସେ ଅନଂତ ପ୍ରସାର-ଅଂତରାତ୍ମାର ଆଜି ଏ ଶୁଦ୍ଧ ବିକାଶ ମାନବ ଜୀବନର ସେ ବିଶ୍ୱପ୍ରାଣତା ଅନୁମାନରେ ବୁଝେନାହିଁ । କଥାକଥାକେ ଯୁବକଠାରୁ ପ୍ରବୀଣର ସତର୍କତା ପ୍ରୌଢ଼ର ଫଳ ତୃଷ୍ଣା ଲୋଡ଼େ । ଅବଶ୍ୟ ଯୁବକ-ଆତ୍ମାର ଅନଂତ ବିଳାସରେ ନିୟମ ଏକାବେଳକେ ଅଗ୍ରାହ୍ୟ ନୁହେ । ମାତ୍ର ସେ ନିୟମର ପଦେ ପଦେ ଫଳ ତୃଷ୍ଣା ଓ ଲାଭ ଗଣନାର ଆଦର୍ଶ ରଖି ଯୁବକକୁ ବାଧ୍ୟ କରିବା ଉଚିତ ନୁହେ । କୌଣସି ନିୟମରେ ଆଶାୟୀ ଯୁବକର ଅଂତରାତ୍ମାର ଅନଂତ ବିଳାସ ଭୁଲିଯିବା ଠିକ୍ ନୁହେ । ସମସ୍ତ ନିୟମ ଦେଲାବେଳେ ଯୁବକର ଅନଂତ ବିକାଶ ପ୍ରତି ପ୍ରାଣରେ ସ୍ଥାନ ରଖିବାକୁ ହେବ । ଯୁବକର ବିଶାଳ ଆଶାରେ ସହାନୁଭୂତି କରିବାକୁ ହେବ ଏବଂ ଯୁବକ ପ୍ରାଣର ବିକାଶ ପାଇଁ ପଂଥା ଉନ୍ମୁକ୍ତ ରଖିବାକୁ ହେବ । ଯୁବପ୍ରାଣର ବିଶ୍ୱ ଇଂଗିତ-ବିଧାତାଂକର ଶୁଦ୍ଧ ଅବତାର, ଏକଥା ଜାଣି ଅତି ସଂତର୍ପଣରେ ଯୁବକକୁ ଶାସନ କଲାବେଳେ ମଧ୍ୟ ପୂଜା କରିବାକୁ ହେବ ।

ଯେଉଁମାନେ ଆଜି ପିତା ବା ଶିକ୍ଷକ ଆସନରେ ବସି ଯୁବକକୁ ଶାସନ କରୁଅଛଂତି ସେମାନେ ଆଉ କିଛି ନବୁଝିଲେ ମଧ୍ୟ ଏତିକି ମାତ୍ର ମନେ ରଖିବା ଉଚିତ ଯେ ସେମାନଙ୍କର ନିଜନିଜର ଆତ୍ମ ଶକ୍ତିର ସୀମା ଏକ ପ୍ରକାର ସ୍ଥିର ହୋଇଅଛି । ସେମାନଂକର ନିଜର ବ୍ୟକ୍ତିତ୍ୱ ପରିଣତ ଓ ପ୍ରକାଶିତ ହୋଇଅଛି । ସେମାନେ ଏକ ପ୍ରକାର ଯାହା ହେବାର ହୋଇଅଛଂତି । ଯେଉଁ ଯୁବକକୁ ସେ ଶାସନ କରୁଅଛଂତି କିଏ ଜାଣେ ସେହି ଯୁବକ ଦିନେ ବୁଦ୍ଧ ଶଂକର ଚୈତନ୍ୟ ପରି ନହୋଇପାରେ । ଅତଏବ ନିଜର ପ୍ରତିଷ୍ଠିତ ଆତ୍ମଶକ୍ତି

Digitized by PPRACHIN, SOA

ଓ ବ୍ୟକ୍ତିତ୍ୱର ମାନରେ ତରଳ ତରଂଗିତ ମହୋନ୍ମେଷ ପରାୟଣ ଯୁବକଠାରୁ ବାଧ୍ୟତା ଦାବି କରିବା ଏକପ୍ରକାର ପାପ । ବସ୍ତୁତଃ ଯୁବକ ଭିତରେ ଯେ ସୃଷ୍ଟି ବିକାଶର ମୂଳତତ୍ତ୍ୱ ଦେଖି ନାହିଁ; ଅନଂତ ଅଂତରାତ୍ମାର ମହୋଚ୍ଛ୍ୱାସ ବୁଝିନାହିଁ, ମାନବ ଜୀବନର ବିକାଶ କ୍ରିୟା ତାହାର କର୍ମ ନୁହେ । ଶାସନ ଦଂଡ୍ୟରେ ବ୍ୟାକୁଳ ପ୍ରାଣର ତୀବ୍ରତା ଥାଇପାରେ, ମାତ୍ର ଅହଂକାରର ନୀରସତା ଶାସିତର ଜୀବନ ଶୁଷ୍କ କରେ । ନୀରସ ଆତ୍ମସର୍ବସ୍ୱ ଶାସକହିଁ ଏ ଜଗତରେ ପ୍ରକୃତ ସ୍ୱେଚ୍ଛାଚାରୀ । ବାଧ୍ୟତାରେ ସେ ଦାସତ୍ୱ ଚାହେଁ, ମାତ୍ର ପ୍ରକୃତ ଶାସନ ପ୍ରାଣର ସ୍ୱାଧୀନ ଲୀଳାପ୍ରତି ବାଟ ଫିଟାଇ ସରସ ବ୍ୟାକୁଳ ପ୍ରାଣରେ ଚାହିଁବସିଥାଏ ମାତ୍ର ।

ଜଗତ ଅତି ପ୍ରାଚୀନ ହେଲେହେଁ ସ୍ଥିର ନୁହେଁ– ଏହା ନିତ୍ୟ ନୂତନ । ଏହାହିଁ ବିଧାତାଂକର ବିଶ୍ୱଲୀଳା – ଏହାକୁହିଁ ସାଧାରଣ ଭାଷାରେ ଉନ୍ନତି କହଂତି । କାଲି ଯାହା ଥିଲା ଆଜି ତାହାଠାରୁ ଭିନ୍ନ କିଛି ହେବ– ଏହା କେବଳ ବିଶ୍ୱାସର କଥା ନୁହେ– ଏହା ମାନବର ଦୈନଂଦିନ ଅନୁଭବ । ଏହାହିଁ ଜଗତର ଏକମାତ୍ର ସିଦ୍ଧାଂତ । ଏ ନୂତନତା ଏ ଉନ୍ନତି ଐଶୀ କ୍ରିୟା । ଏଥିରେ ନିମିତ୍ତ କିଏ ? ପ୍ରୌଢ଼ ପ୍ରବୀଣ କ୍ରିୟାର ଫଳ ଗଣନା କଲାବେଳେ ଅହଂକାରରେ ଏକ ପ୍ରକାର ବିଧାତାଂକୁ ଭୁଲିଯାଏ । ସେ, ଯାହା ଦେଖି ଆସିଛି ସେତିକିରେ ରହି ସେହି କ୍ଷୁଦ୍ର ଗଂଡ଼ି ମଧ୍ୟରେ ତାହାର ନିଜର ପୁରୁଷକାର ମାତ୍ରର ଫଳ ଭୋଗ କରିବାକୁ ବ୍ୟାକୁଳ । ନୂତନରେ ପ୍ରାଣ ଢାଳିବାକୁ, ଅକଳ୍ପିତ ଅନାଗତରେ ପ୍ରଯତ୍ନ କରିବାକୁ ସାହସିକତା ବୋଲି ମଣେ । ସେଥିପାଇଁ ଜଗତରେ ନିତ୍ୟ ନୂତନତା ରଖିବା ପାଇଁ ସୃଷ୍ଟିର ଉନ୍ନତି ସଂଭାଳିବା ପାଇଁ ବିଧାତା ଯୁବକର ସୃଷ୍ଟି କରିଅଛଂତି । ପ୍ରୌଢ଼ମାନେ ଯାହା କହଂତୁ ପଛକେ ଯୁବକ ନଥିଲେ ଉନ୍ନତି ନଥାଂତା – ସ୍ୱାଧୀନତା ନଥାଂତା – ସାମର୍ଥ୍ୟ ନଥାଂତା, ସାହସ ନଥାଂତା, ବିଶ୍ୱାସ ନଥାଂତା । ଫଳତଃ ଯୁବକ ବିନା ଜଗତରେ ଈଶ୍ୱରଂକର ସତ୍ତା ରହଂତା କି ନାହିଁ ସଂଦେହ । ଯୌବନହିଁ ବିଧାତାଂକର ଲୀଳାଭୂମି । ଏହି ଯୌବନ ପ୍ରଭାବରେ ନିତ୍ୟନୂତନ ବିଶ୍ୱ ବିଧାତାଂକର ଅନଂତ ନିର୍ଦ୍ଦେଶରେ ଗତି କରୁଅଛି । ସାହିତ୍ୟ ବୋଲ, ରାଜନୀତି ବୋଲ, ଧର୍ମବୋଲ, ବିଚାର ବୋଲ ସର୍ବତ୍ର ଏହି ଯୁବକ-ଶକ୍ତି କାଳେ କାଳେ ସ୍ୱାଧୀନତା ଲୋଡୁଅଛି, ନୂତନ ସ୍ତର ଫିଟାଇଅଛି, ବିଶ୍ୱ ସଂସାର ଅନଂତ ଉନ୍ନତି ପ୍ରୟାସ କରିଅଛି, ସାହସରେ ସେଥିପାଇଁ ପ୍ରଯନ୍ କରିଅଛି । ସେ କର୍ମରେ ଫଳର ଗଣନା କରିନାହିଁ, ସାଧନାରେ ସିଦ୍ଧି ଦେଖିଅଛି । ଆଶାମାତ୍ରରେ ବିଶ୍ୱାସ ଦେଖି ସାହସରେ ନିର୍ଭର କରି ଆତ୍ମାର ବିକାଶ ନିମଂତେ ସାରା ଜଗତକୁ କର୍ମକ୍ଷେତ୍ର କରିଅଛି ।

ପ୍ରୌଢ଼ ପକ୍ଷରେ ଯୁବକ ଅବାଧ, କିଂତୁ ଏହି ଅବାଧତା ତାହାର ପ୍ରକୃତ ଯୁବକତା । ମାନବର ଗଣନା ପାଖେ ବିଶ୍ୱକ୍ରିୟା ସର୍ବଦା ଅବାଧ । ପ୍ରତ୍ୟାଶିତ ଫଳ ମାନବ କଦାଚିତ୍ ପାଇଥାଏ । ଯୁବକର ପ୍ରାଣରେ ଶୁଦ୍ଧ ବିଶ୍ୱର ପ୍ରତିବିଂବ । ତେଣୁ ଏହା ଅବାଧତା ମଧ୍ୟରେ

Digitized by PPRACHIN, SOA

ଯୁବପ୍ରାଣର ବିଶ୍ୱବିସ୍ତାର ଓ ଅନଂତ ଆଶା ଦେଖି ପାରିଲେ ଅବାଧତା ବାଧତା ହେବ । ଯୌବନ ବ୍ବାସ୍ତବିକ ଶିଷ୍ୟ ନହୋଇ ଉପାସ୍ୟ ହେବ । ଯୁବକକୁ ଚପଳ ଦେଖିଲେ ପ୍ରାଣରେ କୌତୂହଳ ଉଠିବ । ବାସ୍ତବିକ ଯୁବକ କୁମାର୍ଗଗାମୀ ହେବାର ଆଶଂକା ହେଲେ ସହାନୁଭୂତି ବଳରେ ଶାସନ ସୁଗମ ହେବ । ଯୌବନର ଏହି ବିଶ୍ୱରୂପ ପ୍ରାଣରେ ଥରେ ଧାରଣା କରିପାରିଲେ ସମସ୍ତ ଦର୍ଶନଶାସ୍ତ୍ର ମୂକ ହେବ । ବିଶ୍ୱର ବ୍ୟାଖ୍ୟା ସୁଗମ ହେବ– ଧର୍ମ ଧାରଣୀ ଦୃଢ଼ ହେବ, ଇହସଂସାରରେ ଏହି ବିଶ୍ୱରୂପ ଦର୍ଶନହିଁ ମୁକ୍ତିର ଶ୍ରେଷ୍ଠ ନିଦର୍ଶନ, ମନୁଷ୍ୟତ୍ୱର ଏକମାତ୍ର ଆଦର୍ଶ ।

—

ଦ୍ରଷ୍ଟବ୍ୟ– ଏ ପ୍ରବଂଧରେ ଯୌବନ ଶବ୍ଦକୁ ଲକ୍ଷ୍ୟକରି ଅନେକ ସ୍ଥଳରେ ଯୁବକ ଶବ୍ଦର ବ୍ୟବହାର କରାଯାଇଅଛି । ସେ ପଦ ସ୍ଥଳରେ ଯୁବକ ଓ ଯୁବତୀ ଦୁଇକଥା ବୁଝିବାକୁ ହେବ ।

Digitized by PPRACHIN, SOA

# ଗୃହସ୍ଥତା-( ୧ )

## ସତୀତ୍ୱ ଓ ନାରୀ ବିବାହ–

ସମାଜ ଓ ଗାର୍ହସ୍ଥ୍ୟ ବନ୍ଧନରେ ପୁରୁଷହିଁ ଯଥାର୍ଥରେ ନିଜର ନୈସର୍ଗିକ ମୁକ୍ତ ସ୍ୱାଧୀନତା ବଳିଦେଇ ପରାଧୀନତା ବରଣକରି ମାନବଜଗତର ଓରବୃଦ୍ଧିରେ ଆତ୍ମଦାନ କରିଚି । ମାନବର ଏହି ପରାଧୀନତା ପୁଣି ନାରୀର ଅଧୀନତା । ନାରୀର ବିକାଶ ଧର୍ମରେ ଯାହା କରଣୀୟ ଓ ପାଳନୀୟ ତାକୁହିଁ ନିଜର ବୋଲି ଆଦରି ବସିବା । ଏଇ ସଂବଂଧରେ ପରମ୍ପରାର ଜ୍ଞାନଗର୍ଭକ ଉଦାହରଣରେ ଗୋଟିଏ ସୁନ୍ଦର ସୁବୋଧ ଆଲେଖ୍ୟ ଅଛି । ତାହା ଏହି ପ୍ରକୃତି ରାଜ୍ୟରେ ପୁରୁଷ ଯେପରିକି ମୂଳତଃ ଦ୍ୱିପଦ ଅର୍ଥାତ୍ ପକ୍ଷୀ । ପକ୍ଷୀ ଯେପରି ସ୍ୱଚ୍ଛନ୍ଦରେ ନିରାଲମ୍ବ ଭାବରେ ଉଡ଼ିବୁଲେ ଓ ନିଜର ସମସ୍ତ ଶାରୀରିକ ଓ ମାନସିକ ଅଭାବ ଏକାକୀ ଇଚ୍ଛାମତେ ପୂରଣକରେ, ପୁରୁଷ ସେହିପରି । ତାପରେ ତାର ବିବାହ । ବିବାହରେ ନିଜର ଓ ପତ୍ନୀର ଦୁଇଟି ଲେଖାଏଁ ଚାରୋଟି ପାଦ ହେଲା । ତେଣୁ ବିବାହ ପରେ ପୁରୁଷ ଯେପରିକି ଚତୁଷ୍ପଦ । ତାର ଆଉ ଇଚ୍ଛାମତେ ଉଡ଼ିବୁଲିବାର ଉପାୟ ନାହିଁ– ସେ ଏଇ ପୃଥିବୀରେ ମାତ୍ର ଆବଦ୍ଧ । ପତ୍ନୀ ଘେନି ସେ ଏବେ ଗୃହସ୍ଥ । ତାର ସେ ସ୍ୱାଧୀନତା ନାଇ । ତା'ପରେ ଗୋଟିଏ ସନ୍ତାନ ହେଲେ ପାଦ ହେଲା ଛ'ଟି । ଏଇ ଛ'ଟି ପାଦରେ ପୁରୁଷ ଯେପରିକି ହେଲା ଷଟ୍‌ପଦ । ଅର୍ଥାତ୍ ଭ୍ରମର ବା ମହୁମାଛି । ଏଥର ମହୁମାଛିପରି ସେ ନାନାସ୍ଥାନରୁ ସଂଗ୍ରହ ବା ସଂଚୟ କରି ଘରକରଣା ପାଇଁ ବ୍ୟାକୁଳ । ଶେଷରେ ଆହୁରି ବଂଶ ବୃଦ୍ଧିହେଲେ ସେ ଯେପରି ହେଲା ଅଷ୍ଟପଦୀ ଅର୍ଥାତ୍ ବୁଢ଼ିଆଣୀ ବା ମାଙ୍କଡ଼ସା । ଏଥର ବୁଢ଼ିଆଣୀ ଯେପରି ନିଜ ଜାଲ ଛନ୍ଦି ବସିରହେ ସେଥିରୁ ବାହାରି ପାରେ ନାହିଁ କିମ୍ବା ମାଙ୍କଡ଼ସା ଯେପରି ପୁଣି ନିଜଉପରେ ଆକ୍ରମଣ କରିବା ଜନ୍ତୁ ବା ଲୋକଙ୍କୁ ଆଘାତ କରି ଆତ୍ମରକ୍ଷା କରେ, ପୁରୁଷର ଅବସ୍ଥା ସେହିପରି । ସମାଜର ପ୍ରଗତିରେ ଆଦିକାଳର ମୁକ୍ତ ମାନବର ସେହି ଦଶା ଘଟିଚି । ଏହା ପୁଣି ତାର ଆତ୍ମକୃତ ପ୍ରଗତିରେ ତାର ଆତ୍ମଦାନ ।

ମାନବ ସୃଷ୍ଟିର ଆଦିକାଳରେ ପୁରୁଷ ଓ ସ୍ତ୍ରୀ ସ୍ୱାଧୀନଭାବରେ ନିଜନିଜର ସହଜ ପ୍ରବୃତ୍ତି ଘେନି ବିଶ୍ୱବିକାଶର ନିତ୍ୟ କ୍ରିୟାରେ ଲାଗିଥିଲେ । ଏହି ସହଜ ଓ ସ୍ୱାଭାବିକ କ୍ରିୟାର ସ୍ଥିତି କ୍ରମେ ଏକ ପ୍ରକାର ଅଜ୍ଞାତ ଚୁକ୍ତିରେ ପରିଣତ ହେଲା । ସମସ୍ତ ମାନବ ସଭ୍ୟତା ଏହିପରି ଏକ ସହଜ ଓ ପ୍ରାକୃତିକ ସ୍ଥିତିରୁ ମୁକ୍ତରେ ପରିଣତ ହୋଇ ମାନବ ସମାଜର ବିକାଶରେ ସାହାଯ୍ୟ କରୁଚି । ଏହି ଚୁକ୍ତିର ଅଜ୍ଞାତ ବିକାଶରେ ସଂଗତିର ଉଦ୍ଭବ । ଏଥିରେ ହିଁ ରାଜ୍ୟ ଓ ପ୍ରଜା । ଏଇଥିରୁହିଁ ଆଇନ ଓ ବିଧି ବ୍ୟବହାର । ମାନବ ସମାଜର ଯାବତୀୟ

Digitized by PPRACHIN, SOA

ପରସ୍ପର ସଂପର୍କ ଏହି ଚୁକ୍ତିର ବିକାଶରେ ପ୍ରତିଷ୍ଠିତ । ଧର ପ୍ରଥମେ ଯେ ଯାହା ସଂଗ୍ରହ କରୁଥିଲା ସେ ତାହା ଖାଇ ଜୀବନଧାରଣ କରୁଥିଲା । କ୍ରମେ ସେଥିରେ ଅନ୍ୟ ସଙ୍ଗେ କଳହର ସୂତ୍ରପାତ ହେଲା । ଜଣେ ଯାହା ସଂଗ୍ରହ କରିଚି ଅନ୍ୟଜଣେ ତାହାକୁ ବଳପୂର୍ବକ ଘେନିଯିବାକୁ ବସିଲା । ଏବେ ଗୋଟିଏ ଚୁକ୍ତି ଫିଟିଲା । ପ୍ରତ୍ୟେକର ସଂଗ୍ରହରେ ପ୍ରତ୍ୟେକ ଅଧିକାରୀ ହେଲେ– ମୁଁ ତୋର ନେବିନାହିଁ କି ତୁ ମୋର ନେବୁ ନାହିଁ । ଏହିଠାରେ ପ୍ରଥମେ ନିଜସ୍ୱ ବା ସଂପତ୍ତିର ଅଧିକାର ଭାବ ଜାଗ୍ରତ ହେଲା । ରାଜା ସେହିପରି ଏକ ଚୁକ୍ତିର ଫଳ । ରାଜା ପ୍ରଜାର ଯେପରିକି ଚୁକ୍ତି ହେଲା– ପ୍ରଜା ନିଜସ୍ୱରୁ ଭାଗ ବା ଟିକସ ଦେବ, ରାଜା ପ୍ରଜାର ସଂପତ୍ତିଭୋଗ ନିରାପଦ ରଖିବ । ଧନର ବ୍ୟବହାର ଓ ବିକ୍ରୀ ଖର୍ଦ୍ଦି ପ୍ରଭୃତି ବାଣିଜ୍ୟ କ୍ରିୟାରେ ଏହା ସ୍ପଷ୍ଟ । ଏହିପରି ଜାତି ସ୍ୱଧର୍ମ ବିଧି ବ୍ୟବହାର ସବୁ ଏକ ଏକ ଚୁକ୍ତିର ବିକାଶ ରୂପେ ଆଲୋଚନା କରାଯାଇପାରେ । ସେଥିପାଇଁ ସମସ୍ତ ସମାଜବିକାଶକୁ ସ୍ଥିତିରୁ ଚୁକ୍ତି ବୋଲି କୁହାଯାଏ ।

ଏହି ବିକାଶ ବା ସ୍ଥିତିରୁ ଚୁକ୍ତି ପ୍ରକ୍ରିୟାରେ ନାରୀ ପୁରୁଷର ସଂପର୍କ ଦେଖିବାକୁ ହେବ । ଏଠାରେ ସ୍ଥିତିଟି କଣ ? ସେକଥା ପୂର୍ବେ କୁହାଯାଇଚି । ଏହି ସ୍ଥିତିରେ ପୁରୁଷ ଅତ୍ୟନ୍ତ ସ୍ୱାଧୀନ ଓ ନାରୀ ଘୋର ପରାଧୀନ । ବଂଶପରଂପରାରେ ନିଜତ୍ୱ ଦେଖିବା ଗୋଟାଏ ସ୍ୱାଭାବିକ ଜୀବିଧର୍ମ । ଜନ୍ତୁଠାରୁ ଉଦ୍ଭିଦ ପର୍ଯ୍ୟନ୍ତ ଜୀବମାତ୍ରେ ଏହି ବିଶ୍ୱଧର୍ମର ଅଧୀନ । ପୁଷ୍ପହୀନ ଶୈବାଳ ମଧ୍ୟ ନିଜେ ବଢ଼ି ପୂର୍ଣ୍ଣ ହେବାମାତ୍ରକେ ପଗଛାଡ଼ି ନିଜପରି ପୁଣି ତିଆରି କରିବା ଆରମ୍ଭ କରେ । ନୂତନ ଶୈବାଳ ବଢ଼ି ପୂର୍ଣ୍ଣ ନହେବାଯାଏ ତାକୁ ନିଜ ଦେହର ସଂପୂର୍ଣ୍ଣ ଅଙ୍ଗରୂପେ ଧରିଥାଏ । ଜୀବମୂଳ ହରିତ୍ କଣିକା ମଧ୍ୟ ବୃକ୍ଷପତ୍ରରେ ଠିକ୍ ଏହି ରୀତିରେ ଦ୍ୱିଧା ହୋଇ ବଢ଼େ । ପୁରୁଷକେଶର ରେଣୁ ପାଇବା ପାଇଁ ଫୁଲ ନିଜର ଗର୍ଭକେଶରକୁ ଉନ୍ମୁକ୍ତ ରଖି ଯେପରିକି ଚାହିଁ ବସିଥାଏ । ପୁରୁଷ କେଶରଟି ପଡ଼ିବାମାତ୍ରେ ତାହା ଭିତରକୁ ଟାଣି ନେଇ ଯତ୍ନରେ ବୃକ୍ଷ ଫଳ ମଧ୍ୟରେ ମଂଜିଟି ବଢ଼ାଏ । ମଂଜି ପୂର୍ଣ୍ଣ ନବଢ଼ିଲେ ଗଛ ତାକୁ ଛାଡ଼େ ନାହିଁ । ଉପରକୁ ଦେଖାଯାଏ ପୁରୁଷ କେଶର ରେଣୁ ନ ପାଇବା ଯାଏ ଫୁଲଟିର ତାପବେଷ୍ଟନୀର ବାୟୁମଣ୍ଡଳ ତାପରୁ ଖୁବ୍ ବେଶୀଥାଏ । ମାତ୍ର ରେଣୁଟି ପଡ଼ିଗଲା ମାତ୍ରେ ହଠାତ୍ ତାପ କମିଯାଏ । କୀଟ ପତଙ୍ଗ ପକ୍ଷୀ ଓ ପଶୁମାନଙ୍କ ମଧ୍ୟରେ ମଧ୍ୟ ସ୍ଥିତି ଏଥିରୁ ଭିନ୍ନନୁହେଁ । କେବଳ କେତେକ ପକ୍ଷୀ ପିଲା ପାରିବାଯାଏ ଯେପରିକି ଏକ ଚୁକ୍ତିର ଆଭାସ ସ୍ଥିତିରେ ମଧ୍ୟ ଦେଖାଇଥାନ୍ତି । ପିଲାପାରିବା ଯାଏ ସେମାନଙ୍କ ପିତାମାତାଙ୍କୁ ସାହାଯ୍ୟ କରେ । ମା ପକ୍ଷୀ ବସା ଛାଡ଼ି ଆହାର ଖୋଜିବାକୁ ବାଧ ହେବାରୁ ପ୍ରକୃତିରେ ସ୍ଥିତିର ଏ ବିଧାନ ଅଛି । ଏଥିରେ କୌଣସି ଚୁକ୍ତି ନାହିଁ ।

କେବଳ ମନୁଷ୍ୟର ବିବାହ ବନ୍ଧନରେ ଚୁକ୍ତି ସ୍ପଷ୍ଟ । ମନୁଷ୍ୟର ଉନ୍ନତ ସମାଜରେ ଦେଖାଯାଏ, ପିତାହିଁ ସନ୍ତାନର ଓରବୃଦ୍ଧି ପାଇଁ ଦାୟିତ୍ୱ ବହନକରେ ଓ ସନ୍ତାନର ନିଜତ୍ୱ ଦେଖେ । ଏଥିରେ ପୁଣି ଆଉ ଗୋଟିଏ ବିଭାବ ମଧ୍ୟ ଅତି ଉନ୍ନତ ସମାଜରେ ଦେଖାଯାଏ,

Digitized by PPRACHIN, SOA

ତାହା ହେଉଚି ନିଜ ବଂଶଶୁଦ୍ଧିର ଧାରଣା । ଏସବୁ ପୁରୁଷର ସ୍ୱଭାବଜାତ ବୋଲି ମନେହୁଏନାହିଁ । ବହୁକାଳର ସଂସ୍କାରରେ ଏହା ସ୍ୱଭାବରେ ପଡ଼ିଯାଇଚି ମାତ୍ର । ଲୁଗା ପିନ୍ଧିବା ମଧ୍ୟ ସଭ୍ୟ ମାନବର ସେହିପରି ଏକ ସ୍ୱଭାବଗତ ଧାରଣା । ମାତ୍ର ଯେ କାରଣରୁ ଯେପରି ହେଉ ଏହିପରି ସନ୍ତାନରେ ନିଜକୁ ଦେଖିବା ଓ ବଂଶଶୁଦ୍ଧିର ଧରଣରେ ସମାଜ, ଧର୍ମ ଓ ବୈବାହିକ ଜୀବନର କୃତିତ୍ୱ ଦେଖିବା ପୁରୁଷଠାରୁ ଏବେ କାଢ଼ି ନେଇହେବନାହିଁ । ମୁଁ ଯେଉଁ ସନ୍ତାନରେ ନିଜକୁ ଦେଖିବି ସେ ମୋର ହେବା ଦରକାର—ଏ ଧାରଣା ଖସିଗଲେ ସମାଜରେ ପୁରୁଷ ନାରୀର ଯେ ସମ୍ବନ୍ଧ ଅଛି ତାହା ରହିବ ନାହିଁ । ଜାଣି ପରପାଇଁ ମୋର ବୋଲି ଭାର ବୋହିବା ବଦାନ୍ୟ ମହାପୁରୁଷର କିମ୍ବା ମୂଢ଼ ନରପଶୁର କ୍ରିୟା ହୋଇପାରେ, କିଂତୁ ସାଧାରଣ ମାନବର ପ୍ରକୃତିରେ ପଡ଼ିବ ନାହିଁ ।

ଏହିଠାରେ ନାରୀର ସତୀତ୍ୱ । ଏହା ଗୋଟିଏ ମୌଳିକ ଚୁକ୍ତିର ଭୂୟୋବିକାଶ । ଏଥିରେ ପୁରୁଷର ଆତ୍ମପ୍ରତିଷ୍ଠା ଅଛି ମାତ୍ର ନାରୀର ଦାସତ୍ୱ ନାହିଁ । ଅନ୍ୟଥା ନାରୀର ସମାଜରେ ଘୋର ଦାସତ୍ୱ ଅନିବାର୍ଯ୍ୟ । ପ୍ରକୃତିର କ୍ରିୟାରେ ଚିର ପରାଧୀନା ନାରୀ ଏତକ ଦେଇ ଚୁକ୍ତିବଦ୍ଧ ନ ହୋଇଥିଲେ ଏକାନ୍ତ ସ୍ୱାଧୀନ ପୁରୁଷ ପରିବାରର ଭାର ବହନ କରିନଥାନ୍ତା । ସନ୍ତାନକୁ ମୋର ବୋଲି ପାଳନ କରିବା ଓ ବଢ଼ାଇବା ନାରୀପକ୍ଷରେ ସହଜାତ, ପୁରୁଷର ତାହା ନୁହେଁ– ପୁରୁଷ ପକ୍ଷରେ ତାହା ଗୋଟିଏ ଦୃଢ଼ ସଂସ୍କାରଜାତ ବୃତ୍ତି । କବି ମାତାର ବର୍ଣ୍ଣନା କରି ଯଥାର୍ଥ କହିଛନ୍ତି–

"କୁପୁତ୍ରୋ ଜାୟତେ କ୍ୱଚିଦପି କୁମାତା ନଭବତି" । ପୁତ୍ର କୁପୁତ୍ର ହୋଇପାରେ, ମାତା କଦାପି କୁମାତା ହୁଏନାହିଁ । ମାତ୍ର ପିତା ସଂବଂଧରେ ଏକଥା କେବେ ଖାଟେନାହିଁ । ବେଦରେ ମଧ୍ୟ ପ୍ରମାଣ ଅଛି– ଟିକିଏ କଥା ନମାନିବାରୁ ବିଶ୍ୱାମିତ୍ର ନିଜର ପଚାଶଟି ପୁଅଙ୍କୁ ଏକାବେଳକେ ତ୍ୟାଜ୍ୟପୁତ୍ର କରି ମ୍ଳେଚ୍ଛ ଭୂମିକୁ ତଡ଼ିଦେଇ ପତିତ କରିଦେଲେ । ମାତ୍ର ସେଇ ବେଦରେ ପୁଣି ଅଛି ବିଚରା ଦାସୀ ଜାବାଳି ନାନା ସ୍ଥାନରେ ନାନା ଗତିରେ ନାନା ପୁରୁଷସେବା କରି ଜାମଲକ ବୋଲି ପୁଅଟିଏ ପାଇଥିଲା । ମାତ୍ର ସବୁ ଅପମାନକୁ ମୁଣ୍ଡ ପାତିଦେଇ ମଧ୍ୟ ତାକୁ ମଣିଷ କରିବାପାଇଁ ଗୌତମଙ୍କ ଚତୁଷ୍ପାଠୀରେ ଛାଡ଼ିଦେଲା । ପୁଅକୁ ସବୁକଥା କହିଦେଲା । ପୁଅଯାଇ କହିଲା "ମୋ ବାପ କିଏ ସେ କଥା ମୋ ମାଆ କହିପାରିବ ନାହିଁ, ମତେ ପାଠପଢ଼ାଅ ।"

ଏକଦିଗରେ ନାରୀର ସତୀତ୍ୱ, ଅନ୍ୟଦିଗରେ ପୁରୁଷର ସନ୍ତାନଭାର ଗ୍ରହଣ ଓ ବଂଶଶୁଦ୍ଧିରେ ସନ୍ତାନଠାରେ ନିଜତ୍ୱ, ଏ ଏକ ଭୀଷଣ ମୌଳିକ ଚୁକ୍ତିର ପରିଣାମ । ଏ ଚୁକ୍ତି ଅବଶ୍ୟ ଆଠଅଣିଆ ଦସ୍ତାବିଜରେ ହୋଇନାହିଁ କିମ୍ବା ଦିନକେ ବିକାଶ ପାଇନାହିଁ । ସଂଚିତର ଭୋଗରେ ଯେଉଁ ସଂପତ୍ତି ଆବିର୍ଭାବ ହେଲା ସେଇ ଉଦାହରଣରେ ମଧ୍ୟ ଏହା ବୁଝାଯାଇଚି । ସେଠାରେ ମଧ୍ୟ କେହି ଜାଣିଶୁଣି ଚୁକ୍ତି କରିନଥିଲା । ହେଲେହେଁ ତାହା ଏକ ଚୁକ୍ତିର ବିକାଶ ଓ ପରିଣାମରେ ଆଜିର ଅବସ୍ଥାକୁ ଆସିଚି । ଏପରିକି ଦୁର୍ବଳ ପ୍ରତି

Digitized by PPRACHIN, SOA

ଅନୁକଂପା, ରୋଗୀର ପରିଚର୍ଯ୍ୟା ପ୍ରଭୃତି ସାଧାରଣ ମାନବୀୟ ପ୍ରକ୍ରିୟାରେ ଏଇପରି ସ୍ଥିତିରୁ ଚୁକ୍ତିକୁ ଗତି ସୃଷ୍ଟି ହେଲେ ମଧ, ଅନୁସଂଧାନ କରାଯାଇପାରେ । ସତୀତ୍ୱ ଓ ବଂଶଶୁଦ୍ଧି ଧାରଣା ମଧ୍ୟ ସେଇପରି ଏକ ଚୁକ୍ତି । ସଂପତ୍ତିର ଚୁକ୍ତି ବଡ଼ ଦୃଢ଼ ଓ ମାନବର ପ୍ରକୃତିଗତ ହୋଇଯାଇଥିଲେ ମଧ, ଯେପରି ଚୋରି, ଡକାୟତି, ବଂଚକତା ପ୍ରଭୃତି ସେ କ୍ଷେତ୍ରରେ ଦେଖାଯାଏ, ଏଇ ବିବାହଗତ ନାରୀ ପୁରୁଷର ଚୁକ୍ତିରେ ମଧ ସେଇପରି ନାରୀର ସ୍ୱୈରାଚାର ଓ ବ୍ୟଭିଚାର । ନାରୀର ସ୍ୱୈରାଚାର ଓ ବ୍ୟଭିଚାର, ଏ କଥାଟି ଏଠାରେ ବିଚାର କରି କୁହାଯାଉଚି । କାରଣ, ପୁରୁଷର ଯୌନ ସ୍ୱୈରାଚାର ନିରୋଧ କରିବାର କଳ୍ପନା ଏ ମୌଳିକ ଚୁକ୍ତିରେ ନାଇ । ପୁରୁଷର ଯୌନଶୁଦ୍ଧି ଓ ସାଧୁତା ବରଂ ପରବର୍ତ୍ତୀ କାଳର ପୁରୁଷ ପୁରୁଷ ମଧ୍ୟରେ ଗୋଟିଏ ଚୁକ୍ତିର ବିକାଶ ହୋଇପାରେ । କାରଣ, ପୁରୁଷର ଏପରି ସ୍ୱୈରାଚାରରେ ଅନ୍ୟ ନାରୀର ବ୍ୟଭିଚାର ଦୋଷ ଘଟିବା ସ୍ୱାଭାବିକ । ତାହା ପୁଣି ଅନ୍ୟ ପୁରୁଷର ନାରୀ ସଂଗେ ଚୁକ୍ତିଭଂଗର କାରଣ ହୋଇପାରେ । ସେଥିପାଇଁ ବିକସିତ ସମାଜରେ ପୁରୁଷର ମଧ ଯୌନ-ଶୌଚ ଲୋଡ଼ା । ମାତ୍ର ବହୁପତ୍ନୀକ ହେବାରେ ପୁରୁଷର ବାଧା ନାଇ । ବହୁ ନାରୀର ସଂତାନ ନିଜର କରିବାକୁ ପୁରୁଷ ଯଦି ସମର୍ଥ ହୁଏ, ତେବେ ସେ ବହୁପତ୍ନୀ ଗ୍ରହଣ କରିବାରେ କିଛି ଆପତ୍ତି ହୋଇନପାରେ । ତେଣୁ ପୁରୁଷ ସ୍ୱଚ୍ଛଂଦରେ ବହୁପତ୍ନୀକ ହୋଇପାରେ । ସେତିକି ନୁହେ, ସମାଜର ବିବାହ ବଂଧନ ସ୍ଥିର ରଖି, ଅର୍ଥାତ୍, ବିବାହଗତ ସତୀତ୍ୱରେ ବାଧା ନ ଦେଇ, ପୁରୁଷ ମଧ ବହୁ ନାରୀର ଅଭିଳାଷ ଚରିତାର୍ଥ କରିପାରେ । ମାନବ ସମାଜର ବିକସିତ ପରିସ୍ଥିତିରେ ସେଥିପାଇଁ ବାର-ବନିତାର ବ୍ୟବସ୍ଥା ଅଛି । ସ୍ୱର୍ଗର ଉର୍ବଶୀ, ମେନକା, ରଂଭା, ମିଶ୍ରକେଶୀ, ତିଲୋତ୍ତମାଂକ ବଂଶ ଏବେ ମର୍ତ୍ତ୍ୟରେ ମଧ ଲୋପପାଇନାଇ । ଯୌନ ସଂସର୍ଗରେ ପୁରୁଷ ସ୍ୱାଧୀନ । ମାତ୍ର ସେ ସ୍ୱାଧୀନତାରେ ପରସ୍ତ୍ରୀର ଯୌନ ଶୌଚରେ ବାଧା ପଡ଼ିବା ଠିକ୍ ନୁହେ । ସେପରି ହେଲେ ସମାଜ ଅପରିଚ୍ଛନ୍ନ ଓ ଶୃଙ୍ଖଳାହୀନ ହେବ । ଏବେ ସହରମାନଂକରେ ଯେପରି ଯତ୍ରତତ୍ର ମଳମୂତ୍ର ତ୍ୟାଗ ବଂଦ କରି ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ବିଧାନର ଶୃଂଖଳା ରକ୍ଷା କରିବା ପାଇଁ ଘରେ ଘରେ ପାଇଖାନା ଅଛି, ସେଇପରି ସମାଜରେ ସେଇ ଆଦିମ ବିବାହ ଚୁକ୍ତିର ବିକାଶ ଓ ଶୃଂଖଳାରେ ପରିଚ୍ଛନ୍ନତା ରଖିବାପାଇଁ ଯେପରିକି ବାରବନିତା ବୋଲି ଗୋଟିଏ ଅନୁଷ୍ଠାନର ବିକାଶ ହୋଇଚି ।

ବହୁପତ୍ନୀକ ହେବା ପୁରୁଷ ପକ୍ଷରେ ବରଂ ସ୍ୱାଭାବିକ । କେତେକ ଯୌନ ସଂବଂଧବିତ୍ ପଂଡ଼ିତ କହଂତି, ପ୍ରକୃତିର ଏଇ ବିଧାନରେ ସାମଂଜସ୍ୟ ରଖିବା ପାଇଁ, ପୃଥିବୀରେ ପୁରୁଷଠାରୁ ନାରୀର ସଂଖ୍ୟା କିଛି ବେଶୀ । ସମସ୍ତ ପୁରୁଷର ବହୁପତ୍ନୀକତା ପାଇଁ ନାରୀ ସଂଖ୍ୟା ଯଥେଷ୍ଟ ନ ହେଲେ ମଧ ଅନ୍ତତଃ ବାରାଂଗନାର ବ୍ୟବସ୍ଥା ରଖିପାରିବା ଭଳି ନାରୀ ସଂଖ୍ୟାର ଆଧିକ୍ୟ ଥିବା ଆବଶ୍ୟକ । ଯୌନ ଦାର୍ଶନିକ ହାଭେଲକ୍ ଏଲିସ୍ କହଂତି, ପୁରୁଷର ଯୌନ ସ୍ୱୈରାଚାରର ସୁଯୋଗ ଦେବା ହୁଏତ ସମାଜର ମଂଗଳକର,

Digitized by PPRACHIN, SOA

ମାତ୍ର ଜନସଂଖ୍ୟାରେ ନାରୀ ପୁରୁଷର ଅନୁପାତ ଅନୁସାରେ ତାର ସୀମା ନିର୍ଦ୍ଦିଷ୍ଟ ରହିବାର ଅଛି ।* କିଂତୁ ଏ ସବୁ ହେଲେହେଁ ସମାଜର ଆଦର୍ଶରେ ପୁରୁଷର ଏକପତ୍ନୀବ୍ରତ ତଥା ଏକ ପତ୍ନୀରେ ଆବଦ୍ଧ ରହିବାର ଯୌନସାଧୁତା ଯେ ଫୁଟିଚି, ଏହା ଅସ୍ୱୀକାର କରିବା ବସ୍ତୁ ନୁହେ । ଆଦିମ ବିବାହ ଚୁକ୍ତିର ତାହା ଅଂଗୀଭୂତ ନହେଲେ ମଧ, ସମାଜ ବିଶେଷର ଆଦର୍ଶ ଦୃଷ୍ଟିରେ ସେପରି କ୍ରିୟା ଅତ୍ୟଂତ ଶ୍ଳାଘ୍ୟ ଓ ସାଧୁ ହୋଇପାରେ । ମାତ୍ର ନାରୀର ସତୀତ୍ୱ ପରି ପୁରୁଷର ଏହା ଦୃଢ଼ ନୁହେ । ବରଂ ଯେଉଁ ସମାଜରେ ଏହାର କଟକଣା ନାହିଁ, ସେଠାରେ ଏହାର ପ୍ରତିଷ୍ଠା ଅଧିକ ଥିବାର ଲକ୍ଷ୍ୟ କରାଯାଏ । ପୁଣି ଏଇ ଆଦର୍ଶକୁ ସମାଜରେ ଦୃଢ଼ ଭାବରେ ଚିପି ଭର୍ତ୍ତି କରିବାରେ ସମାଜରେ ଯୌନ ସ୍ୱୈରାଚାର ଅଧିକ ବ୍ୟାପିଥିବାର ମଧ ଦେଖାଯାଏ ।

ପୃଥିବୀରେ ସମାଜର ଆଦର୍ଶ ଓ କ୍ରିୟା ଧର୍ମ ନାମରେ ପ୍ରାୟଶଃ ପ୍ରକାଶ ପାଇଥାଏ । କେବଳ ଖ୍ରୀଷ୍ଟଧର୍ମରେ ବିଧି ଅଛି, ମାନବ ଏକ ପତ୍ନୀରୁ ଅଧିକ ଗ୍ରହଣ କରି ପାରିବ ନାହିଁ । ସେଇ ଧର୍ମ ନିୟମରେ ଯେଉଁ ସବୁ ରାଜ୍ୟ ଚଳେ ସେଥିରେ ମଧ ରାଜ୍ୟ ନିୟମରେ ସେଇ ବିଧି । ସମସ୍ତ ଇଉରୋପ ଭଳି ସୁସଭ୍ୟ ପାଶ୍ଚାତ୍ୟ ଭୂଖଂଡ଼ରେ ତେଣୁ ଆଜି ବିଧି, ପୁରୁଷ ଏକ ସମୟରେ ଏକରୁ ଅଧିକ ପତ୍ନୀ ଗ୍ରହଣ କରି ପାରିବ ନାହିଁ । ମାତ୍ର ଯୌନତତ୍ତ୍ୱସଂଧିତ୍ସୁ ଡାକ୍ତର ଜେମ୍ସ ହିନ୍‌ଟନ୍ ଅନୁସଂଧାନ କରି କହଂତି, ଏଇ ପାଶ୍ଚାତ୍ୟ ସମାଜରେ ଏକପତ୍ନୀତ୍ୱ ବିଧି; ପ୍ରାଚ୍ୟର ସଭ୍ୟ ସମାଜରେ ଏହା ବିଧି ନୁହେ । ତଥାପି କାର୍ଯରେ ପ୍ରାଚ୍ୟ ସମାଜଠାରୁ ପାଶ୍ଚାତ୍ୟ ସମାଜରେ ଅଧିକ ବହୁପତ୍ନୀକ ବା ଏକାଧିକବାର ସଂସର୍ଗୀ ଅଛଂତି । ତାଂକ ମତରେ ଏପରି ବିଧି ପ୍ରତିଷ୍ଠିତ ଏକ-ପତ୍ନୀକତା ମୂଳତଃ ଏକ ସ୍ୱାର୍ଥମୂଳକ ଓ ସମାଜ ପକ୍ଷରେ ଅଶୁଭଂକର ଅନୁଷ୍ଠାନ । ଏହାଇ ବ୍ୟଭିଚାର ସୃଷ୍ଟି କରୁଚି ଓ ବଢ଼ାଉଚି । ସମାଜ ବରଂ ବଡ଼ ତରତର ହୋଇ ଏହାକୁ କାର୍ଯର ବିଧି କରି ବସିଚି । ଆଦର୍ଶ, ଆଦର୍ଶ ହିସାବରେ ଯେତ୍ତେ ଭଲ ହେଉନା କାହିଁକି, ତାକୁ ଆଇନ ଦ୍ୱାରା ରାଜ୍ୟର ଏପରି ନିତ୍ୟ ବିଧି ବା କର୍ତ୍ତବ୍ୟରେ ପରିଣତ କରିବା ଏକ ଭ୍ରାଂତି– ଫଳରେ ତାହା ପ୍ରମାଣିତ ହୋଇଚି । ଯୌନ ସ୍ୱୈରାଚାର ନିରାକରଣ ଦୃଷ୍ଟିରେ ଏହା ବିଧି କରାହୋଇଥିଲେ

---

* George Pitt Rivers, in the supplement to his suggestive work, "The Clash of Culture" (1927), argues that "man like many animals, is a polygamous species (though) christian monogamy is a disorderly mixture of poligamy and polyandry and that a surplusage of adult females over males is a necessary condition of the stabilisation and continued vigour of the human race."

It must, however, be remembered that the normal sex-ratio inevitably limits any polygamous tendency, even if beneficial. Havelock Ellis – Psychology of Sex (1933), P.241.

Digitized by PPRACHIN, SOA

ହେଁ ଏଥିରେ ସ୍ୱୈରାଚାର ଯେତେ ବଢ଼ିଛି, ବହୁ ନାରୀ ସଂଗରେ ବାଧା ନଥିଲେ ସ୍ୱୈରାଚାର ସେତେ ବଢ଼ିନଥାଂତା ।*

କୁହାଯାଇଛି, ପୁରୁଷ ବହୁପତ୍ନୀକ ହେବା କିଂବା ସମାଜର ପରିଛନ୍ନତା ଓ ପରିପାଟୀ ରକ୍ଷାକରିବାରେ ବଦ୍ଧଦୃଷ୍ଟି ହୋଇ ଏକାଧିକ ନାରୀ ସେବା କରିବାରେ ଆଦିମ ବିବାହ ଚୁକ୍ତିର ଅପଳାପ ନାହିଁ । ନାରୀର ସତୀତ୍ୱ ସଂଗେ ପୁରୁଷର ଯୌନ ସାଧୁତା ମୌଳିକ ବିବାହ ଧର୍ମର ଅଂଗୀଭୂତ ନୁହେ । ଏଇ ମୌଳିକ ବିବାହ ଧର୍ମରେ ନାରୀହିଁ ସତୀତ୍ୱ ରଖିବାକୁ ବାଧ । ହୁଏତ ପୁରୁଷ ନିଜର ସ୍ୱୈରାଚାର ପାଇଁ ବ୍ୟବସ୍ଥା କରିପାରେ, ମାତ୍ର ନାରୀର ସେ ଉପାୟ ନାହିଁ । କାରଣ, ସେଥିରେ ପୁରୁଷର ସଂତାନରେ ମମତା ନଷ୍ଟ ହେବାର ଘୋର ଆଶଂକା ଅଛି ।

ନାରୀକୁ କୁହାଯାଏ ଅବଳା । ସେ ଯଥାର୍ଥରେ ଅବଳା । ପ୍ରଥମ କଥା ପ୍ରକୃତି ତାକୁ ସୃଷ୍ଟି ଓ ବିକାଶର ସମସ୍ତ ଭାର ଦେଇଛି । ତା ସେ ବହିପାରିନାହିଁ । ସେ ବଳ ତାର ନାହିଁ । ପୁଣି ବିବାହ ବୋଲି ଯେଉଁ ଚିର ଚୁକ୍ତିରେ ସେ ଆବଦ୍ଧ ହେଲା, ସେଥିରେ ପ୍ରକୃତିର ନିତ୍ୟ ପ୍ରେରଣା ଜାତ ଯୌନ ପ୍ରବୃତ୍ତି ଚରିତାର୍ଥ କରିବାରେ ପୁରୁଷର ଯେ ସ୍ୱାଧୀନତା ଅଛି, ତା ତାର ନାହିଁ । ସତୀତ୍ୱରେ ଆବଦ୍ଧ ହୋଇ ରହିବା ଛଡ଼ା, ତାର ଆଉ ଉପାୟ ନାହିଁ । ସେଠାରେ ମଧ ସ୍ୱାଧୀନ ହେବାକୁ ତାର ବଳ ନାହିଁ । କେବଳ ବଳ ନାହିଁ ନୁହେଁ, ଚୁକ୍ତିର ଅନ୍ୟ ପକ୍ଷ, ଅର୍ଥାତ୍ ପୁରୁଷ, ନାରୀର ସେ ପ୍ରବୃତ୍ତିରେ ବାଧା ଦେବାକୁ ବାଧ । ମାତ୍ର ପୁରୁଷ ନିଜର ସେଇପରି କାର୍ଯରେ ନାରୀଠାରୁ ବାଧା ପାଇବାକୁ ମୂଳତଃ ବାଧ ନୁହେ । ସମାଜରେ ଠିକ୍ ତାହାହିଁ ହୋଇଆସିଛି । ପୁରୁଷ ଯେ ଏକ-ପତ୍ନୀବ୍ରତ ହୋଇଛି (ଖ୍ରୀଷ୍ଟଧର୍ମର ତାର ପ୍ରମାଣ) ତାହା ମୂଳତଃ ଅବଳାର ବଳହୀନତା ପ୍ରତି ଅତ୍ୟଂତ କରୁଣାର ଫଳ । ସାଧାରଣବୋଧ କରିବାପାଇଁ ଏହାକୁ ଅନୁକଂପା କୁହାଯାଇପାରେ । କିଂତୁ ଅନୁସଂଧାନ କଲେ ବୁଝାଯିବ ଏଇ ଅନୁକଂପା ସଂଗେ କରୁଣାର ଅଛେଦ୍ୟ ସଂବଂଧ । ସେ ଯାହେଉ, ଏଭଳି ଅନୁକଂପା କରୁଣା ପ୍ରଭୃତି ସଦ୍‌ବୃତ୍ତିମାନ ସମାଜ ବିକାଶରେ

---

* Dr James Hinton (in his unpublished work) holds– "In Western Society there are fewer men who are genuinely monogamic than are to be found in Eastern Polygamic Societies. Monogamy, as established, is an essentially selfish and unsocial institution and is responsible for prostitution. We arrived at it too soon, for it is a mistake to convert an ideal, however good, permanently into a universal legal form. The result has been that, though ostensibly existing to avert licentiousness, it has called out more licence than a polygamy could have led to.

Havelock Elis's Psychology of Sex (1933), P.241.

Digitized by PPRACHIN, SOA

ଅବଶ୍ୟମ୍ଭାବୀ । ଦୁର୍ବଳ ପ୍ରତି କରୁଣାରେ ସାଧାରଣତଃ ଯେ ଚୁକ୍ତିର ସତ୍ତା ଅଛି, ତାହା ଏବେ ସାକ୍ଷାତ୍ ବା ମୌଳିକ ନୁହେ । ପୁଣି କରୁଣାଭଳି ମନୋବୃତ୍ତିର ବିକାଶ ହେଲେ, କିଏ କାହିଁକି ଦୁର୍ବଳ, କିପରି କେତେ କରୁଣା କରିବାକୁ ହେବ, ସେ ବିଚାର ମଧ୍ୟ କ୍ରମେ ଲୁଚିଯାଏ । ଆଜି ଏ ଦେଶରେ କେହି କେହି ଦୁଃସ୍ଥ ନିରନ୍ନକୁ ଭିଖ ମାଗିବାର ଦେଖି କହଂତି, କାମ କରି କାହିଁକି ରୋଜଗାର କରୁନାହୁଁ । ସତ, ମାତ୍ର ବୁଦ୍ଧ କହିଥିଲେ–

ସର୍ବେ ଭବଂତୁ ସୁଖିନଃ ସର୍ବେ ସଂତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟଂତୁ ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ।

(ସମସ୍ତେ ସୁଖୀ ହୁଅଂତୁ । ସମସ୍ତେ ନୀରୋଗ ହୁଅଂତୁ । ସମସ୍ତେ ମଂଗଳ ଦେଖଂତୁ । କେହି ଦୁଃଖରେ ନ ପଡୁ ।) ସେଇପରି ଦୋରାବ ତାତା ମଧ୍ୟ ପୃଥିବୀର ରୋଗ ନିରାକରଣ ପାଇଁ ନିଜ ଉଇଲରେ ତିନିକୋଟି ଟଂକା ଦାନ କରିବାର ଦେଖାଯାଉଚି । କେହି ଜେଲ ସଂସ୍କାର ପାଇଁ, କେହି କୁଷ୍ଠରୋଗ ନିବାରଣ ପାଇଁ, କେହି ପୁଣି ଅସଭ୍ୟଂକୁ ସଭ୍ୟ କରିବା ପାଇଁ ବୁଲି ବୁଲି ଦୁଃଖ ସହି ପ୍ରାଣପାତ କରୁଚଂତି । ଏସବୁରେ ସ୍ଥିତିରୁ ଚୁକ୍ତି ବାହାର କରି ଦେଖିବା ବଡ଼ କଷ୍ଟ । ପୁରୁଷର ଏକପତ୍ନୀବ୍ରତରେ ଯଦି ଚୁକ୍ତିର ମୂଳ ଥାଏ, ତାହା ଏଇପରି । ବିବାହର ଚୁକ୍ତିରେ ତାର ମୂଳ ନାହିଁ । ସତୀତ୍ୱର ମୂଳ କିଂତୁ ସ୍ପଷ୍ଟତଃ ବିବାହର ଚୁକ୍ତିରେ । ଏହା ମୌଳିକ ପୁଣି ଏହା ସାକ୍ଷାତ୍ ।

ମାତ୍ର କରୁଣା କହ, ଶୌଚ କହ, ସଂମାନ କହ, ଯେକୌଣସି କାରଣ ବା ବୃତ୍ତିରୁ ହେଉ, ଏକପତ୍ନୀବ୍ରତରେ ପୁଣି ସେଇ ମୌଳିକ ଚୁକ୍ତିର ଭୂୟୋବିକାଶରେ ଦୃଢ଼ତା ଓ ପ୍ରସାର ଯେ ଗୂଢ଼ ଭାବରେ ନିହିତ ଅଛି, ଏଥିରେ ସଂଦେହ ନାହିଁ । ପ୍ରଥମେ ଦୁର୍ବଳ ପ୍ରତି କରୁଣାରେ ଚୁକ୍ତି ହୁଏତ ଟିକିଏ ସ୍ପଷ୍ଟ ଥିଲା । ମୁଁ ଦୁର୍ବଳକୁ ସାହାଯ୍ୟ ନ କଲେ, ମୁଁ ବା ମୋର କିଏ ଦୁର୍ବଳ ହେଲେ, ସାହାଯ୍ୟ ବା କରୁଣା ଲୋଡ଼ା ହେଲେ, ଅନ୍ୟ ତାହା କରିବ କିଆଁ– ଏ ଚୁକ୍ତିଟି ହୁଏତ ପ୍ରଚ୍ଛନ୍ନ ଭାବରେ ଏଥିରେ ନିହିତ ଥିଲା । ନିତାଂତ ଭୌତିକ ସ୍ୱାର୍ଥ ଦୃଷ୍ଟିରେ ମାନବର ପ୍ରତ୍ୟେକ କୋମଳ ବୃତ୍ତିକୁ ଏଇପରି ବ୍ୟାଖ୍ୟା କରାଯାଇପାରେ । ସେ ଯାହାହେଉ, ଏବେ ସେଇ କରୁଣା, ଶୌଚ, ମାନ ପ୍ରଭୃତି ଚୁକ୍ତିରୁ ବାହାରି ଯେପରି ବ୍ୟାପକ ହୋଇଚି, ସେଥିରେ ଚୁକ୍ତି ଦେଖିବାର ଆଉ ଅବକାଶ ନାହିଁ । ଏବେ କହିବାକୁ ହେବ ଏଥିରେ ଆନଂଦ ହୁଏ, ତେଣୁ ଏହା କରାଯାଏ । ଯାହେଉ, ଏଠାରେ ମଧ୍ୟ ସାମାଜିକ ବା ମାନବିକ କ୍ରିୟାରେ ବ୍ୟକ୍ତିର ସ୍ୱାର୍ଥ ଗୂଢ଼ ହେଲେହେଁ ସ୍ପଷ୍ଟ । କିଂତୁ ନାରୀ ପୁରୁଷର ସଂବଂଧରେ ଏଇ କରୁଣାର ଭିତ୍ତି ବା ସ୍ୱାର୍ଥ ବଂଧନ ଗୂଢ଼ ବି ନୁହେ ।

ଶାସ୍ତ୍ରରେ ଅଛି 'ନସ୍ତ୍ରୀ ସ୍ୱାତଂତ୍ର୍ୟ ମର୍ହତି' । ଏହାର ଅର୍ଥ ହୋଇପାରେ ନାରୀର ସ୍ୱାତଂତ୍ର୍ୟରେ ଅଧିକାର ନାହିଁ । ''ବିଶ୍ୱାସୋନୈବ କର୍ତ୍ତବ୍ୟଂ, ସ୍ତ୍ରୀଷୁ ରାଜକୁଳେଷୁଚ'' (ସ୍ତ୍ରୀଠାରେ ଓ ରାଜକୁଳରେ ବିଶ୍ୱାସ କରିବ ନାହିଁ) । ଏଇପରି ସ୍ତ୍ରୀର ସତୀତ୍ୱକୁ ଜଗି ରଖିବା ପାଇଁ ବହୁ ବଚନ ବିଧାନ ଅଛି । ପୁଣି ସ୍ତ୍ରୀର ସତୀତ୍ୱର ଶୁଭ ଫଳ ଓ ମହିମାର

Digitized by PPRACHIN, SOA

ସୀମା ନାହିଁ । ସ୍ତ୍ରୀକୁ ମଧ୍ୟ ସହଧର୍ମିଣୀ କୁହାଯାଇଚି । ଯେପରି କି କୌଣସି କର୍ମରେ ତାର ସ୍ୱାତଂତ୍ର୍ୟ ରଖାଯାଇନାଇ । ଏସବୁରୁ କଣ ବୁଝାଯାଏ ? ସେଇ ଆଦିମ ଚୁକ୍ତିର ଦୃଢ଼ବଦ୍ଧ ଭାବ ଏଠାରେ ସ୍ପଷ୍ଟ ଦେଖିବାକୁ ହୁଏ । ନାରୀ ଗୃହସ୍ଥତାର ଚୁକ୍ତିରେ ଆବଦ୍ଧ ଥିଲେ ହେଁ, ତାଠାରେ ବିଶ୍ୱାସ ନାହିଁ । ସଂଗେ ସଂଗେ ନାରୀ ପ୍ରତି ସଂମାନ ଓ ଆଦରର ମଧ୍ୟ ସୀମା ନାହିଁ । ବଚନ ଅଛି– ଯତ୍ର ନାର୍ଯସ୍ତୁ ପୂଜ୍ୟଂତେ ରମଂତେ ତତ୍ର ଦେବତାଃ । (ନାରୀର ପୂଜା ଯେଉଁଠାରେ, ଦେବତାଂକ ପ୍ରୀତି ସେଇଠାରେ) । ନାରୀ କେବଳ "ସହଧର୍ମିଣୀ" ନୁହେ, ସେ ମଧ୍ୟ 'ଗୃହଲକ୍ଷ୍ମୀ' । ଏଇପରି ଭିନ୍ନ ଭିନ୍ନ ପ୍ରସଂଗରେ ନାନା ଭାବରେ ପୁରୁଷର ନାରୀ ପ୍ରତି ଭାବ ସବୁ ପ୍ରକାଶ ପାଇଚି । ମାତ୍ର ଦେଖିବାକୁ ହେବ ସଂଶୟରେ, ପୁଣି ସଂମାନରେ ଉଭୟତ୍ର ସେଇ ଏକ ଭିତ୍ତି । ଏହା ସେଇ ସତୀତ୍ୱକୁ ଧରି ରଖିବାର ପ୍ରବୃତ୍ତିର ପ୍ରକାଶ । ସଂଶୟରେ ଏହା ସ୍ପଷ୍ଟ । ସଂମାନରେ ମଧ୍ୟ ଏହାରଇ ସଂକେତ । ସଂମାନ ଓ ବିଶ୍ୱାସରେ ଚୁକ୍ତି ରକ୍ଷା କରାଇଦେବା ପୃଥିବୀରେ ନୂଆ କଥାନୁହେ । ସୌହାର୍ଦ୍ଦ୍ୟ ଓ ବଂଧୁତାର ଏହାଇ ଭୌତିକ ଭିତ୍ତି । ତଥାପି ଜଗତରେ ଏପରି ବିଶ୍ୱାସ ମାତ୍ର ଜନ୍ମାଇ ଚୁକ୍ତି ରକ୍ଷା କରାଇବାରେ ଯେ ବିପଦ ଅଛି, ତାହା କି ସାର୍ବଭୌମ ଓ ସାର୍ବକାଳିକ । ସେଥିପାଇଁ ସାବଧାନତାର ପ୍ରୟୋଜନ । ଏକପତ୍ନୀ ବ୍ରତ ମଧ୍ୟ ସେଇପରି ଏକ ବିଶ୍ୱାସ ଜନ୍ମାଇ ବଂଧୁତ୍ୱରେ କାମ ଆଦାୟ କରିବାର ମୌଳିକ ପ୍ରବୃତ୍ତିରୁ ମଧ୍ୟ ଜାଗ୍ରତ ହୋଇପାରେ । ଏ କ୍ଷେତ୍ରରେ କରୁଣାର ତାହାହିଁ ଏକ ଭିତ୍ତି ବୋଲାଯାଇପାରେ । ତେଣୁ ସଂଗେ ସଂଗେ ସାବଧାନ ରହିବାର ବୃତ୍ତି ମଧ୍ୟ ଜାଗ୍ରତ ଥିବାର କଥା ।

ଅବଶ୍ୟ ଏସବୁ କେହି ବିଚାରି ଭାବିଚିଂତି ହିସାବ କରି କରେ ନାହିଁ । ମନୋଜଗତର ଅଗ୍ୟାଂତ କ୍ରିୟାସବୁ ଭୌତିକ ଭିତ୍ତିରେ ଆଲୋଚନା ଓ ବିଶ୍ଳେଷଣ କଲେ, ଏହିସବୁ ବାହାରିବାର କଥା । ଆଧ୍ୟାତ୍ମିକ ଭିତ୍ତିରେ ପୁଣି ଏସବୁର ଆଲୋଚନା ସ୍ୱତଂତ୍ର । ମାତ୍ର ଭୌତିକ ଭିତ୍ତିରେ ଏ ସବୁର ଆଲୋଚନା କରାଯାଉଚି । ଏହିଭଳି ଆଲୋଚନାର ଯଥାର୍ଥ ବିଗ୍ୟାଂନସମ୍ମତ ଓ ବିଶେଷରେ ଏବେ ଲୋକରୋଚକ । ଗୋଟିଏ ଅତି ସାଧାରଣ ନିତ୍ୟବ୍ୟବହାର୍ଯ୍ୟ କ୍ରିୟାରେ ଏହି ଅଗ୍ୟାଂତ ମନୋବୃତ୍ତିର ଭୌତିକ ବିଶ୍ଳେଷଣ ବୁଝାଇ ଦେଲେ କଥାଟି ବୁଝିବାରେ ସୁବିଧା ହେବ । ଦରକାର ପଡ଼ିଲେ ଆମେ ହଠାତ୍ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଯାଉଁ । ମାତ୍ର ପ୍ରତ୍ୟେକ ପଦ ବିକ୍ଷେପ ପୂର୍ବରୁ ଠିକ୍ ନିଜର ବଳ କଳି, ଗୋଡ଼ର ଓଜନ ପାହୁଂଡ଼ର ପରିମାଣ ମାପି ଗୋଡ଼ ପକାଇ ଯେ ଚାଲିବାକୁ ହୁଏ, ଏହା ଆମେ ଜାଣୁ ନାହିଁ । ମାତ୍ର ଠିକ୍ ଜଡ଼ବିଗ୍ୟାଂନର ସାଧାରଣ ନିୟମରେ ଏହା ସବୁ କରିବାକୁ ହୁଏ । ପ୍ରଥମ ଚାଲି ଶିଖିଲାବେଳେ ଏହା ସ୍ପଷ୍ଟ ଭାବରେ କରାହୋଇଥିଲା । ବାରଂବାର ହିସାବ ଭୁଲ କରି କଚଡ଼ା ଖାଇ, ଏବେ ତା ଅଭ୍ୟାସରେ ପ୍ରକୃତିଗତ ହୋଇଯାଇଛି । ଏହି ବିବାହ ଚୁକ୍ତି ତଥା ସତୀତ୍ୱ ଓ ବଂଶ ଶୁଦ୍ଧି ପ୍ରଭୃତି ସଂବଂଧରେ ପରଂପରାରେ ଠିକ୍ ତାହାହିଁ ହୋଇଚି ।

Digitized by PPRACHIN, SOA

ତେବେ ଏଠାରେ ପ୍ରଶ୍ନ ଉଠିପାରେ, ପୁରୁଷର ନାରୀ ସତୀତ୍ୱରେ ଯେପରି ସାବଧାନତା ଲୋଡ଼ା, ନାରୀର ପୁରୁଷ ବଂଶଭାର ବହନ କରିବାରେ ସେପରି ସାବଧାନତା ଲୋଡ଼ା ହେଉନାହିଁ କାହିଁକି ? କାରଣ ଚୁକ୍ତିରେ ପୁରୁଷ ଯେ ସ୍ୱାଧୀନତା ଛାଡ଼ିଦେଇଛି, ତାକୁ ଆଉ ଫେରାଇ ନେବା ସହଜ ନୁହେ । ନାରୀ କିଂତୁ ନିଜର ଚିରଦୈନ୍ୟ ଓ ପରାଧୀନତାକୁ ଘୋଡ଼ାଇ ଦେଇଚି ମାତ୍ର । ନାରୀ ଯାହା ସ୍ପଷ୍ଟ ଛାଡ଼ି ଦେଇଚି ତାହା ବଂଶର କର୍ତ୍ତୃତ୍ୱ ଓ ଭାର । ତାହା ମଧ୍ୟ ସେ ଫେରାଇ ନେଉନାହିଁ, ନେବା ବି ସହଜ ନୁହେ । ପୁଣି ଚୁକ୍ତିର ସେ ସ୍ପଷ୍ଟ ଓ ପ୍ରକାଶ୍ୟ କ୍ରିୟା ଦୁଇଟି ପରସ୍ପର ପାଖକୁ ଫେରିବାର ମଧ୍ୟ ଉପାୟ ନାହିଁ । କାରଣ ନାରୀ ନିଜର ଘର ଛାଡ଼ିଦେଇଚି । ପୁରୁଷ ଘର କରିବାର ଭାର ନେଇ ସେଠାରେ ନାରୀକୁ ଆଣି ରଖିଛି । ବଂଶର ଭାର ସଂଗେ ନାରୀର ଭାର ସେ ବହିଚି । ସେ ହୋଇଚି ଭର୍ତ୍ତା, ନାରୀ ହୋଇଚି ତାର ଭାର୍ଯ୍ୟା । ଯେଉଁଠାରେ ନାରୀର ସ୍ୱତଂତ୍ର୍ୟ ଅର୍ଜନ ଓ ଅନଧିକାର ଅଛି, ସେଠାରେ ମଧ୍ୟ ଏ ସଂବଂଧର ଅପଳାପ ନାହିଁ । ଚୁକ୍ତିର ଏ ପ୍ରକାଶ୍ୟ ପାରଂପରିକ କ୍ରିୟା ଭାଂଗିବାର କାହାର କି ସାଧ୍ୟ ? ନାରୀ ତେଣୁ ନିଶ୍ଚିଂତ । ତାର ସାବଧାନ ହେବାପାଇଁ କିଛି ନାହିଁ । ପୁଣି ବଂଶର କର୍ତ୍ତୃତ୍ୱ ଓ ଭାର ନାରୀ ଛାଡ଼ିବାପାଇଁ ଏ ଭୀଷଣ ଚୁକ୍ତିରେ ପଶିଚି । ତା ବା ସେ ଫେରାଇ ନେବ କିଆଁ ?

[ନ.ଭା-୧୯୪୦, ୭ମ ସଂଖ୍ୟା]

## ଗୃହସ୍ଥତା-(୭)

### ବଂଶଶୁଦ୍ଧି ପୁରୁଷର ପ୍ରାପ୍ୟ–

ସଂତାନର ପିତାକୁ ନିର୍ଦ୍ଦିଷ୍ଟ କରି ସାମାଜିକ ଭାବରେ ଜଣାଇ ରଖିବା ହେଉଚି ସତୀତ୍ୱର ଲକ୍ଷଣ । ଏଥିରେ ବଂଶର କର୍ତ୍ତୃତ୍ୱ ଭାର ପୁରୁଷଠାକୁ ଆସିଚି । ଏହାହିଁ ପୁରୁଷର ଗୃହସ୍ଥତା । ଏଇ ଗୃହସ୍ଥତା ବା ବଂଶର କର୍ତ୍ତୃତ୍ୱଭାର ପୁଣି ପୁରୁଷର ଆଦିମ ସ୍ୱତ୍ୱ ନୁହେ । ବିବାହ ଅନୁଷ୍ଠାନର ବିକାଶ ସଂଗେ ନାରୀ ଏହା ପୁରୁଷକୁ ଦେଇଚି । ମାତ୍ର ନାରୀ ପୁରୁଷକୁ ବଂଶର କର୍ତ୍ତୃତ୍ୱ ଭାର ଦେଇଚି ବୋଲି ଖାଲି କହିଦେଲେ, ପୂରା କଥାଟି କୁହା ହେଲା ନାଇଁ । ବଂଶଟି ଆଗ ଦେଲେ ତ ବଂଶର ଭାର ଦବ ? ସେଇ ବଂଶଟି ଦବାରେ ଗୋଳମାଳ । ବଂଶଶୁଦ୍ଧି ପୁରୁଷର ପ୍ରାପ୍ୟ– ତାହା ସେ ପାଇବ କିପରି ? ସେଇଠାରେ ସତୀତ୍ୱ । ସେଇଠାରେ ପୁଣି ସଂଶୟ । କାରଣ ଏଇ ସତୀତ୍ୱର କୌଣସି ପ୍ରକାଶ୍ୟ ମାପକାଠି ନାଇଁ । ବିଶ୍ୱାସ ଓ ସଂମାନରେ କଥଂଚିତ ନିର୍ଭର କଲେ ମଧ୍ୟ, ଏଠାରେ ସାବଧାନତାର ପ୍ରୟୋଜନ ।

### କାମର ତାଡ଼ନା–

ଧନ କାୟକ୍ଲେଶ ପ୍ରଭୃତି ଆଦାୟ କରିବାରେ ବରଂ ବିଶ୍ୱାସ ଉପରେ ନିର୍ଭର କରାଯାଇପାରେ– ମାତ୍ର ଏ କ୍ଷେତ୍ରରେ ନୁହେ । ସେ କ୍ଷେତ୍ରରେ ସୌହାର୍ଦ୍ଦ୍ୟରେ କାମନା

Digitized by PPRACHIN, SOA

ଯେବେ ଶାଂତ ହୋଇପାରେ ଏ କ୍ଷେତ୍ରରେ ତହିଁରୁ ବହୁତ କମ୍ ଶାଂତ ହେବ । କାରଣ ଏ ହେଉଚି କାମନାର ମହାପୀଠ— ଏହାରି ନାମଇ କାମ । ଜୀବୀର ଏହା ମୌଳିକତମ ପ୍ରବୃତ୍ତି । ବିକାଶ ଓ ପ୍ରସାରରେ ଏ ସୃଷ୍ଟି ଯେତେଦିନ ରହିଚି, ସର୍ଗତଂତ୍ର ଯେତେ ଦିନ ପ୍ରଜନନକୁ ପୀଠ କରିଚି, ସଂତାନ, ପ୍ରକୃତିର ଯେତେଦିନ କାମ୍ୟ ହୋଇଥିବ, ଜୀବିର ତଥା ମାନବର ଯୌନ ପ୍ରେରଣା ତେତେଦିନ ଜାଗ୍ରତ ରହିବ । ସମ୍ମାନ ସୌହାଦ୍ୟ ତଥା ଛୀବନର ଆଦର୍ଶରେ ଏହା କଥଂଚିତ୍ ସଂଯତ ହେଲେ ମଧ୍ୟ ସମସ୍ତଂକ ପାଇଁ ସର୍ବକାଳରେ ସେ ସଂଯମର ବଂଧ ରହିବ ନାଇଁ । ସେ ବଂଧ ପକାଇଲେ ମଧ୍ୟ ତାହା ଭାଂଗୁଥିବ, ପୁଣି ପଡୁଥିବ । ବେଳେ ବେଳେ ବଢ଼ିରେ ବରାବର ଭାସିଯାଉଥିବ । ଏ କଥା ଅସ୍ୱୀକାର କରିବାର କିଛି ନାଇଁ, କି ବିଶେଷ ବ୍ୟାଖ୍ୟା କରିବା ବି ଦରକାର ନାଇଁ । ପୁଣି ଏ କ୍ଷେତ୍ରରେ କେତେବେଳେ ନିପାତନଟାଏ ମିଳିଲେ ମଧ୍ୟ ସେ ନିପାତନଟାକୁ ନିୟମ ବୋଲି ନ ଧରି, ନିୟମର ସାକ୍ଷୀ ବା ପ୍ରମାଣ ବୋଲି ଧରିବାକୁ ହେବ ଓ ନିପାତନରେ ଚଳିବାର ଅହଂକାର ନ କରି ବରଂ ନିୟମରେ ଚଳିବାର ଯତ୍ନ କରବାକୁ ହେବ । ଜଗତରେ ମାତା ହେବାର ଓ ମାତା କରାଇବାର ନିତ୍ୟ ପ୍ରବୃତ୍ତି ବଂଦ ହେବ ନାଇଁ । ଏହାକୁ କାମ କହ ବା ମୋହ କହ, ଯେ ନାମରେ କହନା କାହିଁକି, ଏ ହେଉଚି ଜଗତର ଜୀବନ ବୀଜ ଓ ସୃଷ୍ଟିର ମୂଳାଧାର । ସ୍ୱୟଂ ବେଦ କହିଚଂତି—

କାମସ୍ତଦଗ୍ରେ ସମବର୍ତତାଧି
ମନସୋ ରେତଃ ପ୍ରଥମଂ ଯଦାସୀତ୍
ସତୋ ବଂଧୁ ମସତି ନିରବିଂଦନ୍
ହୃଦି ପ୍ରତୀକ୍ଷ୍ୟା କବୟୋ ମନୀଷା†

ଅର୍ଥାତ୍— (ସେଇ ଯେଉଁ ଏକ ଥିଲ କି ଶୂନ୍ୟ ଥିଲା, କିଏ କହିବ ?) ତାହାର ମନରୁ ଯେଉଁ ପ୍ରଥମ ରେତ ବା ବୀଜ ହେଲା, ତାହାହିଁ ଆଗ କାମ (ସୃଷ୍ଟିର ପ୍ରବୃତ୍ତି ବା ଶକ୍ତି) ହେଲା । ଗ୍ୟାଂନିମାନେ ହୃଦୟରେ ବିଚାର କରି ବୁଦ୍ଧିରେ ଠିକ୍ କରିଚଂତି ଯେ ଅସତ୍ ବା ଅପ୍ରକାଶରେ ସତ୍ ବା ପ୍ରକାଶ (ସୃଷ୍ଟି)ର ଏହା ଆଦିମ ସଂବଂଧ ।

**ସାବଧାନତା—**

ଏ ସୃଷ୍ଟି ପ୍ରବୃତ୍ତିର ମହା ପ୍ରେରଣାରେ ମାନବର ବିଧି ଚିରବଂଧନ ହୋଇପାରେ ନା । ପ୍ରକାଶରୂପ ଶାଶ୍ୱତ ସତ୍ୟର ଏ ପରମ ଓ ନିତ୍ୟ ଚୋଦନା ପାଖେ, ଅନୁକଂପା, କରୁଣା, ନ୍ୟାୟ, ଧର୍ମ, ମାନ ପ୍ରଭୃତି ଅନ୍ୟ କୌଣସି ପ୍ରକାଶ ନିୟତ୍ କୃତ୍ରିମ ସତ୍ୟର ଆବରଣ ସ୍ଥାୟୀ ହୋଇପାରେନା— ସ୍ଥାୟୀ ନୁହେ । ସେଥିପାଇଁ ପ୍ରଚଂଡ଼ ଓ ପ୍ରଚୁର ସାବଧାନତାରେ ଏ ଚୁକ୍ତିର ବଂଧନ ଜଗି ରଖିବାକୁ ହୁଏ । ତାହାହିଁ ହୋଇଆସିଚି । ଯେତେଦିନ ସମାଜର ଭିତ୍ତି ଏଇ ନାରୀ ପୁରୁଷର ସଂବଂଧ ଓ ଗୃହସ୍ଥତାରେ ଆବଦ୍ଧ ଥିବ,

† ଋଗ୍‌ବେଦ ୧୦ମ ମଂଡ଼ଳ, ୧୨୯ତମ ସୂକ୍ତ, ୪ର୍ଥ ମଂତ୍ର ।

Digitized by PPRACHIN, SOA

ଯେତେଦିନ ପୁରୁଷ ମୋର ବୋଲି ନାରୀର ସଂତାନକୁ ସେବା କରିବ, ଯେତେଦିନ ବିଶ୍ୱ ତଥା ସମାଜ ବିକାଶରେ ମାନବର ନିଜତ୍ୱ ପ୍ରତିଷ୍ଠିତ ଥିବ, ନା; ଆହୁରି ବ୍ୟାପକ ଭାବରେ କଥାଟି କହିଲେ, ଯେତେଦିନ ବ୍ୟଷ୍ଟିର ବ୍ୟକ୍ତିଭେଦରେ ସଂହତିର ନିତ୍ୟ ଯୋଜନା ଧରି ବିକାଶ ନିୟମିତ ରହିଥିବ, ଅର୍ଥାତ୍ ଦାର୍ଶନିକ ଭାଷାରେ କହିଲେ, 'ଅହଂକାର'ର ବିକାଶରେ 'ପ୍ରକୃତି'ର ପରିଣାମ ନିବଦ୍ଧ ଥିବ, ତେତେଦିନ ଏଇ ସତୀତ୍ୱ ଓ ତା ସଂଗେ ଏଇ ସାବଧାନତାର ଭାବ ତୁଟିବ ନାଇଁ । ଅପରର ସଂତାନକୁ ମୋର ବୋଲି ଦେଖି ସଂତୋଷରେ ଗୃହସ୍ଥତା କରି ସମାଜ ବିକାଶରେ ଲାଗିବାର ବୃତ୍ତି ଅଭ୍ୟାସରେ ସ୍ଥିର ହେବନାଇଁ । ଜଗତରେ ଧର୍ମ ଭାବରେ ଗୁରୁ ସଂତାନକୁ, ଭୟରେ ରାଜ ସଂତାନକୁ, ପୁଣି ଧନରେ ଅପର ସଂତାନକୁ ନିଜର କରିବା ଦୃଷ୍ଟାଂତ ହୁଏତ ଥିବ, ମାତ୍ର ସମାଜ ବିକାଶର ପରିସ୍ଥିତିରେ ତାର ସ୍ଥାନ ଦୃଢ଼ ନୁହେ କି ପ୍ରଶସ୍ତ ନୁହେ । ଏହା ଅତି ଚଂଚଳ ଓ ଭଂଗପ୍ରବଣ, ପୁଣି ଅତି ସଂକୁଚିତ ।

## ଆଦର୍ଶର ସମାଧାନର ଚେଷ୍ଟା—

ଆଦର୍ଶ ସାଧନ ବୁଦ୍ଧିରେ ହୁଏତ୍ କେହି ଏ କ୍ଷେତ୍ରରେ ଆତ୍ମପର ଭେଦ ଭୁଲି ଯେ କୌଣସି ସଂତାନରେ ନିଜତ୍ୱ ଦେଖିବାର ପ୍ରଚେଷ୍ଟା କରିପାରଂତି, ହୁଏତ କରୁଥିବେ । ରାଜ୍ୟ ବା ମାନବ ଜାତିର ସମୂହ ସଂହତିକୁ ହିଁ ଏକ ବା ଏକ ବ୍ୟକ୍ତି ବୋଲି ଧରି ପୁଣି କେହି ସବୁ ସଂତାନ ସମସ୍ତଂକର ବୋଲି ହୁଏତ ମହାବ୍ୟାପକ ବୁଦ୍ଧିରେ ବ୍ୟକ୍ତିର ଅହଂକାର ଏକାବେଳକେ ଏଡ଼ିଦେଇ ନିତ୍ୟ ସ୍ୱୈରଣୀ-ସଂତାନରେ ନିଜତ୍ୱ ଦେଖିବାର ପ୍ରଚେଷ୍ଟା କରି ହୁଏତ ଭବଭୂତିଂକ ଭାଷାରେ କହୁଥିବେ—

''କାଲୋହ୍ୟୟଂ ନିରବଧିର୍ବିପୁଳା ଚ ପୃଥ୍ୱୀ
ଉତ୍ପସ୍ୟତେ ମମ ତୁ କୋଽପି ସମାନଧର୍ମା ।''

ଅର୍ଥାତ୍, କାଳ ଅନଂତ, ପୃଥିବୀ ବହୁ ବିସ୍ତୀର୍ଣ । ମୁଁ ଯାହା ଭଲ ବୋଲି ବୁଝୁଚି ତା' ବୁଝିବା ଭଳି ଅନ୍ୟ ଲୋକ କେବେ ହେଲେ ଜନ୍ମିବ । ପୁଣି ଭବଭୂତିଂକର ଏ ସାଧୁତାର ଧୈର୍ଯ୍ୟ ମଧ୍ୟ ହୁଏତ ଅନେକଂକର ନଥିବ । ବ୍ୟାକୁଳ ହୋଇ ଲୋକଂକୁ ବୁଝାଉଥିବେ, ହୁଏତ ମାରିପିଟି ଲୋକଂକୁ ଏହା ମନାଇବାକୁ ଲୋଡୁଥିବେ, କିଂବା ହୁଏତ ରାଜ୍ୟର କର୍ତ୍ତୃତ୍ୱ ହାତକୁ ନେଇ ରାଜ୍ୟ ଦ୍ୱାରା ଏହା କରାଇବା ପସଂଦ କରୁଥିବେ ବା କଳ୍ପନା କରୁଥିବେ । ଏହା ହୁଏତ ପୃଥିବୀରେ ଆଜି ଅନେକେ କରୁଚଂତି ।

## ପ୍ଲେଟୋଂକ କଳ୍ପନା—

ସେମାନେ ଆଜି ଏ କଳ୍ପନାରେ ଛଟପଟ ହେଉଚଂତି ତା ନୁହେ, ଆଜକୁ ପ୍ରାୟ ୨୩୦୦ ବର୍ଷ ତଳରୁ ଏ କଳ୍ପନା ଆରଂଭ ହୋଇଥିବାର ଇତିହାସରେ ପ୍ରମାଣ ଅଛି । ମହାସଂମାନିତ ଗ୍ରୀକ୍ ଦାର୍ଶନିକ ପ୍ଲେଟୋ ନିଜର ଏକ ଦାର୍ଶନିକ ଗ୍ରଂଥରେ (The Republic) ଏଇପରି ଏକ ଯୋଜନା ପୁଂଖାନୁପୁଂଖ ବିଚାର କରି କଳ୍ପନା କରି ଯାଇଥିଲେ । ମାତ୍ର ଆଦର୍ଶର

Digitized by PPRACHIN, SOA

ଉତ୍ତେଜନାରେ ନିଜେ ତାହା ହଠାତ୍ ଦଳଗତ ବା ବ୍ୟକ୍ତିଗତ ଭାବରେ କାର୍ଯ୍ୟରେ ପରିଣତ କରିଥିବାର କୌଣସି ପ୍ରମାଣ ନାହିଁ । ତାଂକର କଳ୍ପନା ଥିଲା ପ୍ରଜାତଂତ୍ର ରାଜ୍ୟରେ ସଂତାନ ନିମଂତେ ବିବାହ ଦରକାର ନାହିଁ । ରାଜ୍ୟ ବାଛିକରି ନାରୀ ଓ ପୁରୁଷଂକୁ ରାଜ୍ୟର ଲୋକ ବୃଦ୍ଧିରେ ନିଯୁକ୍ତ କରିବ । ସେ କାର୍ଯ୍ୟଟା ଯେପରି କି ରାଜ୍ୟର ଗୋଟାଏ ବିଭାଗ ହେବ । ଦୁର୍ବଳ ଓ ରୋଗା ଲୋକେ ସେ କାର୍ଯ୍ୟରେ ରହିବେ ନାହିଁ । ଦୁର୍ବଳ ଓ ରୋଗା ଶିଶୁ ତଥା ଲୋକମାନଂକୁ ରାଜ୍ୟ ମାରି ନଷ୍ଟ କରି ଦେବାର ବ୍ୟବସ୍ଥା ମଧ୍ୟ ସେ ଗ୍ରଂଥରେ ଅଛି । ସେ ଗ୍ରଂଥର କଳ୍ପନାରେ ରାଜ୍ୟ ଏକ ପ୍ରକାର ଗୋଟିଏ ଲୋକ ବୃଦ୍ଧି ଓ ଲୋକ ପାଳନ କରିବାର କାରଖାନା । ଟାଟା କାରଖାନାରେ ଲୁହା କଡ଼ି ଛଡ଼ ତିଆରି ହେଲା ପରି ସେଥିରେ ମନୁଷ୍ୟ ତିଆରି ହେବେ, ପୁଣି ତିଆରିରେ ଖରାପ ହୋଇଯିବା ଜିନିଷ ଯେପରି କାରଖାନାରେ ଫିଂଗି ଦିଆହୁଏ, ସେହିପରି ରୋଗା ଶିଶୁ ଓ ମନୁଷ୍ୟ ମାରି ଦିଆ ହେବାର ବ୍ୟବସ୍ଥା । ସେଥିରେ ମାନବର ବୃତ୍ତି ପ୍ରବୃତ୍ତି ଭାବ ଦ୍ୱେଷ ପ୍ରୀତି ବିରକ୍ତି ପ୍ରଭୃତି ପ୍ରକୃତିର ବିକାଶ ବିଷୟକ ବିଚାର ନାହିଁ । ଏପରି କଳ୍ପନାରେ ମାନବ ସମାଜ ରହିନପାରେ । ପ୍ଲେଟୋଂକ କଳ୍ପନା କାର୍ଯ୍ୟର ସୀମାକୁ ମଧ୍ୟ ଛୁଇଁନାହିଁ । ତାହା ଏବେ କଳ୍ପନା କ୍ରୀଡ଼ାର ଯାଦୁଘରେ ଅଛି କହିଲେ ଚଳେ ।

**ତାର ସମ୍ଭାବ୍ୟ ଫଳ—**

ତେବେ, ଧର, ସେଇ ଆଦର୍ଶକୁ ଯଥାସଂଭବ କରଣୀୟତାର ଛାଂଚରେ ପକାଇ ଯଦି କାର୍ଯ୍ୟରେ ପରିଣତ କରାଯାଏ, ତେବେ ଫଳ କଣ ହେବ ? ବିବାହର ଚୁକ୍ତି ବରାବର ଫିଟିଯିବ । କୌଣସି ପୁରୁଷ ବ୍ୟକ୍ତିଗତ ଭାବରେ ଆଉ ବଂଶର ଭାର ବହିବେ ନାହିଁ । ପୁରୁଷ ପୁଣି ଆଦିମ ମାନବ ପରି ସ୍ୱାଧୀନ ଭାବରେ ନିଜର ପ୍ରଜନନ ବୃତ୍ତି ଚରିତାର୍ଥ କରି ବୁଲିବ । ଗର୍ଭିଣୀ ନାରୀ ସଂତାନ ଘେନି ବସିବ । ରାଜ୍ୟ ହୁଏତ ତା'ଠାରୁ ସଂତାନ ଭାର ଗ୍ରହଣ କରିବ । ରାଜ୍ୟ ସେ ଭାର ଗ୍ରହଣ କରିପାରେ; ମାତ୍ର ପ୍ରକୃତିଦତ୍ତ ପାଳନବୃତ୍ତି ନାରୀର; କେବଳ ନାରୀର ନୁହେ, ମାତାର । ସେ କାର୍ଯ୍ୟଟି ରାଜ୍ୟ କରିପାରିବ ନାହିଁ । ସେଥିପାଇଁ ନାରୀକୁ, ଶେଷରେ ମାତାକୁ, ନିଯୁକ୍ତ କରିବ— ତା ଛଡ଼ା ଉପାୟ ନାହିଁ । ପୁଣି ମାତାର ମଧ୍ୟ ସେଥିରେ ସ୍ୱାଚ୍ଛଂଦ୍ୟ ଓ ସଂତୋଷ ରହିବ ନାହିଁ । ସଂତାନ ସେବାରେ ସେ କେବେ ସତୀ ଗୃହିଣୀର ନିର୍ବିକଳ୍ପ ସୁରକ୍ଷିତ ସ୍ୱାଧୀନ ଅଧିକାର ପାଇବ ନାହିଁ । ସ୍ୱାଧୀନ-ସ୍ୱଚ୍ଛଂଦ-ମାତୃ-ଲାଳନହୀନ ସଂତାନ ମଧ୍ୟ ରାଜ୍ୟର କାରଖାନାରେ ଶହ ହଜାର, ଏପରି କି ଲକ୍ଷ ସଂଖ୍ୟାରେ ଛାଂଚରେ ତିଆରି ହୋଇ ମନୁଷ୍ୟ ହେବନାହିଁ । ପୁଣି ମାତାର ସଂତାନ ପାଳନ ପ୍ରବୃତ୍ତି ମଧ୍ୟ ଲୋପ ପାଇବ ନାହିଁ । ଏଣେ ରାଜ୍ୟପରି ଗୋଟିଏ ବସ୍ତୁ ମଧ୍ୟ ସ୍ଥିତିଶୀଳ ନୁହେ । ତାହାର ପ୍ରଗତି ତଥା ଗତି ଅଛି । ଏସବୁ ଆଘାତ ପ୍ରତିଘାତ ଫଳରେ, ପୁଣି ବିବାହ ବଂଧନହୀନା ନାରୀ ସଂତାନ ଘେନି ବସିବ ଓ ଜଗତର ସମସ୍ତ ଭାର ତାରି ଉପରେ ପଡ଼ିବ । କାରଣ, ସମସ୍ତ ସଂହତି, ଜଗତରେ ବ୍ୟକ୍ତି ଧର୍ମ ପୀଠରେ ପ୍ରତିଷ୍ଠିତ । ବ୍ୟକ୍ତିର ପ୍ରବୃତ୍ତି ଚୋଦନା ପର୍ଯ୍ୟଂତ ହିସାବରୁ ବାଦ ଦେଇ ସଂହତି ଗଢ଼ିବାର କଳ୍ପନା କେବେ ସ୍ଥିର ନୁହେ । ସଂହତି

Digitized by PPRACHIN, SOA

ଜଗତରେ ସଂଶ୍ଳେଷଣ, ସଂମିଶ୍ରଣ ନୁହେ । ପ୍ରତ୍ୟେକ ଅଂଶର ଯଥାବିହିତ ଆଦାନପ୍ରଦାନରେ ସଂହତିର କଳ୍ପନା ଓ ସ୍ଥିତି । ଅଂଶଗୁଡ଼ିକ ସମଧର୍ମୀ ଓ ଏକାକାର ବୋଲି ବିଚାରି, ଗୋଳିଆପୋଳିଆ କରି ମିଶାଇଦେଲେ ସଂହତି ହୁଏ ନାହିଁ । ସମାଜରେ ତାହା ହେବ ନାହିଁ ।

## ଆଦର୍ଶ ଓ ଅନୁଷ୍ଠାନ ଏକ ନୁହେ–

ଆଦର୍ଶର ପ୍ରୟୋଜନୀୟତା ଅଛି; ମାତ୍ର ପୂର୍ଣ ମାତ୍ରାରେ ତାହାର ପ୍ରୟୋଗ ହୁଏ ନାହିଁ । ଆଦର୍ଶ ଓ ଅନୁଷ୍ଠାନ କଦାପି ଏକ ହୁଏନାହିଁ । ତେଣୁ ଏଇ ଆଦର୍ଶର ପ୍ରକୃତିଟି ଭଲ କରି ଜାଣି ରଖିବାର ଅଛି । ଏଇ ଆଦର୍ଶ ହେଉଚି କଳ୍ପନାରେ ପୂର୍ଣତା । ଏହାହିଁ କ୍ରିୟା ଓ ଅନୁଷ୍ଠାନର ମାପ ଓ ବଟକରା । ଏଇ ଆଦର୍ଶ କଳ୍ପନାରେ ଥାଏ । ଆଦର୍ଶର ଠିକ୍ ସମାନ କୌଣସି ମାନବିକ କ୍ରିୟା ବା ଅନୁଷ୍ଠାନ ଠାଇଁ ହୁଏନାହିଁ । ତଥାପି ଆଦର୍ଶ ମାପରେ ସବୁ କ୍ରିୟାରେ ତଥ୍ୟ ନିରୂପିତ ହୁଏ । ସମାଜର ତଥା ସମାଜଗତ ବ୍ୟକ୍ତିର ମାନସିକ ବିକାଶ ଅନୁସାରେ ପୁଣି ଏଇ ଆଦର୍ଶ ମଧ୍ୟ ବିକସିତ ହୁଏ । ମାତ୍ର ସମାଜରେ କୌଣସି କାର୍ଯ୍ୟ ବା ଅନୁଷ୍ଠାନ କଦାପି ଆଦର୍ଶହୀନ ହୁଏ ନାହିଁ । ସାଧାରଣ ବ୍ୟବହାରରେ ଏଇ ଆଦର୍ଶ ବା ମାପ ଯନ୍ତ୍ରର ଉଦାହରଣ ଦିଆଯାଉ । ସେରେ ମାଲପା, ଗଜେ ଲୁଗା ପ୍ରଭୃତି ମାପ ଆମେ ବ୍ୟବହାର କରୁ । ମାତ୍ର ଏଇ ସେର ଗଜ ପ୍ରଭୃତି ଯେଉଁ ପରିମାଣଗୁଡ଼ିକ ଆମେ ବ୍ୟବହାର କରୁ, ସେ ସବୁ କଣ ? ଠିକ ସେରେ ବା ଠିକ ଗଜେ ବୋଲି ପୃଥିବୀରେ କୌଣସି ମାପ ହୋଇପାରେନା । ସେରେ ମାଲପା ମାପି ଦେଲେ ସେଥିରେ ଇତର ବିଶେଷ ନିଶ୍ଚେ ରହିଯିବ । ବିଗ୍ୟାଂନର ତର୍କଣା ବା କଳନାରେ କେହି ଠିକ୍ ସେରେ ବା ଗଜେ ମାପି ପାରିବେ ନାହିଁ । ଯେତେ ସୂକ୍ଷ୍ମ ଭାବରେ ମାପିଲେ ବି କଳ୍ପନା ଓ ବ୍ୟବହାର ଭିତରେ ଭେଦ ରହିଯିବ । ଏଇ କଥାଟି ଆଉରି ସହଜ କରି ବୁଝାଯାଉ । ଜ୍ୟାମିତିକ କଳ୍ପନାରେ ଆମେ ରେଖା, ସରଳରେଖା, ବୃତ୍ତ, ବର୍ଗକ୍ଷେତ୍ର, ସମକୋଣ ପ୍ରଭୃତି ବ୍ୟବହାର କରୁ ଓ ଆମ ମାପ ତଥା ଗଣନାରେ ସେ ସବୁ ଲଗାଉ । ମାତ୍ର ଯେଉଁ ରେଖା, ''ବିସ୍ତାରହୀନ ଦୈର୍ଘ୍ୟ'', ପୁଣି ଯାହା ''ଅବସ୍ଥିତିମଂତ ବିସ୍ତୃତି ହୀନ'' ବିଂନ୍ଦୁର ସମଷ୍ଟି, ସେ ଜଗତରେ କାହିଁ ? ଜଗତରେ ସରଳରେଖା, ବୃତ୍ତ, ସମକୋଣ ପ୍ରଭୃତି ବା କାହିଁ ? ସୂକ୍ଷ୍ମ ଗଣନାରେ ଦେଖିଲେ, ସୂର୍ଯ୍ୟ ଚଂଦ୍ରର ମଂଡ଼ଳ ବି ବୃତ୍ତ ନୁହେ, କିଂବା କୌଣସି ଅଂକିତ ବୃତ୍ତ ଜ୍ୟାମିତିକ ଆଦର୍ଶ ବୃତ୍ତ ନୁହେ । ପ୍ରକୃତିରେ ରେଖା ବା ସରଳରେଖାଦିର ଅସ୍ତିତ୍ୱ ନାହିଁ । ଆମେ ଫଳକ ଉପରେ ଖଡ଼ିରେ ଯେଉଁ ରେଖା କାଟୁ, ସେ ବି ଜ୍ୟାମିତିକ ରେଖା ବା ସରଳରେଖା ନୁହେ । ଏଇ ଜ୍ୟାମିତିକ ବସ୍ତୁଗୁଡ଼ିକ ଗଣନା ଓ ଆଦର୍ଶ । ଏଇ ଆଦର୍ଶରେ ସମସ୍ତ ବ୍ୟବହାର ଚାଲିଚି ।

## ଆଦର୍ଶର ଉପଯୋଗିତା–

ଆଦର୍ଶ ମାତ୍ରର ଏହାଇ ପ୍ରକୃତି ଓ ସମସ୍ତ ବ୍ୟବହାରର ଧର୍ମ ଏଇପରି ଆଦର୍ଶରେ ନିୟମିତ ହୁଏ । ସତ୍ୟ, ନ୍ୟାୟ, କ୍ଷମା, କରୁଣା, ଏପରିକି ଧ୍ୱଂସ, କ୍ଷୟ, ସମତା, ସାମଂଜସ୍ୟ

Digitized by PPRACHIN, SOA

ପ୍ରଭୃତି ସଂବଂଧରେ ଠିକ୍ ଏଇପରି ବିଚାର କରିବାକୁ ହେବ । ସତୀତ୍ୱ ଓ ଗୃହସ୍ଥତା ମଧ୍ୟ ଏଇପରି ଆଦର୍ଶ । ଯେତେ ସୂକ୍ଷ୍ମ ବିଚାର କଲେ ମଧ୍ୟ ଏ ସମସ୍ତ ଆଦର୍ଶର ପ୍ରୟୋଗରେ ପରିସ୍ଥିତିର ବିଚାର ଓ ଅଗ୍ୟାଂତ ପ୍ରଭାବ ଲାଗି ରହିଚି । ପୁଣି ସତ୍ୟରେ ସାହସିକତା, ନ୍ୟାୟରେ କରୁଣା, କରୁଣାରେ ନିର୍ବାଚନ, କ୍ଷମାରେ ନିର୍ଭୀକତା, ଧ୍ୱଂସରେ ସତ୍ତା, କ୍ଷୟରେ ବିକାଶ, ସମତାରେ ବିରୋଧ ଓ ସାମଂଜସ୍ୟରେ ବ୍ୟକ୍ତିତ୍ୱ ସର୍ବଦା ଅଚ୍ଛେଦ୍ୟ ଭାବରେ ଲାଗି ରହିଚି । ସେଇପରି ସତୀତ୍ୱରେ ଦୀନତା ଓ ଗୃହସ୍ଥତାରେ ଦାୟ ମଧ୍ୟ ନିର୍ମଳ ସୂକ୍ଷ୍ମ ଆଦର୍ଶକୁ ମାନବିକତାରେ ହୁଏତ ରସାଣିତ କରି ସୁଖସେବ୍ୟ କରେ । ଆଦର୍ଶ-ନିର୍ମଳତାରେ ଶୁକ୍ଲିମା ଓ ଶୂନ୍ୟର ଧାରଣାରେ ତାମସ ବା କାଳିମା ଆଦର୍ଶର ମାନବୀୟ ଧାରଣା । ଏହାଛଡ଼ା ସତ୍ୟରେ ଅସତ୍ୟ ଓ ସତୀତ୍ୱରେ ବ୍ୟଭିଚାର ପ୍ରଭୃତି ନିତ୍ୟଭାବରେ ମଧ୍ୟ ଆଦର୍ଶର ନିର୍ମଳତାକୁ ଯେ ମଳିନ କରି ରଖିଚି, ତା କହିବା ନିଷ୍ପ୍ରୟୋଜନ । ଏ ସବୁ ସତ୍ତ୍ୱେ ମାନବିକ କ୍ରିୟା ଓ ଅନୁଷ୍ଠାନମାନ ଆଦର୍ଶରେ ହିଁ ନିୟମିତ ହୁଏ । ଆଦର୍ଶ ଆଧାରରେ ସେମାନଂକର ବିକାଶ । ଆଦର୍ଶ ନରହିଲେ ବିକାଶ ସ୍ଥିର । ଯେଉଁ ଚୁକ୍ତିର କଥା କୁହାଗଲା ସେ ସବୁଥିରେ ଏକ ଏକ ଆଦର୍ଶର ବିକାଶ ଚାଲିଚି । ଆଦର୍ଶଟିମାନ ପରିସ୍ଥିତିର ପ୍ରଭାବରେ ବଦଳିଯାଉଚି । ମାତ୍ର ଆଦର୍ଶ ବଦଳୁ ନବଦଳୁ ପରିସ୍ଥିତିର ପ୍ରାଂଗଣରେ ଆଦର୍ଶର ପ୍ରସାର ସର୍ବଦା ସୀମାବଦ୍ଧ । ଆଦର୍ଶରେ କର୍ମ ମପାଯାଏ; ମାତ୍ର କର୍ମ କଦାପି ଆଦର୍ଶ ପର୍ଯ୍ୟଂତ ଠିକ ଯାଏ ନାହିଁ ।

### ଆଦର୍ଶ ଓ ଦର୍ଶନ—

ଏଇ ଆଦର୍ଶ ମଧ୍ୟ ବିକାଶ ପରି ଅଗ୍ୟାଂତ । ସ୍ଥିତିରୁ ଚୁକ୍ତିରେ ହିଁ ସମାଜର ବିକାଶ । କୁହାଯାଇଚି, ସେ ମଧ୍ୟ ଅଗ୍ୟାଂତ । ମାତ୍ର ବିଚାରରେ ତାହାର ଗ୍ୟାଂନ ଫିଟେ । ଏଇ ଗ୍ୟାଂନକୁ କହଂତି, ଦର୍ଶନ । ବସ୍ତୁର ଦର୍ଶନ ଘେନି ମାନବର କ୍ରିୟା ଫୁଟିଥାଏ । ଏଇ ବସ୍ତୁର ଦର୍ଶନହିଁ ଆଦର୍ଶର ଉପଲବ୍ଧି । ଏ ଦର୍ଶନ ସ୍ପଷ୍ଟ ନଥିଲେ ବି ଏହା ଥାଏ ଓ ଏଥିରେ ହିଁ ସ୍ଥିତିରୁ ଚୁକ୍ତିରେ ସମାଜ ବିକାଶ ପାଏ । ପରେ ସେଇ ବିକାଶ ସଂଗେ ସ୍ତରେ ସ୍ତରେ ପୁଣି ଦର୍ଶନ ଫୁଟି ଉଠେ । ପରିସ୍ଥିତିରେ ସେ ଦର୍ଶନ ବା ଆଦର୍ଶର ଅନୁରୂପ କ୍ରିୟାର ପ୍ରକାଶ ସଂଗେ ଆଦର୍ଶ ପୁଣି ପ୍ରୟୋଗସହ ଓ ବିସ୍ତୀର୍ଣ୍ଣ ହୋଇଯାଏ ଓ ଦର୍ଶନ ସୂକ୍ଷ୍ମରୁ ସୂକ୍ଷ୍ମତର ହୁଏ । ହେଲେହେଁ, ଦର୍ଶନଠାରୁ ଦର୍ଶନର ଅନୁକୂଳ କ୍ରିୟା ବେଶି ଅଗ୍ୟାଂତ ଭାବରେ ବିକଶିତ ହୁଏ, ସଂଦେହ ନାଇଁ । ଆଦର୍ଶ ପାଇବାର ଉଦ୍ଦିଷ୍ଟ ବସ୍ତୁ ବା ଉପେୟ ହେଲେହେଁ, ତାହା କଦାପି ପୂର୍ଣ୍ଣଭାବେ ମିଳେନାହିଁ । ମାତ୍ର ତାହାରି ପ୍ରଭାବରେ କ୍ରିୟା ଓ ଅନୁଷ୍ଠାନମାନ ଜାଗିଉଠେ ।

### ହିଗେଲଂକ ପ୍ରଗତି-ଦର୍ଶନ—

ଆଦର୍ଶ ଲଭ୍ୟ ହେଲେ ହେଁ ଚିରଲବ୍ଧ ନୁହେ । ଏକେ କଳ୍ପନାର ଆଦର୍ଶ ମିଳେ ନାଇଁ, ପୁଣି ଯାହା ବା ମିଳେ ତା ସ୍ଥିର ରହେ ନାଇଁ । ଜଗତର ନିତ୍ୟ ଗତିରେ ପ୍ରୟୋଗ

Digitized by PPRACHIN, SOA

ବା ଅନୁଷ୍ଠାନର ପରିବର୍ତ୍ତନ ଅନିବାର୍ଯ୍ୟ । ସମସ୍ତ ପ୍ରଗତିର ଧର୍ମକୁ ଆଲୋଚନାରେ ବିଶ୍ଳେଷଣ କରି ଜର୍ମାନ ଦାର୍ଶନିକବର ହିଗେଲ ଗତ ଶତାବ୍ଦୀରେ ପରିଣାମର ଗୋଟିଏ ନିତ୍ୟ ନିର୍ଦ୍ଦିଷ୍ଟ ନିୟମ ବାହାର କରିଚଂତି । ତାହା ସାଧା କଥାରେ ହେଉଚି, ଯେଉଁ ମୂଳରୁ ପ୍ରଗତି ଆରଂଭ ହୁଏ, ପ୍ରଗତିର ପୂର୍ଣ ପରିଣାମରେ ସ୍ଥିତି ସେଇ ମୂଳକୁ ପୁଣି ଫେରି ଆସେ । ପ୍ରଥମରୁ ମୂଳଟି ଅଗ୍ୟାଂତ ଥାଏ, ଶେଷରେ ତାହା ଗ୍ୟାଂନରେ ପରିପକ୍ୱ । ଏହାହିଁ ଭେଦ । ପୁଣି ଗ୍ୟାଂନରେ ଅଗ୍ୟାଂନ ପଶି ପ୍ରଗତିର ଚକ୍ର ପଡ଼ିଯାଏ ଓ ପୁଣି ଉପରକୁ ଉଠେ । ଏଇପରି 'ଚକ୍ରନେମି କ୍ରମେଣ' ବିଶ୍ୱବିକାଶର ଅନଂତ ପରିଣାମର ପ୍ରବାହ ଚାଲିଚି ! ଅତି ସାଧାରଣ କଥାରେ ଉଦାହରଣ ଦେଇ କହିଲେ କୁହାଯିବ ମଂଜିରୁ ଗଛର ବିକାଶ ଆରଂଭ ହୁଏ । ଏଇ ବିକାଶର ପୂର୍ଣ ପରିଣାମ ହେଉଚି ଫେର୍ ମଂଜି । ମାନବ ପ୍ରଥମେ ସର୍ବତ୍ର ବିଶ୍ୱଶକ୍ତିରେ ଦେବତାର ସଂକେତ ପାଏ । ବେଦାଂତର ପୂର୍ଣ ପରିଣାମ ହେଉଚି ବ୍ରହ୍ମ ସର୍ବଗତ । ସେଇପରି ମାତାରୁ ଯେଉଁ ମାନବ ସମାଜ ବିକାଶ ପାଇବ, ତାର ପୂର୍ଣ ପରିଣାମ ହେବ ପୁଣି ସେଇ ମାତା । ପ୍ରଥମେ ଅଗ୍ୟାଂତ ପ୍ରକୃତି କ୍ରିୟାରେ ଯାହା ଫୁଟିଥିଲା, ଶେଷରେ ପ୍ରଗତିର ବିଶ୍ୱଗ୍ୟାଂନମୟ ପରିଣାମରେ ତାହାହିଁ ହେବ। ଅବଶ୍ୟ ହିଗେଲଂକ କଳ୍ପନା ଅନୁସାରେ ବିଶ୍ୱପ୍ରଗତି କେତେ ବା କିପରି ପରିଣାମରେ ଚାଲିଚି, ତା ଏଠାରେ କୁହାଯାଉନାଇଁ । ମାତ୍ର ଏପରି ସମାଜ ଚାଲିଲେ ତହିଁରେ ହିଗେଲ କଳ୍ପନା ଯେ ଏ କ୍ଷେତ୍ରରେ ଜୟଯୁକ୍ତ ହେବ, ତାହାହିଁ ଦୃଷ୍ଟାଂତରେ ଦେଖାଇ ଦେବାର ଅଭିପ୍ରାୟ ।

**ପ୍ରଗତି ଚକ୍ରରେ ନାରୀର ପରିଣାମ–**

ସମାଜ ପ୍ରଗତିର ପୂର୍ଣ୍ଣ ପରିଣାମରୂପେ ମାତା ପୁଣି ସଂତାନ ଧରି ଜଗତର ସବୁ ଭାର କାଂଧରେ ଘେନି କର୍ତ୍ତ୍ରୀ ହୋଇ ବସିବ । ପୁଣି କେତେକାଳରେ ପ୍ରଗତି ମୂଳରୁ ହୁଏତ ଆଉ ଥରେ ଫିଟିବ । ପୁଣି ନାରୀ ମାନବକୁ ଧରି ଅଗ୍ୟାଂତ ଚୁକ୍ତିରେ ପୁରୁଷର ଗୃହସ୍ଥତାର ବାଟ ଫିଟାଇବ, କିଂବା ତେଣିକି ଆଉ କଣ ହେବ, ସେକଥା ଏଠାରେ ମୁଖ୍ୟତଃ ବିଚାର୍ଯ୍ୟ ନୁହେ । ତେବେ ଏଠାରେ ବିଚାର କରିବା ଅଛି ନାରୀପ୍ରତି ଅଶେଷ ଅନୁକଂପାପ୍ରବଣ ହୋଇ ପୁରୁଷ ଯେ ତାକୁ ଆଜି ସ୍ୱାଧୀନତା ଶିଖାଉଚି ଓ ସେ ଯେ ଶୁଆପରି ପଢ଼ି ସେହି ମଂତ୍ର ଘୋଷିବାର ଆରଂଭ କରିଚି, ତାର ସ୍ଥିତି ପ୍ରଗତି ଓ ପରିସର କେତେ ? ତାର ସୀମା କେଉଁଠାରେ ? ଦେଖିବାକୁ ହେବ, ଏଇ ସତୀତ୍ୱରେ ହିଁ ତାର ସ୍ଥିତି । ଏଇ ସତୀତ୍ୱର ସ୍ଥାୟିତ୍ୱ ଅନୁକ୍ରମେ ତାର ପରିସର, ପୁଣି ସେଇଠାରେ ତାର ସୀମା । ଏଇ ସତୀତ୍ୱରୁ ଦୃଷ୍ଟି ଫେରାଇ ନାରୀ ପ୍ରଗତିର ଚିଂତା ବା କଳ୍ପନା କଲେ ଭ୍ରାଂତି ଫୁଟିବା ସ୍ୱାଭାବିକ । ଜନ୍ମ ନିରୋଧ ସମାଜର କାମ୍ୟ ବୋଲି ଯଦି ଦରକାର ହୁଏ, ଏଇ ସତୀତ୍ୱ ଭିତରେ ପୁଣି ତାର ଆବଶ୍ୟକତା ଦେଖିବାକୁ ହେବ ।

**ଜନ୍ମ ନିୟଂତ୍ରଣ ବ୍ୟାପ୍ତି–**

ଏଠାରେ ପୁଣି ଦେଖିବାର ଅଛି, ଜଗତର ବା ସମାଜର ମଂଗଳ ବୁଦ୍ଧିରେ ଜନ୍ମ ନିୟଂତ୍ରଣ, ପୁଣି ପୁରୁଷର ଭାର ବହନ ବିତୃଷ୍ଣାରେ ଜନ୍ମ ନିୟଂତ୍ରଣ ମଧ୍ୟରେ ପ୍ରଭେଦ

Digitized by PPRACHIN, SOA

ଅଛି । ମୌଳିକ ଚୁକ୍ତିରେ ପୁରୁଷ ଯେ ଭାର ନେଇଚି, ତହିଁରେ ସେ ପରାଙ୍ମୁଖ ହେଲେ, ନାରୀଠାରେ ତା ତକ ପାଳିବାର ପରାଙ୍ମୁଖତା ପ୍ରକାଶ ପାଇବା ମଧ୍ୟ ସ୍ୱାଭାବିକ । ସତୀତ୍ୱର ଚୋଦନା ପୁଣି ମୌଳିକ ମାନବିକ ଚୋଦନା ନୁହେ । ସେଥିପାଇଁ ବ୍ରହ୍ମଚର୍ଯ୍ୟର ସ୍ଥିତିରେ ଜନ୍ମ ନିରୋଧ ପଂଥାର ପ୍ରୟୋଜନ ସ୍ପଷ୍ଟ । ବିଗ୍ୟାଂନ, ଭୋଗର ବହୁପଂଥା ଫିଟାଇଚି, ଫିଟାଉଚି ଓ ଫିଟାଇବ । ମାତ୍ର ତାର ଯଥାବ୍ୟବହାରହିଁ ସମାଜର ପ୍ରଗତିରେ ଲଗାଇବାର ଏକମାତ୍ର ପଂଥା । ପୃଥିବୀର ସାମରିକ ବିଧିରେ ବୋମା, ମାଇନ୍ସ, ବିଷବାଷ୍ପ ପ୍ରଭୃତିର ବ୍ୟବହାର ବିଚାରରେ ତାହା ସ୍ପଷ୍ଟ ଦେଖାଯାଉଚି । ଜନ୍ମ ନିରୋଧ ଭଳି ବ୍ୟକ୍ତିର ସାମାଜିକ କ୍ରିୟାରେ ତାହାହିଁ ବିଧେୟ । ସମାଜ ପାଇଁ– ସମାଜ ରକ୍ଷା ପାଇଁ– ଜନ୍ମ ନିରୋଧ କରାଯାଇପାରେ । ବ୍ୟକ୍ତିର ବିଳାସ ପାଇଁ– ସମାଜର ବିନାଶ ପାଇଁ – ତାହା କରଣୀୟ ନୁହେ ।

### ସଂସାର ସାଧନାରେ ସଂଯମ ଓ ଆପେକ୍ଷିକତା–

କୁହାଯାଇଚି-ସତୀତ୍ୱର ଚୋଦନା ସ୍ୱାଭାବିକ ମାନବିକ ଚୋଦନା ନୁହେ । ସେହିପରି ବଂଶ ଓ ସଂସାର ଭାର ବହନ କରିବା ମଧ୍ୟ ପୁରୁଷର ସ୍ୱାଭାବିକ ମାନବିକ ଚୋଦନା ନୁହେ । ଦୁଇଟିଯାକ ସ୍ୱଭାବର ଯଥାନିୟଂତ୍ରଣ ବା ସଂଯମ ଉପରେ ପ୍ରତିଷ୍ଠିତ । ସମସ୍ତ ଚୁକ୍ତି ରକ୍ଷାର ଏଇ ପ୍ରକୃତି ସ୍ପଷ୍ଟ । ନାରୀ ଓ ପୁରୁଷ ଦୁହିଂକ ପକ୍ଷରେ ସମାଜ ରକ୍ଷା ଓ ବିକାଶ ତଥା ଏକ କଥାରେ ସଂସାର ଏକ ସାଧନା । ସମସ୍ତ ସାଧନାହିଁ ସ୍ୱଭାବର ଯଥାନିୟଂତ୍ରଣ । ଏଇ ସଂସାର ସାଧନା ପୁଣି ଆଦର୍ଶ ଆଡ଼କୁ ଗୋଟିଏ ଯାତ୍ରା । ସେଥିପାଇଁ ପାରଂପରିକ କଥାରେ ଏହାକୁ କହଂତି ସଂସାର ଯାତ୍ରା । ଏଇ ସଂସାର ଯାତ୍ରାର ପ୍ରକୃତି ଓ ପରିସର କଳନା କରି ବୈଦିକ ଭିତ୍ତିରେ ଆପ୍ତ ପୁରୁଷ ଗାଇଚଂତି–

> ‘‘ଲୋକେଶ ଚୈତନ୍ୟ ମୟାଧିଦେବ
> ମଂଗଲ୍ୟ ବିଷ୍ଣୋ ଭବଦାଗ୍ୟଂୈବ ।
> ହିତାୟ ଲୋକସ୍ୟ ଚରାଚରସ୍ୟ
> ସଂସାର ଯାତ୍ରା ମନୁବର୍ତୟିଷ୍ୟେ ।’’

(ହେ ଲୋକନିୟଂତା, ହେ ଚୈତନ୍ୟ ସ୍ୱରୂପ ବିକାଶ ବା ବିଗ୍ୟାଂନର ଅଧାତ୍ମ ଦିବ୍ୟ ଜ୍ୟୋତିଃ, ହେ ବିଶ୍ୱମଂଗଳ ରୂପ, ହେ ସର୍ବଗତ, ତୁମରି ନିୟମ ମାନି, ଚରାଚର ଜାଗତିକ ବିକାଶର ହିତ ନିମଂତେ,ମୁଁ ସଂସାର ଯାତ୍ରା ବା ସଂସାର ସାଧନାର ପଂଥା ଅନୁସରଣ କରିବି, ଅର୍ଥାତ୍, ମୁଁ ଯେପରି ଏଇ ବୁଦ୍ଧିରେ ଅନୁସରଣ କରେଁ, ତାହାଇ ହେଉ ।) ଏ ଗୋଟିଏ ଭକ୍ତର ବାଣୀ; ସ୍ତୁତିର କାମନା । ମାତ୍ର ଏଥିରେ ସାଧନାର ଚୋଦନା ବା କ୍ରିୟାର ସ୍ଥିତି ପ୍ରକାଶ ପାଇଚି । ସମସ୍ତ ସାଧନାଇ ସଂଯମର ପରଂପରା । ନୈସର୍ଗିକ ଚୋଦନା ବା ଇଚ୍ଛା ବିକାଶର ପୋଷାକ ନୁହେ, ଏହା ବିକାଶର ପ୍ରତ୍ୟବାୟ । ଯୁଦ୍ଧରେ ଆତ୍ମବଳି ଠାରୁ ଲୋକସେବାରେ ନିଜ ସ୍ୱାଚ୍ଛଂଦ୍ୟରେ ନିରୋଧ ପର୍ଯଂତ ସର୍ବତ୍ର ଏଇ ସଂଯମର ଲୀଳା ।

Digitized by PPRACHIN, SOA

ଏକା ସମାଜରେ କାହିଁକି ବିଶ୍ୱବିକାଶରେ ମଧ୍ୟ କେହି ସହଜ ଭାବରେ ସ୍ୱଚ୍ଛଂଦ ନୁହେ । ଶକ୍ତିରୂପିଣୀ ସୃଷ୍ଟି ମୂଳ ପ୍ରକୃତି (cosmic matter) ପୁଣି ନୀହାରିକା ତଥା ଗ୍ରହ ମହାଗ୍ରହର ଗତିଠାରୁ କୀଟପତଂଗ ବୀଜର କ୍ରମ ପରିଣତି ପର୍ଯ୍ୟଂତ ବିଗ୍ୟାଂନ ସୂତ୍ର ଧରି ଏଇ ସଂଯମର ନିୟତି ସ୍ପଷ୍ଟ ଲକ୍ଷ୍ୟ କରାଯାଇପାରେ । ପାରମାଣବିକ ବିଦ୍ୟୁତ୍ ଶକ୍ତିର ନିତ୍ୟ ବିରୋଧରେ ସାମଂଜସ୍ୟ, ନୀହାରିକାର ବିଘୂର୍ଣନରେ କେଂଦ୍ରାଭିକର୍ଷଣ, ଗ୍ରହ ମହାଗ୍ରହର ଘୋର କେଂଦ୍ରାପସାରଣରେ ମାଧ୍ୟାକର୍ଷଣ, କୀଟ ପତଂଗର ପ୍ରଜନନରେ ସ୍ଥାନ ଓ ପରିସ୍ଥିତି ନିର୍ବାଚନ, ଜଡ଼ର ଗୁରୁତ୍ୱ ଓ ଜଂତୁର ଆହରଣ ସର୍ବତ୍ର ବିଶ୍ୱ ପ୍ରକାଶରେ ଏଇ ନିୟମ । ଏହାହିଁ ସଂଯମ ବା ବିଗ୍ୟାଂନ ଭାଷାରେ ଆପେକ୍ଷିକତା । ସମାଜରେ ଏହାର ନାମ ଆଦାନପ୍ରଦାନ ବା ପ୍ରତିକ୍ରିୟାରେ ଅନ୍ୟ ପ୍ରତି ଅପେକ୍ଷା – ସେ ଅନ୍ୟ ନିକଟରେ ହେଉ ବା ଦୂରରେ ହେଉ, ସଂଘର୍ଷରେ ହେଉ ବା ଆଦର୍ଶରେ ହେଉ । ସମସ୍ତ ବିଶ୍ୱବିକାଶ ପ୍ରବୃତ୍ତିରେ ଆପେକ୍ଷିକତାର ଏଇ ନିତ୍ୟ ନିୟମ ସର୍ବତ୍ର ଏଇ ମହାସଂଯମର ଶୃଂଖଳା । ବୈଦିକ ଭାଷାରେ ଏଇ ପ୍ରକାଶର ପ୍ରବୃତ୍ତି ହେଉଚି, 'ତପଃ' ବା ତପସ୍ୟା, ଏଇ ପ୍ରକାଶ ବା ବିକାଶ 'ସତ୍ୟ', ପୁଣି ଏଇ ନିୟମର ନାମ 'ଋତ' । ବୈଦିକ ଋଷି ବିଶ୍ୱ ଶୃଂଖଳାର ଏଇ ନିତ୍ୟ ନିୟତି ବା ନିୟମରେ ଅଭିଭୂତ ହୋଇ ଗାଇଚଂତି– * "ଋତଂ ଚ ସତ୍ୟଂ ଚାଭିଦ୍ଧାତ୍ ତପସୋଽଧ୍ୟଜାୟତ ।"

ଅର୍ଥାତ୍, ଋତ ଓ ସତ୍ୟ, ପ୍ରଦୀପ୍ତ ତପସ୍ୟା ବା ଅତି ଶକ୍ତିମଂତ ବିକାଶ ପ୍ରବୃତ୍ତିରୁ ବାହାରିଲା । ଏଇ ନିତ୍ୟ ପ୍ରକାଶ ସତ୍ୟ ସଂଗେ ଋତର ବା ବିକାଶ ସଂଗେ ନିୟମର ନିତ୍ୟ ଅଂଗାଗୀ ସଂବଂଧ । ତେଣୁ ଏବେ ବି ବ୍ୟବହାରରେ ଅସତ୍ୟ ଓ ଅନୃତ ଏକା କଥା । ସେ ଯା ହେଉ, ଏଇ ଋତନିବଦ୍ଧ ବା ଋତ-ସଂଯତ ସତ୍ୟର ବିକାଶରେ 'ତପ'ର ଭିତ୍ତି ହେଉଚି 'ଜନ', ଅର୍ଥାତ୍, ପ୍ରଜନନ ପ୍ରବୃତ୍ତି ବା ଜଂତୁ ତଥା ମାନବର 'କାମ' । ଏଇ କାମରେ ସଂଯମ ନ ରହିଲେ ସମାଜ ନିୟମରେ ଘୋର ବିଶୃଂଖଳା ତଥା ବିକାଶ ସ୍ୱରୂପ ସତ୍ୟର ଧ୍ୱଂସ ଅନିବାର୍ଯ୍ୟ ।

## ଭୋଗରେ ତ୍ୟାଗ– ବିଶ୍ୱ-ଋତ ଓ ବ୍ରହ୍ମଚର୍ଯ୍ୟ–

ସମସ୍ତ ସଂଯମ ଓ ଆପେକ୍ଷିକତା ପୁଣି ତ୍ୟାଗରେ ପ୍ରତିଷ୍ଠିତ । ପ୍ରବୃତ୍ତିର ଭୋଗ ଚୋଦନା ଅନପେକ୍ଷ ଓ ତେଣୁ ବିଶୃଂଖଳ । ଏଇଠାରେ ଏଇ ସଂଯମରେ ଭୋଗରେ ତ୍ୟାଗର ବ୍ୟାପ୍ତି । ଏଇଠାରେ କିଂତୁ ସମସ୍ତ ଭୌତିକତାରେ ଅଧ୍ୟାତ୍ମର ପ୍ରବେଶ । ଏ ତ୍ୟାଗ ଚେଷ୍ଟାର ପ୍ରଭାବ ଓ ପ୍ରସାରରେ ଭୌତିକତାର କଳନା ନାଇଁ । ଏଇ ତ୍ୟାଗହିଁ ବିଶ୍ୱଋତର ପ୍ରତୀକ । ଏଇଠାରେ ସଂହତି ସଂଗେ ବ୍ୟକ୍ତିର ସଂପର୍କ ସ୍ପଷ୍ଟ । ବ୍ୟକ୍ତି ବିନା ଏ ତ୍ୟାଗ, ଏ ସଂଯମର ସ୍ଥାନ ନାଇଁ । ସଂହତିର ଦୃଷ୍ଟିରେ ଏହା ବ୍ୟକ୍ତିର ହିଁ କ୍ରିୟା ତଥା ଚୋଦନାର ମାପ । ବ୍ୟକ୍ତି ଛାଡ଼ି ଦେଲେ ଏ ସଂଯମର ଅର୍ଥ କିଛି ନାଇଁ । ତେଣୁ ବ୍ୟକ୍ତିର କ୍ରିୟା ଏଇ ସଂଯମରେ ନିୟମିତ ନହେଲେ ସଂହତିର ବିକାଶ ଅସଂଭବ । ସମାଜର ବ୍ୟକ୍ତି ହେଉଚି, ସଂସାର ଯାତ୍ରାର ସାଧକ ନର

* ଋଗ୍‌ବେଦ ମଂଡ଼ଳ ୧, ସୂକ୍ତ ୧୯୦, ମଂତ୍ର ୧ ।

Digitized by PPRACHIN, SOA

ତଥା ନାରୀ । ପୁଣି ପ୍ରଜନନ କ୍ରିୟା ଓ ପ୍ରବୃତ୍ତିରେ ହିଁ ନର ନାରୀର ଭେଦ । ଅନ୍ୟତ୍ର ଯାହା ଭେଦ ପ୍ରକାଶ ପାଇବ ତାହାର ମୂଳ ଏଇଠାରେ । ବିକାଶ ବିଚାରରେ ଏହାଇ ବ୍ୟାକରଣର ସ୍ତ୍ରୀ ପ୍ରତ୍ୟୟର ଈ-କାର (ବା ଆକାର) ବୋଲିବାକୁ ହେବ । ତେଣୁ ସଂସାର ଯାତ୍ରା ନିବଦ୍ଧ ବ୍ୟକ୍ତିର ଏଇ ଆତ୍ମିକ ବା ସଂହତ ବିକାଶନିଷ୍ଠ ସଂଯମହିଁ ସାଧନାର ଏକମାତ୍ର ଅବଲଂବନ । ଏଇ ସଂଯମର ଅନ୍ୟ ନାମ ବ୍ରହ୍ମଚର୍ଯ । ଏହାହିଁ ବ୍ରହ୍ମ ବା ବିକାଶରେ ଯଥାର୍ଥ ଚର୍ଯା ବା ଆଚରଣ । ଏଇଠାରେ ହିଁ ନାରୀର ସତୀତ୍ୱ, ଏଇଠାରେ ହିଁ ପୁରୁଷର ବଂଶରେ ଆତ୍ମଶୁଦ୍ଧି ଓ ପାଳନରେ ପ୍ରମୁଖତା ।

## ବ୍ୟକ୍ତ ସଂହତିର ଆପେକ୍ଷିକତାରେ ବିକାଶର ନିୟମ—

ବିଶ୍ୱ ସଂହତିର ବିକାଶରେ ଏଇ ରତ, ସଂଯମ, ବ୍ରହ୍ମଚର୍ଯ ବା ଆପେକ୍ଷିକତାର ଭିତ୍ତି ଦେଖାଗଲା । ଏଇ ବିଶ୍ୱ ବିକାଶର ପ୍ରତ୍ୟେକ ଅଂଶ ଧରି, ସେ ଅଂଶକୁ ମାତ୍ର ସଂହତି ବୋଲି ମନେକରି ସେଥିରେ ଅଂତର୍ଭୁକ୍ତ ବ୍ୟକ୍ତି ସଂପର୍କରେ ଏଇ ବିଚାର କରାଯାଇପାରେ । ଜଡ଼ ଓ ଚେତନ ସେଇପରି ଗୋଟିଏ ଗୋଟିଏ ସଂହତି ଓ ବ୍ୟକ୍ତି । ଜଡ଼ରେ ମହାଗ୍ରହଠାରୁ ପାହାଡ଼ ପର୍ଯଂତ, ପୁଣି ଜଂତୁରେ ଶୈବାଳଠାରୁ ମାନବ ପର୍ଯଂତ ସେଇପରି ଗୋଟିଏ ଗୋଟିଏ ସଂହତି ଓ ବ୍ୟକ୍ତି । ଉପର ସଂହତି ସଂଗେ ଆପେକ୍ଷିକତାରେ ଏମାନେ ବ୍ୟକ୍ତି । ତଳ ସଂଗେ ଆପେକ୍ଷିକତାରେ ଏମାନଂକ ନିଜ ବିକାଶ ବିଚାର କରିବାରେ ଏମାନେ ସଂହତି ସମାଜ, ସେଇପରି ଗୋଟିଏ ସଂହତି ଓ ସଂସାର ନିବଦ୍ଧ ନରନାରୀ ଏବର ବିକାଶ ସୋପାନରେ ବ୍ୟକ୍ତି । ସଂହତିରେ ବ୍ୟକ୍ତି ଏକାବେଳକେ ବିଲୋପ ପାଇଲେ, ଆପେକ୍ଷିକତାର ନିୟମ ଆଉ ନାଇଁ । ତେଣୁ ବିକାଶ ପାଇଁ ପୁଣି ବ୍ୟକ୍ତିର ବିକାଶ ମାତ୍ରରେ ନିବିଷ୍ଟ ରହି ସଂହତି ଭୁଲିଗଲେ ଆପେକ୍ଷିକତା ବିଶୃଂଖଳ । ତେଣୁ ବିକାଶ ଅସଂଭବ । ମାତ୍ର ଏଇ ଆପେକ୍ଷିକତାର ସଂଯମରେ ବେଳେ ବେଳେ ସଂଘର୍ଷଜନିତ ଆଂଶିକ ବିଶୃଂଖଳା ନହୁଏ, ନୁହେ । ବିକାଶରେ ବିନାଶ, ବୃଦ୍ଧିରେ କ୍ଷୟ, ଉପଚିତିରେ ଅପଚୟ, ସ୍ୱାସ୍ଥ୍ୟରେ ରୋଗ ପ୍ରଭୃତି ଲାଗି ରହିଚି । ସେସବୁ ବିକାଶ ନିୟମର ପ୍ରତ୍ୟବାୟ ନୁହେ, ବରଂ ପ୍ରମାଣ । ବିକାଶର ପ୍ରବୃତ୍ତି ବା ସତ୍ୟର ନିତ୍ୟ ତପଃ ସେଥିରେହିଁ ଜାଗ୍ରତ ଅଛି । ତା ନହେଲେ ପ୍ରବୃତ୍ତି ଲୋପ ହୁଅଂତା; ନିୟମ ବିକାଶରେ ଗତି ନ କରି ସ୍ଥିର ହୁଅଂତା । ନିୟମ ସ୍ଥିର ହେଲେ ତା' ନିୟମ ନୁହେ । ତାହା ଗୋଟିଏ ନିତ୍ୟ ଅବିଚଳିତ ସ୍ଥିତି ମାତ୍ର ।

## ତହିଁରେ ପ୍ରତିକ୍ରିୟାରେ ଦୃଷ୍ଟାଂତ—

ତେଣୁ ସେଇପରି ସମାଜ ପ୍ରଗତିରେ ସଂସାରଯାତ୍ରାର ବିକାଶରେ ବିକ୍ଷୋଭ ହୋଇପାରେ । ଏହାକୁ ପ୍ରତିକ୍ରିୟା କହଂତି । ବ୍ୟକ୍ତି ଓ ସଂହତି ଦୁଇଟିରୁ ଯେ କୌଣସିଟି ଅନଧିକାର ଆକ୍ରମଣ କଲେ ତାହା ଘଟିପାରେ । ସତୀତ୍ୱର ମାପରେ ବାଲ୍ୟବିଧବା ସେଇପରି ଗୋଟିଏ ପ୍ରତିକ୍ରିୟାର ଚୂଡ଼ାଂତ ଦୃଷ୍ଟାଂତ । ସଂତାନରେ ନିଜତ୍ୱ ଦେଖି ମଧ୍ୟ ଲୋକ ସେଇପରି ଅତି ସଂଚୟଶୀଳ ଘୋର କୃପଣ ହୁଏ; ତାର ତୋଟି ଚିପି ଆତ୍ମଂଭରିତାରେ ମାତେ । ଏ

Digitized by PPRACHIN, SOA

ଗଲା ବ୍ୟକ୍ତିତ୍ୱର ସଂହତିରେ ଅନଧିକାର । ସେଇପରି ଅନ୍ୟ ଦିଗରେ ସାମ୍ୟବାଦ ତଂତ୍ର ବାହାନାରେ ନାରୀର ସ୍ୱୈରାଚାର ଓ ଯଥେଚ୍ଛା ବିହାର ଓ ଭୋଗମାତ୍ର ନିବଦ୍ଧ ଦୃଷ୍ଟି ପୁରୁଷର ବଂଶ ସୃଷ୍ଟି ତଥା ବଂଶ ପାଳନରେ ଅନବଧାନତା ପ୍ରଭୃତି ଉଲ୍ଲେଖ କରାଯାଇପାରେ । ପୂର୍ବେ ଯେଉଁ ପ୍ଲେଟୋଂକ କଳ୍ପନା ଓ ହିଗେଲଂକ ସମାଧାନ କଥା କୁହାଯାଇଚି ତାହା କାର୍ଯରେ ହୋଇପାରେ ଓ ସତ୍ୟ ହୋଇପାରେ । ମାତ୍ର ସେ କଳ୍ପନା କାର୍ଯରେ ପରିଣତ ହେଲେ ସେଥିରେ ପ୍ରବୃତ୍ତିର ସାମଂଜସ୍ୟରେ ବ୍ୟକ୍ତି ସଂହତିର ଆପେକ୍ଷିକ କ୍ରିୟା କିପରି ହେବ, ଏହା ଠିକ୍ ନକରି, ବ୍ୟକ୍ତିମାତ୍ରର ସ୍ୱୈରାଚାର ଠିକ୍ ନୁହେ । ପୁଣି ହିଗେଲଂକ ସମାଧାନ ଯଦି ସତ୍ୟ ହୁଏ, ତେବେ ଏହାହିଁ ତ ଦିନେ ହେବ ବୋଲି, 'ନଈ ନ ଦେଖି ଲଂଗଳା ହେବା' ମଧ୍ୟ ଅନୁଚିତ । ଏପରି ଭାଗ୍ୟ ଉପରେ ନିର୍ଭର କରି ଆତ୍ମ ପ୍ରଯତ୍ନ ବା ତପସ୍ୟା ଛାଡ଼ିବା ମନୁଷ୍ୟତା ନୁହେ । ଏ ସବୁ ପ୍ରତିକ୍ରିୟା ବିନାଶ ଧର୍ମରେ ଅନିବାର୍ଯ ହେଲେ ମଧ୍ୟ ଏସବୁ ରୋଗ ପରି ଚିକିତ୍ସ୍ୟ । କୁହାଯାଇଚି, ଏଇ ସବୁ ଚିକିତ୍ସାରେ ହିଁ ବିକାଶର ନିୟମ ଜୀବଂତ ରହେ ଓ ପ୍ରଗତି ଅନବିଚ୍ଛିନ୍ନ ହୁଏ । ଏସବୁ ରୋଗ ବଢ଼ିଲେ ପୁଣି ପ୍ରଗତି ହ୍ରସ୍ୱ ଓ ଅବିଚ୍ଛିନ୍ନ ହୁଏ । ସମାଜ ବିଶେଷ ଏସବୁ ରୋଗରେ ଅଭିଭୂତ ହୋଇଯାଇପାରେ । ସମସ୍ତ ମାନବ ସମାଜର ସମୂହ ପ୍ରଗତିରେ ତାହା ମଧ୍ୟ ଏକ ରୋଗ ପରି । ସେଇ ରୋଗ ଫଳରେ ଅନ୍ୟତ୍ର ସାଧୁ ପ୍ରଯତ୍ନ ଜାଗ୍ରତ ହୁଏ । ଏହାକୁହିଁ ପରଂପରାର ପ୍ରଭ୍ଯାବ କହଂତି । ଇତିହାସର ଶିକ୍ଷା ମଧ୍ୟ ଏଇ ପ୍ରକାରର । ଏହାହିଁ ଏକ କଥାରେ ପରଂପରା ଓ ଇତିହାସର ଦର୍ଶନ ।

## ସନାତନ ଧର୍ମର ପରିଣତି—

ଏଇ ବ୍ୟକ୍ତି ସଂହତିର ଆପେକ୍ଷିକତାର ସୀମାଲଂଘନରେ କିପରି ଅନିଷ୍ଟ ହୋଇପାରେ ତାର ଉଦାହରଣ ଏବର ଜନସମାଜ ମାନଂକରେ ବହୁତ ଅଛି । ମାତ୍ର ସେ ସବୁରେ ପ୍ରତିକ୍ରିୟାର ଫଳ ଏବେ ତାର୍କିକତାରେ ଆଚ୍ଛାଦିତ । ତେଣୁ ସେ ସବୁରେ ବିବାଦ ବିଷଂବାଦ ହୋଇପାରେ । ମାତ୍ର ଅତୀତର ସାକ୍ଷ୍ୟରେ ସତ୍ୟର ଅପଳାପ ନାଇଁ । ସେଇ ଅତୀତର ଉଦାହରଣରେ ଦେଖାଯାଉ । ଏଇ ଅନଂତ ସ୍ୱର୍ଣପ୍ରସୂ ଭାରତରେ ଆଦିମ ମାନବ ସମାଜର ପ୍ରଗତି ସୋପାନ ସ୍ପଷ୍ଟ ହୋଇଥିଲା । ଏଇଠାରେ ଅତି ଆଦିମକାଳରୁ ପୁରୁଷ ବଂଶଭାର ନେଇଥିଲା । ସତୀତ୍ୱର ପ୍ରତିଷ୍ଠା ହୋଇଥିଲା । ସେ ଦୁଇଟିର ନିଦର୍ଶନ ଏବେ ବିଶଦ ଭାବରେ ସମାଜର ମେରୁଦଂଡ ରୂପେ ପଡ଼ିରହିଚି । ଆଜି ସଂହତି ପରିବାର ବିଧିରେ ଆଳସ୍ୟ ଓ ଦାୟିତ୍ୱହୀନତା, ପୁଣି ସଂସାର ବିଧିରେ ବାଳବିଧବାର କରୁଣ ଦୃଶ୍ୟ ସେଇ ପ୍ରତିଷ୍ଠିତ ଅନୁଷ୍ଠାନର ରୋଗ ହୋଇପାରେ । ମାତ୍ର ତାହା ଅନୁଷ୍ଠାନର ସତ୍ୟତା ଓ ଦୃଢ଼ତା ମାତ୍ର ପ୍ରମାଣ କରୁଅଛି । ଏ ଭୂମିରେ ସବୁ ସାମାଜିକ ଅନୁଷ୍ଠାନ ସନାତନ ବା ନିତ୍ୟ ବର୍ଦ୍ଧିଷ୍ଣୁ — ନିତ୍ୟ ପ୍ରଗତିରେ ଜାଗ୍ରତ, ହେଲେହେଁ, କାର୍ଯରେ 'ଅଚଳ ମହାମେରୁ'ରେ ପରିଣତ ହୋଇଯାଇଅଛି । ଏପରିକି 'ସନାତନ' ଶବ୍ଦର ଅର୍ଥ ମଧ୍ୟ ତଦନୁସାରେ ବଦଳି ଯାଇଅଛି । ଯେଉଁ 'ସନାତନ' ଶବ୍ଦର ମୌଳିକ ଅର୍ଥ 'ନିତ୍ୟ ଜାତ' 'ସର୍ବଦା ନୂତନ'

Digitized by PPRACHIN, SOA

ତାର ଅର୍ଥ ଏବେ ହୋଇଚି, 'ସର୍ବଦା ଏକାପରି' ଅପରିବର୍ତ୍ତିତ ଓ ଅପରିବର୍ତ୍ତନୀୟ । ଏହା ହୋଇଚି କାହିଁକି ? ବ୍ୟକ୍ତି ସଂହତିର ଯଥାସଂଭବ ତୁଟିଯିବାହିଁ ଏହାର କାରଣ । ଲୋକକୁ ଜନ୍ମଗତ ଅସ୍ପୃଶ୍ୟ କରି ରଖିବା, ନାରୀକୁ ନିତ୍ୟ-ବିଧବା କରି ରଖିବା, ପୁରୁଷକୁ ପରିବାର ଭିତ୍ତିରେ ଦାୟିତ୍ୱହୀନ କରି ରଖିବା ବ୍ୟକ୍ତି ସଂହତିର କୌଣସି ଯଥାନିୟମିତ ଜୀବନ ସଂବଂଧ ପ୍ରକାଶ କରୁନାଇଁ ।

**ଏ ଦେଶରେ ଇତିହାସରେ ସଂହତି ଉପରେ ବ୍ୟକ୍ତିର ଆକ୍ରମଣ ଓ ତାର ଫଳ—**

ଏହା ଆଜି ହୋଇନାଇଁ । ସମାଜର ବିକାଶରେ ଦିନ ଆସିଥିଲା, ଯେତେବେଳେ ବ୍ୟକ୍ତିହିଁ ଏହା ମୁକ୍ତ ହେବାରେ ମନ ଦେଇ ସଂସାର ଛାଡ଼ି ଆତ୍ମସାଧନାରେ ଲାଗିଲା । ଏହାର ଭୌତିକ ଓ ଦାର୍ଶନିକ କାରଣ ଯଥେଷ୍ଟ ଅଛି । ପ୍ରକୃତିର ସ୍ୱଚ୍ଛଂଦ ପୋଷଣରେ ବ୍ୟକ୍ତି ଏଠାରେ ଅନ୍ୟର ଅପେକ୍ଷାକୁ ଏକପ୍ରକାର ଭୁଲିଯାଇଥିଲା । ପୁଣି ସମାଜର ବଂଧନଠାରୁ ଶରୀର ବଂଧନକୁ ଦୃଷ୍ଟି ଦେବାହିଁ ସବୁ ବୋଲି ହୁଏତ ବିଚାରିଥିଲା । ମାତ୍ର ସେ ସବୁର ଆଲୋଚନା ନିମଂତେ ଏଠାରେ ଅବକାଶ ନାଇଁ । ଫଳରେ ସେ ଯେ 'ସଂସାର ଯାତ୍ରା' ଠାରୁ 'ଶରୀର ଯାତ୍ରା'ରେ ବେଶି ମନ ଦେଇଥିଲା, ତାହାର ସାକ୍ଷୀ ଇତିହାସ । ନାରୀ ପୁରୁଷର ସଂପର୍କ ତଥା ପ୍ରଜନନକୁ ସେ ଅବହେଳାରେ ଦେଖି ଏକାକୀ 'ଶରୀର ସାଧନା'ରେ ମୁକ୍ତି କାମନା କରିଥିଲା । ସେଥିରେ ହିଁ ତାର ସମସ୍ୟା, ସେଇଥିପାଇଁ ତାର ନିୟମ, ସେଇ ତାର ସତ୍ୟ । ସଂସାରରେ ବା ସମାଜରେ ତାର କିଛି ନାଇଁ । ଅବଶ୍ୟ ସମାଜ ନିମଂତେ ଯେଉଁମାନେ ଏପରି ସନ୍ନ୍ୟାସ ବା ସର୍ବତ୍ୟାଗ କରଂତି, ଏପରିକି ବ୍ୟକ୍ତିଗତ ଭାବରେ ନିଜର ପ୍ରଜନନ ପ୍ରବୃତ୍ତି ପର୍ଯ୍ୟଂତ ବିସ୍ମୃତ ହୁଅଂତି ସେମାନଂକର କଥା ଏଠାରେ କୁହାଯାଉନାଇଁ ! ସେମାନେ ଭୋଗରେ ତ୍ୟାଗର ସଂଯମ ସମାଜରେ ବରଂ ପ୍ରଚାର କରଂତି । ସେମାନେ ସମାଜ ବା ସଂସାରରେ ବୀତସ୍ପୃହ ନୁହଂତି । ଜନସେବା ତଥା ବିଜ୍ଞାନର ତତ୍ତ୍ୱ ଆବିଷ୍କାର କରିବାରେ ଲୋକେ ଏହା କରିଥାଂତି । ତାଂକ କଥା ସ୍ୱତଂତ୍ର । ଏଠାରେ ଯେଉଁମାନଂକ କଥା କୁହାଯାଉଚି ସଂସାର ଓ ସମାଜ ସେମାନଂକର ଅସ୍ପୃହଣୀୟ । ସେମାନଂକ କାର୍ଯ୍ୟର ବିଫଳ ହେଲା ? ସେମାନେ ମୁକ୍ତିପାଇଲେ କି ନା, କେତେ ବା ପାଇଲେ, କିପରି ପାଇଲେ, ତାର କୌଣସି ହିସାବ କେହି ରଖି ନାହାଂତି । ମାତ୍ର ସେମାନଂକ କ୍ରିୟା ଫଳରେ ସମାଜ ସଂହତିର ଆପେକ୍ଷିକ ବଂଧନ ତଥା କ୍ରମ ପରିଣାମରେ ପ୍ରଗତି ଯେ ହ୍ରସ୍ୱ ହୋଇଚି, ତାହା ବୁଝାଇବା ଦରକାର ନାଇଁ । ଅତି ଅର୍ବାଚୀନ ସମାଜମାନେ ଆଜି ଯାହା କଲେଣି ଭାରତର ପ୍ରାଚୀନ ସମାଜ ତାହା କରିବାର ସୀମାରୁ ବହୁ ଦୂରରେ । ସାମାଜିକ ପ୍ରଗତି ଭାରତରେ ଜୀବଂତ ନୁହେ, ସ୍ଥିର ଓ ମ୍ରିୟମାଣ । ବ୍ୟକ୍ତିର ଚୋଦନା ସମାଜ ଦୃଷ୍ଟିରେ ନିୟମିତ ନୁହେ । ଏଠାରେ 'ଯେଝା ହାତେ ସେ ଚଉଦ ପା' । ଯାହାର ଯାହା ଅଛି, ତାକୁ ସେ କାମୁଡ଼ି ପଡୁଚି, ବୋଇଲେ ଚଳେ । 'ସନାତନୀ' ପଂଡ଼ିତ ଏବେ ମଧ୍ୟ ଏହାର ଅପବ୍ୟାଖ୍ୟା କରି ହୁଏତ କହୁଚଂତି— ନିଜ କର୍ମରେ ଭଗବାନଂକୁ ଅର୍ଚ୍ଚିଲେ

Digitized by PPRACHIN, SOA

ମନୁଷ୍ୟ ସିଦ୍ଧିପାଏ । ଏ ନିଜ କର୍ମ ସଂଗେ ସମାଜର ଯେପରିକି ସଂପର୍କ ନାଇ । ଶୂଦ୍ରକୁ ଘୃଣା କରିବା ବ୍ରାହ୍ମଣର ସ୍ୱକର୍ମ । ନିରମ୍ବୁ ଏକାଦଶୀ କରିବା ବାଳବିଧବାର ସ୍ୱକର୍ମ । ସେଇପରି ଲାଂଚ ନେବା ଅମଲାର ସ୍ୱକର୍ମ । ଲୋକଂକୁ ଡରାଇ ରଖିବା ପୋଲିସର ସ୍ୱକର୍ମ ଇତ୍ୟାଦି । ସମାଜ ଦୃଷ୍ଟିରେ କାହାରି ସ୍ୱକର୍ମ ଯଥାନିୟମିତ ନୁହେ । ସେଥିପାଇଁ ମଧ ଏ ଦେଶର ଭୌତିକ ବିକାଶ ହୋଇନାଇଁ । ସମାଜ ବର୍ଦ୍ଧିଷ୍ଣୁତା ହରାଇ ଜଡ଼ ପରି ପଡ଼ି ରହିଚି ।

ମାତ୍ର ବ୍ୟକ୍ତି ସଂହତିର ଯଥା ସଂବଂଧ ତୁଟିବାର ନୁହେ—

ଅବଶ୍ୟ ଏଠାରେ ସମାଜ ଅର୍ଥରେ ଜନ ସଂହତି ବୁଝିବାକୁ ହେବ । ରାଜ୍ୟ ମଧ ଏଇ ସମାଜର ଅଂତର୍ଗତ । ପୁଣି ଯେଉଁ ଅବସ୍ଥାର କଥା କୁହାଗଲା ତା ଠିକ୍ ଆଜିର ହୋଇନପାରେ । କିଛିକାଳ ହେଲା ଭାରତ ସମାଜରେ ଯେଉଁ ଜୀବଂତତା ଆସୁଚି, ତାହା ଏଠାରେ ବାଦ୍ ଦେଇ କଥାଟି ବିଚାର କରିବାକୁ ହେବ । ଜୀବଂତତା ଆସୁଥିଲେହେଁ ଜଡ଼ତାର ପରଂପରା ଓ ପରିଣାମ ବା ଫଳ ଏବେ ମଧ ଏଇ ସମାଜର ସର୍ବତ୍ର ଦେଖିବାକୁ ମିଳିବ । ସେ ଯାହାହେଉ, ବ୍ୟକ୍ତିରେ ସଂହତି ଭୁଲି ଭାରତ ସମାଜର ଏକ ଦିଟରେ କି ଫଳ ହେଲା ତାହାର କିଛି ଆଭାସ ମିଳିଲା । କିଂତୁ ଜଗତର ବିକାଶ ଧର୍ମରେ ବ୍ୟକ୍ତି ସଂହତିର ସଂବଂଧ ଏପରି ତୁଟିବାର ନୁହେ । ପ୍ରଜନନର ପ୍ରବୃତ୍ତି ପୁଣି ତାହାର ସାକ୍ଷୀ । ତାକୁ ନିୟମରେ ରଖାଯାଇପାରେ । ମାତ୍ର ତାର ଅତ୍ୟଂତ ନିରୋଧ ନାହିଁ । ତାହାର ଫଳରେ ଆଜି ସେହି ମୁକ୍ତିକାମିଂକର ବଂଶଧର ବାବାଜୀ, ମହଂତ, ବୈରାଗୀ, ସନ୍ୟାସୀ, ବ୍ରହ୍ମଚାରୀ ପ୍ରଭୃତିଂକ ଦଳରେ ବ୍ୟକ୍ତିଗତ ସିଦ୍ଧି କାମନାରେ ପରିଣାମ ଅନୁସଂଧାନ କରାଯାଇପାରେ । ସେଥିପାଇଁ ଚିତ୍ତକୁ ଏକନିଷ୍ଠ କରିବାପାଇଁ ମହାଦେବଂକୁ ମଧ ଗଂଜାଇ ଖୁଆଇ ଭକ୍ତର 'ଅର୍ଧନାରୀଶ୍ୱର' କରିଦିଆଯାଇଚି । ବ୍ରହ୍ମରେ ତନ୍ମୟ ହେବା ନିମଂତେ ରାଧାଗୋପୀଂକୁ ଶ୍ରୀକୃଷ୍ଣଂକ ବାହୁପାଶରେ ବାଂଧି ଦିଆଯାଇଚି । ଏସବୁ 'ଯଥା ଦେହେ ତଥା ଦେବେ'— ନିଜ ଦେହର କାମନା ବା ଅନୁଭବହିଁ ଦେବତାଂକଠାରେ ଆରୋପ ମାତ୍ର ।

## ବୌଦ୍ଧଧର୍ମର ସଂଘ ଓ ତହିଁରେ ନାରୀ—

ଏଠାରେ ପୁଣି କହିରଖିବା ଉଚିତ ଏଇ ବ୍ୟକ୍ତି ସାଧନାକୁ ସଂହତି ସାଧନାରେ ପରିଣତ କରିବାପାଇଁ, ମାନବ ମାତ୍ରରେ ଏଇ ବ୍ୟକ୍ତି କାମନା ପ୍ରଚାରକରି ସମାଜର ପ୍ରଗତି ପଂଥା ଫିଟାଇବା ପାଇଁ ବୁଦ୍ଧଦେବ ଦିନେ 'ସଂଘ' ଗଢ଼ିଥିଲେ । ସଂଘ ଛଡ଼ା ଏପରି ବ୍ୟକ୍ତିଧର୍ମର କିଛି ଅର୍ଥ ନାଇଁ ବୋଲି ସେ ଦୃଢ଼ ଭାବରେ ପ୍ରଚାର ମଧ କରିଥିଲେ । ପରସ୍ପର ସଂବଂଧରେ କ୍ରିୟାର ପ୍ରକାଶ ବିନା ଶୀଳ ବା ସଦାଚାରର କୌଣସି ମୂଳ ନାଇଁ, ଏହାଇ ତାଂକର ଯଥାର୍ଥ ଅଭିପ୍ରାୟ ଥିଲା । କିଂତୁ ସଂସାର ଧର୍ମର ସ୍ପଷ୍ଟ ସଂପର୍କରେ ସେ ତାହା କରିନଥିଲେ । ସଂସାର ବୌଦ୍ଧର ଏକମାତ୍ର କର୍ତ୍ତବ୍ୟ ଥିଲା, ଏଇ ସଂଘର ସୁବିଧା

Digitized by PPRACHIN, SOA

କରି ଦେବାରେ ସେବା କରିବା । ମାତ୍ର ଏଇ ସଂଘର ବ୍ୟକ୍ତିମାନଂକର ଏକମାତ୍ର କର୍ମଥିଲା ଶୀଳ ବା ବିଧିବଦ୍ଧ ସଦାଚାରରେ ନିଜନିଜର ନିର୍ବାଣ ସାଧନ କରିବା ଓ ସମାଜକୁ ସେଇ ଶୀଳ ସାଧନାରେ ଯଥାସାଧ ଆଦର୍ଶରେ ପ୍ରଭାବିତ କରିବା । ଏଥିରେ କିଂତୁ ମୌଳିକ ବ୍ୟକ୍ତି ଧର୍ମର ଉପେକ୍ଷା ଯଥେଷ୍ଟ ଥିଲା । ପ୍ରଧାନ ମୌଳିକ ବ୍ୟକ୍ତି ଧର୍ମ ପ୍ରଜନନ ପ୍ରବୃତ୍ତି । ସମାଜ ସଂଗେ ଏଇଠାରେ ବ୍ୟକ୍ତିର ଅଚ୍ଛେଦ୍ୟ ସଂପର୍କ । ନିରୋଧରେ ତାର ସଂଯମ ନୁହେ । ବୃତ୍ତିର ଅଯଥା ପ୍ରଶ୍ରୟ ନିୟମିତ କରିବାହିଁ ସଂଯମ । ପ୍ରଥମେ କିଂତୁ ଏଇ ନିରୋଧରେ ପଂଥା ଠିକ କରି ରଖିବା ପାଇଁ ବୁଦ୍ଧଦେବ ଏଇ ସଂଘରେ ନାରୀପ୍ରବେଶ ପସଂଦ କରି ନଥିଲେ । ନିଜର ପାଳୟିତ୍ରୀ ମାତୃସମା ମହାପ୍ରଜାପତୀଂକ ସଂଘ ପ୍ରବେଶ ଆଗ୍ରହ, ଶେଷକୁ ଏଡ଼ି ନପାରି ସେ ସଂଘରେ ବହୁ ଅନିଛାରେ ନାରୀ ପ୍ରବେଶ ମଂଜୁର କରିଥିଲେ ଓ କହିଥିଲେ ଯେଉଁ ସଦ୍‌ଧର୍ମ ୧୦୦୦ ବର୍ଷ ନିର୍ମଳ ରହିଥାଂତା, ନାରୀ ପ୍ରବେଶ ଫଳରେ ସେ ଧର୍ମ ମାତ୍ର ୫୦୦ ବର୍ଷ ରହିବ । ସେଇ ପାଂଚଶହ ବର୍ଷ ମଧ୍ୟରେ କଣ ହୋଇଥିଲା ବିଶେଷ ଜଣାନାଇଁ । ହୁଏତ ମହାପୁରୁଷଂକ ବାଣୀ ସଫଳ ହୋଇଥିବ । ମାତ୍ର ୫୦୦ ଶହ ବର୍ଷ ଠିକ ନପୂରୁଣୁ ବୁଦ୍ଧଦେବଂକ ସେହି ମୌଳିକ ସଦ୍‌ଧର୍ମ 'ହୀନଯାନ' ବା ନିକୃଷ୍ଟ ପଂଥାରେ ପରିଣତ ହେଲା । 'ମହାଯାନ' ବା ଉତ୍କୃଷ୍ଟ ପଂଥା ବୋଲି ଏକ ସାଧନାର ବିକାଶ ହୋଇ ଧର୍ମ ସାଧନାରେ ନର ନାରୀର ସାମ୍ୟ ଧର୍ମ ଛୁଟାଇଦେଲା । ସଂଘରେ ନାରୀମାନେ ଯଥେଚ୍ଛା ପ୍ରବେଶ କଲେ । କାଳକ୍ରମେ ସେଥିରେ 'ବଜ୍ରଯାନ' ଓ 'ସହଜଯାନ' ବାହାରି ଶେଷକୁ ସମାଜରେ ଧର୍ମ ନାମରେ କେବଳ ନରନାରୀର ସହଜ ଯଥେଚ୍ଛାଚାରିତାରେ ପରିଣତ ହେଲା । ସାଧନାଟି ସମାଜରେ ପ୍ରବେଶ କରି ବିବାହ ବଂଧନ ଏକ ପ୍ରକାର ତୁଟାଇଦେଲା । ଯାହା ବା ରହିଲା ତାହା ନାନା ଭାବରେ ଶିଥିଳ ଓ ବୀଭତ୍ସ ହେଲା । ସେଥିରୁ ପୁଣି ପରିଣାମରେ ବାହାରିଲା, ତଂତ୍ରର ଯୌନମାତ୍ର ସାଧନା । ଶତ ଶତ ବର୍ଷ ବ୍ୟାପୀ ଏଇ ଯୌନ ସ୍ୱୈରାଚାରର ଘୋର ବୀଭତ୍ସତାରେ ବଂଗୋପସାଗର କୂଳରୁ ତିବ୍ବତ ସମେତ ସମସ୍ତ ପୂର୍ବଭାରତ ଭାସିଗଲା । ସମାଜର ପ୍ରଗତି ଏକାବେଳକେ ଧ୍ୱଂସ ଓ ବିଲୁପ୍ତ ହେଲା । ଫଳରେ ମୁସଲମାନ ବିଜୟ ସଂଗେ ଆସିଥିବା ବଳିଷ୍ଠ ସାଂସ୍କୃତିକ ଆକ୍ରମଣର ଧକ୍କା ବାଜି ପ୍ରତିକ୍ରିୟା ଉଠିନଥିଲେ ପୂର୍ବଭାରତର ସମାଜର ଆଜି କି ପରିଣତି ହୋଇଥାଂତା, କିଏ କହିପାରେ ? ଠିକ୍ ଯାହାହେଉ, ସମାଜ ଆଜି ବ୍ୟକ୍ତି ଧର୍ମ ବୁଝିଚି, ସତୀତ୍ୱ ପୁଣି ପୂର୍ବ ମର୍ଯ୍ୟାଦାକୁ ଫେରିଚି । ପୁରୁଷର ବହୁ ବିବାହ ନାମରେ ଯେଉଁ ଯୌନ ସ୍ୱୈରାଚାର ଓ ତହିଁ ସଂଗେ ସଂଗେ ଏକ ପ୍ରକାର ଅନନ୍ୟଗତିକା ନାରୀର ଯଥେଚ୍ଛାଚରଣ ପୁଣି ଆଜି ମୁସଲମାନ ଯୁଗ ପରେ ମଧ୍ୟ ଫିଟିଥିଲା, ତହିଁରେ ପ୍ରତିକ୍ରିୟା ଆସିଚି । ଏକ ଦିଗରେ ସତୀତ୍ୱ ଓ ଅନ୍ୟ ଦିଗରେ ନିଷ୍ଠାପର ଗୃହସ୍ଥତାର ଭିତ୍ତିରେ ବ୍ୟକ୍ତିର ସଂସାର ଯାତ୍ରା ସମାଜର ପ୍ରଗତି ପଂଥାରେ ପୁଣି ସ୍ୱଷ୍ଟ ହୋଇଚି । ବ୍ୟକ୍ତି ସଂହତିର ନିଜେ ଆପେକ୍ଷିକ ଧର୍ମରେ ସମାଜ ପ୍ରଗତିର ମୂଲ୍ୟ ନିରୂପଣ ପ୍ରତିଷ୍ଠା ପାଇଚି ।

Digitized by PPRACHIN, SOA

**ସତୀତ୍ୱରେ ସାବଧାନତା–**

ସମାଜ ପ୍ରଗତିରେ ଏଇ ସତୀତ୍ୱ ଓ ଗୃହସ୍ଥତାହିଁ ଏକମାତ୍ର ମୌଳିକ ବ୍ୟକ୍ତି ଧର୍ମ । ଗୃହସ୍ଥତାର ଅପଳାପ ଏଡ଼େ ସହଜ ନୁହେ । ମାତ୍ର ସତୀତ୍ୱରେ ସାବଧାନତା କେବଳ ସ୍ପୃହଣୀୟ ନୁହେ ଆବଶ୍ୟକ ମଧ୍ୟ । ଅବଶ୍ୟ ଏଇ ସାବଧାନତାରେ ସୀମା ଲଂଘନ କରିବା ସ୍ୱଂତଂତ୍ର କଥା । ମାତ୍ର ପରିସ୍ଥିତିର ପ୍ରଭାବ ଓ ପ୍ରେରଣାରେ ଏଇ ସୀମା ନିର୍ଦ୍ଦିଷ୍ଟ ହୁଏ । ପ୍ରଗତିର ସାଧନାରେ ଏ ସୀମା ପ୍ରତ୍ୟବାୟ ନହେଲେ ହେଲା । ଜଗତରେ ସବୁ ନିୟମର ସୀମା ନିର୍ଦ୍ଦେଶରେ ଏଇ ବିଧି । କେତେ ଖାଇବି, କିପରି ଚାଲିବିରେ ମଧ୍ୟ ସୀମା ଅଛି । ସେ ସୀମା ଲଂଘନ କଲେ ରୋଗ ହୁଏ । ସବୁଥିରେ ସୀମା ଲଂଘନର ପରିଣାମ ତାହାଇ । ମାତ୍ର ରୋଗ ହେଲା ବୋଲି ଶରୀର କେହି ଫିଂଗି ଦିଏ ନାହିଁ । ପୁଣି ସାଧନା କ୍ଷେତ୍ର ଶରୀରକୁ ଠିକ କରି ନେବାକୁ ହୁଏ, ଅଂତତଃ କରିନେବାର ପ୍ରଯତ୍ନ କରିବାକୁ ହୁଏ । ସମାଜ ପ୍ରଗତିର ସାଧନା କ୍ଷେତ୍ର ସଂସାର, ତଥା ସ୍ପଷ୍ଟତଃ ସତୀତ୍ୱ ସଂବଂଧରେ ମଧ୍ୟ ସେଇ ବିଧି । ସତୀତ୍ୱ ହିଁ ପ୍ରଗତିର ଏକମାତ୍ର ପ୍ରତୀକ କହିଲେ ଚଳେ । ସମାଜର ବିକାଶ ଯେ ଅବସ୍ଥାରେ ପହଂଚିଚି ସେଥିରେ ସତୀତ୍ୱ ହିଁ ତାର ପ୍ରଗତିର ଆଧାର । ସତୀତ୍ୱ ଛଡ଼ା ସବୁ ବିଶୃଂଖଳ, ସବୁ ବିଧ୍ୱସ୍ତ । ପୁଣି ହୁଏତ, "ପୂନର୍ମୂଷିକୋ ଭବ ।"*

[ନ.ଭା- ୧୨ୟ ବର୍ଷ]

—

* ଏଇ "ସତୀତ୍ୱ ଓ ନାରୀ" ପ୍ରବଂଧଟି ୧୮।୨।୪୦ରେ ଉତ୍କଳ ସାହିତ୍ୟ ସମାଜରେ ପଠିତ ହୋଇଥିଲା ।

Digitized by PPRACHIN, SOA

# ପଲ୍ଲୀର ଯାତ୍ରା

ଗତ କଂଗ୍ରେସ ଜୟନ୍ତୀ ପାଳନରେ 'ସଂଗୀତ' ବା ଗୀତ ବାଦ୍ୟାଦିର ବ୍ୟବହାରରେ ଉତ୍ସବ କରିବାକୁ ହେବ ବୋଲି ଭାରତ କଂଗ୍ରେସ କାର୍ଯକାରୀ ସମିତି କହିଥିଲେ । ଉତ୍କଳ କଂଗ୍ରେସ କାର୍ଯକାରୀ ସମିତି କହିଥିଲେ । ଉତ୍କଳ କଂଗ୍ରେସ ସେହି ଅନୁକ୍ରମେ ଯାହା କରିବାର ବ୍ୟବସ୍ଥା ଦେଇଥିଲେ । ସେଥିରେ କେହି କେହି ଘୋର ଅମତ ପ୍ରକାଶ କରିଥିବା କଥା ଅନେକେ ଜାଣିଥିବେ । ଆମ ପାଖକୁ ମଧ୍ୟ ଏ ବିଷୟରେ କେତେକ ବ୍ୟକ୍ତିଗତ ପତ୍ର ଆସିଥିଲା । ସେ ସବୁରେ ଥିଲା, ଯାତ୍ରା ହେଉଚି ଲୋକନୃତ୍ୟ ବା ନାଚ; ଯାତ୍ରାରେ ଅଶ୍ଳୀଳ କଥା ଭଙ୍ଗୀ ସଙ୍କେତ ପ୍ରଭୃତିର ବ୍ୟବହାର ହୁଏ; ରାମ ଅର୍ଜୁନ ସୀତା ସାବିତ୍ରୀ ପ୍ରଭୃତି ମହନୀୟ ଚରିତ୍ରମାନଙ୍କୁ ଯାତ୍ରାକାରମାନେ ବଡ଼ ହୀନ ଓ କୁତ୍ସିତ ଭାବରେ ଚିତ୍ର କରି ଲୋକଙ୍କୁ ଭ୍ରଷ୍ଟ କରନ୍ତି; ଯାତ୍ରା ବରାବର ସମାଜରୁ ଉଠାଇ ଦେବା ଉଚିତ— ଇତ୍ୟାଦି । ଏ ସବୁ ମନ୍ତବ୍ୟ ଅତି ତୀବ୍ର, ହେଲେହେଁ ଦେଶର କୌଣସି ବିକାଶେଚ୍ଛୁ ସାଧୁ କର୍ମୀଙ୍କ ମନରେ ଏପରି ଭାବ ଥିବାରୁ ଏ ବିଷୟରେ କିଛି ଲେଖିବା ଉଚିତ ବୋଧ କଲୁଁ ।

### ଯାତ୍ରା ନାଚ ନୁହେ—

ପ୍ରଥମ କଥା, ଯାତ୍ରା ଲୋକନୃତ୍ୟ ବା ନାଚ ନୁହେ— ଏହା ଗୀତିନାଟ୍ୟର ଅଭିନୟ । ଡାଲଖାଇ ନାଚ, ଧାଙ୍ଗଡ଼ ନାଚ ପ୍ରଭୃତି ପରି ଲୋକନୃତ୍ୟ ଓ ବାଈ ନାଚ, ଆଖଡ଼ା ନାଚ ପ୍ରଭୃତି ପରି ସାଧାରଣ ନାଚ ଓ ସଙ୍ଗୀତ ଅଭିନୟଠାରୁ ଏହା ଭିନ୍ନ । ଅବଶ୍ୟ ଲୋକନୃତ୍ୟ ବା ନାଚର ସାମାଜିକ ଉପଯୋଗିତା କଥା ଏଠାରେ ଆଲୋଚନାର ବିଷୟ ନୁହେ, ତେଣୁ ସେ ସଂବଂଧରେ କିଛି କୁହାଯାଉନାହିଁ । ସେ ସବୁ ସ୍ପୃହଣୀୟ କି ଗର୍ହଣୀୟ, ପୁଣି କି ପରିମାଣରେ କି ଭାବରେ ତାହାର ବ୍ୟବହାର ସାଧୁ ବା ଅସାଧୁ, ତାହା କହିବାର ଅବକାଶ ଏଠାରେ ନାହିଁ—ତାହାର ବିଚାର ସ୍ୱତନ୍ତ୍ର ।

### ଅଶ୍ଳୀଳ କଣ ?

ଯାତ୍ରାରେ ଅଶ୍ଳୀଳ କଥାର ବ୍ୟବହାର ହୁଏ, ଏ କଥାର ଅର୍ଥ କଣ ? ଅଶ୍ଳୀଳ କଥା ବା ଅଶ୍ଳୀଳତାର ସୀମା ବ୍ୟାପ୍ତି ବିଷୟରେ ସମ୍ୟକ୍ ଧାରଣା ବିନା ଏ କଥାର ବିଚାର ସୁଗମ ହେବନାହିଁ । ଅଶ୍ଳୀଳତାର ଗୋଟିଏ ମାପ କାଠି ଅଛି । ଘଟନା ବିଶେଷରେ ଯାହା ଅଶ୍ଳୀଳ, ଅନ୍ୟ ଘଟନାରେ ତାହା ଅଶ୍ଳୀଳ ନୁହେ । ପୁଣି ପରିସ୍ଥିତି ଭେଦରେ ଶ୍ଳୀଳତାର ପ୍ରକୃତି ଓ ପରିସର ମଧ୍ୟ ବିଭିନ୍ନ ହୁଏ । ଅଶ୍ଳୀଳ ଅର୍ଥ ଅଶ୍ରୀଳ ବା ଯାହା ଶ୍ରୀସଂପନ୍ନ ଅର୍ଥାତ୍ ସୌନ୍ଦର୍ଯ୍ୟଯୁକ୍ତ ନୁହେ । ଯାହା ସୁନ୍ଦର ନୁହେ ବା ପରିସ୍ଥିତି ସଂଗେ ଖାପ ଖାଏ ନାହିଁ, କିଂବା ଆଦର୍ଶ ବିଶେଷରେ ନିୟମିତ ନୁହେ, ତାହା ଅଶ୍ଳୀଳ । ନୈତିକ ଆଦର୍ଶରେ ଯାହା ଅଶ୍ଳୀଳ, ଶିଳ୍ପର ଆଦର୍ଶରେ

Digitized by PPRACHIN, SOA

ତାହା ଅଶ୍ଳୀଳ ନୁହେ । ଯୌନ ସଂବଂଧର ନୀତି ଯେଉଁଠାରେ ଆଦର୍ଶ, ସେଠାରେ ଯାହା ଅସୁନ୍ଦର ଓ କୁତ୍ସିତ, ତାକୁ ହିଁ ସର୍ବତ୍ର ଅଶ୍ଳୀଳ ବୋଲି ବୁଝିବା ସଂଗତ ନୁହେ । ଅବଶ୍ୟ ଜୀବନର ସବୁ କାର୍ଯ୍ୟରେ ସର୍ବତ୍ର ଯୌନ ଶୌଚକୁ ଆଦର୍ଶ ମାତ୍ର ଧରି ଯେଉଁମାନେ ଘଟନାମାନ ବରାବର ଦେଖନ୍ତି, ତାଙ୍କ ଆଭିମୁଖ୍ୟ ସ୍ୱତନ୍ତ୍ର ହୋଇପାରେ । ଗ୍ରୀସ୍ ଦେଶ ରୀତିର ଶିଳ୍ପ ତଥା ବହୁ ଦିନୁ ବୌଦ୍ଧ ଶିଳ୍ପରେ ଯେଉଁ ନଗ୍ନ ନାରୀ ଓ ପୁରୁଷ ମୂର୍ତ୍ତି ସବୁ, ବିଭିନ୍ନ ଅବୟବର ବିଭିନ୍ନ ସଂସ୍ଥିତିରେ ପେଶୀ ଓ ଶିରା ବିନ୍ୟାସ ସହିତ ଫୁଟାଇ ଲୋକର ସୌନ୍ଦର୍ଯ୍ୟବୋଧରେ ମୁଗ୍ଧତା ଉତ୍ପାଦନ କରାଯାଏ, ତାହା ଶିଳ୍ପ ଦୃଷ୍ଟିରେ ଅତି ଉତ୍କୃଷ୍ଟ । ହୁଏତ ଯୌନଶୌଚ ମାତ୍ରବାଦୀ ତାହା ଦେଖିବେ ନାହିଁ, କାରଣ ଶିଳ୍ପର ପୁଷ୍କଳ ପରିସର ତାଙ୍କ ଆଦର୍ଶର ଅଙ୍ଗୀଭୂତ ନୁହେ । ରଙ୍ଗମଞ୍ଚର ଚୁମ୍ବନ, ଆଲିଙ୍ଗନ ଓ ନୃତ୍ୟଭଙ୍ଗୀ, ବାଣୀମୟ ଚଳଚ୍ଚିତ୍ରର ନାରୀ ପୁରୁଷର ନଗ୍ନ ପ୍ରେମାଳାପ ଓ ବ୍ୟବହାର କଥା ଛାଡ଼ିଦେଲେ ମଧ୍ୟ ପୃଥିବୀର କାବ୍ୟ, ନାଟକ, ଉପନ୍ୟାସ ପ୍ରଭୃତି ସମସ୍ତ ଗଠନ ସାହିତ୍ୟର ଏକମାତ୍ର ମେରୁଦଣ୍ଡ ଏହି ଯୌନ ସଂକେତ । ନୀତିବାଦୀମାନେ ଏ ସବୁର ପାଠ ବର୍ଜନ କରନ୍ତି ଓ ଅନ୍ୟକୁ ସେହି ଉପଦେଶ ଦିଅନ୍ତି । ମନେ ଅଛି, ସ୍ୱର୍ଗତ ବ୍ରାହ୍ମ ପ୍ରଚାରକ ପ୍ରତାପଚନ୍ଦ୍ର ମଜୁମଦାରଙ୍କ Aids to Moral Character ପୁସ୍ତକରେ ଅତି ବାଲ୍ୟବୟସରେ ଏହିପରି ଏକ ନିର୍ଦ୍ଦେଶରେ ପ୍ରଭାବିତ ହୋଇ ମୁଁ ନିଜେ ଜୀବନରେ ନିତାନ୍ତ ଦରକାର ବିନା ନାଟକ ଓ ଉପନ୍ୟାସ ପଢ଼ିନାହିଁ— ଆଜିଯାଏ ମଧ୍ୟ ନାଟକାଭିନୟ ଓ ବାଣୀମୟ ଚଳଚ୍ଚିତ୍ର ପ୍ରାୟ ଦେଖିନାହିଁ । ମୋର ମତ ବା ରୁଚି ଯାହାହେଉ, ସାମାଜିକ ଭାବରେ ଏ ସବୁର ବିଚାର ଯେ ସ୍ୱତନ୍ତ୍ର, ଏହା ଆମେ ବୁଝୁଚୁ । ମୋର ଅଣ୍ଟା ଘୋଳି ହୁଏ ବୋଲି ମୁଁ ଚଡୁ ଘିନେ, ଏଥିପାଇଁ ଜଗତରେ ସମସ୍ତେ ଖାଲି ଚଡୁ ଘିନିବେ ବୋଲି ଆଶା କରିବା ଠିକ୍ ନୁହେଁ ।

**ଶିଷ୍ଟାଚାରର ସୀମା ଓ ପରିସର—**

ପୁଣି ପରିସ୍ଥିତି ବିଶେଷ ଘେନି ଯୌନ ସଂକେତ-ସଂବଳିତ ଅଶ୍ଳୀଳତା ତଥା ଅନ୍ୟାନ୍ୟ କଥୋପକଥନ ଶିଷ୍ଟାଚାରର ମଧ୍ୟ ସୀମା ଓ ପରିସର ଅଛି । ସେହି ସୀମା ଓ ପରିସର ମଧ୍ୟରେ ଶ୍ଳୀଳତା ଓ ଶିଷ୍ଟାଚାର ଆବଦ୍ଧ ରହି ବିଷୟର ରସୋପଲବ୍ଧି ଜନ୍ମାଏ । କୃଷ୍ଣସିଂହ ବ୍ୟାସଙ୍କ ମହାଭାରତର ପଦେ ପଦେ ଅନୁବାଦ କରିଥିଲେ ମଧ୍ୟ ଲେଖିଛନ୍ତି—

''ସଭାରେ ବସିଅଛନ୍ତି କର୍ପୂର ମାଳିଆ
ଗାଣ୍ଡିଟାମାନ ତାଙ୍କର ଯେସନେ ଓଳିଆ ।''
''ଗାଣ୍ଡୀବ ଧନୁ ଆକର୍ଷି ବିଂଧିଲେ କିରୀଟୀ
ଦେଖି ଯୋଦ୍ଧାମାନଙ୍କର ଗଲା ଗାଣ୍ଡି ଫାଟି ।''
''ଅର୍ଜୁନତନୟ ସେ ଯେ ଶ୍ରୀକୃଷ୍ଣ ଭଣଜା
ବଢ଼ି ଆସୁଅଛନ୍ତି ଯେସନେ ଶାଳ ଗଜା ।''
''ଏକା ହୋଇ ଅନ୍ଧା, ତୁ ଖେଳ୍ନୁଯିବୁଟି ବନେ

Digitized by PPRACHIN, SOA

ପେଟ କରିଦେବେଟି ଲୋ ଋଷି ଟୋକାମାନେ ।’’

ସାରଳା ଦାସ ତ କେବେ ବ୍ୟାସଙ୍କ ମହାଭାରତ ପାଖବାଟେ ଗଲାପରି ଲାଗୁନାହିଁ– ତାଙ୍କର ସ୍ୱତନ୍ତ୍ର ମହାଭାରତ କହିଲେ ଚଳେ । ସେଥିରୁ ଏପରି ଗ୍ରାମ ଚଳନ୍ତି କଥାର ଭୂରି ଭୂରି ଉଦାହରଣ ଦିଆଯାଇପାରେ । ଆଉ ଓଡ଼ିଆର କାବ୍ୟ ସାହିତ୍ୟାଦି କଥା ସମସ୍ତେ ଜାଣନ୍ତି । ତେବେ ଉପରେ ଯାହା ଉଦ୍ଧାର କରାଗଲା, ସେତିକିରୁ ବିଚାର କଲେ ମଧ୍ୟ, ଏସବୁ କଣ ଅଶ୍ଳୀଳ ନା ଶିଷ୍ଟାଚାର-ବିଗର୍ହିତ ? ଶ୍ଳୀଳତା ଓ ଶିଷ୍ଟାଚାରର ସୀମା ଏଠାରେ କିଏ ଠିକ୍ କରିବ ? କବି ପାଠକର ରସୋପଲବ୍ଧି ଓ ସମ୍ୟକ୍ ଅବବୋଧ ପାଇଁ ଲେଖିଛନ୍ତି । ସେହି ଆଦର୍ଶରେ ତାଙ୍କ ଲେଖା ବିଚାର କଲେ ଅସୁବିଧା କିଛି ହେବନାହିଁ । ଆଜିର କବି ସ୍କୁଲପଢ଼ା ପାଠୁଆଙ୍କ ପାଇଁ ଲେଖିଲାବେଳେ, ଏପରି ନ ଲେଖି ପାରନ୍ତି । ମାତ୍ର ଏହା ବୋଲି ଯଥାର୍ଥ ବିଚାରରେ ଏସବୁରେ ବୀଭତ୍ସତା କିଛି ନାହିଁ । ଏ ସବୁ ପଢ଼ି, ଶୁଣାଇ, ଶୁଣି ମଧ୍ୟ ଲୋକଙ୍କ ମନରେ କୁତ୍ସିତ ବା ବୀଭତ୍ସ ଭାବ ହୁଏନାହିଁ । ବରଂ ଏଇସବୁ ଗ୍ରନ୍ଥ ଓ ସାହିତ୍ୟ ବିନା ଓଡ଼ିଆ ସଂସ୍କୃତିର କି ପରିଣାମ ହୁଅନ୍ତା, ତାହା ବିଚାରିବାର ଦୃଷ୍ଟିକୁ ସ୍ୱାଧୀନ କରିବା ଉଚିତ ।

**ପରିସ୍ଥିତିର ଉପଯୋଗ–**

ପୁଣି ଘଟନାର ପରିସ୍ଥିତି । ବ୍ୟାସଙ୍କ ମହାଭାରତରେ ମଧ୍ୟ ଶ୍ୱେତକେତୁ ଉପାଖ୍ୟାନ ଠାରୁ ଭୀମ ହିଡ଼ିମ୍ବାଙ୍କ ରତି ପ୍ରାର୍ଥନାରେ ବିରକ୍ତ ହୋଇ ହୋଇ ପଳାଇଲାବେଳେ ଯୁଧିଷ୍ଠିର ଓ କୁନ୍ତୀଙ୍କର ଭୀମଙ୍କ ପ୍ରତି ଧର୍ମୋପଦେଶ ପର୍ଯନ୍ତ ସବୁ ବର୍ଣ୍ଣନା ଓ ଅର୍ଜୁନଙ୍କ ପଦ୍ମିନୀ ରାଜ୍ୟ ଜୟ ପ୍ରଭୃତି ଶତ ଶତ ଘଟନା ଦେଖିଲେ କଣ ମନେହୁଏ ? ସେ ସବୁକୁ ଅସାଧୁ, ଅଶ୍ଳୀଳ ଓ ବୀଭତ୍ସ ବୋଲି ଫିଙ୍ଗିଦେଲେ ଭାରତର ଜାତୀୟ ସଂସ୍କୃତି ବିଲୁପ୍ତ ହେବାର ଆଶଙ୍କା ଅଛି ।

ବେଦରେ ମଧ୍ୟ ଯୁବତୀ ଦୟିତଙ୍କୁ ବୁଝାଇ କହୁଛନ୍ତି, ‘‘ମୋତେ ପିଲା ବୋଲି ବିଚାରି ନାହିଁ କରନାହିଁ । ମୋର ଅଙ୍ଗବିଶେଷ ‘ଗାନ୍ଧାରୀ ଅବି’ (ଗାନ୍ଧାର ଦେଶ ଛେଳି) ଦେହ ପରି ଲୋମଶ ହୋଇଗଲାଣି ।’’ ଏଠାରେ ମଧ୍ୟ ପରିସ୍ଥିତି ବିଚାରକରି ଦେଖିବାକୁ ହେବ । ଏ ସବୁକୁ ଅଶ୍ଳୀଳ ବିଚାରିବାର କୌଣସି କାରଣ ନାହିଁ ।

**ଯାତ୍ରା ସଂସ୍କୃତିର ବାହନ–**

ତୃତୀୟ କଥା, ରାମ, ଅର୍ଜୁନ, ସୀତା, ସାବିତ୍ରୀଙ୍କୁ ଯାତ୍ରାକାରମାନେ କୁତ୍ସିତ ଭାବରେ ଚିତ୍ର କରନ୍ତି । ଏହା ଠିକ୍ କି ନା ? ଯାତ୍ରା ଏ ଦେଶରେ ସଂସ୍କୃତିର ଏକ ମୁଖ୍ୟ ବାହନ । ଯାତ୍ରା ମୁଖରେ ଜନସମାଜ ଯେ ଏ ଦେଶରେ ସୀତା ସାବିତ୍ରୀ, ରାମ ଅର୍ଜୁନ ପ୍ରଭୃତିଙ୍କୁ ବିଶେଷ ଭାବରେ ଜାଣିଆସିଚି, ଏଥିରେ ମତଦ୍ୱୈଧ ନାହିଁ । ତେବେ କୌଣସିଠାରେ କଣ ଲୋକେ ସୀତା ସାବିତ୍ରୀଙ୍କୁ ସାଧାରଣ ବା ଇତର କିଂବା ରାମଙ୍କୁ ହୀନଚରିତ୍ର, ପୁଣି ଅର୍ଜୁନଙ୍କୁ କାପୁରୁଷ ବୋଲି ଜାଣନ୍ତି ? ତେବେ ପରିସ୍ଥିତିରେ ନିଜକୁ ରଖି ବିଚାର ନ କରି ଆମର

Digitized by PPRACHIN, SOA

ଭୁଲ ହେଉଚି ବୋଲି ସଂଦେହ କରିବା ଉଚିତ । ଶୁଦ୍ଧ ସରଳ ପଲ୍ଲିରେ ଲକ୍ଷ୍ମଣ ଦିଅର ଭାବରେ ଭାଉଜ ସୀତାଙ୍କୁ କୌଣସି ଯୌନ ସଂକେତରେ ପରିହାସ କଲେ ମଧ ସେଥିରେ ପଲ୍ଲିସମାଜର ଯଥାର୍ଥ ବିଷୟ ଧରିବାରେ ଅସୁବିଧା ହୁଏନାହିଁ । ବରଂ ସେପରି ନ କଲେ ଅଭିନୟ ସେଠାରେ ଶୁଷ୍କ ନୀରସ ତଥା ନିରର୍ଥକ ହୋଇପାରେ । ସେ ସବୁ କବି ଓ ନାଟ୍ୟକାରର ପାରିପାର୍ଶ୍ୱିକ ପରିସ୍ଥିତି ଜ୍ଞାନ ଉପରେ ନିର୍ଭର କରେ । କୌଣସି ନିର୍ଦ୍ଦିଷ୍ଟ ନୀତିମାନ୍ ବ୍ୟକ୍ତି ଯେପରି ଏକଦେଶଦର୍ଶୀ ହୁଏ, ସମୂହ ଓ ସାମାଜିକ ଜୀବନରେ ରସୋଦ୍ରେକ କରିବା ଯାହାର କାମ, ସେ ସେପରି ହୁଏନାହିଁ ।

ଫଳ କଥା, ପରିସ୍ଥିତିର ପରିବର୍ତ୍ତନରେ ସେ ସବୁ ବଦଳିଯିବ । ପୂର୍ବେ ପଲ୍ଲିମାନଙ୍କରେ ଯାତ୍ରା ଯାହା ଥିଲା, ଏବେ ତା ନାହିଁ । ସଡ଼କ ଓ ସହର ପାଖ ପଲ୍ଲିରେ ଗ୍ରାମ୍ୟତା ଏବେ ପ୍ରାୟ ନାହିଁ କହିଲେ ଚଳେ । ବୈଷ୍ଣବ ପାଣିଙ୍କ ଯାତ୍ରାର ବିଚିତ୍ର ନାଟକୀୟ ମନୀଷା ଓ ଲୋକଚରିତ୍ରର ଯଥାର୍ଥ ଅବଗତି ଯେଉଁମାନେ ଉଦାର ସମାଲୋଚକ ଦୃଷ୍ଟିରେ ଦେଖିଥିବେ, ସେମାନେ ବୁଝିଥିବେ ଯାତ୍ରା କିପରି ପରିସ୍ଥିତି ସଂଗେ ଗତି କରୁଚି ।

**ଯାତ୍ରାର ସଂସ୍କାର ଦରକାର, ସଂହାର ନୁହେ—**

ଶେଷତଃ ଯାତ୍ରା ସମାଜରୁ ଉଠାଇ ଦେବା କଦାପି ଉଚିତ ନୁହେ । ଶିକ୍ଷିତ ଓ ମାର୍ଜିତ ଲୋକେ ସେଥିରେ ଶ୍ରୋତା, କବି, ଗାୟକ, ନାଟ୍ୟକାର ପ୍ରଭୃତି ରୂପେ ବେଶି ବେଶି ଯୋଗଦେଇ ପରିସ୍ଥିତି ପ୍ରଭାବିତ କରିବା ଉଚିତ । ଖାଲି ସ୍କୁଲଘରେ ବା ଆଶ୍ରମରେ କିଂବା ସଂବାଦପତ୍ରରେ ଲୋକଶିକ୍ଷା ହୁଏ ନାହିଁ । ଜନ ସମାଜର ପ୍ରାଣରେ ପ୍ରାଣ ମିଶାଇ ଅଲକ୍ଷିତ ଭାବରେ ପ୍ରଭାବ ବିସ୍ତାର କରିବାହିଁ ଯଥାର୍ଥ ଜନସେବା । ମୁଖ୍ୟତଃ ପ୍ରଗତିର ପନ୍ଥା ହେଉଚି ସେଇ ।

ପୁଣି ଏ ଦେଶରେ ଅନ୍ନବିନା ଲୋକେ 'ହାହାକାର' କଲାବେଳେ, ତାଙ୍କ ନିରୀହ ଅତି ଉପଯୋଗୀ ଆମୋଦର ଅତି କ୍ଷୀଣ ଏ ଅବକାଶଟିକକୁ ଏପରି ଦୁରାଗ୍ରହରେ ଗୋଇଠା ମାରିବା ନିଷ୍ଠୁରତା, ଏଥିରେ ଜାତିର ପ୍ରାଣ ବରାବର ଶୁଖିଯିବ, ଜାତି ମରିଯିବ । ବିଶେଷରେ କୌଣସି ଧର୍ମ ପ୍ରଚାରକ ହୁଏତ ନିଜର ଏକାଦଶୀ ସାଧନରେ ଏପରି ଶିକ୍ଷା ଦେଇପାରନ୍ତି, ଜାତୀୟ ଜୀବନର ପୁଷ୍କଳ ଓ ସର୍ବୋତମୁଖ ବିକାଶ ଯାହାର କାମ୍ୟ ତାହାର ଆଭିମୁଖ୍ୟ ଭଲହେବାର କଥା ।

[ନ.ଭା- ୨ୟ ବର୍ଷ]

—

Digitized by PPRACHIN, SOA

# ଆଲୋଚନା

## (୧) ଚକୁଳିଆପଣ୍ଡା

### କଥାଟିରୁ କଣ ବୁଝାଯାଏ—

ଚକୁଳିଆପଣ୍ଡା କଥାଟିର ଅର୍ଥ କଣ, ତାହା କହିବା ଦୁରୂହ । କିମ୍ବଦନ୍ତିରେ ଏହି କଥାକୁ ବ୍ୟାଖ୍ୟା କରି କେତେ ଉପାଖ୍ୟାନ ଅଛି । କିନ୍ତୁ ସେ ସବୁ ଅନୁସନ୍ଧାନ କରିବା ଲୋକର ମନକୁ ପାଇବା ଭଳି ନୁହେ । କେହି କେହି ସେଥିପାଇଁ ଚକୁଳିଆପଣ୍ଡା କଥାଟିକୁ ଚକରିଆ ପଣ୍ଡା ବୋଲି କହନ୍ତି ଓ ଅର୍ଥ କରନ୍ତି, ଚକ୍କର ଦେଇ ବୁଲେ ବୋଲି ତା ନାଁ ଚକରିଆ ପଣ୍ଡା ।

ସେ ଯାହାହେଉ ଜିନିଷଟି କଣ ତାହା ଏବେ ସମସ୍ତେ ଜାଣନ୍ତି । ଏହି ପଣ୍ଡାମାନେ ଭିକ୍ଷା କରି ଗ୍ରାମେ ଗ୍ରାମେ ବୁଲନ୍ତି । ମାତ୍ର ଏମାନେ ଠିକ ଭିକ୍ଷୁକ ନୁହନ୍ତି । ଏମାନଙ୍କର ଜମିବାଡ଼ି ଅଛି, ଚାଷ-ବାସ ଘର-ଦ୍ୱାର ଅଛି । ଏମାନଙ୍କ ମଧ୍ୟରୁ ଅନେକେ ମଧ୍ୟବିତ୍ତ ଶ୍ରେଣୀର ଲୋକ । କିନ୍ତୁ ପରଂପରାରେ ଏମାନେ ଏହି ଭିକ୍ଷୁକ ବୃତ୍ତି କରିଆସୁଛନ୍ତି । ସାଧାରଣତଃ ଶୀତ ଓ ଖରାଦିନେ ଅର୍ଥାତ୍ ଚାଷ-ବାସ କାମ ନ ଥିଲାବେଳେ ଏମାନେ ଭିକ୍ଷାରେ ବୁଲିବାହାରନ୍ତି । ଗାଁକୁ ଗାଁ ବୁଲନ୍ତି । କିନ୍ତୁ ଏମାନେ କାହା ଦୁଆରକୁ ଉଠି ଭିଖ ମାଗନ୍ତି ନାହିଁ; ଦାଣ୍ଡେ ଦାଣ୍ଡେ ଏମାନେ ତାଳପତ୍ର ଛତାଟିଏ ଧରି ଓ ଖିସା ଜାଉଁଳିଟିଏ ପକାଇ, ଧର୍ମକଥାଗୁଡ଼ିକ ଉଚ୍ଚସ୍ୱରରେ ବୋଲି ବୋଲି ଚାଲିଯାଉଥାନ୍ତି । ଲୋକେ ଘରୁ ଭିଖ ଧରି ଆସି ଦାଣ୍ଡରେ ଏମାନଙ୍କୁ ଭିଖ ଦିଅନ୍ତି । ଏମାନେ ଖିସା ଜାଉଁଳିର ଆଗ ପାଖଟିକୁ ଦେଖାଇ ଦିଅନ୍ତି ଓ ସେଥି ଭିତରକୁ ଭିଖ ପକାଇ ଦେବାକୁ ହୁଏ । ସାଧାରଣତଃ ଏମାନଙ୍କୁ ଭିଖ ନେବାପାଇଁ ଡ଼ାକିଲେ ଏମାନେ ପଛକୁ ଫେରନ୍ତି ନାଇଁ— ଦଉଡ଼ି ଯାଇ ଆଗ ପଟରୁ ଭିଖ ଦେବାକୁ ହୁଏ । ଏମାନେ ଯେଉଁ ଧର୍ମ ଉପଦେଶ କଥା ବୋଲୁଥାନ୍ତି, ଉଦାହରଣ ପାଇଁ ଗୋଟିଏ ଦିଓଟି ତଳେ ଦିଆଗଲା । ବ୍ରାହ୍ମଣ ଶାସନରେ ସବୁ ଉପଦେଶ ବାକ୍ୟ ମୂଳରେ 'ଆହେ ଆପଣେ' ବୋଲି ସମ୍ବୋଧନ କରନ୍ତି । ଅନ୍ୟତ୍ର ଗାନ ସ୍ୱରରେ ଲମ୍ବା କରି ଖାଲି 'ଅହେ' ବୋଲି କହିଥାନ୍ତି । ସେମାନେ କହନ୍ତି—

"ଆହେ ଆପଣେ, ଦେବ ଦିଆଇବ,
ଦେ-ପଦ ଲଭିବ, ଦେଇଥିଲେ ପାଇବ;
ଦାନକୁ ବଳି ପୁଣ୍ୟ ନାହିଁ, ଦାନେ ଜିଣନ୍ତି ସାରା ମହୀ,
ବଳିଦାତା, କର୍ଣ୍ଣଦାତା, ଦାତା ଜୀମୂତବାହନ,
ହରିଶ୍ଚନ୍ଦନ ଶିବି ଦାତା, ମୋକ୍ଷଦାତା ଜନାର୍ଦ୍ଦନ,
ହେ ଆପଣେ"—ଇତ୍ୟାଦି

Digitized by PPRACHIN, SOA

## ଏହା ବୌଦ୍ଧ ଅନୁଷ୍ଠାନ କି ?

ଏହି ଧର୍ମୋପଦେଶଗୁଡ଼ିକର ଅର୍ଥ ବା ତାତ୍ପର୍ଯ୍ୟ ବୁଝାଇବା ଦରକାର ନାଇ । କିନ୍ତୁ ଏ ଅନୁଷ୍ଠାନଟି କାହୁଁ ଆସିଲା, ଏହାର ପରଂପରା କଣ, ତାହା ଭାବିଲେ ମନେ ହୁଏ ଏହା ଗୋଟିଏ ସ୍ପଷ୍ଟ ବୌଦ୍ଧ ଅନୁଷ୍ଠାନ । ଏବେ ମଧ ବ୍ରହ୍ମ ଓ ଅନ୍ୟାନ୍ୟ ବୌଦ୍ଧ ଦେଶରେ ଏହିଭଳି ସ୍ପଷ୍ଟ ଅନୁଷ୍ଠାନ ଅଛି । ବ୍ରହ୍ମଦେଶରେ, ପ୍ରତ୍ୟେକ ଗାଁରେ ଗାଁ ମୁଣ୍ଡେ ପୁଙ୍ଗି (ବୌଦ୍ଧ ସନ୍ନ୍ୟାସୀ)ଙ୍କର ଆଶ୍ରମ ଥାଏ । ସେଥିରେ ଜଣେ ଚିରକୁମାର ଅଧକ୍ଷ ଥାଆନ୍ତି । କାଷାୟ ବା ପୀତବସ୍ତ୍ର ତାଙ୍କର ପରିଧାନ । ଗ୍ରାମର ଗୃହସ୍ଥମାନେ ପିଲାଙ୍କୁ ତାଙ୍କର ତତ୍ତ୍ୱାବଧାନରେ ସେହି ଆଶ୍ରମରେ ଶିକ୍ଷା ପାଇଁ ଛାଡ଼ି ଦିଅନ୍ତି । ସେହି ପିଲାମାନେ ନିଜର ବିଦ୍ୟା ଶିକ୍ଷାକାଳ ସରିବା ଯାଏ ଆଶ୍ରମରେ ରହନ୍ତି । ସେଥିମଧରୁ କେହି କେହି ଇଚ୍ଛା ହେଲେ ଚିର କୌମାର ବରଣ କରି ସନ୍ନ୍ୟାସୀ ହୁଅନ୍ତି ଓ ଅନ୍ୟ କୌଣସି ଆଶ୍ରମର ଅଧକ୍ଷ ହୋଇଯାଆନ୍ତି । ନଚେତ୍ ବ୍ରହ୍ମଚାରୀମାନେ ପଢ଼ା ଶେଷରେ କାଷାୟ ବା ପୀତବସ୍ତ୍ର ଛାଡ଼ି ପୁଣି ଘରକୁ ଆସି ଗୃହସ୍ଥତା କରନ୍ତି । ଏହି ଅଧକ୍ଷ ପୁଙ୍ଗି ପ୍ରତିଦିନ ସକାଳୁ ସ୍ନାନାଦି ସାରି, ଶୁଚିମନ୍ତ ହୋଇ, ପିଲାମାନଙ୍କୁ ପଛରେ ଧରି ଗ୍ରାମ ଭିତରକୁ ଭିକ୍ଷା ପାଇଁ ବାହାରନ୍ତି । ଅଧକ୍ଷ ଓ ବ୍ରହ୍ମଚାରୀ, ସମସ୍ତଙ୍କ ହାତରେ ଭିକ୍ଷା-ପାତ୍ର ବା ଥାଳ ଥାଏ । ଗୃହିଣୀମାନେ ସମୟ ଜାଣି ଭିକ୍ଷା ଦେବା ପାଇଁ ପ୍ରସ୍ତୁତ ଥାନ୍ତି; ଓ ଏମାନେ ଗ୍ରାମରେ ଚାଲିଗଲାବେଳେ ଆଗପଟୁ ଥାଳରେ ଭିକ୍ଷା ଦିଅନ୍ତି । ଭିକ୍ଷା ପାଇଁ ଏମାନେ କେବେ ପଛକୁ ଫେରନ୍ତି ନାହିଁ । ଏ ଭିକ୍ଷାରେ ଭାତ, ଡାଲି, ତରକାରି ସବୁଥାଏ । ଆଶ୍ରମବାସୀମାନେ ଏହି ଭିକ୍ଷାନ୍ନ ଖାଇ ଦିନ କଟାନ୍ତି ।

ଚକୁଳିଆ ପଣ୍ଡାଙ୍କ ଭିକ୍ଷା ଠିକ୍ ଏହିପରି । ହିନ୍ଦୁ ଶାସ୍ତ୍ରରେ କୌଣସିଠାରେ ଭିକ୍ଷାର ଏ ବିଧି ଥିବା ସ୍ପଷ୍ଟ ଜଣାନାହିଁ । ସନ୍ନ୍ୟାସୀମାନେ ଭିକ୍ଷା କରନ୍ତି; କିନ୍ତୁ ସେମାନେ ଲୋକଙ୍କ ଦ୍ୱାରକୁ ଯାଇ କହନ୍ତି । ବୈଷ୍ଣବ ବାବାଜୀମାନେ ମଧ ଭିକ୍ଷା ପାଇଁ ଦ୍ୱାରକୁ ଆସନ୍ତି ଓ ମାଗନ୍ତି । କିନ୍ତୁ ଚକୁଳିଆ ପଣ୍ଡା କାହାରି ଦୁଆରକୁ ଯାଆନ୍ତି ନାହିଁ କି ମାଗନ୍ତି ନାହିଁ । ଧର୍ମୋପଦେଶ ଦେବା ହିଁ ଯେପରି କି ତାଙ୍କର ପ୍ରଧାନ କାର୍ଯ୍ୟ ।

## ଓଡ଼ିଶା ଚିରକାଳ ବୌଦ୍ଧଭୂମି ଥିଲା–

ଓଡ଼ିଶାର ଏହି ପ୍ରତିଷ୍ଠିତ ଅନୁଷ୍ଠାନ ଅନ୍ୟତ୍ର ଠିକ୍ ଏହିପରି ଅଛି କି ନାହିଁ, ଆମକୁ ଜଣାନାହିଁ– କିନ୍ତୁ ଓଡ଼ିଶା ଚିରକାଳ ବୌଦ୍ଧଭୂମି । ବିଶୁଦ୍ଧ ବୌଦ୍ଧଧର୍ମ ଓ ବୌଦ୍ଧତନ୍ତ୍ର ଏଇ ଭୂମିରେ ବହୁକାଳ ପ୍ରତିଷ୍ଠିତ ଥିଲା । ପଣ୍ଡିତ ନୀଳକଣ୍ଠ ଦାସ ନିଜର 'ଗୀତା ପ୍ରବେଶ' ଗ୍ରନ୍ଥରେ ଏହାର ବହୁ ସପ୍ରମାଣ ଉଲ୍ଲେଖ କରିଛନ୍ତି । ସେ ପୁଣି କହିଛନ୍ତି, ବୌଦ୍ଧଧର୍ମ ସିଦ୍ଧାର୍ଥ ବୁଦ୍ଧଙ୍କଦ୍ୱାରା ପ୍ରଚାରିତ ହୋଇଥିଲା । ମାତ୍ର ଯଥାର୍ଥରେ ଏହା ସିଦ୍ଧାର୍ଥ ବୁଦ୍ଧଙ୍କ ବହୁକାଳ ପୂର୍ବରୁ ଥିଲା । ଏହାହିଁ ଭାରତର, ବିଶେଷରେ ପୂର୍ବ ଭାରତର ପ୍ରାଗ୍‌ବୈଦିକ ଜନଧର୍ମ ବା ସଂସ୍କୃତି । ଓଡ଼ିଶାରେ ପୁଣି ତାହାର ପ୍ରତିଷ୍ଠା ଓ ପରଂପରା ଚୈତନ୍ୟଙ୍କ

Digitized by PPRACHIN, SOA

ପର୍ଯ୍ୟନ୍ତ ସ୍ପଷ୍ଟ ପ୍ରଚଳିତ ଥିଲା । ଚୈତନ୍ୟଙ୍କ ପରେ ମଧ ଓଡ଼ିଶାର ପଲ୍ଲୀ ଜଙ୍ଗଲରେ ଏହା ଏବେ ନାନା ଆବରଣ ମଧରେ ସଙ୍କୁଚିତ ହେଲେହେଁ ପ୍ରଚଳିତ ଅଛି । ଏବର ମହିମା ଧର୍ମ ଏହି ପ୍ରଚଳିତ ପାରଂପରିକ ଧର୍ମର ଏକ ପ୍ରକାଶ । ଜଗନ୍ନାଥ ଅନୁଷ୍ଠାନଟି ମଧ ଏହି ପରଂପରାର ପ୍ରତୀକ ।

## ଓଡ଼ିଶାରେ ଜୈନ ଧର୍ମ–

ଜୈନଧର୍ମଟି ଏଠାରେ ବୌଦ୍ଧଧର୍ମରୁ ଅଲଗା ନୁହେ । ଖାରବେଳ ଜୈନ ଥିବା ଅନୁମାନ ହୁଏ । ତାହାପରେ ଇତିହାସରେ ଯେଉଁ ଉତ୍କଳ ସମ୍ରାଟଙ୍କ ପରିଚୟ ମିଳୁଛି, ସେ 'ଉନ୍ମତ୍ତ କେଶରୀ' । ସେ ଭୌମବଂଶର ପ୍ରତିଷ୍ଠାତା । ଏହାକୁ ଗୋଟିଏ କେଶରୀ ବଂଶ ବୋଲି ମଧ୍ୟ କହନ୍ତି । ଏହାଙ୍କ ବଂଶୀୟମାନେ ବୌଦ୍ଧ ଥିଲେ । ସିଦ୍ଧାର୍ଥଙ୍କ ବୌଦ୍ଧଧର୍ମ ଓ ବର୍ଧମାନ ମହାବୀରଙ୍କ ଜୈନଧର୍ମ କାଳକ୍ରମେ ଟିକିଏ ଭିନ୍ନ ଭିନ୍ନ ପନ୍ଥାରେ ଗତି କରିଥିଲେହେଁ ଦୁହିଁଙ୍କର ମୂଳପୀଠ ଏହି ଭାରତୀୟ ବା ପୂର୍ବଭାରତୀୟ ଚିରନ୍ତନ ଓ ପାରଂପରିକ ସଂସ୍କୃତିରେ ପ୍ରତିଷ୍ଠିତ ଥିଲା । ଜୈନଧର୍ମରେ ମଧ୍ୟ ଏବେ ଜାନୁଘଣ୍ଟି ସାଧକ ବୋଲି ଗୋଟିଏ ସନ୍ନ୍ୟାସୀ ଦଳ ଅଛନ୍ତି । ସେମାନେ ଭିକ୍ଷା କରିବା ପାଇଁ ମଧ୍ୟ ଗ୍ରାମକୁ ଆସନ୍ତି ଓ କେବଳ ରାମ ନାମ କିମ୍ବା ଅନ୍ୟ କୌଣସି ସିଦ୍ଧ ପୁରୁଷଙ୍କ ନାମ ଉଚ୍ଚରେ ଡାକିଲା ପରି କହି କହି ମଝି ଦାଣ୍ଡେ ଦାଣ୍ଡେ ଚାଲିଯାଆନ୍ତି । କାହାର ଭିକ୍ଷା ଦେବା ନଦେବାକୁ ଅପେକ୍ଷା କରନ୍ତି ନାହିଁ କି ପଛକୁ ଫେରନ୍ତି ନାହିଁ । ଗଲାବେଳେ ଦଉଡ଼ି ଯାଇ ଏମାନଙ୍କ ଥାଳରେ ଭିକ୍ଷା ଦେବାକୁ ହୁଏ ।

## ଓଡ଼ିଆ ପରଂପରା ଖୋଜନ୍ତୁ, ବୁଝନ୍ତୁ–

ଓଡ଼ିଆର ସଂସ୍କୃତି ଓ ଜୀବନ-ସ୍ୱାତନ୍ତ୍ର୍ୟ ବୁଝିବାରେ ଏ ସବୁ ଅନୁଷ୍ଠାନର କି ମୂଲ୍ୟ ଅଛି, ତାହା ଏବେ ଯଥେଷ୍ଟ ଅନୁସନ୍ଧାନରେ ଆସିନାହିଁ । କୌଣସି ସମାଜର ପାରଂପରିକ ଜୀବନ ଧାରା ସ୍ପଷ୍ଟ ନ ବୁଝିଲେ, ସେ ସମାଜର ଉନ୍ନତିବିଧାନ କଳ୍ପେ କ୍ରିୟା ନିର୍ଦ୍ଦେଶ କରିବା ଓ ପରିସ୍ଥିତି କଳନାରେ ଆଦର୍ଶ ଠିକ୍ କରିବା ସୁଗମ ନୁହେ । ଓଡ଼ିଆର ଜାତୀୟ ସାହିତ୍ୟକାମୀମାନଙ୍କର ଏ ସବୁ ଦିଗରେ ପ୍ରଣିଧାନ ନିତାନ୍ତ ଆବଶ୍ୟକ । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜର ଇତିହାସ ଗବେଷଣା ବିଭାଗର ଅଧକ୍ଷ, ପଣ୍ଡିତ ଶ୍ରୀପରମାନନ୍ଦ ଆଚାର୍ଯ୍ୟ ଏଇ ଅନୁଷ୍ଠାନର ବୌଦ୍ଧଭିତ୍ତି ବିଷୟରେ ଆମକୁ ସୂଚନା ଦେଇଚନ୍ତି ।

[ନ.ଭା- ୭ମ ବର୍ଷ, କଟକ ୧୩୪୮]

—

Digitized by PPRACHIN, SOA

## ଇତିହାସ

# 'ସିନ୍ଧୁସଭ୍ୟତା ଓ ଜୈନଧର୍ମ' ପ୍ରବନ୍ଧ ଉପରେ ଆଲୋଚନା

ପ୍ରିୟ ନବୀନବାବୁ ଓ ସୁରେନ୍ଦ୍ରବାବୁ !

ଆପଣମାନେ ଲେଖିଥିବା, ଏଥର ପ୍ରକାଶ ପାଇଥିବା, 'ସିନ୍ଧୁସଭ୍ୟତା ଓ ଜୈନ ଧର୍ମ' ପ୍ରବନ୍ଧ ବିଷୟରେ କିଛିହେଲେ ଏଥର ଲେଖିବାପାଇଁ ମୋତେ କହୁଚନ୍ତି । ବିଷୟଟି ଏକ ପ୍ରକାର ନୂତନ । ଅବଶ୍ୟ ଜିନିଷଗୁଡ଼ିକ ନୂଆ ନୁହେ; କିନ୍ତୁ ତାକୁ ସବୁ ଦେଖିବାର ଦୃଷ୍ଟି ଏକାବେଳକେ ନୂଆ । ଏତେ ନୂଆ ହୋଇ ନଥାନ୍ତା– କିନ୍ତୁ ଖ୍ରୀଷ୍ଟଧର୍ମ ପରି ଗୋଟିଏ ପ୍ରାକୃତ ଧର୍ମର ପରମ୍ପରାରେ ବଢ଼ିଥିବା ଇଉରୋପୀୟ ପଣ୍ଡିତମାନେ ଏପର୍ଯ୍ୟନ୍ତ ଏସବୁ ବିଷୟରେ ଆମର ଗୁରୁହୋଇ ବହୁତ ବିଗାଡ଼ି ଦେଇଚନ୍ତି । ବରାବର ଆମେ ଶିଖିଆସିଛୁ, ବୈଦିକ ଯାଗଯଜ୍ଞହିଁ ଥିଲା ଏ ଦେଶର ଧର୍ମ, ବାକି ସବୁ ଆଦିମ ଲୋକଧର୍ମ । ବେଦରୁ ବାହାରିଥିଲା, ସାମାଜିକ ପ୍ରତିବାଦରୂପେ ଉପନିଷଦର ଦର୍ଶନ । ସେଇଥିରୁ କାଳକ୍ରମେ ଅନ୍ୟଭାବରେ ବାହାରିଲା ପ୍ରସିଦ୍ଧ ବୌଦ୍ଧଧର୍ମ ଓ ନାତି-ପ୍ରସିଦ୍ଧ ଜୈନଧର୍ମ ।

ଏସବୁ କିନ୍ତୁ ଭୁଲ । ଡକ୍ଟର ପ୍ରାଣନାଥ ଓ ରମାପ୍ରସାଦ ଚନ୍ଦ ପ୍ରଭୃତି କେହି କେହି ହୁଏତ ମହେଞ୍ଜୋଦାରୋର ସଭ୍ୟତା ବିଷୟରେ ଟିକିଏ ଟିକିଏ ସୂଚନା ଦେଇଚନ୍ତି । ତନ୍ତ୍ରର ଏକାକ୍ଷର ଉପଦେଶ ସଙ୍ଗେ ହୁଏତ ମହେଞ୍ଜୋଦାରୋ ଲେଖାକୁ ଯୋଡ଼ିଚନ୍ତି । ତା ସବୁ କେତେଦୂର ସତ୍ୟ, ଏବେ କହିବା କଷ୍ଟ । ପୁଣି ରେ.ଡା. ହେରାସ୍ ଏବେ ମଧ୍ୟ ସିନ୍ଧୁ ସଭ୍ୟତାର ଲେଖାସବୁ ପଢ଼ି ସେଥିରେ ପ୍ରାଚୀନ ଦ୍ରାବିଡ଼ ଭାଷା ବ୍ୟବହୃତ ହୋଇଛି ବୋଲି କହୁଚନ୍ତି । ସେସବୁ ପ୍ରକାଶିତ ହେଲେ ପ୍ରାଣନାଥ ଓ ହେରାସ୍ଙ୍କ ଭିତରେ ଭେଦାଭେଦ ବିଚାର କରାଯିବ । ମାତ୍ର ଏବେ ସେସବୁର ନିଶ୍ଚିତତା ବିଷୟରେ କିଛି କହିହେଉନାଇ ।

କିନ୍ତୁ ଆପଣମାନେ ଜୈନଧର୍ମ ବିଷୟରେ ଯାହା କହିଚନ୍ତି, ସେଥିରେ ବହୁତ ସତ୍ୟ ଅଛି । ସୁମେର ଅସୁର ଓ ଇଜିପ୍ଟରେ ପ୍ରାକୃତ ମାନବର ପ୍ରାଚୀନ ଧର୍ମ ଅତି ବିକଟାକାର ଧରିଥିଲା । ସାଧାରଣଲୋକଙ୍କର ସେ ଧର୍ମରେ କିଛି ସ୍ଥାନ ନଥିଲା । ରାଜା ସମ୍ରାଟଙ୍କର ଅତ୍ୟାଚାର ଓ ଲୋକପୀଡ଼ା ସେସବୁ ଦେଶର ସାମ୍ରାଜ୍ୟଦେବଙ୍କଠାରେ ଆରୋପିତ ହୋଇଥିଲା । କ୍ରମେ ସେଥିରୁ ଅସୁର-ମର୍ଦ୍ଦୁକ୍ ବା ଅହୁର୍ ମେଜ୍‌ଦାଙ୍କ ବାଟେ ବାହାରିଲା, ଜିଉଙ୍କ ଜିହୋବା ଓ ଭାରତୀୟଙ୍କ ଭାଗବତଧର୍ମ । ଏଇପରି ପୃଥିବୀରେ ଭକ୍ତିର ଈଶ୍ୱରରୂପୀ ଗୋଟାଏ ବିଶ୍ୱସମ୍ରାଟ୍ ସୃଷ୍ଟିକରି ପ୍ରାକୃତ ଗ୍ରାମ୍ୟ ଦେବଦେବୀ ପୂଜାକୁ ବିରାଟ ରୂପ ଦେଇ ସମସ୍ତ ପୃଥିବୀରେ ଏକ ବଡ଼ ଅସୁର-ମର୍ଦ୍ଦୁକ୍ ବା ଫାରୁଆଙ୍କ ରାଜ୍ୟ ସୃଷ୍ଟିକରି ତାକୁ ଏକେଶ୍ୱରବାଦ ନାମଦେଇ ପୂଜା କରିବାରେ ପୃଥିବୀରେ ଧର୍ମବିଚାର ନାମରେ ଅବିଚାର ଓ ସମତା ନାମରେ ମତାନ୍ଧତା ଘୋଟିରହିଥିଲା ।

Digitized by PPRACHIN, SOA

ଭଲପାଇଁ ହେଉ ବା ମନ୍ଦପାଇଁ ହେଉ, ବିଜ୍ଞାନ ଓ ଭୌତିକ ସମୃଦ୍ଧିର ପ୍ରତିଷ୍ଠା ଲଗାଇ ଯେତେ ଚେଷ୍ଟା କଲେ ମଧ୍ୟ ସେ ବିଶ୍ୱସମ୍ରାଟ୍ ଈଶ୍ୱର ଆଜି ଟଳିପଡୁଛନ୍ତି । ପ୍ରମାଣ କରିବା ଦରକାର ନାହିଁ । ସେ ଈଶ୍ୱର ଥିଲେ, ହୁଏତ ବ୍ରାହ୍ମଣ ବା ପୁରୋହିତଙ୍କ ଈଶ୍ୱର କିମ୍ବା କ୍ଷତ୍ରିୟ ବା ସମ୍ରାଟ୍‌ଙ୍କ ଈଶ୍ୱର । ଏପରିକି ବୈଶ୍ୟଙ୍କର ମଧ୍ୟ ସେ ଈଶ୍ୱରଙ୍କ ପାଖେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ସ୍ଥାନ ନଥିଲା ।

ଏଇଠି ମନେରଖିବାର ଅଛି, ବ୍ରାହ୍ମଣ କ୍ଷତ୍ରିୟାଦି ଜାତି ବିଭାଗ ମଧ୍ୟ ମୂଳତଃ ହୁଏତ ଭାରତର ବସ୍ତୁ ନୁହେ । ସେକାଳେ ସୁମେର୍ ଇଜିପ୍‌ଟ ପ୍ରଭୃତି ସର୍ବତ୍ର ଏହିଭଳି କିଛି ପ୍ରକାଶ ପାଇଥିଲା । ଆପଣମାନେ ଠିକ୍ କହିଚନ୍ତି, ଜନସାଧାରଣଙ୍କର ଆତ୍ମା ନଥିଲା କି ସ୍ୱାଧୀନ ମନୁଷ୍ୟତା ନଥିଲା । ମନେହୁଏ, ସେହିମାନଙ୍କ ଭିତରେ ଶୂଦ୍ର ତଥା ବୈଶ୍ୟ ମନୀଷୀମାନେ କିମ୍ବା ଯୁଗକୁ ଯୁଗ ହେଲାପରି ଅତ୍ୟାଚାରଗ୍ରସ୍ତ ଓ ଅବହେଳିତ ଜନତାର ମୁକ୍ତିକାମୀ ମହାପୁରୁଷମାନେ, ପ୍ରଥମେ ଜୈନର ଶୂନ୍ୟବାଦ ଓ ପରେ ଜୀବାଜୀବର ଭେଦଭାବ ପ୍ରକାଶ କରି ମାନବ ସମାଜରେ ଦାର୍ଶନିକ ଧର୍ମର ଆଦିପ୍ରତିଷ୍ଠା କରିଥିଲେ । ଏଥିରୁଇଁ ବାହାରିଥିଲା– ଯୋଗ ଅର୍ଥାତ୍ ନିର୍ବାଣ ବା କୈବଲ ପାଇଁ ବିଷୟରୁ ମନକୁ ଛଡ଼ାଇ ରଖିବାର ଅଭ୍ୟାସ-ନିଷ୍ଠା । ମହେଞ୍ଜୋଦାରୋରୁ ଏହି ଜୈନ ଯୋଗୀ ଥିବା ସିଲ୍ ମିଳୁଚି । ଆପଣମାନେ ଠିକ୍ କହିଚନ୍ତି, ସେଥିରେ ଥିବା ସର୍ପ, ଆମ ମହାଦେବଙ୍କ ଭୂଷଣ ନୁହେଁ । ଆଦିମ ପ୍ରାକୃତ ସଭ୍ୟତାରେ ସର୍ପ ପ୍ରାୟ ସର୍ବତ୍ର ଦେବ-ଶତ୍ରୁ । ନୃତତ୍ତ୍ୱବିଦ୍‌ମାନେ କେହି କେହି ତାକୁ ଜନ୍ମରେ ବିଶ୍ୱବୃଦ୍ଧିର ସଙ୍କେତ (Fertility Cult) ବୋଲି କହନ୍ତି । ମାତ୍ର ସେ ଯାହାହେଉ ଇନ୍ଦ୍ରଙ୍କର ବୃତ୍ର, ମର୍ଦୁକ୍ ବା ମେରୋଡାକ୍‌ଙ୍କ ତିଅମତ୍, 'ରା' ଙ୍କ ଛେପରୁ ଜନ୍ମିଥିବା ବିଷଧର ସର୍ପ ପ୍ରଭୃତି ସମସ୍ତେ ନ୍ୟୂନାଧିକ ଦେବ-ଶତ୍ରୁ । ନାଗ ଉପାସକମାନେ ପୂର୍ବେ ଭାରତରେ ଖୁବ୍ ଥିଲେ; ଅନ୍ୟତ୍ର ହୁଏତ ଥିଲେ । ମନ୍ତ୍ରରେ ବଶ ହେଉଥିଲେ ମଧ୍ୟ ନାଗ ବଡ଼ ବିଷଧର ଓ ଭୀଷଣ । କଥା ଅଛି, ଯୋଗୀ ପାଖେ ଦଣ୍ଡ-ଭୟ ବିନା ଜନ୍ତୁଏ ଶାସିତ ଓ ଶାନ୍ତ ଥାନ୍ତି । ମହେଞ୍ଜୋଦାରୋ ସିଲ୍‌ରେ ପଶୁପତି ମହାଦେବ ମଧ୍ୟ ବାଘ, ହାତୀ, ଗଣ୍ଡା, ମହିଷ, ହରିଣ ଧରି ବସିଚନ୍ତି । ସିଦ୍ଧ ଜିନ ସେହିପରି ଦୁଇଟି ଫଣା ଟେକିଥିବା ସାପଙ୍କ ଭିତରେ ନିସ୍ପନ୍ଦ ନିଶ୍ଚଳ ହୋଇ ବସିବାର ଚିତ୍ର ଦିଆଯାଇଚି । ପଶୁପତି ମହାଦେବ ଯେ ସିଦ୍ଧଯୋଗୀ ଥିଲେ, ସେ କଥାଟି ମଧ୍ୟ ପ୍ରାକୃତ ଧର୍ମର ଧାରଣା ନୁହେ– ଏହା ଜୈନଯୋଗର ଧାରଣା । ପ୍ରାକୃତ ଧର୍ମରେ ଯୋଗ ଫୁଟିନପାରେ । ପ୍ରାକୃତ ଧର୍ମ ହେଉଚି, ପ୍ରବୃତ୍ତିର ସାଧନା । କିପରି ଭୋଗ ମିଳିବ, ସ୍ୱର୍ଗ ମିଳିବ, ସବୁ କର୍ମରେ ସର୍ବଦା ପ୍ରବୃତ୍ତ ଥାଇ ଶାନ୍ତି ସନ୍ତୋଷ ମିଳିବ, ଏହାଇ ସେସବୁ ଧର୍ମର ଆଦର୍ଶ । ମାତ୍ର ଦାର୍ଶନିକ ଧର୍ମରେ ମିଳିବାର ଯେଉଁ ସୁଖ, ତାକୁଇ ତ୍ୟାଗ କରିବାରେ 'ନିର୍ବାଣ' । ଯୋଗୀର ତାହାଇ କାମ୍ୟ । ସେଇଥିପାଇଁ ପରେ ଅର୍ଦ୍ଧନାରୀଶ୍ୱର ହୋଇ ମହାଦେବ ଯୌନ ନିରୋଧର ସାଧନା କରୁଥିଲେ ବୋଲି କୁହାଯାଏ । ସେଇଥିପାଇଁ ଯୋଗୀମାନେ ବଣରେ ସାପ

Digitized by PPRACHIN, SOA

ଫଣା ତଳେ ନିସ୍ପନ୍ଦ ନିଶ୍ଚଳ ହୋଇ ବସିଥାନ୍ତି । ସିଲ୍‌ର ଯୋଗୀ, ଜିନ ଛଡ଼ା ଆଉ କେହି ନୁହନ୍ତି ।

ଏହି ଜୈନ ଧର୍ମକୁ ନାନାଭାବରେ ସଂସ୍କାର କରି କାଳେ କାଳେ ନାନା ସମ୍ପ୍ରଦାୟ ଫୁଟି ଥିଲେ । ସେଥିରୁ ଗୋଟିଏ ନିର୍ଗ୍ରନ୍ଥ, ଗୋଟିଏ ଆଜୀବକ; ସେହିପରି ଆଉ ଗୋଟିଏ ହେଉଚି ବୌଦ୍ଧ । ସମସ୍ତଙ୍କୁ ମଧ୍ୟ ଏ ଦେଶରେ କହନ୍ତି 'ଜିନ' । ସୁମେର ଲେଖାରୁ ମିଳୁଥିବା ପ୍ରାଚୀନ 'ଜି' (ଜୀବ) ସଙ୍ଗେ ଏହି 'ଜିନ' ବା 'ଜିଁଣ' ଶବ୍ଦର ସ୍ପଷ୍ଟ ସମ୍ବନ୍ଧ । ଏହି ଜୈନଧର୍ମର ଜୀବା ଜୀବତ୍ତ୍ୱରୁ ବୈଦିକ ଉପନିଷଦର ସମସ୍ତ ଦର୍ଶନ ଫୁଟିଥିଲା । ଏ ବିଷୟ ଏ ଦୃଷ୍ଟିରେ ଆଲୋଚିତ ହୋଇଛି ବୋଲି ମନେହେଉନାଇ । ଆପଣମାନେ ଏଠାରେ ଆଲୋଚନା ରୀତିର ଏ ସୂଚନା ଦେଇ ଯେ ଉନ୍ମୁଖତା ଦେଖାଇଛନ୍ତି, ତାହାର ପୁଷ୍କଳ ଭବିଷ୍ୟତ୍ ଅଛି ବୋଲି ମୋର ମନେହୁଏ । ଆଉ ଗୋଟିଏ କଥା ମନେରଖିବାର ଅଛି । ବୈଦିକ ଧର୍ମ ମଧ୍ୟ ଏକା ଭାରତରେ ଫୁଟିନଥିଲା, ଭାରତର ଅନ୍ୟ କୌଣସି ପ୍ରାକୃତ ଧର୍ମ କେବଳ ଭାରତୀୟ ବୋଲି କହିବା ହୁଏତ ଠିକ୍ ହେବନାହିଁ । ପ୍ରତ୍ନପ୍ରସ୍ତର କାଳରୁ (Paleo-lithic Age) ଅର୍ଥାତ୍, ଅନ୍ତତଃ ୨୦ ହଜାର ବର୍ଷ ତଳରୁ ସେକାଳର ସଭ୍ୟ ଭୂମିରେ ଯେଉଁସବୁ ଧର୍ମ ଓ ସମାଜ ସମ୍ବନ୍ଧୀୟ ପରମ୍ପରା ଫୁଟିଥିଲା, ସେସବୁ ଚୀନ ଓ ଇଷ୍ଟର ଦ୍ୱୀପଠାରୁ ଉଏଲସ୍ ଓ ସ୍ପେନ୍ ପର୍ଯନ୍ତ ସର୍ବତ୍ର ଇତର ବିଶେଷ ରୂପାନ୍ତରରେ ମିଳିବ । ଆପଣମାନଙ୍କ ଅନୁସନ୍ଧାନରେ ଏଥିପ୍ରତି ଖୁବ୍ ଲକ୍ଷ୍ୟ କରିବାର ଅଛି ।

ଜୈନ ଧର୍ମର ଯୋଡ଼ିଏ ସମାନ୍ତରାଳ ବିକାଶ ପ୍ରତି ମଧ୍ୟ ଆପଣମାନେ ଲକ୍ଷ୍ୟକରି ଗତି କରିପାରନ୍ତି । ଗୋଟିଏ ହେଉଚି ଶୂନ୍ୟବାଦ ବା ନିର୍ବାଣରେ ସବୁ ଶୂନ୍ୟ କରି ଦେବାର ସାଧନା, ଆରଟି କୈବଲ୍ୟବାଦ ବା ଅଜୀବ (ପରବର୍ତ୍ତୀ କାଳର ସାଂଖ୍ୟ ପ୍ରକୃତି)ରୁ ଶୁଦ୍ଧ ବୁଦ୍ଧ ଜୀବ (ପୁରୁଷ)କୁ ଅଲଗା କରି । ('କୈବଲ୍ୟ'ରେ ରଖି) ନିର୍ବାଣ ବା ନିର୍ବିକଳ୍ପ ସମାଧିରେ ମୋକ୍ଷଲାଭ କରିବା । ଏ ଦୁଇଟି ଧାରା ଆଜିଯାଏ ମଧ୍ୟ ଭାରତରେ ଜୀବିତ ଅଛି; ପୁଣି ତାନ୍ତ୍ରିକଠାରୁ ବୈଷ୍ଣବ ପର୍ଯ୍ୟନ୍ତ ସବୁ ଭାରତୀୟ ଧର୍ମକୁ ମଧ୍ୟ ଇତରବିଶେଷ ପ୍ରଭାବିତ କରିଚି । ମହେଞ୍ଜୋଦାରୋର ଜୈନଯୋଗୀ ତଥା ପ୍ରାକୃତ ମାତୃପୂଜା, ପୁଣି ହୁଏତ ଉଭୟର ମିଶ୍ରଣରେ ପଶୁପତି ମହାଦେବଙ୍କ ଆରାଧନା, ସବୁଥିରେ ଦାର୍ଶନିକ ଭାରତୀୟର ପାରମ୍ପରିକ ପ୍ରାଣପ୍ରତିଷ୍ଠା ପ୍ରମାଣ ସହିତ ଆପଣମାନେ ପ୍ରତିପାଦନ କରିବାରେ ଲାଗିବେ ବୋଲି ମୁଁ ଆଶା କରୁଛି । ବେଶ୍ କୃତକାର୍ଯ୍ୟ ହୁଅନ୍ତୁ ବୋଲି ଆଶୀର୍ବାଦ ମଧ୍ୟ କରୁଚି ।

ନୀଳକଂଠ ଦାସ

Digitized by PPRACHIN, SOA

# ଭୌମ ବଂଶର କାଳ ନିରୂପଣରେ ସଂକେତ

ପଣ୍ଡିତ ନୀଳକଂଠ ଦାସ

ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ଚତୁରଙ୍ଗରେ ଶ୍ରୀ କେଦାରନାଥ ମହାପାତ୍ରଙ୍କର ଭୌମ ବଂଶରମାନଙ୍କରୁ ମିଳୁଥିବା ଅବ୍ଦକୁ ହର୍ଷାବ୍ଦ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ଯଥାର୍ଥରେ ହର୍ଷାବ୍ଦ ଓଡ଼ିଶାର ସାର୍ବଭୌମ ଭୌମ ସମ୍ରାଟମାନଙ୍କର ପ୍ରଚଳିତ ଅବ୍ଦ ହେଲାପରି ମନେହେଉନାଇ । ପୁଣି ଭୌମ ବଂଶର ମିଳୁଥିବା ଲେଖମାନଙ୍କରେ ଶେଷ ସମ୍ରାଟ, ଦଣ୍ଡୀ ମହାଦେବୀ । ତାଙ୍କୁ କୌଣସିମତେ ଟାଣି ଓଟାରି କୋଶଳର ସୋମବଂଶୀମାନଙ୍କ ଆଦି କାଳର ନିକଟବର୍ତ୍ତୀ କରାଇ ଓଡ଼ିଶା ଇତିହାସର ରାଜବଂଶ ଧାରା ସେତିକିର ଅବିଚ୍ଛିନ୍ନ ବୋଲି ପ୍ରମାଣ କରିବାର ଲୋଭ ମଧ୍ୟ ଏଡ଼ିବା ସହଜ ନୁହେ ।

ଯାହାହେଉ ମହାପାତ୍ରେ ଅନୁମାନ କରନ୍ତି ଭୌମବଂଶର ମୂଳ, କାଳରେ ଆହୁରି ଟିକିଏ ପଛକୁ ଯିବା । ଭୌମବଂଶର ନାମରେ 'ସିଂହ' ଓ 'କେଶରୀ' ଯୋଡ଼ା ହୋଇଥିବାର ପ୍ରାୟ ମିଳେ । ଉନ୍ମତ୍ତ ସିଂହ, ଶୁଭାକର କେଶରୀ ପ୍ରଭୃତି ଏହାର ଉଦାହରଣ । ଯଯାତି କେଶରୀ ପ୍ରଭୃତି ଏହାର ଉଦାହରଣ । ଯଯାତ କେଶରୀ, ଉଦ୍ୟୋତ କେଶରୀ ପ୍ରଭୃତି କୋଶଳର ସୋମବଂଶ କେଶରୀଙ୍କଠାରୁ ଏ କେଶରୀବଂଶ ପୃଥକ୍ ଓ ପ୍ରାଚୀନ । ଏଥିପାଇଁ ଐତିହାସିକମାନେ ଏହି ଭୌମବଂଶକୁ ଓଡ଼ିଶାର ପ୍ରଥମ କେଶରୀବଂଶ ଓ ସୋମ ବଂଶକୁ ଦ୍ୱିତୀୟ କେଶରୀବଂଶ କହନ୍ତି ।

ଏହି ସମ୍ପର୍କରେ ଆଉ ଗୋଟିଏ ସଂକେତ ପ୍ରତି ମହାପାତ୍ର ମହାଶୟ ଲକ୍ଷ୍ୟ କରିଛନ୍ତି । ତାହା ହେଉଛି, ଗୁହଦେବ ବା ଗୁହଶିବ, ଯାହାଙ୍କ ସମୟରେ ବୌଦ୍ଧ ଇତିହାସ ମତରେ କଳିଙ୍ଗର ବୁଦ୍ଧଦନ୍ତ ନାନାଭାବରେ ଆକ୍ରାନ୍ତ ହୋଇ ଶେଷକୁ ସିଂହଳକୁ ଯାଇଥିଲା । ଭୌମବଂଶର ଲେଖ ସବୁ ଯେଉଁଠାରୁ ଦିଆହୋଇଥିଲା, ସେହି ରାଜଧାନୀର ନାମ ହେଉଚି ଗୁହେଶ୍ୱରପାଟକ ବା ଗୁହଦେବପାଟକ । ଏହି ଗୁହଦେବଙ୍କୁ ମହାପାତ୍ର ମହାଶୟ ଭୌମ ବଂଶର ସମୟ ନିରୂପଣ ସମ୍ବନ୍ଧରେ ଗୋଟିଏ ଲେଖା ବାହାରିଚି । ସେଥିରେ ସେ ଭୌମ-ଲେଖ ଆଦିମ ବା ଅତି ପ୍ରସିଦ୍ଧ କୌଣସି ପ୍ରାଚୀନ ପୁରୁଷ ବୋଲି ଅନୁମାନ କରୁଛନ୍ତି । ଗୁହଶିବ ନାମଟି ପାଲି ସାହିତ୍ୟ– ବିଶେଷରେ ସିଂହଳରେ ମିଳୁଥିବା 'ଦତ୍ତାବଂଶ' (କଳିଙ୍ଗ ବୁଦ୍ଧଦନ୍ତର ଇତିହାସ)ରେ ମିଳେ । କିନ୍ତୁ ସେଥିରେ ନାମଟି କେବଳ ଗୁହଶିବ ନୁହେ, ଏହା ମଧ୍ୟ ଗୁହସିଂହ ବୋଲି ମଧ୍ୟେ ମଧ୍ୟେ ସେହି ପାଲି ସାହିତ୍ୟରେ ଲେଖାଅଛି । ଖୁବ୍ ସମ୍ଭବ ନାମଟି ହେଉଚି ଗୁହସିଂହ । ଉଚ୍ଚାରଣ ହେତୁରୁ ହେଉ ବା ଅନ୍ୟ କାରଣରୁ ହେଉ, ଏହା ଗୁହଶିବ ହୋଇଯାଇଚି । ଏବେ ଦେଖିବାର କଥା ଉନ୍ମତ୍ତ

Digitized by PPRACHIN, SOA

ସିଂହ, ଗୁହ ସିଂହ ତଥା ଶୁଭାକର କେଶରୀ, ଏକା ବଂଶର କି ନା । ନାମ ସାଦୃଶ୍ୟରୁ ଓ ଗୁହଦେବପାଟକ ନାମରୁ ଏମାନଙ୍କୁ ଏକ ଭୌମବଂଶର ବୋଲି ଅନୁମାନ କରାଯାଇପାରେ । ପୁଣି ଉନ୍ମତ୍ତ ସିଂହଙ୍କୁ ଡେଇଁ ତାଙ୍କ ପୁଅଙ୍କ ପର୍ଯ୍ୟନ୍ତ ସମ୍ରାଟମାନେ ବୌଦ୍ଧ ଥିଲେ । ପଣ୍ଡିତ ବିନାୟକ ମିଶ୍ର ମହାଶୟ ପୁଣି ଅନୁମାନ କରନ୍ତି, ଉନ୍ମତ୍ତ ସିଂହଙ୍କ ପୁତ୍ର, ଶୁଭାକର କେଶରୀଙ୍କ ସମୟରେ ଭୌମ ସମ୍ରାଟ ପ୍ରଥମେ ମହାଯାନ ବୌଦ୍ଧପନ୍ଥା ଧରିଥିଲେ ।

ଏବେ ଦେଖିବାକୁ ହେବ, ଯେଉଁ ଗୁହଦେବ, ଗୁହଦେବପାଟକର ପ୍ରତିଷ୍ଠା କରିଥିଲେ, ସେଇ ଏକା ପାଲି ସାହିତ୍ୟର ଗୁହ ସିଂହ କି ନା ? ଗୁହ ସିଂହ, ଉନ୍ମତ୍ତ ସିଂହ ଦୁହିଁଙ୍କ ଭିତରେ ପୁଣି କି ସମ୍ପର୍କ ? ଯଦି ସମ୍ପର୍କ ଅଛି, ତେବେ ସେ ଦୁହିଁଙ୍କ ମଧ୍ୟରେ କାଳର ବ୍ୟବଧାନ କେତେ ? ସମୟ ନିର୍ଦ୍ଦେଶ କରିବାପାଇଁ ଏଠାରେ ସୂଚନା ଦିଆଯାଇ ପାରେ, ଗୁହ ସିଂହଙ୍କ ରାଜ୍ୟରୁ ବୁଦ୍ଧଦନ୍ତ ଘେନିଯାଇ ଦନ୍ତକୁମାର ଓ ଦନ୍ତକୁମାରୀ ସିଂହଳରେ ପହଞ୍ଚିଥିଲେ, ୩୧୦ ଖ୍ରୀଷ୍ଟାବ୍ଦରେ । ଏହା ପାଲିସାହିତ୍ୟ ଓ ସିଂହଳ ଇତିହାସରୁ ପ୍ରମାଣିତ ହୋଇଚି ।

[ନବଭାରତ ନୂ. ପ୍ରସ୍ଥ, ପ୍ରଥମ ବର୍ଷଧନୁ ୧୩୫୪]

# ନନ୍ଦପୁରର ଇତିହାସ

କୁମାର ଶ୍ରୀ ବିଦ୍ୟାଧର ସିଂହ ଦେଓ ନନ୍ଦପୁରର ଖଣ୍ଡିଏ ଇତିହାସ ଇଂରେଜୀରେ ଲେଖିଚନ୍ତି । ପୁସ୍ତକର ନାମ 'Nandapur (A Forsaken Kingdom)' ଅର୍ଥାତ୍ ନନ୍ଦପୁର (ଏକ ପରିତ୍ୟକ୍ତ ରାଜ୍ୟ) । ପୁସ୍ତକଟିର ପ୍ରଥମ ଭାଗ ପ୍ରକାଶିତ ହୋଇଚି । ଏଥିରେ ଗ୍ରନ୍ଥକାର ମୂଳରୁ ଇଂରେଜ ଅମଳ ପର୍ଯ୍ୟନ୍ତ ରାଜ୍ୟଟିର ଇତିହାସ ଲେଖିଚନ୍ତି । ପୁସ୍ତକଟିର ମୂଲ୍ୟ ଦୁଇଟଙ୍କା । କଟକ 'ଉତ୍କଳ ସାହିତ୍ୟ' ପ୍ରେସରେ ଛପାହୋଇଚି । କାଗଜ ଉତ୍ତମ । ଛପା ବି ସୁନ୍ଦର । ଅଶୁଦ୍ଧି ଆଶଂକାନୁରୂପ ନୁହେ । ପରିଶିଷ୍ଟଗୁଡ଼ିକ ସହିତ ପୁସ୍ତକଟି ୮+୧୫୬ = ୧୬୪ ପୃଷ୍ଠା । ପୁସ୍ତକଟି ଗୋଟିଏ ସଂକଳନ । ମାତ୍ର ଦୁଇଟି ପରିଶିଷ୍ଟ ଗ୍ରନ୍ଥକାରଙ୍କ ନିଜ ମୌଳିକ ଅନୁସନ୍ଧାନର ଫଳ ।

ହେଲେହେଁ, ଓଡ଼ିଶାରେ ଏ ଗୋଟିଏ ଉପାଦେୟ ପୁସ୍ତକ । ଓଡ଼ିଶାର ବିଭିନ୍ନ ଅଂଶର ଇତିହାସ ଏବେ ମଧ ଆଲୋଚିତ ହୋଇନାହିଁ । Sonepur in the Sambalpur Tract (ସମ୍ବଲପୁର ଭୂମିରେ ସୋନପୁର) ବୋଲି ପ୍ରାୟ ୨୫ ବର୍ଷ ତଳେ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ଖଣ୍ଡେ ପୁସ୍ତକ ଲେଖିଥିଲେ । ମାତ୍ର ପଢ଼ିଲେ ସ୍ପଷ୍ଟ ମନେହୁଏ, ତାହା କୌଣସି ଉଦ୍ଦେଶ୍ୟରେ ଲେଖା । ଏ ପୁସ୍ତକରେ ସେପରି କିଛି ଥିଲାପରି ଲାଗୁନାହିଁ ।

Digitized by PPRACHIN, SOA

ନନ୍ଦପୁର ବୋଇଲେ ଦକ୍ଷିଣ ଓଡ଼ିଶାର ଜୟପୁର ରାଜ୍ୟ । ଓଡ଼ିଶାର ଅନେକେ ଏ ରାଜ୍ୟ ସମ୍ବନ୍ଧରେ କିଛି ଜାଣନ୍ତିନାହିଁ । ଏହା ଏବେ ବସ୍ତୁତଃ ଏକ ଜମିଦାରୀ । ମାତ୍ର ଦିନେ ଏହା ଗୋଟିଏ ବିରାଟ ଓ ଶକ୍ତିଶାଳୀ ରାଜ୍ୟ ଥିଲା । ଓଡ଼ିଶାର ସୂର୍ଯବଂଶୀ ଗଜପତି, ପରେ ଗୋଲକୁଣ୍ଡାର ସୁଲତାନଙ୍କ ସଂଗେ ଏ ରାଜ୍ୟର ସମ୍ପର୍କ ମହତ୍ତ୍ୱ ଓ ବୀରତ୍ୱପୂର୍ଣ୍ଣ । ଚୈତନ୍ୟଙ୍କ ନାମରେ ପ୍ରଚାରିତ ବ୍ରଜ ବୈଷ୍ଣବ ଧର୍ମ ଏ ରାଜ୍ୟରେ ଏକ ନୂତନ ଭାବ ଧରିଥିଲା । ପୁଣି ସାଲୁର, ବୋବିଲି, ବିଜୟନଗର, ଖଡ଼ିଆଳ ପ୍ରଭୃତି ଜମିଦାରୀ ଓ ବସ୍ତର, କଳାହାଣ୍ଡି ପରି ରାଜ୍ୟମାନ ଦିନେ ଏଇ ରାଜ୍ୟର ଅଙ୍ଗୀଭୂତ ଥିଲା । ସେତିକି ନୁହେ, ଏଇ ନନ୍ଦପୁର ରାଜାଙ୍କ ଅନୁଗ୍ରହରେ ଏଇସବୁ ଜମିଦାରୀ ଓ ରାଜ୍ୟମାନ ଆରମ୍ଭ ହୋଇଥିଲା । ଏସବୁ କଥା ଅନେକେ ଜାଣିନଥିବେ ।

ଭାରତର ଇତିହାସ ଅନୁସନ୍ଧାନରେ ଭାରତୀୟମାନେ ତାଦୃଶ ମନଦେଇ ନାହାନ୍ତି । ତେଣୁ ଏଇ ସଂକଳନରେ ଗ୍ରନ୍ଥକାର ବିଶେଷଭାବରେ ଜିଲା ଗେଜେଟିଅରମାନଙ୍କ ଉପରେ ନିର୍ଭର କରିଚନ୍ତି । ଏଇ ଗେଜେଟିଅର ବା ଜିଲା ଇତିହାସଗୁଡ଼ିକ ଇଂରେଜମାନଙ୍କ ଲେଖା । ଲେଖକମାନେ ମଧ୍ୟ ଐତିହାସିକ ବୋଲି ପରିଚିତ ନୁହନ୍ତି । ବିଦେଶୀ ଶାସକମାନେ ଏ ଦେଶ ସମ୍ବନ୍ଧରେ ମୋଟାମୋଟି ଜାଣିରଖିବାପାଇଁ ଏଗୁଡ଼ିକ ଲେଖାହୋଇଥିଲା । ତେଣୁ ଏବେ ନୂତନ ଓ ମୌଳିକ ଅନୁସନ୍ଧାନରେ ସେସବୁର ବହୁ ପରିବର୍ତ୍ତନ ହେବାର କଥା । ମାତ୍ର ଯେ ଉଦ୍ଦେଶ୍ୟରେ ସେଇ ଗେଜେଟିଅରମାନ ଲେଖାହୋଇଥିଲା, ସେଇ ଉଦ୍ଦେଶ୍ୟରେ ଓଡ଼ିଶାର ପାଠକ ସାଧାରଣଙ୍କପାଇଁ ଏପରି ଓଡ଼ିଶାର ଅଂଶମାନଙ୍କ ସମ୍ବନ୍ଧରେ ପୁସ୍ତକମାନ ଲେଖାହେବା ମଧ୍ୟ ଉଚିତ । ମୌଳିକ ଅନୁସନ୍ଧାନ କଥା ଏବେ ଯା ହେଉ, ଦେଶକୁ ଭଲକରି ଜାଣିବା ଆମର ଲୋଡ଼ା ।

ଜୟପୁର ରାଜ୍ୟର ଏ ବିଶାଳ ଗୌରବାବହ ଅତୀତ ଜାଣିବାହିଁ ନିତାନ୍ତ ଦରକାର । ଗ୍ରନ୍ଥକାର ଯଥାର୍ଥ କହିଚନ୍ତି, ବାହାମଣି, ବିଜୟନଗରର ଯେପରି ପ୍ରତିଷ୍ଠା ଥିଲା, ଜୟପୁର ସମ୍ବନ୍ଧରେ ତାହା ବହୁପରିମାଣରେ ପ୍ରଯୁଜ୍ୟ । ମାତ୍ର ଏହା ଜଗତ ଜାଣେ ନାହିଁ । ବିଶାଖାପାଟଣାଠାରୁ ଦେଓଘର ବୈଦ୍ୟନାଥ ପର୍ଯନ୍ତ ସର୍ବତ୍ର ଏବେ ମଧ୍ୟ ସଂକଳ୍ପରେ 'ଝାଡ଼ଖଣ୍ଡ' ବୋଲି କୁହାଯାଏ । ଜୟପୁର ମହାରାଜାଙ୍କ ନାମରେ ଏବେ ବି ଅଛି– 'ଝାଡ଼ଖଣ୍ଡ ପାଦସା' । ଏ ପୁସ୍ତକ ପ୍ରକାଶିତ ହେବା ପୂର୍ବରୁ 'ଝାଡ଼ଖଣ୍ଡ ପାଦସା' କଥାଟିର ଅର୍ଥ ଅନେକେ ବୁଝିନଥିଲେ । ଯେଉଁ ରାମଗିରିରେ ଯକ୍ଷଙ୍କ ନିର୍ବାସନ କଳ୍ପନା କରି କାଳିଦାସ ମେଘଦୂତ ଲେଖିଥିଲେ, ସେଇ ରାମଗିରି ଯେ ନନ୍ଦପୁରର ଅତି ରମଣୀୟ ରାମଗିରି ନୁହେ, ତା କିଏ କହିବ ? ଗ୍ରନ୍ଥକାର ବହୁ ନିଦର୍ଶନରୁ ଅନୁମାନ କରନ୍ତି, ଜୈନକାଳରୁ ଏଇ ରାଜ୍ୟ ଭାରତବିଶ୍ରୁତ ଥିଲା ଓ ମଗଧର ନନ୍ଦବଂଶ ସଂଗେ 'ନନ୍ଦପୁର' ଶବ୍ଦର ସମ୍ପର୍କ ଅଛି । ହୋଇପାରେ । ଆଲୋଚନାର ଦିଗ୍‌ଦର୍ଶନ ଏଇପରି ସୂଚନାରୁ ଆରମ୍ଭ ହୋଇଥାଏ ।

ଗ୍ରନ୍ଥକାରଙ୍କର ଏ ସାଧୁ ଉଦ୍ୟମ ବର୍ଦ୍ଧିଷ୍ଣୁ ଭାବରେ ଯଶସ୍ୱୀ ହେଉ ।

[ନବଭାରତ, ଷଷ୍ଠ ବର୍ଷ, ମୀନ ୧୩୪୭]

Digitized by PPRACHIN, SOA

# ଓଡ଼ିଶାର ପ୍ରତ୍ନତତ୍ତ୍ୱାନୁସନ୍ଧାନ

## ପୁରୀ ଜିଲାର ପ୍ରତ୍ନକଳା—

ଭୁବନେଶ୍ୱର, ପୁରୀ ଓ କୋଣାର୍କର ପ୍ରତ୍ନକଳା ବିଷୟରେ କେତେକ କଥା ଜାଣିବାର ସୁବିଧା ଅଛି । ଭୁବନେଶ୍ୱରର ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାମାନ ତଥା ଧୌଳିଗିରିର ଅଶୋକ-ଅନୁଶାସନ ଛାଡ଼ିଦେଲେ ବାକିସବୁ ପ୍ରାୟ ୧୦ମ ଓ ଏକାଦଶ ଶତାବ୍ଦୀ ସେପାଖର ନୁହେ ବୋଲି ପଣ୍ଡିତମାନେ ସ୍ଥିର କରୁଚନ୍ତି । ଦଶମ ଶତାବ୍ଦୀ ପରେ କିନ୍ତୁ ଓଡ଼ିଶାର ଶିଳ୍ପକଳା କ୍ରମେ ସୂଚନାରୁ ବର୍ଣ୍ଣନାକୁ ଖସିଆସିଥିଲା— ଏହା ସେଇ ପଣ୍ଡିତମାନଙ୍କ ମତ । ବାସ୍ତବିକ କୋଣାର୍କର ବିରାଟ କଳାବିଭବ ବେଳେ ବେଳେ ଆଖିର ପ୍ରୀତି ପରିବର୍ତ୍ତରେ ଅବସାଦ ଆଣେ । ସୂକ୍ଷ୍ମଶିଳ୍ପର ବ୍ୟାପ୍ତିରେ ଗଠନର ସୁଷମା ଏକାବେଳକେ ବୁଡ଼ିରହିଚି । ସେଇ ସୂକ୍ଷ୍ମଶିଳ୍ପର ଅତିପ୍ରାଚୁର୍ଯ୍ୟ ମଧ୍ୟରେ ଦୃଷ୍ଟିବିରାମର ଅବକାଶ ନାହିଁ । ବିଚାରିବସିଲେ ମନେହୁଏ, କବିତାରେ ଭଞ୍ଜକଳା ଯାହା, ଗଠନ ଶିଳ୍ପରେ କୋଣାର୍କ ତାହାହିଁ । ହେଲେହେଁ କୋଣାର୍କରେ ଓଡ଼ିଆଶିଳ୍ପର ପର୍ଯ୍ୟାପ୍ତି ବା ପରିଣତି ହୋଇପାରେ; ମାତ୍ର ଭୁବନେଶ୍ୱରରେ ତାହାର ଆଦି ଦୀପ୍ତି ନାହିଁ । ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିର ପ୍ରାଚୀନତମ । ଏହାର କାଳ ନବମ ବା ଅଷ୍ଟମ ଶତାବ୍ଦୀ ଆଡ଼କୁ ଯାଇପାରେ । କିନ୍ତୁ ପଣ୍ଡିତମାନେ କହନ୍ତି, ସେଥିରେ ମଧ୍ୟ ପ୍ରାଚୀନ ଓଡ଼ିଆର ଗଠନ ଓ ଖୋଦନ କଳା ପୂର୍ଣ୍ଣ ଯୁବ ଦୀପ୍ତିର ପରିଚୟ ଦିଏନାହିଁ ।

## ମୟୂରଭଞ୍ଜର ଖିଚିଙ୍ଗ—

ଏବେ କେତେ ବର୍ଷ ହେଲା ମୟୂରଭଞ୍ଜର ମହାରାଜ ନିଜ ରାଜ୍ୟରେ ଥିବା ଖିଚିଙ୍ଗ୍‌ର ପ୍ରାଚୀନ ଶିଳ୍ପ ବାହାର କରି ପ୍ରଚାର କରୁଅଛନ୍ତି । ପଣ୍ଡିତମାନେ ସ୍ଥିର କରନ୍ତି, ତାହା ପ୍ରାଚୀନତର ଓ ଉତ୍କୃଷ୍ଟତର । ମୟୂରଭଞ୍ଜର ଏ ଜାତୀୟ କାର୍ଯ୍ୟରେ ଓଡ଼ିଆ ପ୍ରଗତିର ପ୍ରତ୍ନପୀଠ ଦୃଢ଼ତର ହୋଇଅଛି ଓ ହେଉଛି, ସନ୍ଦେହ ନାହିଁ ।

## ପୁଷ୍ପଗିରି ବିହାର—

ବହୁକାଳରୁ କଟକ ଜିଲାର ନଳତିଗିରି, ଉଦୟଗିରି ଓ ରତ୍ନଗିରିରେ ଥିବା ପ୍ରାଚୀନ ଖୋଦନ ଓ ଗଠନ ଶିଳ୍ପର ଆଭାସ ମିଳିଚି । ସେହି ଆଭାସମାତ୍ର ଘେନି ପଣ୍ଡିତମାନେ କହନ୍ତି, ଏହା ୭ମ ଶତାବ୍ଦୀର ଶିଳ୍ପକଳା ଓ ଏହାର ଅନନ୍ୟସାଧାରଣ ବିଶେଷତ୍ୱ ଅଛି । ରାୟବାହାଦୁର ରମାପ୍ରସାଦ ଚନ୍ଦ କହନ୍ତି, ଏହି ସ୍ଥାନ ଓ ଏହାର ନିକଟବର୍ତ୍ତୀ ସ୍ଥାନରେ

Digitized by PPRACHIN, SOA

ମିଳିଥିବା ମୂର୍ତ୍ତି ଶିଳ୍ପମାନ ଭାରତରେ ଅନନ୍ୟସାଧାରଣ ।* ସେ ସୂଚନା ଦେଇଚନ୍ତି, ଏହାହିଁ 'ହୁଏନ୍‌ସାଂ ବର୍ଣ୍ଣିତ 'ପୁଷ୍ପଗିରି' । ଏଇଠାରେ ସେକାଳେ ନାଳନ୍ଦ ପରି ଏକ ବିଶ୍ୱବିଦ୍ୟାଳୟ ଥିଲା । ନାଳନ୍ଦ ଦର୍ଶନପାଇଁ ଓ ପୁଷ୍ପଗିରି ମହାଯାନ-ଯୋଗପାଇଁ ସେ କାଳରେ ପ୍ରସିଦ୍ଧି ଲଭିଥିଲା । ଚୀନ ଦେଶରେ ସୁରକ୍ଷିତ ସେକାଳର ଲେଖା ଧରି ଅଧ୍ୟାପକ ସିଲ୍ଭାନ୍ ଲେଭି (Prof. Sylvan Levy) ପ୍ରମାଣ କରନ୍ତି ଯେ, ୭ମ ଶତାବ୍ଦୀ ଶେଷକୁ ଉତ୍କଳରାଜ 'ଶୁଭକର କେଶରୀ' (ଅଧ୍ୟାପକ ବିନାୟକ କହନ୍ତି, ଶାନ୍ତିକର କେଶରୀ– କାରଣ ଚୀନ ଭାଷାରେ ନାମଟିର ଅନୁବାଦ ଅଛି– ଯେ ଉତ୍ତମ କାର୍ଯ୍ୟ କରେ) ଏଇ ବିଶ୍ୱବିଦ୍ୟାଳୟରୁ 'ପ୍ରାଜ୍ଞ'ଙ୍କୁ ଏକ ହାତଲେଖା ବୌଦ୍ଧ ଗ୍ରନ୍ଥ ଦେଇ ଚୀନ ସମ୍ରାଟଙ୍କୁ ତାହା ଉପହାର ଦେବା ନିମନ୍ତେ ଚୀନ ଦେଶକୁ ପଠାଇଥିଲେ । ଏଇ 'ପ୍ରାଜ୍ଞ' ପଶ୍ଚିମ ଭାରତରେ ଜନ୍ମ ହୋଇଥିଲେ; ଉତ୍ତର ବିଦ୍ୟାଶିକ୍ଷା ସାର, ଏ ବର୍ଷକାଳ ନାଳନ୍ଦରେ ଅଧ୍ୟୟନରେ ରହି ଶେଷରେ ଉତ୍କଳରାଜାଙ୍କର ଏଇ ମଠରେ ଯୋଗଶିକ୍ଷାରେ ଜୀବନ କଟାଇବାର ସ୍ଥିର କରିଥିଲେ ।

**ସରକାରଙ୍କ କାର୍ଯ୍ୟ–**

ଏବେ ସେଇ ପୁଷ୍ପଗିରି ବିହାର ବା ମଠଟି ପୋତିହୋଇପଡ଼ି ସ୍ଥାନେ ସ୍ଥାନେ ଗୋଟିଏ ସ୍ତୂପ ପରି ରହିଚି । ତାହା ପ୍ରାୟ ଇଟାରେ ପୂର୍ଣ୍ଣ । କେବେ କେବେ ଖଣ୍ଡେ ପଥର ବା ପଥରମୂର୍ତ୍ତି ପ୍ରଭୃତି ବାହାରି ପଡୁଚି । ଏଇପରି ସ୍ଥାନସବୁ ଖୋଳି ତତ୍ତ୍ୱାନୁସନ୍ଧାନ କରିବାପାଇଁ ସରକାରଙ୍କର ଗୋଟିଏ ବିଭାଗ ଅଛି । ପାଟଣାରେ ସେଇ ବିଭାଗର ଗୋଟିଏ ପ୍ରତିଷ୍ଠାନ ଅଛି । ପାଟଣା, ରାଜଗୃହ ଓ ନାଳନ୍ଦ ପ୍ରଭୃତିର ଖୋଦନ ଓ ଆବିଷ୍କ୍ରିୟମାନ ସେଇ ପ୍ରତିଷ୍ଠାନର କାର୍ଯ୍ୟ । କିନ୍ତୁ ଓଡ଼ିଶା ଏବ ବିହାର ତଥା ପାଟଣାର ଅଙ୍ଗ । ନାଳନ୍ଦର ସମକକ୍ଷ ପ୍ରାଚୀନ ମଠ ଓଡ଼ିଶାରେ ଥିଲା ଓ ସେଠାରେ ପ୍ରାଚୀନ ସଂସ୍କୃତିର ଗୋଟିଏ ଅଙ୍ଗ ଅର୍ଥାତ୍ ଯୋଗର ଏକାନ୍ତ ଆଲୋଚନା ହେଉଥିଲା । ଅପରନ୍ତୁ ସେଠାରେ ଦକ୍ଷିଣ ଭାରତର ଅନନ୍ୟସାଧାରଣ ସ୍ଥାପତ୍ୟର ବିକାଶ ହୋଇଥିଲା– ଏ ସବୁର ସୂଚନା ମିଳିବା ସ୍ଥଳେ, ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗ ସେସବୁର ବିଶେଷ ଅନୁସନ୍ଧାନ ଓ ଆବିଷ୍କ୍ରିୟାପାଇଁ ବ୍ୟବସ୍ଥା ନ କରିବା ଉଚିତ ନୁହେଁ । ଆଶାକରୁ ପ୍ରତ୍ନତତ୍ତ୍ୱାନୁସନ୍ଧାନ ବିଭାଗର ପାଟଣା କର୍ତ୍ତା ଏଥିରେ ମନଦେବେ ।

**ପୁଷ୍ପଗିରି ବିହାର–**

ଦିଲ୍ଲୀରେ ବଡ଼ଲାଟ ସଭା ବୈଠକ ବେଳେ ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ପ୍ରତ୍ନତତ୍ତ୍ୱ ଆବିଷ୍କ୍ରିୟା ବିଷୟରେ ସରକାରଙ୍କ ଡିପାର୍ଟମେଣ୍ଟ ସେକ୍ରେଟାରୀଙ୍କୁ ଲେଖିଥିଲେ ।

---

* Memoirs of the Archeological Survey of India No. 44, Page. 14.

ଆଲୋଚନା ନବଭାରତ ପ୍ରଥମବର୍ଷ ୮ମ, ୯ମ ସଂଖ୍ୟା ମକର ୧୩୪୧ ।

Digitized by PPRACHIN, SOA

ସେ କହିଥିଲେ, ନଳନ୍ଦ ଦର୍ଶନରେ ଯେପରି ପ୍ରସିଦ୍ଧ ଥିଲା, ଉତ୍କଳର ପୁଷ୍ପଗିରି ଆଗରେ ସେହିପରି ଥିଲା । ସରକାର ଟଙ୍କା ଖର୍ଚ୍ଚକରି ନଳନ୍ଦ ଖୋଳାଇଛନ୍ତି, କିନ୍ତୁ ଓଡ଼ିଶାର ଅନ୍ୟାନ୍ୟ ପ୍ରତ୍ନତତ୍ତ୍ୱ ଖୋଳି ଦେଖିବା କଥା ଦୂରେଥାଉ, ପୁଷ୍ପଗିରି ସମ୍ବନ୍ଧରେ ମଧ୍ୟ କିଛି ହୋଇନାହିଁ । ଏ ଦିଗରେ ଅତି ଶୀଘ୍ର କାର୍ଯ୍ୟ କରିବା ଦରକାର । ଶ୍ରୀଯୁକ୍ତ ରମାପ୍ରସାଦ ଚନ୍ଦ ଏହି ପୁଷ୍ପଗିରି ସମ୍ବନ୍ଧରେ Archeological Surveyରେ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । (Archeological Survey of India No. 44) ସେଥିରେ ସେ ଏହି ପୁଷ୍ପଗିରିର ଧ୍ୱଂସାବଶେଷ ଶୀଘ୍ର ଖୋଳି ବାହାର କରିବା ବିଷୟରେ ମତ ଦେଇଛନ୍ତି । ସରକାର ନିଜେ ସେ ପୁସ୍ତକ ଛପାଇଛନ୍ତି । କିନ୍ତୁ ଆଜିସୁଦ୍ଧା ସେ ଦିଗରେ କିଛି କାମ ହୋଇନାହିଁ । ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଏହି ପୁଷ୍ପଗିରି ବିହାର କଥା ଲେଖିଛନ୍ତି । ଆଠବର୍ଷ ତଳେ ମଧ୍ୟପ୍ରଦେଶର ନାଗାର୍ଜୁନ କୋଣ୍ଡାରୁ ଏକ ଶିଳାଲିପି ମିଳିଅଛି । ସେଠା ବିହାର ସ୍ଥାପୟିତା ମଞ୍ଜୁଶ୍ରୀ ବହୁକାଳ ପୁଷ୍ପଗିରି ବିହାରରେ ଯୋଗ ଶିକ୍ଷା କରିଥିବାର ସେଥିରୁ ପ୍ରମାଣ ମିଳୁଅଛି ।

କଟକ ଜିଲାର ଲଳିତଗିରି, ଉଦୟଗିରି ଓ ରତ୍ନଗିରି ଅଞ୍ଚଳମାନ ଧରି ପ୍ରାଚୀନ ପୁଷ୍ପଗିରି ବିହାର ବ୍ୟାପିଥିଲା । ଏବେ ପଣ୍ଡିତ ନୀଳକଣ୍ଠଙ୍କ ପତ୍ର ଫଳରେ ସରକାର ରମାପ୍ରସାଦ ଚନ୍ଦଙ୍କୁ କେଉଁଠାରୁ ଆରମ୍ଭ କରି ଖୋଳିଲେ ସୁବିଧା ହେବ ବୋଲି ପଚାରିଥିଲେ । ଚନ୍ଦ ମହାଶୟ ଉତ୍ତର ଦେଇଛନ୍ତି ରତ୍ନଗିରିକୁ ରାସ୍ତା ସୁଗମ । ସେଠାରେ ଡାକବଙ୍ଗଳା ଅଛି । ସେହିଠାରୁ ଆରମ୍ଭ କରି ଖୋଳିଲେ ସୁବିଧା ହେବ । ଓଡ଼ିଶା ପାଇଁ ଏ ଦିଗରେ ବିଶେଷ କିଛି କେବେ ହୋଇନଥିଲେ ମଧ୍ୟ ଜମା ନ ହେବାଠାରୁ ବିଳମ୍ବରେ ହେବା ଭଲ ବୋଲି ସମସ୍ତେ କହିବେ । ଏବେ ସରକାରଙ୍କ ଉଦ୍ୟମରେ ପୁଷ୍ପଗିରି ବିହାରର ଧ୍ୱଂସାବଶେଷ ଖୋଳା ହେବାର ଆଶା ଦେଖାଯାଏ । ଓଡ଼ିଶା ନୂତନ ପ୍ରଦେଶ ହେବା ସଙ୍ଗେ ସଙ୍ଗେ ଭାରତ ସରକାରଙ୍କର ଏ ଉଦ୍ୟମ ପରମ୍ପରାପ୍ରେମ୍ଫୁ ଓଡ଼ିଆଙ୍କର ମନକୁ ଘେନିବ, ସନ୍ଦେହ ନାହିଁ ।

## ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଗଡ଼ଜାତ—

ଏବେ ଇତିହାସ ଅନୁସନ୍ଧାନରେ ଜଣାପଡୁଛି, ଆଜି ଯେଉଁ ଗଡ଼ଜାତ ବଣୁଆ ଓ ଅନ୍ଧାରି ମୁଲକ ହୋଇ ପଡ଼ିଛି, ଦିନେ ତାହା ବିରାଟ ଉତ୍କଳ ଓ ଉଡ୍ର ସଭ୍ୟତାର ରଙ୍ଗସ୍ଥଳୀ ଥିଲା । ସମୁଦ୍ର ଗୁପ୍ତଙ୍କୁ ଭେଟିଥିବା ବ୍ୟାଘ୍ରରାଜ ଯେଉଁଠାରେ ଥିଲେ, ଠିକ୍ ଜଣାନପଡ଼ିଲେ ମଧ୍ୟ ଓଡ଼ିଶାର ଗଡ଼ଜାତମାନ ତାଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ଥିବାର ଅନୁମାନ ହୁଏ । ସେହି ସମୟର କୌରାଳକ ମନ୍ତରାଜ ବୋଦ ସୋନପୁର ରସଲକୋଣ୍ଡା ପ୍ରଭୃତି ଅଞ୍ଚଳରେ ରାଜତ୍ୱ କରୁଥିଲେ । ପରବର୍ତ୍ତୀ ଯୁଗରେ ଘୁମୁସରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ବହୁକାଳ ଭଞ୍ଜ ରାଜଭୂମି ଥିଲା । ପରେ ସୋମବଂଶୀମାନେ ଏହି ଗଡ଼ଜାତକୁ ହିଁ ବହୁକାଳ ନିଜର କର୍ମକ୍ଷେତ୍ର କରିଥିଲେ ।

Digitized by PPRACHIN, SOA

ଆଉ ଯାହାହେଉ, ଗଡ଼ଜାତର ପ୍ରତ୍ନ ବିଭବ କାଳରେ ସେତେ ଧ୍ୱଂସ ହୋଇ ନାହିଁ । ଉପକୂଳର ସମଭୂମି ପରି ବିଭିନ୍ନ ସଭ୍ୟତାର ଝଞ୍ଜା ଗଡ଼ଜାତକୁ ସେତେ ବାଧି ନାହିଁ । ଏବେ ପଣ୍ଡିତ ବିନାୟକ ମିଶ୍ର ହିନ୍ଦୋଳ ଓ ତାଳଚେର ପ୍ରଭୃତିରୁ ପ୍ରାଚୀନ ଭୌମ ବଂଶର ଲିପିମାନ ପାଇ କ୍ରମେ ପ୍ରକାଶ କରୁଛନ୍ତି । ମୟୂରଭଞ୍ଜର ପ୍ରାଚୀନ ଶିଳ୍ପ ସ୍ୱାତନ୍ତ୍ର୍ୟ ଗବେଷଣା ଜଗତରେ ଏବେ ସୁବିଦିତ । ମୟୂରଭଞ୍ଜର ମହାରାଜା ମଧ ନିଜ ରାଜ୍ୟର ତଥା ଓଡ଼ିଶାର ପ୍ରତ୍ନତତ୍ତ୍ୱ ପ୍ରଚାରରେ ଅତି ପ୍ରଶଂସନୀୟଭାବରେ ମନୋଯୋଗ ଦେଇଛନ୍ତି । ମୟୂରଭଞ୍ଜ ପରି କେନ୍ଦୁଝରରେ ପ୍ରତ୍ନତତ୍ତ୍ୱ ଗବେଷଣା ନିମନ୍ତେ ବହୁ ସାମଗ୍ରୀ ଏବେ ମଧ୍ୟ ପଡ଼ିରହିଛି । ସେଠାକୁ ଅନୁସନ୍ଧାନ କରିବା ନିମନ୍ତେ ଲୋକେ ଯାଇନାହାନ୍ତି । ଏହିପରି ଆଉ ଅନେକ ଗଡ଼ଜାତ ମଧ୍ୟ ଅଦେଖା ରହିଛି । କୌଣସି କୌଣସି ପ୍ରତ୍ନତତ୍ତ୍ୱ ପର ପଣ୍ଡିତଙ୍କଠାରୁ ଶୁଣାଯାଏ, ରାଜନୀତିକ କାରଣରୁ ସବୁ ଗଡ଼ଜାତରେ ସମାନଭାବରେ ଗବେଷଣା କରିବା ନିମନ୍ତେ ପ୍ରବେଶ କରିବାର ସୁବିଧା ମିଳୁନାହିଁ । ଭିନ୍ନ ଭିନ୍ନ ଗଡ଼ଜାତରେ ରାଜତ୍ୱର ନିୟମମାନ ବିଭିନ୍ନ ରୀତିର ହେଲେହେଁ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନରେ ସେସବୁ ରୀତି ବିଭିନ୍ନତାର ପ୍ରଭାବ ପଡ଼ିବା ବଡ଼ କ୍ଷୋଭର ବିଷୟ । ସମସ୍ତ ଗଡ଼ଜାତରେ ସମୂହ ନିୟାମକରୂପେ ଗଡ଼ଜାତମାନଙ୍କ ପାଇଁ ଏଜେଣ୍ଟ ରହିଛନ୍ତି । ଆମ୍ଭେମାନେ ସନିର୍ବନ୍ଧ ଅନୁରୋଧ କରୁଁ, ଏଜେଣ୍ଟ ମହାଶୟ ଗବେଷଣା ପର ପଣ୍ଡିତମାନଙ୍କୁ ସବୁ ଗଡ଼ଜାତରେ ସମାନ ସୁବିଧା ଦେବାପାଇଁ ଅଚିରେ ବ୍ୟବସ୍ଥା କରିବେ ।

**ଓଡ଼ିଶାର ପ୍ରତ୍ନବିଦ୍ୟା–**

ଜାଣି ସୁଖୀହେଲୁ ଆମ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ପୁରାତତ୍ତ୍ୱ ସନ୍ଧାନ ଓ ଚର୍ଚ୍ଚା ନିମନ୍ତେ ବଡ଼ ଆଗ୍ରହଶୀଳ । ସେଥିପାଇଁ ଅତିଶୀଘ୍ର ସେ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ କରିବେ ବୋଲି ମଧ ଜଣାପଡ଼ିଛି । ଆହୁରି ଆନନ୍ଦର କଥା ସେ ପୁରୀର ଜଣେ ପଣ୍ଡିତଙ୍କୁ ପ୍ରାଚୀନ ପୋଥି ସଂଗ୍ରହ କରିବାରେ ନିଯୁକ୍ତ କରି ଏ କାର୍ଯ୍ୟର 'ବହନ' କରିସାରିଲେଣି । ଏ କାର୍ଯ୍ୟଟି ଲୋକଙ୍କ ମନକୁ ମଧ ଘେନିଛି । କାରଣ, ପୁରୀରୁ ଖବର ପ୍ରକାଶ ପାଇଛି, ଏହି ପଣ୍ଡିତଙ୍କୁ ପୁସ୍ତକାଦି ଦେଖିବାର ସୁବିଧା ଶୀଘ୍ର କରିଦିଆଯାଉ । ଓଡ଼ିଶାରେ କୌଣସି ଯଥାର୍ଥ ନିସନ୍ଧା ବିଦ୍ୟାଚର୍ଚ୍ଚାର ଏପରି ବହନି ମାତ୍ରରେ, ଏପରି ଖବର ପ୍ରକାଶ ପାଇବା ଏଇ ବୋଧହୁଏ ପ୍ରଥମ ।

ଆମେ ବରାବର କହିଆସିଚୁ, ପୁରାତତ୍ତ୍ୱ ସନ୍ଧାନ ନିମନ୍ତେ ଓଡ଼ିଶାରେ ଏକ ପ୍ରକାର ଅଦ୍ୱିତୀୟ କ୍ଷେତ୍ର ପଡ଼ିରହିଛି । ଭାରତ ସରକାର ତଥା ଓଡ଼ିଶା ସରକାର ସେଆଡ଼େ ଆଖି ଦିଅନ୍ତୁ । ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗରେ ଗୋଟିଏ ସ୍ୱତନ୍ତ୍ର ସର୍କଲ୍ (ଚକଡ଼ା) କରିବାପାଇଁ ଆମ ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଲେଖିଥିଲେ । ମାତ୍ର ଉତ୍ତର ମିଳିଛି, 'ପଇସା ନାହିଁ ।' ପୃଥିବୀର ଏ ଦୁର୍ଦ୍ଦମନୀୟ ଶାନ୍ତି ମନ୍ତ୍ରର ସମରସଜ୍ଜା ବେଳେ ପ୍ରତ୍ନତତ୍ତ୍ୱ

Digitized by PPRACHIN, SOA

ଭଳି କବରଖୋଳା କାମଟାପାଇଁ ଭାରତ ସରକାର ଟଙ୍କା ନ ପାଇବାର କଥା । ଆମେ ଜାଣୁ ଅନ୍ତତଃ ସ୍ପଷ୍ଟଭାବରେ ପଣ୍ଡିତ ନୀଳକଣ୍ଠ ଦାସ ଭାରତ ସରକାରଙ୍କୁ ଏହି ବିଷୟରେ କହିଆସୁଛନ୍ତି । କେବଳ ସ୍ୱତନ୍ତ୍ର ଚକଡ଼ା କରିବା ନୁହେ, ଓଡ଼ିଶାରେ ପଇସା ଖର୍ଚ୍ଚକରି, ବିଶେଷରେ ଧଉଳି, ଗୋରଡିଆ ଓ ରତ୍ନଗିରି ପ୍ରଭୃତି ଅଞ୍ଚଳ ଖୋଳାଇ ଅନୁସନ୍ଧାନ କରାଇବାକୁ କହିଆସୁଛନ୍ତି । ଏଥିପାଇଁ ସେ ବାରମ୍ବାର ବିଭାଗୀୟ କର୍ତ୍ତାଙ୍କ ସଙ୍ଗେ ପତ୍ର ବ୍ୟବହାର କରିଛନ୍ତି ଓ ତାଙ୍କୁ କହିଛନ୍ତି । ଥରେ ମଧ୍ୟ ସେ ଏଥିପାଇଁ କିଛି ଟଙ୍କା ଦେବାପାଇଁ ଖୋଦ୍ ଭାରତ ସରକାରଙ୍କ ଅର୍ଥବିଭାଗ କର୍ତ୍ତାଙ୍କୁ ତିନିବର୍ଷ ତଳେ କହିଥିଲେ । ସେ ମଧ୍ୟ ସେ ବର୍ଷ ୩୦ ହଜାର ଟଙ୍କା ଦେବାପାଇଁ ପ୍ରତିଶ୍ରୁତ ହୋଇଥିଲେ ଓ ଟଙ୍କା ପାଇଲେ ଓଡ଼ିଶାକୁ ସ୍ୱତନ୍ତ୍ର ଚକଡ଼ା କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତ୍ନତତ୍ତ୍ୱ ବିଭାଗ କର୍ତ୍ତା ମଧ୍ୟ ପ୍ରସ୍ତୁତ ଥିଲେ । କିନ୍ତୁ ସେବର୍ଷ ଅର୍ଥ ବିଭାଗ ୩୦ଟି ହଜାର ମାତ୍ର ଟଙ୍କା ଦେଇପାରିଲେ ନାହିଁ । ଯାହେଉ, ସେତିକିବେଳେ ରତ୍ନଗିରି ପ୍ରଭୃତି ଅଞ୍ଚଳ (ପ୍ରାଚୀନ ପୁଷ୍ପଗିରି ବିହାର) ସମ୍ବନ୍ଧରେ ଭାରତ ପ୍ରତ୍ନସନ୍ଧାନ (Archeological Survey) ବିଭାଗ ପ୍ରକାଶିତ ଶ୍ରୀଯୁକ୍ତ ରମାପ୍ରସାଦ ଚାନ୍ଦଙ୍କ ସ୍ମାରକ ପୁସ୍ତିକାଟି ଦେଖାଇ ଦାବି କରିବାରୁ ରତ୍ନଗିରି ଅଞ୍ଚଳର ପ୍ରତ୍ନକୀର୍ତ୍ତି ନିଦର୍ଶନଗୁଡ଼ିକ ପ୍ରାଚୀନ ସ୍ମୃତି ସଂରକ୍ଷଣ (Ancient monuments preservation) ଆଇନ ପ୍ରୟୋଗ କରି ରକ୍ଷା କରିବାକୁ ବିଭାଗୀୟ କର୍ତ୍ତା ପ୍ରସ୍ତୁତ ହୋଇଥିଲେ । ତା' ବୋଧହୁଏ ହୋଇଯାଇଛି । ପ୍ରତ୍ନ ସନ୍ଧାନର ଅଧ୍ୟକ୍ଷ ଦୀକ୍ଷିତ ସାହେବ ମଧ୍ୟ ଏ ମଧ୍ୟରେ ଥରେ ଗୋରଡିଆର ତରା ପର୍ଯ୍ୟନ୍ତ ଦେଖିବାକୁ ଯାଇଥିଲେ ।

ତା'ଛଡ଼ା ଆଉ କିଛି ଏ ବିଷୟରେ କରାଯାଇ ପାରିନଥିଲା । ପୁଣି ଏ ମଧ୍ୟରେ ପ୍ରାଦେଶିକ ସ୍ୱତନ୍ତ୍ର ସରକାରମାନ ବସିଗଲା । ଏଭଳି କାର୍ଯ୍ୟମାନଙ୍କରେ କ୍ରିୟାବାନ୍ ହେବା ପୂର୍ବରୁ କେନ୍ଦ୍ର ସରକାର ପ୍ରାଦେଶିକ ସରକାରଙ୍କ ନିବେଦନକୁ ଆଗ ଚାହିଁଲେ । ଏବେ ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ପୁଣି ସାକ୍ଷାତ୍‌ରେ ଶୁଣିସାରିଲେଣି, ‘‘ଭାରତ ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଚକଡ଼ା କରି କାର୍ଯ୍ୟ ଆରମ୍ଭ କରିବା ବିଷୟରେ ଖୁବ୍ ଆଗ୍ରହଶୀଳ; ମାତ୍ର ଟଙ୍କାର ଏବେ ଅଭାବ । କମି କମି ଏ ବିଭାଗପାଇଁ ଗତବର୍ଷ ମାତ୍ର ୧୩ ଲକ୍ଷ ମିଳିଥିଲା । ଏବର୍ଷ ପୁଣି ୧୧ ଲକ୍ଷ ମାତ୍ର ମିଳିବାର ସମ୍ଭାବନା । ଏଥିରେ ତ ଓଡ଼ିଶାକୁ ଆଉ ନୂଆ ଚକଡ଼ା କରିହେବ ନାହିଁ । ମାତ୍ର ଟଙ୍କା ମିଳିଲା ମାତ୍ରେ ଓଡ଼ିଶାକୁ ନୂଆ ଚକଡ଼ା କରାଯିବ ।’’

ହେଲେହେଁ ପ୍ରଦେଶାନ୍ତରମାନଙ୍କରେ ବାଣ୍ଟିହୋଇଥିବାରୁ ଅନ୍ୟାନ୍ୟ ଅନେକ ବିଷୟରେ ଯେପରି ଏ ବିଷୟରେ ସେଇପରି ଓଡ଼ିଶା ଉପରେ କାହାରି ଆଖି ପଡୁ ନଥିଲା । ଏଣିକି ସେ ଅବସ୍ଥା ରହିବନାହିଁ । ଆମର ଏ ଦାବି ମଧ୍ୟ ଭାରତ ସରକାରଙ୍କୁ ପୂରଣ କରିବାକୁ ହେବ । ହୋଇପାରେ ଓଡ଼ିଶାରେ ଦିନେ ପ୍ରାଚୀନ ସିନ୍ଧୁ ସଭ୍ୟତାର

Digitized by PPRACHIN, SOA

ସମ୍ବନ୍ଧ ଚିହ୍ନ ମିଳିବ । ପ୍ରତ୍ନବିଦ୍ୟାରେ ଯଥାର୍ଥରେ ଭାରତର ସ୍ଥାନ ବଡ଼ ଉଚ୍ଚ । ପ୍ରସ୍ତରଖୋଦିତ କୀର୍ତ୍ତି ଓ କଳାରେ ଉଦୟଗିରି ଭାରତରେ ପ୍ରାଚୀନତମ କହିଲେ ଚଳେ । ମୌଳିକ ସିନ୍ଧୁ ଭାରତୀୟ ସ୍ଥପତି କଳାର କ୍ରମବିକାଶ, ସେହିଠାରୁ ଦେଖିବାର ସୁବିଧା । ସେଠାରୁ ଭୁବନେଶ୍ୱର ଯାଏ— ଏ ମଧ୍ୟରେ ମଗଧର କଳା କିପରି ହଜମ କରାହୋଇ ଓଡ଼ିଆ କଳାରେ ପରିଣତ ହୋଇଛି, ତାହା ଦେଖି କଳାତତ୍ତ୍ୱବିତ୍‌ମାନେ ବିସ୍ମିତ ହୁଅନ୍ତି ।

ଏହାଛଡ଼ା ସଭ୍ୟତା ଓ ସଂସ୍କାରରେ ପ୍ରାଗ୍‌ବୈଦିକ ଭାରତ ଧର୍ମର ଏକମାତ୍ର ଜୀବନ୍ତ ଅବଶେଷ ଏବେ ଓଡ଼ିଶାରେ । ଜଗନ୍ନାଥରେ ତାହା ହୁଏତ ସଂଶ୍ଳେଷଣରେ ଟିକିଏ ଆତ୍ମବିସ୍ମୃତ; ମାତ୍ର ମହିମା ଧର୍ମ ତଥା ଓଡ଼ିଶା ପଲ୍ଲିର ସଂକେତ-ପ୍ରଚାରିତ ଯୋଗ ସାଧନ ତତ୍ତ୍ୱରେ ତାହା ଜୀବନ୍ତ ଓ ଜାଗ୍ରତ । ପଞ୍ଚସଖାଦିଙ୍କ ଶାସ୍ତ୍ରରେ ତାହାର ପ୍ରସାର ପୂରା ଖୋଜା ହୋଇନାହିଁ । ମାତ୍ର ସଂକେତରୁ ଯାହା ଜଣାଯାଏ, ସେଥିରୁ ବୋଧହୁଏ ତାହା ସେଇ ପ୍ରାଚୀନ ଯୋଗ ତତ୍ତ୍ୱ ଓ ସଂସ୍କାର ପରମ୍ପରାର ସଂକେତରେ ପୂର୍ଣ୍ଣ ।

ଏହାଛଡ଼ା ଅତି ଏବକାଳର, ଅର୍ଥାତ୍ ୩।୪ ଶହ ବର୍ଷ ତଳର ସାମ୍ରାଜ୍ୟ ସଂସ୍ଥାନ ଓ ଚାଳନରେ ଓଡ଼ିଆର କୃତିତ୍ୱ ଏବେ ଯାହା ଶିଳାଲେଖରୁ ଜଣାପଡୁଚି ତା' ଅତି ବିସ୍ମୟକର । ଖାରବେଳ, ଶାନ୍ତିକର ପ୍ରଭୃତି ବହୁକାଳ କଥା । ମାତ୍ର କପିଳେନ୍ଦ୍ରଦେବ ବଂଶୀୟ ଓଡ଼ିଆ କି ଗୌରବରେ ଦକ୍ଷିଣ ଓ ପୂର୍ବ ଭାରତର ଉପକୂଳ ଧରି ବସିଥିଲେ, ତାହା ବିଶେଷ ଗୌରବାବହ ।

ନୌବାଣିଜ୍ୟ ଓ ସିନ୍ଧୁପାରେ ସଭ୍ୟତା ଓ ରାଜ୍ୟ ବିସ୍ତାରରେ ପ୍ରାଚୀନ ଓଡ଼ିଆ (କଳିଙ୍ଗ) କ'ଣ କରିଥିଲେ ତା' ଅତି କ୍ଷୀଣ ସୂଚନାରେ ମାତ୍ର ଅନୁମାନ ମାତ୍ରରେ ଅଛି । ହୁଏତ ବ୍ରହ୍ମ ଜାଭା ଫିଲିପାଇନ ବାଟେ ତା ମଧ୍ୟ ଆମେରିକାର ପିରୁ ମେକ୍‌ସିକୋ ଓ ମୟଦେଶକୁ ବ୍ୟାପିଥିଲା । ଆମେ ଯେ ସେଇ ସଭ୍ୟତା ଓ କୀର୍ତ୍ତିର ଉତ୍ତରାଧିକାରୀ ଏହା ବୁଝି ବୁଝାଇବାର ଅଛି ।

ଆଉ ଏ କ୍ଷୁଦ୍ର ଆଲୋଚନାରେ ବିଶେଷ କହିବା ନିଷ୍ପ୍ରୟୋଜନ । ପ୍ରଧାନମନ୍ତ୍ରୀ ତଥା ସରକାରଙ୍କର ଏ କ୍ଷେତ୍ରରେ ତତ୍ପରତା ଅତ୍ୟନ୍ତ ସାଧୁ । ଭାରତ ସରକାରଙ୍କର ଏଥିରେ ଯେ କର୍ତ୍ତବ୍ୟ ଅଛି, ତାହା କରାଇବା ନିମନ୍ତେ ବରାବର ସର୍ବପ୍ରଯତ୍ନ ଲଗାଇ ରଖିବାକୁ ହେବ ସନ୍ଦେହ ନାହିଁ । ଆଜିର ଦୃଷ୍ଟିରେ ତାଙ୍କର ହୁଏତ ଏଭଳି ବିଷୟରେ ଖର୍ଚ୍ଚ ଟଙ୍କା ନାହିଁ । କିନ୍ତୁ ଏ ଦୃଷ୍ଟି ସବୁବେଳେ ରହିବ ନାହିଁ— ଏଇ ଧାରଣାରେ ସେ ଆଡ଼େ ଲାଗିବାକୁ ହେବ ।

ଏଣେ ପ୍ରଧାନମନ୍ତ୍ରୀ ଯେଉଁ ଅନୁଷ୍ଠାନର କଳ୍ପନାଟି କାର୍ଯ୍ୟରେ 'ବହନି' କରିଚନ୍ତି, ତାକୁ ଅତିଶୀଘ୍ର ଜାଗ୍ରତ ଜୀବନ୍ତ ଓ ନିର୍ବ୍ୟପେକ୍ଷ ବିଦ୍ୟା ସାଧନାର ଗୋଟିଏ ଗୌରବାବହ କେନ୍ଦ୍ରରୂପେ ସ୍ଥାପନ କରନ୍ତୁ । ଏ ସାଧୁ କଳ୍ପନା ଭଗବାନ୍ କାର୍ଯ୍ୟରେ ସ୍ଥାୟୀ କରନ୍ତୁ ।

Digitized by PPRACHIN, SOA

କାଲି ବିଶ୍ୱବିଦ୍ୟାଳୟ ବସିଲେ ଏଇ ଅନୁଷ୍ଠାନଟି ପୁଣି ତା'ର ଗୋଟିଏ ବିଶିଷ୍ଟ ଓ ଅତି ସ୍ପୃହଣୀୟ ବିଭାଗରେ ପରିଣତ ହେବ । ସେଇ ଆସୁଥିବା ବିଶ୍ୱବିଦ୍ୟାଳୟର ସାମଗ୍ରୀ ସଂଗ୍ରହରୂପେ ଏ ଅନୁଷ୍ଠାନଟି ବସିବ ବୋଲି ଆମେ ଆଶାକରୁ । ଏହା ଏକ ଯଥାର୍ଥ ବିଦ୍ୟାମନ୍ଦିର ହେବ । ରାଜନୀତିର ଦଳଭାବ ଓ ଶାସନର ଆଧିପତ୍ୟଜନିତ ମନୋଭାବରୁ ଏହାକୁ ଉପରେ ରଖିବାକୁ ହେବ । ଶେଷରେ ଏତିକି ଆମର ଏକାନ୍ତ ଅନୁରୋଧ । ଶୁଭମସ୍ତୁ ।

# ଶିଶୁପାଳ ଗଡ଼ ଖୋଳା

## ଓଡ଼ିଶାର ପ୍ରାଚୀନତା

ସୁଖର କଥା, ଏତେକାଳ ପରେ ଓଡ଼ିଶାରେ ପୁରାତତ୍ତ୍ୱ ଜାଣିବାପାଇଁ ଶିଶୁପାଳ ଗଡ଼ ଖୋଳା ଆରମ୍ଭ ହୋଇଚି । କଳିଙ୍ଗ ଗୋଟିଏ ଅତି ପ୍ରାଚୀନ ଭୂମି— ଏପରିକି ମହେଞ୍ଜୋଦାରୋ ଓ ହରପ୍ପାର ପ୍ରାଚୀନତାଠାରୁ ଏହାର ପ୍ରାଚୀନତା ଊଣା ନୁହେ ବୋଲି ଅନୁମାନ ହୁଏ । କିନ୍ତୁ ଖୋଳିବାରେ ଏତେ ପ୍ରାଚୀନ କାଳ ସଙ୍କେତ ମିଳିବ କି ନାଁ, କହିହେଉନାଇ— ତଥାପି ଏହା ଅନୁସନ୍ଧାନର ବସ୍ତୁ । ହେଲେହେଁ, ଏତେକାଳ ସେ ଦୃଷ୍ଟିରେ ଓଡ଼ିଶାକୁ କେହି ଦେଖିନାହାନ୍ତି । ଏତେ କାଳର ନହେଲେ ମଧ୍ୟ ବିକ୍ରମଶିଳା ଓ ନାଳନ୍ଦଠାରୁ ଆଉରି ପ୍ରାଚୀନତାର ସଙ୍କେତ ଓଡ଼ିଶାରେ ନିଶ୍ଚୟ ମିଳିବ, ଖୁବ୍ ମିଳିବ । ହୁଏନସାଂଙ୍କ ବର୍ଣ୍ଣିତ ପୁଷ୍ପଗିରି ଓ ଚେଳିତାରୁ (ଚାରିତ୍ର୍ୟ ?— ଶ୍ରୀକ୍ଷେତ୍ର ?) ସମ୍ବନ୍ଧରେ ଏପର୍ଯ୍ୟନ୍ତ କିଛି ହୋଇନାଇ । ଶ୍ରୀ ରମାପ୍ରସାଦ ଚନ୍ଦ, ବଙ୍କିମବାବୁଙ୍କ ଉପନ୍ୟାସ ସଙ୍କେତମାନ ପାଇ କଟକର କେତେଗୁଡ଼ାଏ ଜାଗା ଟିକିଏ ବୁଲି ଯାଇ ରତ୍ନଗିରି, ଉଦୟଗିରି, ଲଳିତଗିରିକୁ ପୁଷ୍ପଗର ବୋଲି ସ୍ଥିରକରି ଖଣ୍ଡିଏ ପୁସ୍ତକ ଲେଖିଚନ୍ତି ମାତ୍ର । ସେଇ ଯେ ପୁଷ୍ପଗିରି, ତା' ବି କହିହେବ ନାଇ । ଏବେ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ, ଆନନ୍ଦପୁରର ଫୁଲଚାଙ୍ଗୁଡ଼ି ପାହାଡ଼କୁ ପୁଷ୍ପଗିରି ବୋଲି ସନ୍ଦେହ କରି ଲେଖିଚନ୍ତି । ତା' କିନ୍ତୁ ଖୋଳି ପରୀକ୍ଷା କରି ଦେଖିବା ଦରକାର । ତା' ପରେ ଇତିହାସରୁ ମିଳୁଚି, ତୋଷଳି ଓ କଳିଙ୍ଗ ନଗର । ତୋଷଳିଟି ନିଶ୍ଚୟ ଅଶୋକଙ୍କ କାଳରୁ ପ୍ରାଚୀନ । କଳିଙ୍ଗ ନଗରୀ ଅନ୍ତତଃ ଖାରବେଳଙ୍କ କାଳର । ଏହାଛଡ଼ା ହୁଏତ ଦୁଇଥିରୁ ପ୍ରାଚୀନ ଯଥାର୍ଥ ଦନ୍ତପୁର କେଉଁଠି ତା' ଠିକ୍ ଜଣାଯାଇନାଇ । ମୁଖଲିଙ୍ଗମ୍ ପାଖ କଳିଙ୍ଗପଟ୍ଟନମ୍ ପ୍ରାଚୀନ କଳିଙ୍ଗ ନଗରୀ ନୁହ । କିମ୍ୱା ଦନ୍ତବରକୋଟା ଦନ୍ତପୁର ନୁହେ । ଯେତେଦୂର ମନେହୁଏ, କଳିଙ୍ଗ ସାମ୍ରାଜ୍ୟର କେନ୍ଦ୍ର ଓ ରାଜଧାନୀ ଯେତେବେଳେ ଦକ୍ଷିଣକୁ ଘୁଞ୍ଚିଯିବାକୁ ବାଧହେଲା, ସେତିକିବେଳେ ରାଜଧାନୀର ନାମଗୁଡ଼ିକ ଧରି ସ୍ଥାନ ଓ ସହରମାନ ସେଠାରେ କରାଯାଇଥିଲା । ଏହା

Digitized by PPRACHIN, SOA

ଠିକ୍ 'ନିଉ ଇଂଲାଣ୍ଡ' 'ନିଉ ହେବ୍ରିଡେଜ' ପ୍ରଭୃତିରେ ନାମକରଣ ବୋଲି ମନେହୁଏ । ହେଲେହେ, ଖୋଦନ କାର୍ଯରେ ଏସବୁ ସନ୍ଦେହ ଦୂର କରିବାକୁ ହେବ ।

**ତୋଷଳି ଓ କଳିଙ୍ଗ ନଗରୀ—**

ଓଡ଼ିଶାରେ ଏହିପରି ବହୁତ ପୁରାତତ୍ତ୍ୱର ସାମଗ୍ରୀ ଖୋଳାରୁ ମିଳିବ । ପୁଣି ସିନ୍ଧୁ ସଭ୍ୟତା ତକ୍ଷଶୀଳା ପ୍ରଭୃତିର ଖୋଦନଠାରୁ ଓଡ଼ିଶାର ସ୍ଥାନମାନ ଖୋଳିବା କମ ଗୁରୁତ୍ୱପୂର୍ଣ୍ଣ ନୁହେ । ତେଣୁ ଏତେ କାଳ ପରେ ଆଜି ଯେ ଶିଶୁପାଳ ଗଡ଼ରେ ନିଷ୍ଠା ଓ ତତ୍‌ପରତା ସହିତ ଏହା ଆରମ୍ଭ ହେଉଛି, ଏହା ଆଶା ଓ ଆନନ୍ଦର କଥା । ଧୌଳି ଗ୍ରାମଟି ଶିଶୁପାଳ ପାଖେ; ମଝିରେ ଖାଲି ଦୟାନଦୀ । ତୋଷଳି ଓ ଧଉଳି ଏକ କଥା ବୋଲି ଭାଷାବିତ୍‌ମାନଙ୍କର ମତ । ଖୁବ୍ ସମ୍ଭବ ସେଇଆ । ଧୌଳିଠାରୁ ଶିଶୁପାଳ ପର୍ଯନ୍ତ ସବୁ ବୋଧହୁଏ ଥିଲା, ତୋଷଳି । ଖାରବେଳଙ୍କ ଶିଳାଲିପିରେ ଅଛି, ତୋଷଳିର ଉଦ୍ୟାନରୁ ଖାରବେଳ ନିଜ କଳିଙ୍ଗ ନଗରୀକୁ ଗୋଟିଏ ପାଣିନାଳ କାଟି ପାଣି ନେଇଥିଲେ । ଅନୁମାନ ହୁଏ, ଏହି ନାଳଟି ହେଉଛି ଦୟାନଦୀ । ଦୟାନଦୀ ସମ୍ବନ୍ଧରେ ଏଇପରି ନାଳ କଟାହେଇ ତିଆରି ହୋଇଥିବାର କିମ୍ବଦନ୍ତୀ ସମସ୍ତେ ଜାଣନ୍ତି । ପୁଣି ପରାଜିତ କଳିଙ୍ଗର ରାଜଧାନୀ ତୋଷଳିଠାରୁ ଚେତବଂଶୀମାନେ— ବିଶେଷରେ ଖାରବେଳ— ଅନ୍ୟତ୍ର ରାଜଧାନୀ ଉଠାଇ ନେଇଥିବାର ସମ୍ଭବ ମନେହୁଏ । ଏଇ ଶିଶୁପାଳ ଖୋଦନରୁ ଅଶୋକ ପୂର୍ବ ଯୁଗର ତୋଷଳି ତାଙ୍କ ଗଡ଼ ଓ ସହରର ସଙ୍କେତ ମିଳିବ । ପୁଣି ପରବର୍ତ୍ତି କାଳରେ ଏହି ତୋଷଳିକୁ ମଧ୍ୟ ରାଜଧାନୀ ଆସି ସମସ୍ତ ରାଜ୍ୟଟିର ନାମ ତୋଷଳି ହୋଇଥିଲା । ତେଣୁ ଶିଶୁପାଳ ଖୋଦନରୁ କୁଶାଣ-ମୁଦ୍ରା ମିଳୁଚି ବୋଲି ଯାହା ପ୍ରକାଶ ପାଇଚି, ତାହା ମଧ ଐତିହାସିକଙ୍କ ପକ୍ଷରେ ବହୁ ଉତ୍କୃଷ୍ଟ ରକମର ସାମଗ୍ରୀ । ଆମେ କେତେଦିନ ତଳେ ଏଇ ଦୟା କୂଳରେ ଘୋରଡ଼ିଆର ତରା ପୋଖରୀ ଉପରେ ଖାରବେଳଙ୍କ କଳିଙ୍ଗ ନଗରୀ ଥିବାର ଅନୁମାନ କରିଥିଲୁ । ସେକଥା ମଧ ଭାରତ ଗବେଷଣା ବିଭାଗର ଅଧକ୍ଷ ଦୀକ୍ଷିତ ସାହେବଙ୍କୁ କୁହାଯାଇଥିଲା । ସେ ନିଜେ ସେଠା ଦେଖିଥିଲେ । ଗତ ୫୦ ବର୍ଷରୁ ଅଧିକ କାଳ ଧରି ସେଠାରୁ ଗଡ଼ ଓ ପାଚେରୀର ସୁଆଂସ ପଥର ସବୁ ଶହକୁ ଆଠଟଙ୍କା ଦରରେ ଯୁଦ୍ଧ ପୂର୍ବକାଳରେ ବରାବର ବିକ୍ରୀ ହଉଥିଲା । ଅନେକ ପୂରାତତ୍ତ୍ୱରସଂକେତ ସେଥିରେ ନଷ୍ଟ ହୋଇଥିବ । ଏବେ ଅବସ୍ଥା କ'ଣ ଜଣାନାଇ । ଆଇନ ଅନୁସାରେ ତାହା 'ରକ୍ଷିତ କୀର୍ତ୍ତି' କରାହୋଇଚି କି ନାଁ, ଆଉ ସେହି ଘୋଷଣା ଅନୁସାରେ ତାକୁ ସରକାର ଜଗାଇ ରଖିଚନ୍ତି କି ନାଁ, ଆମେ ଜାଣୁନାଇ । ନ ହୋଇଥିଲେ, ଏହା ଶୀଘ୍ର ହେବା ଉଚିତ । ଶିଶୁପାଳ ତଥା ତୋଷଳି ସଙ୍ଗେ ଏହାର ସମ୍ପର୍କ ଅଚ୍ଛେଦ୍ୟ ବୋଲି ମନେହୁଏ । ତେଣୁ ଶିଶୁପାଳ ସଙ୍ଗେ ଏହାର ଖୋଦନ କାର୍ଯ୍ୟ କରିବା ସମ୍ଭବ ନହେଲେ ତାହା ଶୀଘ୍ର କରାହେବା ଉଚିତ ।

**ପୁଷ୍ପଗିରି—**

ତାହାପରେ ପୁଷ୍ପଗିରି । କଟକର ଉଦୟଗିରି ଅଞ୍ଚଳ ତଥା ଫୁଲପାହାଡ଼ର କୀର୍ତ୍ତି ସଂକେତ ସବୁ କ୍ରମେ ଲୋପ ପାଉଚି । ଓଡ଼ିଶା ସରକାର ଅତି ଶୀଘ୍ର ଏଥିରେ ତତ୍ପର

Digitized by PPRACHIN, SOA

ହୋଇ କେନ୍ଦ୍ର ଗବେଷଣା ବିଭାଗକୁ ଧରି ଏ ସବୁକ ରକ୍ଷିତ କୀର୍ତି ଭିତରେ ଅନ୍ତର୍ଭୁକ୍ତ କରାନ୍ତୁ । ଏହାଛଡ଼ା ଓଡ଼ିଶାରେ ସର୍ବତ୍ର ପ୍ରାଚୀନ କୀର୍ତିର ସଂକେତମାନ ରହିଚି । ତାହା ସବୁ ଆଜି ଠାବକରି ସେଇପରି କରିବା ଉଚିତ । ଓଡ଼ିଶା ବଡ଼ ପ୍ରାଚୀନ ଭୂମି; ଅତି ପ୍ରାଚୀନ କାଳରୁ ସୁସଭ୍ୟ ଓ ଶିଳ୍ପ ଚାତୁର୍ଯରେ ସମୁନ୍ନତ । ଆଜି ଶିଶୁପାଳ ଖୋଦନରୁ ଯେଉଁ ପୁରଦ୍ୱାର ଓ ରାସ୍ତାର ସଂକେତ ମିଳୁଚି, ତା ଏ କ୍ଷେତ୍ରରେ ବଡ଼ କମ୍ ସଂକେତ ଦେଉନାଇ । ଓଡ଼ିଶାର ଏ ସମ୍ପଦ, ଏ ପ୍ରାଚୀନତା ଯଥାଶୀଘ୍ର ପୃଥିବୀ ଜାଣିବା ଉଚିତ ଏହା ଓଡ଼ିଆଙ୍କର ଓ ଓଡ଼ିଶା ସରକାରଙ୍କର ବିକାଶମୂଳକ କାର୍ଯ୍ୟ ଭିତରେ ଗୋଟିଏ ଶ୍ରେଷ୍ଠ କାର୍ଯ ।

—

Digitized by PPRACHIN, SOA

ବିଜ୍ଞାନ

# ଉଦ୍ଭିଦ ରହସ୍ୟ

## ବୃକ୍ଷାଦିର ବିବାହ

ଆମ ଦେଶରେ କୌଣସି କୌଣସି ଧାର୍ମିକ ଲୋକେ ଅଶ୍ୱତ୍ଥ ବଟ ରୋପଣ କରି ପୁତ୍ର କନ୍ୟା ପରି ସେମାନଙ୍କର ବିବାହ ଦିଅନ୍ତି । ବୃକ୍ଷାଦିର ବିବାହ କହିଲେ, ଲୋକେ ହଠାତ୍ ବୁଝିବେ, ଏ ସେହିପରି ବଟ ଅଶ୍ୱତ୍ଥର କଳ୍ପିତ ବିବାହ– କିନ୍ତୁ ତାହା ନୁହେ । ଏଠାରେ ବୃକ୍ଷାଦିର ବିବାହ ଠିକ୍ ମନୁଷ୍ୟ ପଶୁ ପକ୍ଷୀ ଜୀବଜନ୍ତୁମାନଙ୍କର ବିବାହ ପରି ବୁଝିବାକୁ ହେବ । ଜନ୍ତୁ-ଜଗତରେ ସ୍ତ୍ରୀ ପୁରୁଷର ମିଳନର ନିତି ନିତି ନୂତନ ଜନ୍ତୁର ସୃଷ୍ଟି ଲାଗିଅଛି । ଉଦ୍ଭିଦ ଜଗତରେ ମଧ୍ୟ ସେହିପରି ସ୍ତ୍ରୀ ପୁରୁଷ ମିଳନରେ ସୃଷ୍ଟି ପରମ୍ପରା ଚାଲିଅଛି । ବୃକ୍ଷାଦିର ମଧ୍ୟ ବିବାହରେ ଭିନ୍ନ ଭିନ୍ନ ନୀତି ଓ ପଦ୍ଧତି ଦେଖାଯାଏ । ସେମାନଙ୍କର ଜନ୍ତୁମାନଙ୍କ ପରି ସନ୍ତାନ ପାଳନ ଓ ଭବିଷ୍ୟତ୍ ବଂଶଧରଙ୍କ ନିମନ୍ତେ ବ୍ୟବସ୍ଥା କରିବାର ରୀତି ଅଛି ।

ବୃକ୍ଷାଦି ଉଦ୍ଭିଦର ଯେ ଜୀବନ ଅଛି ଏକଥା ଧର୍ମପ୍ରାଣ ହିନ୍ଦୁକୁ ବୁଝାଇବାର ଆବଶ୍ୟକ ନାଇ । କାଷ୍ଠ ପାଷାଣ ପର୍ଯ୍ୟନ୍ତ ସମସ୍ତ ସୃଷ୍ଟ ବସ୍ତୁ ସମ୍ବନ୍ଧରେ ଯାହାର ବିଶ୍ୱାସ ''ଅଂତସଜ୍ଞା ଭବଂତ୍ୟେତେ ସୁଖ ଦୁଃଖ ସମନ୍ୱିତାଃ'' । ଯାହାର ବିଶ୍ୱାସ ''ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି'', ସମସ୍ତ ସୃଷ୍ଟ ବସ୍ତୁରେ ଯେ ସର୍ବଦା ବିଶ୍ୱାତ୍ମାର ଜୀବନ୍ତ ଶକ୍ତି ପ୍ରତିଫଳିତ ଦେଖୁଅଛି, ବୃକ୍ଷାଦିର ଜୀବନ ଅଛି ଏକଥା ତାକୁ ନୂଆକରି ବୁଝାଇବାର ପ୍ରୟୋଜନ ନାଇ । କିନ୍ତୁ ବୃକ୍ଷାଦିର ଯେ ଠିକ୍ ମନୁଷ୍ୟ ପଶୁପକ୍ଷୀପରି ଜୀବନ କ୍ରିୟା ଚଳୁଅଛି ତାହା ଏଠାରେ ସ୍ପଷ୍ଟକରି ବୁଝାଇବାକୁ ହେବ । ପ୍ରାଣୀ ପରି ସେମାନେ ଜନ୍ମୁଅଛନ୍ତି, ବୀଜ ସୃଷ୍ଟି ଓ ବଂଶବୃଦ୍ଧି କରୁଅଛନ୍ତି, ଶୈଶବ ବାଲ୍ୟ ଯୌବନ ଜରା ଭୋଗକରି ମରୁଅଛନ୍ତି । ଶସ୍ୟାଦି ବୃକ୍ଷ, ବିଛା, ଅସରପା, ତେଲୁଣି ପୋକ ପ୍ରଭୃତି ଜନ୍ତୁପରି ବୀଜ ପ୍ରଚାର ସଙ୍ଗେ ସଙ୍ଗେ ଅର୍ଥାତ୍ ପିଲା ଜନ୍ମ କରିବାର ଠିକ୍ ପରେ ମରିଯାଆନ୍ତି । ଆମ୍ବ, ବର ପ୍ରଭୃତି ଗଛମାନେ ଗୋରୁ, ମନୁଷ୍ୟ, ହାତୀପରି ବହୁ ବର୍ଷ ଧରି ବୀଜ ପ୍ରଚାର କରନ୍ତି, ଏବଂ ବହୁଦିନ ବଞ୍ଚନ୍ତି । ନଡ଼ିଆ, କଦଳୀ ପ୍ରଭୃତି, ମନୁଷ୍ୟ ଛେଳିମାନଙ୍କପରି ବର୍ଷର ଯେକୌଣସି ସମୟରେ ଫଳ ବା ସନ୍ତାନ ପ୍ରସବ କରନ୍ତି । ପୁଣି ଆମ୍ବ, ପଣସ ପ୍ରଭୃତି କେତେକ ବୃକ୍ଷ କାକ-କୋକିଳାଦି ଜୀବଙ୍କ ପରି ବର୍ଷର କୌଣସି ନିର୍ଦ୍ଦିଷ୍ଟ ସମୟ ବା ଋତୁରେ ସନ୍ତାନ ପ୍ରଚାର କରନ୍ତି । ଜୀବ ଜଗତରେ ଯେପରି କ୍ଷୁଦ୍ର କୀଟଠାରୁ ହାତୀ ଓ ତିମି ପର୍ଯ୍ୟନ୍ତ ସୋପାନ ଶ୍ରେଣୀ ରହିଅଛି, ଉଦ୍ଭିଦ ଜଗତରେ ମଧ୍ୟ ସେହିପରି ଶୈବାଳ,

Digitized by PPRACHIN, SOA

ଛତ୍ରକ ଠାରୁ ଆରମ୍ଭକରି ବଟ ବକୁଳ ରସାଳ ପର୍ଯ୍ୟନ୍ତ ଦୀର୍ଘସ୍ଥାୟୀ ଓ ବୃହତ୍ ବୃକ୍ଷସବୁ ଉପର୍ଯ୍ୟୁପରି ସୋପାନ କ୍ରମେ ଥିବାର ଦେଖାଯାଏ ।

ଏ ସବୁ ଯାହା କୁହାଗଲା ତାହା ସାମାନ୍ୟ ଅନୁସନ୍ଧାନରେ ସହଜରେ ବୁଝାଯାଉଅଛି । କିନ୍ତୁ ବୃକ୍ଷାଦିମାନେ ଯେ ଠିକ ଆମ୍ଭରି ପରି ଖାଆନ୍ତି, ପିଅନ୍ତି, ବିବାହ କରନ୍ତି, ସନ୍ତାନ ପାଳନ କରନ୍ତି, ଏବଂ ସନ୍ତାନାଦିଙ୍କର ଭବିଷ୍ୟତ ପାଇଁ ବ୍ୟବସ୍ଥା କରନ୍ତି, ଏକଥା ବୋଧହୁଏ ଅନେକଙ୍କୁ ଜଣାନାହିଁ । କିନ୍ତୁ ଜଣା ନ ଥିଲେ ହେଁ, ଅନେକଙ୍କୁ ଅତିଶୟ ଆଶ୍ଚର୍ଯ୍ୟଜନକ ବୋଧହେଲେହେଁ, ଏ ସବୁ ସତ୍ୟ । ଉଦ୍ଭିଦ ଜଗତରେ ଏହା ନିତ୍ୟକ୍ରିୟା । ପ୍ରସଙ୍ଗ କ୍ରମେ ଏସବୁ ବିଷୟ ପରେ କୁହାଯିବ । ବର୍ତ୍ତମାନ ଏ ପ୍ରବନ୍ଧରେ ଖାଲି ବୃକ୍ଷାଦିମାନଙ୍କର ବିବାହ କଥା ଆଲୋଚ୍ୟ । ଆମ୍ଭମାନଙ୍କର ଯେପରି ସ୍ତ୍ରୀ ପୁରୁଷ ଅଛନ୍ତି; ବୃକ୍ଷମାନଙ୍କର ମଧ୍ୟ ସେହିପରି । ସେହିମାନେ ହିଁ ନବବୃକ୍ଷର ପିତାମାତା । କିନ୍ତୁ ବୃକ୍ଷମାନଙ୍କର ଏହି ପିତା ମାତାଙ୍କୁ ସମସ୍ତେ ସବୁବେଳେ ଦେଖିଲେ ମଧ୍ୟ ଅନେକେ ଚିହ୍ନନ୍ତି ନାଇ । ଲୋକେ ପୃଥିବୀରେ ବୃକ୍ଷମାନଙ୍କର ଫୁଲରେ ମୋହନ ସୌରଭ ଓ ଉଦ୍ଭିଦ– ଲକ୍ଷ୍ମୀର କମନୀୟ କାନ୍ତି ଦେଖି ବିମୁଗ୍ଧ ହୁଅନ୍ତି; କିନ୍ତୁ ଅନେକେ ବୋଧହୁଏ ଜାଣନ୍ତି ନାହିଁ ଯେ ସେହି ଫୁଲ ହିଁ ଉଦ୍ଭିଦର ପିତାମାତା । ବୃକ୍ଷ ସ୍ଥାବର । ସେ ନିଜ ଇଚ୍ଛାରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ପାରେ ନାହିଁ । ତେଣୁ ମନୁଷ୍ୟ ପଶୁପକ୍ଷୀ ଜଙ୍ଗମ ଜନ୍ତୁପରି ବୃକ୍ଷମାନେ ବିବାହ ନିମନ୍ତେ ନିଜେ ନିଜେ ସ୍ତ୍ରୀ ପୁରୁଷ ଖୋଜି ବାଛି ନେଇପାରନ୍ତି ନାହିଁ । ସେଥିପାଇଁ ଫୁଲର ମୋହନ ବୃକ୍ଷ ଫୁଲରେ ମଧୁ ସଞ୍ଚୟ କରେ । ଫୁଲର ମୋହନ କାନ୍ତି ସୌରଭରେ ଭୁଲାଇ ବୃକ୍ଷ ଭ୍ରମରାଦି ପତଙ୍ଗମାନଙ୍କୁ ଆକର୍ଷଣ କରେ ଏବଂ ସେହି ପତଙ୍ଗମାନଙ୍କ ଅଭ୍ୟର୍ଥନା ନିମନ୍ତେ ଫୁଲରେ ଟୋପାଏ ମହୁ ବି ରଖିଥାଏ । ସେମାନେ କାନ୍ତିରେ ଭୁଲି ମହୁ ଖାଇବାକୁ ଫୁଲରୁ ଫୁଲରେ ଉଡ଼ି ବୁଲନ୍ତି ଏବଂ ସେହି ସୂତ୍ରରେ ଅଜ୍ଞାତ ଭାବରେ ବୃକ୍ଷ ଜଗତରେ ନରନାରୀର ମିଳନ ଘଟାଇ ଦିଅନ୍ତି । ପବନ ସାହାଯ୍ୟରେ ମଧ୍ୟ ବେଳେ ବେଳେ ବୃକ୍ଷର ନରନାରୀ ମିଳନ ସମ୍ପାଦିତ ହୁଏ । ପୁଷ୍ପର ନାରୀ ଅଙ୍ଗରେ ଅଠାଥାଏ, କିମ୍ବା ସ୍ଥଳ ବିଶେଷରେ ଫୁଲ ଦଳ ଓ କେଶରମାନଙ୍କରେ ଆଁଶ୍ଣ ଥାଏ । ସେହି ଅଠା ଓ ଆଁଶୁଧରି ନାରୀ ଅଙ୍ଗ ପୁରୁଷ ଅଙ୍ଗର ରେଣୁ ପାଇବ ବୋଲି ଚାହିଁ ବସିଥାଏ । ପବନ ପୁରୁଷ ଅଙ୍ଗରୁ ପରାଗ କଣିକା ଘେନି ଉଡ଼ିଗଲାବେଳେ ନାରୀ ଅଙ୍ଗ ସେ କଣିକାକୁ ଧରିରଖେ । ଏହି ମିଳନରେ ବିବାହ ସମ୍ପାଦିତ ହୁଏ । ପ୍ରକୃତିର ଏ ସୁନ୍ଦର ବ୍ୟବସ୍ଥା ! ବିଶ୍ୱପରିବାର ବିଶ୍ୱପିତାଙ୍କର ଏ ବିଚିତ୍ର ବିଧାନ !!

ମାତ୍ର ଏ ସବୁ ବିଶଦଭାବରେ ଆଲୋଚନା କରିବା ପୂର୍ବରୁ ବିବାହ କ'ଣ, ତାହାର କି ପ୍ରୟୋଜନ, ଏହା ଜାଣି ରଖିବା ଉଚିତ । ଜୀବନ ଗୋଟିଏ ଶକ୍ତି । ଜଡ଼ ଦେହରେ ତାହାର ପ୍ରାପ୍ତି ପର୍ଯ୍ୟାପ୍ତି ଓ ପ୍ରାରମ୍ଭ ପରିଣାମ ଦେଖାଯାଏ ସତ୍ୟ, କିନ୍ତୁ ସେ ଶକ୍ତି ଚିରନବୀନ । ପୁରୁଣା ହେବା, ବିନଷ୍ଟ ହେବା, ସେ ଶକ୍ତିର ପ୍ରକୃତି ନୁହେ । ଜଡ଼ ଦେହ ଜଳ, ବାୟୁ, ତାପ, ମାଧ୍ୟାକର୍ଷଣ ପ୍ରଭୃତି ଜଗତର ଅନ୍ୟାନ୍ୟ ଶକ୍ତି ସଙ୍ଗେ ଚିର ସଂଗ୍ରାମରେ

Digitized by PPRACHIN, SOA

ଲିପ୍ତ ରହି ପରିଣତ ଓ ଶେଷରେ ବିଲୀନ ହୁଏ । କିନ୍ତୁ ଯେଉଁ ଦେହର ଜୀବନ ଅଛି ସେ ସେହିପରି ପରିଣତ ଓ ବିଲୀନ ହେବା ସହିପାରେ ନାହିଁ । ଏହା ତାହାର ଇଚ୍ଛା ନୁହେ । ଯେଉଁ ନିତ୍ୟ ନୂତନ ଜୀବନ ସେ ଧରିଅଛି, ନିଜେ ସେହିପରି ନିତ୍ୟ ନୂତନ ହୋଇ ରହିବାକୁ ଚାହେଁ । କିନ୍ତୁ ପ୍ରକୃତିରେ ସେ ତାହା ପାରେ ନାହିଁ । ସେଥିପାଇଁ ସୃଷ୍ଟିରେ ଦେହୀର ବଂଶ ପରମ୍ପରା । ଦେହୀ ପୂର୍ଣ୍ଣ ବିକାଶ ପାଇଲେ ସେ ପୁଣି ନୂତନ ଦେହରେ ଜୀବନ ରୋପଣ କରିବାକୁ ଲୋଡୁଅଛି । ନିଜେ ଶରୀର ଧରି ଚିର ରହି ପାରିବ ନାହିଁ । ସେଥି ନିମନ୍ତେ ପୁତ୍ର ପୌତ୍ରାଦିରେ ନିଜ ଜୀବନ ରୋପଣକରି ପରମ୍ପରାରେ ଜୀବନର ନିତ୍ୟନୂତନତ୍ୱ ରକ୍ଷାକରୁଅଛି । ଏଥିପାଇଁ ସୃଷ୍ଟିରେ ବିବାହର ପ୍ରୟୋଜନ । ଏହି ପରମ୍ପରା ରକ୍ଷା ପ୍ରବୃତ୍ତିରୁ ହିଁ ବିବାହ ଜାତ । ମନୁଷ୍ୟ ପଶୁପକ୍ଷୀ ପ୍ରଭୃତି ପୂର୍ଣ୍ଣ ବିକାଶ ଅର୍ଥାତ୍ ଯୌବନ ପାଇଲେ ଯେପରି ଏହି ପରମ୍ପରା ରକ୍ଷାକରିବାକୁ ସ୍ତ୍ରୀର ମିଳନ ଖୋଜନ୍ତି, ବୃକ୍ଷଲତାମାନେ ଠିକ ସେହିପରି ପୁଷ୍ପେ ପୁଷ୍ପେ ପରାଗ ଓ ଗର୍ଭକୋଷର ମିଳନ ଲୋଡ଼ନ୍ତି । ସେମାନଙ୍କର ଏହି ସ୍ତ୍ରୀ ପୁରୁଷ ଜାତିଭେଦ ଓ ଗର୍ଭପରାଗର ମୈଥୁନ କ୍ରିୟାରେ ବୀଜ ପରମ୍ପରା ରକ୍ଷା ହୁଏ ।

ଏହି ସ୍ତ୍ରୀ ପୁରୁଷ ଜାତି ବା ଲିଙ୍ଗଭେଦ ଓ ମୈଥୁନ କ୍ରିୟା କେବଳ ଉଚ୍ଚ ଶ୍ରେଣୀର ଜୀବ ଓ ଉଦ୍ଭିଦମାନଙ୍କ ମଧ୍ୟରେ ଦେଖାଯାଏ । ଅତିନିମ୍ନ ଶ୍ରେଣୀରେ ଲିଙ୍ଗ ଭେଦ ନାହିଁ । ଅତି ତଳ ଶ୍ରେଣୀରେ ମଧ୍ୟ ଜନ୍ତୁ ଓ ଉଦ୍ଭିଦର ଭେଦ ନାହିଁ । ଅଣୁବୀକ୍ଷଣରେ ଯେଉଁ ପ୍ରାଣବନ୍ତ ସୂକ୍ଷ୍ମବସ୍ତୁ ଦେଖାଯାଏ, ତାହାକୁ ଜନ୍ତୁ ଓ ଉଦ୍ଭିଦ ଦୁଇକଥା କୁହାଯାଇପାରେ । ଜୀବାଣୁ ବା ବାକ୍‌ଟିରିଆମାନେ ଏହି ଶ୍ରେଣୀର । ଉଚ୍ଚ ଶ୍ରେଣୀର ଜୀବ ଓ ବୃକ୍ଷମାନଙ୍କର ସମସ୍ତ ଶରୀର ଏହିପରି କୋଟି କୋଟି ଜୀବାଣୁର ସମବାୟରେ ନିର୍ମିତ । ଏସବୁ ଆଣୁବୀକ୍ଷଣିକ ଜୀବର ବଂଶ ପରମ୍ପରା ରକ୍ଷାରେ ବିବାହ ନାହିଁ । ସେମାନେ ପୂର୍ଣ୍ଣତା ପାଇଲେ ନିଜେ ନିଜେ ଦ୍ୱିଧା ହୋଇ ଆପଣାପରି ଦୁଇଟି ସୃଷ୍ଟି କରନ୍ତି । ଏହିପରି ସେମାନଙ୍କର ପରମ୍ପରା ବଢୁଅଛି । ପ୍ରତି ନିମିଷରେ ଆମ୍ଭମାନଙ୍କର ଶରୀର ଜୀବାଣୁମାନଙ୍କ ମଧ୍ୟରେ ଏହି ପରମ୍ପରା ଚାଲିଅଛି ।

ଏ ଗଲା ଅତି ନିମ୍ନ ଶ୍ରେଣୀର କଥା । ଆଉ ଟିକିଏ ଉନ୍ନତ ଅବସ୍ଥାକୁ ଆସିଲେ ଦେଖାଯାଏ ଜୀବମାନେ ଠିକ ଦ୍ୱିଧା ହୁଅନ୍ତି ନାହିଁ । ଗୋଟିଏ ପୂର୍ଣ୍ଣ ବିକଶିତ ଜୀବ ଫାଟିଯାଏ ଏବଂ ସଙ୍ଗେ ସଙ୍ଗେ ସେଥିରୁ ସେହିପରି ଅସଂଖ୍ୟ ଜୀବର ସୃଷ୍ଟି ହୁଏ । ଏ ପ୍ରକାର ମଧ୍ୟ ଜୀବ ଜଗତରେ ସର୍ବତ୍ର ଘଟୁଅଛି । ମାତ୍ର ଅଣୁବୀକ୍ଷଣରେ ପରୀକ୍ଷା ନକଲେ ତାହା ଦେଖାଯାଇ ପାରିବ ନାହିଁ । ପୋଖରୀ ଗଡ଼ିଆ ପ୍ରଭୃତିର ପାଣି ନେଳି ହୋଇଯାଏ । ଲୋକେ ବୁଝି ନ ପାରି କହନ୍ତି ପୋଖରୀର ପାଣି ନେଳି ହୋଇଗଲା । କିନ୍ତୁ ପ୍ରକୃତରେ ପାଣି ନେଳି ହୁଏ ନାହିଁ, ପାଣିରେ ଅତି ସୂକ୍ଷ୍ମ ବିନ୍ଦୁ ବିନ୍ଦୁ ଶାଗୁଆ ଉଦ୍ଭିଦ ଜନ୍ମେ । ଉଦ୍ଭିଦବିତ୍‌ମାନେ ଏମାନଙ୍କୁ ପ୍ଲାଂକଟନ ବୋଲି କହନ୍ତି । ଅତି ଶୀଘ୍ର ଶୀଘ୍ର ସେମାନଙ୍କର

Digitized by PPRACHIN, SOA

ବଂଶବୃଦ୍ଧି ହୁଏ । ପ୍ରତ୍ୟେକ ବିନ୍ଦୁ ପୂର୍ଣ୍ଣ ବିକଶିତ ହେବା ମାତ୍ରେ ଫାଟି ଯାଇ ଅସଂଖ୍ୟ ବିନ୍ଦୁରେ ପରିଣତ ହୁଏ ଓ ଅଳ୍ପ କାଳ ମଧ୍ୟରେ ସେମାନଙ୍କର ସଂଖ୍ୟା ଏତେ ବେଶି ହୁଏ ଯେ ସମସ୍ତ ପାଣି ନେଳିହୋଇଯାଏ ।

ଉଦ୍ଭିଦ ଜଗତରେ ଆଉ ଟିକିଏ ଉଚ୍ଚ ଶ୍ରେଣୀକୁ ଆସିଲେ ଆମ୍ଭେମାନେ ଏକ ପ୍ରକାର ଜାତିଭେଦ ଦେଖୁ । କିନ୍ତୁ ଏଠାରେ ମଧ୍ୟ କୌଣସି ଲିଙ୍ଗଭେଦ ନାହିଁ । ଦୁଇଟିର ମିଳନରେ ଗୋଟିଏ ନୂତନ ଉଦ୍ଭିଦ ଜନ୍ମେ । କିନ୍ତୁ ଯେଉଁ ଦୁଇଟିର ମିଳନ ହୁଏ, ସେ ଦୁଇଟି ଦେଖିବାକୁ ଏକାପରି । ସେ ଦୁଇଟି ମଧ୍ୟରେ କୌଣସି ପ୍ରକାର ଭେଦର ଚିହ୍ନ ବା ଲିଙ୍ଗ ନ ଥାଏ । କୌଣସି କୌଣସି ପୋଖରୀ ଗଡ଼ିଆ ପ୍ରଭୃତି ସ୍ରୋତହୀନ ଜଳାଶୟମାନଙ୍କରେ ଅନେକେ ଶୈବାଳ ଜାତୀୟ ଉଦ୍ଭିଦ (ଯଥା—ସ୍ପାଇରୋଗାଇରା) ଦେଖିଥିବେ । ଏ ପ୍ରକାର ଶିଉଳି ଗୋଟିଏ ଗୋଟିଏ ସୂତାପରି ବଢ଼େ । ପ୍ରତ୍ୟେକ ସୂତାରେ କେତେଗୁଡ଼ିଏ ପଗ ବା ଗଣ୍ଠି ଥାଏ । ଏହି ସୂତାଗୁଡ଼ିକ ବଡ଼ ଭଙ୍ଗପ୍ରବଣ । ଭାଙ୍ଗିଦେଲେ ଯେଉଁଠୁ ଇଚ୍ଛା ସେଠୁ ଅକ୍ଲେଶରେ ଛାଡ଼ିଯାଏ । ଯନ୍ତ୍ର ସାହାଯ୍ୟରେ ସେ ସୂତ୍ର-ଶୈବାଳର ବଂଶ ବୃଦ୍ଧି ଲକ୍ଷ୍ୟ କରି ଦେଖାଯାଉଅଛି । ପ୍ରଥମେ ଦୁଇଟି ଶୈବାଳ ସୂତ୍ର ସମାନ୍ତର ଭାବରେ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି । କିଛି କାଳ ପରେ ନିକଟବର୍ତ୍ତୀ ହୁଅନ୍ତି । କିଛି କାଳ ପରେ ନିକଟବର୍ତ୍ତୀ ଦୁଇଟି ସମାନ୍ତର ପଗ ମଧ୍ୟ-ଭାଗରେ ପରସ୍ପର ଆଡ଼କୁ ଟିକିଏ ଫୁଲିଯାଏ । ଫୁଲି ଫୁଲି ଦୁଇଟିଯାକ ପଗ ଗୋଟିଏ ବିନ୍ଦୁରେ ଲାଗି ଯାଆନ୍ତି । କେତେକ ସମୟ ମଧ୍ୟରେ ଗୋଟିକ ମଧ୍ୟରେ ଥିବା ଉଦ୍ଭିଦ ସାର ବା  ମଜ୍ଜା ଅପରଟି ଭିତରକୁ ଚାଲିଯାଏ । ଦୁଇଟି ଯାକ ମିଶି କିଛି କାଳ ଗୋଟିଏ ଡିମ୍ବ ପରି ପଡ଼ି ରହେ ଓ ପରେ ସେହିଠାରୁ ଗୋଟିଏ ନୂତନ ଶୈବାଳ ସୂତ୍ରର ଉତ୍ପତ୍ତି ହୁଏ । ଏଥିରେ ବିବାହର ଲକ୍ଷଣ ଥାଏ ସତ୍ୟ, ଦୁଇଟି ମିଳି ଗୋଟିକର ଉତ୍ପତ୍ତିର ହୁଏ, କିନ୍ତୁ ଦୁଇଟି ପଗର କୌଣସି ଚିହ୍ନ ବା ଲିଙ୍ଗଭେଦ ଦେଖାଯାଏ ନାହିଁ ।

ଆଉ ଟିକିଏ ଉପର ଶ୍ରେଣୀର ଗଛ ଦେଖିଲେ ସ୍ପଷ୍ଟ ଲିଙ୍ଗ ଭେଦରେ ମିଳନ ଓ ବୀଜ ନିର୍ମାଣ ଦେଖିବାକୁ ମିଳେ । ସାମାନ୍ୟ ଘାସଠାରୁ ବୃହତ୍ତମ ବଟ ରସାଳ ବକୁଳ ପର୍ଯ୍ୟନ୍ତ ସର୍ବତ୍ର ଏହି ବୈବାହିକ ମିଳନ ରୀତି ସ୍ପଷ୍ଟ । ଲିଙ୍ଗ ଭେଦ ମଧ୍ୟ ପରିସ୍ଫୁଟ । ବୃକ୍ଷର ଫୁଲରେ ଏହି ଲିଙ୍ଗ ଭେଦ ଦେଖାଯାଏ । କୌଣସି କୌଣସିଠାରେ ଭିନ୍ନ ଭିନ୍ନ ଗଛରେ, କୌଣସି କୌଣସି ଠାରେ ଏକ ବୃକ୍ଷର ଭିନ୍ନ ଭିନ୍ନ ଫୁଲରେ ଓ ପ୍ରାୟ ସାଧାରଣତଃ ଗୋଟିଏ ଫୁଲର ଭିନ୍ନ ଭିନ୍ନ ଅଂଶରେ, ପରିଦର୍ଶନ କଲେ, ଏହି ଲିଙ୍ଗ ଭେଦ ଦେଖାଯିବ । ଯେଉଁଠାରେ ଭିନ୍ନ ଗଛରେ ବା ଏକ ବୃକ୍ଷର ଭିନ୍ନ ଭିନ୍ନ ଫୁଲରେ ଏହି ଭେଦଚିହ୍ନ ଦେଖାଯାଏ, ସେଠାରେ ଲୋକେ ସାଧାରଣତଃ ଅଣ୍ଡିରା ଫୁଲ ଓ ମାଈଫୁଲ ବୋଲି ନାମ ବ୍ୟବହାର କରନ୍ତି । କୌଣସି କୌଣସି ତାଳଗଛରେ ଖାଲି ଅଣ୍ଡିରା ଫୁଲ ହୁଏ । ତାକୁ ଲୋକେ ଅଣ୍ଡିରା ଗଛ କହନ୍ତି । କଖାରୁ, କାକୁଡ଼ି ପ୍ରଭୃତି ଗଛରେ ଅଣ୍ଡିରା ଫୁଲ ଓ

Digitized by PPRACHIN, SOA

ମାଈଫୁଲ ସମସ୍ତେ ଦେଖିଥିବ । ଲୋକେ ନାମରେ ଅଣ୍ଡିରା ମାଈ କହନ୍ତି ସତ, ମାତ୍ର ଅନେକେ ସେମାନଙ୍କର ବିବାହ ସମ୍ବନ୍ଧ ବୁଝନ୍ତି ନାହିଁ । ପୁଣି ସବୁ ଫୁଲରେ ଯେ ଅଣ୍ଡିରା ମାଈ ଭେଦ ଅଛି ତାହା ମଧ୍ୟ ଜାଣନ୍ତି ନାହିଁ । ଗୋଟିଏ ବଡ଼ ଫୁଲ ପରିଦର୍ଶନ କଲେ ଏହି ଅଣ୍ଡିରା ମାଈ ଭେଦ ଭଲ ବୁଝାଯିବ ।

ଦୁଦୁରା ଫୁଲ ସମସ୍ତେ ଦେଖିଛେ । ତାହା ଭିତର ଭଲ କରି ଦେଖିଲେ କଣ ଦେଖାଯାଏ ? ଫୁଲ ଭିତରେ ସବାତଳେ ଗର୍ଭକୋଷ ବା ବୀଜକୋଷ । ସେହି ଗର୍ଭକୋଷଟି ପରେ ବଢ଼ି ଫଳରେ ପରିଣତ ହୁଏ । ଏହି ଗର୍ଭକୋଷର ଉପରୁ ସରୁ ନଳ ପରି ନାଳ ବା ଗର୍ଭଦଣ୍ଡ ବାହାରିଥାଏ । ସେହି ଗର୍ଭଦଣ୍ଡର ଅଗଟି ଟିକିଏ ବଡ଼ ହୋଇଥାଏ । ତାକୁ ଗର୍ଭମୁଣ୍ଡ କହନ୍ତି । ହାତରେ ଛୁଇଁଲେ ଏହି ଗର୍ଭମୁଣ୍ଡ ଟିକିଏ ଅଠାଳିଆ ଲାଗେ । ଗର୍ଭକୋଷର ଚାରିପାଖେ ପ୍ରାୟ ପାଞ୍ଚଟି କେଶର ବାହାରିଥାଏ । ତାହାର ନାମ ପୁଂକେଶର । ସେହି ପୁଂକେଶର ଅଗରେ ଅତି କ୍ଷୁଦ୍ର ଶିମ୍ୱ ବା ମୁଗପରି ଗୋଟିଏ ପରାଗ କୋଷ ଥାଏ । ପରାଗ କୋଷଟି ଶିମ୍ୱମଞ୍ଜିପରି ଦୁଇ ପାଖକୁ ଦୁଇଭାଗ ହୋଇଥିବାର ଦେଖାଯାଏ । ଫୁଲ ଫୁଟିଲେ ଏହି ପରାଗ କୋଷରୁ ପରାଗ ରେଣୁ ନିର୍ଗତ ହୁଏ ଓ ସେହି ପରାଗରେଣୁ କୌଣସି ପ୍ରକାରେ ଗର୍ଭଦଣ୍ଡର ଅଗ୍ରଭାଗରେ ଅର୍ଥାତ୍ ସେହି ଅଠାଳିଆ ଗର୍ଭ ମୁଣ୍ଡରେ ପଡିଲେ ସେଥିରୁ ଯେଉଁ ଅଠାଳିଆ ତରଳ ଦ୍ରବ୍ୟ ବାହାରୁଥାଏ ସେଥିରେ ଲାଗିଯାଏ; ଓ ସଙ୍ଗେ ସଙ୍ଗେ ଅତି ସୂକ୍ଷ୍ମ ଆଣୁବୀକ୍ଷଣିକ ସୂତ୍ରପରି ତଳକୁ ଲମ୍ୱିପଡ଼ି ଗର୍ଭକୋଷରେ ମିଳିତ ହୁଏ । ଏହାହିଁ ବୃକ୍ଷର ବିବାହ । ଏଥିରେ ହିଁ ବୀଜ ସଂଘାନ ହୁଏ । ଯେଉଁ ଫୁଲରେ ଗର୍ଭକୋଷ ସଙ୍ଗେ ପରାଗର ଏହିପରି ମିଳନ ହୁଏ, ସେଥିରେ ଫଳ ମଧ୍ୟରେ ବୀଜ ଜନ୍ମେ ଓ ଫଳ କ୍ରମେ ପୁଷ୍ଟ ହୋଇ ପାଚେ ବା ପରିଣତ ହୁଏ । ଯହିଁରେ ଏପରି ପରାଗ ମିଳନ ନହୁଏ ସେ ଗର୍ଭକୋଷ ବିନଷ୍ଟ ହୁଏ । ସେଥିରେ ଫଳ ବା ବୀଜ ଜନ୍ମେ ନାହିଁ । କୌଣସି କୌଣସି ଠାରେ ଗର୍ଭକୋଷଟି ଶୁଖି ଖସିପଡ଼େ ଓ କୌଣସି କୌଣସି ବୃକ୍ଷରେ ଫଳ ପରି ଦେଖାଗଲେ ମଧ୍ୟ ସେଥିରେ ବୀଜ ନଥାଏ । ଫଳଟି 'ପଂଡ଼ା' ହୋଇଯାଏ । ଅତଏବ ଏହି ପରାଗହିଁ ବୃକ୍ଷର ପିତା ଓ ଗର୍ଭକୋଷ ତାହାର ମାତା । ଏହି ଉଭୟର ବିବାହ ବା ମିଳନ ବିନା ବୀଜ ବା ନୂତନ ବୃକ୍ଷ ଜନ୍ମିବ ନାହିଁ ।

ଦୁଦୁରା ଫୁଲରେ ଏସବୁ ଗର୍ଭ ପରାଗ ଅଂଶଗୁଡ଼ିକ ସ୍ପଷ୍ଟ । ପୁଲାଙ୍ଗ ଛୁରିଅନା ପ୍ରଭୃତି ଫୁଲର ଦଳ ବା ପାଖୁଡ଼ାଗୁଡ଼ିକ ଦୁଦୁରା ଫୁଲର ପାଖୁଡ଼ା ପରି ମିଶି ଏକ ନ ହୋଇ, ଭିନ୍ନ ଭିନ୍ନ ହେଲେ ମଧ୍ୟ ସେ ସବୁ ଫୁଲରେ ପୁଂକେଶର, ଗର୍ଭକୋଷ ପ୍ରଭୃତି ପ୍ରାୟ ଦୁଦୁରା ଫୁଲପରି । କେବଳ ସେଥିରେ ଗର୍ଭଦଣ୍ଡଟି ଅନୁପାତରେ ଅପେକ୍ଷାକୃତ କ୍ଷୁଦ୍ର । ଚମ୍ପା, ପଦ୍ମ, ପ୍ରଭୃତିରେ ଗର୍ଭଦଣ୍ଡ ପ୍ରାୟ ନଥାଏ । ପଦ୍ମରେ ଗର୍ଭକୋଷ (ପୁଷ୍କର) ଉପରେ ଚାଉଳ ପରି ବିନ୍ଦୁ ବିନ୍ଦୁ ହୋଇ ଗର୍ଭ କେଶର ଦେଖାଯାଏ । ଚମ୍ପା ଫୁଲରେ ମଧ୍ୟ ସବା ଭିତରେ କ୍ଷୁଦ୍ର କୀଳକ ପରି ଯେଉଁ ଗର୍ଭ- କୋଷ ଥାଏ, ତାହା ଉପରେ ଅତି ସାନ ସାନ

Digitized by PPRACHIN, SOA

ବିନ୍ଦୁପରି ଗର୍ଭକେଶର ଦେଖାଯାଇ ପାରିବ । ଏସବୁ ଫୁଲରେ ଗର୍ଭ ଓ ପରାଗ କେଶରର ସଂଖ୍ୟା ବହୁତ ବେଶି । କନିଅର ପ୍ରଭୃତି ଫୁଲରେ କେଶର ସବୁ ଫୁଲ ମଧ୍ୟରେ ସବାତଳେ ଲାଗିଥିଲା ପରି ଦେଖାଯାଏ । ମଧୁ ଲୋଭରେ ପତଙ୍ଗ ସେଥିରେ ପ୍ରବେଶ ନକଲେ ସେ ଫୁଲରେ ପରାଗ ସଙ୍ଗମ ହୁଅନ୍ତା କି ନାହିଁ ସନ୍ଦେହ । କଖାରୁ ତାଳ ପ୍ରଭୃତି ଗଛରେ ମାଈ ଫୁଲରେ କେବଳ ଗର୍ଭକୋଷ ଓ ଅଣ୍ଡିରା ଫୁଲରେ କେବଳ ପରାଗକୋଷ ଥିବାର ଦେଖାଯାଏ । କଖାରୁ କାକୁଡ଼ି ପ୍ରଭୃତି ଗଛରେ ପ୍ରତି ଫୁଲରେ ଗୋଟିଏ ଲେଖାଏଁ ଗର୍ଭ ବା ପରାଗକୋଷ ଥାଏ । ନଡ଼ିଆ ଗଛରେ ଏକା ଚଅଁରରେ ମାଈଫୁଲ ଅଣ୍ଡିରା ଫୁଲ ଦୁହେଁ ଜନ୍ମନ୍ତି । ମାଈ ଫୁଲଟି ଅତିକ୍ଷୁଦ୍ର ଗୋଟମା ପରି ଦେଖାଯାଏ ଓ ତାହାର ଅଗ୍ରଭାଗରେ ଅଠାଳିଆ ଗର୍ଭମୁଣ୍ଡଟି ଥାଏ । ସେହି ମୁଣ୍ଡଟି ପରେ ନଡ଼ିଆ ତଳର ଗୋଜାରେ ପରିଣତ ହୁଏ । ଏହିପରି ସବୁ ଫୁଲରେ ଏହି ସ୍ତ୍ରୀ ପୁରୁଷର ଲକ୍ଷଣ ଓ ଏହି ବିବାହର ମଧୁ ମିଳନ ଅନୁସନ୍ଧାନ କରାଯାଇପାରେ ।

ଦେଖାଗଲା ଫୁଲ ବୃକ୍ଷର ସର୍ବସ୍ୱ, ବୀଜ ସଂସ୍ଥାନ ଓ ବଂଶ ପରମ୍ପରାର ପ୍ରଧାନ ହେତୁ । କିନ୍ତୁ ବନ ଉପବନରେ ବସନ୍ତ ଶରଦାଦିରେ ଯେ କମନୀୟ କୁସୁମଶ୍ରୀ ଆମ୍ଭଙ୍କୁ ଆରାମ ଦିଏ, ଯେଉଁ ଶୋଭା, ସୁଗନ୍ଧ ନିମନ୍ତେ ଆମ୍ଭେମାନେ ଫୁଲର ଏତେ ଆଦର କରୁ, ଏତେ ଯତ୍ନରେ ଫୁଲ ବଗିଚା ତିଆରକରୁ, କେବଳ ବୃକ୍ଷର ଏହି ବିବାହ ସଂପନ୍ନ ଓ ବଂଶ ପରମ୍ପରା ଆମ୍ଭର ସେ ଯତ୍ନ ଓ ସେ ଆଦରର କାରଣ ନୁହେଁ । କେବଳ ଗର୍ଭକୋଷ ଓ କେଶରରେ ବୃକ୍ଷର ବିବାହ ଦେଖିବା ପାଇଁ ଆମ୍ଭେମାନେ ବଗିଚାରେ ଗୋଲାପ ଚମ୍ପା ମାଳତୀ ଲଗାଉ ନାହିଁ । ଫୁଲ ଦଳ ବା ପାଖୁଡ଼ା ସୁଗନ୍ଧ ଓ ସୌନ୍ଦର୍ଯ୍ୟର ସ୍ଥାନ । ଫୁଲ ପାଖୁଡ଼ାର ଏହି ବର୍ଣ୍ଣ ବୈଭବ ଓ ମୋହନ ସୌରଭ ଆମ୍ଭର ଆରାମର ହେତୁ । ଏହି ପାଖୁଡ଼ାଗୁଡ଼ିକ ପଦ୍ମ ପୁନ୍ନାଗପରି କୌଣସି ଫୁଲରେ ଭିନ୍ନ ଭିନ୍ନ ହୋଇ କେଶରକୁ ଆବରଣ କରିଥାଏ । ପୁଣି କଖାରୁ ଦୁଦୁରା କନିଅର ପ୍ରଭୃତି କୌଣସି କୌଣସି ଫୁଲରେ ପାଖୁଡ଼ା ସବୁ ମିଶି ଗୋଟିଏ ପାତ୍ର ପରି କେଶରାଦିକୁ ଧରିରଖିଥାଏ । କନିଅର ପ୍ରଭୃତିର ପାଖୁଡ଼ା ସବୁ ଫୁଲର ଅଧାଠାରୁ ଭିନ୍ନ ଭିନ୍ନ ହୋଇଯାଇଥାଏ, ମାତ୍ର ଦୁଦୁରା କଦମ୍ବ ପ୍ରଭୃତି ଫୁଲରେ ପାଞ୍ଚଟି ଯାକ ପାଖୁଡ଼ା ମିଶି ଗୋଟିଏ କାହାଳୀ ପରି ହୋଇଯାଏ । କେବଳ ପାଖୁଡ଼ାର ପ୍ରଭେଦ ଜଣାଯିବା ଭଳି ସେହି କାହାଳୀର ପ୍ରାନ୍ତରେ ପାଞ୍ଚଟି କୋଣ ମାତ୍ର ଦେଖାଯାଏ । ମାତ୍ର ଏସବୁ ବର୍ଣ୍ଣଚ୍ଛଦମୟ ସୌରଭ ସମନ୍ୱିତ ଦଳରାଶି ବୃକ୍ଷବିବାହରେ କି ସାହାଯ୍ୟ କରନ୍ତି ? ବୃକ୍ଷର ନିଜର କି ବ୍ୟବହାର ନିମନ୍ତେ ଏମାନଙ୍କର ଏ ଚାରୁସୃଷ୍ଟି ? ପୁଣି ସେତିକି ନୁହେଁ, ଫୁଲ ଦଳ ତଳେ ଆଉ ଗୋଟିଏ ଦଳାବରଣ ମଧ୍ୟ ଥାଏ– ତାହାର ବର୍ଣ୍ଣ ସାଧାରଣତଃ ସାଗୁଆ । ଏହି ଦଳାବରଣ କାହିଁରେ ଭିନ୍ନ ଭିନ୍ନ ପାଖୁଡ଼ା ପରି ବିଭକ୍ତ । କୌଣସି କୌଣସି ଫୁଲରେ ପୁଣି ମିଶିଯାଇ କାହାଳୀ ପରି ଏକ । ତାହାର ବା କି ପ୍ରୟୋଜନ ?

Digitized by PPRACHIN, SOA

ପରମପିତାଙ୍କର ବିଶ୍ୱପୋଷଣରେ ଅତିବ୍ୟୟ ନାହିଁ । ପ୍ରକୃତରେ କୌଣସି ବସ୍ତୁ ନିରର୍ଥକ ନୁହେଁ । ମନୁଷ୍ୟ ସୌରଭ, ସୌନ୍ଦର୍ଯ୍ୟ ଭୋଗ କରିବ ବୋଲି ଯେ କମନୀୟ ଫୁଲ ଦଳର ସୃଷ୍ଟି ଏହା କଦାପି ସମ୍ଭବ ନୁହେ । ଗର୍ଭ ପରାଗର ମିଳନ ସର୍ବଦା ନିଜେ ନିଜେ ହୁଏ ନାହିଁ, ପବନ ଓ ପତଙ୍ଗ ସେଥିରେ ସାହାଯ୍ୟ କରନ୍ତି । ତେବେ ପତଙ୍ଗମାନେ ଏ ମିଳନ କରାଇବାକୁ ଫୁଲ ପାଖକୁ ଆସିବେ କାହିଁକି ? ତାଙ୍କର ଏ ନିଃସ୍ୱାର୍ଥଘଟକ ବୃତ୍ତିରେ କି ପ୍ରୟୋଜନ ? ସେଥିପାଇଁ ଫୁଲ ଦଳର ସୌରଭ ଓ ବର୍ଣ୍ଣବୈଭବ, ସୁଗନ୍ଧ ଓ ସୌନ୍ଦର୍ଯରେ ମୁଗ୍ଧ ହୋଇ ସେ ସବୁର ଉପଭୋଗ କାମନାରେ ସେମାନେ ଫୁଲ ପାଖକୁ ଆସନ୍ତି । ଆସି ମଧ ଖାଲି ଫେରିଯାନ୍ତି ନାହିଁ, ତାଙ୍କ ପାଇଁ ଫୁଲରେ ଟିକିଏ ମହୁ ରଖାହୋଇଅଛି । ସେହି ମହୁ ସେମାନେ ଖାଆନ୍ତି ଓ ଏହିପରି ନିଜର ସ୍ୱାର୍ଥସାଧନ କରୁ କରୁ ସେମାନେ ଅଜ୍ଞାତ ଭାବରେ ପରାଗ ସଙ୍ଗମରେ ସାହାଯ୍ୟ କରନ୍ତି । ଫୁଲରୁ ଫୁଲରେ ଉଡୁ ଉଡୁ ସେମାନଙ୍କ ଗୋଡ଼ରେ ବା ଦେହରେ ଲାଗିଥିବା ପରାଗ ସବୁ ଗର୍ଭ କେଶରରେ ଲାଗିଯାଏ ଓ ଏହିପରି ବୃକ୍ଷର ଶୁଭ ବିବାହ ସମ୍ପାଦିତ ହୁଏ ।

କେବଳ ପତଙ୍ଗ ଆକର୍ଷଣ କରିବା ଫୁଲଦଳର ଏକମାତ୍ର କାର୍ଯ୍ୟ ନୁହେଁ । ଏହା ଦ୍ୱାରା ଫୁଲ ଫୁଟିବା ଆଗରୁ ଗର୍ଭକୋଷ ଓ ପରାଗ ମଧ ସୁରକ୍ଷିତ ହୁଏ । ଫୁଲ ପରିଣତ ହେବା ପୂର୍ବରୁ ସେ ସବୁ ବାହାରକୁ ବାହାରିପଡ଼ିଲେ ନଷ୍ଟହୋଇଯିବେ, ସେଥିପାଇଁ ସେମାନଙ୍କର ରକ୍ଷାନିମନ୍ତେ ଫୁଲ-ଦଳର ସୃଷ୍ଟି । ସେତିକି ନୁହେଁ, ଦଳର ରକ୍ଷା ନିମନ୍ତେ ଦଳାବରଣ ମଧ ରହିଅଛି । ପାଖୁଡ଼ାଗୁଡ଼ିକ ଅତି କୋମଳ । ପୁଣି ସେଥିରେ ବିଚିତ୍ର ବର୍ଣ୍ଣବୈଭଵ ଓ ସୁଗନ୍ଧର ସୃଷ୍ଟି ହେବ । ପ୍ରଥମାବସ୍ଥାରେ ରକ୍ଷା ନ କଲେ କୀଟମାନେ ତାହାକୁ ନଷ୍ଟ କରି ପରିଣତ ହେବା ପୂର୍ବରୁ କେଶରାଦି ବାହାର କରିପକାଇବେ ଓ ସୂର୍ଯ୍ୟକିରଣ ବାୟୁର ସ୍ପର୍ଶରେ ବର୍ଣ୍ଣ ସୌରଭ ବିକାଶ ପାଇବାରେ ବାଧା ଘଟିବ । ସେଥିପାଇଁ ପ୍ରଥମାବସ୍ଥାରେ ଫୁଲଟି ଅନେକ କାଳଯାଏ ଦଳାବରଣ ମଧରେ ରହେ । ପରେ ବିକଶିତ ହେବାର ଅଳ୍ପ ସମୟ ପୂର୍ବରୁ ଆବରଣ ଫଟାଇ ବାହାରକୁ ବାହାରେ । ଏହି ଦଳାବରଣ କୌଣସି କୌଣସି ବୃକ୍ଷରେ ବଡ଼ ଶକ୍ତ ଓ ସୁସଜ୍ଜିତ । ଆମ୍ଭେମାନେ ଓଉ ବୋଲି ଯାହାକୁ ଫଳ ମନେ କରି ଖାଉଁ, ତାହା ଓଉ ଫୁଲର ଦଳାବରଣ ମାତ୍ର ।

ପୁଷ୍ପ ବୃକ୍ଷର ପିତାମାତା । ପ୍ରତ୍ୟେକ ପୁଷ୍ପ ଏକ ବା ଏକାଧିକ ଭାବି ବୃକ୍ଷର ପିତା ବା ମାତା କିମ୍ବା ପିତା ମାତା ଦୁହେଁ । ଏପରି ସ୍ଥଳରେ ସମସ୍ତ ବୃକ୍ଷକୁ ଗାଈ ଘୋଡ଼ା ବା ମନୁଷ୍ୟ ପରି କୌଣସି ଗୋଟିଏ ଜୀବ ସଙ୍ଗେ ତୁଳନା କରିବା ଠିକ ନୁହେଁ । ବୃକ୍ଷର ପ୍ରତ୍ୟେକ ଫୁଲ ଗୋଟିଏ ଗୋଟିଏ ଜନ୍ତୁ ବା ଦମ୍ପତି ପରି । ସମସ୍ତ ବୃକ୍ଷକୁ ଗୋଟିଏ ଜନ୍ତୁପରି ବୋଲି କୁହାଯାଇ ନ ପାରେ । ଏହା ଗୋଟିଏ କ୍ଷୁଦ୍ର ପରିବାର ବି ନୁହେଁ । ଏକ ବୃକ୍ଷରେ ଅନେକ ପୁଷ୍ପ ଓ ପୁଷ୍ପେ ପୁଷ୍ପେ ବିବାହ ବିଧାନ । ଅନେକ ପିତାମାତା ସ୍ତ୍ରୀ ପୁରୁଷ ଘେନି ଗୋଟିଏ ବିଶାଳ ପରିବାର ଏହା ସଙ୍ଗେ କଥଂଚିତ୍ ତୁଳନା ଦିଆଯାଇ ପାରେ ।

Digitized by PPRACHIN, SOA

ବରଂ ଗୋଟିଏ ଜନସଂଘ ବା ସମାଜ ସଙ୍ଗେ ଏହାକୁ ତୁଳନା କରିବା ନିରାପଦ । ଜୀବ ରାଜ୍ୟରେ ମହୁଫେଣା ସଙ୍ଗେ ବୃକ୍ଷକୁ ତୁଳନା କଲେ ବହୁତ ସାମ୍ୟ ଦେଖାଯିବ । କଥାଟି ମଧ୍ୟ ସ୍ପଷ୍ଟ ବୁଝାଯିବ ।

ପ୍ରତ୍ୟେକ ମଧୁଚକ୍ରରେ ଅନେକ ମାଛି ଥାଆନ୍ତି । ଅନେକ ଗୁଡ଼ିଏ ଡିମ୍ବ ବି ଥାଏ । ମାଛିମାନେ ତିନିଦଳରେ ବିଭକ୍ତ । ଗୋଟିଏ ଦଳ ଫୁଲରୁ ଫୁଲରେ ବୁଲି ବୁଲି ମଧୁ ସଂଗ୍ରହ କରି ମଧୁଚକ୍ରରେ ଥିବା ସମସ୍ତ ମାଛିଙ୍କର ଖାଦ୍ୟ ଯୋଗାଇଥାନ୍ତି । ଏହି ଖାଦ୍ୟାନ୍ୱେଷୀ ମାଛିଗୁଡ଼ିକ ନପୁଂସକ । ଏମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଜୀବ ହେଲେ ମଧ୍ୟ କେହି ସନ୍ତାନ ପ୍ରସବ କରନ୍ତି ନାହିଁ । ବୃକ୍ଷରେ ସେହିପରି ଯେଉଁ ଅସଂଖ୍ୟ ପତ୍ର ଥାଏ ସେ ସବୁର ପୁଷ୍ପ ପରି ସ୍ତ୍ରୀ ପୁରୁଷ ଲିଙ୍ଗ କିଛି ନାହିଁ । ସେମାନେ ସୂର୍ଯ୍ୟ କିରଣ ସମ୍ପର୍କରେ ବାୟୁର ଅଙ୍ଗାର ସଂଗ୍ରହ କରୁଥାନ୍ତି । ସେହି ଅଙ୍ଗାର ସମସ୍ତ ବୃକ୍ଷର ଖାଦ୍ୟପତ୍ରମାନେ ତାହା ଏକାରେ ଖାଆନ୍ତି ନାହିଁ । ମଧୁଚକ୍ରରେ ମଧ୍ୟ ପୁଣି କେତେଗୁଡ଼ିଏ ପୁରୁଷ ମକ୍ଷିକା ଓ ଗୋଟିଏ କିମ୍ବା ଦୁଇଟି ସ୍ତ୍ରୀ ମାଛି ଥାନ୍ତି । ସେହିମାନେ ସର୍ବଦା ପ୍ରସବ କରନ୍ତି । ସେମାନଙ୍କର ଡିମ୍ବ ସବୁ ମଧୁଚକ୍ରରେ ସଞ୍ଚିତ ଥାଏ । ସେହିପରି ଫୁଲ ମଧ୍ୟ ଗୋଟିଏ ପ୍ରକାର ପତ୍ର । ବୃକ୍ଷର ବିକାଶରେ, ବୈଜ୍ଞାନିକମାନଙ୍କ ଦୃଷ୍ଟିରେ, ଫୁଲ ପତ୍ରର ଉପାଦାନରେ ବିଶେଷ କିଛି ଭେଦ ନାହିଁ । ସେମାନେ ଫୁଲକୁ ପତ୍ରର ଗୋଟିଏ ପ୍ରକାର ଭେଦ କହନ୍ତି । ସେହି ସବୁ ଫୁଲ ବୃକ୍ଷରେ ସ୍ତ୍ରୀ ପୁରୁଷର କାର୍ଯ୍ୟ କରି ବୀଜ ସଞ୍ଚୟ କରନ୍ତି । ଖାଦ୍ୟ ଆହରଣରେ ସେମାନଙ୍କର କିଛି କରିବାର ନାହିଁ । ପତ୍ରମାନେ ଯେଉଁ ଖାଦ୍ୟ ସଂଗ୍ରହ କରନ୍ତି ତାହା ସେମାନେ ଖାଇ ବଞ୍ଚନ୍ତି । ଖାଦ୍ୟାନ୍ୱେଷୀ ନପୁଂସକ ମହୁମାଛିଗୁଡ଼ିକ ମଧୁଚକ୍ରରେ ଯେପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଜୀବ, ବୃକ୍ଷର ଅଙ୍ଗ ହେଲେ ମଧ୍ୟ ଖାଦ୍ୟାନ୍ୱେଷୀ ନପୁଂସକ ପତ୍ରଗୁଡ଼ିକ ସେହିପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପ୍ରାଣୀ । ସ୍ୱତନ୍ତ୍ର ପ୍ରାଣୀ ପରି ସେମାନଙ୍କର ପୃଥକ୍ ଜୀବନ ଓ ପୃଥକ୍ କ୍ରିୟା ଅଛି । ସେମାନେ ଜନ୍ମନ୍ତି , ପୁରୁଣା ହୁଅନ୍ତି, ପାଚି ଖସିପଡ଼ନ୍ତି । ସେମାନଙ୍କର ସ୍ୱାତନ୍ତ୍ର୍ୟ ସ୍ଥାନେ ସ୍ଥାନେ ଏତେ ସ୍ପଷ୍ଟ ଯେ ପାଷାଣଭେଦୀ ବା ହେମକେଦାର, ଅମରପୋଇ ପ୍ରଭୃତି କୌଣସି କୌଣସି ଗଛରେ ପାଚି ଖସି ପଡ଼ିଥିବା ପତ୍ରରୁ ଅଙ୍କୁର ହେବାର ମଧ୍ୟ ଦେଖାଯାଏ । କେବଳ ପତ୍ରଯୁକ୍ତ ଡାଳ ଲଗାଇଦେଲେ ଅନେକ ବୃକ୍ଷର ଚେର ଲାଗି ଯାଏ— ବୀଜ ଆବଶ୍ୟକ ହୁଏ ନାହିଁ ।

ଆଉ ଗୋଟିଏ ବିଷୟରେ ମଧ୍ୟ ବୃକ୍ଷ ମନୁଷ୍ୟ ସମାଜ ସଙ୍ଗେ ସମାନ । ପ୍ରାୟ ପ୍ରତ୍ୟେକ ଫୁଲରେ ସ୍ତ୍ରୀ ପୁରୁଷ ଦୁହେଁ ଅଛନ୍ତି । କେତେକ ଗଛରେ ଏକା ଗଛକେ ଅନ୍ତତଃ ଦୁଇ ପ୍ରକାର ଫୁଲରେ ସ୍ତ୍ରୀ ପୁରୁଷ ଥାଆନ୍ତି । ତେବେ ନିଜ ପୁଷ୍ପର ଗର୍ଭ କେଶରରେ ନିଜର ପରାଗ ସଙ୍ଗମ ନ ହୋଇ ପବନ ପତଙ୍ଗାଦିର ଆବଶ୍ୟକତା ହୁଏ କାହିଁକି ? ଅବଶ୍ୟ ଅଧିକାଂଶ ନିମ୍ନଶ୍ରେଣୀର ବୃକ୍ଷରେ ଓ ଉଚ୍ଚ ଶ୍ରେଣୀର ବୃକ୍ଷମାନଙ୍କ ମଧ୍ୟରେ

Digitized by PPRACHIN, SOA

ବେଳେବେଳେ ନିଜ-ପରାଗ ସଙ୍ଗମରେ ବୀଜ ସଂସ୍ଥାନ ହୁଏ । କିନ୍ତୁ ଅନେକ ବୃକ୍ଷରେ ବିଶେଷତଃ ଉଚ୍ଚ ଶ୍ରେଣୀର ବୃକ୍ଷମାନଙ୍କରେ ତାହା ହେବାର ପ୍ରାୟ ଦେଖାଯାଏ ନାହିଁ । ଫୁଲର ବିଚିତ୍ର ବର୍ଣ୍ଣ ଓ ମୋହନ ସୌରଭରେ ସେମାନେ ପତଙ୍ଗ ଆକର୍ଷଣ କରନ୍ତି । କିମ୍ବା ସ୍ୱପରାଗ ସଙ୍ଗମ ନ ହେବା ଭଳି ଭିନ୍ନ ଭିନ୍ନ ସ୍ଥାନରେ ଗର୍ଭ ଓ ପରାଗ ଧାରଣ କରନ୍ତି । ମନୁଷ୍ୟ ସମାଜର ବିବାହ ବିଧାନ ବୁଝିଲେ ଏ ବିଷୟଟି ଭଲ ବୁଝାଯିବ । ଏକ ପୁଷ୍ପର ସ୍ତ୍ରୀ ପୁରୁଷ ଭାଇ-ଭଉଣୀପରି ଓ ଏକ ବୃକ୍ଷର ସ୍ତ୍ରୀ ପୁରୁଷଙ୍କର ବି ବିଶେଷ ଆତ୍ମୀୟତା ଓ ରକ୍ତ ସମ୍ପର୍କ ଅଛି । ଭାଇ ଭଉଣୀ ଓ ରକ୍ତ ସମ୍ପର୍କ ମଧ୍ୟ ବିବାହ ମନୁଷ୍ୟ ଜଗତରେ କ୍ୱଚିତ୍ ଦେଖାଯାଏ । ଉଚ୍ଚଶ୍ରେଣୀର ମାନବ ସମାଜରେ ସେ ବିବାହ ଏକାବେଳକେ ନିଷିଦ୍ଧ । ସେପରି ବିବାହରେ ବଂଶ କ୍ରମେ ଦୁବଳରୁ ଦୁର୍ବଳତର ହୋଇ କ୍ଷୟ ପାଏ । ନୂତନ ରକ୍ତ ନ ମିଶିଲେ ବଂଶ ପୁଷ୍ଟ ବଳିଷ୍ଠ ଓ ନୀରୋଗ ହୁଏ ନାହିଁ । ସେଥି ପାଇଁ ଆମ୍ଭମାନଙ୍କର ଏକା ଗୋତ୍ର ବା ପିତୃପକ୍ଷରେ ଅନ୍ତତଃ ସାତପୁରୁଷ ଓ ମାତୃପକ୍ଷରେ ଅନ୍ତତଃ ପାଞ୍ଚ ପୁରୁଷ ଧରି ରକ୍ତ ସମ୍ପର୍କରେ ବିବାହ କରିବା ଶାସ୍ତ୍ରରେ ମନା ଅଛି । ବୃକ୍ଷ ସମ୍ବନ୍ଧରେ ମଧ୍ୟ ଠିକ ସେହିପରି । ଯେ ଯେତେ ଉନ୍ନତ ପୁଷ୍ଟ ବଳିଷ୍ଠ ହୋଇ ସୃଷ୍ଟିରେ ଯେତେ ବେଶିଦିନ ପରମ୍ପରା ରଖିବାକୁ ଚାହେଁ, ସେ ସେତିକି ରକ୍ତ ସମ୍ପର୍କରେ ବିବାହ ପରିହାର କରେ । ସେଥିପାଇଁ ପବନ ବା ପତଙ୍ଗ ସୂତ୍ରରେ ପର ପରାଗ ସଙ୍ଗମର ପ୍ରୟୋଜନ । ତାହା ନ ହେଲେ, ସେ ଜାତୀୟ ବୃକ୍ଷ କ୍ରମେ ଦୁର୍ବଳ ହେବ । ଶେଷରେ ସୃଷ୍ଟିରେ ତାହାର ସ୍ଥାନ ରହିବ ନାହିଁ । ଫୁଲର ବିଚିତ୍ର ବର୍ଣ୍ଣ ଓ ମୁଗ୍ଧକର ସୁବାସ ସବୁ ଏହି ଶୁଭଙ୍କର ବିବାହରେ ସ୍ଥାବର ବୃକ୍ଷକୁ ସାହାଯ୍ୟ କରନ୍ତି । ବୃକ୍ଷ ଆମ୍ଭମାନଙ୍କ ପରି ବରକନ୍ୟା ପ୍ରସଙ୍ଗ ଘେନି ବର ଓ କନ୍ୟା ଖୋଜି ବୁଲି ପାରିବ ନାହିଁ । ସେଥିପାଇଁ ପରମପିତା ତାକୁ ଫୁଲରେ ସୁବାସ ସୌନ୍ଦର୍ଯ୍ୟ ଓ ମଧୁ ଦେଇଛନ୍ତି । ସେଥିରେ ତାହାର ପରମ୍ପରା ଦୃଢ଼ତର ହେଉଛି ଓ ସେହି ସୂତ୍ରରେ ସୃଷ୍ଟି ପ୍ରକ୍ରିୟା ଦିନକୁ ଦିନ ଉନ୍ନତି ଓ ବିକାଶ ଲଭୁଛି ।

**ବୃକ୍ଷାଦିର ସନ୍ତାନପାଳନ ଓ କୁଳରକ୍ଷା—**

ବୃକ୍ଷମାନେ କେବଳ ଯେ ଗର୍ଭପରାଗ ସଙ୍ଗମରେ ସନ୍ତାନ ପ୍ରସବ କରନ୍ତି ତାହା ନୁହେଁ, ଜୀବଜନ୍ତୁ ମନୁଷ୍ୟ ପ୍ରଭୃତିଙ୍କ ପରି ସେମାନେ ସନ୍ତାନ ପାଳନର ବ୍ୟବସ୍ଥା କରନ୍ତି ଓ ବଂଶପରମ୍ପରା ରକ୍ଷାର ବିଧାନ ମଧ୍ୟ କରନ୍ତି । ଫଳ ପଡ଼ିଲେ ଉତ୍ତାପ ଓ ଜଳ ସମ୍ପର୍କରେ ନବବୃକ୍ଷ ଜାତ ହୁଏ । ବୃକ୍ଷ ଯଥାଶକ୍ତି ନିଜର ଫଳ ମଧ୍ୟରେ ବୀଜ ସଙ୍ଗେ ସଙ୍ଗେ ଶିଶୁ ବୃକ୍ଷର କେତେକ ଦିନର ଖାଦ୍ୟ ରଖିଥାଏ । ଆମ୍ଭେମାନେ ଚାଉଳ, ଡାଲି, ଆଳୁ ପ୍ରଭୃତି ପ୍ରତିଦିନ କେତେ ଆନନ୍ଦରେ ଖାଉଅଛୁ; ବିଚାରୁଅଛୁ ସତେ ଯେପରି ପ୍ରକୃତି ଆମ୍ଭମାନଙ୍କ ନିମନ୍ତେ ଏସବୁ ଖାଦ୍ୟ ପ୍ରସ୍ତୁତକରି ରଖୁଅଛି । ମନୁଷ୍ୟ ମଧ୍ୟ ମାଛ ଖାଏ; ଛେଳି କୁକୁଡ଼ା ପ୍ରଭୃତି ମଧ୍ୟ କେହି କେହି ଖାଆନ୍ତି । ସେମାନେ ବୋଧହୁଏ ମନେକରୁଥିବେ, ଜୀବ ସୃଷ୍ଟିରେ ମାଛ, ଛେଳି, କୁକୁଡ଼ା ପ୍ରଭୃତି ଯେପରି ସ୍ୱତନ୍ତ୍ର ପ୍ରାଣୀ ଓ ବିଶ୍ୱକର୍ତ୍ତାଙ୍କର ସ୍ୱତନ୍ତ୍ର

Digitized by PPRACHIN, SOA

ସୃଷ୍ଟି, ଗଛଗୁଡ଼ିକ ମଧ୍ୟ ସେହିପରି । ଚାଉଳ ଡାଲି ପ୍ରଭୃତିର ବୃକ୍ଷ ଜୀବନରେ ସ୍ୱତନ୍ତ୍ର ବ୍ୟବହାର ଅଛି । ବଗିଚାରେ କୁନ୍ଦ, ଗୋଲାପ, ମଲ୍ଲୀ, ମାଧବୀ ଲଗାଇ ଦେଇ ମାନବ ସେ ସବୁର ବାସନ୍ତ ଶୋଭା ସୌରଭର ଆମୋଦରେ ଆତ୍ମା ଭସାଇ ଦିଏ । ବିଚାରୁଥାଏ ସତେ ଯେପରି ବିଶ୍ୱକର୍ତ୍ତା ସେହି ମନୁଷ୍ୟର ଉପଭୋଗ ନିମନ୍ତେ ସୁମନ ସର୍ଗରେ ଶୋଭା ସୌରଭ ଯେପରି ବୃକ୍ଷର ବିବାହରେ ସାହାଯ୍ୟ କରନ୍ତି, ଚାଉଳ, ଡାଲି, ଆଳୁ ପ୍ରଭୃତି ସେହିପରି ବୃକ୍ଷର ଶିଶୁ ସନ୍ତାନର ଖାଦ୍ୟରୂପେ କାମ କରନ୍ତି— ମନୁଷ୍ୟ ସେସବୁ ଅପହରଣ କରେ ମାତ୍ର ।

ଚାଉଳ ଗୋଟିଏ ପାଖରେ ଖୁଦମୁଣ୍ଡି ଥାଏ । ସେଇଟି ବୃକ୍ଷର ଜୀବ । ଯେଉଁ ଚାଉଳ ଆମ୍ଭେମାନେ ଖାଉ ସେଉଟି ଶିଶୁ ଧାନ ଗଛର ଖାଦ୍ୟ । ଗଜା ବାହାରିଲା ବେଳେ କେତେଦିନ ଆପେ ଭୂମିରୁ ରସ ସଂଗ୍ରହ କରିବାକୁ ଅକ୍ଷମଥାଏ, ସେଥିପାଇଁ ତାହା ନିମନ୍ତେ ଗଛ ଏହି ଚାଉଳଟି ରଖିଦେଇଅଛି । ସବୁ ଗଛ ନିଜନିଜର ସନ୍ତାନମାନଙ୍କ ନିମନ୍ତେ ଅଳପ ବହୁତ ଏହିପରି ବୀଜ ମଧ୍ୟରେ ଖାଦ୍ୟ ସଂଗ୍ରହକରି ରଖିଥାଆନ୍ତି । ଏଠାରେ ମଧ୍ୟ ଦେଖିବାକୁ ହେବ ଜୀବ ଜଗତରେ ଯେପରି ଉଚ୍ଚରେ ପ୍ରାଣୀମାନେ ଶୈଶବରେ ଅଧିକତର ଦୁର୍ବଳ ହୁଅନ୍ତି ବୃକ୍ଷ ଜଗତରେ ମଧ୍ୟ ସେହିପରି । ସନ୍ତାନର ସଂଖ୍ୟାରେ ମଧ୍ୟ ଏ ନୀତିର ସାଦୃଶ୍ୟ ଦେଖାଯାଏ । ଜୀବ ଜଗତରେ ଯେ ଯେତେ ଉଚ୍ଚ ସେ ସେତିକି ଅଳ୍ପ ସନ୍ତାନ ପ୍ରସବ କରନ୍ତି । କୁକୁଡ଼ା ଅନେକ ଡିମ୍ବ ଦିଏ; ସେଥିରୁ ଅନେକ ଛୁଆ ହୁଅନ୍ତି । ସେମାନେ ସମସ୍ତେ ଜନ୍ମ ହେବା ସଙ୍ଗେ ସଙ୍ଗେ ନିଜେ ଚରିବୁଲି ଖାଇବା ପାଇଁ ସମର୍ଥ ହୁଅନ୍ତି । ଛେଳି, ଘୁଷୁରି ପ୍ରଭୃତି ପଶୁଜଗତରେ ମଧ୍ୟ ସେହିପରି ଏକାବେଳେ ବହୁ କୁଟୁମ୍ବର ସୃଷ୍ଟି କରନ୍ତି । ତାଙ୍କର ପିଲାମାନେ ମଧ୍ୟ ଜନ୍ମ ହେବାର ଅଳ୍ପ ସମୟ ମଧ୍ୟରେ ନିଜେ ଚରିବୁଲି ଖାଇ ପାରନ୍ତି । କ୍ରମେ ଉଚ୍ଚତର ସୋପାନକୁ ଆସିଲେ, ଗୋରୁ, ଘୋଡ଼ା ପ୍ରଭୃତି ଗୋଟିଏ ଗୋଟିଏ ପିଲା ଜନ୍ମ କରନ୍ତି । ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ମଧ୍ୟ ପ୍ରାୟ ଗୋଟିଏ ପିଲା ଜନ୍ମକରେ । ସେହି ପିଲାଟି ବହୁଦିନଯାଏ ପିତାମାତାଙ୍କ ଉପରେ ଖାଦ୍ୟାଦି ନିମନ୍ତେ ନିର୍ଭର କରେ ।

ବୃକ୍ଷଜଗତରେ ସେହିପରି ଯେଉଁ ବୃକ୍ଷମାନେ ବୃକ୍ଷ ଜୀବନର ନିମ୍ନ ସୋପାନରେ ଅଛନ୍ତି, ସେମାନେ ଏକାବେଳକେ ଗୋଟିଏ ଗୋଟିଏ କୋଷରେ ଅନେକ ବୀଜ ଧାରଣ କରନ୍ତି । ସେ ବୀଜରେ ଖାଦ୍ୟ କ୍ୱଚିତ୍ ସଂଚିତ ଥାଏ । ଧୂଆଁପତ୍ର, ହରଗୌରା, ରାଶି ପ୍ରଭୃତି ବୃକ୍ଷମାନେ ଏହି ଶ୍ରେଣୀର ଅନ୍ତର୍ଗତ । ସେମାନେ ସନ୍ତାନ ପାଇଁ ବେଶି ଖାଦ୍ୟ ସଞ୍ଚୟ କରନ୍ତି ନାଇ । ତାଙ୍କର ଶିଶୁ ବୃକ୍ଷମାନେ ଜନ୍ମହେବା ସଙ୍ଗେ ସଙ୍ଗେ ଭୂମିରୁ ଖାଦ୍ୟ ସଂଗ୍ରହ କରନ୍ତି । ପକ୍ଷାନ୍ତରେ ନଡ଼ିଆ, ତାଳ ପ୍ରଭୃତି ଉନ୍ନତତର ଶ୍ରେଣୀର ବୃକ୍ଷ ଦୃଢ଼କୋଷ ମଧ୍ୟରେ ଶିଶୁ ବୃକ୍ଷର ପ୍ରଚୁର ଖାଦ୍ୟ ରଖିଥାନ୍ତି ଓ ସେହି ଖାଦ୍ୟ ଜୀବ ଜନ୍ତୁଙ୍କ ଦ୍ୱାରା ଅପହୃତ ହେବା ଭୟରେ ଟାକୁଆ ଓ ଷଢ଼େଇ ପ୍ରଭୃତି ପରି ଦୃଢ଼ ଆବରଣ ମଧ୍ୟରେ ବୀଜ

Digitized by PPRACHIN, SOA

ପ୍ରସାର କରନ୍ତି । ଶିଶୁ ବୃକ୍ଷ ଅନେକ ଦିନ ଯାଏ ନିଜେ ଖାଦ୍ୟ ଆହରଣ କରିବାକୁ ଅସମର୍ଥ ଥାଏ– ସେହି ସମୟରେ ବୀଜ ମଧ୍ୟସ୍ଥ ସଞ୍ଚିତ ଖାଦ୍ୟ ଖାଇ ଜୀବନ ଧାରଣ କରେ । ଆଳୁ ପ୍ରଭୃତି ମୂଳଜାତୀୟ ବୃକ୍ଷମାନେ କାଣ୍ଡରେ ଯେଉଁ ଖାଦ୍ୟ ସଂଗ୍ରହ କରନ୍ତି, ସେସବୁ ଭୂମିତଳେ ପୋତାହୋଇଥିବା ଧନ ପରି ସେମାନଙ୍କର କେତେ କାର୍ଯ୍ୟରେ ଲାଗେ, ତାହା ବୁଝାଇ କହିବା ପ୍ରୟୋଜନ ନୁହେ ।

ବୃକ୍ଷମାନେ ସନ୍ତାନର ଭାବୀ ଜୀବନ ନିମନ୍ତେ କେବଳ ଏତିକି କରନ୍ତି ନାହିଁ । ସେମାନେ ସ୍ଥାବର । ସ୍ଥାନରୁ ସ୍ଥାନାନ୍ତରକୁ ଗତିକରିବାର ସେମାନଙ୍କର କ୍ଷମତା ନାହିଁ । ସେମାନେ ନିଜ ଖାଦ୍ୟର ପ୍ରଧାନ ଉପାଦାନ ପବନରୁ ସଂଗ୍ରହ କଲେ ମଧ୍ୟ ଭୂମିରୁ ସାର, ଧାତବ ଉପାଦାନ, ନନେଲେ ବଞ୍ଚି ପାରିବେ ନାହିଁ । ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନେ ବଢ଼ନ୍ତି, ସେ ସ୍ଥାନର ଅଧିକାଂଶ ଧାତବ ସ୍ଥାନରେ ସେମାନେ ବଢ଼ନ୍ତି ।

ଖାଦ୍ୟ ଚେରଦ୍ୱାରା ଖୋଜି ଖୋଜି ସେମାନେ ନିଜ ଶରୀରର ପୁଷ୍ଟିରେ ଲଗାଇ ଥାଆନ୍ତି । ସେହି ସ୍ଥାନରେ ସେମାନଙ୍କ ଶିଶୁମାନେ ବଢ଼ିଲେ ପ୍ରଥମତଃ ଖାଦ୍ୟର ଅଭାବ ଘଟିବ, ସେଥିପାଇଁ ସେମାନେ ନିଜର ବୀଜସବୁ ଦୂରସ୍ଥାନରେ ବିକ୍ଷେପ କରିବା ନିମନ୍ତେ ଯେପରିକି ବ୍ୟାକୁଳ ଓ ସେହି ବୀଜ ବିକ୍ଷେପର ସାହାଯ୍ୟକାରୀ ନାନା କୌଶଳ ବୀଜ ସୃଷ୍ଟିରେ ଦେଖିବାକୁ ମିଳେ । ଫୁଲର ଗର୍ଭପରାଗ ସଙ୍ଗମରେ ଯେପରି ପବନ ଓ ପତଙ୍ଗର ସାହାଯ୍ୟ ଲୋଡ଼ା ହୁଏ ଓ ସେଥିପାଇଁ ଯେପରି ଫୁଲରେ ଆଂଶୁ, ବର୍ଣ୍ଣଶ୍ରୀ ଓ ମଧୁକୋଷ ଥାଏ, ସେହିପରି ବୀଜ ବିକ୍ଷେପରେ ପବନ ଓ ପକ୍ଷୀ ପ୍ରଭୃତି ଜୀବମାନଙ୍କର ସାହାଯ୍ୟ ଆବଶ୍ୟକ । ସେଥିପାଇଁ ବୃକ୍ଷର ନାନା କୌଶଳ ଅଛି ।

ଇନ୍ଦ୍ରଜବ ବା ପିତାକୋରମା, ଅର୍କ, କରବୀ, ଶିମିଳି ପ୍ରଭୃତି ଗଛର ଫଳ ଦେଖ । ବିଶ୍ୱବିଧାତା ସେ ସବୁ ବୃକ୍ଷରେ ବୀଜ ସଙ୍ଗେ କାହିଁରେ ଛତାପରି, କାହିଁରେ ଶୁକ୍ଳ କେଶପାଶପରି ଗୋଛିଏ ଗୋଛିଏ ତୁଳା ବାନ୍ଧି ଦେଇଅଛନ୍ତି । ସେ ତୁଳା ବୀଜୋତ୍ପତ୍ତିରେ କିଛି ସାହାଯ୍ୟ କରେ ନାହିଁ । ସେ ତୁଳା କାଢ଼ି ଦେଇ ବୀଜଟି ମାଟିରେ ପକାଇଦେଲେ ଗଛ ହେବାରେ କୌଣସି ବାଧା ଘଟେ ନାହିଁ । କିନ୍ତୁ ବୀଜକୋଷଟି ପାଚି ଫାଟିଯିବା ସଙ୍ଗେ ସଙ୍ଗେ ସେଇ ମୋହନ ତୁଳିତଳ୍ପ ଫୁଟି ଉଠେ କାହିଁକି ? ଆମ୍ଭମାନଙ୍କ ମୁଣ୍ଡର ମୁଟୁଳାକୁ ତୁଳା ଯୋଗାଇବା ପାଇଁ ବିଶ୍ୱବିଧାତା ଅବଶ୍ୟ ଶିମିଳି ଗଛରେ ତୁଳା ରଖି ନାହାନ୍ତି । କିମ୍ବା ଆମ୍ଭମାନଙ୍କ ଲୁଗା ନିମନ୍ତେ ସୂତା ଯୋଗାଇବ ବୋଲି କପାର ବୀଜକୋଷ ଫାଟେ ନାହିଁ । ବୀଜ ବିକ୍ଷେପରେ ସାହାଯ୍ୟ କରିବା ନିମନ୍ତେ ବୀଜସବୁ ମୃଦୁମନ୍ଦ ମଳୟ ହିଲ୍ଲୋଳରେ ବୁଲି ବୁଲି ଇତସ୍ତତଃ ବିକ୍ଷିପ୍ତ ହେବା ନିମନ୍ତେ ବିଧାତାଙ୍କର ଏ ମୋହନ ସୃଷ୍ଟି । ସନ୍ତାନର ଭବିଷ୍ୟତ୍ ଜୀବନ ନିମନ୍ତେ ବ୍ୟବସ୍ଥା କରିବା କାମନାରେ ବୃକ୍ଷ ଯେପରିକି ତୁଳିତଳ୍ପ ମଧ୍ୟରେ ବୀଜ ପ୍ରଚାର କରୁଅଛି ।

ତୁଳାଛଡ଼ା ପବନର ସାହାଯ୍ୟ ଲୋଡ଼ିବା ନିମନ୍ତେ ବୃକ୍ଷର ଅନ୍ୟାନ୍ୟ ପନ୍ଥା ମଧ୍ୟ

Digitized by PPRACHIN, SOA

ଅଛି । କୌଣସି କୌଣସି ବୃକ୍ଷ ଅର୍ଜୁନ ଗଛର ଫଳ ପରି ବୀଜ ଉପରେ ଗୋଟିଏ ଶୁଷ୍କ ହାଲୁକା ଆବରଣ ରଖିଥାନ୍ତି । କେହି କେହି (ଯଥା– କଣ୍ଟାକୁସୁମ, ପୋସ୍ତ, କପା) ଦୃଢ଼ଛୁଇଁ ମଧ୍ୟରେ ବୀଜ ଏପରି ଭାବରେ ରଖନ୍ତି ଯେ ଛୁଇଁଟି ଫାଟିଯାଇ ଗୋଟି ଗୋଟି ହୋଇ ବୀଜ ଦେଖାଯାଏ ମାତ୍ର । କିନ୍ତୁ ପ୍ରବଳ ବାୟୁ ସ୍ରୋତ୍ ବିନା ସେ ବୀଜ ଛୁଇଁରୁ ଖସେ ନାହିଁ । ଗିଲ ପ୍ରଭୃତି କେତେକ ବୃକ୍ଷ ଗୋଟିଏ ଦୃଢ଼ କଣ୍ଟକିତ କୋଷ ମଧ୍ୟରେ ବୀଜ ଧାରଣ କରନ୍ତି । ଯେତେବେଳେ ବୀଜ ପରିପକ୍ୱ ହୁଏ ସେତେବେଳେ କୋଷଟି ହଠାତ୍ ଏପରି ଭାବରେ ଶବ୍ଦ କରି ଫାଟିଯାଏ ଯେ ବୀଜଗୁଡ଼ିକ ସ୍ୱତଃ ଦୂରକୁ ନିକ୍ଷିପ୍ତ ହୁଅନ୍ତି ।

ଏସବୁ ଗଲା ପବନର କଥା । ବୃକ୍ଷମାନେ ବୀଜ ବିକ୍ଷେପ ନିମନ୍ତେ ପଶୁ ପକ୍ଷୀ ପ୍ରଭୃତି ଜନ୍ତୁମାନଙ୍କ ଉପରେ ନିର୍ଭର କରିବାର ମଧ୍ୟ ଦେଖାଯାଏ । ବୃକ୍ଷର ପକ୍ଷୀର କିଛି ବନ୍ଧୁବାନ୍ଧବ ସମ୍ପର୍କ ନାହିଁ । ପକ୍ଷୀ ଏତେ ପରିଶ୍ରମ କରି ବୃକ୍ଷର ବୀଜ ବିକ୍ଷେପ କରିବାକୁ ଯିବ କାହିଁକି ? ସେଥିପାଇଁ ଫଳରେ ସ୍ୱାଦୁ, ଗନ୍ଧ ଓ ବର୍ଣ୍ଣ-ବୈଭବ । ଯେଉଁମାନେ ଜାମୁକୋଳି ଖାଆନ୍ତି, ବୋଧହୁଏ ସେମାନଙ୍କ ପରମ ତୃପ୍ତି ନିମନ୍ତେ ଜାମୁକୋଳିରେ ରସ ସୃଷ୍ଟି ନୁହେଁ । କୋଳିଟିର ଭିତରେ ମଞ୍ଜିଥାଏ । ସେ ମଞ୍ଜିଟି କାହାରି ଖାଦ୍ୟ ନୁହେଁ, ଖାଦ୍ୟ ଥାଏ ମଞ୍ଜି ଉପରେ । ବୀଜଟି ପାଚିବା ସଙ୍ଗେ ସଙ୍ଗେ ଶାଗୁଆ ଫଳଟି ପାଚି ଉଜ୍ଜ୍ୱଳ ଓ କୃଷ୍ଣବର୍ଣ୍ଣ ଦେଖାଯାଏ । ପତ୍ରଠାରୁ ବାରିହୋଇଯାଏ । ପକ୍ଷୀମାନେ ବର୍ଣ୍ଣଦେଖି ଫଳଲୋଭରେ କୋଳିଟି ଛିଣ୍ଡାଇନେଇ ଚାଲିଯାନ୍ତି । ଦୂରକୁ ଯାଇ ଉପରର ରସଟିକ ଖାଇଦେଇ ମଞ୍ଜିଟି ଫିଙ୍ଗିଦିଅନ୍ତି । କି ସୁନ୍ଦର ବ୍ୟବସ୍ଥା, ବାଜୂରା ପୁଲାଙ୍ଗ କାଟେ । ଗଛବାଲାର ଆନନ୍ଦ ହୁଏ; ସେ ପାଚିଲା ପରିଷ୍କାର ପୁଲାଙ୍ଗ ପାଇବ । ବାଜୂରା କିନ୍ତୁ ବୃକ୍ଷସ୍ୱାମୀର ବ୍ୟବହାର ବୁଝି ପୁଲାଙ୍ଗର ଚୋପାଚାଂଛି ପରିଷ୍କାର କରେ ନାଇ । ବୃକ୍ଷମାତା ସନ୍ତାନର ଭାବୀ ସଂବୃଦ୍ଧି ନିମନ୍ତେ ଦୃଢ଼ ବୀଜାବରଣ ଉପରେ ସୁସ୍ୱାଦୁ ରସ ଦେଖାଇ ଯେପରି ବାଜୂରାକୁ ନିମନ୍ତ୍ରଣ କରନ୍ତି ।

ବର, ଡିମ୍ବିରି ପ୍ରଭୃତି ଗଛ ସୁନ୍ଦର ସମୁଜ୍ଜ୍ୱଳ ସୁସ୍ୱାଦୁ ପକ୍ୱଫଳ ମଧ୍ୟରେ ଅତି ସୂକ୍ଷ୍ମ ହେଲେ ମଧ୍ୟ ସୁଦୃଢ଼ ବୀଜସଂସ୍ଥାପନ କରନ୍ତି । ଜୀବଜନ୍ତୁ ଓ ପକ୍ଷୀମାନେ ଫଳ ସଙ୍ଗେ ବୀଜକୁ ଖାଇଦେଲେହେଁ ସୁଦୃଢ଼ ବୀଜସବୁ ତାଙ୍କର ଜୀର୍ଣ୍ଣଯନ୍ତ୍ର ମଧ୍ୟ ଦେଇ ଅକ୍ଷୁଣ୍ଣ ଭାବରେ ପୁଣି ନିର୍ଗତ ହୁଏ ଓ ସେଥିରେ ହିଁ ବୃକ୍ଷର ବୀଜବିକ୍ଷେପ କାମନା ଯେପରିକି ପୂର୍ଣ୍ଣ ହୁଏ ।

ବେଲ, କଇଥ ପ୍ରଭୃତି କେତେକ ଫଳ ପଡ଼ି ଫାଟିଯାଏ ଓ ପକ୍ଷୀମାନେ ରସଖାଇବା ନିମନ୍ତେ ତାହା ପାଖକୁ ଆସନ୍ତି । କିମ୍ବା ବେଳେ ବେଳେ ମାଙ୍କଡ଼ ପ୍ରଭୃତି ଜୀବମାନେ ତାକୁ ଭାଙ୍ଗି ରସ ଖାଆନ୍ତି । ଖାଇଲା ବେଳେ ପକ୍ଷୀଙ୍କ ଥଣ୍ଟରେ କିମ୍ବା ମାଙ୍କଡ଼ଙ୍କ ହାତ ଓ ମୁହଁରେ ଅଠାଥିବା ମଞ୍ଜିସବୁ ଲାଗିଯାଏ । ସେମାନେ ଦୂରକୁ ଯାଇ ଅନ୍ୟ ଗଛର ଡାଳରେ ଥଣ୍ଟ ଘଷି ଘଷି ବୀଜ ବୃକ୍ଷଠାରୁ ଦୂରରେ ଫିଙ୍ଗି ଦିଅନ୍ତି । ଲଙ୍କାମରିଚରେ କି ସୁନ୍ଦର ବର୍ଣ୍ଣ ଦେଖାଯାଏ । ମଞ୍ଜିକୁ ଆବୋରି ରସ ନାହିଁ । ତଥାପି ଶୁଆ ପ୍ରଭୃତି ପକ୍ଷୀମାନେ ଆନନ୍ଦରେ

Digitized by PPRACHIN, SOA

ତାକୁ ଅଣ୍ଟରେ ନେଇ ଯାଇ ବୀଜସବୁ ଦୂରରେ ନିକ୍ଷେପ କରନ୍ତି ।

କମଳାଲେମ୍ବୁ, ନାରଙ୍ଗ ପ୍ରଭୃତିର ଚୋପା ପିତା ହେଲେ ମଧ୍ୟ ସୁନ୍ଦର ବର୍ଣ୍ଣ ଓ ସୁବାସରେ ମୁଗ୍ଧ ହୋଇ ଶୁଆ ତାହାର ଆବରଣ ଭେଦ କରେ । ମାଙ୍କଡ଼ମାନେ ମଧ୍ୟ ତାକୁ ଗଛରୁ ଛିଣ୍ଡାଇ ଦୂରକୁ ନେଇଯାନ୍ତି । ଫଳର ରସ ଖାଆନ୍ତି; କିନ୍ତୁ ମଞ୍ଜିଗୁଡ଼ିକ ପଡ଼ିରହେ ।

ଉଦ୍ଭିଦ ଜଗତର ସର୍ବତ୍ର ଅନୁସନ୍ଧାନ କଲେ ସନ୍ତାନ ପାଳନ ଓ ବଂଶରକ୍ଷାର ଏହି ବିଚତ୍ର ନିୟମ ଦେଖି ବିଶ୍ୱଶିଳ୍ପୀଙ୍କର ଚିତ୍ର କ୍ରିୟାରେ ମୁଗ୍ଧ ହେବାକୁ ହୁଏ ।

## ବୃକ୍ଷାଦିର ପ୍ରାରମ୍ଭ

ଆଜି ଆମ୍ଭେ ପୃଥିବୀରେ ଯୁଆଡ଼େ ଚାହୁଁଅଛୁ ଦଳଶିଉଳିଠାରୁ ଆରମ୍ଭକରି ବର ବଉଳ ପର୍ଯ୍ୟନ୍ତ ଚାରିଆଡ଼େ କେତେ ଗଛ ଦେଖୁଅଛୁ । କାହାର ଛାୟା ନିଦାଘରେ ସନ୍ତାପ ଦୂରକରେ, କାହାର ସୁମଧୁର ଫୁଲଖାଇ ଜନ୍ତୁମାନେ ପ୍ରାଣ ଧାରଣ କରନ୍ତି, କାହାର ସୁମନଶ୍ରୀ ଉପବନର ବସନ୍ତ ବିଭବ ସର୍ଜନା କରେ । ନିବିଡ଼ ଅରଣ୍ୟାନୀର ଘନ କୃଷ୍ଣ ଛବି, ପ୍ରାନ୍ତର ପାଦପର କମନୀୟ ବର୍ତ୍ତୁଳତା ସବୁ କି ରୁଚିର, କି ମନୋହର ! କିନ୍ତୁ, ଏ ବିଚିତ୍ର ଉଦ୍ଭିଦଲକ୍ଷ୍ମୀର ସୃଷ୍ଟି କିପରି ହେଲା, ଏକାବେଳକେ ହଠାତ୍ ପୃଥିବୀର ଏ ଜୀବନ୍ତ ଶ୍ୟାମଳତା କିପରି ଜାଗିଉଠିଲା, ତାହା କଳ୍ପନାର ଅତୀତ । କ୍ରମେ ସୂକ୍ଷ୍ମ ଉଦ୍ଭିଦରୁ ସ୍ଥୂଳ ବୃକ୍ଷାଦିର ଉତ୍ପତ୍ତି କଳ୍ପନା କରାଯାଇପାରେ । କିନ୍ତୁ ତାହା କିପରି କଳ୍ପନା କରିବାକୁ ହେବ ? ସୃଷ୍ଟିରେ ପ୍ରତ୍ୟେକ ବସ୍ତୁ ଜନ୍ମବେଳେ ଅତି କ୍ଷୁଦ୍ର । କ୍ରମେ ବଢ଼ି ବଢ଼ି ପରିଣତ ହେଉଅଛି । ଶେଷରେ ବିନାଶ ପାଉଅଛି । ସୃଷ୍ଟିର ଏହି କ୍ରମ ବିକାଶ ଓ ବିଲୟ ନୀତି ଗୋଟିଏ ଗଛରେ, ଗୋଟିଏ ଜନ୍ତୁରେ ଯେପରି ଅନୁସନ୍ଧାନ କରାଯାଇ ପାରେ, ଚିତ୍ର ଜଗତର ସମୂହ କ୍ରିୟାରେ ପଣ୍ଡିତମାନେ ସେହିପରି କରିଅଛନ୍ତି । ଖାଲି ଉଦ୍ଭିଦ ଜଗତ କାହିଁକି, ପୃଥିବୀ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରାଦିର ମଧ୍ୟ ଏହି ଉତ୍ପତ୍ତି, ବିକାଶ ଓ ବିଲୟ ବ୍ୟାଖ୍ୟା କରାଯାଉଅଛି । ଏହି ବ୍ୟାଖ୍ୟା ଅନୁସାରେ ଆମ୍ଭମାନଙ୍କୁ ଏଠାରେ ବୃକ୍ଷାଦିର ପ୍ରାରମ୍ଭ ବୁଝିବାକୁ ହେବ ।

ଅବଶ୍ୟ ଏ ବିଚିତ୍ର ସୃଷ୍ଟି କିପରି, କି ପ୍ରଣାଳୀରେ ହୋଇଅଛି, ତାହା ଠିକ୍ କରି ଜାଣିବା ମାନବର ସାଧ୍ୟ ନୁହେଁ । ମାନବ ନିଜ ବୁଦ୍ଧି କୌଶଳ ଲଗାଇ ନିଜେ ବୁଝିବା ପାଇଁ, ନିଜର ସନ୍ତୋଷ ନିମନ୍ତେ ସୃଷ୍ଟିରେ ଗୋଟିଏ କ୍ରମବିକାଶର ନୀତି ଲକ୍ଷ୍ୟ କରୁଅଛି । କାଳକ୍ରମେ ସୂକ୍ଷ୍ମରୁ ସ୍ଥୂଳ ବସ୍ତୁର ସୃଷ୍ଟି ହେଲା । ସରଳରୁ ଜଟିଳ କ୍ରମେ ଜାତ ହେଲା । ମନୁଷ୍ୟର ଚିନ୍ତା ଏହାହିଁ ଦେଖୁଅଛି । ଏ ସମସ୍ତ ବିକାଶର ମଧ୍ୟରେ ନିୟମ ଓ ବିକାଶର ବିଧି ଅନ୍ୱେଷଣ କରୁଅଛି । ନିଜର ସନ୍ତୋଷ କରୁଅଛି । ନିଜର ସନ୍ତୋଷ ନିମନ୍ତେ ସେହି

Digitized by PPRACHIN, SOA

ବିଶ୍ୱବ୍ୟାପୀ ନିୟମ ଓ ବିଧି ମଧ୍ୟରେ ମନୁଷ୍ୟ ପରମାତ୍ମା ସତ୍ତା ଅନୁଭବ କରୁଅଛି। ଅନନ୍ତ ସର୍ଜନାରେ କି ନିୟମ ଅଛି ତାହା କିଏ କହିପାରେ ? କିନ୍ତୁ ମନୁଷ୍ୟ ନିଜର ମାପକାଠି ଘେନି ସୃଷ୍ଟି କ୍ରିୟା ମାପୁଅଛି। କାଳର କ୍ରମ, ନିୟମ ଓ ବିଧି ବିନା ତାହାର ଚିନ୍ତା ଗତି କରିନପାରେ। ସେହି ନିୟମାଦିରେ ସେ ସର୍ଗତନ୍ତ୍ରର ବ୍ୟାଖ୍ୟା କରିବ। ସେହି ନିୟମରେ ସେ ସୃଷ୍ଟିର ଗୋଟିଏ କ୍ରମବିକାଶ ଦେଖେ। ସାଂଖ୍ୟକାର କପିଳମୁନି ସେଥିପାଇଁ ଈଶ୍ୱର ପଦାର୍ଥକୁ ଚିନ୍ତାକରିନପାରି କେବଳ ଜଡ଼ ପ୍ରକୃତିର କ୍ରମିକ ଉଦ୍ଭବ ବ୍ୟାଖ୍ୟା କରି ଯାଇ ଅଛନ୍ତି। ସମସ୍ତ ଜଗତର ସୂକ୍ଷ୍ମତମ ଆଦିମ ମୂଳ ବସ୍ତୁକୁ ସେ ପ୍ରକୃତି ନାମଦେଇ ଅଛନ୍ତି। କୌଣସି ଅଚିନ୍ତନୀୟ କାରଣକୁ ଏହି ସ୍ଥିର ପ୍ରକୃତିରେ ସଞ୍ଚାଳନ ଉପସ୍ଥିତ ହେଲେ ଏହି ପ୍ରକୃତିର ବିକୃତି ହୁଏ। ଏହି ପ୍ରଥମ ବିକୃତିର ନାମ ମହତତ୍ତ୍ୱ। ମହତତ୍ତ୍ୱର ବିକାରରେ ଅହଂକାର। ଅହଂକାରରୁ ରୂପ, ଶବ୍ଦ, ଗନ୍ଧ, ରସ, ସ୍ପର୍ଶ ପ୍ରଭୃତି ଗୁଣ ବା ତନ୍ମାତ୍ରମାନଙ୍କ ବିକାଶ। ସର୍ବଶେଷରେ ଏହି ଗୁଣ ବା ତନ୍ମାତ୍ରମାନଙ୍କରୁ ଜ୍ୟୋତି, ଆକାଶ, ବାୟୁ, ଜଳ, ଭୂମି ପ୍ରଭୃତି କ୍ରମ-ଜଟିଳ ମୂଳବସ୍ତୁମାନଙ୍କର ସୃଷ୍ଟି। ସାଂଖ୍ୟକାର ସୃଷ୍ଟିର କ୍ରମବିକାଶ ସ୍ପଷ୍ଟ ଭାବରେ ଏହି ପର୍ଯ୍ୟନ୍ତ ଚିତ୍ର କରି, ତତ୍ପରେ ଜଗତର ଜଟିଳରୁ ଜଟିଳତର ବସ୍ତୁ ବିକାଶ ଅନ୍ୱେଷଣ କରିବାକୁ ଆଉ ନିଜେ ପ୍ରବର୍ତ୍ତି ନାହାନ୍ତି। ବିକାଶର ପନ୍ଥା ମାତ୍ର ଦେଖାଇଦେଇ ପାଠକର ଅନ୍ୱେଷଣ ଉପରେ ନିର୍ଭର କରି ବାକିତକ ଯେପରିକି ଛାଡ଼ି ଦେଇ ଅଛନ୍ତି।

ଆଜିକାଲି ବୈଜ୍ଞାନିକମାନେ ସୃଷ୍ଟିର ଏହି ବିକାଶକ୍ରମ ଜଡ଼ଜୀବନ୍ତ ସକଳ ବିଭାଗରେ ଭିନ୍ନ ଭିନ୍ନ କରି ଅନ୍ୱେଷଣ କରୁଅଛନ୍ତି। ଏକ ପ୍ରକୃତିରୁ ଯେପରି ନିଖିଳ ବିଶ୍ୱର ବିକାଶ, ଏକ ଜୀବାଣୁରୁ ସେହିପରି ବିଚିତ୍ର ଜନ୍ତୁ ଜଗତର ବିକାଶ ଦେଖାଇବା ଆଜିକାଲି ବିଜ୍ଞାନର ସ୍ୱତନ୍ତ୍ର ଗର୍ବ। ସେଥିରେ ନିୟମର ଆବିଷ୍କାର ଓ ବ୍ୟାଖ୍ୟା ଆଜି ବିଜ୍ଞାନର ଅବଲମ୍ବନ କହିଲେ ଚଳେ। ବୃକ୍ଷାଦିର ପରସ୍ପରଠାରୁ ଭେଦ ବୁଝାଇଲାବେଳେ ଏହି କ୍ରମ ବିକାଶ ନୀତି ସମ୍ବନ୍ଧରେ ବିଶେଷ କରି କିଛି କୁହାଯିବ। ବର୍ତ୍ତମାନ ସୃଷ୍ଟି ବିକାଶରେ ବୃକ୍ଷର ପ୍ରାରମ୍ଭ ବିଷୟ ଆଲୋଚନା କରାଯାଉ। ବୃକ୍ଷ ଓ ଜନ୍ତୁ ଦୁହେଁ ଜୀବନ୍ତ। ବୃକ୍ଷ ସ୍ଥାବର ପ୍ରାଣୀ, ଜନ୍ତୁ ଜଙ୍ଗମ ପ୍ରାଣୀ। ତେବେ ବୃକ୍ଷର ପ୍ରାରମ୍ଭ ବିଷୟ ଆଲୋଚନା କରିବା ବେଳେ ସ୍ଥିର କରିବା ଉଚିତ— ସୃଷ୍ଟି ବିକାଶରେ ଆଗ ବୃକ୍ଷ କି ଆଗ ଜନ୍ତୁ। ସମସ୍ତେ ଅବଶ୍ୟ ସହଜରେ ବୁଝିପାରିବେ। ପ୍ରାଣୀ ଜଗତରେ ଆଗେ ସ୍ଥିତି, ତାପରେ ଗତି। ଆଗେ ସ୍ଥାବରତ୍ୱ ତାପରେ ଜଙ୍ଗମତ୍ୱର ବିକାଶ ହେବା ସ୍ୱାଭାବିକ। ଏତିକିରେ ଏ ପ୍ରଶ୍ନର ଏକ ପ୍ରକାର ମୀମାଂସା ହେଲା ସତ୍ୟ, କିନ୍ତୁ ବୃକ୍ଷ ଓ ଜନ୍ତୁର ସୃଷ୍ଟିରେ ଯେ ଘନିଷ୍ଠ ସମ୍ବନ୍ଧ ରହିଅଛି ସେ ଦୃଷ୍ଟିରେ ଆଲୋଚନା କଲେ ବିଷୟଟି ଆହୁରି ସ୍ପଷ୍ଟ ହେବ।

ଜଙ୍ଗଲରେ ବାଘ ସିଂହ ପ୍ରଭୃତି ଶ୍ୱାପଦ ଜନ୍ତୁମାନେ ହରିଣାଦି ଶଷ୍ପଭୋଜୀ ପ୍ରାଣୀଙ୍କର ମାଂସ ଖାଇ ବଞ୍ଚନ୍ତି। ଯଦି କେହି ପଚାରେ ସୃଷ୍ଟି କ୍ରମରେ ଆଗେ ବାଘ ସିଂହର ସୃଷ୍ଟି ନା

Digitized by PPRACHIN, SOA

ଆଗ ହରିଣର ସୃଷ୍ଟି ? ହରିଣର ସୃଷ୍ଟି ଆଗରୁ ନ ହେଲେ ବାଘ ସିଂହ ପ୍ରଭୃତି କିଛି ଖାଇବାକୁ ପାଇବେ ନାହିଁ । ଅତଏବ ସୃଷ୍ଟି ବିଧାନରେ ମନୁଷ୍ୟ ବୁଝିବା ଭଳି ଯଦି କିଛି କ୍ରମ ଥାଏ, ତେବେ ସେ କ୍ରମରେ ଆଗ ହରିଣ ସୃଷ୍ଟି ହେବା ସ୍ୱାଭାବିକ । ଜନ୍ତୁ ଓ ଉଭିଦ ମଧ୍ୟରେ ଏହି ବାଘ ହରିଣର ସମ୍ବନ୍ଧ ପରି କିଛି ସମ୍ବନ୍ଧ ଅଛି କି ? ଯଦି ତାହା ଥାଏ, ତେବେ ଆଗ ଜନ୍ତୁ ନା ଆଗ ବୃକ୍ଷ ? ଏ ପ୍ରଶ୍ନର ସମାଧାନ ସହଜ ହେବ । ବାସ୍ତବିକ ଟିକିଏ ଚିନ୍ତା କଲେ ସହଜରେ ଦେଖାଯିବ ବୃକ୍ଷ ଓ ଜନ୍ତୁମଧ୍ୟରେ ଭକ୍ଷ୍ୟ- ଭକ୍ଷକ ସମ୍ବନ୍ଧ । ଜନ୍ତୁମାନେ କେତେବେଳେ ସ୍ପଷ୍ଟ ଭାବରେ, କେତେବେଳେ ବା ଅବାନ୍ତର ଭାବରେ ବୃକ୍ଷ ଓ ତାହାର ଫଳପତ୍ରାଦି ଭୋଜନ କରି ପ୍ରାଣ ଧାରଣ କରନ୍ତି । ମାଂସଭୋଜୀ ଶ୍ୱାପଦାଦି ଜନ୍ତୁମାନେ ପ୍ରତ୍ୟକ୍ଷ ଭାବରେ ଛେଳି ଗୋରୁ ହରିଣ ମେଣ୍ଢା, ମାଛ କୀଟ ପତଙ୍ଗ ପ୍ରଭୃତି ଜୀବମାନଙ୍କୁ ଖାଇ ବଞ୍ଚନ୍ତି ସତ, କିନ୍ତୁ ଏହି ଖାଦ୍ୟ ଜୀବମାନଙ୍କର ମାଂସ ସେହି ଉଭିଦରେ ତିଆରି ହୁଏ । ସେମାନେ ସମସ୍ତେ ପ୍ରତ୍ୟକ୍ଷଭାବରେ ଉଭିଦ ଖାଇ ମାଂସଭୋଜୀମାନଙ୍କ ନିମନ୍ତେ ଯେପରିକି ନିଜର ମାଂସ ତିଆରି କରି ରଖିଥାନ୍ତି । ମାଂସ ଖାଇଲାବେଳେ ଆମ୍ଭେମାନେ ଅବଶ୍ୟ ପ୍ରତ୍ୟକ୍ଷ ଭାବରେ ଉଭିଦ ଖାଉ ନାହିଁ । କିନ୍ତୁ ମାଛର ଶରୀର ଯେ ଦଳ ଓ ଅନ୍ୟାନ୍ୟ ଜଳଦ ଉଭିଦରେ ତିଆରି ହୋଇଛି ଏହା ମନେ ରଖିବାକୁ ହେବ । ପ୍ରାଣୀଜଗତରେ ଖୋଜି ଖୋଜି ମୂଳକୁ ଗଲେ ଦେଖାଯିବ ଉଭିଦ ଭୂମି ଜଳବାୟୁ ପ୍ରଭୃତିରୁ ଆହାର୍ଯ୍ୟ ସଂଗ୍ରହ କରି ନିଜେ ନିଜର ଜୀବନଧାରଣ କରେ । ଜଡ଼ଜଗତରୁ ବସ୍ତୁ ସଂଗ୍ରହ କରି ତାହାକୁ ନିଜର ଜୀବନ୍ତ ଉପାଦାନରେ ପରିଣତ କରେ । ମାତ୍ର ଜନ୍ତୁମାନେ ବୃକ୍ଷର ଏହି ଦୁଃଖ ସଞ୍ଚିତ ଧନ ଅପହରଣ କରି ପ୍ରାଣଧାରଣ କରନ୍ତି । କେବଳ ବିଶୁଦ୍ଧ ଜଳ ଛାଡ଼ିଦେଲେ ଜନ୍ତୁ ଜଗତର ପ୍ରାୟ ସମସ୍ତ ଖାଦ୍ୟ ଏହି ଉଭିଦଜୀବନରୁ ଆସେ । ଧାନ, ଚାଉଳ, ଗହମ, ଆଳୁ, ଡାଲି, ମୂଳ, ଫଳ, ପତ୍ର, ମାଛ, ମାଂସ, ସବୁ ପ୍ରତ୍ୟକ୍ଷ ବା ଅବାନ୍ତର ଭାବରେ ବୃକ୍ଷ ଜଗତରୁ ସଂଗୃହୀତ ହୋଇ ଜନ୍ତୁର ଖାଦ୍ୟ ହେଉଅଛି । ବୃକ୍ଷମାନେ ହିଁ କେବଳ ଜଡ଼ଜଗତ୍‌ରୁ ଉପାଦାନ ସଂଗ୍ରହ କରି ସର୍ବଦା ଜୀବନ୍ତ ବସ୍ତୁ ସୃଷ୍ଟିକରୁଅଛନ୍ତି । ଅଗ୍ନି ଯେପରି କାଷ୍ଠ ପୋଡ଼ିଦିଏ, ସେହିପରି ଜନ୍ତୁମାନେ ବୃକ୍ଷଦ୍ୱାରା ସଂଗୃହୀତ ଜୀବନ୍ତ ପଦାର୍ଥ ପୋଡ଼ି ନଷ୍ଟକରି ନିର୍ଜୀବ ଜଡ଼ ପଦାର୍ଥରେ ପରିଣତ କରିଦେଉଅଛନ୍ତି ।

ଅବଶ୍ୟ ଏକଥା କହିବା ଯେତେ ସହଜ, ଟିକିଏ ଚିନ୍ତାକରି ବିଚାର ନକଲେ ବୁଝିବା ସେତେ ସହଜ ନୁହେଁ । ମାତ୍ର ଜନ୍ତୁ ଉଭିଦର ସମ୍ବନ୍ଧ ବୁଝିବାରେ ଏହା ନିତାନ୍ତ ପ୍ରୟୋଜନ । ତେଣୁ ପ୍ରଥମରୁ ଏହା ଭଲକରି ଜାଣିରଖିବା ଉଚିତ ।

କାଠ କୋଇଲା ଆମ୍ଭେମାନେ ସବୁବେଳେ ଜାଳୁଅଛୁ, କିନ୍ତୁ ଏ କାଠ କୋଇଲା କ'ଣ ଓ ତାହାର ଜଳିବା କ୍ରିୟା କିପରି ସାଧିତ ହୁଏ, ତାହା ବୋଧହୁଏ ଅନେକ ଜାଣନ୍ତି ନାହିଁ । ସାଧାରଣ ଅଙ୍ଗାର ଓ ଉଦ୍‌ଜାନ ନାମକ ଗୋଟିଏ ଦାହ୍ୟ ବାଷ୍ପ ସଂଯୋଗରେ କାଠ ଓ କୋଇଲା ତିଆରି ହୋଇଅଛି । ଅମ୍ଳଜାନ ବାଷ୍ପ ସେଥିରେ ପ୍ରାୟ ନାହିଁ । ଯାହା

Digitized by PPRACHIN, SOA

ଅଛି ତାହା ମାତ୍ରାରେ ଅତ୍ୟନ୍ତ ଅଳ୍ପ । କାଠରେ ନିଆଁ ଲଗାଇ ଦେଲେ ଆମ୍ଭେ ଦେଖୁ ତାହା ଜଳି ନଷ୍ଟ ହୋଇଯାଏ । ଏହି ଦହନ କ୍ରିୟାରେ କାଷ୍ଠର ଉଦ୍‌ଜାନ ଓ ଅଙ୍ଗାର ସଙ୍ଗେ ବାୟୁରେ ଥିବା ଅମ୍ଳଜାନର ଅତି କ୍ଷିପ୍ରଭାବରେ ସଂଯୋଗ ହୁଏ । ଏହି ସଂଯୋଗରେ କାଷ୍ଠ ଅଙ୍ଗାରାମ୍ଳ ଓ ଜଳୀୟବାଷ୍ପରେ ପରିଣତ ହୋଇ ଉଡ଼ିଯାଏ । ଅଙ୍ଗାର ସଙ୍ଗେ କୌଣସି ନିର୍ଦ୍ଦିଷ୍ଟ ପରିମାଣ ଅମ୍ଳଜାନ ମିଶିଲେ ଅଙ୍ଗାରାମ୍ଳ ବାଷ୍ପ ହୁଏ । ସେହିପରି ଉଦ୍‌ଜାନ ସଙ୍ଗେ କୌଣସି ନିର୍ଦ୍ଦିଷ୍ଟ ପରିମାଣ ଅମ୍ଳଜାନ ମିଶିଲେ ଜଳ ବା ଜଳୀୟବାଷ୍ପ ହୁଏ । କାଠ କିମ୍ବା କୋଇଲା ପୋଡ଼ିଗଲେ ଏହି ଅଙ୍ଗାରାମ୍ଳ ଓ ଜଳୀୟବାଷ୍ପ ଅନନ୍ତ ବାୟୁ ମଣ୍ଡଳରେ ମିଶିଯାଏ । ଆମ୍ଭେମାନେ ଆଉ ତାହା ଦେଖି ପାରୁ ନାହିଁ । ବାସ୍ତବରେ କାଠ ପୋଡ଼ିଗଲେ କୌଣସି ମୂଳବସ୍ତୁ ନଷ୍ଟ ହୁଏ ନାହିଁ— କାଠର ମୂଳ ଉପାଦାନ ସଙ୍ଗେ ଅମ୍ଳଜାନର ସଂଯୋଗ ସାଧିତ ହୁଏ ମାତ୍ର । ଆମ୍ଭେ ଯାହାକୁ ପୋଡ଼ିଯିବା କହୁଁ ତାହା ବାସ୍ତବରେ ସର୍ବଦା ପଦାର୍ଥ ସଙ୍ଗେ ଏହି ଅମ୍ଳଜାନ ସଂଯୋଗର ନାମାନ୍ତର ମାତ୍ର । କାଠ ବା କୋଇଲା ପୋଡ଼ିଗଲେ ତାହାର ମୂଳ ପଦାର୍ଥ ସବୁ ଅମ୍ଳଜାନ ସଙ୍ଗେ ବାଷ୍ପ ରୂପେ ପବନରେ ଅଦୃଶ୍ୟ ହୁଏ । କିନ୍ତୁ ସବୁ ମୂଳ ପଦାର୍ଥ ଅମ୍ଳଜାନ ସଙ୍ଗେ ବାଷ୍ପ ହୋଇ ଅଦୃଶ୍ୟ ହୁଏ ନାହିଁ । ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଆମ୍ଭମାନଙ୍କର ବୈଦ୍ୟମାନେ ରୂପା ଲୁହା ପ୍ରଭୃତିର ଭସ୍ମତିଆରି କରନ୍ତି । କିନ୍ତୁ ସେ ଦହନ କ୍ରିୟାରେ ରୂପା ଲୁହାର ଭସ୍ମ ଅଦୃଶ୍ୟ ହୁଏ ନାହିଁ, ବରଂ ଅମ୍ଳଜାନର ସଂଯୋଗ ହେତୁ ଓଜନରେ ତାହା ବଢ଼ିଯାଏ । କାଠ ପୋଡ଼ିଗଲେ ଯେଉଁ ବାଷ୍ପ ହୁଏ, ତାହା ବିଜ୍ଞାନ ମନ୍ଦିରରେ ଧରି ଓଜନ କରାଯାଇଅଛି । ଅମ୍ଳଜାନ ସଂଯୋଗ ହେତୁ ତାହା କାଠର ଓଜନଠାରୁ ବେଶି ହୁଏ । ମାତ୍ର ଏଠାରେ ଦେଖିବାକୁ ହେବ କାଠ ବା ପଥରକୋଇଲା ପୋଡ଼ିଗଲାବେଳେ ସେଥିରୁ ଆଲୋକ ଓ ଉତ୍ତାପ ବାହାରେ । ଅଙ୍ଗାର ଓ ଉଦଜାନ ଯେପରିକି ଆଲୋକ ଓ ଉତ୍ତାପ ପ୍ରଚ୍ଛନ୍ନ ଭାବରେ ରଖିଥିଲେ, ଅମ୍ଳଜାନ ସଙ୍ଗେ ଲାଗିଲା ମାତ୍ରେ ତାହା ସେମାନେ ଫିଙ୍ଗିଦେଲେ । ଅମ୍ଳଜାନ ସଙ୍ଗେ ସେସବୁ ପଦାର୍ଥର ଗୋଟିଏ ସ୍ୱାଭାବିକ ସଂପୃକ୍ତି ଅଛି । ଯେତେ ଅମ୍ଳଜାନ ଦରକାର ସେତେ ତହିଁରେ ନଥିଲା । ସେଥିପାଇଁ ସେହି ସ୍ଥାନରେ ସେମାନଙ୍କ ଭିତରେ ଆଲୋକ ଉତ୍ତାପରୂପ ସୌରଶକ୍ତି ଗୁପ୍ତ ଭାବରେ ଥିଲା । ତାଙ୍କର ଚିରାକାଂକ୍ଷିତ ବନ୍ଧୁ ସଙ୍ଗେ ମିଳିବାର ସୁଯୋଗ ଅମ୍ଳଜାନ ପାଇଲାକ୍ଷଣି ଯେପରିକି ସେମାନେ ତାକୁ ପ୍ରାଣଭରି ଆଲିଙ୍ଗନ କଲେ । ଆଲୋକ ଉତ୍ତାପ ତାଙ୍କ କୋଳରୁ ସ୍ୱତଃ ଖସିପଡ଼ିଲା ।

ବର୍ତ୍ତମାନ ଦେଖାଯାଉ ଏ ଆଲୋକ ଉତ୍ତାପ ସେମାନଙ୍କଠାକୁ କାହୁଁ ଆସିଲା । ଆମ୍ଭେମାନେ ଜାଣୁ ଯେଉଁ କାଠ ଆମ୍ଭେ ଜାଳୁଅଛୁ, ତାହା ବୃକ୍ଷର ଗୋଟିଏ ଅଂଶ । ସେହି ବୃକ୍ଷଟି ବହୁକାଳ ଧରି ସୂର୍ଯ୍ୟୋତ୍ତାପ ସାହାଯ୍ୟରେ ଉନ୍ମୁକ୍ତ ପବନରେ ବଢୁଥିଲା । ପଥରକୋଇଲା କ'ଣ ତାହା ବୋଧହୁଏ ଅନେକେ ଜାଣନ୍ତି ନାହିଁ । ଏକ ପ୍ରକାର ବୃକ୍ଷର ଅବଶେଷ ବହୁ ଯୁଗଧରି ଭୂମିତଳେ ଚାପପାଇ ପଥରକୋଇଲାରେ ପରିଣତ ହୋଇଅଛି ।

Digitized by PPRACHIN, SOA

ସେଥିପାଇଁ କାଠପରି ତାହାର ଦାହିକା ଶକ୍ତି । ବୃକ୍ଷ ସୂର୍ଯ୍ୟ ଆଡ଼କୁ ପତ୍ର ମେଲାଇ ଚାହିଁଅଛି, ପତ୍ରରେ ପବନ ଲାଗିଗଲାବେଳେ ପବନରେ ଯେଉଁ ଅଙ୍ଗାରାମ୍ଳ ବାଷ୍ପ ଅଛି ଜୀବନ୍ତ ପତ୍ର ସୂର୍ଯ୍ୟୋତ୍ତାପ ସାହାଯ୍ୟରେ ତାକୁ ଅଙ୍ଗାର ଓ ଅମ୍ଳଜାନରେ ବିଭକ୍ତ କରି ଖାଦ୍ୟରୂପେ ସୂର୍ଯ୍ୟୋତ୍ତାପ ସହିତ ଅଙ୍ଗାର ଗ୍ରହଣ କରୁଅଛି । ସେହିପରି ଗଛରେ ଜଳରୂପରେ ଯେଉଁ ରସ ଆମ୍ଭେମାନେ ଦେଖୁ ସୂର୍ଯ୍ୟୋତ୍ତାପ ବଳରେ ଗଛ ସେଥିରୁ ଅମ୍ଳଜାନ ଫିଙ୍ଗିଦେଉଅଛି । ଏହିପରି ଅଙ୍ଗାର ଓ ଉଦ୍‌ଜାନ ଓ ସାମାନ୍ୟ ଅମ୍ଳଜାନ ଫିଙ୍ଗି ଦେଇ ନିଜର ଶରୀର ପ୍ରସ୍ତୁତ କରିବାରେ ଲାଗିଅଛି ।

ଯେଉଁ ସୂର୍ଯ୍ୟୋତ୍ତାପ ଏହି କାର୍ଯ୍ୟ କରିଅଛି ତାହାର ଉତ୍ତାପ ଓ ଆଲୋକ ବହୁ ଯୁଗଧରି ବୃକ୍ଷଜୀବନର ସାହାଯ୍ୟ ନିମନ୍ତେ ଅଙ୍ଗାର ଓ ଉଦଜାନରୁ ଅମ୍ଳଜାନକୁ ଅଲଗା କରିଅଛି । ଯେତେଦିନ ପର୍ଯ୍ୟନ୍ତ ବୃକ୍ଷଶରୀର ପୋଡ଼ା ହୋଇ ନାଇ, ଅର୍ଥାତ୍ ପୁନର୍ବାର ଅମ୍ଳଜାନ ସଂଯୋଗରେ ଆସିନାହିଁ ସେତେଦିନ ଯାଏ ଏହି ଚିର ସଞ୍ଚିତ ସୂର୍ଯ୍ୟୋତ୍ତାପ ଅର୍ଥାତ୍ ଆଲୋକ ଓ ଉତ୍ତାପ ବୃକ୍ଷ ଶରୀରରେ ଗୁପ୍ତଭାବରେ ରହିଅଛି । ପୁଣି ଅମ୍ଳଜାନ ସଙ୍ଗେ ଲାଗିଲାବେଳେ ତାହା ଏକାବେଳକେ ବାହାରିପଡୁଅଛି ।

ବୃକ୍ଷଜୀବନର ସମସ୍ତ କ୍ରିୟା ଏକାବେଳକେ ପ୍ରକୃତିକୁ ଫେରିପଡୁଅଛି । ବୃକ୍ଷାଦିର ଖାଦ୍ୟପେୟ ଓ ଜୀବନଯାତ୍ରା କଥା କହିଲାବେଳେ ଏସବୁ କଥାର ବିଶଦ ବ୍ୟାଖ୍ୟା କରାଯିବ । ବର୍ତ୍ତମାନ ଏତିକି କହିଲେ ଯଥେଷ୍ଟ ହେବ ଯେ ଯେଉଁ କାଷ୍ଠ ବା ପଥରକୋଇଲା ଆମ୍ଭେମାନେ ଜାଳୁଅଛୁ ତାହାକୁ ସଞ୍ଚିତ ସୌରରଶ୍ମି କହିଲେ ଅତ୍ୟୁକ୍ତି ହେବ ନାହିଁ । ବାସ୍ତବିକ କାଠ ଖଣ୍ଡି ପୋଡ଼ିଗଲାବେଳେ ଯେଉଁ ଉତ୍ତାପ ଓ ଆଲୋକ ବାହାରେ ତାହା ବୃକ୍ଷ ଜୀବନରେ ସେ କାଠ ଖଣ୍ଡି ତିଆରି କରିବା ପାଇଁ ଲୋଡ଼ାହୋଇଥିବା ସୌରରଶ୍ମିର ପରିମାଣ ସଙ୍ଗେ ଠିକ୍ ସମାନ । କାଠ ଖଣ୍ଡି ପୋଡ଼ିଗଲାବେଳେ ଯେଉଁ ଜଳ ଓ ଅଙ୍ଗାରାମ୍ଳ ବାଷ୍ପ ବାହାରେ ତାହା ସେହି କାଠ ଖଣ୍ଡି ତିଆରି କରିବା ପାଇଁ ଜୀବନ୍ତ ବୃକ୍ଷର ଯେତେ ଜଳ ଓ ଅଙ୍ଗାରାମ୍ଳ ଲୋଡ଼ାହୋଇଥିଲା, ତାହାଠାରୁ ପରିମାଣରେ କିଛି ମାତ୍ର ଅଳ୍ପ ବା ଅଧିକ ନୁହେଁ । କାଠ ଖଣ୍ଡି ତିଆରି ହେବା ପାଇଁ ଯେତେ ଅମ୍ଳଜାନ ଫିଙ୍ଗାହୋଇଥିଲା ପୋଡ଼ିଗଲାବେଳେ ଠିକ ସେତିକି ତା' ଦେହରେ ଲାଗିଗଲା ।

ଆମେ ଆଜି ଦୀପ ଜାଳି ପାଠ ପଢୁଅଛୁ । ଉଂଭେଇରେ ନିଆଁ କରି ଶୀତ ରାତିର ଜାଡ଼ ଛଡ଼ାଉଅଛୁ । କିନ୍ତୁ ଅନେକେ ବୋଧହୁଏ ଜାଣନ୍ତି ନାହିଁ ଯେ ଯେଉଁ ସୂର୍ଯ୍ୟ ରାତିରେ ନାହି ବୋଲି ଆମ୍ଭେମାନେ ଆଲୋକ ଓ ଉତ୍ତାପ ପାଇବାକୁ ଏପରି କରୁଅଛୁ, ଏ ଆଲୋକ ଉତ୍ତାପ ମଧ୍ୟ ସେହି ସୂର୍ଯ୍ୟ ପ୍ରକାରାନ୍ତରେ ଆମ୍ଭମାନଙ୍କୁ ଦେଉଅଛି । ସେଥି ପାଇଁ ବୋଧହୁଏ ଆପ୍ତ ବାକ୍ୟର ରୂପକରେ କଥିତ ଅଛି ସୂର୍ଯ୍ୟ ରାତ୍ରିର ଅଗ୍ନିରେ ପ୍ରବେଶ କରନ୍ତି । ଜଡ଼ା, ପୁନ୍ନଙ୍ଗ, ରାଶି ପ୍ରଭୃତି ଗଛର ଫଳରୁ ତେଲ ହେଉଅଛି । କପାଗଛର ତୁଳାରୁ ବଳିତା ହୁଏ, ସେଥିରେ ଦୀପ ଜଳେ । ବଣରୁ କାଠ ଆସି ଚୁଲି ଓ ଉଂଭେଇର ସ୍ନିଗ୍ଧ ଉତ୍ତାପରେ

Digitized by PPRACHIN, SOA

ଆତ୍ମକୁ ଆପ୍ୟାୟିତ କରେ । କିନ୍ତୁ ଏଥିପାଇଁ ଜଡ଼ା, କପା ଓ ବଣର କାଠ ଗଛ ସଙ୍ଗେ ସୂର୍ଯ୍ୟ ଯେ ଚିରକାଳ ମିତ୍ରତା ସ୍ଥାପନ କରି ପ୍ରକୃତିର ଅଙ୍ଗରାମ୍ଳ ଓ ଜଳରୁ ଅମ୍ଳଜାନକୁ ନିର୍ବାସିତ କରି ଅଙ୍ଗାର ଉଦଜାନ ସଙ୍ଗେ ମିଶି ଆତ୍ମକୁ ରାତ୍ରରେ ଉତ୍ତାପ ଓ ଆଲୋକ ଦେବ ବୋଲି ଗଛ ଭିତରେ ଏତେକାଳ ଲୁଚିରହିଥିଲା, ଏହା ଭାବିଲାବେଳେ ବାସ୍ତବିକ ଆର୍ଯ୍ୟଋଷିମାନେ ସୂର୍ଯ୍ୟକୁ ତ୍ରିଭୁବନର ପ୍ରସବିତା ଓ ପାଳନକର୍ତ୍ତା ବୋଲି ଯେ ପୂଜା କରିଅଛନ୍ତି, ''ନମଃ ସବିତ୍ରେ ଜଗଦେକ ଚକ୍ଷୁସେ ଜଗତ୍‌ପ୍ରସୂତି ସ୍ଥିତି ନାଶ ହେବେ'' ବୋଲି ଯେ ଅନ୍ତର ଫେଡ଼ି ଭକ୍ତିରେ ଗାଇ ଅଛନ୍ତି, ତାହାର ସତ୍ୟତା ଓ ସାରବତ୍ତା ବୁଝିବାରେ ଆଉ ସନ୍ଦେହ ରହେ କି ?

ବର୍ତ୍ତମାନ ବୃକ୍ଷଜୀବନ ପ୍ରକୃତରେ କଣ ତାହା ଏକ ପ୍ରକାର ବୁଝାଗଲା । ଅନନ୍ତ ପ୍ରକୃତିରେ ଅଙ୍ଗାର ଓ ଉଦଜାନ ଅମ୍ଳଜାନ ସଙ୍ଗେ ଅତି ମିତ୍ରଭାବରେ ମିଶି ରହିଅଛ । ବୃକ୍ଷ ସୂର୍ଯ୍ୟୋତ୍ତାପର ପ୍ରଭାବରେ ସେମାନଙ୍କୁ ସେହି ଅମ୍ଳଜାନଠାରୁ ଫିଟାଇ ନିଜର ଅଙ୍ଗ ପୁଷ୍ଟି କରୁଅଛି । ନିଜର ଏହି ଅଙ୍ଗ ମଧ୍ୟରେ ଗୁପ୍ତ ଭାବରେ ସର୍ବଦା କେତେଗୁଡ଼ିଏ ଶକ୍ତି ସଞ୍ଚୟ କରିଅଛି । ବର୍ତ୍ତମାନ ଦେଖାଯାଉ ଜନ୍ତୁ କ'ଣ ? ବୃକ୍ଷ ଯାହା, ଜନ୍ତୁ ତାହାର ଠିକ୍ ବିପରୀତ । ବୃକ୍ଷ ଯାହା ସଞ୍ଚୟ କରୁଅଛି, ଜନ୍ତୁ ସର୍ବଦା ତାହା ନଷ୍ଟକରୁଅଛି । ବୃକ୍ଷ ପ୍ରକୃତିରୁ ସର୍ବଦା ଶକ୍ତି ସଞ୍ଚୟ କରି ଜୀବନ୍ତ ବସ୍ତୁ ପ୍ରସ୍ତୁତ କରୁଅଛି, ଜନ୍ତୁ ନିଜ ଜୀବନରେ ସେହି ସଞ୍ଚିତ ଶକ୍ତି ବ୍ୟବହାର କରି ପୁଣି ପ୍ରକୃତିର ଦ୍ରବ୍ୟ ସବୁ ଯେପରିକି ଫେରାଇଦେଉଅଛି । ସୌରରଶ୍ମିର ଶକ୍ତି ନିଜେ ବ୍ୟବହାର କରି ଅଙ୍ଗାର ଓ ଉଦଜାନକୁ ଅମ୍ଳଜାନ ସଙ୍ଗେ ମିଶିବାକୁ ଛାଡ଼ିଦେଉଅଛି । ଜଗତରେ ବୃକ୍ଷ ଜଡ଼ରୁ ଜୀବନ ତିଆରି କରୁଅଛି, ଜନ୍ତୁ ଜୀବନ୍ତ ବସ୍ତୁକୁ ପୁଣି ଜଡ଼ରେ ପରିଣତ କରୁଅଛି । ବାସ୍ତବରେ ଜନ୍ତୁ ବୃକ୍ଷ ସମ୍ବନ୍ଧରେ ଧୀରେ ଧୀରେ ଗୋଟିଏ ଅଗ୍ନିପରି କାର୍ଯ୍ୟ କରୁଅଛି । କ୍ରମେ କ୍ରମେ ବୃକ୍ଷ ଯେପରି ପ୍ରକୃତିର ଜଡ଼ ବସ୍ତୁରୁ ଅତି ଧୀର ପ୍ରକ୍ରିୟାରେ ଫଳମୂଳ କାଷ୍ଠ ପ୍ରଭୃତି ପ୍ରସ୍ତୁତ କରୁଅଛି, ଜନ୍ତୁ ସେ ସବୁକୁ ଖାଇ ସେହିପରି ଧୀରେ ଧୀରେ ପୁଣି ସେମାନଙ୍କୁ ସେମାନଙ୍କର ମୌଳିକ ଅବସ୍ଥାକୁ ଘେନିଆସୁଅଛି ।

ବୃକ୍ଷ ଯାହା ସଞ୍ଚୟ କରେ ଜନ୍ତୁ ତାହା ଭୋଜନକରେ । ଭୋଜନ ଛଡ଼ା ଜନ୍ତୁଜୀବନର ଆଉ ଗୋଟିଏ କାର୍ଯ୍ୟ ଶ୍ୱାସ ପ୍ରଶ୍ୱାସ । ନିଶ୍ୱାସରେ ପବନର ମୁକ୍ତ ଅମ୍ଳଜାନ ପ୍ରତି ମୁହୂର୍ତ୍ତରେ ଜନ୍ତୁର ଫୁସ୍‌ଫୁସ୍‌ରେ ପଶୁଅଛି । ଶରୀର ଭିତରେ ସେହି ଅମ୍ଳଜାନ ପୁଣି ବୃକ୍ଷର ଚିର ସଞ୍ଚିତ ଉଦ୍‌ଜାନ ଓ ଅଙ୍ଗାର ସଙ୍ଗେ ସମ୍ପର୍କରେ ଆସି, ସେମାନଙ୍କ ସଙ୍ଗେ ମିଶି, ଅଙ୍ଗାରାମ୍ଳ ଓ ଜଳ ରୂପେ ପ୍ରଶ୍ୱାସରେ ବାହାରି ପଡୁଅଛି । ଏହି ଦହନ କ୍ରିୟାରେ ଯେଉଁ ଉତ୍ତାପର ଶକ୍ତି ଉଦଜାନ ଓ ଅଙ୍ଗାରଠାରୁ ମୁକ୍ତ ହେଉଅଛି ତାହା ଆମ୍ଭେମାନେ ଶରୀରର ଉତ୍ତାପ ଓ ଅଙ୍ଗ ପ୍ରତ୍ୟଙ୍ଗର ଗତିରେ ଦେଖୁଅଛୁ । କୋଇଲା ଜାଳିଲେ ଯେପରି ଉତ୍ତାପ ବାହାରେ ଓ କଳକାରଖାନା ଚାଲେ, ସେହିପରି ଫଳ- ମୂଳାଦି ଅମ୍ଳଜାନ ସମ୍ପର୍କରେ ଜଳି ଜନ୍ତୁର

Digitized by PPRACHIN, SOA

ଶରୀରର ଉତ୍ତାପ ଓ ଜଙ୍ଗମତ୍ୱ ପ୍ରତିପାଦନ କରୁଅଛି । ଏହିପରି ବୃକ୍ଷ ଯାହା, ଜନ୍ତୁ ତାହାର ଠିକ୍ ବିପରୀତ । ବୃକ୍ଷ ଯାହା ତିଆର କରୁଅଛି, ଜନ୍ତୁ ତାହା ଧ୍ୱଂସ କରୁଅଛି । ସ୍ଥୂଳତଃ ଅଂଗାର ଓ ଉଦଜନ ଠାରୁ ଅମ୍ଳଜନ ଅଲଗା କରିବା ଓ ସେହି ସୂତ୍ରରେ ନିଜ ଶରୀରରେ ସୌରଶକ୍ତି ସଂଚୟ କରିବା ନିମନ୍ତେ ଜୀବନ୍ତ ସ୍ଥାବର ବୃକ୍ଷ ଗୋଟିଏ କଳପରି । ଜଙ୍ଗମ ଜନ୍ତୁ ସେହିପରି ଗୋଟିଏ କଳ ହେଲେ ମଧ୍ୟ ତାହାର ଧର୍ମ ସଂପୂର୍ଣ୍ଣ ବିପରୀତ । ସେ ସବୁବେଳେ ଏହି ଅଙ୍ଗାର ଓ ଉଦ୍‌ଜାନ ସଙ୍ଗେ ଅମ୍ଳଜାନର ପୁନର୍ମିଳନ ଘଟାଉଅଛି । ତାହା ଘଟାଇଲାବେଳେ ଯେଉଁ ସଞ୍ଚିତ ସୌରଶକ୍ତି ବାହାରିପଡୁଅଛି ତାହାଦ୍ୱାରା ନିଜ ଶରୀରର ଉତ୍ତାପ ରକ୍ଷାକରୁଅଛି ଓ ନିଜର ଗତି କ୍ରିୟାଦି ସମ୍ପାଦନ କରୁଅଛି ।

ବର୍ତ୍ତମାନ ଆଉ ଗଛ ଆଗ କି ଜନ୍ତୁ ଆଗ, ଏ ପ୍ରଶ୍ନର ଉତ୍ତର ଦେବାରେ କିଛି ଅସୁବିଧା ନାହିଁ । କାଠ ଆଗ କି ନିଆଁ ଆଗ, ସଞ୍ଚିତ ସୌରଶକ୍ତି ଆଗ କି ତାହାର ବିଶ୍ଳେଷଣ, ବ୍ୟବହାର ଆଗ, ଏ କଥାର ଉତ୍ତର ଦେବା ବଡ଼ ସହଜ । ଜଗତର ଯାବତୀୟ ଜୀବନ୍ତ ବସ୍ତୁ ପ୍ରଥମେ ବୃକ୍ଷଦ୍ୱାରା ପ୍ରସ୍ତୁତ ହୋଇ ସଞ୍ଚିତ ହେଉଅଛି । ଜୀବନ୍ତ ବସ୍ତୁ ତିଆରିକରିବାର କ୍ଷମତା, ଯେଉଁ ବସ୍ତୁ କୌଣସି ପ୍ରକାର ଶକ୍ତି ପ୍ରଦାନ କରିପାରେ ସେ ବସ୍ତୁ ପ୍ରସ୍ତୁତ କରିବାର ଅଧିକାର, ଅଚେତନ ଜଳ ଓ ଅଙ୍ଗାରାମ୍ଳ ବାଷ୍ପରୁ ଶକ୍ତିମୟ ଜୀବନ୍ତ ବସ୍ତୁ ଉତ୍ପନ୍ନ କରିବା ସ୍ୱତ୍ୱ, କେବଳ ବୃକ୍ଷର ଅଛି । ବୃକ୍ଷହିଁ ଜଗତରେ ଜୀବନର ମୂଳ ଓ ଭିତ୍ତି । ବୃକ୍ଷ ନଥିଲେ ଜଗତରେ ଜୀବନ୍ତ ବସ୍ତୁ ନଥାନ୍ତା । ଅଚେତନ ବସ୍ତୁକୁ ଜୀବନ୍ତ ପଦାର୍ଥରେ ପରିଣତ କରିବାର ବିସ୍ମୟକର ଶକ୍ତି ବୃକ୍ଷରେ ଦେଖାଯାଏ । ସୌର ରଶ୍ମିରେ କି ବ୍ୟବହାର କରି ତାହାକୁ କିପରି ସଞ୍ଚୟ କରିବାକୁ ହେବ ତାହା କେବଳ ବୃକ୍ଷହିଁ ଜାଣେ । ବୃକ୍ଷ ଯାହା କରିଥାଏ ଜନ୍ତୁ କେବଳ ତାକୁ ଖାଏ, ଖାଇ ତାହାର ଜୀବନ ନଷ୍ଟ କରେ । ଏତେ ପରିଶ୍ରମ କରି ବୃକ୍ଷ ଯାହା ବାୟୁରୁ ଜଳରୁ ସଂଗ୍ରହ କରିଥାଏ, ଜନ୍ତୁ ତାହା ପୁଣି ଫେରାଇଦିଏ । ଜୀବନ୍ତ ବସ୍ତୁକୁ ପୁଣି ନିର୍ଜୀବ ଅବସ୍ଥାକୁ ଘେନିଆସେ । ଏ ହିସାବରେ ବୃକ୍ଷ ପ୍ରତି ଅଗ୍ନି ଯାହା ଜନ୍ତୁ ତହିଁରୁ କିଛି ମାତ୍ର ଭିନ୍ନ ନୁହେଁ । ଏବେ ସୃଷ୍ଟିକ୍ରମେ ବୃକ୍ଷ ଯେ ଆଗ ଏଥିରେ ସନ୍ଦେହ କ'ଣ ? ଆଗ ଗଛ, ତା' ଉତ୍ତାରୁ ଜନ୍ତୁ । ଆଗେ ସ୍ଥାବର ପ୍ରାଣୀ, ତହିଁ ଉତ୍ତାରୁ ଜଙ୍ଗମ ପ୍ରାଣୀ ।

ପୃଥିବୀରେ ଆଦିମ ଜୀବନ୍ତ ବସ୍ତୁ ଯେ ବୃକ୍ଷ, ସେକଥା ଏକ ପ୍ରକାର ସ୍ଥିର ହେଲା । କିନ୍ତୁ ଯେଉଁ ବୃକ୍ଷ ଘେନି ଅରଣ୍ୟାନୀର ଶ୍ୟାମଳ ଉଦ୍ଭିଦ୍ ଲକ୍ଷ୍ମୀ ସେହି ବଟବକୁଳ, ରସାଳ ଶାଳ, ପିପ୍ପଳ ହିନ୍ତାଳ ଯେ ପୃଥିବୀର ପ୍ରଥମରୁ ଜନ୍ମିଥିଲା ତାହା ନୁହେଁ । ବୃକ୍ଷ ଓ ଜନ୍ତୁ ମଧ୍ୟରେ ବୃକ୍ଷ ଆଗେ । କିନ୍ତୁ ବୃକ୍ଷ ଜଗତରେ କେଉଁ ବୃକ୍ଷ ଆଗେ ? ଆଦିମ ବୃକ୍ଷ ଅବଶ୍ୟ ଅତି ସରଳ । ତାହାର ଗଠନରେ ଜଟିଳତା ନଥିବ । କିନ୍ତୁ ଯାହା ବୃକ୍ଷର ବୃକ୍ଷତ୍ୱ ତାହାଠାରେ ତାହା ଥିବାର କଥା । ଗଛର ସେ ସ୍ଥାୟୀ ପ୍ରକୃତି କ'ଣ ? ଅବଶ୍ୟ ବିକାଶ କ୍ରମରେ ଅନେକ ବୃକ୍ଷ ତାଙ୍କର ଆଦିମ ସ୍ଥାୟୀ ଛାଡ଼ି କେହି କେହି ଜନ୍ତୁର ଆଚରଣ କରିବାର

Digitized by PPRACHIN, SOA

ଦେଖାଯାଏ । କିନ୍ତୁ ପ୍ରକୃତ ବୃକ୍ଷ ସର୍ବଦା ରଙ୍ଗରେ ନୀଳ । କାରଣ ପରେ ଦେଖାଯିବ କେବଳ ନୀଳ ରଙ୍ଗହିଁ ସୂର୍ଯ୍ୟୋତ୍ତାପରେ ବୃକ୍ଷକ୍ରିୟା ସମ୍ପନ୍ନ କରିବାକୁ ସମର୍ଥ ହୁଏ । ନୀଳ ରଙ୍ଗ ଛଡ଼ା ଆଉ ଦୁଇଟି କଥା ଆଦିମ ବୃକ୍ଷଠାରେ ଥିବ । ଗୋଟିଏ ଅଚେତନ ଜଳ ଓ ଅଙ୍ଗାରାମ୍ଳରୁ ଅମ୍ଳଜାନ ବିଚ୍ଛିନ୍ନ କରିବାର ଶକ୍ତି, ଆଉ ଗୋଟିଏ ସୂର୍ଯୋତ୍ତାପ ସଞ୍ଚୟ କରିବାର ପ୍ରକୃତି । ସେ ଯେଡ଼େ ସୂକ୍ଷ୍ମ ହେଉ, ଆଣୁବୀକ୍ଷଣିକ ହେଉ ପଛକେ ଏ ତିନୋଟି ପ୍ରକୃତି ତା'ଠାରେ ନିଶ୍ଚୟ ଥିବ ।

ବୃକ୍ଷ ଅଚେତନରୁ ଚେତନ ପଦାର୍ଥ ସୃଷ୍ଟି କରେ ଏକଥା ବୁଝାଗଲା । କିନ୍ତୁ ପ୍ରଥମେ ଜଡ଼ ବେଷ୍ଟନୀ ମଧରେ ଆଦିମ ଜୀବନ୍ତ ବୃକ୍ଷବୀଜର ସୃଷ୍ଟି ହେଲା କିପରି ? ଜଡ଼ ବସ୍ତୁ ଜୀବନ୍ତ ବସ୍ତୁ ସୃଷ୍ଟି କରିବାର ପୃଥିବୀରେ କୁତ୍ରାପି ଦେଖାଯାଏ ନାହିଁ । ତେଣୁ ବୈଜ୍ଞାନିକ ପକ୍ଷରେ ଏ ପ୍ରଶ୍ନ ଗୋଟିଏ ସମସ୍ୟା ହୋଇ ରହିଅଛି । ଈଶ୍ୱରବାଦୀ ପକ୍ଷରେ ଏହାର ସମାଧାନ ସହଜ । ଚିତ୍ରଜଗତର ସ୍ରଷ୍ଟା ଓ ନିୟନ୍ତା, ଏ ସମସ୍ତ କ୍ରମବିକାଶର ଆଦି ମୂଳାଧାର, ଅନନ୍ତ ଜଡ଼ ଜଗତର ଅନ୍ତର୍ଜ୍ୟୋତି, ଅମିତ ବିଶ୍ୱର ଚିର ପ୍ରଚ୍ଛନ୍ନ ଶକ୍ତି । ଜଗତ୍ପିତାଙ୍କ ରାଜ୍ୟରେ ମାନବ ବୁଦ୍ଧିର ଅଗମ୍ୟ କୌଣସ କ୍ରିୟାର ବ୍ୟାଖ୍ୟା ପାଇବା କଠିନ ନୁହେଁ । ଈଶ୍ୱର ଚିତ୍ର ଜଗତର ବିକାଶ ନିମନ୍ତେ ପ୍ରଥମେ ଜୀବନ୍ତ ବସ୍ତୁର ସୃଷ୍ଟି କଲେ, ତତ୍ପରେ ଜଗତରେ ସ୍ଥାବର ଜଙ୍ଗମାଦି ପ୍ରାଣୀରାଜ୍ୟ ବିକାଶ ପାଇଲା । ବିଶ୍ୱାସୀ ଭକ୍ତ ପକ୍ଷରେ ଏ ବ୍ୟାଖ୍ୟା ଅତ୍ୟନ୍ତ ସମୀଚୀନ ହେଲେହେଁ ବୈଜ୍ଞାନିକ ଏଥିରେ ସନ୍ତୁଷ୍ଟ ନୁହେଁ । ସେ ନିଜର ବିଜ୍ଞାନ ଆଲୋଚନାରେ ସମସ୍ତ କ୍ରମ ବିକାଶର ମୂଳ ଅନ୍ୱେଷଣ କରେ । ଏଣୁ କେହି କେହି ବୈଜ୍ଞାନିକ କହନ୍ତି ଅତି ପ୍ରାଚୀନ ଯୁଗରେ ଯେତେବେଳେ ପୃଥିବୀର ପଦାର୍ଥ ସବୁ ଏତେ ଦୃଢ଼ ଓ ସ୍ଥିର ନ ଥିଲା, ଯେତେବେଳେ ପୃଥିବୀର ପଦାର୍ଥ ସବୁ ନୂତନ ହୋଇ ବିକାଶ ପାଉଥିଲା, ଯେତେବେଳେ ଅଣୁ ପରମାଣୁ ସବୁ ନୂତନ ଓ ଅତ୍ୟନ୍ତ ଚପଳତର ଥିଲା, ସେତେବେଳେ ସୂର୍ଯ୍ୟୋତ୍ତାପ ପ୍ରଭାବରେ କେତେଗୁଡ଼ିଏ ଅଣୁପରମାଣୁ କୌଣସି ପ୍ରକାରେ ଏକତ୍ରିତ ହୋଇ ସୂର୍ଯ୍ୟୋତ୍ତାପର ଶକ୍ତି ଗ୍ରହଣ କରି ପାରିବା ଭଳି ଗୋଟିଏ ଜୀବନ୍ତ ବିନ୍ଦୁର ସୃଷ୍ଟି ହେଲା । ଏହାହିଁ ପ୍ରଥମ ବୃକ୍ଷ ଓ ଜୀବ ଜଗତର ଆଦିମ ପିତା । ଏପରି କୌଣସି ଅନିର୍ବଚନୀୟ ବିଧାନରେ ଜଡ଼ରୁ ଚେତନର ସ୍ୱତଃ ସୃଷ୍ଟି ବୋଲି କୌଣସି କୌଣସି ବୈଜ୍ଞାନିକ ପ୍ରଚାର କରନ୍ତି । ଏ ବିଷୟରେ ଅବଶ୍ୟ ବହୁତ ମତଭେଦ ଅଛି । ଯେଉଁମାନେ ଏହି ବିଷୟରେ ମତ ଦିଅନ୍ତି ସେମାନେ ବିଶ୍ୱାସ କରନ୍ତି ସମ୍ଭବତଃ ଲକ୍ଷ ଲକ୍ଷ କୋଟି କୋଟି ବର୍ଷ ପୂର୍ବେ କେତେକ ଅଚେତନ ଅଣୁପରମାଣୁ ହଠାତ୍ କୌଣସି ବିଶିଷ୍ଟ ଅବସ୍ଥାରେ ପଡ଼ିଯିବାରୁ ପ୍ରଥମ ଜୀବନ୍ତ ବିନ୍ଦୁର ବିକାଶ ହେଲା । ଅବଶ୍ୟ ଏ କଥା କହିବା ଯାହା, 'ଚିତ୍ର ଜଗତର ସ୍ରଷ୍ଟା ପ୍ରଥମ ଜୀବନ୍ତ ବିନ୍ଦୁର ବିକାଶ କରାଇଲେ' ଏହା କହିବା ସେଥିରୁ ବିଶେଷ ଭିନ୍ନ ନୁହେଁ । ସେ ଯାହାହେଉ ବର୍ତ୍ତମାନ ବୈଜ୍ଞାନିକମାନେ ଅଚେତନରୁ ଏପରି ଚେତନର ସ୍ୱତଃ ପ୍ରବୃତ୍ତି କୁତ୍ରାପି ଦେଖନ୍ତି ନାହିଁ ।

Digitized by PPRACHIN, SOA

ସେମାନେ କହନ୍ତି, ଓ ଏହା ମଧ୍ୟ ସତ୍ୟ ହୋଇପାରେ, ହୁଏତ ଆଦିମ ଯୁଗରେ ଅଣୁ-ପରମାଣୁଗୁଡ଼ିକ ଯେ ସୁଯୋଗରେ ପଡ଼ି ଜୀବନ୍ତ ହୋଇଥିଲେ ସେ ସୁଯୋଗ ଏବେ ଆଉ ଘଟୁ ନାହିଁ । ପୃଥିବୀର ପଦାର୍ଥମାନଙ୍କର ସେ ଆଦିମ ଚପଳତା ଓ ଗଠନ ପ୍ରବଣତା ଏବେ ଆଉ ନାହିଁ । ସେ ଯାହାହେଉ ବର୍ତ୍ତମାନ ପ୍ରତ୍ୟେକ ନୂତନ ପ୍ରାଣୀ କୌଣସି ପୂର୍ବ ପ୍ରାଣୀଠାରୁ ଜନ୍ମ ଲଭୁଅଛି; କିମ୍ୱା ପିତାମାତା ପରି ଦୁଇଟି ପ୍ରାଣୀ ମିଶି ଗୋଟିଏ ପ୍ରାଣୀ ସୃଷ୍ଟି କରୁଅଛନ୍ତି ।

ପ୍ରାଣୀରୁ ପ୍ରାଣୀର ସୃଷ୍ଟି କିପରି ସମ୍ଭବ ? ଆଲୋଚନା କଲେ ଦେଖାଯିବ ଜୀବନର ଯେଉଁ ସବୁ କ୍ରିୟାରାଶି ଆମ୍ଭେମାନେ ବୁଝିଅଛୁ ସେଥିରୁ ଏହା ସହଜରେ ବ୍ୟାଖ୍ୟା କରାଯାଇପାରେ । ବୃକ୍ଷ ସୂର୍ଯ୍ୟୋତ୍ତାପ ପ୍ରଭାବରେ ଅଚେତନ ଅଙ୍ଗାରାମ୍ଳ ଓ ଜଳରୁ ଜୀବନ୍ତ ପଦାର୍ଥ ସୃଷ୍ଟି କରେ । ସୂର୍ଯ୍ୟୋତ୍ତାପ ସର୍ବତ୍ର ସାକ୍ଷାତ୍ ଭାବରେ ପଡ଼େ ନାହିଁ । ଆମ୍ଭେମାନେ ଘର ଭିତରେ ବସିଲାବେଳେ ସାକ୍ଷାତ୍ ସୂର୍ଯ୍ୟୋତ୍ତାପ ପାଉ ନାହିଁ ସତ; କିନ୍ତୁ ଦିନରେ ଘର ଭିତରେ ଯେଉଁ ଆଲୁଅ ଆମ୍ଭେମାନେ ପାଉ ତାହା ସୂର୍ଯ୍ୟୋତ୍ତାପ ଛଡ଼ା ଆଉ କିଛି ନୁହେଁ । ସୂର୍ଯ୍ୟୋତ୍ତାପ ନାନାଭାବରେ ନାନା ପଦାର୍ଥରେ ପ୍ରତିଫଳିତ ହୁଏ । ଦର୍ପଣରେ ସମାନ ଭାବରେ ବହୁ ପରିମାଣରେ ପ୍ରତିଫଳିତ ହୁଏ; କିନ୍ତୁ କାଠ, ପଥର, ବୃକ୍ଷ, ଲତା ପ୍ରଭୃତିରେ ସେତେ ନହେଲେ ମଧ୍ୟ ବିସଦୃଶ ହୋଇ ଆଂଶିକ ଭାବରେ ବିକ୍ଷିପ୍ତ ହୁଏ । ତେଣୁ ଘର ଭିତରେ ଆମ୍ଭେମାନେ ଆଲୁଅ ପାଉ । ଗଛର ଉପର ପତ୍ରର ଛାଇରେ ଯେଉଁ ତଳ ପତ୍ରଟି ବଢୁଥାଏ, ସେ ମଧ୍ୟ ସେପରି ପ୍ରତିଫଳିତ ସୂର୍ଯ୍ୟାଲୋକ ସାହାଯ୍ୟରେ ଜୀବନ ଧାରଣ କରେ । ସାକ୍ଷାତ୍ ସୂର୍ଯ୍ୟାଲୋକରେ ହେଉ ବା ପ୍ରତିଫଳିତ ସୂର୍ଯ୍ୟାଲୋକରେ ହେଉ, ବୃକ୍ଷ ସର୍ବଦା ସୂର୍ଯ୍ୟୋଲୋକ ପ୍ରଭାବରେ ଜଳ ଓ ଅଙ୍ଗାରାମ୍ଳରୁ ଜୀବନ୍ତ ଉପାଦାନ ତିଆରି କରି ରଖୁଅଛି । ସେଥିରେ ତାହାର ଶରୀର ପରିପୁଷ୍ଟ ହେଉଅଛି, ସେ ସର୍ବଦା ବଢୁଅଛି । ଏହିପରି ବୃକ୍ଷ ମଧ୍ୟରେ ଜୀବନ୍ତ ବସ୍ତୁର ପରିମାଣ ସର୍ବଦା ବଢୁ ବଢୁ ତାହା ଅତ୍ୟନ୍ତ ବେଶି ହୋଇପଡ଼େ । କ୍ଷୁଦ୍ର ଉଦ୍ଭିଦ ବିନ୍ଦୁ ଯେତେବେଳେ ଏହିପରି ଖୁବ୍ ବଡ଼ ହୁଏ, ସେ ସମସ୍ତ ଜୀବନ୍ତ ପଦାର୍ଥ ଆଉ ନିଜ ଦେହରେ ଧରି ରଖିପାରେ ନାହିଁ । ହଠାତ୍ ଦୁଇ ଭାଗରେ ବିଭକ୍ତ ହୋଇ ନିଜପରି ଯୋଡ଼ିଏ ଜୀବନ୍ତ ବିନ୍ଦୁର ସୃଷ୍ଟି କରେ । ଏହିପରି ଜୀବରୁ ଜୀବର ଜନ୍ମ ଆରମ୍ଭ ହୋଇଅଛି । ଯେତେବେଳେ ଜୀବ ଅତି ସୂକ୍ଷ୍ମ ଅବସ୍ଥାରେ ଥିଲା, ସେତେବେଳେ ତାହାର ପ୍ରସବ କ୍ରିୟା ଏହିପରି ଚାଲିଥିଲା । ଗୋଟିଏ ବିନ୍ଦୁ ବଢ଼ି ବଢ଼ି ବଡ଼ ହେଲେ ଦୁଇଟିରେ ପରିଣତ ହୁଏ । ଦୁଇଟିର ପ୍ରତ୍ୟେକଟି ଠିକ୍ ସେହିପରି ବଢ଼ିବାକୁ ଲାଗେ ।

ଅବଶ୍ୟ ଏପରି ବୃକ୍ଷରୁ ବୃକ୍ଷର ଉତ୍ପତ୍ତି କଥା କେତେକଙ୍କୁ ବଡ଼ ଅସମ୍ଭବ ଓ ହାସ୍ୟାସ୍ପଦ ହେଉଥିବ । ସେମାନେ ବୃକ୍ଷ କହିଲେ ବଟ ବକୁଳ କିମ୍ୱା ଅନ୍ତତଃ ଶାଗ ଘାସ ପ୍ରଭୃତି ବୁଝନ୍ତି । କିନ୍ତୁ ଆମ୍ଭେମାନେ ଏଠାରେ ଆଦିମ ସୂକ୍ଷ୍ମ ସରଳ ବୃକ୍ଷ ବିନ୍ଦୁର କଥା ଭାବୁଅଛୁ ।

Digitized by PPRACHIN, SOA

ଏହି ଆଦିମ ବୃକ୍ଷ ବିନ୍ଦୁସବୁ ଅତି କ୍ଷୁଦ୍ର ଆଣୁବୀକ୍ଷଣିକ ଶ୍ୟାମଳ କଣିକାପରି ସେତେବେଳେ ପୃଥିବୀର ପର୍ଯ୍ୟାପ୍ତ ଜଳରାଶିରେ ଭାସୁଥିଲେ । ଆଜିକାଲି ମଧ୍ୟ ବୃକ୍ଷର ଏହି ଆଦିପୁରୁଷମାନେ ଜଳରେ ଦେଖାଯାନ୍ତି । ସେମାନେ ଏତେ ସୂକ୍ଷ୍ମ ଯେ ଖାଲି ଆଖିରେ ତାଙ୍କୁ କେହି ଦେଖି ପାରିବ ନାହିଁ । ଅଣୁବୀକ୍ଷଣରେ ସେମାନେ ଅତି ସୂକ୍ଷ୍ମ ଶ୍ୟାମଳ କଣିକା ପରି ଦେଖାଯାନ୍ତି । ତଥାପି ଏହି ଶ୍ୟାମଳ କଣିକାରୁ ଜଳଶୈବାଳଠାରୁ ବଟ ରସାଳ ପର୍ଯ୍ୟନ୍ତ ଅନନ୍ତ ଜଟିଳ ବୃକ୍ଷ ଜଗତର ସୃଷ୍ଟି । ଏହିମାନେ ହିଁ ବନ ଉପବନର ବିଚିତ୍ର ଉଦ୍ଭିଲ୍ଲକ୍ଷ୍ମୀର ଆଦି ପିତାମହ । ବୃକ୍ଷଜଗତ କଥା ବୁଝିବାକୁ ହେଲେ ଏହିମାନଙ୍କର ପ୍ରକୃତି ଓ ବିକାଶ ପ୍ରଣାଳୀ ବୁଝିବା ସର୍ବାଦୌ ବିଧେୟ ।

ଏସବୁ ଉଦ୍ଭିଦ କଣିକା ପ୍ରଥମେ ଜଳରେ ଭାସୁଥିଲେ ଓ ଜଳରେ ବଢୁଥିଲେ । ବିଶ୍ୱାସ କରିବାର କାରଣ ଅଛି, ସୃଷ୍ଟିର ପ୍ରାରମ୍ଭରେ ବହୁଦିନଯାଏ ଏହି ପୃଥିବୀର ଉପରିଭାଗ ଜଳମୟ ଥିଲା । ପୃଥିବୀର ବିକାଶରେ ବହୁଦିନ ପରେ ଶୁଷ୍କ ସ୍ଥଳଭାଗ ଦେଖାଗଲା । ସେଥିପାଇଁ ପୃଥିବୀର ଅନେକ ଆଦିମ ପ୍ରାଣୀ ଅଦ୍ୟାପି ଜଳରେ ଦେଖାଯାନ୍ତି । ଯେଉଁ ପ୍ରାଣୀସବୁ ସ୍ଥଳରେ ରହନ୍ତି ସେମାନ ଜଳବାସୀ ପ୍ରାଣୀଙ୍କଠାରୁ ଅଧିକ ଉନ୍ନତ ଓ ଜଟିଳତର । ପ୍ରାଣୀଜଗତର କ୍ରମବିକାଶ ପର୍ଯ୍ୟାଲୋଚନା କଲେ ଦେଖାଯାଏ ସ୍ଥଳରେ ରହୁଥିବା ପ୍ରାଣୀମାନେ ଜଳଜ ପ୍ରାଣୀମାନଙ୍କ ପରେ ବିକାଶ ପାଇଅଛନ୍ତି । ଅତଏବ ଜୀବ ସୃଷ୍ଟି ଯେ ମହାସାଗରରେ ଆରମ୍ଭ ହୋଇ କ୍ରମେ ଦ୍ୱୀପ, ଦେଶ, ମହାଦେଶରେ ପ୍ରଚାରିତ ହୋଇଅଛି, ଏ ସିଦ୍ଧାନ୍ତରେ ଅଯୌକ୍ତିକତା କିଛି ନାହିଁ । ଜଳରେ ଭାସୁଥିଲାବେଳେ ବୃକ୍ଷ କଣିକା ବଡ଼ ସହଜରେ ବଢ଼ି ଦ୍ୱିଧା ହେବାର ସମ୍ଭବ । ଆଜିକାଲି ମଧ୍ୟ ଅଧିକାଂଶ ଅତି କ୍ଷୁଦ୍ର ଜଳଜ ଉଦ୍ଭିଦ ଏହି ରୀତିରେ ଆତ୍ମପ୍ରଚାର ଓ ବଂଶବୃଦ୍ଧି କରିବାର ଦେଖାଯାଉଅଛି । ପୋଖରୀ ପ୍ରଭୃତିରେ ଯେଉଁ ବିନ୍ଦୁ ହୁଏ, ତାହା ଅଳ୍ପ ଦିନ ମଧ୍ୟରେ ଏ ରୂପରେ ବଢ଼ି, ସମସ୍ତ ପୋଖରୀରେ ବ୍ୟାପିଯାଏ ।

ସୃଷ୍ଟିରେ ସନ୍ତାନ ପ୍ରଚାରର ଏ ଅତି ସରଳତମ ବିଧାନ । ଏଠାରେ ମଧ୍ୟ ପୈତୃକ ବୃତ୍ତି ଓ ପ୍ରକୃତି ସନ୍ତାନଠାରେ ଦେଖାଯାଏ । ବିନ୍ଦୁଟି ବଢ଼ିଯାଇ ଯେଉଁ ଦୁଇଟି ବିନ୍ଦୁରେ ପରିଣତ ହୁଏ, ସେମାନଂକର ପ୍ରତ୍ୟେକଟି ପ୍ରକୃତି ଓ କ୍ରିୟାରେ ଆଦିମ ବିଂଦୁପରି । ଅବଶ୍ୟ ସଂତାନ କହିଲେ ଆଂଭେ ଯାହା ବୁଝୁ ଏଠାରେ ସେପରି ବୁଝିବାର କିଛି ନାହିଁ । ଗୋଟିଏ ଫାଟିଯାଇ ତାହାପରି ଦୁଇଟିରେ ପରିଣତ ହୁଏ । ସେମାନେ ସବୁ ପ୍ରକାରରେ ସମାନ । କିଂତୁ ଉନ୍ନତ ବୃକ୍ଷମାନଂକରେ ଏପରି ସଂତାନ ପ୍ରଚାର ହୁଏ ନାହିଁ । ଗଛଟି ନିଜେ ନିଜ ସ୍ଥାନରେ ବଢୁଥାଏ । ତାହାର ଫୁଲରୁ ରେଣୁ ଉଡ଼ିଯାଇ ଅନ୍ୟ ଫୁଲରେ ପଡ଼ିଲେ ବୀଜୋତ୍ପତ୍ତି ହୁଏ । ସେହି ବୀଜରୁ ଗୋଟିଏ ସାନ ଗଛ ହୁଏ । ଏଠାରେ ଏହି ସାନ ଗଛଟିକୁ ବଡ଼ଗଛର ସଂତାନ କହିଲେ ଆଂଭେମାନେ କଥାଟି ଭୁଲ୍ ବୁଝିଲୁ । କିଂତୁ ପ୍ରକୃତିରେ କେବଳ ଏହି ପ୍ରକାରରେ ସଂତାନ ପ୍ରସବ କ୍ରିୟା ଚଳେ ନାହିଁ । ଆପେ ଦୁଇଭାଗ

Digitized by PPRACHIN, SOA

ହେବାଠାରୁ ପୁଷ୍ପରେଣୁରେ ବୀଜ ପ୍ରଚାର କରିବା ପର୍ଯ୍ୟଂତ ନାନାଭାବରେ ଅନନ୍ତ ବିଧାନରେ ସଂତାନ ପ୍ରଚାର ଲାଗିଅଛି । ଆଦିମ ବୃକ୍ଷ ମଧ୍ୟରେ ସ୍ତ୍ରୀ ପୁରୁଷର ଭେଦ ନାହିଁ । କ୍ରମେ ଉନ୍ନତ ସୋପାନକୁ ଆସିଲେ ଜଂତୁମାନଂକ ପରି ବୃକ୍ଷମାନଂକର ମଧ୍ୟ ସ୍ତ୍ରୀ ପୁରୁଷ ମିଳନରେ ବୀଜୋତ୍ପତ୍ତି ହୁଏ ।

ଏଠାରେ ବୀଜ ବିକାଶର କ୍ରମ ଅନୁସଂଧାନ କରାଯିବ । ସମସ୍ତ ଜୀବଜଗତରେ ନୂତନ ଜୀବ ଯାହାଠାରୁ ଉତ୍ପନ୍ନ ହୁଏ, ତାହାର ପ୍ରକୃତି ଓ କ୍ରିୟା ଧାରଣକରେ । କିଂତୁ ଭିନ୍ନ ଅବସ୍ଥାରେ ପଡ଼ି ନିଜ ଜୀବନ ରଖିବା ନିମଂତେ ଏହାକୁ ବେଳେ ବେଳେ ଭିନ୍ନ ବ୍ୟବସ୍ଥା ଅବଲମ୍ବନ କରିବାକୁ ହୁଏ । ସେଥିରେ କ୍ରମେ କ୍ରମେ ତାହାର ପ୍ରକୃତି ଓ କ୍ରିୟାରେ ଭିନ୍ନତା ପ୍ରକାଶ ପାଏ । ଏହିପରି ଅନଂତ ପରଂପରାରେ ଭିନ୍ନ ଭିନ୍ନ ଅବସ୍ଥାରେ ପଡ଼ି ଅତି ସୂକ୍ଷ୍ମ ଆଣୁବୀକ୍ଷଣିକ ଶ୍ୟାମଳ ଉଦ୍ଭିଦ ବିଂଦୁରୁ ଜଳସ୍ଥଳ ବ୍ୟାପୀ ଅନଂତ ଜଳଶୈବାଳ ବଟବକୁଳ ପ୍ରଭୃତିର ବିକାଶ ହୋଇଅଛି । ପରେ ଆଂଭେମାନେ ସୂକ୍ଷ୍ମଭାବରେ ଏ ବିକାଶର ପ୍ରଣାଳୀ କିଂଚିତ୍ ଆଲୋଚନା କରିବୁ । ବର୍ତ୍ତମାନ ଏତିକି ମାତ୍ର ଜାଣିବାକୁ ହେବ ଯେ, ମହାର୍ଣ୍ଣବରେ ପ୍ରଥମେ ଜନ୍ମିଥିବା ଅତି ସୂକ୍ଷ୍ମ ଶ୍ୟାମଳ ବୃକ୍ଷବିଂଦୁହିଁ ଅନଂତ ବିସ୍ତୃତ ବିଚିତ୍ର ବୃକ୍ଷ ଜଗତର ଆଦିପିତା ।

## ବୃକ୍ଷାଦିର ବିଭିନ୍ନତା

ଯେତେ ବୃକ୍ଷ ଆଂଭେମାନେ ଆଜି ଚାରିଆଡ଼େ ଦେଖୁଅଛୁ ସବୁକିଛି ଏକାପରି ନୁହେଁ– କିଏ ବୃକ୍ଷ, କିଏ ତୃଣ, କିଏ ଶସ୍ୟ, କିଏ ଗୁଳ୍ମ, କିଏ ଲଟି, କିଏ ବୁଦା, କିଏ ଶିଉଳି, କିଏ ଦଳ । କିଂତୁ ଏ ସମସ୍ତେ ଏକ ପ୍ରକାର ଆଦି ଉଦ୍ଭିଦରୁ ଜାତ । ଗୋଟିଏ ପ୍ରକାର ଆଦି ଉଦ୍ଭିଦ ନାନା ସ୍ଥାନରେ ବିଭିନ୍ନ ଅବସ୍ଥାରେ ପଡ଼ି ସମୟରେ ଏତେ ବିଭିନ୍ନ ହୋଇଯାଇଅଛି । ସମସ୍ତେ ଜାଣିଥିବେ ଧାନ ନିଜେ ନିଜେ ଝଡ଼ି ଗଛ ଉଠିଲେ କେତେଦିନ ପରେ ବାଲୁଂଗା ହୁଏ । ସରୁଧାନ ଖାଲ ଓ ଜଳ ଜମିରେ ଚାଷ କଲେ କ୍ରମେ ମୋଟା ହୋଇଯାଏ । ବରଷେ ଦୁଇ ବରଷ ଦେଖିଲେ ଏ ଭିନ୍ନତା ଆଖିରେ ପଡୁଅଛି । ସହସ୍ର ସହସ୍ର ବର୍ଷରେ ବୃକ୍ଷର କି ପରିବର୍ତ୍ତନ ହୋଇପାରେ ତାହା କିଏ କହିବ ? ତେବେ ଗୋଟିଏ କଥା ମନେ ରଖିବାକୁ ହେବ । ବୃକ୍ଷ ସବୁକୁ ଦେଖିଲେ ଅନୁମାନ ହୁଏ ଯେ ବୃକ୍ଷ ଯେଉଁ ସ୍ଥାନରେ ବଢ଼େ ତାହାର ଆକୃତି ଓ ପ୍ରକୃତି ସେହି ସ୍ଥାନର ବେଷ୍ଟନୀ ଅନୁସାରେ ହୋଇଥାଏ । ଅପଂତରା ବାଲି ଜାଗାରେ ଓ ବାଲୁକାମୟ ମରୁଭୂମି ପ୍ରଭୃତିରେ ନାଗଫେଣି ଗଛ ବଢ଼ିବାର ଦେଖିଛେ । ସେ ଭୂମିରେ ସେହି ବା ସେହିପରି ଗଛ ବଢ଼େ । ଟିକିଏ ଚିଂତାକଲେ ଦେଖାଯିବ ସେ ଗଛ ସେହି ଭୂମିର ସଂପୂର୍ଣ୍ଣ ଉପଯୋଗୀ । ମରୁଭୂମିରେ ପାଣି ଦୁଷ୍ପ୍ରାପ୍ୟ । ଯାହା ପାଣି ଥାଏ ତାହା ସହଜରେ ମଧ୍ୟ ସୂର୍ଯ୍ୟ କିରଣ ଓ ପବନରେ ଶୁଖିଯାଏ । ସେଥିରେ

Digitized by PPRACHIN, SOA

ରହିପାରିବା ଭଳି ନାଗଫେଣୀ ଗଛର ପତ୍ରଗୁଡ଼ିକ ମୋଟା ଓ ମାଂସଳ । ଭିତର ଅତ୍ୟନ୍ତ ନିଦା ନୁହେଁ । ପତ୍ରଗୁଡ଼ିକ ଗଂଠି ଗଂଠି ହୋଇ ଲାଗିଥାଏ; ପତ୍ର ଉପର ଚମ ଖୁବ୍ ବହଳିଆ । ସେହି ହେତୁରୁ ସେଥିରେ ପାଣି ସଂଚିତ ହୋଇ ରହିପାରେ; ସଂଚିତ ଜଳ ସହଜରେ ଶୁଖିଯାଇପାରେ ନାହିଁ । ଏହିପରି ସ୍ଥାନ ଓ ବେଷ୍ଟନୀ ଅନୁସାରେ ଗଛର ପ୍ରକୃତି ମଧ୍ୟ ସର୍ବତ୍ର ଦେଖାଯାଇପାରିବ । ମୋଟାମୋଟି ଲକ୍ଷ୍ୟକଲେ ଦେଖାଯିବ ଯେଉଁ ଦେଶରେ ଯେଉଁ ଫୁଲ ଫୁଟେ ତାହା ସେହି ଦେଶର ପତଂଗମାନଙ୍କୁ ଆକର୍ଷଣ କରିବା ଭଳି ହୋଇଥାଏ । ସେହିପରି ଦେଶର ଜୀବଜଂତୁମାନେ ବିକ୍ଷେପରେ ସାହାଯ୍ୟ କରିପାରିବା ଭଳି ଗଛର ଫଳ ମଧ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ ବୋଲାଯାଇପାରେ, ମହୁମାଛି ନଥିବା ସ୍ଥଳରେ ଫୁଲରେ ମଧୁ ଅପେକ୍ଷା ବର୍ଣ୍ଣାଦିର ବୈଭବ ଅଧିକ ଦେଖାଯାଏ । ମାକଡ଼ ନଥିବା ଦେଶରେ ନଡ଼ିଆ ହୁଏ ନାହିଁ ଇତ୍ୟାଦି ।

ଏହିପରି ସ୍ଥାନ ଓ ବେଷ୍ଟନୀ ଅନୁସାରେ ଗଛସବୁ ହୋଇଥିବାର ଦେଖି ଅନୁସଂଧାନ ବଳରେ ପଂଡିତମାନେ ଏ ସମସ୍ତ ଘଟନାର ସରଳ ବ୍ୟାଖ୍ୟା କରିଅଛଂତି; ବୃକ୍ଷ ରାଜ୍ୟର ତତ୍ତ୍ୱ ସ୍ଥିର କରି ଅଛଂତି । ଏ ସବୁ ବୈଜ୍ଞାନିକ କଥା ଏତେ ଅଳ୍ପ ସ୍ଥାନରେ ଭଲ ବୁଝାଇ କହି ହେବ ନାହିଁ ସତ, ତଥାପି ଯଥାସଂଭବ ବିଷୟଟିର ଆଲୋଚନା କରାଯାଉଅଛି ।

ପୃଥିବୀ ଜୀବଜଂତୁ ବୃକ୍ଷ ଇତ୍ୟାଦିରେ ପୂର୍ଣ୍ଣ ରହିଅଛି । ସମସ୍ତେ ସବୁବେଳେ ଖାଦ୍ୟ ଜଳ ବାୟୁ ସୂର୍ଯ୍ୟକିରଣ ନିମଂତେ ଯେପରିକି ପରସ୍ପର ସଂଗେ ବିବାଦ କରୁଅଛଂତି । ବିବାଦରେ ଯେ ପାରୁଅଛି ସେ ରହୁଅଛି; ଯେ ପାରୁନାହିଁ ସେ ନଷ୍ଟ ହେଉଅଛି । ବହିର୍ଜଗତରେ ଏହି ସ୍ୱଭାବ ଜାତ ବିବାଦ ସର୍ବଦା ଲାଗିଅଛି । କେହି ଏହା ଜାଣିଶୁଣି କରୁଛଂତି ବୋଲି କହିବା ସଂଗତ ନୁହେଁ । ଏହା ସୃଷ୍ଟିର ନିୟମ, ପ୍ରକୃତିର ବିଧାନ । ଜଗତର ଏ ନିତ୍ୟ ଯୁଦ୍ଧ ଆଂଭେମାନେ ଦେଖି ଦେଖୁନାହୁଁ । ପ୍ରବୃତ୍ତିରେ ସଂଯମ; ବିଶୃଙ୍ଖଳତାରେ ଶୃଙ୍ଖଳା, ସ୍ୱପ୍ନରେ ଉଦ୍‌ବୋଧନ, ଅପରିଚିତରେ ବ୍ୟବହାର, ମୃତ୍ୟୁ ମଧ୍ୟରେ ଜୀବନ, ଅନଂତ ସୃଷ୍ଟିରେ ମରଣ– ସମସ୍ତେ ଏହି ନିୟମର ପ୍ରଚାରକ । ଏ ନିୟମର ଏ ପ୍ରଚାର ଅନଂତ ପ୍ରକୃତିରେ ଅଜ୍ଞାତ ଭାବରେ ଚାଲିଅଛି– ତାହା ନହେଲେ ସ୍ଥିତି ଅସଂଭବ ହୁଅଂତା । ସୂର୍ଯ୍ୟରୁ ଅନଂତ ରଶ୍ମିରେଖା ନିର୍ଗତ ହୁଏ, କିଂତୁ ସେ ସବୁର କି ପ୍ରୟୋଜନ ? ସେଥିରୁ କେତେ ବା ପୃଥିବୀ ଗ୍ରହ ଉପଗ୍ରହମାନେ ପାଆଂତି ? ଅନଂତ ଦିଧୀତିମାଳା ଅନଂତ ଶୂନ୍ୟ ଗର୍ଭରେ କାହିଁକି ବା ଅପଚିତ ହୁଏ ? ଏହାର କେହି ଉତ୍ତର ଦେବେ କି ? କିଂତୁ ତାହା ନ ହୋଇ, ମନେକର, ଯଦି ମୁହୂର୍ତ୍ତକ ପାଇଁ ସେ ସମସ୍ତ ରଶ୍ମି ଗ୍ରହଜଗତରେ ପଡ଼ଂତା ତେବେ ଗ୍ରହଜଗତର ଦଶା ପରମୁହୂର୍ତ୍ତରେ କ'ଣ ହୁଅଂତା ? ଅନଂତ ଅପଚିତିରେ ଏହି ବ୍ୟବହାରହିଁ ସର୍ଗ ନିୟଂତାଂକର ଅଜ୍ଞାତ ବିଧାନ । ଏକା ବୃକ୍ଷ ଜଗତରେ କାହିଁକି ସୃଷ୍ଟିର ଡାବତୀୟ ବସ୍ତୁରେ ଏହି ବିଧାନର ଲୀଳା ଦେଖିବାକୁ ମିଳେ । ଜୀବଜଗତରେ ଏହି ଲୀଳା ଦେଖି ପଂଡିତମାନେ ସ୍ଥିତିରେ ଗୋଟିଏ ନିରବଚ୍ଛିନ୍ନ ବିଗ୍ରହ ବା ରହିବା ପାଇଁ

Digitized by PPRACHIN, SOA

ପ୍ରତ୍ୟେକ ବସ୍ତୁର ଅପର ସଂଗେ ବିବାଦ ଲକ୍ଷ୍ୟ କରିଅଛଂତି । ବୃକ୍ଷ ଜଗତର ଗୋଟିଏ ସାଧାରଣ କଥାରେ ଏ ଲୀଳା ଟିକ୍କିଏ ଦେଖିଲେ କଥାଟି ସ୍ପଷ୍ଟତର ହେବ ।

ଯେକୌଣସି ଗୋଟିଏ ଗଛର ଉଦାହରଣ ନିଅ– ମନେକର ଗୋଟିଏ ଦେବଦାରୁ ଗଛ । ପ୍ରତ୍ୟେକ ଦେବଦାରୁ ଗଛ ମୂଳରେ ଅସଂଖ୍ୟ ବୀଜ ପଡ଼ିଥିବାର ଗ୍ରୀଷ୍ମ କାଳରେ ଲୋକେ ଦେଖନ୍ତି । ମନେକର ଅତି କମ୍‌ରେ ଗୋଟିଏ ଗଛରେ ଶହେଟି ଫଳ ପାଚି ବୀଜରେ ପରିଣତ ହେଲା । ସେ ଶହେଟିଯାକ ଯଦି ଗଛ ହୁଅନ୍ତା ତାହାହେଲେ ପାଂଚ ବର୍ଷ ମଧ୍ୟରେ ପ୍ରତ୍ୟେକ ଗଛ ସେହିପରି ଶହେ ଶହେ ଗଛ ପ୍ରସବ କରଂତେ । ଏହିପରି ଏକ ଶତାବ୍ଦୀ ଭିତରେ ସମସ୍ତ ପୃଥିବୀ କେବଳ ଦେବଦାରୁ ଗଛରେ ବ୍ୟାପ୍ତ ହୁଅଂତା । କିଂତୁ ତାହା ହୁଏକି ? କାହିଁକି ତାହା ହୁଏ ନାହିଁ ? ଗଛରେ ଯେତେ ଫୁଲ ହୁଏ ସମସ୍ତେ ପାଚଂତି ନାହିଁ; ଯେତେ ପାଚଂତି ସମସ୍ତେ ଗଛ ହୁଅଂତି ନାହିଁ । ଯେତେ ଗଛ ହୁଅଂତି ସମସ୍ତେ ବଢ଼ଂତି ନାହିଁ; ଯେତେ ବଢ଼ଂତି ସମସ୍ତେ ରହଂତି ନାହିଁ । ଏସବୁ କାହିଁକି ? ବିଶ୍ୱନିୟଂତାଂକ ରାଜ୍ୟରେ ପ୍ରକୃତିର ଏ ସଂଯତ ବ୍ୟୟ ନୀତି ମଧ୍ୟରେ ଏ ଅପଚିତି କାହିଁକି ? ତାହା କହିବାର ଆଂଭମାନଙ୍କର ଅଧିକାର ନାହିଁ । କିଂତୁ ଏହି ଅପଚିତିହିଁ ଜଗତର ତଥା ଜୀବ ରାଜ୍ୟର ନୀତି ।

ଦେବଦାରୁ ଗଛ ସଂଗେ ସଂଗେ ଅନ୍ୟାନ୍ୟ ଅନେକ ଜୀବଜଂତୁ ଗଛଲତା ମଧ୍ୟ ଅଛଂତି । ସମସ୍ତେ ଏହି ପୃଥିବୀରୁ, ଏହି ସୂର୍ଯ୍ୟ କିରଣରୁ ଖାଦ୍ୟ ସଂଗ୍ରହକରିବେ । ଘଟନାଚକ୍ରରେ ସେ ଖାଦ୍ୟ ଯେ ଯେତେ ସଂଗ୍ରହ କରିପାରିବ ସେ ସେତେ ରହିବ । ମଂଜି ଅନେକ ପଡୁଅଛି, କିଏ ଛାଇରେ ପଡ଼ି ବର୍ଷାରେ ପଚିଯାଏ; କିଏ ବା ଭୂମି ଉପରେ ପଡ଼ି ସୂର୍ଯ୍ୟୋତ୍ତାପରେ ଶୁଖିଯାଏ; କିଏ ଗଛ ହେଲେ ମଧ୍ୟ ପାଦରେ ଦଳି ହୋଇଯାଏ; କାହାକୁ ବା ଗୋରୁଗାଈ ଖାଇ ନଷ୍ଟ କରିଦିଅଂତି; କାହାକୁ ଲୋକେ ଅନାବଶ୍ୟକ ବୋଲି ଉପାଡ଼ି ବା ହାଣି ଫିଂଗି ଦିଅଂତି; କିଏ ବା ବଣରେ ନିଆଁଲାଗି ଜଳିଯାଏ; କିଏ ବା ନଦୀସ୍ରୋତରେ ଭାସିଯାଏ । ଏହିପରି ନାନା ଅପଚିତି ମଧ୍ୟରେ ପ୍ରକୃତି ନିୟମରେ ଅବସ୍ଥା ଯାହାପ୍ରତି ଅନୁକୂଳ ହୁଏ ସେହି କେବଳ ବଢ଼େ । ବଢ଼ିବାରେ ମଧ୍ୟ ପ୍ରଭେଦ ଅଛି । କିଏ ସୂର୍ଯ୍ୟୋତ୍ତାପ ଖୋଜି ଖୋଜି ବଂକାହୋଇ ବଢ଼େ; କିଏ ଗଛଛାଇରେ ରହି ଦୁର୍ବଳ ହୋଇଯାଏ; କିଏ ବେଶି ସାର ପାଇ ଅତ୍ୟଂତ ପରିପୁଷ୍ଟ ହୁଏ, କାହାର ଫଳ ବଳିଷ୍ଠ ହୋଇ ନିଂବରୁ ମହାନିଂବ ସୃଷ୍ଟିକରେ । କେଉଁଠାରେ ବା ଅବସ୍ଥା ଭେଦରେ କଦଂବ କ୍ରମେ କେଳିକଦଂବରେ ପରିଣତ ହୁଏ । ବଣକଦଳୀ ଚାଷରେ ବଢ଼ିଲେ, ସାର ପାଇଲେ ପରିପୁଷ୍ଟ ଓ ବୀଜହୀନ ହୁଏ; ବାଡ଼ିର କଦଳୀ କେତେ କାଳ ବଣରେ ବଢ଼ିଲେ ପୁଣି ବନ୍ୟ ହୁଏ । ଯେଉଁମାନେ ଗାଈ, ଗୟଳ, ମଇଷି, ଅରିଣା ମଇଷି, ଘୁଷୁରି ବାର୍ହା ପ୍ରଭୃତିର ପ୍ରଭେଦ ବୁଝିଥିବେ, ସେମାନେ ଜୀବଜଗତରେ ମଧ୍ୟ ଏହି ସତ୍ୟ ଅନୁମାନ କରିପାରିବେ । ଧାନରୁ ବାଲୁଂଗା, ବାଲୁଂଗାରୁ ଧାନ ହେବା କଥା ସର୍ବତ୍ର ସୁବିଦିତ, ସେ ଉଦାରତା ବୁଝାଇବା ଅନାବଶ୍ୟକ ।

Digitized by PPRACHIN, SOA

ପ୍ରକୃତିରେ ଏହିପରି ଅବସ୍ଥାଭେଦରେ ଅତି ଅଳ୍ପ ସମୟ ମଧ୍ୟରେ ବୃକ୍ଷରୁ ବୃକ୍ଷେତରର ସୃଷ୍ଟି ହେଉଅଛି । ଟିକିଏ ଭାବି ବସିଲେ ଏହି ନିୟମରେ ଅନେକ କାଳରେ ଅବସ୍ଥା ଭେଦରେ ପଡ଼ି ସାମାନ୍ୟ ଘାସରୁ ବାଉଁଶର ସୃଷ୍ଟି ହେବା ଅନେକଙ୍କୁ ଅସଂଭବ ପରି ଲାଗିବନାହିଁ । ପୁଣି ଉତ୍ତର ବ୍ରହ୍ମଦେଶର ବାଉଁଶର କଥା ଯେଉଁମାନେ ଶୁଣିଥିବେ, ସେମାନେ ଜାଣିଥିବେ ଆଂଭ ଦେଶର ବାଉଁଶ ତୁଳନାରେ ସେସବୁ କି ପଦାର୍ଥ ! ତାହାର ଗୋଟିଏ ପବରେ ତିନିଚାରି ମାଠିଆ ପାଣି ଧରେ । ଆଂଭ ଦେଶର ବାଉଁଶ ସେ ଦେଶରେ ବଢ଼ିଲେ ଦୁଇ ଏକ ଶତାବ୍ଦୀ ପରେ ଯେ ସେହିପରି ହୋଇଯିବ ଏଥିରେ କୌଣସି ବିଚିତ୍ରତା ନାହିଁ । ତେବେ ଘାସ ଯେ ଗତ ଶତାବ୍ଦୀର ଅବସ୍ଥା ଭେଦରେ ପଡ଼ି ବାଉଁଶରେ ପରିଣତ ହେବ ସେଥିରେ ବିସ୍ମିତ ହେବାର କ'ଣ ଅଛି ?

ଏତେ ଯେ ବିଚିତ୍ରତା, ଏହି ଯେ ଅବସ୍ଥାରେ ପଡ଼ି ଗଛର ବିନାଶ ଓ ବିକାଶ, ପରିଣତି ଓ ବିକୃତି, ଏକ ବୃକ୍ଷର ଅପର ବୃକ୍ଷରେ ପରିଣତି ଓ ଏକ ବୃକ୍ଷରେ ଅବସ୍ଥା ଭେଦରେ ବିକୃତି ଏସବୁ ଭିତରେ ବୃକ୍ଷମାନଙ୍କର ନିଜନିଜର ଜୀବନ ନିମଂତେ ପରସ୍ପର ମଧ୍ୟରେ ବିବାଦ ଦେଖିବାକୁ ହେବ । ଏହି ବିବାଦହିଁ ସମସ୍ତଙ୍କ ମଧ୍ୟରେ ପରିଣତି ଓ ବିକୃତିର ହେତୁ । ଅବଶ୍ୟ ଜଂତୁ ଜଗତରେ ଏ ବିବାଦ ଦେଖିବା ସହଜ । ଗୋଟିଏ ମାଛ କେତେଗୁଡ଼ିଏ ଡିଂବ ଦିଏ । ସମସ୍ତ ଡିଂବ ମାଛ ହୁଏ ନାହିଁ । କେତେକ ଅନ୍ୟ ମାଛମାନେ ଖାଇଯାଂତି, କେତେକ ସ୍ଥଳବିଶେଷରେ ପଡ଼ି ନଷ୍ଟହୁଏ । ଯେଉଁ କେତୋଟି ଫୁଟି ମାଛ ହୁଅଂତି ସେମାନଂକ ପାଇଁ ପ୍ରକୃତିରେ ଅନେକ ଶତ୍ରୁ ରହିଅଛଂତି । ମାଛ ଛୋଟ ଥିଲାବେଳେ ବଡ଼ ମାଛ ତାକୁ ଖାଇଯାଏ; କିଂତୁ ସବୁ ଛୋଟମାଛକୁ ବଡ଼ମାଛ ଖାଇଯାଏ ନାହିଁ । ବଡ଼ମାଛ ଖାଇବାକୁ ଆସିଲାବେଳେ କିଏ ପଳାଇଯାଏ, କିଏ ଲୁଚିଯାଏ, କିଏ ଡେଇଁପଡ଼ି ସ୍ଥାନାଂତରିତ ହୁଏ । ଏହିପରି ନାନା ଉପାୟରେ ଛୋଟ ମାଛମାନେ ନିଜର ଜୀବନ ରକ୍ଷାକରଂତି । ସେଥିମଧ୍ୟରେ ଯେଉଁଗୁଡ଼ିକ ବଂଚି ରହଂତି ଅନ୍ୟମାନଂକଠାରୁ ସେମାନଂକର ଚତୁରତା ଓ ଚାଂଚଲ୍ୟ ନିଶ୍ଚୟ ଟିକିଏ ବେଶି । ଜୀବନ ରକ୍ଷା କରିବାପାଇଁ ଯେଉଁ ବିବାଦ ଚାଲିଅଛି ସେ ବିବାଦର ସମ୍ମୁଖୀନ ହେବାରେ ସେମାନେ ଅବଶ୍ୟ ଅଧିକତର ପଟୁ । ସେହି ପଟୁତା ବଳରେହିଁ ସେମାନେ ବଂଚିଲେ, ବଢ଼ିଲେ । କିଂତୁ ବୃକ୍ଷ ଜଗତରେ ଏପରି କୌଣସି ଚଂଚଳତା, ପଟୁତା ଦେଖାଯିବ କି ?

ଦେଖିବାକୁ କିଛି ନଥିଲେ ମଧ୍ୟ ଅନ୍ୟାନ୍ୟ ଜଗତରେ ଯେପରି ବୃକ୍ଷ ଜଗତରେ ସେହିପରି ଏହି ଜୀବନ ବିବାଦ ଓ ବିବାଦରେ ଯୋଗ୍ୟତମର ସ୍ଥିତି ଓ ବିକାଶ । ପକ୍ଷାଂତରେ ଅନନୁକୂଳ ବେଷ୍ଟନୀଗତ ଓ ଅଯୋଗ୍ୟ ବୃକ୍ଷର ବିନାଶ ସର୍ବଦା ଚାଲିଅଛି । ବୃକ୍ଷମାନେ ମଧ୍ୟ ଜୀବନ ସଂଗ୍ରାମରେ ସେହି ପଟୁତା ଅନ୍ୱେଷଣ କରି ସର୍ବଦା ଚାଲିଅଛଂତି । ଚେରର ପ୍ରତ୍ୟେକ ଉପଶାଖା ପର୍ଯ୍ୟଂତ ସର୍ବଦା ଭୂମି ଭେଦକରି ଜୀବନ ଉପାୟ ଖୋଜୁ ଖୋଜୁ ମୃତ୍ତିକାର ଅଭ୍ୟଂତରରେ ପ୍ରବେଶ କରି ବୃକ୍ଷକୁ ପୁଷ୍ଟ ଓ ସୁଦୃଢ଼ କରୁଅଛି । ଯେଉଁ ବୃକ୍ଷର

Digitized by PPRACHIN, SOA

ଟେର ତାହା କରିବାକୁ ଅକ୍ଷମ ସେ ବୃକ୍ଷର ସ୍ଥିତି ଅସଂଭବ । ଗଛରେ ପ୍ରତ୍ୟେକ ଡେଂଫ ପ୍ରତ୍ୟେକ ପତ୍ର ନିଜର ନିକଟବର୍ତ୍ତୀ ଡେଂଫ ପତ୍ରଠାରୁ ଉପରକୁ ଉଠି ସୂର୍ଯ୍ୟକିରଣ ଓ ପବନରୁ ଅଂଗାର ସଂଗ୍ରହ କରିବାକୁ ସର୍ବଦା ବ୍ୟାକୁଳ । ଯେ ପତ୍ର ତାହା କରିନପାରେ ସେ ବଢ଼େ ନାହିଁ । ଯେଉଁ ବୃକ୍ଷରେ ଅଧିକ ପତ୍ର ଏହିପରି ଅଯୋଗ୍ୟ ହୁଅଂତି ସେ ବୃକ୍ଷ ରହେ ନାହିଁ ।

ସ୍କୁଲର ଛାତ୍ରମାନେ ଉଦ୍ଭିଦ ବିଦ୍ୟା ପଢ଼ିଲାବେଳେ ଦେଖିଥିବେ ସେମାନେ ଗଛକୁ ଅନ୍ଧାରରେ ଲଗାଇଦେଲେ ସେ ଗଛର ଡାଳପତ୍ର ସବୁ ଆଲୁଅ ଆଡ଼ିକି ବଂକା ହୁଏ, ଡାଳ ଓ ଡେଂଫ ସବୁ ଅଯଥା ଅତ୍ୟଂତ ଲଂବା ହୋଇଯାଏ– ବୋଧହୁଏ ଯେପରିକି ଗଛର ପତ୍ରଗୁଡ଼ିକ ଆଲୋକ ସଂଗ୍ରହ କରିବା ନିମଂତେ ଦଉଡ଼ୁଅଛଂତି । ଯେଉଁମାନେ ଚାଷକରଂତି ସେମାନେ ଦେଖିଥିବେ ସେମାନେ ସୁଆଁ ଓପାଡ଼ି ଧାନ ଗଛର ମୂଳ ପରିଷ୍କାର ରଖିଥାଂତି, ତା' ନକଲେ ସୁଆଁ ଗଛ ଅଧିକ ବଢ଼ିଯାଇ ଧାନ ଗଛକୁ ନଷ୍ଟକରିଦିଏ । ଗୋଟିଏ ସୁଂଦର ଫୁଲ ବଗିଚା ବରଷେଖଂଡେ ଅନାଦୃତ ହେଲେ ସେଥିରେ କେତେ ବଡ଼ଗଛ ଉଠି ଫୁଲ ଗଛର ବଳ ହ୍ରାସ କରି ସେଗୁଡ଼ିକୁ ମ୍ରିୟମାଣ କରିପକାଂତି । ଫୁଲଗଛ, ଧାନଗଛ ପ୍ରଭୃତି ଗଛକୁ ବଢ଼ିବାରେ ଆଂଭେମାନେ ସାହାଯ୍ୟ କରୁ । ଏପରି ପର ସାହାଯ୍ୟରେ ବଢ଼ି ବଢ଼ି ସେମାନେ ଆପେ ଆପଣାକୁ ସାହାଯ୍ୟ କରିବାକୁ ଅକ୍ଷମ ହୋଇଥାଂତି । ସେଥିପାଇଁ ସେମାନେ ଜୀବନ ସଂଗ୍ରାମରେ ବଣ ଗଛ ସଂଗେ ପାରି ଉଠଂତି ନାହିଁ ।

ଏ ଜୀବନ ସଂଗ୍ରାମ ଅବସ୍ଥା ଓ ବେଷ୍ଟନୀ ମଧରେ ବୃକ୍ଷ ଜଗତର ଏ ବିଭିନ୍ନତା ଆଦିର କଥା ନୁହେଁ । ବୃକ୍ଷ ସୃଷ୍ଟି କାଳରୁ ଏହି ନୀତିର କ୍ରିୟା ଚାଲୁଅଛି । ବୃକ୍ଷାଦିର ଉତ୍ପତ୍ତି ପ୍ରସଂଗରେ ଆଂଭେମାନେ ଦେଖିଅଛୁଁ ବୃକ୍ଷ ସୃଷ୍ଟିର ପ୍ରଥମରୁ ଏ କମନୀୟ ଉଦ୍ଭିଲ୍ଲକ୍ଷ୍ମୀ ନଥିଲା । ପ୍ରଥମରୁ ଖୁବ୍ ସଂଭବ ବୃକ୍ଷ ଗୋଟିଏ ଅତି କ୍ଷୁଦ୍ର ଦୂରିତ ବିଂଦୁ କରି ଜଳରାଶି ମଧରେ ଭାସୁଥିଲା । ସେ ବିଂଦୁଟି ଜୀବଂତ ଥିଲା । ସୂର୍ଯ୍ୟୋତ୍ତାପ ସାହାଯ୍ୟରେ ବାୟୁରୁ ଅଂଗାର ସଂଗ୍ରହ କରିବାର କ୍ଷମତା ତାହାର ବିଦ୍ୟମାନ ଥିଲା । ବୃକ୍ଷ ସଂବଂଧରେ ଆଉ ଗୋଟିଏ କଥା ମଧ ଆଂଭମାନଂକୁ ସ୍ମରଣ କରିବାକୁ ହେବ । ଆଜି ଯେତେ ବଡ଼ ବୃକ୍ଷ ଦେଖନା କାହିଁକି ବିଜ୍ଞାନ ମଂଦିରରେ ଯଂତ୍ର ସାହାଯ୍ୟରେ ପରୀକ୍ଷା କରି ଦେଖିଲେ ଦେଖାଯାଏ ସମସ୍ତ ବୃକ୍ଷଟି କେତେ ଗୁଡ଼ିଏ ବୃକ୍ଷାଣୁର ସମଷ୍ଟି ମାତ୍ର । ସେହି ଅଣୁଗୁଡ଼ିକ ପ୍ରତି ମୁହୂର୍ତ୍ତରେ ପରିପକ୍ୱ ହୋଇ ଦ୍ୱିଧା ହେଉଅଛି ଓ ସେଥିରେ ବୃକ୍ଷ ଜଗତର ବିକାଶ ନିରବଚ୍ଛିନ୍ନ ଚାଲିଅଛି । ଅତି ପ୍ରାଥମିକ ବୃକ୍ଷ ବିନ୍ଦୁ ଏହିପରି ଗୋଟିଏ ଜୀବାଣୁ ମାତ୍ର ଥିଲା । କ୍ରମେ ସେହି ଗୋଟିଏ ପରିପକ୍ୱ ହୋଇ ଦ୍ୱିଧା ହେଲା, ଗୋଟିକେରୁ ଦୁଇଟି, ଦୁଇଟିରୁ ଚାରିଟି ଏହିପରି କ୍ରମେ କୋଟି କୋଟି ଜୀବାଣୁ ଜଳରାଶିରେ ଭାସମାନ ହେଲା । ଏହିପରି ଗୋଟିକ ଦୁଇଟି ହେଉ ହେଉ, କେଜାଣି ସ୍ଥାନାଭାବରୁ, କିମ୍ବା ଉପଯୁକ୍ତ ଆଲୋକ ଗ୍ରହଣ କରିବାର ଅସୁବିଧା ହେତୁରୁ, କିମ୍ବା ସେହିପରି ଅନ୍ୟ କୌଣସି କାରଣରୁ ନୂତନ

Digitized by PPRACHIN, SOA

ବୃକ୍ଷାଣୁଟି ପୁରାତନ ବୃକ୍ଷାଣୁରୁ ସମ୍ପୂର୍ଣ୍ଣ ଭିନ୍ନ ନ ହୋଇ ତାହା ସଙ୍ଗେ ଲାଗିରହିଲା ଓ କାଳକ୍ରମେ ସୂତାପରି ଗୋଟିଏ ଶୈବାଳର ସୃଷ୍ଟି ହେଲା । ଆଜିକାଲି କେତେକ ଜଳାଶୟରେ ଯେଉଁସବୁ ସୂତ୍ର ଶୈବାଳ ବଢ଼େ ଆଣୁବୀକ୍ଷଣିକ ପରୀକ୍ଷାରେ ସେ ସବୁର ଏହି ପ୍ରକୃତି ଲକ୍ଷ୍ୟ କରାଯାଇ ପାରିବ । ଏହିଠାରେ ବୃକ୍ଷ ରାଜ୍ୟରେ ବିଚିତ୍ରତାର ଆଦିସୃଷ୍ଟି । ଯେଉଁ କାରଣୁ ବୃକ୍ଷାଣୁ ସବୁ ସୂତ୍ରାକାର ଧାରଣ କଲା, ସେହି ବା ସେହି ଭଳି କୌଣସି କାରଣରୁ ସେମାନେ ପରସ୍ପର ସଂଗେ ଲାଗିରହି ସୂର୍ଯ୍ୟୋତ୍ତାପ ଗ୍ରହଣ କରିବାକୁ ଜଳ ଉପରେ ଚେପ୍‌ଟା ହୋଇ ପତ୍ରପରି ଭାସିଲେ ଓ କ୍ରମଶଃ ଅବସ୍ଥା ବୈଷମ୍ୟରେ ପଡ଼ି ଏ ବୃକ୍ଷାଣୁମାନେ ସରଳରୁ ଜଟିଳ, ଜଟିଳରୁ ଜଟିଳତର ବୃକ୍ଷର ସୃଷ୍ଟିକଲେ । ଏ ବୃକ୍ଷାଣୁ ଏହିପରି ବିଚିତ୍ର ବୃକ୍ଷ ଜଗତର ଉତ୍ପାଦନରେ ସମର୍ଥ ହେଲା ଓ ନିଜର ଜୀବନ ଉପାଦାନ ସଂଗ୍ରହ କରିବାରେ ସଂଗ୍ରାମ କରି ବୃକ୍ଷରୁ ବୃକ୍ଷାନ୍ତରରେ ପରିଣତ ହେଲା ।

ଉଚ୍ଚ ଶ୍ରେଣୀର ବୃକ୍ଷସବୁ ନୀଚ ଶ୍ରେଣୀର ବୃକ୍ଷମାନଙ୍କଠାରୁ କେବଳ ଯେ ଜୀବାଣୁମାନଙ୍କର ସଂଖ୍ୟା ହିସାବରେ ଭିନ୍ନ ତାହା ନୁହେଁ । ବୃକ୍ଷ ଜଗତର ବିଭିନ୍ନତା ବିଚତ୍ର, ଅନନ୍ତ । ସମସ୍ତେ ନିଜ ନିଜର ବେଷ୍ଟନୀର ଉପଯୋଗୀ । ପ୍ରତ୍ୟେକ ଆଦିମ ବୃକ୍ଷ ଜୀବାଣୁ ବିଭାଗରେ ବଢୁଅଛି ଓ ସେହି ଜୀବାଣୁମାନଙ୍କ ମଧ୍ୟରୁ କାଳକ୍ରମେ ଘଟଣା ଚକ୍ରରେ ପଡ଼ି ଆଲୋକ ଓ ପବନ ଅଭାବରେ କେତେ ନଷ୍ଟ ହେଉଅଛନ୍ତି । କେତେ ଆଲୋକ ଓ ପବନର ପ୍ରାଚୁର୍ଯ୍ୟ ମଧ୍ୟରେ ଅତି ପରିପୁଷ୍ଟ ହୋଇ ବଢୁଅଛନ୍ତି । କେତେ ବା ଆଲୋକ ଓ ପବନର ଅଭାବରେ ରୁଗ୍ଣ ହେଉଅଛନ୍ତି । ଯେଉଁମାନେ ସୁସ୍ଥ ସବଳ ହେଉଅଛନ୍ତି, ସେମାନେ ଅଧିକତର ପରିମାଣରେ ନୂତନ ବୃକ୍ଷ ତିଆର କରୁଅଛନ୍ତି । କିଏ ମରୁଭୂମିରେ ପଡ଼ି କାଳକ୍ରମେ ନାଗଫେଣୀ ପରି ବଢୁଅଛି, କିଏ ବା ସମୁଦ୍ର ତଳେ ସୁପ୍ରକାଣ୍ଡ ଆଲଜିରେ ପରିଣତ ହେଉଅଛି । ଏହିପରି ଭୂମି ଜଳ ବାୟୁ ଆଲୋକ ଉତ୍ତାପ ପ୍ରଭୃତି ବୃକ୍ଷର ଯେଉଁ ଦ୍ରବ୍ୟ ଆବଶ୍ୟକ ସେମାନଙ୍କର ଇତର ବିଶେଷ ପରିମାଣ ଭେଦରେ ପଡ଼ି କାହାର ଡାଳ ଲମ୍ବା ହେଉଅଛି, କାହାର ପତ୍ର ସାନ ହେଉଅଛି, କାହାର କାଣ୍ଡ ସୁପ୍ରଶସ୍ତ ହେଉଅଛି, କାହାର କାଠ ମାଂସଳ ହେଉଅଛି, କାହାର ଛେଲି ମୋଟା ହେଉଅଛି, କିଏ ବା ଦିନରେ ଫୁଲ ଫୁଟାଇ ପତଙ୍ଗମାନଙ୍କୁ ଆକର୍ଷଣ କରିବା ନିମନ୍ତେ ଫୁଲରେ ବର୍ଣ୍ଣ ବୈଭବ ଦେଖାଉଛି, ସୁରମ୍ୟ ମଧୁକୋଷ ଧରିଅଛି, କିଏ ବା ରାତିରେ ଫୁଲ ଫୁଟାଇ ବର୍ଣ୍ଣ ବୈଭବ ଦିଶିବ ନାହିଁ ବୋଲି ଧଳା ଫୁଲରେ ମନୋରମ ସୁବାସ ଧରି ପତଙ୍ଗମାନଙ୍କୁ ଯେପରିକି ଆହ୍ୱାନ କରୁଅଛି ।

ଅବଶ୍ୟ ସାମାନ୍ୟ ବୃକ୍ଷାଣୁରୁ ବୃକ୍ଷ ଜଗତର ଏ ଅନନ୍ତ ବିଚିତ୍ରତା ଦିନକର, ମାସକର, ବର୍ଷକର ବା ଏକ ଶତାବ୍ଦୀର ଫଳ ନୁହେଁ, ସହସ୍ର ସହସ୍ର ଯୁଗ ମଧ୍ୟରେ ପୃଥିବୀର ଏ ଅନନ୍ତ ପରିବର୍ତ୍ତନ ଲୀଳା ଚାଲିଅଛି । ସରଳ ଜଟିଳ, ଜଟିଳ ଜଟିଳତର ହେଉଅଛି । ଗୋଟିଏ ସମୁଦ୍ରର ବୃକ୍ଷାଣୁ ମରୁଭୂମିରେ ପକାଇଦେଲେ ତହିଁ ପରଦିନ ଯେ ନାଗଫେଣୀରେ

Digitized by PPRACHIN, SOA

ପରିଣତ ହେବ ଏହା କେହି କହୁ ନାହାନ୍ତି; କିନ୍ତୁ ଧାନ ତ ବାଲୁଙ୍ଗା ହୁଏ, ନିମ୍ବ ତ ମହାନିମ୍ବ ହୁଏ, ଆମ୍ବ ଦେଶ ବାଉଁଶ ତ ବ୍ରହ୍ମ ଦେଶରେ ବଡ଼ ହୁଏ, ବାଇଂଗଣ ସାରହୀନ ଭୂମିରେ ଭେଜିବାଇଂଗଣ ହୁଏ । ଏତ ଦୁଇ ଦଶଦିନ ବର୍ଷେ ପାଞ୍ଚ ବର୍ଷ ମଧ୍ୟରେ ହେବାର ଦେଖାଯାଏ । ତେବେ ଅନନ୍ତ ସୃଷ୍ଟି ଲୀଳାରେ ସହସ୍ର ସହସ୍ର ଶତାବ୍ଦୀ ମଧ୍ୟରେ ଏକ ବୃକ୍ଷାଣୁରୁ ତାଳ ହିନ୍ତାଳ ରସାଳ ଶାଳ ବଂଶ ବଲ୍ଲରୀ ଦଳ ଶୈବାଳ ସବୁ ହେବାର ଯେ ବୈଜ୍ଞାନିକମାନେ ସ୍ଥିର କରନ୍ତି ସେଥିରେ ଚିନ୍ତା କରି ନ ପାରିବାର ବିଷୟ କଅଣ ଅଛି ? ଗୋଟିଏ ସାମାନ୍ୟ ଉଦାହରଣ ବୁଝାଇଦେଇ ଆମ୍ଭେମାନେ ଏ ପ୍ରବନ୍ଧର ଉପସଂହାର କରିବୁ । ସମୁଦ୍ର କୂଳ ବାଲିରେ ବଢୁଥିବା କଇଁସାରିଲତା ଅନେକ ଦେଖିଥିବେ । ପରିଦର୍ଶନ ବଳରେ ଜଣାଯାଇଅଛି ସେ ଲତା ଭୂମିର ଲତା ନୁହେଁ । ସମୁଦ୍ରର ଜଳ ତଳେ ବାଲିରେ ତାହା ପ୍ରଚୁର ବଢ଼େ । କାଳକ୍ରମେ ହୁଏତ ବୀଜ ବିକ୍ଷେପରେ କିମ୍ବା ସମୁଦ୍ର ଜଳ ଶୁଷ୍କ ହେବାରୁ ତାହା ବେଳାଭୂମିରେ ବଢ଼ୁଅଛି । କିନ୍ତୁ ବେଳାଭୂମିରେ ଯେଉଁ କଇଁସାରି ଦେଖାଯାଏ ତାହା ସମୁଦ୍ର ତଳର କଇଁସାରି ସଙ୍ଗେ ଏକ ହେଲେ ମଧ୍ୟ ଏକାନ୍ତ ନିର୍ବିଶେଷ ନୁହେଁ । ପରିଦର୍ଶନରେ ସ୍ଥିର କରାଯାଇଅଛି ବେଳାଭୂମିରେ ଯେଉଁ କଇଁସାରି ବଢ଼େ ତାହାର ପତ୍ର ଟିକିଏ ମୋଟା ଓ ଦୃଢ଼ । କେବଳ ସେତିକି ନୁହେଁ, ଭୂମିର କଇଁସାରି କ୍ରମେ ବିଚିତ୍ର ଫୁଲ ଧରିବାର ମଧ୍ୟ ଆରମ୍ଭ କରିଅଛି । ବେଷ୍ଟନୀରେ ପଡ଼ି ବୃକ୍ଷର ପରିଦର୍ଶନ ଘଟିବାରେ ଏ ଦୃଷ୍ଟାନ୍ତ ଗୋଟିଏ ସୁନ୍ଦର ନିଦର୍ଶନ । ଚାରିଆଡ଼େ ଆମ୍ଭେମାନେ ଯେଉଁସବୁ ଗଛ ଲତା ଦେଖୁଅଛୁ ଟିକିଏ ବିଚାର କରି ଦେଖିଲେ ସ୍ପଷ୍ଟ ବୁଝାଯିବ, ଏହି ବେଷ୍ଟନୀ ଜନିତ ବିବର୍ତ୍ତଲୀଳା ଉଦ୍ଭିଦ ପ୍ରକୃତିର ନୀତି ଓ ବୃକ୍ଷ ଜଗତର ସ୍ଥିତି ।

# ବୃକ୍ଷାଦିର ଜୀବିକା

ବୃକ୍ଷମାନେ ପ୍ରାୟଶଃ ସ୍ଥାବର ହେଲେହେଁ, ସେମାନେ ଜନ୍ତୁ; ସେମାନଙ୍କର ଜୀବନ ଅଛି । ମାତ୍ର ସଂସାରରେ ଜୀବନ ସଙ୍ଗେ ଖାଦ୍ୟପେୟର ନିତ୍ୟ ସମ୍ବନ୍ଧ । ବୀଜ ମଧ୍ୟରେ ବୃକ୍ଷ ଭ୍ରୂଣ ରୂପରେ ଥାଏ । ମୁଗ କୁଣି ଓ ଖୁଦ ମୁଣ୍ଡି, ମୁଗ ଓ ଚାଉଳର ଯଥାକ୍ରମେ ଏହି ବୀଜଭ୍ରୂଣ । ପାଣି ଓ ତାପ ପାଇଲେ ବୀଜ ମଧ୍ୟରେ ଏହି ବୀଜଭ୍ରୂଣ ବଢ଼େ । ବଢ଼େ କିପରି ? ବଢ଼ିବା ସଙ୍ଗେ ଖାଇବାର ନିତ୍ୟସମ୍ବନ୍ଧ । ତେବେ ବୀଜଭ୍ରୂଣ ଖାଏ କଅଣ ? ଯେଉଁ ମୁଗ ଓ ଚାଉଳ ଆମ୍ଭେମାନେ ଖାଉଁ ତାହା ସେହି ଭ୍ରୂଣର ଖାଦ୍ୟରୂପେ ସଞ୍ଚିତ ଥିଲା । ଯେଉଁ ମୁଗ ଓ ଧାନ ମଞ୍ଜି ପଡ଼େ ସେଥିରେ ଭ୍ରୂଣ ସବଳ ହୋଇ ନିଜର ଖାଦ୍ୟ ଆହରଣ କରିବାକୁ ସମର୍ଥ ହେବାଯାଏ ଏହି ସଞ୍ଚିତ ଖାଦ୍ୟ ଖାଇ ବଞ୍ଚିରହେ । ଅବଶ୍ୟ ପରେ ନିଜେ ନିଜର ଖାଦ୍ୟ ଆହରଣ କରି ଗଛ କ୍ରମେ ବଢ଼େ । ଏ ଖାଦ୍ୟ ସେ କେଉଁଠାରୁ କିପରି ଆହାରଣ କରେ, କେଉଁ ବାଟେ ଖାଏ, କେଉଁଠାରେ ଜୀର୍ଣ୍ଣ କରେ ଏସବୁ କଥା

Digitized by PPRACHIN, SOA

ଅନେକଙ୍କୁ ସମ୍ୟକ୍ ଜଣା ନାହିଁ । କୃଷକମାନେ ବୃକ୍ଷ ତିଆରି କରି ବଢ଼ାନ୍ତି, ସେଥିପାଇଁ ସେମାନେ ଭୂମି ଚଷନ୍ତି, ଖତ ଦିଅନ୍ତି ଓ ପାଣି ମଡ଼ାନ୍ତି । ଏଥିରୁ କେହି କେହି ମନେକରିପାରନ୍ତି ବୃକ୍ଷ ଚେରବାଟେ ଭୂମିରୁ ଖାଦ୍ୟ ସଂଗ୍ରହ କରି ବଢ଼େ । ଅବଶ୍ୟ ଏ କଥାରେ କିଛି ଆଂଶିକ ସତ୍ୟ ଥାଇପାରେ, କିନ୍ତୁ ବାସ୍ତବିକ ବୃକ୍ଷର ପ୍ରଧାନ ଖାଦ୍ୟ ସଙ୍ଗେ ଭୂମି ବା ଚେରର କିଛି ସମ୍ପର୍କ ନାହିଁ । ଗୋଟିଏ ବଡ଼ ବୁଦା ଖରାରେ ଶୁଖାଇ ନିଆଁ ଲଗାଇ ପୋଡ଼ି ଦିଅ । ବୁଦାଟି ପୋଡ଼ିଯାଇଁ କଅଣ ରହେ ? ଟିକିଏ ମାତ୍ର ଧଳା ପାଉଁଶ ପଡ଼ିଯାଏ । ସେହିତକ ବୃକ୍ଷର ଶରୀରରେ ଭୂମିର ଭାଗ । ସେ ବୁଦାଟି ତାହାର ଜୀବନ କାଳ ମଧ୍ୟରେ ସେତିକି ମାତ୍ର ଭୂମିରୁ ଆହରଣ କରିଥିଲା । ତାହା ବ୍ୟତୀତ ବୁଦାର ବାକୀ ଯେତେକ ପୋଡ଼ିଗଲା, ପୋଡ଼ିଯାଇଁ ପବନରେ ମିଶି ଅଦୃଶ୍ୟ ହୋଇଗଲା ସେ ସବୁ ଭୂମିରୁ ଆସିନଥିଲା— ଆସିଥିଲା ପବନରୁ ।

ଗଛମାନେ ପବନରୁ ଖାଆନ୍ତି । ବୈଜ୍ଞାନିକମାନେ ପରୀକ୍ଷାରେ ସ୍ଥିର କରିଅଛନ୍ତି ପତ୍ର ହିଁ ମୁଖ୍ୟତଃ ଗଛର ମୁଖ ଓ ପାକସ୍ଥଳୀ । କିନ୍ତୁ ଯେଉଁ କୃଷକମାନେ ପ୍ରାଣପଣେ ବୃକ୍ଷକୁ ବଢ଼ାଇବା ପାଇଁ ଯତ୍ନ କରନ୍ତି ସେମାନେ ଏ କଥାର ଖବର ରଖନ୍ତି ନାହିଁ । ଭୂମିରୁ ଯେଉଁ ସାମାନ୍ୟ ଖାଦ୍ୟ ବୃକ୍ଷ ଗ୍ରହଣ କରେ ସେହିତକ ଉତ୍ତମରୂପେ ଯୋଗାଇବା ପାଇଁ ସେମାନେ ବ୍ୟାକୁଳ ହେବାର କଥା । ଜଗତରେ ଉନ୍ମୁକ୍ତ ବାୟୁମଣ୍ଡଳର କୁତ୍ରାପି ଅଭାବ ନାହିଁ । ସେଥିପାଇଁ କୃଷକମାନଙ୍କର ଯତ୍ନ କରିବାର ଆବଶ୍ୟକତା ନାହିଁ । ସଂସାରର ଅନ୍ୟାନ୍ୟ ଅନେକ କ୍ରିୟାରେ ମଧ୍ୟ ଏହିଭଳି କଥା ଦେଖାଯାଏ । ଜାଳିବା ପାଇଁ କାଠ, କୋଇଲା ଲୋଡ଼ାହୁଏ । ତାହା ସଂଗ୍ରହ କରିବା ପାଇଁ ଲୋକଙ୍କର କେତେ ଶ୍ରମ, କେତେ ଯତ୍ନ, କେତେ ଅର୍ଥ ବ୍ୟୟ ? କିନ୍ତୁ କାଠ, କୋଇଲା ନିଜେ ନିଜେ ଜଳେ କି ? ଜଳିବାର ଅର୍ଥ କଅଣ ? କାଠ, କୋଇଲାର ଅଙ୍ଗାର ଓ ଉଦଜାନ ସଙ୍ଗେ ପବନର ଅମ୍ଳଜାନ ମିଶିଲେ ଆମ୍ଭେ କହୁଁ କାଠ, କୋଇଲା ଜଳୁଅଛି । ଉନ୍ମୁକ୍ତ ବାୟୁ ମଣ୍ଡଳର ଅମ୍ଳଜାନ ବିନା ଜଗତରେ କିଛି ଜଳିବ ନାହିଁ । କିନ୍ତୁ କାଠ, କୋଇଲା ସଂଗ୍ରହ କଲାବେଳେ ଲୋକେ ଅମ୍ଳଜାନ ସଂଗ୍ରହ କରିବା କଥା ଭାବନ୍ତି କି ? ସେଥିପାଇଁ ଶ୍ରମ ପଡ଼େ କି ? ତାହା ଜଗତରେ ପର୍ଯ୍ୟାପ୍ତ । ତାକୁ ସଂଗ୍ରହ କରିବାରେ ଶ୍ରମର ପ୍ରୟୋଜନ ନାହିଁ । ତେବେ ଚୁଲି ତିଆରି କଲାବେଳେ ଲୋକେ ଫାଙ୍କ ରଖନ୍ତି । ତଳୁ ଫାଙ୍କ ରଖି ଚୁଲିରେ କାଠ ଖଞ୍ଜି ଦିଅନ୍ତି । ଏସବୁ ଲୋକେ ନ ଜାଣି କରନ୍ତି । କିନ୍ତୁ କାହିଁକି ? ଅଜ୍ଞାନ ଭାବରେ ଲୋକେ କାଠକୁ ଅମ୍ଳଜାନ ଯୋଗାଇବା ପାଇଁ ଏ ସବୁ କରନ୍ତି । ଯେଉଁମାନେ ଜାଳିବାରେ ପଥର କୋଇଲା ବ୍ୟବହାର କରନ୍ତି ସେମାନେ ଚୁଲି ଅଧରୁ ସରୁ ଲୁହା ଛଡ଼ ଦେଇ ଉପରେ କୋଇଲା ଜାଳନ୍ତି । ମନେକରନ୍ତି ବୋଧହୁଏ ପାଉଁଶ ଖସି ପଡ଼ିବା ପାଇଁ ତଳେ ଫାଙ୍କ ଥାଏ । କିନ୍ତୁ କେବଳ ସେତିକି ନୁହେଁ— ସେ ଫାଙ୍କ ବାଟେ ପରିବାହ ପ୍ରଣାଳୀରେ କୋଇଲା ଅମ୍ଳଜାନ ନପାଇଲେ ଜଳିବ ନାହିଁ । ଲୋକେ ଅଭ୍ୟାସ ବଶରୁ ଏସବୁ କରିଯାଆନ୍ତି ।

Digitized by PPRACHIN, SOA

ପବନର ଆହରଣ ପାଇଁ ଶ୍ରମ ଓ ଅର୍ଥ ନ ଲାଗିବାରୁ ଏ ସବୁର କାର୍ଯ୍ୟକାରିତା ଆଖିରେ ପଡ଼େ ନାହିଁ ।

ଆମ୍ଭମାନଙ୍କ ଜୀବନ ସମ୍ବନ୍ଧରେ ମଧ ସେହି କଥା । ଖାଦ୍ୟ ପେୟ ନିମନ୍ତେ ବହୁ ଶ୍ରମ ଯତ୍ନ; କିନ୍ତୁ ପ୍ରତି ମୁହୂର୍ତ୍ତରେ ନିଶ୍ୱାସ ପାଇଁ ପବନ ନ ପାଇଲେ ଯେ ମୁହୂର୍ତ୍ତେ ବଞ୍ଚିବା ଅସମ୍ଭବ, ଏକଥା ମନେ ପଡ଼େ ନାହିଁ । ଡାଲି ଚାଉଳ ପ୍ରଭୃତି ବଜାରରୁ କିଣା ହୁଏ; କିନ୍ତୁ ପବନ କେହି ପଇସା ଦେଇ କିଣନ୍ତିନାହିଁ । ମାତ୍ର କଲିକତାର ଅନ୍ଧକୂପ ହତ୍ୟାର କଥା ଇଉରୋପୀୟ ଐତିହାସିକମାନେ ଯାହା ଲେଖିଅଛନ୍ତି, ତାହା ଯଦି ସତ୍ୟ ହୁଏ ତେବେ ସେଠାରେ ଲୋକେ ପବନକୁ ସମପରିମାଣ ହୀରକ ମୂଲ୍ୟରେ ମିଳିଥିଲେ କିଣି ନଥାନ୍ତେ କି ? ଘରେ ଦୁଆର, ପଞ୍ଜର ପ୍ରଭୃତି କରା ହୁଏ, ତାହାର ମଧ ସେହି କାରଣ । ଲୋକେ ଅଜ୍ଞାତ ଭାବରେ ତାହା କରିଯାଆନ୍ତି; ମାତ୍ର କାର୍ଯ୍ୟକାରିତା ସ୍ୱଷ୍ଟତଃ ସେମାନଙ୍କ ଆଖିରେ ପଡ଼େ ନାହିଁ । ଗଛ ଲଗାଇବାରେ ମଧ କୃଷକ ବହୁ ଯତ୍ନରେ ଗଛମାନଙ୍କ ମଧରେ ଉପଯୁକ୍ତ ଫାଙ୍କ ରଖେ । କାହିଁକି ରଖେ ସେ ଜାଣେ ନାହିଁ, ମାତ୍ର ଗଛକୁ ଉପଯୁକ୍ତ ପରିମାଣରେ ପବନ ଯୋଗାଇବା ଏହାର ଉଦ୍ଦେଶ୍ୟ ।

ଗଛମାନେ ପତ୍ରବାଟେ ଖାଆନ୍ତି । ପବନ ଖାଆନ୍ତି, ପବନରେ ଅମ୍ଳଜାନ, ଯବକ୍ଷାରଜାନ, ଅଙ୍ଗାରାମ୍ଳଜାନ ପ୍ରଭୃତି କେତେଗୁଡ଼ିଏ ବାଷ୍ପ ମିଶିକରି ଅଛି । ସେଥିରୁ କେଉଁଗୁଡ଼ିକ ଗଛର ଖାଦ୍ୟ ? ଏସବୁ ବାଷ୍ପ ଗଛ ପତ୍ରବାଟେ ଖାଏ ନାହିଁ । ମୁଖ୍ୟତଃ କେବଳ ଅଙ୍ଗାରାମ୍ଳଜାନ ହିଁ ତାହାର ଖାଦ୍ୟ । ଅଙ୍ଗାରାମ୍ଳଜାନରେ ଅଙ୍ଗାର ଓ ଅମ୍ଳଜାନ ରାସାୟନିକ ମିଶ୍ରଣରେ ଅଛି । ଗଛର ପତ୍ର ଦିନବେଳେ ସୂର୍ଯ୍ୟୋତ୍ତାପରେ ଏହି ଅଙ୍ଗାରାମ୍ଳଜାନରୁ ଅଙ୍ଗାର ସଂଗ୍ରହ କରି ଖାଏ । ଏଥି ସଙ୍ଗେ ଥିବା ଅମ୍ଳଜାନରୁ ଟିକିଏ ମାତ୍ର ଖାଇ ବାକୀତକ ଛାଡ଼ିଦିଏ । ପବନରେ ଜଳ ବାଷ୍ପାକାରରେ ଅଛି । ସେ ଜଳୀୟ ବାଷ୍ପରୁ ମଧ ଉଦ୍‌ଜାନ ବାଷ୍ପ ଟିକିଏ ବୃକ୍ଷ ଗ୍ରହଣ କରେ । ମାତ୍ର ମୁଖ୍ୟ ଭାବରେ ଅଙ୍ଗାରହିଁ ଏହାର ପବନରୁ ଆହାର । ପତ୍ର ଉପରେ ସୂର୍ଯ୍ୟ କିରଣ ନ ଲାଗିଲେ, ଗଛ ଅଙ୍ଗାରାମ୍ଳଜାନରୁ ଏ ଅଙ୍ଗାର କାଢ଼ି ପାରେ ନାହିଁ । ଦିନଯାକ ଗଛ ଆମ୍ଭମାନଙ୍କ ପରି ଖାଇବା କାମରେ ଲାଗିଥାଏ । ପବନରୁ ଖାଦ୍ୟ ସଂଗ୍ରହ କରୁଥାଏ । ରାତ୍ରିରେ ସୂର୍ଯ୍ୟକିରଣ ନ ଥିବାରୁ ସେ ଆଉ ତାହା କରି ପାରେ ନାହିଁ । ଗଛ ମଧ ଆମ୍ଭପରି ରାତ୍ରିରେ ନିଶ୍ଚିନ୍ତ ହୋଇ ବିଶ୍ରାମ କରେ । ସେତେବେଳେ ଦିନର ଆହାର୍ଯ୍ୟ ସବୁ ବୃକ୍ଷ ମଧରେ ଜୀର୍ଣ୍ଣ ହୋଇ ବୃକ୍ଷର ଅବୟବ ପୁଷ୍ଟିକରେ । ଅନେକ ଜୀବ ରାତ୍ରିରେ ଆଖିବୁଜି ବିଶ୍ରାମ କରନ୍ତି । ବୃକ୍ଷ ମଧ ସେହିପରି ପତ୍ର ବୁଜି ଶୁଅନ୍ତି ବୋଲି କୁହାଯାଇପାରେ । ଚାକୁଣ୍ଡା ଜାତୀୟ ଗଛ ସବୁ ରାତ୍ରିରେ ପତ୍ର ମୁଦି ବିଶ୍ରାମ କରନ୍ତି । ଅନ୍ୟ କେତେକ ବୃକ୍ଷ ପତ୍ରକୁ ମେଲାରଖି ଶୁଅନ୍ତି । କେବଳ ରାତ୍ରି କାହିଁକି, ମେଘୁଆ ଦିନମାନଙ୍କରେ ସୂର୍ଯ୍ୟ କରିଣ ପ୍ରଖର ନ ଥିବାରୁ ବୃକ୍ଷମାନଙ୍କର ଖାଇବା କାର୍ଯ୍ୟ ପ୍ରାୟ ବନ୍ଦ ଥାଏ । ମେଘୁଆ ଦିନମାନଙ୍କରେ ଚାକୁଣ୍ଡା

Digitized by PPRACHIN, SOA

ପ୍ରଭୃତି ଗଛର ପତ୍ର ପ୍ରାୟ ମୁଦିହୋଇଯାଏ । ଛାଇରେ ରଖିଦେଲେ ଯେତେ ଯତ୍ନ କଲେହେଁ ଗଛ ତାଦୃଶ ବଢ଼ିପାରେ ନାହିଁ । ପତ୍ର ଓ ଡାଳ ସବୁ ସୂର୍ଯ୍ୟାଲୋକ ଆଡ଼କୁ ବଙ୍କା ହୋଇଯାଏ; ଶେଷରେ ପ୍ରଖର ଓ ସ୍ୱଷ୍ଟ ସୂର୍ଯ୍ୟକିରଣ ନ ପାଇ ଗଛ ରୋଗା ହୋଇ ମରିଯାଏ ।

ପତ୍ର ବାଟେ ଗଛ ପବନରୁ ଅଙ୍ଗାର କାଢ଼ି ଖାଏ । ଅତଏବ ପତ୍ରକୁ ଟିକିଏ ଭଲକରି ପରୀକ୍ଷା କରି ଦେଖାଯାଉ । ଖାଲି ଆଖିରେ ପତ୍ରରେ କେତେ ଗୁଡ଼ିଏ ହଳିଦିଆ ଶିରା ଓ ଶାଗୁଆ ସମତଳ ଅଂଶ ଛଡ଼ା ଆଉ କିଛି ଦେଖିବାକୁ ମିଳେ ନାହିଁ । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପତ୍ରର ଭିନ୍ନ ଭିନ୍ନ ଅଂଶ ସ୍ୱଷ୍ଟ ଦେଖାଯାଏ । ଗୋଟିଏ ପତ୍ରରୁ ସୋରିଷ ପ୍ରମାଣ ଟିକିଏ ଛିଣ୍ଡାଇ ସାଧାରଣ ଅଣୁବୀକ୍ଷଣରେ ଦେଖିଲେ ତାହା ଗୋଟିଏ ମାଣ କିମ୍ବା ଗୌଣୀ ପରି ବଡ଼ ଦିଶିବ ଓ ସେଥିରେ ପତ୍ରର ପ୍ରତ୍ୟେକ ସୂକ୍ଷ୍ମ ଅଂଶ ସ୍ୱଷ୍ଟ ବୁଝି ହେବ । ସେହିପରି ଦେଖିଲେ ଦେଖାଯିବ, ପତ୍ରର ସୂର୍ଯ୍ୟ ଆଡ଼କୁ ଥିବା ପିଠିରେ କେତେଗୁଡ଼ିଏ ଶ୍ୱେତ କଣିକା ପାଖକୁ ପାଖ ଲାଗି ଗୋଟାଏ ଆବରଣ ପରି ଥାଏ । ଏହି କଣିକାଗୁଡ଼ିକ ଅତି କ୍ଷୁଦ୍ର ଓ ଆଣୁବୀକ୍ଷଣିକ ହେଲେହେଁ, ଏମାନଙ୍କର ପ୍ରତ୍ୟେକେ ଗୋଟିଏ ଗୋଟିଏ ଜଳ ଭାଂଡ଼ । ପ୍ରତ୍ୟେକର ଭିତରେ ଟିକିଏ ଜଳ ଓ ଚାରିପାଖେ ଗୋଟିଏ ସ୍ୱଚ୍ଛ ଆବରଣ । ସାଧାରଣ ଅଣୁବୀକ୍ଷଣରେ ଏହି କଣିକାଗୁଡ଼ିକ ପ୍ରାୟ ମୁଗ ପରି ବଡ଼ ଦିଶନ୍ତି । ପତ୍ର ଉପରେ ଏହି କଣିକାର ଆବରଣଟି କେତେ ଗୁଡ଼ିଏ ସ୍ୱଚ୍ଛ ମୁଖ ପାଖକୁ ପାଖ ଲାଗି ରଖାହେଲାପରି ଦେଖାଯାଏ । ଏହି ଆବରଣ ତଳକୁ ଗୋଟିଏ ନୀଳ କଣିକାର ସାନ୍ଦ୍ରସ୍ତର । ଅଣୁବୀକ୍ଷଣରେ ଏହି ନୀଳ କଣିକା ଗୋଟିଏ ଗୋଟିଏ ଇନ୍ଦ୍ରଯବ ମଞ୍ଜିପରି ପାଖକୁ ପାଖ ଲାଗି ଛିଡ଼ା ହୋଇ ରହିଲା ପରି ଦେଖାଯାଏ । ଏହା ବର୍ଣ୍ଣରେ ଠିକ୍ ନୀଳ ନୁହେଁ, ହରିତ୍ ବା ଶାଗୁଆ । ଏହାରି ବର୍ଣ୍ଣ ଅନୁସାରେ ପତ୍ରର ହରିତ୍ ବର୍ଣ୍ଣ ଦେଖାଯାଏ । ଏହି ସ୍ତର ତଳକୁ ଗୋଟିଏ ଫସ୍‌ଫସିଆ ଅର୍ଦ୍ଧସ୍ୱଚ୍ଛ ପଦାର୍ଥର ସ୍ତର । ଏ ସ୍ତରର ପଦାର୍ଥଟି ତୁଳା ବା ସ୍ୱଞ୍ଜ ପରି । ସବାତଳେ ପୁଣି ଜଳୀୟ କଣିକାର ସ୍ତର । ଏହି ତଳ ସ୍ତରରେ ଆମ୍ଭମାନଙ୍କ ଓଠ ପରି କେତେଗୁଡ଼ିଏ ଆଣୁବୀକ୍ଷଣିକ ପର୍ଦା ଥାଏ ।

ପତ୍ରର ଏ ସବୁ ଅବୟବର ବିଭିନ୍ନ ଓ ସ୍ୱତନ୍ତ୍ର କ୍ରିୟା ଥିବାର ବୈଜ୍ଞାନିକମାନେ ସ୍ଥିର କରି ଅଛନ୍ତି । ସବା ଉପରେ ଯେଉଁ ଶ୍ୱେତ ଜଳ କଣିକାଗୁଡ଼ିକ ଥାଏ, ସେଥିରେ ପବନ ଲାଗିଲା ବେଳେ ପବନର ଅଙ୍ଗାରାମ୍ଳଜାନ ସେହି କଣିକା ଭିତରେ ଥିବା ପାଣିରେ ଶୋଷିହୋଇଯାଏ, ସଙ୍ଗେ ସଙ୍ଗେ ତଳେ ଯେଉଁ ହରିତ କଣିକା ସବୁ ଥାଆନ୍ତି, ସେମାନେ ଏହି ଅଙ୍ଗାରମ୍ଳଜାନରୁ ଅଙ୍ଗାର ତକ କାଢ଼ିନିଅନ୍ତି ଓ ଅବଶିଷ୍ଟ ରହିଯିବା ଅମ୍ଳଜାନଟି ଆଉ ଜଳ ସଙ୍ଗେ ରହିପାରେ ନାହିଁ । ସେ ପୁଣି ପବନରେ ମିଶିଯାଏ । ଏଠାରେ ଅପ୍ରାସଙ୍ଗିକ ହେଲେ ମଧ୍ୟ ମନେରଖାଯାଉ ଯେ ଏହି ଅମ୍ଳଜାନଟି ପ୍ରାଣୀ ଜୀବନ ପକ୍ଷରେ ଅତ୍ୟନ୍ତ ଉପାଦେୟ ବସ୍ତୁ ଓ ଏହି ଅମ୍ଳଜାନ ଯୋଗୁ ପୃଥିବୀର ସମସ୍ତ ଦହନ କ୍ରିୟା ସମ୍ଭବ ହୁଏ । ଜନ୍ତୁ ମୁଖ ଓ ନାସିକାରେ ଏହି ଅମ୍ଳଜାନ ଶରୀର ମଧ୍ୟକୁ ନେଇଯାଏ । ସେଠାରେ ଶରୀରର

Digitized by PPRACHIN, SOA

ନଷ୍ଟ ଦ୍ରବ୍ୟଗୁଡ଼ିକ ଏହି ଅମ୍ଳଜାନ ସମ୍ପର୍କରେ ପୋଡ଼ିଯାଏ । ଅର୍ଥାତ୍ ସେହି ନଷ୍ଟ ଦ୍ରବ୍ୟର ଅଙ୍ଗାର ଭାଗ ସଙ୍ଗେ ଅମ୍ଳଜାନ ମିଶି ପୁଣି ଅଙ୍ଗାରମ୍ଳଜାନରେ ପରିଣତ ହୁଏ । ଜନ୍ତୁ ପ୍ରଶ୍ୱାସରେ ଏହି ଅଙ୍ଗାରମ୍ଳଜାନକୁ ବାୟୁ ମଣ୍ଡଳକୁ ଫିଙ୍ଗିଦିଏ । ବାୟୁ ମଣ୍ଡଳର ଏହି ଅଙ୍ଗାରମ୍ଳଜାନରୁ ବୃକ୍ଷ ଖାଦ୍ୟ ସଂଗ୍ରହ କରେ । ଏହିପରି ବୃକ୍ଷ ଓ ଜନ୍ତୁ ମଧ୍ୟରେ ଆଦାନ-ପ୍ରଦାନ ସର୍ବଦା ଚାଲିଅଛି । ଏଥିପାଇଁ ଦିନ ବେଳେ ବୃକ୍ଷମୂଳ ମନୁଷ୍ୟ ଓ ଜନ୍ତୁ ପକ୍ଷରେ ବଡ଼ ସ୍ୱାସ୍ଥ୍ୟକର; ଜଙ୍ଗଲ ଜଗତରେ ଉପାଦେୟ ।

ଦିନବେଳେ କହିବାର ଅର୍ଥ ଏହି ଯେ ସୂର୍ଯ୍ୟୋତ୍ତାପ ବିନା ବୃକ୍ଷର ଆହାର କ୍ରିୟା ଅସମ୍ଭବ । ପତ୍ରରେ ଯେଉଁ ହରିତ୍ କଣିକାର କଥା କୁହାଗଲା ସେ ସବୁ ଜୀବନ୍ତ, ସମସ୍ତ ପ୍ରାଣୀ ଜଗତର ମୂଳବସ୍ତୁ । ଜୈବସୃଷ୍ଟି ଜଗତରେ ଏହି ହରିତ୍ କଣିକା ଜୀବନ୍ତ ହେଲେ ହେଁ କେବଳ ସୂର୍ଯ୍ୟାଲୋକରେ ହିଁ ସଚଳ ଓ ସକ୍ରିୟ ହୁଏ । ଅନ୍ଧାରରେ ସୁପ୍ତ ଜନ୍ତୁ ପରି ନିଶ୍ଚଳ ଭାବରେ ପଡ଼ିରହେ । ସୂର୍ଯ୍ୟୋତ୍ତାପ ସମ୍ପର୍କରେ ହରିତ୍ କଣିକା ପବନରୁ ଯେ ଅଙ୍ଗାର ସଂଗ୍ରହ କରେ ସେଥି ସଙ୍ଗେ ସୂର୍ଯ୍ୟାଲୋକ ଓ ସୂର୍ଯ୍ୟୋତ୍ତାପର ଶକ୍ତି ମଧ୍ୟ ସଞ୍ଚିତ ରହେ । ବୃକ୍ଷରେ ସଞ୍ଚିତ ଥିବା ଏହି ଶକ୍ତି କାଠ ଓ କୋଇଲା ପୋଡ଼ିଲା ବେଳେ ଆମ୍ଭମାନଙ୍କୁ ଆଲୋକ ଓ ତାପ ରୂପରେ ମିଳେ । ବୃକ୍ଷ ଜୀବନରେ ଯାହା ସଞ୍ଚୟ କରିଥାଏ କାଠ ପୋଡ଼ିଦେଲା ବେଳେ ସେ ସମସ୍ତ ସଞ୍ଚିତ ଶକ୍ତି ନଷ୍ଟ ହୁଏ, ଅର୍ଥାତ୍ ପୂର୍ବ ଅବସ୍ଥାକୁ ଫେରିଆସେ । ବୃକ୍ଷର ଅଙ୍ଗାର ପୁଣି ଅମ୍ଳଜାନ ଯୋଗରେ ଅଙ୍ଗାରମ୍ଳଜାନରେ ପରିଣତ ହୁଏ । ସଞ୍ଚିତ ସୌରଶକ୍ତି ଆଲୋକ ଓ ଉତ୍ତାପ ରୂପେ ପ୍ରତିହତ ହୁଏ । ଏକଥା ପ୍ରସଙ୍ଗ କ୍ରମେ ପୂର୍ବେ ବିସ୍ତୃତ ଭାବେ ବ୍ୟାଖ୍ୟା କରାଯାଇଅଛି । ଏଠାରେ ଅଧିକ କହିବା ନିଷ୍ପ୍ରୟୋଜନ ।

ହରିତ୍ କଣିକା ଯେଉଁ ଅଙ୍ଗାର ସଂଗ୍ରହ କରେ ତାହା ସଙ୍ଗେ ସଙ୍ଗେ ଶ୍ୱେତସାର ଓ ଚିନିଜାତୀୟ ପଦାର୍ଥରେ ପରିଣତ କରି ଶୋଧନ ପାଇଁ ତଳସ୍ତରକୁ ଛାଡ଼ିଦିଏ । ତଳସ୍ତରରେ ଅତିରିକ୍ତ ଜଳୀୟ ଅଂଶ ଶୋଷିହୋଇଯାଏ । ଏହି ଜଳ ପଡ଼ିଲେ ପତ୍ର ତଳର ଆଣୁବୀକ୍ଷଣିକ ଦ୍ୱାରମାନଙ୍କ ବାଟେ ନିଃସୃତ ହୁଏ । ପରେ ଏହି ଶ୍ୱେତସାରାଦି ବସ୍ତୁ ସବୁ ଜୀବନ୍ତ ହରିତ୍ କଣିକାରେ ପରିଣତ ହୋଇ ବୃକ୍ଷର ଅଙ୍ଗ ପୁଷ୍ଟି କରେ । ବୃକ୍ଷର ସମସ୍ତ ଅବୟବ ଏହି ଶ୍ୱେତସାରାଦି ଜାତୀୟ ପଦାର୍ଥରେ ପୂର୍ଣ୍ଣ । କିନ୍ତୁ ଏହିଁ ଶ୍ୱେତସାରାଦି ଜାତୀୟ ପଦାର୍ଥ ସବୁ ଜୀବନ୍ତ ହରିତ୍ କଣିକାରେ ପରିଣତ ହୋଇ ବୃକ୍ଷର ଅଙ୍ଗ ପୁଷ୍ଟି କରେ । ବୃକ୍ଷର ସମସ୍ତ ଅବୟବ ଏହି ଶ୍ୱେତସାରାଦି ଜାତୀୟ ପଦାର୍ଥରେ ପୂର୍ଣ୍ଣ । କିନ୍ତୁ ଏହି ଶ୍ୱେତସାରାଦି ଜାତୀୟ ପଦାର୍ଥ ସବୁ ଜୀବନ୍ତ ହରିତ୍ କଣିକାରେ ପରିଣତ ହେବାକୁ ଆଉ ଅତି ସାମାନ୍ୟ ପରିମାଣରେ କେତେକ ଦ୍ରବ୍ୟ ଲୋଡ଼ାହୁଏ । ସେ ପଦାର୍ଥର ପରିମାଣ ଅତି ଅଳ୍ପ ଓ ଅକିଞ୍ଚିତକର ହେଲେ ମଧ୍ୟ ତାହାର ଏକାନ୍ତ ଅଭାବରେ ଜୀବନ୍ତ ହରିତ୍ କଣିକା ନିର୍ମିତ ହୋଇ ପାରିବ ନାହିଁ । ତେବେ ସେ ସବୁ ଉପାଦାନ ପତ୍ରବାଟେ ଗଛକୁ ଆସେ ନାହିଁ ।

Digitized by PPRACHIN, SOA

ଚେରହିଁ ଏଠାରେ ଗଛର ପରମ ସମ୍ବଳ । ଚେରବାଟେ ଏସବୁ ଦ୍ରବ୍ୟ ଗଛକୁ କିପରି ଆସେ ଓ ଚେରର ସ୍ୱତନ୍ତ୍ର ପ୍ରକୃତି ଓ କ୍ରିୟା କଅଣ, ସେ ସବୁ କଥା ପରେ କୁହାଯାଉଅଛି । ଏ ମଧ୍ୟରେ ପତ୍ରର ଅବୟବାଦି ସମ୍ବନ୍ଧରେ ଭଲ କରି ଦି'ଚାରି କଥା କହିଲେ ଅପ୍ରାସଙ୍ଗିକ ହେବ ନାହିଁ ।

ପତ୍ର ହେଲା ବୃକ୍ଷର ମୁଖ୍ୟ ଅବୟବ । ଏହି ପତ୍ର ବିନା ବୃକ୍ଷର ଜୀବନ ଅସମ୍ଭବ । ବୃକ୍ଷ ବହୁ ଯତ୍ନରେ ଏହି ପତ୍ରକୁ ରକ୍ଷାକରେ । ଯେତେବେଳେ ପତ୍ର ପୁରୁଣା ହୁଏ ହରିତ କଣିକା କାର୍ଯ୍ୟ କରିବାକୁ ଅସମର୍ଥ ହୁଏ । ସେତେବେଳେ ବୃକ୍ଷ ନୂଆପତ୍ର ତିଆରି କରିବା ପାଇଁ ହରିତ୍ କଣିକାର ସମସ୍ତ ସାରବସ୍ତୁ କାଢ଼ିନିଏ । ପତ୍ରର ଡେମ୍ଫଟି ଯେଉଁ ଜାଗାରେ ବୃକ୍ଷକୁ ଲାଗିଥାଏ ସେହି ସ୍ଥାନରୁ ସମସ୍ତ ଜୀବନ୍ତ କଣିକା ଓ ସାର ଦ୍ରବ୍ୟ ସବୁ କାଢ଼ିନେଇ ସେ ସ୍ଥାନରେ ଗୋଟିଏ ଫାଙ୍କ କରିଦିଏ । ପତ୍ରଟି କିଛି ଦିନ ପରେ ଆପେ ଆପେ ହଳଦିଆ ହୋଇ ଖସିପଡ଼େ ।

ଶୀତ କାଳରେ କେତେକ ଗଛ ପତ୍ରଶୂନ୍ୟ ହୁଅନ୍ତି । ଅତ୍ୟନ୍ତ ଶୀତ ପବନରେ ପତ୍ର ସବୁ ଆହାର ସଂଗ୍ରହ କରିବାରେ ଅସମର୍ଥ ହୋଇପଡ଼ନ୍ତି, ତେଣୁ ବୃକ୍ଷ ଜୀବନରେ ସେମାନଙ୍କର ଆଉ ଆବଶ୍ୟକତା ରହେ ନାହିଁ । ସେମାନଙ୍କର ଶରୀରରୁ ସାର ପଦାର୍ଥ ସବୁ ଭିତରକୁ ଘେନିଯାଇ ସେମାନଙ୍କ ଡେମ୍ଫ ମୂଳରେ ଫାଙ୍କ କରି ଦିଏ । ସେ ପତ୍ରଗୁଡ଼ିକ, ଖସିପଡ଼ନ୍ତି, ନୂଆ ପତ୍ର ବାହାରିବା ପାଇଁ ବୃକ୍ଷର ସ୍ଥାନେ ସ୍ଥାନେ କଢ଼ି ଧରେ । କିନ୍ତୁ ଯେତେଦିନ ଶୀତ ପବନ ବହୁଥାଏ ସେତେଦିନ ବୃକ୍ଷ ସେସବୁ କଢ଼ିକୁ ବୃକ୍ଷ ଛଲ୍କଳ ଆବରଣରେ ଅତି ଯତ୍ନରେ ଲୁଚାଇରଖେ । ବସନ୍ତ ବହିବା ସଙ୍ଗେ ସଙ୍ଗେ କଢ଼ିର ବଲ୍କଳ ଆବରଣ ଫାଟିଯାଏ । ବୃକ୍ଷ ମଧ୍ୟରେ ସଞ୍ଚିତ ଥିବା ଖାଦ୍ୟ ଖାଇ ନୂଆ ପତ୍ର ବାହାରେ । ସେହି ନୂଆ ପତ୍ର ଦ୍ୱାରା ବୃକ୍ଷ ଜୀବନର କ୍ରିୟା ପୁଣି ଚାଲେ ।

ଏହି ଖାଦ୍ୟ ସଞ୍ଚୟ ଅନେକ ବୃକ୍ଷ ଅନେକ ପ୍ରକାରରେ କରନ୍ତି । ବିଲାତି ଆଳୁ ପ୍ରଭୃତି ଅତି ସଞ୍ଚୟୀ ବୃକ୍ଷମାନେ ଜୀବଜନ୍ତୁ ପ୍ରଭୃତିରୁ ଖାଦ୍ୟକୁ ରକ୍ଷା କରିବା ପାଇଁ ପତ୍ରରୁ ସମସ୍ତ ସାରବସ୍ତୁ ନେଇ ଭୂମି ତଳେ ଚେରରେ ସଞ୍ଚୟ କରନ୍ତି । ପିଆଜ ମୂଳରେ ସଞ୍ଚୟ କରେ । କେତେକ ବୃକ୍ଷ ମଧ୍ୟ ସଞ୍ଚିତ ଖାଦ୍ୟ ଭାଣ୍ଡ଼ ଉପରେ ଗୋଟିଏ ବିଷାକ୍ତ ଆବରଣ ଢାଙ୍କି ରଖନ୍ତି । ଏହିପରି କାଳକ୍ରମେ ବୃକ୍ଷମାନେ ନାନା ଅବସ୍ଥାରେ ପଡ଼ି ନାନା ପ୍ରକାର ଶତ୍ରୁଙ୍କର ସମ୍ମୁଖୀନ ହୋଇ ବେଷ୍ଟନୀ ମଧ୍ୟରେ ନିଜର ସ୍ଥିତି ସମ୍ଭବ କରିବା ଲାଗି ନାନା ଉପାୟ ଅବଲମ୍ବନ କରୁଅଛନ୍ତି । ବୃକ୍ଷାଦିର ବିଭେଦ କଥା କହିଲାବେଳେ ସୃଷ୍ଟିର ଏ ବେଷ୍ଟନୀ ଗତ ନୀତି ପ୍ରତି ଲକ୍ଷ୍ୟ କରାହୋଇଅଛି— ପରନ୍ତୁ ସେ ନୀତି ଅଧିକ କରି ବୁଝାଇବାର ଅବକାଶ ଏ ପ୍ରବନ୍ଧରେ ନାହିଁ ।

ଏଠାରେ ପତ୍ରମାନଙ୍କର ପ୍ରକାରଭେଦ ସମ୍ବନ୍ଧରେ ଟିକିଏ ଶୁଣିବାକୁ ପାଠକମାନଙ୍କର ଆଗ୍ରହ ହୋଇପାରେ । ପ୍ରଥମେ ସମସ୍ତ ବୃକ୍ଷ ଜୀବନ୍ତ ହରିତକଣିକା ମାତ୍ରରେ ପର୍ଯ୍ୟବସିତ

Digitized by PPRACHIN, SOA

ଥିଲା । କ୍ରମେ ନାନା ବେଷ୍ଟନୀରେ ପଡ଼ି ବୃକ୍ଷାଦିର ଅବୟବ ସବୁ ଭିନ୍ନ ଭିନ୍ନ ହୋଇ ଥିବାର କଥା ସୂଚିତ ହୋଇଅଛି । ସେହି ବେଷ୍ଟନୀ ଭେଦରେ ପତ୍ର ମଧ୍ୟ ନାନା ପ୍ରକାର ହୋଇଅଛି । ସାଧାରଣତଃ ସମସ୍ତ ପତ୍ର ତିନୋଟି ଶ୍ରେଣୀରେ ବିଭକ୍ତ । ପତ୍ରର କଙ୍କାଳରେ ଏହି ଭେଦ ଦେଖିବାକୁ ହୁଏ । ପତ୍ରର କଙ୍କାଳ କଅଣ ? ଗୋଟିଏ ପତ୍ର ପରୀକ୍ଷା କରି ଦେଖିଲେ ଦେଖାଯାଏ ସମତଳ ହରିତ ଅଂଶ ଛଡ଼ା ସେଥିରେ ଶିରାପରି କେତେଗୁଡ଼ିଏ ଟାଣ ଅଂଶ ଥାଏ । ସେଗୁଡ଼ିକ ଅବଶ୍ୟ ଜନ୍ତୁ ଶରୀରରେ ଶିରା ପରି କିଛି କାର୍ଯ୍ୟ କରନ୍ତି ନାହିଁ କେବଳ ପତ୍ରକୁ ଦୃଢ଼ ଉନ୍ମୁକ୍ତ ରଖିବାହିଁ ସେମାନଙ୍କର କ୍ରିୟା । ଯେଉଁ ଜୀବନ୍ତ କଣିକାମାନଙ୍କରେ ପତ୍ରର ଅବୟବ ନିର୍ମିତ ସେହି କଣିକାମାନେ ଘନଭାବରେ ଉପର୍ଯ୍ୟୁପରି ରହି ଏହି ଶିରାସବୁ ତିଆରି କରନ୍ତି । ଗୋଟିଏ ପତ୍ର ଦୁଇ ଏକଦିନ ପାଣିରେ ବୁଡ଼ାଇ ରଖି ଟେକି ଝାଡ଼ି ଦେଲେ ସେଥିରେ କେବଳ ସେହି ଶିରାର କଙ୍କାଳ ହିଁ ଦେଖିବାକୁ ମିଳେ । ଏହି ଶିରାର କଙ୍କାଳ ପରୀକ୍ଷା କଲେ ତାହାର ଗଠନ ତିନିପ୍ରକାର ଥିବାର ଦେଖାଯାଏ । କାହିଁରେ କଙ୍କାଳର ଶିରାସବୁ ମୂଳରୁ ସମାନ୍ତର ଭାବରେ ଶେଷ ପର୍ଯ୍ୟନ୍ତ ଲମ୍ବିଥାଏ । ପ୍ରାୟ ସମସ୍ତ ଘାସଜାତୀୟ ଗଛର ପତ୍ର ଏହି ପ୍ରକାରର । ଦ୍ୱିତୀୟତଃ, କୌଣସି କୌଣସି ପତ୍ରରେ ଶିରାଗୁଡ଼ିକ ପକ୍ଷୀର ପର ବା ନଡ଼ିଆ ବରଡ଼ା ପରି ହୋଇଥାଏ । ସେ ପତ୍ରର ମଝିରେ ଗୋଟିଏ କ୍ରମ ସୂକ୍ଷ୍ମ ସ୍ଥୂଳ ଶିରା ମୂଳରୁ ଶେଷ ପର୍ଯ୍ୟନ୍ତ ଦେଖାଯାଏ । ସେହି ସ୍ଥୂଳ ଶିରାର ଦୁଇ ପାଖେ ଉପଶିରା ସବୁ ବାହାରି ପତ୍ରର ଗଠନ ପୂର୍ଣ୍ଣ କରିଥାଏ । ବର, ଅଶ୍ୱତ୍ଥ, ବକୁଳ, ରସାଳ, କେନ୍ଦୁ, କଦମ୍ବ ପ୍ରଭୃତିର ପତ୍ର ଏହି ଶ୍ରେଣୀର । ତୃତୀୟ ଶ୍ରେଣୀର ପତ୍ରରେ ହାତର ଅଙ୍ଗୁଳିପରି ଶିରାଗୁଡ଼ିକ ଡେମ୍ଫ ମୂଳରୁ ଚତୁର୍ଦ୍ଦିଗକୁ ଲମ୍ବିଥାଏ । କଖାରୁ, କନ୍ଦମୂଳ, ଆଳୁ, ପାନ ପ୍ରଭୃତି ଗୁଳ୍ମମାନଙ୍କର ପତ୍ର ଏହି ଶ୍ରେଣୀୟ ।

ଅବଶ୍ୟ ପତ୍ରର କଙ୍କାଳ ଧରି ଏ ସବୁ ପ୍ରଭେଦ ବୁଝିବାକୁ ହେବ । ଏହି ପତ୍ରକଙ୍କାଳ ସବୁ ଗଛର ପତ୍ରରେ ସମାନ ଭାବରେ ପୂର୍ଣ୍ଣ ହୋଇନଥାଏ । ପାନର ପତ୍ର ଓ ଗବ ପତ୍ରରେ କଙ୍କାଳ ଶିରାର ମଧ୍ୟବର୍ତ୍ତୀ ସ୍ଥାନସବୁ ବହୁ ପରିମାଣରେ ଅପୂର୍ଣ୍ଣ ଅଛି । ପାନରେ ଗୋଟିଏ ପାଖ ମାତ୍ର ଅଛି । ଅକାନବିନ୍ଧିରେ ଆଦୌ ଅପୂର୍ଣ୍ଣ ନାହିଁ । ପୁଣି ପକ୍ଷାନ୍ତରେ କୌଣସି କୌଣସି ଲତାରେ ତାହା ଏତେ ଅପୂର୍ଣ୍ଣ ଯେ ଗୋଟିଏ ପତ୍ର ପାଞ୍ଚଟି ପରି ଦେଖାଯାଏ । ଏହି ଶ୍ରେଣୀର ଗୋଟିଏ ଲତାକୁ ଲୋକେ ପାଞ୍ଚଆଙ୍ଗୁଠିଆ ବୋଲି କହନ୍ତି । ଅନନ୍ତ ବିକାଶ କାଳ ମଧ୍ୟରେ ଗଛସବୁ ନାନା ଅବସ୍ଥାରେ ପଡ଼ି ଆତ୍ମରକ୍ଷା ପାଇଁ ଏହିପରି ବିଭିନ୍ନ ପ୍ରକାର ପତ୍ରର ସୃଷ୍ଟି କରିଅଛନ୍ତି । ଏବେ ମଧ୍ୟ ଦେଖାଯାଏ, ଘାସଜାତୀୟ ଖଜୁରି, ନଡ଼ିଆ ପ୍ରଭୃତିର ପତ୍ରରେ ସମାନ୍ତର ଶିରାସବୁ ଅସ୍ପଷ୍ଟ ନହେଲେ ମଧ୍ୟ ସେମାନେ ବଟ, ବକୁଳ, ରସାଳର ପତ୍ର ଗଠନ ଅନୁକରଣ କରି ଆସୁଅଛନ୍ତି । ସେହି ଜାତୀୟ ତାଳ ଟିକିଏ ଗବ ପାନ-ପତ୍ରର ଶିରା ସଂସ୍ଥାନ ଆଡ଼କୁ ଗଲା ପରି ଜଣାଯାଉଅଛି ।

Digitized by PPRACHIN, SOA

ବର୍ତ୍ତମାନ ବୃକ୍ଷର ଅପର ବିଶିଷ୍ଟ ଅବୟବ 'ଚେର'ର କଥା ଟିକିଏ ଆଲୋଚନା କରାଯାଉ । ପତ୍ରପରି ଏହାର କାର୍ଯ୍ୟକାରିତା ବୃକ୍ଷ ସମ୍ବନ୍ଧରେ ଅତ୍ୟନ୍ତ ଅଧିକ ନ ହେଲେ ମଧ୍ୟ ବୃକ୍ଷ ଜୀବିକାରେ ଏହାର ସ୍ୱତନ୍ତ୍ର କ୍ରିୟା ଅଛି । ବୃକ୍ଷ ଜୀବନ ସଂରକ୍ଷଣ ନିମନ୍ତେ ଏହାର ମଧ୍ୟ ସ୍ୱତନ୍ତ୍ର ପ୍ରକୃତି ଫୁଟିଅଛି । ଜୀବନ୍ତ ହରିତ୍ କଣିକା ନିର୍ମାଣରେ ପତ୍ର ଦ୍ୱାରା ଆହୃତ ଅଙ୍ଗାର ଜନିତ ଶ୍ୱେତସାରାଦି ଛଡ଼ା ଆଉ ଯେଉଁ ଦ୍ରବ୍ୟ ଅତି ଅଳ୍ପ ପରିମାଣରେ ହେଲେ ମଧ୍ୟ ଆବଶ୍ୟକ ହୁଏ ତାହା ଏହି ଚେରବାଟେ ଗଛ ଭିତରକୁ ଆସେ । ପତ୍ରବାଟେ ପବନ ଗଛରେ ପଶେ; କିନ୍ତୁ ଚେରବାଟେ ପବନ ପଶିପାରେ ନାହିଁ । ଜଳବତ୍ ତରଳ ଦ୍ରବ୍ୟ ଛଡ଼ା ଚେରବାଟେ ଗଛ ଭିତରକୁ ଆଉ କିଛି ପଶିପାରେ ନାହିଁ । କୃଷକମାନେ ଗଛମୂଳେ ପାଣି ଦିଅନ୍ତି– ତାହା ଏହି ଚେରବାଟେ ପିଏ । ମାତ୍ର ଏହି ପାନୀୟ ଦ୍ରବ୍ୟ କେବଳ ଜଳ ନୁହେଁ । ପୃଥିବୀର କେତେଗୁଡ଼ିଏ ପଦାର୍ଥ ଏହି ଜଳରେ ଲୁଣ, ନବାତ ପ୍ରଭୃତି ମିଶିଲା ପରି ମିଶି ଚେର ବାଟେ ଗଛକୁ ଯାଏ । କ୍ଷାରଜନ ନାମକ ପଦାର୍ଥ ଏହିସବୁ ପଦାର୍ଥମାନଙ୍କ ମଧ୍ୟରେ ପ୍ରଧାନ । ଏହି କ୍ଷାରଜନ ବିନା ବୃକ୍ଷର ଜୀବନ୍ତ ହରିତ୍ କଣିକା ନିର୍ମିତ ହେବ ନାହିଁ । ବାୟୁରେ ଏହି କ୍ଷାରଜନ ବାଷ୍ପ ପ୍ରଚୁର ଥିଲେ ହେଁ ପତ୍ରବାଟେ ଗଛ ତାହା ନେଇପାରେ ନାହିଁ । କୃଷକମାନେ ଗଛମୂଳେ ଖତ ଦିଅନ୍ତି, ଏହି ଖତରେ ସାଧାରଣତଃ କ୍ଷାର, ଗନ୍ଧକ, ଫସ୍‌ଫରସ୍, କାଲ୍‌ସିୟମ୍ ପ୍ରଭୃତି ବୃକ୍ଷ ଜୀବନର ଉପଯୋଗୀ ବହୁ ଖାଦ୍ୟ ଥାଏ । ସେ ସବୁ କ୍ରମେ ଭୂମିରେ ପରିବର୍ତ୍ତିତ ହୋଇ ଜଳସଙ୍ଗେ ମିଶି ବୃକ୍ଷ ଭିତରକୁ ଯାଏ । ଲୋକେ ଗଛ ମୂଳେ ବାରମ୍ବାର ହଳ କରନ୍ତି, ପାଣି ଦିଅନ୍ତି; ସେଥିରେ ଏହି କ୍ଷାରାଦି ଦ୍ରବ୍ୟ ସବୁ ମାଟିରେ ମିଶି ପାଣି ପଡ଼ିଲାମାତ୍ରେ ପାଣିରେ ଲୁଣପରି ମିଳାଇ ଯାଏ । ବୃକ୍ଷ ତାହା ଅକ୍ଳେଶରେ ଗ୍ରହଣ କରେ । ବିଲ ହଳ କରିବାର ମଧ୍ୟ ଆଉ ଗୋଟିଏ ଉପକାରିତା ଅଛି । ଚାଷୀମାନେ ଜାଣନ୍ତି ବିଲରେ ମଞ୍ଜି ପକାଇବାର ଦୁଇଚାରି ମାସ ପୂର୍ବରୁ ବିଲକୁ ଦୁଇ ଚାରିଥର ହଳକରି ରଖିଲେ ଯେ ଫଳହୁଏ, ପରେ ବହୁ ପରିମାଣରେ ଖତ ଦେଲେ ମଧ୍ୟ ତାହା ହୁଏ ନାହିଁ । ପବନରେ ବହୁ ପରିମାଣରେ କ୍ଷାରଜନ ବାଷ୍ପ ଅଛି । ହଳ କଲାବେଳେ ମାଟି ଫସ୍‌ଫସିଆ ହୋଇ ଖରାରେ ଶୁଖି ଏହି କ୍ଷାରଜନ ବାଷ୍ପ ବହୁପରିମାଣରେ ସଂଗ୍ରହ କରି ରଖେ । ଅଳ୍ପ ସମୟ ମଧ୍ୟରେ ମାଟିର ଦ୍ରବ୍ୟ ବିଶେଷମାନଙ୍କ ସଙ୍ଗେ ଏହି ବାଷ୍ପ ମିଶି ରାସାୟନିକ ପ୍ରକ୍ରିୟାରେ ବହୁ କ୍ଷାର ଦ୍ରବ୍ୟର ସୃଷ୍ଟି କରେ । ଏହିସବୁ କ୍ଷାର ଦ୍ରବ୍ୟ ପରେ ଜଳ ସଙ୍ଗେ ମିଶି ବୃକ୍ଷ ଭିତରକୁ ଯାଏ । ଫଳରେ ଏହା ବହୁତ ଖତର କାମ କରେ ।

ଚେର ବହୁ ଅନ୍ୱେଷଣ କରି ମାଟି ଭିତରେ ଖୋଜି ଖୋଜି ବୃକ୍ଷପାଇଁ ପାନୀୟ ସଙ୍ଗେ ଆହାର୍ଯ ଅନ୍ୱେଷଣ କରେ । ବୈଜ୍ଞାନିକବର ଡାରୱିନ (Darwin) କଥା ଛଳରେ କହିଅଛନ୍ତି ଗଛର ମସ୍ତିଷ୍କ ତାହାର ଚେରରେ ଥାଏ । ବାସ୍ତବିକ କେଉଁଠାରେ ଗୋଡ଼ି ଓ ନୀରସ ମାଟି ଛାଡ଼ି ଯିବାକୁ ହେବ, କେଉଁଠାରେ କୋମଳ ମୃତ୍ତିକା ମଧ୍ୟରେ ବୃକ୍ଷର

Digitized by PPRACHIN, SOA

ଉପଯୋଗୀ ଦ୍ରବ୍ୟଯୁକ୍ତ ମାଟି ମିଳିବ, କେଉଁ ଆଡ଼କୁ କାହିଁକି ଗୋଟିଏ ସୂକ୍ଷ୍ମ ଶାଖା ଲମ୍ବାଇବାକୁ ହେବ ଏସବୁ ଚେର ଜ୍ଞାନର ସହି କଲାପରି ବୋଧହୁଏ । ଖଣ୍ଡ କୋଳି ଓ ନାଳ ଗୁଳି ଗଛକାଟି ମାଟିରେ ପୋତି ସଡ଼ାଇଦେଲେ ତାହା କଖାରୁ ପ୍ରଭୃତି ଗଛର ଅତି ଉପାଦେୟ ଖାଦ୍ୟ ହୁଏ । ପରୀକ୍ଷା କରି ଦେଖାଯାଇଅଛି ଏହି ପ୍ରକାର ଖତ ତିଆରି କରି ତାହାକୁ କଖାରୁ ଗଛର ଦୁଇ ତିନିହାତ ଦୂରରେ ଗୋଟିଏ ଜାଗାରେ ପୋତିଦେଲେ ସାତ ଆଠ ଦିନ ମଧ୍ୟରେ କଖାରୁ ଗଛ ଚେରର ଗୋଟିଏ ସୂକ୍ଷ୍ମ ଶାଖା ଜାଣିଲା ପରି ସେହି ଆଡ଼କୁ ଲମ୍ବିଯାଇ ନାନା ସ୍ଥଳରେ ପ୍ରଶାଖାରେ ସେହି ସ୍ଥାନକୁ ଆବୃତ କରେ । ଏଠାରେ କହି ରଖିବା ଉଚିତ ଚେରମାନଙ୍କର ଶାଖାର ଅଗ୍ରଭାଗ ନୂତନ ଅବସ୍ଥାରେ ଅତି କୋମଳଥାଏ । ସେହି କୋମଳ ଭାଗ ମାଟିରେ ଖାଦ୍ୟପଦାର୍ଥ ବାରି ବାରି ପଶିଯାଏ । କୋମଳ ଚେର କାଳେ ନଷ୍ଟ ହୋଇଯିବ ସେଥିପାଇଁ ତାହାର ଅଗରେ ଗୋଟିଏ ଟୋପି ଥାଏ । କିଆ ବର ପ୍ରଭୃତିର ଚେର ଅନେକ ସମୟରେ ଭୂମି ଉପରେ ବାହାରିବାର ଦେଖାଯାଏ । ସେଥିରେ ଚେର ଅଗରେ ଥିବା ଏହି ଟୋପି ଉତ୍ତମ ରୂପେ ଲକ୍ଷ୍ୟ କରାଯାଇ ପାରିବ ।

ମାତ୍ର ବୃକ୍ଷର ପାନୀୟ ସଂଗ୍ରହରେ ସାହାଯ୍ୟ କରିବା ଚେରର ମୁଖ୍ୟ କାର୍ଯ୍ୟ ନୁହେଁ । ବୃକ୍ଷ ସ୍ଥାବର । ତାହାର ସ୍ଥିତିରେ ସାହାଯ୍ୟ କରିବାହିଁ ଚେରର ପ୍ରଧାନ କାର୍ଯ୍ୟ । ଏଥିରେ ହିଁ ଚେରର ମସ୍ତିଷ୍କର କାର୍ଯ୍ୟ କରିବା ବହୁତର ପରିମାଣରେ ଦେଖାଯାଏ । ଝଡ଼, ତୋଫାନ ପ୍ରଭୃତି ଗଛର ଅନେକ ବହିଃଶତ୍ରୁରୁ ଚେର ତାହାକୁ ରକ୍ଷା କରେ । ତଳେ, ଉପରେ, ନାନା ଦିଗେତର ଶାଖା ଲମ୍ବାଇ ଚେର ଗଛକୁ ଭୂମି ଉପରେ ଦୃଢ଼ କରି ରଖୁ ନଥିଲେ, ପବନ ପ୍ରଭୃତିର ଆଘାତରେ ଗଛ ରହୁନଥାନ୍ତା । ଏ ବିଷୟ ବିଶେଷ ବୁଝାଇବାର ଆବଶ୍ୟକ ନାହିଁ । ସାମାନ୍ୟ ଚିନ୍ତା କଲେ ଏହାର ସତ୍ୟ ସମସ୍ତେ ବୁଝିପାରିବେ ।

କ୍ଷାରଜନ ପ୍ରଭୃତି ସଂଗ୍ରହ କରିବା ବୃକ୍ଷର ଗୌଣକାର୍ଯ୍ୟ ବୋଲି କହିବାର ତାତ୍ପର୍ଯ୍ୟ ଏହି ଯେ ଅନେକ ବୃକ୍ଷ ଚେରର ବିନା ସାହାଯ୍ୟରେ ଏହି ଜାତୀୟ ଖାଦ୍ୟ ସଂଗ୍ରହ କରିବାର ଦେଖାଯାଏ । ଆମେରିକା ପ୍ରଭୃତି ଦେଶରେ ଜଳଜମିରେ ଅନେକ ଚେରହୀନ ଗଛ ହୁଏ । ସେମାନେ ପତ୍ର ଦ୍ୱାରା ମକ୍ଷିକା, କୀଟ, ପତଙ୍ଗ ପ୍ରଭୃତି ଧରି ଖାଆନ୍ତି । ସେଥିରେ ତାଙ୍କର ଚେରର ଆଉ ଆବଶ୍ୟକତା ରହେ ନାହିଁ । ମାତ୍ର ଯେଉଁ ବୃକ୍ଷସବୁ ଭୂମିରେ ବଢ଼ନ୍ତି, ଚେର ବିନା ଭୂମିରେ ସ୍ଥିର ରହିବା ସେମାନଙ୍କ ପକ୍ଷରେ ସମ୍ଭବ କି ?

ଅତଏବ ଦେଖାଗଲା ବୃକ୍ଷ ମୁଖ୍ୟଭାବରେ ପବନରୁ ଆହାର ସଂଗ୍ରହ କରି ବଞ୍ଚେ । ପତ୍ରବାଟେ ସେହି ଆହାର ସଂଗ୍ରହ କରେ । ଚେର ତାହାକୁ ଭୂମିରେ ସ୍ଥିର ରଖିବା ପାଇଁ ମୁଖ୍ୟଭାବରେ ନିର୍ମିତ । ବୃକ୍ଷକୁ ପାନୀୟ ଯୋଗାଇବା ତାହାର ଗୌଣକାର୍ଯ୍ୟ । ବୃକ୍ଷ ଜଳିଗଲେ କିମ୍ବା ପଚିଗଲେ ତାହା ଶରୀରର ଅଧିକାଂଶ ବାଷ୍ପରେ ପରିଣତ ହୋଇ ବାୟୁମଣ୍ଡଳରେ ମିଶିଯାଏ । ପକ୍ଷାନ୍ତରେ ଅନେକ ପୋଖରୀ ଜଳ ଓ ବଧ ଯୋଗେ ଅତି

Digitized by PPRACHIN, SOA

ଅଳ୍ପ ସମୟ ମଧ୍ୟରେ ପୋତି ହୋଇଯାଏ । ସେଠାରେ ବାୟୁମଣ୍ଡଳର ବାଷ୍ପ ସବୁ ବୃକ୍ଷ ଯୋଗେ କଠିନ ପଦାର୍ଥରେ ପରିଣତ ହୋଇ ମାଟି ତିଆରି କରେ । ପୁଣି ବୃକ୍ଷ ଯେଉଁ ବାଷ୍ପ ଖାଏ, ମନୁଷ୍ୟ ତାହା ତ୍ୟାଗକରେ, ବୃକ୍ଷ ଯାହା ତ୍ୟାଗକରେ ମନୁଷ୍ୟ ତାହା ଖାଇ ପ୍ରାଣ ଧାରଣ କରେ । ଏହିପରି ବୃକ୍ଷର ଜୀବିକା ସଙ୍ଗେ ମନୁଷ୍ୟ ବା ଜନ୍ତୁ ଜୀବିକାର ବିପରୀତ ସମ୍ବନ୍ଧ ହେଲେହେଁ ଦୁହେଁ ଜୀବଜଗତର ଅନ୍ତର୍ଭୁକ୍ତ । ଦୁହିଁଙ୍କର ପରସ୍ପର ସମ୍ବନ୍ଧ ବିନା ସୃଷ୍ଟି ଅସମ୍ଭବ ।

[ସତ୍ୟବାଦୀ ପତ୍ରିକା-କନ୍ୟା, ତୁଳା, ଧନୁ,
କୁଂଭ, କଙ୍କଡା, ୧୩୨୩, ମକର ୧୩୨୪]

# ମେଷବୃଷାଦିର ଜନ୍ମଜାତକ

ପଣ୍ଡିତ ଶ୍ରୀ ବାଇକୋଳି ମହାପାତ୍ର ଶର୍ମା ଲେଖିଚନ୍ତି–

କକଡ଼ା ସଂଖ୍ୟା ନବଭାରତର 'ଐତିହାସିକ ସୂଚନା' ପ୍ରବନ୍ଧରେ ଆପଣ ଲେଖିଅଛନ୍ତି ଯେ, ''ମେଷ ବୃଷ ପ୍ରଭୃତି ରାଶିର ନାମ ଏ ଦେଶର ଲୋକେ ଗ୍ରୀକ୍‌ମାନଙ୍କଠାରୁ ଶିଖିଥିଲେ । ମୌର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କ ପରେ, ଅର୍ଥାତ୍ ଖ୍ରୀଷ୍ଟ ତୃତୀୟ ଶତାବ୍ଦୀଠାରୁ ଗ୍ରୀକ୍‌ମାନଙ୍କ ସଙ୍ଗେ ଏ ଦେଶର ସ୍ପଷ୍ଟ ସମ୍ପର୍କ ଲାଗିଲା । ମେଷ ବୃଷ ପ୍ରଭୃତି ନାମ ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ହେବାକୁ ହୁଏତ ଦୁଇଶ ବର୍ଷ ଲାଗିଥିବ ଇତ୍ୟାଦି ।''

କିନ୍ତୁ ଖ୍ରୀଷ୍ଟପୂର୍ବ ବହୁକାଳରୁ ଜ୍ୟୋତିଷାଦି ଗ୍ରନ୍ଥମାନଙ୍କରେ ମେଷାଦି ନାମ ସୁଦ୍ଧା ଦେଖିବାକୁ ମିଳେ । ସୁପ୍ରସିଦ୍ଧ ସିଦ୍ଧାନ୍ତ-ଗ୍ରନ୍ଥ ସୂର୍ଯ୍ୟ ସିଦ୍ଧାନ୍ତରେ ମେଷାଦି କେନ୍ଦ୍ର, କର୍କାଦି କେନ୍ଦ୍ର, ତୁଳାଦି କେନ୍ଦ୍ର ଓ ମକରାଦି କେନ୍ଦ୍ରର ଗଣନା ରହିଅଛି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାକବି କାଳିଦାସଙ୍କ ଲିଖିତ 'ଜ୍ୟୋତିର୍ବିଦାଭରଣ' ନାମକ ଗ୍ରନ୍ଥରେ ଏହି ମେଷ ବୃଷାଦି ରାଶି ଓ ମାସ ନାମ ଏବଂ ଶୁଭାଶୁଭ କ୍ରିୟାକଳାପ ଉଲ୍ଲିଖିତ ଅଛି । କାଳିଦାସ ଉଲ୍ଲିଖିତ ଗ୍ରୀକ୍ ସମ୍ପର୍କରେ ବହୁପୂର୍ବର ଲୋକ । ଐତିହାସିକ ଫ୍ଲିଟ୍ ସାହେବଙ୍କ ମତାନୁସରଣରେ ଯେଉଁମାନେ ତାହାକୁ ପଞ୍ଚମ ଶତାବ୍ଦୀର ଲୋକ କହନ୍ତି, ସେମାନଙ୍କ ମତ ଯେ ସମ୍ପୂର୍ଣ୍ଣ ଭୁଲ, ଏହା ମହାକବିଙ୍କ ନିଜୋକ୍ତିରୁ ଜଣାଯାଏ । 'ଜ୍ୟୋତିର୍ବିଦାଭରଣ' ଗ୍ରନ୍ଥ ଶେଷରେ ଲିଖିତ ଅଛି–

'ବର୍ଷୈଃ ସିଂଧୁର ଦର୍ଶନାଂବରଗୁଣୈର୍ଯାତେ କଳୌ ସଂମିତେ,
ମାସେ ମାଧବ ସଂଜ୍ଞକେ ଚ ବିହିତୋ ଗ୍ରନ୍ଥା କ୍ରିୟୋପକ୍ରମଃ
ନାନାକାଳ ବିଧାନ ଶାସ୍ତ୍ରଗଦିତଂ ଜ୍ଞାନଂ ବିଲୋକ୍ୟାଦରା

Digitized by PPRACHIN, SOA

ଦୁର୍ଜ୍ଜେଗ୍ରଂଥ ସମାପ୍ତିରତ୍ର ବିହିତା ଜ୍ୟୋତିର୍ବିଦାଂ ପ୍ରୀତୟେ ।

ଅର୍ଥାତ୍ କଳିଯୁଗରୁ ୩୦୬୮ ବର୍ଷ ଭୋଗ ସମୟରେ, ବୈଶାଖ ମାସରେ ଜ୍ୟୋତିର୍ବିଦମାନଙ୍କ ପ୍ରୀତିଦାୟକ ଏହି ଜ୍ୟୋତିର୍ବିଦାଭରଣ ଗ୍ରନ୍ଥ ଆରବ୍ଧ ହୋଇ କାର୍ତିକ ମାସରେ ସମାପ୍ତ ହେଲା ।

ବର୍ତ୍ତମାନ କଳି ଭୋଗାବ୍ଧ ୫୦୩୫ ବର୍ଷ, ତେବେ ଜ୍ୟୋତିର୍ବିଦାଭରଣ ଗ୍ରନ୍ଥ ଆଜକୁ (୫୦୩୫-୩୦୬୮) ୧୯୬୭ ବର୍ଷ ତଳେ ଲେଖାଯାଇଥିଲା । ଏଥିରୁ ଜଣାଯାଏ କାଳିଦାସ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଥିଲେ । ଆଧୁନିକ ଯୁଗର ପ୍ରବୀଣ ଐତିହାସିକ Sir John Marshall, Vogel ପ୍ରଭୃତି ଏହି ମତ ଗ୍ରହଣ କରିଅଛନ୍ତି । ବହୁବିଧ ଶିଳାଲିପି ଓ ଅନ୍ୟାନ୍ୟ ଅନେକ ବିଶିଷ୍ଟ ପ୍ରମାଣ ବଳରେ 'ଫ୍ଲିଟ୍' ପ୍ରଭୃତିଙ୍କ ମତ ସମ୍ପୂର୍ଣ୍ଣ ଅଳୀକ ବୋଲି ପ୍ରମାଣିତ ହେଲାଣି ।

ମେଷ ବୃଷାଦି ନାମ ଆର୍ଯ୍ୟାବର୍ତ୍ତରେ ଗ୍ରୀକ୍‌ମାନଙ୍କ କର୍ତ୍ତୃକ ପ୍ରଚାରିତ ହୋଇନାହିଁ । ବରଂ ଗ୍ରୀକ୍‌ମାନେ ଏହି ନାମ ସବୁ ଗ୍ରହଣ କରିଥିବା ସମଧିକ ଅନୁମାନର ଯୋଗ୍ୟ । ମେଷ, ବୃଷାଦି ନାମ ଛଡ଼ା ଅନ୍ୟ କେତେକ ସଂଜ୍ଞା 'ଲାଟିନ' ଶବ୍ଦାନୁକରଣରେ ଗଠିତ ହୋଇଅଛି । ସେଗୁଡ଼ିକ ବୈଦେଶିକମାନଙ୍କ କର୍ତ୍ତୃକ ପ୍ରଚଳିତ କହିଲେ ବରଂ ଗ୍ରହଣୀୟ ହୋଇପାରେ । ନିମ୍ନରେ ରାଶିମାନଙ୍କର ନାମ ଦିଆଗଲା ।

| ପ୍ରାଚୀନ ନାମ | ଅନ୍ୟ ସଂଜ୍ଞା | ଲାଟିନ | ଇଂରେଜୀ |
|---|---|---|---|
| ମେଷ | କ୍ରିୟ | Aries | Ram |
| ବୃଷ | ତାବୁରି | Taurus | Bull |
| ମିଥୁନ | ଜିତୁମ | Gemini | Twins |
| କର୍କଟ | କୁଳୀର | Cancer | Cralo |
| ସିଂହ | ଲେୟ | Leo | Lion |
| କନ୍ୟା | ପାଥେୟ | Virgo | Virgin |
| ତୁଳା | ଜୁକ | Libra | Balance |
| ବୃଶ୍ଚିକ | କୌପ୍ୟ | Scorpio | Scorpion |
| ଧନୁ | ତୌକ୍ଷିକ | Sagitarius | Archer |
| ମକର | ଆକୋକେର | Capricorns | Capricorn |
| କୁମ୍ଭ | ହୃଦ୍ରୋଗ | Aquarius | Water bearer |
| ମୀନ | ଇତ୍ଥ | Pisces | Fishes |

ଏଥିରୁ ସ୍ପଷ୍ଟ ଜଣାଯାଏ ମେଷ ବୃଷାଦି ନାମ ବହୁ ପ୍ରାଚୀନ, ତାହା ଗ୍ରୀକ୍‌ମାନଙ୍କ ଉଦ୍ଭାବିତ ନୁହେଁ । ଇତି ।

Digitized by PPRACHIN, SOA

## 'ନବଭାରତ' ସମ୍ପାଦକଙ୍କ ଉତ୍ତର –

ମୌର୍ଯ ଚନ୍ଦ୍ରଗୁପ୍ତ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଲୋକ । କକଡ଼ା ସଂଖ୍ୟାରେ ଛପା ଭୁଲରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ସ୍ଥଳରେ ଖ୍ରୀଷ୍ଟ ତୃତୀୟ ଶତାବ୍ଦୀ ହୋଇ ଯାଇଅଛି । ମାତ୍ର ମୌର୍ଯ ଚନ୍ଦ୍ରଗୁପ୍ତଙ୍କ ନାମ ଥିବାରୁ ବୁଝିବାରେ କୌଣସି ଅସୁବିଧା ନାହିଁ ।

ମହାପାତ୍ର ମହାଶୟ ଲେଖିଛନ୍ତି, ଖ୍ରୀଷ୍ଟପୂର୍ବ ବହୁକାଳରୁ ଜ୍ୟୋତିଷାଦି ଗ୍ରନ୍ଥମାନଙ୍କରେ ମେଷାଦି ନାମ ସୁଦ୍ଧା ଦେଖିବାକୁ ମିଳେ । ସୁପ୍ରସିଦ୍ଧ ସିଦ୍ଧାନ୍ତ ଗ୍ରନ୍ଥ ସୂର୍ଯ୍ୟ ସିଦ୍ଧାନ୍ତରେ ମେଷାଦି କେନ୍ଦ୍ରର ଗଣନା ରହିଅଛି । ସୂର୍ଯ୍ୟ ସିଦ୍ଧାନ୍ତ ବୋଲି ହୁଏତ ପ୍ରାଚୀନ ଗ୍ରନ୍ଥ ଥିଲା । ମାତ୍ର ଏବେ ଯେଉଁ ସୂର୍ଯ୍ୟ ସିଦ୍ଧାନ୍ତ ମିଳେ ତାହା ବରାହମିହିରଙ୍କ ସଙ୍କଳିତ ସୂର୍ଯ୍ୟ ସିଦ୍ଧାନ୍ତ । ଗ୍ରନ୍ଥଟି ବରାହମିହିରଙ୍କ ଲେଖା । ବରାହମିହିରଙ୍କର କରଣାବ୍ଦ ଶକ ୪୨୭, ପୁଣି ଟୀକାକାର ଆମରାଜ ଲେଖିଅଛନ୍ତି, ''ନବାଧିକ ପଞ୍ଚଶତ ସଂଖ୍ୟ ଶାକେ ବରାହମିହିରାଚାର୍ଯଃଦିବଂ ଗତଃ ।''

ବରାହମିହିର ଖ୍ରୀଷ୍ଟ ୬ଷ୍ଠ ଶତାବ୍ଦୀର ଲୋକ– ଏହା ସର୍ବବାଦୀ ସଂମତ । ସବୁମତର ଅୟନାଂଶ ହିସାବ ଦେଖିଲେ ଏହାହିଁ ପ୍ରମାଣିତ ହୁଏ । ବରାହମିହିର ମେଷାଦ୍ୟରୁ ରାଶିଚକ୍ର ଧରିଛନ୍ତି । ଏହି ମେଷଠାରୁ ଏବେ ସିଦ୍ଧାନ୍ତ ଦର୍ପଣ ଅନୁସାରେ ପ୍ରାୟ ୨୩ ଅଂଶ ଅୟନ ଚଳିଗଲାଣି । ସେଇ ହିସାବରେ ପ୍ରତ୍ୟେକ ଅଂଶକୁ ୬୦ ବର୍ଷରୁ କିଛି ବେଶି ଧଇଲେ ପ୍ରାୟ ସେଇ ସମୟ ମିଳେ । ଗଣେଶ ରଚିତ ସରଳ ଗ୍ରହରାଘବରେ ମଧ୍ୟ 'ବେଦାବ୍ଧ୍ୟବ୍ଧୂନଃ ଖରସହୃତଃ ଶକୋଽୟନାଂଶଃ,'' ଅର୍ଥାତ୍ ଶକାବ୍ଦରୁ ୪୪୪ କାଟି ବାକୀ ଅଙ୍କକୁ ୬୦ରେ ହରିଲେ ଅୟନାଂଶ ମିଳେ । ଏଥିରେ ମଧ୍ୟ ସେଇ ଷଷ୍ଠ ଶତାବ୍ଦୀ ହିଁ ମେଷାଦ୍ୟ ରାଶିଚକ୍ର ଗଣନା କାଳ । ଏହିପରି ଅନ୍ୟାନ୍ୟ ଅନେକ ପ୍ରମାଣ ଦିଆଯାଇପାରେ ।

''ଜ୍ୟୋତିର୍ବିଦାଭରଣ''ର କାଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ହେଲେହେଁ ମେଷ, ବୃଷାଦି ଗ୍ରୀକ୍ ବା ଯବନମାନଙ୍କଠାରୁ ଆନୀତ, ଏହା ଅପ୍ରମାଣିତ ହେଉନାହିଁ । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଗ୍ରୀକ୍‌ମାନଙ୍କ ସଙ୍ଗେ ଭାରତର ସ୍ପଷ୍ଟ ସମ୍ପର୍କ ହେଲା । ତା'ର କିଛି ପୂର୍ବରୁ ହୁଏତ ବିଦ୍ୟା ଆଦାନପ୍ରଦାନର କିଞ୍ଚିତ୍ ସମ୍ପର୍କ ହୋଇଥିଲା ବୋଲି କେତେକ ପଣ୍ଡିତଙ୍କର ମତ । ଆଲେକ୍‌ଜାଣ୍ଡରଙ୍କ ବାଲ୍ୟ ଶିକ୍ଷାଗୁରୁ ଆରିଷ୍ଟଟ୍ଲ ବୌଦ୍ଧ ପ୍ରଚାରକମାନଙ୍କଠାରୁ ସାଂଖ୍ୟଦର୍ଶନବାଦ ଶୁଣି ତା' ଉପରେ ନିଜର ଦର୍ଶନ ମତ ପ୍ରତିଷ୍ଠିତ କରିଥିଲେ ବୋଲି ମଧ୍ୟ ପଣ୍ଡିତମାନେ ଅନୁମାନ କରନ୍ତି । ଆରିଷ୍ଟଟ୍ଲ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର ଲୋକ । ମେଷ ବୃଷାଦି ନାମ ସାଧାରଣଲୋକ ପ୍ରଚଳିତ ହୋଇ ମହାଭାରତ ପରି ଗ୍ରନ୍ଥରେ ପଶିବାକୁ କିଛି ବିଳମ୍ବ ହୋଇପାରେ । ମାତ୍ର ଜ୍ୟୋତିଷୀମାନେ ଏହା ଶିଖିବା ସଙ୍ଗେ ସଙ୍ଗେ ଜାଣିଥିବେ ଓ ଜ୍ୟୋତିଷ ଗ୍ରନ୍ଥରେ ମଧ୍ୟ ସଙ୍ଗେ ସଙ୍ଗେ ପଶିଥିବ ।

ପୁଣି ମହାପାତ୍ର ମହାଶୟ 'ଜ୍ୟୋତିର୍ବିଦାଭରଣ'ର ଶେଷରୁ ଗୋଟିଏ ମାତ୍ର ଶ୍ଳୋକ ଧରି ଗ୍ରନ୍ଥକାର କାଳିଦାସଙ୍କୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ମହାକବି କାଳିଦାସ ବୋଲି

Digitized by PPRACHIN, SOA

ଧରିଚନ୍ତି– ଏହା ଚିଂତ୍ୟ । କାଳିଦାସ ଅନେକ ଥିବାର ପ୍ରମାଣ ଅଛି । ମହାକବି କାଳିଦାସଙ୍କ ନାମଟି ପରେ ଗୋଟିଏ ଉପାଧି ହୋଇଥିଲା । ଏପରିକି ଦ୍ୱାଦଶ ଶତାବ୍ଦୀର ଭୋଜରାଜଙ୍କ ସଭାରେ ମଧ୍ୟ ଜଣେ କାଳିଦାସ ଥିଲେ । ମାତ୍ର ଜ୍ୟୋତିର୍ବିଦାଭରଣର କାଳିଦାସ କବି ମଧ୍ୟ ନୁହନ୍ତି, ସେ ଜଣେ ଗଣକ, କି ଦୁର୍ବୁଦ୍ଧିରେ ସେ ନିଜକୁ ମହାକବି କାଳିଦାସ ବୋଲି ପରିଚୟ ଦେବାର ପ୍ରୟାସ କରିଚନ୍ତି, ତାହା ବୁଝାଯାଉନାଇଁ । କିମ୍ବା ପରେ କେହି ତାଙ୍କ ଗ୍ରନ୍ଥରେ ଏସବୁ ଲେଖି ଦେଇଥିବା ମଧ୍ୟ ବିଚିତ୍ର ନୁହେଁ । ଜ୍ୟୋତିର୍ବିଦାଭରଣର ଶେଷରେ ବାସ୍ତବିକ ଲେଖା ଅଛି–

''କାବ୍ୟତ୍ରୟଂ ସୁମତିକୃଦ୍ରଘୁ ବଂଶପୂର୍ବଂ
ପୂର୍ବଂ ତତୋ ନନୁକୃତଃଶ୍ରୁତି କର୍ମବାଦଃ
ଜ୍ୟୋତିର୍ବିଦାଭରଣ-କାଳ ବିଧାନ ଶାସ୍ତ୍ରଂ
ଶ୍ରୀ କାଳିଦାସ କବିତୋହି ତତୋ ବଭୁବ ।''

ଅର୍ଥାତ୍ ରଘୁବଂଶ, କୁମାର ସମ୍ଭବ ଓ ମେଘଦୂତ; ତା' ପୂର୍ବରୁ ବେଦର କର୍ମବାଦ ବିଷୟକ ଗ୍ରନ୍ଥ କାଳିଦାସ କବିଙ୍କ ଦ୍ୱାରା କରାହୋଇଥିଲା । ତା'ପରେ ତାଙ୍କଠାରୁ ଜ୍ୟୋତିର୍ବିଦାଭରଣ ନାମକ କାଳବିଧାନ ଶାସ୍ତ୍ର (ମୁହୂର୍ତ୍ତ ବିଚାର ଗ୍ରନ୍ଥ) ବାହାରିଲା ।

ସେଇ ଶେଷଅଧ୍ୟାୟରେ ମଧ୍ୟ ଅନେକ ପ୍ରାଚୀନ ମନୀଷୀଙ୍କ ନାମ ମିଳେ,–

''ଶଙ୍କୁ ସୁବାଗ୍‌ବରରୁଚିର୍ମଣିରଂଗଦାତ୍ତୋ
ଜିଷ୍ଣୁସ୍ତ୍ରିଲୋଚନ ହରୀ ଘଟକର୍ପରାଖ୍ୟଃ
ଅନ୍ୟେଽପି ସଂତି କବୟୋଽମର ସିଂହପୂର୍ବ ।
ଯସ୍ୟୈବ ବିକ୍ରମନୃପସ୍ୟ ସଭାସଦୋଽମୀ ।୧।
ସତ୍ୟୋ ବରାହମିହିରଃ ଶ୍ରୁତସେନ ନାମା
ଶ୍ରୀବାଦରାୟଣ ମଣିତ୍ଥ କୁମାରସିଂହାଃ
ଶ୍ରୀବିକ୍ରମାର୍କ ନୃପସଂସ୍‌ଦି ସଂତି ଚୈତେ
ଶ୍ରୀକାଳ ତଂତ୍ର କବୟସ୍ତ୍ୱପରେ ମଦାଦ୍ୟାଃ ।୨।
ଧନ୍ୱଂତରି କ୍ଷପଣକାମରସିଂହ ଶଂକୁ
ବେତାଳଭଟ୍ଟ ଘଟକର୍ପର କାଳିଦାସାଃ
ଖ୍ୟାତୋ ବରାହମିହିରୋ ନୃପତ୍ୟେ ସଭାୟାଃ
ରତ୍ନାନିବୈବରରୁଚିର୍ନବ ବିକ୍ରମସ୍ୟ ।୩।
ଶଂକ୍ୱାଦି ପଂଡ଼ିତବରାଃ କବୟସ୍ତ୍ୱନେକେ
ଜ୍ୟୋତିର୍ବିଦଃ ସମଭବଂଶ୍ଚ ବରହପୂର୍ବାଃ
ଶ୍ରୀବିକ୍ରମାର୍କ ନୃପସଂସଦି ମାନ୍ୟବୁଦ୍ଧି–
ସ୍ତୈରପ୍ୟହଂ ନୃପସଖ୍ୟ କିଳ କାଳିଦାସଃ ।୪।

Digitized by PPRACHIN, SOA

ଅର୍ଥାତ୍ ଶଙ୍କୁ, ସୁବାକ୍, ବରରୁଚି, ମଣି, ଅଙ୍ଗଦତ୍ତ, ଜିଷ୍ଣୁ, ତ୍ରିଲୋଚନ, ହରି, ଘଟକର୍ପର, ଅମରସିଂହ ପ୍ରଭୃତି ଏଇ ସବୁ ଅନ୍ୟ କବିମାନେ ଯେଉଁ ବିକ୍ରମଙ୍କ ସଭାସଦ ।୧। ସତ୍ୟ, ବରାହମିହିର, ଶ୍ରୁତସେନ, ବାଦରାୟଣ, ମଣିତ୍ଥ, କୁମାରସିଂହ ଓ ମତେ ଘେନି ଏମାନେ ବିକ୍ରମାର୍କ ରାଜସଭାରେ କାଳତନ୍ତ୍ର କବି (ଗଣକ) ।୨।

ଧନ୍ୱଂତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ, ନୃପସଭାରେ ପ୍ରସିଦ୍ଧ ବରାହମହିର, ବରରୁଚି– ବିକ୍ରମାଦିତ୍ୟଙ୍କର ଏଇ ନବରତ୍ନ ।୩।

(ନବରତ୍ନ ସମ୍ବନ୍ଧୀୟ ଏହି ଶ୍ଳୋକଟି ଅନେକେ ଜାଣନ୍ତି । ଏହା ଏଇଠାର ଶ୍ଳୋକ ।)

ଶଙ୍କୁ ବ୍ରାହ ପ୍ରଭୃତି ବହୁ ଜ୍ୟୋତିର୍ବିଦ ପଣ୍ଡିତ କବି ବ୍ରିକମାର୍କଙ୍କ ରାଜସଭାରେ ଥିଲେ । ସେ ସମସ୍ତଙ୍କର ସମ୍ମାନିତ ମୁଇଁ ରାଜସଖା କାଳିଦାସ ।୪।

ଏ ସବୁର ଐତିହାସିକ ଆଲୋଚନା ଦରକାର ନାଇ । ଏ ଗଣକ କାଳିଦାସ ଯେ କଦାପି ବରାହମିହିରଙ୍କ ପୂର୍ବର ଲୋକ ନୁହନ୍ତି, ଏହା ନିଶ୍ଚିତ । ପୁଣି ମଣିତ୍ଥ ନାମକ ଯବନ ଜ୍ୟୋତିଷୀଙ୍କ ନାମ ମଧ୍ୟ ଏ ସ୍ପଷ୍ଟ ଉଲ୍ଲେଖ କରିଅଛନ୍ତି । ବରାହମିହିରଙ୍କ 'ବୃହଜ୍ଜାତକ'ରେ ମଧ୍ୟ ଯବନାଚାର୍ଯ୍ୟ ଓ ମଣିତ୍ଥଙ୍କ ନାମ ଅଛି ।

ଏଇ କାଳିଦାସ ବରାହଙ୍କ ସଙ୍ଗେ ଏକ ରତ୍ନ ଓ ନିଜକୁ ବରାହାଦିଙ୍କ ସମ୍ମାନିତ ବୋଲି କହି ମଧ୍ୟ ଗ୍ରନ୍ଥାରମ୍ଭରେ ବରାହମିହିରଙ୍କ ମତାମତ ସ୍ମରଣ କରିଚନ୍ତି । ପ୍ରଥମ ଅଧ୍ୟାୟରେ ଅୟନାଂଶ ଗଣନା ନିମନ୍ତେ ଏକ ସୂତ୍ର ଦେଇଚନ୍ତି । ସେଠାରେ ଶକ ବର୍ଷରୁ ୪୪୫ ବର୍ଷ ବାଦ ଦେବାକୁ ହେବ ବୋଲି କହିଚନ୍ତି । ତେବେ ନିଶ୍ଚୟ ସେ ନିଜେ ଶକ ୪୪୫ ପରର ଲୋକ । ପୁଣି ଚନ୍ଦ୍ରଶେଖର ସିଂହଙ୍କ ସିଦ୍ଧାନ୍ତ ଦର୍ପଣର ସମ୍ପାଦକ ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟଙ୍କ ମତରେ ଶକ ୬ଷ୍ଠ ଶତାବ୍ଦୀରେ ମଧ୍ୟ ବ୍ରହ୍ମଗୁପ୍ତ ଯେଉଁ ଅୟନ ବେଗ ନିର୍ଣ୍ଣୟ କରିପାରି ନଥିଲେ, ଏଇ କାଳିଦାସ ଶକାରମ୍ଭର ପୂର୍ବରୁ ତାହା ଜାଣି ଥିଲେ ବୋଲି କହି ହାସ୍ୟାସ୍ପଦ ହୋଇଚନ୍ତି । ପଣ୍ଡିତବର ସୁଧାକର ଦ୍ୱିବେଦୀ ନିଜ 'ଗଣକ ତରଙ୍ଗିଣୀ'ରେ ଏଇ କାଳିଦାସଙ୍କୁ ଶକ ତ୍ରୟୋଦଶ ଶତାବ୍ଦୀର ବୋଲି ସ୍ଥିର କରିଚନ୍ତି । ଅଧ୍ୟାପକ ଯୋଗେଶ କହନ୍ତି, ଏ ଶକ ଦ୍ୱାଦଶ ଶତାବ୍ଦୀରୁ କଦାପି ପ୍ରାଚୀନ ହୋଇ ନ ପାରନ୍ତି ।*

ମହାପାତ୍ର ମହାଶୟ ରାଶିର ଚାରୋଟି ଲେଖାଏଁ ନାମ ଦେଇଚନ୍ତି । ସେଥିରେ 'ଅନ୍ୟ ସଂଜ୍ଞା' ସ୍ତମ୍ଭଟିର ନାମଗୁଡ଼ିକ ଯାବନିକ ବା ଗ୍ରୀକ୍ ନାମର ଉଚ୍ଚାରଣ ଭାରତୀୟ ଅକ୍ଷରରେ ଟିକିଏ ବିକୃତ ଭାବରେ ପ୍ରକାଶିତ ହୋଇଚି ମାତ୍ର । ସଂସ୍କୃତ ଜ୍ୟୋତିଷ ଗ୍ରନ୍ଥମାନଙ୍କରେ ଏମାନଙ୍କର ଆହୁରି ଅବିକୃତ ଉଚ୍ଚାରଣ ମଧ୍ୟ ବେଳେବେଳେ ଦେଖାଯାଏ, ଯଥା– କ୍ରିୟ, ତାବୁରି, ତିଲୁମ (ଡିତୁମ), କର୍କି, ଲେୟ, ପାଥେନ, ଜୁକ, କୌର୍ପ୍ୟ,

* ଗତ ଶତାବ୍ଦୀର ପ୍ରସିଦ୍ଧ ମହାରାଷ୍ଟ୍ର ପଣ୍ଡିତ ଭାଓଦାଜିଙ୍କ Literary Remains ନାମକ ଗ୍ରନ୍ଥରେ 'କାଳିଦାସ' ପ୍ରବନ୍ଧ ମଧ୍ୟ ଏ ପ୍ରସଙ୍ଗରେ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ତୌକ୍ଷିକ, ଅଲୋକେର, ହୃଦୋଗ, ଇଥୁସି । ମେଷ, ବୃଷ, ମିଥୁନ, କୁଳୀର ପ୍ରଭୃତି ଯଥାକ୍ରମେ ଏହାରି ସଂସ୍କୃତ ଅନୁବାଦ । ଫଳିତ ଜ୍ୟୋତିଷରେ ମଧ୍ୟ ବରାହମିହିର ପ୍ରଭୃତି କେନ୍ଦ୍ର, କୋଣ, ତ୍ରିକୋଣ, ହୋରା, ଲିପ୍ତା, ବେଶି, ଇତ୍ୟାଦି ଯାବନିକ (ଗ୍ରୀକ୍) ପାରିଭାଷିକ ଶବ୍ଦ ବ୍ୟବହାର କରିଚନ୍ତି । ବ୍ରହ୍ମଗୁପ୍ତ ଯବନ ସିଦ୍ଧାନ୍ତର ନାମ କରିଚନ୍ତି । ସୂର୍ଯ୍ୟ ସିଦ୍ଧାନ୍ତରେ ଶ୍ଳୋକଅଛି, ଯହିଁରୁ ଯବନ ପ୍ରଭାବ ସ୍ପଷ୍ଟ ଜଣାପଡ଼େ । ପୌଲିସ ଓ ରୋମକ ସିଦ୍ଧାନ୍ତର ମୂଳ ଯେ ଯାବନିକ ଏଥିରେ ସନ୍ଦେହ ନାହିଁ ।**

ପୁଣି ମେଷ, ବୃଷ ପ୍ରଭୃତି କେଉଁ ତାରା ପୁଞ୍ଜ, ତାହା ଠିକ୍ କରି କୌଣସି ଭାରତୀୟ ଜ୍ୟୋତିଷ ଗ୍ରନ୍ଥରୁ ଜାଣି ହେବ ନାହିଁ । କ୍ରିୟ, ତାବୁର ପ୍ରଭୃତି ବରାହଙ୍କ ବୃହଜ୍ଜାତକରେ ପ୍ରଥମେ ଦେଖାଯାଏ । ମେଷ, ବୃଷାଦି ମଧ୍ୟ ସେଇ ବରାହ ବ୍ୟବହାର କରିଚନ୍ତି । ବରାହଙ୍କ କାଳରୁ ମେଷ ରାଶିରୁ ବର୍ଷ ଗଣନା ହେଲା । ହୁଏତ ବରାହ ଯେଉଁଠାରେ ବାସନ୍ତ ବିଷୁବ ଦିନ ସୂର୍ଯ ଦେଖିଥିଲେ, ତାକୁହିଁ ମେଷାଦ୍ୟ ବିନ୍ଦୁ କହିଲେ । ତାହା ପୂର୍ବରୁ କେବଳ ନକ୍ଷତ୍ର ନାମରେ ଅୟନ ସ୍ଥାନ କୁହାଯାଉଥିଲା । ବରାହ କର୍କଟରେ ଅୟନ ସ୍ଥାନ ନିର୍ଦ୍ଦେଶ କରିଚନ୍ତି । ଏସବୁ ବିଚାର କରି ଦେଖିଲେ କ'ଣ ବୁଝାଯାଏ, ରାଶିର ମେଷ ବୃଷାଦି ନାମ ଏ ଦେଶରେ ମୌଳିକ ?

ଜ୍ୟୋତିଷ ଏ ଦେଶରେ ବହୁ ପ୍ରାଚୀନ । ବେଦନ ମଧ୍ୟସ୍ଥ ଜ୍ୟୋତିଷରେ ମେଷ ବୃଷ ପ୍ରଭୃତି ରାଶିର ନାମ ଅଛି କି ? ମହାଭାରତରେ ମଧ୍ୟ ନାହିଁ । ରାମାୟଣରେ ମେଷାଦି ରାଶି ଓ ରବି ସୋମ ପ୍ରଭୃତି ବାର-ନାମର ସୂଚନା ମିଳେ । ମାତ୍ର ସେଥିରୁ କାଳ ଓ ରାଶି ତଥା ବାର-ନାମର ମୌଳିକତା ନିର୍ଣ୍ଣୟ କରିବା ଦୁରୂହ । ରାଶିନାମ ପରି ବାର-ନାମ ଓ ବାର-ଗଣନା ମଧ୍ୟ ବିଦେଶାଗତ ପଣ୍ଡିତମାନେ ସ୍ଥିର କରନ୍ତି । ମହାପାତ୍ର ମହାଶୟ ଜ୍ୟୋତିଷରେ ବିଶେଷ ସୁପଠିତ । ସେ ଏ ସବୁର ଯଥାର୍ଥ ବୈଜ୍ଞାନିକ ଅନୁସନ୍ଧାନ କରି ପ୍ରକାଶକଲେ ବହୁତ କାର୍ଯ୍ୟ ହେବ ।

[ନବଭାରତ, ସିଂହ ୧୩୪୧]

** Memoirs of the Archaelogical Survey of India No. 18. Hindu Astronomy of G.R. Kaye, Pages 39 & 40.

Digitized by PPRACHIN, SOA

# ଆମ ବର୍ଷ-ଗଣନା ଓ ମାସ-ନାମ

ପୂର୍ବେ ଓଡ଼ିଆ ଦେଶରେ ରାଜାଙ୍କ ଅଙ୍କ ଗଣନାରେ ବର୍ଷଗଣନା ଚାଲୁଥିଲା । ଏଇ ଅଙ୍କ ଗଣନା ଆଜିକାଲି ସାଧାରଣ ଲୋକେ ବ୍ୟବହାର କରନ୍ତି ନାଇ । କେବଳ ପାଞ୍ଜି ଉପରେ ଅମୁକ ରାଜାଙ୍କ ଏତେ ଅଙ୍କ ବୋଲି ଲେଖାଥାଏ । ପୁରୀର ରାଜବଂଶକୁ ଓଡ଼ିଶାର ରାଜବଂଶ ବୋଲି ସ୍ମରଣ ରଖିବାପାଇଁ, ଏଇ ଅଙ୍କରେ ପୁରୀ ରାଜାଙ୍କ ସମ୍ପର୍କ ଦେଖାଯାଇଥାଏ । ଏହାଛଡ଼ା ସାରା ଉତ୍କଳ ଭୂମିରେ ଜାତକମାନଙ୍କରେ ଲୋକର ଜନ୍ମଦିନ କାଳ ପ୍ରଭୃତି ଲେଖିବାରେ ପୁରୀ ରାଜାଙ୍କ ଅଙ୍କ ଦିଆଯାଏ । ମାତ୍ର ଏହା ଖାଲି ଗୋଟିଏ ପ୍ରାଚୀନ ବିଧି ପରି ଏବେ ଦିଆଯାଏ । ଗଣନାର ସୁବିଧା ଓ ସୁଗମତା ପାଇଁ ସଙ୍ଗେ ସଙ୍ଗେ ସାଲ ଦିଆ ହୋଇଥାଏ । ଆଉରି ସୁବିଧା ଲାଗି ଏବେ ମଧ୍ୟ କୌଣସି କୌଣସି ଜାତକରେ ଖ୍ରୀଷ୍ଟାବ୍ଦ ମାସ ତାରିଖ ଲେଖା ହେଲାଣି ।

ରାଜାଙ୍କ ରାଜତ୍ୱ କାଳର ବର୍ଷଗଣନା ପ୍ରାଚୀନ କାଳରେ ଭାରତର ବହୁ ରାଜ୍ୟରେ ଚଳୁଥିବାର ପ୍ରମାଣ ମିଳେ । ମାତ୍ର ପ୍ରାଚୀନ କଳିଙ୍ଗ ତଥା ଆଧୁନିକ ଉତ୍କଳ ବା ଓଡ଼ିଆ ରାଜ୍ୟର ଏଇ ପ୍ରକାର ରାଜାଙ୍କ ରାଜତ୍ୱ କାଳର ବର୍ଷ ଗଣନାରେ ଗୋଟିଏ ସ୍ୱାତନ୍ତ୍ର୍ୟ ଅଛି । ଏହା ଏକଠାରୁ ଗଣା ନ ହୋଇ ଦୁଇଠାରୁ ଗଣା ହୁଏ । ଏଥିରେ ୧୦ ଛଡ଼ା ଆଉ କୌଣସି ସୁନ ଥିବା ଅଙ୍କ ଗଣା ହୁଏ ନାଇ, ବା ୧୬ ପ୍ରଭୃତି ଛଅ ଥିବା ଅଙ୍କ ମଧ୍ୟ ଗଣା ହୁଏ ନାଇଁ । ପୂର୍ବ ରାଜାଙ୍କ ଶେଷ ଅଙ୍କ ନୂତନ ରାଜାଙ୍କ ଦୁଇ ଅଙ୍କ ବୋଲି ଗଣାହୁଏ, ଯଥା— ଦିବ୍ୟସିଂହ ଦେବଙ୍କ ୯ ଅଙ୍କ (ଅର୍ଥାତ୍ ନଅଙ୍କ ଦୁର୍ଭିକ୍ଷ)କୁ ମୁକୁନ୍ଦ ଦେବଙ୍କ ୧୭ ଅଙ୍କ କେତେ ବର୍ଷ ? ଦିବ୍ୟସିଂହ ଦେବ ୨୮ ଅଙ୍କ ଭୋଗ କରିଥିଲେ । ତେବେ ଗଣା ହେବ— ୯କୁ ୧୦, ୧୧, ୧୨, ୧୩, ୧୪, ୧୫, ୧୭, ୧୮, ୧୯, ୨୧, ୨୨, ୨୩, ୨୪, ୨୫, ୨୭, ୨୮ରେ ୨, ୩, ୪, ୫, ୭, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୭ = ୨୯ ବର୍ଷ ।

ମାତ୍ର ଏଇ ଗଣନାରେ ମାସରେ ବେଳେ ବେଳେ ବଡ଼ ଗୋଳମାଳ ହୁଏ । ତାହା ଟିକିଏ ଭଲକରି ବୁଝିବାର ଅଛି । ସୁନିଆଁ, ଅର୍ଥାତ୍ ଭାଦ୍ର ଶୁକ୍ଳ ଦ୍ୱାଦଶୀଠାରୁ ଏଇ ବର୍ଷ ଗଣନା କରାଯାଏ । ପୂର୍ବେ ଏହା ଚାନ୍ଦ୍ରମାନ ମାସରେ ଗଣନା କରାଯାଉଥିଲା । ଏବେ କିନ୍ତୁ ଏହା ମେଷ ବୃଷ ପ୍ରଭୃତି ସୌରମାନ ମାସରେ ଗଣନା କରାଯାଏ । ସୁନିଆଁ କେବେ କକଡ଼ା, କେବେ ବା ସିଂହରେ ପଡ଼େ ସେଥିପାଇଁ ଗଣନାବେଳେ ବଡ଼ ଅସୁବିଧା ହୁଏ । ସେ କଥା ପରେ କୁହାଯାଉଚି ।

Digitized by PPRACHIN, SOA

କେବଳ ଓଡ଼ିଶାର ନୁହେଁ, ପୂର୍ବେ ଭାରତର ଅଧିକାଂଶ ରାଜ୍ୟରେ ରାଜାଙ୍କର ରାଜତ୍ୱ ବର୍ଷ ଚାନ୍ଦ୍ରମାନ ହିସାବରେ ବୈଶାଖ, ଜ୍ୟୈଷ୍ଠ ଇତ୍ୟାଦି ଗଣାଯାଉଥିବାର ଅନୁମାନ ହୁଏ । ତାମ୍ରଶାସନମାନଙ୍କରେ ଏହା ପ୍ରାୟଶଃ ଦେଖାଯାଏ, ଯଥା– ଅମୁକ ରାଜାଙ୍କ ଏତେ ବର୍ଷ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ଏ ଦାନ ଦିଆ ହେଲା– ଇତ୍ୟାଦି । ଏଇ ରାଜତ୍ୱକାଳ ବର୍ଷ ସଙ୍ଗେ ସଙ୍ଗେ ବା ପରିବର୍ତ୍ତରେ କେବେ କେବେ ଶକାବ୍ଦ, ଗୁପ୍ତାବ୍ଦ, ଶ୍ରୀହର୍ଷାବ୍ଦ ପ୍ରଭୃତି ଭିନ୍ନ ଭିନ୍ନ ଅବ୍ଦର ଉଲ୍ଲେଖ ଦେଖାଗଲେ ହେଁ ଏଇ ଚାନ୍ଦ୍ରମାନ ମାସର ଶୁକ୍ଳ କୃଷ୍ଣ ତିଥି ନିୟମରେ ଦିନର ନିର୍ଦ୍ଦେଶ ଦେଖାଯାଏ । ମେଷ, ବୃଷ ପ୍ରଭୃତି ସୌରମାନ ମାସର ନାମ ଦେଖାଯାଏ ନାହିଁ ।

ଅବଶ୍ୟ ମେଷ, ବୃଷ ପ୍ରଭୃତି ସୌରମାନ ମାସର ନାମ ଗ୍ରୀକ୍ ଜ୍ୟୋତିଷ ସଙ୍ଗେ ଭାରତର ପରିଚୟ ପୂର୍ବରୁ ଏ ଦେଶରେ ନଥିଲା । ମହାଭାରତରେ ମଧ୍ୟ ଏ ସବୁ ନାମର କୌଣସି ଉଲ୍ଲେଖ ନାଇ । ଗ୍ରୀକ୍‌ମାନଙ୍କ କଳ୍ପିତ ରାଶିଚକ୍ରର ନାମମାନ ଅନୁବାଦ କରି ମେଷ, ବୃଷ, ମିଥୁନ ପ୍ରଭୃତି ନାମସବୁ ବହୁପରେ ଏ ଦେଶରେ ଚଳିଥିଲା । ତଥାପି ସୌରମାନ ମାସ ଏ ଦେଶରେ ମେଷ ବୃଷାଦି ନାମର ବହୁପୂର୍ବରୁ ପ୍ରଚଳିତ ଥିବାର ପ୍ରମାଣ ମିଳେ । ବେଦ କାଳରେ ମଧ୍ୟ ଚାନ୍ଦ୍ରମାନ ମାସରେ ବର୍ଷ ଗଣି, ସେଥିରେ ଋତୁମାନଙ୍କର ନିର୍ଦ୍ଦିଷ୍ଟତା ନ ରହିବାର ଦେଖି ପ୍ରଥମେ ଲୋକେ ବର୍ଷକୁ ୩୬୦ ଦିନ କଲେ । ତା'ପରେ ମଳମାସ ବାହାର କରି ଠିକ୍ ୩୬୫ ଦିନ ୫ ଘଣ୍ଟା ୪୮ ମିନିଟ୍ ୪୬ ସେକେଣ୍ଡ୍ ପରିମିତ ସୌରମାନ ବର୍ଷ ସଙ୍ଗେ ଚାନ୍ଦ୍ରମାନ ବର୍ଷକୁ ମିଳାଇ ଦେଇଥିଲେ । ହୁଏତ ସେକାଳରେ ଗଣନାରେ ବର୍ଷ କେତେକ ସେକେଣ୍ଡ ବା କମ୍ ବେଶୀ ଥିବା ସେମାନେ ସେତେବେଳେ ଛଅ ଋତୁ ଅନୁସାରେ ଆକାଶକୁ ବାରଟି ବୀଥି ବା ମଧୁ ମାଧବ ପ୍ରଭୃତି ବାରଟି ମାସରେ ବିଭକ୍ତ କରି, ପ୍ରତ୍ୟେକ ମାସରେ ଗୋଟିଏ ଲେଖାଏଁ– ଏପରି ୧୨ଟି ଆଦିତ୍ୟର କଳ୍ପନା କରିଥିଲେ । ପରେ ଗ୍ରୀକ୍‌ମାନଙ୍କଠାରୁ ଆନୀତ ମେଷ ବୃଷ ପ୍ରଭୃତିରେ ତାହା ସୁନ୍ଦର ଭାବରେ ପର୍ଯ୍ୟବସିତ ହେଲା ।

ମାତ୍ର ମାନବ ମାତ୍ରେ ପ୍ରାଚୀନତାର ଉପାସକ । ସେଥିପାଇଁ ଆଜି ମଧ୍ୟ ଆମର ସାଧାରଣ ପର୍ବ ଶ୍ରାଦ୍ଧାଦି ଚାନ୍ଦ୍ରମାନ ତିଥିରେ ହୁଏ । ହେଲେହେଁ ବର୍ଷ ଗଣନା ଏ ଦେଶରେ ବହୁ ପ୍ରାଚୀନ କାଳରୁ ସୌରମାନ ହିସାବରେ ଚଳିଆସୁଅଛି । ମୁସଲମାନ ରାଜତ୍ୱବେଳେ ଏଇ ରୀତିର ବ୍ୟତିକ୍ରମ ଘଟିଥିଲା । ମୁସଲମାନଧର୍ମୀ ଘୋର ରକ୍ଷଣଶୀଳ । ମହମ୍ମଦଙ୍କ ବେଳେ ଆରବ ଲୋକେ ଚାନ୍ଦ୍ରମାନ ମାସରେ ବର୍ଷ ଗଣୁଥିଲେ । ଏଥିପାଇଁ ଏବେ ମଧ୍ୟ ମୁସଲମାନଙ୍କର ହିଜରି ସାଲ ସେଇ ଚାନ୍ଦ୍ରମାନ ରୀତିରେ ଗଣାହୁଏ । ଏଥିରେ ପ୍ରତିବର୍ଷ ୧୦ ଦିନ କରି କମିଯାଏ, ଓ ଋତୁ ସବୁ ସେଇ ପରିମାଣରେ ଆଗକୁ ରହିଯାଏ । ଆଜି ଯେଉଁ ଋତୁରେ ମହରମ ପଡୁଚି, ୬ ବର୍ଷ ପରେ ତାର ପୂର୍ବ ଋତୁ ବା ଦୁଇମାସ ପୂର୍ବରୁ ମହରମ ପଡ଼ିବ ।

Digitized by PPRACHIN, SOA

୬୨୨ ଖ୍ରୀଷ୍ଟାବ୍ଦରେ ମହମ୍ମଦ ମକ୍କା ଛାଡ଼ି ମଦିନାକୁ ଯାଇଥିଲେ । ସେଇ ଦିନଠାରୁ ମୁସଲମାନ୍‌ମାନେ ହିଜରି ସାଲ ଗଣନ୍ତି । ସେ ସୌରମାନ ହିସାବରେ ଆଜିକି ୧୩୧୨ ବର୍ଷ ହେଲା । କିନ୍ତୁ ଚାନ୍ଦ୍ରମାନ ହିସାବରେ ଗଣା ହେଉଥିବାରୁ ହିଜରି ସାଲ ଏ ବର୍ଷ ୧୩୫୩ । ୧୩୧୨ ବର୍ଷ ଭିତରେ ଏଇପରି ୪୧ ବର୍ଷ ବଢ଼ିଯାଇଚି ।

ଆମର ଏବେ ଯେଉଁ ୧୩୪୧ ସାଲ ଚଳୁଚି, ତାକୁ ଦିଲ୍ଲୀଶ୍ୱରାଜ୍ଞ କହନ୍ତି । ବାସ୍ତବିକ ଏହା ଦିଲ୍ଲୀଶ୍ୱରାଜ୍ଞ । ମୁସଲମାନମାନେ ଯେତେବେଳେ ଦିଲ୍ଲୀରେ ରାଜତ୍ୱ କରୁଥିଲେ, ସେତେବେଳେ ହିଜରି ସାଲ ଏ ଦେଶରେ ଚଳୁଥିଲା ଓ ଏହି ହିସାବରେ ପ୍ରାୟ ଅଠେଇଶି ବର୍ଷ ବଢ଼ିଯାଇଥିଲା । ମତିମାନ୍ ଆକ୍‌ବର ଏ ସାଲ ଗଣନାର ଅସୁବିଧା ବୁଝିପାରି ହଠାତ୍ ଏହାକୁ ସୌରମାନ ମାସରେ ଗଣିବାର ଆରମ୍ଭ କରିଦେଲେ । ସେହି ଦିନଠାରୁ ଏହା ମେଷଠାରୁ ଆରମ୍ଭ ହୋଇ ମୀନରେ ଶେଷ ହେଲା । ବଙ୍ଗଦେଶ ପ୍ରଭୃତିରେ ଏହି ସାଲକୁ ଏବେ ଫସଲିସାଲ କହନ୍ତି, ଫସଲ ପରେ ମେଷ ମାସରେ ଏହା ଆରମ୍ଭ ହେଉଥିବାରୁ ଏ ସାଲ ହିସାବରେ ଖଜଣା ଆଦାୟର ମଧ୍ୟ ସୁବିଧା ହୁଏ ।

ବଙ୍ଗ ଦେଶରେ କିନ୍ତୁ ଏହି ସାଲର ମାସ ଗଣିବାରେ ଟିକିଏ ବୈଜ୍ଞାନିକ ଯୁକ୍ତିର ଅଭାବ ଦେଖାଯାଏ । ସେମାନେ ସୌରମାନ ମେଷ, ବୃଷ ପ୍ରଭୃତି ନାମରେ ମାସ ନ ଗଣି, ବୈଶାଖ, ଜ୍ୟୈଷ୍ଠ ପ୍ରଭୃତି ଚାନ୍ଦ୍ରମାନ ନାମରେ ସୌରମାନ ମାସ ଗଣନ୍ତି । ଏହିଠାରେ ମାସର ନାମ ସମ୍ବନ୍ଧରେ ଟିକିଏ ବୁଝାଇ କହିବା ଦରକାର । ଯେଉଁ ମାସର ପୂର୍ଣ୍ଣିମାରେ ବିଶାଖା ନକ୍ଷତ୍ରରେ ଚନ୍ଦ୍ର ରହେ ସେହି ମାସର ନାମ ବୈଶାଖ । ଯେଉଁ ମାସର ପୂର୍ଣ୍ଣିମାରେ ଜ୍ୟେଷ୍ଠା ନକ୍ଷତ୍ରରେ ଚନ୍ଦ୍ର ରହେ ସେହି ମାସର ନାମ ଜ୍ୟୈଷ୍ଠ । ଯେଉଁ ମାସର ପୂର୍ଣ୍ଣିମାରେ ପୂର୍ବାଷାଢ଼ା ବା ଉତ୍ତରାଷାଢ଼ା ନକ୍ଷତ୍ରରେ ଚନ୍ଦ୍ର ରହେ ସେହି ମାସର ନାମ ଆଷାଢ଼ ଇତ୍ୟାଦି । ଏ ସବୁ ଚାନ୍ଦ୍ରମାନ ମାସମାନଙ୍କର ନାମ । ସେହିପରି ଯେଉଁ ମାସରେ ମେଷ ରାଶିରେ ସୂର୍ଯ୍ୟ ରହେ ସେହି ମାସର ନାମ ମେଷ । ଯେଉଁ ମାସରେ ବୃଷ ରାଶିରେ ସୂର୍ଯ୍ୟ ରହେ ସେହି ମାସର ନାମ ବୃଷ । ଯେଉଁ ମାସରେ ମିଥୁନ ରାଶିରେ ସୂର୍ଯ୍ୟ ରହେ ସେହି ମାସର ନାମ ମିଥୁନ ଇତ୍ୟାଦି । ଚାନ୍ଦ୍ରମାନ ହିସାବରେ ମେଷ, ବୃଷ ପ୍ରଭୃତି ମାସ ଗଣିବା ଯେପରି ଭୁଲ, ସୌରମାନ ହିସାବରେ ବୈଶାଖ, ଜ୍ୟୈଷ୍ଠ ପ୍ରଭୃତି ମାସ ଗଣିବା ସେହିପରି ଭୁଲ । କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ– ଏହିପରି କହିଲେ କଥାଟି ଠିକ୍ ହେଲା । କିନ୍ତୁ ତୁଳା ସଂକ୍ରାନ୍ତି ବା ତୁଳା ମାସର ପହିଲା ବା ଏକ ଦିନ ଏହିପରି କହିବା ଉଚିତ । କାର୍ତ୍ତିକ ସଂକ୍ରାନ୍ତି କହିଲେ ଯେପରି ଅସଂଗତ ହେବ, ତୁଳା ଚତୁର୍ଦ୍ଦଶୀ କହିବା ମଧ୍ୟ ସେହିପରି ଅସୁନ୍ଦର ।

ଦୁଃଖର କଥା ଓଡ଼ିଆ ପାଞ୍ଜିରେ ଓଡ଼ିଶାରେ ଚିରପ୍ରଚଳିତ ଓ ଓଡ଼ିଆଙ୍କ ପକ୍ଷରେ ସୁବୋଧ ମେଷ, ବୃଷ ପ୍ରଭୃତି ମାସର ନାମ ନାହିଁ । ପାଞ୍ଜି ପୃଷ୍ଠା ଉପରେ ଲେଖା ହୁଏ ବୈଶାଖ ଶୁକ୍ଳପକ୍ଷ, ମାଘ କୃଷ୍ଣପକ୍ଷ ଇତ୍ୟାଦି । ଭିତରେ ମଧ୍ୟ ସୌରମାନ ହିସାବରେ ଲେଖା ହୁଏ– ବୈଶାଖ ସଂକ୍ରାନ୍ତି, ମାଘ ଚୌଦ ଦିନ ଇତ୍ୟାଦି । ପଞ୍ଜିକାରମାନେଁ ଏ

Digitized by PPRACHIN, SOA

ଭ୍ରମ ଅତିଶୀଘ୍ର ସଂଶୋଧନ କରିବା ଉଚିତ । ବୋଧହୁଏ ଗୋଟିଏ ଅତି ସାମାନ୍ୟ ଘଟଣାରୁ ଏ ଭ୍ରମଟି ଓଡ଼ିଆ ଦେଶରେ ଚଳି ଆସୁଅଛି । ପ୍ରିଣ୍ଟିଂ କମ୍ପାନୀର ପ୍ରତିଷ୍ଠାତା ସ୍ୱର୍ଗତ ଗୌରୀଶଙ୍କର ରାୟ ପ୍ରଥମେ ଏ ଦେଶରେ ପାଞ୍ଜି ଛପାଇଲେ । ବହୁ ବର୍ଷକାଳ ସେ ତାହାଁ କରିଥିଲେ । ଓଡ଼ିଆ ପାଞ୍ଜି ଛପାଇବା ପୂର୍ବରୁ ଖୁବ୍‌ସମ୍ଭବ ତାଙ୍କ ଘରେ ବଙ୍ଗଳା ପାଞ୍ଜି ଚଳୁଥିଲା, ପୁଣି ସେ ନିଜେ ଏ ସବୁ ଭୁଲ ଧରି ପାରିବା ଭଳି ଜ୍ୟୋତିଷ ଶାସ୍ତ୍ର ହୁଏତ ସେତେବେଳେ ଜାଣି ନ ଥିଲେ । ସେଥିପାଇଁ ବଙ୍ଗଳା ପାଞ୍ଜି ଅନୁକରଣରେ ଓଡ଼ିଆ ପାଞ୍ଜିରେ ଏହି ଅସଙ୍ଗତ ମାସର ନାମ ବ୍ୟବହାର କଲେ ।

ଓଡ଼ିଶାରେ କିନ୍ତୁ ପାଞ୍ଜିରେ ବୈଶାଖ, ଜ୍ୟୈଷ୍ଠ ଦେଖିଲେ ମଧ୍ୟ ଲୋକେ ସର୍ବତ୍ର ମେଷ, ବୃଷ ପ୍ରଭୃତି ବ୍ୟବହାର କରିଥାଆନ୍ତି । ଜାତକରେ, ଜମିଦାରୀ ସିରସ୍ତାରେ ଓ ଚିଠି ପତ୍ରାଦିରେ ସର୍ବତ୍ର ଓଡ଼ିଆ ଦେଶରେ ତାହାହିଁ ହୁଏ । କିନ୍ତୁ ଏହା ହେଲେ ମଧ୍ୟ ଓଡ଼ିଆ ମାସ ତଥା ବର୍ଷ ଗଣନାରେ ଯେଉଁ ଭୀଷଣ ଅସାମଞ୍ଜସ୍ୟ ଅଛି ତାହା ଅତିଶୀଘ୍ର ତୁଟାଇବା ଉଚିତ । କୁହାଯାଇଛି ଆମ୍ଭେମାନେ ସୌରମାନ ମେଷ, ବୃଷ ହିସାବରେ ଅଙ୍କ ଗଣୁ; କିନ୍ତୁ ତାହା ସୁନିଆଁ ଅର୍ଥାତ୍ ଭାଦ୍ର ଶୁକ୍ଳ ଦ୍ୱାଦଶୀଠାରୁ ଆରମ୍ଭ କରୁ । ରାଜାଙ୍କ ନାମ ଧରି ଅଙ୍କ ଗଣିବା ଏ ଦେଶରେ ଅତି ପ୍ରାଚୀନ । କଳିଙ୍ଗର ଗଙ୍ଗ ବଂଶ ଖୁବ୍‌ସମ୍ଭବ ଏପରି ଗଣୁଥିଲେ । ତାହା ପୂର୍ବରୁ କୋଶଳର କେଶରୀମାନେ– ଏପରିକି ଉତ୍କଳର ଭୌମମାନେ ସପ୍ତମ ଅଷ୍ଟମ ଶତାବ୍ଦୀରେ ମଧ୍ୟ ଅଙ୍କ ଗଣୁଥିବାର ପଣ୍ଡିତ ବିନାୟକ ମିଶ୍ର ପ୍ରମାଣ ପାଇଚନ୍ତି ବୋଲି କହୁଥିଲେ । ଅନୁମାନ ହୁଏ ସୁନିଆଁଠାରୁ ଏ ଅଙ୍କ ଗଣାଯାଉଥିଲା ।

ସୁନିଆଁ ଶବ୍ଦର ଅର୍ଥ ଏବେ ବୁଝିବା ବଡ଼ ଦୁଷ୍କର । ଭାଦ୍ର ଶୁକ୍ଳ ଏକାଦଶୀ ହରିଙ୍କର ପାର୍ଶ୍ୱ ପରିବର୍ତ୍ତନର ଦିନ । ପୁରାଣର କଥା ଅନୁସାରେ ହରି ବା ବିଷ୍ଣୁ ଚତୁର୍ମାସ୍ୟାରେ ବା ବର୍ଷା ଚାରିମାସଯାକ ଶୋଇ ରହନ୍ତି । ସେଥିପାଇଁ ଆଷାଢ଼ ଶୁକ୍ଳ ଏକାଦଶୀ ହରିଙ୍କର ଶୟନ ଦିନ । ଭାଦ୍ର ଶୁକ୍ଳ ଏକାଦଶୀ ହରିଙ୍କର ପାର୍ଶ୍ୱ ପରିବର୍ତ୍ତନ ବା କଡ଼ ଲେଉଟାଇବା ଦିନ । କାର୍ତ୍ତିକ ଶୁକ୍ଳ ଏକାଦଶୀ ହରିଙ୍କର ଉଠିବାର ଦିନ । ବେଦରେ ମଧ୍ୟ ପ୍ରମାଣ ମିଳେ ଦକ୍ଷିଣାୟନ ବା ଶୀତ ଛ'ମାସ ଦେବତାମାନଙ୍କର ରାତ୍ରି ହୁଏ । ସେତେବେଳେ ଅବଶ୍ୟ ସେମାନେ ଶୋଇରହୁଥିବାର କଳ୍ପନା କରାଯାଉଥିବ । ସେହି ଦେବତାଙ୍କର ଶୟନ କାଳ କାଳକ୍ରମେ କିପରି ହରିଙ୍କର ଚତୁର୍ମାସ୍ୟାରେ ପରିଣତ ହେଲା ତାହାର ଅନୁସନ୍ଧାନ ଓ ଆଲୋଚନା ବଡ଼ ଜଟିଳ ଓ ତାହାର ସିଦ୍ଧାନ୍ତରେ ମଧ୍ୟ ମତାନୈକ୍ୟ ଘଟିପାରେ । ହେଲେହେଁ ହରିଙ୍କର ଶୟନ ଚାରିମାସ ବର୍ଷାକାଳ ରୂପେ ଯେ ଏବେ ଲୋକପ୍ରଚଳିତ ଏଥିରେ କୌଣସି ସନ୍ଦେହ ନାଇ । ଏହି ଚାରି ମାସଟି ଦୁଇଟି ଋତୁ, ତାହା ବର୍ଷା ଓ ଶରତ୍ । ତେବେ ହରିଙ୍କ କଡ଼ ଲେଉଟାଇବା ପରଦିନ ଶରତ୍‌କାଳ ଆରମ୍ଭ ହେଲା । ଏହି ଶରତ୍ କାଳ ଆରମ୍ଭଠାରୁ ବର୍ଷ ଗଣନା କରାଯାଉଥିବାର ଅନୁମାନ ହୁଏ । କାହିଁକି ନା ଏହି ଶରତ୍ କାଳ ଆରମ୍ଭରେ ପୂର୍ବେ ରାଜାମାନେ ଦିଗ୍‌ବିଜୟ ଅଭିଯାନ ଆରମ୍ଭ କରୁଥିଲେ । ଏହି ଶରତ୍ କାଳରେ

Digitized by PPRACHIN, SOA

ମଧ ଖେତ ପାଚିବାରୁ ଜମି ହରିତ୍ ବର୍ଣ୍ଣ ଛାଡ଼ି ସୁନା ପରି ହୋଇଯାଏ । ଏହି ସୁନା ବା ସ୍ୱର୍ଣ୍ଣ ସଙ୍ଗେ ସୁନିଆଁର କିଛି ସମ୍ପର୍କ ଅଛି କି ନା ତାହା ଅନୁସନ୍ଧାନଯୋଗ୍ୟ କିମ୍ବା ସୁନ ବା ଶୂନ୍ୟଠାରୁ ଏ ଦେଶରେ ଅଙ୍କ ଗଣନା କରାଯାଏ । ଚାହାଳିରେ ଛୁଟିବେଳେ ପିଲାଙ୍କୁ ଗଣିବାରେ ଅବଧାନେ ସୁନଠାରୁ ଆରମ୍ଭ କରି ସୁନ, ଏକ, ଦୁଇ ଏହିପରି ଗଣନ୍ତି । ସୁନଟା ପ୍ରଥମ ଅଙ୍କ ବୋଲି ଧରାଯାଏ । ଅନ୍ୟ ପ୍ରଦେଶରେ ଏପରି ହୁଏ କି ନାହିଁ କହି ହେଉ ନାଇଁ; କିନ୍ତୁ ଓଡ଼ିଶାରେ ଏହା ସର୍ବତ୍ର ପ୍ରଚଳିତ । ଅନୁମାନ ହୁଏ ହୁଏତ ବର୍ଷର ଏହି ପ୍ରଥମ ତିଥିକୁ ସୁନିଆଁ ବା ଶୂନ୍ୟା ତିଥି ବୋଲି କହୁଥିଲେ ।

ସୁନିଆଁର ଅର୍ଥ ଯାହାହେଉ ଏହା ଗୋଟିଏ ତିଥି । ଚାନ୍ଦ୍ରମାନ ମାସ ବା ବର୍ଷ ଗଣନାରେ ଏହାର ଉପଯୋଗ ସ୍ପଷ୍ଟ । ତେବେ ଅତି ପୂର୍ବେ ରାଜାଙ୍କ ଅଙ୍କ ଗଣନା କେବେ ଚାନ୍ଦ୍ରମାନ ଛାଡ଼ି ସୌରମାନରେ ଆରମ୍ଭ ହେଲା ତାହା କହିବା ଦୁଷ୍କର । ଖୁବ୍ ସମ୍ଭବ ଏ ଦେଶରେ ଯେତେବେଳେ ବିଲ୍ଲୀଶ୍ୱରାବ୍ଦ ଚଳିଲା ସେତେବେଳେ ତାହାରି ସଙ୍ଗେ ସଙ୍ଗେ ରାଜାଙ୍କ ଅଙ୍କ ଗଣନା ମଧ ସୌରମାନ ମାସ ହିସାବରେ ଗଣନା ହେବାର ଆରମ୍ଭ ହେଲା । କାହିଁକି ନା ଓଡ଼ିଶାରେ ବିଲ୍ଲୀଶ୍ୱରାବ୍ଦ ମଧ ଅଙ୍କ ପରି ବରାବର ସୁନିଆଁଠାରୁ ଗଣନା ହୋଇ ଆସୁଚି ।

ଅଙ୍କ ଗଣନା ଗୋଟିଏ ଐତିହାସିକ ସ୍ମୃତି ମାତ୍ର । ଯେଉଁଠାରୁ ଗଣ, ଲୋକ ବ୍ୟବହାର ସେଥିରେ ଏବେ ଆଉ କିଛି କ୍ଷତି ବୃଦ୍ଧି ନାଇଁ । କିନ୍ତୁ ସାଲ ଗଣନାରେ ଏ ବିଧି କେବଳ ଅସଂଗତ ଓ ଅସୁନ୍ଦର ନୁହେଁ, ଏହା ଅତ୍ୟନ୍ତ ଅସୁବିଧାଜନକ । କେଉଁ ସାଲର ମୂଳ କକଡ଼ା ତେଇଶି, ପୁଣି କେଉଁ ସାଲର ମୂଳ ସିଂହ ପାଞ୍ଚ । ଏ ଗଣନାର ସଂଶୋଧନ ଅତିଶୀଘ୍ର ଦରକାର । ଏବେ ଓଡ଼ିଶାର ଜମିଦାରୀ ସିରସ୍ତାମାନଙ୍କରେ ଏ ଗଣନାର ଅସୁବିଧା ହେତୁ କେହି କେହି ମେଷଠାରୁ ସାଲ ଗଣନ୍ତି, ପୁଣି କେହି କେହି ବରାବର ଇଂରେଜୀ ମସିହା ବ୍ୟବହାର କରନ୍ତି । ବଙ୍ଗ ଦେଶରେ ମଧ ଚିରକାଳ ଏହି ସାଲ ବୈଶାଖ ବା ମେଷ ଠାରୁ ଆରମ୍ଭ କରାଯାଏ । ଓଡ଼ିଶାରେ ତାହାହିଁ ହେବା ଉଚିତ । ମେଷଠାରୁ ମୀନ ପର୍ଯ୍ୟନ୍ତ ସାଲ ଗଣିବା ଛଡ଼ା ଅନ୍ୟ ଉପାୟ ନାହିଁ ।

[ନବଭାରତ, ମିଥୁନ, ୧୩୪୧]

# ଆମ ଋତୁ ଗଣନା

ପ୍ରକୃତିର ଶୀତ ଖରା ପାଣିପାଗ ଭେଦରେ ଋତୁ ହୁଏ । ମାସରେ ତାକୁ ବି ଚିହ୍ନାଇ ନିଆଯାଏ । ପ୍ରଥମେ ମଧୁ, ମାଧବ, ଶୁକ୍ର, ଶୁଚି, ନଭଃ, ନଭସ୍ୟ, ଇଷ, ଊର୍ଜ, ସହଃ, ସହସ୍ୟ, ତପଃ, ତପସ୍ୟ– ଏଇପରି ବାରମାସକୁ ବସନ୍ତାଦି କ୍ରମରେ ଛଅ ଋତୁ ବୋଲି ଗଣାଯାଉଥିଲା । ବେଦର ସଂହିତା କାଳରେ** ଏଇ ନାମରେ ଋତୁମାନ ଗଣିବାର ପ୍ରମାଣ ମିଳେ । ଏଇ ନାମଗୁଡ଼ିକର ଅର୍ଥରୁ ଜଣାଯାଏ, ଏସବୁ ଋତୁ ହିଁ ବ୍ୟକ୍ତ କରୁଚି; ମାସ ନୁହେଁ । ମଧୁ, ମାଧବ ସଙ୍ଗେ ମହୁ ବା ଫୁଲର ସମ୍ପର୍କ, ଶୁଚି ଶୁକ୍ର ସଙ୍ଗେ ସଫା ତେଜି ଖରାର ସମ୍ପର୍କ; ନଭଃ ନଭାସ୍ୟ ସଙ୍ଗେ ମେଘର ସମ୍ପର୍କ, ଇଷ ଊର୍ଜ ସଙ୍ଗେ ଉତ୍ସାହରେ ଯିବାଆସିବା କରିବା ପାଇଁ ସଫା ବାଟଘାଟର ସମ୍ପର୍କ, ତପଃ ତପସ୍ୟର ସଙ୍ଗେ ଖରା ନିଆଁ ପ୍ରଭୃତି ପୁଆଁଇବାର ସମ୍ପର୍କ ସ୍ପଷ୍ଟ । ମାସ ନାମଗୁଡ଼ିକ ଏଠାରେ ନଥିଲେ ବି ଚଳିଥାନ୍ତା ।

ମାସ ନାମ ସଙ୍ଗେ ଋତୁର ସମ୍ପର୍କ ନାଇ । ଋତୁ ମୂଳରେ ସୂର୍ଯ୍ୟଗତି, ମାସ ମୂଳରେ କିନ୍ତୁ ଚନ୍ଦ୍ରଗତି । ଚନ୍ଦ୍ରର ଉଦୟ ଅସ୍ତ, ଚନ୍ଦ୍ରକଳାର ହ୍ରାସ ବୃଦ୍ଧି, ଲୁପ୍ତ ଚନ୍ଦ୍ର, ବିଶେଷରେ ପୂର୍ଣ୍ଣଚନ୍ଦ୍ର, ଏସବୁ ସହଜରେ ଜଣାଯାଏ । ମାସ ଶବ୍ଦ ଚନ୍ଦ୍ରମସ୍ ବା ମସ୍ (ଚନ୍ଦ୍ର)ରୁ ହୋଇଚି । ବେଦରେ ପୁଣି ଚନ୍ଦ୍ରର 'ମାସ' ବୋଲି ନାମ ବି ମିଳେ । *ପୌର୍ଣ୍ଣମାସୀ ବା ପୂର୍ଣ୍ଣିତ କଥାଟି ହେଉଚି ପୂର୍ଣ୍ଣମସ୍ ବା ପୂର୍ଣ୍ଣଚନ୍ଦ୍ରର ଦିନ । ଏକ ପୂର୍ଣ୍ଣ ଚନ୍ଦ୍ରର ଦିନଠାରୁ ପୁଣି ପୂର୍ଣ୍ଣଚନ୍ଦ୍ରର ଦିନଯାଏ ପ୍ରାୟ ସାଢ଼େ ୨୯ ଦିନ ବା ସ୍ଥୂଳ ଦର୍ଶନରେ ୩୦ ଦିନ, ଏହାଇ ଚନ୍ଦ୍ରକାଳ ବା ମାସ ବୋଲି ବହୁପୂର୍ବରୁ ଠିକ୍ ହୋଇଥିଲା । ଏଇପରି ୧୨ଟି ମାସରେ ଋତୁଯାକ ବୁଲିଯାଉଥିଲା । କିନ୍ତୁ ପରେ ଦେଖାଗଲା ୩୦×୧୨=୩୬୦ ଦିନରେ ମଧ

---

** ତୈତ୍ତିରେୟ ସଂହିତା୧।୪।୧୪; ବାଜସନେୟି-ସଂହିତା (୨୨।୩୧)ରେ ଦେଖ । ଯଜୁର୍ବେଦ ମାଧ୍ୟନ୍ଦିନ ସଂହିତାର ଅଧ୍ୟାୟ ଓ ମନ୍ତ୍ରମାନଙ୍କ ପାଇଁ ଏଇ ବର୍ଷ 'ନବଭାରତ'ର ଉଦ୍ଧୃତାଂଶ ଦେଖ ।

* ଇଂରେଜୀ ମୁନ୍ (moon, ଚନ୍ଦ୍ର)ରୁ ମନ୍ଥ୍ (month, ମାସ) କଥାଟି ଏଠାରେ ଉଲ୍ଲେଖଯୋଗ୍ୟ । ତୁଳନା ପାଇଁ ଚନ୍ଦ୍ରର ଅନ୍ୟାନ୍ୟ ଆର୍ଯ୍ୟ-ଇଉରୋପୀୟ ନାମ ସବୁକୁ ବି ଲକ୍ଷ୍ୟ କରାଯାଇପାରେ, ଯଥା :– ଗ୍ରୀକ୍– ମିନି; ଲାଟିନ୍, – ମେନ୍ସ୍; ଜର୍ମାନ୍– ମୋଂଦ୍; ଅଂଗ୍ଲୋସାକ୍ସନ୍– ମୋନା । ଚନ୍ଦ୍ର = ଉଜ୍ଜ୍ୱଳ ଦିଶିବାରୁ ଚନ୍ଦ୍ର = ଦୀପ୍ତିମନ୍ତ କଥାଟି ପରେ ହୁଏତ ମସ୍ = ଚନ୍ଦ୍ର କଥାରେ ଯୋଡ଼ା ହୋଇ, ଚନ୍ଦ୍ରମସ୍, ଚନ୍ଦ୍ରମା ଓ ତହିଁରୁ ଚନ୍ଦ୍ର ନାମ ହୋଇଚି ।

Digitized by PPRACHIN, SOA

ଠିକ୍ ଏକ ଋତୁ ଯାଇ ପୁଣି ସେଇ ଋତୁ ଆସୁ ନାଇ । କେତେକାଳ ପରେ ତେଣୁ ଆଉ ୬ ଦିନ ମିଶାଇ ଋତୁ ବର୍ଷକୁ ୩୬୬ ଦିନ ବୋଲି ଧରାଗଲା ଓ ଚନ୍ଦ୍ରର ୧୨ ମାସକୁ ୫ ବର୍ଷରେ ଥରେ ୧୩ ମାସ କରି ଚନ୍ଦ୍ର ବର୍ଷକୁ ଋତୁରେ ସମାନ କରିବାର ଉଦ୍ୟମ ହେଲା । କିନ୍ତୁ ତଥାପି ହେଲା ନାଇ । ପୁଣି କେତେକାଳ ପରେ ଧରାପଡ଼ିଲା ଚନ୍ଦ୍ରର ବାରମାସ ଯାକ ୩୬୦ ଦିନ ବି ନୁହେ । ବାର ଚନ୍ଦ୍ରମାସଯାକ ହେଉଚି ପ୍ରକୃତରେ ପ୍ରାୟ ୩୫୫ ଦିନ । ଏବେ ଉଦାହରଣ ସ୍ୱରୂପ ମୁସଲମାନମାନଙ୍କର ଚାନ୍ଦ୍ର ମାସଇ ଚଳେ । ତେଣୁ ତାଙ୍କ ମହରମ ପ୍ରଭୃତି ପର୍ବମାସ ଏବେ ବି ବରଷକୁ ଦଶ ଦିନ ଲେଖାଏ ଆଗେଇ ଆସୁଚି ଓ ଏବର୍ଷ ଖରା ଦିନରେ ହେଲେ ୧୦ ବର୍ଷ ପରେ ଶୀତ ଦିନରେ ପଡୁଛି । ଏଇପରି ପ୍ରାୟ ୩୫-୩୬ ବର୍ଷରେ ପର୍ବଟି ସବୁ ଋତୁଯାକ ଥରେ ଘୂରି ଯାଉଚି । ବର୍ଷକ ୩୬୦ ଦିନ କଲେ ବି ଏହାର ସମାଧାନ ହେଉନାଇ ।

ଠିକ୍ ଋତୁ ନିୟତ ବର୍ଷକାଳ ଜାଣିବା ପାଇଁ ସୂର୍ଯ୍ୟର ଗତି ଜାଣିବା ଦରକାର । ସୂର୍ଯ୍ୟର ମଧ ଉଦୟଠାରୁ ଉଦୟ ପର୍ଯ୍ୟନ୍ତ ଦିନ ଧରା ଅଛି । ଏହାକୁ ଜ୍ୟୋତିଷରେ 'ସାବନ' ଦିନ କହନ୍ତି । ସାବନ କଥାଟି କିଂତୁ ଜ୍ୟୋତିଷ ନୁହେ– ଶାସ୍ତ୍ରୀୟ । 'ସବନ' ବୋଇଲେ ସୋମରସ ସଂଧାନ ବା ସବନ ଯଜ୍ଞ । ସୂର୍ଯ୍ୟ ଉଦୟଠାରୁ ଏଇ ଯଜ୍ଞ ହୁଏ । ଏଇ ଯଜ୍ଞ ବିଧିକୁ ଧରି ୬ଟି 'ସାବନ' ଦିନରେ 'ଷଡ଼ହ' ଓ ୫ଟି ଷଡ଼ହରେ 'ସାବନ' ମାସ ଓ ୧୨ ମାସରେ ସାବନ ବର୍ଷ ଗଣା ହେଉଥିଲା । ମାତ୍ର ଏଥିରେ ୩୦ ଦିନିଆ ମାସ, ସେଇ ଚନ୍ଦ୍ର ଗତି କଳନାରୁ ଏକା ଧରା ହୋଇଥିଲା । ସେଥିରେ ଋତୁ ଓ ମାସର ଅସାମଞ୍ଜସ୍ୟର ସମାଧାନ ହେବାର ନୁହେ ।

ପୂର୍ଣଚନ୍ଦ୍ରକୁ ନକ୍ଷତ୍ର ପୁଞ୍ଜ ବା ଉଜ୍ଜ୍ୱଳ ନକ୍ଷତ୍ରମାନଙ୍କ ପାଖେ ଦେଖି ଚନ୍ଦ୍ରର ଗତିମାର୍ଗରେ କ୍ରମେ ୨୭ ବା ଅଭିଜିତ୍‌କୁ ମିଶାଇ ୨୮ ନକ୍ଷତ୍ରର ନକ୍ଷତ୍ରଚକ୍ରଟି ମଧ କ୍ରମେ ଆବିଷ୍କାର କରାହେଲା ।

ତା'ପରେ ସୌର ବର୍ଷ, ସୌର ମାସ ଓ ସୌର ଦିନ । ଏହା ସହଜରେ ଦେଖି ଠିକ୍ କରିହେବ ନାଇ । ଏଥିପାଇଁ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଓ ଜ୍ୟୋତିଷ ଗଣନା ଦରକାର । ସୂର୍ଯ ସବୁ ନକ୍ଷତ୍ରାଦିଙ୍କ ପରି ପୂର୍ବରୁ ପଶ୍ଚିମକୁ ଦିନକେ ଥରେ ବୁଲୁଚି । ତା ଛଡ଼ା ସୂର୍ଯ ନିଜେ ନକ୍ଷତ୍ର ଚକ୍ରରେ ପଶ୍ଚିମରୁ ପୂର୍ବକୁ ବର୍ଷକେ ଥରେ ବୁଲିଯାଏ । ଯେଉଁ ନକ୍ଷତ୍ରରେ ସୂର୍ଯ ଆଜି ଅଛି, ପୂର୍ବ ଗତିରେ ସେଠାକୁ ପୁଣି ଆସିବାକୁ ତାକୁ ପ୍ରାୟ ୩୬୫ ଦିନ ୧୫ ଦଣ୍ଡ ଲାଗେ । ଏହା ଦେଖି ସୌର ବର୍ଷ ଠିକ୍ କରାହେଲା । ତିନି ବର୍ଷରେ ମଳ ମାସ କରି ଋତୁ ସଂଗେ ଚାନ୍ଦ୍ର ବର୍ଷ ଓ ମାସର ସାମଂଜସ୍ୟ ରଖା ହେଲା । ତାପରେ ସୌର ବର୍ଷରୁ ସୌର ମାସ ଓ ସୌର ଦିନ ।

ପ୍ରଥମେ ନକ୍ଷତ୍ର ବୋଇଲେ ଚନ୍ଦ୍ର ସୂର୍ଯର ଗତି ଚକ୍ରରେ ତାରା ବା ତାରାପୁଞ୍ଜ । ସେ ସବୁର ଦୂରତ୍ୱ ପରସ୍ପରଠାରୁ ଆକାଶରେ ସମାନ ନୁହେ । ପରେ ଜ୍ୟୋତିଷ ଗଣନାରେ

Digitized by PPRACHIN, SOA

ସମାନ କରିବା ପାଇଁ ଆକାଶଚକ୍ରକୁ, ଅର୍ଥାତ୍, ସେଇ ବୃତ୍ତର ୩୬୦ ଅଂଶକୁ ସମାନ ସମାନ $13\frac{1}{3}$ ଅଂଶରେ ବାଣ୍ଟି ପ୍ରତ୍ୟେକ ଭାଗକୁ ନକ୍ଷତ୍ର କୁହାଗଲା । ଏହା ସୂକ୍ଷ୍ମ ଗଣନା । ଅଶ୍ୱିନୀ ବୋଇଲେ ଆଗେ ଥିଲା ଅଶ୍ୱିନୀ ନାମକ ଦୁଇ ବା ତିନୋଟି ତାରାର ସ୍ଥାନ । ଦ୍ୱିତୀ ବା ଭରଣୀ ତାଠାରୁ ପ୍ରାୟ ୧୩/୧୪ ଅଂଶ ଦୂରରେ ଆଉ ତିନୋଟି ତାରା । ଏଇ ପରି ୨୭ଟି ଯାକ । କାହାରି ଦୂରତା ପଛ ବା ଆଗ ନକ୍ଷତ୍ରଟିଠାରୁ ଠିକ୍ $13\frac{1}{3}$ ଅଂଶ ନୁହେ । ଏବର ନକ୍ଷତ୍ର ହେଲା ଠିକ୍ ମାସରେ $13\frac{1}{3}$ ଅଂଶ ଲେଖାଏଁ ଆକାଶର ଭାଗ । ସେମାନଙ୍କର ନାମ ରହିଲା ସେଇ ଅଶ୍ୱିନୀ, ଭରଣୀ କୃତ୍ତିକା ଇତ୍ୟାଦି, ୨୭ଟି । କିଂତୁ ଏଇ ନକ୍ଷତ୍ରମାନ ବିଷୁବ ବୃତ୍ତର ଗୋଟିଏ ଗୋଟିଏ ଭାଗ । ସେଇ ଭାଗଟିମାନ ବିଷୁବ ବୃତ୍ତ ଉପରେ ଦୁଇ ମେରୁ ପର୍ଯ୍ୟନ୍ତ ବୋଇତି କଖାରୁର ଧାର କାଟିଲା ପରି ବିଚାରିବାକୁ ହେବ । ଅଶ୍ୱିନ୍ୟାଦି ତାରା ବା ତାରାପୁଞ୍ଜଗୁଡ଼ିକ ଏଇ ନକ୍ଷତ୍ର ଧାର ଭିତରେ ମଝିରେ, ଉତ୍ତର ବା ଦକ୍ଷିଣକୁ ଯେକୌଣସିଠାରେ ଅଛି ।

ତାପରେ ସୌର ମାସ ଓ ସୌର ଦିନର ସୂକ୍ଷ୍ମଗଣନା । ଏଇ ଗଣିତ କଳ୍ପିତ ନକ୍ଷତ୍ର ଚକ୍ରରେ ଏକ ନିର୍ଦ୍ଦିଷ୍ଟ ନକ୍ଷତ୍ରର ନିର୍ଦ୍ଦିଷ୍ଟ ସ୍ଥାନରୁ ସେଇ ନକ୍ଷତ୍ରର ସେଇ ସ୍ଥାନକୁ ସୂର୍ଯ୍ୟ ପୁଣି ଆସିବାର କାଳ ହେଉଚି ସୌର ବର୍ଷ । ଏଇ ନକ୍ଷତ୍ର ଭାଗରୁ ନଅପା ଲେଖାଏଁ ମାପି ନକ୍ଷତ୍ରଚକ୍ରକୁ ୧୨ ସମାନ ଭାଗ କରି ପ୍ରତ୍ୟେକ ଭାଗରେ ସୂର୍ଯ୍ୟ ରହିବା କାଳକୁ ଗୋଟିଏ ଗୋଟିଏ ସୌର ମାସ କହନ୍ତି । ଏଇ ଭାଗମାନଙ୍କର ନାମ ଏବେ ୧ ମେଷ (ଅଶ୍ୱିନୀ, ଭରଣୀ, କୃତ୍ତିକାରୁ ପାଏ ବା ପାଦେ); ୨ ବୃଷ (କୃତ୍ତିକାରୁ ତିନି ପାଦ, ରୋହିଣୀ, ମୃଗଶିରାରୁ ଅଧେ ବା ଦି ପାଦ); ୩ ମିଥୁନ (ମୃଗଶିରାରୁ ଦି ପାଦ, ଆର୍ଦ୍ରା, ପୁନର୍ବସୁରୁ ତିନିପାଦ), ୪ କକଡ଼ା (ପୁନର୍ବସୁରୁ ପାଦେ, ପୁଷ୍ୟା, ଅଶ୍ଳେଷ); ଏଇପରି ୧୨ଟି ।

ଜ୍ୟୋତିଷ ପର୍ଯବେକ୍ଷଣରେ ପୁଣି ଦେଖାଗଲା, ଏଇ ଭାଗମାନଙ୍କରେ ସୂର୍ଯ୍ୟ ସମାନ ଭାବରେ ଚାଲେ ନାଇ । ସୂର୍ଯ୍ୟର ଗତି କେଉଁ ଭାଗରେ ଶୀଘ୍ର, ପୁଣି କେଉଁ ଭାଗରେ ମନ୍ଦ ବା ଧୀର । ସେଥିପାଇଁ ରାଶି ଭେଦରେ ସୌର ମାସ ୩୨ ଦିନରୁ ୨୯ ଦିନ ଯାଏଁ ହୁଏ । ସଂକ୍ରାନ୍ତି ମୁହୂର୍ତ୍ତ ଧରି ହିସାବ କଲେ ଏଇ ବର୍ଷଟି ୩୬୫ ଦିନ ୧୫ ଦଣ୍ଡର ଲଗାଲଗି । ଏକ ରାଶିରୁ ଅନ୍ୟ ରାଶିକୁ ସୂର୍ଯ୍ୟ ସଂକ୍ରମିଲା ବେଳେ ଆମର ସଂକ୍ରାନ୍ତି ବା ସଂକ୍ରମଣ ହୁଏ ।

ଦିନକ ଯାକ ସଂକ୍ରାନ୍ତି ବୋଲି କୁହାହେଲେ ମଧ୍ୟ, ଏହା ସେଇଦିନର ଗୋଟିଏ ମୁହୂର୍ତ୍ତ । ତାହା ପାଞ୍ଜିରେ ମାସର ପ୍ରଥମଦିନ ସୂର୍ଯ୍ୟ ସେଇ ରାଶିକୁ ଚଳିବା (ସଂକ୍ରମଣ) ମୁହୂର୍ତ୍ତ ବୋଲି ଲେଖାଥାଏ । ଏସବୁ କହିବାର ଅଭିପ୍ରାୟ, ଏହିପରି ସୂକ୍ଷ୍ମ ହିସାବରେ ସୌର ବର୍ଷ ମାସ ଓ ଦିନ ଗଣନାରେ ବାହାର କରାହୁଏ ।

Digitized by PPRACHIN, SOA

ମେଷ ବୃଷାଦି ରାଶି ନାମଗୁଡ଼ିକ କିଂତୁ ବୈଦିକ ନୁହେ କି ଭାରତରେ ପ୍ରାଚୀନ ନୁହେ । ଏହା ଯବନାଚାର୍ଯ୍ୟ ବା ଗ୍ରୀକ୍‌ମାନଙ୍କଠାରୁ ଏ ଦେଶକୁ ଆସିଥିଲା । ଏ ଆସିବାର ସମୟ ଆଜକୁ ଦୁଇହଜାର ବର୍ଷ ହେଲେ ହେଲାପରି । ମହାଭାରତରେ ମେଷ ବୃଷାଦିର ନାମ ନାଇ । ମହାଭାରତ ଏବେ ଯେଉଁ ଆକାର ଧରିଚି, ସେ ଆକାର ଧଇଲା ବେଳକୁ ଏହା ଏ ଦେଶରେ ଜଣା ନଥିଲା । କିଂତୁ ମଧୁ ମାଧବ ପ୍ରଭୃତି ଋତୁଗଣନାରେ ମାସଗୁଡ଼ିକ ନିଶ୍ଚୟ ସୌର ମାସ । ଏହା ବେଦ-ସଂହିତା କାଳର– ସେ କଥା କୁହାଯାଇଚି । ସେଇ କାଳରୁ ସୂର୍ଯ୍ୟ ଗତିର ଗଣନା, ନକ୍ଷତ୍ର ଓ ମାସ ଚକ୍ରର ବିଭାଗାଦି ଠିକ୍ ହୋଇ ଋତୁ ଓ ମଧୁ ମାଧବାଦି ଋତୁର ମାସମାନ ନିର୍ଦ୍ଦିଷ୍ଟ ହୋଇଥିଲା ।

ଏ ତ ଗଲା ମାସମାନଙ୍କର ମଧୁ ମାଧବାଦି ନାମର କଥା । ମାସର ଚୈତ୍ରାଦି ନାମ କେବେ ହେଲା ? ଚୈତ୍ର=ଚିତ୍ରାରେ ଯେଉଁ ମାସର ପୂର୍ଣ୍ଣିମା ହୁଏ, ଅର୍ଥାତ୍ ଯେଉଁ ମାସରେ ପୂର୍ଣ୍ଣଚନ୍ଦ୍ର ଚିତ୍ରା ନକ୍ଷତ୍ରରେ ଦେଖାଯାଏ । ଏଇପରି ବିଶାଖାରେ ବୈଶାଖ, ଜ୍ୟେଷ୍ଠାରେ ଜ୍ୟୈଷ୍ଠ, ଇତ୍ୟାଦି । ପୂର୍ଣ୍ଣଚନ୍ଦ୍ରଠାରୁ ପୂର୍ଣ୍ଣଚନ୍ଦ୍ରଯାଏ ମାସ ଗଣିବା ଯେପରି ସହଜ, ନକ୍ଷତ୍ର ପାଖେ ଚନ୍ଦ୍ର ଦେଖି ବାରଟିଯାକ ପୂର୍ଣ୍ଣମୀର ନାମ ଧରି ମାସ ଠିକ୍ କରିବା ସେଡ଼େ ସହଜ ନୁହେ । ନକ୍ଷତ୍ରର ତାରା ବା ତାରାପୁଞ୍ଜମାନଙ୍କ ପାଖେ ଚନ୍ଦ୍ର ରହିଲା ପରି ପୁଣି ଦିଶେ ନାଇ । କେବଳ ମଘା, ଜ୍ୟେଷ୍ଠା, ଚିତ୍ରା ପରି ତିନି ଚାରୋଟି ଦେଖାଯାଉଥିବା ନକ୍ଷତ୍ର ପାଖେ ଚନ୍ଦ୍ର ରହିଲା ପରି ଦିଶିପାରେ । ତେଣୁ ନକ୍ଷତ୍ର ବୋଲି ଯେଉଁ ଗଣିତ-କଳ୍ପିତ ଆକାଶ ଭାଗ ହୋଇଚି, ତା ହେବା ପୂର୍ବରୁ ପୂର୍ଣ୍ଣିମାନାମରେ ମାସ ନାମ ହୋଇନାଇ । ବେଦର ସଂହିତା କାହିଁକି ବ୍ରାହ୍ମଣ କାଳରେ ମଧ୍ୟ ଚୈତ୍ରାଦି ନାମ ହୋଇଥିଲା କି ନା ସନ୍ଦେହ । ଅବଶ୍ୟ ତୈତ୍ତରୀୟ ସଂହିତା (୭।୪।୮)ରେ "ଫାଲଗୁନୀ ପୂର୍ଣ୍ଣ ମାସ" "ଚିତ୍ରାପୂର୍ଣ୍ଣ ମାସ", ଏପରି ବ୍ୟବହାର ଅଛି । ଏହାର ଅର୍ଥ, ଫାଲ୍‌ଗୁନୀଯୁକ୍ତ ଓ ଚିତ୍ରାଯୁକ୍ତ ପୂର୍ଣ୍ଣିମା । ମାତ୍ର ଫାଲ୍‌ଗୁନ ଚୈତ୍ର ଏପରି ମାସର ନାମ ସେଥିରେ ନାଇ । ଏଇପରି ଅନ୍ୟ ଉଦାହରଣମାନ ବ୍ରାହ୍ମଣରୁ ଦେଇ ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ରାୟ କହନ୍ତି, "ଫାଲଗୁନୀରେ ପୂର୍ଣ୍ଣିମା ଦେଖିବା ଏକ କଥା; ପୁଣି ପୂର୍ଣ୍ଣିମା ଫାଲ୍‌ଗୁନୀରେ ହେବାରୁ ମାସକୁ ଫାଲ୍‌ଗୁନ ବୋଲି କହିବା ଆଉ ଏକ କଥା ।" ଶତପଥ ବ୍ରାହ୍ମଣ, ଗୋପଥ ବ୍ରାହ୍ମଣ ଓ ସାଂଖ୍ୟାୟନ ବ୍ରାହ୍ମଣରେ ପୁଣି ସେଇପରି "ଫାଲଗୁନୀ ପୂର୍ଣ୍ଣମାସୀ" ଶବ୍ଦ ଅଛି । ମାତ୍ର ଏସବୁ ବିଚାର କରି ଶଙ୍କର ବାଳକୃଷ୍ଣ ଦୀକ୍ଷିତ ମହାଶୟ ସିଦ୍ଧାନ୍ତ କରିଚନ୍ତି, "ଫାଲ୍‌ଗୁନୀ ଇତ୍ୟାଦି କେତେକ ସଂଜ୍ଞା ମାତ୍ର ବ୍ରାହ୍ମଣ କାଳରେ ପ୍ରଚଳିତ ଥିଲା । ଫାଲଗୁନ, ଚୈତ୍ର ପ୍ରଭୃତି ମାସ ନାମ ସଂହିତା ଓ ବ୍ରାହ୍ମଣ କୁତ୍ରାପି ଦେଖାଯାଏ ନାଇ ।"* ତେବେ ଏତିକି ମାତ୍ର କୁହାଯାଇପାରେ ଯେ, ଚାନ୍ଦ୍ର ଚୈତ୍ର ମାସରେ ଯେତେବେଳେ ମଧୁମାସ ବା ବସନ୍ତର ଆଦ୍ୟମାସ ପଡ଼ିଥିଲା, ସେତିକିବେଳେ ମଧୁମାସର ଅନ୍ୟ ନାମ ଚୈତ୍ର ହେଲା ।

---

* ଆମାଦେରେ ଜ୍ୟୋତିଷୀ ଓ ଜ୍ୟୋତିଷ" ପ୍ରଥମଭାଗ, ପୃଷ୍ଠା ୧୬୯-୧୭୦ ।

Digitized by PPRACHIN, SOA

ସେଇକାଳରୁ ମଧୁ ଋତୁକୁ ଦେଖି ଆଉ ମାସର ନାମ ହେଉ ନାଇ ଦେଖି କାଳାଦି, ନିରୂପଣ କରି ମାସାଦିର ନାମ ଦେବା ପ୍ରାଚୀନକାଳରେ ହେଉଥିଲା । ବାଳ ଗଙ୍ଗାଧର ତିଳକ୍ ପ୍ରଭୃତି ପଣ୍ଡିତମାନେ ଋଗ୍‌ବେଦାଦିରୁ ପ୍ରମାଣ କରନ୍ତି ସୂର୍ଯ ମାର୍ଗରେ ଦିନେ ପୁଷ୍ୟା, ନ ହେଲେ ବି ମୃଗଶିରା ଆଦି ନକ୍ଷତ୍ର ଥିଲା । ତା'ପରେ ହେଲା କୃତ୍ତିକା । ତା' ପରେ ହେଲା ଅଶ୍ୱିନୀ । ସେଇଠାରୁ ଜ୍ୟୋତିଷରେ 'କରଣ' ବା ଅନୁକରଣ କାଳ । ଜାଣିଲେ ବି, ଆମେ ଆଉ ବଦଳାଉ ନାଉଁ । ଯେଉଁମାନେ ବା ଏବେ ଫାଲଗୁନ ଚୈତ୍ରକୁ ବସନ୍ତ ବୋଲି କହିବାକୁ ଯାଆନ୍ତି, ସେମାନେ ଖାଲି ଫୁଲ ଫୁଟିବା ପ୍ରଭୃତି ବସନ୍ତ ଲକ୍ଷଣକୁ ଲକ୍ଷ୍ୟ କରି ହୁଏତ କହିପକାନ୍ତି । କିନ୍ତୁ ସେମାନେ ଶାସ୍ତ୍ର ଧରି କହନ୍ତି ନାଇ; ଶାସ୍ତ୍ରର ଅର୍ଥକୁ ଲକ୍ଷ୍ୟ କରନ୍ତି ନାଇ; କିମ୍ବା ଅର୍ଥର ବାସ୍ତବ ହୁଏତ ଦେଖନ୍ତି ନାଇ ।

ଯଥାର୍ଥରେ ଏବେ ମଧୁ ବା ବସନ୍ତ ଆରମ୍ଭ ହେଉଚି, ତପସ୍, ମକର ବା ସୌର ମାଘ ୮ଦିନ । ଏବେ ବସନ୍ତର ଭୋଗକାଳ ମଧୁ, ମୀନ ବା ସୌର ଚୈତ୍ରର ୭ ଦିନ ସୁଦ୍ଧା । ବାସ୍ତବ ସଂଗେ ବ୍ୟବହାର ମିଳାଇ କାଳ ଗଣିଲେ ଏବେ ମକର ୮ଦିନ ବୋଲି ଯାହାକୁ କୁହାଯାଉଚି, ତାକୁଇ କୁହାଯାନ୍ତା ମଧୁ ବା କୁମ୍ଭ ସଂକ୍ରାନ୍ତି । କିନ୍ତୁ ଚାନ୍ଦ୍ର ଚୈତ୍ର ଯେଉଁଠି ଅଛି ସେଠି ଥାଆନ୍ତା । ମୀନ ଆଠଦିନ ପଡ଼ନ୍ତା ଶୁଚିମାସର ଆଦ୍ୟ ବା ମେଷ ସକ୍ରାନ୍ତି । ଚାନ୍ଦ୍ର ସୌର ଭେଦ ନବୁଝିବା ଲୋକେ ମେଷକୁ କହନ୍ତେ ଚୈତ୍ର, କାରଣ, ସେଇ ମାସରେ ଚିତ୍ରାରେ ପୂର୍ଣ୍ଣିମା ହେଉଚି ।

କୁହାଯାଇଚି, ଋତୁର ଚନ୍ଦ୍ରଗତି ସଙ୍ଗେ ସମ୍ପର୍କ ନାଇ, ଏହା ମୂଳରେ ସୂର୍ଯ୍ୟଗତି । ମଳମାସ ଗଣି ସଂଶୋଧନ କଲା ପରେ ବି ଏବେ ଚାନ୍ଦ୍ରମାସ କେଉଁବର୍ଷ ଦଶଦିନ, କେଉଁବର୍ଷ କୋଡ଼ିଏଦିନ ଆଗେଇ ଆସୁଚି । ତୃତୀୟବର୍ଷ ମଳମାସ ମିଶି ପୁଣି ସମାନ ହେଉଚି । ତା'ଛଡ଼ା ସୂର୍ଯ୍ୟର ଯେଉଁ ନିତ୍ୟ ଗତିରେ ଋତୁସବୁ ଧୀରେ ଧୀରେ ଆଗେଇ ଚାଲିଚି, ସେଥିରେ ଚାନ୍ଦ୍ରମାସର ବିଶେଷ ସମ୍ପର୍କ ନାଇ । ମଧୁ ମାଧବ ଶୁଚି ଶୁକ୍ର ପ୍ରଭୃତି ନାମ କିନ୍ତୁ ପରବର୍ତ୍ତୀ କାଳରେ ଯଥାକ୍ରମେ କୁମ୍ଭ ମୀନ ମେଷ ବୃଷାଦିରେ ନାମିତ ହୋଇଯାଉଚି । ଓଡ଼ିଶାରେ ସୌର ମାସର ସେଇ ନାମ ବରାବର ଚଳୁଥିଲା । କିନ୍ତୁ ବଙ୍ଗଦେଶରେ ସୌର ମାସ ସବୁ ଚାନ୍ଦ୍ର ନାମରେ କୁହାହୁଏ । ଆମେ କହୁଁ ମେଷ ୨ ଦିନ, ମାତ୍ର ବୈଶାଖ କୃଷ୍ଣ ଦ୍ୱିତୀୟା । ବଙ୍ଗଦେଶରେ କହନ୍ତି ସୌରମାନରେ, ବୈଶାଖ ୨ ଦିନ ଓ ଚାନ୍ଦ୍ରମାନରେ, ବୈଶାଖ କୃଷ୍ଣ ଦ୍ୱିତୀୟା । ଦୁଃଖର କଥା, ସ୍ୱର୍ଗତ ଗୌରୀଶଙ୍କର ରାୟ ଓଡ଼ିଆ ପାଞ୍ଜି ଛପାଇଲା କାଳରୁ ଆମେ ମେଷ ବୃଷାଦି ନାମ ଭୁଲିଗଲୁଣି । ଚିଠି ପତ୍ରରେ ନିଜ ତାରିଖ ଦେଉ ନାଉଁ; ଜାତକ ଶିରସ୍ତାଦିରେ ମେଷ ବୃଷାଦି ବୁଝୁ ନାଉଁ; କେବେ ବା ନିମିତ୍ତ-ନିମନ୍ତ୍ରଣରେ ଲେଖିଲେ ଇଂରେଜୀ ତାରିଖ ଦେଇ ତାକୁ ବ୍ୟାଖ୍ୟା କରି ଲେଖୁଚୁ । ଏ ସବୁ ଦୁର୍ଗତି ସତ୍ତ୍ୱେ ସୌରମାସ ଓ ବର୍ଷରେ ଆମ ମେଷ ବୃଷାଦି ନାମ ଯଥାର୍ଥରେ

Digitized by PPRACHIN, SOA

ବିଜ୍ଞାନସମ୍ମତ । ସେ ସ୍ଥଳରେ ବୈଶାଖ ଜ୍ୟେଷ୍ଠାଦିରେ ସୌର ମାସ ପ୍ରକାଶ କରିବା, ଗୋଟିଏ ଅଯଥା ଅନୁକରଣ ।

ହେଲେହେଁ, ସାଧାରଣ ବ୍ୟବହାର ପାଇଁ ମେଷ ବୃଷାଦି ସୌରମାସ ଗଣିବାରେ ବେଶି ବୈଜ୍ଞାନିକ ସତ, କିନ୍ତୁ ସେଥିରେ ମଧ୍ୟ ସାଧାରଣଙ୍କ ପାଇଁ ଭ୍ରାନ୍ତିର କାରଣ ଅଛି । ଯବନ ଦେଶରେ ନକ୍ଷତ୍ର ଚକ୍ରଟି ବାର ଭାଗ କଲାବେଳେ, କେଉଁ ଭାଗଟି ମେଣ୍ଢାପରି ଦିଶୁଚି (ମେଷ), କେଉଁଟି ଷଣ୍ଢ ପରି ଦିଶୁଚି (ବୃଷ), କେଉଁଟି ବର କନ୍ୟା ପରି ଦିଶୁଚି (ମିଥୁନ), ଏଇପରି କଳ୍ପନାମାନ କରିଥିଲେ । ସେଥିରୁଇ ମେଷ ବୃଷାଦି ଭାଗ ସବୁର ନାମ ତାରାପୁଞ୍ଜମାନଙ୍କ ସଙ୍କେତରେ ନିର୍ଦ୍ଦିଷ୍ଟ ହୋଇଗଲା । ସେଥିରେ ବୈଜ୍ଞାନିକ ଭାବରେ ଅସୁବିଧା ହୋଇଚି । ସେ କଥା ପରେ କୁହାଯାଉଚି ।

ସେଇ ଅନୁକରଣରେ ପରେ ଆମ ଦେଶ ନକ୍ଷତ୍ରମାନଙ୍କରେ ମଧ୍ୟ ସେଇପରି କରା ହୋଇଚି । ଅଶ୍ୱିନୀ ତାରା ତିନୋଟି ଘୋଡ଼ା ମୁଣ୍ଡ ପରି, ଭରଣୀ ତାରା ତିନୋଟି ଯୋନି ପରି, କୃତ୍ତିକା ତାରା ଛଟି ବା ସାତୋଟି ଅଗ୍ନି ଶିଖା ପରି ଇତ୍ୟାଦି ଲୋକେ ଏବେ ବି କହନ୍ତି । କିନ୍ତୁ ସୌରମାସ ଗଣନା ପାଇଁ ସେ ସବୁ ବିଶେଷ ଲୋଡ଼ା ନ ହେଉଥିବାରୁ ସେଥିରେ ବିଶେଷ କ୍ଷତି ହେଉ ନାଇ ।

ମଧୁ ମାଧବାଦି ନାମ କିନ୍ତୁ ମେଷ ବୃଷାଦି ଠାରୁ ବେଶି ବୈଜ୍ଞାନିକ ଥିଲା । ମାତ୍ର ସେ ସବୁ ଏବେ ନାଇ । ଏବେ ମେଷାଦି ଧରି ଋତୁ-ଚକ୍ରର ସ୍ଥିତି ଓ ଋତୁ ଆଗେଇବା କଥା କୁହାଯିବ ।

ପୃଥିବୀ ସୂର୍ଯ୍ୟ ଚାରି ପାଖେ ବୁଲୁଚି । ମାତ୍ର ପୃଥିବୀର ଦୁଇ ମେରୁକୁ ଯୋଗ କରିଥିବା କଳ୍ପିତ ଅକ୍ଷଦଣ୍ଡ ବା ଅକ୍ଷ, ସୂର୍ଯ୍ୟକେନ୍ଦ୍ରରୁ ପୃଥିବୀ କେନ୍ଦ୍ରକୁ ସରଳରେଖାରେ ଯୋଗ କଲେ ଯେଉଁ ରେଖା ହେବ, ତା ସଙ୍ଗେ ଦୁଇପାଖେ ଦୁଇଟି ସମକୋଣ (୯୦ ଅଂଶ କୋଣ) କରି ସୂର୍ଯ୍ୟ ଚାରି ପାଖେ ବୁଲୁ ନାଇ । ଏହା ୨୩$\frac{୧}{୨}$ଅଂଶରେ ବଙ୍କା ହୋଇଅଛି । ସେଇ ହେତୁରୁ ସୂର୍ଯ୍ୟ ଆକାଶରେ ବିଷୁବ ବୃତ୍ତଠାରୁ ୬ ମାସ ଉତ୍ତରକୁ ୨୩$\frac{୧}{୨}$ ଅଂଶ ଓ ୬ ମାସ ଦକ୍ଷିଣକୁ ୨୩$\frac{୧}{୨}$ଅଂଶ ଯାଏଁ କ୍ରମେ ଗଲା ଅଇଲା ପରି ଲାଗୁଚି । ସୂର୍ଯ୍ୟର ଏଇ ମାର୍ଗକୁ କ୍ରାନ୍ତିବୃତ୍ତ କହନ୍ତି । ଏଇ କ୍ରାନ୍ତିବୃତ୍ତରେ ସୂର୍ଯ୍ୟ ଗତି କରୁକରୁ ୬ ମାସରେ ଥରେ ଲେଖାଏଁ ଦୁଇଥର ବିଷୁବ ଉପରକୁ ଆସୁଚି ଓ ବିଷୁବଠାରୁ ତିନି ମାସରେ ଉତ୍ତରକୁ କର୍କଟ କ୍ରାନ୍ତି ବା କକଡ଼ା ରାଶିରେ ରହିଲା ବେଳେ କ୍ରାନ୍ତି ବୃତ୍ତର ଉତ୍ତର ସୀମାକୁ, ପୁଣି ସେହିପରି ଅନ୍ୟ ବିଷୁବ ସ୍ପର୍ଶଠାରୁ ତିନି ମାସରେ ମକର କ୍ରାନ୍ତି ବା ମକର ରାଶିରେ ଥାଇ କ୍ରାନ୍ତିକୁ ଆସୁଚି । ସୂର୍ଯ୍ୟ ଯେଉଁ ରାଶିରେ ଥାଏ ସେଇ ମାସ ହୁଏ । ତେଣୁ ମେଷ ସଂକ୍ରାନ୍ତିରେ ଥରେ ବିଷୁବକୁ ଛୁଏଁ । ତାକୁ ବିଷୁବନ୍ କହନ୍ତି । କକଡ଼ାରେ ଉତ୍ତରକୁ ଯିବା ବା ଉତ୍ତରାୟଣ ଶେଷ ହୁଏ । ସେଠାରୁ ଦକ୍ଷିଣାୟନରେ ଚଳି ତୁଳ ସଂକ୍ରାନ୍ତିରେ ପୁଣି

Digitized by PPRACHIN, SOA

ବିଷୁବକୁ ଆସେ ଓ ପୁଣି ତିନିମାସ ଦକ୍ଷିଣକୁ ଆସି ମକର ସଂକ୍ରାନ୍ତିରେ ଦକ୍ଷିଣାୟନ ଶେଷ କରି ପୁଣି ଉତ୍ତରାୟଣ ଆରମ୍ଭ କରେ । ଏଥିରେ ହିଁ ପୃଥିବୀର ସ୍ଥାନମାନଙ୍କରେ ଶୀତ ଗ୍ରୀଷ୍ମାଦିର ପ୍ରଭେଦ ହେବାରୁ ଋତୁ ହୁଏ ।

ଏକ ହିସାବରେ ଋତୁ ମୋଟାମୋଟି ପୃଥିବୀରେ ଦୁଇଟା । ଗୋଟିଏ ଗ୍ରୀଷ୍ମ ୬ ମାସ; ଅନ୍ୟଟି ଶୀତ ୬ ମାସ– ପୃଥିବୀର ଉତ୍ତରାର୍ଦ୍ଧରେ ମେଷ ଆଦ୍ୟଠାରୁ କନ୍ୟା ଶେଷ ଯାଏ ଗ୍ରୀଷ୍ମ, ପୁଣି ତୁଳା ଆଦ୍ୟଠାରୁ ମୀନ ଶେଷ ଯାଏଁ ଶୀତ । ଭାରତ ବିଷୁବ ରେଖାରୁ ଉତ୍ତରକୁ ଅଛି– ଏହା ପୃଥିବୀର ଉତ୍ତରାର୍ଧରେ ।* ଏଇ ଯୋଡ଼ିକ ଋତୁକୁ ପ୍ରତ୍ୟେକଟି ପୁଣି ତିନି ତିନି ଭାଗରେ ଭାଗ କରାଯାଇପାରେ, ଯଥା :– ଗ୍ରୀଷ୍ମ, ଅତିଗ୍ରୀଷ୍ମ, (ବର୍ଷା), ଶୀତ ପାଖ ଗ୍ରୀଷ୍ମ (ଶରତ), ଶୀତ, ଅତିଶୀତ (ଶିଶିର ପାଖ), ଗ୍ରୀଷ୍ମ ପାଖ ଶୀତ (ବସନ୍ତ) । ଏହା ହେଲା ଶୁଦ୍ଧ ପୃଥିବୀ ସୂର୍ଯ୍ୟର ସମ୍ପର୍କ ଧରି ଋତୁ ନିରୂପଣ । ସେଥିରେ ପୃଥିବୀର ପାଣିପାଗ ଘେନି ଆଉରି କିଛି ପୁଣି ଅଛି । ଭାରତରେ ଅତି ଗ୍ରୀଷ୍ମରେ ବର୍ଷା ହୁଏ, ଅତି ଶୀତରେ ମଧ୍ୟ ଚୋରା ବସନ୍ତ ବହେ ଓ କୁହୁଡ଼ି ହୋଇ ଶିଶିର ପଡ଼େ । ବର୍ଷା ପରେ ରାସ୍ତାଘାଟ ସଫା ହୋଇଯାଏ ଓ ଚଳାଚଳାଦି ସୁଖ ଓ ସୁବିଧା ହୁଏ । ତେଣୁ ପ୍ରାଚୀନ ଭାରତରେ ସଂବତ୍ସରକୁ ଏଇ ତିନୋଟି କାଳରେ କୁହାଯାଇଚି । ଋଗ୍‌ବେଦରେ ଅଛି– "ଶତ ହେମନ୍ତ ଆୟୁ ଦିଅ ।" ସଂବତ୍ସରର ବର୍ଷ ନାମଟି ବିଷୟରେ କହିବା ଦରକାର ନାଇ । ହୋଇପାରେ ଭିନ୍ନ ଭିନ୍ନ ସ୍ଥାନରେ ପାଣିପାଗ ଅନୁସାରେ ଏଇ ନାମଟିମାନ ହୋଇଥିଲା । ଏବେ ଅତି ଗ୍ରୀଷ୍ମରେ ବର୍ଷାଟି ଭାରତରେ ସାଧାରଣ ।

ଅତି ପୂର୍ବେ ପ୍ରାଚୀନ ବୈଦିକ କାଳରେ "ହିମ-ଶିଶିର-ବସନ୍ତ-ଗ୍ରୀଷ୍ମ-ବର୍ଷା-ଶରତ୍‌ସୁ" ଏଇପରି ହିମ ବା ହେମନ୍ତରୁ ଭାରତରେ ଋତୁ ଗଣା ହେଉଥିଲା । ପରେ କୌଣସି ସ୍ଥାନରେ ମଧୁ ବା ଫୁଲର ଋତୁ ଶରତ୍ ପରି ଅତି ଭୋଗ୍ୟ ଓ ରମଣୀୟ ହେବାର ଦେଖି ସେଇଠାରୁ ମଧୁ ମାଧବାଦି ଋତୁର ନାମରେ ଋତୁ ଗଣା ହେଲା । ମଧୁ ମାଧବାଦି ନାମ ପୂର୍ବରୁ ବାର ସୌରମାସ ପାଇଁ ବାରଟି ଆଦିତ୍ୟ (କେବେ କେବେ ବା ବାରଟି ଅର୍ଯ୍ୟମା) କଳ୍ପିତ ହୋଇଥିଲା । ଏଥିରେ ପ୍ରତ୍ୟେକ ମାସର ସୂର୍ଯ୍ୟ ଭିନ୍ନ ଭିନ୍ନ, ଗୋଟିଏ ଗୋଟିଏ ଆଦିତ୍ୟ । ପୁରାଣରେ ଏଇ ଆଦିତ୍ୟ ମାଘ (ମକର) ଠାରୁ ଗଣା ହୋଇଚି । ତାର କାରଣ ଏଇପରି ହୋଇପାରେ ।

ବିଷୁବନ୍‌ରୁ ସୂର୍ଯ୍ୟ ଉତ୍ତରକୁ ଗଲେ ହୁଏ ଛମାସ ଉତ୍ତରାୟଣ । ଶରତ ପରେ ପୁଣି ଦକ୍ଷିଣ ଅର୍ଧକରେ ଦକ୍ଷିଣାୟନ । ଉତ୍ତରାୟଣ ଦେବଯାନ; ଦକ୍ଷିଣାୟନ ପିତୃଯାନ । ଏହା ପ୍ରାଚୀନ ବୈଦିକ ବିଧି । ପରେ ମକରଠାରୁ ସୂର୍ଯ୍ୟର କ୍ରମ-ଉତ୍ତର ଗତି ଆରମ୍ଭରୁ

---

* ପୃଥିବୀର ଦକ୍ଷିଣାର୍ଧରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ ଆମେରିକା ପ୍ରଭୃତି ସ୍ଥାନରେ ଏହାର ବିପରୀତ । ଆମ ଖରା ଛଅ ମାସ, ତାଙ୍କର ଶୀତ; ଆମ ଶୀତ ଛଅମାସ, ତାଙ୍କର ଗ୍ରୀଷ୍ମ ।

Digitized by PPRACHIN, SOA

ମିଥୁନ ଶେଷ ଯାଏ ହେଲା ଉତ୍ତରାୟଣ ବା ଦେବଯାନ । ସେଇପରି କକଡ଼ାଠାରୁ କୁମ୍ଭ ଶେଷଯାଏ ହେଲା ଦକ୍ଷିଣାୟନ ବା ପିତୃଯାନ । ଏବେ ଏଇ ପୌରାଣିକ ରୀତି ଚଳେ । ଉଣାଯାଏ ମଝିରେ ପୁଣି ଥରେ ପ୍ରାଚୀନ ରୀତି ବି କେତେ କାଳ ପାଇଁ ଚଳିଥିଲା । ଏଇ ପୌରାଣିକ ରୀତିରେ ମାଘ (ମକର) ହେଲା ପବିତ୍ର ମାସ । ଏଇପରି ଏବେ ସେକାଳ 'ହିମ' ଋତୁର ବା ବର୍ଷର ପ୍ରଥମ ମାସ କାର୍ତ୍ତିକ (ତୁଳ), ଉତ୍ତରାୟଣ ମୂଳ ମାଘ (ମକର) ଓ ବିଷୁବନ୍ କାଳ ବୈଶାଖ (ମେଷ) କ୍ରମେ ପବିତ୍ର ମାସ ହୋଇଚି । ପର୍ବ ସବୁ ଚାନ୍ଦ୍ରମାନରେ ହେଉଥିବାରୁ କାଳକ୍ରମେ ସେ ମାସମାନଙ୍କର ଚାନ୍ଦମାନ ମାତ୍ରରେ ପବିତ୍ରତା ରହି ଲୋକବ୍ୟବହାର ଚାଲିଚି ।

ତେବେ ଦ୍ୱାଦଶ ଅର୍ଯମା ବା ଆଦିତ୍ୟ ଧରି ବହୁକାଳ ପୂର୍ବେ ମଧୁ ମାଧବ ପ୍ରଭୃତି ବସନ୍ତ ଆଦ୍ୟରୁ ମାସ ନାମ ଦେଇ ଋତୁ ଛଅଟି ଗଣୁଥିଲେ । ବସନ୍ତ ଶେଷରେ ବିଷୁବନ୍ ଦିନ ଗ୍ରୀଷ୍ମର 'ଶୁଚି' ମାସ ଆରମ୍ଭ ହେଉଥିଲା । କିନ୍ତୁ ଏ ବିଷୁବନ୍ ଆକାଶରେ ସର୍ବଦା ଏକ ସ୍ଥାନରେ ନାଇ– ରହୁନାଇ । ଅତି ଅଳ୍ପ ହେଲେହେଁ, ଏହା ବିଷୁବ-ରେଖା ଉପରେ ପୂର୍ବରୁ ପଶ୍ଚିମକୁ ଘୁଞ୍ଚୁଚି । ପୃଥିବୀ ଯେ ସୂର୍ଯ୍ୟ ଆଡ଼କୁ ୨୩ ଅଂଶ ବଙ୍କା ହୋଇ ବୁଲିବାରୁ ଉତ୍ତରାୟଣ ଦକ୍ଷିଣାୟନ ପୁଣି ଋତୁମାନ ହେଉଚି, ତା କୁହାଯାଇଚି । ସେଇ ବଙ୍କା ହୋଇ ବୁଲିବାରୁ ବି ବିଷୁବନ୍ ଘୁଞ୍ଚୁଚି । ଏଇ ବୁଲିବାରୁ ପୃଥିବୀର ଅକ୍ଷ, ଆକାଶରେ ଏକା ବିନ୍ଦୁ ଆଡ଼କୁ ସବୁବେଳେ ରହୁ ନାଇ । ଏହା ମଧ୍ୟ ପ୍ରାୟ ୨୬ ହଜାର ବର୍ଷରେ ୨୩.୫ ଅଂଶ ବ୍ୟାସାର୍ଦ୍ଧର ଗୋଟିଏ ବୃତ୍ତରେ ବୁଲିଯାଉଚି । ଉତ୍ତରାର୍ଦ୍ଧରେ ଆମେ ଜାଣୁ ଆକାଶ ଗୋଲକର ଅକ୍ଷର ଉତ୍ତର ଅଗ ହେଉଚି ଧ୍ରୁବ । ଧ୍ରୁବର ଅର୍ଥ ଦୃଢ଼, ସ୍ଥିର ହେଲେହେଁ, ଏହା ଦୃଢ଼ ସ୍ଥିର ନୁହେଁ । ଆମେ ଗୋଟିଏ ତାରାକୁ ଧ୍ରୁବ କହୁ । ଏହାଇ ପୃଥିବୀ ଅକ୍ଷର ସମାନ ଆକାଶ ଗୋଲକର ଉତ୍ତର ବିନ୍ଦୁ । ଏହାର ଚାରିପାଖେ ଗ୍ରହ ନକ୍ଷତ୍ର ସମସ୍ତେ ଦୈନିକ ଗତିରେ ବୁଲନ୍ତି ବୋଲି ଆମର ଧାରଣା । କିନ୍ତୁ ତା ଠିକ୍‌ନୁହେଁ । ଦିନେ ଏଇ ତାରା ଧ୍ରୁବ ବିନ୍ଦୁ ଥିଲା । ଏବେ ଧ୍ରୁବ ବିନ୍ଦୁ ସେଠାରୁ ଟିକିଏ ଘୁଞ୍ଚି ଗଲାଣି । ଫଳରେ ଧ୍ରୁବ ତାରାଟି ଏବେ ଗୋଟିଏ କ୍ଷୁଦ୍ର ବୃତ୍ତରେ ଧ୍ରୁବ ବିନ୍ଦୁ ଚାରିପାଖେ ବୁଲୁଚି । ଏଇପରି ଧ୍ରୁବ ବିନ୍ଦୁ ପ୍ରାୟ ୧୩ ହଜାର ବରଷରେ ଧ୍ରୁବ ନାମକ ତାରାଠାରୁ ଅର୍ଦ୍ଧ ବୃତ୍ତରେ ଅଭିଜିତ ତାରା ଯାଏ (୪୭ ଅଂଶ) ଆସିବ; ପୁଣି ଅନ୍ୟପାଖ ବୃତ୍ତାର୍ଦ୍ଧରେ ପ୍ରାୟ ୧୩ ହଜାର ବର୍ଷରେ ଧ୍ରୁବତାରା ପାଖକୁ ଯିବ । ଏଇପରି ଆସୁଥିବ, ଯାଉଥିବ– ପୃଥିବୀ ଓ ସୂର୍ଯ୍ୟର ଏଇ ସମ୍ବନ୍ଧ ଥିବା ଯାଏ । ଏହାରି ଫଳରେ ବିଷୁବନ୍ ନକ୍ଷତ୍ର ଚକ୍ରର ମଝିରେ– ବିଷୁବରେଖା ଉପରେ– ୨୬ ହଜାର ବର୍ଷରେ ପୂରା ଥରେ ବୁଲିଯାଉଚି । ସେଥିରେ ସୌର ମାସ ଓ ଋତୁ ବଦଳୁଚି । କାରଣ, ଏବେ ନକ୍ଷତ୍ର ଚକ୍ରର ଯେଉଁ ନକ୍ଷତ୍ର ପାଖେ ବିଷୁବନ୍ ଅଛି, ପୂର୍ବେ ସେଠି ନ ଥିଲା– ସେଠି ବି ସ୍ଥିର ରହିବ ନାଇଁ । ବିଷୁବନ୍‌ଠାରୁ ୬ ମାସ ଗ୍ରୀଷ୍ମ ଓ ସେଠୁ ଛଅମାସ ଶୀତ ଓ ସେହି ଅନୁକ୍ରମେ ଋତୁ ହେବ । ବିଷୁବନ୍, ଉପର ହିସାବ ଅନୁସାରେ ବର୍ଷକେ

Digitized by PPRACHIN, SOA

ବିଷୁବବୃତ୍ତ ଉପରେ ପ୍ରାୟ ୫୦ ବିକଳା ପୂର୍ବରୁ ପଶ୍ଚିମକୁ ଘୁଞ୍ଚୁଚି । ପ୍ରାୟ ୭୨ ବର୍ଷରେ ଗୋଟିଏ ଅଂଶ (ବୃତ୍ତର ୩୬୦ ଭାଗରୁ ଏକ ଭାଗ) ଓ ପ୍ରାୟ ୨୧୫୦ ବର୍ଷରେ ଗୋଟିଏ ସୌର ମାସ ଆଗେଇ ଆସୁଚି । ସେଇ ଅନୁକ୍ରମେ ଋତୁ ବି ଆଗୋଉଚି ।

କୁହାଯାଇଚି, ସ୍ୱର୍ଗତ ବାଳଗଙ୍ଗାଧର ତିଲକ୍ ଋଗ୍‌ବେଦରୁ ପ୍ରମାଣ କରନ୍ତି, ଦିନେ ଏହି ବିଷୁବନ୍‌କୁ ପ୍ରାଚୀନ ଋଷିମାନେ ପୁଷ୍ୟା ନକ୍ଷତ୍ରରେ ଦେଖିଥିଲେ । ସେ ଯା ହେଉ, ଏହା ଯେ ଦିନେ ମୃଗଶିରାରେ ଥିଲା, ତାହାର ସ୍ପଷ୍ଟ ପ୍ରମାଣ ବୈଦିକ ସାହିତ୍ୟରେ ମିଳେ । ତା'ପରେ କୃତ୍ତିକାକୁ ବିଷୁବନ୍ ଆସିଲା, ବ୍ରାହ୍ମଣ କାଳପୂର୍ବରୁ । ସେତିକିବେଳେ ମଧୁ ମାଧବାଦି ସୌର ମାସର ନାମ ଚୈତ୍ର ବୈଶାଖାଦି ହେଲା । ପୁରୁଣା କଥା ଶାସ୍ତ୍ରୀୟ ହୋଇଯାଏ । ଲୋକେ ଥରେ ବ୍ୟବହାର କଲେ ଛାଡ଼ନ୍ତି ନାଇ । ସେଥିପାଇଁ ଫଳିତ ଜ୍ୟୋତିଷରେ ଦଳେ ଏବେବି କୃତ୍ତିକାଦି କରି ୨୭ ନକ୍ଷତ୍ର ଗଣନ୍ତି । ବରାହମିହିର ନିଜେ ନିଜ ଫଳିତ ଗଣନାରେ ଏହା କରିଚନ୍ତି । କିନ୍ତୁ ବରାହମିହିରଙ୍କ କାଳର କିଛି ପୂର୍ବରୁ ବିଷୁବନ୍ ଅଶ୍ୱିନୀକୁ ଆସିଯାଇଥିଲା । ସେଇ ଅଶ୍ୱିନୀଠାରୁ ଆରମ୍ଭ କରି ପୁଣି ଯବନ ବା ଗ୍ରୀକ୍‌ମାନଙ୍କ ମେଣ୍ଢା, ଷଣ୍ଢ, ଯୁଗଳମୂର୍ତ୍ତି, କଙ୍କଡ଼ା, ସିଂହ, କନ୍ୟା, ତକଡ଼ି, ବିଛା, ଧନୁ, ଛେଳି(ଆମ ମକର ବା ପଶୁ କିମ୍ଭିର), ପାଣିମାଠିଆ, ମାଛରେ କଳ୍ପିତ ଆକୃତିମାନ ନକ୍ଷତ୍ର ଚକ୍ରରେ ସୂର୍ଯ୍ୟ ରାସ୍ତାକୁ ରାଶିରେ ବାଣ୍ଟିଦେଲେ । ଢିଙ୍କିପାହାର ପଡ଼ିଲାବେଳେ ଯେ ଯାହା ବିଚାରିବ, ତା ଶୁଣାଯାଏ । ଆକାଶର ତାରା ଚକ୍ରରେ ଏ ସବୁ ମେଣ୍ଢା, ଷଣ୍ଢ ପ୍ରଭୃତି ଦେଖିବା ସେହିପରି । ସେ ଯାହାହେଉ, ଏଥିରେ ସୌର ମାସ ସ୍ଥିର ହୋଇଥିଲା । ସେଇଠାରୁ ମେଷାଦ୍ୟରେ ସମ ଦିବାରାତ୍ରି ବା ବିଷୁବ ରେଖା ଉପରେ ସୂର୍ଯ୍ୟ । ସେଇଠାରେ ବସନ୍ତ ଶେଷ । ମଧୁ ମାଧବ ହେଲା ଯଥାର୍ଥରେ ଫାଲ୍‌ଗୁନ ଓ ଚୈତ୍ର । କିନ୍ତୁ ଲୋକେ କୃତ୍ତିକାରୁ ନକ୍ଷତ୍ର ଗଣିଲା ପରି, ମଧୁକୁ ଚୈତ୍ର ବୋଲି ମଧ କହିଲେ ।

ବିଷୁବନ୍‌ର ଗତି ଅନେକ କାଳ ଯାଏ ଲୋକେ ଜାଣି ନଥିଲେ– ଜ୍ୟୋତିଷମାନେ ବି ଜାଣି ନଥିଲେ । ନିଜେ ବରାହମିହିର ଜାଣି ନଥିଲେ । ତାଙ୍କ ପରେ ୫୦୦ ବର୍ଷ, ଅର୍ଥାତ୍, ଭାସ୍କରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ବିଷୁବନ୍‌ର ଗତି ଓ ବେଗ ସ୍ପଷ୍ଟ ଧରାଯାଇ ନଥିଲା । ପୂର୍ବେ ଜ୍ୟୋତିଷଜ୍ଞମାନେ ଆକାଶ ଦେଖି ଜାଣୁଥିଲେ, ସୂର୍ଯ ଯେଉଁ ନକ୍ଷତ୍ରରେ ପୂର୍ବେ ଥିଲା, ସେଠାରେ ନାଇଁ, ଅନ୍ୟ ନକ୍ଷତ୍ରକୁ ଘୁଞ୍ଚ ଆସିଚି ଓ ଋତୁ ବଦଳିଚି । ଥରେ କେହି ମୃଗଶିରାରେ ଦେଖିଥିଲେ । ତାର ପ୍ରାୟ ୨୦୦୦ ବର୍ଷ ପରେ କେହି ପୁଣି ଦେଖି ଜାଣିଲେ ବିଷୁବନ୍ କୃତ୍ତିକାକୁ ଆସିଚି । ପୁଣି ଦୁଇ ହଜାର ବର୍ଷପରେ ଦେଖାଗଲା ତା ଅଶ୍ୱିନୀରେ । ସେତେବେଳକୁ ମେଷ ବୃଷାଦିରେ ନକ୍ଷତ୍ର ବାଣ୍ଟିବା ଆସିଯାଇଚି । ବରାହମିହିରଙ୍କ ସୂର୍ଯ୍ୟସିଦ୍ଧାନ୍ତର ଗଣନାରେ ନିର୍ଦ୍ଧାରିତ ହେଲା ମେଷାଦ୍ୟ ବା ଅଶ୍ୱିନୀରୁ ବର୍ଷ ଗଣନା । ଭାସ୍କରାଚାର୍ଯଙ୍କ ବେଳକୁ ଜ୍ୟୋତିଷେ ବିଷୁବନ୍ ଗତି ଜାଣିଲେ । କିନ୍ତୁ ରକ୍ଷଣଶୀଳତା ହେତୁ ବର୍ଷାଦ୍ୟ ଓ ସୌରମାସ ଗଣନା ଆଉ ବଦଳାଇଲେ ନାଇ, ଅୟନରେ ବିଷୁବନ୍

Digitized by PPRACHIN, SOA

ଗତି ଦେଖାଇ ଦେଲେ ମାତ୍ର । ଏହାକୁ ଆମର ଏବେ ଅୟନାଂଶ ବା ଅୟନ ଚଳନ କହନ୍ତି । ଏହାର ଅର୍ଥ ହେଉଚି, ଦକ୍ଷିଣାୟନ ଓ ଉତ୍ତରାୟଣରେ କ୍ରାନ୍ତିବୃତ୍ତ ଯେଉଁଠାରେ ୨୩.୫ ଅଂଶର ଅକ୍ଷାଂଶ ବୃତ୍ତକୁ ଛୁଏଁ, ସେ ସ୍ଥାନ ଘୁଞ୍ଚିଯାଉଚି । ହେଲେହେଁ, କକଡ଼ା ଓ ମକରରେ ଆମେ ଅୟନ ବି ଏବେ କରୁଚୁ । ତା ବଦଳାଉ ନାଉ । ତା' ବଦଳାଇଲେ ବିଷୁବନ୍ ବି ମନକୁ ବଦଳିଯାଆନ୍ତା । ଫଳରେ ଆମେ ବିଷୁବନ୍ ଘୁଞ୍ଚିଚି ବୋଲି କହୁଚୁ; କିନ୍ତୁ କାର୍ଯ୍ୟରେ ଅର୍ଥାତ୍, ଋତୁ ଗଣନାଦିରେ ବଦଳାଉ ନାଉ ।

ଏବେ ଅୟନାଂଶ ୨୩ ଅଂଶରୁ କିଛି ବେଶି ଓ ମୀନ ୭ ବା ୮ ଦିନ ପଡୁଚି, ସମ ଦିବାରାତ୍ରି । ତାପରଠୁ ଗ୍ରୀଷ୍ମ ଋତୁ । ହେଲେହେଁ ଆମେ ଏବେ ଗଣୁଚୁ ମେଷ ଆଦ୍ୟରୁ । କୁହାଯାଇଚି, ପ୍ରକୃତ ବସନ୍ତ ଋତୁ ଏବେ ହେଉଚି, ମକର ୮ ଦିନଠାରୁ **ମୀନ** ୭ ଦିନ ଯାଏ । ସେଇ ମୀନ ୮ ଦିନ ହେବା ଉଚିତ, ଆମ ମେଷ ସଂକ୍ରାନ୍ତି । ଆକାଶର ତାରାରେ ମେଣ୍ଢା ଦେଖି ସେଇଠାରୁ ବର୍ଷ ଆରମ୍ଭ କରିବା ଆଉ ଠିକ୍ ନୁହେଁ । ଏହା କୁସଂସ୍କାର । ଋତୁ ମଧ୍ୟ ସେଇ ହିସାବରେ ଠିକ ହେବା ଉଚିତ ।

[ଗତ ସଂଖ୍ୟାରେ– ୨୫୩ ପୃଷ୍ଠା ୧ମ ସ୍ତମ୍ଭ ଦେଖ– ଶ୍ରୀ ବିମଳ କିଶୋର ମିଶ୍ର ଆମ ସୌର ବର୍ଷମାନର ଗଣନାରେ ୧, ୫, ୪୨୦ ବର୍ଷରେ ବର୍ଷେ ଭୁଲ ଅଛି ବୋଲି ଦେଖାଇ କହିଛନ୍ତି, ଋତୁ ସେଥିରେ ଟିକିଏ ଘୁଞ୍ଚିପାରେ । କିନ୍ତୁ ତା ନଗଣ୍ୟ । ପୁଣି ଦୃକ୍‌ସିଦ୍ଧ ଗଣନାରେ ତା' ମନକୁ ସଂଶୋଧିତ ହୋଇଯିବ । ଅୟନ-ଚଳନରେ ମଧ୍ୟ ଦୃକ୍‌ସିଦ୍ଧ ସଂଶୋଧନ ହୋଇଯାଇଚି । ମାତ୍ର ତା' ବିଷୁବରେ ଗଣା ନ ହେଉ ଥିବାରୁ ଋତୁର ମାସ ସଙ୍ଗେ ସାମଞ୍ଜସ୍ୟ ଭୁଲ ହେଉଚି ମାତ୍ର । ପାଞ୍ଜିରେ ସମଦିବା ରାତ୍ରି ଆଦି; ତେଣୁ ଋତୁ କାଳ ଠିକ୍ ଅଛି ।]

[ନବଭାରତ, ନୂଆପ୍ରସ୍ଥ, ପ୍ରଥମ ବର୍ଷ, ୭ମ ସଂଖ୍ୟା,
ଶ୍ରାବଣ ୧୩୫୫, ଅପ୍ରେଲ ୧୯୪୭]

# ଆଲୋଚନା

## (କ) ଓଡ଼ିଶାର ଶିଳ୍ପ

### ପାରମ୍ପରିକ ସୌକର୍ଯ୍ୟ–

ଗୋଟିଏ ଗୋଟିଏ ମାନବ ସମାଜର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସୌକର୍ଯ୍ୟ ପରମ୍ପରାରେ ପ୍ରତିଷ୍ଠିତ ହୋଇଯାଏ । ସେ ସମାଜର, ସଂସ୍କୃତିର ତାହାହିଁ ସଂକେତ । ସେଇ ସୌକର୍ଯ୍ୟ ଧାରାରେ ମଧ୍ୟ ସେ ସମାଜର ବିକାଶ ଲୋଡ଼ିବାକୁ ହୁଏ । ବ୍ୟତିକ୍ରମ ନ ହୁଏ ନୁହେ; ମାତ୍ର ଏହାହିଁ ସାଧାରଣ ନିୟମ । ଇଟାଲୀୟଙ୍କର ରନ୍ଧନ କଳା, ଫ୍ରାନ୍ସର ଭୋଗରେ ଲାଳିତ୍ୟ ଓ ସଂଗୀତ, ଜର୍ମାନୀର ଆତ୍ମପ୍ରତିଷ୍ଠାର ପ୍ରଭାବ, ଇଂରେଜର

Digitized by PPRACHIN, SOA

ବ୍ୟବସାୟ ବାଣିଜ୍ୟ ପ୍ରଭୃତି ଏଇସବୁ ସୌକର୍ଯ୍ୟର ଉଦାହରଣ । କାଳରେ ଏଇ ସୌକର୍ଯ୍ୟର ଧାରା ବଦଳିଯାଏ ଓ ସମାଜଟି ଅନ୍ୟ ସୌକର୍ଯ୍ୟର ଧାରା ଧରେ । ମାତ୍ର ଧାରାଟି ଲୋପପାଇ ଅନ୍ୟ ଦିଗରେ ବିକାଶ ନ ଦିଶିଲେ ସମାଜଟି ପକ୍ଷରେ ତାହା ଶୁଭଙ୍କର ନୁହେ । ଏଇପରି କେତେ ସମାଜ ପତିତ ଓ ପରମ୍ପରାରୁ ଏକାନ୍ତ ବିଚ୍ଛିନ୍ନ ହୋଇ ଆଦିମ ଅବସ୍ଥାକୁ ଫେରିଚି, କିମ୍ବା ଅନ୍ୟର ଅନୁକରଣରେ କକ୍ଷଚ୍ୟୁତ ହୋଇ ଭ୍ରଷ୍ଟ ହୋଇଚି । ବ୍ୟକ୍ତି ପ୍ରଚାରିତ ଧର୍ମରେ ଦୀକ୍ଷିତ ହୋଇ ଧର୍ମାନ୍ଧ ହେଲେ ଲୋକ ବହୁ ସ୍ଥଳରେ ଏଇପରି ହୋଇଥାଏ । ସାନ୍ତାଳଙ୍କ ଭିତରେ ଯେଉଁମାନେ ଆଜି କିରସ୍ତାନ ହୁଅନ୍ତି ବା କୁକିକ ଭିତରେ ମୁସଲମାନ ହୁଅନ୍ତି, ତାଙ୍କୁ ଲକ୍ଷ୍ୟ କଲେ ଏହାର ପ୍ରମାଣ ଉଦାହରଣରେ ସ୍ପଷ୍ଟ ହୋଇପାରେ ।

### ଅଧିକାର–

ଏଇ ପାରମ୍ପରିକ ଓ ପ୍ରତିଷ୍ଠିତ ସୌକର୍ଯ୍ୟର ଧାରାରେ ମାନବ ତଥା ସମାଜର ସ୍ୱଧର୍ମ ବୀଜ ତଥା ଅଧିକାର ଜାଗ୍ରତ ହୁଏ । ବିକାଶକୁ ଏଇ ଅଧିକାର ପୀଠରେ ପ୍ରତିଷ୍ଠିତ କଲେ ଶ୍ରୀବୃଦ୍ଧି ସୁବିଧାଜନକ ହୁଏ । ସବୁ ବ୍ୟକ୍ତି ଓ ସମାଜକୁ ଗୋଟିଏ ଗୋଟିଏ ଜମାଖର୍ଚ୍ଚ ତଥା 'ଯୋଗକ୍ଷେମ'ର କଳ ବୋଲି ବିଚାରି ସମାଜର ବିକାଶ ଲୋଡ଼ିବାରେ ବିଶେଷ ମାନବୀୟତାର ଦର୍ପ ଥାଇପାରେ, ମାତ୍ର ଯଥାର୍ଥ ସତ୍ୟ ଅଛି କି ନା ତା ବିଚାର୍ଯ୍ୟ ।

### ଶିଳ୍ପ ଓଡ଼ିଶାର ସୌକର୍ଯ୍ୟ–

ଓଡ଼ିଶାର ଏଇ ସୌକର୍ଯ୍ୟ ଥିଲା ଶିଳ୍ପ । ମନ୍ଦିରାଦିର କଳ୍ପନା, ନିର୍ମାଣ ତଥା ଚାରୁକଳା ସମନ୍ୱିତ ଖୋଦନରେ ଓଡ଼ିଆ ପିତୃପୁରୁଷମାନଙ୍କର ଏଇ ସୌକର୍ଯ୍ୟର ପ୍ରତିଷ୍ଠା ସ୍ପଷ୍ଟ । ଏବେ ମଧ୍ୟ ପୁରୀର ପୋଡ଼ାମାଟିର ମୂର୍ତ୍ତି ତଥା ଭୁବନେଶ୍ୱରର ପ୍ରସ୍ତର ସ୍ଥାପତ୍ୟରେ ତାହାର ଅବଶେଷ ସ୍ପଷ୍ଟ । ହେଲେହେଁ, ବ୍ୟାପକ ଭାବରେ ଏହାର ପ୍ରସାର ଏବେ ଦେଖାଯାଏ ନାହିଁ ସାଧାରଣ ବ୍ୟବହାର୍ଯ୍ୟ ଦ୍ରବ୍ୟରେ । ଏଇ ଶିଳ୍ପର ପ୍ରସାର ଏବେ ନାହିଁ । କଟକର ରୂପାତାର କାମ ଓ ଜୋତାରେ ମଧୁବାବୁ ତାହା ଜୀବନ୍ତ କରିବାକୁ ଲୋଡ଼ିଥିଲେ । ଓଡ଼ିଶାର ହାତିଦାନ୍ତ କାମ କଲିକତା ଯାଦୁଘରେ ଅଗ୍ରସ୍ଥାନ ପାଇଚି । ମାତ୍ର ଏସବୁ ସମୂହ ଭାବରେ ଓଡ଼ିଶାର ପୁରପଲ୍ଲି ପ୍ରଭାବିତ କରୁନାହିଁ । ଓଡ଼ିଶାର ଶିଳ୍ପ ବିକାଶରେ ଏଇ ବିଭାବଟି ପ୍ରତି ଦୃଷ୍ଟିଦେବା ଆଦୌ କର୍ତ୍ତବ୍ୟ ବୋଲି ମନେହୁଏ ।

### ଏଇ ସୌକର୍ଯ୍ୟର ବିନାଶ ଓ ତାର ହେତୁ–

ଉଦାହରଣ ସ୍ୱରୂପ, ପାନ ଖାଇବା ଓଡ଼ିଆର ସାଧାରଣ ବିଳାସ । ସେଥିପାଇଁ ସମସ୍ତେ ଗୁଆ କାଟନ୍ତି ଓ ଗୁଆକାତି ପ୍ରାୟ ସମସ୍ତଙ୍କର ଲୋଡ଼ା । ଏବେ ପ୍ରତି ଷ୍ଟେସନରେ ଲୋକେ ରେଳ ପାଖେ ବୁଲି ଗୁଆକାତି ବିକନ୍ତି– ବଜାରରେ ସର୍ବତ୍ର ତାହା କିଣିବାକୁ ମିଳେ । ତଥାପି ଭଲ ଗୁଆକାତିଟିଏ କିଣିବାକୁ ବିଚାରିଲେ, ଲୋକେ ବୁନ୍ଦେଲଖଣ୍ଡ ବା ଗୁଜରାତ ପ୍ରଭୃତି ଯାଉଥିବା ଯାତ୍ରୀ ଗୁମାସ୍ତାଙ୍କଠାରେ ଅନୁସନ୍ଧାନ କରି କିଣନ୍ତି । କିମ୍ବା

Digitized by PPRACHIN, SOA

କେଉଁ ଦୂର ପଲ୍ଲିରେ କେଉଁ କମାର ତାହା କରି ଜାଣେ ତାରି ଖବର ନେଇ, ତାରି ତିଆରି ଗୁଆକାତି ବା ତାର ହାତେ ତିଆରି କରାଇ ଗୁଆକାତି ବ୍ୟବହାର କରନ୍ତି । ଦେଶୀ ଲୋକେ ବଜାରରୁ ବା ଷ୍ଟେସନରୁ ଗୁଆକାତିଟିଏ ପ୍ରାୟ କିଣନ୍ତି ନାଇଁ, ବିଦେଶୀ କିଣିସାରି ବୁଝିଯାଆନ୍ତି ଓଡ଼ିଶାରେ ଭଲ ଗୁଆକାତି ମିଳେ ନାଇଁ । ଅତି ଅଳ୍ପ ମୂଲ୍ୟରେ ଗୁଆକାତି ମିଳେ ସତ, ମାତ୍ର ତାର ଲୁହା କଞ୍ଚା, ପୁଣି ଆକାର ପ୍ରକାର କାର୍ଯ୍ୟର ଉପଯୋଗୀ ନୁହେଁ । ଶୁଆ ଥଣ୍ଟ, କୁଆ ଆଖି, ସିଂହ ମୁହଁଠାରୁ ଆରମ୍ଭ କରି ନାନା ପ୍ରାକୃତିକ କୃତ୍ରିମ କଳ୍ପନା ଓ କାରୁକ୍ରିୟାର ଛନ୍ଦରେ ଗୁଆକାତିଟି ତିଆରି ହେବାର ବେଳେ ବେଳେ ଦେଖାଯାଏ । ମାତ୍ର ସେସବୁ ଆକାର ଓ ଛନ୍ଦସଙ୍ଗେ ଉପଯୋଗିତାର କୌଣସି ସମ୍ପର୍କ ନଥାଏ । କାଟିବାରେ କିପରି ଚାପର ମାତ୍ରା ଯଥେଷ୍ଟ ବଢ଼ିଯିବ, ଗୁଆଟିକିରି ଗୁଆକାତି ଭିତରେ ଚାପି ହୋଇ ରହିବ, ଚାପ ଦେଲାବେଳକୁ ଖସିଯିବ ନାଇଁ, ହାତର ଆଙ୍ଗୁଠି ସୁବିଧାରେ ରହିବ, ଏସବୁର ବିଚାର କରାହୋଇ ସେଥିରେ ଆକାର ଛନ୍ଦର ସନ୍ନିବେଶ ହୋଇନଥାଏ । ଗୋଟିଏ ଜାମନଗରୀ ବା ବୁନ୍ଦେଇଖଣ୍ଡି ଗୁଆକାତି ସଙ୍ଗେ ସାଧାରଣ ଓଡ଼ିଶାର ଗୁଆକାତି ଆକୃତିରେ ତୁଳନା କରି ଦେଖାଯାଇପାରେ । ପୁଣି କଟୁରି, ଢାଳ, ଗିଲାସ ପ୍ରଭୃତି ସବୁଥିରେ ଏଇପ୍ରକାର ଲକ୍ଷ୍ୟ କରାଯିବ । କଟୁରି ସାଧାରଣତଃ ବେଣ୍ଟ ଆଡୁ ବଡ଼ ଓ ଅଗ ଆଡ଼କୁ ଅପେକ୍ଷାକୃତ ଉଣୁଆସ । ଚୋଟ କଟିବାରେ ବାହାବଳ ବେଶି ଦରକାର । କୋଡ଼ି ମଝିରେ ହିଡ଼ ଓ ପିଠିରେ ଖାଲ । ଢାଳରେ ଏ ଦେଶରେ ଟେକି କରି ପାଣି ପିଅନ୍ତି । ତଥାପି ବାଳକାଟି ଢାଳର ଫନ୍ଦ ଏପରି ପତଳା ଓ କୁଣିଆ ହୋଇ ତିଆରି ଯେ ସେଥିରେ ପାଣି ଓସାରି ହୋଇ ପଡ଼େ । କଂସା ବାଟି ଗିନା ଗିଲାସ ସବୁ ଏଇପରି ନାନାଭାବରେ ବିସଦୃଶ ଓ ବିଘଟିତ ଯୋଜନାରେ ତିଆରି ହୁଏ । ପୁଣି ଦାରିଦ୍ର୍ୟ ହେତୁରୁ ହେଉ, ଯେକୌଣସି ହେତୁରୁ ହେଉ, ଠକି କରି ଶସ୍ତାରେ ଜିନିଷ ବିକିବାର ପ୍ରବୃତ୍ତି ପଶି ଜିନିଷର କାର୍ଯ୍ୟକାରିତା ଏକାବେଳକେ ପଛକୁ ପକାଇ ଦିଏ । ଗୁଆକାତି ଓ କଟୁରି ପ୍ରାୟଶଃ କଞ୍ଚା ଲୁହାରେ ତିଆରି ହୁଏ, ଦିନେ ବ୍ୟବହାର ସହେ ନାଇଁ । ମେଳଣରେ ଯେଉଁ ପଇସାଦିଆ ଛୁରୀ ବିକ୍ରି ହୁଏ, ତାହା ଲେଉଟିଆ ଶାଗ କାଟିବାରେ ମଧ୍ୟ ଲାଗେ କି ନା ସନ୍ଦେହ । ପୁଣି ବଡ଼ଲୋକି ଦେଖାଇବାର ଏ ଦେଶରେ ଏକମାତ୍ର ଉପାୟ ଓଜନ ଓ ବଡ଼ ଜିନିଷ କିଣିବା । ଏଦେଶ ଢାଳ ଗରାରେ ଯେଉଁ ପାଣି ଧରେ ତା'ଠାରୁ ଖାଲି ଢାଳ ଓ ଗରାର ଓଜନ ଢେର୍ ବେଶି । କଟୁରି ପ୍ରଭୃତି ସେଇପରି । ତହୁଁ ବଳି ମାଇପଙ୍କ ଶାଢ଼ି ଓ ପଲଙ୍କ । ଆଉ ବେଶି ଉଦାହରଣ ଦେବା ଦରକାର ନାଇଁ । ଏଥିରେ ପୁଣି ଦେଶର ବିକଶିତ ରୁଚି ପ୍ରତି ଲକ୍ଷ୍ୟ ନାଇଁ । ଫଳରେ ଗ୍ରାମ ଶିଳ୍ପ ଲୋପ ପାଉଚି । ଦରିଦ୍ର ହୋଇ ମଧ୍ୟ ଲୋକେ ବିଦେଶୀ ଜିନିଷରେ ଘର ଭର୍ତ୍ତି କରୁଚନ୍ତି । କ୍ରମେ ଦେଶ ବେଶି ଦରିଦ୍ର ହେଉଛି । ଏହାର ଶୀଘ୍ର ପ୍ରତିକାର କରିବାକୁ ହେବ । ତା ନ ହେଲେ ଜାତି ଆର୍ଥିକ ଭାବରେ ରହିପାରିବ ନାଇଁ ।

Digitized by PPRACHIN, SOA

**ତାହାର ପ୍ରତିକାର: ଗ୍ରାମ ଶିଳ୍ପସଂଘ—**

ଏବେ ମହାଭାରତୀୟ ଗ୍ରାମ ଶିଳ୍ପ ସଙ୍ଘ ଓଡ଼ିଶାରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ହଜାର ହଜାର ଟଙ୍କା ସେଥିରେ ଖର୍ଚ୍ଚ ହେଉଚି । ଯୁବକମାନେ ସେଥିରେ ବର୍ଷେ ବର୍ଷେ ଶିକ୍ଷା ପାଇ ଗ୍ରାମମାନଙ୍କୁ ପଠାଇ ଦିଆହେଉଚନ୍ତି । କିନ୍ତୁ ଏସବୁ ବିଷୟ ପ୍ରତି ସେଥିରେ ଆଦୌ ଦୃଷ୍ଟି ଦିଆଗଲାପରି ମନେ ହେଉ ନାହିଁ । ଏଇପରି ଜଣେ ଶିକ୍ଷାପ୍ରାପ୍ତ ଯୁବକଙ୍କୁ ଆମେ ଭେଟିଥିଲୁ । ଦେଖି ବିସ୍ମିତ ହେଲୁ, ତାଙ୍କର ଏସବୁ ବିଷୟ ଆଡ଼କୁ ଦୃଷ୍ଟି ସୁଦ୍ଧା ଫିଟି ନାହିଁ । କେତେଗୁଡ଼ିଏ ଖାଦ୍ୟ ପେୟର ଅଭ୍ୟାସ, ସୂତାକାଟିବା ଓ ଗ୍ରାମର ଆବର୍ଜନାଦି ନିଜେ ପରିଷ୍କାର କରିବା ଛଡ଼ା, ଅନ୍ୟ କିଛି ତାଙ୍କ ଶିକ୍ଷାରେ ଥିବାର ବୁଝାଗଲା ନାହିଁ । ଶିକ୍ଷାର ଶ୍ରେଷ୍ଠ ଉପାଦାନ ଦୃଷ୍ଟି ପ୍ରସାର— କେବଳ କେତେଗୁଡ଼ିଏ ଅଭ୍ୟାସ ନୁହେଁ । ଏହା ସର୍ବଦା ବୁଝି ଏସବୁ କାର୍ଯ୍ୟରେ ବ୍ରତୀ ନ ହେଲେ, ଶ୍ରମ ପଣ୍ଡ ହେବ, ବୃଥା ଅର୍ଥ ନାଶ ହେବ ।

**ସରକାରଙ୍କ କର୍ତ୍ତବ୍ୟ—**

ପୁଣି ଏ କ୍ଷେତ୍ରରେ ସରକାରଙ୍କର କାର୍ଯ ଯଥେଷ୍ଟ ଅଛି । ଶିଳ୍ପୀଙ୍କ ପାଇଁ ସହଯୋଗ ସମିତି କରି ଏ ସବୁରେ ଶିଳ୍ପୀଙ୍କୁ ତାଲିମ୍ କରିବା ତ ଏକ କଥା, ମାତ୍ର ସେତିକିରେ ହେବ ନାହିଁ । ଅଳ୍ପ ମୂଲ୍ୟରେ ଠକି ବିକିଦେବା ଲୋଭରେ ନୀରସା ଜିନିଷ ତିଆରି କରିବା ପ୍ରବୃତ୍ତି ବନ୍ଦ କରିବା ପାଇଁ ବ୍ୟାପାରୀ ଓ ଶିଳ୍ପୀ ସଂଘମାନ ଜାଗ୍ରତ କରିବାକୁ ହେବ । ଦରକାର ହେଲେ ଆଇନର ଆଶ୍ରୟରେ ତାହା ସାଧନ କରିବାର ଉଦ୍ୟମ ମଧ୍ୟ ଅସଂଗତ ହେବ ନାହିଁ ।

**ଅନ୍ୟାନ୍ୟ ବ୍ୟବସ୍ଥାର ସଙ୍କେତ—**

ଏ କ୍ଷେତ୍ରରେ କେବଳ ଏତିକି କରିବାକୁ ହେବ, ତା' କୁହାଯାଉନାହିଁ । ଗ୍ରାମ ଶିଳ୍ପ ନ ବଢ଼ିଲେ, ଓଡ଼ିଶା ରହିବ ନାହିଁ । ସେଥିପାଇଁ ଶିଳ୍ପୀଙ୍କୁ ସଙ୍ଗବଦ୍ଧ କରି ଦ୍ରବ୍ୟର ଆଦର୍ଶ ଓ ବଜାର ତାଙ୍କ ପାଇଁ ଫିଟାଇବାକୁ ହେବ । ପ୍ରତ୍ୟେକ ଅଞ୍ଚଳରେ ନିଜ ଅଞ୍ଚଳ ଜାତ ଦ୍ରବ୍ୟ କିପରି ବିକ୍ରି ହେବ, ତାର ସବୁ ପ୍ରକାର ବାଟ ଫିଟାଇବାକୁ ହେବ । ଗ୍ରାମ ତଥା ଅଞ୍ଚଳମାନଙ୍କର ସାମୟିକ ଆୟ ବ୍ୟୟ ପ୍ରକାଶ କରି ତା'ର ଫଳାଫଳରେ ଲୋକଙ୍କୁ ପରିଚିତ କରାଇବାକୁ ହେବ । ଏସବୁର ବ୍ୟୟ କାଳକ୍ରମେ ଶିଳ୍ପ ନିଜେ ସହିପାରିବାର ଦୂରଦୃଷ୍ଟିରେ କାର୍ଯ୍ୟପନ୍ଥା ଫିଟାଇବାକୁ ହେବ । ଅତିଶୀଘ୍ର ଏଇ ଭାବରେ ତତ୍ପରତା ଦେଖା ନ ଗଲେ, ଦୁର୍ଗତିରୁ ଉଦ୍ଧାରପନ୍ଥା ସୁଗମ ନୁହେଁ ।

(ନବଭାରତ, ୩ୟ ବର୍ଷ, ଧନୁ ୧୩୪୩)

Digitized by PPRACHIN, SOA

# (ଖ) ଆୟୁର୍ବେଦ

ଉପବେଦମାନଙ୍କ ମଧ୍ୟରେ ଭାରତରେ ଆୟୁର୍ବେଦ ପ୍ରଧାନ । ଅତି ପ୍ରାଚୀନ କାଳରୁ ଏ ଦେଶର ଲୋକେ ଶରୀର ତତ୍ତ୍ୱ ଓ ରୋଗ ନିବାରଣର ଉପାୟ ବିଧିମତେ ବୈଜ୍ଞାନିକ ଭାବରେ ଅନୁସନ୍ଧାନ କରୁଥିଲେ । ପ୍ରାଚୀନ ଋଷି ଚରକ ୧୮।୧୯ ଶହ ବର୍ଷର ଲୋକ ହେଲେ ମଧ୍ୟ ଚରକଙ୍କର ଦ୍ରବ୍ୟଗୁଣ ନିଦାନାନୁମୋଦିତ ଚିକିତ୍ସା ଗ୍ରନ୍ଥ ଓ ଶୁଶ୍ରୁତଙ୍କର ଶଲ୍ୟତନ୍ତ୍ର ବିଧି ପ୍ରକାଶିତ ହେବାର ବହୁ ପୂର୍ବରୁ ଏ ଦେଶରେ ଆୟୁର୍ବେଦ ଥିଲା । ଅଶୋକଙ୍କ ସମୟରୁ ଯେଉଁ ବୌଦ୍ଧ ସନ୍ୟାସୀମାନେ ମ୍ୟାସିଡନ୍, ମିଶର ପ୍ରଭୃତି ଗ୍ରୀକ୍ ରାଜ୍ୟକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଏହି ଆୟୁର୍ବେଦ ବା ଶରୀରତତ୍ତ୍ୱ ଓ ରୋଗାଦିର ନିଦାନ ନିରୂପଣ ଓ ଚିକିତ୍ସାଦିରେ ପ୍ରବୀଣ ଓ ବିଶେଷଜ୍ଞ ଥିଲେ ।

### ଥେରପୁତ୍ତ—

ପ୍ରବୀଣ ବିଶେଷଜ୍ଞ ସନ୍ୟାସୀମାନଙ୍କୁ ସେକାଳେ ବୌଦ୍ଧମାନେ ଥେର (ସ୍ଥବିର) ତଥା ଥେରପୁତ୍ତ (ସ୍ଥବିର ପୁତ୍ର) ବୋଲି କହୁଥିଲେ । ବିଦେଶରେ ଏହି ଥେରପୁତ୍ତମାନେ ଆୟୁର୍ବେଦ ପ୍ରଚାର କରିଥିବାରୁ ଗ୍ରୀକ୍‌ଭାଷାରେ ଆୟୁର୍ବେଦର ନାମ ହୋଇଥିଲା Therapeutics ବା ଥେରପୁତ୍ତିକ । ସେହି ହେତୁ ବର୍ତ୍ତମାନ ଇୟୁରୋପର ସମସ୍ତ ଚିକିତ୍ସା ଶାସ୍ତ୍ର ଏହି ନାମରେ ଅଭିହିତ ହୁଏ ।

### ଆୟୁର୍ବେଦର ବିକାଶ—

ଇୟୁରୋପରେ ଏହି ଥେରପୁତ୍ତମାନଙ୍କ ବିଦ୍ୟା ବା ଆୟୁର୍ବେଦ କ୍ରମିକ ବିକାଶରେ ବଢ଼ିଆସିଛି । ସେମାନଙ୍କ ପାଣିପାଗ ବେଷ୍ଟନୀ ଧରି ଲୋକେ ବିଦ୍ୟାର ପ୍ରୟୋଗ କରିଆସିଛନ୍ତି । ମାତ୍ର ଭାରତରେ କୌଣସି କାରଣରୁ ବୌଦ୍ଧଧର୍ମର ଉଚ୍ଛେଦ ସଙ୍ଗେ ଆୟୁର୍ବେଦର ଭୂୟୋବିକାଶ ପ୍ରତିହତ ଓ ଅବଚ୍ଛିନ୍ନ ହୋଇଛି । କିନ୍ତୁ ମନେରଖିବାକୁ ହେବ, ଏ ଦେଶର ପାଣିପାଗ ବେଷ୍ଟନୀରେ ଆୟୁର୍ବେଦର ଯଥାବିକାଶ ନ ହେଲେ ଏ ଦେଶରେ ଅନୁକୂଳ ଚିକିତ୍ସା ଶାସ୍ତ୍ର ଫୁଟିବ ନାହିଁ ।

### ମାନ୍ଦ୍ରାଜରୁ ଆସିଥିବା ଓଡ଼ିଶାରେ ଆୟୁର୍ବେଦ—

ଏ ଦେଶ ଲୋକେ ବହୁ ଦିନରୁ ଏହା ବୁଝି ରାଜ୍ୟରେ ତଥା ରାଜ୍ୟ ସାହାଯ୍ୟରେ ଆୟୁର୍ବେଦର ବିକାଶ ଲୋଡୁଛନ୍ତି । ମାନ୍ଦ୍ରାଜ ପ୍ରଦେଶରେ ଜିଲାବୋର୍ଡ଼ମାନେ ଆୟୁର୍ବେଦର ଚିକିତ୍ସାଳୟ ସବୁ କେତେ କାଳ ହେଲା ଫିଟାଇଛନ୍ତି ଏବଂ ଓଡ଼ିଶାର ଗଞ୍ଜାମ କୋରାପୁଟ ଜିଲାରେ ତାହା ବିଧିମତେ ଚଳୁଛି । ଆଶା କରାଯାଏ, ଓଡ଼ିଶା ସରକାର ତଥା ଜିଲାବୋର୍ଡ଼ ମ୍ୟୁନିସିପାଲିଟିମାନେ ଏ ବିଷୟ ପ୍ରତି କାର୍ଯ୍ୟରେ ପ୍ରଣିଧାନ ଦେବେ ।

Digitized by PPRACHIN, SOA

## ପୁରୀର ଅଷ୍ଟାଙ୍ଗ ଆୟୁର୍ବେଦ ବିଦ୍ୟାପୀଠ–

କେତେ ବର୍ଷ ହେଲା ଓଡ଼ିଶାରେ ବୈଦ୍ୟମାନଙ୍କ ସମ୍ମିଳନୀ ହେଉଚି । ତାହାରି ଫଳରେ ପୁରୀର ଆୟୁର୍ବେଦ ବିଶାରଦମାନେ ମିଳି ଆୟୁର୍ବେଦର ସମ୍ୟକ୍ ବିଜ୍ଞାନସମ୍ମତ ଚର୍ଚ୍ଚା ଓ ବିକାଶ ଅଭିପ୍ରାୟରେ ପୁରୀରେ ଗୋଟିଏ ଅଷ୍ଟାଙ୍ଗ ଆୟୁର୍ବେଦ ବିଦ୍ୟାପୀଠ ସ୍ଥାପନ କରିଛନ୍ତି । ଆମେ ତାହାର ବିଜ୍ଞାପନ ଓ ନିୟମାବଳୀ ପାଇଚୁ । କଳ୍ପନାଟି ବଡ଼ ସାଧୁ ଓ ସୁନ୍ଦର । ଏହି କଳ୍ପନାକୁ ପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଉଦ୍ୟୋକ୍ତାମାନେ ଦେଶର ଧନାଧିକାରୀମାନଙ୍କଠାରେ ସାହାଯ୍ୟ ଭିକ୍ଷା କରୁଛନ୍ତି । ଏ ସାହାଯ୍ୟ ସର୍ବଥା ଦେୟ । ଦେଶର ଧନାଧିକାରୀମାନେ ନିଜ ନିଜ ଦାନର ଏ ସଦ୍‌ବ୍ୟବହାରରେ ବ୍ରତୀ ହୁଅନ୍ତୁ । ମାତ୍ର ଓଡ଼ିଶା ସରକାର ଏଥିରେ ବିଶେଷ ଭାବରେ କାର୍ଯ୍ୟରେ ଅବତୀର୍ଣ୍ଣ ହେବା ଉଚିତ । ଓଡ଼ିଶା ଭାରତରେ ବହୁଦିନ ବୌଦ୍ଧଭୂମି ଥିଲା । ଭାରତର ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ଆୟୁର୍ବେଦ ତାଦୃଶ ବାଧା ପାଇ ନାହିଁ । ଏ ଦେଶରେ ଆୟୁର୍ବେଦର ପରମ୍ପରା ଯଥେଷ୍ଟ ଅଛି । ଦେଶରେ ପାଣିପାଗ ବେଷ୍ଟନୀ ଉପଯୋଗୀ ପୁସ୍ତକମାନ ମଧ୍ୟ ଅଛି । ଖୋଜିଲେ ଆହୁରି ବହୁତ ମିଳବ । ପୁଣି ଏ ଚିକିତ୍ସା ଲୋକଙ୍କ ଅବସ୍ଥାର ଏକାନ୍ତ ଉପଯୋଗୀ । ସରକାର ତଥା ଜନସେବୀ ସାଧାରଣ ଏ ବିଦ୍ୟାର ବିଜ୍ଞାନସଂଗତ ବିକାଶ, ପ୍ରଚାର ଓ ପରିଚାଳନାରେ ମନ ଦିଅନ୍ତୁ ।

[ନବଭାରତ, କକଡା, ୧୩୪୩]

## ତୁଳସୀ

ସାମାଜିକ ମନୁଷ୍ୟର ପାରମ୍ପରିକ ଭୂୟୋଦର୍ଶନରେ ବିଦ୍ୟା ଓ କଳା ବିକାଶ ପାଏ । ନିର୍ବ୍ୟପେକ୍ଷ ଉଦ୍ଦାମ ଅନୁକରଣରେ ସେ ସବୁ ବେଳେବେଳେ ଧ୍ୱଂସ ହୁଏ । ସମାଜ ପୁରୁଣା ଛାଡ଼ିଦିଏ, ନୂଆ ଧରିପାରେ ନାହିଁ – ଏ ବଡ଼ ବିଷମ ଅବସ୍ଥା । ଆର୍ଯ୍ୟ ବିଜୟଠାରୁ ଆରମ୍ଭ କରି ବିଭିନ୍ନ ବିଜୟ ଫଳରେ ଏଇ ଭାରତରେ ମଧ୍ୟ ବହୁ ସଭ୍ୟତା ଓ ବିଦ୍ୟାର ଧାରା ଛିଡ଼ିଯାଇଚି । ଯେଉଁ ଶବର ବେଦରେ ହୁଏତ ନାଗ ଓ ଅସୁରଙ୍କ ସଙ୍ଗେ ସମାନ ଥିଲେ, ହୁଏତ ଯାହାଙ୍କ ନେତା ଶବରଙ୍କର ଶତଦ୍ୱାର ପୁର ଭେଦ କରିବା ଇନ୍ଦ୍ରଙ୍କର ଏକ ଶ୍ଳାଘ୍ୟ କାମ୍ୟ ଥିଲା, ଯେଉଁମାନେ ଭାରତ ସଂସ୍କୃତିକୁ ଜଗନ୍ନାଥର ସାମ୍ୟବାଦରେ ଏବେ ମଧ୍ୟ ଜୀବନ୍ତ ରଖିଚନ୍ତି, ଯାହାଙ୍କ ବିଦ୍ୟା ଅଥର୍ବବେଦର ଭିତ୍ତି ଓ ମେରୁଦଣ୍ଡ, ଓ ତେଣୁ ଯାହାଙ୍କ ବିଦ୍ୟାର ନାମ 'ଶାବରୀବିଦ୍ୟା', ତାଙ୍କରି ବଂଶଧରଙ୍କ ନାମ ଏଇ ଜଗନ୍ନାଥ ଭୂମିରେ ମଧ୍ୟ 'ପତର ସଉରା', ଅର୍ଥାତ୍, ପରିଧେୟ ନାମରେ ଗୋଛାଏ ପତର ଓହୋଳେଇ ଥିବା ଅସଭ୍ୟ ବନ୍ୟଜୀବୀ । ପାଶ୍ଚାତ୍ୟ ସମ୍ପର୍କରେ ପରାଧୀନ ଭାରତର ଏବେ ଅନେକ କ୍ଷେତ୍ରରେ ବିକାଶ ସେଇ ରୀତିରେ ଗତି କରୁଚି ।

Digitized by PPRACHIN, SOA

ଅତର୍କିତ ଅଭ୍ୟାସାଦିର ପ୍ରକାଶରେ ବଡ଼ କ୍ଷୁଦ୍ର କ୍ଷୁଦ୍ର କଥାରେ ବ୍ୟକ୍ତିର ଯଥାର୍ଥ ବ୍ୟକ୍ତିତ୍ୱ ଧରାପଡ଼େ । ସଭାର ବକ୍ତୃତା, ସାମାଜିକ ସମ୍ମେଳନାଦିରେ ମାନବ ସାବଧାନ । ମାତ୍ର ନିଜର ଭୃତ୍ୟ ବା ପରିବାର ସଙ୍ଗେ କ୍ଷୁଦ୍ର କ୍ରିୟାମାନଙ୍କରେ ତାକୁ ଦେଖିଲେ, ସେ ଯଥାର୍ଥ ଚିହ୍ନାଯାଏ । ଜାତି ବା ସମାଜ ବିଶେଷ ସମ୍ବନ୍ଧରେ ଠିକ୍ ସେଇ କଥା । ଗୋଟିଏ କ୍ଷୁଦ୍ର କଥାରେ ଉଦାହରଣ ଦିଆଯାଉଚି ।

ଜଣେ ବଡ଼ ଡାକ୍ତର ଏବେ କହିଲେ, ତୁଳସୀ ଗଛ ବିଷାପହ । ଏହା ମାଲେରିଆର ମଶା ନାଶ କରେ । ତୁଳସୀ ବାସ୍ନା ଭିତରେ ମଶା ଡିମ୍ବ ଦିଅନ୍ତି ନାହିଁ । ବିଷଧର ସର୍ପମାନେ ମଧ୍ୟ ତୀବ୍ର ତୁଳସୀ ବାସ୍ନାକୁ ଡରନ୍ତି ଓ ଦୂରରେ ରହନ୍ତି ।

ଏ ଦେଶରେ ସେବେ ଏତେ ମାଲେରିଆ ନଥିଲା । ସାପ ଅବଶ୍ୟ ଥିଲେ । ମାତ୍ର ଏ ଦେଶର ସଂସ୍କୃତିର ବିକାଶ ଧାରାରେ, ମାନବ ସଂସାରରେ ତୁଳସୀର ଗୋଟିଏ ବିସ୍ତୀର୍ଣ୍ଣ ଓ ଆଦରଣୀୟ ସ୍ଥାନ ଥିଲା । ଫୁଲ ସଙ୍ଗେ ବିଷ୍ଣୁଙ୍କର ପୂଜାରେ ତୁଳସୀ ବି ସ୍ଥାନ ପାଇଥିଲା କହିବା ଦରକାର ନାହିଁ । ଆଜି ସଂସ୍କୃତିର ସେ ବିଶ୍ୱାସ ଧାରା ଚିରକାଳ ପାଇଁ ଛିଡ଼ିଯାଇଚି । ଏ ବୈଜ୍ଞାନିକ ଯୁଗରେ ଧର୍ମ ବୋଲି ଆଉ ତୁଳସୀର ଉପାସନା କରାଇ ହେବ ନାହିଁ । ମାତ୍ର ତୁଳସୀ ତ ସାବିନି ବା ମାର୍କାମରା ଦାନ୍ତପିଠୋଉ ପରି ନୁହେ । ତହିଁରେ ଶିଳ୍ପ ବିଜ୍ଞାନ ସମ୍ବଳିତ ମାନବହସ୍ତର ସ୍ପଷ୍ଟ କରଣୀ ନାହିଁ, ବିଜ୍ଞାନ ନାମରେ ଲୋକେ ତାହା ଧରିବେ କି ? ଧରନ୍ତେ; ଭିଟାମିନ୍ ବା ଜୀବିତମାତ୍ରା ନାମରେ ବିଲାତି ବାଇଗଣ ଏବେ ସହର ଓ ବିଶେଷରେ ସ୍କୁଲ କଲେଜ ଆଡୁ ପଶୁଚି । ମୁଠିଶାଗ ଓ କନକା ଯାହାଙ୍କର ବର୍ଷରେ ପ୍ରାୟ ୬ ମାସ ଏକମାତ୍ର ଜୀବିତବ୍ୟ ଆହାର, ତାଙ୍କ ପାଇଁ ମଧ ବିଲାତିବାଇଗଣ ଧନ୍ୱନ୍ତରି-ପଥ୍ୟ ରୂପେ କଳ୍ପନା କରି ଗ୍ରାମସେବା-କଳ୍ପନା-ବିଳାସୀ ଯୁବପୁଂଗବମାନେ ବ୍ୟାକୁଳ ହେଉଚନ୍ତି । ମାତ୍ର ତୁଳସୀର ଆଜି ଗତି କଅଣ ?

ବିଷୟଟି କ୍ଷୁଦ୍ର ହେଲେହେଁ, ଗାୟତ୍ରୀମନ୍ତ୍ର ପରି ଏହା "ଧିୟଃପ୍ରଚୋଦୟାତ", ଅର୍ଥାତ୍ ବୁଦ୍ଧିକୁ ପ୍ରେରଣାରେ ଚଳାଇବା ଉଚିତ ।

[ନବଭାରତ, ମୀନ ୧୩୫୫]

## (ଘ) ବେଲପତ୍ରି

ବିଷ୍ଣୁ ସେବକମାନେ ତୁଳସୀକୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ଶୈବମାନଙ୍କର ବେଲପତ୍ରି ସେଇୟା । ବୈଜ୍ଞାନିକ ପରୀକ୍ଷାରେ ଡାକ୍ତର ଆଜି ତୁଳସୀକୁ ମାଲେରିଆ ତଥା ସର୍ପ ପ୍ରତିଷେଧକ ବୋଲି କହିବାର ଆରମ୍ଭ କରିଚନ୍ତି । ତୁଳସୀ ମଧ ବୈଦ୍ୟଙ୍କର ନାନା ଔଷଧରେ ଉପାଦାନ, ବିଶୋଧନ ଓ ଅନୁପାନ । ମାତ୍ର, 'ଚା' ପରିବର୍ତ୍ତରେ ପୋଡ଼୍ପୋଡ଼୍ ଭଜା ଗହମର ବ୍ୟବସ୍ଥା ନୂଆକଥା । ଏହା ପୁଣି ଡାକ୍ତରଙ୍କର ନୁହେ କି ବୈଦ୍ୟଙ୍କ ଔଷଧ

Digitized by PPRACHIN, SOA

ତାଲିକାରେ ପ୍ରଚଳିତ ପୁସ୍ତକମାନଙ୍କରେ ମିଳେ ନାହିଁ । ବେଲପତ୍ରି ଓ ବେଲର ଅନ୍ୟାନ୍ୟ ଅଂଶ ବୈଦ୍ୟଶାସ୍ତ୍ରରେ ପ୍ରସିଦ୍ଧ । ସିଝା ବେଲପତ୍ରି କ୍ୱାଥ ବିରେଚକ, ବେଲଚେର ଛାଲି ପାଚନର ଉପାଦାନ; ପୋଡ଼ା କଷି ବେଲ ଆମାଶୟରେ ଉପାଦେୟ । ପତ୍ର ଚୋବାଇବା ମୁଖଶୋଧକ ଓ ରୋଚକ; ପାଚିଲା ବେଲପଣା ଗ୍ରୀଷ୍ମାପରାହ୍ଣର ସାଲସା । କେତେ ବର୍ଷତଳେ ଶୁଣାଯାଉଥିଲା, 'ଚା' ପରିବର୍ତ୍ତରେ ଛାଇରେ ଶୁଖାହୋଇ ରହିଥିବା କଞ୍ଚାବେଲପତ୍ରି ବ୍ୟବହାର କଲେ ଉପକାର ହୁଏ । କୌଣସି ଡାକ୍ତର ଏହା କହିଥିଲେ କି ନା, ଏକଥା ଆମ ମନେନାହିଁ । କିନ୍ତୁ ଚିନ୍ତା ଜାଗ୍ରତ କରାଇବାରେ ଏ ସୂଚନା ଯଥେଷ୍ଟ ।

[ନବଭାରତ, ମୀନ ୧୩୪୫]

## (ଙ) କବିରାଜି

କବିରାଜ କବିରାଜ ବୋଲି ଏବେ ହୁରି ଶୁଣାଯାଉଚି । କଂଗ୍ରେସ ସରକାରମାନେ ମଧ୍ୟ ଏ ହୁରି ପ୍ରତି ଅନୁକମ୍ପାଶୀଳ । ହେବାର କଥା । ଲୋକଶାସନ ଲୋକମଙ୍ଗଳ କରେ– ମାତ୍ର ସବୁବେଳେ କେବଳ ଲୋକମଙ୍ଗଳ ଦୃଷ୍ଟିରେ ମଧ୍ୟ କାର୍ଯ୍ୟ କରେ ବୋଲି କୁହାଯାଇ ନ ପାରେ । ଲୋକ ମଙ୍ଗଳ ସଙ୍ଗେ ଭୋଟ ମଙ୍ଗଳ ମଧ ଦୃଷ୍ଟି ପରିସରରୁ ବାହାରେ ନ ଥାଏ । ପୁଣି ମତର ସ୍ୱଷ୍ଟତାରେ ଲୋକମତ ନିୟମିତ ଓ ଚାଳିତ କରିବାର ସାମର୍ଥ୍ୟ ନଥିଲେ, ଧୁଆମୂଳାରେ ଏପରି ଅଧୁଆମୂଳା ବରାବର ପଶେ ।

ହେଲେହେଁ କବିରାଜ ଅଧୁଆମୂଳା ବୋଲି କହୁନାହୁଁ । ମାତ୍ର ଟିକିଏ ଧୋଇ ଦେଲେ, ଏହା ଉଆ ଚାଉଳ ପରି ଧୁଆମୂଳା ହୋଇଯିବ । କବିରାଜି ଏ ଦେଶର ଚିରନ୍ତନ ପରମ୍ପରାରେ ବଢ଼ିଚି । ଏହା ପୃଥିବୀର ଏବେ ଜଣାଥିବା ସମସ୍ତ ବୈଦ୍ୟ ବିଦ୍ୟାର ମୂଳଭିତ୍ତି କହିଲେ ଚଳେ ।

**ଇଉରୋପ–**

ଇଉରୋପର ଏଲୋପାଥି ବା ବୈଦ୍ୟକ ବିଦ୍ୟାର ମୂଳ ହେଉଚି ପ୍ରାଚୀନ ଗ୍ରୀସ୍‌ର ଭୈଷଜ୍ୟ । ଗ୍ରୀସ୍, ମିଶର୍‌ରୁ ଏହା ଶିଖିଥିଲା ବୋଲି କୁହାଯାଏ । ଅତି ପ୍ରାଚୀନ ଭାରତ ଓ ଗ୍ରୀସର ବିଦ୍ୟା ବ୍ୟବସାୟାଦିରେ ବହୁ ସମ୍ପର୍କ ଥିବାର ପ୍ରମାଣ ମିଳୁଚି ସତ, ମାତ୍ର ଗ୍ରୀସ୍ ଯେ ସାକ୍ଷାତ୍ ଭାବରେ ଏ ବିଦ୍ୟା ଭାରତରୁ ଆତ୍ମସାତ୍ କରିଥିଲା– ଅନ୍ତତଃ ଏ ବିଦ୍ୟାର ମୁଖ୍ୟ ଭାଗପାଇଁ ମୂଳତଃ ଭାରତଠାରେ ଋଣୀ– ଏହାର ନିଦର୍ଶନ ସ୍ପଷ୍ଟ । ଇଉରୋପରେ ବୈଦ୍ୟକ ବିଦ୍ୟାକୁ ଏବେ କହନ୍ତି, ଥେରାପଉଟିକ୍‌ସ୍ (Theraputics), ଏହା ଗ୍ରୀକ୍ ଶବ୍ଦ– ଥେରପୁଉକ୍ ଏହା ଏକ ଭାରତୀୟ ଶବ୍ଦ । ପ୍ରାକୃତ 'ଥେର'ର ସଂସ୍କୃତ ରୂପ ହେଉଚି, ସ୍ଥବିର । ବୌଦ୍ଧ ସାହିତ୍ୟରେ 'ଥେର' ଅର୍ଥ ପ୍ରବୀଣ ବା ବହୁଦର୍ଶୀ ବ୍ୟକ୍ତି ଓ ପଣ୍ଡିତ । ପ୍ରତିଷ୍ଠିତ ବୌଦ୍ଧଭିକ୍ଷୁଙ୍କୁ ଥେର ଓ ଥେରପୁତ୍ତ (ସ୍ଥବିରପୁତ୍ର) ବୋଲି କହୁଥିଲେ ।

Digitized by PPRACHIN, SOA

ଏହି ଭିକ୍ଷୁମାନେ ଦେଶ ଦେଶାନ୍ତର ବୁଲି ଲୋକସେବାରେ ସଭ୍ୟତା (ଧର୍ମ) ବିସ୍ତାର କରୁଥିଲେ । ରୋଗୀର ଚର୍ଯା ଓ ଚିକିତ୍ସା ଏମାନଙ୍କର ଅହେୟ କର୍ତ୍ତବ୍ୟ ଥିଲା । ଗ୍ରୀସ୍ ଦେଶରେ ଏମାନେ ବହୁ ପ୍ରାଚୀନ କାଳରେ ପ୍ରଚାର କାର୍ଯ୍ୟରେ ପ୍ରବେଶ କରିଥିଲେ । ଆଜକୁ ୨୦୦୦ରୁ ଅଧିକ ବର୍ଷ ତଳେ ଏଇମାନଙ୍କ ପ୍ରଭାବ ଫଳରେ ଗ୍ରୀସ୍‌ରେ କଠୋର ନିଷ୍କର୍ମ ସାଧନାର ମତବାଦ ଓ ଅଭ୍ୟାସ ଫୁଟିଥିବାର ପ୍ରମାଣ ଜୀବନ୍ତ । ଏହି ଥେରପୁତ୍ରମାନଙ୍କ ରୋଗୀଚର୍ଯ୍ୟା ଓ ଚିକିତ୍ସା ବିଦ୍ୟାହିଁ ଜନସାଧାରଣ ବିଶେଷ ଅନୁଭବରେ ଆଣୁଥିଲେ । ଏହି ବିଦ୍ୟାର ନାମ ଥିଲା, 'ଥେରପୁତ୍ତିକ' ବିଦ୍ୟା । ବୈଦ୍ୟକ ବିଦ୍ୟାର ସେଥିପାଇଁ ଗ୍ରୀକ୍ ନାମ ହେଲା– 'ଥେରପୁତ୍ତିକ୍' । ସେହି ଥେରପୁତ୍ତିକ୍ ଭିତ୍ତିରେ ଆଜି ଏଲୋପାଥି ପ୍ରତିଷ୍ଠିତ ।

[ନବଭାରତ, ମୀନ, ୧୩୪୫]

## (ଚ) ୟୁନାନୀ

ଆରବମାନେ ବହୁ ପରେ ଏହା ଗ୍ରୀକ୍ (ଯବନ, ୟୋନ– Ionian)ମାନଙ୍କ ଠାରୁ ଶିଖିଲେ । ସେମାନେ ନିଜର ବୈଦ୍ୟକ ବିଦ୍ୟାକୁ 'ୟୁନାନୀ' (ୟୋନାନୀ) କହନ୍ତି । ଏହି ୟୁନାନୀ ଶବ୍ଦହି ପ୍ରମାଣ କରୁଚି, ଏହା ଗ୍ରୀସରୁ ଆରବ ପାରସ୍ୟକୁ ଆସିଥିଲା । ଏବେ ଭାରତରେ ଏହା ମୁସଲମାନ କାଳରୁ ଚଳିଆସୁଚି । ଉତ୍ତର ଭାରତରେ ଏହାର ପ୍ରତିପତ୍ତି ବୈଦ୍ୟକ ବିଦ୍ୟାଠାରୁ କମ୍ ନୁହେଁ ।

ବୈଦ୍ୟକ ଓ ୟୁନାନୀ ଦୁହିଁଙ୍କୁ ଏବେ କବିରାଜି କୁହାଯାଉ । ଏହି କବିରାଜିର ବ୍ୟବହାର ପାଇଁ ଏ ଦେଶରେ ବିସ୍ତୀର୍ଣ୍ଣ କ୍ଷେତ୍ର ପଡ଼ିରହିଚି । ସହରମାନଙ୍କରେ ବୈଦ୍ୟ ଡାକ୍ତରଙ୍କ ସଂଖ୍ୟା ଯେତେ ବେଶି ହେଉ, ଗ୍ରାମରେ ଏବେ ସେମାନଙ୍କର ଏକାନ୍ତ ଅଭାବ ହେଲାଣି । ଡାକ୍ତର ପୁଣି ଗ୍ରାମକୁ ପାତ୍ର ନୁହନ୍ତି, କିମ୍ବା ଗ୍ରାମବାସୀ ଡାକ୍ତରଙ୍କର ସେବ୍ୟ ହୋଇ ପାରିବେ ନାହିଁ– କବିରାଜ ଦରକାର । ଫଳ ପତ୍ର ଚେରମୂଳି କବିରାଜଙ୍କ ଔଷଧର ମୁଖ୍ୟ ଉପାଦାନ । ଗ୍ରାମବାସୀ ତା ପାଇବ । ତା ଅବସ୍ଥାକୁ ଚାହିଁ କବିରାଜ ଏକା ଔଷଧ ଯୋଗାଇବ । ପୁଣି ଏଥିରେହି ଭାରତୀୟ ଜୀବନ ବିକାଶର ପନ୍ଥା ଅନବଚ୍ଛିନ୍ନ ଧାରାରେ ସୁଖ ଓ ସ୍ପୃହଣୀୟ ଗତି କରିବ ।

କିନ୍ତୁ ଏ କ୍ଷେତ୍ରରେ ଦୁଇଟି ଅସୁବିଧା । ପ୍ରଥମତଃ, ବହୁଶତାବ୍ଦୀ ଧରି ଭାରତର ମୌଳିକ ଅନୁସନ୍ଧାନ ବା ଆତ୍ମପ୍ରକାଶ ନାହିଁ । ୟୁନାନୀର ମଧ୍ୟ ଏହି ଅବସ୍ଥା । ଏବେ ମଧ୍ୟ ବୈଦ୍ୟ ଚରକ ଚକ୍ରଦତ୍ତ ଦେଖି ରୋଗର ଔଷଧ ଓ ପଥ୍ୟ ବ୍ୟବସ୍ଥା କରନ୍ତି । ୟୁନାନୀର ହାକିମମାନେ ମଧ୍ୟ ସେହି କାଳର ଆରବ ଗ୍ରନ୍ଥ 'ଖାନୁମି ସେଇଖ୍' ବା ତାହାର ଅନୁବାଦ ପଢ଼ି ଚିକିତ୍ସା ପାଇଁ ବାହାରନ୍ତି ।

Digitized by PPRACHIN, SOA

ଅବଶ୍ୟ ସେ ସବୁ ଗ୍ରନ୍ଥର ନିନ୍ଦା କରାଯାଉନାହିଁ, ସେ ସବୁ ମହାଗ୍ରନ୍ଥ । ଏଲୋପାଥି ଡାକ୍ତରମାନେ ସେ ସବୁର ଗୁରୁତ୍ୱ ସ୍ୱୀକାର କରନ୍ତି । ଗ୍ରୀଷ୍ମ ମଣ୍ଡଳରେ ଯେଉଁ ସବୁ ରୋଗ ହୁଏ, ପରିସ୍ଥିତିର ମାପରେ ସେ ସବୁର ଚିକିତ୍ସାପାଇଁ ସେ ସବୁ ଗ୍ରନ୍ଥ ଉପାଦେୟ, ସଂଦେହ ନାହିଁ । ସେଥିରେ ଏପରି ସବୁ ବିଷୟ ଅଛି, ଯାହା ଏବେ ବି ଯତ୍ନରେ ସାଇତି ରଖିବାର ବସ୍ତୁ । ସେଥିପାଇଁ ମଧ୍ୟ ବୈଦ୍ୟକ ଓ ୟୁନାନୀ ମଧରେ ସଂବନ୍ଧ ଓ ସାମଞ୍ଜସ୍ୟ ସ୍ଥାପନ କରି ପରସ୍ପର ଆଦାନପ୍ରଦାନରେ ଦୁଇଟିଯାକ ଜାଗ୍ରତ ଓ ଜୀବନ୍ତ ରଖିବା ଏକାନ୍ତ ଦରକାର । ତାହେଲେ ଅନେକ ଲୁଚିଯାଉଥିବା ରତ୍ନ ଜାତୀୟ ଭଣ୍ଡାରରେ ସଞ୍ଚିତ ରହି ସମାଜର ଯଥାର୍ଥ କଲ୍ୟାଣରେ ଲାଗିବ । ତାହା କରିବା ଓ କରାଇବା ଉଚିତ ।

ମାତ୍ର ସେତକି ନୁହେଁ । ପୃଥିବୀରେ ଚିକିତ୍ସା ବିଦ୍ୟା ଆଜି ବହୁ ଉନ୍ନତି କରି ଗଲାଣି ଓ ପ୍ରତି ମୁହୂର୍ତ୍ତରେ କରିଚାଲିଚି । ପୁରୁଣା ରୋଗ ଓ ଚିକିତ୍ସାର ବୈଜ୍ଞାନିକ ଅନୁସନ୍ଧାନ ଚାଲିଚି । ନୂଆ ନୂଆ ରୋଗ ଓ ପ୍ରତିକାର ବାହାରୁଚି । ରୋଗର ନିରୀକ୍ଷା ଓ ପ୍ରତିକାରର ପରୀକ୍ଷାରେ ଆଜି ପୃଥିବୀର ବୈଦ୍ୟକ ବିଜ୍ଞାନ ପୂରି ରହିଚି । ଏତେବେଳେ ନାମାଦିର ପରିବର୍ତ୍ତନ ହେତୁରୁ ଗଛ ଓ ଦ୍ରବ୍ୟ ପର୍ଯ୍ୟନ୍ତ ମଧ ଭଲକରି ନ ଚିହ୍ନି, ପ୍ରାଚୀନ ଗ୍ରନ୍ଥ ଦେଖି ଔଷଧ ଦେଲେ, ଏ ଚିକିତ୍ସାର ପ୍ରତିଷ୍ଠା କେତେ ଦିନ, କିପରି ବା ରହିବ ? ବୈଦ୍ୟକ ଓ ହାକିମମାନେ କିମ୍ବା ତଦ୍‌ଗତଚିତ୍ତ ଦେଶଧର୍ମୀମାନେ ଏସବୁ କ୍ଷେତ୍ରରେ ଅନୁସନ୍ଧାନ ଓ ବିକାଶର ବାଟ ଫିଟାଇବାରେ ଲାଗିଯାନ୍ତୁ; ସରକାରମାନେ ନିର୍ଦ୍ଦିଷ୍ଟ ଯୋଜନା ଓ ଅର୍ଥର ବ୍ୟବସ୍ଥା କରି, ସେମାନଙ୍କୁ ସେଥିରେ ଲଗାନ୍ତୁ ।

ଦ୍ୱିତୀୟ ଅସୁବିଧା, ଆଜିର ସାମାଜିକ ପରିସ୍ଥିତି । ପୂର୍ବେ କବିରାଜମାନେ ଘୋର ଅଧ୍ୟବସାୟରେ ଗ୍ରନ୍ଥର ବିଦ୍ୟା ଆୟତ୍ତ କରୁଥିଲେ; ଦାୟିତ୍ୱଜ୍ଞାନ ସହିତ ଚିକିତ୍ସାରେ ହାତ ଦେଉଥିଲେ । ଧର୍ମଭାବ ମଧ ଏ ଦାୟିତ୍ୱର ପ୍ରଧାନ ପୀଠ ଥିଲା । ସେମାନେ ଅର୍ଥର ଲାଳସାରେ ଚିକିତ୍ସାକୁ ଯାଉନଥିଲେ ବା ଅର୍ଥମାପରେ ନିଜ ବିଦ୍ୟାକୁ ଦେଖୁନଥିଲେ । ଚିକିତ୍ସକ ଓ ଚିକିତ୍ସିତଙ୍କ ଭିତରେ ସାମାଜିକ ଚାଲିଚଳଣରେ କିଛି ମାତ୍ର ପ୍ରଭେଦ ନଥିଲା । ଚିକିତ୍ସକ ବଟୁଆ ଧରି ବୁଲୁଥିଲେ ଓ ଦରକାର ପଡ଼ିଲେ ରୋଗୀ ଘରେ ଚୂନପତ୍ର ସେବା— ଏପରିକି ପଖାଳ ଭୋଜନ ମଧ କରୁଥିଲେ । ପାଣ୍ଡିତ୍ୟର ଆଙ୍ଗରେ ଅଭ୍ୟସ୍ତ ହୋଇ ସେ ଗ୍ରାମବାସୀ ରୋଗୀଠାରୁ ନିଜକୁ ଅନ୍ୟ ବୋଲି ମଣୁନଥିଲେ ।

ଏବେ ସେ ଅବସ୍ଥା ନାହିଁ । କେବଳ ଡାକ୍ତର ଯେ ସହର ଓ ଗ୍ରାମରେ କଳ୍ପିତ ସହର ପରିସ୍ଥିତିକୁ ଆଶ୍ରା କରନ୍ତି ତା ନୁହେଁ, କବିରାଜ ମଧ ସହରରେ ଘରଭଡ଼ା ଦେଇ 'ଭିଜିଟ୍' ନେବାରେ ଲାଗିଲେଣି । ଜାଣିବା ଲୋକେ ଏପରି ଗ୍ରାମକୁ ଛାଡ଼ିଲେଣି ବା ଛାଡୁଛନ୍ତି । ସବୁ ଦରପାଠୁଆଯାକ ନିଜେ ବେକାର ନ ହେବାପାଇଁ ଆଜି ଫଳକୁହା ଜ୍ୟୋତିଷ, ନଚେତ୍ ଗ୍ରାମରେ ବୈଦ୍ୟ । ଏହି ବୈଦ୍ୟମାନେ ଲୋକଙ୍କ ଚିକିତ୍ସା କରନ୍ତି,

Digitized by PPRACHIN, SOA

ଲୋକ ମଧ୍ୟ ମାରନ୍ତି । ଠକ ବୈଦ୍ୟର ଅପଚିକିତ୍ସା ନିମନ୍ତେ ଆଇନରେ ଯେ ପ୍ରତିକାର ଅଛି, ଲୋକେ ତା' ମଧ୍ୟ ଜାଣନ୍ତି ନାହିଁ ବା କରିବାକୁ ଯାଆନ୍ତି ନାହିଁ ।

ସରକାରମାନେ ଏ ଅବସ୍ଥାର ବିହିତ ପ୍ରତିକାର ବ୍ୟବସ୍ଥା କରନ୍ତୁ । କବିରାଜମାନଙ୍କୁ ବିଧିମତେ ପରୀକ୍ଷା କରି ସାର୍ଟିଫିକଟ ବା ଲାଇସେନ୍ସ ଦେବାର ବ୍ୟବସ୍ଥା ହେଉ । ଲୋକେ ସୁଶିକ୍ଷିତ ଓ ଦାୟିତ୍ୱବାନ୍ କବିରାଜଙ୍କ ଚିକିତ୍ସା ପାଆନ୍ତୁ ।

## (ଛ) ହୋମିଓପାଥି

ହୋମିଓପାଥି ସମ୍ବନ୍ଧରେ ମଧ୍ୟ ହୁରି କମ୍ ଉଠୁ ନାହିଁ । ଏଥିରେ ଔଷଧ ଶସ୍ତା ଓ ଅତି ସୁଲଭ । ସରକାର ମଧ୍ୟ ଏ ବିଦ୍ୟାର ତତ୍ତ୍ୱ ଅନୁସନ୍ଧାନ କରିବାର ବ୍ୟବସ୍ଥା କରି, ହୋମିଓପାଥମାନଙ୍କୁ ସେହିପରି ଲାଇସେନ୍ସ ଦେବାର ବ୍ୟବସ୍ଥା କରନ୍ତୁ । ତତ୍ତ୍ୱ ଅନୁସନ୍ଧାନ କରିବା କଥାଟି ଆମେ ଏଠାରେ ଜାଣିଶୁଣି କହୁଚୁ । ଏ ଚିକିତ୍ସାରେ ଅନେକ ଫଳ ପାଆନ୍ତି । ହୋମିଓପାଥମାନେ ମଧ୍ୟ ଏହି ଫଳର ତାଲିକା ପ୍ରଚାର କରିଥାନ୍ତି । ଅବଶ୍ୟ ଏପରି ହିସାବର ମୂଲ୍ୟ ନାହିଁ, ନୁହେଁ । ମାତ୍ର ତାହା ନିର୍ଦ୍ଦିଷ୍ଟ ସ୍ପଷ୍ଟ, ସତ୍ୟ ଓ ବିଜ୍ଞାନ ସମ୍ମତ ହେବା ଦରକାର । ସରକାର ନିଜେ ହିସାବ ସଂଗ୍ରହ କରି ନିର୍ଣ୍ଣୟ କରିବାର ବ୍ୟବସ୍ଥା କରନ୍ତୁ । ପୁଣି କେବଳ ଫଳ ଦେଖିବା ମଧ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ନୁହେଁ । ଫଳ ଗଣିବା ଜ୍ୟୋତିଷମାନେ ମଧ୍ୟ ଏହିପରି ଫଳର ବଡ଼ାଇ କରି ଭିକ୍ଷୁକଠାରୁ ଭାଇସ୍‌ରାୟ ପର୍ଯ୍ୟନ୍ତ ଭୁଲାଇବାର ଦେଖାଯାଏ । ବିଷୟଟିର ବିଜ୍ଞାନ ସଂଗତ ଆଲୋଚନା କରି ସେଥିରେ ଫଳ ମିଳାଇ ନିର୍ଣ୍ଣୟ କରିବାର ଅବକାଶ ଏଠାରେ ଏବେ ମଧ୍ୟ ରହିଚି ବୋଲି ମନେହୁଏ ।

[ନବଭାରତ, ମୀନ, ୧୩୪୫]

—

Digitized by PPRACHIN, SOA




ଫାଲ୍ଗୁନ, ମାଘ, ୧୩୪୬ ନୂଆଦୃଷ୍ଟି
ଫେବୃଆରି, ମାର୍ଚ୍ଚ, ୧୯୪୦ ଦ୍ୱିତୀୟବର୍ଷ, ୧୦ମ ଓ ୧୧ମ ସଂଖ୍ୟା


ଯସ୍ୟାକ୍ଷରସ୍ୟ ଉପଷ୍ଟାଽପି ବଭାତ ଚିତ୍ରଂ
ସ୍ପଷ୍ଟଂ କ୍ଷରଜ୍ଜଗଦଦଂ ଖଳୁ ଭୂତସଂଘୈଃ ।
ଆଶାସ୍ମହେ ହି ତଦଦଂ ପ୍ରବିଭାତୁ ତସ୍ୟ
ବିଶ୍ୱପ୍ରକାଶବର୍ତ୍ମନା ନବଭାରତୋଽୟମ୍ ।